୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଂ	ଉଅ	ଢ
୬	ଈ	ଊ	ରୁ	ଲୁ	ସ୍ୱ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	୭	ନ୍ତ

ଛାତିଉପରେ ପାଣିହାଣ୍ଡି ବସିବା—ଛାତିରେ ପଥର ଲଦା ହେବା (ଦେଖ)
Chhāti upare pāṇihāṇḍi basibā Chhātire pathara ladā hebā (See)
বুকে ভাতের হাণ্ডি নামা

ଛାତିଉପରେ ବସିବା—ଦେ. କ୍ରି.—୧ । କୌଣସି ବ୍ୟକ୍ତି ଉପରେ ବେଜାଯ୍ ଅଧିକାର ପରିଚାଳନ କରିବା—
Chhāti upare basibā
छातिपर बैठना 1. To exercise too much power over another person.
(ଛାତିରେ ବସିବା—ଅନ୍ୟରୂପ)

୨ । କୌଣସି ବ୍ୟକ୍ତିର ନିକଟରେ ଥାଇ ତାକୁ ଦୁଃଖ ଦେବା—
2. To harass a person by being near him.

ଛାତିଏ—ବି. ବିଣ.—୧ । ଛାତି ଯେତିକି ଉଚ୍ଚ ସେତିକି ଉଚ୍ଚତାଦ୍ୱାରା ପରିମିତ—1 Measured by the height of one's breast.
Chhāti
একছাতি

୨ । ଏକ ଛାତି ଗଭୀର—2. Breast-deep.
(ଯଥା—ଛାତିଏ ପାଣି ।)

୩ । ଏକଛାତି ଉଚ୍ଚ—3. Breast high.
(ଯଥା—ଛାତିଏ କାନ୍ଥ ।)

ଦେ ବି.—୧ । ଛାତିପର୍ଯ୍ୟନ୍ତ ବୁଡ଼ିଯିବା ଭଳି ଗଭୀରତା—
1. Depth upto one's breast.

୨ । ଛାତିପରିମିତ ଉଚ୍ଚତା—
2. Height equal to one's breast.

ଛାତିକି ଛାତି ଦେଇ—ଦେ. କ୍ରି. ବିଣ.—(ଆଲିଙ୍ଗନ କଲାବେଳେ ଦୁଇ ଜଣଙ୍କ ଛାତି ପରସ୍ପର ସଂଲଗ୍ନ ହେବାରୁ)— ସମ୍ପୂର୍ଣ୍ଣ ସହାନୁଭୂତି ବା ସହଯୋଗ ପୂର୍ବକ (କୌଣସି କାର୍ଯ୍ୟ କରିବା)—(to do something) With the fullest co-operation.
Chhātiki chhāti dei
ଛାତିକି ଛାତି ଯୋଡ଼ି }
ଛାତିକି ଛାତି ଲଗା(ଗେ,ଇ) } ଅନ୍ୟରୂପ

ଛାତିକି ପଥର କରିବା—ଦେ. କ୍ରି.—୧ । ସହିବା; ଧୈର୍ଯ୍ୟ ଧରିବା; ଦୁଃଖ ଆଦି ସହିବାପାଇଁ ହୃଦୟକୁ ଦୃଢ଼ କରିବା—To be ready to bear patiently; to screw up one's courage or patience to suffer.
Chhātikpathara karibā
ছাতী পাথর করা
छाति पथरा करना

ଦେଖି ରହିଁ ଛାତିକି ମୁଁ କଲି ପଥର ।
ଉକ୍ତ. ଗୀତଲହରୀ ।

୨ । ନିଷ୍ଠୁର କର୍ମ କରିବାପାଇଁ ବା ଦେଖିବାପାଇଁ ହୃଦୟକୁ କଠୋର ବା ନିଷ୍ଠୁର କରିବା; ନିଷ୍ଠୁରତା ଅଭ୍ୟାସ କରିବା—2. To make one's heart cruel (to do or see some cruel act); to be inured to do or see cruel acts unmoved

ଛାତିକି ମାରିବା—ଦେ. କ୍ରି—ଛାତିରେ ମାରି ହେବା (ଦେଖ)
Chhātiki māribā Chhātire māri hebā (See)

ଦେ. ବି.—ଛାତିରେ ବେଦନା ହେବା—
Feeling pangs in the breast.

ଛାତିକୁ କୁଣ୍ଢ ନ ପାଇବା—ଦେ. କ୍ରି. (ଲକ୍ଷଣାର୍ଥ)—ମନ ମୋଟ ହେବା; ଗର୍ବିତ ହେବା—
Chhātiku kuṇḍha na pāibā
(fig) Arrogance; pride.
(ଛାତିକୁ ଲଙ୍ଗଳ ଦଉଡ଼ା(ଡି) ନ ପାଇବା—ଅନ୍ୟରୂପ)
(ଯଥା—ତା ଛାତିକୁ ଏବେ କୁଣ୍ଢ ପାଉ ନାହିଁ ।)

ଛାତି କୁଣ୍ଢେ ମୋଟ ହେବା—ଦେ. କ୍ରି. (ଲକ୍ଷଣାର୍ଥ)—ଆନନ୍ଦ ବା ସାହସ ବା ଗର୍ବରେ ଛାତି ଫୁଲି ଉଠିବା; ଗର୍ବ ବା ଆନନ୍ଦରେ ସ୍ଫୀତ ହେବା—
Chhāti kuṇḍhemoṭāhebā.
বুক দশ হাত হওয়া
छातीउमड़आना The swelling of the heart with joy, pride or courage.
ଛାତି ବେଙ୍କାଏ ମୋଟ ହେବା }
ଛାତି ମୋଟ ହେବା } ଅନ୍ୟରୂପ

ଛାତି ଖାଇବା—ଦେ. କ୍ରି—ଉଚ୍ଚରେ (ଏକ ଅନ୍ୟର) ଛାତି ପର୍ଯ୍ୟନ୍ତ ହେବା;
Chhāti khāibā To approach one's breast in tallness.

ଛାତି ଠୁକିବା—ଦେ. କ୍ରି—୧ । ଛାତିରେ କରତଳ ଆଘାତପୂର୍ବକ ପ୍ରକାଶ୍ୟ ପ୍ରତିଜ୍ଞା କରିବା—
Chhāti ṭhuṅkibā
ছাতি ঠোকা 1. To publicly make a declaration
छातीठोकना; छातिठुकना by repeatedly striking the breast with the palm.

୨ । ନିଜର ଛାତିରେ କରତଳ ସ୍ଥାପନପୂର୍ବକ ଅନ୍ୟ ବ୍ୟକ୍ତିକୁ ଅଭୟ ବା ଦମ୍ଭ ବା ହିମତ ଦେବା—
2. To give assurance of safety or protection or encouragement to a person.

୩ । ଛାତିରେ ମାରି ହେବା (ଦେଖ)
3. Chhātire māri hebā (See)

୪ । କୌଣସି କଠିନ କାର୍ଯ୍ୟ କରିବାପାଇଁ ପ୍ରତିଜ୍ଞା କରିବା ବା ହିମତ ବାନ୍ଧିବା—
4. To take a resolve to do a difficult task; to make up one's mind to do some thing.

ଛାତି ଜଳା(ଳେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ଈର୍ଷା କ୍ରୋଧ ବା ଶୋକରେ ସନ୍ତପ୍ତ ହେବାର କାରଣ ହେବା—1. To cause a person to be afflicted by envy, anger or grief.
Chhāti jaḻā(ḻe)ibā
বুকজলান
छातीजलाना

୨ । କୌଣସି ବ୍ୟକ୍ତିକୁ ଚିଡ଼ାଇବା—
2. To tease a person.

ଛାତି ଜଳିବା—ଦେ. କ୍ରି—୧ । ଅଜୀର୍ଣ୍ଣ ଯୋଗୁଁ ହୃଦୟ ମଧ୍ୟରେ ଦାହର ଅନୁଭୂତି—1. A burning sensation in the heart on account of indigestion.
Chhāti jaḻibā
বুকজ্বলা
छातीजलना
(ଛାତି ପୋଡ଼ିବା—ଅନ୍ୟରୂପ)
[ଦ୍ର—ଏହା ବସ୍ତୁତଃ ହୃଦୟର ଜ୍ୱାଳା ନୁହେ ଅନ୍ନନାଳୀର ଜ୍ୱାଳା ଅଟେ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଂକ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ

୨ । (ଲକ୍ଷଣାର୍ଥ) ଈର୍ଷା ବା କ୍ରୋଧରେ ସନ୍ତପ୍ତ ହେବା —
2. (figurative) Being greatly affected by anger or envy.
୩ । (ଲକ୍ଷଣାର୍ଥ) ଶୋକଦ୍ୱାରା ବ୍ୟଥିତ ହେବା—
3. (figurative .) To be greatly affected by grief.

ଛାତି ଥଣ୍ଡା ହେବା—ଦେ. କ୍ରି—୧ । ଉଦ୍‌ବେଗ ବା ଭୟର ଆଶଙ୍କା ଦୂର ହେବାରୁ ମନରେ ଶାନ୍ତ ହେବା—
Chhāti thaṇḍā hebā
বুকু জুড়ে যাওয়া
छाति ठंडी होना;
छातिजुड़ना
1. Peace of mind due to the removal of any anxiety or apprehension.
(ଛାତି ଥଣ୍ଡ ହେବା—ଅନ୍ୟରୂପ) ୨ । ମନର ପ୍ରଫୁଲ୍ଲତା ବା ପ୍ରସନ୍ନତା—
2. Being elated or delighted or pleased.

ଛାତିଥରା—ଦେ. ବି—୧ । ହୃତ୍ପିଣ୍ଡର ସ୍ପନ୍ଦନ—
Chhātitharā 1. Heart throbbings.
(ଛାତି ଥରିବା—ଅନ୍ୟରୂପ) ୨ । ଭୟ ବା ରୋଗାଦି ହେତୁରୁ ଛାତିରେ ଅନୁଭୂତ ହେବା କମ୍ପନ; ହୃତ୍କମ୍ପ—
2. Trembling or palpitation of the heart (due to excessive fear or some disease).

ଛାତିଦକ—ଦେ. ବି—୧ । ହୃଦୟରେ ଜନ୍ମିବା ଭୟ—
Chhātidaka 1. Mental fear.
(ଛାତିଦକା—ଅନ୍ୟରୂପ) ୨ । ଉଦ୍‌ବେଗ—2. Anxiety.

ଛାତି ଦକଦକ ହେବା—ଦେ. କ୍ରି—୧ । ହୃଦ୍‌ଯନ୍ତ୍ରର ସ୍ୱାଭାବିକ ସ୍ପନ୍ଦନ-
Chhāti dakadaka hebā
বুক গুরগুর করা,
বুক টিপটিপ করা
छाति धकधक करना
ଛାତି ଦୁକ୍‌ଦୁକ୍ ହେବା } ଅନ୍ୟରୂପ
ଛାତି ଦୁକୁଦୁକୁ ହେବା }
1. Ordinary throbbing of the heart; heart-throbbing.
୨ । ଭୟରେ ବା ସନ୍ଦେହରେ ମନ ଉଦ୍‌ବିଗ୍ନ କରିବା; ହୃତ୍କମ୍ପ—1. Anxiety resulting from fear, suspence or apprehension.

ଛାତି ଦମଦମ ହେବା—ଦେ. କ୍ରି—ହଠାତ୍ ଉପସ୍ଥିତ ଭୟ ବା ଚିନ୍ତା ବା ଖୁବ୍ ଦଉଡ଼ିବା ଯୋଗୁଁ ଛାତିର ଦୁକ୍‌ଦୁକ୍ ବା ଉପର୍ଯ୍ୟୁପରି ନାଚିବା—Violent throbbing or palpitation of the heart (due to sudden fear or anxiety or brisk runing.
Chhāti damadama hebā
বুক ধড়পড় করা;
বুকে ঢেকিরপাড়পড়া
छाति धडकना
(ଛାତିଦମକ, ଛାତିଦମକା, ଛାତି ଦାଉଁଦାଉଁ, ଛାତି ଦୁରୁଦୁରୁ, ଛାତି ଦୁରୁଦୁରୁ, ଛାତି ଦୁଲଦୁଲ, ଛାତି ଦୁଲୁକିବା, ଛାତି ଦୁଲୁଦୁଲୁ, ଛାତି ଧଡ଼କ, ଛାତି ଧଡ଼କା, ଛାତି ଧଡ଼କିବା, ଛାତି ଧଡ଼ଧଡ଼, ଛାତି ଧଡ଼ପଡ଼, ଛାତି ଧଡ଼ଫଡ଼—ଅନ୍ୟରୂପ)
[ଦ୍ର—ଛାତି ଦକଦକ ହେବା ଅପେକ୍ଷା ଛାତି ଦମଦମ ହେବା ସ୍ପନ୍ଦନ ।]

ଛାତିଦମ୍ଭ—ଦେ. ବିଣ—୧ । ସାହସୀ—1. Brave.
Chhātidambha ୨ । ନିର୍ଭୀକ—2. Fearless.
বুকবাঁধা ୩ । ଧୈର୍ଯ୍ୟଶୀଳ—3. Patience.
୪ । ସହନଶୀଳ—4. Forbearing.
ବି—୧ । ସାହସ—1. Courage.
୨ । ଧୈର୍ଯ୍ୟ—2. Patience; forbearance.
୩ । ନିର୍ଭୀକତା—3. Fearlessness.
୪ । କଷ୍ଟସହନଶୀଳତା—4. Endurance.

ଛାତିଦରଜ—ଦେ. ବି. (ଓ. ଛାତି + ପା. ଦର୍ଦ୍) —
Chhātidaraja ୧ । ନିମୋନିଆଁ; କାଶ; ଯକ୍ଷ୍ମା ଆଦି ଯୋଗୁଁ ବକ୍ଷସ୍ଥଳର ଭିତରେ ଅନୁଭୂତ ବେଦନା—
বুকের ব্যথা
छातोकी दर्द
1. Pain inside the breast due to pneumonia cough, pthisis.
୨ । ଆଘାତ ଆଦି ଯୋଗୁଁ ବକ୍ଷସ୍ଥଳର ବାହାରେ ଜଣାଯିବା ଦରଜ ବା ବ୍ୟଥା—2. Pain on the breast due to some hurt to that part.

ଛାତିଧରା—ଦେ. ବି.—ଶରଦି ବା ରୋଗଯୋଗୁଁ ଛାତିରେ ଦରଜ ବା ବେଦନା ଅନୁଭବ—
Chhāti dharā
छातिका दर्द
Pain in the chest.

ଛାତି ଧରିବା—ଦେ. କ୍ରି.—ଛାତିଧରା (ଦେଖ)
Chhāti dharibā Chhātidharā (See)
ছাতিধরা ଦେ. କ୍ରି—୧ । ଧୈର୍ଯ୍ୟ ଧରିବା—
1. To maintain one's patience.
(ଯଥା—ଏକମାତ୍ର ପୁଅ ମଲେ କିଏ ଛାତି ଧରି ରହିପାରେ ।)
୨ । କୌଣସି ବିପଦ ବା ଦୁଃଖକୁ ସମ୍ଭାଳି ବଞ୍ଚି ରହିବା—
2. To live on by bearing the brunt of a danger or grief.

ଛାତିପତାଇବା—ଦେ. କ୍ରି.—୧ । ପ୍ରହାର ବା ଗୁଳି ଆଦି ବାଜିବାପାଇଁ ନିଜର ବକ୍ଷସ୍ଥଳକୁ ଦେଖାଇଦେବା—
Chhāti patāibā
ছাতিপাতা
छाति पसारना
1. To lay one's breast bare for a stroke. or bullet
(ଛାତିପଟେଇବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) କୌଣସି ବିପଦ ସମ୍ଭାଳିବା ପାଇଁ ନିଜେ ପ୍ରସ୍ତୁତ ରହିବା—
2. (figurative) To keep one's self ready to meet the brunt of a danger.
সাহস কুলান ଦେ. କ୍ରି.—(କୌଣସି କାର୍ଯ୍ୟ କରିବାକୁ) ସାହସୀ ହେବା—
हियाव बाँधना
ढाढस बाँधना
Having courage or daring enough to do something.
(ଯଥା—ଅନ୍ଧାର ରାତିରେ ଶ୍ମଶାନ ବାଟେ ଯିବାକୁ ମୋ ଛାତି ପତାଉ ନାହିଁ ।)
୨ । ସାହସ ବାନ୍ଧିବା—
1. To have courage; to dare.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଉଅ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଊ	ନୁ

ଛାତି ପଥର କରିବା—ଦେ. କ୍ରି—ଛାତିକି ପଥର କରିବା (ଦେଖ)
Chhāti pathara karibā Chhātiki pathara karibā (See)

ଛାତି ପଥର କରିଣ ସହୁ ସହୁ, ଅଗୋ ପ୍ରିୟସହୁ । ସଙ୍ଗୀତ ।

ଛାତି ପଥର ପରି ହେବା—ଦେ. ବି—ବହୁତ କ୍ଲେଶ ବା କଷ୍ଟ ସହୁ ସହୁ
Chhāti pathara pari hebā ସହନଶୀଳ ହେବା—Being inured to great suffering.

ଏହା ଦେଖି ପଥର ପରି ହେବ ଛାତି
ଫାଟି ନ ଯିବ କହେ କବି ମହାମତି । କୃଷ୍ଣସିଂହ. ମହାଭାରତ- ବନ ।

ଛାତିଫଟା—ଦେ. ବଣ—୧ । ହୃଦୟବିଦାରକ; ମର୍ମଭେଦୀ (ଦୁଃଖ)—
Chhātiphaṭā 1. Heart-rending.
ছাতিফাটা ୨ । ଦୁର୍ବହ (ବୋଝ)—
2. Unbearable (load or burden).

ଛାତି ଫାଟିଯିବା—ଦେ. କ୍ରି—୧ । ଧୈର୍ଯ୍ୟଚ୍ୟୁତ ହେବା—
Chhāti phāṭijibā 1. To lose one's patience.
ছাতিফাটা ୨ । ଦୁଃଖ ବା କଲିଜା ଫାଟି ପ୍ରାଣତ୍ୟାଗ କରିବା—
छातीफटना; छातीदरकना 2. To die by the bursting of one's heart.
୩ । ହୃଦୟ ବିଦୀର୍ଣ୍ଣ ହେବା—
3 Bursting of one's heart.
୪ । ଅତି ତୃଷ୍ଣାରେ ହୃଦୟରେ ବେଦନା ଅନୁଭୂତ ହେବା—
4. A painful feeling inside the breast due to a keen thrist.

ଛାତି ଫୁଲାଇ ଚାଲିବା—ଦେ. କ୍ରି—ଗର୍ବରେ ଚାଲିବା—To strut or
Chhāti phulāi chālibā pace with pride.
বুকফুলিয়ে চলা (ଯଥା—ଏବେ ସେ ସମ୍ପତ୍ତିଶାଳୀ ହେବାରୁ ଛାତି
छातिफुलाकर चलना ଫୁଲାଇ ଚାଲୁଛି ।)

ଛାତି ଫୁଲାଇବା—ଦେ. କ୍ରି—ଆନନ୍ଦ ବା ଗର୍ବରେ ସ୍ଫୀତ ହେବା—
Chhāti phulāibā To swell with delight or pride.
বুকফুলানা ସଭାରେ ବସିଥାନ୍ତି ଛାତିକି ଫୁଲାଇ ।
छातिफुलाना; छातिनिकालना କୃଷ୍ଣସିଂହ. ମହାଭାରତ ସଭା ।
বুকফুলা ଦେ. ବି—ରୋଗ ଯୋଗୁଁ ଛାତି ଫୁଲିଯିବା—
छातिफुलना; छातिनिकलना Swelling up of the breast through disease.

ଛାତିରୁ ଅତଡ଼ା ଖସିବା—ଦେ. କ୍ରି—କୌଣସି ଭୟ ବା ବିପଦଜନକ
Chhātiru atarḍā khasibā ବିଷୟ ହଠାତ୍ ଅବଗତ ହୋଇ
ଛାତିରୁ କଅଁ ଖସିବା } ଅନ୍ୟରୂପ ମନରେ ବିଶେଷ ଉଦ୍‌ବେଗ ଜାତ
ଛାତିରେ ହାଉ ପଶିବା } ହେବା; ଛାତି ଧଡ଼କିବା—
Palpetation of the heart due to sudden fear or danger.

ଛାତିରୁ ବୋଝ ଖସିବା—ଦେ. ବି—କୌଣସି ଅତ୍ୟନ୍ତ ଉଦ୍‌ବେଗ ବା
Chhātiru bojha khasibā ଦାୟିତ୍ୱ ବା ଆଶଙ୍କାରୁ ମୁକ୍ତ ହେବା--
छातीसे पत्थर टलना To be freed from a great
ଛାତିରୁ ପଥର ଖସିବା } ଅନ୍ୟରୂପ anxiety or appre-
ଛାତିରୁ ପାଣି ହାଣ୍ଡି ଓହ୍ଲାଇବା } hention or responsibility.

ଛାତିରେ ଦକ ପଶିବା—ଦେ. କ୍ରି—୧ । ହୃଦୟରେ ଭୟ ବା ଆଶଙ୍କା
Chhātire daka paśibā ଜାତ ହେବା—The mind being
(ଛାତିରେ ଦକାପଶିବ ।—ଅନ୍ୟରୂପ) over come with fear or apprehension.

ଛାତିରେ ପକାଇବା—ଦେ. କ୍ରି—୧ । ଶିଶୁକୁ ଛାତି ଉପରେ ଧରିବା—
Chhātire pakāibā 1. To carry or hold an
বুকে লওয়া infant on one's breast.
छातीपर डालना; ୨ । (ଲକ୍ଷଣାର୍ଥ) ଶିଶୁକୁ ଅତି ସ୍ନେହ ବା
छातीतले रखना; ଆଦରରେ ପାଳନ କରିବା—
छातियाना 2. (figurative) To bring up a child
(ଛାତିରେ ପକେଇବା—ଅନ୍ୟରୂପ) with love and affection.
୩ । କୌଣସି ବ୍ୟକ୍ତିକୁ ଅତି ପ୍ରିୟ କରିବା—
3. To treat a person as one's dear and beloved.
୪ । ଅତ୍ୟନ୍ତ ଆଦର କରି ସବୁବେଳେ ପାଖରେ ଥିବା ଓ ପାଖରୁ ଅନ୍ତର ନ କରିବା—4. Not to let a person leave ones company (on account of excessive fondness).

ଛାତିରେ ପଥର ପକା(କେ)ଇବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଦୁଃଖ
Chhātire pathara pakā(ke)ibā ସହିବା; ଦୁଃଖ ବରଦାସ୍ତ
বুকে পাথর চাপা କରିବା—1. (figurative)
छातिपर पत्थरलादना To endure pain patiently.
(ଛାତିରେ ପଥର ଲଦିବା—ଅନ୍ୟରୂପ) ୨ । (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତି
ଚିନ୍ତାକ୍ରାନ୍ତ ହେବାର କାରଣ ହେବା—
2. (figurative) To cause great anxiety to a person.

ଛାତିରେ ପଥର ଲଦା ହେବା—ଦେ. ବି—କୌଣସି ବିଶେଷ ଚିନ୍ତା ବା
Chhātire pathara ladāhebā ଉଦ୍‌ବେଗ ବା ଦାୟିତ୍ୱ ଆସି
বুকে পাথর চাপা হওয়া ମନୁଷ୍ୟକୁ ଘୋଟିବା ।—The devolving
छातीमे पत्थर रहनां of a great responsibility or
ଛାତିରେ ବୋଝ ଲଦା ହେବା apprehension or anxiety.
(ଛାତିରେ ପାଣିହାଣ୍ଡି (ପାହାଡ଼) ଲଦା ହେବା—ଅନ୍ୟରୂପ).

ଛାତିରେ ପଥର ଲଦି ବସିବା—ଦେ. କ୍ରି.—ସର୍ବଦା ଭୟ ଓ ଆଶଙ୍କା-
Chhātire pathara ladi basibā ଯୁକ୍ତ ଅଥଚ ଦମ୍ଭ ଧରି ବସିବା—To wait patiently, with a great anxiety or calamity impending over you.

ସାଧାରଣ ଲୋକେ ଏପରି ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଗିଆ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଛାତିରେ ପଥର ଲଦିବା—ଦେ. କ୍ରି.—୧ । ଅସହ୍ୟ ଦୁଃଖ ବା ବିପଦ ଯୋଗୁଁ ଅତି ଚିନ୍ତାନ୍ୱିତ ହେବା—
Chhātire pathara ladibā
ବୁକେ পাথর চাপা To be very anxious in expectation
छातिपर पत्थर लदना of an empending calamity.
୨ । ଅନ୍ୟ ବ୍ୟକ୍ତିକୁ ବିଶେଷ ଅପଦ୍ରବ କରିବା—
2. To endanger a person.
୩ । ଅନ୍ୟ ବ୍ୟକ୍ତିକୁ ବିଶେଷ ଚିନ୍ତାନ୍ୱିତ କରିବା—
3. To cause great anxiety to a person.

ଛାତିରେ ପାଣିହାଣ୍ଡି ବସିବା—ଦେ. ବି.—ଛାତିରେ ପଥର ଲଦିବା (ଦେଖ)
Chhātire pāṇihāṇḍi basibā
Chhātire pathara ladibā (See)

ଛାତିରେ ବାଉଁଶ ପକାଇବା—ଦେ. କ୍ରି.—କୌଣସି ବ୍ୟକ୍ତିକୁ ଦଣ୍ଡ ଦେବା ବା ମାରି ପକାଇବା ପାଇଁ ତା ଛାତି ଉପରେ ଗୋଟିଏ ବାଉଁଶ ପକାଇ ଅନେକ ଲୋକ ଉକ୍ତ ବାଉଁଶର ଦୁଇ ମୁଣ୍ଡକୁ ମାଡ଼ି ବସିବା—
Chhātire bauṅsa pakāibā
বুকে বাঁশ চাপা
छातीपर बाँस देना
To press a bamboo at the ends after pressing it on a person's breast (to turture or kill him.)

ଛାତିରେ ବାଳ ଉଠିବା—ଦେ. କ୍ରି.—ଛାତି ଉପରେ ଲୋମ ଉଠିବା—
Chhātire bāḷa uṭhibā 1. To have hair on one's
বুকে চুল উঠা breast.
छातीपर बाल उठना [ଦ୍ର—ବାଲ୍ୟକାଳ ଅତିକ୍ରମ କରି ଯୁବାବସ୍ଥାରେ ପଦାର୍ପଣ କଲେ ମନୁଷ୍ୟଙ୍କ ଛାତିରେ ବାଳ ଉଠେ ।]
୨ । ଯୁବାବସ୍ଥାରେ ପଦାର୍ପଣ କରିବା—
2. To attain one's youth.
୩ । ନିଜର ସାଂସାରିକ କର୍ମ ବୁଝିବା ପାଇଁ ଉପଯୁକ୍ତ ହେବା—
3. To become fit for looking after one's own affairs.
୪ । ବିଶ୍ୱାସୀପଣ ପ୍ରକାଶ କରିବା—4. To show signs of one's trustworthiness.
[ଦ୍ର—ଯେଉଁ ବ୍ୟକ୍ତି ଯୁବାବସ୍ଥା ପ୍ରାପ୍ତ ହେବା ପରେ ତା ଛାତିରେ ବାଳ ଉଠେ ନାହିଁ ସେ ଅତି ଅବିଶ୍ୱାସୀ ବୋଲି ଲୌକିକ ଧାରଣା ଓ ଢଗ ଅଛି ।]

ଛାତିରେ ମୁଣ୍ଡରେ ହେବା—ଦେ. ବି.—(ସ୍ତ୍ରୀ ଭାଷା)—କନ୍ୟା ଋତୁମତୀ ହେବାରୁ ତାର ସ୍ତନଦ୍ୱୟ ସ୍ଫୀତ ଓ ପୃଥୁଳ ହେବା—Swelling of the breast of a grown up girl.
Chhātire muṇḍare hebā
ছাতিউঁভরনা

ଛାତିରେ ମାରି ହେବା—ଦେ. କ୍ରି.—ଗଭୀର ଶୋକାବେଗରେ ବକ୍ଷସ୍ଥଳରେ କରତାଡ଼ନା କରିବା—To strike one's palms on the breast in a paroxysm of grief; to wring one's breast in the agoney of grief
Chhātire māri hebā
বুক চাপড়না
छाती पीटना, छाती कूटना
ଛାତିରେ ପିଟି ହେବା } ଅନ୍ୟରୂପ
ଛାତିରେ ବାଡ଼େଇ ହେବା }

ଛାତିଲଗାଇବା—ଦେ. କ୍ରି.—୧ । ଆଲିଙ୍ଗନ କରିବା—
Chhāti lagāibā 1. To embrace.
বুকলাগনা ୨ । ଛାତିଦ୍ୱାରା ବଳ ପ୍ରୟୋଗ କରିବା ବା ପେଲିବା—
छातीसे लगाना 2 To push by the breast.
ଛାତି ଲଗେଇବା } ଅନ୍ୟରୂପ
ଛାତିକି ଛାତି ଲଗା(ଗେ)ଇବା }
୩ । ପରସ୍ପର ଛାତି ଲଗାଇ ପରସ୍ପରକୁ ସାହାଯ୍ୟ କରିବା—
3. To mutually help one another by putting the chest into a work.
୩ । ଅତି ସ୍ନେହ ଯୋଗୁଁ କୌଣସି ବ୍ୟକ୍ତିକୁ ସବୁବେଳେ ଆପଣା ପାଖରୁ ଅନ୍ତର ହେବାକୁ ନ ଦେବା—
3. Not to let a person part your company (as a result of excessive fondness); always to keep a person on one's side.

ଛାତିରେ ହାତ ଦେବା—ଦେ. କ୍ରି—୧ । ଶପଥ କରିବାବେଳେ ବକ୍ଷସ୍ଥଳରେ କରତଳ ଲଗାଇବା—
Chhātire hāta debā
বুকে হাত দেওয়া 1. To touch one's breast with
छातीपर हात रखना the palm while taking oath.
(ଛାତିରେ ହାତ ମାରିବା—ଅନ୍ୟରୂପ) ୨ । ସ୍ତ୍ରୀଲୋକର ସ୍ତନକୁ କରଦ୍ୱାରା ଧାରଣ କରିବା—
2. To handle the breast of a woman.

ଛାତି ସମ୍ଭାଳିବା—ଦେ. କ୍ରି—ଛାତି ଧରିବା ୨ (ଦେଖ)
Chhāti sambhāḷibā Chhāti dharibā 2 (See)

ଛାତ୍ର—ସଂ. ବି. ପୁଂ. (ଛତ୍ର=ଆବରଣ ଅର୍ଥାତ୍ ଗୁରୁଙ୍କ ଦୋଷାବରଣ +ଶୀଳାର୍ଥେ. ଅ; ଯେ ଗୁରୁଙ୍କ ଦୋଷାବରଣ କରେ)—
Chhātra
ଛାତ୍ରୀ } ସ୍ତ୍ରୀ
ଛାତ୍ରୀ }
୧ । ଶିକ୍ଷାର୍ଥୀ; ଶିଷ୍ୟ; ପଢ଼ୁଆ—
1. Disciple; pupil; scholar; student.
୨ । ମଧୁବିଶେଷ—2. A kind of hony.
୩ । ମଦ୍ୟବିଶେଷ—3. A kind of wine.

ଛାତ୍ରଗଣ୍ଡ—ସଂ. ବି. (ଛାତ୍ର+କୁତ୍ସାର୍ଥେ. ଗଣ୍ଡ)—ମୂର୍ଖ; କର୍ତ୍ତବ୍ୟବିଶ ଓ ଅମନୋଯୋଗୀ ପଢ଼ୁଆ ପିଲା—A pupil who is indifferent to his studies.
Chhātragaṇḍa

ଛାତ୍ରବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ଛାତ୍ର+ବୃତ୍ତି)—ଛାତ୍ରର ଜୀବିକା—
Chhātrabṛutti Studentship; students life.
ଦେ. ବି.—(ଆଧୁନିକ ପ୍ରୟୋଗ) ପଠନେଚ୍ଛୁ ପରିଶ୍ରମୀ ଓ ବୁଦ୍ଧିଶାଳୀ ଛାତ୍ରକୁ ବିଦ୍ୟାଶିକ୍ଷା କରିବାନିମନ୍ତେ ଦିଆଯିବା ନିର୍ଦ୍ଦିଷ୍ଟ ଧନ ସାହାଯ୍ୟ; ବୃତ୍ତି—Scholarship; stipend; regular allowance given to a student for continuing his studies.

ଛାତ୍ରବୃତ୍ତି ପରୀକ୍ଷା—ଦେ. ବି. (ଆଧୁନିକ ପ୍ରୟୋଗ)—ବୃତ୍ତିପରୀକ୍ଷା; ଯେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ସର୍ବୋତ୍କୃଷ୍ଟ ଛାତ୍ରକୁ କର୍ତ୍ତୃପକ୍ଷମାନେ ମାସିକ ଧନ ସାହାଯ୍ୟ କରନ୍ତି ବା ବୃତ୍ତି ଦିଅନ୍ତି; ବିଦ୍ୟାଳୟର ଶେଷ ପରୀକ୍ଷା—Scholarship examination; final examination of a school or class.
Chhātra brutti parikshā

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉଅ	ଭ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଙ୍କ	ନ୍ତ

ଛାତ୍ରାବାସ—ସଂ. ବି. (୬ଷ୍ଠୀ ତତ୍; ଛାତ୍ର+ଆବାସ)—ଯେଉଁଠାରେ
Chhātrābāsa ଶିକ୍ଷାର୍ଥୀମାନେ ଏକତ୍ର ବାସ କରନ୍ତି; ବୋର୍ଡିଙ୍ଗ୍; ହଷ୍ଟେଲ୍—Hostel; a students boarding house

ଛାଦ—ସଂ. ବି. (ଛଦ୍ ଧାତୁ+କରଣ. ଅ)—
Chhāda ୧ । ବସ୍ତ୍ରାବରଣ; ଆଚ୍ଛାଦନ—1. Covering.
୨ । ଘରର ଛାତ—2. Roof or thatch of a house.
୩ । ବୃକ୍ଷର ପତ୍ର—3. Leaf of a tree.
୪ । ଛାଲି; ବକଲା—4. Bark.
୫ । ଚମଡ଼ା—5. Skin; hide.

ଛାଦକ—ସଂ. ବିଣ. (ଛଦ୍ ଧାତୁ ଣିଚ୍=ଛାଦି ଧାତୁ+କର୍ତ୍ତୃ. ଅକ)—
Chhādaka ଆଚ୍ଛାଦନକାରୀ—
Covering; one who covers a thing.
ସଂ. ବି—ଘର ଛାଉଣିଆ; ଯେ ଘର ଛପର କରେ—
A thatcher.

ଛାଦନ—ସଂ. ବି. (ଛାଦି ଧାତୁ+ଭାବ. ଅନ)—
Chhādana ୧ । ଆଚ୍ଛାଦନ; ଆବରଣ—
1. Covering enveloping.
୨ । ଘୋଡ଼ାଇବା—2. Concealing.
୩ । ଘର ଛାଇଣି କରିବା—
3. Thatching of the roof of a house.
୪ । (+କରଣ. ଅନ) ଛାତ—4. Roof or thatch.
୫ । ପତ୍ର—5. Leaf.
୬ । ଛାଲି—6. Bark.
୭ । ଚମଡ଼ା—7. Skin.
୮ । ଦେହାବରଣ ବସ୍ତ୍ର—
8. Dress; cloth; raiment; clothing.
୯ । ଓଢ଼ଣା—9. A veil.
୧୦ । ଘୋଡ଼ଣୀ; ଘଞ୍ଚଣ—13. A cover.

ଛାଦିତ—ସଂ. ବିଣ. (ଛାଦି ଧାତୁ+କର୍ମ. ତ)—
Chhādita ୧ । ଆଚ୍ଛାଦିତ; ଆବୃତ—1. Covered.
୨ । ଲୁଚି ଯାଇଥିବା—2. Concealed.
୩ । ଓଢ଼ଣାରେ ଆବୃତ—3. Veiled.

ଛାନି—ଦେ. ବିଣ. (ସଂ. ଛାଦ୍ ଧାତୁ)—ଚକ୍ଷୁର ଡୋଳା ଉପରେ ମାଡ଼ି
Chhāni ଯିବା ପତଳା ଚମଡ଼ା; ପଟଳ; ଆଖି ଡୋଳାର ମାଛ-
छानि କାଢ଼ିଆ ରୋଗ; ମୋତିଆବିନ୍ଦୁ—1. Cataract
मोतियाबिन्द in the eye; a pearl in the eye.

ଛାନିଆଁ—ଦେ. ବି. (ସଂ. ଛନ୍ନ)—
Chhāniān ୧ । ଛନକା; ହଠାତ୍ ଉପସ୍ଥିତ ଭୟ; ଶଙ୍କା—
चमक 1. Sudden fear; fright; terror; alarm.
झनक
୨ । ହଠାତ୍ ଉପସ୍ଥିତ ଭୟଯୋଗୁଁ ହୃଦୟରେ ହେବା ଆବେଗ; ଚମକ—
2. Shying produced by fright.
ଦେ. ବିଣ—୧ । ଭୀତ; ତ୍ରସ୍ତ—1. Frightened;
चमके alarmed; terror striken; struck dumb with terror.
୨ । ଡରୁଆ; ଭୀରୁ; ଭୟାଳୁ—2. Timid.

ଛାନିଆଁ କରିବା—ଦେ. କ୍ରି—ହଠାତ୍ ଭୟ ଜାତ କରିବା—
Chhāniān kariba To frightened, to terrify.
चमकाना
झनकाना
(ଛାନିଆଁ ଲଗାଇବା—ଅନ୍ୟରୂପ)

ଛାନିଆଁ ପଶିବା—ଦେ ବି—(ମନରେ) ହଠାତ୍ ଭୟଜନିତ ଶୃଙ୍ଖଳ୍ୟ
Chhāniān pasibā ଉପସ୍ଥିତ ହେବା; ଚମକ—
Sudden fright.

ଛାନିଆଁ ପୂରାଇବା—ଦେ. କ୍ରି—୧ । ଛାନିଆଁ କରିବା (ଦେଖ)
Chhāniān purāibā 1. Chhāniān kariba (See)
୨ । କଳେ ଭୟଭୀତ ହେବା—
2. To be alarmed.

ଛାନ୍ଦ—ଦେ. ବି (ସଂ. ଛନ୍ଦଃ)—୧ । ପଦ୍ୟର ରାଗିଣୀ—
Chhānda 1. Metre of a poem.
छन्द; छँद् ୨ । ଗୀତର ରାଗ—2. Musical air.
छँद ୩ । ଏକ ରାଗିଣୀରେ ବନ୍ଧାଯାଇଥିବା ପଦ୍ୟ ବା ଗୀତ—
3. Poem composed in a particular metre.

ଛାନ୍ଦବନ୍ଦି—ଦେ. ବିଣ (ସଂ. ଛନ୍ଦୋବଦ୍ଧ)—ରାଗିଣୀରେ ରଚିତ—
Chhāndabandi Composed metrically;
(ଛାନ୍ଦବନ୍ଧ—ଅନ୍ୟରୂପ) metrically.

ଛାନ୍ଦମାଳା—ଦେ. ବି—ଓଡ଼ିଶାର ଭକ୍ତ କବି ମଧୁସୂଦନଙ୍କ ରଚିତ
Chhāndamāḻā ଲୋକପ୍ରିୟ ଶିଶୁପାଠ୍ୟ ପଦ୍ୟପୁସ୍ତକ—
Title of a book of small poems for young pupils by poet Madhusūdana.

ଛାନ୍ଦସ—ସଂ. ବି. ପୁଂ (ଛନ୍ଦସ୍=ବେଦ+ଅଧ୍ୟୟନାର୍ଥେ. ଅ)—
Chhāndasa ୧ । ବେଦାଧ୍ୟାୟୀ ଛାତ୍ର—1. A student learning the Bedas.
୨ । ବେଦାଧ୍ୟାପକ—2. A teacher of the Bedas.
୩ । ବେଦବ୍ୟାଖ୍ୟାନଯୁକ୍ତ ଗ୍ରନ୍ଥ—
3. A commentary on the Bedas.
ସଂ. ବିଣ—୨ । ବୈଦିକ; ବେଦ ସମ୍ବନ୍ଧୀୟ—1. Relating to the Bedas; Vedic.
ଛାନ୍ଦସ ବଧିର ଅନୁସ୍ୱାର ଗ୍ରନ୍ଥ—ଜଗନ୍ନାଥ. ଦରବାର ।
୨ । ମୂର୍ଖ (ଦ୍ର. ଶବ୍ଦସାଗର)—2. Illiterate.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ବେଦଜ୍ଞ (ହି. ଶବ୍ଦସାଗର)—
3. Versed in the Vedas.

୪ । ଛନ୍ଦଃ ସମ୍ବନ୍ଧୀୟ—4. Relating to metre; metrical.

୫ । ବେଦୋକ୍ତ; ବେଦରେ ବର୍ଣ୍ଣିତ—
5. Described the Bedas.

ଛାନ୍ଦସ ଜ୍ୟୋତିଃ—ସଂ. ବି (ଛାନ୍ଦସ=ବେଦୋକ୍ତ+ଜ୍ୟୋତି=ତେଜଃ)
Chhāndasa Jyotiḥ ସୂର୍ଯ୍ୟ—The sun.

> ରହିବ ତାବତ ଭବେ ତୁମ୍ଭ ଯଶ
> ଗାଇବେ ଯାବତ ଏ ଜ୍ୟୋତି ଛାନ୍ଦସ । ରାଧାନାଥ.

[ଦ୍ର—ସୂର୍ଯ୍ୟ ଅର୍ଥରେ ଏ ଶବ୍ଦର ପ୍ରୟୋଗ କୌଣସି ଅଭିଧାନରେ ଦେଖାଯାଏ ନାହିଁ, ସମ୍ଭବତଃ କବିବର ରାଧାନାଥ, ସୂର୍ଯ୍ୟ ବେଦରେ ଆଦିମ ଜ୍ୟୋତିରୂପେ ବର୍ଣ୍ଣିତ ହୋଇଥିବାରୁ ସୂର୍ଯ୍ୟଙ୍କୁ 'ଛାନ୍ଦସଜ୍ୟୋତି' ନାମରେ ଅଭିହିତ କରିଅଛନ୍ତି ।]

ଛାନ୍ଦୋଗ୍ୟ—ସଂ. ବି (ଛାନ୍ଦସ୍=ବେଦସମ୍ବନ୍ଧୀୟ+ଗମ୍ ଧାତୁ+କର୍ତ୍ତୃ. ଅ)—
Chhāndogya ବେଦ ମଧ୍ୟରେ ଗାନଯୋଗ୍ୟ ଅଂଶ; ସାମବେଦର ଅଂଶବିଶେଷ—A part of the Sāma Beda which can be sung.

ଛାପ୍—ଦେ. ବି (ମୁସଲମାନ ବ୍ୟବହୃତ)—ବିବାହ ଉପଲକ୍ଷରେ କନ୍ୟା
Chhāp ପକ୍ଷରୁ ବରକୁ ଉପହାର ଦିଆଯିବା ରୁମାଲର ଚାରି କୋଣରେ ଗଣ୍ଠି ପଡ଼ି ବନ୍ଧାଯାଇଥିବା ସୁନା ବା ରୂପାର ଚାରିଗୋଟି ମୁଦିଆ—Four rings tied to the four corners of a handkerchief present to the bride-groom by the brides party on the occasion of a marriage before the marriage ceremony is formally solemnised amongst the Mahomedans.

ଛାପ୍କିବା—ପ୍ରାଦେ. (ସମ୍ବଲପୁର) କ୍ରି—ହାତରେ କୌଣସି ପଦାର୍ଥକୁ
Chhāpkibā ଚିପିକରି ଧରିବା—To press a thing with ones palm.

ଛାପ୍ବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ସ୍ଥାପି ଧାତୁ)—ବୋଳିବା;
Chhāpbā ମଖାଇବା; ଲେପିବା—To smear over; to daub.

(ଯଥା—କନ୍ଥା ଘାରେ ଗୋବର ଛାପ୍ବା—ସମ୍ବଲପୁରୀ ଢଗ=କନ୍ଥା ଘାରେ ଗୋବର ମଖାଇବା)

ଛାପ—ଦେ. ବି (ସଂ. ଚପ୍ ଧାତୁ=ଚୂର୍ଣ୍ଣ କରିବା—ଯୋଗେଶଚନ୍ଦ୍ର; ସଂ. ଛପ୍
Chhāpa ଧାତୁ=ସ୍ପର୍ଶକରିବା—ଜ୍ଞାନେନ୍ଦ୍ର)—୧ । ମୁଦ୍ରା; ଚିହ୍ନ—
ଛାପା 1. Print; mark; impression.
ଛାପ

> ଛାପତିଳକ ମାଳା ଶୋହେ
> ନବଗୁଁ କାମ କ୍ରୋଧ ଲୋଭେ—ଭୂପତି ପ୍ରେମପଞ୍ଚାମୃତ ।

୨ । ହରିନାମାଦିଲମୁଦ୍ରିତ ଧାତୁଫଳକ; ଯହିଁରେ ଚନ୍ଦନ ବୋଳି ଦେହରେ ବସାଇଦେଲେ ହରିନାମ ଶରୀରରେ ଅଙ୍କିତ ହୋଇଯାଏ; ଛାପା; ଛପା; ହରିନାମମୁଦ୍ରା—
2. An engraved block with words containing the name of God which is impressed on the body.

> ଅଙ୍ଗେ ବହନ୍ତି ଅନେକ ଛାପ,
> କେହି ନ ଜାଣେ ଭିତର ପାପ । ଦୀନକୃଷ୍ଣ, ରସକଲ୍ଲୋଳ ।

୩ । ମୁଦ୍ରଣ—3 Stamping; printing.

୪ । ଛାପା ମାରିବା ମୋହର—
4. Seal; stamp; a dye.

୫ । (ବଣିଆ ଶବ୍ଦ) ମୁସଲମାନଙ୍କର ଏକ ପ୍ରକାର ହାତରେ ପିନ୍ଧିବା ମୁଦି A kind of ring

୬ । (ସଂ. ଷ୍ଠୀବନ) ଛେପ; ଥୁକ—6. Spittle.

୭ । ଅକ୍ଷର ଲେଖା ହୋଇଥିବା ଧାତୁଫଳକ—7. An engraved block for printing on paper; calico.

ଛାପଚିକଣ—ଦେ. ବିଣ. (ସଂ. ଛବି ଓ ଚିକ୍କଣ)—୧ । ନାନା ବର୍ଣ୍ଣରେ
Chhāpachikaṇa ଚିତ୍ରିତ; ଚିତ୍ରବିଚିତ୍ର; ସବଳ ଓ ପରିଷ୍କୃତ
ରଂଗଚଂଗେ ପରିଚ୍ଛନ୍ନ; ଛାପଛାପିକା; ଛଇଳା—
ରଂଗବିରଂଗ 1. Variegated; mottled.

ଛାପଚିକଣା, ଛାପଚିକଣିଆ, ଛାପଚିକଣିଆଁ } ଅନ୍ୟରୂପ

୨ । ମନୋହର; ଛବିଳ—
2. Beautifully; coloured.

୩ । ଛଇଳା—3. Dandy; fophish.

୪ । ଧୋବଧାଉଳିଆ; ଭଦ୍ର ପରିଚ୍ଛଦଧାରୀ—
4. Wearing gentleman's dress.

ଛାପଛାପକା—ଦେ. ବିଣ.—ବହୁବର୍ଣ୍ଣଚିତ୍ରିତ; ନାନା ବର୍ଣ୍ଣରେ ଚିହ୍ନିତ;
Chhāpachhāpakā ଛାପଛାପିକା—
ଛିପଛିପେ Mottled; variegated; spotted.
ରଂଗ୍‌ବିରଂଗ

ଛାପଛାପିକା, ଛାପଛାପିକିଆ } ଅନ୍ୟରୂପ

ଛାପଦେବା—ଦେ. କ୍ରି.—ଛାପା ମାରିବା (ଦେଖ)
Chhāpa debā Chhāpā māribā (See)
(ଛାପା ମାରିବା—ଅନ୍ୟରୂପ)

> ଛାପ ଦେଇ ଲଘୁ ନ କର ହେଲେ,
> ଛାତି ଟେକାଇ ଦେ ତରୁଣୀକୁଳେ ।
> କବିସୂର୍ଯ୍ୟ, ରତ୍ନାକରଚମ୍ପୂ ।

ଛାପମୁଦି—ଦେ. ବି.—ଛାପା ମୁଦି (ଦେଖ)
Chhāpa mudi Chhāpā mudi (See)

ଛାପର୍—ପ୍ରାଦେ. (ସମ୍ବଲପୁର) ବି.—ମଇଁଷିଗାଧୁଆ ଛୋଟ ଜଳାଶୟ ବା
Chhāpar ଚୁଇ—A water reservoir for buffaloes to bathe.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଏ	ଉଅ	ଲ
୨	ଈ	ଊ	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଈ	ଳ

ଛାପର୍—ଦେ. ବଣ.—ଛୋପର୍ (ଦେଖ)
Chhāparā Chhopārā (See

ଛାପଲ୍—ପ୍ରାଦେ. (ସମ୍ବଲପୁର) ବ.—ଛାପର୍ (ଦେଖ)
Chhāpal Chhāpar (See)

ଛାପା—ଦେ. ବ. (ଫ. ଛବ); ସ. ଚପନ; ହି. ଶବ୍ଦସାଗର)—୧ । ମାର୍କା;
Chhāpā ମୁଦ୍ରାଙ୍କନ; ମୁଦ୍ରିତ ଚିହ୍ନ—
ଛାପ 1. Painted mark or spot.
छापा ୨ । ମୁଦ୍ରାବିନ୍ୟାସ; ମୁଦ୍ରଣ—
2. Printing; stamping.
୩ । ମୁଦ୍ରା; ମୋହର—3. Seal; stamp; dye.
୪ । ମୁଦ୍ରା; ଚିହ୍ନ—4. Print-mark; impression.
୫ । ନାମାଙ୍କିତ ମୁଦ୍ରା ବା ଫଳକ—5. Engraved block for printing on body, paper or cloth.
୬ । ଜଲ ମୋହର—6. A coin.
୭ । ହରିନାମାଙ୍କିତ ତିଳକ—7. Figures made with sandal paste on the body representing the name of God.

ସର୍ବାଙ୍ଗରେ ଛାପା ଲଗାଇ ହରିନାମ ଶୁଣାଇବା
ସକାଳେ ଗ୍ରାମକୁ ବାହାରନ୍ତି । ଫକୀରମୋହନ—ଛମାଣଆଠଗୁଣ୍ଠ ।

ଦେ. ବଣ—୧ । ମୁଦ୍ରିତ—1. Printed.
୨ । ଚିହ୍ନିତ—2. Stamped; impressed.
୩ । ମୋହରଦିଆ; ମୁଦ୍ରାଙ୍କିତ—3. Sealed.

ଛାପାଇବା—ଦେ. କ୍ରି. (ଛାପିବାର ଣିଜନ୍ତରୂପ)—ମୁଦ୍ରିତ କରାଇବା—
Chhāpāibā To get printed or published.
ଛାପାନ
छापाना
(ଛାପେଇବା)

ଛାପା କରିବା—ଦେ. କ୍ରି—ମୁଦ୍ରିତ କରିବା—
Chhāpā karibā To print.

ଛାପାକଳ—ଦେ. ବ—ମୁଦ୍ରାଯନ୍ତ୍ର—
Chhāpākala Printing machine.
ଛାପାକଲ
छापेका कल

ଛାପା କାଗଜ—ଦେ. ବ—୧ । ମୁଦ୍ରିତ କାଗଜ—
Chhāpā kāgaja 1. Printed paper.
ଛାପା କାଗଜ ୨ । କାଳିଶୋଷିବା କାଗଜ—2. Blotting paper.
छापाहुआ कागज

ଛାପା ଖରଚ—ଦେ. ବ—ମୁଦ୍ରଣ ବ୍ୟୟ—
Chhāpā kharacha Printing charges.
ଛାପାଇ ଖରଚ
छपाईका खर्च

ଛାପାଖାନା—ଦେ. ବ—ପ୍ରେସ୍; ମୁଦ୍ରାଳୟ; ଯେଉଁ ସ୍ଥାନରେ ମୁଦ୍ରାଯନ୍ତ୍ରଦ୍ୱାରା
Chhāpākhānā ପୁସ୍ତକାଦି ମୁଦ୍ରିତ ହୁଏ—
ଛାପାଖାନା Printing house; press.
छापाखाना

ଛାପା ମାରିବା—ଦେ. କ୍ରି—୧ । ମୋହରଦ୍ୱାରା ମୁଦ୍ରିତ କରିବା; ଛାପିବା—
Chhāpā māribā 1. To set a stamp or dye on.
ଛାପା ମାରା ୨ । ଦାଗ ଦେବା—2. To mark.
छापा मारना ୩ । (ଲକ୍ଷଣାର୍ଥ) ଦୋଷାରୋପ କରିବା; କଳଙ୍କଯୁକ୍ତ
(ଛାପାଦେବା—ଅନ୍ୟରୂପ) କରିବା—3. (figurative) To stain one's character.

ଛାପାମୁଦି—ଦେ. ବ—ଛପାମୁଦି (ଦେଖ)
Chhāpāmudi Chhapāmudi (See)

ଛାପି—ଦେ. ବ—ଦେହରୁ ଝାଳ ଆଦି ପୋଛିବା ଛୋଟ ଗାମୁଛା—
Chhāpi A small napkin to cleanse.

ଛାପିଛାପିକିଆ—ଦେ. ବ—ଛାପଛାପକା (ଦେଖ)
Chhāpichhāpikiā Chhāpachhāpakā (See)
(ଛାପିଛାପିକିଆ—ଅନ୍ୟରୂପ) ଝିଙ୍କି ସଙ୍ଗେ ଖେଳ ଛାପିଛାପିକିଆ
ପ୍ରଦୋଷର ମହାତ୍ମାଙ୍କ । ରଘୁନାଥ—ଯଶାଢ଼ ।

ଛାପିଛାପି ଦେବା—ଦେ. କ୍ରି—କନା ବା ଛାପା କାଗଜରେ ବାରମ୍ବାର
Chhāpichhāpi debā ଛାପିବା—To blot repeatedly with blotting or rag

ଛାପି ଦେବା—ଦେ. କ୍ରି—ପୁସ୍ତକାଦିକୁ ମୁଦ୍ରିତ କରିବା—
Chhāpi debā To print a book.
ଛାପେ ଦେଓୟା
छाप देना

ଛାପି ନେବା—ଦେ. କ୍ରି—ପୁସ୍ତକାଦିକୁ କୌଣସି ମୁଦ୍ରାଳୟ ବା ପ୍ରେସରେ
Chhāpi nebā ଛପାଇବା—To get a book printed at some press.
ଛେପେ ନେଓୟା
छाप लेना

ଛାପିବା—ଦେ. କ୍ରି. (ସ. ଚପନ—ହି. ଶବ୍ଦସାଗର)—
Chhāpibā ୧ । ମୁଦ୍ରାଙ୍କନ କରିବା—1. To print.
ଛାପା; ଛାପାନ ୨ । ମୋହର ମାରିବା; ମୁଦ୍ରଣ କରିବା—
छापना 2. To cast a dye; to stamp; to impress.
୩ । ସଦ୍ୟ ଲେଖା କାଗଜରୁ କାଳିକୁ ଶୋଷିବା ନିମନ୍ତେ ଛାପା କାଗଜ ମାରିବା—3. To blot or to apply bloting paper on a newly written paper.
୪ । ଢଳି ଯାଇଥିବା ପାଣି, କାଳି, ତେଲ ଆଦିକୁ କନାଦ୍ୱାରା ଶୋଷାଇବା—4. To apply a rag to spilt liquid for soaking.

[ଦ୍ର—ତେଲ ତେଲ ପେଡ଼ୁଲବେଳେ ଘଣାରୁ ଏହିପରି ତେଲ ଛାପିଥାନ୍ତି ଛାପା କନାକୁ 'ତେଲଘଡ଼ରେ ଚପୁଡ଼ି ତେଲ ସଂଗ୍ରହ କରେ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗଢ଼' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଖି' ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଛପିବା; ଲୁଚିବା—
5. To be hidden; to hide one s self.

୬ । ମାର୍କା ଦେବା; ଚିହ୍ନ ଦେବା—
6. To impress; to imprint.

୭ । ଗାଧୋଇବା ପରେ ଦେହରୁ ଗାମୁଛାଦ୍ୱାରା ପାଣି ପୋଛିବା ।
7. To scour the wet body with a napkin after bath.

ସ୍ୱର୍ଣ୍ଣକୁମ୍ଭେ ପାଣି ଅଣି ଅଙ୍ଗେ ଢାଳିଲେ
ପଟଅମ୍ବରେ ଦେହ ବହନେ ଛପି ଦେଲେ—କୃଷ୍ଣସିଂ. ମହାଭାରତ. ଅଦ ।

୮ । ଗୃହ ଇତ୍ୟାଦି ଛୋଇଁବା ବା ମରାମତି କରିବା—
8. To thatch.

ଫଣା ଲୁଡ଼ିଅଛି ଛପୁଛନ୍ତି ଭଙ୍ଗା ବାଡ଼—ପ୍ରାଚୀ. ବ୍ରହ୍ମାନନ୍ଦପଣଗୀତା ।

ଛାବଳ—ଦେ. ବି—ଏକପ୍ରକାର ଖେଳ (ଗୋପୀନାଥ ନନ୍ଦ)—
Chhābaḷa A kind of game or sports.

ଛାମୁ—ଦେ. ବି. (ସଂ. ସମ୍ମୁଖ)—୧ । ସମ୍ମୁଖ—
Chhāmu 1. Front side.

ହଜୁର ୨ । ନୈକଟ୍ୟ—2. Nearness; proximity.

हजूर ୩ । (ଅନ୍ୟ ପୁରୁଷ) ରାଜା ବା ସମ୍ମାନାର୍ହ ବ୍ୟକ୍ତିଙ୍କ ସମୀପ, ସାନ୍ନିଧ୍ୟ; ହଜୁର—
3. Royal presence or majesty.
(ଯଥା—ମୁଁ ଆଜି ରଜାଙ୍କ ଛାମୁକୁ ଯାଇଥିଲି ।)

୪ । ଦେବତାଙ୍କ ସାନ୍ନିଧ୍ୟ ବା ସାମ୍ମୁଖ୍ୟ—
4. The vicinity of a deity.
(ଯଥା—କୋଠ ଭୋଗ ଦେବତାଙ୍କ ଛାମୁରେ ବଢ଼ା ହୁଏ ।)

ଦେ. ବିଣ—୧ । ସମ୍ମୁଖରେ ଥିବା—
1. Situate in front.
(ଯଥା—ଛାମୁଦାନ୍ତ ।)

୨ । ଯେଉଁ ସେବକ ରାଜା ବା ଦେବତାଙ୍କ ସମ୍ମୁଖରେ ସେବା କରେ—2. (a servant) Who renders service in the presence of a king or deity.
(ଯଥା—ଛାମୁ ଖୁଣ୍ଟିଆ; ଛାମୁ ମସାଲଚୀ ।)

ଦେ. ଅ—୧ । ଶ୍ରୀ ମହାରାଜ !; ଶ୍ରୀଦେବ !; ମହିମା !; ଶ୍ରୀହଜୁର—
1. An address to Royl Highness meaning Your Highness; Your Majesty !.
[ଦ୍ର—ରାଜାଙ୍କୁ ଆପଣ ବୋଲି ନ କହି ଛାମୁ ସମ୍ବୋଧନ କରନ୍ତି । ଯଥା—ଛାମୁ ! କଣ ଆଜ୍ଞା କରୁଅଛନ୍ତି ?]

୨ । (ଶିଷ୍ୟ ଗୁରୁଙ୍କୁ କିମ୍ବା ପ୍ରଜା ରାଜାଙ୍କୁ ଉତ୍ତର କରିବାରେ ପ୍ରଯୋଜ୍ୟ ଅବ୍ୟୟ) ଆଜ୍ଞା; ଅବଧାନ; ହିଁ—
2. (interjection used in response to a king or preceptor) Yes ! Your Highness.

ଛାମୁଆଁ—ଦେ. ବିଣ—୧ । ସମ୍ମୁଖସ୍ଥ—
Chhāmuāñ 1. Frontal.

୨ । ସମ୍ମୁଖ ବା ସନ୍ନିଧିରେ ଥିବା; ଛାମୁରେ ସର୍ବଦା ଉପସ୍ଥିତ ଥିବା; ସର୍ବଦା ଛାମୁଙ୍କ ଗହଣରେ ଥିବା—2. Living or always present near His Majesty.

ଦେ. ବି—୧ । ରାଜାଙ୍କ ପାର୍ଶ୍ୱଚର ଭୃତ୍ୟ; ଛାମୁଙ୍କ ଖାସ୍ ସେବାକାରୀ ଚାକର—
1. Personal servant of a Rājā.

ଅସଙ୍ଖ୍ୟ ପୂଜକଦଳ ଛାମୁଆଁ ନାନାମତେ
ପ୍ରଖ୍ୟାତ ଛାମୁଆଁ ପଣେ ... ... । ରାଧାନାଥ. ମହାଯାତ୍ରା ।

୨ । ରାଜାଙ୍କ ପାଖରେ ରହିବା ମୋସାହେବ—
2. A hanger-on on a king.

ଦେ. ବି. ସ୍ତ୍ରୀ—୧ । ରାଜାଙ୍କ ଶ୍ରୀଅଙ୍ଗଲଗା ଦାସୀ; ରାଜାଙ୍କ ଅବରୋଧରେ ରହିଥିବା ଦାସୀ; ଯେ ସର୍ବଦା ରାଜାଙ୍କ ଅଙ୍ଗ ସେବା କରେ—1. Personal maid servant or concubine of a Rājā.

ଛାମୁଆଁ ଦାନ୍ତ—ଦେ. ବି. (ସଂ. ସମ୍ମୁଖ+ଦନ୍ତ)—
Chhāmuāñ dānta ଛାମୁଦାନ୍ତ (ଦେଖ)
Chhāmudānta (See)

ଛାମୁକରଣ—ଦେ. ବି—ରାଜା ବା ବଡ଼ଲୋକଙ୍କ ନିକଟରେ ସର୍ବଦା
Chhāmukaraṇa ଉପସ୍ଥିତ ଥିବା ଘରୋଇ ହିସାବପତ୍ର ରଖିବା କର୍ମଚାରୀ; ହଜୁର ତହସୋଇ—
1. A personal accounts clerk.

୨ । ରାଜା ବା ବଡ଼ଲୋକଙ୍କ ନିକଟରେ ଯେ କାଗଜ ପେସ୍ କରନ୍ତି; ପେସ୍କାର—2. A peskar; a clerk who puts up paper befor a Rājā or rich-man.

ଛାମୁକରଣି—ଦେ. ବି—ଛାମୁକରଣପଣିଆ; ଛାମୁକରଣର କାମ—
Chhāmukaraṇi The duty of a Chhāmukaraṇa.

ଛାମୁ କରିବା—ଦେ. କ୍ରି—(ଅତି ମାନ୍ୟାର୍ଥେ ରାଜା ପ୍ରଭୃତିଙ୍କୁ)
Chhāmu karibā ନମସ୍କାର କରିବା—To bow down (to great man or king).

ଛାମୁଖୁଣ୍ଟିଆ ସେବକ—ଦେ. ବି—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସେବକ-
Chhāmukhunṭiā sebaka ବିଶେଷ ।

[ଦ୍ର—ଏମାନେ ପ୍ରତ୍ୟହ ଫୁଲ, କଦଳୀପତ୍ର ଇତ୍ୟାଦି ଆଣି ସରଘରେ ସାଇତି ରଖନ୍ତି; ଅବକାଶବେଳକୁ ସିଂହାରୀମାନଙ୍କୁ ଡାକନ୍ତି ଅଣନ୍ତି ଏବଂ ଅଣସରଦ୍ୱାର ଜଗନ୍ତି । ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ଛାମୁଗହଣ—ଦେ. ବି. (ସଂ. ସମ୍ମୁଖ+ଗଣ)—ରାଜାଙ୍କ ସମଭିବ୍ୟାହାର—
Chhāmugahaṇa Company of or attendance on a king.
(ଛାମୁଙ୍କ ଗହଣ—ଅନ୍ୟରୂପ)
(ଯଥା—ଛାମୁ ଗହଣରେ ୧୦୦ ଲୋକ ଅସୁଅଛନ୍ତି ।)

ଛାମୁଚିଟାଉ—ଦେ. ବି—୧ । ରାଜାଙ୍କ ଆଦେଶପତ୍ର; ଯେଉଁ ଆଦେଶପତ୍ର
Chhāmuchiṭāu ସ୍ୱୟଂ ରାଜାଙ୍କ ଶ୍ରୀହସ୍ତାଙ୍କିତ ହୋଇ ପଠାଯାଏ—
1. A letter emanating from the kings royal presence.

୧	ଇ	ଊ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଜ	ଶ,ଷ	ଙ୍କ	ଇପ୍ସ	ଉଅ	ଞ
୨	ଈ	ଉ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଔ	ନ୍ତ

୨ । ସନନ୍ଦ—2. Charter.

ଛାମୁଡ଼ିଆ—ଦେ. ବି. (ସଂ. ଛାୟାମଣ୍ଡପ)—
Chhāmurdiā ୧ । ବିବାହାଦି ଉତ୍ସବ ନିମନ୍ତେ କରାଯାଇଥିବା
छँदला ଡାଳପତ୍ରାଦି ଦ୍ୱାରା ଛାୟାଯୁକ୍ତ ଅସ୍ଥାୟୀ ମଣ୍ଡପ -
मंडप; बारहदरी 1. A temporary awning or shade made of branches and twigs put on a frame-work of bamboos; built on ceremonial occasions.
ଛାମୁଣ୍ଡା, ଛାମୁଣ୍ଡି, ଛାମୁଣ୍ଡିଆ } ଅନ୍ୟରୂପ
[ଦ୍ର—ଏହା ତଳେ ବିବାହ ବେଦୀ ହୁଏ ଏବଂ ଜାତିଭାଇମାନେ ବସି ଭୋଜନ କରନ୍ତି ।]

ବରଜ ବାଲ ବେଢ ନୁଆ ମାଧବୀକୁଞ୍ଜ ଛାମୁଡ଼ିଆ—
ଭୂପତି. ପ୍ରେମପଞ୍ଚାମୃତ ।

୨ । ଜାତିଚ୍ୟୁତ ବା ପ୍ରାୟଶ୍ଚିତ୍ତୀ ହାଟୁଆ ଜାତିର ବ୍ୟକ୍ତି ଜାତିଭାଇଙ୍କୁ ଯେଉଁ ଛାୟାମଣ୍ଡପ ତଳେ ଖୁଆଏ—
2. A temporary shed raised by a person for feeding his caste men on occasion of expiation.

ଛାମୁଣ୍ଡିଆ କରିବା—ଦେ. କ୍ରି—୧ । ଛାୟାମଣ୍ଡପ ନିର୍ମାଣ କରାଇବା—
Chhāmundiā karibā 1. To raise a temporary shed for ceremonial occasions.
(ଛାମୁଣ୍ଡିଆ ବାନ୍ଧିବା—ଅନ୍ୟରୂପ)
୨ । ହାଟୁଆସମାଜର ପତିତ ବ୍ୟକ୍ତି ଜାତିରେ ପୁନର୍ଗୃହୀତ ହେବା ନିମନ୍ତେ ପ୍ରାୟଶ୍ଚିତ୍ତ କରି ଜାତିଭାଇଙ୍କୁ ଖୁଆଇବା—
2. To perform expiation and feed the cast-men in order to be admitted into the folds of one's society; (said of a person of the Hātuā society excomunicated from society).
[ଦ୍ର—ହାଟୁଆ ଜାତି ମଧ୍ୟରେ କେହି ଜାତିଚ୍ୟୁତ ହେଲେ ସେ ଜାତିରେ ପୁନର୍ବାର ଗୃହୀତ ହେବା ନିମନ୍ତେ ପ୍ରାୟଶ୍ଚିତ୍ତ କରି ଜାତିଭାଇଙ୍କୁ ଖୁଆଇବା ନିମନ୍ତେ ଛାମୁଣ୍ଡିଆ କରେ ।]

ଛାମୁଦାନ୍ତ—ଦେ. ବି. (ସଂ. ସମ୍ମୁଖ+ଦନ୍ତ)—ପାଟିର ସମ୍ମୁଖରେ
Chhāmudānta ଥିବା ଦାନ୍ତ; ଅଗଦାନ୍ତ—
सामनादाँत Front tooth; incisor (teeth).

ତମ୍ଭାର ଛାମୁଦାନ୍ତ ଦୁଇଗୋଟି ବାହାରି ହୋଇ × × ×
ପଦ୍ମଚରୁଙ୍ଗ ପରି ଦେଖ ରହିଥିବାରୁ ସେ ଶିଳ୍ପରତ୍ନଶଳା—
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଛାମୁଦାନ୍ତୁରା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତିର ଛାମୁଦାନ୍ତମାନ ବଡ଼ ବଡ଼
Chhāmudānturā ହୋଇ ଓଠରୁ ଫୁଟି ବାହାରିଥାଏ—(a person)
(ଛାମୁଦାନ୍ତୁରୀ—ସ୍ତ୍ରୀ) Having the front teeth projecting beyond the lips.

ଛାମୁଦିହୁଡ଼ି—ଦେ. ବି—ରାଜା ବା ଦେବତାଙ୍କ ଆଗରେ ଧରାଯିବା
Chhāmudihurdi ମସାଲ—Torch held before a Raja or Diety.
(ଛାମୁମସାଲ—ଅନ୍ୟରୂପ)

ଛାମୁଦିହୁଡ଼ିଆ—ଦେ. ବି—ଯେଉଁ ବ୍ୟକ୍ତି ରାଜା ବା ଦେବତାଙ୍କ ଆଗେ
Chhāmudihurdiā ଆଗେ ମସାଲ ଧରେ—One who bears the torch before a Rājā or Deity.
(ଛାମୁମସାଲ୍‌ଚୀ—ଅନ୍ୟରୂପ)

ଛାମୁଦୁଆର—ଦେ. ବି. (ସଂ. ସମ୍ମୁଖ+ଦ୍ୱାର)—ସଦର ଦରୱାଜା—
Chhāmuduāra Sadar door; front door.

ଛାମୁର—ଦେ. (ପଦ୍ୟ) ଅ—ଆଗରେ—
Chhāmura In front.

ଅପରେ ଯେତେ ଉପଚାର,ସ୍ଥାପିବ ବସ୍ତୁର ଛାମୁର—
ଜଗନ୍ନାଥ. ଭାଗବତ ।

ଛାମୁରୁ—ଦେ. ଅ—୧ । ଶ୍ରୀହଜୁରରୁ—
Chhāmuru 1. From his royal highness.
୨ । ଆପଣଙ୍କଠାରୁ—2. From you.
୩ । ଆପଣଙ୍କ ନିକଟରୁ—3. From your side.
(ଯଥା—ଛାମୁରୁ ବିଦାୟ ହେଉଅଛୁ ।)

ଧର୍ମିଙ୍କ ଛାମୁରୁ ପାର୍ଥ ଭେଜଣ ମେଲାଣି—ଜଗନ୍ନାଥ. ଭାଗବତ ।

ଛାମୁରେ—ଦେ. ଅ—୧ । ଶ୍ରୀ ହଜୁରରେ; ହଜୁରଙ୍କ ନିକଟରେ—
Chhāmure 1 At or near his Royal Highness; to His Royal Highness.
୨ । ଦେବତା ଆଦିଙ୍କ ସମ୍ମୁଖରେ; ନିକଟରେ (ରଖାଯିବା ଭୋଗ ଆଦି)—2. In front or near the Diety.
(ଯଥା—ସକାଳ ଧୂପରେ ଏ ଭୋଗଟିକ ଛାମୁରେ ବସାଇ ଦେବ ।)
୩ । ଆପଣଙ୍କ ନିକଟରେ—
3. To or at your Royal Highness.
(ଯଥା—ଛାମୁରେ ମୋର ନିବେଦନ ଏହି କି ।)
୪ । ସମ୍ମୁଖରେ—4. In front

ସ୍ୱେଚ୍ଛାପେ ସନମାନ କରି
ଛାମୁରେ ଭଲ ଦଣ୍ଡଧାରି । ଭୂପତି. ପ୍ରେମପଞ୍ଚାମୃତ ।

୫ । ନିକଟରେ—5. Before; near.

ଅବଶ୍ୟ ତା ଛାମୁରେ ମୁଁ ନିବେଦନ କରିବି । କବିସୂର୍ଯ୍ୟ. ଚଉପଦୀଚନ୍ଦ୍ରୋ ।

ଛାମୁରେ ହେବା—ଦେ. କ୍ରି—ନିକଟରେ ବା ସମ୍ମୁଖରେ ଉପସ୍ଥିତ ହେବା-
Chhāmure hebā To reach the presence of

ଅକାଶରେ କ ଦେଖିଲେ, ଶରେ ପୀଡ଼ିତ ହୋଇଲେ
ଲେଉଟି ଚକ୍ର ଅଇଲେ, ଛାମୁରେ ହେଲେ ।
ବଳରାମ. ବଟକୃଷ୍ଣରାମାୟଣ ।

ଛାମୁଲାଗି—ପ୍ରାଦେ. (ଗଡ଼ଜାତ) ବିଣ—ରାଜାଙ୍କ ନିଜର ବ୍ୟବହୃତ ବା
Chhāmulāgi ବ୍ୟବହାର୍ଯ୍ୟ—Intended for the use of or used by a Raja.

ଛାମୁହେବା—ପ୍ରାଦେ. (ଗଞ୍ଜାମ) କ୍ରି—ନମସ୍କାର କରିବା; ପ୍ରଣାମ କରିବା—
Chhāmu hebā To bow down.

ଛାୟା—ସଂ. ବି. (ଛୋ ଧାତୁ=ଛେଦନ ଅର୍ଥାତ୍ ଖଣ୍ଡନ ଛେଦନ କରିବା
Chhāyā +କର୍ତ୍ତୃ. ଯ+ଅ; ତୁଳ. ଫା. ସାୟା; ଗ୍ରୀକ୍—ସ୍କିଆ)—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୧ । ଛାଇ; ଅନାତପ; ଖରାର ଅଭାବ—
1. Shade; absence of sun's rays.

୨ । ଅନ୍ଧକାର—2. Darkness.

୩ । ପ୍ରତିବିମ୍ବ; ପାଣି ଓ ଦର୍ପଣର ସମ୍ମୁଖରେ ଥିବା ବସ୍ତୁର ବିପରୀତ ଦିଗରେ ଲକ୍ଷିତ ପ୍ରତିରୂପ—
3. Reflected image; reflection.

ଦର୍ପଣ ଘେନ ଯେସନ୍ତେ ହସ୍ତ
ଗ୍ରହିଲେ ଛାୟା ହୋଏ ଜାତ । ଜଗନ୍ନାଥ. ଭାଗବତ ।

୪ । ସୂର୍ଯ୍ୟ ବା ଚନ୍ଦ୍ର କିରଣ ବା ଆଲୋକ କୌଣସି ବସ୍ତୁ ଉପରେ ପଡ଼ିଲେ ସୂର୍ଯ୍ୟର ବିପରୀତ ଦିଗରେ ଯେଉଁ ଅନ୍ଧକାର ମୟ ବିମ୍ବ ଲକ୍ଷିତ ହୁଏ—
4. Shadow.

୫ । କୌଣସି ବସ୍ତୁର ପ୍ରତିରୂପ—5. Image of a thing.

୬ । ରୂପ; ସାଦୃଶ୍ୟ—7. Likeness; image.

୭ । କାନ୍ତି; ପ୍ରଭା; ଛଟା—
7. Brightness; lustre; gloss.

୮ । ସୌନ୍ଦର୍ଯ୍ୟ—8. Beauty.

୯ । ଅବସ୍ତୁ; ଅଶରୀରୀ ରୂପ—
9. Spectre; apparition.

୧୦ । ଆଶ୍ରୟ—10. Refuge; shelter.

୧୧ । ପାଳନ; ଶରଣ; ରକ୍ଷା—
11. Patronage; supporting; protection.

୧୨ । ସୂର୍ଯ୍ୟଦେବଙ୍କ ଦୁଇ ପତ୍ନୀ ମଧ୍ୟରୁ ଏକ—
12. One of the two wives of the Hindu Sun-God.

[ଦ୍ର—ସୂର୍ଯ୍ୟଙ୍କର ଅନ୍ୟ ପତ୍ନୀର ନାମ ସଂଜ୍ଞା; ସଂଜ୍ଞା ବିଶ୍ୱକର୍ମାଙ୍କ କନ୍ୟା । ସୂର୍ଯ୍ୟଙ୍କ ଔରସରେ ଏହାଙ୍କ ଗର୍ଭରୁ ବୈବସ୍ୱତ ମନୁ, ଶ୍ରାଦ୍ଧ ଦେବ, ଯମ ଓ ଯମୁନା ଜନ୍ମିଥିଲେ । ସୂର୍ଯ୍ୟଦେବଙ୍କ ତେଜୋରାଶିକୁ ସଂଜ୍ଞା ସମ୍ଭାଳି ନ ପାରି ନିଜ ଦେହରୁ ନିଜର ପ୍ରତିରୂପ ଭଳି ଗୋଟିଏ କନ୍ୟା ଜାତ କଲେ । ସେ କନ୍ୟାର ନାମ ଛାୟା । ସଂଜ୍ଞା ସେହି କନ୍ୟାକୁ ସୂର୍ଯ୍ୟଙ୍କ ପାଖେ ଛାଡ଼ିଗଲେ ଏବଂ ଏ କଥା ସୂର୍ଯ୍ୟଙ୍କଠାରେ ପ୍ରକାଶ ନ କରିବାକୁ ଛାୟାଙ୍କୁ କହିଗଲେ ଓ ସ୍ୱୟଂ ଅଶ୍ୱିନୀ (ଘୋଡ଼ୀ) ରୂପଧାରଣ କରି ବନରେ ତପସ୍ୟା କଲେ । ସଂଜ୍ଞା ମଧ୍ୟ ସ୍ୱଗର୍ଭଜାତ ସନ୍ତାନମାନଙ୍କୁ ପାଳିବା ପାଇଁ ଛାୟାଙ୍କ ନିକଟରେ ଛାଡ଼ିଗଲେ । ସୂର୍ଯ୍ୟ ଛାୟାଙ୍କୁ ସଂଜ୍ଞା ବୋଲି ଜାଣି ପୂର୍ବପରି ତାଙ୍କ ସଙ୍ଗେ ବିହାର କଲେ ଓ ଛାୟାଙ୍କ ଗର୍ଭରୁ ଶନୈଶ୍ଚର, ସାବର୍ଣ୍ଣିମନୁ ନାମରେ ଦୁଇ ପୁତ୍ର ଓ ତପତୀ ନାମରେ କନ୍ୟା ଜନ୍ମିଲେ । ଛାୟା ଆପଣା ପୁତ୍ରମାନଙ୍କୁ ସଂଜ୍ଞାଙ୍କ ପୁତ୍ରମାନଙ୍କ ଅପେକ୍ଷା ବେଶି ସ୍ନେହ କଲେ । ଏଥିରେ ଯମ କ୍ରୁଦ୍ଧ ହୋଇ ତାଙ୍କୁ ଗୋଇଠା ମାରିବାରୁ ସେ ଯମଙ୍କୁ ଅଭିଶାପ ଦେଲେ ଯେ ତୋ ଗୋଡ଼ ଛିଡ଼ିପଡ଼ୁ । ସୂର୍ଯ୍ୟ ଛାୟାଙ୍କୁ ସନ୍ତାନମାନଙ୍କ ପ୍ରତି ଏ ଭେଦ ଭାବର କାରଣ ପଚାରିବାରୁ ଛାୟା ପ୍ରଥମେ କିଛି କହିଲେ ନାହିଁ । ପରେ ସୂର୍ଯ୍ୟ ସମାଧିଦ୍ୱାରା ସଂଜ୍ଞାଙ୍କ ରୂପ ପରିବର୍ତ୍ତନ ବିଷୟ ଜାଣିପାରି ବିଶ୍ୱକର୍ମାଙ୍କୁ ଯାଇ ପଚାରିବାରୁ ବିଶ୍ୱକର୍ମା କହିଲେ ଯେ ସଂଜ୍ଞା ତୁମ ତେଜ ସମ୍ଭାଳି ନ ପାରି ଅଶ୍ୱିନୀରୂପ ଧାରଣ କରି ତପସ୍ୟା କରୁଅଛି । ସୂର୍ଯ୍ୟ ଏହା ଅବଗତ ହୋଇ ନିଜର ତେଜରୁ କେତେକ ଅଂଶ କମାଇ ଦେଇ ସହନୀୟ ରୂପ ଧାରଣ କରି ଘୋଟକୀରୂପଧାରିଣୀ ସଂଜ୍ଞାଙ୍କ ନିକଟ ପହଞ୍ଚି ତାଙ୍କ ସଙ୍ଗେ ମିଳିତ ହେଲେ ଓ ତାଙ୍କ ଔରସରେ ସଂଜ୍ଞାଙ୍କଠାରୁ ଅଶ୍ୱିନୀକୁମାର ଦ୍ୱୟ ଜନ୍ମ ହେଲେ—ହି. ଶବ୍ଦସାଗର ।]

୧୩ । ମହାମାୟା; ଦୁର୍ଗା; କାତ୍ୟାୟନୀ—
13. Goddess Durgā.

୧୪ । ମାୟା—14. Illusion; delusion.

୧୫ । ଉତ୍କୋଚ; ଲାଞ୍ଚ—15. Bribe.

୧୬ । ବିଷାଦ—16. Mental despondency or sorrow.

୧୭ । ପଂକ୍ତି; ଶ୍ରେଣୀ (ଶବ୍ଦକଳ୍ପଦ୍ରୁମ)—
17. Class; row.

୧୮ । ଅନୁକରଣ; ନକଲ (ହି. ଶବ୍ଦସାଗର)—
18 Imitation copy.

୧୯ । ୧୭ ଗୁରୁ ଓ ୨୩ ଲଘୁବର୍ଣ୍ଣବିଶିଷ୍ଟ ଆର୍ଯ୍ୟାଛନ୍ଦର ଭେଦବିଶେଷ—19. Name of a sanscirt metre.

୨୦ । ରାଗିଣୀବିଶେଷ—2. Name of a musical air.

[ଦ୍ର—ସଙ୍ଗୀତସାର ମତରେ ଏହା ହମ୍ମୀର ଓ ଶୁଦ୍ଧନଟ ରାଗଦ୍ୱୟର ଯୋଗରେ ଉତ୍ପନ୍ନ, ଏଥିର ପଞ୍ଚମ ବାଦୀ, ଋଷଭ ସମ୍ବାଦୀ ଓ ଅବରୋହଣରେ ତୀବ୍ର ମଧ୍ୟମ ଲାଗେ । ସଙ୍ଗୀତ ଦାମୋଦର ମତରେ ଏହା ଓଡ଼ବ ଓ ଏଥିର ସାରଗାମା—ନିଧମଗସା ଅଟେ—ହି. ଶବ୍ଦସାଗର ।]

୨୧ । ଭୂତ ପ୍ରେତାଦିଙ୍କ ପ୍ରଭାବ—21. The influence of a spirit on person.

(ଯଥା—ନୂଆବୋହୂ ସନ୍ଧ୍ୟାବେଳେ ପାଣି ଆଣିବାକୁ ଗଲାବେଳେ ଏହା ଉପରେ କାହା ଛାୟା ପଡ଼ିଯିବାରୁ ଏ ଏପରି ବିକୁଛି ।)

ଦେ. ବି—ତଳେ ବସିବା ବ୍ୟକ୍ତିଙ୍କ ଉପରେ କାକର ବା ସୂର୍ଯ୍ୟକିରଣ ନ ପଡ଼ିବା ପାଇଁ ରଚିତ ଅସ୍ଥାୟୀ ଛାୟାମଣ୍ଡପ; ଛାମୁଣ୍ଡିଆ—A temporary shade or cover raised to protect the sitters from sun and dew.

(ଯଥା—ଅଗଣାରେ ଛାୟା ନ କରିଦେଲେ ଲୋକେ ଖରାବେଳେ ଏଠାରେ ବସି ପାରିବେ ନାହିଁ ।)

ଛାୟାଉପଚ୍ଛାୟା—ସଂ. ବି—୧ । (ବିଜ୍ଞାନପରିଭାଷା) ସୂର୍ଯ୍ୟଙ୍କର Chhāyāupachchhāyā ଆଲୋକ କୌଣସି ବଡ଼ ବସ୍ତୁ ଉପରେ ପଡ଼ିଲେ ତଦ୍ଦ୍ୱାରା ଉତ୍ପନ୍ନ ହେବା ଗାଢ଼ ଅନ୍ଧକାରଯୁକ୍ତ ଛାୟା ଓ ଲଘୁ ଅନ୍ଧକାରଯୁକ୍ତ ଛାୟା—
1. Umbra and penumbra.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ	ଉଅ	ଋ
୬	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ	ଇଅ	ଔ	ଁ

୨ । (କଚଡ଼ିଆ ଭାଷା) କୌଣସି ପଦାର୍ଥର ଛାଇ ଓ ,, ତାହାର ପ୍ରତିବିମ୍ବ—2. Shadow and reflection of a thing.

[ଦ୍ର—କୌଣସି ସମ୍ପତ୍ତି କବାଲା କରି ଦେବାବେଳେ ବଳେଚା ସମ୍ପାଦନ କରୁଥିବା କବାଲାରେ ଅନ୍ୟାନ୍ୟ ଶବ୍ଦେର ମଧ୍ୟରେ ଲେଖାଯାଏ "ଆମ୍ଭେ ଏ ବୃକ୍ଷ ଓ ଏଥିରେ ଥିବା ଯୋଡ଼ା ନୋଡା କଣ୍ଟକଖାତ ଛାୟା ଉପଚ୍ଛାୟା ଆଦ ସମସ୍ତ ପ୍ରକାର ସତ୍ତ୍ୱ ଉପସତ୍ତ୍ୱକୁ ମୁଦ୍ରାଙ୍କ ହସ୍ତେ ବଳସ୍ତ କଲୁଁ ।]

ଛାୟାକ୍ରୀଡ଼ା—ସଂ. ବ. (ଆଧୁନିକପ୍ରୟୋଗ)—୧ । କୁହୁକ—
Chhāyākrirḍā 1. Magical show.

୨ । ବସ୍ତ୍ର ଉପରେ ଛାୟା ପକାଇ ଦେଖାଇବା ନାନାପ୍ରକାର ଅଭୁତ ଚିତ୍ର; ବାୟୋସ୍କୋପ୍—2. Magic lantern; cinamatograph; Bioscope.

ଛାୟାଗଣିତ—ସଂ. ବ—ଗୋଟିଏ ଶଙ୍କୁ ପୋତି ତହିଁର ଛାୟାଦ୍ୱାରା ବସ୍ତୁର
Chhāyāgaṇita ମଣ୍ଡଳର ଅବସ୍ଥିତି ନିର୍ଦ୍ଧାରଣପୂର୍ବକ ଗ୍ରହମାନଙ୍କ ଗତିଆଦି ନିର୍ଣ୍ଣୟ କରାଯିବା ଗଣିତ ଶାସ୍ତ୍ର—A branch of mathematics in which the monuments of the planets is ascertained by the shade cast on a dial.

ଛାୟାଗ୍ରହ—ସଂ. ବ. (ଛାୟା=ପ୍ରତିବିମ୍ବ+ଗ୍ରହ ଧାତୁ+କର୍ତ୍ତୃ. ଅ; ଯେ
Chhāyāgraha ବସ୍ତୁର ପ୍ରତିବିମ୍ବ ଗ୍ରହଣ କରେ)—ଦର୍ପଣ; ଆଇନା—Mirror.

ଛାୟାଗ୍ରାହିଣୀ—ସଂ. ବ. (ନାମ)—ହନୁମାନ ସୀତାଙ୍କୁ ଠାବ କରିବାକୁ
Chhāyāgrāhini ଯିବାବେଳେ ସମୁଦ୍ରକୁ ଡେଇଁ ଯିବାବେଳେ ସମୁଦ୍ର ଜଳରେ ପଡ଼ିବା ହନୁମାନ୍‌ର ଛାୟାକୁ ଧରି ହନୁମାନ୍‌କୁ ତଳକୁ ଟିକି ଆଣିଥିବା ରାକ୍ଷସୀ—Name of a demoness who by her supernatural powers was able to drag down Hanuman from the sky by catching his reflection on the sea when he was leaping over it on his mission to search Sitā.

ଛାୟାଙ୍କ—ସଂ. ବ. (ବହୁବ୍ରୀହି; ଛାୟା=ସୂର୍ଯ୍ୟଙ୍କ ପ୍ରତିବିମ୍ବ (ଦ୍ୱାରା) ଅଙ୍କ
Chhāyāṅka =ପ୍ରକାଶ ଯାହାର)—ଚନ୍ଦ୍ର—The moon.

ଛାୟାଚିତ୍ର—ସଂ. ବ. (ଆଧୁନିକ ପ୍ରୟୋଗ) (ସାମନାରେ ଥିବା ମନୁଷ୍ୟଆଦିର
Chhāyāchitra ଛାୟା, କଳର କାଚଫଳକ ଉପରେ ପଡ଼ି ଚିତ୍ର ରହୁଥିବାରୁ) ଅଲୋକଜନିତ ଛବି ଉଠାଇବା; ଫଟୋଗ୍ରାଫୀ—Photography.

ଛାୟାଚ୍ଛନ୍ନ—ସଂ. ବିଣ. (ଛାୟା ଦ୍ୱାରା; ଛାୟା+ଆଚ୍ଛନ୍ନ)—୧ । ଅନ୍ଧକାରାଚ୍ଛନ୍ନ—
Chhāyāchchhanna 1. Dark.

୨ । ବିଷାଦଗ୍ରସ୍ତ; ବିଷାଦମଗ୍ନ—
2. Despondent; sorrowful.

ଛାୟାତନୟ—ସଂ. ବ. (୬ଷ୍ଠୀ ତତ୍; ଛାୟା+ତନୟ)—ଶନି ଗ୍ରହ—
Chhāyātanaya The planet saturn.
(ଛାୟାସୁତ—ଅନ୍ୟରୂପ)

ଛାୟାତରୁ—ସଂ. ବ.—(ଛାୟା (ପ୍ରଧାନ) ତରୁ; ମ: ପ. ଲୋ. କର୍ମଧା)—
Chhāyātaru ୧ । ଯେଉଁ ଗଛର ଛାୟା ବହୁଦୂରବ୍ୟାପୀ—
1. A shady tree.

୨ । ବରଗଛ—
2. The banyan tree (Ficus Indica.)

୩ । ନମେରୁ ବୃକ୍ଷ; ସୁରପୁନ୍ନାଗ—
3. Elæocarpus Ganitrus (tree).

୪ । ଛତିଆନା ଗଛ (ଦ୍ର. ଶବ୍ଦସାଗର)
4. Chhatiānā (See)

ଛାୟାଦାନ—ସଂ. ବ. (୬ଷ୍ଠୀ ତତ୍; ଛାୟା+ଦାନ)—୧ । ଗ୍ରହାରିଷ୍ଟ ଶାନ୍ତି
Chhāyādāna ପାଇଁ ଗୋଟିଏ ପାତ୍ରରେ ଘିଅ ବା ତେଲ ପୂର୍ଣ୍ଣ କରି ତହିଁରେ ଦାତାର ପ୍ରତିବିମ୍ବ ପ୍ରତିଫଳିତ କରାଇବା ପରେ ଦକ୍ଷିଣା ସହିତ ଉକ୍ତ ଘୃତ ବା ତୈଳପୂର୍ଣ୍ଣ ପାତ୍ରର ଦାନ—1. A gift consisting of giving away a pot filled in with ghee or oil to a Brāhmaṇa after having the doner's image reflected on it.

୨ । (ବୃକ୍ଷାଦି) ନିଜର ଛାୟାକୁ ପଥିକାଦିଙ୍କ ଉପକାରାର୍ଥ ସେମାନଙ୍କ ଉପରେ ପକାଇ ସେମାନଙ୍କୁ ଖରା ଆଦିରୁ ରକ୍ଷା କରିବା—2. (a tree) Affording its shade to protect a warfarer from the rags of the sun.

(ଯଥା—ମାର୍ଗରେ ଥିବା ପତ୍ରବହୁଳ ବୃକ୍ଷ ଛାୟା ଦାନପୂର୍ବକ ପଥିକମାନଙ୍କୁ ଉପକୃତ କରୁ ଅଛନ୍ତି ।)

ଛାୟାଦେହ—ସଂ. ବ.—ଭୂତାଦିର ଛାୟାମୟ ଅବସ୍ତୁ ଶରୀର—
Chhāyādeha Unsubstantial body or shadow of ghosts.

ଏବେ ସ୍ୱର୍ଗ ଯେହୁ ମୃତ ଜନ୍ମାଇଛି ଏ ଛାୟା-ଦେହେ ପ୍ରବେଶ ।
ରାଧାନାଥ. ପାର୍ବତୀ ।

ଛାୟାନଟ—ସଂ. ବ.—ସଙ୍ଗୀତର ରାଗିଣୀବିଶେଷ—
Chhāyānaṭa Name of a musical air.
(ଛାୟାନଟ୍ଟ—ଅନ୍ୟରୂପ)

[ଦ୍ର—ଏହା କେଦାରନଟ, କଲ୍ୟାଣ ନଟ ଆଦି ୧୮ ରାଗର ଅନ୍ତର୍ଗତ ଅଟେ । ଏହା ଛାୟା ଓ ନଟ ରାଗର ଯୋଗରେ ଉତ୍ପନ୍ନ; ଏଥିର ଅବରୋହଣରେ ତୀବ୍ର ମଧ୍ୟମ ଲାଗେ । ଏଥିରେ ବାଦୀ ସ୍ୱର ସା ଓ ସମ୍ବାଦୀ ସ୍ୱର ଗା । ସଙ୍ଗୀତସାର ମତରେ ଏହା ସମ୍ପୂର୍ଣ୍ଣ ଜାତିର ରାଗ ଓ ଏଥିର ଗ୍ରହ, ନ୍ୟାସ ଓ ଅଂଶ ଆଦି ଧୈବତ ଅଟେ । ଏହା ଦିବସ୍ଥା ୧ ଦଣ୍ଡ ଠାରୁ ୫ ଦଣ୍ଡ ମଧ୍ୟରେ ଗେୟ । ଏଥିର ସ୍ୱର-

ସାଧାରଣ ଲୋକେ ଅପର ପୃଷ୍ଠାରେ ସଡ଼ଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଗ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଲିପି — ଧାପ ସାରେ ଗମା ପାଧାସା ନିଧା ପାମା ମା ମା ରେ ଧା ଧା ପାମା ସାମା ମା ମା ମାରେ ଧାପା ସାମା ମାରେ ସାରେ ସା ସା ସା" (ହି. ଶବ୍ଦସାଗର) ।]

ଛାୟାପଟ — ସଂ. ବି. (ବିଜ୍ଞାନପରିଭାଷା)—ଆଖିର କଳା ଡୋଳା ପଛରେ
Chhāyāpaṭa ଥିବା ଯେଉଁ ପଟ ଉପରେ ଦୃଷ୍ଟ ବସ୍ତୁର ଚିତ୍ର ପ୍ରତିଫଳିତ ହୁଏ—Retina.

ଛାୟାପଥ— ସଂ. ବି. (ମ. ପ. ଲୋ. କର୍ମଧାରୟ ସମାସ; ଛାୟାଯୁକ୍ତ ପଥ=
Chhāyāpatha ଛାୟା=ଦୀପ୍ତି+ପଥ)—୧ । ଶୋଭାଯୁକ୍ତ ପଥ; ରାତିରେ ଦେଖାଯିବା ନକ୍ଷତ୍ରପୁଞ୍ଜପୂର୍ଣ୍ଣ ପଥ ପରି ପ୍ରତୀୟମାନ ନଭୋମଣ୍ଡଳସ୍ଥ ଉଜ୍ଜ୍ୱଳ ଅଂଶବିଶେଷ; ସ୍ୱର୍ଗଗଙ୍ଗା—
The milkyway; a bright belt seen accross the sky in clear nights.
୨ । ଜ୍ୟୋତିଷ୍ଚକ୍ର ମଧ୍ୟବର୍ତ୍ତୀ ଅର୍ଦ୍ଧମଣ୍ଡଳାକାର ପ୍ରଦେଶବିଶେଷ—
2. A semicircular region in the zodical sphere.
୩ । ଜ୍ୟୋତିଷ୍ଚକ୍ର ମଧ୍ୟବର୍ତ୍ତୀ ମଣ୍ଡଳାକାର ନକ୍ଷତ୍ରଶ୍ରେଣୀ—
3. A galary of stars in the zodiacal circle.
୪ । ଆକାଶ (ହି. ଶବ୍ଦସାଗର)—4. The sky.

ଛାୟାପଦ—ସଂ. ବି. (ବହୁବ୍ରୀହି; ଛାୟା+ପଦ; ଛାୟା ଯାହାର ପଦ ସ୍ୱରୂପ
Chhayāpada ଅଟେ)—ଖରା ପଡୁଥିବା ସ୍ଥାନରେ ୧୨ ଅଙ୍ଗୁଳ ଉଚ୍ଚ ଏକ ଶଙ୍କୁ ପୋତି ତହିଁର ଛାୟାଦ୍ୱାରା ଦିନର ସମୟ ନିରୂପଣ କରାଯିବା ପ୍ରାଚୀନକାଳର ଯନ୍ତ୍ରବିଶେଷ (ହି. ଶବ୍ଦସାଗର)—A sundial used in ancient India consisting of a pin as pan high.

ଛାୟାପାଦ— ସଂ. ବି—ସୂର୍ଯ୍ୟଙ୍କ ଛାୟାଦ୍ୱାରା ଦିବସର ସମୟ ନିରୂପଣ—
Chhāyāpāda Measurement of time by sun's shadow; measuring the time of the day by the sun-dial.

ଛାୟା ପୁରୁଷ—ସଂ. ବି—୧ । ନିଜ ଛାୟାର ଅନୁରୂପ ପ୍ରତିବିମ୍ବାତ୍ମକ
Chhāyā purusha ପୁରୁଷ—1. An image consisting of the shadow of one's self reflected on the sky.

[ଦ୍ର—ଛାୟା ପୁରୁଷ ଦର୍ଶନ କରିବା ହଠଯୋଗର ଗୋଟିଏ ସାଧନ ଅଟେ । ସାଧକ କୌଣସି ଖୋଲା ସ୍ଥାନରେ ସୂର୍ଯ୍ୟଙ୍କ ଆଡ଼କୁ ପିଠି କରି ଠିଆ ହୋଇ ଉପଯୁକ୍ତ ଦିଗରେ ଭୂମିରେ ପଡ଼ିବା ନିଜର ଛାୟାକୁ ସ୍ଥିର ଦୃଷ୍ଟିରେ ଏକ ଧ୍ୟାନରେ କେତେକ ସମୟ ଚାହିଁ ରହିବା ପରେ ନିଜର ସମ୍ମୁଖସ୍ଥ ଶୂନ୍ୟ (ଆକାଶ) ଆଡ଼କୁ ଏକ-ଦୃଷ୍ଟିରେ ଚାହିଁଲେ ଆକାଶରେ ନିଜର ଛାୟାର ପ୍ରତିରୂପ ଗୋଟିଏ ଛାୟାର ଆଭାସ ଦେଖାଯିବ—ଏହା କେତେକାଳ ସାଧନ ପରେ ସିଦ୍ଧ ହୁଏ । ଏହି ଛାୟାରୂପର ଆଭାସକୁ ଛାୟାପୁରୁଷ ବୋଲାଯାଏ । ଛାୟାପୁରୁଷ ଦେଖିପାରିବା ଲୋକର ୬ମାସ ମଧ୍ୟରେ ମୃତ୍ୟୁ ଘଟିବ ନାହିଁ । ଏ ସାଧକ ଆଗାମୀ ୬ ମାସର ଘଟଣା ଆଗରୁ ଜାଣିପାରେ । ଯେବେ ଛାୟାପୁରୁଷର ମୁଣ୍ଡ ନ ଦେଖାଯାଏ ତେବେ ଜାଣିବ ଯେ ୬ମାସ ମଧ୍ୟରେ ଦ୍ରଷ୍ଟାର ମୃତ୍ୟୁ ଘଟିବ; ଯେବେ ଗୋଡ଼ ଦେଖା ନ ଯିବ ତେବେ ଭାର୍ଯ୍ୟାର ମୃତ୍ୟୁ ଓ ହାତ ଦେଖା ନ ଗଲେ ଭାଇର ମୃତ୍ୟୁ ନିକଟବର୍ତ୍ତୀ ବୋଲି ଜାଣିବାକୁ ହେବ । ଏହିପରି ଭିନ୍ନ ଭିନ୍ନ ଅଙ୍ଗର ଅଦର୍ଶନରେ ଭିନ୍ନ ଭିନ୍ନ ଫଳ ତନ୍ତ୍ରରେ କଥିତ ଅଛି । ଯେବେ ଛାୟାପୁରୁଷର ବର୍ଣ୍ଣ ଉଜ୍ଜ୍ୱଳ ପ୍ରତିଭାତ ହୁଏ ତେବେ ଶୀଘ୍ର ଧନପ୍ରାପ୍ତି ହେବାର ସୂଚିତ ହୁଏ— ହି. ଶବ୍ଦସାଗର ।]
୨ । ଅଶରୀରୀମୂର୍ତ୍ତି—1. A sceptre.

ଛାୟାବାଜି—ଦେ. ବି. (ଅଧୁନିକ)—୧ । କୁହୁକ; ଇନ୍ଦ୍ରଜାଲ—
Chhāyābāji 1. Magic.
ছায়াবাজী ଚାହିଁ ଚାହିଁ ହେଲା ଛାୟାବାଜି ବତ
सायाबाजी ଗଭୀର କନ୍ଦର ହୃଦେ ପଶିଣତ । ରାଧାନାଥ, ଚନ୍ଦ୍ରଭାଗା ।
୨ । ବାୟୋସ୍କୋପ୍—2. Bioscope.

ଛାୟା ବିପ୍ରତିପତ୍ତି —ସଂ. ବି—ଆୟୁର୍ବେଦର ପ୍ରକରଣବିଶେଷ—
Chhāyā bipratipatti The title of a section of the Hindu Medical Science.

[ଦ୍ର—ଏଥିରେ ରୋଗୀର କାନ୍ତି, ଆଭା ଓ ଚେଷ୍ଟାଆଦିର ପରିବର୍ତ୍ତନରୁ ରୋଗୀର ମୃତ୍ୟୁ ନିକଟବର୍ତ୍ତୀ ବା ରୋଗୀ ବଞ୍ଚିବ ଏ ବିଷୟମାନ ଆଲୋଚିତ ହୋଇଅଛି—ହି. ଶବ୍ଦସାଗର ।]

ଛାୟାବେଦୀ—ସଂ (ମଧ୍ୟପଦଲୋପୀ; ଛାୟାପ୍ରଦ ବେଦୀ)—ଛାମୁଣ୍ଡିଆ; ଛାୟା
Chhāyābedi ମଣ୍ଡପ—An awning made of branches put on a frame-work to protect a place from the rages of the sun.

ଦେଖିଲେ ଛାୟାବେଦୀ ମଧ୍ୟେ,
ବରହିଁ ଅଛି କନ୍ୟା ସଧେ । ଜଗନ୍ନାଥ. ଭାଗବତ ।

ଛାୟାମଣ୍ଡପ —ସଂ. ବି (ମଧ୍ୟପଦଲୋପୀ. କର୍ମଧା; ଛାୟାପ୍ରଦ ମଣ୍ଡପ)—
Chhāyāmaṇḍapa ଛାମୁଣ୍ଡିଆ—A temporary awning or shade raised over a place.

ଛାୟାମାନ—ସଂ. ବି (ଛାୟା+ମା ଧାତୁ=ମାପିବା+କର୍ମ. ଅନ; ପ୍ରତି-
Chhāyāmāna ବିମ୍ବାନୁସାରେ ଯାହାକୁ ମପା ଯାଏ)— ଚନ୍ଦ୍ର—
The moon.

ଛାୟାମିତ୍ର—ସଂ. ବି (୬ଷ୍ଠୀ ତତ୍; ଛାୟା+ମିତ୍ର)—ଛତା; ଆତପତ୍ର
Chhāyāmitra (ହି. ଶବ୍ଦସାଗର)—Umbrella.

ଛାୟାମୃଗ—ସଂ. ବି (ମଧ୍ୟପଦଲୋପୀ; ଛାୟାକଳ୍ପିତ ମୃଗ)—୧ । ଚନ୍ଦ୍ରଙ୍କ-
Chhāyāmṛuga ଠାରେ ଦେଖାଯିବା ମୃଗ ତୁଲ୍ୟ ଛାୟା—
1. The shady portion in the surface of the moon looking like a deer.
୨ । ଅଶରୀରୀ ମୃଗ; ମାୟାମୃଗ—
2. The ghost or sceptre of a deer.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ତ	ଓଅ	ଉ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	[illegible]	ନୁ

[ଦ୍ର—ମାରୀଚ ଛାୟାମୃଗ ରୂପ ଧରି ରାମଚନ୍ଦ୍ରଙ୍କୁ ଭୁଲାଇ ନେଇ-ଯିବା ଅବସରରେ ରାବଣ ସୀତାଙ୍କୁ ହରଣ କଲା ।]

ଛାୟାମୃଗଧର—ସଂ. ବି (ଛାୟାମୃଗ+ଧୃ ଧାତୁ=ଧରିବା+କର୍ତ୍ତୃ. ଅ)—
Chhāyāmṛugadhara ଚନ୍ଦ୍ର—The moon.

ଛାୟାଯନ୍ତ୍ର—ସଂ. ବି—ଶଙ୍କୁର ଛାୟାଦ୍ୱାରା ସମୟ ନିରୂପଣ କରାଯିବା
Chhāyājantra ପ୍ରାଚୀନ ଭାରତରେ ବ୍ୟବହୃତ ଯନ୍ତ୍ରବିଶେଷ;
ସୂର୍ଯ୍ୟଘଣ୍ଟା—The sundial of ancient India.
[ଦ୍ର—ସୂର୍ଯ୍ୟସିଦ୍ଧାନ୍ତରେ ଏ ଯନ୍ତ୍ରରେ ଶଙ୍କୁ, ଧନ, ଚକ୍ର ଆଦି କେତେଗୁଡ଼ିଏ ଉପକରଣ ଏଥିରେ ବ୍ୟବହୃତ ହେବାର ଉପଦେଶ ଦିଆ ଯାଇଅଛି—ହି. ଶବ୍ଦସାଗର ।]

ଛାୟାରମଣ—ସଂ. ବି (୬ଷ୍ଠୀ ତତ୍; ଛାୟା+ରମଣ=ସ୍ୱାମୀ)—ସୂର୍ଯ୍ୟଦେବ—
Chhāyāramaṇa The sun-god.

ଛାୟାରୂପ—ସଂ. ବି—ଛାୟାପୁରୁଷ (ଦେଖ)—
Chhāyārūpa Chhāyāpurusha (See)
ପଡ଼ଶ ବରଷ ଠାରେ ଛାୟା ରୂପ ଧାଏ—ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା ।

ଛାୟାସାଇଁ—ଦେ. ବି (ସଂ. ଛାୟା+ସ୍ୱାମୀ) ସୂର୍ଯ୍ୟ—
Chhāyāsāiñ The sun.
ଅସିଲେ ଦେବତାଙ୍କୁ ଘେନି ଛାୟାସାଇଁ—କୃଷ୍ଣସିଂ ହ. ମହାଭାରତ. ବନ ।

ଛାୟେଁ—ଦେ. ଅ (ସଂ. ସ୍ୱୟଂ)—୧ । ସ୍ୱୟଂ; ନିଜେ; ଅପେ—
Chhāyeñ 1. One's self.
স্বয়ং; আপনাআপনি ୨ । ସ୍ୱେଚ୍ଛାକ୍ରମେ; ବିନା କାହାରି ପ୍ରେରଣାରେ;
खुद ଅପେ ଅପେ—2. Of one's own accord; voluntairly

ଛାୟେଁ ଛାୟେଁ—ଦେ. ଅ (ସ୍ୱୟଂ)—ଛାୟେଁ (ଦେଖ)—
Chhāyeñ chhāyeñ Chhāyeñ (See)
(ଯଥା—ତାକୁ କେହି ଡାକିବା ଦରକାର ନାହିଁ, ସେ ଛାୟେଁ ଛାୟେଁ ଏଠାକୁ ଆସିବ ।)

ଛାୟେଣି—ଦେ. ବି (ସଂ. ଛାୟା; କିମ୍ବା ସ୍ୱୟଂ)—ଆତ୍ମା—
Chhāyeṇi The soul.
କାୟା ଯେତେ କର୍ମ କରେ ଛାୟେଣି ଜାଣଇ—ଶ୍ରୀ ଗୁରୁଭକ୍ତିଗୀତା ।

ଛାର୍—ଦେ. ବିଣ (ସଂ. ଅସାର; କ୍ଷାର; ଭୁଲ. ପାଲି ଛାର)—୧ । ଅଧମ;
Chhār ହୀନ; ନୀଚ—1. Vile; mean; ignoble.
ছাৰ মୋ ଛାର ପାମର ମୂଢ଼ ମତି—ପ୍ରାଚୀ. ରହସ୍ୟମଞ୍ଜରୀ ।
नाचीज, पोच ୨ । ଘୃଣ୍ୟ; ହେୟ—2. Abominable; dispicable; contemptible.
୩ । ମନ୍ଦ—3. Bad; low.
୪ । ଜ୍ଞାନହୀନ—4. Ignorant.
୫ । ମୂଲ୍ୟହୀନ—5. Of no value.
୬ । ତୁଚ୍ଛ; ନଗଣ୍ୟ; ଅଗଣନୀୟ—
6. Insignificant; inconsiderable.
ଅଛ ଯା କେଉଁ କଥା ଛାରକୁ ଭଜଇ—କୃଷ୍ଣସିଂ ହ. ମହାଭାରତ. ସଭା ।
୭ । ଅତି ସାମାନ୍ୟ—7. Petty.
୮ । ଅତି ଅଳ୍ପ—8. Very little.
୯ । ଅଯୋଗ୍ୟ—9. Worthless.
[ଦ୍ର—ଛାର ପୂର୍ବରେ ମୁଁ, ସେ, ତୁ, କେଉଁ, କି ଆଦି ପଦ ବ୍ୟବହୃତ ହୁଏ ଏବଂ ବିକଳ୍ପେ ମୋଛାର, ତାଛାର, ତୋଛାର, କାହା ଛାର ମଧ୍ୟ ପ୍ରୟୋଗ ହୁଏ; ଏଥିର ଅର୍ଥ ଛାର ମୁଁ, ଛାର ସେ, ଛାର ତୁ, ଛାର କିଏ । ଯଥା—ଆପଣଙ୍କ ଆଦେଶକୁ ଲଙ୍ଘିବାକୁ ମୁଁ ଛାର (ମୋ ଛାର) ସକ୍ଷମ ନୁହେଁ ।]

ଛାର୍ଛିକରା—ପ୍ରାଦେ (ଗଡ଼ଜାତ) ବିଣ—ଅତି ସାମାନ୍ୟ; ହୀନ; ନଗଣ୍ୟ—
Chhār chhikarā Insignificant.

ଛାର୍ରି—ପ୍ରାଦେ (ସମ୍ବଲପୁର) ବି (ସଂ. ଛୋରଣ=ପରିତ୍ୟାଗ)—
Chhār-ri ୧ । ସ୍ୱାମୀଙ୍କର ସ୍ତ୍ରୀ ପରିତ୍ୟାଗ; ବିବାହବନ୍ଧନର ଛେଦନ କ୍ରିୟା—1. Divorce.
୨ । ଅନଭ୍ୟାସ—2. Want of practice.
ବିଣ—୧ । ଅଭ୍ୟାସ ନ କରିବା ଯୋଗୁଁ ପରିତ୍ୟକ୍ତ (କର୍ମ)—
1. (a thing) Of which the habit has been given up.
୨ । ଅନଭ୍ୟସ୍ତ—2. Unpracticed; not habituated; not used to.
୩ । ଅନଭ୍ୟାସ ଯୋଗୁଁ ବିସ୍ମୃତ କର୍ମ—
3. (any act) Forgotten for want of exercise.

ଛାର୍ରିକାଗଜ—ପ୍ରାଦେ (ସମ୍ବଲପୁର) ବି—ଛାଡ଼ପତ୍ର; ସ୍ୱାମୀ ସ୍ତ୍ରୀ ମଧ୍ୟରେ
Chhārrikāgaja ବିବାହବନ୍ଧନ ଛେଦନ ପରିଚାୟକ ଦଲିଲ୍; ତଲାକ୍‌ନାମା—A deed of divorce.

ଛାରଖାର—ଦେ. ବି (ସଂ. କ୍ଷାରରୁ ଛାର ଓ କ୍ଷାରରୁ ଖାର)—
Chhārakhāra ୧ । ସର୍ବନାଶ; ଧ୍ୱଂସ—
ছারখার Ruin; rack and ruin; devastation.
छारखार
ବିଣ—୧ । ଉଜୁଡ଼ା; ଉଚ୍ଛନ୍ନ; ଉଚ୍ଛିନ୍ନ; ବିନଷ୍ଟ, ଧ୍ୱଂସପ୍ରାପ୍ତ; ନାରଖାର—1. Ruined; laid waste; devastated.
୨ । ଇତସ୍ତତ; ବିକ୍ଷିପ୍ତ—2. Scattered about.
୩ । ଭସ୍ମୀଭୂତ; ଭସ୍ମସାତ୍—
3. Reduced to ashes.

ଛାରପୋକ—ଦେ. ବି (ସଂ. ଉଦ୍‌ଦଂଶ; ସଂ. କ୍ଷାର ଓ କୀଟରୁ)—ଓଡ଼ଶ;
Chhārapoka ଗନ୍ଧକୀଟ; ମତକୁଣ; ଶଯ୍ୟାକୀଟ—
ছারপোকা Bed-bug; vermin.
खटमल, उड़िस
(ପାବନା—ଛାଇପୋକା)
(ସମ୍ବଲପୁର—ଓଡ଼ୁଶୋ; ଓଡ଼ଶ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଛାଲ୍‌କଟ୍‌କଟ୍—ଦେ. ଅ—ଡୁଡୁଖେଳରେ ଆକ୍ରମଣକାରୀ ବାଳକ ଅନ୍ୟ Chhālkitkit ପକ୍ଷର ସୀମା ମଧ୍ୟକୁ ଯାଇ ଅପର ପକ୍ଷର କୌଣସି (ଛାଲ କଡ଼କଡ଼—ଅନ୍ୟରୂପ) ବାଳକ ଦେହକୁ ଗୋଡ଼ଦ୍ୱାରା ଆଘାତ କରିବା ପୂର୍ବରୁ ଏକାନିଃଶ୍ୱାସରେ ବାରଂବାର ଉଚ୍ଚାରଣ କରିବା ଶବ୍ଦ—The exclamation uttered by an aggressive boy in one breath while attacking the other side.

ଛାଲ୍‌କିତି—ଦେ. ବ—ଡୁଡୁଖେଳରେ ଆକ୍ରମଣକାରୀ ବାଳକ ଅନ୍ୟ ପକ୍ଷର Chhālkiti ସୀମା ମଧ୍ୟକୁ ଯାଇ 'ଛାଲ୍‌କଡ଼କଡ଼' ଉଚ୍ଚାରଣ କରୁ କରୁ ଅପର ପକ୍ଷର କୌଣସି ବାଳକକୁ ମାରିବା ଗୋଇଠା—A kick given by the aggressor-boy to a boy of the opposite party while going to the latter's limits.

ଛାଲ୍‌ଟି—ଦେ. ବ. (ପୂର୍ବେ ଏହା ଛଣପଟର ଛାଲରୁ ତିଆରି)—
Chhālti ୧ । ଛଣପଟର ସୂକ୍ଷ୍ମ ସୂତାରେ ବୁଣା ଏକପ୍ରକାର ସରୁ
ছালটি ଲୁଗା—1. Linen.
छालटी ୨ । ଖଜୁରୀ ଛାଲି; ଖଜୁରୀ ଗଛର ମୂଳରେ ଥିବା ଟାଣୁଆ କଣ୍ଟାଯୁକ୍ତ ପତ୍ର—2. The hard pointed leaves of datepalm found just over its roots.

ଛାଲ—ଦେ. ବ. (ସଂ. ଛଲ୍ଲୀ)—
Chhāla ୧ । ଚର୍ମ; ଚମଡ଼ା—1. Skin; hide.
ছাল ଚେଲି ଶାଳେ ଚେଳ ଛାଲ ଦାଈ ଦାଈ ବାଜଇ । ଶିଶୁବେଦ ।
छालखाल ୨ । ଚର୍ମ ଉପରର ପତଳା ଆଚ୍ଛାଦନ; ମଳଚମ—
2. Fpidermis.
୩ । ଖୋଳପା; ଫଳର ଚୋପା—
3. Rind or peel of a fruit.
୪ । ଗଛର ବଲ୍କଲ; ବକଲା—
4. Bark of a tree.
୫ । ମୃଗ ଚର୍ମ—
5. Deer skin; hide of a deer.
୬ । ବ୍ୟାଘ୍ର ଚର୍ମ—6. Hide of a tiger.
୭ । ଯେ କୌଣସି ପଶୁ ବା ଜୀବର ଚମ—
7. The hide of any beast or animal.
୮ । ଛାଲି ୨ (ଦେଖ)
8. Chhāli 2 (See)

ଛାଲ ଉଠିବା—ଦେ. କ—କୌଣସି ବସ୍ତୁ ଉପରୁ ଚୋପା ବା ବକଳ
Chhāla uṭhibā ଛାଡ଼ିଯିବା—Peeling off of the skin.
(ଛାଲ ଛାଡ଼ିବା—ଅନ୍ୟରୂପ)

ଛାଲ ଉତାରିବା—ଦେ. କ୍ରି—୧ । ଜୀବର ଦେହରୁ ଚମଡ଼ା କାଢ଼ିବା—
Chhāla utāribā 1. To flay an animal; to skin.
ছালতোলা ୨ । ଗଛରୁ ବକଲ ଛଡ଼ାଇବା—
खालउधेड़ना 2. To bark a tree; to peel of the bark off a tree.
୩ । ଚୋପା ଛଡ଼ାଇବା—
3. To scrape or peel.
୪ । ବହୁତ ପ୍ରହାର କରିବା—
4. To thrash a person very severely.

ଛାଲକଣ୍ଟା—ଦେ. ବ.—ଛାଲି ୨ (ଦେଖ)
Chhāla kanṭā Chhāli 2 (See)

ଛାଲକରଣ୍ଡି—ପ୍ରାଦେ. (ଯାଜପୁର) ବ.—ଛେଲାକେରଣ୍ଡି (ଦେଖ)
Chhāla karaṇḍi Chhelākeraṇḍi (See)

ଛାଲି—ଦେ. ବ. (ସଂ. ଛଲ୍ଲୀ)—୧ । ଛେଲି; ବଲ୍କଲ—
Chhāli 1. Bark of a tree.
ছালট ୨ । ଖଜୁରୀ ଗଛର ମୂଳ ପାଖେ ଥିବା ଡାଳର ମୂଳରେ ଥିବା
छाला ପତ୍ରର ଟାଣୁଆ କଣ୍ଟା—2. Pointed hard thorns or spikes of date-leaves.
[ଦ୍ର—ଏ ଲମ୍ବ ଓ ମୁନିଆ କଣ୍ଟାକୁ ଲୋକେ ଯିବା ଆସିବା କରୁଥିବା ଧାନ କିଆରି ଓ ପୋଖରୀରେ ଓ ବାଟରେ ଲୋକଙ୍କ ଯିବା ଆସିବା ଓ ସେ ବାଟେ ବନ୍ଦ କରିବା ପାଇଁ କ୍ଷେତ୍ର ସ୍ୱାମୀ ପୋତି ଦିଅନ୍ତି ।]

ଛାଲିଆ—ଦେ. ବ. (ସଂ. ଛଲ୍ଲୀରୁ)—ପତ୍ର ସହିତ ଖଜୁରି ଡାଳ ଗୁଡ଼ିଏ
Chhāliā ଏକତ୍ର ବନ୍ଧା ଯାଇ କରା ଯାଇଥିବା ପିଞ୍ଛି ବା ଝାଡ଼ୁଣି—
A broom made of date-palm branches tied together.

ଛାଲିବା—ଦେ. କ୍ରି.—ଛାଲ ଉତାରିବା (ଦେଖ)
Chhālibā Chhāla utāribā (See)
(ଛାଲେଇବା—ଅନ୍ୟରୂପ)

ଛାଲେରା—ଦେ. ବ—ସଲରା (କୋଳ; କଣ୍ଟା) (ଦେଖ)
Chhālerā Salarā (plum and spike) (See)

ଛି—ସଂ. ଅ. (ସଂ. ଧିକ୍)—ଘୃଣା; ନିନ୍ଦା; ବାରଣ ଏବଂ ଲଜ୍ଜାସୂଚକ
Chhi ଅବ୍ୟୟ; ଧିକ୍—Foe ! tut, tut ! shame.
ছি ଛି ଲୋ ଛିଲୋ, ମେଘ ବରଷିଲେ କେତେ ଭୁ ମାଞ୍ଜୁ—ଓଡ଼ିଆ ପ୍ରବଚନ ।
छीछी
(ଛିଃ; ଛିଃ ଛିଃ; ଛିଆ; ଛିଇ; ଛି ଛି—ଅନ୍ୟରୂପ)

ଛିଆ—ଦେ. ଅ—ଛି (ଦେଖ)
Chhiā Chhi (See)

ଛିଆଁ—ଦେ. ବ. (ସଂ. ଛିଦ୍ ଧାତୁ)—୧ । ଛିଣ୍ଡିବା; ଦାଣି କରି
Chhiān̐ (ନଡ଼ିଆରୁ) ଚୋପା ଛଡ଼ାଇବା; ଚୋପା ଛେଲିବା—
চাঁছা 1. Scraping or shoving off the rind (of
छीलना a cocoanut) by cutting with a sharp instrument.
ছাওয়া ୨ । (ସଂ. ଛାଦନ) ଘର ଛପର; ଘର ଛପର କରିବା;
छाजन; छान ଛିଆଁଣି—2. Thatching of a house; to thatch a house.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍	ଋଥ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଥ	ଔ	ନ୍

ଦେ. ବିଣ—୧ । ଚଞ୍ଛା ହୋଇଥିବା; ଛେଲା ହୋଇଥିବା—
1. With the rind scraped off with a sharp instrument.

୨ । ଯେ ଛପର କରେ; ଘର ଛପରକାରୀ—2. Thatching.

ଛୁଆଁଇବା—ଦେ. କ୍ରି—୧ । (ସଂ. ଛଦ୍ ଧାତୁ) ଫଳ ଅବ (ଯଥା—
Chhiāñibā ନଡ଼ିଆ)ର ଚୋପା କଟୁରିଦ୍ୱାରା ଛେଲିବା; ଛେଇଁବା —
ଛାଓଆ 1. To scrape off the rind of a fruit by a
ଛଜନା; ଛାନା sharp instrument

ଛୁଆଇବା } ଅନ୍ୟରୂପ ୨ । (ସଂ. ଛଦ୍ ଧାତୁ) (ଘର) ଛପର
ଛୁଏଁଇବା } କରିବା—2. To thatch (a
ଛେଇଁବା } (house).

୩ । ଚଉକିର ତଳାରେ ବେତ ବୁଣିବା—
3. To bottom a chair

୪ । ଢୋଲ ଆଦିରେ ଚମଡ଼ା ଛୁଆଣି କରିବା—
4. To tie or bind the ends of a drum with leather

ଛୁଆଣି—ଗ୍ରା. ବି. (ସଂ. ଛାଦନ)—୧ । ଛପରବନ୍ଧ—
Chhiāni 1. Thatching.
ଛାଓଆ ୨ । ଛାଆଣି (ଦେଖ)
ଛାନା 2. Chhā-āni (See)

ବିଣ—୧ । ଆବୃତ—1 Covered.

ଘନକାଳମଣିର ଖଃ, ସୁନା ଛୁଆଣି ହାଣିବାକୁ ଖଃଖୁସ—
ଗୋଲକଣ୍ଡ ଦାସ, ପିଲଙ୍କ ରାମାୟଣ ।

୨ । ଛପରବନ୍ଧ ହୋଇଥିବା—2. Thatched.

ଛିଆ ଲୋ—ଦେ. ଅ—(ସ୍ତ୍ରୀଙ୍କଦ୍ୱାରା ବ୍ୟବହୃତ ଘୃଣାବ୍ୟଞ୍ଜକ ଅବ୍ୟୟ)ଛି—
Chhiā lo (Interjection indicating shame, used by females). Fie !

ଛିଇ ଛାଁ—ଦେ. ବି—ଛି ଛା (ଦେଖ)
Chhi-i chhā Chhi chhā (See)
(ଛିଇଛାଅ—ଅନ୍ୟରୂପ)

ଛିଁଞ୍ଚିବା—ପ୍ରାଦେ. (ବାଲେଶ୍ୱର) କ୍ରି. (ସଂ. ସିଚ୍ ଧାତୁ)—
Chhiñtibā ଛିଞ୍ଚିବା (ଦେଖ)—Chhiñchibā (See)

ଛିକର—ପ୍ରାଦେ. (ଗଡ଼ଜାତ) ବି—ଛାରଛିକର (ଦେଖ)
Chhikarā Chhār-chhikarā (See)

ଛି କରିବା—ଦେ. କ୍ରି—ଘୃଣାରେ ତ୍ୟାଗ କରିବା; ଉପେକ୍ଷା କରିବା—
Chhi kariba To give up with disgust.
ଛିଃକରା (ଯଥା—ବାପା ଗାଳି ଦେବା ଦିନଠାରୁ ମୁଁ ପାନକୁ ଛି
ଛି କରନା କରିଛି ।)

ଛିକାଇବା—ଦେ. କ୍ରି. (ସଂ. ଶଙ୍କା)—କୌଣସି କାର୍ଯ୍ୟ କରିବାକୁ (ଚଞ୍ଚଳ
Chhikāibā ମନ) ଦ୍ୱିଧା କରିବା; ମନ ଛକପକ ହେବା; କୁନ୍ଥକୁନ୍ଥ
ହିଚକିଚାନା ହେବା—To hesitate.
(ଛିକେଇବା—ଅନ୍ୟରୂପ) ମୋ ମନଟା ଛିକଉ ଥାଏ
କଟକ ଯିବାକୁ ମନ ବଳୁ ନ ଥାଇ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଛିକାର—ଦେ. ବି—୧ । (ସଂ. ଶୀତ୍କାର) ମୁଖରେ (ଜିହ୍ୱା ଓ ଦନ୍ତଦ୍ୱାରା
Chhi-kāra ଉଚ୍ଚାରିତ) ଅବ୍ୟକ୍ତ ଇସ୍‌ଇସ୍ ଶବ୍ଦ ଉଚ୍ଚାରଣ; ଇସ୍-
ଇସ୍ ଶବ୍ଦ—1 Hissing sound.

୨ । (ସଂ. ଧିକ୍କାର)—ଧିକ୍କାର ବଚନ—
2. Contemptuous words.

ଦେ. ବିଣ—ତୁଚ୍ଛ; ଘୃଣାକର; ଧିକ୍କାରଯୁକ୍ତ—
Scornful; contemning; contemptuous.
(ଯଥା—ମୁଁ ତୋର ଏତେ ଛିକାର ବଚନ ସହି ପାରିବ ନାହିଁ)

ଛିକିବା—ଦେ. କ୍ରି—ଛିଙ୍କିବା (ଦେଖ)
Chhikibā Chhiṅkibā (See)

ଛିକିଲେ ସେ ଗର୍ଭ ପଡ଼ନ୍ତି ଭଲେ ଯାଇ । କୃଷ୍ଣସିଂହ, ମହାଭାରତ ଶାନ୍ତି ।

ଛିକ୍କ—ଦେ. ବି. (ସଂ. ଛିକ୍କା)—ଛିଙ୍କ (ଦେଖ)
Chhikka Chhiṅka (See)

ଛିକ୍କା—ସଂ. ବି—୧ । (ଛିକ=ଅନୁକରଣ ଶବ୍ଦ+କୈ ଧାତୁ +ଅ+ସ୍ତ୍ରୀ
Chhikkā ଆ)—ଛିଙ୍କ; କ୍ଷୁତ—1. Sneeze.

୨ । ଶିକ୍ୟ; ସିକା (ହି. ଶବ୍ଦସାଗର)—
2. A hanging rope-basket.

ଛିକ୍କଣୀ—ସ.ବି.(ଛିକ+କୈ ଧାତୁ+ଅନ+ଈ)—ସୋମରାଜ୍ୟାଦି ବର୍ଗର
Chhikkani ବର୍ଷାୟୁଃ ଶାକବିଶେଷ; ବିଲରେ ଜନ୍ମିବା ଏକପ୍ରକାର
ଅନ୍ୟ ସଂ. ନାମ— ଲଟାଳିଆ ଗୁଳ୍ମ; ବଲନାସ—A kind of
ଛିକ୍କଣା; ଯବକ; creeping plant; Artemisa Sternutatoria; Centepeda Orbicularis.
ଛିକ୍କିକା; ଯବକୃତ୍;
ତୀକ୍ଷ୍ଣା; ଘ୍ରାଣଦୁଃଖଦା; [ଦ୍ର—ଏହା ଶୀତଦିନେ ବିଲ ଓ ପଡ଼ିଆରେ
କଫନାଶା, ଉଗ୍ରା, ମାଡ଼େ । ସେଉଁଠାରେ ଛଅ ଦିନ ପାଣି ଜମା
ଛିକ୍କଗନ୍ଧା ହୋଇ ଶୁଖି ଯାଇଥାଏ ସେହି ସ୍ଥାନରେ ଏହା
ଓ. ଛିକ୍କଣି, ଛିକ୍କୁଣି, ଉଠେ । ପତ୍ର ଦନ୍ତୁର ଓ ଅଗ ଚଉଡ଼ା ।
ବଲନାସ ଏହାର ଫୁଲ ହଳଦିଆ ଓ ଭୃଙ୍ଗ ପରି ଓ
ହାଁଚୁଟି; ହେଁଚେତା; ଆକାରରେ ଗଣ୍ଠା ପରି; ଏ ଫୁଲକୁ ଦଳି କରି
ମେଁଚେତା; ନାକ୍‌ଛିକନି ଶୁଙ୍ଘିଲେ ଖୁବ୍ ଛିଙ୍କ ହୁଏ ।
ନାକଛିକନି; ଏହା କଟୁରସ, ରୁଚକର, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ,
ଉତ୍କାଶ, ଛିକନି ଅଗ୍ନିବର୍ଦ୍ଧକ ଓ ପିତ୍ତଜନକ ଏବଂ ବାତରକ୍ତ,
କୁଷ୍ଠ, କୃମି, ବାୟୁ ଓ କଫନାଶକ । ଏହା ଅଭାବରେ ବୈଦ୍ୟମାନେ ଔଷଧରେ ମରିଚ ବା ମଦଣ ଫଳ ବ୍ୟବହାର କରନ୍ତି ।]

ଛିକ୍କଣା—ସ. ବି—ଛିକ୍କଣୀ (ଦେଖ)
Chhikkani Chhikkani (See)

ଛିକ୍କର—ସଂ. ବି. (ଛିକ୍=ଅନୁକରଣ ଧ୍ୱନି+କୃ ଧାତୁ+କର୍ତ୍ତୃ. ଅ;
Chhikkara ଏହା ଛିକ୍ ଛିକ୍ ଧ୍ୱନି କରୁ ଥିବାରୁ)—ଏକପ୍ରକାର
ମୃଗ—A species of deer.

[ଦ୍ର—ଏହା ହରିଣ ଅପେକ୍ଷା ଦ୍ରୁତଗାମୀ, ବୃହତ୍‌ସଂହିତା ମତରେ ମନୁଷ୍ୟ କୌଣସି ଶୁଭକର୍ମାର୍ଥ ଅନୁକୂଳ କରିବା ବେଳେ ଏ ମୃଗର ଡାହାଣ ପାଖେ ଗଲେ ଶୁଭ ହୁଏ—ହି. ଶବ୍ଦସାଗର ।]

ସାଧାରଣ ଲୋକେ ଅପଢ ପୃଷ୍ଠାରେ ଦୃଢ଼ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ଯାଇଁ ଯଥାକ୍ରମେ ଚିହ୍ନର ବଦଳେ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ କେ ଖୋଜିବାକୁ ହେବ । ଯଥା— 'ଗାଉଁ' ନ ମିଳିଲେ 'ଗାଇଁ' ଖୋଜିବେ, 'କୁଅଁ' ନ ମିଳିଲେ 'କୂଅଁ' ଦେଖିବେ; 'ବଧୂଁ'କି ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଧୋ'କି ପାଇଲେ 'ଅନ୍ଧା' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼ି' ଦେଖିବେ ।

ଛିକ୍କା—ସଂ. ବି—୧ । (ଛିକ=ଅନୁକରଣ ଶବ୍ଦ+କୈ ଧାତୁ+ଭାବ ଅ; ସ୍ତ୍ରୀ. ଆ)—ଛିଙ୍କ; କ୍ଷୁତ—1. Sneeze.
Chhikkā
୨ । ସିକ୍ୟ; ସିକା (ହି. ଶବ୍ଦସାଗର)—
2. A hanging rope-basket.

ଛିକ୍କିକା—ସଂ. ବି. (ଛିକ୍କା+ଇକ+ଆ)—ଛିକ୍କଣୀ (ଦେଖ)
Chhikkikā Chhikkaṇi (See)

ଛିଗୁଲି—ଦେ. ବି—୧ । ଶ୍ଳେଷ ବା ବ୍ୟଙ୍ଗଯୁକ୍ତ ଭର୍ତ୍ସନା—
Chhigulā 1. Ironical rebuke; gibe; jeer.
୨ । ଘୃଣାବ୍ୟଞ୍ଜକ ଦୁର୍ନାମ—
2. Contemptuous imputation; innuendo.
ଦେ. ବି—୧ । ଶ୍ଳେଷ ବା ବ୍ୟଙ୍ଗଯୁକ୍ତ (ବଚନ)—
1. Ironical (words).
୨ । ଘୃଣାବ୍ୟଞ୍ଜକ—2. Indicating contempt.

ଛିଗୁଲାଇବା—ଦେ. କ୍ରି—୧ । ଉପହାସ ବା ବ୍ୟଙ୍ଗ କରି ଭର୍ତ୍ସନା କରିବା—1. To administer ironical rebuke; to jeer.
Chhigulāibā
झिड़िमाना
(ଛିଗୁଲେଇବା—ଅନ୍ୟରୂପ) ୨ । ଛିଣ୍ଡ କରି କହିବା—
2. To address in contemptuous language.

ଛିଙ୍କ—ଦେ. ବି. (ସଂ. ଛିକ୍କା)—କ୍ଷୁତ; ନାସିକାରୁ ହଠାତ୍ ଜୋର୍ ସହିତ ବାହାରିବା ଶବ୍ଦ—Sneeze.
Chhiṅka
हाँचि
छींक
ଛିଙ୍କରୁ ଜାତ ହେବା ଯୋଗୁଁ କ୍ଷୁପ ନାମ
ବହୁ ହୋଇଲେ ପ୍ରଜାପତି ନରେଶ୍ୱରମ୍ ।
କୃଷ୍ଣସିଂହ. ମହାଭାରତ ଶାନ୍ତି ।

ଛିଙ୍କଇ ପଡ଼ିଲା—ଦେ. ଅ—ଛିଙ୍କିବା ଲୋକର ମଙ୍ଗଳ ହେଉ—
Chhiṅka-i pardilā A sentence used on sneezing, indicating :—Let weal happen to the sneezer.
हँचिछि अ
शत जीव
ଛିଙ୍କ ପଡ଼ିଲା }
ଛିଙ୍କେଇ ପଡ଼ିଲା } ଅନ୍ୟରୂପ

[ଦ୍ର—ନାକ ମଧ୍ୟର ଝିଲ୍ଲୀ କୌଣସି କାରଣରୁ ଉତ୍ତେଜିତ ହେଲେ, ଶର୍ଦ୍ଦି ହେଲେ ବା ନାସ ଶୁଙ୍ଘିଲେ ନାକ ଓ ପାଟିବାଟେ ଫୁସ୍‌ଫୁସ୍‌ର ପବନ ହଠାତ୍ ଠେଲି ହୋଇଯାଇ ଉଚ୍ଚୈଃସ୍ୱର ଓ ବେଗ ସହିତ ତାହା ନାକ ଓ ପାଟିବାଟେ ବାହାରେ; ଏହାକୁ ଛିଙ୍କ କହନ୍ତି । ଛିଙ୍କ ସଙ୍ଗେ ବେଳେବେଳେ ଛେପ ଓ ଶ୍ଳେଷ୍ମା ମଧ୍ୟ ବାହାରି ପଡ଼େ । କୌଣସି କାର୍ଯ୍ୟ ଆରମ୍ଭ କଲାବେଳେ ଛିଙ୍କିବା ଅଶୁଭସୂଚକ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି ଓ ସେତେବେଳେ 'ଶତଂଜୀବ' 'ଚିରଂଜୀବ' ବୋଲି କହି ସେ ଅଶୁଭ ନିବାରଣ କରନ୍ତି । ଏ ବିଶ୍ୱାସ ପ୍ରାଚୀନ ଗ୍ରୀକ୍, ରୋମାନ୍ ଓ ଇହୁଦିମାନଙ୍କ ମଧ୍ୟରେ ଥିଲା । ପାଶ୍ଚାତ୍ୟମାନଙ୍କ ମଧ୍ୟରେ ମଧ୍ୟ ଅଦ୍ୟାବଧି ଏ ବିଶ୍ୱାସ ଅଛି; ସେମାନଙ୍କ ମଧ୍ୟରେ କେହି ଛିଙ୍କିଲେ ପାର୍ଶ୍ୱରେ ଥିବା ଲୋକେ କହନ୍ତି "ଈଶ୍ୱର ମଙ୍ଗଳ କରନ୍ତୁ"— ହି. ଶବ୍ଦସାଗର ।]

ଛିଙ୍କଣି—ଦେ. ବି. (ସଂ. ଛିକ୍କଣୀ)—ବିଲନାସ; ଛିକ୍କଣୀ (ଦେଖ)
Chhiṅkaṇi Chhikkaṇi (See)
ଛିଙ୍କିଣି }
ଛିଙ୍କୁଣି } ଅନ୍ୟରୂପ

ଛିଙ୍କ ଦେଖାଇବା—ଦେ. ବି—ଛିଙ୍କିବାର ଉପକ୍ରମ ହେବା—
Chhiṅka dekhāibā Having a tendency to sneeze.
हाँचि आसा
छींक आना
(ଛିଙ୍କମାଡ଼ିବା; ଛିଙ୍କ ଦେଖେଇବା, ଛିଙ୍କ ଆସିବା—ଅନ୍ୟରୂପ)

ଛିଙ୍କ ପଡ଼ିବା—ଦେ. ବି.—ଛିଙ୍କିବା—
Chhiṅka pardibā Sneezing.

ଛିଙ୍କା—ଦେ. ବି.—(ସଂ. ଛିକ୍କା)—ଛିଙ୍କ (ଦେଖ)
Chhiṅkā 1. Chhiṅka (See)
छींकना ୨ । ଛିଙ୍କିବା କର୍ମ—2. Act of sneezing.

ଛିଙ୍କାଇବା—ଦେ. କ୍ରି.—ଛିଙ୍କିବାର (ଣିଜନ୍ତ ରୂପ) କୌଣସି ବ୍ୟକ୍ତିକୁ ନାସ ଶୁଙ୍ଘାଇ ବା ତା ନାକରେ ସୂକ୍ଷ୍ମ କାଠି ଆଦି ଭରତି କରିବା ଦ୍ୱାରା ସେ ଛିଙ୍କିବାର ଉପାୟ କରିବା— (causative of Chhiṅkibā) To cause a person to sneeze.
Chhiṅkāibā
छींकाना
(ଛିଙ୍କେଇବା—ଅନ୍ୟରୂପ)

ଛିଙ୍କିବା—ଦେ. କ୍ରି.—(ସଂ. ଛିକ୍କା)—ନାସିକା ମଧ୍ୟରୁ ବେଗ ଓ ଶବ୍ଦ ସହିତ ହଠାତ୍ ପବନ ବାହାର କରିବା—To sneeze.
Chhiṅkibā
हाँचि मरा
छींकना
[ଦ୍ର—ବଳଦ ଛିଙ୍କିଲେ ଗୃହସ୍ୱାମୀ ଅମଙ୍ଗଳ ସୂଚନା କରେ; ମନୁଷ୍ୟ ଛିଙ୍କିବା ମଧ୍ୟ ଅମଙ୍ଗଳକର; ଏଥିପାଇଁ କେହି ଛିଙ୍କିଲେ ସେଠାରେ ଉପସ୍ଥିତ ବୟୋବୃଦ୍ଧ ମନୁଷ୍ୟ ଉକ୍ତ ଅମଙ୍ଗଳ ଦୂର ହେବା ଆଶାରେ କହି ଥାଆନ୍ତି 'ଚିରଂଜୀବ ହୋ' ।]

ଛିଙ୍ଗଲିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ଚାଲିବା; ଗତିକରିବା—
Chhiṅglibā 1. To move; to walk.
୨ । ଇତସ୍ତତଃ ଗତି କରିବା—2. To move about.
(ଯଥା—ଏତେ ଉଡ଼ରେ ଛିଙ୍ଗ୍‌ଲିବା ମୁସ୍କଲ୍ ।)
୩ । ବିସ୍ତୃତ ହେବା; ଖେଦି ଯିବା; ବ୍ୟାପିବା—3. To spread about; to be diffused throughout.
(ଛିଙ୍ଗ୍‌ଲି ଯିବା—ଅନ୍ୟରୂପ) (ଯଥା ପାଣି କାହିଁ ଛିଙ୍ଗ୍‌ଲିଗଲାଣି)

ଛିଚୁକୁଟା—ପ୍ରାଦେ. (ଗଞ୍ଜାମ) ବି.—ଗାଳିମନ୍ଦ; ଫଜିତ୍—
Chhichu-kuṭā Rebukes; abuses.
(ଯଥା—ତାକୁ ମୋ ଧାର ଟଙ୍କା ମାଗି ଯିବାରୁ ସେ ମୋତେ ଅନେକ ଛିଚୁକୁଟା କରି କହିଲା ।)

ଛିଚୁକୁନ୍ଦା—ପ୍ରାଦେ. (ଗଞ୍ଜାମ) ବି.—ପରର ଦୋଷ ଦେଖାଇ ଖୁସି ହେବା—Feeling pleased, or satisfied by pointing out another's fault.
Chhichukundā

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଁ	ଉଅ	ଷ
୨	ଈ	ଊ	ରୁ	ଲୁ	ଐ	ଅନ୍ତଃସ୍ଥବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଈ	ନ

ଛି ଛା—ଦେ. ବି.—(ସଂ. ଧିକ୍କାର;)—୧ । ଧିକ୍କାର; ଘୃଣାବଚନ—
Chhi chhā 1. Condemnation; crying shame; hurling defiance.
(ଛିଇଛାଅ—ଅନ୍ୟରୂପ)
ଦେ: ବିଣ.—୧ । ଧିକ୍କାରଯୁକ୍ତ (ବାକ୍ୟ)— 1. Condemnatory.
୨ । ଘୃଣ୍ୟ—2. Contemptible; abominable.

ଛି ଛାକର—ଦେ. ବି. ଓ ବିଣ.—ଛି ଛା (ଦେଖ)
Chhi chhākara Chhichhā (See)
(ଛି ଛାକର; ଛିଇଛାକର; ଛିଛିକର; ଛି ଛିକାର—ଅନ୍ୟରୂପ)

ଛି ଛି—ଦେ. ଅ.—ଛି (ଦେଖ)
Chhi chhi Chhi (See)
(ଛି ଛିଃ; ଛି ଇଛିଇ—ଅନ୍ୟରୂପ)

ଛିଛି କରିବା—ଦେ. କ୍ରି.—୧ । ଧିକ୍କାର କରିବା—1. To decry; to cry down; to condemn; to cry shame; to hurl defiance at.
Chhichi karibā
୨ । (ଲକ୍ଷଣାର୍ଥ) ତୁଳନାରେ ବଳି ପଡ଼ିବା—
2 (figurative) To exceed in comparision.

ଲଳନାର ମୁଖ ଲଳନ ଅଧର ଉପମାକୁ କରେ ଛି ଛି। ରାଧାନାଥ. ପାର୍ବତୀ।

ଛିଛିରିବା—ପ୍ରାଦେ. (ସମ୍ବଲପୁର) କ୍ରି.—ଛିଟିକିବା; ଦୂରକୁ କ୍ଷିପ୍ତ ହେବା; ଛିଟକିବା—To shoot out to a distance.
Chhichhiribā

ଛିଜ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ସୂଚୀ)—ଛୁଞ୍ଚି—
Chhij Needle.

ଛିଜ୍‌ପତର—ପ୍ରାଦେ. (ସମ୍ବଲପୁର) ବି.—ଛୁଞ୍ଚିପତର; ଖୁବ୍ ସରୁ ଚକୁଳି ପିଠା—A kind of thin pastry cake.
Chhij-patara
(ଛିଜ୍ ପତ୍ର—ଅନ୍ୟରୂପ)

ଛିଞ୍ଚ—ଦେ. ବି. (ସଂ. ସେଚନ)—ଜଳ ଆଦି ଅଳ୍ପଅଳ୍ପ ଛାଟିବା; ଜଳସେଚନ—Sprinkling of water.
Chhiñcha
ଛିଡ଼କାଓ

ଛିଞ୍ଚକଣା—ଦେ. ବି. (ସଂ. ସେଚକ; ଏତଦ୍ୱାରା ଗୃହାଦିରେ ଜଳ ସେଚନ କରାଯାଏ)-ଘର ଲିପିବାର କନା; ଲୁଗାକନା—
Chhiñchakaṇā
A rag to wash or besmear the floor and walls of a house with cowdung and water.

ଛିଞ୍ଚଡ଼ା—ଦେ. ବି. (ସଂ. ସିଚ ଧାତୁ)—୧ । (ବର୍ଷାଜଳ) ଛାଟିବା; ଛାଟ; ବର୍ଷାବନ୍ଦୁର ତିର୍ଯ୍ୟକ ପତନ—
Chhiñchaṛdā
ଛିଟା 1. Raining in a slanting manner.
ଛୀଂଟା ୨ । ଛିଞ୍ଚାଡ଼ିବା—
2. Sprinkling or splashing with water.
୩ । ମୃତ ଛେଳିମେଣ୍ଢାଙ୍କ ପେଟର ଅନ୍ତ୍ରାଦି (ଯାହା ପୋଷା କୁକୁରଙ୍କୁ ଖାଇବାକୁ ଦିଆଯାଏ)—3. The entrails of a sheep or goat killed (which is used to feed domestic dogs).
ବିଣ.—୧ । ସିକ୍ତ—1. Sprinkled; splashed.
୨ । ଇତସ୍ତତଃ କ୍ଷିପ୍ତ—2. Scattered; strewn.

ଛିଞ୍ଚ ଦେବା—ଦେ. କ୍ରି.—ମାଟିଘରର ତଳରେ ମାଟିଗୋବରପାଣି ଅଳ୍ପ ଅଳ୍ପ ଛିଞ୍ଚି କନାରେ ଲିପିବା—To besmear the earthen floor of a house with cow-dung and water with a rag.
Chhiñcha-debā
ଲୁପଡ଼ନା

ଛିଞ୍ଚ ପତର—ଦେ. ବି.—ଛିଞ୍ଚି ପତ୍ର (ଦେଖ)
Chhiñcha-patara Chhiñchi-patra (See)
(ଛିଞ୍ଚପତ୍ର—ଅନ୍ୟରୂପ)

ଛିଞ୍ଚା—ଦେ. ବି (ସଂ. ସେଚନ)—୧ । ଜଳସେଚନ—
Chhiñchā 1. Sprinkling with water.
ଛିଟା ୨ । କୌଣସି କ୍ଷୁଦ୍ର ବସ୍ତୁକୁ ପତଳା କରି ବିଛାଇବା—
ଛୀଂଟନା 2. To lay small articles in thin layers one over the other.
୩ । (ପାନବରଜଙ୍କ ଭାଷା) ପାନବରଜର ଡାଙ୍ଗର ତଳେ ଓ ଉପରେ ଦିଆ ଯାଇଥିବା କାଣ୍ଡର—
3 Reeds put over reed-screens.
ଦେ. ବିଣ—୧ । ସିକ୍ତ—1. Sprinkled.
୨ । ବୁଣା ନ ହୋଇଥିବା (ବନାତ); ଲୋମସ୍ତର ଉପର୍ଯ୍ୟୁପରି ଛିଞ୍ଚାହୋଇ ଚାପ ଦିଆଯିବାଦ୍ୱାରା ପ୍ରସ୍ତୁତ (ବନାତ)—
2. (broad-cloth) Not woven but prepared by pressing thin layers of wool together into a compact mass.

ଛିଞ୍ଚା ଅଉଁସା—ଦେ.ବି (ସଂ. ସେଚନ+ଆମର୍ଷଣ; ସଦ୍ଭବ)—ମୂର୍ଚ୍ଛିତ ଲୋକଙ୍କୁ ଚେତା କରାଇବା ସକାଶେ କରାଯିବା ଜଳସେଚନ ଓ ଅଙ୍ଗମର୍ଦ୍ଦନ—Sprinkling of water on and rubbing of the limbs of a senseless person to restore him to senses.
Chhiñchā auñsā
(ଛିଞ୍ଚା ଅଁସା—ଅନ୍ୟରୂପ)

ଛିଞ୍ଚାଇବା—ଦେ.କ୍ରି (ସଂ. ସିଚ ଧାତୁ ଣିଜନ୍ତ)—(ଛିଞ୍ଚିବାର ଣିଜନ୍ତରୂପ)—
Chhiñchāibā (Causative of Chhiñchibā)
ଛିଟାନ୍ ଅନ୍ୟଦ୍ୱାରା ଜଳ ସେଚନ କରାଇବା—
ଛୀଂଟାନା To cause water etc to be sprinkled.
(ଛିଞ୍ଚେଇବା—ଅନ୍ୟରୂପ)

ଛିଞ୍ଚାଛିଞ୍ଚି—ଦେ. ବି—ବହୁବାର ପାଣି ଛିଞ୍ଚିବା କାମ—
Chhiñchā-chhiñchi Repeated sprinklings.

ଛିଞ୍ଚାଡ଼ିବା—ଦେ. କ୍ରି—୧ । (ସଂ. ସଞ୍ଚଳନ)—ଇତସ୍ତତଃ ସଞ୍ଚଳନ କରିବା; ଜୋରରେ ହଲାଇବା; ବଳପୂର୍ବକ ଛାଟିବା (ଯଥା—ହାତଗୋଡ଼)—
Chhiñchārdibā
ଛିଟାନ 1. To throw or move on all sides
ଛିତରାନା (e. g. one's arms and legs).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଅପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (ସଂ. କ୍ଷିପ୍ତ କରଣ. ପ୍ରା. ଛିତ୍ତକରଣ)
ଫିଙ୍ଗିବା; ଇତସ୍ତତଃ ବିକ୍ଷିପ୍ତ କରିବା—
2. To scatter about..

କୋଳରୁ ସୀତାଙ୍କୁ ଛିଞ୍ଚାଳ୍ପ ପକାଇଲ
ଦୂର ଧରି ସମ୍ମୁଖ ଉପରେଁ ଧାଇଁଲ । କୃଷ୍ଣସିଂହ. ମହାଭାରତ. ବନ ।

ଛିଞ୍ଚା ପାଣି—ପ୍ରାଦେ. (ସମ୍ବଲପୁର) ବି—ବର୍ଷାର ଛାଟ ବା ଛିଟିଆ ପାଣି—
Chhiñchā pāṇi Water falling from a slanting shower.

ଛିଞ୍ଚାବିଞ୍ଚା—ଦେ. ବି—ମୁମୂର୍ଷୁ ବା ମୂର୍ଚ୍ଛିତ ବ୍ୟକ୍ତିଙ୍କୁ ସଚେତ କରିବା
Chhiñchā-biñchā ଉଦ୍ଦେଶ୍ୟରେ ତା ଉପରେ ପାଣି ଛିଞ୍ଚିବା ଓ ତାକୁ ବିଞ୍ଚଣାରେ ବିଞ୍ଚିବା—
Sprinkling water on and fanning a dying or senseless person.

ଛିଞ୍ଚା ମାରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଛିଞ୍ଚିବା—
Chhiñchā māribā To sprinkle (water etc).

ଛିଞ୍ଚି—ଦେ. ବି—ଘରର ଶେଷରେ ଗୁଳକୁ ବଳାଇ କରି କୁଆଣି
Chhiñchi କଟାଯିବା ଛଣର ଅଗ୍ରଭାଗ—
The tops of straw protruding from the ends of a thatch.

ଛିଞ୍ଚିପତ୍ର—ଦେ. ବି—କରେଇରେ ପିଠଉକୁ କେତେବେ ଦୁବ ଘାସ ଦ୍ୱାରା
Chhiñchi-patra ଉପର୍ଯ୍ୟୁପରି ଛିଞ୍ଚି ପ୍ରସ୍ତୁତ କରିବା ପତଳା ଚକୁଳି; ଛିଞ୍ଚିପତର—A kind of very fine pan-cake done over the frying pan by sprinkling layers of rice and paste other
(ଛିଞ୍ଚିପତର—ଅନ୍ୟରୂପ) on a pan set over the fire.

ଛିଞ୍ଚିବଟା—ଦେ. ବି—ଛୁଞ୍ଚିଅବଟା (ଦେଖ)
Chhiñchi-batā Chhuñchiā-batā (See)

ଛିଞ୍ଚିବା—ଦେ. କ୍ରି. (ସଂ. ସିଚ୍ ଧାତୁ ; ସେଚନ)—
Chhiñchibā ୧ । ଜଳାଦି ସେଚନ କରିବା—
ছিটান 1. To sprinkle water etc.
छिंटाना, छिड़कना ୨ । ଅଳ୍ପ ପରିମାଣରେ ବର୍ଷା ହେବା—
2. To rain in driblets.
୩ । କୌଣସି କ୍ଷୁଦ୍ର ବସ୍ତୁକୁ ଅଳ୍ପଅଳ୍ପ କରି ସ୍ତରକ୍ରମରେ ବିଛାଇବା—3. To put thin layers of small articles one over another.

ଛିଟ୍‌କା—ଦେ. ବି—୧ । ଛିଞ୍ଚାଡ଼ିବା; ଇତସ୍ତତଃ ସଂଚାଳନ—
Chhiṭ-kā 1. Waving; moving to and fro.
ছিটকান ୨ । ଛିଟା; ଛିଞ୍ଚା—2. Sprinkling about;
छिटकना scattering of small particles
୩ । ଛିଡ଼କା; ଛିଞ୍ଚିଡ଼ା; ଛାଟ—
3. Slanting rainfall; splashing.
୪ । ବଥା; ଦରଜା—4. Aching.
୫ । ଆଖିର ଛିଟକ—
5. Sidelong glance or look.
छिँचका, छिँचकोा ଦେ. ବଣ—କ୍ଷୁଦ୍ର—Small; petty.
अदना (ଯଥା—ଛିଟ୍‌କା ଚୋର ।)

ଛିଟ୍‌କାଇବା—ଦେ. କ୍ରି. (ସଂ. ସ୍ଖଳନ)—
Chhiṭ-kāibā ୧ । ଦ୍ରବ ପଦାର୍ଥକୁ କ୍ଷୁଦ୍ରକ୍ଷୁଦ୍ର କଣାରେ ଛିଟିବା ବା
ছিটকান, ছিটন ତିର୍ଯ୍ୟକ ଭାବରେ ବିଞ୍ଚିବା; ଛିଡ଼କାଇବା—
छिटकाना 1. To sprinkle slantingly.
(ଛିଟକାଇବା;ଛିଟ୍‌କେଇବା, ଛିଟକେଇବା—ଅନ୍ୟରୂପ)
୨ । ସିଟ୍‌କାଇବା (ଦେଖ)
2. Siṭ-kāibā (See)

ଛିଟ୍‌କାଣିଆଁ—ଦେ. ବି—ଖୁଚୁରା; ବଳି ପଡ଼ିଥିବା ସାମାନ୍ୟ ଅଂଶ—
Chhiṭ-kāṇiāñ Odds and ends; small remainders.
ছিটছাট
फुटकर
(ଛିଟକାଣିଆଁ—ଅନ୍ୟରୂପ)

ଛିଟ୍‌କିଣି—ଦେ. ବି—ଛିଟିକିଣି (ଦେଖ)
Chhiṭ-kiṇi Chhiṭikiṇi (See)

ଛିଟ୍‌କିବା—ଦେ. କ୍ରି. (ସଂ. କ୍ଷିପ୍ତକରଣ; ପ୍ରା. ଛିତ୍ତକରଣ)—
Chhiṭ-kibā ୧ । (ଅଗ୍ନି କଣା ବା ଦ୍ରବ ପଦାର୍ଥ) କ୍ଷୁଦ୍ର କଣାରେ
ছিটকা ବିକ୍ଷିପ୍ତ ହେବା (ଯଥା—ନିଆଁ ଛିଡ଼ିକିବା)—
छटकना 1. To splash up; to be sprinkled in
(ଛିଟକିବା—ଅନ୍ୟରୂପ) small drops; to shoot off in sparks (said of fire).
(ଯଥା—ତେଲିଆ ଗାଡ଼ିର ଚକରୁ କାଦୁଅଧାରା ଛିଟ୍‌କୁଛି ।)
୨ । ମୁଣ୍ଡ ଆଦି ଦରଜିବା; ବଥାଇବା—2 To ache.

ଛିଟ୍‌ଛାଟ—ଦେ. ବି—ଛିଟ୍‌କାଣିଆ (ଦେଖ)
Chhiṭ-chhāṭ Chhiṭ-kāṇiā (See)

ଛିଟ୍‌ଛିଟ—ଦେ. ବଣ. (ସଂ. ଚର୍ଚ୍ଚିତ)—ଚିତ୍ରିତ; ଶବଳ; କର୍ବୁର—
Chhiṭ-chhiṭ Spotted; variegated; multicoloured
रङ्गबिरङ्ग marked with small spots; motley.
(ଛିଟଛିଟିଆ; ଛିଟ୍‌ଛିଟିକା; ଛିଟ୍‌ଛିଟକିଆ—ଅନ୍ୟରୂପ)

ଛିଟ୍‌ନା—ପ୍ରାଦେ. (ଉଡ଼ଜାତ, ସମ୍ବଲପୁର; ଭୁଲ. ଏହି ଅର୍ଥରେ ଛିଟ୍‌ନା)—
Chhiṭnā ବାଉଁଶର ସରୁ କାଠିରେ ତିଆରି ହୋଇଥିବା ଛୋଟ ଟୋକେଇ—A small basket woven with slender bamboo-sticks.

ଛିଟ—ଦେ. ବି. (ସଂ. ଚିତ୍ର)—
Chhiṭa ୧ । ନାନାବର୍ଣ୍ଣର ଛିଟା ବା ଚିତ୍ରଯୁକ୍ତ ବସ୍ତ୍ର; ଚିତ୍ରିତ ବସ୍ତ୍ର—
ছিট Spotted cloth; chintz.
छींट ଦେ. ବଣ—ଚର୍ଚ୍ଚିତ; ଶବଳିତ—
Multicoloured; spotted.
ଚନ୍ଦ୍ରବେ ପକ୍ଷା ପରି ହେଉ ଛିଟ । କବିସୂର୍ଯ୍ୟ. କଳାକଲ୍ଲୋଳ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଢ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଗ୍ୟ	ଯ	ସ	ଗ୍ୟଁ	ଇଅ	ଡ଼	ଢ଼

ଛିଟଛିଟା—ଦେ. ବଣ—ଛିଟ୍‌ଛିଟ୍ (ଦେଖ)
Chhiṭa-chhiṭā Chhiṭ-chhiṭ (See)
(ଛିଟପଡ଼ା—ଅନ୍ୟରୂପ)

ଛିଟା—ଦେ. ବ. (ସଂ. କ୍ଷିପ୍ତ; ପ୍ରା. ଛିତ୍ତ)—
Chhiṭā ୧ । କ୍ଷୁଦ୍ର ବିନ୍ଦୁ; କଣା; ଶୀକର—
ছিটা, ছিটে 1. Small drops; sparks.
छींटा

ଛିଟା ଉଠି ପଡ଼ୁଥିଲା କି ଅସି ଘା ଝୁମରୁଲେ ଧରଣୀରେ ।
ରାଧାନାଥ. ଯଯାତି ।

୨ । ଛୋଟ ଦାଗ—2. Stain; spot.
୩ । ପରିମାଣବିଶେଷ—3. A specific measure.
୪ । ଛୋଟ ଗୁଳ; ବଟିକା; ଗୁଳା—
4. Small ball; bullet; pill; globule.
୫ । ମଦକ; ଗୁଲି—
5. Opium bullets for smoking.
୬ । (ପାନବରଜୀଙ୍କ ଭାଷା) ନୂଆ ବରଜରେ ପ୍ରଥମରେ ପୋତା ଯିବା (ରୋପା ହେବା) ଲମ୍ବ ପାନ ଲତା—
6. A long betel-creeper planted in a betel-plantation.

ପ୍ରାଦେ. (ସମ୍ବଲପୁର) ବ—୧ । ଦୋଷ—1. Fault.
୨ । ନିନ୍ଦା—2. Blame.
ବଣ—ମଳଯୁକ୍ତ; ମଳିନ—Dirty.
(ଯଥା—ଯେତେ ଛିଟା କନା ଅଛି ସବୁ ସଫା କରି ଆଣ ।)

ଛିଟାଇବା—ଦେ. କ୍ରି. (ସଂ. କ୍ଷିପ୍ତ; ପ୍ରା. ଛିତ୍ତ)—
Chhiṭāibā ବିନ୍ଦୁ ବିନ୍ଦୁ ପ୍ରକ୍ଷେପ କରିବା; ଛାଟି କରି ଛାଞ୍ଚିବା; କ୍ଷୁଦ୍ର
ছীটান କ୍ଷୁଦ୍ର ବିନ୍ଦୁ ଛାଟିବା; ଝୋଟି ଦେବା—To sprinkle
छींटना with the fingers; to spatter.
(ଛିଟାଦେବା; ଛିଟା ପକାଇବା; ଛିଟେଇବା—ଅନ୍ୟରୂପ)

ଛିଟାଣ—ଦେ. ବ—ପ୍ରୋକ୍ଷଣ; ବିନ୍ଦୁ ବିନ୍ଦୁ ନିକ୍ଷେପ—
Chhiṭāṇa Sprinkling; splashing.
ছিটান
छिंटा

ଛିଟା ଦେବା—ଦେ. କ୍ରି—ଛିଟାଇବା (ଦେଖ)
Chhiṭā debā Chhiṭāibā (See)
ପ୍ରାଦେ. (ସମ୍ବଲପୁର) କ୍ରି ୧ । ଦୋଷ ଦେବା—
1. To lay blame on; to find fault with.
୨ । ନିନ୍ଦା କରିବା—2. To speak ill of.

ଛିଟା ଲାଗିବା—ଦେ. କ୍ରି—ଦାଗଯୁକ୍ତ ହେବା; ବିନ୍ଦୁ ବିନ୍ଦୁ ଚିତ୍ରିତ ହେବା—
Chhiṭā lāgibā To be spotted or stained with drops.
ছিটা পড়া
छींटा पड़ना
(ଛିଟାପଡ଼ିବା—ଅନ୍ୟରୂପ)

ଛିଟିକା—ଦେ. ବ—ଛିଟ୍‌କା (ଦେଖ)
Chhiṭikā Chhiṭ-kā (See)

ଛିଟିକାଇବା—ଦେ. କ୍ରି—ଛିଟ୍‌କାଇବା (ଦେଖ)
Chhiṭikāibā Chhiṭ-kāibā (See)
(ଛିଟକେଇବା—ଅନ୍ୟରୂପ)

ଛିଟିକା କନା—ଦେ. ବ—ନୂଆ ହାଣ୍ଡି ଗଢ଼ିବା ବେଳେ କୁମ୍ଭାରମାନେ
Chhiṭikā kanā ଯେଉଁ ଓଦା କନା ଦ୍ୱାରା କଞ୍ଚା ହାଣ୍ଡିରେ ପାଣି ଛାଟନ୍ତି—A piece of wet rag with which potters sprinkle water on wet earthen pots while preparing them.

ଛିଟିକା ଚୋର—ଦେ. ବ—ଯେଉଁ ଚୋରି ଛୋଟଛୋଟ ଜିନିଷ ଚୋରି କରେ—A petty thief; a pilferer.
Chhiṭikā chora
ছিচকা চোর
अदना चोर

ଛିଟିକାଣିଆଁ—ଦେ. ବ—ଛିଟ୍‌କାଣିଆ (ଦେଖ)
Chhiṭikāṇiān Chhiṭ-kāṇiā (See)

ଛିଟିକା ପିଲା—ଦେ. ବ—ଅତି କ୍ଷୁଦ୍ର ଶିଶୁ—
Chhiṭikā pilā An infant; a very young child; a baby; a tiny child; a suckling.

ଛିଟିକି—ପ୍ରାଦେ (ଗଞ୍ଜାମ) ବ—ଟୋକେଇ; ପାଛିଆ—
Chhiṭiki A basket.

ଛିଟିକିଣି—ଦେ. ବ—୧ । ମୂଷାଯନ୍ତ୍ର; ମୂଷା ମାରିବା ବା ଧରିବା କଳ—
Chhiṭikiṇi 1. A mouse-trap; a trap-like contrivance for catching rats.
ছিটকিনি
सिटकनी; छटकना
ଛିଟକୁଣି } ଅନ୍ୟରୂପ
ଛିଟ୍‌କୁଣି }
[ଦ୍ର—ଏଥିରେ ଚିକିଥି ଲାଗିଥାଏ; ଛିକିଥି ତଳେ ଖାଦ୍ୟଦ୍ରବ୍ୟ ଝୁଲା ହୋଇଥାଏ; ମୂଷା ସେ ତଳରେ ପଶି ଖାଦ୍ୟ ଦ୍ରବ୍ୟକୁ ଝିଙ୍କି ଦେବା ମାତ୍ରେ ଚିକିଥିଟି ଖସି ଯିବାରୁ କଳମୁହଁର କବାଟ ବନ୍ଦ ହୋଇଯାଏ ଓ ମୂଷା ଭିତ୍ତରୁ କଳମଧ୍ୟରେ ରୁଦ୍ଧ ହୋଇ ରହେ ।]

୨ । ଦୁର୍ଗପ୍ରାଚୀରମଧ୍ୟସ୍ଥ ତିର୍ଯ୍ୟକ୍ ଗଡ଼—
2. A fort constructed in a leaning position in the wall of a castle.

ଛିଟକଣୀମାନ ପାତସ ହେଉଛି ଶୋଭ
ଯେଉଁ ଦୁର୍ଗ ଦେଖିଲେ ସେ ସୁରଦେବ ଲୋଭ ।
ବଳୁନାଥ. ଦଶଗ୍ରୀବ ଯୁଦ୍ଧ ।

୩ । କାନ୍ଥରେ ତେରଛ ହୋଇ ପୋତା ହୋଇଥିବା କଣା—
3. A long-necked pot put in a slanting position in the wall to serve as a niche.

୪ । ଭୁମ୍ବ ବାଣର ମୁହଁ ବା ପେଟ ଭିତରେ ଅଗରୁ ରଖା ଯାଇଥିବା ବଳା ଦଉଡ଼ା—4. A copra-rope put inside a firework and used as a fuse to ignite it.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଂଶ' ନ ପାଇଲେ 'ଅଙ୍ଶ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ

[ଦ୍ର— ବାଣରେ ନଅାଁ ଲଗାଇବା ସମ୍ବନ୍ଧରେ ଏହି ଛିଟିକିଣିରେ ଗୁଣ୍ଡରସ ଦେଇ ସେହି ଗୁଣ୍ଡରସରେ ନଅାଁ ଧରାଇ ଦେଲେ, ସେ ନଅାଁ ଦଉଡ଼ି ଯାଇ ବାଣ ଦେହରେ ଲାଗିଯାଏ ।]

୫ । ଢେଲା ଫୋପାଡ଼ିବା ଦଉଡ଼ି; ଛନ୍ଦ—5. A sling.

୬ । ଛିଟିକିଣିଦ୍ୱାରା ଦୂରକୁ ଫୋପଡ଼ା ଯିବା ଢେଲା—
6. Clods thrown to a distance by means of a sling.

୭ । ଛିଟ୍କିଅି; କବାଟ ବା ଝରକାକୁ ବନ୍ଦ କରିବା ନିମନ୍ତେ ଦିଆଯାଇ ଥିବା ଝିଙ୍କିଳ ବା ଘୋଡ଼ା ବା ହୁକ—
7. A cleat; a trigger-like contrivance or hook used to fasten the shutters of doors and windows.

ପ୍ରାଦେ. (ସିଂହଭୂମ) ବି—ଛୋଟ ହୁଡ଼୍କା—
A small bolt used in a door.

ଛିଟିକି ପଡ଼ିବା—ଦେ. କ୍ରି—ଛିଡ଼ିବା; ଦ୍ରୁତଗତିରେ ଦୂରକୁ କ୍ଷିପ୍ତ ହେବା—To be spluttered about; to be thrown to a distance with force.
Chhiṭiki par̲ḏibā
ছিটকেপড়া
छिड़कना

ନାବୁଁ ଦ ମୀନ ଛିଟିକି ଦେଉଁ ଅସି ପଡ଼ଇ ନଦୀ ଜଳରେ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

ଛିଟିକିବା—ଦେ. କ୍ରି—ଛିଟ୍କିବା (ଦେଖ)
Chhiṭikibā Chhiṭ-kibā (See)

ଛିଟିରି ପିଟିରି—ଦେ. ବଣ—ଅତି ଛୋଟ ଓ ସାମାନ୍ୟ (ବହୁ)—
Chhiṭiri piṭiri Small and insignificant (many).
ছোটখাট
क्षुद्रकर

ଛିଡ଼କା—ଦେ. ବି. (ସଂ. କ୍ଷିପ୍ତ+କୃ ଧାତୁ; ପ୍ରା. ଛିତ୍ତ)—୧ । ଛିଟା—
Chhir̲ḏ-kā 1. Spurting; splashing.
ছিটা
छींटा
୨ । ଛିଟା ହୋଇଥିବା ବିନ୍ଦୁ—
2. Splashed spots.
(ଛିଡ଼କା—ଅନ୍ୟରୂପ)

ଛିଡ଼୍କାଇବା—ଦେ. କ୍ରି. (ସଂ. କ୍ଷିପ୍ତକରଣ; ପ୍ରା. ଛିତ୍ତରଣ)—
Chhir̲ḏ-kāibā ଛିଟା ପକାଇବା; ବିନ୍ଦୁ ବିନ୍ଦୁ ଛାଟିବା—
ছিটান To spurt or splash; to sprinkle
छिटकना; छिड़काना obliquely in drops.
(ଛିଡ଼୍କେଇବା; ଛିଡ଼କାଇବା; ଛିଡ଼କେଇବା—ଅନ୍ୟରୂପ)

ଛିଡ଼୍କିବା—ଦେ. କ୍ରି—୧ । ବହୁଦୂରକୁ ବେଗ ସହିତ ଉଠିବା—
Chhir̲ḏ-kibā 1. To shoot forth to a distance.
ছিটকা
छिटकना; छिड़कना
୨ । ତିର୍ଯ୍ୟକ୍‌ଭାବରେ ବିନ୍ଦୁ ବିନ୍ଦୁ ହୋଇ କ୍ଷିପ୍ତ ହେବା—
2. To be splashed or spluttered.
(ଛିଡ଼କିବା—ଅନ୍ୟରୂପ)
(ଛିଡ଼କାଇବା—ଣିଜନ୍ତ)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଛିଡ଼୍ପୁଡ଼—ପ୍ରାଦେ. (ଗଡ଼ଜାତ) ବି. (ସଂ. ଛିଦ୍ର)—
Chhir̲ḏpur̲ḏa ନାନା ଛିଦ୍ର କଥା ବା ଗୁପ୍ତ ଦୋଷ—
Numerous petty defects.

ଛିଡ଼ା—ଦେ. (ଶୂଦ୍ରଭାଷା) ବି. (ସଂ. ଖଡ଼୍କ=ସ୍ତମ୍ଭ)—
Chhir̲ḏā ୧ । ଦଣ୍ଡାୟମାନ ହେବା—
খাড়া 1. Standing upright; being erect.
ठाड़; खड़ा
୨ । ସିଧାଭାବରେ ଠିଆ ହେବା—
2. Rising up perpendicularly.
୩ । ଦଣ୍ଡାୟମାନ ଅବସ୍ଥା—3. Standing position.
ଛିଡ଼ାରେ ଆଚମନ କଲନ୍ତି କାହିଁକି । କୃଷ୍ଣସିଂହ, ମହାଭାରତ. ଅଦି ।
ছেঁড়া
टूटना
୪ । (ସଂ. ଛେଦନ) ଛିଣ୍ଡିବା; ଛିନ୍ନ ହେବା; ଛିଡ଼ିବା—
4. Tearing; being torne.

ଦେ. (ଶୂଦ୍ରଭାଷା) ବିଣ—୧ । ଦଣ୍ଡାୟମାନ; ଠିଆ—
1. Standing upright; erect.
ରହିଲେ ଛିଡ଼ା ହୋଇ ନମସ୍କାର କରି । କୃଷ୍ଣସିଂହ. ମହାଭାରତ ବନ ।
୨ । ଲମ୍ବଭାବରେ ଉଚ୍ଚ ଉଠିଥିବା—
2. Rising up perpendicularly.
ছেঁড়া
टूटा
୩ । (ସଂ. ଛିନ୍ନ)—ଛିଣ୍ଡା; ଛିନ୍ନ—3. Torne into pieces.
ତପସ୍ୟା ନ ଥିଲେ କ୍ଷୀରୁ ଛିଡ଼ା ବାସ
ଘଡ଼ି ନ ଯାଇ ପୂର୍ବେ ଜାଣ ନରଈଶ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

୪ । ଭଗ୍ନ—4. Broken.
ଅଶ୍ୱତ୍ଥାମା ପକାଇ ଛିଡ଼ା ଧନୁଖଣ୍ଡ
ପୁଣି କରରେ ଧରି ମହାଭ କୋଦଣ୍ଡ । କୃଷ୍ଣସିଂହ. ମହାଭାରତ ଭୀଷ୍ମ ।

ପ୍ରାଦେ. (ସମ୍ବଲପୁର) ବି—୧ । ଛିଣ୍ଡାକନା—1. Rag.
୨ । ସ୍ତ୍ରୀଲୋକମାନେ ମାରିବା କୌପୁନି—2. A long narrow strip of rag tugged down the privities.

ଛିଡ଼ାଇବା—ଦେ. କ୍ରି.—(ଛିଦ୍ ଧାତୁ. ଣିଚ୍ ଛେଦ ଧାତୁ)—
Chhir̲ḏāibā ୧ । ଛିଡ଼ିବାର ଣିଜନ୍ତ ରୂପ—
ছাঁড়ান 1. Causative of Chhir̲ḏibā.
छोड़ना
୨ । ଛିନ୍ନ କରିବା; ଛିଣ୍ଡାଇବା—2. To cut asunder; to split up.
ଛିଡ଼େଇବା, ଛିଣ୍ଡାଇବା, ଛିଣ୍ଡେଇବା—ଅନ୍ୟରୂପ
୩ । ପୃଥକ୍ କରିବା—
3. To part asunder.
୪ । ଚିରିବା—4. To tear.
୫ । (ବିବାଦ) ତୁଟାଇବା; ନିଷ୍ପତ୍ତି କରିବା; ମୀମାଂସା କରିବା; ସମାଧାନ କରିବା—5. To settle; to solve. (a dispute).
୬ । ଖଟା ଦେଇ ଦୁଧକୁ ପାଣି ଫଟାଇବା—
6. To curdle (milk).
୭ । ଭାଙ୍ଗିଦେବା—7. To break off.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଙ୍ଘ	ଜ	ଶ,ଷ	କ୍ଷ	ଇଯ୍ଯ	ଉଅ	ଲ୍ଲ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଘ୍ୟ	ଯ	ସ	ଚ୍ଁୟ	ଇଅ	ଞ୍ଜ	ନ୍ତ

୮ । (ଫିଟ୍‌କିରି ବା ନିର୍ମଳୀଫଳ ପକେଇ)—
ଗୋଳିଆ ପାଣିରୁ ମଇଳା ଅଂଶ ତଳକୁ ବସାଇବା—
8. To sublimate; to refine dirty water.

୯ । ଗଣିତ ସମସ୍ୟାକୁ ସମାଧାନ କରିବା—9. To work out or solve a mathematical problem.

୧୦ । କୌଣସି ପ୍ରସ୍ତାବକୁ ଅଗ୍ରାହ୍ୟ କରିବା —10 To break off or reject a proposal.

୧୧ । ବୃକ୍ଷରୁ ପତ୍ର, ଡାଳ, ଫଳ, ଫୁଲ ପୃଥକ କରିବା—
11. To pluck (fruits, flowers, leaves or branches from a tree).

୧୨ । ଅନ୍ୟ ବ୍ୟକ୍ତିର ଶରୀରକୁ ଘୃଷ୍ଟ ବା ଘୋଷାରି କ୍ଷତବିକ୍ଷତ କରିବା; ଛିଣ୍ଡାଇବା—13. To abrade; to cause abrasion of the skin by dragging a person on the ground or by scratching.

ଛିଡ଼ା କରିବା—ଦେ. କି. (ଶୁଦ୍ଧ ଭାଷା)— ୧ । ଦଣ୍ଡାୟମାନ ହେବାର ବା
Chhirdā karibā   କୌଣସି ବ୍ୟକ୍ତି ଠିଆ ହୋଇ ରହିବାର
खाड़ा करना   ବ୍ୟବସ୍ଥା କରିବା—1. To cause to a person
खड़ा करना   stand up.
(ଯଥା—ଗୁରୁ ଦୁଷ୍ଟ ଛାତ୍ରକୁ ୩ ଘଣ୍ଟା କାଳ ଖରାରେ ଛିଡ଼ା କଲେ ।)

୨ । (ଗୃହଆଦି) ନିର୍ମାଣ କରି ସମ୍ପୂର୍ଣ୍ଣ କରିବା—
2. To build up; to fabricate; to erect.
(ଯଥା—ମାସକ ମଧ୍ୟରେ ରାଜମାନେ ଗୋଟିଏ ଦେଉଳ ଛିଡ଼ା କଲେ ।)

୩ । (ବିବାଦ, ମକଦ୍ଦମା) ଘଟାଇବା; ସୃଷ୍ଟି କରିବା—
3. To cause to happen; to bring about; to create (a dispute).
(ଯଥା— ସେ ଭାଇ ଭାଇ ମଧ୍ୟରେ ଗୋଟିଏ ମକଦ୍ଦମା ଛିଡ଼ା କରି ଦେଲେ ।

୪ । ଟେକିବା; ଉର୍ଦ୍ଧ୍ୱ କରିବା—
4. To cause to stand erect; to prick up.
(ଯଥା—ଘଣ୍ଟାର ଧ୍ୱନି ଶୁଣି ଘୋଡ଼ା ତା କାନକୁ ଛିଡ଼ା କରୁଛି ।)
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ହେବା କ୍ରିୟାର ସମାପିକା ରୂପ ଲାଗେ ।]

ଛିଡ଼ାଛିଡ଼ା—ଦେ. ବିଣ.— ୧ । ସ୍ଥାନେ ସ୍ଥାନେ ଠିଆ ହୋଇଥିବା—
Chhirdā-chhirdā 1. Standing here and standing
खाड़ाखाड़ा there; protruding perpendicularly at several places.

୨ । କାର୍ଯ୍ୟ କରିବାକୁ ଅନିଚ୍ଛୁକ—
2. Unwilling to work.

ଦେ. କି. ବିଣ.—ଠିଆ ହୋଇ ଥିବା ଅବସ୍ଥାରେ—
While standing.
(ଯଥା—ସେ ଛିଡ଼ାଛିଡ଼ା ପାଣି ପିଇ ଦେଲା ।)

ଛିଡ଼ାଛିଡ଼ି—ଦେ. ବି.—ଛିଣ୍ଡାଛିଣ୍ଡି; ବହୁବାର ଛିଡ଼ିବା କର୍ମ—
Chhirdā-chhirdi   Acts of breaking.

ଛିଡ଼ା ହେବା—ଦେ. (ଶୁଦ୍ଧ ଭାଷା) କି.—୧ । ଦଣ୍ଡାୟମାନ ହେବା;
Chhirdā hebā   ଠିଆ ହେବା—
खाड़ा लओया   2 To stand up.
ठाड़ होना, खड़ा होना   ଛିଡ଼ା ହୋଇ ଗଲେ ଗୀତାବନ୍ତ,
କ୍ରୀଡ଼ା କଲେ କ ରଜନ କୋଠ—ଗୋଲକ, ଉଦ୍ଧରେଖା ।

୨ । ଲମ୍ବଭାବରେ ଉଚ୍ଚ ଉଠିବା—2. To rise up perpendicularly from the ground.

୩ । ଅବସ୍ଥାନ କରିବା—4. To stay; to abide,
ଅଧର୍ମ ତା ଠାରୁ ପଳାଏ ପାଇ ତ୍ରାସ;
ଧର୍ମ ତାହା ଦେହରେ ହୋଇଥାଏ ଛିଡ଼ା ।କୃଷ୍ଣସିଂ ହ. ମହାଭାରତ. ବନ ।

୪ । ଘଟିବା—4. To happen.
(ଯଥା—ତାଙ୍କ ମଧ୍ୟରେ ଗୋଟିଏ ବିବାଦ ଛିଡ଼ା ହେଲାଣି ।)

୫ । ନିର୍ମିତ ହେବା—To be built up.
(ଯଥା—୭ ଦିନ ମଧ୍ୟରେ ପଡ଼ିଆରେ ଗୋଟିଏ ଦେଉଳ ଛିଡ଼ା ହେଲା ।)

୬ । (ଲିଙ୍ଗ) ଟଙ୍କାଇବା; ଉର୍ଦ୍ଧ୍ୱ ହେବା—
6, To stand erect.
(ଯଥା—ଏ ପିଲାଟିକୁ ମୂତ ମାଡ଼ିଲାଣି ବୋଲି ତା ଗୁଡ଼ଟି ଛିଡ଼ା ହୋଇଛି ।)

ଛିଡ଼ିକିତ—ଦେ. ବିଣ. (ଅସାଧୁତାଦୋଷଦୁଷ୍ଟ ଶବ୍ଦ)—ଦୂରକୁ ନିକ୍ଷିପ୍ତ—
Chhirdikita   Thrown to a distance; shooting out.

ବସନ୍ତି ସେତିକ ଧାର ପାତେ, ଛିଡ଼ିକିତ କନକଣା ବ୍ୟାଜେ ।
ଉଲ୍ଲାସର୍ବ, ବନମାଳତୀ ।

ଛିଡ଼ିକିବା—ଦେ. କି.— ଛିଡ଼ିକିବା (ଦେଖ)
Chhirdikibā   Chhirdikibā (See)
(ଛିଡ଼ିକି ପଡ଼ିବା; ଛିଡ଼ିକି ଯିବା—ଅନ୍ୟରୂପ)

ଛିଡ଼ିଛଡ଼ି – ପ୍ରାଦେ (ସମ୍ବଲପୁର) ବି ଓ ବିଣ—ଛିଣ୍ଡାଳୀ—
Chhirdi-chhardi   Adulteress.

ଛିଡ଼ି ପଡ଼ିବା—ଦେ. କି (ସଂ. ଛିଦ୍ ଧାତୁ; ଛିନ୍ନ)—୧ । ସ୍ଥାନଭ୍ରଷ୍ଟ
Chhirdipardibā   ହୋଇ ଉପରୁ ତଳକୁ ଖସିବା—
1. To drop down.

ଙ୍ଗଶିକର ଫୁଲବନ୍ତି
ଗୋବନ୍ଦ ଭାବମାଳ ଯୋଡ଼ି
ସେଠାରେ ଛିଡ଼ି ପଡ଼ିଥିଲା
ସଲକ୍ଷଲୋଚନା ପାଇଲା । ଭୂପତି. ପ୍ରେମପଞ୍ଚାମୃତ ।

୨ । ସୂକ୍ଷ୍ମତର ହେବା—
2. To become more slender.
(ଯଥା—ଶରତ୍‌କାଳରେ ନଈଧାର ଛିଡ଼ି ପଡ଼ିଲାଣି ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଁ ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । (ଲକ୍ଷଣାର୍ଥ) ଗର୍ବ ବା ଅହଂକାରର ଆତିଶଯ୍ୟ ଦେଖାଇ ହେବା—3. (figurative) To exhibit too much pride.

(ଛିଣ୍ଡିପଡ଼ିବା—ଅନ୍ୟରୂପ)

(ଯଥା—ପୁଅ ବଡ଼ ଚାକିରି ପାଇବାରୁ ମାଆ ଗର୍ବରେ ଛିଡ଼ି ପଡ଼ୁଛି ।)

ଛିଡ଼ିବା— ଦେ. କ୍ରି (ସଂ. ଛିଦ୍ ଧାତୁ)—୧ । ଛିନ୍ନ ହେବା—1. To be cut off; to be cut asunder; to be split.

Chhirdiba—

ହେଁଡ଼ା

ଟୁଟିବା

(ଛିଣ୍ଡିବା—ଅନ୍ୟରୂପ)

ଛିଡ଼ାଇବା } ଣିଜନ୍ତ
ଛିଡ଼େଇବା }

କର ହୃଦଯ଼ ଶିର ଛିଡ଼ି,
ପଡ଼ିଲେ ମହୀତଳେ ମାଡ଼ି । ଜଗନ୍ନାଥ. ଭାଗବତ ।

୨ । ଚିରି ଯିବା—2. To be torne.

ପଥ ସଙ୍କୀର୍ଣ୍ଣ କଣ୍ଟାବନ, ପଶନ୍ତେ ଛିଡ଼ଇ ବସନ । ଭୂପତି. ପ୍ରେମପଞ୍ଚାମୃତ ।

୩ । ବିଚ୍ଛିନ୍ନ ବା ପୃଥକ୍ ହେବା; ସ୍ଥାନଭ୍ରଷ୍ଟ ହେବା; ସ୍ଥାନଚ୍ୟୁତ ହେବା—3 To be separated from the proper place.

ଛିଡ଼ି ମୋତିମାଳ ଖସେ କି ତଖଳ କି ସେ ବକପନ୍ତି ପରି । କବିସୂର୍ଯ୍ୟ, ସଙ୍ଗୀତ ।

୪ । (ବିବାଦ, ମକଦ୍ଦମା, ହିସାବ) ମୀମାଂସା ହେବା; ନିଷ୍ପତ୍ତି ହେବା; ତୁଟିଯିବା—4. To be settled.

(ଯଥା—ବର୍ଷେହେଲା ଚାଲୁଥିବା ମକଦମାଟି ଆଜି ଛିଡ଼ିଗଲା ।)

୫ । ତଳକୁ ଖସି ପଡ଼ିବା— 5. To drop down.

(ଯଥା—ଆଜି ଦିପହର ଗରମରେ ସ୍ୱର୍ଗରୁ ନିଆଁ ଛିଡ଼ୁଛି ।)

୬ । ଦୁଧ ଫାଟି ଯାଇ ଜଳୀୟ ଅଂଶ ଓ ଛେନା ପୃଥକ୍ ହେବା—6. To curdle (said of milk separated into water and cheese.

(ଯଥା—ଖଟା ପଡ଼ିବାରୁ ଦୁଧ ଛିଡ଼ିଗଲା ।)

୭ । କମି ଯିବା—7. To become less; to abate; to decrease; to subside.

ସେମାନେ ପିଲାଦିନରୁ ଦେଖି ଆସୁଅଛନ୍ତି,
ଏହି ଗଛ ବଢ଼ିବାକୁ କି ଛିଡ଼ିବାକୁ ନାହିଁ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

୮ । ତୁଟିଯିବା; ଭାଙ୍ଗି ଯିବା—8. To be broken off.

(ଯଥା—ତାଙ୍କର ଆମର ସମ୍ପର୍କ ଛିଡ଼ିଲା ।)

୯ । ଗୋଳିଆ ପାଣିରୁ ମଇଳା ଅଂଶ ତଳକୁ ବସିଯିବା—9. To be sublimated; (water) to become refined by the dirt being collected at the bottom.

(ଯଥା—ନିର୍ମଳୀ ଘୋରି ପାଣିରେ ପକାଇବାରୁ ପାଣି ଛିଡ଼ିଗଲା ।)

୧୦ । ଲୁପ୍ତ ହେବା—10. To disappear.

ଉଦିତ ଅଙ୍ଗରେ ଚନ୍ଦ୍ରମା,
ନିଗୁଣ ଛିଡ଼ିଲା ମୋହର । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

୧୧ । (ଗଣିତ) କୌଣସି ରାଶିକୁ କୌଣସି ରାଶିରେ ହରିଲେ ଭାଗଶେଷ କିଛି ନ ରହିବା—11. (mathematics) (any number) Not to leave any remainder after division.

(ଯଥା—୧୨କୁ ୩ରେ ହରିଲେ ଛିଡ଼ିଯାଏ ।)

୧୨ । ନଖଦ୍ୱାରା ରାମ୍ପୁଡ଼ା ହୋଇ କିମ୍ବା ପଥରଆଦି ଉପରେ ଘୋସାରି ହୋଇ ଶରୀର କ୍ଷତବିକ୍ଷତ ହେବା; ରକ୍ତାକ୍ତ ହେବା—12. To bleed by scratching or abrasion; to be abraded.

(ଯଥା—ପଥରରେ ଘୋଷାରି ହୋଇ ମୋ ହାତହାତ ଛିଡ଼ି ଯାଇଛି ।)

୧୩ । ସୂକ୍ଷ୍ମତର ହେବା—13. To become more slender; to become leaner.

୧୪ । (ନଈରୁ ପାଣି) କମିଯିବା—14. To become less; to diminish.

(ଯଥା—ନଈର ଧାର ଖରାଦିନେ ଛିଡ଼ି ଗଲା ।)

୧୫ । (ଗାଳିରେ ବ୍ୟବହୃତ) ମରିଯିବା; ଵିଧ୍ୱସ୍ତ ହେବା—15. (used in abuse) To die.

୧୬ । ଶେଷ ହେବା; ସରିବା—16. To end; to terminate.

(ଯଥା—କେତେଦୂର ଯାଇ ଏ ରାସ୍ତାଟି ଛିଡ଼ିଛି ।)

୧୭ । ବିନଷ୍ଟ ହେବା—17. To be destroyed.

ଏ ଭବେ ଭକ୍ତି ଯୋଗ ବଢ଼େ
କର୍ମ ବନ୍ଧନ ବେଗେ ଛିଡ଼େ । ଜଗନ୍ନାଥ. ଭାଗବତ ।

୧୮ । କ୍ଷୟିତ ହେବା; ଘୋର ହେବା—18. To wear away by constant use.

(ଯଥା—ସବୁବେଳେ ଚନ୍ଦନ ଘୋରା ହେବାରୁ ଚନ୍ଦନପେଡ଼ି ଛିଡ଼ିଲାଣି ।)

୧୯ । ଘମାଘୋଟ ହୋଇ ଲାଗିବା—19. To be carried on with vigour.

(ଯଥା—ଭାଇ ମୋର ଆଜି ସକାଳେ ଝାଙ୍କେ କଳି ଛିଡ଼ିଲା ।)

୨୦ । ମୀମାଂସିତ ହେବା—20. To be decided.

(ଯଥା—ପାଞ୍ଚ ଦିନ ହେଲା ଏ ନିଷ୍ପତ୍ତି ଛିଡ଼ିବାକୁ ନାହିଁ ।)

୨୧ । ସ୍ଥିରୀକୃତ ହେବା—21. To be settled.

(ଯଥା—୩ ଘଣ୍ଟା ଧିକ୍କାର ହେବା ପରେ ଏ କଳିଘର ଭାଗ ଛିଡ଼ିଲା ।)

୨୨ । ବିବାଦୀ ହେବା—22. To be at loggerheads with.

(ଯଥା—ରାଜାଙ୍କ ସାଙ୍ଗେ ଛିଡ଼ି ପ୍ରଜା ଦଣ୍ଡେ ରହି ପାରିବ ନାହିଁ ।)

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟା ଯୁକ୍ତ ହୁଏ ।]

୧	ଇ	ଓ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଈ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଊ	ନ୍

ଛିଣ୍ଡଣ—ଦେ. ବ—ଛିଣ୍ଡାଣ ୨ (ଦେଖ)
Chhindana — Chhindāna 2 (See)

ଛିଣ୍ଡା—ଦେ. ବ. (ସଂ. ଛିଦ ଧାତୁ)—
Chhindā — ୧ । ଛିଡ଼ିବା—1. Tearing.
ଛେନା, ଛିନା — ୨ । ଛିଣ୍ଡାଇବା—2. Plucking.
ତୁଟ — ୩ । ନଖାଦିଜନିତ ଛଡଚଦ୍ଧ—
3. Scratching marks.
୪ । ନଈବଢ଼ି ଛାଡ଼ି ଗଲେ ନଦୀଗର୍ଭରେ ଯେଉଁ ସ୍ଥାନମାନଙ୍କରେ ପାଣି ଜମି ରହି ଯାଏ—
4. Pools of water left in the river bed after the subsidence of flood.
୫ । ସ୍ରୋତସ୍ବତୀର ଅଗଭୀର ଅଂଶ—
5. Shallow portion of a flowing river.
ବିଣ—୧ । ଛିନ୍ନ; ବିଦୀର୍ଣ୍ଣ; ଫଟା—1 Torne.
ଛେଁାଡ଼ା, ଛିନା — (ଯଥା—ଛିଣ୍ଡା ଲୁଗା; ଛିଣ୍ଡା ଭଳା ।)
ଝିଥଡ଼ିଆ — ୨ । କ୍ଷୀଣ; ଶୀର୍ଣ୍ଣ—2. Thin; slender.
୩ । (ଅନ୍ୟ ଶବ୍ଦ ସଙ୍ଗେ ଲାଗେ, ଯଥା—ମରମଛିଣ୍ଡା କଥା) ବିଦୀର୍ଣ୍ଣକାରୀ; ଭେଦକ—3. Piercing.

ଛିଣ୍ଡାଇବା—ଦେ. କ୍ରି. (ସଂ. ଛିଦ ଧାତୁ ଣିଚ)—
Chhindāibā — ୧ । ଛିଡ଼ାଇବା (ଦେଖ)
ଛେଁାଡ଼ାନ, ଛିନାନ — 1. Chhirdāibā (See)
ଛିନବାନା, ଛିନାନା — ୨ । (ବିଚାର) ସ୍ଥିର କରିବା; ମୀମାଂସା କରିବା-
(ଛିଣ୍ଡେଇବା—ଅନ୍ୟରୂପ) 2. To decide.
ଏହି ରୂପେ ସର୍ବ ବିଚାର ଛିଣ୍ଡାଇଲେ
ସମୁଦ୍ରରେ ଘର ଯେ କରିଣ ରହିଲେ । କୃଷ୍ଣସିଂହ. ମହାଭାରତ. ବନ ।
୩ । ସମ୍ପନ୍ନ କରିବା; ଶେଷ କରିବା—
3. To finish; to accomplish.
(ଯଥା—ମୁଁ ଏ କାର୍ଯ୍ୟଟା ଆଜି ଛିଣ୍ଡାଇ ଦେଲି ।)
୪ । ଜବରଦସ୍ତି ଛଡ଼ାଇ ନେବା; ଜବରଦସ୍ତି କୌଣସି ବ୍ୟକ୍ତିକୁ ବେଦଖଲ କରିବା—
4. To snatch away; to forcibly dispossess.
ଖଣ୍ଡା ବଳେ କେତେ ଖଣ୍ଡାଇତଙ୍କର ଛିଣ୍ଡାଇ ନେଲେ ମୁଲକ ।
ବ୍ରଜନାଥ. ସମରତରଙ୍ଗ ।
୫ । (ଗଣିତ) ବଡ଼ ରାଶିକୁ ସାନ ରାଶି ଦ୍ବାରା ହରଣ କରି କୌଣସି ଭାଗଶେଷ ନ ରଖିବା—
5. (mathematics) To leave no remainder after dividing a big number with a smaller one.

ଛିଣ୍ଡା କନା—ଦେ. ବ—(ସଂ. ଛିନ୍ନ+କର୍ଣ୍ଣ)—ଛିନ୍ନ ବସ୍ତ୍ର; କନ୍ଥା—
Chhindā kanā — Rag; torn piece of cloth.
ଛେଁାଡ଼ା କାନୀ
ଚିଥଡ଼ା

ଛିଣ୍ଡାଗଣ୍ଡ—ଦେ. ବ—୧ । ପ୍ରହେଳିକା; ବ୍ୟାସକୂଟ—
Chhindā-ganda — 1. Riddle; enigma.
ହଜୀ — ୨ । ମର୍ମଭେଦୀ ବ୍ୟଙ୍ଗୋକ୍ତି—
2. Satirical remarks; lampoon.
୩ । ଏକ ପ୍ରକାର ଦ୍ବ୍ୟର୍ଥକ ପ୍ରହେଳିକା (ଯେଉଁ ପ୍ରହେଳିକାକୁ ଶୁଣିବା ମାତ୍ରେ ଅଶ୍ଳୀଳ ପରି ବୋଧ ହୁଏ କିନ୍ତୁ ପ୍ରକୃତରେ ତାହା ଅଶ୍ଳୀଳ ନୁହେ ବୋଲି ପରେ ଜଣାଯାଏ)—
3. Double entendre; a class of riddles which sound obscene at first sight but which have no obscene purport.
[ଦ୍ର—ଉଦାହରଣ ଯଥା—
"ଫାରୁ ମଶୁଣି ଫିଟା କରୁ
ଯେଉଁ ପୁରୁଷର ଯେତକ ଇଚ୍ଛା ।"
ଏହାର ଅର୍ଥ—ଅସନ ପକାଅ ଓ ପୋଥିର ଡୋର ଫିଟାଇ ମନଇଚ୍ଛା ମୁତାବକ ପୋଥିକୁ ପଢ଼ ।]

ଛିଣ୍ଡାଛିଣ୍ଡି—ଦେ. ବ ଓ ବିଣ—ଅନ୍ୟୋନ୍ୟରେ ଖମ୍ଭାଖମ୍ଭି—
Chhindā-chhindi — Mutual scratching.
ଛିନାଛିନି — ଯୁଦ୍ଧ କଲେ ହୋଇଣ କାମୁଡ଼ାକାମୁଡ଼ି
ଛିନାଛିନି — କଟମାନଙ୍କରେ ଯେ ହୋଇ ଛିଣ୍ଡାଛିଣ୍ଡି ।
କୃଷ୍ଣସିଂହ. ମହାଭାରତ. ବସନ୍ତ ।

ଛିଣ୍ଡାଣ—ଦେ. ବ. (ସଂ. ଛେଦନ)—
Chhindāna — ୧ । ଛେଦକରଣ; ଛେଦନ—
1. Cutting; splitting.
୨ । ମୃଦଙ୍ଗ, ଘୁମୁରା ବା ପଖାଉଜକୁ ତାଳ ଧରି ବଜାଇବା ବେଳେ ଭକ୍ତିକୁ ଛିଣ୍ଡାଇବାର ସର୍ବଶେଷରେ ଉଚ୍ଚାରିତ ଶବ୍ଦ ବା ପଦ ବା ବାକ୍ୟ—2. The last syllable of a musical formula for playing on a drum.
୩ । (ଗଣିତ) ବଡ଼ ରାଶିକୁ ଛୋଟ ରାଶିରେ ଏପରି ହରଣ କରିବା ଯେଉଁପରି କିଛି ଭାଗଶେଷ ନ ରହିବ—
3 (mathematics) Division of a large number by a smaller one so as to leave no remainder.
ଦେ. ବିଣ. (ଗଣିତ)—ସମବିଭକ୍ତକ (ସଂଖ୍ୟା)—
(mathematics) Equally divisible (number).
(ଯଥା—ଛିଣ୍ଡାଣ ଅଙ୍କ ।)

ଛିଣ୍ଡାଳ—ଦେ. ବ. ସ୍ତ୍ରୀ. (ସଂ. ଛିନ୍ନା; ଭୁଲ; ପ୍ରା. ଛିନ୍ନାଳସ୍ଵା = ବେଶ୍ୟା)—ବ୍ୟଭିଚାରିଣୀ ସ୍ତ୍ରୀ; ପୁଂଶ୍ଚଳୀ;
Chhindāla
ছিনাল, ছিনার, ছেনাল — ଭ୍ରଷ୍ଟା ସ୍ତ୍ରୀ; ନଷ୍ଟଚରିତ୍ରା ସ୍ତ୍ରୀ—
छिनाल; छिनार — Adulteress; harlot; coquette.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଂଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଂକ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

ଦେ. ବଣ. (ସ୍ତ୍ରୀ)—ପରପୁରୁଷଗାମିନୀ; ନଷ୍ଟା—
Dissolute (woman); coquettish.

ଛିଣ୍ଡାଳ—ଦେ. ବ—୧ । ବେଶ୍ୟାବୃତ୍ତି—
Chhindāli 1. Prostitution; harlotry.
ছিনালি ୨ । ସ୍ତ୍ରୀର ନଷ୍ଟଚରିତ୍ରତା; ପରପୁରୁଷଗମନ—
छिनाला 2. Adultery of a woman.
(ଛିଣ୍ଡାଳପଣ—ଅନ୍ୟରୂପ) ୩ । ପରପୁରୁଷ ପ୍ରତି ହାବଭାବ ପ୍ରକାଶ—
3. Coquetry.

ଛିଣ୍ଡାଳୀ—ଦେ. ବ. ସ୍ତ୍ରୀ—ଛିଣ୍ଡାଳ (ଦେଖ)
Chhindāli Chhindāla (See)

ଛିଣ୍ଡାଳିଛଟକ—ଦେ. ବ- ଛିଣ୍ଡାଳୀର ଢଙ୍ଗ, ବ୍ୟବହାର ବା ଭଙ୍ଗୀ—
Chhindāli-chhataka The ways of a coquette (e.g.
ছিনালিছটক shamelessness, solicitations, refusal
छिनाला after encouragement given.
(ଛିଣ୍ଡାଳିଛଟା—ଅନ୍ୟରୂପ)

ଛିଣ୍ଡାଳିପଣ—ଦେ. ବ—ଛିଣ୍ଡାଳ (ଦେଖ)
Chhindāli-pana Chhindāli (See)
ছিনালপনা
छिनालपन
(ଛିଣ୍ଡାଳିପଣିଆଁ—ଅନ୍ୟରୂପ)

ଛିଣ୍ଡିବା—ଦେ. କି. (ସ. ଛିଦ ଧାତୁ)—ଛିଡ଼ିବା (ଦେଖ)
Chhindibā Chhirdibā (See)

ଛିତ୍—ଦେ. ଅ—ଛି—
Chhit (Intercjection) Fie !.

ଛିତକିଆ—ପ୍ରାଦେ. (ସମ୍ବଲପୁର) ବଣ. (ସ. ସୂତକ)—ଛୁତକିଆ; ସୂତକାଶୌଚ—Impurity caused by a
Chhit-kiā birth in the family or amongst one's agnates.

ଛିତ—ସ. ବଣ. (ଛୋ ଧାତୁ=ଛେଦନ କରିବା+କର୍ମ. ତ)—ଛିଣ୍ଡା; ଛିନ୍ନ—Cut; broken.
Chhita

ଛିତି—ଗ୍ରା. ବ. (ସ. କ୍ଷିତି; କ୍ଷ ସ୍ଥାନରେ ଛ ପ୍ରୟୋଗ ପ୍ରାଚୀନ ସାହିତ୍ୟରେ
Chhiti ଓ ହିନ୍ଦୀରେ ବହୁଳ)—କ୍ଷିତି; ପୃଥ୍ୱୀ—The earth
छिति ଜମ୍ବୁ ଛିତି ବଢ଼ି ବିସ୍ତାର ଅପାର
ତାହା ପିଠିରେ ଧରନ୍ତୁ ଚକ୍ରଧର—ଜଗ. ରସବାରିଧି ।

ଛିତିବିତି—କି. ବଣ. (ସ. ଛିନ୍ନ ଓ ଭିନ୍ନ, କମ୍ବା କ୍ଷିପ୍ତ ଓ ବ୍ୟାପ୍ତ)—
Chhiti-biti ୧ । ଅସ୍ତବ୍ୟସ୍ତ—1. Confused
୨ । ଛିନଛତ୍ର; ଇତସ୍ତତଃ ବିକ୍ଷିପ୍ତ—
2. Scattered here and there; routed.
୩ । କାଲୁବାଲୁ—3. Bothered.
ବ—୧ । ଏଣେତେଣେ ବୁଣାଯିବା—
1. Being scattered or strewn.
୨ । ବିକ୍ଷେପ—2. Throwing.
୩ । କାଲୁବାଲୁ କରିବା—3. Botheration.

ଛିତ୍ତ—ସ. ବଣ. (ଛିଦ୍ ଧାତୁ=ଛିନ୍ନ କରିବା+କର୍ମ. ତ)—ଛିନ୍ନ—
Chhitta Cut; broken.

ଛିତ୍ତି—ସ. ବ—୧ । (ଛିଦ୍ ଧାତୁ+ଭାବ. ତି)—ଛେଦନ—
Chhitti 1. Cutting.
୨ । (+କର୍ତ୍ତୃ. ତି)—କରଞ୍ଜ ବୃକ୍ଷ—
2. Pongamia Glabra (tree)

ଛିତ୍ୱର—ସ. ବଣ. (ଛିଦ୍ ଧାତୁ+କର୍ତ୍ତୃ. ବର; ସଂଜ୍ଞାର୍ଥେ)—୧ । ଧୂର୍ତ୍ତ—
Chhitwara 1. Cunning; roguish.
(ଛିଦ୍ୱର—ଅନ୍ୟରୂପ) ୨ । ଶତ୍ରୁଭାବାପନ୍ନ—2. Inimical.
୩ । ଛେଦନକାରୀ—3. Cutting.
ସ. ବ—ଶତ୍ରୁ—Enemy; adversary.

ଛିଦ୍ (ଧାତୁ)—ସ—୧ । ଛେଦନ କରିବା—
Chhid (root) To cut.
୨ । ଭେଦ କରିବା—2. To pierce.
୩ । ଚିରିବା—3. To tear; to split.
୪ । ଭାଙ୍ଗିବା—4. To break.

ଛିଦ୍‌କେଲ୍—ପ୍ରାଦେ. (ସମ୍ବଲପୁର) ବ—କଳାବିନ୍ଦୁଯୁକ୍ତ ଈଷତ୍ ନାଲି
Chhid-kel କପୋତବିଶେଷ-The black spotted reddish dove; the Indian spotted dove; Streptolia Chinesis Suratensis.

ଛିଦକ—ସ. ବ. (ଛିଦ୍ ଧାତୁ+କର୍ତ୍ତୃ. ଅକ; ସଂଜ୍ଞାର୍ଥେ)—ବଜ୍ର—
Chhidaka Thunder.

ଛିଦର—ଗ୍ରା. ବ—ଛିଦ୍ର (ଦେଖ)
Chhidara Chhidra (See)

ଛିଦି—ସ. ବ. (ଛିଦ୍ ଧାତୁ+ସଂଜ୍ଞାର୍ଥେ. ଇ)—୧ । କୁରାଢ଼ୀ—
Chhidi 1. Axe; hatchet.
୨ । ବଜ୍ର—2. Thunder.
ସ. ବଣ—ଛେଦନକାରୀ—Cutting.

ଛିଦିର—ସ. ବି. (ଛିଦ୍ ଧାତୁ+କର୍ତ୍ତୃ. ଇର)—୧ । ଅଗ୍ନି—
Chhidira 1. Fire.
୨ । ରଜ୍ଜୁ—2. Rope.
୩ । ଖଡ଼୍ଗ—3. Sword.
୪ । କୁଠାର—4 Axe; hatchet.

ଛିଦୁର—ସ. ବଣ. (ଛିଦ୍ ଧାତୁ+କର୍ମ. ଉର)—
Chhidura ୧ । ଛିନ୍ନ—1. Torne; cut down; cut off.
(ଛିଦୁରୀ—ସ୍ତ୍ରୀ)
୨ । (+କର୍ତ୍ତୃ. ଉର) ଛେଦକ—2. Tearing.
୩ । ପ୍ରତାରକ—3. Cheating; deceiving.
୪ । ଶତ୍ରୁଭାବାପନ୍ନ—4. Inimical.

୧	ଇଁ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ଥ	ଡଅ	ଧ୍ର
୨	ଈ	ଉ	ରୁ	ଲୃ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ନ୍ତ୍ର

ଛିଦ୍ୱର—ସଂ. ବି ଓ ବିଣ. (ଛିଦ୍ ଧାତୁ + କର୍ତ୍ତୃ. ସଂଜ୍ଞାର୍ଥେ ବର)—
Chhidwara ଛିତ୍ୱର (ଦେଖ)
Chhitwara (See)

ଛିଦ୍ର୍ (ଧାତୁ)—ସଂ—ଭେଦ କରିବା—
Chhidr (root) To pierce.

ଛିଦ୍ର—ସଂ ବି. (ଛିଦ୍ ଧାତୁ + କର୍ମ. ର)—
Chhidra ୧ । କଣା; ଗାତ—
1. Hole; aperture; gap; opening.
୨ । ଗହ୍ୱର; ବିବର—2. Pit; den; cave.
୩ । ଛୁଞ୍ଚିର କଣା—
3. The eye of a needle.
୪ । ଦୋଷ—4. Fault; weak point.
ଏ ଛିଦ୍ର ତାହାର ଜାଣି ଶତ୍ରୁମାନେ । କୃଷ୍ଣସିଂହ. ମହାଭାରତ, ସଭା ।
୫ । ତ୍ରୁଟି—5. Defect; flaw.
ଛିଦ୍ର କରି ପୂଜିଲେ ଯେ ସାତ କୋଟି ପାପ । ପ୍ରାଚୀ, ଶ୍ରୀଗୁରୁଭକ୍ତି ଗୀତା ।
୬ । ଅପକର୍ଷ; ନ୍ୟୂନତା—
6. Inferiority; shortcoming.
୭ । ଅବକାଶ; ଅବସର—
7. Leisure; opportunity; fit occasion.
୮ । ବିପକ୍ଷର ତ୍ରୁଟି ବା ଅସାବଧାନତା ଯୋଗୁଁ ଘଟିବା ସୁଯୋଗ-
8. Opportunity arising from the slackness or negligence of one's opponent.
ଅର୍ଣ୍ଣମାନେ ଛିଦ୍ର ପାଇଲେ ଦ୍ରୋଣ ଗୁରୁ
କେବେ ବାନ୍ଧି ଯୁଧିଷ୍ଠିରଙ୍କୁ ନୋହୁ ସ୍ଥିରୁ । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।
୯ । (ଫଳିତ ଜ୍ୟୋତିଷ) ଲଗ୍ନର ଅଷ୍ଟମ ସ୍ଥାନ—
9. (astrology) The eighth place from one's natal sign.

ଦେ. ବି. (ସଂ. ଛିଦ୍ର ବା କ୍ଷୁଦ୍ର)—
୧ । ପରନିନ୍ଦା—1. Slander.
୨ । ଗୃହଚ୍ଛିଦ୍ର—2. Family-secrets.
୩ । ଅତି ସାମାନ୍ୟ ଦୋଷ—3. Minute fault or blemish; petty defect.
୪ । ଗୁପ୍ତ ଦୋଷ—4. Secret fault.
୫ । ଘରଭଙ୍ଗା କଥା—
5. Petty matters which cause rapture or dissension among friends or relatives.

ଗ୍ରା. ବିଣ—୧ । ଛିଦ୍ରଯୁକ୍ତ—1. Having holes.
ଏ ଛିଦ୍ର ଜଳଦଃ ପ୍ରାୟ
ନାଡ ପଡ଼ିଲ ଏହି କାୟ । ଜଗନ୍ନାଥ. ଭାଗବତ ।
୨ । (ସଂ. କ୍ଷୁଦ୍ର) କ୍ଷୁଦ୍ର; ଛୋଟ—
2. Small; petty.

ଛିଦ୍ର ଉଣ୍ଡିବା—ଦେ. କ୍ରି—ପରର ଦୋଷ ବା ତ୍ରୁଟି ଅନୁସନ୍ଧାନ କରିବା-
Chhidra uṇḍibā To be on the look-out for another's flaws.
(ଛିଦ୍ର ଖୋଜିବା—ଅନ୍ୟରୂପ)
ଛିଦ୍ର ଉଣ୍ଡେଣ ସେ ବେଳରେ
ସ୍ୱଚ୍ଛେ ମିଳିଲେ ଅନ୍ଧକାରେ । ଜଗନ୍ନାଥ. ଭାଗବତ ।

ଛିଦ୍ର କହିବା—ଦେ. କ୍ରି—ପରର ଗୁପ୍ତ ଦୋଷ ପ୍ରକାଶ କରିବା—
Chhidra kahibā To publish another's secrets or private blemishes.

ଛିଦ୍ର ପାଇବା—ଦେ. କ୍ରି—କୌଣସି ବ୍ୟକ୍ତିର ତ୍ରୁଟି ବା ଦୋଷ ଦେଖିବାର ସୁବିଧା ପାଇବା—
Chhidra pāibā
To get an opportunity of finding out a person's draw-back or defect.
(ଯଥା—ସେ କିଛି ଛିଦ୍ର ପାଇଲେତ କଳଙ୍କ ଅଣ୍ଟା ଉଡ଼ିବ. ଖାଲିଠାରେ କମିତି କଳ ଲଗେଇବ ?)

ଛିଦ୍ରଭେଦ—ସଂ. ବି. (୬ଷ୍ଠୀ ତତ୍; ଛିଦ୍ର + ଭେଦ)—
Chhidra-bheda ଦୋଷର ବୈଲକ୍ଷଣ୍ୟ—
Defect due to some fault.
ଛିଦ୍ରଭେଦ ଘେନିବାକୁ ମୋହର । କବିସୂର୍ଯ୍ୟ. ରତ୍ନାକରଚମ୍ପୂ ।

ଛିଦ୍ର ଲୋଡ଼ିବା—ଦେ. କ୍ରି—ଛିଦ୍ର ଉଣ୍ଡିବା (ଦେଖ)
Chhidra loṛibā • Chhidra uṇḍibā (See)
ବିଶ୍ୱାସଘାତକ ଏହୁ, ଛିଦ୍ର ଲୋଡ଼ିବାର
ନିତ୍ୟ ବ୍ରତ ଏହାଙ୍କର କାଳସ୍ୱରୂପରେ । ରାଧାନାଥ. ମହାଯାତ୍ରା ।

ଛିଦ୍ରାନ୍ୱେଷଣ—ସଂ. ବି. (୬ଷ୍ଠୀ ତତ୍; ଛିଦ୍ର + ଅନ୍ୱେଷଣ)—
Chhidrānweshaṇa ପରର ଦୋଷ ବା ତ୍ରୁଟି ଅନୁସନ୍ଧାନ କରିବା-
Fault-finding; being on the look-out for another's fault or defects; picking up holes in another's pocket.

ଛିଦ୍ରାନ୍ୱେଷୀ—ସଂ. ବିଣ. ପୁଂ. (ଛିଦ୍ର + ଅନୁ + ଇଷ ଧାତୁ + କର୍ତ୍ତୃ. ଇନ୍; ୧ମା. ୧ବ)—ପରଦୋଷଦର୍ଶୀ—
Chhidrānweshī
(ଛିଦ୍ରାନ୍ୱେଷିଣୀ—ସ୍ତ୍ରୀ) Fault-finding.

ଛିଦ୍ରାଫଳ—ସଂ. ବି—ମାଜୁଫଳ (ଦେଖ) (ହି. ଶବ୍ଦସାଗର)
Chhidrā-phaḷa Mājuphaḷa (See)

ଛିଦ୍ରିତ—ସଂ. ବି. (ଛିଦ୍ର୍ ଧାତୁ = ଭେଦ କରିବା + କର୍ମ. ତ)—
Chhidrita ୧ । କଣା କରି ଯାଇଥିବା—
1. Perforated; pierced.
୨ । ଦୂଷିତ—
2 Corrupted; contaminated.

ଛିଦ୍ରୋଦର—ସଂ. ବି. (ବହୁବ୍ରୀହି; ଛିଦ୍ର + ଉଦର)—
Chhidrodara ରକ୍ତୋଦର ନାମକ ରୋଗ (ହି. ଶବ୍ଦସାଗର)—
The bloody flux.

ଛିନ୍‌କାନିଆଁ—ପ୍ରାଦେ. (ଯାଜପୁର) ବିଣ. (ସଂ. ଛିନ୍ନବଳ)—
Chhin-kāniāṅ ଅସ୍ତବ୍ୟସ୍ତ—At bay; cornered
(ଯଥା—ଅଭିମନ୍ୟୁଙ୍କୁ ସପ୍ତରଥୀ ଘେରି ଯାଇ ଛିନ୍‌କାନିଆଁ କରି ପକାଇଲେ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

ଛିନ୍ନଛତର୍—ଗ୍ରା. ବିଣ. (ସଂ. ଛିନ୍ନ ଓ ଛତ୍ର)—୧ । ଇତସ୍ତତଃ ବିକ୍ଷିପ୍ତ—
Chhin-chhatar 1. Scattered about; disorganised.
छिनभिन ୨ । ଛତ୍ରଭଙ୍ଗ ଦେଇଥିବା; ଇତସ୍ତତଃ ପଳାୟିତ—
চলবিচল; ছিরছতর 2. Routed; confused; fleeing away in confusion.
(ଛିନ୍ଛତ୍ର; ଛିନ୍ଛତ୍ର; ଛିନଛତର; ଛିନଛତ୍ର—ଅନ୍ୟରୂପ)

ଛିନ୍ଛୋଟ୍—ଦେ. ବିଣ. (ସଂ. କ୍ଷୀଣ ବା ଶୀର୍ଣ୍ଣ+କ୍ଷୁଦ୍ର)—
Chhin-chhot ୧ । (ଆକାରରେ ବା ପରିମାଣରେ) କ୍ଷୁଦ୍ର—
छोटखाट 1. Very small; miunte.
ছোটা, অদনা ୨ । ନଅଣ୍ଟିଆ; ନ୍ୟୂନ—
2. Insufficient; deficient.
ଛିନ୍ଛୋଟିଆ, ଛିନଛୋଟ, ଛିନଛୋଟିଆ — ଅନ୍ୟରୂପ
ତହୁଁ ଅର ବଇଷବତରୁ ପାଦି ହେସ ଛିନ୍ଛୋଟ୍ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୩ । ହୀନ—3. Defective
୪ । ତୁଚ୍ଛ; ନଗଣ୍ୟ—4. Trivial; petty; trifling.
ବି—୧ । କ୍ଷୁଦ୍ରତା—1. Smallness; pettiness.
୨ । ନଅଣ୍ଟ; ନ୍ୟୂନତା—2. Deficiency.
୩ । ଅତି ଅଳ୍ପ ପରିମାଣ—
3. Insufficient quantity; driblet.

ଛିନ୍ବିଛିନ୍—ପ୍ରାଦେ. (ବାଲେଶ୍ୱର) ବିଣ. (ସଂ. ଛିନ୍ନବିଚ୍ଛିନ୍ନ)—
Chhin-bichhin ଛିନ୍ନବିଚ୍ଛିନ୍ନ (ଦେଖ)
Chhinna-bichchhinna (See)

ଛିନ୍ଭିନ୍—ଗ୍ରା. ବିଣ. (ସଂ. ଛିନ୍ନଭିନ୍ନ)—୧ । ଛିନ୍ନଭିନ୍ନ (ଦେଖ)
Chhin-bhin 1. Chhinna-bhinna (See)
छिन्नभिन्न ୨ । ଛିନ୍ନଛତର; ଖଣ୍ଡିତ—
ছানবিন; ছিন্নভিন্ন 2. Scattered about; routed
(ଛିନଭିନ—ଅନ୍ୟରୂପ) ୩ । ଛିନ୍ନବିଚ୍ଛିନ୍ନ—
3. Completely disorganised.
୪ । ପୂର୍ଣ୍ଣରୂପେ ଅନୁସନ୍ଧାନ ବା ଅନ୍ୱେଷଣ କରାଯାଇ ଥିବା—
4. Thoroughly investigated.
୫ । ଭିନ୍ନ ଭିନ୍ନ କରି ବୁଝାଇ ଦିଆଯିବା—
5. Thoroughly explained.

ଛିନ୍ଭିନ୍ କରି ବୁଝା(ଝେ)ଇବା—ଦେ. କ୍ରି. (ସଂ. ଛିନ୍ନଭିନ୍ନ)—କୌଣସି
Chhin-bhin kari bujhā(e)ibā ବାକ୍ୟ ବା ପଦକୁ ବିଶଦଭାବରେ ବିଶ୍ଲେଷଣ କରି ଅର୍ଥ ଓ ତାତ୍ପର୍ଯ୍ୟ ଅନ୍ୟକୁ ବୁଝାଇଦେବା; ଭିନ୍ନ ଭିନ୍ନ କରି ବୁଝାଇବା—To annotate a passage; to explain a passage very exhaustively and clearly (by expounding its derivation, meaning and purport)

ଛିନା—ପ୍ରାଦେ. (ଗଡ଼ଜାତ) ବିଣ—ନିର୍ଜନ—
Chhinā Solitary.

ଛିନାଇବା—ଦେ. କ୍ରି. (ସଂ. ଛିଦ୍ ଧାତୁଜ ଛିନ୍ନ)—
Chhināibā ଛିଣ୍ଡାଇବା; ଛିନ୍ନ କରିବା—
छिना To tear away; to tear off; to break.
ছিনানা ବଜ୍ରଦଂଷ୍ଟ୍ରର ଗ୍ରୀବ ଛିନାଇଲା ସୁଗ୍ରୀବ ଫିଙ୍ଗିଲା । ଉପେନ୍ଦ୍ରଭଞ୍ଜ. ବୈଦେହୀଶବିଳାସ ।
(ଛିନେଇବା—ଅନ୍ୟରୂପ)

ଛିନାଳ—ପ୍ରାଦେ. (ଗଡ଼ଜାତ, ମେଦନୀପୁର) ବି ଓ ବିଣ. ସ୍ତ୍ରୀ. (ସଂ. ଛିନ୍ନା,
Chhināḷa ତୁଳ. ବଂ. ଛିନାଲ୍)—ଛିଣ୍ଡାଳ (ଦେଖ)
Chhinḍāḷa (See)

ଛିନାଲ୍—ପ୍ରାଦେ. (ମେଦନୀପୁର; ବାଲେଶ୍ୱର) ବି ଓ ବିଣ. ସ୍ତ୍ରୀ. (ସଂ. ଛିନ୍ନା;
Chhināl ତୁଳ. ବଂ. ଛିନାଲ)—ଛିଣ୍ଡାଳ (ଦେଖ)
Chhinḍāḷa (See)

ଛିନାଳି—ପ୍ରାଦେ. (ମେଦନୀପୁର; ବାଲେଶ୍ୱର) ବି—୧ । ଛିଣ୍ଡାଳପଣିଆ—
Chhināḷi 1. Coquettishness; jilting; coquetry.
छिनाली ୨ । ବେଶ୍ୟା; ସ୍ତ୍ରୀର ବ୍ୟଭିଚାର—
ছিনালা 2. Adultery (in the case of a woman).
(ଛିନାଲି—ଅନ୍ୟରୂପ) ୩ । (ସ୍ତ୍ରୀ) ଛିଣ୍ଡାଳ (ଦେଖ)
3. Chhinḍāḷa (See)

ଛିନି ଆଣ୍ବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ହି. ଛିନ୍ ଲେନା)—
Chhini ānbā ୧ । ଉପରୁ ଫିଙ୍ଗାଯିବା କୌଣସି ବସ୍ତୁକୁ ଶୂନ୍ୟ-
(ଛିନିନେବା—ଅନ୍ୟରୂପ) ଶୂନ୍ୟ ଧରିନେବା—
1 To catch up a thing in the air.
୨ । ଜଣେ ଗାଉଥିବା ସଙ୍ଗୀତକୁ ଶୁଣିବା ସଙ୍ଗେସଙ୍ଗେ ଅବିକଳ ଗାଇବା—2. To sing a song at once after hearing it once sung.
୩ । କୌଣସି ବ୍ୟକ୍ତିର ବାକ୍ଭଙ୍ଗୀ ବା ବଚନଭଙ୍ଗୀକୁ ପୂର୍ଣ୍ଣରୂପେ ଅନୁକରଣ କରିବା—3. To successfully imitate a person's mode of talking.

ଛିନ୍ଦ୍—ପ୍ରାଦେ. (ବସ୍ତର) ବି—ଖଜୁରି (କୋଳ ଓ ଗଛ)—
Chhind Date-palm (plum and tree).

ଛିନ୍ଦାଲି—ପ୍ରାଦେ. (ସମ୍ବଲପୁର) ବି—୧ । ଖୁବ୍ ନାଲରଙ୍ଗ; ଖୁନ୍ରଙ୍ଗ—
Chhindāli 1. Deep red colour.
୨ । ସ୍ତ୍ରୀ (ଗାଳିରେ ବ୍ୟବହୃତ) ଛିଣ୍ଡାଳ (ଦେଖ)
2. (a term of abuse) Chhinḍāḷa (See)

ଛିନ୍ଦିବା—ଦେ. କ୍ରି. (ସଂ. ଛିଦ୍ ଧାତୁ)—ଛିଣ୍ଡାଇବା—
Chhindibā To cut off.
छिना ସୁଶର୍ମାକୁ ଅର୍ଜୁନ ଅଠବାଣ ବିନ୍ଧି
ছীননা ଶତ୍ରୁଞ୍ଜୟ ରଜାର ଶିର ଦେଲେ ଛିନ୍ଦି । କୃଷ୍ଣସିଂହ, ମହାଭାରତ. କର୍ଣ୍ଣ ।

ଛିନ୍ନ—ସଂ. ବିଣ. (ଛିଦ୍ ଧାତୁ+କର୍ମ. ତ)—୧ । କର୍ତ୍ତିତ—
Chhinna 1. Cut asunder; broken.
(ଛିନ୍ନା—ସ୍ତ୍ରୀ) ୨ । ବିଦୀର୍ଣ୍ଣ—2. Pierced through; rent.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ
୨	ଈ	ଊ	ଋ	ଌ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ତ୍ୟ	ଇଅ	ୠ	ନ୍

୩ । ବିଚ୍ଛିନ୍ନ; ବିଭକ୍ତ, ପୃଥକ୍‌କୃତ—
3. Cut off; separated; severed.
୪ । ଚିରା; ଛିଣ୍ଡା; ଯାହା ଛିଣ୍ଡି ଯାଇଅଛି—4. Torn.
୫ । ଉତ୍ପାଟିତ - 5. Uprooted.

ଛିନ୍ନଗୋମୂତ୍ର ଛନ୍ଦ—ଦେ. ବି—କାବ୍ୟାଲଙ୍କାରବିଶେଷ—
Chhinna-go-mūtra chhanda A kind of artistic poetic composition.
[ଦ୍ର—ଏଥିରେ ଗୋମୂତ୍ରଛନ୍ଦର ନିୟମ ଅନୁସାରେ ରଚନା କରି ଯାଇ ଥାଏ, କିନ୍ତୁ ଗୋଟିଏ ଅକ୍ଷର ଛାଡ଼ି ଅନ୍ୟ ଅକ୍ଷରର ମେଳ ରଖା ଯାଇ ଥାଏ । ଗୋମୂତ୍ରଛନ୍ଦରେ ୨ ଧାଡ଼ିରେ ଅକ୍ଷରରେ ଗୋମୂତ୍ର ନିୟମ ରକ୍ଷା କରି ଯାଏ, କିନ୍ତୁ ଛିନ୍ନଗୋମୂତ୍ରଛନ୍ଦରେ ଗୋଟିଏ ଧାଡ଼ିକୁ ଧରି ଗୋମୂତ୍ରଛନ୍ଦର ନିୟମ ପାଳିତ ହୋଇ ଥାଏ ଯଥା—

ରବ ତୋଷଦ ନଳୀନ ଋଷି ଗଉଜ ସ୍ୱପନ (ଦ)
ଯଥ ଶଶୀ ଶିଖେ ଛଥା ନବ ପ୍ରେମେ (ଖ)
ଆଦରେ ବାଳ ଚଳନ; (ଗ)
ଛବ ଦଶଦ ଭଲିନ ଉଷି ଗଉକ ଦେବନ (କ୍ଷ)
ବୃଥା ସଖୀ ଲଳେ କଥା ଭବ କାମେ (ଶ)
ବଦରେ ଆଳ ଯନେ ।" (ଗ)
ଗୋଲକ. ଇନ୍ଦ ଦେଖ।]

ଛିନ୍ନଛତ୍ର—ଦେ. ବଣ.—ଛିନ୍‌ଛତର୍ (ଦେଖ)
Chhinna-chhatra Chhin-chhatar (See)
ମାଳବରେ ଛିନଛତ୍ର ହେବେ, ବେଗ ହୋଇ ସେ ଯେ ପଳାଇବେ ।
ଅଭିମନ୍ୟୁ. ବଦସ୍ତୁଚିନ୍ତାମଣି ।

ଛିନ୍ନଦ୍ୱୈଧ—ସଂ. ବଣ. ପୁଂ. (ଛିନ୍ନ ହୋଇ ଅଛି ଦ୍ୱୈଧ=ସଂଶୟ ଯାହାର—ବହୁବ୍ରୀହି)—ଛିନ୍ନସଂଶୟ; ନିଃସଂଶୟ—
Chhinna-dwaidha Whose doubts have been cleared up; freed from doubt.

ଛିନ୍ନନାସ—ସଂ. ବଣ. ପୁଂ. (ଛିନ୍ନ+ନାସା; ବହୁବ୍ରୀହି)—ଯାହାର ନାକ ଛିଣ୍ଡି ପଡ଼ି ଅଛି; ବିଗତନାସିକ; ଗ୍ରହଣଖଣ୍ଡିଆ; ଗତ ନାସିକ; ଛିଣ୍ଡାନାକା—Having one's nose split off or cut; split-nosed.
Chhinna-nāsa
ଛିନ୍ନନାସା, ଛିନ୍ନନାସୀ } ସ୍ତ୍ରୀ

ଛିନ୍ନପତ୍ରୀ—ସଂ. ବ. (ବହୁବ୍ରୀହି; ଛିନ୍ନ+ପତ୍ର+ଈ; ଯାହାର ପତ୍ର ଛିଣ୍ଡା)-ପାଠା; ଅକାନବିନ୍ଧି ଲତା (ହ. ଶବ୍ଦସାଗର)—
Chhinna-patrī A creeper; Stephania Hernandifolia.

ଛିନ୍ନପଦ—ସଂ. ବଣ. ପୁଂ (ବହୁବ୍ରୀହି; ଛିନ୍ନ+ପଦ—ଯାହାର ଗୋଡ଼ କଟି ଯାଇଛି—Maimed in the legs; deprived of the legs.
Chhinna-pada
ଛିନ୍ନପଦା, ଛିନ୍ନପଦୀ } ସ୍ତ୍ରୀ.

ଛିନ୍ନପୁଷ୍ପ - ସଂ. ବ - ତିଳକ ବୃକ୍ଷ (ହ. ଶବ୍ଦସାଗର) (ଦେଖ)
Chhinna-pushpa Tiḻaka tree (See)

ଛିନ୍ନବିଚ୍ଛିନ୍ନ—ସଂ. ବଣ. (ଦ୍ୱନ୍ଦ୍ୱ)—ଛିନ୍ନଭିନ୍ନ (ଦେଖ)
Chhinna-bichchhinna Chhinna-bhinna (See)

ଛିନ୍ନବେଶିକା—ସଂ. ବ.—ପାଠା; ଅକାନବିନ୍ଧି (ହ. ଶବ୍ଦସାଗର) (ଦେଖ)
Chhinna-besikā Akānabindhi creeper (See)

ଛିନ୍ନବ୍ରଣ—ସଂ. ବ.—୧ । କଟାଘାଅ (ହ. ଶବ୍ଦସାଗର)—
Chhinna-brana 1. Cut-wound.
୨ । ଶସ୍ତ୍ରଘାତ ଉପରେ ହେବା ବ୍ରଣ—
2. A boil on a cut-wound.

ଛିନ୍ନଭିନ୍ନ—ସଂ. ବଣ. (ଦ୍ୱନ୍ଦ୍ୱ); (ଛିନ୍ନ ଓ ଭିନ୍ନ)—୧ । ଇତସ୍ତତଃ ବିକ୍ଷିପ୍ତ; ଛତ୍ରଭଙ୍ଗ; ଛତ୍ରଛିତ୍ର—1. Promiscuously scattered about; routed; dispersed.
Chhinna-bhinna
ନ ପାଇ ସ୍ଥାନ କାହିଁ ଛିନ୍ନଭିନ୍ନ ହେଲେ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । ଉତ୍ସନ୍ନ; ଚିନସ୍ଥ—2. Ruined; completely broken into parts.
୩ । ଟୁକୁଟୁକୁ ବା ଖଣ୍ଡଖଣ୍ଡ ହୋଇଥିବା—
3. Torne to pieces.
୪ । ଲଣ୍ଡଭଣ୍ଡ—4. Confused.
୫ । ଯାହା ଉତ୍ତମରୂପେ ବିଶ୍ଳେଷିତ ହୋଇଅଛି—
5. Well analysed.

ଛିନ୍ନମସ୍ତକ—ସଂ. ବ. (କର୍ମଧା, ଛିନ୍ନ+ମସ୍ତକ)—କଟା ହୋଇ ଗଣ୍ଡିରୁ ବିଚ୍ଛିନ୍ନ ହୋଇଥିବା ମୁଣ୍ଡ—
Chhinna-mastaka A head separated from the body.
ସଂ. ବିଣ. ପୁଂ (ବହୁବ୍ରୀହି)—କର୍ମୁଣ୍ଡ; ମସ୍ତକହୀନ—
(ଛିନ୍ନମସ୍ତକା—ସ୍ତ୍ରୀ) Decapitated.

ଛିନ୍ନମସ୍ତା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି, ଛିନ୍ନ + ମସ୍ତ=ମସ୍ତକ+ସ୍ତ୍ରୀ. ଆ)—
Chhinna-mastā ଯେଉଁ ସ୍ତ୍ରୀର ମୁଣ୍ଡ କଟା ହୋଇ ଅଛି; ମସ୍ତକହୀନା-Decapitated; having her head cut off.
ସଂ. ବି. ସ୍ତ୍ରୀ—ତନ୍ତ୍ରୋକ୍ତ ଦଶ ମହାବିଦ୍ୟା ଅନ୍ତର୍ଗତ ୬ଷ୍ଠ ମହାବିଦ୍ୟା; ଦୁର୍ଗାଙ୍କର ରୁଦ୍ରଚଣ୍ଡିକା ବା ମସ୍ତକହୀନା ମୂର୍ତ୍ତି ।
[ଦ୍ର—ତନ୍ତ୍ର ଅନୁସାରେ ଏହାଙ୍କ ରୂପ—ଆପଣା ହାତରେ ଆପଣା ମୁଣ୍ଡ କାଟି ତାହାକୁ ବାମ ହସ୍ତରେ ଧରିଛନ୍ତି; କଟା ହୋଇଥିବା ବେକରୁ ଉଠୁଥିବା ରକ୍ତର ଧାର ସେହି କଟା ମୁଣ୍ଡର ପାଟିରେ ପଡ଼ୁଅଛି ଓ ସେ କଟା ମୁଣ୍ଡଟି ରକ୍ତ ରକ୍ତସାକ ପାନ କରୁଅଛି । (ଦଶ ମହାବିଦ୍ୟା ଦେଖ)—
An incarnation (out of 10) of Goddess Durgā in her most wrathful or ferocious form, represented by a headless trunk held with the left hand, the blood issuing out of the neck of the trunk falling into the mouth of the decapitated head held in the hand of the Deity.

ଛିନ୍ନରୁହ - ସଂ. ବି.—୧ । ତିଳକ ବୃକ୍ଷ (ହ. ଶବ୍ଦସାଗର) (ଦେଖ)
Chhinna-ruha 1. Tiḻaka tree (See)

> ସାଧାରଣ ଲୋକେ ଅପର ବ୍ୟକ୍ତିରେ ଦ୍ୱିତ ୧ ଚନ୍ଦ୍ରବିନ୍ଦୁ ଅନ୍ତରେ ଓ ମାର୍ଦ୍ଧି ବେ ୨ ତୋଡ଼ି ଅଶେଷ ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କେଶସ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବିପରୀତ ୨ ବା ୧ ହେଉଥିବା ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଟାଣ' ନ ମିଳିଲେ 'ଟାଣ' ଖୋଜିବେ; 'କୁଅଁ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

୨ । ପୁନ୍ନାଗ (ହି. ଶବ୍ଦସାଗର) (ଦେଖ)
2. Punnāga tree (See)

ଛିନ୍ନରୁହା—ସଂ. ବି.—ଗୁଳଞ୍ଚ (ହି. ଶବ୍ଦସାଗର) (ଦେଖ)
Chhinna-ruhā — Gulañcha creeper (See)

ଛିନ୍ନଶ୍ୱାସ—ସଂ. ବି—(ଏଥିରେ ସମୟେ ସମୟେ ଶ୍ୱାସଗତି ବନ୍ଦ ହେବା ପରି ଜଣା ଯାଉଥିବାରୁ)—ଶ୍ୱାସରୋଗ-ବିଶେଷ; ଯକ୍ଷ୍ମରୋଗ—Asthma.
Chhinna-śwāsa
[ଦ୍ର—ଏଥିରେ ରୋଗୀର ପେଟ ଫୁଲେ, ଝାଳ ବହେ, ଶ୍ୱାସରୁଦ୍ଧ ହୁଏ, ଶରୀରର ବର୍ଣ୍ଣ ବଦଳିଯାଏ—ହି. ଶବ୍ଦସାଗର ।]

ଛିନ୍ନହସ୍ତ—ସଂ. ପୁଣ. ପୁଂ. (ବହୁବ୍ରୀହି, ଛିନ୍ନ+ହସ୍ତ)—
Chhinna-hasta — Maimed in the hands; deprived of the arms.
(ଛିନ୍ନହସ୍ତା—ସ୍ତ୍ରୀ)
ସଂ. ବି. (କର୍ମଧା)—ଦେହରୁ କଟା ଯାଇଥିବା ହାତ—
Hand chopped off from the body.

ଛିନ୍ନା—ସଂ. ବିଣ. ସ୍ତ୍ରୀ—(ଛିନ୍ନ+ସ୍ତ୍ରୀ. ଆ)—ଛିନ୍ନର ସ୍ତ୍ରୀଲିଙ୍ଗ—
Chhinnā — Feminine of Chhinna.
ସଂ. ବି. ସ୍ତ୍ରୀ—୧ । ବେଶ୍ୟା—1. Harlot; prostitute.
୨ । ନଷ୍ଟା ବା ଭ୍ରଷ୍ଟା ସ୍ତ୍ରୀ; ଛିଣ୍ଡାଳ—
2. Strumpet; coquette; adulteress.
୩ । ଗୁଡ଼ୁଚୀ; ଗୁଳୁଚ ଲତା; ଗୁଳୁଚ (ଦେଖ)
3. A medicinal creeper; Guluchi (See)

ଛିନ୍ନାଇବା—ଦେ. କି (ସଂ. ଛିଦ ଧାତୁ)—ଛିଣ୍ଡାଇବା; କାଟିଦେବା—
Chhinnāibā — To cut off.
ছিনান
छिनाना
ସେହି ଭ୍ରମର ଗ୍ରମର ଛିନ୍ନାଇବ, ଉଣିଷ ଉଭସେ—
ଉପେନ୍ଦ୍ରଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଛିନ୍ନାଳୀ—ଦେ. ବ (ସଂ. ଛିନ୍ନା+ଆଳୀ)—ସ୍ୱାମିନୀଙ୍କ ସେବାରୁ ଅନ୍ତରିତ ହେବା ସଖୀ—A maidservant who has been removed from the service of her mistress.
Chhinnali
କହୁଚ ଛିନ୍ନାଳୀ ଜାଳି ବାକ୍ଷୀ ନବବାଳୀ,
ବାଳିଣ ମୁଁ ଉଅ ସେବା ପାଇ ପଡ଼ ହେ । ଭଞ୍ଜ. ପ୍ରେମସୁଧାନିଧି ।

ଛିପଲି—ପ୍ରାଦେ (ସମ୍ବଲପୁର) ବ (ଭୁଲ. ହି. ଚପ୍ପଲ୍)—ଚପଲ ଜୋତା; ପିଛାଲଗା ଚଟିଜୋତା—Slippers; leathern sandals.
Chhipli

ଛିପ—ପ୍ରାଦେ (ମେଦିନୀପୁର) ବ (ସଂ. ଷ୍ଠୀବ)—ଖଙ୍କାର; ଛେପ—
Chhipa — Spittle with phlegm.

ଛିରିକା—ଗ୍ରା. ବ (ସଂ. ସାଦୃଶ୍ୟ)—୧ । ସାଦୃଶ୍ୟ—
Chhirikā — 1. Similarity in appearance.
(ଯଥା—ଏ ପିଲାଟିଠେଇଁ ମାଆର ଛିରିକା ଅଛି ।)
(ଛିର୍କା—ଅନ୍ୟରୂପ) ୨ । ଜୋରପୂର୍ବକ ଅଳ୍ପ ପରିମାଣରେ କୌଣସି ଦ୍ରବ ପଦାର୍ଥ ଛୋଟ ଛିଦ୍ରଦ୍ୱାରା ନିକ୍ଷେପ କରିବା; ଚିରିକା—2. Emission of a small quantity of any liquid with force through a small hole
(ଯଥା— ବୃକ୍ଷ ଡାଳରେ ବସିଥିବା ପକ୍ଷୀର ଛିରିକା ଗଛ ତଳେ ଶୋଇଥିବା ପଥିକ ମୁହଁ ଉପରେ ପଡ଼ିଗଲା ।)
୩ । ଛିଡ଼ିକା; ଛିଡ଼୍କା (ଦେଖ)—
3. Spurting; splashing; Chhirḍ-kā (See)

ଛିରିକାଇବା—ଦେ. କି—୧ । କ୍ରୁଦ୍ଧ ହୋଇ ଅନ୍ୟକୁ ଭୟ ଦେଖାଇବା—1. To frighten another person in rage.
Chhirikāibā
ଛିରିକେଇବା, ଛିର୍କାଇବା, ଛିର୍କେଇବା } ଅନ୍ୟରୂପ
୨ । ଛିଡ଼୍କାଇବା—2. To cause a a thing to splash or spurt.

ଛିରିକିବା—ଦେ. କି—୧ । ଛିଡ଼ିକିବା (ଦେଖ)
Chhirikibā — 1. To shoot out in sparks; to be spouted out; Chhirḍikibā (See)
ছিরকা
चिरकना
୨ । ବଳପୂର୍ବକ କ୍ଷିପ୍ତ ହୋଇ ଦୂରରେ ପଡ଼ିବା—
2. To drop at a distance by being thrown with force.
ଛିରିକାଇବା, ଛିରିକେଇବା } ଣିଜନ୍ତ
(ଛିର୍କିବା - ଅନ୍ୟରୂପ)
୩ । ଚିରିକିବା (ଦେଖ)
3. Chirikibā (See)

ଛିଲ୍କା—ଦେ. ବ. (ସଂ. ଛଲ୍ଲି; ଛଲ୍ଲିକା)—
Chhil-kā
ছিলকা, ছিল্লা
छिलका
୧ । ପତଳା ଚୋପା—1. Thin rind.
୨ । ଚଞ୍ଚା ହୋଇଥିବା ଅଂଶ—
2. Scrapings.
୩ । ଛେଲି; ବଲ୍କଳ—3. Bark of a tree.
୪ । ଅତି କ୍ଷୁଦ୍ର ପତଳା ଅଂଶ—
4. Small thin fragment.
୫ । ଛେଲି; ବେତ ବାଉଁଶର ପତଳା ଚୋପା; ପତଳାଁ ବତା
5. Scantlings of bamboo or cane.
(ଛିଲକା—ଅନ୍ୟରୂପ)

ଛିଲ୍ପା—ପ୍ରାଦେ. (ସମ୍ବଲପୁର) ବ. (ସଂ. ଛଲ୍ଲୀ)—ଛେଲି କାଠ—
Chhil-pā — Scrapings of wood.
(ଛିଲପା—ଅନ୍ୟରୂପ)

ଛିଲା—ଦେ ବ. (ସଂ. ଛଲ୍ଲୀ)—ଧନୁର୍ଗୁଣ; ମୌର୍ବୀ—
Chhilā — Bowstring.
ছিলা
चिल्ला

ଛିଲିକା—ଦେ. ବ—ଛିଲ୍କା (ଦେଖ)
Chhilikā — Chhil-kā (See)

ଛୁ—ଦେ. ବ. (ହି) (ସଂ. ଶିପ୍ର; ପ୍ରା. ଛୁଟ)—ପଳାୟନ; ଚମ୍ପଟ—
Chhu — Fleeing away; running away; flight.
চম্পট
छू

୧	ଇ	ଡ଼	ର୍,ର୍ଁ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଶ	ଜ୍ଞ	ଇପ୍ର	ଡ଼ଅ	ଘ
୨	ଈ	ଢ଼	ରୁ	ଲୁ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟଁ୍ୟ	ଇଅ	ଞ	ନ୍

ଛୁଅ—ଦେ. ବ. (ସଂ. ଛଳ; ସୂତ୍ର)—
Chhúa ୧ । ଛଳନା; ବାହାନା; ଛଳ—
ଛୁତା, ଛୁତ 1. Pretext; excuse; feint; dodge.
ଛଲ
ହେବ ବୋଲ ଗଜା, ଦୁଷ୍ଟ ବାନ୍ଧନ୍ତ ଦୁଗଣା,
ଛୁଅ ମିଳା ଉଚିତ, ନୃପ, ଏ ଶତ୍ରୁ ସାଧନା । ଚିନ୍ତାମଣି . ବଜ୍ରନାଭବଧ ।
୨ । କୌଶଳ; ବୁଦ୍ଧି—2. Secret; art.
କର୍ଣ୍ଣ ଭ ପୁଣ ଛୁଅ ଭରକ ଜାଣନ୍ତି
ପଳାଇଲେ ହେଲେ ବନ୍ଧିଲେ ଶର ଅଛି । କୃଷ୍ଣସିଂ. ମହାଭାରତ. କର୍ଣ୍ଣ ।
୩ । ଉପାୟ—
3. Expedient; means; device.
କୋଠରେ ବସାଇ ଅରମ୍ଭି ଛୁଅ । ଗୋପକୃଷ୍ଣ. ରସକଲ୍ଲୋଳ ।

ଛୁଆ—ଦେ. ବ. (ସଂ.ଶାବକ, ଶାବ; ପ୍ରା. ଛାପୋ; ସଂ. ଛ-ଯୋଗେଶଚନ୍ଦ୍ର)—
Chhuā ୧ । ଜନ୍ତୁମାନଙ୍କ ପିଲା—
ଛା, ଛାଓଆଲ 1. The young of an animal.
ଛାଓଆ, ଛାବା, ଛୌଆ ୨ । ମନୁଷ୍ୟଶିଶୁ—2. Infant; child.
ବଣ—୧ । ଅଳ୍ପବୟସ୍କ—1. Very young.
୨ । ସାନ; କ୍ଷୁଦ୍ର—2. Small; tiny.

ଛୁଆଇବା—ଦେ. କ୍ରି. (ସଂ. ଛଦ ଧାତୁ)—ଛୁଆଁଇବା ୧ (ଦେଖ)
Chhuāiba Chhuāñiba 1 (See)
ମନସିଜ ବେନ କୁଟୀ ଛୁଅଇ
ପତ୍ରାବଳୀରେ ଯତନେ ଛୁଅଇ । ଉପେନ୍ଦ୍ରଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଛୁଆଁ—ଦେ. ବଣ. (ସଂ. ସ୍ପୃଶ ଧାତୁରୁ ସ୍ପୃଶ୍ୟ; ବିପରୀତ ଅସ୍ପୃଶ୍ୟ)—
Chhuāñ ୧ । ପାକାସ୍ପୃଶ୍ୟା; ଅଶୌଚଯୁକ୍ତା; ଋତୁମତୀ ହୋଇଥିବା
ଛୋୟାଁଚ (ସ୍ତ୍ରୀ)—1. Menstruated (woman) in her menses
ଛୁତିହା
(ଅଛୁଆଁ—ବିପରୀତ) ୨ । ସ୍ପର୍ଶ କରିଥିବା—
2. Touching; coming in contact with.
୩ । ସ୍ପୃଷ୍ଟ—3. Touched (by so and so).
ଶୂଦ୍ରଛୁଆଁ ଘେଉ କ୍ଷୀରରେ
ସୁଅଦ କି ଆଏ ଆଉ ? ଜଗନ୍ନାଥ. ସଙ୍ଗୀତ ।
୪ । ଦୂଷିତ ବ୍ୟକ୍ତି ବା ପଦାର୍ଥକୁ ସ୍ପର୍ଶ କରିଥିବା ଯୋଗୁଁ ଅଶୁଚି ବା ଦୂଷିତ—4. Made unclean or contaminated by the touch of an untouchable thing or person.
୫ । ଅସ୍ପୃଶ୍ୟ; ଅଶୁଚି—5. Untouchable; unclean.
(ସଂ. ଛଦ୍ ଧାତୁ)—୬ । ଛପରବନ୍ଧ ହୋଇଥିବା—
6. Thatched.
ଦେ. ବ—୧ । ଋତୁମତୀ ହେବା; ପାକାସ୍ପର୍ଶା ହେବା ଅବସ୍ଥା—
1. Menstruation; appearance of menses in a female.
୨ । ଛପରବନ୍ଧ; ଛୁଆଁଇବା; ଛୁଆଣି—
2. Thatching of a house.
୩ । ସ୍ପର୍ଶ କରିବା—3. Touching.

ଛୁଆଁ ଅଛୁଆଁ—ଦେ. ବଣ. (ସଂ. ସ୍ପୃଶ୍ୟ + ଅସ୍ପୃଶ୍ୟ, ବିପରୀତାର୍ଥ
Chhuāñ-achhuāñ ସହଚର)—ସ୍ପୃଶ୍ୟ ଓ ଅସ୍ପୃଶ୍ୟ ବ୍ୟକ୍ତି ବା ବସ୍ତୁ; ଯାହାକୁ ଛୁଇଁଲେ ମନୁଷ୍ୟ ଛୁଆଁ ହେବ ଓ ଯାହାକୁ ଛୁଇଁଲେ ମନୁଷ୍ୟ ଛୁଆଁ ହେବ ନାହିଁ—
Touchable and untouchable (person or thing)

ଛୁଆଁଇବା—ଦେ. କ୍ରି—୧ । (ସଂ. ଛଦ ଧାତୁ)—ଛୁଆଣି କରିବା;
Chhuāñibā ଘୋଡ଼ାଇବା; ଛପରବନ୍ଧ କରିବା—To thach; to lay a cover over.
ଛାଓୟାନ ୨ । (ସଂ. ସ୍ପୃଶ ଧାତୁର ଣିଜନ୍ତ) ସ୍ପର୍ଶ କରାଇବା
ଛୁଆନା (ଛୁଇଁବାର ଣିଜନ୍ତରୂପ)—2. To cause another
ଛୁୟାଁନ person to touch some thing.
ଛୁଲାନା
ମର୍ମ ପରଶ ରସ ଥାଉ
କେ ଦେହ ଛୁଆଁଇବ ଆଉ । ଭୂପତି—ପ୍ରେମପଞ୍ଚାମୃତ ।
୩ । (ସଂ. ଛଦ ଧାତୁ)—ସ୍ତର ଦ୍ୱାରା ଆଚ୍ଛାଦନ କରିବା; କୌଣସି ପଦାର୍ଥକୁ ଘୋଡ଼ାଇବା—3. To put a layer upon; to overspread
କଂଶୁକ କୁସୁମ ପାଟ କରବାଳ ରଙ୍ଗକୋଷରେ ଛୁଆଇଁ ।

ଛୁଆଁଚ—ପ୍ରାଦେ. (ସିଂହଭୂମ) ବି. (ତୁଳ. ବ. ଛୋୟାଁଚ=ଅପବିତ୍ର
Chhuāñcha ସ୍ପର୍ଶଦୋଷ)—ଅଶୁଚିତା—Uncleanliness.
ବଣ—ଛୁଆଁ (ସ୍ତ୍ରୀ)—Menstruated (woman).

ଛୁଆଁଚି—ପ୍ରାଦେ (ବାଲେଶ୍ୱର ଓ ସମ୍ବଲପୁର) ବଣ. (ସଂ. ଅଶୁଚି)—
Chhuāñchi ୧ । ଦୂଷିତ; ଅଶୁଚି—
1. Contaminated; impure; unclean.
୨ । ଅସ୍ପୃଶ୍ୟ—2. Untouchable.
ପ୍ରାଦେ. (ବାଲେଶ୍ୱର; ସମ୍ବଲପୁର) ବଣ. ସ୍ତ୍ରୀ—ଛୁଆଁଚୀ (ଦେଖ) Chhuāñchī (See.
ପ୍ରାଦେ. (ବାଲେଶ୍ୱର; ସମ୍ବଲପୁର) ବି—୧ । ଅସ୍ପୃଶ୍ୟ ଅବସ୍ଥା—
1. Untouchable condition.
୨ । ଅଶୁଚିତା—2. Untouchableness.
୩ । ସ୍ତ୍ରୀର ରଜସ୍ୱଳା ହେବା ଅବସ୍ଥା—
3 Menstruation of a woman.

ଛୁଆଁଚୀ—ପ୍ରାଦେ (ବାଲେଶ୍ୱର, ସମ୍ବଲପୁର) ବଣ. ସ୍ତ୍ରୀ. (ସଂ. ଅଶୁଚି;
Chhuāñchī ଅସ୍ପୃଶ୍ୟ; ତୁଳ. ବ. ଛୋୟାଁଚେ)—୧ । ଅଶୁଚି—
(ଛୁଆଁଛୀ—ଅନ୍ୟରୂପ) 1 Impure; untouchable; unclean.
୨ । ଅସ୍ପୃଶ୍ୟା; ଋତୁମତୀ—2. Menstruated.
ଦେ. ବି - ଋତୁମତୀ ହେବା—
Menstruation; appearance of menses.

ଛୁଆଁଛୁଇଁ—ଦେ. ବି. (ସଂ. ସ୍ପର୍ଶନ)—୧ । ଅନ୍ୟୋନ୍ୟ ଗାତ୍ରସ୍ପର୍ଶ କରିବା—
Chhuāñchhuiñ 1. Mutual contact or touch,
ଛୋୟାଁଛୁୟିଁ ୨ । ସ୍ପର୍ଶ କରିବା—2 Touching; contact.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସହାନୁଭୂତିର ସହିତ ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଷ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧୂଁକି' ନ ପାଇଲେ 'ବନ୍ଧୁକ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଛୋଆଁଛୁଇଁ
ଛୋଅଁଛୋଇଁ } ଅନ୍ୟରୂପ ୩ । ସ୍ପୃଶ୍ୟାସ୍ପୃଶ୍ୟ ବସ୍ତୁର ପ୍ରଭେଦ—
3. Distinction between the touchable and untouchable.

ଦେ. ବିଣ—ଅନ୍ୟୋନ୍ୟ ସଙ୍ଗେ ସ୍ପୃଷ୍ଟ—Mutually connected; touching one another.

ଛୁଆଁଛୁତ୍—ଦେ. ବି. (ସଂ. ଅସ୍ପୃଶ୍ୟ+ସ୍ପର୍ଶନ)—
Chhuāñ-chut ୧ । ଅସ୍ପୃଶ୍ୟ ବ୍ୟକ୍ତି ବା ବସ୍ତୁର ସ୍ପର୍ଶନ—
ছুআঁ ছুত 1. Touching an untouchable person or thing.
छुआछूत
୨ । ଅସ୍ପୃଶ୍ୟସ୍ପର୍ଶନଜନିତ ଅଶୁଚିତା—2 Impurity resulting from touching an untouchable.
୩ । ସ୍ପୃଶ୍ୟାସ୍ପୃଶ୍ୟ ବିଚାର ବା ପ୍ରଭେଦ—
3. Distinction between the touchable and untouchable.

ଦେ. ବିଣ—୧ । ଅସ୍ପୃଶ୍ୟସ୍ପର୍ଶନଜନିତ—
1. Resulting from touching an untouchable.
୨ । ଅସ୍ପୃଶ୍ୟ ଓ ସ୍ପୃଶ୍ୟ 2. Untouchable and touchable (person or thing.)

ଛୁଆଁରା—ଦେ. ବି. (ସଂ. ଶୁଷ୍କ+ଖାରକ; ଅ. ଓ ଫା. ନାମ—ଖୁର୍ମା)—
Chhuāñrā ଆରବଦେଶୀୟ ଶୁଷ୍କ ଖଜୁରି କୋଳି; ଖୁର୍ମା; ଶୁଷ୍କ
ছুআরা, ছোয়ারা ଖର୍ଜ୍ଜୁର; ପିଣ୍ଡିଖଜୁରି—Dried Arabian
छुआरा, छुहारा dates; (Phoenix Dactylifera).
(ଛୁଆରା—ଅନ୍ୟରୂପ)

ଛୁଆଁରୋଗ—ଦେ. ବି.—ଯେଉଁ ରୋଗ କେବଳ ସ୍ପର୍ଶଦ୍ୱାରା ସଂକ୍ରମିତ
Chhuāñ roga ହୁଏ—Contagious disease.
ছোয়াঁচে রোগ [ଦ୍ର—ରୋଗୀକୁ ଛୁଇଁଲେ ବା ରୋଗୀର ବ୍ୟବ-
छूतही रोग ହୃତ ବସ୍ତ୍ରାଦି ଛୁଇଁଲେ ସୁସ୍ଥ ବ୍ୟକ୍ତିକୁ ଯେଉଁ ରୋଗ ଆକ୍ରମଣ କରେ ତାକୁ ଛୁଆଁ ରୋଗ ବୋଲାଯାଏ; ଯଥା—କୁଷ୍ଠ । ରୋଗୀକୁ ନ ଛୁଇଁଲେ ମଧ୍ୟ ଜଳ ଓ ବାୟୁଦ୍ୱାରା ସଂକ୍ରମିତ ହୋଇ ଯେଉଁ ରୋଗ ସୁସ୍ଥ ବ୍ୟକ୍ତିକୁ ଆକ୍ରମଣ କରେ ତାକୁ ଉଆଁ ରୋଗ (infectious disease) ବୋଲାଯାଏ ।]

ଛୁଆଁହେବା—ଦେ: କ୍ରି.—(ସଂ. ଅସ୍ପୃଶ୍ୟା)—(ସ୍ତ୍ରୀ) ଋତୁମତୀ ହେବା;
Chhuāñ hebā ରଜସ୍ୱଳା ହେବା—
ছোয়াঁচ হওয়া; নোঁওরা হওয়া To be menstruated; to be
छूलेका होना छूनेसे होना in her menses.

ଛୁଆଁଳି—ଦେ. ବିଣ.—ଯେଉଁ ମୂଲିଆ ଘର ଛପରବନ୍ଧ କରେ—
Chhuāñḷi One who thatches a house
ছঅনীওয়ালা
छानेवाला
(ଛୁଆଳି—ଅନ୍ୟରୂପ)

ଛୁଅଚି—ପ୍ରାଦେ. (ବାଲେଶ୍ୱର, ସମ୍ବଲପୁର) ବିଣ. ଓ ବି. (ସଂ. ଅଶୁଚି)—
Chhuāchi ଛୁଆଁଚି (ଦେଖ)
(ଛୁଅଚି—ଅନ୍ୟରୂପ) Chhuāñchi (See)

ଛୁଆଣି—ଦେ. ବି.—ଛାଆଣି (ଦେଖ)
Chhuāṇi Chhā-āṇi (See)

ଛୁଆଣିଆ—ଦେ. ବିଣ.—ଛୁଆଁଳି (ଦେଖ)
Chhuāṇiā Chhuāñḷi (See)

ଛୁଆଣି କରିବା—ଦେ. କ୍ରି.—(ସଂ. ଛଦ୍ ଧାତୁ)—୧ । ଘର ଛପରବନ୍ଧ
Chhuāṇi karibā କରିବା—
ছাওয়া 1. To thatch a house.
छाना ୨ । କୌଣସି ପଦାର୍ଥ ଉପରେ ଅନ୍ୟ କୌଣସି ପଦାର୍ଥର ସ୍ତର ପକାଇବା—2. To overlay a thing with a thin layer of some other thing.
(ଯଥା—ହାଣ୍ଡିଦାନ୍ତରେ ସୁନା ଛୁଆଣି କରିବା; ତମ୍ବାଖଡ଼ୁରେ ସୁନା ଛୁଆଣି କରିବା ଇତ୍ୟାଦି ।)
୩ । ଢୋଲ ଆଦିର ମୁହଁରେ ଚମଡ଼ା ମଡ଼ାଇବା—
3. To lay hide or leather over a drum.
୫ । ଚଉକି ଆଦିର ପାଙ୍କ ଜାଗାରେ ବେତ ଆଦି ବୁଣିବା—
5. To bottom (a chair.)

ଛୁଆତି—ପ୍ରାଦେ. (ସମ୍ବଲପୁର) ବିଣ.—ଛୁଆଁ; ଅପବିତ୍ର; ଅଶୁଚି—
Chhuāṭi Menstruated; unclean; impure

ଛୁଆଧରା ବାୟା—ଦେ. (ଶିଶୁଭାଷା) ବି—ଯେ ଛୁଆଙ୍କୁ ଧରି ନିଏ—
Chhuādharā bāyā (used to scare infants) One who takes away the infants

ଛୁଆରା—ବୈଦେ. ବି—ଛୁଆଁରା (ଦେଖ)
Chhuārā Chhuāñrā (See)

ଛୁଆଳସିଂହ—ଦେ. ବି.—ଉତ୍କଳର ରାଜପ୍ରଦତ୍ତ ଉପାଧିବିଶେଷ—
Chhuāḷa-simha A title conferred by the Chiefs of Orissa

ଛୁଆଳି—ଦେ. ବିଣ.—ଛୁଆଁଳି (ଦେଖ)
Chhuāḷi Chhuāñḷi (See)

ଛୁଆଲି—ପ୍ରାଦେ (ସମ୍ବଲପୁର) ବି (ସଂ. ଶିଶୁ; ଶାବକ; ଛା)—ଶିଶୁ; ପିଲା—
Chhuāli Infant; child.

ଛୁଆଲିଦୁଖାନ୍—ପ୍ରାଦେ (ସମ୍ବଲପୁର)—ପ୍ରସବ ବେଦନା; ଶୂଳ—
Chhuāli-dukhān Labour-pain; labour of child birth; travail.

ଛୁଆଳୀ—ପ୍ରାଦେ. (ଗଡ଼ଜାତ) ବିଣ—ପ୍ରସୂତି; ଯେଉଁ ସ୍ତ୍ରୀ ଅଳ୍ପଦିନ ହେଲା
Chhuāḷī ପିଲା ଜନ୍ମ କରିଛି; ପୋଷଣୀ; ପିଲେଇଣୀ—
(a woman) Recentlay delevered of a chlid.

୧	ଇ	ଉ	ର୍‌ଂ,ଋ	ୡ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଏ	ଉଈ	ଖ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଞ	ନ୍

ଛୁଇ—ପ୍ରାଦେ (ସମ୍ବଲପୁର) ବି. (ତୁଳ. ଏହି ଅର୍ଥରେ ହି. ଛୁହୀ; ସଂ.
Chhui ଶ୍ୱେତ)—ଉପରେ ଏକପ୍ରକାର ଧଳା ମାଟି, ଛୁହି;
(ଛୁଇମାଟି—ଅନ୍ୟରୂପ) ଖାର ମାଟି—White earth
[ଦ୍ର—ଲୋକେ ଏହି ମାଟିରେ ଗୃହଆଦି ଲିପନ୍ତି; ଘର ଚୂନ ଲିପିଲା ପରି ଦିଶେ; ଛୁଇ ଦୁଇପ୍ରକାର, ୧ । ଈଷତ୍ ମାଟିଆ; ୨ । ଖୁବ୍ ଧଳା; ଇଟା ପଥରଆଦି ଗାନ୍ଥିବା କରିବାରେ ଚୂନ ଯେପରି ଅଠାଳିଆ ଧରେ ଏ ମାଟି ସେପରି ଧରେ ନାହିଁ ।]
(ବସ୍ତର) ବି—ଦୁଧଖଡ଼ି, ଚକ୍‌ଖଡ଼ି —Chalk.

ଛୁଇଁ—ଦେ. ବି (ସଂ ଶିମ୍ବ)—ଶଜନାଆଦି ବୃକ୍ଷର ସରୁ ଲମ୍ବ ଫଳ;
Chhuiṅ ଲମ୍ବ ଓ ସରୁ ବୀଜକୋଷ—Long slender stalk-
ডাঁঠা, খাড়া like fruit of certain plants; a legume;
फली; छीमी; ढूंडी; छिम्रि pod.

ଛୁଇଁବା—ଦେ. କ୍ରି—୧ । (ସଂ. ଛୁପ୍ ଧାତୁ; ତୁଳ—ପାଲି. ଛୁପ୍ତ) ସ୍ପର୍ଶ
Chhuiṅbā କରିବା—1. To touch; to come in
ছোঁয়া, ছুঁআ contact with.
छूना ବିବାହ ନିବାହେ କେ ଚରଣ ଛୁଇଁ ହରିର କଲେ ଗରବ—
ଉପେନ୍ଦ୍ର ଭଞ୍ଜ, ବୈଦେହୀଶବିଳାସ ।
୨ । (ସଂ. ଛଦ ଧାତୁ) ଛପର କରିବା—
2. To thatch.

ଛୁଇମାଟି—ପ୍ରାଦେ (ବସ୍ତର, ସମ୍ବଲପୁର) ବି (ସଂ. ଶ୍ୱେତ ମୃତ୍ତିକା)
Chhui-māṭi ଛୁଇ (ଦେଖ)—
Chhui (See)

ଛୁକ୍‌ଲା—ପ୍ରା: ଦେ. (ସମ୍ବଲପୁର) ବି. (ସଂ. ଛଲ୍ଲୀ)—ଛାଲି; ତ୍ୱକ୍—
Chhuk-lā Bark of tree.

ଛୁ କରିବା—ଦେ. କ୍ରି.—ଗୋପନରେ ପଳାଇବା—
Chhu karibā To flee away; to give the slip; to
চম্পট মারা slip away unnoticed
छू होना, छू बनना
(ଛୁ ଦେବା; ଛୁ କଢାଇବା; ଛୁ କଢେଇବା—ଅନ୍ୟରୂପ)

ଛୁଙ୍କ—ଦେ. ବି.—(ଧ୍ୱନ୍ୟନୁକାରୀ ଶବ୍ଦ)—୧ । ତିଅଣ ଆଦି ବଘାରିବା;
Chhuṅka ବଘାର—1. Frying or seasoning the
ছোঁক, ফোড়ন already boiled curry with a little oil
छौंक or ghee and spices.
୨ । ତିଅଣ ଆଦି ଘିଅ ଓ ମସଲାଦ୍ୱାରା ବଘାରିବାର ବାସନା—
2. The smell issuing during the operation of frying boiled curry with oil or ghee.

ଛୁଙ୍କ ଦେବା—ଦେ. କ୍ରି.—ଛୁଙ୍କିବା (ଦେଖ)
Chhuṅka debā Chhuṅkibā (See)

ଛୁଙ୍କିବା—ଦେ. କ୍ରି (ଧ୍ୱନ୍ୟନୁକାରୀ ଶବ୍ଦ)—ଅଳ୍ପ ଘିଅ ବା ତେଲରେ
Chhuṅkibā ଲଙ୍କାମରିଚ ଓ ସୋରିଷ ଆଦି ବାଣ୍ଡିଫୁଟାଇ ଫୁଟାଇ
ছোঁকা ତହିଁରେ ସିଦ୍ଧ ତିଅଣ ବା ପରିବାକୁ ବଘାରିବା—To
छौंकना season the already boiled curry with a little oil or ghee and spices singed in oil.

ଛୁଚି—ଗ୍ରା. ବିଣ. (ସଂ. ଶୁଚି)—ଶୁଚି—
Chhuchi Pure; cleanly.
ଗ୍ରା. ବି. (ସଂ. ଶୌଚ)—ଶୌଚ—Cleanliness.

ଛୁଚିବାଇ—ଗ୍ରା. ବି. (ସଂ. ଶୁଚି ବାୟୁ)—ଅତିରିକ୍ତରୂପେ ସର୍ବଦା ଶୁଚି
Chhuchi-bāi ରହିବାର ଖିଆଲ ବା ଅଭ୍ୟାସ; ଅତ୍ୟଧିକ ଶୁଚିତା-
ছুচিবাই ରକ୍ଷା—Excessive sentimentality in keeping away from untouchable things.
ଗ୍ରା. ବିଣ.—ଛୁଚିବାଇଆର ସ୍ତ୍ରୀଲିଙ୍ଗ—
Feminine of Chhuchibāiā.

ଛୁଚିବାଇଆ—ଗ୍ରା. ବିଣ. ପୁଂ (ସଂ. ଶୁଚି+ବାତୁଳ)—ସର୍ବଦା ଶୁଚି
Chhuchi-bāiā ରହିବା ଓ ଅସ୍ପୃଶ୍ୟ ବ୍ୟକ୍ତି ବା ବସ୍ତୁକୁ ନ ଛୁଇଁବା
ছুচিবেয়ে ଯାହାର ଅଭ୍ୟାସ—Excessively sentimental in
(ଛୁଚିବାଇ—ସ୍ତ୍ରୀ) keeping away from untouchable or
(ଛୁଚିବାୟା—ଅନ୍ୟରୂପ) unclean things and persons.

ଛୁଚୁନ୍ଦରା—ଦେ. ବି. ଓ ବିଣ—ଛୁଛୁନ୍ଦରୀ (ଦେଖ)
Chhuchundarā Chhuchhundarī (See)
(ଛୁଚୁନ୍ଦୁରା, ଛୁଚୁନ୍ଦା—ଅନ୍ୟରୂପ)

ଛୁଛା—ପ୍ରାଦେ. (ସମ୍ବଲପୁର) ବିଣ (ସଂ. ତୁଚ୍ଛ; ପ୍ରା. ଛୁଚ୍ଛ, ତୁଳ. ଏହି
Chhuchhā ଅର୍ଥରେ ହି. ଛୁଁଛା)—୧ । ତୁଚ୍ଛା; ଖାଲି; ରିକ୍ତ—
1. Empty.
খালি ୨ । କେବଳ—2. Sole; single.
खाली ୩ । ଏକାକୀ—3. Alone; solitary.
କ୍ରି. ବିଣ.—କେବଳ—Only.

ଛୁ ଛା କରିବା—ଦେ. କ୍ରି—ଗୋପନରେ ପଳାୟନ କରିବା—
Chhu chhā karibā To flee or slip away.
[ଛୁ ଛା ଦେବା, ଛୁ ଛା କଢା (ଢେ)ଇବା—ଅନ୍ୟରୂପ]

ଛୁଛାକେ—ପ୍ରା. ଦେ. (ସମ୍ବଲପୁର) କ୍ରି. ବିଣ—ବୃଥା; ଅକାରଣରେ;
Chhuchhāke ତୁଚ୍ଛାଟାରେ—In vain
(ଛୁ ଛା ଲାଗି—ଅନ୍ୟରୂପ)

ଛୁଛୁ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଛୁଛୁନ୍ଦରୀ; ତୁଳ. ହି. ଛୁଁଚ୍)—
Chhuchhu ଚୁଚୁନ୍ଦା—Mole.

ଛୁଛୁନ୍ଦରା—ଦେ. ବି ଓ ବିଣ—ଛୁଛୁନ୍ଦରୀ (ଦେଖ)
Chhuchhundarā Chhuchhundarī (See)
ছুঁচো
छुँछा
(ଛୁଛୁନ୍ଦରୀ; ଛୁଛୁନ୍ଦୁରା; ଛୁଛୁନ୍ଦୁରୀ—ଅନ୍ୟରୂପ)

ଛୁଛୁନ୍ଦରୀ—ସଂ. ବି. (ଛୁଛୁ=ଅବ୍ୟକ୍ତ ଶବ୍ଦ+ଦ ଧାତୁ=ବିଦାରଣ କରିବା
Chhuchhundarī +କର୍ତ୍ତୃ. ଅ+ସ୍ତ୍ରୀ. ଈ)—୧ । ଚୁଚୁନ୍ଦା;
ଗନ୍ଧମୂଷିକ—1. Musk-shrew; mole; musk-rat; Crocudura Caerula.
ଦେ. ବିଣ—୧ । ନିର୍ଲଜ୍ଜ—1. Shameless.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ-ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ତାଙ୍କୁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'ଭୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଘ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଲଙ୍କୃତ ଦେଖିବେ

୨ । ଶ୍ରେଷ୍ଠ (ଲୋକ); ନୀଚପ୍ରକୃତିକ (ଲୋକ)—
2. Low; mean (person).
୩ । ଲୋଭୀ; ପେଟୁ—3. Ravenous; always hankering after food from others' tables.

ଛୁଞ୍ଚ—ଦେ. ବି—୧ । (ପାନବରଜ ଭାଷା)—ପାନବରଜର ମୁଠାର ଗଣ୍ଡି ଉପରେ ପଡ଼ିଥିବା ଶେଣୀର ଉପରେ ପକାଯିବା ଲମ୍ବା ବାଉଁଶ—1. A big bomboo put on the wall-plate of a betel-plantation.
Chhuncha
ଛୁତା; ହେଁଚ ୨ । (ସଂ. ସେଚନ) ସକାଳୁ ସ୍ତ୍ରୀଲୋକଙ୍କର ଘର ଓ ଅଗଣା ଲିପିବା କର୍ମ—2. The act of washing of the mud-floor of the house and the courtyard every morning by females of the house.

ଛୁଞ୍ଚକନା—ଦେ. ବି.—ଯେଉଁ କନାରେ ସ୍ତ୍ରୀଲୋକମାନେ ଘରତଳ ଓ ଅଗଣା ପ୍ରତିଦିନ ସକାଳେ ଲିପନ୍ତି—The piece of rag used by females for besmearing the mud-floor and courtyard.
Chhuncha-kanā

ଛୁଞ୍ଚ ଦେବା—ଦେ. କ୍ରି—୧ । (ସଂ: ସେଚନ) ସକାଳୁ ଗୋବରପାଣିରେ ଅଗଣା ଆଦି ଲିପିବା—1. To wash the courtyard and floor of the house with cowdung-water every morning.
Chhuncha debā
ଛୁତା ଦେଓୟା
୨ । (ସଂ. ସୂଚନା) ଉଲ୍ଲେଖ ଦେବା; ଘଟିଥିବା କୌଣସି ଗୋଟିଏ କଥାକୁ ଦରକାର ବେଳେ ପୁନଃପୁନଃ କହିବା—
2. To allude to a past thing repeatedly.
ପ୍ରାଦେ. (ବାଲେଶ୍ୱର) କ୍ରି—୧ । ଖୁଞ୍ଚା ମାରିବା; ସ୍ଥାନେ ସ୍ଥାନେ ଚାଳରୁ ଛଣ ଉଖୁଡ଼ି ଯାଇଥିବା ସ୍ଥାନରେ କୁଟା ଗୁଞ୍ଜିବା—
1. To put straw at places in the thatch where it has come out.

ଛୁଞ୍ଚପତ୍ର—ଦେ. ବି—୧ । ଛିଞ୍ଚିପତ୍ର (ଦେଖ)
Chhuncha-patra 1. Chhinchi-patra (See)
୨ । ଭାତଥାଳି ପାଖେ ଲୁଣଆଦି ବାଢ଼ିବା ନିମନ୍ତେ ନାନା କୌଶଳରେ କଟା ଯାଇଥିବା ଗୋଲ କଦଳୀପତ୍ରଖଣ୍ଡ—
2. A circular piece of plantain leaf cut into various artistic designs for serving salt near a plate of rice.
(ଛୁଞ୍ଚପତର—ଅନ୍ୟରୂପ)

ଛୁଞ୍ଚପାଣି—ଦେ. ବି—ପ୍ରତ୍ୟହ ସକାଳେ ଘର ଓ ଅଗଣାଆଦି ଲିପିବାରେ ବ୍ୟବହୃତ ଗୋବରପାଣି—Water mixed with cowdung used in washing the courtyard and mud-floor every morning.
Chhuncha-pāṇi
ଛୁତାଜଲ; ହେଁଚଜଲ

> ଛୁଞ୍ଚପାଣି ହାତି ଧୋଇବାକୁ ବେଳି ନାହିଁ ।
> ଫକୀରମୋହନ- ଛମାଣଆଠଗୁଣ୍ଠ ।

ଛୁଞ୍ଚହାଣ୍ଡି—ଦେ. ବି.(ସଂ ସେଚନ + ହାଣ୍ଡିକା)—ନିତ୍ୟ ସକାଳେ ଘରଦ୍ୱାର ଲିପିବା ପାଇଁ ଯେଉଁ ହାଣ୍ଡିରେ ମାଟିଗୋବର-ମିଶା ପାଣି ଥାଏ—An earthen pot containing water mixed with cowdung for smearing the mud-floor and courtyard every morning.
Chhcuncha-hāṇḍi
ছুতহাঁড়ি; হেঁচহাঁড়ি
ছডাহাঁডি

ଛୁଞ୍ଚି—ଦେ. ବି. (ସଂ. ସୂଚି)—ଲୁଗା ସିଇଁବାର ସରୁ ମୁନିଆଁ କଣ୍ଟା—Needle.
Chhunchi
ছুঁচ
सुई
[ଦ୍ର—ଏଥିର ଅଗପାଖ ମୁନିଆଁ ଓ ମୂଳପାଖରେ ସୂତା ଗଳାଇବା ପାଇଁ ଗୋଟିଏ କଣା ଥାଏ ।]

ଛୁଞ୍ଚିଆ—ଦେ. ବିଣ (ସଂ. ସୂଚ)—ଛୁଞ୍ଚିପରି ମୁନିଆଁ—
Chhunchiā Sharp-pointed; needle-pointed.
ଦେ. ବି—୧ । ଅନେକଟିର ବା ଏକାଧିକ ନଳା ଥିବା ପୋଲର ଫୁକାରମାନଙ୍କର ମଝିରେ ଥିବା ଅଗଗୋଜିଆ ସ୍ତମ୍ଭର ମୁନିଆଁ ପ୍ରାନ୍ତ—1. The pointed ends of a pier or masonry-pillar of an anicut or bridge having more than one span.
୨ । ଛୁଞ୍ଚିଆ ବତା (ଦେଖ)
2 Chhunchiā batā (See)

ଛୁଞ୍ଚିଆ ବତା—ଦେ. ବି—ଚାଳରୁ ଛଣ ଉଡ଼ି ନ ଯିବା ପାଇଁ ଚାଳ ଉପରେ ବନ୍ଧାଯିବା କ୍ଷୁଦ୍ର ବତା—
Chhunchiā batā
Small scantlings of split bamboo attached to the thatch to keep the straw in position.

ଛୁଞ୍ଚିଆ ବାନ୍ଧିବା—ଦେ. କ୍ରି—ଛପର ଉପରେ ଛୁଞ୍ଚିଆବତା ଦଉଡ଼ିଦ୍ୱାରା ସଂଲଗ୍ନ କରିବା—To tie small pieces of split bamboo over a thatch.
Chhunchiā bāndhibā
ଛୁଞ୍ଚିଆ ଦେବା,
ଛୁଞ୍ଚିଆ ଉଡ଼ିବା } ଅନ୍ୟରୂପ
ଛୁଞ୍ଚିଆ ମାରିବା

ଛୁଞ୍ଚିକନା—ଦେ. ବି.(ସଂ. ସେଚନ+କର୍ଣ୍ଣି)--ପ୍ରତିଦିନ ଘର ଓ ଅଗଣା ଲିପିବା ନିମିତ୍ତ ବ୍ୟବହୃତ ଛିଣ୍ଡା କନା; ମାଟିଗୋବର-ନେତା କନା—A rag used in smearing the mud floor of a house and courtyard with mud and cowdung mixed with water.
Chhunchi-kanā

> ଘର ଘରଣୀ ଏ ଛଡ଼ ଛୁଞ୍ଚିକନା ଉନ୍ମାଦଗାରୁ ଉଦାସୀ ।
> ଭକ୍ତ. ଗୀତଳହରୀ ।

ଛୁଞ୍ଚିଗଳା—ଦେ. ବି.—(ଆଧୁନିକ ବ୍ୟବହାର)—ଫମ୍ପା ଛୁଞ୍ଚି ମଧ୍ୟରେ ଦ୍ରବ ଔଷଧ ଚଳାଇ ରୋଗୀର ଶରୀରକୁ ଫୋଡ଼ି ଉକ୍ତ ଔଷଧକୁ ଶିରାଦ୍ୱାରା ରୋଗୀର ରକ୍ତରେ ସଞ୍ଚାଳିତ କରିବା କ୍ରିୟା—Injection; hypodermic injection.
Chhunchi-gaḻā
সূচ বিংধা
सुई बिंधना
(ଛୁଞ୍ଚି ଫୋଡ଼ା;ଛୁଞ୍ଚିମରା— ଅନ୍ୟରୂପ)

୧	ଇ	ଉ	ଋ,ୠ	୪	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଘ	ଜ	ଶ,ଷ	କ୍ଷ	ଇୟ	ଉଅ	ଭ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ନ୍ତ

ଛୁଞ୍ଚିପତ୍ର—ଦେ. ବି—୧ । ଛିଞ୍ଚିପତ୍ର (ଦେଖ)
Chhuñchi-patra 1. Chhiñchi-patra (See)
(ଛୁଞ୍ଚିପତର—ଅନ୍ୟରୂପ) ୨ । ଛୁଞ୍ଚପତ୍ର (ଦେଖ)
2. Chhuñcha-patra (See)

ଛୁଞ୍ଚିବାଇ—ଦେ. ବି ଓ ବିଣ—ଛୁଚିବାଇ (ଦେଖ)
Chhuñchi-bāi Chhuchi-bāi (See)

ଛୁଞ୍ଚିବାଇଆ—ଦେ. ବିଣ. ପୁଂ—ଛୁଚିବାଇଆ (ଦେଖ)
Chhuñchibā-iā Chhuchi-bāiā (See)
(ଛୁଞ୍ଚିବାଇ—ସ୍ତ୍ରୀ)
(ଛୁଞ୍ଚିବାୟା—ଅନ୍ୟରୂପ)

ଛୁଞ୍ଚିମାଛି ପରଖ—ଦେ. ବି—ଅତି ସୂକ୍ଷ୍ମ ପରୀକ୍ଷା; ପୁଙ୍ଖାନୁପୁଙ୍ଖ ପରିଦର୍ଶନ—
Chhuñchi-māchhi parakha Very close scrutiny; minute examination.
(ଛୁଞ୍ଚିମାଛି ପରୀକ୍ଷା—ଅନ୍ୟରୂପ)

ଛୁଞ୍ଚି ମାରିବା—ଦେ. କ୍ରି—ଦେହରେ ସୂଚିବେଧ ପରି ବେଦନା ଅନୁଭୂତି—
Chhuñchi māribā Pinpricks; sensation resembling that due to piercing the body with an eedle.
ছুঁচ মারা
सुई मारना
(ଯଥା—ମୋ କଙ୍କାଳକୁ ପବନ ଦେଲେ ଛୁଞ୍ଚି ମାରି ଦେଉଛି ।)

ଛୁଞ୍ଚିମୁନିଆଁ (ପକ୍ଷୀ)—ଦେ. ବି. (ସଂ. ଟୁଣ୍ଟୁକ; ଭୂକବାସ୍ତୁ; ସୌଚିକ)—
Chhuñchi-muniāñ (bird) ଶାଖାଶ୍ରୟୀ କ୍ଷୁଦ୍ର ପକ୍ଷିବିଶେଷ—
টুনটুনী The Indian Tailor-bird; Orthomus Sutorius.
[ଦ୍ର—ଏ ୬।୭ ଅଙ୍ଗୁଳ ଲମ୍ବା; ଏହାର ଡାକ 'ଟୁଇ, ଟୁଇ'; ଏହାର ଚଞ୍ଚୁ ଓ ମସ୍ତକ ସମାନ ଦୀର୍ଘ; ଚଞ୍ଚୁ ସରୁ ଓ ଦୀର୍ଘ—ଏମାନେ ଅଣ୍ଟାରେ ଏକାଧିକ ପତ୍ରର ଦାଢ଼କୁ ସିଲେଇ କରି ବସା ନିର୍ମାଣ କରନ୍ତି ।]

ଛୁଞ୍ଚିମୁହାଁ—ଦେ. ବିଣ. ପୁଂ (ସଂ. ସୂଚି + ମୁଖ)—(ପୁରୁଷକୁ ଦିଆଯିବା
Chhuñchi-muhāñ ଗାଳି) (a term of abuse applied
(ଛୁଞ୍ଚିମୁହିଁ—ସ୍ତ୍ରୀ) to males)—ଯେଉଁ ବ୍ୟକ୍ତିର ମୁହଁ ବା ଓଠ ଶୋଞ୍ଚଆ ହୋଇ ବାହାରି ଥାଏ—(a person) Having the lips protruding to a point.
[ଦ୍ର—ଏପରି ଲୋକ କୁତ୍ସିତ ଓ କ୍ରୋଧୀ ହୁଅନ୍ତି ।]

ଛୁଟ୍‌କୁରିଆ—ଦେ. ବିଣ—ସାମାନ୍ୟ; ଛୋଟ—
Chhut-kuriā Petty; small.
ছোটখাট
फुटकर
× × × ଆଉ ଶିବବପୁର ବଜାରର ଛୁଟକୁରିଆ ବଡ଼ିଆ ସମସ୍ତ ଦୋକାନ ନିମନ୍ତ୍ରିତ ହୋଇଥିଲେ ।
ଫକୀରମୋହନ. ଗଳ୍ପସ୍ବଳ୍ପ ।

ଛୁଟ୍‌ଛୁଟ୍—ଦେ. କ୍ରି. ବିଣ—୧ । ମୁହୁର୍ମୁହୁଃ; ଅନୁକ୍ଷଣ—
Chhuṭ-chhuṭ 1. Every moment; at very short intervals.
(ଯଥା—ସେ ଛୁଟ୍‌ଛୁଟ୍ ପୋଖରୀ ଦଉଡ଼ୁଛି ।)
୨ । ଛଟପଟ (ଦେଖ)
2. Chhaṭa-paṭa (See)
(ଯଥା—ଖାଇବାକୁ ନ ପାଇଁ ପିଲା ଗୁଡ଼ିକ ଛୁଟ୍‌ଛୁଟ୍ ହୋଇ ମଲେ ।) (ଛୁଟ୍‌ପୁଟ୍, ଛୁଟୁଛୁଟୁ, ଛୁଟୁପୁଟୁ—ଅନ୍ୟରୂପ)
[ଦ୍ର—'ଛଟଛଟ' ଅପେକ୍ଷା 'ଛୁଟ୍‌ଛୁଟ୍' କ୍ଷୁଦ୍ର ଭାବବ୍ୟଞ୍ଜକ, ଛୁଟ୍‌ଛୁଟ୍ ଅପେକ୍ଷା ଛୁଟୁରୁଛୁଟୁରୁ ଆହୁରି କ୍ଷୁଦ୍ର ଭାବବ୍ୟଞ୍ଜକ ।]

ଛୁଟ୍ (ଧାତୁ)—ସଂ.—୧ । ବନ୍ଧନ କାଟିବା—
Chhuṭ (root) 1. To cut a bond.
୨ । କାଟି କରି ଅଲଗା କରିବା—2. To cut off.

ଛୁଟଣ—ଦେ. ବି. (ସଂ. ଛୁଟ୍ ଧାତୁ = ବନ୍ଧନ କାଟିବା, ହି. ଶବ୍ଦସାଗର)—
Chhuṭaṇa ୧ । ବିରାମ; ବିରତି—
ছুট 1. Cessation; remission.
छूट, छुटना ୨ । ମୁକ୍ତି—2. Liberation.
୩ । ଅବସର; ବିଶ୍ରାମ; ଫୁରୁସତ୍—
3. Rest; leisure.
(ଯଥା—ମତେ କାମରେ ଦଣ୍ଡେ ଛୁଟଣ ନାହିଁ ।)

ଛୁଟା—ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର) ବିଣ. ପୁଂ (ଖେ ସ୍ଥାନରେ ଛୁ
Chhuṭā ଉଚ୍ଚାରଣ)—ଖୋଟା—Lame.

ଛୁଟାଇବା—ଦେ. କ୍ରି. (ସଂ. ଛୁଟ୍ ଧାତୁ = ବନ୍ଧନ କାଟିବା)—
Chhuṭāibā (ଛୁଟିବାର ଣିଜନ୍ତ ରୂପ)—
ছুটান (causative of Chhuṭibā).
छुटाना, छुटवाना ୧ । ମୁକ୍ତ କରିବା; ମୁକୁଳାଇବା—
(ଛୁଟେଇବା—ଅନ୍ୟରୂପ) 1. To liberate; to set free.
୨ । ଢିଲା କରିବା; ଢିଗାଳିବା—
2. To loosen; to slacken
୩ । (ଶସ୍ତ୍ରାଦି ଅନ୍ୟର ଦେହରେ) ପ୍ରହାର କରିବା; ଅନ୍ୟକୁ ପ୍ରହାର କରିବା ପାଇଁ ଅସ୍ତ୍ରାଦିକୁ ଚଳାଇବା—
3. To strike with (a weapon).
ଅଣ୍ଟାରୁ ଖଣ୍ଡା କାଢ଼ି ଦେହେ ଛୁଟାଇଲେ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।
୫ । ଦଉଡ଼ାଇବା—
5, To cause to run; to send one running.
(ଯଥା—ଶିକାରୀ ମୃଗ ପଛରେ କୁକୁରକୁ ଛୁଟାଉଛି ।)
୬ । ସ୍ରୋତ ବୁହାଇବା; ଜଳୀୟ ବସ୍ତୁକୁ ବହାଇବା—
6. To cause (a liquid) to flow; to discharge (a liquid).

ଛୁଟାଛୁଟି—ଦେ. ବି—୧ । ଇତସ୍ତତଃ ଦଉଡ଼ାଦଉଡ଼ି; ଦଉଡ଼ାଧାପଡ଼—
Chhuṭā-chhuṭi 1. Running to and fro.
ছুটাছুটি ୨ । ତ୍ୱରା; ଲଣ୍ଡଭଣ୍ଡ—2. Hot-haste; bustle, hurry-scurry.
छुटाछुटि, हड़बड़ि
୩ । ଏକର ପଶ୍ଚାତ୍ ଅନ୍ୟର ଧାବନ—
3. Chasing one another.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗ୍ୟା ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଛୁଟି— ଦେ. ବି. (ସଂ. ଛୁଟ୍ ଧାତୁ=ବନ୍ଧନ କାଟିବା; କାଟି କରି ଅଲଗା କରିବା—ହି. ଶବ୍ଦସାଗର)—
Chhuṭi
ছুটী
छुटकारा, छुट्टी
୧ । କାର୍ଯ୍ୟରୁ ଫୁରସତ୍ ବା ଅବକାଶ ମିଳିବା ସମୟ— 2. Holiday; vacation.
(ଯଥା—ଗ୍ରୀଷ୍ମ ଛୁଟି, ବଡ଼ଦିନ ଛୁଟି, ପୂଜା ଛୁଟି ।)
୨ । କାର୍ଯ୍ୟରୁ ସାମୟିକ ବିଦାୟ—
2. Temporary leave from duty.
୩ । ଅବସର—3. Leisure.
୪ । ଖଲାସ; ମୁକ୍ତି—4. Release; discharge.
୫ । କାର୍ଯ୍ୟରୁ ନିବୃତ୍ତି—
5. Cessation of work; stoppage of work.
୬ । ସ୍କୁଲ, କଚେରି, କାରଖାନା ଆଦିର ସାମୟିକ କାର୍ଯ୍ୟବନ୍ଦ—
6. Temporary closing or dismissal of a school, court or workshop.
(ଯଥା—୪ଟା ବାଜିଲେ ଇସ୍କୁଲର ଛୁଟି ହୁଏ ।)
୭ । କୌଣସି କାର୍ଯ୍ୟ କରିବା ପାଇଁ କର୍ତ୍ତୃପକ୍ଷଙ୍କଠାରୁ ମିଳିବା ଅନୁମତି—7. Permission given by an authority.
୮ । କୌଣସି ଦାୟିତ୍ୱରୁ ମୁକ୍ତି—8. Release or discharge from a responsibility.
ଦେ. ବିଣ—୧ । ମୁକ୍ତ; ମୁକ୍ତିପ୍ରାପ୍ତ; ଖଲାସ ହୋଇଥିବା—
1. Released; liberated.
(ଯଥା—୫ ଘଣ୍ଟା ନୌକାଟି ବଞ୍ଚାଇ ଦେଲେ ତେଣିକି ମୁକ୍ତି ।)
ପ୍ରାଦେ. (ସମ୍ବଲପୁର) ବି—ଛୁଇ (ଦେଖ)
Chhui (See)
ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର; ଶେଷ ସ୍ଥାନରେ ଛୁ ଉଚ୍ଚାରଣ)
ବିଣ. ସ୍ତ୍ରୀ—ଛୋଟୀ—Lame (woman)
ବି. ସ୍ତ୍ରୀ—ଖଞ୍ଜ ସ୍ତ୍ରୀ—A lame woman.

ଛୁଟିଦରମା—ଦେ. ବି—କାର୍ଯ୍ୟରୁ ଅବସର ପାଇଥିବା ବ୍ୟକ୍ତିର ଅବସର-କାଳର ବେତନ—The salary of a person for the period of his leave.
Chhuṭi-daramā
ছুটির মাইনা
छुट्टीका तनख्वाह

ଛୁଟିଦିନ—ଦେ. ବି—ଅବସରବାସର; ଯେଉଁ ଦିନ ସ୍କୁଲ, କଚେରି ବା କାରଖାନା ଆଦିର କାମ କୌଣସି ବିଶେଷ ଉପଲକ୍ଷରେ ବନ୍ଦ ଥାଏ—Holiday; vacation-time; recess.
Chhuṭi-dina
ছুটির দিন
छुट्टीका रोज

ଛୁଟି ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ କାର୍ଯ୍ୟରୁ ସାମୟିକ ବା ନିର୍ଦ୍ଦିଷ୍ଟ କାଳପାଇଁ ଅବସର ଦେବା—
Chhuṭi debā
ছুটি দেওয়া
छुट्टी देना
1. To grant leave
୨ । (ବନ୍ଧନରୁ, ସ୍କୁଲରୁ, ମକଦମାରୁ, ଦାୟିତ୍ୱରୁ) (ଛୁଟି କରିବା—ଅନ୍ୟରୂପ) କୌଣସି ବ୍ୟକ୍ତିକୁ ଖଲାସ ଦେବା; ମୁକ୍ତି ଦେବା—2. To release; to discharge; to acquit.
୩ । ସ୍କୁଲ ବା କଚେରି ଆଦିର କାର୍ଯ୍ୟ ସ୍ଥଗିତ କରିବା ବା ଭାଙ୍ଗିବା—3. To dismiss a court or school.

ଛୁଟି ପାଇବା—ଦେ. କ୍ରି—୧ । କାର୍ଯ୍ୟରୁ ଅବସର ପ୍ରାପ୍ତ ହେବା—
Chhuṭi pāibā
ছুটি পাওয়া
छुट्टी पाना
1. To get leave.
୨ । ଖଲାସ ହେବା—2. To be released, acquitted or discharged.

ଛୁଟିବା—ଦେ. କ୍ରି. (ସଂ. ଛୁଟ୍ ଧାତୁ=ବନ୍ଧନ ଆଦି କାଟିବା ହି. ଶବ୍ଦସାଗର; ସଂ. କ୍ଷିପ୍ତ ପ୍ରା. ଛୁଟ—ଯୋଗେଶ ଚନ୍ଦ୍ର)—
Chhuṭibā
ছুটা; ছোটা
छूटना
[ଛୁଟା(ଟେ)ଇବା—ଣିଜନ୍ତ]
୧ । ଜୋରରେ ଚାଲିବା; ଦଉଡ଼ିବା—
1. To run; to move with force.
୨ । ପଳାଇଯିବା—
2. To flee away; to escape.
୩ । (ଜଳୀୟପଦାର୍ଥ) କୌଣସି ସ୍ଥାନରୁ ବାହାରି ବେଗରେ ବହିବା—3. To flow out; to gush forth (said of a liquid).
(ଯଥା—ଭଙ୍ଗା କାଚ ବାଜିଯିବାରୁ ତା ଦେହରୁ ରକ୍ତ ଛୁଟୁଛି ।)
୪ । (ସମୟ) ଅତିବାହିତ ହେବା—
4. (the time) To run.
୫ । ଧ୍ୱଂସ ହେବା—
5. To be ruined or destroyed.

ଛୁଟିଲେ ଘଟ ତୋତେ ବୋଲିବେ ମଡ଼ା
ଛଣ୍ଡି କାଟି ତୋର ହୋଇବ ଲେଡ଼ା । ମନବୋଧ ଚଉତିଶା ।

୬ । ଲୋପ ପାଇବା; ଲୁପ୍ତ ହେବା—
6. To be lost; to disappear.

ଛୁଟି ଯାଇ ବଚେତନା, ଛଟପଟ ହେବ ସିନା—କବିସୂର୍ଯ୍ୟ, କଣୋଗ୍ରବକ୍ଷ୍ମ, ଛ ଗୀତ ।

୭ । ଫିଟିଯିବା; (ଗଣ୍ଠି ଆଦି) ଖୋଲିଯିବା—
7. (a knot) To get loose; to become slack.
୮ । (ଗୁଳି, ଶର, ଉଲ୍କା) ଖୁବ୍ ଜୋରରେ ଗତିକରିବା—
8. (bullet, arrow, shooting star) To shoot forth.
୯ । ମୁକ୍ତଦ୍ୱାର ହେବା; ବାଧା ବା ବନ୍ଧନରହିତ ହେବାରୁ ତହିଁମଧ୍ୟସ୍ଥ ପଦାର୍ଥ ବେଗ ସହିତ ବାହାରିବା—
9. To become loose or open.
(ଯଥା—ଆଜି କି ଉତ୍ତାନଦିନ ହେଲା ସେ ଶିଶୁର ଗାଣ୍ଠି ଛୁଟିଛି; କାଲି ରାତିରୁ ସେ କଥଟା ଛୁଟିଛି ।)

ଛୁଟିମାଟି—ପ୍ରାଦେ. (ସମ୍ବଲପୁର) ବି—ଛୁଇ (ଦେଖ)
Chhuṭi-māṭi
Chhui (See)

ଛୁଟି ମିଳିବା—ଦେ. ବି—୧ । କାର୍ଯ୍ୟରୁ ସାମୟିକ ଅବସରପ୍ରାପ୍ତି—
Chhuṭi milibā
ছুটি মিলা
छुट्टी मिलना
1. Getting of leave.
(ଯଥା—ପୁଅ ବିଭାପାଇଁ ମୋତେ ୪ଦିନ ମାତ୍ର ଛୁଟି ମିଳିଲା ।)

୧	ଇ	ଓ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ଁ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ନ

୨। ଦାୟିତ୍ୱରୁ ମୁକ୍ତିଲାଭ—3. Being released or discharged from a responsibility.

୩। କାର୍ଯ୍ୟରୁ ବିରତ ହେବା ପାଇଁ ଅଦେଶପ୍ରାପ୍ତି—3. Getting of permission to stop work.

୪। ଫୁରସତ୍ ବା ଅବକାଶ ପ୍ରାପ୍ତି—4. Getting of leisure.

୫। ବନ୍ଧନ ବା କାରାବାସରୁ ମୁକ୍ତିଲାଭ—5. Release from confinement; being set free; liberation.

(ଛୁଟି ମିଳ ଯିବା—ଅନ୍ୟରୂପ)

ଛୁଟିଯିବା—ଦେ. କ୍ରି.—ଛୁଟିବା (ଦେଖ)
Chhuṭi-jibā — Chhuṭibā (See)
ছুটে যাওয়া
छुट जाना

ଛୁଟି ହେବା—ଦେ. କ୍ରି.—୧। (କୌଣସି ବ୍ୟକ୍ତି) କାର୍ଯ୍ୟରୁ ଅବସର ଲାଭ କରିବା—1. (a person) To get leave.
Chhuṭi hebā
ছুটি হওয়া
छुट्टि होना

୨। (କୌଣସି ବ୍ୟକ୍ତି) ବନ୍ଧନ ବା ଜେଲରୁ ମୁକ୍ତ ହେବା—2. To be set free or released from confinement.

୩। (କୌଣସି ସ୍କୁଲ, କଚେରି, କାରଖାନାର କର୍ମ) ସ୍ଥଗିତ ହେବା—3. (a school, office or workshop) To be closed or stopped.

୪। (ଚାକିରି, ଅବଲମ୍ବନ) ରହିତ ହେବା—4. (any post or service or support) To cease; to stop.

(ଯଥା—୩ ମାସ ହେଲା ମୋର ସର୍ବାଶ୍ରୀ ଛୁଟି ଯିବାରୁ ମୁଁ ବେକାର ହୋଇ ବସିଛି ।)

ଛୁଟୁକା—ଦେ. ବିଣ.—(ସଂ. କ୍ଷୁଦ୍ର)—୧। କ୍ଷୁଦ୍ର; ଖୁଚୁରା; ଟିକି; ଟିକିଟିକି, ଲଘୁ; ଅତି ଛୋଟ—1. Minute; petty; very small.
Chhuṭukā
ছুটলা, ছোটখাট
अदना, छोटा

୨। ଅନିର୍ଦ୍ଦିଷ୍ଟ—2 Uncertain.

(ଛୁଟୁକିଆ—ଅନ୍ୟରୂପ)—୩। ତୁଚ୍ଛ—3. Insignificant.

ଛୁଟୁକୁରିଆ—ଦେ. ବିଣ.—ଛୁଟ୍‌କୁରିଆ (ଦେଖ)
Chhuṭukuriā — Chhuṭ-kuriā (See)

ଛୁଟୁଛୁଟୁ—ଦେ. କ୍ରି. ବିଣ.—(ଧ୍ୱନ୍ୟନୁକାରୀ)—ଛୁଟ୍‌ଛୁଟ୍ (ଦେଖ)
Chhuṭu-chhuṭu — Chhuṭ-chhuṭ (See)

(ଛୁଟୁରୁଛୁଟୁରୁ—ଅନ୍ୟରୂପ) [ଦ୍ର—ଛଟଛଟ ଅପେକ୍ଷା ଛୁଟୁଛୁଟୁ କ୍ଷୁଦ୍ରଭାବବ୍ୟଞ୍ଜକ; ଯଥା;—ଘୋଡ଼ାଟା ଛଟଛଟ ହୋଇ ମରିଗଲା, ଶିଶୁ ଗୁଡ଼ିକ ଛୁଟୁଛୁଟୁ ହୋଇ ମରିଗଲେ ।]

ଛୁଟୁପୁଟୁ—ଦେ. କ୍ରି. ବିଣ—(ଧ୍ୱନ୍ୟନୁକରଣ)—ଛଟପଟ (ଦେଖ)
Chhuṭu-puṭu — Chhaṭapaṭa (See)
(ଛୁଟୁରୁପୁଟୁରୁ—ଅନ୍ୟରୂପ)

[ଦ୍ର—ଛଟପଟ ଅପେକ୍ଷା ଛୁଟୁପୁଟୁ କ୍ଷୁଦ୍ରଭାବବ୍ୟଞ୍ଜକ, ଛୁଟୁପୁଟୁ ଅପେକ୍ଷା ଛୁଟୁରୁପୁଟୁରୁ ଅଧିକ କ୍ଷୁଦ୍ର ଭାବବ୍ୟଞ୍ଜକ]

ଛୁଡ଼ିବା—ପ୍ରାଦେ. (ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର) କ୍ରି. (ସଂ. ଛୁଟ୍ ଧାତୁ)—ଛାଡ଼ିବା (ଦେଖ)
Chhurḍibā — Chhorḍibā (See)

କେଉଁ ପାଇକର ବାହାରୁ ଅଛି ଅସ୍ତ୍ର,
ଭଏ ପଡ଼ିଛ ମର ଛୁଡ଼ ଦେଇ ଦାନ୍ତ । କୃଷ୍ଣସିଂହ, ମହାଭାରତ, ଦ୍ରୋଣ ।

ଛୁତ—ଦେ. ବି. (ସଂ. ସ୍ୟନ୍ଦନ=ସ୍ରବିଥିବା)—ପ୍ରସ୍ରାବ—Urine.
Chhuta

ଜେମା ସାବୁପଟଟାରେ ପାଣି (ଛୁତ) ଏଇ ଖାଇବାକୁ ନ କହି ବେଁ‌ଦ୍ୟାଦିଅଇବୁ ଧାଇଁସ । ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଛୁତକ—ଦେ. ବି. (ସଂ. ସୂତକ)—୧। ଛୁତିକିଆ (ଦେଖ)—1. Chhutikiā (See)
Chhutaka
छुतक

୨। ଛୁତ (ଦେଖ)—2. Chhuta (See)

(ସୂତକ—ଋପସ୍ରାତ)

ଦେ. ବିଣ. (ସଂ. ସ୍ପୃଷ୍ଟ)—ଅଶୁଚିବ୍ୟକ୍ତିଦ୍ୱାରା ସ୍ପୃଷ୍ଟ ହେବାରୁ ଅଶୁଚି—Contaminated by the touch of an unclean person.

ଶୁଦ୍ଧ ଅନ୍ନ ନ ଭକ୍ଷି ଛୁତକ ଅନ୍ନମାନ,
ଉପାସନା ନଇବେଦ୍ୟ ନ କରିବ ଦାନ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଛୁତ ଦେବା—ପ୍ରାଦେ. (ଯାଜପୁର) କ୍ରି.—ଗାଈ ବା ବଳଦ ବିକି କରିବା ବେଳେ, ବିକେତା କ୍ରେତାକୁ ଟିକିଏ ମାଟି-ଗୋବର ଓ କେତୋଟି ଦୁବ ଘାସ ଦେବା—To hand over a bit of earth mixed with cowdung and a bunch of grass to the purchaser at the time of delivery of the head of cattle sold.
Chhuta debā

ଛୁତ ପଡ଼ିବା—ଦେ. ବି.—୧। ପ୍ରସ୍ରାବ ସଙ୍ଗେ ସୂତା ପରି ଶୁକ୍ରପଡ଼ିବା ଲାଲ ପଡ଼ିବା; ପ୍ରମେହ ରୋଗ—1. Gonorrhoea in which threadlike lmucus (pus) passes with the urine.
Chhuta parḍibā

୨। ଛୁତପୋଡ଼ା (ଦେଖ)—2. Chhuta-porḍā (See)

ଛୁତପୋଡ଼ା—ଦେ. ବି.—ପ୍ରସ୍ରାବପୋଡ଼ା; ପ୍ରସ୍ରାବଦ୍ୱାରରେ ଯନ୍ତ୍ରଣା-ବୋଧ—A burning sensation in the urinary organs
Chhuta-porḍā
পেছাব জ্বালা
पेशाब जलना
(ଛୁତ ପୋଡ଼ିବା—ଅନ୍ୟରୂପ)

ଛୁତା—ଦେ. ବି. (ସଂ. ସୂତ୍ର)—ଛଳ; ବାହାନା—Pretence; excuse.
Chhutā
ছুতা
छल

ସାଧାରଣ ଲୋକେ ଅପର ପୃଷ୍ଠାରେ ସଂଯତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାକୁ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଟୁ' ନ ପାଇଲେ 'ବକ୍ଷୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଛୁତାର—ପ୍ରାଦେ. (ମେଦନୀପୁର) ବି. (ସଂ. ସୂତ୍ରଧର; ଭୁଲ. ବ. ଛୁତାର)
Chhutāra ବଢ଼େଇ—Carpenter.

ଛୁତି—ଦେ. ବି. (ସଂ. ଛୁପ ଧାତୁ)—୧ । ସ୍ପର୍ଶଜନିତ ଅପବିତ୍ରତା; ସ୍ପର୍ଶ-
Chhuti ସଂକ୍ରାମକତା—1. Contamination or impurity
ছুত, ছুতুক caused by touch.
छुत (ଯଥା—ସେ କୂଅଁ ଛୁତି ନେଇ ଘରେ ପୂରିଲେ ।)
୨ । କଳଙ୍କ; ଅପବାଦ—2. Stain; scandal.
୩ । ଅଳଅ; ଆବର୍ଜନା—3. Refuse matter.
୪ । ଦାୟିତ୍ୱ—4. Responsibility.
୫ । ସଂପର୍କ—5. Connection.
(ଯଥା—ସେ ନିଜନ୍ତୁ ଶ୍ରଦ୍ଧା ସବୁ ଛୁତି ଛଡ଼େଇ ଦେଇ ବସିଛନ୍ତି)
୬ । ଛୁଇଁବା ଯୋଗୁଁ ରୋଗୀର ଦେହରୁ ଦେହାନ୍ତରକୁ ରୋଗବୀଜର ସଂକ୍ରମଣ—6. Communication of the virus of a disease by contagion; contagion.

ଛୁତିଆ—ପ୍ରାଦେ. (ବସ୍ତର) ବି. (ଭୁଲ ହି. ଛୁତିହା=ଅଶୁଚ ବ୍ୟକ୍ତିର
Chhutiā ସ୍ପର୍ଶଜନିତ ଅଶୁଦ୍ଧ ପାତ୍ର; ଅସ୍ପୃଶ୍ୟ)—ଛୁଆଁ; ସ୍ପର୍ଶଜନିତ ଅଶୁଦ୍ଧି—Impurity due to touch; contamination by touch.
ବିଣ—୧ । ଅସ୍ପୃଶ୍ୟ ବ୍ୟକ୍ତି ଛୁଇଁ ପକାଇବା ବା ଖାଇବା ଯୋଗୁଁ ଅଶୁଦ୍ଧ ହୋଇଥିବା (ପାତ୍ର)—1. (utensil) Contaminated by the touch of or by being used by an untouchable person.
୨ । ଅସ୍ପୃଶ୍ୟ—2. Untouchable.

ଛୁତିଆର—ପ୍ରାଦେ. (ମେଦନୀପୁର) ବି. (ଭୁଲ ହି. ଛୁତିହର=ଅସ୍ପୃଶ୍ୟ-
Chhutiār ସ୍ପୃଷ୍ଟ ପାତ୍ର)—ଛୁତିଆ (ଦେଖ)
Chhutiā (See)

ଛୁତିକା—ଦେ. ବି—୧ । (ସଂ. ସୂତକ)—ଛୁତିକିଆ (ଦେଖ)
Chhutikā 1. Chhutikiā (See)
୨ । (ସଂ. ସୂତିକା)—ସୂତିକା (ଦେଖ)
2. Sūtikā (See)

ଛୁତିକା ଜର—ଗ୍ରା. ବି. (ସଂ. ସୂତିକାଜ୍ୱର)—ପ୍ରସବ ପରେ ପ୍ରସୂତିକୁ
Chhutikā jara ଆକ୍ରମଣ କରିବା ମାରାତ୍ମକ ଜ୍ୱର—
সূতিকা জর Puerperal fever; a very dangerous
जच्चा जर kind of fever attacking women just after confinement.

ଛୁତିକା ଝାଡ଼ା—ଦେ. ବି. (ସଂ. ସୂତକ+ଝରଣ)—ସୂତିକା ଗ୍ରହଣୀ;
Chhutikā jhārdā ପ୍ରସବର ଅବ୍ୟବହିତ ପରେ ବା ପୂର୍ବେ
সূতিকা ব্যাধী ପ୍ରସୂତିକୁ ଧରିବା ଦୁରାରୋଗ୍ୟ ଗ୍ରହଣୀ ରୋଗ—
जच्चा झाड़ा Dysentery attacking women before or after confinement

ଛୁତିକିଆ—ଦେ. ବି. (ସଂ. ସୂତକ)—୧ । ସନ୍ତାନଜନ୍ମଯୋଗୁଁ ଜ୍ଞାତି-
Chhutikiā ମାନଙ୍କୁ ଲାଗିବା ଅଶୌଚ; ସୂତକାଶୌଚ; ଜନନାଶୌଚ—1. Uncleanness observed by the kinsmen on the birth of a child.
[ଦ୍ର—ଶିଶୁଜନ୍ମର ୧୦ ଦିନ ପରେ ସୂତକଜନିତ ଅଶୌଚ ଦୂର ହୁଏ ।]
୨ । ପରିବାରରେ ସନ୍ତାନଜନ୍ମ—
2. Birth of a child in the family.

ଛୁତି ଛଡ଼ାଇବା—ଦେ. କ୍ରି—ସଂପର୍କ ବା ଦାୟିତ୍ୱ ତୁଟାଇ କୌଣସି କାର୍ଯ୍ୟରୁ
Chhuti chhardāibā ପୂର୍ଣ୍ଣଭାବରେ ଅଲଗା ହେବା—
(ଛୁତି ଛଡ଼େଇବା—ଅନ୍ୟରୂପ) To cut off all connection; to disown responsibility.

ଛୁତିରିକା—ଗ୍ରା. (ଗଞ୍ଜାମ) ବି—ଛୁତିକିଆ (ଦେଖ)
Chhutirikā Chhutikiā (See)
(ଛୁକିରିକା—ଅନ୍ୟରୂପ)

ଛୁତୁକ—ଗ୍ରା. ବି. (ସଂ. ସୂତକ)—୧ । ଜନ୍ମ—
Chhutuka 1. Birth of a child.
ନାହିଁ ଯାହାର ଛୁତୁକ ମୃତୁକ । ଯାଚୀ. ପରଦେଶୀଗୀତ ।
୨ । ଜନନାଶୌଚ; ଛୁତିକିଆ (ଦେଖ)
2. Chhutikiā (See)
ଦେ. ବିଣ—ଶିଶୁଜନ୍ମ ସମ୍ବନ୍ଧୀୟ—
Pertaining to childbirth.

ଛୁ ଦେବା—ଦେ. କ୍ରି—ଛୁ କରିବା (ଦେଖ)
Chhu debā Chhu karibā (See)
[ଛୁ ବତା(ତେ)ଇବା—ଅନ୍ୟରୂପ]

ଛୁନା—ଦେ. ବିଣ. (ସଂ. କ୍ଷୁଣ୍ଣ)—ଦୁଃଖିତ; ଚିନ୍ତିତ—
Chhunā Anxious; sorry; distracted.

ଛୁନୁଛୁନିଆଁ—ଦେ. ବି—ସୁଣୁସୁଣିଆଁ (ଦେଖ)
Chhunu-chhuniān̐ Suṇu-suṇiān̐ (See)

ଛୁନ୍ଦାର—ପ୍ରାଦେ. (ସମ୍ବଲପୁର) ବି. (ସଂ. ସମ୍ମୁଖ+ଦ୍ୱାର)—
Chhundār ଛାମୁ ଦୁଆର (ଦେଖ)
Chhāmu-duāra (See)

ଛୁପ୍ (ଧାତୁ)—ସଂ—ସ୍ପର୍ଶ କରିବା—
Chhup (root) To touch.

ଛୁପ—ସଂ. ବି. (ଛୁପ୍ ଧାତୁ+ଭାବ. ଅ)—୧ । ସ୍ପର୍ଶ—1. Touch.
Chhupa ୨ । ଯୁଦ୍ଧ—2. Fight.
୩ । ଚପଳତା—3. Haste.
ছুপ ଦେ. ବି—୧ । (ସଂ. କ୍ଷୁପ)—ବୁଦା—1. Bush.
छुप ୨ । କ୍ଷୁଦ୍ର ଗଛ—2. Plant.
ଗ୍ରା. ବି—ଛେପ—Spittle

୧	ଇ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଙ୍ଘ	ଞଅ	ଘ
୨	ଈ	ଉ	ରୁ	ଲୃ	ସ୍ତେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ୍ୟ	ଞଅ	ଞ୍ଜ	ନ୍ତ

ଛୁ ବଟା(ଟେ)ଇବା—ଦେ. କ୍ରି—ଛୁ କରିବା (ଦେଖ)
Chhu batā(e)ibā Chhu karibā (See)

ଛୁୟା—ପ୍ରାଦେ. (ମେଦିନୀପୁର) ବି.—ଛୁଆଁ (ଦେଖ)
Chhuyā Chhuā̃ (See)

ଛୁର୍ (ଧାତୁ)—ସ.—୧ । ଛେଦନ କରିବା; କାଟିବା—
Chhur (root) 1. To cut.
୨ । ରଞ୍ଜିତ କରିବା; ରଙ୍ଗାଇବା—
2. To paint; to besmear.

ଛୁର୍‌କି—ପ୍ରାଦେ. (ସମ୍ବଲପୁର) ବି. (ସଂ. କ୍ଷୁର)—ନୀଚଜାତୀୟା ସ୍ତ୍ରୀମାନଙ୍କଦ୍ୱାରା ବ୍ୟବହୃତ କଣ୍ଠ କଣ୍ଠା ଦାଗ ଥିବା ପିତଳର ହାତଖଡ଼ୁ—A kind of brass bracelet worn by low-class females.
Chhur-ki
[ଦ୍ର—ହାତର ମଣିବନ୍ଧ ପାଖରେ ପ୍ରଥମେ ମାଠି, ତା ଉପରକୁ ଛୁର୍‌କି, ତା ଉପରକୁ ଚନ୍ଦକଳା ପିନ୍ଧା ଯାଏ ।]

ଛୁର୍ ଛୁର୍—ଦେ. କ୍ରି. ବିଣ—(ଧ୍ୱନ୍ୟନୁକରଣ)—ଚୁରୁଚୁରୁ; ଅଳ୍ପ ଅଳ୍ପ ପରିମାଣରେ (ଗଳିବା)—In small quantities (said of liquids flowing down.)
Chhur-chhur

ଛୁରା—ସ. ବି. (ସଂ. ଛୁର ଧାତୁ=ଛେଦନ କରିବା+କରଣ. ଅ+ସ୍ତ୍ରୀ. ଆ କ୍ଲାନେନ୍ଦ୍ର)—୧ । ବଡ଼ ଛୁରି—
Chhurā 1. A large knife.
ଛୋରା
ଛୁପ ୨ । (+ସ୍ୱାର୍ଥେ. ଅ)—ଚୂର୍ଣ୍ଣ; ଚୂନା—2. Powder.
ଦେ. ବି.—୧ । ମୁକୁଆଁ ଛୁରି; ଖ୍ଞ୍ଜର—1. Dagger.
୨ । (ଏହା ଛୁରି ପରି ଦେଖାଯିବାରୁ) ମଞ୍ଜି ନଡ଼ିଆରୁ ଛଅ ଇଞ୍ଚ ଲମ୍ବରେ ବାହାରି ଥିବା ଗଜା—
2. Cocoanut seedlings of which the sprouts are not more than 6 inches in length.
ପ୍ରାଦେ. (ସମ୍ବଲପୁର) ବି.—(ସଂ. କ୍ଷୁର; ଭୁଲ. ଏହି ଅର୍ଥରେ ହି. ଛୁରା)—କ୍ଷୁର—Razor.
ଦେ. ବିଣ. (ସଂ. ଛୁରା=ଚୂର୍ଣ୍ଣ)—ଚୂରା; ଚୂର୍ଣ୍ଣ ହୋଇଥିବା—
Powdered; pulverised (Howells).

ଛୁରା ମହୁରା—ଦେ. ବି. (ସହଚର ଶବ୍ଦ; ପ୍ରାଣହାରକ ୨ଟି ବସ୍ତୁ)—
Chhurā mahurā ଖ୍ଞ୍ଜର ବା ମୁକୁଆଁ ଅସ୍ତ୍ର ଏବଂ ବିଷ—
1. Two means used for taking life, viz. dagger and poison.

ଛୁରି—ସ. ବି. (ଛୁର ଧାତୁ+କରଣ. ଇ)—୧ । କାଟିବାର କ୍ଷୁଦ୍ର ଅସ୍ତ୍ର; ଅସିପୁତ୍ରୀ—1. Knife.
Chhuri
୨ । (+କର୍ମ.ଇ) ବନ୍ଧ୍ୟା ଗୋରୁ—2. A barren cow.
ଦେ. ବି. (ଲକ୍ଷଣାର୍ଥ)—ତାତୁଆ ଛୁରି ପରି ଯନ୍ତ୍ରଣାଦାୟକ—
A thing as painful as a sharp knife.
ଛଣା କାହା ବିଚାରର. ଛୁରି ହେଲ କ ବକ୍ଷର ।
କବିସୂର୍ଯ୍ୟ, ଭଣେସଚମ୍ପୁ ଚ ଗୀତ ।

ଛୁରିଅନା—ଦେ. ବି. (ସଂ. ସୁରପୁନ୍ନାଗ)—ପୁଷ୍ପବୃକ୍ଷବିଶେଷ—
Chhurianā A tree bearing fragrant, white and long-stemmed flowers; Ochrocarpus Longifolius.
ସୁଲତାନି ଚାଁପା
सुलताना चंपा
ଛୁରିଅନା କଦମ୍ବ ନାଗେଶ୍ୱର,
ଚମ୍ପା ବକୁଳ କେତକୀ ମହାର । ଭକ୍ତିକାଠ. କତରବ୍ରହ୍ମସ୍ୱଣ ।
[ଦ୍ର—ଏହା ପୁନ୍ନାଗ ପରି ବଡ଼ ଜାତୀୟ ଥିବା ସୁଗନ୍ଧ ଧଳା ଫୁଲ ଧାରଣ କରେ; ଏ ଗଛର ପତ୍ର ମୋଟା ଓ ଶାଖାର ପ୍ରତି ଗଣ୍ଠିରେ ଦୁଇଟା ପତ୍ର ଥାଏ; ଏହାର ଫୁଲ ଭୋରରେ ଫୁଟେ ଏବଂ ପ୍ରଥମେ ଦୁଇଶଣ୍ଡରେ ବନ୍ଦ ହୋଇଥାଏ । ଏ ଗଛ ସଜ୍ୟାଶୀ ଗୋପୀନାଥଙ୍କ ମନ୍ଦିର ନିକଟସ୍ଥ ବକୁଳବନରେ ପ୍ରଚୁର ପରିମାଣରେ ଅଛି । ସାଧାରଣତଃ ଏ ଗଛ ଭାରତର ପଶ୍ଚିମ ଉପକୂଳ, ମାନ୍ଦ୍ରାଜ ପ୍ରଦେଶ, ଓଡ଼ିଶା ଓ ଚଟ୍ଟଗ୍ରାମରେ ଜନ୍ମେ । ଏହାର ମଞ୍ଜିକାଠ ରଙ୍ଗୀନ ଓ ଖୁବ ଟାଣୁଆ ।]

ଛୁରିଆ—ପ୍ରାଦେ. (ସମ୍ବଲପୁର) ବି—କଂସାରୀଜାତିଙ୍କ ପରି ପିତ୍ତଳର କାମ କରିବା ଜାତିବିଶେଷ—
Chhuriā A caste of brass-makers; braziers.

ଛୁରିକ—ଦେ. ବି—ଛୁରିଅନା (ଦେଖ)
Chhurika Chhurianā (See)

ଛୁରିକା—ସ. ବି. (ଛୁର ଧାତୁ+କରଣ. ଅକ+ସ୍ତ୍ରୀ. ଆ)—ଛୁରି (ଦେଖ)
Chhurikā Chhuri (See)

ଛୁରିକାନିଆଁ—ଦେ. ବିଣ—ଛୁରିର ଫଳକ ପରି ଲମ୍ବ ଓ ପତଳା—
Chhuri-kāniā̃ Long and thin like the blade of a knife.

ଛୁରି ଚଳା(ଲେ)ଇବା—ଦେ. କ୍ରି—୧ । ଛୁରିରେ କାଟିବା—
Chhuri chalā(le)ibā 1 To cut with a knife.
ଛୁରି ଦେଓୟା ୨ । (ଲକ୍ଷଣାର୍ଥ) ଅନିଷ୍ଟ କରିବା ।—
छुरि मारना 2. Figurative to injure.
(ଛୁରି ଦେବା; ଛୁରି ମାରିବା; ଛୁରି ଚଳାଇବା —ଅନ୍ୟରୂପ)

ଛୁରିତ—ସ. ବିଣ. (ଛୁର ଧାତୁ=ରଞ୍ଜିତ କରିବା+କର୍ମ. ତ)—
Chhurita ୧ । ଲିପ୍ତ—1. Anointed; besmeared.
୨ । ଖଚିତ; ଜଡ଼ିତ—2. Inlaid.
୩ । ବ୍ୟାପ୍ତ—3. Pervaded; filled; occupied; spread over.
୪ । ଶୋଭିତ; ଝକଝିତ—4. Adorned; shining.
୫ । ଅଳଂକୃତ—5. Decorated.
୬ । ରଞ୍ଜିତ—6. Painted; coloured.
୭ । ଖୋଦାଇ କରା ଯାଇଥିବା (ହ. ଶବ୍ଦସାଗର)—
7. Engraven.
ସ. ବି—୧ । ଲାସ୍ୟ ନାମକ ନୃତ୍ୟର ଏକ ଭେଦ—
1. A kind of amorous ball-dance.

[ଦ୍ର—ଏ କ୍ରୀଡ଼ା କଲାବେଳେ ନାୟକନାୟିକା ପରସ୍ପର ପ୍ରେମପ୍ରଦର୍ଶନପୂର୍ବକ ପରସ୍ପରକୁ ଚୁମ୍ବନ କରୁଥାଆନ୍ତି—ହି. ଶବ୍ଦସାଗର ।]

୨ । ବିଜୁଳିର ଚମକ (ହି. ଶବ୍ଦସାଗର)—
2. Flash of lightening.

ଛୁରିତକ—ଦେ. ବି—୧ । (ସଂ. ସ୍ୱରସୂଜାଗ) ଛୁରିଅନା ଗଛ; Chhuritaka ଛୁରିଅନା (ଦେଖ)—Chhuriana (See)
ଛୁରିତକ ତରୁଣୀ ପୁଷ୍ପାଙ୍କୁର ସଦାଗେ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । (ସଂ. ଛୁରିତ=ବିକାଶିତ) ଉଚ୍ଚ ହାସ୍ୟ—
2. Loud laughter.
ଅପୂର୍ବ ଛୁରିତକହିଁ ଜନ୍ମ ହୋଇଲେ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଛୁରି ଦେବା—ଦେ. କ୍ରି—ଛୁରି ଚଲାଇବା (ଦେଖ)
Chhuri deba Chhuri chalaiba (See)
(ଛୁରି ମାରିବା—ଅନ୍ୟରୂପ)

ଛୁରୀ—ସଂ. ବି. (ଛୁର୍ ଧାତୁ=ଛେଦନ କରିବା+କରଣ. ଇ)—
Chhuri ଛୁରି (ଦେଖ)—Chhuri (See)

ଛୁରିକ—ସଂ ବି—ଛୁରିଅନା (ଫୁଲ) (ଦେଖ)
Chhurika (ହବ୍ରେକୃଷ୍ଣ. ଦ୍ରବ୍ୟଗୁଣ)—
Chhuriana (flower) (See)

ଛୁଲିବା—ପ୍ରାଦେ. (ସମ୍ବଲପୁର) କ୍ରି (ସଂ. ଛଲ୍ଲୀ=ବକଲ)—
Chhuliba ୧ । ଛାଲ ଛଡ଼ାଇବା—
1. To take out the bark.
୨ । ଚାଞ୍ଛିବା—2. To scrape off.

ଛୁଲୀ—ପ୍ରାଦେ. (ମେଦିନୀପୁର) ବି (ସଂ. ଛଲ୍ଲୀ; ଭୂ. ଏହି ଅର୍ଥରେ
Chhuli ବ. ଛୁଲା)—ଛଉ (ଦେଖ)
Chhau (See)

ଛୁହି—ପ୍ରାଦେ. (ସମ୍ବଲପୁର) ବି—ଛୁଇ (ଦେଖ)
Chhuhi Chhui (See)
(ଛୁହିମାଟି—ଅନ୍ୟରୂପ)

ଛୂଟ (ଧାତୁ)—ସଂ—୧ । ବନ୍ଧନ କାଟି ଦେବା (ହି. ଶବ୍ଦସାଗର)—
Chhūṭa (root) 1. To cut a bond.
୨ । କାଟି କରି ଅଲଗା କରିବା—
2. To cut asunder; to cut out.

ଛେ—ଦେ. ଅ—(ଅସୂୟାର୍ଥକ ଅବ୍ୟୟ) ଛି !—
Chhe (interjection) Fie !.
ପ୍ରାଦେ. (ଭଞ୍ଜଭୂମି) ବି—ଛଅ; ୬—The number 6.
ପ୍ରାଦେ. (ସମ୍ବଲପୁର) ପ୍ରତ୍ୟୟ—ବର୍ତ୍ତମାନକାଳ ଅନ୍ୟ ପୁରୁଷ ଏକବଚନର କ୍ରିୟାରେ ଲାଗେ—An affix or inflection to verbs in the present tense 3rd person singular.
(ଯଥା—ଯାଉଛେ=ଯାଉଛି, ଅଛେ=ଅଛି ।)

ଛେଇବା—ଦେ. କ୍ରି—୧ । (ସଂ. ଛିଦ୍ ଧାତୁ) ଛେଦନ କରିବା;
Chheiba - ହାଣିବା—1. To cut.
ଛେୟାନ; ଛୁଲା; ଛୋଲା ୨ । ନଡ଼ିଆଆଦି ଫଳର ଉପରସ୍ଥ ଚୋପାକୁ
ଛୋଲନା କାଟୁରୀଦ୍ୱାରା ଛେଲିବା—2. To scrape or chop off the rind of a fruit (e. g. cocoanut) with a bill-hook.
(ଛେଇଁବା—ଅନ୍ୟରୂପ) ୩ । ମୁଣ୍ଡ କାଟିବା—3. To behead.
ଛାଓୟା ୪ । (ସଂ. ଛଦ୍ ଧାତୁ) ଛୁଆଣି କରିବା—
ଛୱାନା 4. To thatch.

ଛେଉଣ୍ଡ—ଦେ. ବିଣ. ପୁଂ. ଓ ସ୍ତ୍ରୀ. (ସଂ. ଛେମଣ୍ଡ)—
Chheunda ୧ । ବନ୍ଧୁବାନ୍ଧବହୀନ ଏକାକୀ ପୁରୁଷ—1. A single
ଛେଁଓଡ଼ person who has no kinsman (M.W).
ଛମଂଡ; ଯତୀମ ୨ । ପିତୃହୀନ ବା ମାତୃହୀନ ବା ଉଭୟହୀନ (ବାଳକ)--
2. Orphaned.
(ଛେଉଣ୍ଡା—ଅନ୍ୟରୂପ) ଶୁଣାଅଛି, ୬ବର୍ଷ ବୟସରେ ସେ ଛେଉଣ୍ଡ ହୋଇ
(ଛେଉଣ୍ଡୀ—ସ୍ତ୍ରୀ) ବୁଲୁଥିଲା—ଫକୀରମୋହନ. ଛମାଣ ଅଠଗୁଣ୍ଠ ।
ଦେ. ବି. (ପୁଂ ଓ ସ୍ତ୍ରୀ)—ପିତୃମାତୃହୀନ ବାଳକ ବା ବାଳିକା—
Orphan.

ଛେଉଣ୍ଡୀ—ଦେ. ବିଣ. ସ୍ତ୍ରୀ (ସଂ. ଛେମଣ୍ଡ)—ପିତୃମାତୃହୀନା (ବାଳିକା)—
Chheundi Orphaned (girl).
ଦେ. ବି. ସ୍ତ୍ରୀ—ପିତୃମାତୃହୀନା ବାଳିକା—An orphan girl.

ଛେଃ—ଦେ. ଅ—ଛେ (ଦେଖ)
Chheh Chhe (See)

ଛେଁଚ୍‌କି—ଦେ. ଉ. (ବଙ୍ଗଳାରୁ ଅନୁକୃତ)—ସନ୍ତୁଲା; ପାଣିରେ ସିଝାଯାଇ
Chhench-ki ଅଳ୍ପ ଘିଅ ବା ତେଲରେ ବଘର୍ ହୋଇଥିବା ବ୍ୟଞ୍ଜନ--
ଛେଁଚକୀ Vegetable fried with a little ghee or oil after being boiled. (a curry).

ଛେଁଚଡ଼ା—ଦେ. ବି—୧ । ତରକାରୀ ପାଇଁ କଟା ହେବା ପରବାର
Chhench-rda ଚୋପା ଓ ଅନ୍ତ ଏବଂ ମାଛର ଅନ୍ତ ଓ ଗାଲସି
ଛେଁଚଡ଼ା ଆଦିକୁ ବେଶି ତେଲରେ ସନ୍ତୁଳ ଯେଉଁ ତରକାରୀ କରାଯାଏ—1. A curry made from the leavings of kitchen—vegetables and refuse of fish, fried in a large quantity of oil.
ଚିଚ୍‌ଡ଼ା ୨ । (ସଂ. ଭୁକ୍ତ)—ଛେଳଆଦିଙ୍କ ଅନ୍ତ ଓ ପୁଚ୍ଛ ଆଦି ମନୁଷ୍ୟଙ୍କ ଖାଦ୍ୟାର୍ଥ ଅବ୍ୟବହାର୍ଯ୍ୟ ଅଂଶ—2 Entrails and refuse-parts of the meat of an animal.
[ଦ୍ର—ଏହାକୁ ଚାଉଳ ସଙ୍ଗେ ସିଝାଇ ପୋଷା କୁକୁରମାନଙ୍କ ଖାଇବାକୁ ଦିଆଯାଏ ।]
ଦେ. ବିଣ—ଛେଚଡ଼ା (ଦେଖ)
Chhecharda (See)

ଛେଁଚଡ଼ (ଇତ୍ୟାଦି)—ଗ୍ରା. ବିଣ—ଛେଚଡ଼ ଇତ୍ୟାଦି (ଦେଖ)
Chhencharda (etc) Chhecharda etc (See)
(ଛେଁଚେଡ଼—ଅନ୍ୟରୂପ)

୧	ଇ	ଊ	ଋ,ୠ	୦,ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଉ	ରୁ	ଲୃ	ଙ୍ଗ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଊ	ନ୍

ଛେକ—ସଂ. ବଣ. (ଛେ ଧାତୁ—ଛେଦନ କରିବା+କର୍ତ୍ତୃ. ଇକ; Chheka ନିପାତନ)—ପଣ୍ଡିତ; ଚତୁର; ଚତୁର— Clever; shrewd; learned.

ସଂ. ବି. (+କର୍ମ. ଇକ)—୧ । ପାଳିତ ପଶୁପକ୍ଷୀ— 1. Domesticated birds and beasts.

୨ । ଅନୁପ୍ରାସବିଶେଷ—2. A kind of alliteration.

୩ । ମହୁମାଛି—3. Bee.

ଗ୍ରା. ବି—୧ । ଛକ; ଦାଗ; ଯୁକ୍ତ ଚିହ୍ନ—1. Cross-mark.

ଦେ. ବି—୨ । ଥର—2. Time of occurence.

ପ୍ରାଦେ. (ପୁରୀ—ଖାଦ୍ୟାଦି ରନ୍ଧନର ଏକଥର ବା ଏକପାଗ— The aggregate of food cooked at one stretch or for one meal.

ଛେକ ଉଠିବା—ଦେ. ବି—ଥରେ ଖାଦ୍ୟରନ୍ଧନ କ୍ରିୟାର ସମାପ୍ତି— Chheka uṭhibā Completion of cooking for one (ଛେକ ସରିବା—ଅନ୍ୟରୂପ) meal.

ଛେକକୁ ଛେକ—ଦେ. ଅ—ଥରକୁଥର; ବାରଂବାର; ବହୁବାର— Chhekaku chheka From time to time; several (ଛେକଛେକ—ଅନ୍ୟରୂପ) times; over and over; again and again.

ଛେକାନୁପ୍ରାସ—ସଂ. ବି. (ଛେକ+ଅନୁପ୍ରାସ)— Chhekānuprāsa ଅନୁପ୍ରାସ ବା ଶବ୍ଦାଳଙ୍କାରବିଶେଷ— A kind of rhetorical figure.

[ଦ୍ର—ଏହି ଅନୁପ୍ରାସରେ ଏକଚରଣରେ କେତେକ ବ୍ୟବଧାନ ପରେ ଦୁଇ ବା ତତୋଧିକ ବର୍ଣ୍ଣର ବାରମ୍ବାର ଆବୃତ୍ତି ହୋଇଥାଏ; ଉଦାହରଣ, ଯଥା—(କ) ନବ ପ୍ରମଦା ମଦାଳସୀ ଯୋଷାକୁ । ଜଳକେଳିରେ ମନାଇବ । ମୁଖ ଅଧିକ ଧିକ ଏ ସରସିଜ ଦେଖାଇ ତାକୁ ଚମକାଇବ । ଚନ୍ଦ୍ରମା । ଉଦୟେ ମନ ପୋଡ଼ାଇବ । ଲୀଳା-ଅନ୍ତର ସଲିଳେ ଜରଜର ହେବା ଘୋଷାକୁ ଅନାଇବ ।
ଉପେନ୍ଦ୍ରଭଞ୍ଜ—ପ୍ରେମସୁଧାନିଧି ।]

ଛେକାପହ୍ନୁତି—ସଂ. ବି. (ଛେକ+ଅପହ୍ନୁତି)—କାବ୍ୟାଳଙ୍କାରବିଶେଷ— Chhekāpahnu Name of rhetorical figure.

[ଦ୍ର—ଏଥିରେ ଗୋଟିଏ ଅନୁମାନକୁ ଅଯଥାର୍ଥ ଉକ୍ତିଦ୍ୱାରା ଖଣ୍ଡନ କରାଯାଏ । ଯଥା— ନାୟିକାର ଓଠରେ କ୍ଷତଚିହ୍ନ ଦେଖି ଜଣେ ସଖୀ ଅନୁମାନ କରି କହିଲେ ଯେ ନାୟକ ଆସିଥିଲେ ପରା । ଜୁଲୁ ଆଉ ଜଣେ ସଖୀ ଉତ୍ତର କଲେ ଶିଶିର ପବନ ବହୁଥିବାରୁ ଶୀତ ଯୋଗୁଁ ଓଠ ଫାଟିଛି ।]

ଛେକିବା—ଦେ. କ୍ରି—୧ । କଉଡ଼ି ବା ପଶାଖେଳାଳୀର ହାତମୁଠାରେ Chhekibā ଥିବା କଉଡ଼ି ବା ପଶାକାଠିକୁ ତଳେ ଗଡ଼ାଇଦେଲେ ସଂକଳ୍ପିତ ଦାନ ପଡ଼ିବ, ଏହି ଉଦ୍ଦେଶ୍ୟରେ ମୁଠାମଧ୍ୟରେ ପଶାକାଠି ବା କଉଡ଼ିଗୁଡ଼ିକୁ ସଜାଡ଼ିବା—1. To manipulate the cawries (conch-shells) and dice while holding them inside the fist, in such a way that they will bring out the desired turn when thrown (considered as unfair in the game of cawries or dice).

[ଦ୍ର—ଏ ସ୍ୱଭାବ ପଶା ବା କଉଡ଼ି ଖେଳରେ ଅସଦୁପାୟ ରୂପେ ବିବେଚିତ ହୁଏ ।]

୨ । ଅଗାଳିବା—2. To obstruct a person from the front.

୩ । ଛକିବା; ଶତ୍ରୁକୁ ଆକ୍ରମଣ କରିବାକୁ ଗୋପନଭାବରେ ଛକି ରହିବା—3. To be on the look-out for the Enemy; to lie in ambush.

(ଯଥା—ଦେଖ, ସେ ତତେ ଛେକିଛି, ତାହିଁ ଦେଖିଲେ ମୁଁ ଏକ ଗୁଳି ଦେବ ।)

୪ । ସୁବିଧା ଖୋଜିବା; ଓଳ ଜଗିବା—4. To seek an opportunity for accomplishing one's object.

(ଯଥା—ଯେତେ ଛେକିଲେ ହେଲେ କିଏଣ ମୋତେ ଧରି ପାରିବୁ ?)

ପ୍ରାଦେ. (ସମ୍ବଲପୁର) କ୍ରି—ବିପକ୍ଷପକ୍ଷର ସାକ୍ଷୀକୁ କୂଟପ୍ରଶ୍ନ କରିବା; ଜେରା କରିବା—To cross-examine a witness.

ଛେକେ—ଦେ. ଅ—ଥରେ—Once.

Chheke ଦେ. ବିଣ—ସାରେ; ଏକସାର—One set of.

ପ୍ରାଦେ. (ଯାଜପୁର) ବିଣ—ଦଳେ; ଏକଦଳ— One company or batch of.

(ଯଥା—ଛେକେ ବ୍ରାହ୍ମଣ ଆସିଥିଲେ ।)

ଛେକୋକ୍ତି—ସଂ. ବି. (ଛେକ+ଉକ୍ତି)—ବକ୍ରୋକ୍ତି; ଛଳବଚନ— Chhekokti A pun; sinuous speaking.

[ଦ୍ର—ଏହା ଅର୍ଥାନ୍ତରଗର୍ଭିତ ହୁଏ, ଅର୍ଥାତ୍ ଏକ ପ୍ରକାଶିତ ଅର୍ଥ ଛଡ଼ା ବାକ୍ୟରେ ଆଉ ଗୋଟିଏ ଧ୍ୱନ୍ୟର୍ଥ ମଧ୍ୟ ସୂଚିତ ହୁଏ ।]

ଛେଙ୍ଗା—ପ୍ରାଦେ. (ସମ୍ବଲପୁର) ବି.—ସାନ ଗାତ— Chhengā A small hole.

ଛେଚକି—ପ୍ରାଦେ. (ମେଦନାପୁର) ବି.—ଛେଁଚ୍‌କି (ଦେଖ) Chhech-ki Chheñch-ki (See)

ଛେଚ୍‌ଡ଼ା—ଦେ. ବି.—ଛେଁଚ୍‌ଡ଼ା (ଦେଖ) Chhech-ṛdā Chheñch-ṛdā (See)

ବିଣ.—ଛେଚଡ଼ (ଦେଖ) Chhecharda (See)

ଛେଚଡ଼—ଦେ. ବିଣ. ପୁଂ ଓ ସ୍ତ୍ରୀ (ସଂ. କ୍ଷୁଦ୍ର=ନୀଚଚରିତ୍ର; ହିଁ; ସଂ. Chhecharda ତୁଚ୍ଛ)—୧ । ନଷ୍ଟଚରିତ୍ର; ଲମ୍ପଟ— ହେଁଚଡ଼ 1. Lascivious; lecherous. ଛିଛୋରା ୨ । ଖେଚେଡ଼ା; ଦୁଷ୍ଟ; ଖଳ—2. Wicked.

ସାଧାରଣ ଲୋକେ ଅପର ଦୃଷ୍ଟାରେ ଦୃଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷାକରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

(ଛେଚଡ଼ୀ, ଛେଚେଡ଼ୀ—ସ୍ତ୍ରୀ) ୩ । ବଗୁଲିଆ—
(ଛେଚ୍ଚଡ଼ା—ଅନ୍ୟରୂପ) 3. Profligate; wanton.
୪ । ପ୍ରତାରକ; ବଞ୍ଚକ—4. Cheating; fraudulent.
୫ । ଯେ ପରର ଦେୟ ବାରମ୍ବାର କାଳରେ ବାରଂବାର ତାଗିଦରେ ସୁଦ୍ଧା ଦିଏ ନାହିଁ—5. A person who is very loth to pay other's dues even after repeated demands,
୬ । ନୀଚପ୍ରକୃତିକ—6. Low; mean.
୭ । ବେହାୟା; ନିର୍ଲଜ୍ଜ—7. Shameless.

ଛେଚଡ଼ା—ଦେ. ବିଣ.—୧ । ଛେଚଡ଼ (ଦେଖ)
Chhecharḍa 1. Chhecharḍa See)
ଛେଚେଡ଼ା } —ଅନ୍ୟରୂପ
ଛେଚ୍ଚେଡ଼ା }
୨ । ମାଡ଼ ଖାଇଖାଇ ଗଣ୍ଠି; ଛେଚା ବା କୁଟା ଖାଇବାରେ ଅଭ୍ୟସ୍ତ—
2. Impervious or insensible or habituated to sound or thrashings
୩ । ବାରଂବାର ଛେଚା ହେବା ଯୋଗୁଁ ଯାହାର ଅଗ୍ରଭାଗ ଛିନ୍ନଭିନ୍ନ ହୋଇ ଯାଇ ଥାଏ (ଯଥା; ବାଉଁକାଠି, ଯଷ୍ଟି)—
3. With the head smashed into fibres as a result of constant pounding.

ଛେଚଡ଼ାଙ୍ଗି—ଦେ. ବି.—୧ । ଖଳତା—
Chhecharḍāmgi 1. Wickedness.
ହେଁଚଡ଼ାମ
छिछोरपन
୨ । ନଷ୍ଟଚରିତ୍ରତା—
2. Dissoluteness of character.
ଛେଚଡ଼ାପଣ
ଛେଚଡ଼ାପଣିଆ } ଅନ୍ୟରୂପ
ଛେଚେଡ଼ାଙ୍ଗି
ଛେଚେଡ଼ାମି
୩ । ବଗୁଲିଆପଣ—
3. Profligacy; wantonness.
୪ । ପ୍ରତାରଣା—
4. Fraud; deceit.
୫ । ନୀଚ ବୃତ୍ତି; ନୀଚତା—5. Meanness; lowness.
୬ । ଚିହ୍ନର (ଶସ୍ତ୍ରାଦି)—5. Blunted (weapon).

ଛେଚଡ଼ିଆ—ଦେ. ବିଣ. (ପୁଂ ଓ ସ୍ତ୍ରୀ)—ଛେଚଡ଼ (ଦେଖ)
Chhecharḍia Chhecharḍa (See)
ଛେଚଡ଼ୀ
ଛେଚଡ଼େଇ } —ସ୍ତ୍ରୀ
(ଛେଚ୍ଚଡ଼ିଆ, ଛେଚେଡ଼ିଆ—ଅନ୍ୟରୂପ)

ଛେଚର—ଗ୍ରା. (ଉତ୍ତର) ବିଣ—ଛେଚଡ଼ା (ଦେଖ)
Chhecharā Chhecharḍā (See)

ଛେଚା—ଦେ. ବି. (ସଂ. ଛିଦ୍ ଧାତୁ)—୧ । ଛେଚିବା; ଉପର୍ଯ୍ୟୁପରି ଅଘାତ ପୂର୍ବକ ପେଷଣ ବା କୁଟ୍ଟନ—
Chhechā 1. Crushing; bruising; pounding; smashing.
ହେଁଚା
कुचलना, मसलना
୨ । (ଯଥା—ଅମ୍ବଛେଚା) ପେଷା ହୋଇଥିବା ପଦାର୍ଥ—
2. A pounded thing.
୩ । ମାଡ଼; ବିଶେଷ ପ୍ରହାର—3. A sound beating.
ଦେ. ବିଣ.—୧ । (ଯଥା, ଛେଚା କଖାରୁ) କୁଟା ଯାଇଥିବା; ପିଷ୍ଟ ଯାଇଥିବା—1. Pounded; bruised.
୨ । (ଯଥା; ଛେଚା ବରଷା) ପ୍ରଚୁର; ଧୂମ୍‌କୁଣ୍ଡ—
2. Incessant or heavy (shower).

ଛେଚାଇବା—ଦେ. କ୍ରି.—ଛେଚିବାର ଣିଜନ୍ତ ରୂପ—
Chhechāibā Causative of Chhechibā.
ହେଁଚାନ
कुचलाना
(ଛେଚେଇବା, ଛେଚା କରାଇବା—ଅନ୍ୟରୂପ)

ଛେଚାକୁଟା—ଦେ. ବି.—(ଏକାର୍ଥକ ସହଚର)—ଉପର୍ଯ୍ୟୁପରି ଛେଚିବା
Chhechā-kuṭā କର୍ମ—Act repeated beating or bruising.

ଛେଚାଛେଚି—ଦେ. ବି.—୧ । ପରସ୍ପର ପରସ୍ପରକୁ ଛେଚିବା ବା ପ୍ରହାର କରିବା—1. Mutual beating;beating or pounding each other.
Chhechā-chhechi
ହେଁଚାହେଁଚି
कुचलाकुचलि
କଣ୍ଠେ କଣ୍ଠ ଦୁହେଁ ଛେଚାଛେଚି କଲେ ।
କୃଷ୍ଣସିଂହ ମହାଭାରତ. ସଭା ।
୨ । ବହୁ ପଦାର୍ଥକୁ ମିଳି ଅଦରେ ଛେଚିବା କର୍ମ—
2. Act of pounding many things
ଦେ. ବିଣ.—ପରସ୍ପର ପରସ୍ପରଦ୍ୱାରା ପ୍ରହାରିତ—
Beat mutually.

ଛେଚା ଦାଗ—ଦେ. ବି.—ଛେଚିବା ବା ଆଘାତଜନିତ ଚିହ୍ନ—
Chhechā dāga A bruise.
ହେଁଚାଦାଗ
चोट

ଛେଚା ବରଷା—ଦେ. ବି—ଛେଚିବା ପରି ମୁଷଳଧାରରେ ବର୍ଷା; ଧୂମ୍‌କାଣି—
Chhechā barashā An outpour of rain; raining cats and dogs.

ଛେଚି କୁଟି ହେବା—ଦେ. କ୍ରି—ଶରୀରର ଅଙ୍ଗମାନ ବିଶେଷ ବିଥାଇବା—Aching in the limbs.
Chhechi kuṭi hebā
(ଯଥା—ଅଜି ସକାଳଠାରୁ ମୋ ଗୋଡ଼ହାତ ଛେଚି କୁଟି ହଉଛି, ବୋଧହୁଏ ସଞ୍ଜକୁ ଜର ହେବ ।)
ଦେ. କ୍ରି—ବିଶେଷ ଅୟାସ ସହକାରେ ପରିଶ୍ରମ କରିବା—
To strive with one's utmost efforts; to make much physical exertion.
(ଯଥା—ମୁଁ ତା ପାଇଁ ଏତେ ଛେଚି କୁଟି ହଉଛି, ତଥାପି ତାର ଟିକିଏ ମୋ ପ୍ରତି ଦୟା ନାହିଁ ।)

ଛେଚି କୋଡ଼ି ହେବା—ଦେ. କ୍ରି—ଦୁଃଖରେ ଅତ୍ୟନ୍ତ ବ୍ୟତିବ୍ୟସ୍ତ ଓ ଛଟପଟ ହେବା—
Chhechi korḍi hebā
To be restless with pangs or grief.
ତୁମ୍ଭେ ଯେ ବସି ଛେଚ କୋଡ଼ି ହୋଇ ଶୋକ
କରିଲେ କେବେ ଗଲ ନାହିଁ ଏ ବାଳକ—କୃଷ୍ଣସିଂହ. ମହାଭାରତ. ଶାନ୍ତି

୧	ଇ	ଉ	ଋ,ଌ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇୟ	ଉଅ	ଭ
୨	ଈ	ଊ	ଋୁ	ଲୁ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନୃ

ଛେଚିବା—ଦେ. କ୍ରି. (ସଂ. କୁଟ୍ଟ ଧାତୁ; କିମ୍ବା ଛିଦ୍ ଧାତୁ)—
Chhechibā ୧ । କୁଟିବା; ମାଡ଼ିକରି ଉପର୍ଯ୍ୟୁପରି ଆଘାତ କରିବା; ଦଳିବା—1. To bruise; to smash.
ছেঁচা
कुचलना; मसलना

ତୁମେ ପଟପାଟେ ଛେଚିଲେ ପିଠି ଧାଡ଼—
କୃଷ୍ଣସିଂହ. ମହାଭାରତ. ସଭା ।

୨ । ଉପର୍ଯ୍ୟୁପରି ବିଶେଷ ପ୍ରହାର କରିବା—
2. To repeatedly deal a sound beating.

୩ । ବିଶେଷ ପରିମାଣରେ ବୃଷ୍ଟି କରିବା—
3. To rain cats and dogs.

୪ । ଭୂମିରେ ବାଡ଼େଇବା—
4. To strike on the groaud.

କୁକୁରର ଗ୍ରୀବାଏ ହାତର ବାହୁଟି
ଛେଚି କରି କାଢିବେ ଥୂକିକି ସାଇଁଟି—କୃଷ୍ଣସିଂହ. ମହାଭାରତ. ବନ ।

୫ । ଚୂନା କରିବା; ଟିକଟିକି କରିବା—
5 To powder; to reduce to small bits.

ରଥ କରିବା ଖଣ୍ଡ ଖଣ୍ଡ, ଛେଚିବା ଅକ୍ରୂରର ମୁଣ୍ଡ—
ଜଗନ୍ନାଥ. ଭାଗବତ ।

[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଛେଚି ହେବା—ଦେ. କ୍ରି—୧ । ଊର୍ଦ୍ଧ୍ୱରୁ ପଡ଼ି ଯାଇ ଭଲେ ଶରୀର କଚି ହୋଇଯିବା—
Chhechi hebā
1. To be bruised or smashed by a fall.

ଛେଚି ହୋଇବାକୁ ଜାତ ହୁଏ ବୁଦ୍ଧି
ଛେଲ ମାରିହେବ ରହୁଥାଇ ସିଦ୍ଧି—କବିସୂର୍ଯ୍ୟ. କଳାବତୀକଲ୍ଲୋଳ ।

୨ । ଛେଚି କୁଟି ହେବା (ଦେଖ)
2. Chhechi kuti hebā (See)

ଛେଚେଡ଼ା—ଦେ. ବିଣ – ୧ । ଛେଚଡ଼ (ଦେଖ)
Chhecherdā 1. Chhecharda (See)
ଛେଚେଡ଼ିଆ } ଅନ୍ୟରୂପ
ଛେଚେଡ଼ି }
୨ । ଛେଚଡ଼ା (ଦେଖ)
2. Chhechardā (See)

ଛେଛରି—ପ୍ରାଦେ. (ସମ୍ବଲପୁର) ବିଣ—ଚିରା; ଫଟା—
Chhechhari Torn; rent.

ଛେଛରି ଛତା, ହାଟ୍‌କେ ନେଲେ ପଇସା ହେତା—ପ୍ରବା. ।

(ଅର୍ଥ—ଚିରା ଛତା ହାଟକୁ ନେଲେ ତାହା ବିକିଲେ ପଇସା ମିଳନ୍ତା ।)

ଛେ ଛେ—ଦେ. ଅ—ଛି (ଦେଖ)
Chhe chhe Chhi (See)

ଛେଡ଼ା ଘାସ—ପ୍ରାଦେ. (ଗଡ଼ଜାତ) ବି—ଏକପ୍ରକାର ଘାସ—
Chherdā ghāsa A kind of grass.

[ଦ୍ର—ଏହା ଜଙ୍ଗଲେ ପ୍ରାୟ ୧ ହାତ ହୁଏ, ଏହାର କାଣ୍ଡ ଚାଉଁଳ କଣି ପରି ମୋଟ, ଏହା ପାଣିରେ ଓ ପାଣିକୂଳେ ଜନ୍ମେ । ଭୁଲ. ହି. ଛେଡ଼ାର ଅର୍ଥ ଦଉଡ଼ି, ବୋଧହୁଏ ଏ ଘାସରୁ ଦଉଡ଼ି ବଳା ହେଉଥିବାରୁ ଏହି ନାମ ।]

ଛେଡ଼ି—ପ୍ରାଦେ. (କୋରାପୁଟ) ବି—ଛେଳି—
Chherdi Goat.

ଛେଣା—ଦେ. ବି. (ସଂ. ଛିଦ୍ ଧାତୁ)—
Chhenā ୧ । ବାଇସୀଦ୍ୱାରା ପଟା ପ୍ରଭୃତି ଗୁଣ୍ଡିବା—
1. Scraping a log of wood with the adze.
୨ । ଖଣତି ପରି ଅସ୍ତ୍ରବିଶେଷ—2. An iron pick.

ଛେଣି—ଦେ. ବି. (ସଂ. ଛିଦ୍ ଧାତୁ)—୧ । ପଥର ବା ଲୁହା କାଟିବା ଉପଯୋଗୀ ଛୋଟ ଯନ୍ତ୍ର; ଟାଙ୍କୀ—1. A small stout iron instrument for cutting stone or iron; a drill.
Chheni
ছেনী
छेनी

୨ । ଷ୍ଟାମ୍ପ, କୋର୍ଟଫିସ୍ ବା ଟିକଟ ଆଦିରେ ଛିଦ୍ର କରିବା ଅସ୍ତ୍ର—
2. An instrument to perforate stamps or courtfees; a punching instrument.

ଛେଣି କରିବା—ଦେ. କ୍ରି—୧ । ଷ୍ଟାମ୍ପ ଆଦିକୁ ଯନ୍ତ୍ରଦ୍ୱାରା ଛିଦ୍ର କରିବା; ପଞ୍ଚ କରିବା—1. To perforate stamps or courtfees.
Chheni karibā
ছেনি করা
छेनी करना
୨ । ଛେଣିରେ କାଟିବା—
2. To cut with a punch or drill.

ଛେଣିବା—ପ୍ରାଦେ. (ସିଂହଭୂମ) କ୍ରି. (ଭୁଲ. ହି. ଛିନ୍‌ନା=ଜବରଦସ୍ତି ଛଡ଼ାଇ ନେବା)—ହାତ ପତାଇ ଉପରୁ ପଡ଼ିବା ଜିନିଷକୁ ଧରି ପକାଇବା—To catch hold of a thing (e. g. a ball) by holding out the palm to catch it..
Chhenibā
(ଛେଣି ନେବା—ଅନ୍ୟରୂପ)
(ଯଥା—ଦୂରରୁ ଫିଙ୍ଗା ଯିବା ବଲ୍‌କୁ ଛେଣିବା ।)

ଛେତ୍—ଦେ. ଅ—ଛେ (ଦେଖ)
Chhet Chhe (See)

ଛେତ୍‌ଖାନା—ବୈଦେ. ବି. (ଫା. ସୀହତ୍‌ଖାନା—ଖ୍ରାନେଜ୍)—
Chhet-khānā ପାଇଖାନା; ସହର ଆଦିରେ ମଳତ୍ୟାଗ କରିବା ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ—Latrine; privy.
সেৎখানা
सीहतखाना; पाखाना

ଛେତ୍ ପାକ୍ ଡୁ ଡୁ ଡୁ ଡୁ—ଦେ. ଅ—ବାଳକମାନଙ୍କ 'ଡୁ ଡୁ' ଖେଳରେ ଏକଦଳର ଗୋଟିଏ ବାଳକ କ୍ରୀଡ଼ାଭୂମିମଧ୍ୟସ୍ଥ ଗାରକୁ ଡେଇଁ ଯାଇ ଏକନିଶ୍ୱାସରେ ଅନ୍ୟ ଦଳର ପିଲାଙ୍କୁ ସ୍ପର୍ଶ କରିବାକୁ ଚେଷ୍ଟା କରିବା ସମୟରେ ଏକନିଶ୍ୱାସରେ ରହୁଛି ବା ପୁନର୍ବାର ନିଶ୍ୱାସ ନେଇ ନାହିଁ ଏହା ଅପରପକ୍ଷ ପରୀକ୍ଷା କରିବା ନିମନ୍ତେ ଉକ୍ତ ବାଳକ ମୁଖରେ ଉଚ୍ଚାରଣ କରିବା ଉଚ୍ଚ ସ୍ୱର—
Chhet pāk du du du du
(ଛେତ୍‌ପାକ୍ ଡୁ ଡୁ ଡୁ ଡୁ—ଅନ୍ୟରୂପ)
The acclamation of the boy who crosses the middle line of the play-field and

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

tries to touch any boy of the opposite side in one breath in the 'Ḍu Ḍu' game.

ଛେତ (ଇତ୍ୟାଦି)—ଗ୍ରା. ବଣ. (ସଂ. ଶ୍ୱେତ)—ଶ୍ୱେତ ଇତ୍ୟାଦି (ଦେଖ)
Chheta (etc) Śweta etc (See)

ଛେତର—ଗ୍ରା. ବଣ. (ସଂ. ଛତ୍ରାକ)—ଛତ୍ରଯୁକ୍ତ; ଝାଙ୍ଖ୍ରା—
Chhetarā Bushy; with head like mushroom; spreading.
ছাতরা
छितराहुआ
(ଛେତେର; ଛେତା—ଅନ୍ୟରୂପ)

ଛେତା—ଗ୍ରା. ବଣ.—ଶେତା (ଦେଖ)
Chhetā Śetā (See)

ଛେତ୍ତା—ସଂ. ବଣ. ପୁଂ. (ଛିଦ୍ ଧାତୁ+କର୍ତ୍ତୃ. ତୃ=ତୃଚ୍; ୧ମା. ୧ବ.)—ଛେଦକ; ଯେ ଛେଦନ କରେ—
Chhettā Cutting.
(ଛେତ୍ତ୍ରୀ—ସ୍ତ୍ରୀ)

ଛେତ୍ରୀ—ଗ୍ରା. ବି. (ସଂ. କ୍ଷତ୍ରିୟ)—ରାଜପୁତ ଜାତି=
Chhetri The Rajput caste.
ছত্রী
छत्री

ଛେଦ୍—ପ୍ରାଦେ. (ସମ୍ବଲପୁର) ବି—ଅବସାନ—
Chhed The end.

ଛେଦ୍‌କା—ପ୍ରାଦେ. (ସମ୍ବଲପୁର) ବଣ—ଚଟକା; ଅଗଭୀର—
Chhed-kā Flat; shallow.

ଛେଦ୍‌ଲି ପିଲା—ପ୍ରାଦେ. (ସମ୍ବଲପୁର) ବି—ମାଆବାପଙ୍କର କୋଳପୋଛା ପିଲା—The last or youngest offspring of the parents.
Chhedli pilā

ଛେଦ—ସଂ. ବି (ଛିଦ୍ ଧାତୁ+ଭାବ. ଅ)—୧ । ଛେଦନ; କାଟିବା—
Chheda 1. Cutting.
୨ । ଫାଟ—2. Fissure.
୩ । ଖଣ୍ଡନ; ବିରାମ—3. Remission.
୪ । କଟାଚିହ୍ନ—4. A cut.
୫ । ପରିଚ୍ଛେଦ; ଅଧ୍ୟାୟ—5. Chapter.
୬ । ବନ୍ଦ କରିବା; ବିରତି—
6. Stoppage; discontinuance; cessation.
୭ । ରଚନାରେ ଏକାଧିକ ବାକ୍ୟ ବା ପଦ ମଧ୍ୟରେ ବିରାମ—
7. A pause or a stop in a sentence; a period in a composition.
୮ । ଛିଦ୍ର; କଣା—8. A hole; perforation.
୯ । ଦୋଷ; ଦୂଷଣ; ଅଏବ୍ (ହି. ଶବ୍ଦସାଗର)—
9. Defect.
୧୦ । ନାଶ (ହି. ଶବ୍ଦସାଗର)
10. Ruin; destruction.
୧୧ । (+କର୍ମ. ଅ) କର୍ତ୍ତିତ ଅଂଶ; ଖଣ୍ଡ—
11. Piece; slice.
୧୨ । ଭାଗ—12. A part; section.
୧୩ । ପଥର କାଟିବା—13. Cutting of stone.
୧୪ । (+କର୍ତ୍ତୃ. ଅ) ଗଣିତରେ ଭାଜକ—
15. Divider in arithmetic
୧୫ । ଯେ ଛେଦନ କରେ; ଛେଦନକାରକ—16. Cutter.
୧୬ । ବିରାମ ଚିହ୍ନ; ପୂର୍ଣ୍ଣଚ୍ଛେଦ—16. Fullstop.
ଦେ. ବି.—ଦେବତାଙ୍କ ନିକଟରେ ପଶୁବଳି ଦେବା—
1. Decapitating a victim; animal sacrifice before a Deity.
୨ । ଦେବତାଙ୍କ ନିକଟରେ ବଳି ଦିଆ ଯିବା ପଶୁ—
2. An animal victim; a victim or animal sacrificed before a Deity.

ଛେଦକ—ସଂ. ବି. ପୁଂ—(ଛିଦ୍ ଧାତୁ+କର୍ତ୍ତୃ. ଅକ)—
Chhedaka ୧ । ଯେ ଛେଦନ କରେ; ଛେଦନକାରକ—
(ଛେଦିକା—ସ୍ତ୍ରୀ) 1. One who cuts; cutter.
୨ । (ଜ୍ୟାମିତି) ଯେଉଁ ରେଖା ଅନ୍ୟ ରେଖା ବା କ୍ଷେତ୍ରକୁ କାଟେ—2. (geometry) A line cutting another line or a figure,
୩ । (ଗଣିତ) ଭାଜକ—(mathematics) Divider.
ବଣ—୧ । ବିନାଶକାରୀ—1. Destroying; destructive.
୨ । କର୍ତ୍ତନକାରୀ—2. Cutting.

ଛେଦ କରିବା—ଦେ. କ୍ରି.—ଛେଦିବା (ଦେଖ)
Chheda karibā Chhedibā (See)

ଛେଦକାର—ଦେ. ବି.—୧ । ଯେଉଁ ବ୍ୟକ୍ତି (ଧୋବା ଆଦି) ଖଣ୍ଡା ବା କଟୁରିରେ ଠାକୁରାଣୀଙ୍କ ଆଗରେ ବୋଦା କାଟେ—
Chheda-kāra
1. A person who beheads a victim at an animal-sacrifice.
୨ । ପଥର କାଟିବା କାରିଗର—2. Stone-cutter.

ଛେଦନ—ସଂ. ବି. (ଛିଦ୍ ଧାତୁ+ଭାବ. ଅନ)—୧ । କର୍ତ୍ତନ—
Chhedana 1. Cutting.
୨ । ଖଣ୍ଡ—2. Piece.
୩ । କାଟିବା ଅସ୍ତ୍ର—3. Cutting instrument.
୪ । ବିଭକ୍ତ କରଣ—4. Division.
୫ । ନାଶ; ଉଚ୍ଛେଦ—5. Cessation; destruction.
୬ । ଯେଉଁ ଔଷଧ କଫ ଆଦିକୁ ଗଳାରୁ ବାହାର କରିଦିଏ—
6. An expectorant medicine.

ଛେଦନୀୟ—ସଂ. ବଣ. (ଛିଦ୍ ଧାତୁ+କର୍ମ. ଅନୀୟ)—ଛେଦ୍ୟ (ଦେଖ)
Chhedanīya Chhedya (See)

ଛେଦ ପକା(କେ)ଇବା—ଦେ. କ୍ରି.—ଦେବତାଙ୍କ ଆଗରେ ପଶୁବଳି ଦେବା—To kill a victim before a Deity.
Chheda pakā(ke)ibā

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଂ	ଘ
୨.	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଣ	ଇଅ	ଢ	ନ୍

ଛେଦ ପଡ଼ିବା—ଦେ. କ୍ରି.—(ଦେବତାଙ୍କ ନିକଟରେ କୌଣସି ପଶୁ) ବଳିରୂପେ ହଣା ଯିବା; ବୋଦା ପଡ଼ିବା—
Chheda parḍibā (a victim) To be sacrificed before a Deity.

ଛେଦଭେଦ—ଦେ. ବି. (ସଂ. ଛେଦ ଓ ଭେଦ; କ୍ରମ। ଛଳ ଓ ଭେଦ)
Chheda-bheda ୧ । କପଟ ବା ଛଳ ବ୍ୟବହାର—
1. Knavery; deciet.
୨ । କୂଟନୀତି—2. Diplomacy.
୩ । ପରଛିଦ୍ର; ଗୁପ୍ତଦୋଷ—3. Secret blemishes.
୪ । ଗୁପ୍ତ ରହସ୍ୟ—4. Secret.
୫ । ସମଗ୍ର ତତ୍ତ୍ୱ—5. All the secrets.
କହ ମୋ ସୁତ ଛେଦଭେଦ
ପ୍ରହ୍ଲାଦ ଯେବଣ ସମ୍ବାଦ । ପ୍ରାଚୀ. ନରସିଂହମାହାତ୍ମ୍ୟ ।

ଛେଦରା—ଦେ. ବି—୧ । (ସଂ. ଛିଦ୍ର)-ଏକପ୍ରକାର ସୂତା; ଗଣ୍ଠି ଅସୂତା;
Chhedarā ଦରଶିସୂତା—1. Knotty thread; coarse twist.
୨ । (ସଂ. ଛିନ୍ନ) ଇତସ୍ତତଃ ହେବା; ଛତ୍ରଭଙ୍ଗ ହେବା—
2. Being scattered here and there.
୩ । (ସଂ. କ୍ଷୁଦ୍ର) କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—3. Small bits.
ଦେ. ବିଣ—୧ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ ମିଶ୍ରିତ—
1. Mixed with small bits; coarse.
(ଯଥା—ଛେଦରା ଗୁଡ଼ ।)
୨ । ଗ୍ରନ୍ଥିଯୁକ୍ତ; ଗଣ୍ଠିଗଣ୍ଠିଆ—3. Knotty (thread).
(ଛେଦରୀ—ସ୍ତ୍ରୀ) ଗ୍ରା. ବିଣ. ପୁଂ—୧ । ଯେ ପରିବାର ମଧ୍ୟରେ କଳହ ଜାତ କରାଏ—1. One who foments family-quarrels.
୨ । ହିଂସ୍ର—2. Revengeful; spiteful.
୩ । ଅତି କୃପଣ—3. Penurious.
୪ । ଯେ, କ୍ଷୁଦ୍ର କ୍ଷୁଦ୍ର କଥାରେ ଛଳ କରେ; ଅତ୍ୟନ୍ତ ଅଭିମାନୀ—4. Prone to take offence at small matters; unduly sentive.
୫ । ଅତି କୃପଣ—5 Very miserly.

ଛେଦରିବା—ଦେ. କ୍ରି. (ସଂ. ଛିନ୍ନ)—ଇତସ୍ତତଃ ବିକ୍ଷିପ୍ତ ହେବା—
Chhedaribā To be scattered here and there; to be diffused.
ছাতরা
छितराना

ଛେଦା—ଦେ. ବି—୧ । ଧଡ଼ି ନ ଥିବା ପିନ୍ଧାଲୁଗା—1. A wearing
Chhedā cloth without coloured borders.
[ଦ୍ରୁ—ଏ ଲୁଗାକୁ ପିନ୍ଧିଲେ, ଦୃଢ଼ ଓ ବଧବାମାନେ ପିନ୍ଧନ୍ତି ।]
୨ । ଗୁଡ଼ରେ ରହୁଥିବା ଖ୍ୱାନଖାନ ଆଖୁଗେଣ୍ଡା—
2. Small bits of sugarcane left in the molasses.
୩ । କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—3 Clots; small bits.
୪ । ଏକପ୍ରକାର ବସାଦହି (ଏହା ଉତ୍ତମରୂପେ ବସି ନ ଥାଏ ଓ ଏଥିରେ ଖଣ୍ଡ ଖଣ୍ଡିଆ ଅଂଶମାନ ଭାସୁଥାଏ)—
4. A kind of clotted curd (not well curdled).
୫ । ହାଣିବା; କାଟିବା; ହାଣ; କାଟ—5. Cutting.
ଗ୍ରାଦେ. (ଗଞ୍ଜାମ) ବି—ମାଠିଆ— An earthen pitcher.
ଦେ. ବିଣ—କର୍ତ୍ତିତ; କଟା ହୋଇଥିବା—Cut into pieces.
ଚରଣ ପାଶେ ଥିବ ଛେଦା ଶିର ଗୁହିଁବ
ଏ ଛଳେ ସ୍ତବ କରୋଛି । ଉପେନ୍ଦ୍ରଭଞ୍ଜ—ବୈଦେହୀଶବିଳାସ ।

ଛେଦାଇବା—ଦେ. କ୍ରି. (ସଂ. ଛିଦ ଧାତୁ ଣିଚ ଛେଦ ଧାତୁ)—
Chhhedāibā ଛେଦିବାର ଣିଜନ୍ତରୂପ—
ছোদান Causative of Chhedibā.
छेदाना ସହସ୍ର ଶର ଘୋଡ଼ା ଶକୁନ ଛେଦାଇ
ଭଜିଲେ ତ ସହସ୍ର ଯେନ ନଭସାଇଁ । କୃଷ୍ଣସିଂ ହ. ମହାଭାରତ. ଶଲ୍ୟ ।
(ଛେଦାଇବା—ଅନ୍ୟରୂପ)

ଛେଦିତ—ସଂ. ବିଣ. (ଛିଦ୍ ଧାତୁ ଣିଜନ୍ତ=ଛେଦ ଧାତୁ+କର୍ମ ତ)—
Chhedita ୧ । ଯାହା ଅନ୍ୟଦ୍ୱାରା ଛେଦନ କରାଯାଇ ଅଛି—
1. Cut.
୨ । ଏକାଧିକ ଭାଗରେ ବିଭକ୍ତ—
2. Divided into parts.
୩ । କାଟି କରି ବା ଛିଣ୍ଡାଇ ପୃଥକ୍ କରାଯାଇଥିବା—
3. Severed; separated.

ଛେଦିବା—ଦେ. କ୍ରି. (ସଂ. ଛିଦ୍ ଧାତୁ)—୧ । ଛେଦନ କରିବା;
Chhedibā କର୍ତ୍ତନ କରିବା; ହାଣିବା; କାଟିବା—
ছেদা 1. To cut through.
छेदना ୨ । କାଟି କରି ଅଲଗା କରିବା—2. To cut off.
୩ । କୁଲାରେ ପାଛୁଡ଼ି କରି ଶସ୍ୟରୁ ଖୁଦ ବା କଣିଗୁଡ଼ିକ ଅଲଗା କରିବା—3. To separate small particles from bigger grains by winnowing.
୪ । ଗଛର ଡାଳକୁ ସମାନସମାନ କରି କାଟିବା—
4. To prune.
୫ । ଦୂର କରିବା; ନାଶ କରିବା—
5. To remove; to do away with.
ମାୟାରେ ହୋଇଣ ପ୍ରଭେଦ
ଜ୍ଞାନ ବିବେକ ତାହା ଛେଦ । ଜଗନ୍ନାଥ. ଭାଗବତ ।

ଛେଦ୍ୟ—ସଂ. ବିଣ. (ଛିଦ୍ ଧାତୁ+କର୍ମ. ଯ)—
Chhedya ୧ । ଯାହା ଛେଦନ କରାଯାଇ ପାରେ—
1. Capable of being cut.
୨ । ଯାହା ବିଚ୍ଛିନ୍ନ କରାଯାଇ ପାରେ—2. Separable.

ଛେଦ୍ରିବା—ଦେ. କ୍ରି—ଛେଦରିବା (ଦେଖ)
Chhedribā Chhedaribā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କେ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କତ' ନ ପାଇଲେ 'ଅଳଙ୍କୃତ' ଦେଖିବେ

ଛେନା—ଦେ. ବି. (ସଂ. ସନ୍ତାନିକା=ଦୁଧସର, ସଂ. ଛିନ୍ନ; ସଂ. ନାମ
Chhenā ଅମିକ୍ଷା)—୧ । ଦଧି ଓ ଦୁଗ୍ଧରୁ ଅଗ୍ନିସଂଯୋଗରେ ବା
ଛାନା; ଛେନା ଅମ୍ଳରସଯୋଗେ ଯେଉଁ ଖାଦ୍ୟ ପିଣ୍ଡ ବାହାରେ; ଅମିକ୍ଷା;
छेना ପନୀର—1. Posset; cheese; curd.

[ଦ୍ର—ଦୁଧ ଛିଣ୍ଡିଗଲେ ଛେନା ହୁଏ, ଦହି କାଉଁରେ ବସିଲେ ଛେନା ହୁଏ; ୧ମ କୁ ଦୁଧଛେନା ଓ ୨ୟକୁ ଦହିଛେନା କହନ୍ତି ।]

୨ । (ବିରକ୍ତିରେ ବ୍ୟବହୃତ ଶବ୍ଦ)—କିଛି ନାହିଁ—
2. (a term used in displeasure) Nothing.
(ଯଥା—ମୁଁ ପୁଅ ପିଇଁ ଶହଶହ ଖରଚ କଲି, ସେ ଛେନାଟା ପଢ଼ିଲା ।)

ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ଏହି ଅର୍ଥରେ ହି. ଛେନା)—
୧ । ଘସି—1. Dry cowdung-cakes (used as fuel).
୨ । ପାଉଁଶ—2 Ashes.

ଛେନାଗୁଡ଼—ଦେ. ବି. (ଛେନା+ଗୁଡ଼)—୧ । ମିଷ୍ଟାନ୍ନରୂପେ ବ୍ୟବହୃତ
Chhenā-gurda ଛେନା ଓ ଗୁଡ଼—1. Cheese and sugar mixed together.

୨ । (କାନଫୋଡ଼ା ହେବା ବେଳେ ପିଲାର ହାତରେ ଛେନା ଗୁଡ଼ ଦେଇ ପିଲାକୁ କହନ୍ତି "ଛେନାଗୁଡ଼ ଖା", ପିଲା ଛେନା ଗୁଡ଼ ଖାଇବାରେ ଲାଗିଥିଲା ବେଳେ ଭଣ୍ଡାରି ତା କାନକୁ ଛୁଞ୍ଚିରେ ଟୁକ୍ କରି ଫୋଡ଼ି ଦିଏ; ଏଥିପାଇଁ ଲକ୍ଷଣାର୍ଥ) ପିଲାକୁ ଭଣ୍ଡାଇଲା ପରି ଅଳ୍ପ ମୂଲ୍ୟର ଲୋଭନୀୟ ବସ୍ତୁ—
2. Any trifling bait.

୩ । (ଲକ୍ଷଣାର୍ଥ) ଅଳ୍ପ ମୂଲ୍ୟର ବସ୍ତୁ—
3. (figurative) Any trifle.

[ଦ୍ର—ଏହା ମଧ୍ୟ 'ଛେନା' ପରି 'କିଛି ନାହିଁ' ଅର୍ଥରେ ବିରକ୍ତିରେ ବ୍ୟବହୃତ ହୁଏ ।]

ଛେନା ଛିଣ୍ଡାଇବା—ଦେ. କ୍ରି.—ଗରମ ଦୁଧରେ ଖଟା ବା ଫିଟ୍‌କିରି
Chhenā chhindāibā ମିଶାଇ କିମ୍ବା ଦହିକୁ କାଉଁରେ ବସାଇ
छूध वा दहि काटा ସେଥିରୁ ଛେନା ପ୍ରସ୍ତୁତ କରିବା—To prepare
छेना बनाना cheese or curd or milk.

ଛେନା ଛିଣ୍ଡେଇବା } ଅନ୍ୟରୂପ
ଛେନା ବସା (ସେ) ଇବା }

[ଦ୍ର—ଦୁଧକୁ ଛିଣ୍ଡାଇ ଛେନା କରାଯାଏ; ଲୋକେ ଦୁଧକୁ ଛିଣ୍ଡାଇ ଛେନାରେ ପରିଣତ କରନ୍ତି, ଅଥଚ ଛେନା ଛିଣ୍ଡାଇବା କହନ୍ତି ।]

ଛେନାପଣା—ଦେ. ବି.—ଛେନା ଓ ନବାତଯୁକ୍ତ ପାନୀୟ—A drink
Chhenā-panā made by dissolving sugar or molasses in water and putting bits of cheese in it.

ଛେନାପଣା ବିନା ଖାଇଲେ ପାକ ହୋଏ,
କଷପଣା ଖାଇଲେ ନକ ସୈକ ଜାଏଁ ।

କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

ଛେନାପାଣି—ଦେ. ବି.—ଛେନା ଛିଣ୍ଡି ଯିବା ପରେ ଦୁଧ ବା ଦହିରେ
Chhenā-pāni ରହିଯିବା ଜଳୀୟ ଅଂଶ—
छेनाकापानी; छाछ Whey.

ଛେନାବଡ଼ା—ଦେ. ବି.—(ସଂ. ଛିନ୍ନ + ବଟକ)—ଗୁଡ଼ରେ ପକ୍ୱ ଛେନାର
Chhenābarda ପିଠା; ମିଷ୍ଟାନ୍ନବିଶେଷ—
छेनाबड़ा Cheese-cake.

ଛେନାମଣ୍ଡା } ଅନ୍ୟରୂପ
ଛେନାମାଣ୍ଡିଅ }

ପ୍ରାଦେ. (ଗଡ଼ଜାତ) ବି.—ଘଷି; ଶୁଷ୍କ ଗୋମୟ—
Dried cowdung-cakes.

ଛେନାରୁ ଚୋପା ଛଡ଼ା(ଡ଼େ)ଇବା—ଦେ. କ୍ରି. (ବ୍ୟଙ୍ଗ)—ବୃଥା ବା ନିଷ୍ଫଳ
Chhenāru chopā chhardā(e)ibā କଥାରେ ମାତିବା—
1. (ironical) Tô be engaged in a wild-goose chase.

୨ । ଅତିରିକ୍ତ ରୂପେ ତନ୍ନ ତନ୍ନ କରି ଅନ୍ୱେଷଣା ବା ତର୍କ କରିବା—2. To use hair-splitting arguments.

ଛେପ୍‌ଲା ନାକା—ପ୍ରାଦେ. (ସମ୍ବଲପୁର) ବିଣ.—ଚେପ୍ଟାନାକ—
Chhep lānākā Flat-nosed; having a flat-nose.
(ଛେପ୍‌ଲନାକୀ—ସ୍ତ୍ରୀ)

ଛେପ୍‌ଲି—ପ୍ରାଦେ. (ସମ୍ବଲପୁର) ବିଣ.—ଘୋରି ହୋଇ ଯାଇଥିବା
Chhep-li (ଖଡ଼ୋଉ ବା ଜୋତା)—Worne out (sandals or slippers).

ଛେପ—ଦେ. ବି. (ସଂ. ଷ୍ଠୀବ)—ଥୁକ; ନିଷ୍ଠୀବନ; ପାଟିରୁ ବାହାରିବା
Chhepa ଲାଳମୟ ବସ୍ତୁ—Saliva; spittle.
छेप, थथु
थूक

ଛେପ ଖଙ୍କାର—ଦେ. ବି.—(ଅନୁକରଣ ଶବ୍ଦ) (ଛେପ+ଖଙ୍କାର)—
Chhepa khankāra (ଛେପ) ମୁଖରେ ପ୍ରସ୍ତୁତ ନିଷ୍ଠୀବନ ଓ
थुथु कफ (ଖଙ୍କାର) ଗଳାରୁ ନିଃସୃତ ଶ୍ଳେଷ୍ମା—
थुक बलगम Spittle and phlegm.

ଛେପ ଢୋକିବା—ଦେ. କ୍ରି.—୧ । ମୁଖନିଃସୃତ ଛେପକୁ ଗଳାଧଃକରଣ
Chhepa dhokibā କରିବା—1. To swallow the
थूकार चाटना spittle.

୨ । (ଲକ୍ଷଣାର୍ଥ) କହିଥିବା ସତ୍ୟ ପାଳନ ନ କରିବା—
2. (figurative) Not to carry out one's promise.
(ଯଥା—ସେ ନାମବଡ଼ା ରଜାଟାଏ ହୋଇ ସବୁ ପକାଇଲା । ଛେପ ଢୋକିଲା)

ଛେପ ପକା(କେ)ଇବା—ଦେ. କ୍ରି.—ମୁହଁରୁ ଥୁକ ବାହାରକୁ ଫିଙ୍ଗିବା—
Chhepa pakā(e)ibā To spit.
छेप फेंका [ଦ୍ର—କେହି ଅସ୍ପୃଶ୍ୟ ଜାତି ବା ଶୂଦ୍ର ଜାତୀୟ ବ୍ୟକ୍ତିର
थूकना ଉପରେ ଛେପ ପକାଇଲେ ଯାହା ଉପରେ ଛେପ ପଡ଼େ ସେ ଅଜାତିଅ ବା ଅଶୁଦ୍ଧ ହୋଇ ଯାଏ ।]

୧	ଇ	ଉ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଊ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଓ	ଦ୍ବ

ଛେପିବା—ପ୍ରାଦେ. (ଗଞ୍ଜାମ)—କ୍ରି.—ଛେପ ପକାଇବା—
Chhepibā To spit.

ଛେବଲ—ଦେ. ଢଣ. (ସଂ. ଚପଲ)—୧ । ଚପଲ ସ୍ୱଭାବ—
Chhebala 1. Fickle-minded.
ছাবলা; ছেবলা ୨ । ବାଳସ୍ୱଭାବ—
चुलबुला 2. Chlidish; puerile.
୩ । ଚଗଲା (ଦେଖ)
3. Chagalā (See)

ଛେମ—ଗ୍ରା. ବି. (ସଂ. କ୍ଷମ)—୧ । ଅଧିକାର; କ୍ଷମତା—
Chhema 1. Power; authority,
୨ । ଯୋଗ୍ୟତା –2. Ability.

ଛେମଣ୍ଡ—ସଂ. ବିଣ.—ପିତୃମାତୃହୀନ; ଅନାଥ—
Chhemanda Orphaned.

ଛେର୍‌ଛେରା ମଗା—ପ୍ରାଦେ. (ସମ୍ବଲପୁର) ବି—ପୌଷପୂର୍ଣ୍ଣିମୀରେ ଗଣ୍ଡ, Chher-chherā magā ପାଣ, ଭୂୟାଁ ଆଦି ନୀଚ ଜାତୀୟ ଲୋକ ବଡ଼ ଘରମାନଙ୍କୁ ନଜର ପକା ଖରଚପାଇଁ ଧାନ ମାଗିଯିବା- The act of approaching the rich people for doles of paddy on the Paush full-moon day by the low caste people.

ଛେର୍‌ରା—ପ୍ରାଦେ. (ଗଞ୍ଜାମ) ବି.—ଛରରା (ଦେଖ)
Chher-rā Chhararā (See)

ଛେରଅଣ୍ଟା—ଦେ. ବି.—ଗୋରୁଙ୍କର ରୋଗବିଶେଷ—
Chhera-antā Impaction of rumex of cattle.

ଛେରକୁରା—ଦେ. ବିଣ. ପୁଂ—ଛେରୁଆ (ଦେଖ)
Chherakurā Chheruā (See)
(ଛେରକୁରୀ—ସ୍ତ୍ରୀ)

ଛେରା—ଦେ. ବି. (ସଂ. କ୍ଷର ଧାତୁ; କିମ୍ବା ସଂ. ସୃଜ୍ ଧାତୁ)—
Chherā ୧ । ତରଳ ମଳ—
ছেরানি 1. Loose stools; watery evacuation.
छेरना ୨ । ଭୂମିରେ ଯେଉଁ ସୁଗନ୍ଧ ଜଳ ଛିଞ୍ଚାଯାଏ—
ছড়া 2. Scented water sprinkled on the ground.
छिड़कना; छींटा

ସୁନା ଲମ୍ବାର ଗୃହ ମଧ୍ୟେ
ଚନ୍ଦନ ଛେରା ଘରଦାଣ୍ଡେ । ଜଗନ୍ନାଥ. ଭାଗବତ ।

ছররা ୩ । ଛରରା (ଦେଖ)
छरा 3. Chhararā (See)
୪ । ତରଳ ପୁରୀଷ ତ୍ୟାଗ—
4 Passing of loose stools.
୫ । (ଗୋରୁ ଓ ମନୁଷ୍ୟଙ୍କର) ତରଳ ପୁରୀଷତ୍ୟାଗ କରିବା ରୋଗ—5. Diarrhoea; looseness of bowels.

ପାପୀ ଦେହରେ ଛେରା ରୋଗ । ଚଗ ।

୬ । ଗୋରୁଙ୍କର ଛେରା ରୋଗ; ଠାକୁରାଣୀ ରୋଗ; ଗୋବସନ୍ତ—
6. Rinderpest.

ছেরা ଦେ. ବିଣ—୧ । ତରଳ ପୁରୀଷ ତ୍ୟାଗକାରୀ—
1. One who habitually passes loose stools.
୨ । ଛେରୁଆ (ଦେଖ)
2. Chheruā (See)
ପ୍ରାଦେ. (ସମ୍ବଲପୁର) ବି.—ଭୂମିରେ ଛିଞ୍ଚାଯିବା ଗୋବରପାଣି—
Cowdung and water sprinkled on the ground

ଛେରାଇବା—ଦେ. କ୍ରି—୧ । ଛେରିବାର ଣିଜନ୍ତରୂପ—
Chherāibā 1. Causative of Chheribā.
ছেরানা ୨ । ଅତ୍ୟନ୍ତ ଭୟଭୀତ କରାଇବା—
छेराना 2. To frighten a person.
(ଛେରେଇବା—ଅନ୍ୟରୂପ) [ଦ୍ର—ଏ କ୍ରିୟାର ଅସମାପିକା ରୂପସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଛେରାଛେରି—ଦେ. ବି—ବହୁ ପରିମାଣରେ ଛେରିବା—
Chherāchheri Profuse passing of watery stools.

ଛେରା ଦେବା—ପ୍ରାଦେ. (ସମ୍ବଲପୁର) କ୍ରି—ଭୂମିରେ ଗୋବର ପାଣି ଛିଞ୍ଚିବା—
Chherā debā To sprinkle water mixed with cowdung on the ground.

ଛେରା ପହଁରା—ଦେ. ବି. (ଅନୁଚର ଶବ୍ଦ) (ସଂ. କ୍ଷର ଧାତୁ ଓ ପରିମାର୍ଜ୍ଜନ)—
Chherā pahanrā ପଥ ବା ଭୂମିରେ ଜଳ ସେଚନକରି ଓଳାଇବା-
ছড়াঝাঁটা Sprinkling water on and sweeping the ground.
छींटना झाड़ना
ଛେରାପହଁରା, ଛେରାପହୁରା, ଛେରାପହରା } ଅନ୍ୟରୂପ [ଦ୍ର—ଶ୍ରୀ ଜଗନ୍ନାଥ ମହାପ୍ରଭୁ ଗୁଣ୍ଡିଚା ସମୟରେ ରଥରୁ ପହଣ୍ଡିବାବେଳେ ଓ କରିବା ସମୟରେ ପୁରୀରାଜା ଶ୍ରୀଜୀଉଙ୍କ ଆଗେଆଗେ ସୁଗନ୍ଧ ଜଳ ଛିଞ୍ଚିଛିଞ୍ଚି ଓ ସୁନା ଝାଡ଼ୁରେ ଓଳାଇ ଓଳାଇ ଅର୍ଥାତ୍ 'ଛେରା ପହଁରା' କରି କରି ଯାଉଥାଆନ୍ତି । ଏଥିଯୋଗୁଁ କାଞ୍ଚିର ରାଜା ପୁରୀର ମହାରାଜ ପୁରୁଷୋତ୍ତମ ଦେବଙ୍କୁ ଚଣ୍ଡାଳ ବୋଲି କହି ତାଙ୍କୁ ନିଜ କନ୍ୟା ପଦ୍ମାବତୀଙ୍କୁ ବିବାହ ଦେଲେ ନାହିଁ । ଏଥିଲାଗି ଜଗନ୍ନାଥ ମହାପ୍ରଭୁଙ୍କର ଅପମାନ ହେବାରୁ ନିଜେ ଜଗନ୍ନାଥ ଓ ବଳଭଦ୍ର ମନୁଷ୍ୟରୂପ ଧରି କଳା ଘୋଡ଼ା, ଧଳାଘୋଡ଼ାରେ ବସି ରାଜା ଓ ରାଜାଙ୍କ ସୈନ୍ୟଙ୍କ ସଙ୍ଗେ ସଙ୍ଗେ ଯାଇଥିଲେ ଓ ପୁରୀ ରାଜା କାଞ୍ଚୀ ନଗରକୁ ଜୟ କରି କାଞ୍ଚୀ ଯେମାନଙ୍କୁ ଆଣି ଶେଷରେ ବିବାହ କରିଥିଲେ ।]

ଛେରା ହଗା—ଦେ. ବି—ଅଜୀର୍ଣ୍ଣ ଯୋଗୁଁ ପତଳା ଜଳୀୟ ଝାଡ଼ା—
Chherā hagā Liquid stools; diarrhoea.
ছেরাহাগা
छेराझाड़ा

ସାଧାରଣ ଲୋକେ ଅପର ବୃତ୍ତାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଛେରି—ଗ୍ରା. (ଇତର) ବି. (ସଂ. ଛେଳକା)—ଛେଳି; ଛାଗଳ—
Chheri Goat.
ଛେଲୀ [ଦ୍ର—ଆଜିର କଣ୍ଠସ୍ୱର ଇତରଜନ-
ଛେଁଘି ବ୍ୟବହୃତ; 'ଳ' ସ୍ଥାନରେ 'ର' ଉଚ୍ଚାରଣ ଯୋଗୁଁ, ଛେଳି= ଛେରି ।]

ଛେରିବା—ଦେ. କ୍ରି—୧ । (ସଂ. କ୍ଷର ଧାତୁ) ତରଳ ମଳ ତ୍ୟାଗ କରିବା—
Chheribā 1. To pass watery stools.
ଖେଡ଼ାନ, ଛେରା ୨ । (ଲକ୍ଷଣାର୍ଥ) ରୋଗ ବା ଭୟ ହେତୁ ତରଳ ପୁରୀଷ
ଛେନା ତ୍ୟାଗ କରିବା—2. To pass stools through disease or fear.
[ଦ୍ର—ଏହି କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଛେରୁ—ଦେ. ଵଣ. ପୁଂ ଓ ସ୍ତ୍ରୀ—ଛେରୁଆ (ଦେଖ)
Chheru Chheruā (See)

ଛେରୁଆ—ଦେ. ଵଣ. ପୁଂ ଓ ସ୍ତ୍ରୀ—୧ । ଅତ୍ୟନ୍ତ ଭୀତ—
Chheruā 1. Coward.
ଛେରେଇ } ଅନ୍ୟରୂପ
ଛେରେଇ }
୨ । ଯେ ଭୟରେ ଛେର ପକାଏ—
2. One who passes loose stools through fear.
୩ । ଛେର ରୋଗାକ୍ରାନ୍ତ—
3. Suffering from loose stools.

ଛେଲ୍—ପ୍ରାଦେ. (ସମ୍ବଲପୁର) ବ—ଛେଳି; ଅଜ—
Chhel Goat.

ଛେଲି—ଦେ. ବି. (ସଂ. ଶଲ୍ୟ)—
Chhela ୧ । ଶର; ବାଣ; ଅସ୍ତ୍ରବିଶେଷ—
1. Arrow; a weapon of offence.
ଗାଢ଼-ବନ୍ଧ ଛେଲ ଭୁ ମଧେ ପୋତାଇଲ
ଅସିଲେ ବାଲ୍ୟ ରଜା ମାଦ୍ରବ ଭଦଲ । କୃଷ୍ଣସିଂ. ମହାଭାରତ. ବନ ।
୨ । ବରଛା—2. Spear.
ଛେଲ ପୋଡ଼ ଫସ ଉପରେ ହସ୍ତ ଦେଇ । କୃଷ୍ଣସିଂ. ମହାଭାରତ. ଅଦ ।
୩ । (ସଂ. ଛଲ୍ଲି) ବାଉଁଶ ଇତ୍ୟାଦିଙ୍କର ପତଳା ଛୋଟ
ଛିଲକା ପାତିଆ—3. Thin small slices or strips of
ଛିଲକା bamboo.

ଛେଲା—ଦେ. ବି. (ସଂ. ଶଲ୍ୟ)—୧ । ଛେଲ (ଦେଖ)
Chhelā 1. Chhela (See)
ଛିଲକା, ଛୋଲ ୨ । (ସଂ. ଛଲ୍ଲି) କାଠ ବା ବାଉଁଶର ଉପରୁ
କତରନ, ଛିଲକା ପତଳା କରି କତୁରି ବା ବାଉଁଶରେ ଛାଞ୍ଚି ନେଲେ ଯେଉଁ ପତଳା ପାତିଆ ବାହାରେ—
2. Scraped thin slice of bamboo or wood.
୩ । ଛାଞ୍ଚିବା—3. Scraping.
୪ । ଗୁଡ଼ର ପରିମାଣବିଶେଷ; ୧୦ ବିଶା—
4. A measure of molasses; 10 bisās.
୫ । କପାର ପରିମାଣବିଶେଷ; ୪୦ ବିଶା—
5. A measure of cotton; 40 bisās.
୬ । ଧାନର ପରିମାଣ ବିଶେଷ; ୪୦ ଗୌଣୀ—
6. A measure of paddy; 40 gaunis.
ପ୍ରାଦେ. (ପୁରୀ) ବି— ୧ । ପୁରୀ ଜିଲ୍ଲାରେ ନଡ଼ିଆଗଣତିରେ ସଂଖ୍ୟାବିଶେଷ; ୯ ପଣ ବା ୭୨୦ କଡ଼ା ନଡ଼ିଆ—
1. (Puri district) An aggregate of 720 cocoanuts.
୨ । (ବାଲେଶ୍ୱର) ବି—ବାଲେଶ୍ୱରୀ ଛଅସେରିଆ ଗଉଣୀରେ ୪୦ ଗଉଣୀ (ଧାନ)=୨୪୦ ବାଲେଶ୍ୱରୀ ସେର= ବାଲେଶ୍ୱରୀ ୬ ମହଣ=କଟକୀ ୪୨ ମହଣ—
2. Six maunds of paddy.
୩ । ଥୋଡ଼ବଳଦଙ୍କ ଉପରେ ଉପରେ ବୁହାଯିବା ପଲ୍ଲାଣ—
3. Pack-saddle
୪ । ବିଲରୁ କଟା ହୋଇ ଖଳାକୁ ଅଣାଯିବା କଳେଇର ଗୋଛା, ଯାହା ବଳଦଙ୍କ ପିଠିରେ ବୁହାଯାଏ —
4. A pack of paddy sheaves carried on the back of bullocks from the fields.

ଛେଲାଇବା—ଦେ. କ୍ରି—୧ । ଛେଲିବା କ୍ରିୟାର ଣିଜନ୍ତ ରୂପ—
Chhelāibā 1. Causative form of Chhelibā.
(ଛେଲେଇବା – ଅନ୍ୟରୂପ) ୨ । ଛେଲିବା (ଦେଖ)
2. Chhelibā (See)

ଛେଲା କେରାଣ୍ଡି—ଦେ. ବି. (ସଂ. ମହାସଫର)—
Chhelā kerāṇḍi ବଡ଼ ବଡ଼ କେରାଣ୍ଡି ମାଛ—A kind of
ଫୁଟନୀ, ପୁଁଠୀ, ସରନାପୁଁଠୀ sweet–water fish; Barlens
ଥୌରୀ Phutunes or Barlens Sarana.
(ଛେଲାକେରାଣ୍ଡି—ଅନ୍ୟରୂପ)

ଛେଲାଛେଲି—ଦେ. ବି—ଛେଲିବା ବା ଛାଞ୍ଚିବା କର୍ମ—
Chhelāchheli Act of scraping or mowing.
ଚାଁଛାଚାଁଛି

ଛେଳି –ଦେ. ବି. (ସଂ. ଛାଗଲ; ପ୍ରାକୃତ ଛଗ୍ଗଳୀ; ସଂ. ଛେଳକୀ=ଛାଗୀ;
Chheḷi ଯୋଗେଶଚନ୍ଦ୍ର) —୧ । ଛାଗ—1. Goat.
ଛାଗଲ [ଦ୍ର—ପୁଂଲିଙ୍ଗରେ ଅଣ୍ଡିରା ଛେଳି ଓ ସ୍ତ୍ରୀଲିଙ୍ଗରେ
ବକରା; ବକରୀ ମାଈ ଛେଳି ବୋଲାଯାଏ ।]
୨ । (ଲକ୍ଷଣାର୍ଥ) ଭୟାଳୁ ଲୋକ—
2 (figurative) A coward.
(ଯଥା—ସେ ଏ କାମ କରିବାକୁ ଛେଳି=ସେ ଏ କାମ କରିବାକୁ ଡରୁଛି ।)
[ଦ୍ର—ଛେଳିମାନେ ପାଣିରେ ପଶିବାକୁ ଡରନ୍ତି; ଏଥିପାଇଁ ପ୍ରବାଦ ଅଛି "ପାଣିର ଛେଳି" ପରି ହେବା ।]

୧	ଇ	ଢ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ପ	ଡଥ	ଘ
୨	ଈ	ଉ	ରୁ	ଲୃ	ଯେ	ଅର୍ଦ୍ଧାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	ୠ	ନୃ

ଛେଲି—ଦେ. ବ. (ସଂ. ଛଲ୍ଲି; ଛଲ୍ଲ)—୧ । ବୃକ୍ଷାଦିର ବକଲ—
Chheli 1 Bark of trees.
ଛାଲ ଛାଲାଟ ୨ । କାଠର ଉପରୁ ଚଞ୍ଚା ହୋଇଥିବା ପତଳା ଅଂଶ-
छिलका; छाल 2. A slice scraped from a piece of wood.

ପ୍ରାଦେ. (ସମ୍ବଲପୁର) ବ. (ଭୁଲ. ଏହି ଅର୍ଥରେ ହି. ଛେଲୀ)—
ଛେଳି—Goat.

ଛେଲିଗୋତ୍ରିଆ—ଦେ. ବଣ. (ସଂ. ଛେଲିକା ଓ ଗୋତ୍ର)—
Chheligotria ଛେଳିମାନଙ୍କ ପରି ଗମ୍ୟାଗମ୍ୟ ବିଚାରହୀନ—
Cohabiting with persons of prohibited degree of relationship; incestuous.

ଛେଲିପାଗୁଲିଆ—ଦେ. ବ—ଏକପ୍ରକାର କ୍ଷୁଦ୍ର ଔଷଧି ଗୁଳ୍ମ—
Chhelipagulia A kind of medicinal plant.

ଛେଲିବା—ଦେ. କି. (ସଂ. ଛଲ୍ଲି = ଛାଲ; ଛଲ)—୧ । ଚଞ୍ଚିବା—
Chheliba 1. To scrape off.
ଛୁଲା; ଛୋଲା ୨ । ଉପରର ପତଳା ସ୍ତର ବା ବକଲ କୌଣସି
छिलना; चोलना ଅସ୍ତ୍ରଦ୍ୱାରା ଉଠାଇବା—2. To scrape off the bark or outer layer.

୩ । ଭୂମି ଉପରୁ ଘାସକୁ ଚାଞ୍ଛିବା—
3. To mow the grass.

ଛେଲି ମାହାରିଆ—ପ୍ରାଦେ. (ଗଡ଼ଜାତ) ବ—ଛେଳି ଜଗୁଆଳ; ଛେଳି
Chheli maharia ରଖୁଆଳ—Goat-herd.

ଛେଲୁଆ—ଦେ. ବ. (ସଂ. ଛଲ୍ଲି)—୧ । ପାତ୍ରରୂପେ ବ୍ୟବହୃତ ମାଟି
Chhelua ହାଣ୍ଡିର ବଡ଼ ଭଙ୍ଗାଖଣ୍ଡ; ଖାପ୍ରି—1. A large
খাপরী; খোলাম broken bit of earthern ware used as
ठिकड़ा a pot.

୨ । ବଡ଼ ଖପର—2. Big potsherd.

[ଦ୍ର—ହାଣ୍ଡିକୁ ଭାଙ୍ଗିଲେ ତହିଁରୁ ଯେଉଁ ଅଂଶ ପାତ୍ରରୂପେ ବ୍ୟବହାର କରାଯାଇ ପାରେ ତାକୁ ଛେଲୁଆ କହନ୍ତି, ଟିକଟିକି ଅଂଶକୁ ଖପର କହନ୍ତି ।]

ଛେଲୁଆ ମାରିବା—ଦେ. କି—ଖଣ୍ଡେ ଛେଲୁଆ ବା ଖପରକୁ ତିର୍ଯ୍ୟକ୍
Chhelua mariba ଭାବରେ ଏପରି ପାଣି ଉପରକୁ ପକାଯାଏ
ছিনিমিনি খেলা; ଯେ, ତାହା ପାଣି ଉପରକୁ ସ୍ପର୍ଶ କରି ଡେଇଁ
খোলামকুচিমারা ଡେଇଁ କା ଖଣ୍ଡିଦୂର ଚାଲିଯାଏ—
छिछलिखेलना To play at ducks and drakes with a potsherd.

ଛୈ—ଦେ. ବ—୧ । (ସଂ. ଛଦ) ଛଇ; ନୌକା ପ୍ରଭୃତିର ଉପରର
Chhai ଆବରଣ; ଗାଡ଼ି, ଗାଡ଼ିଆଦିର ଉପରର ଛାତ—
छै 1. The thatch or covering for a boat or cart.

୨ । (ସଂ. ଛଟା) ସୁରଅଙ୍ଗେ ଖେଳେଇ ହୋଇଯିବା—
2. Diffusion.

୩ । (ସଂ. ଛବି) ଛବି; ଛଟକ; ବିଳାସ-ଭଙ୍ଗୀ—
3. Spotiveness; foppishness.

୪ । ଥଟ୍ଟା—4. Jest; frolic.

୫ । ଛଳନା; ଶ୍ଳେଷପଣ—5. Pretence; trick.

୬ । ବାଲୁଙ୍ଗି; ଗୁରବ; ଗର୍ବ—6. Arrogance.

୭ । ରସିକତା—7. Gallantry; coquetry.

୮ । (ଇଟାଆଦିର) ସୁସଜ୍ଜିତ ଶ୍ରେଣୀବଦ୍ଧ ଗଦା—
8. Well-set stack (e. g. of brick).

[ଦ୍ର—'ଛଇ' ଆଦ୍ୟରେ ଥିବା ଦେଶଜ ଶବ୍ଦମାନ 'ଛୈ' ଆଦ୍ୟ-ଯୁକ୍ତ ହୋଇ ମଧ୍ୟ ଉଚ୍ଚାରିତ ହୁଏ ଓ ଲେଖାଯାଏ ।]

ଛୈଛବଡ଼—ଦେ. ବଣ—୧ । ଯେଉଁ ବ୍ୟକ୍ତି ବା ବୃକ୍ଷାଦି ହୃଷ୍ଟପୁଷ୍ଟ, ସୁନ୍ଦର,
Chhaichhbard ସତେଜ ଓ ଡେଙ୍ଗା ହୋଇ ବଢ଼େ—
ଛୈଛବଟ୍ 1. Vigorously grown up; robust; vigorous.
ଛୈଛବଟିଆ
ଛୈଛବଡ଼ିଆ } ଅନ୍ୟରୂପ ୨ । ବଳିଷ୍ଠ ଓ ହୃଷ୍ଟପୁଷ୍ଟ—
ଛୈଛବଳ 2. Muscular and strong.
ଛୈଛବଳିଆ

ଛୈଲ୍—ଦେ. ବଣ—ଛଇଲ୍ (ଦେଖ)
Chhail Chhail (See)
(ଛୈଲାଟ୍—ଅନ୍ୟରୂପ)

ଛୈଲ—ଦେ. ବ ଓ ବଣ—ଛଇଲ (ଦେଖ)
Chhaila Chhaila (See)

ଛୈଲା—ଦେ. ବଣ. ସ୍ତ୍ରୀ—ଛଇଲା (ଦେଖ)
Chhaila Chhaila (See)

ଛୈଲୀ—ଦେ. ବଣ. ସ୍ତ୍ରୀ—ଛଇଲା (ଦେଖ)
Chhaili Chhaila (See)

ଛୋଇଁ—ଦେ. ବ. (ସଂ. ଶିମ୍ବୀ)—ଶିମ୍ବ, ମୁଗ, ବିରଡ଼ି, ସଜନା, ବରଗଡ଼
Chhoin ଆଦି ବୃକ୍ଷର ଲମ୍ବ ଖୋଷାଯୁକ୍ତ ଫଳ, ଛୁଇଁ—
ছুঁটি Long slender stalk like beans of
छीमी certain trees and plants; a pot or legume.
(ଛୁଇଁ—ଅନ୍ୟରୂପ)

ଛୋଇଁବା—ଦେ. କି—୧ । (ସଂ. ସ୍ପୃଶ୍ ଧାତୁ ; ସଂ. ଛୁପ ଧାତୁ)—
Chhoinba ସ୍ପର୍ଶ କରିବା—1. To touch.
ছোঁয়া; ছুঁয়া ୨ । (ସଂ ଛଦ ଧାତୁ)—ଛାଆଣି କରିବା; ଘର ଉପର
छूना ଢାଙ୍କିବା—2. To thatch.
ଛୁଇଁବା ୩ । ଛୁଇଁବାର ଣିଜନ୍ତରୂପ—
ଛୁଆଁଇବା } ଅନ୍ୟରୂପ 3. Causative form of Chhuinba.
ଛୁଇଁବା

ଛୋଁକ—ଦେ. ବ—ଛୁଙ୍କ (ଦେଖ)
Chhonka Chhunka See)

ଛୋଁଦାର—ପ୍ରାଦେ. (ସମ୍ବଲପୁର) ବ. (ସଂ. ସମ୍ମୁଖ + ଦ୍ୱାର)—
Chhondara ଛାମୁଦୁଆର (ଦେଖ)
Chhamuduara (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଛୋକରା—ଦେ. ବି. ପୁଂ (ହିନ୍ଦୀ ଓ ବ. ରୂ ଅନୁରୂପ) (ସଂ. ଶୋକ= Chhokarā ଶିଶୁ)—୧ । ବାଳକ; ଟୋକା— (ଛୋକରୀ—ସ୍ତ୍ରୀ) 1. Boy; lad.

୨ । ଅପରିଣତବୟସ୍କ ଯୁବା—2. A youth.

୩ । ଚାକର ଟୋକା—3. Servant boy.

ଛୋକାର—ଦେ. ବି. ପୁଂ (ସଂ. ଶକାର=ନାଟକରେ ରାଜାଙ୍କର ନୀଚ Chhokāra ଜାତୀୟ ଶାଳକ)—୧ । ବେଶ୍ୟାପୁତ୍ର; ଭଡ଼ୁଆ ଜାତି— (ଛୋକାରୁଣୀ—ସ୍ତ୍ରୀ) 1. A caste consisting of persons ভাড় born of whores.

भड़ुआ, भँड़ुवा

[ଦ୍ର—ଏମାନଙ୍କର ଗୋଟିଏ ସ୍ୱତନ୍ତ୍ର ଜାତି ଅଛି । ଏମାନେ ଗୃହସ୍ଥମାନଙ୍କ ଘର ଦ୍ୱାରାଦ୍ୱାର କରନ୍ତି, ଏମାନେ ନୃତ୍ୟକାରିଣୀ ବେଶ୍ୟାମାନଙ୍କ ସଙ୍ଗେ ବାଦ୍ୟ ଆଦି ବଜାନ୍ତି । ଆମ ଦେଶରେ କୌଣସି କୌଣସି ସ୍ଥଳେ ଏମାନେ ତେଲିଙ୍ଗି ବାଜା ବଜାନ୍ତି ।]

୨ । ନିର୍ଲଜ୍ଜ ବ୍ୟକ୍ତି; ଭଣ୍ଡ ଲୋକ— 2. A shameless person.

୩ । ପରପୁରୁଷ ନିକଟରେ ପର ସ୍ତ୍ରୀ ଜୁଟାଇବା ଲୋକ— 3. A pander; procurer; pimp a go-between.

୪ । ଅଶ୍ଳୀଳତାପ୍ରିୟ ବ୍ୟକ୍ତି— 4. A person who is fond of using obscene language

ଦେ. ବିଣ. ପୁଂ—୧ । ଯେ ପରପୁରୁଷମାନଙ୍କ ନିକଟରେ ପରସ୍ତ୍ରୀ ବା ନିଜ ସ୍ତ୍ରୀକୁ ଅସତ୍ ସଂସର୍ଗ ନିମନ୍ତେ ଜୁଟାଏ— 1. Pandering; procurer.

୨ । ଇନ୍ଦ୍ରିୟପରାୟଣ— 2. Lascivious; lewd; licentious; sensual.

୩ । ଭଣ୍ଡ; ନିର୍ଲଜ୍ଜ; ବେହିୟା — 3. Shameless; indecent.

୪ । ଅତି ନୀଚ (ଲୋକ)—4. Low; vile; mean.

୫ । ଅଶ୍ଳୀଳ—5. Obscene. (ଯଥା—ଛୋକାର କଥା ।)

୬ । ଅଶ୍ଳୀଳତା ପ୍ରିୟ (ବ୍ୟକ୍ତି)— 6. Fond of obscene language.

୭ । ଅସଚ୍ଚରିତ୍ରା—7. Immoral; debanched.

୮ । ଲମ୍ପଟ—8. Addicted to adultery.

[ଦ୍ର—ଦନାଇ ଦାସଙ୍କର ଗୋଟିଏ ପ୍ରବଚନ (ଢଗ) ଅଛି; ଯଥା—"ଛୋକାରୁଣୀ ମାଇପଙ୍କ ଓଷା ସଖୀ ଗୋ ମନ ଏ" ଅର୍ଥାତ ଅସଚ୍ଚରିତ୍ରା ସ୍ତ୍ରୀଲୋକର ଧର୍ମଭୟ ନାହିଁ; ଏପରି ସ୍ଥଳରେ ଉପବାସ ବ୍ରତାଦି ଅନୁଷ୍ଠାନ କରିବା ତା ପକ୍ଷରେ କେବଳ ଲୋକଦେଖାଣିଆ ଭଣ୍ଡତା ମାତ୍ର ।]

ଛୋକାରକଥା—ଦେ. ବି.—ଅଶ୍ଳୀଳ କଥା— Chhokāra kathā Obscene language.

ଛୋକାରିଆ—ଦେ. ବିଣ. ପୁଂ—ଛୋକାର (ଦେଖ) Chhokāria Chhokāra (See) (ଛୋକାରୁଣୀ—ସ୍ତ୍ରୀ)

ଛୋଟ—ଦେ. ବିଣ. (ସଂ. କ୍ଷୁଦ୍ର)—୧ । ବାଙ୍ଗର; ଆକାରରେ କ୍ଷୁଦ୍ର; ସାନ; Chhota ହୀନ—1. Small; dwarfish. (ବଡ଼—ବିପରୀତ) ୨ । କନିଷ୍ଠ (ଯଥା ଛୋଟ ଭାଇ)— ছোট 2. Younger. छोटा

୩ । ବୟସରେ ସାନ; ଅଳ୍ପବୟସ୍କ—3. Young.

୪ । ଅପେକ୍ଷାକୃତ ଅଳ୍ପବୟସ୍କ— 4 Younger; junior.

୫ । ଅଧମ; ହୀନପ୍ରକୃତି; ନୀଚ—5. Low; mean.

୬ । ନୀଚଜାତୀୟ—6. Of low caste.

ଛୋଟ ଅଦାଲତ—ଦେ. ବି.—କାଜ୍‌କୋଟ ଅଳ୍ପ ଦାବୀ ଥିବା ସହଜ Chhota adālata ବିଚାର୍ଯ୍ୟ ମକଦ୍ଦମାମାନ ସରସର ଅର୍ଥାତ୍ ছোট আদালত ସଂକ୍ଷେପରେ ବିଚାର କରିବା ନିମିତ୍ତ ଭାରତ ସରକାରଙ୍କ छोटा अदालत काजकोट ପ୍ରତିଷ୍ଠିତ ବିଚାରାଳୟ—Court of small causes in India.

ଛୋଟ ଅଳାଇଚ—ଦେ. ବି. (ସଂ. ନାମ କ୍ଷୁଦ୍ରୈଲା)—ଗୁଜରାଟି (ଦେଖ) Chhota alāicha Gujarāti (See) ছোট এলাচী छोटि इलायची

ଛୋଟ ଓଶା—ଦେ. ବି—ଏକ ପ୍ରକାର ଧାନ— Chhota osā A kind of paddy.

ଛୋଟକଇଁ—ଦେ. ବି.—ସାନ ସାନ ଧଳା କଇଁ ଫୁଲ— Chhota kain Small white Indian water-lily; ছোট সুন্দি Nymphla Lotus.

ଛୋଟ କଥା—ଦେ ବି.—୧ । ତୁଚ୍ଛ କଥା— Chhota kathā 1. Insignificant words.

୨ । ଅତି ନଗଣ୍ୟ ବା ସାମାନ୍ୟ ବିଷୟ— 2. A very small matter.

ଛୋଟଘର—ଦେ. ବି.—୧ । କ୍ଷୁଦ୍ର ଅଳ୍ପାୟତନବିଶିଷ୍ଟ ଗୃହ— Chhota ghara 1. A small or snug house.

୨ । ନିକୃଷ୍ଟ ବଂଶ; ନୀଚକୁଳ— 2. Low caste; low family.

ଛୋଟଚମ୍ପା—ଦେ. ବି—ଏକପ୍ରକାର ସରୁ ଧାନ— Chhota champā A species of fine paddy.

ଛୋଟ ଠାକୁର—ଦେ.ବି—୧ । ପୁରୀରେ ବିରାଜିତ ଶ୍ରୀଜଗନ୍ନାଥ ମହାପ୍ରଭୁ— Chhota thākura 1. The Deity Jagannath at Puri.

୧	ଇ	ଢ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଡ଼	ନ୍

୨ । ଶ୍ରୀକୃଷ୍ଣ ଅବତାରରେ ଶ୍ରୀକୃଷ୍ଣ—
2. A name of Śrikrushṇa.
[ଦ୍ର—ବଳଭଦ୍ର ଓ ଜଗନ୍ନାଥଙ୍କ ବୟସ ତୁଳନାରେ ବଳଭଦ୍ର ଜ୍ୟେଷ୍ଠ ଥିବାରୁ ତାଙ୍କୁ ପୁରୀରେ ସାଧାରଣ ଲୋକେ 'ବଡ଼ ଠାକୁର' ଓ ଜଗନ୍ନାଥଙ୍କୁ ଛୋଟ ଠାକୁର ବା ସାନ ଠାକୁର ବୋଲି ଡାକନ୍ତି ।]

ଛୋଟେଣ—ସ୍ତ୍ରୀ. ବି.—୧ । ଛୁଟେଣ; ବିଶ୍ରାମ; ଅବସର—
Chhoṭaṇa 1. Remission, pause.
ছুট ୨ । ବିରାମ; ବିରତି—
ছুটনা 2. Cessation.

ଛୋଟଦିନ—ଦେ. ବି—୧ । ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଯୋଗୁଁ ଯେଉଁ
Chhoṭadina ସମୟରେ ଦିନମାନର ପରିମାଣ ଅଳ୍ପ ହୁଏ, ଶୀତ-
ছোটদিন କାଳର ଦିବସ—1. The smallest day in
(ବଡ଼ଦିନ—ବିପରୀତ) the year in December 22nd or 23rd.
[ଦ୍ର—ଡିସେମ୍ବର ମାସ ୨୨ ବା ୨୩ ତାରିଖ ଦିନଟି ବର୍ଷକଯାକରେ ସାନ ଓ ରାତିଟି ବଡ଼ ହୁଏ ।]
୨ । ଅପ୍ରେଲ ମାସର ଗୁଡ୍‌ଫ୍ରାଇଡେ ଓ ଇଷ୍ଟରଡେ ଯାହା କି ଖ୍ରୀଷ୍ଟିଆନ୍‌ମାନଙ୍କର ପର୍ବଦିନ—2. Good Friday and Easter day.
[ଦ୍ର— ଲୋକେ ସାଧାରଣତଃ ଖ୍ରୀଷ୍ଟମସ୍‌କୁ ବଡ଼ଦିନ ଓ ଗୁଡ୍-ଫ୍ରାଇଡେକୁ ଛୋଟଦିନ କହିଥାନ୍ତି ।]

ଛୋଟନଜର—ଦେ. ବି (ହି. ଛୁଦ୍ର+ପା. ନଜର)—ହୀନଦୃଷ୍ଟି;
Chhoṭanajara ଉଦାରତାହୀନ ଦୃଷ୍ଟି; କୃପଣତାମିଶ୍ରିତ ଦୃଷ୍ଟି—
ছোটনজর Illiberal views.
छोटानजर ଦେ. ବିଣ—୧ । ହୀନଚେତା (ବ୍ୟକ୍ତି)—
ଛୋଟ ନଜରିଆ } ଅନ୍ୟରୂପ 1. Mean minded.
ଛୋଟା ନଜରୀ } ୨ । କୃପଣ—2. Miserly.

ଛୋଟ ବଡ଼—ଦେ. ବିଣ (ବିପରୀତାର୍ଥ ଶବ୍ଦଦ୍ୱୟ)—୧ । ସାନ ଓ ବଡ଼—
Chhoṭa barḍa 1. Big and small.
ছোট বড় ୨ । ଉଚ୍ଚ ଓ ନୀଚ—2. High and low.
छोटा बड़ा ୩ । କିବା ବଡ଼ କିବା ସାନ—
3. Whether big or small.
ଦେ. ବି (ବହୁବଚନ)—ସମସ୍ତେ; ସବୁ ବ୍ୟକ୍ତି—Every one big or small; every one high or low; all (persons).
(ଯଥା—ଛୋଟ ବଡ଼ଙ୍କ ମୁହଁରୁ ମୁଁ ଏହା ଶୁଣିଲି ।)

ଛୋଟ ଭାଇ—ଦେ. ବି—କନିଷ୍ଠ ଭ୍ରାତା—
Chhoṭa bhāi Younger brother.
ছোট ভাই
छोटा भाई

ଛୋଟ ମହୀପାଳ—ଦେ. ବି—ଏକପ୍ରକାର ସରୁ ଧାନ—
Chhoṭa mahipāla A kind of fine paddy.

ଛୋଟ ମୁଖ—ଦେ. ବି—ଛୋଟ ଲୋକ ବା ନୀଚ ଲୋକର ମୁହଁ—
Chhoṭa mukha The mouth of a low or
ছোট মুখ insignificant person.
छोटा मुहँ (ଯଥା—'ଛୋଟ ମୁହଁରେ ବଡ଼ କଥା,
(ଛୋଟ ମୁହଁ—ଅନ୍ୟରୂପ) ଶୁଣିଲେ ଲୋକର ମନ ବ୍ୟଥା'—ଢଗ ।)

ଛୋଟ ମୋଟ—ଦେ. ବିଣ—(ସହଚର ଶବ୍ଦ)—୧ । ଛୋଟ ବଡ଼ (ଦେଖ)
Chhoṭa moṭa 1. Chhoṭa barḍa.
ছোট মোট ଦେ. ବିଣ—୨ । ଅତି କ୍ଷୁଦ୍ର—
छोटा मोटा 2. Tiny; very small.
୩ । ଚଳନୀୟ; ଚଳନ୍ତି—3. Tolerable.
(ଯଥା—ସେ ଛୋଟ ମୋଟରେ ଜଣେ ରାଜା ।)

ଛୋଟ ଲଙ୍କାକାଳି—ପ୍ରାଦେ (ଗଞ୍ଜାମ) ବି—ବଳାତି ବାଇଗବା—
Chhoṭa lankākāla A kind of Bāigabā (See)

ଛୋଟଲାଟ—ଦେ. ବି (ହି. ଛୋଟା ଓ ଇଂ. ଲର୍ଡ଼)—ଇଂରେଜ ଅଧିକୃତ
Chhoṭalāṭa ଭାରତର ପ୍ରାଦେଶିକ ଶାସନକର୍ତ୍ତା—
ছোটলাট Provincial Governor;
छोटालाट Governor of a Province.
(ବଡ଼ଲାଟ – ବିପରୀତ)

ଛୋଟଲୋକ—ଦେ. ବି—୧ । ନୀଚାଶୟ ଲୋକ—
Chhoṭaloka 1. Low or mean person.
ছোটলোক ୨ । ଇତର ଲୋକ—
छोटाआदमी 2. One low class person.
୩ । କୃପଣ—3. Miser.

ଛୋଟହାଜିରି—ଦେ. ବି—ଭାରତରେ ରହୁଥିବା ସାହେବ ଓ ସାହେବଙ୍କ
Chhoṭahājiri ରୀତି ଅନୁକରଣକାରୀ ଭାରତୀୟମାନଙ୍କର ପ୍ରାତ-
ছোটহাজরী ର୍ଭୋଜନ—Break-fast.
छोटीहाजिरी [ଦ୍ର—ଏଥିରେ ରୁଟି, ଟୋଷ୍ଟ ବା ବିସ୍କୁଟ ଓ ଡିମ୍ ଆଦି ଖିଆଯାଏ ।]

ଛୋଟା—ଦେ. ବିଣ. ପୁଂ—୧ । ଲେଙ୍ଗଡ଼ା; ଖଞ୍ଜ; ପାଦବିକଳ ହୋଇଥିବା
Chhoṭā (ବ୍ୟକ୍ତି)—1. Lame; cripple legged.
নেঙ্‌ড়া ଦେ. ବି—ଲେଙ୍ଗଡ଼ା ଲୋକ—A lame man.
लंगड़ा ଛୋଟା ଆଜ କୃଷ୍ଣ ପାହାଡ଼େ—ଢଗ ।
(ଛୋଟୀ—ସ୍ତ୍ରୀ)

ଛୋଟାଇବା—ଦେ. କ୍ରି. (ଅକର୍ମକ)—
Chhoṭāibā ୧ । ଲେଙ୍ଗଡ଼ା ହୋଇ ଚାଲିବା—
নেঙ্গচান 1. To limp (with a defetcive leg).
लंगड़ाना ୨ । (ସକର୍ମକ) କ୍ଷୁଦ୍ର କରିଦେବା; ଛୋଟ କରିଦେବା—2. To shorten; to lessen.
୩ । (ସକର୍ମକ) କୌଣସି ବ୍ୟକ୍ତିକୁ ଲେଙ୍ଗଡ଼ା କରିବା—
3. To maim an animal.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ଜାଣି କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଛୋଟା କରିବା—ଦେ. କ୍ରି—କୌଣସି ଜୀବକୁ ଲେଙ୍ଗଡ଼ା କରିବା—
Chhotā karibā — To maim an animal.

ଛୋଟିଆ—ଦେ. ବି—୧ । ଛୋଟ; ସାନ; କ୍ଷୁଦ୍ର—
Chhoṭiā — 1. Small; petty.
ছোটা — ପନ୍ଦରଣ ସମସ୍ତଙ୍କର ଏକ, **ଛୋଟିଆ** ମଇଳା ତରକୁଟ—ତଗ
छोटा — ଖଣ୍ଡେ ଖଣ୍ଡେ ଲୁଗା—ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଅଳ୍ପକାଳସ୍ଥାୟୀ—
2. Brief or short (in duration).

ଛୋଟିଆ ମୋଟିଆ—ଦେ. ବିଣ—ଛୋଟ ମୋଟ (ଦେଖ)
Chhoṭiā moṭiā — Chhoṭa moṭa (See)

ଛୋଟିକା—ସଂ. ବି. ସ୍ତ୍ରୀ (ଛୁଟ୍ ଧାତୁ=ଛେଦନ କରିବା+କର୍ତ୍ତୃ. ଅକ+ସ୍ତ୍ରୀ. ଆ)—ହାତର ଅଙ୍ଗୁଳିଦ୍ୱାରା କରାଯିବା ଧ୍ୱନି; ଅଙ୍ଗୁଠିଦ୍ୱାରା ଚୁଟ୍‌କି—A snapping sound made by the fingers.
Chhoṭikā

ଛୋଟୀ—ସଂ. ବିଣ. ପୁଂ. (ଛୋ ଧାତୁ=ଛେଦନ କରିବା+ଉଟ ନିପାତନ କିମ୍ବା ଛୁଟ୍ ଧାତୁ+ଇନ୍)—ଧୀବର; କେଉଟ—
Chhoṭi — Fisherman.

ଦେ. ବିଣ. ସ୍ତ୍ରୀ—ଲେଙ୍ଗଡ଼ୀ (ସ୍ତ୍ରୀ)—Lame (woman).

(ଛୋଟା—ସ୍ତ୍ରୀ) **ଦେ. ବି. ସ୍ତ୍ରୀ—ଲେଙ୍ଗଡ଼ୀ ସ୍ତ୍ରୀ—**
A lame woman.

ଛୋଟେଇବା—ଦେ. କ୍ରି—ଛୋଟାଇବା (ଦେଖ)
Chhoṭeibā — Chhoṭāibā (See)

ଛୋଡ଼୍ କଶି—ଦେ. ବିଣ—ସୁନ୍ନତ କରାଯାଇଥିବା (ବ୍ୟକ୍ତି); ଯେଉଁ ବ୍ୟକ୍ତିର (ଜନ୍ମତଃ କିମ୍ବା ଅସ୍ତ୍ରପ୍ରୟୋଗଦ୍ୱାରା) ଲିଙ୍ଗର ଅଗ୍ରକୁ ଚର୍ମ ଆଚ୍ଛାଦନ କରି ନ ଥାଏ—
Chhorḍ kaśi
(ଛୋଡ଼୍‌କଶିଆ—ଅନ୍ୟରୂପ)
(a person) Having no foreskin on the male organ (either since one's birth or by undergoing the ceremony of removal by operation).

[ଦ୍ର—ହିନ୍ଦୁ ବ୍ରାହ୍ମଣମାନଙ୍କର ବେଦବିହିତ ସଂସ୍କାର (ଯଥା—କାନଫୋଡ଼ା, ବିଦ୍ୟାରମ୍ଭ, ଚୂଡ଼ାକର୍ମ, ବ୍ରତ, ବିବାହ) ପରି ସୁନ୍ନତ୍ ମୁସଲମାନମାନଙ୍କର ଗୋଟିଏ ପ୍ରଧାନ ସଂସ୍କାର ଓ ଏହା ବାଲ୍ୟକାଳରେ କରାଯାଇଥାଏ । ମୁସଲମାନଙ୍କ ମଧ୍ୟରେ ଜଣେ ଜଣେ ଏପରି ସୁଦକ୍ଷ ସୁନ୍ନତ୍-କାରୀ ଅଛନ୍ତି ଯେ ସେମାନେ ଆଧୁନିକ ବୈଜ୍ଞାନିକ ପ୍ରକ୍ରିୟା ନ ଜାଣି ଓ ବାଳକର ସଂଜ୍ଞାଲୋପ ନ କରି ସୁଦ୍ଧା କିମେଷକମଧ୍ୟରେ ବାଳକ ବା ଯୁବକର ଲିଙ୍ଗର ଅଗ୍ରାଚ୍ଛାଦକ ଚର୍ମକୁ ଛୁରିଦ୍ୱାରା ଗୋଲ କରି କାଟି ଦିଅନ୍ତି ଓ ଏକ ସପ୍ତାହ ମଧ୍ୟରେ ସେ କ୍ଷତଟି ଭଲ ହୋଇ ଶୁଖିଯାଏ । ଏହା ମୁସଲମାନ୍‌ମାନଙ୍କ ଶାସ୍ତ୍ରବିହିତ କର୍ମ । ଏ ପ୍ରଥା ଥିବାରୁ ସେମାନଙ୍କ ମଧ୍ୟରେ ଚୁଟୁନ୍ଦ୍ ରୋଗ୍ ଆଦୌ ଦେଖାଯାଏ ନାହିଁ ।]

ଛୋଡ଼ଙ୍ଗ—ଗ୍ରା. ବି. (ଅଶ୍ଳୀଳଭାବବ୍ୟଞ୍ଜକ) (ସୂଚିତ ବ୍ୟକ୍ତିଦ୍ୱାରା କୃତ)—ଲେଶମାତ୍ର ଅନିଷ୍ଟ ବା ଉପକାର ବା ଦାନ ବା ଇଷ୍ଟ—
Chhorḍaṅga
Any little of either injury or benefit, gift or prosperity (to be rendered by the person referred to by the addressee)
(ଯଥା—ତୁ ତାକୁ ବରଷେ ହେଲା ଅନୁସରଣ କରୁଛୁ, ସେ ତୋତେ ଛୋଡ଼ଙ୍ଗ ଦେବ ।)

ଛୋଡ଼ା ଦେ. ବି. (ଅଶ୍ଳୀଳ) (ତୁଳ=ସଂ. ଚୂଡ଼ା)—୧ । ହାତୀ ଘୋଡ଼ା ଭଳି ଅଣ୍ଡିରା ଜୀବର ଜନନେନ୍ଦ୍ରିୟ; ହସ୍ତୀ ଓ ଅଶ୍ୱାଦି ପୁଂଜୀବର ଜନନେନ୍ଦ୍ରିୟ—
Chhorḍā — 1. Male organ specially big ones.
୨ । ଯେଉଁ ଲିଙ୍ଗର ଗୁଆ ଉପର ଚମଡ଼ା ନ ଥାଏ—
2. A penis having no foreskin.
ଦେ. ବିଣ—ଯେଉଁ ଲିଙ୍ଗର ଉପର ଚମଡ଼ାକୁ ତଳର ଆଡ଼କୁ ଟାଣି ନିଆଯାଇ ଗୁଆକୁ ବାହାର କରାଯାଇଥାଏ—
(a penis) Having the foreskin drawn in
(ଛୋଡ଼ୀ—ସ୍ତ୍ରୀ) ଦେ. ବିଣ. ପୁଂ—ନିର୍ଲଜ୍ଜ; ଭଣ୍ଡ; ଯେ ସବୁବେଳେ ଦାନ୍ତ ଦେଖାଇ ହସୁଥାଏ; ଲେଦେଡ଼ା—
Shameless; addicted to laughing loudly by grinning and loud laughter.

ଛୋଡ଼ାକଶିଆ—ଦେ. ବିଣ—ଛୋଡ଼୍‌କଶି (ଦେଖ)
Chhorḍākaśiā — Chhorḍkaśi (See)

ଛୋଡ଼ାଦାନ୍ତିଆ—ଦେ. ବିଣ. ପୁଂ. (ଅଶ୍ଳୀଳ)—ଯେଉଁ ବ୍ୟକ୍ତିର ଦାନ୍ତ ଉପର ଓଷ୍ଠଦ୍ୱାରା ଆଚ୍ଛାଦିତ ନ ଥାଇ ସର୍ବଦା ବାହାରକୁ ଦେଖାଯାଉଥାଏ—
Chhorḍādāntiā
(ଛୋଡ଼ୀଦାନ୍ତେଇ—ସ୍ତ୍ରୀ)
(a person) Having a prominent row of teeth.

ଛୋଡ଼ିବା—ଗ୍ରା. କ୍ରି. (ଅଶ୍ଳୀଳ ଓ ଇତର)—୧ । କୌଣସି ଅପ୍ରକାଶ୍ୟ ପଦାର୍ଥର ଉପରସ୍ଥ ଆବରଣକୁ ଖୋଲି ଦେବା; ଛୋଲିବା; ନିକୁଟିବା; ଲେଫେଡ଼ିବା—
Chhorḍibā — 1. To lay bare; to exhibit.
(ଯଥା—ଦାନ୍ତ ଛୋଡ଼ିବା=ଅତି ନିର୍ଲଜ୍ଜରୂପେ ଦାନ୍ତକୁ ଦେଖାଇ ହସିବା ।)
୨ । (ଲିଙ୍ଗ ସମ୍ବନ୍ଧେ ଅଶ୍ଳୀଳାର୍ଥକ ବ୍ୟବହାର) ଜନନେନ୍ଦ୍ରିୟର ଗୁଆର ଆଚ୍ଛାଦକ ଚର୍ମକୁ ଲିଙ୍ଗର ମୂଳଆଡ଼କୁ ଟାଣି ନେବା—2. To draw in the foreskin of the penis.
୩ । (ଯୋନି ସମ୍ବନ୍ଧେ ଅଶ୍ଳୀଳାର୍ଥକ ବ୍ୟବହାର) ଯୋନିର ଉଭୟ ପାର୍ଶ୍ୱସ୍ଥ ଚର୍ମକୁ ଅଲଗେଇ ଦେଇ ଯୋନିମୁଖକୁ ମେଲା କରିବା—3. To open the mouth of the vulva by separating the skin on both sides.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଅ	ଉଅ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଂ	ଇଅ	ଡ଼	ନ୍ତ

୪ । (ଗାଳି ଓ ଅବଜ୍ଞାର୍ଥରେ ବ୍ୟବହୃତ) କୌଣସି ବ୍ୟକ୍ତିର ସାମାନ୍ୟ ବା ବିଶେଷ କୌଣସି ପ୍ରକାର ଅନିଷ୍ଟ କରି ପାରିବା—4. To succeed in inflicting any injury on the person (who uses the expression contemptuously in respect of another person with whom the former is in terms of enmity).

[ଦ୍ର—କୌଣସି ବ୍ୟକ୍ତିର ଅନିଷ୍ଟ କରିବାକୁ ଅନ୍ୟ ବ୍ୟକ୍ତି ଚେଷ୍ଟାବେଳେ ପ୍ରଥମ ବ୍ୟକ୍ତି ଉକ୍ତ ଥିବା ବ୍ୟକ୍ତିକୁ ବିଦ୍ରୂପ କରି କହୁଥାଏ; ଯଥା—ତୁ ମୋର ଛୋପଡ଼ା ପକାଇବୁ ପରା ? ଅର୍ଥାତ୍ ତୁ ମୋର କିଛିମାତ୍ର ଅନିଷ୍ଟ କରି ପାରିବୁ ନାହିଁ ।]

ଛୋପଡ଼ା—ଦେ. ବି. ଓ ବିଣ—ଛୋପରା (ଦେଖ)
Chhopar̲d̲ā Chhoparā (See)

ଛୋପରା—ଦେ. ବି—୧ । ଖେଳ; କୌତୁକ—
Chhoparā 1. Tricks; practical joke.
୨ । ବାହାନା କରିବା; ଛଳ—
2. Trickery; feigning; pretence.
୩ । ଥଟ୍ଟା; ପରିହାସ—
3. Jesting; jokes; buffonry.

ଛୋପରା } ସ୍ତ୍ରୀ
ଛୋପରେଇ }
ଦେ. ବିଣ. ପୁଂ—୧ । ଯେ ଖେଳ ଜାଣେ—
1. Given to cutting jokes or making jests.
୨ । ଯେ ବାହାନା କରେ—2. Pretending; feigning sickness on inability.

ଛୋପରା କାଢ଼ିବା—ଦେ. କ୍ରି—୧ । ଖେଳ କରିବା—
Chhoparā kā̲r̲d̲h̲ibā 1. To exhibit tricks to cut practical jokes.
ଛୋପରା ଦେଖାଇବା }
ଛୋପରା ବାହାର କରିବା } ଅନ୍ୟରୂପ ୨ । ଛଳ ବା ବାହାନା କରିବା—2. To feign.
ଛୋପରା ହେବା }

ଛୋବ—ଦେ. ବି. (ସଂ. କ୍ଷୋଭ)—ମୂର୍ଚ୍ଛା—
Chhoba Swoon; fainting; fit.

ଛୋବ ଯିବା—ଦେ. (ହି. ଛୋଭ) କ୍ରି—ମୂର୍ଚ୍ଛା ଯିବା; ଚେତା ହରା-
Chhoba jibā ଇବା; ମୂର୍ଚ୍ଛିତ ହେବା—To swoon; to faint.

ଛୋରା—ଦେ. ବି. (ସଂ. କ୍ଷୁରିକାରୁ)—୧ । ବଡ଼ ଛୁରୀ—
Chhorā 1. A large knife; a dagger; a stilleto.
ଛୋରା ୨ । ଅଗ୍ର ମୁନ ଥିବା ଭୁଷିବାର ଯନ୍ତ୍ର—2, A pointed
ଛୁରା instrument for dealing thrusting wound.
୩ । ଗୋରୁଙ୍କର ଏକପ୍ରକାର ରୋଗ—3. Authrax.

ଛୋଲ୍ଦାରି—ବୈଦେ. (ଇଂ. ସୋଲ୍ଜର=ସୈନିକ; ସୈନିକମାନେ
Chholdāri ଏହାକୁ ବ୍ୟବହାର କରୁଥିବାରୁ)—ଗୋଟିଏ ଜଣା
ଛୋଲଦାରୀ ଜଣେ ମନୁଷ୍ୟର ବ୍ୟବହାରୋପଯୋଗୀ ବାଡ଼ ନଥିବା
ଛୋଲଦାରୀ କ୍ଷୁଦ୍ର ତ୍ରିକୋଣ ତମ୍ବୁ ବା ଖଇଟୀ—A small tent sufficient to shelter one person.

ଛୋଲଙ୍ଗ—ଦେ. ବି. (ସଂ. ମାତୁଲଙ୍ଗ)—ଟାଭା; ମାତୁଲଙ୍ଗ; ବାତାପି
Chholaṅga ଲେମ୍ବୁ; ଚୋପାବହଳଥିବା ବଡ଼ଲେମ୍ବୁ—A kind of
ଛୋଲଙ୍ଗ lemon with a tough and thick rind.
[ଦ୍ର—ଏହାର ଚୋପାତଳେ ବଡ଼ ବଡ଼ ଦାନା ଦାନା ନାଲିଆ ଶୋଷା ଥାଏ, ପାଚିଲେ ସୁସ୍ୱାଦୁ ହୁଏ ।]

ଛୋଲା—ଦେ. ବି—୧ । ବୁଟ—1. Gram (a grain; given to
Chholā horses); vetch; oats.
ଛୋଲା ୨ । ଚଣା—2. The chickpea; Cicer Arietirum.
ଛୋଲା ବିଣ—ଛାଲି ବା ଚୋପା କଢ଼ାଯାଇଥିବା—From which
ଛୋଲାହୁଆ the rind has been removed or scraped; pared.

ଛ୍ୟା—ଦେ. ଅ. (ହେୟ, ଅସୂୟା ଘୃଣାର୍ଥକ)—୧ । ଧିକ୍ !; ଛିଛି !—
Chhyā 1. (interjection) Fie !.
ଛ୍ୟା ୨ । ଛି (ଦେଖ)
ଛି 2. Chhi (See)
(ଛ୍ୟା ଛ୍ୟା—ଅନ୍ୟରୂପ)

ଛ୍ୟୁତ—ସଂ. ବିଣ—ଅସ୍ପୃଶ୍ୟଲୋକ ଛୁଇଁବାଦ୍ୱାରା ଅପବିତ୍ରୀକୃତ—
Chhyūta Contaminated by the touch of an untouchable person.

ଛ୍ୟୁତି—ସଂ. ବି—ଅସ୍ପୃଶ୍ୟ ଲୋକେ ଛୁଇଁ ଦେବାରୁ ଉତ୍ପନ୍ନ ଅପବିତ୍ରତା—
Chhyūti Contamination by the touch of an untouchable person.

ଜ

ଜ—ବର୍ଗ୍ୟ ଜ; ବ୍ୟଞ୍ଜନ ବର୍ଣ୍ଣ ମାଳାର ଅଷ୍ଟମ ଓ ଚ ବର୍ଗର ତୃତୀୟ ବର୍ଣ୍ଣ ।
Ja ଏହା ସ୍ୱଳ୍ପପ୍ରାଣ ଓ ଘୋଷବର୍ଣ୍ଣ । ଏହାର ଉଚ୍ଚାରଣସ୍ଥାନ ତାଳୁ ଏଥିପାଇଁ ଏହା ତାଳବ୍ୟବର୍ଣ୍ଣ । ଗ୍ରାମ୍ୟ ଓ କଥିତ ଭାଷାରେ ଅନ୍ତସ୍ଥ ଯ ଓ ବର୍ଗ୍ୟ ଜ ମଧ୍ୟରେ ପ୍ରଭେଦ ରକ୍ଷା କରାଯାଏ ନାହିଁ—The eighth consonant of the sanscrit and the oria alphabet corresponding to the sound of soft 'G' in 'Germ'.

ସଂ. ବି. (ଜି ଧାତୁ=ଜୟ କରିବା+କର୍ତ୍ତୃ. ଅ)—
୧ । ମୃତ୍ୟୁଞ୍ଜୟ; ଶିବ—1. God Siba.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୨ । ବିଷ୍ଣୁ—2. Bishnu.
୩ । ପିତା ଓ ମାତା—3. Parents.
୪ । ଉତ୍ପତ୍ତି—4. Birth; origin.
୫ । ତେଜଃ—5. Energy.
୬ । ବିଷ—6. Poison.
୭ । ଭୋଗ—7. Enjoyment.
୮ । ବେଗ—8. Force; velocity.
୯ । ଭୋଜନ—9 Eating; meal.
୧୦ । ପିଶାଚ—10. A malignant spirit.
୧୧ । ଛନ୍ଦଃଶାସ୍ତ୍ରୋକ୍ତ ୩ ଅକ୍ଷରବିଶିଷ୍ଟ ଗଣବିଶେଷ—
11. An unit of 3 letters in prosody.
[ଦ୍ର—ଏଥିର ଆଦି ଓ ଅନ୍ତବର୍ତ୍ତୀ ଲଘୁ ଓ ମଧ୍ୟବର୍ତ୍ତୀ ଗୁରୁ; ଯଥା— ରମେଶ, ମହେଶ, ସୁରେଶ ।]

ସଂ. ପ୍ରତ୍ୟୟ (ଜନ ଧାତୁ=ଜନ୍ମିବା+କର୍ତ୍ତୃ. ଅ; ଏହା ଅନ୍ୟ ବିଶେଷ୍ୟ ଶବ୍ଦରେ ଯୁକ୍ତ ହୁଏ ଯଥା—କର୍ମଜ, ଜଳଜ; ଅଣ୍ଡଜ)—ଅମୁକରୁ ଜାତ—(used in composition) Born from; produced in.

य ଦେ. ବି. (ସଂ. ଯବ; ପ୍ରା. ଜଅ)—୧ । ଯବଧାନ୍ୟ—
जौ 1. Barley.
୨ । ଏକ ଇଞ୍ଚର ଚତୁର୍ଥାଂଶ—2. A lineal measure; quarter of an inch.
୩ । (ସାଙ୍କେତିକ) ଜମିଦାର ବା ଜନୋବ—
3. An abbreviation for Jamidar or Janob.

ଗ୍ରା. କ୍ରି. (ଯିବା କ୍ରିୟାର ଅନୁଜ୍ଞା—ଯାଅ)—(ତୁମ୍ଭେ) ଯାଅ—
(you) Go.

ଜଅ—ଦେ. ବି. (ସଂ. ଯବ)—ଯବଧାନ—
Ja-a Barley.
य
जौ

ଜଇ—ଦେ. ବି—ଜୟକୃଷ୍ଣର ଡାକନାମ—
Jai A name for calling Jaikrushna.

ଜଇଁ—ଗ୍ରା. ବି. (ଇତର ବ୍ୟବହୃତ) (ସଂ. ଜାମାତା)—ଜଇଁ; ଜାମାତା—
Jaiñ Son-in-law.
जामाई
जमाइ

ଜଇକୁଷ୍ଟାଁ—ଗ୍ରା. ବି. (ନାମ)—ଜୟକୃଷ୍ଣର ଡାକନାମ—
Jaikushtañ A name for calling Jayakrushna.
(ଜଇକୃଷ୍ଣି; ଜଇକୃଷ୍ଣ—ଅନ୍ୟରୂପ)

ଜଇଜ ବାବା—ପ୍ରାଦେ. (ଯାଜପୁର) ବି. ପୁଂ—ଜେଜେ ବାପା; ପିତାମହ—
Jaija bābā Paternal grand father.
(ଜଇଜ ମା—ସ୍ତ୍ରୀ)

ଜଇତ୍ର—ଦେ. ବି. (ପଦ୍ୟରେ ବ୍ୟବହୃତ)—ଜୈତ୍ର (ଦେଖ)
Jaitra Jaitra (See)

ଜଇତ୍ର ନାମ ରଥେ ବସି
ସୁଭିବେ ଶୋଭେ ରୂପରାଶି । ଜଗନ୍ନାଥ—ଭାଗବତ ।

ଜଇନ—ଦେ. ବି. (ସଂ. ଜୈନ)—ଜୈନ (ଦେଖ)
Jaina Jaina (See)

ଜଇନ୍ତ୍ରା—ଦେ.ବି. (ନାମ)—ଯାଜପୁର ସବ୍‌ଡିଭିଜନରେ ଥିବା ଏକ ଗ୍ରାମ—
Jaintrā Name of a village in Jajpur subdivision of the Cuttack district.
[ଦ୍ର—ଏ ଗ୍ରାମର ପାଣମାନେ ବିଶେଷ ଢୋଲ ଓ ବଜାଇବା କରିବାରୁ ଜଇନ୍ତ୍ରାବାଲା କହିଲେ କଟକ ଜିଲ୍ଲାରେ ବଜାଇତ ବୋଲି ବୁଝାଯାଏ ।]

ଜଇପୁର—ଦେ. ବି. (ନାମ)—ଜୟପୁର (ଦେଖ)
Jaipura Jayapura (See)

ଜଇବାତୃକ—ଦେ. ବି. (ସଂ. ଜୈବାତୃକ)—ଚନ୍ଦ୍ର—
Jaibātṛuka The moon.

ଚଉ ଚନ୍ଦ୍ରଘ ନିକର ଜଇବାତୃକର
ଅଶାସ୍ତ୍ରୀ ଯେମନ୍ତ ଜୀବନ୍ତୀବ । ଅଭିମନ୍ୟୁ- ବିଦଗ୍ଧଚିନ୍ତାମଣି ।

ଜଇଲ—ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଜେଲ୍‌ର ଅଶୁଦ୍ଧ
Jaila ଉଚ୍ଚାରଣ)—ଜେଲ୍‌ଖାନା; କାରାଗାର—
Jail; prison.

ଜଇସଣ୍ଡା—ଦେ. ବି—ଅରଣ୍ୟ କ୍ଷେତ୍ର ତରୁବିଶେଷ—A wild tree
Jaisaṇḍā Litsala Sebifera (Haines).

ଜଉ—ଦେ. ବି. (ସଂ. ଜତୁ)—୧ । ଲାଖ; ଲାଖା—
Jau 1. Shell lac; sealing lac.
ସଂ. ଅଲକ୍ତକ; ଯାବକ ୨ । ଶିମ୍ବ ଲତା ଉପରେ ମାଡ଼ିବା ଏକପ୍ରକାର
जो; जउ କଳାପୋକ—2 A kind of black
लाह; चपरा insect attacking the bean creeper.
ଚେ. ଲକ୍କ

ଜଉଆ—ଦେ. ବି—ଧାନଗଛର ଡେଙ୍ଗାରେ ଜଉଭଳି ସ୍ତର ବସିଯିବା
Jauā ରୋଗ-ବିଶେଷ—A disease affecting the stems
(ଜଉଆମାରିବା—ଅନ୍ୟରୂପ) of Paddy plants.

ଜଉକଣ୍ଠି—ଦେ. ବି. (ସଂ. ଜତୁ+କଣ୍ଠଭୂଷଣ)—୧ । କଣ୍ଠରେ ମାଳା-
Jaukanthi ରୂପେ ପିନ୍ଧାଯିବା ଜଉରେ ତିଆରି ଏକପ୍ରକାର କଣ୍ଠି—
1. Coloured lac-beads used as a string of necklace.
[ଦ୍ର—ଏହା ଖୋଳିଲା ପରି ଲାଲ ଦେଖାଯାଏ ଓ କମ୍ ଦାମ ହେବାରୁ ଇତର ଲୋକେ ଏହା ବ୍ୟବହାର କରନ୍ତି ।]
୨ । ଜଉକଣ୍ଠିର ମାଳା—
2. A string of shell-lac beads.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଯ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଓ	ନ୍ତ

ଜଉଗଡ଼—ଦେ. ବି—ଗଞ୍ଜାମ ଜିଲା ଅନ୍ତର୍ଗତ ଗୋଟିଏ ପ୍ରାଚୀନ ଦୁର୍ଗ—
Jaugarda Name of an ancient fort in Ganjam district.

[ଦ୍ର—ଏ ଗଡ଼ ଗଞ୍ଜାମ ଜିଲା ପୁରୁଷୋତ୍ତମଠାରୁ ୩ ମାଇଲ ଦୂରରେ ଅବସ୍ଥିତ । ଏଠାରେ ଅଶୋକଙ୍କର ଶିଳାଲିପି ବିଦ୍ୟମାନ ଅଛି ।

"କେବଳ ଜଉରେ ଏ ଗଡ଼ର ପାଚେରି ତିଆରି ହୋଇଥିବାରୁ ନାମ ଜଉଗଡ଼ ହୋଇଥିଲା । ଏହା କଳିଙ୍ଗର ରାଜଧାନୀ ଥିଲା—କୃପାସିନ୍ଧୁ. ଇତିହାସ ।]

ଜଉଘର—ଦେ. ବି. (ସଂ. ଜତୁଗୃହ)—ପାଣ୍ଡବମାନଙ୍କୁ ପୋଡ଼ି ପକାଇବାକୁ
Jaughara କଳ୍ପନା କରି ଦୁର୍ଯ୍ୟୋଧନ ନିର୍ମାଣ କରାଇଥିବା ଜତୁଗୃହ· A house made of inflammable materials smeared with lac by setting which on fire Durjyodhana intended to kill the Pāṇḍabas.

ଜଉଘରା—ଦେ. ବି—ଜଉପୋକ ବା ଭ୍ରମର କରିଥିବା ବସା—
Jaugharā A nest of a kind of wasp, the materials of which resemble shell-lac.

ଜଉ ଟିଙ୍କ—ଦେ. ବି—ଏକ ପ୍ରକାର ଟିଙ୍କ—
Jau ṭṇika A kind of lice.

ଜଉତିଷ—ଗ୍ରା. (ଇତର) ବି. (ସଂ. ଜ୍ୟୋତିଷ)—
Jautisha ୧ । ଫଳିତ ଜ୍ୟୋତିଷଶାସ୍ତ୍ର—
জোতিষ ·· 1. Astrology.

୨ । ଫଳିତ ଜ୍ୟୋତିଷ ଶାସ୍ତ୍ର ଅନୁଶୀଳନ କରିବା ଜାତି-ବିଶେଷ—2. A cast whose profession is astrology.

ଦେ. ଗୁଣ—ଜ୍ୟୋତିଷଶାସ୍ତ୍ରବେତ୍ତା—Astrologer.

ଜଉତିଷ ନାୟକ—ଦେ. ବି. (ସଂ. ଜ୍ୟୋତିଷ ଓ ନାୟକରୁ)—
Jautisha nāyaka ଖଣ୍ଡାୟତ ନାୟକ ଜାତି, ଏମାନେ ଜ୍ୟୋତିଷ
(ଜଉତିଷ ନାହାକ—ଅନ୍ୟରୂପ) ଗଣନାଦ୍ୱାରା ଜୀବିକା ନିର୍ବାହ କରନ୍ତି—A sect of astrologers by caste.

ଜଉତୁକ—ଦେ. ବି. (ସଂ. ଯୌତୁକ)—ଯୌତୁକ (ଦେଖ)
Jautuka Jautuka (See)

ଜଉପୋକ—ଦେ. ବି. (ସଂ. ଜତୁ)—
Jaupoka ୧ । ଲାକ୍ଷାକୀଟ—1. Shell lac insects;
জউপোকা Tachardia Lacca.
लाक्षका कीड़ा [ଦ୍ର—ଏହି ପତଙ୍ଗ ପଳାଶ, ଅଶ୍ୱତ୍ଥ, କୁସୁମ, ଶାଳ, ବରକୋଳି ପ୍ରଭୃତି ଗଛର ଡାଳରେ ରହି ସେଥିର ରସ ଖାଇ ବଞ୍ଚନ୍ତି । ଏମାନଙ୍କ ପେଟରୁ ଏକ ପ୍ରକାର ରକ୍ତବର୍ଣ୍ଣ କୀଟ ବାହାରନ୍ତି ଓ ଉକ୍ତ ଗଛର ଡାଳରେ ସେ ପୋକମାନେ ସ୍ଥିର ହୋଇଯାନ୍ତି ଓ ପୋକ ମରି ଗଲାରୁ ସେହି ଡାଳମାନ ଆଣି ତାକୁ ସିଝାଇଲେ ତହିଁରୁ ଲାଖ ବା ଜଉ ବାହାରେ ।]

୨ । ଏକ ପ୍ରକାର ଭ୍ରମର, ସେମାନେ ଜଉ ପରି ପଦାର୍ଥରେ ବସା ନିର୍ମାଣ କରନ୍ତି—2. A kind of insect building there nests with materials looking like lac.

ଜଉବିଡମାଳ—ଦେ. ବି—ଜତୁନିର୍ମିତ ଗୋଲିମାନଙ୍କରେ ଗୁନ୍ଥା ହୋଇ
Jaubidamāḷa ଥିବା ହାର—A string of coloured lac-beads.

ଜଉମୁଦ—ଦେ. ବି. (ସଂ. ଜତୁ ଓ ମୁଦ୍ରା)—ପତ୍ରାଦି ବନ୍ଦ କରି ତାହା
Jaumuda ଉପରେ ଲାଖ ଦିଆଯାଇ ତହିଁ ଉପରେ ବସାଯିବା
লাখের মোহর ମୋହର—Sealing letters etc with lac;
लाखकामुहर wax seal.
(ଜଉମୋହର—ଅନ୍ୟରୂପ)

ଜଉଶାଳ—ଦେ. ବି. (ସଂ. ଜତୁଶାଳା)—
Jauśāḷa ୧ । ଜଉଘର (ଦେଖ)
1. Jaughara (See)

୨ । (ଲକ୍ଷଣାର୍ଥ) ଯେଉଁ ଘରେ ବିଶେଷ ଗ୍ରୀଷ୍ମ ଅନୁଭୂତ ହୁଏ
2. (figurative) A house in which much heat is felt.
(ଯଥା—ସେ ଘରଟା ଜଉଶାଳ ହୋଇଛି ।)

୩ । ଚିତ୍ର ଉପରେ ଜଉର ପତଳା ସ୍ତର ବୋଳି ତହିଁ ଉପରେ ଉଷ୍ଣ ଚଟୁର ଆଞ୍ଚ ଦେଖାଇ ତରଳ ଜଉ ସବୁଆଡ଼େ ବ୍ୟାପିଲା ପରେ ଜଉକୁ ପୋଛି ଚିତ୍ରର ଝଲ ବାହାର କରିବା—3. Annointing a painting with a layer of lac and bringing out its sheen by applying in direct heat to it by holding a hot laddle near it.

ଜଏ—ଗ୍ରା. ବି. (ସଂ. ଜୟ)—ଜୟ (ଦେଖ)
Jae Jaya (See)

ଜଏଣ୍ଟ ମାଜିଷ୍ଟ୍ରେଟ୍—ବୈଦେ. ବି. (ଇଂ ଜଏଣ୍ଟ ମାଜିଷ୍ଟ୍ରେଟ୍)—ଇଂରାଜ
Jaeṇṭ mājishṭret ଶାସିତ ଜିଲା ମାଜିଷ୍ଟ୍ରେଟଙ୍କ ସହକାରୀ
জএন্ট মাজিষ্ট্রেট ମାଜିଷ୍ଟ୍ରେଟ—
ज्वाइंट मेजेष्टर Joint Magistrate.

[ଦ୍ର—ଇଂରାଜୀ ଜଏଣ୍ଟ (ସହଯୁକ୍ତ) ଶବ୍ଦ ପୂର୍ବରେ ଲାଗିଥିବା ଅନେକ ଶବ୍ଦ ଓଡ଼ିଆରେ ସମୟେ ସମୟେ ବ୍ୟବହୃତ ହେବାର ଦେଖାଯାଏ, ଯଥା—ଜଏଣ୍ଟ ଇନ୍‌ସପେକ୍ଟର୍, ଜଏଣ୍ଟ ଫାମିଲି, ଜଏଣ୍ଟ ଷ୍ଟକ୍ କମ୍ପାନୀ ।]

ଜଏଣ୍ଟଷ୍ଟକ୍‌କମ୍ପାନୀ—ବୈଦେ. ବି. (ଇଂ)—ଯେଉଁ ବ୍ୟବସାୟ ସଙ୍ଘ ବହୁ
Jaeṇt sṭak kampāni ସଂଖ୍ୟକ ମେମ୍ବରମାନଙ୍କ ପ୍ରଦତ୍ତ ଧନ
জএন্ট ষ্টাক্ কম্পানী (ସେଆର)ମୂଳ ଧନରେ ଗଠିତ ଓ ଯହିଁର ସେୟାରୁ
ज्वाइंट स्टाक कम्पानी (ଅଂଶ)ମାନ ସମସ୍ତ ଅଂଶୀଦାରମାନଙ୍କ ସମ୍ମତି ବିନା ହସ୍ତାନ୍ତରିତ କରାଯାଇ ପାରେ—A species of

ସାଧାରଣ ଲୋକେ ଅପର ପୃଷ୍ଠାରେ ସଢ଼ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; ଅଗିଁା ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

partnership causing generally of a large member of members having a capital divided or agreed to be divided into shares, the shares owned by any member being usually transferable without the consent of therest; Joint stock company.

ଜଏନ୍ କରିବା—ବୈଦେ. କ୍ରି.—(ଇଂ. Join)—୧ । ନିଯୁକ୍ତ ହୋଇଥିବା କାର୍ଯ୍ୟରେ ଯୋଗ ଦେବା—
Jaen kariba
जएनकरा 1. To join in a post.
जाइन करना ୨ । ଦୁଇ ବସ୍ତୁକୁ ସଂଲଗ୍ନ ବା ସଂଯୁକ୍ତ କରିବା—
2. To join two things

ଜଏନିଙ୍ଗ୍ ରିପୋର୍ଟ୍—ବୈଦେ. ବି. (ଇଂ)—କୌଣସି କର୍ମଚାରୀ ନିଜ କର୍ମରେ ଯୋଗ ଦେଇ ଉପରସ୍ଥ ହାକିମଙ୍କୁ ଯୋଗଦେବା ବିଷୟରେ କରିବା ରିପୋର୍ଟ୍—
Jaening ripot
जएनिंग रिपोर्ट
ज्ञाइनिङ्ग रिपोट Joining report.

ଜଏଲ୍—ବୈଦେ. ପ୍ରାଦେ. (ଗଞ୍ଜାମ) ବି. (ଇଂ. ଜେଲ)—ଜେଲଖାନା—
Jael Jail.

ଜଏସନ୍—ବୈଦେ. ବି (ଫା· ଜୋଶନ)—(ମୁସଲମାନ ସ୍ତ୍ରୀଲୋକମାନଙ୍କ ବ୍ୟବହୃତ) ବାଜୁବନ୍ଧ—
Jaesan
जोसन Armlet.
जोषन

ଜଂକ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜଳୌକା)—ଜୋକ—
Jamka Leech.

ଜଂଖ—ଦେ. ବି. (ସଂ. ଯକ୍ଷ)—ଯଖ (ଦେଖ)
Jamkha Jakha (See)

ଜଂଜରଲା—ପ୍ରାଦେ. (ସମ୍ବଲପୁର) ବି.—ଇକ୍ଷୁଜାତୀୟ ଦୀର୍ଘ ପତ୍ର ଓ ଉଚ୍ଚ କାଣ୍ଡ ଫଳବାନ୍ ବୃକ୍ଷବିଶେଷ—A kind of reed
Jamjarla like fruit bearing plant.

ଜକ୍—ପ୍ରାଦେ. (ସମ୍ବଲପୁର) ବି. (ଜଳୌକା)—ଜୋକ—
Jak Leech.

ଜକ୍‌ରିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧ । ଚାହିଁ ରହିବା—
Jakriba 1. To wait eagerly.
୨ । ଜିଗର କରିବା—2. To insist.
୩ । ଲାଗି ପଡ଼ି ଋଣ ବା ଅପଣା ପ୍ରାପ୍ୟ ଅନ୍ୟଠାରୁ ଅସୁଲ କରିବା—3. To realise one's dues from debtors with persevearance.

ଜକ୍‌ଜକ୍—ଦେ. ବିଣ. ଓ କ୍ରି. ବିଣ (ସଂ. ଚକ ଚକ)—୧ । ଚକଚକିଆ;
Jakjak ଉଜ୍ଜ୍ୱଳ—1. Dazzling; bright; shining
जक्‌जक्, जिक्‌जिक् brilliant; glittering.
झकाझक्, झल्‌झल्. ରତନ କୋଳରେ ସେ ହେଉଛନ୍ତି ଜକ ଜକ ।
କୃଷ୍ଣସିଂ. ମହାଭାରତ. ଅଦି ।
ଚିକ୍କଣ; ତୈଳାକ୍ତ—2. Oily; smooth; glossy.

ଜକ—ଦେ. ବି—୧ । କୌଣସି ପଦାର୍ଥରେ ବା ଭୂମିରେ ଆର୍ଦ୍ରଭାବ;
Jaka ସନ୍ତସନ୍ତିଆ ଅବସ୍ଥା—1. Presence of water
जिक् in a thing or in the soil; moisture;
सील humidity.
ଶୂନ୍ୟ ଜଳ ବରଷୁଛି ନାହିଁ ଜକ ଓଦ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
୨ । (ସଂ. ଚାକଚକ୍ୟ) ଦୀପ୍ତି; ତେଜ; ଆଭା—
2. Brilliance; gloss.
ସୂର୍ଯ୍ୟ ପରି ଏ ଯୋଗରୁ ଗଢ଼ିଛନ୍ତି ଜକ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।
जँक ୩ । (ସଂ. ଯକ୍ଷ) ରାତିରେ ଏଣେ ତେଣେ ଜକ ଜକ ହୋଇ
जक्ष ବୁଲି ଚୁଲି କରୁଥିବା ସଜୀବ ପୋତା ଧନ—
3. A luminious moving body said to be evolved from long hoarded or hidden gold or treasure and roving at the site at dead of night.

[ଦ୍ର—ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ, ସୁନା ଆଦି ଧନ ବହୁକାଳ ପୋତା ହୋଇ ରହିଲେ ତାହା ଜୀବ ପାଲଟିଯାଇ ଏଣେ ତେଣେ ବୁଲେ ଓ ତାକୁ ଓର ଦେଖି କେହି ତା ଉପରେ ହଳଦୀ ପାଣି ଢାଳିବାଦ୍ୱାରା ତାକୁ ମାରି ପକାଇଲେ, ସେ ଜୀବଟି ପୁଣି ସୁନା ପାଲଟି ଯାଏ ଏବଂ ଏ ସମସ୍ତ ସମୟରେ ମଧ୍ୟ ତାହା ଅଗ୍ନି ଥିବା ଚୁଲିରେ ପଶିଯାଇ ସୁନା ପାଲଟିଯାଏ । ଏହି ପରି ସୁନା ସଂଗ୍ରହ କରି ଯେ ଲୋକ ତାକୁ ନିଜ ସ୍ୱାର୍ଥ ସାଧନରେ ଲଗାଏ ତାହାର କୁଳ ଧ୍ୱଂସ ହୋଇଯାଏ ।]

୪ । ଗୁପ୍ତ ସୁନା—4. Hidden gold or treasure.
ଦେ. ବି—୧ । କୃପଣ—1. Miserly; close fisted.
जँक ୨ । କୁବେରଙ୍କ ପରି ଧନୀ—
जक 1. Immensely rich like Kubera the God of Wealth.

ଜକଜକିଆ—ଦେ. ବିଣ—୧ । ଉଜ୍ଜ୍ୱଳ—
Jakajakia 1. Shining; brillient.
जिकजिके, जकजके ୨ । ଚିକ୍କଣ; ତୈଳାକ୍ତ—2. Oily.
झकाझक, जगमग, जगजगा ୨ । ଜକଲିଆ (ଦେଖ)
2 Jakalia (See)

ଜକଡ଼ିବା—ଗ୍ରା. କ୍ରି. (ସଂ. ଯୁକ୍ତ କରଣ; ଶୃଙ୍ଖଳ)—
Jakardiba ୧ । ଭିଜା ହୋଇଥିବା ପଦାର୍ଥ ସାନ୍ଦ୍ର ହେବା;
जकड़ना କଠିନ ହେବା—1. To be tight.
୨ । ଜାବୁଡ଼ି କରି ଧରିବା—
2. To hold tightly.

ଜକ ମାରିବା—ଦେ. କ୍ରି—୧ । ବାହାରେ ବୁଲୁଥିବା 'ଜକ' ଉପରେ
Jaka mariba ହଳଦୀ ପାଣି ଆଦି ଅଜାଡ଼ି ଦେଇ ତାକୁ
जँकमारा ପୁଣି ସୁନାରେ ପରିଣତ କରିବା—
जकमारना 1. To turn a living or moving rib of gold into actual gold by pouring turmeric water over it.

୧	ଇ	ଜ	ଋ,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇୟ	ଉଅ	ଢ
୨	ଈ	ଉ	ଋ	ଌ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଦ

୨ । (ଲକ୍ଷଣାର୍ଥ) ଗୁପ୍ତ ବା ପୋତା ଧନ ପାଇଯିବା—
2. (figurative) To get a buried hoard of wealth.

ବଢ଼େଇ ଖାଇଛ ଗରବ ଦେଖ
ବାଲ୍ଡ ପହାଡ଼ରେ ମାରିଛ ଜଖ—ଉଗ ।

ଜକଗ୍ର—ପ୍ରାଦେ. (ଗଡ଼ଜାତ) ବି—ଝର—
Jakarā — A spring.

ଜକଲ ମାଡିବା—ପ୍ରାଦେ. (ଗଞ୍ଜାମ) —ଜଳାର୍ଦ୍ର କରିବା; ଓଦା ହେବା—
Jakalā mātibā — Becoming wet.

ଭୂମିରୁ ପାଣି ବହୁ ମାଡଇ ଜକଲା । କୃଷ୍ଣସିଂହ. ମହାଭାରତ. ବନ ।

ଜକଲିଆ—ପ୍ରାଦେ. (ଗଡ଼ଜାତ) ବିଣ—ସନ୍ତସନ୍ତିଆ (ଭୂମି)—
Jakaliā — Damp (land); moist.
(ଜକଲ୍ଲ—ଅନ୍ୟରୂପ)

ଜକା—ଦେ. ବି—ଜାକିବା; କୌଣସି ପଦାର୍ଥକୁ ଅନ୍ୟ ବସ୍ତୁ ମଧ୍ୟରେ
Jakā — ଘୋଡ଼ାଇ କରି ରଖିବା—Putting of a thing concealed inside another thing.
(ଯଥା—ବନ୍ଧୁ ସମସ୍ତ ଯାଏ ବଳରେ ପାନ ଜକା ହେଲେ ଦାନ୍ତ ପକ୍ଷରେ ଅନିଷ୍ଟକର ।)

ବିଣ—୧ । ଯେ କୌଣସି ପଦାର୍ଥକୁ ଜାକି କରି ରଖେ—
1. (a person) Who put a thing concealed within another thing.

୨ । (ସ୍ତ୍ରୀ. ଯକ୍ଷ) କୃପଣ—
2. Miserly; close-fisted.

୩ । ଯେ ଧନ ଅଧିକ ସଞ୍ଚୟ କରି ରଖେ—3, Hoarding.

୪ । ଅନ୍ୟ ବସ୍ତୁ ମଧ୍ୟରେ ଲୁକ୍କାୟିତ—4. Concealed.
(ଯଥା—କୋଡ଼ଜକା ପିଲାଟାକୁ କାହିଁକି ଧରି ଅଣିଲୁ କହ ?)

୫ । ଗୋପନରେ ସଞ୍ଚିତ (ଧନ)—
5. Secretly hoarded (wealth).

ଜକାଇବା—ଦେ. କ୍ରି—୧ । ଜାକିବା କ୍ରିୟାର ଣିଜନ୍ତ ରୂପ—
Jakāibā — 1. Causative form of Jākibā.
(ଜକେଇବା—ଅନ୍ୟରୂପ) ୨ । (ଭୂମି) ଜଳାର୍ଦ୍ର ହେବା; ସନ୍ତାଇବା—
2. To become wet or sloppy.

ଜକାଜକି—ଦେ. ବି—୧ । ଅଳ୍ପସ୍ଥାନରେ ବହୁଲୋକ ବା ଦ୍ରବ୍ୟ
Jakājaki — ଭିଡ଼ାଭିଡ଼ି ହୋଇ ରହିବା—1. Getting too close owing to inadequate space; being huddled up.

୨ । ପରସ୍ପର ଗାଢ଼ାଲିଙ୍ଗନ—2. Mutual embrace; hugging; pressing each other to the bosom.

ଜମ୍ବୁନଦ ଧରାଧର ପୟୋଧରକୁ
ଜକାଜକି କରିଛୁକି ଧୂରିବସ । ଲବଣ୍ୟବତୀ. ଉପେନ୍ଦ୍ରଭଞ୍ଜ ।

ବିଣ—୧ । ଠେଲାଠେଲି; ପେଲାପେଲି—1. Pressing upon one another; pushing each other into a small place, contracted into a small place.

୨ । ଖୁବ୍ ଭିଡ଼ ବା ଗହଳ ହୋଇଥିବା—2 Crowded.

୩ । ଘନ—3. Dense.

ଜକାତ୍—ବୈଦେ. ବି. (ଅ)—୧ । ମୁସଲମାନଙ୍କ ବାର୍ଷିକ ଆୟରୁ
Jakāt — ହଜାରକେ ୨୫୧ ଟଙ୍କା ହିସାବରେ ଈଶ୍ୱରୋପାସନା ଓ
जकात् — ଦାନ ପାଇଁ ଉତ୍ସର୍ଗୀକୃତ ଧନ—1. An amount of
जकात — Rs 25/– per Rs 1000/–, set apart out of a Mahomedan's annual income for the worship of God and for charity.

୨ । ଖଇରାତ୍; ଦାନ—2. Charity.

ଜକି—ବୈଦେ. ବି. (ଇଂ. ଜକ୍କି)—ଘୋଡ଼ା ଦଉଡ଼ କରିବା ସବାର;
Jaki — ଘୋଡ଼ସବାର—Jockey.
जकी
जकी

ଜକୁଟ—ସଂ. ବି—୧ । ମଳୟ ପର୍ବତ—
Jakuta — 1. The Malaya mountains.

୨ । କୁକୁର—2. Dog.

୩ । ବାଇଗଣ ଫୁଲ—3. The flower of brinjal plant.

ଜକ୍କି—ଦେ. ବି—ଏକପ୍ରକାର ଛୋଟ ବୁଲ୍‌ବୁଲ୍ ପକ୍ଷୀ—
Jakki — A kind of small Bulbul bird.
जक्की [ଦ୍ର—ଏମାନେ ସାଧାରଣ ବୁଲ୍‌ବୁଲ୍ ଅପେକ୍ଷା ଆକାରରେ ଛୋଟ । ଶୀତଦିନେ ଏମାନେ ଭାରତବର୍ଷର ସମତଳ ପ୍ରଦେଶମାନଙ୍କରେ ଦେଖାଯାଆନ୍ତି ଓ ଗ୍ରୀଷ୍ମଦିନେ ହିମାଳୟ ଅଞ୍ଚଳକୁ ଚାଲିଯାଆନ୍ତି—ହି. ଶବ୍ଦସାଗର ।]

ଜକ୍ଷ (ଧାତୁ)—ସଂ—୧ । ଭକ୍ଷଣ କରିବା—
Jaksha (root) — 1. To eat; to devour.

୨ । ହସିବା (ଯୋଗେଶ୍ଚନ୍ଦ୍ର)—2. To laugh.

ଜକ୍ଷଣ—ସଂ. ବି. (ଜକ୍ଷ୍ ଧାତୁ + ଭାବ ଅନ)—ଭୋଜନ—
Jakshana — Act of eating.

ଜକ୍ଷ୍ମ—ସଂ. ବି. (ଜକ୍ଷ୍ ଧାତୁ + କର୍ତ୍ତୃ. ମ)—ଯକ୍ଷ୍ମା; କ୍ଷୟକାଶ ରୋଗ—
Jakshma — Consumption; phthisis.

ଜକ୍ଷ୍ମା—ସଂ. ବି. (ଜକ୍ଷ୍ ଧାତୁ + କର୍ତ୍ତୃ. ମନ୍; ୧ମା. ୧ବ.)—
Jakshmā — ଜକ୍ଷ୍ମ (ଦେଖ)
Jakshma (See)

ଜଖ—ଦେ. ବି. (ସଂ. ଯକ୍ଷ)—ଜକା ୩, ୪ (ଦେଖ)
Jakha — Jaka 3, 4 (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜଖମ—ବୈଦେ. ବି. (ଫା. ଜଖ୍‌ମ୍)—୧ । ଚୋଟ; ଅଘାତ—
Jakhama 1. Hurt.
ଜଖମ ୨ । କ୍ଷତ—2. Wound.
जखम ୩ । ଘାଅ—3. Ulcer; Trauma.
୪ । ଶରୀରର ବେଦନା—4. Aching in the body.
୫ । ଅଘାତଜନିତ ଶରୀରର ଅଙ୍ଗପ୍ରତ୍ୟଙ୍ଗର ଦୋଷ—
5. Defect of a limb due to hurt.
୬ । ଅଘାତଚିହ୍ନ; ଦାଗ—
6. Mark of wound or hurt; scar.
୭ । ଦ୍ରବ୍ୟରେ ଥିବା ଦୋଷ—7. A defect in a thing
ବିଣ—୧ । ଅଘାତପ୍ରାପ୍ତ—1. Hurt; injured.

ଆଉ ଘୋଡ଼ାଏ କାହାର ଉପରେ ପଡ଼ିଗଲେ ବୁଝ କାହାର ଜଖମ ହୋଇଯାଏ ।
ଫକୀରମୋହନ• ଗଳ୍ପସ୍ୱଳ୍ପ ।

୨ । ଆହତ; କ୍ଷତ—2. Wounded.
୩ । ଭଗ୍ନ—3. Broken.
୪ । ଦୋଷଯୁକ୍ତ—4. Defective.

ଜଖମା—ଦେ. ବି. (ସଂ. ଜକ୍ଷ୍ମା)—୧ । ଯକ୍ଷ୍ମା (ଦେଖ)
Jakhamā 1. Jakshmā (See)
୨ । ଜଖମ ୫ (ଦେଖ)
2. Jakhama 5 (See)

ବୈଦେ. ବିଣ—ଜଖମି (ଦେଖ)
Jakhami (See)

ଜଖମି—ବୈଦେ. ବିଣ. (ଫା. ଜଖ୍ମୀ) (କଟେଇଅଭିଧା)—
Jakhami ୧ । ଆହତ; ଘାଇଲା—1. Wounded; hurt.
୨ । ଭଗ୍ନ; ଭଙ୍ଗା (ପଦାର୍ଥ)—2. Broken (article).
ବି—ଆହତ ବ୍ୟକ୍ତି—Wounded person.

ଜଖା—ପ୍ରାଦେ. (ସମ୍ବଲପୁର) ବିଣ—୧ । ଅଡ଼ବାଯ୍ଯା—
Jakhā 1. Cracked; half-deranged
୨ । (ସଂ. କ୍ଷୟ) କୃପଣ; କଞ୍ଜୁସ—
2. Miserly; close-fisted.

ଜଗ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜଗତ୍; ଭୁଲ ହି. ଜଗ୍)—
Jag ୧ । ଜଗତ୍; ପୃଥିବୀ—1. The world.
जग् ବୈଦେ. ବି. (ଇଂ)—୨ । ଜଳପାତ୍ର; ଜଳଘଟି—
जग 2. Water jug.

ଜଗ୍‌ଜଗା—ଦେ. ବି. (ସଂ. ଖଣ୍ଡଚକ୍ର)—ପିତଳଆଦିର ଅତି ସରୁ ଓ
Jagjagā ସାନ ପାତଅ; ପନ୍ନ—Spangle; bits of very thin
जक्जका metal.
जगजगा [ଦ୍ର—ଏଥିର ଲମ୍ବ ଓ ଗୋଲ ଟୁକୁରମାନ କାଚ ଚାକଥ ଓ ଦେବୀ ମେଢ଼ ଉପରେ ମଡ଼ାଯାଏ ।]

ଜଗ—ଗ୍ରା. (ପ୍ରାଚୀନ) ବି. (ସଂ. ଜଗତ୍; ପ୍ରା. ଜଗ୍ଗ; ଜଗ)—
Jaga ୧ । ବ୍ରହ୍ମାଣ୍ଡ; ସଂସାର; ବିଶ୍ୱ—
जग 1. The world; the universe.
जग

ନିଜ ଜଗ ମୋହୁଛି ଯେ ଅଛନ୍ତି ସର୍ବ ବାଗୀ ।
ପ୍ରାଚୀ• ରହସ୍ୟମଞ୍ଜରୀ ।

୨ । ଜଗନ୍ନାଥ, ଜଗବନ୍ଧୁଆଦି ନାମର ବ୍ୟକ୍ତିଙ୍କ ଡାକନାମ—
2. The name by which people named Jagabandhu, Jagannātha etc are called.
[ଏହା ମଧ୍ୟ ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ଯଥା—ଜଗବନ୍ଧୁ, ଜଗମୋହନ ଜଗପତି;]

ଜଗଚ୍ଚକ୍ଷୁଃ—ସଂ. ବି. (୬ଷ୍ଠୀ ତତ୍; ଜଗତ୍ + ଚକ୍ଷୁଃ)—୧ । ସୂର୍ଯ୍ୟ—
Jagachchakshuḥ 1. The sun.
୨ । ଈଶ୍ୱର—2. God.

ଜଗଜନ—ଗ୍ରା. (ପ୍ରାଚୀନ) ବି. (ସଂ. ଜଗଜ୍ଜନ)—ପୃଥିବୀର ସମସ୍ତ ଲୋକ—
Jagajana The inhabitants of the world.
जगजन
जगजन

ଜଗଜିଣା—ଗ୍ରା. (ପ୍ରାଚୀନ) ବିଣ. (ସଂ. ଜଗଜ୍ଜେତା)—ଯେ ଜଗତକୁ ଜୟ
Jagajiṇā କରି ପାରେ—One who can vanquish the whole world; victorious over the world.
ବି.—ଜଗତକୁ ଜୟ କରିବା—Vanquishing the whole world; victory over the whole world.

ଜଗଜିତା—ଗ୍ରା. (ପ୍ରାଚୀନ) ବିଣ (ସଂ. ଜଗଜ୍ଜେତା)—
Jagajitā ଜଗଜିଣା (ଦେଖ)
Jagajiṇā (See)

ସାଥିଜନଙ୍କ ହିଅ ଜଗଜିତା,
ହୁଲେଇ ବଅନ୍ତି ବୀପ ମଲକନ୍ତି, ଦେଖେଇ ବଅନ୍ତି ବାହାତତା—ଗୀ ।

ବି.—ଯେଉଁ ଲୋକ ଜଗତକୁ ଜିଣି ପାରେ—The man who can vanquish the whole creation.

ଜଗଜୀବନ—ଗ୍ରା. (ପ୍ରାଚୀନ) ବି. (ସଂ. ଜଗଜ୍ଜୀବନ)—(ପୃଥିବୀର ପ୍ରାଣ
Jagajībana ସ୍ୱରୂପ) ଈଶ୍ୱର—(The life or pervading spirit of the universe.)

ଜଗଜେଠି—ଗ୍ରା. (ପ୍ରାଚୀନ)—(ସଂ. ଜଗଜ୍ଜ୍ୟେଷ୍ଠ)—୧ । ଜଗତର ସର୍ବ-
Jagajeṭhi ପ୍ରଧାନ ବ୍ୟକ୍ତି—1. The chief being in the world.
୨ । ବୀର—2 Hero.

ଜଗଜ୍ଜନ—ସଂ. ବି. (୬ଷ୍ଠୀ ତତ୍; ଜଗତ୍ + ଜନ)—ଜଗତର ଲୋକେ—
Jagajjana The inhabitants of the whole world.

ଜଗଜ୍ଜନନୀ—ସଂ. ବି. ସ୍ତ୍ରୀ. (ଜଗତ୍ + ଜନନୀ—୬ଷ୍ଠୀ ତତ୍;)—ଜଗଦମ୍ବା;
Jagajjananī ପୃଥିବୀର ମାତାରୂପା ଦୁର୍ଗା; କାଳୀ—Goddess Kāḷī, the Mother of the Universe.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଡଅ	ଣ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ଁୟ	ଇଅ	ଡ଼	ନ୍

ଜଗଜ୍ଜୟୀ—ସ. ବିଣ. ପୁଂ (ଜଗତ୍+ଜୟୀ—ତ୍ରିଭୁବନ ଜୟକାରୀ; ଚକ୍ର-
Jagajjayī ବର୍ତ୍ତୀ—Conquering the whole world.

ଜଗଜ୍ଜିତା—ଦେ. ବିଣ. ଓ ବି—ଜଗଜ୍ଜିତା (ଦେଖ)
Jagajjitā Jagajitā (See)

ଜଗଜ୍ଜୀବନ—ସ. ବି (ଜଗତ୍+ଜୀବନ) (ଷଷ୍ଠୀତତ୍; ଜଗତ୍+ଜୀବନ)
Jagajjībana ଜଗଜ୍ଜୀବନ (ଦେଖ)
Jagajībana (See)

ଜଗଜ୍ଜେଠି—ଦେ. ବିଣ—ଜଗଜେଠି (ଦେଖ)
Jagajjeṭhi Jagajeṭhi (See)

ଜଗଜ୍ଜେତା—ସ. ବି. ପୁଂ—(ଜଗତ୍+ଜେତା)—ଜଗଜ୍ଜିତା (ଦେଖ)
Jagajjetā Jagajitā (See)

ଜଗଜ୍ଜ୍ୟେଷ୍ଠ—ସ. ବିଣ (ଜଗତ୍+ଜ୍ୟେଷ୍ଠ)——ଜଗଜେଠି (ଦେଖ)
Jagajjyeshṭha Jagajeṭhi (See)

ଜଗଝମ୍ପ—ଦେ. ବି. (ସ. ଜଗଝମ୍ପ=ତାଲବିଶେଷ) ଯୋଗେଶଚନ୍ଦ୍ର;
Jagajhampa ସ. ଜଗଝମ୍ପ=ବାଦ୍ୟ ବିଶେଷ. ହି. ଶବ୍ଦସାଗର)—
জগঝম্প ମାଟିର ଏକମୁହାଁ ଆନଦ୍ଧ ବାଦ୍ୟ; ଏକ ପ୍ରକାର ବଡ଼ ଢୋଲ;
जगझम्प ପ୍ରାଚୀନ ରଣବାଦ୍ୟ—A large kettle-drum.

ଜଗଝମ୍ପା, ଜଗଝାମ୍ପ }—ଅନ୍ୟରୂପ
ଜଗଝମ୍ପ, ଝରଝର, ଦାମାମା ଦୁନ୍ଦୁଭି ।
ରଘୁନାଥ. ମହାଯାତ୍ରା ।

ଜଗଡ଼ଝାମ୍ପ—ପ୍ରାଦେ. (ଯାଜପୁର) ବି.—ଜଗଝମ୍ପ (ଦେଖ)
Jagaṛḍajhāmpa Jagajhampa (See)

ଜଗଡ଼ମ୍ବୁର—ପ୍ରାଦେ. (ମେଦନୀପୁର) ବି (ସ. ଯଜ୍ଞୋଡୁମ୍ବର)—ଯଜ୍ଞଡୁମ୍ବର
Jagaṛḍambur A species of fig tree.
(ଜଗଡ଼ୋମ୍ବୁର—ଅନ୍ୟରୂପ)

ଜଗଡ଼ା—ପ୍ରାଦେ. (ସମ୍ବଲପୁର) ବି. (ସ. ଜଞ୍ଜାଳ)—ମଇଳା; ଆବର୍ଜନା—
Jagaṛḍā Sweepings; rubbish; refuse.
ପ୍ରକଟ ହୋଇଅଛନ୍ତି ଅସ୍ଥାନ ଜଗଡ଼ା—ପ୍ରାଚୀ. ବୃହନ୍ନଳୁପଣ ଗୀତା ।

ଜଗଡ଼ା କଚରା—ପ୍ରାଦେ. (ସମ୍ବଲପୁର) ବି.—ଜଗଡ଼ା (ଦେଖ)
Jagaṛḍā kachara Jagaṛḍā (See)

ଜଗଣ—ସ. ବି.—ପିଙ୍ଗଳ (ସଙ୍ଗୀତ) ଶାସ୍ତ୍ର ଅନୁସାରେ ୩ ଅକ୍ଷରବିଶିଷ୍ଟ
Ja-gaṇa ଗଣବିଶେଷ—Name of an aggregate of 3
letters in Hindu musical composition.
[ଦ୍ର—ଏଥିରେ ଆଦ ଓ ଅନ୍ତ ଅକ୍ଷର ଲଘୁ ଓ ମଧ ଅକ୍ଷର ଗୁରୁ
ଯଥା, ମହେଶ, ଦନେଶ, ରମେଶ, ଗଣେଶ ।]

ଜଗଣା—ଦେ. ବିଣ. (ସ. ଜି ଧାତୁରୁ)—ଜୟଶାଳୀ; ଜୟୀ—
Jagaṇā Victorious.

ଜଗତ୍—ସ. ବି. (ଗମ୍ ଧାତୁ+କର୍ତ୍ତୃ. କ୍ୱିପ୍; ନିପାତନ; ଯେ ନିୟତ ଗତି
Jagat କରୁଛି—୧ । ବିଶ୍ୱ; ସଂସାର; ପୃଥିବୀ—
1. The world.
୨ । ବିଶ୍ୱ; ବ୍ରହ୍ମାଣ୍ଡ—2. The universe.
୩ । ସୃଷ୍ଟି—3. The creation.
୪ । ବାୟୁ (ହି. ଶବ୍ଦସାଗର—4. The air.
୫ । ମହାଦେବ (ହି. ଶବ୍ଦସାଗର)—5. God Śiba.
୬ । ଗୋପୀଚନ୍ଦନ (ହି. ଶବ୍ଦସାଗର)—
6. A species of sandal.
ପ୍ରାଦେ. (ଭୁଜଙ୍ଗ) ବି.—ଜାଲିଆ ବା କେଉଟଙ୍କର ବଂଶୋପାଧି-
ବିଶେଷ—A title of family fishermen.
ସ. ବିଣ.—୧ । ଜଙ୍ଗମ; ଗତିଶୀଳ—1. Moving.
୨ । ଅସ୍ଥାୟୀ—2. Temporary.

ଜଗତ୍କର୍ତ୍ତା—ସ. ବି.—(ଉପପଦ ତତ୍ପୁରୁଷ ବା ୬ଷ୍ଠୀ ତତ୍; ଜଗତ୍+
Jagatkarttā କର୍ତ୍ତା)—ଜଗତର ପ୍ରଭୁ—
Creator or Lord of the Universe

ଜଗତ୍ପତି—ସ. ବି.—(୬ଷ୍ଠୀ ତତ୍ ବା ଉପପଦ ତତ୍ ପୁରୁଷ) ଜଗତ+
Jagatpati ପତି; ଭୁଲ. ହି. ଜଗପତି)—ପରମେଶ୍ୱର—God.

ଜଗତ୍ପାତା—ସ. ବି. (୬ଷ୍ଠୀ ତତ୍ ବା ଉପପଦ ତତ୍ପୁରୁଷ; ଜଗତ୍+
Jagatpātā ପାତା)—ପରମେଶ୍ୱର—God.

ଜଗତ୍ପିତା—ସ. ବି. (୬ଷ୍ଠୀ ତତ୍; ଜଗତ୍+ପିତା)—ପରମେଶ୍ୱର—
Jagatpitā God.

ଜଗତ୍ପ୍ରାଣ—ସ. ବି. (୬ଷ୍ଠୀ ତତ୍; ଉପପଦ ତତ୍ପୁରୁଷ; ଜଗତ୍+
Jagatprāṇa ପ୍ରାଣ)—୧ । ପବନ—1. The air.
୨ । ପରମେଶ୍ୱର—2. God

ଜଗତ୍ସାକ୍ଷୀ—ସ. ବିଣ (ଜଗତ୍+ସାକ୍ଷୀ; ୬ଷ୍ଠୀ ତତ୍; ଜଗତରେ ଯାହା
Jagatsākshī ହେଉଛି ତାହା ଯେ ଦେଖୁଛନ୍ତି)—ସର୍ବଦ୍ରଷ୍ଟା—
Omniscient.
ସ. ବି—୧ । ସୂର୍ଯ୍ୟ—1. The sun.
୨ । ପରମେଶ୍ୱର—2. God (Apte).

ଜଗତ୍ସଂସାର—ଦେ. ବି. (ସହଚର ଏକାର୍ଥବୋଧକ ସଂସ୍କୃତ ଶବ୍ଦଦ୍ୱୟ
Jagatsaṃsāra ଜଗତ୍ ଓ ସଂସାର)—
জগৎসংসার ୧ । ସମଗ୍ର ପୃଥିବୀ; ସୃଷ୍ଟଜଗତ୍—
दुनिया 1. The universe; the creation.
୨ । ପୃଥିବୀର ସମସ୍ତ ଲୋକ—
2. All the world; people of the whole world.

ଜଗତ୍ସେତୁ—ସ. ବି. (୬ଷ୍ଠୀ ତତ୍; ଉପପଦସମାସ, ଜଗତ୍+ସେତୁ)—
Jagatsetu ପରମେଶ୍ୱର—The Supreme Being (Apte).

ଜଗତ୍ସ୍ରଷ୍ଟା—ସ. ବି. (ଉପପଦ ତତ୍ପୁରୁଷ ବା ୬ଷ୍ଠୀ ତତ୍; ଜଗତ୍+
Jagatsrashṭā ସ୍ରଷ୍ଟା)—ପୃଥିବୀର ସୃଷ୍ଟିକର୍ତ୍ତା—
Creator of the universe.

ଜଗତ—ଦେ. ବି. (ସ. ଜଗତ୍)—୧ । ଜଗତ୍ (ଦେଖ)
Jagata 1. Jagat (See)
জগত ୨ । ଜଗଦ୍ବାସୀଲୋକ—2. People of the whole
जगत world; all the world.

ସାଧାରଣ ଲୋକେ ଅପଭ୍ରଂଶରେ ସରଳ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ତ୍ରିଭୁବନ୍ୟା କରିବା ପାଇଁ ସେ ଦୂଜନ
ବୁଝିଲ ଏହି କଥା ଜାଣନ୍ତି ଜଗତ—କୃଷ୍ଣସିଂହ. ମହାଭାରତ, ବନ ।

ଜଗତପାର—ଦେ. ବଣ. (ସଂ. ଜଗତ୍ + ପାର)—
Jagatapāra ୧ । ସଂସାର ବହିର୍ଭୂତ—
1. Outside the world.

ଜଗତପାର ସେ ଚରିତ
ତୁମ୍ଭେ ତା ବର୍ଣ୍ଣିବେ ସମର୍ଥ—ଜଗନ୍ନାଥ, ଭାଗବତ ।

୨ । ଅସାଧାରଣ—2. Uncommon; extra ordinary.

ଜଗତବେଢ଼—ପ୍ରାଦେ. (ଗଡ଼ଜାତ) ବି—ବଣହାତୀମାନଙ୍କୁ ଖେଦା-
Jagataberdha ସ୍ଥାନରେ ଧରିବା ପାଇଁ ଗୋଟିଏ ବଡ଼
ଜଗତ୍‌ବେଢ଼ } ଅନ୍ୟରୂପ ସୀମାନିର୍ଦ୍ଦିଷ୍ଟ ଜଙ୍ଗଲର ଚାରିଆଡ଼େ
ଜଗତ୍ରୀବେଢ଼ } ଜଗୁଆଳଙ୍କୁ ବେଢ଼ାଇ ଜଗୁଆଳମାନେ
କ୍ରମଶଃ ଖେଦାଆଡ଼କୁ ଅଗ୍ରସର ହେବାର ରୀତି—
The practice af surrounding a big area of jungle with beaters and gradually tightening the circuit so as to bring the elephants into the Khedda (enclosure).

ଜଗମୋହନ—ଦେ. ବ. (ନାମ)—'ପ୍ରହ୍ଲାଦ ଚରିତ' ନାମକ ଗ୍ରନ୍ଥର
Jagamohana ପ୍ରଣେତା—Name of the author of an Oria book Prahalāda Charita.
ଦେ. ତଣ. (ସଂ. ଜଗନ୍ମୋହନ)—ଜଗନ୍ମୋହନ (ଦେଖ)
Jaganmohana (See)

ଜଗତସେଠ—ଦେ. ବି. (ସଂ. ଜଗତ୍ + ଶ୍ରେଷ୍ଠ)—
Jagataseṭha ୧ । ଖୁବ ବଡ଼ ଧନୀ ମହାଜନ; ଧନୀସେଠ—
1. A very big merchant.
୨ । ମୁର୍ଶିଦାବାଦବାସୀ ବିଖ୍ୟାତ ଧନୀ ମହାଜନବଂଶର ସ୍ୱତନ୍ତ୍ର ବଂଶୋପାଧି—2. Family-title of a family of big Indian merchants of Murshidābād.
[ଦ୍ର—ଏହି ବଂଶର ଜଗତସେଠ ମହତାପ ରାୟ ଲର୍ଡ କ୍ଲାଇବ୍‌କୁ ବହୁଧନ ସାହାଯ୍ୟ ଦେଇ ଭାରତରେ ଇଂରାଜ ସାମ୍ରାଜ୍ୟ ସ୍ଥାପିତ ହେବା ବିଷୟରେ ଇଂରାଜଙ୍କୁ ବିଶେଷ ସାହାଯ୍ୟ କରିଥିଲେ ।]

ଜଗତି—ଦେ. ବି. (ସଂ. ଜଗତୀ)—୧ । ଜଗତୀ (ଦେଖ)
Jagati 1. Jagatī (See)
୨ । ପୋଖରୀ ମଝିରେ ଥିବା କ୍ରୀଡ଼ାମନ୍ଦିର (ହୋଡ଼ାଘର, ଅଟ୍ଟାଳିକା)—2. A playhouse built in the middle of a pond.

ନାବ ଯେସନ ନାବକେ ଜଗତି ଉଠ । ପୀତବାସ. ଜଗମୋହନ ।

୩ । ଉଚ୍ଚପୀଠ—3. A raised platform.
୪ । ପାଟରାଙ୍କ ବଂଶୋପାଧି ବିଶେଷ—4. A family-title of the Pāṭarā (cloth-dealer) caste.

ଜଗତି ମେଢ଼—ପ୍ରାଦେ. (ଗଡ଼ଜାତ) ବି—ଜଙ୍ଗଲ ମଧ୍ୟରେ ଗୋରୁଙ୍କୁ
Jagati merdha ନିରାପଦରେ ରାତିରେ ରଖିବା ପାଇଁ ବଡ଼ ଖୁଣ୍ଟମାନ ବେଢ଼ା ହୋଇ ଥିବା ସ୍ଥାନ, ଯହିଁ ମଧ୍ୟରେ ଖଣ୍ଡିଏ ମେଲାଘର ମଧ୍ୟ ଥାଏ—A place enclosed by big posts and having a shed in the middle to keep cattle safe in the night inside a jungly area.

ଜଗତୀ—ସଂ. ବ. ସ୍ତ୍ରୀ. (ଜଗତ୍ + ସ୍ତ୍ରୀ. ଈ)—
Jagatī ୧ । ସଂସାର; ପୃଥିବୀ; ଭୁବନ—
1. The earth; the world,

ବଚକ୍ଷଣାରେ ! କନା ତୋ ପ୍ରୀତି କେ ଗତ ଅଛି ଜଗତୀରେ !
କବିସୂର୍ଯ୍ୟ. ଗୋପୀଚନ୍ଦ୍ର ବ. ଗୀତ ।

୨ । ଜଗତର ଲୋକେ; ସଂସାରର ଲୋକେ; ମାନବଗଣ—
2. The whole world; mankind; the people (Apte)
୩ । ଦ୍ୱାଦଶାକ୍ଷର ବୈଦିକ ଛନ୍ଦୋବିଶେଷ—
3. A vedic metre of 12 letters.

ଅଷ୍ଟାବକ୍ର ବୋଇଲେ ବର୍ଷ ବାରମାସ
ଜଗତୀ ଛନ୍ଦେ ଅଛି ଅକ୍ଷର ଦ୍ୱାଦଶ । କୃଷ୍ଣସିଂହ. ମହାଭାରତ ବନ ।

ସଂ. ବି—୪ । ଗୋ; ଗାଈ—4. A cow (Apte).
୫ । ଘରଡିହ ଜମି—
5. The site of a house (Apte).
୬ । ଜମ୍ବୁବୃକ୍ଷରୋପିତ କ୍ଷେତ—
6. A field planted with Jambu (Apte).

ଦେ. ବି—୧ । ବେଦୀ—1. Elevated platform.

ଜଗତୀ ଉପରେ ଜଗତ ମୋହିନୀ
ବସି ହେଉଥିଲେ ବେଶ । ରାଧାନାଥ. ଯଯାତି ।

୨ । ଜଳ—2. Water.

ବର୍ଣ୍ଣି ଲୁକ୍‌ଚି ତ । ବାପିକାର ଜଗତୀରେ ଝୁଣ୍ଟିତ ।
ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

୩ । ବଡ଼ ଅଟ୍ଟାଳିକା—3. Palatial building.

ହୀରକ-ରଦ-ଗବାକ୍ଷ-ଶୋଭିତ
ସ୍ଫଟିକ-ଜଗତୀ ସୌଧ ମନୋହର ଅତି । ରାଧାନାଥ. ମହାଯାତ୍ରା ।

ଜଗତୀତଳ—ସଂ. ବି. (୬ଷ୍ଠୀ ତତ୍; ଜଗତୀ + ତଳ)—
Jagatī-taḷa ୧ । ଭୂତଳ; ଭୂପୃଷ୍ଠ—
1. The surface of the earth.
୨ । ଭୂମି—2. Earth (Apte).
୩ । ପୃଥିବୀ—3. The world (Apte).

ଜଗତ୍ରୀ ବେଢ଼—ପ୍ରାଦେ. (ଗଡ଼ଜାତ) ବି—୧ । ଜଗତ ବେଢ଼ (ଦେଖ)
Jagatrī berdha 1. Jagata berdha (See)
୨ । ଖେଦାରେ ହାତୀମାନେ ପଶି ଯିବାପରେ ଖେଦାର ଚାରିପାଖେ ଜଗୁଆଳମାନେ ଘେରିଯିବା—
2. The encompassing of the beaters round the Khedda (enclosure) after the elephants are driven into it.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଂ	ଓଂ	ଜ୍ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	●	ଜ୍ଞ

ଜଗଦ—ସଂ. ବ—୧ । ପରିଚାରକ—1. An attendant (Apte).
Jagada ୨ । ଅଭିଭାବକ; ମୁରବି—
2 Guardian (Apte).
୩ । ପାଳକ; ରକ୍ଷକ (ହି. ଶବ୍ଦସାଗର)—3. Protector.

ଜଗଦନ୍ତକ—ସଂ. ଚ. (ଉପପଦ ତତ୍ପୁରୁଷ; ଜଗତ୍ + ଅନ୍ତକ) —ମୃତ୍ୟୁ—
Jagadantaka Death.

ଜଗଦମ୍ବା—ସଂ. ବ. ସ୍ତ୍ରୀ. (ଜଗତ୍ + ଅମ୍ବା: ୬ଷ୍ଠୀ ତତ୍)—
Jagadambā ଜଗଜ୍ଜନନୀ; ଦୁର୍ଗା; କାଳୀ—
(ଜଗଦମ୍ବିକା—ଅନ୍ୟରୂପ) Goddess Durgā, the mother of the universe.

ଜଗଦଳ—ଦେ. ବ. (ସଂ. ଜଗଦଳନ)—୧ । ଅତିଶୟ ଭାରି ପଥର
Jagaḍa (ଯାହା ନିଜର ଭାରରେ ଜଗତକୁ ଦଳନ କରିପାରେ)-
जगदल 1. A heavy stone.
(ଜଗଦଲ; ଜଗଦଳା - ଅନ୍ୟରୂପ) [ଦ୍ର—ପୂର୍ବେ ଏ ପଥରକୁ ଲୋକଙ୍କ ଛାତିରେ ମଡ଼ାଇ ଲୋକଙ୍କୁ ଦଣ୍ଡ ଦିଆଯାଉଥିଲା ।]
୨ । ବାହୁର ଅଳଙ୍କାରବିଶେଷ —
2 A massive ornament for the arm.

ଜଗଦାଧାର—ସଂ. ବ. (ଜଗତ୍ + ଆଧାର = ଆଶ୍ରୟ; ୬ଷ୍ଠୀ ତତ୍)—
Jagadādhāra ୧ । ପରମେଶ୍ୱର—1. God.
୨ । କାଳ—2. Time (personified).
୩ । ବାୟୁ—3 Air.

ଜଗଦାନନ୍ଦ—ସଂ. ବ. (ଜଗତ୍ + ଆନନ୍ଦ, ୬ଷ୍ଠୀ ତତ୍; ରୂପକ)—
Jagadānanda ଭଗବାନଙ୍କର ନାମ—A name of God.
ଦେ. ବ—ଲୋକଙ୍କ ନାମ—
A name given to males.

ଜଗଦାନନ୍ଦକ ସଂ. ବଣ. ପୁଂ. (ଜଗତ୍ + ଆନନ୍ଦ + କ; ବହୁବ୍ରୀହି)—
Jagadānandaka ଯେ ଜଗତର ସମସ୍ତଜୀବଙ୍କୁ ଆନନ୍ଦିତ କରେ-
(ଜଗଦାନନ୍ଦକର—ଅନ୍ୟରୂପ) Giving joy to the universe.

ଜଗଦାୟୁଃ—ସଂ. ବ. (ଜଗତ୍ + ଆୟୁଃ; ୬ଷ୍ଠୀ ତତ୍)—ବାୟୁ; ପବନ-
Jagadāyuḥ Air.

ଜଗଦାଶ୍ରୟ—ସଂ. ବ. (ଜଗତ୍ + ଆଶ୍ରୟ; ୬ଷ୍ଠୀ ତତ୍)—ପରମେଶ୍ୱର—
Jagadāśraya God.

ଜଗଦୀଶ—ସଂ. ବ. (ଜଗତ୍ + ଈଶ; ୬ଷ୍ଠୀ ତତ୍)—
Jagadiśa ୧ । ଭଗବାନ; ପରମେଶ୍ୱର—1. God,
जगदीश ୨ । ବିଷ୍ଣୁ—2. Bishṇu.
जगदीश ଦେ. ବ—୧ । ପୁରୀର ଜଗନ୍ନାଥ ଦେବ—
1. The idol Jagannatha of Puri.
୨ । ଲୋକଙ୍କ ନାମ—2. A name given to males.

ଜଗଦୀଶ୍ୱର—ସଂ. ବ. ପୁଂ. (ଜଗତ୍ + ଈଶ୍ୱର; ୬ଷ୍ଠୀ ତତ୍)—ଭଗବାନ୍—
Jagadiśwara God.

ଜଗଦୀଶ୍ୱରୀ—ସଂ. ବ. ସ୍ତ୍ରୀ.—(୬ଷ୍ଠୀ ତତ୍; ଜଗତ୍ + ଈଶ୍ୱରୀ)—
Jagadiśwarī ୧ । ଭଗବତୀ; ଦୁର୍ଗା—1. Goddess Durgā.
୨ । ପୃଥିବୀର ଦେବତା—
2. The Goddess who is the mistress of the universe.

ଜଗଦେବ—ଦେ. ବ. (ସଂ. ଜଗଦେବ)—କ୍ଷତ୍ରିୟ ଓ ରାଜାମାନଙ୍କର
Jagadeba ବଂଶୋପାଧିବିଶେଷ—A family title of Rājās and Kshatriyas.

ଜଗଦ୍ଗୁରୁ—ସଂ. ବ.—(ଜଗତ୍ + ଗୁରୁ; ୬ଷ୍ଠୀ ତତ୍)—
Jagadguru ୧ । ପରମେଶ୍ୱର—1. God.
୨ । ମହାଦେବ; ଶିବ—2. Śiba.
୩ । ପରମାତ୍ମା—3. The universal soul.
୪ । ନାରଦ ଋଷି—4. Sage Nārada.
୫ । ସମସ୍ତଙ୍କଦ୍ୱାରା ପୂଜିତ ଓ ପ୍ରତିଷ୍ଠିତ ବ୍ୟକ୍ତି—
5. A person who is universally respected and adored.
୬ । ଶଙ୍କରାଚାର୍ଯ୍ୟଙ୍କର ପ୍ରତିଷ୍ଠିତ ଭାରତର ୪ ଗୋଟି କେନ୍ଦ୍ରରେ ଥିବା ଚାରିଗୋଟି ମଠର ମହନ୍ତମାନଙ୍କର ଉପାଧି—
6. The title of the mohantas of the four maṭhas in 4 places of India started by Śankarāchārjya.

ଜଗଦ୍ଗୌରୀ—ସଂ. ବ—(ଜଗତ୍ + ଗୌରୀ)—୧ । ଦୁର୍ଗା—
Jagadgaurī 1. Goddess Durgā.
୨ । ନାଗମାନଙ୍କ ଭଗିନୀ ଓ ଜରତ୍କାରୁ ଋଷିଙ୍କ ପତ୍ନୀ ମନସା ଦେବୀଙ୍କର ନାମାନ୍ତର (ହି. ଶବ୍ଦସାଗର)—
2. A name of the Deity Manasā.

ଜଗଦ୍ଦଳନ—ସଂ. ବି (ଜଗତ୍ + ଦଳନ; ଉପପଦ ତତ୍ପୁରୁଷ)—ଯେ
Jagaddaḷana ଜଗତକୁ ଦଳନ ବା ଶାସନ କରେ—
The ruler or oppressor of the universe.

ଜଗଦ୍ଦୀପ—ସଂ. ବ. (ଜଗତ୍ + ଦୀପ; ୬ଷ୍ଠୀ ତତ୍)—୧ । ପରମେଶ୍ୱର—
Jagaddīpa (ହି. ଶବ୍ଦସାଗର)—1 God.
୨ । ଶିବ—2. God Śiba.

ଜଗଦ୍ଦେବ—ଦେ. ବ. (ଜଗତ୍ + ଦେବ)—ଜଗଦେବ (ଦେଖ)
Jaggaddeba Jagadeba (See)
ନରେଶ ମଣ୍ଡଳ ଶ୍ରୀହର ତନୟ ଜଗଦ୍ଦେବ ସୁନ ଘେନ ।
କଳ୍ପଲତା, କପୋଳ ୨୩

ଜଗଦ୍ଧାତା—ସଂ. ବ ପୁଂ. (ଜଗତ୍ + ଧାତ୍ର ୧ମା. ୧ବ. ଉପପଦ ସମାସ)—
Jagaddhātā ୧ । ଶିବ—1. God Śiba.
୨ । ବ୍ରହ୍ମା (ହି. ଶବ୍ଦସାଗର)—
2. God Brahmā.
୩ । ବିଷ୍ଣୁ (ହି. ଶବ୍ଦସାଗର)—
3. God Bishṇu.

ସାଧାରଣ ଲୋକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳଇ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତିର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଖି ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ୍' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଜଗଦ୍ଧାତ୍ରୀ—ସଂ. ବି. (ଜଗତ୍+ଧାତ୍ରୀ, ଉପପଦ ସମାସ)—
Jagaddhātrī ୧ । ଦୁର୍ଗା; ଗୌରୀ; ଦୁର୍ଗାଙ୍କର ଅବତାରବିଶେଷ—
1. Goddess Durgā.
୨ । ସରସ୍ୱତୀ (ଦ୍ର. ଶବ୍ଦସାଗର)—
2. The Goddess of Learning.

ଜଗଦ୍ଧାତ୍ରୀ ପୂଜା—ସଂ. ବି—କାର୍ତ୍ତିକ ଶୁକ୍ଳପକ୍ଷ ନବମୀ ଦିନ କରାଯିବା
Jagaddhātrī pūjā ଦୁର୍ଗାଙ୍କର ପୂଜା—Worship of the Goddess Durgā on the 9th day of the bright fortnight of the month Kārtika.

ଜଗଦ୍ବନ୍ଧୁ—ସଂ. ବି. (ଜଗତ୍+ବନ୍ଧୁ; ୬ଷ୍ଠୀ ତତ୍)—ପୁରୀର ଜଗନ୍ନାଥ
Jagadbandhu ମହାପ୍ରଭୁ—1. The Deity Jagannātha at Purī.
୨ । ପରମେଶ୍ୱର; ନାରାୟଣ—2 God.
୩ । ଲୋକଙ୍କର ନାମ—
3. A name given to persons (males).

ଜଗଦ୍ବାସୀ—ସଂ. ବିଣ. ପୁଂ (ଜଗତ୍+ବାସୀ; ଉପପଦ ତତ୍ପୁରୁଷ)—
Jagadbāsī ପୃଥିବୀରେ ବାସ କରୁଥିବା—
(ଜଗଦ୍ବାସିନୀ—ସ୍ତ୍ରୀ) Inhabiting the earth.
ଦେ. ବି.—ପୃଥିବୀରେ ବାସ କରୁଥିବା ଲୋକ—
The people of the world; mankind.

ଜଗଦ୍ବିଖ୍ୟାତ—ସଂ. ବିଣ. ପୁଂ (ଜଗତ୍+ବିଖ୍ୟାତ; ୭ମୀ ତତ୍)—ବିଶ୍ୱ
Jagadbikhyāta ବିଶ୍ରୁତ; ଯାହାର ଯଶ ଜଗତ ଯାକ ବିସ୍ତୃତ
(ଜଗଦ୍ବିଖ୍ୟାତା—ସ୍ତ୍ରୀ) ହୋଇଅଛି—World-famed.

ଜଗଦ୍ବ୍ୟାପକ—ସଂ. ବିଣ. ପୁଂ (ଜଗତ୍+ବ୍ୟାପକ; ଉପପଦ ତତ୍ପୁରୁଷ)
Jagadbyāpaka ଯାହା ପୃଥିବୀଯାକ ଘୋଟି ଅଛି—
(ଜଗଦ୍ବ୍ୟାପିକା—ସ୍ତ୍ରୀ) World-pervading.

ଜଗଦ୍ବ୍ୟାପୀ—ସଂ. ବିଣ. ପୁଂ (ଜଗତ୍+ବ୍ୟାପୀ; ଉପପଦତତ୍)—
Jagadbyāpī ଜଗଦ୍ବ୍ୟାପକ (ଦେଖ)
(ଜଗଦ୍ବ୍ୟାପିନୀ—ସ୍ତ୍ରୀ) Jagadbyāpaka (See)

ଜଗଦଯୋନି—ସଂ. ବି. ପୁଂ (ଜଗତ୍+ଯୋନି; ଉତ୍ପତ୍ତିସ୍ଥାନ, ୬ଷ୍ଠୀତତ୍)-
Jagadjoni ୧ । ଈଶ୍ୱର—1. God
୨ । ବ୍ରହ୍ମା, ବିଷ୍ଣୁ, ଶିବ—2. The Hindu trinity.
ସ୍ତ୍ରୀ.—ପୃଥିବୀ—The earth.

ଜଗଧାତ୍ରୀ—ଗ୍ରା. ବି. (ସଂ. ଜଗଦ୍ଧାତ୍ରୀ)—ଜଗଦ୍ଧାତ୍ରୀ (ଦେଖ)
Jagadhātrī Jagaddhātrī (See)

ଜଗନାଥ—ଗ୍ରା. (ସଂ. ଜଗନ୍ନାଥ)—ଜଗନ୍ନାଥ (ଦେଖ)
Jaganātha Jagannātha (See)

ଜଗନାହା—ଦେ. ବି. (ସଂ. ଜଗନ୍ନାଥ)—ଜଗନ୍ନାହା (ଦେଖ)
Jaganāhā Jagannāhā (See)

ଜଗନ୍ନାଥ—ସଂ. ବି. (୬ଷ୍ଠୀ ତତ୍; ଜଗତ୍+ନାଥ)—
Jagannātha ୧ । ନାରାୟଣ; ଭଗବାନ; ପରମେଶ୍ୱର; ବିଷ୍ଣୁ—
1. God Bishṇu.
୨ । ଭାରତର ଏକତମ ଶ୍ରେଷ୍ଠ ଶ୍ରୀ ପୁରୁଷୋତ୍ତମରେ . ବିରାଜିତ ବିଷ୍ଣୁ ପ୍ରତିମା—Name of world famed Hindu Deity of Purī; Jagannātha

[ଦ୍ର—ଏହା ଭାରତରେ ଚାରିଗୋଟି ପୁଣ୍ୟଧାମ ମଧ୍ୟରୁ ଏକତମ । (ଯଥା—ଦକ୍ଷିଣରେ ରାମନାଥ, ପୂର୍ବରେ ଜଗନ୍ନାଥ, ପଶ୍ଚିମରେ ଦ୍ୱାରକାନାଥ ଓ ଉତ୍ତରରେ ବଦ୍ରୀନାଥ ।) ଜଗନ୍ନାଥ ଓଡ଼ିଶାର ପୂରୀଜିଲ୍ଲା ସମୁଦ୍ରକୂଳରେ ପୁରୀ ବା ପୁରୁଷୋତ୍ତମ ସହରରେ ଅବସ୍ଥିତ । ପୁରାଣ ମତରେ ଜଗନ୍ନାଥ ବିଷ୍ଣୁ ବା ଶ୍ରୀକୃଷ୍ଣଙ୍କର ଦାରୁବ୍ରହ୍ମ ରୂପ । ସ୍କନ୍ଦପୁରାଣରେ ବର୍ଣ୍ଣିତ ଅଛି ଯେ ବିଶ୍ୱାବସୁ ନାମକ ଜଣେ ଶବର ନୀଳାଚଳର ଅରଣ୍ୟ ମଧ୍ୟରେ ଦାରୁବ୍ରହ୍ମଙ୍କୁ ପୂଜା କରୁଥିଲା । ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ହେବାରୁ ସେ ତାଙ୍କର ବ୍ରାହ୍ମଣମନ୍ତ୍ରୀ ବିଦ୍ୟାପତିଙ୍କୁ ପଠାଇ ଶବରର ସ୍ଥିତି ଠିକଣା କଲେ ଓ ଶବର ତାଙ୍କୁ ଦାରୁବ୍ରହ୍ମଙ୍କୁ ନ ଦେଖାଇବାରୁ ବିଦ୍ୟାପତି ଶବରର ଅବିବାହିତା ଯୁବତୀ କନ୍ୟା ସଙ୍ଗେ ପ୍ରଣୟ କରି ଦାରୁବ୍ରହ୍ମଙ୍କୁ ଦେଖି ସେଠାରୁ ଯାଇ ଇନ୍ଦ୍ରଦ୍ୟୁମ୍ନଙ୍କୁ ଘେନି ଆସିଲେ । କିନ୍ତୁ ଇନ୍ଦ୍ରଦ୍ୟୁମ୍ନଙ୍କୁ ଦାରୁବ୍ରହ୍ମ ଦେଖା ଦେଲେ ନାହିଁ । ବିଦ୍ୟାପତି ଉକ୍ତ ଶବର କନ୍ୟାକୁ ବିଭା ହେଲେ । ପରେ ବହୁ ପ୍ରଯତ୍ନରେ ସ୍ୱପ୍ନାଦେଶରେ ଇନ୍ଦ୍ରଦ୍ୟୁମ୍ନ ଦାରୁବ୍ରହ୍ମଙ୍କୁ ସମୁଦ୍ରରେ ଭାସି ଆସୁଥିବାର ଦେଖି ତାଙ୍କୁ ଆଣି ସେଥିରୁ ମୂର୍ତ୍ତି ଗଢ଼ାଇ ତାଙ୍କ ପାଇଁ ମନ୍ଦିର ତୋଳାଇଲେ ଏବଂ ସେ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ଡାକିବାକୁ ସ୍ୱର୍ଗକୁ ଗଲେ । ସେ ଫେରୁ ଫେରୁ ବହୁଦିନ ଗତ ହେବାରୁ ଉକ୍ତ ବାଲିରେ ଦେଉଳଟି ପୋତି ହୋଇଗଲା ଓ ଗାଲମାଧବ ରାଜାଙ୍କ ଘୋଡ଼ାଙ୍କ ଖୁରରେ ଦେଉଳର ନୀଳଚକ୍ରର ଅଗ୍ରଭାଗ ବାଜିବାରୁ ସେ ତାକୁ ଖୋଳାଇ ଦେଉଳ ବାହାର କଲେ ଓ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମାଙ୍କୁ ଘେନି ଫେରିଲାବେଳକୁ ଗାଲମାଧବ ସେ ଦେଉଳକୁ ଛାଡ଼ିଅଛନ୍ତି ବୋଲି ଦାବି କଲେ । ପରେ ବ୍ରହ୍ମା ପ୍ରମାଣ ନେଇ ଇନ୍ଦ୍ରଦ୍ୟୁମ୍ନଙ୍କ ସାକ୍ଷୀ ସାବ୍ୟସ୍ତ କଲେ । ବିଶ୍ୱାବସୁ ଶବରର ବଂଶଧରମାନେ 'ଦଇତା' ଓ ବିଦ୍ୟାପତି ବଂଶଧରମାନେ 'ପତି' ନାମରେ ଅଦ୍ୟାପି ଜଗନ୍ନାଥଙ୍କ ସେବକରୂପେ ଗଣ୍ୟ ।

ମତାନ୍ତରରେ ଜଗନ୍ନାଥଙ୍କୁ 'ବୌଦ୍ଧାବତାର' ବୋଲାଯାଏ ଓ ତାଙ୍କର ଗଠନ ପୁରାଣୋକ୍ତ କୌଣସି ଦେବଦେବୀଙ୍କ ବର୍ଣ୍ଣନା ଓ ଧ୍ୟାନର ଅନୁରୂପ ନ ହେବାରୁ ପ୍ରତ୍ନତତ୍ତ୍ୱବିତ୍ମାନେ ସ୍ଥିର କରିଅଛନ୍ତି ଯେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ରୂପ ବୌଦ୍ଧମାନଙ୍କର ତ୍ରିପିଟକ ବୌଦ୍ଧ, ଧର୍ମ ଓ ସଙ୍ଘର ଚିହ୍ନ । ଜଗନ୍ନାଥଙ୍କୁ ବୌଦ୍ଧ ଅବତାରରୂପେ ସ୍ୱୀକାର କରି ଉତ୍କଳୀୟ ପ୍ରଚଳିତ ବୌଦ୍ଧ ଓ ବୈଷ୍ଣବଧର୍ମ ମତରେ ସମନ୍ୱୟ କରି ହିନ୍ଦୁଧର୍ମକୁ ସାର୍ବଜନୀନ ଧର୍ମରେ ପରିଣତ କରିଅଛି ଓ ଜଗନ୍ନାଥଙ୍କ ଭୋଗମହାପ୍ରସାଦ ସେବନରେ ଜାତିଭେଦ ରଖି ନାହିଁ । ଫଳତଃ ଖ୍ରୀଷ୍ଟାବ୍ଦ ୧ମ ଶତାବ୍ଦୀଠାରୁ ୨୦୦ ବର୍ଷ ମଧ୍ୟରେ ବୌଦ୍ଧଧର୍ମର ମହାଯାନ ଶାଖା ବୈଷ୍ଣବଧର୍ମଭାବ ସଙ୍ଗେ ମିଶି ଯାଇଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ମ	ଜ୍ଞ	ଓ
୨	ଈ	ଊ	ରୁ	ଲୁ	ସ୍ପେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ୠ	ନ୍ତ

ନମ୍ଭକାଠ କାଟିକ ଓ ଏ ମୂର୍ତ୍ତିମାନ ସାଧାରଣତଃ ପ୍ରତ୍ତ ୧୨ ବର୍ଷରେ ଥରେ ବଦଳାଯାଆନ୍ତି । ଉକ୍ତ ଦାରୁମୂର୍ତ୍ତି ମଧ୍ୟରେ ଯେଉଁ ବ୍ରହ୍ମପଦାର୍ଥ ସମ୍ପ୍ରସ୍ତ ପାଟକନାରେ ଗୁଡ଼ାଅ ହୋଇ ରହୁଥିବାର ଜନଶ୍ରୁତି ଅଛି ତାହା ବୁଦ୍ଧଦେବଙ୍କ ଦନ୍ତ ବୋଲି କେତେ ପଣ୍ଡିତ ମନେ କରନ୍ତି । ପୂର୍ବେ ଏଥିଯୋଗୁଁ ପୁରୀର ନାମ ଦନ୍ତପୁର ଥିଲା । ଜଗନ୍ନାଥଙ୍କ ରଥଯାତ୍ରା ବୌଦ୍ଧମାନଙ୍କ ଯାତ୍ରାର ଅନୁକରଣ ବୋଲି ପଣ୍ଡିତମାନେ କହନ୍ତି । ପୁରୀରୁ ବୁଦ୍ଧଙ୍କ ଦନ୍ତ ସିଂହଳକୁ ପଠାଯାଇଥିବା କଥା ମଧ୍ୟ କେହି କେହି କହନ୍ତି । ପରେ ଅନଙ୍ଗଭୀମଦେବ ଇନ୍ଦ୍ରଦ୍ୟୁମ୍ନଙ୍କ ଜୀର୍ଣ୍ଣ ଦେଉଳକୁ ଭାଙ୍ଗି ନୂଆ ଦେଉଳ କଲେ ଓ ପରବର୍ତ୍ତୀ ରାଜାମାନେ ତାହା ସଂସ୍କାର କଲେ । ଜଗନ୍ନାଥ ମନ୍ଦିରର ପ୍ରଥମ ରଚୟିତା—ରାଜା ଇନ୍ଦ୍ରଦ୍ୟୁମ୍ନ, ୨ୟ ରଚୟିତା—ରାଜା ଯଯାତିକେଶରୀ ଓ ୩ୟ ରଚୟିତା—ରାଜା ଅନଙ୍ଗଭୀମଦେବ ।]

ଦେ. ବି. ପୁଂ—୧ । ଲୋକଙ୍କୁ ଡାକିବା ନାମ—
1. A name given to person (males).
୨ । (ନାମ) ରାଜା ଜୟସିଂହଙ୍କର ସଭାପଣ୍ଡିତ ଓ ଜ୍ୟୋତିଷୀ—
2. Name of a court Pandit of Rajā Jayasimha and an astronomer.
[ଦ୍ର—ଏ ୧୭ଶ ଶତାବ୍ଦୀର ଲୋକ । ଏ ଜଣେ ତୈଲଙ୍ଗୀ ବ୍ରାହ୍ମଣ । ରାଜା ଜୟସିଂହଙ୍କର ଆଦେଶକ୍ରମେ ଏ ଆରବୀ ହିକ୍ବାନ୍ତ ଜ୍ୟୋତିଷ ଗ୍ରନ୍ଥର ସଂସ୍କୃତ ଅନୁବାଦ କରିଥିଲେ । ଏ ଗ୍ରନ୍ଥର ନାମ ହିକ୍ବାନ୍ତ ସମ୍ରାଟ । ଏ ମଧ୍ୟ ଇଉକ୍ଲିଡଙ୍କ ରେଖା ଗଣିତ (ଜ୍ୟାମିତି)ର ଆରବୀ ଅନୁବାଦକୁ ସଂସ୍କୃତରେ ଅନୁବାଦ କରିଥିଲେ ।]

ଜଗନ୍ନାଥ ଦାସ—ଦେ. ବି. (ନାମ)—୧ । ଏ 'ଓଡ଼ିଆ ଭାଗବତ'ର ରଚୟିତା ଓ ଜଣେ ପ୍ରଧାନ ବିଷ୍ଣୁଭକ୍ତ—
Jagannātha dāsa
1. Name of the author of 'Ordiā Bhāgabata and a great devotee of Bishnu.
[ଦ୍ର—ପୁରୀଜିଲ୍ଲା କପିଳେଶ୍ୱରପୁର ଗ୍ରାମରେ ଏହାଙ୍କର ଜନ୍ମ ଏବଂ ଏ ଜାତିରେ ବ୍ରାହ୍ମଣ ଓ ଶ୍ରୀ ଚୈତନ୍ୟଙ୍କର ସମସାମୟିକ । ଚୈତନ୍ୟ ଯେଉଁବେଳେ ସନ୍ନ୍ୟାସୀ ହୋଇ (ପ୍ରାୟ ୧୫୦୦ ଖ୍ରୀଷ୍ଟାବ୍ଦ) ପ୍ରଥମେ ପୁରୀକୁ ଆସିଥିଲେ ସେତେବେଳେ ଜଗନ୍ନାଥ ୧୯ ବର୍ଷର ଯୁବକ ମାତ୍ର । ଚୈତନ୍ୟ ଜଗନ୍ନାଥଙ୍କ ମନ୍ଦିରକୁ ଦର୍ଶନ କରିବାକୁ ଆସିଲାବେଳେ, ଜଗନ୍ନାଥ ଦାସ ମନ୍ଦିରବେଢ଼ାମଧ୍ୟସ୍ଥ କଳ୍ପବଟମୂଳେ ୧୦ମସ୍କନ୍ଧ ଓଡ଼ିଆ ଭାଗବତର ବ୍ରହ୍ମସ୍ତୁତି ଅଂଶ ପାଠ କରୁଥାଆନ୍ତି । ଚୈତନ୍ୟ ଏଥିରେ ମୁଗ୍ଧ ହୋଇ ପ୍ରତିଦିନ କିଛିକ୍ଷଣ ସେଠାରେ ବସି ଭାଗବତ ଶୁଣିବାକୁ ଲାଗିଲେ । ପୁରୀ ଓଡ଼ିଆ ମଠ ଜଗନ୍ନାଥ ଦାସଙ୍କ କର୍ତ୍ତୃକ ପ୍ରତିଷ୍ଠିତ । 'ପାଷଣ୍ଡଦଳନ' 'ଭାଗବତ' 'ମନଶିକ୍ଷା' ଓ 'ଜଗନ୍ନାଥଚାରିକା' ଓଡ଼ିଆଗ୍ରନ୍ଥମାନ ଏହାଙ୍କଦ୍ୱାରା ରଚିତ—ଜଗବନ୍ଧୁ ପ୍ରାଚୀନଗ୍ରନ୍ଥ ।]
୨ । (ନାମ) ପୁରୀ ପାପୁଡ଼ିଆ ମଠର ଭୂତପୂର୍ବ ମହନ୍ତ—
2. Late Mahanta of the Pāpurdiāmatha of Puri.
[ଦ୍ର—ଏ ପୁରୀଜିଲ୍ଲା ଅନ୍ତର୍ଗତ କୋରଙ୍ଗା (ଅନ୍ୟନାମ—ବଳେରାମପୁର) ଗ୍ରାମର ଜଣେକ ବ୍ରାହ୍ମଣ ସନ୍ତାନ ଥିଲେ । ଏ ଜମାଉତମାନଙ୍କର ନେତା ହୋଇ ଭାରତରେ ସର୍ବତ୍ର ସୁପରିଚିତ ଥିଲେ । ଏହାଙ୍କର ଭାରତର ସବୁ ଅଞ୍ଚଳରେ ଅନେକ ଗଣ୍ୟମାନ୍ୟ ଶିଷ୍ୟ ଥିଲେ । ଏ ୧୮ ବର୍ଷ ପୂର୍ବେ ଦେହତ୍ୟାଗ କଲେ ।]

ଜଗନ୍ନାଥବଲ୍ଲଭ—ଦେ. ବି—୧ । ପୁରୀର ଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ଭୋଗ ଲାଗୁଥିବା ଏକପ୍ରକାର ମିଷ୍ଟାନ୍ନ—
Jagannāthaballabha
1. A kind of sweetmeat offered to Lord Jagannātha at Puri.
୨ । (ନାମ) ପୁରୀର ଗୋଟିଏ ପ୍ରସିଦ୍ଧ ମଠ—
2. A religious institution (Matha) at Puri.
[ଦ୍ର—ଏ ମଠ ସଲଗ୍ନ ବଗିଚାକୁ ଚନ୍ଦନଯାତ୍ରା ସମୟରେ ଜଗନ୍ନାଥଙ୍କ ବିଜେ ପ୍ରତିମା ମଦନମୋହନ ବିଜେ କରନ୍ତି । ଏହି ମଠର ସମ୍ମୁଖ ଓ ଏଥିରେ ପ୍ରତିଷ୍ଠିତ ଦେବତାମାନଙ୍କ ସେବା ଅତି କଠୋର ଜଳ ସାହେବଙ୍କ ନିଯୁକ୍ତ ଦେବଭ କମିଟି ବ୍ୟବସ୍ଥା କରନ୍ତି ।]

ଜଗନ୍ନାଥୀ—ଦେ. ବି. (ବମ୍ବେ ସେନ୍ସସ ରପୋର୍ଟ ୧୮୯୧ରେ ଲିଖିତ)—
Jagannāthi ବମ୍ବେ ପ୍ରେସିଡେନ୍ସିରେ ପ୍ରଚଳିତ ଓଡ଼ିଆ ଭାଷାର ନାମ—A name of the Oriya (Ordiā) language spoken in the Bombay Presidency.

ଜଗନ୍ନାହା—ଦେ. ବି.(ସଂ. ଜଗନ୍ନାଥ)—
Jagannāhā ଜଗନ୍ନାଥ; ନାରାୟଣ; ପରମେଶ୍ୱର; ବିଷ୍ଣୁ—
God; Bishnu.

ଜଗନ୍ନିବାସ—ସଂ. ବି. (ଜଗତ୍ + ନିବାସ)—ପରମେଶ୍ୱର—
Jagannibāsa God.
ଦେ. ବି—ପୁରୀର ଜଗନ୍ନାଥ ମହାପ୍ରଭୁ—
The Deity Jagannātha of Puri.

ଜଗନ୍ନିବାସୀ—ସଂ. ବି. (୭ମୀ ତତ୍; ଜଗତ୍ + ନିବାସ + ଇନ୍)—
Jagannibāsi ଜଗଜ୍ଜନ; ଜଗଜନ (ଦେଖ)
Jagajana (See)

ଜଗନ୍ନୁ—ସଂ. ବି—୧ । ଅଗ୍ନି (ହି. ଶବ୍ଦସାଗର)—
Jagannu 1. Fire.
୨ । ଜନ୍ତୁ (ହି. ଶବ୍ଦସାଗର)—2. Animal.

ଜଗନ୍ମୟ—ସଂ. ବି. ପୁଂ. (ଜଗତ୍ + ମୟ)—
Jaganmaya ବିଷ୍ଣୁ (ହି. ଶବ୍ଦସାଗର)—Bishnu.

ଜଗନ୍ମୟୀ—ସଂ. ବି. (ଜଗନ୍ମୟ + ସ୍ତ୍ରୀ. ଈ)—
Jaganmayi ୧ । ଲକ୍ଷ୍ମୀ (ହି. ଶବ୍ଦସାଗର)—
1. Goddess Lakshmi.
୨ । ବିଶ୍ୱବ୍ୟାପିନୀ ଶକ୍ତି—2. The Divine essence pervading the universe.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଜଗନ୍ମାତା—ସଂ. ବିଣ. ସ୍ତ୍ରୀ—ବିଶ୍ୱର ମାତୃ ସ୍ୱରୂପ—
Jaganmātā Occupying the portion of the mother of the universe.
ବି. ସ୍ତ୍ରୀ—୧ । ଦୁର୍ଗା—1. Goddess Durgā.
୨ । ଲକ୍ଷ୍ମୀ—2. Goddess Lakshmī.

ଜଗନ୍ମୋହନ—ସଂ. ବିଣ. ପୁଂ. (ଜଗତ୍‌+ମୋହନ)—
Jaganmohana ଯେ ଜଗତକୁ ମୋହିତ କରେ—
(ଜଗନ୍ମୋହିନୀ—ସ୍ତ୍ରୀ) Enchanting the universe.
ସଂ. ବି. ପୁଂ—ଜଗଦ୍‌ବନ୍ଧୁ (ଦେଖ)
Jagadbandhu (See)

ଜଗନ୍ମୋହନଲାଲ—ଦେ. ବି. (ନାମ)—'ଓଡ଼ିଶା ବିଜୟ' ଓ
Jaganmohanalāl 'ଭ୍ରମଭଞ୍ଜନ' ପ୍ରଭୃତି ଗ୍ରନ୍ଥର ରଚୟିତା—
(ଭାରଣୀ—ଉତ୍କଳ ସାହିତ୍ୟ ଇତିହାସ)—
The author of the books 'Ordisā bijaya' and 'Bhramabhañjana' etc.
[ଦ୍ର—ଏ ବଙ୍ଗୀୟ ଲାଲା କାୟସ୍ଥ ବଂଶଧର । ଏହାଙ୍କ ପୂର୍ବ ପୁରୁଷମାନେ ଓଡ଼ିଶାରେ କଟକ ଜିଲ୍ଲାରେ ଉପନିବେଶ କରି ରହିଥିଲେ ।]

ଜଗପତି—ଦେ. ବି. (ସଂ. ଜଗତ୍ପତି)—ଜଗତ୍‌ପତି (ଦେଖ)
Jagapati Jagatpati (See)

ଜଗବନ୍ଧୁ—ଦେ. ବି. (ସଂ. ଜଗଦ୍‌ବନ୍ଧୁ)—ଜଗବନ୍ଧୁ (ଦେଖ)
Jagabandhu Jagabandhu (See)

ଜଗବନ୍ଧୁ ବିଦ୍ୟାଧର—ଦେ. ବି. (ନାମ)—ଖୋରଧା ରାଜାଙ୍କ ଜଣେକ
Jagabandhu bidyādhara ପ୍ରସିଦ୍ଧ ବକ୍ସି ବା ମନ୍ତ୍ରୀ, ତଥା
ରୋହଙ୍ଗ ଜିଲ୍ଲାର ପୁରୁଣା ଜମିଦାର (ଜାଗିରଦାର)—
[ଦ୍ର—ସେହି ସମୟର ପୁରୀ କଲେକ୍ଟରଙ୍କ ସିରସ୍ତାଦାର କୃଷ୍ଣସିଂହ (ଅଧୁନିକ ଲାଲା ବାବୁ ଷ୍ଟେଟର ମାଲିକଙ୍କ ପୂର୍ବପୁରୁଷ) ଏହାଙ୍କ କିଲ୍ଲାକୁ କପଟରେ ରାଜସ୍ୱ ନିଲାମରେ ଉଠାଇ ନେଇ ଧରିବାରୁ ଜଗବନ୍ଧୁ ଏଥିରେ ଉତ୍ତ୍ୟକ୍ତ ହୋଇ କମିଶନରସାହେବଙ୍କ ନିକଟ ଅପିଲ କଲେ । ଅପିଲରେ କମିଶନର ସାହେବ ଏ ନିଲାମ ରଦ କରିବାକୁ ଅଦାଲତର ଆଶ୍ରୟ ନେବା ପାଇଁ ଜଗବନ୍ଧୁଙ୍କୁ ଆଦେଶ ଦେବାରୁ ନିଃସମ୍ବଳ ଜଗବନ୍ଧୁ ଦେବାନୀ ମକଦ୍ଦମା ଦାଏର ନ କରି ଘୁମୁସର ଅଞ୍ଚଳରୁ ଗୁଡ଼ିଏ କନ୍ଧ ସଂଗ୍ରହ କରି ଖୋରଧା ବିଦ୍ରୋହୀ ପାଇକମାନଙ୍କର ନେତା ହେଲେ ଓ ୧୮୧୭ ଖ୍ରୀଷ୍ଟାବ୍ଦରେ ପ୍ରକାଶ୍ୟରେ ବିଦ୍ରୋହ ଘୋଷଣା କରି ପ୍ରଥମେ ଖୋରଧା, ଲେମ୍ବେଇ, ରୋହଙ୍ଗଆଦି ଦଖଲ କରି ଲୁଟପାଟ କଲେ; କିନ୍ତୁ ପରେ ପରାସ୍ତ ହୋଇ ଇଂରାଜଙ୍କଠାରେ ଆତ୍ମସମର୍ପଣ କଲେ (ପାଇକ ବିଦ୍ରୋହ ତଳେ ନୋଟ ଦେଖ) ।]

ଜଗମୋହନ—ଦେ. ବି. (ସଂ. ଜଗନ୍ମୋହନ)—୧ । ଶ୍ରୀକୃଷ୍ଣ—
Jaganohana 1. Śrikṛushṇa.
କାହିଁ ଭୁ ଏମନ୍ତ ଶଗିଲୁ
ଜଗମୋହନଙ୍କୁ ମୋହିଲୁ । ଭୂପତି—ପ୍ରେମପଞ୍ଚାମୃତ ।
୨ । ଭଗବାନ—2. God.
୩ । ଦେବ ପ୍ରତିମା ଯେଉଁ ମନ୍ଦିରରେ ବିଜେ କରନ୍ତି ତାହାର ସଂଲଗ୍ନ କ୍ଷୁଦ୍ରତର ମନ୍ଦିର—
3. The smaller temple adjoining the main temple where the devotees congregate and dancing (during the worship of the Deity) takes place.
[ଦ୍ର—ଭକ୍ତ ଓ ଦର୍ଶକମାନେ ସେଠାରେ ସମବେତ ହୁଅନ୍ତି ଏବଂ ଦେବତାଙ୍କ ପ୍ରୀତିଉତ୍ପାଦନ ଉଦ୍ଦେଶ୍ୟରେ ସେଠାରେ ବେଳେ ବେଳେ ନୃତ୍ୟଗୀତାଦି ହୁଏ ।]
୪ । ବ୍ୟକ୍ତିବିଶେଷଙ୍କ ନାମ—
4. A name given to male persons.

ଜଗମୋହନିଆ—ଦେ. ବି. (ସଂ. ଜଗନ୍ମୋହନ)—ଜଗମୋହନ (ଦେଖ)
Jagamohaniā Jagamohana (See)
ବଡ଼ ଦେଉଳରେ ଜଗମୋହନିଆ
ଟେକି ଦେଇଅଛି ତାହାରେ । ଜଗନ୍ନାଥଙ୍କ ଜଣାଣ ପଦ ।

ଜଗର—ସଂ. ବି. (ଜାଗୃ ଧାତୁ+କର୍ତ୍ତୃ ଅ. ନିପାତନ)—
Jagara ୧ । କବଚ; ସାଞ୍ଜୁ—1. Coat of mail.
୨ । ପୃଷ୍ଠୀ ନାମକ ସୁରା; ମଦ୍ୟବିଶେଷ—
2. A kind of wine; a sort of liquor.
୩ । ଗୋମୟ—3. Cowdung.
୪ । ମଦର କଲ୍କ—4. The dregs of wine.
୫ । ମଦନ ବୃକ୍ଷ—5. Madana (tree).
(ଜଗରା—ସ୍ତ୍ରୀ) ସଂ. ବିଣ. ପୁଂ—ଧୂର୍ତ୍ତ; ଚଲାଖ—
Cunning; clever.

ଜଗର୍ନାଥ—ଗ୍ରା. ବି. (ଜଗନ୍ନାଥ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—
Jagarnātha ଜଗନ୍ନାଥ (ଦେଖ)
जगरनाथ Jagannātha (See)
[ଦ୍ର—ଜଗନ୍ନାଥ ଶବ୍ଦକୁ ଅଜ୍ଞ ଲୋକେ 'ଜଗର୍ନାଥ' ଉଚ୍ଚାରଣ କରନ୍ତି । ଏହି ଉଚ୍ଚାରଣ ପ୍ରଭାବରେ ଇଂରାଜୀରେ 'Juggernaut' (ଜଗର୍ନାଟ) ଶବ୍ଦର ବ୍ୟବହାର ଚଳିଅଛି ।]

ଜଗଳ—ସଂ. ବି ଓ ବିଣ. (ଗଲ୍ ଧାତୁ ଯଙ୍‌ଲୁଗନ୍ତ ଜଗଲ ଧାତୁ=ପୁନଃ
Jagaḷa ପୁନଃ ଗଳିତ ହେବା+କର୍ତ୍ତୃ. ଅ)—ଜଗର (ଦେଖ)
(ଜଗଳା—ସ୍ତ୍ରୀ) Jagara (See)

ଜଗଲ—ପ୍ରାଦେ. (ସମ୍ବଲପୁର) ବି—ଚୁଙ୍ଗୁଡ଼ିଆ ଦଳ (ଦେଖ)
Jagala Chuṅgurḍiā daḷa (See)

ଜଗହୁତ—ଦେ. ବି. (ସଂ. ଜଗତ୍‌+ହୂତ=ଜଗତର ଲୋକଙ୍କ ଦ୍ୱାରା
Jagahuta ପୂଜିତ ?)—ଜଗନ୍ନାଥ—God.

ଜଗହୁଳା—ଦେ. ବି—ଏକପ୍ରକାର ବଡ଼ ମଶାଲ—
Jagahuḷā A big torch

୧	ଇ	ଓ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍	ଉଅ	ଷ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଂ୍ୟ	ଇଅ	ଋ	ନ୍ନ

ଜଗା—ଦେ. ବି.—୧ । ଜଗିବା (ଦେଖ)
Jagā 1. Jagibā (See)
୨ । ଜଗନ୍ନାଥ ମହାପ୍ରଭୁ—2. The Deity Jagannātha.
ଶିବା ପଥର ଜଗା କାଠ, ଖଡ ହରୁ ଦଅ କାହ କି ଛ—ଡଗ ।
୩ । ଜଗନ୍ନାଥ, ଜଗବନ୍ଧୁ ନାମଧାରୀ ବ୍ୟକ୍ତିର ଅବଜ୍ଞାବୋଧକ ଡାକ ନାମ—3. A name for calling persons named Jagannātha etc.
ଦେ. ବଣ.—(ଅନ୍ୟ ବିଶେଷ୍ୟ ଶବ୍ଦ ସଙ୍ଗେ ଯୋଗେ) ଯେ ଜଗେ; ଜଗିଆ (ଦେଖ)
Jagiā (See)
(ଯଥା—ଗୋରୁଜଗା, ଘରଜଗା ଇତ୍ୟାଦି)

ଜଗାଇବା—ଦେ. କ୍ରି.—ଜଗିବାର ଣିଜନ୍ତ ରୂପ—
Jagāibā Causative form of Jagibā.
(ଜଗେଇବା—ଅନ୍ୟରୂପ)

ଜଗାଇମାଧାଇ—ଦେ. ବି.—ଚୈତନ୍ୟ ଦେବଙ୍କ ସମସାମୟିକ ନବଦ୍ୱୀପବାସୀ ମହାପାପୀ ଓ ଦୁଷ୍ଟ ଦୁଇଭାଇ, ଯେଉଁମାନେ ପରେ ଚୈତନ୍ୟଙ୍କ ଦୟାରୁ ମହାପ୍ରେମିକ ଭକ୍ତ ହୋଇଥିଲେ—Names of two brothers of Nabadwipa who were very cruel and sinful but were changed into very loving and pious devotees.
Jagāi mādhāi
जगाईमाधाई

ଜଗାଜଗ—ଦେ. ବି.—କୌଣସି କାର୍ଯ୍ୟ ପ୍ରତି ବିଶେଷ ସାବଧାନତା ବା ସତର୍କତା ବା ହୁସିଆର—Utmost carefulness or caution; being on the guard; watchfulness.
Jagājag
छकाछक
ଦେ. ବଣ.—୧ । କୌଣସି ବିଷୟକୁ ବିଶେଷ ସତର୍କ ହୋଇ ଜଗିଥିବା ବା ଦୃଷ୍ଟି ରଖିଥିବା; ଛକାଛକ—1. Using great care or caution; very watchful; being on one's guard.
୨ । ପରସ୍ପର ପରସ୍ପର ପ୍ରତି ସତର୍କ ରହୁଥିବା—2. Being on one's guard against each other

ଜଗାଜଗି—ଦେ. ବି. ଓ ବଣ—ଜଗାଜଗ (ଦେଖ)
Jagājagi Jagājag (See)

ଜଗାବଳିଆ—ଦେ. ବି.—ଜଗନ୍ନାଥ ଓ ବଳଭଦ୍ର—
Jagābaḷiā Lord Jagannātha and Baḷabhadra.
ଯାହାକୁ ରଖିବେ ଜଗାବଳିଆ,
ତାକୁ କ କରିବେ ବଡ଼ବଡ଼ିଆ—ଡଗ ।

ଜଗାରଖା—ଦେ. ବି. (ସବୁରର)—୧ । ସତର୍କତା ସହିତ କୌଣସି ବସ୍ତୁର ରକ୍ଷଣ ବା ତତ୍ପ୍ରତି ଦୃଷ୍ଟି ଦେବା—
Jagārakhā 1. Keeping watch over a thing.
देखाशुना
बचाव रखवारी ୨ । ସମ୍ପତ୍ତିର ରକ୍ଷଣାବେକ୍ଷଣ—
2. Preservation or management or supervision of a property.

ଜଗାଳ—ପ୍ରାଦେ. ବି. (କଟକ)—ଜଗୁଆଳ (ଦେଖ)
Jagāḷa Jaguāḷa (See)

ଜଗାଳି—ଦେ. ବଣ. ପୁଂ—୧ । ଜଗିଆ (ଦେଖ)
Jagāḷi 1. Jagiā (See)
ପ୍ରାଦେ. (ଗଞ୍ଜାମ) ବି.—୨ । ଦଣ୍ଡାସି; ଗ୍ରାମ ଚଉକିଦାର—
2. Village watchman caste.

ଜଗିଆ—ଦେ. ବଣ. ପୁଂ—୧ । ଯେ ଧନ ଆଦିକୁ କେବଳ ଜଗି ରଖେ—
Jagiā 1. One who simply guards a property.
(ଜଗେଇ—ସ୍ତ୍ରୀ) ଦେ. ବି.—ଜଗିବା—
रखवाल Watching.
रखवाली
ସୁଗ୍ରୀବ ମାମୁଁ ଦଧିମୁଖ ଯେ ବନେ ଜଗିଆରେ ଏଣ ।
ଶାଳକଣ୍ଠ ଦାଶ· ପିଙ୍ଗଳ· ରାମାୟଣ
୨ । ଜଗୁଆଳ; ପହରାବାଲା—
2. Guards-man; watch-man.
ମଲ୍ଲମାନ୍ଟ ସଙ୍ଗେ ନାମ ଜଗିଆ ସମ୍ଭବ । ଗ୍ରାଚୀ; ବୃନ୍ଦାବନଧୂପ ଗୀତା ।

ଜଗିବସିବା—ଦେ. କ୍ରି.—୧ । ଅତି ସାବଧାନତାପୂର୍ବକ ଜଗିବା—
Jagibasibā 1. To keep a vigilant watch.
୨ । ଅହରହଃ ଅପେକ୍ଷା କରି ରହିବା—
2. To keep waiting day and night.

ଜଗିବା—ଦେ. କ୍ରି. (ସଂ. ଜାଗୃ ଧାତୁ=ଜାଗରଣ କରିବା)—
Jagibā ୧ । ପହରା ଦେବା—
राखी 1. To watch; to guard; to keep watch over.
जागना, रखवारीकरना
ଯହିଁ ଜଗି ଜଗି ଯୋଗେ ଶାଭୋଗେ ।
ଜଗନ୍ନାଥ· ମହାଯାତ୍ରା ।
୨ । ଗୋ ମେଷାଦି ଚରିବା ସମୟରେ ତାଙ୍କ ପ୍ରତି ଦୃଷ୍ଟି ରଖିବା; ଚରାଇବା—2. To tend (cattle).
୩ । ଅପେକ୍ଷା କରି ରହିବା—3. To be in waiting; to keep waiting.
ତ ମାସ ଜଗିଲ ପନ୍ନାଟ,
ବନେ କ ପାଇଲ ଭେଟ—ଡଗ ।
୪ । କୌଣସି ପଦାର୍ଥକୁ ସାବଧାନତା ସହିତ ରକ୍ଷା କରିବା; ସମ୍ଭାଳିବା—4. To look to the safety or preservation of a thing with carefullness.
ମାନ କର ସୈନ୍ୟର ବଦ୍ୟା ନ ଖ ଯାବ
ଏଣୁ ତା ସଙ୍ଗତା ଜଗିବ ହିଁ ଜନସ୍ୱେ । କୃଷ୍ଣସିଂହ· ମହାଭାରତ· ବନ ।
୫ । ସତର୍କ ହେବା; ସାବଧାନ ହେବା; ହୁସିଆର ହେବା—
5. To be on the alert; to be caution; to be careful.
୬ । ରାତି ଅନିଦା ହୋଇ ବସିବା ବା ଚେଇଁବା; ଜାଗିବା—
6. To watch through the night; to keep up the whole night.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଯତ୍ନ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଜଗିରଖି—ଦେ. କି. ବଣ. (ଜଗିବା ଓ ରଖିବା କ୍ରିୟାର ଅସମାପିକା ରୂପଦ୍ୱୟ ସହଚରରୂପେ ବ୍ୟବହୃତ ହୁଏ)—
Jagirakhi — ଖୁବ ସାବଧାନତା ଓ ସଂଯମ ଅବଲମ୍ବନ ପୂର୍ବକ—
With utmost care or caution.
(ଯଥା—ଜଗି ରଖି ଖରଚ କଲେ ମନୁଷ୍ୟ କଙ୍ଗାଳ ହୁଏ ନାହିଁ ।)

ଜଗି ରହିବା—ଦେ. କି—ଜଗି ବସିବା (ଦେଖ)
Jagi rahibā — Jagi basibā (See)

ଜଗୁ—ଦେ. ତ—ଜଗା (ଦେଖ)
Jagu — Jaga (See)

ଜଗୁଆ—ଦେ. ବଣ—୧ । ଯେ ଜଗେ—
Jaguā — 1. (a person) Keeping on watch.
রাখাল — (ଯଥା—ଅଛ ଗାଈ ଜଗୁଆ ପିଲେ ଅସି ନାହାନ୍ତି କି ?)
रखवाला
୨ । ଜଗନ୍ନାଥ, ଜଗବନ୍ଧୁ ପ୍ରଭୃତିଙ୍କୁ ଡାକିବା ନାମ—
2. A name by which Jagannath or Jagabandhu is called.

ଜଗୁଆଳ—ଦେ. ବ—ଜଗୁଆଳି (ଦେଖ)
Jaguāla — Jaguāli (See)

ଜଗୁଆଳି—ଦେ. ବ—୧ । ପହରୀବାଲା—
Jaguāli — 1. Guard; watchman.
রাখাল — ଗୋଡ଼ ମୁଦ ଅଗୁଆଳ, କଥାଏ କ କଥା କହୁଥିଲୁ,
रखवाला — ସାଙ୍ଗେ ସାଙ୍ଗେ ଜଗୁଆଳ—ଚଗ ।
୨ । ଗୋରୁ ରଖୁଆଳ—
2. Herdsman; a keeper of cattle etc.
ପ୍ରାଦେ. (ଗଞ୍ଜାମ) ବ—ଗଞ୍ଜାମର ଶୂଦ୍ର ଜାତିବିଶେଷ—
A caste of Śūdras in the district of Ganjam.

ଜଗୁଜୀବନ—ଦେ. ବ. (ସଂ. ଜଗଜ୍ଜୀବନ; ଜଗତର ପ୍ରାଣସ୍ୱରୂପ)—
Jagujībana — ପରମେଶ୍ୱର—God.
ଜଗୁଜୀବନ ଦାଶରଥି
ଜାନକୀ ଦେଖି ପ୍ରାଣପତି । କମଳଲୋଚନ ଭବପତି ।

ଜଗୁସାଇଁ—ଦେ. ବ. (ସଂ. ଜଗତ୍ + ସ୍ୱାମୀ)—ଜଗନ୍ନାଥ—
Jagusāiṅ — The Deity Jagannātha.
ଗରୁଡ଼ ପଛରେ ଥାଇ, ଦେଖି ନରେ ଜଗୁସାଇଁ
ନାଶ କର ମକରାପ, କହେ ପ୍ରତାପ ଯେ । ପ୍ରତାପ. ଶଶିରେଣା ।

ଜଗେଇ ମାଧେଇ—ଦେ. ବ—ଜଗାଇ ମାଧାଇ (ଦେଖ)
Jagei mādhei — Jagāi mādhāi (See).

ଜଗ୍ଧ—ସଂ. ବଣ. (ଅଦ୍ ଧାତୁ ଖାଇବା + କର୍ମ. ତ; ନିପାତନସିଦ୍ଧ)—
Jagdha — ଭକ୍ଷିତ; ଭୁକ୍ତ—Eaten; devoured.
ସଂ. ବ. (+ ଭାବ. ତ)—ଭକ୍ଷଣ—Eating.

ଜଗ୍ଧି—ସଂ. ବ. (ଅଦ୍ ଧାତୁ ଖାଇବା + ଭାବ. ତି; ନିପାତନସିଦ୍ଧ)—
Jagdhi — ୧ । ଭୋଜନ; ଭକ୍ଷଣ—1. Eating; meal.
୨ । କେତେ ଲୋକଙ୍କ ସଙ୍ଗେ ଏକତ୍ର ଖାଇବା; ସହଭୋଜନ (ହି. ଶବ୍ଦସାଗର)—
2. Dining together; feast.

ଜଗ୍ମି—ସଂ. ବ—ବାୟୁ (ହି. ଶବ୍ଦସାଗର)—
Jagmi — Air.
ସଂ. ବଣ—ଗତିଶୀଳ (ହି. ଶବ୍ଦସାଗର)—Moving.

ଜଘନ—ସଂ. ବ. (ହନ୍ ଧାତୁ ଯଙ୍ ଲୁଗନ୍ତ + କର୍ତ୍ତୃ. ଅନ)—
Jaghana — ୧ । ନିତମ୍ବ; ଫଣ୍ଡିଆ; ଅଣ୍ଟୁ ଉପରୁ କଟି ପର୍ଯ୍ୟନ୍ତ ଗୋଡ଼ର ପଛ ଭାଗ—1. The hinder part; buttocks; hip and loins.
୨ । ସ୍ତ୍ରୀକଟି; ସ୍ଫିଚ୍—
2. Pudenda; mons Veneris (M. W.).
୩ । ସେନାର ପଶ୍ଚାଦ୍ଭାଗ—
3. Rear guard; the reserve of an army.
୪ । କଟିର ତଳ ଦେହର ସାମନା ଅଂଶ; ତଳପେଟ (ହି. ଶବ୍ଦସାଗର)—4. Abdomen.

ଜଘନକୂପ—ସଂ. ବ. (ଜଘନ + କୂପ)—ସୁନ୍ଦରୀ ସ୍ତ୍ରୀମାନଙ୍କର କଟିଦେଶର
Jaghanakūpa — ପଶ୍ଚାତ୍ ଭାଗରେ ଥିବା ଆବର୍ତ୍ତ ବା ଉର୍ଦ୍ଧ୍ୱରନ୍ଧ୍ର- (ଜଘନକୂପକ—ଅନ୍ୟରୂପ) The small cavities seen in the back of the loins of comely women.

ଜଘନଚପଳା—ସଂ. ବ. ସ୍ତ୍ରୀ. (ବହୁବ୍ରୀହି; ଜଘନ + ଚପଳ + ସ୍ତ୍ରୀ.ଆ)—
Jaghanachapalā — ୧ । ଅସତୀ; ନଷ୍ଟଚରିତ୍ରା; କୁଳଟା—
1. An unchaste woman; adulteress.
୨ । ନର୍ତ୍ତକୀ—2. A dancing girl.
୩ । କାମୁକୀ ସ୍ତ୍ରୀ. (ହି. ଶବ୍ଦସାଗର)—
3. Lustful woman.
୪ । ସଂସ୍କୃତ ଆର୍ଯ୍ୟାଛନ୍ଦର ୧୬ ଭେଦ ମଧ୍ୟରୁ ଏକତମ (ହି. ଶବ୍ଦସାଗର)—4 One of the 16 varieties of the Sanscrit metre Ārjyā.
[ଦ୍ର—ଏ ଛନ୍ଦର ପ୍ରଥମାର୍ଦ୍ଧ ଆର୍ଯ୍ୟାଛନ୍ଦର ପ୍ରଥମାର୍ଦ୍ଧ ପରି ଓ ଦ୍ୱିତୀୟାର୍ଦ୍ଧ ଚପଳା ଛନ୍ଦର ଦ୍ୱିତୀୟାର୍ଦ୍ଧ ପରି ରଚିତ ।]

ଜଘନଫଳା—ସଂ. ବ. (ଜଘନରେ ବା ଗଛର କାଣ୍ଡରେ ଫଳ ଧରିବାରୁ)—
Jaghanaphalā — ୧ । ଡିମିରି (ଦେଖ)
1. Ḍimiri (See)
୨ । କାକମାଚି (ଦେଖ)
2. Kākamāchi (See)

ଜଘନ୍ୟ—ସଂ. ବଣ. (ଜଘନ=କଟି + ସ୍ୱାର୍ଥେ. ଯ)—
Jaghanya — ୧ । ନୀଚ; ଅଧମ—1. Low; mean.
୨ । ଘୃଣ୍ୟ; ହେୟ—2. Hateful; despicable

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	କ୍ଷ	ଶ,ଷ	ଙ୍କ	ଇଯ଼	ଡ଼ଅ	ଙ୍ଗ
୨	ଈ	ଊ	ଋ	ଳ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଗ୍ୟ	ଇଅ	●	ନ୍ତୁ

୩ । ଅନୁଚିତ—3. Improper.
୪ । ଗର୍ହିତ; ନିନ୍ଦନୀୟ—4. Blameworthy.
୫ । ଚରମ; ଅନ୍ତିମ—5. Ultimate; last; final.

ତ—୧ । ଶୂଦ୍ର 1. The Śūdra caste.
୨ । ମେଢ୍ର; ପୁଂଲିଙ୍ଗ—2. Penis.
୩ । ମେଷ; ମେଣ୍ଢା—3. Ram; sheep.
୪ । ନୀଚ ଜାତି; ହୀନବର୍ଣ୍ଣ—4. Low caste.
୫ । ପିଠିର ଯେଉଁ ଅଂଶ ପିଚା ଉପରେ ଥାଏ—
5. The part of the back over the hips.
୬ । ରାଜାମାନଙ୍କ ଅନୁଚରବିଶେଷ—
6. A class of kings' attendants.

[ଦ୍ର—ବୃହତ୍ ସଂହିତା ଅନୁସାରେ ଏ ଅନୁଚର ଧନୀ, ମୋଟା-ବୁଦ୍ଧିଆ, ହସୁରା, କ୍ରୂର, କଳହପ୍ରିୟ ହୋଇଥାଏ । ଏହାର କର୍ଣ୍ଣ ଅର୍ଦ୍ଧଚନ୍ଦ୍ରାକାର, ଶରୀରର ଗଣ୍ଠି ଦୃଢ଼, ଅଙ୍ଗୁଳି ମୋଟ । ଏହାର ଛାତି, ହାତ ଓ ଗୋଡ଼ରେ ଖଣ୍ଡା ଆଦିର ଚିହ୍ନ ଥାଏ—ହି. ଶବ୍ଦସାଗର]

୭ । ଜଘନ୍ୟଭ (ଦେଖ)
7. Jaghanyabha (See)

ଜଘନ୍ୟଜ—ସଂ. ବି. ପୁଂ. (ଜଘନ୍ୟ+ଜନ୍+କର୍ତ୍ତୃ. ଅ)—
Jaghanyaja ୧ । ଶୂଦ୍ର—2. Śūdra.
୨ । ଅନ୍ତ୍ୟଜ (ହି. ଶବ୍ଦସାଗର)—
2. A person of low caste.
ବିଣ. ପୁଂ—କନିଷ୍ଠ—Younger in age; junior.

ଜଘନ୍ୟଭ—ସଂ. ବି—ଦ୍ୱିଜା ଆର୍ଦ୍ରା, ଅଶ୍ଳେଷା, ସ୍ୱାତି, ଜ୍ୟେଷ୍ଠା ଓ
Jaghanyabha ଶତଭିଷା ଏହି ଛଅ ନକ୍ଷତ୍ର (ହି. ଶବ୍ଦସାଗର)—
The 2nd, 6th, 9th, 15th, 18th and 24th asterisms.

ଜଘ୍ନି—ସଂ. ବି. (ହନ ଧାତୁ+କର୍ତ୍ତୃ. ଇ)—
Jaghni ୧ । ବଧକାରୀ; ଘାତକ (ହି. ଶବ୍ଦସାଗର)—
1. An assassin.
୨ । (+କରଣ. ଇ)—ଯେଉଁ ଅସ୍ତ୍ରଦ୍ୱାରା ବଧ କରାଯାଏ (ହି. ଶବ୍ଦସାଗର)—2. The instrument with which killing is done.

ଜଙ୍କ୍—ବୈଦେ. ବି. (ଫା. ଜଙ୍ଗ୍)—
Jank ୧ । କଳଙ୍କି; ଜଙ୍ଗ—1. Rust.
୨ । (ଇଂ) ଏକ ପ୍ରକାର ଚଉଡ଼ା ଡଙ୍ଗା—
2. Junk; a kind of wide boat.
ପ୍ରାଦେ. (ସମ୍ବଲପୁର) ବି—ଜୋକ—Leech

ଜଙ୍କ୍ସନ୍—ବୈ. ବି. (ଇଂ)—ରେଳର ଏକାଧିକ ଲାଇନ୍ ଯେଉଁ
Janksan ଷ୍ଟେସନରେ ଯୋଗ ହୋଇଥାଏ—
जङ्कसन Junction (Railway).
जंक्शन

ଜଙ୍ଖ—ଗ୍ରା. ବିଣ. (ସଂ. ଯକ୍ଷ)—କୃପଣ—
Jankha Miserly; close fisted.
ଦେ. ବି—ଜଖ (ଦେଖ)
Jakha (See)

ଜଙ୍ଖଲି—ପ୍ରାଦେ. (ଗଞ୍ଜାମ) ବି—ଏକ ପ୍ରକାର ସାରୁ—
Jankhali A kind of taro.

ଜଙ୍ଗ୍—ବୈଦେ. ବି. (ନେପାଳୀ ଭାଷା; ଫା. ଜଙ୍ଗ୍+ଯୁଦ୍ଧ)—
Jang ୧ । ଯୁଦ୍ଧ—1. Fight; war; battle.
जङ्ग ୨ । (ଫା. ଜଙ୍ଗ୍) କଳଙ୍କି—2. Rust.
जङ्ग
(ଜଂଗ୍—ଅନ୍ୟରୂପ)

ଜଙ୍ଗ୍ ବାହାଦୁର—ପ୍ରାଦେ. (ନେପାଳୀ) ବି—
Jang bāhādura ନେପାଳର ପ୍ରଧାନ ମନ୍ତ୍ରୀଙ୍କ ଉପାଧି—
जङ्ग बाहादुर Title of the chief-minister of
जङ्ग बाहादुर Nepāla.

ଜଙ୍ଗ୍ ଲାଗିବା—ଦେ. କ୍ରି—ଧାତୁଦ୍ରବ୍ୟରେ କଳଙ୍କି ଧରିବା—
Jang lāgibā To rust.
जङ्गलागा
(ଜଙ୍ଗ୍ ଧରିବା—ଅନ୍ୟରୂପ)

ଜଙ୍ଗମ—ସଂ. ବିଣ. (ଯ ଙ୍ଗ ଲୁଗନ୍ତ ଗମ୍ ଧାତୁ+କର୍ତ୍ତୃ. ଅ; ଯେ ପୁନଃପୁନଃ
Jangama ବା ଅନବରତ ଗମନ କରେ)—
(ବିପରୀତ—ସ୍ଥାବର) ୧ । ଚଳନ୍ତା; ଗତି କରୁଥିବା—
जङ्गम 1. Moving.
(ଜଂଗମ—ଅନ୍ୟରୂପ) ଜଙ୍ଗମ ହେବାର କମ୍ପୁନ୍ଦସାର ଛିଣ୍ଡି ଯିବାର ସେ କ ପ୍ରକାର—କବିସୂର୍ଯ୍ୟ. କଣୋହଚମ୍ପୁ. ଜ-ଗୀତ ।
୨ । ଯାହାକୁ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଇ ପାରେ; ଅସ୍ଥାବର—2. Movable.
୩ । ଅସ୍ଥାୟୀ; ଅଚିର—
3. Not permanent; non-abiding.
୪ । ପରିବର୍ତ୍ତନଶୀଳ—4. Changeable.
୫ । ବଦଳୁଥିବା—5. Changing
୬ । ଅଳ୍ପକାଳସ୍ଥାୟୀ; ସାମୟିକ—6. Temporary.
ଦେ. ବି—ଦକ୍ଷିଣଭାରତର ଲିଙ୍ଗାଏତ୍ ନାମକ ଶୈବସମ୍ପ୍ରଦାୟର ଗୁରୁ—Spiritual preceptor of the Lingāet sect of Śiba worshipper in south India.

[ଦ୍ର—ଏମାନେ ଦୁଇ ଶ୍ରେଣୀର—ବିରକ୍ତ ଓ ଗୃହସ୍ଥ । 'ବିରକ୍ତ'-ମାନେ ମୁଣ୍ଡରେ ଜଟା ରଖନ୍ତି ଓ କୌପୀନ ମାରନ୍ତି ଓ ଲିଙ୍ଗାଏତ୍-ମାନେ ବିରକ୍ତମାନଙ୍କୁ ବେଶି ମାନ୍ୟ କରନ୍ତି—ହି. ଶବ୍ଦସାଗର ।]

ପ୍ରାଦେ. (ଗଞ୍ଜାମ) ବି—ଶିବପୂଜକ ତେଲଙ୍ଗା ଜାତିବିଶେଷ—
A cast among the Telugus who worship Śiba.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ

ଜଙ୍ଗମକୁଟୀ—ସଂ. ବି. (ଜଙ୍ଗମ=ଗମନଶୀଳ + କୁଟୀ=ଗୃହ)—ଛତା—
Jangamakuṭi — An umbrella.
(ଜଂଗମକୁଟୀ—ଅନ୍ୟରୂପ)

ଜଙ୍ଗମବିଷ—ସଂ. ବି— ପ୍ରାଣୀମାନଙ୍କ ଦନ୍ତାଦି ଅଙ୍ଗଜାତ ଜନ୍ତୁଜ ବିଷ —
Jangamabisha — Poison proceeding from animals.
(ସ୍ଥାବରବିଷ—ବିପରୀତ) [ଦ୍ର—ସୁଶ୍ରୁତରେ ୧୬ ପ୍ରକାର ଜଙ୍ଗମ ବିଷର ଉଲ୍ଲେଖ ଅଛି; ଦୃଷ୍ଟିଜନିତ, ନିଃଶ୍ୱାସଜନିତ, ଦନ୍ତଜନିତ, ନଖଜନିତ, ମୂତ୍ରଜନିତ, ପୁରୀଷଜନିତ; ଶୁକ୍ରଜନିତ, ଲାଳାଜନିତ, ଆର୍ତ୍ତବଜନିତ, ନାଡ଼ୁଡ଼ଜନିତ, ମୁଖସନ୍ଦେଶଜନିତ, ଅସ୍ଥି, ପିତ୍ତ, ବିଶର୍ଦ୍ଧିତ, ଶୂକ ଓ ଶବ । ଭିନ୍ନ ଭିନ୍ନ ବିଷଧର ପ୍ରାଣୀମାନଙ୍କର ଭିନ୍ନ ଭିନ୍ନ ଅଙ୍ଗର ସଂସ୍ରବରେ ଅନ୍ୟ ଜୀବ ଦେହକୁ ବିଷ ସଂକ୍ରମିତ ହୁଏ—ହି. ଶବ୍ଦସାଗର ।]

ଜଙ୍ଗମଭୂତ—ସଂ. ବି—ଜୈବ ପଦାର୍ଥ— Animal matter or animal substance.
Jangamabhūta
(ଜଂଗମଭୂତ—ଅନ୍ୟରୂପ)

ଜଙ୍ଗମୁ—ପ୍ରାଦେ. (ଗଞ୍ଜାମ) ବି—ଜଙ୍ଗମ (ଦେଖ)
Jangamu — Jangama (See)
(ଜଂଗମୁ—ଅନ୍ୟରୂପ)

ଜଙ୍ଗଲ—ସଂ. ବି. (ଜଙ୍ଗମ + ଲା ଧାତୁ; ଗ୍ରହଣ କରିବା + କର୍ତ୍ତୃ. ଅ)—
Jangala — ୧ । ବଣ; ଅରଣ୍ୟ; ବନ (ପ୍ରକୃତିବାଦ)—
1. Forest; jungle.
୨ । ମରୁଦେଶ; ଜଳଶୂନ୍ୟ ଭୂମି—
2. Desert; waterless country (M. W).
୩ । (ଯଡ୍ ଲୁଗନ୍ତ ଗଲ ଧାତୁ + କର୍ତ୍ତୃ. ଅ) ମାଂସ—
3. Flesh.

[ଦ୍ର— ଏହି ସଂସ୍କୃତ ବିଶେଷ୍ୟ ଶବ୍ଦଟି ଇଂରେଜି ଭାଷାକୁ ନିଆ ଯାଇଅଛି ।]

ବିଣ—୧ । ନିର୍ଜନ (ପ୍ରକୃତିବାଦ)—1. Solitary, lonely.
୨ । ଶୁଷ୍କ –2. Arid; dry (M. W).
୩ । ଅନୁର୍ବର; ମରୁମୟ; ଯେଉଁଠାରେ ବୃକ୍ଷଲତାଦି ଜନ୍ମେ ନାହିଁ—3. Sterile (M. W)

ଜଙ୍ଗଲ ଦେ. ବି—୧ । ନିବିଡ଼ ଅରଣ୍ୟ –
Jangala — 1. Dense forest.
जंगल — ୨ । ଅରମା; ଯେଉଁ ସ୍ଥାନରେ ଲତା ଗୁଳ୍ମାଦି ବଢ଼ିଥାଏ—
जङ्गल — 2. A place overgrown with wild plants and creepers.
(ଜଙ୍ଗଲ—ଅନ୍ୟରୂପ)

[ଦ୍ର—ସଂସ୍କୃତ ଭାଷାରେ ଜଙ୍ଗଲ ଶବ୍ଦର ଅର୍ଥର 'ବନ' ବା 'ଅରଣ୍ୟ' ମାତ୍ର ଓଡ଼ିଆ ଭାଷାରେ 'ନିବିଡ଼ବନ' ଅର୍ଥରେ ଓ 'ଅରମା ସ୍ଥାନ' ଅର୍ଥରେ ଏହି ଶବ୍ଦ ପ୍ରଯୁକ୍ତ ହୁଏ ।]

ଜଙ୍ଗଲବାଡ଼ି—ଦେ. ବି – ଜଙ୍ଗଲ ସଫା କରି ଚାଷ କରାଯିବା ନୂଆବାଦ ଜମି—Land recently reclaimed from the jungala.
Jangalabāṛdi
ଜଙ୍ଗଲବାର, ଜଙ୍ଗଲବୃତ୍ତି, ଜଙ୍ଗଲବୁର } ଅନ୍ୟରୂପ

ଜଙ୍ଗଲାଟ—ଦେ. ବିଣ—୧ । ଅରଣ୍ୟମୟ—
Jangalāṭ — 1. Overgrown with jungle.
जंगलाट — ୨ । କୃଷିର ଅନୁପଯୁକ୍ତ (ଭୂମି)—
जङ्गलात — 2. Not fit for cultivation; not arable (land).
(ଜଙ୍ଗଲାତ—ଅନ୍ୟରୂପ)

ଜଙ୍ଗଲି—ଦେ. ବିଣ—୧ । ଅସଭ୍ୟ—
Jangali — 1. Uncivilised; untamed.
जंगली — ୨ । ବନ୍ୟ—2. Wild; sylvan.
जाङ्गल्य, जङ्गली — ୩ । ଓଲୁ; ନିର୍ବୋଧ —
(ଜଙ୍ଗଲି—ଅନ୍ୟରୂପ) 3. Stupid; foolish; dunce.
୪ । ଜଙ୍ଗଲରେ ଜାତ ବା ପ୍ରାପ୍ତ—4. Available or growing on the forest; jungly.

[ଦ୍ର—୧ । ଏ ଶବ୍ଦ ଇଂରାଜିରେ ମଧ୍ୟ ବ୍ୟବହୃତ ହୁଏ । ଏ ବୃକ୍ଷ ଭାରତବର୍ଷର ପଶ୍ଚିମଘାଟର ପାହାଡ଼, ବ୍ରହ୍ମଦେଶ ମାର୍ତ୍ତାବାନ୍, ଟେନାଇସେରିମ ଓ ସିଂହଳର ଅରଣ୍ୟରେ ଜନ୍ମେ । ଏ ଗଛରୁ ଏକ ପ୍ରକାର ଅଠା (ଗୋନ୍ଦ) ବାହାରେ । ଏ ଗଛ ଫାଲ୍‌ଗୁଣ ମାସରେ ଫୁଲ ଧରେ । ଫୁଲରୁ କଡ଼ା ଦୁର୍ଗନ୍ଧ ବାହାରେ । ଏ ଗଛର ଫଳକୁ ସିଝାଇ ଏକ ପ୍ରକାର ତୈଳ ବାହାର କରାଯାଏ । ଗରିବ ଲୋକେ ଦୁର୍ଭିକ୍ଷ ସମୟରେ ଏ ଫଳକୁ ଭାଜି କରି ଖାଆନ୍ତି । ପତ୍ର ଓ ଫଳ ଔଷଧରେ ଲାଗେ । ଏହାକୁ ପୁନ୍ ବା ପିନାରୁ କହନ୍ତି ।

୨ । ଆଉ ଏକ ପ୍ରକାର ବଡ଼ବଡ଼ା ଛାଆଯୁକ୍ତ ବନ୍ୟ ଗଛକୁ ଜଙ୍ଗଲି ବାଦାମ କହନ୍ତି । ଏହା ଆଣ୍ଡାମାନ୍ ଓ ବ୍ରହ୍ମଦେଶରେ ଜନ୍ମେ—ଏ ଗଛରୁ ଅଠା (ଗୋନ୍ଦ) ଓ ଫଳରୁ ତେଲ ବାହାରେ । ଏହାର ପତ୍ର କଷାଳିଆ ଓ ଚମଡ଼ା କଷିବାରେ ବ୍ୟବହୃତ ହୁଏ । ଏ ମଞ୍ଜିର ଶସ ବାଦାମ ମଞ୍ଜି ପରି ଲୋକେ ଖାଆନ୍ତି ଓ ପିଲ୍ଲିଆଙ୍କୁ ଘିଅସହିତ ଦିଅନ୍ତି । ଏଥିର ଛାଲ, ପତ୍ର, ମଞ୍ଜି ଓ ତେଲ ଔଷଧରେ ଲାଗେ । ଏହାର ପତ୍ରକୁ ରେଶମ ପୋକ ମଧ୍ୟ ଖାଆନ୍ତି । ହି. ଶବ୍ଦସାଗର]

ଜଙ୍ଗଲିଆ—ଦେ. ବିଣ— ଜଙ୍ଗଲି (ଦେଖ)
Jangaliā — Jangali (See)
(ଜଂଗଲିଆ—ଅନ୍ୟରୂପ)

ଜଙ୍ଗଲି ବାଦାମ – ଦେ. ବି—ବନ୍ୟ ବୃକ୍ଷବିଶେଷ—
Jangali bādāma — L. (1) Sterculia faetida.
जंगली बादाम — (2) Canarium commune
जङ्गलीबादाम; नटबादाम — Eng. Java almond tree (Kirtikar).
ତେ. ଗୁରୁପୁବାଦାମ
ତା. ପିନାରୁ, କୁଦୁମ୍ବୁଲୁ [ଦ୍ର—ପଶ୍ଚିମ ଭାରତ, ଦାକ୍ଷିଣାତ୍ୟ, ବ୍ରହ୍ମଦେଶ ଓ ସିଂହଳରେ ଏ ବୃକ୍ଷ ଜନ୍ମେ । ଏ ଗଛ ମଧ୍ୟେ ମଧ୍ୟେ ପତ୍ର ଛଡ଼ା ହୁଏ । ଏହାର ପତ୍ର ଓ ମଞ୍ଜି ଔଷଧରେ ଲାଗେ ।]

୧	ଇ	ଉ	ଂ,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଲ୍ୟ	ଡ଼ଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଲଅ	ଢ଼	ନ୍ତୁ

ଜଙ୍ଗାଲ୍—ଦେ. ବ. (ସଂ. ଜାଙ୍ଗୁଳ; ଫା. ଜଂଗାର୍)—
Jangāl ୧ । କବାଟ ଆଦି ରଙ୍ଗ କରିବା ନିମନ୍ତେ ତୈଳ
जङ्गाल ମିଶ୍ରିତ ରଙ୍ଗ; ତାମ୍ରଘଟିତ ଘାସବର୍ଣ୍ଣ ରଙ୍ଗ—
जङ्गार 1. A paint mixed with oil; verdigris;
(ଜଂଗାଲ୍—ଅନ୍ୟରୂପ) a variety of blue vitriol used for painting.

[ଦ୍ର—ଏହା ଗୋଟିଏ ବିଷ, ଏଥିରେ ତମ୍ବା, ଶଙ୍ଖିଆ, ଗନ୍ଧକ ମିଶିଥାଏ । ତମ୍ବାଚୂର୍ଣ୍ଣକୁ ସିରକାରେ ୨୪ ଘଣ୍ଟା ରଖିଲେ ଏ ରଙ୍ଗ ହୁଏ ।]

୨ । ତୁତିଆ—2. Blue vitriol.

ଜଙ୍ଗି—ବୈଦେ. ବିଣ. (ଫା. ଜଙ୍ଗ୍=ଯୁଦ୍ଧ)—
Jangi ୧ । ଯୁଦ୍ଧସମ୍ବନ୍ଧୀୟ—1. Pertaining to war.
जंगि ୨ । ସମରବିଭାଗୀୟ—2. Military.
जङ्ग (ଯଥା—ଜଙ୍ଗି ଲାଟ୍)
(ଜଂଗି—ଅନ୍ୟରୂପ) ୩ । ପରାକ୍ରମୀ; ମହାବଳ—
3. Very strong; indomitable.
ପ୍ରାଦେ. (ସମ୍ବଲପୁର) ବିଣ—ସୁଦୀର୍ଘ; ବୃହତ୍—
Big; large.
(ଯଥା—ଜଙ୍ଗି ରପୋର୍ଟ ।)

ଜଙ୍ଗିପଲ୍ଟଣ୍—ଦେ. ବି—ଭାରତୀୟ ଇଂରାଜସେନା—
Jangipaltan A battallian of English soldiers;
जंगी पलटनं Indian army consisting of Europeans.
जंगी पलटन
(ଜଙ୍ଗୀ ପଲ୍ଟଣ୍—ଅନ୍ୟରୂପ)

ଜଙ୍ଗିଭାଲୁ—ପ୍ରାଦେ. (ଗଞ୍ଜାମ) ବି—ଗାଡ଼ଭାଲୁ (ଦେଖ)
Jangibhālu Gārdabhālu (See)
(ଜଙ୍ଗୀ ଭାଲୁ—ଅନ୍ୟରୂପ)

ଜଙ୍ଗିଲାଟ—ଦେ. ବି. (ଫା. ଜଙ୍ଗ୍=ଯୁଦ୍ଧ)—
Jangilāta ଭାରତୀୟ ସୈନ୍ୟଙ୍କର ପ୍ରଧାନ ସେନାପତି—
जंगीलाट Honourable, the commander-in-
जंगीलाट chief of the Indian army.
(ଜଙ୍ଗୀଲାଟ—ଅନ୍ୟରୂପ)

ଜଙ୍ଗି ହରିଡ଼ା—ଦେ. ବି. (ସଂ. ଜାଙ୍ଗଲ ହରୀତକୀ)—
Jangi harirdā ଜଙ୍ଘି ହରିଡ଼ା (ଦେଖ)
जांगी हरीतकी Janghi harirdā (See
जंगी हड़
(ଜଙ୍ଗୀ ହରିଡ଼ା—ଅନ୍ୟରୂପ)

ଜଙ୍ଗୁଳ—ସଂ. ବି. (ଜଙ୍ଗ୍, ଗମନଶୀଳ+ଲୂ ଧାତୁ=ଛେଦନ କରିବା+
Jangula କର୍ତ୍ତୃ. ଅ)—ବିଷ—Poison.
(ଜଂଗୁଳ—ଅନ୍ୟରୂପ)

ଜଙ୍ଘ—ଦେ. ବି. (ସଂ. ଜଙ୍ଘା)—ଜଙ୍ଘା (ଦେଖ)
Jangha Janghā (See)
जांघ; जांग
जाँघ
(ଜଂଘ—ଅନ୍ୟରୂପ)

ଜଙ୍ଘ ଧରିବା—ଦେ. କ୍ରି—ଜଙ୍ଘରେ ବେଦନା ହେବା—
Jangha dharibā Aching in the thigh.

ଜଙ୍ଘା—ସଂ. ବି. (ଜନ୍ ଧାତୁ+ଅ+ଆ; ନିପାତନ)—୧ । ଅଣ୍ଟା
Janghā ଉପରଠାରୁ ଅଣ୍ଟାପର୍ଯ୍ୟନ୍ତ ଗୋଡ଼ର ସମ୍ମୁଖ ଅଂଶ—
1. Thigh; the part about the loins (Apte).
ଗୁଳ୍ଫପିବା ରଙ୍ଗିରେ ଜଙ୍ଘ ଲୁଚା ଫେଣ୍ଟ
ମୁଣ୍ଡପୋଡ଼ ରହେ ଗଳରେ ବିଧାଳେ ବୃନ୍ଦ । କୃଷ୍ଣସିଂହ. ମହାଭାରତ. ବନ ।
୨ । ଗୋଡ଼ନଳୀ; ଗଣ୍ଠିଗଣ୍ଠି ଓ ଆଣ୍ଠୁର ମଧ୍ୟବର୍ତ୍ତୀ ଅଂଶ—
2. Shank; part of the leg from the ankle to the knee.
୩ । କଇଁଚିର ଯେଉଁ ଅଂଶରେ ଆଙ୍ଗୁଠି ଗଳାଯାଇ କଇଁଚିକୁ ବ୍ୟବହାର କରାଯାଏ (ହି. ଶବ୍ଦସାଗର)—
3. The eyes of a pair of scissors.
जंघार ଦେ. ବି—ଜଙ୍ଘରେ ଉଠିବା ଦୁଷ୍ଟବ୍ରଣ; ଜଙ୍ଘକୁ ରକ୍ତ ଶୁଖିବା ରୋଗ—A painful boil on the thigh.

ଜଙ୍ଘାକରିକ—ସଂ. ବି. (ଜଙ୍ଘା+କର=ଶୁଳ୍କ+ଗ୍ରହଣାର୍ଥେ ଇକ)—
Janghākarika ୧ । ଧାବକ; ଯେ ଦ୍ରୁତବେଗରେ ଗମନ କରେ; ଧାଉଡ଼ିଆ ପାଇକ—1. A courier; a swift runner.
୨ । ମୃଗବିଶେଷ—2. A stag.

ଜଙ୍ଘାତ୍ରାଣ—ସଂ. ବି. (ଜଂଘା+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. ଅନ)—ଜଙ୍ଘକୁ ରକ୍ଷା କରିବାର କବଚ—
Janghātrāna
1. Cuish; an armour for the thighs.
୨ । ପେଣ୍ଟାଲୁନ୍—2. Pantaloons; trousers.
୩ । ଜଙ୍ଘିଆ—3. Half-pant; shorts.

ଜଙ୍ଘାବଳ—ସଂ. ବି—ବେଗଗାମୀ ଦୂତ—
Janghābala A fleet messanger.
ଲଙ୍ଘାଏ ଦୁର୍ଗ ନୋହେ ଜଙ୍ଘାବଳ । କବିସୂର୍ଯ୍ୟ. କବଚାକଳ୍ପୋଳୟ

ଜଙ୍ଘାବୃତ୍ତି—ସଂ. ବି—୧ । ଚାଲି କରି ଯିବା ଆସିବାର ବ୍ୟବସାୟ—
Janghābrutti 1. Pedestrianism.
୨ । ଦୌଡ଼ି କରି ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାର ଚାକିରି—
2. The office of a courier or runner.

ଜଙ୍ଘାଳ—ସଂ. ବିଣ. (ଜଙ୍ଘା+ଅଳ)—୧ । ଦ୍ରୁତଗାମୀ—
Janghāla 1. Fleet of foot; quick marching.
୨ । ଧାବକ—2. Running.
ବି—୧ । ହରିଣ—1. Antilope; deer; stag.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍କ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ଧାଉଡ଼ିଆ ପାଇକ—
2. A runner; courier.

ଜଙ୍ଘାଳା—ଦେ. ବି—ପ୍ରାଚୀନ କାଳରେ ଭାରତବାସୀଙ୍କ ଦ୍ୱାରା ବ୍ୟବହୃତ
Janghāḻā ଅର୍ଣ୍ଣବପୋତବିଶେଷ—A kind of ship used in ancient India.
[ଦ୍ର—ଭୋଜରାଜାଙ୍କ ପ୍ରଣୀତ 'ଯୁକ୍ତିକଳ୍ପତରୁ' ଗ୍ରନ୍ଥରେ ଏହାର ଉଲ୍ଲେଖ ଅଛି—ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ଜଙ୍ଘାଶୂଳ—ସଂ. ବି. (ଜଙ୍ଘା + ଶୂଳ; ୬ଷ୍ଠୀ ତତ୍)—ଜଙ୍ଘବଥା—
Janghāśūḻa Pain or aching in the thigh.

ଜଙ୍ଘି—ଦେ. ବି—୧ । ପାଇଜାମା—1. Trousers; drawyers
Janghi ୨ । ଜଙ୍ଘ—2. Thigh.
জাংগীয়া ଜଙ୍ଘିତ ସେହିଠାରେ ଅଛି କେବଳ
जांघिया ଜଂଘିତ ଢଙ୍ଗିବ୍ୟକ୍ତ ବଇଗାବୁଳ । ବ୍ରଜନାଥ. ସମରେତରଙ୍ଗ ।
ବିଣ—ଦ୍ରୁତଗାମୀ—Fleet of foot; quick marching.
ପ୍ରାଦେ. (ସମ୍ବଲପୁର) ବିଣ—ସୁଦୀର୍ଘ; ବୃହତ୍—Big; large.

ଜଙ୍ଘି (ଇତ୍ୟାଦି)—ବୈଦେ. ବିଣ—ଜଙ୍ଗି ଇତ୍ୟାଦି (ଦେଖ)
Janghi (etc) Jangi etc (See)

ଜଙ୍ଘିଆ—ଦେ. ବି—ଜଙ୍ଘଯାଏ ପିନ୍ଧାଯିବା ପାଇଜାମା—
Janghiā Half pant; shorts.
জাংগীয়া
जांघिया

ଜଙ୍ଘିଳ—ସଂ. ବି. (ଜଙ୍ଘା + ଇଳ)—ଜଙ୍ଘାଳ (ଦେଖ)
Janghiḻa Janghāḻa (See)

ଜଚ୍ଚା—ଦେ. ବି. (ସଂ. ଯାଚ୍ ଧାତୁ)—ଯାଚିବା କର୍ମ—
Jachā The act of offering or promising to give some thing.
ବିଣ—ଯେଉଁ ପଦାର୍ଥକୁ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଦେବାକୁ ଯାଚିଥାଏ—(any thing) Offered or promised to be given by one person to another.

ଜଚ୍ଚାଇ—ଦେ. ବି—ଯାଚାଇ (ଦେଖ)
Jachāi Jāchāi (See)
(ଜଚେଇ—ଅନ୍ୟରୂପ)

ଜଚ୍ଚାଇବା—ଦେ. କ୍ରି—୧ । ଯାଚିବା କ୍ରିୟାର ଣିଜନ୍ତରୂପ—
Jachāibā 1. Causative form of Jāchibā.
(ଜଚେଇବା—ଅନ୍ୟରୂପ) ୨ । ବଜାରରେ କୌଣସି ଦ୍ରବ୍ୟର ଭାଉ ଏକାଧିକ ସ୍ଥାନରେ ବୁଝିବା—2. To know the market rate of anything in different places.

ଜଚ୍ଚାଜଚି—ଦେ. ବି—୧ । କୌଣସି ବସ୍ତୁକୁ ଅନେକବାର ଯାଚିବା କର୍ମ—
Jachājachi 1. Offering of an article several times.
୨ । ପରସ୍ପରକୁ ଯାଚିବା—2. Mutual offering.

ଜଛ—ଗ୍ରା. ବି. (ସଂ. ଯଶଃ)—ଯଶ (ଦେଖ)
Jachha Jaśa (See)
(ଦଛ—ଅନ୍ୟରୂପ)

ଜଜ୍—ବୈଦେ. ବି (ଇଂ)—୧ । ବିଚାରପତି—1. Judge.
Jaj ୨ । ଜିଲ୍ଲାର ପ୍ରଧାନ ବିଚାରପତି—
জজ্ 2. District judge; Sessions Judge.
जज ୩ । ହାଇକୋର୍ଟର ବିଚାରପତି—
3. High Court Judge.
[ଦ୍ର—ଜଜ ଶବ୍ଦ ପୂର୍ବେ ଅନେକ ବୈଦେଶିକ ଶବ୍ଦଯୁକ୍ତ ବୈଦେଶିକ ଶବ୍ଦମାନ ଭାଷାରେ ମଧ୍ୟ ଚଳେ । ଯଥା—ସବ୍ ଜଜ୍, ସବଡିଭିଜନ୍ ଜଜ୍, ଚିଫ୍‌ଜଜ୍, ସେସନ୍ ଜଜ୍, ଡିଷ୍ଟ୍ରିକ୍ଟ ଜଜ୍ ।]

ଜଜ୍ କମିଶନ୍—ବୈଦେ.ବି (ଇଂ) (ସହଚର ଶବ୍ଦ)—ଜଜ୍ ଓ କମିଶନର—
Jaj kamiśan Judge and Commissioner.
[ଦ୍ର—ଏ ଶବ୍ଦ 'ବଡ଼ ବଡ଼ ରାଜକର୍ମଚାରୀ' ଅର୍ଥରେ ବ୍ୟବହୃତ ।]

ଜଜ୍ କଲଟର—ବୈଦେ.ବି.(ଇଂ)(ସହଚର ଶବ୍ଦ)—ଜଜ୍ ଓ କଲେକ୍ଟର—
Jaj kilatar Judge and collector.
[ଦ୍ର—ଏ ଶବ୍ଦ "ବଡ଼ ବଡ଼ ରାଜକର୍ମଚାରୀ" ଅର୍ଥରେ ବ୍ୟବହୃତ, ଯଥା—ତୁ କଅଣ 'ଜଜ୍ କଲଟର' କି ?]

ଜଜ୍‌କୋର୍ଟ—ବୈଦେ.ବି. (ଇଂ. ଜଜ୍‌କୋର୍ଟ)—ଜିଲ୍ଲା ବା ବିଭାଗର ପ୍ରଧାନ
Jajcoṭ ବିଚାରାଳୟ—Court of District and Sessions
জজকোর্ট Judge; Judge Court.
जजकोरट

ଜଜ୍ କୋର୍ଟିଆ—ଦେ. ବିଣ—ଯେଉଁମାନେ ଜଜ୍‌କୋର୍ଟରେ ବ୍ୟବସାୟ
Jaj koṭiā କରନ୍ତି—Practising in the court of
জজকোর্টের District Judge; (e. g. pleaders; as.
जजकोरटका distinguished from High Court Vakils).

ଜଜ୍‌ଗିରି—ଦେ. ବି—ଜଜ୍ ବା ବିଚାରପତିଙ୍କ କାର୍ଯ୍ୟ, ପଦ ବା ଚାକିରି—
Jajgiri Judgeship; the office or duty of a judge.
জজগিরি
जजगिरि

ଜଜ୍‌ପଣ୍ଡିତ—ଦେ. ବି. (ଇଂ. ଜଜ୍ + ସଂ. ପଣ୍ଡିତ)—ଇଂରାଜମାନେ
Jaj paṇḍita ପ୍ରଥମେ ଭାରତବର୍ଷକୁ ଅଧିକାର କରିବା ସମୟରେ
জজপণ্ডিত ଇଂରାଜ ବିଚାରପତି ବା ଜଜମାନଙ୍କୁ ହିନ୍ଦୁଶାସ୍ତ୍ର
जजपण्डित ସମ୍ବନ୍ଧୀୟ ଜଟିଳ ପ୍ରଶ୍ନର ମୀମାଂସା ନିମନ୍ତେ ସାହାଯ୍ୟ ଓ ପରାମର୍ଶ ଦେବା ନିମନ୍ତେ ନିଯୁକ୍ତ ସଂସ୍କୃତ ସ୍ମୃତିଶାସ୍ତ୍ରଜ୍ଞ ପଣ୍ଡିତ—Pandits formerly attached to the courts of Civil Judges to help the Judges with opinions and advice on questions of Hindu Law; Judge Pandit.

୧	ଇ	ଊ	ଋ,ଋ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଷ	ଙ୍କ	ଇସ୍	ଉ୍ଃ	ଭ
୨	ଈ	ଉ	ରୁ	ଲୁ	ପ୍ରେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଞ୍ଜ	ନ୍ନ

ଜଜ୍‌ମେଣ୍ଟ୍—ବୈଦେ.ବ.(ଇଂ)—ବିଚାରପତିଙ୍କ ଶେଷ ବିଚାରଫଳ; ରାଏ-
Jajment Judgement; final decission of a Judge.
जजमेंट
जजमेंट

ଜଜ୍‌ମୌଲବୀ—ଦେ. ବି. (ଇଂ. ଜଜ୍+ଫା. ମୌଲବୀ)—
Jajmaulabi ଇଂରାଜମାନେ ପ୍ରଥମେ ଭାରତରେ ରାଜ୍ୟସ୍ଥାପନ
जजमोलवी କରିବା ସମୟରେ ଜଜ୍‌ମାନଙ୍କୁ ମୁସଲମାନ ଶାସ୍ତ୍ର
जजमउलवी ସମ୍ବନ୍ଧୀୟ ଜଟିଳ ପ୍ରଶ୍ନର ମୀମାଂସା କରିବାରେ ପରାମର୍ଶ
ଦେବା କାରଣ ନିଯୁକ୍ତ ମୁସଲମାନଶାସ୍ତ୍ରଜ୍ଞ ମୌଲବୀ—
Judge-moulvy; a person versed in Mahomedan law attached formerly to the courts of civil judges to help them with advice on questions of Mahomedan Law.

ଜଜବଜ—ଦେ. ବି—ପ୍ରାଚୁର୍ଯ୍ୟ—
Jajabaja Abundance (Howells).
जजबज ବିଣ—ପ୍ରଚୁର; ଯଥେଷ୍ଟ—
Enough; sufficient.

ଜଜମାନ—ଦେ. ବି—ଯଜମାନ (ଦେଖ)
Jajamāna Jajamāna (See)
यजमान
जिजमान

ଜଜାଙ୍ଗ—ଦେ. ବି. (ସଂ. ଜଙ୍ଗିମା)—ଏକଜାତୀୟ ବନ୍ୟ ଗଛ—
Jajānga A kind of small wild tree with fragible boughs.
जिअल
जिगिन [ଦ୍ର—ଏହା ଅମ୍ବାଡ଼ବର୍ଗର ବୃକ୍ଷ; ଅମ୍ବଡ଼ା ଗଛ ପରି କାଠ ଦୀର୍ଘତରୁ । ଏଥିର ଡାଳ ନରମ, ଏହାର ପତ୍ରକୁ ବାଟି ବଥ ଉପରେ ଲେପ ଦେଲେ ତାହା ଶୀଘ୍ର ପାଚି ଫାଟିଯାଏ । ପତ୍ର ପକ୍ଷାକାର, ପ୍ରତି ବର୍ଷ ପତ୍ରଝଡ଼ା ହୁଏ ଏହାକୁ 'ଦାନ୍ତକାଠି' କରିବ ନାହିଁ ବୋଲି ପୁରାତନ ପ୍ରବଚନ ଆମ ଦେଶରେ ଅଛି । ଯଥା—
'ଜାମୁ ଜଜାଙ୍ଗ କପାଳାଟ ଯାକୁ ନ କର ଦାନ୍ତକାଠି,
ଯେବେ କରିବ ବୋଲେ ଛେବେ ପକାଇବ କାଲେ'—ପ୍ରବଚନ
ଏ ଗଛର ଗଣ୍ଡିରୁ ସର୍ବଦା ଅଠା ବହୁଥାଏ । ପାଚିଲା ଜଜାଙ୍ଗ ଫଳରୁ ଏକ ପ୍ରକାର ନାଲ ରସ ବାହାରେ ।]

ଜଜାଙ୍ଗି—ପ୍ରାଦେ. (ଗଞ୍ଜାମ; ସମ୍ବଲପୁର) ବି—ଜଜାଙ୍ଗ (ଦେଖ)
Jajāngi Jajānga (See)

ଜଜାଲ—ଦେ. ବିଣ. ପୁଂ. (ସଂ. ଯୁଧ ଧାତୁରୁ; ଯୁଦ୍ଧପ୍ରିୟ; ଯୁଦ୍ଧଶୀଳ)—
Jajāla ୧ । କଳହପ୍ରିୟ—1. Quarrelsome.
(ଜଜାଲୀ—ସ୍ତ୍ରୀ) ୨ । ବଳିଷ୍ଠ—2. Strong.
୩ । ମହାକାୟ—3. Gigantic.
୪ । ବୃହତ୍—4. Big.
[ଦ୍ର—ଲୋକେ ଦୃଷ୍ଟ ଓ ମହାକାୟ ସ୍ତ୍ରୀମାନଙ୍କୁ ଏହି ବିଶେଷଣ ଦେଇଥାଆନ୍ତି ।]
ଦେ. ବି—୧ । ବନ୍ଧୁକବିଶେଷ—
1. A kind of matchlock gun.
ତୋପ କମାଣ ହିଁ ଶବ୍ଦ ଗୁଣ
ଜଜାଲ ଜମ୍ବୁର ନାଳ ପ୍ରବର୍ଣ୍ଣ । ବ୍ରଜନାଥ. ସମରତରଙ୍ଗ ।
[ଦ୍ର—ଏହା ଘୋଡ଼ାବାର ଓ ଏଥିର ନଳୀ ଲମ୍ବା, ଏହା ଭାରି ଓ ଏଥିର ଗୁଳି ବହୁ ଦୂରକୁ ଯାଏ ।]
୨ । ଏକ ପ୍ରକାର ତୋପ—
2. A kind of cannon.
[ଦ୍ର—ଏଥିରେ ଗୋଡ଼ି ଓ ପଥର ଭରିକରି କରାଯାଇ ମରା ଯାଉଥିଲା ।]

ଜଜି-ବାବା—ପ୍ରାଦେ. (ଯାଜପୁର) ବି—ଜଇଜି-ବାବା (ଦେଖ)
Jaji-bābā Jaija-bābā (See)

ଜଝାଲ୍—ଦେ. ବିଣ. ପୁଂ—ଜଜାଲ (ଦେଖ)
Jajhāla Jajāla (See)
(ଜଝାଲୀ—ସ୍ତ୍ରୀ)

ଜଞ୍ଜକା—ଦେ. ବି—ବନ୍ୟବୃକ୍ଷବିଶେଷ—
Jañjakā Webera Corymbosa.

ଜଞ୍ଜପୂକ—ସଂ. ବିଣ. ପୁଂ. (ଜପ୍ ଧାତୁ—ଯଙ୍ ଲୁଗନ୍ତ+କର୍ତ୍ତୃ. ଊକ)—
Jañjapūka ୧ । ଯେ ସର୍ବଦା ଜପ କରେ—
(ଜଞ୍ଜପୂକା—ସ୍ତ୍ରୀ) 1, Always engaged in counting beads.
୨ । ଗର୍ହିତ ଜପକାରୀ—2. Always counting beads for evil purposes.

ଜଞ୍ଜାଲ୍—ପ୍ରାଦେ. (ସମ୍ବଲପୁର) ବି. (ଲ ସ୍ଥାନରେ ଲ ଉଚ୍ଚାରଣ ଓ
Jañjāl ଶେଷ ବର୍ଣ୍ଣ ହଲନ୍ତ)—ଜଞ୍ଜାଳ (ଦେଖ)
Jañjāla (See)

ଜଞ୍ଜାଳ—ସଂ. ବି. (ଜନ୍ ଧାତୁ; ଯଙ୍ ଲୁଗନ୍ତ+କର୍ତ୍ତୃ. ଅ=ଜଞ୍ଜ+
Jañjāla ପୂରଣାର୍ଥେ. ଅଲ; ଯେ ବାରମ୍ବାର ବା ଉପର୍ଯ୍ୟୁପରି ଜନ୍ମ
जंजाल ହୁଏ)—୧ । ଅଳିଆ; ଆବର୍ଜନା—1. Rubbish;
जंजाल sweepings; refuse matters.
(ଜଂଜାଳ—ଅନ୍ୟରୂପ) ୨ । ଗୋଳମାଳ; ଉତ୍ପାତ; ଗଣ୍ଡଗୋଳ—
2 Disorder; confusion; complication.
୩ । ଝଞ୍ଜଟ—3. Trouble; botheration.
ତୋତେ ନ ଲାଗେ ତା ଜଞ୍ଜାଳ । ଭୂପତି—ପ୍ରେମପଞ୍ଚାମୃତ ।
୪ । କଳିକଜିଆ—4. Quarrels.
୫ । ସଙ୍କଟ; ବିପଦ; ଦୁର୍ଭାଗ୍ୟ—5. Misfortune.
୬ । ସଂସାରର ମାୟା; ବିଷୟମାୟା—
6. Worldly tie or complications.
ଦେହ ଜଞ୍ଜାଳ ପ୍ରାପ୍ତ ହେଲେ
ପଦାର୍ଥ ମାଗିବ ମୁଁ କାହେ । ଭୂପତି—ପ୍ରେମପଞ୍ଚାମୃତ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବୃଦସଙ୍ଗ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଂକ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

୭ । ଅଳି; ଉପର୍ଯ୍ୟୁପରି ଜଗର କରି ପ୍ରାର୍ଥନା—
7. Importunity; repeated pressing request.
୮ । ଜଞ୍ଜାଳ (ଦେଖ)
8. Jajāla (See)

ଜଞ୍ଜାଳ କରିବା—ଦେ. କ୍ରି—୧ । ଉପର୍ଯ୍ୟୁପରି ଜଗର କରି ପ୍ରାର୍ଥନା କରିବା; ଅଳି କରିବା; ଧିକ୍‌ମିକ କରିବା—
Janjāla karibā
1. To importune.
୨ । ଧରିକୁ କରିବା—2. To bother; to worry.

ଜଞ୍ଜାଳ ଲଗାଇବା—ଦେ. କ୍ରି—ଜଞ୍ଜାଳ କରିବା (ଦେଖ)
Janjāla lagāibā — Janjāla karibā (See)
(ଜଞ୍ଜାଳ ଲଗେଇବା—ଅନ୍ୟରୂପ)

ଜଞ୍ଜାଳିଆ—ଦେ. ବଣ. ପୁଂ—୧ । ଯେ ବିଶେଷ ଜଗର ଧରି ପ୍ରାର୍ଥନା କରେ; ଧୀଠ—1. Importunate; troublesome; unreasonably solicitous.
Janjālia
ଜଞ୍ଜାଳିଆ; ଜଞ୍ଜାଳେ
ଜଂଜାଲିୟା
ପିଲାଗୁଡ଼ାକ ସବୁଦିନେ ଜଞ୍ଜାଳିଆ ସେମାନଙ୍କ କଥା କିଏ ଧରିବେ । ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଝଞ୍ଜଟିଆ; ଗୋଲମାଲରେ ଜଡ଼ିତ—
2. Complicated; confused.
୩ । ସାଂସାରିକ ବିଷୟରେ ଜଡ଼ିତ—
3. Beset with worldly complications.
୪ । ଯେ ଜଞ୍ଜାଳ ଜନ୍ମାଏ—
4. Creating botherations.
୫ । କଳହପ୍ରିୟ—5. Quarrelsome.
୬ । ଯେ ଗୋଳମାଳ ଲଗାଏ—
6. Creating complications.

ଜଞ୍ଜାଲିଆ—ପ୍ରାଦେ. (ସମ୍ବଲପୁର) ବଣ—ଜଞ୍ଜାଳିଆ (ଦେଖ)
Janjalia — Janjālia (See)

ଜଞ୍ଜାଳୀ—ଦେ. ବଣ. ସ୍ତ୍ରୀ—୧ । ଯେଉଁ ସ୍ତ୍ରୀ ବିଶେଷ ଅଳି କରେ—
Janjāli — 1. Importunate (woman)
(ଜଞ୍ଜାଳେଇ—ଅନ୍ୟରୂପେ) ୨ । କଳହପ୍ରିୟା—
2. Quarrelsome (woman).
୩ । ଯେ ବିଶେଷ ଗୋଳମାଳ କରେ—
3. Troublesome (woman).

ଜଞ୍ଜିର—ଦେ. ବି. (ଫା. ଜଞ୍ଜୀର; ଜଂଜୀର)—
Janjira — ୧ । ଶିକୁଳି; ଜଞ୍ଜିର; ଝଞ୍ଜିର—1. Chain.
ଜଞ୍ଜିର — ୨ । କବାଟରେ ଲାଗିବା ଶିକୁଳି—2. Door-chain.
ଜଂଜୀର — ୩ । ଅଧିକାର ଜମି ମାପିବାର ଚେନ୍—
3. Surveying chain.
୪ । ସ୍ତ୍ରୀମାନଙ୍କ ଜୁଡ଼ାର ଚଉଁରିଭିତ୍ତିରୁ ଓହଳିଥିବା ଶିକୁଳି; ଅଲଙ୍କାରବିଶେଷ—4. Chain hanging from the hairpin of a woman's coiffure
୫ । (କଚେରିଆ; ଲକ୍ଷଣାର୍ଥ) ପରବର୍ତ୍ତୀ ଦଲିଲ ପ୍ରଭୃତିରେ ପୂର୍ବବର୍ତ୍ତୀ କୌଣସି କାରବାରର ଉଲ୍ଲେଖ—
5. Mention or reference to a previous transaction in a subsequent document.
[ଦ୍ର—ଜଣେ ଖାତକ ୧୯୦୦ ସାଲରେ ମହାଜନଠାରୁ ତମସୁକଦ୍ୱାରା ଟ ୧୦୦ଙ୍କା ନେଇଥିଲା । ତାହା ପରିଶୋଧ ନ କରି ପୁଣି ୧୯୦୩ ସାଲରେ ହାଣ୍ଡନୋଟ୍‌ଦ୍ୱାରା ଟ ୨୫ଙ୍କା ନେଲା । ଏପରି ସ୍ଥଳରେ ପରବର୍ତ୍ତୀ ହାଣ୍ଡନୋଟ୍ ଲେଖା ହେବାବେଳେ ପୂର୍ବବର୍ତ୍ତୀ ଅପରିଶୋଧିତ ଦେଣାର ଜଞ୍ଜିର ହାଣ୍ଡନୋଟରେ ଲେଖା ହେଲା ।]

ଜଞ୍ଜିରକାଠି—ଦେ. ବି—ଗୋଜକାଠି; ମୁଣ୍ଡ ଖୋସାରେ ଗୁଞ୍ଜା ହେବା ନିମନ୍ତେ ଶିକୁଳି ଲାଗିଥିବା କାଠି—
Janjirakāthi
A hairpin attached with jingling chains for being thrust into the chignon.

ଜଞ୍ଜିର ଦେବା—ଦେ. କ୍ରି.—କବାଟରେ ଶିକୁଳି ଦେବା; ଶିକୁଳିଲଗାଇ କବାଟ ବନ୍ଦ କରିବା—To enchain (a door); to chain up; to secure a door to the door post by fastening the door chain.
Janjira debā
ଜଞ୍ଜିର ଦେଓଯା
ज़ंजीर लगाना

ଜଞ୍ଜିରପୋଲ—ଦେ. ବି.—ଶିକୁଳିରେ ଝୁଲା ହୋଇ ଯେଉଁ ପୋଲ ବା ସେତୁ ନଦୀ ଆଦି ପାର ହେବା ନିମନ୍ତେ ପ୍ରସ୍ତୁତ ହୋଇଥାଏ; ଝୁଲା ପୋଲ—Hanging bridge; suspended bridge; chain-bridge.
Janjirapola
জংজীরপুল
ज़ंजीरपुल

ଜଞ୍ଜିରମାପ—ଦେ. ବି.—ଚେନ୍‌ଦ୍ୱାରା ଭୂମିମାପ—
Janjira māpa — Chain survey.
জঞ্জীরমাপ
ज़ंजीरसे नाप
(ଜଞ୍ଜିର ମାପ; ଜଞ୍ଜିର ମାପ—ଅନ୍ୟରୂପ)

ଜଞ୍ଜିର ଲଗାଇବା—ଦେ. କ୍ରି.—ଜଞ୍ଜିର ଦେବା (ଦେଖ)
Janjira lagāibā — Janjira debā (See)
(ଜଞ୍ଜିର ଲଗେଇବା—ଅନ୍ୟରୂପ)

ଜଞ୍ଜିରା—ଦେ. ବି.—୧ । ଜଞ୍ଜିର (ଦେଖ)
Janjirā — 1. Janjira (See)
জিঞ্জিরা (ବଣିଆ ଶବ୍ଦ) ୨ । ସୁନା ବା ରୁପା ତାରକୁ ଗୋଲ୍‌କାରି କାଢ଼ି ଉପରେ ଥରକୁଥର ସୁଆଇ କାଢ଼ିବୁ ତାହାର ଉପରି ଶିଳ ଉପରେ ଶିଳପୁଆ ଗଡ଼ାଇ ଯେପରି ଚୂର୍ଣ୍ଣ ବସିଯାଏ ସେହିପରି ଚ୍ୟାପିଦେଲେ ଯେଉଁ ଜାଲି ତିଆରି ହୁଏ ତାହା—2. A kind of flagree work woven like a rope and then pressed flat.
ज़ंजीरा
୩ । ଶିକୁଳି ପରି ଛନ୍ଦା ହୋଇଥିବା ସିଲାଇ—
3. A kind of stitch resembling a chain.

୧	ଇ	ଓ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ	ଇଅ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଙ	ନ୍

ଜଞ୍ଜିରି—(ଇତ୍ୟାଦି) ଦେ. ବ—ଜଞ୍ଜିର ଇତ୍ୟାଦି (ଦେଖ)
Jañjiri (etc) Jañjira etc (See)

ଜଟ୍ (ଧାତୁ)—ସ.—ଏକତ୍ର ହେବା—To come together; to be
Jaṭ (root) gathered together.

ଜଟ—ଦେ. ବ. (ସ. ଜଟା)—୧ । ସହତ କେଶଗୁଚ୍ଛ—
Jaṭa 1. A tuft of hair tied together.
जट, जँट ୨ । ଜଟା; ବାବାଜୀମାନଙ୍କର ସହତ କେଶ—
जटा 2. Matted locks of ascetics.
ଋଷି ତ ହେଲେ ଛଣ୍ଡାଇବେ ଜଟ—କବିସୂର୍ଯ୍ୟ. କବିତା ।
୩ । କୁକୁଡ଼ାର ମୁଣ୍ଡରେ ଥିବା କୋମଳ ଲୋମାବୃତ ପତଳା ମାଂସ—3. Cock's comb.
୪ । ବିନ୍ୟସ୍ତ କେଶର ଗଣ୍ଠି; ଜୁଡ଼ା—4. Chignon or knot of hair made up on the head,
୫ । ସହତ ପୁଷ୍ପ ବା କଢ଼—5 Matted tuft of flowers or blossoms.
(ଯଥା—ଗଙ୍ଗେଇଜାଟ; ଭୁଲସୀଜଟ)
ପ୍ରାଦେ. (ବାଲେଶ୍ୱର) ବ.—୬ । ଧାନମେଣ୍ଢା—
6. Ears of paddy woren into a braid.

ଜଟଜଟିଆ—ଦେ. ବ.—୧ । ଏକପ୍ରକାର ତୃଣ; ଯାହାର ଜଟା ପରି ହୋଇଥିବା ମଞ୍ଜସମୂହକୁ ଏକତ୍ର କଲେ ତାହା ଲାଗି ଯାଏ—1. A kind of grass with tufted twigs; Lyme grass.
Jaṭajaṭiā
ସ. ନାମ—
ଭିଳଟା;
ଭୁଳଟ ୨ । ବନ୍ୟ ଛଣପଟ (ଯବାଦି ବର୍ଗର ବନ୍ୟକ୍ଷୁପ)—
बनओकड़ा 2. Urena Lobata (wild plant); Triumfetta Rhomboidea.
बनओकरा
[ବି—ଏହାର ପତ୍ରର ଧାର କଟା କଟା, ପତ୍ରରେ କୋଣ ଅଛି, ଡେଙ୍ଗ ଲୋମଶ; ଫୁଲ ଛୋଟ ଓ ନାଲି, ଫଳ ଶିଙ୍ଘଯୁକ୍ତ ଓ ଗୋଲ, ଏବଂ ଲୁଗାରେ ଲାଗି ଯାଏ ।]

ଜଟପକାଇବା—ଦେ. କି—ମୁଣ୍ଡରେ କେଶସବୁ ଏକତ୍ର କରି ଜୁଡ଼ା ବାନ୍ଧିବା—To make up the hairs of the head into a chignon.
Jaṭapakāibā
(ଜଟପକେଇବା, ଜଟପାଡ଼ିବା, ଜଟପାରିବା, ଜଟବାନ୍ଧିବା—ଅନ୍ୟରୂପ)

ଜଟା—ସ. ବି. ସ୍ତ୍ରୀ. (ଜଟ୍ ଧାତୁ=ଏକତ୍ର ହେବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—୧ । ବାବାଜୀଙ୍କର ସହତ କେଶ—
Jaṭā 1. The matted lock of hair of an ascetic or devotee.
୨ । ଅସଜ୍ଜିତ ଗୁଚ୍ଛାକାର କେଶଦାମ—2. Clotted hair (due to the hair being neglected.
୩ । ଅରଣା ମଇଁଷି, ଘୋଡ଼ା ଓ ସିଂହର ବେକ ଓ ମୁଣ୍ଡ ଉପରର ବାଳ—
3. The manes of a lion, horse or bison.
୪ । ଜଟ ପରି ହୋଇଥିବା ଫୁଲ ଓ କଢ଼—
4. Matted or tufted flower.
(ଯଥା—ଗଙ୍ଗେଇଜଟା, ଭୁଲସୀଜଟା ।)
୫ । ବରଗଛର ଓହଳ ବା ଓହଳ—
5. Aerial root of a banyan tree.
ବଡ଼ ବୋଲି ଜଟା ତୁମ୍ଭେ ମୁଁ ବଢ଼ନ୍ତି ସତ—ରାଜ. ବୈଦେହୀଶବିଳାସ ।
୬ । ଅଣ୍ଡିରି ତାଳଗଛରୁ ବାହାରିବା ଜଟାର ଫୁଲ—
6. Long stalks of flowers coming out from male palm trees.
୭ । ଋଷିରଜଟା ଫୁଲ—
7. A kind of red tufted flower; cock's comb; the catkin of celosia crestata.
୮ । ଶଠୀ; ହଳଦୀଜାତୀୟ ଗୁଳ୍ମବିଶେଷ—
8. Zingiber zedoaria.
୯ । ବେଦପାଠବିଶେଷ—
9. A kind of chanting of the Vedic hymns.
୧୦ । କପିକଚ୍ଛୁ; ବାଇଡଙ୍କ—10. Cowhage.
୧୧ । ଶତମୂଳୀ; ଛତଭୁସ୍ତ—
11. Asparagus Recemosus.

ଜଟାଇବା—ଦେ. କି—୧ । ଭଣ୍ଡିବି; ଅସଲ ବା ପ୍ରାର୍ଥିତ ବସ୍ତୁ ନ ଦେଇ ଅନ୍ୟ ବସ୍ତୁ ଦେଇ ଭୁଲାଇବା—
Jaṭāibā
ଜଟେଇବା } ଅନ୍ୟରୂପ 1. To deceive by giving some thing in lieu of the genine or wished for thing.
ଜଟାଜଟ କରିବା
୨ । ପ୍ରତାରଣା କରିବା; ଠକାଇବା—
2. To cheat; to impose upon.
ସୁବୁଦ୍ଧମାନେ ଧୂର୍ତ୍ତଙ୍କେ ମିଶି କହି
କେଉଁ ନାହାନ୍ତି ତ ଧନକୁ ସେ ଜଟାଇ—କୃଷ୍ଣସିଂହ. ମହାଭାରତ, ଉଦ୍ୟୋଗ ।

ଜଟାଜଟି—ଦେ. ବ—ଭଣ୍ଡାଇବା କର୍ମ; ପ୍ରତାରଣା—
Jaṭājaṭi Cheating; deception.

ଜଟାଜାଲ—ସ. ବ. (୬ଷ୍ଠୀ ତତ୍; ଜଟା+ଜାଲ=ସମୂହ)—
Jaṭājāla ଜଟାସମୂହ—The matted hair collectively.

ଜଟାଜୂଟ—ସ. ବ. (୬ଷ୍ଠୀ ତତ୍; ଜଟା+ଜୂଟ=ସମୂହ)—ଜଟାସମୂହ—
Jaṭājūṭa The matted hair collectively
(ଜଟାପଟଳ—ଅନ୍ୟରୂପ)

ଜଟାଜ୍ୱାଲ—ସ. ବ. (ବହୁବ୍ରୀହି; ଜଟା+ଜ୍ୱାଲା=ଅଗ୍ନିଶିଖା; ଯାହାର ଶିଖା ଜଟା ପରି)—
Jaṭājwāla
୧ । ପ୍ରଦୀପ—1. Lamp.
୨ । ମସାଲ—2. Torch.

ଜଟାଧର—ସ. ବଣ. ପୁଂ. (ଜଟା+ଧୃ ଧାତୁ+କର୍ତ୍ତୃ. ଅ)—ଯେ ମୁଣ୍ଡରେ ଜଟା ଧାରଣ କରିଥାଏ—
Jaṭādhara Having matted locks on the head.
ବ—୧ । ମହାଦେବ—1. Siba.
୨ । ବୁଦ୍ଧବିଶେଷ—2. One of the Budha.

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧେକ' ନ ପାଇଲେ 'ଅର୍ଦ୍ଧା' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଂକାର' ଦେଖିବେ ।

୩ । କୋଷକାରବିଶେଷ—
3. Name of a sanskrit lexicographer.
୪ । ଦେଶବିଶେଷ—2. Name of a country.

ଜଟାଧାରୀ—ସଂ. ବିଣ. ପୁଂ. (ଜଟା + ଧୃ ଧାତୁ + କର୍ତ୍ତୃ. ଇନ୍)—
Jaṭādhārī ଯେ ମୁଣ୍ଡରେ ଜଟା ଧାରଣ କରିଥାଏ—
(ଜଟାଧାରିଣୀ—ସ୍ତ୍ରୀ) Having matted hairs on the head.

ଜଟାବାଇଁଶୀ—ଗ୍ରା. ବି. (ସଂ. ଜଟାମାଂସୀ)—ଜଟାମାଂସୀ (ଦେଖ)
Jaṭābaiṁsī Jaṭāmāṁsī (See)

ଜଟାଭାର—ସଂ. ବି. (ଜଟା + ଭାର = ସମୂହ)—ଜଟସମୂହ—
Jaṭābhāra The matted hair collectively.

ଜଟାମାଇଁସୀ—ଗ୍ରା. ବି. (ସଂ. ଜଟାମାଂସୀ)—ଜଟାମାଂସୀ (ଦେଖ)
Jaṭāmaiṁsī Jaṭāmāṁsī (See)

ଜଟାମାଂସୀ—ସଂ. ବି.—(ଏହି ବୃକ୍ଷ ସହିତ କେଶ ପରି ଦେଖାଯାଉଥିବାରୁ)
Jaṭāmāṁsī —ସୁଗନ୍ଧ ଦ୍ରବ୍ୟବିଶେଷ—The many-spiked Amaranth; spikenard; an aromatic root used in scenting oils; Nardstachys jatamansi; valeriana jatamansi.

ସଂ. ପର୍ଯ୍ୟାୟ—ଜଟାମାଂସୀ ନଳଦ; ବହ୍ନିନୀ; ପେଶୀ; ମାଂସୀ; କୃଷ୍ଣଜଟା, ଜଟୀ; କ୍ରବ୍ୟାଦିନୀ; ଜଟିଲା; ଲୋମଶା; ତପସ୍ୱିନୀ; ମିଷିକା; ଭୂତଜଟା; ଜଟାମାଂସୀ; ପିଶିତା; ହିଂସ୍ରା; ମାଂସିନୀ, ଜଟାଲା; ନଳଦା, ମେଷୀ; ତାମସୀ; ଚକ୍ରବର୍ତ୍ତିନୀ; ମାତା; ଅମୃତଜଟା; ଜନନୀ; ଜଟାବଲ୍ଲୀ; ମୃଗଭକ୍ଷା; ଜଟାମାଂସୀ; ମିସି ।
ଜଟାମାଂସୀ
କନ୍ତୁଚର, ଜଟମଲଙ୍କ,
ଜଟାମାସୀ

[ଦ୍ର—ଏହା ହିମାଳୟର ଶାକଗୁଳ୍ମ ବିଶେଷର ଜଟାକାର ସୁଗନ୍ଧ ମୂଳ; ଏହା ଔଷଧରେ ଲାଗେ; ଆୟୁର୍ବେଦୋକ୍ତ ତୈଳରେ ଏହାଦ୍ୱାରା ସୁଗନ୍ଧିତ କରାଯାଏ—(ଯୋଗେଶଚନ୍ଦ୍ର) । ଏହି ବନସ୍ପତି ହିମାଳୟର ୧୨୦୦୦ ଫୁଟ ପର୍ଯ୍ୟନ୍ତ ଉଚ୍ଚତାରେ ଜନ୍ମେ, ଏହାର ଡାଳ ଏକ ବା ଦେଢ଼ ହାତ ଲମ୍ବ କାଠି ପରି ଓ ଏଥିରେ ସାମନାସାମନି ଦେଢ଼ଠାରୁ ଦୁଇଅଙ୍ଗୁଳ ଲମ୍ବ ଓ ଅଧଠାରୁ ଏକଅଙ୍ଗୁଳ ଚଉଡ଼ା ପତ୍ର ଧରେ । ଏ ଗଛ ଲାଗି ଜଳବହୁଳ ପଥୁରିଆ ଜମି ଉପଯୁକ୍ତ । ବୈଦ୍ୟକ ମତରେ ଜଟାମାଂସୀ ବଳକାରକ ଉତ୍ତେଜକ, ବଶ୍ୟ । ଏହା ଉନ୍ମାଦ, କାଶ, ଶ୍ୱାସ, ହାରକ । ଏହା କେଶବୃଦ୍ଧିକର । ଏଥି ତେଲରୁ ଏକପ୍ରକାର ସୁଗନ୍ଧ ତୈଳ ହୁଏ—ହି. ଶବ୍ଦସାଗର ।]

ଜଟାୟୁ—ସଂ. ବି. (ଜଟା; କେଶଗୁଚ୍ଛ ଉଦ୍ଧତ୍ ଅପରିମିତ ଆୟୁ ଯାହାର;
Jaṭāyu ବହୁବ୍ରୀହି)—୧ । ଗରୁଡ଼ବଂଶୀୟ ପ୍ରସିଦ୍ଧ ପୌରାଣିକ ଗୃଧ୍ର ପକ୍ଷୀ (ଏ ଅରୁଣଙ୍କ ପୁତ୍ର ଦଶରଥ ରାଜାଙ୍କ ମିତ୍ର ଥିଲେ । ସୀତାଙ୍କୁ ରାବଣ ଘେନିଯାଇ ନେବା ସମୟରେ ଏ ରାବଣ ସଙ୍ଗେ ଯୁଦ୍ଧ କରି ଓ ପରାସ୍ତ ହୋଇ ସେହିଠାରେ ପଡ଼ି ରହିଥିଲେ ଏବଂ ରାମଚନ୍ଦ୍ରଙ୍କୁ ସୀତା ହରଣ ସମ୍ବାଦ ଦେବା ପରେ ପ୍ରାଣତ୍ୟାଗ କଲେ)—Name of a mythological bird who fought with Rābaṇa while he was stealing away Sītā and was mortally wounded. He breathed his last after communicating the news of abduction to Rāmachandra.
୨ । ଗୁଗ୍ଗୁଳ (ହି. ଶବ୍ଦସାଗର)—2. Bdellium.

ଜଟାଳ—ସଂ. ବିଣ. (ଜଟା + ଅସ୍ତି ଅର୍ଥରେ ଲ)—ଜଟାଯୁକ୍ତ; ଜଟାଧାରୀ—
Jaṭāla Having matted hair.
ବି—୧ । ବ୍ରହ୍ମଚାରୀ—1. An ascetic.
୨ । ବରଗଛ—2 Banyan tree.
୩ । ସିଂହ—3. Lion.
୪ । କଚୁର (ହି. ଶବ୍ଦସାଗର) ଶଟୀ—4. Zeodaria.
୫ । ଗୁଗ୍ଗୁଳ—5. Indian bdellium (used as incense).

ଜଟାଲା—ସଂ. ବି—ଜଟାମାଂସୀ (ଦେଖ)
Jaṭālā Jaṭāmāṁsī (See)

ଜଟାସୁର—ସଂ. ବି. (ଜଟା + ଅସୁର)—ଭୀମଙ୍କଦ୍ୱାରା ହତ ଅସୁରବିଶେଷ-
Jaṭāsura A demon killed by Bhima.
ଏରୂପେ ଭୀମ ନେଲେ ଜଟାସୁର ପ୍ରାଣ । କୃଷ୍ଣସିଂହ. ମହାଭାରତ. ବନ ।
[ଦ୍ର—ଏ ଦ୍ରୌପଦୀଙ୍କ ରୂପରେ ମୋହିତ ହୋଇ ବ୍ରାହ୍ମଣ ବେଶଧାରଣ କରି ପାଣ୍ଡବମାନଙ୍କ ସଙ୍ଗେ ରହିଥିଲା—ଦିନେ ଭୀମଙ୍କ ଅନୁପସ୍ଥିତିରେ ଏ ଦ୍ରୌପଦୀ, ଯୁଧିଷ୍ଠିର, ନକୁଳ ଓ ସହଦେବଙ୍କୁ ହରଣ କରି ପଳାଉଥିଲା । ବାଟରେ ଭୀମ ଦେଖି ତାକୁ ହତ କଲେ ।]

ଜଟି—ସଂ. ବି. (ଜଟ୍ ଧାତୁ + ଇ)—୧ । ଜଟା—
Jaṭi 1. Clotted hair; matted hair
(ଜଟୀ—ଅନ୍ୟରୂପ) ୨ । ଅଶ୍ୱତ୍ଥବୃକ୍ଷ—
2. The religious fig tree.
୩ । ସମୂହ—3. Mass; multitude.
୪ । ଜଟାମାଂସୀ (ଦେଖ)
4. Jaṭāmaṁsī (See)
ପ୍ରାଦେ. (ସିଂହଭୂମ) ବି—ଚୁଟି; ଶିଖା; ଚୁରକି—
Tuft of hair.

ଜଟିଆ—ଦେ. ବିଣ. ପୁଂ—(ସଂ. ଜଟିଳ)—୧ । ଜଟାଧାରୀ—
Jaṭiā 1. Having matted locks; wearing matted hair.
ଜଟୀ } — ସ୍ତ୍ରୀ
ଜଟେଇ } ୨ । ଗୋଲମାଳିଆ; ଜଟିଳ—2. Knotty.
ଜଟିୟା, ଜଟେ ୩ । ପୁରୀ ଜିଲ୍ଲାର ଚିଲିକାକୂଳସ୍ଥ ପର୍ବତବିଶେଷ—
ଜଟାବାଲା 3. A hill near the chilkā lake in Puri district.
ସୁନ୍ଦରମଳ ଗୁରୁଜଙ୍ଗ ଜଟିଆ
ଗିରୁ ଶିରେ ଯାଇ ହୋଇଥିବ ଠିଆ—ରାଧାନାଥ. ଚିଲିକା ।
୪ । ମହାଦେବ—4. God Siba.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଡଅ	ଢ
୨	ଈ	ଊ	ରୁ	ଲୃ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଢ଼	ନ୍

ଜଟିବା—ଦେ. କ୍ରି.—୧ । ଭଣ୍ଡିବା—
Jaṭiba 1. To deceive; to impose upon.
(ଜଟ ଦେବା—ଅନ୍ୟରୂପ) ୨ । ଠକିବା—2. To cheat.

ସାକ୍ଷାତ ଦେଖିଲେ ହେଲେ ଲୋକଙ୍କେ; ସମସ୍ତଙ୍କୁ ଜଟ ଦେଇ ବଡଜେ
କତସୂର୍ଯ୍ୟ, ସଙ୍ଗୀତ ।

ଜଟିଳ—ସଂ. ବିଣ. ପୁଂ (ଜଟା + ଅସ୍ତି ଅର୍ଥରେ ଇଲ)—୧ । ଜଟାଧାରୀ—
Jaṭila 1 Having matted locks.
(ଜଟିଳା—ସ୍ତ୍ରୀ) ୨ । ଜଟାଯୁକ୍ତ—2. Matted; entangled.
୩ । ଦୁର୍ବୋଧ; ଗୋଳମାଳିଆ—3. Complex; complicated; hard to understand; intricate.

କୋଇଲି ରବଣ ଜାଣିଲି ଜଟିଳ ହୋଇଛି ପ୍ରକାଶେ ତହିଁ—ବୈଦେହୀଶବିଳାସ ।

୪ । ଗଣ୍ଠିଗଣ୍ଠିଆ—4. Knotty.
ସ. ବି. ପୁଂ—୧ । ସନ୍ନ୍ୟାସୀ; ବ୍ରହ୍ମଚାରୀ—1. An ascetic.
୨ । ମହାଦେବ—2 Śiba.
୩ । ସିଂହ—3 Lion.
୪ । ବଟବୃକ୍ଷ—4. Baniyan tree.
୫ । ଏକଜାତୀୟ ଅଶ୍ୱତ୍ଥ ଗଛ; ପ୍ଲକ୍ଷ ବୃକ୍ଷ—
5. The woved-leafed; fig tree.
୬ । ଜଟାମାଂସୀ (ଦେଖ)
6. Jaṭāmaṁsī (See)

ଜଟିଳା—ସଂ. ବି. ସ୍ତ୍ରୀ—୧ । ରାଧିକାଙ୍କ ଶାଶୁ; ରାଧିକାଙ୍କ ନଣନ୍ଦ କୁଟିଳାଙ୍କ
Jaṭilā ମାତା—1. Mother-in-law of Rādhikā; the mother of Kuṭilā who was the sister-in-law of Rādhikā.
୨ । ଜଟାମାଂସୀ - 2. Nadostachys Jatamansi; valerian Jatamausi.
୩ । ବ୍ରହ୍ମଚାରିଣୀ—3. A famale recluse.
୪ । ପିପ୍ପଳୀ (ହି. ଶବ୍ଦସାଗର)—4. Black peper.
୫ । ବଚ (ହି. ଶବ୍ଦସାଗର)—5. Liquorice.
୬ । ଦମନକ; ଦଅଣା ଗୁଳ୍ମ—
6. A kind of sweet scented shrub.
୭ । ଗୌତମବଂଶୀୟା, ଋଷିକନ୍ୟାବିଶେଷ (ହି. ଶବ୍ଦସାଗର)
7. Name of a girl born in the family of sage Gautama.

ଜଟୀ—ସଂ. ସ୍ତ୍ରୀ.—ଜଟାମାଂସୀ (ଦେଖ)
Jaṭī 1. Jaṭāmāṁsī (See)
୨ । ଜଟିଳ (ଦେଖ)
2. Jaṭila (See)
୩ । ଜଟ (ଦେଖ)
3. Jaṭi (See)

ଜଟୁଳ—ସଂ. ବି. (ଜଟ୍ ଧାତୁ + କର୍ତ୍ତୃ. ଉଲ)—ଜନ୍ମରୁ ମନୁଷ୍ୟ ଦେହରେ
Jaṭula ସ୍ଥାନେ ସ୍ଥାନେ ଦେଖାଯିବା (ପ୍ରାୟ ଲୋମଯୁକ୍ତ) ଧଳା, ନାଲି ବା କଳା ଚିହ୍ନ; କଳାଜାଇମଳା—A freckle; mole in the body (generally hairy).

ଜଠ—ଦେ. ବି (ପ୍ରାଚୀନ ପଦ୍ୟ) (ସଂ. ଜଠର)—୧ । ଉଦର—
Jaṭha 1. Belly.
୨ । ଜଠର; ଗର୍ଭ—2. Womb.

ବୋଇଲେ ଅମ୍ଭେମାନେ ବନ୍ଧ୍ୟା ସ୍ତ୍ରୀ ଅଟୁଁ,
କିରୂପେ କହ ପୁତ୍ର ଜନ୍ମିବେ ଆମ୍ଭ ଜଠୁଁ—ପୀତାମ୍ବର. କୃଷ୍ଣହରିବଂଶ ।

ଜଠର—ସଂ. ବି (ଜନ୍ ଧାତୁ, ଭକ୍ଷଣ କରିବା + କରଣ ଅର, ମ ସ୍ଥାନରେ
Jaṭhara ଠ ଆଦେଶ; କିମ୍ବା ଜନ୍ ଧାତୁ, ଜନ୍ମକରିବା + ଅଧିକରଣ ଅର)—୧ । ପେଟ; ଉଦର—1. Belly.
୨ । ଜରାୟୁ; ଗର୍ଭ—2. Womb.
୩ । ଅନ୍ତଃସ୍ଥଳ—3. Interior.
୪ । ଗର୍ତ୍ତ—4. Cavity; den.
୫ । ଶରୀର; ଦେହ (ହି. ଶବ୍ଦସାଗର)—5. Body.
୬ । ମରକତମଣିର ଦୋଷବିଶେଷ (ହି. ଶବ୍ଦସାଗର)—
6. A defect in emerald.
୭ । ସୁଶ୍ରୁତୋକ୍ତ ଉଦର ଫୁଲିବା ରୋଗବିଶେଷ—
7 A disease consisting of a swollen belly.
୮ । ଭାଗବତୋକ୍ତ ପର୍ବତବିଶେଷ—
8. Name of a mythological mountain.
[ଦ୍ର—ଏହା ମେରୁର ପୂର୍ବରେ; ଏହାର ଦୈର୍ଘ୍ୟ ୧୯ ହଜାର ଯୋଜନ; ଚୌଡ଼ା ୨ ହଜାର ଯୋଜନ ଓ ଉଚ୍ଚତା ୨ ହଜାର ଯୋଜନ; ଏହା ନୀଳ ପର୍ବତଠାରୁ ନିଷଧ ଗିରି ପର୍ଯ୍ୟନ୍ତ ବିସ୍ତୃତ—ହି. ଶବ୍ଦସାଗର ।]
୯ । ବୃହତ୍ସଂହିତା ଓ ମହାଭାରତୋକ୍ତ ଦେଶବିଶେଷ—
9. Name of a mythological country.
[ଦ୍ର—ଏହା କୁକୁର ଦେଶର ନିକଟରେ; ଏହା ଅଶ୍ଳେଷା, ମଘା ଓ ପୂର୍ବଫାଲ୍ଗୁନୀ ନକ୍ଷତ୍ରମାନଙ୍କ ଅଧିକାରଭୁକ୍ତ—ହି. ଶବ୍ଦସାଗର ।]
୧୦ । ଉତ୍ସଙ୍ଗ; କୋଡ଼—10. Bosom (Apte).
ସଂ. ବିଣ (+ କର୍ତ୍ତୃ. ଅର)—୧ । କଠିନ—1. Hard.
୨ । କର୍କଶ—2. Rough.
୩ । ବୃଦ୍ଧ—3. Old; decrepit.

ଜଠରଜ୍ୱାଳା—ସଂ. ବି (ଜଠର + ଜ୍ୱାଳା, ୬ଷ୍ଠୀ ବା ୭ମୀ ତତ୍)—
Jaṭharajwālā ବିଶେଷ କ୍ଷୁଧାର ଉଦ୍ରେକ, କ୍ଷୁଧାଜନିତ ଯନ୍ତ୍ରଣା; ପେଟ ପୋଡ଼ିବା—A burning pain in the stomach due to hunger.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଜଠରତା—ସଂ. ବି (ଜଠର=କର୍କଶ+ଭାବ. ତା)—
Jaṭharatā ୧ । କର୍କଶତା; କାର୍କଶ୍ୟ—1. Roughness.
୨ । କାଠିନ୍ୟ; କଠିନତା—2. Hardness.

ଜଠରଯନ୍ତ୍ରଣା—ସଂ. ବି (ଜଠର+ଯନ୍ତ୍ରଣା, ୬ଷ୍ଠୀ ବା ୭ମୀ ତତ୍)—
Jaṭharajantraṇā ୧ । ଭ୍ରୂଣ ଜନନୀଗର୍ଭରେ ଥିବା ସମୟରେ (ଜଠରଯାତନା—ଅନ୍ୟରୂପ) ସ୍ୱୟଂ ଯେଉଁ କଷ୍ଟଭୋଗ କରୁଥିବାର କଳ୍ପନା କରାଯାଏ—1. The pain said to be endured by a child while confined in the womb.
୨ । ମାତାଙ୍କର ଗର୍ଭଧାରଣ କ୍ଲେଶ ଓ ପ୍ରସବ ବେଦନା—
2. The mother's pangs during pregnancy and child-birth
୩ । କ୍ଷୁଧା—3. Hunger.
୪ । ଜଠରଜ୍ୱାଳା (ଦେଖ)
4. Jaṭharajwālā (See).

ଜଠରାଗ୍ନି—ସଂ. ବି (ଜଠର+ଅଗ୍ନି, ୬ଷ୍ଠୀ ତତ୍)—
Jaṭharāgni ୧ । ଖାଦ୍ୟଦ୍ରବ୍ୟକୁ ପରିପାକ କରିବାର ଶକ୍ତି; ଭୁକ୍ତ ଦ୍ରବ୍ୟକୁ ଜୀର୍ଣ୍ଣ କରିବା ନିମନ୍ତେ ଉଦରରେ ଜାତ ରସ—1. The digestive fire of the belly; the **gastric juice; the gastric heat.**
୨ । କ୍ଷୁଧା—**2. Hunger.**

ଜଠରାନଳ—ସଂ. ବି. (ଜଠର+ଅନଳ; ୬ଷ୍ଠୀ ତତ୍)—
Jaṭharānaḻa ଜଠରାଗ୍ନି (ଦେଖ)
Jaṭharāgni (See)

ଜଠରାମୟ—ସଂ. ବି. (ଜଠର+ଆମୟ; ୬ଷ୍ଠୀ ତତ୍)—
Jaṭharāmaya ୧ । ଜଳୋଦର ରୋଗ—1. Dropsy.
୨ । ଅତିସାର ରୋଗ (ହି. ଶବ୍ଦସାଗର)—
2. Dysentery.

ଜଠ୍ର—ଗ୍ରା ବି. (ସଂ. ଜଠର)—ଜଠର (ଦେଖ)
Jaṭhra Jaṭhara (See)

ଜଠଳ—ସଂ. ବି. (ଜନ ଧାତୁ+ଅଧିକରଣ ଅର; ର ସ୍ଥାନରେ ଳ)—
Jaṭhaḻa ମନୁଷ୍ୟର ଉଦରାକୃତି ବୈଦିକ ଯୁଗରେ ବ୍ୟବହୃତ ଜଳପାତ୍ରବିଶେଷ (ହି. ଶବ୍ଦସାଗର)—A kind of water vessel shaped like the humen belly used in the vedic age.

ଜଡ଼୍—ପ୍ରାଦେ. (ସମ୍ବଲପୁର) ବି. (ମୂଳ. ହି. ଜଡ଼୍)—
Jaṛḍ ୧ । ମୂଳ—1. Root.
୨ । ମୂଳକାରଣ—2. Root cause; origin.

ଜଡ଼ଜି—ପ୍ରାଦେ. (ଗଞ୍ଜାମ) ବି. (ଗଞ୍ଜାମବାସୀମାନେ ଇଂ gudge ଶବ୍ଦର ଲୁପ୍ତ ଡ (ḍ) ଅକ୍ଷରକୁ ପ୍ରକାଶ କରି ଏହିପରି ଉଚ୍ଚାରଣ କରିଥାନ୍ତି; ମୂଳ=ବଜେଟ୍ budget ର ଗଞ୍ଜାମୀ ଉଚ୍ଚାରଣ ବଡ୍ଜେଟ୍)—ଜଜ୍; ଜିଲ୍ଲାର ପ୍ରଧାନ ବିଚାରପତି—Judge; District Judge.
Jaḍaji

ଜଡ଼—ସଂ. ବିଣ. (ଜଲ୍ ଧାତୁ=ଜମା କରିବା ଆଚ୍ଛାଦନ କରିବା+କର୍ତ୍ତୃ. ଅ; ଲ ସ୍ଥାନରେ ଡ଼)—
Jaṛḍa
୧ । ଶୀତଳ—1. Frigid; cold.
୨ । ଜମାଟ—2. Frozen.
୩ । ବୁଦ୍ଧିହୀନ; ମନ୍ଦବୁଦ୍ଧି; ମୂର୍ଖ—
3. Stupid, idiotic.
୪ । ଅଚେତନ; ନିର୍ଜୀବ—
4. Lifeless; inanimate.
୫ । ନିଷ୍ପନ୍ଦ—5. Motionless.
୬ । ଅଳସୁଆ; ନିଶ୍ଚେଷ୍ଟ; ନିରୁଦ୍ୟମ—6. Inert, idle.
୭ । ଅଜ୍ଞ—7. Ignorant.
୮ । ଏକୀଭୂତ; ଠୁଳ କରାଯାଇଥିବା—
8 Heaped together; collected.
୯ । ମୂକ—9. Dumb.
୧୦ । ସ୍ଫୂର୍ତ୍ତିହୀନ—10 Inactive.
୧୧ । ଆଚ୍ଛନ୍ନ—11. Covered.
୧୨ । ମୋହିତ—12. Fascinated; infatuated.
୧୩ । ଅନ୍ଧ—13. Blind.
୧୪ । ବଧିର (ହି. ଶବ୍ଦସାଗର)—14. Deaf.
୧୫ । ବେଦପାଠରେ ଅସମର୍ଥ (ହି. ଶବ୍ଦସାଗର)—
15. Unable or incompetent to study the Bedas.
୧୬ । ସ୍ତବ୍ଧ (ହି. ଶବ୍ଦସାଗର)—16. Still.

ଦେ. ବିଣ—ଅସଲ—Genuine; original.
ଅଲେ ମଉସା, ଜଡ଼ ପଇସା—ପ୍ରବଚନ ।

ସଂ. ବି—୧ । ଜଳ—1. Water.
୨ । ସୀମା—2. Boundary.
୩ । ସୀସା—3. Lead (metal).
୪ । ନିର୍ବୁଦ୍ଧି ବା ପାଗଳା ଲୋକ—4. An idiot.
୫ । ନିର୍ଜୀବ ପଦାର୍ଥ—5. Inanimate substance.

ଦେ. ବି—୧ । ଜାଡ଼; ଶୀତ—1. Cold.
ଅଙ୍ଗେ ଅଙ୍ଗେ ଜଡ଼ ପୁଣି ଗଲା ଯେ ପ୍ରକୃତି !
ଉପେନ୍ଦ୍ର ଭଞ୍ଜ—କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଶୀତଋତୁ—2. The winter season.
ବସନ୍ତେ ସେ ଜଡ଼ ଶକ୍ତି ଘାତ ଭୂତ ବକାଶିନ୍ତ ସମ
ନଳିନ ମଳିନ ଆସ୍ୟ । ଉପେନ୍ଦ୍ର ଭଞ୍ଜ—ବୈଦେହୀଶବିଳାସ ।
୩ । ଅସଲ ବା ପ୍ରଧାନ ବସ୍ତୁ—
3. Chief or most valuable thing.
(ଯଥା—ଅଲେ ମଉସା; ଜଡ଼ ପଇସା—ପ୍ରବଚନ ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଡ଼ଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚଁ୍ୟ	ଇଅ	ଢ଼	କ୍ତ

जड़; जर्; बुनिआद्   ୪ । (ସଂ. ଜଟା)—ଚେର; ମୂଳ—
4. Root.
୫ । ମୂଳ—5 Foundation.
୬ । ପ୍ରଧାନ କାରଣ; ମୌଳିକ କାରଣ—6. Root cause.

ଜଡ଼ଉ—ଦେ. ବଣ. (ସଂ. ଜଟ ଧାତୁ)—ଜଡ଼ଉତ (ଦେଖ)
Jardau   Jardauta (See)

ଜଡ଼ଉତ—ଦେ. ବଣ. (ସଂ. ଜଟ ଧାତୁ)—ହୀରାଦଖଚିତ—
Jardauta   Set or overlaid with precious
জড়াও; जड़ोया   stones (said of ornaments and
जड़ाउ   apparel).
ଦେ. ବ.—ମଣିରତ୍ନାଦି ଖଚିତ ସ୍ୱର୍ଣ୍ଣାଲଙ୍କାର; କୁନ୍ଦନ କାମ—
Gold ornament set with gems.

ଜଡ଼କ—ପ୍ରାଦେ. (ଉତ୍ତରଭାଷା) ବଣ.—ଯେତେ—
Jardak   As much; as large.

ଜଡ଼କଦାଇଁ—ପ୍ରାଦେ. (ଉତ୍ତର ଭାଷା)—ଅବ୍ୟୟ; ଯେଉଁକ୍ଷଣି—
Jardak dāin   As soon as.

ଜଡ଼କର—ସଂ. ବ. (ବହୁବ୍ରୀହି; ଜଡ଼=ଶୀତଳ ଅଟେ କର=କିରଣ
Jardakara   ଯାହାର)—ଚନ୍ଦ୍ର—The moon.

ବଦନରେ ଜଡ଼କର ପ୍ରଶଂସା । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଜଡ଼କ୍ରିୟ—ସଂ. ବଣ. ପୁଂ (ବହୁବ୍ରୀହି; ଜଡ଼+କ୍ରିୟା)—ଦୀର୍ଘସୂତ୍ରୀ; କାର୍ଯ୍ୟ
Jardakriya   କରିବାରେ ଅଳସୁଆ—Dilatory; idle.
(ଜଡ଼କ୍ରିୟା—ସ୍ତ୍ରୀ)

ଜଡ଼ଜଗତ୍—ସଂ. ବ. (ଜଡ଼+ଜଗତ୍)—ପ୍ରାକୃତିକ ଜଗତ; ଚୈତନ୍ୟ
Jardajagat   ହୀନ ସ୍ଥାବର ଜଗତ—The Nature; the in-
animate world; the material world.

ଜଡ଼ତା—ସଂ. ବ. (ଜଡ଼+ଭାବାର୍ଥେ. ତା)—୧ । ଶୈଥିଲ୍ୟ—
Jardatā   1. Numbness; rigidness.
(ଜଡ଼ତ୍ୱ—ଅନ୍ୟରୂପ)   ୨ । ଦେହ କାଳ ମାରିଯିବା—
2. Insensibility
୩ । ଶୈତ୍ୟ—3. Frigidity; coldness.
୪ । ମୂର୍ଖତା—4 Stupidity; idiocy.
୫ । ଅସ୍ପଷ୍ଟତା—5. Indistinctness.
୭ । ଆଳସ୍ୟ—7. Idleness.
୮ । ଅକର୍ମଣ୍ୟତା; ଅପଟୁତା—8. Decrepitude.
୯ । ଜଡ଼ ପଦାର୍ଥର ଏକ ସ୍ଥାନରେ ରହିବାର ଗୁଣ; ଯେଉଁ ଗୁଣ ଯୋଗୁଁ ଜଡ଼ ପଦାର୍ଥ ଅପଣାମନକୁ ଚଳି ପାରେ ନାହିଁ କିମ୍ବା ରହି ପାରେ ନାହିଁ—9. Inertia.
୧୦ । ଅଚେତନତା—10. Lifelessness.
୧୧ । ସାହିତ୍ୟ ଦର୍ପଣ ମତରେ ସଞ୍ଚାରୀଭାବ ବିଶେଷ—
11. One of the conditions of a person affected with sentiments.

[ଦ୍ର—ଦୁଃଖ, ଭୟ, ମୋହ ଆଦି ଜନିତ ସ୍ଥଳଅରୁ ମନୁଷ୍ୟର ଯେଉଁ କିଂକର୍ତ୍ତବ୍ୟବିମୂଢ଼ତା ହୁଏ ତାକୁ ଜଡ଼ତା ବୋଲାଯାଏ ।]
୧୨ । ସ୍ତବ୍ଧତା; ଅଚଳତା—12. Stillness; inertness.
୧୩ । (ବୈଶେଷିକ ଦର୍ଶନ) ପରମାଣୁମାନଙ୍କର ଗୁଣବିଶେଷ; ସ୍ଥିତି ଓ ଗତିର ଇଚ୍ଛାର ଅଭାବ (ହି. ଶବ୍ଦସାଗର)—
13. (Baiseshika philosophy) An attribute of molecules; want of any will to move and stay.

ଜଡ଼ପଦାର୍ଥ—ସଂ. ବ. (କର୍ମଧା; ଜଡ଼+ପଦାର୍ଥ)—ଅଚେତନ ବା ନିର୍ଜୀବ
Jardapadārtha   ବସ୍ତୁ—Inanimate thing.

ଜଡ଼ପିଣ୍ଡ—ସଂ. ବ. (କର୍ମଧା; ଜଡ଼+ପିଣ୍ଡ)—ସ୍ଥୂଳ ଜଡ଼ବସ୍ତୁ—
Jardapinda   A solid and inactive object.

ଜଡ଼ପ୍ରକୃତି—ସଂ. ବ.—୧ । ଜଡ଼ ଜଗତ; ନିର୍ଜୀବ ଜଗତ୍—
Jardaprakruti   Nature; the material world.
୨ । ଅଳସ ପ୍ରକୃତି—2. Idle nature.

ଜଡ଼ବର—ଦେ. ବ.—ବୃକ୍ଷବିଶେଷ—
Jardabara   A kind of tree (Howells).

ଜଡ଼ବାଦ—ସଂ. ବ. (ଆଧୁନିକ ଦର୍ଶନପରିଭାଷା)—ପ୍ରାକୃତ ଦର୍ଶନ;
Jardabāda   ଯେଉଁ ମତବାଦରେ ଆତ୍ମାର ସ୍ୱତନ୍ତ୍ର ଅସ୍ତିତ୍ୱ ସ୍ୱୀକାର କରାଯାଏ ନାହିଁ; ଦେହାତ୍ମବାଦ—
(modern philosophy) Materialism.

ଜଡ଼ବାଦୀ—ସଂ. ବଣ.—(ଜଡ଼+ବଦ୍ ଧାତୁ+ଇନ୍; ୧ମା. ୧ବ.)—
Jardabādi   ଯେ ଜଡ଼ବାଦମତ ପୋଷଣ କରେ—One who holds the theory of materialism.
ଦେ. ବ.—ଜଡ଼ବାଦମତ ପୋଷଣ କରୁଥିବା ଲୋକ—
A person holding the theory of materialism.

ଜଡ଼ଭରତ—ଦେ. ବ.—ଅକର୍ମଣ୍ୟ ବା ମୂର୍ଖ ଲୋକ—
Jardabharata   1. An idiot.
জড়ভরত   ୨ । ଜଡ଼ଭାବାପନ୍ନ ନିର୍ବୋଧ ବ୍ୟକ୍ତି—
जड़भरत   2. A stupid and idle person.
(ଜଡ଼ଭରଥ—ଅନ୍ୟ ନାମ)   ୩ । ନିର୍ବାକ୍ ବ୍ୟକ୍ତି—
3. A dumb person.
୪ । ପୁରାଣବର୍ଣ୍ଣିତ ବ୍ରହ୍ମବାଦୀ କ୍ଷତ୍ରିୟ ଜନୈକ ମହାପୁରୁଷ—
4. Name of a Brāhmana mentioned in the Purānas.

[ଦ୍ର—ଏ ଅଙ୍ଗିରସଗୋତ୍ରୀ ବ୍ରାହ୍ମଣ । ସର୍ବଦା ଜଡ଼ବତ୍ ରହୁଥିଲେ । ଭାଗବତରେ ଲେଖାଅଛି ଯେ, ରାଜା ଭରତ ବାନପ୍ରସ୍ଥ ଅବଲମ୍ବନ କରିବା ସମୟରେ ଗୋଟିଏ ହରିଣ ପୋଷିଥିଲେ । ସେ ହରିଣ ପ୍ରତି ତାଙ୍କର ଏପରି ମାୟା ଜନ୍ମିଥିଲା ଯେ, ରାଜାଙ୍କ ଦେହରୁ ପ୍ରାଣବାୟୁ ବାହାରିଲାବେଳେ ସେ ଭଗବଚ୍ଚିନ୍ତା ନ କରି ସେହି

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଈ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୂ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ହରିଣର ଚିନ୍ତାରେ ମଗ୍ନ ଥିଲେ । ଅତଏବ ମୃତ୍ୟୁ ପରେ ପରେ ସେ ହରିଣଯୋନିରେ ପୁନର୍ଜନ୍ମ ଲାଭ କଲେ । କିନ୍ତୁ ତାଙ୍କ ପୁଣ୍ୟ ପ୍ରଭାବରୁ ତାଙ୍କର ପୂର୍ବଜନ୍ମର ଜ୍ଞାନ ହେଲା ଓ ସେ ସେହି ପୁଣ୍ୟ ହରିଣ ଶରୀର ତ୍ୟାଗ କରି ବ୍ରାହ୍ମଣକୁଳରେ ଜନ୍ମ ଗ୍ରହଣ କଲେ । ପୂର୍ବଜନ୍ମର ଅନୁଭବରୁ ସେ ସଂସାରବାସନାରୁ ମୁକ୍ତ ରହିବା ପାଇଁ ସର୍ବଦା ଜଡ଼ବତ୍ ରହୁଥିଲେ । ଏଥିପାଇଁ ଲୋକେ ତାଙ୍କୁ ସର୍ବଦା ଜଡ଼ଭରତ ନାମରେ ଡାକିଲେ । ହି. ଶବ୍ଦସାଗର ।]

ଜଡ଼ଭରତଙ୍କ ଗାଦି—ଦେ. ବି.—କେଦାରେଶ୍ୱର ନିକଟବର୍ତ୍ତୀ ଗୋଟିଏ ତୀର୍ଥ—Name of a sacred place said to be the hermitage of Jardabharata.
Jarda bharatanka gadi

[ଦ୍ର—ହିମାଳୟର ସାନୁଦେଶରେ ଅବସ୍ଥିତ କେଦାରନାଥ ତୀର୍ଥର ନିକଟବର୍ତ୍ତୀ ବ୍ରହ୍ମକୁଣ୍ଡ ନାମକ ପୁଷ୍କରିଣୀର କୂଳରେ ଗୋଟିଏ ପ୍ରାଚୀନ କୁଟୀର ଜଡ଼ଭରତଙ୍କ ଗାଦି ନାମରେ ପରିଚିତ—
ଦୁର୍ଗାନାଥ ଘୋଷ—ସ୍ୱାମୀ ରାମାନନ୍ଦ ।]

ଜଡ଼ ମାରିବା—ଦେ. କ୍ରି—କୌଣସି ବସ୍ତୁର ମୂଳୋତ୍ପାଟନ କରିବା; ସମୂଳେ ବିନାଶ କରିବା—To uproot a thing; to strike at the root of a thing; to eradicate a thing.
Jarda mariba
(ଜଡ଼ରୁମାରିବା—ଅନ୍ୟରୂପ)
जड़सेमारना

ଜଡ଼ରୁ—ଦେ. କ୍ରି. ବିଣ—୧ । ଆରମ୍ଭରୁ—1. From the beginning.
Jardaru
जड़से (ଯଥା—ଏ କଥା ତ ଜଡ଼ରୁ ବିଗିଡ଼ିଛି, ବର୍ତ୍ତମାନ ସୁଧାରିଲେ କଅଣ ହେବ ?)

୨ । ଆଦୌ; ଜମାରୁ—2. At all.
(ଯଥା—ମୁଁ ଏକଥା ଜଡ଼ରୁ ଜାଣେ ନାହିଁ ।)

୩ । ମୂଳରୁ; ଚେରରୁ—3. From the root.
(ଯଥା—ଏ ଗଛକୁ ଜଡ଼ରୁ ନ ମାରିଲେ ପୁଣି ଝୁଅଁ ଦେବ ।)

ଜଡ଼ସଡ଼—ଦେ. ବିଣ. (ସଂ. ଜଡ଼; ବଂ.ରୁ ଅନୁକୃତ)—
Jardasarda ୧ । ଲଜ୍ଜା ବା ଭୟରେ ମ୍ରିୟମାଣ; କିଂକର୍ତ୍ତବ୍ୟବିମୂଢ଼—1. Dumbfoundered through fear or shame
জড়সড়
हक्काबक्का
(ଯଥା—ସେ ଲଜ୍ଜାରେ ଜଡ଼ସଡ଼ ହୋଇଗଲା ।)

୨ । ଲଜ୍ଜା ବା ଭୟରେ ସଙ୍କୁଚିତ—2. Shrink into a small compass as through fear (Ganguly. Students' Dictionary).

ଜଡ଼ା—ଦେ. ବି—୧ । (ସଂ. ଏରଣ୍ଡ; ଉମ୍ବକ)—ଏରଣ୍ଡ; ଗବ—
Jarda 1. Castor seed plant; Ricinus Communis.
রেড়ী ଜଡ଼ା ବୃକ୍ଷ ହୋଇଯାଉ ଅଗର ତରକ ।
रेंड़ी ଗୀତି—ବ୍ରହ୍ମନିରୂପଣଗୀତା ।
জড়া ୨ । (ସଂ. ଜଡିତ) ସଂଲଗ୍ନ ହେବା; ଆସକ୍ତ ହେବା; ଜଡ଼ିବା;
जड़ना ସଂଯୋଗ—2. Attachment; clinging to.

ପ୍ରାଦେ. (ଗଞ୍ଜାମ) ବି—ଜଡ଼ାତେଲ—Castor oil.
ବାଇଡ଼ଙ୍କ ପତ୍ରରେ ଜଡ଼ା ଲଗାଇ ତଦ୍ୱାରା ଆଚ୍ଛାଦନ କଲେ ବ୍ରଣ ଶୁଷ୍କ ହୁଏ ।
ଦ୍ରବ୍ୟଗୁଣକଳ୍ପଦ୍ରୁମ ।

ପ୍ରାଦେ. (ସିଂହଭୂମ) ବି—ପପୟା (ଦେଖ)
Papaya (See)

ଦେ. ବିଣ—୧ । (ସଂ. ଜଡ଼ିତ) ରତ୍ନାଦିରେ ଜଡ଼ିତ—
1. Set or inlaid with gems.

୨ । (ସଂ. ଜଡ଼) ମୂକ—2. Dumb.

ଜଡ଼ାଇବା—ଦେ. କ୍ରି. (ସଂ. ଜଟ ଧାତୁର ଣିଜନ୍ତ ରୂପ)—
Jardaiba ୧ । ଜଡ଼ିବାର ଣିଜନ୍ତ ରୂପ; ସଂଲଗ୍ନ କରାଇବା—1. Causative form of Jardiba; to cause to cling to.
জড়ান
जड़ाना; जड़वाना
(ଜଡ଼େଇବା—ଅନ୍ୟରୂପ) ବିଷ୍ଣୁଙ୍କୁ ରଜତ ପଲଙ୍କ ଛଡ଼ାଇ ଜଡ଼ାଇ ସର୍ପ ଶଯ୍ୟାରେ ।
ଉପେନ୍ଦ୍ରଭଞ୍ଜ- ବୈଦେହୀଶବିଳାସ ।

୨ । ଖଚିତ କରିବା—
2. To set or inlay with gems.

୩ । ଉତ୍ତମରୂପେ ବେଷ୍ଟନ କରିବା; ଚାରିପାଖେ ଗୁଡ଼େଇବା-
3. To wrap or wind round.
ପୀଡ଼ା ଓଷ୍ଠକୁ ଉଡ଼ାଇ ଅଙ୍ଗକୁ ଜଡ଼ାଇ ନ ଥିବ ଧନରେ ।
କବିସୂର୍ଯ୍ୟ- ସଙ୍ଗୀତକଲ୍ଲୋଳମା ।

୪ । ଜାବୁଡ଼ି କରି ଧରିବା—4. To cling to.

୫ । କୌଣସି ଦୋଷରେ ଅନ୍ୟ ବ୍ୟକ୍ତିକୁ ଜଡ଼ିତ ବା ଲିପ୍ତ କରିବା—5. To implicate.

ଜଡ଼ାଉ—ଦେ. ବିଣ—ଜଡ଼ଉତ (ଦେଖ)
Jardau Jardauta (See)

ଜଡ଼ାଜଡ଼ି—ଦେ. ବି—୧ । ପରସ୍ପର ସହିତ ସଂଯୋଗ—
Jardajardi 1 Attachment.
জড়াজড়ি ୨ । ଅନ୍ୟୋନ୍ୟରେ ଆଲିଙ୍ଗନ—
घालमेल 2. Mutual embrace.

ବିଣ—୧ । ସଂଯୁକ୍ତ—1. Attached; clinging.

୨ । ପରସ୍ପର ଆଲିଙ୍ଗିତ—2. Inter locked.

ଜଡ଼ାତେଲ—ଦେ. ବି—ଏରଣ୍ଡତୈଳ; ଗବମଞ୍ଜିରୁ ବାହାର କରାଯିବା ତେଲ—Caster oil.
Jardatela
রেড়ীতেল [ଦ୍ର—ଜଡ଼ା ଅର୍ଥାତ୍ ଗବମଞ୍ଜିକୁ ପେଷି ଜୁର ବା
रेंड़ीतेल ସିଝାଇ କରି ତେଲ ମରାଯାଏ, ସିଝାଇ କରି ବାହାର କରାଯିବା ତେଲକୁ ରନ୍ଧା ଜଡ଼ାତେଲ କହନ୍ତି ।]

ଜଡ଼ାତେଲ ମେଣ୍ଢାବାଳ—ଦେ. ପ୍ରବଚନ—ଅଭେଦ୍ୟ ବା ଘନିଷ୍ଠ ପ୍ରଣୟରେ ଆବଦ୍ଧ—Very closely or intimately associated.
Jardatela mendhabala

[ଦ୍ର—ଘନିଷ୍ଠ ଅଭେଦ୍ୟ ପ୍ରୀତି ସ୍ଥଳେ ଏହା କୁହାଯାଏ । ଯଥା—ସେ ଦୁହେଁ 'ଜଡ଼ାତେଲ ମେଣ୍ଢାବାଳ' ହୋଇଅଛନ୍ତି । ଯେହେତୁ ମେଣ୍ଢାବାଳରେ ଜଡ଼ାତେଲ ମିଶାଇଲେ ତାହା ସହଜରେ ପରସ୍ପର ବିଛିନ୍ନ ହୁଏ ନାହିଁ ।]

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଏ	ଋଅ	ଛ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଓ	ନ୍ନ

ଜଡ଼ାମୁରୁଖ— ଗ୍ରା. ବଣ—ଜଡ଼ାମୂର୍ଖ (ଦେଖ)
Jar<u>d</u>āmurukha — Jar<u>d</u>āmūrkha (See)

ଭୁହ ଯ.କୁ ସୁହସ୍ୱା ସେ କରୁଥାନ୍ତି ମାତ
ଜଡ଼ାମୁରୁଖ ହେଲେ କୁଅର ପଣ୍ଡିତ ସେ—ଯାଦବାନ୍ତଙ୍କ ବଳନା ଗୀତ ।

ଜଡ଼ାମୂର୍ଖ—ଦେ. ବଣ—ଘୋରମୂର୍ଖ; ଗଜମୂର୍ଖ; ନିରାମୂର୍ଖ; ନିରକ୍ଷର—
Jar<u>d</u>āmūrkha — Totally illiterate.
गजमुखू
अनपड़

ଜଡ଼ି ଦେ. ବି. (ସଂ. ଜଟା)—୧ । ଔଷଧରୂପେ ବ୍ୟବହୃତ ଚେରମୂଳ—
Jar<u>d</u>i — 1. Medicinal roots.
जड़ी ୨ । ବଟବୃକ୍ଷ—2. Banyan tree.
ପ୍ରାଦେ. (ସିଂହଭୂମ) ବି—ଅଶ୍ୱତ୍ଥ ଗଛ—
The pipal tree; the holy fig tree.

ଜଡ଼ିତ—ଦେ. ବଣ. (ସଂ· ଜଟ୍ ଧାତୁଜ.)—୧ । ଖଚିତ —
Jar<u>d</u>ita 1. Set; studded; inlaid or overlaid with gems.
जड़ित
जड़ित ୨ । ବେଷ୍ଟିତ—2. Covered; surrounded.
୩ । ଆସକ୍ତ; ସଂଲଗ୍ନ; ସଂଯୁକ୍ତ—
3. Attached; clinging; intimately connected.
୪ । ମିଶ୍ରିତ—4. Implicated; mixed.
ବହୁଲେ କ ସରସ୍ୱତୀ କାଳନ୍ଦୀ ଜଡ଼ିତ— ଉପେ. ବୈଦେହୀଶବିଳାସ ।
୫ । ଲିପ୍ତ—5. Besmeared.

ଜଡ଼ିପଡ଼ିବା—ଦେ. କ୍ରି—ସଂଲଗ୍ନ ହେବା—
Jar<u>d</u>ipar<u>d</u>ibā — To cling.
ମଧ୍ୟଲୋରେ ମାଛ ଯେସନେ ଜଡ଼ି ପଡ଼ନ୍ତି—ପ୍ରାଚୀ. ରହସ୍ୟମଞ୍ଜରୀ ।

ଜଡ଼ିବା— ଦେ. କ୍ରି. (ସଂ. ଜଟ୍ ଧାତୁ=ଏକତ୍ର ହେବା)—
Jar<u>d</u>ibā — ୧ । ମିଶିବା; ସଂଲଗ୍ନ ହେବା; ଲାଗିରହିବା—
जड़ा 1. To be attached to; to mix with; to stick to.
जड़ना
ଗୁହୁଡିରେ ଅଭ୍ୟାସ କରନ୍ତି ବହୁଦର୍ଶୀମାନଙ୍କ ଅଙ୍କସ୍ଥଳେ ଜଡ଼ିଲ ରେ —
ଜଦସୂର୍ଯ୍ୟ. ସଙ୍ଗୀତ ।
ଜଡ଼ାଇବା } ଣିଜନ୍ତ
ଜଡ଼େଇବା }
୨ । ଜାବୁଡ଼ି କରି ଧରିବା—
2. To cling to.
ସମସ୍ତେ ବେଢ଼ି ଧରି ଜଡ଼ି
ଗୁଡ଼ିକୁ ଯେସନେ ପିମ୍ପୁଡ଼ି — ଭୂପତି. ପ୍ରେମପଞ୍ଚାମୃତ ।
୩ । ଲିପ୍ତ ହେବା; ଆସକ୍ତ ହେବା—
3. To be addicted to.
ଯେ ହରିଭବେ ଥାନ୍ତି ଜଡ଼ି
ତାଙ୍କ ଜୀବନ ଦୂରେ ଏଡ଼ି — ଜଗନ୍ନାଥ. ଭାଗବତ ।
୪ । କାରୁକାର୍ଯ୍ୟରେ ମଣ୍ଡିତ କରିବା; ଖଚିତ କରିବା—
4. To inlay or set with gems etc.
୫ । ଆଲିଙ୍ଗନ କରିବା —5. To embrace.
ଭିନ୍ନ ସଖୀ ଦେହେ ସ୍ନେହେ ଜଡ଼ିବାର । ଜଦସୂର୍ଯ୍ୟ—ସଙ୍ଗୀତ ।
୬ । ଏକତ୍ରିତ ହେବା; ଗୋଟା ହେବା, ସଂହତ ହେବା—
6. To cohere; to stick together.
ବସ୍ତ୍ର ସେଦନ ଲୁହ ପଡ଼ି
ଭୂମିରେ ଯେସନ ରେଣୁ ଜଡ଼ି । ଜଗନ୍ନାଥ. ଭାଗବତ ।
ପ୍ରାଦେ. (ସମ୍ବଲପୁର) କ୍ରି —ଟାଙ୍କଣାଦ୍ୱାରା ସୁନା ବା ଧାତୁର ଏକ ଖଣ୍ଡ ଅନ୍ୟ ଖଣ୍ଡ ସଙ୍ଗେ ସଂଶ୍ଳିଷ୍ଟ ହେବା; ଝାଳ ହେବା—
(one bit of metal) To be soldered to (another bit).

ଜଡ଼ିବୁଟି—ଦେ. ବି. (ସଂ. ଜଟ+ବୁଟିକା) (ସହଚର)—
Jar<u>d</u>ibuṭi ଭୁଟିକା ଔଷଧ; ମୂଳମୂଳିକା; ଔଷଧାର୍ଥ ବ୍ୟବହୃତ ଚେର ମୂଳାଦି— Medicinal herbs; drugs.
जड़िबुटि
जड़ीबुटी

ଜଡ଼ିମା—ସଂ. ବି. (ଜଡ଼+ଭାବାର୍ଥେ ଇମନ୍; ୧ମା. ୧ବ)—
Jar<u>d</u>imā ୧ । ଜଡ଼ତା (ଦେଖ)
1. Jar<u>d</u>atā (See)
୨ । କାର୍ଯ୍ୟକାରଣ ବ୍ୟତୀତ ବାକ୍ୟର ଅନ୍ୟଥାଭାବ—
2. The change of a word without cause.

ଜଡ଼ିମୁଣି—ଦେ. ବି—କେଳାମାନେ ଯେଉଁ ମୁଣିରେ ସର୍ପବିଷର
Jar<u>d</u>imuṇi ପ୍ରତିଷେଧକ ଗଦ ଓ ଚେରମୂଳ ରଖିଥାଆନ୍ତି—
Wallet of snake-charmers containing medicinal drugs against snake bite.

ଜଡ଼ିମୂଳି—ଦେ. ବି. (ସଂ. ଜଟା+ମୂଳ)—ଜଡ଼ିବୁଟି (ଦେଖ)
Jar<u>d</u>imūḷi — Jar<u>d</u>ibuṭi (See)

ଜଡ଼ୀକୃତ—ସଂ. ବଣ. (ଜଡ଼+ଅଭୂତ ତଦ୍ଭାବେ ଚ୍ୱି (ଈ)+କୃତ;
Jar<u>d</u>īkṛuta ଯେଉଁ ଅଜଡ଼ ବସ୍ତୁ ବା ବ୍ୟକ୍ତିକୁ ଜଡ଼ କରାଯାଇ (ଜଡ଼ୀକରଣ—ବି) ଅଛି)—୧ । ନିଃସ୍ପନ୍ଦୀକୃତ; ନିଶ୍ଚେଷ୍ଟୀକୃତ—
1. Rendered unsensible; benumbed; stupefied.
୨ । ଯାହାକୁ ଘନ କରାଯାଇଅଛି—
2. Condensed; solidified.
୩ । ଏକତ୍ରୀକୃତ; ପୁଞ୍ଜୀକୃତ—3. Heaped up; gathered together into a compact mass.

ଜଡ଼ୀଭୂତ—ସଂ. ବଣ. (ଜଡ଼+ଅଭୂତତଦ୍ଭାବେ ଚ୍ୱି (ଈ)+ଭୂତ;
Jar<u>d</u>ībhūta ଯେଉଁ ଅଜଡ଼ ବସ୍ତୁ ବା ବ୍ୟକ୍ତି ଜଡ଼ ହୋଇଅଛି)—
୧ । ନିଃସ୍ପନ୍ଦୀଭୂତ; ଯାହା ନିଷ୍ପନ୍ଦ ହୋଇଅଛି—
1. Become rigid; parlysed; benumbed; stunned; stupefied.
୨ । ଯେ ହତବୁଦ୍ଧି ହୋଇଅଛି; କିଂକର୍ତ୍ତବ୍ୟବିମୂଢ଼—
2. Bewildered; dumbfounded.
୩ । ନିଶ୍ଚେଷ୍ଟ—3. Inert; become inactive.
୪ । ନିରୁତ୍ସାହ—4. Discouraged; disheartened.
୫ । ଅଭିଭୂତ; ଆକ୍ରାନ୍ତ—5. Overpowered.
୬ । ମଗ୍ନ; ଜଡ଼ିତ—6. Immersed; implicated.

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

୭ । ବେଷ୍ଟିତ; ସମାଚ୍ଛନ୍ନ—
7. Encompassed; covered.

୮ । ଘନୀଭୂତ; ଜମାଟ ହୋଇଥିବା—8. Frozen.

[ଦ୍ର—'ଜଡ଼ୀଭୂତ' ଶବ୍ଦ କର୍ମବାଚ୍ୟରେ ନିଷ୍ପନ୍ନ ହୁଏ, ତେଣୁ ତାହାର ଅର୍ଥ ପୂର୍ବେ ଜଡ଼ ହୋଇ ନ ଥିବା ଓ ବର୍ତ୍ତମାନ ଜଡ଼ କରାଯାଇଥିବା କୌଣସି ବସ୍ତୁ ବା ବ୍ୟକ୍ତି ମାତ୍ର 'ଜଡ଼ୀଭୂତ' ଶବ୍ଦ କର୍ତ୍ତୃବାଚ୍ୟରେ ନିଷ୍ପନ୍ନ, ଏହାର ଅର୍ଥ ପୂର୍ବେ ଜଡ଼ ହୋଇ ନ ଥିବା ଓ ବର୍ତ୍ତମାନ ସ୍ୱୟଂ ଜଡ଼ ହୋଇଯିବା କୌଣସି ବ୍ୟକ୍ତି ବା ବସ୍ତୁ ଅଭୂତ ତଦ୍‌ଭାବ ଅର୍ଥରେ ଯେଉଁ ଶବ୍ଦମାନଙ୍କ ଶେଷରେ 'କୃତ' ଓ 'ଭୂତ' ପ୍ରୟୋଗ ହୋଇଥାଏ, ସର୍ବତ୍ର ଏହି ଭଳି ଅର୍ଥ ବୁଝିବାକୁ ହେବ ।]

ଜଡ୍ଡୁର—ସଂ. ବି—ଜଟୁଳ (ଦେଖ)
Jarḍura Jaṭuḷa (See)
(ଜଡ୍ଡୁଳ—ଅନ୍ୟରୂପ)

ଜଡ଼ୋପାସକ—ସଂ. ବିଣ. ପୁଂ. (ଜଡ଼ + ଉପାସକ; ଉପପଦ ତତ୍‌ପୁରୁଷ)—
Jarḍopāsaka ଜଡ଼ ପ୍ରକୃତିକୁ ଯେ ପୂଜା କରେ—
(ଜଡ଼ୋପାସିକା—ସ୍ତ୍ରୀ) Worshipper of Nature.

ଜଡ଼ୋପାସନା—ସଂ. ବି. (ଜଡ଼+ଉପାସନା; ୬ଷ୍ଠୀ ତତ୍)—
Jarḍopāsanā ପ୍ରକୃତିପୂଜା—Nature worship.

ଜଡ଼ୌ—ଦେ. ବି ଓ ବିଣ—ଜଡ଼ଉତ (ଦେଖ)
Jarḍau Jarḍauta (See)
(ଜଡ଼ୌତ—ଅନ୍ୟରୂପ)

ଜଣ—ଦେ. ବି. (ସଂ. ଜନ)—ବ୍ୟକ୍ତି; ମନୁଷ୍ୟ—
Jaṇa Person; individual.
জনা (ଯଥା— ସେ ଜଣେକୁ ଟଙ୍କାଏ ଦେଲେ ।)
आदमी

ଜଣକ – ଦେ. ବି. (ସଂ. ଜନୈକ)—ଏକଜଣ ମାତ୍ର—
Jaṇaka Only one person.
জনেক
आदमीठा

ଜଣକିଆ—ଦେ. ବିଣ—ଜଣିକିଆ (ଦେଖ)
Jaṇakiā Jaṇikiā (See)
(ଯଥା— ଜଣକିଆ ମଶାରି ।)

ଜଣକେ—ଦେ. ଅ—୧ । ଜଣେ ଜଣେ; ପ୍ରତ୍ୟେକେ—
Jaṇake 1. Each.
ফি জনাকে ୨ । ଜଣପିଚ୍ଛା ଜଣପ୍ରତି—
फि आदमीको 2. To each; for each.

ଜଣକେ କର ଦେଲେ ଯୋଡ଼ାଏ ଯୋଡ଼ାଏ ।
କୃଷ୍ଣସିଂହ. ମହାଭାରତ ବନ ।

ଜଣକେତେ—ଦେ. (ସର୍ବନାମ)—୧ । କେତେକ (ବ୍ୟକ୍ତି)—
Jaṇakete 1. Some (persons).
জনকতেক ଜଣ କେତେ ସନ୍ଧଦଯୁ, ସମର୍ଥ, ସହାୟ ସତ୍ୟ କାମ ସଖା ।
केतना आदम। ମଧୁସୂଦନ—ବସନ୍ତଗାଥା ।

୨ । ଅଳ୍ପସଂଖ୍ୟକ ବ୍ୟକ୍ତି—2. A few persons.
(ଯଥା—ମୁଁ ବେଶୀ କିଛି ବନ୍ଦୋବସ୍ତ କରି ନାହିଁ; ଯାହା କରିଛି ତହିଁରେ ଜଣକେତେଙ୍କ ବ୍ୟବସ୍ଥା ଚଳି ପାରେ ।)

ଜଣଜଣ—ଦେ. (ସର୍ବନାମ)—୧ । ପ୍ରତ୍ୟେକ ବ୍ୟକ୍ତି—
Jaṇajaṇa 1. Every person; every individual. each.
একএকজনা (ଯଥା—୫ ଜଣକୁ ୧୦ ଟଙ୍କା ଦିଆଗଲେ ଜଣେଜଣକୁ
फिआदमी କେତେ ଦିଆଯିବ ?)

୨ । ଜଣକ ପରେ ଜଣେ—2. One after another.
(ଯଥା—ପରୀକ୍ଷାର ଫଳ ଅନୁସାରେ ଜଣ ଜଣ ହୋଇ କ୍ଲାସ ଉଠିଲେ ।)

୩ । ପ୍ରତ୍ୟେକ ବ୍ୟକ୍ତି ପୃଥକ୍‌ଭାବରେ—3. Individually.
(ଯଥା—ଜଣ ଜଣ ହୋଇ ଗ୍ରାମଅଡ଼ୁ ବନ୍ଧୁ ଲୋକେ ଆସି ଜମା ହୋଇଗଲେ ।)

୪ । ଥରକେ ଜଣେ—4. One at a time.
(ଯଥା—ଦେଖ, ଜଣ ଜଣ ହୋଇ ତା ସଙ୍ଗେ ଲଢ଼ାଇ କର ଏକାବେଳକେ ଜଣକୁ ୫ ଜଣ ଆକ୍ରମଣ କଲେ କପଟ ଚଳିବ ?),

ଜଣଜଣକେ—ଦେ. ସର୍ବନାମ—୧ । ପ୍ରତ୍ୟେକେ—
Jaṇajaṇake 1. Each (himself or herself .
একএক (ଯଥା—ସେ ଜଣଜଣକେ ଗୋଟିଏ ଗୋଟିଏ ରାଜା, ତାଙ୍କୁ
फिआदमी କିଏ ଜିତିବ ସିମିତି ପଚାରୁଛ କି ?

୨ । ଜଣ ଜଣ (ଦେଖ)
2. Jaṇajaṇa (See).

ଦେ. ଅ—୧ । ଜଣ ଜଣ କରି; ଥରକେ ଜଣେ ହୋଇ—
1. One person at a time.
(ଜଣ ଜଣ କରି—ଅନ୍ୟରୂପ) (ଯଥା—ସେ ଜଣଜଣକେ ମହା ଧୂମ ଲଗାଇଲେ—ବୁଝେଇ ବୁଝେଇ ଥକିଗଲି—କେତେ କାହାକୁ ବୁଝାଇବି ?)

୨ । ଜଣପିଚ୍ଛା; ପ୍ରତ୍ୟେକ ବ୍ୟକ୍ତିଙ୍କୁ—
2 For each; to each.
(ଯଥା— ଜଣଜଣକେ ଅଧ ସେର ଲେଖାଏ ଚାଉଳ ଦେଉଛି; ଅଣ୍ଟିବ ନାହିଁ ?)

୩ । ଅନ୍ୟୋନ୍ୟରେ—3 Mutually.
(ଯଥା —ଜଣେଜଣକେ ପେଲାପେଲି ହୋଇ ଏବେ ସମସ୍ତେ ନଈରେ ପଡ଼ି ବୁଡ଼ିଲେଣି—ମୁଁ ବା କାହାକୁ ସମ୍ଭାଳିବି ?)

ଜଣପଣ— ଦେ. ବି (ସଂ. ଜନ)— ୧ । ଯୋଗ୍ୟତା—
Jaṇapaṇa 1. Ability.
୨ । ମନୁଷ୍ୟର ସ୍ୱାତନ୍ତ୍ର୍ୟ—2. Individuality.

ଜଣପିଚ୍ଛା—ଦେ. ଅ—ପ୍ରତ୍ୟେକ ବ୍ୟକ୍ତିଙ୍କ ଅଂଶରେ—
Jaṇapichhā In the share of each person.
(ଯଥା—୭ ଜଣଙ୍କୁ ଟ ୭୦୧ ଦେଲେ ଜଣପିଚ୍ଛା କେତେ ପଡ଼ିଲା ?)

୧	ଇ	ଡ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ପ	ଉ୍ଅ	ଞ
୨	ଈ	ଊ	ରୁ	ଲୃ	ଙ୍ଗୃ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଷ୍ପ	ନ୍ବ

ଜଣା—ଦେ. ବଣ (ସଂସ୍କୃତ. ଜ୍ଞା ଧାତୁ=ପ୍ରାକୃତ ଜାଣ ଧାତୁ)—
Jaṇā ୧ । ବିଦିତ; ଜ୍ଞାତ—1. Known.
জানা ବାଳୁ ବ.ଜଣା ଜଣ୍ୟ ସୁଗ୍ରୀବେ ରଣାଙ୍ଗଣାସ୍ଥ ଚ ହୋଇ ଅଗଣା ।
মালুম ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
୨ । ସୁବିଦିତ—2. Well known.
୩ । ପରିଚିତ—3. Acquainted with.
জানান ଦେ. ବି—୧ । ଜ୍ଞାନ—1 Knowledge.
জান্ ୨ । ଇନ୍ଦ୍ରିୟଦ୍ୱାରା ବୋଧ—2 Perception.
୩ । ପରିଚୟ—3. Acquaintance.
୪ । ବିଜ୍ଞାପନ; ଏତଲା—4. Information.

ଜଣାଇବା—ଦେ. କ୍ରି (ସଂ. ଜ୍ଞା ଧାତୁ ଣିଚ୍, ଜ୍ଞାପି ଧାତୁ; ଜାଣିବାର
Jaṇāibā ଣିଜନ୍ତରୂପ)—୧ । ଜ୍ଞାପନକରିବା—
জানান 1. To notify; to inform.
আগা করনো; জনানা ୨ । ଦେବତା ବା ରାଜା ଆଦିଙ୍କ ନିକଟରେ
(ଜଣେଇବା—ଅନ୍ୟରୂପ) ନିବେଦନ କରିବା—
2. To represent to a superior or Deity.
୩ । ପ୍ରାର୍ଥନା କରିବା—3. To pray; to solicit.
[ଦ୍ର ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଜଣା କରିବା—ପ୍ରାଦେ (ଗଡ଼ଜାତ; ଗଞ୍ଜାମ) କ୍ରି—ଜଣାଇବା (ଦେଖ)
Jaṇā karibā Jaṇāibā (See)
ପ୍ରଣମି ବଚନେ ଜଣାକଲେ ଏ ଚିରକୁ—ଭୁଲସୀ. ବଳମ ରାମାୟଣ. ଅଦ ।

ଜଣାଜଣି—ଦେ. ବଣ—୧ । ସାଧାରଣରେ ଜ୍ଞାତ—
Jaṇājaṇi 1. Known commonly.
জানাজানি ୨ । ପରସ୍ପର ଚହ୍ନାଚହ୍ନି—
2. Mutually recognising.
ଏହି କାଳରେ ବାବୁ ପୁଅ ସଖା ମିଶ
ଜଣାଜଣି ନୋହି କଣ୍ଠାଇ ନୋହେ ଗାନ—କୃଷ୍ଣସିଂହ. ମହାଭାରତ ଶାନ୍ତି ।
ଦେ. ବି—୧ । ପରସ୍ପର ଚହ୍ନାଚହ୍ନି ହେବା—
1. Mutual recognition.
୨ । ରାଜାଆଦିଙ୍କୁ କୌଣସି ବିଷୟର ଜ୍ଞାପନ—
2. Information given to an authority.

ଜଣାଣ—ଦେ. ବି. (ସଂ. ଜ୍ଞାପନ)—୧ । ଦେବତା ବା ରାଜାଆଦିଙ୍କ
Jaṇāṇa ନିକଟରେ ସ୍ତୁତି—1. Prayer.
আর্জি ବାର୍ତ୍ତା ଯା ଲେଖିଛି ଅଜ୍ଞାପତ୍ର ନୋହେ
আরজ, জনাব ଜଣାଣ ସେ ଦେଇଥିବ । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।
୨ । ପ୍ରାର୍ଥନା, ନିବେଦନ—2. Supplication.

ଜଣାଣ କରିବା—ଦେ. କ୍ରି—ଦେବତା ବା ରାଜା ଆଦିଙ୍କୁ କୌଣସି ବିଷୟ
Jaṇāṇa karibā ଜଣାଇବା—To represent a matter
আর্জি করা to a king or Deity.
আরজ করনা ଜଣାଣ କର ମା ନିକଟରେ । ମଧୁସୂଦନ

ଜଣାନନ୍ଦ—ଦେ. ବି. (ପ୍ରାଚୀନ) (ସଂ. ଜ୍ଞାନାନନ୍ଦ)—୧ । ପରମାତ୍ମା—
Jaṇānanda 1. The Divine Essence.
୨ । ଜୀବାତ୍ମା—2. The animal soul.
୩ । ଜ୍ଞାନଲାଭଦ୍ୱାରା ଆନନ୍ଦ ଲାଭ କରିବା ପୁରୁଷ—
3. A person who attains pleasure in securing knowledge.
ଠୁଳରୂପୀ ବସ୍ତୁ ନ ପାଇବ ଜଣାନନ୍ଦ । ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଜଣାବଇ—ଦେ. କ୍ରି. (ପ୍ରାଚୀନ) [ଜଣାଇବା କ୍ରିୟାର
Jaṇābai ବର୍ତ୍ତମାନକାଳ ନାମ ପୁରୁଷ ଅମାନ୍ୟାର୍ଥକ ଏକବଚନ
(ସେ) କର୍ତ୍ତା ସଙ୍ଗେ ଯୁକ୍ତ]—ବିକଳ୍ପରୂପ (ସେ) ଜଣାଏ;
(ସେ) ଜ୍ଞାପନ କରଇ—
(he or she) Intimates
ରାଧିକା ସଖୀ ଜଣାବଇ ତା ନଦେଶରେ । ପ୍ରାଚୀ. ରସବାରିଧି ।

ଜଣାବନ୍ତି—ଦେ. କ୍ରି. (ପ୍ରାଚୀନ)—[ଜଣାଇବା କ୍ରିୟାର ବର୍ତ୍ତମାନକାଳ
Jaṇābanti ତୃତୀୟପୁରୁଷ ବହୁବଚନ (ସେମାନେ) କର୍ତ୍ତା ସଙ୍ଗେ
ଅନ୍ୱିତ)]-(ବିକଳ୍ପରୂପ)-(ସେମାନେ) ଜଣାନ୍ତି; ଜ୍ଞାପନ
କରନ୍ତି—(they) Intimate.
କର ଯୋଡ଼ି ଜଣାବନ୍ତି ରାମଚନ୍ଦ୍ର ଦାସ । ପ୍ରାଚୀ. ଶ୍ରୀ ଗୁରୁଭକ୍ତି ଗୀତା ।

ଜଣାମଣା—ଦେ. ବି. (ସଂ. ଜ୍ଞାପନ+ମନନ)—ଜଣାଣ (ଦେଖ)
Jaṇā-maṇā Jaṇāṇa (See)

ଜଣାଶୁଣା—ଦେ. ବି. (ସଂ. ଜ୍ଞା ଧାତୁ ଓ ଶ୍ରୁ ଧାତୁ)—୧ । ଘନିଷ୍ଠତା—
Jaṇāśuṇā 1. Intimacy.
জানাশুনা ୨ । ଘନିଷ୍ଠ ପରିଚୟ—
জানপহঁচান 2. Intimate acquaintance.
ଦେ. ବଣ—୧ । ସୁପରିଚିତ—1. Well acquainted.
୨ । ସୁପରିଜ୍ଞାତ; ପ୍ରସିଦ୍ଧ—2. Well known; famous.
ବୁଦିଆ ହାଟରେ ପଡି ହେଲି ମୁଁ ବଣା
ଜଣାଶୁଣା ବାଟଘାଟ ସବୁ ଅଜଣା । ଭିକାରୀ. ଗୀତଲହରୀ ।

ଜଣିଆଁ—ଦେ. ବଣ. (ସଂ. ଜନ) (ଅନ୍ୟ ସଂଖ୍ୟାବାଚକ ଶବ୍ଦ ପରେ ଯୁକ୍ତ
Jaṇiāṅ ଯଥା—ତିନିଜଣିଆଁ ମଶାରି; ଦ ଜଣିଆଁ ଖଟ)—
জনের ପୂର୍ବୋକ୍ତସଂଖ୍ୟକ ବ୍ୟକ୍ତିଙ୍କ ବ୍ୟବହାରୋପଯୋଗୀ ବା
আদ্‌মীকো ତାଙ୍କ ପାଇଁ ଅଭିପ୍ରେତ—(in compound) Intended
or sufficient for so many persons.

ଜଣିକିଆ—ଦେ. ବଣ. (ସଂ. ଜନୈକ)—ଏକଜଣର ଯୋଗ୍ୟ; ଏକଜଣର
Jaṇikiā ବ୍ୟବହାର୍ଯ୍ୟ—Fit for one person; sufficient
for the needs of one person; single.
(ଯଥା—ଜଣିକିଆ ଖଟ; ଜଣିକିଆ ମଶାରି ।)

ଜଣେ—ଦେ. ସର୍ବନାମ (ସଂ.ଜନୈକ)—୧ । ଜନୈକ; ଏକଜଣ ମାତ୍ର—
Jaṇe 1. Only one person
জনেক ୨ । ଗଣ୍ୟମାନ୍ୟବ୍ୟକ୍ତି; ପ୍ରଧାନ ବ୍ୟକ୍ତି—
এক 2. Chief person; a person of importance.
(ଯଥା—ତୁ ଅପଣାକୁ ଜଣେ ବୋଲି ଭାବୁଛି)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜଣେଜଣ—ଦେ. ଅ.—ପ୍ରତ୍ୟେକଙ୍କୁ; ଜଣଜଣ କରି—
Jaṇe-jaṇa To each.

ଦିଲେ ଦେଲେ ବହୁଦାନ ବସ୍ତ୍ର ଅଳଙ୍କାର ଧନ
ସନ୍ତୋଷ କରାଇ ଜଣେ ଜଣ । ରଘୁନାଥ. ବଡ଼ରାମାୟଣ ।

ଜଣେଜଣେ—ଦେ. ଅ—୧ । ପ୍ରତ୍ୟେକ ବ୍ୟକ୍ତି; ବ୍ୟକ୍ତିଗତ ଭାବରେ; ଜଣ ଜଣ କରି—1. Individually.
Jaṇe-jaṇe
(ଯଥା—ଜଣେ ଜଣେ ହୋଇ ପାଖ କଥା କହିଲେ ମୁଁ ଶୁଣିବ ନାହିଁ ।)
୨ । ଜଣକ ପରେ ଜଣେ—
2. One after the other.
(ଯଥା—ଜଣେ ଜଣେ ହୋଇ ହାତ ପକାଅ, ନୋହିଲେ କାହାରିକୁ କୋଉ ଦେବ ନାହିଁ ।)

ଜତ୍‌କତ୍—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ. (ସଂ. ଯତ୍ର ଓ କୁତ୍ର)—
Jat-kat ଏଣେ ତେଣେ; ଯହିଁ ତହିଁ; ଯାହିଁ ତାହିଁ—
Here and there; anywhere.
(ଯଥା—ସେ ଜତ୍‌କତ୍ ବୁଲୁଛି କାହିଁ ଯେ ।)

ଜତ୍‌ନି—ପ୍ରାଦେ. (ସମ୍ବଲପୁର) ବି—ଖଳି (ଦେଖ)
Jat-ni Khaḷi (See)

ଜତୁ—ସଂ. ବି. (ଜନ୍ ଧାତୁ + କର୍ତ୍ତୃ. ଉ; ନ ସ୍ଥାନରେ ତ ଆଦେଶ)—
Jatu ୧ । ଲାଖ; ଜଉ—1. Lac; shell-lac.
୨ । ଅଲକ୍ତ; ଅଳତା; ଯାବକ—2. Red dye or pigment for painting the feet of females.

ଜତୁକ—ସଂ. ବି. (ଜତୁ + ସ୍ୱାର୍ଥେ. କ)—
Jatuka ୧ । ହେଙ୍ଗୁ—1. Asafoetida.
୨ । ଲାଖ—2. Lac.
୩ । କୌଣସି କୌଣସି ବ୍ୟକ୍ତିଙ୍କ ଶରୀରରେ ଜନ୍ମକାଳରୁ ଦେଖାଯିବା ଜାଇଫଳ; ଜଟୁଳ—
3. A mole on the body; nævus.

ଜତୁକା—ସଂ. ବି—ଚମଚଟା; ଚମ୍ପିଣି ଚଢ଼େଇ—
Jatukā House-bat; the smaller bat.

ଜତୁନୀ—ସଂ. ବି—ଜତୁକା (ଦେଖ)
Jatunī Jatukā (See)

ଜତୁମଣି—ସଂ. ବି—ଦେହରେ ଦେଖାଯିବା କଳା ବା ନାଲି ଜାଇଫଳ—
Jatumaṇi A mole on the body; nævus.

ଜତୁରସ—ସଂ. ବି—ଅଳତା— Red dye for painting the feet of females.
Jaturasa

ଜତ୍ରୁ—ସଂ. ବି. (ଜନ୍ ଧାତୁ + କର୍ତ୍ତୃ. ସ୍ୱାର୍ଥେ. ରୁ)—
Jatru ହଂସୁଳି ହାଡ଼; କଣ୍ଠାସ୍ଥି—
The clavicle; collar-bone,

ଜଥା—ବୈଦେ. ବି. (ତେଲୁଗୁ. ଜଥା)—୧ । ପିନ୍ଧିବା ଲୁଗା—
Jathā 1. A single cloth for wearing.
୨ । ପିନ୍ଧା ଓ ପାଟୁଡ଼ା ଏକତ୍ର ଲାଗି ବୁଣା ହୋଇଥିବା ଲୁଗା; ଜୋଡ଼ା; ଏକତ୍ର ବୁଣା ହୋଇଥିବା ଲୁଗାଗୁଡ଼ିକର ଜୋଡ଼ା-
2. A pair of wearing cloths (lower and upper) woven in one length.

ଜଡା—ଦେ. ବି—ଜଡ଼ିବା କାର୍ଯ୍ୟ; ତୁଳନା କରିବା—
Jadā The act of comparing two things with each other.

ଜଡାଇବା—ଦେ. କ୍ରି—ଜଡ଼ିବା କ୍ରିୟାର ପ୍ରଯୋଜକ ରୂପ—
Jadāibā Causative of Jadibā.
(ଜଡେଇବା—ଅନ୍ୟରୂପ)

ଜଡାଜଡି—ଦେ. ବି—ପରସ୍ପର ତୁଳନା କରିବା କର୍ମ—
Jadājadi Mutual comparison.
ବିଣ.—ପରସ୍ପର ତୁଳନା କରୁଥିବା—
Comparing with each other.

ଜଡିବା—ଦେ. କ୍ରି—୧ । ତୁଳନା କରିବା—
Jadibā 1. To compare; to countercheck.
ତୁଳା ୨ । ଦୁଇଟି ବସ୍ତୁକୁ କଷିବା—2 To compare
तुलना the dimeusions of two things.

ଜନ୍ (ଧାତୁ)—ସଂ—ଜନ୍ମିବା; ଜାତ ହେବା—
Jan (root) To be born or produced.
(ଜନ ଧାତୁ—ଣିଜନ୍ତ ରୂପ)

ଜନ୍—ପ୍ରାଦେ. (ସମ୍ବଲପୁର) ବି—ଚନ୍ଦ୍ର; ଜହ୍ନ
Jan The moon.

ଜନ୍‌ନା—ବୈଦେ. ବି. ସ୍ତ୍ରୀ—ଜନାନା (ଦେଖ)
Jan-nā Janānā (See)

ଜନ୍ ବିମ୍ସ୍—ବୈଦେ. ବି (ନାମ) (ଇଂ)—ଏକାଧିକ ଭାରତୀୟ ଭାଷାରେ
Jan bims ସୁପଣ୍ଡିତ ଓ ହିନ୍ଦୀ, ପଞ୍ଜାବୀ, ମହାରଟ୍ଟୀ, ଗୁଜରାଟୀ, ସିନ୍ଧୀ ଓ ବଙ୍ଗଳା ଭାଷାମାନଙ୍କ ତୁଳନାମୂଳକ ବ୍ୟାକରଣ ଓ ଭାରତୀୟ ଭାଷାତତ୍ତ୍ୱବିଷୟର ରୂପରେଖ ଗ୍ରନ୍ଥର ଲେଖକ ସ୍ୱର୍ଗୀୟ ଇଂରାଜ ମନୀଷୀ—Name of the late author of modern outlines of Indian philology and Comparative grammar of modern Indian languages (viz. Hindi, Panjabi, Sindhi, Gujarati, Marhattee, Bengalee and Oria).
[ଦ୍ର—ଏ ବେଳେ କାଳ କଟକର କଲେକ୍ଟର ଓ ଓଡ଼ିଶାର କମିସନର କର୍ମ କରିଥିଲେ ।]

ଜନ୍ହ—ଦେ. ବି. (ସଂ. ଜ୍ୟୋତ୍ସ୍ନା. ପ୍ରାକୃତ. ଜୋଣ୍ହାଇ)—
Jan-ha ଚନ୍ଦ୍ର—The moon.

ଦେଖ କୁସୁମିତ କାନନ, ଶରଦ ପୂର୍ଣ୍ଣମୀର ଜହ୍ନ । ଭୂପତି. ପ୍ରେମପଞ୍ଚାମୃତ ।

ଜନ—ସଂ. ବି. (ଜନ୍ ଧାତୁ + କର୍ତ୍ତୃ. ଅ)—
Jana ୧ । ମନୁଷ୍ୟ; ଲୋକ; ବ୍ୟକ୍ତି—1. Person; man.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଙ୍ଘ	ଡ଼ଅ	ଢ଼
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଙଅ	●	ନ୍ଦ

୨ । ଯେ ଦୈନିକ ମଜୁରି ନେଇ ଅନ୍ୟର କର୍ମ କରେ—
2. Day-labourer.

୩ । ଭୁବନ—
3. The world; the terrestrial globe.

୪ । ଜନଲୋକ—4. One of the terrestrial worlds according to Hindu mythologies.

[ଦ୍ର—ହିନ୍ଦୁଶାସ୍ତ୍ରୋକ୍ତ ସପ୍ତଭୁବନ ମଧ୍ୟରୁ ଏହା ମହଃଲୋକର ପରବର୍ତ୍ତୀ ଓ ତପଃଲୋକର ପୂର୍ବବର୍ତ୍ତୀ ଭୁବନ ଅଟେ । ଏଥିରେ ବ୍ରହ୍ମାଙ୍କ ମାନସ ପୁତ୍ର ଓ ଊର୍ଦ୍ଧ୍ୱରେତା ଋଷିମାନେ ବାସ କରନ୍ତି—ଜ୍ଞାନେନ୍ଦ୍ର]

୫ । ଅସୁର (ଜ୍ଞାନେନ୍ଦ୍ର)—5. Demon.

୬ । ଇତର ଲୋକ—6. One of the people.

ଗ୍ରା. ବି. (ସଂ. ଜ୍ୟୋତ୍ସ୍ନା) ଜହ୍ନ; ଜନମାମୁଁ (ଦେଖ)
The moon; Janamāmu (See)

ଜନକ୍—ପ୍ରାଦେ. (ସମ୍ବଲପୁର) ବିଣ (ସଂ ଜ୍ୟୋତ୍ସ୍ନାମୟ)—ଜ୍ୟୋତ୍ସ୍ନାମୟ—
Janak Moon-lit.

ଜନକ୍‌ରାଏତ୍—ପ୍ରାଦେ. (ସମ୍ବଲପୁର) ବି.—ଜହ୍ନରାତି; ଶୁକ୍ଳପକ୍ଷ ରାତ୍ରି—
Janak-raet n-lit night.

ଜନକ—ସଂ. ବି. ପୁଂ. (ଜନ୍ ଧାତୁ ଣିଚ ଜନି ଧାତୁ=ଜନ୍ମ କରିବା+କର୍ତ୍ତୃ. ଅକ)—୧ । ପିତା—1. Father.
Janaka
(ଜନକା—ସ୍ତ୍ରୀ) ୨ । (ନାମ) ବିଦେହ ବା ମିଥିଳାର ରାଜା; ସୀତାଙ୍କ ପାଳକ ପିତା—2. King Janaka, the foster-father of Sitā.

[ଦ୍ର—ନିମିରାଜାଙ୍କର ମୃତ ଶରୀରକୁ ଦେବଙ୍କ ବ୍ରାହ୍ମଣମାନେ କୁଶରେ ମନ୍ଥନ କଲେ; ତହିଁରୁ ଜନକ ଜାତ ହେଲେ ।
ଭାଗବତ—୧୦ମ ସ୍କନ୍ଧ ।]

୩ । (ପ୍ରଜାମାନଙ୍କର ପିତାତୁଲ୍ୟ ଥିବାରୁ)—ରାଜା—
3. King (the father of his subjects).

ସଂ ବିଣ. ତ୍ରି. (ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ ଯଥା—ଦୁଃଖ-ଜନକ, ଆନନ୍ଦଜନକ)—୧ । ଜନ୍ମଦାତା—
1. Begetting; producing.

୨ । ଉତ୍ପାଦକ; ଯାହା ଘଟାଏ—2. Causing.

ଜନକଜନନୀ—ସଂ. ବି. (ଜନକ+ଜନନୀ; ଦ୍ୱନ୍ଦ୍ୱର ଶବ୍ଦ)—ପିତାମାତା—
Janaka-janani Parents; father and mother.

ଜନକ ତନୟା—ସଂ. ବି. ସ୍ତ୍ରୀ. (ଜନକ+ତନୟା; ୬ଷ୍ଠୀ ତତ୍)—
Janaka-tanayā ବୈଦେହୀ; ସୀତା—Sitā, the foster-daughter of Janaka.

(ଜନକକନ୍ୟା; ଜନକନନ୍ଦିନୀ; ଜନକସୁତା—ଅନ୍ୟରୂପ)

ଜନକତ୍ୱ—ସଂ ବି. (ଜନକ+ସ୍ୱାର୍ଥେ ତ୍ୱ)—
Janakatwa ୧ । ଉତ୍ପାଦକତା; କାରଣତା—
1. The state of being the producer or cause.

୨ । ପିତୃତ୍ୱ; ସନ୍ତାନର ମାତାଙ୍କ ସ୍ୱାମିତ୍ୱ—
2. Father-hood of a child.

୩ । ଉତ୍ପାଦକ ଶକ୍ତି—3. Productiveness.

ଜନକ ଦେଇ—ଗ୍ରା. ବି. ସ୍ତ୍ରୀ. (ସଂ. ଜନକ ଓ ଦେବୀ)—
Janaka dei ଜାନକୀ; ସୀତା Sitā.

ଜନକପୁର—ସଂ. ବି—ମିଥିଳାର ପ୍ରାଚୀନ ରାଜଧାନୀ; ଜନକରାଜାଙ୍କ
Janaka-pura ରାଜଧାନୀ—The capital of king Janaka.

[ଦ୍ର—ଏହା ନେପାଳର ତରାଇ ପ୍ରଦେଶରେ ଅବସ୍ଥିତ ବୋଲି ପଣ୍ଡିତମାନେ ଅନୁମାନ କରନ୍ତି ।]

ଦେ. ବି—ପୁରୀ ଗୁଣ୍ଡିଚା ମନ୍ଦିରର ଅନ୍ୟନାମ—
A name of the Gundichā-temple of Puri.

[ଦ୍ର—ଏଠାରେ ପ୍ରଥମେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତିନି ମୂର୍ତ୍ତି ନିର୍ମିତ ହୋଇଥିଲେ ।
ଜଗବନ୍ଧୁ—ପ୍ରାଚୀନ ଉତ୍କଳ ।]

ଜନକାରି—ସଂ. ବି. (ଜନ+କୃ ଧାତୁ=ଉତ୍କ୍ଷେପ କରିବା+କର୍ମ
Janakāri . ଇନ୍; ୧ମା. ୧ବ)—ଅଲତା ବା ଅଲତାରଞ୍ଜିତ ତୁଳା—
Thin pads of cotton impregnated with lac or red dye.

ଜନକାତ୍ମଜା—ସଂ. ବି. ସ୍ତ୍ରୀ. (ଜନକ+ଆତ୍ମଜା; ୬ଷ୍ଠୀ ତତ୍)—
Janakātmajā ଜନକତନୟା (ଦେଖ)
Janaka-tanayā (See)

ଜନଗଣନା—ସଂ. ବି. (ଅଧୁନିକ ବ୍ୟବହାର)—ପ୍ରଜାଙ୍କର ଲୋକଗଣତି;
Jana-gananā ସେନ୍ସସ୍—Census.

ଜନଙ୍ଗମ—ସଂ. ବି. (ଜନ=ଇତର, ଲୋକ+ଗମ୍ ଧାତୁ+କର୍ତ୍ତୃ. ଅ)—
Janangama ଚଣ୍ଡାଳ—A man of the lowest caste amongst the Hindus.

ଜନଚକ୍ଷୁଃ—ସଂ. ବି. (ଜନ+ଚକ୍ଷୁଃ; ୬ଷ୍ଠୀ ତତ୍; ଏ ସଂସାରର ଲୋକ
Jana-chakshuh ମାନଙ୍କ ଚକ୍ଷୁଃସ୍ୱରୂପ ପ୍ରକାଶକ ଥିବାରୁ)—
ସୂର୍ଯ୍ୟ—The sun.

ଜନଚର୍ଚ୍ଚା—ସଂ. ବି. (ମ. ପ. ଲୋ; ଜନମାନଙ୍କର ମଧ୍ୟରେ ପ୍ରଚଳିତ
Jana-charchhā ଚର୍ଚ୍ଚା)—୧ । ଜନପ୍ରବାଦ (ଦେଖ)
1. Jana-prabāda (See)

ଜନତା—ସଂ.ବି. (ଜନ+ସମୂହାର୍ଥେ ତା)—୧ । ବହୁଲୋକଙ୍କ ସମାଗମ;
Janatā ଭିଡ଼—Crowd; a multitude or gathering of people.

୨ । ମନୁଷ୍ୟତା—2. Manliness.

୩ । ଉତ୍ପାଦନ—3. Production.

୪ । ପୃଥିବୀର ମାନବସକଳ—4. Mankind.

ଜନତ୍ରା—ସଂ. ବି. (ଜନ+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ. କ୍ୱିପ୍;
Janatrā ଯାହା ଲୋକଙ୍କୁ ରୌଦ୍ରାଦିରୁ ରକ୍ଷା କରେ)—
ଛତା (ହି. ଶବ୍ଦସାଗର)—Umbrella.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜନଦେବ—ସଂ. ବି. (୬ଷ୍ଠୀ ତତ୍; ଜନ+ଦେବ)—
Jana-deba ୧ । ରାଜା; ନରପତି (ହି. ଶବ୍ଦସାଗର)—1. King.
୨ । (ନାମ) ମହାଭାରତୋକ୍ତ ମିଥିଳାର ଜଣେ ଜନକବଂଶୀ ରାଜା—
2. Name of a king of Mithilā.
[ଦ୍ର—ଏ ରାଜା ମହର୍ଷି ପଞ୍ଚଶିଖଙ୍କ ଉପଦେଶ ଗ୍ରହଣ କରି ମୋକ୍ଷ ପ୍ରାପ୍ତ ହୋଇଥିଲେ—ହି. ଶବ୍ଦସାଗର ।]

ଜନଧା—ସଂ. ବି. (ଜନ+ଧା ଧାତୁ+କର୍ତ୍ତୃ. କ୍ୱିପ୍)—
Janadhā ଅଗ୍ନି; ନିଆଁ (ହି. ଶବ୍ଦସାଗର)—Fire.

ଜନନ—ସଂ. ବି. (ଜନ୍ ଧାତୁ ଣିଜନ୍ତ ଜନ ଧାତୁ=ଜନ୍ମାଇବା+ଭାବ. ଅନ)—୧ । ଉତ୍ପତ୍ତି; ଜନ୍ମ—
Janana
(ବିପରୀତ—ମରଣ) 1. Birth; production.

ଭାଗ୍ୟ ଏ ଜନ ଅଟି, ଜନନରେ ସଖି, ଜାଣରେ ।
କବିସୂର୍ଯ୍ୟ. ବଳୋରାମଙ୍କ ଭ ଗୀତ ।

୨ । (+କର୍ତ୍ତୃ. ଅନ) ପିତା; ଜନକ—2. Father.
୩ । ଦ୍ୱିଜାତିଙ୍କର ଜାତକର୍ମରୂପ ସଂସ୍କାର—
3. A rite observed by the twice-born castes amongst the Hindus at a child's birth.
୪ । ଉତ୍ପାଦକ—4. Producer.
୫ । (+ଅଧିକରଣ ଅନ) ଗୋତ୍ର; ବଂଶ—
5. Family; race; lineage.
୬ । ସର୍ବପିତା ପରମେଶ୍ୱର—6. God.
୭ । ଜନ୍ମ କରିବା—7. Giving birth.

ଜନନବିପର୍ଯ୍ୟୟ—ସଂ. ବି. (ଆଧୁନିକ; ଜୀବବିଜ୍ଞାନ ପରିଭାଷା)—
Janana-biparjyaya ୧ । ପୁରୁଷପରମ୍ପରା—
1. Successive generations.
୨ । ଉତ୍ପତ୍ତିକ୍ରମର ବୈପରୀତ୍ୟ—2. Inversion of the order of generation or production.

ଜନନା—ବୈଦେ. ବି—ଜନାନା (ଦେଖ)
Jananā Janānā (See)

ଜନନାଶୌଚ—ସଂ. ବି. (ମ. ପ. ଲୋ. ଜନନ+ଅଶୌଚ ଜନନ-
Jananāśaucha ଜନିତ ଅଶୌଚ)—ଛୁତିକଅ; ସୂତିକାଶୌଚ—
(ବିପରୀତ—ମରଣାଶୌଚ) The uncleanness (for the first 10 days) observed by the kinsmen of a new-born infant.

ଜନନି—ସଂ. ବି. (ଜନ ଧାତୁ+ଭାବ ଅନି) ୧ । ଉତ୍ପତ୍ତି; ଜନ୍ମ—
Janani 1. Birth.
୨ । (+ଅଧିକରଣ. ଅନି) ବଂଶ—2. Race; family.
୩ । ଗନ୍ଧଦ୍ରବ୍ୟବିଶେଷ—3. A kind of scent.

ଜନନୀ—ସଂ. ବି. ସ୍ତ୍ରୀ (ଜନ୍ ଧାତୁ+କର୍ତ୍ତୃ ଅନ+ସ୍ତ୍ରୀ. ଈ)—
Janani ୧ । ଗର୍ଭଧାରିଣୀ; ମାତା—1. Mother.
୨ । ଦୟା—2. Mercy; kindness.
୩ । ଯୂଥିକା; ଯୂଥିଫୁଲ—3. Jasmine.
୪ । ମଞ୍ଜିଷ୍ଠା—4. Indian madder.
୫ । ଚେମେଣ୍ଡୀ—5. House-bat.
ସଂ ବିଣ. ସ୍ତ୍ରୀ—ଉତ୍ପାଦିକା—Producing.

ଜନନୀୟ—ସଂ. ବିଣ—୧ । (ଜନ ଧାତୁ+କର୍ମ ଅନୀୟ)—ଜନ୍ମ ହେବାର
Janani̇ya ଯୋଗ୍ୟ—1. Fit to be born or produced.
୨ । (ଜନ ଧାତୁ+କର୍ମ ଅନୀୟ) ଜନ୍ମ କରିବାର ଯୋଗ୍ୟ—
2 Fit to be given birth to.

ଜନପଦ—ସଂ. ବି. (୬ଷ୍ଠୀ ତତ୍; ଜନ+ପଦ=ସ୍ଥାନ)—୧ । ଦେଶ;
Jana-pada ଲୋକାଳୟ—1. An inhabited country; a district; a country; region.
୨ । ଲୋକ; ଜାତି; କୌଣସି ଦେଶର ଅଧିବାସୀଗଣ—
2. Nation; people.
୩ । ଲୋକସମାଜ—3. A community.

ଜନପାଦ—ସଂ. ବି. (ଜନପଦ+ସ୍ୱାର୍ଥେ. ଅ)—ଜନପଦ (ଦେଖ)
Jana pāda Janapada (See)

ଜନପ୍ରଜା—ଦେ. ବି. (ସଙ୍କର ଶବ୍ଦ; ଜନ+ପ୍ରଜା)—ରାଜାଙ୍କ ପ୍ରଜାବର୍ଗ—
Jana-prajā The subjects of a king.

ଅନେକ ମନ୍ତ୍ରି ଜନପ୍ରଜା
ଧ୍ରୁବ ସପତ ଦ୍ୱୀପେ ରଜା । ଜଗନ୍ନାଥ. ଭାଗବତ ।

ଜନପ୍ରବାଦ—ସଂ. ବି. (ମ. ପ. ଲୋ; ଜନମାନଙ୍କ ମଧ୍ୟରେ ପ୍ରଚଳିତ
Jana prabāda ପ୍ରବାଦ)—୧ । ଲୋକପ୍ରବାଦ; ଗୁଜବ;
(ଜନବାଦ—ଅନ୍ୟରୂପ) ଜନଶ୍ରୁତି—1. Rumour; a popular report.
୨ । କିମ୍ବଦନ୍ତୀ—2. Tradition.
୩ । ଲୋକନିନ୍ଦା; ଲୋକାପବାଦ—
3. Public scandal.

ଜନପ୍ରବାହ—ସଂ. ବି. (୬ଷ୍ଠୀ ତତ୍; ଜନ+ପ୍ରବାହ)—୧ । ବହୁଲୋକ
Jana-prabāha ଯିବା ଆସିବା କରୁଥିବା ଯୋଗୁଁ ଭିଡ଼—
1. A crowded rush of people.

ଜନପ୍ରାଣୀ—ଦେ. ବି. (ସଙ୍କର ଶବ୍ଦ; ଜନ+ପ୍ରାଣୀ)—ମନୁଷ୍ୟ କିମ୍ବା
Jana-prāṇi ଅନ୍ୟ ଜୀବ—Any living being; man or animal.

ଜନପ୍ରାଣୀ ପାଖରେ ନାହିଁ । ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଜନପ୍ରିୟ—ସଂ. ବିଣ. (ବହୁବ୍ରୀହି; ଜନ+ପ୍ରିୟ)—୧ । ଲୋକବତ୍ସଳ—
Jana-priya 1. Philanthropic; loving the people.
୨ । ଲୋକପ୍ରିୟ; ସାଧାରଣଙ୍କର ପ୍ରୀତିଭାଜନ—
(ଜନବଲ୍ଲଭ—ଅନ୍ୟରୂପ) 2. Popular; beloved by the people.
ସଂ. ବି.—୧ । ଧନିଆ; ଧନିଆଁ—
1, Coriander seed (Apte).

୧	ଇ	ଉ	ରୃ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର.	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ୟ
୨	ଈ	ଊ	ରୁ	ଲୁ	ଙ୍ଗେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍ତ

୨ । ଶିବ; ମହାଦେବ—
2. An epithet of God Śiba (Apte).

ଜନବରୀ—ଗ୍ରା. ବୈଦେ. ବି. (ଇଂ. ଜାନୁଆରୀ)—ଜନୋବରୀ; ଜାନୁଏରୀ
Janabari — ମାସ—The month of January.
জানুয়ারী
जनवरी

ଜନବଲ୍ଲଭ—ସଂ. ବିଣ (୬ଷ୍ଠୀ ତତ୍; ବହୁବ୍ରୀହି; ଜନ+ବଲ୍ଲଭ)—
Jana-ballabha — ଜନପ୍ରିୟ (ଦେଖ)
Janapriya (See)
ବି.—ଶ୍ୱେତ ରୋହିତକ (ହି. ଶବ୍ଦସାଗର)—
The white variety of Rohitaka tree.

ଜନବହୁଳ—ସଂ. ବିଣ. (ବହୁବ୍ରୀହି; ଜନ+ବହୁଳ)—ଜନାକୀର୍ଣ୍ଣ; ବହୁ-
Jana-bahuḻa — ଲୋକପୂର୍ଣ୍ଣ—Populous.

ଜନବାଦ—ସଂ. ବି. (୬ଷ୍ଠୀ ତତ୍; ଜନ+ବାଦ)—ଜନପ୍ରବାଦ (ଦେଖ)
Jana-bāda — Jana-prabāda (See)
(ଜନବାଦ — ଅନ୍ୟରୂପ)

ଜନବାସ—ସଂ. ବି. (୬ଷ୍ଠୀ ତତ୍; ଜନ+ବାସ)—୧ । ଲୋକବସତି—
Janabāsa — 1. A place of human residence.
୨ । ସର୍ବସାଧାରଣଙ୍କ ଆଶ୍ରୟସ୍ଥାନ—2. A place of public resort; a public rest-house.
୩ । ସଭା; ସମାଜ—3. An assembly; a meeting.

ଜନଭା—ପ୍ରାଦେ. (ଗଞ୍ଜାମ) ବି.—ଦେଶର ଲୋକଗଣନା; ସେନ୍ସସ୍—
Janabhā. — Census.

ଜନଭୂୟିଷ୍ଠ - ସଂ. ବିଣ.—(ବହୁବ୍ରୀହି; ଜନ+ଭୂୟିଷ୍ଠ=ପ୍ରଚୁର; ଯେଉଁ-
Jana-bhūyishṭha — ଠାରେ)—ଜନବହୁଳ (ଦେଖ)
Jana-bahuḻa (See)

ଜନମ (ଇତ୍ୟାଦି)—ଗ୍ରା. ଓ ପଦ୍ୟ. ବି. (ସଂ. ଜନ୍ମ)—
Janama (etc) — ଜନ୍ମ ଇତ୍ୟାଦି (ଦେଖ)
জনম — Janma etc (See)
जनम

ଜନମଅନ୍ଧ—ଗ୍ରା. ବିଣ.—ଜନ୍ମାନ୍ଧ (ଦେଖ)
Janama-andha — Janmāndha (See)
(ଜନମରୁ ଅନ୍ଧ—ଅନ୍ୟରୂପ)

ଜନମକାଳ—ଦେ. ବି (ସଂ. ଜନ୍ମକାଳ)—ମନୁଷ୍ୟ ଭୂମିଷ୍ଠ ହେବା ସମୟ—
Janama-kāḻa — Time of one's birth.
"ମୋ ବାର୍ଥ ହ ଜାଧା ଦେଇଥିଲେ ଜନମକାଳେ, ଅନୁକ୍ଷଣାଳେ, କାଇଁ ଜନନ, ଷୋଡ଼ିଅଜନ, ମହତାପାନ—ଗ୍ରାମ୍ୟଗୀତ ।

ଜନମଥାନ—ଗ୍ରା. ବି (ସଂ. ଜନ୍ମସ୍ଥାନ)—ଜନ୍ମଭୂମି (ଦେଖ)
Janama-thāna — Janma-bhūmi (See).

ଜନମଦୁଧ—ଗ୍ରା. ବି (ସଂ. ଜନ୍ମ+ଦୁଗ୍ଧ)—ନବଜାତ ଶିଶୁର ସ୍ତନରୁ
Janama-dudha — ବାହାରୁଥିବା ଲସା—A milky secretion pinched out of the teats of a new-born baby.
[ଦ୍ର—ଜାଣିଲାଶୁଣିଲା ସ୍ତ୍ରୀଲୋକମାନେ ନବଜାତ ଶିଶୁର ଦୁଧକୁ ଚିପିଦଅନ୍ତି ଓ ସେଥିରୁ ହଳଦିଆ ଲସା ବାହାରିପଡ଼େ । ଯେଉଁ ଶିଶୁର ଏପରି କରାଯାଇ ନ ଥାଏ ତା ଦୁଧ ବାଲ୍ୟକାଳରୁ ଫୁଲୁକା ଦେଖାଯାଏ ।]

ଜନମନୁଷ୍ୟ—ଦେ. ବି (ଏକାର୍ଥକ ସହଚର ଶବ୍ଦ; ସଂ. ଜନ+ମନୁଷ୍ୟ)—
Jana-manushya — ୧ । କୌଣସି ଲୋକ; ଜଣେ ସୁଦ୍ଧା ଲୋକ—
জনমানুষ — 1. Even one person; a single individual, (ଯଥା—ଏ ନିବିଡ଼ ଅରଣ୍ୟରେ ଜନ ମନୁଷ୍ୟ ନାହାନ୍ତି ।)
୨ । ସମଗ୍ର ମନୁଷ୍ୟଜାତି; ସମସ୍ତ ଲୋକ—
2 Mankind; all people.

ଜନମନୋହର—ସଂ. ବିଣ (ଉପପଦ ତତ୍ପୁରୁଷ; ଜନ+ମନୋହର)—
Jana-manohara — ମନୁଷ୍ୟମାନଙ୍କ ଚିତ୍ତାକର୍ଷକ)—
Attractive to men.

ଜନମପାଣି—ଦେ. ବି (ସଂ. ଜନ୍ମ+ପାନୀୟ)—ନବଜାତ ଶିଶୁର ପ୍ରଥମ
Janama-pāṇi — ସ୍ନାନ—The first bath of an infant.

ଜନମବାଉଳା—ଦେ. ବିଣ (ସଂ. ଜନ୍ମ+ବାତୁଳ)—ଜନ୍ମରୁ ନିର୍ବୋଧ;
Janamabāuḻā — ଯେଉଁ ଲୋକର ବୁଦ୍ଧିଶକ୍ତି ନ ଥାଏ—
জনমবাওলা — A born idiot.

ଜନମଭରି—ଦେ. ଅ—୧ । ଆଜନ୍ମ—
Janama-bhari — 1. Since birth.
জনমভর — ୨ । ଜୀବନକାଳ ମଧ୍ୟରେ—
जनमभर — 2. Throughout life.
୩ । ମନୁଷ୍ୟ ଯେତେ ଦିନ ବଞ୍ଚିଥିବ ସେପର୍ଯ୍ୟନ୍ତ—
3. For one's life.

ଜନମର୍ଯ୍ୟାଦା—ସଂ. ବି (ମ. ପ. ଲୋ; ଜନ+ମର୍ଯ୍ୟାଦା; ଜନାଚରିତ
Jana-marjyādā — ମର୍ଯ୍ୟାଦା)—ଲୌକିକ ଆଚାର—
Popular custom; established usage.

ଜନମଭୁଇଁ—ଦେ. ବି (ସଂ. ଜନ୍ମଭୂମି)—ଜନ୍ମଭୂମି (ଦେଖ)
Janama-bhuiñ — Janma-bhūmi (See).
जनमधरती

ଜନମରକ—ସଂ. ବି (ଜନ+ମରକ)—ମହାମାରୀ (ହି. ଶବ୍ଦସାଗର)—
Jana-maraka — The plague.

ଜନମାଇବା—ଦେ. କ୍ରି (ଗ୍ରାମ୍ୟ ପଦ୍ୟ) (ସଂ. ଜନ୍ମ; ଜନମିବାର ଣିଜନ୍ତ-
Janamāibā — ରୂପ)—ଜନ୍ମାଇବା (ଦେଖ)
জনমান — Janmāibā (See).
जनमाना — ରେମ କରିବାକ୍ଷଣେ ଜନମାଇ ମୋର ମନେ ଘୋର ବ୍ୟଥା—
(ଜନମେଇବା—ଅନ୍ୟରୂପ) — କବିସୂର୍ଯ୍ୟ, ସଙ୍ଗୀତ

ଜନମାନବ—ଦେ. ବି (ସଂ. ଜନ+ମାନବ)—ଜନମନୁଷ୍ୟ (ଦେଖ)
Jana-mānaba — Jana-manushya (See).

ଜନମାମୁ—ଦେ. ବି—ଜହ୍ନମାମୁ (ଦେଖ)
Jana-māmu — Jahna-māmu (See).

ଜନମିବା—ଗ୍ରା. ଓ ପଦ୍ୟ (ସଂ. ଜନ୍ମ)—୧ । ଜାତହେବା; ଜନ୍ମଗ୍ରହଣ
Janamibā କରିବା—1. To be born
ଜନମା ଦେବକୀ ତାଙ୍କ ଗର୍ଭରୁ ଜନମିଲେ—କୃଷ୍ଣସିଂହ ମହାଭାରତ ଆଦି ।
ଜନମନା ୨ । (ପ୍ରାଚୀନ ପଦ୍ୟ)—ଜନ୍ମ କରିବା—
2. To give birth to.
ଗାନ୍ଧାରୀ ତ ମାଂସପିଣ୍ଡ ନା ଜନମିଲେ—କୃଷ୍ଣସିଂହ ମହାଭାରତ. ଆଦି ।
୩ । ଦେଖାଯିବା—3. To appear; to be seen.
୪ । ଘଟିବା—4. To happen.
୫ । ଆରମ୍ଭ ହେବା—5. To begin.

ଜନମେଜୟ—ସଂ. ବି. (ନାମ) (ଜନମ୍+ଏଜ ଧାତୁ=କମ୍ପିତ କରିବା
Janamejaya +କର୍ତ୍ତୃ. ଅ; ଯେ ଅସୁରଙ୍କୁ ବିନାଶ କରିଥିଲେ)—
୧ । ବିଷ୍ଣୁ—1. Bishṇu.
୨ । ପରୀକ୍ଷିତ ରାଜାଙ୍କ ପୁତ୍ର—2. The son of Parikhita, king of Hastinā.
[ଦ୍ର—ଏ ଅର୍ଜୁନପୌତ୍ର ଅଭିମନ୍ୟୁଙ୍କ ନାତି ଥିଲେ । ଏ ବୈଶମ୍ପାୟନଙ୍କ ଠାରୁ ମହାଭାରତ ଶ୍ରବଣ କରିଥିଲେ । ପରୀକ୍ଷିତ ତକ୍ଷକ ନାଗର ଦଂଶନରେ ମରି ଥିବାରୁ ସର୍ପମାନଙ୍କର ବିନାଶ ପାଇଁ ଏ ସର୍ପଯଜ୍ଞ ଅନୁଷ୍ଠାନ କରିଥିଲେ । ସେହି ସର୍ପଯଜ୍ଞରେ ସବୁଆଡ଼ୁ ସର୍ପମାନେ ଆସି ହୋମାଗ୍ନିରେ ପୋଡ଼ି ମଲେ, କିନ୍ତୁ ତକ୍ଷକ ଆସ୍ତିକ ଋଷିଙ୍କର ଶରଣାପନ୍ନ ହେବାରୁ ଆସ୍ତିକ ଜନମେଜୟଙ୍କୁ ପ୍ରବର୍ତ୍ତାଇ ସର୍ପଯଜ୍ଞ ବନ୍ଦ କରାଇ ଥିଲେ ଓ ତକ୍ଷକ ରକ୍ଷା ପାଇଲେ ।]
ଦେ. ବି.—ଓଡ଼ିଶାର କେଶରୀ ବଂଶର ପ୍ରଥମ ରାଜା—
Janmejaya, a king of the Keśari dynasty of Orissa.
[ଦ୍ର—ଏ ଖ୍ରୀଷ୍ଟାବ୍ଦ ୩୨୦ରୁ ୩୫୨ ପର୍ଯ୍ୟନ୍ତ ଉତ୍କଳରେ ରାଜତ୍ୱ କରିଥିଲେ । କୌଣସି କୌଣସି ଐତିହାସିକଙ୍କ ମତରେ ଏହାଙ୍କ ରାଜତ୍ୱକାଳ ଖ୍ରୀଷ୍ଟାବ୍ଦ ୪୭୨ରୁ ୪୭୪ ପର୍ଯ୍ୟନ୍ତ । କଟକ ନିକଟରେ ମହାନଦୀ ଓ ବିରୂପା ନଦୀ ମଧ୍ୟରେ ଏ ଚଉଦୁଆର ନଗର ସ୍ଥାପନ କରି ସେହିଠାରେ ରାଜଧାନୀ କରିଥିଲେ । କୃପାସିନ୍ଧୁ. ଇତିହାସ ।]

ଜନୟିତା—ସଂ. ବି. ପୁଂ— (ଜନ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—
Janayitā ଜନକ; ପିତା—Father.
(ଜନୟିତ୍ରୀ—ସ୍ତ୍ରୀ) ସଂ. ବିଣ—ଉତ୍ପାଦକ; ଉତ୍ପାଦନକାରୀ—
Producing.

ଜନରଞ୍ଜନ—ସଂ. ବିଣ. (ଉପପଦ ତତ୍ପୁରୁଷ; ଜନ+ରଞ୍ଜନ)—
Jana-rañjana ସର୍ବସାଧାରଣଙ୍କ ମନୋରଞ୍ଜନକାରୀ—
Courting popularity; applauded by the people.
ତରଞ୍ଜକ ସେ ଜନରଞ୍ଜନ ରଥ ପୁନ ରାଜନ ସୁତ ଭଲ ମନ୍ତ୍ରୀ ସେ ।
ଉପେ. ବୈଦେହୀଶବିଳାସ ।
ବି. (୬ଷ୍ଠୀ ତତ୍)—ଲୋକସାଧାରଣଙ୍କ ଚିତ୍ତହରଣ—
Pleasing the populace.

ଜନରବ—ସଂ. ବି.—୧ । ଜନପ୍ରବାଦ (ଦେଖ)
Jana-raba Jana-prabāda (See)
୨ । ବହୁ ଲୋକଙ୍କ କୋଳାହଳ; ଗୋଳମାଳ; ଗୋଳ-ଘାଣ୍ଟ—2. Noise arising out of a crowd; hubbub.

ଜନରଲ୍ (ଇତ୍ୟାଦି)—ବୈଦେ. ବି.—ଜେନରଲ୍ ଇତ୍ୟାଦି (ଦେଖ)
Janaral (etc) Jenaral etc (See)
জেনেরল
जनरल

ଜନଲୋକ—ସଂ. ବି.—ହିନ୍ଦୁପୁରାଣ ମତରେ ସପ୍ତଭୁବନ ମଧ୍ୟରୁ ପଞ୍ଚମ
Jana-loka ଭୁବନ—One of the 7 worlds according to the Hindu mythologies.
(ଦ୍ର—ସପ୍ତଲୋକ ଯଥା; ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ଓ ସତ୍ୟଂ)

ଜନଶୂନ୍ୟ—ସଂ. ବିଣ. (୩ୟା ତତ୍; ଜନ+ଶୂନ୍ୟ)—ନିର୍ଜନ—
Jana-śūnya Lonely; solitary

ଜନଶ୍ରୁତ—ସଂ. ବିଣ (୩ୟା ବା ୭ମୀ ତତ୍; ଜନ+ଶ୍ରୁତ)—ପ୍ରସିଦ୍ଧ;
Janaśruta ବିଖ୍ୟାତ—Famous; famed; well-known.

ଜନଶ୍ରୁତି—ସଂ. ବି. (୬ଷ୍ଠୀ ତତ୍; ଜନ+ଶ୍ରୁତି)—
Jana-śruti ଜନପ୍ରବାଦ (ଦେଖ)
Jana-prabāda (See)

ଜନସ୍ଥାନ—ସଂ. ବି.—ଦଣ୍ଡକାରଣ୍ୟର ଅଂଶବିଶେଷ—
Jana-sthāna Name of a part of the forest Daṇḍaka.
[ଦ୍ର—ଏହି ସ୍ଥାନରେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କର ପ୍ରଥମେ ରାକ୍ଷସମାନଙ୍କ ସଙ୍ଗେ ଭେଟ ଓ ବିଗ୍ରହ ହୋଇଥିଲା ।]

ଜନସଂଘ—ସଂ. ବି. (୬ଷ୍ଠୀ ତତ୍; ଜନ+ସଂଘ)—ଲୋକଗହଳ; ଭିଡ଼—
Jana-saṁgha Crowd of people.

ଜନସମ୍ବାଧ—ସଂ. ବିଣ (୬ଷ୍ଠୀ ତତ୍; ଜନ+ସମ୍ବାଧ୍.)—
Jana-saṁbādha ଲୋକଙ୍କ ଭିଡ଼ ହୋଇଥିବା (ସ୍ଥାନ)—
Densely crowded with people (Apte).

ଜନସମାଜ—ସଂ. ବି. (୬ଷ୍ଠୀ ତତ୍; ଜନ+ସମାଜ)—୧ । ଲୋକସମାଜ—
Jana-samāja 1. The human society.
୨ । ସମସ୍ତ ଲୋକ; ସମଗ୍ର ମନୁଷ୍ୟଜାତି—
2. All men; mankind.
୩ । ସର୍ବସାଧାରଣ—3. The public.

ଜନସାଧାରଣ—ସଂ. ବି. (୬ଷ୍ଠୀ ତତ୍; ଜନ+ସାଧାରଣ)—
Jana-sādhāraṇa ୧ । ସାଧାରଣ ବ୍ୟକ୍ତି—
1. Ordinary man.
୨ । ସର୍ବସାଧାରଣ; ଆବାଳବୃଦ୍ଧବନିତା ସମସ୍ତେ—
2. The public.

ଂ	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଞ
୧	ଈ	ଊ	ରୁ	ଲୁ	ଯ୍ତୃ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଂ୍ୟ	ଇଅ	୭	ନ୍

ଜନସୁମାର—ଦେ. ବ. (ସଂ. ଜନ ଓ ଫା. ସୁମାର୍ = ଗଣନା)—
Jana-sumāra ଲୋକସୁମାର; ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ରାଜ୍ୟର ଲୋକ-
जानसुमार ସଂଖ୍ୟା ନିର୍ଦ୍ଧାରଣାର୍ଥ ଲୋକଗଣନା—Census.
(ଜନସୁମାର—ଅନ୍ୟରୂପ)

ଜନସ୍ଥାନ—ସଂ. ବ. (ନାମ)—୧ । ଦଣ୍ଡକାରଣ୍ୟର ମଧ୍ୟବର୍ତ୍ତୀ ସ୍ଥାନ
Jana-sthāna ବିଶେଷ—1. A region in the middle of the Dandaka forest.

ଦୂଷଣ ତ୍ରିଶିର ଖର ଅଧାସିତ
ଜନସ୍ଥାନ ଯାଇ ଏଥ ସନ୍ନିହିତ । ରଘୁନାଥ. ଉପେନ୍ଦ୍ର ।

୨ । ଲୋକାଳୟ; ଜନପଦ—2. Inhabited country.
୩ । ଉପନିବେଶ—3. A settlement; colony.

ଜନସ୍ରୋତ—ଦେ. ବ. (୬ଷ୍ଠୀ ତତ୍; ଜନ+ସ୍ରୋତଃ)—
Jana-srota ଜନପ୍ରବାହ (ଦେଖ)
जनस्रोत Jana-prabāha (See)
जनस्रोत

ଜନସ୍ରୋତଃ—ସଂ. ବ. (୬ଷ୍ଠୀ ତତ୍; ଜନ+ସ୍ରୋତଃ)—
Jana-srotah ଜନପ୍ରବାହ (ଦେଖ)
Jana-prabāha (See)

ଜନା—ବୈଦେ. ବ. (ଫା. ଜନା)—୧ । ସ୍ତ୍ରୀର ଇଚ୍ଛାବିରୋଧରେ ବଳ-
Janā ପୂର୍ବକ ପୁରୁଷର ରମଣ—1. Rape.
जना ୨ । ପରସ୍ତ୍ରୀରମଣ—2. Adultery.
ସଂ. ବ—୧ । ଉତ୍ପତ୍ତି; ଜନ୍ମ (ହି. ଶବ୍ଦସାଗର)—
1. Birth; production.
୨ । (ନାମ) ମାହିଷ୍ମତୀର ରାଜା ନୀଳଧ୍ୱଜଙ୍କ ସ୍ତ୍ରୀ—
2. Name of the queen of king Niladhwaja.
[ଦ୍ର—ଅଶ୍ୱମେଧ ଯାଗ ପୂର୍ବରୁ ପାଣ୍ଡବମାନଙ୍କ ଦ୍ୱାରା ଛାଡ଼ି ହୋଇଥିବା ଯଜ୍ଞାଶ୍ୱକୁ ଏହାଙ୍କ ଗର୍ଭଜାତ କୁମାର ପ୍ରବୀର ଧରିରଖିଲେ । ଏଥିପାଇଁ ପାଣ୍ଡବମାନଙ୍କ ସଙ୍ଗେ ପ୍ରବୀର ଯୁଦ୍ଧ କଲେ । ଏ ପ୍ରବୀରଙ୍କୁ ବିଶେଷ ସହାୟତା ଓ ଉତ୍ସାହ ଦେଇଥିଲେ । ଶେଷରେ ପ୍ରବୀର ଯୁଦ୍ଧରେ ହତ ହେବାରୁ ଏ ସ୍ୱୟଂ ପାଣ୍ଡବମାନଙ୍କ ସଙ୍ଗେ ଯୁଦ୍ଧ କଲେ । ପାଣ୍ଡବମାନଙ୍କୁ ଏହାଙ୍କ ହସ୍ତରୁ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ବିବ୍ରତ ହୋଇଥିଲେ ।]

ଜନାକାର୍—ବୈଦେ. ବ. (ଫା. ଜନାକାର୍)—ପରସ୍ତ୍ରୀଗମନକାରୀ—
Janākār An adulterer.
जिनाकार

ଜନାକାରୀ—ବୈଦେ. ବ. (ଫା. ଜନାକାରୀ)—ବ୍ୟଭିଚାର; ପରସ୍ତ୍ରୀଗମନ;
Janākāri ପରସ୍ତ୍ରୀହରଣ; ଅବୈଧ ସ୍ତ୍ରୀସମ୍ଭୋଗ—
जिनाकारी Adultery; illegitimate sexual conjunction; conjunction with another's wife.

ଜନାକୀର୍ଣ୍ଣ—ସଂ. ବଣ. (୩ୟା ତତ୍; ଜନ+ଆକୀର୍ଣ୍ଣ)—ଜନବହୁଳ—
Janākirnna Crowded; populous.

ଜନାଚାର—ସଂ. ବ. (୬ଷ୍ଠୀ ତତ୍; ଜନ+ଆଚାର)—
Janāchāra ଲୋକାଚାର; ସମାଜପ୍ରଚଳିତ ବ୍ୟବହାର—
Popular usage.

ଜନାଜା—ବୈଦେ. ବ. (ଆ)—କୋକେଇ; ଯେଉଁ ଖଟ ବା ସିନ୍ଦୁକରେ
Janājā ମୃତଦେହକୁ ପୋତିବା ବା ପୋଡ଼ିବା ପାଇଁ ବୋହି ନିଅନ୍ତି;
जनाज़ा କଫନ—A bedstead or coffin to carry the dead body for its ultimate disposal.

ଜନାଜାତ—ଦେ. ବଣ. (ସଂ. ଜନ+ଜାତ=ସମୂହ)—
Janājāta ୧ । ପ୍ରତ୍ୟେକ ବ୍ୟକ୍ତି ବା ବିଷୟକୁ ଭିନ୍ନଭିନ୍ନ କରି
जनाजात ଚର୍ଚ୍ଚା କରୁଥିବା—1. Specifying each person;
जनाजात dealing with different persons, subjects or items, seriatim or individually.
କ୍ରି. ବଣ—ପ୍ରତି ଜଣଙ୍କୁ ଏକ ହିସାବରେ—
Individually; to each man a piece.
(ଜନାଜାତି—ଅନ୍ୟରୂପ) ବ—ଭିଅବିରା; ପ୍ରତିଜଣ ବା ବିଷୟର ପୃଥକ ଚର୍ଚ୍ଚା ହୋଇଥିବା ହିସାବ—
Detailed or classified account dealing with each person.

ଜନାଜାତି—ଦେ. ବଣ. କ୍ରି. ବଣ ଓ ବ—ଜନାଜାତ (ଦେଖ)
Janājāti Janājāta (See)

ଜନାଜାତି ଭଉଁରିଆ—ଦେ. ବ—ଯେଉଁ ଭଉଁରିଆରେ ପ୍ରତ୍ୟେକ କିତା
Janājāti bhaunriā ଜମିର ମାପ ଲେଖାଥାଏ—
A field-book containing the measurement of each plot of land.

ଜନାଜାତି ହିସାବ—ଦେ. ବ—ଯେଉଁ ହିସାବରେ ପ୍ରତ୍ୟେକ ବ୍ୟକ୍ତିର
Janājāti hisāba ବିବରଣ ଲେଖାଥାଏ—An account
जनाजात हेसाब showing the detail of
जनाजात हिसाब each person.

ଜନାନା—ବୈଦେ. ବ. (ଫା)—୧ । ସ୍ତ୍ରୀ ଲୋକ—1. A female.
Janānā ୨ । ଅନ୍ତଃପୁର—2. Seraglio; the zenana; harem.
জেনানা
जनाना ୩ । ସ୍ତ୍ରୀମାନଙ୍କ ଅବରୋଧ ପ୍ରଥା—
3. The zenana-system.
୪ । ନାମର୍ଦ୍ଦ; ନପୁଂସକ; ହେଣ୍ଡେଡ଼ା—4. An eunuch.
୫ । ମାଇଚିଆ; ଯେଉଁ ବ୍ୟକ୍ତିର ଚଳଚାଳି ଓ ଗୁଣଚଳଣ ସ୍ତ୍ରୀମାନଙ୍କ ପରି—5. A male having the characteristics of or behaving like a woman.
ବଣ.—୧ । ସ୍ତ୍ରୀ ସମ୍ବନ୍ଧୀୟ—1. Pertaining to women.
ଗୋଟିଏ ବାଳକ ବିଦ୍ୟାଳୟ ଓ ଜନାନା ସ୍କୁଲ ବସିବାର ବନ୍ଦୋବସ୍ତ ହେଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।
[ଦ୍ର—ଏହି ଶବ୍ଦ ଫାରସୀରୁ ଇଂରାଜୀ ଭାଷାକୁ ମଧ୍ୟ ଯାଇଅଛି ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ କିମ୍ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ସଦୃଶ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

୨ । ଭୀରୁଅ — 2. Cowardly.

୩ । ସ୍ତ୍ରୀସୁଲଭ — 3. Feminine.

୪ । ସ୍ତ୍ରୀମାନଙ୍କ ବ୍ୟବହାର୍ଯ୍ୟ; ସ୍ତ୍ରୀମାନଙ୍କ ପାଇଁ ଅଭିପ୍ରେତ — 4. Intended for women.

ଜନାନାମହଲ — ବୈଦେ. ବି. (ଫା. ଜନାନା+ମହଲ୍) — ୧ । ଅନ୍ତଃପୁର — 1. Harem.
Janānā-mahala
জেনানা মহল
जनानामहल; जनानखाना
୨ । ଗୃହର ଯେଉଁ ଅଂଶରେ ସ୍ତ୍ରୀଲୋକମାନେ ଏକମାତ୍ର ରହନ୍ତି — 2. The part of the house used exclusively by the women of the family.

ଜନାନ୍ତ — ସଂ. ବି. (୬ଷ୍ଠୀ ତତ୍; ଜନ=ଜନପଦ+ଅନ୍ତ) —
Janānta
୧ । ଜନପଦ ବା ଲୋକବସତିରୁ ବହୁଦୂରସ୍ଥ ସ୍ଥାନ — 1. An out-of-the-way place; a country remote from the haunts of men.

୨ । ଦେଶ; ପ୍ରଦେଶ; ବିଭାଗ; ଜିଲ୍ଲା — 2. Country; province; division; district.

୩ । ଯମ (ହି. ଶବ୍ଦସାଗର) — 3. The Hindu God of death.

୪ । ସୀମାନିର୍ଦ୍ଧାରିତ ପ୍ରଦେଶ ବା ଅଞ୍ଚଳ — 4. A tract of country with fixed boundaries.

୫ । ନିର୍ଜନ ପ୍ରଦେଶ; ଯେଉଁ ଅଞ୍ଚଳରେ ଲୋକେ ବାସ କରନ୍ତି ନାହିଁ — 5. An uninhabited tract.

୬ । ବ୍ୟକ୍ତିଗତ ନୈକଟ୍ୟ — 6. Personal proximity (Apte).

ସଂ. ବିଣ. — ମନୁଷ୍ୟମାନଙ୍କର ନାଶକର (ହି. ଶବ୍ଦସାଗର) — Destructive of human beings; destroying men.

ଜନାନ୍ତିକ — ସଂ. ବି. (ଜନ+ଅନ୍ତିକ=ସମୀପ) — ୧ । ଅନ୍ୟ ଉପସ୍ଥିତ ଲୋକଙ୍କ ସାକ୍ଷାତରେ ଅଥଚ ଅନୁଚ୍ଚ ସ୍ୱରରେ ପରସ୍ପର କାନରେ କଥା କହିବା ବା ଅଭିପ୍ରାୟ ପ୍ରକାଶ କରିବା — 1. A whispering aside; a speaking aside to another in the presence of others.
Janāntika

୨ । ଉପସ୍ଥିତ ଅନ୍ୟ ବ୍ୟକ୍ତିମାନଙ୍କ ଅବୋଧ ଦୁଇ ଜଣଙ୍କ ମଧ୍ୟରେ ସଙ୍କେତ ଦ୍ୱାରା ଭାବବିନିମୟ — 2. A secret communication in the presence of others by means of signs.

ଜନାନ୍ତିକେ — ସଂ. କ୍ରି. ବିଣ — (ନାଟକୀୟ ଭାଷା) — (ନାଟକ ଅଭିନୟ ସମୟରେ ରଙ୍ଗମଞ୍ଚରେ) ଅନ୍ୟ ଅଭିନେତାଙ୍କ ଉପସ୍ଥିତିରେ ଅଥଚ ସେମାନେ ଯେପରି ଶୁଣି ନ ପାରିବେ ସେହିପରି (ବାକ୍ୟ ପ୍ରକାଶ କରିବା) — (a term used in dramas for the direction of the actors Aside (on the stage).
Janāntike

[ଦ୍ର — ଅଭିନେତାଗଣଙ୍କୁ ରଙ୍ଗମଞ୍ଚରେ 'ଜନାନ୍ତିକ' କରିବାପାଇଁ ନାଟକରେ ଜନାନ୍ତିକ ବାକ୍ୟମାନଙ୍କ ପୂର୍ବେ ବନ୍ଧନୀମଧ୍ୟରେ ଏହି ଶବ୍ଦ ଗ୍ରନ୍ଥକାର ଲେଖନ୍ତି ।]

ଜନାପବାଦ — ସଂ. ବି. (ମ. ପ. ଲୋ; ଜନ+ଅପବାଦ; ଜନମାନଙ୍କ ମଧ୍ୟରେ ପ୍ରଚଳିତ ଅପବାଦ) — ଲୋକନିନ୍ଦା; କଳଙ୍କ; ଲୋକଲଜ୍ଜା — Ill repute; evil name; public scandal.
Janāpabāda

ଜନାବ — ସଂ. ବି. (ଜନ+ଅବ୍ ଧାତୁ ରକ୍ଷା କରିବା+କର୍ତ୍ତୃ. କ୍ୱିପ୍) — ଲୋକପାଳକ — Protecting men.
Janāb
জনাব
जनाब
ବୈଦେ. ଅ. (ଆ) ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପ୍ରତି ମାନ୍ୟାର୍ଥକ ସମ୍ବୋଧନ; ଭୁଲ. ସଂ. ଜନାବ୍=ଲୋକପାଳକ) — ହଜୁର !; ଶ୍ରୀହଜୁର !; ମାନନୀୟ ମହାଶୟ ! — (a term of address to a high personage) Your honour ! your worship !

ବିଣ. — ମହାଶୟ; ମାନନୀୟ — Respectable; honourable. (ଯଥା — ଜନାବ୍ ମୌଲବୀ ସାହେବ୍)

ଜନାବଅଲ୍ଲୀ — ବୈଦେ. ଅ. (ଆ) — ଜନାବ୍ (ଦେଖ)
Janāb-alli — Janāb (See)
জনাবআলী
जनाबआली

ଜନାର — ଦେ. ବି. (ସଂ. ଯବନାଳ; ଯାବନାଳ) — ନୁଆଁର; ଭୁଟ୍ଟା; ବାଜରା; ମକ୍କା — A species of Indian corn; Zea Meys; maize; Indian corn.
Janār
জনার
जुन्हरी, ज्वार

[ଦ୍ର — ଏହି ଗଛ ଅଖୁଗଛ ପରି । ଏହାର ଆଦିବାସ ଦକ୍ଷିଣ ଆମେରିକା । ଏହି ଶସ୍ୟର ଛତୁଅ ବହୁସ୍ଥାନମାନେ ଖାଆନ୍ତି ।]

ପ୍ରାଦେ. (ସମ୍ବଲପୁର) — ଆହାର; ଭୋଜନ — Eating; meal.

ଜନାର କରିବା — ପ୍ରାଦେ. (ସମ୍ବଲପୁର) କ୍ରି. — ଆହାର କରିବା; ଖାଇବା — To eat; to take one's meals.
Janār kariba

ଜନାର୍ଦ୍ଦନ — ସଂ. ବି. (ଜନ=ଅସୁର+ଅର୍ଦ୍ଦ ଧାତୁ ହିଂସା; ଅର୍ଦ୍ଦି ଧାତୁ ପୀଡ଼ନ କରିବା+କର୍ତ୍ତୃ. ଅନ) — ୧ । ଅସୁରନିସୂଦନ; ବିଷ୍ଣୁ; ଶ୍ରୀକୃଷ୍ଣ — 1. Bishnu.
Janārddana

[ଦ୍ର — ଶାସ୍ତ୍ରରେ 'ଭୋଜନେଚ ଜନାର୍ଦ୍ଦନଂ' ଅର୍ଥାତ୍ ଭୋଜନ କାଳରେ ଜନାର୍ଦ୍ଦନଙ୍କୁ ସ୍ମରଣ କରିବାର ଉପଦେଶ ଅଛି ।]

୨ । ଶାଳଗ୍ରାମ ଶିଳାବିଶେଷ — 2. Name of a class of Sālagrāma-pebble.

ବିଣ. — ଲୋକପୀଡ଼କ — Oppressive.

୧	ଇ	ଙ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଞ୍ଚ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଞ୍ଚ	ନ୍‌

ଦେ. ବ. ପୁଂ—ଲୋକଙ୍କ ନାମ—
A name given to males.
[ଦ୍ର—ଜନାର୍ଦ୍ଦନର ଡାକନାମ ଦନେଇ ବା ଦନାଇ ।]

ଜନାର୍ଦ୍ଦନ ଦାସ—ଦେ. ବ. (ନାମ)—ଜନୈକ ଉତ୍କଳୀୟ ପ୍ରାଚୀନ କବି
Janārddana dāsa Name of an Oria poet.
[ଦ୍ର—ଏ ସାଧାରଣତଃ ଦନେଇ ଦାସ ବୋଲି ପରିଚିତ । ଖଣ୍ଡଶାଳୀ-ପାଠର 'ଗୋପୀଭାଷା' ଏହାଙ୍କ ଦ୍ୱାରା ରଚିତ; ଭାରତୀ. ଉତ୍କଳ ସାହିତ୍ୟ ଇତିହାସ । ଏହାଙ୍କ ରଚିତ ଭଗମାନ ଦନେଇ ଦାସଙ୍କ ଚଉତିଶା ନାମରେ ଉତ୍କଳରେ ସର୍ବତ୍ର ପ୍ରସିଦ୍ଧ ।]

ଜନାଶନ—ସଂ. ବି. (ଜନ+ଅଶନ)—
Janāśana ୧ । (ବହୁବ୍ରୀହି) ମେଣ୍ଢା (ହି. ଶବ୍ଦସାଗର)—
1. The ram.
୨ । (୬ଷ୍ଠୀ ତତ୍) ମନୁଷ୍ୟମାନଙ୍କ ଭୋଜନ କର୍ମ (ହି. ଶବ୍ଦସାଗର)—2. The act of eating by men; dining.
୩ । ନରମାଂସଭକ୍ଷକ—3. A cannibal.
ସଂ. ବିଣ—ମନୁଷ୍ୟଭୋଜୀ—
Eating human beings; cannibal.

ଜନାଶ୍ରୟ—ସଂ. ବ. (୬ଷ୍ଠୀ ତତ୍; ଜନ+ଆଶ୍ରୟ)—
Janāśraya ୧ । ନାରାୟଣ; ବିଷ୍ଣୁ—1. Bishnu.
୨ । ଲୋକାଳୟ—2. Human habitation.
୩ । ପଥିକମାନଙ୍କ ବିଶ୍ରାମଗୃହ; ପାନ୍ଥଶାଳା; ଧର୍ମଶାଳା;—
3. Caravanserai; a public rest-house.
୪ । ଅସ୍ଥାୟୀ ଆଶ୍ରୟସ୍ଥାନ ବା ମଣ୍ଡପ; ଚାନ୍ଦୁଆ—
4. A temporary shed or awning; a pavillion erected for a special occasion.
୫ । ବାସ ସ୍ଥାନ—5. Residence; dwelling place.

ଜନି (ଧାତୁ)—ସଂ—ଜନ ଧାତୁର ଣିଜନ୍ତ—
Jani (root)
୧ । ଜନ୍ମାଇବା; ଜାତ କରିବା—
1. To give birth to.
୨ । ଉତ୍ପନ୍ନ କରିବା—2. To produce.
୩ । ସୃଷ୍ଟି କରିବା—3. To create.

ଜନି—ସଂ. ବ. ସ୍ତ୍ରୀ. (ଜନ୍ ଧାତୁ+ଭାବ. ଇ)—
Jani ୧ । ଉତ୍ପତ୍ତି; ଜନ୍ମ—1. Birth; creation.
(ଜନୀ, ଜନିକା—ଅନ୍ୟରୂପ) ଖଣ୍ଡ ଏ କୃପା ସେନ, ସାର୍ଥ ହୁଅନ୍ତା ଜନି । କବିସୂର୍ଯ୍ୟ. ଜଗୋସ୍ୱତନ୍ତ୍ର, ଭ ଗୀତ ।
୨ । (+ଅଧିକରଣ. ଇ) ନାରୀ; ସ୍ତ୍ରୀ—
2. Woman; a female.
୩ । ମାତା—3. Mother.
୪ । ପୁତ୍ରବଧୂ; ସ୍ନୁଷା—5. Daughter-in-law.
[ଦ୍ର—ସାଧାରଣପ୍ରଚଳିତ 'ସଜନୀ' ଶବ୍ଦ ସ୍ୱଜନର ଅପଭ୍ରଂଶ । 'ସ୍ୱଜନୀ' 'ସ୍ୱଜନର' ସ୍ତ୍ରୀଲିଙ୍ଗ । ଏହାର ଅର୍ଥ ଆତ୍ମୀୟା ।]

ଗ୍ରା. ବ. (ସଂ. ଜୈଂସ୍ନୀ)—ଜହ୍ନି ନାମକ ଲତାଫଳ—
A kind of kitchen-vegetable; Luffa Acutangula.
ଦେ. ବଣ—ଜାତ—Born; produced.
ବଧି ପ୍ରଭୁ ଅଧିକ ଉଜଳା ହେଲେ ଜନି । ଉକ୍ତ. ବୈଦେହୀଶବିଳାସ ।

ଜନିକା—ସଂ. ବ. ସ୍ତ୍ରୀ. (ଜନକ+ସ୍ତ୍ରୀ. ଆ)—
Janikā ୧ । ମାତା—1. Mother.
(ଜନକ—ପୁଂ) ୨ । ସ୍ନୁଷା; ପୁତ୍ରବଧୂ -2. Daughter-in-law.
ବଣ. ସ୍ତ୍ରୀ—ଉତ୍ପାଦିକା—Producing.

ଜନିତ—ସଂ. ବଣ. (ଜନ ଧାତୁ ଣିଚ ଜନ ଧାତୁ=ଜନ୍ମାଇବା+କର୍ମ. ତ; ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ସମସ୍ତପଦରେ ବ୍ୟବହୃତ ହୁଏ, ଯଥା—ଦୁଃଖଜନିତ)—
Janita
(ଜନିତା—ସ୍ତ୍ରୀ)
୧ । (ଅମୁକଠାରୁ) ଜାତ—1. Born of.
(ଯଥା—ବିମାତୃଜନିତ ସନ୍ତାନ ।)
୨ । (ଅମୁକରୁ) ଉତ୍ପନ୍ନ—2. Produced from.
(ଯଥା—ଶୌଚ୍ଜନିତ ଉତ୍ତାପ ।)
୩ । (ଅମୁକ) ଦ୍ୱାରା ସୃଷ୍ଟ—3 Created by.
(ଯଥା—ଈଶ୍ୱରଜନିତ ଜୀବ ।)
୪ । (ଅମୁକ କାରଣରୁ) ଘଟିଥିବା—
4. Due to; happened on account of.
(ଯଥା—ପ୍ରତାରଜନିତ ଅପମାନ ।)
୫ । (+କର୍ତ୍ତୃ. ତ) ଉତ୍ପାଦନକାରୀ—
5 Giving birth to (Apte)

ଜନିତା—ସଂ. ବ. ପୁଂ. (ଜନ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ.)—
Janitā ଜନକ; ପିତା—Father.
(ଜନିତ୍ରୀ—ସ୍ତ୍ରୀ) ସଂ. ବଣ. ସ୍ତ୍ରୀ. (ଜନିତ+ସ୍ତ୍ରୀ. ଆ)—ଜନିତର ସ୍ତ୍ରୀଲିଙ୍ଗ-
Feminine of Janita.
ଦେ. ବଣ. (ସଂ. ଜନିତ)—ଜାତି—Born; produced.
ଦେବ ଉପବନେ ହୋଇ ଜନିତା । କବିସୂର୍ଯ୍ୟ. ସଙ୍ଗୀତ ।

ଜନିତା କରିବା—ଦେ. କ୍ରି—ପ୍ରକାଶ କରିବା; କହିବା—
Janitā karibā To give out; to speak out.
ବନଚାରଣ ଜନିତା କରେ ପୁଣ ପୁଣ ସେ । ଉକ୍ତ. ବୈଦେହୀଶବିଳାସ ।

ଜନିତ୍ୱ—ସଂ. ବ. ପୁଂ. (ଜନ ଧାତୁ+କର୍ତ୍ତୃ ତ୍ୱ)—ପିତା—
Janitwa Father (Apte).
(ଜନିତ୍ରୀ—ସ୍ତ୍ରୀ)

ଜନିତ୍ରୀ—ସଂ. ବ. ସ୍ତ୍ରୀ. (ଜନ ଧାତୁ ଣିଚ ଜନ ଧାତୁ+କର୍ତ୍ତୃ. ତୃ+ସ୍ତ୍ରୀ. ଈ)
Janitrī ୧ । ମାତା—1. Mother.
୨ । ଜନି (ଦେଖ)—2. Jani (See)

ଜନିମା—ସଂ. ବ. (ଜନ୍ ଧାତୁ+ଭାବ. ଇମନ୍; ୧ମା. ୧ବ.)—
Janimā ୧ । ଜନ୍ମ; ଉତ୍ପାଦନ—
1. Birth; production (Apte).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନି' କି ପାଇଲେ 'ଅଗ୍ନୀ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । (କର୍ତ୍ତ୍ରି. ଇମନ୍) ସନ୍ତାନ—2. Offspring (Apte).
୩ । ବଂଶଧର—3. Descendant (Apte).
୪ । ସୃଷ୍ଟ ଜୀବ—4. Creature; being (Apte).
୫ । ଲିଙ୍ଗ; ସ୍ତ୍ରୀପୁରୁଷର ପ୍ରଭେଦଜ୍ଞାପକ ଚିହ୍ନ—
5. Gender; sex (Apte).
୬ । ଶ୍ରେଣୀ—6. Genus; kind (Apte).

ଜନୀ—ସଂ. ବି. ସ୍ତ୍ରୀ. (ଜନ୍ ଧାତୁ+ଇ)—ଜନି (ଦେଖ)
Jani — Jani (See)

ଜନୀନ—ସଂ. ବିଣ. (ଜନ+ହିତାର୍ଥେ. ଈନ; ଯଥା—ବିଶ୍ୱଜନୀନ=ଜଗତର
Janina — ମଙ୍ଗଳକର)—୧ । ଲୋକହିତକର; ସର୍ବସାଧାରଣଙ୍କ ହିତକର—1. Tending to public benefit; beneficial to the people.
୨ । ପ୍ରୟୋଜନାନୁଯାୟୀ—
2. Sufficient for one's needs or necessity.

ଜନୁ—ସଂ. ବି. ସ୍ତ୍ରୀ. (ଜନ ଧାତୁ+ଭାବ. ଉ)—
Janu — ୧ । ଉତ୍ପତ୍ତି; ଜନ୍ମ—1. Birth; nativity.
(ଜନୂ—ଅନ୍ୟରୂପ) ୨ । ସୃଷ୍ଟି; ସର୍ଜନ—
2. Creation; production (Apte).
୩ । ଜୀବନ; ସ୍ଥିତି—3. Life; existence (Apte).
୪ । ଜନ୍ମସ୍ଥାନ—4. Birth-place (Apte).
୫ । ସୃଷ୍ଟ ଜୀବ—5. Creature; being (Apte).
୬ । ଶ୍ରେଣୀ; ଜାତି—6. Genus; kind (Apte.

ଜନୁଆରି—ବୈଦେ. ବି. (ଇଂ. ଜାନୁଆରି)—ଇଂରାଜୀ ପ୍ରଥମ ମାସ—
Januāri — The month of January.
জানুয়ারী
जनवरी

ଜନେ—ଦେ. ସର୍ବନାମ—(ସଂ. ଜନୈକ)—ଏକଜଣ; ଜଣେ—
Jane — An individual; a certain.
জন
जन

ବେଦ ଅଧ୍ୟୟନ କରିବା ହିଁକ ଜନେ
ତପସ୍ୟା କଲେ ଯାଇଁ ହିମାଳୟ ବନେ । କୃଷ୍ଣସିଂହ. ମହାଭାରତ ଶାନ୍ତି ।

ବି. (ବହୁବଚନ)—ଲୋକମାନେ; ଜନମାନେ—
Men; people; persons.

ଜନୋରି—ବୈଦେ. ବି. (ଇ. ଜାନୁଆରି)—ଇଂରାଜୀ ପ୍ରଥମ ମାସ—
Janori — The month of January.
জানুয়ারী
जनवरि

ଜନ୍ତ—ଦେ. ବି. (ସଂ. ଯମ ଧାତୁ; ଯନ୍ତ୍ର)—୧ । କ୍ଷେତ୍ରକୁ ଜଳ ଯୋଗାଇବା
Janta — ପାଇଁ ତାଳ ବା ନଡ଼ିଆ ଗଛର ଉଦର ପାଖ ଖୋଳି
(ଯନ୍ତ—ଅନ୍ୟରୂପ) ଏକଫାଳିଆ ଖାଲରୁ ଉପରକୁ ପାଣି ଉଠାଇବାର ଯନ୍ତ୍ରବିଶେଷ—1. A contrivance made of a hollowed trunk of palm or cocoanut and turning it up and down on a pivot for lifting water for irrigating fields.

[ଦ୍ର—ଗୋଟିଏ ନଡ଼ିଆ ବା ତାଳଗଛର ମୂଳଗଣ୍ଡିକୁ ଫାଳ କରି ତହିଁ ଭିତରୁ ଅନ୍ତଃସାର କାଢ଼ି ତହିଁର ମୂଳପାଖର ମୋଟା ମୁଣ୍ଡକୁ ଖଣ୍ଡିଏ ପଟାଦ୍ୱାରା ମୁଦ ଦିଆଯାଏ; ଏହି ଭାବରେ ଏ ଯନ୍ତ୍ର ତିଆରି ହୁଏ ।]

୨ । ତାକରା ପିଠାଆଦି ତିଆରି କରିବା ନିମନ୍ତେ ସିଦ୍ଧ ହୋଇଥିବା ଖଳ—2. Dough (boiled flour) for cakes.
୩ । ତାକରା, ଆରିଶା ଆଦି ପିଠା ତିଆରି ହେବା ପାଇଁ ଦଳା ହୋଇଥିବା ଖଳ—3. Kneaded dough for cakes.
୪ । ଜନ୍ତା (ଦେଖ)
4. Jantā (See)

ଜନ୍ତର—ପ୍ରାଦେ. (ସମ୍ବଲପୁର) ବି. (ସଂ. ଯନ୍ତ୍ର)—ଦେବପୂଜାର୍ଥ ଭୂମିରେ
Jantar — କଟାଯିବା ମଣ୍ଡଳ (ଏହା ଉପରେ ନୈବେଦ୍ୟାଦି
(ଯନ୍ତର—ଅନ୍ୟରୂପ) ରଖାଯାଏ)—Figures drawn on the ground for placing offerings before a Deity during worship.

ଜନ୍ତର କାଟିବା—ପ୍ରାଦେ. (ସମ୍ବଲପୁର) କ୍ରି—ଦେବପୂଜା ଉପଲକ୍ଷରେ
Jantar kāṭibā — ମୁରୁଜଆଦିଦ୍ୱାରା ଭୂମିରେ ମଣ୍ଡଳାକାର ରେଖମାନ ଅଙ୍କିବା—To draw figures on the ground for placing offerings on them.

ଜନ୍ତର (ଇତ୍ୟାଦି)—ଗ୍ରା. ବି. (ସଂ. ଯନ୍ତ୍ର)—ଯନ୍ତ୍ର ଇତ୍ୟାଦି (ଦେଖ)
Jantara (etc) — Jantra etc (See)

ଜନ୍ତା—ଦେ. ବି. (ସଂ. ଯନ୍ତ୍ର; ଯମ ଧାତୁ=ନିୟନ୍ତ୍ରିତ କରିବା, ଦମନ
Jantā — କରିବା; ଯନ୍ତ୍ର=ନିୟାମକ, ଚାଳକ)—୧ । କମାରର ଭାତି;
জাঁতা — ନିଆଁକୁ ପବନ ଯୋଗାଇବାର ମୁଣା—
जंतो, जंता — 1. Smith's bellows.
(ଯନ୍ତା—ଅନ୍ୟରୂପ) ୨ । ସୁନାରୁପାର ସରୁ ତାର ଟାଣିବା ନିମନ୍ତେ ବଣିଆଙ୍କ ବ୍ୟବହୃତ ଛିଦ୍ରଯୁକ୍ତ ଚଉଡ଼ା ଇସ୍ପାତଖଣ୍ଡ—
2. A plate of steel with holes to draw out fine wires of gold and silver.
୩ । ବାଘ ଓ ମୂଷାଆଦିଙ୍କୁ ଧରିବା ପାଇଁ କାଠର ପେଡ଼ା ବା ଯନ୍ତ୍ର—3. Trapan; a trap-house (furnished with a trap door) for catching tigers, mice etc.

ବାସନାର ଜନ୍ତାରେ, ପିଣ୍ଡ ପିଣ୍ଡ ଶବଦ କରି ସମୁଦ୍ର ସନ୍ତାରେ ।
ଚୂଡ଼ାମଣି, ଶିଶୁଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍	ଡଅ	ଞ
୨	ଈ	ଊ	ଋ	ଳ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍

୪ । କାଷ୍ଠଖଣ୍ଡକୁ ଚେର ରଖି ତାହା କରତିବା ନିମନ୍ତେ ବଢ଼େଇ ବା କରତିମାନେ ଯେଉଁ ତ୍ରିକୋଣାକାର କାଠର ଘଷ୍ ବ୍ୟବହାର କରନ୍ତି—
4. A triangular frame to support a log of of wood for sawing it.

୫ । ଜନ୍ତିବା;ପିଠାର ଖଳ ନିମନ୍ତେ ନିଆଁ ଉପରେ ଜଳମିଶ୍ରିତ ଶସ୍ୟଚୂନା ବସାଇ ତାହାକୁ ଚଟୁ ଦ୍ୱାରା ଦଳିବା—
5. Kneading of dough over the fire by stirring it with a ladle.

ପ୍ରାଦେ. (ସମ୍ବଲପୁର ଓ ମେଦନୀପୁର) ବି—
ପେଷଣ ଯନ୍ତ୍ର; ଚକି—Mill-stone.

ଜନ୍ତାଇବା—ଦେ. କ୍ରି—ଜନ୍ତିବାର ଣିଜନ୍ତ ରୂପ—
Jantaibā The causative of Jantibā.
(ଜନ୍ତେଇବା—ଅନ୍ୟରୂପ)

ଜନ୍ତାଜନ୍ତ—ଦେ. ବି—ବହୁଲୋକଙ୍କ ଘନ ସମାବେଶ; ଘଡ଼ି—
Jantājanta Dense crowd; huddling together.
जाँताजाँति ଦେ. ବଣ—ଘନ ଭାବରେ ଏକ ସ୍ଥାନରେ ସନ୍ନିବିଷ୍ଟ
भीड़ ହୋଇଥିବା ବହୁ ବସ୍ତୁ ବା ମନୁଷ୍ୟ—
Huddled together; compressed together thronging; crowded.
(ଯଥା—ରଥଯାତ୍ରାରେ ସହସ୍ର ସହସ୍ର ଯାତ୍ରୀ ବଡ଼ଦାଣ୍ଡରେ ଜନ୍ତାଜନ୍ତ ହୁଅନ୍ତି ।)

ଜନ୍ତାଜନ୍ତି—ଦେ. ବି—୧ । ବହୁ ଲୋକଙ୍କ ଦେହ ପରସ୍ପର ଲଗାଲଗି;
Jantājanti ଠେଲାଠେଲି—1. Huddling together, mutual pressing; pushing each other in a narrow space.
ଜଳକୁ ସାଧ ଦଇଚନ୍ତି ଜନ୍ତାଜନ୍ତି
ବେଢ଼ିଣ ଧାଉଁଛନ୍ତି ସଙ୍ଗେ ପନ୍ତି ପନ୍ତି । କୃଷ୍ଣସିଂ. ମହାଭାରତ. ବନ ।

୨ । ବହୁ ଲୋକଙ୍କ ଦଳାଦଳ ବା ଘଡ଼ି—
2. A huddling crowd; a pressing crowd.

୩ । ଜନ୍ତିବାର ଦଳିବା କର୍ମ; ଚକଟାଚକଟ—
3. Thorough kneading.

ବଣ—ଲୋକ ଘଡ଼ି ଦ୍ୱାରା ପେଷି ହୋଇଥିବା; ପରସ୍ପର ଜଡ଼ିତ-ସଂଲଗ୍ନ—Huddled together; pressing each other.
ଏହି କାଳେ ତାହା ପଛଏ ମେଘ ପନ୍ତି
ଆକାଶରେ ରହିବେ ହୋଇ ଜନ୍ତାଜନ୍ତି । କୃଷ୍ଣସିଂ. ମହାଭାରତ. ବନ ।

ଜନ୍ତାଳ—ଦେ. ବି—ଗ୍ରାମର ଲୋକଙ୍କଠାରୁ ଧନ ଓ ଖାଦ୍ୟଦ୍ରବ୍ୟ
Jantāla ନେଇ ତାହା ଗ୍ରାମଦେବତାଙ୍କ ନିକଟରେ ଅନ୍ନ-ଭୋଗାଦି ପାକ କରି ଯେଉଁ ଭୋଜି କରାଯାଏ—
A feast or picnic of villagers, consisting of food cooked and offered to the village-Deity, done by raising subscription from the villagers in money and kind.

ଜନ୍ତିବା—ଦେ. କ୍ରି—୧ । ଚାକଳି ଆଦି ପିଠାର ଖଳ ତିଆରି କରିବା
Jantibā ପାଇଁ ଖୁଦଚୂନା ଆଦିକୁ ପାଣିରେ ସିଝା କରି
दला ନିଆଁ ଉପରେ ସିଝା ହେଉଥିବା ଅବସ୍ଥାରେ
गुँधना, साँदना, ଚଟୁ ଦ୍ୱାରା ଉକ୍ତ ପିଣ୍ଡକୁ ଗୋଳିବା; ସାଣ୍ଡିବା—
जंताना 1. To knead flour and water over fire to make dough for cakes.

୨ । ଅଳ୍ପ ସ୍ଥାନରେ ଘନ ଭାବରେ ଲଗାଲଗି କରି ଗୋଟିକ ଉପରେ ଗୋଟିଏ କରି ବହୁ ବସ୍ତୁକୁ ରଖିବା—
2. To huddle many things together within a small space.

୩ । ପେଷିବା—3. To pound.

୪ । ଦଳିବା—4. To compress.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା ଓ ପକାଇବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଜନ୍ତି ହେବା—ଦେ. କ୍ରି—୧ । ଚୂର୍ଣ୍ଣ ହେବା; ନଷ୍ଟ ହେବା—
Janti hebā 1. To be destroyed or powdered.

୨ । ଅଳ୍ପ ସ୍ଥାନରେ ସଙ୍କୁଚିତ ହେବା; ଖଣ୍ଡସାନ୍ଦ ହେବା; ଗାଢ଼ ସନ୍ନିବିଷ୍ଟ ହେବା—2. To be huddled up in a small space; to be crowded together; to contract into a small compass.
ବହୁତ ଦଳକୁ ଜନ୍ତି ହୋଇଛନ୍ତି । କୃଷ୍ଣସିଂ. ମହାଭାରତ. ଅଦ ।

୩ । ଦଳିତ ହେବା—3 To be compressed.

୪ । ଦନ୍ଦହଙ୍କ ହେବା—
4. To be extremely troubled.

୫ । ଅତ୍ୟାଚାରିତ ହେବା—5. To be oppressed.

୬ । ଚକଟା ହେବା—6. To be kneaded.

ଜନ୍ତୁ—ସଂ. ବି. (ଜନ ଧାତୁ + କର୍ତ୍ତୃ. ତୁ)—
Jantu ୧ । ଜନ୍ମଶୀଳ ଜୀବ; ପ୍ରାଣୀ—1. Living being;
जन्तु animal; creature; (literally that
जानवर which is born).

୨ । କୃମି—2. Worm; maggot.

ଦେ. ବି—୧ । ଜାନୋଆର୍; ପଶୁ—1. Beast; brute.
(ଯଥା—'ସେ ମନୁଷ୍ୟ ନୁହେଁ ଜନ୍ତୁଟିଏ' ଅର୍ଥାତ୍ ପଶୁ ପରି ନିର୍ବୋଧ ।)

୨ । (ଶୁଭବାଚକ) ଖରଜନ୍ତୁ; ଲମ୍ବ ଜନ୍ତୁ; ସର୍ପ—
2. (euphemism) Serpent.

୩ । ବନ୍ୟ ଜନ୍ତୁ; ଶ୍ୱାପଦ ଜନ୍ତୁ—
3. Beast of prey; wild beast.

୪ । ମନୁଷ୍ୟ; ବ୍ୟକ୍ତି—
4. Person; individual; fellow.
(ଯଥା —'ଅମୁକ ଲୋକ କଅଣ ସାମାନ୍ୟ ଜନ୍ତୁଟିଏ ?')

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚାର୍ଟର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

୫ । (ଲକ୍ଷଣାର୍ଥ) ଅତି ବୃହଦାକାର ପଦାର୍ଥ—
5. (figurative) A big thing.
[ଦ୍ର—ବୃହଦାକାର ପଦାର୍ଥକୁ 'ଜନ୍ତୁ' ବୋଲି କଥା ପ୍ରସଙ୍ଗରେ ବୋଲୁଥାଏ, ଯେପରି କ ଛୋଟ ଘର ମଧ୍ୟରେ ଅତି ବଡ଼ ସିନ୍ଦୁକଟାଏ ରଖିବାକୁ ଗଲେ ଲୋକେ କହନ୍ତି ଏ ଘର ଏଡ଼େ ଜନ୍ତୁକୁ କାହିଁ ସମ୍ଭାଳିବ ?]
୬ । ମହାଭାରତୋକ୍ତ ସୋମକ ରାଜାଙ୍କ ପୁତ୍ର—
6 The son of king Somaka.
[ଦ୍ର—ଏ ପୁତ୍ର ପରବର୍ତ୍ତିରେ ଚରସା ଅନୁଷ୍ଠ ଦେଇ ହୋମ କରିବାରୁ ଶତ ପୁତ୍ର ଲାଭ କରିଥିଲେ— ହି. ଶବ୍ଦସାଗର ।]
ସେ ପୁତ୍ରର ନାମ ଜନ୍ତୁ ବୋଲି ଦେଲେ—କୃଷ୍ଣସିଂହ. ମହାଭାରତ. ବନ ।

ଜନ୍ତୁକମ୍ବୁ— ସଂ. ବି—ଜୀବନ୍ତ ଶଙ୍ଖ—
Jantukambu A living conch

ଜନ୍ତୁକା—ସଂ. ବି (ଜନ୍ତୁ+ଜାତାର୍ଥ. କ+ଅ)—ଲାଖ; ଲାକ୍ଷା (ହି. ଶବ୍ଦସାଗର)—Shell lac
Jantukā

ଜନ୍ତୁ କିଲାଇବା— ଦେ. କ୍ରି—ଶିକାର ସମୟରେ ହାତୀ ଆଦି ବନ୍ୟଜନ୍ତୁଙ୍କୁ ଖେଦା ମଧ୍ୟକୁ ଘଉଡ଼ାଇବା—
Jantu kilāibā
(ଜନ୍ତୁ କଲେଇବା—ଅନ୍ୟରୂପ) To drive wild beasts (e. g. elephants) to an enclosure.

ଜନ୍ତୁଘ୍ନ—ସଂ. ବିଣ (ଜନ୍ତୁ + ହନ୍ ଧାତୁ କର୍ତ୍ତୃ. ଅ)—୧ । ଜୀବନାଶକ—
Jantughna 1. Destructive of life; fatal.
(ଜନ୍ତୁଘ୍ନୀ—ସ୍ତ୍ରୀ) ୨ । ଯାହା କୀଟାଦି ଜୀବ ନାଶ କରେ—
2. Insecticide; germicide; vermifuge.
ବି—୧ । ବିଡ଼ଙ୍ଗ; ବାଇବିଡ଼ଙ୍ଗ—1. Embellia.
[ଦ୍ର—ଏହାର ଫଳ ଗୋଲମରିଚ ପରି ।]
୨ । ହେଙ୍ଗୁ—2. Asafœtida.
୩ । ଏକପ୍ରକାର ଲେମ୍ବୁ (ପ୍ରକୃତିବାଦ)—
3. A kind of lemon.

ଜନ୍ତୁଜନ୍ତା—ଦେ. ବି (ଜନ୍ତୁ+ନିରର୍ଥକ ଦ୍ୱିରୁକ୍ତି ସହଚର)—
Jantujuntā ୧ । ନାନାବିଧ ବନ୍ୟ ଜନ୍ତୁ—
ଜନ୍ତୁଟନ୍ତୁ 1. Many wild beasts (generally).
(ଜନ୍ତୁଜନ୍ତା—ଅନ୍ୟରୂପ) ୨ । ସରୀସୃପ; ସାପ, ବିଛା ଆଦି—
2. Reptiles.

ଜନ୍ତୁଣି—ପ୍ରାଦେ. (ଗଞ୍ଜାମ) ବି—ଖଲି (ଦେଖ)
Jantuṇi Khaḷi (See)

ଜନ୍ତୁନାଥ—ସଂ. ବି. (୬ଷ୍ଠୀ ତତ୍; ଜନ୍ତୁ+ନାଥ)—ଯମ—
Jantunātha Jama; the Hindu God of death.
କାମକୁ ଅନୁସରି ଯେଉଁ ଲୋକ ଅର୍ଥ
ଇଚ୍ଛାଇ ତାକୁ ନେଲାନ୍ତି ଜନ୍ତୁନାଥ—କୃଷ୍ଣସିଂହ. ମହାଭାରତ ଉଦ୍ୟୋଗ ।

ଜନ୍ତୁନାଶକ—ସଂ. ବିଣ (ଉପପଦ ତତ୍; ଜନ୍ତୁ+ନାଶକ)—
Jantunāśaka ଜନ୍ତୁଘ୍ନ (ଦେଖ)
Jantughna (See).

ସଂ. ବି—ହେଙ୍ଗୁ (ହି. ଶବ୍ଦସାଗର)—Asafœtida.

ଜନ୍ତୁପତି—ସଂ. ବି—୧ । ଯମ—
Jantupati 1. The God of death.
୨ । ଚିତ୍ରଗୁପ୍ତ; ଯମଙ୍କ ପାଞ୍ଜିଆ—
2. The record-keeper of the God of death.
ଏ କଥା ଆଜି ଜନ୍ତୁପତି
ପାଞ୍ଜିରେ ଲେଖିବେ ଚଉତି—ଭୂପତି. ପ୍ରେମପଞ୍ଚାମୃତ ।

ଜନ୍ତୁଫଳ—ସଂ. ବି (ବହୁବ୍ରୀହି; ଜନ୍ତୁ+ଫଳ; ଯେଉଁ ଫଳ ମଧ୍ୟରେ କୀଟ ଜନ୍ମନ୍ତି)—ଉଡ଼ୁମ୍ବର; ଯଜ୍ଞଡମ୍ବିର; ଡମ୍ବିର ଗଛ ଓ ଫଳ—The fig; Ficus Carica; the glomerous fig tree and its fruit.
Jantuphaḷa

ଜନ୍ତୁମାରି—ସଂ. ବି (ଜନ୍ତୁ+ମୃ ଧାତୁ ଣିଚ୍ ମାରି ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ.
Jantumāri (ହି—କାଗେଜିଲେମ୍ବୁ—Lime fruit.

ଜନ୍ତୁରାଜ—ସଂ. ବି (ଜନ୍ତୁ+ରାଜା; ୬ଷ୍ଠୀ ତତ୍)—ଜନ୍ତୁରାଣ (ଦେଖ)
Janturāja Janturāṇa (See).

ଜନ୍ତୁରାଣ—ଦେ. ବି (ସଂ. ଜନ୍ତୁରାଜ)—ଯମ—
Janturāṇa The God of death.
ଦଣ୍ଡେ ନମିଷେ ଥିଲେ ପ୍ରାଣ
କ ନେଇ ପାରେ ଜନ୍ତୁରାଣ—ଜଗନ୍ନାଥ. ଭାଗବତ ।

ଜନ୍ତୁରାୟ—ଦେ ବି (ସଂ. ଜନ୍ତୁରାଜ)—ଯମ—
Janturāya The God of death
ସୋମକ ବୋଇଲେ ମୁଁ ଯିବି ମୋ ପୁତ୍ରଙ୍କୁ,
ନ ଯିବ ଜନ୍ତୁରାୟେ ନାଶ ହୋ ସ୍ୱର୍ଗକୁ । କୃଷ୍ଣସିଂହ. ମହାଭାରତ ବନ ।

ଜନ୍ତୁସାଇଁ—ଦେ. ବି (ସଂ. ଜନ୍ତୁ+ସ୍ୱାମୀ)—ଯମ—
Jantusāiṅ The God of death.
ସେ ଧର୍ମରାଜ ଜନ୍ତୁସାଇଁ, ସେ ସଞ୍ଜମନ ପୁରେ ଥାଇ—ଜଗନ୍ନାଥ. ଭାଗବତ ।

ଜଣ୍ଡା—ଦେ. ବି—ପିମ୍ପୁଡ଼ି ଜାତୀୟ ବଡ଼ କଳା ପୋକ—
Jaṇḍā A kind of big black ant; the black pismire or emmet.
କାନଜିଁଆ, ଜିୟା ପିମ୍ପଡ଼ା
ଚେଁଘା, ଚୁଁଆ, ଚୁଅଁଟୀ [ଦ୍ର—ଏମାନେ ପିମ୍ପୁଡ଼ି ଠାରୁ ବଡ଼ ଓ ଅଧଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହୁଅନ୍ତି । ଏମାନେ ଗୁଡ଼ ଓ ମିଷ୍ଟାନ୍ନ ପ୍ରଭୃତିରେ ଲାଗନ୍ତି । ସଣ୍ଡୁଆସି ପରି ଦୁଇଟି ବଡ଼ ଦାନ୍ତ ଏମାନଙ୍କ ମୁହଁରୁ ବାହାରି ଥାଏ । ଏମାନଙ୍କ କାମୁଡ଼ା ପିମ୍ପୁଡ଼ି କାମୁଡ଼ା ଠାରୁ ବେଶି ଯନ୍ତ୍ରଣାଦାୟକ । ଏମାନେ ଗଛର ବକଳ ତଳେ ଓ ଭୂମିରେ ଗର୍ତ୍ତ କରି ରହନ୍ତି । ନାନା ଶ୍ରେଣୀର ଜଣ୍ଡା ଅଛନ୍ତି ଯଥା—ଧୂଳିଆ ଜଣ୍ଡା, କାଠ ଜଣ୍ଡା, ଗୁଡ଼ିଆ ଜଣ୍ଡା, ଡେଙ୍ଗା ଜଣ୍ଡା, ବୁଢ଼ା ଜଣ୍ଡା ଓ ଉଡନ୍ତି ଜଣ୍ଡା ଇତ୍ୟାଦି । ଉଇ ପିମ୍ପୁଡ଼ିଙ୍କ ପରି ବର୍ଷାଦିନରେ ଏମାନଙ୍କର ପକ୍ଷୀ ଉଠେ ଓ ସେତେବେଳେ ସେମାନେ ଉଡ଼ି ପାରନ୍ତି । ଏମାନେ ଗୋଟିକ ପଛେ ଗୋଟିଏ ଏକ ଧାଡ଼ିରେ ଧାରି ଲାଗିବାର ଦେଖାଯାଏ । ଧୂଳିଆ ଜଣ୍ଡାଙ୍କ କାମୁଡ଼ାରେ ସବୁ ଜଣ୍ଡାଙ୍କ ଅପେକ୍ଷା ବେଶି ଯନ୍ତ୍ରଣା ହୁଏ ।

୧	ଇ	ଉ	ଋ,ଋ଼	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇପ୍	ଉଅ	ଊ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଞ	ନ

ଜଣ୍ଡାଖାଇ—ଦେ. ବ (ସ. ପିଣ୍ଡାର, ପିଣ୍ଡାଲ)—ଏରଣ୍ଡାଦି ବର୍ଗର ଏକ-
Jandā-khāi ପ୍ରକାର ବନ୍ୟ ତରୁ—A kind of wild tree;
পিটলী, পাঞ্জোলী Trewia Nudiflora; Premnum
तुरि, नरफल Tomentosa (Haines).
[ଦ୍ର—ଏହା ଜଳ ନିକଟରେ ଜନ୍ମେ । ଏହାର ବକ୍କଳ ତଳେ ଜଣ୍ଡାମାନେ ବିଶେଷ ପରିମାଣରେ ରହନ୍ତି; ଏହାର ଫଳ ଛୋଟ ଛୋଟ ମାର୍ବଲ୍ ଭଳି ଓ ଅଖାଦ୍ୟ । ବସନ୍ତ କାଳରେ ଏ ଗଛ ପତ୍ର-ଝଡ଼ା ହଏ । ପତ୍ର ନ କଅଁଳୁଣୁ ଗଛ ଫୁଲ ଧରେ । ପତ୍ର ପାନପରି ଆକୃତିବିଶିଷ୍ଟ; ଏ ଗଛର କାଠ ନରମ । ଅଣ୍ଡିରିଗଛ ମାଇଗଛଠାରୁ ପୃଥକ । ଏହା ଫଳର ରସକୁ ବାଲିଜଣ୍ଡାଖିଆ ଘାଆରେ ଲଗାଇଲେ କ୍ଷତ ଶୁଖିଯାଏ ।]

ଜଣ୍ଡାପିମ୍ପୁଡ଼ି—ଦେ. ବ. (ସହଚର ଶବ୍ଦ)—ଜଣ୍ଡା ଓ ପିମ୍ପୁଡ଼ି—
Jandā-pimpurdi Ants and big black ants.

ଜଣ୍ଡାମାରି—ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବ—ଜଣ୍ଡାଖାଇ (ଦେଖ)
Jandāmāri Jandākhāi (See)

ଜନ୍ନା (ଇତ୍ୟାଦି)—ଗ୍ରା. ବ—ଜହ୍ନ ଇତ୍ୟାଦି (ଦେଖ)
Janna (etc) Jahna etc (See)

ଜନ୍ମ—ସଂ. ବ. (ଜନ୍ ଧାତୁ + ଭାବ. ମନ୍ = ଜନ୍ମନ୍. ୧ମା. ୧ବ)—
Janma ୧ । ଉତ୍ପତ୍ତି; ଆବିର୍ଭାବ—
1. Production; first appearance; origin.
୨ । ମାତୃଗର୍ଭରୁ ଉତ୍ପତ୍ତି—2 Birth.
୩ । ଜୀବନ—3. Life.
୪ । (+ ଅଧିକରଣ ମନ୍) ସଂସାର; ଜୀବଲୋକ—
4. The created beings; the animal world.

ଜନ୍ମଅଷ୍ଟମୀ—ଗ୍ରା. ବ—ଜନ୍ମାଷ୍ଟମୀ (ଦେଖ)
Janma-ashtamī Janmāshtamī (See)
ଭାଦ୍ରବ ମାସରେ ଜନ୍ମଅଷ୍ଟମୀ ସେ ଦିନ । ପ୍ରାଚୀ. ଶ୍ରୀଗୁରୁଭକ୍ତିଗୀତା ।

ଜନ୍ମ କରିବା—ଦେ. କ୍ରି—ଗର୍ଭରୁ ଉତ୍ପାଦନ କରିବା; ପ୍ରସବ କରିବା—
Janma karibā The produce; to bring forth; to
জন্ম দেওয়া beget; to bear (a child).
पैदा करना

ଜନ୍ମକୋଷ୍ଠା—ଗ୍ରା. ବ. (ସଂ. ଜନ୍ମକୋଷ୍ଠୀ)—ଜନ୍ମକୋଷ୍ଠୀ (ଦେଖ)
Janma-koshthā Janma-koshthī (See)

ଜନ୍ମକୋଷ୍ଠୀ—ସଂ. ବ. (୬ଷ୍ଠୀ ତତ୍; ଜନ୍ମନ୍ + କୋଷ୍ଠୀ)—
Janma-koshthī ଜନ୍ମପତ୍ରିକା; ଜାତକ—
Horoscope.

ଜନ୍ମଗତ—ସଂ. ବିଣ. (୨ୟା ତତ୍; ଜନ୍ମ + ଗତ)—୧ । ଯାହା ଜନ୍ମ
Janma-gata ସମୟରୁ କୌଣସି ଜୀବ ବା ବ୍ୟକ୍ତିଠାରେ ଥାଏ—
1. Inherited from birth.
୨ । ବଂଶାନୁଗତ—2. Hereditary.

ଜନ୍ମଗତ ଅଧିକାର—ସଂ. ବ—ଯେଉଁ ଅଧିକାର ମନୁଷ୍ୟ ଜନ୍ମିବା ମାତ୍ରେ
Janma-gata adhikāra ଲାଭକରେ—Birth-right.

ଜନ୍ମଗ୍ରହ—ସଂ. ବ. (୬ଷ୍ଠୀ ତତ୍; ଜନ୍ମ + ଗ୍ରହ)—ଜନ୍ମଗ୍ରହଣ (ଦେଖ)
Janma-graha Janmagrahana (See)

ଜନ୍ମଗ୍ରହଣ—ସଂ. ବ. (୬ଷ୍ଠୀ ତତ୍; ଜନ୍ମ + ଗ୍ରହଣ)—
Janma-grahana ଅଭ୍ୟୁଦୟ; ଆବିର୍ଭାବ; ଉତ୍ପତ୍ତି—
Being born.

ଜନ୍ମଗ୍ରହଣ କରିବା—ଦେ. କ୍ରି—ଭୂମିଷ୍ଠ ହେବା; ମାତୃଗର୍ଭରୁ ପୃଥିବୀକୁ
Janma-grahana karibā ଆସିବା—To be born.
জন্মগ্রহণ করা
जनम लेना

ଜନ୍ମଜନ୍ମ—ସଂ. ବ—ଜନ୍ମଜନ୍ମାନ୍ତର (ଦେଖ)
Janma-janma Janmajanmāntara (See)

ଜନ୍ମଜନ୍ମାନ୍ତର—ସଂ. ବ. (ଦ୍ୱନ୍ଦ୍ୱ; ଜନ୍ମ + ଜନ୍ମାନ୍ତର)—୧ । କୌଣସି ଜୀବର
Janmajanmāntara ଏକ ଜନ୍ମ ଓ ତାହାର ପରବର୍ତ୍ତୀ ଅନ୍ୟ
ଜନ୍ମମାନ; ପ୍ରତିଜନ୍ମ—1. Successive births of the same individual.
୨ । ଅନନ୍ତକାଳ—2. Eternity.

ଜନ୍ମଜନ୍ମାନ୍ତରୀଣ—ସଂ. ବିଣ—(ଜନ୍ମଜନ୍ମାନ୍ତର + ଈନ୍)—ପ୍ରତି ଜନ୍ମରେ
Janma-janmāntarīna ଘଟୁଥିବା—Happening in successive births.

ଜନ୍ମତିଥି—ସଂ. ବ. (୬ଷ୍ଠୀ ତତ୍; ଜନ୍ମନ୍ + ତିଥି)—ଯେଉଁ ତିଥିରେ
Janma-tithi କୌଣସି ବ୍ୟକ୍ତି ଜନ୍ମଗ୍ରହଣ କରିଥାଏ—
The lunar day of one's birth; birth-day.

ଜନ୍ମତଃ—ଦେ. ଅ. (ଜନ୍ମ + ୫ମୀ ବିଭକ୍ତିର ପ୍ରତ୍ୟୟ ତସ୍)—
Janmatah ୧ । ଜନ୍ମସମୟରୁ; ଆଜନ୍ମ—
1. From one's birth; since one's birth.
(ଯଥା—ସେ ଜନ୍ମତଃ ଅନ୍ଧ ।)
୨ । ଜନ୍ମଦ୍ୱାରା; ଜାତିରେ—2. By birth; by caste.
(ଯଥା—ସେ ଜନ୍ମତଃ ଶୂଦ୍ର ।)

ଜନ୍ମଦ—ସଂ. ବ. ପୁଂ. (ଜନ୍ମନ୍ + ଦା ଧାତୁ + କର୍ତ୍ତୃ. ଅ)—ପିତା—
Janmada Father.
(ଜନ୍ମଦା—ସ୍ତ୍ରୀ) ବିଣ. ପୁଂ—ଉତ୍ପାଦନକାରୀ—Producing.

ଜନ୍ମଦାତା—ସଂ. ବ. ପୁଂ—ଜନ୍ମଦ (ଦେଖ)
Janma-dātā Janmada (See)
(ଜନ୍ମଦାତ୍ରୀ—ସ୍ତ୍ରୀ)

ଜନ୍ମଦିନ—ସଂ. ବ. (୬ଷ୍ଠୀ ତତ୍; ଜନ୍ମନ୍ + ଦିନ)—୧ । ଯେଉଁ ଦିବସରେ
Janma-dina ଜୀବ ଜନ୍ମଗ୍ରହଣ କରିଥାଏ—1. The solar day on which a man was born.
ଜନ୍ମ ହେଇ ଜନ୍ମଦିନେ ମାତା ମୋତେ ଛାଡ଼ିଗଲେ ଲୋକାନ୍ତର ।
ରାଧାନାଥ. ପାର୍ବତୀ ।
୨ । ବ୍ୟକ୍ତିର ଜୀବିତକାଳ ମଧ୍ୟରେ ପ୍ରତିବର୍ଷ ପଡ଼ିବା ଜନ୍ମଦିନ; ସ୍ମାରକ; ବାର୍ଷିକ ଜନ୍ମଦିନ—
2. One's annual birth-day.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ଆଉ ଯଥାକ୍ରମେ ଉକ୍ତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

ଜନ୍ମଦୁଃଖୀ—ଦେ. ବି. ପୁଂ—ଜନ୍ମକାଳରୁ ଯନ୍ତ୍ରଣା ଅନୁଭବ କରୁଥିବା
Janma-duḥkhī (ବ୍ୟକ୍ତି); ଆଜନ୍ମ ଦୁଃଖଭୋଗକାରୀ—
(ଜନ୍ମଦୁଃଖିନୀ—ସ୍ତ୍ରୀ) (a person) Doomed to life-long suffering; miserable since birth.

ଜନ୍ମ ଦେବା—ଦେ. କ୍ରି—ଜନ୍ମ କରିବା (ଦେଖ)
Janma-debā Janma karibā (See)
जन्म देओया
पैदा करना

ଜନ୍ମନକ୍ଷତ୍ର—ସଂ. ବି. (ଜନ୍ମନ୍+ନକ୍ଷତ୍ର)—ଯେଉଁ ନକ୍ଷତ୍ରରେ କୌଣସି
Janma-nakshatra ବ୍ୟକ୍ତି ଜନ୍ମଗ୍ରହଣ କରିଥାଏ—
The asterism or astrological constellation which was in the ascendant when an individual was born; one's natal star.

ଜନ୍ମନିୟନ୍ତ୍ରଣ—ସଂ. ବି. (ଆଧୁନିକ ପ୍ରୟୋଗ)—କୃତ୍ରିମ ଉପାୟରେ ସ୍ତ୍ରୀ
Janma-niyantraṇa ଗର୍ଭବତୀ ନ ହେବାର ଉପାୟ ଅବଲମ୍ବନ-
Birth-control.

ଜନ୍ମପତ୍ର—ସଂ. ବି. (ଜନ୍ମନ୍+ପତ୍ର)—୧ । ଜନ୍ମପତ୍ରିକା (ଦେଖ)
Janma-patra 1. Janma-patrikā (See)
୨ । ଜୀବନଚରିତ (ହି. ଶବ୍ଦସାଗର)—2. Biography.
୩ । କୌଣସି ବସ୍ତୁର ଆଦ୍ୟରୁ ଅନ୍ତ ପର୍ଯ୍ୟନ୍ତ ବସ୍ତୁତ ବିବରଣ (ହି. ଶବ୍ଦସାଗର)—3. A detailed description of a thing from the beginning to the end.

ଜନ୍ମପତ୍ରିକା—ସଂ. ବି. (୬ଷ୍ଠୀ ତତ୍; ଜନ୍ମନ୍+ପତ୍ରିକା)—
Janma-patrikā ଜାତକ; କୋଷ୍ଠୀ—Horoscope.
(ଜନ୍ମପତ୍ର; ଜନ୍ମପତ୍ରୀ—ଅନ୍ୟରୂପ)

ଜନ୍ମପରିଗ୍ରହ—ସଂ. ବି.—(୬ଷ୍ଠୀ ତତ୍; ଜନ୍ମନ୍+ପରିଗ୍ରହ)—
Janma-parigraha ଜନ୍ମଗ୍ରହଣ (ଦେଖ)
Janma-grahaṇa (See)

ଜନ୍ମପ୍ରତିଷ୍ଠା—ସଂ. ବି.—(ଜନ୍ମନ୍+ପ୍ରତି+ସ୍ଥାଧାତୁ+ଅ+ଆ)—ମାତା;
Janma-pratishṭhā ମାଆ (ହି. ଶବ୍ଦସାଗର)—1. Mother.
୨ । ଜନ୍ମସ୍ଥାନ (ହି. ଶବ୍ଦସାଗର)—2. Birth-place.

ଜନ୍ମଫଳ—ସଂ. ବି. (ବହୁବ୍ରୀହି; ଜନ୍ମ+ଫଳ; ଏହାର ଫୁଲ ଦେଖାଯାଏ
Janma-phala ନାହିଁ ବୋଲି)—ଡିମ୍ବିରି ଗଛ ଓ ତାହାର ଫଳ;
ଉଡ଼ୁମ୍ବର ଗଛ ଓ ତାହାର ଫଳ—
The fig tree and its fruit.

ଜନ୍ମବିଧବା—ସଂ. ବି.—ବାଲବିଧବା; ଅକ୍ଷତଯୋନି ବିଧବା (ହି. ଶବ୍ଦ
Janma-bidhabā ସାଗର)—A child-widow.

ଜନ୍ମବୃତ୍ତାନ୍ତ—ସଂ. ବି. (୬ଷ୍ଠୀ ତତ୍; ଜନ୍ମନ୍+ବୃତ୍ତାନ୍ତ)—ଉତ୍ପତ୍ତିର ବିବରଣ-
Janma-bruttānta Particulars of one's origin or birth.

ଜନ୍ମଭ—ସଂ. ବି.—(ଜନ୍ମ+ଭା ଧାତୁ+କର୍ତ୍ତୃ. ଅ)—୧ । ଜନ୍ମ ସମୟର
Janmabha ଲଗ୍ନ—1. The lagna or ascendant zodiacal sign at the time of one's birth.
୨ । ଜନ୍ମ ରାଶି (ଦେଖ)
2. Janma-rāsi (See)
୩ । ଜନ୍ମନକ୍ଷତ୍ରର ସଜାତୀୟ ନକ୍ଷତ୍ର—3. An asterism of the same class as one's natal asterism.

ଜନ୍ମଭରି—ଦେ. କ୍ରି. ବିଣ—ଜନ୍ମକାଳ ମଧ୍ୟରେ—
Janma-bhari For life; through one's lifetime.
জন্মভর
जनमभर

ଜନ୍ମଭୂମି—ସଂ. ବି.—(୭ମୀ ତତ୍; ଜନ୍ମନ୍+ଭୂମି) ୧ । କୌଣସି ବ୍ୟକ୍ତି
Janma-bhūmi ଯେଉଁଠାରେ ଜନ୍ମଗ୍ରହଣ କରି ଥାଏ—
One's birth-place.
୨ । ସ୍ୱଦେଶ; ମାତୃଭୂମି; ଯେଉଁ ଦେଶରେ କୌଣସି ବ୍ୟକ୍ତି ଜନ୍ମଗ୍ରହଣ କରି ଥାଏ—One's native country; mother-land.

ଜନ୍ମମରଣ—ସଂ. ବି. (ବିପରୀତାର୍ଥ ସହଚର ଶବ୍ଦ; ଜନ୍ମ+ମରଣ)—
Janma-maraṇa ଜନ୍ମମୃତ୍ୟୁ (ଦେଖ)
Janma-mrutyu (See)
ଜନ୍ମ ମରଣବରଷା, ସ୍ୱା ନ ଜାଣେ ସୃଷ୍ଟିକ । ତଗ ।

ଜନ୍ମମାଟି—ଦେ. ବି.—ଜନ୍ମଭୂମି (ଦେଖ)
Janma-māṭi Janmabhūmi (See)
जनमधरती

ଜନ୍ମମୃତ୍ୟୁ—ସଂ. ବି.—(ବିପରୀତାର୍ଥ ସହଚର ଶବ୍ଦ)—ଜନ୍ମ ଓ ମୃତ୍ୟୁ—
Janma-mrutyu Birth and death.

ଜନ୍ମମୃତ୍ୟୁ ବହି—ଦେ. ବି.—ଯେଉଁ ସରକାରୀ ପୁସ୍ତକ ବା ରେଜିଷ୍ଟରରେ
Janma-mrutyubahi ନିର୍ଦ୍ଦିଷ୍ଟ ଗ୍ରାମ୍ୟାଞ୍ଚଳ ଇଲାକା ମାନଙ୍କରେ
জন্মমৃত্যু বই ଜନ୍ମ ହେବା ଓ ମରିବା ବ୍ୟକ୍ତିଙ୍କ ବିବରଣ ଲିପିବଦ୍ଧ
जनममृत्युका रेजिष्टरी ହୋଇ ରହେ—Birth and death
(ଜନ୍ମମୃତ୍ୟୁ ରେଜିଷ୍ଟର—ଅନ୍ୟରୂପ) register.
[ଦ୍ର—ଏ ବହିକୁ ଗ୍ରାମର ଚୌକିଦାର ପୂରଣ କରି ପ୍ରତି ସାପ୍ତାହିକ ପାଳରେ ଥାନାର ଭାରପ୍ରାପ୍ତ କର୍ମଚାରୀଙ୍କୁ ଉକ୍ତ ବିବରଣମାନ ଜଣାଏ ।]

ଜନ୍ମରାଶି—(ଜ୍ୟୋତିଷ) ବ୍ୟକ୍ତିର ଜନ୍ମକାଳରେ ଯେଉଁ ରାଶିରେ ଚନ୍ଦ୍ର
Janma-rāśi ଉଦୟ ହୋଇ ଥାଏ (ହି. ଶବ୍ଦସାଗର)—
(Astrology) The sign of the zodiac in which the moon rises at the time of a person's birth.

ଜନ୍ମଲଗ୍ନ—ସଂ. ବି.—(ଜ୍ୟୋତିଷ)—ମନୁଷ୍ୟ ଜନ୍ମଗ୍ରହଣ କରିବା
Janma-lagna ସମୟରେ ଯେଉଁ ରାଶିର ଉଦୟ ହୋଇଥାଏ—
(Astrology) The zodiacal sign which is in the ascendant at the moment when a person is born.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଲ୍ପ	ଚ୍ଛ	ଝ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟଂ୍ୟ	ଲଅ	ଙ୍ଖ	ନ୍

ଜନ୍ମ ଲଭିବା—ଦେ. କ୍ରି—ଜନମିବା (ଦେଖ)
Janma labhibā Janamibā (See)

ଜନ୍ମଲାଭ—ସଂ. ବି· (୬ଷ୍ଠୀ ତତ୍; ଜନ୍ମ+ଲାଭ)—
Janma-lābha ଜନ୍ମଗ୍ରହଣ (ଦେଖ)
Janma-grahaṇa (See)

ଜନ୍ମସ୍ଥାନ—ସଂ. ବି—୧ । ଜନ୍ମଭୂମି (ଦେଖ)
Janma-sthāna 1. Janmabhūmi (See)
୨ । ମାତୃଗର୍ଭ (ହି. ଶବ୍ଦସାଗର)—
2. The mother's womb.
୩ । କୁଣ୍ଡଳୀର ଯେଉଁ ସ୍ଥାନରେ ମନୁଷ୍ୟର ଜନ୍ମସମୟର ଗ୍ରହ-ଅବସ୍ଥାନ କରେ—3. The position occupied by a person's natal planet in the horoscope.

ଜନ୍ମ ହେବା—ଦେ. କ୍ରି—ଜନମିବା (ଦେଖ)
Janma hebā Janamibā (See)

ଜନ୍ମାଇବା—ଦେ. କ୍ରି—୧ । ଜନ୍ମିବାର ଣିଜନ୍ତ ରୂପ—
Janmāibā 1. The causative form of Janmibā.
जन्माना ୨ । ଜାତ କରିବା—2. To produce.
जन्माना ୩ । ଘଟାଇବା—3. To cause to happen.
(ଜନ୍ମେଇବା—ଅନ୍ୟରୂପ) ୪ । ଉଦିତ କରାଇବା—
4. To cause to rise.

ଜନ୍ମାଧିପ—ସଂ. ବି. (୬ଷ୍ଠୀ ତତ୍: ଜନ୍ମନ୍+ଅଧିପ)—
Janmādhipa । ଶିବ; ମହାଦେବ (ହି. ଶବ୍ଦସାଗର)—
1. God Śiba.
୨ । ଜନ୍ମ ରାଶିର ଅଧିଷ୍ଠାତୃଦେବ—
2. The presiding Deity of one's natal sign.
୩ । ଜନ୍ମଲଗ୍ନର ସ୍ୱାମୀ—3 The presiding Deity of one's natal Lagna.

ଜନ୍ମାନ୍ତର—ସଂ. ବି. (କର୍ମଧାରୟ; ଅନ୍ୟ+ଜନ୍ମ)—
Janmāntara ୧ । ଅନ୍ୟ ଜନ୍ମ; ପୂର୍ବବର୍ତ୍ତୀ ବା ପରବର୍ତ୍ତୀ ଜନ୍ମ—
1. One's next birth or previous birth.
୨ । ପରଲୋକ—2. The next world; existence after one's death.

ଜନ୍ମାନ୍ତରବାଦ—ସଂ. ବି—ମୃତ୍ୟୁ ପରେ ଜୀବର ଏ ସଂସାରରେ ପୁନର୍ବାର
Janmāntara-bāda ଜନ୍ମ ହେବା ବିଷୟକ ବିଶ୍ୱାସ ବା ମତ—
The doctrine or theory of transmigration.

ଜନ୍ମାନ୍ତରୀଣ—ସଂ. ବିଣ. (ଜନ୍ମାନ୍ତର+ଭବାର୍ଥେ. ଈନ)—
Janmāntarīṇa ୧ । ଅନ୍ୟ ଜନ୍ମରେ ଘଟିବା—
(ଜନ୍ମାନ୍ତରୀୟ—ଅନ୍ୟରୂପ) 1. Happening in another birth.
୨ । ଜନ୍ମାନ୍ତର ସମ୍ବନ୍ଧୀୟ; ପରଲୋକ ବା ପୂର୍ବଜନ୍ମ ସମ୍ବନ୍ଧୀୟ—
2. Pertaining to one's past or future birth.

ଜନ୍ମାନ୍ଧ—ସଂ. ବିଣ. (୫ମୀ ତତ୍; ଜନ୍ମ+ଅନ୍ଧ)—
Janmāndha ଅଜନ୍ମ ଅନ୍ଧ; ଯେ ଅନ୍ଧ ହୋଇ ଜନ୍ମି ଥାଏ—
(ଜନ୍ମାନ୍ଧା—ସ୍ତ୍ରୀ) One born-blind.

ଜନ୍ମାବଚ୍ଛିନ୍ନ—ସଂ. ବିଣ. (୫ମୀ ତତ୍; ଜନ୍ମ+ଅବଚ୍ଛିନ୍ନ)—
Janmābachchhinna ଜନ୍ମ ହେବାଠାରୁ ବରାବର ଘଟୁଥିବା; ଜୀବନବ୍ୟାପୀ— Lifelong.
ସଂ. ବି— ଯାବଜ୍ଜୀବନ ସମୟ; ଯେଉଁ ଲୋକ ଯେତେ ଦିନ ବଞ୍ଚି-ଥାଏ ସେହି କାଳ—One's life-time; the period of one's existence.

ଜନ୍ମାବଧି—ଦେ. କ୍ରି. ବିଣ. (ଜନ୍ମ+ଅବଧି)—
Janmābadhi ଜଣକର ଜନ୍ମ ହେବା ଦିନରୁ; ଅଜନ୍ମ—
Since birth; from a person's birth.

ଜନ୍ମାଷ୍ଟମୀ—ସଂ. ବି. (୬ଷ୍ଠୀ ତତ୍; ଜନ୍ମ+ଅଷ୍ଟମୀ)—
Janmāshṭamī ଭାଦ୍ର କୃଷ୍ଣାଷ୍ଟମୀ; ଶ୍ରୀକୃଷ୍ଣଙ୍କ ଜନ୍ମତିଥି—
The birth-day of Śrikrushṇa; the 8th day of the dark fort night of the lunar month of Bhādra.
[ଦ୍ର—ଭାଦ୍ର କୃଷ୍ଣାଷ୍ଟମୀ ଅର୍ଦ୍ଧରାତ୍ରି ସମୟରେ ଶ୍ରୀକୃଷ୍ଣଙ୍କର ଜନ୍ମୋତ୍ସବ ହିନ୍ଦୁଜଗତରେ ପାଳିତ ହୁଏ । କିନ୍ତୁ ବିଷ୍ଣୁପୁରାଣରେ ଶ୍ରୀକୃଷ୍ଣଙ୍କ ଜନ୍ମ ଶ୍ରାବଣ ମାସ କୃଷ୍ଣ ଅଷ୍ଟମୀରେ ହୋଇଥିବା ଉଲ୍ଲେଖ ଅଛି । ମୁଖ୍ୟ ଚାନ୍ଦ୍ର ମାସ ଓ ଗୌଣ ଚାନ୍ଦ୍ର ମାସ ଗଣନା ଏ ପ୍ରଭେଦର କାରଣ ଥିବାର ଜଣାଯାଏ । ହି. ଶବ୍ଦସାଗର ।]

ଜନ୍ମିତ—ଦେ. ବିଣ (ସଂ. ଜାତ)—
Janmita ଔରସ; ଯାହାକୁ ଜନ୍ମ କରାଯାଇ ଅଛି—Begotten;
जन्मित which has been given birth to.
जन्मित (ଯଥା—ଜନ୍ମିତ ପୁତ୍ରଠାରୁ ପୋଷ୍ୟ ପୁତ୍ର ହୀନ ଅଟେ ।)

ଜନ୍ମିବା—ଦେ. କ୍ରି—୧ । ଭୂମିଷ୍ଠ ହେବା—
Janmibā 1. To be born.
जन्मा ଶ୍ରୀକ୍ୟଙ୍କ ଶିଷ୍ୟାଗ୍ରଣୀ ନୃପ ଶିରୋମଣି
जन्मना ଜନ୍ମିବେ ଅଶୋକ ନାମେ ନୃପ ମହାତେଜା ।
(ଜନ୍ମାଇବା—ଣିଜନ୍ତ) ରାଧାନାଥ. ମହାଯାତ୍ରା ।
୨ । ଜାତ ହେବା; ଉତ୍ପନ୍ନ ହେବା—
2. To be produced; to come to being.
୩ । (ବୃକ୍ଷ ଆଦି) ଉଠିବା—3. (a planet) To grow.
୪ । ଉଦିତ ହେବା—4. To rise.
୫ । ଦେଖାଯିବା; ଆବିର୍ଭୂତ ହେବା—4. To appear.

ଜନ୍ମୀ—ସଂ. ବି. ପୁଂ(ଜନ୍ମ+ଅସ୍ତି ଅର୍ଥରେ ଇନ୍; ୧ମା. ୧ବ.)—
Janmī ଜୀବ; ଜନ୍ତୁ; ପ୍ରାଣୀ—Animal.

ଜନ୍ମେଜୟ—ସଂ ବି—୧ । ଜନମେଜୟ (ଦେଖ)
Janmejaya 1. Janamejaya (See)
୨ । ବିଷ୍ଣୁ (ହି. ଶବ୍ଦସାଗର)—2. Bishṇu.

ସାଧାରଣ ଲୋକେ ଅପର ଦୃଷ୍ଟାରେ ମୂଳତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଁଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩ । ପ୍ରସିଦ୍ଧ ନାଗବିଶେଷ (ହି. ଶବ୍ଦସାଗର)—
3. Name of a mythological serpent.

ଜନ୍ମୋତ୍ସବ—ସଂ. ବି. (ମ. ପ. ଲୋ; ଜନ୍ମ+ଉତ୍ସବ)—
Janmotsaba ୧ । କୌଣସି ସନ୍ତାନର ଜନ୍ମହେବା ଉପଲକ୍ଷେ ଅନୁଷ୍ଠିତ ଉତ୍ସବ—1. Festivities observed on the occasion of the birth of a child.
୨ । କୌଣସି ବ୍ୟକ୍ତିର ଜନ୍ମଦିନର ସ୍ମରଣାର୍ଥ ଅନୁଷ୍ଠିତ ଉତ୍ସବ—2. Festival observed to commemorate the birth-day of a person.
୩ । ଜନ୍ମାଷ୍ଟମୀ ଉତ୍ସବ—3. The festival observed on Śrikṛushṇa's birth-day.

ଜନ୍ୟ—ସଂ. ବିଣ. ୧ । (ଜନ ଧାତୁ+କର୍ତ୍ତୃ. ଯ)—
Janya ଜାୟମାନ; ଯେ ଜନ୍ମ ଗ୍ରହଣ କରେ—1. Born.
(ଜନ୍ୟା—ସ୍ତ୍ରୀ) ୨ । (ଜନ ଧାତୁ+କର୍ମ. ଯ) ଯାହାକୁ ଜନ୍ମ କରାଯାଏ; ଉତ୍ପାଦିତ—2. Created; begotten.
୩ । (ଜନ ଧାତୁ+କର୍ତ୍ତୃ. ଯ) ଯେ ଜନ୍ମ କରେ; ଉତ୍ପାଦକ—
3. Begetter.
୪ । (ଜନ+ଯ) ଜନହିତକର—
4. Tending to the public good.
୫ । (ଜନ+ଯ) ଜନ ସମ୍ବନ୍ଧୀୟ; ବ୍ୟକ୍ତିଗତ—
5. Human; personal; individual.
୬ । ଦେଶ ସମ୍ବନ୍ଧୀୟ—6. Relating to a country.
୭ । ରାଷ୍ଟ୍ରୀୟ—7. Relating to the state.
୮ । ଜାତୀୟ—8. National.
ବି—୧ । ହଟ୍ଟ; ହାଟ—1. Market.
୨ । ନିନ୍ଦା; ପରବାଦ—2. Censure; blame.
୩ । ବିବାଦ—3. Quarrel.
୪ । ଜନ୍ମକାଳୀନ କୁଲକ୍ଷଣ—
4. Bad omen observed at the time of one's birth.
୫ । ଯୁଦ୍ଧ—5. Fight.
୬ । ପ୍ରୀତି—6. Love.
୭ । ବରର ବୟସ୍ୟ ବା ସଖା; ମାର୍ଦ୍ଦାଶ୍ରୀ—
7. The friend or companion of a bride-groom.
୮ । ପିତା—8. Father.
୯ । (ଜନୀ+ଯ) ନବୋଢ଼ାର ଜ୍ଞାତି ବା ଭୃତ୍ୟ (ପ୍ରକୃତିବାଦ)—1. Kinsman or servant of a newly married bride.
୧୦ । ଜନସାଧାରଣ (ହି. ଶବ୍ଦସାଗର)—
10. The general public.
୧୧ । କମ୍ବଦନ୍ତୀ—11. Rumour; report.
୧୨ । ବର (ହି. ଶବ୍ଦସାଗର)—12. Bridegroom.
୧୩ । ବରଯାତ୍ରୀ (ହି. ଶବ୍ଦସାଗର)—13. The marriage-party accompanying a bridegroom.
୧୪ । ଜାମାତା; ଜୁଆଁଇଁ (ହି. ଶବ୍ଦସାଗର)—
14. Son-in-law.
୧୫ । ପୁତ୍ର (ହି. ଶବ୍ଦସାଗର)—15. Son.
୧୬ । ମହାଦେବ (ହି. ଶବ୍ଦସାଗର)—16. God Śiba.
୧୭ । ଦେହ; ଶରୀର (ହି. ଶବ୍ଦସାଗର)—
17. Body.

ଜନ୍ୟା—ସଂ. ବିଣ. ସ୍ତ୍ରୀ (ଜନ୍ୟ+ଆ)—ଜନ୍ୟର ସ୍ତ୍ରୀଲିଙ୍ଗ—
Janyā Feminine of Janya.
ବି. ସ୍ତ୍ରୀ. (ଜନ୍ ଧାତୁ+ଯ+ସ୍ତ୍ରୀ. ଆ)—
୧ । ଆନନ୍ଦ—1. Gladness; joy.
୨ । ମାତା; ଜନନୀ—2 Mother.
୩ । ବଧୂର ସହଚରୀ (ହି. ଶବ୍ଦସାଗର)—
3. A friend or companion of a daughter-in-law or bride.
୪ । ମାତୃସଖୀ—4. The female attendant or friend of one's mother.
୫ । ପ୍ରୀତି; ସ୍ନେହ—5. Love; affection.
୬ । ବଧୂ (ହି. ଶବ୍ଦସାଗର)—6. Daughter-in-law.

ଜନ୍ୟୁ—ସଂ. ବି. (ଜନ ଧାତୁ+କର୍ତ୍ତୃ ଯୁ)—
Janyu ୧ । ଅଗ୍ନି—1. Fire.
୨ । ପ୍ରାଣୀ; ଜୀବ—2. Animal.
୩ । (+ଭାବ. ଯୁ) ଜନ୍ମ; ଉତ୍ପତ୍ତି—
3. Birth; production.
୪ । (ଜନ ଧାତୁ ଣିଚ ଜନ ଧାତୁ+କର୍ତ୍ତୃ. ଯୁ)—
ବିଧାତା; ବ୍ରହ୍ମା—4. Brahmā, the Creator.

ଜହ୍ନ—ଦେ. ବି. (ସଂ. ଜ୍ୟୋତ୍ସ୍ନା)—୧ । ଚନ୍ଦ୍ର—
Janha 1. The moon.
जोन्ह ୨ । ଚନ୍ଦ୍ରକିରଣ; ଜ୍ୟୋତ୍ସ୍ନା—2. Moonlight.

ଜହ୍ନା—ଦେ. ବି. (ସଂ. ଯାବନାଲ)—୧ । ମକା—
Janhā 1. Indian corn.
जनार ୨ । ବାଜରା; ଭୁଟ୍ଟା—2. Maize.
जोहार

ଜପ୍ (ଧାତୁ)—ସ—ମାନସ ପାଠ କରିବା; ମନେ ମନେ ପଢ଼ିବା—
Jap (root) To read something in one's mind.

ଜପ—ସଂ. ବି. (ଜପ୍ ଧାତୁ+ଭାବ. ଅ)—୧ । ମନେ ମନେ ପୁନଃପୁନଃ
Japa ପାଠ—1. Muttering.
ଜପକୁ କଲେ ପଢ଼ାରେ ହାତ ଦେଇ । କୃଷ୍ଣସିଂ ହ॰ ମହାଭାରତ ବନ ।

ଃ	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇପ୍ସ	ତ୍ଥ	ଢ
୨	ଈ	ଊ	ଋୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଥ	ଝ	ନ୍

୨ । ମନ୍ତ୍ରାଦିର ବିଧିପୂର୍ବକ ପୁନଃପୁନଃ ଉଚ୍ଚାରଣ ବା ଆବୃତ୍ତି—
2. Repetition of prayers or incantations.

୩ । ପୁନଃ ପୁନଃ ଆବୃତ୍ତିପୂର୍ବକ ବେଦାଧ୍ୟୟନ; ସ୍ୱାଧ୍ୟାୟ—
3. Recitation of the Bedas.

୪ । ଚୁପ୍ ଚୁପ୍ କରି କହିବା—4. Whispering.

୫ । ଜପମାଳା ସାହାଯ୍ୟରେ ଇଷ୍ଟମନ୍ତ୍ରକୁ ପୁନଃ ପୁନଃ ଆବୃତ୍ତି କରିବା—5 Telling of beads by reciting particular formulas silently.

[ଦ୍ର—ପୁରାଣରେ ଜପ ୩ ପ୍ରକାର ଉଲ୍ଲେଖ ଅଛି—ମାନସ, ଉପାଂଶୁ ଓ ବାଚକ; କେହି କେହି ଜିହ୍ୱାଜପ ନାମରେ ୪ର୍ଥ ପ୍ରକାର ଜପ ଉଲ୍ଲେଖ କରିଅଛନ୍ତି । ମନେମନେ ମନ୍ତ୍ରର ଅର୍ଥ ମନନ କରି ଧୀରେଧୀରେ ଉକ୍ତ ମନ୍ତ୍ରକୁ ସ୍ମରଣ କରିବା ମାନସଜପ; ଓଠ ଓ ଜିଭ ହଲାଇ କ୍ଷୀଣସ୍ୱରରେ ଉଚ୍ଚାରଣ କରିବା ଉପାଂଶୁଜପ, ଓଠ ନ ହଲି କେବଳ ଜିଭ ହଲିଲେ ଜିହ୍ୱାଜପ ଓ ମନ୍ତ୍ରର ବର୍ଣ୍ଣମାନଙ୍କର ସ୍ପଷ୍ଟ ଉଚ୍ଚାରଣକୁ ବାଚକ ଜପ ବୋଲିଯାଏ । ଜପ କରିବା ସମୟରେ ମନ୍ତ୍ରର ସଂଖ୍ୟା ପ୍ରତି ଧ୍ୟାନ ରଖିବାକୁ ପଡ଼େ, ଏଥିପାଇଁ ମାଳାର ଆବଶ୍ୟକତା ହୁଏ—ଦ୍ର. ଶବ୍ଦସାଗର ।]

ଜପ କରିବା—ଦେ. କ୍ରି. (ସଂ. ଜପ୍ ଧାତୁ)—୧ । ମନେ ମନେ ମନ୍ତ୍ରାଦି ପୁନଃ ପୁନଃ ଆବୃତ୍ତି କରିବା; ଜପିବା—
Japa kariba̅
जपा; जपकरा
जपना, जप करना
1. To repeatedly mutter esoteric formulas silently.

୨ । ଜପମାଳା ସାହାଯ୍ୟରେ ସଂଖ୍ୟା ଗଣନା କରି ମନ୍ତ୍ରାଦି ପୁନଃ ପୁନଃ ଜପିବା; ମାଳ ଗଡ଼ାଇବା—2. To tell the beads by muttering certain formulas

କେହି ଅବା ଜପମାଳା ଜପେ ଅବିରତେ । ରାଧାନାଥ, ମହାଯାତ୍ରା ।

୩ । କୌଣସି କଥାକୁ ମନେ ମନେ ସର୍ବଦା ସ୍ମରଣ କରିବା—
3. To constantly remember a thing.

୪ । ଘୋଷିଦେବା—4. To go on recapitulating or repeatedly uttering a thing.

ଜପଜୀ—ଦେ. ବି—ଶିଖମାନଙ୍କର ଧର୍ମଗ୍ରନ୍ଥବିଶେଷ—
Japaji̅
जपजी
A religious book of the Sikhs.
[ଦ୍ର—ଏହାକୁ ନିତ୍ୟପାଠ କରିବା ଶିଖମାନଙ୍କର ମୁଖ୍ୟ ଧର୍ମକୃତ୍ୟ ବିବେଚିତ ।]

ଜପଟି ଧରିବା—ଦେ. କ୍ରି. (ସଂ. ଗୁପ୍)—ଜାପି ଧରିବା; ଜାବୁଡ଼ି କରି ଧରିବା; ଖୁବ୍ ଜୋରରେ ଜାକି ଧରିବା; ଚିପି
Japaṭi dhariba̅
ଚେପେ... ଧରିବା—To hold tightly or with pressure; to press.
चिपटना

ଜପଟିବା—ଦେ. କ୍ରି. (ସଂ. ଗୁପ)—ଜପଟି ଧରିବା (ଦେଖ)
Japaṭiba̅ ... Japaṭi dhariba̅ (See)

ଜପତ୍—ବିଦେ. (ପ୍ରା...) ବି—ଜପ୍ତ (ଦେଖ)
Japat Japt (See)

ଜପତପ—ଦେ. ବି. (ସଂ. ଜପ ଓ ତପଃ; ସହଚର)—ମନ୍ତ୍ରଜପ ଓ ତପସ୍ୟା—Telling of beads and practising of religious austerities.
Japa tapa
जपतप
जपतप

ଜପନ—ସଂ. ବି. (ଜପ୍ ଧାତୁ+ଭାବ. ଅନ)—୧ । ଜପିବା—
Japana
Muttering of mantras with beads.

୨ । (+କର୍ତ୍ତୃ. ଅନ)—ଜପକାରୀ ବ୍ୟକ୍ତି—
2. Mutterer of mantras.

ଜପମାଳ—ଦେ. ବି. (ସଂ. ଜପମାଲା)—୧ । ଜପମାଳା—
Japa-ma̅ḷa
जपामाला
जपमाला
1. A string of beads for muttering esoteric formulas.

୨ । (ଲକ୍ଷଣାର୍ଥ) ଜପମାଳା ପରି ସବୁବେଳେ ସ୍ମରଣୀୟ ବିଷୟ ବା ପ୍ରିୟତମ ବସ୍ତୁ ବା ବ୍ୟକ୍ତି—
2. (figurative) A dearly cherished matter, thing or person.

ଜପମାଳ, ଜପାମାଳ, ଜପାମାଳ } ଅନ୍ୟରୂପ

ଜପମାଳା—ସଂ. ବି. (୬ଷ୍ଠୀ ତତ୍; ଜପ+ମାଳା)—ଯେଉଁ ମାଳର ଗୁଟିକା ଗଣନା କରି ଇଷ୍ଟମନ୍ତ୍ରାଦି ଜପ କରାଯାଏ—
Japa ma̅ḷa̅
A rosary for counting the number of repetitions while repeatedly muttering a sacred formula.

କେହି ଅବା ଜପମାଳା ଜପେ ଅବିରତ । ରାଧାନାଥ, ମହାଯାତ୍ରା ।

ଜପଯଜ୍ଞ—ସଂ. ବି. (ରୂପକ କର୍ମଧା ଜପ+ଯଜ୍ଞ)—୧ । ଜପରୂପ ଯଜ୍ଞ; ଜପ—1. Telling of beads considered equivalent to Vedic sacrifice.
Japa jajña

୨ । (ଦ୍ୱନ୍ଦ୍ୱ) ଜପ ଓ ଯଜ୍ଞ—2. Counting of beads and performance of Vedic sacrifices.

ଜପହୋମ—ସଂ. ବି. (ଜପ+ହୋମ, ରୂପକ କର୍ମଧା ଓ ଦ୍ୱନ୍ଦ୍ୱ)—
Japa-homa ଜପଯଜ୍ଞ (ଦେଖ)
Japa-jajña (See)

ଜପା—ସଂ. ବି. ସ୍ତ୍ରୀ. (ଜପ୍ ଧାତୁ+କରଣ ଅ+ସ୍ତ୍ରୀ. ଆ)—
Japa̅ ମନ୍ଦାର ଗଛ ଓ ଫୁଲ; ଜବା—
The red Chinarose and its tree.

जपा ଦେ. ବି—୧ । ଜପ କରିବା—1. To muttering of mantras by counting the beads.
जपना

୨ । ସବୁବେଳେ ଭାବିବା—
2. Constantly thinking over a mattter.

ଦେ. ବିଣ.—୧ । ଜପ କରାଯାଇଥିବା (ମନ୍ତ୍ର)—
1. (holy formula) Counted on the beads.

୨ । ଯାହା ସାହାଯ୍ୟରେ ଜପ କରାଯାଏ (ଯଥା; ଜପା ମାଳା)
2. (rosary) With the help of which a holy formula is recited.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧେ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

ଜପାଇବା—ଦେ. କ୍ରି.—(ଜପିବାର ଣିଜନ୍ତରୂପ)—
Japāibā (The causative form of Japibā).
जपाना ଅନ୍ୟ ଦ୍ୱାରା ଜପ କରାଇବା—
जपाना To cause another person to tell the beads.
(ଜପେଇବା—ଅନ୍ୟରୂପ) ବେଗେ ପ୍ରସ୍ଥକାଳ ହେବାକୁ ମୋ ଶିବ ଶିବମନ୍ତ୍ର ଜପାଇବ । ଭକ୍ତ. ପ୍ରେମସୁଧାନିଧି.

ଜପାଜପି—ଦେ. ବି.—ନାନା ପ୍ରକାରର ମନ୍ତ୍ର ଜପ—
Japā japi Muttering of various incantations.
जपाजपि
जपाजपी

ଜପାମାଳ—ଦେ. ବି.—ଜପମାଳୀ (ଦେଖ)
Japā-māla Japamāḻā (See)

ଜପାମାଳା—ଦେ. ବି.—ଜପମାଳା (ଦେଖ)
Japā-māḻā Japamāḻā (See)
ଜପାମାଳା ରୁ ମୋ ସ୍ୱନବାସ୍ତ୍ର,
ଯେତେବେଳେ ନକ୍ଷତ୍ରକୁ ଅସ୍ତ୍ର । ଜଟସୂର୍ଯ୍ୟ. ସଙ୍ଗୀତ ।

ଜପାମାଳି—ଦେ. ବି.—ଜପମାଳା (ଦେଖ)
Japāmāḻi Japamāḻā (See)

ଜପିତ—ସଂ. ବିଣ. (ଜପ୍ ଧାତୁ+କର୍ମ୍ମ ତ)—ଯାହା ଜପ କରାଯାଇ ଅଛି—
Japita That which has been muttered.

ଜପ୍ତ—ବୈଦେ. ବିଣ. (ଅ. ଜବ୍‌ତ, ଜପ୍‌ତ)—୧ । ଅଟକ ରଖାଯିବା; କ୍ରୋକ କରାଯାଇଥିବା (କୌଣସି ପଦାର୍ଥ)—
Japt
जब्त I. Kept under attachment or seizure; restrained; attached
जपत
୨ । ରାଜା ବା ସରକାରଙ୍କ ଦ୍ୱାରା ଅଧିକୃତ—
2. Taken possession of; seized by the king or Government.
୩ । ବାଜ୍ୟାପ୍ତ—3. Resumed.
୪ । ନିୟମକୁ ଆଣାଗଲ—4. Regulated.
୫ । ଶାସିତ—5. Ruled; controlled; checked.
୬ । ଅପମାନିତ—6. Humbled; dishonoured; crestfallen.
୭ । ପରାଜିତ—7. Vanquished.
୮ । ଦଣ୍ଡିତ—8. Punished; taught a lesson.
୯ । ତାଗିଦ୍ କରାଯାଇଥିବା—9. Warned.
୧୦ । କ୍ରୋକଣ୍ ସମ୍ବନ୍ଧୀୟ—
10. Relating to attachment.
ବି. (ଅ. ଜପ୍ତ)—୧ । କ୍ରୋକ୍—1. Attachment.
୨ । ସମ୍ପତ୍ତିକୁ ଅଟକାଇ ରଖିବା—
2. Taking a property under custody.
୩ । ରାଜା ବା ସରକାରଙ୍କ ଦ୍ୱାରା ଅପରାଧୀର ସମ୍ପତ୍ତି ଅଟକ—
3. Attachment of the property of an offending person by the king or by Government.

ଜପ୍ତମାଫି—ବୈଦେ. ପ୍ରାଦେ. (ସମ୍ବଲପୁର) ବି. (ଫା)—ଲାଖରାଜବାଜ୍ୟାପ୍ତି
Japta-māphi ଜମି—Resumed revenue-free land.

ଜପ୍ତି—ବୈଦେ. ବି. (ଅ. ଜବ୍‌ତୀ)—ଜପ୍ତ (ଦେଖ)
Japti Japt (See)
जब्द
जप्ती

ଜପ୍ତି ଅଫିସର୍—ବୈଦେ. ବି. (ଅ. ଜପ୍‌ତୀ+ଇଂ. ଅଫିସର୍)—
Japti aphisar ବାଜ୍ୟାପ୍ତି ସମ୍ପତ୍ତିର ହିସାବ ରଖିବା ପାଇଁ ନିଯୁକ୍ତ
जबती अफिसर କର୍ମ୍ମଚାରୀ—An officer deputed to
जप्ती अफिसर keep the account of attached properties.

ଜପ୍ୟ—ସଂ. ବିଣ. (ଜପ୍ ଧାତୁ+କର୍ମ୍ମ ଯ)—ଜପଯୋଗ୍ୟ; ଧେୟ—
Japya Fit to be recited or muttered with the help of a rosary.
ସଂ. ବି—ଜପ କରାଯାଇଥିବା ମନ୍ତ୍ର—
Muttered formula (Apte).

ଜବ୍ (ଧାତୁ)—ସଂ—ବେଗରେ ଚଳିବା—
Jab (root) To move swiftly.

ଜବ୍—ପ୍ରାଦେ (ସମ୍ବଲପୁର) ଅ. (ସଂ. ଯାବତ୍; ପ୍ରା. ଯାବଁ, ଜାବ;
Jab ଭୁଲ. ସଂ. ଯଦା; ଯଦି; ଯଦ୍ୟପି)—୧ । ଯେବେ; ଯେଉଁ ସମୟରେ—1. When.
୨ । ଯଦି—2. If

[ଦ୍ର—ଗୋପୀନାଥ ନନ୍ଦେ ଲାବଣ୍ୟବତୀରୁ 'ଜାନ ଜବାପେକ୍ଷୀ ପରଦର୍ପଣ୍ଣଗନେ' ଉଦାହରଣ ଦେଇ ଜବ୍ ଶବ୍ଦର ଓଡ଼ିଆରେ "ଯେବେ" ଅର୍ଥର ବ୍ୟବହାରକୁ ସମର୍ଥନ କରି ଅଛନ୍ତି ଓ ଲାବଣ୍ୟବତୀର ଲୋକନାଥ ଦାସଙ୍କ କୃତ ଟୀକାରେ ଏହି ଅର୍ଥ ସମର୍ଥିତ ହୋଇଅଛି । କିନ୍ତୁ ଓଡ଼ିଆ ଭାଷାରେ ଏହି ଶବ୍ଦର ହିନ୍ଦୀ ଅର୍ଥରେ ବ୍ୟବହାର 'ଜବ୍‌ତକ୍' ଶବ୍ଦ ଛଡ଼ା ପ୍ରଚଳିତ ଥିବାର ଜଣା ଯାଉନାହିଁ । କେବଳ ସମ୍ବଲପୁରରେ ହିନ୍ଦୀ ପ୍ରଭାବରୁ କୌଣସି କୌଣସି ସ୍ଥାନରେ ଏହି ଶବ୍ଦ ଓଡ଼ିଆଙ୍କ ମୁହଁରେ ଶୁଣାଯାଏ] ।
ଦେ. ବି—ଲୁଣରନ୍ଧା ଘାସ କାଟିବା ଅସ୍ତ୍ର (ଗୋପୀନାଥ ନନ୍ଦ)—
An instrument for cutting the grass used as fuel in the manufacture of salt.

ଜବ୍‌ତକ୍—ଦେ. (ସଂ. ଯାବତ୍+ଫା. ତକ୍)—
Jab-tak ଯେତେବେଳ ପର୍ଯ୍ୟନ୍ତ—
यतक्षण Till which time; till when.
जबतक
(ଜବ୍‌ତଲକ୍—ଅନ୍ୟରୂପ)

ଜବ୍‌ଦ ମାରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜାଣିଶୁଣି ଚୁପ୍ ରହିବା—
Jab-da māribā To keep silent about a matter
(ଜବ ମାରିବା—ଅନ୍ୟରୂପ) which one knows.

୧	ଇ	ଉ	ଋ,ଡ଼	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯୁ	ଓଅ	ଘ
୧	ଈ	ଊ	ରୁ	ଲୃ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ୱ	ନ୍

ଜବ—ସଂ. ବି. (ଜୁ ଧାତୁ=ବେଗେ ଗମନବା+ଭାବ. ଅ; କମ୍ବା ଜବ୍ ଧାତୁ+ଭାବ. ଅ)—
Jaba
ବେଗ—Velocity; speed.
ସଂ. ବିଣ. (+କର୍ତ୍ତୃ. ଅ)—ବେଗବାନ୍—
Speedy; swift.

ଜବଖାର—ଦେ. ବି. (ସଂ. ଯବକ୍ଷାର)—ଯବକ୍ଷାର (ଦେଖ)
Jaba-khāra Jabakshāra (See)

ଜବତ୍—ବୈଦେ. ବିଣ. (ଫା. ଜଫ୍ତ୍, ଜବ୍ତ୍=ଅଧିକାର କରଣ; କୋରକ କରିବା)—
Jabat
जवद, जब्द ୧ । ସ୍ୱାଧିକୃତ; ସ୍ୱାଧିକାରରେ ଆନୀତ; କବ୍‌ଜ୍ୟୁକ୍ତ—
जप्त, जब्त 1. Brought under one's control or power.
୨ । ଅଧିକୃତ—2. Occupied
୩ । ପଦଦଳିତ; ପରାଜିତ—
3. Defeated; crushed; subdued.
୪ । ଜପ୍ତ୍ (ଦେଖ)
4. Japt (See)
ବି—୧ । ଆୟତ୍ତକୁ ବା ଅଧିକାରକୁ ଆଣିବା—
1. Taking possession of a thing.
୨ । ଜପ୍ତ୍ (ଦେଖ)
2. Japt (See)

ଜବତ୍ କରିବା—ଦେ. କି—୧ । କୌଣସି ସମ୍ପତ୍ତିକୁ କୋରକ କରିବା—
Jabat karibā 1. To confiscate or attach a property.
जब्द करा
जब्त करना ୨ । କୌଣସି ବ୍ୟକ୍ତିକୁ ଦଣ୍ଡ ଦେଇ ସାଧ କରିବା—
2. To teach a person a lesson; to crush a person.

ଜମୁ ସେ ତାହା ଖାତର ନ କରି ସବଣଙ୍କୁ ଆସେ ଜବତ୍ କଲେ ।
ଗୋଲକଣ୍ଡ ଦାସ. ପିଙ୍ଗଳ ପ୍ରମାଣ ।

ଜବତି—ଦେ. ବିଣ. (ଫା. ଜଫ୍ତି; ଜବ୍ତୀ)—
Jabati ୧ । ଜବତ୍ ସମ୍ବନ୍ଧୀୟ—1. Relating to attachment.
जब्ती
जप्ती, जब्ती (ଯଥା—ଜବତି ପରୱାନା ।)—
୨ । ଜବତ କରାଯାଇଥିବା; ଅଧିକୃତ—
2. Taken possession of.
(ଯଥା—ଜବତି ମାଲ ।)

ଜବନ—ସଂ.ବି. (ଜୁ ଧାତୁ+ଭାବ.ଅନ; ବା. ଜବ୍ ଧାତୁ+ଭାବ.ଅନ)—
Jabana ୧ । ବେଗ—1. Velocity; speed; swiftness.
ସୁମନ୍ତ କହନ୍ତି ଶୁଣ ମନ୍ତ୍ର ବଳକୁ
ଜବନରେ ଚେତ ସ୍ତ୍ରୀ ଦେଖ ବନକୁ । ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୨ । ଗତି—2. Motion.
୩ । (+କର୍ତ୍ତୃ. ଅନ) ବେଗବାନ୍ ଅଶ୍ୱ—
3. Fleet horse.
୪ । ମୃଗବିଶେଷ—4. A species of deer.
୫ । ଯବନ (ପ୍ରକୃତିବାଦ) (ଦେଖ)
5 Jabana (See)
ସଂ. ବିଣ—ବେଗଗାମୀ—Swift; fleet.

ଜବନିକା—ସଂ. ବି. (ଜୁ ଧାତୁ=ଯାଇବା+କରଣ. ଅନ+ସ୍ତ୍ରୀ. ଈ+ସ୍ୱାର୍ଥେ.କ+ଆ)—୧ । ରଙ୍ଗାଳୟର ପରଦା;ତିରସ୍କରିଣୀ;
Jabanikā
(ଯବନିକା—ଅନ୍ୟରୂପ) କନାତ ବାଡ଼—1. Screen; curtain; drop-scene.
୨ । ଯବନ-ସ୍ତ୍ରୀ; ପଠାଣୁଣୀ—2. A Pathan female; a Mahomedan woman.

ଜବନିକାପତନ—ସଂ. ବି—୧ । ରଙ୍ଗମଞ୍ଚରେ ଅଭିନୟ ଶେଷରେ ପରଦା ପଡ଼ିବା—1. The fall of the curtain or dropscene on the stage.
Jabanikā-patana
୨ । (ଅଭିନୟାଦିର) ସମାପ୍ତି—2. Conclusion or finish (as of a play).

ଜବନେ—ଦେ. କ୍ରି. ବିଣ—ବେଗରେ—
Jabane Swiftly.

ପବନେ ଚଳେକ ଜବନେ ଜବନେ ଉଡ଼ିବର ରଙ୍ଗମେଳା ।
ଉପ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜବର୍—ବୈଦେ. ବିଣ. (ଫା. ଜବ୍‌ର୍)—୧ । ବଳିଷ୍ଠ; ଦୃଢ଼—
Jabar 1. Strong.
जबर ୨ । କ୍ଷମତାଶାଳୀ—2. Powerful.
जबर ୩ । ପ୍ରକାଣ୍ଡ—3. Large; stupenduous.
୪ । ଅଧିକ—4. Excessive.
୫ । ଖୁବ୍; ଅତ୍ୟନ୍ତ—5. Much, very.
୬ । ଭାରି; ଗୁରୁ—6. Heavy.
୭ । ଉତ୍କୃଷ୍ଟ—7. Superior.
୮ । ଚମତ୍କାର; ଆଡ଼ମ୍ବରପୂର୍ଣ୍ଣ—
8. Splendid; grand.

ଜବର୍ ଗୁଜବ୍—ବୈଦେ. ବି. (ଫା)—ଭାରି ଖାଣ୍ଟିଆ ଜନରବ—
Jabar gujab Strong rumour.
(ଯଥା—ବଜାରରେ ଜବର୍ ଗୁଜବ୍ ଉଠିଛି ଯେ ବଙ୍ଗୀୟ ବଣିକମାନଙ୍କ ଚିଦମ୍ବର ଫଳ ଅମୁକଙ୍କ ଅଗ୍ରୀଡ଼ିକର ହୋଇଅଛି ।)

ଜବରଜଂଘ—ବୈଦେ. ବିଣ. ପୁଂ. (ଫା)—୧ । ଅସୁନ୍ଦର ଢଙ୍ଗରେ ଲୁଗାପଟା ଦେହରେ ଗୁଡ଼ାଇ ହୋଇଥିବା (ବ୍ୟକ୍ତି)—1. Slovenly dressed.
Jabar-jamgha
जबड़जंग
जबरजंग ୨ । ବଳିଷ୍ଠ ପଦ ଓ ଜଙ୍ଘବିଶିଷ୍ଟ—
(ଜବରଜଙ୍ଘୀ—ସ୍ତ୍ରୀ) 2. Strong-legged; having sinewy legs and thighs.
(ଜବରଜଙ୍ଗ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଲୁଅ' ନ ମିଳିଲେ 'ଲୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଂ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜବରଦସ୍ତ୍—ବୈଦେ. ବଣ. (ଫା. ଜବ୍‌ରଦସ୍ତ୍)—
Jabar-dast ୧ । ବଳବାନ୍; ବଳୁଆ; କ୍ଷମତାଶାଳୀ—
जबरदस्त 1. Powerful; strong.
जबरदस्त ୨ । ଅଟଳ; ଦୃଢ଼—2. Firm.
୩ । ଜୁଲମ୍‌ବାଜ୍—3. Oppressive.
୪ । ବଳପ୍ରୟୋଗକାରୀ—4. Using force
୫ । ଦୁର୍ଦ୍ଦମନୀୟ—5. Invincible.

ଜବରଦସ୍ତି—ବୈଦେ. ବ. (ଫା)—୧ । ଜୁଲୁମ; ପୀଡ଼ନ; ଅତ୍ୟାଚାର—
Jabar-dasti 1. Oppression.
जबरदस्ती ୨ । ଜୋର ବା ବଳପ୍ରୟୋଗ—2. Use of force.
जबरदस्ती ୩ । ବାଧ୍ୟ କରିବା—3. Compulsion.
୪ । ଅନ୍ୟାୟ—4. Injustice.

ଜବରଦାର୍—ବୈଦେ. ବଣ. (ଫା)—ଜବରଦସ୍ତ୍ (ଦେଖ)
Jabar-dār Jabar-dast (See)

ଜବରଦାରୀ—ବୈଦେ. ବ. (ଫା)—ଜବରଦସ୍ତି (ଦେଖ)
Jabar-dāri Jabardasti (See)

ଜବର ଦୁର୍ଦ୍ଦାନ୍ତ—ଦେ. ବଣ. (ଫା ଓ ସ)—ଜବରଦସ୍ତ୍ (ଦେଖ)
Jabar durddānta Jabardast (See)

ଜବରଥଠା ସିହା—ଦେ. ବ—(ଜମିଦାରୀ ଓ ମହାଜନୀ ସିରସ୍ତାରେ)
Jabara-thā siha ଯେଉଁ ହିସାବ ବହି ବା ସିହାରେ ଦୈନିକ ସମସ୍ତ ଅସୁଲ ଚଢ଼ି ଥାଏ ଓ ପ୍ରତ୍ୟେକ ହିସାବର ବିବରଣ ଲେଖାଯାଇ ଥାଏ—A consolidated account-book of daily receipts in zamindari and mohājani business.

ଜବରଜାଇ—ଦେ. ଅ—ଜବରଦାରି (ଦେଖ)
Jabara-jāi Jabaradāri (See)

ଜବରଦାରି—ଦେ. ଅ—ସବାରି ବୋହେଉଥିବାର ଏକପ୍ରକାର ଡାକ—
Jabaradāri A halloo of Palki-bearers.

ଜବରବୁକୁ—ଦେ. ବଣ—୧ । ଖୁବ୍ ହିମତ୍ କଲାବାଲା—
Jabara-buku 1. Daring.
୨ । ସାହସୀ—2. Courageous.

ଜବରାନ୍—ବୈଦେ. କ୍ରି. ବଣ (ଫା. ଜବ୍‌ରନ୍)—ବଳପୂର୍ବକ—
Jabarān Forcibly; by using force.
जब्रान् ବଣ—୧ । ଅତ୍ୟାଚାରୀ—1. Oppressive.
जब्रन ୨ । ଅବୈଧ ବଳପ୍ରୟୋଗକାରୀ—
2. Using unlawful force.

ଜବରାନ୍ କରିବା—ଦେ. କ୍ରି—୧ । ବଳପ୍ରୟୋଗ କରିବା —
Jabarān kariba 1. To use force.
୨ । କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କରିବା —
2. To force one to do a thing,
୩ । ଅତ୍ୟାଚାର କରିବା —3. To oppress.

ଜବରାନି (ଇତ୍ୟାଦି)— ବୈଦେ. କ୍ରି. ବଣ. (ଫା. ଜବ୍‌ରନ୍)—
Jabarāni (etc) ଜବରାନ୍ ଇତ୍ୟାଦି (ଦେଖ)
Jabarān etc. (See)
ବ—ଜବରଦସ୍ତି (ଦେଖ)
Jabar-dasti (See)

ଜବରାନି ଚୋରି—ବୈଦେ. ବ. (ଫା ଓ ସ) (କଟକିଆ ଭାଷା)—
Jabarāni chori ୧ । ବଳପ୍ରୟୋଗପୂର୍ବକ କରାଯିବା ଚୋରି—
1. Robbery.
୨ । (ବହୁ ଲୋକଙ୍କ ଦ୍ୱାରା) ଡକାଏତି—
2. Dacoity.

ଜବସ—ସ. ବ. (ଜୁ ଧାତୁ=ଶୀଘ୍ର ଜନ୍ମିବା+କର୍ତ୍ତୃ. ଅସ)
Jabasa ଘାସ; ତୃଣ—Grass.

ଜବା—ସ. ବ. (ଜପ୍ ଧାତୁ+କରଣ. ଅ+ସ୍ତ୍ରୀ. ଆ)—
Jabā ନାଲି ଓ ଧଳା ମନ୍ଦାର ଫୁଲ—
The (red and white) China rose; Hibicus Rosa Sinensis.
ବୈଦେ. ବି. (ଫା. ଜୁବ୍‌ବା; ଅ. ଜବହ୍=ଗଳା କାଟିବା)—
जुबा ୧ । ଜନ୍ତୁର ବେକ କାଟିବା ସମୟରେ ମୁସଲମାନ୍‌ମାନଙ୍କର
जबह ପଢ଼ିବା ମନ୍ତ୍ର—1. The Quaoranic text
(ଜବା—ଅନ୍ୟରୂପ) muttered while cutting the throat of animals by the Mahomedans.
୨ । କୌଣସି ଜନ୍ତୁର ଗଳା କାଟି ପ୍ରାଣ ନେବା—
2. Killing an animal by cutting the throat.

ଜବାଇ—ବୈଦେ. ବ. (ଅ. ଜବହ୍; ଜବାହା)—
Jabāi ମୁସଲମାନ୍‌ମାନଙ୍କ ଦ୍ୱାରା କୋରାନର ନିର୍ଦ୍ଦିଷ୍ଟ ମନ୍ତ୍ର ପାଠ-
जबाई ପୂର୍ବକ ଈଶ୍ୱରଙ୍କ ନାମ ଉଚ୍ଚାରଣ କରୁ କରୁ ପଶୁପକ୍ଷୀ
जबह ଆଦିଙ୍କର କଣ୍ଠଚ୍ଛେଦନ; କୋରାନ୍ ମତେ ପଶୁଚ୍ଛେଦନ; ହଲାଲ୍; ହଲାଲ୍—Cutting the throat of animals by Mahomedans while uttering a certain Quoranic text.

ଜବାଇ କରିବା—ଦେ. କ୍ରି. (ଅ. ଜବହ୍)—
Jabāi kariba ୧ । ହଲାଲ୍ କରିବା—1. To cut the
जबाईकरा throat of an animal as an offer-
जबह करना ing to God (by Mahomedans).
୨ । ହତ୍ୟା କରିବା—2. To kill.

ଜବାଧିକ—ସ. ବ. (ଅଶ୍ୱ ଭେଦ; ଜବ+ଅଧିକ)—
Jabādhika ବେଗବାନ୍ ଘୋଡ଼ା—A steed; a swift horse.
ସ. ବଣ. (ବହୁବ୍ରୀହି)—ଅତିଶୀଘ୍ର; ବେଗବାନ୍—
Swift; fleet.

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଂସ୍	ଭିଂଅ	ଢ
୨	ଈ	ଊ	ଋ	ଲୃ	ଯ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ଡ଼

ଜବାନ୍—ବୈଦେ. ବି. (ଫା)—୧ । ଜିହ୍ୱା; ଜିଭ—
Jabān 1. The tongue.
जबान् ୨ । ଭାଷା; ବୋଲି—2. Language.
जबान ୩ । ବାକ୍ୟ; ଉକ୍ତି—3. Word; speech.
୪ । ପ୍ରତିଜ୍ଞା; ପ୍ରତିଶ୍ରୁତି—4. Promise.
୫ । ବୀର ପୁରୁଷ—5. Hero.
୬ । ମନୁଷ୍ୟ; ପୁରୁଷ—6. Man, male.
ବୈଦେ. ବଣ. (ଫା; ମୂଳ. ସଂ. ଯୌବନ; ପ୍ରା. ଜୋବ୍ୱାନ)—
୧ । ଯୁବକ—1. Young.
୨ । ବଳିଷ୍ଠ—2. Strong.
୩ । ବୀର—3. Heroic; valiant.

ଜବାନ୍ ଦରାଜ୍—ବୈଦେ. ବଣ. (ଫା)—୧ । ଯେ ଧୃଷ୍ଟତାପୂର୍ବକ
Jabān darāj ଅନୁଚିତ କଥା କହେ; ମୁହଁବାଇଙ୍ଗି କରିବା
जबानदराज ଲୋକ—1. Bragging; boastful.
जबानदराज ୨ । ଧୃଷ୍ଟ; ଅବିନୀତ—2. Impudent.
(ଜବାନଦରାଜ—ବି)

ଜବାନ୍ ଦେବା—ଦେ. କ୍ରି. (ଫା. ଜବାନ୍)—
Jabān debā ନିଶ୍ଚିତ କଥା କହିବା; ସ୍ଥିର ଜବାବ ଦେବା;
जबान देओया ମୌଖିକ ଅଙ୍ଗୀକାର କରିବା—To give one's
जबान देना word; to make an oral promise.

ଜବାନ୍‌ବନ୍ଦି—ବୈଦେ. ବି. (ଫା. ଜବାନ୍‌ବନ୍ଦୀ)—୧ । କୌଣସି
Jabān-bandi ଅଦାଲତ ବା ହାକମଙ୍କ ଦ୍ୱାରା ଲିପିବଦ୍ଧ ପକ୍ଷର ବା
ସାକ୍ଷୀର ଇଜହାର; ଲିପିବଦ୍ଧ ସାକ୍ଷ୍ୟ; ଲିପିବଦ୍ଧ ସାକ୍ଷୀର
ଉକ୍ତି—1. Deposition or oral evidence
given before a court or officer and
recorded by him; written deposition.
୨ । ସାକ୍ଷୀ ବା ପକ୍ଷର କଥିତ ପ୍ରମାଣ—
2. Oral evidence.

ଜବାନବନ୍ଦି କରିବା—ଦେ. କ୍ରି—ସାକ୍ଷ୍ୟ ଦେବା—
Jabān-bandi karibā To give one's evidence; to
जबानबन्दी करा depose.
इजहार देना
(ଜବାନ୍‌ବନ୍ଦି ଦେବା—ଅନ୍ୟରୂପ)

ଜବାନବନ୍ଦି ଗ୍ରହଣ କରିବା—ଦେ. କ୍ରି—ସାକ୍ଷୀ ବା ପକ୍ଷର ଇଜହାର
Jabān-bandi grahaṇa karibā ଲିପିବଦ୍ଧ କରିବା—
जबानबन्दी ग्रहणकरा To take down the deposition of
जबानबन्दी लेना a witness.
(ଜବାନ୍ ବନ୍ଦି ନେବା—ଅନ୍ୟରୂପ)

ଜବାନି—ବୈଦେ. ବି. (ଫା. ଜବାନ୍)—୧ । ଉକ୍ତି; କଥା—
Jabāni 1. Word of mouth; speech.
जबान ୨ । କଥିତ ଭାଷା—2. Language.
जबान ୩ । ମୌଖିକ ସାକ୍ଷ୍ୟ—3. Oral evidence.
୪ । ମୌଖିକ ବର୍ଣ୍ଣନା—4. Oral description.
୫ । ଯୁବାକାଳ—5. Youth; time of youth.
जबानि ବଣ. (ଫା. ଜବାନୀ)—୧ । ମୌଖିକ—1. Oral.
जबानी ୨ । କଥିତ—2. Spoken; uttered.
କ୍ରି. ବଣ—୧ । ମୌଖିକରୂପେ—
1. Orally; in words of mouth.
୨ । ଅନ୍ୟ ବ୍ୟକ୍ତିର ମୁଖରୁ ଶୁଣି—
2. From word of mouth.

ଜବାବ୍—ବୈଦେ. ବି. (ଆ)—୧ । ବାକ୍ୟ—1. Word; speech.
Jabāb ୨ । ଉତ୍ତର—2. Reply; response; answer.
जबाब ୩ । ପ୍ରତ୍ୟୁତ୍ତର—3. Rejoinder.
जबाब ୪ । ଭୃତ୍ୟାଦିଙ୍କର ପ୍ରଭୁଙ୍କୁ ଅବିନୟ-ସୂଚକ ଉତ୍ତର—
4. Insubordinate reply given to a master or superior.
୫ । ପତ୍ରର ଉତ୍ତର—5. Reply to a letter.
୬ । ମକଦ୍ଦମାରେ ପ୍ରତିବାଦୀ ବା ମୁଦାଲ୍ଲା ଦାଖଲ କରିବା ଉତ୍ତର ବା ବର୍ଣ୍ଣନାପତ୍ର—6. Written statement filed by a defendant or accused in a court.
[ଦ୍ରି—ପୂର୍ବେ ଅମ ଦେଶରେ ମୁସଲମାନ୍ ରାଜତ୍ୱ ସମୟରେ ଯେଉଁ ମକଦ୍ଦମାମାନ କଚେରୀରେ ହେଉଥିଲା ସେଥିରେ ବାଦୀ ଓ ପ୍ରତିବାଦୀଙ୍କ ପକ୍ଷରୁ ଏକାଧିକ ଜବାବ୍ ଦାଖଲ ହେଉଥିଲା । ପ୍ରତିବାଦୀର ପ୍ରଥମ ବର୍ଣ୍ଣନାପତ୍ର=ଜବାବ୍—Reply to the plaint; ଦ୍ୱିତୀୟ ଜବାବ୍=ଉଦ୍‌ଜବାବ୍—Counter-reply, ତୃତୀୟ ଜବାବ୍=ଜଦ୍‌ଜବାବ୍—Rejoinder. ଶେଷ ଜବାବ୍=ଦ୍ୱଦ୍‌ଜବାବ୍—Final rejoinder, last word of the defendent]
୭ । ଶେଷ ଉତ୍ତର—7. Final reply.
୮ । କୈଫିୟତ୍—
8. Explanation called for officially.
୯ । ଅଙ୍ଗୀକାର—9. Promise.
୧୦ । ଚାକରକୁ ଚାକିରିରୁ ଶେଷ ବିଦାୟ ଦେବା—
10. Discharge or dismissal of a servant from service.
ସନ୍ଧବେଳେ ଭେଟ ପାଇବାରୁ ତାକୁ ବାବୁବାରୁ ଜବାବ୍ ଦେଲେ ।
ଫକୀରମୋହନ.-ଗଳ୍ପସ୍ୱଳ୍ପ ।
୧୧ । ଚାକିରିରୁ ଇସ୍ତଫା ଦେବା—
11. Resignation from service.
୧୨ । ମେଳ; ଏକବସ୍ତୁ ସଙ୍ଗେ ଯୋଡ଼ ଖାଇବାପାଇଁ ପ୍ରସ୍ତୁତ ଅନ୍ୟ ବସ୍ତୁ—12. Counterfoil; counterpart; a thing made in order to tally with or fit into another thing.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜବାବ୍ କରିବା—ଦେ. କ୍ରି—୧। ପ୍ରତିବଚନ କହିବା—
Jabāb karibā — 1. To respond.
ଜবাব করা — ୨। ଅଙ୍ଗୀକାର କରିବା—2. To promise.
जबाब करना — ୩। ସମୟର ସୀମା ନିର୍ଦ୍ଧାରଣ କରିବା—
3. To fix a time-limit.
୪। ଚୁକ୍ତି କରିବା—4. To contract; to undertake to do a thing.

ଜବାବ୍‌ଦାର୍—ପ୍ରାଦେ. ବୈଦେ. (ସମ୍ବଲପୁର) ବିଣ—ଦାୟୀ—Responsible.
Jabāb-dār — ବି—ଦାୟିତ୍ୱ—Responsibility.

ଜବାବ୍‌ଦେଇ—ବୈଦେ. ବି. (ଫା. ଜବାବ୍ ଦେହ୍)—
Jabāb-dei — ଜବାବ୍‌ଦେହି (ଦେଖ) Jabāb-dehi (See)

ଜବାବ୍ ଦେବା—ଦେ. କ୍ରି—୧। ଶବ୍ଦ କରିବା—
Jabāb debā — 1. To make or produce a sound.
জবাব দেওয়া — ୨। ଉତ୍ତର ଦେବା—
जबाब देना — 2. To respond; to give a reply.
୩। ଭୃତ୍ୟକୁ ବରଖାସ୍ତ କରିବା—
3. To dismiss a servant.
୪। ପ୍ରଭୁ ବା ଗୁରୁଜନମାନଙ୍କୁ ଅବଜ୍ଞାସୂଚକ ଉତ୍ତର ଦେବା; ଫେଁସିବା—4. To give insubordinate answers to a superior.
୫। ଚାକିରିରୁ ଇସ୍ତଫା ଦେବା—
5. To resign a post or service.
୬। ମକଦମାରେ (ପ୍ରତିବାଦୀ ବା ମୁଦାଲା) ନିଜର ବକ୍ତବ୍ୟ ବା ଉତ୍ତର ଦାଖଲ କରିବା—6. To file a written statement in a case.

ଜବାବ୍‌ଦେହି—ବୈଦେ. ବି. (ଫା. ଜବାବଦେହ୍ =ଉତ୍ତରଦାୟକ; Jabāb-dehi ଜବାବ୍‌ଦେହି=ଉତ୍ତରଦାୟିତ୍ୱ)—୧। ଦାୟିତ୍ୱ—
জবাবদিহি — 1. Responsibility; liability
जबाबदेही — ୨। କୈଫିୟତ୍—2 Explanation.
জবাবদিহ — ବିଣ.—୧। ଗୁରୁତର; ଦାୟିତ୍ୱପୂର୍ଣ୍ଣ—
जबाबदेह — 1. Full of responsibility; grave.
୨। ଯାହା ଉପରେ ଦାୟିତ୍ୱ ଥାଏ—2. Responsible.
୩। କୈଫିୟତ୍ ଦେବାର ଉପଯୁକ୍ତ—3. Requiring explanation; fit to be explained.

ଜବାବ୍‌ଭ୍ରଷ୍ଟ—ଦେ. ବିଣ. (ଫା. ଜବାବ୍ ଓ ସ. ଭ୍ରଷ୍ଟ)—ଯେ ଆପଣାର Jabāb-bhrashta ଜବାବ ବା ପ୍ରତିଜ୍ଞା ରକ୍ଷା ନ କରେ—
(ଜବାବଭ୍ରଷ୍ଟା—ଅନ୍ୟରୂପ) False to one's promise or words.

ଜବାବ୍ ସୁଆଲ୍—ବୈଦେ. ବି. (ଫା. ଜବାବ୍ ଓ ସୱାଲ୍)—୧। ସୱାଲ୍
Jabāb suāl — ଜବାବ; ଉତ୍ତର ପ୍ରତ୍ୟୁତ୍ତର; ପ୍ରଶ୍ନୋତ୍ତର—
জবাবসবাল — 1. Question and answer.
जबाब सवाल — ୨। ମକଦମାର ପ୍ରମାଣ ଗୃହୀତ ହେବା ପରେ ଉଭୟ ପକ୍ଷର ଓକିଲଙ୍କର କୋର୍ଟ ଆଗରେ ବାଦାନୁବାଦ; ବାଦଜ୍ଞା—
2. Argument by pleaders after close of the evidence of both parties in a case.
୩। ବାଦପ୍ରତିବାଦ—3. Argument and counter-argument.

ଜବାବି କାରଡ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଏହି ଶବ୍ଦ ଏହି Jabābi kārard ଅର୍ଥରେ)—ଯେଉଁ ପୋଷ୍ଟକାର୍ଡ ସଙ୍ଗେ ପଠା ଯାଇଥିବା ବ୍ୟକ୍ତିର ଉତ୍ତର ଦେବା ପାଇଁ ଆଉ ଗୋଟିଏ କାର୍ଡ ଲାଗି ଥାଏ—Reply-card.

ଜବାବି ତାର—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଏହି ଶବ୍ଦ ଏହି Jabābi tār ଅର୍ଥରେ)—ଯେଉଁ ଟେଲିଗ୍ରାମ୍‌ରେ ଉତ୍ତର ପାଇଁ ପ୍ରେରକ ଖରଚ ଦାଖଲ କରିଥାଏ—Reply-paid telegram.

ଜବାରୁ—ବୈଦେ. ବି. (ଫା. ଅ. ଜବାରୁ=ନିକଟବର୍ତ୍ତୀ ପ୍ରଦେଶ)—
Jabār — ସିତାର ଯନ୍ତ୍ରର ଲାଉର ପେଟପାଖ ଉପରେ ଥିବା ପୀଢ଼ା ବା
জবারী — ଘୋଡ଼ିକା ଉପରେ ତାରକୁ କୌଶଳରେ ବସାଇବା—
जबारी — Mode of regulating the contact of the string of a guitar with the central support.
[ଦ୍ର—ଏପରି ବସାଇବା ଦ୍ୱାରା ଉକ୍ତ ତାର ସେ ଘୋଡ଼ିକାର ଦେହରେ ନାମ ମାତ୍ର ଲାଗିଥାଏ। ସିତାରରେ ଜବାରୁ ନ ହେଲେ ସେ ତାରରୁ ମଧୁର ସ୍ୱର ଶୁଣା ଯାଏ ନାହିଁ।]

ଜବାହାରି—ବୈଦେ. ବି. (ଅ. ଜହର; ଜଉହର; ଫା. ଗଉହର; ଭୁଲ. Jabāhāri ସ. ଗହ୍ୱର)—ଜହରାତ୍ (ଦେଖ) Jaharāt (See)

ଜବାହିର୍—ବୈଦେ. ବି. (ଅ. ଜହର; ଜଉହର; ଫା. ଗଉହର; ଭୁଲ. Jabāhir ସ. ଗହ୍ୱର)—ଜହରାତ୍ (ଦେଖ) Jaharāt (See)

ଜବୀ—ସ. ବିଣ. ପୁଂ (ଜବ ଧାତୁ+ଇନ୍; ୧ମା. ୧ବ.)—ବେଗବାନ୍;
Jabī — ଦ୍ରୁତଗାମୀ—Swift.
(ଜବିନୀ—ସ୍ତ୍ରୀ) ବି.—୧। ଘୋଡ଼ା—1. Horse.
୨। ଓଟ—2 Camel.

ଜବେ—ଦେ. କ୍ରି. ବିଣ—(ସ. ଜବ=ବେଗ)—ବେଗରେ; ଶୀଘ୍ର—
Jabe — Quickly.
ଏଥୁ ଅନ୍ତେ ଜବେ ପବନ ପର ଜବେ। କୃଷ୍ଣସିଂହ. ମହାଭାରତ. ବନ।
ବୈଦେ. ବି. (ଅ)—ଜବାଇ (ଦେଖ)
(ଜବ୍ବେ—ଅନ୍ୟରୂପ) Jabāi (See)

ଜବେଇ—ବୈଦେ. ବି. (ଅ. ଜବହ୍; ଜୱାହା)—ଜବାଇ (ଦେଖ)
Jabei — Jabāi (See)

ଜବେ କରିବା—ଦେ. କ୍ରି.—ଜବାଇ କରିବା (ଦେଖ)
Jabe karibā — Jabāi karibā (See)
(ଜବ୍ବେ କରିବା—ଅନ୍ୟରୂପ)

୯	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ୍	ଉଅ	ଉ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍

ଜବ୍ତ—ବୈଦେ. ବଣ. ଓ ବ. (ଫା)—ଜବତ୍ (ଦେଖ)
Jabt — Jabat (See)

ଜବ୍ତି—ବୈଦେ. ବଣ. (ଫା)—ଜବତି (ଦେଖ)
Jabti — Jabati (See)

ଜବ୍ଦ (ଇତ୍ୟାଦି)—ବୈଦେ. ବଣ. ଓ ବ (ଫା)—ଜବତ୍ ଇତ୍ୟାଦି (ଦେଖ)
Jabda (etc) — Jabat etc (See)

ଜବ୍ଦ ହେବା—ଦେ. କ୍ରି.—୧। ପରାଜିତ ହେବା—
Jabda hebā — 1. To be vanquished.
জব্দ হওয়া — ୨। ଦଣ୍ଡ ପାଇ ଶିକ୍ଷା ଲାଭ କରିବା—
जब्त होना — 2. To be taught a lesson.
୩। (ସମ୍ପତ୍ତି) କୋକ ହେବା—
3. (property) To be attached.
୪। ଶାସିତ ହେବା; ଅଧୀନ ହେବା—4. To be restrained or checked; to be brought under control.
୫। ଗିରଫଦାର ହୋଇଯିବା—5. To be arrested.
୬। ପୁଲିସଙ୍କ ଦ୍ୱାରା ଅଟକ ରଖାଯିବା—
6. To be detained by the police.

ଜମ୍ (ଧାତୁ)—ସଂ.—୧। ଭକ୍ଷଣ କରିବା—
Jam (root) — 1. To eat; to devour.
୨। ମୈଥୁନ କରିବା—2. To cohabit.

ଜମ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି.—୧। ବଞ୍ଚିବା—
Jamkibā — 1. To live.
୨। ଜମିବା—2. To be gathered up; to conglomerate.
୩। ପୂର୍ବାପେକ୍ଷା ଧନୀ ବା ଵିଭବଶାଳୀ ହେବା—
3. To become richer or more affluent than before.

ଜମ୍ ଧରିବା—ଦେ.କ୍ରି. (ଇଂ.ଜାମ୍=ଦୁଇ ପଦାର୍ଥ ଚିପି ହୋଇ ଲାଗିଯିବା)-
Jam dharibā. ଜଙ୍ଗ ବା କଳଙ୍କି ଲାଗି ଦୁଇଟି ପଦାର୍ଥ ଦୃଢ଼ଭାବରେ
জাম খাওয়া — ପରସ୍ପର ସହିତ ସଂଲଗ୍ନ ହୋଇଯିବା—
जाम खाना — (two things) To be jammed together.
(ଜମ୍ ଖାଇବା—ଅନ୍ୟରୂପ) on account of rust.

ଜମ୍‌ରୁଖ୍—ପ୍ରାଦେ. (ସମ୍ବଲପୁର) ବ. (ମୂଳ. ହି. ଜମରୁଦ୍)—
Jamrukh — ପିଜୁଳି—Guava.

ଜମଉଟ (ଇତ୍ୟାଦି)—ଦେ. ବ—ଜମାଉଟ ଇତ୍ୟାଦି (ଦେଖ)
Jamauta (etc) — Jamāuta etc. (See)

ଜମକ—ଦେ. ବ (ସ. ଯମକ)—
Jamaka — ୧। ପଦ୍ୟରେ ଆଦ୍ୟ ବା ପ୍ରାନ୍ତ ବା ମଧ୍ୟସ୍ଥ ଅକ୍ଷରମାନଙ୍କ
জমক — ମେଳ—1. Alliteration in poetry
जमक
୨। (ଫ. ଚମକ୍ରାର) ଜାକ୍‌ଜମକ୍; ଘନଘଟା; ଆଡ଼ମ୍ବର—
2. Pomp; show; parade;
୩। ଔଜ୍ଜ୍ୱଲ୍ୟ; ଶୁକଚକ୍ୟ—
3. Splendour; brightness; sheen.
୪। ଶ୍ରୀବୃଦ୍ଧି—4. Prosperity; affluence.
୫। ଯାତ୍ରାଦିରେ ବହୁ ଦର୍ଶକ ଉତ୍ସାହିତ ହୋଇ ସମବେତ ହେବା ବା ରୁଣ୍ଡ ହେବା; ଭିଡ଼—
5. Many people collecting to see a dance or show; crowd.
୬। ଯାତ୍ରାଦିର ଯେଉଁ ଅବସ୍ଥାରେ ବହୁ ଲୋକ ଯାତ୍ରା ଦେଖିବା ପାଇଁ ଆକୃଷ୍ଟ ହୋଇ ରୁଣ୍ଡ ହୁଅନ୍ତି—
6. That stage of a show or dance when it is at its height and when people crowd in large numbers being attracted by it; height of a show or display.
୭। ଦଳ; ଗୋଷ୍ଠୀ—7. Crowd; party.
୮। ଏକତା—8. Unity.
୯। ସମବେତ ହେବା ଅବସ୍ଥା—
9. State of being gathered together.
ବଣ—୧। ଗହଳିଆ—1. Crowded.
୨। ଆଡ଼ମ୍ବରପୂର୍ଣ୍ଣ—
2. Full of splendour or show.
୩। ବହୁଲୋକଙ୍କୁ ଏକ ସ୍ଥାନକୁ ଆକର୍ଷଣ କରିବାର ଉପଯୁକ୍ତ-
3. Fit for attracting a big crowd to see it.

ଜମକ ଉଠାଇବା—ଦେ. କ୍ରି—ଜମକ ଜମାଇବା (ଦେଖ)
Jamaka uṭhāibā — Jamaka jamāibā (See)
(ଜମକ ଉଠେଇବା-ଅନ୍ୟରୂପ)

ଜମକ ଉଠିବା—ଦେ. କ୍ରି—ଯାତ୍ରାଦିରେ ବହୁ ଲୋକଙ୍କୁ ଆକର୍ଷଣ କରି
Jamaka uṭhibā — ରୁଣ୍ଡ କରାଇବାର ଅବସ୍ଥା—
জমক উঠা — Being at its height (said of a
जमक उठना — show, performance or parade when the biggest possible crowd is gathered to see it).
(ଯଥା—ଆଜ ସଭାରେ ରାମନବମୀ ଯାତ୍ରାରେ ବାଲୀସୁଗ୍ରୀବ ବାହାରିଲେ ଖୁବ ଜମକ ଉଠିବ ।)

ଜମକ ଜମାଇବା—ଦେ. କ୍ରି—କୌଣସି ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟ ବା ବସ୍ତୁ
Jamaka jamāibā — ଦେଖାଇ ବହୁଲୋକଙ୍କୁ ଆକର୍ଷଣ କରିବା—
জমক জমান — To attract a big crowd to a place by
जमक जमाना — a pompous show display or
(ଜମକ ଜମେଇବା—ଅନ୍ୟରୂପ) parade; to parade a showy thing

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଅଗ ୧ ପଙ୍କ୍ତି ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତି ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତି କୌଣସି ବ ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଧନଅଁ ଜମକ ଜମେଇଲ
କାଇଁକି ନାକରେ ସାଉଁଳି ଗୁଣା, ମାଦଳ ପକେଇଲ—ଗୀତ ।

ଜମକ ଜମିବା—ଦେ. କ୍ରି—ଜମକ ଉଠିବା (ଦେଖ)
Jamaka jamibā Jamaka uṭhibā (See)

ଜମକା(କେ)ଇବା—ଦେ. କ୍ରି—ଆଡ଼ମ୍ବର ଦେଖାଇବା—
Jamakā(e)ibā To make a show; to parade.

ଜମକ ଉଠିବା—ଦେ. କ୍ରି—ଆଡ଼ମ୍ବର ବା କୋଳାହଳପୂର୍ଣ୍ଣ ହେବା—
Jamaki uṭhibā To become full of grandeur and crowded.

ବପଦ ପଡ଼ିଲେ ତାଙ୍କର ଅଧିକ ଓକିଲଙ୍କ ଦୁଆର ପର ଠାକୁରାଣୀଙ୍କ ଅସ୍ଥାନ
ଜମକ ଉଠେ । ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଜମଜ—ସଂ. ବି—ଯମଜ (ଦେଖ)
Jamaja Jamaja (See)

ଜମଜମାଣି—ପ୍ରାଦେ. (ଗଞ୍ଜାମ) ବି. (କଉଡ଼ି ହାତରେ ଧରି ପକାଇବା
Jama-jamāṇi ସମୟରେ ଜମ୍ ଜମ୍ ଶବ୍ଦ ହେବାରୁ)—
୧ । ଏକ ପ୍ରକାର କଉଡ଼ିଖେଳ—
1. A kind of indoor game with small sea-shells.
୨ । ଏକ ପ୍ରକାର ଦେଶୀ ଖେଳ—
2. A kind of outdoor country-game.

ଜମଝାଳ—ଦେ.ବି—ବିଶେଷ ପରିଶ୍ରମ ବା ହଠାତ୍ ଉପସ୍ଥିତ ଭୟ ଯୋଗୁଁ
Jama-jhāḷa ସମସ୍ତ ଶରୀରରୁ ବହୁବା ଝାଳ; ଆପାଦମସ୍ତକ ବୋହି ଯିବା ଝାଳ—Profuse sweating over the whole body due to excessive exertion or fear.

ଜମଦଗ୍ନି—ସଂ. ବି. (ନାମ)—(ଜମ ଧାତୁ + ଶତୃ = ଜମତ୍ = ଭକ୍ଷଣକାରୀ
Jamadagni + ଅଗ୍ନି; ଯେ ଅଗ୍ନି ପରି ତ୍ୟାଗୀ ଅର୍ଥାତ୍ ଅଗ୍ନିଭକ୍ଷୀ ଥିଲେ)—ପରଶୁରାମଙ୍କ ପିତା; ଋଷିବିଶେଷ—
Name of a sage, father of Paraśurāma.

ଜମଦଗ୍ନି ବୋଇଲେ ଅଗ୍ନି ପରି ମୁହିଁ
ହେବାରୁ ଜମଦଗ୍ନି ନାମ ଅଛି ବହି । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

[ଦ୍ର—ଏ ଭୃଗୁଋଷିଙ୍କ ବଂଶଧର । ଏହାଙ୍କର ପିତାଙ୍କ ନାମ ଋଚୀକ ଓ ମାତାଙ୍କ ନାମ ସତ୍ୟବତୀ । ଏହାଙ୍କ ଭାର୍ଯ୍ୟାଙ୍କ ନାମ ରେଣୁକା । ରେଣୁକାଙ୍କ ଗର୍ଭରେ ଏହାଙ୍କର ପାଞ୍ଚ ଗୋଟି ପୁତ୍ର ଜନ୍ମିଥିଲେ; ସେମାନଙ୍କ ମଧ୍ୟରେ ପରଶୁରାମ କନିଷ୍ଠ । ଜମଦଗ୍ନି ସମସ୍ତ ବେଦରେ ପାରଙ୍ଗମ ଥିଲେ । ଥରେ ରେଣୁକା ସ୍ନାନକୁ ଯାଇ ସେଠାରେ ଗୋଟିଏ ଗନ୍ଧର୍ବଦମ୍ପତିଙ୍କୁ ଦେଖିବାରୁ ତାଙ୍କ ମନ କାମାସକ୍ତ ହେଲା ଓ ସେଥିଯୋଗୁଁ ରେଣୁକାଙ୍କର ପ୍ରଭା ମଳିନ ହେବାରୁ ଜମଦଗ୍ନି ତପୋବଳରେ ସ୍ତ୍ରୀଙ୍କର ଏହି ପାପଚିନ୍ତା ଜାଣିପାରି ତାଙ୍କୁ ହାଣି ପକାଇବାକୁ ପୁତ୍ରମାନଙ୍କୁ ଆଦେଶ ଦେଲେ । ଅନ୍ୟ ଚାରିଗୋଟି ପୁତ୍ର ଏହା କରିବାକୁ କୁଣ୍ଠିତ ହେବାରୁ ପରଶୁରାମ ପିତାଜ୍ଞା ପାଳନ କଲେ । ଏଥିରେ ଜମଦଗ୍ନି ପରଶୁରାମଙ୍କ ପ୍ରତି ସନ୍ତୁଷ୍ଟ ହୋଇ ବର ମାଗିବାକୁ କହିବାରୁ ପରଶୁରାମ ସ୍ୱୀୟ ଜନନୀଙ୍କ ପୁନରୁଜ୍ଜୀବନ ପ୍ରାର୍ଥନା କଲେ ଓ ତଦନୁସାରେ ରେଣୁକା ପୁନର୍ଜୀବିତା ହେଲେ । ହୈହୟ ରାଜା କାର୍ତ୍ତବୀର୍ଯ୍ୟ ଏହାଙ୍କ ଆଶ୍ରମକୁ ଯାଇ ଏହାଙ୍କ କାମଧେନୁକୁ ହରଣ କରିବାରୁ ଜମଦଗ୍ନି କାର୍ତ୍ତବୀର୍ଯ୍ୟଙ୍କର ସହସ୍ର ହସ୍ତ ଛେଦନ କଲେ । କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର ଏ ସମ୍ବାଦ ପାଇଁ ଜମଦଗ୍ନିଙ୍କ ଆଶ୍ରମକୁ ଯାଇ ଜମଦଗ୍ନିଙ୍କୁ ହତ୍ୟା କଲେ ।]

ଜମଦାଢ଼—ଦେ. ବି—ଯମଦାଢ଼ (ଦେଖ)
Jamadāṛdha Jamadāṛdha (See)

ଜମନ—ସଂ. ବି. (ଜମ ଧାତୁ + ଭାବ. ଅନ)—୧ । ଭକ୍ଷଣ—
Jamana 1. Eating
୨ । ମୈଥୁନ (ହି. ଶବ୍ଦସାଗର)—
2 Coition; sexual intercourse.

ଜମରିଳ—ପ୍ରାଦେ. (ଗଞ୍ଜାମ) ବି—ଜମଝାଳ (ଦେଖ)
Jamariḷa Jamajhāḷa (See)

ଜମା—ବୈଦେ ବି. (ଆ. ଜମା = ସଂହତ; ଏକତ୍ରୀକୃତ)—
Jamā ୧ । ସଂହତି; ସମଷ୍ଟି—1. Collection.
জমা ୨ । ଏକତ୍ରୀକୃତ ବସ୍ତୁ; ସ୍ତୂପ—
जमा 2. Heap; accumulation.
(ଜମ୍ମା—ଅନ୍ୟରୂପ) ୩ । ପୁଞ୍ଜି; ସ୍ତୂପୀକୃତ ବା ସଞ୍ଚିତ ଧନ—
3. Hoard of riches.
୪ । ପାଣ୍ଠି; ମୂଳଧନ—4. Capital of a business.
୫ । ମୋଟ ପ୍ରାପ୍ତି; ଆୟ—5. Total income; gross raceipt.

ଜମା ଅନୁସାରେ ବ୍ୟୟ ଲାଗି ଦାୟୀ
ହେବ, ଏହା ତଳେ ମନେ କଲ ନାହିଁ—ରାଧାନାଥ. ଦରବାର ।

୬ । ଅନ୍ୟ ଲୋକ ନିକଟରେ ଧନାଦିର ନ୍ୟାସ ବା ଉପାର୍ଜନ—
6. Deposit of money.
୭ । ଜମିର ବାର୍ଷିକ ଖଜଣା ବା ରାଜସ୍ୱ—
7. Annual rent or revenue of a property.
୮ । ଆୟ; ପ୍ରାପ୍ତ ପଦାର୍ଥ ବା ଧନ—
8. Income; receipt.
୯ । ଜମିବା; ଏକତ୍ର ଠୁଳ ହେବା—
9. Being collecting together; being heaped up accumulating; gathering together.
୧୦ । ତରଳ ପଦାର୍ଥ ବସିଯିବା; ଘନୀଭାବ—
10. Coagulating; freezing.

ବିଣ—୧ । ସ୍ତୂପୀକୃତ; ପୁଞ୍ଜୀକୃତ—1. Heaped; collected; gathered together; accumulated.
୨ । ନ୍ୟସ୍ତ; ଗଚ୍ଛିତ—2. Deposited.
୩ । ସଞ୍ଚିତ—3. Hoarded.
୪ । ହିସାବର ଜମାଘରେ ଲେଖାଥିବା—
4. Entered on the credit side of an account.

୧	ଇ	ଊ	ୠ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଘ
୨	ଈ	ଉ	ରୁ	ଲୁ	ଯେ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଞ	ନ୍ଟ

-ଅ—ଆଦୌ; ହୁଲେ ହେଲେ; ଅତି ଅଳ୍ପ ମଧ୍ୟ—
At all; at the least.

ନନ୍ଦନନ୍ଦନ ପ୍ରେମା, ପ୍ରେମାରେ ନୁହେ ଜମା, ନନ୍ଦର୍ଷିଙ୍କ ଯେବେ ଗତ ଏ ନ
କବିସୂର୍ଯ୍ୟ. ବଳଦେବରଥ. ଚ-ଗୀତ ।

ପ୍ରାଦେ.(ସମ୍ବଲପୁର) ଅ—ମାନେ;(ଏହା ଶବ୍ଦର ପୂର୍ବରେ ଓ ପରେ ସମୂହ ଅର୍ଥରେ ବ୍ୟବହୃତ ହୁଏ)—A suffix indicating the plural number.
(ଯଥା—ବାବୁଜମା, ସାଲେଜମା, ଜମାଗାଈ ଇତ୍ୟାଦି ।)

ଜମାଇବା—ଦେ. କ୍ରି. (**ଅ.** ଜମା=ସଞ୍ଚିତ; ଆ. ଜମାନା; ଜମିବାର ପ୍ରଯୋଜକରୂପ)—
Jamāibā
ଜମାନା
जमाना
(ଜମେଇବା—ଅନ୍ୟରୂପ)

୧ । ଜମା କରିବା; ଏକତ୍ର କରିବା—1. To collect or heap together; to accumulate.

୨ । ବହୁ ଲୋକଙ୍କୁ ଠୁଳ କରିବା—2. To cause to gather in a crowd; to bring together many people.

୩ । ସଞ୍ଚୟ କରିବା—3. To hoard; to store up.
(ଯଥା—ଧନ ଜମାଇବା ।)

୪ । ତରଳ ପଦାର୍ଥକୁ ଘନ ବା ଗାଢ଼ କରିବା; ଜମାଟ କରାଇବା—4. To congeal; to cause a liquid to coagulate or freeze.

୫ । ଦୃଢ଼ସଂଲଗ୍ନ କରିବା; ଦୃଢ଼ରୂପେ ସ୍ଥାପନ କରିବା—5. To settle firmly; to cause to be steadily or firmly rooted or established; to establish a thing firmly; to secure tightly; to attach firmly.
(ଯଥା—ଆସନ ଜମାଇ କରି ଘୋଡ଼ା ପିଠିରେ ବସିବା ।)

୬ । ଗାଢ଼ାଲିଙ୍ଗନ କରିବା—6. To embrace.
ବାରକାର୍ଯ୍ୟ ସ୍ତ୍ରୀବୃନ୍ଦକେ ଅନେକ ଜମାରେ—କବିସୂର୍ଯ୍ୟ. ସଙ୍ଗୀତ ।

୭ । କାଠ ପଟା ଆଦିର ସର୍ବାବୟବରେ ଭାର ଚାପି ତାକୁ ସମତୁଲ କରିବା; କୁଆ ଭୁଲା ପୂରି ଯାଇଥିବା ଶୋଷ ବା ଗଦି ଉପରେ ପଥର ଆଦି ରଖି ତାକୁ ବସାଇବା—
7. To cause wooden plank etc to set firmly or uniformly by applying pressure at every point.

୮ । ଯାତ୍ରା‌ନାଟ ଆଦିକୁ ବହୁଲୋକ ଆକୃଷ୍ଟ ହେବା ପ୍ରକାରେ ଲୋକଚିତ୍ତାକର୍ଷକ ସୁଅଙ୍ଗ ଆଦି କାଢ଼ିବା; ଜମାଇବା—
8. To take proper means to attract a big crowd to a show or performance, (by exhibiting popular performances).

ପ୍ରାଦେ. (ସମ୍ବଲପୁର) କ୍ରି. (ମୂଳ. ଏହି ଅର୍ଥରେ ହି. ଜମାନା)—ଦହି ଜମାଇବା; ଦୁଧରେ ମହି ପକାଇ ବସାଦହି କରିବା—
To make curd by mixing sour whey with milk; to curdle milk.

ଜମା ଉଅସିଲ୍ ବାକି—ବୈଦେ ବି. (ଫା)—ଜମିଦାରର କେଉଁ ପ୍ରଜାଠାରୁ କେତେ ଖଜଣା ପ୍ରାପ୍ୟ ଓ ତାହାଠାରୁ ବର୍ଷକ ମଧ୍ୟରେ କେତେ ଖଜଣା ଅଦାୟ ହୋଇଅଛି ଓ ତାହାଠାରେ କେତେ ଖଜଣା ବାକି ଅଛି ଏହା ଯେଉଁ ତାଲିକା ବା କାଗଜରୁ ଦେଖାଯାଏ—A statement or paper showing the annual rent, realisation and outstanding balance due from each royat to the Zamindar.
Jamā uāsil bāki
জমা ওয়াসিল বাকি
जमा वासिल बाकी

ଜମାଉତ୍—ବୈଦେ. ବି. (ଅ. ଜମାଅତ୍=ମିଳନ ସଭା)—
Jamāut
জময়েত
जमात
ଜମାତ୍
ଜମାଏତ୍
ଜମାଓତ୍
ଜମାୟତ୍
} ଅନ୍ୟରୂପ

୧ । ବହୁ ଲୋକଙ୍କ ମିଳନ—1. Assembly; a gathering.

୨ । ତୀର୍ଥପର୍ଯ୍ୟଟକ ହିନ୍ଦୁ ବୈରାଗୀ ଦଳବିଶେଷ—2. A company of Hindu ascetics travelling through India to different centres of pilgrimage.
[ଦ୍ର—ଗୋଟିଏ ଗୋଟିଏ ଜମାଉତ୍ ଦଳରେ ୧୦ ଠାରୁ ୧୦୦୦ ପର୍ଯ୍ୟନ୍ତ ବାବାଜୀ ଥାଆନ୍ତି । ଜମାଉତମାନେ କୌଣସି ସ୍ଥାନକୁ ଗଲେ ସେମାନଙ୍କ ଆଗମନକୁ ଜମାଉତଙ୍କ ଚଢ଼ାଉ ବା ଆକ୍ରମଣ ବୋଲାଯାଏ । ପ୍ରତି ଦଳରେ ଜଣେ ଜଣେ ମହନ୍ତ ବା ଦଳପତି ଥାଆନ୍ତି । ଏମାନଙ୍କ ସଙ୍ଗରେ ଗାଈ, ଘୋଡ଼ା, ଓଟ, ହାତୀ, ଠାକୁର, ଛତି, କାହାଳୀ ଆଦି ସବୁ ସାଜସଜ୍ଜା ଥାଏ । ଏମାନେ ଏକ ତୀର୍ଥସ୍ଥାନରୁ ଅନ୍ୟ ତୀର୍ଥସ୍ଥାନକୁ ଯିବା ବେଳେ ବାଟରେ ଯେଉଁଠାରେ ଡେରା କରନ୍ତି ସେଠାର ସ୍ଥାନୀୟ ଲୋକେ ଭକ୍ତିରେ ବା ଭୟରେ ଏମାନଙ୍କୁ ଖାଦ୍ୟ (ଅନ୍ନ, ରୁଟି, ଡାଲି, ଘିଅ, ଦୁଧ, ଗଞ୍ଜେଇ ଆଦି) ଯୋଗାନ୍ତି ।]

ଜମାଉତ୍‌ବସ୍ତ୍—ବୈଦେ. ବି. (ଆ. ଜମାଅତ୍‌ବସ୍ତ୍)—
Jamāut-bast
অবৈধ জমায়েত
जमात, जमातबस्त
ଜମାତ୍‌ବସ୍ତ
ଜମାଏତ୍‌ବସ୍ତ୍
ଜମାୟତ୍‌ବସ୍ତ୍
ଜମାଓତ୍‌ବସ୍ତ୍
} ଅନ୍ୟରୂପ

୧ । ଅବୈଧ ଜନତା; ବେ-ଆଇନ ଜନତା—1. Unlawful assembly.
[ଦ୍ର—ଆଇନ ଅନୁସାରେ ୫ ଜଣରୁ ବେଶି ଲୋକ କୌଣସି ବେଆଇନ କାର୍ଯ୍ୟ ବା ଅପରାଧ କରିବା ଉଦ୍ଦେଶ୍ୟରେ ଏକତ୍ର ସମବେତ ହେଲେ ତାହାକୁ ଜମାଉତ୍‌ବସ୍ତ୍ ବୋଲାଯାଏ । ଭାରତୀୟ ଦଣ୍ଡବିଧି ଆଇନର ୧୪୧ ଦଫାରେ ଏଥିର ସଂଜ୍ଞା ଓ ତହିଁର ଦଣ୍ଡ ବିଧାନ ୧୪୩ ଦଫାରେ ଅଛି ।]

ଵଣ—ଅବୈଧ ଉଦ୍ଦେଶ୍ୟରେ ଏକତ୍ର ସମବେତ (ପାଞ୍ଚ ବା ତଦୂର୍ଦ୍ଧ୍ୱ ସଂଖ୍ୟକ ବ୍ୟକ୍ତି)—(five or more persons) Assembled together for some unlawful purpose.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜମାଏ—ପ୍ରାଦେ. (ବସ୍ତର) ସର୍ବନାମ—ସକଳ; ସମସ୍ତେ—
Jamāe All.

ଜମା କରିବା—ଦେ. କ୍ରି. (ଅ. ଜମା—ଏକତ୍ରୀକୃତ)—
Jamā karibā ୧ । ଏକତ୍ର କରିବା; ଠୁଳ କରିବା—
জমা করা 1. To collect together; to heap up.
ज़मा करना ଏହିଁ ତନା ନବ ତମାଳ ରମା, ଝିଙ୍କି ଅଣି ଅଙ୍ଗେ କଲଣ ଜମା ।
କବିସୂର୍ଯ୍ୟ- ବଳୋସବମ୍- ୫ ଗୀତ ।
୨ । ସଞ୍ଚୟ କରିବା—1. To hoard up.
୩ । ଗଚ୍ଛିତ ରଖିବା—
3. To deposit or put in trust.
୪ । ବହୁ ଲୋକଙ୍କୁ ଏକତ୍ର ଠୁଳ କରାଇବା—
4. To cause a multitude to assemble.
ପ୍ରାଦେ. (ସମ୍ବଲପୁର) କ୍ରି—ଦହି ମୋହିଁବା—
To churn curd.

ଜମା ଖର୍ଚ୍ଚ—ବୈଦେ. ବି. (ଅ. ଜମା+ଖର୍ଚ୍ଚ ଉପସ୍ଥିତ ସହିତର ଶବ୍ଦ)—
Jamā kharcha ୧ । ଆୟ ଓ ବ୍ୟୟ—
জমাখরচ 1. Income and expense.
जमाखर्च ୨ । ଆୟବ୍ୟୟର ହିସାବ—2 Statement or account of receipts and disbursements.
୩ । ହିସାବଖାତାର ଯେଉଁ ଦୁଇ (ବାମ ଓ ଡାହାଣ) ପାଖରେ ଯଥାକ୍ରମେ ଆୟ ଓ ବ୍ୟୟର ବିବରଣମାନ ଲେଖାଯାଏ—
3. The debit and credit sides of an acccount-book.
୪ । ଦୈନିକ ଜମାର ଓ ଖରଚର ହିସାବ ଲିପିବଦ୍ଧ ହୋଇଥିବା ପୁସ୍ତକ; ରୋକଡ଼—4. Daily cash-book or ledger.
୫ । (ଗଣିତ) ବ୍ୟବକଳନ; ବିୟୋଗ—
5. (Arithmetic) Subtraction; arithmetical rules of subtraction.
(ଜମା ଖର୍ଚ୍ଚ, ଜମା ଖରଚ—ଅନ୍ୟରୂପ)

ଜମାଘର—ଦେ. ବି. (ଅ. ଜମା+ସଂ. ଗୃହ)—
Jamāghara ହିସାବଖାତାର ବାମ ପାଖ; ଖାତାର ଯେଉଁ
জমাঘর ପାଖରେ ଜମା ବା ଆୟର ବିବରଣ ଲେଖାଯାଏ—
जमाखाना The credit side of an account.

ଜମାଜମି—ଦେ. ବି—୧ । ଠୁଳ କରିବା କର୍ମ—
Jamājami 1. Act of accumulating or hoarding.
জমাজমি ୨ । (ସହିତର ଶବ୍ଦ) ଜମିର ଖଜଣା ଓ ଜମି—
जमाजमी 4. Rent and land.

ଜମାଟ୍—ବୈଦେ. ବିଣ. (ଅ. ଜମାଅତ୍)—
Jamāṭ ୧ । ସଂହତ; ଏକତ୍ର ସନ୍ନିଳିତ—1. Collected;
জমাট gathered together.
जमाव, जमावट ୨ । ସ୍ତୂପୀକୃତ—2. Heaped up.
୩ । ଶୀତ ଯୋଗୁଁ ବସି ଯାଇଥିବା (ତରଳ ବସ୍ତୁ); ପିଣ୍ଡୀକୃତ—
3. Frozen; congealed; condensed.
୪ । ଚାରି ଆଡ଼େ ବ୍ୟାପ୍ତ—
4. Spread on all sides; diffused.
୫ । ଆଡ଼ମ୍ବରପୂର୍ଣ୍ଣ—5. Showy.
୬ । ଅବଚ୍ଛିନ୍ନ; ଅନାହତ—6. Continuous.
ବି—୧ । ଭିଡ଼—1. Dense crowd.
୨ । ବ୍ରଣାଦି ଉପରେ ଔଷଧର ପ୍ରଲେପ; ପୁଲ୍‌ଟିସ୍—
2. Ointment or poultice applied over boils or affected parts.
୩ । ସମାଗ୍ଭବ—3. Coagulation.

ଜମାଟ୍ ବାନ୍ଧିବା—ଦେ. କ୍ରି—(ଜଳାଦି ଦ୍ରବ ଦ୍ରବ୍ୟ) ବରଫ ରୂପେ
Jamāṭ bāndhibā ଘନ ହୋଇ ବସିଯିବା—To coagulate.
জমাট বান্ধা
जमावट बाँधना

ଜମାଉ (ଇତ୍ୟାଦି)—ଜମାଉତ୍ ଇତ୍ୟାଦି (ଦେଖ)
Jamāt (etc) Jamāut etc. (See)

ଜମାଦାର—ବୈଦେ. ବି. (ଫା ଭୁଲ. ଅ ଜମା=ଲୋକସମୂହ+ଫା.
Jamādāra ଦାର୍=ଅଧିକାରୀ)—୧ । ୩୦ ଜଣ ଭାରତୀୟ ସିପାହିଙ୍କ
জমাদার ଉପରସ୍ଥ ଗୀପାହୀ; ସୁବେଦାରଙ୍କ ନିମ୍ନସ୍ଥ କର୍ମଚାରୀ—
जमादार 1. Captain of 30 Indian sepoys; a jemadar.
୨ । ହେଡ୍ କନଷ୍ଟବଲ୍—2. Head constable.
୩ । ପିଅଦାମାନଙ୍କ ମଧ୍ୟରେ ସରଦାର—
3 The chief peon; head-peon.
କେତେ ଜମାଦାର ସେବାରେ ତାଙ୍କର ଠାବେ ଠାବେ ବସା କଲେ ।
ବ୍ରଜନାଥ- ସମରତରଙ୍ଗ ।
୪ । କୁଲିମାନଙ୍କ ସରଦାର—
4. Headman amongst a batch of coolies.
୫ । ଏକ ଶ୍ରେଣୀର ମଧ୍ୟସ୍ୱତ୍ୱାଧିକାରୀ ବା ମକ୍ଦୁମ—
5. The holder of a tenure of rented land.
[ଦ୍ର—ଏ ଫାରସୀ ଶବ୍ଦ ଇଂରାଜୀରେ ମଧ୍ୟ ବ୍ୟବହୃତ]

ଜମାଦାରି—ବୈଦେ. ବି. (ଫା) (ଏ ଫାରସୀ ଶବ୍ଦ ଇଂରାଜୀରେ ମଧ୍ୟ
Jamādāri ବ୍ୟବହୃତ)—୧ । ଜମାଦାରର କାର୍ଯ୍ୟ—
জমাদারী 1. The duties of a Jamādāra.
जमादारी ୨ । ଜମାଦାରର ପଦବୀ—
2. The post of a Jamādāra.

ଜମାଧାର୍ଯ୍ୟ ଯୋଗ୍ୟ—ଦେ. ବିଣ. (ଅ. ଜମା+ସଂ. ଧାର୍ଯ୍ୟ+ଯୋଗ୍ୟ;
Jamādhārjya jogya ସେଟ୍‌ଲମେଣ୍ଟ ପ୍ରଚଳିତ ଶବ୍ଦ)—ଯେଉଁ ଜମି
জমাধার্য্য যোগ্য ପାଇଁ ପ୍ରଜା ଜମିଦାରଙ୍କୁ କିଛି ଖଜଣା ଦେଉ ନ
जमाधारज योगय ଥାଏ ଅଥଚ ଯାହା ଖଜଣାର ଯୋଗ୍ୟ—(rayati land) Liable or fit to be assessed to rent, but not paying any rent.

୧	ଇ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଚ୍ଛ	ଊଝ	ଞ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଢ଼	ନ୍ଦ

ଜମାନ୍‌ଗୁର—ପ୍ରାଦେ. (ସମ୍ବଲପୁର) ବି.—(ଆ. ଜମା=ଘନୀଭୂତ+ସଂ.ଗୁଡ଼)
Jamān-gur ପାଣିଆଁ ଗୁଡ଼—Watery molasses.

ଜମାନତ୍—ବୈଦେ. ପ୍ରାଦେ. (ସମ୍ବଲପୁର, କଟକଅଞ୍ଚଳ ଭାଷା) ବି. (ଫା.
Jamanat ଜମାନତ୍)—ଜାମିନ୍ (ଦେଖ)
जमानत् Jāmin (See)
जमानत

ଜମାନତ୍‌ନାମା—ବୈଦେ. ପ୍ରାଦେ. (ସମ୍ବଲପୁର)—ବି. (ଫା.
Jamānat-nāmā ଜମାନତ୍‌ନାମେହ୍)—ଜାମିନ୍‌ନାମା (ଦେଖ)
Jāmin-nāmā (See)

ଜମାନବିସ୍—ବୈଦେ. ବି. (ଫା)—ଜମିଦାର ସିରସ୍ତାରେ ପ୍ରଜାମାନଙ୍କ
Jamā-nabis ଜମିଜମାର ହିସାବ ଲେଖିବା ପାଇଁ ନିଯୁକ୍ତ କର୍ମଚାରୀ—
जमानविस् A Zamindari clerk who keeps accounts
जमानबिस of the royats' holdings and rents.

ଜମାନାହିଁ—ଦେ. ଅ.—ଜମାରୁ ନାହିଁ (ଦେଖ)
Jamā-nāhiñ Jamāru nāhiñ (See)

ଜମାନା—ବୈଦେ. ବି. (ଫା)—୧ । ସମୟ; କାଳ—
Jamāna 1. Time; period.
जमाना ୨ । ଅମଳ; ରାଜତ୍ୱ ବା ପ୍ରଭୁତ୍ୱ କାଳ—
जमाना 2. Regime; time of predominance.

ଜମାନାସ୍ତି—ଦେ. ଅ (ଫା. ଜମା ଓ ସଂ. ନାସ୍ତି; ଜମାଖରଚ ଲେଖାରେ
Jamā-nāsti ବ୍ୟବହୃତ ଗୋଟିଏ ବାକ୍ୟ)-ଯେଉଁଠାରେ 'ଜମା' ବା
जमानास्ति ଆୟ ଘରେ କିଛି ନାହିଁ—There is nothing on
जमा नदारद the credit or income side of the accounts

ଜମାପୁଞ୍ଜି—ଦେ. ବି. (ଆ. ଜମା+ସଂ. ପୁଞ୍ଜ; ସଞ୍ଚିତଧନ)—
Jamāpuñji ୧ । ଧନ ସମ୍ପତ୍ତି—1. Riches.
जमापुञ्जि ୨ । ମନୁଷ୍ୟର ସମସ୍ତ ସଞ୍ଚିତ ଧନ—
जमाजथा 2. All the savings or hoard of a person.

ଜମାବନ୍ଦି—ବୈଦେ. ବି. (ଫା.)—୧ । ପ୍ରଜାର ଜମିଜମାର ହିସାବ—
Jamābandi 1. Rent-roll.
जमाबन्दि ୨ । ଜମି ଉପରେ ଖଜଣା ନିର୍ଣ୍ଣୟ କରାଯିବା—
जमाबंदी 2. The fixing or assessment of rent on a holding.

ଜମାବୃଦ୍ଧି—ଦେ. ବି. (ଆ. ଜମା+ସଂ. ବୃଦ୍ଧି)—କୌଣସି ଜମି ଜମାରେ
Jamā bruddhi ପ୍ରଜା ଦେଉଥିବା ଖଜଣାର ବୃଦ୍ଧି—
जमावृद्धि Enhancement of rent.
जमावृद्धि

ଜମାୟତ୍—(ଇତ୍ୟାଦି)—ଜମାଉତ୍ (ଇତ୍ୟାଦି) (ଦେଖ)
Jamāyat etc. Jamāut etc. (See)

ଜମାରୁ—ଦେ. ଅ.—ଆଦୌ; ମୂଳରୁ; ମୁଣ୍ଡରୁ; ଅତି ଅଳ୍ପ ହେଲେ ମଧ୍ୟ—
Jamāru At all; at the least; from the beginning.
आदते, आदौ
बिलकुल

[ଦ୍ର—ଏହା 'ନାହିଁ' ଅର୍ଥକ କ୍ରିୟା ସଙ୍ଗେ ପ୍ରାୟ ବାକ୍ୟରେ ବ୍ୟବହୃତ ହୁଏ, ଯଥା—'ମୁଁ ଜମାରୁ ଏ କଥା ଜାଣେ ନାହିଁ ।' 'ମୁଁ ଅନ୍ନ ଜମାରୁ ଖାଇ ନାହିଁ ।' 'ମୁଁ ଜମାରୁ କଟକ ଯାଇ ନାହିଁ' 'ମୋଠାରେ ଜମାରୁ ଅଧିଇଲ୍‌ଟିଏ ନାହିଁ ।']

ଜମାରୁ ନାହିଁ—ଦେ. ଅ.—ଆଦୌ ନାହିଁ; କେବେ ନୁହେଁ; କଦାପି
Jamāru nāhiñ ନୁହେଁ—Not at all; never.
आदते नाई
बिलकुल नेहि
(ଜମାରୁ ନୁହେଁ, ଜମାରୁ ନା—ଅନ୍ୟରୂପ)

ଜମାଶୂନ୍ୟ—ଦେ. ଅ. (ଫା. ଜମା ଓ ସଂ. ଶୂନ୍ୟ)—ଜମାନାସ୍ତି (ଦେଖ)
Jamāsūnya Jamā-nāsti (See)
जमाशून्य (ଜମାଶୂନ୍—ଅନ୍ୟରୂପ)
जमानदारद

ଜମା ହେବା—ଦେ., କ୍ରି.—(ଆ. ଜମା)—ଏକତ୍ର ହେବା—
Jamā hebā To be gathered; to be assembled.
जमा हउआ କେତେ ମୁନି, ଋଷି, ବ୍ରାହ୍ମଣ, ରଜା ଆସି ଜମା ହେଲେ ।
जमा होना ଗୋପାଳକୃଷ୍ଣ ଦାସ, 'ପିଙ୍ଗଳ ରାମାୟଣ'

ଜମି—ବୈଦେ. ବି. (ଫା. ଜମୀନ୍)—୧ । ଭୂମି; ଭୂଭାଗ—
Jami 1. Land; earth.
୨ । ଭୂସମ୍ପତ୍ତି—2. Landed property.

[ଦ୍ର—ଜମିଦାରଙ୍କ ଅଧୀନ ଜମି ସ୍ୱତ୍ୱ ଓ ଉତ୍ପନ୍ନଭେଦରେ ନାନା ଶ୍ରେଣୀରେ ବିଭକ୍ତ । ମୋଗଲ ରାଜତ୍ୱରେ ଏହି ସବୁ ଶ୍ରେଣୀ ବିଭାଗର ସୃଷ୍ଟି; ତେଣୁ ଭୂମିସଂକ୍ରାନ୍ତ ଯାବତୀୟ ଶବ୍ଦ ଆରବୀ-ପାରସୀ-ମୂଳକ । ଜମିଦାରଙ୍କ ଅଧୀନ ଜମିର ଏହି କେତେଗୋଟି ସାଧାରଣ ବିଭାଗ ପ୍ରାୟଶଃ ଦେଖାଯାଏ—ଚାଷଯୋଗ୍ୟ ବା ଆବାଦ ଜମି; ପଡ଼ିଆ ବା ଅନାବାଦ ଜମି । ଅଉଲ୍, ଦୋୟମ୍, ସୋୟମ୍, ଚହାରମ୍ । ଖମାର, ନିଜଚାଷ, ନିଜଯୋତ୍ । ଖଞ୍ଜାବାଡ଼ି, ଖଞ୍ଜାକାଟ, ଗୃହସ୍ଥଳ, ଜାଗିର, ସେବାଏତ ଯାଗିର, ଦେବୋତ୍ତର, ବ୍ରହ୍ମୋତ୍ତର, ପିରୋତ୍ତର, ଫକୀରାନ୍, ମହତ୍ରାଣ । ଖରିଦା ଜମାବନ୍ଦି, ଲାଖରାଜ-ବାହେଲ, ଲାଖରାଜ ବାଯାପ୍ତି, କାମିଲ ବାଯାପ୍ତି, ଠିକି, ଅଧାଜମା । ରଇତି, ଚନ୍ଦନା ବା ଘରବାଡ଼ି । ତଉଫିର, ନୟାବାଦ, ହୁଡ଼ିବାଟୀ । ମାହାଲ ବା ମାଲ୍ । ଗୋଚର, ସର୍ବସାଧାରଣ । ପାହି, ଥାନି । ମଧ୍ୟସ୍ୱତ୍ୱ, ବନ୍ଦୋବସ୍ତି । କଳାଜମି, ଦୋରସା, ମଟାଳ, ବାଲିଆ, ଖାର, ଛିପ, ଠେଙ୍ଗ, ଖାଲ, ପାଟ, ଜଳପାଟ, ଝିଲ । ଖାରଦ, ମାଣ୍ଡିକୋଲିଥ, ଦରମହଶୁଲ, ଦୋଫସଲ, ବଗାଏତ୍, ବଲୁଚର, ପଟ୍ଟି ।]

୩ । କ୍ଷେତ; କ୍ଷେତ୍ର—3. Cultivated land; field; plot of land.
୪ । ପ୍ରଜା ବା ରଇତର ଅଧିକୃତ ଯୋତ—
4. Tenant's holding.
୫ । ଧରା; ପୃଥିବୀ—5. The earth.
୬ । ସ୍ଥାନ—6. Place; a space of land.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଠାରୁ ଅକ୍ଷର ଓ ମାତ୍ରା ଏବଂ ୨ ଠାରୁ ଅକ୍ଷର ଓ ମାତ୍ରାମାନଙ୍କରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ରୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ଉପରେ ୨ ବା ୧ ରହିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଞ୍ଜ' ନ ମିଳିଲେ 'କୁଞ୍ଜ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍ଘ୍ୟ' ନ ପାଇଲେ 'ଅଲଂଘ୍ୟ' ଦେଖିବେ

୭ । ମାଟି; ମୃତ୍ତିକା—7. Soil.

ଜମିଅସିବା—ଦେ. କ୍ରି—(ଜମିବା କ୍ରିୟାର ଅସମାପିକା ରୂପସଙ୍ଗେ ଆସିବା କ୍ରିୟାର ସମାପିକା ରୂପ ଯୁକ୍ତ)—ଜମିବାକୁ ଆରମ୍ଭ କରିବା; ଘନୀଭୂତ ହେବାକୁ ଆରମ୍ଭ କରିବା—
Jami-āsibā
जमेआना
जमआना
To begin to congeal or freeze.

ଜମାଏତ୍ ଉଲେମା—ବୈଦେ. ବି. (ଆ)—ସଙ୍ଘ; ସମ୍ମିଳନୀ—
Jamiet-ulemā Association.

ଜମିଜମା—ବୈଦେ. ବି. (ସହଚରସ୍ଥ ଶବ୍ଦ; ଆ. ଜମି + ଜମା)—
Jami-jamā ୧ । ରୟତ ଅଧିକୃତ ଜମି ଓ ତହିଁପାଇଁ ଜମିଦାରଙ୍କୁ ଦେୟ ଖଜଣା—1. Royat's holding and its rent
जमिजमा
जमीन् जमा
୨ । ରୟତି ବୃତ୍ତି—2. Rent-paying or rayati land.

ଜମିଦାର—ଦେ. ବି. (ଫା. ଜମିନ୍‌ଦାର୍)—ଭୂସ୍ୱାମୀ; କ୍ଷେତ୍ରସ୍ୱାମୀ; ଭୂମିର ମାଲିକ; ପ୍ରଜାଙ୍କଠାରୁ ଖଜଣା ଆଦାୟ କରି ଆପଣା ନିର୍ଦ୍ଦିଷ୍ଟ ପାରିଶ୍ରମିକ ବା ମାଲିକାନା କାଟି ନେଇ ବାକି ରାଜସ୍ୱ ବା ସଦରଜମା ସରକାରରେ ଦାଖଲ କରିବା ବ୍ୟକ୍ତି—
Jamidāra
जमिदार
जमींदार
ଲେ. ଦାମିନ୍ଦାରୁ
Zamindar; land-lord; proprietor of land recognised by the Government.
ଜମିଦାରଣୀ, ଜମିଦାରଅଣୀ } ସ୍ତ୍ରୀ
[ବ୍ୟ—ବଙ୍ଗ, ବିହାର, ଓଡ଼ିଶାର ଜମିଦାର ମାନେ ପୂର୍ବେ ମୋଗଲ ରାଜତ୍ୱ ସମୟରେ ପ୍ରଜାମାନଙ୍କଠାରୁ ସମ୍ରାଟଙ୍କୁ ଦେୟ ରାଜସ୍ୱ ଆଦାୟ କରି ରାଜକୋଷରେ ଦାଖଲ କରୁଥିଲେ ଓ ସେମାନେ ରାଜାଙ୍କର ଭୃତ୍ୟ ମାତ୍ର ଥିଲେ । କ୍ରମଶଃ ଏ ପଦ ପୁରୁଷାନୁକ୍ରମେ ବଂଶାନୁଗତ ହେଲା । ଇଂରେଜମାନେ ଏ ଅଞ୍ଚଳ ଅଧିକାର କରିବା ପରେ ରାଜସ୍ୱ ବନ୍ଦୋବସ୍ତ କରିବା ସମୟରେ ଜମିଦାରମାନଙ୍କୁ ଜମିର ମାଲିକ ବା ସ୍ୱତ୍ୱାଧିକାରୀ ବୋଲି ପ୍ରଥମେ ଘୋଷଣା କଲେ ଓ ସେମାନଙ୍କ ପ୍ରାପ୍ୟ 'ମାଲିକାନା' ହିସାବ କରି ରାଜସ୍ୱ-ଜମାରୁ ତାହା କାଟି ଦେଇ ବାକି ଯାହା ସରକାରଙ୍କୁ ଦେୟ ହେଲା ତାହା ସଦରଜମା ବା ମାଲଗୁଜାରି ନାମରେ ଉକ୍ତ ଜମିଦାର ଉପରେ ବନ୍ଦୋବସ୍ତ କଲେ । ଇଂରେଜ ସରକାର ପରେ ବଙ୍ଗ ଓ ବିହାରରେ ଏହି ଜମାକୁ ଚିରସ୍ଥାୟୀ କଲେ, କିନ୍ତୁ ଓଡ଼ିଶାର ଜମିଦାରମାନଙ୍କ ସଦରଜମା ପରବର୍ତ୍ତୀ 'ବନ୍ଦୋବସ୍ତ' ମାନଙ୍କରେ କ୍ରମେ ବଢ଼ି ଅଛି ।] (ଜମିଦାରାନ୍—ବହୁବଚନ)

ଜମିଦାର ଦିଅକ—ଦେ. ବିଣ—ଜମିଦାରଙ୍କ ଦ୍ୱାରା କର୍ଷର ବା ଯାଗିରି ରୂପେ ଦିଆଯାଇ ଥିବା—
Jamidāra diāka
(ଜମିଦାର ଦିଅକେ—ଅନ୍ୟରୂପ) (land) given by the Zamindar to rent-free holders or servants.

ଜମିଦାରପୁଅ—ଦେ. ବି—ଜମିଦାର ବଂଶ ଜାତ ବ୍ୟକ୍ତି—
Jamidāra-pua A person born of a Zamindar family.

> ଡାକିରେ କହଇଁ ଗୋଲ ମରତ, ପୁଅରେ ମାପଇଁ ଗିଅ
> ମତେ ଜିହୁଥାଉ ମୂଲଥା ଥିଅ, ତୁ କୋଉ ଜମିଦାରପୁଅ ? ଡଗ ।

ଜମିଦାରବଚ୍ଚା—ବୈଦେ. ବି—ଜମିଦାରପୁଅ (ଦେଖ)
Jamidāra-bachchā Jamidāra-pua (See)
[ବ୍ୟ—ସାଧାରଣତଃ ଓଡ଼ିଆଭାଷୀ ଲୋକେ କ୍ରୋଧ, ଦମ୍ଭ, ଅପମାନ, ଅହଙ୍କାର ପ୍ରକାଶ ଓ ଭର୍ତ୍ସନାର ଅର୍ଥ କହିବେଳେ ହିନ୍ଦୁସ୍ତାନୀ ଶବ୍ଦ ଓ ବାକ୍ୟମାନ ପ୍ରାୟଶଃ ସେମାନଙ୍କ ମୁହଁରୁ ବାହାରି ପଡ଼େ, ଏତଦ୍ଦ୍ୱାରା କଥିତ ବିଷୟ ଉପରେ emphasis (ଜୋର୍) ଦିଆଯାଏ ।]

ଜମିଦାରୀ—ବୈଦେ. ବି. (ଫା. ଜମିନ୍‌ଦାରୀ)—
Jamidāri ୧ । ଜମିଦାରଙ୍କ ଅଧିକୃତ ସମ୍ପତ୍ତି—
जमिदारी
जमिनदारी
1. Zamindary; estate; landed property paying revenue o Government.
୨ । ଜମିଦାରଙ୍କ ସ୍ୱତ୍ୱ ବା ଅବସ୍ଥା—
2. The state of being a Zamindar.
ବି. ଣ—ଜମିଦାରୀ ସମ୍ବନ୍ଧୀୟ—
Pertaining to a Zamindary.

ଜମିନ୍—ବୈଦେ. ବି. (ଫା. ଜମିନ୍)—ପୃଥିବୀ—
Jamin The earth.
जमिन ପ୍ରାଦେ. (ସମ୍ବଲପୁର) ବି—ଜମି—
जमिन Land; landed property.

ଜମିନ୍ ଅସ୍ମାନ୍—ବୈଦେ. ବି. (ଫା. ଜମିନ୍ + ଆସ୍ମାନ୍)—
Jamin asmān ମର୍ତ୍ତ୍ୟ ଓ ସ୍ୱର୍ଗ; ପୃଥିବୀ ଓ ଆକାଶ—
जमिन आस्मान् The earth and the sky; earth and heaven.
जमिन आस्मान (ଜମିନ୍ ଅସ୍ମାନ୍—ଅନ୍ୟରୂପ)

ଜମିନ୍ ଅସ୍ମାନ୍ ଫରକ୍—ବୈଦେ. ବି. (ଫା)—ଦୁଇଟି ପଦାର୍ଥ ମଧ୍ୟରେ ସ୍ୱର୍ଗ ମର୍ତ୍ତ୍ୟର ପ୍ରଭେଦ—
Jamin asmān pharak
जमिन् आस्मान् प्रभेद A very great difference
जमीन आस्मान फर्क between two things.
(ଜମିନ୍ ଅସ୍ମାନ୍ ତଫାତ୍; ଜମିନ ଅସ୍ମାନ ପ୍ରଭେଦ—ଅନ୍ୟରୂପ)

ଜମିନ୍ ଅସ୍ମାନ୍ (ଇତ୍ୟାଦି)—ଜମିନ୍ ଅସ୍ମାନ୍ ଇତ୍ୟାଦି (ଦେଖ)
Jamin āsmān (etc) Jamin asmān etc. (See)

ଜମିନି—ଗ୍ରା. ବୈଦେ. ବି. (ଫା.—ଜମିନ୍ (ଦେଖ)
Jamini Jamin (See)

ଜମିନ୍ଦାର—ପ୍ରାଦେ. (ସମ୍ବଲପୁର) ବି. ପୁଂ. (ଭୁଲ. ହି. ଜମିନ୍ଦାର୍)—
Jamindār ଜମିଦାର (ଦେଖ)
(ଜମିନ୍ଦାରେନ୍—ସ୍ତ୍ରୀ) Jamidāra (See)

ଜମିବା—ଦେ. କ୍ରି. (ଆ. ଜମନ୍)—
Jamibā ୧ । ଠୁଳ ହେବା; ଏକତ୍ର ହେବା—
जमा 1. To be collected together.
जमना

> ନଦୀପାଶେ ଲୁଚିଲା ନବୀନ ମନ୍ଥର ପଦ ଜମି ମୋର ଭରିରେ ।
> ବନସର୍ଗ. ସଙ୍ଗୀତ

୧	ଇ	ଡ	ର,ଋ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଲ୍ୟ	ଡ଼ଅ	ଛ
୨	ଈ	ଉ	ରୂ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଥ	ଢ଼	ଦ

୨ । (ଧନ) ଗଚ୍ଛିତ ହେବା; ଜମା ହେବା—
2. (riches) To be hoarded up.

୩ । ବୃଦ୍ଧି ପାଇବା—3. To be increased.

୪ । (ଜଳୀୟ ବସ୍ତୁ) ଘନ ବସ୍ତୁରେ ପରିଣତ ହେବା; ଘନୀଭୂତ ହେବା—4. To solidify; to become thick; to congeal (said of liquids).
(ଯଥା—ପାଣି ଜମି ବରଫ ହୁଏ ।)

୫ । ସ୍ତର ବାନ୍ଧିବା ବା ସ୍ତର ଭାବରେ ବସିଯିବା—
5. To be deposited in layers.
(ଯଥା—ନଈର ପଙ୍କ ଜମିଲା ।)

୬ । ସ୍ଥିର ବା ନିଶ୍ଚଳ ହେବା—6. To be still.
ରହନ୍ତୁ ବ ସକ କୋଧେ ଜମି ଅଛ, ଭୂକେ ରକ୍ତ ଦେବା ମାନେ ।
କବିସୂର୍ଯ୍ୟ. ସଙ୍ଗୀତ ।

୭ । ମଜ୍ଜିଯିବା; ଲଗ୍ନ ହୋଇ ଯିବା—
7. To be engrosed.
ମନ ଜମି ଥା, ସିନ୍ଧୁ ଜେମା ପ୍ରାଣ ଥକେ । କବିସୂର୍ଯ୍ୟ. ସଙ୍ଗୀତ ।

୮ । (ଲକ୍ଷଣାର୍ଥ) ଜମାଟ ଧରିବା; ଘମାଘୋଟ ହେବା—
8. (figurative) To thicken.
'ଅତ ଅଭ୍ର ଜ ଭବେ ଜମେ ସମର । ମଧୁସୂଦନ. ଉତ୍ତରରାମଚରିତ ।

୯ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ବୈଷୟିକ ଅବସ୍ଥା ଉନ୍ନତିଶାଳୀ ହେବା—9. (figurative) To become affluent in circumstances.
(ଯଥା—ପୁଅ ବଡ଼ ଚାକିରି କରିବାରୁ ତାଙ୍କ ଘରଟି ବର୍ତ୍ତମାନ ଖୁବ୍ ଜମିଲାଣି ।)
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ । ଅସମାପିକା ରୂପ ସଙ୍ଗେ ଆସିବା କ୍ରିୟାର ସମାପିକା ରୂପ ଯୋଗ ହେଲେ ଏଥିର ଅର୍ଥ—ଜମିବାକୁ ଆରମ୍ଭ କରିବା ।]

ଜମିବାଡ଼ି—ଦେ. ବି. (ସହଚର ଶବ୍ଦ; ଆ. ଜମନ୍ + ସଂ. ବାଟିକା)—
Jamibārdi
ଜମିବାଡ଼ି
जमीनबाड़ି
ଜମିଭୂମି } ଅନ୍ୟରୂପ
ଜମିଜୋତ }
୧ । ଭୂସମ୍ପତ୍ତି—
1. Landed property (generally).
୨ । ସବୁ ଶ୍ରେଣୀର ଭୂସମ୍ପତ୍ତି—
3. Immoveable property of all descriptions.

ଜମି ରହିବା—ଦେ. କ୍ରି. (ଆ. ଜମନା=ଠୁଳ ହେବା)—
Jami rahibā
ଜମେଯାଓଯା
जमरहना
(ଜମିଯିବା—ଅନ୍ୟରୂପ)
୧ । ଲାଗି ରହିବା; ଦୃଢ଼ ରୂପେ ଆସକ୍ତ ହେବା—
1. To be engrossed with; to be bent on; to dote upon.
'ଜମି ରହେ ମନ ତା ଉରଙ୍ଗରେ କାହିଁ ନ ମିଳଇ ପରୀକ୍ଷଣ ଗୋ ।
କବିସୂର୍ଯ୍ୟ, ସଙ୍ଗୀତ ।

ଜମିଲ—ଦେ. ବି.—ବଡ଼ ଓ ଚାଣୁଆଁ ଗୁଳ୍ମବିଶେଷ—
Jamila — Homonia Riparia.
[ଦ୍ର—ଏହା ନଦୀଗର୍ଭର କଙ୍କରମୟ ପ୍ରଦେଶମାନଙ୍କରେ ଜାତ ହୁଏ ।]

ଜମିଲା ଦହି—ପ୍ରାଦେ. (ସମ୍ବଲପୁର) ବି—ଘୋଳ ଦହି—
Jamilā dahi — Butter-milk; whey; churned curd.

ଜମୁରା—ବୈଦେ. ବି—ଜମ୍ବୁରା (ଦେଖ)
Jamurā — Jamburā (See)

ଜମେଟ୍ରୀ—ଗ୍ରା. ବୈଦେ. ବି. (ଇଂ. ଜଓମେଟ୍ରୀ)—
Jametri — କ୍ଷେତ୍ରତତ୍ତ୍ୱ; ଜ୍ୟାମିତି—Geometry.
জমেট্রী
जमेट्री

ଜମ୍ପତି—ସଂ. ବି. (ଦ୍ୱନ୍ଦ୍ୱ ସମାସ; ଜାୟା + ପତି; ନପାତନସିଦ୍ଧ)—
Jampati — ଦମ୍ପତି; ସ୍ୱାମୀ ଓ ସ୍ତ୍ରୀ; ପତିପତ୍ନୀ—
(ଜାୟାପତି, ଦମ୍ପତି—ଅନ୍ୟରୂପ) A married couple; husband and wife.

ଜମ୍ବ—ସଂ. ବି. (ଜମ୍ ଧାତୁ + କର୍ତ୍ତୃ. ସଂଜ୍ଞାର୍ଥେ. ବ)—
Jamba — ପଙ୍କ; କାଦୁଅ—Mud; mire.

ଜମ୍ବାଲ—ସଂ. ବି. (ଜମ୍ ଧାତୁ = ଭକ୍ଷଣ କରିବା + ସଂଜ୍ଞାର୍ଥେ କର୍ତ୍ତୃ ବାଲ;
Jambāla — ଯେ ଲୋକଙ୍କ ଗୋଡ଼କୁ ବା ବସ୍ତୁମାନଙ୍କୁ ଗିଳି ପକାଏ)—
୧ । କାଦୁଅ; ପଙ୍କ—1. Clay; mud; mire.
ଜମ୍ବାଳ ଲାଗିଲା ବୋଲି ବରଜିଲ ଦଧାଧର ମରକତ । କବିସୂର୍ଯ୍ୟ , ସଙ୍ଗୀତ ।
୨ । ଶୈବାଳ—2. Moss.
୩ । କେତକୀ ବୃକ୍ଷ—
3. Screw-pine; Pandanus Odoratissimus.
୪ । (ଲକ୍ଷଣାର୍ଥ) ଜଞ୍ଜାଳ—
4. (figurative) Complications.

ଜମ୍ବାଲିନୀ—ସଂ. ବି. (ଜମ୍ବାଲ = ପଙ୍କ ବା ଶୈବାଳ + ଅସ୍ତି ଅର୍ଥରେ
Jambālini — ଇନ୍ + ଈ)—ନଦୀ—River.

ଜମ୍ବିର—ସଂ. ବି. (ଜମ୍ ଧାତୁ + କର୍ମ ଇର)—
Jambira — ଏକ ପ୍ରକାର ଲେମ୍ବୁ; ଟଭା—ଁ
ସଂ. ଦନ୍ତହର୍ଷଣ, ମୁଖଶୋଧୀ — Citron; a kind of lemon;
গোঁড়া লেবু — Citrus Medica.
जामिर
ତେ. ଜମ୍ମ

ଜମ୍ବିଲ—ଦେ. ବି. (ସଂ. ଜମ୍ବିର)—ଜମ୍ବିର (ଦେଖ)
Jambila — Jambira (See)
(ଜମ୍ବୁଲ—ଅନ୍ୟରୂପ)

ଜମ୍ବୀର—ସଂ. ବି. (ଜମ୍ ଧାତୁ + କର୍ମ. ଈର)—ଜମ୍ବିର (ଦେଖ)
Jambira — Jambira (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜମ୍ବୁ—ସଂ. ବି. (ଜମ୍ ଧାତୁ + କର୍ତ୍ତୃ. ଉ)—
Jambu ୧ । ଜାମୁ ଗଛ ଓ କୋଳି—
(ଜମ୍ବୂ—ଅନ୍ୟରୂପ) 1. Blackberry and its tree.
[ଦ୍ର—ଏହା ତିନି ପ୍ରକାର, ଯଥା—୧. ରାଜଜମ୍ବୁ, ୨. କାକଜମ୍ବୁ ଓ ୩. ଭୂମିଜମ୍ବୁ—ଦ୍ରବ୍ୟଗୁଣ ।]
୨ । ଗୋଲାପଜାମୁ—1. Rose-apple.
୩ । (ପୁରାଣ ମତରେ) ମେରୁପର୍ବତକୁ ବେଷ୍ଟନ କରିଥିବା ପୃଥିବୀର ସପ୍ତଦ୍ୱୀପରୁ ଏକତମ; ଭାରତବର୍ଷ—
3. India (considered and described as one of the 7 mythological islands composing the earth.
୪ । ବରୁଣ—4. The sea-God.
୫ । ସ୍ୱର୍ଗସ୍ଥ ସ୍ୱର୍ଣ୍ଣପ୍ରସୂ ପୌରାଣିକ ନଦୀବିଶେଷ—
5. Name of a mythological river producing gold.
୬ । ସୁମେରୁ ପର୍ବତରୁ ଉତ୍ପନ୍ନ ନଦୀବିଶେଷ—
6. The name of a river of ancient India.
ଦେ. ବି—୧ । କାଶ୍ମୀର ରାଜ୍ୟର ଦେଶବିଶେଷ—
1. A part of the state of Kāsmira in N. W. India.
୨ । (ସଂ. ଜାମ୍ବବ) ଭାଲୁ—2. The bear.
୩ । କଟକ ଜିଲ୍ଲାରେ ମହାନଦୀ ଯେଉଁଠାରେ ସମୁଦ୍ରରେ ପଡ଼ିଅଛି—3. The delta of the Mahānadi river near the False-point harbour.
୪ । (ସ୍ତ୍ରୀ) ଜାମ୍ବବତୀର ଡାକ ନାମ—
4. Name for calling Jāmbabati.

ଜମ୍ବୁକ—ସଂ. ବି. (ଜମ୍ ଧାତୁ + କର୍ତ୍ତୃ. ଉକ)—
Jambuka ୧ । ଶୃଗାଲ; ବିଲୁଆ—1. Jackal.
(ଜମ୍ବୂକ—ଅନ୍ୟରୂପ) ୨ । ଧୂର୍ତ୍ତ ବ୍ୟକ୍ତି—
2. A cunning and deceitful person.
୩ । ନୀଚ ବ୍ୟକ୍ତି—3. A mean or low person.
୪ । ବରୁଣ—4. The Deity of water.
୫ । (ଜମ୍ବୁ + ସ୍ୱାର୍ଥେ. କ) ଗୋଲାପଜାମୁ ଗଛ ଓ ଫଳ—
5, The rose-berry and its tree.
୬ । କାର୍ତ୍ତିକେୟଙ୍କ ଅନୁଚରବିଶେଷ—
6. Name of an attendant of Kārttikeya.

ଜମ୍ବୁଖଣ୍ଡ—ସଂ. ବି—ଜମ୍ବୁଦ୍ୱୀପ (ଦେଖ)
Jambu-khanda Jambu-dwipa (See)

ଜମ୍ବୁଜମ୍ବାଳ—ସଂ. ବି. (୬ଷ୍ଠୀତତ୍; ଜମ୍ବୁ=ନଦୀବିଶେଷ + ଜମ୍ବାଳ= ପଙ୍କ)—ସୁନା—Gold.
Jambu-jambāla

> ଜମ୍ବୁଜମ୍ବାଳ-ପିଣ୍ଡୁଳା ପରେ ତାର ଉଜ୍ଜ୍ୱଳମଣି କାନ୍ତି—
> ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ

[ଦ୍ର—ସୁବର୍ଣ୍ଣ ଜମ୍ବୁନଦରୁ ଉତ୍ପନ୍ନ ହୁଏ ବୋଲି ତାହାକୁ ଜାମ୍ବୁନଦ ବୋଲାଯାଏ ।]

ଜମ୍ବୁଜଳ—ଦେ. ବି—ଜାମୁ ଗଛରୁ ଖସି ପଡ଼ୁଥିବା ବର୍ଷାଜଳ—
Jambu-jala Rain-water dropping down from a black-berry tree

> ସରୋବର ତଟେ ଜମାଳ ବନ
> ପାତ୍ରଶେ ଜମ୍ବୁଜଳ ପଡ଼େ ଘନ—ପ୍ରାଚୀ. ଦିଗ୍‌ଶଙ୍କର. ଭଷାକୋଷ ।

ଜମ୍ବୁଦୀପା—ଦେ. ବି—ଏକପ୍ରକାର ସରୁ ଧାନ—
Jambu-dipā A species of fine paddy.

ଜମ୍ବୁଦ୍ୱୀପ—ସଂ. ବି—ହିନ୍ଦୁପୁରାଣମତରେ ପୃଥିବୀର ୭ ଦ୍ୱୀପରୁ ଏକତମ ଦ୍ୱୀପ—India of the ancient Hindus considered and described as one of the seven islands of the earth.
Jambu-dwipa

[ଦ୍ର—କାହାର କାହାର ମତରେ ସମଗ୍ର ଏସିଆ ମହାଦେଶ ଜମ୍ବୁଦ୍ୱୀପର ଅନ୍ତର୍ଗତ । ଆଜି ପର୍ଯ୍ୟନ୍ତ ହିନ୍ଦୁମାନଙ୍କର ନିତ୍ୟନୈମିତ୍ତିକ ଧର୍ମାନୁଷ୍ଠାନର ସଙ୍କଳ୍ପରେ 'ଜମ୍ବୁଦ୍ୱୀପ' ଶବ୍ଦ ଚଳୁଅଛି ଓ ପ୍ରଚଳିତ କଥାରେ 'ମଧ୍ୟ ଜମ୍ବୁଦ୍ୱୀପରେ ଏପରି ମିଳି ନାହିଁ' ବାକ୍ୟ ବ୍ୟବହୃତ ହେଉଅଛି । ପ୍ରାଚୀନ ହିନ୍ଦୁ ପୁରାଣ ଲେଖକମାନଙ୍କ ମତରେ ପୃଥିବୀ ଗୋଲାକାର, ତହିଁରେ ୭ ଗୋଟି ଦ୍ୱୀପ, ତହିଁ ମଧ୍ୟରୁ ଗୋଟିଏ ଜମ୍ବୁଦ୍ୱୀପ । ନୀଳପର୍ବତର ଦକ୍ଷିଣ ଓ ନିଷଧ ପର୍ବତର ଉତ୍ତରରେ ଅବସ୍ଥିତ ସୁଦର୍ଶନ ନାମକ ଜମ୍ବୁ ବୃକ୍ଷରୁ ଏ ଦ୍ୱୀପର ନାମକରଣ ହୋଇଥିଲା । ଭାରତବର୍ଷ ଏହି ଜମ୍ବୁଦ୍ୱୀପର ଗୋଟିଏ ବର୍ଷ ବା ଖଣ୍ଡ ଥିବାର କଥିତ ଅଛି । ଜମ୍ବୁଦ୍ୱୀପ ପରି ୭ ଗୋଟି ଦ୍ୱୀପ ମେରୁ ପର୍ବତର ଚାରି ପାଖରେ ଅବସ୍ଥିତ ।]

ଜମ୍ବୁନଦ—ସଂ. ବି—ପୁରାଣମତେ ସ୍ୱର୍ଗର ୭ଗୋଟି ନଦୀ ମଧ୍ୟରୁ ଏକତମ—
Jambu-nada One of the 7 heavenly rivers.
[ଦ୍ର—ଏଥିରୁ ସୁନା ଜାତ ହୋଇଥିବାରୁ ସୁନାକୁ ଜାମ୍ବୁନଦ ବୋଲାଯାଏ ।]
ଦେ. ବି. (ସଂ. ଜାମ୍ବୁନଦ)—ସୁବର୍ଣ୍ଣ; ସୁନା—Gold.

ଜମ୍ବୁନଦ ଗୋରୀ—ଦେ. ଗୁଣ. ସ୍ତ୍ରୀ. (ସଂ. ଜାମ୍ବୁନଦ ଗୌରୀ)—ସୁବର୍ଣ୍ଣ ପରି କାନ୍ତିବିଶିଷ୍ଟା (ସ୍ତ୍ରୀ)—(a woman) Having a golden complexion.
Jambunada gori

> ଜମ୍ବୁକଣ୍ଠୀ ଜମ୍ବୁନଦଗୋରୀ—ପ୍ରାଚୀନ ସଙ୍ଗୀତ ।

ଜମ୍ବୁନଦସାର—ସଂ. ବି. (୬ଷ୍ଠୀ ତତ୍; ଜମ୍ବୁନଦ + ସାର)—ସ୍ୱର୍ଣ୍ଣ; ସୁନା—Gold.
Jambunada-sāra

> ଜଙ୍ଗମ ହେବାର, ଜମ୍ବୁନଦସାର ଶିରୀ ସ୍ଫୁରିତ ସେ କ ପ୍ରକାର—
> କବିସୂର୍ଯ୍ୟ. କଳୋଶାଜରମ୍ଭ. ଜ ଗୀତ ।

ଜମ୍ବୁ ନଦୀ—ସଂ. ବି—ଜମ୍ବୁନଦ (ଦେଖ)
Jambu nadi Jambu-nada (See)

ଜମ୍ବୁବତୀ—ଦେ. ବି. ସ୍ତ୍ରୀ. (ସଂ. ଜାମ୍ବବତୀ)—
Jambu-bati ସ୍ତ୍ରୀଙ୍କ ଦିଆଯିବା ନାମ—
A name given to females.

୧	ଇ	ଢ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅଂନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟୁ	ଡଅ	ଢ଼
୨	ଈ	ଊ	ରୁ	ଲ୍	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନୃ

ଜମ୍ବୁମାର୍ଗ—ସଂ. ବି—ପୁଷ୍କରସ୍ଥ ତୀର୍ଥବିଶେଷ—
Jambu-mārga   Name of a sacred place in Pushkara.

ପୁଷ୍କରରେ ଅଛି ଯେ ଜମ୍ବୁମାର୍ଗ ତୀର୍ଥ
ସେବା କଲେ ତାର ସୁକୃତ ହୋଏ ସାର୍ଥ । କୃଷ୍ଣସିଂହ. ମହାଭାରତ. ବନ ।

ଜମ୍ବୁମୁହାଁ—ଦେ. ବିଶ. ପୁଂ. (ସଂ. ଜମ୍ବୁ+ମୁଖ)—
Jambu-muhān̐   ଲମ୍ବ ଥିବା ଯାହାର ମୁହଁ ବା ଓଠ ଟୋଙ୍କିଆ—
(ଜମ୍ବୁମୁହିଁ—ସ୍ତ୍ରୀ)   Having a pointed mouth (like a bear).

ଜମ୍ବୁରା—ବୈଦେ. ବି. (ଫା. ଜମ୍ବୁରକ୍)—
Jamburā   ୧ । ଘୋଡ଼ା ଓ ଓଟ ଉପରେ ବାହିତ ଛୋଟ ତୋପ—
जम्बुरा   1. A kind of small cannon carried on a horse or camel.

କର୍ଣ୍ଣଚଳନ୍ତୁ ଥାଏଁ କଲା ଫଣି, ଏମନ୍ତ ପବ ଶୁଣିଲେ ବେଳେ ମଣି
ଅବେଢ଼ ଯୋଚିନ୍ତୁ ଜମ୍ବୁରା ନଳୀ, ଯୁବା ଧୈର୍ଯ୍ୟ ମୃଗ ନେବାକୁ ଖାଡ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । ଜମ୍ଭୁରା (ଦେଖ)
2 Jambhurā (See)

ଜମ୍ବୁଳ—ସଂ. ବି. (ଜମ୍ବୁ+ଲା ଧାତୁ+କର୍ତ୍ତୃ. ଅ)—
Jambuḻa   ୧ । ଜମ୍ଭିର ଲେମ୍ବୁ—1. Citron.
(ଜମ୍ବୁଲ—ଅନ୍ୟରୂପ)   ୨ । ବିବାହ କାଳରେ ସ୍ତ୍ରୀମାନେ ବରକନ୍ୟାଙ୍କ ପ୍ରତି ଯେଉଁ ପରିହାସବାକ୍ୟ ପ୍ରୟୋଗ କରନ୍ତି—
2. Jest or jesting compliments addressed to the bride and bride-groom by their friends and female relatives (Apte).

ଜମ୍ବୂ—ସଂ. ବି—ଜମ୍ବୁ (ଦେଖ)
Jambū   Jambu (See)

ଜମ୍ବୂକ—ସଂ. ବି. (ଜମ୍ ଧାତୁ+ଊକ)—ଜମ୍ବୁକ (ଦେଖ)
Jambūka   Jambuka (See)

ଜମ୍ଭ୍ (ଧାତୁ)—ସଂ—୧ । ନଷ୍ଟ କରିବା—
Jambh (root)   1. To destroy.
୨ । ଖାଇବା—2. To eat.
୩ । ରମଣ କରିବା—3. To cohabit.
୪ । ମେଲା ହେବା—4. To expand.
୫ । ହାଇ ମାରିବା—5. To yawn.

ଜମ୍ଭ—ସଂ. ବି. (ଜମ୍ଭ ଧାତୁ=ନଷ୍ଟ କରିବା+କର୍ତ୍ତୃ. ଅ)—
Jambha   ୧ । ମହାପରାକ୍ରମୀ ଦୈତ୍ୟବିଶେଷ—
1. Name of a demon.
[ଦ୍ର—ଏ ମହିଷାସୁରର ପିତା । ଏହାକୁ ଇନ୍ଦ୍ର ବଧ କରିଥିଲେ, ତେଣୁ ଇନ୍ଦ୍ରଙ୍କୁ ଜମ୍ଭଭେଦୀ କୁହାଯାଏ ।]
୨ । ଜମ୍ଭିର ଫଳ; ଲେମ୍ବୁ—2. Lemon; citron.
୩ । ତୂଣ—3. Quiver for arrows.
୪ । ହାନୁଯାନ୍ତ୍ର—4. The jaws.
୫ । (+କର୍ମ. ଅ) ଭକ୍ଷ୍ୟ ବସ୍ତୁ—5. Food; eatables.
୬ । ଅଂଶ; ଭାଗ—6. Part; portion.
୭ । ଦମ୍ଭ—7. Pride.
୮ । ଟୀକା; ବ୍ୟାଖ୍ୟା—
8. Interpretation; explanation.
୯ । (+ଭାବ. ଅ) ଭକ୍ଷଣ—9. Eating.
୧୦ । (+କରଣ. ଅ) ଦନ୍ତ—10. Tooth.
୧୧ । (+କରଣ. ଅ) ହନୁ; ଗଣ୍ଡ ଦେଶର ଉପର ଭାଗ—
11. The upper part of the cheeks.

ଜମ୍ଭକ—ସଂ. ବିଣ. ପୁଂ. (ଜମ୍ଭ ଧାତୁ+କର୍ତ୍ତୃ. ଅକ)—
Jambhaka   ୧ । ଭୋକ୍ତା; ଖାଦକ—1. Eater; eating.
(ଜାମ୍ଭିକା—ସ୍ତ୍ରୀ)   ୨ । ବ୍ୟାଖ୍ୟାକାରୀ
2. Explaining; interpreting.
୩ । ପ୍ରସ୍ଫୁଟିତ ହୋଇଥିବା; ମେଲି ଯାଇଥିବା—
3. Expanded; opened up.
୪ । ରମଣକାରୀ—4. One who copulates or cohabits; cohabiting.
୫ । ଯେ ହାଇ ମାରେ—
5. One who yawns; yawning.
ବି. (ଜମ୍ଭ+ସ୍ୱାର୍ଥେ. କ) ଜମ୍ଭିର ଲେମ୍ବୁ—Citron.

ଜମ୍ଭକା—ସଂ. ବି. ସ୍ତ୍ରୀ. (ଜମ୍ଭ ଧାତୁ+ଭାବ. ଅକ+ସ୍ତ୍ରୀ. ଆ)—
Jambhakā   ହାଇ; ଜୃମ୍ଭା—A yawn; gaping.

ଜମ୍ଭନ—ସଂ. ବି. (ଜମ୍ଭ ଧାତୁ=ସ୍ତ୍ରୀସଙ୍ଗ କରିବା+ଭାବ. ଅନ)—
Jambhana   ରମଣ—Coition; sexual intercourse; copulation.

ଜମ୍ଭଭେଦନ—ସଂ. ବି. (ଜମ୍ଭ+ଭିଦ୍ ଧାତୁ=ଭେଦ କରିବା+କର୍ତ୍ତୃ. ଅନ)—ଜମ୍ଭଭେଦୀ (ଦେଖ)
Jambha-bhedana   Jambha-bhedī (See)

ଜମ୍ଭଭେଦୀ—ସଂ. ବି. (ଜମ୍ଭ+ଭିଦ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ;
Jambha-bhedī   ଜମ୍ଭାସୁରକୁ ବଜ୍ରଦ୍ୱାରା ନାଶ କରିଥିବାରୁ)—
୧ । ଇନ୍ଦ୍ର—1. God Indra.
୨ । ବଜ୍ର—2. Thunderbolt.

ଜମ୍ଭରିପୁ—ସଂ. ବି. (୬ଷ୍ଠୀ ତତ୍; ଜମ୍ଭ+ରିପୁ)—
Jambha-ripu   ଜମ୍ଭଭେଦୀ (ଦେଖ)—Jambha-bhedī (See)

ଜମ୍ଭଳ—ସଂ. ବି. ପୁଂ. (ଜମ୍ଭ+ସ୍ୱାର୍ଥେ. ଳ)—୧ । ଜମ୍ଭୀର ଲେମ୍ବୁ—
Jambhaḻa   1. Citron.

ଜମ୍ଭଳା—ସଂ. ବି. ସ୍ତ୍ରୀ. (ଜମ୍ଭଳ+ସ୍ତ୍ରୀ. ଆ)—
Jambhaḻā   ଗୋଦାବରୀତୀରବାସିନୀ ପୁରାଣୋକ୍ତ ରାକ୍ଷସୀବିଶେଷ—
Name of a demoness supposed to reside on the banks of the Godaveri river (in South India).

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର ବୃତ୍ତସ୍ଥ ୨ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ'ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ ।

[ଦ୍ର—କୌମୋଦଗଞ୍ଚତନ୍ତ୍ର ଗ୍ରନ୍ଥରେ ଲେଖା ଅଛି ଯେ ସମୁଦ୍ରର ଉତ୍ତର ଭାଗରେ ବାସ କରୁଥିବା ଜମ୍ଭଳା ନାମକ ରାକ୍ଷସୀଙ୍କ ଉଦ୍ଦେଶ୍ୟ ମନ୍ତ୍ର ବୋଲି ସ୍ମରଣ କଲେ ଗର୍ଭିଣୀ ପ୍ରସବବେଦନାରୁ ମୁକ୍ତ ହୋଇ ସୁପ୍ରସବ କରେ । ଯଥା—

ଅସ୍ତି ଗୋଦାବରୀତୀରେ ଜମ୍ଭଳା ନାମ ରାକ୍ଷସୀ
ତସ୍ୟା ସ୍ମରଣମାତ୍ରେଣ ବିଶଲ୍ୟା ଗର୍ଭିଣୀ ଭବେତ୍ ।]

ଜମ୍ଭୀ—ସଂ. ବି. ସ୍ତ୍ରୀ (ଜମ୍ଭ ଧାତୁ + ଅ + ସ୍ତ୍ରୀ. ଈ)—ଜମ୍ଭକା (ଦେଖ)
Jambhi — Jambhakā (See)

ଜମ୍ଭାଏଲ୍ ଦାନ୍ତ—ଗ୍ରାଦେ. (ସମ୍ବଲପୁର) ବି.—କଳଦାନ୍ତ—
Jambhāel dānt — The grinders (teeth).

ଜମ୍ଭାରାତି—ସଂ. ବି. (୬ଷ୍ଠୀ ତତ୍; ଜମ୍ଭ + ଅରାତି)—୧ । ଇନ୍ଦ୍ର—
Jambhārāti — 1. God Indra.
୨ । ବଜ୍ର—2. Thunderbolt.
୩ । ଅଗ୍ନି—3. Fire.

ଜମ୍ଭାରାତି ମଣି—ସଂ. ବି.—ଇନ୍ଦ୍ରନୀଳମଣି—
Jambhārāti maṇi — An excellent sort of sapphire.
ଜମ୍ଭାରାତିମଣି ଚିଗିଲୁ କଣବାରୁ ପୁରେ ହେଲା ମୋ ନଜର ।
କବିସୂର୍ଯ୍ୟ. ଚଉପଦୀ. ଗୀତ ।

ଜମ୍ଭାରି—ସଂ. ବି.—(୬ଷ୍ଠୀ ତତ୍; ଜମ୍ଭ + ଅରି)—ଜମ୍ଭାରାତି (ଦେଖ)
Jambhāri — Jambhārāti (See)

ଜମ୍ଭାସୁର—ସଂ. ବି. (ନାମ)—ଜମ୍ଭ ୧ (ଦେଖ)
Jambhāsura — Jambha (See)

ଜମ୍ଭିଲ—ପ୍ରାଦେ. (ଗଞ୍ଜାମ) ବି.—ଜମ୍ବିର (ଦେଖ)
Jambhila — Jambira (See)

ଜମ୍ଭୀ—ସଂ. ବି.—ଜମ୍ବିର (ଦେଖ)
Jambhi — Jambira (See)

ଜମ୍ଭୀର—ସଂ. ବି.—ଜମ୍ବିର (ଦେଖ)
Jambhira — Jambira (See)

ଜମ୍ଭୁରା—ବିଦେ. (ଫା. ଜଂବୁର୍)—୧ । ଦୃଢ଼ ସଣ୍ଡାଶୀ ବା ଚିମୁଟା—
Jambhurā — 1. Strong pincers; pliers (instrument
जंबूरा — for catching a thing tightly).
जंबुरा — ୨ । ପ୍ରତିମା ଉପରେ ମଡ଼ାଯିବା ଏକପିଠି ତମ୍ବାଳିଆ ଓ ଅନ୍ୟ ପିଠି ଧଳା ପିତଳର ପତଳା ପାତିଆ—
2. Very thin foils of brass (with one side copper-coloured and the other tinned, used to adorn painted images).
୩ । ଏକପ୍ରକାର ବନ୍ଧୁକ—3. A kind of gun.

ଜୟ—ସଂ. ବି.—(ଜି ଧାତୁ = ଜୟ କରିବା + ଭାବ. ଅ)—
Jaya — ୧ । ଶତ୍ରୁ ଦମନ—1. Victory; conquest; triumph.
(ପରାଜୟ—ବିପରୀତ) ୨ । ଦେଶ ବା ମନୁଷ୍ୟର ବଶୀକରଣ—
2. Bringing a person or country to subjection; subjugation.
୩ । କୃତକାର୍ଯ୍ୟତା; ସଫଳତା—3. Success.
୪ । ବିଷ୍ଣୁଙ୍କ ପାର୍ଷଦ ବା ଦ୍ୱାରୀ—4. Name of an attendant or door-keeper of Bishṇu.
[ଦ୍ର—ଜୟ ବିଜୟ ବିଷ୍ଣୁଙ୍କ ଶ୍ରୀମନ୍ଦିରର ଦୁଇ ପାଖର ଦ୍ୱାରରକ୍ଷକ, ସେଥିପାଇଁ ଜଗନ୍ନାଥଙ୍କ ଶ୍ରୀମନ୍ଦିରଦ୍ୱାରକୁ ଜୟବିଜୟ ଦ୍ୱାର ବୋଲି ଯାଏ ।]
୫ । ଇନ୍ଦ୍ରପୁତ୍ର; ଜୟନ୍ତ—5. Jayanta, son of Indra.
୬ । ବିରାଟ ରାଜସଭାରେ ଯୁଧିଷ୍ଠିର ଙ୍କର ଛଦ୍ମନାମ—
6 The name assumed by Judhisṭhira while living incognito in the court of Birāṭa.
୭ । ପୁରାଣ ଇତିହାସାଦି ଶାସ୍ତ୍ର—
7. Mythology and history.
୮ । ବିଷ୍ଣୁ—8. Bishṇu.
ଦେ. ଅ.—ଜୟ ଜୟ (ଦେଖ)
Jaya jaya (See)

ଜୟକାଣ୍ଡ—ଦେ. ବି.—(ସଂ. ନାମ ନଖବ୍ରଣ)—ହାତର ଅଙ୍ଗୁଠିରେ
Jayakāṇḍa — ବାହାରିବା ଦୁଷ୍ଟବ୍ରଣବିଶେଷ; ନାରଗୁଣ—
ଆଁଗୁଳହାଡ଼ା A very painful boil on the joint of one
ছিলকা, ছিকৌরী, ছিম — of the fingers of the hand; whitlow; Paronychia Felon

ଜୟଜୟ—ଦେ. ବି.—ଅମୁକଙ୍କର ଜୟ ହେଉ; ଇତ୍ୟାକାର ଘୋଷଣା—
Jayajaya — Rejoicing in the name of a person;
জয় জয় — huzza; glorification in the name of a
जय जय — certain person or Deity; exclamation of gratitude and adoration.
ଦେ. ଅ.—(ଆନନ୍ଦ ଓ ସ୍ୱାଗତସୂଚକ ଧ୍ୱନି)—ଅମୁକଙ୍କର ଜୟ ହେଉ—Hail! Victory to thee!

ଜୟଜୟକାର—ଦେ. ବି.—ଜୟ ଜୟ (ଦେଖ)
Jaya-jaya-kāra — Jaya jaya (See)

ଜୟଜୟନ୍ତୀ—ସଂ. ବି. ସ୍ତ୍ରୀ—ସଙ୍ଗୀତର ରାଗିଣୀବିଶେଷ—
Jaya-jayanti — Name of a musical air.

ଜୟଡିଣ୍ଡିମ—ସଂ. ବି. (ମ. ପ. ଲୋ. ଜୟ ଘୋଷଣାକାରୀ ଡିଣ୍ଡିମ; ଜୟ + ଡିଣ୍ଡିମ)—ଯେଉଁ ବାଦ୍ୟ ବା ଢୋଲ ବଜାଇ ଜୟଘୋଷଣା କରାଯାଏ; ବଡ଼ବାଦ୍ୟ; ଢଙ୍କଘୋଷ—
Jaya-diṇḍima — A large drum beaten to announce victory.

ଜୟଢକ୍କା—ସଂ. ବି.—(ମ. ପ. ଲୋ. ଜୟ + ଢକ୍କା)—ଜୟଡିଣ୍ଡିମ (ଦେଖ)
Jaya-ḍhakkā — Jayadiṇḍima (See)
(ଜୟଢକା—ଅନ୍ୟରୂପ)

୧	ଇ	ଉ	ଋ,ଌ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇପ୍ସ	ଉଥ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଥ	ଈ	ନ୍ତ

ଜୟତ୍ସେନ—ସଂ. ବ.—ବିରାଟଭବନରେ ନକୁଳଙ୍କର ଛଦ୍ମ ନାମ—
Jayatsena : The name assumed by Nakula in Birāṭa's court.

ଜୟତାଳ—ସଂ. ବ.—ସଙ୍ଗୀତର ତାଳର ୬୦ ମୁଖ୍ୟ ଭେଦରୁ ଏକ—
Jayatāla One of 60 modes or beats in Hindu music.

ଜୟତଶ୍ରୀ—ସଂ. ବ.—ଦୀପକ ରାଗର ଭାର୍ଯ୍ୟା ରାଗିଣୀବିଶେଷ—
Jayati-śri One of the secondary tunes in Hindu music.

ଜୟତୀ—ସଂ. ବ.—ଶ୍ରୀରାଗର ଏକ ରାଗିଣୀ—
Jayati One of the secondary tunes in Hindu music.
[ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ ଓ ଏଥିରେ ସବୁ ଶୁଦ୍ଧ ସ୍ୱର ଲାଗେ—ହି. ଶବ୍ଦସାଗର ।]

ଜୟଦୁନ୍ଦୁଭି—ସଂ. ବ. (ଜୟ+ଦୁନ୍ଦୁଭି)—ଜୟଡିଣ୍ଡିମ (ଦେଖ)
Jaya-dundubhi Jaya-dindima (See)

ଜୟଦୁର୍ଗା—ସଂ. ବ. ସ୍ତ୍ରୀ—ମଙ୍ଗଳଚଣ୍ଡୀ; ଦୁର୍ଗାଙ୍କର ମୂର୍ତ୍ତିଭେଦ—
Jaya-durgā Goddess Durgā.

ଜୟଦେବ—ଦେ. ବ. (ନାମ)—'ଗୀତଗୋବିନ୍ଦ' ନାମକ ସଂସ୍କୃତ ଗୀତିକାବ୍ୟ ରଚୟିତା—The famous poet of the Sanskrit lyrical ballad Gitagobinda.
[ଦ୍ର—ଏ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କେନ୍ଦୁବିଲ୍ୱ ଗ୍ରାମବାସୀ କବି । ଏହାଙ୍କ ପିତାଙ୍କର ନାମ ଭୋଜଦେବ, ମାତାଙ୍କ ନାମ ବାମାଦେବୀ । ଏ ବଙ୍ଗର ରାଜା ଲକ୍ଷ୍ମଣ ସେନଙ୍କ ସଭାପଣ୍ଡିତ ଥିଲେ । ମାତ୍ର କେହି କେହି କହନ୍ତି—"ଏ ଏକାଦଶ ଶତାବ୍ଦୀର କବି ଓ ଉତ୍କଳରାଜାଙ୍କ ସଭାକବି ଥିଲେ । ଏହାଙ୍କ ରଚିତ 'ଗୀତଗୋବିନ୍ଦ'ର ନିତ୍ୟପାଠ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ମଧ୍ୟରେ ଗୋଟିଏ ପ୍ରଧାନ ନୀତି । ଜୟଦେବ ପୁରୀବାସୀ ଥିଲେ" (ଜଗବନ୍ଧୁ. ପ୍ରାଚୀନ ଉତ୍କଳ)
ଆଜିପର୍ଯ୍ୟନ୍ତ ବଙ୍ଗୀୟମାନେ ଜୟଦେବଙ୍କୁ ବୀରଭୂମ ଜିଲ୍ଲାର କେନ୍ଦୁବିଲ୍ୱ ଗ୍ରାମବାସୀ ବୋଲି ପ୍ରମାଣ କରୁଥିଲେ । କିନ୍ତୁ ଜୟଦେବ ଯେ ଉତ୍କଳର କେନ୍ଦୁଲୀ ଶାସନରେ ଜନ୍ମଗ୍ରହଣ କରିଥିଲେ ଭକ୍ତମାଳା ଗ୍ରନ୍ଥର ନିମ୍ନୋଦ୍ଧୃତ ଶ୍ଳୋକରୁ ତାହା ସ୍ପଷ୍ଟରୂପେ ପ୍ରମାଣିତ ହୁଏ ।

ଜଗନ୍ନାଥପୁରୀପ୍ରାନ୍ତେ ଦେଶେ ଚୈବୋତ୍କଳାଭିଧେ
କେନ୍ଦୁବିଲ୍ୱ ଇତିଖ୍ୟାତଃ ଗ୍ରାମୋ ବ୍ରାହ୍ମଣସଙ୍କୁଳଃ ।
ତତ୍ରୋତ୍କଳୋ ଦ୍ୱିଜୋ ଜାତୋ ଜୟଦେବ ଇତଶ୍ରୁତଃ
ବଦ୍ୟାଭ୍ୟାସରତଃ ଶାନ୍ତଃ ପୁରୁଷୋତ୍ତମପୂଜକଃ । ଭକ୍ତମାଳା ଗ୍ରନ୍ଥ ।]

ଜୟଦ୍ବଳ—ସଂ. ବ.—ବିରାଟଭବନରେ ସହଦେବଙ୍କ ଛଦ୍ମ ନାମ—
Jayadbala The assumed name of Sahadeba in the court of Birāṭa.

ଜୟଦ୍ରଥ—ସଂ. ବ. (ବହୁବ୍ରୀହି; ଜି ଧାତୁ+ଶତୃ ଜୟତ୍;=ଜୟଶୀଳ+ରଥ)—ମହାଭାରତବର୍ଣ୍ଣିତ ସିନ୍ଧୁ ବା ସୌରାଷ୍ଟ୍ରଦେଶର ରାଜା ଓ ଦୁର୍ଯ୍ୟୋଧନଙ୍କ ଭଉଣୀ ଦୁଃଶଳାଙ୍କ ସ୍ୱାମୀ—
Jayadratha A warrior of the Mahābhārata, brother-in-law of Durjyodhana who was killed in the Great War.
[ଦ୍ର—ପାଣ୍ଡବମାନେ ଅଜ୍ଞାତବନବାସ କରୁଥିବା ବେଳେ ଏ ଦ୍ରୌପଦୀଙ୍କ ଅତିଥି ହୋଇ ଆତିଥ୍ୟ ଗ୍ରହଣ କରି ସାରି ପାଣ୍ଡବମାନଙ୍କ ଅନୁପସ୍ଥିତିରେ ଦ୍ରୌପଦୀଙ୍କୁ ହରଣ କରି ନେଇ ପଳାଇଲେ । ପାଣ୍ଡବମାନେ ଫେରି ଆସି ଏହାଙ୍କ ଅନୁଧାବନ କରି ଦ୍ରୌପଦୀଙ୍କୁ ଉଦ୍ଧାର କଲେ ଓ ଏହାଙ୍କୁ ଅପମାନ ଦେଇ ଛାଡ଼ି ଦେଲେ । ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁଙ୍କୁ ବଧ କରିବା ବିଷୟରେ ଏ ବିଶେଷ ଉଦ୍ୟୋଗ କରିଥିବାରୁ ଅର୍ଜୁନଙ୍କ ହାତରେ ଯୁଦ୍ଧକ୍ଷେତ୍ରରେ ଏ ପ୍ରାଣ ହରାଇଥିଲେ ।]

ଜୟଧ୍ୱଜ—ସଂ. ବ. (ମ. ପ. ଲୋ; ଜୟ+ଧ୍ୱଜ)—ଜୟପତାକା (ଦେଖ)
Jaya-dhwaja Jaya-patākā (See)

ଜୟଧ୍ୱନି—ସଂ. ବ. (୬ଷ୍ଠୀ ତତ୍; ଜୟ+ଧ୍ୱନି)—
Jaya-dhwani ୧ । ଜୟ ଜୟ ଶବ୍ଦ; ଜେଜେକାର—
1. Exclamations of rejoicing.
୨ । ବିଜୟୋଲ୍ଲାସସୂଚକ ରବ—
2. Shout or cry of victory.
୩ । ଯୁଦ୍ଧକୁ ଯିବା ସମୟରେ ସୈନ୍ୟମାନଙ୍କର ଉତ୍ସାହସୂଚକ ଜୟଶବ୍ଦ—3. War-cry.

ଜୟନ୍ତ—ସଂ. ବ. (ନାମ) (ଜି ଧାତୁ+କର୍ତ୍ତି. ଅନ୍ତ)—୧ । ଇନ୍ଦ୍ରପୁତ୍ର—
Jayanta 1. Son of Indra.
୨ । ବିରାଟଭବନରେ ଭୀମଙ୍କ ଛଦ୍ମ ନାମ—
2. The name assumed by Bhima in the court of Birāṭa.
୩ । ଦଶରଥଙ୍କ ମନ୍ତ୍ରୀ—
3. A minister of Daśaratha.
୪ । ଚନ୍ଦ୍ର—4. The moon.
୫ । ସଙ୍ଗୀତର ରାଗିଣୀବିଶେଷ—
5. Name of a musical air.
୬ । ଶିବ (ପ୍ରକୃତିବାଦ)—6. Siba.

ଜୟନ୍ତିକା—ସଂ. ବ. ସ୍ତ୍ରୀ. (ଜୟନ୍ତୀ+କ+ସ୍ତ୍ରୀ. ଆ)—ହଳଦୀ—
Jayantikā Turmeric.

ଜୟନ୍ତୀ—ସଂ. ବ. ସ୍ତ୍ରୀ—୧ । ଇନ୍ଦ୍ରଙ୍କ କନ୍ୟା—
Jayanti 1. Daughter of Indra.
୨ । ଦୁର୍ଗା—2. Goddess Durgā.
୩ । ଅଷ୍ଟନାୟିକାଙ୍କ ମଧ୍ୟରୁ ଚତୁର୍ଥ ନାୟିକା—
3. One of 8 classes of heroines mentioned in the Hindu Śāstras.
ସଂ. ଜୟା; କେଶରୁଦ୍ରା ବିଷମୋହପ୍ରଶମନୀ

ସାଧାରଣ ଲୋକେ ଅପର ପୃଷ୍ଠାରେ ସତତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗଁା ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବଛ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜୈନ୍ତୀ ୪ । ବୃକ୍ଷବିଶେଷ—4. Name of a tree; Abutilon
जहि Avicennal; Seda Abutilon; Indian Mallow;
ଢେ ସୋମନ୍ତୀ American Jute (Kirtikar).

[ଦ୍ର—ଏ ଗଛ ଉତ୍ତରପଶ୍ଚିମ ପ୍ରଦେଶ, ସିନ୍ଧୁ, କାଶ୍ମୀର, ବଙ୍ଗ ପ୍ରଭୃତିରେ ଜନ୍ମେ । ଏଥିର ଫୁଲର ପାଖୁଡ଼ା ହଳଦିଆ; ମଞ୍ଜି, ପତ୍ର ଓ ମୂଳ ଔଷଧରେ ଲାଗେ । ଜୟନ୍ତୀଗଛର ପତ୍ରରୁ ରସ ବାହାର କରି ମୁଣ୍ଡରେ ଲଗାଇଲେ ସ୍ତ୍ରୀମାନଙ୍କର ପିତ୍ତ ଶାନ୍ତ ହୁଏ ଓ ମୁଣ୍ଡବ୍ୟଥା ଭଲ ହୁଏ ।]

୫ । (ଫଳିତ ଜ୍ୟୋତିଷ) ଶ୍ରାବଣ କୃଷ୍ଣ ଅଷ୍ଟମୀ ଅର୍ଦ୍ଧରାତ୍ରର କଳାମାତ୍ର ଅଧଃ ବା ଊର୍ଦ୍ଧ୍ୱରେ ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ଯେଉଁ ଶୁଭଯୋଗ ହୁଏ—5. (astrology) An auspicious combination of stars happening in the dark fortnight of Śrābaṇa.

୬ । ପତାକା—6. A flag.

୭ । ହିନ୍ଦୁମାନଙ୍କର ବର୍ଷକ ମଧ୍ୟରେ ୬ଦିନ କରାଯିବା ବ୍ରତ (ଉପବାସ)—7. The vow observed by the Hindus on 6 days in the year.

[ଦ୍ର—ଶିବରାତ୍ରି, ଜନ୍ମାଷ୍ଟମୀ, ନୃସିଂହଜନ୍ମ, ବାମନଜନ୍ମ, ରାମନବମୀ ଓ ମହାଷ୍ଟମୀ ଏମାନଙ୍କୁ ଷଡ଼ଜୟନ୍ତୀ ବୋଲାଯାଏ ।]

ଜୟନ୍ତୀ କ୍ଷେତ୍ର—ଦେ. ବି. (ନାମ)—ଅଧୁନିକ ମୁଖଲିଙ୍ଗର ପୂର୍ବତନ
Jayanti-kshetra ନାମ—The ancient name of (mordern) Mukhaliṅga.

ଜୟନ୍ତୀତୀର୍ଥ—ସଂ. ବି.—ହିନ୍ଦୁମାନଙ୍କର ତୀର୍ଥବିଶେଷ—
Jayantī-tīrtha Name of a sacred place of the Hindus.

ଜୟନ୍ତୀପୁର—ସଂ. ବି. (ନାମ)—ପ୍ରାଚୀନ କଳିଙ୍ଗର ଏକ ବିଖ୍ୟାତ ନଗର-
Jayantī-pura A famous town of ancient Kaḻiṅga.

ଜୟପତକା—ଗ୍ରା. ବି. (ସଂ. ଜୟପତାକା)—
Jaya-patakā ଜୟପତାକା (ଦେଖ)
Jaya-patākā (See)

ଜୟପତାକା—ସଂ. ବି, (ମ. ପ. ଲୋ; ଜୟ ସୂଚକ ପତାକା)—
Jaya-patākā ବିଜୟ ସୂଚକ ନିଶାଣ—Flag notifying or announcing victory.

ଜୟପତ୍ର—ସଂ. ବି— ୧ । ନିଜର ପରାଜୟ ସ୍ୱୀକାର କରି ପରାଜିତ ବ୍ୟକ୍ତି
Jaya-patra ବିଜେତାଙ୍କୁ ଯେଉଁ ନିଦର୍ଶନପତ୍ର ଲେଖି
(ଜୟଲେଖ—ଅନ୍ୟରୂପ) ଦିଏ (ହି. ଶବ୍ଦସାଗର)—
1. A document executed by the defeated party in favour of the victor admitting his defeat.

୨ । (ହିନ୍ଦୁ ସ୍ମୃତି) ମକଦ୍ଦମାର ରାୟ; ଫଇସଲା—
2. (Hindu law) A decree.

ଜୟପତ୍ରୀ—ସଂ. ବି—ଜାଇତ୍ରୀ (ହି. ଶବ୍ଦସାଗର)—
Jaya-patrī Mace (spice).

ଜୟପାଳ—ସଂ. ବି—୧ । କନକା; ସିଜୁ ଗଛ ଶ୍ରେଣୀର କ୍ଷୁଦ୍ର ବୃକ୍ଷ
Jayapāḻa (ଏହା ମଞ୍ଜିରୁ ପ୍ରସିଦ୍ଧ ରେଚକ ତେଲ ବାହାରେ)—
ସଂସ୍କୃତ ପର୍ଯ୍ୟାୟ— 1. Name of a tree: Croton;
ଜୟପାଳ, ତୈପାଳ, ଜାରକ, Figlium (from which
ରେଚକ, ତିନ୍ତିଡ଼ୀଫଳି, croton oil, a strong
ଦନ୍ତୀବୀଜ, ମଳଦ୍ରାବୀ, purgative is extracted).
ବୀଜରେଚନ, କୁମ୍ଭୀବୀଜ, [ଦ୍ର—ଏ ଗଛ ସମୁଦ୍ରର ସମତଳଠାରୁ
କୃମିଘ୍ନବୀଜ, ଘଣ୍ଟାବୀଜ, ୩୦୦୦ ଫୁଟ ପର୍ଯ୍ୟନ୍ତ ଉଚ୍ଚ ସ୍ଥାନରେ
ଘଣ୍ଟିକାବୀଜ, କୁମ୍ଭାଖ୍ୟବୀଜ, ପର୍ବତ ଭୂମିରେ ଜନ୍ମେ । ଏଗଛ ଜନ୍ମିବାର
ଶୋଧନୀବୀଜ, ଚକ୍ରଦନ୍ତୀବୀଜ, ୨ୟ ବର୍ଷରେ ଫଳ ଧରେ । ଏଥିର ଫଳ
ଦନ୍ତୀଫଳ ଛୋଟ ଅଳାଇଚ ଆକାରର, ତହିଁ ମଧ୍ୟରେ
जयपाल ଧଳା ଶସ ଥାଏ । ଏହି ଫଳରେ
जमालगोटा ତୈଳାଂଶ ବେଶି; ଏ ଫଳ (Croton seed) ଖାଇଲେ ଖୁବ ଝାଡ଼ା ହୁଏ । ଏହି ଫଳରୁ ନିଷ୍କାସିତ ତେଲ (Croton oil) ଦେହରେ ଲଗାଇଲେ ଫୋଟକା ହୁଏ । ଏ ତେଲ ଔଷଧରେ ବ୍ୟବହୃତ ହୁଏ ଓ ଏଥିର ପିଢ଼ଆକୁ ଗୃହା-ବଗିଚାର ମାଟିରେ ସାର ଦେଲେ ଗଛରେ ଉଇ ଓ ଅନ୍ୟ ପୋକ ଧରନ୍ତି ନାହିଁ । ଛାୟା ପାଇଁ କାଫୀ (Coffee) ଗୁଳ୍ମ ନିକଟରେ ଲୋକେ ଏ ଗଛକୁ ଲଗାନ୍ତି । ବୈଦ୍ୟକ ଅନୁସାରେ ଏ ବୀଜ କଟୁ-ରସ, ଉଷ୍ଣବୀର୍ଯ୍ୟ, ତୀକ୍ଷ୍ଣ, ଉଗ୍ର ବିରେଚକ, ଅଗ୍ନିବର୍ଦ୍ଧକ, ବମନବେଗ-କାରକ ଏବଂ କୃମି, କଫ, ବାୟୁ ଓ ଉଦରରୋଗର ଉପଶମ-କାରକ ।]

୨ । ବ୍ରହ୍ମା—2. Brahmā.

୩ । ବିଷ୍ଣୁ—3. Bishṇu.

୪ । ରାଜା (ହି. ଶବ୍ଦସାଗର)—4. King.

ଜୟପୁର—ଦେ. ବି. (ନାମ)—୧ । ରାଜପୁତାନା ଅନ୍ତର୍ଗତ ରାଜ୍ୟବିଶେଷ-
Jaya-pura 1. A state in Rājputānā (N. W. India).

[ଦ୍ର—ଏହି ରାଜ୍ୟ ଅମ୍ବରରାଜ ଜୟସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ଓ ଏହା ଶଙ୍ଖମର୍ମର ପ୍ରସ୍ତର ନିମନ୍ତେ ପ୍ରସିଦ୍ଧ ।]

୨ । ବିଶାଖାପଟଣା ଜିଲ୍ଲା ଅନ୍ତର୍ଗତ ଜମିଦାରୀ-ରାଜ୍ୟବିଶେଷ (ସାଧାରଣତଃ ଏହାକୁ ଝାଡ଼ ଜୟପୁର ବୋଲାଯାଏ)—
2. An estate in the Vizagapatam district of the Madras Presidency.

[ଦ୍ର—ଏହାର ରାଜଧାନୀ ଜୟପୁର । ପ୍ରାଚୀନ କାଳରେ ଜୟ-ପୁର ଗଡ଼ଠାରୁ ୨୦।୨୨ ମାଇଲ ଦୂରରେ ଅବସ୍ଥିତ ନନ୍ଦପୁର

୧	ଇ	ଉ	ର୍‌,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ	ଇଅ	ଡ଼	ନ୍‌

ଏହାର ରାଜଧାନୀ ଥିଲା । ଜୟପୁର ମହାରାଜଙ୍କର ଗୋଟିଏ ଉପାଧି 'ନନ୍ଦପୁର ଭୂପତି' ଓ ଅପରଟି 'ଝାଡ଼ଖଣ୍ଡ ବାଦସା' । ଜୟପୁରରେ ପୂର୍ବେ ଖ୍ରୀଷ୍ଟୀୟ ୬ଷ୍ଠ ଓ ୭ମ ଶତାବ୍ଦୀରେ ଶବର ରାଜା ଥିଲେ । ବର୍ତ୍ତମାନ ଜୟପୁରର କୋଠପାଡ ନାମକ ସ୍ଥାନର ଭୂଗର୍ଭରୁ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀର ରୋମ ସମ୍ରାଟ Augustus Cæser (ଅଗଷ୍ଟସ କାଇଜର) ଓ ପୋପ୍ Maximus Pims ଙ୍କ ଅମଳର ରୌପ୍ୟ ମୁଦ୍ରା ମିଳିଅଛି । ବର୍ତ୍ତମାନ ଜୟପୁର ରାଜବଂଶର ପ୍ରତିଷ୍ଠାତା ବିନାୟକ ଦେବ ନନ୍ଦପୁରର ଶେଷ ରାଜାଙ୍କର ଏକମାତ୍ର କନ୍ୟାକୁ ବିବାହ କରି ୧୪୪୩ ଖ୍ରୀଷ୍ଟାବ୍ଦରେ ନନ୍ଦପୁର ସିଂହାସନ ଆରୋହଣ କରିଥିଲେ; ତହିଁ ପୂର୍ବେ ଶିଳାବଂଶର ବିଶ୍ୱରାଜ ନନ୍ଦପୁରର ରାଜା ଥିଲେ । ଶିଳାବଂଶୋଦ୍ଭବ ମତ୍ସ୍ୟବଂଶ ସଙ୍ଗେ କଳିଙ୍ଗର ଗଙ୍ଗବଂଶର ବୈବାହିକ ସମ୍ବନ୍ଧ ଥିଲା । ଜୟପୁର ରାଜ୍ୟରେ ଅନେକ ଜୈନ କୀର୍ତ୍ତି ଅଛି । ଜୟପୁରର ଅଧିବାସୀ ପ୍ରଧାନ ଜାତି 'ପୋରଜା' (ସଂ. ପ୍ରଜା) ଓ 'ଗାଦବା' ଓଡ଼ିଆଭାଷୀ । ଜୟପୁର ପ୍ରାଚୀନ କଳିଙ୍ଗର ଗୋଟିଏ ଅଂଶ ଥିଲା ।]

ଜୟବନ୍ତ—ଦେ. ବିଣ (ସଂ. ଜୟବତ୍)—ଜୟଶୀଳ (ଦେଖ)
Jaya-banta Jayasila (See)

ଜୟବିଜୟ—ସଂ. ବି—ବିଷ୍ଣୁଙ୍କ ଦ୍ୱାରରକ୍ଷକଦ୍ୱୟ—
Jaya-bijaya Name of the two attendants or doorkeepers of Bishnu.

ପ୍ରତିହାରୀ ଜୟ ବିଜୟ ଛଡ଼ି ଦେଲେ ସରଣୀ ।—ସ୍ୱଧାନାଥ. ଚନ୍ଦ୍ରଭାଗା ।

[ଦ୍ର—ଜୟ ଓ ବିଜୟ ସନକାଦି ଋଷିମାନଙ୍କୁ ହରିଦର୍ଶନରେ ବାଧା ଦେଇଥିଲେ, ଋଷିଙ୍କ ଶାପରେ ଏମାନେ ସତ୍ୟଯୁଗରେ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ (ମତାନ୍ତରରେ ମୁର ଓ ଦାରୁଣ), ତ୍ରେତାଯୁଗରେ ରାବଣ ଓ କୁମ୍ଭକର୍ଣ୍ଣ ଏବଂ ଦ୍ୱାପରଯୁଗରେ ଶିଶୁପାଳ ଓ ଦନ୍ତବକ୍ର (ମତାନ୍ତରରେ ଶିଶୁପାଳ ଓ ଶଲ୍ୟ) ରୂପେ ଜାତ ହୋଇ ନାରାୟଣଙ୍କ ଦ୍ୱାରା ନିଧନପ୍ରାପ୍ତ ହୋଇଥିଲେ]

ଜୟବିଜୟଦ୍ୱାର—ଦେ. ବି—ବିଷ୍ଣୁମନ୍ଦିର ଓ ବିଶେଷତଃ ଜଗନ୍ନାଥଙ୍କ
Jaya-bijaya-dwara ମନ୍ଦିରର ଗର୍ଭମୁଖଦ୍ୱାର (ଏଠାରେ ଜୟ ଓ ବିଜୟ ଦ୍ୱାରୀ ଦୁହିଙ୍କ ମୂର୍ତ୍ତି ଥିବାରୁ)—The name of the door to the inner temple of Bishnu.

ଜୟମଙ୍ଗଳ—ସଂ. ବି—୧ । ରାଜାଙ୍କ ହାତୀ; ପାଟହାତୀ—
Jaya-mangala 1. The elephant ridden by a king.
୨ । ଆୟୁର୍ବେଦୋକ୍ତ ପ୍ରସିଦ୍ଧ ଜ୍ୱରନାଶକ ରସ ବା ବଟିକା—
2. A well-known febrifuge-pill prescribed in the Hindu medical science.
୩ । ହିନ୍ଦୁ ସଙ୍ଗୀତର ୬୦ ଟି ତାଳ ମଧ୍ୟରୁ ଏକ—
3. One of the 60 musical measures in Hindu music.

ଜୟମଳ—ଦେ. ବି. (ସଂ. ଜୟମାଳା)—ଜୟମାଳା (ଦେଖ)
Jaya-mala Jayamala (See)

ଜୟମାଳା—ସଂ. ବି (ମ. ପ. ଲୋ. ଜୟ+ମାଳା)—
Jaya-mala ୧ । ବିଜୟ ଚିହ୍ନ ସ୍ୱରୂପ ବିଜୟୀଙ୍କର ପିନ୍ଧିବାମାଳା—
1. A garland worn by the victor after victory.
୨ । କନ୍ୟା ସ୍ୱୟଂବର ବେଳେ ବରର ବେକରେ ଯେଉଁ ମାଳା ପକାଇଦିଏ; ବରଣମାଳା—2. A garland which is put on the neck of the husband selected by the bridegroom at a gathering of suiters.

ଜୟଯଜ୍ଞ—ସଂ. ବି—ଅଶ୍ୱମେଧ ଯଜ୍ଞ (ବି. ଶବ୍ଦସାଗର)—
Jaya-jajna The vedic horse-sacrifice.

ଜୟଲକ୍ଷ୍ମୀ—ସଂ.ବି.ସ୍ତ୍ରୀ (ରୂପକ କର୍ମଧାରୟ ବା ଷଷ୍ଠୀ ତତ୍; ଜୟ+ଲକ୍ଷ୍ମୀ)—
Jaya-lakshmi ବିଜୟଲକ୍ଷ୍ମୀ; ଜୟର ଅଧିଷ୍ଠାତ୍ରୀ ଦେବୀ—
The Goddess of victory and glory.

ଜୟଶଙ୍ଖ—ସଂ. ବି—(ମ. ପ. ଲୋ; ଜୟ ସୂଚକ ଶଙ୍ଖ)—ଯେଉଁ ଶଙ୍ଖ
Jaya-sankha ବଜାଇ ଜେତାଙ୍କ ବିଜୟ ଘୋଷଣା କରାଯାଏ—
The conch blown to announce victory.

ଜୟଶିଙ୍ଗା—ଦେ. ବି (ସଂ. ଜୟଶୃଙ୍ଗ)—ଜୟଶୃଙ୍ଗ (ଦେଖ)
Jaya-singa Jaya-srunga (See)
(ଜୟଶିଂଗା—ଅନ୍ୟରୂପ)

ଜୟଶିରୀ—ଗ୍ରା. (ପଦ୍ୟ) ବି—(ସଂ. ଜୟଶ୍ରୀ)—ଜୟଲକ୍ଷ୍ମୀ (ଦେଖ)
Jaya-siri Jaya-lakshmi (See)

ସେମାନଙ୍କ ପ୍ରାଣ ବଞ୍ଚିତ କାଳେ ହିଉ,
ଅରିକୁଳ ଯୁଦ୍ଧରେ ପାଇଲେ ଜୟଶିରୀ ।—କୃଷ୍ଣସିଂହ ମହାଭାରତ. ଅଦି ।

ଜୟଶୀଳ—ସଂ. ବିଣ—(ଜୟ+ଶୀଳ)—ଜୟଯୁକ୍ତ; ଜୟୀ; ଯେ ସର୍ବଦା ଜୟ
Jayasila ଲାଭକରେ—Victorious.

ଜୟଶୃଙ୍ଗ—ସଂ. ବି. (ମ. ପ. ଲୋ; ଜୟ+ଶୃଙ୍ଗ)—ଯେଉଁ ଶିଂଗା
Jaya-srunga ବଜାଇ ଜେତାଙ୍କର ଜୟଲାଭ ବିଷୟ ଘୋଷଣା କରାଯାଏ—A trumpet or horn blown to announce the victory of a victor.

ଜୟଶ୍ରୀ—ସଂ. ବି. ସ୍ତ୍ରୀ. (ରୂପକ କର୍ମଧା. ବା ଷଷ୍ଠୀ ତତ୍; ଜୟ+ଶ୍ରୀ)—
Jaya-sri ୧ । ଜୟଲକ୍ଷ୍ମୀ (ଦେଖ)
1. Jaya-lakshmi (See)
୨ । ସଙ୍ଗୀତର ତାଳବିଶେଷ—
2. Name of musical measure.
୩ । ସନ୍ଧ୍ୟାକାଳରେ ଗେୟ ସଂପୂର୍ଣ୍ଣ ଜାତିର ରାଗବିଶେଷ—
3. Name of a musical air.

ଜୟସିଂହ—ଦେ. ବି. (ନାମ)—ଗଞ୍ଜାମ ଜିଲ୍ଲା ଧରାକୋଟ ରାଜ୍ୟର
Jaya-simha ଜନୈକ ସ୍ୱର୍ଗୀୟ ପଣ୍ଡିତ ରାଜା—Name of a learned king of Dharakota in Ganjam district.

[ଦ୍ର—ଏ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଓ କବି ଥିଲେ । 'ମହାଭାରତ', 'କ୍ଷେତ୍ରମହାତ୍ମ୍ୟ' ଓ 'ଭଗବଦ୍‌ଗୀତା' ଏହାଙ୍କ ରଚିତ ଗ୍ରନ୍ଥ । ଏ

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରିସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ବିଖ୍ୟାତ କବି କୃଷ୍ଣସିଂହଙ୍କ ଜ୍ୟେଷ୍ଠଭ୍ରାତ ଥିଲେ—ତାରଣୀ. ଉତ୍କଳ ସାହିତ୍ୟର ଇତିହାସ ।]

ଜୟସ୍ତମ୍ଭ—ସଂ. ବି. (ମ. ପ. ଲୋ; ଜୟସୂଚକ ସ୍ତମ୍ଭ; ଜୟ+ସ୍ତମ୍ଭ)—
Jaya-stambha କୌଣସି ବିଜୟଲାଭର ସ୍ମାରକରୂପେ ନିର୍ମିତ କରାଯିବା ସ୍ତମ୍ଭ— Monumental pillar; a pillar set up to commemorate a victory.

ଜୟା—ସଂ. ବି. ସ୍ତ୍ରୀ. (ଜି ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Jayā ୧ । ପାର୍ବତୀ; ଦୁର୍ଗା—1. Goddess Durgā.
୨ । ପାର୍ବତୀଙ୍କ ସଖୀ—
2. A companion of Pārbatī.
୩ । ହରଡ଼ା—3. Myrobalan.
୪ । ଜୟନ୍ତୀ ୪ (ଦେଖ)
4. Jayantī 4 (See)
୫ । ସିଦ୍ଧି; ଭାଙ୍ଗ; ବିଜୟା; ଗଞ୍ଜେଇ—
5. Indian hemp; ganja.
୬ । ତୃତୀୟା, ଅଷ୍ଟମୀ ଓ ତ୍ରୟୋଦଶୀ ତିଥି—
6. The 3rd, 8th and 13th day of the lunar fortnignt.
୭ । ପତାକା ବିଶେଷ—7. A kind of flag.
୮ । ନୀଳ ଦୁବ—
8. A species of grass (blue in colour).
୯ । ଦୁର୍ଗାଙ୍କର ଏକ ସହଚରୀ (ହି. ଶବ୍ଦସାଗର)—
9. Name of a companion of Durgā.
୧୦ । ମାଘ ଶୁକ୍ଳ ଏକାଦଶୀ (ହି. ଶବ୍ଦସାଗର)—
10 The 11th day of the light fortnight of the month of Māgha.
୧୧ । ତନ୍ତ୍ରୀଯୁକ୍ତ ପ୍ରାଚୀନ ବାଦ୍ୟବିଶେଷ (ହି. ଶବ୍ଦସାଗର)—
11. A kind of stringed musical instrument used in ancient India.
୧୨ । ମନ୍ଦାର ଫୁଲ (ହି. ଶବ୍ଦସାଗର)—
12. The China-rose.
୧୩ । ଶମୀବୃକ୍ଷ (ହି. ଶବ୍ଦସାଗର)—
13. The Samī tree.
ଦେ. ବି. ପୁଂ—ଜୟକୃଷ୍ଣର ଅନାଦରାର୍ଥକ ଡାକନାମ—
A name for calling Jayakrushna.

ଜୟାପୀଡ଼—ସଂ. ବି. (ନାମ)—ଖ୍ରୀଷ୍ଟୀୟ ୮ମ ଶତାବ୍ଦୀର କାଶ୍ମୀରର ଏକ
Jayāpirda ରାଜା—Name of a king of Kashmere of the 8th century A. D.
[ଦ୍ର—ଏ ଦିଗ୍ବିଜୟ କରିବାକୁ ରାଜଧାନୀରୁ ବାହାରି ଥିଲେ; ବାଟରେ ସୈନ୍ୟମାନେ ଏହାଙ୍କୁ ଛାଡ଼ି ପଳାଇ ଗଲେ । ଏ ଆଉ ରାଜ୍ୟକୁ ନ ଫେରି ପ୍ରୟାଗକୁ ଆସିଥିଲେ ଓ ସେଠାରେ ଏଗାର ହଜାର ଏକ ଶହ ଏଗାର ଘୋଡ଼ା ଦାନ କଲେ । ହି. ଶବ୍ଦସାଗର]

ଜୟିଷ୍ଣୁ—ସଂ. ବଣ. (ଜି ଧାତୁ+କର୍ତ୍ତୃ. ଇଷ୍ଣୁ)—ଜୟଶୀଳ—
Jayishnu Always victorious.

ଜୟୀ—ସଂ. ବଣ. ପୁଂ. (ଜି ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Jayī ଜୟଶୀଳ; ଯେ ଜୟଲାଭ କରିଅଛି; ବିଜୟୀ—
(ଜୟିନୀ—ସ୍ତ୍ରୀ) Victorious; triumphant.
ବି. ପୁ—ଜେତା—Conqueror; victor.

ଜୟ୍ୟ—ସଂ. ବଣ. ପୁଂ. (ଜି ଧାତୁ+କର୍ମ. ଯ)—
Jajya ଯାହାକୁ ଜୟ କରାଯାଇ ପାରେ— Conquerable;
(ଜୟ୍ୟା—ସ୍ତ୍ରୀ) which can be subjugated.

ଜରକସି—ବୈଦେ. ବି. (ଫା)—ଜରକାମ; ଜରି ବୁଣା ହୋଇଥିବା
Jar kasi କାରୁକାର୍ଯ୍ୟ—Lace-work.
जरकसी ବଣ.—ଯେଉଁ ଲୁଗା ଆଦି ଉପରେ ଜରିର କାରୁକାର୍ଯ୍ୟ କରା
जरकस, जरकसी ଯାଇ ଥାଏ—(cloth) Wrought with lace.

ଜରକା—ପ୍ରାଦେ. (ସମ୍ବଲପୁର) ବଣ—ଜଳକା; ଯାହାରଆଖି ଥାଏ ମାତ୍ର
Jar-kā ସେ ସ୍ପଷ୍ଟରୂପେ ଦେଖି ନ ପାରେ—
(ଜରକୀ—ସ୍ତ୍ରୀ) Blear-eyed; dim-sighted.

ଜରକିବା—ପ୍ରାଦେ. (ସମ୍ବଲପୁର) କ୍ରି.—ଜଳକା ହେବା—
Jar-kibā To become dim-sighted.

ଜରଡ଼ା—ପ୍ରାଦେ. (ସମ୍ବଲପୁର) ବି.—ଜରଡ଼ା (ଦେଖ)
Jar-dā Jararda (See)

ଜରଡିଗ୍ରୀ—ବୈଦେ. ବି. (ଆ. ଜର+ଇଂ. ଡିକ୍ରି)—(ଜଚରଆ ଶବ୍ଦ)—
Jar-digri ଦାବି ଓ ଖର୍ଚ୍ଚ ସହିତ ଡିଗ୍ରୀ ହୋଇଥିବା ଟଙ୍କା—
जरड़िग्री Decretal amount
जरडिगरी
(ଜରଡକ୍ରି; ଜରଡିଗିରି—ଅନ୍ୟରୂପ)

ଜରଦା—ବୈଦେ. ବି. (ଫା)—୧ । (ମୁସଲମାନଙ୍କର ଖାଦ୍ୟ) ସୁବାସିତ
Jar-dā ହଳଦିଆ ଭାତ—1. A kind of rice boiled with turmeric.
[ଦ୍ର—ପ୍ରଥମେ ଚାଉଳରେ ହଳଦି ମିଶାଇ ତାକୁ ସିଝାଇ ପେଜ ଗାଳି ସେଥିରେ ଘିଅ, ମିଠା ଓ ମସଲା ଗୋଳାଇ ଏହା ତିଆରି କରା ଯାଏ ।)
୨ । ପାନ ସଙ୍ଗେ ଖାଇବା ପାଇଁ ସୁଗନ୍ଧିତ ତମାଖୁ ଗୁଣ୍ଡା;
जरदा ସୁରୁଗା—2. A kind of sweet-scented tobacco-
जरदा preparation chewed with betel.
୩ । ହଳଦିଆ ଘୋଡ଼ା—3. Yellow-skinned horse.
୪ । ଏକ ପ୍ରକାର ହଳଦିଆ ଛିଟ—
4. A kind of yellow chintz.

ଜରଦାବୀ—ବୈଦେ. ବି (ଫା)—ମକଦମାରେ ପ୍ରତିବାଦୀ ଉପରେ ବାଦୀ
Jar-dābī ଦାବି କରିଥିବା ଧନର ପରିମାଣ—
जरदाबी The amount of claim in a suit.
जरदाबी

୧	ଇ	ଉ	ର୍‌,ର୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଉଥ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଊ	ନ୍

ଜର୍ଦାଲୁ—ବୈଦେ. ବି (ଫା)—ଜରଦାଲୁ (ଦେଖ)
Jar-dālu Jaradālu (See)

ଜର୍ଦି—ବୈଦେ. ବି (ଫା)—୧ । ହଳଦିଆ ବର୍ଣ୍ଣ—
Jar-dī 1. Yellow colour.
जर्दी ୨ । ଅଣ୍ଡା ମଧ୍ୟସ୍ଥ ହଳଦିଆ ଅଂଶ—
जरदी 2. The yellow portion inside an egg.
ବିଣ.—ହଳଦିଆ—Yellow.

ଜର୍ବାର୍—ଗ୍ରା. ବୈଦେ. ବିଣ. (ଅ. ଜେର୍ବାର୍)—କ୍ଷତିଗ୍ରସ୍ତ—
Jar-bār Sustaining loss; put to loss.

ଜର୍ସମନ୍—ବୈଦେ. ବି. (ଫା.) (ଜରତ୍ ଆଉଷା—ବିକ୍ରୀତ ସମ୍ପତ୍ତିର
Jar-saman ମୂଲ୍ୟ—Sale-price; the consideration or
जरसमन value of a property sold.
जरसमन

ଜର—ସଂ. ବିଣ. (ଜୃ ଧାତୁ + କର୍ତ୍ତୃ. ଅ)—୧ । ବୃଦ୍ଧ—1. Old.
Jara ୨। ଜରାଜୀର୍ଣ୍ଣ—2. Decrepit; infirm.
ବି—୧ । (+ଭାବ. ଅ)—ଜୀର୍ଣ୍ଣ ହେବା—
1. Wearing out; wasting.
୨ । ବିନାଶ—2. Destruction.
जर ଦେ. ବି. (ସଂ. ଜ୍ୱର)—ଜ୍ୱରରୋଗ—Fever.
बुखार [ଦ୍ର—ପ୍ରକାରଭେଦରେ ଜରମାନଙ୍କର ଭିନ୍ନଭିନ୍ନ ନାମ ହୋଇଥାଏ । ଯଥା—ବାତଜର, କମ୍ପଜର, ଠେଙ୍ଗାଜର, କଳାଜର, ପାଳଜର, ମେ(ମା)ଲେରିଆଜର ବା ପିଳେହିଜର, ଅନ୍ତ୍ରିକଜର, ଏକୁଆ ବା ଏକୋଇ ଜର, ସାନ୍ନିପାତିକ ଜର ବା ବିକାର; ଟାଇଫଏଡ୍ ବା ବାଇସିଦିନଆ ଜର, ଶରଦଜର ବା କଫଜର, ଗରମଜର ବା ପିତ୍ତଜର, ଭୂମ୍ପି ଜର; ବିଷମ ବା ସବିରାମ ଜର, ଦ୍ୱ୍ୟାହିକ, ତ୍ର୍ୟାହିକ, ଚାତୁର୍ଥିକଜର, ଜୀର୍ଣ୍ଣଜର ବା ପୁରାତନଜର, ସନ୍ତତ ବା ଏକଜର, ଅଭିଘାତଜର, ଅଭିନ୍ୟାସଜର, ବଳେପୀଜର, ଉଆଁ ବା ସଂକ୍ରାମକଜର, ଖାଲୁଜର, ଭୂତଜର ଓ କାମଜର । ଜରର ପ୍ରଧାନ ଲକ୍ଷଣ ଦେହରେ ତାପ ବା ଉଷ୍ଣତା ଓ ଶୈତ୍ୟାନୁଭୂତି ।]

ଜରଆଁଶିଆ—ଗ୍ରା. ବିଣ. (ସଂ. ଜ୍ୱର ଓ ଅଂଶ)—ସାମାନ୍ୟରେ ଜ୍ୱରାକ୍ରାନ୍ତ—
Jara-āsiā Slightly feverish.
जर जर
(ଜରଆଁଶିଆ; ଜରଅଶୁଆ; ଜରଆଁଶୁଆ—ଅନ୍ୟରୂପ)

ଜର ଆସିବା—ଦେ କ୍ରି.—(କୌଣସି ବ୍ୟକ୍ତିକୁ) ଜ୍ୱର ଆକ୍ରମଣ କରିବା—
Jara āsibā Having an attack of fever.
जर आना
बुखार आना

ଜରଉ—ଦେ. ବି. (ନାମ)—ଗଞ୍ଜାମର ବଡ଼ଗଡ଼ ରାଜ୍ୟର ନଦୀ (ଏଥିରେ
Jarau ଗାଧୋଇଲେ ବିଦେଶୀ ଲୋକଙ୍କୁ ଜର ହୁଏ)—
Name of river in Ganjam the water of which is reputed to be full of malarial germs.

ଜରଉହା—ଦେ.ବି—କମ୍ପଜର ଓ ପାଳଜରରେ ସମ୍ପୃକ୍ତ ସମୟରେ ନାକପୁଡ଼ା
Jara-uhā ଭିତରେ ବାହାରିଥିବା ଫୋଟକା—A blister-like eruption found inside the nostrils in the case of certain kinds of tertian fever and ague.

ଜର ଓହ୍ଲାଇବା—ଦେ. କ୍ରି—ଜର ଛାଡ଼ିବା (ଦେଖ)
Jara ohlāibā Jara chhārdibā (See)
जर नावा
बुखार उतरना

ଜର କରିବା—ଦେ.କ୍ରି.—୧ । (କୌଣସି ବ୍ୟକ୍ତି) ଜ୍ୱରରେ ପୀଡ଼ିତ ହେବା—
Jara karibā Suffering from fever; being down with fever.
जर करा
बुखार होना ୨ । ଜର ଆସିବା (ଦେଖ)- 2. Jara āsibā (See)

ଜର ଖାଇ ଫୁଟିବା—ଦେ. କ୍ରି. (ଅଭୁକ୍ତ)—ରୋଗୀର ଶରୀରରେ ଜ୍ୱରର
Jara khai phutibā ତାପ ଅତ୍ୟଧିକ ହେବା—Having a high temperature during fever.
(ଜରରେ ଖାଇଫୁଟିବା; ଦେହରେ ଖାଇଫୁଟିବା—ଅନ୍ୟରୂପ)

ଜର ଛାଡ଼ିବା—ଦେ. କ୍ରି—୧ । ଜରର ପ୍ରକୋପ ବା ତାପ କମିଯିବା—
Jara chhārdibā 1. The abatement of high
जर छाड़ा temperature in a person
बुखार उतरना suffering from fever
(ଜର ଛାଡ଼ିଯିବା—ଅନ୍ୟରୂପ) ଜର ଅଇଲା ଧାନକୁଟା ବେଳକୁ
ଜର ଛାଡ଼ିଲା ଭାତ ଫୁଟା ବେଳକୁ । ଢଗ ।

ଜରଜର—ଦେ. (ପଦ୍ୟ) ବିଣ. (ସଂ. ଜର୍ଜର)—୧ । ଅଭିଭୂତ; ଆକ୍ରାନ୍ତ;
Jara-jara ଜର୍ଜରିତ; ସନ୍ତପ୍ତ—1. Attacked; overwhelmed
जरजर (with grief, anger, cold etc).
जरजर ଜରଜର କଦାକ୍ଷଣ ଶୀତେ । ରାଧାନାଥ. ମହାଯାତ୍ରା ।
୨ । ଲିପ୍ତ; ସରସର (ତେଲଆଦି ଦେହରୁ ବୋହି ପଡ଼ୁଥିବା ପ୍ରକାରେ ବୋଳି ହୋଇ ଥିବା)—1. Suffused; anointed with too much oil etc; with too much oil or water over the body; smeared with.
ଅତି କୋମଳ ଦେହ ମୋର
ଦେଖ ଏ ଝାଳେ ଜରଜର । ଭୂପତି, ପ୍ରେମପଞ୍ଚାମୃତ ।
୩ । ଜରାଗ୍ରସ୍ତ—3. Very old; decrepit.
ଏ ଅତି ବୃଦ୍ଧ ଜରଜର
ବାଧେ କମ୍ପଇ ଭା ଶରୀର । ଜଗନ୍ନାଥ. ଗୁଣ୍ଡିଚା ।
ବି—ଜ୍ୱର ହେଲାପରି ବୋଧ ହେବା—Feverishness.

ଜରଜାତକ—ଦେ. ବିଣ. (ସଂ. ଜାରଜାତକ)—ଜରଜାତକା (ଦେଖ)
Jarajātaka Jarajātakā (See)

ଜରଜାତକା—ଦେ. ବିଣ. (ସଂ. ଜାରଜାତକ)—୧ । ଜାରଜ; ବେଧପିଲା;
Jara-jātakā ବେଜନ୍ମା; ବିବାହବନ୍ଧନରେ ଅବଦ୍ଧ ନ ଥିବା

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଥ' ନ ମିଳିଲେ 'କୃଷ' ଦେଖିବେ; 'ବଥି'କି ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧୋ' ନ ପାଇଲେ 'ଅଜ୍ଞା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

ପୁରୁଷ ଓ ସ୍ତ୍ରୀଙ୍କଠାରୁ ଯେଉଁ ସନ୍ତାନ ଜନ୍ମେ; ରକ୍ଷିତା ସ୍ତ୍ରୀର ଗର୍ଭଜାତ ସନ୍ତାନ—1. Illegitimate; bastard; born of illegal connection.

ଜରଠ—ସଂ. ବିଣ. (ଜୃ ଧାତୁ=ଜୀର୍ଣ୍ଣହେବା + କର୍ତ୍ତୃ. ଅଠ)—
Jaratha ୧ । କଠିନ—1. Hard.
(ଜରଠା—ସ୍ତ୍ରୀ) ୨ । କର୍କଶ—2. Rough.
୩ । କଠୋର; ନିଷ୍ଠୁର—3. Hard-hearted; cruel; harsh.
୪ । ବୃଦ୍ଧ—4. Old; decrepit
୫ । ସୁପରିପକ୍ୱ—5. Full grown; well-ripened.
୬ । ଜୀର୍ଣ୍ଣ—6. Wasted; debilitated.
୭ । ପାଚିଲା—7. Ripe
୮ । ପାଣ୍ଡୁବର୍ଣ୍ଣ; ପାଣ୍ଡୁ—8. Grey-coloured.
ବି—୧ । ଜରା; ବୃଦ୍ଧାବସ୍ଥା—1. Old age.
୨ । ପାଣ୍ଡୁ ରାଜା—2. The king Pāṇḍu.

ଜରଡ଼ା—ପ୍ରାଦେ. ବି. (ସମ୍ବଲପୁର)—ଜରଡ଼ ବା ଜଞ୍ଜା ମାଛ—
Jararḍā A kind of fresh-water-fish.

ଜରଣ—ସଂ. ବିଣ (ଜୃ ଧାତୁ+କର୍ତ୍ତୃ. ଅନ)—୧ । ବୃଦ୍ଧ—
Jaraṇa 1. Old.
୨ । କ୍ଷୟପ୍ରାପ୍ତ; ଜୀର୍ଣ୍ଣ—2. Decayed.
୩ । ଜୀର୍ଣ୍ଣଶକ୍ତିବର୍ଦ୍ଧକ—3. Promoting digestion.
ବି.—୧ । ପ୍ରଶଂସା—1. Praise.
୨ । ଜୀରା—2. Cumin seed.
୩ । ବାର୍ଦ୍ଧକ୍ୟ—3. Old age.
୪ । ହେଙ୍ଗୁ—4. Asafætida.
୫ । ସୌବର୍ଚ୍ଚଳ; ସଚଳ ଲବଣ—5. A kind of salt.
୬ । କାସମର୍ଦ୍ଦ; କାସିନ୍ଦ ଗୁଳ୍ମ—6. Cassia Tora (tree).
୭ । ୧୦ ପ୍ରକାର ଗ୍ରହଣ ମଧ୍ୟରୁ ଏକ (ଯହିଁରେ ପଶ୍ଚିମଦିଗରୁ ମୋକ୍ଷ ହେବା ଆରମ୍ଭ ହୁଏ (ହ. ଶବ୍ଦସାଗର)—7. An eclipse which begins to clear up from the western side of the orb.

ଜରଣଦ୍ରୁମ—ସଂ. ବି.—୧ । ସାହାଡ଼ାଗଛ (ଦେଖ)
Jaraṇa-druma 1. Sāhārḍā tree (See)
୨ । ସାଗୁଆନ ଗଛ (ହ. ଶବ୍ଦସାଗର)—2. Teak (tree).

ଜରଣା—ସଂ. ବି. (ଜୃ ଧାତୁ+କର୍ତ୍ତୃ. ଅନ + ଆ)—୧ । କଳାଜୀରା—
Jaraṇā 1. Black cumin seed.
୨ । ବୃଦ୍ଧାବସ୍ଥା—2. Old age.
୩ । ସ୍ତୁତି; ପ୍ରଶଂସା—3. Praise; encomium.
୪ । ମୋକ୍ଷ; ମୁକ୍ତି—4. Final deliverance; redemption.

ଜରତ୍—ସଂ. ବିଣ. ପୁଂ [(ଜୃ ଧାତୁ+ଶତୃ (ଅତ୍)]—୧ । ଜରାଗ୍ରସ୍ତ; ଅତି
Jarat ବୃଦ୍ଧ; ଜରାଜୀର୍ଣ୍ଣ (ପୁରୁଷ ଓ ସ୍ତ୍ରୀ)—(ଏ ଶବ୍ଦ କେବଳ ସଂସ୍କୃତ
(ଜରତୀ—ସ୍ତ୍ରୀ) ଭାଷାରେ ଚଳେ ମାତ୍ର ଏହାର ସ୍ତ୍ରୀଲିଙ୍ଗ ଜରତୀ ଶବ୍ଦ ଓଡ଼ିଆରେ ମଧ୍ୟ ଚଳେ)—1. Very old; decrepit; worne out; decayed; disabled; infirm (said of male or female)
୨ । ପୁରୁଣା; ପୁରାତନ—2. Ancient; old.
୩ । ପକ୍ୱ—3. Ripe.

ଜରତ୍କାରୁ—ସଂ. ବି. (ନାମ)—(ଜରତ୍=ଜରାଗ୍ରସ୍ତ; ଜୀର୍ଣ୍ଣ + କାରୁ=
Jarat-kāru ଦାରୁଣ; ଯେ ଦାରୁଣ ତପସ୍ୟାଦ୍ୱାରା ଆପଣାର ଶରୀରକୁ ଜୀର୍ଣ୍ଣ କରିଥିଲେ)—୧ । ସ୍ୱନାମଖ୍ୟାତ ଋଷିବିଶେଷ—1. Name of a famous saint.

[ଦ୍ର—ଏହାଙ୍କର ସ୍ତ୍ରୀ ବାସୁକିଙ୍କ ଭଗିନୀ ମନସା ଦେବୀ । ଏହାଙ୍କ ସ୍ତ୍ରୀଙ୍କ ଉପରେ ଏ କ୍ରୁଦ୍ଧ ହୋଇ ତାଙ୍କୁ ଅନ୍ତଃସତ୍ତ୍ୱା ଅବସ୍ଥାରେ ପରିତ୍ୟାଗ କରି ଚାଲି ଗଲେ । ଆସ୍ତିକ ମୁନି ଏହାଙ୍କ ପୁତ୍ର । ଏହି ଆସ୍ତିକ ତକ୍ଷକ ନାଗକୁ ଜନମେଜୟଙ୍କ ସର୍ପଯଜ୍ଞରୁ ରକ୍ଷା କରିଥିଲେ ।]

୨ । ଜରତ୍କାରୁ ଋଷିଙ୍କ ପତ୍ନୀ; ମନସା ଦେବୀ (ହ. ଶବ୍ଦସାଗର) 2. The wife of Sage Jaratkāru.

ଜରତ୍କାରୁପତ୍ନୀ—ସଂ. ବି. ସ୍ତ୍ରୀ—ମନସାଦେବୀ; ବାସୁକିଙ୍କ ଭଗିନୀ (ସିଜୁ
Jarat-kāru-patnī ବା ନାଗଫେଣୀଅଳୁ ଏହାଙ୍କ ପ୍ରତିନିଧିରୂପେ ଲୋକେ ପୂଜା କରନ୍ତି)—The snake-Goddess Manasā (represented by a cactus plant planted in the precincts of a Hindu's house.)

ଜରତ—ଦେ. ବିଣ.—(ସଂ. ଜରତ୍)—ପକ୍ୱ; ପାଚିଲା—
Jarata Ripe.

ବଇକୁଣ୍ଠଙ୍କ ଭକ୍ତ ବଇକର ଜରତ ବସ୍ତ୍ର ଅବୃତ ବହେ ଦେହେ ସେ ।
ଭକ୍ତ. ବୈଦେହୀଶବିଳାସ ।

ଜରତା—ଦେ. ବି. ସ୍ତ୍ରୀ. (ସଂ. ଜରତୀ)—ଓଡ଼ିଆ ଉପନ୍ୟାସରେ ବର୍ଣ୍ଣିତ
Jaratā ଗୋଟିଏ ବୃଦ୍ଧା ବେଶ୍ୟାର ନାମ—Name of an old prostitute found in Oria mythologies.

[ଦ୍ର—ବେଶ୍ୟାବୃତ୍ତି କରୁଥିଲେହେଁ ଏ ବୃଦ୍ଧକାଳରେ ଏକାନ୍ତ ଭକ୍ତି ଓ ଭଜନାଦିଦ୍ୱାରା ମୋକ୍ଷଲାଭ କରିଥିଲା ।]

ଜରତୀ—ସଂ. ବିଣ. ସ୍ତ୍ରୀ (ଜରତ୍+ସ୍ତ୍ରୀ. ଈ)—ବୁଢ଼ୀ; ଅତି ବୃଦ୍ଧା;
Jaratī ଜରାଗ୍ରସ୍ତା—Very old (woman).
ବି. ସ୍ତ୍ରୀ—ବୁଢ଼ୀ ସ୍ତ୍ରୀ; ବୁଢ଼ୀ ମାଙ୍କୁଡ଼ୀ (ବ୍ୟଙ୍ଗ ବା କୁତ୍ସାର୍ଥକ)—An old woman; a hag.

ଲୁଣ୍ଠା କରେଁ ମୁଁ ଧାତାକୁ, କାହିଁକି ସରଜି ତାକୁ,
ଚଳସୁ ରଖିଲା ଜରତୀରେ—କବିସୂର୍ଯ୍ୟ. ଜଗୋପବତମ୍ଭ. ବ. ଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ଷ	କ୍ଷ	ଇସ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

ଜରଦ୍‌ଗବ—ସଂ. ବି. ପୁଂ (କର୍ମଧାରୟ; ଜରତ୍=ବୃଦ୍ଧ+ଗୋ)—
Jarad-gaba ୧। ବୁଢ଼ା ବା ବଢ଼ା ଷଣ୍ଢ—1. An old bull.
(ଜରଦ୍‌ଗବୀ—ସ୍ତ୍ରୀ) ୨। (ଲକ୍ଷଣାର୍ଥ) ଅତି ବୁଢ଼ା ଓ ଅକର୍ମା ମନୁଷ୍ୟ—
(ଜରଦ୍ଗବ—ଅନ୍ୟରୂପ) 2. (figurative) An old and decrepit man.
୩। (ନାମ) (ବହୁବ୍ରୀହି; ଜରତ୍=ଜୀର୍ଣ୍ଣ+ଗୋ=ଇନ୍ଦ୍ରିୟ ଯାହାର)—ହିତୋପଦେଶବର୍ଣ୍ଣିତ ବୃଦ୍ଧ ଗୃଧ୍ର—3. Name of an old vulture whose story is told in the Hitopadeśa.
୪। (ବୃହତ୍ ସଂହିତା) ଅଶ୍ଳେଷା, ଅନୁରାଧା ଓ ଜ୍ୟେଷ୍ଠା ନକ୍ଷତ୍ରଯୁକ୍ତ ଚନ୍ଦ୍ରମାଙ୍କ ବୀଥୀ—4. The moons path through the 16th, 17th and 18th asterisms.

ଜରଦା—ବୈଦେ. ବିଣ (ଫା. ଜର୍‌ଦା)—ପୀତ; ହଳଦିଆ—
Jaradā Yellow-coloured.
(ଜର୍ଦା, ଜର୍ଦ୍ଦା—ଅନ୍ୟରୂପ) ବି—୧। ଜାଫ୍ରାନ୍ କେଶର ମିଶିଥିବା ହେତୁ ପୀତବର୍ଣ୍ଣ ମିଠା ପଲାଉ ବା ଖେଚୁଡ଼ି—1. Rice and meat cooked together and seasoned with saffron.
୨। (ଫା. ଜର୍‌ଦା) ପାନ ସଙ୍ଗେ ଖିଆଯିବା ସୁଗନ୍ଧ ମସଲାଯୁକ୍ତ ତମାଖୁ ପତ୍ରର ଚୂର୍ଣ୍ଣ—2. Scented tobacco-powder chewed with betel.
୩। ହଳଦିଆ ପଟା—3. Yellow silk-cloth.

ଜରଦ୍ୱିଷ—ସଂ. ବି—ଜଳ (ହି. ଶବ୍ଦସାଗର)—
Jaradwisha Water.

ଜରଦାଲୁ—ବୈଦେ.ବି (ଅ. ଜର୍‌ଦାଲୁ)—ଏକପ୍ରକାର କାବୁଲି ଖାଦ୍ୟ
Jaradālu ଫଳ; ଖୁବାନୀ; ଖୋବାନୀ—A sort of Kabuli
ଖୋବାନୀ fruit; the apricot; Prunus Armeniaca.
खोबानी, जरदालु

ଜରନାଶନ—ଦେ. ବି (ସଂ. ଜ୍ୱର+ନାଶନ)—ଉଚ୍ଚ ବୃକ୍ଷବିଶେଷ—
Jara-nāśana Eucalyptus; Acacia Auriculae
जरनाशन Formis (Haines).
यूकेलिपटस् [ଦ୍ର—ଏହାର ପତ୍ର ଲେମ୍ବୁପତ୍ର ପରି ବାସେ। ଏହା ଅଷ୍ଟ୍ରେଲିଆ ଓ ଖ୍ରୀନ୍‌ଲାଣ୍ଡରୁ ଆସି ଭାରତର ଖେତ,ଜଙ୍ଗଲ ଓ ବଗିଚାରେ ଲଗା ହୋଇଅଛି। ଫୁଲଗୁଡ଼ିକ ଶ୍ୱେତ ଏବଂ ଫୁଲର ପାଖୁଡ଼ା ଧଳା ଓ ଝାଉଁଆ। ଏ ପତ୍ରରୁ ଯେଉଁ ତେଲ ବାହାରେ ତାହା ଜ୍ୱର ଓ ସଂକ୍ରାମକ ରୋଗର ବିଷନାଶକ। ଏ ଗଛରୁ ଝୁଣା ପରି ଏକ ପ୍ରକାର ନିର୍ଯ୍ୟାସ ବହେ।]

ଜରପାଁପଡ଼ା—ଦେ. ବି—ଘରପୋଡ଼ିଆ (ଦେଖ)
Jara-pānpardā Gharapordiā (See)

ଜରବାଉଳା—ଦେ. ବି (ସଂ. ଜ୍ୱର+ବାତୁଲ)—୧। ପ୍ରବଳ ଜ୍ୱରଜନିତ
Jra-bāulā ପ୍ରଳାପ ବା ବାତୁଳଗ୍ରସ୍ତ ଅବସ୍ଥା—1. Delirium
(ଜରବାଉଳୀ—ସ୍ତ୍ରୀ) appearing during high fever.
୨। ଜ୍ୱରଜନିତ ବାଉଳତା ବା ସ୍ମରଣ ଶକ୍ତିର ହ୍ରାସ—
2. Forgetfulness or loss of memory during a fit of high fever.
(ଯଥା—ଜରବାଉଳାରେ ଭାତୁଆ କାମୁଡ଼ିବା ନ୍ୟାୟ।)
ବିଣ. ପୁଂ—ଜ୍ୱର ହେତୁ ଯେ ବାଉଳଗ୍ରସ୍ତ ହୁଏ—Delirious owing to an attack of high fever.

ଜରଶଣ୍ଡା—ଦେ. ବି—ଜ୍ୱର ରୋଗଗ୍ରସ୍ତ ବ୍ୟକ୍ତିର ଓଠ ଉପରେ ଫଳିଯିବା
Jaraśandā କ୍ଷୁଦ୍ର କ୍ଷୁଦ୍ର ବ୍ରଣ—Small eruptions coming
जरटोंटो, जरठेंटा out around the mouth and lips
(ଜରଶଣ୍ଢା—ଅନ୍ୟରୂପ) after an attack of fever; cold sore; miliarca; miliary eruptions.

ଜରଶଶା—ପ୍ରାଦେ (ମେଦନୀପୁର) ବି—ଜରଶଣ୍ଡା (ଦେଖ)
Jaraśaśā Jaraśandā (See)

ଜରା—ସଂ. ବି. ସ୍ତ୍ରୀ. (ଜୃ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Jarā ୧। ବାର୍ଦ୍ଧକ୍ୟ; ବୃଦ୍ଧାବସ୍ଥା—1. Old age.
୨। ଅତି ବୃଦ୍ଧାବସ୍ଥା—
2. Extreme old age; decrepitude.
୩। ରାକ୍ଷସୀବିଶେଷ—
3. The name of a demoness.

[ଦ୍ର—ଜନ୍ମରୁ ଦୁଇଫାଳ ହୋଇଥିବା ଶିଶୁ ଜରାସନ୍ଧକୁ ଏ ଯୋଡ଼ିଥିଲା। ଜରା ରାକ୍ଷସୀଦ୍ୱାରା ଯୋଡ଼ା ହୋଇଥିବାରୁ ଜରାସନ୍ଧର ନାମକରଣ ହେଲା। ଏ ମଗଧ ଦେଶର ଗୃହଦେବୀ ଥିଲା—
ହି. ଶବ୍ଦସାଗର।]

୪। ଷଷ୍ଠୀ ଦେବୀ; ଷଠୀ ବୁଢ଼ୀ—4. The Goddess presiding over the well-being of infants.
୫। ପୁରାଣ ଅନୁସାରେ କାଳର ଏକ କନ୍ୟାର ନାମ; ବିଶ୍ରସା (ହି. ଶବ୍ଦସାଗର)—5. Name of a mythological daughter of Kāla.
୬। କ୍ଷୀରକୋଳି ଗଛ (ହି. ଶବ୍ଦସାଗର) (ଦେଖ)
6. Kshirakoli tree (See)

ସଂ. ବି. ପୁଂ (ନାମ)—ଭଗବତୋକ୍ତ ବ୍ୟାଧ; ଜରାଶବର (ଦେଖ)
Jarā śabara (See)

ଦେ. ବି. (ସଂ. ଜୃ ଧାତୁ)—୧। ଜରିବା; ଜୀର୍ଣ୍ଣ ହେବା; ପରିପାକ ହେବା—1. Digestion of food.
୨। ତୈଳାଦିରୁ ମିଶିତ ଜଳୀୟାଂଶ ଅଗ୍ନି ଉତ୍ତାପରେ ଦୂର ହେବା—2. Disappearance of the water from oil or ghee by heat.
୩। ମିଶା ଯିବା ଲୁଣ ଆଦି କୌଣସି ବସ୍ତୁରେ ଉତ୍ତମରୂପେ ମିଶିଯିବା—3. Absorption of salt by a substance

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

जरिआ ଦେ. ବି—୧ । ନିଆଁ ଉପରେ ଫୁଟାଯାଇ ପାଣି ମରି ଥିବା (ତୈଳାଦି)—1. (oil) From which water has been dried out by heating.

୨ । ଜାରିତ—2. Purified.

(ଯଥା—ଜରା ଖୋରି, ଜରା ଲୁଣ ।)

ଜରାଇବା—ଦେ. କି. (ସଂ. ଜୄ ଧାତୁ)—
Jarāibā ୧ । ଲୁଣକୁ ପରିବା କିମ୍ବା ଫଳ ମଧ୍ୟରେ ଭେଦାଇବା—
जरान 1. To cause salt to be absorbed into
जराना any fruit or substance.
(ଜରେଇବା—ଅନ୍ୟରୂପ) ୨ । ଉତ୍ତାପପ୍ରୟୋଗଦ୍ୱାରା ତେଲ ଓ ଘିଅ ଆଦିରୁ ମିଶିତ ଜଳକୁ ଲୋପ କରାଇବା—
2. To cause oil or ghee to give up the water adulterated in it by applying heat.

ଜରାଗ୍ରସ୍ତ—ସଂ. **ବିଣ.** (ତୃତୀୟା ତତ୍; ଜରା+ଗ୍ରସ୍ତ)—ବାର୍ଦ୍ଧକ୍ୟ-
Jarā-grasta ପ୍ରପୀଡ଼ିତ—Stricken by years; seized with old age or infirmity.

ଜରାଜୀର୍ଣ୍ଣ—ସଂ. ବିଣ. ପୁଂ. (ତୃତୀୟା ତତ୍; ଜରା+ଜୀର୍ଣ୍ଣ)—ଅତି
Jarā-jirṇṇa ବାର୍ଦ୍ଧକ୍ୟ ହେତୁ ଜୀର୍ଣ୍ଣଶୀର୍ଣ୍ଣ—
Debilitated through old age; decrepit.

ଜରାଡ଼ି—ଦେ. ବି—ଜହ୍ଲା (ଦେଖ)
Jarārdi Jahlā (See)

ଜରାତୁର—ସଂ. ବିଣ. ପୁଂ. (୩ୟା ତତ୍; ଜରା+ଆତୁର)—ବୃଦ୍ଧାବସ୍ଥା
Jarātura ଯୋଗୁଁ ଅତି ଦୁର୍ବଳ—Decrepit; infirm
(ଜରାତୁରା—ସ୍ତ୍ରୀ) on account of old age.

ଜରାଦ—ସଂ. ବି—ଝିଣ୍ଟିକା (ହୁ. ଶବ୍ଦସାଗର)—
Jarāda Grasshopper.

ଜରାବସ୍ଥା—ସଂ. ବି (ଜରା+ଅବସ୍ଥା)—ଅତି ବୃଦ୍ଧ ଅବସ୍ଥା—
Jarābasthā Extreme old age.

ଜରାଭୀରୁ—ସଂ. ବି(୫ମୀ ତତ୍; ଜରା+ଭୀରୁ)—କାମ—
Jarā-bhiru Cupid.

ଦକ୍ଷ ଜରାଭୀରୁ ଭୀରୁ ସମା ରମ୍ଭାଉରୁ ଉରୁ
ଧରି ବକ୍ଷେ ଦୃଷ୍ଟି କରୁ କରୁ—ଭଞ୍ଜ । ପ୍ରେମସୁଧାନିଧି ।

ସଂ. ବିଣ—ବାର୍ଦ୍ଧକ୍ୟ ହେତୁ ଭୀତ; ଯେ ବୁଢ଼ାହେବାକୁ ଡରେ—
Afraid of old age.

ଜରାୟୁ—ସଂ. ବି. (ଜରା+ଇ ଧାତୁ=ପ୍ରାପ୍ତ ହେବା+କର୍ତ୍ତୃ.ଉ)—
Jarāyu ୧ । ଗର୍ଭାଶୟ—1. Womb; uterus.
୨ । ଜଟାୟୁ ପକ୍ଷୀ—2. Name of a mythological vulture of great prowess.
୩ । ଭ୍ରୂଣ; ଗର୍ଭସ୍ଥ ଶିଶୁ—3. Embreyo.
୪ । ଅଗ୍ନିଜାର ବୃକ୍ଷ (ଦେଖ)
4. Agnijāra tree (See)
୫ । କାର୍ତ୍ତିକେୟଙ୍କ ଅନୁଚରବିଶେଷ—5. Name of an attendant of Kārttikeya.
୬ । ଯୋନି (ହୁ. ଶବ୍ଦସାଗର)—6. Female organ.

ଜରାୟୁଜ—ସଂ. ବିଣ. (ଜରାୟୁ+ଜନ୍ ଧାତୁ+କର୍ତ୍ତୃ. ଅ)—
Jarāyuja ଯେଉଁ ଜୀବମାନେ ମାତୃଗର୍ଭସ୍ଥ ଜରାୟୁ ମଧ୍ୟ ଦେଇ ଜନ୍ମ ଗ୍ରହଣ କରନ୍ତି—Born from the womb; viviparous.

[ଦ୍ର—ଜନ୍ମ ପ୍ରଣାଳୀଭେଦରେ ପ୍ରାଣୀମାନେ ଜରାୟୁଜ, ସ୍ୱେଦଜ ଓ ଅଣ୍ଡଜ ବୋଲି ଯାଆନ୍ତି । ମନୁଷ୍ୟ ପଶୁ ଆଦି ଜରାୟୁଜ, କୀଟ ଆଦି ସ୍ୱେଦଜ ଓ ପକ୍ଷୀ ଆଦି ଅଣ୍ଡଜ, ମାତ୍ର ବାଦୁଡ଼ି ଜରାୟୁଜ ଶ୍ରେଣୀର ଅନ୍ତର୍ଗତ ।]

ଜରାଳି—ଦେ. ବି—ଜହ୍ଲା (ଦେଖ)
Jarāḷi Jahlā (See)

ଜରାସନ୍ଧ—ସଂ.ବି.(ନାମ)(ଜରା ନାମକ ରାକ୍ଷସୀ ଦ୍ୱାରା ସନ୍ଧ=ଯୋଜିତ; ଏ
Jarāsandha ଜନ୍ମ ହେଲା ବେଳେ ଦୁଇ ମାତାଙ୍କ ଗର୍ଭରୁ ଦୁଇଫାଳ ହୋଇ ଜନ୍ମ ହୋଇଥିଲେ, ଜରା ନାମକ ରାକ୍ଷସୀ ଏହାଙ୍କୁ ଯୋଡ଼ି ଦେବାରୁ ଏ ବଞ୍ଚି ପୂର୍ଣ୍ଣଶରୀରତା ପ୍ରାପ୍ତ ହୋଇଥିଲେ)—ମଗଧ ଦେଶର ରାଜା; ଚନ୍ଦ୍ରବଂଶୀୟ ରାଜା ବୃହଦ୍ରଥଙ୍କ ପୁତ୍ର—
(ଜରାକୁମାର, ଜରାପୁଷ୍ଟ, ଜରାସୁଣି, ଜରାସୁତ — ଅନ୍ୟରୂପ)
A king of Magadha; the son of Bruhadratha, killed by Bhima.

ବଳ୍ପ ବକଠ ମହାମଦ
କାଳଦମନ ଜରାସନ୍ଧ । ଭୂପତି. ପ୍ରେମପଞ୍ଚାମୃତ ।

[ଦ୍ର—କଂସ ଏହାଙ୍କ ଜାମାତା ଥିଲେ । କୃଷ୍ଣ କଂସକୁ ବଧ କରି ଅଛନ୍ତି, ଏହା ଶୁଣି ଏ ସୈନ୍ୟ ସାମନ୍ତ ସହ ୧୮ ଥର ମଥୁରା ଆକ୍ରମଣ କରି ପରାସ୍ତ ହୋଇ ପଳାଇ ଯାଇଥିଲେ । ଏ ବହୁ ସହସ୍ର ରାଜାଙ୍କୁ ଧରି ଆଣି ବନ୍ଦୀ କରି ରଖିଥିଲେ । ଯୁଧିଷ୍ଠିର ରାଜସୂୟ ଯଜ୍ଞ କଲାବେଳେ ରାଜାମାନଙ୍କୁ ମୁକୁଳାଇ ଦେବାକୁ ଏହାଙ୍କୁ ଅନୁରୋଧ କରିବାରୁ ଏ ଅସ୍ୱୀକାର କଲେ । ଏଥିଉତ୍ତାରେ ଭୀମ ତାହାଙ୍କୁ ଦ୍ୱନ୍ଦ୍ୱ ଯୁଦ୍ଧ କରିବାକୁ ଆହ୍ୱାନ କରିବାରୁ ଏ ଭୟରେ ଯାଇ ଆପଣା ରାଜଧାନୀ ଗିରିବ୍ରଜସ୍ଥ ଆପଣାର ଅନ୍ତଃପୁର ମଧ୍ୟରେ ଲୁଚି ରହିଲେ । ଏହାଙ୍କ ସିଂହଦ୍ୱାରରେ ଗୋଟିଏ ଗଧ ବନ୍ଧା ଥାଏ । କୌଣସି ଶତ୍ରୁ ଆସିଲେ ସେ ଗଧ ବୋବାଳି ଛାଡ଼ି ଜରାସନ୍ଧଙ୍କୁ ଶତ୍ରୁର ଆଗମନ ଜଣାଇ ଦିଏ ଓ ଶତ୍ରୁମାନେ ତାଙ୍କୁ ମାରି ନ ପାରି ଫେରି ଯାଆନ୍ତି । ଶ୍ରୀକୃଷ୍ଣ ଏହା ଜାଣି ଅର୍ଜ୍ଜୁନ ଓ ଭୀମଙ୍କ ସଙ୍ଗରେ ଛଦ୍ମବେଶରେ ଯାଇ ସେ ଗଧକୁ ପ୍ରାର୍ଥନା କରି ତା ମୁହଁରେ ଗୋଟିଏ ଶଙ୍ଖ ପୂରାଇ ଦେଲେ (ଏଣୁ କଥିତ ଅଛି ଯେ କାମ ପଡ଼ିଲା ବେଳେ ପ୍ରଭୁ ଗଧ ପାଦ ଧରିଥିଲେ) । ଭୀମଙ୍କ ଆଗମନ ସମୟରେ ଗଧ ରଡ଼ି କରିବାରୁ ତାହା ଗଧ ରଡ଼ି ପରି ନ ଶୁଭି ଶଙ୍ଖଧ୍ୱନି ପରି ଶୁଭିଲା ଓ ଜରାସନ୍ଧ ସତର୍କ ହୋଇ ନ ପାରି ଅନ୍ତଃପୁରରୁ ବାହାରି ଆସିଲେ ଓ ଭୀମ ଦ୍ୱନ୍ଦ୍ୱ ଯୁଦ୍ଧରେ ତାହାଙ୍କୁ ବଧ କଲେ ।]

୧	ଇ	ଓ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ଼
୬.	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	୭	ଦ୍

ଜରା ଶବର—ସଂ. ବ—ଭାଗବତୋକ୍ତ ବ୍ୟାଧର ନାମ—
Jarā śabara Name of a hunter mentioned in the Bhāgabata.

[ଦ୍ର—ଏହାର ବାଣ ଶ୍ରୀକୃଷ୍ଣଙ୍କ ପାଦରେ ବାଜିବାରୁ ଶ୍ରୀକୃଷ୍ଣ ମର ଦେହ ତ୍ୟାଗ କଲେ । ଶ୍ରୀକୃଷ୍ଣ ଅରଣ୍ୟରେ ଏକ ଅଶ୍ୱ ଉପରେ ଅନ୍ୟ ଗୋଡ଼ର ପାଦକୁ ରଖି ନିଦ୍ରା ଯାଇ ଥିଲେ । ଶ୍ରୀକୃଷ୍ଣଙ୍କର ଚିହ୍ନିକା ହୋଇଥିବା ପାଦାଗ୍ରକୁ ଜରା ମୃଗର କର୍ଣ୍ଣ ଭ୍ରମକରି ଶର ମାରିଥିଲା ।]

ଜରି—ବୈଦେ. ବ. (ଅ. ଜର୍=ସୁନା)—ସୁନାଲି ଓ ରୂପାଲି ସୂତା;
Jari ବସ୍ତ୍ରାଦିରେ କାରୁକାର୍ଯ୍ୟ କରିବା ନିମନ୍ତେ ପ୍ରସ୍ତୁତ ସୁନା
ଜରି ଓ ରୂପାର ବା ପିତ୍ତଳର ଅତି ସୂକ୍ଷ୍ମ ତନ୍ତୁ—
डोरी; ज़री; गोटा Gold and silver lace.

ଦେ. ବ—୧ । ଜରି ଗଛ (ଦେଖ)
1. Jari gachha (See)

୨ । (ସଂ. ଦରୀ)—ଗିରିଗହ୍ୱର; ଗୁମ୍ଫା—
2. Mountain-cave.

୩ । (ସଂ. ଜଲୀ)—ନଦୀବନ୍ଧି ଛାଡ଼ିଗଲେ ନଦୀ କୂଳବର୍ତ୍ତୀ ଯେଉଁ ଯେଉଁ ଗଭୀର ସ୍ଥାନରେ ନଈପାଣି ରହିଯାଇ ଥାଏ—3. Deep channels or pools full of standing water left on the banks of a river after the subsidence of flood.

ଜରିଆ—ବୈଦେ. ଅ. (ଫା. ଜରିଏ)—ଦ୍ୱାରା; ବାଟେ—
Jariā Through; by; by way of.
ଜରିଆ (ଯଥା—ଲାଟସାହେବଙ୍କ ନିକଟକୁ କୌଣସି ଆବେଦନ
जरिया ପତ୍ର ପଠାଇବାକୁ ହେଲେ ତାହା ସ୍ଥାନୀୟ ହାକିମମାନଙ୍କ ଜରିଆରେ ପଠାଇବାକୁ ହୁଏ ।)
ଜରିଦାର ଦେ. ଵଣ—ଜରିଦାର; ଜରିଯୁକ୍ତ—Furnished with
जरिदार golden lace; interwoven with lace.

ଜରିଆରେ—ବୈଦେ. ଅ - ଜରିଆ (ଦେଖ)
Jariāre Jariā (See)

ଜରିକସି—ବୈଦେ. ବ. (ଫା. ଜରିକସି; ଭୁଲ ଫା. ଜାରିକସି)—
Jarikasi ଲୁଗାଆଦିରେ ବୁଣାଯାଇ ଥିବା ଜରିକାମ—
ଜରିକସି Gold and silver embroidery; gold and
जरकशि silver lace-work; stuff or cloth interwoven with golden and silver lace.

ଜରି ଗଛ—ଦେ. ବ—ବରଜାତୀୟ ଏକପ୍ରକାର ବନ୍ୟ ଗଛ; ଏହା ପୁରୁଣା
Jari gachha ଭଙ୍ଗାକୋଠା ଓ ଦେଉଳମାନଙ୍କ ପଥର ଓ ଇଟା
ସଂ. ପ୍ଲକ୍ଷ; ପର୍କଟୀ ସନ୍ଧିସ୍ଥାନଙ୍କରେ ଉଠି ଚେରଦ୍ୱାରା କୋଠା ପ୍ରଭୃତିକୁ
ଗୁଡ଼ୁଦର୍ଶନ; ଫଟାଇ ଦିଏ । ଏହାର ଚେର ବହୁଦୂରକୁ ଭେଦିବାରୁ
ଗର୍ଦ୍ଦଭାଣ୍ଡ ଏହା ସହଜରେ କୋଠା ପ୍ରଭୃତିକୁ ନିର୍ମୂଳ କରିପାରି
ପାକୁଡ଼ ପାରେ କାହିଁ—A banyan-like wild tree
पाकर found growing on the crevices of

ଚେ. ଜୁବ୍ଵି stones and bricks of old dilapidated buildings and sending its roots deep down into the crevices and widening them and causing the structure to totter; Fecus Retusa.

[ଦ୍ର—ପକ୍ଷୀ ଓ କୁଆମାନେ ଏହାର ଫଳକୁ ଖାଇ କୋଠା ପ୍ରଭୃତି ଉପରେ ବସି ମଳତ୍ୟାଗ କରନ୍ତି । ଉକ୍ତ ମଳରୁ ମଞ୍ଜ ରହିଯାଇ ଗଛ ଉଠେ ।]

ଜରି ଗୁଳ୍ମ—ଦେ. ବ.—ସାନ ଜରି ଗଛ (ଦେଖ)
Jari gulma Small jari gachha (See)
ଜରିଗୁଳ୍ମାଙ୍କଣି ଗାଈ ସୌଧ ଶୃଙ୍ଗ । ସ୍ୱଧାନାଥ. ଜଯାତ ।

ଜରିତ—ଗ୍ରା. ଵଣ. (ପ୍ରାଚୀନ ପଦ୍ୟ)—ଜର୍ଜରିତ—
Jarita Overwhelmed.
ଏମନ୍ତ ମଦନେ ଖେଦଭରେ ତନୁ ଜରିତ ଶ୍ରୀ ଗୋପୀନାଥ । ପ୍ରାଚୀ. ରସବ ହିଥ ।

ଜରିଦାର—ଦେ. ଵଣ.—ଜରିଯୁକ୍ତ (ବସ୍ତ୍ରାଦି)—
Jari-dār (cloth etc) Having lace;
ଜରିଦାର embroidered with lace.
जरिदार

ଜରିଧଡ଼ି—ଦେ. ବ.—ଜରିରେ ନିର୍ମିତ ବା ବୁଣା ଲୁଗାର ଧଡ଼ି—
Jari-dhardi Lace-border of cloth.
ଜରିପାଡ଼ ଵଣ.—ଯାହାର ଧଡ଼ିରେ ଜରି ଲାଗିଥାଏ—
जरीकोनारी Having lace-work in its border.

ଜରିପ୍ (ଇତ୍ୟାଦି)—ଜରିବ୍ ଇତ୍ୟାଦି (ଦେଖ)
Jarip (etc) Jarib etc (See)

ଜରିପଞ୍ଜର—ଦେ. ବ. ଫା. (ଜରି+ସଂ. ପଞ୍ଜର)—ସୁନାଲି ବା ରୂପାଲି କାମ
Jari-panjara ହୋଇଥିବା ସ୍ୱଚ୍ଛ କାଚର ପ୍ରଦୀପ ବା ଦୀପାଧାର—
ଜରିପଞ୍ଜରି } —ଅନ୍ୟରୂପ Lantern; crystal-glass-
ଜରିପଞ୍ଜୁରି } lamp; glazed lampstand with gilt work.

ଜରିପାଗ—ଦେ. ବ.—ଯେଉଁ ପାଗ ବା ପଗଡ଼ିରେ ଜରି କାମ ହୋଇ
Jari-pāga ଥାଏ—A turban wrought with
जरीपागड़ी lace.
लैसका पगीया

ଜରିବ୍—ବୈଦେ. ବ. (ଅ. ଜରିବ୍=ଜମି ମାପିବା)—୧ । ନିର୍ଦ୍ଦିଷ୍ଟ
Jarib ପରିମାଣବିଶିଷ୍ଟ ଦଣ୍ଡ ବା ଶିକୁଳିଦ୍ୱାରା ଜମିର ମାପ—
ଜରୀବ 1. Cadastral survey.
जरीब ୨ । ଶିକୁଳିଦ୍ୱାରା ଜମି ମାପ—2 Chain-survey.

୩ । ଚେନ୍; ଜମି ମାପିବାର ଶିକୁଳି—
3. Measuring or surveying chain.

୪ । ୧୦୦ ଲିଙ୍କ୍ ବା ୬୬ ଫୁଟ ପରିମିତ ଭୂମି ମାପିବାର ଚେନ୍—Gunter's chain.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀକାର' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ;

୫ । ଏକ ଚେନ୍ ପରିମିତ ଦୈର୍ଘ୍ୟ—5. A length of one chain (66 feet or 100 links).

[ଦ୍ର— ଜରିବ ବା ଚେନରେ ୧୦୦ ଖଣ୍ଡି ଲୁହାକାଢ଼ି ଥାଏ ଓ ଉକ୍ତ କାଢ଼ିମାନ ଗୋଟିଏ ଲେଖାଏଁ ମୁଦଅ ଦ୍ୱାରା ପରସ୍ପର ସଙ୍ଗେ ଯୋଡ଼ା ହୋଇଥାଏ । ଏ ଲୁହା କାଢ଼ିମାନଙ୍କୁ ଲିଙ୍କ୍ ବା କଡ଼ି ବୋଲାଯାଏ ।]

ଜରିବ୍ ଅମୀନ—ବୈଦେ. ବି. (ଅ)—ଯେଉଁ ଅମୀନ ଭୂମି ମାପ କରେ—
Jarib amīna — Surveyor.
জরিব আমীন
जरिब अमीन

ଜରିବ୍ ଜମାବନ୍ଦି—ବୈଦେ. ବି. (ଅ)—ଜରିବ୍ ବନ୍ଦୋବସ୍ତ (ଦେଖ)
Jarib jamābandi — Jarib bandobasta (See)
জরীব জমাবন্দি
जरीब जमाबन्दि

ଜରିବ୍ କସ୍—ବୈଦେ. ବି—(ଅ)—ଜମି ମାପ ବେଳେ ଯେଉଁ ଲୋକ ଶିକୁଳିକୁ ଟାଣେ; ଚେନ୍‌ମାନ୍—
Jarib-kas — A chainman.
জরীবকস
जरीबकस

ଜରିବ୍ ବନ୍ଦୋବସ୍ତ—ବୈଦେ. ବି. (ଅ)—ଭୂମିକୁ ମାପ କରି ଭୂମି ଉପରେ ରାଜସ୍ୱ ବନ୍ଦୋବସ୍ତ ବା ସ୍ଥିର କରିବାର ପ୍ରକ୍ରିୟା—Cadastral survey and settlement of rent.
Jarib bandobasta

ଜରିବ୍ ଭଉଁରିଆ—ଦେ. ବି—ଚେନ୍ ଦ୍ୱାରା ମାପ କରାଯାଇଥିବା ପ୍ରତ୍ୟେକ କ୍ଷେତ୍ରର ବିବରଣ (ଯଥା—ଦୈର୍ଘ୍ୟ, ପ୍ରସ୍ଥ, ଦାଗ, ଅବସ୍ଥିତି ଓ କ୍ଷେତ୍ରଫଳ) ଯେଉଁ କାଗଜରେ ଲେଖାଥାଏ; ମଡ଼ାଣ ଭଉଁରିଆ—Field-book of cadastral survey.
Jarib bhauṅriā

ଜରିବ୍ କଡ଼ିମାପ— ଦେ. ବି—ଚେନ୍‌ର କଡ଼ି ଅନୁସାରେ ଜମିର ମାପ—
Jarib kaṛimāpa — Measurement of land according to the system of chain and links.
জরিবমাপ
जरीबनाप

[ଦ୍ର—ବାବୁ ରାଧାକୃଷ୍ଣ ବସୁ କଡ଼ିମାପରେ ଜମିର କ୍ଷେତ୍ରଫଳ ମାଣ ଓ ଗୁଣ୍ଠରେ ସ୍ଥିର କରିବାର ଏକ ନୂତନ ସୂତ୍ର ପଦ୍ୟରେ ରଚନା କରିଅଛନ୍ତି; ଯଥା —
ଜରିବକୁ କଡ଼ି ମାଗ ଆଠ ଗଣ୍ଡା, କଡ଼ି କଡ଼ି ଚଉ ଆଠ
ଜରିବେ ଜରିବେ ଅଢ଼ାଇ ଗୁଣ୍ଠକୁ, ମନେ ହେଉ କର ପାଠ,
ଶତେକ କଡ଼ରେ ଜରିବ ହୁଅଇ, ପଚଶ ଚଉରେ କଡ଼ା
ବସୁ ରାଧାକୃଷ୍ଣ, ସୂତ୍ରରେ ଭଣିଲେ, ଗୁଣୀଙ୍କୁ ଏକାଳେ ଲୋଡ଼ା ।]

ଜରିବସ୍ତ୍ର—ଦେ. ବି—ମୁହଁରେ ଓ ଧଡ଼ିରେ ଜରି ଲାଗିଥିବା ଲୁଗା—
Jari-bastra — A cloth wrought with lace.
জরীকাপড় ବାତାସୁ ଲୋମିକ ଜରିଶେଷୁ ଜରିବସ୍ତ୍ର । ରାଧାନାଥ ।
जरीकपड़ा

ଜରିବା—ଦେ. କ୍ରି. (ସଂ. ଜୃ ଧାତୁ)—୧ । (କୌଣସି ପଦାର୍ଥର ମଧ୍ୟରେ ଜଳ ଲବଣ ଆଦି) ଉତ୍ତମରୂପେ ଭେଦ ଯିବା; ଜଡ଼ିତ ହେବା; ମିଳି ମିଶି ଯିବା—1. To be absorbed (said of water, oil salt etc).
Jaribā
জরা
जरना

୨ । ଅଗ୍ନି ଉତ୍ତାପରେ (ଘୃତ ତୈଳାଦି) ନିର୍ଜଳ ହେବା—
2. (oil or ghee) To become freed from water by application of heat.

୩ । (ଲକ୍ଷଣାର୍ଥ) ଜୀର୍ଣ୍ଣ ଶୀର୍ଣ୍ଣ ହେବା—
3. (figurative) To be worne out.

ତେଜି ଭଜି ଅସ୍ତ୍ର ଜରି ଘୋର ବ୍ୟାଘ୍ରୀ ପରି
ତା କ୍ରୂର ନଖାଘାତେ ଯାଉ ଦେହ ଜରି—ମଧୁସୂଦନ, ବସନ୍ତଗାଥା ।

୪ । (ଖାଦ୍ୟ) ଜୀର୍ଣ୍ଣ ହେବା—
4. (food) To be digested.

ପ୍ରାଦେ. (ସମ୍ବଲପୁର) କ୍ରି—(ଗୋମେଷାଦି) ଚରିବା—
(cattle) To graze.

ଜରିବାନା (ଇତ୍ୟାଦି)—ବୈଦେ.ବି.—ଜରିମାନା ଇତ୍ୟାଦି (ଦେଖ)
Jaribānā (etc) — Jarimānā etc (See)

ଜରିବୁଟା—ବୈଦେ. ବି (ଫା)—ଲୁଗାଆଦିରେ ଜରିଦ୍ୱାରା ବୁଣା ଯାଇଥିବା ନକ୍ଷତ୍ରାକାର ବିନ୍ଦୁ ଓ ବର୍ତ୍ତୁଳ ଚିହ୍ନମାନ—Starlike points of lace woven on cloth; spangles.
Jari-buṭā
জরিবুটা
जरीबुटा ଜରିବୁଟା କଞ୍ଚ କସିବା ପରି
କୁସୁମା ଦ୍ରବେ ଯାଇଅଛି ଜଡ଼ି—କବିସୂର୍ଯ୍ୟ, ଚନ୍ଦ୍ରକଳା ।

ଜରିବୁଟି—ପ୍ରାଦେ. (ସମ୍ବଲପୁର) ବି—ଝଡ଼ିବୁଟି (ଦେଖ)
Jari-buṭi — Jaṛdi-buṭi (See)

ଜରିମା—ସଂ. ବି. (ଜର+ଇମନ୍; ୧ମା. ୧ବ.)—ବୃଦ୍ଧାବସ୍ଥା—
Jarimā — Old age.

ଜରିମାନ୍—ବୈଦେ. ବି. (ଅ. ଦରମାନ୍; ଦରମିଆନ୍)—ହଲପ—
Jarimān — Taking oath by touching some sacred thing.

ଜରିମାନ୍ ଦେବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ସତ୍ୟ କହିବା ନିମନ୍ତେ ହଲପ ଛୁଆଁଇବା—To administer special oath to a person.
Jarimān debā

ଜରିମାନା—ବୈଦେ. (ଅ. ଜୁରମାନା)—ଗୁଣାଗାରି; ଅର୍ଥଦଣ୍ଡ; ଡଣ୍ଡ—
Jarimānā — Fine.
জরিমানা ମାତଏ ମରନ୍ତି ଜରିମାନା ଦେଇ—ରାଧାନାଥ, ଦରବାର ।
जरिमाना; जुरमाना

ଜରିମାନା କରିବା—ଦେ. କ୍ରି—ଅର୍ଥ ଦଣ୍ଡରେ ଦଣ୍ଡିତ କରିବା; ଡଣ୍ଡିବା—
Jarimānā karibā — To mulct; to impose a fine; to pass a sentence of fine.
জরিমানা করা
जुरमाना करना ରହିଥାଅ ଠାକ, କରି ଜରିମାନା
ଧରେ ପୁରଇବା ଲାଗି ମାଲଖାନା—ରାଧାନାଥ, ଦରବାର

୧	ଇ	ଊ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯୃ	ଓଅ	ଔ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଚ	ନ୍ତ

ଜରିମୁହଁ—ଦେ. ବି—ଜରି ବୁଣା ହୋଇଥିବା ଲୁଗାର ମୁହଁ ବା ପ୍ରାନ୍ତ—
Jari-muhañ The end of a cloth having lace in it·
जरीमुहुंडा

ଜରିମୁହାଁ—ଦେ. ବଣ—ଯେଉଁ ଲୁଗାର ମୁହଁ ବା ପ୍ରାନ୍ତରେ ଜରି ବୁଣା
Jari–muhāñ ହୋଇ ଥାଏ—(cloth) Having the ends embroidered with gold or silver thread.

ଜରିମୁହୁଣ୍ଡା—ଦେ. ବଣ—ଜରିମୁହାଁ (ଦେଖ)
Jari-muhuṇḍā Jarimuhāñ (See)
ଦେ. ବି—ଜରିମୁହଁ (ଦେଖ)
Jarimuhañ (See)

ଜରୀ—ସଂ. ବଣ. ପୁଂ. (ଜରା+ଅସ୍ତି ଅର୍ଥରେ. ଇନ୍; ୧ମା. ୧ବ)—
Jarī ୧ । ଜରାଯୁକ୍ତ—1. Old.
(ଜରିଣୀ—ସ୍ତ୍ରୀ) ୨ । ଜୀର୍ଣ୍ଣ—2. Decrepit.
ବୈଦେ. ବି. (ଆ. ଜର୍=ସୁନା)—ସୁନା ରୁପାର ସରୁ ସୁତା—
Golden or silver lace; very fine threads of gold and silver.

ଜରୁଆ—ଦେ. ବଣ. ପୁଂ. (ସଂ. ଜ୍ୱର)—୧ । ଜ୍ୱର ରୋଗାକ୍ରାନ୍ତ—
Jaruā 1. Suffering from fever; fevered.
जरुया ୨ । ଯେ ବହୁକାଳ ଜ୍ୱର ଭୋଗୁ ଥାଏ—
ଜରେଇ } ସ୍ତ୍ରୀ. 2. Suffering from chronic fever.
ଜରୋଇ }

ଜରୁଥ—ସଂ. ବି—ମାଂସ (ହି. ଶବ୍ଦସାଗର)—
Jarutha Flesh.
ସଂ. ବଣ. ପୁଂ.— କଟୁଭାଷୀ (ହି. ଶବ୍ଦସାଗର)—
(ଜରୁଥା—ସ୍ତ୍ରୀ) Harsh-speaking.

ଜରୁର—ବୈଦେ. ଅ. (ଫା)—୧ । ଅତି ଚଞ୍ଚଳ; ଶୀଘ୍ର; ଅନତି ବିଳମ୍ବେ-
Jarur 1. Very soon; shortly; at once.
जरुर ୨ । ନିଶ୍ଚୟ—2. Certainly; without fail.
जरूर ବଣ—ଜରୁରି (ଦେଖ)
Jaruri (See)

ଜରୁରତ—ବୈଦେ. ବି. (ଫା)—ଅତ୍ୟନ୍ତ ଅବଶ୍ୟକ ହେବା; ଅତି
Jarurat ପ୍ରୟୋଜନ—Urgency; dire necessity.
जरुरत
जरूरत
(ଜରୁରତ୍—ଅନ୍ୟରୂପ)

ଜରୁରି—ବୈଦେ. ବଣ. (ଫା)—୧ । ଅନତିବିଳମ୍ବେ କର୍ତ୍ତବ୍ୟ—
Jarury 1. Very urgent.
जरुरी ୨ । ଯାହା ନ ହେଲେ ନ ଚଳେ; ଅତ୍ୟନ୍ତ ଅବଶ୍ୟକ;
जरूरी ଏକାନ୍ତ ପ୍ରୟୋଜନୀୟ—2. Absolutely necessary; indispensable; very important.
୩ । ଅନିବାର୍ଯ୍ୟ—3. Unavoidable.

ବି—ଜରୁରତ (ଦେଖ)
Jarurat (See)

ଜରୋର—ବୈଦେ. ବଣ. (ଆ ଜରୁର)—ଜରୁର (ଦେଖ)
Jaror Jarur (See)
ବଡ଼ ଗୁମାସ୍ତା ମତେ ଜରୋର ପଠାଇ ଦେଲେ ।
ଉକାଘ. ସାଂସାରିକ ଚିତ୍ର ।
ବଣ—ଜରୁରି (ଦେଖ)
Jaruri (See)

ଜରୋରତ—ବୈଦେ. ବି. (ଆ—ଜରୁରତ୍ (ଦେଖ)
Jarorat Jaruri (See)

ଜରୋରି—ବୈଦେ. ବଣ. (ଆ)—ଜରୁରି (ଦେଖ)
Jarori Jarurat (See)

ଜରୋଲ୍—ଦେ. ବି—ଏକ ପ୍ରକାର ଜଙ୍ଗଲୀ ଗଛ—
Jarol Jarrole tree (a wild tree).
जरोल [ଦ୍ର—ଏହାର କାଠ ଖୁବ ମଜଭୁତ୍ । ଏ କାଠରେ
जरोल କଡ଼, ଖୁଣ୍ଟ, ଗାଡ଼ିର ଚକ ଆଦି ହୁଏ । ଏ ଗଛ ସିଲ୍‌ହଟ, କଛାଡ଼, ଚଟ୍ଟଗ୍ରାମ ଓ ଉତ୍ତର ନୀଳଗିରିରେ ହୁଏ ।]

ଜର୍ଜ—ବୈଦେ. ବି. (ନାମ) ପୁଂ. (ଇଂ)—ଇଂରାଜ ପୁରୁଷ ବ୍ୟକ୍ତିଙ୍କ
Jarj ନାମବିଶେଷ—An English personal name.
(ଜର୍ଜ୍—ଅନ୍ୟରୂପ)

ଜର୍ଜ ଦି ଫିଫ୍‌ଥ୍—ବୈଦେ. ବି. (ନାମ) ଇଂ.—ବର୍ତ୍ତମାନ ଇଂଲଣ୍ଡର ରାଜା
Jarj di phiphth ଓ ଭାରତ ସମ୍ରାଟ; ପଞ୍ଚମଜର୍ଜ; ଜର୍ଜ ନାମଧାରୀ ଇଂଲଣ୍ଡର ୫ମ ରାଜା—George V; King of England and the Emperor of India.
[ଦ୍ର—ଇଂଲଣ୍ଡର ସିଂହାସନକୁ ଅଧିକାର କରିଥିବା ଜର୍ଜ ନାମଧାରୀ ରାଜାଙ୍କ ମଧ୍ୟରେ ଏ ପଞ୍ଚମ ଅଟନ୍ତି ।]

ଜର୍ଜର—ସଂ. ବଣ. (ଜୃ ଧାତୁ+କର୍ତ୍ତୃ. ଅ; ନିପାତନ, ଦ୍ୱିତ୍ୱ)—
Jarjara ୧ । ଅଭିଭୂତ; ଆକ୍ରାନ୍ତ—
(ଜର୍ଜ୍ଜର—ଅନ୍ୟରୂପ) 1. Attacked; overwhelmed.
୨ । ଜରଜର; ସର୍ବାଂଶରେ ବ୍ୟାପ୍ତ —
2. Suffused; spread over the whole.
୩ । ବିଶୀର୍ଣ୍ଣ—3. Debilitated.
୪ । ବିନଷ୍ଟ; କ୍ଷୟପ୍ରାପ୍ତ; ଜୀର୍ଣ୍ଣ; ଫଟା; ଖଣ୍ଡିତ—
4. Decayed; cracked; worne out; tattered; torne.
୫ । ଚୂର୍ଣ୍ଣିତ—5. Shattered; powdered.
୬ । ଶିଥିଳ; ଶ୍ଳଥ—6. Relaxed; slackened.
୭ । ବୁଢ଼ା; ଜରାଗ୍ରସ୍ତ—7. Decrepit; very old.
୮ । ପୂର୍ଣ୍ଣରୂପେ ପକ୍ୱ (ପତ୍ର)—8. Very ripe (leaf).

ଜର୍ଜର ତମାଳ ଦଳ ପରି ଛଡ ପଡ଼ ଶୋ ।
କବିସୂର୍ଯ୍ୟ. ଉଦ୍ଧାବର ଚମ୍ପୂ. କ. ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲଙ୍କୃତ' ନ ପାଇଲେ 'ଅଲଙ୍କୃତ' ଦେଖିବେ ।

ବି.—୧ । ଶୈଳଜ; ଶିଳାଜତୁ— 1. Bitumen; benzoin.
୨ । ଇନ୍ଦ୍ରଧ୍ୱଜ—2. A flag consecrated to Indra.
୩ । ଗୈରିକ; ଗେରୁ—3. Red ochre.

ଜର୍ଜରିକ—ସଂ. ବିଣ. (ଜର୍ଜର+ଇକ)=୧ । ଜୀର୍ଣ୍ଣ; ଶୀର୍ଣ୍ଣ—
Jarjarika 1. Worne out; decayed.
(ଜର୍ଜ୍ଜରିକ—ଅନ୍ୟରୂପ) ୨ । ଜରାଗ୍ରସ୍ତ—2. Struck or debilitated with old age.
୩ । ଫୁଟାଳିଆ ଓ ବହୁ ଛିଦ୍ରଯୁକ୍ତ—3. Perforated with holes and worne out (through age).

ଜର୍ଜରିତ—ସଂ. ବିଣ ଓ ବି. (ଜୃ ଧାତୁ+କର୍ମ ତ; ନିପାତନ, ଦ୍ୱିତ୍ୱ)—
Jarjarita ଜର୍ଜର (ଦେଖ)—Jarjara (See)
(ଜର୍ଜ୍ଜରିତ—ଅନ୍ୟରୂପ)

ଜର୍ଡ଼ା—ପ୍ରାଦେ. (ସମ୍ବଲପୁର) ବି—ଜହ୍ଲା (ଦେଖ)
Jarrda -Jahlā (See)

ଜର୍ଣ୍ଣ—ସଂ. ବି—୧ । ଚନ୍ଦ୍ରମା (ହି. ଶବ୍ଦସାଗର)—1. Moon.
Jarnna ୨ । ବୃକ୍ଷ (ହି. ଶବ୍ଦସାଗର)—2. Tree.

ଜର୍ଣ୍ଣିଲ୍—ବୈଦେ. ବି—୧ । (ଇଂ. ଜେନେରଲ୍)—ସୈନ୍ୟାଧକ୍ଷ—
Jarnnal 1. A general or commander of an army.
जर्नल
जनरल; जरनल ୨ । (ଇଂ. ଜୁର୍ନିଲ୍) ସାମୟିକ ସମ୍ବାଦପତ୍ର—
(ଜର୍ନିଲ୍—ଅନ୍ୟରୂପ) 2. Journal.

ଜର୍ଣ୍ଣିଲ୍ କର୍ଣ୍ଣିଲ୍—ବୈଦେ. (ସହଚର)—ବି. (ଇଂ. ଜେନେରଲ୍ ଓ କର୍ଣ୍ଣେଲ୍)— ପଲ୍‌ଟଣଙ୍କ ଉପରସ୍ଥ ଅଧକ୍ଷ—
Jarnnal karnnal The general and colonel of an army.
जर्नल कर्नल
जनरल करनल
(ଜର୍ନିଲ୍ କର୍ନିଲ୍—ଅନ୍ୟରୂପ)

ଜର୍ଣ୍ଣିଲ ଅର୍ଡ଼ର୍—ବୈଦେ. ବି. (ଇଂ. ଜେନେରଲ୍+ଅର୍ଡ଼ର୍)—
Jarnnali ardar ଜର୍ଣ୍ଣିଲ ହୁକୁମ (ଦେଖ)
जर्नल आड़र Jarnnali hukuma (See)
जनरली आर्डर

ଜର୍ଣ୍ଣିଲ ହୁକୁମ—ବୈଦେ. ବି. (ଇଂ. ଜେନରଲ୍ ଓ ଫା. ହୁକ୍‌ମ୍)—
Jarnnali hukuma ଯେଉଁ ହୁକୁମର ଅପିଲ ଶୁଣିବାକୁ ଉପରେ
जर्नलि हुकुम କେହି ନ ଥାଏ, ନାଚକ୍ ହୁକୁମ; ଯେଉଁ
जनरली हुक्म ଆଦେଶକୁ ଅବଶ୍ୟ ପାଳନ କରିବାକୁ ହେବ; ଅଲଙ୍ଘ୍ୟ ଆଦେଶ—An order under the martial law; an order which must be obeyed at any cost (like an order issued to the soldiers by the commander.
[ଦ୍ର—ଇଂରେଜମାନେ ପ୍ରଥମେ ଓଡ଼ିଶାକୁ ଅଧିକାର କରିବା ସମୟରେ ରେଲ ଆଦିର ସୁବିଧା ନ ଥିଲା, ତେଣୁ ପଲ୍‌ଟଣମାନେ ଚାଲି କରି ସ୍ଥଳପଥ ବାଟେ ଦେଶର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଉଥିଲେ । ପଲ୍‌ଟଣମାନେ ଜର୍ଣ୍ଣିଲ କର୍ଣ୍ଣିଲଙ୍କ ହୁକୁମରେ ଚାଳିତ ହେଉଥିବାର ଦେଖି ସେହି କାଳରୁ ଏହି ଶବ୍ଦ ପ୍ରଚଳିତ ହୋଇଅଛି । ଜର୍ଣ୍ଣିଲ ଓ କର୍ଣ୍ଣିଲ ସାହେବଙ୍କ ହୁକୁମ ଅଲଙ୍ଘ୍ୟ ଓ ଅବଶ୍ୟ ପାଳନୀୟ ଓ ପ୍ରତିକାରର ଅସାଧ ଥିବାର ସାଧାରଣ ଲୋକେ ଅନୁଭବ କରୁଥିଲେ ।]

ଜର୍ତ୍ତ—ସଂ. ବି—୧ । ହାତୀ (ହି. ଶବ୍ଦସାଗର)—
Jartta 1 Elephant.
୨ । ଯୋନି (ହି ଶବ୍ଦସାଗର)—
2. The female organ of generation.

ଜର୍ଦ୍ଦା—ବୈଦେ. ବି—ଜରଦା (ଦେଖ)
Jardā Jaradā (See)

ଜର୍ଦ୍ଦାଲୁ—ବୈଦେ. ବି. (ଫା)—ଏକପ୍ରକାର କାବୁଲୀ ମିଷ୍ଟ ଓ ଶୁଷ୍କଫଳ—
Jardālu A kind of sweet dry fruit brought from Kabul.
[ଦ୍ର—ଏହାର ଉପର ଚୋପା ସୁସ୍ୱାଦୁ ଓ ମିଷ୍ଟ । ଏହା ଭିତରର ଖାଗୁଆ ମଞ୍ଜିକୁ ଭାଙ୍ଗିଦେଲେ ତହିଁ ମଧ୍ୟରୁ ବାଦାମ ପରି ସୁଖାଦ୍ୟ ଶସ ବାହାରେ ।]

ଜର୍କଶି କାମ—ଦେ. ବି. (ବଣିଆ ଶବ୍ଦ) (ଫା. ଜରକଶି+ସଂ. କର୍ମ)—
Jar-kaṣi kāma ଜରି ପରି ପତଳା ସୁନା ବା ରୁପାର ତାରକଶି-କାମ—Very thin filagree work of gold and silver.

ଜର୍ମ୍—ବୈଦେ. ବି (ଇଂ)—ରୋଗ ବୀଜ; କୀଟାଣୁ—
Jar-m Germ.

ଜର୍ମନ୍ (ଇତ୍ୟାଦି)—ବୈଦେ. ବିଣ— ଜର୍ମାନ୍ (ଦେଖ)
Jarman (etc) Jarmān (See)

ଜର୍ମାନ୍—ବୈଦେ. ବିଣ. (ଇଂ. ଜରମାନ୍)—
Jarmān ଜର୍ମାନି ଦେଶୀୟ ବା ଜାତୀୟ—German.

ଜର୍ମାନି—ବୈଦେ. ବି. ନାମ (ଇଂ)—ଇଉରୋପର ରାଜ୍ୟବିଶେଷ—
Jarmāni Germany.
[ଦ୍ର—ପୂର୍ବେ ଏ ରାଜ୍ୟ ଏସିଆ, ଆଫ୍ରିକା ଓ ଆମେରିକାରେ ଅନେକ ସ୍ଥାନ ଅଧିକାର କରି ସାମ୍ରାଜ୍ୟ ବିସ୍ତାର କରିଥିଲା ଓ ଏ ରାଜ୍ୟର ସମ୍ରାଟଙ୍କୁ କାଇଜର୍ ବୋଲି ଯାଉଥିଲା । ବିଗତ ମହାସମର (୧୯୧୪—୧୯୧୮) ଜର୍ମାନୀ ଦ୍ୱାରା ସୃଷ୍ଟିପାତ ହେଲା ଓ ଶେଷରେ ଜର୍ମାନି ପରାସ୍ତ ହୋଇ ସନ୍ଧି କଲା । ବର୍ତ୍ତମାନ ଏହା ସାଧାରଣ ତନ୍ତ୍ର ପ୍ରଣାଳୀରେ ଶାସିତ ।]

ଜଲ୍ (ଧାତୁ)—ସଂ—ଆଚ୍ଛାଦନ କରିବା—
Jal (root) To cover.

ଜଲ୍‌କା—ପ୍ରାଦେ (ସମ୍ବଲପୁର) ବିଣ—ଜଲକା; ଯାହାର ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଅଛି—Blear-eyed; dim-sighted.
Jal-kā
(ଜଲ୍‌କୀ—ସ୍ତ୍ରୀ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଉ
୨୦	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଔ	ନ୍

ଜଲ୍‌କା କରିବା—ପ୍ରାଦେ. (ସମ୍ବଲପୁର) କ୍ରି—ଗୁଣି ବା ମନ୍ତ୍ରଯନ୍ତ୍ର ଦ୍ୱାରା
Jal-kā kariba କୌଣସି ବ୍ୟକ୍ତିଙ୍କୁ ବଶ କରିବା—To bring a person under control by employing magical charms.

ଜଲ୍‌କିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜର୍‌କିବା (ଦେଖ)
Jal-kibā Jar-kibā (See)

ଜଲ୍‌ଜଲୁଆ—ପ୍ରାଦେ. (ସମ୍ବଲପୁର) ବିଣ—ଅସ୍ପଷ୍ଟ ଭାବରେ ଦେଖାଯିବା;
Jal-jaluā ଝାଲ୍‌ଝାଲୁଆ—Dimly or indistinctly seen.

ଜଲ୍‌ବା—ପ୍ରାଦେ (ସମ୍ବଲପୁର) କ୍ରି (ସଂ. ଜ୍ୱଲ ଧାତୁ) —୧ । ଜଳିବା—
Jal-bā 1. To burn.
୨ । ପୋଡ଼ାଜଳା କରିବା; (ହସ୍ତ ପଦାଦି) ଦାହଯନ୍ତ୍ରଣା ଅନୁଭବ କରିବା—2. To have a burning sensation.

ଜଲ୍‌ବି—ଦେ. ବି—ଜିଲିବି (ଦେଖ)—
Jal–bi Jilibi (See)

ଜଲ—ସଂ. ବି (ଜଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ)—
Jaḻa ୧ । ପାଣି; ବାରି; ଉଦକ—1. Water.
୨ । ତରଳ ପଦାର୍ଥ—2. Liquid.

[ଦ୍ର—ସାଧୁଭାଷା ବ୍ୟବହାରପ୍ରିୟ ଲୋକେ ପାଣି ନ କହି ଜଳ, ଚାଳ ନ କହି ଜଳପାନ କହନ୍ତି । ତୀର୍ଥଜଳକୁ ସାଧାରଣତଃ ପାଣି ବୋଲି ନ କହି ଲୋକେ "ଗଙ୍ଗାଜଳ" "ଗୋଦାବରୀ ଜଳ" ବୋଲି କହନ୍ତି । ତୀର୍ଥଜଳ ପରସ୍ପର ମୁହଁକୁ ଦଅଦେଇ ହୋଇ ଦୁଇ ଜଣ 'ଜଳ' ବସନ୍ତି, ଅର୍ଥାତ୍ ବନ୍ଧୁତା ବାନ୍ଧନ୍ତି, ଓ ପରସ୍ପର 'ଜଳ' ବୋଲି ଡକାଡକି ହୁଅନ୍ତି ।]

୩ । ଉଶୀର; ବେଣାଚେର (ହି. ଶବ୍ଦସାଗର)—
3. The fragrant root of Beṉā grass.
୪ । ପୂର୍ବାଷାଢ଼ା ନକ୍ଷତ୍ର (ହି. ଶବ୍ଦସାଗର)—
4. The 20th asterism.
୫ । (ଫଳଜ୍ୟୋତିଷ) ଜନ୍ମକୁଣ୍ଡଳୀର ଚତୁର୍ଥ ସ୍ଥାନ (ହି. ଶବ୍ଦସାଗର)—5. (astrology) The 4th compartment in a person's horoscope.
୬ । ସୁଗନ୍ଧ ବାଲା (ହି. ଶବ୍ଦସାଗର)—
6. Name of a herb.
ସଂ. ବିଣ—୧ । ଜଡ଼—1 Inext.
୨ । ଶୀତଳ—2. Cold.

ଜଲଉଦରୀ—ସ୍ତ୍ରୀ. ବି—ଜଳୋଦରୀ ରୋଗ—
Jaḻa-udarī Dropsy.
जलउदरी
जलंदर
(ଜଲଉଦ୍ର, ଜଲବୁଦ୍ରି—ଅନ୍ୟରୂପ)

ଜଲକଣା—ସଂ. ବି (୬ଷ୍ଠୀ ତତ୍; ଜଲ+କଣା)—ପାଣିର ଅତି ଛୋଟ
Jaḻa-kaṉā ଛୋଟ ବିନ୍ଦୁ—Small or minute particles of water.

ଜଲକଣ୍ଟକ—ସଂ. ବି (୬ଷ୍ଠୀ ତତ୍; ଜଲ+କଣ୍ଟକ)—
Jaḻa-kaṉṭaka ୧ । ସିଙ୍ଘଡ଼ା—1. The water-chestnut.
୨ । କୁମ୍ଭୀର—2 Crocodile; alligator.
୩ । କୁମ୍ଭୀ (ହି. ଶବ୍ଦସାଗର)—
3. An aquatic plant.

ଜଲକପି—ସଂ. ବି (୬ଷ୍ଠୀ ତତ୍; ଜଲ+କପି)—
Jaḻa-kapi ଶିଶୁମାର (ହି. ଶବ୍ଦସାଗର)—Porpoise.

ଜଲକର—ସଂ. ବି (ମ. ପ. ଲୋ; ଜଲ+କର=ଶୁଳ୍କ; ସଂ. ଶବ୍ଦ କିନ୍ତୁ
Jaḻa-kara ଆଧୁନିକ ପ୍ରୟୋଗ)—୧ । କ୍ଷେତ୍ରରେ ଜଳ ମଡ଼ାଇବା
জলকর ପାଇଁ ଜଳସ୍ୱାମୀକୁ କ୍ଷେତ୍ରସ୍ୱାମୀ ଯେଉଁ ଖଜଣା ଦିଏ—
जलकर 1. Rent paid by the owner of a field to the owner of water with which the field is irrigated; water-rate.
୨ । ଜମିଦାରଙ୍କ ନଦୀ, ପୋଖରୀ, ଜୋଡ଼ ଇତ୍ୟାଦିର ଜଳକୁ ପ୍ରଜାମାନେ କ୍ଷେତରେ ମଡ଼ାଇବାପାଇଁ ଜମିଦାରଙ୍କୁ ଦେବା କର; ଜଳସେଚନ ଦ୍ୱାରା ଜମିଦାରଙ୍କର ହେବା ଆୟ—
2. Income derived from rivers, tanks etc. by the Zamindar.
୩ । ସରକାରୀ ନାଳରୁ ପାଣି ମାଡ଼ିବା ଜମିର ମାଲିକଙ୍କଠାରୁ ସରକାର ଆଦାୟକରିବା କର—3. Canal-revenue.
ସଂ. ବିଣ (ଜଲ+କୃ ଧାତୁ+କର୍ତ୍ତୃ. ଅ)—ଯହିଁରୁ ଜଳ ବାହାରେ—Producing water.

ଜଲକରଙ୍କ—ସଂ. ବି (୬ଷ୍ଠୀ ତତ୍; ଜଲ+କରଙ୍କ)—୧ । ପଦ୍ମ—
Jaḻa-karaṅka 1. Lotus.
୨ । ଶଙ୍ଖ—2. Conch.
୩ । ମେଘ—3. Cloud.
୪ । ନଡ଼ିଆ—4. Cocoanut.

ଜଲକଷ୍ଟ—ସଂ. ବି (ମ. ପ. ଲୋ; ଜଲ+କଷ୍ଟ)—ପ୍ରୟୋଜନୀୟ ଜଳ ନ
Jaḻa-kashṭa ମିଳିବାରୁ ଲୋକମାନେ ଯେଉଁ ଦୁଃଖ ଭୋଗ କରନ୍ତି—
Water-famine; scarcity of water.

ଜଲକା—ଦେ. ବି.—(ସଂ. ଝଲ ଧାତୁ)—୧ । ଦୃଷ୍ଟିଶକ୍ତି କମିଯିବା
Jaḻakā ରୋଗ—1. Short-sightedness; dim-sightedness.
(ଜଲକୀ—ସ୍ତ୍ରୀ)
যে ঝাপসা দেখে ବିଣ. ପୁଂ—୧ । ଯେ ସ୍ପଷ୍ଟ ଦେଖି ପାରେ ନାହିଁ
चुंधा 1. Blear-eyed; blear-sighted; dim-sighted.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଲା' ଦେଖିବେ; 'ଅଳଙ୍କ' ନ ପାଇଲେ 'ଅଲଙ୍କ' ଦେଖିବେ

ଚମକେ ଜଳକା ପ୍ରାପ୍ତ ସକାଙ୍କ ସମ୍ମୁଖେ, ଜଲ୍‌କା ବେଗେ ଆସି ।
ରାଧାନାଥ. ମହାଯାତ୍ରା ।

୨ । ଯେଉଁ ଦର୍ପଣରୁ ପ୍ରତିଫଳନ୍‌-ଶକ୍ତି କମି ଯାଇଅଛି—
2 A looking glass which has lost its reflecting power.

ଜଳକା କରିବା—ଦେ. କି.—(ଲକ୍ଷଣାର୍ଥ) ଆଖି ଆଗରେ କୌଣସି
Jalakā karibā ବ୍ୟକ୍ତିକୁ ଠକାଇବା—(figurative) To cheat a person before his very eyes.
[ଜଳକା ବାନା(ନେ)ଇବା—ଅନ୍ୟରୂପ]
चुँधा बनाना

ଜଳକାକ—ସଂ. ବି. (୬ଷ୍ଠୀ ତତ୍; ଜଳ+କାକ)—୧ । ପାଣିକୁଆ—
Jala-kāka 1. A web-footed black aquatic bird; Pelecanus Fusicolis.
୨ । ଦାତ୍ୟୂହ; ଡାହୁକ (ହ୍ର. ଶବ୍ଦସାଗର)—
2. Moorhen (bird).

ଜଳକିରାଟ—ସଂ. ବି.—ଗ୍ରାହ; କୁମ୍ଭୀର (ହ୍ର. ଶବ୍ଦସାଗର)—
Jala-kirāta Alligator.

ଜଳକୁନ୍ତଳ—ସଂ. ବି. (୬ଷ୍ଠୀ ତତ୍; ଜଳ+କୁନ୍ତଳ)—ଶୈବାଳ; ଶିଉଳ—
Jala-kuntala Moss.

ଜଳକେଳି—ସଂ. ବି. (୭ମୀ ତତ୍; ଜଳ+କେଳି)—
Jala-keli ଜଳକ୍ରୀଡ଼ା (ଦେଖ)
Jala-krirdā (See)

ଜଳକେତୁ—ସଂ. ବି.—ପଶ୍ଚିମାକାଶରେ ଦେଖା ଯିବା ଏକପ୍ରକାର ପୁଚ୍ଛ-
Jala-ketu ଯୁକ୍ତ ତାରକା—A comet rising in the western sky.
[ଦ୍ର—ଏହାର ଶିଖା ପଶ୍ଚିମ ଆଡ଼କୁ ଥାଏ ଓ ମୂଳ ମୋଟ; ଏହା ଦେଖିବାକୁ ସ୍ୱଚ୍ଛ; ଫଳିତ ଜ୍ୟୋତିଷ ମତରେ ଏହା ଉଦୟ ହେଲେ ଦେଶରେ ୯ ମାସ ପର୍ଯ୍ୟନ୍ତ ସୁଭିକ୍ଷ ହୁଏ । ହ୍ର. ଶବ୍ଦସାଗର ।]

ଜଳକେଶ—ସଂ. ବି. (୬ଷ୍ଠୀ ତତ୍; ଜଳ+କେଶ)—
Jala-kesa ଜଳକୁନ୍ତଳ (ଦେଖ)
Jala-kuntala (See)

ଜଳକୋଷ—ସଂ. ବି.—(ମ. ପ. ଲୋ; ଜଳପୂର୍ଣ୍ଣ କୋଷ)—ଅଣ୍ଡକୋଷର
Jala-kosha ଜଳବୃଦ୍ଧି ରୋଗ; ଭୁରୁଣ୍ଡ—Hydrocele.

ଜଳକ୍ରିୟା—ସଂ. ବି. (ମ. ପ. ଲୋ; ଜଳସାଧ୍ୟ କ୍ରିୟା)—ପିତୃଗଣଙ୍କ ଉଦ୍ଦେଶ୍ୟରେ
Jala-kriyā ଜଳସାଧ୍ୟ ତର୍ପଣ ରୂପ କାର୍ଯ୍ୟ; ଜଳତର୍ପଣ—
Oblation of water to the manes.

ତାହାଙ୍କ ଜଳକ୍ରିୟା କରିବାକୁ ନୃପ,
ମନ୍ତ୍ରୀଙ୍କି ରାଜ୍ୟ ଦେଇ କରିଗଲେ ତପ ।
କୃଷ୍ଣସିଂହ. ମହାଭାରତ, ବନ ।

ଜଳକ୍ରୀଡ଼ା—ସଂ. ବି. (୭ମୀ ତତ୍; ଜଳ+କ୍ରୀଡ଼ା)—ଜଳବିହାର; ପାଣିରେ
Jalakrirdā ସନ୍ତରଣ, ନୌକାଚାଳନ ଆଦି ନାନାପ୍ରକାର କୌତୁକ—Water-sports; sporting in water.

ଜଳ ଖାଇବା—ଦେ. କି.—୧ । ପାଣି ପିଇବା—
Jala khāibā 1. To drink water.
জল খাওয়া [ଦ୍ର—ଜଳକୁ ଖାଆନ୍ତି ନାହିଁ, ପିଅନ୍ତି । କିନ୍ତୁ ଏପରି
जल खाना ପ୍ରୟୋଗ କଟକ ଓ ବାଲେଶ୍ୱରରେ ଦେଖାଯାଏ ।]
୨ । ସାମାନ୍ୟ ଲଘୁଖାଦ୍ୟ ଖାଇ ପାଣି ପିଇବା—
2. To lunch.

ଜଳଖିଆ—ଦେ. ବି.—(ଶୋଷ କଲେ ସାମାନ୍ୟ କିଛି ଲଘୁ ଖାଦ୍ୟ ଖାଇ
Jala-khiā ତା ଉପରେ ଜଳପାନ କରିବାର ବିଧି ଥିବାରୁ)—
জলখাবার ଶୁଷ୍କ ଲଘୁ ଖାଦ୍ୟ ବା ମିଷ୍ଟାନ୍ନ—Tiffen; lunch;
जलखावा light refreshment.

ରାମଚନ୍ଦ୍ର ଦେଖିଲେ ଜଗତ କେତେ ଗୁଡ଼ିଏ ବାଘ, ହରିଣ, ହାତୀ, ଅଗରେ ରଖି
ଗୋଟା ଗୋଟା କରି ଜଳଖିଆ କରୁଛ । ଶାଳକଣ୍ଠ. ପିଲାଙ୍କ ରାମାୟଣ ।

ଜଳଗଣ୍ଡୂଷ—ସଂ. ବି. (୬ଷ୍ଠୀ ତତ୍; ଜଳ+ଗଣ୍ଡୂଷ)—
Jala-gandusha ଗଣ୍ଡୂଷ ବା ଚୋପାପୂର୍ଣ୍ଣ ଜଳ—
A handful of water.

ଜଳଗର୍ଭ—ସଂ. ବିଣ. ପୁଂ. (ବହୁବ୍ରୀହି; ଜଳ+ଗର୍ଭ)—ଜଳପୂର୍ଣ୍ଣ—
Jala-garbha Full of water; having water in it.
(ଜଳଗର୍ଭା—ସ୍ତ୍ରୀ) ଦେ. ବି. (ନାମ)—ବୁଦ୍ଧଦେବଙ୍କ ପ୍ରଧାନ ଶିଷ୍ୟ ଆନନ୍ଦଙ୍କର ପୂର୍ବଜନ୍ମର ନାମ—The name of the Buddha's chief disciple Ānanda in his previous existence.

ଜଳଘଟ—ସଂ. ବି. (ମ. ପ. ଲୋ; ଜଳ+ଘଟ)—
Jala-ghata ୧ । ଜଳପୂର୍ଣ୍ଣ ମାଠିଆ—
(ଜଳକୁମ୍ଭ—ଅନ୍ୟରୂପ) 1. A pitcher filled with water.
୨ । ଯେଉଁ ମାଠିଆରେ ପାଣି ଅଣାଯାଏ—
2. A water-pitcher.

ଜଳଘଟିକା—ସଂ. ବି. (ମ. ପ. ଲୋ; ଜଳ+ଘଟିକା)—
Jala-ghatikā ଜଳଦ୍ୱାରା କଳ୍ପିତ ସମୟସୂଚକ ଯନ୍ତ୍ର—
(ଜଳଘଣ୍ଟୀ—ଅନ୍ୟରୂପ) Water-clock.
[ଦ୍ର—ଏ ଦେଶରେ ପୂର୍ବେ ଗୋଟିଏ ଛିଦ୍ର ଥିବା ପାତ୍ରକୁ ଜଳରେ ଭସାଇ ଦେଉଥିଲେ, ଛିଦ୍ରବାଟେ ପାଣି ପଶିପଶି କେତେକ କାଳ ପରେ ଉକ୍ତ ପାତ୍ର ବୁଡ଼ି ଯାଉଥିଲା । ଉକ୍ତ ସମୟକୁ ଲକ୍ଷ୍ୟ କରି ପାତ୍ରରେ ଚିହ୍ନ ଦେଇ ଉକ୍ତ ଚିହ୍ନରୁ ଲୋକେ ସମୟ ଜାଣୁଥିଲେ । କଣ୍ଟିଚନ୍ଦ୍ର ଯେଉଁ ଜଳଘଟିକା ପ୍ରଥମେ ନିର୍ମାଣ କରିଥିଲେ ତହିଁର ଶଙ୍କୁଦଣ୍ଡ ଉଦୁପତ୍ତ୍ୱ ଜଳପାତ୍ରରୁ ପଡ଼ୁଥିବା ଜଳବିନ୍ଦୁର ଆଘାତରେ ଘୂରିତ ହେଉଥିଲା ।]

ଜଳଘଡ଼ି—ଦେ ବି (ସଂ. ଜଳଘଟୀ)—ଜଳଘଟିକା (ଦେଖ)
Jala-ghardi Jala-ghatikā (See)
জলঘড়ী
जलघड़ी
(ଜଳଘଣ୍ଟା—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଥ	ଘ
୨.	ଈ	ଊ	ରୁ	ଲୃ	ତ୍ସ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ	ହ୍ମ

ଜଳଘାଟ—ଦେ. ବି. (ଜଳ+ଘାଟ)—୧ । ଜଳାଶୟାଦିର ଯେଉଁଠାକୁ
Ja<u>l</u>a-ghāṭa ଲୋକେ ଗାଧୋଇବାକୁ ବା ପାଣି ଆଣିବାକୁ ଯାଆନ୍ତି—
ଜଲଘାଟ 1. The place frequented by people
पानीकाघाट who go to bathe in or fetch water from a river or tank.

ଜଳଙ୍ଗ—ଦେ. ବି—ଏକପ୍ରକାର କାତି ନ ଥିବା ସୁଖାଦ୍ୟ ବଡ଼ ମାଛ—
Ja<u>l</u>aṅga A kind of big fish without scale.
[ଦ୍ର—ଏ ମାଛର ଆକାର ବାଲିଆମାଛ ପରି ଓ ଏହା ମଧୁର ପାଣିରେ ରହେ; ଲମ୍ବରେ ଏହା ୧୪ ହାତ ପର୍ଯ୍ୟନ୍ତ ବଢ଼େ ।]
ସଂ. ବି—ମହାକାଳ ଲତା (ହି. ଶବ୍ଦସାଗର)—
Name of a creeper.

ଜଳଚର୍—ପ୍ରାଦେ. (ସମ୍ବଲପୁର) ବି—ଗଡ଼ିଆ, ପୋଖରୀ, କୂପାଦି ଥିବା ଜମି—
Ja<u>l</u>achar Lands consisting of wells, tanks and reserviors of water.

ଜଳଚର—ସଂ. ବିଣ. ପୁଂ. (ଉପପଦ ତତ୍ପୁରୁଷ; ଜଳ+ଚର ଧାତୁ+
Ja<u>l</u>a-chara କର୍ତ୍ତୃ. ଅ)—ଯେଉଁ ପ୍ରାଣୀ ଜଳରେ ବିଚରଣ କରେ-
Aquatic (animal); living in water.
[ଦ୍ର—ଯେଉଁମାନେ ସ୍ଥଳରେ ବିଚରଣ କରନ୍ତି, ସେମାନେ ସ୍ଥଳଚର; ଯେଉଁମାନେ ଜଳ ଓ ସ୍ଥଳ ଉଭୟରେ ବିଚରଣ କରନ୍ତି, ସେମାନେ ଉଭୟଚର ।]
ବି—ଜଳଜନ୍ତୁ—Aquatic animals(birds and fishes).

ଜଳଚାରୀ—ସଂ. ବିଣ. ପୁଂ. (ଉପପଦ ତତ୍ପୁରୁଷ; ଜଳ+ଚର ଧାତୁ+
Ja<u>l</u>a-chārī କର୍ତ୍ତୃ. ଇନ୍, ୧ମା. ୧ବ.)—ଜଳଚର (ଦେଖ)
Ja<u>l</u>a-chara (See)

ଜଳଚିକିତ୍ସା—ସଂ. ବି. (ଆଧୁନିକ ପ୍ରୟୋଗ) (୬ଷ୍ଠୀ ତତ୍; ଜଳ+
Ja<u>l</u>a-chikitsā ଚିକିତ୍ସା)—ଭିନ୍ନ ଭିନ୍ନ ରୋଗଗ୍ରସ୍ତ ରୋଗୀଙ୍କୁ ଜଳର ବିଭିନ୍ନ ବ୍ୟବହାରଦ୍ୱାରା ନୀରୋଗ କରିବାର ପ୍ରଣାଳୀ—
Hydropathic treatment of diseases.
[ଦ୍ର—ପ୍ରାକୃତ ପକ୍ଷେ ପଞ୍ଚମହାଭୂତ (ଅର୍ଥାତ୍, କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ) ସାହାଯ୍ୟରେ ଏହି ଚିକିତ୍ସା କରାଯାଏ ଅର୍ଥାତ୍ ରୋଗୀ ପ୍ରତି ମାଟି, ପାଣି, ଖରା, ବାୟୁ ଓ ମେଲାରେ ବିଚରଣ କରିବା ଆଦି ପ୍ରୟୋଗ କରାଯାଏ; କିନ୍ତୁ ଏ ପ୍ରଣାଳୀରେ ଜଳର ବହୁଳ ବ୍ୟବହାର କରାଯାଉ ଥିବାରୁ ଏହାକୁ ଜଳଚିକିତ୍ସା ନାମ ଦିଆଯାଇ ଅଛି ।]

ଜଳଛତ୍ର—ଦେ. ବି. (ସଂ. ଜଳ ସତ୍ର)—
Ja<u>l</u>a-chhatra ତୃଷାର୍ତ୍ତ ପଥିକମାନଙ୍କୁ ଜଳ ବା ଅନ୍ୟ ପାନୀୟ
জলসত্র ଯୋଗାଇବା ନିମନ୍ତେ ସ୍ଥାପିତ ଛତ୍ର; ଜଳସତ୍ର—
जलछत्र A temporary shed where water (with or without refreshments) is gratuitously given to thirsty passers by.

ଜଳଛବି—ଦେ. ବି—ଜଳ ସାହାଯ୍ୟରେ ଯେଉଁ ଚିତ୍ରକୁ ଗୋଟିଏ କାଗଜରୁ
Ja<u>l</u>a-chhabi ଅନ୍ୟ କାଗଜ ଉପରକୁ ଉଠାଇ ନିଆଯାଏ—
জলছবি Transfer-pictures; pictures which can be
जलछबि transferred by applying water.
(ଜଳଛାପା — ଅନ୍ୟରୂପ)

ଜଳଜ—ସଂ. ବି. (ଜଳ+ଜନ୍ ଧାତୁ+କର୍ତ୍ତୃ. ଅ)—
Ja<u>l</u>aja ୧ । ପଦ୍ମ—1, Lotus.
୨ । ଶଙ୍ଖ—2. Conch-shell.
୩ । ଶୈବାଳ (ହି. ଶବ୍ଦସାଗର)—3. Moss,
୪ । ଅମ୍ବୁବେତସ (ହି. ଶବ୍ଦସାଗର)—
4. A kind of pot-herb.
୫ । ମୋତି (ହି. ଶବ୍ଦସାଗର)— 5. Pearl.
୬ । କୋଚିଲା ଗଛ (ହି. ଶବ୍ଦସାଗର) —
6 Nux Vomica tree.
ସଂ. ବିଣ—ଜଳରୁ ଜାତ—
Sprung from water; aqatic.

ଜଳଜନ୍ତୁ—ସଂ. ବି. (୭ମୀ ତତ୍; ଜଳ+ଜନ୍ତୁ)—
Ja<u>l</u>a-jantu ୧ । ଜଳଚର ଜୀବ; ଜଳ ମଧ୍ୟରେ ବାସ କରୁଥିବା
(ଜଳଜୀବ—ଅନ୍ୟରୂପ) ଜନ୍ତୁ—1. Aquatic animal.
୨ । ମାଛ—2. Fish.

ଜଳଜପା—ଦେ. ବି. ୧ । (ସଂ. ଜଳ+ଜପ)—
Ja<u>l</u>ajapā ପାଣି ଭିତରେ ରହି ମନ୍ତ୍ର ଜପିବା—
1. Recitation of a mystic formula while sitting in water.
୨ । (ସଂ. ଜଳଜ=ପଦ୍ମ+ପାଦ) ପଦ୍ମପାଦ—
2. Lotus-foot; gracefull foot compared to lotus.

କେତେ କେତେ ଜନ୍ମେ ଧନ ମୁଁ ଜନ୍ମୁକପାରେ
ଲେଖିଛି ଅଳତା ଚିତ୍ର ତୋ ଜଳଜପାରେ । କବିସୂର୍ଯ୍ୟ ସଙ୍ଗୀତ ।

ଜଳଜମି—ଦେ. ବି—ଯେଉଁ ଜମିରେ ବର୍ଷା ଦିନରେ ଜଳ ଜମି ରହିବାରୁ
Ja<u>l</u>a-jami ଭଲ ଧାନ ଫସଲ ହୁଏ—
Good paddy-growing land.
ପ୍ରାଦେ. (ବାଲେଶ୍ୱର) ବି—ଅତି ନିକୃଷ୍ଟ ଧାନ-ଜମି (ଏଥିରେ ଖର୍ଚ୍ଚ ମୋଟ ଧାନ ହୁଏ)—An inferior quality of paddy-growing land.
ପ୍ରାଦେ. (ସମ୍ବଲପୁର) ବି—ଜଳଚର୍ (ଦେଖ)
Ja<u>l</u>achar (See)

ଜଳଜଳ—ସଂ. ବିଣ. (ସଂ. ଜଳ)—୧ । ଜଳପୂର୍ଣ୍ଣ; ପାଣିସରସର—
Ja<u>l</u>a-ja<u>l</u>a 1. Watery; overflowing with water; from which water is dropping.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଙ୍କେତ ୧ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରାଙ୍କିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରାଙ୍କିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବିପରୀତ ୨ ବା ୧ ଚକ୍ରାଙ୍କିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗିଆ ନ ପାଇଲେ 'ଆଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

୨। (ସଂ. ଜାଜ୍ୱଲ୍ୟ) ଉପରେ ଜଳ ବୋଳା ହେଲା ଭଳି ଉଜ୍ଜ୍ୱଳ ଦେଖାଯିବା; ଚକଚକିଆ— 2. Glittering; sparkling; shinning; lustrous; glaring; glowing.

୩। ଅନିମେଷ (ଦୃଷ୍ଟି)—3. Without closing the eyelids; staring (look).

୪। ଜଳବହୁଳ (ଯଥା— ଅଖୁ)—4 Filled or brimming with water (e. g. sugarcane).

୫। (ସଂ. ଜର୍ଜର) ତୈଳାକ୍ତ; ମସୃଣ— 5. Oily; smooth.

୬। ବହୁ ଛିଦ୍ରଯୁକ୍ତ (ଯଥା— ହାଣ୍ଡି)— 6. Having many pores; porous.

କ୍ରି. ବିଣ—ଏକ ଦୃଷ୍ଟିରେ; ଅନିମେଷ ନୟନରେ (ଚାହିଁ ରହିବା); ଭକ ଭକ ହୋଇ—Staringly.

> ଦୁଇ ଆଖିପତାରେ ଲଗାଇ କଜ୍ଜଳ,
> ଚାହିଁଛି ସବୁରି ମୁଖକୁ ଜଳଜଳ। — କୃଷ୍ଣସିଂହ. ମହାଭାରତ. ଅନୁଶାସନ।

ଦେ. ବି (ସଂ. ଜଳବହୁଳ)—ମାଛ ଆଦି ରନ୍ଧା ହୋଇଥିବା (ଫଳଫଳ—ଅପଭ୍ରଂଶ) ତରକାରୀର ଜଳୀୟ ଅଂଶ—The watery portion or soup of a curry.

> ଭୁ ଖାଉଥା ଫଳ ଫଳ, ମତେ ଦଉଥା ଜଳ ଜଳ—ଲୋକ।

ଜଳଜଳ ଚାହିଁବା—ଦେ. କ୍ରି—ଏକ ଦୃଷ୍ଟିରେ ଚାହିଁ ରହିବା; ଭକ ଭକ ହୋଇ ଚାହିଁ ରହିବା—To stare; to look on with a vacant stare.
Jalajala chāhiṅbā
ତାକାନ
ତାকনা

> ଅତଏବ ତା ଖାଇ ମୁଁହକୁ ଜଳଜଳ,
> ଚାହିଁଲେ ଦ୍ରୁପଦ କନ୍ୟେ ଦୁଇ ଭଳ। — କୃଷ୍ଣସିଂହ. ମହାଭାରତ. ଅଶ୍ୱମେଧ।

ଜଳଜଳ କରି ଚାହିଁବା—ଦେ. କ୍ରି—ଜଳଜଳ ଚାହିଁବା (ଦେଖ)
Jalajala-kari chāhiṅbā Jalajala chāhiṅbā (See)

> ଜଳଜଳି ମାଣିକୀ! ଜଳଜଳ କରି ଅନେଇଥାଏ
> ନଈବଢ଼ି ପାଣିକ—ଲୋକ।

ଜଳଜଳା—ଦେ. ବିଣ—୧। ବହୁ ଜଳା ବା ଛିଦ୍ରଯୁକ୍ତ (ଯଥା ହାଣ୍ଡି)—
Jalajalā 1. Perforated; having many holes or pores.

ଜଳଜଳି } ସ୍ତ୍ରୀ
ଜଳଜଳେଇ }
୨। (ପୁଂ) ଅଲଜ୍ଜୁକ; ବେହିୟା; ନିର୍ଲଜ୍ଜ— 2. Shameless; bare-faced.

୩। ଯେ ଭକଭକ ହୋଇ ଚାହିଁ ରହେ— 3. Staring vacantly.

ଜଳଜଳା ମାଣିକୀ—ଗ୍ରା. ବି. ସ୍ତ୍ରୀ (ଗାଳି)—୧। ନିର୍ଲଜ୍ଜା ସ୍ତ୍ରୀ —
Jalajalā māṇiki 1. Shameless woman.
(ଜଳଜଳି ମାଣିକୀ—ଅନ୍ୟରୂପ) ୨। ଓଲମୀ ସ୍ତ୍ରୀ— 2. An idiotic woman.

> ଜଳଜଳା ମାଣିକୀ! ଜଳଜଳ କରି ଅନେଇଥାଏ ନଈବଢ଼ି ପାଣିକ—ଲୋକ।

ଜଳଜଳାମୁହାଁ—ଦେ. ବିଣ. ପୁଂ (ଗାଳି) ଅତି ନିର୍ଲଜ୍ଜ—
Jalajalā-muhāṅ (a term of abuse) Very shameless.
ଜଳଜଳାମୁହାଁ } ସ୍ତ୍ରୀ
ଜଳଜଳିମୁହୀ }

ଜଳଜଳା ହାଣ୍ଡି—ଦେ. ବି. (ସଂ. ବର୍ଜିତ ଓ ହାଣ୍ଡିକା)—
Jalajalā hāndi ୧। ଅଶୌଚ ପରେ ଯେଉଁ ହାଣ୍ଡିକୁ ପାକଶାଳାରୁ ଫୋପାଡ଼ି ଦିଆ ଯାଇଥାଏ; ଖାଇଛ ହାଣ୍ଡି; ପରିତ୍ୟକ୍ତ ହାଣ୍ଡି—1. Earthen cooking pots thrown away from the cook-room (on the occasion of purificatory ceremonies); discarded cooking pots.
বাইজীহাঁড়ি

୨। (ଲକ୍ଷଣାର୍ଥ) ନିର୍ଲଜ୍ଜ ଓ ଅତି ଘୃଣ୍ୟ ବ୍ୟକ୍ତି— 2. (figurative) A shameless and mean person.

୩। ବହୁ ଛିଦ୍ର ଯୁକ୍ତ ହାଣ୍ଡି— 3 A porous earthen pot.

ଜଳଜଳିଆ—ଦେ. ବିଣ. ପୁଂ—୧। ଜଳକା (ଦେଖ)
Jalajalia 1. Jalakā (See)
(ଜଳଜଳେଇ—ସ୍ତ୍ରୀ) ୨। ଯେଉଁ ହାଣ୍ଡିରେ ଛିଦ୍ର ଥାଏ—
(ଜଳଜଳୁଆ—ଅନ୍ୟରୂପ) 2. Having holes (said of an earthen pot).

୩। ପାଣ୍ଡୁ, ଶୋଥ, ଜ୍ୱର ଆଦି ଯୋଗୁଁ ଫୁଲୁକା ଦିଶୁଥିବା (ଆଖି, ମୁହଁ, ଗାଲ)—3. (eyes, face, cheeks) Swollen through fever or dropsy.

ଜଳଜାନ—ଦେ. ବି. (ଆଧୁନିକ ଜଡ଼ବିଜ୍ଞାନ ପରିଭାଷା)—
Jala-jāna ହାଇଡ୍ରୋଜେନ୍—Hydrogen
জলদান
জলজনক
(ଜଳଜନ—ଅନ୍ୟରୂପ)

ଜଳଟୁଙ୍ଗି—ଦେ. ବି—ତଡ଼ାଗମଧ୍ୟସ୍ଥ କ୍ରୀଡ଼ାଗୃହ—
Jala-tungi A pleasure-house built in the middle of a tank.

ଜଳଡିମ୍ବ—ସଂ. ବି. (୬ଷ୍ଠୀ ତତ୍, ଜଳ+ଡିମ୍ବ=କ୍ଷୁଦ୍ର ପ୍ରାଣୀ)—
Jala dimba ୧। ଶାମୁକା; ଶମ୍ବୁକ—1. Oyster.
୨। ଗେଣ୍ଡା—2. Snail.

ଜଳଡୁଗି—ଗ୍ରାଦେ. ବି. (କଟକ)—ଜଳଡୁବି (ଦେଖ)
Jala-dugi Jala-dubi (See)

ଜଳଡୁବି—ଦେ. ବି—ମନୁଷ୍ୟର ଆକସ୍ମିକ ଭାବରେ ଜଳରେ ମଗ୍ନ ହୋଇ ମରିବା—Death by a drowing; a watery death.
Jala-dubi
জলডুবি
জলডুবী

> × × ଅଇରେଇ, ସାପକାମୁଡ଼ା, ଜଳଡୁବି ମାମଲା ପଡ଼ିଲେ ଗୋଇଠରେ ଏପରିର ଖର୍ଚ୍ଚ ହୋଇବ। ଫକୀରମୋହନ, ଛମାଣଆଠଗୁଣ୍ଠ।

୧	ଇ	ଉ	ଋ,ଋଁ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଙ୍କ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଜ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନ୍ଲ

ଜଳତରଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଜଳ + ତରଙ୍ଗ)—
Jala-taranga ପାଣିର ଢେଉ—Wave of water.

ଦେ. ବି—ଏକ ପ୍ରକାର ବାଦ୍ୟ [୭ ଗୋଟି ଧାତୁ ବା କାଚ ବା ଚିନାବାସନ ଗିନାରେ ଊଣା ଊଣା ପରିମାଣରେ ଜଳ ରଖି ଦୁଇ ଖଣ୍ଡି କାଠି ଦ୍ୱାରା ଉକ୍ତ ଗିନାମାନଙ୍କ ଧାରକୁ କୌଶଳ କ୍ରମେ ବଜାଇବା ଦ୍ୱାରା ସଙ୍ଗୀତର ସାରେଗାମା ପାଧାନି (ସପ୍ତକ) ସ୍ୱର ଉତ୍ପାଦନ କରାଯାଏ]—
A musical instrument consisting of a set of chinaware, glass or metal cups filled with water and tuned to produce the different notes of the musical scale by sriking the rims with two thin sticks; Zylophone.

ଜଳତରଙ୍ଗ
ଜଲତରଙ୍ଗ

ଜଳତରଙ୍ଗ ମୋହନଙ୍କ ଅଛୁ । ଅଭିନବଃ ବଦଗୁରୁକ୍ରମଣେ ।

[ଦ୍ର—କାଠର ଊଣା ଊଣା ଖଣ୍ଡମାନ କାଟି ତାକୁ ସାରେଗାମାପାଧାନି ସ୍ୱରଗ୍ରାମ ଅନୁସାରେ ଖଞ୍ଜି ତାହାକୁ ୨ ଖଣ୍ଡ କାଠି ଦ୍ୱାରା ଆଘାତ କରିବା ଯନ୍ତ୍ରକୁ କାଷ୍ଠତରଙ୍ଗ (Zylophone) କୁହାଯାଏ, ଏହିପରି ଲୌହତରଙ୍ଗ ବାଜା ମଧ୍ୟ ପ୍ରସ୍ତୁତ କରାଯାଏ ।]

୨ । ପାଣିର ଢେଉ ଆକାରରେ ପ୍ରସ୍ତୁତ ହାତର ଚୁଡ଼ି ବା ଗୋଡ଼ର ମଲ—2. Bangles or anklets apshed like undulating waves.

ଜଳତର୍ପଣ—ସଂ. ବି. (୪ର୍ଥୀ ତତ୍; ଜଳ + ତର୍ପଣ)—
Jala-tarpana ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅଞ୍ଜଳି ଦ୍ୱାରା ମନ୍ତ୍ରୋଚ୍ଚାରଣ ପୂର୍ବକ ଜଳଦାନ—Libation of water offered to the manes of one's ancestors.

ଜଳତ୍ରାସ—ସଂ. ବି. (୫ମୀ ତତ୍; ଜଳ + ତ୍ରାସ)—
Jala-trāsa ୧ । ପାଣି ଦେଖିଲେ ଡରିବା—
1. Terror at the sight of water.
୨ । ଜଳାତଙ୍କ ରୋଗ—2. Hydrophobia.
[ଦ୍ର—ଏ ରୋଗଗ୍ରସ୍ତ ପ୍ରାଣୀ ପାଣି ଦେଖିଲେ ଡରେ ।]

ଜଳଦ—ସଂ. ବି. (ଜଳ+ଦା ଧାତୁ + କର୍ତ୍ତୃ. ଅ; ଯାହା ବର୍ଷାରୂପ ଜଳ ଦିଏ)—୧ । ମେଘ—1. Cloud.
Jalada
୨ । ମୁସ୍ତକ; ମୁଥା (ଏହାର ରସ ବୈଦ୍ୟଶାସ୍ତ୍ରରେ ଅନୁପାନ ରୂପେ ବ୍ୟବହୃତ ହୁଏ ବୋଲି)—2. A fragrant bulbuous root of grass (often used as a vehicle in Indian medicines).
୩ । କର୍ପୂର (ଦ୍ର. ଶବ୍ଦସାଗର)—3. Camphor.
ବିଣ.—ଜଳଦାନକାରୀ—Giving water.

ଜଳଦକାଳ—ସଂ. ବି. (୬ଷ୍ଠୀ ତତ୍; ଜଳଦ + କାଳ)—ବର୍ଷାଋତୁ
Jalada-kāla (ଦ୍ର. ଶବ୍ଦସାଗର)—The rainy season.

ଜଳଦଗମ୍ଭୀର—ସଂ. ବି. (ଉପମିତ କର୍ମଧା; ଜଳଦ + ଗମ୍ଭୀର)—ମେଘ
Jalada-gambhira ଗର୍ଜନ ପରି ଗମ୍ଭୀର (ଯଥା; ସ୍ୱର, ଶବ୍ଦ)—
Deep and grave (rumbling); like the rumbling of clouds (voice, sound.)

ଜଳଦାଗମ—ସଂ. ବି. (୬ଷ୍ଠୀ ତତ୍; ଜଳଦ + ଆଗମ)—୧ । ଆକାଶରେ
Jaladāgama ମେଘୋଦୟ—1. The appearance of rain-clouds in the sky.
୨ । ବର୍ଷା ଋତୁ—1. The rains; the rainy season.
୩ । ବର୍ଷାଋତୁର ଆରମ୍ଭ—
3. The advent of the rainy season.

ଜଳଦାନ—ସଂ. ବି. (୬ଷ୍ଠୀ ତତ୍; ଜଳ + ଦାନ)—୧ । ଅନ୍ୟ ବ୍ୟକ୍ତିକୁ
Jala-dāna ପିଇବାକୁ ଜଳ ଦେବା—1. Giving of water to another to drink.
୨ । ଜଳତର୍ପଣ—
2. Libation of water to one's deceased ancestors.

ପିତୃଦେବତାଙ୍କ ସେ ଜଳଦାନ ଦେଲେ । କୃଷ୍ଣସିଂ. ମହାଭାରତ ବନ ।

୩ । ବ୍ରାହ୍ମଣଙ୍କୁ କୌଣସି ଦ୍ରବ୍ୟ ଦାନ କରିବା ପୂର୍ବରୁ ବ୍ରାହ୍ମଣ ହାତକୁ ଟିକିଏ ଜଳ ଦେବା—3. The ceremony of giving a little water to the hands of a Brāhmana before handing over a gift.

ଜଳଦି—ବୈଦେ. କ୍ରି. ବିଣ (ଫା. ଜଲ୍‌ଦୀ)—ଅତି ଶୀଘ୍ର—
Jaladi Very quickly or swiftly; very soon.
ଶୀଘ୍ର
ଜଲଦ୍

ତହୁଁ ଦୂର ପଥ ଜଳଦି ଜଳଦି ଆଶ୍ରମକୁ ଫେରି ଆସିଲେ । ଫକୀରମୋହନ, ରାଣୀ ରାମାୟଣ ।

ଜଳଦୀକ୍ଷା—ସଂ. ବି. (ଆଧୁନିକ ବ୍ୟବହାର; ବାଇବଲ)—ଖ୍ରୀଷ୍ଟାନ୍ ଧର୍ମରେ
Jala-dīkshā ଦୀକ୍ଷିତ ହେବା ବ୍ୟକ୍ତିର ପାଣିରେ ବୁଡ଼ିବା ରୂପ କର୍ମ; ଭ୍ରାପ୍ଟିଜମ—Baptism.

ଜଳଦୀକ୍ଷା ଗୁରୁ—ସଂ. ବି. (ଆଧୁନିକ ପ୍ରୟୋଗ; ବାଇବଲ)—ଜଳରେ
Jaladīkshā guru 'ଭ୍ରାପ୍ଟିଜନ' ଦ୍ୱାରା ଖ୍ରୀଷ୍ଟାନ୍ ଧର୍ମରେ ଦୀକ୍ଷିତ କରାଇବା ପୁରୋହିତ—Baptist; baptiser.

ଜଳଦୀକ୍ଷିତ—ସଂ. ବିଣ. (ଆଧୁନିକ ପ୍ରୟୋଗ; ବାଇବଲ)—ଭ୍ରାପ୍ଟିଜନ କର୍ମଦ୍ୱାରା
Jala-dīkshita ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ—Baptised.

ଜଳଦେବ—ସଂ. ବି. (ମ. ପ. ଲୋ; ଜଳ+ଦେବ)—୧ । ବରୁଣ—
Jala-deba 1. Baruna; the Deity presiding over water.
(ଜଳଦେବତା—ଅନ୍ୟରୂପ)
୨ । ଜଳର ଅଧିଷ୍ଠାତ୍ରୀ ଦେବତା—
2. A water-nymph; a naiad.

ଜଳଦୋଷ—ସଂ. ବି.(୬ଷ୍ଠୀ ତତ୍; ଜଳ + ଦୋଷ)—୧ । ଶରୀରାଭ୍ୟନ୍ତରସ୍ଥ
Jala-dosha ଦୂଷିତ ଜଳର ବୃଦ୍ଧି; ଜଳୋଦରୀ ରୋଗ—
1. Dropsy.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବିଶୁଦ୍ଧ ପାନୀୟ ଜଳର ଅଭାବ ପରିଲକ୍ଷିତ ହେବା ସ୍ଥାନର ଦୋଷ—1. Defect of a locality consisting of want of pure drinking water.

୩ । ଅଣ୍ଡକୋଷରେ ଦୂଷିତ ଜଳରବୃଦ୍ଧି; କୁରୁଣ୍ଡ— 3. Accummulation of water or serum in the testicles; hydrocele.

[ଦ୍ର,—ଗୋଟିଏ ଅଣ୍ଡକୋଷରେ ଜଳବୃଦ୍ଧି ହେଲେ ଏକଶିରା ଓ ଦୁଇଟି ଯାକ କୋଷରେ ହେଲେ କୁରୁଣ୍ଡ କୁହାଯାଏ ।]

ଜଳଦ୍ରୋଣୀ— ସଂ. ବି.—(୬ଷ୍ଠୀ ତତ୍; ଜଳ+ଦ୍ରୋଣୀ)—କ୍ଷେତ୍ରାଦି
Ja̲la-droṇi ସେଚନାର୍ଥ ପାଣି ଉଠାଇ ଫୋପାଡ଼ିବାର ଯନ୍ତ୍ର; ଜଳସେଚନୀ; ଟେଣା; ସୋଡ଼ୁଅ—A contrivance or bucket for lifting and throwing water for irrigation purposes.

ଜଳଧର— ସଂ. ବିଣ. (ଜଳ+ଧୃ ଧାତୁ+କର୍ତ୍ତୃ. ଅ)—ଜଳଧାରଣକାରୀ
Ja̲ladhara Holding or containing water.
ସଂ. ବି.—୧ । ମେଘ—1. Cloud.
୨ । ସମୁଦ୍ର—2. The ocean.
୩ । ମୁଥା—3. Bulbuous grass-root.
୪ । ତିନିଶ ବୃକ୍ଷ (ଦେଖ)— 4. Tiniśa (tree) (See)
ଦେ. ବି. ପୁଂ.—୧ । ଲୋକଙ୍କ ନାମ— 1. A name given to males.
୨ । ପାଣି ବୁହାଳି—2. A water-carrier.

ଜଳଧର କହେ ହଳଧରଙ୍କୁ ତ କଥର କପି ମଲେ ?
ସ୍ୱର୍ଗରୁ ପଡ଼ିଲେ ପଞ୍ଚୁପାଣ୍ଡବ ମାର ବନବାସ ଗଲେ । ପ୍ରହେଳିକା ।

ଜଳଧାରୀ—ସଂ. ବି.—ପଥର ବା ଧାତୁର ପାତ୍ରୀ ଯହିଁ ମଧ୍ୟରେ ଶିବଲିଙ୍ଗ
Ja̲la-dhāri ସ୍ଥାପିତ କରାଯାଏ (ହି. ଶବ୍ଦସାଗର)—A plate or slab of stone or metal on which an image of Śiba is placed for worship.

ଜଳଧାମା—ଦେ. ବିଣ.—(ପ୍ରାଚୀନ ପଦ୍ୟ)—ଜଳଜାତ—
Ja̲la-dhāmā Growing in the water.

ବୃକ୍ଷର ନାମରେ ରମା, ବେଳ ଫୁଲ ଜଳଧାମା
ବାମା କେଶଷ୍ଟି ତ ଲତା ମୃଗ ଜାତ, ଠିକ ମନ୍ମଥ ନାମା ।
ଭଞ୍ଜ: ବୈଦେହୀଶବିଳାସ ।

ଜଳଧାରା— ସଂ. ବି — (୬ଷ୍ଠୀ ତତ୍; ଜଳ+ଧାରା)—୧ । ଜଳର
Ja̲la-dhārā ପ୍ରବାହ—1. Current or stream of water.
୨ । ଅବିଶ୍ରାମ ଭାବରେ ତଳକୁ ପଡ଼ୁଥିବା ପାଣିର ଧାର— 2. Continuous dropping of water.
୩ । ବୃଷ୍ଟିଧାରା; ଅସାର—3. A shower of rain.
୪ । ଏକପ୍ରକାର ତପସ୍ୟା, ଯହିଁରେ ତପସ୍ୟା କରିବା ଲୋକ ଉପରେ ଅନ୍ୟ ଲୋକମାନେ ଅବିରତ ପାଣିର ଧାରା ଛାଡ଼ୁ ଥାଆନ୍ତି (ହି. ଶବ୍ଦସାଗର) —4. A kind of penance in which water is constantly poured over the practiser.

ଜଳଧି —ସଂ. ବି.—(ଜଳ+ଧା ଧାତୁ+ଅଧିକରଣ. ଇ)—୧ । ବାରିଧି;
Ja̲ladhi ସାଗର; ସମୁଦ୍ର—1. The sea; the ocean.
୨ । ଶତଲକ୍ଷ କୋଟି ସଂଖ୍ୟା— 2. One hundred of trillion (number).

ଜଳଧିଗା—ସଂ. ବି. (ଜଳଧି+ଗମ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Ja̲ladhigā ୧ । ଲକ୍ଷ୍ମୀ—1. The Goddess of wealth.
୨ । ନଦୀ—2. River.

ଜଳଧିଜ—ସଂ. ବିଣ. (ଜଳଧି+ଜନ୍ ଧାତୁ+କର୍ତ୍ତୃ. ଅ)—
Ja̲ladhija ସମୁଦ୍ରୋଦ୍ଭବ—Born of the ocean
ବି—ଚନ୍ଦ୍ର—The moon.
[ଦ୍ର—କ୍ଷୀରସମୁଦ୍ରମନ୍ଥନରୁ ଏ ବାହାରିଥିଲେ ।]

ଜଳଧିଜା—ସଂ. ବି. ସ୍ତ୍ରୀ. (ଜଳଧି+ଜନ୍ ଧାତୁ+ଅ+ସ୍ତ୍ରୀ. ଆ)—
Ja̲ladhijā ମହାଲକ୍ଷ୍ମୀ (କ୍ଷୀରସମୁଦ୍ରମନ୍ଥନରୁ ଏ ବାହାରିଥିବାରୁ ଓ ଜଳଦେବ ବରୁଣଙ୍କ ପାଳିତା କନ୍ୟା ଥିବାରୁ)—The Goddess of wealth.
(ଜଳଧିତନୟା, ଜଳଧିସୁତା—ଅନ୍ୟରୂପ)

ଜଳନକୁଳ— ସଂ. ବି. (୬ଷ୍ଠୀ ତତ୍; ଜଳ+ନକୁଳ)—ଓଧ—
Ja̲la-nakula Otter.

ଜଳନାଳ—ଦେ. ବି. (ସଂ. ଜଳନାଳୀ)—ଜଳନାଳୀ (ଦେଖ)
Ja̲la nāla Jalanāli (See)
नाला
नहर

ଜଳନାଳୀ— ସଂ. ବି.(୬ଷ୍ଠୀ ତତ୍; ଜଳ+ନାଳୀ)—୧ । ପାଣିନାଳ; କୁଲ୍ୟା—
Ja̲la-nāli 1. Water-course; canal.
୨ । ନର୍ଦ୍ଦମା; ପାଣିମାହାଳି— 2. Water-channel; drain.

ଜଳନିଧି— ସଂ. ବି. (ଜଳ+ନି+ଧା ଧାତୁ+ଅଧିକରଣ ଇ)—
Ja̲la-nidhi ୧ । ଜଳଧି (ଦେଖ) 1. Ja̲ladhi (See)
୨ । ଚାରିସଂଖ୍ୟା—2. The number four.

ଜଳନିର୍ଗମ —ସଂ. ବି. (୬ଷ୍ଠୀ ତତ୍; ଜଳ+ନିର୍ଗମ)—
Ja̲la-nirgama ୧ । କୌଣସି ସ୍ଥାନରୁ ଜଳ ବୋହିଯିବା—
(ଜଳନିର୍ଗମନ—ଅନ୍ୟରୂପ) 1. The flowing out of water from a place.
୨ । (ବହୁବ୍ରୀହି) ପାଣିମାହାଳି—2. Drain for water.

ଜଳନୀଳିକା—ସଂ. ବି. (ମ. ପ. ଲୋ; ଜଳ+ନୀଳିକା)—
Ja̲la-nilikā ପାଣି ଉପରେ ପଡ଼ିବା ଶିଉଳ; ନେଳି—
(ଜଳନୀଳୀ—ଅନ୍ୟରୂପ) Green moss formed on the surface of water.

୧	ଇ	ଓ	ଋ,ଝ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଡ଼ଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାରଂ ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ୠ	ହ୍ନ

ଜଳନ୍ତ— ଗ୍ରା. ବିଣ. (ସଂ. ଜ୍ୱଳତ୍)—ଜ୍ୱଳନ୍ତ (ଦେଖ)
Ja<u>l</u>anta Jwa<u>l</u>anta (See)

ଜଳନ୍ତର—ଦେ. ବି. (ନାମ)—ଗଞ୍ଜାମର ଗୋଟିଏ ପ୍ରାଚୀନ ରାଜ୍ୟ—
Ja<u>l</u>antara Name of an ancient estate in Ganjam.
[ଦ୍ର—ଏ ରାଜ୍ୟର ରାଜା କବିସୂର୍ଯ୍ୟଙ୍କର ପୃଷ୍ଠପୋଷକ ଥିଲେ । କବିସୂର୍ଯ୍ୟ ତାଙ୍କ କଳୋଗାରଭ୍ୟ ର ଗୀତମାନ ରାଜା ବାଲୁକେଶଦେବଙ୍କ ନାମରେ ଭଣିତା କରିଥିଲେ ।]

ଜଳନ୍ତା—ଦେ. ବି. (ସଂ. ଜ୍ୱଳତ୍)—୧ । ଜଳୁଥିବା—
Ja<u>l</u>antā 1. Burning.
জলন্ত ଜଳନ୍ତା ଅର୍ଗ ପଦ ଚେଜରେ ପ୍ରଚଳିତ ।
जलाउ,जलती କୃଷ୍ଣସିଂହ. ମହାଭାରତ ଆଦି ।
୨ । ଯହିଁରେ ଜଳନ୍ତ ନିଆଁ ଥାଏ—2. Having fire burning in it; containing blazing fire.
(ଯଥା—ଜଳନ୍ତା ଚୁଲି ।)

ଜଳନ୍ତା ନିଆଁରେ କୁଟା ପକା(କେ)ଇବା—ଦେ. କ୍ରିୟା (ଲକ୍ଷଣାର୍ଥ)—
Ja<u>l</u>antā niānre kuṭā pakā(ke)ibā କ୍ରୋଧ, ବିପଦ ବା ବିରକ୍ତିବେଳେ ଉତ୍ତେଜିତ କରିବା ବା ସେସବୁ ବଢ଼ାଇବା ଭଳି କୌଣସି କାର୍ଯ୍ୟ କରିବା (ତୁଳନା କର—"କଟା ଘାଅରେ ଚୂନ ମାରିବା")—
To add fuel to the fire.

ଜଳନ୍ଧର—ସଂ. ବି. (ଜଳଂ=ଜଳକୁ+ଧୃ ଧାତୁ+କର୍ତ୍ତୃ. ଅ)
Ja<u>l</u>andhara ୧ । ଅସୁରବିଶେଷ—1. Name of a Demon.
[ଦ୍ର—ଏ ଶିବଙ୍କ କୋପାଗ୍ନିରୁ ସମୁଦ୍ରରେ ଜନ୍ମିଥିଲା । ଏ ଜନ୍ମ ହେଲାକ୍ଷଣି ଏପରି କାନ୍ଦିଲା ଯେ ତହିଁରେ ଦେବତାମାନେ ବ୍ୟଥିତ ହୋଇ ସମୁଦ୍ରକୁ ପଚାରିବାରୁ ଏ ମୋ ପୁତ୍ର ବୋଲି ସମୁଦ୍ର କହି ଏହାକୁ ପାଳିବାକୁ ବ୍ରହ୍ମାଙ୍କୁ ଅନୁରୋଧ କରିବାରୁ ବ୍ରହ୍ମା ଏହାକୁ କୋଳରେ ନେଲେ; ଏ ବ୍ରହ୍ମାଙ୍କ ଦାଢ଼ୀକୁ ଜୋରରେ ଟାଣିବାରୁ ବ୍ରହ୍ମାଙ୍କ ଆଖିରୁ ପାଣି ଗଡ଼ିଲା । ଏଥି ପାଇଁ ଏହାର ନାମ ଜଳନ୍ଧର ହେଲା । ଏ ବଡ଼ ହୋଇ ଅମରାବତୀ ଅଧିକାର କରିବାରୁ ଇନ୍ଦ୍ରଙ୍କପକ୍ଷରୁ ଶିବ ଏହା ସଙ୍ଗେ ଯୁଦ୍ଧ କଲେ । ସ୍ୱାମୀକୁ ରକ୍ଷା କରିବା ପାଇଁ ଏହାର ସ୍ତ୍ରୀ ବୃନ୍ଦା (କାଳନେମିର କନ୍ୟା) ବ୍ରହ୍ମାଙ୍କ ପୂଜା କଲା ଓ ଏଥିଯୋଗୁଁ ଶିବ ତାକୁ ପରାସ୍ତ କରିପାରିଲେ ନାହିଁ । ବିଷ୍ଣୁ କପଟ କରି ବୃନ୍ଦା ନିକଟକୁ ଯିବାରୁ ବୃନ୍ଦା ତାଙ୍କୁ ଦେଖି ପୂଜା ବନ୍ଦ କଲା ଓ ଇତ୍ୟବସରରେ ଜଳନ୍ଧର ଯୁଦ୍ଧରେ ପ୍ରାଣ ହରାଇଲା । ବୃନ୍ଦା ଏହା ସଙ୍ଗେ ସହମରଣ ଲଭିଲା ଓ ପରଜନ୍ମରେ ତୁଳସୀ ରୂପ ଧାରଣ କରି ସର୍ବତ୍ର ପୂଜା ପାଉଅଛି । ହି. ଶବ୍ଦସାଗର ।]
୨ । ପର୍ବତ—2. Mountain.
୩ । ଉତ୍ତରପଶ୍ଚିମ ଭାରତର ତୀର୍ଥବିଶେଷ—
3. Name of a holy place of pilgrimage in N. W. India.
୪ । ପଞ୍ଜାବ ପ୍ରଦେଶସ୍ଥ ନଗରବିଶେଷ—
4. Jalandar; a town in the Panjab.

ଜଳପ—ଗ୍ରା. (ପଦ୍ୟ) ବି. (ସଂ. ଜଳ୍ପ ଧାତୁ)—ଜଳପନ (ଦେଖ)
Ja<u>l</u>apa Ja<u>l</u>apana (See)
ମୋହର ବୁଦ୍ଧି ଅଟଇ ହେ ଅଳପ
କି ରୂପରେ ଭାରତ କରିବି ଜଳପ । କୃଷ୍ଣସିଂହ. ମହାଭାରତ. ସଭା ।

ଜଳପଞ୍ଜରୀ—ଦେ. ବି. (ସଂ. ଜାଲ+ପଞ୍ଜର)—ଝରକା; ଜାଲିକବାଟ—
Ja<u>l</u>a-pañjari Window; latticed window.

ଜଳପତି—ସଂ. ବି. (୬ଷ୍ଠୀ ତତ୍, ଜଳ+ପତି)—୧ । ବରୁଣ—
Ja<u>l</u>a-pati 1. Sea-god
୨ । ସମୁଦ୍ର—2. The ocean.

ଜଳପଥ—ସଂ. ବି. (୬ଷ୍ଠୀ ତତ୍; ଜଳ+ପଥ)—
Ja<u>l</u>a-patha ୧ । ପାଣି ବୋହିଯିବା ବାଟ—
1. An outlet for water
୨ । (୭ମୀ ତତ୍;) ନଦୀ ଓ ସମୁଦ୍ର ଆଦି; ଯେଉଁ ବାଟେ ନୌକା ଦ୍ୱାରା ଲୋକେ ଯିବା ଆସିବା କରନ୍ତି—
2. Water used as passage.

ଜଳପନ—ଗ୍ରା. (ପଦ୍ୟ) ବି. (ସଂ. ଜଳ୍ପନ)—କଥନ; ଜଳ୍ପନ—
Ja<u>l</u>apana Speaking; talking.

ଜଳପା—ଗ୍ରା. (ପଦ୍ୟ) ବି. (ସଂ. ଜଳ୍ପନ)—କଥା; ବଚନ—
Ja<u>l</u>apā Words
ହରିନ୍ତର ପୁରନ୍ଦର ଗୁରୁ ଜଳପାରେ
ରସିକର ରସିକା ରସ ବୁଝିହେଲ ପାରେ । କବିସୂର୍ଯ୍ୟ. ସଙ୍ଗୀତ ।

ଜଳପାଇ—ଦେ. ବି—୧ । ବଉପୋଲ ନାମକ ଗଛ ଓ ତହିଁର ଅମ୍ଳ ଅମ୍ଳ ପରି ଛୋଟ ଅମ୍ଳ ଫଳ—1. The wild olive tree and its fruit; Elæocarpus Serratus.
Ja<u>l</u>a-pāi
জলপাই
जलपाइ
[ଦ୍ର—ଏହା ରୁଦ୍ରାକ୍ଷ ଜାତୀୟ ଗଛ । ହିମାଳୟରେ ଓ ଦାକ୍ଷିଣାତ୍ୟର ଅରଣ୍ୟରେ ଜନ୍ମେ । ଏଥିର କଞ୍ଚା ଫଳ ଆଚାର ଓ ଚଟଣୀ ରୂପେ ବ୍ୟବହୃତ ହୁଏ ଓ ପାଚିଲା ଫଳ ଖିଆଯାଏ ।]
୨ । ଜୁଆର ପାଣି ପଶୁଥିବା ସମୁଦ୍ରୋପକୂଳସ୍ଥ ନିମ୍ନଭୂମି—
2. Low water-logged land along the sea-coast.
[ଦ୍ର—ମେଦିନୀପୁର ଓ ବାଲେଶ୍ୱର ଅଞ୍ଚଳରେ ଏପରି ଭୂମି ଦେଖାଯାଏ । ଅଧିକାଂଶ ସମୟରେ ଏହା ଜଳରେ ପୂର୍ଣ୍ଣ ଥାଏ ।]
୩ । ଜଳାଭୂମି; ଜୋଡ଼ୀ ଭୂମି—3. Marshy land.

ଜଳପାତିଆ—ଦେ. ବି—ଏକ ପ୍ରକାର ସ୍ୱରକାରୀ ପକ୍ଷୀ—
Ja<u>l</u>a-pātiā A kind of singing bird.

ଜଳପାତ୍ର—ସଂ. ବି. (୬ଷ୍ଠୀ ତତ୍; ଜଳ+ପାତ୍ର)—
Ja<u>l</u>a-pātra ୧ । ପାଣି ରଖିବା ପାତ୍ର—
1. Water-vessel.

ସାଧାରଣ ଲୋକେ ଅପର ପୃଷ୍ଠାରେ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବ୍ୟତିକ୍ରମ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଈଁ'ନ ପାଇଲେ 'ଅଇଁ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

୨। ଯେଉଁ ପାତ୍ରରୁ ପାଣି ପିଆଯାଏ—
2. Drinking vessel.

ଜଳପାନ—ସଂ. ବି (୬ଷ୍ଠୀ ତତ୍; ଜଳ+ପାନ)—ପାଣି ପିଇବା—
Jal̲a-pāna Drinking of water.
ଦେ. ବି—୧। ପାଣି ପିଇବା ପୂର୍ବରୁ ଖିଆଯିବା ଲଘୁ ଖାଦ୍ୟ;
জলখাবার ଜଳଖିଆ—1. Light refreshment; luncheon; breakfast; tiffen.
जलपान
୨। ମିଷ୍ଟାନ୍ନ—2. Sweetmeat.

ଯେକୌଣସି ଯେଉଁ ଦେବତାଙ୍କ ବ୍ରାହ୍ମଣ ଜଳପାନ ମାଗି ବସିଲେ
ସାଧାରେ ଚଳଅଙ୍ଗ ଧରି ପାଞ୍ଚ ସାତ ପୁଣ୍ଡା ଚୂଡ଼ା ଧର
ପତ୍ରକୁ ଫୋପାଡ଼ୁ ଥାଇ — ଫକୀରମୋହନ ଛମାଣଅଠଗୁଣ୍ଠ।

ଜଳପାଣି—ପ୍ରାଦେ. ବି (ବାଲେଶ୍ୱର) (ଭୁଲ. ବ. ଏହି ଅର୍ଥରେ ଜଳପାଣି)
Jal̲a-pāni ଛାତ୍ରଙ୍କୁ ମିଳୁଥିବା ମାସିକ ଅର୍ଥ ସାହାଯ୍ୟ; ଛାତ୍ରବୃତ୍ତି—
Stipend; scholarship.

ଜଳପାହି—ଦେ. ବି—ଜଳପାଇ (ଦେଖ)
Jal̲a-pāhi Jal̲apāi (See)

ଜଳପିଚକା—ଦେ. ବି—ସୁଗନ୍ଧ ଜଳ ପୂର୍ଣ୍ଣ କରି ଉତ୍ସବାଦିରେ ନିମନ୍ତ୍ରିତ
Jal̲a-pichikā ଲୋକଙ୍କ ଉପରକୁ ମାରିବା ପିଚକାରି—
पानीकि पिचकारी Syringe used for spraying scented water over guests.

ଜଳପିପ୍ପଳୀ—ସଂ. ବି—କଚରଙ୍ଗା (ଦେଖ)
Jal̲a-pippal̲i Kacharaṅgā (See)
(ଜଳପିପୁଳିକା—ଅନ୍ୟରୂପ)

ଜଳପିବା—ଗ୍ରା (ପଦ୍ୟ) କ୍ରି (ସଂ. ଜଲ୍ପ)—୧। ଗପିବା—
Jal̲apibā 1. To talk.
জলপা ୨। ପ୍ରଳାପ କହିବା; ବୃଥାରେ ଗପିବା—
जलपना 2. To talk in vain; to rave.

ଜଳପୁଚ୍ଛ ଦଳପୁଚ୍ଛ ଏବେ ଭୂରେ କର ଭାବରେ—କବିସୂର୍ଯ୍ୟ ସଙ୍ଗୀତ।

ଜଳପିମ୍ପି—ଦେ. ବି—ଜଳଫିମ୍ପି (ଦେଖ)
Jal̲a-pimpi Jal̲a-phimpi (See)

ଜଳପ୍ରଣାଳୀ—ସଂ. ବି—ଜଳନାଳୀ (ଦେଖ)
Jal̲a-pranāli Jal̲a-nāli (See)

ଜଳପ୍ରଦାନ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରଦାନ)—
Jal̲a-pradāna ଜଳଦାନ (ଦେଖ)
Jal̲adāna (See)

ଜଳପ୍ରପା—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରପା=ଶାଳା)—
Jal̲a-prapā ଜଳଦାନଗୃହ; ଜଳଛତ୍ର—A place where water is freely distributed to the thirsty.

ଜଳପ୍ରପାତ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରପାତ)—
Jal̲a-prapāta ୧। ଉଚ୍ଚସ୍ଥାନରୁ ଜଳର ପତନ—
1. Falling down of water from a high place.
୨। ପର୍ବତ ଉପରୁ ଗଡ଼ୁଥିବା ଝରଣା—
2. Waterfall; a cascade.

ଜଳପ୍ରବାହ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ରବାହ)—ଜଳର ସ୍ରୋତ—
Jal̲a-prabāha Current of water.

ଜଳପ୍ରାୟ—ସଂ. ବି. (ବହୁବ୍ରୀହି; ଜଳ+ପ୍ରାୟ=ପ୍ରଚୁର)—
Jal̲a-prāya ଜଳମୟସ୍ଥାନ; ଜଳାଭୂମି—
Marshy place; swamp.
ବିଣ—ଜଳବହୁଳ; ଜଳପୂର୍ଣ୍ଣ—Water logged; overflowing with water.

ଜଳପ୍ରିୟ—ସଂ. ବିଣ. (ବହୁବ୍ରୀହି; ଜଳ+ପ୍ରିୟ)—ଯେ ଜଳକୁ ସୁଖପାଏ—
Jal̲a-priya Fond of water.
ବି—୧। ଚାତକ ପକ୍ଷୀ—1. A species of swallow.
୨। ମତ୍ସ୍ୟ—2. Fish.

ଜଳପ୍ଳାବନ—ସଂ. ବି. (୬ଷ୍ଠୀ ତତ୍; ଜଳ+ପ୍ଳାବନ)—୧। ବନ୍ୟା; ବଢ଼ି—
Jal̲a-plābana 1. Inundation; flood.
୨। ଜଳ ମାଡ଼ି ଦେଶ ବୁଡ଼ିଯିବା—2. Deluge.

ଜଳପ୍ଳାବିତ—ସଂ. ବିଣ. (ତୃତୀୟା ତତ୍, ଜଳ+ପ୍ଳାବିତ)—
Jal̲a-plābita ଜଳରେ ମଗ୍ନ; ଜଳରେ ଆଚ୍ଛନ୍ନ (ଦେଶ)—
(a place) Inundated or overspread with flood; deluged.

ଜଳଫିମ୍ପି—ଦେ. ବି—ଦଳଫିମ୍ପି; ଡାହୁକଜାତୀୟ କୁଳେଚର ବର୍ଗର
Jal̲a-phimpi ୧୬।୧୭ ଅଙ୍ଗୁଳ ଦୀର୍ଘ ଓ ଡେଙ୍ଗା ଗୋଡ଼ ଥିବା
জলপিপি; ପକ୍ଷିବିଶେଷ; ଜଳକୁକ୍କୁଟ—
मुरगाबी A small bird living near water; The Jacana or Sora; Mitopidus Indicus (with long spreading toes); the Pheasant Jacana; Hydrophasianus Chirurgus; the Surgeon bird.

[ଦ୍ର—ଏମାନେ ପୋଖରୀର ପାଣିକୂଳରେ ଥାଆନ୍ତି ଓ ଦଳ ଉପରେ ଡେଙ୍ଗା ଗୋଡ଼ରେ ଖୁବ୍ ଦଉଡ଼ି ପାରନ୍ତି। ଗୋଡ଼ର ଚଉଡ଼ା ପାଦରେ ଲମ୍ବ ଲମ୍ବ ୪ ଗୋଟି ନଖ। ଏମାନେ ପିଁ ପିଁ ଶବ୍ଦ କରନ୍ତି; ମୁଣ୍ଡ ଓ ପିଠି କଳା ଓ ଧଳା ଓ ପେଟ ଧଳା; ଥଣ୍ଟ ଲମ୍ବ ଓ ଥଣ୍ଟର ଅଗ ବଙ୍କା; ଡେଣା ଛୋଟ, ଲାଞ୍ଜ ଛୋଟ ଓ ଖଇରା]

ଜଳବଜା—ଦେ. ବିଣ—୧। ଜଳସ୍ପୃଷ୍ଟ—
Jal̲a-bajā 1. Touched with water.
ଜଳବଜା ପବନେ ଦେଲେ ଦେହ ଶୋଷି। କୃଷ୍ଣସିଂହ. ମହାଭାରତ ବନ।
୨। ଜଳସିକ୍ତ—2. Sprinkled with water.

ଜଳବରଣ୍ଟ—ସଂ. ବି—ଢାଉଁଫୁଟ; ପାଣିବସନ୍ତ—
Jal̲a-baranṭa Chicken-pox.

୧	ଇ	ଉ	ର୍,ର୍ଵ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ୍	ଉଅ	ଯ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଢ଼	ନ୍

ଜଳବଲ୍କଳ—ସଂ. ବି. (ଷଷ୍ଠୀ ତତ୍, ଜଳ+ବଲ୍କଳ)—
Jaḻa-baḻkaḻa ଦଳ; ବୋରଝାଞ୍ଜି—Aquatic weeds floating over the surface of water; Salvinia Cucullata.

ଜଳବଲ୍ଲୀ—ସଂ. ବି. (ଷଷ୍ଠୀ ତତ୍; ଜଳ+ବଲ୍ଲୀ)—
Jaḻa-balli ଶୃଙ୍ଗାଟକ ବା ସିଙ୍ଘଡ଼ା ଲତା—The Water-chestnut creeper.

ଜଳବସ୍ତି—ସଂ. ବି—ନାଭି ବୁଡ଼ିବା ଭଳି ପାଣିରେ ବସି ଗୋଡ଼ର ଦୁଇ
Jaḻa-basti ବୁଢ଼ା ଅଙ୍ଗୁଠି ଭୂମିରେ ଲଗାଇ ଶୂନ୍ୟରେ ଅବସ୍ଥିତ; ଦୁଇ ଗୁଳ୍ଫ ଉପରେ ଗୁହ୍ୟକୁ ଆକୁଞ୍ଚନ ପ୍ରସାରଣ କରିବା (ଏହାକୁ ଉତ୍କଟାସନ ମଧ୍ୟ ବୋଲାଯାଏ)—
An exercise consisting of sitting in water while expanding and contracting the anus.

ଜଳବାୟସ—ସଂ. ବି. (ଷଷ୍ଠୀ ତତ୍; ଜଳ+ବାୟସ)—
Jaḻa-bāyasa ପାଣିକୁଆ ପକ୍ଷୀ—A black webfooted
कौड़िल्ला aquatic bird; the Cormorant.

ଜଳବାୟୁ—ସଂ. ବି. (ଆଧୁନିକ ବ୍ୟବହାର; ଜଳ+ବାୟୁ)—
Jaḻa-bāyu କୌଣସି ସ୍ଥାନର ଜଳ ଓ ବାୟୁର ବିଶେଷତ୍ୱ; (ଏହା
जलवायु, जलहाओया ଉପରେ ଅଧିବାସୀଙ୍କର ସ୍ୱାସ୍ଥ୍ୟ ନିର୍ଭର କରେ)-
आबहावया Climate; the special incidents of the water and air of a locality.

ଜଳବାୟୁ ପରିବର୍ତ୍ତନ—ସଂ. ବି. (ଆଧୁନିକ ବ୍ୟବହାର)—
Jaḻabāyu paribarttana ଏକ ସ୍ଥାନର ଜଳବାୟୁ ଦ୍ୱାରା ଶରୀରର ସ୍ୱାସ୍ଥ୍ୟ ନଷ୍ଟ ହେଲେ ସ୍ୱାସ୍ଥ୍ୟପରିବର୍ତ୍ତନ ପାଇଁ ଉକ୍ତ ସ୍ଥାନରୁ ଅନ୍ୟ ସ୍ଥାନକୁ ବାସପରିବର୍ତ୍ତନ—
Change of climate; change of residence for the improvement of one's health.

ଜଳବାହ—ସଂ. ବିଣ. (ଉପପଦ ତତ୍ପୁରୁଷ; ଜଳ+ବହ ଧାତୁ+କର୍ତ୍ତୃ·
Jaḻa-bāha ଅ)—ପାଣିବୁହାଳି; ଯେ ଏକ ସ୍ଥାନରୁ ଅନ୍ୟ
(ଜଳବାହକ—ଅନ୍ୟରୂପ) ସ୍ଥାନକୁ ପାଣି ବହେ—
Water-carrier.
ବି—ମେଘ—Cloud.

ଜଲବି—ଦେ. ବି—ଜିଲିବି (ଦେଖ)
Jalabi Jilibi (See)

ଜଳବିନ୍ଦୁ—ସଂ. ବି. (ଷଷ୍ଠୀ ତତ୍; ଜଳ+ବିନ୍ଦୁ)—
Jaḻa-bindu ୧ । ପାଣିର ଟୋପା—1. Drop of water.
୨ । ପାଣିର ଶୀକର—2. Fine drops of water; sprays of water.

ଜଳବିପ୍ରୁଷ—ଦେ. ବି. (ସଂ. ଜଳ+ବିପ୍ରୁଷ୍=ଜଳବିନ୍ଦୁ)—
Jaḻa-biprusha ଜଳବିନ୍ଦୁ—Drop of water.

ବିମଳିନ ନୀଳୋତ୍ପଳେ ଜଳ
ବିପ୍ରୁଷ କି ପଡ଼ିବାରେ ଟଳଟଳ । ଭଞ୍ଜ. ବୈଦେହୀଶବିଳାସ ।

ଜଳବିମ୍ବ—ସଂ. ବି. (ଷଷ୍ଠୀ ତତ୍; ଜଳ+ବିମ୍ବ)—ପାଣିଫୋଟକା—
Jaḻa-bimba A bubble of water.

ଜଳବିଷୁବ—ସଂ. ବି—ତୁଳା ସଂକ୍ରାନ୍ତି—
Jaḻa-bishuba The crossing of the sun over the boundary line between the Virgo and the Libra

ଜଳବୁଦ୍ବୁଦ—ସଂ. ବି. (ଷଷ୍ଠୀ ତତ୍; ଜଳ+ବୁଦ୍ବୁଦ)—
Jaḻa-budbuda ଜଳବିମ୍ବ (ଦେଖ)
Jaḻa-bimba (See)

ଜଳବୃଦ୍ଧି—ସଂ. ବି. (ଷଷ୍ଠୀ ତତ୍; ଜଳ+ବୃଦ୍ଧି)—
Jaḻa-bruddhi ଜଳଦୋଷ ୧।୩ (ଦେଖ)
Jaḻa-dosha 1, 3 (See)

ଜଳବୃଶ୍ଚିକ—ସଂ. ବି. (ଷଷ୍ଠୀ ତତ୍; ଜଳ+ବୃଶ୍ଚିକ)—
Jaḻa-bruschika ଚିଙ୍ଗୁଡ଼ି ମାଛ; ବଡ଼ମାଳିଆ ଚିଙ୍ଗୁଡ଼ି—Prawn.

ଜଳବେଣୀ—ସଂ. ବି. (ଷଷ୍ଠୀ ତତ୍; ଜଳ+ବେଣୀ)
Jaḻa-beṇi ଜଳର ଧାର; ଜଳସ୍ରୋତଃ—A current or continuous flow of water.

ଜଳବେତସ—ସଂ. ବି—ନଈପାଳଙ୍ଗ ଗୁଳ୍ମ; ପାଣିପାଳଙ୍ଗ; ପାଣି-
Jaḻa-betasa ବେଗୁନିଆ—A wild variety of Rumex
ସଂ. ନଦୀକୂଳପ୍ରିୟ, Vesircarius (growing on river-
ପରିବ୍ୟାଧ, ନିକୁଞ୍ଜକ banks).
(ଜଳବାନୀର—ଅନ୍ୟନାମ)
[ଦ୍ର—ଏହା ପାଳଙ୍ଗ ଜାତୀୟ ଶାକଗୁଳ୍ମ; ନଈ କୂଳରେ ଜନ୍ମେ । ଏହା ଶୁଖିଲା କାଠ ରୂପେ ପାଚନରେ ବ୍ୟବହୃତ ହୁଏ ।]

ଜଳବ୍ୟଥ—ସଂ. ବି—କଉ ମାଛ (ହି. ଶବ୍ଦସାଗର)—
Jaḻa-byatha The Anabis fish.
(ଜଳବ୍ୟଧ—ଅନ୍ୟରୂପ)

ଜଳବ୍ୟାଳ—ସଂ. ବି—ପାଣିଧଣ୍ଡ ସାପ (ହି. ଶବ୍ଦସାଗର)—
Jaḻa-byāḻa Water-serpent.

ଜଳବ୍ରାହ୍ମୀ—ସଂ. ବି. ସ୍ତ୍ରୀ.—ହିଡ଼ିମିଚ ଶାଗ (ଏହା ପାଣି କୂଳରେ ଜନ୍ମେ)-
Jaḻa-brahmi An aquatic plant used as kichen-vegetable and medicine.

ଜଳଭୃତ୍—ସଂ. ବି. (ଜଳ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ. କ୍ୱିପ୍)--
Jaḻabhrut ୧ । ମେଘ—1. Cloud.
୨ । କର୍ପୂରବିଶେଷ—2. A kind of camphor.
୩ । ଜଳପାତ୍ର—4. A water-vessel.
ସଂ. ବିଣ.—ଯେ ଜଳକୁ ଧାରଣ କରେ—
Holding or containing water.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ' ନ ମିଳିଲେ 'କୃଶ' ଦେଖିବେ; 'ବଧୂଁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜଳମଗ୍ନ—ସଂ. ବିଣ. (୭ମୀ ତତ୍; ଜଳ+ମଗ୍ନ)—୧ । ପାଣିରେ ବୁଡ଼ିଯାଇଥିବା—1. Immersed or sunk in water
Jaḻa-magna
୨ । ପାଣି ତଳରେ ବୁଡ଼ି ରହିଥିବା—
2. Lying below the surface of water.

ଜଳମଧୂକ—ସଂ. ବି.—ଜଳାଶୟ ନିକଟରେ ଜନ୍ମିବା ଏକପ୍ରକାର ମହୁଆ ଗଛ—A kind of Mahuā tree growing near water.
Jaḻa-madhūka
ସଂ. ନାମ—ଦୀର୍ଘପତ୍ରକ, ହ୍ରସ୍ୱପୁଷ୍ପକ, ସ୍ୱାଦୁ, ଗୌଳକା, ମଧୂଳକା, କ୍ଷୌଦ୍ରପ୍ରିୟ, ପତଙ୍ଗ, କ୍ଷୀରେଷ୍ଟ, ଗୌରିକାକ୍ଷ, ମାଂଗଲ୍ୟ, ମଧୁପୁଷ୍ପ
ଜଲମହୁଆ
ଜଲମହୁଆ
[ଦ୍ର—ଏ ବୃକ୍ଷ ଦକ୍ଷିଣଭାରତର କୋଙ୍କଣ ଅଞ୍ଚଳରେ ଜନ୍ମେ । ଏହାର ପତ୍ର ମହୁଆ ପତ୍ର ଠାରୁ ବଡ଼ ଓ ଫୁଲ ସାନ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତଳ, ବ୍ରଣନାଶକ, ବଳବୀର୍ଯ୍ୟବର୍ଦ୍ଧକ, ରସାୟନ ଓ ବମନ କରାଇକ,—ହି. ଶବ୍ଦସାଗର ।]

ଜଳମନ୍ଦିର—ସଂ. ବି. (୭ମୀ ତତ୍; ଜଳ+ମନ୍ଦିର)—ଗ୍ରୀଷ୍ମ କାଳରେ ଶାନ୍ତି ଓ ଶୀତଳତା ଲାଭ ନିମନ୍ତେ ନିର୍ମିତ ହୋଇ ଥିବା ଚତୁର୍ଦ୍ଦିଗରେ ଜଳବେଷ୍ଟିତ ଗୃହ ବା ମଣ୍ଡପ—
Jaḻa-mandira
A summer-house surrounded by water.

ଜଳମୟ—ସଂ. ବିଣ.—(ଜଳ+ପ୍ରାଚୁର୍ଯ୍ୟାର୍ଥେ. ମୟ)—ଜଳପୂର୍ଣ୍ଣ; ଜଳପ୍ଲାବିତ—Overflowing with or full of water; watery.
Jaḻamaya

ଜଳମଳ—ସଂ. ବି. (୬ଷ୍ଠୀ ତତ୍; ଜଳ+ମଳ)—ଫେଣ—
Jaḻa-maḻa Foam.

ଜଳମସି—ସଂ. ବି. (୬ଷ୍ଠୀ ତତ୍; ଜଳ+ମସି)—୧ । ମେଘ—
Jaḻa-masi 1. Cloud.
୨ । ଏକ ପ୍ରକାର କର୍ପୂର—2. A kind of camphor.

ଜଳମାତୃକା—ସଂ. ବି. (ମ. ପ. ଲୋ; ଜଳ+ମାତୃକା)—ଜଳରେ ବାସ କରୁଥିବା ୭ଟି ଦେବୀ—A class of female Deities supposed to live in water.
Jaḻa-mātṛukā
[ଦ୍ର—ଏମାନଙ୍କ ନାମ ମତ୍ସୀ, କୂର୍ମୀ, ବାରାହୀ, ଦର୍ଦୁରୀ, ମକରୀ, ଜଳୁକା ଓ ଜନ୍ତୁକା—ହି. ଶବ୍ଦସାଗର ।]

ଜଳମାନୁଷ—ସଂ. ବି. (ମ. ପ. ଲୋ; ଜଳ+ମାନୁଷ)—ଏକ କଳ୍ପିତ ଜଳଜନ୍ତୁ, ଯାହା ଦେହର ନାଭି ଠାରୁ ଉପରଭାଗ ମନୁଷ୍ୟ ପରି ଓ ତଳ ଅଂଶ ମାଛ ପରି (ହି. ଶବ୍ଦସାଗର)—A nymph said to have the upper half of the body resembling human limbs and the lower half resembling a fish; water-nymph.
Jaḻa-manusha
(ଜଳମାନୁଷୀ—ସ୍ତ୍ରୀ)

ଜଳମାର୍ଗ—ସଂ. ବି—୧ । (୬ଷ୍ଠୀ ତତ୍; ଜଳମାର୍ଗ)—ଜଳ ବୋହିଯିବା ବାଟ; ପାଣିବାହାରିଯିବାର ନଳା—1. Water-course; water-channel or drain.
Jaḻa-mārga
୨ । (୭ମୀ ତତ୍) ଜଳପଥ; ସମୁଦ୍ର ଓ ନଦୀଆଦିଦ୍ୱାରା ଯିବା ଆସିବା ପଥ—2. Passage by water; voyage.

ଜଳମାର୍ଜାର—ସଂ. ବି. (୬ଷ୍ଠୀ ତତ୍; ଜଳ+ମାର୍ଜାର)—ଓଧ—
Jaḻa-mārjāra Otter.

ଜଳମୁକ୍—ସଂ. ବି. (ଜଳ+ମୁଚ ଧାତୁ=ତ୍ୟାଗ କରିବା+କର୍ତ୍ତୃ. କ୍ୱିପ୍, ଜଳମୁଚ୍ ଶବ୍ଦ ୧ମା. ୧ବ.)—ମେଘ—Cloud.
Jaḻamuk
ସଂ. ବିଣ—ଜଳମୋଚନକାରୀ—Emitting water.

ଜଳମୂର୍ତ୍ତି—ସଂ. ବି. (ବହୁବ୍ରୀହି; ଜଳ+ମୂର୍ତ୍ତି; ମହାଦେବଙ୍କର ଅଠ ମୂର୍ତ୍ତି ମଧ୍ୟରୁ ଗୋଟିଏ ଜଳମୟୀ ମୂର୍ତ୍ତି ଥିବାରୁ)—ମହାଦେବ; ଶିବ—Śiba.
Jaḻa-mūrtti

ଜଳମୂର୍ତ୍ତିକା—ସଂ. ବି—କରକା; କୁଆପଥର—
Jaḻa-mūrttikā Hail-stone.

ଜଳଯନ୍ତ୍ର—ସଂ. ବି (୬ଷ୍ଠୀ ତତ୍; ଜଳ+ଯନ୍ତ୍ର)—
Jaḻajuntra ୧ । ପାଣି ଉଠାଇବା ଯନ୍ତ୍ର—
1. A machine for lifting water.
୨ । ପାଣିଦ୍ୱାରା ଚାଳିତ ଯନ୍ତ୍ର—
2. Water-engine; water-mill.
୩ । ଜଳଘଡ଼ି; ଜଳଦ୍ୱାରା ନିୟନ୍ତ୍ରିତ ଘଡ଼ି—
3. Water-clock; a clepsydra.
୪ । ଜଳ ଛାଣିବାର ଯନ୍ତ୍ର—4. A filter.
୫ । ପିଚକାରୀ—5. Syringe.
ବହିଲ ଦକ୍ଷିଣ ପବନ
ଖଞ୍ଜିଲେ ଜଳଯନ୍ତ୍ରମାନ—ଭୂପତି, ପ୍ରେମପଞ୍ଚାମୃତ ।
୬ । ଜଳଦ୍ୱାରା ଚାଳିତ ପାଣିର ଫୁଆରା—6. Mechanically contrived jets or springs of water.
ଦେ. ବି—ଖଟ ବା ସିନ୍ଦୁକ ଇତ୍ୟାଦି ଉପରକୁ ପିମ୍ପୁଡ଼ି ଓ ଜନ୍ତା ଉଠି ନ ପାରିବେ ଏଥିପାଇଁ ଖୁର ଗୋଡ଼ ତଳେ ଦିଆ ଯାଇଥିବା ଜଳପୂର୍ଣ୍ଣ ପଥରକୁଣ୍ଡୀ—Stone saucers full of water on which the posts of bedsteads and safes etc are put to prevent ants from infesting them.
ଜଲଯନ୍ତ୍ର
ଜଲୟନ୍ତ୍ର

ଜଳଯନ୍ତ୍ର ଗୃହ—ସଂ. ବି—୧ । ଜଳଟୁଙ୍ଗୀ—1. A pleasure-house in the midst of water.
Jaḻa-jantra gṛuha
୨ । ଜଳର ଫୁଆରାଯୁକ୍ତ ଗୃହ—
2. A house with dancing jets of water in it for summer use.
୩ । ଚାରିପାଖେ ଜଳ ବେଢ଼ିଥିବା ଅଗମ୍ୟ ଗୃହ—
3. A house surrounded with water.
[ଦ୍ର—ଗ୍ରୀଷ୍ମଦିନେ ଏ ଘରେ ରହିଲେ ଥଣ୍ଡା ଲାଗେ ।]

ଜଳଯନ୍ତ୍ରପୁର—ସଂ. ବି—ଜଳଯନ୍ତ୍ର ଗୃହ (ଦେଖ)
Jaḻa-jantra-pura Jaḻa-jantra gṛuha (See)
(ଜଳଯନ୍ତ୍ରମନ୍ଦିର—ଅନ୍ୟରୂପ)
ଜଳଯନ୍ତ୍ରପୁରେ ରମା ସଙ୍ଗତରେ ବସି
ହରୁଥାଇ ବନ—ଭକ୍ତ. ପ୍ରେମସୁଧାନିଧି ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଋ	ଋ	ଭ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ରିଅ	ଡ଼	ନ୍

ଜଳଯାତ୍ରା—ସଂ. ବି. (ଜଳ + ଯାତ୍ରା)—
Jala-jātrā ୧। (୭ମୀ ତତ୍;) ଜଳପଥରେ ଗମନ—1. A voyage.
୨। (୪ର୍ଥୀ ତତ୍) ଜଳ ଆଣିବା ପାଇଁ ଯିବା—2. Going to fetch water.
୩। ଅଭିଷେକ ଆଦି ପାଇଁ ତୀର୍ଥରୁ ପବିତ୍ର ଜଳ ଆଣିବା ପାଇଁ ଗମନ—3. Starting for bringing water from certain sacred centres for the purpose of installation-bath.
୪। ବୈଷ୍ଣବମାନଙ୍କର ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ଅନୁଷ୍ଠିତ ଉତ୍ସବ—4. A festival observed amongst the Baishnabas on the full-moon of Jyaistha.
[ଦ୍ର—ଏଦିନ ବିଷ୍ଣୁ ମୂର୍ତ୍ତିଙ୍କୁ ଶୀତଳ ଜଳରେ ସ୍ନାନ କରାଯାଏ।]
୫। ଦେବଉତ୍ଥାପନ (କାର୍ତ୍ତିକ ଶୁକ୍ଳ) ଏକାଦଶୀର ପରବର୍ତ୍ତୀ ଚତୁର୍ଦ୍ଦଶୀ ଦିନ ରାଜପୁତାନାରେ ଅନୁଷ୍ଠିତ ଉତ୍ସବବିଶେଷ—5 A festival observed in Rājaputānā on the 14th day of Kārtika (light half).
[ଦ୍ର—ଏଦିନ ଉଦୟପୁରର ରାଣା ସରଦାରମାନଙ୍କ ସହିତ ଖୁବ୍ ସମାରୋହରେ କୌଣସି ହ୍ରଦ ନିକଟକୁ ଯାଇ ସେଠାରେ ଜଳଦେବତାଙ୍କ ପୂଜା କରନ୍ତି। ହି. ଶବ୍ଦସାଗର]

ଜଳଯାତ୍ରୀ—ସଂ. ବି. (ଜଳଯାତ୍ରା + ଇନ୍; ୧ମା. ୧ବ.)—ଜଳପଥରେ
Jala-jātri ଗମନକାରୀ ବ୍ୟକ୍ତି—A voyager.

ଜଳଯାନ—ସଂ. ବି (୭ମୀ ତତ୍; ଜଳ + ଯାନ)—ଜଳପଥରେ ଯିବା
Jala-jāna ଆସିବା ପାଇଁ ବ୍ୟବହୃତ ନୌକା ଆଦି—Boat; vessel; a ship

ଜଳଯୋଗ—ସଂ. ବି. (ଅଧୁନିକ ପ୍ରୟୋଗ)—ଜଳଖିଆ—
Jala-joga Light refreshment; luncheon; tiffen.

ଜଳରଙ୍କ—ସଂ. ବି. (ବହୁବ୍ରୀହି; ଜଳ+ରଙ୍କ)—ବଗ—
Jala-ranka The Ardea Nivea, an aquatic bird

ଜଳରଙ୍କୁ—ସଂ. ବି. (ଜଳ + ରଙ୍କୁ)—ଡାହୁକ ବା ଡାହୁକ ପକ୍ଷୀ—
Jala-ranku An aquatic bird; Tringa Geonsis; the water-hen.

ଜଳରଣ୍ଡ—ସଂ. ବି—୧। ପାଣିଭଉଁରି (ହି. ଶବ୍ଦସାଗର)
Jala-randa 1. Eddy; whirlpool.
୨। ଜଳକଣା—2. Particles of water.
୩। ସାପ (ହି. ଶବ୍ଦସାଗର)—3. Serpent.

ଜଳରଥ—ସଂ. ବି. (୭ମୀ ତତ୍; ଜଳ + ରଥ)—ନୌକା—
Jala-ratha Boat.
.ମରକତ ଜଳରଥ ଯେହେ
.ଯଥା ସନ୍ତତ ଭ୍ରମନ୍ତ ବୁଲନ୍ତ—ଭକ୍ତ. ପ୍ରେମସୁଧାନିଧି।

ଜଳରସ—ସଂ. ବି. (ବହୁବ୍ରୀହି; ଜଳ ଅଟେ ରସ=ସାର ଭାଗ
Jala-rasa ଯହିଁରେ)—ଲବଣ—Salt.

ଜଳରୁଦ୍ର—ଗ୍ରା. ବି. (ସଂ. ଜଳୋଦର)—ଉଦରୀ ରୋଗ—
Jala-rudri Dropsy.
ଜଳରୁଦର, ଜଳରୁଦୁର } ଅନ୍ୟରୂପ

ଜଳରୁହ—ସଂ. ବି. (ଉପପଦ ତତ୍ପୁରୁଷ; ଜଳ+ରୁହ ଧାତୁ+ କର୍ତ୍ତୃ.
Jala-ruha ଅ)—ଜଳଜ; ପଦ୍ମ—Lotus.
ବିଣ—ଜଳଜାତ—Produced from water; growing on water.

ଜଳରୋଦରୀ—ଗ୍ରା. ବି—ଜଳରୁଦ୍ର (ଦେଖ)
Jala-rodari Jalarudri (See)
ଜଳରୋଦର, ଜଳରୋଦୁର } ଅନ୍ୟରୂପ

ଜଳଲତା—ସଂ. ବି. (ଉପମିତ କର୍ମଧାରୟ; ଜଳ + ଲତା)—
Jala-latā ଢେଉ—Wave; billow.

ଜଳଲଗୀ—ଦେ. ବି. (ସଂ. ଜଳ+ଲଗ୍ ଧାତୁ)—
Jala-lāgi ଦେବବିଗ୍ରହଙ୍କ ଉପରେ ପାଣି ଢାଳିବା—Pouring out of water on the image of a Deity.
ଦେ. ବିଣ—ଯେଉଁ ବିଗ୍ରହ ଉପରେ ପାଣି ଢଳା ଯାଉଥାଏ—(image) On which water in being poured out.

ଜଳଶାୟୀ—ସଂ. ବିଣ. (ଜଳ+ଶୀ ଧାତୁ+ଇନ୍; ୧ମା. ୧ବ. ଯେ ଜଳ
Jala-śāyi ଉପରେ ଶୁଏ)—ଜଳ ଉପରେ ଶୟନ କରିଥିବା—
(ଜଳଶାୟିନୀ—ସ୍ତ୍ରୀ) Lying on water.
ବି—ପ୍ରଳୟଜଳ ଉପରେ ଶାୟିତ ବିଷ୍ଣୁ—Bishnu floating on the surface of the Universal Deluge.
ଦେ. ବି—ଶିବଲିଙ୍ଗ ବା ଅନ୍ୟ ଦେବବିଗ୍ରହଙ୍କୁ ପାଣିରେ ବୁଡ଼ାଇ ରଖିବା—Keeping the image of a Deity immersed in water; dipping of an image in water.
ଦେ. ବିଣ—ପାଣିରେ ବୁଡ଼ାଇ ରଖାଯାଇ ଥିବା (ଦେବବିଗ୍ରହ)—(an image) Kept immersed or dipped in water.

ଜଳଶୀକର—ସଂ. ବି. (୬ଷ୍ଠୀ ତତ୍; ଜଳ+ଶୀକର)—
jala-śikara ପାଣିର ସୂକ୍ଷ୍ମ କଣା—
Particles or sprays of water.

ଜଳଶୁକ୍ତି—ସଂ. ବି. (୭ମୀ ତତ୍; ଜଳ+ଶୁକ୍ତି)—ଶାମୁକା—
Jala-śukti Oyster.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେଥି ପାଇଁ ଯଥାକ୍ରମେ ତହିଁର ଅପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜଳଶୂକ—ସଂ. ବି—ଶୈବାଳ—
Ja̱la-śūka Moss.

ଜଳଶୂକର—ସଂ. ବି. (୬ଷ୍ଠୀ ତତ୍; ଜଳ+ଶୂକର)—କୁମ୍ଭୀର—
Ja̱la-śūkara Alligator.

ଜଳସତ୍ର—ସଂ. ବି. (୬ଷ୍ଠୀ ତତ୍; ଜଳ+ସତ୍ର)—ପାଣିଛତ୍ର; ଯେଉଁଠାରେ ତୃଷାର୍ତ୍ତ ବ୍ୟକ୍ତିମାନଙ୍କୁ ଜଳ ବିତରଣ କରାଯାଏ—A place for distributing water free to the thirsty.
Ja̱la-satra

ଜଳସର୍ପିଣୀ—ସଂ. ବି. (ଜଳ+ସୃପ୍ ଧାତୁ+କର୍ତ୍ତୃ. ଇନ୍; ସ୍ତ୍ରୀ. ଈ)—
Ja̱la-sarpini ଜୋକ—Leech.

ଜଳସା—ବୈଦେ. ବି. (ଅ. ଜଲ୍‌ସା)—
Jalasā ୧ । ମହୋତ୍ସବ—1. A big festival; festivity.
ଜଲସା
जलसा ୨ । ମଜଲିସ୍; ମଜଲିସ—2. A big feast.
୩ । ସମ୍ମିଳନୀ—3. A big gathering.
୪ । ମଜଲିସ୍—4. A show.

ଜଳସାଇ—ଦେ. ବି ଓ ବିଣ. (ସଂ. ଜଳଶାୟୀ)—
Ja̱la-sāi ଜଳଶାୟୀ (ଦେଖ)
Ja̱laśāyī (See)

ଜଳସାତ୍—ଦେ. ବିଣ. (ଜଳ+ପରିଣତ ଅର୍ଥରେ ସାତ୍)—
Ja̱la-sāt ୧ । ଜଳରେ ନିକ୍ଷିପ୍ତ—
1. Thrown into water.
୨ । ଜଳରେ ପରିଣତ—
2. Turned into water; liquified.

ଜଳସାତ—ଦେ. ବିଣ. (ସଂ. ଜଳସାତ୍)—ଜଳସାତ୍ (ଦେଖ)
Ja̱la-sāta Ja̱lasāt (See)

ଗୋଲକନାଥ ବସୁ ନାରୈପିଥ୍ୟ ଭସନା କାଲିନ୍ଦୀ—
ଜଳେ ପଞ୍ଚଜନ ତୁଣ୍ଡେ କଲେ ଜଳସାତ । ଜଗନ୍ନାଥ. ମହାଭାରତ ।

ଜଳସିଂହ—ସଂ. ବି. ପୁଂ. (ଅଧୁନାତନ ବ୍ୟବହାର)—
Ja̱la-simha ଉର୍ମି ଜାତୀୟ ଜଳଜୀବବିଶେଷ—
(ଜଳସିଂହୀ—ସ୍ତ୍ରୀ) Sea-lion.
[ଦ୍ର—ଏମାନେ ଆକାରରେ ୧୬ ହାତ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ଦେହସାରା ହଳଦିଆ ମିଶା କଳା ଲୋମରେ ପୂର୍ଣ୍ଣ ଓ ବେକ ଉପରେ ସିଂହର କେଶର ପରି ଲମ୍ବ ବାଳ ଥାଏ; ଏମାନେ ଶାନ୍ତ-ପ୍ରକୃତିକ, କିନ୍ତୁ ଆକ୍ରମଣକାରୀ ପ୍ରତି ବିଶେଷ ବଳ ପ୍ରକାଶ କରନ୍ତି । ଏମାନେ ଦଳବଦ୍ଧ ହୋଇ ଆମେରିକା ଓ ଏସିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଦେଖା ଯାଆନ୍ତି । ଦ୍ର. ସମୁଦ୍ରସାଗର ।]

ଜଳସିକ୍ତ—ସଂ. ବିଣ. (ତୃତୀୟା ତତ୍; ଜଳ+ସିକ୍ତ)—
Ja̱la-sikta ୧ । ପାଣି ଛିଞ୍ଚା ହୋଇଥିବା; ଯାହା ଉପରେ ପାଣି ଛିଞ୍ଚା ହୋଇଅଛି—1. Sprinkled with water.
୨ । ଆର୍ଦ୍ର—2. Moistened; wet.

ଜଳସେଇ—ଗ୍ରା. ବି ଓ ବିଣ. (ସଂ. ଜଳଶାୟୀ)—
Ja̱la-sei ଜଳଶାୟୀ (ଦେଖ)
Ja̱la-śāyī (See)

ଜଳସେକ—ସଂ. ବି. (୩ୟା ତତ୍; ଜଳ+ସେକ)—
Ja̱la-seka ୧ । ପାଣି ଛିଞ୍ଚିବା—1. Sprinkling of water.
୨ । କନାକୁ ଗରମ ପାଣିରେ ବୁଡ଼ାଇ ଚିପୁଡ଼ି ତହିଁରୁ ବାମ୍ଫ ବାହାରୁଥିବା ଅବସ୍ଥାରେ ତଦ୍ଦ୍ୱାରା ଶରୀରକୁ ସେକିବା—
2. Fomentation with hot water; wet fomentation.

ଜଳସ୍ତମ୍ଭ—ସଂ. ବି. (୬ଷ୍ଠୀ ତତ୍; ଜଳ+ସ୍ତମ୍ଭ)—
Ja̱la-stambha ନଦୀ ଓ ସମୁଦ୍ରର ଗର୍ଭରୁ ଉତ୍ଥିତ କମ୍ପା ତହିଁରେ ମେଘରୁ ପତିତ ପ୍ରକାଣ୍ଡ ସ୍ତମ୍ଭାକାର ଜଳରାଶି (ଏହା ଗୋଟିଏ ଚମତ୍କାର ନୈସର୍ଗିକ ଘଟଣା)—
A water-spout; a moving column of water (a natural phenomenon).

ଜଳସ୍ପର୍ଶ—ସଂ. ବି. (୬ଷ୍ଠୀ ତତ୍; ଜଳ+ସ୍ପର୍ଶ)—୧ । ପାଣିକୁ ସ୍ପର୍ଶକରିବା ବା ଛୁଇଁବା—1. Touching of water.
Ja̱lasparśa
୨ । ପାଣି ପିଇବା—2. Drinking of water.
(ଯଥା—ମୁଁ ତାଙ୍କ ଘରେ ଖାଇବା କଥା ଦୂରରେ ଥାଉ, ସେ ଗ୍ରାମରେ ଜଳସ୍ପର୍ଶ କରିବ ନାହିଁ ।)
ଜଳସ୍ପର୍ଶ ଦେ. ବିଣ. (ସଂ. ଜଳ+ସ୍ପୃଶ୍ୟ) ଯେଉଁ ଉଚ୍ଚଶ୍ରେଣୀର ଶୂଦ୍ରଜାତିର ସ୍ପୃଷ୍ଟ ଜଳ ବ୍ରାହ୍ମଣଆଦି ଉଚ୍ଚଜାତି ବ୍ୟବହାର କରନ୍ତି; ପାଣିଛୁଆଁ (ଉଚ୍ଚ ଶୂଦ୍ରଜାତି)—
जलस्पर्श (a Śūdra of high caste) The water touched by whom can be used by Brahmans and other high caste people.

ଜଳସ୍ରୋତଃ—ସଂ. ବି. (୬ଷ୍ଠୀ ତତ୍; ଜଳ+ସ୍ରୋତସ୍)—
Ja̱la-srotaḥ ଜଳପ୍ରବାହ (ଦେଖ)
Ja̱la-prabāha (See)

ଜଳହସ୍ତୀ—ସଂ. ବି—ହସ୍ତୀସଦୃଶ ସ୍ଥୂଳସ୍ପୃତନରଶିଷ୍ଟ ଜଳଜନ୍ତୁବିଶେଷ—
Ja̱la hasti A sea elephant; the hippopotamus.
(ଜଳହସ୍ତିନୀ—ସ୍ତ୍ରୀ) [ଦ୍ର—ଏମାନେ ଶୀଳଜାତୀୟ ଓ ସ୍ତନ୍ୟପାୟୀ । ଏମାନେ ଲମ୍ବରେ ୧୬ ହାତ ପର୍ଯ୍ୟନ୍ତ ଓ ଉଚ୍ଚରେ ୩ ହାତ ପର୍ଯ୍ୟନ୍ତ ବଢ଼ନ୍ତି; ଏମାନଙ୍କ ଚମଡ଼ା କଳା, ମୋଟ, ମସୃଣ ଓ ଲୋମହୀନ; ମୁହଁ ଉପର ପାଖେ ୧୨ ଓ ତଳପାଖେ ୧୪ ଦାନ୍ତ ଥାଏ । ଏମାନେ ଦକ୍ଷିଣ ମହାସାଗର, ଭୂମଧ୍ୟସାଗର ଓ ନୀଳନଦରେ ଦେଖା ଯାଆନ୍ତି । ୧୬୨୦ ମାଇଙ୍କ ଦଳରେ ଗୋଟିଏ ଅଣ୍ଡିରା ଜଳହସ୍ତୀ ଥାଏ । ଅଣ୍ଡିରା ଜଳହସ୍ତୀର ଉପର ଓଠ ହାତିଶୁଣ୍ଢ ପରି ଅର୍ଦ୍ଧଫୁଟେ ଆଗକୁ ବାହାରି ଥାଏ । ଏମାନେ ସମୁଦ୍ରର ଉଦ୍ଭିଜ୍ଜଆଦି ଖାଆନ୍ତି । ଏହାର ମାଂସ କଳା ଓ କଠିନ ତରକାରିମିଶା ଥିବାରୁ ଅଖାଦ୍ୟ ।

୧	ଇ	ଉ	ର,ହ୍ର	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଷ୍ଟ	ନ୍

ଏହାର ଚର୍ବିରେ ମହମବତୀ ତିଆରି ହୁଏ । ପାଳଲେ ଏ ପୋକ-ମାନଙ୍କର ଦେଖା ଅଛି—ହି. ଶବ୍ଦସାଗର ।]

ଜଳହାସ—ସଂ. ବି. (୬ଷ୍ଠୀ ତତ୍; ଜଳ+ହାସ)—ଫେଣ—
Ja<u>l</u>a-hāsa Foam.

ଜଳା—ଦେ. ବିଣ. (ସଂ. ଜଳାଶୟ)—ଜଳମୟ—Watery; water-logged; swampy; marshy (land).
Ja<u>l</u>ā
ଜଲା (ଯଥା—ଜଳା ଭୂଇଁ).
ଦଲଦଲ ,ଦେ. ବି. (ସଂ. ଜାଲ)—୧ । ଛିଦ୍ର; ରନ୍ଧ୍ର—
1. Hole; loop-hole.

ଜଳାକବାଟର ସେ ଜଳାରେ ପଶିର
ବୋଳଲେ ବହୁବାକୁ ଶୀତଳ ସମୀର । କୃଷ୍ଣସିଂହ. ମହାଭାରତ. ବନ ।

ଜ୍ୱାଲା ୨ । (ସଂ. ଜ୍ୱାଳା) ଦେହ ଜଳାପୋଡ଼ା କରିବା—
ଜଲନ 2. Burning sensation; inflammation.

ଜଲ୍ଲା—ଦେ. ବି—ଜହ୍ଲା (ଦେଖ)
Ja<u>l</u>ā Jahlā (See)

ଜଳା(ଳେ)ଇବା—ଦେ. କ୍ରି. (ସଂ. ଜ୍ୱଲ୍ ଧାତୁ)—
Ja<u>l</u>ā(e)ibā ୧ । ପ୍ରଜ୍ୱଳିତ କରିବା; ନିଆଁ ଲଗାଇବା—
ଜ୍ୱାଲାନ; ଜାଲାନ 1. To light up; to set fire to; to
ଜାଲନା; ଜହାନା kindle up.
(ଯଥା—ଦୀପ ଜଳାଇବା, ଚୁଲି ଜଳାଇବା ।)
୨ । ଅଗ୍ନିକୁ ତେଜିବା—2. To blaze a fire.
୩ । (ଲକ୍ଷଣାର୍ଥ) ଜ୍ୱାଲା ଦେବା; ବିରକ୍ତ କରିବା—
3. (figurative) To torment; to vex; to cause pain.
୪ । ପୋଡ଼ି ଦେବା—4. To burn up; to cremate.
(ଯଥା—ଶବ ଜଳାଇବା ।)

ଜଳାକବାଟ—ଦେ. ବି. (ସଂ. ଜାଲକବାଟକ)—ଝରକା; ଗବାକ୍ଷ—
Ja<u>l</u>ā-kabāta Window; latticed window.
ଝରକା; ଝରୋକା
ଜାଲୀ; ଝରୋଖା

ଜଳାକବାଟି—ଦେ. ବି. (ସଂ. ଜାଲକବାଟକ)—ଜଳାକବାଟ (ଦେଖ)
Ja<u>l</u>ā-kabāti Ja<u>l</u>ā-kabāta (See)

ତା ଦେଖି ବାତୁଳ ମୁହିଁ
ଜଳାକବାଟ ବାଟେ ଗୁହିଁ । ଜଗନ୍ନାଥ. ଭାଗବତ ।

ଜଳାକା—ସଂ. ବି. ସ୍ତ୍ରୀ. (ଜଳ+ଅକ୍ ଧାତୁ=ଗମନ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ)—ଜଳୌକା; ଜୋକ—Leech.
Ja<u>l</u>ākā

ଜଳାଖୁ—ସଂ. ବି. (୬ଷ୍ଠୀ ତତ୍; ଜଳ+ଆଖୁ=ମୂଷିକ)—
Ja<u>l</u>ākhu ଜଳମାର୍ଜାର; ଓଧ—Otter.

ଜଳାଗବାକ୍ଷ—ଦେ. ବି. (ସଂ. ଜାଲ+ଗବାକ୍ଷ)—ଜଳାକବାଟ (ଦେଖ)
Ja<u>l</u>ā-gabāksha Ja<u>l</u>ā-kabāta (See)

କୁଳବଧୂମାନେ ଜଳାଗବାକ୍ଷରେ ଗୁହିଁ । ଶିଶୁଶଙ୍କର ଉଷାଅଭିଳାଷ ।

ଜଳାଙ୍କ—ସଂ. ବି. (ଆଧୁନିକ ବ୍ୟବହାର; ଭୂଗୋଳପରିଭାଷା)—
Ja<u>l</u>āṅka ଯେଉଁ ଅଞ୍ଚଳରୁ ବର୍ଷାପାଣି ଗଡ଼ି ଆସି କୌଣସି ନଦୀରେ ପଡ଼େ—Water-shed.

ଜଳାଞ୍ଜଳି—ସଂ. ବି. (୬ଷ୍ଠୀ ତତ୍; ଜଳ+ଅଞ୍ଜଳି)—
Ja<u>l</u>āñjali ୧ । ପାଣିର ଅଞ୍ଜୁଳା; ଅଞ୍ଜଳିପରିମିତ ଜଳ—
1. A foldful of water; as much water as can be contained in the cupped palms of both the hands.
୨ । ଜଳତର୍ପଣ ସମୟରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅର୍ପିତ ଜଳ—2. Libations of handfuls of water offered to the manes.
୩ । ଶବଦାହ ପରେ ମୃତ ବ୍ୟକ୍ତିର ପ୍ରେତ ଉଦ୍ଦେଶ୍ୟରେ ଦିଆଯିବା ପାଣିର ଅଞ୍ଜୁଳା—3. Handful of water offered to the departed soul of a person during his obsequal rites.
୪ । (ଲକ୍ଷଣାର୍ଥ) (ଯେଉଁ ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଜଳାଞ୍ଜଳି ଦିଆଯାଏ ତା ସଙ୍ଗେ ଜଳାଞ୍ଜଳିଦାତା ସଂବନ୍ଧ ତ୍ୟାଗ କରି ଥିବା ଦୃଷ୍ଟିରେ) କୌଣସି ବିଷୟ ସଙ୍ଗେ ସମ୍ବନ୍ଧ ତ୍ୟାଗ—
4. Cutting off all connection with any thing.
(ଯଥା—ସେ ଟୋକାଟା ପଢ଼ାପଢ଼ିକୁ ଜଳାଞ୍ଜଳି ଦେଲାଣି ।)

ଜଳାଞ୍ଜଳି ଦେବା—ଦେ. କ୍ରି.—୧ । ପାଣିର ଅଞ୍ଜୁଳା ଦେଇ ତର୍ପଣ
Ja<u>l</u>āñja<u>l</u>i debā କରିବା—1. To cut off libations of
ଜଲାଂଜଲି ଦେଓୟା water to the manes by handfuls.
୨ । (ଲକ୍ଷଣାର୍ଥ)—ସମ୍ବନ୍ଧ ପରିତ୍ୟାଗ କରିବା—
2. (figurative) To give up all connection with; to wash one's hands free of a
ଜଲାଂଜଲି ଦେନା matter; to abandon any work.
(ଯଥା:—ନନ୍-କୋ-ଅପରେସନରେ ମାତିବା ଦିନରୁ ମୁଁ ପଢ଼ାରେ ଜଳାଞ୍ଜଳି ଦେଲିଣି ।)
୩ । (ଲକ୍ଷଣାର୍ଥ) ବିଦାୟ ଗ୍ରହଣ କରିବା—3. (figurative) To bid goodbye or farewell to.

ଜଳାତଙ୍କ—ସଂ. ବି. (ବହୁବ୍ରୀହି; ଜଳରେ ଆତଙ୍କ, ଯହିଁରେ ଅର୍ଥାତ୍ ଯେଉଁ
Ja<u>l</u>ātaṅka ରୋଗରେ ଜଳ ଦେଖିଲେ ଆତଙ୍କ ହୁଏ)—ରୋଗ-ବିଶେଷ—Hydrophobia.
[ଦ୍ର—ପାଗଳା ବିଲୁଆ ବା କୁକୁର କାମୁଡ଼ିଲେ ମଣିଷର ଏ ରୋଗ ହୁଏ । ରୋଗୀ ପାଣି ଦେଖିଲାକ୍ଷଣି ଡରେ ।]

ଜଳାତନ—ଦେ. ବିଣ. (ସଂ. ଜ୍ୱାଳା; ବଙ୍ଗଳାରୁ ଅନୁକୃତ)—୧ । ଅତିଶୟ
Ja<u>l</u>ātana ବିରକ୍ତ—1. Much worried; bothered.
ଜ୍ୱାଲାତନ ୨ । ଅତିଶୟ କଷ୍ଟପ୍ରାପ୍ତ—2. Distressed.
ତଙ୍ଗ

ସାଧାରଣ ଲୋକେ ଅନେକ ସ୍ଥଳରେ ସବୁ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗଂଧ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜଳାତି—ଦେ. ବି. (ସଂ. ଜଳାତ୍ୟୟ)—ଶରତ୍‌କାଳ—
Jaḻāti — Autumn; end of the rains.

ବାଳା ଜଳାହଳଗିଲା ନୂଳାଭରଣ କୋମଳା ଜଳାତନମାଳାବଚସ୍ଥଳା ।
ଦଶମୂର୍ତ୍ତି ସଙ୍ଗୀତ ।

ଜଳାତ୍ୟୟ—ସଂ. ବି.—(ବହୁବ୍ରୀହି; ଜଳ+ଅତ୍ୟୟ)—୧ । ଶରତ୍‌କାଳ—
Jaḻātyaya — 1. Autumn.
୨ । ଜଳନିଃସରଣ—
2. The flowing or coming out of water.

ଜଳାଧାର—ସଂ. ବି. (୬ଷ୍ଠୀ ତତ୍; ଜଳ+ଆଧାର)—୧ । ଜଳପାତ୍ର—
Jaḻādhāra — 1. A vessel or receptacle of water.
୨ । ଜଳାଶୟ; ପୋଖରୀ—
2. Tank; reservoir of water; pond.
୩ । ସମୁଦ୍ର—3. The sea.
ସଂ. ବିଣ.—(ବହୁବ୍ରୀହି)—ଜଳସ୍ଥିତ—
Situated in water.

ଜଳାଧିପ—ସଂ. ବି. (୬ଷ୍ଠୀ ତତ୍; ଜଳ+ଅଧିପ)—୧ । ବରୁଣ—
Jaḻādhipa — 1. The water-god; Baruṇa.
(ଜଳାଧିପତି; ଜଳାଧୀଶ—ଅନ୍ୟରୂପ) ୨ । ସମୁଦ୍ର—
2. The ocean.

ଜଳାର୍ନବ—ଗ୍ରା. ବି. ଓ ବିଣ.—(ସଂ. ଜଳ ଓ ଅର୍ଣ୍ଣବ)—
Jaḻānnaba — ଜଳାର୍ଣ୍ଣବ (ଦେଖ)
Jaḻārṇṇaba (See)

ଜଳାପୋଡ଼ା—ଦେ. ବି.— (ସଂ ଜ୍ୱାଳା ଓ ପ୍ରଦାହ)—ଶରୀରର ପ୍ରଦାହ—
Jaḻā-porḍā — Burning sensation in the body; inflammation; smarting pain.
জ্বলাপুড়া
जलन, दाह

ଜଳାବର୍ତ୍ତ—ସଂ. ବି. (୬ଷ୍ଠୀ ତତ୍; ଜଳ+ଆବର୍ତ୍ତ)—ଜଳର ଭଉଁରି—
Jaḻābartta — Whirlpool; eddy.

ଜଳାର୍ଣ୍ଣବ—ସଂ. ବି. (୬ଷ୍ଠୀ ତତ୍; ଜଳ+ଅର୍ଣ୍ଣବ)—୧ । ସମୁଦ୍ର—
Jaḻārṇṇaba — 1. The sea.
୨ । ବର୍ଷାକାଳ—2. The rainy season.
ଦେ. ବି.—(ବର୍ଷା ବା ବଢ଼ି ଯୋଗୁଁ ସମୁଦ୍ର ପରି) ସବୁ ଅଢ଼େ ପାଣି ଘୋଟିଯିବା ଅବସ୍ଥା—2. Water pervading the whole country; the state of a country being flooded with water.
ବିଣ.—ପାଣିରେ ଛନଛନ; ଜଳମୟ—(a country) With water spreading through the length and breadth (of it).

ଜଳାର୍ଥୀ—ସଂ. ବିଣ. ପୁଂ. (ଉପପଦ ତତ୍; ଜଳ+ଅର୍ଥିନ; ୧ମା. ୧ବ.)
Jaḻārthī — ଜଳ ପାଇଁ ଅପେକ୍ଷିତ—
(ଜଳାର୍ଥିନୀ—ସ୍ତ୍ରୀ) Waiting for water.

ଜଳାର୍ଦ୍ର—ସଂ. ବିଣ. (୩ୟା ତତ୍; ଜଳ+ଆର୍ଦ୍ର)—ଜଳସିକ୍ତ; ଓଦା—
Jaḻārdra — Wet; moistened.

ଜଳାଶୟ—ସଂ. ବି. (୬ଷ୍ଠୀ ତତ୍; ଜଳ+ଆଶୟ)—୧ । ହ୍ରଦ; ତଡ଼ାଗ; ପୋଖରୀ—1. A reservoir of water; lake; pond.
Jaḻāśaya
୨ । ବରୁଣ ଦେବ—2. An epithet of Baruṇa.
୩ । ବିଷ୍ଣୁ—3. An epithet of Bishṇu.

ଜଳିଆ—ଦେ ବିଣ.—(ସଂ. ଜଳୀୟ)—୧ । ଜଳପୂର୍ଣ୍ଣ—
Jaḻiā — 1. Full of water; watery.
୨ । ପାଣିଆଁ; ଜଳ ପରି ପତଳା—2. Fluid; liquid.
ବି. ପୁଂ—ଜଳଧରର ଅନାଦରାର୍ଥ ଡାକ ନାମ—A name by which a person named Jaḻadhara is vulgarly called.

ଜଳିଉଠିବା—ଦେ. କ୍ରି.—୧ । (ପ୍ରଜ୍ୱଳିତ ଅଗ୍ନିର) ଶିଖା ଉପରକୁ ଉଠିବା—
Jaḻi-uṭhibā — 1. The blazing of a fire.
জ্বলে উঠা
ଦେ. କ୍ରି.—ଅଗ୍ନିମୟ ହେବା—
जल उठना — To break out into fire.
(ଯଥା—ସାମାନ୍ୟ ଉତ୍ତାପ ପାଇଲେ ଫସ୍‌ଫରସ୍ ଜଳି ଉଠେ ।)

ଜଳିବା—ଦେ. କ୍ରି. (ସଂ. ଜ୍ୱଲ ଧାତୁ)—୧ । ପ୍ରଦୀପ୍ତ ହେବା; ଅଗ୍ନିଯୁକ୍ତ ହେବା; ପ୍ରଜ୍ୱଳିତ ହେବା—
Jaḻibā
জ্বলা — To be kindled; to burn.
जलना

ଜଳନ୍ତ ପଦ୍ମର ସାପେ
(ଲିଭିବା—ବିପରୀତ) ଦନ୍ତ ଚକ୍ର ତ ଦୀପତେ । ଜଗନ୍ନାଥ. ଭାଗବତ ।

୨ । ଦେଦୀପ୍ୟମାନ ହେବା; ଦାଉଦାଉ ହେବା—
2. To glitter; to shine; to be dazzling.

ଯୋଧାବଳେ ଜଳେ ଚକ୍ଷୁ ଭୀଷଣ ଆକାର । ମଧୁସୂଦନ. ବାଲ୍ମୀକିରାମାୟଣ ।
ସୂର୍ଯ୍ୟ ଚନ୍ଦ୍ର, ନକ୍ଷତ୍ର ରଜନୀ ଦିବାରେ
ଜଳନ୍ତି ସକଳ ପ୍ରଭୁଙ୍କ ଶାସନରେ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

জ্বলা — ୩ । ଜଳାପୋଡ଼ା କରିବା; (ଶରୀର) ପ୍ରଦାହ କରିବା—
जलना, दीपना — 3. To feel burning sensation in the body; to feel inflammation or burning pain.
ଜଳାଇବା } ଣିଜନ୍ତରୂପ
ଜଳେଇବା }

କର୍କୋଟକ ନାଗ ପୁଣି ଦେବାଇଛି
ଏଣୁ ଅତଏବ ଯାକ ମୋର ଜଳୁଛି । କୃଷ୍ଣସିଂହ. ମହାଭାରତ ବନ ।

(ଲିଭିବା—ବିପରୀତ) ୪ । ଶିଖାଯୁକ୍ତ ହେବା—
4. To blaze; to burn with a flame.
୫ । ପ୍ରଚଣ୍ଡ ହେବା—5. To become furious.

ଏଣୁ ଅତି କ୍ରୋଧରେ ଜଳିଲେ ସେ ଯତି । କୃଷ୍ଣସିଂହ. ମହାଭାରତ ବନ ।

୬ । ପୋଡ଼ିଯିବା; ଦଗ୍ଧ ହେବା—6. To be burnt.
୭ । (ଲକ୍ଷଣାର୍ଥ) ଈର୍ଷାରେ ଦଗ୍ଧ ହେବା ବା କ୍ଳିଷ୍ଟ ହେବା—
7. (figurative) To be afflicted with envy.
[ଦ୍ର—ଜଳିବା କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ଯିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

୧	ଇ	ଉ	ଋ,ଋୁ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଣ,ଷ	ଙ୍କ	ଇଚ୍ଛ	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ୱ	ନ୍ତ

ଜଳିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜଳିବା (ଦେଖ)
Jalibā Jalibā (See)

ଜଳିଯିବା—ଦେ. କ୍ରି—୧ । ପୋଡ଼ିଯିବା; ଜଳକର ଭସ୍ମ ହୋଇଯିବା—
Jali-jibā 1. To be burnt to ashes.
जलेषाओवा କବଚ ସବୁ ସେବକଙ୍କର ଗଲା ଜଳ
जलजाना ଦେଖି ସହଦେବ ବସିଲେ ମନେ ଭଳ ।
କୃଷ୍ଣସିଂହ. ମହାଭାରତ. ବନ ।
୨ । (ଲକ୍ଷଣାର୍ଥ) କ୍ଲିଷ୍ଟ ହେବା—
2. (figurative) To be afflicted.

ଜଳିଲା—ଦେ. ବଣ—ଜ୍ୱଳନ୍ତ; ଜଳୁଥିବା; ପୋଡ଼ି ଯାଇଥିବା—
Jalilā Burning; burnt.
जलन्त ଯେହ୍ନେ ଜୀବଦାତା ଜଳନ୍ତ ପୁରୁଷେ ଏକଥା ନୋହେଇ ।
जलता हुआ ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜଳି—ଦେ. ବ. (ସଂ. ଜଳ)—୧ । ପରଖା; ଗଡ଼ଖାଇ—
Jali 1. Moat.
खाई ତୁରଙ୍ଗବଳ ଜଣ ଦେଲା ଜଳ ଯୋଡ଼
खाँई ସେନାର ଗୁରପଃ ଯାକ କଲେ ଜଳୀ ।
କୃଷ୍ଣସିଂହ. ମହାଭାରତ. ଉଦ୍ୟୋଗ ।
୨ । ଜଳପାଟ; ଜଳାଭୂମି; ଜୋଡ଼—2. Fen; bog.
ଏ ଅବ ଗହନ ପାଦପେ ଗହଳ ଥିଲା ସେ ସ୍ଥଳୀ
ସରୋଜାଳଂକୃତ ଠାବେ ଠାବେ ଥିଲା ସଜଳ ଜଳୀ । ସ୍ୱଧାକାଥ ।

ଜଳୁଆ—ଦେ ବଣ. (ସଂ. ଜଳୀୟ)—୧ । ପାଣିଚିଆ; ପାଣିପର—
Jaluā 1. Watery.
୨ । ଜଳାର୍ଦ୍ର—2. Wet; moistened with water.
୩ । (ସଂ. ଜ୍ୱାଳା) ଯାହାଦ୍ୱାରା ପୋଡ଼ାଜଳା ହୁଏ —
3. Producing inflammation or burning pain.

ଜଳୁକ—ସଂ. ବ. (ଜସ୍ ଧାତୁ=ରକ୍ତମୋଚନ କରିବା + ସଂଜ୍ଞାର୍ଥେ. ଉକ;
Jaluka ସ ସ୍ଥାନରେ ଲ)—ଜୋକ—Leech.

ଜଳୁଖୋଗା—ଦେ. ବ. (ନାମ)—ହିମାଳୟର ଗୋଟିଏ ଗିରି ସଙ୍କଟ—
Jalukhogā Name of a pass of the Himalayas.
[ଦ୍ର—ସ୍ୱାମୀ ରାମାନନ୍ଦ ନାମକ ବଙ୍ଗଳା ଗ୍ରନ୍ଥ ୨୨୨ପୃଷ୍ଠା ।]

ଜଳୂକା—ସଂ. ବ. (ଜସ୍ ଧାତୁ + ସଂଜ୍ଞାର୍ଥେ ଊକ)—
Jalūkā ଜୋକ—Leech.

ଜଳେଇ ପୋଡ଼େଇ ମାରିବା—ଦେ. କ୍ରି—ଜାଳି ପୋଡ଼ି ମାରିବା (ଦେଖ)
Jalei pordei māribā Jāli pordi māribā (See)

ଜଳେଚର—ସଂ. ବ. (ଅଲୁକ୍ ସମାସ; ଜଳେ+ଚର ଧାତୁ+କର୍ତ୍ତୃ. ଅ)—
Jale-chara ଜଳଚର (ଦେଖ)
Jala-chara (See)

ଜଳେନ୍ଧନ—ସଂ. ବ. (ଜଳ + ଇନ୍ଧନ; ବହୁବ୍ରୀହି)—ବଡ଼ବାନଳ—
Jalendhana Submarine fire.

ଜଳେଶ—ସଂ. ବ. (୬ଷ୍ଠୀ ତତ୍; ଜଳ+ଈଶ)—୧ । ବରୁଣ—
Jaleśa 2. The sea-god.
୨ । ସମୁଦ୍ର—2. Ocean.

ଜଳେଶୟ—ସଂ. ବ. (ଅଲୁକ୍ ସମାସ; ଜଳେ + ଶୀ ଧାତୁ+କର୍ତ୍ତୃ. ଅ)—
Jale-śaya ୧ । ବିଷ୍ଣୁ—1. Bishnu.
୨ । ମତ୍ସ୍ୟ—2. Fish.
୩ । ସମୁଦ୍ର—3. The ocean.
ସଂ. ବଣ—ଜଳସ୍ଥିତ—Situated in water.

ଜଳେଶ୍ୱର—ସଂ. ବ—ଜଳେଶ (ଦେଖ)
Jaleswara Jaleśa (See)
ଦେ. ବ—ବାଲେଶ୍ୱର ଜିଲ୍ଲାର ଗୋଟିଏ ଥାନା ଓ ଗ୍ରାମ—
Name of a police station and village in Balasore district.

ଜଳୋଚ୍ଛ୍ୱାସ—ସଂ. ବ. (୬ଷ୍ଠୀ ତତ୍; ଜଳ + ଉଚ୍ଛ୍ୱାସ)—୧ । ଜୁଆର—
Jalochchhwāsa 1. Flow-tide.
୨ । ଢେଉ—2. Wave.

ଜଳୋଦର—ସଂ. ବ. (ବହୁବ୍ରୀହି; ଜଳ + ଉଦର)—ଜଳୋଦରୀ (ଦେଖ)
Jalodara Jalodarī (See)

ଜଳୋଦରୀ—ଦେ. ବ. (ସଂ. ଜଳୋଦର)—ଉଦରୀ ରୋଗ; ଉଦରର
Jalodarī ଜଳବୃଦ୍ଧି ରୋଗ—Dropsy.
जलोदरी
जलन्दर, जिलन्दर

ଜଳୌକା—ସଂ. ବ. (ବହୁବ୍ରୀହି; ଜଳ + ଓକସ୍ = ବାସସ୍ଥାନ)—ଜୋକ—
Jalaukā Leech.

ଜଳ୍ପ (ଧାତୁ)—ସଂ.—ଗପିବା—
Jalp (root) To talk.

ଜଳ୍ପ—ସଂ. ବ. (ଜଳ୍ପ ଧାତୁ+ଭାବ. ଅ)—୧ । ଗପିବା; କଥନ—
Jalpa 1. Talking.
୨ । ପରମତ ଖଣ୍ଡନପୂର୍ବକ ସ୍ୱମତ ସ୍ଥାପନ—2. Assertion of one's view-point by meeting that of another person.
୨ । ଗପ; ଉକ୍ତି—2. Talk; speech.
କେବେହେଁ ଅସାଧୁକୁ ନ କହିବ ଜଳ୍ପ । କୃଷ୍ଣସିଂହ. ମହାଭାରତ. ବନ ।
୩ । ବହୁଭାଷଣ; ବାଚାଳତା; ଅନେକ କହିବା ବା ଗପିବା—
3. Chattering; partling.
୪ । ବୃଥା ଭାଷଣ—4. Gossiping; idle talk.
୫ । ପ୍ରଗଲ୍‌ଭତା—5. Talkativeness; wrangling.
[ଦ୍ର—ଏହାର ପର୍ଯ୍ୟାୟରେ ବ୍ୟବହୃତ ଅକାର ଜଳପ, ଜଳପନ ଓ ଜଳପକା ।]

ଜଳ୍ପକ—ସଂ. ବଣ.ପୁଂ.(ଜଳ୍ପ ଧାତୁ+କର୍ତ୍ତୃ. ଅକ)—ବାଚାଳ;ବହୁଭାଷୀ—
Jalpaka Chattering; prattling; garrulous.
(ଜଳ୍ପିକା—ସ୍ତ୍ରୀ)

ଜଳ୍ପନ—ସଂ. ବ. (ଜଳ୍ପ ଧାତୁ+ଭାବ. ଅନ)—ଜଳ୍ପ (ଦେଖ)
Jalpana Jalpa (See)

ସାଧାରଣ ଲେଖେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିତ 'ଡପସ୍ଥିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଦେ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୃଷ' ନ ମିଳିଲେ 'ଭୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ; 'ଚଳବା' ନ ପାଇଲେ 'ଅଳ୍ପବା' ଦେଖିବେ

ଜଳ୍ପନା—ସଂ. ବି. (ଜଳ୍ପ ଧାତୁ + ଭାବ. ଅନ. + ଆ)—ଜଳ୍ପ (ଦେଖ)
Jalpanā — Jalpa (See)

ଜଳ୍ପନା କଳ୍ପନା—ସଂ. ବି. (ସହଚର ଶବ୍ଦ)—କୌଣସି କାର୍ଯ୍ୟ କରିବା
Jalpanā kalpanā — ଉଦ୍ଦେଶ୍ୟରେ ମୁହଁରେ ପ୍ରକାଶ କରିବା ଓ ମନରେ କଳ୍ପନା ବା ଚିନ୍ତା କରିବା—Talking and contemplation of a matter.

[ଦ୍ର—ଅଉହିତ ଓ ବାକ୍ୟରେ ପ୍ରକାଶିତ କୌଣସି ବିଷୟ କାର୍ଯ୍ୟତଃ ନ କଲେ 'ଉକ୍ତ ବିଷୟଟି କେବଳ ଜଳ୍ପନା କଳ୍ପନାରେ ଶେଷ ହେଲା' ବୋଲି ଯାଇ ଥାଏ ।

ଏ ଶବ୍ଦର ସାଧାରଣ ବ୍ୟବହାର କଳ୍ପନା-ଜଳ୍ପନା । କାରଣ, ସବୁ କାର୍ଯ୍ୟକୁ ପ୍ରଥମେ ମନ ମଧ୍ୟରେ କଳ୍ପନା କରାଯାଏ ଓ ପରେ ତାହା ମୁଖରେ ପ୍ରକାଶ କରି ଯାଇ ଥାଏ ଓ ସବୁ ଶେଷରେ ତାହା କାର୍ଯ୍ୟରେ ପରିଣତ କରି ଯାଇ ଥାଏ ।]

ଜଳ୍ପାକ—ସଂ. ବି. (ଜଳ୍ପ ଧାତୁ + କର୍ତ୍ତୃ. ଆକ)—ଜଳ୍ପକ (ଦେଖ)
Jalpāka — Jalpaka (See)
(ଜଳ୍ପାକୀ—ସ୍ତ୍ରୀ)

ଜଳ୍ପିତ—ସଂ. ବିଣ. (ଜଳ୍ପ ଧାତୁ + କର୍ମ. ତ)—୧ । ଗପ କରି ଯାଇ
Jalpita — ଥିବା (ବିଷୟ)—1. Talked of (matter).
୨ । କଥିତ; ପ୍ରସ୍ତାବିତ—3. Spoken of; proposed.
ସଂ. ବି. (+ଭାବ. ତ)—ଜଳ୍ପ (ଦେଖ)
Jalpa (See)

ଜଳ୍ପିବା—ଦେ. (ପଦ୍ୟ) କ୍ରି.—(ସଂ. ଜଳ୍ପ ଧାତୁ)—ବୃଥା ଗଳ୍ପ କରିବା—
Jalpibā — To be engaged in idle talk.
ଜଲ୍ପنا — ଅସନ୍ତ ପ୍ରକବ ଦଳ ଜଳ୍ପି ନାନା ମତେ । ଜଗନ୍ନାଥ, ମହାଯାତ୍ରା ।
जल्पना

ଜଲ୍ଲା—ଦେ. ବିଣ.—(ସଂ. ଉଜ୍ଜ୍ୱଳ)—ଉଜ୍ଜ୍ୱଳ—
Jallā — Bright.
ଜିଲ୍ଲା — ଜଲ୍ଲା ଦରପଣ ବରି ବଶୁଛ ପ୍ରକଃ—ପ୍ରାଚୀ. ବୃନ୍ଦାବନଭୂଷଣଗୀତା ।
ଜିଲ୍ଲା — ଜହ୍ଲା (ଦେଖ)
Jahlā (See)

ଜଲ୍ଲାଦ୍—ବୈଦେ. ବି. (ଫା)—ଯେଉଁ ସରକାରୀ ରାଜାଦେଶରେ ମୃତ୍ୟୁ-
Jallād — ଦଣ୍ଡରେ ଦଣ୍ଡିତ ଅପରାଧୀର ମୁଣ୍ଡ କାଟେ—
ଜଲ୍ଲାଦ — A public executioner.
जल्लाद्
(ଜଲ୍ଲାଦ—ଅନ୍ୟରୂପ)

ଜହ୍ଲା—ଦେ. ବି—ଏକ ପ୍ରକାର ସାନ ରୂପାପାଙ୍କିଆ ପରି; ପତଳା ମାଛ;
Jahlā — ଖଙ୍କାରଖାଇ ମାଛ—A kind of small fresh-water-fish.

[ଦ୍ର—ଏମାନଙ୍କ ଦେହରେ ଶ୍ଳେଷ୍ମ ନାହିଁ ଅଛି, ଦେହ ଚେପ୍ଟା, ପିଠି ନେଳିଆ । ଏମାନେ ପାଣି ଉପରେ ବିଚରଣ କରି ବଡ଼ ଲେଉଟାଇବା ବେଳେ ରୂପା ପାଙ୍କିଆ ପରି ଦେଖା ଯାଆନ୍ତି । ଏମାନେ ଲମ୍ବରେ ୮।୧୦ ଇଞ୍ଚ ପର୍ଯ୍ୟନ୍ତ ବଢ଼ନ୍ତି ।]

ଜଶମ୍—ବୈଦେ. ବି. (ଫା. ଜୌସନ୍=ପୋଖରାଜ ପଥର; ବୋଧ ହୁଏ
Jaśam — ପୂର୍ବେ ଅଳଙ୍କାରରେ ପୋଖରାଜ ପଥର ବସୁଥିଲା)—
ଜଶମ — ସ୍ତ୍ରୀମାନଙ୍କର ବାହୁରେ ପିନ୍ଧିବା ଅଳଙ୍କାରବିଶେଷ;
जशम — ଅନନ୍ତକଡ଼ା—An ornament for the arm; armlet.

ଜସ (ଧାତୁ)—ସଂ—୧ । ବଧ କରିବା—
Jas (root) — 1. To kill.
୨ । ଅଘାତ କରିବା—2. To strike.
୩ । ଅପମାନ କରିବା—3. To insult.

ଜସୁରି—ସଂ. ବି. (ଜସ୍ ଧାତୁ + କର୍ତ୍ତୃ. ଉରି)—ବଜ୍ର; ଚଡ଼ଚଡ଼ି—
Jasuri — Thunderbolt.

ଜସ୍ତା—ଦେ. ବି. (ସଂ. ଯଶଦ୍)—
Jastā — ଦସ୍ତା; ରୂପା ପରି ଧଳା ଧାତୁବିଶେଷ—
ଦସ୍ତା — Zinc; pewter.
जस्ता — [ଦ୍ର—୫ ଭାଗ ରଙ୍ଗା ଓ ଏକ ଭାଗ ସୀସା ମିଶ୍ରିତ କରି ଏହା ପ୍ରସ୍ତୁତ ହୁଏ । ତମ୍ବା ସଙ୍ଗେ ଦସ୍ତା ମିଶାଇଲେ କଂସା ଓ ପିତଳ ହୁଏ ।]

ଜହ—ପ୍ରାଦେ. ବିଣ. (ସମ୍ବଲପୁର) (ସଂ. ଯଥେଷ୍ଟ)—
Jaha — ପ୍ରଚୁର; ଯଥେଷ୍ଟ—Sufficient.

ଜହକ—ସଂ. ବିଣ. ପୁଂ. (ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଅକ)—
Jahaka — ପରିତ୍ୟାଗକାରୀ—Forsaking; deserting.
ବିଣ—୧ । ସମୟ; କାଳ—1. Time.
୨ । ବାଳକ—2. A boy.
୩ । (+ କର୍ମ. ଅକ) ସାପକାତି—
3. The slough of a snake.

ଜହନ—ପ୍ରା. ବି. (ପ୍ରାଚୀନ ପଦ୍ୟ) (ସଂ. ଜଘନ)—ଅଣ୍ଟା; କଟି—
Jahana — Waist.
ଜହନେ ଘଃନ କଲେ କାଞ୍ଚଦାମ ମାଳେ । ପ୍ରାଚୀ. ରସବାରିଧି ।

ଜହର—ବୈଦେ. ବି. (ଫା. ଜହର୍; ମୂଳ. ସଂ. ଗରଳ)—
Jahara — ୧ । ବିଷ; ଗରଳ—1. Poison.
ଜହର — ୨ । ପ୍ରାଣନାଶକ ବିଷ—1. Fatal poison.
जहर — ଘଡ଼ିକା ଉଦରରେ ଅବଶ୍ୟ ଜହରେ ତୋ ସେନା ଅସ୍ୱାଗା ହୋଇଲୁରେ । କବିସୂର୍ଯ୍ୟ. ବଳୋଭଦ୍ରଶ୍ଚ. ସଙ୍ଗୀତ ।
୩ । (ଫା. ଜହର୍) ବହୁ ମୂଲ୍ୟ ଚକଚକିଆ କ୍ଷୁଦ୍ର ପ୍ରସ୍ତରଖଣ୍ଡ; ରତ୍ନ; ମଣି—3. Gem; precious stone.
ଦେ. ବି—ରାଜପୁତାନାର ସ୍ତ୍ରୀମାନେ ଶତ୍ରୁକବଳର ସ୍ୱାମୀଙ୍କ ମୃତ୍ୟୁ ପରେ ଯେଉଁ ଅଗ୍ନିକୁଣ୍ଡରେ ପଶି ନିଜର ସତୀତ୍ୱ ରକ୍ଷା କରୁଥିଲେ—Self-immolation by Rajput women by throwing themselves into

୧	ଇ	ଓ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍ବ	ଉଥ	ଞ୍ଚ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଝ	ନ୍

blazing fire to save themselves from outrage by Mahomedan conquerers.

ପ୍ରାଦେ. (ଗଞ୍ଜାମ; ସମ୍ବଲପୁର) ବଣ—ଯଥେଷ୍ଟ; ପର୍ଯ୍ୟାପ୍ତ—
Sufficient; enough.

ଜହର ଅନଳ—ଦେ. ବି—(ପ୍ରାଣନାଶାର୍ଥ ବ୍ୟବହୃତ ଦୁଇ ବସ୍ତୁ) ବିଷ ଓ
Jahara anaḻa ଅଗ୍ନି—Poison and fire (used for committing suicide).

ଜହର ଖାଇଲା ପରି ହେବା—ଦେ. କ୍ରି—ଅତ୍ୟନ୍ତ ବ୍ୟାକୁଳିତ ହେବା-
Jahara khāilā pari hebā To writhe in agony.

ଜହର ଚଢ଼ା(ଢେ଼)ଇବା—ଦେ. କ୍ରି—ଜହର ଦେବା (ଦେଖ)
Jhara chardhā(e)ibā Jahara debā (See)
জহর চঢ়ান
जहर चढ़ाना

ଜହରଜାଳା—ଦେ. ବି. (ଫା. ଜହର + ସଂ. ଜ୍ୱାଳା)--ବିଷପାନ କରିଥିବା
Jahara-jāḻā ବ୍ୟକ୍ତିର ଅନୁଭୂତ କଷ୍ଟ—The pangs felt by a poisoned person.

ଜହରତି—ବୈଦେ. ବି. (ଅ. ଜଓହର)—ମଣିମୁକ୍ତାଦି ନାନାଜାତୀୟ
Jaharati ବହୁମୂଲ୍ୟ ପ୍ରସ୍ତର—Jewellery.
জহরাৎ ବଣ—ମଣିମୁକ୍ତାଦିସମ୍ବନ୍ଧୀୟ—
जहुआर; जवाहिर Pertaining to jewellery.

ଜହର ଦେବା—ଦେ. କ୍ରି—କୌଣସି ବ୍ୟକ୍ତିପ୍ରତି ଔଷଧ ବା ଖାଦ୍ୟାଦି
Jahara debā ସହିତ ବିଷ ପ୍ରୟୋଗ କରିବା—
জহর দেওয়া To administer poison to another person
जहर देना (with food or medicine)

ଜହରପଟି—ବୈଦେ. ବି. (ଫା)—ବିଷ ମଡ଼ା ହୋଇଥିବା କାଗଜ ବ
Jahara-pati ଖଣ୍ଡ—A poultice besmeared with poison.
জহরপটী
जहरपट्टी

ଜହରବ୍ରତ—ଦେ. ବି—ରାଜପୁତ ରମଣୀମାନଙ୍କର ସତୀତ୍ୱ ରକ୍ଷା କରିବା
Jahara-brata ନିମନ୍ତେ ଅଗ୍ନିକୁଣ୍ଡରେ ପଡ଼ି ବା ବିଷପାନଦ୍ୱାରା
জহরব্রত ଜୀବନ ହରାଇବାରୂପ ବ୍ରତ—The vow of Rājaput
जहरव्रत females for keeping their chastity unsullied from forcible attacks by throwing themselves into fire or taking poison.

ଜହରମହୁରା—ଦେ. ବି—ଜାରମହୁରା (ଦେଖ)
Jahara-mahurā Jāra-mahurā (See)

ଜହରାତ୍—ବୈଦେ. ବି. (ଅ. ଜହର; ଜଓହର; ଜୱାହିର (ଫା) ଗଓହର; ମୂଳ. ସ. ଗହ୍ୱର)—
Jaharāt
জহরাৎ ୧ । ଖଣିଜ ବହୁମୂଲ୍ୟ ପ୍ରସ୍ତର; ବହୁମୂଲ୍ୟ ମଣିମୁକ୍ତାଦି—
जवाहीर; जवाहीरात 1. Jewels; gems.
୨ । ମଣିମୁକ୍ତାଖଚିତ ଅଳଙ୍କାର—
2. Jewellery; ornaments set with gems.

ଜହରି—ବୈଦେ. ବଣ. (ଫା. ଜଓହରୀ)—
Jahari ୧ । ଜହର ପରି କଟୁ ବା ଅତ୍ୟୁଗ୍ର—
জহুরী 1. Very irritating like poison.
जउहरी (ଯଥା—ଜହରି ଲଙ୍କାମରିଚ ।)
(ଜହରିଆ—ଅନ୍ୟରୂପ) ୨ । ବିଷବ୍ୟବସାୟୀ—
2. A dealer in poison.
୩ । ଯେ ଅନ୍ୟ ବ୍ୟକ୍ତିକୁ ବିଷ ପ୍ରୟୋଗ କରେ—
3. Administering poison to another person.
୪ । ବହୁମୂଲ୍ୟ ମଣିରତ୍ନାଦିର ବ୍ୟବସାୟୀ—
4. Dealing in jewellery.
୫ । ଜବରଦସ୍ତିଆ; ଜବ୍ରଦସ୍ତ—5. Using force.
ବୈଦେ. ବି—ମଣିରତ୍ନ ବ୍ୟବସାୟୀ ବ୍ୟକ୍ତି—A jeweller.

ଜହରି ଚମ୍ପା—ଦେ. ବି. (ଅଧୁନିକ ପ୍ରୟୋଗ)—ଚମ୍ପକାଦି ବର୍ଗର
Jahari champā ଶ୍ରେଷ୍ଠ ପୁଷ୍ପବିଶେଷ—Magnolia.
জহরীচাঁপা [ଦ୍ର—ସନ୍ଧ୍ୟାବେଳେ ପତ୍ର ଗହଳରେ ଲୁଚି ଫୁଟିଥିବା
जहरीचंपा ଏ ଫୁଲର ଗନ୍ଧ ବହୁଦୂର ଚହଟେ । ଫୁଲ ଧଳା ଓ ପାଖୁଡ଼ା ମୋଟା ।]

ଜହରି ଲଙ୍କାମରିଚ—ଦେ. ବି—ଛୋଟ ସରୁଆ ଧାନୁଆଁ ଲଙ୍କାମରିଚ—
Jahari lankāmaricha A kind of very pungent and fiery tiny long pepper.

ଜହଲ୍—ପ୍ରାଦେ. (ସମ୍ବଲପୁର) ବି. (ମୂଳ. ଇଂ. ଜେଲ୍)—ପୁଲିସ୍
Jahal ଦ୍ୱାରା ମାଜିଷ୍ଟ୍ରେଟଙ୍କ ନିକଟକୁ ଅଭିଯୁକ୍ତ ଅସାମୀର ଚାଲାଣ—
Being sent up by the police (said of an accused) to the magistrate.

ଜହାଁପନା—ବୈଦେ. ଅ. (ଅ. ଜହାଁପନା = ପୃଥିବୀପତି)—
Jahānpanā (ରାଜା ଓ ବଡ଼ଲୋକମାନଙ୍କୁ ସମ୍ବୋଧନ) ପ୍ରଭୁ !
জাহাঁপনা ମହିମା ! ହଜୁର !—Oh Lord ! your honor !
जहाँपना

ଜହୁରତି—ବୈଦେ. ବି. (ଅ. ଜହରତି)—ଜହରତି (ଦେଖ)
Jahurati Jaharati (See)

ଜହୁରା—ବୈଦେ. ବି. (ଅ)—ଜହରାତ୍ (ଦେଖ)
Jahurā Jaharāt (See)

ଜହୁରାତ୍—ବୈଦେ. ବି. (ଅ)—ଜହରାତ୍ (ଦେଖ)
Jahurāt Jaharāt (See)

ଜହୁରାତି—ବୈଦେ. ବି. (ଅ)—ଜହରତି (ଦେଖ)
Jahurāti Jaharati (See)

ଜହୁରି—ବୈଦେ. ବି. (ଫା. ଜଓହରୀ)—
Jahuri ୧ । ଯେ ବହୁମୂଲ୍ୟ ମଣିରତ୍ନାଦିର ବ୍ୟବସାୟ କରେ—
জহুরী 1. Jeweller; a dealer in precious stones.
जौहरी ୨ । ଯେ ମଣିମୁକ୍ତାଦିପରୀକ୍ଷା କରି ମୂଲ୍ୟ ନିରୂପଣ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

କରି ପାରେ—2. One who can test jewellery and gems and assign their proper value.

ଜହ୍ନ—ଦେ. ବି. (ସଂ. ଜ୍ୟୋତ୍ସ୍ନା)—୧ । ଚନ୍ଦ୍ରମା; ଚନ୍ଦ୍ର—
Jahna — 1. The moon.
চান্দ — ହେ ଜହ୍ନ ! ଦଣ୍ଡେ ଭୁହି ମୋ ମିନତି ଘେନ—ପ୍ରାଚୀ. ରସବାରିଧି ।
चन्द्रमा [ଦ୍ର—ଜହ୍ନ ମଧ୍ୟରେ ଲକ୍ଷିତ 'କଳଙ୍କ'କୁ ହିନ୍ଦୁମାନେ ମୃଗ ବା ଶଶକ ବୋଲି କଳ୍ପନା କରିଥିଲେ । ଏ ଦେଶର ସ୍ତ୍ରୀଲୋକମାନେ ଏହି କଳଙ୍କ ଦେଖାଇ ଶିଶୁମାନଙ୍କୁ କହନ୍ତି ଯେ ବୁଢ଼ୀ ବ୍ରାହ୍ମଣୀ-ବୁଢ଼ୀଟିଏ ବସି ଅରଟରେ ସୂତା କାଟୁଛି ।]
୨ । ଜ୍ୟୋତ୍ସ୍ନା; ଚନ୍ଦ୍ରକିରଣ—2. Moonlight.
୩ । ସ୍ତ୍ରୀଲୋକମାନଙ୍କୁ ଦିଆ ଯିବା ନାମ—
3. A name given to females.

ଜହ୍ନଆଲୁଅ—ଦେ. ବି. (ସଂ. ଜ୍ୟୋତ୍ସ୍ନା + ଆଲୋକ)—ଚନ୍ଦ୍ରକିରଣ;
Jahna-ālua — ଜ୍ୟୋତ୍ସ୍ନା—Moonlight.
[ଦ୍ର—ଶୁଭ୍ର ଜ୍ୟୋତ୍ସ୍ନାକୁ ଲୋକେ ଅନ୍ୟାନ୍ୟ ଶୁଭ୍ର ବା ଚୋପା ବା ଦୁଧଦିଆ ବସ୍ତୁ ସଙ୍ଗେ ତୁଳନା କରନ୍ତି; ଯଥା—ଦୁଧ ବା ରଣୀ ଫୁଲ ଯର, ଜହ୍ନିଫୁଲ ଭଳି, ପିଠଉ ଭଳି ଜହ୍ନ ପଡ଼ିଛି । କବିମାନେ ଚନ୍ଦ୍ରକିରଣକୁ ଅମୃତବତ୍, ଦଧିବତ୍ କଳ୍ପନା କରିଅଛନ୍ତି । ଶରତ୍‌କାଳରେ ଆକାଶ ନିର୍ମେଘ ଓ ନିର୍ମଳ ଥିବାରୁ ସେ ସମୟରେ ଚନ୍ଦ୍ରକିରଣ ବିଶେଷ ଶୁଭ୍ର ଦେଖାଯାଏ ।]

ଜହ୍ନ ଉଇଁବା—ଦେ. କି—ଚନ୍ଦ୍ରୋଦୟ—
Jahna uiṅbā — The rising of the moon.
চান্দ উঠা
चाँद उठना, चांद निकलना
(ଜହ୍ନ ଉଠିବା—ଅନ୍ୟରୂପ)

ଜହ୍ନ କାଣ୍ଠି ଲାଗିବା—ଦେ. କି—ଚନ୍ଦ୍ର ଅସ୍ତାଚଳୋନ୍ମୁଖ ହୋଇ ମଳିନ
Jahna kānṭhi lāgibā — ପଡ଼ିବା (କିନ୍ତୁ ପ୍ରକୃତରେ ଅସ୍ତ ହୋଇ ନ ଥିବ)—The moon about to set.

ଜହ୍ନପକ୍ଷ—ଦେ. ବି. (ସଂ. ଜ୍ୟୋତ୍ସ୍ନା ଓ ପକ୍ଷ)—ଶୁକ୍ଳପକ୍ଷ; ଅମାବାସ୍ୟା
Jahna-paksha — ପରଦିନଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ୧୫ ଦିନ—
চান্দপক্ষ — The bright fortnight of the lunar month.
चाँदनीपक्ष

ଜହ୍ନପଖ—ଗ୍ରା. ବି. (ସଂ. ଜ୍ୟୋତ୍ସ୍ନା ଓ ପକ୍ଷ)—
Jahna-pakha — ଜହ୍ନପକ୍ଷ (ଦେଖ)
Jahna-paksha (See)

ଜହ୍ନ ପଡ଼ିବା—ଦେ. କି—୧ । ଚନ୍ଦ୍ର ଆକାଶରେ ଦେଖାଯିବା—
Jahna parḏibā — 1. The appearance of the moon in the sky.
চাংদ পড়া
चाँदनी खिलना — ୨ । ଚନ୍ଦ୍ର କିରଣ ପୃଥିବୀରେ ପଡ଼ିବା—
2. The shinning of the moon on the face of the earth.

ଜହ୍ନ ବୁଡ଼ିବା—ଦେ. କି—ଚନ୍ଦ୍ରାସ୍ତ ହେବା—
Jahna burḏibā — The setting of the moon.
চাঁদ ডুবা
चाँद डूबना

ଜହ୍ନ ବୁଢ଼ା ହୋଇ ଯିବା—ଦେ. କି—ଚନ୍ଦ ବୁଢ଼ା ହୋଇ ଯିବା (ଦେଖ)
Jahna burḏhā hoi jibā Chānda burḏhā hoi jibā (See)

ଜହ୍ନମାମୁ—ଦେ. କି (ଶିଶୁରଞ୍ଜନ ଭାଷା) ଚନ୍ଦ୍ର—
Jahna-māmu — The moon (personified as the maternal uncle of infants).
চাঁদমামা
चंदामामा [ଦ୍ର—ଶିଶୁମାନଙ୍କୁ ମାତାମାନେ ଚନ୍ଦ୍ର ଦେଖାଇବା ସମୟରେ ଚନ୍ଦ୍ରଙ୍କୁ 'ଜହ୍ନମାମୁ' ବୋଲି କହି ଥାଆନ୍ତି; ଅତଏବ ଜହ୍ନ ସବୁ ଶିଶୁଙ୍କର ମାମୁ ଅଟନ୍ତି । ଏହାର କାରଣ 'ଲକ୍ଷ୍ମୀ' ସମସ୍ତଙ୍କର 'ମାଆ' । ଲକ୍ଷ୍ମୀ ଓ ଚନ୍ଦ୍ର ସମୁଦ୍ରରୁ ଜାତ । ଚନ୍ଦ୍ର ଲକ୍ଷ୍ମୀଙ୍କ ଭାଇ ଓ ସମସ୍ତଙ୍କର ମାମୁ । ଶିଶୁଗୀତମାନଙ୍କରେ 'ଜହ୍ନମାମୁ'କୁ ଅବଲମ୍ବନ କରି ଅନେକ ପଦ୍ୟ ରଚିତ ହୋଇଅଛି । କୌଣସି ବ୍ୟକ୍ତି ପିତା, ପୁତ୍ରାଦି ସମସ୍ତଙ୍କ ସଙ୍ଗେ ବନ୍ଧୁତା ଦେଖାଇବାକୁ ଗଲେ ଲୋକେ କହନ୍ତି 'ଅମୁକ ଲୋକ ସେ ଘରେ ଜହ୍ନମାମୁ ହୋଇଛି' ।]

ଜହ୍ନରାତି—ଦେ. ବି. (ସଂ. ଜ୍ୟୋତ୍ସ୍ନା + ରାତ୍ରି) ଜ୍ୟୋତ୍ସ୍ନା ରାତ୍ରି; ଯେଉଁ
Jahna-rāti — ରାତିରେ ଚନ୍ଦ୍ର କିରଣ ପଡ଼ି ଥାଏ—
চান্দনীরাত — Moon litnight.
चान्दनीरात

ଜହ୍ନା—ଦେ. ବି. (ସଂ. ଯବନାଳ; ଯାବନାଳ)—
Jahnā — ୧ । ଶସ୍ୟବିଶେଷ—1. A kind of corn.
জনার — ୨ । ଭୁଟ୍ଟା; ଜନାର; ବାଜରା—2 Maize.
जोहार — ୩ । ଫୁଟିଫୁଟିକା ବା ଅମରପୋଇ ଗୁଳ୍ମ—
(ଜହ୍ନାର—ଅନ୍ୟରୂପ) 3. A kind of wild plant.
ପ୍ରାଦେ. (ସମ୍ବଲପୁର) ବି—ମକା—Indian corn.

ଜହ୍ନି—ଦେ. ବି. (ସଂ. ଜ୍ୟୋତ୍ସ୍ନୀ)—
Jahni — ତରକାରୀ ରୂପେ ବ୍ୟବହୃତ ଏକ ପ୍ରକାର ଲତା ଫଳ—
ସଂ. ଝିଙ୍ଗି, ଝିଙ୍ଗାକ, କୃତବେଧନ—A cucurbitacious creeper and its fruit used as a kitchen-vegetable; Luffa Acutangula.
ঝিঙ্গা, তরুই, ধুন্দুল
झिङ्गा, झिङ्गलि, तुरई
ତେ. ବୀରକାୟୀ
[ଦ୍ର—ଏହା ବର୍ଷାଦିନରେ ଫଳେ । ଏ ଫଳର ପିଠିରେ ୧୦ ଗୋଟି ଶିରା । ସନ୍ଧ୍ୟାବେଳେ ଏହାର ଫୁଲ ଫୁଟେ, ଫୁଲ ଶୁଭ୍ର ହଳଦିଆ । ଫଳଗୁଡ଼ିକ ପ୍ରାୟ ଏକ ବିଘତ ଲମ୍ବ ହୁଏ । ଏହାର ମଞ୍ଜି ଅତ୍ୟନ୍ତ କୃଷ୍ଣ ବର୍ଣ୍ଣ । ଏକ ପ୍ରକାର ଜହ୍ନି ଗୋଟଗୋଟକିଆ ହୋଇ ଫଳ ଧରେ । ଏହାକୁ ବଡ଼ ଜହ୍ନି କହନ୍ତି । ଅନ୍ୟ ଜାତୀୟ ଜହ୍ନି ପେଣ୍ଡି ପେଣ୍ଡି ହୋଇ ଫଳ ଧରେ । ଏହାକୁ ପେଣ୍ଡି ଜହ୍ନି କହନ୍ତି । ଜହ୍ନିକୁ ଗଞ୍ଜାମରେ ସ୍ଥାନେ ସ୍ଥାନେ 'ତୋରଡ଼ା' ବୋଲି କହନ୍ତି ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଓଅ	ଋ
୨	ଈ	ଊ	ରୁ	ଲୁ	ଏ୍ଁ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ୱ	ନ୍ରୁ

ଜହ୍ନିଓଷା—ଦେ. ବି—ଅବିବାହିତା ବାଳିକାମାନେ କରୁଥିବା ଏକ ପ୍ରକାର
Jahni-oshā ଉପବାସ—A vow observed by unmarried girls.

[ଦ୍ର—ଏହି ଓଷା ଭାଦ୍ର ପୂର୍ଣ୍ଣିମାଠାରୁ ଆଶ୍ୱିନ ପୂର୍ଣ୍ଣିମା (କୁମାର ପୂର୍ଣ୍ଣିମା) ଯାଏ ପାଳିବାକୁ ହୁଏ । ଏଥିରେ ବାଳିକାମାନେ ସନ୍ଧ୍ୟା ବେଳେ ଗୁଡ଼ିଏ ଜହ୍ନି ଫୁଲ ତୋଳି ଆଣି ତିନି ଗୋଟି ମଣ୍ଡଳ କାଟି ୭ ଗୋଟି ଜହ୍ନି ପତ୍ରରେ ଫୁଲଗୁଡ଼ିକ ରଖି ଭାଇଭଉଣୀର ଘର ବାପଙ୍କ ମଙ୍ଗଳକାମନାରେ ତାକୁ ଚାଳ ଉପରକୁ ପୋପାଡ଼ନ୍ତି ।]

ଜହ୍ନିଖାଇ—ଦେ. ବି. ସ୍ତ୍ରୀ—ଗାଳିବିଶେଷ—
Jahni-khāi A term of abuse.

ପ୍ରାଦେ. (ପୁରୀ) ବି—ଦେବୀପର୍ବରେ ଯାଇଯାତ୍ରାରେ ବାହାରିବା ଏକ ଦେବୀପ୍ରତିମା (ଏ ଦଶହରା ଦିନ ପାଣିରେ ପଡ଼ନ୍ତି)—Name of the image of a Goddess which is constructed and brought out in a procession in the town of Puri during the Durgā-Pujā.

ଜହ୍ନିପୋକ—ପ୍ରାଦେ. (କଟକ) ବି. (ଏମାନଙ୍କ ଦେହରୁ ବାହାରିବା
Jahni-poka ଜ୍ୟୋତିଃ ଜହ୍ନି ଫୁଲ ପରି ସ୍ନିଗ୍ଧ ଓ ଶୁଭ୍ର ଥିବାରୁ ତୁଳ. ବଂ. ଜୋନାକି ପୋକା)—
୧ । କୁଳୁକୁଳିଆ ପୋକ—1. Glow-worm.
୨ । ଜହ୍ନି ଗଛରେ ଲାଗି ନଷ୍ଟ କରିବା ଏକପ୍ରକାର ପୋକ—2. A kind of insect attacking the 'Jahni' creeper.

ଜହ୍ନିଫୁଲ—ଦେ. ବି—ଜହ୍ନି ଲତାର ଶୁଭ୍ର ହରିଦ୍ରବର୍ଣ୍ଣ ଫୁଲ—
Jahni-phula The bright yellow flower of the 'Jahni' creeper.
ତୁରଇକା ଫୁଲ

[ଦ୍ର—ପିଲାମାନେ ସନ୍ଧ୍ୟା ବେଳେ ଗୁଡ଼ିଏ ଜହ୍ନିଫୁଲ ତୋଳି ସେ ଫୁଲତକ ଧରି ପ୍ରତିବେଶୀମାନଙ୍କ ଦ୍ୱାର ଦ୍ୱାର ବୁଲି 'ଜହ୍ନିଫୁଲ ଠୋଓଠା । ଚୁଟିଆ ମୂଷା କହୁ ଯାଇଛି ଚାଉଳ ମୁଠିଏ ରଖିଥା' ଏହି ଗୀତ ବୋଲି ମୁଠିଏ ମୁଠିଏ ଚାଉଳ ସଂଗ୍ରହ କରି ସେଗୁଡ଼ିକର ବିନିମୟରେ ଭୁଜା କିଣନ୍ତି ଓ 'ଜହ୍ନି ଜହ୍ନି ଅଞ୍ଜୁଳି, ଜାଉ ପତ୍ରେ ଭାତ ଅଞ୍ଜୁଳି' ଇତ୍ୟାଦି ଗୀତ ବୋଲି ଅଞ୍ଜୁଳାରେ ସଂଗୃହୀତ ଜହ୍ନି ଫୁଲକୁ ଚାଳକୁ ପକାନ୍ତି ।

ଶୁଭ୍ର ଚନ୍ଦ୍ରକିରଣକୁ ମଧ୍ୟ ଜହ୍ନି ଫୁଲ ସଙ୍ଗେ ତୁଳନା କରାଯାଏ । ଯଥା—ଜହ୍ନିଫୁଲ ପରି ଜହ୍ନ ପଡ଼ିଛି ।]

ଜହ୍ନିଫୁଲ ଗୀତ—ଦେ. ବି—ଜହ୍ନିଫୁଲ ଓଷା କରୁଥିବା ବାଳିକାମାନଙ୍କର
Jahni-phula gita ଗୀତ—The songs sung by girls observing the jahni-oshā vow.

ଭାଦ୍ରବମାସର ଜହ୍ନିଫୁଲ ଗୀତ ଗୁଡୁ-କୁଣି-ଓଷା-ମେଳ ।
ନନ୍ଦକିଶୋର. ନର୍ମଦୁଣୀ ।

[ଦ୍ର—ବାଳମାନେ ନିମ୍ନଲିଖିତ ଗୀତ ଗାଇ ଜହ୍ନିଫୁଲ ଚାଳକୁ ପକାନ୍ତି, ଯଥା—ଜହ୍ନି ଜହ୍ନି ଅଞ୍ଜୁଳି, ଜାଉପତ୍ରେ ଭାତ ଅଞ୍ଜୁଳି,

ଦୋଳରେ ଯାଏ, ଦୋଳରେ ଆସେ,
ଚେକା ପିଢ଼ା ଖଣ୍ଡେ ମାଡ଼ି ବସେ,
ମୋ ବୋହୂ ମୋ କୋଡ଼ରେ ବସେ,
ନାତୁଣୀବୋହୂ ଭାତ ପରଷେ—ଇତ୍ୟାଦି ।]

ଜହ୍ନିଫୁଲ ପରି ଆୟୁଷ ପାଇବା—ଦେ. କ୍ରି. (ବ୍ୟଙ୍ଗୋକ୍ତି) (ଅଣୀ-
Jahniphula-pari āyusha pāibā ବଚନ)—ଅଳ୍ପାୟୁ ହେବା-
To be short-lived.

ଜହ୍ନିଫୁଲ ପରି ଆୟୁଷ ପା
ସନ୍ଧ୍ୟେ ଫୁଟି ସକାଳେ ଯା—ତଗଂ।

[ଦ୍ର—ଜହ୍ନିଫୁଲ ସନ୍ଧ୍ୟାବେଳେ ବଡ଼ ଶୋଭା ହୋଇ ଫୁଟେ ଓ ସକାଳୁ ମଉଳି ପଡ଼େ । ଏଥିପାଇଁ ଅଳ୍ପାୟୁରେ ଏହି ଢଗ ବୋଲା ଯାଏ ।]

ଜହ୍ନିମଞ୍ଜି ପରି ଗୋରା—ଦେ. ବିଣ. (ବ୍ୟଙ୍ଗୋକ୍ତି)—ଜହ୍ନିଫଳର ମଞ୍ଜିପରି
Jahni-mañji pari gorā ଘୋର କୃଷ୍ଣବର୍ଣ୍ଣ ଚର୍ମବିଶିଷ୍ଟ—
(ironical) Having a very dark complexion of the body.

ଜହ୍ନୁ—ସଂ. ବି. (ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ. ନୁ ; ଯେ ଧର୍ମପାଇଁ
Jahnu ସଂସାର ତ୍ୟାଗ କରିଥିଲେ)—୧ । ସୁହୋତ୍ରଙ୍କ ପୁତ୍ର ରାଜର୍ଷି-ବିଶେଷ—1. The name of a sage-king.

[ଦ୍ର—ତପସ୍ୟାବଳରେ ଭଗୀରଥ ଗଙ୍ଗାଙ୍କୁ ସ୍ୱର୍ଗରୁ ପୃଥିବୀକୁ ଆଣିବା ବେଳେ ଗଙ୍ଗାନଦୀ ଜହ୍ନୁ ରାଜାଙ୍କ ଯଜ୍ଞଭୂମିକୁ ପ୍ଲାବିତ କରିବାରୁ ଜହ୍ନୁ କ୍ରୁଦ୍ଧ ହୋଇ ଗଙ୍ଗାଙ୍କୁ ପିଇଦେଲେ । ପରେ ଭଗୀରଥ ତପସ୍ୟାଦ୍ୱାରା ଏହାଙ୍କୁ ସନ୍ତୁଷ୍ଟ କରିବାରୁ ଏ ଏହାଙ୍କ ଜାନୁ (ମତାନ୍ତରରେ କାନ) ବାଟେ ଗଙ୍ଗାଙ୍କୁ ବାହାର କଲେ; ଗଙ୍ଗା ବହିଯାଇ ସମୁଦ୍ରରେ ପଡ଼ିଲେ ଓ ସଗର ରାଜାଙ୍କ ପୁତ୍ରମାନଙ୍କୁ ଉଦ୍ଧାର କଲେ । ଜହ୍ନୁଙ୍କଠାରୁ ଗଙ୍ଗାନଦୀ ବାହାରିଥିବାରୁ ଗଙ୍ଗାଙ୍କର ଗୋଟିଏ ନାମ ଜାହ୍ନବୀ ।]

ଜହ୍ନୁ ଆଶ୍ରମ—ଦେ. ବି—ପ୍ରୟାଗ ତୀର୍ଥ; ଗଙ୍ଗାଯମୁନାର ସଙ୍ଗମସ୍ଥଳ—
Jahnu-āśrama Prayāga or Allahabad.

ଜହ୍ନୁକନ୍ୟା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଜହ୍ନୁ+କନ୍ୟା)—ଗଙ୍ଗାନଦୀ—
Jahnu-kanyā The Ganges.
(ଜହ୍ନୁତନୟା, ଜହ୍ନୁସୁତା—ଅନ୍ୟରୂପ) [ଦ୍ର—ପୁରାଣରେ ବର୍ଣ୍ଣିତ ହୋଇଅଛି ଯେ ଭଗୀରଥ ଗଙ୍ଗାଙ୍କୁ ଆଣୁଥିବା ସମୟରେ ଗଙ୍ଗା-ପ୍ରବାହରେ ତପୋବନ ପ୍ଲାବିତ ହେବାର ଦେଖି ରାଜର୍ଷି ଜହ୍ନୁ ଗଙ୍ଗାଙ୍କୁ ପିଇ ଦେଲେ । ପରେ ଭଗୀରଥ ଜହ୍ନୁ ଋଷିଙ୍କୁ ସ୍ତବରେ ତୁଷ୍ଟ କରିବାରୁ ମୁନି ଆପଣାର ଜାନୁଦେଶ ବିଦାରଣ କରି ଗଙ୍ଗାଙ୍କୁ ବାହାର କରି ଛାଡ଼ି ଦେଲେ । ସେହି କାରଣରୁ ଗଙ୍ଗାଙ୍କୁ ଜହ୍ନୁ ମୁନିଙ୍କ କନ୍ୟା (ଜାହ୍ନବୀ) ବୋଲି ବୋଲାଯାଏ ।]

ଜହ୍ନୁ ସପ୍ତମୀ—ସଂ. ବି—ବୈଶାଖ ଶୁକ୍ଳ ସପ୍ତମୀ—The 7th day of
Jahnu saptamī the bright fortnight of the month of Baiśākha.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ଉଚ୍ଚାରଣଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ଉପଗତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଣ୍ଟା'ନ ପାଇଲେ 'ଅଣ୍ଟା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

[ଦୃ—ଏ ବନ ଜହ୍ନୁମୁନି ଗଙ୍ଗାଙ୍କୁ ପାନ କରିଥିଲେ ।]

ଜହ୍ଲା—ଦେ. ବି—ଜରୁଳ ବା ଜରାଢ଼ ମାଛ; ଖଙ୍କାରଖାଇ ମାଛ; ରୁପା-
Jahlā ପାଢ଼ଆ ମାଛ—A kind of small fresh-water-fish.
[ଦୃ—ଏମାନଙ୍କ ଦେହରେ ଶ୍ଳେଷ୍ଟ ଜାଲ ଥାଏ । ଦେହ ଚେପ୍ଟା, ପିଠି ନେଳଆ । ଏମାନେ ପାଣିଉପରେ ଖେଳ କରି ଲେଉଟାଇବା ବେଳେ ରୁପା ପାଢ଼ଆ ପରି ଦେଖା ଯାଆନ୍ତି । ଏମାନଙ୍କ ମଧ୍ୟରୁ ଶ୍ଳେଷ୍ଟ ଗୁଡ଼ିକୁ ଜରାଢ଼ ଓ ବଡ଼ ଗୁଡ଼ିକୁ ଜହ୍ଲା କୁହାଯାଏ ।]

ଜହ୍ଲାଦ—ବୈଦେ. ବି. (ଫା. ଜଲ୍ଲାଦ୍)—ଜଲ୍ଲାଦ (ଦେଖ)
Jahlāda Jallāda (See)

ଜା—ସଂ. ବି. ସ୍ତ୍ରୀ—୧ । ମାତା; ମାଆ (ହି. ଶବ୍ଦସାଗର)—
Jā 1. Mother.
୨ । ସାନଜାଆ; ସ୍ୱାମୀଙ୍କ ସାନଭାଇର ସ୍ତ୍ରୀ (ହି. ଶବ୍ଦସାଗର)
2. The wife of one's husband's younger brother.

ଜା (ଇତ୍ୟାଦି)—ଯା ଇତ୍ୟାଦି (ଦେଖ)
Jā (etc) Jā etc (See)

ଜାଆ—ଦେ. ବି—ଯାଆ (ଦେଖ)
Jā-a Jā-a (See)

ଜାଆଲ—ଦେ. ବି—ଜାଲ (ଦେଖ)
Jā-āla Jāla (See)
(ଜାଡ଼ାଲ୍ଲ—ଅନ୍ୟରୂପ)

ଜାଆଁଲ(ଲା) (ଇତ୍ୟାଦି)—ଯାଆଁଲ ଇତ୍ୟାଦି (ଦେଖ)
Jā-ānla(ā) etc Jā-ānla etc (See)

ଜାଆଁବାଳ—ଦେ. ବି. (ସଂ. ଯାମଳ)—ଯାଆଁବାଳ (ଦେଖ)
Jā-ānbāla Jā-ānbāla (See)

ଜାଇ—ଦେ. ବି. (ସଂ. ଜାତି)—୧ । ଧଳା ବାସନାଯୁକ୍ତ ଏକପାଖୁଡ଼ିଆ
Jāi ଫୁଲବିଶେଷ; ଜାଇଫୁଲ—1. One-pettalled jasmine;
ଜାତି; ଚାମେଲି Jasminum Grandiflorum.
चाम्बेलि; चम्बेलि ଜାଇ ଫିଙ୍ଗିଦେଇ ଚୋର ଚଳଇ । କବିସୂର୍ଯ୍ୟ- ସଙ୍ଗୀତ ।
୨ । କଣ୍ଠାମୁଗ ରଗଡ଼ା ହୋଇ ଚୋପା କଢ଼ା ହୋଇଥିବା ଡାଲି—2. Split moong-pulse cleared of its chaff
[ଦୃ—ବିବାହ ଆଦି ମଙ୍ଗଳକାର୍ଯ୍ୟରେ ଆମନ୍ତ୍ରିତ ଶତଶତ ଲୋକଙ୍କ ପାଇଁ ମୁଗ ଭାଜି ତାକୁ ଡାଲି କରିବା ନ କରି କଣ୍ଠାମୁଗ ଯାକ ରଗଡ଼ି ପକାଇ ସେଥିରେ ହଳଦି ପାଣି ଓ ସାମାନ୍ୟରେ ଘିଅ ଗୋଳାଇଁ କାଣ୍ଡି ଦେଲେ ଅତି ସୁନ୍ଦର ମୁଗଡାଲି ହୁଏ । ଏହାକୁ ଜାଇ କହନ୍ତି । ଗୋଟିଏ ଶୁଭଦିନ ଦେଖି ଜାଇ ରଗଡ଼ାଆରମ୍ଭ କରାଯାଏ । ଏ କାର୍ଯ୍ୟକୁ ଜାଇବାଇରଗଡ଼ା ବା ଜାଇରଗଡ଼ା କହନ୍ତି ।]
ଆଚୀଁନ ୩ । ଦେହରେ ଦେଖାଯିବା କଳା ଦାଗ; କଳାଜାଇ ମଦା—
तिल 3. A mole in the body.
୪ । ଜାଇକାଠି (ଦେଖ)
4. Jāi-kāthi (See)

ଜାଇଁଲ—ଗ୍ରା. (ଇତର) କ୍ରି.—ଜାଣିଲ କ୍ରିୟାର ଇତରବ୍ୟବହୃତ ରୂପ—
Jāinla Slang form of the verb (you) have known.

ଜାଇକାଠି—ଦେ. ବି.—ଗଞ୍ଜାମରେ ମିଳୁଥିବା ଏକ ପ୍ରକାର ତୃଣ । [ଏହାର
Jāi-kāthi ପଟ୍ଟ ଦ୍ୱାରା ପାରଲାଖେମଣ୍ଡି ଅଞ୍ଚଳରେ ପଟ୍ଟ, ଝୁଡ଼ିଣା, ବାଗ୍ ଆଦି ବୁଣା ଯାଏ]—A kind of reed with the strips of which various wicker-works are woven in Parlakhemidi in Madras.

ଜାଇଗି(ରି)ର—ବୈଦେ. ବି. (ଫା)—ଜାଗିର (ଦେଖ)
Jāigi(r)ri Jāgiri (See)

ଜାଇଣ୍ଟ—ବୈଦେ. ପ୍ରାଦେ. (ଗଞ୍ଜାମ) ବଣ—(କଚେରିଆ; ଇଂ. ଜଏଣ୍ଟ)—
Jāint ଯୁକ୍ତମାନ—Joint.

ଜାଇଣ୍ଟ ମାଜିଷ୍ଟ୍ରେଟ—ବୈଦେ. ପ୍ରାଦେ (ଗଞ୍ଜାମ) ବି. (ଇଂ)—(କଚେରିଆ
Jāint mājishtret ଭାଷା; ଇଂ. ଜଏଣ୍ଟ ମାଜିଷ୍ଟ୍ରେଟ୍)—
ଜଏଣ୍ଟ ମାଜିଷ୍ଟ୍ରେଟ୍ (ଦେଖ)
Jaent mājishtret (See)

ଜାଇତ୍ରୀ—ଦେ. ବି.—(ସଂ. ଜାତିପତ୍ରୀ)—ଜାଇଫଳ ବା ଜାଇଫଳର
Jaitri ଚୋପା ଉପରେ ଜାଲପରି ମାଡ଼ିଥିବା ଏକ ପ୍ରକାର
ଅନ୍ୟ ସଂ. ନାମ; ମଲନାଶିନୀ ପତଳା ସୁଗନ୍ଧଯୁକ୍ତ ମସଲା—
ତେ. ଜାଜପତ୍ରି; ଯାପତ୍ରି Myristica Fragrans; mace
जैत्री (a kind of spice); Kino;
जविन्नी, जाविन्नी Muristica Malabarica (Kirtikar).
[ଦୃ—ମଲକ୍କା ଦ୍ୱୀପପୁଞ୍ଜ ଓ ଦକ୍ଷିଣଭାରତର ଶୀତଳ ସ୍ଥାନମାନଙ୍କରେ ଏ ବୃକ୍ଷ ଜନ୍ମେ ।]

ଜାଇଦା(ର)ଦ୍—ବୈଦେ. ବି. (ଫା. ଜାୟଦାଦ୍ = ସମ୍ପତ୍ତି)—
Jāidā(t)d ଜାଏଦାଦ୍ (ଦେଖ)
Jāedād (See)

ଜାଇପତ୍ରୀ—ଦେ. ବି. (ସଂ. ଜାତିପତ୍ରୀ)—ଜାଇତ୍ରୀ (ଦେଖ)
Jāi-patri Jāitri (See)

ଜାଇଫଳ—ଦେ. ବି. (ସଂ.ଜାତିଫଳ)—ମଲକ୍କା ଦ୍ୱୀପ ଓ ଦକ୍ଷିଣ ଭାରତର
Jāi-phala ବୃକ୍ଷବିଶେଷର ମସଲା ଫଳବିଶେଷ—Nutmeg;
ସଂ. ସୁରଭିପ୍ରିୟ, ମାଳତୀଫଳ Muristica Fragrans; Muristica Moschata.
ତେ. ଜାଜି
जायफल [ଦୃ—ବୈଦ୍ୟଶାସ୍ତ୍ର ମତରେ ଏହାର ମାଦକ
জায়ফল ଓ ଧାରକ ଗୁଣ ଅଛି । ଏହାକୁ ଘୋରି ଟକା ଯାଗାରେ ଲଗାଇଲେ ସେଠାରେ କେଶ ଜନ୍ମେ । ଏହାକୁ ଘୋରି ପାଣିରେ ମିଶାଇ ଲୋକେ ବାସପାଣି ତିଆରି କରନ୍ତି । ପାନ ଓ ଖାଦ୍ୟରେ ଏହା ମସଲାରୂପେ ବ୍ୟବହୃତ ହୁଏ । ଜାଇଫଳର ଏକ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷଁ	ଜ୍ଞ	ଇଯ୍	ଉଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍

ଚଟୁଡ଼ା ଟଳୁ (ଲହୁଣୀ ସଙ୍ଗେ ବାଟି) ଏହାକୁ ଏକ ପାନ କର ଦିନ ମଧ୍ୟରେ ଏହିମାତ୍ରାରେ ୩ ପାନ ଖାଇଲେ ୩ ଦିନ ମଧ୍ୟରେ ଉତ୍ପାନକ ରକ୍ତାମାଶୟ (ନାଲରକ୍ତ ଝାଡ଼ା) ଭଲ ହୁଏ । ଶିଶୁମାନଙ୍କ ପକ୍ଷେ ଏ ମାତ୍ରାର ଅର୍ଦ୍ଧେକ ଦିଆଯାଏ ।]

ଜାଇଫୁଲ—ଦେ. ବ.—ଜାଇ (୧) (ଦେଖ)
Jāi-phula Jāi (1) (See)

ଜାଇବଡ଼ି—ଦେ. ବ. (ସହଚର ଶବ୍ଦ)—ଭୋଜାଦିରେ ବ୍ୟୟ ହେବା
Jāi-bardi ପାଇଁ ପ୍ରସ୍ତୁତ ଜାଇ ଓ ବଡ଼ି—Split moong and balls of moong or brihi paste prepared for feeding guests in social festivals.

ଯାହା ସେ ସାହାର କଲେ ଅପ୍ରୋଜନ,
ଶୁଖାଇଲେ ଜାଇବଡ଼ି ଉପାସ. ସାଅରୁଅ ବାହା ।

ଜାଇ ବାଇରଗଡ଼ା—ଦେ. ବ.—ଉତ୍ସବାଦି ପୂର୍ବରୁ ଗୋଟିଏ
Jāi-bāi-ragardā ଶୁଭଦିନ ଦେଖି ଉକ୍ତ ଉତ୍ସବ ନିମନ୍ତେ ଉପଯୋଗୀ 'ଜାଇ' ପାଇଁ ଶୁଭକ୍ଷଣ ମୁଗକୁ ଚକିରେ ରଗଡ଼ିବା କର୍ମ—The first ceremonial grinding of moong (pulse) on an auspicious day to prepare dal for some familyfeast e. g. (marriage, investiture).

ଜାଇମଣ୍ଡା—ଦେ. ବ.—କୌଣସି କୌଣସି ମନୁଷ୍ୟଙ୍କ ଦେହର ଜନ୍ମ-
Jāi-mandā କାଳରୁ ଦେଖା ଯିବା ଭଳି ଚିହ୍ନ; ତଲାଜାଇ ମଣ୍ଡା—
ଅଁଚୀଲ A mole on the body (of some persons).
तिल

ଜାଇରଗଡ଼ା—ଦେ. ବ.—ଜାଇବାଇରଗଡ଼ା (ଦେଖ)
Jāi-ragardā Jāi-bāi-ragardā (See)

ଜାଉ—ଦେ. ବ.—(ସଂ. ଯବାଗୁ)—୧ । ମାଣ୍ଡିଆ, ଯବ, ଖୁଦ ଓ ଗୁଣ୍ଡିଚ
Jāu ଅଧିକ ଚୂନାରେ ପାଣି ଦେଇ ସିଝ କରି ପ୍ରସ୍ତୁତ କରିବା ପାଣି-
माँड़ ପାଣିଆ ଓ ବହଳିଆ ଖାଦ୍ୟ; ଖିରସା—1. Gruel; pap;
लपसी, माँड़ . gruel prepared from powderd rice and other grains boiled in water.
୨ । ଅନ୍ନ ମଣ୍ଡ—2. Paste prepared from boiled rice.
୩ । ଛଅଗୁଣ ଜଳରେ ଉତ୍ତମରୂପେ ସିଦ୍ଧ କରାଯିବା ଚାଉଳ—
3. Rice well boiled with 6 times its quantity of water.

ଜାଉ ଖାଇବ ନା ମାଛ ଚୁରୁଡ଼େଇବ—ଚପ ।

[ଦ୍ର—ଏକ ସମୟରେ ଦୁଇଟି ଅନିବାର୍ଯ୍ୟ କାର୍ଯ୍ୟ କରିବାକୁ ହେଲେ ଏ ଚଗ ବୋଲାଯାଏ ।]

ଜାଉଆ—ଦେ. ବଣ.—ଜାଉ ପରି ତରଳ ଓ ଚଅଁଳ; ଲଟେଇ—
Jāuā Gruel-like.
ଜାଉ ଜାଉ } —ଅନ୍ୟରୂପ
ଜାଉ ଜାଉଆ }
[ଦ୍ର—ଭାତ ଅଧିକ ଚଅଁଳ ହୋଇଗଲେ ଜାଉଆ ହୋଇ ଯାଏ]

ଜାଉଁଳି (ଇତ୍ୟାଦି)—ଯାଉଁଳି ଇତ୍ୟାଦି (ଦେଖ)
Jāunli (etc) Jāunli etc (See)

ଜାଉପାଣି—ଦେ. ବି.—ଅଧିକ ପାଣିଆ ଜାଉ—
Jāu-pāni Watery gruel.

ଜାଉଳି (ଇତ୍ୟାଦି)—ଜାଉଁଳି ଇତ୍ୟାଦି (ଦେଖ)
Jāuli (etc) Jāunli etc (See)

ଜାଏତ୍—ପ୍ରାଦେ.—(ସମ୍ବଲପୁର) ବ. (ଭୁଲ. ନଏଦ୍=ନଦୀ; ସ୍ୱଏତ୍
Jāet =ସ୍ୱଚ୍ଛ, ପାଏନ୍=ପାଣି) —ଜାତି—Caste.

ଜାଏଦାଦ୍—ବୈଦେ. ବ. (ଫା. ଜାୟିଦଦ୍=ସମ୍ପତ୍ତି)—୧ । ଜମିବାଡ଼ି;
Jāedād ଭୂସମ୍ପତ୍ତି—1. Immovable property.
जाएदाद ୨ । ଚଳସ୍ଥିରସମ୍ପତ୍ତି; ସ୍ଥାବର ଓ ଅସ୍ଥାବର ସମ୍ପତ୍ତି—
जायदद 2. Property (movable and immovable).

ଜାଂଘିକ—ସଂ. ବଣ. (ଜଂଘା + ଜୀବିକା ଅର୍ଥରେ. ଇକ)—ଜଂଘାଜୀବୀ;
Jāmghika ଦ୍ରୁତଗାମୀ—Swift-going; fleet.
ବି.—୧ । ପନ୍ଥ ବା ଡାକବାହକ—
1. A courier; messenger.
୨ । ଉଷ୍ଟ୍ର—2. A camel.

ଜାଁକ୍—ଦେ. ବ.—୧ । ସ୍ପର୍ଦ୍ଧା; ମୁହଁବାଇଙ୍ଗି—
Jānk 1. Vaunting; vain boast.
जाँक ୨ । ଗର୍ବ—2. Pride.
झाँग ପିନ୍ଧି ଜଣା ଚକଚକିଆ ପୋଷାକ,
ଯୋଆଏ ବଡ଼ରୁ ମନେ ବଡ଼ ଜାଁକ । ପ୍ରାଥାଥ. ଚରିବାର ।

ଜାଁକଜମକ—ଦେ. ବ. (ସଂ. ଚକ୍ରଚକ୍ୟ)—୧ । ଚାକଚକ୍ୟ—
Jānk-jamaka 1. Glitter.
जाँकजमक, जाँकाल, जमकाल ୨ । ଆଡ଼ମ୍ବର; ସମାରୋହ—
चमकदमक, आबताब 2. Pomp; pride; splendour.
ବଣ.—୧ । ଆଡ଼ମ୍ବରପୂର୍ଣ୍ଣ—1. Showy; grand.
୨ । ଚକଚକିଆ; ଉଜ୍ଜ୍ୱଳ—Bright; glittering.

ଜାଁକଡ଼ (ଇତ୍ୟାଦି)—ଜାକଡ଼ ଇତ୍ୟାଦି (ଦେଖ)
Jānkard (etc) Jākard etc (See)

ଜାକ—ଦେ. ବଣ. (ସଂ. ସଙ୍କଟ)—୧ । ସଙ୍କୀର୍ଣ୍ଣ—
Jāka 1. Narrow.
तंग ଚେପ୍ସା—2. Tight.
୩ । ଘଞ୍ଚ; ଜନସମାକୀର୍ଣ୍ଣ—3. Crowded.
୪ । ସଙ୍କୁଚିତ—4. Contracted; straitened.
ବି.—ଘଞ୍ଚ; ଗହଳ—Crowd.

ଜାକଜମକ—ଦେ. ବ. ଓ ବଣ.-ଜାଁକଜମକ (ଦେଖ)
Jāka-jamaka Jānk-jamaka (See)

ଜାକଟ୍—ବୈଦେ. ବ. (ଇଂ. ଜାକେଟ୍)—ଜାକେଟ (ଦେଖ)
Jākat Jāket (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଅକ୍ଷି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

ବୈଦେ. ବ. (ହି)—ଜାକଡ଼୍ (ଦେଖ)
Jākarḍ (See)

ଜାକଟ୍ ବହି—ଦେ. ବ.—ଜାକଡ଼୍ ବହି (ଦେଖ)
Jākaṭ bahi — Jākarḍ bahi (See)

ଜାକଡ଼୍—ବୈଦେ. ବ. (ହି.)—୧ । କ୍ରେତା ବିକ୍ରେତା ଠାରୁ ପରୀକ୍ଷାର୍ଥ ଗ୍ରହଣ କରିବା ପଣ୍ୟ ଦ୍ରବ୍ୟର ମୂଲ୍ୟ ବିକ୍ରେତା ନିକଟରେ ଜମା ରଖିବା ଓ ପସନ୍ଦ ନ ହେଲେ ଦ୍ରବ୍ୟ ଫେରାଇ ଦେଇ ମୂଲ୍ୟ ଫେରି ପାଇବାର ଅଙ୍ଗୀକାର ବା ଚୁକ୍ତି—1. An agreement to take a commodity on inspection from a shopkeeper on depositing its price, the price to be returned if the thing is not approved; a conditional sale; a purchase on trust.
Jākarḍ
जॉकड़
जाँकड़

୨ । ପରୀକ୍ଷାର୍ଥ ବା ଦେଖିବା ପାଇଁ ପଣ୍ୟ ଦ୍ରବ୍ୟ (ଲୁଗା, ଅଳଙ୍କାର) ନିର୍ଦ୍ଦିଷ୍ଟ ଦିନ ସକାଶେ ନେବାର ରୀତି—2. The system of taking things on inspection.

ଜାକଡ଼୍ ଖାତା—ଦେ. ବ.—ଜାକଡ଼୍ ବହି (ଦେଖ)
Jākarḍ khātā — Jākarḍ bahi (See)

ଜାକଡ଼୍ ବହି—ଦେ. ବ.—ଯେଉଁ ପୁସ୍ତକରେ ପରୀକ୍ଷାର୍ଥ ଦିଆଯିବା ପଦାର୍ଥର ତାଲିକା ଓ ବିବରଣ ଲିପିବଦ୍ଧ ହୁଏ—An account-book containing particulars of things sent to purchasers on inspection.
Jākarḍ bahi
जॉकड़बई
जाँकड़ बहि

ଜାକସାର—ଦେ. ବଣ.—୧ । ଅତ୍ୟନ୍ତ ସଙ୍କୀର୍ଣ୍ଣ—1. Very narrow.
Jākasāra
(ଫସିକଣ—ବିପରୀତ) (ଯଥା—ଜାକସାର ଘର)
तंग ୨ । (ପୋଷାକ ଅର୍ଥ) ଯାହା ଦେହକୁ ଖପ୍ କରି ହୁଏ; କସା-(ଢିଲା; ଗଲଗଲିଆ—ବିପରୀତ) କସ୍—2. Tight.
(ଜାକସାରିଆ—ଅନ୍ୟରୂପ)

ଜାକସିରି—ଦେ. ବ.—ଶିଶୁମାନଙ୍କର ଅତିସାର ରୋଗ—Infantile dysentery.
Jākasiri

ଜାକଜାକ ହେବା—ଦେ. କ୍ରି.—କୌଣସି କାର୍ଯ୍ୟ କରିବାକୁ ପଶ୍ଚାତ୍‌ପଦ ହେବା ବା କୁଣ୍ଠିତ ହେବା—To srink from doing a thing.
Jāki-jāki hebā
छिटकना

ଜାକିଜୁକି ହେବା—ଦେ. କ୍ରି—୧ । ଦେହକୁ ସଙ୍କୁଚିତ କରିବା—1. To contract one's limbs.
Jāki-juki hebā
सकोड़ना ୨ । ବ୍ୟୟ କରିବାକୁ କୁଣ୍ଠିତ ହେବା—2. To be close-fisted; to shrink from spending money.

ଜାକିଟ୍—ବୈଦେ. ବ. (ଇଂ. ଜାକେଟ୍)—ଜାକେଟ୍ (ଦେଖ)
Jākiṭ — Jākeṭ (See)

ଜାକିଧରିବା—ଦେ. କ୍ରି.—ଦୃଢ଼ଭାବରେ କୁଣ୍ଢାଇ ଧରିବା—
Jāki-dharibā To embrace closely; to hold tightly.

ଚକିତ ଶିଶୁକୁ ହସ୍ତେ ଧରିଲାକ ଜାକି, ଏକଚିତ୍ତ ମାତା ଝୋଡ଼େ ସ୍ତନପାନେ ରଖି
ରାଧାନାଥ, ମହାଯାତ୍ରା ।

ଜାକିବା—୧—ଦେ. କ୍ରି. (ସଂ. ଯନ୍ତ୍ର; ଯନ୍ତ୍ରୀକୃତ)—
Jākibā ୧ । କୌଣସି ବସ୍ତୁକୁ ଲୁଚାଇ କରି ରଖିବା—(ଜକାଇବା—ଶିଜନ୍ତ) 1. To keep a thing concealed (e. g. in the mouth, in the armpit or waist-cloth).
जॉका
जकड़ना

୨ । ଗାଲରେ ଗୁଆ ଆଦି ପୂରାଇବା—2. To keep a thing inside the mouth below the cheeks.

୩ । ଟାଇଟ୍ କରିବା—3. To tighten.

୪ । ଧରି ରଖିବା; ଛାଡ଼ି ନ ଦେବା; ଚାପି ଧରିବା—4. To tenaciously hold a thing; not to give up a thing.

୫ । ଦୁଇଆଡ଼ୁ ଚାପିବା—5. To press from both sides.

୬ । ଛୋଟ କରିବା; ସଙ୍କୁଚିତ କରିବା—6. To contract.

୭ । ଧନକୁ ସଞ୍ଚୟକରି ରଖିବା—7. To store riches.

୮ । ବ୍ୟୟ କରିବାକୁ କୁଣ୍ଠିତ ହେବା—8. To be close-fisted or miserly; to be niggardly.

୯ । କୌଣସି ପଦାର୍ଥକୁ କାଖରେ ରଖି ବହିବା—9. To carry a thing in the armpit.

କାଁ ମାହାନ୍ତି, ଗାଁ ମାହାନ୍ତି, ମାହାନ୍ତିଙ୍କ ସଙ୍ଗେ ଆଉ ମାହାନ୍ତି,
ପାଞ୍ଜି ପତର ଜାକି ମାହାନ୍ତି—ଢଗ ।

୧୦ । ଦୃଢ଼ରୂପେ ଆଲିଙ୍ଗନ କରିବା—10. To embrac closely.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ନେବା, ଆଣିବା, ଧରିବା, ରଖିବା କ୍ରିୟାର ସମାପିକା ରୂପଯୁକ୍ତ ହୁଏ ।]

୧୧ । ସଙ୍କୁଚିତ କରିବା—11. To contract.

ଜାକି ରଖିବା—ଦେ. କ୍ରି—୧ । ଦୃଢ଼ରୂପେ ଧରି ରଖିବା; ଛାଡ଼ି ନ ଦେବା—1. To hold on a thing very tightly.
Jāki rakhibā

ହଜାର ହଜାର ଯାର ପ୍ରଣୟବତୀ ବଜାର ଉଠୁଁ ଚେହି
ରଖିଥିବ ଜାକି—କବିସୂର୍ଯ୍ୟ, ସଙ୍ଗୀତ ।

୨ । ଲୋଭପରବଶ ହୋଇ ଧନ ପ୍ରଭୃତି ସଞ୍ଚୟ କରିବା—2. To avariciously save money and other things.

ଲୁବ୍ଧଲୋକ ଧନକୁ ଜାକି ରଖିଥାନ୍ତି
ଅନାସ୍ଥାରେ ଅପାତ୍ର ଲୋକରେ ବଣ୍ଟନ୍ତି—କୃଷ୍ଣସିଂ ହ, ମହାଭାରତ, ଶାନ୍ତି ।

ଜାକି ହେବା—ଦେ. କ୍ରି—୧ । (ଲୁଗା ଅର୍ଥ) ଦେହକୁ କସାକସ୍ ହେବା; କସ୍ ହେବା—1. To sit tight on the body (said of a dress,)
Jāki hebā
कस हश्रा

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଢ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

चुस्त हाना ୨ । ବହୁ ଲୋକ ଏକ ସ୍ଥାନରେ ଠେସାଠେସି ହୋଇ ରହିବା—2. To press against one another painfully; to huddle; to be huddled together.

ଜାକୁଆ—ଦେ. ବିଣ—୧ । ଜାକସାର (ଦେଖ)
Jākuā — 1. Jākasāra (See)
ଜାକିକେଇ } ସ୍ତ୍ରୀ ୨ । (ପୁଂ) ଯେ ଜାକେ—One who contracts; one who conceals a thing.
ଜାକୋଇ }
୩ । କୃପଣ—3. Miserly.

ଜାକେଟ୍—ବୈଦେ. ବି. (ଇଂ)—୧ । ସ୍ତ୍ରୀମାନଙ୍କ ଅଧା କୁର୍ତ୍ତା—
Jāket — 1. Jacket; lady's waist–coat.
जाकेट ୨ । ପୁରୁଷମାନଙ୍କ ଅଧା କୁର୍ତ୍ତା—
जाकेट 2. Waist-coat of males.

ଜାଗତିଆର୍—ଦେ. ବିଣ. (ସଂ. ଜାଗରିତ)—
Jāgatiār ୧ । ସାବଧାନ ବା ସତର୍କ; ହୁସିଆର—
जागन्त 1. Cautious; careful; watchful.
चौकस ୨ । ଉନ୍ନିଦ୍ର; ଅନିଦ୍ରିତ—3. Wakeful.
(ଜାଗତିଆର—ବି)

ଜାଗର—ସଂ. ବି. (ଜାଗୃ ଧାତୁ=ନିଦ ଭାଙ୍ଗିବା; ଚେଇଁବା; ନିଦରୁ ଉଠିବା+ଭାବ. ଅ)—
Jāgara
୧ । ଚେଇଁବା; ଅନିଦ୍ରା; ଜାଗରଣ—1. Wakefulness.
ସବୁ ସିନ୍ଧୁ ରଜନୀ ଜାଗରେ—କବିସୂର୍ଯ୍ୟ. ସଙ୍ଗୀତ ।
୨ । ନିଦରୁ ଉଠିବା; ନିଦ୍ରାଭଙ୍ଗ—
2. Waking from sleep.
୩ । ସତର୍କତା—3. Watchfulness; vigilance.
୪ । ମନର ଯେଉଁ ଅବସ୍ଥାରେ ମନୋବୃତ୍ତିମାନ ଜାଗ୍ରତ ଥାଏ—4. The state of mind in which one is vigilant.
୫ । ପାଗୁଳ—5. The cud.
୬ । କବଚ (ହି. ଶବ୍ଦସାଗର)—6. Coat of mail.
जागन्त ଦେଃ-ବିଣ—ଉନ୍ନିଦ୍ର—
चौकस Vigilant; watchful.
जागरणी ଦେ. ବି. (ସଂ. ଜାଗରଣ)—୧ । ଶିବରାତ୍ରୀ ଉତ୍ସବ ବା ଯାତ୍ରା; ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ—
1. The festival of Śibarātri.
୨ । ଯେଉଁ ପ୍ରଦୀପ ଦେବତାଙ୍କ ମନ୍ଦିରରେ ଦିବାନିଶି ଜଳୁଥାଏ—2. Lamp kept burning day and night before a Deity.
ଦେଉଳ ଭିତରେ ଯହିଁ ଜାଗର ଦେଇ ସେ—ଉତ୍କ. ଲାବଣ୍ୟବତୀ ।
୩ । ଯେଉଁ ଦୀପ ଶିବରାତ୍ରି ଦିନ ଅର୍ଦ୍ଧରାତ୍ରରେ ଶିବମନ୍ଦିରର ଚୂଡ଼ାକୁ ଉଠାଯାଏ—3. The lamp or light which is lifted to the top of the temple of God Śiba on the Śibarātri night.

ଜାଗରକ—ସଂ. ବିଣ. (ଜାଗୃ ଧାତୁ+କର୍ତ୍ତୃ. ଅକ)—ନିଦ୍ରାରହିତ—
Jāgaraka — Wakeful.

ଜାଗରଜାତ—ଗ୍ରା. ବି—ଜାଗରଯାତ୍ରା (ଦେଖ)
Jāgara-jāta — Jāgarajātrā (See)
(ଜାଗର ଜାତର—ଅନ୍ୟରୂପ)

ଜାଗରଯାତ୍ରା—ଦେ. ବି—ଶିବରାତ୍ରି ବ୍ରତ; ଜାଗର ଅମାବାସ୍ୟା ରାତିରେ ଦୀପଜଳା ଉତ୍ସବ
Jāgara-jātrā — The festival of lighting lamps on the night of Jāgara amābāsyā.
[ଦ୍ର—ଏ ରାତିଯାକ ଜାଗରଣ କର୍ତ୍ତବ୍ୟ; ଅର୍ଦ୍ଧରାତ୍ରରେ ଜଣେ ଲୋକ ମହାଦେବଙ୍କ ମନ୍ଦିରର ଚୂଡ଼ାକୁ 'ମହାଦୀପ' ନେଇ ଉଠି ସେଠାରେ ଉକ୍ତ ଦୀପକୁ ସ୍ଥାପନ କରେ ।]

ଜାଗର ଜାଳିବା—ଦେ. କ୍ରି—ରାତିଯାକ ଦେବତାଙ୍କ ନିକଟରେ ବିଶେଷ
Jāgara jāḷibā ଶିବରାତ୍ରିର ରାତିରେ ମହାଦେବଙ୍କ ନିକଟରେ ଦୀପ ଜାଳି ନିଜେ ଉଜାଗର ହୋଇ ଜଗି ବସିବା—
To keep a vigil throughout the night by setting up a lighted lamp before a Deity.
[ଦ୍ର—କେହି କେହି ଅପୁତ୍ରକ ପିତାମାତା ପୂର୍ବରୁ ମନାସି ଥାଆନ୍ତି ଯେ ତାଙ୍କର ପୁଅ ହେଲେ ସେମାନେ ପୁଅର ମୁଣ୍ଡ ଉପରେ ଶିବରାତ୍ରି ଦିନ ଜାଗର ଜାଳିବେ । ତଦନୁସାରେ ପୁତ୍ରଟିଏ ହୋଇ ବଡ଼ି ଗଲେ ଉକ୍ତ ପୁଅକୁ ଶିବମନ୍ଦିରକୁ ନେଇ ସେଠାରେ ଶିବରାତ୍ରିର ରାତିରେ ତା ମୁଣ୍ଡ ଉପରେ ଠେକା ବାନ୍ଧି ମାଟିପିଣ୍ଡୁଳା ରଖି ତା ଉପରେ ଘୃତପୂର୍ଣ୍ଣ ଦୀପ ରାତିଯାକ ଜାଳନ୍ତି ।]

ଜାଗରଣ—ସଂ. ବି. (ଜାଗୃ ଧାତୁ+ଭାବ. ଅନ)—୧ । ଅନିଦ୍ରା; ଚେଇଁବା—1. Watchfulness; sleeplessness; vigil.
Jāgaraṇa
୨ । ନିଦ୍ରାଭଙ୍ଗ—2. Awaking from sleep.
୩ । ସତର୍କତା—3. Vigilance.
୪ । (ଲକ୍ଷଣାର୍ଥ) ଅଭ୍ୟୁଦୟାକାଙ୍କ୍ଷା; ନିଜର ଉନ୍ନତିର ଚେଷ୍ଟା—
4. (figurative) Awakening; a desire or exertion for one's improvement.

ଜାଗରଣ କରିବା—ଦେ. କ୍ରି—ରାତିଯାକ ଚେଇଁବା—To keep up
Jāgaraṇa karibā at night; to sit up late at night.

ଜାଗରତ—ଗ୍ରା. (ପଦ୍ୟ) ବିଣ. (ସଂ. ଜାଗ୍ରତ)—ସତର୍କ—
Jāgarata — Cautious.
ଅହେ ଯୁଧିଷ୍ଠିର କ୍ଷୁଧାରେ ହେଲେ ଅତି
ସାବଧାନେ ହୋଇଥିବ ଜାଗରତ—କୃଷ୍ଣସିଂହ, ମହାଭାରତ, ଅନୁଶାସନ ।

ଜାଗର ଦୀପ—ଦେ. ବି—ଦେବତାଙ୍କ ନିକଟରେ ରାତିଯାକ ଜଳାଯିବା ଦୀପ-
Jāgara dipa A lamp kept lighted throughout the night before a Deity.

ସାଧାରଣ ଲୋକେ ଅପଭ୍ରଂଶରେ ସ୍ବତନ୍ତ୍ର ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ଷିତ ବଦଳରେ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'ଭୁଥ' ନ ମିଳିଲେ 'କୁଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅଦ୍ଧା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜାଗରିଣ—ସଂ. ବିଶ. ପୁଂ (ଜାଗୃ ଧାତୁ+ଇନ)—
Jāgariṇa ଜାଗରିତ (ଦେଖ)
Jāgarita (See)

ଜାଗରିତ—ସଂ. ବିଶ. (ଜାଗୃ ଧାତୁ+କର୍ତ୍ତୃ. ତ)—
Jāgarita ୧ । ଅନିଦ୍ର; ଯେ ଶୋଇ ନାହିଁ—
1. Sleepless; wakeful.
୨ । ଉନ୍ନିଦ୍ର; ଯାହାର ନିଦ୍ରା ଭଙ୍ଗ ହୋଇଅଛି—
2. Awakened from sleep.
୩ । ସାବଧାନ—3. Vigilant; watchful.
ସଂ. ବି. (+ଭାବ. ତ)—
୧ । ଜାଗରଣ—1. Sleeplessness.
୨ । ସାଂଖ୍ୟ ଓ ବେଦାନ୍ତ ମତରେ ମନର ଯେଉଁ ଅବସ୍ଥାରେ ଇନ୍ଦ୍ରିୟ ଦ୍ୱାରା ସବୁ ପ୍ରକାର ବ୍ୟବହାର ଓ କାର୍ଯ୍ୟର ଅନୁଭବ ହୁଏ (ହି. ଶବ୍ଦସାଗର)—
3. (Sāmkhya and Bedānta philosophy) The state of mind in which one is conscious of all matters through the senses.

ଜାଗରିତ ହେବା—ଦେ. କ୍ରି—ନିଦ୍ରାରୁ ଉଠିବା—
Jāgarita heba To awake; to rise from sleep.
জাগরিত হওয়া
जागरित होना

ଜାଗରିତା—ସଂ. ବିଶ. (ଜାଗୃ ଧାତୁ+କର୍ତ୍ତୃ. ତୃ, ୧ମା. ୧ବ)—
Jāgaritā ଯେ କୌଣସି ବ୍ୟକ୍ତିଙ୍କୁ ନିଦରୁ ଉଠାଏ—
One who awakens another from sleep.

ଜାଗରୁକ—ସଂ. ବିଶ. ପୁଂ (ଜାଗୃ ଧାତୁ+କର୍ତ୍ତୃ. ଊକ)—
Jāgaruka ୧ । ଜାଗରଣଶୀଳ—1. Wakeful.
(ଜାଗରୁକା—ସ୍ତ୍ରୀ) ୨ । ସତର୍କ; ସାବଧାନ—
2. Watchful; vigilant.
୩ । ହୁସିଆର—3. Careful.
୪ । ଅନିଦ୍ର—4. Awake.
ସଂ. ବି—ଚୈତନ୍ୟ (ହି. ଶବ୍ଦସାଗର)—Consciousness.

ଜାଗରୂକ—ସଂ. ବିଶ. (ଜାଗୃ ଧାତୁ+ଊକ)—
Jāgarūka ୧ । ଜାଗରଣଶୀଳ—1. Wakeful.
୨ । ସତର୍କ; ସାବଧାନ—8. Watchful.

ଥାଉବେ ଯେବେ ଲୋକ ନ ହେଲ ଜାଗରୂକ (?)
କହିବା କେତେ ବୁଢ଼ା ବୁଢ଼ୀକୁ ଗୋ । କବିସୂର୍ଯ୍ୟ- ସଙ୍ଗୀତ ।

ଜାଗର୍ତ୍ତ—ଗ୍ରା. ବିଶ. (ସଂ. ଜାଗ୍ରତ୍)—ଜାଗ୍ରତ (ଦେଖ)
Jāgarta Jāgrata (See)
ପ୍ରାଦେ. (ଗଞ୍ଜାମ) ବିଣ—୧ । ହୁସିଆର; ସାବଧାନ—
1. Vigilant; watchful.

୨ । କୌଣସି ଘଟଣାର ଅପେକ୍ଷାରେ ପ୍ରସ୍ତୁତ ହୋଇ ରହିଥିବା—
2. Prepared; in order.
୩ । ସୁବନ୍ୟସ୍ତ—3. Shipshape; well arranged.

ଜାଗର୍ତ୍ତି—ସଂ. ବି. (ଜାଗୃ ଧାତୁ+ଭାବ. ତି)—
Jāgartti ୧ । ଜାଗରଣ—1. Awaking; wakefulness.
୨ । ଅପ୍ରମାଦ—2. Freedom from defect or blunder.

ଜାଗର୍ଯ୍ୟା—ସଂ. ବି. (ଜାଗୃ ଧାତୁ+ଭାବ. ଯ+ଆ)—
Jāgarjyā ୧ । ନିଦ୍ରାରୁ ଉଠିବା; ନିଦ୍ରାଭଙ୍ଗ—
1. Waking up from sleep.
୨ । ଅନିଦ୍ରତା—2. Wakefulness.
୩ । ସାବଧାନତା—3. Watchfulness; vigilance.

ଜାଗା—ବୈଦେ. ବି. (ଫା. ଜାୟଗାହ୍)—
Jāgā ୧ । ସ୍ଥାନ—1. Space; place.
জায়গা ୨ । ବସ୍ତୁ ରଖିବାର ପାତ୍ର—
जगह, जागा 2. Receptacle; vessel.
୩ । ଜାଗାଘର (ଦେଖ)
3. Jāgā-ghara (See)

ଜାଗାଘର—ଦେ. ବି—୧ । ଅଖଡ଼ା ଘର; ସଙ୍ଗୀତ ବା ମଲ୍ଲବିଦ୍ୟା ଅଭ୍ୟାସ
Jāgā-ghara କରିବାର ସ୍ଥାନ—1. Gymnasium; a place where rehearsales in music and athletic exercises take place.
୨ । ଯେଉଁ ସ୍ଥାନରେ ଗ୍ରାମବାସୀମାନେ ସନ୍ଧ୍ୟା ବେଳେ ବଇଠକ ଓ ଆମୋଦପ୍ରମୋଦ କରନ୍ତି—
2. Village club-house; an evening club.
[ଦ୍ର—ଜାଗାଘରମାନଙ୍କରେ ସନ୍ଧ୍ୟାବେଳେ ଜାଗାସାଙ୍ଗମାନେ ସଙ୍ଗୀତ ଓ ବାଦ୍ୟାଦିର ଚର୍ଚ୍ଚା କରନ୍ତି, ଭାଙ୍ଗ ଓ ଚୁଡ଼ାଘସା ଆଦି କରନ୍ତି ଓ ସମୟେ ସମୟେ ଭୋଜି ମଧ୍ୟ କରନ୍ତି ।]

ଜାଗାଜାଗା—ବୈଦେ. କ୍ରି. ବିଣ—ଜାଗେଜାଗେ (ଦେଖ)
Jāgā-jāgā Jāge-jāge (See)

ଜାଗାପିଲା—ଦେ. ବି—ଅଖଡ଼ା ଘରେ ନାଟ, ଗୀତ, କୁସ୍ତି ଆଦି
Jāgā-pilā ଶିଖୁଥିବା ଦଳର ଯୁବକଗଣ—Young men belonging to a party practising music and athletic feats at the gymnasium.

ଜାଗା ବର ଜାଗା—ବୈଦେ. କ୍ରି. ବିଣ. (ଫା. ଜାୟଗାହ୍ ବର ଜାୟଗାହ୍)—
Jāgā bar jāgā
জায়গা বর জায়গা ୧ । ପ୍ରତ୍ୟେକ ସ୍ଥାନରେ—
जगह बर जगह 1. In every place.
୨ । ସବୁ ଠାରେ—2 At all places.
୨ । ଭିନ୍ନ ଭିନ୍ନ ସ୍ଥାନମାନଙ୍କରେ—
2. At different places.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଂ	ଉଃ	ଙ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଓ	ନ୍

ଜାଗାସାଙ୍ଗ—ଦେ. ବ—ଏକ ଜାଗାଘରେ ଯେଉଁମାନେ ଏକତ୍ର
Jāgā-sānga ଆମୋଦାଦ କରନ୍ତି—Members of a
(ଜାଗାସାଙ୍ଗୀ—ଅନ୍ୟରୂପ) village-club.

ଜାଗିବା—ଦେ. କ୍ରି. (ସଂ. ଜାଗୃ ଧାତୁ)—
Jāgibā ୧ । ଚେଇଁବା; ନିଦ୍ରାରହିତ ହେବା—
(ଜିଗେଇବା—ଗ୍ରାମ୍ୟ) 1. To keep awake; to watch up.
जागा ୨ । ନିଦରୁ ଉଠିବା—
जागना 2. To rise from up sleep; to wake up.
ଜାଗି ଜାଗିଲୁ ବନେ କାତର ସ୍ୱରେ । ରାଧାନାଥ. ମେଘଦୂତ ।
୩ । ସତର୍କ ରହିବା—3. To be on the alert.
୪ । ନିଜର ଉନ୍ନତି କରିବାକୁ ଚେଷ୍ଟା କରିବା—
4. To exert for self-improvement.
ସେ ଜାତ ଜାଗିଲେ ଜଗତେ ତାହାଙ୍କୁ କାହିଁ ଜସ କେତେ ମାନ ।
ରାଧାନାଥ. ଶୀତଳହଂସ ।

୫ । (ଲକ୍ଷଣାର୍ଥ) ଆଳସ୍ୟ ବା ଜଡ଼ତା ବା ନିରୁତ୍ସାହ ପରିତ୍ୟାଗ ପୂର୍ବକ ଉଦ୍ୟମ କରିବା ବା ଚଞ୍ଚଳ ହେବା—
5. To throw off idleness and be active.
୬ । (ଅଗ୍ନି) ଜଳ ଉଠିବା—
6. (fire) To burn; to blaze up.
୭ । (ସକର୍ମକ) ନିଆଁ ଯେପରି ଲିଭି ନ ଯାଏ ସେପରି କରି ନିଆଁକୁ ଜଳାଇ ରଖିବା—7. To keep a fire burning.
୮ । ସତେଜ ହେବା—8. To brighten up.
୯ । ସମୃଦ୍ଧ ହେବା—9. To prosper.

ଜାଗିର୍ (ଇତ୍ୟାଦି)—ବୈଦେ. ବ—ଜାଗିର ଇତ୍ୟାଦି (ଦେଖ)
Jāgir etc Jāgiri etc (See)

ଜାଗିର—ବୈଦେ. ବି. (ଫା. ଜାଗୀର୍; ଜା=ଜମି; ଗୀର=ଗ୍ରହଣ)—
Jāgiri ୧ । ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବା ପାଇଁ ଭୂମ୍ୟଧିକାରୀ ବା
जायगीर ଭୂପତିଙ୍କଠାରୁ କାର୍ଯ୍ୟକାରୀ ବ୍ୟକ୍ତି ପାଇଥିବା ନିଷ୍କର
जागीर ଭୂମି ବା ଗ୍ରାମ; ପେନ୍ସନ୍ ବା ପୁରସ୍କାର ସ୍ୱରୂପ ରାଜାଙ୍କ ଠାରୁ ପ୍ରାପ୍ତ ଭୂସମ୍ପତ୍ତି—Land or village granted rent-free by the land-lord or king for services rendered; grant of land as pension or reward.
୨ । ବେତନ ପରିବର୍ତ୍ତେ ଭୃତ୍ୟକୁ ପ୍ରଦତ୍ତ ଭୂମି—
2. Service-tenure; land granted rent-free to a servant in lieu of service; Jaighir.
(ଯଥା—ବଢ଼େଇ ଜାଗିର, କମାର ଜାଗିର, ମାଳ ଜାଗିର, ମସାଲଚୀ ଜାଗିର, ସରବରାକାରୀ ଜାଗିର, ସେବକ ଜାଗିର ଇତ୍ୟାଦି ଜାଗିର ।)
[ଦ୍ର—ଏ ଶବ୍ଦ ଇଂରାଜୀଭାଷାରେ ମଧ୍ୟ ଚଳୁଅଛି ।]

ଜାଗିରଖିଆ—ଦେ. ବଣ. (ଫା. ଜାଗୀର୍ + ସଂ. ଖାଦ ଧାତୁ)—
Jāgiri-khiā ଯେଉଁ ଭୃତ୍ୟ ଜାଗିର ଭୋଗ କରେ—
Holding or enjoying service-tenure.

ଜାଗିରଦାର—ବୈଦେ. ବ. (ଫା. ଜାଗୀରଦାର୍)—ଜାଗିର ଭୋଗ
Jāgiri-dār କରିବା ବ୍ୟକ୍ତି—Holder of Jaighir or
जायगीरदार service-tenure.
जागीरदार
[ଦ୍ର—ଇଂରାଜମାନେ ମାନ୍ଦ୍ରାଜଅଞ୍ଚଳୁ ପ୍ରଥମେ ଆସି ଓଡ଼ିଶା ଅଧିକାର କରିବା ସମୟରେ ଓଡ଼ିଶାର ଦ୍ୱାର ସ୍ୱରୂପ ଚିଲିକା ହ୍ରଦର ମୁହାଣ ବାଟେ ସେମାନଙ୍କ ଫଉଜ ଆସିଥିଲେ । ସେହି ସମୟରେ ସେମାନଙ୍କୁ ସହାୟତା କରିଥିବାରୁ ଫତେ ମହମ୍ମଦ୍ ନାମକ ବ୍ୟକ୍ତିଙ୍କୁ ଇଂରାଜ ସରକାର ପାରିକୁଦ, ମାଲୁଦ, ଅକାଶ୍ରି, ବଜ୍ରକୋଟ ପ୍ରଗଣାମାନ ଜାଗିର ସ୍ୱରୂପ ଚିରକାଳ ପାଇଁ ନିଷ୍କରରୂପେ ଦେଲେ । ଫଳେ ମହମ୍ମଦ ଓ ତାଙ୍କ ବଂଶଧରମାନ ଅଦ୍ୟାପି ଜାଗିରଦାର୍ ବୋଲି ପରିଚିତ ।]

ଜାଗୁଡ଼ି—ସଂ. ବ. (ଯଡ଼ ଲୁଗଲ୍ଲୁଗଲ୍ଡ଼ି ଧାତୁ=ବେଷ୍ଟନ କରିବା, ପେଷଣ
Jāgurda କରିବା+କର୍ତ୍ତୃ. ଅ)—୧ । କୁଙ୍କୁମ (ଦେଖ)
1. Kunkuma (See)
୨ । ପ୍ରାଚୀନ ଦେଶବିଶେଷ (ହି. ଶବ୍ଦସାଗର)—
2. Name of an ancient country.

ଜାଗୁଳାଈ—ଦେ. ବ. ସ୍ତ୍ରୀ. (ସଂ. ଜାଗ୍ରତ୍ ଗୌରୀ)—
Jāgulāi ୧ । ଗ୍ରାମଦେବୀ ବା ଯୋଗିନୀବିଶେଷ—
(ଜାଗୁଳେଈ—ଅନ୍ୟରୂପ) 1. Name of a village-Goddess.
୨ । ଶ୍ରାବଣମାସ କୃଷ୍ଣପଞ୍ଚମୀ ରାତ୍ରିରେ ଗ୍ରାମର ଦ୍ୱାରେ ଦ୍ୱାରେ ପିଠାଭୋଗ ପାଇବା ଦେବୀବିଶେଷ—2. A village-Goddess worshipped by the offering of cakes at every door of the village on the night of the 5th day of the bright fortnight of Srābaṇa.
ଜାଗୁଳାଈ ! ମା ପାଗୁଳାଈ ! ସବୁରିଙ୍କର ମାଆ
ବରତ କରି ଖାଇରୁ ସେବେ ମୋ ଦୁଖରକୁ ଥା ।
ଜାଗୁଳାଈ ପଞ୍ଚମୀ. ଶିଶୁଗୀତ ।

ଜାଗୁଳାଈ ପଞ୍ଚମୀ—ଦେ. ବ. (ସଂ. ଜାଗ୍ରତ୍‌ଗୌରୀ ପଞ୍ଚମୀ) —
Jāgulāi panchami ଜାଗ୍ରତ୍‌ଗୌରୀ ପଞ୍ଚମୀ; ଶ୍ରାବଣ ଶୁକ୍ଳ-
(ଜାଗୁଳେଈପଞ୍ଚମୀ—ଅନ୍ୟରୂପ) ପଞ୍ଚମୀ—The 5th day of the bright fortnight of Srābaṇa.
[ଦ୍ର—ଏ ଦିନ ରାତିରେ ଗ୍ରାମର ଭଣ୍ଡାରୀ ଗୋଟିଏ ମାଟିର ଜାଗୁଳାଈ ମୂର୍ତ୍ତି ନିର୍ମାଣ କରି ଗ୍ରାମର ଦ୍ୱାରେ ଦ୍ୱାରେ ନେଇ ବୁଲାଏ ଓ ଗୃହସ୍ଥମାନଙ୍କ ଦ୍ୱାରରେ ଉକ୍ତ ଠାକୁରାଣୀଙ୍କୁ ପିଠାରେ ପୂଜା ଦିଆଯିବା ପରେ ଉକ୍ତ ପ୍ରତିମାକୁ ନେଇ ପାଣିରେ ପକାଇ ଦିଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସପ୍ତମ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଉ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଗିଂା ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

ଜାଗୁଳି—ଦେ. ବି—ବସାଦହି ବସାଇବା ନିମିତ୍ତ ନିର୍ମିତ ଉଦ୍ଭିଦ୍ଭାଣ୍ଡ୍ୱୀ
Jāguli କ୍ଷୁଦ୍ର ମାଟିପାତ୍ର; ପଭୁଲି—A small pan for coagulating milk into curd.

ଜାଗୁଲେଇ (ଇତ୍ୟାଦି)—ଜାଗୁଳାଇ ଇତ୍ୟାଦି (ଦେଖ)
Jāgulei (etc) Jāgulāi etc (See)

ଜାଗୃ (ଧାତୁ)—ସଂ—ନିଦ୍ରାରୁ ଉଠିବା—
Jāgṛu (root) To wake up from sleep.

ଜାଗେ ଜାଗେ—ବୈଦେ. କ୍ରି. ବିଣ—ସ୍ଥାନେ ସ୍ଥାନେ; ଭିନ୍ନ ଭିନ୍ନ
Jāge jāge ସ୍ଥାନରେ—At different places.
জায়গায় জায়গায়
জগহ গহ

ଜାଗ୍ରତ୍—ସଂ. ବିଣ. [ଜାଗୃ ଧାତୁ+କର୍ତ୍ତୃ. ଅତ୍ (ଶତୃ)]—
Jāgrat ୧ । ଜାଗରଣଶୀଳ—1. Wakeful.
୨ । ନିଦ୍ରାହୀନ—2. Sleepless.
ବି—ଜାଗରଣ ଅବସ୍ଥା—Wakefulness.

ଜାଗ୍ରତ—ଦେ. ବିଣ. ପୁଂ (ସଂ. ଜାଗୃ ଧାତୁ+କର୍ତ୍ତୃ. ତ)—
Jāgrata ୧ । ଜାଗରଣଶୀଳ—1. Wakeful; watchful.
(ନିଦ୍ରିତ—ବିପରୀତ) ୨ । ସାବଧାନ; ସତର୍କ—
(ଜାଗ୍ରତା—ସ୍ତ୍ରୀ) 2. Vigilant; careful.
୩ । ଜାଗରୁକ; ଯେ ଚେଇଁଛି—
3. Awake; not asleep.
୪ । ଯେଉଁ ଅବସ୍ଥାରେ ଜୀବ ସବୁ ବିଷୟ ଜାଣି ପାରେ—
4. Conscious; sentient.
ବି—ଚେଇଁବା; ନିଦ୍ରାହୀନତା—Sleeplessness.
ଜାଗ୍ରତ ସନ୍ଧି ସ୍ୱପନ,-ବେଳ ଯେ କଲେ ଶୟନ
କାଳ ଉଦବେଗେ ରଜା ନିଦ ଭଙ୍ଗିଲା—ପ୍ରାଚୀ. ନଳଚରିତ ।

ଜାଗ୍ରତି—ସଂ. ବି. (ଜାଗୃ ଧାତୁ+ଭାବ. ତି)—ଜାଗରଣ—
Jāgrati Wakefulness.

ଜାଗ୍ରଦବସ୍ଥା—ସଂ ବି. (ଜାଗ୍ରତ୍+ଅବସ୍ଥା)—ଚେଇଁବା ଅବସ୍ଥା—
Jāgradabasthā The state of being watchful or wakeful.

ଜାଘନୀ—ସଂ. ବି. ସ୍ତ୍ରୀ. (ଜଘନ+ଅ+ସ୍ତ୍ରୀ. ଈ.)—
Jāghani ୧ । ଊରୁଦେଶ; ଜଙ୍ଘ—1. The front thigh; lap.
୨ । ଲାଙ୍ଗୁଡ଼; ପୁଚ୍ଛ—2. Tail.

ଜାଙ୍ଗଳ—ସଂ. ବି. (ଜଙ୍ଗଳ+ଅ)—୧ । ହରିଣାଦି ବନ୍ୟପଶୁ—
Jāngaḷa 1. Wild beasts.
୨ । ଜଳହୀନ ଦେଶ—2. Waterless country.
[ଦ୍ର—ଯେଉଁ ଦେଶରେ ବର୍ଷାର ପରିମାଣ ଅତି କମ୍, ଖରା ଓ ଗରମ ଅତି ବେଶି, ବଡ଼ବଡ଼ ଗଛ ଓ ଘାସ ଆଦି ନ ଥାଏ ଏବଂ କଣ୍ଟା ଗୁଳ୍ମ ଆଦି ଥାଏ ଓ ହରିଣ ଆଦି ପଶୁ ରହନ୍ତି ତାକୁ ଜାଙ୍ଗଳ ବୋଲାଯାଏ—ହି. ଶବ୍ଦସାଗର ।]
୩ । ଲଙ୍କାଙ୍ଗଳିଆ ନାମକ ବିଷବୃକ୍ଷ—
3. Gloriosa Superba; Methonica Superba (M. W.); Hyodrolea Zeylancia (Kirtikar).
ଯୋର ଘୋର ଜାଙ୍ଗଳ, ତରଳ ଭୁଲେ ତାହା ପଇଲୁ ରେ—
ଉଦ୍ଧବଦୀପ, କରୋସହଙ୍କ, ସଂଗୀତ ।
୪ । ତିତିର ପକ୍ଷୀ (ହି. ଶବ୍ଦସାଗର)—
4. Partridge (bird).
୫ । ମାଂସ—5. Flesh; meat.
୬ । ଜାଙ୍ଗଳ ଦେଶରେ ମିଳୁଥିବା ହରିଣ ଆଦି ଜନ୍ତୁ (ହି. ଶବ୍ଦସାଗର)—6. Animals found in waterless tracts.
[ଦ୍ର—ଏମାନଙ୍କ ମାଂସ ମଧୁର, ରୁକ୍ଷ, ଲଘୁ, ଦୀପକ, ରୁଚିକାରକ ଓ ଶୀତଳ । ଏହା ଶ୍ଲୀପଦ, ପ୍ରମେହ, ଗଣ୍ଡମାଳା ଆଦି ରୋଗୀର ଖାଦ୍ୟ—ହି. ଶବ୍ଦସାଗର ।]
ବିଣ—୧ । ବନ୍ୟ; ବନଚର—1. Wild.
୨ । ବନଜାତ—2. Growing wild.
୩ । ଅସଭ୍ୟ—3. Uncivilised.
୪ । ଅରଣ୍ୟମୟ—4. Full of forests.
୫ । ଜଙ୍ଗଲସମ୍ବନ୍ଧୀୟ—5 Relating to forests.

ଜାଙ୍ଗଲ—ପ୍ରାଦେ. (ସମ୍ବଲପୁର) ବି—ଦେହ—
Jāngala Body.
ଦେ. ବିଣ.—ଜଙ୍ଗଲ; ବନ୍ୟ—Wild; jungly.
ଉଠିଗୁ ବଳେର, ହୋଇ ସୁବାବାର, ଗମିଲେ ଜାଙ୍ଗଲ ବାଟେ—
ନନ୍ଦକିଶୋର, ରାମ ସ୍ତ୍ରୀ ।

ଜାଙ୍ଗଳି—ସଂ. ବିଣ. ଓ ବି—ଜାଙ୍ଗଳିକ (ଦେଖ)
Jāngaḷi Jāngaḷika (See)

ଜାଙ୍ଗଳିକ—ସଂ. ବିଣ. (ଜଙ୍ଗଳ+ସ୍ୱାର୍ଥେ. ଇକ)—ଜଙ୍ଗଲବାସୀ—
Jāngaḷika Inhabiting the forest; wild.
ବି—୧ । ସାପୁଆ; ଯେ ସାପ ଧରେ—
1. Snake-catcher; snake-charmer.
୨ । ବିଷବୈଦ୍ୟ—2. A doctor of snake-poisoning; a person who cures snake-bites.

ଜାଙ୍ଗଳୀ—ସଂ. ବି. (ଜାଙ୍ଗଳ+ଈ)—ବାଇଡଙ୍କ; କପିକଚ୍ଛୁ; (ହି. ଶବ୍ଦସାଗର)—Cowhage.
Jāngaḷi

ଜାଙ୍ଗି—ଦେ. ବି—ଜଙ୍ଘି ହରିଡ଼ା (ଦେଖ)
Jāngi Janghi harirdā (See)

ଜାଙ୍ଗି ହରିଡ଼ା—ଦେ. ବି—ଜଙ୍ଘି ହରିଡ଼ା (ଦେଖ)
Jāngi harirdā Janghi harirdā (See)

ଜାଙ୍ଗୁଳ—ସଂ. ବି. (ଜଙ୍ଗୁଳ+ଅ)—୧ । ବିଷ—
Jānguḷa 1. Poison.
(ଜାଙ୍ଗୁଳି—ଅନ୍ୟରୂପ) ୨ । ତରଡ଼ା (ଦେଖ)
2. Tarardā (See)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଢ
୨	ଇ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ତୃ

ଜାଙ୍ଗୁଲା—ଦେ. ବି. ସ୍ତ୍ରୀ. (ସଂ. ଜାଗ୍ରଦ୍‌ଗୌରୀ)—
Jāṅgulā ଜାଗୁଲାଇ (ଦେଖ)
Jāgulāi (See)

ଜାଙ୍ଗୁଳିକ—ସଂ. ବି. (ଜାଙ୍ଗୁଳ+ଜ୍ଞାତାର୍ଥେ ଇକ)—
Jāṅgulika ୧ । ବିଷବୈଦ୍ୟ—
ଜାଙ୍ଗୁଳକ } ଅନ୍ୟରୂପ 1. One who cures poisoning.
ଜାଙ୍ଗୁଳ } ୨ । ସାପୁଆ—2. Snake-charmer; snake-catcher.
୩ । ବିଷ ବ୍ୟବସାୟୀ—
3. A dealer in poison.

ଜାଙ୍ଗୁଲିକା—ଦେ. ବି—ଜାଗୁଲାଇ (ଦେଖ)
Jāṅgulikā Jāgulei (See)

ଜାଙ୍ଗୁଲି—ସଂ. ବି—ସାପ ବିଷ ଛାଡ଼ିବା ବିଦ୍ୟା—
Jāṅguli The art of curing snake-bite.

ଜାଙ୍ଘି ହରିଡ଼ା—ଦେ. ବି—ଜଙ୍ଘି ହରିଡ଼ା (ଦେଖ)
Jāṅghi harirdā Janghi harirdā (See)

ଜାଞ୍ଚଇ—ବୈଦେ. ବି. (ସଂ. ଯାଚନ)—
Jāchai ୧ । କୌଣସି ପଣ୍ୟ ଦ୍ରବ୍ୟକୁ ପରୀକ୍ଷା କରି ତହିଁର
ଜାଚାଇ ପ୍ରକୃତ ମୂଲ୍ୟ ଓ ଯୋଗ୍ୟତା ସ୍ଥିର କରିବା—
जाँच 1. Appraisment; examination; testing the purity and value of a thing.
୨ । ପରଖ; ପରୀକ୍ଷା—2. Test.

ଜାଜୁଲମାନ—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ଜାଜ୍ୱଲ୍ୟମାନ)—
Jājul-mān ୧ । ଜାଜ୍ୱଲ୍ୟମାନ (ଦେଖ)
1. Jājjwalyamāna (See)
୨ । ଅଗ୍ନିଶର୍ମୀ; କ୍ରୋଧରେ ପ୍ରଜ୍ୱଳିତ—
2. Burning with rage.

ଜାଜୁଲ୍ୟ—ଗ୍ରା. ବିଣ. (ପ୍ରାଚୀନ ପଦ୍ୟ) (ସଂ. ଜାଜ୍ୱଲ୍ୟମାନ)—
Jājulya ୧ । ଜାଜ୍ୱଲ୍ୟମାନ (ଦେଖ)
1. Jājjwalyamāna (See)
ଜାଜୁଲ୍ୟ ତେଜ ତାହାଙ୍କର
ଦେଖି ବୋଇଲେ କୋଟଦୂର । ପ୍ରାଚୀ. ଜଗନ୍ନାଥ ମାହାତ୍ମ୍ୟ ।

ଜାଜୁଲ୍ୟତା—ଗ୍ରା. ବି. (ଅପପ୍ରୟୋଗ)—ଉଜ୍ଜ୍ୱଳତା—
Jājulyatā Brightness.
ସେ ତେଜ ପାରିବ ଦେଖି ଜାଜୁଲ୍ୟତାନବ । ପ୍ରାଚୀ. ବୃନ୍ଦାବନଭୂଷଣଗୀତା ।

ଜାଜୁଲ୍ୟମାନ—ଗ୍ରା. ବିଣ. (ସଂ. ଜାଜ୍ୱଲ୍ୟମାନ)—
Jājulyamāna ଜାଜ୍ୱଲ୍ୟମାନ (ଦେଖ)
Jājjwalyamāna (See)

ଜାଜ୍ୱଲ୍ୟମାନ—ସଂ. ବିଣ. (ଯଡନ୍ତ ଜ୍ୱଲ=ଜାଜ୍ୱଲ ଧାତୁ=ଅତ୍ୟନ୍ତ ଦୀପ୍ତି
Jājwatyamāna ପାଇବା+କର୍ତ୍ତୃ. ଆନ)—
୧ । ଦେଦୀପ୍ୟମାନ; ବିଶେଷ ଭାବରେ ଦୀପ୍ତି ପାଉଥିବା; ଅତି ଉଜ୍ଜ୍ୱଳ—1 Dazzling; shining.
୨ । ଅତି ଜ୍ୱଳନ୍ତ—
2. Blazing; refulgent; splendid.

ଜାଞ୍ଚ—ବୈଦେ. ବି. (ସଂ. ଯାଚନ; ସେଟଲ୍‌ମେଣ୍ଟରେ ବ୍ୟବହୃତ)—
Jāñch ୧ । ଭୂମିମାପ କାର୍ଯ୍ୟ ଠିକ୍ ରୂପେ ହୋଇ ଅଛି କି ନାହିଁ
जँाच ଏହା ପରୀକ୍ଷା କରିବା; ପ୍ରତାଲ—
जाँच 1. Check whether a land or plot has been properly measured.
୨ । ତନ୍ନ ତନ୍ନ କରି ଦୋଷଗୁଣ ନିରୂପଣ କରିବା—
2. Minute examination of the defects and bright points of a matter.

ଜାଞ୍ଜିବାର—ଦେ. ବି. (ନାମ)—ଇଂରେଜ ସାମ୍ରାଜ୍ୟର ଅଧୀନ ଜଣେ ଆରବୀ
Janjibār ରାଜାଙ୍କ ଶାସିତ ପୂର୍ବଆଫ୍ରିକାର ରାଜ୍ୟବିଶେଷ—
জাংজিবার An Arab State in East Africa under
जंजीबर the protection and suzerainity of
(ଜାଞ୍ଜିବର—ଅନ୍ୟରୂପ) Great Britain

[ବି—ଏ ରାଜ୍ୟର ରାଜାଙ୍କୁ ସୁଲତାନ୍ ବୋଲାଯାଏ । ଏହାର ଉପକୂଳକୁ ଜେନ୍‌ଜିବାର ବୋଲାଯାଏ । ଜେନ୍‌ଆରେ ଇଂରେଜମାନେ ଉପନିବେଶ କରି ଅଛନ୍ତି । ଏହି ରାଜ୍ୟରେ ଓ ଜେନ୍‌ଆରେ ବହୁ ବର୍ଷରୁ ଓ ବହୁ ପୁରୁଷରୁ ବହୁ ସହସ୍ର ଭାରତବାସୀ ବାସ କରି ଅଛନ୍ତି ।]

ଜାଠ—ଦେ. ବିଣ—କୃପଣ—
Jāṭha Miserly; close-fisted.
जाठ ବି—୧ । କାନ୍ଧ—1. Shoulder.
जाठ ୨ । ପଞ୍ଜାବ, ରାଜପୁତାନା ଓ ସିନ୍ଧୁ ପ୍ରଭୃତି ସ୍ଥାନର କ୍ଷତ୍ରିୟଜାତିବିଶେଷ—The Jaths, a caste of Kshatriyas of the Punjāb, Rājaputāna and Sindh.

[ବି—ଏମାନେ ଯଦୁବଂଶୀୟ କ୍ଷତ୍ରିୟ ବୋଲି ଆପଣାକୁ ପରିଚୟ ଦିଅନ୍ତି । ଏମାନେ ବହୁ ସଂଖ୍ୟାରେ ଭାରତୀୟ ସୈନ୍ୟବିଭାଗରେ ପ୍ରବେଶ କରି ଅଛନ୍ତି । ଯୁକ୍ତ ପ୍ରଦେଶରେ ଓ ଭରତପୁରରେ ଏହି ଜାତି କୃଷକ ବା କିଷାନ୍ ନାମରେ ଅଭିହିତ ।]

୩ । ଦଳ—3. Batch.
୪ । ଇଂଲଣ୍ଡର ରକ୍ଷଣଶୀଳ ନାମକ ରାଜନୈତିକ ଦଳ—
4. The Conservative party in English politics.

ଜାଠର—ସଂ. ବିଣ. (ଜଠର+ଅ)—ଜଠର ବା ଗର୍ଭ ସମ୍ବନ୍ଧୀୟ—
Jāṭhara Pertaining to the belly.
(ଜାଠରୀ—ସ୍ତ୍ରୀ) ବି—ଜଠରାଗ୍ନି; କ୍ଷୁଧା—Digestive fire or energy; hunger.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ, 'ଅଁଖା' ନ ପାଇଲେ 'ଅଙ୍ଖା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜାଡ଼—ଦେ. ବି. (ସଂ. ଜାଡ୍ୟ)—
Jārdā ୧ । ହିମ; ଶୈତ୍ୟ; ଥଣ୍ଡା—1. Cold.
शीत
जाड़ा

ଘୋର ଜାଡ଼ ମାଡ଼ ପଡ଼ଇ କହୁଁ କହୁଁ ମଗ୍ଣରେ । ମଧୁସୂଦନ. ଛନ୍ଦମାଳା ।

୨ । ଶୀତକାଳ—2. Winter.
୩ । ଦେହକୁ ଶୀତ ଧରିବା—3. Feeling of cold.
ବିଣ—୧ । ଜଡ଼ୁ (ଦେଖ)
1. Jarda (See)
୨ । ମୂକ—2. Dumb.

ଜାଡ଼ କାଲ ପ୍ରାୟେ ହୋଇ ବସିଅଛି । ପ୍ରାଚୀ. ରହସ୍ୟମଞ୍ଜରୀ ।

ଜାଡ଼ କରିବା—ଦେ. ବି—ଶୀତ କରିବା—
Jārda kribā Feeling of cold.
शीत लागा
जाड़ा लगना

ଜାଡ଼ଦିନ—ଦେ. ବି—ଶୀତ ଋତୁ—
Jārda-dina Winter.
शीतकाल
जाड़ाकादिन

ଜାଡ଼ଲୁଗା—ଦେ. ବି—ଶୀତ ଲୁଗା, ଶୀତବସ୍ତ୍ର—
Jārda-lugā Winter-cloth.
गरमकापड़
जाड़ाका कपड़ा

ଜାଡ଼ା—ଦେ. ବିଣ. ପୁଂ. (ସ. ଜଡ଼)—ଜଡ଼; ମୂକ—
Jārdā Dumb.
(ଜାଡ଼ୀ—ସ୍ତ୍ରୀ) ପ୍ରାଦେ. (ବସ୍ତୁର) ବି—ଜଡ଼ା; ଗବ—
Castor-oil-seed.

ଜାଡ଼ି—ଦେ. ବି. (ସ. ଜାଡ୍ୟ)—ଶୀତ; ଥଣ୍ଡା—
Jārdi Cold.

ଜାଡ଼ିବା—ଦେ. କ୍ରି.—(ସ. ଜଡ଼; ଜାଡ୍ୟ)—୧ । ଅତ୍ୟନ୍ତ ଥଣ୍ଡା ହେତୁ
Jārdibā (ପାଟି) ଖିଲ ମାରିଯିବା—1. (the mouth) To lose
ठिठुरना the power of articulate speech owing to extreme cold.
୨ । ଅତ୍ୟନ୍ତ ଶୀତ ହେତୁ ଶରୀର ଅବଶ ହୋଇ ଯିବା; ଖୋଲ ମାରିବା—2. (the body) To become benumbed with extreme cold.
୩ । ଜମି ଯିବା; ଜମାଟ ବାନ୍ଧିବା—
3. To become frozen.
୪ । ଜଡ଼ପ୍ରାୟ ହେବା—
5 To become inert or dull.
୫ । ଅତିଶୟ ଶୀତଳ ହେବା—
5. To become very cold.

କହନ୍ତି ପଡ଼ିଲା ଗୋ ଜାଡ଼ିଲା ବସୁନ୍ଧରା । ପ୍ରାଚୀ. ରହସ୍ୟମଞ୍ଜରୀ ।

ଜାଡ଼ୀ—ଦେ. ବିଣ. ସ୍ତ୍ରୀ—(ସ. ଜଡ଼)—୧ । ମୂକା (ସ୍ତ୍ରୀ)—
Jārdi 1. Dumb (female).

କହୁଛି ବୋଲୁଛି ଜନମରୁ ଜାଡ଼ୀ, ପୁଣି ସେ ଚେପଟାନାକୀ । ଭକ୍ତଚରଣ. ସାଆନ୍ତଅ ବାହା ।

ବି.—(ସ. ଜାଡ୍ୟ) ଜଡ଼ତା—Numbness

ବାହୁଲା ଜାଡ଼ୀ ଶୁକ କଣ୍ଠେ ରହିଲା ନାହିଁ କହିବାର ଅବସ୍ଥା ସେ । ଭଞ୍ଜ. ବୈଦେହୀଶବିଳାସ ।

ଜାଡ଼ୁଆ—ଦେ. ବିଣ. ପୁଂ. (ସ. ଜଡ଼)—ସ୍ପଷ୍ଟ ଉଚ୍ଚାରଣଶକ୍ତି ରହିତ;
Jārduā ଜଡ଼; ମୂକ—Dumb; incapable of making articulate speech.
ଜାଡ଼େଇ }
ଜାଡ଼ୋଇ }—ସ୍ତ୍ରୀ

ଜାଡ଼ୁଆ ଗୋସାଇଁ—ଦେ. ବି.—(ବ୍ୟକ୍ତିରୂପେ କଳ୍ପିତ) ଶୀତ—
Jārduā gosāin Cold (personified).
(ଜାଡ଼ୁଆ ଗୋସେଇଁ—ଅନ୍ୟରୂପ)

ଏବେଇ ଗଲ୍ । ତହୁଁ ଜାଡ଼ୁଆ ଗୋସାଇଁ ପରସନ୍ । ଚଗ ।

ଜାଡ଼ୁଆଳି—ଦେ. ବି.—ଶୀତବସ୍ତ୍ର—
Jārduāli Winter-clothes.
ବିଣ.—ଶୀତକାଳୀନ—Pertaining to winter; wintry

ଜାଡ଼େଇବା—ଦେ. କ୍ରି.—ଜାଡ଼ିବା (ଦେଖ)
Jārdeibā Jārdibā (See)

ଜାଡ୍ୟ—ସ. ବି. (ଜଡ଼+ଭାବ. ଯ)—୧ । ଜଡ଼ତା; ନିର୍ଜୀବଭାବ—
Jādya 1. Inertness; dullness.
୨ । ଜଡ଼ବୁଦ୍ଧି; ମୂର୍ଖତା—2. Stupidity.
୩ । ଥଣ୍ଡା; ଶୀତ—3. Cold.
୪ । ଶୀତବୋଧ—4. Feeling of cold.
୫ । ଶୈଥିଲ୍ୟ; ଆଳସ୍ୟ—5. Idleness; laxity.
୬ । ସ୍ତମ୍ଭୀଭାବ—6. Stupefaction.

ଜାଡ୍ୟାପହ—ସ. ବିଣ. ପୁଂ (ଜାଡ୍ୟ+ଅପ+ହନ ଧାତୁ+କର୍ତ୍ତୃ. ଅ)
Jādyāpaha ଯେ ବା ଯାହା ଜଡ଼ତା ନାଶ କରେ—That
(ଜାଡ୍ୟାପହା—ସ୍ତ୍ରୀ) which or he who cures a man's dullness.

ଜାଣ—ଦେ. ବି (ସ. ଜାଲ)—ଚିଲ୍କା ବା ସମୁଦ୍ର ଉପକୂଳସ୍ଥ ଜଳରେ
Jāṇa ମାଛ ଧରିବା ପାଇଁ ନିରୂପିତ ସ୍ଥାନ—Fishery-grounds in the Chilka lake or the sea-shore.

ଜାଣକାର—ଦେ. ବି.—(ସ. ଜ୍ଞାମ)—୧ । ବିଜ୍ଞ—
Jāṇakāra 1 Wise.
जानकार ୨ । ଚତୁର—2. Clever.
୩ । ବହୁଦର୍ଶୀ—3. Experienced.

ଜାଣତ—ଗ୍ରାମ୍ୟ. ବିଣ. (ସ. ଜାନତ୍)—୧ । ଜ୍ଞାନର ବିଷୟୀଭୂତ—
Jāṇata 1. Within one's knowledge or cognizance.
जानत ୨ । ଯେ ଜାଣି ଥାଏ ବା ଅନୁଭବ କରି ଥାଏ; ଯେ ଜାଣଇ;
जान ବିଜ୍ଞ—2. Experienced; knowing; cognizant.
(ଜାଣନ୍ତ—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଅ	ଉଅ	ଢ଼
୨	ଈ	ଊ	ୠ	ୡ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ନ

ବି.—ଜ୍ଞାନ—Knowledge.

ଜାଣତ ପକ୍ଷେ—ଗ୍ରା. କି. ବିଣ—ଜାଣତରେ (ଦେଖ)
Jāṇata pakshe Jāṇatare (See)
(ଯଥା—ମୁଁ ଜାଣତ ପକ୍ଷେ ଦୋଷୀ ନୁହେଁ ।)

ଜାଣତରେ—ଗ୍ରା. କି. ବିଣ. (ସଂ. ଜ୍ଞାନତଃ)—ଜ୍ଞାତସାରରେ; ଜାଣୁଜାଣୁ;
Jāṇatare ଜ୍ଞାନତଃ—Knowingly; consciously; to one's knowledge.
জানতপক্ষে, জানতে জানতে
जानते जानते, जानमे (ଯଥା—ମୁଁ ହେତୁ ପାଇଲା ଦିନ ଠାରୁ ମୋ ଜାଣତରେ କିଛି ଅପରାଧ କରି ନାହିଁ ।)

ଜାଣନ୍ତ (ଇତ୍ୟାଦି)—ଜାଣତ ଇତ୍ୟାଦି (ଦେଖ)
Jāṇanta (etc) Jāṇata etc (See)

ଜାଣନ୍ତା—ଦେ. ବିଣ.—୧ । (ସଂ. ଜ୍ଞାତ) ଜ୍ଞାତ—
Jāṇantā 1. Known.
୨ । (ସଂ. ଜ୍ଞାତା) ଯେ ଜାଣେ—
1. One who knows; knowing.

ଜାଣନ୍ତା ପ୍ରମାଣେ—ଦେ. କି. ବିଣ—ଜାଣତରେ (ଦେଖ)
Jāṇantā pramāṇe Jāṇatare (See)
ଜାଣନ୍ତା ପ୍ରମାଣେ, ଜଗତେ କାହାର,
ଦୋଷ କେବେ ମୁହିଁ କରି ନାହିଁତ । ମଦନମୋହନ. କୃଷ୍ଣକୁମାରୀ ।

ଜାଣବାହାଣ—ଦେ. ବି.—ଜାଣମାନଙ୍କରେ ମାଛ ଧରିବା ପାଇଁ ଜାଲ
Jāṇa-bāhāṇa ପକାଇବା—Casting nets in the fishery-grounds.

ଜାଣି—ଦେ. (ପଦ୍ୟ) ଅ.—୧ । ତୁଲ୍ୟ; ପରି—
Jāṇi 1. Like.
জেনে କନକ କୋମଳ ବାହୁଲତାର ତା ଠାଣି,
जानो ଶିରୀଷ ମାଳାରେ କୋକନଦ ଫୁଲ ଜାଣି । ଶିଶୁଶଙ୍କର. ଉଷାଅଭିଳାଷ ।
୨ । ଫଳତଃ; ଫଳରେ—2. As a matter of fact.
ଏହି ଲୋକଙ୍କ ଜାଣି ତା ଦୁଃଖ ହଉଛି । କୁନ୍ତଳାକୁମାରୀ. ନାଭଉଣୀ ।

ଜାଣିଘେନିବା—ପ୍ରାଦେ. (ଗଞ୍ଜାମ) କି.—ଜାଣିବା—
Jāṇi-ghenibā To know.

ଜାଣିଚତୁର—ଦେ. ବିଣ. ପୁଂ—ଜାଣିସିଆଣା (ଦେଖ)
Jāṇi-chatura Jāṇi-siāṇā (See)
(ଜାଣିଚତୁରୀ—ଅନ୍ୟରୂପ)
(ଜାଣିଚତୁରୀ; ଜାଣିଚତୁରେଣୀ—ସ୍ତ୍ରୀ)

ଜାଣିବା—ଦେ. କି. (ସଂ. ଜ୍ଞା ଧାତୁ)—୧ । ଚିହ୍ନିବା—
Jāṇibā 1. To recognise; to be acquainted with.
জানা ଏକା ହୋଇ ବାଟକୁ ନ ଜାଣି ସେ ବନେ ।
जानना କୃଷ୍ଣସିଂହ. ମହାଭାରତ ବନ ।
ଜଣାଇବା } ଣିଜନ୍ତ ୨ । ଜ୍ଞାତ ହେବା; ଅବଗତ ହେବା—
ଜଣେଇବା } 1. To know.
୩ । ସଂସାର ସମ୍ବନ୍ଧେ ଅଭିଜ୍ଞ ହେବା—3. To have worldly wisdom or experience.
୪ । ଅନୁଭବ କରିବା—
4. To experience; to perceive.
୫ । ବୁଝିବା; ହୃଦୟଙ୍ଗମ କରିବା—5. To understand.
ଶୋଣିତ ନଗରୀ ଜାଣ ଦପକ ପ୍ରସରେ । ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।
୬ । ବାରିବା; ଏକାଧିକ ବସ୍ତୁର ପ୍ରଭେଦ ହୃଦୟଙ୍ଗମ କରିବା—
6 To distinguish.
ସ୍ୱପ୍ନ ଦିବସ ନ ଜାଣିଲି ।
ତା ରୂପ ଧ୍ୟାନେ ଭୁଲିଗଲି । ଜଗନ୍ନାଥ. ଭାଗବତ ।
[ଦ୍ର—ଶୁଣିବା ଶବ୍ଦ ଏହାର ସହଚର ରୂପେ ବ୍ୟବହୃତ ହୁଏ; ଜାଣିବା କ୍ରିୟାର ଅସମାପିକା ରୂପ.ସଙ୍ଗେ ନେବା, ପକାଇବା, ଯିବା, ଆସିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]
ଦେ. ବିଣ—୧ । ଯେ ସବୁ ବିଷୟ ଜାଣିଥାଏ; ଅଭିଜ୍ଞ—
1. Knowing; experienced.
(ଯଥା—ସେ ଜଣେ ଜାଣିବା ଶୁଣିବା ଲୋକ ହୋଇ ଅଧର୍ମ କଲେ ।)
জান্‌বার ୨ । ଚତୁର—2. Clever.
जानकार ୩ । ବୁଦ୍ଧିମାନ୍—3. Intelligent.
୪ । ବିଜ୍ଞ; ଜ୍ଞାନୀ—4. Wise.
ଜାଣିମା ମନ୍ତ୍ରୀ ଯେବେ ନୃପ ପାଶେ ଥାଏ
ମହତ ସମ୍ପତ୍ତି ସେ ପ୍ରାପତ କରଏ ।

ଜାଣିବାପଣ—ଦେ. ବି—ବୁଝିବା ଶକ୍ତି; ଅଭିଜ୍ଞତା; ଜ୍ଞାନୀପଣ; ବିଜ୍ଞତା—
Jāṇibā-paṇa Wisdom; prudence.
ପାଣ୍ଡବମାନଙ୍କ ଜାଣିବାପଣ ଯେତେ
ଜଣାପଡ଼ିଗଲା ପରା ମଣୁଛ ମୁହିଁ ଚିତ୍ତେ । କୃଷ୍ଣସିଂହ. ମହାଭାରତ. ସଭା ।

ଜାଣିବାବନ୍ତ—ଦେ. ବିଣ. (ପଦ୍ୟ)—ବିଜ୍ଞ; ଅଭିଜ୍ଞ—
Jāṇibā-banta Wise; experienced.
ବ୍ରାହ୍ମଣଙ୍କର ଧନ ଆଣିବାକୁ ମନ
ନ କରିବ ଜାଣିବାବନ୍ତ ହୋଇଲେ ଜନ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଜାଣିବାର—ଦେ. ବିଣ—ଜାଣିବା (ଦେଖ)
Jāṇibāra Jāṇibā (See)
জান্‌বার (ଯଥା—ତୁ ଜାଣିବାର ପିଲା ହୋଇ ଏପରି ଅବୁଝା
जानता ହେଉଛୁ ।)

ଜାଣିବାର ଶୁଣିବାର—ଦେ. ବିଣ—ଜାଣିବା (ଦେଖ)
Jāṇibāra śuṇibāra Jāṇibā (See)

ଜାଣିବା ଶୁଣିବା—ଦେ. କି—୧ । ଉତ୍ତମରୂପେ ବୁଝି ଜାଣିବା—
Jāṇibā śuṇibā 1. To know very well.
জানাশুনা ୨ । ଉତ୍ତମରୂପେ ପରିଚିତ ହେବା—2. To be
जानना सुनना intimately or well acquainted with.

ଜାଣିବା ଶୁଣିବା ଲୋକ—ଦେ. ବି—୧ । ବିଜ୍ଞ ବ୍ୟକ୍ତି—
Jāṇibā śuṇibā loka 1. A wise man.
জানবার শুনবার লোক ୨ । ବିଦ୍ୱାନ୍—2. Learned man.
୩ । ଅନୁଭବୀ ବ୍ୟକ୍ତି—3. A man of experience.
ଜାଣିବା ଶୁଣିବା ଲୋକମାନେ କହିଲେ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜାଣିମା—ଗ୍ରା. (ପ୍ରାଚୀନ) କ୍ରି ଓ ବିଣ—ଜାଣିବା (ଦେଖ)
Jāṇimā Jāṇibā (See)
ଯାଗ ବଦ୍ଧା ଜାଣିମା ଦ୍ୱିଜମାନଙ୍କରେ। କୃଷ୍ଣସିଂହ. ମହାଭାରତ. ଅନ୍ତ।

ଜାଣିମାର—ଗ୍ରା. ବିଣ—ଜାଣିବା (ଦେଖ)
Jāṇimāra Jāṇibā (See)
ଯୁଧିଷ୍ଠିର ରଜା ଅଟନ୍ତି ଜାଣିମାର। କୃଷ୍ଣସିଂହ. ମହାଭାରତ. ସଭା।

ଜାଣିସିଆଣା—ଦେ. ବିଣ. ପୁଂ—ଅତି ଚତୁର; ଧୂର୍ତ୍ତ—
Jāṇi-siāṇā Very cunning; shrewd.
সেয়ানপাগল
(ଜାଣିସିଆଣୀ—ସ୍ତ୍ରୀ)

ଜାଣିଶୁଣି—ଦେ. କ୍ରି. ବିଣ—ଉତ୍ତମରୂପେ ଅବଗତ ହୋଇ; ବୁଝିସୁଝି—
Jāṇi-śuṇi Knowing full well; with eyes wide open; intimately.
জেনেশুনে
जानशुनकर
ଧିକ ଧିକ! ଅହୋ! ଜାଣିଶୁଣି ନରେ;
ଶାଶ୍ୱତକୁ ଛାଡ଼ି ଅସତ୍ କଣ୍ଠରେ। ରାଧାନାଥ. ଦରବାର।

ଜାଣୁଜାଣୁ—ଦେ. କ୍ରି. ବିଣ—ଜାଣିଶୁଣି (ଦେଖ)
Jāṇu-jāṇu Jāṇi-śuṇi (See)
(ଯଥା—ଜାଣୁ ଜାଣୁ କଥାରେ ହାତ ଦେଲ।)

ଜାଣୁମଣି—ଦେ. ବ—ବିବେକତା—Conscientiousness.
Jāṇu-maṇi ବିଣ. ସ୍ତ୍ରୀ ଓ ପୁଂ—୧। ଚତୁର—1. Clever.
जानकार
ତାଙ୍କ ଜାଣୁମଣି ପ୍ରବର ରତନ ପଦ୍ମବନ୍ଧୁ ଦେଇ ମୋକର।
ଭକ୍ତ. ପ୍ରେମସୁଧାନିଧି।
୨। ବିବେକୀ; ବିଜ୍ଞଶ୍ରେଷ୍ଠ—2. Very wise.

ଜାତ—ସଂ. ବିଣ. (ଜନ୍. ଧାତୁ=ଜନ୍ମ ହେବା+କର୍ତ୍ତୃ. ତ)—
Jāta ୧। ଭୂମିଷ୍ଠ, ଉତ୍ପନ୍ନ; ଯାହା ଜନ୍ମିଅଛି—
1. Born; produced; grown.
୨। ପ୍ରସୂତ—2. Begotten.
୩। ସ୍ଫୁଟ; ବ୍ୟକ୍ତ; ପ୍ରକଟିତ—
3. Published; manifest.
୪। ପ୍ରଶସ୍ତ—4. Broad.
୫। କାରଣଦ୍ୱାରା କାର୍ଯ୍ୟରୂପେ ଘଟିଥିବା—
5. Caused as a result; resulting from.
୭। ଘଟିଥିବା—7. Occasioned; happened.
୮। ନ୍ୟସ୍ତ; ଭୁକ୍ତ—8. Included; diposited.
୯। ନବଜାତ; ଶିଶୁ—9. Newly born.
ବି. (+ଭାବ. ତ)—୧। ଶ୍ରେଣୀ; ଜାତି—
1. Kind; variety; class; species; caste.
୨। ସମୂହ—2. Collection; multitide.
କାମ ମୂର୍ଚ୍ଛା ଜାତ ଟାଳିବା ରହିତ ଅର୍ଥେ ଭଗିଲେ ପ୍ରଭୃତ।
ଘନଶ୍ୟାମ. ରସକଲ୍ଲୋଳ।
୩। ବ୍ୟକ୍ତି; ପ୍ରକଟନ—
3. Publication; manifestation.
୪। ଜନ୍ମ; ଉତ୍ପତ୍ତି—4. Production; growth; birth.
ଦେ. ବି (ସଂ. ଯାତ୍ରା)—ଯାତ (ଦେଖ)—
Jāta (See)

ଜାତକ—ସଂ. ବି (ଜାତ=ଜନ୍ମ+ସମ୍ବନ୍ଧାର୍ଥେ. କ)—୧। ଜନ୍ମକୋଷ୍ଠୀ;
Jātaka ଜନ୍ମପତ୍ରିକା—1. Horoscope.
୨। ଜାତ ଶିଶୁର ଶୁଭାଶୁଭଜ୍ଞାପକ ଗ୍ରନ୍ଥ—2. A book dealing with astrological calculations of a child's nativity.
୩। ବୁଦ୍ଧାବତାର ପୂର୍ବେ ବୁଦ୍ଧଦେବଙ୍କ ୫୫୦ ଥର ପୃଥିବୀରେ ଜନ୍ମଗ୍ରହଣ କରିଥିବାର ବୃତ୍ତାନ୍ତ ସନ୍ନିବେଶିତ ଗ୍ରନ୍ଥବିଶେଷ; ବୌଦ୍ଧମାନଙ୍କ ଧର୍ମଗ୍ରନ୍ଥବିଶେଷ—
3. The title of a book of the Buddhists describing the 550 previous births of the Buddha.
୪। ଜାତକର୍ମ; (ହିନ୍ଦୁମାନଙ୍କର) ସନ୍ତାନ ଜନ୍ମ ହେବା ସମୟରେ ପିତାଙ୍କର ଅନୁଷ୍ଠେୟ ସଂସ୍କାର କର୍ମ—4. Purificatory rites and ceremonials performed by the Hindu father on the birth of a child.
୫। ନବଜାତ ସନ୍ତାନ—5. A new-born child.
୬। ଭିକ୍ଷୁ—6. A man of the twice-born caste in the last stage of his existence.
ବିଣ—ଉତ୍ପନ୍ନ—Produced; born.
ଦେ. ବି (ପ୍ରାଚୀନ ପଦ୍ୟ)—ଜାତକାରୀ—One who gives birth.
ଅପେ ଜନମି ଜାତକ ଅପଣେ ମରଣ—ପ୍ରାଚୀ. ବ୍ରହ୍ମନିରୂପଣଗୀତା।

ଜାତକ କର୍ମ—ଦେ. ବି (ସଂ. ଜାତ କର୍ମ)—ଜାତ କର୍ମ (ଦେଖ)
Jātaka karma Jāta karma (See)
ଶୁଭରେ ଶଙ୍ଖନାଦ ଭେରୀ,
ଶୁରେ ଜାତକ କର୍ମ କରି। ଜଗନ୍ନାଥ. ଭାଗବତ।

ଜାତକ ଦେଖିବା—ଦେ. କ୍ରି—ଫଳିତ ଜ୍ୟୋତିଷ ଶାସ୍ତ୍ରାନୁସାରେ ଗଣନା
Jātaka dekhibā କରି ମନୁଷ୍ୟଜୀବନର ଶୁଭାଶୁଭ ନିର୍ଦ୍ଦେଶ କରଣାର୍ଥ ଉକ୍ତ ବ୍ୟକ୍ତିର ଜନ୍ମ-କୋଷ୍ଠୀ ପରୀକ୍ଷା କରିବା—
To examine a person's horoscope.

ଜାତକପତ୍ର—ଦେ. ବି. (ସଙ୍କର ଶବ୍ଦ)—ଜାତକ ଅଙ୍କ—
Jātaka-patra Horoscope etc.
ঠিকুজিপত্র
ତୁ ମୁଁ ଯହିଁ ବର କନିଅଁ, ଜାତକ ପତ୍ରରେ ଅଛି—ଚକ।
(ଜାତକପତର—ଅନ୍ୟରୂପ)

ଜାତକ ବୁଝିବା—ଦେ. କ୍ରି—ଜାତକ ଦେଖିବା (ଦେଖ)
Jātaka bujhibā Jātaka dekhibā (See)
ঠিকুজি বুঝা
जन्मकुण्डली बुझना

ଜାତକ ମିଳିବା—ଦେ. ବି—ଜାତକ ମେଳ ହେବା (ଦେଖ)
Jataka milibā Jātaka meḷa hebā (See)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ସ୍ୱ	ଜ	ଶ,ଷ	ଙ୍କ	ଇସ୍ତ	ଡଅ	ଢ
୨	ଈ	ଊ	ଋୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଷ୍ୟ	ଯ	ସ	ଙ୍ଗ୍ୟ	ଇଅ	ଡ଼	ନ୍ତ

ଜାତକ ମେଳ ହେବା—ଦେ. ବ—ପ୍ରସ୍ତାବିତ ବରକନ୍ୟାଙ୍କର ଜାତକରେ ଥିବା ଗ୍ରହଲଗ୍ନାଦି ପରସ୍ପରଙ୍କ ମିଳନ ପ୍ରତି ଅନୁକୂଳ ଥିବା ଦେଖାଯିବା—
Jātaka me<u>l</u>a hebā
ଠିକୁଜିମିଳା
जन्मपत्री मिलना
The tallying of the horoscopes of the bride and bridegroom elect which is favourable to their union.
(ଜାତକ ଅମେଳ ହେବା—ବିପରୀତ)

ଜାତକରେ ନାହିଁ—ଦେ. (ବାକ୍ୟ)—(ଅମୁକ ବିଷୟ) (ଅମୁକର) ପ୍ରକୃତିବିରୁଦ୍ଧ ଅଟେ—(such and such a thing) Is against the nature (of a person).
Jātakare nāhiñ
କୋଷ୍ଠୀତେନାହିଁ
(ଯଥା—ଖୋସାମତ କରିବା ମୋ ଜାତକରେ ନାହିଁ ।)

ଜାତକର୍ମ—ସଂ. ବି (୬ଷ୍ଠୀ ତତ୍; ଜାତ=ଜନ୍ମ+କର୍ମ)—ହିନ୍ଦୁମାନଙ୍କର ଦଶକର୍ମ ମଧ୍ୟରୁ ଗୋଟିଏ ସଂସ୍କାର; ସନ୍ତାନ ଜନ୍ମ ହେବା ସମୟରେ ହିନ୍ଦୁ ପିତାଙ୍କ ଅନୁଷ୍ଠେୟ ସଂସ୍କାରବିଶେଷ—Purificatory rite performed by the Hindu father at the birth of a child.
Jāta-karma

ଜାତକ ସୁଝିବା—ଦେ. ବ—ଜାତକ ମେଳ ହେବା (ଦେଖ)
Jātaka sujhibā Jātaka me<u>l</u>a hebā (See)
(ଜାତକ ନ ସୁଝିବା—ବିପରୀତ)
(ଜାତକ ସୁଝେଇବା—ଅନ୍ୟରୂପ)

ଜାତକସ୍ଥାଣୀ—ଦେ. ବିଣ—ନିଜର ଜନ୍ମସ୍ଥାନନିବାସୀ—One who does not leave his birth-place.
Jātaka-sthāni
ଜାତକସ୍ଥାଣୀ ଯେଣୁ ଅଛି ଉରସା—ଉଦ୍ଧ. କୋଷ୍ଟବ୍ରହ୍ମାଣ୍ଡସୁନ୍ଦରୀ ।

ଜାତକୋପ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+କୋପ)—ଜାତକ୍ରୋଧ (ଦେଖ)
Jāta-kopa Jāta-krodha (See)
(ଜାତକୋପା—ସ୍ତ୍ରୀ)

ଜାତକ୍ରିୟା—ସଂ. ବି. (ଜାତ+କ୍ରିୟା)—ଜାତକର୍ମ (ଦେଖ)
Jāta-kriyā Jāta-karma (See)

ଜାତକ୍ରୋଧ—ସଂ. ବିଣ. ପୁଂ. (ବହୁବ୍ରୀହି, ଜାତ+କ୍ରୋଧ)—ମହାକୁପିତ; ଅତ୍ୟନ୍ତ ରୁଷ୍ଟ; କ୍ରୋଧାନ୍ଧ—Blinded whith anger; angry.
Jāta-krodha
(ଜାତକ୍ରୋଧା—ସ୍ତ୍ରୀ)

ଜାତକ୍ଲମ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+କ୍ଲମ)—ଯାହାର କ୍ଳାନ୍ତି ଜନ୍ମିଅଛି; ପରିଶ୍ରାନ୍ତ; ଅତ୍ୟନ୍ତ କ୍ଳାନ୍ତ—Fatigued; tired.
Jāta-k<u>l</u>ama
(ଜାତକ୍ଲମା—ସ୍ତ୍ରୀ)

ଜାତଚକ୍ଷୁ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ଚକ୍ଷୁ)—ଯାହାର ଆଖି ଫିଟିଅଛି; (ଯଥା—ବିରାଡ଼ିଛୁଆ; କୁକୁରଛୁଆ)—(a puppy or kitten) Having its eye-lids opened.
Jāta-chakshu

ଜାତଦନ୍ତ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ଦନ୍ତ)—(ଶିଶୁ) ଯାହାର ଦାନ୍ତ ଉଠିଅଛି—(an infant) Whose teeth have come out; teething.
Jāta-danta

ଜାତପକ୍ଷ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ପକ୍ଷ)—(ପକ୍ଷିଶାବକ) ଯାହାର ପକ୍ଷ ଗଜୁରିଅଛି—(a young bird) Whose wings have grown up; fledged.
Jāta-paksha
(ଅଜାତପକ୍ଷ—ବିପରୀତ)

ଜାତପୁତ୍ର—ସଂ. ବିଣ. (ବହୁବ୍ରୀହି; ଜାତ+ପୁତ୍ର)—ଯାହାର ପୁତ୍ର ଜାତ ହୋଇଅଛି; ପୁତ୍ରବାନ୍—One who has a son born unto him.
Jāta-putra
(ଜାତପୁତ୍ରା—ସ୍ତ୍ରୀ)

ଜାତବେଦ—ଦେ. ବି. (ସଂ. ଜାତବେଦାଃ)—
Jāta-beda
୧ । ଅଗ୍ନି—1. Fire; the fire-god.
ବଣେକେ ଯା ଜଣ ଛତ ଜାତବେଦ ଜଣଜାତ
ଜ୍ୱଳା ମଣି ଥାଡ଼େ ଅଞ୍ଚଳରେ । ଉଦ୍ଧ. ବୈଦେହୀଶବିଳାସ ।
୨ । ଜଠରାଗ୍ନି—
2. The digestive fire inside the body.
ଦେ. ବି—ଶ୍ରୀକୃଷ୍ଣ—Srikrushna.
ଜାତବେଦ ଜାତବେଦ ଗର୍ଭେ ସହିର । ଅଭିମନ୍ୟୁ. ବଦଗ୍ରନ୍ଥଚିନ୍ତାମଣି ।

ଜାତବେଦାଃ—ସଂ. ବି. (ବହୁବ୍ରୀହି; ଜାତ=ଉତ୍ପନ୍ନ+ବେଦ; ଜାତବେଦସ୍ ଶବ୍ଦ; ୧ମା. ୧ବ)—ଜାତବେଦ (ଦେଖ) Jāta-beda (See)
Jāta-bedāḥ

ଜାତବ୍ୟବହାର—ସଂ.ବିଣ.ପୁଂ.(ବହୁବ୍ରୀହି; ଜାତ=ପ୍ରାପ୍ତ+ବ୍ୟବହାର)-(ହିନ୍ଦୁ ସ୍ମୃତି) ବୟଃପ୍ରାପ୍ତ; ସାବାଳକ; ପ୍ରାପ୍ତବୟସ୍କ—(Hindu law) One who has attained his majority.
Jāta-byabahāra
(ଜାତବ୍ୟବହାରା—ସ୍ତ୍ରୀ)

ଜାତମାତ୍ର—ସଂ. ବିଣ. (ଜାତ+କ୍ରିୟାକାଳାର୍ଥେ. ମାତ୍ର)—ଯେ ଏହିକ୍ଷଣି ଜନ୍ମ ହୋଇଅଛି—Born just now.
Jāta-mātra
କ୍ରି. ବିଣ—ଜନ୍ମିବା ମାତ୍ରକେ; ଜନ୍ମ ଲଭିବାକ୍ଷଣି—Immediately on being born; just after birth.

ଜାତରୂପ—ସଂ. ବି. (ବହୁବ୍ରୀହି; ଜାତ=ଉତ୍ପନ୍ନ+ରୂପ=ଅଳଙ୍କାର ଯାହାର)—ସ୍ୱର୍ଣ୍ଣ; ସୁନା—Gold.
Jāta-rūpa
ବହୁପାଶ ଅଛି ଜାତରୂପ ଘର କଳକି ଅର୍ଗଳ ପଦ ।
ଉଦ୍ଧ. ବୈଦେହୀଶବିଳାସ ।
ବିଣ—୧ । ସ୍ୱର୍ଣ୍ଣନିର୍ମିତ—1. Golden.
୨ । ସୁନ୍ଦର—2. Beautiful.
୩ । ମୂର୍ତ୍ତିଧାରୀରୂପ; ଯେ ମୂର୍ତ୍ତି ଧାରଣ କରିଅଛି—3. Embodied; corporeal.

ଜାତଶ୍ରମ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ+ଶ୍ରମ)—ପରିଶ୍ରାନ୍ତ; ଜାତକ୍ଲମ—Fatigued.
Jāta-śrama
(ଜାତଶ୍ରମା—ସ୍ତ୍ରୀ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତନ୍ନିମ୍ନ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜାତସ୍ପୃହ—ସଂ. ବିଣ. ପୁଂ. (ବହୁବ୍ରୀହି; ଜାତ + ସ୍ପୃହା)—
Jāta-spṛuha ଯାହାର ସ୍ପୃହା ଜନ୍ମିଅଛି—Interested.
(ଜାତସ୍ପୃହା—ସ୍ତ୍ରୀ)

ଜାତାଙ୍କୁର—ସଂ. ବିଣ. (ବହୁବ୍ରୀହି; ଜାତ + ଅଙ୍କୁର)—
Jātāṅkura ଯାହାର ଗଜା ହୋଇଅଛି—Sprouted.

ଜାତାନ୍ଧ—ସଂ. ବିଣ. ପୁଂ (ବହୁବ୍ରୀହି; ଜାତ+ଅନ୍ଧ)—
Jātāndha ଜନ୍ମାନ୍ଧ—Born blind.
(ଜାତାନ୍ଧା—ସ୍ତ୍ରୀ)

ଜାତାପତ୍ୟା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି)—ଯେଉଁ ସ୍ତ୍ରୀର ସନ୍ତାନ
Jātāpatyā ଜନ୍ମିଅଛି—(a woman) Who has given birth to a child.

ଜାତାଶୌଚ—ସଂ. ବି. (ମ. ପ. ଲୋ; ଜାତ=ଜନ୍ମ+ଅଶୌଚ)—
Jātāśaucha ଶିଶୁ ଜନ୍ମ ହେଲେ କୁଟୁମ୍ବମାନଙ୍କୁ ଲାଗିବା ଅଶୌଚ;
(ମୃତାଶୌଚ—ବିପରୀତ) କୁଡିକିଅ; ସୂତକାଶୌଚ—
Uncleanness affecting the kinsmen on the birth of a child (extending over a period of 10 days).

ଜାତି—ସଂ. ବି. (ଜନ୍ ଧାତୁ=ଉତ୍ପନ୍ନ ହେବା+ଭାବ. ତି)—
Jāti ୧ । ଗୁଣ; ଧର୍ମ; ଆକୃତି ଆଦିର ସମାନତା ଯୋଗୁଁ କରାଯିବା ବିଭାଗ; କୋଟି; ପ୍ରକାରଭେଦ—
1. Species; genus.
[ଦ୍ର—ଏକ ଗୁଣବିଶିଷ୍ଟ ଏକାଧିକ ବ୍ୟକ୍ତି ବା ଜୀବ ବା ବସ୍ତୁର ସମଷ୍ଟି ବା ସମାଜକୁ ଜାତି ବୋଲାଯାଏ ।]
୨ । ଶାଖା; ସୃଷ୍ଟି ବିଭାଗ; ଶ୍ରେଣୀ—2. Class.
୩ । (ଅଧିକରଣ. ତି) ଗୋତ୍ର; ବଂଶ—3. Family; clan).
୪ । (+କର୍ତ୍ତୃ. ତି) (ଗୁଣକର୍ମ ବିଭାଗଜ) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣ-
4. One of the four original castes of the Hindus.
[ଦ୍ର—ହିନ୍ଦୁମାନଙ୍କ ମଧ୍ୟରେ ପ୍ରଥମେ ଗୁଣକର୍ମବିଭାଗ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରିଜାତି ବା ବର୍ଣ୍ଣର ସୃଷ୍ଟି ହୋଇଥିଲା ବୋଲି ଶାସ୍ତ୍ରରେ ଲେଖାଅଛି । କିନ୍ତୁ କାଳକ୍ରମେ ଏ ଜାତିବିଭାଗ ଜନ୍ମଗତ ହୋଇ ପଡ଼ିଅଛି । ଏହି ୪ବର୍ଣ୍ଣ ମଧ୍ୟରେ ସାମାଜିକ ରୀତିନୀତିର ପାର୍ଥକ୍ୟ ଅନୁସାରେ ଭିନ୍ନଭିନ୍ନ ସମାଜର ସୂତ୍ରପାତ ହେଲା । କଥାବାର୍ତ୍ତାରେ ଆମ୍ଭେମାନେ ଏକ ଧର୍ମାବଲମ୍ବୀ, (ହିନ୍ଦୁ, ଖ୍ରୀଷ୍ଟାନ, ମୁସଲମାନ୍), ଏକ ଦେଶବାସୀ (ଓଡ଼ିଆ, ବଙ୍ଗାଳୀ), ଏକ ସମାଜଭୁକ୍ତ (ହିନ୍ଦୁଙ୍କ ମଧ୍ୟରେ ଗଉଡ଼, କମାର, ତେଲି; ମୁସଲମାନଙ୍କ ମଧ୍ୟରେ ସିଆ, ସୁନ୍ନୀ; ଖ୍ରୀଷ୍ଟାନଙ୍କ ମଧ୍ୟରେ ପ୍ରୋଟେଷ୍ଟାଣ୍ଟ, ରୋମାନ୍‌କାଥଲିକ୍)ମାନଙ୍କୁ ସେହି ସେହି ଜାତିର ଲୋକ ବୋଲି କହିଥାଉଁ । ଫଳତଃ ଏକ ଧର୍ମରେ, ଏକ ଗୁଣରେ, ଏକ ଦେଶରେ, ଏକ ବ୍ୟବସାୟରେ, ଏକ ବ୍ୟବହାରରେ, ଏକ ଧର୍ମବିଶ୍ୱାସରେ ଏକାଧିକ ବ୍ୟକ୍ତି ବା ଜୀବ ବା ବସ୍ତୁଙ୍କ ମଧ୍ୟରେ ସାମଞ୍ଜସ୍ୟ ଦେଖା ହେଲେ ତାଙ୍କୁ ଆମ୍ଭେମାନେ ଏକ ଜାତିର ବୋଲି ଗ୍ରହଣ କରୁଁ ।]
୫ । କୁଳ; ମନୁଷ୍ୟ ଯେଉଁ କୁଳରେ ଜନ୍ମ ଲଭିଥାଏ—
5. Class to which a person belongs by birth.
(ଯଥା—ସେ ଜାତିରେ ହିନ୍ଦୁଥିଲେ, ପରେ ଖ୍ରୀଷ୍ଟିଆନ୍ ହେଲେ ।)
୬ । ଜୀବାଦିଙ୍କ ଶ୍ରେଣୀ; ବର୍ଗ—
6. Class or species of animals.
(ଯଥା—ଗୋଜାତି; ଅଶ୍ୱଜାତି ।)
୭ । ଜାତିଗତ ବା ସାମାଜିକ ଶାଖା; ପାଟକ—
7. Society; social sub-caste; caste-guild.
ବାର ଜାତି ତେର ଗୋଲ, ବଇଷମ ହେଲେ ସବୁ ଗଲା । ତଗ ।
୮ । ଏକ ଦେଶବାସୀ ବ୍ୟକ୍ତିଗଣ—8. Nation; nationality; persons who belong to one country.
(ଯଥା—ଓଡ଼ିଆ ଜାତି; ବଙ୍ଗାଳି ଜାତି ।)
୯ । ବିଭିନ୍ନ ଧର୍ମାବଲମ୍ବୀ ବ୍ୟକ୍ତିଙ୍କ ସମଷ୍ଟି—9. Group of persons professing a particular religion.
(ଯଥା—ହିନ୍ଦୁ ଜାତି; ମୁସଲମାନ ଜାତି ।)
୧୦ । ନାରୀଧର୍ମ; ସତୀତ୍ୱ—10. Chastity.
୧୧ । ମାଳତୀଫୁଲ—11. Mālati flower.
୧୨ । ଜାଇ ଫୁଲ—12. Jāi flower.
୧୩ । ଲୌକିକ ଛନ୍ଦର ଦୁଇ ବିଭାଗରୁ ଏକତର (ଯଥା—ଆର୍ଯ୍ୟା)—13. One of the 2 classes of popular Sanskrit metres.
୧୪ । ଏକଜାତୀୟ ଯାବତୀୟ ପଦାର୍ଥର ଅସାଧାରଣ ଧର୍ମ (ଯେଉଁ ଧର୍ମ ସେହି ଜାତୀୟ ପଦାର୍ଥରେ ଥାଏ. ତଦ୍ଭିନ୍ନ ଜାତିରେ ଲକ୍ଷିତ ହୁଏ ନାହିଁ । ଯଥା—ବ୍ରାହ୍ମଣତ୍ୱ)—
(ଯଥା—ପଠାଣ ଘରେ ଖାଇବାରୁ ମଧୁମିଶ୍ରଙ୍କ ଜାତି ଗଲା ।)
୧୫ । (+ଅଧିକରଣ ତି)—ଚୁଲ୍ଲୀ—15. Oven.
୧୬ । ଆମଲକୀ (ହି. ଶବ୍ଦସାଗର)—
16. Embellic myrobalan.
୧୭ । ଜାଇଫଳ (ହି. ଶବ୍ଦସାଗର)—17. Nutmeg.
୧୮ । ଜାଇତ୍ରୀ (ହି. ଶବ୍ଦସାଗର)—18. Mace (spice).

জাত ଦେ. ବି—ପ୍ରକାର—Kind; sort.
जात ଦେ. ବିଣ—ଜାତିଆ; ଉତ୍କୃଷ୍ଟ—Excellent.
ଜାତି କୁରୁବକ ବାଡାଯୁକ ବୃନ୍ଦ ଅନାଇ ମୁଁ ଗୁଲୁଥିଲି ମନ୍ଦମନ୍ଦ ।
କବିସୂର୍ଯ୍ୟ. କଣୋଇଚମ୍ପୂ କ ଗୀତ ।

ଜାତି ଅଟକ ହେବା—ଦେ. କ୍ରି—ଅକ୍ରିୟା ଆଦି କରିବାହେତୁ ସମାଜଚ୍ୟୁତ
Jāti aṭaka hebā ହେବା—To be excommunicated.
জাতথেকে যাওয়া
जातसे बाहार होना
(ଜାତିରୁ ଅଟକହେବା; ଜାତିରୁ ବାସନ୍ଦ ହେବା—ଅନ୍ୟରୂପ)

୧	ଇ	ଉ	ର୍‌,ର୍‌	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇସ୍ତ୍ର	ଋଅ	ଲ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ୍କ	ନ୍ନ

ଜାତିଅ—ଦେ. ବଣ. (ସଂ. ଜାତୀୟ)—୧ । ଜାତୀୟ—
Jātiā — 1 Belonging to a class or nation.
জাতের ২ । କୁଳୀନ; ଉଚ୍ଚବଂଶୀୟ—
জাতকা 2. Of noble birth; noble; of high family; well-born.
(ଅଜାତିଅ—ବିପରୀତ)
୩ । ରାଜାମାନଙ୍କ ବଂଶରେ କ୍ଷତ୍ରିୟକୁଳର ବିବାହିତା ସ୍ତ୍ରୀଙ୍କ ଗର୍ଭରୁ ଜାତ (ସନ୍ତାନ)—3. Born of a married wife of Kshatriya caste.
୪ । ଉତ୍କୃଷ୍ଟ; ଉତ୍ତମଜାତୀୟ—4. Excellent.
ପ୍ରାଦେ. (ଗଡ଼ଜାତ) ବଣ.—ଯେ ଅସ୍ପୃଶ୍ୟ ଜାତିର ଲୋକଙ୍କୁ ଛୁଇଁ ନ ଥିବାରୁ ପବିତ୍ର ଅଛି—One who has remained pure for not having touched an untouchable person.

ଜାତିଅ ଅନ୍ତର—ଦେ. ବି.—ରାଜା ଅବିବାହିତ କ୍ଷତ୍ରିୟକନ୍ୟା-
Jātiā antara — ଗର୍ଭରୁ ଜାତ ସନ୍ତାନ—A son born of a Kshatriya girl (with whom marriage has not been performed.)

ଜାତିଆଣ—ଦେ. ବଣ.—ଜାତି ବା ସମାଜ ସମ୍ବନ୍ଧୀୟ; ଜାତୀୟ—
Jātiāṇa — Pertaining to a particular society.
ଚିତ୍ରମାନଙ୍କ ଜାତିଆଣ ଢଙ୍ଗରେ ମନ୍ଦିରଟି ତିଆରି ହୋଇଅଛି ।
ଫକୀରମୋହନ, ଛମାଣଆଠଗୁଣ୍ଠ ।

ଜାତିଆଣ କାମ—ଦେ. ବି.—ଜାତିକାମ; ଜାତିର କାର୍ଯ୍ୟ; ଜ୍ଞାତିଆମାନଙ୍କର
Jātiāṇa kāma — ସାମାଜିକ ବୈଠକ ବା ଭୋଜି—Social function; caste-feast or meeting.

ଜାତିଆଣ ଭାତ—ଦେ. ବି.—ଜାତିଭାତ (ଦେଖ)
Jātiāṇa bhāta — Jāti-bhāta (See)

ଜାତିଆଣ ସଭା—ଦେ. ବି.—ଏକ ଜାତି ବା ପାଠକର ଅନ୍ତର୍ଭୁକ୍ତ
Jātiāṇa sabhā — ବ୍ୟକ୍ତିମାନଙ୍କର ସମାଜଗତ ବିଷୟର ବିଚାର ନିମନ୍ତେ ଜାତିର ନେତାମାନଙ୍କ ବଇଠକ—
A gathering of representative castemen for considering questions arising inside a particular caste-guild or society.

ଜାତିକର—ଦେ. ବଣ.—ଜାତିଅ; ଉତ୍କୃଷ୍ଟଜାତୀୟ—
Jātikara — Of excellent class.
ଜାତିକରଜା ସୁବେଶୀ, ଜାତିକର ଦିବ୍ୟ ଗାରବ ସୁନ୍ଦରୀ ।
କନ୍ଦର୍ପକେଳି, ଉପେନ୍ଦ୍ରଗୀତ ।

ଜାତିକର୍ମ—ଦେ. ବି.—ଜାତିଗତ ବ୍ୟବସାୟ; ଜାତି ବା ପାଠକବିଶେଷର
Jāti-karma — ଉଦ୍ଦିଷ୍ଟ କର୍ମ—Acts proper for the people of a particular caste.
[ଦ୍ର—ହିନ୍ଦୁ ସମାଜରେ ଭିନ୍ନଭିନ୍ନ ଜାତି ନିମନ୍ତେ ଭିନ୍ନଭିନ୍ନ କାର୍ଯ୍ୟ ନିରୂପିତ ହୋଇଅଛି ଯଥା—ଭଣ୍ଡାରୀଙ୍କର କ୍ଷୌର କର୍ମ, ଚଷାଙ୍କର କୃଷିକର୍ମ ଇତ୍ୟାଦି ।]

ଜାତିକା—ଗ୍ରା. ବଣ. (ସଂ. ଜାତୀୟ)—୧ । ଜାତୀୟ; ଶ୍ରେଣୀୟ—
Jātikā — 1. Belonging to a class or sort.
রকমের ୨ । ପ୍ରକାରର—
জাতকা, রকমকা 2. Of a kind.
(ଯଥା—ଏକଜାତିକା ଲୋକ ।)

ଜାତିକାମ—ଦେ. ବି.—ଜ୍ଞାତିଆମାନଙ୍କର ଅପଣାଅପଣା ପାଠକର
Jāti-kāma — ସାମାଜିକ ବଇଠକ ବା ଭୋଜି—Caste-feast or meeting.

ଜାତିକିଆ—ଗ୍ରା. ବିଣ.—ଜାତିକା (ଦେଖ)
Jātikiā — Jātikā (See)

ଜାତିକିଜାତି—ଦେ. ବଣ.—୧ । ଭିନ୍ନଭିନ୍ନ ଜାତିର ବା ପ୍ରକାରର—
Jāti-ki-jāti — Of different so[rts]
୨ । ନାନାଜାତୀୟ - 2 Of various castes.
ଦେ. ବି.—୧ । ଭିନ୍ନଭିନ୍ନ ଜାତିମାନେ—2. Various castes.
୨ । ଅନେକ ପ୍ରକାର—2. Various sorts.

ଜାତିକୁଳ—ଦେ. ବି. (ସତତର; ସଂ. ଜାତି+କୁଳ)—
Jāti-kula — ୧ । ବଂଶ—1. Family.
জাতিকুল ୨ । ବଂଶମର୍ଯ୍ୟାଦା—
জাতিকুল 2. Glory of a family.

ଜାତିକୋଷ—ସଂ. ବି—ଜାଇଫଳ—
Jāti-kosha — Nutmeg.
(ଜାତିକୋଶ—ଅନ୍ୟରୂପ)

ଜାତିକୋଷୀ—ସଂ. ବି—ଜାଇତ୍ରୀ—
Jāti-koshi — Mace (spice).
(ଜାତିକୋଶୀ—ଅନ୍ୟରୂପ)

ଜାତି ଖୋଇବା—ଦେ. କି. (ସଂ. ଜାତି+ଖାଦ୍ ଧାତୁ)—
Jāti khoibā — ୧ । ଜାତିଭାଇମାନଙ୍କୁ ପଂକ୍ତିଭୋଜନ ଦେବା—
(ଜାତି ଖୁଆଇବା—ଅନ୍ୟରୂପ) 1. To give a caste-dinner.
୨ । (ସଂ. ଜାତି+କ୍ଷେପଣ; ପ୍ରା. ଖେବଣ; ତୁଳ. ହି. ଖୋନା=ହରାଇବା)—ଜାତି ହରାଇବା (ଦେଖ)
2. Jāti harāibā (See)

ଜାତିଚ୍ୟୁତ—ସଂ. ବଣ. (୫ମୀ ତତ୍; ଜାତି+ଚ୍ୟୁତ)—
Jāti-chyuta — ଜାତି ହରାଇଥିବା; ଅକାର୍ଯ୍ୟ ଆଦି ଦ୍ୱାରା ସମାଜରୁ
(ଜାତିଚ୍ୟୁତି—ବିଶେଷ୍ୟ) ପତିତ; ସମାଜରୁ ବହିଷ୍କୃତ; ଜାତିଭ୍ରଷ୍ଟ—
Deprived of the privileges of one's caste or society; having fallen from or lost one's caste; excommunicated.

ଜାତିଚ୍ୟୁତି—ସଂ. ବି. (୫ମୀ ତତ୍; ଜାତି+ଚ୍ୟୁତି)—
Jāti-chyuti — ଜାତିନାଶ; ଅକାର୍ଯ୍ୟ ଆଦି ଦ୍ୱାରା ନିଜର ଜାତି ହରାଇବା; ଜାତିଭ୍ରଂଶ—Loss of one's caste; excommunication.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଥାଇଁ ଯଥାକ୍ରମେ ଚିହ୍ନିତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧ' ନ ପାଇଲେ 'ବଦ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଜାତିଜାତି—ଦେ. ବଣ—୧ । ଭିନ୍ନ ଭିନ୍ନ ଜାତିର ବା ପ୍ରକାରର—
Jāti-jāti — 1. Of different sorts
নানাজাতের — ୨ । ନାନାଜାତୀୟ 2. Of various sorts.
(ଜାତିକଜାତି, ଜାତିଜାତିଆ;. ଜାତିଜାତିକିଆ—ଅନ୍ୟରୂପ)

ଜାତିଜ୍ଞାପକ—ସଂ. ବଣ. (ଉପପଦ ତତ୍; ଜାତି + ଜ୍ଞାପକ)—
Jāti-jñāpaka — ଜାତିବାଚକ (ଦେଖ) Jāti-bāchaka (See)

ଜାତିତତ୍ତ୍ୱ—ସଂ. ବି. (ଆଧୁନିକ ପ୍ରୟୋଗ) (୬ଷ୍ଠୀ ତତ୍; ଜାତି + ତତ୍ତ୍ୱ)—
Jāti-tattwa . ମାନବ ଜାତିର ମୂଳ ବିଭାଗ ଓ ପରସ୍ପର ସମ୍ବନ୍ଧ
(ଜାତିବିଜ୍ଞାନ—ଅନ୍ୟରୂପ) — ବିଷୟକ ବିଜ୍ଞାନ; ମାନବବିଜ୍ଞାନ— Ethnology.

ଜାତି ଦେବା—ଦେ. କ୍ରି—ଜାତି ହରାଇବା (ଦେଖ)
Jāti debā — Jāti harāibā (See)

ଜାତିଧର୍ମ—ସଂ. ବି. (ମ. ପ ଲୋ: ଜାତି+ଧର୍ମ)—
Jāti-dharma — ୧ । ଜାତିଗତ ଧର୍ମ; ଭିନ୍ନ ଭିନ୍ନ ଜାତିର ଆଚରଣୀୟ ବ୍ୟବସାୟ; ଜାତିଗତ ପେଶା—1. The duties of a member of a particularl caste or society.
୨ । (୬ଷ୍ଠୀ ତତ୍) ବିଭିନ୍ନ ଶ୍ରେଣୀର ଜୀବର କ୍ରିୟା ବା ଗୁଣ— 2. The generic property or attribute of a particular class of beings.
୩ । (ଦ୍ୱନ୍ଦ୍ୱ) ଜାତି ଓ ଧର୍ମ— 3. One's caste and religion

ଜାତିଧର୍ମ ନିର୍ବିଶେଷରେ—ଦେ. କ୍ରି. ବଣ—ଜାତି ବା ଧର୍ମ ବିଷୟରେ
Jāti-dharma nirbiseshare — ପ୍ରଭେଦ ବିଚାର ନ କରି—
জাতি ধর্ম্ম নির্বিশেষে — Without distinction of caste or creed.
(ଯଥା—ମହାପୁରୁଷମାନେ ଜାତିଧର୍ମ ନିର୍ବିଶେଷରେ ପରର ଉପକାର କରି ଥାଆନ୍ତି ।)

ଜାତିଧ୍ୱଂସ—ସଂ. ବି. (୬ଷ୍ଠୀ ତତ୍; ଜାତି+ଧ୍ୱଂସ)—
Jāti-dhwamsa — ଜାତିଚ୍ୟୁତି (ଦେଖ) Jāti-chyuti (See)

ଜାତିନାଶ—ସଂ. ବି. (୬ଷ୍ଠୀ ତତ୍; ଜାତି+ନାଶ)—
Jāti-nāsa — ଜାତିଚ୍ୟୁତି (ଦେଖ) Jāti-chyuti (See)

ଜାତି ନେବା—ଦେ. କ୍ରି—୨ । କୌଣସି ଲୋକର ସାମାଜିକ ବିଶିଷ୍ଟତା
Jāti·nebā — ନଷ୍ଟ କରାଇବା; କୌଣସି ବ୍ୟକ୍ତିକୁ ଅପବିତ୍ର କରାଇ
জাত লওয়া — ବା ଅଖାଦ୍ୟ ଖୁଆଇ ତାହାକୁ ଜାତିଭ୍ରଷ୍ଟ କରାଇବା—
জাত লেনা — 1. To make a person unclean by making him do or eat prohibited things.
୨ । କୁଳସ୍ତ୍ରୀର ସତୀତ୍ୱ ନାଶ କରିବା— 2. To commit adultery with a woman of family.
ଚିଲ୍ଲିଅଛ ପାଞ୍ଚ ସାତ୍ରୀ, ଜାତି ନବ ବୋଲି ପଠାଣଲୋକ ବୁଲିଅଛ ବସିଲ୍ ମାତ୍ର—ଭଗ ।

ଜାତିପତି—ଗ୍ରା. ବି. (ଅନର୍ଥକ ଦ୍ୱିତୀୟ ସହଚର)—
Jāti-pati — ୧ । ଜାତିକୁଳ (ଦେଖ)
जातिपंति — 1 Jāti-kula (See)
୨ । ଜାତି ଓ ସମାଜ—2 Caste and society.

ଜାତିପତି ହରା(ଏ)ଇବା—ଦେ. କ୍ରି—ଜାତି ହରାଇବା (ଦେଖ)
Jāti-pati harā(e)ibā — Jāti harāibā (See)

ଜାତିପତ୍ର—ସଂ. ବି—ଜାଇତ୍ରୀ-Mace; the thin peel surround-
Jāti-patra — ing the nutmeg (a spice).
ଜାତିପତ୍ରୀ, ଜାତିପର୍ଣ୍ଣୀ } ଅନ୍ୟରୂପ

ଜାତିପଦ୍ମିନୀ—ଦେ. ବଣ. ସ୍ତ୍ରୀ—ପଦ୍ମିନୀଜାତୀୟା (ସ୍ତ୍ରୀ)—
Jāti-padmini — (woman) Belonging to the Padmini class.
ଧନେ ତୋତେ ଜାତି ଜାତିପଦ୍ମିନୀ ସୁବର୍ଣ୍ଣବର୍ଣ୍ଣ ଗତ ମୁଁ କୁଳକେ ମାତ ମାତ ।
ଭକ୍ତ. ପ୍ରେମସୁଧାନିଧି ।

ଜାତିପନ୍ତି—ଗ୍ରା. ବି. (ଅନର୍ଥକ ଦ୍ୱିତୀୟ ସହଚର)—ଜାତିପତି (ଦେଖ)
Jāti-panti — Jāti-pati (See)

ଜାତିପାଟକ—ଦେ. ବି.—୧ । ହିନ୍ଦୁ ଜାତିର ସମସ୍ତ ଲୋକ—
Jāti-pātaka — 1. All the members of a Hindu caste-guild.
୨ । ଶୂଦ୍ର ଜାତିର ଭିନ୍ନ ଭିନ୍ନ ଶାଖା (ସଂଖ୍ୟାରେ ୩୬ ଗୋଟି) 2. The 36 sub-sects or sub-castes or caste-guilds amongst the Sūdras.

ଜାତିପାତ—ସଂ. ବି. (୬ଷ୍ଠୀ ତତ୍, ଜାତି + ପାତ)—ଅକାର୍ଯ୍ୟ ଆଚରଣରୁ
Jāti-pāta — ନିଜର ଜାତି ହରାଇବା—Loss of one's caste.

ଜାତିପୁଅ—ଦେ. ବି.—ଜାତିଭାଇ (ଦେଖ)
Jati-pua — Jāti-bhāi (See)

ଜାତିଫଳ—ସଂ. ବି.—ଜାଇଫଳ—
Jāti-phala — Nutmeg.
(ଅନ୍ୟ ସଂ. ନାମ—କୋଷକ, ସୁମନଫଳ, କୋଶ, ଜାତିକୋଶ, ଶାଲୂକ, ମାଲତୀଫଳ, ପଦ୍ମସାର, ମଜ୍ଜସାର, ଜାତିସାର, ପୁଟ୍ଟ ।)

ଜାତିବାଚକ—ସଂ. ବଣ. (ଜାତି+ବାଚକ)—ଯାହାଦ୍ୱାରା କୌଣସି
Jāti-bāchaka — ବ୍ୟକ୍ତି ବା ପଦାର୍ଥର ଶ୍ରେଣୀ ବା ଜାତି ବୁଝାଯାଏ; ଗଣସମ୍ବନ୍ଧୀୟ—Indicating the species or class to which a certain person or thing belongs; generic; expressing a class.

ଜାତିବାସନ୍ଦ ହେବା—ଦେ. କ୍ରି.—ଜାତିରୁ ଅଟକ ହେବା (ଦେଖ)
Jāti-bāsanda heba — To be excommunicated
(ଜାତିବାଛନ୍ଦ ହେବା—ଅନ୍ୟରୂପ) — from one's society.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଉତ୍ସ	ଉତ୍ଥ	ଞ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୠ	ନ୍

ଜାତିବିଟାଳ—ଦେ. ବି.—ଜାତିଚ୍ୟୁତି; ଜାତିଭ୍ରଷ୍ଟ ହେବା—
Jāti-bitāla Excommunication from a society or caste.
ଦେ. ବିଣ.—ଜାତିବିଟାଳିଆ (ଦେଖ)
Jāti-biṭālia (See)

ଜାତିବିଟାଳିଆ—ଦେ. ବିଣ. ପୁଂ. ଓ ସ୍ତ୍ରୀ—ଜାତିଚ୍ୟୁତ; ଜାତିଭ୍ରଷ୍ଟ—
Jāti-bitālia Excommunicated from a society.
(ଜାତିବିଟାଳୀ—ସ୍ତ୍ରୀ)

ଜାତିବୈର—ସଂ. ବି. (୬ଷ୍ଠୀ ତତ୍; ଜାତି + ବୈର)—ସ୍ୱାଭାବିକ ଶତ୍ରୁତା
Jāti-baira (ଯଥା—ଅହିନକୁଳ ମଧ୍ୟରେ)—Natural hostility; racial animosity or antagonism.

ଜାତିବୋଧକ—ସଂ. ବି. (ଉପପଦ ତତ୍; ଜାତି + ବୋଧକ)—
Jāti-bodhaka ଜାତିବାଚକ (ଦେଖ)
Jāti-bāchaka (See)

ଜାତିବ୍ରାହ୍ମଣ—ସଂ. ବି. (କର୍ମଧାରୟ) (ତୃତୀୟା ତତ୍; ଜାତି—ଜନ୍ମ+
Jāti-brāhmaṇa ବ୍ରାହ୍ମଣ)—ଯେଉଁ ବ୍ରାହ୍ମଣ ବ୍ରାହ୍ମଣୋଚିତ ଆଚାର ପାଳେ ନାହିଁ, କିନ୍ତୁ ବ୍ରାହ୍ମଣକୁଳରେ ଜାତ ବୋଲି ବ୍ରାହ୍ମଣରୂପେ ପରିଚିତ ହୁଏ—A Brāhmaṇa by birth only but not observing the rules and duties of his caste; a Brahman in name only.

ଜାତିଭାଇ—ଦେ. ବି.—୧ । ଏକଜାତୀୟ ଲୋକ; ସ୍ୱଜାତିଭୁକ୍ତ ବ୍ୟକ୍ତି—
Jāti-bhāi 1. People belonging to the same caste or society.
জাতভাই
जाति बिरादर ୨ । ହାଡ଼ିଆମାନଙ୍କର ଏକକୁଳ ବା ପାଟକର ବ୍ୟକ୍ତି-
2. A member of the same social caste guild.

ଜାତିଭାତ—ଦେ. ବି.—ଏକଜାତି, ସମାଜ ବା ଗୋଷ୍ଠୀର ବ୍ୟକ୍ତିମାନଙ୍କର
Jāti-bhāta ଏକତ୍ର ଭୋଜନ ବା ଭୋଜି—Caste-feast.

କେହି ଗରିବ ଜାତିଭାତ ନେଇ ନ ପାରିଲେ ପଞ୍ଚଗୋସାଇଁ କିଛି ମାନ୍ୟ ନେଇ ତାହାକୁ ଉଠାଇ ନଅନ୍ତି । ଫକୀରମୋହନ- ଛମାଣ ଆଠଗୁଣ୍ଠ ।

ଜାତିଭୁକ୍ତ ହେବା—ଦେ. କ୍ରି.—(ନବାଗତ ବା ପତିତ ବ୍ୟକ୍ତି) ନିର୍ଦ୍ଦିଷ୍ଟ
Jātibhukta hebā ସମାଜରେ ଗୃହୀତ ହେବା—To be
জাতিভুক্তহওয়া admitted into the folds of a particular society or caste-guild.

ଜାତିଭୋଜି—ଦେ. ବି.—ଜାତିଭାତ (ଦେଖ)
Jāti-bhoji Jati-bhāta (See)

ଜାତିଭ୍ରଂଶ—ସଂ. ବି. (୫ମୀ ତତ୍, ଜାତି + ଭ୍ରଂଶ)—ଜାତିଚ୍ୟୁତି;
Jāti-bhramśa ଜାତିନାଶ—Loss of one's social status

ଜାତିଭ୍ରଂଶକର—ସଂ. ବିଣ.—ଯାହା ଲୋକକୁ ଜାତିଭ୍ରଷ୍ଟ କରେ—
Jāti-bhramśa-kara Causing a person to lose his caste.

[ଦ୍ର—ମନୁସଂହିତା ଅନୁସାରେ ବ୍ରାହ୍ମଣପୀଡ଼ନ, ମଦ୍ୟପାନ, ଅଖାଦ୍ୟଭୋଜନ, କପଟ ବ୍ୟବହାର, ପୁରୁଷମୈଥୁନ ଆଦି ପାପ ଜାତିଭ୍ରଂଶକର ପାପ ଅଟେ । ଅଜ୍ଞାନକୃତ ପାପ ପାଇଁ ପ୍ରାଜାପତ୍ୟ ଓ ଜ୍ଞାନକୃତ ପାପପାଇଁ ସାନ୍ତପନ ପ୍ରାୟଶ୍ଚିତ୍ତ କରିବା ବ୍ୟବସ୍ଥା ଅଛି ।]

ଜାତିଭ୍ରଷ୍ଟ—ସଂ. ବିଣ. (୫ମୀ ତତ୍; ଜାତି + ଭ୍ରଷ୍ଟ)—
Jāti-bhrashṭa ଜାତିଚ୍ୟୁତ (ଦେଖ)
Jātichyuta (See)

ଜାତି ମରା(ରେ)ଇବା—ଦେ. କ୍ରି.—(ଜାତି ମାରିବାର ଣିଜନ୍ତ)—
Jāti marā(e)ibā ଜାତି ହରାଇବା (ଦେଖ)
জাতখোয়ান Jāti harāibā (See)
जातखोना

ଜାତିମହତ୍ତ୍ୱ—ସଂ. ବି. (ଜାତିର ମହତ୍ତ୍ୱ)—ଜାତୀୟ ଗୌରବ—
Jāti-mahatwa National honour.
ଦେ. ବି. (ସହଚର)—ଜାତି ଓ ମର୍ଯ୍ୟାଦା—
Caste and respect.

ଜାତିମହନ୍ତ—ଦେ. ବି—ସାମାଜିକ ଉପଜାତି ବା ପାଟକର ନେତା—
Jāti–mahanta Headman of a caste-guild.

ଜାତି ମାରିବା—ଦେ. କ୍ରି—ଜାତି ନେବା (ଦେଖ)
Jāti māribā Jāti nebā (See)
জাত মারা
जात मारना

ଜାତି ଯିବା—ଦେ. କ୍ରି—ଅକ୍ରିୟା ବା ଅଖାଦ୍ୟଦ୍ୱାରା କୌଣସି ବ୍ୟକ୍ତିର
Jāti jibā ଜାତି ଧ୍ୱଂସ ହେବା—Loss of one's caste,
জাত যাওয়া
जात जाना

ଜାତିରୁ ଯିବା—ଦେ. କ୍ରି—ଜାତିଚ୍ୟୁତ ହେବା—
Jātiru jibā To be excommunicated.
জাতথেকে যাওয়া
जातसे जाना

ଜାତିରେ—ଦେ. କ୍ରି. ବିଂ—ଜାତି ହିସାବରେ; ଜାତି ଗଣନାରେ; ଜାତି
Jātire ବିଷୟରେ; ଜନ୍ମତଃ—By caste; by birth.
(ଯଥା—ସେ ଜାତିରେ ଛତ୍ରୀ ।)

ଜାତିରେ ଚଳିବା—ଦେ. କ୍ରି—ଜାତିରେ ମିଶିବା; (ନବାଗତ ବା ପତିତ
Jātire chaḷibā ବ୍ୟକ୍ତି) ନିର୍ଦ୍ଦିଷ୍ଟ ସମାଜରେ ଗୃହୀତ ହେବା—
জাতে চলা To be admitted into the folds of a
जातमे चलना particular society or caste.
(ଜାତିରେ ମିଶିବା—ଅନ୍ୟରୂପ)

ଜାତିରେ ଯିବା—ଦେ. କ୍ରି—୧ । ଜାତିରେ ଚଳିବା (ଦେଖ)
Jātire jibā 1. Jātire chaḷibā (See)
୨ । ଜାତି ହେବା (ଦେଖ)
2. Jāti hebā (See)

ଜାତିଷ୍ଠ—ଦେ. ବିଣ. (ସଂ. ଜାତି ଓ ଇଷ୍ଟ)—୧ । ଉଚ୍ଚଜାତୀୟ—
Jātishṭa 1. Of a high caste; respectable.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପଗତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅଙ୍ଖିଆ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୨ । ଏକଜାତି ବା ସମାଜଭୁକ୍ତ (ବ୍ୟକ୍ତି)— 2. Of the same caste or society.

ଦେ. ବି—ଜାତି ବା ସମାଜର ନେତା—Head of a caste; headman of a caste-guild.

ଜାତଶସ୍ୟ—ସଂ. ବି—ଜାଇଫଳ—
Jāti-śasya — Nutmeg.

ଜାତସଙ୍କର—ସଂ. ବି. (୭ମୀ ତତ୍; ଜାତି+ସଙ୍କର)—ବର୍ଣ୍ଣସଙ୍କର;
Jāti-saṅkara — ଭିନ୍ନଭିନ୍ନଜାତିର ପିତା ଓ ମାତାଙ୍କ ଔରସ ଜାତ— A hybrid; admixture of bloods of different castes.

ଜାତସର୍ଦ୍ଦାର—ଦେ. ବି (ସଂ. ଜାତି+ଫା. ସର୍‌ଦାର୍)—ସାମାଜିକ
Jāti-sarddāra — ଜାତିର ନେତା; ଜାତିମହନ୍ତ—
(ଜାତିସରଦାର—ଅନ୍ୟରୂପ) Headman of a caste-guild.

ଜାତସାର—ସଂ. ବି—ଜାଇଫଳ (ଦେଖ)
Jāti-sāra — Jāi-phaḷa (See)
(ଜାତିସୃତ—ଅନ୍ୟରୂପ)

ଜାତ ସାରିବା—ଦେ. କ୍ରି—୧ । ଜାତିନେବା (ଦେଖ)
Jāti sāribā — 1. Jātinebā (See)
୨ । ଜାତିହରାଇବା (ଦେଖ)
2. Jāti harāibā (See)

ଜାତସ୍ୱଭାବ—ସଂ. ବି. (୬ଷ୍ଠୀ ତତ୍; ଜାତି+ସ୍ୱଭାବ)—
Jātiswabhāba — ୧ । ଜାତିଧର୍ମ; ଏକଜାତୀୟ ଜୀବମାନଙ୍କ ପ୍ରକୃତିର ବିଶିଷ୍ଟତା—1. Racial character; the characteristic of a species.
୨ । ଅକୃତି ଓ ଗୁଣବର୍ଣ୍ଣନାତ୍ମକ ଅଲଙ୍କାରବିଶେଷ (ହ୍ରି. ଶବ୍ଦସାଗର)—2. A figure of speech in Rhetoric.

ଜାତସ୍ମର—ସଂ. ବିଣ. ପୁଂ. (ଜାତି=ପୂର୍ବଜନ୍ମ+ସ୍ମୃ ଧାତୁ+କର୍ତ୍ତୃ. ଅ)—
Jāti-smara — ଯାହାର ପୂର୍ବଜନ୍ମ ସ୍ମରଣ ଥାଏ; ପୂର୍ବଜନ୍ମରେ କେଉଁଠାରେ କେଉଁ ଜାତିରେ ଜନ୍ମଗ୍ରହଣ କରିଥିଲା ଏହା ଯେ ସ୍ମରଣ କରିପାରେ—Remembering the particulars of one's previous birth.

ପୂର୍ବ କଳ୍ପର ଏ ବିପ୍ର, କରୁଥିଲେ ହେଲ ଜାତସ୍ମର ।
— ଜଗନ୍ନାଥ. ଭାଗବତ ।

ସଂ. ବି—ତୀର୍ଥବିଶେଷ—
Name of a place of pilgrimage.

ଜାତ ହରା(ରେ)ଇବା—ଦେ. କ୍ରି—୧ । ଅକ୍ରିୟାଅଦବ୍ୟାର୍ଯ୍ୟ ଅପଣାର
Jāti harā(re)ibā — ଜାତି ନଷ୍ଟ କରିବା—1. To break the
ଜାତ ଖାଓୟାନ — rules of one's caste; to lose
जात खोआना — one's caste by doing prohibited acts.
(ଜାତ ହାରିବା—ଅନ୍ୟରୂପ)

୨ । ଜାତ୍ୟନ୍ତର ଗ୍ରହଣ କରିବା; ଅପଣା ଜାତିରୁ ଯାଇ ଅନ୍ୟ ଜାତିରେ ବା ଧର୍ମରେ ପଶିବା—2. To give up one's original caste, society or religion and take to another.

ଜାତ ହାରିବା—ଦେ. କ୍ରି—ଜାତି ହରାଇବା (ଦେଖ)
Jāti hāribā — Jāti harāibā (See)

ଜାତହୀନ—ସଂ. ବିଣ. (୫ମୀ ତତ୍; ଜାତି+ହୀନ)—
Jāti-hīna — ୧ । ଜାତିଚ୍ୟୁତ; ସମାଜଭ୍ରଷ୍ଟ—
1. Excommunicated.
୨ । ଛୋଟ ଜାତିର—2. Of low caste.

ଜାତ ହେବା—ଦେ. କ୍ରି—ପ୍ରାୟଶ୍ଚିତ୍ତ ବା ଦଣ୍ଡଭୋଗ ପରେ (ପତିତବ୍ୟକ୍ତି)
Jāti hebā — ପୁନର୍ବାର ଅପଣା ସମାଜରେ ପ୍ରବେଶ କରିବା—
জাতে উঠা — To be admitted to one's caste or society
जात होना — after performing prescribed expiation or undergoing the prescribed punishment.

ଜାତୀ—ସଂ. ବି. (ଜାତି+ଈ)—୧ । ଜାଇଫୁଲ—
Jātī — 1 Jasminum Grandiflorum.
୨ । ଜାଇଫଳ ଗଛ—2. Nutmeg tree.
୩ । ମାଳତୀ ଫୁଲ—3. Mālatī flower.
୪ । ଅଁଳା—4. Embellic myrobalan.

ଜାତୀପତ୍ର—ସଂ. ବି—ଜାତିପତ୍ର (ଦେଖ)
Jātī-patra — Jāti-patra (See)
(ଜାତୀପତ୍ରୀ—ଅନ୍ୟରୂପ)

ଜାତୀଫଳ—ସଂ. ବି—ଜାଇଫଳ—
Jātī-phaḷa — Nutmeg.
(ଜାତୀପୂଗ, ଜାତୀକୋଶ, ଜାତୀକୋଷ—ଅନ୍ୟରୂପ)

ଜାତୀୟ—ସଂ. ବିଣ. (ଜାତି+ଭବାର୍ଥେ ଈୟ)—୧ । ଜାତିସମ୍ବନ୍ଧୀୟ—
Jātīya — 1. National.
୨ । ଶ୍ରେଣୀର; ପ୍ରକାରର—2. Of a certain kind; belonging to a particular class.
୩ । ବର୍ଣ୍ଣ ସମ୍ବନ୍ଧୀୟ—3. Tribal.
୪ । କୌଣସି ବିଶିଷ୍ଟ ଜାତିର ସାଧାରଣ—
4. Common to or pertaining to a particular nation.

ଜାତୀୟ ଅନୁଷ୍ଠାନ—ସଂ. ବି. (ଅଧୁନିକ ପ୍ରୟୋଗ)—ଏକଜାତୀୟ ସମସ୍ତ
Jātīya anusthāna — ବ୍ୟକ୍ତିଙ୍କର ମଙ୍ଗଳକର ସାଧାରଣ କାର୍ଯ୍ୟ—
A natioanl institution; institution beneficial to all the members of a society.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଞ୍ଜ	ଇଯ୍	ଂ	ଢ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	

ଜାତୀୟ କାର୍ଯ୍ୟ—ଦେ. ବ—ଜାତୀୟ ଅନୁଷ୍ଠାନ (ଦେଖ)
Jātiya kārjya Jātiya anusthāna (See)

ଜାତୀୟ ପାଣ୍ଠି—ଦେ. ବ—ଜାତିବିଶେଷର ସାଧାରଣ ହିତକର କାର୍ଯ୍ୟରେ
Jātiya pānthi ବ୍ୟୟିତ ହେବା ନିମନ୍ତେ ସେହି ଜାତିର ବ୍ୟକ୍ତିମାନଙ୍କ ସମବେତ ଉଦ୍ୟମରେ ସଂଗୃହୀତ ଧନରାଶି—A national fund; the coffers of a nation.

ଜାତୀୟ ଫଣ୍ଡ—ଦେ. ବ—ଜାତୀୟ ପାଣ୍ଠି (ଦେଖ)
Jātiya phand Jātiya pānthi (See)

ଜାତୀୟ ବିଦ୍ୟାଳୟ—ଦେ. ବ—ଆଧୁନିକ ଭାରତରେ ପ୍ରତିଷ୍ଠିତ ପ୍ରାଚ୍ୟ
Jātiya bidyālaya ସ୍ୱାଭାବିକ ଶିକ୍ଷା ଦିଆଯିବା ବିଦ୍ୟାଳୟ; ଜାତିବିଶେଷର ଆକାଙ୍କ୍ଷାପୂରଣ ନିମନ୍ତେ ପ୍ରତିଷ୍ଠିତ ବିଦ୍ୟାଳୟ—National school.

ଜାତୀୟ ବିଧାନ—ସଂ. ବ—ଜାତୀୟ ବିଧି (ଦେଖ)
Jātiya bidhāna Jātiya bidhi (See)

ଜାତୀୟ ବିଧି—ସଂ. ବ—୧ । ଅନ୍ତର୍ଜାତୀୟ ନିୟମ—
Jātiya bidhi 1. International Law.
୨ । ଜାତିବିଶେଷର ବଶିଷ୍ଟ ବିଧି—2. The rules for the guidance of all the members of a particular community or nation.

ଜାତୀୟ ସ୍ୱଭାବ—ସଂ. ବ—ଏକଜାତୀୟ ବ୍ୟକ୍ତି ବା ଜୀବଙ୍କର ବଶିଷ୍ଟ
Jātiya swabhāba ପ୍ରକୃତି—National traits or characteristics; caste-ways.

ଜାତୀଲତା—ସଂ. ବ. (ଜାତୀ+ଲତା)—ଜାଇଫଳ ଗଛ—
Jāti-latā The nutmeg tree.

ଜାତୀଶ୍ୱର—ସଂ. ବ. (୬ଷ୍ଠୀତତ୍; ଜାତି+ଈଶ୍ୱର)—
Jātiśwara ୧ । ଜାତି-ଶ୍ରେଷ୍ଠ ବ୍ୟକ୍ତି—
1. A man of high caste.
୨ । ଜାତିର ପ୍ରଭୁ ବା ମୁଖ୍ୟବ୍ୟକ୍ତି—2. The headman of a particular caste.
୩ । ବ୍ରାହ୍ମଣ—3. A Brāhmana.

ଜାତୁ—ସଂ. ଅ. (ଜି ଧାତୁ=କ୍ଷୀଣ ହେବା+କର୍ତ୍ତୃ. ତୁ)—
Jātu ୧ । (ସମ୍ଭାବନାସୂଚକ) କଦାଚିତ୍—
1. Ever; at any time.
୨ । (ନିଷେଧାର୍ଥକ) ନାଁ—2. No.
୩ । (ନିନ୍ଦାସୂଚକ) ଛି—3. (interjection indicating blame) Fie !

ଜାତୁକର୍ଣ୍ଣ—ସଂ. ବ. ପୁଂ—ମୁନିବିଶେଷ—
Jatu-karnna Name of a sage.
(ଜାତୂକର୍ଣ୍ଣ—ଅନ୍ୟରୂପ) [ବ୍ର—ଏ ସୋତ୍ରବ ଉପସ୍ମୃତି ରଚନା କରିଥିଲେ । ହରିବଂଶ ଅନୁସାରେ ଅଷ୍ଟାବିଂଶ ଦ୍ୱାପରଯୁଗରେ ଏହାଙ୍କର ଜନ୍ମ ହୋଇଥିଲା (ହି. ଶବ୍ଦସାଗର) ।]

ଜାତୁକର୍ଣ୍ଣୀ—ସଂ. ବ. ସ୍ତ୍ରୀ—୧ । କବି ଭବଭୂତିଙ୍କ ମାତା—
Jātu-karnni Name of the mother of the Sanskrit poet Bhababhūti.
୨ । କବି ଭବଭୂତିଙ୍କ ପିତା (ହି. ଶବ୍ଦସାଗର)—
2. Name of the father of Bhababhūti.

ଜାତୁଜ—ସଂ. ବି. (ଜାତୁ=କଦାଚିତ୍+ଜନ୍ ଧାତୁ+ଅ)—
Jātuja ଗର୍ଭବତୀ ସ୍ତ୍ରୀର ଇଚ୍ଛା; ଦୋହଦ (ହି. ଶବ୍ଦସାଗର)—
The longing of a pregnant woman.

ଜାତୁଧାନ—ସଂ. ବି. (ବହୁବ୍ରୀହି; ଜାତୁ=କଦାଚିତ୍+ଧାନ=ସଦ୍-
Jātu-dhāna ବିଧାନ, ଯେ କଦାଚିତ୍ ସଦ୍‌ବିଧାନ ଅନୁସରଣ କରେ ଅର୍ଥାତ୍ ଯେ ସଦ୍‌ବିଧାନ ଅନୁସରଣ କରେ ନାହିଁ)—ରାକ୍ଷସ; ଅସୁର—Demon; evil spirit; a goblin; Rākshasa.

ଜାତୁମାତୁ—ଗ୍ରା. (ପ୍ରାଚୀନପଦ୍ୟ) ବି—ଜାତିକୁଳ (ଦେଖ)
Jātu mātu Jāti-kula (See)
କସ ଜାତୁମାତୁ ତାର କସ ଅଛଅନ୍ତି । ପ୍ରାଚୀ. ବୃନ୍ଦାବନସ୍ତବଗୀତା ।

ଜାତୁଷ—ସଂ. ବଣ. (ଜତୁ+ବିକାର ଅର୍ଥରେ. ଅ; 'ଷ' ଆଗମ)—
Jātusha ଜତୁନିର୍ମିତ—Made of lac.

ଜାତୃ—ସଂ. ବ—ବଜ୍ର (ହି. ଶବ୍ଦସାଗର)—
Jātū Thunder.

ଜାତେଷ୍ଟି—ସଂ. ବ. (୬ଷ୍ଠୀ ତତ୍; ଜାତ+ଇଷ୍ଟି=ଯାଗ)—ଜାତ-
Jāteshti କର୍ମ ସଂସ୍କାର; ସନ୍ତାନ ଜନ୍ମ ହେଲେ ପିତାଙ୍କ ଅନୁଷ୍ଠେୟ ଯାଗାଦି କର୍ମ—Rites and ceremonies performed by the father on the birth of a son.

ଜାତୋକ୍ଷ—ସଂ. ବ—ବାଛୁର ଅବସ୍ଥାରୁ ଧରି ଯାଇଥିବା ବଳଦ (ହି. ଶବ୍ଦସାଗର)—Bullock which was castrated while it was a calf.
Jātoksha

ଜାତ୍ୟ—ସଂ. ବଣ. (ଜାତି+ସାଧୁ ଅର୍ଥରେ. ଯ)—
Jātya ୧ । ସୁଜାତ; କୁଳୀନ—
1. Of noble birth; well-born.
୨ । ଆନନ୍ଦଜନକ—2. Pleasing.
୩ । ପ୍ରଧାନ; ଶ୍ରେଷ୍ଠ—3. Chief; principal.
୪ । ସୁନ୍ଦର—4. Beautiful.
୫ । ସମକୋଣୀ (କ୍ଷେତ୍ର)—
5. Rectangular; right-angled (figure).
(ଯଥା—ଜାତ୍ୟବିଭୁଜ, ଜାତ୍ୟଚତୁର୍ଭୁଜ ।)

ଜାତ୍ୟଂଶ—ଦେ. ବ. (ସଂ. ଜାତି+ଅଂଶ)—୧ । ବ୍ୟକ୍ତିବିଶେଷରେ
Jātyaṁśa କୁଳ ବା ଜାତିସମ୍ବନ୍ଧୀୟ ଅବସ୍ଥିତି—
1. Position according to a person's caste.
(ଯଥା—ସେ ଅକ୍ଷୟଙ୍କଠାରୁ ଜାତ୍ୟଂଶରେ ହୀନ ନୁହନ୍ତି ମାତ୍ର ଧନରେ ।)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବ୍ୟାଘାତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' କୁ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଖି ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବଂଶ; କୁଳ; ଗୋତ୍ର—2. Family.
୩ । ଉପଜାତି; ଜାତିମଧ୍ୟସ୍ଥ ବିଭାଗ—3. Sub-caste.

ଜାତ୍ୟ ଚତୁର୍ଭୁଜ—ସଂ. ବି—ଯେଉଁ ଚତୁର୍ଭୁଜର କୋଣମାନ ସମକୋଣ—
Jātya chaturbhuja Rectangle; square.

ଜାତ୍ୟ ତ୍ରିଭୁଜ—ସଂ. ବି.—ସମକୋଣୀ ତ୍ରିଭୁଜ—
Jātya tribhuja Right-angled triangle.

ଜାତ୍ୟନ୍ତର—ସଂ. ବି. (କର୍ମଧାରୟ; ଅନ୍ୟ+ଜାତି; 'ଅନ୍ୟ' ଶବ୍ଦ ସ୍ଥାନରେ
Jātyantara 'ଅନ୍ତର' ଆଦେଶ ହୁଏ ।)—ଅନ୍ୟ ଜାତି—
A different caste.

ଜାତ୍ୟନ୍ତରଗ୍ରହଣ—ସଂ. ବି. (ଅଧୁନିକ)—ନିଜର ଜାତି, ସମାଜ ବା ଧର୍ମ
Jātyantara-grahaṇa ଛାଡ଼ି ଅନ୍ୟ ଜାତି ବା ଧର୍ମ ଗ୍ରହଣ
କରିବା—Assuming a religion or caste other than one's own.

ଜାତ୍ୟନ୍ଧ—ସଂ. ବିଣ. ପୁଂ. (୭ମୀ ତତ୍; ଜାତି=ଜନ୍ମ+ଅନ୍ଧ)—
Jātyandha ଜନ୍ମାନ୍ଧ; ଜନ୍ମ ସମୟରୁ ଅନ୍ଧ—
(ଜାତ୍ୟନ୍ଧା—ସ୍ତ୍ରୀ) Born blind.

ଜାତ୍ୟଭିମାନ—ସଂ. ବି. (୬ଷ୍ଠୀ ତତ୍; ଜାତି+ଅଭିମାନ)—
Jātyabhimāna ୧ । ଉଚ୍ଚ ଜାତିରେ ଜନ୍ମ ହେବା ହେତୁ ଅହଙ୍କାର; କୌଳିନ୍ୟଗର୍ବ—1. Pride of high birth; pride of caste.
୨ । ନିଜର ଜାତି ପ୍ରତି ସ୍ନେହ—2. Attachment to one's own nation.

ଜାତ୍ୟାସନ—ସଂ. ବି.—ତାନ୍ତ୍ରିକମାନଙ୍କର ଆସନବିଶେଷ—
Jātyāsana A posture practised in tantric exercise.
[ଦ୍ର—ଏଥିରେ ସାଧକ ହାତ ଓ ଗୋଡ଼କୁ ଭୂମିରେ ଲଗାଇ ଗତି କରେ । ଏ ଆସନରେ ସିଦ୍ଧିଲାଭ କରିବା ବ୍ୟକ୍ତି ପୂର୍ବଜନ୍ମର ବିଷୟମାନ ଜାଣି ପାରେ । ହି. ଶବ୍ଦସାଗର ।]

ଜାଦା—ବୈଦେ. ବି. ପୁଂ (ପା —ପୁତ୍ର—
Jādā Son.
(ଜାଦୀ—ସ୍ତ୍ରୀ) [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ;
जादा ଯଥା—ହାରାମଜାଦା, ହାରାମଜାଦୀ, ସାହାଜାଦା, ସାହାଜାଦୀ,
जादा ନବାବ୍‌ଜାଦା, ସାହେବଜାଦା ଇତ୍ୟାଦି ।]

ଜାଦୁ—ଦେ. ବି. (ସଂ. ଦଦ୍ରୁ)—ଦାଦୁ (ଦେଖ)
Jādu. Dādu (See)
दाद ବୈଦେ. ବି. (ପା; ମୂଳ. ପ୍ରାଚୀନ ସଂ. ଜାତୁ, ଜାତୁ ବିଦ୍ୟା—
दाद् ଯୋଗେଶଚନ୍ଦ୍ର)—୧ । କୁହୁକ; ଭେଲ୍କି; ମାୟା, ଇନ୍ଦ୍ରଜାଲ;
जादू ଭୌତିକ ବିଦ୍ୟା—1. Magic; sorcery.
जादु ୨ । ବଶୀକରଣ ଅଦି ତାନ୍ତ୍ରିକ ବିଦ୍ୟା—2. Mystic charm or enchantment.

ଜାଦୁଆ—ଦେ. ବିଣ. ପୁଂ.—ଦାଦୁଆ (ଦେଖ)
Jāduā Dāduā (See)
(ଜାଦେଇ, ଜାଦୋଇ—ସ୍ତ୍ରୀ)

ଜାଦୁକର—ବୈଦେ. ବି. (ପା. ଜାଦୁଗର)—ଐନ୍ଦ୍ରଜାଲିକ; କୁହୁକୀ—
Jādukara Magician; sorcerer; a diviner.
जादूकर କିବା ଏହା ଜାଦୁକର ଜାଦୁକ୍ରିୟା । ଉକାଳି ରତ୍ନମାଳୀ ।
जादुगर

ଜାଦୁକରି—ବୈଦେ. ବି. (ପା. ଜାଦୁଗରୀ—ଭେଳିକବାଜୀ; କୁହୁକ—
Jādukari Magic; sorcery.
जादूकरि
जादुगरि

ଜାଦୁ କରିବା—ଦେ. କ୍ରି.—୧ । କୁହୁକ କରିବା—
Jādu karibā 1. To employ charm.
जादू करा ୨ । ମନ୍ତ୍ରାଦି ପ୍ରୟୋଗ କରି ବଶ କରିବା—
जादु करना 2. To enchant.

ଜାଦୁଖାଇ—ଦେ. ବି.—ଦାଦୁଖାଇ (ଦେଖ)
Jādu-khāi Dādu-khāi (See)

ଜାଦୁଗର—ବୈଦେ. ବି. (ପା)—ଜାଦୁକର (ଦେଖ)
Jādugara Jādukara (See)

ଜାଦୁଗରି—ବୈଦେ. ବି. (ପା)—ଜାଦୁକରି (ଦେଖ)
Jādugari Jādukari (See)
(ଜାଦୁଗିରି—ଅନ୍ୟରୂପ)

ଜାଦୁଘର—ଦେ. ବି. (ପା. ଜାଦୁ+ସଂ. ଗୃହ; ଯେଉଁ ଘରର ଅଦ୍ଭୁତ
Jādu-ghara ପଦାର୍ଥସମୂହ ଦର୍ଶକର ମନକୁ ମୁଗ୍ଧ କରେ)—
जादूघर ପ୍ରାକୃତିକ ଓ ଶିଳ୍ପବିଜ୍ଞାନ ଜାତ ପଦାର୍ଥସମୂହ ସଂଗୃହୀତ
अजायबघर; जादुघर ହୋଇ ରଖା ଯାଇଥିବା ସ୍ଥାନ; କୌତୁକାଗାର—Museum.
[ଦ୍ର—ଆଧୁନିକ ବଡ଼ବଡ଼ ନଗରମାନଙ୍କରେ ବିଚିତ୍ର ବସ୍ତୁବହୁଳ ଜାଦୁଘରମାନ ଅଛି । ଭାରତବର୍ଷରେ କଲିକତାର ଜାଦୁଘର ପ୍ରଧାନ ।]

ଜାଦୁବିଦ୍ୟା—ଦେ. ବି. (ପା. ଜାଦୁ+ସଂ. ବିଦ୍ୟା)—୧ । ଭେଳିକବାଜୀ—
Jādu-bidyā 1. Magic; sorcery.
जादूविद्या ୨ । ବଶୀକରଣ ବିଦ୍ୟା—
जादुविद्या 2. Charm; enchantment.

ଜାଦୁମଲମ—ଦେ. ବି—ଦାଦୁମଲମ (ଦେଖ)
Jādu-malama Dādu-malama (See)

ଜାଦୁରା—ଦେ. ବିଣ. ପୁଂ—ଦାଦୁରା (ଦେଖ)
Jādurā Dādurā (See)
(ଜାଦୁରୀ—ସ୍ତ୍ରୀ)

ଜାନ୍—ବୈଦେ. ବି. (ପା; ମୂଳ. ସଂ. ଜୀବନ) ୧ । ଜୀବନ—
Jān 1. Life.
जान ୨ । ପ୍ରାଣବାୟୁ; ଦମ୍—2. Breath of life.

୧	ଇ	ଉ	ଋ,ଝ୍	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଯ୍	ଉ୍ଅ	ଘ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଜ୍ଞ	ହ୍ନ

जान ୩ । ଆତ୍ମା—3. Soul.

୪ । କୌଣସି ରାଗର ପ୍ରଧାନ ସ୍ୱର—
4. The chief tune of a musical air.

ପ୍ରାଦେ. (ସମ୍ବଲପୁର) ବି—ଦହି କରିବା ପାଇଁ ଦୁଧରେ ପକାଇବା ମହି—The small quantity of curd put into milk in order to turn it into curd.

ଜାନ୍ ଖାଇବା—ଦେ. କ୍ରି—୧ । ଅତି ବିରକ୍ତ ବା ବ୍ୟତିବ୍ୟସ୍ତ କରିବା—
Jān khāibā 1. To tease or bother much.
জান খাওয়া ୨ । ବାରଂବାର ଯିଦ୍ଦ କରିବା—
जान खाना 2. To importune.

ଜାନ୍ ଦେବା—ଦେ. କ୍ରି—୧ । କୌଣସି କାର୍ଯ୍ୟରେ ଜୀବନ ସମର୍ପଣ
Jān debā କରିବା—1. To dedicate or offer one's life
জান দেওয়া to a work.
जान देना ୨ । ପ୍ରାଣତ୍ୟାଗ କରିବା—
2. To die; to give up one's life.

ଜାନ୍ ନେବା—ଦେ. କ୍ରି—୧ । ପ୍ରାଣରେ ମାରିବା—
Jān nebā 1. To kill.
জান লওয়া ୨ । ଜାନ୍ ଖାଇବା (ଦେଖ)
जान लेना 2. Jān khāibā (See)

ଜାନ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଜ୍ଞା ଧାତୁ)—ଜାଣିବା—
Jān-bā To know.
ବିଣ—୧ । ଜାଣିବାର; ବିଜ୍ଞ; ଜ୍ଞାନୀ—
Wise; intelligent.

ଜାନ୍‌ବାର—ପ୍ରାଦେ. (ସମ୍ବଲପୁର) ବିଣ—ଜାନ୍‌ବା (ଦେଖ)
Jān-bār Jānbā (See)

ଜାନ୍ ବିତା(ତେ)ଇବା—ଦେ. କ୍ରି. (ଫା. ଜାନ୍+ସଂ. ବ୍ୟତୀତ)—ଜୀବନ
Jān bitā(te)ibā କଟାଇବା—To pass or spend one's
জান বিতান life.
जान बिताना

ଜାନ୍‌ଲା—ବୈଦେ. ବି. (ପାର୍ତ୍ତୁଗୀଜ୍. ଜାନେଲା; ତୁଳ. ସଂ. ଜାଲାନ୍ତର)—
Jānlā ଝରକା; ଗବାକ୍ଷ—Window.
জানলা
झरोका

ଜାନକୀ—ସଂ ବି. ସ୍ତ୍ରୀ. (ଜନକ+ଅପତ୍ୟାର୍ଥରେ ଅ+ସ୍ତ୍ରୀ. ଈ)—
Jānaki ସୀତା; ଜନକନନ୍ଦିନୀ—Sītā, the foster daughter of Janaka.

ଜାନକୀନାଥ—ସଂ. ବି. (୬ଷ୍ଠୀ ତତ୍; ଜାନକୀ+ନାଥ)—ରାମଚନ୍ଦ୍ର—
Jānakī-nāthā A name of Rāmachandra.
(ଜାନକୀଜୀବନ; ଜାନକୀରମଣ—ଅନ୍ୟରୂପ)

ଜାନତ୍—ଦେ. ବିଣ (ସଂ. ଜ୍ଞାତ)—ଜ୍ଞାତ; ସୁପରିଚିତ—
Jānat Well-known.
জানৎ

ଜାନପଦ—ସଂ. ବିଣ. (ଜନପଦ+ସମ୍ବନ୍ଧାର୍ଥରେ ବା ଭବାର୍ଥରେ ଅ)—
Jānapada ୧ । ଜନପଦ ସମ୍ବନ୍ଧୀୟ—1. Rural.
୨ । ଜନପଦଜାତ; ଗ୍ରାମ୍ୟ—2. Rustic.
୩ । ନଗର ସମ୍ବନ୍ଧୀୟ—3. Pertaining to a city.

ସଂ. ବି. (+ସ୍ୱାର୍ଥେ ଅ)—୧ । ଜନପଦ; ଗ୍ରାମ; ଦେଶ—
1. Country; inhabited tract of country.
୨ । ନାଗରିକ—2. Citizen.
୩ । ଦେଶୁଆଲୋକ; ମଫସ୍ୱଲବାସିନ୍ଦା—
3. Country-people; a rustic.
୪ । କର; ମାଲଗୁଜାରୀ (ହି. ଶବ୍ଦସାଗର)—
4. Revenue; rent.
୫ । (ହିନ୍ଦୁ ସ୍ମୃତି) ପ୍ରଜାବର୍ଗଙ୍କ ମଧ୍ୟରେ ପରସ୍ପର ବ୍ୟବହାର ସମ୍ବନ୍ଧରେ ଲେଖାଯିବା ଦଲିଲର ଏକ ଶ୍ରେଣୀ (ହି. ଶବ୍ଦସାଗର)—5. (Hindu Law) A class of documents written in respect of the mutual dealings between the subjects.

[ଦ୍ର—ଏହା ଦୁଇ ପ୍ରକାର, ଯାହା ପକ୍ଷମାନେ ନିଜ ହାତରେ ଲେଖନ୍ତି ସେଥିରେ ସାକ୍ଷୀ ପଡ଼ିବା ଦରକାର ହୁଏ ନାହିଁ, ଯାହା ନକସିନ୍ଦା ଲେଖିଥାଏ ସେଥିରେ ସାକ୍ଷୀ ପଡ଼ନ୍ତି ।]

ଦେ. ବି—ଉତ୍କଳର ସ୍ୱାଧୀନ ରାଜାଙ୍କ ଅମଳରେ ଗ୍ରାମଶାସନ ପାଇଁ ଗଠିତ ଗ୍ରାମପଞ୍ଚ ବା ସଭା—
Village-panchayet fomed during the rule of the independent kings of Orissa.

ଜାନପଦୀ—ସଂ. ବି. ସ୍ତ୍ରୀ. (ଜନପଦ+ଅ+ସ୍ତ୍ରୀ. ଈ)—
Jānapadī ୧ । ବୃତ୍ତି (ହି. ଶବ୍ଦସାଗର)—1. Occupation.
୨ । ଅପ୍ସରୋବିଶେଷ—
2. Name of a heavenly nymph.

[ଦ୍ର—ଏହାକୁ ଇନ୍ଦ୍ର ଶରଦ୍ୱାନ୍ ଋଷିଙ୍କ ତପସ୍ୟା ଭଙ୍ଗ କରିବାକୁ ପଠାଇଥିଲେ; ମହର୍ଷି ମୋହିତ ହୋଇ ତାଙ୍କର ଶୁକ୍ରପାତ ହେଲା । ସେହି ଶୁକ୍ରରୁ କୃପ ଓ କୃପୀ ଜନ୍ମିଲେ (ହି. ଶବ୍ଦସାଗର) ।]

ଜାନବେ—ବୈଦେ. ଅ. (ଫା. ଜାନିବ୍) (କଚେରିଆ ଭାଷା) (କୌଣସି
Jānabe ବ୍ୟକ୍ତି) ତରଫରୁ (ପ୍ରତିନିଧିରୂପେ ସ୍ୱାକ୍ଷର କରିବା);
তরফ ପକ୍ଷରୁ; ଅନ୍ୟର ପ୍ରତିନିଧି ସ୍ୱରୂପ—On behalf of (a
जानीब, तरफ person); as a representative of.

[ଦ୍ର—ଏଥିର ସାଙ୍କେତିକ ଚିହ୍ନ 'ଜା' କିମ୍ବା 'ଜ୍ନା' । କେହି ବ୍ୟକ୍ତି ଅନ୍ୟଲୋକ ପକ୍ଷରୁ ଦଲିଲଆଦିରେ ଦସ୍ତଖତ କଲେ ସ୍ୱାକ୍ଷରକାରୀ ପ୍ରତିନିଧି ଅସଲବ୍ୟକ୍ତିର ନାମ ପୂର୍ବରେ ଏହି ସାଙ୍କେତିକ ଚିହ୍ନ ବ୍ୟବହାର କରିଥାଏ; ଯଥା—ଲୋକନାଥ ମିଶ୍ର (ସ୍ୱାକ୍ଷରକାରୀ) 'ଜା' ହରିହରମିଶ୍ର (ଅସଲବ୍ୟକ୍ତି) ।]

ସାଧାରଣ ଲେକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ବର୍ଜିତ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ' ଦେଖିବେ

ଜାନା—ପ୍ରାଦେ. (ମେଦନୀପୁର) ବ. (ଭୁଲ. ଓଡ଼ିଆ. ଜେନା)—
Jānā ଶୂଦ୍ରମାନଙ୍କର ବଂଶୋପାଧିବିଶେଷ — Family-title of a class of Sudras.

ଜାନାନା—ବୈଦେ. ବି ଓ ବିଣ. (ଫା.)—ଜନାନା (ଦେଖ)
Jānānā Janānā (See)

ଜାନାଲା—ବୈଦେ. (ପର୍ତ୍ତୁ.)—ଜାନ୍‌ଲା (ଦେଖ)
Jānālā Jān-lā (See)

ଜାନି—ସଂ. ବିଣ. (ବହୁବ୍ରୀହି ସମାସରେ 'ଜାୟା' ଶବ୍ଦ ସ୍ଥାନରେ 'ଜାନି' ଆଦେଶ ହୁଏ)—ସ୍ତ୍ରୀ; ଭାର୍ଯ୍ୟା (ହି. ଶବ୍ଦସାଗର)—
Jāni Wife.

(ଯଥା—ଯୁବଜାନି, ସୀତାଜାନି, ରାଜାବଲ୍ଲବଜାନି ।)

[ଦ୍ର—ଏହା ସ୍ତ୍ରୀବାଚକ ଶବ୍ଦ ସଙ୍ଗେ ସମାସ ହୁଏ ।]

ଜାନୁ—ସଂ. ବି. (ଜନ ଧାତୁ=(ଗତି) ଜନ୍ମାଇବା+କର୍ତ୍ତୃ ଉ)—
Jānu ଊରୁସନ୍ଧି; ଆଣ୍ଠୁ—The knee.

ଦେ. ବି. (ପ୍ରାଚୀନ ପଦ୍ୟ) (ଫା. ଜାନୂ=ଜଙ୍ଘ; ହି. ଶବ୍ଦସାଗର)—ଜଙ୍ଘ—Thigh.

ଆଣ୍ଠୁରୁ ଲମ୍ବପଦ୍ମ ଯାଏ
ଜାନୁ ଏ ବେନ ତାଳ ହୁଏ । ପ୍ରାଚୀ. ପୂର୍ଣ୍ଣତମ ଚନ୍ଦ୍ରୋଦୟ ।

ଜାନୁଅର—ବୈଦେ. ବି. (ଫା)—ଜାନୁଆର (ଦେଖ)
Jānuar Jānuār (See)

ଜାନୁଆର—ବୈଦେ. ବି. (ଫା. ଜାନ୍‌ବର୍=ଜୀବନ)—
Jānuār ୧ । ଜୀବ; ଜନ୍ତୁ; ପ୍ରାଣୀ—1. Animal.
जानोयार ୨ । ପଶୁ—2. Beast; brute.
जानवर ୩ । ପଶୁବତ୍ ମୂର୍ଖ ଓ ବିଚାରହୀନ ବ୍ୟକ୍ତି—
3. A poor thing; a stupid person.

ଜଣା ଗଲେସେ ଆପଣ ଜାନୁଆର୍ ହୋ ଯାଇ ହେ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଜାନୁଆରି—ବୈଦେ. ବି. (ଇଂ)—ଇଂରାଜି ବର୍ଷର ପ୍ରଥମ ମାସ—
Jānuāri January.
जानुयारी
जनवरी
(ଜାନୁଏରି, ଜାନୁୟାରି, ଜନୋରି—ଅନ୍ୟରୂପ)

ଜାନୁଗତି—ସଂ. ବି. (ଷଷ୍ଠୀ ତତ୍; ଜାନୁ+ଗତି)—
Jānu-gati ଆଣ୍ଠେଇବା; ଆଣ୍ଠୁରେ ଭର ଦେଇ ଚାଲିବା; ହାମୁଡ଼େଇବା; ଘୋଷ୍ଟେଇବା--Crawling; moving by the knees.

ଜାନୁଘଣ୍ଟ—ଦେ. ବି. (ନାମ)—ସତ୍ୟଯୁଗର ରାଜଚକ୍ରବର୍ତ୍ତିବିଶେଷ—
Jānu-ghanṭa Name of an ancient king of the golden age of Hindu mythology.

[ଦ୍ର—ସତ୍ୟଯୁଗରେ ୭ ଜଣ ଚକ୍ରବର୍ତ୍ତୀ ରାଜତ୍ୱ କରୁଥିଲେ, ଯଥା—ବଳି, ବେଣ, ମାନ୍ଧାତା, ପୁରୁରବାଃ, ଜାନୁଘଣ୍ଟ ଓ ପରଶୁରାମ । ଉକ୍ତ ଜାନୁଘଣ୍ଟ ଜାନୁରେ ଘଣ୍ଟା ବାନ୍ଧିଥିଲେ । ମାଦଳାପାଞ୍ଜିରେ ଏହାଙ୍କର ନାମୋଲ୍ଲେଖ ଅଛି । କିନ୍ତୁ ସଂସ୍କୃତ ଗ୍ରନ୍ଥମାନଙ୍କରେ ଜାନୁଘଣ୍ଟ ପରିବର୍ତ୍ତରେ ଧୁନ୍ଧୁମାର ନାମ ଉଲ୍ଲେଖ ଅଛି ଓ ପରଶୁରାମଙ୍କ ପରିବର୍ତ୍ତରେ କାର୍ତ୍ତବୀର୍ଯ୍ୟଙ୍କ ନାମ ଲେଖାଅଛି ।]

ଜାନୁଜଂଘ—ଦେ. ବି. (ସହଚର)—ଗୋଡ଼ର ଆଣ୍ଠୁଠାରୁ ପିଚ୍ଛ ପର୍ଯ୍ୟନ୍ତ
Jānu-jaṁgha ଅଂଶ—The part of the leg between the knee and the buttock.

ଜାନୁପାଣି—ସଂ. ବି.—ଘୋଷ୍ଟେଇ ଚାଲିବା; ଅଣ୍ଠେଇ ଚାଲିବା
Jānu-pāṇi (ହି. ଶବ୍ଦସାଗର)—Crawling.

ଜାନୁ-ଯଉବନ—ଦେ. ବି. (ସଂ. ଜାନୁ ଯୌବନ)—(ଯୁବତୀର) ଜାନୁ ଓ
Jānu-jaubana ଅନ୍ୟ ଅବୟବମାନଙ୍କରେ ଯୌବନ ଯୋଗୁଁ ପ୍ରକଟିତ ଲକ୍ଷଣାଦି—Robust thigh and other indications of youth of a woman.

ଭୁଣ୍ଡୁଣ୍ଡୁ ହୋଇ ଗାଧୋଇ ପାଧୋଇ କହରୁ ଅଧୁଚ୍ଛ ଗୋଷ୍ଠ
ଜାନୁ ଯଉବନ ସବୁ ଦିଶୁଅଛି ସବୁ ଲୁଗା ପୁଚ୍ଛ କରି—ଭଜ ।

ଜାନେଲା—ବୈଦେ. ବି (ପର୍ତ୍ତୁ.)—ଜାନ୍‌ଲା (ଦେଖ)
Jānelā Jān-lā (See)

ଜାପ—ସଂ. ବି. (ଜପ୍ ଧାତୁ+ଭାବ. ଅ)—
Jāpa ୧ । ଜପ; ମନ୍ତ୍ର ଜପିବା—1. Muttering of prayer or esoteric formulas with the help of a bead.

୨ । (+କର୍ତ୍ତୃ. ଅ) ମନ୍ତ୍ରଜପକାରୀ ବ୍ୟକ୍ତି—
2. A mutterer of mantras.

ଦେ. ବି. (ସ. ଗ୍ଲପ)—୧ । ବାହୁ, ହାତ ବା ଦାନ୍ତ ଦ୍ୱାରା
जापटा କୌଣସି ବସ୍ତୁକୁ ଧରିଥିବା ଅବସ୍ଥାରେ ଉକ୍ତ ବ୍ୟକ୍ତି ଅଜ୍ଞାନ
दाब, जकड़ ହୋଇଗଲେ ହାତର ମୁଠା ବା ଦାନ୍ତ ପ୍ରଭୃତି ନ ଫିଟିବା; ଖାଙ୍କୁଳ; ଜାବ—1. The jamming of the hand or arms or fist round a thing held or clenched tightly, due to the holder becoming unconscious; tightened grip of the arms or fingers.

୨ । ରୋଗ ଯୋଗୁଁ ଦାନ୍ତର ଖାଙ୍କୁଳ ପଡ଼ିଯିବା—
2. Lock-jaw.

ଜାପକ—ସଂ. ବିଣ. ପୁଂ. (ଜପ୍ ଧାତୁ+କର୍ତ୍ତୃ. ଅକ)—
Jāpaka ଯେ ଜପ କରେ—Counting on the beads;
(ଜାପିକା—ସ୍ତ୍ରୀ) given to incessant muttering of prayers.

ଜାପଟ୍ଟ—ପ୍ରାଦେ. ବି. (କଟକ)—ଗଦା ହୋଇଥିବା ଧାନ ଉପରେ ଦିଆ
Jāpaṭa ଯିବା ମୁଦ୍ରା ବା ମୁଦ—Seal or mark affixed to a heap of paddy-grains.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍	ଡ୍ଅ	ଢ଼
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଶଂ୍ୟ	ଇଅ	ଢ଼	ଦ୍

ଜାପଟି ଧରିବା—ଦେ. କ୍ରି—ଦୃଢ଼ଭାବରେ ଧରିବା—
Jāpaṭi dhariba — To grasp or embrace tightly; to hold fast.
चेपे धरा
जकड़ना

ଜାପଟିବା—ଦେ. କ୍ରି—ଜାବୁଡ଼ିବା; ଦୃଢ଼ଭାବରେ ଧରିବା—
Jāpaṭiba — To hold tightly.
चापा
जकड़ना

ଜାପନ—ସଂ. ବି. (ଜପ୍ ଧାତୁ ଣିଚ=ଜାପି ଧାତୁ + ଭାବ. ଅନ)—
Jāpana — ୧ । ମନା କରିବା; ନାମଞ୍ଜୁର କରିବା— 1. Rejection; declining.
୨ । ପ୍ରତ୍ୟାଖ୍ୟାନ—2. Disavowal.
୩ । ନିବର୍ତ୍ତନ—3. Turning back; cessation.
୪ । ନିଷ୍ପାଦନ—4. Finishing; accomplishment; completion.

ଜାପାନ୍—ବୈଦେ. ବି. (ନାମ) (ଇଂ)—ଚୀନ ଓ ରୁଷିଆର ପୂର୍ବରେ
Jāpan — ପ୍ରଶାନ୍ତ ମହାସାଗରରେ ଥିବା ଦ୍ୱୀପପୁଞ୍ଜ ସମ୍ବଳିତ ରାଜ୍ୟ—
जापान — Japan.
जापान [ଦ୍ର—ଏ ଦ୍ୱୀପର ଅଧିବାସୀମାନେ ଗତ ୨୦୦ ବର୍ଷ ମଧ୍ୟରେ ଅଧୁନିକ ଜଗତରେ ଗୋଟିଏ ପରାକ୍ରମଶାଳୀ ସଭ୍ୟ ଜାତି ବୋଲି ଗଣ୍ୟ ହୋଇଅଛନ୍ତି । କ୍ୟୁସ୍ୟୁ, ସିକୋକୁ, ହୋଣ୍ଡୋ ଓ ୟେଜୋ ଏହି ଚାରି ଗୋଟି ଦ୍ୱୀପ ଯଥାକ୍ରମେ ଦକ୍ଷିଣରୁ ଉତ୍ତରକୁ ବିସ୍ତୃତ ହୋଇ ଜାପାନ ଦ୍ୱୀପପୁଞ୍ଜ ସୃଷ୍ଟି କରିଅଛନ୍ତି । ଏହାର ରାଜଧାନୀ ଟୋକିଓ । ଜାପାନୀ ଭାଷାରେ ଏ ଦ୍ୱୀପପୁଞ୍ଜର ନାମ ନିପନ୍ । ଏହାର ଅଧିବାସୀମାନେ ବୌଦ୍ଧ ।]

ଜାପାନ୍ ପାଲିଶ୍—ବୈଦେ. ବି. (ଇଂ. ଜାପାନ୍ + ପଲିସ୍)—
Jāpān pāliś — ଏକ ପ୍ରକାର କଳା ରଙ୍ଗର ବାର୍ଣ୍ଣିସ୍—
जापान पालिस — Japan varnish.
जापान पालिस
(ଜାପାନ୍ ବାର୍ଣ୍ଣିସ୍—ଅନ୍ୟରୂପ)

ଜାପାନୀ—ଦେ. ବିଣ—୧ । ଜପାନ ଦେଶୀୟ—
Jāpāni — 1. Produced in or belonging to Japan; Japanese.
जापानी
जापानी ୨ । ଜାପାନରେ ବାସ କରୁଥିବା (ବ୍ୟକ୍ତି)—
2. Inhabiting Japan.
ଦେ. ବି—ଜାପାନର ଅଧିବାସୀ ବ୍ୟକ୍ତି—A Jap or Japanese.

ଜାପିବା—ଦେ. କ୍ରି. (ସଂ. ଯୁପ)—ଚାପିବା; ଚିପିବା—
Jāpiba — To press; to squeeze.
चापा
चिपटना

ଜାଫ୍ରାନ୍—ବୈଦେ. ବି. (ଅ)—ଜାଫରାନ୍ (ଦେଖ)
Jāf-rān — Jāfarān (See)
(ଜାଫ୍ରାନ୍ କେଶର—ଅନ୍ୟରୂପ)

ଜାଫ୍ରାଣୀ—ବୈଦେ. ବିଣ. (ଅ)—ଜାଫ୍ରାନ୍‌ର ରଙ୍ଗଯୁକ୍ତ; ନାଲିମିଶା ହଳଦିଆ—
Jāf-rāni — Saffron-coloured.

ଜାଫ୍ରି—ବୈଦେ. ବି. (ଉର୍ଦ୍ଦୁ. ଜାଫ୍ରି)—
Jāph-ri — କାଠ, ବେତ ବା ବାଉଁଶ ପାତିଆରେ ବୁଣା ହୋଇଥିବା ଚତୁଷ୍କୋଣିଆ ସଛିଦ୍ର ଜାଲି—Lattice-work of wood cane or bamboo.
जाफरी
झंझरी, जाली

ଜାଫ୍ରି ବାଡ଼—ଦେ. ବି—ଜାଫ୍ରି ନିର୍ମିତ ବାଡ଼—
Jāf-ri bārḍa — Latticed fencing.
जाफरीबेड़ा
जाफरी

ଜାଫରଲି (ଇତ୍ୟାଦି)—ବୈଦେ. ବି. (ଉର୍ଦ୍ଦୁ)—
Jāfar li (etc) — ଜାଫ୍ରି ଇତ୍ୟାଦି (ଦେଖ) Jāfri etc. (See)

ଜାଫରାନ୍—ବୈଦେ. ବି. (ଅ. ଜାଫ୍ରାନ୍; ଭୁଲ. ଇଟାଲୀୟ
Jāfarān — ଜାଫ୍ରେରାନୋ)—କୁଙ୍କୁମ; ପାରସ୍ୟ ଓ କାଶ୍ମୀର
जाफ्रान — ଦେଶୀୟ ଶାକବିଶେଷରେ ପୁଷ୍ପ ମଧ୍ୟସ୍ଥ ଗର୍ଭକେଶର—
केशर, जाफ्रान — Saffron; Crocus Sativus.
[ଦ୍ର—ଏହା କାନ୍ଦିଜାତ ବାର୍ଷିକ ଶାକ ଗୁଳ୍ମ । ଏହା ପ୍ରଥମେ ଦକ୍ଷିଣ ଇଉରୋପରୁ ଆନୀତ ହୋଇଥିଲା । ଏଥିର ପୁଷ୍ପକେଶର ଖାଦ୍ୟରେ ମସଲା ରୂପେ ଓ ଔଷଧରେ ମଧ୍ୟ ବ୍ୟବହୃତ ହୁଏ । ଏଥିର ବର୍ଣ୍ଣ ନାଲିମିଶା ହଳଦିଆ ।]

ଜାଫରାନ୍ କେଶର—ଦେ. ବି—ଜାଫରାନ୍ (ଦେଖ)
Jāfarān keśara — Jāfrān (See)

ଜାଫ୍ରେଲି (ଇତ୍ୟାଦି)—ବୈଦେ. ବି. (ଉର୍ଦ୍ଦୁ)—
Jāphreli (etc.) — ଜାଫ୍ରି ଇତ୍ୟାଦି (ଦେଖ) Jāph-ri etc. (See)

ଜାବ—ଦେ. ବି.—ଜାପ (ଦେଖ)
Jāba — Jāpā (See)

ଜାବଟ—ଦେ. ବି. (ନାମ)—ବୃନ୍ଦାବନ ନିକଟସ୍ଥ ଗ୍ରାମବିଶେଷ—
Jābaṭa — Name of a village near Brundābana in the district of Muttra.
ଅବନ୍ତୀ, ଗୋକୁଳ ଜାବଟରେ,
ଉଡ଼ି ବନ୍ୟାଧିବେ ଗୋକୁଳ ସମ୍ପଦେ ବୃତ୍ତ କଳ୍ପତରୁ ତଳରେ ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।
[ଦ୍ର—ଏଠାରେ ରାଧିକାଙ୍କର ପିତା ରାଜା ବୃଷଭାନୁଙ୍କ ବାସସ୍ଥାନ ଥିଲା ।]

ଜାବଡ଼—ଦେ. ବିଣ. (ଫା. ଜବର୍)—୧ । ଦୃଢ଼—
Jābarḍa — 1. Tight.
୨ । ଘନ—2. Dense.
ଦେ. ବି.—(ସଂ. ଜବ) ଦ୍ରୁତବେଗ—Swift motion or velocity.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଜାବଡ଼ା—ଦେ. ବି. (ସଂ. ଚପେଟ)—୧ । ଗୁଡ଼ୁଚ୍ଚା—
Jābardā — 1. Slap.
जाबड़ा ୨ । ଦୃଢ଼ଭାବରେ ଧରିବା—
चपत — 2. Holding tightly.

ଜାବଡ଼ି ଧରିବା—ଦେ. କ୍ରି.—ଖୁବ୍ ଚିପି କରି ଧରିବା—
Jābardi dhariba — To hold with a firm grip.
चेपेधरा
जकड़ना

ଜାବତା—ବୈଦେ. ବି. (ଫା. ଜାବ୍ତା, ଜାପ୍ତା=ଆଇନ୍, ନିୟମ)—
Jābatā ୧ । ରାଜବିଧି; ଆଇନ୍; ନିୟମ—
जाबेता — 1. Law; rule.
आबता ୨ । କାଇଦା; ଦୃଢ଼ ନିୟମ—
2. Strict rule.
୩ । ନିୟମାଧୀନତା—3. Discipline.
୪ । ଆୟତ୍ତ; ଅଧିକାର—
4. Control; mastery; restraint.
ଦେ. ବିଣ.—୧ । ଆଇନସଙ୍ଗତ; ଆଇନର ରୀତି ଅନୁଯାୟୀ—
1. Legal; according to legal formalities.
୨ । ରୀତିମତ—2. Regular.
ପ୍ରାଦେ. (ଗଞ୍ଜାମ) ବି. (କଟକ)—ତାଲିକା—
List; schedule.

ଜାବତା କରିବା—ଦେ. କ୍ରି.—୧ । କାଇଦା କରିବା—
Jābatā kariba — 1. To lay down hard and fast rules.
୨ । ଶାସନ କରିବା; ଗାଳି ଦେବା—
2. To censure; to pass strictures.

ଜାବତା ନକଲ—ବୈଦେ. ବି.—(ଅ.) (ଅଦାଲତଙ୍କ ନିୟମାନୁସାରେ
Jābatā nakala — ପ୍ରସ୍ତୁତ ନକଲ)—ଅଦାଲତଙ୍କ ସ୍ୱାକ୍ଷରିତ ବା
जाबेता नकल — ମୋହରଯୁକ୍ତ ପ୍ରତିଲିପି; ସହିମୋହର ନକଲ—
जाबता नकल — Certified copy of a document.

ଜାବଦା—ପ୍ରାଦେ. (ସିଂହଭୂମ) ବିଣ—(ପାଣି) ଯାହା ପିଇଲେ ଖାଦ୍ୟ
Jābadā — ଜୀର୍ଣ୍ଣ ହୁଏ ନାହିଁ; ଯାହା ଖାଦ୍ୟ ଜୀର୍ଣ୍ଣ କରିବାରେ ସାହାଯ୍ୟ କରେ ନାହିଁ—(water) Which is not favourable to digestion.

ଜାବ ପଡ଼ିବା—ଦେ. ବି.—କ୍ରୋଧ ବା ବାତାଦି ବେଗ ଯୋଗୁଁ ମୁଠାଇ
Jāba-pardibā — ଧରିଥିବା ବସ୍ତୁରୁ ଧରିବା ବ୍ୟକ୍ତିର ମୁଠା ନ ଫିଟିବା ଅବସ୍ଥା—Lock-jaw.

ଜାବା—ଦେ. ବି. (ନାମ)—ଜାଭା (ଦେଖ)
Jābā — Jāvā (See)

ଜାବାଲ—ସଂ. ବି. (ଅଜ+ଥାଲ; ନିପାତନ)—୧ । ଛେଳି ରଖୁଆଳ—
Jābāla — 1. A goat-herd.
୨ । ଜାବାଳି (ଦେଖ)
2. Jābāli (See)
୩ । (ଜବାଲା+ଅପତ୍ୟାର୍ଥ. ଅ)—ଋଷିବିଶେଷ—
3. Name of a sage.
[ଦ୍ର—ଏ ଜବାଲାନାମ୍ନୀ ଋଷିପତ୍ନୀଙ୍କ ପୁତ୍ର ଥିଲେ । ଛାନ୍ଦୋଗ୍ୟ ଉପନିଷଦରେ ଲେଖାଅଛି ଯେ ଏ ଋଷିମାନଙ୍କଠାରୁ ବେଦଶିକ୍ଷା କରିବାକୁ ଯିବା ସମୟରେ ଋଷିମାନେ ତାଙ୍କୁ ତାଙ୍କ ପିତାଙ୍କ ନାମ ପଚାରିଲେ; ଏ ତାହା ଜାଣି ନ ଥିବାରୁ ଯାଇ ମାତାଙ୍କୁ ପଚାରିଲେ । ମାତା କହିଲେ ମୁଁ ଯୌବନରେ ବହୁପୁରୁଷ ସଙ୍ଗମ କରିଥିଲି; ତୁମ୍ଭେ କାହାର ଔରସ ମୁଁ କହିପାରିବି ନାହିଁ । ଏ ଫେରିଯାଇ ଋଷିଙ୍କୁ ସେହି କଥା କହିଲେ । ଋଷି ଏହାଙ୍କ ସତ୍ୟବାଦିତାରେ ସନ୍ତୁଷ୍ଟ ହୋଇ ଏହାଙ୍କ ଉପନୟନ କର୍ମ କଲେ । ଏହାଙ୍କର ଅନ୍ୟନାମ ସତ୍ୟକାମ—(ହି. ଶବ୍ଦସାଗର) ।]

ଜାବାଳି—ସଂ. ବି. ପୁଂ. (ନାମ)—୧ । ଋଷିବିଶେଷ—
Jābāli — 1. Name of a sage.
[ଦ୍ର—ଜାବାଳି କଶ୍ୟପବଂଶୀୟ ଥିଲେ । ଏ ଦଶରଥଙ୍କ ଗୁରୁ ଓ ଜଣେ ମନ୍ତ୍ରୀ ଥିଲେ । ରାମଚନ୍ଦ୍ରଙ୍କ ବନବାସ ସମୟରେ ଏ ଚିତ୍ରକୂଟକୁ ଯାଇ ବନରୁ ପ୍ରତ୍ୟାଗମନ କରିବାକୁ ରାମଚନ୍ଦ୍ରଙ୍କୁ ବୁଝାଇଲେ, କିନ୍ତୁ ଅକୃତକାର୍ଯ୍ୟ ହେଲେ । ଏହାଙ୍କ ଉପଦେଶରେ ଚାର୍ବାକ ମତର ଆଭାସ ଦେଖାଯାଏ—ହି. ଶବ୍ଦସାଗର ।]
୨ । ସ୍ମୃତିକାର ଋଷିବିଶେଷ—2. Name of the author of a treatise on Hindu law.
୩ । ଛାଗପୋଷକଜୀବୀ; ଛାଗବ୍ୟବସାୟୀ; ଜାବାଲ—
3 A person who rears goats for a living.

ଜାବିତା (ଇତ୍ୟାଦି)—ବୈଦେ. ବି. (ଫା. ଜାବ୍ତା)—
Jābitā (etc) — ଜାବତା ଇତ୍ୟାଦି (ଦେଖ)
Jābatā etc. (See)

ଜାବିତା ମାଫିକେ—ଦେ. କ୍ରି. ବିଣ—ଠିକଣା ମୁତାବକ; ଉଚିତମତେ—
Jābitā māphike — Duly; properly.

ଜାବୁଡ଼ା—ଦେ. ବି—ଜାବଡ଼ା (ଦେଖ)
Jāburdā — Jābardā (See)

ଜାବୁଡ଼ା ଜାବୁଡ଼ି—ଦେ. ବି—ଦୃଢ଼ଭାବରେ ପରସ୍ପର ଧରାଧରି ହେବା—
Jāburdā jāburdi — Mutual tight embracing.
जापटा जापटि

ଜାବୁଡ଼ି ଧରିବା—ଦେ. କ୍ରି—ଜାବୁଡ଼ିବା (ଦେଖ)
Jāburdi dharibā — Jāburdibā (See)

ଜାବୁଡ଼ିବା—ଦେ. କ୍ରି—ଦୃଢ଼ଭାବରେ ଧରିବା—To grasp or
Jāburdibā — embrace tightly; to hold fast.
जापटान
जकड़ना

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ସ	କ୍ଷ	ଇସ୍ତ	ଉଅ	ଞ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍

ଜାବେତା (ଇତ୍ୟାଦ)—ବୈଦେ. ବ. (ଫା)—ଜାବତା ଇତ୍ୟାଦ (ଦେଖ)
Jābetā (etc) Jābatā etc. (See)
(ଜାବେଦା—ଅନ୍ୟରୂପ)

ଜାବୋଡ଼ା—ଦେ. ବ—ଜାବଡ଼ା (ଦେଖ)
Jāborḍā Jābarḍā (See)

ଜାବୋଡ଼ିବା—ଦେ. କି—ଜାବୁଡ଼ିବା (ଦେଖ)
Jāborḍibā Jāburḍibā (See)

ଜାମ୍—ବୈଦେ. ବ. (କାଠିଆବାଡ଼)—ପଶ୍ଚିମଭାରତ ଓ କାଠିଆବାଡ଼
Jām ଅଞ୍ଚଳର ରାଜାମାନଙ୍କ ଉପାଧିବିଶେଷ; ନବନଗରର ରାଜାଙ୍କ ଉପାଧି; ଜାମ୍ ସାହେବ୍—1. The title of some Ruling chiefs in W. India.
জাম ୨ । (ଇଂ) (କଳକି ଖାଇ) ଦୁଇଟି ବସ୍ତୁ ପରସ୍ପର
जाम ସହିତ ଦୃଢ଼ଭାବରେ ଲାଗିଯିବା—2. Jamming or tightly fitting to each other.
୩ । ସ୍ୱଡ଼ମିଶ୍ରିତ ଚଟଣୀ; ମୁରବ୍ବା—3. Jam.
(ଯଥା—ଅମୃତଭଣ୍ଡା ଫଳକୁ ଚକୁଡ଼ା ଚକୁଡ଼ା କରି ଚିନି ପାଗ କରି ତନପାଗରେ ଏହାକୁ ସିଝାଇ ଜାମ୍ ପ୍ରସ୍ତୁତ ହୁଏ ।]
୪ । (ରେଲୱେ କାର୍ଯ୍ୟ କରୁଥିବା କୁଲିଙ୍କ ବ୍ୟବହୃତ)—ସ୍ଲିପର୍ ଉପରେ ଯେଉଁ ଲମ୍ବ ଲୁହା କଡ଼ି ଅବଦ୍ଧ ଥାଏ ଓ ଯାହା ଉପରେ ରେଲଗାଡ଼ିର ଚକ ଚଳେ—
4. Iron railway-plates.

ଜାମ୍ ଖାଇବା—ଦେ. କି—ଦୁଇଟି ପଦାର୍ଥ ପରସ୍ପର ସହିତ ଦୃଢ଼ଭାବରେ
Jām-khāibā ଲାଗିଯିବା—To become jammed together.
জাম খাওয়া
जाम खाना

ଜାମ୍ଚି—ଦେ. ବ—ଜାମୋଚ୍ (ଦେଖ)
Jām-chi Jāmoch [Haines] (See)

ଜାମ୍ଦାନ୍—ବୈଦେ. ବ. (ଫା)—ଜାମ୍ଦାନୀ (ଦେଖ)
Jām-dān Jām-dāni (See)

ଜାମ୍ଦାନୀ—ବୈଦେ. ବ. (ଫା. ଜାମହ୍ଦାନୀ)—୧ । ବୁଣାହେବା ବେଳେ
Jām-dāni ସୂକ୍ଷ୍ମ ସୂକ୍ଷ୍ମ ରଙ୍ଗ ଓ କାରୁକାର୍ଯ୍ୟ ଥିବା ସୂତା ଲୁଗା—
জামদানী 1. Figured net-cloth.
जामदानी ୨ । ତନ୍ତରେ ବୁଣା ହେବା ବେଳେ ଫୁଲ ପଡ଼ିଥିବା ଲୁଗା—2. A stuff of exquisite flower-work on netting; figured cloth.

ଜାମରୁଲ୍—ବୈଦେ. ବି. (ଇଂ. ଜାମ୍ବୋଲନା; ମୂଳ. ସଂ. ଜମ୍ବୁ)—
Jām-rul ଜମ୍ବୁକାଦି ବର୍ଗର ଉଦ୍ୟାନଜାତ ଫଳତରୁବିଶେଷ—
জামরুল Eugeniā Alba.
जमरुद [ଦ୍ର—ଏ ଗଛ ପ୍ରଥମେ ମାଲଦ୍ୱୀପରୁ ଭାରତକୁ ଆଣାତ
(ଜାମ୍ରୋଲ୍—ଅନ୍ୟରୂପ) ହୋଇଥିଲା । ଏହା ବର୍ଷା ଋତୁରେ ଫଳ ଧରେ; ଫଳ ଧଳା ଓ ମସୃଣ । ଏହାକୁ ଖାଇଲେ ଏଥିରୁ ସୁସ୍ୱାଦୁ ରସ ବାହାରେ ।]

ଜାମ୍ସେଦ୍ଜୀ ଟାଟା—ଦେ. ବ. (ନାମ)—ବମ୍ବେ ଅଞ୍ଚଳର ଜଗଦ୍ବିଖ୍ୟାତ
Jāmsed-ji ṭāṭā ସ୍ୱର୍ଗୀୟ ପାର୍ସୀ ବଣିକ—Sir Jāmsedjee
জামসেদজী তাতা Tata; the late Parsi capitalist of Bombay.
मसेठजी टाटा
[ଦ୍ର—ଏ ସିଂହଭୂମ ଅନ୍ତର୍ଗତ କାଳମାଟିନାମକ ନଗରରେ ପ୍ରତିଷ୍ଠିତ ଲୌହକାରଖାନାର ସ୍ୱତ୍ୱାଧିକାରୀ ଓ ପ୍ରତିଷ୍ଠାତା । ତାଙ୍କ ନାମାନୁସାରେ ଏହି ନଗରର ନାମ ଜାମସେଦ୍ପୁର ବା ଟାଟା-ନଗର ହୋଇଅଛି ।]

ଜାମ—ପ୍ରାଦେ.—୧ । (ଘୁମୁସର ଅଞ୍ଚଳ) ବ,—ପିଜୁଳି ଗଛ ଓ ଫଳ—
Jāma 1. Guava.
୨ । (ଗଞ୍ଜାମ ଓ ସିଂହଭୂମ ମୂଳ. ବ. ଜାମ; ହି. ଜାମୁନ୍)—ବ.—ଜାମୁ (ଦେଖ)
2. Jāmu (See)

ଜାମଦଗ୍ନେୟ—ସଂ. ବ. ପୁଂ (ଜମଦଗ୍ନି + ଅପତ୍ୟାର୍ଥରେ ଏୟ)—
Jāmadagneya (ଜମଦଗ୍ନିଙ୍କ ପୁତ୍ର) ପରଶୁରାମ-Paraśurāma, the son of Jamadagni.

ଜାମଦଗ୍ନ୍ୟ—ସଂ. ବି. ପୁଂ. (ଜମଦଗ୍ନି + ଅପତ୍ୟାର୍ଥରେ ଯ)—
Jāmadagnya ଜାମଦଗ୍ନେୟ (ଦେଖ)
Jāmadagneya (See)

ଜାମଳ—ସଂ. ବି—ତନ୍ତ୍ରବିଶେଷ—A class of Tantra or
Jāmaḷa esoteric treatise.
(ଯଥା—ରୁଦ୍ରଜାମଳ ।)

ଜାମା—ସଂ. ବ. (ଜମ୍ ଧାତୁ = ଖାଇବା + କର୍ତ୍ତୃ. ଅ + ସ୍ତ୍ରୀ. ଆ)—
Jāmā ୧ । କନ୍ୟା; ଝିଅ—1. Daughter.
୨ । ପୁତ୍ରବଧୂ; ବୋହୂ—
2. A daughter in-law.
জামা ବୈଦେ. ବ. (ଫା. ଜାମା = ବସ୍ତ୍ର; ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବା କୁର୍ତ୍ତା ବା
जामा ଚପ୍କନ)—କୁର୍ତ୍ତା ବା ଅଙ୍ଗା—Coat; frock.
ଘାଠ ହନ ଜାମା ଦେହରେ ନ ଥିଲେ ପାଙ୍କରେ ନ ହୁଏ କହି ।
ଉକାସ— ସାଅନ୍ତଆ ବାହା ।

ଜାମାତା—ସଂ. ବ. ପୁଂ (ଜାୟା = ସ୍ତ୍ରୀ + ମା ଧାତୁ = ଗ୍ରହଣ କରିବା + କର୍ତ୍ତୃ
Jāmātā ତୃ; ୧ମା. ୧ବ)—୧ । ଜୁଆଇଁ; କନ୍ୟାର ସ୍ୱାମୀ—
1. Son-in-law.
୨ । ସ୍ୱାମୀ—2. Husband.
୩ । ସୂର୍ଯ୍ୟମୁଖୀ ଫୁଲ—3. Sunflower. (Apte).
୪ । ପ୍ରଭୁ; ଖାମିନ୍ଦ—4. Lord; master (Apte).
୫ । (ଜ = ସୂର୍ଯ୍ୟ + ଆ + ମା ଧାତୁ = ମାପିବା + କରଣେ. ତୃ) ସୂର୍ଯ୍ୟର ପରିଧି—5. The orb or circumference of the sun.

ଜାମାତୃକ—ସଂ. ବ. ପୁଂ (ଜାମାତୃ + କ)—ଜାମାତା (ଦେଖ)
Jāmātṛuka Jāmātā (See)

ଜାମାଜମା—ଦେ. ବି. (ସହଚର, ଫା. ଜାମା+ଅନର୍ଥକ ୨ୟ ସହଚର
Jāmā-nimā ଜମା)—କୁରୁତା ଓ ପାଇଜାମା; କୋଟ୍ ପାଣ୍ଟ—
Coat and pant.

ପିନ୍ଧିଥିବା ଜାମାଜମାଗୁଡ଼ିକ, ଗୁପତ ଅଙ୍ଗ ଢଙ୍କିଲେ ଝଲକ ।
କବିସୂର୍ଯ୍ୟ- ବଳଦେବ ।

ଜାମାଜୋଡ଼—ଦେ. ବି.—(ଫା. ଜାମା ଓ ସଂ. ଯୁଗ୍ମ)—୧ । କୁର୍ତ୍ତା ଓ
Jāmā-jorda ଜୋତା—1. Coat and shoes.
ଜାମାজোড়া ୨ । ମନୁଷ୍ୟ ପିନ୍ଧିଲା କୁରୁତା (ଜାମା) ଓ ଲୁଗା ଚାଦର
जामाजोड़ा (ଜୋଡ଼)—2. Coat and pair of cloths
(ଜାମାଜୋଡ଼ା—ଅନ୍ୟରୂପ) put on by a person.
୩ । ପୋଷାକ—3. Dress.
୪ । ପୋଷାକଦ୍ୱାରା ସଜ୍ଜା—4. Equipment.
ହୋମରାଚୋମରା ଦେ. ବିଣ.—କୁର୍ତ୍ତା ଓ ଜୋତାଦ୍ୱାରା ସୁସଜ୍ଜିତ;
ଲମ୍ବଶାଟପଟାବୃତ—Dressed from top to
toe; dressed from head to foot.

ଜାମାରୁ—ବୈଦେ. ବି.(ତେ.?)—ସାଧା କିମ୍ବା ସରୁଧଡ଼ିଆ ପିନ୍ଧା ଲୁଗା—
Jāmāru Wearing cloth with small or no border.

ଜାମାରୁ ଜୋଡ଼—ଦେ. ବି.—ସାଧା କିମ୍ବା ସରୁଧଡ଼ିଆ ଲୁଗା ଓ ଚାଦର—
Jāmāru jorda A pair of cloths with small or no border.

ଜାମି—ସଂ. ବି. ସ୍ତ୍ରୀ. (ଜନ୍ ଧାତୁ=ଉତ୍ପନ୍ନ ହେବା+କର୍ତ୍ତୃ. ମି)—
Jāmi ୧ । ଭଗିନୀ; ଭଉଣୀ—1. Sister.
(ଜାମୀ—ଅନ୍ୟରୂପ) ୨ । ଦୁହିତା; ଝିଅ; କନ୍ୟା—
2. Daughter.
୩ । ପୁତ୍ରବଧୂ; ବୋହୂ— 3. Daughter-in-law.
୪ । କୁଳବଧୂ; କୁଳକାମିନୀ—4. A respectable and virtuous lady; house-wife.
୫ । ପତିବ୍ରତା ସ୍ତ୍ରୀ—5. A chaste woman.
୬ । ଆପଣାର ଗୋତ୍ରୀୟା ବା ସମ୍ବନ୍ଧଯୁକ୍ତା ସ୍ତ୍ରୀ—
6. A woman related to one's self.
[ଦ୍ର—ସମ୍ଭବତଃ ଓଡ଼ିଶାର ରାଜପରିବାରମାନଙ୍କରେ କନ୍ୟା-ବାଚକ 'ଜେମା' ଶବ୍ଦ ଏହି ଶବ୍ଦର ଅପଭ୍ରଂଶ ।]
ପ୍ରାଦେ. (ଗଞ୍ଜାମ)—ବି.— ପିଜୁଳି; ଗୁଆଳିଆ—Guava.

ଜାମିତ୍ର—ସଂ. ବି. (ଜାମି=ସ୍ତ୍ରୀ+ତ୍ରୈ ଧାତୁ=ତ୍ରାଣ କରିବା+କର୍ତ୍ତୃ. ଅ;
Jāmitra ଏହି ଅର୍ଥରେ ମୂଳ. ଗ୍ରୀକ୍. ଡାଇଅମେଟ୍ରନ)—(ଫଳିତ
(ଯାମିତ୍ର—ଅନ୍ୟରୂପ) ଜ୍ୟୋତିଷ) ଲଗ୍ନର ସପ୍ତମ ସ୍ଥାନ—
(astrology) The 7th. house from one's natal sign.
[ଦ୍ର—ମତାନ୍ତରେ ଏହି ଶବ୍ଦ 'ଜାୟାମିତ୍ର' ଶବ୍ଦରୁ ଜାତ, କାରଣ ଲଗ୍ନର ୭ମ ସ୍ଥାନ ସ୍ତ୍ରୀର ଭାଗ୍ୟସୂଚନା କରେ ।]

ଜାମିତ୍ରବେଧ—ସଂ. ବି.—(ଫଳିତ ଜ୍ୟୋତିଷ) ପାପଗ୍ରହର ୭ମ ସ୍ଥାନରେ
Jāmitra-bedha ଚନ୍ଦ୍ରଙ୍କ ଅବସ୍ଥିତି ରୂପ ଅଶୁଭ ଯୋଗ—
(ଯାମିତ୍ରବେଧ—ଅନ୍ୟରୂପ) (astrology) The conjuction of the planet moon with the 7th. house of an inauspicious planet.
[ଦ୍ର—ଏ ଯୋଗରେ ବିବାହାଦି ଶୁଭକର୍ମ ନିଷିଦ୍ଧ; ଯେଉଁ ସମୟରେ ନକ୍ଷତ୍ରର ରାଶିଠାରୁ ୭ମ ରାଶିରେ ସୂର୍ଯ୍ୟ, ଶନି ବା ମଙ୍ଗଳ ଥାଆନ୍ତି ସେହି ସମୟରେ ଜାମିତ୍ରବେଧ ହୁଏ । କେତେକ ପଣ୍ଡିତଙ୍କ ମତରେ ଚନ୍ଦ୍ରର ୭ମ ସ୍ଥାନରେ ପାପ ଗ୍ରହ ଥିଲେ ଜାମିତ୍ରବେଧ ହୁଏ । କିନ୍ତୁ ଯେବେ ଚନ୍ଦ୍ର ଆପଣା ମୂଳତ୍ରିକୋଣରେ ବା କ୍ଷେତ୍ରରେ ବା ଶୁଭଗ୍ରହର କ୍ଷେତ୍ରରେ ଥାଆନ୍ତି କିମ୍ବା ପୂର୍ଣ୍ଣଚନ୍ଦ୍ର ଆପଣା କ୍ଷେତ୍ରରେ ବା ଶୁଭଗ୍ରହର କ୍ଷେତ୍ରରେ ଥାଆନ୍ତି ତେବେ ଜାମିତ୍ରବେଧରେ ଦୋଷ ରହେ ନାହିଁ । ହି. ଶବ୍ଦସାଗର]

ଜାମିନ୍—ବୈଦେ. ବି. (ଆ)—୧ । ପର ପାଇଁ ଦାୟିତ୍ୱ ଗ୍ରହଣ କରିବା
Jāmin ବ୍ୟକ୍ତି; ପ୍ରତିଭୂ—1. A surety; bail.
জামিন ୨ । ପ୍ରତିଭୂତ୍ୱ; ପରର ଋଣ ଆଦି ନିମନ୍ତେ ଦାୟିତ୍ୱ —
जामिन 2. Surety-ship.
୩ । ମୁଚଲିକା; ଅନ୍ୟର କାର୍ଯ୍ୟ ସକାଶେ ଦାୟୀ ହେବାର ଅଙ୍ଗୀକାର ପତ୍ର ବା ନିଦର୍ଶନ ପତ୍ର—
3. Surety-bond.
୪ । ପରର କର୍ମ ପାଇଁ ଦାୟୀ ରହିବା ନିମନ୍ତେ କୌଣସି ବ୍ୟକ୍ତି ନିଜର ଯେଉଁ ସମ୍ପତ୍ତିକୁ ଆବଦ୍ଧ ରଖେ ବା ଯେଉଁ ଅର୍ଥଦଣ୍ଡ ଦେବାକୁ ଅଙ୍ଗୀକାର କରେ—
4. Security in cash or property.
[ଦ୍ର—ଅଭିଯୁକ୍ତ ବ୍ୟକ୍ତି ନିର୍ଦ୍ଧାରିତ ତାରିଖରେ ଅଦାଲତରେ ହାଜର ହେବ (ହାଜର ଜାମିନ୍); କୌଣସି ବ୍ୟକ୍ତି ଭବିଷ୍ୟତରେ ଶାନ୍ତିଭଙ୍ଗ ନ କରିବ (ଫାଇଲ୍ ଜାମିନ୍) ଏଥିପାଇଁ ଅନ୍ୟ ଜଣେ ଲୋକ (ଜାମିନ୍‌ଦାର) କର୍ତ୍ତୃପକ୍ଷଙ୍କୁ ଗୋଟିଏ ଅଙ୍ଗୀକାରପତ୍ର (ଜାମିନ୍‌ନାମା) ଲେଖି ଦିଏ ଓ ଯେବେ ନିର୍ଦ୍ଧାରିତ କାର୍ଯ୍ୟମାନ ନିର୍ଦ୍ଧାରିତ ସମୟରେ କରା ନ ଯିବ ତେବେ ତହିଁର କ୍ଷତିପୂରଣ କରିବା ପାଇଁ ଜାମିନ୍‌ଦାର ବ୍ୟକ୍ତିଗତଭାବରେ ଦାୟୀ ହୁଏ (ଖାତିର୍ ଜାମିନ୍) କିମ୍ବା ନିଜର ସମ୍ପତ୍ତିକୁ ଆବଦ୍ଧ ରଖେ (ସମ୍ପତ୍ତି ଜାମିନ୍), କିମ୍ବା ନଗଦ ଟଙ୍କା ଡିପୋଜିଟ୍ କରେ (ନଗଦ ଜାମିନ୍) ।]
୫ । ଦୁଇ ଖଣ୍ଡ ଅଲଗାଥିବା ବା ଦୁର୍ବଳ ବସ୍ତୁକୁ ଟାଣ କରିବା ପାଇଁ ତହିଁ ତଳେ ଯୋଡ଼ାଯିବା କାଠ ବା ଧାତୁର ଖଣ୍ଡ—
5. A bit of wood or metal put under two separate or weak bits.
୬ । ଆଶ୍ରୟ; ଠେଅ— 6. Prop; support.

୧	ଇ	ଉ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ୱ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଓ	ନ୍

ଜାମିନ୍ ଜବତ୍—ବୈଦେ. ବ. (ଅ. ଜାମିନ୍ ଓ ଫା. ଜପ୍ତ)—(ଯେଉଁ
Jāmin jabat କାର୍ଯ୍ୟ ପାଇଁ ଜାମିନ୍‌ଦାର୍ ନିଜର ସମ୍ପତ୍ତିକୁ
জামিনজবৎ ଆବଦ୍ଧ ରଖିଥାଏ ତାହା) କାର୍ଯ୍ୟ ସାଧିତ ନ ହେଲେ
जमिनजफत ଜାମିନ୍ ଦଣ୍ଡ ଯାଇଥିବା ଧନ ବା ସମ୍ପତ୍ତିର ହୋରଣ—
Forfeiture of surety bond.

ଜାମିନ୍‌ଦାର୍—ବୈଦେ. ବ. (ଅ. ଜାମିନ୍ ଓ ଫା. ଦାର୍)—ପ୍ରତିଭୂ;
Jāmin-dār ଯେ ଅନ୍ୟର ଋଣ ଆଦି ଦାୟିତ୍ୱ ସକାଶେ ନିଜେ
জামিনদার ଦାୟୀ ରହେ—Surety.
जमिनदार

ଜାମିନ୍‌ଦାରି—ବୈଦେ. ବ. (ଫା)—ପ୍ରତିଭୂତ୍ୱ—
Jāmin-dāri Suretyship.
জামিনদারী
जामिनदारी

ଜାମିନ୍ ଦେବା—ଦେ. କ୍ରି—୧ । ଆପଣାର କାର୍ଯ୍ୟ ପାଇଁ ଦାୟୀ ହୋଇ
Jāmin debā ଜାମିନ୍‌ନାମା (ଅଙ୍ଗୀକାରପତ୍ର) ଲେଖି ଦେବା
জামিন দেওয়া ନିମନ୍ତେ ଅନ୍ୟ ବ୍ୟକ୍ତିଙ୍କୁ ଉପସ୍ଥିତ କରାଇବା—
जामिन देना 1. To furnish a security or surety.
୨ । ଜାମିନ୍ ହେବା (ଦେଖ)
2 Jāmin hebā (See)

ଜାମିନ୍ ନାମା—ବୈଦେ. ବ. (ଅ)—ମୁଚୁଲିକା; ପ୍ରତିଭୂର ସମ୍ପାଦିତ
Jāmin-nāmā ଅଙ୍ଗୀକାରପତ୍ର—Surety bond.
জামিননামা
जामिननामा

ଜାମିନ୍ ନେବା—ଦେ. କ୍ରି—ଉପସ୍ଥିତ ଆସାମୀର ଭବିଷ୍ୟତ କାର୍ଯ୍ୟ ବା
Jāmin nebā ଦାୟିତ୍ୱ ନିମନ୍ତେ ଉପଯୁକ୍ତ ଓ ଯଥେଷ୍ଟ ଜାମିନ୍
জামীন লওয়া ଗ୍ରହଣ କରିବା—To accept surety or bail
जामिन लेना for a person or accused.

ଜାମିନ୍ ଭତା—ଦେ. ବ—ଜାମିନ୍‌ଦାର ପର ପାଇଁ ଆପଣା ଉପରେ
Jāmin bhatā ଯେଉଁ ଦାୟିତ୍ୱ ଗ୍ରହଣ କରିଥାଏ ସେଥିପାଇଁ
জামিনভত্তা ପରଠାରୁ ପାଇବା ପୁରସ୍କାର—
जामिनभत्ता Allowance to a surety.
(ଜାମିନ୍‌ଭତ୍ତା—ଅନ୍ୟରୂପ)

ଜାମିନ୍ ହେବା—ଦେ. କ୍ରି—ଅନ୍ୟର କାର୍ଯ୍ୟ ପାଇଁ ଦାୟୀ ରହିବାର
Jāmin hebā ଅଙ୍ଗୀକାର କରିବା—To stand surety for
জামিন হওয়া another person.
जामिन होना

ଗଛରେ ଚଢିଛ ମରିବା ପାଇଁ
ଜାମିନ ହୋଇଛ ଦେବା ପାଇଁ—ଢଗ ।

ଜାମିନି (ଇତ୍ୟାଦି)—ସ୍ତ୍ରୀ. ବୈଦେ. ବ. (ଅ)—ଜାମିନ୍ ଇତ୍ୟାଦି (ଦେଖ)
Jāmini (etc) Jāmin etc. (See)
জামিনি ବୈଦେ. ବିଣ—ଜାମିନ୍ ସମ୍ବନ୍ଧୀୟ—
जामिनि Relating to security.

ଜାମୁ—ଦେ. ବ. (ସଂ. ଜମ୍ବୁ)—୧ । ଫଳତରୁବିଶେଷ—
Jāmu 1. Eugenia Jambolina; Blackberry.
ସଂ. ଜମ୍ବା, ମୋଦମହ୍ଲା, ଜମ୍ବୁଲ, ଜମ୍ବୁ, ରାଜଫଳା, ମହାସ୍କନ୍ଧା, ରାଜାର୍ହା, ରାଜଫଳା, ରାଜଜମ୍ବୁ, ସୁରଭିପତ୍ରା, ନୀଳଫଳା, ଶୁକପ୍ରିୟା, ଶ୍ୟାମଳା
জাম;কালাজাম
जामन;जाम;जामुन
ଳେ. ନେରୁଡ
[ଦ୍ର—ଏହା ଉଦ୍ୟାନଜାତ ନାତିଦୀର୍ଘ ତରୁ । ଏହା ଗ୍ରୀଷ୍ମପ୍ରଧାନ ଦେଶରେ ଜନ୍ମେ, ଓ ପତ୍ରଝଡ଼ା ହଏ ନାହିଁ— ଏଥିର ଫଳ ପାଚିଲେ ଘୋର ବାଇଁଗଣୀ କୃଷ୍ଣବର୍ଣ୍ଣ ହୁଏ । ପାଚିଲା କୋଳର ଶସ ନାଲି । ପାଚିଲା ଫଳ ଖାଇବାକୁ ଖଟା, ମିଠା ଓ କଷାକଥ ଲାଗେ ଓ ଜୀର୍ଣ୍ଣକର । ଏ ଗଛର କାଠ ଖୁବ୍ ଶକ୍ତ ଓ ପାଣିରେ ରହିଲେ ଶୀଘ୍ର ସଢ଼ିଯାଏ ନାହିଁ । ଜାମୁକାଠର ମଞ୍ଜ ପାଣ୍ଡୁର । ପାଚିଲା ଜାମୁକୋଳର ରସରୁ ଜୀର୍ଣ୍ଣକାରକ ସିର୍କା ତିଆରି ହୁଏ । ଗୋଆରେ ଏ ରସରୁ ମଦ ତିଆରି ହୁଏ । କୋଳର ମଞ୍ଜି ବହୁମୂତ୍ର ରୋଗରେ ଉପକାରୀ । ବୌଦ୍ଧମାନେ ଯାମୁ ଗଛକୁ ପବିତ୍ର ଜ୍ଞାନ କରନ୍ତି । ବୈଦ୍ୟକ ମତରେ ଏ ଫଳ ସଗ୍ରାହୀ, ରୁକ୍ଷ ଓ ପିତ୍ତ ଏବଂ ଦାହ ଦୂର କରେ । ବଣ ଜାମୁ ଅପେକ୍ଷା ଉଦ୍ୟାନଜାତ ଜାମୁ କୋଳ ବେଶି ରୁଚିକର ଓ ବଡ଼ ।]

୨ । (ସଂ. ନାଦେୟୀ, କାକବଲ୍ଲଭା, ଭୃଙ୍ଗେଷ୍ଟା) ବଣଜାମୁ; କାକଜମ୍ବୁ—2. Ardisa Humilis.
[ଦ୍ର—ଏହାର ଗଛ ଜାମୁଗଛ ପରି ଡେଙ୍ଗା କିନ୍ତୁ ଫଳ ଅପେକ୍ଷାକୃତ ଛୋଟ ।]

ସଂ. ହ୍ରସ୍ୱଫଳା, ଭୃଙ୍ଗବଲ୍ଲଭା, ପିକଭକ୍ଷା ୩ । ଭୂଇଁଜାମୁ—1. A small-fruited variety of Blackberry.
[ଦ୍ର—ଏହା ଜାମୁଜାତୀୟ ଗୁଳ୍ମ; କିନ୍ତୁ ଫଳ ଅତି ଛୋଟ, କଣ୍ଢେଇକୋଳ ପରି ।]

୪ । ଗୋଲାପଜାମୁ—4. Rose-apple; roseberry.
[ଦ୍ର—ଏହାର ଫଳ ବଡ଼ ବଡ଼, ଗୋଲ ଓ ପୀତବର୍ଣ୍ଣ । ପାଚିଲା ଫଳ ଈଷତ୍ ମିଠା ଲାଗେ ।]

ଜାମୁକ—ଦେ. ବ—୧ । ବାଣୁଆମାନେ ବନ୍ଧୁକର ପାର୍ଶ୍ୱସ୍ଥ ଛିଦ୍ରରେ
Jāmuki ନିଆଁ ଲଗାଇବା ପାଇଁ ଯେଉଁ ଦଉଡ଼ିରେ ନିଆଁ
जामगी ରଖିଥାଆନ୍ତି; ଶଳିତା; ପଳିତା—1. A cord lighted with fire to ignite a match-lock; match of a gun.

ବାରତ ଗୁଳି ଗୁଳା ଭର ଭର
ଭଞ୍ଜକ ଜାମୁକ ନିଆଁ ପଥର—ବ୍ରଜନାଥ. ସମରତରଙ୍ଗ ।

୨ । ଝାଁଟି (ଦେଖ)
2. Jhā-ãnrā (See)

ଜାମୁକ ନଳି—ଦେ. ବ—ଯେଉଁ ବନ୍ଧୁକର ପାର୍ଶ୍ୱସ୍ଥ ଛିଦ୍ରରେ ଶଳିତା
Jāmuki nali (ଅଗ୍ନିଶଳାକା) ଦ୍ୱାରା ଅଗ୍ନି ପ୍ରୟୋଗ କରାଯାଏ—
जामगीबंदुक Match-lock (gun)
(ଜାମୁକବନ୍ଧୁକ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍ବଡ଼' ଦେଖିବେ ।

ଜାମୁଡାଳ—ଦେ. ବି—ଜାମୁଗଛର ନାଲି କଅଁଳ ପତ୍ର ଓ ଶିଖାଯୁକ୍ତ ସାନ
Jāmu-ḍāli ଡାଳ—A small branch of Jāmu tree with red tender shoots and leaves attached to it.
[ଦ୍ର—ଏହାକୁ ପିଲାମାନେ ଓ ଅନାର୍ଯ୍ୟ ବନ୍ୟ ପୁରୁଷମାନେ ମୁଣ୍ଡର ପାଗ ଉପରେ ଓ ସ୍ତ୍ରୀମାନେ ଜୁଡ଼ାରେ ଖୋସନ୍ତି ।]

ଜାମୁଡାଳି ନାଚ—ଦେ. ବି—ଆଦିମ ଅଧିବାସୀଙ୍କ ମଧ୍ୟରେ ପ୍ରଚଳିତ
Jāmu-ḍāḷi nācha ନୃତ୍ୟବିଶେଷ—A kind of dancing performed by aborigines.

ଶବରୁଣୀଙ୍କର ଜାମୁଡାଳି ନାଚ, କେଳାର ହାବୁଡ଼ା ଖେଳ—
ନନ୍ଦକିଶୋର. ନର୍ତ୍ତକୀ ।

[ଦ୍ର—ଏଥିରେ ନାଚୁଣୀମାନେ ଜାମୁଡାଳ ହାତରେ ଧରି ବା ଜୁଡ଼ାରେ ଖୋସି ନାଚ କରନ୍ତି ।]

ଜାମୁରୁଧି—ପ୍ରାଦେ. (ସମ୍ବଲପୁର) ବି—କ୍ଷୁଦ୍ର ବୃକ୍ଷବିଶେଷ—
Jāmur-dhi Caseoria Graveolens.
ଚିଲ୍ଲା

ଜାମୁଲ—ପ୍ରାଦେ. (ଅନୁଗୁଳ) ବି—କାଠମଡ୍‌ମଡ଼ି (ଦେଖ)
Jāmula Kāṭha-marḍmarḍi (See)
(Haines)

ଜାମେୟ—ସଂ. ବି. ପୁଂ. (ଜାମି=ଭଗ୍ନୀ + ଅପତ୍ୟାର୍ଥରେ ଏୟ)—
Jāmeya ଭଣଜା—Sister's son.
(ଜାମେୟୀ—ସ୍ତ୍ରୀ)

ଜାମେୱାର୍—ବୈଦେ. ବି. (ଫା)—ସର୍ବାଙ୍ଗରେ ଫୁଲକାମ ବୁଣା
Jāmewār ହୋଇଥିବା ଏକପ୍ରକାର ଶାଲ୍—A shawl with
ଜାମେୱାର flowers woven over it.
ଜମେୱାର

ଜାମୋଚ୍—ଦେ. ବି—ଗୁଳ୍ମବିଶେଷ—
Jāmoch Rhabeda Lycioides.
[ଦ୍ର—ଏହା ୨ ଫୁଟଠାରୁ ୭ ଫୁଟ ଉଚ୍ଚ ହୁଏ । ଏହାର ଡାଳ ଭାରି ଚେମଡ଼ା; ଫୁଲ ନାଲିଆ ଓ କୋଳ ନାରଙ୍ଗିବର୍ଣ୍ଣ । ଏହାର ବକଳାର ଚକ୍ଷୁରେ ଦଣ୍ଡିତ ହୁଏ । ଏହା ନଦୀର କଙ୍କରମୟ ଗର୍ଭରେ ଜନ୍ମେ ।]

ଜାମ୍ବ—ଗ୍ରା. ବି—ଜାମୁ (ଦେଖ)
Jāmba Jāmu (See)
ଜାମ
ଜାମ୍ବ

ଜାମ୍ବବ—ସଂ. ବି. (ଜମ୍ବୁ + ଫଳାର୍ଥେ. ଅ)—୧ । ଜାମୁକୋଳି—
Jāmbaba 1. Black-berry.
୨ । ଜାମ୍ବୁନଦ; ସୁନା—2. Gold.
୩ । ରାମାୟଣବର୍ଣ୍ଣିତ ଭାଲୁମାନଙ୍କ ରାଜା; ଜାମ୍ବବାନ୍—
3. Jāmbabān, the king of bears (mentioned in the Rāmāyaṇa).
୪ । ଜାମୁକୋଳିରୁ ପ୍ରସ୍ତୁତ ମଦ—
4. Spirit distilled from backberries.

ଜାମ୍ବବତୀ—ସଂ. ବି—୧ । (ନାମ) (ଜାମ୍ବବତ୍ + ଅପତ୍ୟାର୍ଥରେ.
Jāmba-batī ଅ + ସ୍ତ୍ରୀ. ଈ)—ଶ୍ରୀକୃଷ୍ଣଙ୍କର ରାଣୀବିଶେଷ—
1. Name of a queen of Śrikṛushṇa.
[ଦ୍ର—ଶ୍ରୀକୃଷ୍ଣ ସ୍ୟମନ୍ତକ ମଣି ପାଇଁ ଏହାଙ୍କ ପିତା ଜାମ୍ବବାନଙ୍କ ସଙ୍ଗେ ଯୁଦ୍ଧ କରି ତାହାଙ୍କୁ ପରାସ୍ତ କରିବାରୁ ଜାମ୍ବବାନ୍ ସ୍ୟମନ୍ତକ ମଣି ସହିତ ଆପଣା କନ୍ୟା ଜାମ୍ବବତୀଙ୍କୁ ଶ୍ରୀକୃଷ୍ଣଙ୍କ ହସ୍ତରେ ଅର୍ପଣ କଲେ । ଜାମ୍ବବତୀଙ୍କ ଗର୍ଭରୁ 'ଶାମ୍ବ' ଜନ୍ମିଥିଲେ ।]
୨ । ନାଗଦମନୀ (ଦେଖ) (ହି. ଶବ୍ଦସାଗର)
2. Nāga-damanī (See)

ଜାମ୍ବବନ୍ତ—ଦେ. ବି—ଜାମ୍ବବାନ୍ (ଦେଖ)
Jāmba-banta Jāmbabān (See)

ଯୁବରାଜ ଅଙ୍ଗଦ ଭୂଲେ ହନୁମନ୍ତ
ନଳ ନୀଳ ସୁଷେଣ ତାର ଜାମ୍ବବନ୍ତ—କୃଷ୍ଣସିଂହ. ମହାଭାରତ. ବନ ।

ଜାମ୍ବବାନ୍—ସଂ. ବି. ପୁଂ. (ଜମ୍ବା + ବତ୍; ଜାମ୍ବବତ୍; ୧ମା. ୧ବ;
Jāmba-bān ଯାହାର ଶରୀରର ବର୍ଣ୍ଣ ଜାମୁ ପରି କଳା; ଜମ୍ବା
ଜମ୍ବୁ=ଜାମୁଅ + ବତ୍; M. W.)—
୧ । ଋକ୍ଷରାଜ; ରାମାୟଣ ବର୍ଣ୍ଣିତ ଭଲ୍ଲୁକରାଜ—1. The king of bears (mentioned in the Rāmāyaṇa).
[ଦ୍ର—ଏ ବ୍ରହ୍ମାଙ୍କ ପୁତ୍ର ଓ ସୁଗ୍ରୀବଙ୍କ ମନ୍ତ୍ରୀ ଥିଲେ । ଏ ବୈଦ୍ୟଶାସ୍ତ୍ରରେ ବିଚକ୍ଷଣ ଥିଲେ । ହନୁମାନ୍ ଗନ୍ଧମାଦନ ପର୍ବତକୁ ଲଙ୍କାକୁ ବୋହି ଆଣିବାରୁ ଏ ସେଥିରୁ ଅମରମଉଷଧ ବାଛି ଲକ୍ଷ୍ମଣଙ୍କୁ ଦେଇ ତାହାଙ୍କୁ ଶକ୍ତିଭେଦରୁ ବଞ୍ଚାଇଥିଲେ ।].
୨ । ଶ୍ରୀକୃଷ୍ଣଙ୍କ ଶଶୁର; ଜାମ୍ବବତୀଙ୍କ ପିତା—
2. Father-in-law of Śrikṛushṇa.
[ଦ୍ର—ତ୍ରେତା ଯୁଗର ରାମାୟଣବର୍ଣ୍ଣିତ ଜାମ୍ବବାନ୍ ଓ ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ଶଶୁର ଜାମ୍ବବାନ୍ ଏକ ଥିବାର ପୁରାଣାଦିରେ ଅଛି । ଏ ସତ୍ୟ ଯୁଗରେ ବାମନାବତାର ବିଷ୍ଣୁଙ୍କ ପରିକ୍ରମା କରି ଥିବାର ମଧ୍ୟ ଲେଖାଅଛି । ହି. ଶବ୍ଦସାଗର].

ଜାମ୍ବବି—ସଂ. ବି—ବଜ୍ର (ହି. ଶବ୍ଦସାଗର)—
Jāmbabi Thunder.

ଜାମ୍ବବୌଷ୍ଠ—ସଂ. ବି—ବ୍ରଣାଦିର ଚିକିତ୍ସାର୍ଥ ବ୍ୟବହୃତ ପ୍ରାଚୀନ ଭାରତର
Jāmbabaushṭha କ୍ଷୁଦ୍ର ଅସ୍ତ୍ର ବିଶେଷ (ହି. ଶବ୍ଦସାଗର)—
(ଜାମ୍ବୋଷ୍ଠ—ଅନ୍ୟରୂପ) A kind of small surgical instrument used to operate boils in ancient India.

ଜାମ୍ବୁ—ପ୍ରାଦେ. (ରାଏପୁର) ବି—ଗୁଆଳିଆ; ପିଜୁଳି—
Jāmbu Guava.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	କ୍ଷ	ଇୟ	ଉଅ	ଋ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍

ଜାମ୍ବିଲ—ସଂ. ବ—ଆଣ୍ଠୁଗଣ୍ଠିର ଚକି ହାଡ଼ (ହ୍ର. ଶବ୍ଦସାଗର)—
Jāmbila The round bone capping the knee-joint.

ଜାମ୍ବୁନଦ—ସଂ. ବିଣ. (ଜମ୍ବୁନଦୀ=ସୁମେରୁ ପର୍ବତୋଦ୍ଭବ ନଦୀବିଶେଷ + ଭବାର୍ଥେ. ଅ)—ଜମ୍ବୁ ନଦୀରୁ ଉତ୍ପନ୍ନ—
Jāmbu-nada Got from the river Jambu.
ସଂ. ବ—୧ । ସ୍ୱର୍ଣ୍ଣ; ସୁନା—1. Gold.
୨ । ଦୁଦୁରା ଗଛ ଓ ଫୁଲ—2. The thorn-apple plant and its flower.

ଜାମ୍ବୁବାନ୍—ସ. ବ. (ଜମ୍ବୁ+ବତ୍; ୧ମା. ୧ବ)—
Jāmbu-bān ଜାମ୍ବବାନ୍ (ଦେଖ)
(ଜାମ୍ବୁବାନ୍—ଅନ୍ୟରୂପ) Jāmbabān (See)

ଜାମ୍ବୁମାଳୀ—ସଂ. ବ. (ନାମ)—ହନୁମାନ୍ ରାବଣର ଅଶୋକ ବଣକୁ ଉଜାଡ଼ିବା ସମୟରେ ହନୁମାନ୍ ଦ୍ୱାରା ହତ ପ୍ରହସ୍ତ ନାମକ ଅସୁରର ପୁତ୍ର—Name of the son of demon Prahasta killed by Hanumān.
Jāmbu-māli

ଜାମ୍ବେବ—ଗ୍ରା ବ—ଜାମ୍ବବାନ୍; ଋକ୍ଷରାଜ—
Jāmbeba Jambubān, the mythological king of bears.

ଜାୟ—ବୈଦେ. ବ. (ଫା. ଜାୟ୍=ସ୍ଥାନ; ଅ. ଜାୟଜ୍=ଉଚିତ; ଜାଇଜ୍)—୧ । ବିବରଣ; ହିସାବ—1. Account.
Jāy
ଜାୟ ୨ । ହିସାବର ବିବରଣ ବା ତାଲିକା; ଉପସିଲ୍—
जाय 2. List
୩ ହିସାବ କରାଯିବା କୌଣସି ବିଷୟରେ ସୂଚକ ଚିହ୍ନ; ✓-
୩ Tick mark.
୪. ଲିଖିତ ବିସ୍ତୃତ ବିବରଣ—4. Detailed account.
(ବିପରୀତ—ବେଜାୟ) ବିଣ· (ଅ. ଜାୟଜ୍=ଉଚିତ)—
ଜାୟ ୧ ଉତ୍ତମ—1. Good.
जायज ୨ ନ୍ୟାୟାନୁଗତ—2. Legal; lawful.
୩ ଉଚିତ—3. Proper.

ଜାୟକ—ସଂ. —ପୀତ ଚନ୍ଦନ (ହ୍ର. ଶବ୍ଦସାଗର)—
Jāyaka Yellow Sandal-wood.

ଜାୟଗା—ବୈଦେ. ବ. (ଫା. ଜାୟଗାହ୍; ଜାୟ୍=ସ୍ଥାନ; ଗାହ୍ = ସ୍ଥାନ; ସମ୍ମତିର ଶବ୍ଦଦ୍ୱୟ)—
Jāyagā
ଜାୟଗା ୧ । ସ୍ଥାନ—1. Place.
जगह ୨ । ଜମି; ଭୂମି—2. Land.
୩ ପରିସର; ଫାଙ୍କ—3. Space; room.
୪ ସୁଯୋଗ; ସୁବିଧା—4. Opportunity.
୫ ପାତ୍ର; ଆଧାର—5. Reservoir; container.
୬ ଆଶ୍ରୟସ୍ଥଳ—6. Place of refuge.
୭ ଖାଇ ବସିବା ନିମନ୍ତେ ପରିଷ୍କୃତ ସ୍ଥାନ—
7. A place made clean and ready for taking meal on it.
୮ । ଆବାସ ସ୍ଥଳ; ବସା—
8. Residence; lodgings.

ଜାୟଗିର୍ (ଇତ୍ୟାଦି)—ବୈଦେ. ବ. (ଫା)—ଜାଗିର୍ ଇତ୍ୟାଦି (ଦେଖ)
Jāyagir (etc) Jāgiri etc. (See)

ଜାୟଜାତ୍—ବୈଦେ. ବି. (ଫା. ଜାୟ୍‌ଦାଦ୍)—
Jāyajāt ୧ । ସମ୍ପତ୍ତି—1. Property.
ଜାୟଦାଦ ୨ । ଭୂସମ୍ପତ୍ତି—2. Landed property.
जायदाद्
ଜାୟଦାତ୍ } ଅନ୍ୟରୂପ
ଜାୟଦାଦ୍ }

ଜାୟତ୍ରୀ—ଦେ ବ—ଜାଇତ୍ରୀ (ଦେଖ)
Jāyatri Jāyitri (See)

ଜାୟଦା—ବୈଦେ. ବିଣ. (ଅ)—ଜିଆଦା (ଦେଖ)
Jāyadā Jiādā (See)

ଜାୟଦାଦ୍—ବୈଦେ. ବ. (ଫା)—ଜାୟଜାତ୍ (ଦେଖ)
Jāyadād Jāyajāt (See)

ଜାୟନମାଜ୍—ବୈଦେ. ବ. (ଫା. ଜାୟ୍=ସ୍ଥାନ+ନମାଜ୍= ମୁସଲମାନଙ୍କ ସ୍ତବ)—ଯେଉଁ ଖଣ୍ଡିଏ ଆସନରେ ବସି ମୁସଲମାନ୍‌ମାନେ ନମାଜ ପଢ଼ନ୍ତି—
Jāya-namāj
ଜାୟନମାଜ
जायनमाज Prayer-mat of Mahomedans.

ଜାୟବେଜାୟ—ବୈଦେ. ବିଣ. (ଅ. ଜାୟଜ୍ ଓ ବେଜାୟଜ୍; ବିପରୀତାର୍ଥ ସମ୍ମତିର)—୧ । ନ୍ୟାୟ ଓ ଅନ୍ୟାୟ—
Jāya-bejāya
ଜାୟବେଜାୟ 1. Right and wrong.
जाबेजा ୨ । ଉତ୍ତମ ଓ ମଧ୍ୟମ—2. Good and bad.
୩ । ବକ୍ତବ୍ୟ ଏବଂ ଅବକ୍ତବ୍ୟ—
3. Speakable and unspeakable.
୪ । ଉଚିତ ଓ ଅନୁଚିତ—
4. Proper and improper.
ବ—ଉଚିତ ଓ ଅନୁଚିତ କର୍ମ—
Proper and improper acts.

ଜାୟମାନ—ସ. ବ. ପୁଂ. (ଜନ ଧାତୁ+କର୍ତ୍ତୃ. ଆନ)—ଉତ୍ପଦ୍ୟମାନ; ଯାହା ଜାତ ହେଉଅଛି—In the act of being produced.
Jāyamāna
(ଜାୟମାନା—ସ୍ତ୍ରୀ)

ଜାୟା—ସ. ବ. ସ୍ତ୍ରୀ. (ଜନ୍ ଧାତୁ+ଅଧିକରଣ. ଯ+ସ୍ତ୍ରୀ. ଅ; ଯାହାଠାରେ ମନୁଷ୍ୟ ଅପତ୍ୟରୂପେ ଜନ୍ମେ)—
Jāyā
୧ । ବିବାହିତା ସ୍ତ୍ରୀ; ଭାର୍ଯ୍ୟା; ପତ୍ନୀ—1. Wife.
[ଦ୍ର—ବହୁବ୍ରୀହି ସମାସରେ 'ଜାୟା' ଶବ୍ଦ 'ଜାନି' ଆକାର ଧାରଣ କରେ; ଯଥା—ଯୁବଜାନି, ବାମାର୍ଦ୍ଧଜାନି ।]
[ଦ୍ର—ଆର୍ଯ୍ୟ ଧର୍ମଶାସ୍ତ୍ରମାନଙ୍କରେ ବର୍ଣ୍ଣିତ ଅଛି ଯେ ପତି ସ୍ୱୟଂ ଭାର୍ଯ୍ୟାଗର୍ଭରେ ପ୍ରବେଶ କରି ପୁତ୍ରରୂପେ ଜନ୍ମଗ୍ରହଣ କରେ । ତେଣୁ ଭାର୍ଯ୍ୟାକୁ ଜାୟା କୁହାଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଳବଡ଼' ନ ପାଇଲେ 'ଅଲ୍‌ବଡ଼ି' ଦେଖିବେ

୨ । ଜନ୍ମଲଗ୍ନର ୭ମ ସ୍ଥାନ—2. The 7th place from the Lagna of one's birth.

ଜାୟାଘ୍ନ—ସଂ. ବି—ଫଳିତ ଜ୍ୟୋତିଷୋକ୍ତ ଜନ୍ମକୁଣ୍ଡଳୀର ଯୋଗବିଶେଷ—
Jāyāghna Name of an astrological conjuction in the horoscope of a person.

[ଦ୍ର—ଜାତକରେ ଲଗ୍ନର ୭ମ ସ୍ଥାନରେ ମଙ୍ଗଳ ବା ରାହୁ ଥିଲେ ଏ ଯୋଗ ହୁଏ । ଯେଉଁ ପୁରୁଷର ଏପରି ଘଟେ ତାହାର ସ୍ତ୍ରୀ ବହୁଦିନ ବଞ୍ଚେ ନାହିଁ ।]

ବିଣ—ଯେଉଁ ବ୍ୟକ୍ତିର ଜାତକରେ ଉପରୋକ୍ତ ଯୋଗ ଥାଏ—(a person) Who has got the above conjunction in his horoscope.

ଜାୟାଜୀବ—ସଂ. ବି. ପୁଂ. (ବହୁବ୍ରୀହି; ଜାୟା+ଆଜୀବ; ଯେଉଁ ଲୋକ
Jāyājiba ସ୍ତ୍ରୀଦ୍ୱାରା ଜୀବିକାନିର୍ବାହ କରେ)—୧ । ବେଶ୍ୟାପତି;
ଜାୟାନୁଜୀବୀ } ଅନ୍ୟରୂପ
ଜାୟାଜୀବୀ }
ଭଡ଼ୁଆ—1. A man who hires out his wife; a cuckold.

୨ । ନଟ—2. An actor; a dancer.

କରେ ସାହସ ଜାୟାଜୀବ ପ୍ରାୟେ
କବା ଏହାଠାରେ ଏତେକେ ନନ୍ଦିଯେ । ଦୀନକୃଷ୍ଣ. ରସକଲ୍ଲୋଳ ।

୩ । ବକପକ୍ଷୀ—3. The heron.

[ଦ୍ର—ପ୍ରବାଦ ଅଛି ଯେ ବଗୁଲୀ ଡିମ୍ବ ପ୍ରସବ କଲାପରେ ବଗ ଉକ୍ତ ଡିମ୍ବକୁ ଉଷୁମାଏ; ବଗୁଲୀ ଖାଦ୍ୟକୁ ଚରିବାକୁ ଯାଏ ଓ ବଗକୁ ଆଣି ଆହାର ଯୋଗାଏ ।]

ଜାୟାତ୍ୱ—ସଂ. ବି. (ଜାୟା+ଭାବ. ତ୍ୱ)—ଭାର୍ଯ୍ୟାତ୍ୱ—
Jayātwa Wifehood.

ଜାୟାପତି—ସଂ. ବି. (ଦ୍ୱନ୍ଦ୍ୱ; ଜାୟା+ପତି)—
Jāyā-pati ପତି ଓ ପତ୍ନୀ; ସ୍ୱାମୀସ୍ତ୍ରୀ; ଦମ୍ପତି—
Married couple; man and wife; husband and wife.

ବନ୍ଦିବା ପାଦପ ଜଗତ ସ୍ୱରୂପ ଭବାନୀଭବ ଜାୟାପତି ଯେ ।
ଭଞ୍ଜ. ବୈଦେହୀଶବିଳାସ ।

[ଦ୍ର—ସମାସରେ ଜାୟା ଓ ପତି ଏହି ଦୁଇ ଶବ୍ଦ ନିପାତନରେ 'ଦମ୍ପତି' ଓ 'ଜମ୍ପତି' ଏହି ଦୁଇ ଆକାର ମଧ୍ୟ ଧାରଣ କରେ ।]

ଜାୟିଗିରି (ଇତ୍ୟାଦି)—ବୈଦେ. ବି. (ଫା)—ଜାଗିର ଇତ୍ୟାଦି (ଦେଖ)
Jāyigiri (etc) Jāgiri etc (See)
(ଜାୟିଗିରି—ଅନ୍ୟରୂପ)

ଜାଯିତିରୀ—ଗ୍ରା. ବି—ଜାୟିତ୍ରୀ (ଦେଖ)
Jāyitiri Jāyitri (See)

ଜାୟିତ୍ରୀ—ଦେ. ବି. (ସଂ. ଜାତିପତ୍ରୀ)—ସୁଗନ୍ଧ ମସଲାବିଶେଷ—
Jāyitri Mace (a spice).
ଜାୟତ୍ରୀ
ଜାବିତ୍ରୀ

[ଦ୍ର—ଜାୟିତ୍ରୀ ଜାଇଫଳର ଶସଉପରେ ଥିବା ଛାଲ । ଜାଇଫଳ ଗଛ ଉଚ୍ଚରେ ୩୦।୩୫ ହାତ ବଢ଼େ; ଏହା ମଲକା, ଜାବା, ବୋର୍ଣ୍ଣିଓ ଆଦିଦ୍ୱୀପରେ ଜନ୍ମେ । ଦକ୍ଷିଣଭାରତର ନୀଲଗିରି ପାହାଡ଼ର କେତେକ ଅଂଶରେ ଏ ଗଛର କୃଷି କରାଯାଉଅଛି । ଚାରା ମଞ୍ଜିରୁ ଏ ଗଛ ଉତ୍ପାଦନ କରାଯାଏ । ଛୋଟ ଗଛମାନଙ୍କୁ ଖରାତେଜରୁ ରକ୍ଷା କରିବାକୁ ପଡ଼େ ଓ ଗ୍ରୀଷ୍ମଦିନେ ଏହାର ମୂଳରେ ପାଣି ଦେଇ ଗଛଗଛକୁ ବଞ୍ଚାଇବାକୁ ହୁଏ । ମଞ୍ଜିରୁ ପ୍ରଥମେ ଚାରା ଉଠାଇ ଗଛ ୧୨ ବା ୨ ହାତ ଉଚ୍ଚ ହେଲେ ଗଛକୁ ୧୫।୨୦ ହାତ ଛଡ଼ାଛଡ଼ା କରି ପୋତିବାକୁ ହୁଏ । ସାନ ଗଛ ମୂଳରେ ପାଣି ରହିଲେ ବା ଘାସଆଦି ଉଠିଲେ ଗଛ ମରିଯାଏ । ଅଣ୍ଡିରା ଓ ମାଈ ଗଛ ପୃଥକ୍ । ୮।୧୦ଟି ମାଈଗଛ ପରେ ଗୋଟିଏ ଅଣ୍ଡିରା ଗଛ ରୋଇବାକୁ ହୁଏ, ଯେପରିକି ଅଣ୍ଡିରାଗଛରେ ପବନ ଲାଗି ମାଈଗଛରେ ବାଜିବ । ଅଣ୍ଡିରାଗଛର ଫୁଲରୁ ପରାଗ ଉଡ଼ି ମାଈଗଛର ଫୁଲରେ ପଡ଼ିଲେ ଫଳ ଧରେ । ଗଛ ଲଗାଇବାର ୭ ବର୍ଷରେ ଫଳ ଫଳେ । ଲଗେଇବାଠାରୁ ୧୫ ବର୍ଷ ଏ ଗଛ ଫଳେ ଓ ପ୍ରତି ବର୍ଷ ଫଳର ସଂଖ୍ୟା ବଢ଼େ । ଗୋଟିଏ ଉତ୍କୃଷ୍ଟ ଗଛରେ ବର୍ଷକେ ୨ ହଜାର ଫଳ ଫଳେ । ପାଚିଲା ଫଳ ଆପେ ଗଛରୁ ମଳକୁ ଝଡ଼ିପଡ଼େ । ଫଳ ଉପରେ ନାସପାତି ପରି ଦଳଦଳିଆ ପତଳା ଛାଲିକା ଥାଏ । ତାକୁ ଫଳରୁ ଛଡ଼ାଇ ନେଇ ଶୁଖାଇଲେ ତାହା ଜାୟିତ୍ରୀ ହୁଏ । ଏହି ପତଳା ଛାଲିକା କାଢ଼ି ନେଲା ପରେ ଫଳ ଉପରେ ଗୋଟିଏ ଟାଣୁଆ ଖୋପା ବା ଖୋଳ ରହେ, ସେ ଖୋଳକୁ ଭାଙ୍ଗିଦେଲେ ତହିଁ ମଧ୍ୟର ଶସ ଜାଇଫଳ । ତାହାକୁ ଛାଇରେ ଶୁଖା ଯାଏ ଓ ଏହା ବଜାରରେ ଜାଇଫଳରୂପେ ବିକା ଯାଏ । ଜାଇଫଳରୁ ଏକପ୍ରକାର ସୁଗନ୍ଧ ତେଲ ଓ ଅର୍କ ବାହାରେ । ଜାୟିତ୍ରୀ ଓ ଜାୟିଫଳ ମସଲାରୂପେ ଓ ଔଷଧରେ ବ୍ୟବହୃତ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ସଂଗ୍ରାହକ, କେଶବର୍ଦ୍ଧକ, ଶୀତଳ ଓ ରୁଚକ ।]

ଜାୟିଫଳ—ଦେ. ବି.—(ସଂ. ଜାତିଫଳ)—ଜାଇଫଳ (ଦେଖ)
Jayi-phala Jaiphala (See)
जाएफल
जायफर, जायफल

ଜାୟୀ—ସଂ. ବିଣ. ପୁଂ (ଜି ଧାତୁ+ଇନ୍; ୧ମା. ୧ବ)—ଜୟୀ; ଜୟଯୁକ୍ତ—
Jāyi Victorious.
(ଜାୟିନୀ—ସ୍ତ୍ରୀ)

ସଂ. ବି.—ସଙ୍ଗୀତର ଘୋଷା—
The burden of a sog.

ଜାୟୁ—ସଂ ବି. (ଜି ଧାତୁ+କର୍ତ୍ତୃ. ଉ)—୧ । ବୈଦ୍ୟ—
Jāyu 1. Phsician.

୨ । ଔଷଧ—2. Medicine.

ସଂ. ବିଣ.—ଜେତା—Victorious.

ଜାର୍—ବୈଦେ. ବି. ପୁଂ. (ଇଂ. ଜାର୍, ଲାଟିନ୍ କାଇଜାର୍)—ରୁଷିଆ
Jār ସାମ୍ରାଜ୍ୟ ରାଜତନ୍ତ୍ରାଧୀନ ଥିବା ସମୟରେ ତହିଁର ସମ୍ରାଟଙ୍କ ଉପାଧି;
जार The late Czar of the Russn empire.
जार
(ଜାରିନା—ସ୍ତ୍ରୀ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ତୃ	ଉଥ	ଙ୍ଗ
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍‌ୟ	ଇଅ	ଙ୍ଗ	ନ୍ତ

ଜାର୍‌କରେଇ ପାର୍‌କରେଇ—ଗ୍ରା. ବିଣ. ସ୍ତ୍ରୀ (ସ୍ତ୍ରୀମାନଙ୍କ ଭାଷା)—
Jār-karei pār-karei ଯେ ଅନ୍ୟକୁ ବିପଦରେ ପକାଇ ପୁଣି ତାକୁ ବିପଦରୁ ପାର କରାଇ ନିଜର ବାହାଦୁରି ଦେଖାଇ ହୁଏ; ଯେ ଡାହାଣୀ ହୋଇ ଲାଗେ ଓ ଗୁଣିଆଁ ହୋଇ ଛାଡ଼େ—(a woman) Who can cause some one to be accused and at the same time can save her out of the difficulty.

ଜାର—ସଂ. ବି. ପୁଂ (ଜୃ ଧାତୁ=ଜୀର୍ଣ୍ଣ କରିବା+କର୍ତ୍ତୃ. ଅ; ଯେ ଦାମ୍ପତ୍ୟ
Jāra ପ୍ରଣୟକୁ ଗୋଟେ ପରି ଜୀର୍ଣ୍ଣ କରେ)—ପରପୁରୁଷ; ଉପପତି; ଗୁପ୍ତ ପତି; ବ୍ୟଭିଚାରୀ ବ୍ୟକ୍ତି—An illicit lover; a gallant; a secret lover of a married
(ଜାରିଣୀ—ସ୍ତ୍ରୀ) woman; a paramour; adulterer.

ଜାରକ—ସଂ. ବିଣ. (ଜୃ ଧାତୁ+କର୍ତ୍ତୃ. ଅକ)—ଯାହା ଜୀର୍ଣ୍ଣ କରେ;
Jāraka ଜୀର୍ଣ୍ଣକାରକ; ପରିପାଚକ; ହଜମୀ—Promoting digestion; digestive.
ସଂ. ବି.—ଜୀର୍ଣ୍ଣକାରକ ଔଷଧ; ହଜମୀ ଗୁଳି—
Digestive preparation.

ଜାରକ କାଗଜି—ଦେ. ବି.—ଜୁଆଣି ମିଶାଇ ଲେମ୍ବୁର ରସଦ୍ୱାରା ଜାରଣ
Jāraka kāgaji କରି ପ୍ରସ୍ତୁତ କରାଯାଇ ଥିବା ଲେମ୍ବୁ ବା କାଗଜିର
(ଜାରକ ଲେମ୍ବୁ—ଅନ୍ୟରୂପ) ଆଚାର—Pickled lime and aniseed used as a digestive preparation.

ଜାରକର୍ମ—ସଂ. ବି. (୬ଷ୍ଠୀ ତତ୍; ଜାର+କର୍ମନ୍)—ବ୍ୟଭିଚାର; ପରସ୍ତ୍ରୀ-
Jāra-karma ଗମନ—Adultery.

ଜାରଜ—ସଂ. ବି. ପୁଂ (ଜାର=ଉପପତି+ଜନ ଧାତୁ+କର୍ତ୍ତୃ. ଅ;
Jāraja ଯେ ପରପୁରୁଷ ଔରସରେ ଜନ୍ମେ)—ବେଜନ୍ମା; ବେଧଫଳ—
(ଜାରଜା—ସ୍ତ୍ରୀ) Illegitimate son.
ସଂ. ବିଣ. ପୁଂ.—କ୍ଷେତ୍ରଜ (ସନ୍ତାନ)—
Illegitimate; adulterine; bastard.

[ଦ୍ର—ହିନ୍ଦୁ ସ୍ମୃତି ଅନୁସାରେ ଜାରଜଙ୍କୁ ୨ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି । ବିବାହିତ ପତିଙ୍କ ଜୀବନକାଳରେ ପରପୁରୁଷ ଔରସ ସନ୍ତାନକୁ କୁଣ୍ଡ ଓ ବିଧବା ଗର୍ଭରେ ପରପୁରୁଷ ଔରସ ସନ୍ତାନକୁ ଗୋଳକ ବୋଲାଯାଏ । ଜାରଜପୁତ୍ର କୌଣସି ଧର୍ମକାର୍ଯ୍ୟ ସାଧନ ବା ପିଣ୍ଡଦାନରେ ଅଧିକାରୀ ନୁହେ ।]

ଜାରଜଯୋଗ—ସଂ. ବି.—ଫଳିତ ଜ୍ୟୋତିଷ ମତରେ ଜାତକରେ ଘଟିବା
Jāraja-joga ଗ୍ରହସ୍ଥିତିଯୁକ୍ତ ଯୋଗବିଶେଷ—Name of a kind of astrological conjunction of planets in a person's horoscope.

[ଦ୍ର—ଜାତକରେ ଯଦି ଲଗ୍ନ ବା ଚନ୍ଦ୍ର ଉପରେ ବୃହସ୍ପତିଙ୍କ ଦୃଷ୍ଟି ପଡ଼ି ନ ଥାଏ ବା ସୂର୍ଯ୍ୟଙ୍କ ସହିତ ଚନ୍ଦ୍ର ଯୁକ୍ତ ହୋଇ ନ ଥାଏ କିମ୍ବା ସୂର୍ଯ୍ୟଙ୍କ ସହିତ ପାପଯୁକ୍ତ ଚନ୍ଦ୍ରମା ଯୁକ୍ତ ହୋଇ ଥାଏ, ତେବେ ଉକ୍ତ ବ୍ୟକ୍ତିର ଜାରଜ ଯୋଗ ହେବାର ଅନୁମିତ ହୁଏ । ଦ୍ୱିତୀୟା, ସପ୍ତମୀ ଓ ଦ୍ୱାଦଶୀ ତିଥିରେ ଓ ରବିବାର, ଶନିବାର ବା ମଙ୍ଗଳବାର ଦିନ ଯଦି କୃତ୍ତିକା, ମୃଗଶିରା, ପୁନର୍ବସୁ, ଉତ୍ତରାଷାଢ଼ା, ଧନିଷ୍ଠା ବା ପୂର୍ବଭାଦ୍ରପଦ ନକ୍ଷତ୍ର ପଡ଼େ ତେବେ ଏହାକୁ ଜାରଜ ଯୋଗ ବୋଲି ଯାଏ ଏ ଯୋଗରେ ଜନ୍ମିବା ବାଳକ ମାତାଙ୍କ ବିବାହିତ ସ୍ୱାମୀଙ୍କ ଔରସ ନ ଥିବାର ଜ୍ୟୋତିଷୀମାନେ ଅନୁମାନ କରନ୍ତି—ହି. ଶବ୍ଦସାଗର ।]

ଜାରଜାତ—ସଂ. ବିଣ. ପୁଂ. (୫ମୀ ତତ୍; ଜାର+ଜାତ)—ଜାରଜ—
Jāra-jāta Bastard
(ଜାରଜାତା—ସ୍ତ୍ରୀ) ସଂ. ବି. ପୁଂ—ଜାରଜ ସନ୍ତାନ; ବେଧଫଳ—
A bastard.

ଜାରଜାତକ—ସଂ. ବି. ଓ ବିଣ—ଜାରଜାତ (ଦେଖ)
Jāra-jātaka Jārajāta (See)
(ଜାରଜାତକୀ—ସ୍ତ୍ରୀ)

ଜାରଜାତକା—ଦେ. ବି. ଓ ବିଣ—(ସଂ. ଜାରଜାତକ)—
Jāra-jātakā ଜାରଜ (ଦେଖ)
(ଜାରଜାତକୀ—ସ୍ତ୍ରୀ) Jāraja (See)

ଜାରଣ—ସଂ. ବି. (ଜୃ ଧାତୁ ଣିଚ୍; ଜାରି ଧାତୁ+ଭାବ. ଅନ)—
Jāraṇa ୧ । କ୍ଷୟକରଣ—1. Causing decay.
୨ । ଘନ ପଦାର୍ଥ ତରଳ ପଦାର୍ଥରେ ମିଳାଇ ଯିବା—
2. Being dissolved.
୩ । ପରିପାକ କରଣ; ପାଣିରେ ମିଳାଇଦେବା—
3. Act of dissolving a thing in a liquid.
୪ । ଜୀର୍ଣ୍ଣକରଣ—4. Digesting.
୫ । ଧାତୁଦ୍ରବ୍ୟାଦିର ମାରଣ ବା ଶୋଧନ—
5. The process of oxidising metals for medicinal purposes.
୬ । ଔଷଧାର୍ଥ ପାରା ଧାତୁର ଏକାଦଶ ସଂସ୍କାର—
6. The eleventh process of refining quicksilver.
୭ । ଭସ୍ମକରଣ—7. Oxidation; reduction to ashes.
ସଂ. ବିଣ. (+କର୍ତ୍ତୃ. ଅନ)—ଜୀର୍ଣ୍ଣକାରକ—Digestive.

ଜାରଣ ମାରଣ—ଦେ. ବି. (ସଂ. ଜାରଣ+ସଂ. ମାରଣ; ଏକାର୍ଥକ
Jāraṇa māraṇa ସହଚର)—୧ । ଧାତୁଦ୍ରବ୍ୟାଦିର ଶୋଧନ—
জারণ মারণ 1. Process of oxidising or refining
जारण मारण metals for medicinal purposes.

[ଦ୍ର—ସ୍ୱର୍ଣ୍ଣ, ରୌପ୍ୟ, ପାରା ଆଦି ଧାତୁକୁ ଆୟୁର୍ବେଦୋକ୍ତ ବୈଜ୍ଞାନିକ ପ୍ରକ୍ରିୟାଦ୍ୱାରା ଜାରଣ ବା ଶୋଧନ କଲେ ତାହା ଔଷଧ-ରୂପେ ମନୁଷ୍ୟର ନାନାଭାବରେ ଉପକାର କରେ; କିନ୍ତୁ ଶୋଧିତ ନ ହୋଇ ବ୍ୟବହୃତ ହେଲେ ମନୁଷ୍ୟଶରୀରରେ ନାନା ଅପକାର

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ କୋଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅଁ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କୋ' ଦେଖିବେ; 'ଅଳିବେଣି' ନ ପାଇଲେ 'ଅଳିବେଣି' ଦେଖିବେ

ଯାଏ । ବୈଜ୍ଞାନିକ ପ୍ରକ୍ରିୟାରେ ଜାରିତ ଧାତୁକୁ ଭସ୍ମ ବୋଲି ଯାଏ ।]

୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଆୟତ୍ତ କରିବା ସକାଶେ ନରମ ଗରମ, ସତ୍ ଅସତ୍ ସବୁ ପ୍ରକାର ଉପାୟ— 2. All conceivable means (fair or foul) of bringing a person under control.

ଜାରମହୁରୀ—ଦେ. ବି. (ଫା. ଜହର ଓ ସଂ. ମଧୁର)—ଜାଲମହୁରୀ; Jāra-mahurā ସର୍ପଖାଦକ ଚରଢ଼ ଜାତୀୟ ପକ୍ଷୀଙ୍କ ପେଟରୁ ଜହर मोहरा ବାହାରିବା କୌଣସିମଞ୍ଜି ପରି ଦେଖା ଯାଉ- ଦ୍ର. ସାପମହୁରୀ ଥିବା ଏକପ୍ରକାର କଳା ଓ ହଳଦିଆ ବର୍ଣ୍ଣର ଫା. ପାଦଜହର ପଥୁରିଆ ଜିନିଷ—A calcinous formation and pebble-like substance got from the intestines of flamingo and some ruminant birds and supposed to be an antidote against snake-poison.

[ଦ୍ର—ଏହା କଳା ଓ ଚକଚକ ଦେଖାଯାଏ । ସାପକାମୁଡ଼ା କ୍ଷତ ଜାଗାରେ ଏହାକୁ ଲଗାଇ ଦେଲେ ଏ ଦଷ୍ଟ ବ୍ୟକ୍ତିର ଦେହରୁ ସାପ ବିଷ ଶୋଷି ନଏ ଓ ବିଷ ଦେହରୁ ନ ଯିବା ପର୍ଯ୍ୟନ୍ତ ଏହା କ୍ଷତ ସ୍ଥାନରେ ଲାଗିରହେ । କେଳାମାନେ ଏହା ସଂଗ୍ରହ କରି ଲୋକଙ୍କୁ ଦିଅନ୍ତି । ପାଗୁଳି କରିବା କେତେକ ଜୀବ (ଯଥା— ଛେଳି, ମୃଗ ଓ ଆମେରିକାର ଲ୍ଲାମା)ଙ୍କର ଅନ୍ତ୍ରକୁଳାରୁ ମଧ୍ୟ ଜାରମହୁରୀ ବାହାରେ ।]

ଜାର—ଗ୍ରା. ବି. ପୁଂ. (ସଂ. ଜାର)—ଜାର; ଉପପତି— Jāra A gallant; paramour.

ଜାରସ୍ୱରୂପ ପ୍ରେମଭରେ, ନଶେ ଦିବସ ଅବସରେ— ଭୂପତି. ପ୍ରେମପଞ୍ଚାମୃତ ।

ଗ୍ରା. ବି. ସ୍ତ୍ରୀ. (ସଂ. 'ଜାର'ର ସ୍ତ୍ରୀଲିଙ୍ଗ)—ଉପପତ୍ନୀ; ରକ୍ଷିତା ସ୍ତ୍ରୀ— Concubine.

କୁଅଁର ଜାରପଣ ଭଲ। ଭଣ୍ଡୋ ଅପଣା କରି କେ ଜାଣେ— ଭୂପତି. ଚଉପଦୀ ।

ଜେରା ଗ୍ରା. ବୈଦେ. ବି—୧ । (ଫା. ଜିରହ୍) ଜେରା; ସାକ୍ଷୀକୁ जिरह ବିପକ୍ଷ ପକ୍ଷ ଓକିଲଙ୍କର ପଚାରିବା କୂଟ ପ୍ରଶ୍ନ— 1. Cross examination.

ଜାରା ୨ । (ଇଂ. ଜାରାଉଡ୍) ଅଷ୍ଟ୍ରେଲିଆ ଦ୍ୱୀପର ବୃକ୍ଷବିଶେଷର जारा ଖୁବ୍ ଟାଣ କାଠ— 2. Jārā wood; the hard wood of an Australian tree; Eucalyptus Rostrata.

[ଦ୍ର—ଏ କାଠ କଲିକତାରେ ବିକି ହୁଏ, ଏଥିରେ ଗାଡ଼ି ଓ ଘରର ଉପକରଣମାନ ତିଆରି ହୁଏ ।]

ଜାରା କରିବା—ଗ୍ରା. କ୍ରି—ଜେରା କରିବା; ଅପର ପକ୍ଷର ସାକ୍ଷୀଙ୍କୁ କୂଟ Jārā karibā ପ୍ରଶ୍ନ ପଚାରିବା—To cross-examine or ଜେରା କରା cross-question a witness in court. जिरह करना

ଜାରାଶବର—ଦେ. ବି. (ନାମ) (ସଂ. ଜରା)—ଯେଉଁ ଶବରର ବାଣ Jārā-śabara ଶ୍ରୀକୃଷ୍ଣଙ୍କ ପାଦରେ ବାଜିବାରୁ ତାହାଙ୍କର ମୃତ୍ୟୁ ଘଟିଥିଲା—Name of a fowler who unwittingly caused the death of Śrikṛushṇa by aiming an arrow and hitting his toe, mistaking it for a deer.

ଜାରାସନ୍ଧ—ଗ୍ରା. ବି—ଜରାସନ୍ଧ (ଦେଖ) Jārāsandha Jarāsandha (See)

ଜାରି—ବୈଦେ. ବି. (ଆ. ଜାରୀ=ପ୍ରଚଳିତ) Jāri ୧ । ଆରମ୍ଭ; ସୂତ୍ରପାତ; ପ୍ରବର୍ତ୍ତନ— ଜାରି 1. Setting a thing on foot. जारि

୨ । ପ୍ରଚାର—2. Circulation; promulgation.

୩ । ଅଧିକାର—3. Authority; control.

୪ । ପ୍ରୟୋଗ—4. Issuing; application.

୫ । କାର୍ଯ୍ୟରେ ପରିଣତି—5. Carrying into action.

୬ । ଶାସନ—6. Rule; regime.

୭ । ବ୍ୟବହାର; ପ୍ରଚଳନ—7. Use; currency.

(ଯଥା—ଏ ହୁକୁମର ଜାରି ୩ ବର୍ଷ ହେଲା ହୋଇଅଛି ।)

୮ । ପ୍ରଭାବ—8. Influence.

(ଯଥା—ଆଜି କାଲି ଇଂରେଜଙ୍କର ଆଠଗଡ଼ରେ ଭାରି ଜାରି ।)

୯ । କାର୍ଯ୍ୟ—9. Action.

୧୦ । ବଳାତ୍କାର—10. Employing force.

୧୧ । ଜାହିର; ଆତ୍ମପ୍ରଶଂସା— 11. Self-aggrandisement.

୧୨ । ତେଜ—12. Power; vigour; activity.

ଆଜ ପୂର୍ବୋକ୍ତ ଉକାଏତ ଖଣ୍ଡରେ ଭାରି ଜାରି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧୩ । କଡ଼ାକଡ଼ି ନିୟମର ପ୍ରଚାର— 13. Promulgation of strict rules.

୧୪ । ପ୍ରବାହ—14. Current; flow.

୧୫ । ମହରମ ପର୍ବରେ ମୁସଲମାନ ସ୍ତ୍ରୀଲୋକେ ତାଜିଆ ଆଗରେ ଗାଇବା ଏକ ପ୍ରକାର ଗୀତ— 15. A kind of song sung by Mahomedan females during the Mohorrum.

୧୬ । ଆଡ଼ମ୍ବର—16. Pomp; disp la y

୧୭ । କଠୋର ନିୟମାଧୀନତା—17. Discipline.

ବିଣ—୧ । ପ୍ରଚଳିତ—1. Current; in vogue.

୨ । ପ୍ରତିଷ୍ଠିତ—2. Established.

୩ । ପ୍ରବର୍ତ୍ତିତ— 3. Put in force; inaugurated.

୪ । ଜାହିର; ପ୍ରଚାରିତ—4. Promulgated; published.

ତାଙ୍କ ମହିମା କଥା ପୃଥିବୀ ଯାକ ଜାରି । ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍ୟ	ଉଅ	ଷ୍ଟ
୨	ଈ	ଊ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଊ	ନ୍ତ

୫ । (ଆ. ଜାହିର) ଶାସିତ—5. Controlled; ruled.
୬ । ପ୍ରବାହିତ—
6. Flowing; running (in current).
(ଯଥା—ଜଗମୀ ଶ୍ଳୋକର ବହୁତ ଶୁନ୍ ଜାରି ଅଛି ।)

ଜାରି କରିବା—ଦେ. କ୍ରି—୧ । କାର୍ଯ୍ୟରେ ପରିଣତ କରିବା—
Jāri kariba 1. To put into a force; to carry
ଜାରି କରା a thing into action.
जारि करना (ଯଥା—ପିଆଦା ଆସି ଡିଗ୍ରିଲୁ ଜାରି କରିଦେଇଗଲା ।)
୨ । ପ୍ରଚାର କରିବା—2. To serve.
(ଯଥା—ପିଆଦା ନୋଟିସ ଜାରି କରିବାକୁ ଯାଇଅଛି ।)
୩ । ପ୍ରବର୍ତ୍ତନ କରିବା—3. To inaguraute.
୪ । କଡ଼ାକଡ଼ ନିୟମ ପ୍ରଚାର କରିବା—
4. To promulgate hard and fast rules.
୫ । ପ୍ରତିଷ୍ଠିତ କରିବା—5. To establish.
ଦୁଷ୍ଟ ପରେ କରେ ପ୍ରଭୁତ୍ୱ ଜାରି । ଆଜ୍ଞାଧିକ କରିବାର ।
୬ । ଜବର୍ କରିବା; ଦଣ୍ଡ ଆଦି ଦେଇ ଅସ୍ୱସ୍ତ କରିବା—
6. To teach a lesson by punishing.
ମାର ସୁବ୍ରମାନ ... ବହାର ଜାରି ଲେଉଟ ଏହା ସୁମର ମର ।
ଉତ୍କ. ପ୍ରେମସୁଧାନିଧି ।

ଜାରି କାଢ଼ିବା—ଦେ. କ୍ରି—ଅପଣାର ପରାକ୍ରମ ସାଧାରଣଙ୍କ ଆଗେ
Jāri kārdhiba ପ୍ରକାଶ କରିବା—To show one's might or power in public.

ଜାରିଣୀ—ସଂ. ବି. ସ୍ତ୍ରୀ. (ଜାର+ଇନ୍+ସ୍ତ୍ରୀ. ଈ)—କୁଳଟା ସ୍ତ୍ରୀ—
Jārini An adulteress.

ଜାରିତ—ସଂ. ବିଣ. (ଜୃ ଧାତୁ ଣିଚ୍+କର୍ମ. ତ)—
Jārita ଶୋଧିତ; ମାରିତ; ଆୟୁର୍ବେଦୋକ୍ତ ବିଧିରେ ଭସ୍ମୀକୃତ (ଧାତ୍ୱାଦି)—Refined; oxidised.

ଜାରି ଦେଖା (ଖୋ)ଇବା—ଦେ. କ୍ରି—ଜାରିକାଢ଼ିବା (ଦେଖ)
Jāri dekhā(khe)iba Jāri kārdhiba (See)

ଜାରିବା—ଦେ. କ୍ରି. (ସଂ. ଜୃ ଧାତୁ)—
Jāriba ୧ । ଜାରଣ କରିବା; ଧାତୁଦ୍ରବ୍ୟାଦି ଶୋଧନ କରିବା—
ଜାରା 1. To reduce or purify metals for medi-
जारना cinal purposes.
୨ । ଧାତୁ ଆଦି ଭସ୍ମ କରିବା—2. To reduce to ashes; to oxidise; to calcine.
୩ । ତେଲ ଆଦିକୁ ଉତ୍ତାପରେ ଜଳଶୂନ୍ୟ କରିବା—
3. To heat oil etc. over fire so as to cause the water dissolved in it to evaporate.
୪ । ଜୀର୍ଣ୍ଣ କରିବା—4. To digest.
୫ । ଘନ ପଦାର୍ଥକୁ ପାଣିରେ ମିଳାଇବା—
5. To dissolve.
୬ । ଶକ୍ତିହୀନ କରିବା—6. To make powerless.
ମାର ସୁବୃମାନ ... ବହାର ଜାରି ଲେଉଟ ଏହା ସୁମର ମର ।
ଉତ୍କ. ପ୍ରେମସୁଧାନିଧି ।

୭ । (ଲକ୍ଷଣାର୍ଥ) ଉପଯୁକ୍ତ ଶାସ୍ତି ଦେବା; ଜବତ କରିବା—
7. To teach a lesson by punishing.
ହରିଲେ ସକଳ ମନ; ଜାରିଲେ ଗାହମା ଜନ ।
ଭ୍ରାତୀ. ରହସ୍ୟମଞ୍ଜରୀ ।

ଜାରି ବାହାର କରିବା—ଦେ. କ୍ରି—ଜାରି କାଢ଼ିବା (ଦେଖ)
Jāri bāhāra kariba Jāri kārdhiba (See)

ଜାରୁଲ—ଦେ. ବି—ଆସାମ, ଚଟ୍ଟଗ୍ରାମ ଓ ବ୍ରହ୍ମଦେଶରେ ଜାତ ପ୍ରସିଦ୍ଧ
Jārul କାଠଗଛ—A kind of timber tree; Toon
ଜାରୁଲ wood; Larger Stroemina Flosreginae.
जेर [ଦ୍ର—ଏହା ଧାତକ୍ୟାଦି ବର୍ଗର ପୁଷ୍ପବିଟପବିଶେଷ; ଏହାର ଫୁଲ ବଡ଼ବଡ଼ ଓ ପ୍ରାୟ ୩ ଅଙ୍ଗୁଳ ଚଉଡ଼ା । ଏ କାଠ କଲିକତାରେ ମିଳେ । ଏହା ବଡ଼ ଟାଣ । ଏଥିରେ ଚଉକି, ଆଲମାରି, ମେଜ ଇତ୍ୟାଦି ଗୃହୋପକରଣ, କଡ଼ିକାଠ ଓ ବରଗା ହୁଏ ।]

ଜାଲ୍—ବୈଦେ. ବି. (ଆ. ଜଅଲ୍; ଜାଲ୍)—୧ । କପଟଲେଖନ
Jāl କୃତ୍ରିମଲେଖା—1. Forged writing; forgery.
ଜାଲ ୨ । କପଟତା—2. Deception.
जाल ବିଣ—୧ । କୃତ୍ରିମ—1. Forged; counterfeit.
୨ । କପଟୀ—2. Deceptive.

ଜାଲ୍ ଅପରାଧ—ଦେ. ବି—ଜାଲ୍ କରିବା ଯୋଗୁଁ ହେବା ଅପରାଧ—
Jāl aparādha The offence of forgery.

ଜାଲ୍ କରିବା—ଦେ. କ୍ରି—୧ । କୃତ୍ରିମ ଲେଖା ଲେଖିବା—
Jāl kariba 1. To forge; to forge a writing
ଜାଲ କରା or document.
जाल करना (ଯଥା—ତୁମ୍ଭେ ତାଙ୍କ ଦସ୍ତଖତ ଜାଲ୍ କରିବ କି ?)
୨ । ଅସଦୁଦ୍ଦେଶ୍ୟରେ ଅସଲ ପଦାର୍ଥର ଅବିକଳ ନକଲ ପ୍ରସ୍ତୁତ କରିବା—2. To counterfeit a genuine thing; to imitate culpably.
[ଦ୍ର—ଜାଲ୍ କରିବା ଆଇନ ଅନୁସାରେ ଗୁରୁତର ଅପରାଧ ଅଟେ ।]

ଜାଲକାରିଆ—ଗ୍ରା. ବିଣ—ଯେ କପଟଲେଖା ଲେଖେ; ଜାଲିଆ—
Jālkāria Forging.
जालिया

ଜାଲଜାଲିଆ—ଦେ. ବିଣ. (ସଂ. ଜାଲ—ଜାଲ)—
Jāl jālia ୧ । ଜାଲପରି ଦିଶୁଥିବା; ଝିଲିରି—
ଜାଲୀଦାର 1. Looking like a net; netlike; netted.
जालीदार ୨ । ଜାଲୁଜାଲୁଆ; ଅସ୍ପଷ୍ଟ ଦେଖାଯିବା—
(ଜାଲଜାଲୁଆ—ଅନ୍ୟରୂପ) 2 Seen indistinctly.
୩ । ସ୍ପଷ୍ଟରୂପେ ଦେଖିପାରୁ ନ ଥିବା (ଚକ୍ଷୁ)—
3. Dim-sighted (eye).
୪ । ଉପରେ ଜାଲପରି ସରୁ ଆବରଣ ଥିବା—
4. Filmy; reticulated.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଡ଼' ନ ମିଳିଲେ 'ଗାଡ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଗ୍ନି ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୫ । ଜାଲ୍‌ମସ୍ତ; ଛନ୍ଦଣିମନ୍ଦଣି—
5. Knotty, complicated; twisted with one another; overtangled

ଜାଲ୍ ଜାଲିଆତି—ଦେ. ବି—୧ । ଜାଲ୍; ଜାଲ୍‌କର୍ମ—
Jāl jāliāti 1. Forgery.
୨ । ଠକାମି; ପ୍ରତାରଣା—1. Cheating; fraud.

ଜାଲ୍‌ଜାଲୁଆ—ଦେ. ବିଣ—ଜାଲ୍‌ଜାଲିଆ (ଦେଖ)
Jāl-jāluā Jāl-jālia (See)

ଜାଲ୍ ଟଙ୍କା—ଦେ. ବି—ମେକିଟଙ୍କା; କୁତ୍ସିତ ଧାତୁରେ ପ୍ରସ୍ତୁତ ମୁଦ୍ରା—
Jāl tankā Counterfeit coin.
जाल टाका
जाल रुपया

ଜାଲ୍ ଦଲିଲ୍—ବୈଦେ. ବି. (ଆ. ଜଅଲ୍ ଓ ଫା. ଦଲିଲ୍)—
Jāl dalil ଅସଲ କାଗଜର ନକଲି ପ୍ରତିଲିପି—
जाल दलील Forged document.
जाल दलील
(ଜାଲ୍‌ଦସ୍ତାବିଜ୍—ଅନ୍ୟରୂପ)

ଜାଲ୍ ଦସ୍ତଖତ—ବୈଦେ. ବି (ଆ. ଜଅଲ୍ ଓ ଫା. ଦସ୍ତ୍‌ଖତ୍)—
Jāl dastakhata କୃତ୍ରିମ ସ୍ୱାକ୍ଷର; କୌଣସି ବ୍ୟକ୍ତିଦ୍ୱାରା କପଟ-
जाल दस्तखत ଭାବରେ ଲିଖିତ ବା ସ୍ୱାକ୍ଷରିତ ଅନ୍ୟର ନାମ
जाल दस्तखत Forged signature.

ଜାଲ୍ ଦସ୍ତାବିଜ—ବୈଦେ. ବି. (ଆ. ଜାଲ୍ ଓ ଫା. ଦସ୍ତଆବେଜ୍)—
Jāl dastābija ଜାଲ୍‌ଦଲିଲ—Forged document.

ଜାଲ୍ ଧରିବା—ଦେ. କ୍ରି—ଦଲିଲ୍‌ଆଦିର କୃତ୍ରିମତା ଅବଧାରଣ କରିବା—
Jāl dharibā To detect a forgery.
जाल धरा
जाल पकड़ना

ଜାଲ୍ ନୋଟ୍—ବୈଦେ. ବି. (ଆ. ଜଅଲ୍ ଓ ଇଂ. ନୋଟ୍)—
Jāl-not କୃତ୍ରିମ କାଗଜ-ମୁଦ୍ରା—Forged note.
जाल नोट
जाल नोट

ଜାଲ୍‌ଫିସାଦ୍—ବୈଦେ. ବି. (ଆ. ଜଅଲ୍+ଫସାଦ) (ସହଚର)—
Jāl-phisād କପଟ ଲେଖା ଓ ପ୍ରତାରଣା—
जाल फसाद Forgery and deception.
जालफसाद

ଜାଲ୍‌ଫିସାଦି—ଦେ. ବି—ଜାଲ୍‌ଫିସାଦ୍ (ଦେଖ)
Jāl-phisādi Jālphisād (See)
जालफेसादी ବୈଦେ. ବିଣ—ଯେ କୃତ୍ରିମ ଲେଖା ଲେଖେ ଓ
जालफसादी ପ୍ରତାରଣା କରେ—Forging and deceptive.

ଜାଲ୍‌ଫିସାଦିଆ—ବୈଦେ. ବିଣ—ଜାଲ୍ ଫିସାଦି (ଦେଖ)
Jal-phisādiā Jāl-phisādi (See)

ଜାଲ୍ ମନୁଷ୍ୟ—ଦେ. ବି—ଯେଉଁଲୋକ ଆପଣାକୁ ଅନ୍ୟବ୍ୟକ୍ତି ବୋଲି
Jāl manushya ଚଳାଇ ଦିଏ—An imposter.
जाल मानुष
जाल आदमी

ଜାଲ୍ ମୁଦ୍ରା—ଦେ. ବି—ମେକିଟଙ୍କା; କୁତ୍ସିତ ଧାତୁରେ ପ୍ରସ୍ତୁତ ମୁଦ୍ରା—
Jāl mudrā Countrefeit coin; base coin.

ଜାଲ୍‌ସାଜ୍—ବୈଦେ. ବିଣ. (ଆ. ଜଅଲ୍+ଫା. ସାଜ୍)—ଜାଲିଆ;
Jāl-sāj ପ୍ରତାରକ—Forging; imposting; cheating.
जालसाज
जालसाज

ଜାଲ୍‌ସାଜି—ବୈଦେ. ବି. (ଆ. ଜାଲ୍+ଫା. ସାଜୀ)—
Jāl-sāji ୧ । ଜାଲ୍‌କର୍ମ—1. Forgery.
जालसाजि ୨ । ଠକାମି; ପ୍ରତାରଣା—2. Deception.
जालसाजी

ଜାଲ୍ ସାଜିଆ—ବୈଦେ. ବିଣ.—(ଫା. ଜାଲ୍ ସାଜ୍)—ଜାଲିଆ—
Jāl sājiā Forging.

ଜାଲ୍‌ସାଦ୍—ବୈଦେ. ବିଣ. (ଫା. ଜାଲ୍‌ସାଜ୍)—ଜାଲ୍ ସାଜ୍ (ଦେଖ)
Jāl-sād Jālsāj (See)

ଜାଲ୍ ସାଦି—ଗ୍ରା. ବୈଦେ. ବି. (ଫା. ଜାଲ୍ ସାଜୀ)—ଜାଲ୍ ସାଜି (ଦେଖ)
Jāl-sādi Jāl-sāji (See)

ଜାଲ—ସଂ. ବି. (ଜଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ଅ)—
Jāla ୧ । ଜୀବଜନ୍ତୁ (ଯଥା—ମାଛ, ପକ୍ଷୀ ଆଦି) ଧରିବା ନିମନ୍ତେ ପ୍ରସ୍ତୁତ ତନ୍ତୁ, ସୂତ୍ର ବା ଲୌହର ତାର ନିର୍ମିତ ଯନ୍ତ୍ରବିଶେଷ; ଫାନ୍ଦ; ଜାଲ—1. Net; snare.
୨ । ଆଖିର ତାରା ଉପରେ ପରଳ ମାଡ଼ିବା ରୋଗ—
2. A disease of the eye in which the pupils are overspread with a net-like overgrowth.
୩ । ଲୂତାତନ୍ତୁ; ବୁଢ଼ିଆଣୀ ସୂତାର ଗୋଲ୍ଲାଳର ଫାନ୍ଦ—
3. Spider's web.
୪ । ରଥାଦିର ଆବରଣ ବା ଜାଲି ପଡ଼ିଥିବା ଘଟାଟୋପ—
4. Netted covering or hood for cars etc.
୫ । ଗବାକ୍ଷ ବା କ୍ଷୁଦ୍ର ଜାଲିଥିବା ଝରକା—
5. Latticed window.
୬ । କଳିକା; କୋରକ; କଢ଼ି—6, Bud; blossom.
୭ । ସରୁ ଜାଲିକାମ—7. Lattice work.
୮ । ସମୂହ—8. Multitude; collection; assemblage.
୯ । ଭେଳକିବାଜି; ଇନ୍ଦ୍ରଜାଲ; ଭେଲ୍କି—
9. Magic; jugglery.
୧୦ । ମିଥ୍ୟା; ପ୍ରବଞ୍ଚନା; ପ୍ରତାରଣା; ଛଳ; କପଟ—
10. Deception; falsehood.

୧	ଲ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉ୍ଥ	ଛ
୨	ଲ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଥ	ଡ଼	ନ୍ତ

୧୧ । ଦମ୍ଭ; ଗର୍ବ—11. Pride; arrogance.

୧୨ । ଅନ୍ୟକୁ ବିପଦରେ ପକାଇବା ପାଇଁ କରାଯିବା କପଟ ଉପାୟ ବା କୌଶଳ—12. Stratagem or artifice to involve a person in trouble.

୧୩ । ଅଭିମାନ; (ହି. ଶବ୍ଦସାଗର)—13. Sullen displeasure.

୧୪ । କ୍ଷାର; ଗଛ ଆଦିକୁ ଜଳାଇ ସେଥିରୁ ବାହାର କରିବା ପାଉଁଶ (ହି. ଶବ୍ଦସାଗର)—14. Ashes of vegetables.

୧୫ । କଦମ୍ବଗଛ (ହି. ଶବ୍ଦସାଗର)—15. Nuclea Kadamba (tree)

୧୬ । ଏକପ୍ରକାର ତୋପ (ହି. ଶବ୍ଦସାଗର)—16. A kind of cannon.

ଦେ. ବି. (ସଂ. ଜ୍ୱଲ ଧାତୁ)—୧ । ଜାଳେଣୀ କାଠ; ଇନ୍ଧନ—1. Fuel; fire-wood.

୨ । ଅଗ୍ନିର ତାପ ବା ତେଜ—2. Heat of fire.

୩ । କୌଣସି ପଦାର୍ଥକୁ ତତାଇବା ପାଇଁ ଜାଳ ଜାଳିବା—3. Lighting of fuel to heat something.

ଅଗ୍ନି ଜାଳନ୍ତେ ଅର୍ଦ୍ଧିସ ସରେଣୀ,
ଅନେକ ଜାଳେ ନ ତାତଇ ପାଣି । ପ୍ରଦୀପ. ଶଶିସେଣା ।

୪ । ପୋଡ଼ି; ପୋଡ଼ିବା କ୍ରିୟା—4. Act of burning.

ବର୍ଣ୍ଣିବ ସ୍ୱର୍ଣ୍ଣ ପିତ୍ତଳ ମିଶ୍ରେ ଦେବେ ତା ଜାଳ ପ୍ରବଳତର କଲେ ଶତ୍ରୁଘ୍ନ । ଭଞ୍ଜ. ବୈଦେହୀଶବିଳାସ ।

୫ । ତାପ—5. Heat.

ଯେବେ ସନ୍ନିକାଳ ହାଳ ମଣି ବହ୍ନି ଜ୍ୱାଳ ଜାଳ । ଭଞ୍ଜ. ପ୍ରେମସୁଧାନିଧି ।

ଜାଲ—ଦେ. ବି. (ସଂ. ଜାଲ)—୧ । ଜୀବଜନ୍ତୁ ଆଦି ଧରିବା ନିମନ୍ତେ ପ୍ରସ୍ତୁତ ସୂତାର ନିର୍ମିତ ଯନ୍ତ୍ର; ଫାନ୍ଦ—1. Snare.
Jāla
ଜାଲ
ଜାଲ

୨ । ଫାଶ—2. Noose.

୩ । ବୁଢ଼ିଆଣୀ ସୂତା—3. Cobweb; spider's web.

୪ । ମାଛ ଧରିବାର କ୍ଷୁଦ୍ର କ୍ଷୁଦ୍ର ଛିଦ୍ରଯୁକ୍ତ ଯନ୍ତ୍ର—4. Net.

[ଦ୍ର—ଏହା ଅନେକ ପ୍ରକାରର; ଯଥା—ଖୁଅଜାଲ, ଖେପା ଜାଲ, ପେଲଣା ଜାଲ, କାଠି ବା ଖାଉ ଜାଲ, ଗଣ୍ଠି ଜାଲ ବା ଚୂନା ଜାଲ, ଉଡ଼ା ବା ବଡ଼ ଜାଲ ଓ ଜାଲ ପୋଲୁହ ଇତ୍ୟାଦି ।]

ବୈଦେ. ବି ଓ ବିଂ. (ଅ. ଜଅଲ)—ଜାଲ୍ (ଦେଖ) Jāl (See)

ଜାଲକ—ସଂ. ବି. (ଜାଲ+ସଙ୍କ୍ଷାର୍ଥରେ କ)—୧ । କ୍ଷୁଦ୍ର ଜାଲ—1. Small net.
Jālaka

୨ । ଫୁଲର କଢ଼ି; କୋରକ; କଳିକା—2. Bud; blossom.

୩ । ଭୁଲାସ୍ତି; ପକ୍ଷୀର ବସା—3. Bird's nest.

୪ । ଫୁଲ ବା କଢ଼ିର ପେନ୍ଥା—4. A bunch of flowers or blossoms.

୫ । ଡାରକସି କାମ—5. Filigree.

୬ । ଗବାକ୍ଷ—6. Latticed window.

୭ । କାରୁକାର୍ଯ୍ୟଯୁକ୍ତ ଭୂଷଣ—7. An ornament with filigree work.

୮ । କାକୁଡ଼ି, ବୋଇତାଳୁକଖାରୁ, ପାଣିକଖାରୁ, ଭେଣ୍ଡି, ଜହ୍ନି ଇତ୍ୟାଦି ଫଳମାନଙ୍କର ପ୍ରଥମ ଅବସ୍ଥା ବା କଷି—8. Young edible fruit (e. g. cucumber, pumpkin etc).

୯ । ଗର୍ବ; ଦମ୍ଭ—9. Pride, arrogance.

୧୦ । କ୍ଷୁଦ୍ର ପଦାର୍ଥର ସମୂହ ବା ସମଷ୍ଟି—10. A collection or multitude of small things.

୧୧ । କଦଳୀ (ହି. ଶବ୍ଦସାଗର)—11. Plantain.

ଜାଲ କରିବା—ଦେ. କ୍ରି—୧ । ଜାଳେଣୀ କାଠ ସଂଗ୍ରହ କରିବା—1. To gather twigs etc. for fuel.
Jāla kariba

୨ । ଅନ୍ୟ ବ୍ୟବହାର ପାଇଁ ଅଭିପ୍ରେତ କାଠକୁ ଜାଳିବା କାଠରେ ପରିଣତ କରିବା—2. To turn wood intended for other use to fuel.

ଜାଲକାରକ—ସଂ. ବି (ଜାଲ+କୃ ଧାତୁ+କର୍ତ୍ତୃ. ଅକ)—ବୁଢ଼ିଆଣୀ; ମାକଡ଼ସା—Spider.
Jāla-kāraka

ଜାଲକିନୀ—ସଂ. ବି (ଜାଲକ+ଇନ୍+ସ୍ତ୍ରୀ. ଈ)—ମାଈ ମେଣ୍ଢା; ମେଣ୍ଢୀ (ହି. ଶବ୍ଦସାଗର)—A she-ram; ewe.
Jālakini

ଜାଲକୀ—ସଂ. ବି (ଜାଲକ+ଜୀବକାର୍ଥେ ଇନ୍; ୧ମା. ୧ବ)—ଶସ୍ତ୍ର ବ୍ୟବସାୟଦ୍ୱାରା ଜୀବିକାନିର୍ବାହକାରୀ ବ୍ୟକ୍ତି (ହି. ଶବ୍ଦସାଗର)—A person who earns his livelihood by dealing with weapons.
Jālaki

ଜାଲକୀଟ—ସଂ. ବି (ମ. ପ. ଲୋ.; ଜାଲ+କୀଟ)—୧ । ବୁଢ଼ିଆଣୀ, ମାକଡ଼ସା; ଉର୍ଣ୍ଣନାଭ—1. Spider.
Jāla-kita

୨ । ବୁଢ଼ିଆଣୀର ଜାଲରେ ପଡ଼ିବା କୀଟ (ହି. ଶବ୍ଦସାଗର)—2. An insect which becomes entangled in a spider's web.

ଜାଲଗଣ୍ଠି—ଦେ. ବି—୧ । ବର୍ଷାୟୁ ତୃଣବିଶେଷ—1. A long creeping grass, Panicum Javanicum.
Jāla ganthi
ଜାଲଗଁଠି
ଜାଲକାଗାଁଟ

[ଦ୍ର—ଏହା ଶୁଆଁପର ଏକପ୍ରକାର ଘାସ; ଲଟେଇ ଲଟେଇ ମାଡ଼େ ଓ ଦେଢ଼ ବା ଦୁଇ ହାତ ଲମ୍ବ ହୁଏ ।]

୨ । ଜାଲର ଘରମାନଙ୍କ ଶେଷରେ ପଡ଼ିଥିବା ଗଣ୍ଠି—2. Knots at the corners of the squares of a net.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖି' ନ ପାଇଲେ 'ଆଖି' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଦେ. ବିଣ—ଜାଲିଜାଲିଆ (ଦେଖ)
Jāl-jāliā (See)

ଜାଲଗର୍ଦ୍ଦଭ—ସଂ. ବି—ଚର୍ମରୋଗବିଶେଷ; ବିସର୍ପ ରୋଗ—
Jāla-gardabha — Cutaneous erysipelas.
[ଦ୍ର—ଏଥିରେ ଦେହର ସ୍ଥାନବିଶେଷ ଫୁଲିଯାଏ ଓ ପୀଡ଼ା କରେ ଓ ଜର ହୁଏ ।]

ଜାଲଘର—ଦେ. ବି—ଜାଲର ଫାଙ୍କମାନ—
Jāla-gharā — The spaces made in a net.

ଜାଲଜୀବୀ—ସଂ. ବି (ଜାଲ + ଜୀବ୍ ଧାତୁ + ଇନ୍; ୧ମା. ୧ବ.; ଯେ ଜାଲ ସାହାଯ୍ୟରେ ଜୀବିକା ନିର୍ବାହ କରେ)—କେଉଟ; ଜାଲୁଆ—Fisherman.
Jāla-jībi

ଜାଲଟିବାଡ଼ି—ଦେ. ବି—ଯେଉଁ ଦଣ୍ଡରେ ସୂତା ଛନ୍ଦା ହୋଇ ଛନ୍ଦା ହୋଇଥିବା ସୂତାର ଫାସରୁ ଜାଲ ବୁଣିବାକୁ ଆରମ୍ଭ କରାଯାଏ—The staff which forms the base for knitting nets.
Jālati-bārdi

ଜାଲଣୀକାଠ—ଦେ. ବି (ସଂ. ଜ୍ୱଳନ) ଇନ୍ଧନ; ଜାଳିବାରେ ବ୍ୟବହୃତ କାଷ୍ଠ—Fuel.
Jālanikātha
ଜାଲନୀ କାଠ
जलावनी

ଜାଲତି—ଦେ. ବି (ସଂ. ଜାଲ)—୧ । ଛୋଟ ଜାଲ—
Jālati — 1. Small net.
ଜାଲୀ
জালি
୨ । ବାଦୁଡ଼ିଆଦିଙ୍କ ଆକ୍ରମଣରୁ ଗଛର ଫଳକୁ ରକ୍ଷା କରିବା ନିମନ୍ତେ ଗଛ ବା ଫଳ ଉପରେ ଘେରା ହେବା ଜାଲ—2. Net-work put over trees or fruits to protect them from depredations of bats.
୩ । ଆମ୍ବ ଆଦି ଫଳ ତୋଳିବା ନିମନ୍ତେ ଅଙ୍କୁଡ଼ି ଅଗରେ ବନ୍ଧା ହୋଇଥିବା ଜାଲର ପାତଆ; ଖୁଣ୍ଟୁଣୀ ଜାଲ—3. A net-work basket or pouch attached to the top of a pole to pluck fruits (which fall into it instead of falling on the ground from high).
୪ । କୁକୁର, ଗୋରୁ ଆଦିଙ୍କ ମୁହଁରେ ବନ୍ଧା ହେବା ଜାଲ-କାମର ପାତଆ; ଜାଆଁଳା; ଗୋମେଷାଦି ପଶୁଙ୍କ ଭୁଣ୍ଡୀ; ପଶୁମାନଙ୍କ ମୁହଁ ଓ ନାକ ଢାଙ୍କିବା ଜାଲି—4. Netted muzzle tied to the mouth of dogs or cattle to prevent them from using their mouth.

ଜାଲ ଦେବା—ଦେ. କ୍ରି—ଚୁଲିରେ ନିଆଁ ଜାଳିବା ନିମନ୍ତେ ଜାଳଣୀକାଠ ପୂରାଇବା—To supply fuel to a fire in the oven.
Jāla debā

ଜାଲ ପକା(କେ)ଇବା—ଦେ. କ୍ରି—୧ । ମାଛ ଧରିବାପାଇଁ ପୋଖରୀ ଆଦି ଜଳାଶୟରେ ଜାଲ ବିସ୍ତାର କରିବା—1. To cast nets for fishing.
Jāla pakā(ke)ibā
জাল ফেলা
जाल डालना
୨ । (ଲକ୍ଷଣାର୍ଥ) ଅନିଶ୍ଚିତ ବସ୍ତୁ ମିଳିବା ଉଦ୍ଦେଶ୍ୟରେ ଉଦ୍ୟମ କରିବା—2. (figurative) To try to secure an uncertain thing.

ଜାଲପାଦ—ସଂ. ବି (ବହୁବ୍ରୀହି; ଜାଲ + ପାଦ)—୧ । ହଂସ—1. Swan.
Jāla-pāda
୨ । ହଂସପାଦର ଅଙ୍ଗୁଳି ପରି ଯୁକ୍ତାଙ୍ଗୁଳି ଜୀବ; ଲିପ୍ତପଦ ଜୀବ—2. Web-footed birds and animals.
୩ । ଶବଳ ପକ୍ଷୀ (ପ୍ରକୃତିବାଦ)—3. A kind of gander.
୪ । (ନାମ) ଜାବାଲ ଋଷିଙ୍କର ଏକ ଶିଷ୍ୟ—4. The name of a disciple of sage Jābāli.
ସଂ. ବିଣ—ଯାହାର ପାଦର ଅଙ୍ଗୁଳିଯାକ ପରସ୍ପର ସହିତ ଲାଗି ରହିଥାଏ (ଯିଥି ଗୋଧିକା, ସିଲ୍ ପ୍ରଭୃତି ଜୀବ); ହଂସପାଦିଆ—Web-footed.

ଜାଲପାହି—ପ୍ରାଦେ (ବାଲେଶ୍ୱର) ବି. (ସଂ. ଜଳ; ତୁଳ ବ. ଜଲପାଇ)—ସମୁଦ୍ରନିକଟସ୍ଥ ଜଳମୟ ନୀଚ ଭୂମି—Low marshy land on the sea-coast.
Jāla-pāhi

ଜାଲପୋରୁଆ—ଦେ. ବି. (ସଂ. ଜାଲ + ପ୍ଲବ)—ମାଛ ଧରିବାପାଇଁ ବ୍ୟବହୃତ ପୋଲୁହ ଆକୃତିରେ ଖଞ୍ଜା ହୋଇଥିବା ୫ଖଣ୍ଡ ଡାଙ୍ଗରେ ଆବଦ୍ଧ ଜାଲ—A contrivance consisting of a circular net controlled by five sticks converging at the top.
Jāla-pordhuā
জালপোলো
ଜାଲପୋରୁହ, ଜାଲପୋଲୁହ, ଜାଲପୋରୁହ, ଜାଲପୋଲୁହ } ଅନ୍ୟରୂପ

ଜାଲପ୍ରାୟା—ସଂ. ବି. (ଜାଲ + ପ୍ରାୟ + ଆ)—କବଚ; ସାଞ୍ଜୁ—Coat of mail.
Jāla-prāyā

ଜାଲଫାନ୍ଦ—ଦେ. ବି—ଜାଲର ଘର—The circular or square spaces in a net.
Jāla-phānda
(ଜାଲଫାଶ—ଅନ୍ୟରୂପ)

ଜାଲଫାଶ—ଦେ. ବି—୧ । ଜାଲଫାନ୍ଦ (ଦେଖ)—1. Jāla-phānda (See)
Jāla-phāsa
জালফাঁশ
जालफाँश
୨ । ଯେଉଁ ଜାଲରେ ଫାଶ ଲାଗିଥାଏ, ଅର୍ଥାତ ଯାହାର ଦଉଡ଼ିକୁ ଟାଣି ଦେଲେ ସଙ୍କୁଚିତ ହୋଇଥାଏ—2. Noosed net.

ଜାଲବ—ସଂ. ବି. (ନାମ)—ବଲ୍ୱଲ ଦୈତ୍ୟର ପୁତ୍ର ଦୈତ୍ୟବିଶେଷ (ଏହାକୁ ବଳଦେବ ବଧ କରିଥିଲେ; ଦ୍ର. ଶବ୍ଦସାଗର)—Name of a demon killed by Baladeba.
Jālaba

୧	ଭ	ଙ୍	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଉ
୨	ଇ	ଉ	ରୁ	ଲ୍	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଡ଼	ନ୍ବ

ଜାଲବର୍ବୁରକ—ସଂ. ବ—ଛୋଟ ଶାଖାଯୁକ୍ତ ଏକପ୍ରକାର ବବୁର ଗଛ—
Jāḻa-barbburaka A kind of Acacia tree with small branches.

ଜାଲ ବସା(ସେ)ଇବା—ଦେ. କ୍ରି—ଜୀବଜନ୍ତୁଙ୍କୁ ଧରିବା ପାଇଁ ଫାନ୍ଦ ପକାଇବା—To lay a snare for catching animals.
Jāla basā(se)ibā
जाल पाता
जाल फैलाना
[ଜାଲ ପାଡ଼ିବା, ଜାଲ ମେଲ୍ଲା(ଲେ)ଇବା—ଅନ୍ୟରୂପ]

ଜାଲବାଡ଼—ଦେ. ବ—୧ । ଜାଲିବାଡ଼ (ଦେଖ)
Jāla-bārḍa 1. Jāli-bārḍa (See)
୨ । ମାଛ ଯେଉଁ ପଳାଇ ଯିବେ ନାହିଁ ବୋଲି ଦୁଇ ଜଳାଶୟର ସୀମାରେ ଦିଆଯିବା ଜାଲର ବାଡ଼—2. A wall of nets set up at a boundary to prevent fishes from escaping.

ଜାଲ ବାହାଣ—ଦେ. ବ. (ସଂ. ଜାଲ ଓ ବାହନ)—
Jāla bāhāṇa ମାଛ ଧରିବାପାଇଁ ଜାଲକୁ ମେଲ ମେଲ ଅଗ୍ରସର ହେବା—Spreading, laying, or letting off nets for fishing.

ଜାଲ ବାହାଣ କରିବା —ଦେ. କ୍ରି—ଜାଲ ବୋହିବା; ଜାଲକୁ ପାଣିରେ
Jāla bāhāṇa karibā ମେଲ ମେଲ ଅଗ୍ରସର ହେବା—
To go on spreading out nets for fishing.

ଜାଲ ବୁଣିବା—ଦେ. କ୍ରି. (ସଂ ଜାଲ+ବପନ)—
Jāla buṇibā ସୂତ୍ରାଦି ଦ୍ୱାରା ଜାଲ ପ୍ରସ୍ତୁତ କରିବା—
जाल बोना To weave or knit a net.
जाल बुनना

ଜାଲ ବୁହାଇବା—ଦେ. କ୍ରି—ଜାଲ ବାହାଣ କରିବା—
Jāla buhāibā To go on spreading out or laying nets for fishing.
(ଜାଲ ବୋହିବା—ଅନ୍ୟରୂପ)

ଜାଲମ (ଇତ୍ୟାଦି)—ବୈଦେ. ବ. (ଅ. ଜାଲମ୍)—
Jālama (etc) ଜାଲିମ୍ ଇତ୍ୟାଦି (ଦେଖ)
Jālim etc. (See)

ଜାଲମହୁରା—ଦେ. ବ—ଜାରମହୁରା (ଦେଖ)
Jāla-mahurā Jāra-mahurā (See)

ଜାଲମୁଣା—ଦେ. ବ—ଜାଲ ନିର୍ମିତ ଥଳି; ଗାଞ୍ଜିଆ—
Jāla-muṇā Net-purse; net pouch; a wallet made of net-work.
जालथला
जालका थैला

ଜାଲ ମେଲ୍(ଲେ)ଇବା—ଦେ. କ୍ରି—୧ । ଏକତ୍ର ସଂଗୃହୀତ ଜାଲକୁ ମାଛ
Jāla melā(le)ibā ଧରିବା ପାଇଁ ପାଣିରେ ଖେଳେଇବା—
1. To spread out nets for fishing.
୨ । ଜାଲ ପକାଇବା—2. Jāla pakāibā (See)

ଜାଳା—ଦେ. ବ. (ସଂ. ଜ୍ୱାଳା)—୧ । ଜୁଲମ୍; କର୍ଯାତନ—
Jāḻā 1. Oppression.
जाला
ज्वाला

ନର ଶରୀର ଜନ୍ମ ବ୍ୟାଧିର ଘର
ଯାହା ଜାଳାରେ ସଦା ଜଳେ ଅନ୍ତର । ନନ୍ଦକିଶୋର. ନିର୍ଝରିଣୀ ।

୨ । ତାପ—2. Heat.
୩ । ଜଳା ପୋଡ଼ା—
3. Burning sensation; inflammation.

ବିଷ ଜାଳାରେ ହେଲେ ହର
ଚନ୍ଦ୍ରଶେଖର ଗଙ୍ଗାଧର । ଭୂପତି. ପ୍ରେମପଞ୍ଚାମୃତ ।

୪ । ଦାହ; ବାଧା—
4. Painful sensation; pang.

ବନ ଦେଖି ପାଉଛ ମଦନ ଶର ଜାଳା । ଶିଶୁଶଙ୍କର. ଉଷାଅଭିଳାଷ ।

ଜାଳି—ଦେ. ବ. (ସଂ. ଅଳଞ୍ଜର; ଭୁଲ. ଫା. ଜାର୍ଗା, ଇଂ. ଜାର୍)—
Jāḻā ୧ । ବଡ଼ ଗରା ବା ମାଠିଆ; ପାଣି ରଖିବାର ବଡ଼ କଳସୀ—
जाला 1. Large jar.
जाला ୨ । ସ୍ଥର୍ଯାକାର ସ୍ଥୂଳୋଦର ମୃତ୍ପାତ୍ର—
2. A big earthen vessel.
୩ । ମାଟିର କୁଣ୍ଡ; ବଡ଼ ନନ୍ଦିଆ—3. Large crator.
୪ । (ସଂ. ଜ୍ୱଳ ଧାତୁ) ଅଗ୍ନି—4. Fire.

ଜାଣ ପ୍ରାଏ ବଣ୍ଡଅଛ କୋହେ ଜାଣ ଭେଳେ । ପ୍ରାଚୀ. ବୃହନ୍ନଳପୁରାଣ ଗୀତା।

ଜାଳାକ୍ଷ—ସଂ. ବ. (ବହୁବ୍ରୀହି; ଜାଲ+ଅକ୍ଷି)—
Jāḻāksha ଗବାକ୍ଷ; ଝରକା (ହି. ଶବ୍ଦସାଗର)—
Latticed window.

ଜାଳାତନ୍—ଦେ. ବିଶ. (ବଙ୍ଗଳାରୁ ଅନୂଦିତ; ସଂ. ଜ୍ୱାଳା. ଭୁଲ. ଅ.
Jāḻātan ଜାଲୟତନ=ଦେଶରୁ ନିର୍ବାସିତ)—
जालातन् ଜ୍ୱାଳାରେ ଅସ୍ଥିର; ପୀଡ଼ିତ; ସନ୍ତାପପୀଡ଼ିତ—
(ଜାଲାତନ୍—ଅନ୍ୟରୂପ) Oppressed.

ଜାଲି—ଦେ. ବ. (ସଂ. ଜାଲ)—୧ । ଜାଲ ପରି ପତଳା ଆବରଣ—
Jāli 1. Film.
जाली ୨ । ଜାଲ ପରି ଛିଦ୍ରବିଶିଷ୍ଟ ପଦାର୍ଥ ବା ଭୂଷଣ—
जाली 2. A thing or ornament of network; lattice-work.
୩ । ବହୁ ଛିଦ୍ର ଛିଦ୍ରବିଶିଷ୍ଟ ଜାଲ—
3. A net with small holes.
୪ । ସୁନା ରୂପା ଆଦି ଧାତୁର ତାରକସି କାମ—
4. Filigree work.
୫ । ଦୋଷ—5. Fault; blemish.
୬ । ଦୁଃଖ; ବାଧା—6. Pang; bothoraton.
୭ । ଝରକା; ଜାଲାକବାଟ—7. Latticed window.

ଜାଲିଟି ନିକଟେ ଥବାଇ ଦେଲିଟି କାଲି ଚିହ୍ନିବ ସେ ଗୁଲିଟିକ—
ବିଦଗ୍ଧ. ସଙ୍ଗୀତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରୁତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବେ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପର 'ଚପସତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଗଣା' ନ ପାଇଲେ 'ଅଙ୍ଗଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବ— ଘରର ଛଣକୁ ରକ୍ଷା କରିବା ପାଇଁ ଉପରେ ଦିଆ ଯାଇଥିବା ତାଟି—A latticed mat spread over the straw-thatch of a house.

ଜାଲିଅତ୍—ବୈଦେ. ବଣ. (ଫା. ଜାଲିଯୃତ୍)—ଜାଲିଆ ୨ । (ଦେଖ)
Jāliat Jāliā 2. (See)

ଜାଲିଅତି—ଦେ. ବ. (ଫା. ଜାଲ୍‌ଯୃତ୍)—ଜାଲିଅତି (ଦେଖ)
Jāliati Jāliāti (See)

ଜାଲିଆ—ଦେ. ବ—୧ । (ସଂ. ଜାଲକ) ଜାଲୁଆ; କେଉଟ; ଯେ
Jāliā ଜାଲଦ୍ୱାରା ମାଛ ଧରି ଜୀବିକା ନିର୍ବାହ କରେ—
ଜାଲେ; ଜାଲିୟା 1. Fisherman (using nets).
जालिया ୨ । (ଅ. ଜାଲ୍) ଜାଲ କରିବା ବ୍ୟକ୍ତି—
2. Forger.
ଜାଲିଆ— ଦେ' ବଣ—୧ । ଯେ ଜାଲ୍ କରେ; ଜାଲ୍‌କାରୀ—
जालिया 1. Forging.
୨ । ଶଠ; ଠକ—2. Cheating; deceptive.
୩ । କପଟୀ—3. Hypocritical.

ଜାଲିଆତ୍—ବୈଦେ. ବଣ. (ଫା. ଜାଲ୍‌ଯୃତ୍)—ଜାଲିଆ ୨ । (ଦେଖ)
Jāliāt Jāliā 2. (See)

ଜାଲିଆତି—ଦେ. ବ. (ଫା. ଜାଲିଯୃତି)—୧ । ଜାଲ୍‌କର୍ମ—
Jāliāti 1. Forgery.
୨ । ଠକାମି; ଶଠତା; ପ୍ରବଞ୍ଚନା—2 Cheating; deception.
୩ । କପଟତା; ପ୍ରବଞ୍ଚନା—3. Hypocrisy.

ଜାଲିକ—ସଂ. ବ. (ଜାଲ+ଜୀବିକା ଅର୍ଥରେ ଇକ)—
Jālika ୧ । ଜାଲିଜୀବୀ—1. One who ekes out his livelihood with a net or a snare.
୨ । କେଉଟ; ଧୀବର—2. Fisherman.
୩ । ବ୍ୟାଧ; ଜାଲ ବା ଫାଶଦ୍ୱାରା ପଶୁପକ୍ଷୀଙ୍କୁ ଯେ ଧରେ—
3. A fowler; a person who catches animals with snares; a huntsman.
୪ । ଯେ ଜାଲ ବୁଣେ—4. Weaver of nets.
୫ । ମାକଡ଼ସା—5. Spider.
୬ । ଜୋକ—6. Leech.
୭ । ମାକଡ଼—7. Monkey.
୮ । ପ୍ରବଞ୍ଚକ—8. A cheat; a rogue.
୯ । ଯେ କୁହୁକ ଦେଖାଏ; ବାଜିକର; ଇନ୍ଦ୍ରଜାଲିକ—
9. A juggler; conjurer.
୧୦ । ଝରକା; ଜାଳକବାଟ—10. Latticed window.
୧୧ । ପ୍ରଦେଶର ଶାସନକର୍ତ୍ତା—
11. A provincial governor.
୧୨ । କଦଳୀ—12. Plantain.
(ଜାଲିକ—ଅନ୍ୟରୂପ) ୧୩ । ଶିକୁଳିରେ ନିର୍ମିତ ସାଞ୍ଜୁ—
13. A chain-armour.
୧୪ । ପଶମରେ ତିଆରି ଜାଲିବାଲା ଓଢ଼ଣା—
14. A woollen net used as veil.
ଦେ. ବ—ଉଦ୍ଦୀପକ— Inciting.
ଯେଣ ତୁଳକେ ତାପ ଜାଳକେ (କାମତାପ ଉଦ୍ଦୀପକାଦି) ତବେ ଅଙ୍କେ ଲହ୍ନ
—ଉକ୍ତ. ପ୍ରେମସୁଧାନିଧି ।

ଜାଲି କବାଟ—ଦେ. ବ. (ସଂ. ଜାଲ ଓ କପାଟ)—
Jāli kabāta ଜାଲିକାମ ହୋଇଥିବା କବାଟ—A door of network; a latticed door.
जाली कपाट
जाली दरवाजा

ଜାଲିକା—ସଂ. ବ. ସ୍ତ୍ରୀ. (ଜାଲକ=ସ୍ତ୍ରୀ. ଆ)—୧ । ମୁହଁ ଘୋଡ଼ାଇବାର
Jālikā ଜାଲ୍‌ଜାଲୁଆ ଘାଗୁଣୀ; କ୍ଷୁଦ୍ର କ୍ଷୁଦ୍ର ଛିଦ୍ରଯୁକ୍ତ ମୁଖାବରଣ ବା
(ଜାଲିକା—ଅନ୍ୟରୂପ) ଓଢ଼ଣୀ—1. A veil or mask of net-work for the face.
୨ । ବିଧବା - 2. Widow.
୩ । ଜୋକ—3. A leech.
୪ । ତାରର ବର୍ମ; ତାରରେ ପ୍ରସ୍ତୁତ ସାଞ୍ଜୁ—
4. An armour of network.
୫ । ପାଶ; ଫାନ (ହି. ଶବ୍ଦସାଗର)—5. Snare.
୬ । ମାକଡ଼ସା; ବୁଢ଼ିଆଣୀ (ହି. ଶବ୍ଦସାଗର)—
6. Spider.
୭ । ଲୁହା—(ହି. ଶବ୍ଦସାଗର) 7. Iron.

ଜାଲିକାମ—ଦେ. ବ.—(ଧାତୁ ଆଦିର) ତାରକସି କାମ—
Jāli-kāma Filigree work.
जालीकाज
जालीकाम

ଜାଲିଚଟୁ—ଦେ. ବ. (ସଂ. ଜାଲ ବା ଜର୍ଜ୍ଜରିକ ଓ ଚଟୁ)—
Jāli-chatu ଛିଦ୍ରଯୁକ୍ତ କରଚୁଲ; ଯାହା ଉପରେ ବସିଥିବା ଘିଅଆଦି
ଝାଂଝରୀ; साँचा ତରଳ ବସ୍ତୁ ପ୍ରଭୃତିରୁ ପିଠା ଇତ୍ୟାଦି ଛାଣିଆଣିବା
पौना, झरना ସକାଶେ ବ୍ୟବହୃତ ଛିଦ୍ରଯୁକ୍ତ ଚଲ୍ଲଡ଼ାମୁହାଁ ଚଟୁ ବା ଅଣକ—A ladle with numerous small holes to lift cakes etc from the frying pan; a perforated iron ladle for straining cakes from boiling ghee.
ବସନ୍ତମୁଖୀଙ୍କ ଉପମା ଶତ୍ରୁ
କାମ କାଜର ଛକା ଜାଲିଚଟୁ । ଯଦୁମଣି. ରହସ୍ୟବଚନ ।

[ଦ୍ର—ଏହାର ଛିଦ୍ର ବାଟେ ପିଠା ଆଦିରୁ ଘିଅ ବୋହି ପଡ଼େ; ଏହା ଉପରେ ପିଠଉ ବା ବେସନ ରଖି ଏହାକୁ ଘିଅ କଡ଼େଇ ଉପରେ ଝାଡ଼ିଲେ ଲଡ଼ୁବାଳା, ବୁନ୍ଦିଆ ଆଦି ମିଷ୍ଟାନ୍ନ ପ୍ରସ୍ତୁତ ହୁଏ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ଉଅ	ଛ
୨	ଈ	ଊ	ରୁ	ଲୃ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଞ୍ଚ	ନ୍ତ

ଜାଲିଜାଲିଆ—ଦେ. ବଣ.—ଜାଲ୍‌ଜାଲିଆ (ଦେଖ)
Jāli-jāliā Jāl-jāliā (See)
(ଜାଲୁଜାଲୁଆ—ଅନ୍ୟରୂପ)

ଜାଳିଣି—ଦେ: ବି. (ସଂ. ଜ୍ୱଲ ଧାତୁ;ଜ୍ୱଳନ)—୧ । ନିଆଁ ଜାଳିବା ପାଇଁ
Jāḻiṇi ବ୍ୟବହୃତ କାଠ; ଚୂଲିରେ ଜଳା ହେବା କାଠ; ଇନ୍ଧନ—
जालनीकाठ 1. Fuel.
जलावन
ନିତ୍ୟନିତ୍ୟ ଅଣି ନୂଆବୋହୂଟିଏ ସଜାଡ଼ୁଥିଲା ଜାଳିଣି ।
ନନ୍ଦକିଶୋର, ନଈ ତୁଣୀ ।
୨ । ଯେଉଁ ପଦାର୍ଥରେ ସହଜରେ ନିଆଁ ଲାଗେ ଓ ଯାହା ଚୂଲିରେ ପ୍ରଥମେ ନିଆଁ ଧରାଇବା ପାଇଁ ବ୍ୟବହୃତ ହୁଏ—2. An inflammable substance with
(ଜାଳନ,ଜାଳେଣି—ଅନରୂପ) which a fire is first lighted.

ଜାଳିଣି କାଠ—ଦେ. ବି.—ଜାଳିଣି ୧ (ଦେଖ)
Jāḻiṇi kāṭha Jāḻiṇi 1. (See)

ଜାଲିନଥ—ଦେ. ବି.—ସ୍ତ୍ରୀମାନଙ୍କର ନାସିକାର ବାମ ପୁଡ଼ାରେ ପିନ୍ଧା
Jāli-natha ଯିବା ଜାଲିକାମବିଶିଷ୍ଟ ଚକ୍ରାକାର ମୁଦ୍ରାକାର ଅଳଙ୍କାରବିଶେଷ; ଦକ୍ଷିଣୀ ନୋଥ—A nose-ring
जालीनथ of filigree work
जालीनथ
(ଜାଲିନୋଥ, ଜାଲିନୋଥ—ଅନ୍ୟରୂପ)

ଜାଳନି କାଠ—ଦେ. ବି.—(ସଂ. ଜ୍ୱଳନ + କାଷ୍ଠ)—ନିଆଁ ଜାଳିବା ପାଇଁ
Jāḻini kāṭha ବ୍ୟବହୃତ କାଠ—Fuel.
जालनीकाठ
जलावनी

ଜାଲିନୀ—ସଂ. ବି. (ଜାଲ୍ ଧାତୁ + ଇନ୍ + ସ୍ତ୍ରୀ. ଈ)—୧ । ଚିତ୍ରଦ୍ୱାରା
Jāḻiṇī ସଜ୍ଜିତ କୋଠରୀ—1. A room furnished with pictures.
୨ । କୋଷାତକୀ ଫଳ; ତରଡ଼ା—
2. A kind of wild melon.
[ଦ୍ର—ଏହାକୁ ପାଣିରେ ସଢ଼ାଇ ଦେଲେ ଏହାର ଚୋପା ସଢ଼ି ଯାଇ ଚୋପାର ତଳେ ଥିବା ଜାଲୁଜାଲୁଆ ଆବରଣ ରହିଯାଏ ଓ ତାକୁ ଗାଧୋଇଲା ବେଳେ ଦେହରେ ଘସିଲେ ଦେହରୁ ମଇଳା ଛାଡ଼ି ଯାଏ ।]
୩ । ପ୍ରମେହପୀଡ଼ିକା; ପ୍ରମେହ ରୋଗରେ ଦେହରେ ବାହାରିବା ବ୍ରଣ—3. Postules or boils or eruptions on the body of gonorrhoeal patients.
୪ । ଚିତ୍ରଶାଳା; ଚିତ୍ରକରଙ୍କ ଚିତ୍ରଶାଳା—
4. A painter's studio.

ଜାଲିପଟିଆମ—ଦେ. ବି.—ସ୍ତ୍ରୀମାନଙ୍କର କାନର ତାରକସି କାମର
Jālipaṭiāma ଅଳଙ୍କାରବିଶେଷ; ସଛିଦ୍ର କାପ—A kind of filigree-work earring worn by females.
ସୁନା ମଲ୍ଲିକଢ଼ୀ ଫୁଲ ଜାଲିପଟିଆମ,
ତାହାର କହନ୍ତୁ ଶ୍ରବଣକୁ ମନୋରମ ସେ । ଭକ୍ତ. ଲବଣ୍ୟବତୀ ।

ଜାଳିପୋଡ଼ି ମାରିବା—ଦେ. କ୍ରି.—ବହୁ ନିର୍ଯାତନ ଦେଇ ବ୍ୟତିବ୍ୟସ୍ତ
Jāḻi-porḍi māribā କରି ପକାଇବା; ବହୁ ଦୁଃଖ ଦେବା—
জ্বেলেপুড়ে মারা To torture (a person) by causing
जला जला कर मारना pains and troubles to him.
[ଜଳା(ଳେ)ଇ ପୋଡ଼ା(ଡ଼େ)ଇ ମାରିବା—ଅନ୍ୟରୂପ]

ଜାଳିବା—ଦେ. କ୍ରି. (ସଂ. ଜ୍ୱଲ ଧାତୁ)—(ଜଳିବାର ଣିଜନ୍ତରୂପ)—
Jāḻibā ୧ । ଜଳାଇବା; ଅଗ୍ନି ଲଗାଇବା—
জালান 1. To light fire; to ignite.
जराना, जलाना
ଜଳାଇବା } ଣିଜନ୍ତରୂପ
ଜଳେଇବା }
ସେ କହିଲା ହେଜେ ଅଗ୍ନିଙ୍କି ଜାଳିବାକୁ
ଗଲେ ଏକା ହୋଇ ହୋମର ଘରକୁ—
କୃଷ୍ଣସିଂହ. ମହାଭାରତ. ସଭା ।
୨ । ଦହନ କରିବା; ପୋଡ଼ିବା—2. To burn.
୩ । ଉତ୍ତପ୍ତ କରିବା—3. To heat.

ଜାଲିବାଡ଼—ଦେ. ବି—ଜାଲି ପରି ଛନ୍ଦା ହୋଇ ଘେରା ହୋଇଥିବା
Jāli-bārḍa ବାଡ଼; ଜାଲିବାଡ଼—Network fencing; a
জালীবাড়া fence of wire-netting; fretted fencing
जालीका आड़ or partition.

ଜାଲିବୋଟ—ବୈଦେ. ବି. (ଇଂ. ଜଲିବୋଟ୍)—ଛୋଟ ସଉଖୀନ୍
Jāli-boṭa ଡଙ୍ଗା—Jolly boat;
জলিবোট a small pleasure-boat.
जालिबोट

ଜାଲିମ୍—ବୈଦେ. ବି. (ଆ. ଜାଲିମ୍=ଅତ୍ୟାଚାରୀ; ମୂଳ. ସଂ. ଜାଳ
Jālim =ଖଳଲୋକ)—
জালিমী ୧ । ରାଗ; କୋପ—1. Anger.
जालिमी ୨ । ଜୁଲମ୍; ଅତ୍ୟାଚାର—2. Oppression.
୩ । ହାକିମି; ହୁକୁମତ—
3. Show of authority.
୪ । ଗର୍ବ; ଦମ୍ଭ—4. Arrogance.
୫ । (ମନ୍ଦାର୍ଥ) ସ୍ୱଭାବ; ଚାଲିଚଳନ; ଢଙ୍ଗ—
5. Manners; conduct.
(ଯଥା—ସହରୀ ଜାଲିମ୍ ।)
୬ । ପରାକ୍ରମ—6. Might.
জালিম ବୈଦେ. ବି. (ଆ.)—୧ । ଅତ୍ୟାଚାରୀ; ଜୁଲମ୍‌ବାଜ୍—
जालिम 1. Oppressive.
୨ । ଅନ୍ୟାୟ କର୍ମକାରୀ—2. Unjust.
୩ । ପ୍ରବଳ ପ୍ରତାପୀ; ପରାକ୍ରମଶାଳୀ—
3. Mighty; powerful.

ଜାଲିମ୍ କାଢ଼ିବା—ଦେ. କ୍ରି—୧ । ହାକିମି ଦେଖାଇବା—
Jālim kārḍhibā 1. To show off one's authority.
জালিমি দেখান ୨ । ଗର୍ବ ଦେଖାଇବା—
जालिमी दिखाना 2. To show arrogance.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜାଲମ୍ ଦେଖା(ଖେ)ଇବା—ଦେ. କ୍ରି—ଜାଲିମ୍ କାଢ଼ିବା (ଦେଖ)
Jālim dekhā(khe)ibā Jālim kār̲dhibā (See)

ଜାଲମ୍‌ବାଜ୍—ବୈଦେ. ବଣ. (ଫା. ଜାଲିମ୍)—
Jālim-bāj ୧ । ଅତ୍ୟାଚାରୀ; ଜୁଲମ୍‌ବାଜ୍—1. Oppressive.
जालिम ୨ । ଭାରି କଡ଼ାମିଜାଜିଆ (ବ୍ୟକ୍ତି)—
जालिम 2. Of high temper.
୩ । ଗର୍ବୀ—3. Arrogant.
୪ । ପ୍ରଭୁତ୍ୱ ପ୍ରିୟ; ହୁକୁମଦିଆ—
4. Fond of showing off one's authority.

ଜାଲମି (ଇତ୍ୟାଦ)—ସ୍ତ୍ରୀ. ବୈଦେ. ବି. ଓ ବଣ (ଫା)—
Jālimi (etc) ଜାଲମ୍ ଇତ୍ୟାଦ (ଦେଖ)—Jālim etc (See)

ଜାଳୁଆ—ଦେ. ବି—ଯେଉଁ ବ୍ୟକ୍ତି ଜାଳଣୀକାଠ ଆଣି ଯୋଗାଏ—
Jāḻuā One who supplies or brings fuel (to a family).

ଜାଲୁଜାଲୁଆ—ଦେ. ବଣ—ଜାଲ୍‌ଜାଲିଆ (ଦେଖ)
Jālu-jāluā Jāl-jāilā (See)

ଜାଳେଣି—ଦେ. ବି—ଜାଳଣି (ଦେଖ)
Jāḻeṇi Jāḻaṇi (See)

ଜାଲ୍ମ—ସଂ. ବି. (ଜଲ୍ ଧାତୁ=ଆଚ୍ଛାଦନ କରିବା+କର୍ତ୍ତୃ. ମ)—
Jālma ୧ । ଖଳ ବ୍ୟକ୍ତି—
1. A wicked person; miscreant.
୨ । ନୀଚ ବ୍ୟକ୍ତି—2. A mean-minded person.
୩ । ପତିତ ବ୍ୟକ୍ତି—3. A degraded person.
୪ । ଇତର ଲୋକ—4. A low-born person.

(ଜାଲ୍ମୀ—ସ୍ତ୍ରୀ) ସଂ. ବଣ. ପୁଂ—୧ । ଅବିବେଚକ—
1. Inconsiderate.
୨ । ହିଂସ୍ର—2. Revengeful.
୩ । ମୂର୍ଖ—3. Illiterate; boorish.
୪ । କଡ଼ା; କଠୋର—4. Severe; harsh.
୫ । କୁଡ଼ି; ଆଲସ୍ୟପରାୟଣ—5. Idle; lazy.
୬ । ନିଷ୍ଠୁର; କ୍ରୂର; ନିର୍ଦ୍ଦୟ—6. Cruel.
୭ । ପାମର; ନୀଚ; ଦୁରାତ୍ମା—
7. Lowly; wicked; mean-minded.
(ଯଥା—ଯେଉଁ ବ୍ୟକ୍ତି ମିତ୍ର, ଗୁରୁ ବା ବ୍ରାହ୍ମଣଙ୍କ ସଙ୍ଗେ ଦ୍ୱେଷ କରେ ତାକୁ ଜାଲ୍ମ ବୋଲାଯାଏ ।]
୮ । ଘୃଣିତ—8. Despised.
୯ । ଯେଉଁ ବ୍ୟକ୍ତି ଉତ୍ତମରୂପେ ପଢ଼ି ବା ବୋଲି ନ ପାରେ—
9. Reading or reciting badly (Apte).
୧୦ । ନୀଚଜାତ—10. Low-born.
୧୧ । ସମାଜରୁ ପତିତ—
11. Degraded from society.

ଜାଲ୍ମକ—ସଂ. ବି. ଓ ବଣ. (ଜାଲ୍ମ+ସ୍ୱାର୍ଥେ. କ)—ଜାଲ୍ମ (ଦେଖ)
Jālmaka Jālma (See)

ଜାଲ୍ୟ—ସଂ. ବି. (ଜଲ+ଯ, ଏହାଙ୍କର ଜଳମୟୀ ମୂର୍ତ୍ତି ଥିବାରୁ)—
Jālya ଶିବ; ମହାଦେବ (ଦ୍ର. ଶବ୍ଦସାଗର)—Lord Siba.

ଜାସାମ—ପ୍ରାଦେ. (ବସ୍ତର) ବି—ମନ୍ଦାର—
Jāsāma China rose.

ଜାସୁସ୍—ବୈଦେ. ବି. (ଆ)—ଗୁପ୍ତଭାବରେ ଅପରାଧୀର ପତା ଲଗାଇବା ବ୍ୟକ୍ତି; ଗୁପ୍ତଚର; ଭେଦୁଆ—
Jāsus
जासूस A spy; an informer.
जासूस, जासूस

ଜାସ୍ତ୍—ବୈଦେ. ବି. (ଆ. ଯାସ୍ତ୍)—ହେପାଜତ; ଯତ୍ନ—
Jāst Care.
जास्त
जास्ति

ଜାସ୍ତି—ବୈଦେ. ବି. (ଆ. ଯାସ୍‌ଦ୍‌ଙ୍ଗ=ଅଧିକ୍ୟ)—ଅଧିକ୍ୟ—
Jāsti Excess; increase; addition
यास्ति ବଣ—୧ । ଅତ୍ୟଧିକ—1. Too much; excessive.
यास्ति ୨ । ଅଧିକତର—2. More than.

ଜାସ୍ପତି—ସଂ. ବି. ପୁଂ. (୬ଷ୍ଠୀ ତତ୍; ଜାସ୍ପା+ପତି; ନିପାତନ)—
Jāspati ଜାମାତା; ଜ୍ୱାଇଁ (ଦ୍ର. ଶବ୍ଦସାଗର)—
Son-in-law.

ଜାହକ—ସଂ. ବି. (ହା ଧାତୁ=ତ୍ୟାଗ କରିବା+କର୍ତ୍ତୃ. ଅକ; ନିପାତନ)—
Jāhaka ୧ । ଓଧ—1. Polecat; otter.
୨ । ଜୋକ—2. Leech.
୩ । ଖଟ—3. A bed-stead.
୪ । ଶଯ୍ୟା; ବିଛଣା—4. Bed; bedding.
୫ । ବିରାଡ଼ି (ପ୍ରକୃତିବାଦ)—5. Cat.
୬ । ବିଳେଶୟ ଜୀବ (ପ୍ରକୃତିବାଦ)—
6. An animal which lives by burrowing den.
୭ । ଏଣ୍ଡୁଅ (ଦ୍ର. ଶବ୍ଦସାଗର)—
7. Chameleon; lizard.
୮ । ଗେଣ୍ଡା (ଦ୍ର. ଶବ୍ଦସାଗର)—8. Snail.

ଜାହାଁଜାହାଁ—ଦେ. ଅ. (ସଂ. ଯତ୍ର; ପ୍ରା. ଜତ୍ଥ; ଦ୍ୱିରୁକ୍ତି)—
Jāhāṅ-jāhāṅ ୧ । ଯେଉଁ ଯେଉଁ ସ୍ଥାନମାନଙ୍କୁ—
जहँजहाँ 1. To which places.
जहाँजहाँ ୨ । ଯେଉଁ ଯେଉଁ ସ୍ଥାନମାନଙ୍କରେ—
2. At which places.
୩ । ସବୁ ସ୍ଥାନରେ—
3. At all places whatever.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ୱ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ	ଇଅ	ୱ	ନ୍

ଜାହାଁତାହାଁ—ଦେ. ଅ. (ସ. ଯତ୍ର+ତତ୍ର; ପ୍ରା· ଜଦ+ତଦ)—
Jahāñ-tāhāñ ୧ । ଯେଉଁଠାରେ ଇଚ୍ଛା ସେଠାରେ; ସବୁଠାରେ-
जाहाँताहाँ 1. At all places.
जहाँतहाँ ୨ । ପ୍ରତ୍ୟେକ ସ୍ଥାନରେ—
2. At every place.

ଜାହାଁପିନା—ବୈଦେ. ବି. (ଫା. ଜହାଁପନାହ୍ =ଜଗଦାଶ୍ରୟ; ଜହାଁ=
Jahāñ-panā ପୃଥିବୀ+ପନାହ୍ =ରକ୍ଷକ)—
जाहाँपना ପୃଥିବୀପାଳ, ଜଗଦାଶ୍ରୟ; ପ୍ରଭୁ—Lord of the world.
जाहाँपना ଅ. (ବାଦସାହା ପ୍ରଭୃତିଙ୍କୁ ନିମ୍ନତର ବ୍ୟକ୍ତିମାନଙ୍କର
(ଜାହାଁପାନା—ଅପଭ୍ରଂଶରୂପ) ସମ୍ବୋଧନ)—ସ୍ୱାମୀ ! ହଜୁର !—
My Lord ! Your Highness.

ଜାହାଁବାଜ—ବୈଦେ. ବିଣ. (ଫା. ଜହାନ୍=ପୃଥିବୀ+ଦର୍ଶକ ଅର୍ଥରେ
Jahāñ-bāj ଫାରସୀ ବାଜ୍ ପ୍ରତ୍ୟୟ, କିମ୍ବା ଅ. ଜେହନ୍=
जाहाँबाज ବୁଦ୍ଧି+ଅଧିକାରୀ ଅର୍ଥରେ ବାଜ୍ ପ୍ରତ୍ୟୟ;
जहाँदीद ଭୁଲ. ଫା. ଜହାଁଦୀଦ୍=ଅନୁଭବୀ)—
୧ । ବହୁଦର୍ଶୀ; ଅନୁଭବୀ—1. Experienced.
୨ । ତୀକ୍ଷ୍ଣବୁଦ୍ଧି—2. Sharp-witted.
୩ । କୂଟବୁଦ୍ଧି—
3. Crafty; of crooked policy.
୪ । ଖେଚେଡ଼ା; ଦୁଷ୍ଟ—4. Wicked; wanton.
୫ । ଦୁର୍ଦ୍ଦମନୀୟ—
5. Difficult to control; unmanageable.

ଜାହାଲ—ଦେ. ବି.—ଜାଲ (ଦେଖ)
Jahāla Jāla (See)

ଜାହାଙ୍ଗୀର—ବୈଦେ. ବି. (ନାମ)—ମୋଗଲ ସମ୍ରାଟ; ଆକବର
Jahāngir ବାଦସାହାଙ୍କ ପୁତ୍ର—
जाहाङ्गीर Jehangir; the Moghal Emperor; son
जहाँगीर of Akbar.
[ଦ୍ର—ଏ ଆକବରଙ୍କ ମୃତ୍ୟୁ ପରେ ୧୬୦୫ ଖ୍ରୀଷ୍ଟାବ୍ଦରେ ସମ୍ରାଟ ହେଲେ ଓ ୧୬୨୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏ ଆକବରଙ୍କ ଅମଳରେ ଜୟପୁରର ହିନ୍ଦୁ ରାଜାଙ୍କ କନ୍ୟା ଯୋଧବାଈଙ୍କୁ ବିବାହ କରିଥିଲେ ଓ ପରେ ସେରୁ ଅଫଗାନ୍ ନାମକ ସେନାପତିଙ୍କୁ ମରାଇ ତାଙ୍କ ସ୍ତ୍ରୀ ନୂରଜାହାନ୍‌ଙ୍କୁ ବିବାହ କଲେ । ଏହାଙ୍କ ଅମଳରେ ଇଂଲଣ୍ଡର ରାଜା ୧ମ ଜେମ୍ସ୍‌ଙ୍କଠାରୁ ରାଜଦୂତ ଆସିଥିଲେ । ଏହାଙ୍କ ନିକଟରୁ ବୃନ୍ଦାବନର ଗୋବିନ୍ଦଜୀଙ୍କ ମନ୍ଦିର ନିର୍ମିତ ହୋଇଥିଲା । ହି. ଶବ୍ଦସାଗର]

ଜାହାଜ—ବୈଦେ. ବି. (ଅ. ଜହାଜ)—
Jahāja ବୋଇତ; ପୋତ; ସମୁଦ୍ରଗାମୀ ବଡ଼ ନୌକା—
जाहाज Ship; a sea-going vessel.
जहाज [ଦ୍ର—ପ୍ରାଚୀନ ଉତ୍କଳରେ ଚଳିକା ମୁହାଣ, ଚନ୍ଦ୍ରଭାଗା ଓ ତମଲୁକ୍ ଏବଂ ଅଳ୍ପକାଳ ପୂର୍ବେ ବାଲେଶ୍ୱର ନଗର ବହୁବାଣିଜ୍ୟର ପ୍ରଧାନ କେନ୍ଦ୍ରମାନ ଥିଲା ଓ ଓଡ଼ିଆମାନେ ଜାହାଜ ଚଳାଇ ଯାବା, ବାଲିଆଦି ଦ୍ୱୀପ ଓ ଆଫ୍ରିକାର ଉପକୂଳକୁ ବାଣିଜ୍ୟ ସକାଶେ ଯାଉଥିଲେ । ଇଂରେଜମାନେ ପ୍ରଥମେ ଭାରତକୁ ଆସିବା ସମୟରେ ବାଲେଶ୍ୱର ଗୋଟିଏ ବନ୍ଦର ଥିଲା ଏବଂ ସେମାନେ ବାଲେଶ୍ୱର ନିକଟସ୍ଥ ପିପିଲିରେ ବାଣିଜ୍ୟ କୋଠି ସ୍ଥାପନ କରିଥିଲେ । ଫରାସୀମାନେ ମଧ୍ୟ ଫରାସିଡାଙ୍ଗାରେ ବାଣିଜ୍ୟକୋଠି କରିଥିଲେ । ମାତ୍ର କାଳକ୍ରମେ ବଲଙ୍ଗ ନଦୀର ମୁହାଣ ପୋତି ହୋଇ ଯିବାରୁ ବାଲେଶ୍ୱର ବନ୍ଦର ବନ୍ଦ ହୋଇଗଲା ।

ଉତ୍କଳର କାହାଣୀମାନଙ୍କରେ ସାଧବ ଓ ମହାଜନମାନେ ଜାହାଜ ବା ବୋଇତରେ ଚଢ଼ି ସମୁଦ୍ରପାରସ୍ଥ ଦୂର ଦେଶକୁ ବାଣିଜ୍ୟ କରିବା ସକାଶେ ଯାଉଥିବା କଥା ବର୍ଣ୍ଣିତ ଅଛି । ଭୁବନେଶ୍ୱର ଗ୍ରାମର ପ୍ରାନ୍ତରେ ଥିବା କପାଳେଶ୍ୱରୀ ଠାକୁରାଣୀଙ୍କର ଦେଉଳକୁ ଲୋକେ ବୋଇତାଳ ଦେଉଳ ବୋଲି କହନ୍ତି, କାରଣ ଏହା ତିନି ଗୋଟି ମାସ୍ତୁଲ ଥିବା ଜାହାଜର ଆକୃତିରେ ନିର୍ମିତ । ବୋଇତକଣାରୁ ଓଡ଼ିଶାରେ ପୂର୍ବେ ନ ଥିଲା । ଏହା ବିଦେଶରୁ ବୋଇତରେ ଏଦେଶକୁ ଆମଦାନି ହୋଇ ଆସିଥିବାରୁ ଏହାକୁ ବୋଇତକଣାରୁ ବା କୋଇତାକୁ ବୋଲାଯାଏ । କାର୍ତ୍ତିକମାସର ଦୀପାବଳୀ (ଦେବାଳୀ) ଅମାବାସ୍ୟାର ସ୍ୱଚ୍ଛ ନ ପାହୁଣୁ ଓଡ଼ିଶାର ହିନ୍ଦୁ ଗୃହିଣୀମାନେ ଅଗଣାରେ ବୋଇତର ଚିତ୍ର ଅଙ୍କନ କରି ତହିଁ ଉପରେ ଘରର ବାକ୍ସ, ସିନ୍ଦୁକ, ପେଡ଼ି, ପେଟରା ଆଦି ରଖି ଲକ୍ଷ୍ମୀପୂଜା କରନ୍ତି । ବୋଧହୁଏ ପୂର୍ବେ ଏହି ସମୟରେ ଉତ୍କଳର ସାଧବ (ମହାଜନ) ମାନେ ବାଣିଜ୍ୟାର୍ଥ ବୋଇତରେ ବିଦେଶଯାତ୍ରା କରୁଥିଲେ । ରଜସଂକ୍ରାନ୍ତିର ଦ୍ୱିତୀୟ ଦିନ ମଧ୍ୟ ସ୍ତ୍ରୀଲୋକମାନେ ଅଗଣାରେ ବୋଇତର ଚିତ୍ର ଅଙ୍କନ କରି ପୂଜା କରନ୍ତି । ସମ୍ଭବତଃ ସେ ସମୟରେ ବୋଇତ ବିଦେଶରୁ ବାହୁଡ଼ି ଆସୁଥିଲା । କାହାଣୀରେ ଅଛି ଯେ ବୋଇତ ଅନୁକୂଳ କରି ଗଲା ବେଳେ ଏବଂ ବାହୁଡ଼ି ଆସିବା ସମୟରେ ମଧ୍ୟ ସାଧବଘରର ସଧବା ସ୍ତ୍ରୀମାନେ ଯାଇ ତାହାକୁ ବନ୍ଦାଉଥିଲେ ।

ପୂର୍ବେ ଓଡ଼ିଆମାନେ ଯେଉଁ ବୋଇତ ବ୍ୟବହାର କରୁଥିଲେ ତାହା ବାଷ୍ପୀୟ ପୋତ ନୁହେଁ । ତାହା ପାଲ ଓ କାତକେରୁଆଲ ଦ୍ୱାରା ଚାଳିତ ହେଉଥିଲା । ପ୍ରବାଦ ଅଛି ଯେ ଦରିଆ ମଝିରେ ଜାହାଜ ନ ଚଳିଲେ ସେ ଜାହାଜରେ କୌଣସି ନୀତିବିଗର୍ହିତ କାର୍ଯ୍ୟ ହେବା ଯୋଗୁଁ ଦେବତା କୁପିତ ହୋଇଥିବା ଆଶଙ୍କା କରି ଜାହାଜର ଅଧିଷ୍ଠ ଦେବତାଙ୍କୁ ଭୋଗ ଯାଚୁଥିଲେ ଏବଂ ଅପରାଧୀକୁ ସମୁଦ୍ରକୁ ନିକ୍ଷେପ କରୁଥିଲେ ବା ବଳି ଦେଉଥିଲେ ।

ଜାହାଜିଆମାନେ ଦିଗନିରୂପଣ କରିବାକୁ କମ୍ପାସ୍ ବ୍ୟବହାର କରୁଥିଲେ । ଜାହାଜିଆ ଭାଷାରେ ଦିଗ ବିଦିଗମାନଙ୍କର ନାମ ଯଥା—ଗାହ=ଉତ୍ତର, ସୋଇଲ=ଦକ୍ଷିଣ, ଉଦସ୍=ପୂର୍ବ, ପିଛାଡ଼=ପଶ୍ଚିମ, ଗାହମଉଲେଇ=ଉ. ପୂ., ବେଗଣ୍ଡିୟା ପିଛଡ=ଉ. ପ., ଦକ୍ଷିଣ ପିଛାଡ଼=ଦ. ପ., ଦକ୍ଷିଣଉଦସ୍=ଦ. ପୂ., ଯୋଷ=ଊର୍ଦ୍ଧ୍ୱ, ଦମନ୍=ତଳ, ଉଡ଼ା=ଡାହାଣ ଓ ଡାବୁ=ବାମ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସ୍ପଷ୍ଟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜାହାଜକୁ ପବନରେ ଚଳାଇବା ପାଇଁ ବ୍ୟବହୃତ ପାଲମାନଙ୍କର ଭିନ୍ନ ଭିନ୍ନ ନାମ ଥିଲା, ଯଥା—ଗାଉ = ମାସ୍ତୁଲରେ ବନ୍ଧାଯିବା ପ୍ରଧାନ ପାଲ, ଟବର = ମାସ୍ତୁଲ ଅଗପାଖରେ ବନ୍ଧାଯିବା ପାଲ, ଓ ଜାଉ = ମାସ୍ତୁଲରେ ସଂଲଗ୍ନ ଲଗିରେ ଲଟକା ହେବା ପାଲ ।

ଜାହାଜର ଭିନ୍ନ ଭିନ୍ନ ଅଙ୍ଗର ନାମ ଯଥା—ଶୁକାନ, ମାସ୍ତୁଲ ବା ଦଗବାରଣ ଖୁଣ୍ଟି, ପାଲ ବା ସେଡ଼, ପାଗଡ଼, ବାବୁଟିଆ, କାଚ, କେରୁଆଲ, ମଙ୍ଗ ଓ ଲଙ୍ଗର ।

ଜାହାଜର କର୍ମଚାରୀମାନଙ୍କର ଉପାଧି ଯଥା—ତଣ୍ଡେଲ, ଶୁକାନୀ, ଖଲାସୀ ଓ ବୋଇତଆଳ ।

ପ୍ରକାରଭେଦରେ ଜାହାଜର ନାମ—ପାଲଟଣା ଜାହାଜ, କଳ ଜାହାଜ ବା ଧୂଆଁକଳ ଜାହାଜ, ଯୁଦ୍ଧଜାହାଜ ବା ମନୁଆର୍ ଜାହାଜ, ସଉଦାଗରୀ ଜାହାଜ ଓ ଟର୍ପିଡୋ ବା ବୁଡ଼ା ଜାହାଜ ।]

ଜାହାଜପଡ଼ିଆ—ଦେ. ବି. (ନାମ)—ଚିଲିକାର ମାଲୁଦ ନିକଟରେ ଥିବା
Jāhāja-pardiā ଗୋଟିଏ ଉଚ୍ଚ ସ୍ଥାନ ଓ ତନ୍ନିକଟବର୍ତ୍ତୀ ପ୍ରକାଣ୍ଡ ପଡ଼ିଆ—Name of a high land including a vast field near by near Malud on the Chilka lake in Puri district.

[ଦ୍ର—ଓଡ଼ିଶାର ସ୍ୱାଧୀନ ରାଜାଙ୍କ ଅମଳରେ ଜାହାଜ ସମୁଦ୍ରରୁ ଆସି ଏହିଠାରେ ଲାଗୁଥିଲା ।]

ଜାହାଜାତି—ଦେ. ବିଣ.—ଜାହାଜ ସମ୍ବନ୍ଧୀୟ—
Jāhājati Relating to a ship; nautical.
ଜାহাজাতি
जहाजी

ଶୁଣାଶୁଣିରେ ଜାହାଜାତି କାରବାର ବାଲେଶ୍ୱରରୁ ଉଠି ଯିବ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଜାହାଜି—ଦେ. ବି. ଓ ବିଣ.—ଜାହାଜିଆ (ଦେଖ)
Jāhāji Jāhājiā (See)

ଜାହାଜିଆ—ବୈଦେ. ବି. (ଅ)—୧ । ପୋତାଧ୍ୟକ୍ଷ; କାପ୍ତାନ—
Jāhājiā 1. Captain of a ship.
জাহাজী ୨ । ନାବିକ; ନୌକର୍ମଚାରୀ—
जहाजी 2. A sailor; a mariner.
୩ । ବୋଇତଆଳ; ଜାହାଜଦ୍ୱାରା ବାଣିଜ୍ୟ କରିବା ବ୍ୟକ୍ତି—
3. A person who trades with the help of a ship; an export merchant.

ବାଲେଶ୍ୱରରେ ଅନେକଗୁଡ଼ିଏ ଜାହାଜିଆ ମହାଜନ ଥିଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଦେ. ବିଣ.—୧ । ଜାହାଜ ସମ୍ବନ୍ଧୀୟ—
1. Pertaining to a ship.
୨ । ନୌସମ୍ବନ୍ଧୀୟ—2. Nautical.
୩ । ଜାହାଜରେ ସମୁଦ୍ରପାରସ୍ଥ ବିଦେଶରୁ ଆଣୀତ; ବିଦେଶୀ (ଯଥା ଜାହାଜୀ ଗୁଆ)—3. Imported from a foreign transmarine country.

ଜାହାଜୀ ଗୁଆ—ଦେ. ବି. (ଅ. ଜହାଜୀ+ସଂ. ଗୁବାକ)—ଏକପ୍ରକାର
Jāhāji guā ବଡ଼ ଗୁଆ—A species of big areca nut.
জাহাজীসুপারী
जहाजीसुपारी

ଜାହାନମ୍—ବୈଦେ. ବି. (ଅ. ଜହନ୍ନମ = କୋରାନବର୍ଣ୍ଣିତ ନରକ)—
Jāhānam ନରକ—The hell of the Mahomedan Scripture.
জাহান্নম
जहन्नम
(ଜାହାନ୍ନମ—ଅନ୍ୟରୂପ)

ଜାହାନମ୍‌କୁ ଯିବା—ଦେ. କ୍ରି.—ଚରିତ୍ରହୀନ ହେଉ ବିନାଶର ପଥରେ
Jāhānamku jibā ଅଗ୍ରସର ହେବା—To go to the dogs; to go hell.
জাহান্নমে যাওয়া
जहन्नममें जाना

ଜାହାନିଆଁ—ବୈଦେ. ବି. (ଅ) (ନାମ)—ଜନୈକ ମୁସଲମାନ ପର-
Jāhāniān ବ୍ରାଜକ ମହାପୁରୁଷ—Name of a Mahomedan traveller-saint.

[ଦ୍ର—ପୁରୀ ଜିଲ୍ଲା ଚାନ୍ଦପୁର ନିକଟସ୍ଥ ସମୁଦ୍ରକୂଳରେ ଏହାଙ୍କର ଗାଦି ଅଛି । ସହକାର—୧୨୫ ସଂଖ୍ୟା—ପ୍ରଧାଚରଣପଣ୍ଡା ।]

ଜାହାର—ଗ୍ରା. ବି.—ଯାଆଁଳ (ଦେଖ)
Jāhāra Jāānla (See)

ଜାହାଲ—ଦେ. ବି.—ଜାଲ (ଦେଖ)
Jāhāla Jāla (See)

ଜାହିର୍—ବୈଦେ. ବି. (ଅ. ଜାହିର୍ = ବ୍ୟକ୍ତ; ପ୍ରକାଶିତ)—
Jāhir ୧ । ପ୍ରକାଶ—1. Display; manifestation.
জাহের, যাহির ୨ । ପ୍ରଚାର—2. Publication.
जाहिर ବିଣ.—୧ । ବାହ୍ୟ—1. External.
୨ । ବ୍ୟକ୍ତ—2. Apparent.
୩ । ଜଣେ ଜଣେ ପ୍ରକଟିତ ବା ପ୍ରକାଶିତ—
3. Manifest; evident.
୪ । ପ୍ରକାଶ୍ୟ—4. Public.
୫ । ସର୍ବତ୍ର ପ୍ରକାଶିତ; ପ୍ରକଟିତ—
5. Made public; published.
୬ । ଉନ୍ମୁକ୍ତ; ଫିଟ—6. Open.
୭ । ବିଦିତ—7. Known.
୮ । ଦଣ୍ଡପାଇବା ଦ୍ୱାରା ଉପଶାନ୍ତ; ଶାସିତ; ବଶୀଭୂତ—
8. Brought under control by means of punishment.

ଜାହିର୍ କରିବା—ଦେ. କ୍ରି—୧ । ସାଧାରଣରେ ପ୍ରକାଶ କରିବା; ଘୋଷଣା
Jāhir karibā କରିବା—1. To publish or proclaim openly; to disclose.
জাহেরকরা
जाहिर करना (ଯଥା—ବିଦ୍ୟା ଜାହିର କରିବା ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ଼	ଡ଼	ଋ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ୍

୨ । ଦେଖାଇବା—2. To show; to display.
(ଯଥା—କସମତ୍ ଜାହିର କରିବା) ।

୩ । ଦଣ୍ଡଆଦି ଦେଇ କୌଣସି ବ୍ୟକ୍ତି ବା ଜନ୍ତୁକୁ କାବୁକରି ରଖିବା ବା ଶାସନ କରିବା—3. To bring a person or animal under control by punishment; to teach a person a lesson.

ଜାହିରା—ବୈଦେ. ବ ଓ ବିଣ. (ଅ. ଜାହିରା=ପ୍ରକାଶ୍ୟରୂପେ)—
Jāhirā　ଜାହିର (ଦେଖ)
Jāhir (See)

ପ୍ରାଦେ. (ବିହଙ୍ଗମ) ବ—ଦେବସ୍ଥଳୀର ବୃକ୍ଷାବଳୀ—
Trees growing in the precincts of a temple

ଜାହିରାତ୍—ବୈଦେ. ବ. (ଅ)—ସର୍ବସାଧାରଣଙ୍କ ଜ୍ଞାନଲାଗି ଦିଆଯିବା
Jāhirāt　ବିଜ୍ଞାପନ; ଜାହିରାତ୍ ନାମା—Public notice.

ବିଣ. (ଅ. ଜାହିର)—ପ୍ରକାଶିତ—Published.

ଜାହିରାତନାମା—ବୈଦେ. ବ (ଅ)—ଜାହିରାତ୍ (ଦେଖ)
Jāhirāt-nāmā　Jāhirāt (See).

ଜାହିରି—ଗ୍ରା. ବୈଦେ. ବ ଓ ବିଣ. (ଅ)—ଜାହିର (ଦେଖ)
Jāhiri　Jāhir (See)

ଜାହେର—ବୈଦେ. ବ ଓ ବିଣ. (ଅ. ଜାହିର)—ଜାହିର (ଦେଖ)
Jāher　Jāhir (See)

ହଜୁରଙ୍କ କସମତ ନେକନାମି ହୁକୁମରେ ଜାହେର ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଜାହ୍ନବୀ—ସଂ. ବ. ସ୍ତ୍ରୀ. (ଜହ୍ନୁ=ମୁନିବିଶେଷ+ଅପତ୍ୟାର୍ଥରେ ଅ+ସ୍ତ୍ରୀ.
Jāhnabī　ଈ)—ଗଙ୍ଗା; ଭାଗୀରଥୀ—The river Ganges.
[ଦ୍ର—ଜହ୍ନୁମୁନିଙ୍କ ଜଂଘରୁ ଗଙ୍ଗା ବାହାରି ଥିବା କଥା ପୁରାଣରେ ବର୍ଣ୍ଣିତ ଅଛି । 'ଜହ୍ନୁ' ଶବ୍ଦ ଦେଖ ।]

ଜି (ଧାତୁ)—ସଂ—୧ । ଜିଣିବା; ଜୟ କରିବା—
Ji (root)　1. To overcome; to win; to conquer.
(ଜାପି—ଜିଜଲ୍ଲାରୂପ)　୨ । ଅନ୍ୟକୁ ଯୁଦ୍ଧାଦିରେ ପରାଜିତ କରିବା—
2. To defeat; to vanquish; to subdue.

୩ । ବଶ କରିବା; ନିୟନ୍ତ୍ରିତ କରିବା—3. To curb; to restrain; to bring under control.

୪ । ଅପରାଧୀକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଦେବା—
4. To convict an accused.

୫ । ଅନ୍ୟକୁ ବଳିଯିବା—
5. To surpass; to excel.

ଜି—ସଂ. ବ. (ଜି ଧାତୁ+କର୍ତ୍ତୃ. କ୍ୱିପ୍)—ପିଶାଚ—
Ji　Demon (Apte).

ଦେ. ଢ—୧ ।(ଚଳିତଅ) 'ଜିଲ୍ଲା'ର ସାଙ୍କେତିକ ଚିହ୍ନ 'ଜି'—
1. The conventional sign of 'Jillā'.

୨ । ଜୀ (ଦେଖ)
2, Jī (See)

ଜିଅଗ୍ରାଫି—ବୈଦେ. ବି. (ଇଂ. ଜିଓଗ୍ରାଫୀ)—ଭୂଗୋଳବିଦ୍ୟା—
Jiagrāphi　Geography.

ଜିଅମେଟ୍ରି—ବୈଦେ. ବି. (ଇଂ. ଜିଓମେଟ୍ରୀ)—ଜ୍ୟାମିତି—
Jiametri　Geometry.

ଜିଅରବାର୍—ଗ୍ରା. ବୈଦେ· ବି. (ଫା. ଜେରବାର୍=କ୍ଷତିଗ୍ରସ୍ତ)—
Jiar-bār　୧ । (ଧନର) ଅପବ୍ୟୟ; ବୃଥାବ୍ୟୟ—
জেরবার　1. Waste of money.
जेरबार　୨ । କ୍ଷତି—2. Loss.

ବିଣ—୧ । ଅପବ୍ୟୟିତ—1. Waste.

୨ । ଧନର ଅପବ୍ୟୟ କରିବା ଅବସ୍ଥାରେ ପଡ଼ିଥିବା (ବ୍ୟକ୍ତି), ବ୍ୟୟଗ୍ରସ୍ତ—2. (a person) Put to wasteful expense.

୩ । କ୍ଷତିଗ୍ରସ୍ତ—
3. Sustaining loss; put to loss.

ଜିଅରବାରି—ଗ୍ରା· ବୈଦେ. ବି. (ଫା. ଜେରବାରୀ)—୧ । କ୍ଷତି—
Jiar-bāri　1. Loss.

୨ । ଅପବ୍ୟୟ—2. Waste.

୩ । ଅପବ୍ୟୟ ବା କ୍ଷତିଗ୍ରସ୍ତ ହେବା ଅବସ୍ଥା—
3. State of being put to loss or waste.

ଜିଅଲ—ଦେ. ବି. (ସଂ. ଜିଙ୍ଗିନୀ; ଜିଙ୍ଗଣୀ)—୧ । କାଣ୍ଡିମୁଳା ଗଛ—
Jiaḷa　1. A kind of tree exuding gum; Odina Wodier.

ସଂ. ନାମ—ଜିଂଗଣୀ;
ଜିଂଗିନୀ; ଝିଂଗିନୀ;　[ଦ୍ର—ଏ ଗଛ ପାହାଡ଼ ଓ ହିମାଳୟ ତଳିଆର
ଝିଂଗୀ; ସୁନିର୍ଯ୍ୟାସା　ଜଙ୍ଗଲରେ ହୁଏ । ଏ ଗଛ ଆମ୍ରାଦି ବର୍ଗର ।
ପ୍ରମୋଦିନୀ; ପାର୍ବତୀ;　ଏହାର ପତ୍ର ମହୁଲଗଛର ପତ୍ରପରି ଓ ଡାଳର
କୃଷ୍ଣଶାଲ୍ମଳୀ　୨ ପାଖରେ ଯୋଡ଼ା ଯୋଡ଼ା ପତ୍ର ଧରେ ।
ଜିଓଲ୍　ପ୍ରତିବର୍ଷ ଏ ଗଛ ପତ୍ରହୀନହୋଇଯାଏ, ଏହାର ଫୁଲ
जिगन　ଧଳା ଓ ଫଳ ବରକୋଳ ପରି । ବୈଦ୍ୟକ-
(ଜିଓଲ—ଅନ୍ୟନାମ) ମତରେ ଏହା କଷା, ସ୍ୱାଦିଷ୍ଟ ଓ ଗରମ ଅଟେ, ଏହା ବ୍ରଣ, ଅତିସାର, ବାତ ଓ ହୃଦ୍‌ରୋଗରେ ଉପକାରୀ ଓ ମୁଖର ଦୁର୍ଗନ୍ଧ ଦୂର କରେ । ଏ ଗଛରୁ ଅଜସ୍ର ଅଠା ବୁହେ ।]

୨ । ମାଗୁରଆଦି ମାଛ—
2. Fish of the Māgura species.

୩ । ଲଙ୍ଗଳମୁଣ୍ଡାର ମଝି ଫାଙ୍କ ଉପରେ ମରାଯାଇଥିବା ଲୋହଖିଅ ବା ବୁଣ୍ଡ଼ା (ଯାହା ତଳେ ଲଙ୍ଗଳଲୁହା ପଶେ)-
3. Iron staple through which the plough-share is thrust into the plough

୪ । ପ୍ରାଦେ. (ସାଜପୁର) ବି—ବଳସିବାରେ ଶୁଣ୍ଢା ଦେବା

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ' ନ ମିଳିଲେ 'ଗାଢ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜୀଅନ୍ତା ମାଛଅଦି—4. Living ait stuck to the angler's hook.

ଜିଅଲ (ଇତ୍ୟାଦ)—ବୈଦେ. ବ. (ଇଂ. ଜେଲ୍)—
Jiala (etc) ଜେଲ୍ ଇତ୍ୟାଦ (ଦେଖ)
Jel etc (See)

ଜିଅଲଜି—ଦେ. ବ. (ଇଂ. ଜିଅଲଜୀ)—ଭୂତତ୍ତ୍ୱ ବିଦ୍ୟା—
Jialaji Geology.

ଜିଆ—ଦେ. ବ.—(ସଂ. ନାମ କିଞ୍ଜୁଳକ, ମହୀଲତା, ଗଣ୍ଡୂପଦ; ତୁଲ. ସଂ.
Jiā ଜ୍ୟା=ଧନୁର ଦଉଡ଼ି)—
କେଁଚୁଆ, କେଁଚୋ ୧ । କେଞ୍ଚୁଅ; ମହୀଲତା ନାମକ କୀଟ—
केचवा, केचुआ Earth-worm.
[ଦ୍ର—ଏମାନେ ଅସ୍ଥିହୀନ କ୍ଷୁଦ୍ର ସର୍ପାକୃତି; ବର୍ଷାଦିନେ ଭୂମିରେ ବହୁତ ଦେଖାଯାନ୍ତି । ଏମାନେ ଭୂମିତଳେ ମାଟି ଖାଆନ୍ତି । ଏମାନଙ୍କୁ ପୋଡ଼ି ବା ଭାଜି ଚୂର୍ଣ୍ଣ କରି ଖାଇଲେ ସାନ୍ନିପାତିକ ତୃଷା ବନ୍ଦ ହୁଏ ।]
୨ । ମନୁଷ୍ୟ ପେଟରୁ ମଳ ସଙ୍ଗେ ବାହାରିବା ବଡ଼ କୃମି—
2. Tape-worm.
ପ୍ରାଦେ—୧ । (ବାଲେଶ୍ୱର) ବ—ଗଡ଼ିଶା (ମାଛ) (ଦେଖ)
1. Gardisā (fish) (See)
୨ । (ମେଦିନୀପୁର) ବ—ରଟା (ମାଛ) (ଦେଖ)
2. Ratā (fish) (See)
୩ । ଶିଶୁ—3. Infant.

ଜିଅଁ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜୀବ)—
Jiañ ୧ । ସନ୍ତାନ; ପିଲା—1. Child.
୨ । ବାଳକ—2. Boy.

ଜିଅଁଣିଆଁ—ଦେ. ବଣ—ଜଳର ଜମକୁ ଦେଖି ଯେଉଁ ନଦୀରେ
Jiañniañ ବନ୍ୟା ଆସିବାର ସମ୍ଭାବନା ଜଣାଯାଏ—(river) Showing prievious indications of a forthcoming flood.
(ଯଥା—ନଈ ଜିଅଁଣିଆଁ ଦେଖାଯାଉଛି ।)

ଜିଆଗଲା—ଦେ· ବଣ—ଜିଆ ଭୂମିତଳ ଭେଦ କରି ଗାଡ଼ିଥିବା
Jiā-galā (ମାଟି)—(earth) Ploughed up by
କେঁচুআখোঁড়া earth worms.
(ଜିଆତଡ଼ା—ଅନ୍ୟତମ)

ଜିଆତଡ଼ା—ଦେ. ବଣ—ଜିଆଗଲା (ଦେଖ)
Jiā-tarda Jiā-galā (See)

ଜିଆଦ—ଦେ. ବ—କ୍ଷୁଦ୍ର ମୃଗବିଶେଷ—
Jiāda A species of small deer.

ଜିଆଦା—ବୈଦେ. ବ. (ଫା. ଜ୍ୟାଦହ୍=ଅଧିକ୍ୟ; ଅଧିକ; ବହୁତ)—
Jiādā ୧ । ଆଧିକ୍ୟ; ଅଧିକତା—1. Excess.
জিয়াদা ୨ । ବଳି ପଡ଼ିବା ଅଂଶ ବା ପଦାର୍ଥ—2. Surplus.
ज़ियादती
ज़ायादा; ज़ियादा ବଣ. (ଫ. ଜ୍ୟାଦା=ଅଧିକ; ବହୁତ)—
୧ । ପ୍ରଚୁର—1. More than enough.
୨ । ଉଦ୍‌ବୃତ୍ତ; ଅଧିକା—2. Excessive.
୩ । ଅଧିକ; ବହୁତ—3. Much; many; great.

ଜିଆନାଡ଼—ଦେ. ବ—ଜିଆ (ଦେଖ)
Jiā-nārda Jiā (See)

ଜିଆପୁତା—ପ୍ରାଦେ. (ମେଦିନୀପୁର) ବ—ପୁତ୍ରଞ୍ଜୀବ (ଦେଖ)
Jiā-putā Putramjiba (See)

ଜିଆ ମାରିବା—ଦେ. ବ—ଗୋରୁଙ୍କ ଆଖିରୁ ପାଣି ବୋହିବା ରୋଗ—
Jiā māribā A cattle-disease causing watery discharge from the eyes.
[ଦ୍ର—ମନୁଷ୍ୟ ଲୁଣି ପାଣି କୁଳୁକୁଳିଆ କରି ଗୋରୁ ଆଖିକୁ ଛାଡ଼ିଲେ ଏ ରୋଗ ଭଲ ହୁଏ ।]

ଜିଆଲ୍—ପ୍ରାଦେ. (ସମ୍ବଲପୁର) ବଣ—ଯାହାରୁ ସହଜରେ ପାଣି ଶୁଖି
Jiāl ନ ଯିବା (କ୍ଷେତ ବା କିଆରି)—(a field) From which water is not soaked up easily.

ଜିଉ—ପ୍ରାଦେ. (ମେଦିନୀପୁର) ବ. (ସଂ. ଦ୍ୟୂତ)—ବିବାହ ସମୟରେ
Jiu ବରକନ୍ୟାଙ୍କର କଉଡ଼ି ଖେଳ; ଜୁଆ ଖେଳ—
The game of cowries (sea-shells) played by the bride and the bridegroom during marriage.
ବୈଦେ. ବ. (ହିନ୍ଦୁ.)—ଯୀହୁଦି (ଦେଖ)
Jihudi (See)
ଦେ. ବ. (ସଂ. ଜୀବ)—ଜୀ (ଦେଖ)—Jī (See)

ଜିଉଁତିଆ—ପ୍ରାଦେ. (ସମ୍ବଲପୁର) ବ—ଜିଉନ୍ତିଆ (ଦେଖ)
Jiuñtiā Jiuntiā (See)

ଜିଉଦି—ବୈଦେ. ବ. (ହିନ୍ଦୁ.)—ଯୀହୁଦି (ଦେଖ)
Jiudi Jihudi (See)

ଜିଉନା—ପ୍ରାଦେ. (ଜାଜପୁର) ବ. (ସଂ. ଜୀବନ)—ଧନ; ଅର୍ଥ—
Jiunā Money.

ଜିଉନ୍ତିଆ—ପ୍ରାଦେ. (ସମ୍ବଲପୁର) ବ. (ସଂ. ଜୀବାଷ୍ଟମୀ ବା ଜୀମୂତାଷ୍ଟମୀ;
Jiuntiā ତୁଲ. ଏହି ଅର୍ଥରେ ହିନ୍ଦି ଏହି ଶବ୍ଦ)—
ଜୀବାଷ୍ଟମୀ; ଆଶ୍ୱିନ କୃଷ୍ଣାଷ୍ଟମୀ ବ୍ରତ—
A religious vow observed on the 8th of the dark fortnight of Āswina.
୨ । ଆଶ୍ୱିନ ଶୁକ୍ଳ ସପ୍ତମୀ ଦିନ (ଭାଇଜିଉନ୍ତିଆ) ଓ ଭାଦ୍ର ଶୁକ୍ଳ ଷଷ୍ଠୀ ଦିନ (ପୁଅଜିଉନ୍ତିଆ) ସ୍ତ୍ରୀ ଲୋକମାନେ କରିବା ବ୍ରତ—2. A religious vow observed by women having brothers on the 7th day of the light fortnight of Āswina and by those having sons on the 6th day of the light fortnight of Bhādra.

୧	ଇ	ଉ	ଋ,ଋ	ୠ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଞ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ଦ୍

[ଦ୍ର—ପୁଅଜିଉନ୍ତିଆ ପାଳବା ସ୍ତ୍ରୀମାନେ ଏହି ବ୍ରତରେ ବେକରେ ଯୋଉଁ ଗଣ୍ଠିଦିଆ ସୂତା (ରକ୍ଷା କବଚ) ପିନ୍ଧନ୍ତି, ଭାଦ୍ର ଶୁକ୍ଳ ଅଷ୍ଟମୀରେ ଓଡ଼ିଶାରେ ସ୍ତ୍ରୀ ଲୋକମାନେ ଉପାସ କରନ୍ତି ।]

୩ । ଉକ୍ତ ବ୍ରତ ପାଳନ କର ବା ସ୍ତ୍ରୀମାନେ ବେକରେ ଯେଉଁ ରକ୍ଷାକବଚ ପିନ୍ଧନ୍ତି—2 The sacred string worn round the neck by matrous observing the above vow.

ଜିଉଳ—ଦେ. ବି—୧ । ମାଗୁର ଆଦି ମାଛ—
Jiula 1. Species of fish comprising the
ଜିଓଲୀ, जियल Māgura kind; fishes of the miscellaneous species.

୨ । ଜିଅଳ ଗଛ; କାଣ୍ଡି ମୂଳାଗଛ—
2. Odina Wodier (tree).

ଜିଉଳୀ—ଦେ. ବି—ଜିଉଳ (ଦେଖ)
Jiuli Jiula (See)

ଜିଓଗ୍ରାଫୀ—ବୈଦେ. ବି. (ଇଂ)—ଭୂଗୋଳ ବିଦ୍ୟା—
Jiography Geography.
জিওগ্রাফী
जिओग्राफी

ଜିଓମେଟ୍ରୀ—ବୈଦେ. ବି. (ଇଂ)—ଜ୍ୟାମିତି—
Jiometri Geometry.
জিওমেটী
जिओमेट्री

ଜିଓଳ—ଦେ. ବି—ଜିଉଳ (ଦେଖ)
Jiola Jiula (See)

ଜିଓଲଜି—ବୈଦେ. ବି. (ଇଂ)—ଭୂତତ୍ତ୍ୱ ବିଦ୍ୟା—
Jiolaji Geology.
জিওলজী
जिओलजी

ଜିକ୍‌ଜିକ୍—ଦେ. ବି. (ସଂ. ଶୁଭ୍ରତା)—
Jik-jik ଶୁଭ୍ରତା—Brilliance.
চিকচিক ଦେ. ବିଣ—ଚକଚକ; ଚକ୍‌ଚକ୍—
जगमग Shining; brilliance.
ଦେ. କ୍ରି. ବିଣ—ଚକଚକ ହୋଇ—Brilliantly.

ଜିକ—ଦେ. ବି—ଜବ; ଶୁଭ୍ରତା—
Jika Brilliance.
চিকচিকানি
जगमगाहट

ଜିକର—ବୈଦେ. ବି. (ଫା. ଜିକ୍‌ର=ଚର୍ଚ୍ଚା)—
Jikar ୧ । ସୂଚନା—1. Indication.
জিকর ୨ । ପ୍ରସଙ୍ଗ—2. Reference.

जिक्र (ଯଥା—ଅବ ପୃଷ୍ଠାର ଅନ୍ତରେ ଏ ପୃଷ୍ଠାର ଜିକର ଲେଖାଯିବ ।)

ପ୍ରାଦେ. (ସମ୍ବଲପୁର) ବି—ଜିଗର (ଦେଖ)
Jigara (See)

ଜିକିଜିକି—ଦେ. ବିଣ ଓ କ୍ରି. ବିଣ—ଜିକ୍‌ଜିକ୍ (ଦେଖ)
Jiki-jiki Jikjik (See)

ଜିଗମିଷା—ସଂ. ବି. (ଗମ୍ ଧାତୁ=ଯିବା+ଇଚ୍ଛା ଅର୍ଥରେ ସନ୍—ଗମିଷ
Jigamishā ଧାତୁ+ଭାବ, ଅ+ଆ)—ଗମନେଚ୍ଛା; ଗମନ କରିବାର ଇଚ୍ଛା—Intention of going.

ଜିଗମିଷିତ—ସଂ. ବିଣ. (ଜିଗମିଷ ଧାତୁ=ଗମନ କରିବାକୁ ଇଚ୍ଛା+କର୍ତ୍ତୃ
Jigamishita ତ କମ୍ପା ଜିଗମିଷା+ସଞ୍ଜାତାର୍ଥେ. ଇତ)—
ଜିଗମିଷୁ (ଦେଖ)
Jigamishu (See)

ଜିଗମିଷୁ—ସଂ. ବିଣ. (ଗମ ଧାତୁ+ଇଚ୍ଛା ଅର୍ଥରେ ସନ୍+କର୍ତ୍ତୃ. ଉ)
Jigamishu ଗମନେଚ୍ଛୁ; ଯିବାପାଇଁ ଇଚ୍ଛୁକ—Intent or bent upon going.

ଜିଗର—ବୈଦେ. ବି.—୧ । ଫା. ଜିଗର=କଲିଜା; ମନ)—
Jigara ନିର୍ବନ୍ଧାତିଶୟ୍ୟ—1. Importunity.
জিগর, জিগির ୨ । ବାରମ୍ବାର ଅନୁରୋଧ—2. Repeated
जिगर request or insistence.
୩ । ଯିଦ; ଜିଦ—3. Zid.
ଜିକାଣି ଚମ୍ପୁକଥା ସକାଶେ ଏବେ ଜିଗର କାହିଁକି ?
ଜଗନ୍ନାଥଚରଣ. ସଦାରଙ୍ଗ ।
୪ । ବିଶେଷଭାବରେ ଉଲ୍ଲେଖ—4. Specific mention; mentioning a thing by giving stress on it.
୫ । ଜିକର (ଦେଖ)
5. Jikar (See)

ଜିଗର କରିବା—ଦେ. କ୍ରି.—୧ । ବାରମ୍ବାର ପ୍ରାର୍ଥନା, ଅନୁରୋଧ ବା
Jigara karibā ଅଳି କରିବା; କୌଣସି କଥା ପାଇଁ ଯିଦ୍
জিগর করা, জিগরলগান କରିବା—1. To insist on a thing,
जिगर करना to importune.
୨ । ବାରମ୍ବାର କଥା କହି ବିରକ୍ତ କରିବା—
2. To tease by incessant taking.

ଜିଗରଦସ୍ତ—ବୈଦେ. ବିଣ. (ଫା)—ଜିଗରଦାରୁ (ଦେଖ)—
Jigara-dast Jigara-dār (See)

ଜିଗରଦସ୍ତି—ଦେ. ବି.—ଜିଗରଦାରି (ଦେଖ)
Jigara-dasti Jigara-dāri (See)

ଜିଗରଦାରୁ—ବୈଦେ. ବିଣ. (ଫା.: ଜିଗର୍‌ଦାର୍)—୧ । ଯିଦଖୋରୁ;
Jigara-dār ଏକ ଗୁଣ୍ଡିଆ, ଏକଜିଦିଆ—
জিগরদাব; জিগরবাজ 1. Headstrong; perverse;
जगरदार importunate; pertinacious.

ସାଧାରଣ ଲେକେ ଅପର ପୃଷ୍ଠାରେ ମତଳ ୧ ଚିହ୍ନିତ ଅକ୍ଷର ଓ ମହା ଏବେ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ପରସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଥଇଟ' ନ ପାଇଲେ 'ଥଇଟ୍' ଦେଖିବେ

୨। ବରକୁକାଣୀ—2. Teasing.

ଜିଗରଦାରି—ଦେ. ବି. (ଫା ଜିଗରଦାର)—ଏକଜିଦିଆ ଖୋଇ— Jigara-dāri Headstrong nature.
ଜିଗରଦାରୀ
जिगरदारी

ଜିଗରବାଜ—ବୈଦେ. ବଣ. (ଫା. ଜିଗର୍‌ବାଜ୍)—ଜିଗର୍‌ଦାର (ଦେଖ)
Jigara-bāj Jigar-dār (See)
জিগরবাজ
जिगरबाज

ଜିଗରବାଜି—ଦେ. ବି.—ଜିଗରଦାରି (ଦେଖ)
Jigarabāji Jigaradāri (See)
জিগরবাজি
जिगरबाजी

ଜିଗର ଲଗା(ଗେ)ଇବା—ଦେ. କ୍ରି—ଜିଗର କରିବା (ଦେଖ)
Jigara lagā(e)ibā Jigara karibā (See)

ଜିଗରିଆ—ଦେ. ବଣ—ଜିଗରଦାର (ଦେଖ)
Jigariā Jigara-dār (See)

ଜିଗିର୍ (ଇତ୍ୟାଦି)—ବୈଦେ. ବି. (ଫା.)—ଜିଗର ଇତ୍ୟାଦି (ଦେଖ)
Jigir (etc) Jigara etc (See)

ଜିଗୀଷା—ସଂ. ବି. ସ୍ତ୍ରୀ (ଜି ଧାତୁ=ଜିଣିବା+ଇଚ୍ଛା ଅର୍ଥରେ ସନ୍ ଜିଗୀଷ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Jigishā
୧। ଜୟ କରିବାର ଇଚ୍ଛା; ଜୟାଭିଳାଷ—
1. Wish to conqner; desire for conquering or excelling.
୨। ଯୁଦ୍ଧପ୍ରିୟତା—2. Martial spirit; military ardour
୩। ଉଦ୍ୟମ—3. Special effort; emulation.
୪। ଉତ୍କର୍ଷ; ପ୍ରକର୍ଷ—4. Excellence.
୫। ଉଚ୍ଚାଭିଳାଷ—5. Ambition.
୬। ପ୍ରତିଦ୍ୱନ୍ଦ୍ୱିତା—6. Rivalry.

ଜିଗୀଷିତ—ସଂ. ବଣ. (ଜିଗୀଷା+ସଞ୍ଜାତ ଅର୍ଥରେ ଇତ)—
Jigishita ଜିଗୀଷୁ (ଦେଖ)
Jigishu (See)

ଜିଗୀଷୁ—ସଂ. ବଣ. (ଜି ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jigishu ୧। ଜୟୋତ୍ସୁକ; ଜୟ କରିବାର ଇଚ୍ଛାଯୁକ୍ତ—
1. Striving [to] conquer; desirous of conquering.
୨। ଉଦ୍ୟମୀ; ଉଦ୍ୟମଶୀଳ—
2. Energetic; resourceful.
୩। ଜୟର ବା ଉତ୍କର୍ଷଲାଭପାଇଁ ଇଚ୍ଛୁକ—
3. Having desire to excel; emulating.
୪। ଉଚ୍ଚାଭିଳାଷୀ—4. Ambitious.

୫। ଯୁଦ୍ଧପ୍ରିୟ—5. Martial.

ଜିଘତ୍ସା—ସଂ. ବି. ସ୍ତ୍ରୀ. (ଅଦ୍ ଧାତୁ+ଖାଇବା+ଇଚ୍ଛାର୍ଥରେ ସନ୍= ଜିଘତ୍ସ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—୧। ଭୋଜନେଚ୍ଛା—
Jighatsā
1. Wish or desire for eating.
୨। କ୍ଷୁଧା 2. Hunger; appetite.
୩। ଚେଷ୍ଟା—3. Striving for.

ଜିଘତ୍ସିତ—ସଂ. ବଣ. (ଜିଘତ୍ସା+ସଞ୍ଜାତାର୍ଥେ ଇତ)—
Jighatsita ୧। ବୁଭୁକ୍ଷୁ; ଭୋଜନେଚ୍ଛୁ—
1. Desirous of eating.
୨। କ୍ଷୁଧିତ—2. Hungry.

ଜିଘତ୍ସୁ—ସଂ. ବଣ. (ଅଦ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jighatsu ଜିଘତ୍ସିତ (ଦେଖ)
Jighatsita (See)

ଜିଘାଂସ—ଦେ. ବି. (ପଦ୍ୟ) (ସଂ. ଜିଘାଂସା)—ଜିଘାଂସା (ଦେଖ)
Jighāmsa Jighāmsā (See)
କର୍ମୋଗୀ ସେ ପରମହଂସ
ତାହାଙ୍କୁ ନ କର ଜିଘାଂସ। ଜଗନ୍ନାଥ. ଭାଗବତ।

ଜିଘାଂସା—ସଂ. ବି. ସ୍ତ୍ରୀ. (ହନ୍ ଧାତୁ=ବଧ କରିବା+ଇଚ୍ଛାଅର୍ଥରେ ସନ୍
Jighāmsā =ଜିଘାଂସ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
୧। ହନନେଚ୍ଛା; ବଧ କରିବାର ଇଚ୍ଛା—
1. A desire to kill or injure.
୨। ବଧ କରିବାର ଚେଷ୍ଟା—2. Endeavour to kill.
୩। ଶତ୍ରୁତା—3. Enmity.
୪। ପ୍ରତିହିଂସା—4. Malice; revenge; rancour.

ଜିଘାଂସାବୃତ୍ତି—ସଂ. ବି (ଜିଘାଂସା+ବୃତ୍ତି)—ଜୀବହତ୍ୟା କାର୍ଯ୍ୟ; ଜୀବହିଂସା—
Jighāmsā-brutti Killing animals; habitual desire to take life or kill animals.

ଜିଘାଂସିତ—ସଂ. ବଣ. (ଜିଘାଂସା+ସଞ୍ଜାତ ଅର୍ଥରେ ଇତ)—
Jighāmsita ଜିଘାଂସୁ (ଦେଖ)
(ଜିଘାଂସିତା—ସ୍ତ୍ରୀ) Jighāmsu (See)
୨। (ଜିଘାଂସ୍ ଧାତୁ+କର୍ମ. ତ)—ଯାହାକୁ ମାରି ପକାଇବାକୁ ଅନ୍ୟ ଲୋକ ଚେଷ୍ଟା ବା ଇଚ୍ଛା କରୁଥାଏ—
2. Sought to be killed or injured.

ଜିଘାଂସିବା—ଦେ. କ୍ରି. (ସଂ. ଜିଘାଂସା=ଶତ୍ରୁତା; ପ୍ରତିହିଂସା)—
Jighāmsibā ୧। ଝିଙ୍ଗାସିବା; ତାଚ୍ଛଲ୍ୟପୂର୍ବକ ଗାଳିଦେବା—
তুচ্ছতাচ্ছিল্য করা 1. To rebuke; to taunt.
नक्क बढ़ाना
୨। ଘୃଣାପ୍ରକାଶପୂର୍ବକ ଗାଳିଦେବା—
2. To rebuke with contempt.
୩। ବାରମ୍ବାର ଗାଳିଦେବା—
3. To rebuke repeatedly.

୧	ଇ	ଜ	ର,ଋ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇସ୍	ଉଅ	ଢ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ଦ

୪ । ଉପହାସ କରିବା—
4. To sneer at; to deride.

ଜିଘାଂସୁ—ସଂ. ବିଣ (ହନ୍ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jighāmsu ୧ । ହନନେଚ୍ଛୁ—1. Desirous of killing.
୨ । ହିଂସାପରାୟଣ—2. Malicious; revengeful.

ଜିଘୃକ୍ଷା—ସଂ. ବିଣ (ଗ୍ରହ ଧାତୁ=ଗ୍ରହଣ କରିବା+ଇଚ୍ଛାର୍ଥରେ ସନ୍=ଜିଘୃକ୍ଷ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—
Jighrukshā ୧ । ଗ୍ରହଣ କରିବାର ଇଚ୍ଛା—
1. A desire for taking.
୨ । ଲୋଭ—2 Greediness, avarice.

ଜିଘୃକ୍ଷିତ—ସଂ. ବିଣ (ଗ୍ରହ ଧାତୁ+ଇଚ୍ଛାର୍ଥରେ ସନ୍=ଜିଘୃକ୍ଷ ଧାତୁ+କର୍ତ୍ତୃ. ତ; କିମ୍ବା ଜିଘୃକ୍ଷା+ସଞ୍ଜାତାର୍ଥେ. ଇତ)—
Jighrukshita ଗ୍ରହଣେଚ୍ଛୁ—Desirous of taking (something); avaricious.

ଜିଘୃକ୍ଷୁ—ସଂ. ବିଣ (ଗ୍ରହ ଧାତୁ+ଇଚ୍ଛାର୍ଥରେ ସନ୍+କର୍ତ୍ତୃ. ଉ)—
Jighrukshu ଜିଘୃକ୍ଷିତ (ଦେଖ)
Jighrukshita (See).

ଜିଘ୍ନସେଣୀ—ଗ୍ରା. ବି. ସ୍ତ୍ରୀ (ସଂ. ଯାଜ୍ଞସେନୀ)—ଦ୍ରୌପଦୀ—
Jighna-seni Draupadi; the wife of the 5 Pāndaba-brothers.

ଜିଘ୍ର—ସଂ. ବିଣ. ପୁଂ (ଘ୍ରା ଧାତୁ=ଗନ୍ଧ ଗ୍ରହଣକରିବା+କର୍ତ୍ତୃ. ଅ)—
Jighra ୧ । ଘ୍ରାଣକାରୀ—1. Smelling.
(ଜିଘ୍ରା—ସ୍ତ୍ରୀ) ୨ । ସନ୍ଦେହକାରୀ—2. Suspecting.
୩ । ଅନୁମାନକାରୀ—3. Guessing; conjecturing.

ଜିଘ୍ରିବା—ଦେ. କ୍ରି. (ସଂ. ଜିଘ୍ର)—ବାସିବା—To smell.
Jighribā
ଦେଖା ମୁଖ ଜିଘ୍ରଇ ଅଧର—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଜିଙ୍କ୍—ବୈଦେ. ବି (ଇଂ. ଜିଙ୍କ୍, Zinc.)—
Jink ଦସ୍ତା ଧାତୁ—Zinc.
.यिंक [ଦ୍ର ଇଂରାଜିର 'Z' ଜେଡ୍ ଅକ୍ଷରର ଉଚ୍ଚାରଣର ସମାନ
जिङ्क ଉଚ୍ଚାରଣ ଯୁକ୍ତ ଅକ୍ଷର ଓଡ଼ିଆ ବା ସଂସ୍କୃତରେ ନ ଥିବାରୁ Z ଅକ୍ଷରକୁ ଓଡ଼ିଆରେ 'ଜ' ଅକ୍ଷର ଲେଖି ଚଳାଇବାକୁ ହେବ ।]

ଜିଙ୍ଗଣୀ—ସଂ. ବି.—ଜିଅଲ ୧ (ଦେଖ)
Jingani Jiala (See)
(ଜିଙ୍ଗିନୀ—ଅନ୍ୟରୂପ)

ଜିଙ୍ଗୀ—ସଂ. ବି. ସ୍ତ୍ରୀ (ଜିଙ୍ଗ=ଗମନ; ଜି ଧାତୁ=ଜୟକରିବା+କର୍ତ୍ତୃ. ଇ; ଯେ ସମସ୍ତ ତରୁଲତାଙ୍କୁ ଜୟ କରେ)—
Jingi ମଞ୍ଜିଷ୍ଠା (ଦେଖ)
Mañjishthā (See)

ଜିଜିଆ—ବୈଦେ. ବି (ଫା. ଜିଜ୍ୟା)—ମୁସଲମାନ୍ ସମ୍ରାଟଙ୍କ ଅମଳରେ
Jijiā ଭାରତବର୍ଷର ଅମୁସଲମାନ ପ୍ରଜାଙ୍କଠାରୁ ଆଦାୟ କରାଯିବା
जिजिया କର ବା ଟିକସ—A poll-tax or capitation-tax
जिजिया levied from non-Mahomedans or infidels by the Mahomedan emperors of India.
[ଦ୍ର—ମୋଗଲ ସମ୍ରାଟ ଆକବର ଏହି ପ୍ରଥା ଉଠାଇ ଦେଇଥିଲେ, ମାତ୍ର ଆଓରଙ୍ଗଜେବ ପୁଣି ଏହା ଚଳାଇ ହିନ୍ଦୁମାନଙ୍କର ଅପ୍ରିୟ ହୋଇଥିଲେ ।]

ଜିଜୀବିଷା—ସଂ. ବି. ସ୍ତ୍ରୀ. (ଜୀବ୍ ଧାତୁ=ବଞ୍ଚିବା+ଇଚ୍ଛାର୍ଥରେ ସନ୍=ଜିଜୀବିଷ ଧାତୁ+ଭାବ. ଅ+ଆ)—
Jijibishā ୧ । ଜୀଇଁ ରହିବାର ଇଚ୍ଛା—
1. A desire for living.
୨ । ଜୀବନ ପ୍ରତି ମାୟା—2. Love of life.

ଜିଜୀବିଷୁ—ସଂ. ବିଣ. (ଜୀବ୍ ଧାତୁ+ଇଚ୍ଛାର୍ଥରେ. ସନ୍+କର୍ତ୍ତୃ. ଉ)—
Jijibishu ୧ । ବଞ୍ଚି ରହିବାକୁ ଇଚ୍ଛୁକ—1. Desirous of living.
୨ । ଦୀର୍ଘଜୀବନକାମୀ—2. Desiring a long life.

ଜିଜ୍ଞାସ୍ (ଧାତୁ)—ସଂ. (ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍)—
Jijñās (root) ୧ । ଜାଣିବାକୁ ଇଚ୍ଛା କରିବା—
1. To wish to know.
୨ । ଅନୁସନ୍ଧାନ କରିବାକୁ ଇଚ୍ଛା କରିବା—
2. To wish to enquire.

ଜିଜ୍ଞାସକ—ସଂ. ବିଣ. ପୁଂ. (ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍+କର୍ତ୍ତୃ. ଅକ)—୧ । ଯେ କୌଣସି ବିଷୟ ଜାଣିବାକୁ ଇଚ୍ଛୁକ ହୋଇ ପ୍ରଶ୍ନ କରେ—
Jijñāsaka
(ଜିଜ୍ଞାସିକା—ସ୍ତ୍ରୀ)
1. Desirous of knowing anything; inquisitive.
୨ । ପ୍ରଶ୍ନକାରୀ—
2. One who questions; interrogating.

ଜିଜ୍ଞାସନ—ସଂ. ବି. (ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍+ଭାବ. ଅନ)—
Jijñāsana ୧ । ପ୍ରଶ୍ନକରଣ—1. Questioning.
୨ । ଅନୁସନ୍ଧାନ—2. Enquiry; investigation.

ଜିଜ୍ଞାସନୀୟ—ସଂ. ବିଣ. (ଜିଜ୍ଞାସ୍ ଧାତୁ+କର୍ମ. ଅନୀୟ)—
Jijñāsaniya ଜିଜ୍ଞାସ୍ୟ (ଦେଖ)—Jijñāsya (See)

ଜିଜ୍ଞାସମାନ—ସଂ. ବିଣ. ପୁଂ. [ଜ୍ଞା ଧାତୁ+ଇଚ୍ଛାର୍ଥରେ. ସନ୍+କର୍ତ୍ତୃ. ଅନ (ଶାନଚ୍)]—
Jijñāsamāna
(ଜିଜ୍ଞାସମାନା—ସ୍ତ୍ରୀ) ୧ । ଜିଜ୍ଞାସୁ; ଯେ ପ୍ରଶ୍ନ କରୁଅଛି—
1. Questioning or enquiring about.
୨ । ଅନୁସନ୍ଧିତ୍ସୁ—2. Inquisitive.

ଜିଜ୍ଞାସା—ସଂ. ବି. ସ୍ତ୍ରୀ. (ଜ୍ଞା ଧାତୁ=ଜାଣିବା+ଇଚ୍ଛାର୍ଥରେ. ସନ୍+ଭାବ. ଅ+ଆ)—
Jijñāsā

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଂଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଂକ' ନ ପାଇଲେ 'ଅଲଙ୍କ' ଦେଖିବେ

ଜିଜ୍ଞାସିତ / ଜିଜ୍ଞାସ୍ୟ / ଜିଜ୍ଞାସମାନ } ବିଣ
୧ । ଜାଣିବାର ଇଚ୍ଛା— 1. A desire for knowledge.
୨ । ଅନୁସନ୍ଧାନ— 2. Search; investigation.
୩ । ପ୍ରଶ୍ନ—3. Question; query.
୪ । ପରୀକ୍ଷା; ପରୀକ୍ଷା—
4. Test; examination.
୫ । ଅନୁସନ୍ଧାନ କରିବାର ଇଚ୍ଛା—
5. Inquisitiveness.
୬ । କୌତୂହଳ—6. Curiosity.

ଜିଜ୍ଞାସା କରିବା— ଦେ. କ୍ରି—୧ । ପ୍ରଶ୍ନ କରିବା; ପଚାରିବା—
Jijñāsā kariba 1. To ask; to question.
জিজ্ঞাসা করা ୨ । ଅନୁସନ୍ଧାନ କରିବା—
जिज्ञासा करना 2. To investigate; to enquire.

ଜିଜ୍ଞାସାବାଦ— ସ. ବି. (ଜିଜ୍ଞାସା + ବଦ୍ ଧାତୁ + ଭାବ. ଅ)— ଜିଜ୍ଞାସା
Jijñāsā-bāda ଓ ବାର୍ତ୍ତା; ସମ୍ବାଦ ଦାନ ଓ ଗ୍ରହଣ; ଆଳାପ—
Exchange of news; question and answer; series of interrogatories and replies.

ଜିଜ୍ଞାସାର୍ହ—ସଂ. ବିଣ. (ଉପପଦ ତତ୍, ଜିଜ୍ଞାସା + ଅର୍ହ)—
Jijñāsārha ୧ । ଜିଜ୍ଞାସାର ଯୋଗ୍ୟ (ବିଷୟ)—1. (matter) Worth asking about or enquiring after.
୨ । ପ୍ରଶ୍ନ କରିବାର ଉପଯୁକ୍ତ (ବ୍ୟକ୍ତି)—
2. (person) Fit to be questioned or asked.

ଜିଜ୍ଞାସିତ—ସଂ. ବିଣ. (ଜ୍ଞା ଧାତୁ + ଇଚ୍ଛାର୍ଥରେ. ସନ୍ = ଜିଜ୍ଞାସ୍ ଧାତୁ + କର୍ମ. ତ)—
Jijñāsita
୧ । ଯାହାକୁ ପ୍ରଶ୍ନ କରାଯାଏ—
1. (a person) Questioned; asked.
୨ । ଯେଉଁ ବିଷୟରେ ପ୍ରଶ୍ନ କରାଯାଏ—2. (a matter) Enquired after; sought after.

ଜିଜ୍ଞାସିବା—ଦେ. (ପଦ୍ୟ) କ୍ରି. (ସଂ. ଜିଜ୍ଞାସ୍ ଧାତୁ)—ଜିଜ୍ଞାସା କରିବା;
Jijñāsibā ଅନୁସନ୍ଧାନ କରିବା—To enquire.
জিজ্ঞাসা ଫଳ ଜିଜ୍ଞାସିଲେ ନୃପ ସ୍ୱପ୍ନବନ୍ତ ବୁଝେ ତହିଁ—
जिज्ञासना ରଘୁନାଥ, ନନ୍ଦକେଶ୍ୱର ।

ଜିଜ୍ଞାସୁ – ସଂ. ବିଣ. (ଜ୍ଞା ଧାତୁ+ଇଚ୍ଛାର୍ଥରେ ସନ୍ + କର୍ତ୍ତୃ. ଉ)
Jijñāsu ୧ । ଜିଜ୍ଞାସାକାରୀ; ପ୍ରଶ୍ନକାରୀ —
1. Inquisitive; enquiring.
୨ । ଜାଣିବାକୁ ଇଚ୍ଛୁକ ବା ଅଭିଳାଷୀ—
2. Desirous of knowing; wishing to know.
୩ । ମୁମୁକ୍ଷୁ; ଆତ୍ମମୁକ୍ତି କାମନାରେ ତତ୍ତ୍ୱଜିଜ୍ଞାସୁ—
3. Desirous of getting absolution; inquisitive after the truth of salvation.

ଜିଜ୍ଞାସ୍ୟ—ସଂ. ବିଣ. (ଜ୍ଞା ଧାତୁ + ଇଚ୍ଛାର୍ଥରେ ସନ୍ = ଜିଜ୍ଞାସ୍ ଧାତୁ + କର୍ମ. ଯ)—
Jijñāsya
୧ । ଜିଜ୍ଞାସାର ବିଷୟୀଭୂତ—
1. Subject of question.
୨ । ପ୍ରଶ୍ନର ଯୋଗ୍ୟ; ଅନୁସନ୍ଧେୟ—
2. Fit to be questioned or enquired into; worthy of investigation.
୩ । ଯେଉଁ ବ୍ୟକ୍ତିକୁ ପଚାରିବା ଉଚିତ—
3. (person) Fit who asked questions.

ଜିଜ୍ଞାସ୍ୟମାନ—ସ.ବିଣ.ପୁଂ. (ଜ୍ଞା ଧାତୁ + ଇଚ୍ଛାର୍ଥରେ ସନ୍ + କର୍ମ.ଅନ)-
Jijñāsyamāna ୧ । ଯାହା ସମ୍ବନ୍ଧରେ ପ୍ରଶ୍ନ ବା ଅନୁସନ୍ଧାନ କରା
(ଜିଜ୍ଞାସ୍ୟମାନା—ସ୍ତ୍ରୀ) ଯାଉଅଛି —1. Subject of enquiry.
୨ । ଯେଉଁ ବିଷୟରେ ଅନୁସନ୍ଧାନ ଚାଲୁଅଛି—
2. The subject-matter under enquiry; which is being enquired about.

ଜିଞ୍ଜର୍ ବିଅର୍—ବୈଦେ. ବି. (ଇଂ)—ଅଦାରସ ମିଶିଥିବା ପାନୀୟବିଶେଷ-
Jiñjar biar Ginger beer.
জিংজর বিয়ার
जिंजर बियार

ଜିଞ୍ଜରେଡ୍—ବୈଦେ. ବି. (ଇଂ)—ଅଦାରସ ମିଶା ପାନୀୟବିଶେଷ—
Jiñjared Gingerade.
জিংজরেড়
जिंजरेड
(ଜିଞ୍ଜରେଟ୍—ଅନ୍ୟରୂପ)

ଜିଞ୍ଜିର (ଇତ୍ୟାଦି)— ବୈଦେ. ବି. (ଫା)—ଜଞ୍ଜିର ଇତ୍ୟାଦି (ଦେଖ)
Jiñjira (etc) Jañjira etc. (See)

ଜିଞ୍ଜିରା (ଇତ୍ୟାଦି)—ବୈଦେ. ବି. (ଫା)—ଜଞ୍ଜିର ଇତ୍ୟାଦି (ଦେଖ)
Jiñjirā (etc) Jañjira etc. (See)

ଜିଞ୍ଜିରି (ଇତ୍ୟାଦି)—ବୈଦେ. ବି. (ଫା)—ଜଞ୍ଜିର ଇତ୍ୟାଦି (ଦେଖ)
Jiñjiri (etc) Jañjira etc. (See)

ଜିଡ଼—ଦେ. ବି. (ସଂ. ଜଟୀ)—ପ୍ଲକ୍ଷ ବୃକ୍ଷ; ବଟ ଜାତୀୟ ବୃକ୍ଷବିଶେଷ—
Jirḍa The waved leafed fig tree.
পাকুড়
पाकर

ଜିଡ଼ା—ପ୍ରାଦେ. (କଟକ) ବିଣ—ଠିଆ; ଦଣ୍ଡାୟମାନ—
Jirḍā Standing.

ଜିଣ—ଦେ. ବି. (ସଂ. ଜି ଧାତୁ; ପ୍ରା. ଜିଣ ଧାତୁ=ଜୟ କରିବା; ସଂ.ଜିତ)—ଜୟଲାଭ—Victory.
Jiṇa
জিত (ଯଥା—ବୀର ପୁରୁଷର ଜୀବନରେ ହାରି ଜିଣ ସଦା-
जीत ସର୍ବଦା ଲାଗି ରହିଛି ।)
(ହାରି—ପରାଜୟ)

୧	ଇ	ଉ	ର୍,ର୍	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ଦ୍ବ

ଜିଣନ୍ତା—ଗ୍ରା. ବଣ. (ସଂ. ଜେତା)—
Jiṇantā ଜେତା; ଯେ ଜୟଲାଭ କରେ—
জেতা Winning; victorious.
जीतनेवाला ତୃଷ୍ଣା କହୁଥିଲେ ମୋତେ ଜିଣନ୍ତା ନୋହିବେ ତୋତେ
ଯୁବତୀ ସକାଶୁଁ ମୃତ୍ୟୁ ହେବ ତୋହର ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଜିଣା—ଦେ. ବି. (ଜି ଧାତୁ; ପ୍ରା. ଜିଣ ଧାତୁ)—
Jiṇā ୧ । ଯୁଦ୍ଧରେ ଜୟ—1. Victory.
জিতা, জেতা ୨ । ଖେଳରେ ଜୟଲାଭ—
जीतना, जीत 2. Winning in a game.
(ଉପସର୍ଗ—ହାର) ୩ । ଜୟଲାଭର ଫଳରେ କୌଣସି ବସ୍ତୁର ପ୍ରାପ୍ତି-
3. Aquisition of a thing by conquest.

ଦେ. ବଣ—୧ । ଜୟକାରୀ; ଜୟୀ—
1. Victorious; winning.
ଆହାରବ ଗୁଣରେ ତାହାଙ୍କୁ ସେ ଜିଣା । କୃଷ୍ଣସିଂହ. ମହାଭାରତ. ବନ ।
୨ । ଜୟଲବ୍ଧ; ଯେଉଁ ପଦାର୍ଥକୁ ଅନ୍ୟଠାରୁ ଜୟ କରି ଅଣାଯାଇ ଥାଏ—2. Got as a result of conquest.
୩ । ଜିତ; ଯାହାକୁ ଜୟ କରାଯାଇ ଥାଏ—
3 Won; conquered.
୪ । ପରାଜିତ—4. Vanquished.
୫ । ଶ୍ରେଷ୍ଠ—5. Chief; prominent.
ବ୍ରହ୍ମା ସୁତ ନାରଦ ଋଷିଙ୍କରେ ଜିଣା । କୃଷ୍ଣସିଂହ. ମହାଭାରତ. ବନ ।

ଜିଣା(ଣେ)ଇବା—ଦେ. କ୍ରି (ସଂ. ଜି ଧାତୁ; ଜିଣିବା କ୍ରିୟାର ଣିଜନ୍ତ ରୂପ)—
Jiṇā(ṇe)ibā ୧ । କୌଣସି ବ୍ୟକ୍ତିକୁ ଜୟୀ କରାଇବା—
জিতান, জেতান 1. To cause a person to gain victory.
जीतवाना
୨ । କୌଣସି ବ୍ୟକ୍ତିକୁ ଜୟୀ ହେବାର ଉପାୟ ବା ସୁବିଧା କରିଦେବା—2. To put a person in the way of conquering.

ଜିଣା କରିବା—ଦେ. କ୍ରି. (ପଦ୍ୟ)—ଜିଣିବା (ଦେଖ)
Jiṇā karibā Jiṇibā (See)
ଯେଉଁମାନେ କରେ ଅଛନ୍ତି ଧରି ବୀଣା
ଗାଉଛନ୍ତି କୋକିଳର ସ୍ୱର କରି ଜିଣା । କୃଷ୍ଣସିଂହ. ମହାଭାରତ. ବନ ।

ଜିଣାଜିଣି—ଦେ. ବି. (ସଂ. ଜି ଧାତୁ)—
Jiṇājiṇi ୧ । ବହୁବାର ଜିତିବା ବା ଜୟଲାଭ—
জিতাজিতি 1. Repeated victories.
୨ । ଦୁଇ ପକ୍ଷ ଯୁଦ୍ଧ କଲା ବେଳେ କେତେ ଥର ଏକ ପକ୍ଷ ଜିତିବା ଓ କେତେ ଥର ଅପର ପକ୍ଷ ଜିତିବା—
2. Alternate victories and defeats.
୩ । ଜୟଲାଭ; ଜିତିବା—3 Victory.

ଜିଣାଣ—ଗ୍ରା. ବି. (ପଦ୍ୟ) (ସଂ. ଜି ଧାତୁ)—ଜୟ; ଜୟଲାଭ—
Jiṇāṇa Victory.

ଜିଣା ପଟ୍ଟ—ଦେ. ବି. (ସଂ. ଜୟ ଓ ପକ୍ଷ)—
Jiṇā paṭa ୧ । ଯୁଦ୍ଧ କରୁଥିବା ବା ଖେଳୁଥିବା ଦୁଇ ବିପକ୍ଷ ଦଳ
জেতা পক্ষ ମଧ୍ୟରୁ ଜେତା ପକ୍ଷର ଜୟ କରିବାର ସୁଯୋଗ;
जितना पक्ष ଜିତାପଟ୍ଟ—1. Good luck of the party which wins in a game or a fight.
୨ । ଯୁଦ୍ଧ ବା ଖେଳରେ ଜୟ ଲାଭ କରିବା ପକ୍ଷ—
2. Winning party in a game or a fight.

ଜିଣିବା—ଦେ. କ୍ରି. (ସଂ. ଜି ଧାତୁ; ପ୍ରା. ଜିଣ ଧାତୁ)—
Jiṇibā ୧ । (ଶତ୍ରୁକୁ) ଜୟ କରିବା—1. To conquer;
জিতা to vanquish an enemy.
जीतना ୨ । (ବିପକ୍ଷ ବ୍ୟକ୍ତି ବା ଦଳକୁ) ପରାସ୍ତ କରିବା—
2. To beat one's adversary.
୩ । ଜିତିବା; ଜୟ ଲାଭ ଦ୍ୱାରା ପାଇବା—3. To win something as a result of victory or conquest.
୪ । ଅତିକ୍ରମ କରିବା; ଲଙ୍ଘନ କରିବା; ପାରି ହେବା—
4. To overcome; to cross; to pass over (e.g. a sea, a danger.)
୫ । ବଳିବା; ଅପେକ୍ଷାକୃତ ଅଧିକ ହେବା; ଉତ୍କୃଷ୍ଟତର ହେବା—
5. To exceed; to excel.
ପ୍ରଫୁଲ୍ଲ କମଳ ଜିଣି ସୁନ୍ଦର ବଦନ । ମଧୁସୂଦନ. ବାଳରାମାୟଣ ।

ଜିତ୍—ସଂ. ବଣ. (ଜି ଧାତୁ+କର୍ତ୍ତୃ. କ୍ୱିପ୍)—ଯେ ଜୟ କରି ଥାଏ—
Jit Victorious; one who has vanquished another.
[ଦ୍ର—ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁଜ୍ୟ; ଯଥା—
ଶତ୍ରୁଜିତ୍, ଇନ୍ଦ୍ରଜିତ୍, ବିଶ୍ୱଜିତ୍;
জিত ଦେ. ବି.—ଜୟ; ଜୟଲାଭ—Victory; winning.
जीत [ଯଥା—ହାରିଜିତ୍ କାହାରିକୁ ଛଡ଼ା ନାହିଁ ।]
(ହାରି—ବିପରୀତ)

ଜିତ—ସଂ. ବଣ. (ଜି ଧାତୁ+କର୍ମ. ତ)—୧ । ପରାଜିତ; ଯାହାକୁ ଅନ୍ୟ
Jita ବ୍ୟକ୍ତି ଜିତିଛି—1. Vanquished; conquered; subdued.
୨ । ଜୟଲବ୍ଧ—2. Won; acquired by conquest.
ଦ୍ରୁପଦ ଝିଅ ଜିତ ହୋଇବେ କେସନେ । କୃଷ୍ଣସିଂହ. ମହାଭାରତ. ସଭା ।
୩ । ସ୍ୱାୟତ୍ତୀକୃତ—3. Brought under full control.

ଜିତକାଶି—ସଂ. ବି.—ମୁଠା କରି ଯାଇଥିବା କରତଳ—
Jitakāśi The doubled fist (M. W.)

ଜିତକାଶୀ—ସଂ. ବଣ.—(ଜିତ+କାଶ୍ ଧାତୁ=ଦୀପ୍ତି ପାଇବା+ଇନ୍;
Jita-kāśī ୧ମା. ୧ବ.)—୧ । ଜୟଶୀଳ; ବିଜୟୀ—
1. Victorious.
ଜିତକାଶୀ ହେବାରୁ ଭୀମ ମହାମତି,
ଗରଜନ କରୁଅଛନ୍ତି ଶୁଣ ଭୂପ । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।
୨ । ଗର୍ବିତ—2. Proud.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' କୁ ମିଳିଲେ 'ଗାଇ' ଖୋଜିବେ; 'କୂଅ' କୁ ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଣ୍ଣ' ନ ପାଇଲେ 'ଅର୍ଣ୍ଣ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଜିତକ୍ରୋଧ—ସଂ. ବିଣ. ପୁଂ (ବହୁବ୍ରୀହି; ଜିତ+କ୍ରୋଧ)—ଯେ କ୍ରୋଧ ବା
Jitakrodha ରାଗକୁ ସଂଯତ କରିଅଛି; ଶାନ୍ତପ୍ରକୃତିକ; ସହିଷ୍ଣୁ; କ୍ଷମାଶୀଳ—One who has subdued one's anger; one who succeeds in checking an outburst of passionate anger; patient; forbearing; of a forgiving disposition.
(ଜିତକ୍ରୋଧା—ସ୍ତ୍ରୀ)

ଜିତମନ୍ୟୁ—ସଂ. ବିଣ.—ଜିତକ୍ରୋଧ (ଦେଖ)
Jita-manyu Jita-krodha (See)

ଜିତଶତ୍ରୁ—ସଂ. ବିଣ. (ବହୁବ୍ରୀହି; ଜିତ+ଶତ୍ରୁ)—ଶତ୍ରୁଜୟକାରୀ—
Jita-śatru One who has vanquished one's foes.

ଜିତା—ସଂ. ବିଣ. ସ୍ତ୍ରୀ (ଜି ଧାତୁ+କର୍ମ. ତ+ସ୍ତ୍ରୀ. ଆ)—ଯେଉଁ ସ୍ତ୍ରୀକୁ
Jitā ପରାଜୟ କରି ଯାଇ ଅଛି; ପରାଜିତା—
ଜେନା Vanquished (female).
जीतार ଦେ. ବିଣ. (ସଂ. ଜେତା)—ଜୟୀ; ଜୟଯୁକ୍ତ—
Victorious; winning.

ଗୋବନ୍ଦ ରଥର ସେ ଜିତା, ଶଙ୍କବେ ଗୋପପୁର ଚଳ୍ପା ।
ଜଗନ୍ନାଥ. ଭାଗବତ ।

ଜିତ ଦେ. ବି—ଜୟ; ଜିଣା—
जीत Victory.

ଜିତାଇ—ଗ୍ରା. (ପ୍ରାଚୀନ ପଦ୍ୟ) ବି.—ଜୟ; ଜିଣା—
Jitāi Victory.
ଜିତ ଓଲଃ ପାଦ ଅସନ ଯାହାର,
जीत ନନ୍ଦା ମେଥିକ ଜିତାଇ ତାହାର । ପ୍ରାଚୀ. ପଦ୍ୟ ଗୀତା ।

ଜିତା(ତେ)ଇବା—ଦେ. କ୍ରି.—'ଜିତିବା'ର ଣିଜନ୍ତ ରୂପ—
Jitā(te)ibā ଜିଣାଇବା (ଦେଖ)
Jiṇāibā (See)

ଜିତାକ୍ଷର—ସଂ. ବିଣ. ପୁଂ (ବହୁବ୍ରୀହି; ଜିତ+ଅକ୍ଷର)—ପଠନରେ ସୁପଟୁ—
Jitākshara Skilled or expert in reading.
(ଜିତାକ୍ଷରା—ସ୍ତ୍ରୀ)

ଜିତାତ୍ମତ୍ୱ—ସଂ. ବି. (ଜିତାତ୍ମନ୍+ଭାବ. ତ୍ୱ)—ଜିତେନ୍ଦ୍ରିୟତା—
Jitātmatwa Self-control.

ଜିତାତ୍ମା—ସଂ. ବିଣ. ପୁଂ. (ବହୁବ୍ରୀହି, ଜିତ+ଆତ୍ମନ୍)—ଯେ ମନକୁ ଜୟ
Jitātmā କରି ଅଛି; ଜିତେନ୍ଦ୍ରିୟ; ସଂଯତେନ୍ଦ୍ରିୟ—
Of subdued passions; self-controlling; stoical.

ଜିତା ପଟ—ଦେ. ବି.—ଜିଣା ପଟ (ଦେଖ) ।
Jitā pata Jiṇā pata (See)

ଜିତାପଣ—ଦେ. ବି.—ଜୟଶୀଳତା—
Jitā-paṇa Victoriousness.

କନ୍ଦର୍ପ ଦର୍ପହର ଦର୍ପଣ ଝଳ ସାର ସୁନ୍ଦର ଜିତାପଣ ଚନ୍ଦ୍ର ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଜିତାମିତ୍ର—ସଂ. ବିଣ. ପୁଂ. (ବହୁବ୍ରୀହି; ଜିତ+ଅମିତ୍ର)—
Jitāmitra ୧ । ଜିତଶତ୍ରୁ; ଯେ ଶତ୍ରୁଙ୍କୁ ପରାଜୟ କରିଅଛି—
(ଜିତାମିତ୍ରା—ସ୍ତ୍ରୀ) One who has subdued his enemies.
୨ । ବିଷ୍ଣୁ—2. The God Bishṇu.

ଜିତାରି—ସଂ. ବିଣ. ପୁଂ—ଜିତାମିତ୍ର (ଦେଖ)
Jitāri Jitāmitra (See)
ସଂ. ବି.—ବୁଦ୍ଧଦେବଙ୍କର ଏକ ନାମ (ହି. ଶବ୍ଦସାଗର)
A name of the Buddha

ଜିତାଷ୍ଟମୀ—ସଂ. ବି. ସ୍ତ୍ରୀ—ଆଶ୍ୱିନମାସର କୃଷ୍ଣପକ୍ଷର ଅଷ୍ଟମୀ; ଜୀମୂତାଷ୍ଟମୀ;
Jitāshṭami ଦୁତିବାହନ ପୂଜା—The 8th day of the dark fortnight of the month of Āświna.
[ଦ୍ର—ଏ ଦିନ ଶରତ୍‌କାଳୀନ ଦୁର୍ଗୋତ୍ସବ ଆରମ୍ଭ ହୁଏ; ଦୁତିବାହନ ବା ଜୀମୂତବାହନ ପୂଜା ମଧ୍ୟ ହୁଏ । ଏହାର ଅନ୍ୟ ନାମ ମୂଳାଷ୍ଟମୀ । ଏଦିନ ପୁତ୍ରବତୀ କାମିନୀମାନେ ସନ୍ତାନଙ୍କ ମଙ୍ଗଳ କାମନାରେ ଗଳାରେ ରାକ୍ଷୀ ବାନ୍ଧନ୍ତି ।]

ଜିତାହବ—ସଂ. ବିଣ. (ବହୁବ୍ରୀହି; ଜିତ+ଆହବ)—ଯୁଦ୍ଧରେ ଜୟୀ—
Jitāhaba Victorious in war.

ଜିତାହାର—ସଂ. ବିଣ. ପୁଂ. (ବହୁବ୍ରୀହି; ଜିତ+ଆହାର)—
Jitāhāra ୧ । ଖାଦ୍ୟବିଷୟରେ ମିତାଚାରୀ; ସଂଯତାହାରୀ—
(ଜିତାହାରୀ—ସ୍ତ୍ରୀ) 1. Abstinent; abstemious.
୨ । ଯେ କ୍ଷୁଧାକୁ ଜୟ କରିଅଛି—
2. Of subdued appetite.

ଜିତି—ସଂ. ବି. (ଜି ଧାତୁ+ଭାବ. ତି)—ବିଜୟ; ଜୟଲାଭ—
Jiti Victory.

ଜିତିବା—ଦେ. କ୍ରି. (ସଂ. ଜି ଧାତୁ)—
Jitibā ୧ । ଜିଣିବା; ଜୟଲାଭ କରିବା—
ଜିତା 1. To win; to gain victory.
जितना ତୁହି ଯେ ଅଜିତ ହୋଇବେ
ଭକତ ଠାରେ ଜିତେ ହେବେ । ଜଗନ୍ନାଥ. ଭାଗବତ ।
୨ । ପରାସ୍ତ କରିବା—
2. To conquer; to overcome.
୩ । ଟପିବା; ବଳିଯିବା; ଅତିକ୍ରମ କରିବା—
3 To surpass; to exceed.
(ଯଥା—ଭାରତରେ ବର୍ତ୍ତମାନ ଆଇନ୍ ଅନୁଯାୟୀ ବାଳିକା ୧୨ ବର୍ଷରୁ ଜିତିଲେ ସହବାସ ପାଇଁ ସମ୍ମତି ଦେଇ ପାରେ—ଉତ୍କଳସେବକ ।)
୪ । ଅମୁକଠାରୁ ଉତ୍କୃଷ୍ଟ ହେବା—4. To excel.

ଜିତୁମ—ସଂ. ବି. (ଗ୍ରୀକ୍ ଭାଷା; ତୁଲ. ସଂ. ଯୁଗ୍ମ) (ଜ୍ୟୋତିଷ)—
Jituma ମିଥୁନରାଶି—The Gemini (a sign of the zodiac) (Apte).
[ଦ୍ର—ଜ୍ୟୋତିଷର ଅନେକ ଗୁଡ଼ିଏ ଶବ୍ଦ ଗ୍ରୀକ୍‌ଭାଷାରୁ ସଂସ୍କୃତକୁ ଆସିଅଛି ।]

୧	ଇ	ଉ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇମ୍ବ	ଉଅ	ଯ୍ଯ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ଦ

ଜିତେନ୍ଦ୍ରିୟ—ସଂ. ବଣ. ପୁଂ. (ବହୁବ୍ରୀହି; ଜିତ+ଇନ୍ଦ୍ରିୟ)—.
Jitendriya ଯେ କାମକ୍ରୋଧାଦିରିପୁମାନଙ୍କୁ ବଶୀଭୂତ କରିଅଛି—
(ଜିତେନ୍ଦ୍ରିୟା—ସ୍ତ୍ରୀ) Continent; self-controlling; of
ଜିତେନ୍ଦ୍ରିୟତା } ବି subdued passions; one who has his
ଜିତେନ୍ଦ୍ରିୟତ୍ୱ } passions under control; stoical.
[ଦ୍ର—ଯେଉଁ ବ୍ୟକ୍ତିର କୌଣସି ବିଷୟ ଦେଖିଲେ, ଶୁଣିଲେ, ଖାଇଲେ, ଛୁଇଁଲେ ବା ଶୁଙ୍ଘିଲେ ହର୍ଷ ବା ବିଷାଦ ହୁଏ ନାହିଁ, ମନୁସଂହିତା ଅନୁସାରେ ତାଙ୍କୁ ଜିତେନ୍ଦ୍ରିୟ ବୋଲାଯାଏ ।]
ସଂ. ବି—ବ୍ରହ୍ମଜ୍ଞ; ତପସ୍ୱୀ—An ascetic.

ଜିତ୍ତମ—ସଂ. ବି—୧ । ଜିତୁମ (ଦେଖ)
Jittama 1. Jituma (See)
୨ । ଜୟଶୀଳ (ପ୍ରକୃତିବାଦ)—Victorious.

ଜିତ୍ୱର—ସଂ. ବି. (ଜି ଧାତୁ+ଶୀଳାର୍ଥରେ ବର; ତ ଆଗମ)—
Jitwara ଜୟଶୀଳ; ବିଜୟୀ—Victorious.
(ଜିତ୍ୱରା; ଜିତ୍ୱରୀ—ସ୍ତ୍ରୀ)

ଜିତ୍ୱରୀ—ସଂ. ବି. ସ୍ତ୍ରୀ. (ଜିତ୍ୱର+ସ୍ତ୍ରୀ. ଈ)—ବାରାଣସୀ; କାଶୀ—
Jitwari Benares.
ସଂ. ବଣ. ସ୍ତ୍ରୀ—ଜିତ୍ୱରର ସ୍ତ୍ରୀଲିଙ୍ଗ—
Feminine of Jitwara.

ଜିତ୍ମ—ସଂ. ବି—ଜିତୁମ (ଦେଖ)
Jitma Jituma (See)

ଜିତ୍ୟ—ସଂ. ବଣ. (ଜି ଧାତୁ+କର୍ମ. ଯ)—ଜେୟ; ଜୟଯୋଗ୍ୟ—
Jitya Conquerable; fit to be subdued.
ସଂ. ବି—ବଡ଼ ଲଙ୍ଗଳ (ହ. ଶବ୍ଦସାଗର)—
A big plough.

ଜିତ୍ୟା—ସଂ. ବି. ସ୍ତ୍ରୀ. (ଜିତ୍ୟ+ସ୍ତ୍ରୀ. ଆ)—
Jityā ୧ । ଲଙ୍ଗଳର ଫାଳ; ଲଙ୍ଗଳଲୁହା—
1. Plough-share.
୨ । ହେଙ୍ଗୁ (ହ. ଶବ୍ଦସାଗର)—2. Asafœtida.

ଜିଦ୍—ବୈଦେ. ବି. (ଆ)—୧ । ଜୋଁକ୍; ଜିଗର୍—
Jid 1. Zid; obstinacy.
जेद् ୨ । ନିର୍ବନ୍ଧ; ହଠ—2 Importunity; pertinacity.
जिद्; हठ ୩ । ଆଗ୍ରହାତିଶଯ୍ୟ—3. Insistence.
୪ । ଖେଳରେ ରଖାଯିବା ବାଜି; ଜିଦ—
4. Wager in a game of hazards.
[ଦ୍ର—ଏ ଶବ୍ଦ ଇଂରାଜିଭାଷାରେ ମଧ୍ୟ ଚଳୁଅଛି ।]

ଜିଦ କରିବା—ଦେ. କ୍ରି—କୌଣସି ବିଷୟ ପାଇଁ ଜିଗର କରିବା; ହଠ
Jid karibā କରିବା—To importune; to insist on a
जेदकरा thing,
जिद् पकड़ना; जिदियाना
(ଜିଦ୍ ଧରିବା—ଅନ୍ୟରୂପ)

ଜିଦ୍‌ଖୋର୍—ବୈଦେ. ବଣ. (ଫା)—ଏକଗୁଁୟା; ଜିଗରିଆ; ଯେ ଆପଣ
Jid-khor କଥା ବଜାୟ ରଖିବା ପାଇଁ ଅନ୍ୟର ଉପଦେଶ ବା
जेदखोर; जेद्बाज युକ୍ତିକୁ ମାନେ ନାହିଁ—Headstrong;
जिद्खोर; जिद्बाज perverse; importunate; pertinacious.
(ଜିଦେଇ, ଜିଦ୍‌ଖୋରଣୀ—ସ୍ତ୍ରୀ)
(ଜିଦ୍‌ଖୋରୀ—ବି)

ଜିଦ୍‌ଖୋରିଆ—ଦେ. ବଣ. (ଫା. ଜିଦ୍‌ଖୋର)—
Jid-khoriā ଜିଦ୍‌ଖୋର୍ (ଦେଖ)
Jid-khor (See).

ଜିଦ୍‌ଦାର୍—ବୈଦେ. ବଣ. (ଫା)—ଜିଦ୍‌ଖୋର୍ (ଦେଖ)
Jid-dār Jid-khor (See)
(ଜିଦ୍‌ଦାରୀ—ବି)

ଜିଦ୍‌ବାଜ୍—ବୈଦେ. ବିଣ. (ଫା)—ଜିଦ୍‌ଖୋର୍ (ଦେଖ)
Jid-bāj Jid-khor (See)

ଜିଦ୍ ମାରିବା—ଦେ. କ୍ରି—ଜିଦି ମାରିବା (ଦେଖ)
Jid māribā Jidi māribā (See)

ଜିଦାଜିଦ୍—ଦେ. କ୍ରି ଓ ବଣ—ଜିଦାଜିଦି (ଦେଖ)
Jidājid Jidājidi (See)

ଜିଦାଜିଦି—ଦେ. ବି—୧ । ଦୁଇଜଣ ବ୍ୟକ୍ତିଙ୍କର ପରସ୍ପର କଥା ରକ୍ଷା
Jidājidi କରିବା ପାଇଁ ଜିଦ ମରାମରି ହେବା—
जेदाजेदि 1. Betting; hazarding for each other's
हाड़ाहाड़ी proposition (e. g. in gambling); mutual staking.
୨ । ପ୍ରତିଯୋଗିତା—
2. Rivalry; emulation.
ଦେ. ବଣ—୧ । ପ୍ରତିଯୋଗୀ—1. Emulating.
୨ । ଜିଦ ମରାମରି ହେବା ବ୍ୟକ୍ତି—
2. Betting; staking mutually.

ଜିଦି (ଇତ୍ୟାଦି)—ବୈଦେ. ବି—ଜିଦ୍ ଇତ୍ୟାଦି (ଦେଖ)
Jidi (etc) Jid etc. (See)

ଜିଦିଆ—ଦେ. ବିଣ. (ଫା. ଜିଦ୍ଦୀ)—ଜିଦ୍‌ଖୋର (ଦେଖ)
Jidiā Jid-khor (See)
जेद्दी
जिद्दि

ଜିଦି ମରାମରି—ଦେ. କ୍ରି ଓ ବିଣ—ଜିଦାଜିଦି (ଦେଖ)
Jidi marāmari Jidājidi (See)
୨ । ପରସ୍ପର ପ୍ରତି ଆସ୍ପର୍ଦ୍ଧା ପ୍ରଦର୍ଶନପୂର୍ବକ ପ୍ରତିଯୋଗିତା
କରିବା—2. Emulating.

ଜିଦସ—ଦେ. ବି. (ଫା. ଜୀନ୍‌ପୋଶ୍)—
Jidisa ଘୋଡ଼ାର ସାଜବିଶେଷ; ଜିନ୍ ଉପରେ ପକାଯିବା
जीनपोष ଆସ୍ତରଣ—A kind of saddle; a covering for the saddle.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଅପରପ୍ରକାର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଥ' ନ ମିଳିଲେ 'କୃଶ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅଙ୍ଖୋ' କୁ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ସାଜିଲେ ସବଂ ସମ୍ଭାର ଜିନ ଜଦସ ଘଲ ମେଗ ଦଉଡ଼ ଗୁରଦମା କରୁଥିଲ ।
ବ୍ରଜନାଥ- ସମରତରଙ୍ଗ ।

ଜିନ୍— ବୈଦେ. ବି. (ଫା. ଜୀନ୍)—
Jin ୧ । ଘୋଡ଼ା ପିଠିରେ ବସିବା ପାଇଁ ପକାଇବା ଚମସିନ;
জিন অଶ୍ୱ ପୃଷ୍ଠର ଚମସିନ—1. Saddle.
जीन
୨ । (ଅ. ଜାନ୍) ଭୂତ—2. Spirit; ghost.
୩ । ପ୍ରେତ; ଦୈତ୍ୟ—3. Demon; goblin
୪ । (ଇଂ. Jean, ଜ୍ଞୀନ) ମୋଟା ଓ ଘନବୁଣା ସୂତା ଲୁଗା-
4. A thick woven cotton cloth; twilled cotton cloth.
[ଦ୍ର—ଏହି ଲୁଗା ବୁଣିବା ପାଇଁ ୪।୫ ଟା ବଅସୂତା ଓ ଝାଁପ ଆବଶ୍ୟକ ।]

ଜିନ୍ ଉଦ୍ଧାରଣ— ଦେ. ବି—ମୁସଲମାନ ରାଜାଙ୍କ ଅମଳରେ ପ୍ରଦତ୍ତ
Jin uddhāraṇa ଲାଖରାଜ ବୃତ୍ତିବିଶେଷ—
A class of revenue-free tenure created during the Mahomedan rule.
[ଦ୍ର—ସମ୍ଭବତଃ ରାଜପରିବାରରେ କାହାକୁ ଲାଗିଥିବା ଜିନ ବା ଭୂତଙ୍କୁ ଛଡ଼ାଇଥିବା ଯୋଗୁଁ ଗୁଣିଆକୁ ପୁରସ୍କାର ସ୍ୱରୂପ ଏ ଜମି ଦିଆ ଯାଇଥିଲା ।]

ଜିନ୍‌କର୍— ବୈଦେ. ବି.(ଫା. ଜୀନ୍‌ଗର୍)—ଜିନ୍‌ଗର୍ (ଦେଖ)
Jin-kar **Jin-gar** (See)

ଜିନ୍‌ଗର୍— ବୈଦେ. ବି. (ଫା. ଜୀନ୍‌ଗର୍)—
Jin-gar ଘୋଡ଼ାର ଜିନ୍ ତିଆର କରିବା **ଜାତିବିଶେଷ**—
A caste which manufactures saddlery from leather.

ଜିନ୍‌ଦଗ୍ (ଇତ୍ୟାଦି)— ବୈଦେ. ବି (ଫା. ଜିନ୍ଦ୍‌ଗୀ)—
Jin-dig (etc) ଜିନ୍ଦ୍‌ଗୀ ଇତ୍ୟାଦି (ଦେଖ)
Jind-gi etc. (See)

ହଜୁରଙ୍କ ଖାନା ପର୍ଯ୍ୟନ୍ତ ଯେ କବେ ଖାଇଛ
ଜିନ୍‌ଦଗ୍ ଭରି ସେ ଇଆଦ କରୁଥିବ । ଫକୀରମୋହନ- ଛ ମାଣ ଆଠଗୁଣ୍ଠ ।

ଜିନ୍‌ପୋଷ୍— ବୈଦେ. ବି. (ଫା)—ଘୋଡ଼ାର ଜିନ ଉପରେ ପକାଯିବା
Jin-posh ଆସ୍ତରଣ—Saddle-cloth; a covering for the saddle.
জিনপোষ
जीनपोश

ଜିନ୍‌ବାଡ଼ି— ଦେ. ବି—କାଠରେ ଛିଦ୍ର କରିବା ପାଇଁ ବ୍ୟବହୃତ ଭଅଁରକୁ
Jin-bāṛdi ବୁଲାଇବା ସକାଶେ ଦଉଡ଼ି ଲାଗିଥିବା ଯଷ୍ଟି; କମାଣି—
জিনবাড়ি A bow attached with a string to bore holes into wood with the gimlet.

ଜିନ୍‌ସବାର୍— ବୈଦେ. ବିଣ. (ଫା. ଜୀନ୍ + ସୱାର୍ = ଆରୋହୀ)—
Jin-sabār ଘୋଡ଼ା ପିଠିରେ ଜିନ୍ ପକାଇ ଘୋଡ଼ା ଚଢ଼ିବା
জিনসবার (ବ୍ୟକ୍ତି)—(a person) Riding on a saddled horse.
जिनसवार
ଜିନସୱାର } ଅନ୍ୟରୂପ
ଜିନ୍‌ସଉଆର }

ଜିନ୍‌ସବାରୀ— ବୈଦେ. ବିଣ. (ଫା. ଜୀନ୍ + ସୱାର = ଯାନାରୋହଣ)—
Jin-sabārī ଚଢ଼ିବାର ଯୋଗ୍ୟ (ଘୋଡ଼ା); (ଅର୍ଥାତ୍
জিনসবারী ଯେଉଁ ଘୋଡ଼ା ଉପରେ ମନୁଷ୍ୟ ଚଢ଼ନ୍ତି
जीनसवारी ଏବଂ ଯେ ବଗିରେ ଲାଗେ ନାହିଁ)—
ଜିନ୍‌ସୱାରୀ } ଅନ୍ୟରୂପ
ଜିନ୍‌ସଉଆରୀ }
(a horse) Used for riding only; going in the saddle only.
ବି—ଘୋଡ଼ା ଉପରେ ଜିନ୍ ପକାଇ ଚଢ଼ିବା—
Riding on a saddled horse.

ଜିନ— ସଂ. ବି. (ଜି ଧାତୁ = ଜୟ କରିବା; ତପଃ ପ୍ରଭାବରେ ଜଗତ ଜୟ କରିବା + କର୍ତ୍ତୃ. ନ)—
Jina
୧ । ବୁଦ୍ଧଦେବ—1. Buddha.
୨ । ବିଷ୍ଣୁ—2. Bishṇu.
୩ । ବୌଦ୍ଧମତ ପ୍ରଚାରକ ମୁନି –
3. A Buddhist missionary.
୪ । ଅର୍ହତ; ବୌଦ୍ଧ ବା ଜୈନ ଋଷି—
4. A Buddhist or Jaina saint.
ସଂ. ବିଣ—୧ । ଜୟଶୀଳ—
1. Victorious; triumphant.
୨ । ଅତି ବୃଦ୍ଧ—2. Very old.

ଜିନତ୍— ବୈଦେ. ସ୍ତ୍ରୀ. (ଫା)—ଶୋଭା; ସୌନ୍ଦର୍ଯ୍ୟ—
Jinat Beauty; grace.
শোভা
जनत

ଜିନା— ପ୍ରାଦେ. (ସିଂହଭୂମ) ଅ. (ଫା. ଜିଂଦା = ଜୀବିତ; ତୁଳ. ହି. ଜିଂଦା)—
Jinā
୧ । ଜୀଇଁ ଥାଉଁ ଥାଉଁ—1. While living.
୨ । ଜୀବିତକାଳ ମଧ୍ୟରେ—
2. During one's lifetime.

ଜିନାକାରୀ— ବୈଦେ. ବି. ପୁଂ. (ଫା. ଜୀନା = ବ୍ୟଭିଚାର)—ପରସ୍ତ୍ରୀ-
Jinākārī ଗମନ; ବ୍ୟଭିଚାର—Adultery.
জিনাকারী
जीनाकारी
(ଜିନାଗାରୀ; ଜନାକାରୀ—ଅନ୍ୟରୂପ)

ଜିନିଆ— ବୈଦେ. ବି. (ଇଂ. ଜିନ୍ନିଆ; Jinnia)—ବିଦେଶୀ ପୁଷ୍ପ-
Jiniā ଶାକବିଶେଷ – Zinnia Elegans.
জিনিয়া [ଦ୍ର—ଏଗଛ ବର୍ଷେ ମାତ୍ର ବଞ୍ଚି ରହେ । ଏହାର ଫୁଲ
जिनिया କୁସୁମ ବା ଗେଣ୍ଡୁ ଫୁଲ ପରି । ଆଧୁନିକ ସଉଖୀନ୍‌ମାନଙ୍କ ଉଦ୍ୟାନରେ ଏହା ଦେଖାଯାଏ ।]

ଜିନିକି (ଇତ୍ୟାଦି)— ବୈଦେ. ବି. (ଫା. ଜିନ୍ଦ୍‌ଗୀ)—
Jiniki (etc) ଜିନ୍ଦ୍‌କି ଇତ୍ୟାଦି (ଦେଖ)
(ଜିନିଗି—ଅନ୍ୟରୂପ) Jind-ki etc (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଘ
୨	ଈ	ଊ	ରୁ	ଲୁ	ସ୍ରୈ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଔ	ନ୍

ଜିନପୋକ—ପ୍ରାଦେ. (ମେଦିନୀପୁର) ବ. (ଭୁଲ. ବ. ଜୋନାକୀ)—
Jini-poka ଖଦ୍ୟୋତ; ଜୁଳୁଜୁଳିଆ ପୋକ—Fire-fly.

ଜିନିସ—ବୈଦେ. ବ. (ଫା. ଜିନ୍‌ସ୍; ଜିଂସ୍)—ବସ୍ତୁ; ଦ୍ରବ୍ୟ; ପଦାର୍ଥ;
Jinisa ଚିଜ—Thing; article.
জিনিস
जिनिस, जिंस

ଜିନିସପତ୍ର—ଦେ. ବ. (ବହୁବଚନ; ଫା. ଜିନ୍‌ସ୍+ଅନର୍ଥକ ସହଚର
Jinisa-patra ପତ୍ର; ଭୁଲନୀକର; କାଗଜପତ୍ର)—
জিনিসপত্র ୧ । ଦ୍ରବ୍ୟଜାତ—1. Goods; things.
माल; चीजबस्त ୨ । ପଣ୍ୟଦ୍ରବ୍ୟସମୂହ—
(ଜିନସ ପତର—ଅନ୍ୟରୂପ) 2. Merchandise.
୩ । ପର୍ଯ୍ୟଟକ ବା ଯାତ୍ରୀଙ୍କ ସଙ୍ଗେ ଥିବା ପଦାର୍ଥସମୂହ—
3. Articles and luggages; traveller's baggage.
୪ । ଘରର ଉପକରଣସମୂହ; ଘରକରଣା ବସ୍ତୁଜାତ—
4. Furniture of a house; house-hold articles.

ଜିନିସପାତି—ଦେ. ବ—ଜିନିସପତ୍ର (ଦେଖ)
Jinisa-pāti Jinisapatra (See)

ଜିନିସାତ୍—ବୈଦେ. ବ. (ବହୁବଚନ) (ଫା. ଜିନ୍‌ସାତ୍)—
Jinisāt ଜିନିସପତ୍ର (ଦେଖ)—
Jinisapatra (See)
ବଙ୍ଗଦେଶ ଜିନିସାତ୍ ସହିତ ରୂପ ନାମଧେୟ ପଦାର୍ଥବିଶେଷ
ଏ ଦେଶକୁ ନୂଆ ଆମଦାନି ହୋଇଅଛି—ଫକୀରମୋହନ, ଛମାଣ ଅଠଗୁଣ୍ଠ

ଜିନ୍ଦକି (ଇତ୍ୟାଦି)—ବୈଦେ. ବ (ଫା)—ଜିନ୍ଦଗି ଇତ୍ୟାଦି (ଦେଖ)
Jind-ki (etc) Jind-gi etc (See).

ଜିନ୍ଦଗି—ବୈଦେ. ବ. (ଫା. ଜିନ୍ଦଗୀ)—୧ । ଜୀବନ—
Jind-gi 1. Life.
জীবন; জিন্দেগি ୨ । ଜୀବନକାଳ—
जिंदगी 1. Lifetime.
(ଜିନ୍ଦକି, ଜିନ୍ଦକ, ଜିନ୍ଦଗି—ଅନ୍ୟରୂପ)

ଜିନ୍ଦଗିଭର—ବୈଦେ. ଅ. (ଫା. ଜିନ୍ଦଗୀଭର)—୧ । ଜୀବନକାଳ ମଧ୍ୟରେ—
Jindgi-bhar 1. During the lifetime.
জিন্দগিভর ୨ । ଜୀବଥିବା ପର୍ଯ୍ୟନ୍ତ—2. As long as one lives;
जिन्दगीभर throughout one's life; for life.

ଜିନ୍ଦଗିଭରି—ବୈଦେ. ଅ. (ଫା)—ଜିନ୍ଦକିଭର (ଦେଖ)
Jindgi-bhari Jindki-bhar (See)

ଜିନ୍ଦିକ (ଇତ୍ୟାଦି)—ବୈଦେ. ବ. (ଫା. ଜିନ୍ଦଗୀ)—
Jindik (etc) ଜିନ୍ଦଗି ଇତ୍ୟାଦି (ଦେଖ)
(ଜିନ୍ଦକ, ଜିନ୍ଦଗ, ଜିନ୍ଦଗି—ଅନ୍ୟରୂପ) Jind-gi etc (See)

ଜିବ (ଇତ୍ୟାଦି)—ଗ୍ରା. ବ. (ସଂ. ଜିହ୍ୱା)—ଜିଭ ଇତ୍ୟାଦି (ଦେଖ)
Jiba (etc) Jibha etc (See)

ଜିବାଜିବ—ସଂ. ବ—ଚକୋର ପକ୍ଷୀ (ଦ୍ର. ଶବ୍ଦସାଗର) (ଦେଖ)
Jibājiba Chakora bird (See)

ଜିବି—ଦେ. ବ—ଜିଭ (ଦେଖ)
Jibi Jibhi (See)

ଜିବିଆ—ଦେ. ବ. (ସଂ. ଜିହ୍ୱା)—ଜିହ୍ୱା ଆକୃତିର ଗଜା ବା ମିଷ୍ଟାନ୍ନ
Jibiā ବିଶେଷ—A kind of sweetmeat (consisting of
জিবাগজা thin strips) fried in ghee.
जीभा

ଜିବେଇ—ଦେ. ବ—ଜିବିଆ (ଦେଖ)
Jibei Jibiā (See)

ଜିବ୍ରା—ବୈଦେ. ବ. (ଅଫ୍ରିକା ଦେଶଭାଷାରୁ ଆଗତ ଶବ୍ଦ; ଇଂ. ଜେବ୍ରା)—
Jibrā ଘୋଟକ ଓ ଗର୍ଦ୍ଦଭଆକୃତିବିଶିଷ୍ଟ ବନ୍ୟଜନ୍ତୁବିଶେଷ—
জেব্রা The Zebra.
ज़ेब्रा [ଦ୍ର—ଏହା ଅଫ୍ରିକାରେ ଦେଖାଯାଏ । ଏହାର ହଳଦିଆ ଦେହରେ କଳା ଡୋର ବା ପଟା ପଡ଼ିଥାଏ । ଏହା ଗୋଟିଏ ଦ୍ରୁତଗାମୀ ପଶୁ ।]

ଜିଭ୍—ପ୍ରାଦେ. (ସମ୍ବଲପୁର) ବ. (ସଂ. ଜିହ୍ୱା)—ଜିଭ—
Jibh The tongue.

ଜିଭ୍‌କୁରା—ପ୍ରାଦେ. (ସମ୍ବଲପୁର) ବ—ଜିଭଛେଲା (ଦେଖ)
Jibh-kurā Jibha-chhelā (See)

ଜିଭ—ଦେ. ବ. (ସଂ. ଜିହ୍ୱା)—୧ । ଜିହ୍ୱା—1. The tongue.
Jibha ୨ । କଲମ ଓ ନିବ୍ ଆଦିର ଜିହ୍ୱାଆକାରର ଅଗ୍ରଭାଗ—
ସଂ. ପର୍ଯ୍ୟାୟ— 2. Tongue-like tip of a nib or pen.
ଜିହ୍ୱା; ରସଜ୍ଞା; ରସନା; ରସାଳ; ରସିକା;
ସ୍ୱାଦୁସ୍ରବା; ରସଲା; ରସାଙ୍କା; ଲଲନା
জিব; জিভ
जीभ

ଜିଭଅଗରେ ଥିବା—ଦେ. କ୍ରି. ୧ । (କୌଣସି ବିଷୟ ବା ଗ୍ରନ୍ଥ)—
Jibha-agare thibā କୌଣସି ବ୍ୟକ୍ତିର ଉତ୍ତମରୂପେ କଣ୍ଠସ୍ଥ
जिह्वाग्रहीना ହୋଇଥିବା—1. (a matter) To have been fully mastered or committed to memory (so as to be recited whenever required); to be at the tip of one's tongue.
(ଯଥା—ସେ ବହୁଟାଯାକ ମୋ ଜିଭ ଅଗରେ ଅଛି ।)
୨ । (କୌଣସି ବିଷୟ ବା ନାମ)—ଖୁବ୍ ଜଣା ଥାଇ ମୁଖ୍ୟ କଥା ପଡ଼ିଲା ବେଳେ ସ୍ମୃତିପଥରେ ନ ପଡ଼ିବା ବା ନ ପଡ଼ିବା—2. (a matter or a name) To be very familiar to a person but which he is unable to recall when it is required to be mentioned.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

(ଯଥା— ଅମୁକ ଲୋକର ନାମ ମୋ ଜିଭ ଅଗରେ ଅଛି, କିନ୍ତୁ ବର୍ତ୍ତମାନ ପଡ଼ୁ ନାହିଁ ।)

ଜିଭ କାଢ଼ିବା—ଦେ. କ୍ରି—୧ । ମୁଖଗହ୍ୱରରୁ ଜିହ୍ୱାକୁ ବାହାରକୁ ବାହାର କରିବା—1. To draw out one's tongue.
Jibhaskārdhibā
ଜିଭ କାଢ଼া
जीभ निकालना
୨ । (ଲକ୍ଷଣାର୍ଥ) ଅଚେତା ହେବା—2. (figurative) To become senseless.

ଜିଭ କାମୁଡ଼ିବା—ଦେ. କ୍ରି—୧ । ଅଜାଣତରେ ଜିଭର ଅଗକୁ ଦାନ୍ତରେ ଘାତ କରିବା—1. To bite the tip of the tongue unintentionally with the teeth.
Jibha kāmurdibā
দাঁতে; জিবকাটা
दाँतसे जीभकाटना
୨ । ଲଜ୍ଜା ବା ବିସ୍ମୟରେ କିଂକର୍ତ୍ତବ୍ୟବିମୂଢ଼ ବା ମ୍ରିୟମାଣ ହେବା—2. To bite one's tongue as a sign of shame or astonishment.

ଜିଭ ଚିରିବା—ଦେ. କ୍ରି—ଦାନ୍ତକାଠିର ଫାଳ ବା ବାଉଁଶର ବା ଧାତୁର ପତଳା ପାତ୍ରଦ୍ୱାରା ଜିଭରୁ ଛଉଅ ଚାଞ୍ଛି ସଫା କରିବା—To scrape off dirt from the tongue while brushing the teeth.
Jibha chiribā
জিব ছোলা
जीभछीलना

ଜିଭଛେଲା—ଦେ. ବି—୧ । ଯେଉଁ ସରୁ ଧାତୁର ପାତ୍ରଦ୍ୱାରା ଦାନ୍ତ ଘଷିବା ସମୟରେ ଜିଭରୁ ଛଉଅ ଚାଞ୍ଛି ବାହାର କରାଯାଏ—1. Tongue-scraper.
Jibha-chhelā
জিবছোলা
जीभ छीला; जीभी
୨ । ଦାନ୍ତକାଠିର ଫାଳ ବା ସରୁପାତିଆ ବା ଜିଭ (ଜିଭଚିରା—ଅନ୍ୟରୂପ) ଛେଲାଦ୍ୱାରା ଜିଭରୁ ଛଉଅ ସଫା କରିବା କର୍ମ—2. Scraping off of the dirt from the tongue.

ଜିଭ ଛେଲିବା—ଦେ. କ୍ରି—ଜିଭ ଚିରିବା (ଦେଖ)
Jibha chhelibā Jibha chiribā (See)

ଜିଭନାଳଗୁ—ଗ୍ରା. ବି. (ସଂ. ଜିହ୍ୱାଲାଳସା)—ଖାଦ୍ୟପ୍ରତି ଲାଳସା; ସ୍ୱାଦଲୋଲୁପତା—Hankering after dainties.
Jibha-nā̱lachā
জিভলালচ
जीबलालच; चटोरपन
ଗ୍ରା. ବିଣ. ପୁଂ. (ସଂ. ଜିହ୍ୱଲ)—ଖାଦ୍ୟ ପ୍ରତି ଅତିରିକ୍ତ ଲାଳସାଯୁକ୍ତ; ସ୍ୱାଦଲୋଲୁପ—Hankering after dainties or particular articles of food.
জিভলালচে
चटोरा; ।जभला
(ଜିଭନାଳସ୍ତ—ଅନ୍ୟରୂପ)

ଜିଭନାଳଚିଆ—ଦେ. ବିଣ. ପୁଂ—ଜିଭନାଳଗୁ (ଦେଖ)
Jibha-nā̱lachiā Jibha-nā̱lachā (See)
(ଜିଭନାଳଚିଆ—ଅନ୍ୟରୂପ)
(ଜିଭନାଳଚେଇ; ଜିଭନାଳଚେଇ—ସ୍ତ୍ରୀ)

ଜିଭରେ ଘା—ଦେ. ବି.—(ଲକ୍ଷଣାର୍ଥ) ୧ । କଥା କହି ନ ପାରିବା—1. Inability to speak or use the tongue.
Jibhare ghā
জিভে ঘা
୨ । ଜିହ୍ୱାରେ ହୋଇଥିବା ଘାଉ; ଭୁଣ୍ଡଗା—2. Sores on the tongue.

ଜିଭରେ ହାଡ଼ ହେବା—ଦେ. ବି.—ମିଥ୍ୟା କଥା କହିବା ପାଇଁ ସାହସ ହେବା—Having the courage to tell a lie.
Jibhare hārda hebā
(ଯଥା—ମତେ ମିଥ୍ୟାବାଦୀ ବୋଲି କହିବାକୁ କାହା ଜିଭରେ ହାଡ଼ ହେଲାଣି ?)

ଜିଭ ଲଡ଼ବଡ଼—ଦେ. ବି.—ପେଟୁପଣ—Gluttony.
Jibha lardabarda
লালচা
चटोरपन

ଜିଭ ଲଡ଼ବଡ଼ ହେବା—ଦେ. ବି—୧ । କୌଣସି ଗୋପନୀୟ ବିଷୟ ପ୍ରକାଶ କରିବା ନିମନ୍ତେ ଅଥୟ ହେବା—1. Being impatient to divulge or speak out a secret or a forbidden thing.
Jibha lardabarda hebā
জিব চোকান
जिभ हीलना
୨ । କୌଣସି ପଦାର୍ଥ ଖାଇବା ନିମନ୍ତେ ଅତ୍ୟନ୍ତ ଲୋଲୁପ ବା ଲାଳାୟିତ ହେବା—2. Hankering after a dainty food.

ଜିଭ ଲଡ଼ବଡ଼ିଆ—ଦେ. ବି. ପୁଂ. ଓ ସ୍ତ୍ରୀ—ପେଟୁପଣ—Gluttony.
Jibha lardabardiā
चटोरपन
(ଜିଭ ଲୁଡ଼ବୁଡ଼ିଆ—ଅନ୍ୟରୂପ) ଦେ. ବିଣ.—ଖାଦ୍ୟ ପ୍ରତି ଲୋଲୁପ ବା ଲାଳାୟିତ—Hankering after dainty food; gluttonous.
লালচে
चटोरा
(ଜିଭ ଲଡ଼ବଡ଼ୀ, ଜିଭ ଲଡ଼ବଡ଼େଇ—ସ୍ତ୍ରୀଲିଙ୍ଗ)

ଜିଭ ଲଡ଼ବଡ଼ିଆ ଖୋଇ—ଦେ. ବି.—ଅତିରିକ୍ତ ଭୋଜନଲାଳସା; ଆହାରଲୋଲୁପତା—Gluttony.
Jibha lardabardiā khoi
লালচা
चटोरपन

ଜିଭ ଲହକା—ଦେ. ବିଣ. (ସଂ. ଲୋଲଜିହ୍ୱ)—ଯାହାର ଜିଭ ସର୍ବଦା ପଦାରେ ଝୁଲୁ ଥାଏ—Having the tongue thrust forward beyond the mouth.
Jibha lahakā

ଜିଭ ଲହଲହ କରିବା—ଦେ. କ୍ରି.—୧ । ପଦାକୁ କାଢ଼ି ଜିଭକୁ ଇତସ୍ତତଃ ଚାଳନ କରିବା—1. To wag the tongue.
Jibha lahalaha karibā
জিভ দোলান
जीभ बढ़ाना

ଜିଭଲାଳଗୁ—ଦେ. ବି. ଓ ବିଣ—ଜିଭନାଳଗୁ (ଦେଖ)
Jibha-lā̱lachā Jibha-nā̱lachā (See)
(ଜିଭଲାଳସା; ଜିଭଲାଳଗୁ—ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଷ,ଷ	କ୍ଷ	ଇଯ୍	ଉଅ	ଙ୍କ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଅ	ଡ଼	ନ୍ଦ

ଜିଭଲାଳଚଅ—ଦେ. ବିଣ. ପୁଂ—ଜିଭନାଳଚଅ (ଦେଖ)
Jibha-lā̲lachiā — Jibha-nā̲lachiā (See)
(ଜିଭ ଲାଳଚଅ—ଅନ୍ୟରୂପ)
ଜିଭ ଲାଳଚେଇ, ଜିଭ ଲାଳଚେଇ } ସ୍ତ୍ରୀ

ଜିଭ ଲୁଡ଼ୁବୁଡ଼ୁଆ—ଦେ. ବଣ. ପୁଂ. ଓ ସ୍ତ୍ରୀ—
Jibha lurduburdiā — ଜିଭ ଲଡ଼ବଡ଼ିଆ (ଦେଖ) Jibha lardabardiā (See)
ଜିଭ ଲୁଡ଼ବୁଡ଼ୀ, ଜିଭ ଲଡ଼ବଡ଼େଇ } ସ୍ତ୍ରୀ

ଜିଭ ଲୁଡ଼ୁବୁଡ଼ୁ—ଦେ. ବ—ଖାଦ୍ୟ ପ୍ରତି ଆସକ୍ତି; ପେଟୁ ପଣ—
Jibha lurduburdu — Gluttony.

ଜିଭ ଲେଉଟିବା—ଦେ. କ୍ରି—୧ । ଶବ୍ଦ ଉଚ୍ଚାରଣ କରି ପାରିବା—
Jibha leutibā — 1. To be able to pronounce a word.
ଜୀଭ ଖୁଲା — (ଯଥା—ଇଂରେଜି ଶବ୍ଦମାନ ଉଚ୍ଚାରଣ କରିବାକୁ
जीभ खोलना — ସେ ପିଲାର ଜିଭ ଲେଉଟୁ ନାହିଁ ।)
୨ । କହି ପାରିବା—
2. To be able to speak out.
ନାହିଁ କହିବାକୁ କି ଜିଭ ଲେଉଟିବ ?—କୃଷ୍ଣସିଂ. ମହାଭାରତ. ବନ ।

ଜିଭ ସିଲା(ଲେ)ଇ କରିବା—ଦେ. କ୍ରି—୧ । କୌଣସି ବିଷୟ ପ୍ରକାଶ ନ କରି ଚୁପ୍ ରହିବା—1. To keep silent over a thing.
Jibha silā (le) i karibā
জিভ সেলাই করা
जीभ बंद करना — ୨ । କୌଣସି ବ୍ୟକ୍ତିକୁ କୌଣସି କଥା ପ୍ରକାଶ କରିବାକୁ ଅନୁମତି ନ ଦେବା—2. Not to allow a person to speak out a thing.

ଜିଭ ହୁଡ଼ିବା—ଦେ. କ୍ରି—ଅକଥ୍ୟ କଥା କହିବା—To speak or utter a thing which should not be uttered.
Jibha hurdibā
জিভ করনা

ଜିଭା—ପ୍ରାଦେ. (ସିଂହଭୂମ) ବ—ଶଗଡ଼ଦଣ୍ଡାରେ ଲାଗିଥିବା ଅଟ ଖାଦ୍ୟ (ଫଳ)—The cross-bar at the front or pointed end of a bullock-cart
Jibhā

ଜିଭି—ଦେ. ବ—ଜିଭଛେଲା—
Jibhi — 1. Tongue-scraper.
জীভী — ୨ । ଜିଭ ଆକାରର ଗଜା—2. A kind of sweet-meat shaped like the tongue.
जीभी

ଜିମ୍ (ଧାତୁ)—ସ—ଖାଇବା; ଭୋଜନ କରିବା—
Jim (root) — To eat.

ଜିମ୍‌ଖାଡ଼ି—ଦେ. ବ—ଜିମିଖାଡ଼ି (ଦେଖ)
Jim-khārdi — Jimikhārdi (See)

ଜିମ୍‌ଖାନା—ବୈଦେ. ବ. (ଇଂ. ଜିମ୍ ଓ ଫା. ଖାନା)—ସାଧାରଣଙ୍କର କ୍ରୀଡ଼ା ବ୍ୟାୟାମ ଓ ଖେଳ କରିବାର ସୁବିଧାଜନକ ସ୍ଥାନ; ଯାଗାଘର—Gymkhana.
Jim-khānā
জীমখানা
जीमखाना

ଜିମ୍‌ନାଷ୍ଟିକ୍—ବୈଦେ. ବ. (ଇଂ. ଜାମନାଷ୍ଟିକ୍)—
Jim-nāshtik — ୧ । ବଳିଷ୍ଠ ଅଙ୍ଗପ୍ରତ୍ୟଙ୍ଗ ଗଠନ ନିମିତ୍ତ ଯନ୍ତ୍ରାଦି ସାହାଯ୍ୟରେ କରାଯିବା ବ୍ୟାୟାମ—1. Physical exercise.
জিমনাষ্টিক
जिमनाष्टिक
୨ । କୌଶଳପୂର୍ଣ୍ଣ ମଲ୍ଲବିଦ୍ୟା—2. Gymnastics.

ଜିମା—ବୈଦେ. ବ. (ଆ. ଜିମ୍ମା=ଦାୟିତ୍ୱପୂର୍ଣ୍ଣ ପ୍ରତିଜ୍ଞା)—
Jimā — ୧ । ନ୍ୟାସ; ସଂରକ୍ଷା—1. Custody; charge; care; trust.
জিম্মা
जिम्मा — ୨ । ଆୟତ୍ତ; ଅଧିକାର—2. Control.
(ଜିମ୍ମା—ଅନ୍ୟରୂପ) — ୩ । ଦାୟିତ୍ୱ; ଜବାବ୍‌ଦେହୀ—3. Responsibility.
୪ । କାର୍ଯ୍ୟର ଭାର—4. Charge of some matter.
ଅ—ମାରଫତରେ—Through; per (as in 'per bearer').

ଜିମା କରିବା—ଦେ. କ୍ରି—କୌଣସି ବସ୍ତୁକୁ କୌଣସି ବ୍ୟକ୍ତି ନିକଟରେ ନ୍ୟସ୍ତ କରିବା—To commit a thing to the custody of a person.
Jimā karibā
জিম্মা করা; জিম্মা দেওয়া
जिम्मा करना

ଜିମାଣି—ଦେ. ବ—ଜିମିଖାଡ଼ି (ଦେଖ)
Jimāni — Jimikhārdi (See)

ଜିମାଦାର—ବୈଦେ. ବଣ. ଓ ବ (ଫା. ଜିମ୍ମାଦାର; ଜିମ୍ମାବାର)—
Jimā-dāra — ୧ । ସଂରକ୍ଷଣକର୍ତ୍ତା; ଯାହା ନିକଟରେ କୌଣସି ବସ୍ତୁ ଗଚ୍ଛିତ ଥାଏ—1. Trustee; custodian.
জিম্মাদার
जिम्मेदार, जिम्मादार — ୨ । କୌଣସି ବିଷୟ ପାଇଁ ଦାୟୀ—2. Responsible for any matter.

ଜିମା ଦେବା—ଦେ. କ୍ରି—ଜିମା କରିବା (ଦେଖ)
Jimā debā — Jimā karibā (See)

ଜିମାନାମା—ବୈଦେ. ବ. (ଫା. ଜିମ୍ମାନାମେହ୍)—କୌଣସି ବସ୍ତୁକୁ କୌଣସି ବ୍ୟକ୍ତି ନିକଟରେ ଗଚ୍ଛିତ ରଖିବାର ଦଲିଲ ପତ୍ର—Trust. deed; a deed indicating receipt of a thing entrusted to a person.
Jimā-nāma
জিম্মানামা
जिम्मानामा

ଜିମା ନେବା—ଦେ. କ୍ରି—୧ । କୌଣସି ପଦାର୍ଥକୁ ଆପଣା ଅଧିକାର ବା ଦାୟିତ୍ୱରେ ରଖିବାକୁ ନେବା—1. To take a thing into one's custody or charge.
Jimā nebā
জিম্মা লওয়া
जिम्मा लेना
୨ । କୌଣସି ବିଷୟର ଦାୟିତ୍ୱ ଗ୍ରହଣ କରିବା—2 To take upon one's self the responsibility for a matter.

ଜିମା ରଖିବା—ଦେ. କ୍ରି—କୌଣସି ପଦାର୍ଥକୁ କୌଣସି ବ୍ୟକ୍ତି ନିକଟରେ କିଛିକାଳ ପାଇଁ ନ୍ୟସ୍ତ ରଖିବା—To keep a thing in the custody or charge of a person.
Jimā rakhibā
জিম্মা রাখা; জিম্মায় রাখা
जिमा देना

ସାଧାରଣ ଲେଖକେ ଅପର ପୃଷ୍ଠାରେ ଲିଖିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଖୋଜିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

ଜମିଆଁ—ବୈଦେ. ବ. (ଅ)—ମୁସଲମାନ ରାଜାମାନଙ୍କ ଅମଳରେ
Jimiā̃ ଅମୁସଲମାନଙ୍କଠାରୁ ଆଦାୟ ହେବା ଜିଜିଆ ପରି ଏକ-
ପ୍ରକାର ଶୁଳ୍କ —A poll-tax levied from non-mahomedans.

ଜିମିଖାଡ଼ି— ଦେ. ବ—ଡୋଡ଼ୀ ଜାତୀୟ କ୍ଷୁଦ୍ର ମତ୍ସ୍ୟବିଶେଷ; ଜିମେଇ—
Jimikhā̱rḏi A kind of small fresh-water-fish.
[ଦ୍ର—ଏମାନେ ମଧୁର ପାଣିରେ ରହନ୍ତି । ଏମାନଙ୍କ ଦେହ ୪।୫ ଅଙ୍ଗୁଳ ଲମ୍ବ, ଦେହରେ ଛୋଟ ଛୋଟ କାଢ ଥାଏ ଓ ଦୁଇ କଡ଼ ପାଖେ ଦୁଇଟି ଲମ୍ବ ନାଲ ବା କଳା ଡୋର (ରେଖା) ଥାଏ ।]

ଜିମେଇ—ଦେ. ବ—ଜିମିଖାଡ଼ି (ଦେଖ)
Jimei Jimikhā̱rḏi (See)
(ଜମେଇଖାଡ଼ି—ଅନ୍ୟରୂପ)

ଜିରଗା—ବୈଦେ. ବ. (ଅ. ଜାରଗାହ୍)—ମୁସଲମାନଙ୍କ ଜାତୀୟ ବା
Jir-gā ରାଜନୈତିକ ସମ୍ମିଳନୀ—A social or political
ଜିରଗା conference of the Mahomedans inhabi-
जिरगा ting the N. W. Frontier provinces of India.
[ଦ୍ର—କାବୁଲ ଓ ଭାରତର ଉତ୍ତର ପଶ୍ଚିମ ସୀମାନ୍ତବାସୀ ଅଫ୍ରିଦି ଆଦି ଜାତିମାନେ ଜିରଗା ବସାଇ ରାଜନୈତିକ ସମସ୍ୟାମାନ ଆଲୋଚନା କରନ୍ତି ।]

ଜିରନ୍ଦାଜ—ବୈଦେ. ବି. (ଫା. ଜିରନ୍ଦାଜ୍)—ହୁକା ବସାଯିବା
Jirandā̱j ବୈଠକର ମୁହଁରେ ଯେଉଁ ଚିତ୍ରିତ ବସ୍ତ୍ରଖଣ୍ଡ ଘୋଡ଼ାଇ
ଜିରନ୍ଦାଜ ଦିଆଯାଏ—An ornamental cover for the
जिरनदाज hooka-stand.

ଜିରା (ଇତ୍ୟାଦି)—ଦେ. ବି. (ସ. ଜୀରକ)—ଜୀରା ଇତ୍ୟାଦି (ଦେଖ)
Jirā (etc) Jirā etc (See)

ଜିରାଇତ—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବୈଦେ. ବି (ଅ. ଜରୀତ୍ =କୃଷିକର୍ମ; ତୁଳ. ହି. ଏହି ଅର୍ଥରେ ଜରାଯତ୍)—
Jirā-it
୧ । କିଛି ସମୟ ପାଇଁ ଚାଷ କରିବା ନିମନ୍ତେ ରଇତକୁ ଦିଆ ଯାଇଥିବା ଜମିଦାରଙ୍କ ନିଜଚାଷ ଜମି—
1. Zirayet land; zamindar's private land leased out temporarily to a royat.
୨ । ଚାଷଜମି; ଅବାଦ ହୋଇଥିବା ଜମି—
2. Arable land.

ଜିରାଇତି—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବି— ଜିରାଇତ୍ (ଦେଖ)
Jirā-iti Jirā-it (See)

ଜିରାଫ୍—ବୈଦେ. ବ. (ଅ. ଜରାଫରୁ ଯୁରୋପଦେଶୀୟ ଭାଷାରେ ବ୍ୟବ-
Jirāph ହୃତ ଶବ୍ଦ ଜାରାଫାରୁ ଇଂ. ଜିରାଫ୍; Giraffe)—ଦୀର୍ଘାକାର
ଜିରାଫ ଚତୁଷ୍ପଦବିଶେଷ—The Giraffe.
जिराफा [ଦ୍ର—ଏହା ଆଫ୍ରିକାଦେଶୀୟ ଚତୁଷ୍ପଦ । ଓଟର ବେକ ଓ ଗୋଡ଼ ଅପେକ୍ଷା ଏହାର ବେକ ଓ ଗୋଡ଼ ଲମ୍ବ । ଏହାର ପଛ ଗୋଡ଼ ଆଗ ଗୋଡ଼ର ପ୍ରାୟ ଦେଢ଼ଗୁଣ ଲମ୍ବ । ଏହାର ଦୁଇଟି ଶିଙ୍ଘ ଅଛି; ଏହାର ପଦ, ପୁଚ୍ଛ, ଗଳା, କର୍ଣ୍ଣ ଓ ଜିହ୍ୱା ଦୀର୍ଘ । ଏହାର ଆଖି ମୁହଁ ଉପରକୁ ପଦାକୁ ବାହାରି ଥାଏ । ଏ ମୁହଁକୁ ନ ବୁଲାଇ କେବଳ ଆଖିକୁ ପଛଆଡ଼କୁ ଫେରାଇ ଚାହିଁ ପାରେ । ଏ ପାଟିରୁ ଜିଭକୁ ୧୭ଇଞ୍ଚ ପର୍ଯ୍ୟନ୍ତ ବାହାରକୁ କାଢ଼ି ପାରେ । ଏ ମରୁପ୍ରଦେଶରେ ବିଚରଣ କରେ ଓ ଏହାର ଲମ୍ବ ବେକ ଯୋଗୁଁ ଏ ସେହି ପ୍ରଦେଶରେ ଜନ୍ମିବା ଡେଙ୍ଗା ତାଳ, ଖଜୁରୀ ଓ କଣ୍ଟା ଗଛରୁ ପତ୍ର ଆଦି ମୁହଁଦ୍ୱାରା ଛିଣ୍ଡାଇ ଆଣି ଖାଏ । ଏହାର ଦେହ ଚିତ୍ର-ମୃଗ ପରି ଈଷତ ହଳଦିଆ ଲୋମରେ ଆବୃତ ଓ ତହିଁରେ ଛିପିଛିପି ଧଳା ଦାଗମାନ ଥାଏ । ଏମାନେ ଦଳ ବାନ୍ଧି ରହନ୍ତି । ଏହା ଗୋଡ଼ରେ ଖୁରା ଅଛି ।]

ଜିରାୟତ୍—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବ—
Jirā-yat ଜିରାଇତ୍ (ଦେଖ)
Jirā-it (See)

ଜିରାୟତି—ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବ—
Jirā-yati ଜିରାଇତ୍ (ଦେଖ)
Jirā-it (See)

ଜିରାଳି—ପ୍ରାଦେ. (ଗଡ଼ଜାତ) ବ—ମହୁରାଳି (ମାଛ) (ଦେଖ)
Jirā̱li Mahurā̱li (fish) (See)

ଜିରେଇତି—ସ୍ତ୍ରୀ. ପ୍ରାଦେ. (ଗଞ୍ଜାମ ଓ ସମ୍ବଲପୁର) ବ—
Jire-iti ଜିରାଇତ୍ (ଦେଖ)
Jirā-it (See)

ଜିରେଇବା—ପ୍ରାଦେ. (ଯାଜପୁର) କ୍ରି. (ତୁଳ. ବ. ଜିରାନ)—
Jireibā ଖାଇ ସାରି କିଛିକାଳ ବିଶ୍ରାମ ନେବା—
To rest a while after meals.

ଜିରେଇ ଶିଆଳି—ଦେ. ବ. (ସ. ଜୀରକ+ଶାଳ; ଏହା ଜୀରା ପରି
Jirei siā̱li ଛୋଟ ଥିବାରୁ)—ଏକପ୍ରକାର ସରୁ ଶାରଦ ଧାନ—
जिरिया A kind of fine winter-paddy.

ଜିରେଫ୍— ବୈଦେ. ବ. (ଇଂ)—ଜିରାଫ୍ (ଦେଖ)
Jiref Jirāf (See)

ଜିଲ୍—ଦେ. ବ. (ସ. ଝିଲ୍ଲୀ; ତୁଳ. ଫା. ଜାର୍)—
Jil ୧ । ବେହେଲାରୁ ନିଃସୃତ ୪ ଗୋଟି ସ୍ୱର ମଧ୍ୟରୁ ଏକତମ;
ଜିଲ କେଁକେଁଆ ସ୍ୱର—1. Shrill note of the
जील violin.
୨ । ବେହେଲାର ତୀବ୍ର ସ୍ୱରବିଶିଷ୍ଟ ତାର ବା ତନ୍ତ୍ରୀ—
2. The treble string of a violin.
[ଦ୍ର—ବେହେଲାର ୪ଗୋଟି ତାରରୁ ୪ଗୋଟି ସ୍ୱର ବାହାରେ, ଯଥା— ଜିଲ୍ ବା ପଞ୍ଚମ, ସୁର, ମଧ୍ୟମ ଓ ଖାଦ; ଖାଦ ସବୁଠାରୁ ଉଚ୍ଚ ଓ ଜିଲ୍ ସବୁଠାରୁ ତୀକ୍ଷ୍ଣ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଅ	ଉଅ	ଊ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	୭	ତୁ

୩ । ତବଲା ବା ପଖୋଜର ବାମ ପାଖରୁ ଉଠିବା ସ୍ୱର— 3. The sound produced by the left hand side of a drum.

ବୈଦେ. ବ. (ଅ. ଜିଲ୍ଲା)—ଔଜ୍ଜ୍ୱଲ୍ୟ—Brightness.

ଜିଲ୍‌କଜ୍—ବୈଦେ. ବ (ଫା)—ମୁସଲମାନ ମାସବିଶେଷ—
Jil-kaj Name of a Mahomedan month.
ज़िलकज [ଦ୍ର—ଏହା ସଫାଲର ପରବର୍ତ୍ତୀ ଓ ଜିଲ୍‌ହେଜ୍‌ର
जिलकज ପୂର୍ବବର୍ତ୍ତୀ ମାସ ।]

ଜିଲ୍‌ପି—ଦେ. ବ—ଜିଲିବି (ଦେଖ)
Jil-pi Jilibi (See)

ଜିଲ୍‌ଫା—ବୈଦେ. ବ. (ଅ) —ରାଗିଣୀବିଶେଷ—
Jil-phā Name of a musical air.

ଜିଲ୍‌ବି—ଦେ. ବ—ଜିଲିବି (ଦେଖ)
Jil-bi Jilibi (See)

ଜିଲ୍‌ହେଜ୍—ବୈଦେ. ବ. (ଫା)—ମୁସଲମାନ ମାସବିଶେଷ; ମହରମର
Jil-hej ପୂର୍ବ ମାସ—Name of a Mahomedan month.
जिलहेज
ज़ीलहेज

ଜିଲତ୍—ବୈଦେ. ବ. (ଅ. ଜିଲ୍ଲତ୍)—
Jilat ୧ । ଲଜ୍ଜା—1. Shame.
जिलत ୨ । ଅପମାନ; ବେଇଜ୍ଜତି—2. Insult.
ज़िल्लत ୩ । ଅନାଦର—3. Disrespect; disregard.
୪ । ଦୁର୍ଦ୍ଦଶା; ଦୁର୍ଗତି—4. Misery.
(ଯଥା—ଜିଲତ୍ ଦେବା, ଜିଲତ୍ ପାଇବା, ଜିଲତ୍‌ରେ ପଡ଼ିବା ।)

ଜିଲତ୍ ଉଠା(ଠେ)ଇବା— ଦେ. କ୍ରି. (ଅ. ଜିଲ୍ଲତ୍)—
Jilat uthā(the)ibā ୧ । ଅପମାନିତ ହେବା—
जिलत उठान 1. To be insulted.
ज़िल्लत उठाना ୨ । ଲଜ୍ଜିତ ହେବା—
2. To be put to shame.

ଜିଲଦ୍—ବୈଦେ. ବ. (ଅ. ଜିଲ୍ଦ୍=ଚମଡ଼ା)—
Jilad ୧ । ବହିର ମଲାଟ ଉପରେ ବନ୍ଧା ହେବା ଚମଡ଼ା—
जिलद 1. Parchment or leather put on the
जिल्द stiff cover of a book.
୨ । ପୁସ୍ତକର ଖଣ୍ଡ—
2. Volume of a book; copy of a book.
୩ । ଚମଡ଼ା—3. Leather.

ଜିଲଦ୍‌ବନ୍ଦ୍—ବୈଦେ. ବ. (ଅ. ଜିଲ୍ଦ୍‌ବନ୍ଦ୍)—
Jilad-band ଯେଉଁ ବ୍ୟକ୍ତି ବହି ବାନ୍ଧେ—Book-binder.
जिलदबन्द
ज़िल्दबन्द

ଜିଲଦ୍‌ବନ୍ଦୀ—ବୈଦେ. ବ. (ଅ. ଜିଲ୍ଦ୍‌ବନ୍ଦୀ)—ବହିଙ୍କୁ ସିଲେଇ କରି
Jiladbandī ଚମଡ଼ା ଆଦି ଦ୍ୱାରା ବାନ୍ଧିବା କର୍ମ—
जिलदबन्दी Book-binding.
जिल्दबन्दी

ଜିଲଦ୍ ବାନ୍ଧିବା—ପୁସ୍ତକ ସିଲେଇ କରି ଉପରେ ମୋଟା କାଗଜ ଓ
Jilad bāndhibā ଚମଡ଼ା ଦେଇ ବାନ୍ଧିବା—
जिलद बान्धा To bind a book.
जिल्द बांधना

ଜିଲ୍ଲା—ବୈଦେ. ବ. (ଅ. ଜିଲ୍ଲା, ଭୁଲ. ସ. ଔଜ୍ଜ୍ୱଲ୍ୟ)—
Jilā ୧ । ଆଭା; ଜ୍ୟୋତିଃ; ଔଜ୍ଜ୍ୱଲ୍ୟ—
जिला 1. Brightness; blaze.
ज़िला ୨ । ସ୍ନିଗ୍ଧତା; ଚିକ୍କଣତା—2. Smoothness.
जेला ୩ । (ଅ. ଜିଲ୍ଲା) ପ୍ରଦେଶର ଶାସନବିଭାଗ—
ज़िला 3. An administrative district.
(ଜିଲ୍ଲା—ଅନ୍ୟରୂପ) [ଦ୍ର— ଇଂରେଜ ଶାସିତ ଭାରତ ବର୍ଷ ଭିନ୍ନଭିନ୍ନ ପ୍ରଦେଶ (Province) ରେ ବିଭକ୍ତ । ପ୍ରତ୍ୟେକ ପ୍ରଦେଶ ଭିନ୍ନ ଭିନ୍ନ ବିଭାଗ (Division) ଓ ପ୍ରତ୍ୟେକ ବିଭାଗ କେତେକ ଜିଲ୍ଲା (District) ର ସମଷ୍ଟି । ପ୍ରତି ଜିଲ୍ଲା ଜଣେ ଜଣେ ଶାସକଙ୍କର ଅଧୀନ । ପ୍ରତ୍ୟେକ ଜିଲ୍ଲା ଦୁଇ ବା ତତୋଽଧିକ ଉପଜିଲ୍ଲା ବା ମହକୁମା (Sub-division) ଓ ପ୍ରତ୍ୟେକ ମହକୁମା କେତେଗୁଡ଼ିଏ ଥାନାର ସମଷ୍ଟି ।

ଜିଲ୍ଲାର ସାଙ୍କେତିକ ଚିହ୍ନ 'ଜି' ।]

ପ୍ରାଦେ. (ପୁରୀ ଜିଲ୍ଲାର ଖୋରଧା ଓ ଗଡ଼ଜାତ) ବି.—କିଲ୍ଲାର ରାଜକୀୟ ବିଭାଗବିଶେଷ—Subdivision of a Kilā.
[ଯଥା—ଖୋରଧା କିଲ୍ଲାର ବାଣପୁର, ଭୁବନେଶ୍ୱର, ବଲଭଦ୍ରପୁର, ଟାପଙ୍ଗ, ମାଣିକଗୋଡ଼ା, ଭୁଷଣପଲ୍ଲୀ, ପାଞ୍ଚଗଡ଼ ଓ ଦାଣ୍ଡିମାଲ, ଏବଂ ନୟାଗଡ଼ କିଲ୍ଲାର କାନ୍ଧମାଳ ଗୋଟିଏ ଗୋଟିଏ ଜିଲ୍ଲା ।]

ବୈଦେ. ବଣ. (ଅ. ଜିଲ୍ଲା=ଘାଷ୍ଟି)—୧ । ଚିକ୍କଣ—
1. Smooth.
୨ । ପାଲିସ୍ କରି ଯାଇଥିବା—2. Polished.
୩ । ଚକଚକିଆ—3. Shining; brilliant.

ଜିଲ୍ଲାଉଆରି—ବୈଦେ. ବଣ. (ଫା. ଜିଲ୍ଲାୱାରି)—୧ । ଗୋଟିଏ ଗୋଟିଏ
Jilā-uāri ଜିଲ୍ଲାର ଧାରାବାହିକରୂପେ ଚର୍ଚ୍ଚା କରି ଯାଇଥିବାରୂପେ—
जेलाओयारि 1. Dealing with each the district in detail.
୨ । ପ୍ରତି ଜିଲ୍ଲା; ଏକ ଜିଲ୍ଲା ପରେ ଅନ୍ୟ ଜିଲ୍ଲା—
(ଜିଲ୍ଲାବାରି—ଅନ୍ୟରୂପ) 2. District by district.

ଜିଲ୍ଲା କଲେକ୍ଟର—ବୈଦେ. ବ. (ଅ. ଜିଲ୍ଲା ଓ ଇଂ. କଲେକ୍ଟର)—ଜିଲ୍ଲାର
Jilā kalektar ରାଜସ୍ୱ ଆଦାୟ ବିଷୟର ଭାରପ୍ରାପ୍ତ ସର୍ବୋଚ୍ଚ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚକ୍ଷଚିହ୍ନ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷଚିହ୍ନ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷଚିହ୍ନ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷଚିହ୍ନ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍ଖା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

জেলা কলেক্টর ରାଜକର୍ମଚାରୀ—
जिला किलटर District Collector.
ଜିଲ୍ଲା କଲଟର / ଜିଲ୍ଲା କଲେକ୍ଟର } ଅନ୍ୟରୂପ

ଜିଲ୍ଲା ଜଜ୍—ବୈଦେ. ବି. (ଆ. ଜିଲା ଓ ଇଂ. ଜଜ୍)—ଜିଲ୍ଲାର ଦେବାନି
Jilā jaj ବିଚାର ବିଭାଗର ଉଚ୍ଚତମ ରାଜକର୍ମଚାରୀ—
জেলাজজ District Judge.
जिलाजज

ଜିଲ୍ଲାଦାର୍—ବୈଦେ. ବି. (ଫା)—୧ । କେନାଲ୍ ରେଭେନ୍ୟୁ ବା ସରକାରୀ
Jilā-dār ଜଳକର ଅସୁଲ କର୍ମଚାରୀ; ତହସିଲଦାରଙ୍କ ଉପରସ୍ଥ
জিলাদার କର୍ମଚାରୀ—1. Ziladar; the superior officer
जिलादार; जिलेदार above the Tahasildar or collecting officer of canal revenue.
(ଜିଲ୍ଲାଦାର୍—ଅନ୍ୟରୂପ)
(ଜିଲାଦାରୀ—ଜିଲ୍ଲାଦାରର କର୍ମ ବା ଚାକିରି)
୨ । ସରବରାକାର; ଜମିଦାରଙ୍କ ପକ୍ଷରୁ ମଫସଲର ଖଜଣା ଅସୁଲ କରିବାର ଭାରପ୍ରାପ୍ତ ତହସିଲଦାରମାନଙ୍କ ଉପରସ୍ଥ କର୍ମଚାରୀ—2. The superior officer above a Zamindar's rent-collector.
ବିଣ. (ଫା)—୧ । ଦୀପ୍ତିମାନ୍; ଚକଚକିଆ—1. Shining.
୨ । ମସୃଣ ଓ ଚିକ୍କଣ—2. Smooth; oily.

ଜିଲ୍ଲାପି (ବି)—ଦେ. ବି—ଜିଲିବି (ଦେଖ)
Jilāpi (bi) Jilibi (See)

ଜିଲ୍ଲାବୋର୍ଡ୍—ବୈଦେ. ବି. (ଆ. ଜିଲ୍ଲା ଓ ଇଂ. ବୋର୍ଡ)—ଜିଲ୍ଲାର
Jilā-bord ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା ଆଦି କେତେକ ବିଷୟ ବୁଝିବା
জেলাবোড় ସକାଶେ ସରକାରଙ୍କ ମନୋନୀତ ଓ ବେ ସରକାରୀ ଲୋକ
जिलाबोरट ପ୍ରତିନିଧି ମେମ୍ବରମାନଙ୍କଦ୍ୱାରା ଗଠିତ କମିଟୀ—
(ଜିଲାବୋର୍ଡ—ଅନ୍ୟରୂପ) District Board

ଜିଲ୍ଲା ମାଜିଷ୍ଟ୍ରେଟ୍—ବୈଦେ. ବି. (ଆ. ଜିଲା ଓ ଇ. ମାଜିଷ୍ଟ୍ରେଟ୍)—
Jilā mājishtret ଜିଲାର ଫଉଜଦାରୀ ମକଦମା ଓ ଶାନ୍ତିରକ୍ଷା
জেলা ম্যাজিষ্ট্রেট্ ଆଦିର ଭାରପ୍ରାପ୍ତ ଉଚ୍ଚତମ ରାଜକର୍ମଚାରୀ—
जिला मेजेष्टर District Magistrate.
ଜିଲ୍ଲା ମାଜିଷ୍ଟର / ଜିଲ୍ଲା ମେଜେଷ୍ଟର }—ଅନ୍ୟରୂପ

ଜିଲ୍ଲା ସୁପରଣ୍ଟେଣ୍ଡେଣ୍ଟ୍—ବୈଦେ. (ଆ. ଜିଲ୍ଲା ଓ ଇଂ ସୁପରଣ୍ଟେଣ୍ଡେଣ୍ଟ)
Jilā suparintendent ପୁଲିସବିଭାଗର ସର୍ବୋଚ୍ଚ ରାଜକର୍ମଚାରୀ—
জেলা সুপারিন্টেণ্ডেণ্ট District Superintendent
जिला सुपरिंदंट of Police.

ଜିଲ୍ଲା ହାକିମ—ବୈଦେ. ବି. (ଆ. ଜିଲ୍ଲା ହାକିମ୍)—ଜିଲ୍ଲାର ସ୍ୱତନ୍ତ୍ର
Jilā hākima ବିଭାଗର ସର୍ବୋଚ୍ଚ ରାଜକର୍ମଚାରୀ—The
জেলা হাকিম highest officer in a district in
जिला हाकीम a particular department.

ଜିଲି—ଦେ. ବି.—ଜିଲିବି (ଦେଖ)
Jili Jilibi (See)

ଜିଲିକି—ଦେ. ବି.—ଜଳୁକି (ଦେଖ)
Jiliki Juluki (See)

ଜିଲିପି—ଦେ. ବି.—ଜିଲିବି (ଦେଖ)
Jilipi Jilibi (See)

ଜିଲିବି—ଦେ. ବି. (ସଂ. ଛଲି==ତ୍ୱକ୍; କମ୍ପା ଝିଲ୍ଲୀ=ପତଳା ପାଉଁଆ;
Jilibi ଭୁଲ. ହି. ଜିଲ୍ଲବ୍=ପିଠଉକୁ ଫେଣାଇବା)—କୁଣ୍ଡଳାକୃତି
জিলেবী ଦ୍ରବପକ୍ୱ ମିଷ୍ଟାନ୍ନବିଶେଷ—
जिलेबि; जिलाबी A kind of spiral sweetmeat.
(ସଂ. ନାମ—କୁଣ୍ଡଳୀ) [ଦ୍ର—ବିରି ବଟା ହୋଇ ଫେଣିଆ ହେବା ପରେ ପିଠଉକୁ ଗୋଟିଏ ଛିଦ୍ରଯୁକ୍ତ ଖପରେଇ ବା କନାଦ୍ୱାରା କୁଣ୍ଡଳାକାର କରି ଫୁଟିଲା ତେଲ ବା ଘିଅରେ ଛାଡ଼ି ଦିଆଯାଏ । ତାହା ଘିଅ ବା ତେଲରେ ସିଦ୍ଧ ହୋଇ କୁଣ୍ଡଳାକାର ଫମ୍ପା ଖଣ୍ଡରେ ପରିଣତ ହୁଏ । ଗରମ ଥାଉଁ ଥାଉଁ ଉକ୍ତ ଫମ୍ପା ଜିନିଷକୁ ଚିନି ବା ଗୁଡ଼ର ଶିରା ମଧ୍ୟରେ ପକାଇ ଦେଲେ ତହିଁ ମଧ୍ୟରେ ଶିରା ପୂର୍ଣ୍ଣ ହୋଇ ଯାଏ; ତାକୁ ଜିଲିବି କହନ୍ତି । ଯେଉଁ ପିଷ୍ଟକ ଶିରାରେ ବୁଡ଼ା ହୁଏ ନାହିଁ ତାକୁ ଝିଲି କହନ୍ତି ।]

ଜିଲ୍ଲା (ଇତ୍ୟାଦି)—ବୈଦେ. ବି. (ଆ)—ଜିଲା ଇତ୍ୟାଦି (ଦେଖ)
Jillā (etc) Jilā etc (See)

ଜିଲ୍ଲେ—ଦେ. ବିଣ—ଅମୁକ ଜିଲ୍ଲା ମଧ୍ୟସ୍ଥ—
Jille Situated in such and such a district.
(ଯଥା—ମୌଜେ ସିଦ୍ଧେଶ୍ୱରପୁର, ଜିଲ୍ଲେ କଟକ ।)

ଜିଶୁ (ଇତ୍ୟାଦି)—ବୈଦେ.ବି. (ହେବ୍ରୁ ଓ ଇଂ)—ଯୀଶୁ ଇତ୍ୟାଦି (ଦେଖ)
Jiśu (etc) Jiśu etc (See)

ଜିଷ୍ (ଧାତୁ)—ସଂ—ଛିଞ୍ଚିବା—
Jish (root) To sprinkle.

ଜିଷ୍ଣୁ—ସଂ. ବିଣ. (ଜି ଧାତୁ+ଶୀଳାର୍ଥରେ କର୍ତ୍ତୃ. ଷ୍ଣୁ)—
Jishṇu ଜୟଶୀଳ; ବିଜୟୀ—Victorious; triumphant.
ସଂ. ବି. (ଯେ ସମସ୍ତଙ୍କୁ ଜୟ କରିଅଛନ୍ତି)—୧ । ବିଷ୍ଣୁ—1. Visnu.
୨ । ଶ୍ରୀକୃଷ୍ଣ—2. Srikrushna.
୩ । ଇନ୍ଦ୍ର—3. God Indra.
୪ । ସୂର୍ଯ୍ୟ—4. The sun.
୫ । ଅର୍ଜ୍ଜୁନ—5. Arjuna; one of the Pāndab-brothers.
୬ । ବସୁ (ଦେବତା)—6. The Basu class of Deities.
୭ । ବସ୍ତୁ (ହି. ଶବ୍ଦସାଗର)—7. Thing; article.

୧	ଇ	ଜ	ର,ହ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଉ	ରୁ	ଲ୍ଲ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଢ	ନ୍ତ

ଜି ହଜୁର୍ !—ଦେ. ଅ. (ଫ. ଜୀ+ଅ. ହୁଜୁର) (ସମ୍ମାନସୂଚକ
Ji hajur ! ବ୍ୟକ୍ତିଙ୍କ ଜବାବ ଦେବାରେ ବ୍ୟବହୃତ)—
जीहजूर ! ହଁ,ମହାଶୟ !—Yes, Your Honor ! yes, Your
जीहुज़ूर ! Highness (a term used in responding to one's superior).

[ଦ୍ର—ରାଜା ଓ ବାବୁମାନଙ୍କୁ ନିମ୍ନବ୍ୟକ୍ତିମାନେ ଡାକର ଉତ୍ତର ଦେବାବେଳେ, କୌଣସି ବିଷୟରେ ସମ୍ମତି ଜ୍ଞାପନ କରିବା ବେଳେ ଏ ଶବ୍ଦଦ୍ୱୟ ବ୍ୟବହାର କରନ୍ତି । ଉର୍ଦ୍ଦୁ ଶବ୍ଦ ଫ. ଜିନ୍ =ଜନ୍ମୀ କିମ୍ବା ଫ. ଜୀବର ଅପଭ୍ରଂଶ ଓ ଅ. ହୁଜୁର ଶବ୍ଦ ଓଡ଼ିଆ 'ଛାମୁ' ଶବ୍ଦ ପରି ବଡ଼ଲୋକଙ୍କ ସାମୀପ୍ୟ ବା ସାନ୍ନିଧ୍ୟବାଚକ; ଜି ହୁଜୁର ଏହି ପଦର ଅର୍ଥ ହଁ, ମହାଶୟ !]

ଜିହଲ୍ (ଇତ୍ୟାଦି)—ଗ୍ରା. ବୈଦେ. ବି. (ଇଂ)—
Jihal (etc) ଜେଲ୍ ଇତ୍ୟାଦି (ଦେଖ)
Jel etc (See)

ଜିହଳ—ଦେ. ବି—ଜିଅଳ (ଦେଖ)
Jihala Jiala (See)

ଜିହାଦ୍—ବୈଦେ. ବି. (ଅ. ଜିହାଦ୍)—୧ । ଧର୍ମହିଂସା ବା ଧର୍ମପ୍ରଚାରର
Jihād ନିମନ୍ତେ ଅନ୍ୟ ଧର୍ମାବଲମ୍ବୀଙ୍କ ସହିତ ମୁସଲମାନଙ୍କର ଯୁଦ୍ଧ—
जिहाद 1. A religious crusade against the infidel by the Mahomedans.
जिहाद्

୨ । ନିଜର ଧର୍ମରକ୍ଷାର୍ଥ ଯୁଦ୍ଧ—2. A war for the preservation of one's religion.

ଜିହାନ—ସଂ. ବିଣ. ପୁଂ (ହା ଧାତୁ=ଯିବା+କର୍ତ୍ତୃ. ଅନ)—
Jihāna ୧ । ଯାଉଥିବା—1. Going.
(ଜିହାନା—ସ୍ତ୍ରୀ) ୨ । ପ୍ରାପ୍ତ ହେଉଥିବା—2. Obtaining.

ଜିହାନକ—ସଂ. ବି. (ଜିହାନ+କ)—ସୃଷ୍ଟିର ବିନାଶ; ପ୍ରଳୟ—
Jihānaka Destruction or dissolution of the world.

ଜିହାସା—ସଂ. ବି. (ହା ଧାତୁ=ତ୍ୟାଗ କରିବା+ଇଚ୍ଛାର୍ଥେ ସନ୍=ଜିହାସ
Jihāsā ଧାତୁ+ଭାବ ଅ+ଆ)—୧ । ତ୍ୟାଗ କରିବାର ଇଚ୍ଛା—
1. Desire to give up or avoid something.
୨ । ଘୃଣା—2. Aversion; repugnance.

ଜିହାସୁ—ସଂ. ବି. (ହା ଧାତୁ=ତ୍ୟାଗ କରିବା+ଇଚ୍ଛାର୍ଥେ ସନ୍=
Jihāsu ଜିହାସ ଧାତୁ+କର୍ତ୍ତୃ. ଉ)—୧ । ତ୍ୟାଗ କରିବାକୁ
ଇଚ୍ଛୁକ—2. Desirous of giving up or avoiding something.

ଜିହୀର୍ଷା—ସଂ. ବି. ସ୍ତ୍ରୀ. (ହୃ ଧାତୁ=ହରଣ କରିବା+ଇଚ୍ଛାର୍ଥରେ ସନ୍
Jihirshā =ଜିହୀର୍ଷ ଧାତୁ+ଭାବ. ଅ+ଆ)—୧ । ହରଣ
କରିବାର ବା ଚୋରି କରିବାର ଇଚ୍ଛା ବା ଅଭିଳାଷ—
1. A desire to steal or commit theft; stealing propensity.

୨ । ମନୁଷ୍ୟ ଚୋରାଇ ନେବାର ଇଚ୍ଛା—
2. An intention to kidnap or abduct.
୩ । କୌଣସି ପଦାର୍ଥ କାଢ଼ିନେବାର ଇଚ୍ଛା—
3. Desire for seizing or snatching a thing.

ଜିହୀର୍ଷୁ—ସଂ. ବିଣ. (ହୃ ଧାତୁ+ଇଚ୍ଛାର୍ଥରେ ସନ୍=ଜିହୀର୍ଷ ଧାତୁ+କର୍ତ୍ତୃ.
Jihirshu ଉ)—ହରଣେଚ୍ଛୁ, ହରଣ କରିବାକୁ ଅଭିଳାଷୀ—
Desirous of stealing; wishing to seize or take.

ଜିହ୍ବ—ସଂ. ବି. ପୁଂ. (ଲିହ୍ ଧାତୁ=ଆସ୍ୱାଦନ କରିବା+କରଣେ ବ,
Jihwa ନିପାତନ)—୧ । ଜିଭ; ରସନା; ରସନେନ୍ଦ୍ରିୟ;
(ଜିହ୍ବା—ସ୍ତ୍ରୀ) ଆସ୍ୱାଦନେନ୍ଦ୍ରିୟ—1. The tongue; the organ of taste.

[ଦ୍ର—'ହ୍ବ'ର ଉଚ୍ଚାରଣ କ୍ରମେ କ୍ରମେ 'ଭ'ରେ ପରିଣତ ହୋଇ ପ୍ରାକୃତରେ 'ଜିଭ' ହୋଇଅଛି ।]

୨ । ଅଗ୍ନିର ଶିଖା—
2. The tongue or flame of fire.
୩ । ବାକ୍ୟ—3. Sentence.
୪ । ତଗରମୂଳ—4. The root of Tagara plant.

ଜିହ୍ବକ—ସଂ. ବି. (ଜିହ୍ବ+ସଂଜ୍ଞାର୍ଥେ କ)—ଏକପ୍ରକାର ସନ୍ନିପାତରୋଗ—
Jihwaka A kind of collapse or typhus.

[ଦ୍ର—ଏଥିରେ ରୋଗୀର ଜିଭ କଣ୍ଟକମୟ ହୁଏ, ରୋଗୀ ସ୍ପଷ୍ଟ କଥା କହି ପାରେ ନାହିଁ ଏବଂ ରୋଗୀର ଜିଭ ଥରେ । ଏଥିରେ ରୋଗୀକୁ ଶ୍ୱାସକାସ ଅଧିକ ମଧ୍ୟ ଧରେ । ଏ ରୋଗର ଅବଧି ୧୬ଦିନ; ଏ ରୋଗାକ୍ରାନ୍ତ ରୋଗୀ କାଲ କିମ୍ବା ମୂକ ହୋଇଯାଏ—ହି. ଶବ୍ଦସାଗର ।]

ଜିହ୍ବଳ—ସଂ. ବିଣ. ପୁଂ. (ଜିହ୍ବ+ଲା ଧାତୁ+କର୍ତ୍ତୃ. ଅ)—
Jihwala ୧ । ପେଟୁ; ଉଦରମ୍ଭର—
(ଜିହ୍ବଳା—ସ୍ତ୍ରୀ) 1. Voracious (M. W.).
୨ । ଜିଭ ଲାଳଚିଆ; ଜିଭ ଲଲବଲିଆ—
2. Having excessive hankering after dainty dishes.

ଜିହ୍ବା—ସଂ. ବି. ସ୍ତ୍ରୀ (ଜିହ୍ବ+ଆ)—ଜିହ୍ବ (ଦେଖ)
Jihwā Jihwa (See)
[ଦ୍ର—ଏହା ଜିହ୍ବ ଶବ୍ଦର ସ୍ତ୍ରୀଲିଙ୍ଗରେ ଆକାର ।]

ଜିହ୍ବାଉଲ୍କା—ଦେ. ବି (ସଂ. ଜିହ୍ବା+ଉଲ୍କା)—ଅଗ୍ନି ତୁଲ୍ୟ ଜିହ୍ବା; ଉଲ୍କା
Jihwā-ulkā ସଦୃଶ ଜିହ୍ବା—Tongue resembling a shooting star.

ବୃଷଭ ଜିହ୍ବାଉଲ୍କା ଦେଖାଇ ରକ୍ତ ଶଙ୍କା କରାଇ ଗଲେ ବ୍ୟାପି ସେ ।
। ଉପେନ୍ଦ୍ର. ବୈଦେହୀଶବିଳାସ ।

ଜିହ୍ବାଗ୍ର—ସଂ. ବି (୬ଷ୍ଠୀ ତତ୍; ଜିହ୍ବା+ଅଗ୍ର)—ଜିଭର ଅଗ—
Jihwāgra The tip of the tongue.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରିତ ଉପରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲବଡ' ଦେଖିବେ।

ଜିହ୍ୱାଗ୍ରବର୍ତ୍ତୀ—ସଂ. ବଣ (୭ମୀ ତତ୍ ଓ ଉପପଦ; ଜିହ୍ୱା+ଅଗ୍ରବର୍ତ୍ତୀ)—
Jihwāgra-bartti ୧। ଯାହା (କଥା ପ୍ରଭୃତି) ମନୁଷ୍ୟର ଜିଭ ଅଗରେ ଥାଏ—1. Well mastered (subject); committed to memory.
୨। ଯେଉଁ କଥାକୁ ମନୁଷ୍ୟ ବଚନରେ କହିପାରେ—2. Ready to be uttered or expressed in words.

ଜିହ୍ୱାନିର୍ଲେଖନ—ସଂ. ବ (୭ମୀ ତତ୍; ଜିହ୍ୱା+ନିର୍ଲେଖନ)—
Jihwā-nirlekhana ୧। ଜିଭ ଛେଲିବା; ଜିଭରୁ ଛଉଅ କାଢ଼ିବା ନିମନ୍ତେ ପାତଳ ଅଣ୍ଡ ଦ୍ୱାରା ଜିଭକୁ ଘଷିବା—1. Scraping of the tongue for cleansing it.
୨। ଜିଭଛେଲା ପାତଅ—2. Tongue-scraper.

ଜିହ୍ୱାପ—ସଂ. ବଣ (ଜିହ୍ୱା+ପା ଧାତୁ=ପିଇବା+କର୍ତ୍ତୃ. ଅ)—
Jihwāpa ଯେ ଜିଭ ଦ୍ୱାରା ପାଣି ପିଏ—Drinking water by the tongue only.
ସଂ. ବ—୧। କୁକ୍କୁର—1. Dog.
୨। ବାଘ—2. Tiger.
୩। ବିରାଡ଼ି—3. Cat.
୪। ଭାଲୁ—4. Bear.
[ଦ୍ର—ବିରାଡ଼ି କୁକ୍କୁର ଆଦି ଜନ୍ତୁମାନେ ପାଣିରେ ମୁହଁ ଲଗାଇ କରି ପାଣି ପିଅନ୍ତି ନାହିଁ; ଏମାନେ ଚକ୍ଚକ୍ କରି ଜିଭଦ୍ୱାରା ପାଣି ପିଅନ୍ତି। ଏମାନଙ୍କ ଜିଭ ଓଷ୍ଠର କାର୍ଯ୍ୟ କରେ।]

ଜିହ୍ୱାମଳ—ସଂ. ବି. (୭ମୀ ତତ୍; ଜିହ୍ୱା+ମଳ)—ଜିଭର ଛଉଅ—
Jihwā-mala The fur of the tongue.

ଜିହ୍ୱାମୂଳ—ସଂ. ବି. (୭ମୀ ତତ୍; ଜିହ୍ୱା+ମୂଳ)—କଣ୍ଠର ଯେଉଁ
Jihwā-mūla ଅଂଶରୁ ଜିହ୍ୱା ବାହାରି ଥାଏ—The root of the tongue.

ଜିହ୍ୱାମୂଲୀୟ—ସଂ. ବଣ (ଜିହ୍ୱାମୂଳ+ଉଚ୍ଚାର୍ଯ୍ୟେ. ଈୟ)—ଜିହ୍ୱାମୂଳରୁ
Jihwā-mūliya ଉଚ୍ଚାରିତ—Guttural.
ସଂ. ବ (ବ୍ୟାକରଣ)—ଜିହ୍ୱାମୂଳରୁ ଉଚ୍ଚାରିତ ବା ଉଚ୍ଚାର୍ଯ୍ୟ ବର୍ଣ୍ଣ—(grammar) Letters or alphabets uttered from the root of the tongue; the gutturals.
[ଦ୍ର—କ, ଖ, ଗ, ଘ, ଙ, ହ ଏବଂ ଃ ଏମାନେ ଜିହ୍ୱାମୂଲୀୟ ବର୍ଣ୍ଣ।]

ଜିହ୍ୱାରଦ—ସଂ.ବ (ବହୁବ୍ରୀହି; ଜିହ୍ୱା+ରଦ; ଯାହାର ଜିହ୍ୱା ରଦ ବା ଦନ୍ତର
Jihwā-rada କାର୍ଯ୍ୟ କରେ)—ପକ୍ଷୀ—Bird.

°**ଜିହ୍ୱାଳ**—ଦେ. ବଣ (ସଂ. ଜିହ୍ୱାଳ=ପେଟୁ) ଜିହ୍ୱା ବା ଜିଭ ଥିବା; ଜିହ୍ୱା-
Jihwāla ଯୁକ୍ତ—Having tongues; tongued.
ଅନଳ-ଜିହ୍ୱାଳ-ଜ୍ୱଳା ବାହାରଇ ଭଗ୍ନସ୍ତ ମେଦୁସ୍ତ ଅଙ୍ଗେ—
ରାଧାନାଥ. ଯଯାତି।

ଜିହ୍ୱାଲାଳସା—ସଂ.ବ (୭ମୀ ତତ୍; ଜିହ୍ୱା+ଲାଳସା)—ଜିଭଲାଳତା;
Jihwā-lālasā ରୁଚିକର ଖାଦ୍ୟ ପ୍ରତି ଅତିଶୟ ବାସନା—Hankering after dainties.

ଜିହ୍ୱାଲିହ୍—ସଂ. ବ (ଜିହ୍ୱା+ଲିହ୍ ଧାତୁ=ଚାଟିବା+କର୍ତ୍ତୃ. କ୍ୱିପ୍)—
Jihwālih ୧। କୁକୁର—1. Dog.
୨। ବିରାଡ଼ି—2. Cat.

ଜିହ୍ୱାସୁଖ—ସଂ. ବି (୭ମୀ ତତ୍; ଜିହ୍ୱା+ସୁଖ) ରୁଚିକର ଖାଦ୍ୟ ଖାଇବା
Jihwā-sukha ଯୋଗୁଁ ଲାଭ ସୁଖ—Pleasure of the palate; pleasure derived from taking dainty food.

ଜିହ୍ୱାଶଲ୍ୟ—ସଂ. ବି—ଖଦିର (ହି. ଶବ୍ଦସାଗର)—
Jihwā-salya Catechu.

ଜିହ୍ୱାସ୍ତମ୍ଭ—ସଂ. ବି (୭ମୀ ତତ୍; ଜିହ୍ୱା+ସ୍ତମ୍ଭ)—ଜିଭର ପକ୍ଷାଘାତ
Jihwā-stambha ରୋଗ—Paralysis of the tongue.
[ଦ୍ର—ଏ ରୋଗରେ ମନୁଷ୍ୟର ଜିଭ ଅବଶ ଓ ଅକର୍ମଣ୍ୟ ହେବାରୁ ମନୁଷ୍ୟ କଥା କହିପାରେ ନାହିଁ।]

ଜିହ୍ୱାସ୍ୱାଦ—ସଂ. ବ (୭ମୀ ତତ୍; ଜିହ୍ୱା+ଆସ୍ୱାଦ)—ଚାଟିବା; ଲେହନ—
Jihwāswāda Licking (with the tongue).
(ଜିହ୍ୱାସ୍ୱାଦନ—ଅନ୍ୟରୂପ)

ଜିହ୍ୱିକା—ସଂ. ବ (ଜିହ୍ୱା+ଇକ+ଆ)—୧। ଜିଭରୁ ଛଉଅ ଚାଞ୍ଛିବା-
Jihwikā କର୍ମ (ହି. ଶବ୍ଦସାଗର)—1. The act of scraping off the furs from the tongue.
୨। ଜିଭ ଛେଲା; ଜିଭ ଛେଲିବାପାଇଁ ବ୍ୟବହୃତ ଧାତୁର ପତଳା ପାତଅ—2 Tongue-scraper.

ଜିହ୍ୱୋଲ୍ଲେଖନ—ସଂ. ବ (୭ମୀ ତତ୍; ଜିହ୍ୱା+ଉଲ୍ଲେଖନ)—
Jihwollekhana ଜିହ୍ୱାନିର୍ଲେଖନ (ଦେଖ) Jihwā-nirlekhana (See).

ଜିହ୍ମ—ସଂ. ବଣ (ହା ଧାତୁ=ଗମନକରିବା; ତ୍ୟାଗକରିବା+କର୍ତ୍ତୃ. ମ;
Jihma ନିପାତନ; ଯାହା ଋଜୁତା ବା ସରଳତା ତ୍ୟାଗ କରିଅଛି)
୧। ଗାଲୁ—1. Sloping.
୨। ବଙ୍କା; ବକ୍ର—2. Tortuous; curved; awry.
୩। କୁଟିଳ—3. Crooked; oblique.
୪। ଖଳ—4. Wicked; morally crooked.
୫। କପଟୀ; ଛଳପୂର୍ଣ୍ଣ—5. Deceitful.
୬। ଜଡ଼—6. Lazy; slothful; inert.
୭। ମିଥ୍ୟାବାଦୀ—7. False; lying.
୮। କୃପଣ—8. Miserly.
୯। ଅସନ୍ତୁଷ୍ଟ—9. Dissatisfied; discontented.
୧୦। ଅଧାର୍ମିକ—10. Irreligious
୧୧। ହୀନ—11. Poorly.

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଶ	ଙ୍କ	ଇଯ୍ୟ	ଉଅ	ଢ
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଡ଼	ନ୍ତ୍ର

୧୨ । ମନ୍ଦଗତିବିଶିଷ୍ଟ—12. Slowly moving.
ସଂ. ବି—୧ । ମିଥ୍ୟା; ମିଛ—1. Falsehood.
୨ । ଖଳତା—2. Wickedness.
୩ । ଅସତ୍‌ପଣ—3. Dishonesty.
୪ । (ବକ୍ର ହୋଇ ବଢ଼ିବାରୁ) ତଗର (ଗଛ) (ଦେଖ)
4. Tagara (tree) (See).

ଜିହ୍ମଗ—ସଂ. ବିଣ. ପୁଂ (ଜିହ୍ମ+ଗମ୍ ଧାତୁ+କର୍ତ୍ତୃ. ଅ)—୧ । ଯେ ବକ୍ର ଗତି କରେ; ବକ୍ରଗାମୀ—1. Moving tortuously or obliquely; having a tortuous movement.
Jihmaga
(ଜିହ୍ମଗା—ସ୍ତ୍ରୀ)
୨ । ମନ୍ଦ ଗତିକାରୀ—2. Moving slowly.
ସଂ. ବି.—୧ । ସର୍ପ—1. Snake.
୨ । ଶର—2. Arrow.

ଜିହ୍ମଗତି—ସଂ. ବି. ଓ ବିଣ—(କର୍ମଧା ଓ ବହୁବ୍ରୀହି; ଜିହ୍ମ+ଗତି)—ଜିହ୍ମଗ (ଦେଖ)
Jihma-gati Jihmaga (See)

ଜିହ୍ମଗାମୀ—ସଂ. ବି. ଓ ବିଣ. ପୁଂ (ଜିହ୍ମ+ଗମ୍ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ.)—ଜିହ୍ମଗ (ଦେଖ)
Jihma-gāmī Jihmaga (See)
(ଜିହ୍ମଗାମିନୀ—ସ୍ତ୍ରୀ)

ଜୀ—ଦେ. ବି. (ସଂ. ଜୀବ)—୧ । ଜୀବନ; ପ୍ରାଣ—
Ji 1. Life.
जी, जीउ
୨ । ମନ; ହୃଦୟ—
जी, जीव 2. Mind; heart.
୩ । ଆକାଂକ୍ଷା—3. Desire; wish.
୪ । (ସ୍ନେହ; ଭକ୍ତି ଓ ବାତ୍ସଲ୍ୟସୂଚକ ପ୍ରୟୋଗ) ଭକ୍ତି, ସ୍ନେହ ବା ବାତ୍ସଲ୍ୟର ପାତ୍ର; ଶ୍ରୀମାନ୍; ମହାଶୟ—4. A person worthy of love, affection or respect.
[ଦ୍ର—ଭକ୍ତି ବା ସମାଦରାର୍ଥରେ—ବାବାଜୀ, ଠାକୁରଜୀ ଶ୍ରୀକୃଷ୍ଣଜୀ; ପୁତ୍ର ବା ଶିଷ୍ୟ ଆଦିଙ୍କ ପ୍ରତି ବାତ୍ସଲ୍ୟ ଅର୍ଥରେ—ବାବୁଜୀ, ବାଳକଦାସ ଜୀ; ସ୍ନେହାର୍ଥରେ—ଭାଇଜୀ, ସାନୁଜୀ ।]
[ଦ୍ର—ନାମ ପରେ ସମ୍ମାନର ନିଦର୍ଶନରୂପେ 'ଜୀ' ଯୁକ୍ତ ହେବା ସଂସ୍କୃତ ଅଭିଧାନକାର ୱିଲ୍‌ସନ ସାହେବ ଲେଖିଅଛନ୍ତି ।]
ଦେ. ଅ.—(ସମ୍ବୋଧନାର୍ଥ)—ଭୃତ୍ୟ ପ୍ରଭୁଙ୍କୁ ଉତ୍ତର ପ୍ରଦାନ କରିବାରେ ବ୍ୟବହୃତ ଭକ୍ତିସୂଚକ ସମ୍ବୋଧନ—ହଁ, ମହାଶୟ !—(Interjection) Yes sir ! here sir !
[ଦ୍ର—ହିନ୍ଦୀ ଭାଷାରେ ଏହି ଶବ୍ଦର ଅବ୍ୟୟସୂଚକ ବ୍ୟବହାରର ବିଶେଷ ପ୍ରଚଳନ ଦେଖାଯାଏ ।]

ଜୀଅନ୍ତ—ଦେ. ବିଣ.—ଜୀଅନ୍ତା (ଦେଖ)
Jianta Jiantā (See)

ଜୀଅନ୍ତା—ଦେ. ବିଣ. (ସଂ. ଜୀବତ୍)—ଜୀଇଁଥିବା—
Jiantā Living.
ज्यान्त (ଯଥା—ଜୀଅନ୍ତା ଗଛଟି କାଟିବାକୁ କାହା ହାତ ଯିବ ?)
जीन्दा; जीताजागता
(ମନ୍ତ୍ର—ବିପରୀତ)

ଜୀଆଇବା—ଦେ. କ୍ରି. (ସଂ. ଜୀବ୍ ଧାତୁ; ଜୀଇଁବାର ଣିଜନ୍ତରୂପ)—
Jiaibā ୧ । ବଞ୍ଚାଇବା; ଜୀବିତ କରିବା—
जीयान 1. To give life; to cause to live.
जिलाना ୨ । ମୃତ ପ୍ରାଣୀକୁ ପୁନରୁଜ୍ଜୀବିତ କରିବା—
2. To revive; to bring to life a dead animal.
୩ । ନିର୍ଜୀବ ବସ୍ତୁକୁ ଜୀବଦାନ କରିବା—
3. To animate a dead thing.
୪ । ଶୁଖି ଯାଇଥିବା ବୃକ୍ଷାଦିକୁ ଜଳଦାନ ଓ ଯତ୍ନଦ୍ୱାରା ସଜୀବ ବା ସତେଜ କରିବା—4. To bring a withered plant to life.
୫ । ଜୀବନରେ ରଖିବା; ଜୀବିତ ପ୍ରାଣୀର ପ୍ରାଣ ନାଶ ନ କରି ତାକୁ ବଞ୍ଚାଇ ରଖିବା ବା ରକ୍ଷା କରିବା—
5. To preserve the life of a living being; to prevent the death of a living being.
୬ । କୌଣସି ଜୀବକୁ ପୋଷିବା; ରଖିବା; ପାଳିବା—
6. To maintain or domesticate an animal.
୭ । ଔଷଧାଦି ପ୍ରୟୋଗଦ୍ୱାରା ରୋଗୀକୁ ଜୀବିତ ରଖିବା—
7. To keep a patient alive by medical appliances.

ଜୀଅଁ—ଦେ. ବିଣ. (ସଂ. ଜୀବିତ)—ସଜୀବ; ଜୀବିତ—
Jiañ Living; animate.
ज्यान्त
जीताजागता
जीआँ। ଦେ. ବି—ଜୀଇଁବା; ବଞ୍ଚିବା—
जीना Living.

ଜୀଅଁଇବା—ଦେ. କ୍ରି—ଜୀଆଇବା (ଦେଖ)
Jiañibā Jiā-ibā (See)
(ଜିଅଁଇଁବା; ଜିଏଁଇବା—ଅନ୍ୟରୂପ)

ଜୀଅଁଇ ରଖିବା—ଦେ. କ୍ରି—ମାଛ ଆଦି ଧରି ଜୀଅନ୍ତା ରଖିବା—
Jiañi rakhibā To keep an animal alive.
(ଯଥା—ଦରକାରବେଳେ ମାଛ ଧରା ଯିବା ପାଇଁ ଲୋକେ ବଡ଼ ଚଉବାଚାରେ ଗୁଡ଼ିଏ ମାଛ ଜିଅଁଇ ରଖନ୍ତି ।)

ଜୀଇ ଉଠିବା—ଦେ. କ୍ରି—(ମୃତ ବ୍ୟକ୍ତି ବା ବସ୍ତୁ) ସଜୀବ ହେବା—
Ji-i uṭhibā To revive; to be restored to life.
जीएँ उठा ମୃତ୍ୟୁସଞ୍ଜିବନୀ କର୍ଣ୍ଣରେ କହିଲେ
जी उठना ଜୀଇ ଉଠିଲ କୁମରମଣି, ସେ କୁମର—ପ୍ରାଚୀ. ପ୍ରତାପ ଶଶିରେଖା ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କ ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଜୁଅ' ନ ମିଳିଲେ 'ଜୁଆ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅକ୍ଷି' ନ ପାଇଲେ 'ଅକ୍ଷୀ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଜୀଇଁ ଉଠିବା—ଦେ. କ୍ରି—ଜୀଇ ଉଠିବା (ଦେଖ)
Jī-iñ uthibā — Jīi uthibā (See)

ଜୀଇଁବା—ଦେ. କ୍ରି—ଜୀଇବା (ଦେଖ)
Jī-iñbā — Jī-ibā (See)

ଜୀଇଁ ରହିବା—ଦେ. କ୍ରି—ବଞ୍ଚି ରହିବା; ଜୀବିତ ଥିବା—
Jī-iñ rahibā To live; to go on living; to be alive.
বেঁচে থাকা
जीते रहना

ଜୀଇବା—ଦେ. କ୍ରି. (ସଂ. ଜୀବ୍ ଧାତୁ)—
Jī-ibā ୧ । ବଞ୍ଚି ରହିବା; ନ ମରିବା; ସଜୀବ ରହିବା—
জীআ 1. To keep one's self alive; not to die;
जीना to live.
୨ । (ଲକ୍ଷଣାର୍ଥ) ଖାଦ୍ୟ ପରିପକ୍ୱ ନ ହୋଇ ରହିବା—
2. (figurative) To remain undigested.
[ଦ୍ର—ଏହି ଶବ୍ଦର ଅସମାପିକା ରୂପ ସଙ୍ଗେ ଉଠିବା, ଯିବା ଓ ରହିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଜୀଉ—ଦେ. ବି—ଜୀ (ଦେଖ)
Jīu — Jī (See)

ଜୀଉ ଆଣିବା—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜୀବନ)—
Jīu ānibā ମୃତ ବ୍ୟକ୍ତିର ଆତ୍ମା ପରଲୋକରେ କିପରି ଚଳୁଅଛି ତାହା ଜାଣିବା ପାଇଁ ଅବଲମ୍ବିତ ପ୍ରଥାବିଶେଷ—
A custom to ascertain, by the use of charms, the condition of the spirit of a dead person after death.

[ଦ୍ର—ଏହି ପ୍ରଥା ଅନାର୍ଯ୍ୟ 'ଗଣ୍ଡ' ଜାତି ମଧ୍ୟରେ ପ୍ରଚଳିତ । ମୃତ ବ୍ୟକ୍ତିର ପୁତ୍ର, କନ୍ୟା ବା ସ୍ୱଜନମାନେ ଦଶାହ ରାତ୍ରିରେ ଗୋଟିଏ ପବିତ୍ରୀକୃତ ନିର୍ଜନ ପ୍ରକୋଷ୍ଠରେ ସ୍ୱର୍ଗୀୟ ବ୍ୟକ୍ତିର ଆତ୍ମାକୁ ପୂଜା କରିବା ପରେ ଗୋଟିଏ କଦଳୀ ପତ୍ରରେ ମଇଦା ବା ଅଟା ବିଛାଇ ତହିଁ ଉପରେ ଗୋଟିଏ ହାଣ୍ଡି ଓଲଟାଇ ଦିଅନ୍ତି ଏବଂ ପ୍ରାର୍ଥନା କରନ୍ତି, "ହେ ସ୍ୱର୍ଗତ ପିତଃ ! ତୁମେ କିପରି ଅଛ ଦୟା କରି ଜଣାଅ ।" ଏପରି କହି ସମସ୍ତେ ସେ ଘର ବନ୍ଦ କରି ଦେଇ ଚାଲି ଆସନ୍ତି । ଏହି ସମୟରେ ସ୍ତ୍ରୀଲୋକମାନେ କଂସାଟିଏ ଧରି ଘରୁ ବାହାର କଂସା ବଜାଇ ବଜାଇ ଗୀତ ବୋଲନ୍ତି, "ହେ ଜୀବନ ପୁରୁଷ ! କାହିଁ ଅଛ କହେ କର ।" ଏହା ବୋଲି ବୋଲି ସେମାନେ ଶ୍ମଶାନ ଆଡ଼କୁ ଯାଆନ୍ତି ଏବଂ କିଛିଦୂର ଯାଇ ଫେରି ଆସି ବନ୍ଦ ହୋଇଥିବା ଘରକୁ ଫିଟାଇ ସେ ହାଣ୍ଡିଟିକୁ ଉଠାଇ ମଇଦାରେ କି ଚିହ୍ନ ପଡ଼ିଛି ତାହା ଦେଖନ୍ତି । ସେ ଚିହ୍ନରୁ ସ୍ୱର୍ଗତ ଆତ୍ମାର ଅବସ୍ଥାର ସଙ୍କେତ ବୁଝାଯାଏ । ତହିଁରେ ଗୋରୁ, ହାତୀ ଆଦି ଜନ୍ତୁଙ୍କ ପାଦଚିହ୍ନର ସାଦୃଶ୍ୟ ଥିଲେ ଆତ୍ମା କୁଶଳରେ ଅଛି ଏବଂ ବାଘ ଭାଲୁ ଆଦିଙ୍କ ପାଦଚିହ୍ନର ସାମଞ୍ଜସ୍ୟ ଲକ୍ଷିତ ହେଲେ ଆତ୍ମା କଷ୍ଟ ପାଉଛି ବୋଲି ବୁଝାଯାଏ । ଏହା ଦେଖାଯାଇ ଅଛି ଯେ ଅପମୃତ୍ୟୁରେ ମରିଥିବା ବ୍ୟକ୍ତି ପାଇଁ ସଞ୍ଚିତ ମଇଦାରେ ଚଢ଼େଇର ପାଦଚିହ୍ନ (ଖୋଜ) ପଡ଼ିଥାଏ । ଓଡ଼ିଶାରେ ଅନ୍ୟ କେତେକ ଅଞ୍ଚଳରେ ମଧ୍ୟ ହାଣ୍ଡି ତଳେ ବାଲିରେ ଏହିପରି ସାଙ୍କେତିକ ଚିହ୍ନ ଖୋଜିବା ପ୍ରଥା ଚଳେ ।]

ଜୀଉଛି—ଦେ. ବି. (ସଂ. ଜୀବିତବତ୍ସା)—
Jīuchhi ଗ୍ରାମ ଦେବତା ବା ଯୋଗିନୀ ବିଶେଷ—
Name of a village-Goddess.

ଜୀଉଣି ପନ୍ଥା—ପ୍ରାଦେ. (ଗଡ଼ଜାତ) ବି. (ସଂ. ଜୀବନ+ପନ୍ଥା)—
Jīuni panthā ଜୀବିକା; ଜୀବନୋପାୟ—
Livelihood.

ଜୀତ—ସଂ. ବିଣ—ଜୀନ (ଦେଖ)
Jīta — Jīna (See)

ଜୀତକାମୀ—ଦେ. ବିଣ. (ସଂ. ଜିତକାମୀ)—ଜୟାଭିଳାଷୀ—
Jītakāmī Desirous of gaining victory.
ପାଣ୍ଡବେ ଅଶୁଁ ଜୀତକାମୀ ହୋଇଥିଲେ
ଶଲ୍ୟଙ୍କର ଦେହକୁ ବାସକ କଲେ । କୃଷ୍ଣସିଂହ. ମହାଭାରତ. ଶଲ୍ୟ ।

ଜୀତ ଗଛ—ଦେ. ବି—ବାଦାମ ଗଛ—
Jīta gachha Olive tree.
जैतूनका झाड़ [ଦ୍ର—ଏହି ଶବ୍ଦ ବାଇବଲ୍ ଓଲ୍ଡଟେଷ୍ଟାମେଣ୍ଟର ଓଡ଼ିଆ ଅନୁବାଦରେ ବ୍ୟବହୃତ; ତୁଳ. ହି. ଜୈତୁନ୍ ।]

ଜୀନ—ସଂ. ବିଣ. (ଜ୍ୟା ଧାତୁ=ବୃଦ୍ଧି ପାଇବା+କର୍ତ୍ତୃ. ତ)—
Jīna ୧ । ଜୀର୍ଣ୍ଣ—1. Worne out; delapidated.
୨ । ବୃଦ୍ଧ; ସ୍ଥବିର; ପ୍ରାଚୀନ—2. Old; ancient.

ଜୀବ୍ (ଧାତୁ)—ସଂ.—ବଞ୍ଚିବା—
Jīb (root) To live.

ଜୀବ୍‌ବା—ପ୍ରାଦେ. (ଭଞ୍ଜ ଭାଷା) କ୍ରି—ଜୀଇବା; ବଞ୍ଚିବା—
Jīb-bā To live; to be alive.

ଜୀବ—ସଂ. ବି. (ଜୀବ୍ ଧାତୁ+କର୍ତ୍ତୃ. ଅ)—୧ । ଜନ୍ତୁ; ପ୍ରାଣୀ; ଚେତନ
Jība ପଦାର୍ଥ; ଦେହୀ—1. Living being; animal; a being; creature; sentient being.
୨ । ପ୍ରାଣବାୟୁ—2. The breath of life.
୩ । (+ଭାବ. ଅ) ଜୀବନ; ପ୍ରାଣ—
3. Life; existence.
୪ । ବୈଦିକ ମରୁତ୍ ଦେବତାମାନଙ୍କ ମଧ୍ୟରୁ ଏକତମ—
4. One of the vedic wind-Deities.
୫ । ଜୀବାତ୍ମା—5. Animal soul; the soul.
ଜୀବ ପରମ ବେନି ଅଂଶ,
ଏ ଭବ ମୁକ୍ତିରେ ପ୍ରବେଶ । ଜଗନ୍ନାଥ. ଭାଗବତ ।
୬ । ଜୀବନୀଶକ୍ତି—6. Vitality.
୭ । ଚୈତନ୍ୟ—7. Sense; sensation.
୮ । ପ୍ରବୃତ୍ତି; ଇଚ୍ଛା—8. Desire; inclination.

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଢ଼
୬	ଈ	ଊ	ଋୃ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ନ୍

୯ । ପେଶା; ଜୀବନୋପାୟ; ଜୀବିକା; ବୃତ୍ତି—
9. Livelihood; profession.

୧୦ । (ଜ୍ୟୋତିଷ) ପୁଷ୍ୟାନକ୍ଷତ୍ର—
10. The 8th lunar mansion (constellation).

୧୧ । ଜୀବଦଶା; ଜୀବନକାଳ; ଆୟୁ—
11. Lifetime; term of life.

୧୨ । ବିଷ୍ଣୁ—12. A name of Bishnu.

୧୩ । ବୃହସ୍ପତି (ଗ୍ରହ)—13. Jupiter (planet).

୧୪ । (ଜ୍ୟୋତିଷ) ବୃହସ୍ପତିଙ୍କ ଦଶାରେ ତୃତୀୟ ଅନ୍ତର୍ଦ୍ଦଶା—
14. (astrology) The 3rd lustrum in the cycle of Jupiter (Apte).

୧୫ । (ନ୍ୟାୟ) କାର୍ଯ୍ୟକାରଣ ସମ୍ବନ୍ଧ—
15. (logic) The association of cause and effect (Apte).

ସଂ. ବିଣ—ଜୀବିତ—Alive.
(ଯଥା—ଜୀବତ୍ପୁତ୍ର = ଜୀବପୁତ୍ର ।)

ସଂ. କ୍ରି (ଜୀବ୍ ଧାତୁର ଲୋଟ୍ ମଧ୍ୟମ ପୁରୁଷ ଏକବଚନ)—
ବଞ୍ଚିରହ; ଜୀଅଁ; ଜୀଇଁଥାଅ—
Live; may you live long.
(ଯଥା—ଚିରଂଜୀବ; ସତ୍ୟଂଜୀବ ।)

[ଦ୍ର—କୌଣସି ବ୍ୟକ୍ତି ବିଶେଷତଃ ବାଳକ ବା ବାଳିକା ଛିଙ୍କିଲେ- ପାଖରେ ଥିବା ଅନ୍ୟ ବ୍ୟକ୍ତି ଛିଙ୍କିବା ଲୋକର ଅମଙ୍ଗଳ ହେବ ବୋଲି ଆଶଙ୍କା କରି ସେହି ଭାବୀ ଅମଙ୍ଗଳ ନିବାରଣାର୍ଥ ଆଶୀର୍ବାଦସୂଚକ 'ଜୀବ', 'ସତ୍ୟଂଜୀବ' ଓ 'ଚିରଂଜୀବ' ଆଦି ବାକ୍ୟ ଉଚ୍ଚାରଣ କରନ୍ତି ।]

ଜୀବଂଜୀବ—ସଂ. ବି (ଜୀବ = ଜୀବନକାଳ + ଜୀବ୍ ଧାତୁ = ବଞ୍ଚିବା + କର୍ତ୍ତୃ. ଅ)—ଯେ ଦୀର୍ଘକାଳ ବଞ୍ଚେ, ଚକୋରପକ୍ଷୀ—
Jibamjiba
The Himalayan patridge; Francoline patridge.

ଜୀବକ—ସଂ. ବି. ପୁଂ. (ଜୀବ ଧାତୁ = ବଞ୍ଚାଇବା + କର୍ତ୍ତୃ. ଅକ)—
Jibaka
୧ । ଦୁଷ୍ପ୍ରାପ୍ୟ ଔଷଧବିଶେଷ—
1. Name of a very rare medicinal root.

ସଂ. ପର୍ଯ୍ୟାୟ—ଜୀବକ, କୂର୍ଚ୍ଚଶୀର୍ଷ, ଶୃଙ୍ଗ, ଦୀର୍ଘାୟୁ, ଚିରଂଜୀବ, ଆୟୁଷ୍ମାନ୍ ।
ବଲଦ, ଚିରଜୀବ, ମଧୁରକ, ହ୍ରସ୍ୱାଙ୍ଗ, ଜୀବନ, ପ୍ରାଣଦ, ଭୃଙ୍ଗାହ୍ୱ, ମଙ୍ଗଲ୍ୟା,

[ଦ୍ର—ଏହା ଆୟୁର୍ବେଦୋକ୍ତ ଅଷ୍ଟବର୍ଗ ମଧ୍ୟରୁ ଗୋଟିଏ ଔଷଧ; ଏହି ଗୁଳ୍ମ ହିମାଦ୍ରି ଶିଖରରେ ଜନ୍ମେ ବୋଲି ବୈଦ୍ୟଶାସ୍ତ୍ରରେ ଲେଖା ଅଛି । ଏହାର କନ୍ଦ ରସୁଣ ପରି ଓ ସାରହୀନ; ପତ୍ର ସୂକ୍ଷ୍ମ ଓ ଏହାର ଅଗ୍ରଭାଗ କୂର୍ଚ୍ଚ ବା କୁଲିକା ପରି । ଏହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଏହାର ଅଭାବରେ ବୈଦ୍ୟମାନେ ଗୁଳୁଚ ବ୍ୟବହାର କରନ୍ତି । ବୈଦ୍ୟଙ୍କ ମତରେ ଏହା ମଧୁର, ବଳକାରକ, ଶୀତବୀର୍ଯ୍ୟ, କଫ ଓ ଶୁକ୍ରବର୍ଦ୍ଧକ । ଏହା ପିତ୍ତ, ଦାହ, ରକ୍ତଦୁଷ୍ଟି, କୃଶତା ଓ କ୍ଷୟ ରୋଗରେ ପ୍ରଧାନ ଔଷଧ; ଋଷଭକ ନାମକ ଦୁଷ୍ପ୍ରାପ୍ୟ ଔଷଧ ମଧ୍ୟ ଏହି ଜାତୀୟ ଗୁଳ୍ମ । କିନ୍ତୁ ଦୁହିଙ୍କ ମଧ୍ୟରେ ପ୍ରଭେଦ ଏହି କି ଋଷଭକର କନ୍ଦ ଗୋରୁ ଶିଙ୍ଗ ଆକୃତିର ଓ ଜୀବକ କନ୍ଦର ଆକୃତି ଝାଡ଼ୁ ପରି—ହି. ଶବ୍ଦସାଗର ।]

୨ । ('ଜୀବ' ଅର୍ଥାତ୍ 'ବଞ୍ଚି ରହ' ବୋଲି ଯେଉଁ ବ୍ୟକ୍ତି ଅନ୍ୟକୁ ଆଶୀର୍ବାଦ କରନ୍ତି) ଆଶୀର୍ବାଦକାରୀ ବ୍ୟକ୍ତି—
2. One who utters benediction on another.

୩ । ବୁଦ୍ଧଦେବଙ୍କ ଚିକିତ୍ସକ ଓ ଆତ୍ରେୟ ମୁନିଙ୍କ ଶିଷ୍ୟ—
3. Name of the physician of the Buddha and disciple of sage Ātreya.

୪ । ଭିକ୍ଷୁକ—4. A beggar; mendicant.

୫ । ଦୀର୍ଘଜୀବୀ ବ୍ୟକ୍ତି—
5. A long-lived person.

୬ । ବୃଦ୍ଧିଜୀବୀ; ସୁଧଖୋର—6. A usurer.

୭ । ସାପୁଆ—7. A snake charmer; snake-catcher.

୮ । (· + କର୍ମ. ଅକ) ସେବକ; ଚାକର; ଭୃତ୍ୟ; ଦାସ—
8. Slave; servant; attendant.

୯ । ପ୍ରାଣୀ—9. Animal

୧୦ । ପୀତ ଶାଲବୃକ୍ଷ (ହି. ଶବ୍ଦସାଗର)—
10. A kind of timber-tree.

ସଂ. ବିଣ—ଦୀର୍ଘଜୀବୀ—Long-lived

ଜୀବକଣା—ସଂ. ବି. (ଆଧୁନିକ ପ୍ରୟୋଗ; ବିଜ୍ଞାନପରିଭାଷା)—ରକ୍ତରେ ଥିବା ଜୀବାଣୁ—Blood corpuscles.
Jiba-kaṇā

ଜୀବକୁଳ—ସଂ. ବି—ଜୀବଲୋକ (ଦେଖ)
Jiba-kuḷa Jiba-loka (See)

ଜୀବଗୃହ—ସଂ. (୬ଷ୍ଠୀ ତତ୍; ଜୀବ + ଗୃହ; ଜୀବର ବାସସ୍ଥାନ)—ଦେହ; ଶରୀର—(the abode of the soul) The body.
Jiba-gruha

ଜୀବଘନ—ସଂ. ବି—ବ୍ରହ୍ମା—
Jiba-ghana Brahmā (Apte).

ଜୀବ ଛାଡ଼ିବା—ଦେ. କ୍ରି—ମରିବା; ଜୀବନୀଶକ୍ତି ଲୋପ ହେବା—
Jiba chhaṛdiba To die.
जीवछाड़ा ଦେ. ବି.—ମରଣ ଘଟିବା—
जी छोड़ना Dying.

ଜୀବଜ—ସଂ. ବିଣ. ପୁଂ. (ଜୀବ + ଜନ ଧାତୁ + କର୍ତ୍ତୃ. ଅ)—
Jibaja ଜୀଅନ୍ତା ଜନ୍ମିଥିବା (ଶିଶୁ)—
(ଜୀବଜା—ସ୍ତ୍ରୀ) (a child) Born alive.

ଜୀବଜଗତ—ସଂ. ବି. (୬ଷ୍ଠୀ ତତ୍; ଜୀବ + ଜଗତ୍)—
Jiba-jagat ଜୀବଲୋକ (ଦେଖ)—Jibaloka (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଯୁଡ଼ିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ଖାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜୀବଜନ୍ତୁ—ଦେ. ବି. (ସଂ. ଜୀବ+ଜନ୍ତୁ; ଏକାର୍ଥକ ସହଚର)—
Jība-jantu ୧ । ବିବିଧ ଜୀବ; ପ୍ରାଣିସମୂହ; ନାନାଜନ୍ତୁ—
जीवजन्तु 1. Animals; various creatures.
जीवजन्तु ୨ । ସାଧାରଣ ପ୍ରାଣୀ—
2. A general term for animals.

ଜୀବଜୀବ—ସଂ. ବି—ଜୀବଂଜୀବ (ଦେଖ)
Jība-jība Jībaṁjība (See

ଜୀବଜୀବକ—ସଂ. ବି. (ଜୀବଜୀବ=ଚକୋର+ସ୍ୱାର୍ଥରେ କ)—
Jība-jībaka ଜୀବଂଜୀବ (ଦେଖ)—Jībaṁjība (See)

ଜୀବଞ୍ଜୀବ—ସଂ. ବି—ଜୀବଂଜୀବ (ଦେଖ)
Jībañjība Jībaṁjība (See)

ଜୀବତ୍—ସଂ. ବିଣ. (ଜୀବ୍ ଧାତୁ+କର୍ତ୍ତୃ. ଅତ୍)—ବଞ୍ଚିଥିବା; ଜୀଅନ୍ତା—
Jībat Living; alive.
[ଦ୍ର—ଏହାର ସ୍ୱତନ୍ତ୍ର ବ୍ୟବହାର ନାହିଁ ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା—ଜୀବତ୍‌ପିତୃକ, ଜୀବନ୍ମାତୃକ, ଜୀବତ୍‌ସ୍ୱାମିକା ।]

ଜୀବତ୍‌ପତି—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଜୀବତ୍+ପତି)—ସଧବା;
Jībat-pati ଅହ୍ୟ—Having one's husband living.

ଜୀବତ୍‌ପତିକା—ସଂ. ବିଣ. ସ୍ତ୍ରୀ. (ଜୀବତ୍+ପତି+ସ୍ତ୍ରୀ. ଆ) —
Jībat-patikā ଜୀବତ୍‌ପତି (ଦେଖ)
Jībat-pati (See)

ଜୀବତ୍‌ପତ୍ନୀ—ସଂ. ବିଣ. ସ୍ତ୍ରୀ. (ଜୀବତ୍+ପତି+ସ୍ତ୍ରୀ. ଈ)
Jībat patnī ଜୀବତ୍‌ପତି (ଦେଖ)
Jībat-pati (See)

ଜୀବତ୍‌ପତ୍ନୀକ—ସଂ. ବିଣ. ପୁଂ. (ବହୁବ୍ରୀହି; ଜୀବତ୍+ପତ୍ନୀ;
Jībat-patnīka କ ଆଗମ)—ଯାହାର ସ୍ତ୍ରୀ ଜୀବିତା—
Having the wife still living.

ଜୀବତ୍‌ପିତୃକ—ସଂ. ବିଣ. ପୁଂ. (ବହୁବ୍ରୀହି; ଜୀବତ୍+ପିତୃ; କ ଆଗମ)—
Jībat-pitṛuka ଯାହାଙ୍କର ପିତା ବିଦ୍ୟମାନ ଅଛନ୍ତି—Having
(ଜୀବତ୍‌ପିତୃକା—ସ୍ତ୍ରୀ) one's father still living.
[ଦ୍ର—ଜୀବତ୍‌ପିତୃକ ବ୍ୟକ୍ତିଙ୍କ ପକ୍ଷରେ ଅମାସ୍ନାନ, ଗୟାଶ୍ରାଦ୍ଧ, ଦକ୍ଷିଣମୁଖ ଭୋଜନ, ଶ୍ମଶ୍ରୁ ମୁଣ୍ଡନ ନିଷିଦ୍ଧ । ନିରଗ୍ନି ଜୀବତ୍‌ପିତୃକ ବ୍ରାହ୍ମଣ ବୃଦ୍ଧିଶ୍ରାଦ୍ଧ ଛଡ଼ା ଅନ୍ୟ ଶ୍ରାଦ୍ଧ କରିବାର ଅଧିକାରୀ ନୁହନ୍ତି । ସାଗ୍ନିକ ଜୀବତ୍‌ପିତୃକ ବ୍ରାହ୍ମଣ ସବୁ ଶ୍ରାଦ୍ଧ କରି ପାରିବେ— ହି. ଶବ୍ଦସାଗର ।]

ଜୀବତ୍‌ମାନ—ଗ୍ରା. ବିଣ. (ବଟରିଆ ଭାଷା)—ଜୀବିତ; ବିଦ୍ୟମାନ—
Jībat-māna Living
(ଜୀବତମାନ—ଅନ୍ୟରୂପ)

ଜୀବତତ୍ତ୍ୱ—ସଂ. ବି. (୬ଷ୍ଠୀ ତତ୍; ଜୀବ+ତତ୍ତ୍ୱ)—
Jība-tattwa ପ୍ରାଣିବିଜ୍ଞାନ; ପ୍ରାଣିତତ୍ତ୍ୱ ବିଦ୍ୟା—
Zoology; biology.

ଜୀବତି—ଗ୍ରା. (ପଦ୍ୟ) ବି (ସଂ. ଜୀବିତ)—ଜୀବନ—
Jībati Life.
ଝୁରି ଝୁରି ତନୁ ଝଡ଼ି ଯାଇଅଛି କେବଳ ରହିଛି ଜୀବତି—
ପ୍ରାଚୀ ରହସ୍ୟମଞ୍ଜରୀ ।
ସଂ. କ୍ରି. (ସଂ. ଜୀବ୍ ଧାତୁ ବର୍ତ୍ତମାନକାଳ ସଂ. ପ୍ରଥମ ପୁରୁଷ ଏକବଚନ)—(ସେ) ବଞ୍ଚେ; ଜୀବିତ ରହେ—
(he) Lives.
ତୋ ମୁଖ ଇନ୍ଦୁ ସୁନ୍ଦର ଜୀବତି ସର୍ବୀୟେ—ପ୍ରାଚୀ. ରସବାରିଧି ।

ଜୀବତୋକା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି, ଜୀବ=ଜୀବିତ+ତୋକ= ଅପତ୍ୟ+ସ୍ତ୍ରୀ. ଆ)—
Jība-tokā
ଯେଉଁ ସ୍ତ୍ରୀର ସନ୍ତାନମାନେ ଜୀବିତ ଅଛନ୍ତି—
A woman whose children are living.

ଜୀବତ୍ତୋକା—ସଂ, ବିଣ. ସ୍ତ୍ରୀ. (ବହୁବ୍ରୀହି; ଜୀବତ୍+ତୋକ+ଆ)—
Jībattokā ଜୀବତୋକା (ଦେଖ)
Jība-tokā (See)

ଜୀବତ୍ୟାଗ—ସଂ. ବି. (୬ଷ୍ଠୀ ତତ୍; ଜୀବ+ତ୍ୟାଗ)—ମୃତ୍ୟୁ—
Jība-tyāga Death.

ଜୀବଥ—ସଂ. ବିଣ. ପୁଂ. (ଜୀବ ଧାତୁ+କର୍ତ୍ତୃ. ଅଥ)—
Jībatha ୧ । ବହୁକାଳଜୀବୀ; ଦୀର୍ଘଜୀବୀ—
(ଜୀବଥା—ସ୍ତ୍ରୀ) 1. Long-lived.
୨ । ଧାର୍ମିକ—2. Pious; virtuous.
ସଂ. ବି—୧ । ଜୀବନ—1. Life.
୨ । କଚ୍ଛପ—2. Tortoise.
୩ । ମୟୂର—3. Peacock.
୪ । ମେଘ—4. Cloud.
୫ । ଧର୍ମ; ପୁଣ୍ୟ—Piety.

ଜୀବଦ—ସଂ. ବିଣ. ପୁଂ. (ଜୀବ+ଦା ଧାତୁ+କର୍ତ୍ତୃ. ଅ)—
Jībada ଯେ ପ୍ରାଣ ଦାନ କରେ ବା ଜୀବ ବଞ୍ଚାଏ; ଜୀବ-
(ଜୀବଦା—ସ୍ତ୍ରୀ) ଦାତା; ପ୍ରାଣଦାତା—One who breathes life into another; one who saves another; life-giver; preserver of life; vivifier.
ସଂ. ବି—୧ । ବୈଦ୍ୟ; ଚିକିତ୍ସକ—1. A physician.
୨ । ଜୀବକ ନାମକ ଗୁଳ୍ମ (ହି. ଶବ୍ଦସାଗର)—
2. A rare medicinal plant.
୩ । ଜୀବନ୍ତୀ (ହି. ଶବ୍ଦସାଗର) (ଦେଖ)
3. Jībantī (See)
୪ । (ଜୀବ+ଦୋ ଧାତୁ ଛେଦନ କରିବା+କର୍ତ୍ତୃ. ଅ)—
ଶତ୍ରୁ—4. Enemy.

ଜୀବଦାତା—ସଂ. ବି. ପୁଂ. (ଜୀବ+ଦା ଧାତୁ+କର୍ତ୍ତୃ. ତୃ; ୧ମା.୧ବ)—
Jībadātā ଜୀବଦ (ଦେଖ)
(ଜୀବଦାତ୍ରୀ—ସ୍ତ୍ରୀ) Jībada (See)

୧	ଇ	ଉ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	କ୍ଷ	ଇୟ	ଉଅ	ଢ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଡ଼	ଢ଼

ଜୀବଦାନ—ସଂ. ବି. (ଷଷ୍ଠୀ ତତ୍; ଜୀବ+ଦାନ)—
Jībā-dāna ୧ । ଜୀବନ୍ୟାସ (ଦେଖ)
1. Jība-nyāsa (See)
୨ । ପ୍ରାଣୀକୁ ମୃତ୍ୟୁ ମୁଖରୁ ରକ୍ଷା କରିବା—
2. Saving a being from death.

ଜୀବଦ୍ଦଶା—ସଂ. ବି. (ଜୀବତ୍+ଦଶା)—
Jībaddaśā ୧ । ପୃଥିବୀରେ ଜୀଇଁ ରହିବା ଅବସ୍ଥା; ଜୀବନ—
1. Life; mortal existence.
୨ । ଅମଳ; ଜୀବିତକାଳ—2. Life–time.
୩ । ଜୀବିତାବସ୍ଥା—3. State of existence.

ଜୀବଧନ—ସଂ. ବି. (ରୂପକ କର୍ମଧା; ଜୀବ=ଜୀବିତ ପ୍ରାଣୀ+ଧନ)—
Jība-dhana ୧ । ଧନ ବା ସମ୍ପତ୍ତିରୂପେ କୌଣସି ବ୍ୟକ୍ତିର ଥିବା ଗୋମେଷାଦି ପ୍ରାଣୀ—1. Livestock; wealth consisting of living animals.
୨ । (ଷଷ୍ଠୀ ତତ୍) ପ୍ରାଣଧନ; ଅପଣା ପ୍ରାଣର ସଙ୍ଖାଳି; ପ୍ରିୟତମ ବ୍ୟକ୍ତି—2. One's dearest person.
ଜୀବନେ ଅଛି ବାଳା ତୋ ଜୀବଧନ । ରାଧାନାଥ. ମେଘଦୂତ ।

ଜୀବଧବ—ସଂ. ବି. (ଷଷ୍ଠୀ ତତ; ଜୀବ+ଧବ)—
Jībadhaba ୧ । ସ୍ୱାମୀ—1. Husband.
୨ । ଜନ୍ତୁରାଣ; ଯମ—
2. The God of death.
କେ ପୁଣି ବେଗେ ଯିବ ଜୀବଧବେ (୧) କହିବ
ଜୀବଧବ (୨) କେଉଁଠି ଜୀବ । ଉପେ. ଲାବଣ୍ୟବତୀ ।

ଜୀବଧବପୁର—ସଂ. ବି. (ଷଷ୍ଠୀ ତତ୍, ଜୀବଧବ+ପୁର)—
Jība–dhaba-pura ୧ । ଯମପୁର—1. The abode of death.
୨ । ମୃତ୍ୟୁ—2. Death.

ଜୀବଧାନୀ—ସଂ. ବି. (ଜୀବ+ଧା ଧାତୁ+ଅଧିକରଣ. ଅନ+ସ୍ତ୍ରୀ. ଈ; ଯାହା ଜୀବଗଣଙ୍କୁ ଧାରଣ କରେ)—
Jība–dhānī ପୃଥିବୀ—The earth.

ଜୀବଧାରୀ—ସଂ. ବି. (ଜୀବ+ଧୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—
Jība-dhārī ପ୍ରାଣୀ—Animal; living being.

ଜୀବନ—ସଂ. ବି. (ଜୀବ୍ ଧାତୁ+ଭାବ. ଅନ)—
Jībana ୧ । ପ୍ରାଣ—1. Life.
୨ । ଜୀବିତ ରହିବା ଅବସ୍ଥା; ପ୍ରାଣଧାରଣ—
2. Existence.
୩ । ପେଶା; ବୃତ୍ତି; ଜୀବିକା; ଜୀବନୋପାୟ—
3. Livelihood; means of subsistence.
୪ । ପ୍ରାଣୀ—4. Animal.
୫ । (+କରଣ. ଅନ) ଜଳ—5. Water.
୬ । ପ୍ରାଣବାୟୁ—
6. The vital airs; life's breath.
୭ । ପ୍ରାଣର ସଙ୍ଖାଳି; ଜୀବଧନ; ପ୍ରିୟତମ ବ୍ୟକ୍ତି—
7. One's dearest person; beloved person; one 'dearest dear'.
ମୋ ଜୀବନ କାହିଁ ହଜାଇଲି
କାହିଁ ଆଣି ଦିଅ ଅଳ ବୋଲି । କବିସୂର୍ଯ୍ୟ. ସଙ୍ଗୀତ
୮ । ସଦ୍ୟଜାତ ଲହୁଣୀ ବା ଘିଅ—
8. Fresh butter or ghee.
୯ । ଜୀବାତ୍ମା—
9. The vital energy; the living soul.
୧୦ । ବାୟୁ; ସମୀରଣ—10. The air; wind.
୧୧ । (ଜୀବ ଧାତୁ+କର୍ତ୍ତୃ. ଅନ) ପୁତ୍ର—11. Son.
୧୨ । ପରମେଶ୍ୱର—
12. God; the Supreme Being.
୧୩ । ଜୀବକ (ଦେଖ)
13. Jībaka (See)
୧୪ । ମଜ୍ଜା—14. Marrow of the bones; pith; sap.
୧୫ । ହୈୟଙ୍ଗବୀନ; ଗତ କାଲିର ଦୁଧରୁ ପ୍ରସ୍ତୁତ ଲହୁଣୀ—
15. Butter made from yesterday's milk.
୧୬ । (+ଅଧିକରଣ ଅନ)—ଜୀବିତକାଳ; ଜନ୍ମ ଓ ମୃତ୍ୟୁର ମଧ୍ୟସ୍ଥ ସମୟ (ହି. ଶବ୍ଦସାଗର)—16. Life-time.
ଶିବଙ୍କୁ ଜୀବନ ଅର୍ଥେ ଦେଇ ଶିବା କାନ୍ତ କରପର କରୁଅଛ ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।
୧୭ । (+କରଣ ଅନ)—ଜୀବିତ ରଖିବା ବସ୍ତୁ; ଯେଉଁ ପଦାର୍ଥ ଯୋଗୁଁ ଜଣକର ପ୍ରାଣ ରହିଛି (ହି. ଶବ୍ଦସାଗର)—17. A thing essential for one's existence.
(ଯଥା—ମାଆ ଦୁଧହିଁ ବର୍ତ୍ତମାନ ଏ ଶିଶୁଟିର ଏକମାତ୍ର ଜୀବନ ହୋଇଛି ।)
୧୮ । ପୁତ୍ର (ହି. ଶବ୍ଦସାଗର)—18. Son.
୧୯ । ଗଙ୍ଗା ନଦୀ (ହି. ଶବ୍ଦସାଗର)—
19. The river Ganges.
ସଂ. ବିଣ—୧ । ପୋଷଣକାରୀ; ପୋଷଣକର୍ତ୍ତା—
1. One who maintains another.
୨ । ଜୀବଦାତା; ଉଜ୍ଜୀବକ—2. Preserver of one's life; life-giving; enlivening.
୩ । ଜୀବାଧିଷ୍ଠାତା—3. Pervading the life.
[ଦ୍ର—ବାତ୍ସଲ୍ୟରେ ପୁତ୍ର ବା ଶିଷ୍ୟଆଦିଙ୍କୁ 'ବାବାଜୀ, ବାବାଜୀଉ ବାବାଜୀବନ' ଇତ୍ୟାଦି ସମ୍ବୋଧନ କରାଯାଏ ।]

ଜୀବନ ଉତ୍ସର୍ଗ କରିବା—ଦେ. କ୍ରି—କୌଣସି କାର୍ଯ୍ୟ ବା ବ୍ୟକ୍ତି ନିମନ୍ତେ ଆପଣାର ପ୍ରାଣକୁ ପାଣି ଛଡ଼ାଇବା—
Jībana utsarga karibā
জীবন উৎসর্গ করা
जीवन उत्सग करना
To sacrifice one's life for some object or person, to dedicate one's life.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ମିଳିଲେ 'ବନ୍ଧୂ' ଦେଖିବେ; 'ଅଗିଂଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲଙ୍କୃତ' ନ ପାଇଲେ 'ଅଲଂକୃତ' ଦେଖିବେ

ଜୀବନ ଉପରେ ପଡ଼ିବା—ଦେ. କ୍ରି—ପ୍ରାଣାନ୍ତକ ସଙ୍କଟାପନ୍ନ ହେବା
Jībana upare pardibā
ପ୍ରାଣେରଦାୟ ହওয়া
जीको पड़ना
ଅବସ୍ଥା—1. The state of a person being in danger of his life.
୨ । ଅତି ଗୁରୁତର ମନୋଦୁଃଖ ବା କଷ୍ଟ ଅବସ୍ଥା—2. The state of extreme anguish or pain.

ଜୀବନକ—ସଂ. ବି. (ଜୀବନ+ସ୍ୱାର୍ଥରେ କ; ଯାହା ପ୍ରାଣରକ୍ଷା କରେ)—
Jībanaka ଖାଦ୍ୟ; ଅନ୍ନ—Food.

ଜୀବନ ଘେନିବା—ଦେ. କ୍ରି—ହତ୍ୟା କରିବା; ପ୍ରାଣ ନେବା—
Jībana ghenibā To kill; to take one's life.
জীবন লওয়া
जीव लेना
ବୋଇଲେ ତୋ ଜୀବନ ଘେନିବି ମୁଁ ଅଜ । କୃଷ୍ଣସିଂହ, ମହାଭାରତ ବନ ।

ଜୀବନଚରିତ—ସଂ. ବି. (୬ଷ୍ଠୀ ତତ୍; ଜୀବନ+ଚରିତ)—
Jībana-charita ୧ । କୌଣସି ବ୍ୟକ୍ତିର ଜୀବିତକାଳରେ ଘଟିବା ଘଟଣାମାନଙ୍କ ବିବରଣ ବା ବର୍ଣ୍ଣନା—2. Description of the events of the life of a person.
୨ । କୌଣସି ବ୍ୟକ୍ତିଙ୍କର ଜୀବିତ କାଳର ଘଟନାର ବିବରଣ-ସମ୍ବଳିତ ଗ୍ରନ୍ଥ—2. Biography; a book describing the life and acts of a person.

ଜୀବନ ଛାଡ଼ିବା—ଦେ. କ୍ରି ଓ ବି—ଜୀବ ଛାଡ଼ିବା (ଦେଖ)—
Jībana chhārdibā Jība chhārdibā (See)
জীব ছাড়া
जीव छोड़ना

ଜୀବନଜ—ସଂ. ବି. (୫ମୀ ତତ୍; ଜୀବନ+ଜନ୍ ଧାତୁ+କର୍ତ୍ତୃ. ଅ)—
Jībanaja ପଦ୍ମ; ଜଳଜ—Lotus.
ଜୀବନଜବଦନାକୁ ଜୀବନ ସଙ୍ଗେ ବଢ ଦେଇଅଛ । କବିସୂର୍ଯ୍ୟ—ଚମ୍ପୁଗୀତ ।

ଜୀବନତରଙ୍ଗ—ସଂ. ବି. (୬ଷ୍ଠୀ ତତ୍; ଜୀବନ+ତରଙ୍ଗ)—
Jībana-taranga ୧ । ଜଳତରଙ୍ଗ—1. Wave of water.
୨ । (ରୂପକ କର୍ମଧା) ତରଙ୍ଗପରି ଦୋଳାୟମାନ ପ୍ରାଣ—2. The wave of life.

ଜୀବନଦ—ସଂ. ବିଣ. ପୁଂ. (ଜୀବନ+ଦା ଧାତୁ+କର୍ତ୍ତୃ. ଅ)—
Jībanada ୧ । ଜୀବନ ଦାତା; ଯେ ପ୍ରାଣ ଦିଏ—
(ଜୀବନଦା—ସ୍ତ୍ରୀ) 1. Life-giving.
୨ । ଜଳଦାତା—2. Giving water.
୩ । ବର୍ଷା କରୁଥିବା; ବର୍ଷୁଥିବା—3. Raining.
ଜୀବନଦ ଘନ ଜଳଜ ଯୁଗଳ । କବିସୂର୍ଯ୍ୟ. କଳୋଗଚନ୍ଦ୍ର, ଚ. ଗୀତ ।

ଜୀବନ ଦେବା—ଦେ. କ୍ରି—ମରିବା; ଅନ୍ୟବ୍ୟକ୍ତି ପାଇଁ ପ୍ରାଣ ହାରିବା—
Jībana debā To die (for another).
প্রাণ দেওয়া
जीव देना

ଜୀବନଧନ—ସଂ. ବି. (ରୂପକ. କର୍ମଧା, ଜୀବନ+ଧନ)—
Jībana-dhana ଜୀବଧନ (ଦେଖ)
Jība-dhana (See)

ଜୀବନ ଧରିବା—ଦେ. କ୍ରି—ବଞ୍ଚିବା—To live.
Jībana dharibā
জীবন ধরা
जीवधारण करना
ତକ୍ଷ୍ୟବସ୍ଥାରେ ଖୋଜିବନେ
ଜୀବନ ଧରିବେ କେମନେ । ଜଗନ୍ନାଥ. ଭାଗବତ ।

ଜୀବନଧର୍ମ—ସଂ. ବି. (୬ଷ୍ଠୀ ତତ୍; ଜୀବନ+ଧର୍ମ)—
Jībana-dharma ଜୀବନ୍ତ ପ୍ରାଣୀର ସ୍ୱାଭାବିକ କର୍ମ—The natural acts of a living being.

ଜୀବନଧାରଣ—ସଂ. ବି. (୬ଷ୍ଠୀ ତତ୍; ଜୀବନ+ଧାରଣ)—
Jībana-dhārana ପ୍ରାଣଧାରଣ; ବଞ୍ଚିରହିବା—
Living; existence; being alive.

ଜୀବନ ନେବା—ଦେ. କ୍ରି—୧ । ମାରି ପକାଇବା; ବଧ କରିବା—
Jībana nebā 1. To kill.
প্রাণ লওয়া
जीव लेना
୨ । ପ୍ରାଣାନ୍ତକ କଷ୍ଟ ଦେବା—2. To give extreme pain.

ଜୀବନ ପଶିବା—ଦେ. କ୍ରି—ଦେହରେ ପ୍ରାଣବାୟୁ ସଞ୍ଚରିବା—
Jībana pasibā The dawning of the vital spark in the body.
প্রাণ ঢুকা
जी पड़ना

ଜୀବନ ବାହାରିଯିବା—ଦେ. କ୍ରି—ଜୀବନ ଯିବା (ଦେଖ)—
Jībana bāhāri-jibā Jībana jibā (See)

ଜୀବନ ବିକିବା—ଦେ. କ୍ରି.—ନିଜର ପ୍ରାଣକୁ (ଅନ୍ୟ ବ୍ୟକ୍ତି ଠାରେ)
Jībana bikibā ସମର୍ପଣ କରିବା; ଦାସତ୍ୱ ସ୍ୱୀକାର କରିବା—
জীব বেঁচা To dedicate one's life to another.
जी बेंचना
ଜୀବନବଦନାକୁ ଜୀବନ ସଙ୍ଗେ ବଢ ଦେଇଅଛ । କବିସୂର୍ଯ୍ୟ. ଚମ୍ପୁ ଗୀତ ।

ଜୀବନବୃତ—ଦେ. ବି. (ସଂ. ଜୀବନ+ବୃତ୍ତ)—୧ । ଜୀବିକା—
Jībana-bruta 1. Livelihood.
୨ । ପେଶା—2. Profession.

ଜୀବନବୃତ୍ତ—ସଂ. ବି. (୬ଷ୍ଠୀ ତତ୍; ଜୀବନ+ବୃତ୍ତ)—ଜୀବନଚରିତ;
Jībana-brutta ଜୀବନୀ—Biography.
(ଜୀବନବୃତ୍ତାନ୍ତ—ଅନ୍ୟରୂପ)

ଜୀବନବୃତ୍ତି—ସଂ. ବି. (୬ଷ୍ଠୀ ତତ୍; ଜୀବନ+ବୃତ୍ତି)—୧ । ଜୀବିକା—
Jībana-brutti 1. Livelihood.
୨ । ପେଶା—2. Profession.

ଜୀବନମରଣ—ସଂ. ବି. (ବିପରୀତାର୍ଥ ଦ୍ୱନ୍ଦ୍ୱ)—ବଞ୍ଚିବା ଓ ମରିବା—
Jībana-marana Life and death; living and dying.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇପ୍ସ	ଉଅ	ଢ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଙ	ଢ଼

ଜୀବନମରଣ ସମସ୍ୟା—ସଂ. ବି. (ଅଧୁନିକ ପ୍ରୟୋଗ; ଦ୍ୱନ୍ଦ୍ୱ ଓ ୬ଷ୍ଠୀ ତତ୍; Jibana-marana samasyā ଜୀବନ + ମରଣ + ସମସ୍ୟା)—
ଜୀବନ ରହିବ କି ଯିବ ଏହିପରି ସଙ୍କଟ—
The question of life and death.

ଜୀବନମୁକ୍ତ—ଦେ. (ପଦ୍ୟ) ବିଣ.—ଜୀବନ୍ମୁକ୍ତ (ଦେଖ)
Jibana-mukta Jibanmukta (See)
ବ୍ରହ୍ମାଣ୍ଡେ ଜୀବନମୁକ୍ତ ଅଛି କେ ସରେ?
ଭକ୍ତ. ବୈଦେହୀଶବିଳାସ ।

ଜୀବନମୂର୍ଚ୍ଛା—ଦେ. ବି. (ସଂ. ଜୀବନ ଓ ମୂର୍ଚ୍ଛା)—ଜୀବନତ୍ୟାଗ; ପ୍ରାଣ Jibana-murchchhā ଛାଡ଼ିବା—Giving up one's life.
जीवनमूर्च्छा ଦେ. ବିଣ.—ଯେଉଁ କାର୍ଯ୍ୟରେ ଜୀବନସଙ୍କଟ ଥାଏ; ଯହିଁରେ ପ୍ରାଣ ସଙ୍କଟାପନ୍ନ ହୁଏ—(work) Endangering life; causing danger to one's life.

ଜୀବନମୃତ—ଦେ. ବିଣ.—ଜୀବନ୍ମୃତ (ଦେଖ)
Jibana-mruta Jibanmruta (See)
ଶେଷେ ଏହାର ଭେକ ହୁଅ,
ଜୀବନମୃତ ପ୍ରାୟ କର । ଜଗନ୍ନାଥ. ଭଗ୍ବତ ।

ଜୀବନ ଯିବା—ଦେ. ବି.—୧ । ମରିବା—
Jibana jibā 1. Dying.
जीव जाना ୨ । ପ୍ରାଣାନ୍ତକ କଲବଲ ହେବା—
जी छूटना 2. Being extremely tormented.
୩ । ମୁମୂର୍ଷୁ ଅବସ୍ଥା—
3. Dying condition; ebbing of life.

ଜୀବନଯୋନି—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଯୋନି = ଉତ୍ପତ୍ତି)—
Jibana-joni ଦେହରେ ପ୍ରାଣସଞ୍ଚାରର କାରଣ; ସଞ୍ଜୀବନ ଯତ୍ନ—
The cause of existence.

ଜୀବନଶଙ୍ଖାଳି—ଦେ. ବି.—ଜୀବଧନ; ପ୍ରିୟତମ ବ୍ୟକ୍ତି—
Jibana-sankhāli One's dearest person.

ଜୀବନଷ୍ଟି—ଦେ. ବି.—୧ । ମୃତ୍ୟୁ—
Jiba-nashti 1. Death; extinction.
୨ । ପ୍ରାଣିକ୍ଷୟ—2. Death of animals.

ଜୀବନସଙ୍ଗୀ—ସଂ. ବିଣ. ପୁଂ (୬ଷ୍ଠୀ ତତ୍; ଜୀବନ + ସଙ୍ଗୀ)—
Jibana-sangi ୧ । ସ୍ୱାମୀ—1. Husband.
(ଜୀବନ ସଙ୍ଗିନୀ—ସ୍ତ୍ରୀ) ୨ । ପ୍ରିୟତମ ବ୍ୟକ୍ତି—
2. One's dearest person.

ଜୀବନ ହାରିବା—ଦେ. କ୍ରି.—ମରିବା; ପ୍ରାଣ ବିସର୍ଜନ କରିବା—
Jibana hāribā To die.
প্রাণ হারা
जी छोड़ना

ଜୀବନା—ସଂ. ବି.—(ଜୀବ୍ ଧାତୁ + କରଣ ଅନ + ଆ)—
Jibanā ୧ । ମହୌଷଧ (ହି. ଶବ୍ଦସାଗର)—1. Medicine.
୨ । ଜୀବନ୍ତୀ ଲତା (ହି. ଶବ୍ଦସାଗର)—
Jibanti creeper (See)

ଜୀବନାନ୍ତ—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଅନ୍ତ)—୧ । ମୃତ୍ୟୁ—
Jibanānta 1. Death; the end of life.
୨ । ଜୀବିତକାଳର ଶେଷ—
2. End of one's lifetime.

ଜୀବନାବଧି—ଦେ. କ୍ରି. ବିଣ.—(ଜୀବନ + ଅବଧି)—୧ । ଜନ୍ମ
Jibanābadhi ସମୟଠୁ; ଜନ୍ମାବଧି—
जन्मावधि 1. From birth.
୩ । ମରଣ ପର୍ଯ୍ୟନ୍ତ—3. Till death.

ଜୀବନାବାସ—ସଂ. ବି.—୧ । (ବହୁବ୍ରୀହି; ଜୀବନ = ଜଳ + ଆବାସ)—
Jibanābāsa ବରୁଣ ଦେବତା—1. Baruna; the God of water
୨ । (୬ଷ୍ଠୀ ତତ୍; ଜୀବନ = ପ୍ରାଣ + ଆବାସ)—ଦେହ; ଶରୀର—2. The body.
ସଂ. ବିଣ. (ବହୁବ୍ରୀହି)—ଜଳରେ ବାସକାରୀ—
Living in water.

ଜୀବନାଶ—ସଂ. ବିଣ. (ଜୀବନ + ଅଶ୍ ଧାତୁ = ଭକ୍ଷଣ କରିବା + କର୍ତ୍ତୃ.
Jibanāsa ଅ)—ସାଂଘାତିକ; ପ୍ରାଣନାଶକ; ପ୍ରାଣଘାତୀ—
Destructive of life; fatal; mortal.
ସଂ. ବି. (ଜୀବ + ନାଶ) ମୃତ୍ୟୁ; ପ୍ରାଣନାଶ—Death.

ଜୀବନାଶା—ସଂ. ବି. (୬ଷ୍ଠୀ ତତ୍; ଜୀବନ + ଆଶା)—ବଞ୍ଚିବାର ଆଶା—
Jibanāsā Hope of life.
ଜୀବନାଶା ଛାଡ଼ି ଯାଉଅଛ କହ ପାରୁ ନାହିଁ ମୁଁ ମୋ ଉତ୍ତର ।
କବିସୂର୍ଯ୍ୟ. ଗୋପୀଭାଷାମୃତ ଗୀତ ।

ଜୀବନିକା—ସଂ. ବି.—(ଜୀବନ + କ + ଆ)—ହରିଡ଼ା; ହରିତକୀ
Jibanikā (ପ୍ରଭୁଦତ୍ତବାଦ)--Myrobalan.

ଜୀବନିକାୟ—ସଂ. ବି.—(ଜୀବ = ଜୀବନ + ନିକାୟ = ବାସସ୍ଥାନ—
Jiba-nikāya ଜୀବିତ ପ୍ରାଣୀ—Living being.

ଜୀବନୀ—ସଂ. ବିଣ. (ଜୀବ ଧାତୁ + କରଣ ଅନ + ସ୍ତ୍ରୀ. ଈ)—ଯାହାଦ୍ୱାରା
Jibani ଆୟୁ ବୃଦ୍ଧି ହୁଏ)—୧ । ଆୟୁର୍ବୃଦ୍ଧିକାରକ—
1. Producing longevity.
୨ । ପ୍ରାଣଦା—2. Life-giving; vital.
୩ । ଯାହା ଜୀବନ ଦାନ କରେ—3. Reviving life.
(ଯଥା—ଜୀବନୀ ଶକ୍ତି ।)
ସଂ. ବି—୧ । ଜୀବନ୍ତୀ ବୃକ୍ଷ (ଦେଖ)—1. Jibanti (See)
୨ । ମହାମେଦା (ଦେଖ)—
2. Mahāmedā (See)
୩ । ମେଦା (ଦେଖ)—
3. Medā (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅଙ୍କା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୪ । କାଙ୍କୋଲ (ଦେଖ)—
4. Kāṅkolā (See)

ଜୀବନୀ ଦେ. ବି—୧ । କୌଣସି ବ୍ୟକ୍ତିଙ୍କ ଜୀବନଚରିତ—
जीवनी 1. Biography.
୨ । ଜୀବିକା—2. Livelihood; that by which one lives.

ଜୀବନୀୟ—ସଂ. ବିଣ—(ଜୀବନ+ପ୍ରୟୋଜନାର୍ଥେ. ଈୟ)—୧ । ଯାହା
Jībanīya ପ୍ରାଣଧାରଣ ନିମନ୍ତେ ପ୍ରୟୋଜନୀୟ—1. Necessary for life.
୨ । ଆୟୁର୍ବୃଦ୍ଧିକର—2. Conducive to longevity.
ସଂ. ବି—୧ । ଆୟୁଷ୍କର ଉପାୟ—1. A thing conducing longevity.
୨ । ପ୍ରାଣଧାରଣାର୍ଥ ଆବଶ୍ୟକୀୟ ପଦାର୍ଥଚୟ—
2. Necessaries of life.
(ଯଥା—ଖାଦ୍ୟ ସାମଗ୍ରୀ ।)

ଜୀବନୀୟଗଣ—ସଂ. ବି—ବୈଦ୍ୟଶାସ୍ତ୍ର ଅନୁସାରେ କେତେଗୋଟି ବଳ-
Jībanīya-gaṇa କାରକ ମହୌଷଧ—A group of
(ଜୀବନୀୟବର୍ଗ—ଅନ୍ୟରୂପ) strength-giving herbs.
(ଯଥା—ଜୀବନ୍ତୀ, କାକୋଲୀ, ମେଦା, ମୁଦ୍ଗପର୍ଣ୍ଣୀ, ମାଷପର୍ଣ୍ଣୀ, ଜୀବକ, ଋଷଭକ ଓ ମଧୁକ; ମତାନ୍ତରରେ ଜୀବକ, ଋଷଭକ, ମେଦା, ମହାମେଦା, କାକୋଲୀ, କ୍ଷୀରକାକୋଲୀ, ଋଦ୍ଧି ଓ ବୃଦ୍ଧି । ଜୀବନୀୟଗଣକୁ ଅଷ୍ଟବର୍ଗ ମଧ୍ୟ କୁହାଯାଏ ।)

ଜୀବନୀୟା—ସଂ. ବି. ସ୍ତ୍ରୀ (ଜୀବନ+ଈୟ+ସ୍ତ୍ରୀ. ଆ)—ଜୀବନ୍ତୀ (ଦେଖ)
Jībanīyā Jībantī (See)

ଜୀବନୀଶକ୍ତି—ସଂ. ବି—୧ । ଯେଉଁ ଶକ୍ତିଦ୍ୱାରା ଜୀବମାନେ ବଞ୍ଚି ରହନ୍ତି—
Jībanīśakti 1. Vitality.
୨ । ପ୍ରାଣ—2. Spark of life.

ଜୀବନୋପାୟ—ସଂ. ବି (୬ଷ୍ଠୀ ତତ୍; ଜୀବନ+ଉପାୟ)—ଜୀବିକା—
Jībanopāya Livelihood; subsistence; means of support.

ଜୀବନୌଷଧ—ସଂ. ବି (୬ଷ୍ଠୀ ତତ୍; ଜୀବନ+ଔଷଧ)—ଯେଉଁ
Jībanaushadha ଔଷଧଦ୍ୱାରା ମୃତ ପ୍ରାଣୀ ଜୀଏଁ—A medicine which revives the dead.

ଜୀବନ୍ତ—ଦେ. ବିଣ (ସଂ. ଜୀବତ୍)—୧ । ଜୀଇଁଥିବା; ଜୀଅନ୍ତା—
Jībanta 1. Living; existing.
জিবন্ত, জিআঁন্ত, জ্যান্ত ୨ । ବଞ୍ଚିଥିବା; ସଜୀବ—2. Alive.
जीताजागता କ୍ରି. ବିଂ—ସଜୀବ ଅବସ୍ଥାରେ—While still alive.

> ଶିଶୁ ସଙ୍ଗେ, ମା ଗୋ ! ଏହି ରୂପେ ମୋର ଜୀବନ୍ତେ ହେଉ ସମାଧ—
> ରାଧାନାଥ. ପାର୍ବତୀ ।

ଜୀବନ୍ତା—ଦେ. ବିଣ—ଜୀବନ୍ତ (ଦେଖ)
Jībantā Jībanta (See)

ଜୀବନ୍ତି—ସଂ. କ୍ରି (ପ୍ରାଚୀନ ପଦ୍ୟ; ସଂ. ଜୀବ୍ ଧାତୁ ଲଟ୍‌ବର୍ତ୍ତମାନ କାଳ
Jībanti ୧ମ ପୁରୁଷର ବହୁବଚନ କ୍ରିୟା)—(ସେମାନେ) ଜୀବନ ଧାରଣ କରନ୍ତି, ବା ଜୀଅନ୍ତି—(they) Do live or exist.

> ଦେବଙ୍କ ଅପୂର୍ବ ପ୍ରମାଣେ ଜୀବନ୍ତି ତହିଁ ପ୍ରାଣୀମାନେ—ଜଗନ୍ନାଥ. ଭାଗବତ ।

ଜୀବନ୍ତିକା—ସଂ. ବି. ସ୍ତ୍ରୀ—(ଜୀବନ୍ତୀ+କ+ସ୍ତ୍ରୀ. ଆ)—୧ । ଜମ୍ମୁଳି;
Jībantikā ମଲ୍ଲଙ୍ଗ—1. Orchid; a parasitic plant; mistletoe.
୨ । ହରିତକୀ; ହରିଡ଼ା—2. Myrobalan.
୩ । ଗୁଳୁଚି—3. Menispermum Glabrum; a climbing plant (much esteemed for its medicinal properties).

ଜୀବନ୍ତୀ—ସଂ. ବି—୧ । ଶାକଲତାବିଶେଷ—
Jībantī 1. A kind of creeping herb; Celtis Orientalis.
ସଂ. ପର୍ଯ୍ୟାୟ—ଜୀବନ୍ତୀ, ଜୀବବର୍ଦ୍ଧିନୀ, ସ୍ୱାଦୁ, ଜୀବନୀ, ଜୀବା, ଜୀବନୀୟା, ଷଷଶିମ୍ବିକା, ଶାକଶ୍ରେଷ୍ଠା, ମଧୁସ୍ରବା, ପାକଶ୍ରେଷ୍ଠା, ପୟସ୍ୱିନୀ
[ଦ୍ର—ଏହାର ପତ୍ର ଔଷଧରେ ଲାଗେ; ଏଥିର ଡାଙ୍ଗରୁ ଦୁଧପରି ରସ ବାହାରେ । ଫଳ ପେନ୍ଥା ପେନ୍ଥା ହୁଏ । ଏହା ୩ ପ୍ରକାର, ବୃହଜ୍ଜୀବନ୍ତୀ, ପୀତଜୀବନ୍ତୀ ଓ ଲଘୁଜୀବନ୍ତୀ । ଏହା ରକ୍ତପିତ୍ତ, ବାତ, କ୍ଷୟ, ଦାହ, ଜ୍ୱର ଓ ତ୍ରିଦୋଷ ନାଶ କରେ, ବୀର୍ଯ୍ୟ ବୃଦ୍ଧି କରେ, ଚକ୍ଷୁର ହିତ କରେ, ଭୂତ ବିଦ୍ରାବଣ କରେ, ରସ ବନ୍ଧନ କରେ, ସ୍ୱରଶୁଦ୍ଧି ଓ ବଳବୃଦ୍ଧି କରେ, ପ୍ରମେହ, ଚକ୍ଷୁ ଓ ପାଦର ଜ୍ୱାଳା, କୃମି ଓ କୁଷ୍ଠ ନିବାରଣ କରେ; ଏଥିର ମୂଳ ଓ ପତ୍ରର ବିଧିମତ ପ୍ରୟୋଗଦ୍ୱାରା ବହୁମୂତ୍ର, ମେହ, କାସ, ଶ୍ୱାସ, ଶୁକ୍ର-ଦୌର୍ବଲ୍ୟ, ରାତ୍ରାନ୍ଧତା, ଚକ୍ଷୁ-ଦୋଷ ଓ ମୁଖରୋଗ ଆରୋଗ୍ୟ ହୁଏ ।]
୨ । ଏକପ୍ରକାର ଲତା (ଏଥିର ଫୁଲରେ ମକରନ୍ଦ ଥାଏ) (ଦ୍ର. ଶବ୍ଦସାଗର)—2. A kind of creeper with flowers containing honey.
୩ । ଗୁଜରାଟ ଅଞ୍ଚଳରେ ଜାତ ଏକପ୍ରକାର ହଳଦିଆ ହରିଡ଼ା—
3. A kind of yellow myrobalan found in Gujerat.
୪ । ଜୀବନ୍ତିକା (ଦେଖ)—
4. Jībantikā (See)

ଜୀବନ୍ମୁକ୍ତ—ସଂ. ବିଣ. ପୁଂ. (ଜୀବତ୍+ମୁକ୍ତ; କର୍ମଧା)—ଜୀବଦ୍ଦଶାରେ
Jībanmukta ମୋକ୍ଷପ୍ରାପ୍ତ; ଅଦ୍ଭୁତଭକ୍ତ; ସଂସାରରେ ଥାଇ ମଧ୍ୟ
(ଜୀବନ୍ମୁକ୍ତା—ସ୍ତ୍ରୀ) ନିର୍ବିକାର ଓ ନିର୍ଲିପ୍ତ—Liberated while
(ଜୀବନ୍ମୁକ୍ତି—ବି) still living; (a person) who has been assured of salvation while yet alive.
[ଦ୍ର—ବେଦାନ୍ତସାର ମତରେ ଯେଉଁ ବ୍ୟକ୍ତି ଅଖଣ୍ଡ ଚୈତନ୍ୟ-ସ୍ୱରୂପ ବ୍ରହ୍ମଙ୍କ ଜ୍ଞାନଦ୍ୱାରା ଅଜ୍ଞାନ ନାଶ କରି ଆତ୍ମାରୂପ ଅଖଣ୍ଡ ବ୍ରହ୍ମଙ୍କ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଯ୍ଁ	ଉଥ	ଲ୍ପ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ୍ୟ	ଇଥ	ଙ୍ଗ	ନ୍ତ୍ର

ସାକ୍ଷାତ୍କାର କରିଅଛି ଓ ଯେ ଅଜ୍ଞାନ ଏବଂ ଅଜ୍ଞାନର କାର୍ଯ୍ୟ ପାପ, ପୁଣ୍ୟ ଏବଂ ସଂଶୟ, ଭ୍ରମଆଦିର ବନ୍ଧନରୁ ମୁକ୍ତ ହୋଇଅଛି ସେ ଜୀବନ୍ମୁକ୍ତ । ହି. ଶବ୍ଦସାଗର ।]

ଜୀବନ୍ମୁକ୍ତି—ସଂ. ବି. (ଜୀବତ୍+ମୁକ୍ତି; ୭ମୀ ତତ୍)—ତତ୍ତ୍ୱଜ୍ଞାନ ହେତୁରୁ
Jibanmukti ଜୀବଦଶାରେ ସଂସାରର ମାୟାବନ୍ଧନରୁ ପରିତ୍ରାଣ-ଲାଭ; ସଂସାରରେ ଥାଇ ନିର୍ବିକାର ଓ ନିର୍ଲିପ୍ତ ଭାବ; ସଂସାରର ମାୟାପାଶ ଛେଦନ— 1. Freedom from the bonds of the world or wordly ties.

୨ । ତପସ୍ୟାଦିଦ୍ୱାରା ମୃତ୍ୟୁ ପରେ ସଂସାରରେ ପୁନର୍ଜନ୍ମ ଲଭିବା ବିଷୟରେ ନିଷ୍କୃତି—2. Freedom from future birth earned by austerities while yet living.

ଜୀବନ୍ମୃତ—ସଂ. ବିଣ. ପୁଂ (ଜୀବତ୍+ମୃତ; ଜୀବିତାବସ୍ଥାରେ ମୃତ)—
Jibanmruta ଜୀବଦଶାରେ ମୃତତୁଲ୍ୟ; ଯେ ପ୍ରାଣ ଥାଉ ଥାଉଁ (ଜୀବନ୍ମୃତା—ସ୍ତ୍ରୀ) ମରିବା ପରି ଥାଏ; କଷ୍ଟ କରି ମରିବା ପ୍ରାୟ; ଜୀଇଁ ଥାଉଁ ଥାଉଁ ମରିବା ପରି; ମଲା ପରି; ମୃତ-ପ୍ରାୟ— Dead in spite of life; dead while living; dead as its were; half-dead.

ଜନ୍ମୀ ହୋଇ ଅମ୍ଭେ ରହିଁ ହେଲୁଁ ଜୀବନ୍ମୃତ ।
ରାଧାନାଥ- ମହାଯାତ୍ରା ।

[ଦ୍ର—ଯେଉଁ ବ୍ୟକ୍ତି ଆପଣାର କର୍ତ୍ତବ୍ୟବିମୁଖ ଓ ଅକର୍ମଣ୍ୟ, ଯେ ଅତି ଦୁଃଖରେ ନିଜର ଭରଣପୋଷଣ ଓ ଜୀବନଯାପନ କରେ ଓ ଯେଉଁ ବ୍ୟକ୍ତି ଅତିଥିସତ୍କାର ନ କରେ ହିନ୍ଦୁ ଧର୍ମଶାସ୍ତ୍ର ଅନୁସାରେ ସେ ଜୀବନ୍ମୃତ । ହି. ଶବ୍ଦସାଗର ।]

ଜୀବନ୍ମୃତ୍ୟୁ—ସଂ. ବି.—୧ । ଜୀବଦଶାରେ ମୃତ୍ୟୁତୁଲ୍ୟ ଅବସ୍ଥା—
Jibanmrutyu 1. Living death

୨ । ଅତି ଯନ୍ତ୍ରଣାମୟ ଜୀବନ—
2. A life full of misery.

ଜୀବନ୍ୟାସ—ସଂ. ବି. (୬ଷ୍ଠୀ ତତ୍ ଜୀବ+ନ୍ୟାସ)—୧ । ଦେହରେ
Jiba-nyāsa ପ୍ରାଣ ପ୍ରତିଷ୍ଠା—1. Revival of life.

୨ । ମୃତ ବା ନିର୍ଜୀବ ଦେହରେ ପ୍ରାଣ ଦେବା—
2. Breathing of life into the dead or inanimate.

ନିର୍ଜୀବ କାଷ୍ଠ ପିତୁଳୀ ଜୀବନ୍ୟାସ ହେବ,
ନାଃଶିକ ଶବ୍ଦ ଭେଦିଲେ ବଚନ କହିବ । ପ୍ରାଚୀ; ବ୍ରହ୍ମନିରୂପଣ ଗୀତା ।

୩ । ମଲାଜୀବକୁ ବଞ୍ଚାଇବା—
3. Restoration to life.

୪ । ଦେବତା ଆଦିଙ୍କ ପ୍ରତିମାରେ ମନ୍ତ୍ରାଦିଦ୍ୱାରା କାଳ୍ପନିକ ପ୍ରାଣ ପ୍ରତିଷ୍ଠିତ କରାଇବା—4. Giving of life to an idol; animating an image by means of mantras.

୫ । ପ୍ରାଣପ୍ରତିଷ୍ଠାର ମନ୍ତ୍ର—5. The esoteric formulas used in consecrating an image.

ଜୀବ ପଡ଼ିବା—ପ୍ରାଦେ. (ଉତ୍ତରଭାଷା) କ୍ରି.—ଜୀଇଁବା—
Jiba pardbā To live.

ଜୀବପତି—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ଜୀବ=ଜୀବିତ ଅଛି ପତି
Jiba-pati ଯାହାର)—ଅଧବ୍ୟ; ଜୀବତ୍ଭର୍ତ୍ତୃକା; ଯେଉଁ ସ୍ତ୍ରୀର ସ୍ୱାମୀ ବଞ୍ଚି ଅଛି—(a woman) Whose husband is still living.

ସଂ. ବି. ପୁଂ. (୬ଷ୍ଠୀ ତତ୍; ଜୀବ+ପତି)—ଧର୍ମରାଜ; ଯମ—
The God of death.

ଜୀବପତ୍ନୀ—ସଂ. ବିଣ. ସ୍ତ୍ରୀ. (ଜୀବ+ପତ୍ନୀ)—ଜୀବପତି (ଦେଖ)
Jiba-patni Jibapati (See)

ଜୀବପ୍ରିୟା—ସଂ. ବି. (୬ଷ୍ଠୀ ତତ୍; ଜୀବ+ପ୍ରିୟ+ଆ)—ହରିଡ଼ା
Jiba-priyā (ହି. ଶବ୍ଦସାଗର)—Myrobalan.

ଜୀବବଧ—ସଂ. ବି. (୬ଷ୍ଠୀ ତତ୍; ଜୀବ+ବଧ)—୧ । ପ୍ରାଣିହତ୍ୟା;
Jiba-badha ପ୍ରାଣୀକୁ ମାରି ପକାଇବା—1. Taking of life; killing of animals.

୨ । ପ୍ରାଣିହତ୍ୟାଜନିତ ପାପ ବା ଅପରାଧ—
2. The sin or offence of killing an animal.

ଜୀବବନ୍ଧୁ—ସଂ. ବି. (୬ଷ୍ଠୀ ତତ୍; ଜୀବ+ବନ୍ଧୁ)—୧ । ପ୍ରାଣବନ୍ଧୁ;
Jiba-bandhu ଜୀବନସଙ୍ଗୀ—1. Life-mate; one's dearest person.

ଜୀବବନ୍ଧୁ, ବୋଲୁ ବୋଲୁ ଜୀବ
ଜୀବଥିବ ସୁଦ୍ଧା କି ଯିବ—ଉକ୍ତ. ପ୍ରେମସୁଧାନିଧି ।

୨ । ବନ୍ଧୁକ; ବଧୁଲି ଫୁଲ (ଦେଖ)
2. Badhuli (See)

ଜୀବବଳି—ସଂ. ବି. (୬ଷ୍ଠୀ ତତ୍; ଜୀବ+ବଳି)—ଯଜ୍ଞାର୍ଥ ବା ଦେବତା
Jiba-bali ଆଦିଙ୍କ ଉଦ୍ଦେଶ୍ୟରେ ଗୋମେଷାଦି ଜୀବଙ୍କର ହତ୍ୟା—
Animal-sacrifice.

ଜୀବବଲ୍ଲୀ—ସଂ. ବି.—କ୍ଷୀରକକ୍କୋଳ (ହି. ଶବ୍ଦସାଗର) (ଦେଖ)
Jiba-balli Kshira-kakkola (See)

ଜୀବବସ୍ତୁ—ସଂ. ବି. (୬ଷ୍ଠୀ ତତ୍; ଜୀବ+ବସ୍ତୁ; ଆଧୁନିକ ବ୍ୟବହାର)—
Jiba-bastu ଜୀବର ସୂକ୍ଷ୍ମ ଅବସ୍ଥାର ରୂପ—Protoplasm.

ଜୀବବାଣୀବିଦ—ଦେ. ବିଣ. (ସଂ. ଜୀବବାଣୀବିଦ୍)—ଯେ ସକଳ
Jiba-bāni-bida ପ୍ରକାର ପ୍ରାଣୀମାନଙ୍କ ଭାଷା ଜାଣନ୍ତି—
(a person) Able to understand the meaning of the language of all animals.

ସପ୍ତମେ ସର୍ବଜୀବ ପ୍ରାଣୀ—ବାଣୀ ଅଟନ୍ତି ବେଣୁପାଣି—
ପ୍ରାଚୀ, ପୂର୍ଣ୍ଣତମଚନ୍ଦ୍ରୋଦୟ ।

ସାଧାରଣ ଲୋକେ ଅନେକ ସ୍ଥଳରେ ସଚରାଚର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ

ଜୀବବାନ୍—ସଂ. ବିଣ. ପୁଂ. (ଜୀବ+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Jiba-bān ସଜୀବ—Living; alive.
(ଜୀବବତୀ—ସ୍ତ୍ରୀ)

ଜୀବବୃତ୍ତି—ସଂ. ବି. ୧ । (ଜୀବର ବୃତ୍ତି; ୬ଷ୍ଠୀ ତତ୍)—
Jiba-brutti ଜୀବ ଦେହରେ ଥିବା ସ୍ୱାଭାବିକ ଗୁଣମାନ—
1. The natural attributes of living being
୨ । (ଜୀବ ପାଳନରୂପ ବୃତ୍ତି; କର୍ମଧା) ଗୋମେଷାଦି ପଶୁ ଓ ପକ୍ଷିପାଳନ ବ୍ୟବସାୟ—2. Profession of rearing and selling animals (e. g. beasts, birds); animal breeding.

ଜୀବମନ୍ଦିର—ସଂ. ବି. (୬ଷ୍ଠୀ ତତ୍; ଜୀବ+ମନ୍ଦିର; ଯେଉଁ ମନ୍ଦିରରେ
Jiba-mandira ପ୍ରାଣ ଅବସ୍ଥାନ କରେ);ଦେହ—The body; (the receptacle of the soul).

ଜୀବମାତୃକା—ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଜୀବ+ମାତୃକା)—
Jiba-mātrukā ଜୀବର ମଙ୍ଗଳସାଧିକା ସପ୍ତମାତୃକାବିଶେଷ—
A class of seven female Deities protecting the lives of living beings.
[ଦ୍ର—ଏମାନଙ୍କ ନାମ କୁମାରୀ, ଧନଦା, ନନ୍ଦା, ବିମଳା, ମଙ୍ଗଳା, ବଳା ଓ ପଦ୍ମା; ଏମାନେ ସପ୍ତମାତୃକା ।]

ଜୀବ ଯିବା—ଦେ. କ୍ରି—ପ୍ରାଣତ୍ୟାଗ—
Jiba jibā 1. Death.
ପ୍ରାଣ ଯାଓଯା ୨ । ମୁମୂର୍ଷୁ ଅବସ୍ଥା; ପ୍ରାଣବାୟୁ ବହିର୍ଗତ ହେବା
जी छुटना ଅବସ୍ଥା—2. Dying condition.

ଜୀବର କାରଣ—ଦେ. ବି—୧ । ଜୀବ ବା ପ୍ରାଣୀର ମୋକ୍ଷ ବା ମୁକ୍ତି—
Jibara kāraṇa 1. Salvation of a living being;
(ଜୀବର କାରେଣୀ—ଅନ୍ୟରୂପ) liberation of soul.
୨ । ଜୀବର ମୋକ୍ଷଦାତା—
2. Saviour of life; redeemer.

ଜୀବରକ୍ତ—ସଂ. ବି—ଗର୍ଭଧାରଣର ଉପଯୁକ୍ତ ସ୍ତ୍ରୀ-ରଜଃ (ହ୍ର. ଶବ୍ଦସାଗର)—
Jiba-rakta Menstrual blood which is capable of fecundation.

ଜୀବର ଧନ—ଗ୍ରା. ବି—ଜୀବଧନ (ଦେଖ)
Jibara dhana Jibadhana (See)

ଜୀବଲୋକ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଲୋକ)—
Jiba-loka ୧ । ପୃଥିବୀର ସୃଷ୍ଟ ପ୍ରାଣିସମୂହ—1. All the created beings; the animal world.
୨ । ସଂସାର; ମର୍ତ୍ତ୍ୟଲୋକ—2. The created world (consisting of living beings); the animated nature.
୩ । ଜୀବଯୋନି; ସଂସାରରେ ଜୀବ ରୂପେ ଜନ୍ମ—
3. Animal existence in the world.

୪ । ସମୁଦାୟ ମନୁଷ୍ୟ ଜାତି—4. Mankind.

ଜୀବଶାକ—ସଂ. ବି—ସୁନିସୁନିଆ ଶାଗ (ହ୍ର. ଶବ୍ଦସାଗର)—
Jiba-śāka A kind of aqatic pot-herb.

ଜୀବଶୂନ୍ୟ—ସଂ. ବିଣ. (୩ୟା ତତ୍; ଜୀବ+ଶୂନ୍ୟ)—
Jiba-śūnya ୧ । ପ୍ରାଣହୀନ; ମୃତ—1. Dead; lifeless.
୨ । ଜଡ଼; ନିର୍ଜୀବ—2. Inanimate.
୩ । ଜୀବଜନ୍ତୁଶୂନ୍ୟ; ପ୍ରାଣିହୀନ—
3. Devoid of living beings; having no living creature on or in it.

ଜୀବସଂକ୍ରମଣ—ସଂ. ବି. (୬ଷ୍ଠୀ ତତ୍; ଜୀବ+ସଂକ୍ରମଣ)—ଜୀବର ଏକ
Jiba-saṁkramaṇa ଶରୀରରୁ ଶରୀରାନ୍ତରକୁ ଗମନ; ଜନ୍ମାନ୍ତରପରିଗ୍ରହ—Metemphsychosis; transmigration.

ଜୀବସଙ୍ଗୀ—ଦେ. ବି. (ସଂ. ଜୀବ+ସଙ୍ଗୀ)—
Jiba-saṅgi ୧ । ଆଜୀବନ ସଙ୍ଗୀ; ଜୀବନସଙ୍ଗୀ—
1. Lifelong companion.
୨ । ପ୍ରାଣପ୍ରତିମ ସଙ୍ଗୀ; ପ୍ରାଣବନ୍ଧୁ—
2. Dearest companion.
ରଙ୍ଗୀ ରହିଁ, ଭୃଙ୍ଗୀକାଳ ଭୁଜଙ୍ଗୀ ଭ୍ରମର, ଜୀବସଙ୍ଗୀ—
କବିସୂର୍ଯ୍ୟ. କଳୋଖିତଣ୍ଡ ଭ ଗୀତ ।

ଜୀବସାଧନ—ସଂ. ବି. (୬ଷ୍ଠୀ ତତ୍; ଜୀବ+ସାଧନ)—
Jiba-sādhana ଧାନ୍ୟ; ଧାନ (ହ୍ର. ଶବ୍ଦସାଗର)—
Paddy.

ଜୀବସୁତା—ସଂ. ବିଣ. ସ୍ତ୍ରୀ. (ବହୁବ୍ରୀହି; ଜୀବ+ସୁତ+ସ୍ତ୍ରୀ. ଆ)—
Jiba-sutā ଯେଉଁ ସ୍ତ୍ରୀର ପୁତ୍ର ବଞ୍ଚିଅଛି; ଜୀବତୋକା—
(ଜୀବସୂ—ଅନ୍ୟରୂପ) (a woman) Having her son or sons still living.

ଜୀବସୋଦର—ଦେ. ବି—ପ୍ରାଣସଖା—
Jiba-sodara Lifelong companion.
ନିଷ୍ଟୁର ପୁରୁଷ ଦରହାସିନୀ କୃଶର ଦରଶୋଷୀ ସେ ଜୀବସୋଦର ପ୍ରେମସ୍ପଦର ।
ଭକ୍ତ. ପ୍ରେମସୁଧାନିଧି ।

ଜୀବସ୍ଥାନ—ସଂ. ବି. (୬ଷ୍ଠୀ ତତ୍; ଜୀବ+ସ୍ଥାନ)—
Jiba-sthāna ୧ । ଶରୀରର ମର୍ମସ୍ଥାନ—
1. A vital part of the body.
୨ । ହୃଦୟ—2. The heart.

ଜୀବହତ୍ୟା—ସଂ. ବି. (୬ଷ୍ଠୀ ତତ୍, ଜୀବ+ହତ୍ୟା)—
Jiba-hatyā ଜୀବବଧ (ଦେଖ)
Jiba-badha (See)

ଜୀବହିଂସା—ସଂ. ବି. (୬ଷ୍ଠୀ ତତ୍, ଜୀବ+ହିଂସା)—
Jibahiṁsā ୧ । ଜୀବ ବଧ (ଦେଖ)
1. Jiba badha (See)
୨ । ପ୍ରାଣୀମାନଙ୍କ ପ୍ରତି ନିଷ୍ଠୁର ବ୍ୟବହାର—
2. Cruelty to animals.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ଼	ଉଅ	ଘ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍ତ

ଜୀବହୀନ—ସଂ. ବିଣ. (୩ୟା ତତ୍; ଜୀବ+ହୀନ)—
Jiba-hina ୧ । ପ୍ରାଣହୀନ—1. Lifeless; inanimate.
୨ । ମୃତ—2. Dead.
୩ । ପ୍ରାଣିହୀନ—
3. Destitute of animated beings.
ସଂ. ବି—ଷଡ଼କ୍ଷର ମନ୍ତ୍ରବିଶେଷ (ପ୍ରକୃତିବାଦ)—
Name of on esoteric formula of six syllables.

ଜୀବା—ସଂ. ବି—୧ । ଧନୁର ଜ୍ୟା (ହି. ଶବ୍ଦସାଗର)—
Jiba 1. Bow-string.
୨ । (ଜ୍ୟାମିତି) ବୃତ୍ତପରିଧିର ଦୁଇ ମୁଣ୍ଡକୁ ଯୋଗ କରିବା ରେଖା (ହି. ଶବ୍ଦସାଗର)—2. (geometry) Chord.
୩ । ଜୀବନ୍ତୀ (ହି. ଶବ୍ଦସାଗର) (ଦେଖ)
3. Jibanti (See)
୪ । ବଚ (ହି. ଶବ୍ଦସାଗର)—
4. Liquorice root.
୫ । ଜୀବନ (ହି. ଶବ୍ଦସାଗର)—5. Life.
୬ । ଜୀବନୋପାୟ (ହି. ଶବ୍ଦସାଗର)—
6. Livelihood.

ଜୀବାଣୁ—ସଂ. ବି. (ବିଜ୍ଞାନପରିଭାଷା; ଆଧୁନିକ ବ୍ୟବହାର; ୬ଷ୍ଠୀ ତତ୍; ଜୀବ+ଅଣୁ)—ରୋଗ-ବୀଜ; କ୍ଷୁଦ୍ରତମ ଜୀବର ସାରାଂଶ—Germ.
Jibanu

ଜୀବାତୁ—ସଂ. ବି. (ଜୀବ୍ ଧାତୁ+ଭାବ. ଆତୁ)—୧ । ଜୀବନ—
Jibatu 1. Life.

ଜଙ୍ଗମ ହେବାର ଜମ୍ବୁଦ୍ୱୀପର ଜଗତେ ଜୀବାତୁ ପରି ବଶୁ—
କବିସୂର୍ଯ୍ୟ, କବିତା ।

୨ । ଜୀବିକା—3. Livelihood.
୩ । (+କରଣ. ଆତୁ) ଜୀବନୌଷଧ—
3. Medicine which restores or revives life.
୪ । ଅନ୍ନ—4. Food.

ଜୀବାତ୍ମା—ସଂ. ବି. (ଜୀବ+ଆତ୍ମନ୍)—
Jibatma ୧ । ପ୍ରାଣୀର ଅଭ୍ୟନ୍ତରସ୍ଥ ଆତ୍ମା—
(ପରମାତ୍ମା—ବିପରୀତ) 1. Individual soul; animal soul (as distingwished from Supreme Soul).
୨ । ମନୁଷ୍ୟର ଆତ୍ମା—2. Human soul.
୩ । ପ୍ରାଣପୁରୁଷ—
3. The inner soul; the sentient soul.
୪ । ଦେହୀ—4. Animal; living being.
୫ । ଶରୀରସ୍ଥ ଚୈତନ୍ୟ; ଦେହର ଅଭ୍ୟନ୍ତରିକ ସ୍ୱଚ୍ଛ ପଦାର୍ଥ ଯହିଁରେ ପରମାତ୍ମା ବା ଈଶ୍ୱର ପ୍ରତିବିମ୍ବିତ ହୁଅନ୍ତି—
5. The inner conciousness; the vital principle in the body.
୬ । ପ୍ରାଣ—6. Life.

[ଦ୍ର—ଜୀବାତ୍ମା ଦେହସ୍ଥ ଚୈତନ୍ୟ ଅଟେ; ଏହା ପ୍ରତ୍ୟେକ ପ୍ରାଣୀର ଦେହରେ ଆବଦ୍ଧ । ପରମାତ୍ମା ବା ଈଶ୍ୱରଙ୍କ ସତ୍ତା ବିଶ୍ୱବ୍ୟାପୀ ଚୈତନ୍ୟ ଅଟେ । ଈଶ୍ୱର ପରମାତ୍ମା ଅଟନ୍ତି ।
ପ୍ରାଣୀର ଶରୀରରେ ପରମାତ୍ମାଙ୍କ ପ୍ରତିବିମ୍ବିତ ପଦାର୍ଥ ଜୀବାତ୍ମା ଅଟେ । ଜୀବାତ୍ମା ପରମାତ୍ମାରୁ ବାହାରି ପ୍ରାଣିଦେହରେ ଥାଏ । ପ୍ରାଣୀ ମୃତ ହେଲେ ସେହି ପ୍ରାଣମଧ୍ୟସ୍ଥ ଜୀବାତ୍ମା ପରମାତ୍ମାରେ ଲୀନ ହୁଏ ।]

ଜୀବାଧାନ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଆଧାନ)—
Jibadhana ୧ । ପ୍ରାଣରକ୍ଷା—
1. Preservation or saving of life.
୨ । ପ୍ରାଣଧାରଣ—
2. Living; animated existence.

ଜୀବାଧାର—ସଂ. ବି. (୬ଷ୍ଠୀ ତତ୍; ଜୀବ+ଆଧାର)—
Jibadhara ୧ । ଜଗତ; ବିଶ୍ୱବ୍ରହ୍ମାଣ୍ଡ (ଯେଉଁଠାରେ ଜୀବମାନେ ରହନ୍ତି; ଯାହା ପ୍ରାଣୀମାନଙ୍କ ଆଶ୍ରୟ); ଜୀବଜଗତ୍—
1. The universe; the animal world; the world.
୨ । ଶରୀର; ଦେହ—2. The body.
୩ । ହୃତ୍‌ପିଣ୍ଡ—3. The heart.

ଜୀବାନ୍ତକ—ସଂ. ବି. ପୁଂ. (୬ଷ୍ଠୀ ତତ୍; ଜୀବ+ଅନ୍ତକ)—
Jibantaka ୧ । ବ୍ୟାଧ—1. Fowler; hunter.
୨ । ପ୍ରାଣଘାତୀ ବ୍ୟକ୍ତି—
2. Murderer; killer; slayer.
୩ । ପ୍ରାଣଘାତୀ ଅସ୍ତ୍ର—3. Fatal weapon.
ସଂ. ବିଣ—ପ୍ରାଣଘାତୀ; ପ୍ରାଣାନ୍ତକର—Mortal; fatal; causing death; slaying.

ଜୀବାବଶେଷ—ସଂ. ବି. (୬ଷ୍ଠୀ ତତ୍; ଜୀବ+ଅବଶେଷ; ପ୍ରାଣିବିଜ୍ଞାନ-ପରିଭାଷା; ଆଧୁନିକ ପ୍ରୟୋଗ)—
Jibabasesha
୧ । ଭୂଗର୍ଭରୁ ପ୍ରାପ୍ତ ବହୁକାଳ ପୂର୍ବେ ମୃତ ପ୍ରାଣୀର ଦେହାବଶେଷ; ପ୍ରସ୍ତରୀଭୂତ ବହୁକାଳ ପୂର୍ବର ଜୀବଦେହ—
1. Fossil; fossilized remains of animals.
୨ । ଜୀବନ ମାତ୍ର ଅବଶିଷ୍ଟ ରହିବା ଅବସ୍ଥା—
2. Remnant of life only in a body.
୩ । ପ୍ରାଣୀର ଆସନ୍ନମୃତ୍ୟୁ ଓ ଶେଷ ଅବସ୍ଥା (ଯେଉଁ ଅବସ୍ଥାରେ ପ୍ରାଣୀର କେବଳ ମାତ୍ର ନିଶ୍ୱାସ ବାୟୁ ବହୁଥାଏ)—3. Last stage of life (when life only remains in the body.

ଜୀବିକା—ସଂ. ବି. ସ୍ତ୍ରୀ. (ଜୀବ ଧାତୁ+କରଣ. ଅକ+ସ୍ତ୍ରୀ. ଆ. ଯେଉଁ
Jibika ଉପାୟଦ୍ୱାରା ମନୁଷ୍ୟ ପ୍ରାଣ ଧାରଣ କରେ ବା ବଞ୍ଚେ)—

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରାମାନଙ୍କ ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗିଆ'କୁ ପାଇଲେ 'ଅଙ୍ଗୀ' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୧ । ବୃତ୍ତି; ଜୀବନୋପାୟ; ପେଶା (ଯଥା— କୃଷିବାଣିଜ୍ୟାଦି)—
1. Livelihood; profession; living.
୨ । ଜୀବନ—2. Life.
୩ । ଜୀବନ୍ତୀ (ଦେଖ)—
3. Jibanti (See)

ଜୀବିକା କରିବା— ଦେ. କ୍ରି—କୌଣସି କର୍ମକୁ ଜୀବନର ଏକମାତ୍ର ବ୍ରତ ବା କର୍ମ ପରି ଆଚରଣ କରିବା; ପେଶା କରିବା—To be habituated to a thing as if it was one's profession.
Jibika kariba
ଜୀବିକା କରା
जीविका करना

ବସୁଧାରେ ଭ୍ରମିଥିଲି ଭ୍ରଳ, ପରିହାସ କି ଜୀବିକା କଲ—
ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜୀବିକାନିର୍ବାହ— ସଂ. ବି. (୬ଷ୍ଠୀ ତତ୍; ଜୀବିକା + ନିର୍ବାହ)—
Jibika-nirbaha କୌଣସି ଉପାୟଦ୍ୱାରା ପେଟ ପୋଷିବା—
Earning one's livelihood; maintenance.

ଜୀବିତ— ସଂ. ବି. (ଜୀବ ଧାତୁ + ଭାବେ. କ୍ତ)— ୧ । ଜୀବନ—
Jibita 1. Life.

ସ୍ତ୍ରୀଙ୍କୁ ବୋଇଲେ ଏ ଅଟଇ ବାକ୍ୟ ସତ
ଧନ୍ୟ ନ ପାରନ୍ତି ନେଇ ମୋହୋର ଜୀବିତ—କୃଷ୍ଣସିଂ. ମହାଭାରତ. ଶାନ୍ତି ।

୨ । ଆୟୁ; ଜୀବଦ୍ଦଶା; ଜୀବନକାଳ—
2. Lifetime; age.
(ଜୀବିତା—ସ୍ତ୍ରୀ) ସଂ. ବିଣ. ପୁଂ—୧ । ଯେ ବଞ୍ଚିଅଛି; ଯେ ପ୍ରାଣଧାରଣ କରିଅଛି—1. Living; existent; having life.
୨ । ଜୀବନ୍ତ; ସଜୀବ; ଜୀଅନ୍ତା—
2. Animate; alive.

ଜୀବିତକାଳ— ସଂ. ବି. (୬ଷ୍ଠୀ ତତ୍; ଜୀବିତ = କାଳ)—
Jibita-kala ଜୀବଦ୍ଦଶା; ବଞ୍ଚିଥିବା ସମୟ; ଅମଳ—
Life-time; period or duration of one's life.

ଜୀବିତପ୍ରୟୋଜନ— ସଂ. ବି. (୬ଷ୍ଠୀ ତତ୍; ଜୀବିତ + ପ୍ରୟୋଜନ)—
Jibita-prayojana ୧ । ଜୀବିକା—
1. Living; livelihood.
୨ । ଜୀବ ବଞ୍ଚିବାର ଅତି ଆବଶ୍ୟକ ବସ୍ତୁନିଚୟ—
2. The necessaries of life.

ଜୀବିତବାନ୍— ସଂ. ବିଣ. ପୁଂ. (ଜୀବିତ + ବତ୍; ୧ମା. ୧ବ)—
Jibita-ban ବଞ୍ଚିଥିବା—Living; alive.
(ଜୀବିତବତୀ—ସ୍ତ୍ରୀ)

ଜୀବିତେଶ— ସଂ. ବି. (୬ଷ୍ଠୀ ତତ୍; ଜୀବିତ + ଈଶ)—
Jibitesa ୧ । ଜୀବର ପ୍ରଭୁ; ପ୍ରାଣର ଈଶ୍ୱର ବା ମାଲିକ—
(ଜୀବିତେଶ୍ୱର—ଅନ୍ୟରୂପ) 1. The lord of one's life.
୨ । ଜଗଦୀଶ୍ୱର; ଈଶ୍ୱର; ପରମେଶ୍ୱର—
2. God; the Lord of the universe.
୩ । ପ୍ରାଣେଶ୍ୱର; ସ୍ୱାମୀ—3. Husband.
୪ । ପ୍ରିୟତମ ବ୍ୟକ୍ତି—
4. One's dearest person.

ଜୀବିବା— ଦେ. କ୍ରି. (ପଦ୍ୟ)— ଜୀଇଁବା; ବଞ୍ଚିବା—
Jibiba To live.

ଯୋଗ ଅଭ୍ୟାସେ ଯୋଗିଜନେ
ଜୀଏସେ ଜୀବନ୍ତି ଯୋଗ ଧ୍ୟାନେ । ଜଗନ୍ନାଥ, ଭାଗବତ ।

ଜୀବୀ— ସଂ. ବିଣ. ପୁଂ. (ଜୀବ ଧାତୁ + ଇନ୍; ୧ମା. ୧ବ; ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ, ଯଥା—ଦୀର୍ଘଜୀବୀ, ଚିରଂଜୀବୀ)—
Jibi
(ଜୀବିନୀ—ସ୍ତ୍ରୀ) ୧ । ଯେ ଜୀଏଁ; ଜୀବନଧାରୀ—
1. One who lives; living.
୨ । ଯେ କୌଣସି ଜୀବିକା ଦ୍ୱାରା ପ୍ରାଣ ଧାରଣ କରେ—
2. Living on; depending upon something for one's livelihood.
(ଯଥା— ମୃଗୟାଜୀବୀ, ପଣ୍ୟଜୀବୀ ।)

ଜୀବେଶ— ସଂ. ବି. (୬ଷ୍ଠୀ ତତ୍; ଜୀବ + ଈଶ)—
Jibesa ୧ । ସ୍ୱାମୀ—1. Husband.
୨ । ଯମ—2. The God of death.

ଯାର ନାହିଁ ଜୀବେଶ ତାର ଜୀବ ଜୀବେଶ ଦେଶରେ ପ୍ରବେଶ କରିବ ।
ଉପେ. ଲାବଣ୍ୟବତୀ ।

ଜୀବେଶ୍ୱର— ସଂ. ବି — ଜୀବେଶ (ଦେଖ)
Jibeswara Jibesa (See)
(ଜୀବେଶ୍ୱରୀ—ସ୍ତ୍ରୀ) ସଂ. ବି. ସ୍ତ୍ରୀ. (୬ଷ୍ଠୀ ତତ୍; ଜୀବ + ଈଶ୍ୱରୀ)—
ପ୍ରାଣପ୍ରିୟା ସ୍ତ୍ରୀ—One's beloved or dearest woman.

ରାଣୀ ହୋଇଥିଲି ମୁଁ ଜୀବେଶ୍ୱରୀଠାରେ କରିଥିଲି ନିୟମ ।
ଭକ୍ତ. ପ୍ରେମସୁଧାନିଧି ।

ଜୀବୋପାଧି— ସଂ. ବି. (୬ଷ୍ଠୀ ତତ୍; ଜୀବ + ଉପାଧି)—
Jibopadhi ପ୍ରାଣୀର ଅବଶ୍ୟଂଭାବୀ ଅବସ୍ଥାତ୍ରୟ; ସ୍ୱପ୍ନ, ସୁଷୁପ୍ତି ଓ ଜାଗ୍ରତ ଅବସ୍ଥା—The necessary conditions of animal life; e.g. dream, sleep and waking.

ଜୀବ୍ରିଅଲ୍— ଦେ. ବି. (ନାମ) (ବାଇବଲ୍)—
Jibrial ବାଇବଲ୍‌ରେ ଲିଖିତ ଦେବଦୂତ—
Gibrial; the name of an angel mentioned in the Bible.

ଜୀଭମଲ୍— ପ୍ରାଦେ. (ବଙ୍ଗ) ବି. (ସଂ. ଜିହ୍ୱା + ମଳ)—
Jibha-mal ଜିହ୍ୱା ଉପରେ ଜମିଥିବା ଛିତଆ—
The dirts over (one's) tongue; furs on the tongue.

ଜୀମୂତ— ସଂ. ବି. (ଜୀ = ଜୀବନ, ଜଳ + ମୂ ଧାତୁ ବନ୍ଧନ କରିବା, ଧାରଣ କରିବା + କର୍ତ୍ତୃ. କ୍ତ, ଯେ ଜଳ ଧାରଣ କରେ)—
Jimuta
୧ । ମେଘ —1. Cloud.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉଅ	ଢ
୨	ଈ	ଊ	ରୁ	ଲୁ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଓ	ନ୍ତ

୨ । ପର୍ବତ—2. Mountain.

୩ । ଇନ୍ଦ୍ର—3. God Indra.

ଜୀମୂତକୂଟ—ସଂ. ବ. (୬ଷ୍ଠୀ ତତ୍; ଜୀମୂତ+କୂଟ)—
Jīmūta-kūta କ୍ଷୁଦ୍ର ପର୍ବତ; ପାହାଡ଼—A hill.

ଜୀମୂତକେତୁ—ସଂ. ବ. (ବହୁବ୍ରୀହି; ଜୀମୂତ, ମେଘ ହୋଇଅଛି କେତୁ= ଧ୍ୱଜ ଯାହାର)—
Jīmūta-ketu
(ନାମ) ହିମାଳୟସ୍ଥ ବିଦ୍ୟାଧରଗଣଙ୍କ ରାଜା—
The king of the Bidyādharas (aerial beings said to inhabit the Himalayas).

ଜୀମୂତବାହନ—ସଂ. ବ. (ବହୁବ୍ରୀହି, ଜୀମୂତ ଅଟେ ବାହନ ଯାହାର)—
Jīmūta-bāhana ୧ । ଇନ୍ଦ୍ର—1. Indra; the God of clouds.

୨ । (ନାମ) ବଙ୍ଗଦେଶପ୍ରଚଳିତ ବ୍ୟବସ୍ଥାଶାସ୍ତ୍ର ବା ସ୍ମୃତି ଦାୟଭାଗର ଗ୍ରନ୍ଥକର୍ତ୍ତାଙ୍କ ନାମ—
2. Name of the author of the Dāyabhāga, a digest of Hindu Law governing the Bengal school.

୩ । ଜୀମୂତକେତୁ (ଦେଖ)
3. Jimūta-ketu (See)

ଜୀର—ସଂ. ବ. (ଜୄ ଧାତୁ=ଜୀର୍ଣ୍ଣ କରିବା+କର୍ତ୍ତୃ. ଅ, କିମ୍ବା ଜୁ ଧାତୁ= ବେଗେ ଯିବା+ର; ଉ ସ୍ଥାନରେ ଈ)—ଜୀରକ (ଦେଖ)
Jira
Jīraka (See)

ଜୀରକ—ସଂ. ବ. (ଜୄ ଧାତୁ=ଜୀର୍ଣ୍ଣ କରିବା+କର୍ତ୍ତୃ ଅକ; କିମ୍ବା ଜୀର +ସ୍ୱାର୍ଥେ. କ; ଯାହା ଖାଦ୍ୟ ଦ୍ରବ୍ୟକୁ ଜୀର୍ଣ୍ଣ ବା ପରିପାକ କରାଏ)—୧ । ଜୀରା—Cuminseed; Cuminum Cyminum.
Jiraka
ସଂ. ନାମ—ଜୀରଣ, ଅଜାଜୀ, କଣା, ଜୀର୍ଣ୍ଣ, ଜୀରି, ଦୀପ୍ୟ, ଜୀରଣ, ଅଜାଜିକା, ବହ୍ନିଶିଖ, ମାଗଧ, ଦୀପକ
ପା. ଜୀରହ୍
ଆ. ଜୀରମ୍
ତେ. ଜିଲ୍ଲକର୍ର
ଜୀରା, ଜୀରେ
जीरा

[ଦ୍ର—ଜୀରା ଧନ୍ୟାଦି ବର୍ଗର ଶାକ ଗୁଳ୍ମ । ଏହା ଆକାରରେ ପାନମହୁରି ପରି କିନ୍ତୁ ଛୋଟ । ଏ ଗୁଳ୍ମର ପତ୍ର ଦୁବ ପରି ସରୁ । ବଙ୍ଗଦେଶ ଓ ଆସାମ ଛଡ଼ା ଭାରତର ସର୍ବତ୍ର ଏହାର କୃଷି ହୁଏ । ମିଶରଦେଶ ଓ ଭୂମଧ୍ୟସାଗର ଉପକୂଳସ୍ଥ ମାଲ୍ଟା ଆଦି ଦ୍ୱୀପରେ ଏ ଗୁଳ୍ମ ମନକୁ ଉଠେ । ମାଲ୍ଟାର ଜୀରା (European caraway) ଖୁବ୍ ସୁଗନ୍ଧ-ଯୁକ୍ତ । ଜୀରା ୨ ପ୍ରକାରର; ଧଳା ବା ସାଧାରଣ ଜୀରା ଓ କୃଷ୍ଣଜୀରକ; ସାଧାରଣ ଜୀରା ମରିଚ ସଙ୍ଗେ ବଟା ହୋଇ ତିଅଣରେ ମିଶାଯାଏ, ଏବଂ ଘିଅରେ ଫୁଟା ଯାଇ ଏଥିରେ ତିଅଣ ବଘାରି ଯାଏ । ଜୀରା ମଧ୍ୟ ଔଷଧରେ ବ୍ୟବହୃତ ହୁଏ । ଭାବପ୍ରକାଶରେ ଏହାର ନାମ ଜୀରକ, ଦୀର୍ଘଜୀରକ । ବୈଦ୍ୟକ ମତରେ ଏହା କଟୁ, ଉଷ୍ଣ ଓ ଦୀପକ ଏବଂ ଅତିସାର, ଗ୍ରହଣୀ, କୃମି, କଫ ଓ ବାତପ୍ରଶମକ । ଯାହାକୁ ସାଧାରଣତଃ କଳାଜୀରା ବୋଲାଯାଏ ତାହା ତ୍ରିକୋଣ କ୍ଷୁଦ୍ର ସୁଗନ୍ଧ ବୀଜବିଶେଷ (Nigella Sativa; black cumin) । କୃଷ୍ଣବର୍ଣ୍ଣ (Carum Bulbacastanum) ପାନମହୁରି ପରି କଳାଜୀରା, ସାଧାରଣ ଜୀରା ଜାତୀୟ (Black Caraway) ଏହା ଆଫଗାନସ୍ଥାନ, କାଶ୍ମୀର ଆଦିରେ ଜନ୍ମେ ଓ ସେଠାରୁ ଏ ଦେଶକୁ ଆସେ ।]

୨ । ଖଡ୍ଗ—2. Sword.

୩ । ଅଣୁ ଧାନ୍ୟ—3. Tiny grains.

୪ । ଫୁଲର କେଶର (ହି. ଶବ୍ଦସାଗର)—
4. The filaments of flower

ଜୀରକାଦି ମୋଦକ—ସଂ. ବ.—ବୈଦ୍ୟଶାସ୍ତ୍ରକଥିତ ଜୀରା ଆଦି ଉପାଦାନରେ ପ୍ରସ୍ତୁତ ମୋଦକବିଶେଷ—
Jirakādi modaka
A medicinal preparation of which the chief ingredient is cumin seed.

ଜୀରା—ଦେ. ବ. (ସଂ. ଜୀରକ)—ଜୀରକ (ଦେଖ)
Jirā
Jiraka (See)
जीरे, जीरा
जीरा

ଜୀରାମରିଚ—ଦେ. ବ. (ସହଚର). (ସଂ. ଜୀର+ମରିଚ)—ଏକତ୍ର ବଟା ହୋଇ କିମ୍ବା ଗୁଣ୍ଡ ହୋଇ ତିଅଣକୁ ସୁଗନ୍ଧ ଓ ସୁସ୍ୱାଦୁବିଶିଷ୍ଟ କରିବା ପାଇଁ ବ୍ୟବହୃତ ଜୀରା ଓ ମରିଚ—Cumin seed and black pepper (used together as sauce for curry).
Jirā-maricha
[ଦ୍ର—ଜୀରାମରିଚ ୩ ପ୍ରକାରରେ ପ୍ରୟୋଗ କରାଯାଏ । ଯଥା—(୧) ବଟା, (୨) ଗୁଣ୍ଡ, (୩) ପାଣି ବା ବଟା ହୋଇ ପାଣି ସଙ୍ଗେ ଗୋଳାଥା ।]

ଜୀରାରୁ ଶିରା କାଢ଼ିବା—ଦେ. କ୍ରି.—କୌଣସି କଥାରୁ ଅତି ସାମାନ୍ୟ କଥା ବାହାର କରି ତାକୁ ବଡ଼ କଥା ବୋଲି ଗଣନା କରିବା—
Jiraru sirā kārdhibā
जीरह काढ़ना
To make a mountain of a molehill.

ଜୀର୍ଣ୍ଣ—ସଂ. ବିଣ. ପୁଂ.—(ଜୄ ଧାତୁ=ପରିପାକ ବା ଜୀର୍ଣ୍ଣ ହେବା+କର୍ତ୍ତୃ. ତ)
Jirnna ୧ । କ୍ଷୟପ୍ରାପ୍ତ—1. Worn out; decayed; wasted; dilapidated.
(ଜୀର୍ଣ୍ଣା—ସ୍ତ୍ରୀ)

୨ । ଶୀର୍ଣ୍ଣ—2. Reduced; emaciated.

୩ । କ୍ଷୀଣ—3. Weakened; debilitated.

୪ । ଜାରିତ—4. Refined; oxidised.

୫ । ଜର୍ଜରିତ—5. Overcome; overpowered.

୬ । ଗଳିତ—6. Shrivelled; torn.

୭ । ଅତି ପୁରାତନ—7. Very old.

୮ । ଯାହା ହଜମ ବା ପରିପାକ ହୋଇଅଛି—
8. Digested.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନ୍ୟ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୯ । ଅକର୍ମଣ୍ୟ; ଅକାମିକା—
9. Worthless; useless; decrepit.
୧୦ । (+କର୍ମ. ତ)—ପରିପକ୍ୱ —10. Ripened.
୧୧ । ପୁରୁଣା ହେବାରୁ ଚିରା; ଘୋରିହା—
11. Tattered; old and torn.

ଜୀର୍ଣ୍ଣ କରିବା—ଦେ. କ୍ରି. (ସଂ. କୃ ଧାତୁ)—୧ । ହଜମ କରିବା—
Jirnna kariba 1. To digest (food).
ଜୀର୍ଣ କାର ୨ । (ଲକ୍ଷଣାର୍ଥ) ଖରଚ କରିବା—
जीरण करना 2. (figurative) To spend.
(ଲକ୍ଷଣାର୍ଥ) ଆତ୍ମସାତ କରିବା—
3. (figurative) To appropriate to one's use.

ଜୀର୍ଣ୍ଣଘର—ଦେ. ବି—ରୋମନ୍ଥକାରୀ ଜନ୍ତୁମାନଙ୍କର ପ୍ରଥମ ପେଟ (ଯହିଁରେ
Jirnna-gharā ଭୁକ୍ତ ଦ୍ରବ୍ୟମାନ ପ୍ରଥମେ ରହେ ଓ ରୋମନ୍ଥ ପରେ ଯହିଁରୁ ବାହାର ଉଦରକୁ ଯାଏ)—The first stomach or pouch of ruminating animals.

ଜୀର୍ଣ୍ଣଜୀରକାଦିମୋଦକ—ସଂ. ବି—ଜୀରାଆଦି ଉପାଦାନରେ ପ୍ରସ୍ତୁତ
Jirnna-jirakādi-modaka ଅଜୀର୍ଣ୍ଣ ରୋଗର ଔଷଧବିଶେଷ—A medicine prepared with cumin seed and other ingredients and used for curing indigestion.

ଜୀର୍ଣ୍ଣଜ୍ୱର—ସଂ. ବି. (କର୍ମଧା; ଜୀର୍ଣ୍ଣ+ଜ୍ୱର)—ପୁରାତନ ଜ୍ୱର; ଯେଉଁ ଜ୍ୱର
Jirnna-jwara ବହୁଦିନ ଶରୀରରେ ରହେ—
Chronic fever

ଜୀର୍ଣ୍ଣତା—ସଂ. ବି. (ଜୀର୍ଣ୍ଣ+ଭାବାର୍ଥେ. ତା)—୧ । ପରିପାକ—
Jirnnatā 1. Digestion.
(ଜୀର୍ଣ୍ଣତ୍ୱ—ଅନ୍ୟରୂପ) ୨ । ପୁରାତନ ହେବା ଯୋଗୁ ବସ୍ତୁର କ୍ଷୟପ୍ରାପ୍ତ ଅବସ୍ଥା—2. The state of being torn up or worn out.
୩ । ଜରା; ବାର୍ଦ୍ଧକ୍ୟ (ହି. ଶବ୍ଦସାଗର)—3. Old age.

ଜୀର୍ଣ୍ଣଦାରୁ—ସଂ. ବି—ବୃଦ୍ଧଦାରକ (ଦେଖ)
Jirnna-dāru Bruddha-dāraka (See)

ଜୀର୍ଣ୍ଣଦେହ—ସଂ. ବିଣ. ପୁଂ. (ବହୁବ୍ରୀହି; ଜୀର୍ଣ୍ଣ+ଦେହ)—
Jirnna-deha ୧ । ଯାହାର ଶରୀର ଜରା ବା ରୋଗାଦିଦ୍ୱାରା
(ଜୀର୍ଣ୍ଣଦେହା—ସ୍ତ୍ରୀ) କ୍ଷୟପ୍ରାପ୍ତ ହୋଇଅଛି; ଜରାଗ୍ରସ୍ତଦେହ; ଶୀର୍ଣ୍ଣଶରୀର—1. Worn out; dibilitated.
୨ । କ୍ଷୀଣକଳେବର—2. Of weakened constitution or impaired health; emaciated.
ସଂ. ବି. (କର୍ମଧା)—୧ । ଶୀର୍ଣ୍ଣ ଶରୀର—
1. Emaciated body and limbs.
୨ । ଭଗ୍ନ ସ୍ୱାସ୍ଥ୍ୟ—2. Impaired health.

ଜୀର୍ଣ୍ଣପତ୍ର—ସଂ. ବି. (ବହୁବ୍ରୀହି; ଜୀର୍ଣ୍ଣ+ପତ୍ର)—ପଟ୍ଟିକା ଲୋଧ୍ର (ଦେଖ)
Jirnna-patra Pattikā-lodhra (See)

ଜୀର୍ଣ୍ଣପର୍ଣ୍ଣ—ସଂ. ବିଣ. (ବହୁବ୍ରୀହି)—ଯେଉଁ ଗଛର ପତ୍ର ପୁରୁଣା ହୋଇ-
Jirnna-parnna ଅଛି ବା ଯହିଁରୁ ପତ୍ର ସବୁ ଝଡ଼ି ପଡ଼ିଅଛି—
(a tree) With leaves ripened and dropped down.
ସଂ. ବି—୧ । (କର୍ମଧା)—ପାଚିଲା ବା ଶୁଖିଲା ପତ୍ର—
1. Dry leaves.
୨ । (ବହୁବ୍ରୀହି)—କଦମ୍ବ ଗଛ—
2. The Kadamba tree; Nauclea Cadamba.

ଜୀର୍ଣ୍ଣବଜ୍ର—ସଂ. ବି—ବୈକ୍ରାନ୍ତମଣି (ହି. ଶବ୍ଦସାଗର)—
Jirnna-bajra A kind of gem.

ଜୀର୍ଣ୍ଣବଟିକା—ସଂ. ବି. (ଜୀର୍ଣ୍ଣକାରୀ ବଟିକା; ମ. ପ. ଲୋ)—
Jirnna-batikā ଖାଦ୍ୟର ଜୀର୍ଣ୍ଣକାରକ ବଟି—
Digestive pill.

ଜୀର୍ଣ୍ଣବସ୍ତ୍ର—ସଂ. ବି. (କର୍ମଧା; ଜୀର୍ଣ୍ଣ+ବସ୍ତ୍ର)—ପୁରୁଣା ଚିରାଲୁଗା; ଦରବା;
Jirnna-bastra କନ୍ଥଡ଼ା—Tattered raiment; threadbare clothes.
(ଜୀର୍ଣ୍ଣବସ୍ତ୍ରା—ସ୍ତ୍ରୀ) ସଂ. ବିଣ. ପୁଂ (ବହୁବ୍ରୀହି)—ଯାହାର ଲୁଗା ଚିରା ଓ ପୁରୁଣା—Having threadbare or tattered clothes.

ଜୀର୍ଣ୍ଣବାଟିକା—ସଂ. ବି. (କର୍ମଧା; ଜୀର୍ଣ୍ଣ+ବାଟିକା)—
Jirnna-bātikā ପୁରୁଣା ଓ ଭଙ୍ଗାଘର; ପୁରୁଣା ଓ ଖଣ୍ଡିଆଘର—
Ruined mansion.

ଜୀର୍ଣ୍ଣଶୀର୍ଣ୍ଣ—ସଂ. ବିଣ. (ସମାର୍ଥ ବାଚକ ଅନୁଚରଶବ୍ଦଦ୍ୱୟ, ଜୀର୍ଣ୍ଣ ଓ ଶୀର୍ଣ୍ଣ)—
Jirnna-sirnna ପୁରୁଣା; ପୁରୁଣା ଓ କ୍ଷୟପ୍ରାପ୍ତ—
Worn out and emaciated.

ଜୀର୍ଣ୍ଣଶୂଳ—ସଂ. ବି—ଖାଦ୍ୟ ଦ୍ରବ୍ୟ ପରିପାକ ହେବା ସମୟରେ ପେଟକୁ
Jirnna-sūla ମାରିବା ରୋଗ; ପରିଣାମ ଶୂଳ—A kind of colic which appears when the food is being digested in the stomach.

ଜୀର୍ଣ୍ଣସଂସ୍କାର—ସଂ. ବି. (୬ଷ୍ଠୀ ତତ୍, ଜୀର୍ଣ୍ଣ+ସଂସ୍କାର)—ପୁରୁଣା ଓ ଭଙ୍ଗା
Jirnna-samskāra ବସ୍ତୁର ମରାମତି; ପୁନର୍ନବୀକରଣ—
Repair of old things; renovation.

ଜୀର୍ଣ୍ଣସଂସ୍କୃତ—ସଂ. ବିଣ—ପୁନର୍ନବୀକୃତ—
Jirnna-samskruta Repaired; renovated.

ଜୀର୍ଣ୍ଣା—ସଂ. ବିଣ. ସ୍ତ୍ରୀ. (ଜୀର୍ଣ୍ଣ+ସ୍ତ୍ରୀ. ଆ)—୧ । ପୁରାତନୀ—
Jirnnā 1. Old (female)
୨ । ଶୀର୍ଣ୍ଣା—2. Worn out.
୩ । ବୃଦ୍ଧା (ସ୍ତ୍ରୀ)—3. Old (woman).
ସଂ. ବି—୧ । ସ୍ଥୂଳଜୀରକ; ମୋଟା ଜୀରା—
1. A kind of thick cumin seed.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇୟ	ଉଅ	ଢ଼
୨	ଈ	ଊ	ରୁ	ଲୁ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ଦ

୨ । କଳାଜୀରା (ହି. ଶବ୍ଦସାଗର)—
2. Black cumin seed.

ଜୀର୍ଣ୍ଣାସ୍ଥି ମୃତ୍ତିକା—ସଂ. ବ—ଯେଉଁ ମାଟିରେ ହାଡ଼ଗୁଣ୍ଡା ମିଶି ସଡ଼ିଅଛି—
Jirṇṇāsthi-mṛuttikā Soil in which bone has been made to putrefy.

[ଦ୍ର—ଶବ୍ଦାର୍ଥଚିନ୍ତାମଣି ନାମକ ଗ୍ରନ୍ଥରେ ଏ ମୃତ୍ତିକା ତିଆରି କରିବାର ବିଧି ଲେଖାଅଛି । ଯେଉଁ ମାଟିରୁ ଶିଳାଜତୁ ବାହାରେ ସେଠାରେ ଗୋଟିଏ ଗଭୀର ଗାତ ଖୋଳି ସେ ଗାତରେ ଗୁଣ୍ଡିଏ ହାଡ଼ ପୂରାଇ ତହିଁ ଉପରେ ସାଜିକ୍ଷାର, ଲୁଣ ଓ ଗନ୍ଧକ ୬ମାସ ଯାକେ ଢାଳିବ । ୩ବର୍ଷରେ ସେ ହାଡ଼ଆଦି ମିଳାଇଯାଇ ମାଟି ସଙ୍ଗେ ମିଶିଯିବ । ସେହି ମାଟିରେ ବାସନ ତିଆରି କରି ସେ ବାସନରେ ଖାଇଲେ ଉପକାର ହୁଏ—ହି. ଶବ୍ଦସାଗର ।]

ଜୀର୍ଣ୍ଣି—ସଂ. ବ. (ଜୃ ଧାତୁ+ଭାବ. ତି)—୧ । ବାର୍ଦ୍ଧକ୍ୟ—
Jirṇṇi 1. Old age.
୨ । ଜୀର୍ଣ୍ଣାବସ୍ଥା—
2. Infirmity; worn out condition.
୩ । କ୍ଷୟ—3. Decay.
୪ । ପରିପାକ—4. Digestion

ଜୀର୍ଣ୍ଣୋଦ୍ଧାର—ସଂ. ବ. (ଜୀର୍ଣ୍ଣ+ଉଦ୍ଧାର, ୬ଷ୍ଠୀ ତତ୍)—ଜୀର୍ଣ୍ଣସଂସ୍କାର;
Jirṇṇoddhāra ପୁରୁଣା ଜିନିଷର ମରାମତି—
Repair of old things.

ଜୀର୍ଣ୍ଣୋଦ୍ଧୃତ—ସଂ. ବି.—ମରାମତି କରା ଯାଇଥିବା—
Jirṇṇoddhṛuta Repaired.

ଜୁ—ବୈଦେ. ବ.—(ଫା.ଜୁ; ତୁଳ ସଂ. ଯୋଗ)—ଶକ୍ତି; କ୍ଷମତା—
Ju 1. Power.
जु ୨ । ସାମର୍ଥ୍ୟ—
জু 2. Ability
ଦେ. ଅ. (ସଂ. ଯୁଜ ଧାତୁ)—ସଗଡ଼ଆବଳଦଙ୍କୁ ଯୁଆଳିରେ କାନ୍ଧ ଦେବାପାଇଁ ଗାଡ଼ିଆନର ଉଚ୍ଚାରିତ ଶବ୍ଦ—
An interjection used to bullocks to put their shoulders to the yoke.

ଜୁଅ—ଦେ. ବ. (ସଂ. ଦ୍ୟୂତ, ପ୍ରା. ଜୁଅ)—୧ । ଦ୍ୟୂତକ୍ରୀଡ଼ା; ପଣରଖି
Jua ଖେଳିବା; ବାଜି ରଖି ଖେଳିବା ଖେଳ; ଜୁଆ ଖେଳ—
जुआ 1. Gambling.
জুআ
କେଉଁ ରୂପେ ପାଣ୍ଡବେ ଜୁଅରେ ହାରିଲେ ।
କୃଷ୍ଣସିଂହ. ମହାଭାରତ. ଅଦ ।

[ଦ୍ର—ଧନ ବାଜି ରଖି କଉଡ଼ି, ପଶା, ତାସ୍, ଆଦି ଦ୍ୱାରା ଯେଉଁ ଖେଳ ହୁଏ ତାହାକୁ ଜୁଅ ବା ଜୁଆ ଖେଳ ବୋଲାଯାଏ । ହାରିବା ଲୋକ ଜିଣିବା ଲୋକକୁ ନିର୍ଦ୍ଦିଷ୍ଟ ପରିମାଣ ଅର୍ଥ ଦେବ ଏହି ପଣ ରଖି ଜୁଆ ଖେଳାଯାଏ । ଫଳତଃ ଯେଉଁ ଅନିଶ୍ଚିତ ଫଳ କାର୍ଯ୍ୟରେ ପଣ ରଖାଯାଏ ତାହାହିଁ ଜୁଆ । ଆଜିକାଲି ପଣ ରଖି କରା ଯାଉଥିବା ଘୋଡ଼ଦୌଡ଼ ମଧ୍ୟ ଏକ ପ୍ରକାର ଜୁଆ ଖେଳ ।] .

୨ । ନବବିବାହିତ ବରକନ୍ୟାଙ୍କର ସାତମଙ୍ଗଳା ମଧ୍ୟରେ ଖେଳିବା କଉଡ଼ିଖେଳ—
2. A ceremonial game of cowries played by the bride and bridegroom during the first seven days of marriage.

ଜୁଅ କଉଡ଼ି—ଦେ. ବ. (ସଂ. ଦ୍ୟୂତ+କପର୍ଦ୍ଦକ)—ବିବାହରେ ୭ଦିନ
Jua kauṛdi ଯାଏ ବର କନ୍ୟା ଯେଉଁ କଉଡ଼ିରେ ଖେଳନ୍ତି—
The sea-shells with which the bride and bridegroom play during marriage.

ଜୁଅ ଶକଟା—ଦେ. ବ – ଜୁଆ ଶକଟା (ଦେଖ)
Jua śakaṭā Juā śakaṭā (See)

ଜୁଆ—ଦେ. ବ—୧ । ଆମ୍ବ, ଅଦା କଞ୍ଚା ଫଳକୁ ଲୁଣ, ମସଲା ଓ ତେଲ
Juā ଆଦି ଦେଇ ଆଚାର କରିବା—
1. Seasoning of mango and other raw fruits with salt, spices and oil; pickling.
୨ । (ସଂ. ଦ୍ୟୂତ; ପ୍ରା. ଜୁଅ) ଜୁଅ (ଦେଖ)
2. Jua (See)
ଦେ. ବଣ—ଲୁଣ, ମସଲା ଓ ତେଲ ଆଦିଦ୍ୱାରା ପାଗ କରାଯାଇଥିବା (ଆମ୍ବ, ଅଦା)—Seasoned or prepared (pickle). pickled (fruit).
ପ୍ରାଦେ—୧ । (ସମ୍ବଲପୁର; ସିଂହଭୂମ) ବ. (ସଂ. ଯୁଗ) (ତୁଳ. ଏହି ଅର୍ଥରେ ହି. ଜୁଆ) ଶଗଡ଼ ବା ହଳର ଯୁଆଳି—
Yoke.
୨ । (ଯାଜପୁର) ବ—ଦୁଧକୁ ବସାଦହି କରିବା ପାଇଁ ହେଲେ ତହିଁରେ ମିଶା ଯିବା ଖଟା ବସ୍ତୁ; ମହି—2. Sour thing added to milk to turn it into curd.

ଜୁଆଇଁ—ଦେ. ବ. (ସଂ. ଜାମାତୃ)—୧ । (କୌଣସି ବ୍ୟକ୍ତିର)
Juāiṅ କନ୍ୟାର ସ୍ୱାମୀ—1. Husband of (one's)
জামাই daughter; son-in-law.
दामाद; जमाइ ଦୁର୍ଯ୍ୟୋଧନ ବୋଇଲେ ତୁମ ଜୁଆଇଁ ବ—
କୃଷ୍ଣସିଂହ. ମହାଭାରତ. ସଭ ।

୨ । ନବବିବାହିତ ବର—2. Bridegroom.
୩ । (ଲକ୍ଷଣାର୍ଥ) ଜାମାତା ଶ୍ୱଶୁର ଘରେ ପାଇବା ଆଦର ପରି ଆଦର ପାଉଥିବା ବ୍ୟକ୍ତି—3. (figurative) A person who gets a son-in-law's treatment and hospitality at some place.

ଜୁଆଇଁ ଡା(ଡ)କରା – ଦେ. ବ—ଜୁଆଇଁ ନିମନ୍ତ୍ରଣ (ଦେଖ)
Juāiṅ ḍā(ḍa)karā Juāiṅ nimantraṇa (See)

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଳକେ' ନ ପାଇଲେ 'ଅଲକେ' ଖୋଜିବେ

ଜୁଆଇଁ ନିମନ୍ତ୍ରଣ—ଦେ. ବି—୧ । ଶ୍ୱଶୁରଙ୍କ ଗୃହକୁ ଉତ୍ସବାଦି ଉପ-
Juāiṅ nimantraṇa ଲକ୍ଷରେ ଜାମାତାଙ୍କୁ ନିମନ୍ତ୍ରଣ କରାଯିବା—
জামাই নিমন্ত্রণ 1. Formal invitation of a son-in-law
जमाइका दावत to the house of the bride's father.
[ଦ୍ର—ବିବାହର ଏକବର୍ଷ ମଧ୍ୟରେ ପଡ଼ୁଥିବା ଗୁରୁଗୋଷ୍ଠ ପୂର୍ଣ୍ଣିମା, ଯଥା—ପୁଷ୍ୟପୂର୍ଣ୍ଣିମା, ଗହ୍ମାପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା ଓ ସ୍ନାନପୂର୍ଣ୍ଣିମା (ମତାନ୍ତରେ କୁମାରପୂର୍ଣ୍ଣିମା) କୁ ଶ୍ୱଶୁରଘରକୁ ଜୋଇଁ ଡାକରା ହୋଇଯିବାର ପ୍ରଥା ଓଡ଼ିଶାରେ ଚଳେ ।]

୨ । ବିବାହ କରିବା ପାଇଁ ଶ୍ୱଶୁରଙ୍କ ଘରଠାକୁ ସବାହନ ଯିବା ସକାଶେ ବିବାହ ପୂର୍ବେ ଶ୍ୱଶୁରଙ୍କ ନିକଟରୁ ଭାବୀ ଜାମାତାଙ୍କ ନିକଟକୁ ବସ୍ତ୍ର, ମହାପ୍ରସାଦ, ନାରିକେଳ ଓ ସତ୍ୟ ଲେଖ ସହ ପଠାଯିବା ନିମନ୍ତ୍ରଣ—
2. Formal invitation sent to the bride-groom (accompanied with new cloth and formal letter) to attend his marriage ceremony at the father-in-law's house.

ଜୁଆଇଁ ବିଦାକି—ଦେ. ବି. (ସ. ଜାମାତା + ବିଦାୟ)—୧ । ଉତ୍ସବା-
Juāiṅ bidāki ଦିରେ ନିମନ୍ତ୍ରିତ ହୋଇ ଆସିଥିବା ଜାମାତାଙ୍କୁ ବିଦାୟକାଳୀନ ଦିଆ ଯିବା ଉପହାର, ବସ୍ତ୍ର ଓ ଅର୍ଥାଦି—
1. Money and cloths presented to a son-in-law when he takes leave after attending the father-in-law's house on invitation.

୨ । ବିବାହ ପରେ ଜାମାତାଙ୍କ ସଙ୍ଗେ କନ୍ୟା ଜାମାତାଙ୍କ ଘରକୁ 'ବାହୁଡ଼ା ବରକନ୍ୟା' ହୋଇ ଯିବାବେଳେ ତାଙ୍କ ସଙ୍ଗେ ଦିଆଯିବା ଯୌତୁକ ବା ଉପହାର-ସମ୍ଭାର—
2. Presents accompanying a newly married couple while starting for the bride-groom's home.

ଜୁଆଇଁ ବେଭାର—ଦେ. ବି. (ସ. ଜାମାତା + ବ୍ୟବହାର)—ଜାମାତାଙ୍କ
Juāiṅ bebhāra ଗୃହକୁ ଶ୍ୱଶୁରଗୃହରୁ ଉତ୍ସବାଦି ଉପଲକ୍ଷରେ ପ୍ରେରିତ ଉପଢୌକନ—Presents sent to a son-in-law on special occasions.

ଜୁଆଇଁ ଭୋଜନ—ଦେ. ବି. (ଜାମାତା + ଭୋଜନ)—
Juāiṅ bhojana ୧ । ଜାମାତାଙ୍କୁ ଶ୍ୱଶୁରାଳୟରେ ଦିଆଯିବା
জামাই ভোজন পରିପୂର୍ଣ୍ଣ ଭୋଜନ—1. Entertainment like
जमाइ भोजन that given to a son-in-law in the house of his father-in-law.

୨ । କିଛି କାର୍ଯ୍ୟ ନ କରି (ଶ୍ୱଶୁର ଘରେ ଜୋଇଁ ଭୋଜନ ମାରିବା ପରି) ଅନ୍ୟ ବ୍ୟକ୍ତିର ଗୃହରେ ମିଳିବା ଭୋଜନ—2. Getting food at another's house without doing any work (like a son-in-law at the house of his father-in-law).

ଜୁଆଇଁ ମର୍ଯ୍ୟାଦା—ଦେ. ବି. (ସ. ଜାମାତା + ମର୍ଯ୍ୟାଦା)—
Juāiṅ marjyādā ୧ । ଜୁଆଇଁଙ୍କୁ ଶ୍ୱଶୁରଘରେ ପ୍ରଦର୍ଶିତ ସମ୍ମାନ—
1. Honour shown to a son-in-law at the father-in-law's house.

୨ । ଶ୍ୱଶୁରଗୃହର ଉତ୍ସବାଦି ଉପଲକ୍ଷରେ କିମ୍ବା ପର୍ବୋପଲକ୍ଷରେ କିମ୍ବା ଶ୍ୱଶୁର ଘରକୁ ନିମନ୍ତ୍ରିତ ହୋଇ ଆସିଥିବା ଜାମାତାଙ୍କୁ ଉପହାର ଦିଆଯିବା ଲୁଗା—
2. Cloth presented to a son-in-law on occasions of special festivals when he attends the father-in-law's house on special invitation.

ଜୁଆଇବା—ଦେ. କ୍ରି—୧ । ତେଲ ବା ଘିଅ ଆଦି ରଖିବା ଦ୍ୱାରା ହାଣ୍ଡି
Juāibā ଘଡ଼ି ଆଦି ମୃତ୍‌ପାତ୍ରକୁ ସଜ୍ଜ କରିବା—
1. To season earthen pots by keeping oil, ghee etc. in them.

୨ । ଆମ୍ବୁଲ, ଅଗୁର ଓ ତେନ୍ତୁଳି ଆଦିରେ ମସଲା ଓ ତେଲ ଆଦି ଦେଇ ମୁଖରୋଚକ କରିବା—2. To season pickles with spice, oil etc.

ପ୍ରାଦେ. (ଗଡ଼ଜାତ) କ୍ରି—କୁରି ବେଣ୍ଟ ଆଦିର ମୂଳରେ କଣା କରି ସେ କଣାରେ ଜଉ ଦେଇ ଶସ୍ତ୍ରର ମୂଳକୁ ବସାଇ ଦେବା—To set the butt-end of the blade of a knife or bill-hook into the wooden handle.

ଜୁଆଁଇଁ (ଇତ୍ୟାଦି)—ଦେ. ବି—ଜୁଆଇଁ ଇତ୍ୟାଦି (ଦେଖ)
Juāṅiṅ (etc) Juāiṅ etc (See)

ଜୁଆଁଣିଆ ଘାସ—ଦେ. ବି. (ନାମ)—
Juāṅṇiā ghāsa ଏକ ପ୍ରକାର ମୋଟ ଓ କରଡ଼ା ଘାସ—
A kind of coarse and tough grass

ବୁଢ଼ା ବଳଦକୁ ଜୁଆଁଣିଆ ଘାସ
ଖାଉ କି ନ ଖାଉ ମେଲ ଦେଇ ଆସ । ଢଗ ।

[ଦ୍ର—ଏହା ପାଣି ପାଖରେ ଓ ସନ୍ତସନ୍ତିଆ ଜାଗାରେ ଉଠେ । ଏଥିରେ ଜୁଆଁଣି ପରି ଫଳ ହୁଏ ।]

ଜୁଆଁଳା—ପ୍ରାଦେ. (ସମ୍ବଲପୁର) ବି. (ସ. ଯାମଳ; ଯମଜ)—
Juāṅlā ଜାଆଁଳା; ଯମଜ—
Twin; born together.

ଜୁଆଁଳା ଜିଆଁ—ପ୍ରାଦେ. (ସମ୍ବଲପୁର) ବି—
Juāṅlā jiāṅ ଯମଜ ସନ୍ତାନ; ଯାଆଁଳା ପିଲା—Twins.

ଜୁଆଖିଲ—ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ) ବି. (ସ. ଯୁଗକୀଲକ)—
Juā-khila ଶଗଡ଼ର ବାଙ୍ଗୁଲି—The pins attached to the ends of a yoke.

୧	ଇ	ଉ	ଋ,ଝ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉ୍ଅ	ୱ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଵ	ନ୍

ଜୁଆଖେଳା—ଦେ. ବି. (ସଂ. ଦ୍ୟୂତ ଓ ଖେଳ)—ଦ୍ୟୂତକ୍ରୀଡ଼ା—
Juā-khelā Play at gambling; gambling.
(ଜୁଆଖେଳ—ଅନ୍ୟରୂପ) ଭୂମିର ଶୁଣି କହ ଜୁଆ ଖେଳା ସତ ।
জুআখেলা ବୃକ୍ଷସିଂହ, ମହାଭାରତ, ବନ ।
जुआखेल

ଜୁଆଙ୍ଗ—ଦେ. ବି—୧ । ପଲ୍ଲୀତରଭ୍ରମୀ; ପାତୁଆ; ଓଡ଼ିଶାର ଆଦିମ
Juānga ଅଧିବାସୀବିଶେଷ; ଓଡ଼ିଶା ଗଡ଼ଜାତର
জুয়াঙ্গ ପାର୍ବତ୍ୟ ଜାତିବିଶେଷ—1. A wild
जुयाङ्ग tribe inhabiting the forests of the Orissa States.

[ଦ୍ର—ପିଅରମୋହନଙ୍କ ଓଡ଼ିଶାର ଇତିହାସରେ ଓଡ଼ିଶାର ଆଦିମ ଅଧିବାସୀମାନଙ୍କୁ ୩ ଶ୍ରେଣୀରେ ବିଭକ୍ତ କରାଯାଇ ଅଛି ।

୧—ଯେଉଁମାନେ ଭାରତର ଉତ୍ତରପୂର୍ବ କୋଣ ବାଟେ ଭାରତକୁ ଆସିଥିଲେ, ଯଥା—କୋଲ ବା କୋଲ୍ହ, ମୁଣ୍ଡା କୋଲ, ଖାରିଆ, ସନ୍ତାଳ, ଭୂମିଜ ବା ଭୂୟାଁ ଓ ସାନ୍ତାଳ ପ୍ରଭୃତି ।

୨ । ଯେଉଁମାନେ ଭାରତର ଉତ୍ତରପଶ୍ଚିମ କୋଣ ବାଟେ ଆସିଥିଲେ, ଯଥା—କନ୍ଧ, ଗଣ୍ଡ, ଝୋରାଗଣ୍ଡ, ମାଡ଼ିଆଗଣ୍ଡ, ସାନ୍ଥିଆ, ଜୁଆଙ୍ଗ, ତାଲ୍ ବା ତଉଁଲା, ପାତୁଆ, ପଲ୍ଲୀରଶବର, ମାଲଶବର, ଯଥଣ୍ଡ ଓ ଧାଙ୍ଗଡ଼ ପ୍ରଭୃତି ।

୩—ଯେଉଁମାନେ ହିନ୍ଦୁ ସମାଜର ଅସ୍ପୃଶ୍ୟ ଓ ସେବକ ରୂପେ ହିନ୍ଦୁମାନଙ୍କ ଅଧୀନ ରହିଲେ । କଣ୍ଡରା, କନ୍ଦଳ, ଖଇରା, ଘୁସୁରିଆ, ଚମାର, ଡମ, ପାଣ, ବାଉରି, ବାଗ୍ଦି, ଶିଆଳ, ଭୂୟାଁ ଓ ହାଡ଼ି ବା ମେହେନ୍ତର ।

ଜୁଆଙ୍ଗମାନଙ୍କ ମଧ୍ୟରେ ଅବଶ୍ୟ ସ୍ତ୍ରୀମାନେ କେବଳ ପତ୍ର ପିନ୍ଧି ଲଜ୍ଜା ନିବାରଣ କରିବା ପ୍ରଥା ଢେଙ୍କାନାଳ, କେନ୍ଦୁଝର ଓ ହିନ୍ଦୋଳରେ ଦେଖାଯାଏ ।]

୨ । ମୁଣ୍ଡା ଜାତି ବା ଜୁଆଙ୍ଗ ଜାତିର ଭାଷା—
2. Languages of the Juāngas or Mundās.

ଜୁଆଚୋର—ଦେ. ବି. (ଗାଳି) (ସଂ. ଦ୍ୟୂତ+ଚୌର)—
Juā-chora ୧ । ଜୁଆ ଖେଳାଳି—1. Gambler.
জুয়াচোর, জুচ্চোর ୨ । ଜୁଆ ଖେଳରେ ଯେ ଠକାଏ—
जुआचोर 2. A person who swindles by gambling.
ଦେ. ବିଣ—ପ୍ରତାରକ; ଧପାବାଜ; ଠକ—
Cheating; fraudulent; deceitful.

ଜୁଆଚୋରି—ଦେ. ବି—ପ୍ରବଞ୍ଚନା; ଶଠତା; ପ୍ରତାରଣା—
Juā-chori Swindling; cheating.
জুয়াচুরি,জুচ্চুরি
जुआचोरि

ଜୁଆଣ—ଗ୍ରା. ବିଣ ଓ ବି—ଜୁଆନ୍ (ଦେଖ)
Juāṇa Juān (See)

ଜୁଆଣ ପାଣି—ପ୍ରାଦେ. (କଟକ) ବି—ମନ୍ତ୍ରପୂତ ଜଳ; ଫଳପାଣି—
Juāṇa pāṇi Consecrated water sprinkled over fruit-trees with a view to make them very fruitful.

ଜୁଆଣିଆ—ଦେ. ବି—୧ । ବଲ ଜୁଆଣୀ; ଶସ୍ୟକ୍ଷେତ୍ରରେ ହେବା ତୃଣବିଶେଷ—
Juāṇiā 1. A kind of weed growing in cornfields.
୨ । ଜୁଆଁଣିଆ ଘାସ (ଦେଖ)
2. Juāṇṇiā ghāsa (See)

ଜୁଆଣୀ—ଦେ. ବି. (ସଂ. ଯବାନୀ; ଯମାନୀ)—
Juāṇi ସୁଗନ୍ଧ ମସଲାବିଶେଷ; ଧାନ୍ୟାଦି ବର୍ଗର କ୍ଷୁଦ୍ର
ସଂ. ଦୀପନୀ, ବାତାରି, ଜାତ ଶାକବିଶେଷର ଫଳ—A kind
ଶୂଳହନ୍ତ୍ରୀ, ଯବାନୀ, ଯମାନୀ of seed used as condiment;
জোয়ান্ caraway seed; Carum Copticum
अजवान, अजवाइन, Ajowan.
अजोआन [ଦ୍ର—ଏଥିରୁ ତୈଳ ଓ ଅର୍କ ତିଆରି ହୁଏ, ଏହା
ଦେ. ଓମମ୍ ଔଷଧରେ ବ୍ୟବହୃତ ହୁଏ । ଏହା ଖୁବ୍ ଝାଳକର ।]

ଜୁଆଣୀ ଅରକ—ଦେ. ବି—ଜୁଆଣୀରୁ ବୈଜ୍ଞାନିକ ପ୍ରକ୍ରିୟାରେ ପ୍ରସ୍ତୁତ
Juāṇi araka ନିର୍ଯ୍ୟାସ—Essence destilled from
জোয়ান আরক caraway seeds.
अजवाइन का आर्क

ଜୁଆଡ—ଦେ. ବି—ମୃଗବିଶେଷ—
Juāda A kind of deer.

ଜୁଆନ୍—ଦେ. ବିଣ.—(ସଂ. ଯୁବା; ଯୌବନ; ଫା. ଜବାନ୍)—
Juān ୧ । ଯୁବା; ଯୁବକ—1. Young.
জোয়ান্ ୨ । ପରିଣତବୟସ୍କ—
जवान 2. Adult.
ବି—୧ । ଯୁବକ—1. Young person.
୨ । ଯୁବକ ଓ ବଳିଷ୍ଠ ବ୍ୟକ୍ତି—2. Young and strong person.

ଜୁଆନ୍ ବୟସ—ଦେ. ବି. (ସଂ. ଯୁବା ଓ ବୟସ)—ଯୌବନ—
Juān bayasa Youth.
জোয়ান্ বয়স
जवानि

ଜୁଆନ୍ ମର୍ଦ୍ଦ—ଦେ. ବି.—ବଳିଷ୍ଠ ଯୁବା ପୁରୁଷ; ସୁନ୍ଦର ହୃଷ୍ଟପୁଷ୍ଟ
Juān mardda ଯୁବକ—A strong and stout youth.
জোয়ান্ মর্দ্দ
जवान मरद
(ଜୁଆନ୍ ମରଦ—ଅନ୍ୟରୂପ)

ଜୁଆନ୍‌ଜବର—ଦେ. ବିଣ. (ଜାବାଳୀୟ ଭାଷା)—ଯୁବା ଓ ବଳିଷ୍ଠ—
Juān-jabar Young and strong.
জোয়ান জবর ଚଣ୍ଡେଲ—ଜୁଆନଜବର; ଖଲ୍ଲସି—ର୍ଁ, ସୁଁ ।
जवानजबर ଫକୀରମୋହନ· ଗଳ୍ପସ୍ୱଳ୍ପ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ଆଉ ଯଥାକ୍ରମେ ଚିହ୍ନର ବ୍ୟତ୍ୟୟ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଷ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବଟ' ନ ପାଇଲେ 'ଅଲ୍‌ବଟ୍' ଦେଖିବେ ।

ଜୁଆଣି—ଗ୍ରା. ବିଣ ଓ ବି.—ଜୁଆନ୍ (ଦେଖ)
Juāni Juān (See)

ଜୁଆଣିଆ—ଦେ. ବି.—ଜୁଆଣିଆ (ଦେଖ)
Juāniā Juāniā (See)
(ଜୁଆଣିଆଁ—ଅନ୍ୟରୂପ)

ଜୁଆର—ଦେ. ବି. (ସଂ. ଜଳବାର)—୧ । ସମୁଦ୍ରର ଜଳବୃଦ୍ଧି ବା ଜଳ-
Juāra ସ୍ଫୀତି; ସମୁଦ୍ରର ଜଳୋଚ୍ଛ୍ୱାସ—
জোয়ার, জুয়ার 1. Flowtide; floodtide.
ज्वार ୨ । ସମୁଦ୍ରର ଜଳସ୍ଫୀତି ଯୋଗୁଁ ନଦୀର ଉଜାଣି ପ୍ରବାହ-
(ଭଟ୍ଟା—ବିପରୀତ) ବୃଦ୍ଧି—2. Flowtide entering a river.
୩ । ପାଣି ବଢ଼ି—3. Flood or flow of water.

[ଦ୍ର—ସମୁଦ୍ରର ଜଳ ତିଥି ଅନୁସାରେ ନିର୍ଦ୍ଦିଷ୍ଟ ସମୟରେ ଫୁଲି ଉଠେ ଓ ଖସି ପଡ଼େ । ପୂର୍ଣ୍ଣିମା ଓ ଅମାବାସ୍ୟାର ପର୍ବି ଜୁଆରକୁ ଭରିଆ ଜୁଆର (Flowtide) ଓ ପକ୍ଷର ମଝିର (ସପ୍ତମୀ ଓ ଅଷ୍ଟମୀର) ସାମାନ୍ୟ ଜୁଆରକୁ ପଡ଼ିଆଜୁଆର (Ebbtide) କୁହାଯାଏ । ପଣ୍ଡିତମାନେ ସ୍ଥିର କରି ଅଛନ୍ତି ଯେ ଚନ୍ଦ୍ରଙ୍କ ହ୍ରାସବୃଦ୍ଧି ସଙ୍ଗେ ସମୁଦ୍ରର ଜୁଆରର ସମ୍ପର୍କ ଅଛି, ଏମନ୍ତ କି, ଜଳରାଶିର ମଧ୍ୟ ସମ୍ପର୍କ ଅଛି । ମନୁଷ୍ୟ ଦେହରେ ଥିବା ଜଳ ବା ରସ ମଧ୍ୟ ଚନ୍ଦ୍ରଙ୍କ ହ୍ରାସବୃଦ୍ଧିଦ୍ୱାରା ନିୟନ୍ତ୍ରିତ ହୁଏ ଓ ଅମାବାସ୍ୟା, ପୂର୍ଣ୍ଣିମା ଆଦିରେ ମନୁଷ୍ୟ ଦେହରେ ରସାଧିକ୍ୟ ହୋଇ ବାତଜ୍ୱର ଓ ଇନ୍ଦ୍ରିୟଚଞ୍ଚଳତା ଆଦି ହୁଏ; ଏଥିପାଇଁ ହିନ୍ଦୁମାନେ ଉପବାସପାଳନର ବ୍ୟବସ୍ଥା କରିଅଛନ୍ତି ଅନୁମିତ ହୁଏ ।]

୪ । (ସଂ. ଯାବନାଳ) ବାଜରା ଶସ୍ୟ; ଭୁଟ୍ଟା; ଧାନ୍ୟାଦି ବର୍ଗର
জোয়ার, জুয়ার କୃଷିଜାତ ଶସ୍ୟବିଶେଷ—4. Indian or great
ज्वार millet; Sorghum Vulgare.

[ଦ୍ର—ଏ ଗଛ ଆଖୁ ଗଛ ପରି ବଢ଼େ, ଏଥିର ନଡ଼ା ଶକ୍ତ ଓ ସିଧା; ପେଣ୍ଡା ପେଣ୍ଡା ହୋଇ ଅଗରେ କେଣ୍ଡାମାନ ଧରେ । ଭାରତର ଉତ୍ତର-ପଶ୍ଚିମ ପ୍ରଦେଶମାନଙ୍କରେ, ପଞ୍ଜାବ, ବୋମ୍ବାଇ ଓ ମାନ୍ଦ୍ରାଜ ଅଞ୍ଚଳରେ ଏହାର ଚାଷ ହୁଏ । ଏହା ସେ ଅଞ୍ଚଳରେ ମନୁଷ୍ୟମାନଙ୍କର ଗୋଟିଏ ପ୍ରଧାନ ଖାଦ୍ୟ । ଏହା ବର୍ଷା ଓ ଶୀତ ଋତୁରେ ଫଳେ ।]

୫ । (ସଂ. ଦ୍ୟୂତ) ଜୁଆର; ଜୁଆ ଖେଳାଳି—
5. Gamester; gambler.

ଜୁଆରଭଟ୍ଟା(ଟ୍ଟା)—ଦେ. ବି. (ବିପରୀତ ସହଚର)—ସମୁଦ୍ରର ସ୍ଫୀତି ଓ
Juāra-bhaṭā (ṭṭā) ସ୍ଫୀତିର ହ୍ରାସ—
জোয়ারভাটা Flow and ebb of the sea.
ज्वारभाटा
ଖେଳାଉ ଜୀବନ ଜଳଧିରେ ସୁଖ ଦୁଃଖର ଜୁଆରଭଟ୍ଟା ।
ରାଧାନାଥ: ଯଯାତି ।

ଜୁଆରି—ଦେ. ବି.—ଜୁଆର ୪ (ଦେଖ)
Juāri Juāra 4. (See)
ପ୍ରାଦେ. (ସିଂହଭୂମ) ବି.—ମକ୍କା; ମକା—Maize; Indian corn; Tea Mays. (Haines)

ଜୁଆରିଆ—ଦେ. ବିଣ.—ଜୁଆରୀ (ଦେଖ)
Juāriā Juāri (See)

ଜୁଆରିବା—ଦେ. କ୍ରି.—(ମାଛସାହାଣ) ମଛା ଧରି ନଦୀ ମୁହାଣକୁ ଆସିବା—
Juāriba (shoals of fish) To proceed to the mouth of a river.

ଜୁଆରୀ—ଦେ. ବି. (ସଂ. ଦ୍ୟୂତକର)—ଜୁଆଖେଳାଳି; ଦ୍ୟୂତକାର—
Juāri Gambler; gamester.
জুয়ারী ପୁଂଶ୍ଚଳୀ ନାସ୍ତ ନଗର ରକ୍ଷକ ଜନ,
जुआरी ପରବେଦ୍ର ଭାଷ ସେ ଜୁଆରୀର ଅନ୍ନ ।
କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବିଣ.—୧ । ଦ୍ୟୂତକ୍ରୀଡ଼ାରତ—
1. Addicted to gambling.
୨ । ଯେଉଁ ନଦୀ ଉପରକୁ ଜୁଆର ପାଣି ମାଡ଼େ—
2. Tidal; (river) visited by flowtide.

ଜୁଆଳକଣ୍ଟିଆ—ଦେ. ବିଣ.—ଯେଉଁ ବଳଦ ଜୁଆଳରୁ ଫିଟିଲେ ଆଉ
Juālakaṇṭiā ଧରା ଦିଏ ନାହିଁ—(a bullock) Which runs away after it is unyoked.

ଜୁଆଳି—ଦେ. ବି. (ସଂ. ଯୁଗ)—୧ । ରଥ, ଲଙ୍ଗଳ ଓ ଶଗଡ଼ର
Juāli ଯେଉଁ ଦଣ୍ଡ ବଳଦ ବା ଘୋଡ଼ାଙ୍କ କାନ୍ଧରେ ରହେ—
জুআল, জুয়াল, জোয়াল 1. Yoke of a cart or
जुआ, जूहड़ plough.
ଉତ୍ତର ଦିଗ ସେହି ଶଙ୍କରର ସ୍ଥାନେ,
ଧରି ଘୋଡ଼ା ଜୁଆଳି ଭୂମି ଗଲେ ଖଣେ ।
କୃଷ୍ଣସିଂହ. ମହାଭାରତ ବନ୍ଦ ।

[ଦ୍ର—ଶଗଡ଼ର ଜୁଆଳର ଦୁଇ ମୁଣ୍ଡରେ କଣା ହୋଇ ଯେଉଁ ଦୁଇଗୋଟି କାଠ ଖିଲ ଦୁଇଖଣ୍ଡି ସେ କଣାରେ ଗଳା ଯାଇ ବଳଦଙ୍କ କାନ୍ଧକୁ ଅଟକା ଯାଏ ତାକୁ ବାଇଲ କହନ୍ତି ।

ଲଙ୍ଗଳର ଜୁଆଳର ଦୁଇ ମୁଣ୍ଡରେ ତଳଆଡ଼ୁ ଯେଉଁ ଖିଲ ଦୁଇ ଖଣ୍ଡ ସ୍ଥାୟୀରୂପେ ସଂଯୁକ୍ତ ହୋଇଥାଏ ଓ ଯହିଁରେ ଖାଡ଼ଯୋତ ଗଳାଯାଇ ବଳଦଙ୍କ ବେକ ବନ୍ଧା ହୁଏ ତାକୁ 'ଖୋଉଲ' 'ଶଅଲ' ଓ ଯାଜପୁର ଅଞ୍ଚଳରେ 'ଶଇଲ' (ସଂ. ଶଲ୍ୟ) ଏବଂ ଗଞ୍ଜାମରେ 'ଜୁଆଳଡାଳା' ବୋଲାଯାଏ ।

ଜୁଆଳି ମଝିରେ ଲଙ୍ଗଳର ଈଷକୁ ଅଟକାଇବା ପାଇଁ ଥିବା ଫାଶଦିଆ ଛୋଟ ଦଉଡ଼ିକୁ 'ଅଙ୍କ' ବା 'ଅଙ୍କ ଜୋତି' ବୋଲା ଯାଏ ଓ ଯେଉଁ ବଡ଼ ଦଉଡ଼ିରେ ଈଷ ଜୁଆଳି ସଙ୍ଗେ ଭିଡ଼ା ହୋଇ ବନ୍ଧା ଯାଏ ତାକୁ ଲଙ୍ଗଳ ଦଉଡ଼ା କହନ୍ତି ।]

୨ । (ଲକ୍ଷଣାର୍ଥ) ମନୁଷ୍ୟର କୌଣସି ବନ୍ଧନ—
2. (figurative) Any tie with which a person is bound down.

ଜୁଆଳି ଖିଲା—ପ୍ରାଦେ. (ଗଞ୍ଜାମ) ବି. (ସଂ. ଯୁଗ ଓ କୀଲକରୁ)—
Juāli-kilā ଜୁଆଳର ଦୁଇ ମୁଣ୍ଡରେ ବଳଦଙ୍କୁ ଅଟକାଇବା ପାଇଁ ମରା ଯାଇଥିବା ଖିଲ—The pins put to the ends of a yoke.

୧	ଛ	ଝ	ର୍,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଗ୍ଧ	ଡ଼ିଅ	ଡ଼ି
୨	ଛ	ଊ	ଋ	ଌ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ଙ୍ଗ

ଜୁଆଳି ପଡ଼ିବା (ବେକରେ)—ଦେ. କ୍ରି. (ଲକ୍ଷଣାର୍ଥ)—୧ । ମନୁଷ୍ୟ
Juāli pardibā କୌଣସି ବନ୍ଧନରେ ବା ଗୁରୁତର କାର୍ଯ୍ୟରେ
(ଜୁଆଳି ବନ୍ଧା ହେବା—ଅନ୍ୟରୂପ) ନିଯୋଜିତ ହେବା—
1. (figuraive) Being yoked to some difficult task or duty.
(ଯଥା—ବେଶ୍, ବର୍ତ୍ତମାନ ତା ବେକରେ ଜୁଆଳି ପଡ଼ିଲା; ଏଣିକି ଏହାକୁ କ'ଣ କର ସେ ଯାଉଛି କେଉଁଣେ ?)
୨ । ବିବାହ ବନ୍ଧନରେ ଆବଦ୍ଧ ହେବା—
2. Being bound with marriage bond.
୩ । କୌଣସି ସାଂସାରିକ ବା ପାରିବାରିକ ବନ୍ଧନରେ ଅବଦ୍ଧ ହେବା—3. Being yoked to worldly ties or family-responsibilities.
(ଯଥା—ବାପା ମରିବାରୁ ଏଥର ତା ବେକରେ ଜୁଆଳି ପଡ଼ିଲାଣି, ସେ ଘରଦ୍ୱାର କଥା ନ ବୁଝି ଆଉ ଯାଉଛି କେତେବେଳେ ?)

ଜୁଆ ଶକଟା—ଦେ. ବି. (ସହଚର)—ଜୁଆ ଖେଳ ଓ ଶକଟା ବା
Juā śakatā ଗଞ୍ଜପା—Gambling and another hazard-play at cards.

ଜୁଆ ଶକଟା ପାଶ ରଙ୍ଗ
ପଣା ନ୍ୟାସୁବଳ ବେଶ୍ୟା ସଙ୍ଗ
ଏ ଛଅରସରେ ମାତେ ଯିଏ
କ୍ଷେକେ ମର ଥାକର ଖାଏ—ଚଗ ।

ଜୁଇ—ଦେ. ବି. (ସଂ. ଯୂଥି; ଯୂଥିକ)—୧ । ଯଇ (ଦେଖ)
Ju-i 1. Jūi (See)
जूई; जूईं ୨ । (ସଂ. ଜ୍ୱୋଡ଼ି) ନିଆଁ—2. Fire.
জুই ୩ । ଶବଦାହ ନିମନ୍ତେ ପ୍ରସ୍ତୁତ ଅଗ୍ନି; ଚିତାଗ୍ନି—
3. Fire for burning a dead body; cremation-fire.
୪ । ଯେଉଁ ଗର୍ତ୍ତରେ ଶବଦାହ ନିମନ୍ତେ ଚିତା ପ୍ରସ୍ତୁତ ହୁଏ—
4. The pit over which funeral pile is set up.
୫ । ଏକପ୍ରକାର ଛୋଟ ପକ୍ଷୀ—5. A kind of small bird.
୬ । (ସଂ. ଜୀବକ) ଛୋଟ ଔଷଧବୃକ୍ଷବିଶେଷ—
6. A medicinal plant.

ଜୁଇଁ—ପ୍ରାଦେ. (ବାଲେଶ୍ୱର) ବି. (ସଂ. ଜାମାତା) (ଜୋ ସ୍ଥାନରେ
Juin ଜୁ ଉଚ୍ଚାରଣ)—ଜୋଇଁ; ଜାମାତା—Son-in-law.

ଜୁଇଗାଡ଼—ଗ୍ରା. ବି—ଯେଉଁ ଗାତରେ ଚିତାଗ୍ନି ଜଳେ—The hole
Jui-gārda dug in the ground over which fire is lighted to burn dead bodies.

ଜୁଇଗାତ—ଦେ. ବି—ଜୁଇଗାଡ଼ (ଦେଖ)
Jui-gāta Jui-gārda (See)

ଜୁଇନ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜ୍ୱୋଡ଼ି)—ନିଆଁ; ଅଗ୍ନି—
Juin Fire.

ଜୁଇବା—ଦେ. କ୍ରି—ଜୁଆଇବା (ଦେଖ)
Juibā Juā-ibā (See)

ଜୁଉଲି—ଦେ. ବି—ଜୋଆଲ; ଜୁଆଳ; ଜୋତାଲ; ଲଙ୍ଗଳମୁଣ୍ଡାରେ
Ju-uli ଲଙ୍ଗଳ-ଲୁହା ରହିବା ପାଇଁ ଖୋଳା ହୋଇଥିବା ଗାତ ଉପରେ ମରା ଯାଉଥିବା '⌐¬' ଏହି ଆକାରର ଲୁହାର ଖିଲ—Nail hooked at both ends and thrust into the blade of the plough over the groove into which the plough-iron in thrust.

ଜୁଏଇବା—ଦେ. କ୍ରି—ଜୁଆଇବା (ଦେଖ)
Jue-ibā Juā-ibā (See)

ଜୁଏଲ୍—ବୈଦେ. ବି. (ଇଂ. ଜ୍ୟୁଏଲ୍)—୧ । ମଣିମୁକ୍ତାଦି ପଥର—
Juel 1. Jewel.
जुयेल ୨ । ଘଡ଼ିର ଯନ୍ତ୍ର ବା ଚକ୍ରମାନଙ୍କ ଅକ୍ଷ ରହିବା
জুয়েল ପାଇଁ ଅକ୍ଷର ଦୁଇ ମୁଣ୍ଡରେ ଥିବା କ୍ଷୁଦ୍ର ପ୍ରସ୍ତରଖଣ୍ଡ—
2. Jewel of a watch.

ଜୁଏଲର୍—ବୈଦେ. ବି. (ଇଂ. ଜ୍ୟୁଏଲର୍)—ଜହୁରି; ମଣିମୁକ୍ତା ଓ
Juelar ଅଳଙ୍କାର ବ୍ୟବସାୟୀ—A jeweller.
जुयेलार
জুয়েলার

ଜୁକ୍‌ଜୁକ୍—ଦେ. ଅ—୧ । ସାମାନ୍ୟ ଆଲୋକ ସହିତ ଜକ୍‌ଜକ୍ ଦେଖା
Juk juk ଯିବା—1. Twinkling of small bright things.
झिकझिक
ঝিলমিল; জুগজুগ ୨ । ଅଳ୍ପ ଅଳ୍ପ ହୋଇ ଅଗ୍ନି ଜଳିବା—
(ଜୁକୁଜୁକୁ—ଅନ୍ୟରୂପ) 2. Flickering of fire.

ଜୁକ—ପ୍ରାଦେ. (ବାଲେଶ୍ୱର) ବି—(ଜୋ ସ୍ଥାନରେ ଜୁ ଉଚ୍ଚାରଣ)
Juka ଜୋକ—Leech.

ଜୁକୁଜୁକିଆ—ଦେ. ଗୁଣ—ଅଳ୍ପ ସାମାନ୍ୟ ପାଣି ଥିବା (ମାଟି ବା ଭୂଅଣ)—
Juku-jukiā Slightly watery; moist.
भिगा
গীলা
(ଜୁକୁଜୁକିଆ—ଅନ୍ୟରୂପ)

ଜୁଖ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଯୁଜ୍ ଧାତୁ = ଯୁକ୍ତ ହେବା; କିମ୍ବା
Jukh ସଂ. ଜୁଷ୍ ଧାତୁ = ପରିତର୍କଣ, ଅଣସ୍ତୁ; ତୁଳ. ଏହି ଅର୍ଥରେ ବଂ. ଜୁଖ୍; ଜୁଁଖ୍; ହି. ଜୋଖ୍)—
୧ । ତଉଲ—1. Weighment.
୨ । ଓଜନ—2. Weight.

ଜୁଖିବା—ପ୍ରାଦେ. (ସମ୍ବଲପୁର) କ୍ରି. (ସଂ. ଯୁଜ ଧାତୁ; କିମ୍ବା ଜୁଷ ଧାତୁ
Jukh-bā ତୁଳ. ଏହି ଅର୍ଥରେ ବ. ଜୁଖା; ଜୁଁଖା ଓ ହି.
(ଜୁଖିବା—ଅନ୍ୟରୂପ) ଜୋଖ୍‌ନା)—ତଉଲିବା; ତୁଳିବା; ଓଜନ କରିବା—To weigh.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଜାଡ଼' ନ ମିଳିଲେ 'ଜାଡ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜୁଖା—ପ୍ରାଦେ. (ଅଠମଲ୍ଲିକ) ବି—ଜାଉ—
Jukhā — Gruel.

ଜୁଗ୍‌ବା—ପ୍ରାଦେ. (ସମ୍ବଲପୁର) କ୍ରି—ଜଗିବା (ଦେଖ)
Jug-bā — Jugibā (See)

ଜୁଗାଜୋଗ—ପ୍ରାଦେ. (ବାଲେଶ୍ୱର) ବି. (ସଂ. ଯୋଗ+ଅଯୋଗ)—
Jugājoga — ଯୋଗାଯୋଗ (ଦେଖ) Jogājoga (See)

ଜୁଗାଲି—ପ୍ରାଦେ. (ସମ୍ବଲପୁର) ବି—ଜଗୁଆଳ; ଜଗିଥି—
Jugāli — Watchman; guard.

ଜୁଗିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜଗିବା (ଦେଖ)
Jugibā — Jāgibā (See)

ଜୁଗୁଆ—ପ୍ରାଦେ. (ସମ୍ବଲପୁର) ବି—ଜୁଗାଲି (ଦେଖ)
Juguā — Jugāli (See)

ଜୁଗୁପ୍ସକ—ସଂ. ବିଣ. ପୁଂ (ଗୁପ୍ ଧାତୁ ନିନ୍ଦାକରିବା + ସ୍ୱାର୍ଥେ ସନ୍ + ଅକ)—
Jugupsaka — ୧ । ନିନ୍ଦାକାରୀ; କୁତ୍ସାକାରୀ— 1. Speaking evil of another; blaspheming.
(ଜୁଗୁପ୍ସିକା—ସ୍ତ୍ରୀ)
୨ । ଘୃଣାକାରୀ—2. Detesting.

ଜୁଗୁପ୍ସନ—ସଂ. ବି. (ଗୁପ୍ ଧାତୁ ନିନ୍ଦା କରିବା + ସ୍ୱାର୍ଥେ ସନ୍ + ଭାବ. ଅନ)—
Jugupsana — ୧ । କୁତ୍ସା; ନିନ୍ଦା—1. Blaming; speaking evil of another; blaspheming.
୨ । ଘୃଣାକରିବା—2. Hating.
୩ । ଅପବାଦ—3. Defamation.

ଜୁଗୁପ୍ସା—ସଂ. ବି. (ଗୁପ୍ ଧାତୁ ନିନ୍ଦା କରିବା + ସ୍ୱାର୍ଥେ ସନ୍ + ଭାବେ ଅ + ଆ)—ଜୁଗୁପ୍ସନ (ଦେଖ)
Jugupsā — Jugupsana (See)

ଜୁଗୁପ୍ସିତ—ସଂ. ବିଣ. (ଗୁପ୍ ଧାତୁ ନିନ୍ଦା କରିବା + ସ୍ୱାର୍ଥେ ସନ୍ + କର୍ମ. ତ)-
Jugupsita — ୧ । ନିନ୍ଦିତ—1. Slandered.
୨ । ଯାହାକୁ ଅପବାଦ ଦିଆଯାଇ ଥାଏ—2. Defamed.
୩ । ଘୃଣିତ—3. Hated.

ଜୁଗୁଲି—ପ୍ରାଦେ. (ଅଳ) ବି—ଜୁଉଲି (ଦେଖ)
Juguli — Ju-uli (See)

ଜୁଗୋପିଷା—ସଂ. ବି. (ଗୁପ୍ ଧାତୁ=ଗୋପନ କରିବା + ଇଚ୍ଛାର୍ଥେ ସନ୍ + ଭାବ. ଅ + ଆ)—
Jugophishā — ଗୋପନ କରିବାର ଇଚ୍ଛା— A desire to conceal.
(ଜୁଗୋପିଷୁ—ବିଣ)

ଜୁଜ୍—ବୈଦେ. ବି. (ଫା. ଜୁଜ୍) (ଛାପାଖାନାରେ ବ୍ୟବହୃତ ଶବ୍ଦ)—
Juj — ଫରମା; ୪, ୮, ୧୨ ବା ୧୬ ପୃଷ୍ଠାରେ ଭଙ୍ଗା ହୋଇଥିବା କାଗଜର ଫର୍ଦ୍ଦ—(a term used by printers) Form; one sheet of paper folded into 4, 8, 12 or 16 pages.
जुज
জুজ

ଜୁଜ୍‌ବନ୍ଦି—ବୈଦେ. ବି. (ଫା) (ଛାପାଖାନାରେ ବ୍ୟବହୃତ ଶବ୍ଦ)—
Juj-bandi — ଏକ ଫରଦ କାଗଜ ୪, ୮, ୧୨ ବା ୧୬ ପୃଷ୍ଠାରେ ଭଙ୍ଗା ହୋଇ ଏହିପରି ଅନେକଖଣ୍ଡ ଫରମାର ଏକତ୍ର ସିଲେଇ—(a term used by printers) Bound in forms of 4, 8, 12 or 16 pages
जुजबन्दि
জুজবন্দী

ଜୁଜେଷ୍ଟି—ଗ୍ରା. ବି. (ନାମ) (ସଂ. ଯୁଧିଷ୍ଠିର)—ଯୁଧିଷ୍ଠିର (ଦେଖ)
Jujeshṭi — Judhishṭhira (See)
जुजेष्टी
জুজৌঠল
(ଯୁଜେଷ୍ଟି, ଯୁଧେଷ୍ଟି—ଅନ୍ୟରୂପ)

ଜୁଜୁ—ଦେ. ବି. (ସଂ. ଜୁଃ=ପିଶାଚୀ)—
Juju — ୧ । (ଶିଶୁଭାଷା) କଳ୍ପିତ ଭୟସଞ୍ଚାରକ ମୂର୍ତ୍ତି; ବୋକମିନା— 1. Imaginary scarecrow; bugbear.
जूजू
୨ । ଭୂତପ୍ରେତାଦି—2. Ghosts.
୩ । ଭୀତି ସଞ୍ଚାରକ ରୂପ— 3. A frightful figure.

ଜୁଜ୍ଝ—ଗ୍ରା. ବି. (ସଂ. ଯୁଦ୍ଧ; ପ୍ରା ଯୁଜ୍ଝ)—ଯୁଦ୍ଧ—
Jujjha — War; fight.
जुझा
জুজ্ঝ
(ଜୁଝ୍, ଜୁଝ୍ୟ—ଅନ୍ୟରୂପ)

ଜୁଜ୍ଝା(ଜ୍ଝେ)ଇବା—ଗ୍ରା. କ୍ରି. (ସଂ. ଯୁଦ୍ଧ)—
Jujjhā(jhe)ibā — ୧ । ଅନ୍ୟକୁ ଯୁଦ୍ଧରେ ପ୍ରବର୍ତ୍ତାଇବା— 1. To instigate a person to fight.
जुझान
জুঝানো, জুঝবানো — ୨ । ଜଣଙ୍କ ମଧ୍ୟରେ ଯୁଦ୍ଧ ଲଗାଇ ଦେବା— 2. To cause a fight between two persons.

ଜୁଜ୍ଝିବା—ଗ୍ରା. କ୍ରି. (ସଂ. ଯୁଦ୍ଧ)—ଯୁଦ୍ଧ କରିବା—
Jujjhibā — To fight.
जुझा
জুঝনা
(ଜୁଝିବା—ଅନ୍ୟରୂପ)

ଜୁଟ୍ (ଧାତୁ)—ସଂ—ଏକତ୍ର ହେବା; ମିଳିତ ହେବା; ଯୁକ୍ତ ହେବା—
Juṭ (root) — To be united or gathered up; to be combined.

ଜୁଟ୍—ସଂ. ବି. (ସଂ. ଯୁକ୍ତ ପ୍ରା. ଜୁତ୍ତ; ସଂ. ଜୁଟ ଧାତୁ)—
Juṭ — ୧ । ଏକତ୍ର ହେବା ଅବସ୍ଥା—The state of being united.
जूट, जोट
জুট — ୨ । ସଙ୍ଗତ—2. Union; collection.
୩ । ସମ୍ମିଳନ—3. Meeting together.

୧	ଈ	ଊ	ଋ,ୠ	ଌ	ଏ	ଦସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	ଜ୍ଞ	ଇଯ୍	ଉଅ	ଯ
୨	ଇ	ଉ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୱ	ନ

୪ । ସଙ୍ଗମ—4. Copulation.
୫ । ଯୋଡ଼ା; ଯୁଗ—5. Couple; pair.
୬ । ଦଳ; ମଣ୍ଡଳୀ—6. Company; batch; herd.

জুট
ବୈଦେ. ବି. (ଇଂ)—ଝୋଟ–Jute; flax.

জুট
ଦେ. ବଣ.—୧ । ସମ୍ମିଳିତ—1. Gathered together; united; combined.
জুট, জোট
ଜୁଟ
୨ । ଦଳବଦ୍ଧ—2. Herded; formed into a party.

ଜୁଟ୍ ଖାଇବା—ଦେ. କି. (ସଂ. ଜୁଟ୍ ଧାତୁ)—୧ । ପରସ୍ପର ମିଳିତ ହେବା—1. To meet together; to be united together.
Juṭ khāibā
জুট খাওয়া; জুট লাগা
जुट खाना
୨ । ପରସ୍ପର ସଙ୍ଗମ କରିବା; ଯୋଡ଼ି ପଡ଼ିବା—2. To copulate; to couple.
ଜୁଟ୍ ଲଗିବା } ଅନ୍ୟରୂପ
ଜୁଟ୍ ହେବା }
୩ । ପରସ୍ପର ସର୍ବତୋଭାବରେ ମେଳ ହେବା; ଅନ୍ୟୋନ୍ୟରେ ସର୍ବତୋଭାବେ ମେଳ ଖାଇବା—3. To coincide with each other; to tally exactly with each other.

ଜୁଟ୍ ଖୁଆଇବା—ଦେ. କି—'ଜୁଟ୍ ଖାଇବା'ର ଣିଜନ୍ତ ରୂପ—
Juṭ khuāibā Causative form of 'Juṭ khāibā'.
জুট খাওয়ান
जुट खिलाना
(ଜୁଟ୍ ଖୋଇବା—ଅନ୍ୟରୂପ)

ଜୁଟ୍ ଫ୍ଲାନେଲ୍—ବୈଦେ. ବି. (ଇଂ. ଜୁଟ୍ ଫ୍ଲାନେଲ୍)—
Juṭ phlānel ଝୋଟରେ ବୁଣା ଅଥଚ ପଶମ ପରି ଦେଖାଯାଉ ଥିବା ଏକପ୍ରକାର ବସ୍ତ୍ର—Jute flannel.
জুট ফ্লানেল
जुट फुलालेन
(ଜୁଟଫୁଲାଲିନ୍; ଜୁଟଫୁଲାଲେନ୍—ଅନ୍ୟରୂପ)

ଜୁଟ୍ ବାନ୍ଧିବା—ଦେ. କି. (ସଂ. ଜୁଟ୍ ଧାତୁ; ସଂ. ଯୁକ୍ତ; ପ୍ରା. ଜୁତ୍ତ; ସଂ. ଜୁଡ଼ ଧାତୁ=ବାନ୍ଧିବା)—୧ । ମେଳ ହେବା—1. To form an union.
Juṭ bāndhibā
জুট বাঁধা
जुट बाँधना
୨ । (ବହୁବ୍ୟକ୍ତି) କୌଣସି ଉଦ୍ଦେଶ୍ୟରେ ଦଳ ବାନ୍ଧିବା—2. (many persons) To combine together for any particular purpose.
୩ । ଗୋଟିଏ ଘନସନ୍ନିବେଶରେ ମିଳିତ ହେବା (ଯେପରି କ ଗୋଡ଼ି ଓ ସିମେଣ୍ଟକୁ ପାଣିରେ ଗୋଳେଇ ଏକାଠେଇ ଜମେଇ ଦେଲେ କଠିନ ପ୍ରସ୍ତର ପରି ଗୋଟିଏ ଅଭି ଖଣ୍ଡିଆ ଜିନିଷ ହୋଇଯାଏ)—3. To form into a compact mass.

ଜୁଟ୍ ଲଗା(ଗେ)ଇବା—ଦେ. କି—'ଜୁଟ୍ ଲଗିବା'ର ଣିଜନ୍ତରୂପ—
Juṭ lagā(ge)ibā Causative form of 'Juṭ lāgibā'.

ଜୁଟ୍ ଲଗିବା—ଦେ. କି—ଜୁଟ୍ ଖାଇବା (ଦେଖ)
Juṭ lagibā Juṭ khāibā (See).

ଜୁଟ୍ ହେବା—ଦେ. କି. (ସଂ. ଯୁକ୍ତ; ପ୍ରା. ଜୁତ୍ତ; ସଂ. ଜୁଟ୍ ଧାତୁ)—
Juṭ hebā ୧ । ଏକତ୍ର ହେବା—1. To come together.
জুট হওয়া ୨ । ଦଳବଦ୍ଧ ହେବା—2. To flock together; to form into a union.
जुट होना
୩ । ପରସ୍ପର ମିଳିତ ହେବା; ସମ୍ମିଳିତ ହେବା—3. To meet each other.
୪ । ସଂଯୁକ୍ତ ହେବା—4 To be joined together.

ଜୁଟକ—ସଂ. ବି. ପୁଂ. (ଜୁଟ୍ ଧାତୁ=ଏକତ୍ର ହେବା+କର୍ତ୍ତୃ. ଅକ)—
Juṭaka ୧ । ମସ୍ତକର କେଶର ଶିଖା; ଚୁଟି—
(ଜୁଟିକା—ସ୍ତ୍ରୀ) 1. A tuft of hair on the head.
୨ । ଗୋଛ—2 Cluster.
୩ । ଏକପ୍ରକାର କର୍ପୂର—3. A kind of camphor.
ଦେ. ବଣ—ଯେ ଜାର ପୁରୁଷ ନିକଟରେ ଉପପତ୍ନୀ ଆଣି ପହଞ୍ଚାଏ; ଭାଡ଼ୁଆ—A pander; procurer; a bawd; a go-between.

ଜୁଟା—ଦେ. ବି. (ସଂ. ଜୁଟ୍ ଧାତୁ)—୧ । ଜୁଟାଇବା କାର୍ଯ୍ୟ—
Juṭā 1. The act of bringing about a meeting or gathering.
জুটা ୨ । ଭାଡ଼ୁଆକାମ; ଜାର ପୁରୁଷ ପାଖେ ପରସ୍ତ୍ରୀ ଭେଟାଇବା
जुटाना କାମ—2. The act of pandering.
(ଜୁଟେଇ—ସ୍ତ୍ରୀ) ଦେ. ବଣ. ପୁଂ—୧ । ଯେ ଜାର ପୁରୁଷ
জোটা ନିକଟରେ ବଦଚଳି ସ୍ତ୍ରୀଲୋକଙ୍କୁ ଭେଟାଏ—1. Pandering.
जुटानेवाला ୨ । ଯେ ବରକନ୍ୟା ଜୁଟାଏ—
2. Acting as a negotiator in a marriage.
ପ୍ରାଦେ. (ସମ୍ବଲପୁର) ବି. (ସଂ. ଉଚ୍ଛିଷ୍ଟ; ସଂ. ଜୁଷ୍ଟ ପ୍ରା. ଜୁଠୁ; ଭୁଲ ଏହି ଅର୍ଥରେ ହି. ଜୁଠା)—ଉଚ୍ଛିଷ୍ଟ; ଅଇଁଠା—Orts; remains of one's partaken food; what is left after meals in the plate; leavings of the table.
ବଣ—ଅଇଁଠା ହୋଇଥିବା; ଅନ୍ୟ ବ୍ୟକ୍ତିର ଭୁକ୍ତାବଶିଷ୍ଟ; ଅଂଶତଃ ଭୁକ୍ତ—Left after meals; partly eaten.

ଜୁଟା(ଟେ)ଇବା—ଦେ. କି. (ସଂ. ଜୁଟ ଧାତୁ ଣିଜନ୍ତ)—
Juṭā(ṭe)ibā ୧ । ଏକତ୍ର କରିବା; ସଂଗ୍ରହ କରିବା—
জুটানা; জোটান 1. To collect; to gather.
जुटाना, जुटवाना (ଯଥା—ପୁସ୍ତକାଗାରରେ ସେ ବହୁତ ବାଛି ପୁସ୍ତକ ଆଣି ଜୁଟାଇଛି ।)
୨ । ଏକାଧିକ ବ୍ୟକ୍ତିଙ୍କୁ ଏକସ୍ଥାନରେ ଏକତ୍ର କରାଇବା—
2. To cause many persons to gather.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବର୍ଣ୍ଣର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗାଂଶି' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

(ଯଥା—ଅଳ୍ପ ସମୟରେ ସେ ୨୦୦ ଲୋକ ଆଣି ଜୁଟାଇଛି ।)

୩ । ପ୍ରଣୟାର୍ଥୀ ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ ମିଳନ ଘଟାଇବା—2. To bring about love-interview between lovers.

(ଯଥା—ଦୂତୀ ରାଧିକାଙ୍କୁ ଶ୍ରୀକୃଷ୍ଣଙ୍କ ପାଖେ ଜୁଟାଇଲେ ।)

୪ । ଦୁଇଜଣଙ୍କର ମିଳନ ଘଟାଇବା—1. To bring about a meeting between two persons.

(ଯଥା—ଶତ୍ରୁ ଦୁହିଁଙ୍କୁ ସେ ଆଣି ଜୁଟାଇ ଦେଲେ ।)

୫ । କୌଶଳ ବା ଯୋଗାଡ଼ଯନ୍ତଦ୍ୱାରା କୌଣସି ବସ୍ତୁକୁ ଅଭିପ୍ରେତ ସ୍ଥାନରେ ପହଞ୍ଚାଇବା—5. To succeed in bringing any thing to a place by skill or stratagem; to procure.

(ଯଥା—ଏ ଭୋଜପାଇଁ ମୁଁ ଗୁଡ଼ା କରି ୫୦ ଟଙ୍କା ଜୁଟାଇଛି ।)

୬ । ବିବାହସମ୍ପର୍କରେ ବରକନ୍ୟା ଯୋଗାଡ଼ି ଦେବା—6. To negotiate for and bring about a marriage; to act as a match-maker.

(ଯଥା—ଏ କନ୍ୟାଟି ପାଇଁ ଗୋଟିଏ ବରପାତ୍ର ଜୁଟେଇ ପାରିବ କି ?)

୭ । ସ୍ତ୍ରୀ ପୁରୁଷଙ୍କ ସଙ୍ଗମ କରାଇବା—7. To cause a male and a female to couple or copulate.

(ଯଥା—ଏ କାଠିଆବାଡ଼ ଘୋଡ଼ୀସଙ୍ଗେ ଗୋଟିଏ ଆରବୀ ଘୋଡ଼ା ଜୁଟାଇବାକୁ ହେବ ।)

ଜୁଟାଜୁଟି—ଦେ. ବି. (ସହଚର)—'ଜୁଟାଇବା' ସକାଶ କର୍ମମାନ (ଦେଖ)
Jutājuti
ଜୁଟାଜୁଟି, ଜୋଟପାଟ
Many acts of jutāibā (See)
ଜୁଟାଜୁଟି

ଜୁଟିକା—ସ. ବି. (ଜୁଟ୍ ଧାତୁ + କର୍ମ. ଅକ + ସ୍ତ୍ରୀ. ଆ)—
Jutikā
୧ । ଚୂଡ଼; ଶିଖା (ହି. ଶବ୍ଦସାଗର)—1. Tuft of hair.
୨ । ଗୋଛ (ହି. ଶବ୍ଦସାଗର)—2. Bunch.
୩ । ଏକପ୍ରକାର କର୍ପୂର (ହି. ଶବ୍ଦସାଗର)—3. A kind of camphor.

ଜୁଟିବା—ଦେ. କ୍ରି. (ସ. ଜୁଟ୍ ଧାତୁ)—୧ । ମିଳିତ ହେବା—1. To meet.
Jutibā
ଜୁଟା, ଜୋଟା
ଜୁଟନା ଜୁଟନା
୨ । ଏକତ୍ର ହେବା—2. To be gathered or collected together.
୩ । ପ୍ରାପ୍ତହେବା; ମିଳିବା; ହାତକୁ ଆସିବା—3. To be got or had or attained; to come to hand.

(ଯଥା—ମୋତେ ଅଳ୍ପ ମୁଠିଏ ଅନ୍ନ ଜୁଟିଲା ନାହିଁ ।)

୪ । କୌଣସି ସ୍ଥାନରେ ବା ବ୍ୟକ୍ତି ନିକଟରେ ଆସି ଉପସ୍ଥିତ ହେବା; ଭେଟିବା—4. To arrive at a place or reach near a person.

(ଯଥା—ତୁମ୍ଭେମାନେ ଯାଉଥାଅ, ମୁଁ ପଛରୁ ଯାଇ କଟକ ଠାରେ ଜୁଟି ଯିବି ଯେ ।)

ଜୁଠା—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—(ସ. ଜୁଷ୍ଟ, ପ୍ରା. ଜୁଠ୍ଠ)—ଜୁଠା (ଦେଖ)
Juthā
Jutā (See)

ଜୁଡ଼୍ (ଧାତୁ)—ସ.—ବନ୍ଧନ କରିବା—
Jurd (root)
To bind up.

ଜୁଡ଼୍—ପ୍ରାଦେ. ବି. (ସମ୍ବଲପୁର)—(ଭୁଲ. ହି. ଜୁଡ଼୍ = ଥଣ୍ଡା, ଶୀତଳ;
Jurd
ସ. ଜଡ଼; ଭୁଲ. ଓ ଜାଡ଼)—ସର୍ଦ୍ଦି—Cold.
ପ୍ରାଦେ. ବିଣ.—୧ । ନରମ—1. Soft.
୨ । ଶୀତଗ୍ରସ୍ତ—2. Suffering from cold.
୩ । ଥଣ୍ଡା; ଶୀତଳ—3. Cold.

ଜୁଡ଼୍‌ଖର୍—ପ୍ରାଦେ. (ସମ୍ବଲପୁର)—ବି. (ବିପରୀତାର୍ଥ ସହଚର; ସ. ଜଡ଼
Jurd-khar
+ ଖର)—ଶୀତଳ ଗରମି ରୋଗ—Apoplexy.
ବିଣ.—୧ । ଶୀତଳ ଓ ଗରମ—1. Cool and warm.
୨ । ନରମ ଓ ଶକ୍ତ—2. Soft and hard.

ଜୁଡ଼୍‌ବୁଡ଼୍—ଦେ. ଅ.—ତେଲ ବା ଜଳାଦିଦ୍ୱାରା ଅତ୍ୟନ୍ତ ଆର୍ଦ୍ର;
Jurd-burd
(ଯେପରିକି ଦେହରୁ ତେଲ ବା ପାଣି ବୋହି ପଡ଼ୁଥାଏ); (ତେଲ ବା ପାଣି) ସରସର—With water or oil dripping from the body.

(ଯଥା—ତା ଦେହସାରା ପାଣିରେ ଜୁଡ଼୍‌ବୁଡ଼୍ ହୋଇଛି; ସେ ଜୁଡ଼୍‌ବୁଡ଼୍ କରି ତେଲ ଲଗେଇଛି ।)

ଜୁଡ଼—ପ୍ରାଦେ. (ସମ୍ବଲପୁର) ବି.—(ସ. ଜଡ଼; ଭୁଲ. ଏହି ଅର୍ଥରେ
Jurda
ହି. ଜୁଡ଼)—ଶୀତ—Cold.

(ଯଥା—ମୋତେ ଜଡ଼ ଧରିଛି ।)

ଜୁଡ଼ ଧରିବା—ପ୍ରାଦେ. (ସମ୍ବଲପୁର) କ୍ରି.—ଶୀତ ଧରିବା—
Jurda dhariba
Catching of cold

ଜୁଡ଼ା—ଦେ. ବି. (ସ. ଜୁଡ଼୍ ଧାତୁ = ବନ୍ଧନ କରିବା; ସ. ଜୁଟ =
Jurdā
ଜଟାର ଗ୍ରନ୍ଥି)—ସ୍ତ୍ରୀଲୋକମାନଙ୍କର ଏକତ୍ର ବନ୍ଧା ହୋଇ
ଖୋଁପା
ଥିବା ମୁଣ୍ଡର କେଶ; ଖୋପା; ଖୋସା—Chignon;
ଜୁଡ଼ା
artistically tied knot of hair on the head; braided and made up hair.

[ଦ୍ର—ନାନା ଦେଶରେ ଓ ନାନା ସମାଜରେ ସ୍ତ୍ରୀଲୋକମାନେ ନାନା ପ୍ରକାରରେ ଓ ନାନା କୌଶଳରେ ମଥାର ବାଳକୁ ଜୁଡ଼ା ବାନ୍ଧନ୍ତି । କେହି କପାଳ ଉପରେ, କେହି ମୁଣ୍ଡ ପଛରେ, କେହି ବେଣୀ ପକାଇ, କେହି ଲମ୍ବ କରି, କେହି ଗୋଲ କରି, କେହି ଟେଢ଼ା ଫାଳ ପରି, କେହି ବେଲ ଆଦି ବିଶିଷ୍ଟ ଫଳ ପରି, କେହି ସିଧା କରି ବା ବଙ୍କା କରି, କେହି ବେକର ବା ମୁଣ୍ଡର ଏକ ପାଖରେ

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଣ,ଷ	ଜ୍ଞ	ଇୟ	ଉଅ	ୟ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ	ଯ	ସ	ଗ୍ୟ	ଇଅ	ଡ଼	ନ୍

ଜୁଡ଼ା ବାନ୍ଧନ୍ତି । ଜୁଡ଼ାର ଭିନ୍ନ ଭିନ୍ନ ନାମ ମଧ୍ୟ ଅଛି । ଯଥା— ଓଲେଟଣୀ ଜୁଡ଼ା, ଦକ୍ଷିଣୀ ବା ଖୋଷା ଜୁଡ଼ା, ଢେଙ୍ଗା ଜୁଡ଼ା, ବଙ୍ଗାଳଣ ଜୁଡ଼ା, ମକା ଜୁଡ଼ା, ଗଣ୍ଠି ଜୁଡ଼ା, ଫାଶ ଗଣ୍ଠି, ଚେଙ୍ଗା, ଟୋପରଗଣ୍ଠି ଇତ୍ୟାଦି ।]

ଜୁଡ଼ା ପକା(କେ)ଇବା—ଦେ. କ୍ରି.—ମୁଣ୍ଡ କେଶକୁ ସଜ୍ଜିତ କରି ଗଣ୍ଠି
Jurda pakā(ke)ibā ବାନ୍ଧିବା—To dress up the hair
খোঁপা বাঁধা of the head into a chignon.
जूड़ा बाँधना

ଜୁଡ଼ାପାଡ଼ିବା—ଦେ. କ୍ରି.—ଜୁଡ଼ା ପକାଇବା (ଦେଖ)
Jurdā pardibā Jurdā pakāibā (See)
(ଜୁଡ଼ା ପାରିବ—ଅନ୍ୟରୂପ)

ଜୁଡ଼ା ବାନ୍ଧିବା—ଦେ. କ୍ରି—ଜୁଡ଼ା ପକାଇବା (ଦେଖ)
Jurdā bāndhibā **Jurdā pakāibā** (See)

ଜୁଡ଼ା ଭାଙ୍ଗିବା—ଦେ. କ୍ରି—ବନ୍ଧା ହୋଇଥିବା ଜୁଡ଼ାର ବନ୍ଧନ ମୁକ୍ତ
Jurdā bhāngibā କରିବା—To loosen a chignon.
খোঁপা ভাঁগা ଅଇଲେ ଶଗଡ଼ିଆ ପଇଲେ ଭେଣ୍ଡାକୁଳେ, ବାନ୍ଧନ୍ତି ଜୁଡ଼ାକୁ
जूड़ा तोड़ना ଭାଙ୍ଗିକୁ ନାହିଁ—ଶଗଡ଼ିଆ ଗୀତ ।

ଜୁଡ଼ି—ପ୍ରାଦେ. (ବାଲେଶ୍ବର, ମେଦିନୀପୁର) (ସଂ. ଯୁଗ୍ମ; ଭୁଲ. ଏହି
Jurdi ଅର୍ଥରେ ବଙ୍ଗଳା ଏହି ଶବ୍ଦ)—
୧ । ସମଧର୍ମୀ ସହଚର—1. Companion.
୨ । ଏକ ସଙ୍ଗେ ବଗିରେ ଲାଗିବା ଦୁଇଟି ଘୋଡ଼ା—
2. A pair of horses yoked to a coach.
୩ । ଯୁଗ—3. A pair; a couple.
୪ । ଦୁଇଟି ଘୋଡ଼ା ଟାଣିବା ଗାଡ଼ି—
4. A coach drawn by two horses.
୫ । ଯୁଗ୍ମବସ୍ତୁ ବା ଜୀବ ମଧ୍ୟରୁ ଜଣେ—5. One of a pair or couple of things or animals.

জুরী ବୈଦେ. ବି. (ଇଂ. ଜୁରି)—ଜୁରି (ଦେଖ)
जुरी Juri (See)
ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—୧ । ଜୁଡ଼ (ଦେଖ)
1. Jurd (See)
୨ । (ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ) କମ୍ପଜ୍ଵର—
2. Ague.

ଜୁଡ଼ିଖର—ପ୍ରାଦେ. (ସମ୍ବଲପୁର) ବି. ଓ ବିଣ—ଜୁଡ଼ଖର (ଦେଖ)
Jurdi khar Jurd-khar (See)

ଜୁଡ଼ିଗାଡ଼ି—ପ୍ରାଦେ. ବି. (ବାଲେଶ୍ବର; ଭୁଲ. ଏହି ଅର୍ଥରେ ବଙ୍ଗଳା
Jurdi gārdi ଏହି ଶବ୍ଦ)—ଯୋଡ଼ାଏ ଘୋଡ଼ା ଲାଗିଥିବା ଗାଡ଼ି—
A carriage dawn by a pair of horses.

ଜୁଡ଼ି ଡାକରା—ଦେ. ବି—ଜଜଙ୍କ ସଙ୍ଗେ ବସି ଦଉରା ମକଦମା ବିଚାର
Jurdi dākarā କରିବା ପାଇଁ ଜୁରିଙ୍କୁ ନିମନ୍ତ୍ରଣ—Summons
জুরী সমন to a person to attend the court of
जुरीसमन sessions as a juror.

ଜୁଡ଼ିଦାର—ପ୍ରାଦେ. (ବାଲେଶ୍ବର) ବି—ଗାଡ଼ିରେ ଏକ ସଙ୍ଗେ ଲାଗିବା
Jurdidār ଯୋଡ଼ାଏ ଘୋଡ଼ାରୁ ଗୋଟିଏ—One of a pair
জুড়ীদার (of horses for a carriage).
जुड़ीदार ଦେ. ବିଣ—ଯେଉଁ ଗାଡ଼ିରେ ଯୋଡ଼ାଏ ଘୋଡ଼ା ଲାଗି
ଥାଆନ୍ତି—(a carriage) Drawn by a pair of horses.

ଜୁଡ଼ିବା—ପ୍ରାଦେ. (ବାଲେଶ୍ବର, ମେଦିନୀପୁର) କ୍ରି. (ସଂ. ଜୁଡ଼ ଧାତୁ;
Jurdibā ଭୁ. ବଂ. ଏହି ଅର୍ଥରେ ଏହି ଶବ୍ଦ)—
ଯୋଡ଼ିବା (ଦେଖ)—Jordibā (See)

ଜୁଡ଼ିରେ ବସିବା—ଦେ. କ୍ରି—ଦଉରା ମକଦମା ବିଚାର ସମୟରେ ଜଜଙ୍କ
Jurdire basibā ନିକଟ ଜୁରିରୂପେ ନିମନ୍ତ୍ରିତ ହୋଇ ଯାଇ ବସିବା—
জুড়িতে বসা To sit on a jury.
जुरीमें बैठना [ଦ୍ର—ମଫସଲରେ ଏହା ସମ୍ମାନସୂଚକ ।]

ଜୁଡ଼ି ସମନ—ବୈଦେ. ବି. (ଇଂ. ଜୁରି+ସମନ୍ସ)—
Jurdi samana ଜୁଡ଼ି ଡାକରା (ଦେଖ)
Jurdi dākarā (See)

ଜୁଡ଼ିସିଅଲ୍—ବୈଦେ. ବିଣ. (ଇଂ)—ବିଚାରବିଭାଗୀୟ; ନ୍ୟାୟ-
Judisial ବିଚାର ସମ୍ବନ୍ଧୀୟ—Judicial.
জুডিসিআল (ଯଥା—ମଧ୍ୟପ୍ରଦେଶ ବା ଅଯୋଧ୍ୟା ବା ସିନ୍ଧ ପ୍ରଦେଶର
जुडिशल ଜୁଡ଼ିସିଅଲ୍ କମିସନର—Judicial Commisioner.)

ଜୁଡ଼ି ହଙ୍କା(ଙ୍କେ)ଇବା—ପ୍ରାଦେ. (ମେଦିନୀପୁର, ବାଲେଶ୍ବର) କ୍ରି—
Jurdi hankā(nke)ibā ୧ । ବଗିରେ ଯୋଗ ହୋଇଥିବା ୨ଟି
জুড়ি হাঁকন ଘୋଡ଼ାଙ୍କୁ ନିୟନ୍ତ୍ରିତ କରି ଗାଡ଼ି ଚଳାଇବା—
जुड़ी हाँकना 1. To drive a pair of horses attached
(ଜୁଡ଼ି ହାଙ୍କିବା—ଅନ୍ୟରୂପ) to a carriage; to drive a coach and a pair.
୨ । ଯୋଡ଼ିଏ ଘୋଡ଼ା ଲାଗିଥିବା ଗାଡ଼ିରେ ଚଢ଼ି ବୁଲିବା—
2. To use a coach driven by a pair of horses.
[ଦ୍ର—ସେ ଜୋଡ଼ି ହଙ୍କାଇଲେଣି=ସେ ଖୁବ୍ ବଡ଼ଲୋକ ହେଲେଣି ।]

ଜୁଡ଼ବୁଡ଼ିଆ—ଦେ. ଅ—ଜୁଡ଼ବୁଡ଼ (ଦେଖ)
Jurduburdiā Jurd-burd (See)

ଜୁଡ଼ୁବୁଡ଼ୁ—ଦେ. ଅ—ଜୁଡ଼ବୁଡ଼ (ଦେଖ)
Jurduburdu Jurd-burd (See)

ଜୁଡ଼େନ୍—ପ୍ରାଦେ. (ସମ୍ବଲପୁର) ବିଣ—ପରସ୍ପର ସହିତ ଯୁକ୍ତ ହୋଇଥିବା
Jurden ବା ଲାଗି ହୋଇଥିବା (ଦୁଇ ବସ୍ତୁ)—(two things)
Joinede togther, joined to each other.

ଜୁଣ—ଦେ. ବି. (ସଂ. ଯୋଜନ)—୧ । ଚୁଅକୋଶ; ଯୋଜନ—
Juna 1. Distance of 4 kros or 8 miles.
योजन

ଅନ୍ୟ ସଂ.ନାମ—ଉଲୂକ; ଉଲପ ୨ । (ସଂ. କୂର୍ଣ୍ଣି)—ଘର ଛୁଆଁଣି କରିବା ଓ ମନ୍ଦୁରା ବୁଣିବା କାମରେ ବ୍ୟବହୃତ ତୃଣବିଶେଷ; ଖଡ଼—
ଖଡ଼ି
উলুখড়
A kind of rush; a reed used for thatching and matting; Saccharum Fuscum.

ଜୁଣ ମସିଣା—ଦେ. ବି—ଜୁଣ ତୃଣରେ ବୁଣା ହୋଇଥିବା ପଟେଇ—
Juṇa masiṇā A small mat made of Juṇa reeds.
খড়ির মাঁদুর
उलूकी चटाइ

ଜୁଣ ମୁନ୍ଦୁରା—ଦେ. ବି—ଜୁଣ ତୃଣରେ ବୁଣା ହୋଇଥିବା ଏକପ୍ରକାର ମୋଟା ଓ ବଡ଼ ମସିଣା—A thick and big mat made of Juṇa reeds.
Juṇa mundurā

ଜୁତ—ଦେ. ବି. (ସଂ. ଯୁକ୍ତ=ମିଶ୍ରଣ; ସଂ. ଯୁକ୍ତି)—
Jut
୧ । ଉତ୍କୃଷ୍ଟ ଧାତୁ ସହିତ ନିକୃଷ୍ଟ ଧାତୁର ମିଶ୍ରଣ—1. Alloy.
জুৎ
୨ । (ସଂ ଦ୍ୟୁତି) ସ୍ୱାସ୍ଥ୍ୟ—
खोट
2. Health.
জুৎ; জুতি
୩ । ଶରୀରର ସୌନ୍ଦର୍ଯ୍ୟ—3. Beauty; elegance.
जोति
୪ । ଶୋଭା; ଗଠଣ—4. Symmetry; grace.
୫ । (ସଂ. ଜ୍ୟୋତିଃ) ତେଜ—5. Brightness.
୬ । ସୁବିଧା—6. Convenience.
(ଜୁତ୍‌ଜାତ୍—ଅନ୍ୟରୂପ) ବିଣ. (ସଂ. ଦ୍ୟୁତି)—ସୁନ୍ଦର; ଦର୍ଶନୀୟ—
Beautiful; worthy of appreciation.

ଜୁତିବା—ପ୍ରାଦେ. (ସମ୍ବଲପୁର) କ୍ରି. (ତୁଳ. ଏହି ଅର୍ଥରେ ହି. ଜୁତ୍‌ନା)—ଚଷିବା—
Jutbā
To plough up (a land).

ଜୁଆ—ଦେ. ବି. (ସଂ. ଦ୍ୟୁତ; ପ୍ରା. ଜୁଅ)—୧ । ଜୁଆ ଖେଳ—
Juta 1. Gambling.
জুয়া
୨ । (ସଂ. ଯୁଗ ବା ଯୋକ୍ତ୍ର ପ୍ରା. ଜୋତ୍ତ)—
जुआ
ଶଗଡ଼ ବା ଲଙ୍ଗଳକୁ ଯୁଆଳି ମଝିରେ ବାନ୍ଧିବାପାଇଁ ବ୍ୟବହୃତ ରଜ୍ଜୁ; ଜୋତ; ଯୁଗବନ୍ଧନ ରଜ୍ଜୁ—
জোত
2. Rope for tying the shaft of the cart or plough to the middle of the yoke.
जोत

ଜୋତା—ଦେ. ବି. (ସଂ. ଯୁକ୍ତ; ପ୍ରା. ଜୁତ୍ତ; ତୁଳ. ସଂ. ପାଦୁକା; ସଂ. ଯୋକ୍ତ୍ର=ଚର୍ମ ଦଉଡ଼ି)—
Jutā
ସଂ. ନାମ—ଉପାନହ, ପାଦୁକା, ପାଦତ୍ରାଣ
୧ । ଚର୍ମ ପାଦୁକା; ଜୋତା—
1. Shoes; slippers.
জুতা, জুতো
୨ । ଜୋତା ଦ୍ୱାରା ମାଡ଼—
जूता, जूती, जोड़ा
2. Shoe-beating.
ପ୍ରାଚୀନ ଓଡ଼ିଆ—ପାଣ୍ଡୋଇ
ପ୍ରାଚୀନ ବ—ପାନଇ.
ମି. ଜୋତା
[ଦ୍ର—ସଂ. ଯୋକ୍ତ୍ର ଅର୍ଥ ବାନ୍ଧିବା ଚମଦଉଡ଼ା, ଏଥିରୁ ଜୁତା ବା ଜୋତା ଶବ୍ଦର ଉତ୍ପତ୍ତି ହୋଇଥିବ । ଆଗେ ଜୁତାକୁ ଚମ ଦଉଡ଼ିରେ ଗୋଡ଼ରେ ବାନ୍ଧୁଥିଲେ । ଜୁତା ଅନେକ ପ୍ରକାରର ଅଛି । ଯଥା—ଚଢ଼ାଉ, ବୁଟ୍, ଚଟି, ମରହଟ୍ଟି, ପମ୍ପସୁ, ଭଙ୍ଗୀ ଇତ୍ୟାଦି; ଜୁତାର ଉପକରଣ ଅନୁସାରେ ନାମ, ଯଥା—ରବର ଜୁତା, କନା ଜୁତା, କାନ୍‌ଭାସ୍ ଜୁତା, ଶମ୍ବର, ଉଲ, କାର୍ପେଟ୍ ଇତ୍ୟାଦି । ରଙ୍ଗ ଓ ଚମଡ଼ା ଅନୁସାରେ ନାମ ଯଥା—ବାର୍ଣ୍ଣିସ୍, ବାଦାମି, କଳା ଇତ୍ୟାଦି । ଜୁତାର ତଳ ଅଂଶକୁ 'ତଳା', ଗୋଇଠି ଉପରେ ପଛ ଆଡ଼କୁ ଥିବା ଅଂଶକୁ 'ଏଡ଼ୀ ବା ଏଣ୍ଡୀ' ଓ ଜୁତାର ଅଗକୁ 'ଠୋକର' ଏବଂ ଗୋଡ଼ ଉପରେ ଜୁତାର ଯେଉଁ ଚମଡ଼ା ଥାଏ ତାକୁ ଉପର-ଚମଡ଼ା ବା ଉପରପଟ୍ଟି କହନ୍ତି; ଭାରତରେ ପ୍ରାଚୀନ କାଳରୁ ଜୁତାର ବ୍ୟବହାର ଅଛି ; ମହାଭାରତ ଅନୁଶାସନ ପର୍ବରେ ଗୋଟିଏ ଉପାଖ୍ୟାନ ଅଛି ଯେ ସୂର୍ଯ୍ୟଦେବ ଜମଦଗ୍ନି ଋଷିଙ୍କୁ ଖରାରୁ ଶରୀରକୁ ରକ୍ଷା କରିବା ପାଇଁ ଯୋଡ଼ାଏ ଜୁତା ଓ ଖଣ୍ଡିଏ ଛତା ଦେଇଥିଲେ (ଦ୍ର. ଶବ୍ଦସାଗର) । ଓଡ଼ିଶାର ମନ୍ଦିରମାନଙ୍କର ଖୋଦିତ ପ୍ରସ୍ତରମାନଙ୍କରେ ଜୁତା ପିନ୍ଧିଥିବା ଲୋକଙ୍କ ଚିତ୍ର ଦେଖାଯାଏ; ଉତ୍କଳର ବ୍ରାହ୍ମଣବାଳକ ଉପନୟନ ପରେ ବ୍ରହ୍ମଚାରୀ ବେଶରେ ଭିକ୍ଷାଅର୍ଥ କରିଯିବା ବେଳେ ମରହଟ୍ଟି ଜୁତା ମାଡ଼ନ୍ତି ଓ ତାଳପତ୍ର ଛତା ଧରନ୍ତି ।]
୩ । ଶଗଡ଼ ବା ଲଙ୍ଗଳ ଦଉଡ଼ା—
3. Rope for tying the shaft of the cart or plough to the yoke.
ପ୍ରାଦେ. (ସମ୍ବଲପୁର) ବି—ଜୋତ ଦଉଡ଼ି; ଯୁଆଳି ସଙ୍ଗେ ବଳଦ ବେକକୁ ଯେଉଁ ଦଉଡ଼ିରେ ବନ୍ଧାଯାଏ—
Rope for tying the bullock's neck to the yoke.

ଜୁତା ଉଠା(ଠେ)ଇବା—ଦେ. କ୍ରି—ଜୋତା ଉଠାଇବା (ଦେଖ)
Jutā uṭhā(ṭhe)ibā Jotā uṭhāibā (See)

ଜୁତାଏଡ଼ି(ଣ୍ଡି)—ଦେ. ବି—ଜୁତାର ତଳଭାଗର ଯେଉଁ ଅଂଶ ଗୋଇଠି ତଳେ ଥାଏ—The heel of a shoe.
Jutā-erḍi(ṇḍi)
জুতোর এড়ী
जूताका एड़ी

ଜୁତା କସିବା—ଦେ. କ୍ରି—ଜୁତାରେ ପ୍ରହାର କରିବା—
Jutā kasibā To strike or beat with the shoes; to drub with the shoes.
জুতান
जुतिआना

ଜୁତା ଖାଇବା—ଦେ. କ୍ରି—ଜୁତାରେ ପ୍ରହାର ଖାଇବା—
Jutā khāibā To be beaten with the shoes; to get a sound shoe-beating.
জুতা খাওয়া
जुता खाना

ଜୁତାଖିଆ—ଦେ. ବିଣ—୧ । (ଗାଳି ବିଶେଷ) ନିର୍ଲଜ୍ଜ—
Jutā-khiā 1. (a term of abuse) Shameless.
জুতাখোর
୨ । ଜୋତା ମାଡ଼ ଖାଇବାର ଉପଯୁକ୍ତ—
जुताखोर
2. Fit to be punished by drubbing with shoes.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍

ଜୁତା ଚଢ଼ା(ଢ଼େ)ଇବା—ଦେ. କ୍ରି—୧ । ଜୁତା ଦେବା (ଦେଖ)
Jutā chardhā(rdhe)ibā 1. Jutā debā (See)
জুতা চড়ান ୨ । ଜୋତା ପିନ୍ଧିବା—2. To put on shoes.
जुति चढाना

ଜୁତା ଚଢ଼ିବା—ଦେ. କ୍ରି—ଜୋତା ଦ୍ୱାରା ପ୍ରହାର ହେବା—
Jutā chardhibā Being beaten with shoes.
জুতা চড়া
जुता बैठना

ଜୁତା ଚାଟିବା—ଦେ. କ୍ରି—(ଲକ୍ଷଣାର୍ଥ) ପାଦଲେହନ କରିବା; ଖୋସାମଦ୍ କରିବା—
Jutā chātibā (figurative) To flatter.
জুতো চাটা
जुता चाटना

ଜୁତା ଦେବା—ଦେ. କ୍ରି—୧ । ଜୋତାରେ ପ୍ରହାର କରିବା—
Jutā debā 1. To strike or beat with the shoes.
জুতা দেওয়া
जुता देना ୨ । (ଲକ୍ଷଣାର୍ଥ) ମୁହଁତୋଡ଼ ଜବାବ ଦେଇ ଅପମାନିତ କରିବା—3. (figurative) To insult a person by speaking to his face.

ଜୁତାପାହାର—ଦେ. ବି—ଜୋତାଦ୍ୱାରା ଆଘାତ—
Jutā-pāhāra Shoe-beating.
জুতোর মার
जुतौंकी मार, जुतोकारी

ଜୁତାଫିତା—ଦେ. ବି—ଜୋତାରେ ବନ୍ଧା ହେବା ଫିତା—
Jutā-phitā Shoe-tape.

ଜୁତାବରଦାର—ଦେ. ବିଣ—ଜୁତାବୁହା (ଦେଖ)
Jutā-bar-dār Jutā-buhā (See)

ଜୁତା ବସିବା—ଦେ. କ୍ରି—ଜୁତା ଚଢ଼ିବା (ଦେଖ)
Jutā basibā Jutā chardhibā (See)

ଜୁତାବୁହା—ଦେ. ବିଣ—ପାଦୁକା-ବାହକ; ପ୍ରଭୁଙ୍କ ଜୋତାକୁ ବହନ କରିବା (ଭୃତ୍ୟ)—Shoe-bearer; (a servant) carrying the shoes of the master.
Jutā-buhā
জুতাবরদার
जुतिबरदार

ଜୁତାମାଡ଼—ଦେ. ବି—ଜୁତାପାହାର (ଦେଖ)
Jutā-mārda Jutā-pāhāra (See)

ଜୁତାମାଡ଼ଖିଆ—ଦେ. ବିଣ—ଜୋତାଖିଆ (ଦେଖ)
Jutā mārda-khiā Jutā-khiā (See)

ଜୁତା ମାରିବା—ଦେ. କ୍ରି—ଜୁତା ଦେବା (ଦେଖ)
Jutā māribā Jutā debā (See)

ଜୁତା ଲଗା(ଗେ)ଇବା—ଦେ. କ୍ରି—ଜୁତା ଦେବା (ଦେଖ)
Jutā lagā(ge)ibā Jutā debā (See)

ଜୁତାମିଶା ଗୋଇଠା—ଦେ. ବି—ଜୋତାପିନ୍ଧା ଗୋଡ଼ଦ୍ୱାରା ଗୋଇଠା—
Jutā-misā-goithā A kick with shoes on.

ଜୁତି—ସଂ. ବି—ବେଗ (ହି. ଶବ୍ଦସାଗର)—Speed; velocity.
Juti ଦେ. ବି. (ସଂ. ଜ୍ୟୋତିଃ; ଦ୍ୟୁତି)—
ଜ୍ୟୋତିଃ; ଦୀପ୍ତି; ତେଜଃ—Brightness, splendour; brilliance.

ଜୁତିଅ—ଗ୍ରା. ବି. (ସଂ. ଦ୍ୱିତୀୟ)—ଦୁତିଅ; ଶୂଦ୍ରମାନଙ୍କ ମଧ୍ୟରେ ବିଧବା-ବିବାହ ପ୍ରଥା—The custom of widow-marriage amongst the Śūdras.
Jutia

ଜୁତ୍ର—ଦେ. ବିଣ. (ସଂ. ଦ୍ୟୁତି)—୧ । ସୁନ୍ଦର—
Jutra Fine.

ଦେଖ ଦେଖ ସଖି ପଦ୍ମବୃନ୍ଦ ପନ୍ତ
ଧରଣୀର ପରେ କେଉଁ ଜୁତ୍ର । ଉପେନ୍ଦ୍ରଭଞ୍ଜ, ଲାବଣ୍ୟବତୀ ।

୨ । ରୁଚିକର—2. Tasteful.
୩ । ସୁବିଧାଜନକ—3. Convenient.
ଦେ. ବି—ଜୋତ୍ର (ଦେଖ)
Jotra (See)

ଜୁତ୍ରହୀନ—ଦେ. ବିଣ—ଜୋତ୍ରହୀନ (ଦେଖ)
Jutra-hīna. Jotra-hīna (See)

ଜୁଦା—ବୈଦେ. ବିଣ. (ଫା. ଜୁଦାହ୍)—୧ । ପୃଥକ୍; ଭିନ୍ନ; ସ୍ୱତନ୍ତ୍ର—
Judā 1. Separate; different.
জুদা ୨ । ପୃଥକାନ୍ନବାସ—
जुदा 2. Separated in mess and lodging.

ଜୁନ୍—ବୈଦେ. ବି. (ଇଂ)—ଇଂରାଜୀ ଗଣନାରେ ଷଷ୍ଠ ମାସ—
Jun Month of June.
জুন [ଦ୍ର—ଏହି ମାସ ପ୍ରାୟଶଃ ଜ୍ୟେଷ୍ଠ ମାସର ଶେଷ ୧୫ ଦିନ ଓ
जून ଆଷାଢ଼ମାସର ପ୍ରଥମ ୧୫ ଦିନରେ ପଡ଼େ ।]

ଜୁନା—ପ୍ରାଦେ. (ସମ୍ବଲପୁର ଓ କଳାହାଣ୍ଡି) ବିଣ. (ସଂ. ଜୀର୍ଣ୍ଣ)—
Junā ୧ । ଜୀର୍ଣ୍ଣ ଓ ପୁରୁଣା—1. Old and worn out.

ରଥ ଯାଉଥିଲେ ରଥ ଦେଖି ଯିମି
ଜୁନା ଟୁଣ ହଲଉଥ । ସମ୍ବଲପୁରୀ ଗୀତ ।

୨ । ଅତି ପୁରୁଣା—2. Very old.
ବି—ରାଜପୁତ ରାଜାମାନଙ୍କର ଭୁକ୍ତାବଶେଷ—
The remains of the partaken food of Rajput kings; the leavings of the table of kings.
[ଦ୍ର—ରାଜାମାନେ ସାମନ୍ତ ରାଜାମାନଙ୍କୁ ଏହି ଜୁନା ଦେଇ ସମ୍ମାନିତ କରନ୍ତି ।]

ଜୁନାଗଡ଼—ଦେ. ବି. (ନାମ)—ଗୁଜରାଟର ରାଜ୍ୟ ଓ ନଗରବିଶେଷ—
Junā-garda Name of a State and city in Gujerat.
জুনাগড় [ଦ୍ର—ଏହା କାଠିଆବାଡ଼ ମଧ୍ୟସ୍ଥିତ ଜୁନାଗଡ଼
जुनागढ़ ନାମକ କରଦ ରାଜ୍ୟର ରାଜଧାନୀ । ଗିର୍ଣ୍ଣାର ଓ ଦାତାର ନାମକ ଦୁଇ ପର୍ବତର ଅଧିତ୍ୟକାରେ ଉକ୍ତ ନଗର ସ୍ଥାପିତ ହୋଇଅଛି । ଏହା ପ୍ରାଚୀନ ଓ ନୂତନ ଦୁଇ ଭାଗରେ ବିଭକ୍ତ । ପ୍ରାଚୀନ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଧ' ନ ପାଇଲେ 'ଅଲ୍‌ବଧ' ଦେଖିବେ ।

ଦୁର୍ଗ ନଗରର ଅଳ୍ପଦୂରରେ ଅବସ୍ଥିତ । ଏଠାରେ ବୌଦ୍ଧ ଓ ଜୈନ ଯୁଗରେ ଖୋଦିତ ଅନେକ ଗୁମ୍ଫା ଅଛି ଓ ଗୋଟିଏ ମସଜିଦ୍ ମଧ୍ୟ ଅଛି । ନୂତନ ନଗର ବର୍ତ୍ତମାନ ମସ୍ତଫାବାଦ୍ ନାମରେ ଅଭିହିତ— ମଦନମୋହନ—ତୀର୍ଥଦର୍ଶନ ।]

ଜୁନାମାନ୍—ପ୍ରାଦେ. (ସିଂହଭୂମ) ବି—ଚୂନାମାଛ—
Junā-mān — Very small fish.

ଜୁନିଅର୍—ବୈଦେ. ବିଣ. (ଇଂ. ଜୁନିଅର୍)—
Juniar — ୧ । ବୟସ ବା କାର୍ଯ୍ୟକାଳ ଦୃଷ୍ଟିରେ ଶ୍ରେଷ୍ଠ—
জুনিঅর — 1. Junior in age or service.
जूनियर
(ଯିନିଅର୍—ଅପଭ୍ରଷ୍ଟ)

ଜୁବନ୍ଧ—ପ୍ରାଦେ. (ଗଞ୍ଜାମ) ବି—ଜଳର ପରିମାଣ ବା କ୍ଷେତ୍ରଫଳ—
Jubandha — The area of a field.

ଜୁବା—ଦେ. ବି—ଜୁବ୍ବା (ଦେଖ)
Jubā — Jubbā (See)

ଜୁବାନ୍—ଦେ. ବି ଓ ବିଣ—ଜୁଆନ୍ (ଦେଖ)
Jubān — Juān (See)

ଜୁବିଲି—ବୈଦେ. ବି. (ହେବ୍ରୁ ଭାଷାରୁ ଆଗତ; ଇଂ. ଜୁବିଲି)—
Jubili — ସ୍ଥାପନାଦିରେ ସ୍ଥାପନ କରିବାର ୫୦ ବର୍ଷ ପୂର୍ଣ୍ଣ ହେଲେ
জুবিলি — ଯେଉଁ ଉତ୍ସବ କରାଯାଏ—Jubilee.
जुबलि

ଜୁବ୍ବା—ବୈଦେ. ବି. (ଆ. ଜୁବା)—କାଖରୁ ଅଣ୍ଟା ପର୍ଯ୍ୟନ୍ତ ଲମ୍ବିବା ଖୋଲ
Jubbā — ମେଲା କୁର୍ତ୍ତା—A long vest or jacket.
জুব্বা
जुब्बा

ଜୁଭେନାଇଲ୍ ଅଫେଣ୍ଡର୍—ବୈଦେ. ବି· (ଇଂ)—ଅଦାଲତରେ ଦଣ୍ଡ-
Jubhenāil aphendar — ପ୍ରାପ୍ତ ଅପରାଧୀ ଯୁବକ ବା ବାଳକ—
Juvenile offender.

ଜୁମ୍—ଦେ. ବି. (ସଂ. ଯମକ; ଭୁଲ=ଆ. ଜମା)—
Jum — ୧ । ଯାତ୍ରାଆଦିରେ ବହୁ ଜନସମାଗମ—
জুম — 1. The gathering of a large crowd attracted
जुमना — by a show or performance.
୨ । ନିଶାର ଗାଢ଼ତା; ନିଶାର ମାଦକ ଜମିବା ଅବସ୍ଥା—
2. The state of intoxication reaching its pitch or climax.
୩ । ଆହ୍ଲାଦ; ଆନନ୍ଦ; ମଉଜ—
3. Amusement; glee.

ଜମକ୍—ଦେ. ବି (ସଂ. ଯମକ)—ଜୁମ୍ (ଦେଖ)—
Jumak — Jum (See)

ଜୁମକ୍ ନିଶା—ଦେ. ବି—୧ । ଗାଢ଼ତା ନିଶା—1. The climax
Jumak nisā — or pitch of intoxication.
୨ । ମଉଜିଆ ନିଶା—2. A state of delightful stupor while intoxicated.

ଜୁମର—ଦେ. ବି (ନାମ)—ସଂସ୍କୃତ ବ୍ୟାକରଣ ଗ୍ରନ୍ଥବିଶେଷ—
Jumara — Name of a grammatical work in Sanskrit read as a primer.
ଅମର ଜୁମର ନଠେଇ ଘୋଷ, ଅଇ ସବୁ ପାଠ ଗଇଲରେ ଶୋଷ—ପ୍ରବଚନ ।
[ଦ୍ର—ଏହାର ଅନ୍ୟ ନାମ 'ସଂକ୍ଷିପ୍ତସାର'; ଜୁମରନନ୍ଦୀ ଏହି ଗ୍ରନ୍ଥର ବୃତ୍ତି ରଚନା କରିଥିଲେ ବୋଲି, ଏହାକୁ ଜୁମର ବ୍ୟାକରଣ ମଧ୍ୟ କହନ୍ତି ।]

ଜୁମଲା—ବୈଦେ. ବି (ଆ. ଜୁମଲା)—ମୋଟ; ସମଷ୍ଟି—
Jumalā — Total.
জুমলা
जुमला

ଜୁମା—ବୈଦେ. ବି (ଆ. ଜୁମାହ୍)—(ମୁସଲମାନଙ୍କ) ଶୁକ୍ରବାର—
Jumā — Friday (according to the Mahomedans).
জুমা
जुमा
(ଜୁମ୍ମା—ଅନ୍ୟରୂପ)

ଜୁମା(ମେ)ଇବା—ଦେ. କ୍ରି (ଆ. ଜମା)—ଜମା କରିବା (ଦେଖ)
Jumā(me)ibā — Jamā karibā (See)
জুমান
जुमान

ଜୁମାନମାଜ୍—ବୈଦେ. ବି (ଆ. ଜୁମାହ୍+ନମାଜ୍)—ଶୁକ୍ରବାର ଦିନ
Jumā-nimāj — ମୁସଲମାନଙ୍କର ପାଠ କରିବା ସ୍ତବ—Friday-
জুমানমাজ — prayer of the Mahomedans.
जुमानमाज
(ଜୁମାନମାଜ—ଅନ୍ୟରୂପ)

ଜୁମାମସଜିଦ୍—ବୈଦେ. ବି (ଆ)—ଯେଉଁ ଭଜନାଳୟରେ ମୁସଲମାନ-
Jumā-masajid — ମାନେ ଶୁକ୍ରବାର ଦିନ ସମବେତ ହୋଇ ନମାଜ୍ ପଢ଼ନ୍ତି ବା ଭଜନ କରନ୍ତି—The mosque where Mahomedans assemble for Friday-prayer.
(ଜୁମ୍ମାମସଜିଦ୍—ଅନ୍ୟରୂପ) [ଦ୍ର—ଏହା ଆଗ୍ରାର ସୁନାମପ୍ରସିଦ୍ଧ ମସଜିଦ । କଟକ ନଗରର ବାଲୁବଜାରରେ ମୁସଲମାନ ବାଦଶାହ ଆରଙ୍ଗଜେବଙ୍କ ଅମଳରେ ନିର୍ମିତ ମସଜିଦକୁ ମଧ୍ୟ ଜୁମାମସଜିଦ୍ ବୋଲାଯାଏ । ଶୁକ୍ରବାର ମୁସଲମାନଙ୍କ ଭଜନର ପ୍ରଶସ୍ତ ଦିନ ।]

ଜୁମିବା—ଦେ. କ୍ରି (ଆ. ଜମା)—୧ । କୌଣସି ଘଟଣାକ୍ରମେ ବହୁଲୋକ
Jumibā — ଏକତ୍ର ହେବା—1. Gathering of a crowd
জুমা — on a certain occasion.
जुमना; जुमकना (ଯଥା—ଯାତ୍ରା ଜୁମିଛି=ଭଲ ଯାତ୍ରା ହେବାରୁ ବହୁଲୋକେ ଆକୃଷ୍ଟ ହୋଇ ତାହା ଦେଖିବାକୁ ଏକତ୍ର ହୋଇଛନ୍ତି । ସେହିପରି ନାଟ ଜୁମିଛି ଏବଂ ଗାଅଣା ବାଜଣା ଜୁମିଛି ଇତ୍ୟାଦି ବ୍ୟବହୃତ ହୁଏ ।)

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଶ୍ୟ	ଇଅ	ଙ	ନ୍

୨ । (ନିଶା) ଜମକ୍ ହେବା; ଗାଢ଼ ହେବା —
2. (intoxication) To reach its pitch.

ଜୁମି ରହିବା—ଦେ. କ୍ରି (ଆ. ଜମା)—ଏକ ସ୍ଥାନରେ ଦୃଢ଼ରୂପେ ସଂଲଗ୍ନ ହୋଇ ଜମି ରହିବା—To accumulate firmly at a place; to be heaped up at a place.
Jumi rahibā
জমে যাওয়া
जम जाना

ଜୁମିଲା—ବୈଦେ. ଅ (ଆ. ଜୁମ୍ଲ=ମୋଟ)—ବାବଦକୁ—
Jumilā Towards the account of; in part payment of.
জুমিলা
जुमला [ଦ୍ର—ମୋର ଟ ୧୦ଙ୍କା ପାଉଣା ବାବଦକୁ ଯେବେ ଟ ୪ଙ୍କା ପାଏଁ ତେବେ ଉକ୍ତ ୧୦ଙ୍କା ଜୁମିଲାକୁ ମୁଁ ଟ ୪ଙ୍କା ପାଇଲି ବୋଲିଯିବ; ଏହାର ସାଙ୍କେତିକ ଚିହ୍ନ । ଜ । ବା । ଯୁ ।]

ଜୁମେରତ୍—ବୈଦେ. ବି. (ଆ)—(ମୁସଲମାନଙ୍କର) ଗୁରୁବାର—
Jumerāt Thursday (according to Mahomedans.)
জুমেরাৎ
जुमेरात

ଜୁର୍—ପ୍ରାଦେ. (ସମ୍ବଲପୁର) ବି.—ଜୋଡ଼ି; ଜଳମୟ ସ୍ଥାନ—
Jur Marsh; marshy land.

ଜୁର—ଦେ. ବି. (ଫା. ଜୁଲ୍ମ=ଅତ୍ୟାଚାର; ଜୁର୍ମ=ଅପରାଧ ଅଥବା ସଂ. ଜୃ ଧାତୁ=ଜୀର୍ଣ୍ଣ ହେବା)—୧ । ବଳାତ୍କାର ହରଣ—
Jura 1. Snatching; forcible taking away.
୨ । ଲୁଟ—2. Looting; plundering.

ଅମ୍ବର ସୁରଙ୍କ ରମ୍ୟ ଦ୍ରବ୍ୟରଙ୍କ ପଣ ଶୁଣି ସିନ୍ଧୁର ଜୁରରେ ।
ବଇଦେହୀଶ, ସଙ୍ଗୀତ ।

୩ । ଅପବ୍ୟୟ—3. Waste; squandering.
୪ । ବିନାଶ; ଅସ୍ତବ୍ୟସ୍ତତା—
4. Depredation; destruction; devastation.
୫ । ଉଲଟପାଲଟ କରିବା; ଓଲଟପାଲଟ କରିବା—
5. Topsyturvification.

ଦେ. ବିଣ.—୧ । ବଳାତ୍କାର ଅପହୃତ—
1. Snatched away; forcibly taken.
୨ । ଲୁଣ୍ଠିତ—2. Looted; plundered.

ବହୁତ ଫଟାର ଧନ କର କେଶ ଜୁର.
ଭକ୍ତ. ବୈଦେହୀଶବିଳାସ ।

୩ । ଅପବ୍ୟୟିତ—3. Wasted; squandered.
୪ । ବିନଷ୍ଟ; ଅସ୍ତବ୍ୟସ୍ତ; ଛିନ୍ନଛତ୍ରପ—
4. Destroyed; devastated.

ଅଥୟ ବଉଦ୍ଧ କ୍ଷପକେ ଶସ୍ୟ କରିଣ ଜୁର ।
ମଧୁସୂଦନ. ଛନ୍ଦମାଳା ।

୫ । ଓଲଟ ପାଲଟ—
5. Topsyturvy; turned upside down.

ଜୁର କରା(ରେ)ଇବା—ଦେ. କ୍ରି.—ଜୁର କରିବାର ଣିଜନ୍ତ ରୂପ—
Jura karā(re)ibā Causative form of Jura karibā.

ଦୁ ରଥକୁ ମଠାରଣ କର କରଉବା । ଗ୍ରାଡ଼ୀ. ନଳଚରିତ ।

ଜୁର କରିବା—ଦେ. କ୍ରି.—୧ । ବଳାତ୍କାର ହରଣ କରିବା—
Jura karibā 1. To snatch away forcibly.
୨ । ଲୁଟିବା; ଲୁଟ କରିବା—
2. To loot; to plunder.

ରଣ ରତ୍ନଭଣ୍ଡାରକୁ ଜୁର୍ କାହିଁ ଚାଲା ।
ଉପେନ୍ଦ୍ର ଭଞ୍ଜ. କୋଟବ୍ରହ୍ମାଣ୍ଡସୁନ୍ଦରୀ ।

୩ । ବିନାଶ କରିବା; ଛିନ୍ନଛତ୍ରପ କରିବା—
3. To commit depredation; to devastate.
୧ । (ଲକ୍ଷଣାର୍ଥ) ଜିଣିବା—1. (figurative) To win.
୨ । ବଳ ପଡ଼ିବା—2. To exceed.

ଜୁରମାର—ଦେ. ବି.—୧ । ଲୁଟଖାଉ; ଇତସ୍ତତଃ ବିକ୍ଷେପ—
Jura-māra 1. Depredation; devastation.
୨ । ଲୁଟପାଟ—2. Plundering.
୩ । ବିନାଶ; ଚୂରମାର—3. Destruction
ବିଣ.—୧ । ବିନଷ୍ଟ—1. Devastated; destroyed.
୨ । ଲୁଣ୍ଠିତ—2. Looted.

ଜୁରି—ବୈଦେ. ବି. (ଇଂ)—ଅଦାଲତରେ ଜଜଙ୍କ ସହିତ ବସି ମକଦ୍ଦମା ବିଚାର କରିବା କାର୍ଯ୍ୟରେ ସହାୟତା କରିବା ନିମନ୍ତେ ବସିବା ବ୍ୟକ୍ତିଗଣ—
Juri Jury.
জুরি
जुरी
[ଦ୍ର—ସେସନ୍ ଜଜଙ୍କ ସଙ୍ଗେ ସାଧାରଣଙ୍କ ପ୍ରତିନିଧି ସ୍ୱରୂପ ଦୁଇ ଜଣରୁ ବାର ଜଣ ପର୍ଯ୍ୟନ୍ତ ଜୁରି ବସନ୍ତି ।]

ଜୁରିଆ—ଦେ. ବି.—ଯେ ଜୁର କରେ; ଲୁଟିଅଗ୍—
Juriā Dacoit; looter.
লুটিয়ারা
लुटेरा

ଜୁରିବା—ଦେ. କ୍ରି.—ଜୁର କରିବା (ଦେଖ)
Juribā Jura karibā (See)

ଜୁରୁ—ପ୍ରାଦେ. (କଟକ) ବି.—ଜୋକ—
Juru Leech.

ଜୁର୍ମ—ବୈଦେ. ବି.— (ଫା)—ଅପରାଧ—
Jurm Offence.
জর্ম
जुर्म

ଜୁର୍ମାନା—ବୈଦେ. ବି. (ଫା)—ଜୋରିମାନା; ଅର୍ଥଦଣ୍ଡ—
Jurmānā Fine
জরিমানা
जुरमाना

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ଚିହ୍ନିତ ବର୍ଣ୍ଣ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ।

ଜୁର୍ଲା—ପ୍ରାଦେ. (ବସ୍ତର) ବ.—ଅସରପା—
Jurlā Cockroach.

ଜୁଲ୍‌ଜୁଲ୍—ଦେ. ଅ.—(ସଂ. ଜ୍ୱଲ୍ଜ୍ୱଲ କିମ୍ବା ଜ୍ୱଲଜ୍ୱଲ)—
Jul-jul ୧ । ମିଟି ମିଟି କରି—
ଜଲ୍‌ଜଲ୍, ଜ୍ଵଲ୍‌ଜ୍ଵଲ୍ 2. In a peeping manner.
୨ । ମୃଦୁ ଦୃଷ୍ଟି କରି—2. With a sweet glance.
୩ । ସ୍ନିଗ୍ଧଭାବରେ ଅଶ୍ରୁ ପିଷ୍ଟରି (ଦୃଷ୍ଟି କରିବା)—
3. With repeated sweet glances.
୪ । ସ୍ନିଗ୍ଧଭାବରେ (ଆଲୋକ ଦେବା); ଜୁକ୍ ଜୁକ୍—
4. In a twinkling manner.
[ଦ୍ର—ଏ ଶବ୍ଦ କ୍ଷୁଦ୍ର ବସ୍ତୁର ଦୀପ୍ତିପ୍ରକାଶ ସୂଚନା କରେ । ଯଥା— କଅଁଳା ପିଲାଟି ସାପ ଅଡ଼କୁ ଜୁଲ୍‌ଜୁଲ୍ କରି ଚାହିଁଛି । ପ୍ରସ୍ତୀ ଦରବୁଢ଼ୀ ଭାବରେ ଜୁଲ୍‌ଜୁଲ୍ କରି ଚାହିଁଛି । ଜଳଜଳ କରି ଚାହିଁବାରେ ସ୍ନିଗ୍ଧତା ଭାବ ନାହିଁ ।
ଜଳଜଳ କରି ଚାହିଁବା = ମଟମଟ କରି ଚାହିଁବା
ଜୁଲୁଜୁଲୁ କରି ଚାହିଁବା = ମିଟିମିଟି କରି ଚାହିଁବା ।]

ଜୁଲ୍‌ଜୁଲା ପୋକ—ଦେ. ବ.—ଜୁଳୁଜୁଳା ପୋକ (ଦେଖ)
Jul-julā poka Julujulā poka (See)

ଜୁଲ୍‌ଫି—ଦେ. ବ - (ଫା. ଜୁଲ୍‌ଫି; ସଂ. ନାମ କାକପକ୍ଷ)—
Jul-pi ୧ । କପାଳ ପାଖରୁ ଲମ୍ବିତଭାବେ କର୍ଣ୍ଣମୂଳ ପର୍ଯ୍ୟନ୍ତ ଲମ୍ବିଥିବା
ଜୁଲ୍‌ଫି ଛୋଟ କୁଞ୍ଚିତ ବା ବକ୍ରାଗ୍ର କେଶଗୁଚ୍ଛ—1. Curling lock
जुल्फ of hair hanging down the sides of the temples of the head.
୨ । ଆଖିକୋଣ ଓ କାନ ମଧ୍ୟରେ ଲମ୍ବିଥିବା ସଯତ୍ନରକ୍ଷିତ କେଶଗୁଚ୍ଛ ବା କଳ୍ପୀ—2. Curled rings of hair hanging between the ends of the eyes and the ears.
୩ । ଗାଲମୁଞ୍ଛ—3. Whiskers.
୪ । ବବୁର ବାଳ—4. Bobbed hair.

ଜୁଲ୍‌ଫିକଟା—ଦେ. ବ.—୧ । କେଶ ବିନ୍ୟାସ କରିବା ସମୟରେ କାନ
Jul-pi-kaṭā ଓ ଚକ୍ଷୁ କୋଣ ମଧ୍ୟରେ କେତେକ ଲେଖାଏଁ ବାଳ
ଜୁଲଫି କାଟା ବା କଳ୍ପୀ ଛାଡ଼ିବା—1. To have a curl or
जुल्फ काटना ringlet of hair hanging down the sides between the eye and the ear.
୨ । ଗାଲମୁଞ୍ଛ—2. Whiskers.
ଜୁଲଫିକାଟା ବଣ.—କଳ୍ପୀ ଲମ୍ବାଇ ବିନ୍ୟସ୍ତ ହୋଇଥିବା
जुल्फवाला କେଶଯୁକ୍ତ—With a curl or ringlet of hair descending in front of the ear.

ଜୁଲ—ଦେ. ବ.—ଜୁଳୁକି (ଦେଖ)
Jula Juluki (See)

ଜୁଲକି—ଦେ. ବ—ଜୁଳୁକି (ଦେଖ)
Julaki Juluki (See).

ଜୁଲମ୍—ବୈଦେ. ବ (ଆ. ଜୁଲ୍‌ମ୍)—
Julam ୧ । ଉତ୍ପୀଡ଼ନ; ଅତ୍ୟାଚାର—
ଜୁଲମ 1. Oppression; high-handedness.
जुलम ମଙ୍ଗରାଜ କାହାରି ଉପରେ ଜୁଲମ କଲେ ସେ ଯଦି ସାଆନ୍ତାଣୀଙ୍କ କାନରେ ଦୁଃଖ କଥାଟା ଶୁଣାଇ ପାରିଲା—ତେବେ ଠିକ୍ । ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୨ । ବଳାତ୍କାର; ବଳପ୍ରୟୋଗ—
2. Use of criminal force.
୩ । ଉତ୍ପୀଡ଼ନଜନିତ କଷ୍ଟ—
3. Hardship due to oppression.
୪ । ନିଷ୍ଠୁରତା—4. Cruelty.
୫ । ଅନ୍ୟାୟ—5. Injustice.
ଦେ. ବଣ—ଅତିରିକ୍ତ; ବେଜାଯ୍—Excessive.
(ଯଥା—ଆମ ଉପରେ ଏ ବନ୍ଦୋବସ୍ତରେ ବହୁତ ଜୁଲମ୍ ଖଜଣା ଧାର୍ଯ୍ୟହେଲା ।)

ଜୁଲମ୍ କରିବା—ଦେ. କ୍ରି.—ଅତ୍ୟାଚାର କରିବା—
Julam kariba To oppress; to take violent measures.

ଜୁଲମ୍‌ଦାର୍—ବୈଦେ. ବଣ. (ଫା)—ଉତ୍ପୀଡ଼କ; ଅତ୍ୟାଚାରୀ—
Julam-dār Oppressive; tyrannous; high-handed.

ଜୁଲମ୍‌ବାଜ୍—ବୈଦେ. ବ (ଫା)—ଜୁଲମ୍‌ଦାର୍ (ଦେଖ)
Julam-bāj Julam-dār (See).

ଜୁଲମାନା—ପ୍ରା. ବୈଦେ. ବ (ଆ. ଜୁର୍‌ମାନା)—ଜୋରିମାନା; ଅର୍ଥଦଣ୍ଡ—
Julamanā Fine.

ଜୁଲା—ଦେ. ବ (ପ୍ରାଚୀନ)—(ସଂ. ଜ୍ୱାଳା)—୧ । ଜ୍ୱାଳା—
Julā 1. Distress; pangs.
୨ । ଚକ୍ଷୁର ତାରା—2. The pupil of the eye.
୩ । ତେଜ; ଦୀପ୍ତି—3. Brightness.
ବେଢ଼ କୋଣରେ କଲୁଲ ଜୁଲା ଥିଲେଟା—ପ୍ରାଚୀ. ବ୍ରହ୍ମନିରୂପଣଗୀତା ।

ଜୁଲା—ବୈଦେ. ବ (ଫା. ଜୌଲହ୍)—ମୁସଲମାନ ତନ୍ତୀ—
Julā Mahomedan weaver.
ଜୋଲଥଣୀ } ସ୍ତ୍ରୀ
ଜୁଲଥଣୀ }
[ଦ୍ର—କଟକ ସହରରେ ଜୁଲାସାହି ବୋଲି ବର୍ତ୍ତମାନ ଗୋଟିଏ ଗଳି ଅଛି ।]
জোলা
जुलाहा
(ଜୁଲ୍ଲା, ଜୋଲା, ଜୋଲ୍ହା—ଅନ୍ୟରୂପ)

ଜୁଲାଇ—ବୈଦେ. ବ (ଇଂ)—ଇଂରାଜୀ ଗଣନାରେ ୭ମ ମାସ—
Julāi Month of July.
ଜୁଲାଇ (ଦ୍ର—ଏହା ଓଡ଼ିଆ ଅଷାଢ଼-ଶ୍ରାବଣ)
जुलाई

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇସ୍ପ	ଉଅ	ଋ
୨	ଈ	ଊ	ରୁ	ଲୁ	ଏ୍	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଟ୍ୟ	ଇଅ	ଡ଼	ନ୍ନ

ଜୁଲାପ୍—ବୈଦେ. ବ (ଆ. ଜୁଲ୍ଲାବ୍; ଫା. ଜୁଲାବ୍; ପର୍ତ୍ତୁ. ଜଲାପା)—
Julāp ୧ । ରେଚ; ମଳଭେଦକ ଔଷଧ; ବିରେଚକ ଔଷଧ; ଯେଉଁ
জুলাপ; জোলাপ ଔଷଧ ଖାଇଲେ ଝାଡ଼ା ହୁଏ—
जुलाब 1. Purgative; a purge; a cathartic.
(ଜୁଲ୍ଲାପ୍, ଜୁଲାବ୍, ଜୁଲ୍ଲାବ୍—ଅନ୍ୟରୂପ)

[ଦ୍ର—ଫା. ଜୁଲାବ୍=ଗୋଲାପପାଣି; ଏହା ସାରକ ବା ମଳଭେଦକ ବୋଲି ଏହି ଅର୍ଥରେ ବ୍ୟବହୃତ । ଏଥିର ଅପଭ୍ରଂଶରେ ଆରବୀ ଓ ଉର୍ଦ୍ଦୁରେ ଜୁଲାବ୍ ଓ ଜୁଲ୍ଲାବ୍ ବ୍ୟବହୃତ ହୁଏ । ତୁଳ. ପର୍ତ୍ତୁଗିଜ୍. ଜଲାପା (Jalapa =ଅମେରିକାର ଜଲାପା ନାମକ ଗଛର ମୂଳଜାତ ମଳଭେଦକ ଔଷଧ ।]

୨ । କଲମ୍ବୀ ଆଦି ବର୍ଗର ଲତାବିଶେଷ—
2. Ipomoea Purga; Jalap.

[ଦ୍ର—ଏହାର ଆଦ୍ୟ ବାସ ଦକ୍ଷିଣ ଅମେରିକାର ମେକ୍ସିକୋ ଦେଶ; ଏହା ଏ ଦେଶକୁ ଅଣା ହୋଇ ଲାଗିଛି ଓ ମସୁରୀ ପାହାଡ଼ରେ ବୃକ୍ଷ ହେଉଅଛି । ଏହାର ମୂଳ ଜଲାପ (Jalap) ନାମରେ ଖ୍ୟାତ ଓ ବିରେଚକ । ଅନେକେ ଦେଶୀ ଜୁଲାପ ଗଛକୁ ଭଙ୍ଗୁରୀ କହନ୍ତି ।]

ଜୁଲାପ୍ ଦେବା—ଦେ. କ୍ରି—ଝାଡ଼ା କରାଇବା ପାଇଁ କୌଣସି ବ୍ୟକ୍ତିକୁ
Julāp debā ବିରେଚକଔଷଧ ପ୍ରୟୋଗ କରିବା—To administer purgative to a person.
জোলাপ দেওয়া
जुलाब देना

ଜୁଲାପ୍ ଧରିବା—ଦେ. କ୍ରି—ଝାଡ଼ାଔଷଧର ଗୁଣ ପ୍ରକାଶ ହୋଇ ଝାଡ଼ା
Julāp dharibā ହେବା—Purging due to a dose of
জোলাপ ধরা purgative; the taking effect of a purgative dose.

ଜୁଲାପ୍ ନେବା—ଦେ. କ୍ରି—ଝାଡ଼ା କରାଇବା ପାଇଁ ଔଷଧ ଖାଇବା—
Julāp nebā To take a purgative.
জোলাপ লওয়া
जुलाब लेना

ଜୁଲି—ଦେ. ବ. (ସଂ. ଚୁଲ୍ଲୀ; ନୟନଜୁଲି ବା ନୟନଜୋଡ଼
Juli ଶବ୍ଦରେ ବ୍ୟବହୃତ)—
জুলী ୧ । ପାଣି ଯିବାର ସରୁ ନାଳ ବା ମାହାଳ—
1. A narrow trench or shallow channel for flow of water.

ଜୁଲିକି—ଦେ. ବ—ଜୁଲୁକି (ଦେଖ)
Juliki Juḷuki (See)

ଜୁଲିପି—ବୈଦେ. ବ. (ଫା)—ଜୁଲ୍‌ପି (ଦେଖ)
Julipi Jul-pi (See)
(ଜୁଲ୍‌ଫି—ଅନ୍ୟରୂପ)

ଜୁଲୁ—ବୈଦେ. ବ. (ନାମ)—ଆଫ୍ରିକାର ଦକ୍ଷିଣାଂଶବାସୀ ବଳିଷ୍ଠ
Julu କୃଷ୍ଣାଙ୍ଗ ଜାତିବିଶେଷ—The Zulus.
জুলু [ଦ୍ର—ଏମାନଙ୍କ ଦେଶକୁ ଜୁଲୁଲଣ୍ଡ (Zululand)
जुलू ବୋଲାଯାଏ ।]

ଜୁଳୁକି—ଦେ. ବ—୧ । କବାଟରେ କଳଣୀକୁ ଅଟକାଇବାର ଲୁହା ବା
Juḷuki କାଠର ଅଙ୍କୁଡ଼ି; ଛୁଟକଣି; ଖିଳିଆ; ଝୁଡ଼ୁକା—
হাঁসকল 1. A wooden or iron hook to hold
कुलाबा; जमुरका the shutter-bar of a door; bolt of a door.

୨ । ଗାଈକୁ ଦୁହିଁବାବେଳେ ତାହାର ଆଗ ବା ପଛ ଗୋଡ଼କୁ ଛନ୍ଦିବା ଦଉଡ଼ି; ଛନ୍ଦଣୀ—2. A string used to tie up the two fore or hind legs of a cow while she is milked.

ଜୁଳୁକି କବାଟ—ଦେ. ବ—ଜଳାକବାଟ (ଦେଖ)—
Juḷuki-kabāṭa Jaḷā-kabāṭa (See)
ନବଗ୍ରହ ହୋଇଛନ୍ତି ଜୁଳୁକି କବାଟ—ପ୍ରାଚୀ, ବ୍ରହ୍ମାନନ୍ଦପଣ୍ଡିତ ।

ଜୁଳୁଜୁଳା ପୋକ—ଦେ. ବ (ସ. ଜ୍ୱଲ ଧାତୁ; ସ. ଜ୍ୟୋତିରିଙ୍ଗଣ)
Juḷujuḷā poka ଯେଉଁ ପୋକ ରାତିରେ ଜୁଳୁଜୁଳୁ କରେ;
জুলীপোকা; জুনীপোক ଖଦ୍ୟୋତ; ଜ୍ୟୋତିରିଙ୍ଗଣ—Firefly
जुगनू [ଦ୍ର—ବର୍ଣ୍ଣଭେଦରେ ଜୁଳୁଜୁଳାପୋକ
(ଜୁଳୁଜୁଳିଆପୋକ—ଅନ୍ୟରୂପ) ଚିହ୍ନପ୍ରକାର; ଯଥା—ଧଳା ଚିଳଦଣ୍ଡ ଓ ପାଣ୍ଡୁବର୍ଣ୍ଣ ।]

ଜୁଳୁଜୁଳୁ—ଦେ. ଅ—ଜୁଳ୍‌ଜୁଳ୍ (ଦେଖ)—
Juḷujuḷu Juḷjuḷ (See)

ଜୁଲୁପି—ବୈଦେ. ବ (ଫା)—ଜୁଲ୍‌ପି (ଦେଖ)
Julupi Jul-pi (See)
(ଜୁଲୁଫି—ଅନ୍ୟରୂପ)

ଜୁଲୁମ୍ (ଇତ୍ୟାଦି)—ବୈଦେ. ବ (ଆ)—ଜୁଲମ୍ ଇତ୍ୟାଦି (ଦେଖ)—
Julum (etc) Julam etc (See)

ଜୁଲୁସ୍—ବୈଦେ. ବ (ଆ.)—୧ । ସିଂହାସନାରୋହଣ—
Julus 1. Installation.
জুলুস ୨ । ଉତ୍ସବାଦି ଉପଲକ୍ଷେ ସମାରୋହ—
जुलूस 2. Grand display on the occasion of a rejoicing.
୩ । ଜାକଜମକ—3. Grandeur, show.
୪ । ଶୋଭାଯାତ୍ରା—4. Procession.

ଜୁଲ୍ଲା—ଦେ. ବ—ଜୁଲା (ଦେଖ)—
Jullā Juḷa (See)

ଜୁଷ୍ (ଧାତୁ)—ସଂ—ସେବା କରିବା—
Jush (root) To serve; to attend.

ଜୁଷ୍—ସଂ. ବ. (ଜୁଷ ଧାତୁ=ସେବା କରିବା+କର୍ତ୍ତୃ. କ୍ୱିପ୍)—
Jush ୧ । ସେବକ—1. Attendant, servant.
୨ । ସହାୟ—2. Helper.
୩ । ପ୍ରଣୟୀ—3. Lover.
୪ । ପୂଜକ—4. Worshipper

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଟା' ନ ପାଇଲେ 'ଅଣ୍ଟା' ଦେଖିବେ, 'ଅଲବଳ' ନ ପାଇଲେ 'ଅଲ୍‌ବଳ୍ଲ' ଦେଖିବେ ।

ଦେ. ବି. (ସଂ. ଜୂଷ)—ସୁରୁଆ; ଡାଲି, ମାଂସ ଆଦି ସିଝା ହୋଇ ଥିବା ପାଣି; ଝୋଳ—Broth; soup.
ଜୁସ୍
जुस

ଜୁଷ୍ଟ—ସଂ. ବିଣ. (ଜୁଷ୍ ଧାତୁ + କର୍ମ ତ)—୧ । ପୂଜିତ—
Jushta 1. Worshipped.
୨ । ସେବିତ—2. Followed; served; attended to.
୩ । ଉତ୍ସୃଷ୍ଟ—3. Dedicated.
୪ । ସନ୍ତୁଷ୍ଟ—4. Gratified; pleased.
୫ । ଉପକୃତ—5. Benefitted.
୬ । ଉଚ୍ଛିଷ୍ଟ—6. Left in the plate after meals.

ଜୁଷ୍ୟ—ସଂ. ବିଣ (ଜୁଷ୍ ଧାତୁ + କର୍ମ. ଯ)—୧ ସେବ୍ୟ—
Jushya 1. Fit to be served.
୨ । ପୂଜ୍ୟ; ଉପାସ୍ୟ—2. Fit to be worshipped.

ଜୁହା—ପ୍ରାଦେ. (ସିଂହଭୂମ) ବି—ଜୁଆ (ଦେଖ)
Juhā Juā (See)

ଜୁହାଁ—ପ୍ରାଦେ. (ଲଇଅ) ବି. (ସଂ. ଯୁକା; ଭୁଲ. ଏହି ଅର୍ଥରେ ହି. ଜୂଁ)
Juhā̃ ଉକୁଣି—Louse.

ଜୁହାଡ଼ି—ପ୍ରାଦେ. (ସିଂହଭୂମ) ବି—ଜୁଆଡ଼ି; ଦ୍ୟୂତାସକ୍ତ ବ୍ୟକ୍ତି—
Juhārdi Gambler.

ଜୁହାର—ଦେ. ବି.—(ସଂ. ଅବହାର=ଯୁଦ୍ଧାଦିର ସାମୟିକ ବିରାମ; ହି. ଶବ୍ଦସାଗର)—୧ । ଦଣ୍ଡବତ; ନମସ୍କାର; ଅଭିବାଦନ—
Juhāra
ଜୁହାର; জোহার 1. Salutation; a bow.
जुहार
୨ । ରାଜା ଆଦିଙ୍କୁ ଯୋଡ଼ହାତରେ ସାଷ୍ଟାଙ୍ଗ ନମସ୍କାର—2. Obeisance to a high personage with folded palms.
୩ । ଭୟରେ କୌଣସି ଦୁଷ୍ଟ ବ୍ୟକ୍ତିକୁ ନମସ୍କାରପୂର୍ବକ ତାହାଠାରୁ ଦୂରରେ ଅବସ୍ଥାନ—3. Keeping away from a wicked person, with folded hands, at a safe distance, through fear.
ଦ୍ରେଷ୍ଟ ସ୍ୱଧା ସ୍ୱଦେହାର ଆଉଁ ଅମରେ ନହାରକର କରନ୍ତି ଅହାର; ତାଙ୍କୁ ଜୁହାର । ଉପେନ୍ଦ୍ର ଭଞ୍ଜ. ପ୍ରେମସୁଧାନିଧି ।
ଅ—(ନମସ୍କାର କଲାବେଳେ ଉଚ୍ଚାରିତ ଶବ୍ଦ)—ମହାଶୟ, ନମସ୍କାର ! (Interj) Good morning! Good day!

ଜୁହାର କରିବା—ଦେ. କି—୧ । ନମସ୍କାର କରିବା—
Juhāra karibā 1. To bow down; to salute.
জুহার করা ୨ । ମାନ୍ୟ କରିବା—
जुहार करना 2. To show respect.
(ଜୁହାର ହେବା—ଅନ୍ୟରୂପ) ୩ । ହାତ ଯୋଡ଼ି ନେହୁରା କରିବା—3. To pray or beseech with folded hands.
୪ । କୌଣସି ବ୍ୟକ୍ତି ବା ବସ୍ତୁକୁ ଡର ନମସ୍କାରପୂର୍ବକ ଦୂରଛଡ଼ା ହୋଇ ରହିବା—4. To keep oneself at a safe distance from a person or thing with folded hands, through fear.
୫ । ହାର ମାନିବା; ଶଙ୍କି ରହିବା—
5. To submit; to yield; to admit defeat.
(ଯଥା—ଜୁହାର କରୁଛି ଭାଇ ! ମୁଁ କି ଏଥିକି ଭିଜିବି? ମତେ ଆଉ ଏଥିରେ ଜଞ୍ଜାଳରେ ପକାନା ।)

ଜୁହାରିବା—ଦେ. କି—୧ । ଜୁହାର କରିବା (ଦେଖ)—
Juhāribā 1. Juhāra karibā (See).
ଧରଣୀ ନନ୍ଦିର କହ ରବ ଘର ପୁଣି ତାଙ୍କୁ ନ ଜୁହାରିବାର । କବିସୂର୍ଯ୍ୟ, ରଭ୍ଲାକର ଦମ୍ଭ ।
୨ । ଭୟରେ କୌଣସି ବସ୍ତୁ ବା ବ୍ୟକ୍ତି(କୁ ନମସ୍କାର କରି ତା) ଠାରୁ ଦୂରରେ ରହିବା—2. To keep away from a person or thing through fear.
ମୁଁ ହାରିଲି ହେଲ ଏଡିକ ଗୋ
ଜୁହାରିଲି ଶ୍ୟାମ ପ୍ରୀତିକି ଗୋ—ପ୍ରାଚୀନ ସଙ୍ଗୀତ

ଜୁହାଲ—ପ୍ରାଦେ. (କଳାହାଣ୍ଡି) ବି.—ଶଗଡ଼ର ଜୁଆଳି—
Juhāla The yoke of a cart.

ଜୁହୁ—ସଂ. ବି (ହୁ ଧାତୁ = ହୋମ କରିବା + କରଣ କ୍ୱିପ୍)—
Juhu ଯଜ୍ଞୀୟ କାଷ୍ଠପାତ୍ରବିଶେଷ—A kind of wooden
(ଜୁହୂ—ଅନ୍ୟରୂପ) vessel used in vedic sacrifice.

ଜୁହ୍ନା—ପ୍ରାଦେ. (ସମ୍ବଲପୁର). ବିଣ – ଜୁନା (ଦେଖ)—
Juhnā Junā (See).

ଜୂ—ବୈ. ବି (ପ୍ରା. ଜୂ)—ଜୁ (ଦେଖ)—Ju (See).
Jū ସଂ. ବି (ଜୁ ଧାତୁ = ବେଗରେ ଗମନ କରିବା)—
୧ । (+ଅଧିକରଣ. କ୍ୱିପ୍)—ଆକାଶ—1. The sky.
୨ । (+କର୍ତ୍ତୃ. କ୍ୱିପ୍)—ସରସ୍ୱତୀ—2. The Goddess of learning.
୩ । ପିଶାଚୀ—3. Demoness.
୪ । (+ଭାବ. କ୍ୱିପ୍) ଶୀଘ୍ର ଗମନ—4. Swift movement.

ଜୂଟ୍ (ଧାତୁ)—ସଂ.—ଏକତ୍ର ହେବା; ଜମା ହେବା—To be massed
Jut (root) together; to be heaped

ଜୂଟ—ସଂ. ବି (ଜୂଟ୍ ଧାତୁ ଏକତ୍ର ହେବା + କର୍ତ୍ତୃ ଅ)—୧ । ଜଟା—
Jūta 1. Matted locks o hair gro n by ascetics.
୨ । ସମୂହ—2. Cluster; collection.
(ଯଥା— ଜଟାଜୂଟ ।)
୩ । ସ୍ତୂପ; ଗଦା—3. Mass; heap.
୪ । ବନ୍ଧନ—4. Tying up.

ଜୂଟକ—ସଂ. ବି (ଜୂଟ୍ ଧାତୁ ଏକତ୍ର ହେବା + କର୍ତ୍ତୃ. ଅକ)—
Jūtaka ଜୂଟ (ଦେଖ)
Jūta (See)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍	ଉଅ	ଋ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ	ଇଅ	ଈ	ଢ଼

ଜୁତ—ଦେ. ବି (ସଂ. ଦ୍ୟୂତ)—୧। ଜୁଆଖେଳ—
Jūta . 1. Gambling.
ଜୁତ ଯୁତ କଲେ ମନ କନ୍ୟା ପ୍ରଭୃତ—ଉକ୍ତ. ପ୍ରେମସୁଧାନିଧି।
୨। ପଶାଖେଳ—2. Play at dice.
ଜୁତରେ ଅଜ୍ଞାନ ସଜା ହୋଇଲେ ଜାଣ—ପ୍ରାଚୀ, ନଳଚରିତ।

ଜୁତି—ସଂ. ବି. (ଜୁ ଧାତୁ + ଭାବ. ତି)—୧। ଗତି—
Jūti 1. Motion.
୨। ବେଗ—2. Velocity; swiftness.

ଜୂର—ଦେ. ବି. ଓ ବିଣ—ଜୁର (ଦେଖ)
Jūra Jura (See)
ଜୀବନ ହରବ ତାହାର, ସବୁ ସମ୍ପଦ କର ଜୁର—
ଜଗନ୍ନାଥ ଭାଗବତ।

ଜୁରିବା—ଦେ. କ୍ରି—ଜୁର କରିବା (ଦେଖ)
Jūriba Jura kariba (See)
କାଳିକା। ଲସ୍ୟ ଜୁର ମୁନିଙ୍କର—ଭଣ, କୋଟିବ୍ରହ୍ମାଣ୍ଡସୁନ୍ଦରୀ।

ଜୂର୍ଣ୍ଣ—ସଂ. ବି—ଜୁଣ (ଦେଖ)
Jūrnna Juna (See)

ଜୂଷ (ଧାତୁ)—ସଂ—ବଧ କରିବା—
Jūsh (root) To kill.

ଜୂଷ—ସଂ. ବି. (ଜୂଷ୍ ଧାତୁ = ବଧ କରିବା + ସଜ୍ଞାର୍ଥ. ଅ)—କ୍ୱାଥ; ଅଣ; ଝୋଳ; ଡାଲି ଆଦିର ଅଣ—Broth; soup.
Jūsha

ଜୃନ୍ଭ (ଧାତୁ)—ସଂ.—ହାଇ ମାରିବା—
Jṛun-bh (root) To yawn.

ଜୃମ୍ଭ୍ (ଧାତୁ)—ସଂ—ଜୃନ୍ଭ୍ (ଦେଖ)
Jṛumbh (root) Jṛun-bh (See)

ଜୃମ୍ଭ—ସଂ. ବି. (ଜୃନ୍ଭ୍ ଧାତୁ + ଭାବ. ଅ)—୧। ହାଇ—
Jṛumbha 1. A yawn.
(ଜୃଂଭ—ଅନ୍ୟରୂପ) ୨। ହାଇ ମାରିବା—
2. Yawning; gaping.
୩। ଆଁ କରିବା; ମୁଖ ବ୍ୟାଦାନ—
3. Gaping of the mouth.
୪। ବ୍ୟାଦାନ; ବିକାଶ—
4. Opening; being widened; expansion.
୫। ସ୍ଫୁରଣ; ପ୍ରକାଶ—5. Manifestation.
୬। ଆଳସ୍ୟ—6. Idleness.
୭। ଆଳସ୍ୟରୁ ଉତ୍ପନ୍ନ ଜଡ଼ତା—
7. Inertness due to idleness.

ଜୃମ୍ଭକ—ସଂ. ବିଣ. (ଜୃନ୍ଭ୍ ଧାତୁ + କର୍ତ୍ତୃ. ଅକ)—
Jṛumbhaka ୧। ଯେ ସବୁଦା ହାଇ ମାରେ—
(ଜୃଂଭକ—ଅନ୍ୟରୂପ) 1. Gaping; yawning.
(ଜୃମ୍ଭିକା—ସ୍ତ୍ରୀ) ୨। ନିଦ୍ରାକାରକ—
2. Soporific; producing or causing sleep.
୩। ଆଳସ୍ୟକର—
3. Conducing to idleness.
ବି—ଦକ୍ଷପ୍ରଜାପତିଙ୍କ କନ୍ୟାଦ୍ୱୟଙ୍କ ଗର୍ଭରେ କୃଶାଶ୍ୱ ମହର୍ଷିଙ୍କ ଔରସଜାତ ଶତପୁତ୍ର (ଏମାନେ ଅସ୍ତ୍ରରୂପରେ ରାମାୟଣରେ ବର୍ଣ୍ଣିତ)—The hundred sons of sage Kṛuśāśwa born of the two daughters of Daksha, personifying weapons (mentioned in the Rāmāyaṇa).
[ଦ୍ର—ଏ ଅସ୍ତ୍ରମାନଙ୍କୁ କ୍ଷେପ କଲେ ଶତ୍ରୁମାନେ ନିଦ୍ରାରେ ଅଚେତନ ହୁଅନ୍ତି ।]

ଜୃମ୍ଭକାସ୍ତ୍ର—ସଂ. ବି. (ଜୃମ୍ଭକ + ଅସ୍ତ୍ର)—୧। କୃଶାଶ୍ୱ ମୁନିଙ୍କ ଶତ ପୁତ୍ର ଅଧିଷ୍ଠିତ ଅସ୍ତ୍ର—
Jṛumbhakāstra
1. The weapons presided over by the hundred sons of Kṛuśāśwa.
[ଦ୍ର—ରାମଚନ୍ଦ୍ର ତାଡ଼କା ଆଦି ରାକ୍ଷସଙ୍କୁ ବଧ କରିବା ସମୟରେ ବିଶ୍ୱାମିତ୍ର ପ୍ରସନ୍ନ ହୋଇ ପ୍ରୟୋଗମନ୍ତ୍ର ସହିତ ଏ ଅସ୍ତ୍ରମାନଙ୍କୁ ରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ଘୋର ତପସ୍ୟା ବଳରେ ବିଶ୍ୱାମିତ୍ର ଏ ଅସ୍ତ୍ରମାନଙ୍କୁ ଅଗ୍ନିଙ୍କଠାରୁ ପାଇଥିଲେ—ହ· ଶବ୍ଦସାଗର ।]
୨। ଯେଉଁ ଅସ୍ତ୍ର ଜୃମ୍ଭଣ କରାଏ; ଯେଉଁ ଅସ୍ତ୍ରରେ ଆହତ ଯୋଦ୍ଧୃଗଣ ନିଦ୍ରାରେ ଅବସନ୍ନ ହୋଇ ହାଇ ମାରନ୍ତି—2. The weapon which induces sleep on persons whom it strikes.

ଜୃମ୍ଭଣ—ସଂ. ବି. (ଜୃନ୍ଭ୍ ଧାତୁ + ଭାବ. ଅନ)—୧। ହାଇ ମାରିବା—
Jṛumbhaṇa 1. Act of gaping or yawning.
(ଜୃଂଭଣ—ଅନ୍ୟରୂପ) ୨। ହାଇ—2. A yawn.
୩। ପ୍ରକାଶ—3. Expansion; manifestation.
୪। ପ୍ରସ୍ଫୁଟନ—4. Opening.
୫। ଜଡ଼ତା; ଆଳସ୍ୟ—5. Idleness.
୬। ଅବସାଦ; ନିଦ୍ରା—6. Sleep.
୭। ମୁଖବ୍ୟାଦାନ—
7. Opening the mouth wide; gaping.

ଜୃମ୍ଭତ୍—ସଂ. ବିଣ. ପୁଂ. (ଜୃନ୍ଭ୍ ଧାତୁ + କର୍ତ୍ତୃ. ଅତ୍)—
Jṛumbat ୧। ବିକାଶପ୍ରାପ୍ତ; ପ୍ରସ୍ଫୁଟିତ; ପ୍ରକାଶମାନ—
(ଜୃଂଭତ୍—ଅନ୍ୟରୂପ) 1. Opened; manifest.
(ଜୃମ୍ଭତୀ—ସ୍ତ୍ରୀ) ୨। ହାଇ ମାରୁଥିବା—2. Yawning.

ଜୃମ୍ଭମାଣ—ସଂ. ବିଣ. ପୁଂ. (ଜୃନ୍ଭ୍ ଧାତୁ + କର୍ତ୍ତୃ. ଆନ)—
Jṛumbha-māṇa ୧। ଯେ ହାଇ ମାରୁଅଛି—1. Yawning.
(ଜୃଂଭମାଣ—ଅନ୍ୟରୂପ) ୨। ପ୍ରକାଶମାନ—2. Manifest.
(ଜୃମ୍ଭମାଣା—ସ୍ତ୍ରୀ) ୩। ଯେ ପାଟି ମେଲି କରିଅଛି; ଆଁ କରିଥିବା—
3. Gaping.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଗ୍ୟା' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ;

ଜୃମ୍ଭା— ସ ବି. (ଜୃମ୍ଭ୍ ଧାତୁ + ଭାବ. ଅ + ଆ)—ଜୃମ୍ଭ (ଦେଖ)
Jṛumbhā — Jṛumbha (See)

ଜୃମ୍ଭିକା—ସ. ବି. ସ୍ତ୍ରୀ. (ଜୃମ୍ଭ + ସ୍ୱାର୍ଥେ. କ + ସ୍ତ୍ରୀ. ଆ)—୧ । ହାଇ—
Jṛumbhikā — 1. A yawn.
୨ । ଆଳସ୍ୟ—2. Idleness.
୩ । ରୋଗବିଶେଷ—3. Name of a disease.
[ଦ୍ର—ଏ ରୋଗରେ ରୋଗୀ ଅଳସ ହୁଏ ଓ ଘନଘନ ହାଇ ମାରେ; ତାହାକୁ ଅବରୋଧ କରିବାରୁ ଏ ରୋଗ ଜନ୍ମେ— ହି. ଶବ୍ଦସାଗର ।]

ଜୃମ୍ଭିତ—ସ. ବିଣ. (ଜୃମ୍ଭ୍ ଧାତୁ + କର୍ତ୍ତୃ. ତ)—
Jṛumbhita — ୧ । ବିସ୍ଫାରିତ; ବିକାଶପ୍ରାପ୍ତ— 1. Expanded; opened.
(ଜୃମ୍ଭିତ—ଅନ୍ୟରୂପ)
(ଜୃମ୍ଭିତା—ସ୍ତ୍ରୀ) ୨ । ହାଇ ମାରୁଥିବା— 2. Gaping; yawning.
୩ । ମୁହଁ ଆଁ କରିବା— 3. With mouth wide agape.
୪ । ଚେଷ୍ଟିତ (ହି. ଶବ୍ଦସାଗର)—4. Exerting.
ସ. ବି. (+ ଭାବ. ତ)—୧ । ରମ୍ଭା (ହି. ଶବ୍ଦସାଗର) — 1. Plantain.
୨ । ସ୍ଫୋଟନ (ହି. ଶବ୍ଦସାଗର)—2. Cracking.
୩ । ସ୍ତ୍ରୀମାନଙ୍କର ଇଚ୍ଛା ବା ଇଚ୍ଛା (ହି. ଶବ୍ଦସାଗର) — 3. The desire or longing of females.

ଜେ—ଦେ. ଅ. (ସ. ଜୟ)—(ଧନ୍ୟବାଦ, ଅଭିବାଦନ, ସମ୍ମାନ ପ୍ରଦର୍ଶନ, କୃତଜ୍ଞତା ଜ୍ଞାପନାର୍ଥ ବ୍ୟବହୃତ—(Interjection used in thanksgiving, making obeisance, showing respect and gratitude)
Je
जय
जय; जै
୧ । ଆପଣଙ୍କର (ବା ଅମୁକଙ୍କର) ଜୟ ହେଉ— 1. Glory to Thee in the highest !.
୨ । ନମସ୍କାର ମହାଶୟ !— 2. Obeisance to Thee !.
୩ । ଆପଣଙ୍କୁ ଧନ୍ୟବାଦ—3. Thanks to Thee !.

ଜେଇଁ ଜାଇଁ ରଖିବା—ଦେ· କି. (ସ. ଜୀବନ)—ନାନା ଉପାୟ ଅବଲମ୍ବନପୂର୍ବକ କୌଣସି ପ୍ରାଣୀ ବା ବୃକ୍ଷ ଆଦିକୁ ସଜୀବ ରଖିବା—
Jeiñ jaiñ rakhibā
বাঁচিয়ে রাখা
जीलाकर रखना — To keep a plant or animal alive anyhow.

ଜେଇଁବା—ଗ୍ରା. କି. (ସ. ଜୀବ ଧାତୁ)—୧ । ଜୀଇଁବା—
Jeiñbā — 1. To live.
জিওঁ
जिलाना ୨ । ଜୀଅଁଇବା— 1. To cause to live.

ଜେଉଟ—ଦେ. ବି (ସ. ଡହୁ)—ଅଳ୍ପ ଅମ୍ଳ ସ୍ୱାଦୁଯୁକ୍ତ ଫଳ ଓ ତାହାର ବୃକ୍ଷ ବିଶେଷ—A tree bearing sourish edible fruits like mangosteen; the monkey jack; Artocarpus Lacooch Anthochynus Pictorius; Stalagmites Pictoria (Fallon).
Jeuṭa
ସ. ଲକୁଚ; କ୍ଷୁଦ୍ରପନସ; ଲିକୁଚ; ଲକୁଚ; ଡହୁ; ଡହୁ; ଶୈଗ୍ରବଟ; ଅମ୍ଳକ; ଲକୁଚ; କଷାଯ୍ରୀ; ଦୃଢ଼ବଳ୍କଳ; କଷାଯ୍ରୀ; ଶାଲ; ଶୂର; ସ୍ଥୂଳସ୍କନ୍ଧ
ମ. ବଟାରଫଳ, କ୍ଷୁଦ୍ରଫଣସ
ଗୁ. ଲକୁଚ
(ଜେଉଠ—ଅନ୍ୟରୂପ)
মাঁদার; ডেঁফল, ডেলো-মান্দার, মাদার; ডহুয়া
डाहो, बढ़ाल ,धाबा, बड़हर

ଆମ୍ବ ପନସ ପୁନ୍ନାଗ ଜେଉଠ,
ବେଲ ବରୁଣ କପିଥ ପ୍ରକଟ ।
ବଣ୍ଣନାଥ. ବଉଦ୍ଧବମାସ୍ୱଣ

[ଦ୍ର—ଏହା ଉଦ୍ୟାନଜାତ ବୃକ୍ଷବିଶେଷ, ପତ୍ରମାନ ଡମ୍ବିରପତ୍ର ଭଳି, କଣ୍ଟା ଅପେକ୍ଷାକୃତ କ୍ଷୁଦ୍ର ଓ ଗୋଲାକାର; ଫଳମାନ ଅଳ୍ପ ଆକାରର ଓ ବହୁ ସ୍ଥାନରେ ଲୁଞ୍ଚି ଓ ଲୁଞ୍ଚିତ; ପାଚିଲେ ହଳଦିଆ ହୁଏ; ବର୍ଷା ସମୟରେ ଫଳେ । ଫଳ ଈଷତ୍ ଅମ୍ଳ ସେବନୀୟ । ବୈଦ୍ୟଶାସ୍ତ୍ର ମତରେ ଅପକ୍ୱ ଫଳ ଉଷ୍ଣବୀର୍ଯ୍ୟ, ଗୁରୁ, ବିଷ୍ଟମ୍ଭକାରକ, ତ୍ରିଦୋଷଜନକ, ରକ୍ତକାରକ, ଶୁକ୍ରଘ୍ନ, ଅଗ୍ନିନାଶକ ଓ ଚକ୍ଷୁର ହିତକର । ପାଚିଲା ଫଳ ବାୟୁ, ପିତ୍ତ, କଫ, ଅଗ୍ନି ଓ ବିଷ୍ଟମ୍ଭକର, ରୁଚିକର ଓ ଶୁକ୍ରଜନକ ।]

ଜେଏର୍‌ବାର୍—ବିଦେ. ବିଣ (ଫା. ଜେର୍‌ବାର୍)—ଜେର୍‌ବାର୍ (ଦେଖ)
Je-er-bār — Jer-bār (See).
(ଜେଏର୍‌ବାର୍—ଅନ୍ୟରୂପ)

ଜେଗା (ଇତ୍ୟାଦି)—ଗ୍ରା. ବି—ଜାଗା ଇତ୍ୟାଦି (ଦେଖ)
Jegā (etc) — Jāgā etc (See).
ସେତେ ସେ ଜେଗାରୁ ଫିଟିଲି ଗାଇ—ସ୍ତ୍ରୀଗୀ. ପଦ୍ମଲୋଗୀତା ।

ଜେଜି—ଦେ. ବି. ପୁଂ ଓ ସ୍ତ୍ରୀ (ସ. ଜ୍ୟେଷ୍ଠ)—୧ । ପିତାମହ— 1. Grandfather.
Jeji
୨ । ପିତାମହୀ—2. Grandmother.

ଜେଜି ବାପା—ଦେ. ବି. ପୁଂ (ସ.ଜ୍ୟେଷ୍ଠ)—ପିତାମହ; ଗୋସାଇଁ ବାପା— Grandfather.
Jeji bāpā
বড় দাদা; ঠাকুর দাদা
दादा

ଜେଜି ମା—ଦେ. ବି. ସ୍ତ୍ରୀ—ପିତାମହୀ; ବୁଢ଼ୀମାଆ— Grandmother.
Jeji mā
दीदीमा
दादी
(ଜେଜିମାଆ—ଅନ୍ୟରୂପ)

ଜେଜୀ—ଦେ. ବି. ସ୍ତ୍ରୀ—ପିତାମହୀ; ବୁଢ଼ୀମାଆ— Grandmother.
Jej
दीदीमा
दादी
× × × ଘର ଭିତରକୁ ଯାଇ ମାକୁ ଅଉ ଜେଜୀକୁ × × × ଖବର ଦେଲା ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୧	ଇ	ଢ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇପ୍ର	ଓଅ	ଓ
୧	ଈ	ଊ	ରୁ	ଲୁ	ପ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	କ୍ଷ୍ୟ	ଯ	ସ	ଗଁ୍ୟ	ଇଅ	ଔ	ନ୍

ଜେଜେ—ବୈଦେ. ଅ—ଜେ (ଦେଖ)
Jeje — Je (See)
ଦେ. ବ—୧ । ପିତାମହ—1. Grandfather.
୨। ଦେବତା—2. Deity.
୩. ମାନ୍ୟ ବ୍ୟକ୍ତି—3. Honoured, respected or revered person.
ଦେ. ବଣ—ମାନାର୍ହ; ପୂଜାର୍ହ—
Honourable; respectable.

ଜେଜେ କରିବା—ଦେ. କ୍ରି—ନମସ୍କାର ବା ପ୍ରଣାମ କରିବା—
Jeje kariba — To bow down; to salute.

ଜେଜେକାର—ଦେ. ବ. (ସଂ. ଜୟଜୟକାର)—
Jeje-kāra — ଧନ୍ୟବାଦାର୍ଥକ ସ୍ତୁତିଗାନ; ଜୟ ଜୟ ଧ୍ୱନି—
জয়জয়কার — Songs of praise; hallelujahs.
जैजैकार

ଜେଜେ ନାନୀ—ଦେ. ବ. ସ୍ତ୍ରୀ—୧ । ଜ୍ୟେଷ୍ଠା ଭଗିନୀ—
Jeje nāni — 1. Elder sister.
दीदी — ୨ । ପିଉସୀ; ପିତାଙ୍କର ଭଉଣୀ—
जीजी — 2. Aunt; sister of one's father.

ଜେଜେ ବା—ପ୍ରାଦେ. (ବାଲେଶ୍ୱର) ବ—ଜେଜେ ବାପା—
Jeje bā — Grandfather.

ଜେଜେ ବାପା—ଦେ. ବ—ଜେଜି ବାପା (ଦେଖ)—
Jeje bāpā — Jeji bāpā (See)

ଜେଜେ ଭାଇ—ଦେ. ବ. (ସଂ. ଜ୍ୟେଷ୍ଠ ଭ୍ରାତା)—
Jeje bhāi — ଜ୍ୟେଷ୍ଠ ଭାଇ—
বড়দাদা — The eldest brother.
बड़दादा

ଜେଜେ ଭାଇନା—ଦେ. ବ. (ବ୍ରାହ୍ମଣଙ୍କ ବ୍ୟବହୃତ ଶବ୍ଦ)—
Jeje bhāinā — ଜେଜେ ଭାଇ (ଦେଖ)
ଜେଜେ ଭାଇନନା, ଜେଜେ ଭାଇନାଁ } ଅନ୍ୟରୂପ — Jejebhāi (See)

ଜେଜେ ମା—ଦେ ବ—ଜେଜି ମା (ଦେଖ)
Jeje mā — Jeji mā (See)
(ଜେଜେ ମାଆ—ଅନ୍ୟରୂପ)

ଜେଟି—ବୈଦେ. ବ. (ଇଂ. ଜେଟ୍ଟୀ)—ଜାହାଜ ବା ବୋଟରୁ କୂଳକୁ ମାଲ
Jeti — ବା ମନୁଷ୍ୟ ଉତାରିବା ପାଇଁ ତିଆରିବା ମଞ୍ଚ—Jetty.
জেটি
जेटी
(ଜେଟ୍ଟି—ଅନ୍ୟରୂପ)

ଜେଠପା—ଗ୍ରା. (ଉତ୍ତର) ବ. (ସଂ.ଜ୍ୟେଷ୍ଠତାତ, ଶୂଦ୍ରମାନଙ୍କ ବ୍ୟବହୃତ)-
Jeṭhapā — ଜ୍ୟେଷ୍ଠତାତ—Father's elder brother.
জেঠা

ଜେଠ ଶଶୁର—ଗ୍ରା. ବ. ପୁଂ. (ସଂ. ଜ୍ୟେଷ୍ଠ+ଶ୍ୱଶୁର)—
Jeṭha śaśura — ସ୍ୱାମୀ ବା ସ୍ତ୍ରୀଙ୍କ ଜ୍ୟେଷ୍ଠତାତ—
জেঠশশুর — Father-in-law's elder brother.

ଜେଠ ଶାଶୁ—ଗ୍ରା. ବ. ସ୍ତ୍ରୀ. (ସଂ. ଜ୍ୟେଷ୍ଠ+ଶ୍ୱଶ୍ରୂ)—
Jeṭha śāśu — ଜେଠେଇ ଶାଶୁ; ଶାଶୁଙ୍କର ବଡ଼ଜାଆ—
জেঠশাশু — Elder sister-in-law of mother-in-law; the wife of the elder brother of one's father-in-law.

ଜେଠା—ଗ୍ରା. ବ. (ସଂ. ଜ୍ୟେଷ୍ଠତାତ)—ପିତାଙ୍କ ଜ୍ୟେଷ୍ଠ ଭାଇ; ଜ୍ୟେଷ୍ଠ
Jeṭhā — ତାତ; ଦଦେଇ; ଜ୍ୟେଷ୍ଠ ପିତୃବ୍ୟ—Father's
জেঠতুতা, জেঠা — elder brother; elder paternal uncle.
ଦେ. ବଣ. (ବ)—୧ । ଫାଜିଲ—1. Braggart.
୨ । ପ୍ରଗଲ୍ଭ—2. Talkative.

ଜେଠାଇ—ଦେ. ବ. (ସଂ. ଜ୍ୟେଷ୍ଠ+ଅମ୍ବିକା)—
Jeṭhāi — ଜ୍ୟେଷ୍ଠ ପିତୃବ୍ୟ ପତ୍ନୀ—Elder aunt; wife
जेठाई — of one's elder paternal uncle.
(ଜେଠେଇ—ଅନ୍ୟରୂପ)

ଜେଠାଇ ମା—ଦେ. ବ. (ସଂ. ଜ୍ୟେଷ୍ଠା+ମାତା)—
Jeṭhāi mā — ୧ । ଜେଠାଇ (ଦେଖ)
ଜେଠାଇ ମାଆ, ଜେଠେଇ ମା } ଅନ୍ୟରୂପ — 1. Jeṭhāi (See)
୨ । ପିତାଙ୍କର ଜେଠାଇ—
2. Wife of the elder paternal uncle of one's father.

ଜେଠା ପୁଅ—ଗ୍ରା. ବ—ପିତାଙ୍କ ଜ୍ୟେଷ୍ଠ ଭ୍ରାତାଙ୍କ ପୁତ୍ର; ଦଦେଇଙ୍କ ପୁଅ—
Jeṭhā pua — One's elder cousin-brother; elder
জেঠতুতো ভাই — paternal uncle's son.

ଜେଠୀ—ଗ୍ରା. ବ. (ସଂ. ଜ୍ୟେଷ୍ଠ)—
Jeṭhi — ୧ । ବଣିଆମାନଙ୍କ ବଂଶଗତ ଉପାଧି ବିଶେଷ—
1. A family-title of goldsmiths.
୨ । ସ୍ତ୍ରୀଙ୍କ ବଡ଼ ଭଉଣୀ; ଦେଢ଼ଶାଶୁ—
2. Wife's elder sister.

ଜେଠେଇ—ଦେ. ବ. ସ୍ତ୍ରୀ—ଜେଠାଇ (ଦେଖ)
Jeṭhei — Jeṭhāi (See)

ଜେଠେଇ ମା—ଦେ. ବ. ସ୍ତ୍ରୀ—ଜେଠାଇ ମା (ଦେଖ)—
Jeṭhei mā — Jeṭhāi mā (See)
(ଜେଠେଇ ମାଆ—ଅନ୍ୟରୂପ)

ଜେଡ଼ ଶାଶୁ—ଗ୍ରା. ବ. ସ୍ତ୍ରୀ—ଜେଠୀ ୨ (ଦେଖ)
Jerḍa śāśu — Jeṭhi 2 (See)

ଜେଡ଼ଶୁର—ଗ୍ରା. ବ. ପୁଂ. (ସଂ. ଜ୍ୟେଷ୍ଠ+ଶ୍ୱଶୁର)—
Jerḍaśura — ସ୍ୱାମୀଙ୍କ ବଡ଼ ଭାଇ—The elder brother of
ভাসুর, জেঠ — one's husband.

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍‌ର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଜେଡୁଟା—ଗ୍ରା. ବି. (ସଂ. ଜ୍ୟେଷ୍ଠତାତ)—ଜେଠା (ଦେଖ)
Jerdutā — Jeṭhā (See)

ଜେଡୁଟା ପୁଅ—ଗ୍ରା. ବି—ଜେଠା ପୁଅ (ଦେଖ)
Jerdutā pua — Jeṭhā pua (See)

ଜେଡୁଟାଶ୍ୱଶୁର—ଗ୍ରା. ବି. (ଜ୍ୟେଷ୍ଠ ଓ ଶ୍ୱଶୁର)—
Jerdutāśura — ଶ୍ୱଶୁରଙ୍କ ବଡ଼ ଭାଇ—
Elder brother of one's father-in-law.

ଜେଡୁଶୁର—ଗ୍ରା. ବି—ଜେଡ଼ଶୁର (ଦେଖ)
Jerdusura — Jerdaśura (See)

ଜେଣ୍ଡ୍ ଆଭେସ୍ତା—ବୈଦେ. ବି. (ପ୍ରାଚୀନ ଇରାନ୍ ଦେଶୀୟ ଭାଷା)—
Jend ābhestā — ପାରସୀମାନଙ୍କ ଧର୍ମଗ୍ରନ୍ଥ—The Scripture
ଜେନ୍ଦାଭେସ୍ତା — of the Parsees written in the
जेन्दाबेस्ता — ancient Eranian language.
(ଜେଣ୍ଡାଭେସ୍ଥା, ଜେଣ୍ଡାଭେସ୍ତା, ଜେନ୍ଦାଭେସ୍ତା—ଅନ୍ୟରୂପ)

ଜେତବ୍ୟ—ସଂ. ବଣ. (ଜି ଧାତୁ=ଜୟ କରିବା+କର୍ମ. ତବ୍ୟ)—
Jetabya — ଜେୟ; ଜୟଯୋଗ୍ୟ—To be conquered; conquerable; vincible.

ଜେତା—ସଂ. ବଣ. ପୁଂ. (ଜି ଧାତୁ=ଜୟ କରିବା+କର୍ତ୍ତୃ. ତ. ୧ମା. ୧ବ)-
Jetā — ୧ । ଯେ ଜୟ କରଥାଏ—1. Conquering.
୨ । ଜୟଯୁକ୍ତ; ଜୟଶୀଳ—2. Victorious.
ସଂ. ବି—୧ । ବିଷ୍ଣୁ (ଦ୍ର. ଶବ୍ଦସାଗର)—
1. A name of Bishnu.
୨ । ଜୟଲାଭ କରିଥିବା ବ୍ୟକ୍ତି—
2. Conqueror; victor.

ଜେନରଲ୍—ବୈଦେ. ବି. (ଇଂ. ଜେନେରାଲ)—ପଲଟଣଙ୍କ ସେନାପତି—
Jenaral — Commander; general of an army.
ଜେନେରାଲ — ବଣ—ସାଧାରଣ—General.
जनरल

ଜେନରଲ୍ ନମ୍ବର—ବୈଦେ. ବି. (ଇଂ. ଜେନେରାଲ୍=ସାଧାରଣ+ ନମ୍ବର=ସଂଖ୍ୟା)—
Jeneral nambar
ଲାଖରାଜ ବାହେଲ ସମ୍ପତ୍ତିର ଡାକ୍ତୋଟ ନମ୍ବର—
The general number given to every revenue-free estate in Orissa.
[ଦ୍ର—ଇଂରାଜମାନେ ଓଡ଼ିଶା ଅଧିକାର କରି ପ୍ରଥମ ରାଜସ୍ୱ ବନ୍ଦୋବସ୍ତ କରିବା ସମ୍ପର୍କରେ ଯେଉଁ ବ୍ୟକ୍ତିମାନେ ତାଙ୍କ ଦଖଲ ଜମିକୁ ରାଜସ୍ୱ ନ ଦେଇ ଦଖଲ କରିବାର ଦାବି କଲେ ଉକ୍ତ ଜମିମାନଙ୍କର ୧୮୪୨-୪୭ ସାଲରେ ଗୋଟିଏ ତାଲିକା କରି ଉକ୍ତ ଦାବିଦାର ବ୍ୟକ୍ତିମାନଙ୍କୁ ସେମାନଙ୍କର ସନନ୍ଦ ତଲବ କଲେ ଓ ଏପରି ଜମିର ତାଲିକା କରି ପ୍ରତ୍ୟେକ ଜମିର ଗୋଟିଏ ଲେଖାଏଁ କ୍ରମସଂଖ୍ୟା ଦେଇ ତହିଁ ପାଇଁ ଗୋଟିଏ ଗୋଟିଏ ମକଦ୍ଦମା ଦାଏର କଲେ । ସେହି ମକଦ୍ଦମାର କ୍ରମସଂଖ୍ୟା (ଜେନେରାଲ୍ ନମ୍ବର) ଅନୁସାରେ ସନନ୍ଦମାନ ପରୀକ୍ଷା କରି ଓ ଦାବିଦାରମାନଙ୍କଠାରୁ ପ୍ରମାଣ ନେଇ ଯେଉଁ ସମ୍ପତ୍ତିମାନଙ୍କ ସମ୍ବନ୍ଧେ ସନ୍ତୋଷଜନକ ପ୍ରମାଣ ପାଇଲେ ସେମାନଙ୍କୁ ଲାଖରାଜ ବାହେଲ (Confirmed Lakheraj) କଲେ ଓ ଉକ୍ତ ମକଦ୍ଦମାର ନମ୍ବର ଅନୁସାରେ ତଦବଧି ଉକ୍ତ ସମ୍ପତ୍ତିମାନ ଚିହ୍ନିତ ହୋଇ ଆସୁଅଛି । ଯେଉଁ ଜମିମାନଙ୍କ ସମ୍ବନ୍ଧେ ସନ୍ତୋଷଜନକ ପ୍ରମାଣ ନ ପାଇଲେ ସେମାନ ବାଜ୍ୟାପ୍ତ (Resumed lakheraj) କଲେ ଓ ତହିଁରେ ଖଜଣା ଧାର୍ଯ୍ୟ କରି ସେଥିରେ ଗୋଟିଏ ଲେଖାଏଁ ବିଶିଷ୍ଟ ନମ୍ବର (Special number) ସ୍ପେସିଆଲ ନମ୍ବର ଦେଲେ ।]

ଜେନା—ଦେ. ବି. (ସଂ. ଜି ଧାତୁରୁ)—୧ । ରାଜପୁତ୍ର—
Jenā — 1. Prince.
ଏହିରୂପେ ଭୂମିର ଦୁଃଶାସନ ଜେନା—କୃଷ୍ଣସିଂହ. ମହାଭାରତ. ବନ ।
୨ । କ୍ଷତ୍ରିୟମାନଙ୍କ ଉରସରୁ ସ୍ତ୍ରୀର ଗର୍ଭଜାତ ସନ୍ତାନମାନଙ୍କ ଉପାଧି—2. The title of illegitimate sons of Kshatriyas.
୩ । ଶୂଦ୍ର ଓ ଖଣ୍ଡାଏତମାନଙ୍କର ଉପାଧି—
3. A family-title of Khandāetas and Śūdras.
[ଦ୍ର—ମେଦିନୀପୁରରେ ଏହି ଉପାଧିଧାରୀ ଓଡ଼ିଆମାନେ ଏ ଉପାଧିକୁ 'ଜାନା' ଆକାରରେ ପରିଣତ କରିଅଛନ୍ତି ।]
୪ । ପାଣମାନଙ୍କର ବଂଶୋପାଧି—
4. Family-title of Pānas (an untouchable caste).

ଜେନାବଳି—ଦେ. ବି. ସ୍ତ୍ରୀ—ଗ୍ରାମଦେବୀବିଶେଷ—
Jenābali — Name of a village-Goddess.

ଜେନାମଣି—ଦେ. ବି—୧ । ରାଜପୁତ୍ର—
Jenāmani — 1. A prince.
୨ । ଯୁବରାଜ—2. The heir-apparent to the throne
ଅଉଜନଙ୍କୁ ଦୁଃଶାସନ ଜେନାମଣି
ଭୂମିର ଅଗ୍ରଜ ବାନ୍ଧିଲେ ଶରଶ୍ରେଣୀ—କୃଷ୍ଣସିଂହ, ମହାଭାରତ, ଭୀଷ୍ମ ।

ଜେପ୍‌ଲିନ୍—ବୈଦେ. ବି. (ଜର୍ମାନ୍ ନାମ ଜେପେଲିନ୍)—ବାୟୁ ଅପେକ୍ଷା
Jep-lin — ହାଲୁକା ଗ୍ୟାସଦ୍ୱାରା ପୂର୍ଣ୍ଣ ଗୋଟିଏ ବଡ଼ବମ୍ବାରେ
ଜେପେଲୀନ — ଝୁଲି ଯାଇ ପରିଚାଳିତ ଏକପ୍ରକାର ଉଡ଼ାଜାହାଜ—
ज़ेप्लीन — Zeppelin; air-ship
(ଜେପେଲୀନ୍—ଅନ୍ୟରୂପ) [ଦ୍ର—ଜର୍ମାନଦେଶବାସୀ କାଉଣ୍ଟ ଜେପେଲିନ୍ ନାମକ ଜଣେ ବ୍ୟକ୍ତି ଏହାର ଆବିଷ୍କାରକ ଥିଲେ । ପିକା ଆକାରର ଗୋଟିଏ ବଡ଼ ବମ୍ବା ମଧ୍ୟରେ ବାୟୁ ଅପେକ୍ଷା ହାଲୁକା ବାଷ୍ପ (ଯଥା, ହାଇଡ୍ରୋଜେନ୍) ପୁରାଇ ତହିଁ ତଳେ ଆରୋହୀଙ୍କୁ ବହନ କରିବା ଯାନ ବନ୍ଧା ଯାଏ ଓ ବାୟୁ ଅପେକ୍ଷା ଏହା ହାଲୁକା ଥିବାରୁ ଶୂନ୍ୟକୁ ଉଠେ ଏବଂ ମଟର ଯନ୍ତ୍ରଦ୍ୱାରା ଚାଳିତ ହୁଏ । ସବୁ ପ୍ରକାର ଆକାଶଯାନ ଅପେକ୍ଷା ଏହା ବଡ଼ ।]

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଷ,ଶ	ଜ୍ଞ	ଇସ୍	ଉଅ	ଊ
୧	ଈ	ଊ	ରୁ	ଲୁ	.ସେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଡ଼	ନ୍ବ

ଜେବ୍—ବୈଦେ. ବ. (ଆ. ଜେବ୍) ପ୍ରାଦେ. (ସମ୍ବଲପୁର ଓ ସିଂହଭୂମ)—
Jeb ଜୁବ୍ବାର ପକେଟ୍—Pocket of a coat.
ଜেব
जेब

ଜେବ୍‌ଘଡ଼ି—ବୈଦେ. ବ—ପକେଟରେ ରଖିବା ଛୋଟ ଘଡ଼ି—
Jeb-ghardi Watch; pocket-watch.
জেবঘড়ি
जेबघड़ी

ଜେ'ବା—ପ୍ରାଦେ. (ବାଲେଶ୍ୱର) ବ. ପୁଂ.—ଜେଜେବାପା—
Je'bā Grandfather.

ଜେବ୍ରା—ବୈଦେ. ବ. (ଇଂ.)—ଜିବ୍ରା (ଦେଖ)
Jebrā Jibrā (See)

ଜେମନ—ସଂ. ବ. (ଜମ୍ ଧାତୁ=ଭକ୍ଷଣ କରିବା+ଭାବ. ଅନ)—
Jemana ଭୋଜନ; ଖାଇବା—Eating.

ଜେମନାଳୟ—ସଂ. ବ. (ଜେମନ+ଆଳୟ;୬ଷ୍ଠୀ ତତ୍)—ଖାଦ୍ୟାଗାର;
Jemanālaya ହୋଟେଲ୍—Hotel; restaurant; dining room.

ଜେମା—ଦେ. ବ. ସ୍ତ୍ରୀ. (ସଂ. ଜାମା=କନ୍ୟା)—୧ । ରାଜପୁତ୍ରୀ—
Jemā 1. Princess; a king's daughter.
ଜୟ କାଞ୍ଚୀଜେମା ବଶ୍ୟମନୋରମା—ରଘୁନାଥ. ଚଉତିଶା ।
୨ । ସ୍ତ୍ରୀମାନଙ୍କ ନାମ—
2. A name given to females.

ଜେ'ମା—ପ୍ରାଦେ. (ବାଲେଶ୍ୱର) ବ. ସ୍ତ୍ରୀ—ଜେଜେ ମାଆ—
Je'mā Grandmother.

ଜେମା ଦେଈ—ଦେ. ବ. ସ୍ତ୍ରୀ—ଜେମା (ଦେଖ)
Jemā dei Jemā (See
ବୋଲନ୍ତେ ଶୁଣିମା ଶଶିସେଣା ଜେମାଦେଈ—ପ୍ରାଚୀ. ପ୍ରଭାତ, ଶଶିସେଣା ।

ଜେମାମଣି—ଦେ. ବ—ରାଜାଙ୍କ କନ୍ୟାଙ୍କ ପ୍ରତି ସ୍ନେହ ସମ୍ବୋଧନ—
Jemā-mani Name by which a princess is fondly addressed.

ଜେମି—ଦେ. ବ—'ଜେମା'ର ଗେହ୍ଲା ଡାକ ନାମ—A name by
Jemi which 'Jemā' is fondly called.

ଜେମିଖାଡ଼ି—ଦେ. ବ—ଜିମିଖାଡ଼ି (ଦେଖ)
Jemi-khārdi Jimi-khārdi (See)

ଜେୟ—ସଂ. ବଣ. (ଜି ଧାତୁ=ଜୟ କରିବା+କର୍ମ. ଯ)—ଜୟ
Jeya କରିବାର ଯୋଗ୍ୟ—Conquerable; fit to be conquered.

ଜେର—ବୈଦେ.ବ. (ଫା. ଜେର=ନିମ୍ନ; ଏହି ଅର୍ଥରୁ, ନିମ୍ନରେ ଲେଖା
Jer ଥିବା ହିସାବ)—ଏହି ପୃଷ୍ଠା ବା ସ୍ତମ୍ଭର ଶେଷରେ ସମଷ୍ଟି
জের କରାଯାଇ ଲେଖା ଥିବା ହିସାବ—Account totalled
जेर and written at the foot of a page or column.

ଜେରକଡ଼ି—ବୈଦେ. ବ. (ଫା)—ଘୋଡ଼ାର ଲଗାମର ଓଠ ତଳ
Jer-kardi ଅଂଶରୁ ପେଟ ତଳକୁ ଯାଇଥିବା ଚର୍ମରଜ୍ଜୁ (ଜେରବନ୍ଦ)
জেরকড়ি ରେ ସଲଗ୍ନ ମୁଦ୍ରା—A ring in a strip of
जेरकड़ी leather joining the horse's face with the breast-plate.

ଜେର ଗଡ଼ା(ଡ଼େ)ଇବା—ଦେ. କ୍ରି—ହିସାବ ଖାତାର ପୂର୍ବପୃଷ୍ଠାର
Jer gardā(rde)ibā ସର୍ବନିମ୍ନରେ ମୋଟ ହୋଇଥିବା ସଂଖ୍ୟାକୁ
জের গড়ান ଅପର ପୃଷ୍ଠାର ଅଗ୍ରକୁ ଆଣି ଲେଖିବା—To carry
जेर गड़ाना over an account or figure from the foot of the last page to the top of the next page.

ଜେର ଟାଣିବା—ଦେ. କ୍ରି—ଜେର ଗଡ଼ାଇବା (ଦେଖ)
Jer tāniba Jer gardāibā (See)
জের টানা

ଜେରବନ୍ଦ—ବୈଦେ. ବ. (ଫା)—ଘୋଡ଼ା ମୁହଁରୁ ପେଟ ତଳକୁ ଯାଇ
Jer-band ଥିବା ଚର୍ମରଜ୍ଜୁ—A strip of leather joining
জেরবন্দ the horses face to the breast-plate.
जेरबन्द

ଜେରବାର୍—ବୈଦେ. ବିଣ. (ଫା. ଜେର୍‌ବାର୍)—୧ । ଭାରାକ୍ରାନ୍ତ—
Jer-bār 1. Loaded; burdened.
জেরবার ୨ । କ୍ଲାନ୍ତ; ଶ୍ରାନ୍ତ—2. Exhausted.
जेरबार ୩ । ଋଣଗ୍ରସ୍ତ—3. Indebted.
(ଜେରବାରି—ବି) ୪ । ବୃଥା ବ୍ୟୟ ବା ଅପବ୍ୟୟଗ୍ରସ୍ତ—
4. Obliged to waste money; put to waste or squandering.
୫ । ଜର୍ଜରିତ; ଅଭିଭୂତ; ବିପନ୍ନ—5. Overwhelmed.
୬ । ହଇରାଣ—6. Troubled; afflicted.
୭ । କ୍ଷତିଗ୍ରସ୍ତ—7. Put to loss or damage.
୮ । ବିପନ୍ନ; ବିପଦଗ୍ରସ୍ତ—8. Endangered.
[ଦ୍ର—ବାଧ୍ୟ ହୋଇ ଅପବ୍ୟୟଗ୍ରସ୍ତ ହେବା ଅର୍ଥରେ ଏ ଶବ୍ଦ ବ୍ୟବହୃତ ହୁଏ ।]
ବି (ଫା. ଜେର୍‌ବାରି)—୧ । ଅପବ୍ୟୟ—1. Waste.
୨ । ବୃଥା ବ୍ୟୟ—2. Useless expense.
୩ । କ୍ଷତି—3. Loss.

ଜେରବାର୍ କରା(ରେ)ଇବା—ଦେ. କ୍ରି—ଅନ୍ୟବ୍ୟକ୍ତିଙ୍କୁ ଅପବ୍ୟୟରେ
Jer-bār karā(re)ibā ପକାଇବା—To cause waste of a person's money.
জেরবার করান
जेरबार करना

ଜେରବାର୍ କରିବା—ଦେ.କ୍ରି—ଅନ୍ୟ ବ୍ୟକ୍ତିଙ୍କୁ ଅପବ୍ୟୟରେ ପକାଇବା—
Jer-bār karibā To cause waste of a person's money; to put a person to improper expense.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଚଚ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଜେର୍‌ବାରରେ ପକା(କେ)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତିକୁ ଅପବ୍ୟୟରେ ପକାଇବା—To cause waste of a person's money.
Jer-bār-re pakā(ke)ibā
জেরবারে ফেলা
जेरबारमे फेँकना

ଜେର୍‌ବାର୍ ହେବା—ଦେ. କ୍ରି—ବାଧ୍ୟ ହୋଇ ଅପବ୍ୟୟଗ୍ରସ୍ତ ହେବା—To be obliged to waste money.
Jer-bār hebā
জেরবার হওয়া
जेरबार होना

ଜେର୍‌ବାରି—ବୈଦେ. ବଣ—ଯେ ଅନ୍ୟ ବ୍ୟକ୍ତିକୁ ଅପବ୍ୟୟଗ୍ରସ୍ତ କରାଏ—Causing another person to waste money.
Jer-bāri
জেরবারী
जेरबारी
ବୈଦେ. ବ—ବାଧ୍ୟ ହୋଇ ଅପବ୍ୟୟ କରିବା ଅବସ୍ଥା—The state of being obliged to incur loss and expense.

ଜେର୍‌ବାରିଆ—ବୈଦେ. ବଣ—ଜେର୍‌ବାରି (ଦେଖ) Jer-bāri (See)
Jer-bāriā

ଜେରା—ବୈଦେ. ବି. (ଅ. ଜିରହ୍)—ବିଚାରାଳୟରେ ଉପସ୍ଥିତ ସାକ୍ଷୀକୁ ଅପର ପକ୍ଷର କୂଟପ୍ରଶ୍ନ ଦ୍ୱାରା କରାଯିବା ପରୀକ୍ଷା—Cross-examination.
Jerā
জেরা
जिरह, जिरा

ଗୋଟାଏ ଗୋଟାଏ କଥା ଲୁଚାଇବାକୁ
ହେଲେ, ବୁଢ଼ୀ ଜେରାରେ ପଡ଼ିଗଲା । ଫକୀରମୋହନ, ଛମାଣ ଆଠଗୁଣ୍ଠ ।

ଜେରା କରିବା—ଦେ. କ୍ରି—ଅପର ପକ୍ଷରେ ସାକ୍ଷୀକୁ କୂଟପ୍ରଶ୍ନ କରିବା—To cross-examine or cross-question a witness in court.
Jerā karibā
জেরা করা
जिरह करना

ଜେରାରେ ପଡ଼ିଯିବା—ଦେ. କ୍ରି—ବିପକ୍ଷ ପକ୍ଷର କୂଟପ୍ରଶ୍ନର ଉତ୍ତର ଦେବାକୁ ଯାଇ ଘାବରେଇ ଯିବା—To be cornered in cross-examination.
Jerāre paṛḍi-jibā
জেরায় পড়েযাওয়া
जिरहमे घबराना

ଜେରୁଜାଲମ୍—ବୈଦେ. ବି. (ହେବ୍ରୁ. ନାମ. ଜେରୁସାଲେମ୍)—ଯିଶୁଖ୍ରୀଷ୍ଟ ଯେଉଁ ନଗରରେ ଜନ୍ମିଥିଲେ; ଆସିଆ ମହାଦେଶସ୍ଥ ତୁରସ୍କର ଗୋଟିଏ ନଗର; ଯୀଶୁଖ୍ରୀଷ୍ଟଙ୍କ ଜନ୍ମସ୍ଥାନ—Jerusalem; the birth-place of Jesus Christ.
Jerujālam
জেরুসালম
जेरुसालम
ଜେରଜାଲେମ୍ }
ଜେରୁସାଲେମ୍ } ଅନ୍ୟରୂପ

ଜେଲ୍—ବୈଦେ. ବି. (ଇଂ)—୧ । କାରାଗାର—1. Prison.
Jel
জেল
जेल
୨ । କଏଦ ଦଣ୍ଡ—2. Imprisonment.
୩ । କଏଦ ଦଣ୍ଡର ଆଜ୍ଞା—3. Order of imprisonment.

ଜେଲ୍ ୱାର୍ଡର୍—ବୈଦେ. ବି. (ଇଂ. ଜେଲ୍ + ୱାର୍ଡର୍)—ଜେଲ୍‌ଖାନାରେ କଇଦିଙ୍କୁ ଜଗିବା ସିପାହି—Jail-warder.
Jel uārḍar
জেল ওয়ার্ডর
जेल उवार्डर
ଜେଲ୍‌ଓ‌ଆର୍ଡର୍ }
ଜେଲ୍‌ୱାଡ଼ର୍ } ଅନ୍ୟରୂପ

ଜେଲ୍ ଖଟିବା—ଦେ. କ୍ରି—କାରାଦଣ୍ଡ ଭୋଗ କରିବା—To undergo a sentence of imprisonment.
Jel khaṭibā
জেল খাটা
जेल काटना
ଜେଲ୍ ଖାଟିବା }
ଜେଲ୍ ଭୋଗିବା } ଅନ୍ୟରୂପ

ଜେଲ୍ ଖଲାସ୍—ବୈଦେ. ବି. (ଇଂ. ଜେଲ୍; ହି. ଖଲାସ୍ = ମୁକ୍ତ)—କାରାମୁକ୍ତି—Release from imprisonment.
Jel khalās
জেল খলাস
जेल खलासि
ବୈଦେ. ବଣ—କାରାମୁକ୍ତ—Released from imprisonment.

ଜେଲ୍ ଖଲାସି—ବୈଦେ. ବ ଓ ବଣ—ଜେଲ୍ ଖଲାସ୍ (ଦେଖ) Jel khalās (See)
Jel khalāsi

ଜେଲ୍‌ଖାନା—ବୈଦେ. ବି. (ଇଂ. ଜେଲ୍ + ଫା. ଖାନା)—ଜେଲ୍ (ଦେଖ) Jel (See)
Jel-khānā
জেলখানা
जेलखाना

ଜେଲ୍ ଦଣ୍ଡ—ଦେ. ବି—କାରାଦଣ୍ଡ; କଏଦଦଣ୍ଡ; କାରାବାସ ଦଣ୍ଡ—The punishment of imprisonment.
Jel daṇḍa
জেলদণ্ড
जेल

ଜେଲ୍ ଦାରୋଗା—ବୈଦେ. ବି. (ଇଂ. ଜେଲ୍ + ଫା. ଦରୋଗା)—ଜେଲ୍‌ଖାନାରେ କଏଦୀମାନଙ୍କ ତତ୍ତ୍ୱାବଧାରକ କର୍ମଚାରୀ—Jail-superintendent.
Jel dārogā
জেল দারোগা
जेल दरोगा
(ଜେଲ୍‌ଦାରୁଗା—ଅନ୍ୟରୂପ)

ଜେଲ୍ ଦେବା—ଦେ. କ୍ରି—୧ । ଅସାମୀକୁ କାରାଦଣ୍ଡ ଭୋଗ କରିବାକୁ ପଠାଇବା—1 To send a person to jail.
Jel debā
জেল দেওয়া
जेल देना
୨ । କାରାଦଣ୍ଡ ଆଦେଶ ଦେବା—2. To pass a sentence of imprisonment.

ଜେଲ୍ ପାଇବା—ଦେ. କ୍ରି—୧ । କାରାଦଣ୍ଡରେ ଦଣ୍ଡିତ ହେବା—1. To be sentenced to imprisonment.
Jel pāibā
জেল পাওয়া
जेल पाना
୨ । କାରାଦଣ୍ଡ ଭୋଗ କରିବା—2. To undergo a sentence of imprisonment.
(ଜେଲ୍‌ଯିବା—ଅନ୍ୟରୂପ)

୧	ଇ	ଉ	ଋ,ୠ	ଓ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟୁ	ଉଅ	ଘ
୪	ଈ	ଊ	ଋ	ଳ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ତ

ଜେଲ ବାବୁ—ବୈଦେ. ବି. (ଇଂ. ଜେଲ୍+ବ. ବାବୁ)—
Jel bābu — ଜେଲ୍‌ଖାନାର ପ୍ରଧାନ କର୍ମଚାରୀ ବା ଅଧ୍ୟକ୍ଷ—
জেল বাবু — Jailer.
जेलका अफसर

ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ—ବୈଦେ. ବି. (ଇଂ)—ଜେଲଖାନାର ପ୍ରଧାନ
Jel suparintendent — ତତ୍ତ୍ୱାବଧାରକ—Jail superintendent.
জেল সুপরিণ্টেণ্ডেণ্ট
जेल सुपरिंटेंडट

ଜେଲ୍ ହୁକୁମ୍—ବୈଦେ. ବି. (ଇଂ. ଜେଲ୍+ଫା. ହୁକୁମ୍)—
Jel hukum — କଏଦ ଦଣ୍ଡ ପାଇବାର ଆଦେଶ ବା ସଜା—
জেল হুকুম — A sentence or conviction of
जेल हुक्म — imprisonment.

ଜେଲର—ବୈଦେ. ବି. (ଇଂ)—ଜେଲଖାନାର ପ୍ରଧାନ କର୍ମଚାରୀ ବା
Jelar — ଅଧ୍ୟକ୍ଷ—Jailer
জেলর
जेलर

ଜେଲାଟିନ୍—ବୈଦେ. ବି. (ଇଂ ଜେଲାଟିନ୍)—ଜୀବଜନ୍ତୁ ଓ ବିଶେଷତଃ
Jelātin — ମାଛଙ୍କ ହାଡ଼, କାତି ଓ ଚମଡ଼ାକୁ ସିଝାଇ ପ୍ରସ୍ତୁତ କରିବା
জেলাটিন — ଏକପ୍ରକାର ସ୍ୱଚ୍ଛ ଓ ଚକଚକିଆ ଅଠା—
जेलाटिन — Gelatin.
(ଜେଲେଟିନ୍—ଅନ୍ୟରୂପ)

[ଦ୍ର—ଏହାକୁ ପାଣିରେ ବତୁରାଇ ଉଷ୍ମ କଲେ ଏହା କାତୁଆ ଓ ଅଠାଳିଆ ହୁଏ, ଏବଂ ଶୁଖି ଗଲେ ଟାଣୁଆ ହୁଏ । ଏଥିରେ ନାନା ଖେଳନା ଓ ଛତା ଆଦିର ବେଣ୍ଟ ତିଆରି ହୁଏ ଓ ଏହା ଫଟୋଗ୍ରାଫ୍ କାର୍ଯ୍ୟରେ ବ୍ୟବହୃତ ହୁଏ ।]

ଜେଷ୍ଠ (ଇତ୍ୟାଦି)—ଦେ. ବିଣ.—(ସଂ. ଜ୍ୟେଷ୍ଠ)—ଜ୍ୟେଷ୍ଠ ଇତ୍ୟାଦି
Jeshta (etc) — (ଦେଖ) Jyeshtha etc (See)
ଜେଷ୍ଠ ଦେ. ବି.—(ସଂ. ଜୈ୍ୟଷ୍ଠ)—ଜୈ୍ୟଷ୍ଠ (ଦେଖ)
जेष्ठ — Jyaishtha (See)
(ଜେଷ୍ଟ—ଅନ୍ୟରୂପ)

ଜେ ହୁକୁମ୍—ଦେ. ଅବ୍ୟୟ ଓ ବିଣ.—ଜୋ ହୁକୁମ୍ (ଦେଖ)
Je hukum — Jo hukum (See)

ଜୈଗିଷବ୍ୟ—ସଂ. ବି.—(ନାମ) ମହାଭାରତୋକ୍ତ ଯୋଗଶାସ୍ତ୍ରବେତ୍ତା
Jaigishabya — ଅଭୂତକର୍ମୀ ଋଷିବିଶେଷ—
Name of a sage

[ଦ୍ର—ଅସିତ ଦେବଳ ନାମକ ଜଣେ ଋଷି ଆଦିତ୍ୟ ତୀର୍ଥରେ ବାସ କରୁଥିଲେ । ସେଠାରେ ଏ ଋଷି ଆସି ପହଞ୍ଚ କେତେ ଦିନ ଯୋଗସାଧନ କରିବାପରେ ସିଦ୍ଧି ଲାଭ କଲେ । ଏହାଙ୍କ ଯୋଗସିଦ୍ଧିର ମାହାତ୍ମ୍ୟ ପ୍ରତ୍ୟକ୍ଷଦ୍ୱାରା ଦେଖି ଅସିତ ଦେବଳ ଏହାଙ୍କ ଶିଷ୍ୟତ୍ୱ ଗ୍ରହଣ କରି ଯୋଗସିଦ୍ଧି ଲାଭ କଲେ । (ଦ୍ର: ଶବ୍ଦସାଗର ।]

ଜୈତ୍ର—ସଂ. ବିଣ. ପୁ. (ଜି ଧାତୁ=ଜୟ କରିବା+ଶୀଳାର୍ଥେ ତ୍ର)—
Jaitra — ୧ । ଜୟଶୀଳ—1. Victorious; triumphant.
(ଜୈତ୍ରୀ—ସ୍ତ୍ରୀ) ୨ । ଜୟକାରକ—Securing or bringing about victory.

ସଂ. ବି.—୧ । ପାରଦ—1. Mercury.
୨ । ଔଷଧ—2. Medicine; drug.
୩ । ରଥବିଶେଷ—3. A kind of car.

ଜୈତ୍ରମଣି—ସଂ. ବି. (କର୍ମଧା; ଜୈତ୍ର+ମଣି)—ଜୟପ୍ରଦ ମଣି;
Jaitra-mani — ଜୟକାରକ ମଣି; ଯେଉଁ ମଣିକୁ ପିନ୍ଧିବା ଲୋକ ଯତ୍ନେ ଶତ୍ରୁକୁ ଜୟ କରେ—A gem said to possess the quality of securing victory to the wearer.

ଶକ୍ର ଦର୍ପହାରୀ ଏହୁ ଜୈତ୍ରମଣି,
ଶିରୋମଣିରୂପେ ପିନ୍ଧିବୁ ଭୂମଣି । ରଘୁନାଥ: ନନ୍ଦୀକେଶ୍ୱରୀ ।

ଜୈତ୍ରୀ—ସଂ. ବି. ସ୍ତ୍ରୀ. (ଜୈତ୍ର+ସ୍ତ୍ରୀ)—ଜୟନ୍ତୀ (ବୃକ୍ଷ) (ଦେଖ)
Jaitri — Jayanti (tree) (See)

ଜୈନ—ସଂ. ବି. (ଜିନ+ଜ୍ଞାନାର୍ଥେ ଅ)—୧ । ଜିନ ମତାବଲମ୍ବୀ ବ୍ୟକ୍ତି
Jaina — 1. A Jaina; a person professing the
জৈন — Jaina faith (a faith akin to
जैन — Buddhism.)
୨ । ଜିନଙ୍କ ପ୍ରବର୍ତ୍ତିତ ଧର୍ମ—2. A religion or faith promulgated by saint Jina.

ସଂ. ବିଣ—ଜିନ ମୁନିଙ୍କ ସମ୍ବନ୍ଧୀୟ—
Relating to sage Jina.

ଜୈନ ଧର୍ମ—ସଂ. ବି.—ଜିନ ବା ଋଷଭଙ୍କ କର୍ତ୍ତୃକ ପ୍ରବର୍ତ୍ତିତ ଧର୍ମ—
Jaina dharma — The Jaina religion (akin to Buddhism.)

[ଦ୍ର—ଏହା ବୌଦ୍ଧଧର୍ମର ରୂପାନ୍ତର ବା ସମ୍ପ୍ରଦାୟବିଶେଷ ବୋଲି କେହି କେହି ଅନୁମାନ କରନ୍ତି । ଜୈନମାନେ ୩ ଶାଖାରେ ବିଭକ୍ତ; ଯଥା—ଦିଗମ୍ବର, ଶ୍ୱେତାମ୍ବର ଓ ସ୍ଥାନକବାସୀ । ଜୈନ ଧର୍ମଗ୍ରନ୍ଥ କଳ୍ପସୂତ୍ର ଓ ଆଗମ ଏହି ଦୁଇ ପ୍ରଧାନ ଭାଗରେ ବିଭକ୍ତ । ଏମାନଙ୍କର ପୂଜିତ ଦେବତା ଠିଆ ଉଲଗ୍ନ ମୂର୍ତ୍ତି । ଅହିଂସା ଓ ଜୀବରେ ଦୟା ଏ ଧର୍ମର ପ୍ରଧାନ ଶିକ୍ଷା; ଜୈନଧର୍ମ ବହୁ ପ୍ରାଚୀନ ଧର୍ମ ଥିବାର ଅନୁମିତ ହୁଏ । ବୁଦ୍ଧଦେବଙ୍କ ଜନ୍ମ ପୂର୍ବରୁ ଯେଉଁ ପର ୨୪ ଟି ବୁଦ୍ଧାବତାର ହୋଇଥିଲେ ସେହି ଜୈନମାନଙ୍କ ଅନ୍ତିମ ତୀର୍ଥଙ୍କର ମହାବୀରଙ୍କ (ଯେ ଖ୍ରୀ. ପୂ. ୫୨୭ରେ ନିର୍ବାଣପ୍ରାପ୍ତ ହୋଇଥିଲେ, ତାଙ୍କ) ପୂର୍ବରୁ ୨୪ଜଣ ତୀର୍ଥଙ୍କର ପୃଥିବୀରେ ଅବତୀର୍ଣ୍ଣ ହୋଇଥିଲେ । ଜୈନମାନେ ସେମାନଙ୍କ ଧର୍ମଶାସ୍ତ୍ରକୁ ଆଗମ ଓ ପୁରାଣ ଆଦିରେ ବିଭକ୍ତ କରିଅଛନ୍ତି । ଉଦୟଗିରି ଓ ଜୁନାଗଡ଼ର ଶିଳାଲିପିମାନଙ୍କରୁ ପାଶ୍ଚାତ୍ୟ ପଣ୍ଡିତମାନେ ଅନୁମାନ କରନ୍ତି ଯେ ବୌଦ୍ଧଧର୍ମ ପୂର୍ବରୁ ଜୈନଧର୍ମ ଭାରତବର୍ଷରେ ଚଳୁଥିଲା । ଜୈନମାନେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ବୋଲି ମାନନ୍ତି ନାହିଁ । ଏମାନେ ଜିନ ବା ଅର୍ହତଙ୍କୁ ଈଶ୍ୱର ବୋଲି ମାନନ୍ତି,

ସାଧାରଣ ଲୋକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷରେ ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଠ ସ୍ଥାନରେ ଚିହ୍ନିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; ଅର୍ଦ୍ଧ ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ତାଙ୍କ ଉପାସନା କରନ୍ତି ଓ ତାଙ୍କପାଇଁ ମନ୍ଦିର ତିଆରି କରନ୍ତି। ଋଷଭ ଜୈନମାନଙ୍କର ପ୍ରଥମ ତୀର୍ଥଙ୍କର। ଏହାଙ୍କୁ ହିନ୍ଦୁମାନେ ଭଗବାନଙ୍କ ୨୪ ଅବତାରରୁ ଏକ ବୋଲି ସ୍ୱୀକାର କରନ୍ତି। ମହାବୀର ତୀର୍ଥଙ୍କରମାନଙ୍କ ଉପଦେଶମାନ ସଙ୍କଳନ କରି ଜୈନ ଧର୍ମଗ୍ରନ୍ଥ ରଚନା କରିଥିଲେ। ଦିଗମ୍ବରମାନେ ଉଲଗ୍ନ ତୀର୍ଥଙ୍କରଙ୍କ ମୂର୍ତ୍ତି ପୂଜା କରନ୍ତି, ଶ୍ୱେତାମ୍ବରମାନେ କୌପୀନ ପରିହିତ ମୂର୍ତ୍ତି ପୂଜା କରନ୍ତି। ଜୀବ ଆପଣା କର୍ମ ଅନୁସାରେ ସୁଖ ଦୁଃଖ ଭୋଗ କରେ ବୋଲି ଜୈନମାନଙ୍କ ମତ। ହି. ଶବ୍ଦସାଗର]

ଜୈମି—ଦେ. ବି. (ସଂ. ଜୈନ)—ଜିନ ମତାବଲମ୍ବୀ—
Jaini A follower of the Jaina faith.
जैन
जैनी

ଜୈପାଳ—ସଂ. ବି.—କନକା (ଦେଖ)
Jaipāla Kanakā (See)

ଜୈବାତୃକ—ସଂ. ବି. (ଜୀବ୍ ଧାତୁ=ବଞ୍ଚିବା + କରଣ ଅତୃକ)—
Jaibātṛuka ୧। ଚନ୍ଦ୍ର—1. Moon.
୨। ପୁତ୍ର—2. Son.
୩। କର୍ପୂର—3. Camphor.
୪। ଔଷଧ—4 Medicine.
ସଂ. ବି.—୧। (କର୍ତ୍ତୃ ଅତୃକ) ଦୀର୍ଘାୟୁ—1. Long-lived.
୨। କୃଶ—2 Thin; lean.

ଜୈମିନି—ସଂ. ବି. (ନାମ)—ପୂର୍ବମୀମାଂସା ନାମକ ଦର୍ଶନଶାସ୍ତ୍ରର ପ୍ରଣେତା
Jaimini ଋଷି—The name of a sage, the founder of the Pūrba-mimāmsā school of Hindu philosophy.
[ଦ୍ର—ଏ ବ୍ୟାସଦେବଙ୍କର ୪ ମୁଖ୍ୟ ଶିଷ୍ୟମାନଙ୍କ ମଧ୍ୟରୁ ଏକ। ଏ ଭାରତସଂହିତା ନାମକ ଗ୍ରନ୍ଥ ରଚନା କରିଥିବାର କଥିତ ଅଛି। ଏହାଁର କେବଳ ଅଶ୍ୱମେଧ ପର୍ବ ମିଳିଅଛି। ବଜ୍ରପାତ କାଳରେ ଏହାଙ୍କ ନାମ ସ୍ମରଣ କରିବା ବ୍ୟକ୍ତି ଉପରେ ବଜ୍ର ପଡ଼େ ନାହିଁ। ବଜ୍ରବାରକ ଋଷି ୫ ଜଣ—ଜୈମିନି, ସୁମନ୍ତ, ବୈଶମ୍ପାୟନ, ପୁଲସ୍ତ୍ୟ, ପୁଲହ।]

ଜୈମିନି ଦର୍ଶନ—ସଂ. ବି—ଜୈମିନି ଋଷିକୃତ ବେଦର ପୂର୍ବମୀମାଂସା
Jaimini darśana ନାମକ ଦର୍ଶନ; ଶ୍ରୁତିସ୍ମୃତିର ବିରୋଧଭଞ୍ଜକ ଦର୍ଶନ ଶାସ୍ତ୍ର—The Pūrba-mimāmsā philosophy of sage Jaimini.

ଜୈମିନି ଭାରତ—ସଂ. ବି. (ଜୈମିନି + ଭାରତ; ୬ଷ୍ଠୀ ତତ୍)—
Jaimini bhārata ଜୈମିନି ମୁନିଙ୍କ ପ୍ରଣୀତ ମହାଭାରତ ଗ୍ରନ୍ଥ—
ଜୈମିନିଭାରତସଂହିତା } ଅନ୍ୟରୂପ The Mahābhārata
ଜୈମିନିମହାଭାରତ } written by sage Jaimini.
[ଦ୍ର—ଏହି ଗ୍ରନ୍ଥର ଅଶ୍ୱମେଧ ପର୍ବମାତ୍ର ମିଳିଅଛି।]

ଜୈଲ (ଇତ୍ୟାଦି)—ଗ୍ରା. ପ୍ରାଦେ. (ଗଞ୍ଜାମ) ବୈଦେ. ବି. (ଇଂ. ଜେଲ)—
Jaila (etc) ଜେଲ୍ ଇତ୍ୟାଦି (ଦେଖ)
Jel etc (See)

ଜୋ—ବୈଦେ. ବି. (ଫା. ଜୁ)—୧। ଜୁ (ଦେଖ)
Jo 1. Ju (See)
ଦେ. ବି. (ସଂ. ଯୋଗ) ଚାଷକର୍ମାଦିର ପ୍ରକୃତ ସୁଯୋଗ—
1 Fit time for sowing seed and doing other agricultural operations.
୨। ଜୋଓକାଠି; ତନ୍ତୁବାୟକର୍ତ୍ତୃକ ବ୍ୟବହୃତ ଯଷ୍ଟିବିଶେଷ, ଯଦ୍ଦ୍ୱାରା ଟାଣୀ ଓ ଭରଣୀ ସୂତାକୁ ଟାଣି ରଖାଯାଏ—3. The rods which a weaver uses for holding the warp and the woof during weaving.
୩। ଅବସର; ସୁବିଧା—4. Opportunity.

ଜୋଅଳ—ଦେ. ବି—ଜୁଅଳି (ଦେଖ)
Joala Juuli (See)
(ଜୋଆଳ—ଅନ୍ୟରୂପ)

ଜୋଆଳି—ଦେ. ବି—ଜୁଆଳି (ଦେଖ)
Joāli Juāli (See)

ଜୋଇ—ପ୍ରାଦେ—୧। (ଯାଜପୁର) ବି—ଜୁଇଗାଡ଼; ଚିତାଗର୍ତ୍ତ—
Joi The pit on which the cremation-pile is put.
୨। (ସମ୍ବଲପୁର) ବି. (ସଂ. ଜ୍ୟୋତି)—ଜୋଏ (ଦେଖ)
2 Joe (See)

ଜୋଇଁ (ଇତ୍ୟାଦି)—ଦେ. ବି. (ସଂ. ଜାମାତା)—
Joiṅ (etc) ଜୁଆଇଁ ଇତ୍ୟାଦି(ଦେଖ)
जामाई Juāiṅ etc (See)
जमाई

ଜୋଇଡେବି—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜ୍ୟୋତି + ଫା. ଡବା)—
Joi-debi ଦିଆସିଲି—Match-box.

ଜୋଇବା—ଦେ. କ୍ରି—ଜୁଆଇବା (ଦେଖ)
Joibā Juāibā (See)

ଜୋଏ—ପ୍ରାଦେ. (ସମ୍ବଲପୁର) ବି. (ସଂ. ଜ୍ୟୋତି)—
Joe ୧। ଅଗ୍ନି; ନିଆଁ—1. Fire.
୨। ଆଲୋକ—2. Light.

ଜୋଏଡେବି—ଦେ. ବି—ଦିଆସିଲି—
Joe debi Match-box.

ଜୋଏବା—ପ୍ରାଦେ. (ସମ୍ବଲପୁର)—ନିଆଁ ଲଗାଇବା; ଚୂଲି ଲଗାଇବା—
Joebā To kindle the fire.

ଜୋଏଲ୍—ପ୍ରାଦେ. (ସମ୍ବଲପୁର) ବି. (ସଂ. ଯୋଗ)—ଇତର ଜନ୍ତୁ-
Joel ମିଥୁନଙ୍କ ସଙ୍ଗମ; ଜୋଡ଼—Crossing of 2 animals.

*	ଈ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ରମ୍ଭ	ତ୍ଥ	ଣ୍ଣ
୨	ଇ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଥ	ଓ	ନ

ଜୋଏଲ୍ ଯିବା—ପ୍ରାଦେ. (ସମ୍ବଲପୁର) କ୍ରି.—(ଇତର ଜନ୍ତୁମିଥୁନ)
Joel jibā ସଙ୍ଗମ କରିବା; ଜୋଡ଼ ପଡ଼ିବା—
To breed or cross (said of animals).

ଜୋଏଲୁଠା—ପ୍ରାଦେ. (ସମ୍ବଲପୁର) ବି—ଅଲ୍ପଚକ୍ର; କୁମ୍ଭାରଚକ—
Joe-luṭhā Potter's wheel.

ଜୋଓକାଠି—ଦେ. ବି—ଜୋକାଠି (ଦେଖ)
Jo-okāṭhi Jo-kāṭhi (See)

ଜୋକ—ଦେ· ବି. (ସଂ. ଜଳୌକା)—ରକ୍ତଶୋଷକ ଜଳଚର ପଦହୀନ
Joka କୀଟବିଶେଷ—Leech.
ଜୋକ [ଦ୍ର—ସାଧାରଣତଃ ଜୋକ ଲମ୍ବରେ ୨ ଇଞ୍ଚ ପର୍ଯ୍ୟନ୍ତ
जोंक ବଢ଼ନ୍ତି; ଏମାନଙ୍କ ମୁହଁରେ ଗୋଟିଏ ଶୋଷଣଯନ୍ତ୍ର ଅଛି ।
ଏମାନେ ପ୍ରାଣିଦେହରେ ଲାଗିଗଲେ ସେହି ଯନ୍ତ୍ରଦ୍ୱାରା ଶରୀରସ୍ଥ
ରକ୍ତକୁ ଶୋଷି ଗଡ଼ ପରି ଫୁଲି ଯାଆନ୍ତି । ଏମାନେ ଦେହରେ ଥରେ
ଲାଗିଲେ ରକ୍ତ ଶୋଷି ସନ୍ତୁଷ୍ଟ ନ ହେବା ପର୍ଯ୍ୟନ୍ତ ଦେହରୁ
ଛାଡ଼ନ୍ତି ନାହିଁ; କିନ୍ତୁ ଏମାନେ ଶୋଷୁଥିବା ସ୍ଥାନରେ ଚୁଆଏ
ଲୁଣ ଲଗାଇଦେଲେ ଏମାନେ ସେ ସ୍ଥାନରୁ ଖସିପଡ଼ନ୍ତି । ଏମାନେ
ଜୋଡ଼, ଦଣ୍ଡିଆ ପୋଖରୀ, ଧାନ ବିଲ ପ୍ରଭୃତିରେ ଥାଆନ୍ତି ।
ସେଠାରେ କୌଣସି ଲୋକ ପାଣିରେ ପଶିଲେ ତା ଦେହରେ ଲାଗି-
ଯାଇ ରକ୍ତ ଶୋଷନ୍ତି । ଜାତିଁଷ ଓ ସହଷ ଭେଦରେ ଜୋକ ୧୨
ପ୍ରକାର । ସାଧାରଣତଃ ସାନ ଜୋକକୁ ଗାଇଆ ଓ ବଡ଼ ଜୋକକୁ
ମଇଁଷିଆ ଜୋକ ବୋଲାଯାଏ । ଯେବେ କୌଣସି ଲୋକ କୌଣସି
ବ୍ୟକ୍ତିର ଅର୍ଥ ଶୋଷଣ କରେ ଓ ତାହାର ସର୍ବନାଶ ନ ହେବା
ପର୍ଯ୍ୟନ୍ତ ତାକୁ ଛାଡ଼ି କରି ଯାଏ ନାହିଁ ସେସ୍ଥଳରେ ଲୋକେ କହନ୍ତି
'ପ୍ରଥମ ବ୍ୟକ୍ତି ୨ୟ ବ୍ୟକ୍ତିଙ୍କ ଠାରେ ଜୋକପରି ଲାଗିଛି' । ସମୁଦ୍ରରେ
ଏକପ୍ରକାର ଜୋକ ଅଛନ୍ତି । ସେମାନେ ୨୧ ଫୁଟ ପର୍ଯ୍ୟନ୍ତ ଲମ୍ବରେ
ବଢ଼ନ୍ତି; ହି· ଶବ୍ଦସାଗର ।]

ଜୋକା—ଦେ. ବି.—୧ । ଶର୍ଦ୍ଦିହେତୁ ଦାନ୍ତମୂଳରେ ହେବା ଫୁଲା;
Jokā ଜୋକିଆ—1. Swelling of the gums.
जोंको ୨ । ଦୁଇଅଡ଼େ ବଙ୍କାଗ୍ର ଏକପ୍ରକାର କଣ୍ଟା—
2. A nail hooked at both ends (to hold two planks or slabs tightly when both ends are driven into them.)

ଜୋ କାଠି—ଦେ. ବି.—(ସଂ. ଯୁଜ ଧାତୁ+କାଷ୍ଠ)—ଯେଉଁ କାଠିଦ୍ୱାରା
Jo kāṭhi ଲୁଗା ବୁଣା ହେଉଥିବା ସମୟରେ ଭରଣୀ ସୂତାର ଶେଷ
ମୁଣ୍ଡକୁ ଟାଣୀ ସହିତ ଟାଣିକରି ରଖା ଯାଏ—
Rod used in holding the warp-threads with the ends of the woof during weaving.

ଜୋକିଆ—ଦେ. ବି.—୧ । ଜୋକା (ଦେଖ)
Jokiā 1. Jokā (See)

୨ । ଓଲୁଆ (ଦେଖ)
2. Oluā (See)

ଜୋଖ—ଦେ. ବି.—୧ । (ସଂ. ଜୁଷ ଧାତୁ=ତର୍କଣା କରିବା)—ତୁଳନା;
Jokha ଉପମା—1. Comparison.
জুখ, জুঁখ; জোখ ୨ । ଓଜନ; ତଉଲ—
जोख 2. Weighment.
[ଦ୍ର—ଏହା ମାପ ଓ ଲେଖ ଶବ୍ଦ ସଙ୍ଗେ ସହଚର ରୂପେ
ବ୍ୟବହୃତ ହୁଏ; ଲେଖଜୋଖ, ମାପଜୋଖ ।]
জোড় (ସଂ. ଯୁଜ ଧାତୁ) ସନ୍ଧି ସ୍ଥଳ; ଦୁଇଟି ପଦାର୍ଥ ଯୋଗ ହୋଇ
जोड़ ଥିବା ସ୍ଥାନ—Joint; a place where two things are joined together.
୪ । (ସଂ. ଯଷ୍ଠ) ଜକ ୩।୪ (ଦେଖ)
4. Jaka 3 and 4 (See)
ଦେ. ବିଣ.—୧ । (ସଂ. ଯୋଗ୍ୟ) ତୁଲ୍ୟ; ସଦୃଶ—
1. Similar.
୨ । (ସଂ. ଯୁକ୍ତ; ପ୍ରା. ଜୁକ୍କ)—ଅନ୍ୟବସ୍ତୁ ସଙ୍ଗେ ଜୋଖା
ହୋଇଥିବା—2. Joined to another thing.

ଜୋଖମ—ଦେ. ବି. (ସଂ. ଯୋଗ; ସଂ. ଧୂକ୍ଷ ଧାତୁ=କ୍ଲେଶନ,
Jokham ଯୋଗେଷ୍ଟନ୍)—୧ । ଦାୟିତ୍ୱ—
জোখম 1. Responsibility.
जोखम, जोखिम ୨ । ଅନିଷ୍ଟ—2. Injury.
୩ । କ୍ଳେଶ; କଷ୍ଟ; ଦୁଃଖ—3. Hardship.

ଜୋଖମ୍‌ଦାର—ଦେ. ବିଣ.—୧ । ଯାହା ଉପରେ କୌଣସି ଦାୟିତ୍ୱ
Jokham-dār ଥାଏ; ଦାୟୀ (ବ୍ୟକ୍ତି)—
জোখমদার 1. Responsible (person).
जोखमदार ୨ । ଦାୟିତ୍ୱପୂର୍ଣ୍ଣ (କାର୍ଯ୍ୟ)—
2. (work) Entailing a grave responsibility.
୩ । ଯେ ବହୁ କଷ୍ଟ ସହେ—3. Undergoing much trouble or hardship.

ଜୋଖମୁହଁ—ଦେ. ବି.—ଜୋଡ଼ ମୁହଁ—The place or joint
Jokha-muhañ where a thing is joined with
জোড় another.
जोड़

ଜୋଖା—ଦେ. ବି. (ସଂ. ଜୁଷ ଧାତୁ=ଅନ୍ୱେଷଣ; ଉପଯୋଗ; ପରିତର୍କଣ)
Jokhā ୧ । ମୋଟାମୋଟି ପରିମାଣ; ମୋଟାମୋଟି ମାପ—
জোকা, জোখা, জোঁখা, জুখা 1. Rough measurement;
जोखाई estimate.
୨ । ହିସାବ ମିଳାଇବା—
2. Squaring up of an account.
୩ । (ସଂ. ଯୁଜ ଧାତୁ) ଗୋଟିଏ ପଦାର୍ଥରେ ଅନ୍ୟ ପଦାର୍ଥ
ଯୋଗ କରିବା—3. Adding or joining a thing to or with another.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତ ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଁଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

୪ । ତୁଳନ; ତୁଳନାକରଣ—4. Comparison.

୫ । ଜୋଡ଼; ମେଳ—5. Coincidence; tallying.

୬ । ଜୋକା (ଦେଖ)
6 Jokā (See)

୭ । (ସଂ. ଯକ୍ଷ)—ଜକ ୩,୪ (ଦେଖ)
7. Jaka 3,4 (See).

ଦେ. ବିଣ—୧ । ତୁଲ୍ୟ; ସଦୃଶ—1. Similar; equal.

୨ । (ସଂ. ଯୁଜ ଧାତୁ)—ଅନ୍ୟ ବସ୍ତୁରେ ଯୋଗ କରାଯାଇଥିବା—
2. Added to another thing.

୩ । ସଂଯୁକ୍ତ—3. United; joined together.

୪ । ଦୂରସମ୍ପର୍କୀୟ—4. Distantly related.

(ଯଥା—ସେ ମୋର ଲେଖା ଜୋଖା ବନ୍ଧୁ ଅଟନ୍ତି ।)

ଜୋଖା(ଖେ)ଇବା—ଦେ. କ୍ରି—ଜୋଖିବା କ୍ରିୟାର ଣିଜନ୍ତ ରୂପ—
Jokhā(khe)ibā — Causative form of the verb Jokhibā.
ଜୁଖାନ; ଜୋକାନ
जोखाना
ଜୋଡ଼ାଇବା—To cause to join.

ଜୋଖାଜୋଖି—ଦେ. ବି (ସହଚର)—ଜୋଡ଼ିବା କାର୍ଯ୍ୟାଦି—
Jokhā-jokhi — Acts of joining.
জোকাজোকি
जाँखाजाँखी

ଜୋଖାମୁହଁ—ଦେ. ବି—ଜୋଗମୁହଁ (ଦେଖ)
Jokhā-muhañ — Jokha-muhañ (See).

ଜୋଖିଆ—ଦେ. ବି—ଜୋକା (ଦେଖ)
Jokhiā — Jokā (See).

ଜୋଖିବା—ଦେ. କ୍ରି (ସଂ. ଜୁଷ ଧାତୁ=ତର୍କଣା କରିବା; ଅନୁମାନ
Jokhibā — କରିବା)—୧ । ଗଣନାକରିବା; ହିସାବ ମିଳାଇବା—
জুখা; জোকা — 1. To square up an account.
जौंखना

୨ । ମୋଟାମୋଟି ପରିମାଣ କରିବା—
2. To make a rough or tentative estimate or account.

୩ । ଉପମାଦେବା; ସ୍ଥୂଳତଃ ତୁଳନା କରିବା—
3. To compare roughly.

୪ । (ସଂ. ଯୁଜ ଧାତୁ; ଯୋଜନ) ଜୋଡ଼ିବା—
4. To unite.

୫ । କୌଣସି ବସ୍ତୁକୁ ଅନ୍ୟ ବସ୍ତୁରେ ଯୋଗ କରିବା—
5. To join a thing to another.

ଜୋଗଣ—ଦେ. ବି, (ସଂ. ଯୋଜନ; ତୁଳ; ସଂ. ଜେମନ=ଭୋଜନ)—
Jogaṇa — ରାଜାଙ୍କର ଭୋଜନ; ମଣୋହି—
Name given to the meal of a Rājā.

ବିଣ—ରାଜାଙ୍କ ଭୋଜନର ସାମଗ୍ରୀ ରୂପେ ବ୍ୟବହୃତ—
Used as a material for a king's food.

(ଯଥା—ଜୋଗଣ ଓଷର=ରାଜାଙ୍କ ପିଇବା ଦୁଧ ।)

[ଦ୍ର—ରାଜାମାନଙ୍କ ବ୍ୟବହୃତ ପଦାର୍ଥ, ଅଙ୍ଗପ୍ରତ୍ୟଙ୍ଗ ଓ ଦୈନିକ ନିତ୍ୟ ଆଦିକୁ ସାଧାରଣ ନାମରେ ନ ଡାକି ଲୋକେ ସମ୍ମାନସୂଚକ ଭିନ୍ନ ନାମରେ ଡାକନ୍ତି । ଯଥା—ଗଭା (=ମୁଣ୍ଡ); ଶ୍ରୀଅଙ୍ଗ (=ଦେହ); ଶ୍ରୀମୁ (=ଆପଣ); କାଠିଲାଗି (=ଦାନ୍ତଘଷା) ମୁଣୋହି; ଜୋଗଣ (=ଭୋଜନ); ପହଡ଼ (=ନିଦ୍ରା); ଶୁଙ୍ଖେଇ (=ଝାଡ଼ା ଫେରିବା); ବଢ଼ିଆ (=ପାନ); ଓଷର (=ଦୁଧ); ପଦ୍ମଅର (=କ୍ଷୌର); ଶ୍ରୀହସ୍ତ (=ହାତ); ଶ୍ରୀମୁଖ (=ମୁହଁ); ଶୀତଳ ମୁଣୋହି (ଜଳଖିଆ)]

ଜୋଗଣ ବଢ଼ିବା—ଦେ. ବି—୧ । ରାଜାଙ୍କର ଭୋଜନକ୍ରିୟାର ସମାପ୍ତି—
Jogaṇa barḍhibā — 1. The finish of a Rājā's meal.

୨ । ରାଜାଙ୍କର ଭୋଜନକ୍ରିୟା—
2. A Rājā's dinner.

ଜୋଗଣଲାଗି—ଦେ. ବିଣ (ରାଜାଙ୍କ ପ୍ରତି ବ୍ୟବହୃତ ଶବ୍ଦ)—
Jogaṇa-lāgi — ଭୋଜନରେ ବ୍ୟାପୃତ—
Engaged in taking food.

(ଯଥା—ଶ୍ରୀମୁ ବର୍ତ୍ତମାନ ଜୋଗଣଲାଗି ହୋଇଛନ୍ତି ।)

ଜୋଗଣାହାରି—ଦେ. ବି—୧ । ରାଜାଙ୍କ ପାଚକ—
Jogaṇāhāri — 1. Rājā's cook.

୨ । ଜଗନ୍ନାଥ ମହାପ୍ରଭୁଙ୍କ ସେବକବିଶେଷ; ଯେଉଁ ବ୍ୟକ୍ତି ସୁଆର ବା ପାଚକମାନଙ୍କୁ କାଠ ପରିବା, କାଠ ମସଲା ଆଦି ଯୋଗାଏ—2. A class of sebakas of the Deity Jagannath of Puri who supply cooking materials to the cooks.

ଜୋଗଣିଆ—ଦେ. ବି—ଜୋଗଣାହାରି (ଦେଖ)
Jogaṇiā — Jogaṇāhāri (See)

ଜୋଗଣିବା—ଦେ. କ୍ରି—(ସଂ. ଯୋଜନ) ୧ । ରାଜାଙ୍କର ଜୋଗଣ ସାମଗ୍ରୀ
Jogaṇibā — ସଂଗ୍ରହ ବା ପ୍ରସ୍ତୁତ କରିବା—1. To gather together or keep ready the victuals of a Rājā.

୨ । ପାଚକ ନିକଟରେ କାଠ ପରିବା ଓ କାଠ ମସଲା, ଚାଉଳ ଓ ଡାଲି ଯୋଗାଇବା—To supply articles to the cook in the kitchen.

ଜୋଗସାଜସ—ଦେ. ବି. (ସଂ. ଯୋଗ+ପା. ସାଜସ୍=ମେଳ; କପଟରୁ
Joga-sājasa — ଶବ୍ଦ)—ଏକମେଳ; ଶଙ୍କା (ମନ୍ଦ ଅର୍ଥରେ)—
যোগসাজস — Collusion.
सट्टीपट्टा, जोगसाजिस
ବିଣ—ମେଳ ବାନ୍ଧି କରାଯିବା (କର୍ମ)—
Collusive (etc).

ଜୋଗସାଜସୀ } ଅନ୍ୟରୂପ
ଜୋଗସାଜସ୍ }

ଜୋଗା—ଦେ. ବିଣ. (ସଂ. ଯୋଗ୍ୟ)—
Jogā — ୧ । ପାରଙ୍ଗମ; ଯୋଗ୍ୟ; ଉପଯୁକ୍ତ (ବ୍ୟକ୍ତି)—

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଶ	ଜ	ଷ,ସ	ଜ୍ଞ	ଇଅ	ଉଅ	ଋ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଊ	ନ୍

জোগ 1. Able; fit (person)
जोगय ୨ । ଗୁଣବାନ୍; ଗୁଣୀ—2. Qualified; talented.
୩ । ବିଦ୍ୱାନ୍—3. Learned.

ଜୋଗା(ଗେ)ଇବା—ଦେ. କ୍ରି—ଯୋଗାଇବା (ଦେଖ)
Joga(ge)iba Jogaiba (See)

ଜୋଗାଡ଼—ଦେ. ବି. (ସଂ. ଯୋଗ; ଯୋଜନ)—
Jogarda ୧ । କୌଣସି ବିଷୟର ଅପ୍ରୋଜନ; ଉପାଦାନସଂଗ୍ରହ;
জোগাড় ଉଦ୍ୟୋଗ—1. Preparation; arrangement.
प्रबंध ୨ । କର୍ମ କରିବାର ଉପାୟ ଓ ଉପକରଣ ସଂଗ୍ରହ—
2. Collection of means and materials for a work.
୩ । କନ୍ୟା ଶାଶୁଘରକୁ ଯିବା ସମୟରେ ବାପଘରୁ ତା ସଙ୍ଗେ ପଠାଯିବା ସାମଗ୍ରୀଚୟ—3. Various articles despatched with a daughter when she is sent to her husband's family for the first time after attaining puberty.
୪ । ଉଚିତ ବନ୍ଦୋବସ୍ତ—4. Fit or proper management or arrangement.
୫ । ଚେଷ୍ଟା—5. Effort; endeavour.
୬ । ଦେବତା ଓ ରାଜା ଆଦିଙ୍କ ଖାଦ୍ୟ ନିମନ୍ତେ ପ୍ରସ୍ତୁତ ବିବିଧ ଉପକରଣ ବା ସଜ୍ଜା—6. A collection of eatables for Rajas or Deities.
୭ । ଉପାୟ—7. Device; means.
୮ । ରାଜାଙ୍କୁ ଉପହାର ଦିଆଯିବା ପ୍ରସ୍ତୁତ ମିଷ୍ଟାନ୍ନ ବା ମହାପ୍ରସାଦର ସଜ୍ଜା—8. A collection of dainty foods presented to a Raja.

ଜୋଗାଡ଼ କରିବା—ଦେ. କ୍ରି—୧ । ଉପକରଣ ସଂଗ୍ରହ କରିବା—
Jogarda kariba 1. To collect materials.
জোগাড়করা ୨ । କୌଣସି କାର୍ଯ୍ୟସାଧନର ଉପାୟମାନ କରିବା—
प्रबन्धकरना 2. To pursue the means to attain an object.
୩ । ବନ୍ଦୋବସ୍ତ କରିବା—3. To arrange.
୪ । ଉଦ୍ୟମ ବା ଚେଷ୍ଟା କରିବା—
4. To endeavour.

ଜୋଗାଡ଼ି ଜନ୍ତର—ଗ୍ରା. ବି. (ସହଚର ଶବ୍ଦ; ସଂ. ଯୋଜନ+ଯନ୍ତ୍ର)—
Jogarda jantara ୧ । କୌଣସି କାର୍ଯ୍ୟ ନିମନ୍ତେ ପ୍ରୟୋଜନୀୟ
জোগাড়যন্ত্র ସମସ୍ତ ଉପାୟ ଓ ଉପକରଣ—1. All conceivable
प्रबंध means and materials necessary for the attainment of some aim.
୨ । ବନ୍ଦୋବସ୍ତ; ବ୍ୟବସ୍ଥା—2. Arrangement.
୩ । ଉଦ୍ୟମ; ଚେଷ୍ଟା—3. Effort; endeavour.

ଜୋଗାଡ଼ ଯନ୍ତ୍ର—ଦେ. ବି. (ସହଚର)—ଯୋଗାଡ଼ ଜନ୍ତ୍ର (ଦେଖ)
Jogarda jantra Jogarda jantara (See)

ଜୋଗାଡ଼ିଆ—ଦେ. ବିଣ—୧ । ଉଦ୍ୟମୀ; ଅଧ୍ୟବସାୟୀ—
Jogardia 1. Persevering.
যোগাড়ে ୨ । ଯେ କୌଣସି କାର୍ଯ୍ୟ ନିମନ୍ତେ ଉପଯୁକ୍ତ ଉପାୟ
यागाड़िया ଅବଲମ୍ବନ କରେ; ଉଦ୍‌ଯୋଗୀ—
2. One who takes proper steps for some object to be attained.
୩ । କୌଶଳୀ—3. Skilful.
ବି—ଯେଉଁ ମୂଲିଆ କାରିଗରର ହାତପାଖକୁ ମାଲମସଲା ଯୋଗାଇ ଦିଏ; ସୁଆଁସିଆ—A labourer who supplies materials to the mason.

ଜୋଗାଡ଼ିବା—ଦେ. କ୍ରି—୧ । କୌଣସି କାର୍ଯ୍ୟ ପାଇଁ ସମସ୍ତ ଉପକରଣ
Jogardiba ପ୍ରସ୍ତୁତ କରି ରଖିବା—
যোগাড়করা 1. To keep every material ready.
୨ । ଯୋଗାଡ଼ କରିବା; ବ୍ୟବସ୍ଥା କରିବା—
2. To make arrangements.
୩ । ରନ୍ଧନ ଆରମ୍ଭ କରିବା ପୂର୍ବରୁ ପ୍ରୟୋଜନୀୟ ଯାବତୀୟ ରନ୍ଧନସାମଗ୍ରୀ କଟା ବଟା ଇତ୍ୟାଦି କରି ପ୍ରସ୍ତୁତ କରି ରଖିବା—3. To dress for cooking; to keep all the materials ready for cooking.
୪ । ତରକାରି ଆଦି ନିମନ୍ତେ ଯଥାଯଥ ଉପକରଣ ପାକହାଣ୍ଡିରେ ଏକତ୍ର ଅଜାଡ଼ିବା—4. To pour the different necessary ingredients into the cooking pot.

ଜୋଗାଜୋଗ—ଦେ. ବି. (କଟକିଆ ଭାଷା; ସଂ. ଯୋଗ+ବିପରୀତାର୍ଥକ ବା ଏକାର୍ଥକ ସହଚରରୂପେ ବ୍ୟବହୃତ ଅଯୋଗ)—
Jogajoga
জোগাজোগ ୧ । ଏକଯୋଗ—1. Conjunction.
मेलमाल ୨ । ଏକମେଳ; ଜୋଗସାଜସ—2. Collusion
୩ । ସୁଯୋଗ; ସୁବିଧା—3 Opportunity.

ଜୋଛନା—ଦେ. ବି. (ସଂ. ଜ୍ୟୋତ୍ସ୍ନା; ପ୍ରା. ଜୋନ୍‌ହା) (ପଦ୍ୟ)—
Jochhana ଚନ୍ଦ୍ରକିରଣ—Moon-light.
জোচ্ছনা [ଦ୍ର—ସଂସ୍କୃତ ଶବ୍ଦସ୍ଥ ସ୍ନ ର ଦେଶଜ ଭାଷାରେ ଛ ଉଚ୍ଚାରଣ
जुन्हैया ଅନ୍ୟାନ୍ୟ ସ୍ଥଳରେ ମଧ୍ୟ ଦେଖାଯାଏ; ଯଥା—ବତ୍ସା=ବଛା, ମତ୍ସ୍ୟ=ମାଛ; ଚିକିତ୍ସା=ଚିକିଛା ।]

ଜୋଟ୍—ଦେ. ବି (ସଂ. ଜୁଟ ଧାତୁ; ସଂ. ଯୋଟକ)—ଜୁଟ୍ (ଦେଖ)
Jot Jut (See).
জোট
जोट

ଜୋଟ୍ ଖାଇବା—ଦେ. କ୍ରି (ସଂ. ଯୋଟକ; ସଂ. ଜୁଟ ଧାତୁ)—
Jot khaiba ୧ । ବିଭିନ୍ନ ପଦାର୍ଥ ଏକତ୍ର ସଂଲଗ୍ନଭାବରେ ମିଳିଯିବା;

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧ' ନ ପାଇଲେ 'ବନ୍ଧ' ଦେଖିବେ; 'ଅର୍ଦ୍ଧ୍ୟ' କି ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲଙ୍କର' ନ ପାଇଲେ 'ଅଲ୍‌ଙ୍କର' ଦେଖିବେ ।

জোট খাওয়া ଅଭିନ୍ନଭାବରେ ମିଳିତ ହେବା—
जोट खाना 1. To be intimately mixed together; to exactly tally with each other.
ଜୋଟ ପଡ଼ିବା } ଅନ୍ୟରୂପ
ଜୋଟ ଲାଗିବା }
୨ । ସ୍ତ୍ରୀ ପୁରୁଷ ସଙ୍ଗମ ଦ୍ୱାରା ସମ୍ମିଳିତ ହେବା—2. To be joined together in the act of copulation; to cohabit.
(ଜୋଟ ଖୁଆଇବା; ଜୋଟ ଖୋଇବା—ଣିଜନ୍ତ ରୂପ)
୩ । ବିପରୀତ ଦିଗରୁ ଆସି ପରସ୍ପର ହାବୁଡ଼ିଯିବା—
3. To meet each other, by coming from opposite directions.
୪ । (ଦୁଇ ଜଣଙ୍କ ମତ) ଏକ ହେବା—4. (the opinions of two persons) To agree with each other.

ଜୋଟ୍ ହେବା—ଦେ. କ୍ରି—ଜୁଟ୍ ହେବା (ଦେଖ)—
Jot heba Jut heba (See)

ଜୋଟ—ସଂ. ବି (ସଂ. ଜୁଟ୍ ଧାତୁ=ଏକତ୍ର ହେବା+ଅ)—୧ । ଏକତ୍ର
Jota ସଂଯୋଗ; ସମ୍ମିଳନ—1. Union; combination;
জোট conjunction.
जोट ୨ । ସଂହତି—2. Cohesion.
୩ । ସଙ୍ଗମ—3. General union.
୪ । ଦଳ—4. Flock.

ଜୋଟ କରା(ରେ)ଇବା—ଦେ. କ୍ରି (ସଂ. ଜୁଟ ଧାତୁ=ମିଳିତ ହେବା)—
Jota karā(re)ibā ୧ । ଜୀବନ୍ତ ପଶୁପକ୍ଷୀଙ୍କୁ ଏକତ୍ର କରାଇ
যোটান, জুটান ସଙ୍ଗମ କରାଇବା—1. To bring about the
जुटाना, जुटवाना pairing or matching between a male and a female animal.
ଜୋଟ ଖୁଆଇବା }
ଜୋଟ ଖୋଇବା } ଅନ୍ୟରୂପ
ଜୋଟ ପକାଇବା }
ଜୋଟ ଲଗାଇବା }.
୨ । ଦୁଇ ବସ୍ତୁକୁ ମିଳେଇବା—2. To match two things.

ଜୋଟ ଖୋଇବା—ଦେ. କ୍ରି—ଜୋଟ କରାଇବା (ଦେଖ)—
Jota khoibā Jota karāibā (See)
জোট খাওয়ান
जोट खिलाना
(ଜୋଟ ଖୁଆଇବା—ଅନ୍ୟରୂପ)

ଜୋଟଜାଟ—ଦେ. ବି—୧ । ଯୋଗାଡ଼ସନ୍ଧ—
Jota-jāta 1. Bringing together of different
জোটজাট materials.
जोटजाट
୨ । ମିଳାମିଶା; ପରସ୍ପର ସମ୍ମିଳନ—
2. Conglomeration.
୩ । ବହୁ ପଦାର୍ଥକୁ ଏକତ୍ର ସଂଗ୍ରହ କରିବା—
3. Bringing together of many things; collection.
୪ । ଜୁଟାଜୁଟି; ପ୍ରେମିକ ପ୍ରେମିକାଙ୍କ ମିଳନ ଘଟାଇବା—
4. The causing of lovers to meet; bringing about a meeting between lovers.
୫ । ଜାର ଜନଙ୍କରେ ପରସ୍ତ୍ରୀ ଜୁଟାଇବା—
5. Pandering.
(ଜୋଟାଜୋଟ—ଅନ୍ୟରୂପ)

ଜୋଟଣ—ଦେ. ବି (ସଂ. ଜୁଟଧାତୁ; କମ୍ପ, ସଂ. ଯୋଜନ)—୧ । ମିଳନ;
Jotana ଜୁଟିବା—1. Union; coming together.
জোটন ୨ । ଯୋଚିବା; ସଂଯୋଜନା—2 Yoking.
जुटना ୩ । ଜୁଟାଇବା କର୍ମ—3. Bringing about a union.

ଜୋଟଣା—ଦେ. ବି—ଜୋଟଣ (ଦେଖ)—Jotana (See)
Jotanā

ଜୋଟ-ପାଟ—ଦେ. ବି—ଜୋଟଜାଟ (ଦେଖ)—Jotajāta (See).
Jota-pāta

ଜୋଟ ବାନ୍ଧିବା—ଦେ. କ୍ରି—୧ । (ବହୁ ପଦାର୍ଥ ବା ଜୀବ) ଏକଜୁ ହେବା—
Jota bāndhibā 1. To collect into a crowd or mass.
জোটবাঁধা ୨ । (ଦୁଇ ଜୀବ) ସଙ୍ଗମାର୍ଥ ଏକତ୍ର ହେବା—
जोड़बाँधना 2. To form into a couple; to pair.
୩ । ଘନୀଭୂତ ହେବା—3. To conglomerate.

ଜୋଟା—ଦେ. ବି (ସଂ. ଜୁଟଧାତୁ)—ମିଳନ; ସଂଯୋଗ; ଜୁଟିବା—
Jotā Union; meeting.
জুটা, জোট ବିଣ—ସଂଯୁକ୍ତ; ମିଳିତ; ସଂଘଟିତ—United.
ଦେ. ବିଣ. ପୁଂ—ଜୁଟା (ଦେଖ)
Jutā (See)
(ଜୋଟେଇ—ସ୍ତ୍ରୀ)

ଜୋଟା(ଟେ)ଇବା—ଦେ. କ୍ରି—ଜୁଟାଇବା (ଦେଖ)—
Jotā(te)ibā Jutāibā (See)

ଜୋଟାଜୋଟି—ଦେ. ବି. (ସଂ. ଯୋଜନ)—ଜୁଟାଜୁଟି (ଦେଖ)
Jotā-joti Jutā-juti (See)
জোটাজোটি
जोटाजोटि

ଜୋଟି—ଦେ ବି—ଝୋଟି (ଦେଖ)—Jhoti (See)
Joti

ଜୋଟିଙ୍ଗ—ସଂ. ବି—ଶିବ; ମହାଦେବ (ହି. ଶବ୍ଦସାଗର) (ଭୁଲ. ସଂ.
Jotinga ଜ୍ୟୋତିର୍ଲିଙ୍ଗ)—Lord Siba.

ଜୋଟିବା—ଦେ. କ୍ରି—ଜୁଟିବା (ଦେଖ)
Jotibā Jutibā (See)

ଜୋଠାଣୀ—ପ୍ରାଦେ. (ବସ୍ତର) ବି (ତୁଲ.ହି. ଏହି ଅର୍ଥରେ ଜେଠାନୀ)—
Jothāni ବଡ଼ ଯାଆ—Elder sister-in-law; the wife of the elder brother of one's husband.

ଜୋଡ଼ଣି—ପ୍ରାଦେ. (ସମ୍ବଲପୁର) ବିଣ—ପରସ୍ପର ଜୋଡ଼ା ହୋଇଥିବା—
Jorḍ-ni Joined together.
(ଜୋଡ଼ନ ଅନ୍ୟରୂପ) ବି—ଦୁଇ ବସ୍ତୁର ପରସ୍ପର ଜୋଡ଼ା ହୋଇଥିବା·

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇପ୍ସ	ଉଅ	ଘ
୨	ଈ	ଊ	ରୁ	ଲୁ	ପ୍ତେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଲଅ	ଞ୍ଚ	ନ୍ତ

ଅବସ୍ଥା—The state of two things being joined together.

ଜୋଡ଼—ଦେ. ବି (ସଂ. ଜୁଡ୍ ଧାତୁ=ବନ୍ଧନ କରିବା)—୧ । ମିଳନ; ସମ୍ମିଳନ—1. Mixing together; union.
Jorda
জোড়
जोड़

୨ । ଯୋଡ଼ା; ଯୁଗ୍ମ; ଯୁଗଳ—2. A pair.

୩ । ଏକତ୍ରାବସ୍ଥିତ ପୁରୁଷ ଓ ସ୍ତ୍ରୀ; ଦମ୍ପତି—3. Couple.

[ଦ୍ର—ବିଶେଷତଃ ମନୁଷ୍ୟେତରପ୍ରାଣିଦମ୍ପତି ପ୍ରତି ଏହା ପ୍ରଯୁଜ୍ୟ]

୪ । ଇତର ଜନ୍ତୁମିଥୁନଙ୍କ ସଙ୍ଗମ—4. Cohabitation or crossing of animals.

୫ । ଏକତ୍ର ବ୍ୟବହୃତ ଧୋତି ଚଦର; ଅଧୋବାସ ଓ ଉତ୍ତରୀୟ—5. A pair of cloths (upper and lower).

ଜୋଡ଼ଟିଏ ବୁଣାଇଲ୍ ବାବୁ ଶାଢ଼ୀ ଆଣି ଦେବ ଯାବ ଚଉଦଶ ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

୬ । (ଗଣିତ) ଯୋଗ; ବହୁ ସଂଖ୍ୟାର ମିଶ୍ରଣ—6. (mathematies) Addition

୭ । ଦୁଇଟି ପୃଥକ୍ ପଦାର୍ଥ ବା ଅଂଶଙ୍କୁ ଏକତ୍ର ଯୋଗକରିବା—7. Uniting or joining together of two separate things or parts.

୮ । ଦୁଇଟି ପଦାର୍ଥ ବା ଅଂଶଯୁକ୍ତ ହେବା ସ୍ଥାନ—8. A joint; the place where two things are joined together; juncture.

୯ । (ଶାବରୀ ଭାଷା—ଜୋର); ବହୁଦୂରବିସ୍ତୃତ ଜଳାଶୟ—Ditch; a long narrow stretch of water.
জোল
दलदल

ପ୍ରାଦେ. (ପୁରୀ)—୧ । ପାଣିଚ ନଡ଼ିଆ ଓ ବୁଢ଼ା ନଡ଼ିଆର ପରିମାଣ ବିଶେଷ—1. An aggregate or unit of 720 or 864 cocoanuts.

[ଦ୍ର—ପାଣିଚ ନଡ଼ିଆ ୧ ଜୋଡ଼=କା ୦ ୩/ (ନଅପଣ ୭୨୦ କଡ଼ା); ଖୁରୁଡ଼ାନଡ଼ିଆ ୧ ଜୋଡ଼=କା ୦୩୵ ୧୬ ଗଣ୍ଡା (ଏଗାର ପଣ ୧୬ ଗଣ୍ଡା=୯୨୪ କଡ଼ା) ।]

୨ । (ସମ୍ବଲପୁର) ବି—ଶ୍ରୋତ ନଦୀ—2. Streamlet.

(ବିଜୋଡ଼—ବିପରୀତ) ଦେ. ବିଣ—ସମସଂଖ୍ୟକ (ସଂଖ୍ୟା)—Even (number).

ଜୋଡ଼ ଖାଇବା—ଦେ.କ୍ରି—୧ । (ଦୁଇ ବସ୍ତୁ) ଏକତ୍ର ସଂଯୁକ୍ତ ବା ସମ୍ମିଳିତ ହେବା—1. To unite closely; to mix together.
Jorda khāibā
জোড় খাওআ
जोड़ा खाना

୨ । (ସ୍ତ୍ରୀ ପୁରୁଷ) ସଙ୍ଗମ କରିବା—2. To copulate; to couple.
(ଜୋଡ଼ା ଖୁଆଇବା—ଣିଜନ୍ତ)

୩ । (ଇତର ପ୍ରାଣିମିଥୁନ) ହଳୁଆ ପଡ଼ିବା—3. To pair.

ଜୋଡ଼ ଛଡ଼ା(ଡ଼େ)ଇବା—ଦେ. କ୍ରି—ଦୁଇଟି ସଂଯୁକ୍ତ ବସ୍ତୁ ବା ଜୀବଙ୍କୁ ପୃଥକ୍ କରାଇବା—To separate two closely united things or a couple.
Jorda chhardā(rde)ibā
জোড় ভাঁগা
जोड़ा छुड़ाना

ଜୋଡ଼ତୋଡ଼—ଦେ. ବି. (ସହଚର)—
Jorda-torda
জোড়তাড়
जोड़तोड़

୧ । ଜୋଡ଼ିବା ଓ ଭାଙ୍ଗିବା କ୍ରିୟା—1. Act of joining together and breaking up.

୨ । ଭାଙ୍ଗିବା ଓ ଜୋଡ଼ିବା ଆଦି କ୍ରିୟାଦ୍ୱାରା କୌଣସି କାର୍ଯ୍ୟର ସମାଧାନ—2. Accomplishing a thing by all sorts of means (e. g. breaking and joining).

୩ । ଅଯୋଜନ—3. Arrangement.

(ଯଥା—ମୁଁ ଜୋଡ଼ତୋଡ଼ କରି ୧୦ ଟଙ୍କା ସଞ୍ଚିଲ କଲିଣି)

୪ । ଛଳ; କପଟ—4. Deceit.

ଜୋଡ଼ନାଶି—ଦେ. ବି—ଜୋଡ଼ଲଞ୍ଜି (ଦେଖ)
Jorda-nāsi. Jorda-lanji (See)

ଜୋଡ଼ ପଡ଼ିବା—ଦେ. କ୍ରି—ଜୋଡ଼ ଖାଇବା (ଦେଖ)
Jorda pardibā Jorda khāibā (See)

ଜୋଡ଼ ଫିଟା(ଟେ)ଇବା—ଦେ. କ୍ରି—ଜୋଡ଼ ଛଡ଼ାଇବା (ଦେଖ)
Jorda phitā(te)ibā Jorda chhardāibā (See)

ଜୋଡ଼ ଫିଟିବା—ଦେ. କ୍ରି—ଦୁଇଟି ବସ୍ତୁ ବା ଜୀବ ଛଡ଼ାଛଡ଼ି ହୋଇଯିବା—The dissolution or separation of a couple or a pair of things or animals.
Jorda phitibā

ଜୋଡ଼ ବାନ୍ଧିବା—ଦେ. କ୍ରି—୧ । ଜୀବ ବା ବସ୍ତୁଙ୍କୁ ଜୋଡ଼ାଜୋଡ଼ା କରିବା—1. To arrange things or animals in pairs.
Jorda bāndhibā
জোড় বাঁধা
जोड़ा बाँधना

୨ । (ଦୁଇଜଣ) ଏକତ୍ର ସମ୍ମିଳିତ ହେବା—2. (two persons) To unite; to join together; to combine.

(ଯଥା—ସେମାନେ ବର୍ତ୍ତମାନ ବେଶ ଜୋଡ଼ ବାନ୍ଧିଲେଣି, ଆଉ ତାଙ୍କ ମଧ୍ୟରେ ଖଟଖଟ କିଛି ଲାଗୁ ନାହିଁ ।)

ଜୋଡ଼ ବିଜୋଡ଼—ଦେ. ବିଣ. (ବିପରୀତାର୍ଥକ ଶବ୍ଦ ଦ୍ୱୟ)—
Jorda bijorda
জোড় বিজোড়
जोड़बेजोड़

୧ । ଜୋଡ଼ାଜୋଡ଼ା ହୋଇ ନ ଥିବା; ଏକ ଜୋଡ଼ାର ଗୋଟିଏ ବସ୍ତୁ ଅନ୍ୟ ଜୋଡ଼ାର ବସ୍ତୁ ସଙ୍ଗେ ରଖା ଯାଇଥିବା—1. Not arranged in pairs; not symmetrically arranged.

୨ । ସମ ଓ ଅସମ (ବସ୍ତୁ)—2. Odd and even (things).

୩ । ଅସମ—3. Incongruous; dissimilar; unsymmetrical.

ସାଧାରଣ ଲୋକେ ଅପର ପୃଷ୍ଠାରେ ଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ-ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ଉପରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜୋଡ଼ ବେଲ—ଦେ. ବି—୧ । (ପଶୁ ଅବସ୍ଥାର) ସଙ୍ଗମ ଋତୁ—
Jorda bela 1. Pairing time; season for pairing
(ଜୋଡ଼ ବେଳା—ଅନ୍ୟରୂପ) (of animalas).
୨ । ସ୍ତ୍ରୀ ପୁରୁଷଙ୍କର ମୈଥୁନସମୟ—
2. The time of copulation.

ଜୋଡ଼ ଭଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଜୋଡ଼ ଛଡ଼ାଇବା (ଦେଖ)
Jorda bhangā(nge)ibā Jorda chhardaibā (See)

ଜୋଡ଼ ଭାଙ୍ଗିବା—ଦେ. କ୍ରି—ଜୋଡ଼ ଫିଟିବା (ଦେଖ)
Jorda bhāngibā Jorda phitibā (See)
ଦେ. କ୍ରି—ଜୋଡ଼ ଛଡ଼ାଇବା (ଦେଖ)
Jorda chhardaibā (See)

ଜୋଡ଼ ମୁହଁ—ଦେ. ବି—ଜୋଡ଼ା ହୋଇଥିବା ଦୁଇଟି ବସ୍ତୁର ସମ୍ମିଳନ
Jorda muhan ସ୍ଥାନ—The joining point of two
জোড়মুখ things; juncture.
जोड़ा

ଜୋଡ଼ ଲାଗିବା—ଦେ. କ୍ରି—ଜୋଡ଼ ଖାଇବା (ଦେଖ)
Jorda lāgibā Jorda khāibā (See)
[ଜୋଡ଼ ଲାଗା(ଗେ)ଇବା—ଣିଜନ୍ତରୂପ]

ଜୋଡ଼ ଲଞ୍ଜି—ଦେ. ବି—ବନ୍ଧୁଦୂର ବସ୍ତୁର ଜଳାଶୟର ଏକପ୍ରାନ୍ତ—
Jorda lānji One end of a ditch or fen.
(ଜୋଡ଼ ଲସି—ଅନ୍ୟରୂପ)

ଜୋଡ଼ହସ୍ତ—ଦେ. ବି. (ସଂ. ଯୁକ୍ତହସ୍ତ)—ପ୍ରାର୍ଥନା କରିବା ଉପ-
Jordahasta ଲକ୍ଷରେ ଦୁଇ ହାତର ଅଞ୍ଜଳିବନ୍ଧନ; ହାତ ଜୋଡ଼ିବା;
জোড়হস্ত ଅଞ୍ଜଳିବନ୍ଧନ—Folding together of the
जोड़हाथ palms of both hands (in supplication).
(ଜୋଡ଼ହାତ—ଅନ୍ୟରୂପ) ବିଣ—ଦୁଇ ହାତ ଜୋଡ଼ିଥିବା;
କୃତାଞ୍ଜଳି—With palms folded.

ଜୋଡ଼ା—ଦେ. ବି. (ସଂ. ଜୁଡ଼ ଧାତୁ = ବନ୍ଧନ କରିବା)—
Jordā ୧ । ଯୁଗ୍ମ; ଯୁଗଳ; ଦୁଇଟି ସମଭାବାପନ୍ନ ବସ୍ତୁ ବା ଜୀବ—
1. A couple; a pair.
जोड़ा
୨ । ସ୍ତ୍ରୀପୁରୁଷ; ଦମ୍ପତି—
2. A couple of animals; husband and wife; man and woman.
୩ । ଦୁଇଟି ପୃଥକ୍ ବସ୍ତୁ ବା ଅଂଶକୁ ସଂଯୁକ୍ତ କରିବା;
ଜୋଡ଼ିବା—3. Joining together of two things or parts.
୪ । ଏକ ହଳ; ଯାନାଦିରେ ବାମ ଓ ଦକ୍ଷିଣରେ ଲାଗିବା
ପଶୁ—4. A pair of animals for vehichles.
୫ । ଡାହାଣ ଓ ବାମ ଅଙ୍ଗରେ ବ୍ୟବହାର୍ଯ୍ୟ ବସ୍ତୁଦ୍ୱୟ
(ଜୋତା ଓ ଅଳଙ୍କାର ପ୍ରଭୃତି)—
5. A pair (of shoes, ornaments etc) to suit the right and left limbs.
୬ । ଏକ ବସ୍ତୁ ସଦୃଶ ଅନ୍ୟ ବସ୍ତୁ—
6. One of a pair; a complement; a thing which will suit another.
୭ । ଅଧୋବାସ ଓ ଉତ୍ତରୀୟ ବସ୍ତ୍ର—
7. A pair of cloths (upper and lower garments) put or arranged together.
୮ । ଯମଜ—8. Twins.
ବିଣ—୧ । ଏକତ୍ର ଯୁକ୍ତ ହୋଇଥିବା—
1. United; joined.
୨ । ଜାଡ଼ିଲ—2. Arranged in a pair.
୩ । ଯମଜ—3. Born twins.
୪ । ଝଲା ହୋଇ ସଂଯୁକ୍ତ ହୋଇଥିବା—
4. Soldered together.
୫ । ଦୁଇ ସଂଖ୍ୟକ—
5. A couple; numbering two.
କେତେବେଳେ ଜୋଡ଼ା ଭରଜାରେ ଘର
କେତେବେଳେ ଚାଲ ଫୁଙ୍କି ଫୁଙ୍କି ମର—ପ୍ରଚ ।

ଜୋଡ଼ାଇ—ଦେ. ବି. (ସଂ. ଯୋଜନ)—
Jordāi ଗାନ୍ଥଣି; ମାଟି ବା ଚୂନ ଦ୍ୱାରା ଇଟା ବା ପଥର
জোড়াই ବସାଇବା—Masonry-work.
जोड़वाई ବିଣ—ଗାନ୍ଥନି କରି ଯାଇଥିବା—
Consisting of masonry work.

ଜୋଡ଼ା(ଡ଼େ)ଇବା—ଦେ. କ୍ରି. (ସଂ. ଯୁଜ ଧାତୁ; ସଂ. ଜୁଡ଼ ଧାତୁ)—
Jordā(rde)ibā ୧ । ଅନ୍ୟ ଦ୍ୱାରା ଜୋଡ଼ିବା କିମ୍ବା କରାଇବା—
জোড়ান 1. To cause to join.
जोड़वाना ୨ । ଦୁଇ ଜନ୍ତୁଙ୍କୁ ଏକତ୍ର ସଙ୍ଗମ କରାଇବା—
2. To cause two animals to pair.
୩ । ଜୋଡ଼ାଜୋଡ଼ା କରି ସଜ୍ଜିତ କରିବା—
3. To arrange in pairs.
୪ । ଜୋଡ଼ିବା—4. To join together.

ଜୋଡ଼ାଏ—(ଅନାଦରାର୍ଥକ)—ଦେ. ବି ଓ ବିଣ—୧ । ଦୁଇଟା—
Jordāe 1. Two; a pair.
এক জোড়া ୨ । ଦୁଇଟା ମାତ୍ର—2. Two only.
एक जोड़

ଜୋଡ଼ାକ—(ଅନାଦରାର୍ଥକ)—ଦେ. ବିଣ ଓ ବି—ଜୋଡ଼ାଏ (ଦେଖ)
Jordāka Jordāe (See)
জুটো
दोनों

ଜୋଡ଼ାକମ—ଦେ. ବି—ଜୋଡ଼ି ନାଗରା (ଦେଖ)
Jordā-kama Jordi nāgarā (See)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଣ,ଷ	କ୍ଷ	ଇଯ଼	ଉଅ	ଭ
^	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍	ଇଅ	ଓ	ନ୍

ଜୋଡ଼ାକୁ ଜୋଡ଼ା—ଦେ. କ୍ର. ବଣ—ଜୋଡ଼ା ଜୋଡ଼ା (ଦେଖ)
Jordaku jorda — Jorda jorda (See)

ଜୋଡ଼ା ଛଡ଼ା(ଡ଼େ)ଇବା—ଦେ. କ୍ର—
Jorda chharda(rde)iba (etc) ଜୋଡ଼ ଛଡ଼ାଇବା (ଦେଖ)
Jorda chhardaiba (See)

ଜୋଡ଼ା-ଜୋଡ଼ା—ଦେ. କ୍ରି. ବଣ—ଦୁଇଟି ଲେଖାଏଁ ହୋଇ ସଙ୍ଗ ହୋଇଥିବା—In couples; arranged into or formed into pairs.
Jorda-jorda
জোড়াজোড়া
जोड़ाजोड़ा

ଜୋଡ଼ା ଜୋଡ଼ି—ଦେ. ବ—୧ । ଦୁଇଟି ଭଗ୍ନ ଅଂଶ ବା ପଦାର୍ଥକୁ ଏକତ୍ର କରିବା—1. Joining together of two things or parts.
Jorda jordi
জোড়াজুড়ি
जोड़जाड़
୨ । ପୃଥକ୍ ପୃଥକ୍ ବସ୍ତୁ ବସ୍ତୁ ବା ଉପକରଣର ଏକତ୍ରୀକରଣ—2. Bringing together or collecting of different materials or ingredients.
୩ । ଭଗ୍ନ ବା ଛିନ୍ନ ବା ଚିର ପଦାର୍ଥକୁ ମରାମତ କରିବା—3. Repairing or patching up of broken or torn things.
ଦେ. ବଣ—ମରାମତ କରାଯାଇ ଥିବା; ନାନାଖଣ୍ଡ ଏକତ୍ର କରାଯାଇ ଥିବା—Joined together (many bits); repaired.

ଜୋଡ଼ା ଦିହୁଡ଼ି—ଦେ. ବ—ଜୋଡ଼ା ମଶାଲ (ଦେଖ)
Jorda dihurdi — Jorda masala (See)

ଜୋଡ଼ା ଫିଟିବା—ଦେ. କ୍ରି—ଜୋଡ଼ ଫିଟିବା (ଦେଖ)
Jorda phitiba — Jorda phitiba (See)

ଜୋଡ଼ା ବେତ—ଦେ. ବ—ଜୋଡ଼ି ବେତ (ଦେଖ)
Jerda beta — Jordi beta (See)

ଜୋଡ଼ା ଭାରିଯା—ଦେ. ବ—ଏକ ପୁରୁଷର ଥିବା ଦୁଇଟି ସ୍ତ୍ରୀ—
Jorda bharija — Two wives possessed by a man at a time.
ତାକେ ନାହିଁ ବ, ତାକେ ନାହିଁ, କଉ ର ନାହିଁ କାହାକୁ
ଜୋଡ଼ାଭାରଯାରେ ବ ଜନ୍ଥ ଅଛ, ପଗୁର ଯା ତୋ ମାଆକୁ—ଉଗ ।

ଜୋଡ଼ା ମଶାଲ—ଦେ. ବ—୧ । ରାଜା ଅବଦ ଗମନରେ ବାମ ଓ ଦକ୍ଷିଣ ପାଖରେ ଜଳା ଯାଉଥିବା ମଶାଲ ବା ଦିହୁଡ଼ି—1. Two torches lighted on both (right and left) sides of a Raja or a Deity in procession.
Jorda masala
জোড়া মসাল
୨ । ଦୁଇ ଶାଖା ଥିବା ମଶାଲ—
2. Two torches attached to one handle.

ଜୋଡ଼ା ମହୁରି—ଦେ. ବ—ଜୋଡ଼ ମହୁରି (ଦେଖ)
Jorda mahuri — Jordi mahuri (See)

ଜୋଡ଼ା ମୁହଁ—ଦେ. ବ—ଜୋଡ଼ ମୁହଁ (ଦେଖ)
Jorda muhan — Jorda muhan (See)

ଜୋଡ଼ା ଶଙ୍ଖ—ଦେ. ବ—ଜଣକ ଦ୍ୱାରା ଏକତ୍ର ବଜାଯାଉଥିବା ଶଙ୍ଖଯୁଗ୍ମ—
Jorda sankha — A pair of conches simultaneously sounded by one person.

ଜୋଡ଼ି—ଦେ. ବ. (ସଂ. ଯୁଗ୍ମ; ଯୁଗଳ, ସଂ. ଜୁଡ଼ ଧାତୁ)—
Jordi — ୧ । ଯୁଗ୍ମ—1. A couple.
জুড়ি, জোড়ি — ୨ । ଦ୍ୱୟ—2. A pair; two.
जोड़ि — ୩ । (ଅବଜ୍ଞାର୍ଥକ) ଦୁଇଟି ପଦାର୍ଥ—4. Two things.
୪ । ଗାଡ଼ିଗାଡ଼ିରେ ଲାଗିବା ଦୁଇଟି ଘୋଡ଼ା—
4. A pair of horses for a carriage.
୫ । ଘୋଡ଼ା ଆଦି ଏକ ସମୟରେ ଦୁଇ ପଛଗୋଡ଼ରେ ମାରିବା ଲାତ—5. Kick with two hind legs of a beast; double kick of a beast.
জোলি; জুলি — ୬ । (ଗାଁବସ୍ଥା ଜୋର)—ଲମ୍ବ ଅଥଚ କମ ଚଉଡ଼ା ଜଳାଶୟ—6. A long and narrow expanse of water.
दलदल
[ଦ୍ର—ଜୋଡ଼ି ଅପେକ୍ଷା ଜୋଡ଼ି ଆକାରରେ କ୍ଷୁଦ୍ରତର ।]
ଜୁଡ଼ି — ବୈଦେ. ବ. (ଇଂ. ଜୁରି)—ଜୁରି; ଜଡ଼ି—7. Jury.
जोड़ी — ପ୍ରାଦେ. (ଗଡ଼ଜାତ) ବ—୧ । ଚଶମା—
1. Spectacles.
୨ । ଜୋତା—2. A pair of shoes.
ଦେ. ବଣ—ଯୁଗ୍ମଭାବରେ ସ୍ଥିତ ବା ସଜ୍ଜିତ; ଜାଳିଳ; ଯୁଗ୍ମ—
Double; arranged in pairs.

ଜୋଡ଼ିଏ—ଦେ. ବଣ ଓ ବ. (ଆଦର ବା ସ୍ନେହାର୍ଥକ)—
Jordie — ଜୋଡ଼ାଏ (ଦେଖ)
একজোড়া — Jordae (See)
एकजोड़ा

ଜୋଡ଼ିକ—ଦେ. ବଣ ଓ ବ. (ଆଦର ବା ସ୍ନେହାର୍ଥକ)—
Jordika — ଜୋଡ଼ାଏ (ଦେଖ)
দুটি — Jordae (See)
दोठो
ଧୋବା ମଜର ! ଶଙ୍ଖାଳ କରିଛ ଏଥ ଜୋଡ଼ିକ—ଉଗ ।

ଜୋଡ଼ିକବାଟ—ଦେ. ବ. (ସଂ. ଯୁଗଳ + କପାଟ)—
Jordi-kabata — ଦୁଇଟି ଫାଳଥିବା କବାଟ—
জোড়াকপাট — A door with two folds or flaps.

ଜୋଡ଼ିକି(କୁ)ଜୋଡ଼ି—ଦେ. କ୍ରି. ବଣ—୧ । ଯୁଗ୍ମ ଯୁଗ୍ମ ହୋଇ—
Jordiki(ku)-jordi — 1. In pairs; arranged in couples.
জোড়াজোড়া — ୨ । ଏକ ଜୋଡ଼ା ପରେ ଅନ୍ୟ ଜୋଡ଼ାଏ—
जोड़ाजोड़ा — 2. One pair after another.

ଜୋଡ଼ିଗାଡ଼ି—ଦେ. ବ—ଯେଉଁ ଗାଡ଼ିରେ ଦୁଇଟି ଘୋଡ଼ା ଲାଗନ୍ତି—
Jordi-gardi — A carriage drawn by a pair of horses.
জুড়ি গাড়ি
जोड़ि गाड़ि

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗଢ଼' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲବଟ୍' ଦେଖିବେ ।

ଜୋଡ଼ଘୋଡ଼ା—ଦେ. ବ—(ସଂ. ଯୁଗଳ+ଘୋଟକ)—
Jordi-ghordā ଜୋଡ଼ଗାଡ଼ିରେ ଲାଗିବା ଅଶ୍ୱଯୁଗଳ—
জুড়িঘোড়া A pair of horses for a carriage.
जोड़िघोड़ा

ଜୋଡ଼ ଚଲା(ଲେ)ଇବା—ଦେ. କ୍ରି—୧ । ଜୋଡ଼ଗାଡ଼ିରେ ଭ୍ରମଣ
Jordi chalā(le)ibā କରିବା—1. To take a drive in
জুড়ি চালান a carriage and pair.
जोड़ि हाँकना ୨ । ଜୋଡ଼ ଗାଡ଼ିରେ ଲାଗିଥିବା ଅଶ୍ୱଯୁଗଳଙ୍କ ବାଗ
[ଜୋଡ଼ଚଲା(ଲେ)ଇବା—ଅନ୍ୟରୂପ] ବା ଲଗାମକୁ ଧରି ଗାଡ଼ି ଚଳାଇବା—2. To drive a coach and pair (one's self).

ଜୋଡ଼ଜାଡ଼ ଦେବା—ଦେ. କ୍ରି—ଭାଙ୍ଗିଯାଇଥିବା ଅନେକ ସ୍ଥାନ ବା
Jordi-jārdi debā ପଦାର୍ଥକୁ ଯୋଡ଼ିବା—
জোড়েজুড়ে দেওয়া To unite many broken parts or things.
जोड़जाड़ देना

ଜୋଡ଼ ଜୋଡ଼—ଦେ. କ୍ରି. ବଣ—ଜୋଡ଼କ ଜୋଡ଼ (ଦେଖ)
Jordi jordi Jordiki jorrdi (See)

ଜୋଡ଼(ଡେ)ଡ଼ଉଁରିଆ—ଦେ. ବ. (ବର୍ଣ୍ଣିଆଶବ୍ଦ)—ପାଖକୁ ପାଖ ଝଳା
Jordi-(de)da-uñriā ଯାଇଥିବା ରୂପାର ପୋଲା ଡଉଁରିଆ—
A pair of amulets soldered together.

ଜୋଡ଼ ଥୋଇଲି—ଦେ. ବ—ଜୋଡ଼ ପୋଇଲି (ଦେଖ)
Jordi thoili Jordi poili (See)

ଜୋଡ଼ ନାଗରା—ଦେ. ବ—ଏକ ସମୟରେ ଜଣେ ବାଦକର ଦୁଇହାତ
Jordi nāgarā ଦ୍ୱାରା ବାଦିତ ହାଣ୍ଡି ଆକୃତିର ଆନଦ୍ଧ ବାଦ୍ୟଦ୍ୱୟ—
A musical instrument consisting of two cup-shaped drums sounded simultaneously by both the hands of the drummer.

ଜୋଡ଼ ପୋଇଲି—ଦେ. ବ—ପ୍ରଭୁ ବା ଗୃହକର୍ତ୍ତ୍ରୀଙ୍କ ସେବାରେ ଖଟିବା
Jordi poili ଦାସୀଦ୍ୱୟ—A couple of maid servants serving a master or mistress.

ଜୋଡ଼ିବା—ଦେ. କ୍ରି. (ସଂ. ଜୁଡ଼୍ ଧାତୁ=ବନ୍ଧନ କରିବା)—୧ । ଦୁଇଟି
Jordibā ପଦାର୍ଥ ବା ଅଂଶକୁ ଏକତ୍ର ସଂଯୁକ୍ତ କରିବା—
জোড়া 1. To unite; to join together two things or parts.
जोड़ना

୨ । ଏକାଧିକ ସଂଖ୍ୟାକୁ ମିଶାଇବା—
1. To add up numbers.

୩ । ହିସାବ ମିଳାଇବା—
3. To square up an account.

୪ । ଗୀତ ବା ପଦ୍ୟାଦି ରଚନା କରିବା—
4. To compose a song or poem.

୫ । ପୃଥଗବସ୍ଥିତ ଉପାଦାନମାନଙ୍କୁ ଏକତ୍ର ସଂଗ୍ରହ କରିବା—
5. To bring together various materials.

୬ । ଭାଙ୍ଗି ଯାଇଥିବା ପଦାର୍ଥର ଅଂଶକୁ ଅଠା ଆଦି ଦ୍ୱାରା ସଂଯୋଜିତ କରିବା ବା ଝାଳିବା—6. To join or solder together two broken parts.

ଜୋଡ଼ ବିଚାର—ଦେ. ବ.—ଜୁରିଙ୍କଦ୍ୱାରା ଦଉରା ମକଦମାର ବିଚାର—
Jordi bichāra A trial by jury.
জুরি বিচার
जुड़ि बिचार

ଜୋଡ଼ ବେତ—ଦେ. ବ.—ଜାଲିଂ ବେତ; ଦଣ୍ଡିତ ବ୍ୟକ୍ତିଙ୍କୁ ପ୍ରହାର
Jordi beta କରିବା ନିମନ୍ତେ ଏକତ୍ର ବନ୍ଧା ହୋଇଥିବା ଦୁଇଟି
জোড়া বেত ବେତ—Two canes tied together for the
जोड़िबेत purpose of caning convicted persons.

ଜୋଡ଼ ମହୁରି—ଦେ. ବ.—ଜୋଡ଼ା ମହୁରି; ଜଣେ ଲୋକ ଏକ
Jordi mahuri ସମୟରେ ଏକତ୍ର ବଜାଇବା ଦୁଇଟି ମହୁରି ବା କାହାଳୀ—A double-trumpet blown by one person simultaneously.

ଜୋଡ଼ ମଶାଲ—ଦେ. ବ.—ଜୋଡ଼ା ମଶାଲ (ଦେଖ)
Jordi masāla Jordā masāla (See)

ଜୋଡ଼ ମାରିବା—ଦେ. କ୍ରି.—(ଘୋଡ଼ା ଆଦି ପଶୁ) ଦୁଇ ପଛଗୋଡ଼ରେ
Jordi māribā ଏକ ସମୟରେ ନାତ ମାରିବା—To kick
दुलात्ति मारना with the two hind legs simultaneously.

ଜୋଡ଼ରେ ବସିବା—ଦେ. ବ.—୧ । ମକଦମା ବିଚାର କରିବା ପାଇଁ
Jordire basibā ଜଜଙ୍କ ସଙ୍ଗେ ଜୁରିରୂପେ ବିଚାରାସନରେ ବସିବା—
জুরিতে বসা To sit on the jury; to sit as a juror.
जुड़िमे बैठना ୨ । ଦୁଇଟି ଘୋଡ଼ା ଯୋଚା ହେବା ଗାଡ଼ିରେ ବସିବା—
To take a drive in a coach and pair.

ଜୋଡ଼ ଶଙ୍ଖ—ଦେ. ବ.—ଜୋଡ଼ା ଶଙ୍ଖ (ଦେଖ)
Jordi śankha Jordā sankha (See)

ଜୋଡ଼ ଶାଲ—ଦେ. ବ.—ଏକତ୍ର ବ୍ୟବହୃତ ଦୁଇଟି ଶାଲ, ଦୋଶାଲ—
Jordi śāla A pair of shawls used together.
দোশালা
दुसाला

ଜୋଡ଼ ହଙ୍କା(ଙ୍କେ)ଇବା—ଦେ. କ୍ରି.—ଜୋଡ଼ ଚଲାଇବା (ଦେଖ)
Jordi hankā(nke)ibā Jordi chalāibā (See)

ଜୋଡ଼ ହାଙ୍କିବା—ଦେ. କ୍ରି.—ଜୋଡ଼ ଚଲାଇବା (ଦେଖ)
Jordi hānkibā Jordi chalāibā (See)

ଜୋତ—ଦେ. ବ. (ସଂ. ଯୋକ୍ତ୍ର; ଯୋତ୍ର)—୧ । ଯୁଗବନ୍ଧନରଜ୍ଜୁ; ହଳ
Jota ବା ଶଗଡ଼ର ଜୁଆଳିକୁ ଯଥାକ୍ରମେ ଈଶ ବା ଦଣ୍ଡା ସଙ୍ଗେ
जोत ବାନ୍ଧିବା ଦଉଡ଼ି—1. Rope for tying the yoke to the shaft of a plough or cart.

୧	ଇ	ଉ	ଋ,ଌ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ୟ	ଜ	ଶ,ଷ	ଙ୍କ	ଇଯ଼	ଉଅ	ୱ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ହ୍ନ

୨ । ଧାନ କଲେଇ ଅବ ବାନ୍ଧ ବଲରୁ ବୋହ ଅଣିବା ପାଇଁ ବ୍ୟବହୃତ ଦଉଡ଼ା—2. Rope used to tie up and carry the sheaves of corn harvested from the field.

জোত **জোঁত** ବୈଦେ. ବି. (ଫା. ଜୋତ୍)—୧ । କର୍ଷଣଯୋଗ୍ୟ ଭୂମି—1. Arable land; a land fit for tillage.
୨ । ଜମିଦାରଙ୍କ ଅଧୀନରେ ପ୍ରଜା ଦଖଲ କରୁଥିବା ଜମି; ପ୍ରଜାସ୍ୱତ୍ୱ ବର୍ତ୍ତିଷ୍ଣୁ ଜମି; ରଇତ ଜମି—2. A tenure or holding of a tenant.

ଜୋତ ଅବାଦ କରିବା—ଦେ. କ୍ରି.—୧ । ଭୂମି ଚାଷ କରିବା—
Jota ābāda kariba 1. To cultivate arable land.
জোত আবাদ করা **जोतना** ୨ । ରଇତ ବୃତ୍ତିକୁ (ପ୍ରଜା) କର୍ଷଣ କରିବା; ରଇତରୂପେ ଜମି ଚାଷ କରିବା—2. To cultivate a holding as a tenant.

ଜୋତ ଦଉଡ଼ି—ଦେ. ବି.—ଜୋତ (ଦେଖ)
Jota daurdi Jota (See)
(ଜୋତଦଉଡ଼ା—ଅନ୍ୟରୂପ)

ଜୋତଦାର—ବୈଦେ. (ଫା. ଜୋତ୍‌ଦାର)—
Jotadār ପ୍ରଜାସ୍ୱତ୍ୱଯୁକ୍ତ ଜମିର ଅଧିକାରୀ—
জোতদার A tenure-holder; tenant; raiyat.
जोतदार

ଜୋତର—ଗ୍ରା. ବି—ଜୋତ୍ର (ଦେଖ)
Jotara Jotra (See)

ଜୋତା (ଇତ୍ୟାଦି)—ଦେ. ବି—୧ । ଜୁତା (ଇତ୍ୟାଦି) (ଦେଖ)
Jotā (etc) 1. Jutā (etc) (See)
জুতা ୨ । ଯୋଚ୍ଚ (ଦେଖ)
जूता 2. Jocha (See)

ଜୋତା(ତେ)ଇବା—ଦେ. କ୍ରି. (ସଂ. ଯୋଜନ)—
Jotā(te)ibā ୧ । ଜୋତିବା କ୍ରିୟାର ପ୍ରୟୋଜକ ରୂପ—
জুতান্ 1. Causative form of Jotibā.
जोतवाना ୨ । ଜୋତାରେ ପ୍ରହାର କରିବା—
2. To beat with shoes.

ଜୋତା ଉଠା(ଠେ)ଇବା—ଦେ. କ୍ରି—୧ । ଜୋତାରେ ମାଡ଼ ଦେବାକୁ
Jotā utha(the)ibā ତତ୍ପର ହେବା; ଜୋତା ଦ୍ୱାରା ଅପରକୁ
জুতা উঠানো ଆଘାତ କରିବାକୁ ଉଦ୍ୟତ ହେବା—1. To be
जूती उठाना ready to give a shoe-beating.
୨ । ଅପରର ପିନ୍ଧିବା ଜୋତାକୁ ଉଠାଇବା ରୂପ ନୀଚ ଭୃତ୍ୟକର୍ମ କରିବା—2. To do another's menial works, such as removing his shoes.

ଜୋତା ପଡ଼ିଯିବା—ଦେ. କ୍ରି.—(ଛୁରୀ ବା କଟୁରୀ ଅବର ଧାର)
Jotā pardi-jiba କାଠ, ପଥର ବା ଲୁହାରେ ବାଜି ଦନ୍ତୁରା ବା ଛେଚଡ଼ା ହୋଇଯିବା-(the blade of a weapon) To become blunted by coming in contact with wood, stone, iron or such other hard things.

ଜୋତା ମାରିବା—ଦେ. କ୍ରି—ଜୋତାରେ ପିଟିବା—
Jotā māriba To give a shoe-beating.
জুতা মারা, জুতান
जुता मारना, जुतियाना

ଜୋତି—ଗ୍ରାମ୍ୟ. ବି. (ସଂ. ଜ୍ୟୋତିଃ)—ଜ୍ୟୋତି (ଦେଖ)
Joti Jyoti (See)
জোতি
जोति

ଜୋତିବା—ଦେ. କ୍ରି. (ସଂ. ଯୋଜନ)—ଯୋଚିବା (ଦେଖ)
Jotibā Jochibā (See)
জোতা ପ୍ରାଦେ. (ସମ୍ବଲପୁର, ଅଠମଲ୍ଲିକ) କ୍ରି. (ଭୁଲ. ଏହି
जोतना ଅର୍ଥରେ ହି. ଜୋତ୍‌ନା)—ଚାଷ କରିବା—
To cultivate the land; to till the land.

ଜୋତିଷ—ଦେ. ବି. (ସଂ. ଜ୍ୟୋତିଷ)—୧ । ଜ୍ୟୋତିଷ (ଦେଖ)
Jotisha 1. Jyotisha (See)
জোতিষ ୨ । (ସଂ. ଜ୍ୟୋତିଷୀ) ଜ୍ୟୋତିଷୀ (ଦେଖ)
जोतिष 2. Jyotishi (See)

ଜୋତିଷ ନାୟ(ହା)କ—ଦେ. ବି—ଜଉତିଷ ନାୟକ (ଦେଖ)
Jotisha nāya(hā)ka Jautisha nāyaka (See)

ଜୋତ୍ର—ବୈଦେ. ବି. (ଫା. ଜୋତ୍)—
Jotra ୧ । ରଯ଼ତ ବୃତ୍ତି—
জোত 1. Tenure; tenant's holding.
जोत ୨ । ଭୂସମ୍ପତ୍ତି—2. Landed property.
୩ । ସମ୍ପତ୍ତି—3. Property.
୪ । ସଙ୍ଗତି; ସଚ୍ଛଳ—4. Well-to-do condition.
୫ । ବ୍ୟବସାୟର ପୁଞ୍ଜି; ପାଣ୍ଠି—5. Capital; stock.
୬ । ଉପାୟ—6. Means.
୭ । ସୁବିଧା; ସୁଯୋଗ—
7. Favourable opportunity.

ଜୋତ୍ରସମ୍ପନ୍ନ—ଦେ. ବିଣ—ସଙ୍ଗତିସମ୍ପନ୍ନ; ସମ୍ପତ୍ତିଶାଳୀ—
Jotra-sampanna Well-to-do; affluent.

ଜୋତ୍ରବିହୀନ—ଦେ. ବିଣ—୧ । ସମ୍ପତ୍ତିହୀନ; ଅତ୍ୟନ୍ତ ଗରିବ; ସଙ୍ଗତିହୀନ—
Jotra-bihīna 1. Very poor; indigent; having no property or assets.
୨ । ଯେଉଁ ବ୍ୟକ୍ତିର ଦେଣା ପରିଶୋଧ କରିବା ସକାଶେ ସମ୍ପତ୍ତି ଅଣ୍ଟେ ନାହିଁ; ଦେବାଳିଆ—2. Insolvent.

ଜୋବରା—ଦେ. ବିଣ—୧ । ମଇଳା; ମଳଯୁକ୍ତ; ଅପରିଚ୍ଛନ୍ନ—
Jobarā 1. Dirty.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଥ' ନ ମିଳିଲେ 'କଥ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲବଦ' ନ ପାଇଲେ 'ଅଲ୍‌ବଦ୍ଧ' ଦେଖିବେ ।

(ଜୋବସ୍ରା—ସ୍ତ୍ରୀ) ୨ । ଅଳଅ ଯୁକ୍ତ—
2. Full of filth or rubbish.
୩ । ଅପରିଷ୍କୃତ—3. Uncleansed.
୪ । ବିବର୍ଣ୍ଣ—4. Pale.
ଦେ. ବି—ମହାନଦୀର କୂଳରେ ଅବସ୍ଥିତ କଟକର ଉପକଣ୍ଠସ୍ଥ ଗ୍ରାମ ବା ନଗରାଂଶ—A part on the outskirts of the town of Cuttack on the bank of Mahanadi.
[ଦ୍ର—ଏହିଠାରେ ଇଂରାଜ ଗଭର୍ଣ୍ଣମେଣ୍ଟ ଗୋଟିଏ ପଥର ବନ୍ଧ (Anicut) ଦ୍ୱାରା ମହାନଦୀର ପାଣିକୁ ଅଟକାଇ ରଖି ତହିଁରୁ ଗୁଡ଼ିଏ କେନାଲ୍ ବାହାର କରାଇ କଟକ ଜିଲ୍ଲାର କୃଷିକ୍ଷେତ୍ରରେ ଜଳସେଚନ ଓ ନୌଯାତ୍ରାଦିର ସୁବିଧା କରାଇ ଅଛନ୍ତି ।]

ଜୋୟଖ୍—ବୈଦେ. ବି. (ଅ)—ନରକ (ମୁସଲମାନମାନଙ୍କର)—
Jojakh Hell (of Mahomedans).
জাহানম
जहन्नम

ଜୋର୍—ବୈଦେ. ବି. (ଫା. ଜୋର୍)—
Jor ୧ । ବଳ; ବେଗ—1. Force; velocity.
জোর ୨ । ଜବରଦସ୍ତି; ବଳପ୍ରୟୋଗ—2. Use of force.
ज़ोर ୩ । ପରାକ୍ରମ; ଶକ୍ତି; କ୍ଷମତା—
3. Strength; power; might.
୪ । ଅଧିକାର—4. Authority.
୫ । ଜିଗର—5. Obstinacy; insistence.
୬ । କଥା ଉପରେ ଦେବା ଗୁରୁତ୍ୱ—6. Emphasis.
୭ । ଉଚ୍ଚାରଣର ଗୁରୁତ୍ୱ—7. Stress.
ବୈଦେ. ବିଣ—୧ । ଉଚ୍ଚ ସ୍ୱର ଯୁକ୍ତ—1. Loud.
୨ । (ମୂଲ୍ୟରେ) ଅତ୍ୟଧିକ—
2. Excessive; dear (in price).
୩ । କଡ଼ା (ହୁକୁମ)—3. Strict (order).

ଜୋର୍ ଜବର୍‌ଦସ୍ତି—ବୈଦେ. ବି. ((ସଙ୍କରଶବ୍ଦ)—
Jor jabar-dasti ଜୋର୍‌ଜୁଲମ୍ (ଦେଖ)
জোর জবরদস্তি Jor-julam (See)

ଜୋର୍‌ଜାରି—ବୈଦେ. ବି. (ଫା)—ଜୋର୍‌ଜୁଲମ୍ (ଦେଖ)
Jor-jāri Jorjulam (See)
জোরজারী
ज़ोरजारी

ଜୋର୍‌ଜୁଲମ୍—ବୈଦେ. ବି. (ଫା) (ସଙ୍କରଶବ୍ଦ)—
Jor-julam ୧ । ବଳଜୋର; ବଳଜୋରି; ବଳପ୍ରକାଶ—
জোরজুলম 1. Show of force; compulsion; coercion.
ज़ोरजुल्म ୨ । ଜିଗର—2. Insistence.
(ଜୋର୍‌ଜୁଲୁମ୍—ଅନ୍ୟରୂପ) ୩ । ବଳପ୍ରୟୋଗ—
3. Use of force.

୪ । ଉତ୍ପୀଡ଼ନ—4. Oppression; tyranny.

ଜୋର୍‌ଦାର୍—ବୈଦେ. ବିଣ. (ଫା)—୧ । ଶକ୍ତିଶାଳୀ; ପରାକ୍ରମଶାଳୀ—
Jor-dār 1. Powerful; mighty.
জোরদার; জোরাল ୨ । ବଳବାନ୍—2. Strong.
ज़ोरदार; ज़ोरावर

ଜୋରଦାରି—ବୈଦେ. ବି—ବଳିଷ୍ଠ ପଣିଆ—
Jordāri The condition of being strong.
জোরদারী
ज़ोरदारी

ଜୋରଦାରିଆ—ଦେ. ବିଣ. (ଫା. ଜୋର୍‌ଦାର୍ + ଓଡ଼ିଆ ପ୍ରତ୍ୟୟ ଇଆ)—
Jordāriā ଜୋର୍‌ଦାର୍ (ଦେଖ)
Jor-dār (See)

ଜୋର୍‌ସୋର୍—ବୈଦେ. କ୍ରି. ବିଣ. (ଫା. ଜୋର୍‌ଶୋର୍=ଅତ୍ୟଧିକ
Jor-sor ଜୋର୍)—ଅତି କ୍ଷିପ୍ରଗତିରେ—Rapidly.
জোরসোর
ज़ोरसोरसे

ଜୋର—ଗ୍ରାମ୍ୟ (ଇତର) ବି—ଜୋଡ଼; ଦୀର୍ଘ ଜଳାଶୟ; ନୟନଜୋଡ଼—
Jora A long expanse of water; ditch.
জোল ବି—୧ । ଛୋଟ ପାଣିନାଳ—
दलदल 1. A small water-channel.
୨ । ଛୋଟ ନଦୀ—2. Streamlet.
ବୈଦେ. ବି ଓ ବିଣ. (ଫା. ଜୋର୍)—ଜୋର୍ (ଦେଖ)
Jor (See)

ଜୋର କରିବା—ଦେ. କ୍ରି—୧ । ବଳପ୍ରୟୋଗ କରିବା—
Jora kariba 1. To use force.
জোর করা ୨ । ବଳପୂର୍ବକ ବାଧ୍ୟ କରିବା—
ज़ोर करना 2. To compel by use of force.
୩ । ବଳପ୍ରୟୋଗ ଲୋଡ଼ିବା—
3. To require use of force.
୪ । ବିଶେଷ ପ୍ରୟତ୍ନ କରିବା—4. To strive hard.

ଜୋର ଦେବା—ଦେ. କ୍ରି—୧ । କୌଣସି ଅଙ୍ଗ ବା ଦ୍ରବ୍ୟ ଉପରେ)—
Jora deba ଆପଣାର ଭାରକୁ ନ୍ୟସ୍ତ କରିବା—1. To rest
জোরদেওয়া one's weight on (a thing or a limb).
ज़ोरदेना (ଯଥା—ଦେଖ, କାଦୁଅ ଭୂଇଁରେ ଗଛ କାଟିବେଳେ ବାଡ଼ି ଉପରେ ଖୁବ୍ ଜୋର ଦେଇ ଚାଲୁଥିଲୁ ।)
୨ । (କହିଲାବେଳେ କୌଣସି କଥା ବା ବିଷୟ ଉପରେ)—
ଗୁରୁତ୍ୱ ଦେବା—2. To put emphasis (on a particular word or subject.
(ଯଥା—କହିଲାବେଳେ ଅମୁକ ବିଷୟ ଉପରେ ଟିକିଏ ଜୋର ଦେଇ ନ କହିଲେ ତାର ଗୁରୁତ୍ୱ କ ବୁଝା ପଡ଼ିବ ନାହିଁ ।)

ଜୋର ପାଇବା—ଦେ. ବି—୧ । ସମଧିକ ବଳଲାଭ କରିବା—
Jora paiba 1. Gaining of sufficient strength.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇସ୍ତୃ	ଉଅ	ଘ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଙ୍	ନ୍

জোর পাওআ (ଯଥା— ୨ ମାସ ଜରରେ ପଡ଼ି ବର୍ତ୍ତମାନ ଚାଲିବାକୁ
जोर पाना ମୋର ଜୋର ପାଉ ନାହିଁ ।)

୨ । କାହାର କୌଣସି କାର୍ଯ୍ୟ-ସାଧନୋପଯୋଗୀ ବଳ ବା ଦାବୀ ଥିବାର ଅନୁମାନ ହେବା—2. Having a claim of right in respect of a certain person or matter; considering oneself able to do a thing.

(ଯଥା—ତାକୁ ଏଠାକୁ ଡାକି ଆଣିବାକୁ ମୋର ଜୋର ପାଉଛି; ତାଙ୍କୁ ଏ ଗୃହର ଖଣ୍ଡକପାଇଁ ଅନୁରୋଧ କରିବାକୁ ମୋର ଜୋର ପାଉଛି ।)

ଜୋରାବର୍—ବୈଦେ. ବଣ. (ଫା)—ଜୋର୍‌ଦାର୍ (ଦେଖ)
Jorābar Jor-dār (See)

ଜୋରାବରି—ବୈଦେ. ବ. (ଫା)—ଜୋର୍‌ଦାରି (ଦେଖ)
Jorābari Jor-dāri (See)

ଜୋରିଆ—ପ୍ରାଦେ. (ସମ୍ବଲପୁର) ବ—ଅନାର୍ଯ୍ୟ ଶବର ଜାତିର ଗୋଟିଏ
Joriā ଶାଖା—A branch of the Śabara caste.
[ଦ୍ର—ଶବର ଜାତିର ଅପର ଶାଖା 'ଝୁଣ୍ଟିଆ' ।]

ଜୋରିଜାରି—ବୈଦେ. ବ. (ଫା)—ଜୋର୍‌ଜୁଲମ୍ (ଦେଖ)
Jorijāri Jor-julam (See)

ଜୋରିବାନା—ପ୍ରାଦେ. (ସମ୍ବଲପୁର) ବ—ଜୋରିମାନା (ଦେଖ)
Joribānā Jorimānā (See)

ଜୋରିମାନା—ବୈଦେ. ବି. (ଅ. ଜୁରିମାନା)—ଅର୍ଥଦଣ୍ଡ—
Jorimānā Fine; penalty.
জুরিমানা
जुरमाना

ଜୋରୁ—ଦେ. ବି. (ହି. ଜୋଡ଼ା=ଯୁଗ୍ମରୁ ଉର୍ଦ୍ଦୁ; ମୁସଲମାନୀଭାଷା)—
Joru ଭାର୍ଯ୍ୟା—Wife.
জোরু
जोरु

ଜୋରୁବେଟି—ଦେ. ବି. (ଉର୍ଦ୍ଦୁ; ସହଚର ଶବ୍ଦ)—ସ୍ତ୍ରୀ ଓ କନ୍ୟା—
Joru-beṭi Wife and daughter.

ଜୋରେଇବା—ଦେ. କ୍ରି— ୧ । ବଳୁଆ ହେବା—
Joreibā 1. To become strong.
୨ । କ୍ଷମତାବାନ୍ ହେବା—2. To become powerful.

ଜୋଲା—ବୈଦେ. ବି. (ଫା. ଜୋଲ୍‌ହା, ଜୁଲହ୍)—ମୁସଲମାନ ତନ୍ତୁବାୟ
Jolā ଜାତି—A Mahomedan weaver.
জোলা [ଦ୍ର—କଟକ ସହରରେ 'ଜୋଲାସାହି' ନାମରେ ଗୋଟିଏ
जोलहा ବସ୍ତି ଅଛି ।]
(ଜୋଲ୍ହା, ଜୋହ୍ଲା—ଅନ୍ୟରୂପ)

ଜୋଲା(ଲେ)ଇବା—ଦେ. କ୍ରି. (ସଂ. ଜଳ)—(କୌଣସି ସ୍ଥାନ) ଜଳାର୍ଦ୍ର
Jolā(le)ibā ହୋଇ ସନ୍ତସନ୍ତିଆ ହେବା; ଜଳଯୁକ୍ତ ହେବା—
জোলান (a place) To be saturated with water; to
(ଜୋଲ୍ହେଇବା—ଅନ୍ୟରୂପ) be impregnated with water.

ଜୋଲାପ୍ (ଇତ୍ୟାଦି)—ବୈଦେ. ବ. (ଅ. ଜୁଲାବ୍; ପର୍ତ୍ତୁ. ଜଲାପା)—
Jolāp (etc)
(ଜୋଲାବ୍—ଅନ୍ୟରୂପ) ଜୁଲାପ୍ ଇତ୍ୟାଦି (ଦେଖ)
Julāp etc. (See)

ଜୋଳି—ଦେ. ବ.—୧ । ଲଙ୍ଗଳର ଫାଳଖିଲ ବା ପିଠଖିଲ—
Joḷi 1. The wooden pin which sets the ploughblade tight to the beam of the plough.
୨ । ଜୁଉଳି (ଦେଖ)
2. Ju-uḷi (See)

ଜୋଳିକି—ଦେ. ବ.—ଜୁଳୁକି (ଦେଖ)
Joḷiki Juḷuki (See)

ଜୋଷ—ସଂ. ବ.—(ଜୁଷ୍ ଧାତୁ=ତୃପ୍ତ କରିବା; ତୃପ୍ତ ହେବା + ଭାବ. ଅ)
Josha ୧ । ସ୍ୱଚ୍ଛନ୍ଦତା; ସୁଖ—1. Happiness; ease; enjoyment.
୨ । ସନ୍ତୋଷ—2. Contentment.
୩ । ସ୍ତୁତି; ପ୍ରଶଂସା—3. Praise.
୪ । ମୌନ—4. Silence.
୫ । ଲଂଘନ; ଉପବାସ—5. Fasting.

ଜୋଷଣ—ସଂ. ବ. (ଜୁଷ୍ ଧାତୁ=ତୃପ୍ତ ହେବା; ତୃପ୍ତ କରିବା+ଭାବ.
Joshaṇa ଅନ)—ଜୋଷ (ଦେଖ)
Josha (See)

ଜୋଷମ୍—ସଂ.ଅ. (ଜୁଷ୍ ଧାତୁ+କରଣ ଅମ୍)—ତୁଷ୍ଣୀଭାବରେ;ନୀରବରେ,
Josham ଚୁପ୍ ହୋଇ—1. Silently.
୨ । ସୁଖ ସ୍ୱଚ୍ଛନ୍ଦରେ—2. With ease.
୩ । ସମ୍ପୂର୍ଣ୍ଣରୂପେ—3. Completely.

ଜୋଷା—ସଂ. ବ. ସ୍ତ୍ରୀ.—(ଜୁଷ୍ ଧାତୁ=ତୃପ୍ତ କରିବା+କର୍ତ୍ତୃ. ଅ+ସ୍ତ୍ରୀ.
Joshā ଆ.)—ନାରୀ;ସ୍ତ୍ରୀ—Woman; a female.

ଜୋଷିତ୍—ସଂ. ବ. ସ୍ତ୍ରୀ (ଜୁଷ୍ ଧାତୁ=ତୃପ୍ତି କରିବା+କର୍ତ୍ତୃ. ଇତ୍)—
Joshita ଜୋଷା (ଦେଖ)
Joshā (See)

ଜୋଷିତା—ସଂ. ବ. ସ୍ତ୍ରୀ. (ଜୁଷ୍ ଧାତୁ=ତୃପ୍ତି କରିବା+କର୍ତ୍ତୃ. ଇତ୍+ସ୍ତ୍ରୀ;
Joshitā ଆ)—ଜୋଷା (ଦେଖ)
Joshā (See)

ଜୋହଳ—ଦେ. ବ.—ଜୋଳି (ଦେଖ)
Johaḷa Joḷi (See)

ଜୋହାର (ଇତ୍ୟାଦି)—ଦେ. ବ.—ଜୁହାର ଇତ୍ୟାଦି (ଦେଖ)
Johāra (etc) Juhāra etc (See)

ଜୋହାରିବା—ଦେ. ବ.—ଜୁହାର କରିବା (ଦେଖ)
Johāribā Juhāra kariba (See)

ସାଧାରଣ ଲୋକେ ଅପର ସ୍ଥାନରେ ବ୍ୟବହୃତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

ଜୋହୁକୁମ୍—ବୈଦେ. ଅ.—ଆପଣ ଯାହା କହିଲେ ତାହା ମୋର ଶିରୋଧାର୍ଯ୍ୟ; ଆଜ୍ଞା ହଁ !
Jo hukum
ଜୋ ହୁକୁମ A phrase meaning 'As you please'.
जो हुकम
ବୈଦେ. ବଣ.—ଯେ ଉପରସ୍ଥ ବ୍ୟକ୍ତିଙ୍କ ମନ ରକ୍ଷା କରିବା ପାଇଁ ସବୁ କାର୍ଯ୍ୟରେ ଓ କଥାରେ ହାଁଜି ହାଁଜି କରେ, ଅର୍ଥାତ୍ ତାଙ୍କର ଅନ୍ୟାଯ୍ୟ କଥାକୁ ମଧ୍ୟ ସମର୍ଥନ କରେ—A toad-eater; a fawning sycophant.

ଜୋହ୍ଲା—ବୈଦେ. ବି. (ଫା. ଜୋଲ୍‌ହା, ଜୁଲ୍‌ହା)—ଜୋଲା (ଦେଖ)
Johlā Jolā (See)

ଜୋହ୍ଲା(ହ୍ଲେ)ଇବା—ଦେ. କ୍ରି.—ଜୋଲାଇବା (ଦେଖ)
Johlā (hle)ibā Jolāibā (See)

ଜୌ (ଇତ୍ୟାଦି)—ଦେ. ବି. (ସଂ. ଜତୁ)—ଜଉ (ଇତ୍ୟାଦି) (ଦେଖ)
Jau (etc) Jau (etc) (See)

ଜୌଜୁତ୍ସୁ—ବୈଦେ. ବି. (ଯାପାନୀ)—ଜ୍ୟୁଜୁତ୍ସୁ (ଦେଖ)
Jaujutsu Jyujutsu (See)

ଜୌତିଷ—ଗ୍ରା. ବି.—(ସଂ. ଜ୍ୟୋତିଷ)—ଜଉତିଷ (ଦେଖ)
Jautisha Jautisha (See)

ଜ୍ଞ—ସଂ. ବଣ. ପୁଂ. (ଜ୍ଞା ଧାତୁ=ଜାଣିବା+କର୍ତ୍ତୃ. ଅ)—୧ । ଜ୍ଞାନୀ—
Jña 1. Having extensive knowledge; wise.
(ଜ୍ଞା—ସ୍ତ୍ରୀ) ୨ । ମନୀଷୀ; ପଣ୍ଡିତ—2. Learned.
[ଏହି ଶବ୍ଦର ପ୍ରାୟ ସ୍ୱତନ୍ତ୍ର ପ୍ରୟୋଗ ନାହିଁ; ଉପସର୍ଗ ବା ଉପପଦ ପରେ ଏହାର ପ୍ରୟୋଗ ହୁଏ; ଯଥା—ବିଜ୍ଞ, ସୁଜ୍ଞ, ମାଜ୍ଞ, ଶାସ୍ତ୍ରଜ୍ଞ ଇତ୍ୟାଦି ।]
୩ । ଦେଶକାଳଜ୍ଞ—
3. Conversant with the country and time.
୪ । ଅଭିଜ୍ଞ; ଅନୁଭବୀ—4. Experienced.
ସଂ. ବି.—୧ । ଜ୍ଞାନୀ ବ୍ୟକ୍ତି; ପଣ୍ଡିତ—
1. Philosopher; wise man.
୨ । ବ୍ରହ୍ମା—2. Brahmā.
୩ । ଚନ୍ଦ୍ର—3. The moon.
୪ । ମଙ୍ଗଳ ଗ୍ରହ—4. The planet Mars.
୫ । ବୁଧ ଗ୍ରହ—5. The planet Mercury.

ଜ୍ଞପିତ—ସଂ. ବଣ. (ଜ୍ଞା ଧାତୁ=ଜାଣିବା; ଣିଚ (ଇ)=ଜ୍ଞାପ୍ ଧାତୁ+କର୍ମ. ତ)—୧ । ବିଜ୍ଞପିତ; ଜଣାଇ ଦିଆ ଯାଇଥିବା (ବିଷୟ)—1. Notified; intimated.
Jñapita
୨ । ପ୍ରକାଶିତ—2. Revealed; published.
୩ । ଶାଣିତ—3. Sharpened; whetted.
୪ । ପ୍ରକଟିତ; ଦୃଷ୍ଟ; ଦୃଷ୍ଟିକୁ ଅଣାତ—4. Discovered; brought into view; seen.
୫ । ଶିକ୍ଷା ଦିଆ ଯାଇଥିବା—
5. Taught; expounded.
୬ । ଯାହାଙ୍କୁ ଜଣାଇ ଦିଆ ଯାଇ ଥାଏ—
6. (a person) who has been informed.

ଜ୍ଞପ୍ତ—ସଂ. ବଣ. (ଜ୍ଞା ଧାତୁ ଣିଚ=ଜଣାଇବା+କର୍ମ. ତ)—
Jñapta ଜ୍ଞପିତ (ଦେଖ)—Jñapita (See)

ଜ୍ଞପ୍ତି—ସଂ. ବି (ଜ୍ଞା ଧାତୁ, ଣିଚ୍+ଭାବ. ତି)—୧ । ଜ୍ଞାନ—
Jñapti 1. Knowledge.
୨ । ବୋଧ; ବୁଦ୍ଧି—
2. Perception; sense; understanding.
୩ । ଜାଣିବା—3. Knowing.
୪ । ବିଜ୍ଞାପନ—4. Notification; notice.

ଜ୍ଞା (ଧାତୁ)—ସଂ—୧ । ଜାଣିବା—
Jñā 1. To know.
୨ । ବୋଧକରିବା; ଇନ୍ଦ୍ରିୟ ଦ୍ୱାରା ଅନୁଭବ କରିବା—
2. To perceive by the senses.
୩ । ବୁଝିବା—3. To understand; to realise.

ଜ୍ଞାତ—ସଂ. ବଣ (ଜ୍ଞା ଧାତୁ+କର୍ମ. ତ)—୧ । ବିଦିତ—
Jñāta 1. Known; learnt
୨ । ପରିଚିତ—2. Acquainted with; aware of.
୩ । ଅବଗତ; ଜଣାଇ ଦିଆ ଯାଇଥିବା—
3. Informed.
୪ । କୌଣସି ବିଷୟ ଉତ୍ତମରୂପେ ଜାଣିଥିବା (ବ୍ୟକ୍ତି)—
4. Skilled; one who knows a matter well; well versed in any matter.

ଜ୍ଞାତବ—ଦେ. ବି (ଜତେୟିଅ)—ଖବର; ସନ୍ଦେଶ—
Jñātaba Information.
ବଣ. (ସ.ଜ୍ଞାତ) ୧ । ଜ୍ଞାତ (ବିଷୟ)—1. Known (thing).
୨ । ଅବଗତ (ବ୍ୟକ୍ତି)—2. Informed (person); knowing.

ଜ୍ଞାତବ୍ୟ—ସଂ. ବଣ (ଜ୍ଞା ଧାତୁ+କର୍ମ. ତବ୍ୟ)—
Jñātabya ୧ । ଜ୍ଞେୟ; ଜାଣିବାର ଯୋଗ୍ୟ—
1. Knowable, capable of being known; fit to be known.
ଦେ. ବି—ଯାହା ଜାଣିବାର ବିଷୟ ବା ଯୋଗ୍ୟ—
A thing worth knowing.

ଜ୍ଞାତଯୌବନା—ସଂ. ବି. ସ୍ତ୍ରୀ (ବହୁବ୍ରୀହି; ଜ୍ଞାତ+ଯୌବନ+ଆ)—
Jñāta jaubana ହିନ୍ଦୁଶାସ୍ତ୍ରରେ ବର୍ଣ୍ଣିତ ନାୟିକାଭେଦ; ଯେଉଁ ନାୟିକା ଆପଣାର ଯୌବନ ବିଷୟ ଜାଣିଅଛି—
A class of heroines in the Hindu love-plots; a lady who is conscious of having attained youth.

୧	ଇ	ଊ	ର୍,ର୍ଦ୍ଧ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଋ	ଋ	ଢ଼
୨	ଈ	ଉ	ରୁ	ଲୁ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ନ୍

[ଦ୍ର—ଏ ନାୟିକା ୨ ଶ୍ରେଣୀର; ନବୋଢ଼ା ଓ ବିଶ୍ରବ୍ଧନବୋଢ଼ା—
[ଦ୍ର. ଶବ୍ଦସାଗର ।]

ଜ୍ଞାତସାର—ସଂ. ବି (୬ଷ୍ଠୀ ତତ୍; ଜ୍ଞାତ+ସାର)—ଜ୍ଞାନର ସୀମା—
Jñāta-sāra — Range of knowledge; ken.
ସଂ. ବିଣ (ବହୁବ୍ରୀହି)—ବିବେକୀ; ଜ୍ଞାନୀ—
Learned; considerate.
ଯନ୍ତ୍ରବଧ ମୃଷା ତୁମ୍ଭେ ତ ଜ୍ଞାତସାର
ମୃଷା ବୋଇଲ ହେ ତୁମ୍ଭେ ତ ବଳଆର—କୃଷ୍ଣସିଂହ, ମହାଭାରତ. ଶାନ୍ତି ।

ଜ୍ଞାତସାରକୁ ଆସିବା—ଦେ. କ୍ରି—ଜଣାଯିବା—
Jñāta-sāraku āsibā — To come to one's knowledge or notice.
জ্ঞাতসারে আসা
जाननेमे आना
(ଜ୍ଞାତସାରରେ ଆସିବା—ଅନ୍ୟରୂପ)

ଜ୍ଞାତସାରରେ—ଦେ. କ୍ରି. ବିଣ—ଜାଣିକରି; ଜାଣିଶୁଣି; ଜ୍ଞାନଗୋଚରରେ
Jñāta-sāra-re — Knowingly; wittingly.
জ্ঞাতসারে
जाननेमे

ଜ୍ଞାତସିଦ୍ଧାନ୍ତ—ସଂ. ବିଣ. ପୁଂ (ଜ୍ଞାତ ହୋଇଅଛି ସିଦ୍ଧାନ୍ତ ଯାହାଦ୍ୱାରା—ବହୁବ୍ରୀହି)—୧ । ଶାସ୍ତ୍ରତତ୍ତ୍ୱଜ୍ଞ—
Jñāta-siddhānta — 1. Versed in the scriptures.
୨ । ବୈଜ୍ଞାନିକ; ବିଜ୍ଞାନବେତ୍ତା; ତାତ୍ତ୍ୱିକ—
2. Acquainted with any science.

ଜ୍ଞାତା—ସଂ. ବିଣ. ପୁଂ (ଜ୍ଞା ଧାତୁ+କର୍ତ୍ତୃ. ତୃ, ୧ମା. ୧ବ)—
Jñata — ୧ । ଜ୍ଞାନବାନ୍; ଯେ କୌଣସି ବିଷୟ ଜାଣିଥାଏ ବା
(ଜ୍ଞାତ୍ରୀ—ସ୍ତ୍ରୀ) ବୁଝିଥାଏ—1. Knowing or understanding a thing.
୨ । ଜ୍ଞାନୀ—2. Learned; wise; sagacious.

ଜ୍ଞାତାର୍ଥ—ସଂ. ବିଣ. ପୁଂ (ଜ୍ଞାତ ହୋଇଅଛି ଅର୍ଥ ଯାହାଦ୍ୱାରା ବା ଯାହାର; ବହୁବ୍ରୀହି)—୧ । ଯେ କୌଣସି ବିଷୟର ଅର୍ଥ ବା
Jñatārtha
(ଜ୍ଞାତାର୍ଥା—ସ୍ତ୍ରୀ) ମର୍ମ୍ମ ବୁଝିଅଛି—1. Knowing or understanding the meaning or purport of a thing.
୨ । ଯାହାର ଅର୍ଥ ଜଣାଯାଇଅଛି—2. Of which the meaning or purport is known.

ଜ୍ଞାତି—ସଂ. ବି. (ଜ୍ଞା ଧାତୁ+କର୍ତ୍ତୃ ବା କର୍ମ କ୍ତି)—୧ । ଦାୟାଦ;
Jñati — ଉତ୍ତରାଧିକାରୀ—1. Heir.
୨ । ସ୍ୱଜନ; ସପିଣ୍ଡ; ସଗୋତ୍ର—2. Relative; kinsman; a collateral relation; agnate.
ବାହାଦୁରନ୍ତି ଏବେ ଜ୍ଞାତିଙ୍କି ସହାର ।
କୃଷ୍ଣସିଂହ, ମହାଭାରତ. ଉଦ୍ଯୋଗ ।

ଜ୍ଞାତି କୁଟୁମ୍ବ—ଦେ. ବି.—(ଏକାର୍ଥବୋଧକ ସହଚର ଶବ୍ଦ ଦ୍ୱୟ; ସଂ. ଜ୍ଞାତି +କୁଟୁମ୍ବ)—୧ । ଭାଇଆ; ସଗୋତ୍ର—
Jñati kuṭumba — 1. Collateral relations.
জ্ঞাতি কুটুম্ব
୨ । ଅପଣା ପରିବାରଭୁକ୍ତ ଓ ବହିର୍ଭୂତ ସ୍ୱଜନବର୍ଗ—
2. Relations and kinsmen; kins of all descriptions; kith and kin.

ଜ୍ଞାତି ଗୋଷ୍ଠୀ—ଦେ. ବି. (ସଂ. ଜ୍ଞାତି+ଗୋଷ୍ଠୀ)—
Jñati goshṭhi — ଜ୍ଞାତି କୁଟୁମ୍ବ (ଦେଖ)
Jñati kuṭumba (See)

ଜ୍ଞାତିତା—ସଂ. ବି. (ଜ୍ଞାତି+ଭାବେ. ତା)—୧ । ଜ୍ଞାତିର ଧର୍ମ୍ମ ବା
Jñatitā — ବ୍ୟବହାର; ସ୍ୱଜନତା; ସଗୋତ୍ରତା—
(ଜ୍ଞାତିତ୍ୱ—ଅନ୍ୟରୂପ) Kinship; relationship.
୨ । ଜ୍ଞାତିର ଅନିଷ୍ଟ ଚେଷ୍ଟା; ଜ୍ଞାତି ପ୍ରତି ଅନିଷ୍ଟ ପ୍ରଦର୍ଶନ—
2. Thinking or doing injury to a kinsman.

ଜ୍ଞାତିତ୍ୱ ସାଧିବା—ଦେ. କ୍ରି.—ଭଗାରିଙ୍କ ପରି ଅନିଷ୍ଟ ସାଧନ କରିବା—
Jñatitwa sādhibā — To do or hatch mischief as a jealous kinsman.

ଜ୍ଞାତିବନ୍ଧୁ—ସଂ. ବି. (ବିପର୍ଯ୍ୟାର୍ଥକ ସହଚର ଶବ୍ଦଦ୍ୱୟ)—ରକ୍ତସମ୍ପର୍କୀୟ
Jñati-bandhu — ଭାଇଆ ଓ ବିବାହ ସମ୍ପର୍କୀୟ ବାନ୍ଧବ; ସଗୋତ୍ର ଓ ଅସଗୋତ୍ର ଆତ୍ମୀୟ; ସଗୋତ୍ର ଓ ଅସଗୋତ୍ର ସପିଣ୍ଡ ବ୍ୟକ୍ତିଗଣ—Kinsmen (by birth) and relations (by marriage.)
[ଦ୍ର—ହିନ୍ଦୁ ବ୍ୟବସ୍ଥାଶାସ୍ତ୍ର (ସ୍ମୃତି) ଅନୁସାରେ ମୃତବ୍ୟକ୍ତିଙ୍କୁ ଯେଉଁମାନେ ପିଣ୍ଡ ଦେଇ ତାହାର ତ୍ୟକ୍ତ ସମ୍ପତ୍ତିରେ ଉତ୍ତରାଧିକାରୀ ହୋଇପାରିବେ ସେମାନେ ସପିଣ୍ଡ ଓ ୨ ଶ୍ରେଣୀରେ ବିଭକ୍ତ ଯଥା—
୧ । ସଗୋତ୍ର—ଅର୍ଥାତ୍ ଯେଉଁମାନେ ଆପଣା ଗୋତ୍ରରେ ଜନ୍ମ ହୋଇ ଅଛନ୍ତି; ଯଥା—ପୁଅ, ନାତି, ପୁତୁରା, କକେଇ ଇତ୍ୟାଦି ଏମାନେ ଜ୍ଞାତି ।
୨ । ଅସଗୋତ୍ର—ଅର୍ଥାତ୍ ଯେଉଁମାନେ ବିବାହ ସମ୍ପର୍କରେ ଆପଣାର ଆତ୍ମୀୟ, ଯଥା—ଝିଅର ପୁଅ, ଝିଅର ନାତି ଇତ୍ୟାଦି, ଏମାନେ ବନ୍ଧୁ ।]

ଜ୍ଞାତିବିରୋଧ—ସଂ. ବି. (ଜ୍ଞାତି+ବିରୋଧ, ୭ମୀ ତତ୍)—ଭାଇଅଳି କଳି,
Jñati-birodha — ଜ୍ଞାତିମାନଙ୍କ ମଧ୍ୟରେ ଘଟିବା ବିବାଦ—
Quarrel amongst kinsmen.

ଜ୍ଞାତିଭାଇ—ଦେ. ବି. (ସଂ. ଜ୍ଞାତି+ଭ୍ରାତୃ)—୧ । ଜ୍ଞାତି କୁଟୁମ୍ବ—
Jñati-bhāi — 1. Kinsmen.
জ্ঞাতি ভাই
୨ । ବହୁ ପୁରୁଷ ଛଡ଼ା ଭାଇଲେଖା ବ୍ୟକ୍ତି—
2. An agnatic cousin; a cousin many degrees removed; a distant cousin.

ଜ୍ଞାତିଭେଦ—ସଂ. ବି. (ଜ୍ଞାତି+ଭେଦ; ୭ମୀ ତତ୍)—
Jñati-bheda — ଜ୍ଞାତିବିରୋଧ (ଦେଖ)—
Jñati birodha (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ପ୍ରଦତ୍ତ ୧ ଚକ୍ରର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଥ' ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଘ୍ୟ' ଦେଖିବେ, 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଜ୍ଞାତିଶତ୍ରୁ—ସଂ. ବି. (ଦ୍ୱନ୍ଦ୍ୱ; ଜ୍ଞାତି+ଶତ୍ରୁ)—ଯେଉଁ ଲୋକ ଆପଣାର ଜ୍ଞାତି
Jnāti-ṡatru ଅଥଚ ଶତ୍ରୁ; ଭଗାରି—
Jealous kinsman.

ଜ୍ଞାତେୟ—ସଂ. ବି. (ଜ୍ଞାତି+ଭାବେ ଏୟ)—ଜ୍ଞାତିତ୍ୱ—
Jnāteya Kinship; relationship.

ଜ୍ଞାନ—ସଂ. ବି (ଜ୍ଞା. ଧାତୁ+ଭାବ. ଅନ)—୧ । ଜାଣିବା—
Jnāna 1. Knowing.
୨ । ବୋଧ; ବୁଦ୍ଧି—
2. Knowledge; an idea; understanding.
୩ । ପ୍ରତୀତି; ଇନ୍ଦ୍ରିୟ ଦ୍ୱାରା ଅନୁଭୂତି—3. Perception.
୪ । ତତ୍ତ୍ୱଜ୍ଞାନ; ପରମାର୍ଥଜ୍ଞାନ—
4. Wisdom; true knowledge; religious or philosophical or scientific knowledge.
୫ । ଚୈତନ୍ୟ; ସଂଜ୍ଞା; ଚେତା—5. Consciousness.
୬ । ଭଲାମନ୍ଦ ବିଚାର ବୁଦ୍ଧି—6. Perception of what is right and what is wrong.
୭ । ଭଲ ମନ୍ଦ ବାଛିବାର ବୋଧ ଶକ୍ତି; ହୋସ୍; ବୋଧଶକ୍ତି—
7. Discretion.
ଦେ. ବି—୧ । ବାଳିକାର ଯୌବନପ୍ରାପ୍ତି—
1. Physical maturity of a girl.
(ଯଥା—ସେ ବାଳିକାର ଜ୍ଞାନ ଯାଇଲାଣି ।)
୨ । ବୟଃପ୍ରାପ୍ତ ହେବା ଅବସ୍ଥା; ସାବାଳକୀ—2. Majority.
୩ । ଖିଆଲ; ସ୍ମରଣ—3. Remembrance.
(ଯଥା—ମୋର ଏ କଥାରେ ଜ୍ଞାନ ନ ଥିଲା ।)
[ଦ୍ର—'ଜ୍ଞାନ'କୁ କବି ଓ ପଣ୍ଡିତମାନେ ସୂର୍ଯ୍ୟ, ଚନ୍ଦ୍ର, ଚକ୍ଷୁର ଅଞ୍ଜନ, ଭସ୍ମ, ଅଗ୍ନି, ସମୁଦ୍ର ଆଦି ସଙ୍ଗେ ତୁଳନା କରି ଅଛନ୍ତି । ଏଥିଯୋଗୁଁ ଜ୍ଞାନାଗ୍ନି, ଜ୍ଞାନାର୍ଣ୍ଣବ, ଜ୍ଞାନୋଦୟ, ଜ୍ଞାନୋତ୍ସ, ଜ୍ଞାନାଞ୍ଜନ, ଜ୍ଞାନେନ୍ଦୁ ଇତ୍ୟାଦି ପଦ ସ୍ଥଳବିଶେଷରେ ବ୍ୟବହୃତ ହୋଇ ଥାଏ ।
'ଜ୍ଞାନ' ଶବ୍ଦ ଉଚ୍ଚାରଣ କରିବା ସମୟେ 'ଜ୍ଞ'ର ଅନୁନାସିକ ଉଚ୍ଚାରଣ ପ୍ରକଟିତ ନ ହୋଇ ସାଧାରଣତଃ 'ଗ୍ୟାନ' ବୋଲି ଉଚ୍ଚାରିତ ହୁଏ ।]

ଜ୍ଞାନ କରିବା—ଦେ· କ୍ରି—୧ । ବିଚାର କରିବା—
Jnāna karibā 1. To consider.
ଜ୍ଞାନ କରା ୨ । ଆଦର କରିବା; ସମ୍ମାନ କରିବା; ଗଉର କରିବା—
2. To regard, to look up with respect.
୩ । ଭ୍ରୂକ୍ଷେପ କରିବା—3. To care; to have regard for.
୪ । ଚେତିବା; ସାବଧାନ ହେବା—
4. To take care; to beware.
୫ । ସ୍ମରଣ କରିବା—5. To remember.

ଜ୍ଞାନକାଣ୍ଡ—ସଂ. ବି. (୬ଷ୍ଠୀ ତତ୍; ଜ୍ଞାନ+କାଣ୍ଡ=ଅଧ୍ୟାୟ, ପ୍ରକରଣ)—
Jnāna-kānda ପ୍ରତ୍ୟେକ ବେଦର ତତ୍ତ୍ୱଜ୍ଞାନ ବର୍ଣ୍ଣନାତ୍ମକ ଅଂଶ—
(କର୍ମକାଣ୍ଡ—ବିପରୀତ) The philosophical portion of each of the Bedas.

ଜ୍ଞାନକୃତ—ସଂ. ବିଣ. (୩ୟା ତତ୍; ଜ୍ଞାନ+କୃତ)—
Jnāna-kruta ଜାଣି ଶୁଣି କରା ଯାଇଥିବା—
(ଜ୍ଞାନକୃତ—ବିପରୀତ) Done or committed wilfully.

ଜ୍ଞାନକୃତ ନରହତ୍ୟା—ସଂ. ବି—ଜାଣି ଶୁଣି ମନୁଷ୍ୟ ମାରିବାର (ହତ୍ୟା
Jnāna-kruta narahatyā କରିବାର) ଉଦ୍ଦେଶ୍ୟରେ ମାରିବା—
Culpable homicide.
[ଦ୍ର—ଏହି ଅପରାଧର ବର୍ଣ୍ଣନା ଓ ସଂଜ୍ଞା ଭାରତୀୟ ଦଣ୍ଡବିଧି ଆଇନର ୨୯୯ ଓ ୩୦୦ ଦଫାରେ ଦିଆଯାଇ ଅଛି ।]

ଜ୍ଞାନକୃତ ପାପ—ସଂ. ବି. (କର୍ମଧା; ଜ୍ଞାନକୃତ+ପାପ)—
Jnāna-kruta pāpa ଯେଉଁ ପାପକୁ ପୂର୍ବରୁ ପାପ ବୋଲି ଜାଣି ଶୁଣି ମନୁଷ୍ୟ ଆଚରଣ କରିଥାଏ—
Sinful acts of commission.

ଜ୍ଞାନଗମ୍ୟ—ସଂ. ବିଣ. (୩ୟା ତତ୍; ଜ୍ଞାନ+ଗମ୍ୟ)—
Jnāna-gamya ୧ । ବୋଧଗମ୍ୟ; ଜ୍ଞେୟ—
1. Knowable; capable of being known or understood.
୨ । ଯାହା ବୁଝାଯାଇ ପାରେ—2. Comprehensible.

ଜ୍ଞାନଗୋଚର—ସଂ. ବିଣ. (୩ୟା ତତ୍; ଜ୍ଞାନ+ଗୋଚର)—
Jnāna-gochara ଜ୍ଞାନଗମ୍ୟ (ଦେଖ)
Jnāna-gamya (see)

ଜ୍ଞାନଚକ୍ଷୁଃ—ସଂ. ବି. (ଜ୍ଞାନ+ଚକ୍ଷୁଃ; ଜ୍ଞାନ ରୂପକ ଚକ୍ଷୁ=ରୂପକ
Jnāna-chakshuh କର୍ମଧା)—ବୋଧଶକ୍ତି (ଯାହାକୁ ମନୁଷ୍ୟର ଚକ୍ଷୁ ସଙ୍ଗେ ତୁଳନା କରାଯାଇ ଥାଏ)—
Mind's eye; inner perception; the eye of intelligence.
ସଂ. ବିଣ. (ବହୁବ୍ରୀହି)—ବେଦଜ୍ଞାନରୂପ ନେତ୍ରବିଶିଷ୍ଟ (ବ୍ୟକ୍ତି)—
A person who is versed in the Bedas.

ଜ୍ଞାନତଃ—ସଂ. କ୍ରି. ବିଣ (ଜ୍ଞାନ+ତସ୍)—ଜାଣି ଶୁଣି—
Jnānatah Knowingly; wittingly; wilfully; with eyes wide open.

ଜ୍ଞାନତତ୍ତ୍ୱ—ସଂ. ବି (ଜ୍ଞାନ+ତତ୍ତ୍ୱ, ୬ଷ୍ଠୀ ତତ୍)—ଆଧ୍ୟାତ୍ମିକ ଜ୍ଞାନ—
Jnāna-tattwa True knowledge; philosophical or higher knowledge

ଜ୍ଞାନଦ—ସଂ. ବିଣ. ପୁଂ. (ଜ୍ଞାନ+ଦା ଧାତୁ+କର୍ତ୍ତୃ. ଅ)—
Jnānada ଯାହା ମନୁଷ୍ୟକୁ ଜ୍ଞାନ ବା ବୋଧଶକ୍ତି ଦିଏ—
(ଜ୍ଞାନଦା—ସ୍ତ୍ରୀ) Imparting knowledge; communicating ideas.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଙ୍କ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଡ଼	ନ୍

ଜ୍ଞାନଦର୍ପଣ—ସଂ. ବି (ଜ୍ଞାନ+ଦର୍ପଣ; ରୂପକ କର୍ମଧା)—
Jnāna-darpana ଜ୍ଞାନରୂପ ଆରସୀ—Wisdom (compared to a mirror).

ଜ୍ଞାନଦାସ—ଦେ. ବି (ବ୍ୟଙ୍ଗୋକ୍ତି)—ବେତ୍ରାଦି; (ଯାହାର ପ୍ରହାର ଦ୍ୱାରା
Jnāna-dāsa ବାଳକ ବା ଶିଷ୍ୟ ବା ଅପରାଧୀର ଚୈତନ୍ୟ ଉଦୟ
ଜ୍ଞାନଦାସ ହୁଏ); ଚଇତନ ଦାସ—Thrashing cane (ironically).

(ଯଥା—ପିଲମାନେ ପାଠରେ ମନ ଦେଉ ନାହାନ୍ତି, ଜ୍ଞାନଦାସେ ବାହାରଲେ ସମସ୍ତେ ପାଠରେ ଲାଗିଯିବେ=ଅର୍ଥାତ୍ ବେତ ବାହାରିଲେ ସମସ୍ତେ ଡରରେ ପଢ଼ିବସିବେ ।)

ଜ୍ଞାନଦୂଷଣ—ଦେ. ବିଣ—ଦୁଷ୍ଟବୁଦ୍ଧି—
Jnāna-dūshana Wicked.

ଜ୍ଞାନ-ଦୂଷଣ କାମ ଘୋଷଣ ଦେବା କିପଣ ସବୁ—ଉପେନ୍ଦ୍ର ଭଞ୍ଜ, ପ୍ରେମସୁଧାନିଧି ।

ଜ୍ଞାନ ପାଇବା—ଦେ. କ୍ରି—୧ । (ବାଳିକା) ପ୍ରଥମେ ଋତୁମତୀ ହେବା—
Jnāna pāibā 1. (a girl) To have the menses for
ଜ୍ଞାନ ପାଓଆ the first time; to attain maturity.

୨ । ଅନୁଭବଦ୍ୱାରା ଅଭିଜ୍ଞତା ଲାଭ କରିବା—
2. To learn a thing by experience.

୩ । (ବାଳକ ବାଳିକା) ବୟଃପ୍ରାପ୍ତ ବା ସାବାଳକ ହେବା—
3. To attain majority.

୪ । (ବାଳକ ବାଳିକା) ହିତାହିତ ବୁଝିବାଭଳି ହେବା;
ହୋସ୍ ପାଇବା—4. To attain the age discretion.

୫ । ଶିକ୍ଷାକରିବା; ଜ୍ଞାନଲାଭ କରିବା—
5. To acquire knowledge.

ଜ୍ଞାନପୂର୍ବକ—ସଂ. କ୍ରି. ବିଣ (ବହୁବ୍ରୀହି; ଜ୍ଞାନ+ପୂର୍ବ+କ)—
Jnāna-pūrbaka ଜ୍ଞାନତଃ (ଦେଖ)
Jnānatah (See).

ଜ୍ଞାନବନ୍ତ—ଦେ. ବିଣ (ସଂ. ଜ୍ଞାନବତ୍)—ଜ୍ଞାନବାନ୍ (ଦେଖ)
Jnāna-banta Jnānabān (See).

ଜ୍ଞାନବନ୍ତା—ଦେ. (ପଦ୍ୟ) ବିଣ (ସଂ. ଜ୍ଞାନବତ୍)—ଜ୍ଞାନବାନ୍ (ଦେଖ)
Jnānabantā Jnānabān (See).

ଶଙ୍ଖ ସକାଶରୁ କୁମାରଙ୍କ ପେଟା
ବୋଲୁଛନ୍ତି ସ୍ଥଳେ ସେ ଅଟ ଜ୍ଞାନବନ୍ତା—କୃଷ୍ଣସିଂହ, ମହାଭାରତ, ବନ ।

ଜ୍ଞାନବାନ୍—ସଂ. ବିଣ. ପୁଂ (ଜ୍ଞାନ+ଅସ୍ତି ଅର୍ଥରେ ବତ୍; ୧ମା. ୧ବ)—
Jnānabān ୧ । ଜ୍ଞାନୀ—1. Wise.

୨ । ଶାସ୍ତ୍ରଜ୍ଞ; ପଣ୍ଡିତ—2. Learned.

୩ । ବସ୍ତୁବିଚାରବୁଦ୍ଧିସମ୍ପନ୍ନ—
(ଜ୍ଞାନବତୀ—ସ୍ତ୍ରୀ) 3. Intelligent; knowing.

ଜ୍ଞାନିଚଛୁ—ପ୍ରାଦେ (ସମ୍ବଲପୁର) ବି—ଅଜ୍ଞାବିଛୁ (ଦେଖ)
Jnāna-bichhu Ajnā-bichhu (See).

ଜ୍ଞାନବିପର୍ଯ୍ୟୟ—ସଂ. ବି (ଜ୍ଞାନ+ବିପର୍ଯ୍ୟୟ=୬ଷ୍ଠୀ ତତ୍)—ବୁଦ୍ଧିଭ୍ରଂଶ—
Jnāna-biparjyaya Subversion of knowledge; overthrow of understanding.

ଜ୍ଞାନବିରୁଦ୍ଧ—ସଂ. ବିଣ (ଜ୍ଞାନ=ବୁଦ୍ଧି+ବିରୁଦ୍ଧ; ୬ଷ୍ଠୀ ତତ୍)—
Jnāna-biruddha ନିଜର ବିଶ୍ୱାସ ବା ଜାଣିବା କଥାର ବିପରୀତ—
Opposed to one's knowledge or belief.

ଜ୍ଞାନବୀଜ—ସଂ. ବି (ଜ୍ଞାନ ରୂପକ ବୀଜ, ରୂପକ କର୍ମଧା)—
Jnāna-bija ଜ୍ଞାନରୂପ ମଞ୍ଜି; ଶିଷ୍ୟ ଜ୍ଞାନଲାଭ କରିବା ନିମନ୍ତେ
ଗୁରୁଙ୍କଦ୍ୱାରା ଦିଆଯିବା ପ୍ରଥମ ଶିକ୍ଷା—
The seeds of knowledge; rudiments of knowledge.

ଜ୍ଞାନବୁଡ଼ା—ଦେ. ବିଣ—୧ । ଯେ ଜ୍ଞାନ ବା ବିବେକ ଲୁପ୍ତ କରେ—
Jnāna-burdā 1. Causing one to lose balance of mind.

୨ । ଯେ ବିମୁଗ୍ଧ କରେ—2. Captivating.

ସେ ଗୋପ ଯୁବାଙ୍କର ଜ୍ଞାନବୁଡ଼ା—ଉପେନ୍ଦ୍ର ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜ୍ଞାନ ବୁଡ଼ା(ଡ଼େ)ଇବା—ଦେ. କ୍ରି—୧ । ବିବେକ ବା ଧୈର୍ଯ୍ୟକୁ ଲୋପ
Jnāna-burdā(rde)ibā କରିବା—1. To cause one to lose patience or balance of mind.

୨ । ବିମୁଗ୍ଧ କରିବା—2. To captivate.

ତୋଳା ଜ୍ଞାନ ବୁଡ଼ାଇବ, ଜିଲ୍ଲିମୁଖ ଚଳିବା ଗୋପିଙ୍କୁ ଛଡ଼ାଇବ ।
ଉପେନ୍ଦ୍ର ଭଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ଜ୍ଞାନ ବୁଡ଼ିବା—ଦେ. ବି—୧ । ଅଜ୍ଞାନ ହେବା; ଚେତା ବୁଡ଼ିବା—
Jnāna-burdibā 1. Becoming sensless.
(ଜ୍ଞାନ ବୁଡ଼ିଯିବା—ଅନ୍ୟରୂପ) ୨ । ବୁଦ୍ଧି ହଜି ଯିବା—
2. Losing balance of mind or mental equilibrium.

ଜ୍ଞାନଭ୍ରଂଶ—ସଂ. ବି (ଜ୍ଞାନ+ଭ୍ରଂଶ, ୬ଷ୍ଠୀ ତତ୍)—ଜ୍ଞାନଲୋପ—
Jnāna-bhramsa Cessation of balance of mind.

ଦେ. ବିଣ—ଜ୍ଞାନଭ୍ରଷ୍ଟ (ଦେଖ)
Jnāna-bhrashta (See)

ବୋଲେ ମୁଁ ନୋହେ ଜ୍ଞାନଭ୍ରଂଶ,
କେମନ୍ତେ ଦେଲ ନର ମାଂସ । ଜଗନ୍ନାଥ, ଭାଗବତ ।

ଜ୍ଞାନ ଭ୍ରଷ୍ଟ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ଯାହାର ଜ୍ଞାନଭ୍ରଂଶ ଘଟିଅଛି—
Jnāna-bhrashta 1. One who has lost balance
(ଜ୍ଞାନଭ୍ରଷ୍ଟା—ସ୍ତ୍ରୀ) of mind.

୨ । ପାଗଳ; ବାତୁଳ—2. Mad.

୩ । ହିତାହିତ ବିବେଚନାଶୂନ୍ୟ—
3. Devoid of discrimination.

ଜ୍ଞାନମଞ୍ଜି—ଦେ. ବି (ବ୍ୟଙ୍ଗ; ଯାହା ପେଟରେ ପଡ଼ିଲେ ମନୁଷ୍ୟର ଚେତନା
Jnāna-manji ଲାଭ ହୁଏ)—ଖାଦ୍ୟ, ଚାଉଳ, ଧାନ
ଜ୍ଞାନବୀଚ ଇତ୍ୟାଦି ଖାଦ୍ୟ ଶସ୍ୟ—
Food-grains, such as rice, paddy etc.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗୁଁଳି' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଜ୍ଞାନମିଶ୍ରା ଭକ୍ତି— ସଂ. ଦେ. ବି— (ଭକ୍ତି ତଳେ ନୋଟ (ଦେଖ)
Jñāna-miśrā bhakti See notes under Bhakti.)
ଯେଉଁ ଭକ୍ତି ଲାଭ କରିବା ପାଇଁ ତତ୍ତ୍ୱଜ୍ଞାନର ସାଧନ କରା ଯାଏ—
Devotion to be attained by the pursuit of pure knowledge.

ଜ୍ଞାନଯୋଗ— ସଂ. ବି (ଜ୍ଞାନ + ଯୋଗ; ରୂପକ କର୍ମଧା)— ୧ । ଅଧ୍ୟାତ୍ମ-
Jñāna-joga ଜ୍ଞାନ ଲାଭ କରିବାର ଶାସ୍ତ୍ରନିର୍ଦ୍ଦିଷ୍ଟ ପ୍ରଣାଳୀ ବା ମାର୍ଗ— 1. Contemplative devotion; the way to salvation through the attainment of higher knowledge.
୨ । (୭ମୀ ତତ୍) ଜ୍ଞାନ ସଙ୍ଗେ ସମ୍ବନ୍ଧ—
2. Connection with wisdom.

ଜ୍ଞାନରାଜ— ସଂ. ବି (ନାମ)— 'ସିଦ୍ଧାନ୍ତସୁନ୍ଦର' ନାମକ ଜ୍ୟୋତିଷ ଗ୍ରନ୍ଥର
Jñāna-rāja ପ୍ରଣେତା— The name of the author of the Sanscrit astrological book 'Siddhānta Sundara.'
[ଦ୍ର— ଏହାଙ୍କ ବଂଶ ଦୈବଜ୍ଞ; ଗୋଦାବରୀ ଓ ବିଦର୍ଭନଦୀ ଦ୍ୱୟର ସଙ୍ଗମ ସ୍ଥଳରେ ଏହାଙ୍କର ବାସସ୍ଥାନ ଥିଲା ।]

ଜ୍ଞାନସାଧନ— ସଂ. ବି (ଜ୍ଞାନ + ସାଧନ, ୬ଷ୍ଠୀ ତତ୍)— ୧ । ଜ୍ଞାନଲାଭ—
Jñāna-sādhana 1. Attainment of knowledge.
୨ । ଜ୍ଞାନ-ଲାଭରେ ସହାୟ—
2. A help for the attainment of knowledge.
୩ । ଇନ୍ଦ୍ରିୟ— 3. The senses.
ସଂ. ବିଣ — ଯେ ଜ୍ଞାନଲାଭ କରିବାରେ ସହାୟକ— Helpful towards the acquisition of knowledge.

ଜ୍ଞାନ ହେବା— ଦେ. କ୍ରି — ୧ । ଜଣାଯିବା—
Jñāna hebā 1. Seeming; appearing.
ज्ञान हुआ
ज्ञान होना
୨ । ଚୈତନ୍ୟ ଉଦୟ ହେବା—
2. Becoming conscious.
୩ । (ବାଳକ ବାଳିକାଙ୍କ) ବୟଃପ୍ରାପ୍ତ ହେବା; ପ୍ରଥମ ଯୌବନରେ ପଦାର୍ପଣ କରିବା—
3. Attainment of the age of discretion or maturity; stepping into adolescence.

ଜ୍ଞାନାଞ୍ଜନ— ସଂ. ବି (ଜ୍ଞାନ + ଅଞ୍ଜନ, ରୂପକ କର୍ମଧା)— ଅଜ୍ଞାନ ପରି
Jñānāñjana ଦିବ୍ୟ ଦୃଷ୍ଟିକୁ ଉଜ୍ଜ୍ୱଳକାରୀ ଜ୍ଞାନ—
The salve of knowledge.
[ଦ୍ର— ଚକ୍ଷୁର ଦୃଷ୍ଟି ଉଜ୍ଜ୍ୱଳତର କରିବା ନିମନ୍ତେ ଲୋକେ ଚକ୍ଷୁରେ ଅଞ୍ଜନ ଦେଇଥାନ୍ତି । ସେହିପରି ଜ୍ଞାନ ମନୁଷ୍ୟର ମନରୂପ ଚକ୍ଷୁ ବା ଦିବ୍ୟ ଦୃଷ୍ଟିକୁ ଉଜ୍ଜ୍ୱଳ କରେ ବୋଲି ଜ୍ଞାନକୁ ଅଞ୍ଜନ ସଙ୍ଗେ ତୁଳନା କରାଯାଏ ।]

ଜ୍ଞାନାଞ୍ଜନଶଲାକା— ସଂ. ବି. ସ୍ତ୍ରୀ (ଜ୍ଞାନ + ଅଞ୍ଜନ + ଶଲାକା, ରୂପକ ଓ
Jñānāñjana-śalākā ୬ଷ୍ଠୀ ତତ୍)— ଶିଷ୍ୟକୁ ଗୁରୁ ଦେଇଥିବା ଶିକ୍ଷା— A preceptor's spiritual teaching imparted to the pupil; a pencil used by the preceptor for applying the salve of knowledge to the mind's eye of the pupil (allegorical sense).
[ଦ୍ର— ଜ୍ଞାନରୂପ ଅଞ୍ଜନକୁ ଶିଷ୍ୟର ଦିବ୍ୟଚକ୍ଷୁରେ ଦେଇ ଶିଷ୍ୟର ଜ୍ଞାନଚକ୍ଷୁର ଦୃଷ୍ଟିକୁ ଉଜ୍ଜ୍ୱଳ କରିବା ନିମନ୍ତେ ଗୁରୁ ଶିଷ୍ୟକୁ ଯେଉଁ ଶିକ୍ଷା ପ୍ରଦାନ କରନ୍ତି ତାହାକୁ ଶାସ୍ତ୍ରକାରମାନେ ଆଖିରେ କଜ୍ଜ୍ୱଳ ଲଗାଇବା କାଠି ସଙ୍ଗେ ତୁଳନା କରି ଲେଖି ଅଛନ୍ତି ଯେ ଅଜ୍ଞାନତିମିରାନ୍ଧ ଶିଷ୍ୟର ଦିବ୍ୟ ଚକ୍ଷୁକୁ ଗୁରୁ ଜ୍ଞାନାଞ୍ଜନ-ଶଲାକାଦ୍ୱାରା ଉନ୍ମୀଳିତ କରନ୍ତି ।]

ଜ୍ଞାନାପନ୍ନ— ସଂ. ବିଣ (ଜ୍ଞାନ + ଆପନ୍ନ, ୨ୟା ତତ୍)— ୧ । ଜ୍ଞାନପ୍ରାପ୍ତ;
Jñānāpanna ଜ୍ଞାନୀ— 1. Learned; wise.
(ଜ୍ଞାନାପନ୍ନା— ସ୍ତ୍ରୀ) ୨ । ଯେ ଜାଣେ — 2 Knowing

ଜ୍ଞାନୀ— ସଂ. ବିଣ. ପୁଂ. (ଜ୍ଞାନିନ୍ ଶବ୍ଦ; ଜ୍ଞାନ + ଅସ୍ତି ଅର୍ଥେ. ଇନ୍; ୧ମା.
Jñānī ୧ବ.) — ୧ । ବିଜ୍ଞ— 1. Wise.
(ଜ୍ଞାନିନୀ— ସ୍ତ୍ରୀ) ୨ । ପଣ୍ଡିତ; ଶାସ୍ତ୍ରଜ୍ଞ— 2. Learned.
୩ । ନିପୁଣ— 3. Skilful.
୪ । ବୋଧ ସମ୍ପନ୍ନ; ବୁଦ୍ଧିମାନ୍— 4. Intelligent.
ସଂ. ବି. ପୁଂ— ୧ । ଆତ୍ମତତ୍ତ୍ୱଜ୍ଞ ବ୍ୟକ୍ତି— 1. A sage.
୨ । ଦୈବଜ୍ଞ—
2. A fore-teller; a fortune-teller.

ଜ୍ଞାନେନ୍ଦ୍ରିୟ— ସଂ. ବି. (୬ଷ୍ଠୀ ତତ୍; ଜ୍ଞାନ + ଇନ୍ଦ୍ରିୟ)—
Jñānendriya (ହିନ୍ଦୁ ଶାସ୍ତ୍ରାନୁସାରେ) ବାହ୍ୟବସ୍ତୁକୁ ଜାଣି ପାରିବା
(କର୍ମେନ୍ଦ୍ରିୟ— ବିପରୀତ) ନିମନ୍ତେ ଶରୀରର ଇନ୍ଦ୍ରିୟ ସକଳ; ଶରୀରସ୍ଥ ପଞ୍ଚେନ୍ଦ୍ରିୟ (ଯଥା— ଚକ୍ଷୁ, କର୍ଣ୍ଣ, ନାସିକା ଜିହ୍ୱା ଓ ତ୍ୱକ୍)— The organs or perception or sensation, (numbering 5 according to Hindu philosophy, viz. 1, The Eye or the organ of sight; 2. The Ear or the organ of hearing; 3. The Nose or the organ of smelling; 4. The Tongue or the organ or taste; 5. The Skin or the organ of touch.)

ଜ୍ଞାନୋଦୟ— ସଂ. ବି. (୬ଷ୍ଠୀ ତତ୍; ଜ୍ଞାନ + ଉଦୟ)—
Jñānodaya ୧ । ମନୁଷ୍ୟ ମନରେ ଜ୍ଞାନ ବା ବୋଧରୂପ ସୂର୍ଯ୍ୟଙ୍କର ଆବିର୍ଭାବ— 1. The rise or dawn of knowledge in the human mind.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଶ୍ର
୨	ଈ	ଊ	ଋୁ	ଌୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଔ	ନ୍ତ

୨ । ମନୁଷ୍ୟ ଜନ୍ମ ହେବା ପରେ ସର୍ବପ୍ରଥମେ ନିଜର ଜଗତରେ ଅସ୍ତିତ୍ୱ ବିଷୟର ଉପଲବ୍ଧି—2. One's first consciousness of one's existence in the world as a responsible being.

ଜ୍ଞାନ୍ତି—ଗ୍ରା. ବି. (ସଂ. ଜ୍ଞାତି)—ଜ୍ଞାତି (ଦେଖ)
Jn̄anti — Jn̄ati See)

ଜ୍ଞାପକ—ସଂ. ବିଣ. ପୁଂ. (ଜ୍ଞା ଧାତୁ; ଣିଚ୍+କର୍ତ୍ତୃ. ଅକ)—
Jn̄āpaka ୧ । ସୂଚକ; ଯେ (ପଦାର୍ଥ ବା ମନୁଷ୍ୟ) କୌଣସି ବିଷୟ ଜଣାଇ ଦିଏ—1. Indicating; notifying; informing; making known.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ । ଯଥା-- ସମୟଜ୍ଞାପକ, ଅବସ୍ଥାଜ୍ଞାପକ ।]
୨ । ଯେ ଅଜ୍ଞାନକୁ ଜ୍ଞାନ ଦିଏ—
2. Imparting knowledge.
ସଂ. ବି—୧ । ଏତଲା ଦେଲାବାଲା ବ୍ୟକ୍ତି—
1. Informant; reporter.
୨ । ଶିକ୍ଷକ—2. Teacher; instructor.

ଜ୍ଞାପନ—ସଂ. ବି. (ଜ୍ଞା ଧାତୁ; ଣିଚ+ଭାବ. ଅନ)—
Jn̄āpana ୧ । ଜଣାଇବା; ବିଦିତ କରାଇବା—
1. Act of announcing; notifying; making a thing known.
୨ । ଆବେଦନ—2. Application.
୩ । ଏତଲା ଦେବା—
3. Giving information; reporting.
୪ । ଶିକ୍ଷା ଦେବା—
4. Instructing; teaching.

ଜ୍ଞାପନୀୟ—ସଂ. ବିଣ. (ଜ୍ଞା ଧାତୁ; ଣିଚ+କର୍ମ ଅନୀୟ)—
Jn̄āpaniya ଜଣାଇବାର ଯୋଗ୍ୟ—Worth notifying or announcing; fit to be announced.

ଜ୍ଞାପୟିତା—ସଂ. ବିଣ. ପୁଂ. (ଜ୍ଞା ଧାତୁ; ଣିଚ+କର୍ତ୍ତୃ. ତୃ. ୧ମା.୧ବ.)—
Jn̄āpayitā ଯେ ଜଣାଇ ଦିଏ—Informant; one who
(ଜ୍ଞାପୟିତ୍ରୀ—ସ୍ତ୍ରୀ) brings a thing to the notice of another.

ଜ୍ଞାପି (ଧାତୁ)—ସଂ. (ଜ୍ଞା ଧାତୁ+ଣିଚ)—୧ । ଜଣାଇବା—
Jn̄āpi (root) 1. To cause to know.
୨ । ଏତଲା ଦେବା—
2. To inform; to bring to the notice of.

ଜ୍ଞାପିତ—ସଂ. ବିଣ. (ଜ୍ଞା ଧାତୁ; ଣିଚ+କର୍ମ ତ)—
Jn̄āpita ଜଣାଇ ଦିଆଯାଇଥିବା—
Made known; published; announced.

ଜ୍ଞେୟ—ସଂ. ବିଣ. (ଜ୍ଞା ଧାତୁ+କର୍ମ. ଯ)—ଜ୍ଞାତବ୍ୟ (ଦେଖ);
Jn̄eya — Jn̄ātabya (See)

ଜ୍ୱର୍ (ଧାତୁ)—ସଂ—ସନ୍ତପ୍ତ ହେବା—
Jwar (root) To be heated.

ଜ୍ୱର—ସଂ. ବି. (ଜ୍ୱର୍ ଧାତୁ+କରଣ. ଅ)—୧ । ଗାତ୍ରଦାହ; ଗାତ୍ରତାପ-
Jwara ଯୁକ୍ତରୋଗ—1. Fever; burning sensation in the body.
୨ । ମନୋଦୁଃଖ—2. Grief.
୩ । ପୀଡ଼ା—3. Pain; trouble.
ଦେ. ବିଣ—ଅତ୍ୟାଚାରୀ—Oppressive; tyrannous.
ହିରଣ୍ୟ କଶିପୁ ଅସୁର, ଯେ ଲୋକଙ୍କ ମୁଣ୍ଡେ ଥିଲା ଜ୍ୱର ।
ଜଗନ୍ନାଥ. ଭାଗବତ ।

ଜ୍ୱରଘ୍ନ—ସଂ. ବିଣ. (ଜ୍ୱର+ହନ ଧାତୁ+କର୍ତ୍ତୃ. ଅ)—ଯାହା ଜ୍ୱରକୁ
Jwara-ghna ଆରୋଗ୍ୟ କରେ; ଜ୍ୱରନାଶକ (ଔଷଧ)—
Febrifuge; dispelling or curing fever; antifebrile.

ଜ୍ୱରନାଶନ—ସଂ. ବିଣ. (ଜ୍ୱର+ନାଶନ)—ଜ୍ୱରଘ୍ନ (ଦେଖ)
Jwara-nāśana — Jwaraghna (See)
ଦେ. ବି—ଅଷ୍ଟ୍ରେଲିଆରୁ ଆନୀତ ବୃକ୍ଷବିଶେଷ—
The Eucalyptus tree.
[ଦ୍ର—ଏହାର ପତ୍ର ତେଜପତ୍ର ପରି ଓ ଏହା ଲେମ୍ବୁଗଛପାରୁ ବାହାରିବା ରସ ପରି ଗନ୍ଧଯୁକ୍ତ । ଏହି ପତ୍ରରୁ ତେଲ ଓ ଅର୍କ ପ୍ରସ୍ତୁତ ହୁଏ । ଏ ବୃକ୍ଷ ଯେଉଁ ଅଞ୍ଚଳରେ ଲଗାଯାଏ, ସେଠାରେ ମାଲେରିଆ ଜ୍ୱର କମିଯାଏ । ଏହା ଅଷ୍ଟ୍ରେଲିଆରେ ପରୀକ୍ଷା କରାଯାଇ ଅଛି । ଏ ଗଛର ଗଣ୍ଡିରୁ ଏକପ୍ରକାର ଝୁଣା ପରି ଅଠା ବାହାରେ, ସେ ଅଠାକୁ ଶୁଖାଇ ଧୂପ ଓ ବାର୍ଣ୍ଣିସ୍ କରାଯାଏ । ଏ ଗଛରୁ ପ୍ରତିବର୍ଷ ମନକୁ ଛାଲ ଛାଡ଼େ ।]

ଜ୍ୱରପ୍ରକୋପ—ସଂ. ବି. (ଜ୍ୱର+ପ୍ରକୋପ; ୬ଷ୍ଠୀ ତତ୍)—
Jwara-prakopa ଜ୍ୱରର ତେଜ ବା ଦାହ—
The rage or paroxysm of fever.

ଜ୍ୱରବୋଧ—ସଂ. ବି. (ଜ୍ୱର+ବୋଧ)—୧ । ଜ୍ୱର ଅନୁଭବ—
Jwara-bodha 1. Feeling of fever.
୨ । ଜ୍ୱର ଦେଖାଇବା ଅବସ୍ଥା—2. Feverishness.

ଜ୍ୱରଭାବ—ସଂ. ବି. (ଜ୍ୱର+ଭାବ; ୬ଷ୍ଠୀ ତତ୍)—ଜ୍ୱର ଦେଖାଇବା
Jwara-bhāba ଅବସ୍ଥା—Feverishness.

ଜ୍ୱରହନ୍ତା—ସଂ. ବିଣ. (ଜ୍ୱର+ହନ୍ ଧାତୁ+କର୍ତ୍ତୃ. ତୃ; ୧ମା. ୧ବ)—
Jwara-hantā ଜ୍ୱରଘ୍ନ (ଦେଖ)
(ଜ୍ୱରହନ୍ତ୍ରୀ—ସ୍ତ୍ରୀ) Jwaraghna (See)

ଜ୍ୱରହନ୍ତ୍ରୀ—ସଂ. ବି. (ଜ୍ୱର+ହନ୍ ଧାତୁ+କର୍ତ୍ତୃ ତୃ+ସ୍ତ୍ରୀ ଈ; ୬ଷ୍ଠୀ
Jwara-hantrī ତତ୍)—ମଞ୍ଜିଷ୍ଠା—
The Indian madder; Rubia Manjistha.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ-ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପରିତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍କୀ' ଦେଖିବେ; 'ଅଲବଳ' ନ ପାଇଲେ 'ଅଲ୍‌ବଳ' ଦେଖିବେ

ଜ୍ୱରାକ୍ରାନ୍ତ—ସଂ. ବିଣ. ପୁଂ. (ଜ୍ୱର+ଆକ୍ରାନ୍ତ; ୩ୟା ତତ୍)—
Jwarākrānta ଜ୍ୱରପୀଡ଼ିତ—Attacked with fever; suffering from fever.
(ଜ୍ୱରାକ୍ରାନ୍ତା—ସ୍ତ୍ରୀ)

ଜ୍ୱରାଗ୍ନି—ସଂ. ବି. (ଜ୍ୱର+ଅଗ୍ନି; ରୂପକ)—ଜ୍ୱରଜନିତ ତାପ—
Jwarāgni Feverish heat.

ଜ୍ୱରାଙ୍କୁଶ—ସଂ. ବିଣ. (୬ଷ୍ଠୀ ତତ୍; ଜ୍ୱର+ଅଙ୍କୁଶ)—ଜ୍ୱରଘ୍ନ (ଦେଖ)
Jwarāṅkuśa Jwaraghna (See)

ଜ୍ୱରାତିସାର—ସଂ. ବି. (ଜ୍ୱର+ଅତିସାର ମ. ପ. ଲୋ)—
Jwarātisāra ଜ୍ୱରସଙ୍ଗେ ହେବା ପତଳା ଝାଡ଼ା ବା ଗ୍ରହଣୀ—
Dysentery with fever.
[ଦ୍ର—ଜୀର୍ଣ୍ଣଜ୍ୱରରେ ଏହା ଗୋଟିଏ ଉପଦ୍ରବ ।]

ଜ୍ୱରାନ୍ତକ—ସଂ. ବିଣ. (ଜ୍ୱର+ଅନ୍ତକ, ୬ଷ୍ଠୀ ତତ୍)—ଜ୍ୱରଘ୍ନ (ଦେଖ)
Jwarāntaka Jwaraghna (See)

ଜ୍ୱରାପହା—ସଂ. ବିଣ. (ଜ୍ୱର+ଅପହା=ନାଶକ)—
Jwarāpahā ଜ୍ୱରଘ୍ନ (ଦେଖ)
Jwaraghna (See)

ଜ୍ୱରାରି—ସଂ. ବିଣ. (ଜ୍ୱର+ଅରି; ୬ଷ୍ଠୀ ତତ୍)—ଜ୍ୱରଘ୍ନ (ଦେଖ)
Jwarāri Jwaraghna (See)

ଜ୍ୱରାଶନି—ସଂ. ବିଣ. (ଜ୍ୱର+ଅଶନି; ୬ଷ୍ଠୀ ତତ୍)—ଜ୍ୱରଘ୍ନ (ଦେଖ)
Jwarāśani Jwaraghna (See)

ଜ୍ୱରିତ—ସଂ. ବିଣ. ପୁଂ. (ଜ୍ୱର+ସଞ୍ଜାତାର୍ଥେ ଇତ)—ଜ୍ୱରାକ୍ରାନ୍ତ; ଜ୍ୱରଯୁକ୍ତ—
Jwarita Feverish; attacked with or suffering from fever.
(ଜ୍ୱରିତା—ସ୍ତ୍ରୀ)

ଜ୍ୱରୀ—ସଂ. ବିଣ. ପୁଂ. (ଜ୍ୱର+ଅସ୍ତି ଅର୍ଥେ ଇନ୍; ୧ମା. ୧ବ)—ଜ୍ୱରାକ୍ରାନ୍ତ—
Jwarī Attacked with or suffering from fever.
(ଜ୍ୱରିଣୀ—ସ୍ତ୍ରୀ)

ଜ୍ୱଲ୍ (ଧାତୁ)—ସଂ—ଦୀପ୍ତ ହେବା—
Jwal (root) To illumine; to blaze up.

ଜ୍ୱଲଜ୍ଜ୍ୱଲ—ସଂ. ବିଣ. (ଜ୍ୱଲତ୍+ଜ୍ୱଲ)—ପ୍ରଦୀପ୍ତ—
Jwalajjwala Blazing.
ସଂ. କ୍ରି. ବିଣ—ପ୍ରଚଣ୍ଡ ତେଜରେ—Blazingly.

ଜ୍ୱଲତ୍—ସଂ. ବିଣ. [ଜ୍ୱଲ୍ ଧାତୁ+କର୍ତ୍ତୃ. ଅତ୍ (ଶତୃ)]—ଜଳୁଥିବା—
Jwalat Blazing; burning.
[ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ; ଯଥା— ଜ୍ୱଲଦଗ୍ନି, ଜ୍ୱଲଦଙ୍ଗାର ।]

ଜ୍ୱଲନ—ସଂ. ବି. (ଜ୍ୱଲ୍ ଧାତୁ+ଭାବ. ଅନ)—
Jwalana ୧ । ଦୀପନ; ନିଆଁ ଲଗାଇବା—1. Burning.
୨ । ଜ୍ୱାଳା—2. Blaze.
୩ । ଜଳିବା—3. Flaming.
୪ । ଦାଉଦାଉ ହେବା—4. Shining; glittering.
୫ । ଦୀପ୍ତି—5. Lustre; glitter.
୬ । ଅଗ୍ନିଶିଖା—6. A flame of fire.
୭ । (+କର୍ତ୍ତୃ. ଅନ)=ଅଗ୍ନି—Fire.
୮ । (+ଭାବ. ଅନ) ପୋଡ଼ାଜଳା; ଦାହ—8. Burning sensation; inflammation.
୯ । (+କର୍ତ୍ତୃ. ଅନ) ଧଳାଚିତା ଗଛ— 9. Leadwort (plant).
ସଂ. ବିଣ. (+କର୍ତ୍ତୃ. ଅନ) ଜଳୁଥିବା— Blazing; burning.

ଜ୍ୱଳନ୍ତ—ଦେ. ବିଣ. (ସଂ. ଜ୍ୱଲତ୍)—୧ । ଜଳୁଥିବା; ପ୍ରଦୀପ୍ତ—
Jwalanta 1. Burning; blazing.
জ্বলন্ত ୨ । ଜାଜ୍ୱଲ୍ୟମାନ—
जलता हुआ 2. Shining; dazzling; bright; brilliant.

ଜ୍ୱଳନ୍ତ ଅଙ୍ଗାର—ଦେ. ବି. (ସଂ. ଜ୍ୱଲତ୍+ଅଙ୍ଗାର)—ଜଳୁଥିବା ଅଙ୍ଗାର-
Jwalanta aṅgāra Live coal; burning coal or charcoal.
জ্বলন্ত অঙ্গার

ଜ୍ୱଳନ୍ତ ନିଦର୍ଶନ—ଦେ. ବି.—୧ । ନିଃସନ୍ଦେହ ପ୍ରମାଣ—
Jwalanta nidarśana 1. Clear evidence.
জ্বলন্ত নিদর্শন ୨ । ଜାଜ୍ୱଲ୍ୟମାନ ଉଦାହରଣ—2. A bright or brilliant or dazzling example.
[ଦ୍ର—ଏହିପରି ଜ୍ୱଳନ୍ତ ପ୍ରତିଭା, ଜ୍ୱଳନ୍ତ ତେଜ ଆଦି ବ୍ୟବହୃତ ହୁଏ ।]

ଜ୍ୱଳନ୍ତ ପ୍ରମାଣ—ଦେ. ବି.—ଜ୍ୱଳନ୍ତ ନିଦର୍ଶନ (ଦେଖ)
Jwalanta pramāṇa Jwalanta nidarśana (See)
জ্বলন্ত প্রমাণ

ଜ୍ୱଳନ୍ତା—ଦେ. ବିଣ. (ସଂ. ଜ୍ୱଲତ୍)—ପ୍ରଦୀପ୍ତ; ଜଳୁଥିବା—
Jwalantā Burning; blazing.
জ্বলন্ত ଜ୍ୱଳନ୍ତା ଅଗ୍ନି ଯା ବଦନ, ନୟନ ଗୋଲକ ଗଗନ ।
जलता हुआ ଜଗନ୍ନାଥ. ଭାଗବତ ।

ଜ୍ୱଳିତ—ସଂ. ବିଣ.—(ଜ୍ୱଲ ଧାତୁ+କର୍ତ୍ତୃ. ତ)—୧ । ଯାହା ଜଳୁଅଛି
Jwalita ବା ଜଳି ଉଠି ଅଛି—1. Burning.
୨ । ଦଗ୍ଧ—2. Burnt.
୩ । ଦୀପ୍ତ; ଉଜ୍ଜ୍ୱଳ— 3. Bright; dazzling; kindled.
୪ । ଆଲୋକିତ—4. Illuminated.
ସଂ. ବି. (+ଭାବ. ତ) ଜ୍ୱଳନ; ଜଳିବା—Burning.

ଜ୍ୱଳିବା—ଦେ. କ୍ରି. (ସଂ. ଜ୍ୱଲ ଧାତୁ)—ଜଳିବା; ଦୀପ୍ତ ହେବା—
Jwalibā To burn; to blaze.
জ্বলা କୃତ ବଦନ ଭାବ ଜାଗେ ଜ୍ୱଳିଲ ।
जलना, जलाना ଉପାଧାୟ ମେଘଦୂତ ।

ଜ୍ୱାଳ—ସଂ. ବି. (ଜ୍ୱଲ୍ ଧାତୁ+କର୍ତ୍ତୃ. ଅ)—ଜ୍ୱାଳା (ଦେଖ)
Jwāla Jwālā (See)

୧	ଇଁ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ପ	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଊ	ନୃ

ଜ୍ୱାଳା—ସଂ. ବି.—(ଜ୍ୱଲ୍ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)—
Jwālā ୧ । ଅଗ୍ନିଶିଖା—1. A flame.

ଶୁଭ ଜ୍ୱାଳାଙ୍କରେ ଭୂଷିତ ସୈନ୍ୟ ତୃଣ—
ବନକୁ ପୋଡ଼ି ଦେଲେ ଅର୍ଜୁନ ଜାଣ । କୃଷ୍ଣସିଂହ. ମହାଭାରତ. ଦ୍ରୋଣ

୨ । ପ୍ରଚଣ୍ଡ ବା ଉଜ୍ଜ୍ୱଳ ଆଲୋକ—
2. Illumination; bright light.

୩ । ଶରୀରର ପ୍ରଦାହ ବା ଜଳାପୋଡ଼ା—
3. Inflammation; burning sensation.

୪ । ଦେହରେ ନିଆଁ ଝୁଣ୍ଟା ମାଡ଼ିବାଦ୍ୱାରା ଯେଉଁ କଷ୍ଟ ଅନୁଭୂତ ହୁଏ; ନିଆଁରେ ପୋଡ଼ି ହେବା ଦ୍ୱାରା ଅନୁଭୂତ କଷ୍ଟ—4. Burning pain.

୫ । ଦୁଃଖ—5. Misery.

୬ । କଷ୍ଟ; କ୍ଳେଶ—6. Trouble; pain; pangs.

୭ । ପ୍ରାବଲ୍ୟ—7. Virulence.

୮ । ଦାଉ; ନିର୍ଯାତନ; ଅତ୍ୟାଚାର—
8. Oppression; torment; torture.

[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ବିଭିନ୍ନ ପ୍ରକାର କଷ୍ଟାନୁଭୂତି ପ୍ରକାଶ କରେ; ଯଥା—ପେଟର ଜ୍ୱାଳା; ସଂସାରର ଜ୍ୱାଳା; ପିଲାଙ୍କ ଜ୍ୱାଳା, ମୁରବୀଙ୍କ ଜ୍ୱାଳା ।]

୯ । ପୋଡ଼ା ଭାତ; ଦଗ୍ଧାନ୍ନ—9. Burnt rice.

ଦେ. ବି.—(ଯୋଗୀ ବା ବାୟୁସାଧକମାନଙ୍କର ବ୍ୟବହୃତ ଶବ୍ଦ)—
ମୁଖ—Mouth.

ଜ୍ୱାଳଣ କାଠ—ପ୍ରାଦେ. (ସିଂହଭୂମ) ବି—ଜାଳେଣି କାଠ—
Jwālāṇa kāṭha Fuel.
(ଜ୍ୱାଳନ୍ କାଠ—ଅନ୍ୟରୂପ)

ଜ୍ୱାଳାତନ—ଦେ. ବିଣ. (ବଂ ରୁ ଅନୁକୃତ)—ଜାଳାତନ (ଦେଖ)
Jwālātana Jālātana (See)

ଜ୍ୱାଳାବକ୍ତ୍ର—ସଂ. ବି. (ଜ୍ୱଳା+ବକ୍ତ୍ର; ବହୁବ୍ରୀହି; ହଳାହଳ ବିଷପାନ
Jwālābaktrā ହେତୁରୁ ଏହାଙ୍କ କଣ୍ଠ ସର୍ବଦା ଜଳୁ ଥିବାରୁ)—
୧ । ଶିବ; ମହାଦେବ—1. An epithet of Śiba.
୨ । ବ୍ରହ୍ମା—2. Brahmā.

ଜ୍ୱାଳାମୁଖୀ—ସଂ. ବି (ଜ୍ୱଳା+ମୁଖ+ଇନ୍)—୧ । ଚୀନର ତୁର୍କସ୍ଥାନର ହିନ୍ଦୁ
Jwālā-mukhī ତୀର୍ଥ ବିଶେଷ (ଯେଉଁଠାରେ ଭଗବତୀଙ୍କ ଜିହ୍ୱା ପତିତ ହୋଇଥିବାର ବିଷୟ ପୁରାଣରେ ଲେଖା ଅଛି)—
1. The name of a famous holy place in Chinese Tartary whither the Hindus go on pilgrimage.

୨ । ଆଗ୍ନେୟଗିରି—2. A volcano; a place where subterranean fire breaks out.

୩ । ପଞ୍ଜାବର ଉତ୍ତରରେ ହିମାଳୟ ପର୍ବତର ନିମ୍ନ ଦେଶରେ ଅବସ୍ଥିତ ଅଗ୍ନି ଉଦ୍ଗୀରଣ କରୁଥିବା ହିନ୍ଦୁ ତୀର୍ଥ ବିଶେଷ—
3. Name of a holy place of Hindu pilgrimage at the foot of the Himalayas.

ଜ୍ୱାଳାଯନ୍ତ୍ରଣା—ସଂ. ବି. (ଜ୍ୱାଳା ଓ ଯନ୍ତ୍ରଣା; ଏକାର୍ଥବୋଧକ ସହଚର)—
Jwālā-jantraṇā ବିଶେଷ ଯନ୍ତ୍ରଣା—Pangs; torture.

ଜ୍ୱାଳିତ—ସଂ. ବିଣ. (ଜ୍ୱଲ ଧାତୁ ଣିଚ୍=ଜ୍ୱାଳଧାତୁ+କର୍ମ ତ)—
Jwālita ୧ । ଜଳାଯାଇଥିବା; ଦାହିତ—1. Burnt.
୨ । ଦୀପିତ—2. Kindled; lighted.
୩ । ସନ୍ତାପିତ; କ୍ଳେଶିତ—3. Afflicted; troubled.

ଜ୍ୱାଳିନୀ—ସଂ. ବି. ସ୍ତ୍ରୀ (ଜ୍ୱାଳିନ୍+ସ୍ତ୍ରୀ ଈ)—ଦୁର୍ଗା, ପାର୍ବତୀ—
Jwālinī The Goddess Durgā

ଜ୍ୱାଳୀ—ସଂ. ବି. ପୁଂ (ଜ୍ୱାଳା+ଇନ୍, ୧ମା ୧ବ)—ଜ୍ୱାଳାବକ୍ତ୍ର; ଶିବ—
Jwālī Śiba.

ଜ୍ୟା (ଧାତୁ)—ସଂ.—ଜୀର୍ଣ୍ଣ ହେବା—To be worn out;
Jyā (root) to wear away.

ଜ୍ୟା—ସଂ. ବି. ସ୍ତ୍ରୀ (ଜ୍ୟା ଧାତୁ+କର୍ତ୍ତୃ କ୍ୱିପ୍; ଯାହା କ୍ରମଶଃ ଜୀର୍ଣ୍ଣ ବା
Jyā କ୍ଷୟ ହୁଏ)—୧ । ଧନୁର ଗୁଣ—1. Bow-string.
୨ । ପୃଥିବୀ—2. The earth.

ବହତ ଜ୍ୟା ଜାମାତା ମୁଁ ବୈଦେହୀର ବୋଲାଇ
ବଧ କବନ୍ଧ କରନ୍ତ ସିନ୍ଧୁ ଆଜ କାହିଁ ? ଉପେ. ବୈଦେହୀଶ ବିଳାସ ।

୩ । ମାତା—3. Mother.

୪ । (ଜ୍ୟାମିତି) ଚାପର ପ୍ରାନ୍ତଦ୍ୱୟକୁ ଯୋଗ କରିଥିବା ସରଳରେଖା—
4. (geometry) The chord of an arc.

ଦେ. ବି—ଜିଆ; ଜିଆନାଡ଼ି; ମହୀଲତା—Earth-worm.

ଜ୍ୟାବାଳୀ—ଦେ. ବି. (ଜ୍ୟାରୂପ ବାଳୀ ବା ସ୍ତ୍ରୀ; ରୂପକ)—
Jyābālī ୧ । ଭୂଦେବୀ—1. The earth personified.
୨ । (ସଂ. ଜାବାଳ) ଜାବାଳୀ (ଦେଖ)
2. Jābālī (See)

(୧,୨) ବନବାସୀବର ସଙ୍ଗ ଲୋକତ
ବହିତ ମୂର୍ତ୍ତିକ ଜ୍ୟାବଳୀ ଯୁକ୍ତ । ଉପେନ୍ଦ୍ର ଭଞ୍ଜ. ବୈଦେହୀଶବିଳାସ ।

ଜ୍ୟାମିତି—ସଂ. ବି. (ଜ୍ୟା=ପୃଥିବୀ, ବୃତ୍ତଖଣ୍ଡର ଗୁଣରେଖା+ମା
Jyāmiti ଧାତୁ+ଭାବ. ତି)—କ୍ଷେତ୍ରତତ୍ତ୍ୱ ବା ରେଖାଗଣିତ—
Geometry.

[ଦ୍ର—ସଂସ୍କୃତ ଧାତୁପ୍ରତ୍ୟୟ ଅନୁସାରେ ଜ୍ୟାମିତି ଶବ୍ଦର ଅର୍ଥ କ୍ଷେତ୍ରତତ୍ତ୍ୱ (Geometry) ନ ହୋଇ କ୍ଷେତ୍ରପରିମାଣ (Mensuration) ବା ତ୍ରିକୋଣମିତି (Trigonometry) ହେବ । ଅତଏବ ଏ ଶବ୍ଦ ଇଂରାଜୀ ଜିଓମେଟ୍ରୀରୁ (Geometry) ଉତ୍ପନ୍ନ ବୋଲି ଅନୁମିତ ହୁଏ ।]

ଜ୍ୟାୟାନ୍—ସଂ. ବିଣ. ପୁଂ. (ପ୍ରଶଂସ୍ୟ ବା ବୃଦ୍ଧ+ଅତି ଅର୍ଥରେ. ଈୟସ;
Jyāyān ଜ୍ୟାଦେଶ; ୧ମା. ୧ବ)—
(ଜ୍ୟାୟସୀ—ସ୍ତ୍ରୀ) ୧ । ଦୁଇ ଜଣଙ୍କ ମଧ୍ୟରେ ବଡ଼; ବୟସରେ ବଡ଼—
(କନୀୟାନ—ବିପରୀତ) 1. Elder; older.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଡ଼' ଖୋଜିବେ, କୃଷ ନ ମିଳିଲେ 'କୃଶ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗୀ ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୨ । ବର୍ଷୀୟାନ୍; ଅତି ବୃଦ୍ଧ; ପୁରାତନ—
2. Very old or aged; ancient.
୩ । ପ୍ରଶଂସାର୍ହ; ପ୍ରଶଂସନୀୟ—
3. Commendable; praiseworthy.
୪ । ସର୍ବପ୍ରଥମ—4. First.
୫ । ଅଗ୍ରଜ—5. Eldest.
୬ । ପୋଢ଼ୁଆଁ; ପ୍ରଥମ ଜାତ—6. First-born.
୭ । ଯେ ବୟସରେ ବଡ଼—7. Elderly.
୮ । ସର୍ବୋତ୍ତମ—8. Best.
୯ । ଉତ୍କୃଷ୍ଟତର—9. Higher; superior.
୧୦ । ଗୁରୁତର—10. Greater.

ଜ୍ୟାରୋପ—ସଂ. ବି. (ଜ୍ୟା+ଆରୋପ; ୬ଷ୍ଠୀ ତତ୍)—ଧନୁରେ ଗୁଣ ଚଢ଼ାଇବା—Stringing of a bow.
Jyāropa

ଜ୍ୟାରୋପଣ—ସଂ. ବି. (ଜ୍ୟା+ଆରୋପଣ; ୬ଷ୍ଠୀ ତତ୍)—ଧନୁରେ ଗୁଣ ଚଢ଼ାଇବା—Stringing of a bow.
Jyāropaṇa

ଜ୍ୟୁଜୁତ୍ସୁ—ବୈଦେ. (ଯାପାନୀ) ବି. (ମୂଳ. ସଂ. ଯୁଯୁତ୍ସୁ=ଯୁଦ୍ଧ କରିବାକୁ ଇଚ୍ଛୁକ)—ଯାପାନ ଦେଶ ପ୍ରଚଳିତ ଆକ୍ରମଣାର୍ଥ ଓ ଆତ୍ମରକ୍ଷାର୍ଥ ଦ୍ୱନ୍ଦ୍ୱଯୁଦ୍ଧ ଅଙ୍ଗଚାଳନ—Japaneese gymnastics used for attack and defence.
Jyujutsu

ଜ୍ୟେଷ୍ଠ—ସଂ. ବିଣ. ପୁଂ. (ପ୍ରଶସ୍ୟ ବା ବୃଦ୍ଧ+ଅତି ଅର୍ଥରେ ଇଷ୍ଠ; ନିପାତନ)—ବୃଦ୍ଧତମ; ଅତି ବୃଦ୍ଧ—Oldest.
Jyeshṭha
(ଜ୍ୟେଷ୍ଠା—ସ୍ତ୍ରୀ)
(କନିଷ୍ଠ—ବିପରୀତ)

ଜ୍ୟେଷ୍ଠତାତ—ସଂ. ବି. ପୁଂ. (ଜ୍ୟେଷ୍ଠ+ତାତ; କର୍ମଧା)—ଦଦେଇ; ଦେଠା; ଦେଢ଼ୁତା—Father's elder brother; elder paternal uncle.
Jyeshṭha-tāta

ଜ୍ୟେଷ୍ଠବର୍ଣ୍ଣ—ସଂ ବି. (ଜ୍ୟେଷ୍ଠ+ବର୍ଣ୍ଣ; କର୍ମଧା)—ହିନ୍ଦୁମାନଙ୍କର ଚତୁର୍ବର୍ଣ୍ଣ ମଧ୍ୟରେ ଉତ୍କୃଷ୍ଟ ବର୍ଣ୍ଣ ବା ଜାତି; ବ୍ରାହ୍ମଣଜାତି—The Brāhmaṇa caste amongst the Hindus.
Jyeshṭha-barṇṇa

ଜ୍ୟେଷ୍ଠଶ୍ୱଶ୍ରୂ—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠା+ଶ୍ୱଶ୍ରୂ; କର୍ମଧା)—ଦେଢ଼ଶାଶୂ; ପତ୍ନୀର ବଡ଼ ଭଉଣୀ—Wife's elder sister.
Jyeshṭā-swaśrū

ଜ୍ୟେଷ୍ଠା—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠ+ଆ)—
Jyeshṭhā · ୧ । ହିନ୍ଦୁ ଜ୍ୟୋତିଷୋକ୍ତ ୨୭ ଗୋଟି ନକ୍ଷତ୍ର ମଧ୍ୟରୁ ଅଷ୍ଟାଦଶ ନକ୍ଷତ୍ର (ନକ୍ଷତ୍ର ଭଲେ ନୋଟ ଦେଖ)—
1. Scorpion's body or back; the name of the 18th star of Hindu astronomy; the 18th lunar mansion (Hindu astronomy).
୨ । ଗୃହଗୋଧିକା; ଝିଟିପିଟି—
2. The common house-lizard.
୩ । ହାତର ମଝି ଅଙ୍ଗୁଳି—
3. The middle fingurr of the hand.
୪ । ଗଙ୍ଗାନଦୀ—4. The river Gaṅgā.
୫ । ଅଲକ୍ଷ୍ମୀ; ଲକ୍ଷ୍ମୀଙ୍କ ବଡ଼ ଭଉଣୀ—5 The Goddess of misfortune; the elder sister of Lakṣmī.
୬ । ପ୍ରଥମବିବାହିତା ସ୍ତ୍ରୀ (ମନୁ. ୯।୧୨୨)—
6. The eldest wife (M. W).
୭ । ସ୍ତ୍ରୀମାନଙ୍କ ମଧ୍ୟରୁ ଯେଉଁ ସ୍ତ୍ରୀକୁ ସ୍ୱାମୀ ବେଶି ଦେଖି ପାରନ୍ତି; ସୁଭଗା ସ୍ତ୍ରୀ—7. A preferred wife (M. W); the most favourite wife.
୮ । ବାର୍ହସ୍ପତ୍ୟ ଦ୍ୱାଦଶ ବର୍ଷମାନଙ୍କର ଅଷ୍ଟମ ବର୍ଷ—
8. The 18th year in the Jupiter's cycle of years (M. W).
୯ । ତନ୍ତ୍ରୀବିଶେଷ; ତାରଯୁକ୍ତ ବାଦ୍ୟ ଯନ୍ତ୍ରବିଶେଷ—
9. A kind of stringed musical instrument (M. W).
ସଂ. ବିଣ. ସ୍ତ୍ରୀ—ଜ୍ୟେଷ୍ଠର ସ୍ତ୍ରୀଲିଙ୍ଗ—
Feminine of Jyeshṭha.

ଜ୍ୟୋଷ୍ଠାଂଶ ଦେ. ବି. (ସଂ. ଜ୍ୟେଷ୍ଠାଂଶ)—୧ ଜ୍ୟେଷ୍ଠାଂଶ; ହିନ୍ଦୁସ୍ମୃତି ଅନୁସାରେ ଜ୍ୟେଷ୍ଠ ପୁତ୍ର ଅନ୍ୟ ପୁତ୍ରମାନଙ୍କ ଅପେକ୍ଷା ପୈତୃକ ସମ୍ପତ୍ତିରୁ ପାଇବା ଅଧିକା ଭାଗ—
ଜେଠାଂଶ
1. A largest share in the paternal property which devolves on the eldest brother during partition; the property in excess claimed by the eldest brother according to the Hindu law out of the paternal property during partition.
୨ । ଜ୍ୟେଷ୍ଠ ପୁତ୍ର ସମସ୍ତ ପୈତୃକ ସମ୍ପତ୍ତିରେ ଅଧିକାରୀ ହେବା ପ୍ରଥା, ଯଦ୍ଦ୍ୱାରା ଅନ୍ୟ ପୁତ୍ରମାନେ କେବଳ ଖୋରାକପୋଷାକ ପାଆନ୍ତି—2. Primogeniture.

ଜ୍ୟେଷ୍ଠାଂଶ—ସଂ. ବି. (ଜ୍ୟେଷ୍ଠ+ଅଂଶ; କର୍ମଧା; କିମ୍ବା ୬ଷ୍ଠୀ ତତ୍)—ହିନ୍ଦୁଶାସ୍ତ୍ର ଅନୁସାରେ ପୈତୃକ ସମ୍ପତ୍ତିରୁ ବଡ଼ ଭାଇ ସାନଭାଇମାନଙ୍କଠାରୁ ପାଇବା ଅଧିକା ଅଂଶ—
Jyeshṭhāṁśa
The extra share of the paternal property which devolves on the eldest brother in excess of the regular shares of other brothers in partition (Hindu law).

ଜ୍ୟେଷ୍ଠାମ୍ବୁ—ସଂ. ବି. (ଜ୍ୟେଷ୍ଠ+ଅମ୍ବୁ)—ଚାଉଳଧୂଆ ପାଣି—Water obtained after washing rice (before cooking).
Jyeshṭhāmbu

ଜ୍ୟେଷ୍ଠାଶ୍ରମ—ସଂ. ବି. (ଜ୍ୟେଷ୍ଠ+ଆଶ୍ରମ; କର୍ମଧା)—ଗୃହସ୍ଥାଶ୍ରମ—The status of a householder.
Jyeshṭhāśrama

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇସ୍ତ	ତ୍ରଅ	ଢ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ଢ଼

ଜ୍ୟେଷ୍ଠାଶ୍ରମୀ—ସଂ. ବି. (ଜ୍ୟେଷ୍ଠ+ଆଶ୍ରମ+ଇନ୍; ୧ମା. ୧ବ.)—ଗୃହସ୍ଥ;
Jyeshthāśrami गୃହୀ—A house-holder.
[ଦ୍ର—ହିନ୍ଦୁମାନଙ୍କର ଅନ୍ୟାନ୍ୟ ଆଶ୍ରମସ୍ଥ ବ୍ୟକ୍ତିମାନଙ୍କୁ ଗୃହସ୍ଥାଶ୍ରମୀ ବ୍ୟକ୍ତିମାନେ ପୋଷିବାରୁ ଗୃହସ୍ଥାଶ୍ରମ ଅନ୍ୟ ସବୁ ଆଶ୍ରମ ଅପେକ୍ଷା ଉତ୍କୃଷ୍ଟ ବା ଜ୍ୟେଷ୍ଠ ବୋଲି ଶାସ୍ତ୍ର ନିର୍ଦ୍ଦେଶ କରଅଛି ।]

ଜ୍ୟେଷ୍ଠିମଧୁ—ଦେ. ବି—(ସଂ. ଯଷ୍ଟିମଧୁ) ଜାଠିମଧୁ (ଦେଖ)
Jyeshthi-madhu Jāthimadhu (See)

ଜ୍ୟେଷ୍ଠୀ—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠ+ସ୍ତ୍ରୀ. ଈ)—ଝିଟିପିଟି; ଗୃହଗୋଧିକା—
Jyeshthi The common house-lizard.

ଜ୍ୟୈଷ୍ଠ—ସଂ.ବି. (ଜ୍ୟେଷ୍ଠା + ତଦ୍‌ଯୁକ୍ତ ମାସାର୍ଥେ.ଅ)—ଜ୍ୟେଷ୍ଠାନକ୍ଷତ୍ର-
Jyaishtha ଯୁକ୍ତ ପୂର୍ଣ୍ଣିମାବିଶିଷ୍ଟ ଚାନ୍ଦ୍ରମାନ ମାସ; ବୈଶାଖର ପରବର୍ତ୍ତୀ ମାସ—The lunar month folowing the month of **Baiśākha** (May-June).

ଜ୍ୟୈଷ୍ଠୀ—ସଂ. ବି. ସ୍ତ୍ରୀ. (ଜ୍ୟେଷ୍ଠା + ଯୁକ୍ତାର୍ଥେ. ଅ + ସ୍ତ୍ରୀ. ଈ.)—
Jyaishthi ଜ୍ୟେଷ୍ଠାନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା; ଜ୍ୟୈଷ୍ଠପୂର୍ଣ୍ଣିମା; ଦେବସ୍ନାନ ପୂର୍ଣ୍ଣିମୀ—The full-moon day of the month Jyaishtha.

ଜ୍ୟୈଷ୍ଠ୍ୟ—ସଂ. ବି. (ଜ୍ୟେଷ୍ଠ + ଭାବେ. ଯ)—ଜ୍ୟେଷ୍ଠତ୍ୱ; ଶ୍ରେଷ୍ଠତ୍ୱ—
Jyaishthya State of being eldest or best.

ଜ୍ୟୋତି—ଦେ. ବି. (ସଂ. ଜ୍ୟୋତିସ୍)—୧ । ଜ୍ୟୋତିଃ (ଦେଖ)
Jyoti 1. Jyotih (See)
୨ । (ଯୋଗସାଧକଙ୍କ ବ୍ୟବହୃତ ପରିଭାଷା)—
ଚକ୍ଷୁ—2. Eye.
[ଦ୍ର—ଉର୍ମ୍ମି, ଧୂର୍ମ୍ମ, ଜ୍ୱାଳା (ଦେଖ) ।]

ଜ୍ୟୋତିଃ—ସଂ.ବି. ସ୍ତ୍ରୀ. (ଜ୍ୟୋତିସ୍ ଶବ୍ଦ) (ଦ୍ୟୁତ ଧାତୁ=ଦୀପ୍ତି ପାଇବା
Jyotih + କର୍ତ୍ତୃ. ଇସ୍; ନିପାତନ)—
୧ । ଆଲୋକ—1. Light.
୨ । ତେଜଃ—2. Lustre; glare.
୩ । ଗ୍ରହନକ୍ଷତ୍ରାଦି—
3. Luminous bodies; luminaries
୪ । ନକ୍ଷତ୍ର—4. Star.
୫ । ଆଖିର ପିତୁଳା—
5. The pupil of the eye.
୬ । ଚୈତନ୍ୟ—6. Consciousness.
୭ । ଆତ୍ମା—7. Soul.
୮ । ଜ୍ୟୋତିଃଶାସ୍ତ୍ର—8. Astronomy; astrology.
୯ । ଅଗ୍ନି—9. Fire.
୧୦ । ସୂର୍ଯ୍ୟ—10. The sun.
୧୧ । ପୁତ୍ର—11. Son.
୧୨ । ଶିଖା—12. Flame.
୧୩ । ଦୀପ୍ତି; ଜ୍ୱାଳା—
13 Splendour; brilliance.
୧୪ । ମେଥି—14. Fenugreek;Trigonella Foenum Graekum.

ଜ୍ୟୋତିଃଶାସ୍ତ୍ର—ସଂ. ବି. (ଜ୍ୟୋତିଃ + ଶାସ୍ତ୍ର)—୧ । ଜ୍ୟୋତିଷ ଶାସ୍ତ୍ର;
Jyotih-śāstra ଗ୍ରହ ନକ୍ଷତ୍ରାଦିବିଷୟକ ବିଜ୍ଞାନ—
1. The science of stars and planets.
୨ । ଗଣିତ ଜ୍ୟୋତିଷ; ଯେଉଁ ଶାସ୍ତ୍ରଦ୍ୱାରା ଗ୍ରହନକ୍ଷତ୍ରମାନଙ୍କର ସ୍ଥିତି,ଗତି, ସଂଚାର,ଗ୍ରହଣ,ଉଦୟ ଇତ୍ୟାଦି ନିର୍ଣ୍ଣୀତ ହୁଏ—
2. Astronomy.
୩ । ଫଳିତ ଜ୍ୟୋତିଷ; ଯଦ୍ୱାରା ଗ୍ରହନକ୍ଷତ୍ରଙ୍କ ଗତିବିଧି ଆଦି ମନୁଷ୍ୟମାନଙ୍କ ଜୀବନ ଉପରେ ଫଳାଇବା ପ୍ରଭାବ ଜଣା ଯାଏ—3. Astrology.
[ଦ୍ର—ଜ୍ୟୋତିଃଶାସ୍ତ୍ରର ୩ ଗୋଟି ଶାଖା ଅଛି, ଯଥା—
୧ । ଗଣିତ ବା ତନ୍ତ୍ର—(ଏଥିରେ ଗ୍ରହନକ୍ଷତ୍ରଙ୍କ ଗତି, ସ୍ଥିତି ଆଲୋଚିତ ହୋଇଥାଏ ।
୨ । ହୋରା ବା ଅଙ୍ଗବିନିଶ୍ଚୟ—(ଏଥିରେ ଜନ୍ମ, ଯାତ୍ରା ଓ ବିବାହାଦି ବିବେଚିତ ହୁଏ ।)
୩ । ସଂହିତା ।]

ଜ୍ୟୋତିପୁର—ଦେ. ବି (ସଂ. ଜ୍ୟୋତିର୍ମ୍ମୟପୁର)—ପରଂବ୍ରହ୍ମର ବାସସ୍ଥାନ—
Jyoti-pura The imaginary abode of the Brahma.
ଏତେ ପୃଥିବୀ ଚଳେ ହିତ, ଜ୍ୟୋତିପୁରକୁ ଲିଭା ମାତ୍ର—
ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

ଜ୍ୟୋତିମଣ୍ଡଳ—ଦେ. ବି (ସଂ. ଜ୍ୟୋତିର୍ମ୍ମଣ୍ଡଳ)—ଜ୍ୟୋତିର୍ମ୍ମଣ୍ଡଳ; ବ୍ରହ୍ମର
Jyoti-mandala କଳ୍ପିତ ଜ୍ୟୋତିର୍ମ୍ମୟ ପୁର—
The maginary abode of the Brahma.
ସେ ଜ୍ୟୋତିମଣ୍ଡଳ ବାରତା; କହିଲେ କ ସରେ ବେବସ୍ଥା—
ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

ଜ୍ୟୋତିମୟ—ଦେ. ବିଣ (ସଂ. ଜ୍ୟୋତିର୍ମ୍ମୟ)—ଜ୍ୟୋତିର୍ମ୍ମୟ (ଦେଖ)
Jyoti-maya Jyotirmaya (See)
ବ୍ରହ୍ମା ନିକଟେ ହୋଇ ଭଲ, ବିକଶି ଜ୍ୟୋତିମୟ ପ୍ରଭ—
ପ୍ରାଚୀ, ନିର୍ଗୁଣମାହାତ୍ମ୍ୟ ।

ଜ୍ୟୋତିର୍ବିଜ୍ଞାନ—ସଂ. ବି.—ଜ୍ୟୋତିଃଶାସ୍ତ୍ର (ଦେଖ)
Jyotirbijñana Jyotih-śāstra (See)

ଜ୍ୟୋତିର୍ବିଦ୍—ସଂ. ବିଣ. ପୁଂ. (ଜ୍ୟୋତିଃ+ବିଦ୍ ଧାତୁ + କର୍ତ୍ତୃ. କ୍ୱିପ୍
Jyotirbid ୧ମା. ୧ବ.)—ଜ୍ୟୋତିଷ ଶାସ୍ତ୍ରଜ୍ଞ; ଦୈବଜ୍ଞ—
Astronomer; astrologer.

ଜ୍ୟୋତିର୍ବିଦ୍ୟା—ସଂ. ବି. (ଜ୍ୟୋତିଃ + ବିଦ୍ୟା)—ଜ୍ୟୋତିଃଶାସ୍ତ୍ର (ଦେଖ)
Jyotirbidyā Jyotih-śāstra (See)

ଜ୍ୟୋତିର୍ବେତ୍ତା—ସଂ. ବିଣ. ପୁଂ. (ଜ୍ୟୋତିଃ + ବିଦ୍ ଧାତୁ + କର୍ତ୍ତୃ. ତୃ;
Jyotirbettā ୧ମା. ୧ବ.)—ଜ୍ୟୋତିର୍ବିଦ୍ (ଦେଖ)
Jyotirbid (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗିଣା' ନ ପାଇଲେ 'ଅଙ୍ଗଣା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଜ୍ୟୋତିରିଙ୍ଗ—ସଂ. ବି. (ଜ୍ୟୋତିଃ + ଇଙ୍ଗ୍ ଧାତୁ = ଗମନ କରିବା + କର୍ତ୍ତୃ. ଅ)—ଖଦ୍ୟୋତ; ଜୁଳୁଜୁଳିଆ ପୋକ—
Jyotiriṅga
Glow-worm; fire-fly.

ଜ୍ୟୋତିରିଙ୍ଗଣ—ସଂ. ବି. (ଜ୍ୟୋତିଃ + ଇଙ୍ଗ୍ ଧାତୁ = ଗମନ କରିବା + କର୍ତ୍ତୃ. ଅନ)—ଖଦ୍ୟୋତ; ଜୁଳୁଜୁଳିଆ ପୋକ—
Jyotiriṅgaṇa
Fire-fly; glow-worm.

ଜ୍ୟୋତିର୍ମ୍ମଣ୍ଡଳ—ସଂ. ବି. (ଜ୍ୟୋତିଃ + ମଣ୍ଡଳ; ୬ଷ୍ଠୀ ତତ୍)—
Jyotirmmaṇḍaḷa ୧ । ଗ୍ରହ ନକ୍ଷତ୍ରାଦିଙ୍କ ସଞ୍ଚାରସ୍ଥଳ; ଆକାଶମଣ୍ଡଳ—1. The stellar regions; the celestial sphere.
(ଜ୍ୟୋତିର୍ମଣ୍ଡଳ—ଅନ୍ୟରୂପ)
୨ । ଯାବତୀୟ ଜ୍ୟୋତିର୍ମୟ ପଦାର୍ଥର ସମଷ୍ଟି—
2. The aggregate of all luminous things.

ଜ୍ୟୋତିର୍ମ୍ମୟ—ସଂ. ବିଣ. ପୁଂ. (ଜ୍ୟୋତିଃ + ପ୍ରାଚୁର୍ଯ୍ୟାର୍ଥ ମୟ)—
Jyotirmmaya ୧ । ଦୀପ୍ତିଶାଳୀ—
(ଜ୍ୟୋତିର୍ମ୍ମୟୀ—ସ୍ତ୍ରୀ) 1. Lustrous; very bright.
(ଜ୍ୟୋତିର୍ମୟ—ଅନ୍ୟରୂପ) ୨ । ଜ୍ୟୋତିଃପୂର୍ଣ୍ଣ—2. Full of light.

ଜ୍ୟୋତିର୍ଲିଙ୍ଗ—ସଂ. ବି. (ନାମ)—ଶିବଲିଙ୍ଗ ବିଶେଷ—
Jyotirliṅga Name of a Siba-linga.
[ଦ୍ର—ଶିବପୁରାଣମତେ ରାମେଶ୍ୱର, କେଦାରନାଥ ପ୍ରଭୃତି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଭାରତର ବିଭିନ୍ନ ଅଞ୍ଚଳରେ ପ୍ରତିଷ୍ଠିତ । ଏ ସ୍ଥାନମାନ ଗୋଟିଏ ଗୋଟିଏ ତୀର୍ଥସ୍ଥାନ । ମଦନମୋହନ ତୀର୍ଥଦର୍ଶନ ୧ମ ଭାଗ ।]

ଜ୍ୟୋତିଶ୍ଚକ୍ର—ସଂ. ବି. (ଜ୍ୟୋତିଃ + ଚକ୍ର; ୬ଷ୍ଠୀ ତତ୍)—
Jyotiśchakra ୧ । ଚନ୍ଦ୍ରସୂର୍ଯ୍ୟାଦି ସବୁ ନକ୍ଷତ୍ରସମୂହ—
1. The heavenly bodies.
୨ । ଜ୍ୟୋତିଷ ଶାସ୍ତ୍ରୋକ୍ତ ରାଶି ଚକ୍ର—2. (Astrology) The zodiac; the circle bearing the 12 zodiacal signs; the sidereal heavens.

ଜ୍ୟୋତିଷ—ସଂ. ବି. (ଜ୍ୟୋତିଃ + ସମ୍ବନ୍ଧାର୍ଥେ. ଅ)—
Jyotisha ଜ୍ୟୋତିଃଶାସ୍ତ୍ର (ଦେଖ)
Jyotihśāstra (See)
ଦେ. ବି.—ଜ୍ୟୋତିଷ ନାୟକ (ଦେଖ)
Jyotisha-nāyaka (See)

ଜ୍ୟୋତିଷଚକ୍ର—ସଂ. ବି. (ଜ୍ୟୋତିଷ + ଚକ୍ର, ୬ଷ୍ଠୀ ତତ୍)—
Jyotisha-chakra ରବିମାର୍ଗ ଯେଉଁ ତାରାରାଶି ମଧ୍ୟ ଦେଇ ଯାଇଅଛି; ରାଶିଚକ୍ର—The zodiac.

ଜ୍ୟୋତିଷ ନାୟକ—ଦେ. ବି. — ଜ୍ୟୋତିଃଶାସ୍ତ୍ରବ୍ୟବସାୟୀ ଓଡ଼ିଆ
Jyotisha nāyaka ନାୟକ ଜାତି—A caste of astrologers in Orissa.

ଜ୍ୟୋତିଷ ବେଧଶାଳା—ସଂ. ବି.—(ଜ୍ୟୋତିଷ + ବେଧ + ଶାଳା)—
Jyotisha bedhaśāḷā ଜ୍ୟୋତିଷଗ୍ରହ ପର୍ଯ୍ୟାଲୋଚନ ମନ୍ଦିର; ମାନମନ୍ଦିର—Observatory.

ଜ୍ୟୋତିଷିକ—ସଂ. ବିଣ. ପୁଂ. (ଜ୍ୟୋତିଷ୍ + ଜ୍ଞାତାର୍ଥେ, ଇକ)—
Jyotishika ୧ । ଜ୍ୟୋତିର୍ବେତ୍ତା—Versed in the science of stars and planets.
୨ । ଜ୍ୟୋତିଷ ସମ୍ବନ୍ଧୀୟ—
2. Relating to astronomy or astrology.

ଜ୍ୟୋତିଷୀ—ସଂ. ବିଣ. ପୁଂ. (ଜ୍ୟୋତିଷ + ଜ୍ଞାତାର୍ଥେ ଇନ୍; ୧ମା. ୧ବ.)-
Jyotishī ଜ୍ୟୋତିର୍ବେତ୍ତା—Versed in the science of stars and planets; astronomer; astrologer.
[ଦ୍ର—ଆମ୍ଭମାନଙ୍କ ଦେଶରେ ଗୋଟିଏ ବିଶିଷ୍ଟ ଜାତି (ଜ୍ୟୋତିଷ ନାୟକ) ଫଳିତ ଜ୍ୟୋତିଷ ବିଦ୍ୟାକୁ ବଂଶପରମ୍ପରାକ୍ରମେ ଆଲୋଚନା କରନ୍ତି ।]

ଜ୍ୟୋତିଷ୍କର—ସଂ. ବି. (ଜ୍ୟୋତିଃ + କୃ ଧାତୁ + କର୍ତ୍ତୃ. ଅ)—
Jyotishkara ୧ । ଗ୍ରହନକ୍ଷତ୍ରାଦି ଜ୍ୟୋତିର୍ମୟ ପଦାର୍ଥ—
A planet; a star; a luminary.
୨ । ଚିତ୍ରକ ବୃକ୍ଷ (ଦେଖ)
3. Chitraka (See)
୩ । ଗଣିକାରିକା ବୃକ୍ଷ (ଦେଖ)
3. Gaṇikārikā (See)
୪ । ମେଥିକା ଶାକ—
4. The seed of fenugreek.
୫ । ମେରୁ ଶୃଙ୍ଗ ବିଶେଷ—
5. Name of a peak of the Meru mountain.

ଜ୍ୟୋତିଷ୍ଟୋମ—ସଂ. ବି. (ବହୁବ୍ରୀହି; ଜ୍ୟୋତିଃ + ସ୍ତୋମ = ସ୍ତୁତି; ଯେଉଁ ଯାଗରେ ଗ୍ରହନକ୍ଷତ୍ରାଦିଙ୍କ ସ୍ତବ କରାଯାଏ)—
Jyotishṭoma
ଯଜ୍ଞ ବିଶେଷ—Name of a vedic sacrifice
[ଦ୍ର—ଏଥିର ୧୬ ଜଣ ଋତ୍ୱିକ ଆବଶ୍ୟକ ଓ ୧୧୨ଟି ଗାଈ ଦକ୍ଷିଣା ଦିଆଯାଏ ।]

ଜ୍ୟୋତିଷ୍ପଥ—ସଂ. ବି. (୬ଷ୍ଠୀ ତତ୍; ଜ୍ୟୋତିଃ + ପଥ)—ଆକାଶ—
Jyotishpatha The sky; the stellar heavens.

ଜ୍ୟୋତିଷ୍ମନ୍ତ—ଦେ. ବି. (ସଂ. ଜ୍ୟୋତିଷ୍ମତ୍)—
Jyotishmanta ଜ୍ୟୋତିଷ୍ମାନ୍ (ଦେଖ)
Jyotishmān (See)

ଜ୍ୟୋତିଷ୍ମତୀ—ସଂ. ବି. ସ୍ତ୍ରୀ. (ଜ୍ୟୋତିଷ୍ମତ୍ + ସ୍ତ୍ରୀ. ଈ)—
Jyotishmatī ୧ । ରାତିରେ ଆଲୋକ ବିସ୍ତାରକାରୀ ବନ୍ୟ ଲତା ବିଶେଷ; ଫୁଟ୍‌ଫୁଟିଆ ଗୁଳ୍ମ—A luminous wild plant; Cardiospermum Helicacabum. Ballon vine; winter cherry (Kirtikar) Staff tree.
ଲତାକଟକୀ
ମାଲକାଙ୍ଗୁନୀ, କାଙ୍ଗୋନୀ
ମ. କାଙ୍ଗୋଣୀ, ତୋଟେ,
ତେ. କାଙ୍ଗ୍ୟଣୀ, ଉବୁଲୁ
ଗୁ. ମାଲକାଙ୍କଣ

୧	ଋ	ଌ	ର,ଋ	ଽ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇୟ	ଉଅ	ଯ଼
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନୃ

ଯା କାଲ
ସଂ ନାମ—କଟଭୀ, ଜ୍ୟୋତିଷ୍ମା
କଙ୍ଗୁନୀ, ପାରାବତ ପଦୀ, ପଣ୍ୟା,
ଲତା, କଙ୍କନୀ

[ଦ୍ର—ବୈଦ୍ୟକ ମତରେ ଏହା କଟୁ, ତିକ୍ତ ରସ, ବାୟୁ ଓ କଫ-ନାଶକ, ତୀକ୍ଷ୍ଣ, ବମନକାରକ, ଦାହ-ପ୍ରଦ, ଅଗ୍ନିବର୍ଦ୍ଧକ ଓ ମେଧାପ୍ରଦ ।]

୨ । ରାତ୍ରି—2. Night.
୩ । ଚିତ୍ରବୃତ୍ତ ବିଶେଷ—
3. Name of a pictorial composition.
ସଂ. ବିଣ. ସ୍ତ୍ରୀ—ଜ୍ୟୋତିଷ୍ମାନ୍‌ର ସ୍ତ୍ରୀଲିଙ୍ଗ—
Feminine of jyotishmān.

ଜ୍ୟୋତିଷ୍ମାନ୍—ସଂ. ବିଣ. ପୁଂ. (ଜ୍ୟୋତିଷ୍ମତ୍ ଶବ୍ଦ; ଜ୍ୟୋତିସ୍ + ଅସ୍ତି ଅର୍ଥରେ ମତ୍; ୧ମା. ୧ବ)—
Jyotishmān
(ଜ୍ୟୋତିଷ୍ମତୀ—ସ୍ତ୍ରୀ) ୧ । ଉଜ୍ଜ୍ୱଳ; ଜ୍ୟୋତିର୍ବିଶିଷ୍ଟ—
1. Bright; luminous; shining.
୨ । ରାତ୍ରିରେ ଆଲୋକ ବିସ୍ତାରଣକାରୀ—
2. Phosphorescent; glowing.
ସଂ. ବି—୧ । ସୂର୍ଯ୍ୟ—1. The sun.
୨ । କୁଶଦ୍ୱୀପର ଜଣେକ ରାଜା—2. Name of a king of the mythological Kuśa island.

ଜ୍ୟୋତ୍ସ୍ନା—ସଂ. ବି. ସ୍ତ୍ରୀ. (ଜ୍ୟୋତିସ୍ + ଅସ୍ତି ଅର୍ଥରେ ନ + ସ୍ତ୍ରୀ. ଆ)—
Jyotsnā ୧ । ଚନ୍ଦ୍ର କିରଣ; ଚନ୍ଦ୍ରିକା; ଚନ୍ଦ୍ରାଲୋକ—
1. Moonbeam.
୨ । କାନ୍ତି; ଔଜ୍ଜ୍ୱଲ୍ୟ—2. Lustre.
୩ । ଶୋଭା—3. Grace.

ଜ୍ୟୋତ୍ସ୍ନାପକ୍ଷ—ସଂ. ବି. (ବହୁବ୍ରୀହି; ଜ୍ୟୋତ୍ସ୍ନା + ପକ୍ଷ)—
Jyotsnā-paksha ଶୁକ୍ଳ ପକ୍ଷ; ଆଲୁଅ ପକ୍ଷ—
The bright fortnight of the month ending with the full moon.

ଜ୍ୟୋତ୍ସ୍ନାପ୍ରିୟ—ସଂ. ବି. (ବହୁବ୍ରୀହି, ଜ୍ୟୋତ୍ସ୍ନା + ପ୍ରିୟ)—
Jyotsnā-priya ଚକୋର ପକ୍ଷୀ—The Himalayan Partridge; Pedrix Rufa.

ଜ୍ୟୋତ୍ସ୍ନାବୃକ୍ଷ—ସଂ. ବି. (୬ଷ୍ଠୀ ତତ୍; ଜ୍ୟୋତ୍ସ୍ନା + ବୃକ୍ଷ)—
Jyotsnā-bṛuksha ଦୀପରୁଖା; ଦିଲସଜ—
A standing lamp; lamp-stand.

ଜ୍ୟୋତ୍ସ୍ନାମୟ—ସଂ. ବିଣ. (ଜ୍ୟୋତ୍ସ୍ନା + ପ୍ରାଚୁର୍ଯ୍ୟାର୍ଥେ, ମୟ)—
Jyotsnā-maya ଚନ୍ଦ୍ର କିରଣ ଦ୍ୱାରା ଆଲୋକିତ—
(ଜ୍ୟୋତ୍ସ୍ନାମୟୀ—ସ୍ତ୍ରୀ) Moonlit.

ଜ୍ୟୋତ୍ସ୍ନା ରଜନୀ—ଦେ. ବି. (ମ. ପ. ଲୋ; ଜ୍ୟୋତ୍ସ୍ନାଯୁକ୍ତରଜନୀ)—
Jyotsnā rajani ଶୁକ୍ଳପକ୍ଷ ରାତି—Moonlit night.

ଜ୍ୟୋତ୍ସ୍ନା ରାତ୍ରି—ଦେ. ବି. (ଜ୍ୟୋତ୍ସ୍ନାଯୁକ୍ତ ରାତ୍ରି; ମ. ପ. ଲୋ)—
Jyot-snā rātri ଶୁକ୍ଳପକ୍ଷର ରାତି—Moonlit night.

ଜ୍ୟୋତ୍ସ୍ନୀ—ସଂ. ବି. ସ୍ତ୍ରୀ. (ଜ୍ୟୋତ୍ସ୍ନା + ସ୍ତ୍ରୀ. ଈ)—
Jyot-snī ୧ । ଜ୍ୟୋତ୍ସ୍ନାମୟୀ ରାତ୍ରୀ—1. Moonlit night.
୨ । ଜହ୍ନି—2. A cocurbitacious plant and its fruit; Luffa Acutangula.
୩ । ରେଣୁକା ନାମକ ଗନ୍ଧ ଦ୍ରବ୍ୟ—
3. A sort of perfumed drug.

ଜ୍ୟୌତ୍ସ୍ନ—ସଂ. ବିଣ. (ଜ୍ୟୋତ୍ସ୍ନା + ଅ)—୧ । ଦୀପ୍ତ—
Jyaut-sna 1. Illuminated.
୨ । ଜ୍ୟୋତ୍ସ୍ନାଯୁକ୍ତ—
2. Moonlit; bright with moon-light.

ଜ୍ୟୌତ୍ସ୍ନିକା—ସଂ. ବି. ସ୍ତ୍ରୀ—(ଜ୍ୟୋତ୍ସ୍ନା + ଇକ + ଆ)—ଜହ୍ନରାତି—
Jyaut-snikā Moonlit night.

ଜ୍ୟୌତିଷ—ସଂ. ବି. (ଜ୍ୟୋତିଷ + ସ୍ୱାର୍ଥେ. ଅ)—
Jyautisha ଜ୍ୟୋତିଃଶାସ୍ତ୍ର (ଦେଖ)
Jyotiḥ-śāstra (See)

ଜ୍ୟୌତିଷିକ—ସଂ. ବିଣ. (ଜ୍ୟୋତିଷ + ତଦଧୀତେ ତଦ୍ବେଦ ଅର୍ଥେ, ଇକ)—
Jyautishika ୧ । ଜ୍ୟୋତିଷ ଶାସ୍ତ୍ରସମ୍ବନ୍ଧୀୟ—
1. Pertaining to astronomy or astrology
୨ । ଜ୍ୟୋତିର୍ବେତ୍ତା—
2. Versed in astronomy or astrology.
ସଂ. ବି—ଜ୍ୟୋତିର୍ବେତ୍ତା ବ୍ୟକ୍ତି—
Astronomer or Astrologer.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତାହାର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ୟାଁ' ନ ପାଇଲେ 'ଅଜ୍ଞା' ଦେଖିବେ; 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ

ଝ

ଝ—ନବମ ବ୍ୟଞ୍ଜନବର୍ଣ୍ଣ; ଚ ବର୍ଗର ଚତୁର୍ଥ ବର୍ଣ୍ଣ; ଏହାର ଉଚ୍ଚାରଣ ସ୍ଥାନ
Jha ତାଳୁ—The 9th consonant represented by the sound Jh (palatal).

ଝ—ସଂ. ବି. (ଝଟ୍ ଧାତୁ = ଏକତ୍ର କରିବା + କର୍ତ୍ତୃ. ଅ)—
Jha ୧ । ଝଞ୍ଜାବାତ—1. Hurricane; tornado.
୨ । ଜଳବର୍ଷଣ—2. Heavy rain; outpour.
୩ । ଧ୍ୱନି—3. A sound.
୪ । ବୃହସ୍ପତି; ସୁରଗୁରୁ—
4. Bruhaspati, the preceptor of the Gods.
୫ । ଇନ୍ଦ୍ର—5. Indra.
୬ । ଦୈତ୍ୟରାଜ—6. A king of demons.
ସଂ. ବିଣ—୧ । ନିଦ୍ରିତ—1. Asleep; sleeping.
୨ । ନଷ୍ଟ—2. Spoiled.

ଝଅଁ ଝଅଁ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଇଁ ଝାଇଁ (ଦେଖ)
Jha-añ-jha-añ Jhāiñ-jhāñ (See)

ଝଅକମାରି—ଦେ. ବି—ଝକମାରି (ଦେଖ)
Jha-aka-māri Jhaka-māri (See)

ଝଅକ ମାରିବା—ଦେ. କ୍ରି—ଝକ ମାରିବା (ଦେଖ)
Jha-aka māribā Jhaka māribā (See)

ଝଁ ଝଁ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଇଁ ଝାଇଁ (ଦେଖ)
Jhañ-jhañ Jhāiñ-jhāiñ (See)

ଝକ୍‌ଝକ୍—ଦେ. ବି (ସଂ. ଚକ ଧାତୁ = ଦୀପ୍ତି)—୧ । ଦୀପ୍ତି; କାନ୍ତି; ଝଟକ—
Jhak-jhak 1. Glitter; glare.
झकझक ୨ । (ଧ୍ୱନ୍ୟନୁକରଣ) ଧ୍ୱକମାକ; ସବଦା କଳହ—
झकझक 2. Constant loud quarrelling; bickering.
୩ । ଦରଦାମ ବିଷୟରେ ଉପର୍ଯ୍ୟୁପରି ଓଜର ଆପତ୍ତି—
3. Higgling and haggling.
ଦେ. ବିଣ—୧ । ଦୀପ୍ତିଶାଳୀ; ଝଟକୁଥିବା; ଜକଜକ—
1. Sparkling; glittering; shining; glaring.
୨ । କଳିହୁଡ଼ା; ସବଦା କଳହ କରୁଥିବା—
2. Quarrelsome; wrangling.
୩ । ବାରମ୍ବାର କଥା କହୁଥିବା; ବାଚାଳ—
3. Garrulous; talkative.
୪ । ଯେ ପଣ୍ୟାଦି ଦ୍ରବ୍ୟର ମୂଲ୍ୟ ଅବଦରେ ବହୁତ ଓଜର ଆପତ୍ତି କରେ—4. Higgling and haggling.

ଦେ. କ୍ରି. ବିଣ—ଜକଜକ ହୋଇ—
In a glittering manner; brightly.
ଦୋଳେ ଝକଝକ ପୃଷ୍ଠେ ଫଳକ ବର୍ତ୍ତୁଳ—ରାଧାନାଥ, ଦେଶୀହର୍ଷିଙ୍କ ।

ଝକଝକିଆ—ଦେ. ବିଣ. ପୁଂ—୧ । କଳିହୁଡ଼ା—
Jhaka-jhakiā 4. Wrangling; quarrelsome.
ଝଗଡ଼ାଟେ ୨ । ଯେ ଦରଦାମରେ ବହୁତ ଓଜର ଆପତ୍ତି କରେ
झकझकिया 2. Higgling and haggling.

ଝକଝକୀ } ସ୍ତ୍ରୀ. ଦେ. ବିଣ (ସଂ. ଚକ ଧାତୁ)—ଝଟକୁଥିବା—
ଝକଝକେଇ } Glittering.

ଝକଝକିବା—ଦେ. (ପଦ୍ୟ) କ୍ରି. (ସଂ. ଚକ ଧାତୁ)—
Jhaka-jhakibā ଝଟକିବା; ଜକଜକ ଦିଶିବା—
To glitter; to shine.
ଝକଝକେ ଅସ୍ତ୍ର ପ୍ରଦୋଷ କରଣେ । ରାଧାନାଥ. ଚନ୍ଦ୍ରକେଶ୍ୱରୀ ।

ଝକ—ଦେ. ବି—କାନ୍ତି; ଦୀପ୍ତି; ଚମକ; ଝଟକ—
Jhaka Glitter; gl re.
ঝক ହେବାରୁ ବ୍ୟାପିଲି ଝକ ପ୍ରଭବରେ ଲୁଚିବା ଭଳିଲ ମନ ।
झकझकाहट ଭଞ୍ଜ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

ଝକଦେହା—ଦେ. (ପଦ୍ୟ) ବିଣ. ସ୍ତ୍ରୀ—ଉଜ୍ଜ୍ୱଳ ଦେହକାନ୍ତିବିଶିଷ୍ଟ—
Jhaka-dehā Having a bright body.
ଦାଉକ ରୂପ ଚିଣିବାକୁ ସାହା
ହୁଡ଼ କରୁଅଛ ସେ ଝକଦେହା । କବିସୂର୍ଯ୍ୟ, ଚନ୍ଦ୍ରକଳା ।

ଝକମକ—ଦେ. ବି—ଦୀପ୍ତିଶାଳୀ; ଜାଜ୍ୱଲ୍ୟମାନ—
Jhaka-maka Glittering; glaring; shining.
ঝকমক କହୁଥିଲ ସମ କରେ ଝକମକ
झकामक ପ୍ରତି ବଡବଷେ ଚନ୍ଦ୍ରମା ପଦକ । ରାଧାନାଥ, ଚନ୍ଦ୍ରକେଶ୍ୱରୀ ।

ଝକମକି—ଦେ. ବି. (ସଂ. ଚକ ଧାତୁ = ଦୀପ୍ତି + ମକ୍ ଚ ଧାତୁ = ଦୀପ୍ତି)—
Jhakamaki ୧ । ଅଗ୍ନିସ୍ଫୁଲିଙ୍ଗ ଉତ୍ପାଦକ ପ୍ରସ୍ତର ଖଣ୍ଡ; ଚକମକି-
চকমকী (ଯହିଁରେ ଲୁହା ବା ଦାଉଅ ପଥର ଆଘାତ କଲେ
चकमक ନିଆଁ ଝଡ଼େ)—
1. Flint-stone; fire-stone.
[ଦ୍ର—ଦିଆସିଲିର ଏ ଦେଶରେ ପ୍ରଚଳନ ନ ଥିବା ସମୟରେ ଲୋକେ ଝକମକି ସାହାଯ୍ୟରେ ଅଗ୍ନିସ୍ଫୁଲିଙ୍ଗ ଝାଡ଼ି, ତାଳୁ ଖୋଲ ଉପରେ ରଖାଇ ନିଆଁକୁ ଧରୁଥିଲେ ।]
୨ । ଝକମକି ପଥର ଓ ତହିଁରୁ ନିଆଁ ବାହାର କରିବା ପାଇଁ ବ୍ୟବହୃତ ଅନ୍ୟ ପଥର ବା ଲୁହା—
2. Flint and steel.
চকমকী বংধুক ୩ । ଚକମକି ବନ୍ଧୁକ; ଯେଉଁ ବନ୍ଧୁକ ମଧ୍ୟସ୍ଥ
चकमाकी बंदुक ବାରୁଦରେ ନିଆଁ ଲଗାଇବା ପାଇଁ ପଲିତା ଦରକାର ହୁଏ ନାହିଁ, ଘୋଡ଼ାକୁ ଟିପିଲେ ନିଆଁ ବାହାରି ବାରୁଦରେ ଲାଗେ—
3. Flint-lock; a gun or pistol having a flint fixed on the hammer which, on striking the steel, ignites the priming.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଏ	ଉଅ	ଞ୍ଚ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଞ୍ଜ	ନ୍ତ

୪ । ଦୀପ୍ତି—4. Glare; glitter; lustre.

ଝକମକିଆ—ଦେ. ବଣ—ଜାଜ୍ୱଲ୍ୟମାନ; କାନ୍ତିବିଶିଷ୍ଟ—
Jhakamakiā — Shining; glittering; burnished.
ঝকমকে
ঝকামকি

ଝକମକି ଝାଡ଼ିବା—ଦେ. କ୍ରି—ଝକମକି ମାରିବା (ଦେଖ)
Jhakamaki jhārdibā — Jhakamaki māribā (See)

ଝକମକି ନଳୀ—ଦେ. ବ—ଝକମକି (୩) (ଦେଖ)
Jhakamaki naḻi — Jhakamaki (3) (See)
(ଝକମକି ବକ୍ସ୍ ଦ—ଅନ୍ୟରୂପ)

ଝକମକି ପଥର—ଦେ. ବ—ଝକମକି (୧) (ଦେଖ)
Jhakamaki pathara — Jhakamaki (1) (See)

ଝକମକି ମାରିବା—ଦେ. କ୍ରି—ଝକମକି ପଥରରେ ଲୁହା ଆଘାତ କରି ତହିଁରୁ ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ କରାଇବା—
Jhakamaki māribā
चकमकी झाड़ना — To strike out fire from flint.
चकमक मारना

ଝକମକି ମୁଣି—ଦେ. ବ—ଯେଉଁ ମୁଣିରେ ଝକମକି ପଥର ଓ ତହିଁରୁ ନିଆଁ ଝାଡ଼ିବାପାଇଁ ଖଣ୍ଡିଏ ଲୁହା ବା ଦାଢ଼ୁଆ ପଥର ଓ ଝୋଟିବା ନିଆଁକୁ ଧରିବା ପାଇଁ ଶୋଲ ଥାଏ—A small bag containing flints, steel and tinder; tinder-bag.
Jhakamaki muṇi
[ଦ୍ର—ପୂର୍ବେ ପିକାଖିଆ ଲୋକେ ସବୁବେଳେ ଝକମକି ମୁଣି ସାଙ୍ଗରେ ରଖୁଥିଲେ ।]

ଝକମାରି—ଦେ. ବ—୧ । ଭୁଲ; ଦୋଷ; ନିଜକୃତ ଅପରାଧ—
Jhaka-māri — 1. Mistake; fault; shortcoming.
ঝকমারী
নাদানী, লাচারী
୨ । ଅବିବେଚନାର କାର୍ଯ୍ୟ—
2. A thoughtless act; levity of conduct.
୩ । ନିର୍ବୋଧତା; ବେକୁବୀ—3. Foolishness; folly.
୪ । ଅନୁତାପ—4. Regret; repentance.
୫ । ନାଚାରୀ; ଉପାୟାନ୍ତର ନ ଥିବା ଅବସ୍ଥା—
5. Utter helplessness.
୬ । ନିଜକୃତ ଦୋଷ ବା ତ୍ରୁଟିର ସ୍ୱୀକାର—
6. Admission of one's fault or mistake.
ଦେ. ବଣ—ତ୍ରୁଟିଯୁକ୍ତ; ଅବିବେଚକ; ବିଶୃଙ୍ଖଳ (କର୍ମ)—
Faulty; foolish (act); thoughtless; nonsensical.

ଝକ ମାରିବା—ଦେ. କ୍ରି—୧ । ବେକୁବୀ କାର୍ଯ୍ୟ କରିବା—
Jhaka māribā — 1. To do a foolish thing; to commit a folly.
ঝক মারা
खेह मारना; भाख मारना
୨ । ସମୟ ବୃଥା ନଷ୍ଟ କରିବା—
2. To waste time.
୩ । ନିଜର ବେକୁବୀ ବା ତ୍ରୁଟି ସ୍ୱୀକାର କରିବା—
3. To admit one's folly or fault.
ଝକମାର ଏ ସକଳ କରିବେ କଇ । ଦ୍ୱାକାଶ. ଗୀତଲହରୀ ।
୪ । ନିଜକୃତ ଦୋଷ ବା ଅପରାଧ ନିମନ୍ତେ ଅନୁତାପ କରିବା—
4. To repent for one's folly or fault.
୫ । ନିଜର କାର୍ଯ୍ୟ ବା କଥାକୁ ପ୍ରତ୍ୟାଖ୍ୟାନ କରିବା—
5. To retract one's acts or words.
୬ । ନିଜର କର୍ମ ଯୋଗୁଁ କଷ୍ଟ ବା ଦୁଃଖ ଭୋଗ କରିବା—
6. To suffer for one's own action; to get into trouble; to get into an awkward predicament.
ଝକମାରିଲ, ନଉଥ ଗହରେ ମୁଣ୍ଡମାରିଲ,
ଗୁଡ଼ କାଢ଼ ପାଣି ପେଟେ ପିଇଲ । ଶିଶୁବଚନ ।

ଝକାଝକ—ଦେ. ବ. (ସଂ. ଧଷ ଧାତୁ=ନାଶନ; ଯୋଗେଶ୍ଚନ୍ଦ୍ର)—
Jhakājhak — ୧ । ଟଣାଟଣି; ଝୋଟାଝଟି—
ঝকাঝকি — 1. Mutual pulling; tugging.
झकझोर
୨ । ଝୋଟଣି ପୂର୍ବକ ବିବାଦ; ଫଉଜଦାରୀ—
2. Affray; brawl.
୩ । ଅନ୍ୟୋନ୍ୟରେ କଳିକଜିଆ ବା ଉଚ୍ଚୈଃସ୍ୱରରେ ବିବାଦ—
3. Wrangling; mutual quarrelling; loud recrimination between two persons.
୪ । ପଣ୍ୟଦ୍ରବ୍ୟର ମୂଲ୍ୟ ସମ୍ବନ୍ଧେ ବାଦ ପ୍ରତିବାଦ—
4. Higgling and haggling.
୫ । ବିବାଦ—5. Dispute; altercation.
ଦେ. ବଣ.—ଝଙ୍କାଝଙ୍କ୍ (ଦେଖ)
Jhaṅkājhaṅk (See)
ପ୍ରାଦେ. (ସମ୍ବଲପୁର) ବଣ (ଭୁଲ.ଏହି ଅର୍ଥରେ ହି.ଏହି ଶବ୍ଦ)—
ଚକ୍‌ଚକ୍—Glittering.

ଝକାଝକ କଳି—ଦେ. ବ—ଝଙ୍କାଝଙ୍କ୍ ଟକରାଳ (ଦେଖ)
Jhakājhak kaḻi — Jhaṅkājhaṅk takarāḻa (See)

ଝକାଝକି—ଦେ. ବ—ଝଙ୍କାଝଙ୍କ୍ (ଦେଖ)
Jhakājhaki — Jhakājhak (See)
ପ୍ରାଦେ. (ସମ୍ବଲପୁର) ବଣ—ଜାକଜମକ ପୂର୍ଣ୍ଣ; ଆଡ଼ମ୍ବରମୟ—
Very grand.
(ଯଥା—ଏବର୍ଷ ପରୀକ୍ଷାରେ ସ୍କୁଲର ଫଳ ଖୁବ୍ ଝକାଝକ ।)

ଝକି—ଦେ. ବଣ ଓ ବ—ଝକ୍କି (ଦେଖ)
Jhaki — Jhakki (See)

ଝକ୍କି—ଦେ. ବ. (ସଂ. ଧୃଷ ଧାତୁ=ଚକ୍ଷଣ, ସନ୍ଦୀପନ)—
Jhakki — ୧ । ଝୁଙ୍କି; ଗୁରୁ ଦାୟିତ୍ୱ—
ঝুকি — 1. Grave responsibility.
झोंकि
୨ । କଷ୍ଟ; ଦୁଃଖ; କ୍ଲେଶ—
2. Botheration; trouble.

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୩ । ଜିଦ୍; ଜଗର; ଜିଦ—
3. Pertinacity; waywardness.
୪ । ଖିଆଲ—4. Whim; caprice.
ବିଣ—୧ । ଜଗରବାଜ୍; ଏକଜିଦିଆ—
1. Wayward; pertinacious.
୫ । ଅବ୍ୟବସ୍ଥିତଚିତ୍ତ—
5. Whimsical; capricious.

ଝଗଡ଼—ପ୍ରାଦେ. (ଗଡ଼ଜାତ) ବି—ରାଜାଙ୍କର ସ୍ନାନଗାଧ—
Jhagar̤da — Bath of kings.
ଦେ. ବି—୧ । କୃଷ୍ଣଚୂଡ଼ା ଗଛ—
1. The Gold-mohur tree.
[ଦ୍ର—ଏହାର ଫୁଲ ତୋଫା ନାଲି ଓ ପେନ୍ଥିପେନ୍ଥି ।]
୨ । ଝଗଡ଼ା (ଦେଖ)
2. Jhagar̤ā (See)
୩ । ଜଞ୍ଜାଳ—3. Complications.
ଦେ. ବିଣ—୧ । ଜଞ୍ଜାଳଗ୍ରସ୍ତ—1. Complicated.
ଏଣୁ କରି ଭବେ ସନ୍ଧ୍ୟା ବୈଷ୍ଣବର ଦୃଢ଼
ନ ପାରନ୍ତି ବୁଝି ଜନେ ବଚନ ଝଗଡ଼ । ପ୍ରାଚୀ. ଶ୍ରୀ ଗୁରୁଭକ୍ତିଗୀତା ।
୨ । ଭ୍ରାନ୍ତିପୂର୍ଣ୍ଣ—2. Full of mistakes or errors.
ଝଗଡ଼ ବାଟେ ପଡ଼ିଲେ ମୂର୍ଖେ ହେବେ ଭ୍ରମି । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝଗଡ଼ଝାଟି—ଦେ. ବି ଓ ବିଣ—ଝଗଡ଼ାଝାଟିଆ (ଦେଖ)
Jhagar̤a-jhāṭi — Jhagar̤ā-jhāṭiā (See)
(ଝଗଡ଼ଝାଟିଆ—ଅନ୍ୟରୂପ)

ଝଗଡ଼ଦାର—ଦେ. ବି—ଝଗଡ଼ିଆ (ଦେଖ)
Jhagar̤dadār — Jhagar̤diā (See)

ଝଗଡ଼ା—ଦେ. ବି. (ଭା. ଜଗଡ଼ମ୍; ଭୁଲ. ସଂ. ଝଟିକା)—୧ । କଳହ—
Jhagar̤ā — 1. Quarrel.
ঝগড়া
झगड़ा
ଝଗଡ଼ା ସାରଣ କୃଷ୍ଣ ମଥୁରା ରହିଲ ।
ବଳରାମ ଦାସ. କୋଇଲି ।
୨ । ଝକାଝକ୍ (ଦେଖ)
2. Jhakājhak (See)
୩ । ଜଞ୍ଜାଳ—3. Complications; entanglements.
ଦେ. ବି—ଝଗଡ଼ (ଦେଖ)
Jhagar̤a (See)

ଝଗଡ଼ାଝାଁଡ଼ି—ପ୍ରାଦେ. (ସମ୍ବଲପୁର) ବି—ଝଗଡ଼ାଝାଟି (ଦେଖ)
Jhagar̤ā-jhāṅr̤i — Jhagar̤ā-jhāṭi (See)

ଝଗଡ଼ାଝାଟି—ଦେ. ବି. (ଭା. ଜଗଡ଼ମ୍, ଭୁଲ. ସଂ. ଝଟିକା)—
Jhagar̤ā-jhāṭi — ବାଗ୍‌ଯୁଦ୍ଧ; କଳିକଜିଆ—
ঝগড়াঝাটি — Altercation; wrangling.

ଝଗଡ଼ାଝାଟିଆ—ଦେ. ବିଣ. ପୁଂ ଓ ସ୍ତ୍ରୀ—କଳିହୁଡ଼ା—
Jhagar̤ā-jhāṭiā — Quarrelsome.
(ଝଗଡ଼ାଝାଟେଇ—ସ୍ତ୍ରୀ) ଦେ. ବି—ଝଗଡ଼ା; କଳିକଜିଆ—
Altercation; wrangling.

ଝଗଡ଼ିଆ—ଦେ. ବିଣ—କଳିହୁଡ଼ା; କଳହପ୍ରିୟ—
Jhagar̤diā — Quarrelsome; wrangling.
ঝগড়াটিয়া; ঝগড়াটে
झगड़ालू

ଝଗଡ଼ିବା—ଦେ. କ୍ରି—୧ । କଳି କରିବା—1. To quarrel.
Jhagar̤ibā — ୨ । ବକିବା—2 To talk too much.
ঝগড়া করা — ୩ । ଅଳି କରିବା—3. To importune.
झगड़ना — ୪ । ଲଢ଼ିବା—4. To fight.

ଝଗଡ଼ି ହେବା—ଦେ. କ୍ରି.—୧ । କଳିକଜିଆ ବା ବହୁ ବାଦବିବାଦ
Jhagar̤i hebā — କରିବା; ବାଗ୍‌ଯୁଦ୍ଧ କରିବା—
1. To wrangle.
୨ । ଅକାରଣ ବକି ହେବା; ବକବାଦ କରିବା—2. To go on talking uselessly; to be garrulous.
୩ । ବୃଥା ଧନ୍ଦାଳ ହେବା; ବୃଥାରେ କୌଣସି କାର୍ଯ୍ୟ ବା ସଂସାରବନ୍ଧନରେ ଆସକ୍ତ ହୋଇ ଘାଣ୍ଟି ହେବା—
3. To bother one's self unnecessarily; to impose botheration on one's self by being immersed in wordly affairs or in any matter for nothing.
ଝଗଡ଼ି ମାଷ ହେଲି ହେ ଶ୍ୟାମ । କବିସୂର୍ଯ୍ୟ. କଣ୍ଠୋଇଗୀତ, ୯. ଗୀତ ।

ଝଗର୍—ପ୍ରାଦେ. (ସମ୍ବଲପୁର) ବି.—୧ । ଝଗଡ଼ା; କଳି—
Jhagar — 1. Quarrel.
୨ । ଗାଳି—2. Abuse.

ଝଗର୍‌ଦାର୍—ପ୍ରାଦେ. (ସମ୍ବଲପୁର) ବିଣ.—ଝଗଡ଼ିଆ (ଦେଖ)
Jhagar-dār — Jhagar̤diā (See)

ଝଙ୍କ ଝଙ୍କ—ଦେ. ଅ.—(ଧ୍ୱନ୍ୟନୁକରଣ)—ବତାସ ବା ପବନ ବହିବାର
Jhaṅk-jhaṅk — ଶବ୍ଦ—The sound of blowing wind.

ଝଙ୍କ—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝଙ୍କାର; ଝଣତ୍କାର)—କଙ୍କଣ
Jhaṅka — ଆଦି ବାଜିବାର ଶବ୍ଦ; ଝମ ଝମ; ଝଣ ଝଣ—
ঝনঝন — The jingling sound of ornaments to which small bells are attached.
झनकार
କଟି କିଙ୍କିଣୀ, ଘଣ୍ଟି ଠଣ ରଣ, କଙ୍କଣ ଝଙ୍କ ବାଜେ—ପ୍ରାଚୀ. ନଳଚରିତ ।

ଝଙ୍କା—ଦେ. ବି.—୧ । ବଡ଼ ଅଗଭୀର ଟୋକେଇ—
Jhaṅka — 1. A big and shallow basket.
ঝাঁকা — ୨ ପ୍ରାଚୁର୍ଯ୍ୟ—
झांका — 2. Excess; exuberance.
୩ । ବଡ଼ ବଡ଼ ପେନ୍ଥା (ଫଳ ଆଦିର)—
3. Large bunches.
ଦେ. ବିଣ.—ଝଙ୍କାଳିଆ (ଦେଖ)
Jhaṅkāḷiā (See)

ଝଙ୍କା(ଙ୍କେ)ଇବା—ଦେ. କ୍ରି.—(ସଂ. ଧକ୍ ଧାତୁ=ନାଶନ)—
Jhaṅkā(ṅke)ibā — ୧ । ଝାଙ୍କିବା; ଦୋହଲାଇବା—

୯	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଜ୍ଞ	ଇଯ୍	ଉଅ	ଢ
୬	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍

ঝাঙ্করান্; ঝাঁকা 1. To shake down or jerk.
झटकाना ୨। ଶସ୍ୟାଦି କ୍ଷୁଦ୍ର ପଦାର୍ଥ ଥିବା ପାତ୍ର ବା ଅଖାକୁ ଦୋହଲାଇବା—2. To shake a bag or basket (as of grains), so as to cause the contents to lie closer or occupy less space inside it.

୩। (ଗଛ ଲତା) ପତ୍ର ଓ ଶାଖାବଳୀଦ୍ୱାରା ବିସ୍ତୃତ ଲାଭ କରିବା— 3. (a tree or creeper) To spread out its leaves and branches.

ଝଙ୍କାଝଙ୍କ— ଦେ. ବି.—ଝକାଝକ୍ (ଦେଖ)
Jhaṅkājhaṅk Jhakājhak (See)
হরাভরা; ঝংখাড় ଦେ. ବିଣ.—୧। ବହୁଳ; ପ୍ରଚୁର—
1. Extensive; exuberant.

୨। ପେନ୍ଥା ପେନ୍ଥା ଫଳ ଅବଳୀରେ ପୂର୍ଣ୍ଣ (ବୃକ୍ଷାଦି)—
2. (trees) Laden with bunches of fruits and flowers.

ଦେ. କ୍ରି. ବିଣ.—୧। ବଡ଼ ବଡ଼ ଟୋକାଇ ପୂର୍ଣ୍ଣ କରି—
1. In large basketfuls.

୨। ପ୍ରଚୁର ପରିମାଣରେ—2. In sufficient quantities; exuberently.

୩। ଟଣା ଓଟରା ହୋଇ—
3. Accompanied with pulling and pushing.

୪। ଉଭୟ ପକ୍ଷରୁ ଖୁବ ବଳ ପ୍ରୟୋଗ ପୂର୍ବକ—
4. Very vigorously on both sides.

(ଯଥା—ଦୁଇ ଦୁହେଁ ଝଙ୍କାଝଙ୍କ ଲଢ଼ିଲେ ।)

ଝଙ୍କାଝଙ୍କ ତକରାଳ—ଦେ. ବି.—ଦୁଇଜଣଙ୍କ ମଧ୍ୟରେ ଖୁବ୍ ବାଦ ବିବାଦ
Jhaṅkājhaṅk takarāla ସହିତ କଳି କଜିଆ—Quarrel
ঝাকাঝাক তকরার accompanied with much wrangling or recrimination.
झको, झकझक

ଝଙ୍କାଝଙ୍କ କଜିଆ
ଝଙ୍କାଝଙ୍କ କଳି } —ଅନ୍ୟରୂପ

ଝଙ୍କାଝଙ୍କା— ଦେ. ବିଣ.—୧। ଝଙ୍କାଝଙ୍କ (ଦେଖ)
Jhaṅkā-jhaṅkā 1. Jhaṅkājhaṅk (See)
ঝাঙ্কাঝাঙ্কা ୨। ଝଙ୍କାଳିଆ (ଦେଖ)
झाँका झाँका 2. Jhaṅkālia (See)

ଦେ. ବି.—୧। ଅନେକ ପେନ୍ଥା—1. Many bunches.

୨। ଅନେକ ବଡ଼ ଟୋକେଇ—
2. Many big baskets.

ଝଙ୍କାଝଙ୍କି—ଦେ. ବି—ଝକାଝକ୍ (ଦେଖ)
Jhaṅkā-jhaṅki Jhakājhak (See)

ଝଙ୍କାଝୋର—ଦେ. ବିଣ.—୧। ନିଶାରେ ବେହୋଷ—
Jhaṅkājhor 1. Dead drunk; senseless through intoxication.
চুর
चूर ୨। ଝଙ୍କାଝଙ୍କ (ଦେଖ)
2. Jhaṅkājhaṅk (See)

ଦେ. କ୍ରି: ବିଣ—ଝଙ୍କାଝଙ୍କ (ଦେଖ)
Jhaṅkājhaṅk (See)

ଝଙ୍କା ମାରିବା—ଦେ. କ୍ରି—(ଗଛ ଆଦି) ଝାମ୍ପୁଲ ହୋଇ ବଢ଼ିବା—
Jhaṅkā māribā (trees) To grow bushy or with
ঝাঁপুড়ান spreading top.
झँखाड़ना

ଝଙ୍କାର—ସଂ. ବି. (ଝମ୍=ଅନୁକରଣ ଶବ୍ଦ+କୃ ଧାତୁ + ଭାବ ଅ)—
Jhaṅkāra ୧। ଝମ୍‌ଝମ୍ ଶବ୍ଦ; ଝଣଝଣ ଶବ୍ଦ—
1. Jingling sound; clanging.

ବସ୍ତ୍ରାଧସ୍ତରର ତଳକ ଅଙ୍ଗୁଳି କଣ୍ଠରେ ମଧୁ ଝଙ୍କାର—
— ରାଧାନାଥ, ପାର୍ବତୀ ।

୨। ଗୁଞ୍ଜନ; ଭ୍ରମରମାନଙ୍କ ଗୁଣୁଗୁଣୁ ଶବ୍ଦ—
2. Humming sound; buzzing of bees.

ମଧୁପ ଝଙ୍କାର କରେ ଯେ କାଳେ,
ମଲ୍ଲିକାଳିକା ମୋହ ସେହି କାଳେ—ଗୋଲୋକ, ଉଦ୍ଧବରେଖା ।

୩। ପବନର ବେଗଦ୍ୱାରା ବୃକ୍ଷାଦିର ପତ୍ର ଓ ଶାଖା ସଞ୍ଚାଳିତ ହେବାର ଶବ୍ଦ; ସାଇଁ ସାଇଁ—3. Rustling sound produced by wind blowing on the leaves and branches of trees.

୪। ବୀଣାଦି ଯନ୍ତ୍ରର କ୍ୱଣନ—4. The twanging sound of a harp or other stringed instrument.

୫। ଶିଞ୍ଜନ; ଧନୁର ଟଙ୍କାର—
5. Twanging of a bow.

୬। କ୍ରୋଧ, ବିରକ୍ତି, ଅସନ୍ତୋଷ ପ୍ରଭୃତି ବ୍ୟଞ୍ଜକ ତର୍ଜ୍ଜନଗର୍ଜ୍ଜନ—
6. Chafing and roaring through anger or displeasure.

୭। କୋଳାହଳ; ଗୋଳମାଳ—
7. Bustle; hubbub.

ঝাঙ্করানি ଦେ. ବି—ପବନର ବେଗ ବା ଝାପଟା—
झकोर Gust or blast of wind.

ଝଙ୍କାରିଣୀ—ସଂ. ବି. (ଝଙ୍କାର+ଇନ୍+ସ୍ତ୍ରୀ ଈ)—ଗଙ୍ଗାନଦୀ—
Jhaṅkāriṇi The river Ganges.

ଝଙ୍କାରିବା—ଦେ. କ୍ରି—୧। ଶବ୍ଦାୟିତ କରିବା—
Jhaṅkāribā 1. To cause to echo; to cause
ঝঙ্কারা to resound.
झङ्कारना

ଆକାଶ ଝଙ୍କାରଇ ଏଣୁ ତା ଗୀତ ।
ରାଧାନାଥ, ମେଘଦୂତ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ।

୨ । ଝଣ ଝଣ ଶବ୍ଦ କରିବା—2. To hum; to buzz; to produce a buzzing sound.

ଝଙ୍କାଳିଆ—ଦେ. ବଣ—୧ । ଝାମ୍ପୁଲ; ଛତା ପରି ବିସ୍ତୃତ—
Jhankāḷiā 1. Spreading umbrella.
ঝাঁকড়া ଝଙ୍କାଳିଆ-ଛାୟା ତରୁ-ମଣ୍ଡଳ-କୁଞ୍ଜେ । ରାଧାନାଥ ଗ୍ରନ୍ଥାବଳୀ ।
झंखाड़ ୨ । ବିସ୍ତୃତାଗ୍ର—2. Spreading at the top.
୩ । ବୁଦାଳିଆ—3. Bushy.

ଝଙ୍କି—ଦେ ବି. (ସଂ. ଧୃଷ ଧାତୁ—ଦ୍ବେଷଣ)—ଏକଜିଦ୍; ଜିଗର; ଝୁଙ୍କି—Pertinacity; obstinacy.
Jhanki
ঝোঁক
हठ
একগুঁয়ে ଦେ. ବଣ—ଏକଗୁଆଁ; ଏକଜିଦିଆ; ଯେ ବ୍ୟକ୍ତି
हठी ଆପଣାର କଥାକୁ ବଜାୟ ରଖିବାକୁ କୌଣସି ଯୁକ୍ତିତର୍କ ମାନେ ନାହିଁ—Headstrong; pertinacious; obstinate.

ଝଙ୍କିବା—ଦେ, କ୍ରି. (ଧ୍ୱନ୍ୟନୁକରଣ; ସଂ. ଝଙ୍କାର)—ଝାଇଁ ଝାଇଁ
Jhankibā ଶବ୍ଦ କରିବା—To make a jingling sound.
ଝେଁ ଝଙ୍କ ଝଙ୍କ ଝଙ୍କ ଝଞ୍ଜାଳ ଝାଙ୍କେ—ରାଧାନାଥ ରହସ୍ୟମଞ୍ଜରୀ ।

ଝଙ୍କୃତ—ସଂ. ବଣ. (ଝମ୍ + କୃ ଧାତୁ + କର୍ମ. ତ)—
Jhankṛuta ୧ । ଝଣଝଣ ଶବ୍ଦଦ୍ୱାରା ନାଦିତ—
1. Resounding with jingling sound; reverberating.
୨ । ଗୁଞ୍ଜିତ—2. Buzzing.
୩ । ଶିଞ୍ଜିତ—3. Jingling.
୪ । କ୍ୱଣିତ—4. Twanging.

ଝଙ୍କୃତି—ସଂ. ବି—ଝଙ୍କାର (ଦେଖ)
Jhankṛuti Jhankāra (See)

ଝଜକା—ଦେ. ବି. (ସଂ. ଭୟତ୍ରସ୍ତ; ତୁଳ. ସଂ. ଦ୍ୱିଧା; କଂକାଳ)—
Jhajakā ୧ । ଭୟଜନିତ କିଂକର୍ତ୍ତବ୍ୟବିମୂଢ଼ତା; ଛନକା; ଛନିଆ;
ঘাবরা ହଠାତ୍ ଭୟ ଯୋଗୁଁ ଅକାବକା ହେବା—
घबरा, झंझट 1. The state of being dumbfounded; alarm; sudden fright.
୨ । ଧନ୍ଦାଳ ହେବା ଅବସ୍ଥା, ଧନ୍ଦକା—
2. Perplexity due to being in a dilemma.
୩ । ଆନକ ବାଦ୍ୟାଦିର ଅନୁଚ୍ଚ ଶବ୍ଦ—
3. Low muffling sound of drums.
ଦେ. ବଣ—୧ । ଛନିଆ; ଭୟତ୍ରସ୍ତ—1. Alarmed.
୨ । କିଂକର୍ତ୍ତବ୍ୟବିମୂଢ଼—
2. Bewilder ; perplexed
୩ । କାର୍ଯ୍ୟ ବ୍ୟସ୍ତ—3. Verybusy.

ଝଜକିବା—ଦେ. କ୍ରି—ଝଜକି ହେବା (ଦେଖ)
Jhajakibā Jhajaki hebā (See)

ଝଜକି ହେବା—ଦେ. କ୍ରି. (ସଂ. ଦ୍ୱିଧା)—
Jhajaki hebā ୧ । ଭୟରେ କିଂକର୍ତ୍ତବ୍ୟବିମୂଢ଼ ହେବା; ଛନିଆ
ঘাবরান ହେବା—1. To be dumbfounded with fear; to be frightened or alarmed.
घबराना
୨ । ଧନ୍ଦ ହେବା; ଧନ୍ଦକି ହେବା—2. To be perplexed; to be between the horns of a dilemma.
୩ । (ଆନକ ବାଦ୍ୟାଦି) ଅନୁଚ୍ଚ ଶବ୍ଦ କରିବା—
3. To produce a low muffling sound.

ଝଜା—ଗ୍ରା. ବି. (ସଂ. ଧ୍ୱଜା)—
Jhajā ରଥ ବା ମନ୍ଦିର ଉପରେ ଉଡୁଥିବା ପତାକା—
ধ্বজা Pennon; flag (flying over a temple or car).
झंडी

ଝଜି—ପ୍ରାଦେ. (ଗଞ୍ଜାମ) ବି—ସାନ ଗାମୁଛା; ତଉଲିଆ; ଝାଡ଼ଣ—
Jhaji A small towel; a duster.

ଝଞ୍ଜ(ଝ)କା—ଦେ. ବି—ଝଜକା (ଦେଖ)
Jhañja(jha)kā Jhajkā (See)

ଝଞ୍ଜକା ଧରିବା—ଦେ. ବି—ଧନ୍ଦକାରେ ପଡ଼ିବା ଅବସ୍ଥା; କିଂକର୍ତ୍ତବ୍ୟ
Jhañjakā dharibā ବିମୂଢ଼ତା—Being in perplexity; being between the horns of a dilemma.

ଝଞ୍ଜ(ଝ)କିବା—ଦେ. କ୍ରି—ଝଜକି ହେବା (ଦେଖ)
Jhañja(jha)kibā Jhajaki hebā (See)

ଝଞ୍ଜ(ଝ)ଟ—ଦେ. ବି. (ସଂ. ଝଞ୍ଝା; ଜଞ୍ଜାଳ)—
Jhañja(jha)ṭa ୧ । ଗୋଳମାଳ; ଅଡୁଆ—1. Disturbance; odo; complication.
ঝঞ্ঝাট (ଝଞ୍ଝଟ—ଅନ୍ୟରୂପ)
झंझट ୨ । ଆନ୍ଦୋଳନ—2. Commotion; agitation.
୩ । କଷ୍ଟ—4. Difficulty; trouble,
୪ । ବିରକ୍ତି, ମାନସିକ ବ୍ୟସ୍ତତା—4. Perplexity; mental trouble; vexation.
୫ । ଲେଦେରା; ଜଞ୍ଜାଳ—
5 Complicated state of affairs.
୬ । କାର୍ଯ୍ୟବ୍ୟସ୍ତତା; କାର୍ଯ୍ୟାଧିକ୍ୟ—
6. Pressure of work.
୭ । କ୍ଳେଶ—7. Trouble.
୮ । ଧନ୍ଦକା; ଦ୍ୱିଧାଗ୍ରସ୍ତ ଅବସ୍ଥା; ଉଭୟ ସଙ୍କଟ—
8. Dilemma.
୯ । କିଂକର୍ତ୍ତବ୍ୟବିମୂଢ଼ତା—9. Perplexity.

ଝଞ୍ଜ(ଝ)ଟିଆ—ଦେ. ବଣ. (ସଂ. ଝଞ୍ଝା; ଜଞ୍ଜାଳ)—
Jhañja(ñjha)ṭia ୧ । ଧନ୍ଦାମୟ—1. Perplexing.
ঝঞ্ঝাট ୨ । ଅତି ବ୍ୟସ୍ତ—
झंझटिया 2. Disturbed; troubled.
୩ । ଅଡୁଆ; ଗୋଳମାଳିଆ—3. Complicated

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଏ	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଔ	ନ୍ତ

୪ । ବିରକ୍ତିଜନକ—4. Troublesome.

୫ । ଦୁସ୍ତର—5 Beset with difficulties.

୬ । କଷ୍ଟସାଧ୍ୟ (କର୍ମ)—
6. Hard (task or work).

ଝଞ୍ଜ(ଝ)ନା—ସଂ. ବି. (ଝମ + ଝନ୍. ଧ୍ୱନ୍ୟନୁକରଣ ଧ୍ୱନି + ଅ + ସ୍ତ୍ରୀ. ଆ)—
Jhañj(jha)anā ୧ । ବିଜୁଳି, ବିଦ୍ୟୁତ୍—1. Lightning.
୨ । ବଜ୍ର—Thunder.
୩ । ବଜ୍ରପାତ ଧ୍ୱନି—3. Sound of thunder.

ଝଞ୍ଜ(ଝ)ନି—ଦେ. ଅ. (ଧ୍ୱନ୍ୟନୁକରଣ) (ସଂ. ଝଣତ୍କାର)—
Jhañja(jha)ni ୧ । ଧାତବ ଅସ୍ତ୍ରାଦିର ପରସ୍ପର ସଂଘର୍ଷଜନିତ ଶବ୍ଦ,
ঝঞ্জনি ଝଣତ୍କାର—1. Clanging metallic sound
झनझन (e. g. of metallic weapons striking each other; of a sword being suddenly and swiftly taken out from the scabbard.
(ଝଞ୍ଝନି—ଅନ୍ୟରୂପ)

ଅସ୍ତ୍ର ଝଞ୍ଜନି । ମଧୁସୂଦନ ।

୨ । ବଜ୍ରଧ୍ୱନି—2. Thundering sound.

ଝଞ୍ଜା(ଝା)—ସଂ.ବି. (ଝମ୍, ଅନୁକରଣ ଶବ୍ଦ + ଜନ୍ ଧାତୁ + ଅ + ସ୍ତ୍ରୀ.ଆ)—
Jhañj(jhā)ā ୧ । ବତାସ; ଝଡ଼; ଝଡ଼; ତୋଫାନ—
1. Storm; tempest; tornado.
ଝଂଜା } ଅନ୍ୟରୂପ
ଝଂଝା }

ପରସ୍ପରେ ହୁଇ ସେନାଏ ପୀଡ଼ା ପାଇ
ଝଞ୍ଜାବନା ଲତକା ପ୍ରୟୋଗ ଗଲେ ହୋଇ ।
କୃଷ୍ଣସିଂହ, ମହାଭାରତ, ଶଲ୍ୟ ।

୨ । ଝଡ଼ ବରଷା; ଝଡ଼ ସହିତ ବର୍ଷା—
2. Rain accompanied by tempest; stormy rain.
୩ । ଘୋର ବୃଷ୍ଟି—3. Heavy rain.
୪ । ବାତ୍ୟାର ଗର୍ଜନ—
4. Roaring sound of wind.
୫ । ଟଙ୍କାର ଧ୍ୱନି—5. Clanging sound; sharp clanking sound.
୬ । ତୃପ୍ତି—6. Contentment.
୭ । ଝାଞ୍ଜ (ହି. ଶବ୍ଦସାଗର)—7. Cymbals.
୮ । ଛୋଟ ଛୋଟ ବିନ୍ଦୁପାତ ସହ ବର୍ଷା (ହି. ଶବ୍ଦସାଗର)—
8 Dripping shower.

ଝଞ୍ଜା(ଝା)ନିଳ—ସଂ. ବି. (ମ. ପ. ଲୋ; ଝଞ୍ଜା + ଅନିଳ)—
Jhañjā(jhā)nila ଝଞ୍ଜାପବନ (ଦେଖ)
Jhañjā-pabana (See)

ଝଞ୍ଜା(ଝା)ପବନ—ସଂ. ବି. (ମ. ପ. ଲୋ; ଝଞ୍ଜାଯୁକ୍ତ ପବନ)—
Jhañjā(jhā)-pabana ୧ । ଝଡ଼; ତୋଫାନ—
1. Tempest; storm; hurricane
ଝଞ୍ଜାବାତ } ଅନ୍ୟରୂପ
ଝଞ୍ଜାବାୟୁ }
୨ । ବର୍ଷା ସହିତ ବତାସ—
2. Tempest accompanied with rain.

୩ । ଘୂର୍ଣ୍ଣିଆଭୂତ; ଘୂର୍ଣ୍ଣିବାୟୁ—
3. A tornado; typhoon.
୪ । ଗର୍ଜନଯୁକ୍ତ ପବନ—4. Roaring wind.

ବହିଲା ଝଞ୍ଜାପବନ କୃଷ୍ଣାନୁବନ୍ଧାଣ । ପ୍ରାଚୀ. ଭଦ୍ରବ୍ୟମଞ୍ଜୁଷା ।

ଝଞ୍ଜା(ଝା)ବର୍ତ୍ତ—ସଂ. ବି. (ମ. ପ. ଲୋ; ଝଞ୍ଜା + ଆବର୍ତ୍ତ)—
Jhañjā(jhā)bartta ଘୂର୍ଣ୍ଣିଆଭୂତ; ଘୂର୍ଣ୍ଣିବାୟୁ—
Whirlwind; tornado.

ଝଞ୍ଜା(ଝା)ରିବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—୧ । ଦେଖାଇବା ନିମିତ୍ତ
Jhañjā(jhā)ribā ଅସ୍ଫାଳନ ପୂର୍ବକ ଅସ୍ତ୍ରଆଦି ସଞ୍ଚାଳନ କରିବା—
1. To clang a weapon (e.g. a sword) for display; to brandish a weapon.

ଆଣ୍ଠୁରେ ମାରି କଲେ ଝଞ୍ଜାରଣ ଗଦା । କୃଷ୍ଣସିଂହ. ମହାଭାରତ. ଆଦି ।

୨ । ନିଜର ଉତ୍କର୍ଷ ପ୍ରକାଶ କରିବା—2. To display one's valour or excellence or might.
୩ । (ସଂ. ଜର୍ଜର ଝିଞ୍ଜାରିବା; (ପୋକମାନେ) ଲୁଗା ଆଦିକୁ ଟିକିଟିକି କରି ଭର୍ଜିବା; କୁଟିକୁଟା କରିବା—
3. To reduce into shreds (as worms eating into fabrics).

ଝଞ୍ଜା(ଝା)ଳ—ଦେ. ବି. (ସଂ. ଝଞ୍ଜା)—ଧାତବ ବାଦ୍ୟ ବିଶେଷ; ଝାଞ୍ଜ—
Jhañjā(jhā)ḷa Metallic cymbals.

ସଜାଇ ବାଦ୍ୟ ଘଣ୍ଟାଟିକ
ଢାଳ ଝଞ୍ଜାଳ ଯେ ଢାଲ୍ଲେକ । ଯଶୋବନ୍ତ. ପ୍ରେମଭକ୍ତି ଗୀତା ।

ଝଞ୍ଜିର (ଇତ୍ୟାଦି)—ବୈଦେ. ବି. (ଫା. ଜଞ୍ଜୀର୍)—
Jhanjira (etc) ଜଞ୍ଜିର ଇତ୍ୟାଦି (ଦେଖ)
(ଝଞ୍ଜିର୍; ଝଞ୍ଜିର—ଅନ୍ୟରୂପ) Jañjira etc (See)

ଝଞ୍ଝା (ଇତ୍ୟାଦି)—ସଂ—ଝଞ୍ଜା ଇତ୍ୟାଦି (ଦେଖ)
Jhañjhā (etc) Jhañjā etc (See)

ଝଟ୍ (ଧାତୁ)—ସଂ—୧ । ଓଳାଇବା—1. To sweep, to cleanse.
Jhaṭ (root) ୨ । ଗଦା କରିବା; ଜମା କରିବା—
2. To heap up.
୩ । ଅଡୁଆଗଡ଼ୁଆ ହେବା—
3. To become complicated (Apte).
୪ । ଜଟାଯୁକ୍ତ ହେବା—4. To become matted or clotted together (as hair) (Apte).

ଝଟ୍—ଦେ. କ୍ରି. ବିଣ. (ସଂ. ଝଟିତି)—୧ । ଅତିଶୀଘ୍ର; ତତ୍କ୍ଷଣାତ୍—
Jhaṭ 1. Very soon; quickly; immediately; at once.
ঝট্
झट ୨ । ସତ୍ୱର—2. Hastily; speedily
୩ । ଅତି ଦ୍ରୁତଗତିରେ—
3. With speed; with lightning speed.
ଦେ. ବି—୧ । ବେଗଗତି—1. Quick-motion.
୨ । ତ୍ୱରା—2. Haste.

> ସାଧାରଣ ଲୋକେ ଅପର ପୃଷ୍ଠାରେ ଦର୍ଶିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ-ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ସେ ସ୍ଥାନରେ ଅନୁକ୍ରମେ ଉକ୍ତ ଅକ୍ଷର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ଋଷି' ନ ମିଳିଲେ 'ରୁଷି' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଉଲଟେ' ନ ପାଇଲେ 'ଉଲ୍‌ଟେ' ଦେଖିବେ

ଝଟ୍‌କରି—ଦେ. କ୍ରି. ବଣ—ଝଟ୍ (ଦେଖ)
Jhat-kari — Jhat (See)
ଝଟକଡ଼ି ଅବା ଇନ୍ଦ୍ର ଧନୁ ଅଟେ ଉଜ୍ଜ୍ୱଳ ପାଣିରେ । —କବିସୂର୍ଯ୍ୟ, ସଙ୍ଗୀତ ।
ଝଟ୍‌କିନା, ଝଟ୍‌କିନି, ଝଟ୍‌ଦିଶି, ଝଟ୍‌ଧିସ୍ } ଅନ୍ୟରୂପ

ଝଟ୍ ଝଟ୍—ଦେ. ବି—୧ । ଦୀପ୍ତି; ଝଟକ—
Jhat-jhat — 1. Splendour; glitter.
ঝকঝক — ୨ । ଉଷା; ଭୋର୍; ଅନ୍ଧାରୁଆ ସକାଳ; ଫରସ ଫାଟିବା
झकमक — ବେଳ—2. Early morning; dawn.
ভোরবেলা — ଦେ. ବଣ—ଉଜ୍ଜ୍ୱଳ; ଦୀପ୍ତିମାନ୍; ଜାଜ୍ୱଲ୍ୟମାନ—
ঝুটপুটা, ঝকমক — Shining; bright; burnished; glittering.
ହେଉଥାଏ ରତ୍ନକ୍ୟୋତରେ ଝଟ ଝଟ । —କୃଷ୍ଣସିଂହ, ମହାଭାରତ. ସଭା ।
ঝটপট — ଦେ. କ୍ରି. ବଣ—ଅତିଶୀଘ୍ର; ତୁରନ୍ତ; ଝଟ୍‌ପଟ୍—
झटपट — Quickly; immediately; at once; in no time; in a trice.

ଝଟ୍‌ଝଟି—ଦେ. ବି—ଉଷା; ଭୋର୍; ଅନ୍ଧାରୁଆ ସକାଳ—
Jhat-jhati — Early morning.
ভোরবেলা
झुकमुक
(ଝଟ୍‌ପଟ୍—ଅନ୍ୟରୂପ)

ଝଟ୍‌ଝଟିଆ—ଦେ. ବଣ—୧ । ତ୍ୱରାଯୁକ୍ତ; ତରବରିଆ—
Jhat-jhatia — 1. Hasty; speedy.
(ଝଟ୍ ପଟିଆ—ଅନ୍ୟରୂପ) ୨ । ତ୍ୱରିତ—2. Quick.
୩ । ଦୀପ୍ତିମାନ୍—3. Shining; bright.
ଦେ. ବି—ବଡ଼ଭୋର୍—Early morning.

ଝଟ୍‌ପଟ୍—ଦେ. ବି—ଝଟ୍‌ଝଟ୍ (ଦେଖ)
Jhat-pat — Jhat-jhat (See)
ঝটপট — ଦେ. କ୍ରି. ବଣ—ଝଟ୍‌ଝଟ୍ (ଦେଖ)
झटपट — Jhat-jhat (See)
ଯାତ୍ରା ବୋଲିବାର ପରସ୍ତାର କର
ଝଟ୍‌ପଟ୍ କହ ପଦାଇଁ । —ଫକୀରମୋହନ, ଛମାଣ ଅଠଗୁଣ୍ଠ ।

ଝଟ୍‌ପଟିଆ—ଦେ. ବଣ—୧ । ଝଟ୍‌ଝଟିଆ (ଦେଖ)
Jhat-patia — 1. Jhat-jhatia (See)
୨ । ତ୍ୱରିତ—2. Quick.
(ଯଥା—ଝଟ୍‌ପଟିଆ କାମ ।)

ଝଟ୍‌ପରା—ଦେ. କ୍ରି. ବଣ—ଅତିଶୀଘ୍ର; ସତ୍ୱର—
Jhat-para — At once; immediately.

ଝଟ୍‌ପୋଶି—ପ୍ରାଦେ. (କେନ୍ଦ୍ରାପଡ଼ା) ବଣ—ଝଟ୍‌ଝଟିଆ (ଦେଖ)
Jhat-posi — Jhat-jhatia (See)

ଝଟକ—ଦେ. ବି (ସଂ. ଶୁକଚକ୍ୟ)—ଦୀପ୍ତି; କାନ୍ତି; ତେଜ—
Jhataka — Glitter.
চটক — ବର୍ଷେ ଝଟକ ଚନ୍ଦ୍ରରେ ନାହିଁ—ଉପେନ୍ଦ୍ର, ବୈଦେହୀଶବିଳାସ ।
झकमक — ଦେ. ବଣ—କ୍ଷଣିକ ଆଭାଯୁକ୍ତ—Glittering.
ବଦନ ମୋ ଚନ୍ଦ୍ର ପର ଭାଳନ୍ତ;
ବିହୁଣିତ ଶୁକ ପର ଝଟକେ—ଉପେନ୍ଦ୍ର, ବୈଦେହୀଶବିଳାସ ।
ଦେ. କ୍ରି. ବଣ—ଅତିଶୀଘ୍ର—Quickly.
ଯା କହୁଛି ଝଟକେ ନେଇ ଗୋଚର
ହେବ ଉଦନେ ମୋର ହେ କାମଦର—ରାଧାନାଥ. ମେଘଦୂତ ।

ଝଟକା—ଦେ. ବି (ଧ୍ୱନ୍ୟନୁକରଣ)—୧ । ପବନ ବା ବାୟୁର ଝୋଟ୍‌ଏ
Jhataka — ଦ୍ୱାସ ବା ଝୋଡ଼—1. A puff of wind; a squall.
ঝটকা
झकोरा; झोंका — ୨ । ଲାଙ୍ଗୁଡ଼ ଅବା ଚାବୁକ୍ ଦ୍ୱାରା ଶିପ୍ର ଆଘାତ—
2. A sudden blow as of a tail or a whip
୩ । ହସ୍ତାଯୁକ୍ତ ଆଘାତ—
3. A smart sweep; a whisk; a quib.
୪ । ଝିଙ୍କା—4. Jerk.
ପ୍ରାଦେ (ଗଞ୍ଜାମ) ବି—ଏକ ଘୋଡ଼ାଯୁକ୍ତ ଦୁଇଚକିଆ ଶଗଡ଼;
ଏକ୍କା ଗାଡ଼ି—A gig; one-horse-rickshaw.
[ଦ୍ର—ଏହିପ୍ରକାର ଗାଡ଼ିକୁ ହିନ୍ଦୀରେ ଇକ୍କା ବା ଏକ୍କା ବୋଲଯାଏ ।]

ଝଟକା(କେ)ଇବା—ଦେ. କ୍ରି (ସଂ. ଝଟିତ)—୧ । ଝଟକାମାରିବା;
Jhataka(ke)iba — ଲାଙ୍ଗୁଡ଼ ଅବା ଡେଣାଦ୍ୱାରା ଜୋରରେ ବାଡ଼ାଇ ଆଘାତ
ঝটকান — କରିବା—1. To flap or whisk (as the tail
झटकाना — or wing.
୨ । (ଝଟକିବାର ଣିଜନ୍ତରୂପ)—ଆଭାଯୁକ୍ତ ବା ଚକ୍‌ଚକ୍ କରାଇବା—2. To burnish; to impart glow to a thing.

ଝଟକିନା—ଦେ. କ୍ରି. ବଣ—ଝଟ୍ (ଦେଖ)
Jhata-kina — Jhat (See).
(ଝଟକିନି, ଝଟକରି—ଅନ୍ୟରୂପ)

ଝଟକିବା—ଦେ. କ୍ରି—୧ । ଶୋଭା ପାଇବା; ଚକ୍‌ଚକ୍ ହେବା;
Jhatakiba — ଜାଜ୍ୱଲ୍ୟମାନ ହେବା—
চমকা — 1. To shine; to glitter.
झटकना — ଜଳ ପାଖୀ ତ ଝଟକେ ନାହିଁ କ—କବିସୂର୍ଯ୍ୟ ବଳଦେବ, ଗୀତ ।
୨ । ସାଧାରଣରେ ଉଜ୍ଜ୍ୱଳରୂପେ ପ୍ରକାଶିତ ହେବା; ଖ୍ୟାତ ହେବା;
ପ୍ରସିଦ୍ଧ ହେବା—2. To be well-known in public.
(ଯଥା—ଦେଶକମାନେ ତାଙ୍କ ଖ୍ୟାତି ଗ୍ରାମ ଝଟକୁଛି ।)

ଝଟଝଟ—ଦେ. ବଣ—ଚକ୍‌ଚକିଆ—
Jhata-jhata — Glittering; shining;
ঝকমক — ଝଟଝଟ ହେଉଥାଏ ଭୂଷା ଶିର—କବିସୂର୍ଯ୍ୟ, ଚଉପଦୀ ।
झकमक

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇସ୍ତ	ଉଥ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍

ଝଟତି—ଦେ. କ୍ରି. ବଣ (ସଂ. ଝଟିତି)—୧ । ହଠାତ୍—
Jhaṭati 1. Suddenly.
झटपट २ । ଅତିଶୀଘ୍ର—
झटपट 2. Immediately; quickly,
ପୁଣି ଧୃତରାଷ୍ଟ୍ର ପୋଏ ପାଶରେ ଅଛନ୍ତି
କର୍ଣ୍ଣ ହାତେ କ ହୋଇ ନ ପାରେ ଝଟତି—କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ଝଟତିରେ—ଦେ. କ୍ରି. ବଣ—ଝଟତି (ଦେଖ)
Jhaṭatire Jhaṭati (See)
ପ୍ରେମ ଲକ୍ଷ୍ମୀ କପଟୀ ପରୁପାଞ୍ଚ ରଖି ଝଟତିରେ ପୁଣି ଗତ କଲେ ପୁରକୁ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଝଟତ୍ରୀ—ଦେ. ବ—ଝଟନେତ୍ରୀ (ଦେଖ)
Jhaṭatrī Jhaṭa-netrī (See)

ଝଟନେତ୍ରୀ—ଦେ. ବ. ସ୍ତ୍ରୀ—ଗ୍ରାମଦେବୀଙ୍କ ନାମବିଶେଷ—
Jhaṭanetrī Name of one of the village Goddesses.
(ଝଟତ୍ରୀ, ଝଟବରୀ—ଅନ୍ୟରୂପ)

ଝଟବରୀ—ଦେ. ବ. ସ୍ତ୍ରୀ—ଗ୍ରାମଦେବୀଙ୍କ ନାମବିଶେଷ—
Jhaṭabarī Name of one of the popular village goddesses.

ଝଟମଟ—ଦେ. ବଣ.—ଦୀପ୍ତିମନ୍ତ; ଝକମକ; ଜକଜକ—
Jhaṭa-maṭa Glittering.
झकमक ଅର୍କ କଙ୍କ କବଚ ମଣି ଝଟମଟ ହୋଇ ବହନ୍ତି ଅଛ ଯୁଦ୍ଧ ଭୂମି ବାଟ ।
झकमक କୃଷ୍ଣସିଂହ, ମହାଭାରତ, କର୍ଣ୍ଣ ।

ଝଟା—ଦେ. ବ.—୧ । ବୃକ୍ଷ ଗୁଳ୍ମାଦିର ସଂଗୃହୀତ ସରୁସରୁ ଶାଖାଗୁଚ୍ଛ;
Jhaṭā ଝାଟି—1. Twigs and small branches of
झाडी creepers and trees; brushwood; wattle.
୨ । ଝୋଟି; ମୁରୁଜ ଆଦିରେ ଲେଖିବା ଚିତା—
2. Drawing on floor or wall with white powder or lime-water.
ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବ.—ଶିମ୍ବ—Bean.
ଅରେ ତିହଟା ! ଝଟାଲଟା ତଳେ ନ କର ହଟା ।
ଯଦୁମଣି, ରହସ୍ୟବଚନ ।
ପ୍ରାଦେ. (ମେଦନୀପୁର) ବ.—(ଭୂଲ. ବ. ଝାଁଟା)—ଝାଡ଼ୁ; ପଡ଼ିଆ—Broom-stick.
ପ୍ରାଦେ. (ସିଂହଭୂମ)—ବ.—ଝାଟିମାଟି କାନ୍ଥରେ ଦିଆ ଯିବା ଝାଟି ବା ଡାଳଅ—Twigs put as the inner frame in a mud-and-wattle wall

ଝଟାଝଟ୍—ଦେ. କ୍ରି. ବଣ—ଝଟ୍ଝଟ୍ (ଦେଖ)
Jhaṭā-jhaṭ Jhaṭ-jhaṭ (See)

ଝଟାଝଟି—ଦେ. ବ.—(ବହୁବଚନ) ଅନେକଗୁଡ଼ାଏ ଝଟା—
Jhaṭā-jhaṭi A collection of twigs.

ଝଟାପଟ୍—ଦେ. କ୍ରି. ବଣ—ଝଟ୍ଝଟ୍ (ଦେଖ)
Jhaṭā-pat Jhaṭ-jhaṭ (See)

ଝଟାତ୍—ଦେ. କ୍ରି. ବଣ.—(ସଂ. ଝଟିତି ବା ହଠାତ୍)—ଝଟ୍; ହଠାତ୍—
Jhaṭāt Suddenly.

ଝଟାତ୍କିନା—ଦେ. କ୍ରି. ବଣ—ଝଟାତ୍ (ଦେଖ)
Jhaṭāt-kinā Jhaṭāt (See)
ଝଟାତ୍କିନା }
ଝଟାତ୍ କରି }
ଝଟାତ୍ ଦିନ୍ }

ଝଟାପଟା—ଦେ. ବ.—୧ । ମାଡ଼ ମରାମରି ବା ଧରାପରା; ଦୁଇ ଜଣଙ୍କର ଧରାଧରି ହୋଇ କଳି; ଧଡ଼ାପଡ଼ା—
Jhaṭā-paṭā
झगड़ाझाटी 1. Quarrel accompanied with mutual
झगड़ा tangling together; falling upon each other; affray.
୨ । କଳିକଜିଆ—2. Quarrelling; strife.
ଦେ. ବଣ.—୧ । ପରସ୍ପରରେ ଧରାଧରି ବା ମରାମରି—
1. Grappling or struggling with each other.
୨ । ପରସ୍ପର ଲାଗିଥିବା (କଳି)—2. Wrangling.
୩ । ଯାହା କୌଣସି ବସ୍ତୁରେ ଲାଗିଲେ ଛାଡ଼େ ନାହିଁ—
3. Clinging; adhesive.
୪ । ଗୁଡ଼େଇ ଭୁଡ଼େଇ ହୋଇ ଲାଗି ରହିଥିବା—
4. Entangled in a confused manner; complicatedly entwined.
ଦେ. କ୍ରି. ବଣ.—ଗୁଡ଼େଇ ଭୁଡ଼େଇ ହୋଇ ସଂଲଗ୍ନ ହେବା ପ୍ରକାରେ—Intricately; entwining each other; in an entangled manner.
କାନକୋଳ କଣ୍ଟା, ସବୁରେ ଲାଗିବ ଝଟାପଟା । କାହାଣୀର ଲଥା ।

ଝଟାପଟି—ଦେ. ବ.—ଝଟାପଟା (ଦେଖ)
Jhaṭāpaṭi Jhaṭāpaṭā (See)

ଝଟାଳ—ଦେ. ବଣ.—(ସଂ. ଜଟିଳ; ସଂ. ଝଟ ଧାତୁ)—୧ । ଅଡ଼ୁଆ-ଓଡ଼ୁଆ—1. Complicated; entangled.
Jhaṭāḻa
୨ । ଝାଟିପୂର୍ଣ୍ଣ—2. Entwined with twigs.
୩ । ଶାଖାଯୁକ୍ତ ଶୃଙ୍ଗବିଶିଷ୍ଟ—
3. Having branching horns.
(ଯଥା—ଝଟାଳ ମିରିଗ ।)
୪ । ବହୁଶାଖାଯୁକ୍ତ—4. Having many branches.

ଝଟାଳିଆ—ଦେ. ବଣ.—ଝଟାଳ (ଦେଖ)
Jhaṭāḻiā Jhaṭāḻa (See)
ବିଚରନ୍ତି ମୃଗଯୂଥ, ଶୋଭେ କାହା ଶିରେ ଲଗ୍ନ ଝଟାଳିଆ ଶୃଙ୍ଗ ।
ଚିନ୍ତାମଣି, ଚନ୍ଦ୍ରମାଧବ ।

ଝଟିକା—ଦେ. ବ. (ଝଟ ଧାତୁ=ସଂଘାତ କରିବା)—ଝଡ଼; ତୋଫାନ; ବତ୍ୟାର—Tempest; high wind; storm; hurricane; cyclone.
Jhaṭikā
झड़
झक्कड़

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ଷ୍ଣ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷ୍ଣ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷ୍ଣ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ଷ୍ଣ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ' ଦେଖିବେ ।

ଝଟିତ—ଦେ. (ପଦ୍ୟ) କ୍ରି. ବଣ.—(ସଂ. 'ଝଟିତି')—ଅତିଶୀଘ୍ର—
Jhaṭita At once; in no time; immediately.
ବସ୍ତୁ ଜଗତର ଗର୍ବ ଫୁଟିଲେ ଝଟିତ । ଭକ୍ତ ବୈଦେହୀଶ ବିଳାସ ।

ଝଟିତର—ଗ୍ରା. କ୍ରି. ବଣ.—ଝଟିତ (ଦେଖ)
Jhaṭitara Jhatiat (See)
ଛାଡ଼ ଅଣିବ ମନକୁ ଝଟିତର—ଭକ୍ତ, ବୈଦେହୀଶବିଳାସ ।

ଝଟିତି—ସଂ. କ୍ରି. ବଣ. (ଝଟ ଧାତୁ=ଗଦା ହେବା + କର୍ତ୍ତୃ ଇତି)—
Jhaṭiti ୧ । ଅତି ଶୀଘ୍ର—
1. Immediately; in no time; sharp.
୨ । ଦ୍ରୁତବେଗରେ—2. Quickly.
ଝଟିତ ଅକାଶରେ ଚନ୍ଦ୍ର ଯୋଗ ଗଲେ—କୃଷ୍ଣସିଂହ, ମହାଭାରତ, ଅଦି ।

ଝଟୁଆ—ପ୍ରାଦେ. (ସିଂହଭୂମ) ବି. (ଭୁଲ. ଗଞ୍ଜାମ. ଝଟା)—ଶିମ୍ବ—
Jhaṭuā Bean.

ଝଡ଼ଝଡ଼—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝର)—ଗଛରୁ
Jhaṛḍ-jhaṛḍ ଶୁଖିଲା ପତ୍ର ଝଡ଼ି ପଡ଼ିବା ଶବ୍ଦ; ଖଲଖଲ ଧ୍ୱନି,
ঝরঝর ଗଛରୁ ଶୁଖିଲା ପତ୍ର ଝଡ଼ି ପଡ଼ିବାର ଶବ୍ଦ—
झड़झड़ Rustling sound of falling leaves or crumbling earth falling down from a wall.

ଝଡ଼—ଦେ. ବି. (ସଂ. ଝଟ ଧାତୁ=ଗଦା ହେବା)—
Jhaṛḍa ୧ । ବାତ୍ୟା; ତୋଫାନ; ଝଞ୍ଜାବାତ—
ঝাড় 1. Highwind; storm; tempest.
झड़ी ୨ । ଅବିଶ୍ରାନ୍ତ ବୃଷ୍ଟି ସହ ପ୍ରବଳ ବାତ୍ୟା—
2. Continuous wind and rain.

ଝଡ଼ଙ୍ଗ—ଦେ. ବି—ଚିଲିକାର ଏକପ୍ରକାର ଲୁଣି ମାଛ—A kind of
Jhaṛḍaṅga salt-water-fish found in the lake Chilkā.

ଝଡ଼ଝାଟି—ଦେ. ବି—ଝଡ଼ ତୋଫାନ (ଦେଖ)
Jhaṛḍa-jhāṭi Jhaṛḍa tophāna (See)

ଝଡ଼ ତୋଫାନ—ଦେ. ବି—ବାତ୍ୟା ଓ ବୃଷ୍ଟି —
Jhaṛḍa tophāna Wind and rain; rain and storm,
ঝড়ঝাটা
झड़बतास, झकड़

ଝଡ଼ତି ପଡ଼ତି—ଦେ. ବି—ପଣ୍ୟ ଦ୍ରବ୍ୟ ଓ ଶସ୍ୟାଦି ସ୍ଥାନାନ୍ତର କରାଯିବା
Jhaṛḍati paṛdati ଯୋଗୁଁ ସେଥିରୁ ଯାହା ତଳେ ଝଡ଼ି ପଡ଼ି
ঝাড়তি পড়তি ଲୋକସାନ୍ ହୋଇଯାଏ—Wastage of loose articles (e. g. grain) in transit.

ଝଡ଼ ବତାସ—ଦେ. ବି—ଝଡ଼ ତୋଫାନ (ଦେଖ)
Jhaṛḍa batāsa Jhaṛḍa tophāna (See)

ଝଡ଼ ବୃଷ୍ଟି—ଦେ. ବି—ଝଡ଼ ତୋଫାନ (ଦେଖ)
Jhaṛḍa bṛushṭi Jhaṛḍa tophāna (See)

ଝଡ଼ା—ଦେ. ବି. (ସଂ. ଝଟ ଧାତୁ=ଗଦା କରିବା, ଓଲାଇବା; ଝାଟ =ସମ୍ମାର୍ଜନ)—
Jhaṛḍā

ঝাড়া ୧ । ଦେହ ଝାଡ଼ିଝୁଡ଼ି ଦେବା—1. Shaking off lethargy
झटका from the limbs by whisking.
୨ । ଝଡ଼ିବା—
2. Shedding; falling (e. g. off leaves).
୩ । ଲୁଗା ଆଦିରୁ ଧୂଳି ଝାଡ଼ିବା—
3. To beat or shake off the dust from clothes etc.
୪ । ଝାଡ଼ିବା; ଝାଡ଼ୁଣୀ ଦ୍ୱାରା ପରିଷ୍କାର କରିବା; ସମ୍ମାର୍ଜ୍ଜନ କରିବା—
4. Sweeping; cleansing with broomstick.
୫ । ମନୁଷ୍ୟର ଦେହର ସଞ୍ଚାଳନ—
5. Shaking of one's limbs.
୬ । ମନ୍ତ୍ରାଦି ଦ୍ୱାରା ମନୁଷ୍ୟଠାରୁ ଭୂତପ୍ରେତାଦି ବା ରୋଗ ଛଡ଼ାଇବା; ମନ୍ତ୍ରାଦି ଦ୍ୱାରା ମାର୍ଜ୍ଜନ—
6. Exorcism; dispelling of evil spirits or sickness from a person by conjuration.
୭ । ଏକ ପ୍ରକାର ପିଠା ବା ମିଷ୍ଟାନ୍ନ—
7. A kind of cake or sweetmeat.
୮ । ଝୁମ୍ପା; ଫୁଲତୋଡ଼ା—8. Nosegay; bouquet.
କର୍ମିଳ କପୋଳେ ଚଞ୍ଚଳେ ଅଳକା
ବନ୍ଧାଳେ କେଶ କି ଝଡ଼ା ଗୋ । ପ୍ରାଚୀ, ରହସ୍ୟମଞ୍ଜରୀ ।
୯ । ଖର ଗାଳି; ଗାଳିମନ୍ଦ; ଶୋଧା; ଶୋଧନ—
9. A shower of rebuke.
୧୦ । ସମ୍ମାର୍ଜ୍ଜିତ ଅଳିଆ—10. Refuse; sweepings.
୧୧ । ପରିଷ୍କାରକରଣ; ଆବର୍ଜ୍ଜନାର ଦୂରୀକରଣ—
11. Clearance.
୧୨ । ଗଛରୁ ଝଡ଼ିବା ଫଳ ପୁଷ୍ପ ଆଦି—
12. Fruits etc. fallen down from trees.
୧୩ । ଝଣ୍ଡା; ପତାକା—
13. Flagstaff (Howells).
୧୪ । ନଡ଼ିଆ ଗଛରୁ ବର୍ଷକେ ଥରେ ବାହୁଙ୍ଗା ଝାଡ଼ିବା କର୍ମ—
14. Act of clearing dry branches etc. from cocoanut trees.
୧୫ । (କଚେରିଆ ଭାଷା) କୌଣସି ଘର ତଲାସି କରିବାକୁ ଯିବା ସରକାରୀ କର୍ମଚାରୀ ଓ ସାକ୍ଷୀମାନେ ଘର ଭିତରକୁ ପଶିବା ପୂର୍ବରୁ ସେମାନଙ୍କ ଲୁଗାପଟା ଭିତରେ କୌଣସି ଜିନିଷ ଲୁଚାଇ ରଖି ନାହାନ୍ତି, ଏହା ପ୍ରମାଣିତ କରିବା ପାଇଁ ନିଜନିଜର ଲୁଗାପଟାକୁ ଲୋକଙ୍କୁ ଝାଡ଼ି କରି ଦେଖାଇବା କର୍ମ—
15. Submitting one's self to a careful search before beginning a house-search.
୧୬ । ବାଳୁଙ୍ଗା ଧାନ, ଯଦ୍ୱାରା ଗଛ ଧାନକ୍ଷେତରେ ଧାନ ଗଛ ସଙ୍ଗେ ଉଠିଥାଏ—16. Paddy of self-grown plants which come out in a paddy field.

୧	ଇ	ଉ	ଋ,ୠ	ଌ	ଏ	ଦନ୍ତ୍ୟ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଉଚ୍ଚ	ଓ	ଋ
୨	ଈ	ଊ	ୠ	ୡ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଥ	ଢ଼	ଟୃ

ଝଡ଼ା—ଦେ. ବଣ— ଯାହା ଝଡ଼ି ପଡ଼ିଥାଏ—That which has dropped to the ground.

୧୬ । (କଚେରିଅ ଭାଷା)—ସନ୍ଦେହ ବ୍ୟକ୍ତି ବା ଜେଲଖାନାକୁ ନିଆ ଯାଉଥିବା ବନ୍ଦୀ ଅପଣା ଲୁଗାପଟା ମଧ୍ୟରେ କିଛି ଜିନିଷ ଲୁଚାଇ ରଖି ନାହିଁ, ଏହା ଦେଖିବା ପାଇଁ ସେ ବ୍ୟକ୍ତିର ଲୁଗାପଟା ଝଡ଼ାଝଡ଼ି କରି ଦେଖିବା; ଦେହ ତଲ୍ଲାସୀ—16. Search a convict's clothes and person before he is admitted into jail to see if he has not secreted any thing.

୧୭ । ତଳକୁ ଝଡ଼ି ପଡ଼ିଥିବା ପଦାର୍ଥ ବା ଅଂଶ—17. Droppings; things which have dropped down.

ଦ. ବଣ.—୧ । ସମାର୍ଜ୍ଜିତ—1. Well swept.

୨ । ଗଛରୁ ଝଡ଼ିଥିବା—2. Shed or dropped from trees.

(ଯଥା—ଅକାଳ ଝଡ଼ା ଫଳ ।)

୩ । ଯହିଁରୁ ମାଛ କଣ୍ଟା ଅବ କଡ଼ା ବୌଇଥାଏ—3. (curry) From which coarse matters and bones have been taken out.

(ଯଥା, ଝଡ଼ା ମହୁର ।)

ପ୍ରାଦେ. (ଗଡ଼ଜାତ) ବ.—ଝରା; ଆଦିମ ଜାତିବିଶେଷ—A race of aborigines.

ଝଡ଼ା(ଡ଼େ)ଇବା—ଦେ. କ୍ରି.—୧ । ଝାଡ଼ିବାର ଣିଜନ୍ତରୂପ—
Jhar̲d̲ā (r̲d̲e)ibā 1. Causative of Jhār̲d̲ibā.
ঝরান, ঝড়ান ଝଡ଼ାଇଲା ଲକ୍ଷଣ ପଡ଼ିଥିବା ଧୂଳି ।
झटकारना, झड़वाना କୃଷ୍ଣସିଂହ. ମହାଭାରତ. ବନ ।

୨ । ଝଡ଼ିବାର ଣିଜନ୍ତ ରୂପ—2. Causative of Jhar̲d̲ibā.

ପୂର୍ଣ୍ଣ ପୁରୋଡ଼ାଶ ଭକ୍ଷଣ କରୁଥିଲେ,
ମୂଠି ମାରେ ତାଙ୍କ ଦାନ୍ତକୁ ଝଡ଼ାଇଲେ ।
କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଝଡ଼ା(ଡ଼େ)ଇ ହେବା—ଦେ. କ୍ରି.—(ମନ୍ଦ ଅର୍ଥରେ ବ୍ୟବହୃତ)—
Jhar̲d̲ā(r̲d̲e)i hebā ୧ । ଭୁକ୍ତ ଖାଦ୍ୟାଦିର ଜୀର୍ଣ୍ଣ ହେବା ଉଦ୍ଦେଶ୍ୟରେ ବ୍ୟାୟାମାଦି କରିବା—1. To engage in brisk exercise with a view to digest one's food.

[ଦ୍ର—କୌଣସି କର୍ମୀ ପରାନ୍ନଭୋଗୀ ଲୋକକୁ କୌଣସି ବୃଥା ପରିଶ୍ରମ କରିବାର ଦେଖିଲେ ଲୋକେ ଥଟ୍ଟାରେ କହି ଥାଆନ୍ତି 'ତାର ତ କିଛି କାମ ନାହିଁ, ସେ ଭାତ ଝଡ଼େଇ ହଉଛି' ।]

୨ । ମତ୍ତ ହେବା; ମସ୍ତ ହେବା—2. To be excited; to be maddened.

ଝଡ଼ାଝଡ଼୍—ଦେ. ଅ. (ସଂ. ଝଟିତି)—୧ । ଝଟିତି; ତତ୍‌କ୍ଷଣାତ୍—
Jhar̲d̲ā-jhar̲d̲ 1. At once; immediately.
ঝড়াঝড় ୨ । ଲଗେଲଗେ—
झड़ाझड़ 2. Continuously.

୩ । ଏକର ପରେ ଅନ୍ୟ—3. One after the other.

ଝଡ଼ାଝଡ଼ି—ଦେ. ବ.—୧ । ଅନେକ ଥର ଝାଡ଼ିବା କର୍ମ—
Jhar̲d̲ā-jhar̲d̲i 1. Repeated jerkings.
ঝাড়াঝাড়ি ୨ । ପରସ୍ପର ଦେହରୁ ଧୂଳି ଝାଡ଼ିବା କର୍ମ—
झाड़झुड़ाट 2. Cleaning each other's body of dust.

୩ । ବଣ୍ଟୁବାର ଘରର ତଳ, କାନ୍ଥ ଓ ଗୃହ ଓ ଘରେ ଥିବା ଜିନିସପତ୍ରକୁ ଝାଡ଼ିବା ବା ଝାଡ଼ୁ ଦ୍ୱାରା ସାଫ କରିବା—3. Repeated cleansing of the floor, walls and articles of a house.

୪ । ଜିନିସପତ୍ର ପାତ୍ର ବା ଅଖାରୁ ନେଇ ଯିବା ପରେ ତହିଁରେ ବାକି ରହିଯିବା ଛୋଟ ଖଣ୍ଡ ଓ ଚୂନା—4. Refuse matter left in a bag or pot after it is emptied.

୫ । ଝାଡ଼ଫୁଙ୍କ (ଦେଖ)
5. Jhār̲d̲a-phuṅka (See)

ଝଡ଼ାଝପଟ—ଦେ. ବ—ଝପଟ (ଦେଖ)—
Jhar̲d̲ā-jhapaṭa Jhapaṭa (See)

ଝଡ଼ା ତଦାରଖି—ଦେ. ବ (କଚେରିଅ)(ସଂ. ଝଟ ଧାତୁ+ଫା. ତଦାରକ୍)
Jhar̲d̲ā tadārakhi କୌଣସି ବ୍ୟକ୍ତିର ସର୍ବାଙ୍ଗ ତଲ୍ଲାସୀ କରିବା;
ঝাড়া କୌଣସି ଲୋକର ଅଙ୍ଗପ୍ରତ୍ୟଙ୍ଗ ଓ
झाड़ा ଲୁଗାପଟାକୁ ଝାଡ଼ି ସେ କିଛି କଥା ଲୁଚାଇ ରଖିଥିବା ସମ୍ବନ୍ଧେ ସନ୍ଦେହ ଦୂର କରିବା ପାଇଁ ପ୍ରଦର୍ଶନ—Thorough search of the body and clothes of a person.
ଝଡ଼ା ତଲ୍ଲାସୀ } ଅନ୍ୟରୂପ
ଝଡ଼ା ତଦାରଖ }

ଝଡ଼ା ଦେବା—ଦେ. କ୍ରି—୧ । (କଚେରିଅ) (ଖାନତଲ୍ଲାସୀ ପାଇଁ ଘରେ
Jhar̲d̲ā debā ପଶିବା ବ୍ୟକ୍ତି) ଘରେ ପଶିବା ପୂର୍ବରୁ ସର୍ବସମକ୍ଷରେ
ঝাড়া দেওয়া ଆପଣା ଦେହ ଓ ପୋଷାକକୁ ଉତ୍ତମରୂପେ ଝାଡ଼ିବା—
झाड़ा देना 1. To clearly show to the people present that the officer about to enter a house for house-search has secreted nothing in his body or clothes.

୨ । (କୁକୁର ବା ବାଘଆଦି ହିଂସ୍ର ଜନ୍ତୁ) କୌଣସି ଶିକାର (ଯଥା ଛେଳି, ପକ୍ଷୀ)କୁ ବେକ ପାଖରୁ ପାଟିରେ ଧରି ଖୁବ୍ ଜୋରରେ ଏକାଧିକ ଥର ଶୂନ୍ୟରେ ସଞ୍ଚାଳିତ କରିବା—2. (a beast of prey) To give repeated jerkings to its victim by holding it between the jaws.

[ଦ୍ର—ଏପରି ଝଡ଼ା ଦେବା ଦ୍ୱାରା ଅନେକ ଜୀବ ମୃତ କିମ୍ବା ଅଧାପ୍ରାଣ ହୋଇଯାଏ ।]

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦ୍ୱିତୀୟ ୯ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବ୍ୟତ୍ୟସ୍ତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର' ଖୋଜିବେ; 'କୂଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ'କୁ ପାଇଲେ 'ଅଙ୍ଗ' ଦେଖିବେ; 'ଅଲଙ୍କାର' ନ ପାଇଲେ 'ଅଳଙ୍କାର' ଦେଖିବେ

ଝଡ଼ା ପୋଛା—ଦେ. ବି—କୌଣସି ସ୍ଥାନ ଝାଡ଼ି ଓ ପୋଛି ସଫା କରିବା
Jhar̤dā pochhā କର୍ମ—Cleansing a place by sweeping.
ঝাড়াপুছা
झाड़पोंछ

ଝଡ଼ା ଫୁଙ୍କା—ଦେ. ବି—ଝାଡ଼ ଫୁଙ୍କ (ଦେଖ)
Jhar̤dā phuṅkā Jhār̤da phuṅnka (See)

ଝଡ଼ା ବେସର—ଦେ. ବି—ଯିଏ ମାଛରୁ କଣ୍ଟାମାନ ବାହାର କରିଯାଇ
Jhar̤dā besara ତହିଁରେ ବଟା ସୋରିଷ ଦିଆଯାଇ ହୋଇଥିବା
(ଝଡ଼ା ବେସର—ଅନ୍ୟରୂପ) ଏକପ୍ରକାର ବ୍ୟଞ୍ଜନ—A curry prepared from fish after the bones are taken out and it is mixed with rye-paste.

ଝଡ଼ା ମହୁର—ଦେ. ବି—ଯେଉଁ ମହୁର ଭିଅଣରୁ ମାଛକଣ୍ଟା କଢ଼ା
Jhar̤dā mahura ହୋଇଥାଏ—A stew or hotchpotch
(ଝଡ଼ା ମୋହର—ଅନ୍ୟରୂପ) (curry) from which the bones of the fish have been carefully removed before it is served to guests.

ଝଡ଼ା ମହୁରେ କଲ ଖଡ଼ା ଭଜନ
କାମୁଡ଼ା ଘୋଡ଼ା ମୁହେଁ ଦେଲ ଚୁମ୍ବନ—ଯଦୁମଣି. ରହସ୍ୟବଚନ ।

[ଦ୍ର—ମାଛ ଓ ପରିବା ଏକତ୍ର ସିଝା ହୋଇ ମହୁର ତିଆରି ହୁଏ ଓ କେବଳ ମାଛରେ ବଟା ସୋରିଷ ମିଶାଯାଇ ବେସର ତିଆରି ହୁଏ । ଖାଇବା ସମୟରେ ଖାଇବା ବ୍ୟକ୍ତି ଉକ୍ତ ମହୁର ବା ବେସରରୁ ମାଛ କଣ୍ଟାକୁ କାଢ଼ି ଖାଇବା କଷ୍ଟ ଓ ଅସୁବିଧାଜନକ ହୁଏ, ଏଥିପାଇଁ ଆଗରୁ ରନ୍ଧା ହେବା ମାଛରୁ କଣ୍ଟାଗୁଡ଼ିକ ଝାଡ଼ି ଦେଇଥିଲେ ଖାଇବା ଲୋକ ଉକ୍ତ ଝଡ଼ା ମହୁର ବା ବେସରକୁ ଆନନ୍ଦସହକାରେ ଖାଏ ।]

ଝଡ଼ି—ଦେ. ବି—ଝଡ଼ (ଦେଖ)
Jhar̤di Jhar̤da (See)

ନମାନେ ନଭ ମାସ ନଶା ଝଡ଼ି—କବିସୂର୍ଯ୍ୟ, ସଙ୍ଗୀତ ।

ପ୍ରାଦେ. (ଗଡ଼ଜାତ) ବି—ବାଦ୍ୟ—A drum.

ଧସା ଢାଗରା ନହବତ ଝଡ଼ି
ତେଲଙ୍ଗି ବାଜା ଗୁଙ୍ଗୁ ଗୁଡ଼ୁ ଗୁଡ଼ୁ—ବ୍ରଜନାଥ, ସମରତରଙ୍ଗ ।

ଝଡ଼ିଆ—ଦେ. ବିଣ—୧ । ଝଡ଼ଯୁକ୍ତ (ପାଗ)—
Jhar̤diā 1. Tempestuous; windy (weather).
ঝড়ো ୨ । ଝଡ଼ ଯୋଗୁଁ ଗଛରୁ ଝଡ଼ି ପଡ଼ିଥିବା (ଫଳ)—
2. Wind-fallen (fruits).

ଝଡ଼ିଆ ପାଗ—ଦେ. ବି—ଝଡ଼ଯୁକ୍ତ ଋତୁ—
Jhar̤diā pāga Cloudy weather.

ଝଡ଼ିଆ ପୋକ—ଦେ. ବି—ପକ୍ଷ ଲାଗିଥିବା ହୁଙ୍କ ବା ପିମ୍ପୁଡ଼ି—
Jhar̤diā poka Winged ants.
বাদলা পোকা [ଦ୍ର—ପିମ୍ପୁଡ଼ି, ଜନ୍ଦା ଓ ହୁଙ୍କ ଇତ୍ୟାଦି ବୁଢ଼ା ହେଲେ ସେମାନଙ୍କଠାରେ ପକ୍ଷ ଲାଗେ ଓ ସେମାନେ ହୁଙ୍କା ବା ଗାତରୁ ବାହାରି ଉଡ଼ନ୍ତି । କିଛିକ୍ଷଣ ଉଡ଼ିବା ପରେ ପକ୍ଷ ଛିଡ଼ିଯିବାରୁ ସେମାନେ ତଳେ ଖସି ପଡ଼ନ୍ତି ଓ ବେଙ୍ଗ, କୁଆ ଓ ବଣି ଆଦି ତାଙ୍କୁ ଖୁଣ୍ଟି କରି ଖାଇ ଯାଆନ୍ତି । ଏଥିପାଇଁ ପ୍ରବାଦ ଅଛି 'ପିମ୍ପୁଡ଼ି ଦେହେ ପକ୍ଷି ଲାଗେ ମରିବା ପାଇଁ'। ଶୁଣା ଅଛି ଯେ, ପ୍ରଶାନ୍ତ ମହାସାଗରରେ ଦ୍ୱୀପପୁଞ୍ଜ ଓ ଚୀନ ଦେଶବାସୀ କେତେକ ଲୋକ ମୁଢ଼ି ଆଦି ସଙ୍ଗେ ଝଡ଼ିଆ ପୋକ ଖାଇବାକୁ ସୁଖ ପାଆନ୍ତି । ଝଡ଼ିଆ ପୋକ ଉଡ଼ିବାର ଦେଖା ଗଲେ ଶୀଘ୍ର ବିଶେଷ ଝଡ଼ ବା ବୃଷ୍ଟି ହେବ ବୋଲି ଲୋକେ ଅନୁମାନ କରନ୍ତି ।]

ଝଡ଼ି ପଡ଼ିବା—ଦେ, କ୍ରି—ସ୍ୱସ୍ଥାନରୁ ଚ୍ୟୁତ ହୋଇ ତଳକୁ ଖସି
Jhar̤di par̤dibā ପଡ଼ିବା—To fall down;to drop down.
ঝরে পড়া
गिर पड़ना

ସେ ବୃକ୍ଷଙ୍କ ଦେହ ଘର୍ଷଣୁ ଅନଳ
ଜାତ ହୋଇ ଝଡ଼ି ପଡ଼ିଲା ମଣ୍ଡଳ—କୃଷ୍ଣସିଂହ. ମହାଭାରତ. ବନ ।

ଝଡ଼ିପୋକ—ଦେ. ବି—ଝଡ଼ିଆ ପୋକ (ଦେଖ)
Jhar̤di-poka Jhar̤diā poka (See)

ଝଡ଼ିବରଷା—ଦେ. ବି. (ସହଚର)—ତୋଫାନ ଓ ମେଘବର୍ଷା—
Jhar̤di-barashā Tempest accompanied with rain.
ঝড়বৃষ্টি
झड़ी

ଝଡ଼ିବା—ଦେ. କ୍ରି. (ସଂ. ଝଟଧାତୁ)—୧ । ବୃକ୍ଷାଦିରୁ (ପତ୍ରାଦି ବା ଫଳ)
Jhar̤dibā ସ୍ୱସ୍ଥାନଚ୍ୟୁତ ହୋଇ ଭୂତଳରେ ପଡ଼ିବା; ଖସି ପଡ଼ିବା—
ঝরা 1. To drop down from its proper place
झड़ना (e.g. leaves and fruits from the tree.)

ଝଡ଼ା(ଡ଼େ)ଇବା—ଣିଜନ୍ତରୂପ

କଲ୍ପକ୍ଷଣ ଝଡ଼ିଲା ପତ୍ରମାନ ଖାଇ
ତପରେ ଶୀର୍ଣ୍ଣ କରି ଦେଲା ନିଜ ଦେହ—କୃଷ୍ଣସିଂହ. ମହାଭାରତ. ବନ ।

୨ । ସ୍ଖଳିତ ହେବା—2. To be dislocated; to be discharged.

୩ । କୃଶ ହେବା; କ୍ଷୀଣ ହେବା—
3. To become weak, emaciated or lean.
(ଯଥା—ଗୁଡ଼ିଏ ଦିନଯାଏଁ ଜ୍ୱରରେ ସେ ଖୁବ୍ ଝଡ଼ି ଗଲାଣି ।)

୪ । (ଅନ୍ନ ଆଦି) ପେଟରେ ଜୀର୍ଣ୍ଣ ହେବା—
4. To be digested.

୫ । (ଲକ୍ଷଣାର୍ଥ) ବହୁଧା ପ୍ରକାଶିତ ହେବା; ଝରିବା —
5. To appear profusely; to be emitted profusely.

ମୁଖ ସୁଧାକର ଝଡ଼ୁ ଥାଉ—କବିସୂର୍ଯ୍ୟ. ସଙ୍ଗୀତ ।

୬ । ଭାଙ୍ଗିଯାଇ ତଳେ ପଡ଼ିବା—
6. To break and fall down.

ବୃକ୍ଷମାନେ କରୁଣ ମଡ଼ମଡ଼ ରଡ଼ି
ସେ ଚିରି ଶୃଙ୍ଗରୁ ପଡ଼ିଲେ ତଳେ ଝଡ଼ି । କୃଷ୍ଣସିଂହ. ମହାଭାରତ. ବନ ।

୭ । ଲୁପ୍ତ ହେବା—7. To disappear.

ଦେଖିଲି ଦିବ୍ୟ ବାସ, ଝଡ଼ିଲା ସେ ତ୍ରାସ, ମୁଦ ହେଲା ହୃଦସ୍ଥଳୀ ।
ବିଶ୍ୱନାଥ. ବିଚିତ୍ର ରାମାୟଣ ।

୧	ଈ	ଊ	ୠ,ୡ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଈୟ	ଉଅ	ଋ
୨	ଇ	ଉ	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଓ	ନ୍ରୁ

୮ । (ଆକ୍ରାନ୍ତ ବ୍ୟକ୍ତିର ଦେହରୁ ମନ୍ତ୍ରାଦି ଦ୍ୱାରା ଭୂତ, ପ୍ରେତ, ବିଷ ଓ ରୋଗାଦି) ଛାଡ଼ିବା—8. (Evil spirit disease or poison) To be expelled from the body by the application of charms.

ଭକ୍ତେ ମିଶି ପ୍ରୀତ ବିଷ ନ ଝଡ଼ିଲା
ସ୍ତ୍ରୀତ ବୈରାଗ୍ୟ ମନ୍ତ୍ରରେ । ନନ୍ଦକିଶୋର. ଶର୍ମିଷ୍ଠା ।

୯ । (ଲକ୍ଷଣାର୍ଥ) କ୍ଷୟ ହେବା; କମିବା— 9. (figurative) To lessen; to diminish.

ଝଡ଼ିବ ବଳ କୋମଳ ଗାତ୍ରରୁ । କବିସୂର୍ଯ୍ୟ. ସଙ୍ଗୀତ ।

୧୦ । (ପୁରୁଷ ପକ୍ଷରେ) ମୈଥୁନ ପରେ ବୀର୍ଯ୍ୟପାତ କରିବା— 10. To have one's semen discharged after copulation (said of males).

୧୧ । (ସ୍ତ୍ରୀ ପକ୍ଷରେ) ମୈଥୁନ କାଳରେ ଅନ୍ତିମ ରୂପେ ଉତ୍ତେଜିତ ହେବା—11. To have orgasm during copulation (said of females).

[ଦ୍ର—ଏଥିର ଅସମାପିକା ରୂପ ସଙ୍ଗେ ପଡ଼ିବା ଓ ଯିବା କ୍ରିୟା ଯୁକ୍ତ ହୁଏ ।]

ଝଡ଼ ଲଗାଣ—ଦେ. ବି—ତୋଫାନ ସହିତ ବହୁଦିନବ୍ୟାପୀ ଅନବରତ ବର୍ଷା—Continuous rain and storm lasting for days.
Jhardi lagāṇa
ଝାଡ଼ ବୃଷ୍ଟି
ଝଡ଼ୀ ଲଗାନା

ଝଣ୍—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝନତ୍, ଝଣତ୍)—ଝଣ ଝଣ (ଦେଖ) Jhaṇa jhaṇa (See)
Jhaṇ

ଝଣଝଣ—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଝନତ୍, ଝଣତ୍)—
Jhaṇa-jhaṇa
ଝନ, ଝାଁ
झनझन, झनक

୧ । ଶିମ୍ବ ଜାତୀୟ ଛୁଇଁ ଶୁଖି ଗଲେ ତା ଭିତରେ ଥିବା ମଞ୍ଜିର ବାଜିବା ଶବ୍ଦ— 1. Rattling sound (heard in dry pods of flax or bean).

୨ । ଧାତୁଖଣ୍ଡାଦିର ପରସ୍ପର ଆଘାତପ୍ରତିଘାତର ଶବ୍ଦ; କଠିଣ ଭୂମିରେ ବା ପଥରରେ ଟଙ୍କା ବା ଧାତୁଖଣ୍ଡ ବାଜିବାର ଶବ୍ଦ; ଝଣତ୍କାର— 2. Metallic clang; bang; ringing sound.

ଝଣଝଣ,
ଝଣଝଣା } ଅନ୍ୟରୂପ
ଝଣଝଣି

[ଦ୍ର—ଝୁଣ ଝୁଣ=ଅଳଙ୍କାରାଦିର ମୃଦୁ-ମଧୁର ଶବ୍ଦ, ଝଣ ଝଣ ଅପେକ୍ଷା ଅଳ୍ପ ।]

୩ । ଝଣଝଣ ଶବ୍ଦ ପୂର୍ବକ (ନଗଦ ବନ୍ଧ ଟଙ୍କା ଗଣିବା)— 3. (to count cash) With clanging sound. (ଯଥା—ସେ ବର୍ତ୍ତମାନ ଖୁବ ବଡ଼ଲୋକ ହେଲାଣି, ପାଞ୍ଚ ହଜାର ଟଙ୍କା ଝଣଝଣ ଗଣି ଦେବ ।)

ଝଣଝଣାୟମାନ—ସଂ. ବିଣ—ଝଣଝଣ ଶବ୍ଦକାରୀ (କ୍ଲୀବେନ୍ଦ୍ର)
Jhaṇa-jhaṇāyamāna Tinkling.

ଝଣଝଣି—ଦେ. ଅ. (ଧ୍ୱନ୍ୟନୁକରଣ)—ଝଣଝଣ (ଦେଖ)
Jhaṇa-jhaṇi Jhaṇa-jhaṇa (See)

ଝଣଝଣିଆଁ—ଦେ. ବିଣ. (ସଂ. ଧନ୍ ବା ଧଣ୍ ଧାତୁ, ଶବ୍ଦ କରିବା)—
Jhaṇa-jhaṇiāṅ ୧ । ଝଣଝଣ ଶବ୍ଦକାରୀ—1. Making or producing a clanking sound.

୨ । ଶୁଷ୍କ; ଶୁଖିଲା—2. Dried.

[ଦ୍ର—ଛଣପଟ ଛୁଇଁ ଭିତରେ ମଞ୍ଜି ଶୁଖି ଝଣଝଣ ହୋଇ ବାଜିବାରୁ ଛୁଇଁ ଝଣଝଣିଆ ହୋଇଯିବାର ବୁଝାଯାଏ ।]

ଝଣ ଝାଣ—ଦେ. ଅ (ଧ୍ୱନ୍ୟନୁକରଣ)—ଝଣ ଝଣ (ଦେଖ)—
Jhaṇa-jhāṇa Jhaṇa-jhaṇa (See)

ଝଣତ୍କାର—ସଂ. ବି (ଝନତ୍=ଧ୍ୱନ୍ୟର୍ଥକ+କାର)—କଙ୍କଣାଦିର ଝଣଝଣ ଶବ୍ଦ—Clanking sound; tinkling or rattling sound.
Jhaṇatkāra

ଝଣତା—ଦେ. ବିଣ—ଅଣତା; ଅସ୍ୱାଦ—
Jhaṇatā Unsavoury; unseasoned.

[ଦ୍ର—ତବତ ଘିଅ ଗରମ ଥାଉଁ ଥାଉଁ ତହିଁରେ ପାଣି ମିଶାଇ ଦେଲେ ଯେଉଁ ପଖାଳ ହୁଏ, ତାହାକୁ ଝଣତା ପଖାଳ କହନ୍ତି; ତାହା ଅସ୍ୱାଦ ଲାଗେ ।]

ଝଣାଝଣ୍—ଦେ. ଅ (ଧ୍ୱନ୍ୟନୁକରଣ)—ଝଣଝଣ (ଦେଖ)—
Jhaṇā-jhaṇ Jhaṇa-jhaṇa (See)

ଝଣାତ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଝଣଝଣ (ଦେଖ)
Jhaṇāt 1. Jhaṇa-jhaṇa (See)

୨ । ଝଣାତ୍କିନା (ଦେଖ)— 2. Jhaṇāt-kinā (See)

ଝଣାତ୍ କିନା—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଧାତୁଜାତ ଶବ୍ଦ; କଂସା ବାସନ ଆଦି ଭୂମିରେ ପଡ଼ିବା ଶବ୍ଦ— 1. The clank of metallic things falling or striking a hard substance.
Jhaṇāt kinā
ଝନାତ୍
झनकरके

ଝଣାତ୍କରି
ଝଣାତ୍କିନ } ଅନ୍ୟରୂପ
ଝଣାତ୍କରି

[ଦ୍ର—ଦୁଇଟି ଧାତୁ ଖଣ୍ଡ ଥରେ ପଡ଼ିଗଲେ ଯେଉଁ ଶବ୍ଦ ଥରେ ମାତ୍ର ଶୁଣାଯାଏ, ତାକୁ ଝଣାତ୍ କହନ୍ତି ।]

୨ । ହଠାତ୍ କିନା; ହଠାତ୍—2. Suddenly.

ଝଣେ—ପ୍ରାଦେ. (ଗଡ଼ଜାତ) ବିଣ ଓ ବି.—ଜଣେ—
Jhaṇe One (person).

ଝଣ୍ଟା—ପ୍ରାଦେ (ଗଡ଼ଜାତ) ବି—ଶିମ୍ବ—
Jhaṇṭā Bean.

ଝଣ୍ଟା(ଣ୍ଟେ)ଇବା—ଦେ. କ୍ରି—ଝାଣ୍ଟେଇବା (ଦେଖ)—
Jhaṇt(ṭe)ibā Jhāṇṭeibā (See)

ଝଣ୍ଟି—ଦେ. ବି (ସଂ. ଜଟା)—ମୁଣ୍ଡରେ ଥିବା ଛୋଟ କେଶଗୁଚ୍ଛ ବା ଚୁଟି—
Jhaṇṭi Little tuft of hair on the head.

ଝଣ୍ଟିଆ—ଦେ. ବି (ଝଣିଆ ଶବ୍ଦ)—ଗୋଡ଼ ଆଙ୍ଗୁଠିରେ ପିନ୍ଧିବା ରୁପା ମୁଦି ବିଶେଷ—A tinkling silver ring for the toes.
Jhaṇṭia

> ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ଝଣ୍ଟିକା—ଦେ. ବି—ବୃହତ୍ ଗୁଳ୍ମ ବିଶେଷ—
Jhaṇṭikā Causjera Pheedii (Haines).

ଝଣ୍ଡା—ଦେ. ବି—(ହି. ଝଣ୍ଡା; ସଂ. ଦଣ୍ଡ)—୧ । ମାଳା; ଧଣ୍ଡା—
Jhaṇḍā 1. Garland.
୨ । ପତାକାଯୁକ୍ତ ଦଣ୍ଡ—2. Flagstaff.
ঝাণ্ডা ଗୋରବାସିଙ୍କର ଦୁଲଭ ବାରକ ମଙ୍ଗଳ ଝଣ୍ଡାରୂପେ
झंडा ଚମକଇ ଯହିଁ ଉଡ୍ରଚଣ୍ଡା ଖେଳାଇ ଖଣ୍ଡା । ରାଧାନାଥ. ଉଷା ।
୩ । ପତାକା—3. Flag.

ଝଣ୍ଡି—ଦେ. ବି (ସଂ. ଦଣ୍ଡ; ହି. ଝଣ୍ଡି)—୧ । ପତାକା—
Jhaṇḍi 1. Flag.
ঝাণ্ডি ୨ । ପତାକାଯୁକ୍ତ ଦଣ୍ଡ—
झंडी 2. Flagstaff.
୩ । ଚେନ୍ ସର୍ଭେ ବା ଲେଭ୍‌ଲିଙ୍ଗ୍ ଯନ୍ତ୍ର ବା କମ୍ପାସ୍ ସାହାଯ୍ୟରେ ଭୂମି ମାପିବା ସମୟରେ ସମ୍ମୁଖସ୍ଥ ଖଣ୍ଟି ବା ଷ୍ଟେସନ ଉପରେ ଠିଆ ଭାବରେ ଧରାଯିବା ପତାକାଦଣ୍ଡ—3. A flagstaff held on the next station during surveying with the chain or compass or level.

ଝନ୍‌କାର—ପ୍ରାଦେ. (ଯାଜପୁର) ବି—୧ । ଘୋଘୋ; ଘୋଟ ଘାଣ୍ଟ—
Jhan-kārā 1. Ado; bustle; hubbub; uproar.
୨ । ଆଡ଼ମ୍ବର—2. Grand display.

ଝନ୍‌ଝଟ—ଦେ. ବି. (ହି. ଜଂଜାଲ)—ଅସୁବିଧା; ହଇରାଣ—
Jhanjhaṭa Trouble.
ঝংঝট (ଯଥା. ମୁଁ ବଡ଼ ଝନ୍‌ଝଟରେ ପଡ଼ିଛି ।
झंझट

ଝନ୍‌ଝନ୍—ଦେ. ଅ ଓ ବି (ଧ୍ୱନ୍ୟନୁକରଣ)—୧ । ଝଣ୍ ଝଣ୍ ଶବ୍ଦ—
Jhan-jhan (ଯଥା ଲୁହା ଶିକୁଳିର ଗୁଳିକ ଜନିତ ଶବ୍ଦ)—
ঝনঝন 1. A bang; a clap; metallic clank.
नक
ପଡ଼ନ୍ତେ କବଚ ଗାତ୍ରେ ବଜାଇ ଝନ୍ ଝନ । ରାଧାନାଥ. ବେଣୀସଂହାର ।
୨ । ଶୁଷ୍କ ଦ୍ରବ୍ୟାଦିର ପରସ୍ପର ଘାତପ୍ରତିଘାତ ଶବ୍ଦ—(ଯଥା—ବାଉଁଶ ନଳ ମଧ୍ୟରେ ଗୁଡ଼ିଏ ଶୁଖିଲା ମଞ୍ଜି ପୂରାଇ ହଲାଇବାର ଶବ୍ଦ)—2. The sound of many hard and dry things striking each other (as seeds in a dry pod).

ଝନ୍‌ଝନା—ଦେ. ଅ.—ଝନ୍ ଝନ (ଦେଖ)
Jhan-jhanā Jhan-jhan (See)

ଝନ୍‌ଝନି—ଦେ. ଅ ଓ ବି.—ଝନ୍‌ଝନ୍ (ଦେଖ)
Jhan-jhani Jhan-jhan (See)
ଝିଲ୍ଲୀର ସମର ବାଦ୍ୟ, ଅସ୍ତ୍ରର ଝନ୍ ଝନ । ରାଧାନାଥ. ବେଣୀସଂହାର ।

ଝନକା—ଦେ. ବି—ଘୋଡ଼ା ଓ ଗୋରୁମାନଙ୍କର ଏକପ୍ରକାର ରୋଗ—
Jhanakā A disease attacking cattle and horses; rheumatism of the legs.
ঝনকা
झनक बात [ଦ୍ର—ଏ ରୋଗରେ ଗୋରୁ ଓ ଘୋଡ଼ାଙ୍କର ଗୋଡ଼ ଲଟିଲଟି ହୋଇଯାଏ] ।

ଝନତ୍କାର—ସଂ. ବି.—ଝଣତ୍କାର (ଦେଖ)
Jhanat-kāra Jhaṇat-kāra (See)

ଝନନ—ଦେ. ଅ.—(ଧ୍ୱନ୍ୟନୁକରଣ) ଝନ୍ ଝନ୍ (ଦେଖ)
Jhanana Jhan-jhan (See)

ଝପ୍—ଦେ. କ୍ରି. ବିଣ (ସଂ. ଝଟିତି; ଜବ; କ୍ଷିପ୍ର; ଭୁଲ ସଂ. ଝଂପ)—
Jhap ୧ । ଅତିଶୀଘ୍ର; ତୁରନ୍ତ; ଝଟ୍; ହଠାତ୍; କ୍ଷଣମାତ୍ର ବିଲମ୍ବ ନ କରି; ଝଟିତି—1. Speedily; hastily;
ঝপ, ঝপ্‌করে, ঝপাঝপ
झप immediately; quickly; briskly; at once; in a whit.
୨ । ଝପ୍ ଝପ୍ (ଦେଖ)
2. Jhap-jhap (See)
୩ । ପାଣିରେ କାଠ ଆଦି ପଡ଼ିବା ଶବ୍ଦ—
3. Splashing sound; swish.

ଝପ୍ କରି—ଦେ. କ୍ରି. ବିଣ—ଝପ୍ (ଦେଖ)
Jhap-kari Jhap (See)
[ଝପ୍‌କିନା, ଝପ୍‌କିନି, ଝପ୍‌କରି, ଝପ୍‌ଦିସ୍, ଝପ୍‌ଧିସ୍—ଅନ୍ୟରୂପ]

ଝପ୍ ଝପ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ମେଘ ବର୍ଷିବାର ଶବ୍ଦ—
Jhap-jhap 1. Pattering sound; splashing sound; (as of rain).
ঝপঝপ
झपझप ୨ । ପାଣିରେ କୁଦି ପଡ଼ିବାର ପଦଶବ୍ଦ—
(ଝପର ଝପର-ଅନ୍ୟରୂପ) 2. splashing sound of person springing into water.
୩ । ଝପର ଝପର (ଦେଖ)
3. Jhapara jhapara (See)

ଝପ୍‌ଝାପ୍—ଦେ. ଅ.—ଝପ୍ ଝପ୍ (ଦେଖ)
Jhap-jhāp Jhap-jhap (See)
ଦେ. କ୍ରି. ବିଣ. ଝପ୍ (ଦେଖ)
Jhap (See)

ଝପକ୍—ଦେ. ବି.(ସଂ. ପଲକ)—ପଲକମାତ୍ର ସମୟ; ମୁହୂର୍ତ୍ତମାତ୍ର ସମୟ—
Jhapak Twinkling; a moment.
পলক
झपक

ଝପଟ୍‌ସିଂହ—ଦେ. ବି.—(କ୍ଷତ୍ରିୟଙ୍କର) ରାଜଦତ୍ତ ଉପାଧି ବିଶେଷ—
Jhapaṭ-siṁha A title conferred (on Kshatriyas) by kings.

ଝପଟ୍—ଦେ. ବି (ସଂ. ଝମ୍ପ; ଭୁଲ ଇଂ. ଜମ୍ପ)—୧ । ଦଉଡ଼; ଧାଇଁବା—
Jhapaṭ 1. Race; running.
দৌড়, ঝাপ ୨ । କୁଦା ମାରି ଦୌଡ଼ିବା—
झपट 2. Scampering; running on all fours.
ବାଘ ଝପଟକୁ ଗଜ ଚପଟକୁ ସ୍ଥାନ ନୋହି ଯନ୍ତି ଘର । ଉପେନ୍ଦ୍ର. ବୈଦେହୀଶବିଳାସ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟ	ଉଅ	ଢ଼
୨	ই	উ	ঋ	ঌ	ঐ	অকারান্তবর্ণ	অনুস্বার বা চন্দ্রবিন্দুযুক্ত বর্ণ	য্য	য	স	ক্ষ	ইঅ	ড়	ন্

ଝପଟା—ଦେ. ବ—ଝପଟ (ଦେଖ)—
Jhapaṭā — Jhapaṭa (See).

ଝପଟା(ଟେ)ଇବା—ଦେ. କି—(ଝପଟିବାର ଣିଜନ୍ତ ରୂପ; Causative
Jhapaṭā(ṭe)ibā — of Jhapaṭiba)—ଦଉଡ଼େଇବା—
দৌড়ান — To cause to run.
झपटाना — ପରନ୍ତପ ପୁଅ ଦେଲେ ଝପଟାଇ ଅଶ୍ୱବର—ଜଗନ୍ନାଥ, ମହାଯାତ୍ରା

ଝପଟାଝପଟି—ଦେ. ବ—୧ । ବହୁଲୋକ ବା ଜନ୍ତୁ ଦଉଡ଼ିବା—
Jhapaṭā-jhapaṭi — 1. General running of many persons or animals.
দৌড়াদৌড়ি — ୨ । ଗୋଡ଼ାଗୋଡ଼ି; ପରସ୍ପରକୁ ଗୋଡ଼ାଇବା—
झपटाझपटि — 2. Running after one another.

ଝପଟିବା—ଦେ. କି. (ସଂ. ଝମ୍ପ)—୧ । ଦ୍ରୁତଗତିରେ ଦଉଡ଼ିବା; ଧାଇଁ ଦେବା—1. To run swiftly.
Jhapaṭibā
ঝপটা, দৌড়া, ঝাপা — ଜାଣି ସେ ଯିବାର ସମ୍ମୁଖ ଘାଟ ।
झपटना, डपटना — ଦେଖିବାକୁ ଭାଗ୍ୟ ଅଛେ ଝପଟ—ବଟବୁର୍ଧ୍ୟ କବଚ ।
୨ । ଲମ୍ଫସହ ଦଉଡ଼ିବା—
2. To run with big leaps; to scamper.

ଝପରଝପର—ଦେ. ଅ(ଧ୍ୱନ୍ୟନୁକରଣ)--ସାନ ଟୋପାରେ ଅବଶ୍ରାନ୍ତ ବର୍ଷିବା--
Jhapara-jhapara — Raining in small continuous drops.
ঝপরঝপর
टपरटपर [ଦ୍ର—ବଡ଼ ଟୋପାରେ ବର୍ଷାକୁ ଟପରଟପର ବା ଟପ ଟପ କହନ୍ତି ।]

ଝପାଝପ୍—ଦେ. କି. ବଣ—ଝପ୍ (ଦେଖ)—
Jhapājhap — Jhap (See)
ঝপাঝপ — ଦେ. ଅ—ଝପ୍‌ଝପ୍ (ଦେଖ)—
झपाझप — Jhap-jhap (See)

ଝବା—ଦେ. ବ—୧ । ଛୋଟ ମାଠିଆ ବା କଳସୀ—
Jhabā — 1. Small pitcher or jar.
ঘড়া — ୨ । କିଆରୀରେ ଧାନ ବା ଅନ୍ୟ ଶସ୍ୟ ଗଛମାନ ଏକ
झाबरो; झकड़ो — ଏକ ସ୍ଥାନରେ ବହଳ ହୋଇ ଓ ଏକ ଏକ ସ୍ଥାନରେ ପତଳା ହୋଇ ଉଠିଥିବା ଅବସ୍ଥା—2. The state of paddy or other corn plants growing thickly at one place and thinly at other places in a field.
ଦେ. ବଣ—ଏକ ଅଂଶରେ ବହଳିଆ ଓ ଏକ ଅଂଶରେ ପତଳା ହୋଇ ଧାନ ବା ଅନ୍ୟ ଶସ୍ୟ ଗଛ ଉଠିଥିବା ଅବସ୍ଥାଯୁକ୍ତ (କିଆରୀ)—(corn field) With plants growing up very irregularly.
(ଯଥା—ଏ ବର୍ଷ ମୋ ମୁଗକ୍ଷେତରେ ପୋକ ଲାଗି ଝବା ହୋଇଗଲା ।)
ସ୍ଥାଦେ. (ସମ୍ବଲପୁର) ବ—ସ୍ତ୍ରୀଲୋକମାନଙ୍କର ଅଳକା ପର କପାଳରେ କେଶ ଉପରେ ପିନ୍ଧିବା ରୂପାର ଅଳଙ୍କାରବିଶେଷ—A silver ornament worn by females on the head over the hair.

ଝମ୍ (ଧାତୁ)—ସଂ—ଭକ୍ଷଣ କରିବା—
Jham (root) — To eat.

ଝମ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ବର୍ଷାର ଝଙ୍କାର ଶବ୍ଦ—
Jham — 1. Pattering sound of rain.
ঝম রম — ୨ । ଧାତୁମୟ ପଦାର୍ଥଦ୍ୱୟ ପରସ୍ପର ବାଜିବାର ଶବ୍ଦ—
झमझम — 2. Metallic clank.
ଝମଝମ ଝମଝମ ଝୁଣ୍ଟିଆ ବାଜେ
ସା ଯବା ଗନ୍ଧର ଗୋହରି ବାଜେ—ଫକୀରମୋହନ, ଛମାଣ ଆଠଗୁଣ୍ଠ ।
୩ । କୂଅର ପାଣିରେ କୌଣସି ଜିନିଷ ଖସି ପଡ଼ିବାର ଶବ୍ଦ—
3. Rustling sound of water striking a thing falling into a well.
(ଯଥା—ରାତିଅଧରେ କୂଅରେ ଶୁଭିଲା ଝମ୍)
୪ । ଅଳଙ୍କାରାଦିର ଶବ୍ଦ—
4. Tinkling sound of ornaments.
ଦେ. ବଣ—ବିଶେଷ ପରିମାଣରେ (ବୃଷ୍ଟି)—
(raining) Cats and dogs; copious (shower).

ଝମକ—ଦେ. ବ. (ସଂ. ଧ୍ମା ଧାତୁ)—୧ । ଧମକ—
Jhamaka — 1. Threatening.
धमक — ୨ । କ୍ଷମତା—2. Might.
घमक; झमक — ୩ । ଚକଚକ୍ୟ; ଝଟକ—3. Splendour; glitter.
୪ । ଆଭା; ତେଜ—4. Brightness.
୫ । କ୍ରୋଧଜନିତ ଆବେଗ—
5. Agitation through anger.
୬ । ଝମଝମ ଶବ୍ଦ—
6. Clanking sound; tinkling sound.
ତାଙ୍କର ପାଦୁକ ନୂପୁର ଝମକରେ
ପିଟେ କି କାମଦେବ ଡମକ ବୁକୁରେ—କୃଷ୍ଣସିଂହ, ମହାଭାରତ, ଶାନ୍ତି ।

ଝମକ ଝମକ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଞ୍ଜ ମୃଦଙ୍ଗାଦି ବାଦ୍ୟ ବାଜିବାର ଶବ୍ଦ—
Jhamaka jhamaka — Clank of cymbals and drums.
ଝମକ ଝମକ ତାଳ ଝମକେ—ପ୍ରାଚୀ, ରହସ୍ୟମଞ୍ଜରୀ ।

ଝମକ ଝୁଣ୍ଟିଆ—ଦେ. ବ—ଗୋଡ଼ ଆଙ୍ଗୁଠିରେ ପିନ୍ଧା ଯିବା ରୂପାର
Jhamaka jhunṭiā — ଅଳଙ୍କାରବିଶେଷ—Tinkling rings for the toes.

ଝମକା—ଦେ. ବ—ଝମକ (ଦେଖ)
Jhamakā — Jhamaka (See)

ଝମକା(କେ)ଇବା—ଦେ. କି. (ଝମକିବାର ଣିଜନ୍ତରୂପ)—
Jhamakā(ke)ibā — ୧ । ଧମକାଇବା—1. To threaten.
ঝমকান — ୨ । ଝମଝମ ଶବ୍ଦ କରିବା—
झमकाना — 2. To make a jingling or clanking sound.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ତଳସ୍ଥ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଷ୍ଣ' ନ ମିଳିଲେ 'କୃଷ୍ଣ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ପାଦ ଯୁଗ ଝାଡ଼ିବା ଛଳେ
ନୂପୁର ଝମକାଇ ଭଲେ—ଭୂପତି, ପ୍ରେମପଞ୍ଚାମୃତ ।

୩ । କୌଣସି ତେଜୋମୟ ପଦାର୍ଥ (ଅସ୍ତ୍ରାଦି)କୁ ଦେଖାଇବା—
3. To display a glittering thing.

ଖାପୁଁ କାଢ଼ି ଝମକାଉଥିଲେ କରେ ଖଣ୍ଡା—କୃଷ୍ଣସିଂହ. ମହାଭାରତ. ବନ ।

୪ । ଇତସ୍ତତଃ ଚାଳିତ କରିବା—
To wave; to move to and fro.

ଇନ୍ଦ୍ର ତାହା ଦେଖି ବଜ୍ରକୁ ଝମକାଇ
ଫିଙ୍ଗିଲେ କୁମାରଙ୍କ ଦେହକୁ ଦେଖାଇ—କୃଷ୍ଣସିଂହ. ମହାଭାରତ. ବନ ।

ଝମକିବା—ଦେ. କ୍ରି. (ସଂ. ଧ୍ମା ଧାତୁ)—୧ । ଦୀପ୍ତିମାନ୍ ହେବା; ଦୀପ୍ତି ପାଇବା—1. To shine; to glitter.
Jhamakibā
ঝমকা
झमकना

ବଳୟ ଝମକେ ଗୋ ତମକ ଉଠେ ଭୃଙ୍ଗ ।
ପ୍ରାଚୀ, ରହସ୍ୟମଞ୍ଜରୀ ।

୨ । (ଧ୍ୱନ୍ୟନୁକରଣ) ଝମ ଝମ ଶବ୍ଦ କରିବା—
2 To make a clanking sound.

କଷାୟ ଅସହଣ ନଭେ ହସ୍ତ ଉତ୍ତୋଳନ ଶଙ୍କାରୁ ଝମକ କୃପାଣ ସେ ।
ଭଞ୍ଜ, ବୈଦେହୀଶବିଳାସ ।

୩ । (ଅନ୍ଧ ବା କଣା) ସାବଧାନ ହୋଇ ଯାତାୟାତ କରିବା—
3. To feel one's way (in the dark as a blind man).

ଅନ୍ଧାର ଘରେ କଣା (କାଣୀ) ଝମକେ
ଯାହା ପାଇଅଛି ଅନ୍ଧାରେ ଥାଳେ—ଚଉ ।

ଝମଝମ—ଦେ. ଅ—୧ । ଝମ୍ (ଦେଖ)
Jhama-jhama 1. Jham (See)
୨ । ଝିମି ଝିମି (ଦେଖ)
2. Jhimi jhimi (See)

ଶରୀର ଝମ ଝମ ହୃଦୟ ଦମ ଦମ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଝମର ଝମର—ଦେ. ଅ. (ଧ୍ୱନ୍ୟନୁକରଣ)—
Jhamara jhamara ଘୁଙ୍ଗୁର ଆଦି ଅଳଙ୍କାର ଚାଳନଜନିତ ଉଚ୍ଚ ଶବ୍ଦ—High tinkling sound of ornaments.
ঝমরঝমর
झमझम

[ଦ୍ର—ଝୁମୁରୁ ଝୁମୁର ବା ଝୁମୁଝୁମୁ ଅଳଙ୍କାରର ଅନୁଚ୍ଚ ମଧୁର ଧ୍ୱନି ଓ ଝମର ଝମର ଅପେକ୍ଷା କ୍ଷୀଣତର ।]

ଝମା—ଦେ. ବି—ଝାମା (ଦେଖ)
Jhamā Jhāmā (See)

ଝମାଝମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଧମାଧମ (ଦେଖ)
Jhamā-jham Dhamā-dham (See)

ଝମ୍ପ—ସଂ. ବି. (ଝମ୍=ଅନୁକରଣ ଶବ୍ଦ+ପା ଧାତୁ+ଭାବ. ଅ; ତୁଳ, ଇଂ. ଜମ୍ପ୍)—ଲମ୍ଫ; ଡିଆଁ; ଡେଇଁ—
Jhampa
A jump; a spring; a plunge; a leap.

ଝମ୍ପ (ଧାତୁ)—(ଝମ୍ପ ଶବ୍ଦରୁ ଉତ୍ପନ୍ନ ଯୌଗିକ ଧାତୁ)—
Jhampa (root) ୧ । ଡିଆଁବା—
1. To jump; to leap.

୨ । ଶିକାରକୁ ଝାମ୍ପିବା; ଶିକାର ଉପରେ ଡିଆଁ କରି ପଡ଼ିବା—
2. To pounce up on a prey.

ଝମ୍ପନ୍—ଦେ. ବି—ଝାମ୍ପାନ୍ (ଦେଖ)
Jhampan Jhāmpān (See)

ଝମ୍ପନ—ସଂ. ବି. (ଝମ୍ପ ଧାତୁ+ଭାବ. ଅନ)—
Jhampana ୧ । ଡିଆଁବା—1 Jumping; leaping.
୨ । ଶିକାରକୁ ଆକ୍ରମଣ କରି ମାଡ଼ିବସିବା—
2. Pouncing on a prey.

ଝମ୍ପଲମ୍ଫ କରିବା—ଦେ. କ୍ରି. (ସ. ଝମ୍ପ, ଲମ୍ଫ)—
Jhampa-lampha kariba ୧ । ଲମ୍ଫଝମ୍ପ କରିବା; ଡେଇଁବା ଡିଆଁବା—1 To leap and jump.
লম্ফঝম্পকরা
झँपना ୨ । ମୁହଁ ହାତ ହଲାଇ ଆସ୍ଫାଳନ କରିବା—
2. To brag and bluster with motions.

ଝମ୍ପା—ସଂ. ବି—୧ । ଝମ୍ପ (ଦେଖ)
Jhampā 1. Jhampa (See)
୨ । ଝାମ୍ପିବା; ଜବରଦସ୍ତି ଛଡ଼ାଇ ନେବା; ବଳପୂର୍ବକ ଅପହରଣ—2. Kidnapping; snatching away; forcible taking away.

ଗୋଉଣୀ ସାଙ୍ଗ ସିଂହ ମଠାଲଙ୍ଗନ କ୍ଷାନ ଝମ୍ପା କୁପଦହିଁ ।
ଭଞ୍ଜ, କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

ଦେ. ବି. ଝୁମ୍ପା (ଦେଖ)
Jhumpā (See)

ଝମ୍ପାକ—ସଂ. ବି. (ଝମ୍ପ+ଅକ ଧାତୁ=ଗମନ କରିବା+କର୍ତ୍ତୃ. ଅ; ଯେ ଡିଏଁ)—ବାନର; କପି; ମାକଡ଼—
Jhampāka
Monkey; baboon.

ଝମ୍ପା ଝାଲର—ଦେ. ବି. (ସଦୃଶଜ; ସ. ଝମ୍ପ+ଝଲ୍ଲରୀ)—ପାଟଫୁଲ ପରି ପେନ୍ଥା ପେନ୍ଥା ଓ କେସ୍ୱକେସ୍ୱ ହୋଇ ତଳକୁ ଓହୋଳ ଥିବା ବସ୍ତ୍ରାଦିର ଅଳଙ୍କାର—Tassels and strings (used as ornament).
Jhampā jhālara
ঝাঁপাঝালর
झब्बाझालर

ଝମ୍ପା ଝାଲରିଆ—ଦେ. ବଣ.—୧ । ଯହିଁରେ ଫୁଲ ଓ ଝାଲର ଲାଗି ଥାଏ—1. Furnished with tassels and strings.
Jhampā jhālariā
ঝাম্পা ঝালরিআ
झब्बा झलरवाला ୨ । ଯାହା ପେନ୍ଥାପେନ୍ଥା ଓ କେସ୍ୱକେସ୍ୱ ହୋଇ ତଳକୁ ଲମ୍ବି ଥାଏ—2. Hanging down in tassels and strings.

ଝମ୍ପାଝାଲରିଆ ଅଳକ ତଳକ ଗୋଉଣୀର କେଶଗୁଚ୍ଛେ ।
କବିସୂର୍ଯ୍ୟ, ସଙ୍ଗୀତ ।

ଝମ୍ପାଣ—ପ୍ରାଦେ. (ପୁରୀ) ବି.—ଗର୍ଭିଣୀ ସଂକ୍ରାନ୍ତି ଦିନ ଗୁଣିଆଁ ବା ସର୍ପବୈଦ୍ୟମାନେ ବିଷଧର ସାପମାନଙ୍କୁ ଧରି ମନ୍ତ୍ରବଳରେ ସେମାନଙ୍କୁ ଦେହରେ ଗୁଡ଼ାଇ ଓ ଖେଳାଇ ନିଜର ମନ୍ତ୍ରଶକ୍ତି ଦେଖାଇବା କ୍ରିୟା—The act of snake-charmers exhibiting their power by
Jhampāṇa

୧	ଇ	ଉ	ଋ,ଌ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇଯ୍ଯ	ଉଅ	ଘ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଖ୍ୟ	ଇଅ	ଓ	ନ୍

catching snakes and making them play on the Garbhanā saṅkrānti day.

ଝମ୍ପାନ୍—ଦେ. ବି. (ସଂ. ଝମ୍ପ)—ପାହାଡ଼ିଆ ଉଚ୍ଚାବଚ ସ୍ଥାନରେ ବ୍ୟବହୃତ ଏକ ପ୍ରକାର ଖଟୁଲି—Jhampan; sedan chair borne on bamboo poles by 4 bearers.
Jhampan
ଝାଁମ୍ପାନ
झाम्पान

[ବି.—ଗୋଟିଏ ଖଟୁଲି ବା ଖଟିଆର ୨ ମୁଣ୍ଡରେ ୨ଟି ବଡ଼ ବାଉଁସ ବନ୍ଧା ହୋଇ ଥାଏ । ଉକ୍ତ ୨ଟି ବଡ଼ ବାଉଁସର ୨ ମୁଣ୍ଡରେ ଦଉଡ଼ି ଲାଗି ଥାଇ ୨ ଖଣ୍ଡ ସାନ ବାଉଁସରେ ତାହା ଝୁଲେ, ଏବଂ ଉକ୍ତ ଦୁଇ ସାନ ବାଉଁସକୁ ଦୁଇ ଆଡ଼ୁ ୨ ଜଣ ଲେଖାଏଁ ୪ ଜଣ ବାହକ କାନ୍ଧରେ ବୁହନ୍ତି । ଏହା ପାର୍ବତ୍ୟ ଅଞ୍ଚଳରେ ଉଚ୍ଚ ନୀଚ ସ୍ଥାନରେ ଯିବା ଆସିବା କରିବା ପାଇଁ ବଡ଼ଲୋକେ ବ୍ୟବହାର କରନ୍ତି ।]

ଝମ୍ପାରୁ—ସଂ. ବି.—(ଝମ୍ପ + ଋ ଧାତୁ=ଗମନ କରିବା+କର୍ତ୍ତୃ ଉ; Jhampāru ଯେ ଝମ୍ପ ସହିତ ଗମନ କରେ)—ଝମ୍ପାକ (ଦେଖ) Jhampāka (See)

ଝମ୍ପାଶୀ—ସଂ. ବି. (ଝମ୍ପ + ଅଶ ଧାତୁ ଭକ୍ଷଣ କରିବା + ଇନ୍; ୧ମା. ୧ବ. Jhampāśī ଯେ ମାଛକୁ ଝାମ୍ପ କରି ଖାଏ)—ମାଛରଙ୍କା ପକ୍ଷୀ—The king-fisher (bird)

ଝମ୍ପୀ—ସଂ. ବି. (ଝମ୍ପ+ଇନ୍; ୧ମା ୧ବ.)—ବାନର; ମାଙ୍କଡ଼—
Jhampī Monkey; ape.

ଝର୍‌ଝମ୍ପା—ଦେ ବି.—ଜଙ୍ଗଲ ନାତିଦୀର୍ଘ ବୃକ୍ଷବିଶେଷ—A moderate-sized wild tree; Actinodaphne Augustifolia (Haines).
Jhar-jhampā

ଝର—ସଂ. ବି. (ଝୃ ଧାତୁ=ତଳକୁ ପଡ଼ିବା + କରଣ. ଅ)—
Jhara ୧ । ନିର୍ଝର; ଝରଣା—
1. Natural spring; water-fall.
୨ । ପର୍ବତ ଉପରୁ ତଳକୁ ବହୁଥିବା ଜଳପ୍ରବାହ—
2. Hill-spring; cascade.
୩ । ଭୂଗର୍ଭସ୍ଥ ଜଳପ୍ରବାହ ଯାହା ମାଟି ଭେଦ କରି ଉଠେ; ଫୁଆରା—3. Fountain; spring of under-ground water.
୪ । ଭୂଗର୍ଭୋତ୍ଥିତ ଅବିରଳ ଜଳପ୍ରବାହ—
4. Inexhaustible spring of under-ground water.
୫ । ସମୂହ (ହି. ଶବ୍ଦସାଗର)—
5. Multitude; collection.
୬ ବେଗ (ହି. ଶବ୍ଦସାଗର)—6. Velocity.
୭ । ଲଗାଣ; ଅବିରତ ଧାରରେ ବୃଷ୍ଟି (ହି ଶବ୍ଦସାଗର)—
7. Continuous shower of rain.
୮ । କୌଣସି ବସ୍ତୁର ଅବିରତ ପତନ (ହି. ଶବ୍ଦସାଗର)
8. Continuous shower of any thing.
୯ । ଆଞ୍ଚ; ତାପ; ଜ୍ୱାଳା (ହି. ଶବ୍ଦସାଗର)—9. Heat.
୧୦ । ତୋଳପ ଭିତରର କଳ—(ହି. ଶବ୍ଦସାଗର)
10. The inner mechanism of a padlock.

ଝରକଲମ—ଦେ. ବି. (ଇଂ.ରୁ ଅନୁବାଦ; ଅଧୁନାତନ ବ୍ୟବହାର)—
Jhara-kalama ଯେଉଁ କଲମରେ ଆଗରୁ ସ୍ୟାହି ପଶି ଥାଏ ଓ ସେହି ସ୍ୟାହି ଲେଖିଲାବେଳେ କଲମମୁନକୁ ଝରି ଆସେ—Fountain pen.
झरकलम

ଝରକା—ଦେ. ବି. (ସଂ. ଜାଲକ)—୧ । ଖିଡ଼କି; ଜାଲାକବାଟି; ଗବାକ୍ଷ—
Jharakā 1. Latticed window.
झरका ୨ । ଜାନାଲା; ପଞ୍ଜର—2. Window; shutter.
झरोखा ପ୍ରାଦେ. (ସମ୍ବଲପୁର) ବି—ବାଉଳି ୨ (ଦେଖ)
Bāuḷi 2 (See)

ଝରଝର—ଦେ. ଅ. (ଧ୍ୱନ୍ୟନୁକରଣ)—ପାଣିଧାର ତଳକୁ ବହିବାର ଶବ୍ଦ; ଝରଣାର ଜଳପତନ ଶବ୍ଦ—Sound of water flowing down (e.g. a spring).
Jhara-jhara
झरझर
झरझर

ସର୍ବଦା ଶବଦ ଶୁଭଇ ଝରଝର
ତାହା ଶୁଣି ବରଗ୍ଗ ହୋଇଲେ କାତର । କୃଷ୍ଣସିଂହ. ମହାଭାରତ, ବନ ।

ଦେ. ବିଣ—ବିଶେଷ ପରିମାଣରେ ପଡ଼ୁଥିବା (ଜଳୀୟପଦାର୍ଥ)—
Falling in copious torrents (liquid).

ଘନେ ବୃନ୍ଦୁକର କରକାଭୂଷଣେ ବରବରଷ ମୋ ଉକ୍ତ ବୃଷ୍ଟି ଝରଝର ।
ଉଦ୍ଧ. ପ୍ରେମସୁଧାନିଧି ।

ଦେ. କ୍ରି. ବିଣ—ଝରିବା ପ୍ରକାରେ; ଅବିରତ ପ୍ରବାହରେ—
In copious torrents (said of liquid flowing down); copiously.

ଝରଝର ଲୋତକଧାର ନୟନୁ
ଝରି ଉଭୁଲା ବକ୍ଷ ଉତ୍ତୁଙ୍ଗ ଧନୁ । ମଧୁସୂଦନ. ସୀତାବନବାସ ।

ଝରଝରା—ଦେ. ବି—ଝର୍ଝରା (ଦେଖ)
Jharajharā Jharjharā (See)

ଜଗଝମ୍ପ, ଝରଝର, ଦାମାମା, ଦୁନ୍ଦୁଭି । ରଘୁନାଥ. ମହାଯାତ୍ରା ।

ଝରଣ—ଦେ. ବି—ଝରଣା (ଦେଖ)
Jharaṇa Jharaṇā (See)

ସେ ଶୃଙ୍ଗମାନଙ୍କରୁ ତାହାର ଝରଣ
ଶବଦରେ ପୂରୁଅଛନ୍ତି ସେ ଶ୍ରବଣ । କୃଷ୍ଣସିଂହ. ମହାଭାରତ, ବନ ।

ଝରଣା—ଦେ. ବି. (ସଂ. ଝର)—୧ । ନିର୍ଝର—
Jharaṇā 1. Spring; cascade.
झरण ୨ । (କେଣ୍ଡାରୁ ଧାନ; ଗଛରୁ ପତ୍ର) ଝଡ଼ିବା; ଭୂମିରେ ଖସି ପଡ଼ିବା—2. Dropping down; falling down.
झरन
୩ । ପାଣିଆଦି ଝରିବା କର୍ମ—
3. Oozing; trickling down (of liquid).

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ଦଧି' ନ ମିଳିଲେ 'ଦହି' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝରନ୍—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି. ଝରନ୍)—
Jharan ଝରଣା ୧ (ଦେଖ)
Jharaṇā 1 (See)

ଝରନା—ପ୍ରାଦେ. (ସମ୍ବଲପୁର) ବି—ଝରଣା ୧ (ଦେଖ)
Jharanā Jharaṇā 1 (See)

ଝରପୂଯା—ଦେ. ବିଣ. (ସଂ. ଝର+ପୂଯ)—ଯେଉଁ ବ୍ରଣ ବା ଘାଆରୁ
Jhara-pūjā ପୂଯ ବହିବା ବନ୍ଦ ହୁଏ ନାହିଁ; ନାଡ଼ୀବ୍ରଣଯୁକ୍ତ
নালীঘা (ଘାଆ)—(a sore) Having sinus.
নাসুর ଦେ. ବି.—ନାଡ଼ୀବ୍ରଣ—Sinus.

ଝରା—ଦେ. ବି. (ଅ. ଝର୍; ଭୁଲ ସଂ. ଧାରା)—
Jharā ୧ । ପୁଷ୍ପର ଲମ୍ବମାନ ଗୁଚ୍ଛ ବା ଫେନ୍ଦା—
ঝালর 1. A hanging bunch of flowers.
মঞ্জরা ୨ । ମୁଣ୍ଡରେ ପିନ୍ଧାଯିବା ଫୁଲ ଗଭା; ଫୁଲଗୁନ୍ଥା ଝୋଡ଼ା—
2. A hanging nosegay worn on the hair.

ଝମ୍ପାଝାଲରିଆ ଅଳକ ଝଳକ ଶୋଭାକାର ବେଣୀବେଢ଼େ
ଝରା ଗଞ୍ଜି ବନ୍ଧ ଓଷ୍ଠେ ଶରଚନ୍ଦ୍ର ଉଦୟ କେବେ ହୁଏ ସେ ।
କବିସୂର୍ଯ୍ୟ. ସଙ୍ଗୀତ ।

୩ । ଟୋପିଅଗରୁ ଏକପାଖରେ ଓହୋଳିଥିବା ଜରି ବା ରେଶମ ଡୋରର ଝୁମ୍ପା ବା ଗୁଚ୍ଛ—3. Tassels hanging down from a cap.

୪ । ଜୁଡ଼ାର ଅଳଙ୍କାର ବିଶେଷ; ଝରା କାଠିରୁ ଓହୋଳ ଥିବା ଘୁଙ୍ଗୁର ଲଗା ଝିଞ୍ଜିରମାଳ—4. Chain-tassels hanging from a lady's hairpin.

ମସ୍ତକ ମଣ୍ଡନ ଝରାରେ । କବିସୂର୍ଯ୍ୟ, ସଙ୍ଗୀତ ।

୫ । ଝରାଗୁଡ଼ (ଦେଖ)
5. Jharā-gurda (See)

୬ । (ଲକ୍ଷଣାର୍ଥ; ଅନ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ)—ଭୂଷଣ ସ୍ୱରୂପ; ଉତ୍କୃଷ୍ଟ ବ୍ୟକ୍ତି—6. (figurative) Ornament.

ଧରାଧରାଧିପତ୍ନୀ ରଣି କରନ୍ତେ ଲୋ ଦନା
ପରାଭବ କାହିଁ ହେବ ନଦୀରେ ଧରା ଝରା । କବିସୂର୍ଯ୍ୟ. ସଙ୍ଗୀତ

୭ । (ଗ୍ରାମ୍ୟ ଓ ଇତର; ଡ଼ ସ୍ଥାନରେ ର ଉଚ୍ଚାରଣ)—ଝଡ଼ା; ଗଛରୁ ଝଡ଼ି ପଡ଼ିଥିବା ଧାନ ବା ଫଳ ଆଦି—
7. Grains or fruits which have dropped from plants and trees.

ଦେ. ବିଣ.—୧ । ଝରି ଥିବା—
1. Which has dripped or oozed.
୨ । (ଇତର ଓ ଗ୍ରାମ୍ୟ)—ଝଡ଼ି ପଡ଼ିଥିବା—
2. Which has fallen down or dropped.

ପ୍ରାଦେ. (ଗଡ଼ଜାତ)—ବି.—ରାଜାଙ୍କ ଅବିବାହିତା ବା ରକ୍ଷିତା ଦାସୀ; ରାଜାଙ୍କ ବିଶେଷ ସ୍ନେହ ଓ ଅନୁଗ୍ରହ ପାତ୍ରୀ ଦାସୀ—
A favourite concubine of a Rājā.

[ଦ୍ର—ଗଡ଼ଜାତରେ ରାଜାଙ୍କର ପ୍ରଥମ ବିବାହିତା ସ୍ତ୍ରୀଙ୍କୁ ପାଟ-ମହାଦେଈ ବା ପାଟରାଣୀ, ଅନ୍ୟ ବିବାହିତା ସ୍ତ୍ରୀମାନଙ୍କୁ ମହାଦେଈ ବା ରାଣୀ, ନାମମାତ୍ର ଅର୍ଥାତ୍ ଗାନ୍ଧର୍ବ ମତରେ ବିବାହିତା ଦାସୀଙ୍କୁ ଫୁଲଦେଈ ବା ଫୁଲବିବାହୀ ବା ଫୁଲବେଈ ଆଦି କହନ୍ତି । ରାଜା ଯେଉଁ ଦାସୀକୁ ଫୁଲଝରାଟିଏ ଉପହାର ଦେଇ ଅନୁଗୃହୀତା ରକ୍ଷିତା ରୂପେ ବରଣ କରିଥାଆନ୍ତି, ତାଙ୍କୁ ଝରା କହନ୍ତି ।]

ପ୍ରାଦେ. (ସମ୍ବଲପୁର) ବି.—୧ । ବାଳୁଙ୍ଗା ଧାନ—
1 Paddy growing without culture.
୨ । ଶୂଦ୍ର ଜାତିବିଶେଷ (ଏମାନେ ନଦୀବାଲିରୁ ଚାଲି ସେଥିରୁ ସୁନାର ଅତି କ୍ଷୁଦ୍ର କଣାମାନ ଝାଡ଼ନ୍ତି—
2. A caste of Sudras (whose occupation is to get gold-dust from the river-bed by sifting and washing the sands.)

ପ୍ରାଦେ. (ସିଂହଭୂମ) ବି—ଜବାଳ ମାଛ—
A kind of fish.

ଝରା(ରେ)ଇବା—ଦେ. କ୍ରି (ସଂ କ୍ଷରଧାତୁ ଣିଜନ୍ତ)—ଝରିବାର ଣିଜନ୍ତ
Jharā(re)ibā ରୂପ—Causative of Jharibā.
ঝরান ୧ । କ୍ଷରିତ କରାଇବା—
ঝরোনা 1. To distill; to cause to ooze.
୨ । ଚୁହାଇବା; (ଅଶ୍ରୁ) ଗଡ଼ାଇବା—
2. To let fall; to drop down (tears).

ଝରଝର ନୟନୁ ଅଶ୍ରୁ ଝରାନ୍ତି । ନନ୍ଦକିଶୋର. ଶର୍ମିଷ୍ଠା ।

୩ । (ଦୃଷ୍ଟି) ନିକ୍ଷେପ କରିବା—2. To cast (glance).

ଅପାଙ୍ଗ ଭ୍ରୁଭଙ୍ଗ ଝରା ସୁବିଭରେ । କବିସୂର୍ଯ୍ୟ, ସଙ୍ଗୀତ ।

ଝରାକାଠି—ଦେ. ବି—ଝୁମ୍ପା ଓହୋଳ ଥିବା ଖୋଜକାଠି; ସ୍ତ୍ରୀମାନଙ୍କ
Jharā-kāthi ଜୁଡ଼ାର ଅଳଙ୍କାର କାଠି ବିଶେଷ—
A hairpin with a bunch of pendant chains (worn on the chignon).

[ଦ୍ର—ଏହା ସୁନା, ରୂପା ବା ହାତିଦାନ୍ତର ସରୁ କାଠି; ଏଥିର ଅଗରେ ଗୁଡ଼ିଏ ଝୁମ୍ପାଲଗା ଶିକୁଳି ଓହୋଳ ଥାଏ ଓ ଏହା ଜୁଡ଼ାରେ ଗୁଞ୍ଜାଯାଏ । ମୁଣ୍ଡ ହଲାଇଲେ ବେଳେ ଏ ଝରାଗୁଡ଼କ ରୁଣୁଝୁଣୁ ଶବ୍ଦ କରେ ।]

ଝରାଗୁଡ଼—ଦେ. ବି. (ସଂ. କ୍ଷରିତ+ଗୁଡ଼)—
Jharā-gurda ପାଣିଆ ଗୁଡ଼; କନ୍ଦ ଭିଆର କଲା ବେଳେ ଗୁଡ଼ରୁ
ঝরাগুড় ଝରିଥିବା ପାଣିଆ ଗୁଡ଼—Treacle; molasses,
রাব

ଝରାଝର—ଦେ. କ୍ରି. ବିଣ—ଝରଝର (ଦେଖ)
Jharājhar Jharajhara (See)

ଝରାଝୋର—ପ୍ରାଦେ. (ସମ୍ବଲପୁର) ଅ. (ସଂ. ଝର୍ଝର; ଭୁଲ. ହି. ଝରାଝର)—
Jharājhor ଅନର୍ଗଳ; ସର୍ବଦା—
Always; unintermittently.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଂ	ଉଂଅ	ଷ୍ପ
୨	ଈ	ଊ	ଋ	ଌ	ଐ	ଅକାରଯୁକ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଊ	କ୍ଷ

ଝରି—ଦେ. ବି. (ସ. ଝର; ହି. ଧାର)—
Jhari ୧ । ସରୁ ମୁହଁ ଓ ଲମ୍ବ ବେକ ଥିବା ଜଳପାତ୍ର;
ଝାରୀ ଗୋରେଇ—1. A narrow-necked
झारी water-jug.

ଭୃଙ୍ଗିକ ବିନା ଝରି ମଧ୍ୟେ ଜଳ ଭରି
ଭାର୍ଯ୍ୟା ସଙ୍ଗେ ଗୋଡ଼ ଧୋଇଲେ ପ୍ରୀତି କରି ।
କୃଷ୍ଣସିଂହ, ମହାଭାରତ, ଅନୁଶାସନ ।

୨ । ନଳ ଲାଗିଥିବା ଛାଲ; ଗଡ଼ୁ—
2. A spouted jug.

ରଙ୍କ ପାଇଛି ଝରି, ପାଣି ପିଇପିଇ ମରେ—ଢଗ ।

୩ । ପନ୍ନୀର ବା ଗୋଲାପଜଳ ଛିଞ୍ଚିବାର ଛିଦ୍ରଯୁକ୍ତ ପାତ୍ର;
ଗୋଲାପପାସ୍ —3. A pot with perforated
mouth for sprinkling scents on guests.

୪ । କୌଣସି ପଦାର୍ଥରୁ ଝରିବା ତରଳ ପଦାର୍ଥ—
4. Any watery substance which drops
from anything.

ଚନ୍ଦ୍ରରୁ ଚମ୍ପକ ସୁଧା ଝରି, ଚଇ ବୃଷ୍ଟିରେ ମୁଖେ ଭରି ।
କବିସୂର୍ଯ୍ୟ, କଶୋଗାନମ୍ ଚ ଗୀତ ।

୫ । ଯନ୍ତ୍ର ବା ରନ୍ଦା ସାହାଯ୍ୟରେ କାଠି ଆଦିରେ କରାଯିବା
झुर्री ଲମ୍ବ ସରୁ ନାଳୀ—5. Narrow grooves made
in wood-work.

୬ । ଏକ ପ୍ରକାର ଟାଣୁଆ ଘାସ—6. Eihinoitoa
झरुआ Colona (A kind of stiff grass).
[ଦ୍ର—ଏହା ସରୁ ଓ ସିଧା, ଜଳସିକ୍ତ ସ୍ଥାନରେ ବଢ଼େ ।]

୭ । କୋଲପ ମଧ୍ୟରେ ଥିବା କଳ ବା ଯୋଡ଼ା (ଯାହାକୁ କୁଞ୍ଚି
ଦ୍ୱାରା ଆଗକୁ ବା ପଛକୁ ଘସାଇ ଦେଲେ କୋଲପ
ବନ୍ଦ ହୁଏ ବା ଖୋଲି ଯାଏ)—7. The lever of
झड़ी a padlock.

୮ । (ଗ୍ରା. ଇତର ବ୍ୟବହୃତ; ଡ଼ ସ୍ଥାନରେ ର ଉଚ୍ଚାରଣ)—
ଝଡ଼ (ଦେଖ)
8. Jharda (See)

ଝରିଆ—ଦେ. ବି—ମଧ୍ୟପ୍ରଦେଶରେ କଥିତ ଏକପ୍ରକାର ଓଡ଼ିଆ ଭାଷା—
Jharia A form of the Oriya language
spoken in the Central Provinces.

ଗ୍ରା. (ଇତର) ବିଣ—ଝଡ଼ିଆ (ଦେଖ)
Jhardia (See)

ପ୍ରାଦେ. (ସମ୍ବଲପୁର) ବି—୧ । ଝଡ଼; ତୋଫାନ—
1. Tempest.

୨ । ତୋଫାନମିଶା ବର୍ଷା—2. Rain with wind.

ଝରିଆ ପାଗ—ଗ୍ରା. (ଇତର) ବି—ଝଡ଼ିଆ ପାଗ (ଦେଖ)
Jharia paga Jhardia paga (See)

ଝରିଆ ପୋକ—ଗ୍ରା. (ଇତର) ବି—ଝଡ଼ିଅ ପୋକ (ଦେଖ)
Jharia poka Jhardia poka (See)

ଝରିଆର—ପ୍ରାଦେ. (ସମ୍ବଲପୁର) ବି—ଲଗାଣ; ଅନବରତ ୩।୪ ଦିନ
Jhariara ପର୍ଯ୍ୟନ୍ତ ହେବା ଝଡ଼ି ଓ ବରଷା—Continuous
rain and wind for 3 or 4 days.

ଝରିଝମ୍ପା—ଦେ. ବି—ଘର ଛାତତଳେ କେର କେର ହୋଇ ଝୁଲୁଥିବା
Jhari-jhampa ଚକଚକିଆ ଝୁମ୍ପା—Bunches of dazzling
tassels hanging under the roof of a
house as decoration.

ଶୋଭକ ସୁମୃତ ହୋଇଛନ୍ତି ଝରିଝମ୍ପା । ପ୍ରାଚୀ, ବ୍ରହ୍ମକଲ୍ପଣଗୀତା ।

ଝରି ପୋକ—ଗ୍ରା. (ଇତର) ବି—ଝଡ଼ିଆ ପୋକ (ଦେଖ)
Jhari-poka Jhardia-poka (See)

ଝରିବା—ଦେ. କ୍ରି (ସ. ଝର; ହି. ଝର ଧାତୁ)—
Jhariba ୧ । (ଜଳୀୟ ପଦାର୍ଥ) ଝରିବା; ଧାରରେ ବହିବା;
ଝରା ଗଳିବା—1. To flow down continuously; to
झरना fall down by drops; to drip.

କ ଅବା ପଶିଲେ ହୃଦରେ
ନୟନୁ ଅଶ୍ରୁ ଭା କ ଝରେ । ଜଗନ୍ନାଥ—ଭାଗବତ ।

୨ । ସ୍ରବିବା; ସୂକ୍ଷ୍ମଧାରରେ ବହିବା—2. To ooze.

ବନ୍ଦୁ ଚନ୍ଦୁ ଥାଇ ଝରିବ ଇନ୍ଦୁମୁଖରୁ ଶ୍ରମେ ।
ଉଞ୍ଜ, କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

୩ । (ପାତ୍ର) ଛିଦ୍ରଯୁକ୍ତ ହେଲେ ତହିଁରୁ ପାଣି ବହିବା—
3. To leak.
(ଯଥା—ଏ ଗରାଟା ଝରିଲାଣି ।)

୪ । (ଗ୍ରାମ୍ୟ; ଇତର; ପଦ୍ୟ) ଝଡ଼ିବା ୧ (ଦେଖ)
4. Jhardiba 1 (See)

ଗରବେ ପଡ଼ଇ ଝରି । ନନ୍ଦକିଶୋର, ଶର୍ମିଷ୍ଠା ।

ଝରି ରନ୍ଦା—ଦେ. ବି—ଯେଉଁ ରନ୍ଦା ସାହାଯ୍ୟରେ କାଠରେ ଲମ୍ବ ଓ
Jhari randa ସରୁ ନାଳୀ ଖୋଳାଯାଏ—
Ploughplane of carpenters.

ଝରୋଖା(ଗା)—ପ୍ରାଦେ. (ବସ୍ତର) ବି. (ଭୁଲ. ହି. ଝରୋଖା)—
Jharokha(ga) ଝରକା—Window.

ଝର୍କା—ଦେ. ବି—ଝରକା (ଦେଖ)
Jharka Jharaka (See)

ଝର୍ଝ (ଧାତୁ)—ସ—ଶବ୍ଦ କରିବା—
Jharjha (root) To make a sound.

ଝର୍ଝର—ସ. ବି. (ଝର୍ଝ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅର)—
Jharjhara ୧ । କଳିଯୁଗ—1. The Kali or Iron age.

୨ । ନଦୀବିଶେଷ—2. Name of a river.

୩ । ଝରଣାରୁ ପାଣି ତଳେ ପଡ଼ିବାର ଶବ୍ଦ; ଉଚ୍ଚରୁ ତଳକୁ
ଜଳ ବେଗରେ ପଡ଼ିବାର ଶବ୍ଦ—3. Sound of
falling water; pattering sound.

ଗିରି ଗହନରେ ଝରଇ ନିର୍ଝର
ଝର୍ଝର ଶୁଭଇ ଧନ । ନନ୍ଦକିଶୋର, ନର୍ଝରଣୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ଼' ଖୋଜିବେ, ଭୂଅ ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ପାଇଲେ 'ବନ୍ଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବଡ଼' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

୪ । ବାଦ୍ୟଯନ୍ତ୍ରବିଶେଷ; ତାସା—4. A kind of kettle-drum (which is struck with small twigs and makes a pattering sound.

୫ । ଝାଞ୍ଜ—5. Thin and wide cymbals.

ହସ୍ତ ବଳୟ ପଦ କିଙ୍କିଣୀ
ଶୁଣି ପ୍ରଖର ମଙ୍ଗଳ ଝର୍ଝର । ଉପେ. ପ୍ରେମସୁଧାନିଧି ।

୬ । ବେତ୍ରନିର୍ମିତ ଦଣ୍ଡବିଶେଷ (ଜ୍ଞାନେନ୍ଦ୍ର)—
6. A kind of stick or staff of cane.

୭ । ଜାଲିଚାଟୁ—7. A sieve-like ladle.

୮ । ହିରଣ୍ୟାକ୍ଷ ଅସୁରର ଏକ ପୁତ୍ରର ନାମ—
8. Name of a son of demon Hiraṇyāksha.

୯ । ଗୋଡ଼ରେ ପିନ୍ଧାଯିବା ଗହଣାବିଶେଷ (ହି. ଶବ୍ଦସାଗର)
9. A kind of ornament for the leg.

ଝର୍ଝରକ—ସଂ. ବି. (ଝର୍ଝର + ସ୍ୱାର୍ଥେ. କ) —କଳିଯୁଗ—
Jharjharaka The Kali age; the Iron age.

ଝର୍ଝରା—ସଂ. ବି. ସ୍ତ୍ରୀ. (ଝର୍ଝର + ସ୍ତ୍ରୀ. ଆ) —ବେଶ୍ୟା—
Jharjharā A prostitute.

ଝର୍ଝରାବତୀ— ସଂ. ବି. (ଝର୍ଝର+ବତ୍+ସ୍ତ୍ରୀ. ଈ)—୧. ଗଙ୍ଗାନଦୀ
Jharjharā-batī (ହି. ଶବ୍ଦସାଗର)—
1. The river, Ganges.

୨ । କୁରୁବକ (ହି. ଶବ୍ଦସାଗର) (ଦେଖ)
Kurubaka (See)

ସଂ. ବିଣ.—ଝଙ୍କାରଣୀ (ଜ୍ଞାନେନ୍ଦ୍ର)—
Making a pattering sound.

ଝର୍ଝରିକା—ସଂ. ବି. (ଝର୍ଝରୀ+କ+ଆ)—ତାରାଦେବୀ (ହି. ଶବ୍ଦସାଗର)—
Jharjharikā The Goddess Tārā.

ଝର୍ଝରୀ—ସଂ. ବି. ପୁଂ. (ଝର୍ଝର + ଇନ୍; ଦ୍ୱା. ୧ବ.)—ଶିବ
Jharjharī (ହି. ଶବ୍ଦସାଗର)—God Siba.

ସଂ. ବି. ସ୍ତ୍ରୀ—(ଝର୍ଝର+ସ୍ତ୍ରୀ. ଈ)—୧ । ଚଟକା ନାଗରା; ତାସା—1. A kind of flat shallow kettle-drum.

[ଦ୍ର—ଏହା ପଲମ ପର ଓ ବଜାଇଲା ବେଳେ ଏହାକୁ ଦୁଇଟି କାଠିରେ ଆଘାତ କରା ଯାଏ ।]

୨ । ଏକ ପ୍ରକାର ମନ୍ଦିରା; ଛୋଟ ଝାଞ୍ଜ—
2 A kind of small cymbals.

୩ । ବେଶ୍ୟା (ଜ୍ଞାନେନ୍ଦ୍ର)—3. Prostitute.

ଝର୍ଝରୀକ—ସଂ. ବି. (ଝର୍ଝରୀ + କ)—୧ । ଦେଶ (ହି. ଶବ୍ଦସାଗର)—
Jharjharika 1. Country.

୨ । ଶରୀର—2. Body.

୩ । ଚିତ୍ର—3. A painting; picture.

ଝଲ୍ (ଧାତୁ)—ସଂ.—ଉଜ୍ଜ୍ୱଳ ହେବା; ଦୀପ୍ତି ପାଇବା; (ଜ୍ଞାନେନ୍ଦ୍ର)
Jhal (root). To dazzle; to glitter.

ଝଲକ—ଦେ. ବି. (ସଂ. ଜ୍ୱଲକ; ସଂ. ଝଲ୍ଲିକା=ଦୀପ୍ତି; ହି. ଶବ୍ଦସାଗର).
Jhalaka ୧ । ଅଲୋକର ଚମକ ବା କ୍ଷଣସ୍ଥାୟୀ ସତ୍ତା—
ঝলক 1. Flash of light.
झलक, झिलक ୨ । ତେଜଃ; ଦୀପ୍ତି—
2. Lustre; glamour; radiance.

୩ । ସୌନ୍ଦର୍ଯ୍ୟ; କାନ୍ତି—3. Grace; beauty.

ତହିଁ ପାଖରେ ସୁନା ଦୁବର ଝଲକ ।
କୃଷ୍ଣସିଂହ. ମହାଭାରତ. ବନ ।

୪ । ଅଗ୍ନିଶିଖା—4. Flame of fire.

୫ । (ସଂ. ଝଲ୍ଲକ) କଂସାଳ ବାଦ୍ୟ—5. A musical instrument of bellmetal.

୬ । ନୋଲକ; ଫାସିଅରେ ଝୁଲୁଥିବା ଗୋଲ ରତ୍ନ ବା ଧାତୁ ଗୋଲକ—6. A pendant gem.

୭ । କର୍ଣ୍ଣାଲଙ୍କାରବିଶେଷ—7. A earring.

ଶ୍ରବଣେ ଭର ମୋ ଝଲକ ଚଳ ଫେରଇ ମୁକୁତା ବନ୍ଧ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

୮ । ଆନ୍ଦୋଳନ—8- Agitation.

୯ । ଅଲୋକତରଙ୍ଗ—9. A wave of light.

୧୦ । ପ୍ରତିବିମ୍ବ—10. Reflected image.

୧୧ । ତରଙ୍ଗ; ଢେଉ—11. Wave.

ଦେ. ବିଣ.—୧ । ପ୍ରତିବିମ୍ବିତ—1. Reflected.

୨ । ଦୀପ୍ତ—2. Lighted; illuminated.

୩ । ଝଟକୁଥିବା; ଉଜ୍ଜ୍ୱଳ—
3. Bright; dazzling.

ପାଟପଟନୀ ମଣି ଫେଣ, ବକ୍ଷେ ଝଲକ ଚନ୍ଦ୍ରଭାସ ।
ଯଶୋବନ୍ତ. ପ୍ରେମଭକ୍ତି ବ୍ରହ୍ମଗୀତା ।

ଝଲକ ଦଣ୍ଡି—ଦେ. ବି.—ନାକଦଣ୍ଡି ଫୋଡ଼ା ହୋଇ ତହିଁରେ ପିନ୍ଧା ଯିବା
Jhalaka daṇḍi ଏକ ପ୍ରକାର ଦଣ୍ଡି; ଯେଉଁ ଦଣ୍ଡିରେ ନୋଲକ ଝୁଲୁ ଥାଏ—A kind of nose-ring with a pendant.

ଝଲକ ମାଳି—ଦେ. ବି. (ଛୋଟ ଛୋଟ ସୁନାର ପତ୍ରମାନ ଏଥିରେ ଝୁଲୁ
Jhalaka-mālī ଥିବାରୁ)—ଅଳକା—An ornament with pendants worn over the fore-head.

କପୋଳେ ଝଲକମାଳୀ ଝଲକେ ।
ଗୋପାଳକୃଷ୍ଣ. ରସକଲ୍ଲୋଳ ।

ଝଲକ ଲଡ଼ୁ—ଦେ. ବି—(ଶିଶୁଗୀତ) ମିଷ୍ଟାନ୍ନବିଶେଷ—
Jhalaka laṛu (Nursery song) A kind of sweetmeat.

ଝଲକଲଡ଼ୁ ପାଅବେ ପାଣ୍, ପୁଅ ବୋଉର କଇଡ଼ ଅଣ୍
ମାଅ ବୋଉର କଇଡ଼ ନାହିଁ, ଝଲକଲଡ଼ୁ ପାଇବ କାହିଁ । ଶିଶୁଗୀତ ।

ଝଲକହୀନ—ଦେ. ବିଣ—ତେଜୋହୀନ; ଦୀପ୍ତିଶୂନ୍ୟ—
Jhalaka-hīna Lustreless.

ତେବେଲେ ଲକ୍ଷ୍ମଣ ଯେତେ ଘନ ଭିଡ଼ତେ ତଦୋଧିଡେ ଝଲକହୀନ ସେ ସେହିମତ—
ଉପେ. ବୈଦେହୀଶବିଳାସ ।

୧	ଋ	ଊ	ୠ,ଌ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	କ୍ଷ	ଇ୍ୟ	ଉ୍ୟ	ଓ
୨	ଈ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଢ଼	ନ୍

ଝଲକା—ଓଦ. ବ (ସ. ଝଲ୍ଲିକା=ଦୀପ୍ତି)—୧ । ତରଙ୍ଗ; ଆଘାତ ଦ୍ୱାରା ଉପରକୁ ଉଠି ଆସିବା ଊର୍ମିପ୍ରବାହ; ତରଙ୍ଗାକାର ପ୍ରବାହ—1. A gush; a violent flowing up or rising of water or liquid; flapping or rushing of a wave of liquid.
Jhalakā
ঝলকা
झलका
(ଯଥା—ଝଲକାଏ ପାଣି, ରକ୍ତ, ବାନ୍ତି ଇତ୍ୟାଦି ।)
୨ । କର୍ଣ୍ଣଭୂଷଣବିଶେଷ—2. A kind of earring.
କର୍ଣ୍ଣମୂଳେ ପରା ଝଲକାଝଲକ ତାରକାବଳ ଝଳ ଦଳ—
ଭକ୍ତ. କୋଷ୍ଠବ୍ରହ୍ମାଣ୍ଡସ୍ତବ ।
୩ । (ଗ୍ରାମ୍ୟ, ଉତର) ଝରକା; ବାତାୟନ—
3. Window.
୪ । ଝଲକ ଦଣ୍ଡି (ଦେଖ)—
4. Jhalaka dandi (See)

ଝଲକା(କେ)ଇବା—ଦେ. କ୍ରି—(ସ. ଝଲ୍ଲିକା=ଦୀପ୍ତି; ଝଲକିବାର ଣିଜନ୍ତ ରୂପ—Causative of Jhalakibā).
Jhalakā (ke)ibā
ঝলকান
झलकाना
୧ । ଦୀପ୍ତିମୟ କରାଇବା—1. To cause to shine.
୨ । ଜଳପାତ୍ରକୁ ଦୋହୋଲାଇ ତହିଁରେ ଥିବା ଜଳୀୟ ବସ୍ତୁକୁ ଆନ୍ଦୋଳିତ କରିବା—3. To shake a pot containing liquid so as to produce waves in it.

ଝଲକାଏ—ଦେ. ବଣ—ଜଳୀୟ ପଦାର୍ଥର ଏକ ଊର୍ମି ବା ବେଗ ପରିମିତ; ମହାଏ—A splash; gushing wave or shower; one gush of (flowing liquid).
Jhalakāe
একঝলকা
(ଯଥା—ଝଲକାଏ ବାନ୍ତି; ଭଙ୍ଗାରେ ଝଲକାଏ ପାଣି ପଶିଗଲା ।)

ଝଲକିବା—ଦେ. କ୍ରି (ସ. ଚଲ ଧାତୁ)—୧ । ଦୋହୋଲିବା; ହଲିବା; ଝୁଲିବା—1. To dangle; to hang to and fro.
Jhalakibā
ঝলকা
झलकना, चिलकना
୨ । ଜଳଆଦି ପାତ୍ରରେ ଚହଲିବା; ଆନ୍ଦୋଳିତ ହେବା—2. To shake; to be agitated (said of liquid in a pot).
୩ । (ସ. ଝଲ୍ଲକ) ଝଟକିବା; ଦୀପ୍ତି ପାଇବା—
3. To glow; to dazzle.
ଚହିଁ ଆଁଖି ଯାହା ଝଲକୁଥିଲ ଘଣା,
କଳୁଥିଲ ଯୁବାଜନଙ୍କ ବୁଦ୍ଧି ବଣା । କୃଷ୍ଣସିଂ. ମହାଭାରତ. ଅଦିପର୍ବ ।
୪ । ପାତ୍ରରେ ଜଳଆଦି ଚହଲିକରି ଉଛୁଳିବା; ଉଛୁଳ ପଡ଼ିବା; ଚହଲିବା—4. To be spilt (said of a liquid running out of a pot by shaking or horizontal agitation).
ଝଲକଇ ଝାଳ ବ୍ୟାଜେ ସୁଧାହିଂର—କବିସୂର୍ଯ୍ୟ. କଳଚା ।
୫ । ଉଦ୍‌ବିଗ୍ନ ହେବା; (ମନରେ) ଅସ୍ଥିର ବା ଚଞ୍ଚଳ ହେବା—
5. To be mentally agitated or perturbed.
ଝଲକିଗଲେ କୃଷ୍ଣ ଅକାରଣେ—କବିସୂର୍ଯ୍ୟ, ଉଣୋଷବମ୍ପୂ. ୫ ଗୀତ ।
୬ । ଇତସ୍ତତଃ ହେବା—6. To waver.
୭ । ବିଲସିତ ହେବା; ସୁସ୍ପଷ୍ଟରୂପେ ପ୍ରକାଶିତ ହେବା—
7. To be clearly manifest.
ପିଛିଅବା.ଜାମା ନମାସୁନ୍ଦର,
ଗୁପତ ଅଙ୍ଗ ଦିଶିଲେ ଝଲକ । କବିସୂର୍ଯ୍ୟ, ସଙ୍ଗୀତ ।

ଝଲକ୍କା—ସ. ବ (ଝଲ୍ ଧାତୁ + ଅକ୍କ + ଆ)—୧ । ଶିଖା (ହେମଚନ୍ଦ୍ର)—
Jhalakkā 1. Flame.
୨ । ଜ୍ୱାଲା; ଅର୍ଚ୍ଚିଃ (ହେମଚନ୍ଦ୍ର)—2. Blaze.

ଝଲଜ୍ଝଲ—ସ. ବ—୧ । ପାଣି ଟୋପା ଟୋପା ହୋଇ ପଡ଼ିବାର ଶବ୍ଦ—
Jhalajjhala 1. The sound of falling drops (Apte).
୨ । ହାତୀ କାନ ବାଡ଼େଇବାର ଶବ୍ଦ—2. The sound of flapping of an elephant's ears (Apte).

ଝଲଝଲ—ଦେ. ଅ—୧ । (ସ. ଜ୍ୱଲ; ସ. ଝଲ୍ଲିକା) ଦୀପ୍ତିଯୁକ୍ତ—
Jhalajhala 1. Radiant; dazzling.
ঝলঝল
झलझल
ସବୁ ବଗମାନଙ୍କେ ଉଡ଼ କୁଳୁକୁଳା,
ଝଲଝଲ ହୋଇ ଦିଶିଲେ ଭେଳା ଭେଳା । କୃଷ୍ଣସିଂ. ମହାଭାରତ. ଅଦ ।
(ଝଲଜ୍ଝଲ—ଅନ୍ୟରୂପ)
୨ । (ସ. ଜାଲ) ଅତ୍ୟନ୍ତ ପତଳା ହେତୁ ଯାହାର ଏପାଖ ସେପାଖ ଫୁଟ ଦେଖାଯାଉଥାଏ; ଜାଲଜାଲୁଆ (ଲୁଗା)—
2. Thin and transparent (cloth); net-like.
୩ । (ସ. ଚଞ୍ଚଳ) ଦୋହୋଲୁଥିବା—3. Dangling.

ଝଲଝଲିଆ—ଦେ. ବ—୧ । ହସ୍ତୀର କର୍ଣ୍ଣ (ନଦେ)—
Jhalajhaliā 1. The ear of the elephant.
୨ । ଆସ୍ଫାଳନ (ନଦେ)—2. Blustering.
ଦେ. ବଣ—୧ । ପତଳା; ସରୁ—1. Of delicate texture.
୨ । ଜାଲଜାଲୁଆ—2. Net-like.

ଝଲଝଲିଆ—ଦେ. ବଣ—୧ । ଦୀପ୍ତିଯୁକ୍ତ—
Jhalajhaliā 1. Radiant; glowing.
ঝলঝলা, ঝলঝলিআ
झलझला
୨ । ଝୁଲୁଥିବା—2. Dangling; loosely hanging.
୩ । ଖୁବ୍ ପତଳା ଜାଲଜାଲୁଆ ଲୁଗା—
3 Very thin cloth, net-like in texture.

ଝଲମ—ଦେ. ବ—ଦେଉଳର ପୀଢ଼ ବା ଗୃହର ଯେଉଁ ଅଂଶ କାନ୍ଥ ଉପରୁ ବାହାରକୁ ବଳ ପଡ଼ିଥାଏ—A cornice or projection of the outer roof beyond the walls of a temple.
Jhalama
কানুস
कनस

ଝଲମଲ—ଦେ. ବଣ (ସ. ଝଲକ୍କା=ଅଗ୍ନି+ମଳନ)—୧ । ଚକ୍କଣ—
Jhalamala 1. Smooth.
ঝলমল
झलमला
୨ । ଦୀପ୍ତି ଦ୍ୱାରା ତରଙ୍ଗାୟିତ—2. Glistening; shining with waves of light.

ସାଧାରଣ ଲେଖକେ ଅପର ପୃଷ୍ଠାରେ ନଢ଼ଇ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଏଣୁ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଉ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ

୩ । ଦୀପ୍ତିଶାଳୀ; ଝକଝକ—3. Shining; radiant.

୪ । ଅସ୍ଥିର ଭାବରେ ଝଟକୁଥିବା—
4. Glittering; twinkling.

୫ । ସୁନ୍ଦର—
5. Graceful.

ଅତୁଲ୍ୟ ଅମୂଲ୍ୟ ଝଳ ଝଲମଲ ଗଣ୍ଡକୁ ମୋ ଗଣ୍ଡେ ଘଷି ରେ ।
କବିସୂର୍ଯ୍ୟ. ସଙ୍ଗୀତ ।

୬ । ଟିକ୍ ପତଳା—6. Very thin in texture.

୭ । ଜାଲଜାଲୁଆ—
7. Net-like in texture.

ଦେ. ବି—ସୂତାର ଏକପ୍ରକାର ପତଳା କନା—
A very thin fabric of cotton.

ଝଲମଲିଆ—ଦେ. ବିଣ—ଝଲମଲ (ଦେଖ)
Jhalamaliā Jhalamala (See).

ଝଲର୍‍ର—ଦେ. ବିଣ (ସଂ. ଜାଲ)—ଜାଲଜାଲୁଆ; ଯେଉଁ ଲୁଗା ଜାଲି ପରି ବହୁ ଛିଦ୍ରବିଶିଷ୍ଟ ଓ ପତଳା—
Jhalarā
ଝଲମଲ Thin and netlike in texture
ঝিলমিলা; ঝিলুড় (fabric).

ଝଲସା(ସେ)ଇବା—ଦେ. କ୍ରି. (ଝଲସିବାର ଣିଜନ୍ତରୂପ)—
Jhalasā(se)ibā
୧ । ଈଷତ୍ ଦଗ୍ଧ କରିବା—
ঝলসান 1. To scorch; to singe.
ঝুলসানা ୨ । (ଆଖିକୁ) ଆଲୋକାଧିକ୍ୟ ଦ୍ୱାରା ପୀଡ଼ାଯୁକ୍ତ କରିବା—
2. To dazzle (the eyes) with excessive light.

ଝଲସିବା—ଦେ. କ୍ରି (ସଂ. ଝଲ ଧାତୁ; ଜ୍ୱଲ ଧାତୁ; ସ. ଝଲା=ଆଲୋକ-
Jhalasibā ତରଙ୍ଗ)—୧ । (ଆଖି) ଉତ୍ତାପ ବା ଆଲୋକର
ঝলসা ଆଧିକ୍ୟ ଯୋଗୁଁ ପୀଡ଼ାଯୁକ୍ତ ହେବା ଓ ବୁଜି ହୋଇଯିବା—
ঝুলসনা 1. (the eyes) To be dazed.

୨ । ଝକଝକ ହେବା; ଝଟକିବା—
2. To shine; to glitter.

ଶତ ଚନ୍ଦ୍ରମନ୍ଦ ଝଲସି ଉଠଇ, ତନ ଚିତ୍ତରର ବର୍ଣ୍ଣ ।
ଚନ୍ଦ୍ରଶେଖର. ନର୍ମଦୂତୀ ।

୩ । କ୍ଷଣେ ଉଜ୍ଜ୍ୱଳ ଓ କ୍ଷଣେ ପ୍ରଭାହୀନ ହୋଇ ଝଟକିବା—
3. To twinkle; to sparkle.

୪ । ତାପର ଆଧିକ୍ୟରେ ଅର୍ଦ୍ଧଦଗ୍ଧ ହେବା—
4. To be scorched; to be singed.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଉଠିବା, ପଡ଼ିବା, ଯିବା କ୍ରିୟାର ସମାପିକା ରୂପ ମଧ୍ୟ ଯୁକ୍ତ ହୁଏ ।]

ଝଲା—ସଂ. ବି (ଝଲ ଧାତୁ + ଅ)—୧ । ଆତପର ଊର୍ମି; ସୂର୍ଯ୍ୟର
Jhalā ତରଙ୍ଗ (ମେଦିନୀ)—1. A wave of sun's rays.

୨ । କନ୍ୟା; ଝିଅ—2. Daughter (Apte).

୩ । ବାଳିକା—3. A girl (Apte).

୪ । ଝିଙ୍କାରୀ—4. A cricket (Apte).

୫ । ଖରା—5. Sunshine (Apte).

୬ । ଝଟକୁଥିବା ଆଲୋକ—
6. Glittering light (Apte).

୭ । ଆଭା; ଶୁଭ୍ରକାନ୍ତି—
7. Splendour (Apte).

ঝালা ଦେ. ବି (ସଂ. ଝଳାର, ତୁଳନୀୟ ଓ. ଝଳାଇବା, ଝଳିଲା)—
ঝালনা ଝାଳିବା କର୍ମ; ଦୁଇଖଣ୍ଡ ଧାତୁକୁ ଅନ୍ୟ ଧାତୁ ଦ୍ରବ ଦ୍ୱାରା ସଂଯୁକ୍ତ କରି ମିଶାଇବା—Soldering of two pieces of metal.

ଦେ. ବିଣ—ପରସ୍ପର ସଂଯୁକ୍ତ ହୋଇ ମିଶା ଯାଇଥିବା
(ଧାତୁଖଣ୍ଡ ଦ୍ରବ୍ୟ)—Soldered.

ଝଳାଇ—ଦେ. ବି—ଝଳେଇ (ଦେଖ)
Jhaḷāi Jhaḷei (See).

ଝଳା(ଳେ)ଇବା—ଦେ. କ୍ରି—୧ । ଝଳିବାର ଣିଜନ୍ତରୂପ—
Jhaḷā(ḷe)ibā 1. Causative of Jhaḷibā.
ঝালান ୨ । ଝାଳିବାର ଣିଜନ୍ତରୂପ—
ঝালানা; ঝালবানা 2. Causative of Jhāḷibā.

୩ । ପୂର୍ବ ସ୍ମୃତିକୁ ଉଜ୍ଜ୍ୱଳଭାବରେ ପ୍ରତିଭାତ କରାଇବା—
3. To bring something vividly to one's recollection.

ସେ ସବୁ ଛବି ପ୍ରାଣ୍ତରେ ଅତୀତ ଗୌରବକୁ ଝଳାଉଛି ।
ଉତ୍କଳ ସାହିତ୍ୟ ୩।୨୪ ।

୪ । ସଂଲଗ୍ନ କରାଇବା; ମିଶାଇବା—
4. To cause to stick or adhere.

ଝଳାଅ ଭୃଙ୍ଗଭୃଙ୍ଗୀଙ୍କୁ ଲାଭୃତ ଗଣ୍ଡରେ—କବିସୂର୍ଯ୍ୟ. ସଙ୍ଗୀତ ।

ଝଳାଳି—ଦେ. ବିଣ—ଝାଳିବାର ବ୍ୟବସାୟୀ କରିବା ଲୋକ; ଯେ
Jhaḷāli ଅଲଙ୍କାରାଦି ଝାଳେ—One who solders.
ঝালহাবা ସଂ. ବି—ଗୁଆ—The areca nut (Apte).

ଝଳି—ଦେ. ବି (ସଂ. ଜ୍ୱଲ ଧାତୁ; ସଂ. ଝଳା)—୧ । ଦୀପ୍ତି—
Jhaḷi 1. Glamour.
ঝলক ବର୍ଣ୍ଣିଅର ପର ଝଲିବା ଝଲକ ଚାରକାବଳୀର ଝଳ ।
ঝলকনি ଉତ୍କ. କୋହିନୁର୍ ଜ୍ୟୋତିଷ୍କମାଳା ।

୨ । ଚିକ୍କଣତା—2. Gloss; smoothness.

୩ । ଶୋଭା; କାନ୍ତି—3. Beauty; grace.

ଲପନର ଝଳ; ବଳ କବଚ ପ୍ରସାର ଅର୍ଜନ ।
ଭଗମଣି, ଚନ୍ଦ୍ରାତରଙ୍ଗିଣୀ ।

୪ । ଆଲୋକତରଙ୍ଗ—4. Wave of light.

ଦେ. ବିଣ—୧ । ଦୀପ୍ତ; ଦୀପ୍ତିମାନ୍; ଚୋପା; ଝକଝକ କରୁଥିବା—
1. Radiant; glittering; bright; shining dazzling.

ଝଳ ପାଖାଳୀ ଝଟକେ ନାହିଁ—କବିସୂର୍ଯ୍ୟ. କଳୋପକଣ୍ଠ୍ୟ. ଗୀତ ।

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଈ
୨	ଈ	ଊ	ଋ	ଳୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଡ଼	ନ୍

୨ । ଚିକ୍କଣ—2. Glossy; smooth.

ଚମ୍ପାର ଚୁମ୍ବି ମୋ ଅଧର ବଦନେ ପାଣ୍ଡୁ କେତକୀଙ୍କ ଶୋଷି
ଅତୁଲ୍ୟ ଅମୂଲ୍ୟ ଝଳ ଝଲମଲ ଗଣ୍ଡକୁ ମୋ ଯତ୍ନେ ଘଷି ।
କବିସୂର୍ଯ୍ୟ. ସଙ୍ଗୀତ ।

ଦେ. କ୍ଷଣର ଦଣ —ଚୋପା—Dazzlingly.

ଅରେ ଝଳ ଗୋପ, ଝୁଲ ଜାଣୁ ଭଲ ହେଲେ ମୋହ ପର ।
କବିସୂର୍ଯ୍ୟ, କବିତା ।

ଝଲବା—ଦେ. କ୍ରି (ସଂ. ଚଲ୍ ଧାତୁ, ଜ୍ୱଲ ଧାତୁ)—
Jhaḷibā ୧ । ଚିକ୍କଣ ହେବା—1. To be glossy.
ঝলকা. ঝলা ୨ । ଶୋଭା ପାଇବା—2. To be beautiful.
ঝলকনা

ଗୁରୁ ପ୍ରେମାକ ଝଳ କର ସଭ । ଭକ୍ତ. ପ୍ରେମସୁଧାନିଧି ।

୩ । ଝକଝକ ହେବା; ଚକ୍‌ଚକ୍ କରିବା; କାନ୍ତି ପ୍ରକାଶ କରିବା; ଝଟକିବା—3 To glitter; to glisten.

କାହିଁ ଚଲବାର ଖେଳବାଡ଼ କରେ
ଚଞ୍ଚଳ ପଗସ୍ୱେ ଝଳେ ଗୌରକରେ । ରାଧାନାଥ. ଚନ୍ଦ୍ରଭାଗା ।

୪ । ପ୍ରବେଶ କରିବା—4. To enter into.

ଗଙ୍ଗାଧରଙ୍କ ଢାଣି ଲଗି ଭାର ପୁଣି ରଜ୍ଜାଇଲ ମଡ୍ଡ ଝଳ ।
କବିସୂର୍ଯ୍ୟ. ଯଶୋଦାଚମ୍ପୁ ଗ. ଗୀତ ।

୫ । (ଦୁଇ ପଦାର୍ଥ) ଏକତ୍ର ଅବିଭକ୍ତ ଭାବରେ ମିଶିବା; ସଂଲଗ୍ନ ହେବା; ଜଡ଼ିଯିବା—5. To be inextricably mixed together; to stick to.

କାହା କୁରୁଙ୍ଗ କୁରୁଲୀ, କପୋଳେ ଯାଇଛ ଝଳ ।
ସାଳବୃକ୍ଷ. ରସକଲ୍ଲୋଳ ।

୬ । ଧାତୁଖଣ୍ଡଦ୍ୱୟ ଏକତ୍ର ସଂଯୁକ୍ତ ହେବା; ଝାଳାହେବା—
6. To be soldered to each other.

୭ । ଗଳିବା; ବୋହିବା; ଝରିବା—7. To drop down; to fall down by drops; to drip.

ବନସ୍ପତି-ପକ୍ଷ ଜ୍ୟୋତ୍ସ୍ନା ଚଢ଼େ ଝଳ । ରାଧାନାଥ, ଚନ୍ଦ୍ରଭାଗା ।

୮ । ଉଦ୍ଭାସିତ ହେବା—9. To become manifest.

ଝଳି ଉଠୁ ଭଦେ ଭଦେ ବସୁନ୍ଧରା ଅଧାର । ଉତ୍କଳ. ଗୀତଲହରୀ ।

ଝଲୁ—ପ୍ରାଦେ. (ସମ୍ବଲପୁର) ବ—ଏକ ସଙ୍ଗେ ୩ରୁ ଅଧିକ ହାଣ୍ଡି ବସିବା
Jhalu ପାଇଁ ଯଣା ଥିବା ଚୁଲି—An oven on which more than 3 pots can be set at a time.

ଝଲେଇ—ଦେ. ବ—ଭଙ୍ଗା ଅଳଙ୍କାର ବା ବାସନକୁ ଝାଳିବା ମଜୁରି—
Jhalei Wages or cost for soldering an ornament or utensil.
ঝালাই
ঝলাই

ଝଲ୍ଲ—ଦେ. ବ—୧ । ବ୍ରାତ୍ୟ (ସଂସ୍କାରହୀନ) କ୍ଷତ୍ରିୟ ଓ ସବର୍ଣ୍ଣା ସ୍ତ୍ରୀ ଔରସ
Jhalla ବର୍ଣ୍ଣସଙ୍କର ଜାତି (ହି. ଶବ୍ଦସାଗର)—
1. A degraded caste amongst the Hindus.

୨ । ଭଣ୍ଡ; ବିଦୂଷକ (ହି. ଶବ୍ଦସାଗର)—
2. A jester, buffoon.

୩ । ପଟହ ବାଦ୍ୟ (ହି. ଶବ୍ଦସାଗର)—
3. A kind of drum.

୪ । ଜ୍ୱାଳା; ତେଜ (ହି. ଶବ୍ଦସାଗର)—
4. Blaze; inflammation; glare.

୫ । ଯେଉଁ ବ୍ୟକ୍ତି ବାଜି ରଖି ଲଢ଼େଇ କରେ—
5. A prize-fighter (Apte).

ଝଲ୍ଲକ—ସଂ. ବ. (ଝଲ୍ଲ=ଅନୁକରଣ ଧ୍ୱନି+କୈ ଧାତୁ=ଶବ୍ଦ କରିବା+
Jhallaka କର୍ତ୍ତୃ. ଅ)—କଂସାର କରତାଳ, ଗିନି—
(ଝଲ୍ଲକ୍କ, ଝଲ୍ଲକୀ—ଅନ୍ୟରୂପ) Bell-metal cymbals.

ଝଲ୍ଲକଣ୍ଠ—ସଂ. ବ. (ବହୁବ୍ରୀହି; ଝଲ୍ଲ=ଦୀପ୍ତି ଅଛି କଣ୍ଠରେ ଯାହାର)—
Jhalla-kaṇṭha ପାରା (ହି. ଶବ୍ଦସାଗର)—Pigeon.

ଝଲ୍ଲରୀ—ସଂ. ବ. ସ୍ତ୍ରୀ. (ଝଲ୍ଲ=ଅନୁକରଣ ଧ୍ୱନି+ର ଧାତୁ ଗ୍ରହଣ କରିବା
Jhallarī +କର୍ତ୍ତୃ. ଅ, ସ୍ତ୍ରୀ. ଈ)—
ଝଲରୀ } ଅନ୍ୟରୂପ ୧ । ବାଦ୍ୟବିଶେଷ; ନାଗରା—1. A kind of drum.
ଝଲ୍ଲରୀ }

୨ । କୁହୁଡ଼ି—2. Bolt of a door.

୩ । କ୍ଲେଦ—3. Liquid filth; moisture (Apte).

୪ । ଶୁଦ୍ଧତା—4. Purity.

୫ । ଝାଞ୍ଜ (ହି. ଶବ୍ଦସାଗର)—
5. Bellmetal cymbals.

୬ । ସ୍ୱେଦ (ହି. ଶବ୍ଦସାଗର)—
6. Sweat; perspiration.

୭ । ମୁଦ୍ରାକାର କେଶଗୁଚ୍ଛ—
7. A lock of hair; a curl.

ଝଲ୍ଲିକା—ସଂ. ବ. (ଝଲ୍ଲ+ସ୍ୱାର୍ଥେ. କ+ଆ)—
Jhallikā ୧ । ଜ୍ୱାଳା; ଦୀପ୍ତି (ହି. ଶବ୍ଦସାଗର)—
1. Blaze; glare.

୨ । ଗାତ୍ରମାର୍ଜନୀ; ଗାମୁଛା—2. Towel; napkin.

୩ । ଗାମୁଛାରେ ଦେହ ପୋଛିଲେ ଦେହରୁ ବାହାରିବା ମଳ (ହି. ଶବ୍ଦସାଗର)—3. Dirt coming out of the body when rubbed with a towel.

୪ । ସୂର୍ଯ୍ୟ କିରଣର ତେଜ—
4. The blaze of sun's rays.

ଝଷ୍ (ଧାତୁ)—ସଂ—୧ । ବଧ କରିବା—
Jhash (root) 1. To kill

୨ । ନେବା—2. To take (Apte).

୩ । ପିନ୍ଧିବା—3. To put on; to wear (Apte).

ଝଷ—ସଂ. ବ. (ଝଷ୍ ଧାତୁ+କର୍ମ. ଅ)—
Jhasha ୧ । ମାଛ; ମତ୍ସ୍ୟ—1. Fish.

ଝଷମାନେ ତହିଁରେ ହୋଇଣ ଅକୁଳ । ବିଷ୍ଣୁ. ମହାଭାରତ, ଆଦି ।

୨ । ଗ୍ରୀଷ୍ମ; ତାପ—2. Heat; warmth.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଗ୍ରନ୍ଥକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଲ' ଦେଖିବେ, 'ଅଲବଡ' ନ ପାଇଲେ 'ଅଲବଡ଼' ଦେଖିବେ ।

୩ । ବନ—3. Forest.
୪ । ଜ୍ୟୋତିଷୋକ୍ତ ମୀନ ରାଶି—4. The zodiacal sign of Piscus.
୫ । ଜ୍ୟୋତିଷୋକ୍ତ ମକର ରାଶି—5. The zodiacal sign of Capricornus (Apte).
୬ । ମରୁଭୂମି—6. A desert (Apte).
୭ । ଭୟଙ୍କର ଅରଣ୍ୟ—7. A dreary forest (Apte).
୮ । ମକର, ମଗର, (ହି. ଶବ୍ଦସାଗର)—
8. The seal; a marine animal.

ଝଷକେତନ—ସଂ. ବି—(ବହୁବ୍ରୀହି; ଝଷ+କେତନ; ଏହାଙ୍କର Jhasha-ketana ପତାକାରେ ମାଛର ରୂପ ଅଙ୍କିତ ଥିବାରୁ)—
ଝଷକେତୁ, ଝଷଧ୍ୱଜ, ଝଷାଙ୍କ } ଅନ୍ୟରୂପ — କନ୍ଦର୍ପ; ମଦନ; କାମଦେବ—The God Cupid (of the Hindus).
ଝଷକେତନର ଏ ବସ ତାଇ—ଗୋପୀଲେଖ, ଉପେନ୍ଦ୍ରଭଞ୍ଜ ।

ଝଷଧ୍ୱଜ—ସଂ. ବି—ଝଷକେତନ (ଦେଖ)
Jhasha-dhwaja Jhasha-ketana (See)
ଝଷଧ୍ୱଜ ପୀଡ଼ା ଥାଉଁ ଚାତରୁ । କବିସୂର୍ଯ୍ୟ, କଳୋଲ ଚଉ୍ତିଶା ୫ ଗୀତ ।

ଝଷନିକେତ—ସଂ. ବି. (୬ଷ୍ଠୀ ତତ୍; ଝଷ+ନିକେତ)—୧ । ଜଳାଶୟ—
Jhashaniketa 1. Tank; pond.

ଝଷଶ୍ରେଷ୍ଠ—ସଂ. ବି (୭ମୀ ତତ୍; ଝଷ+ଶ୍ରେଷ୍ଠ)—ରୋହି ମାଛ—
Jhasha-sreshtha The Labio Rohita fish.
(ଅନ୍ୟ ସଂ. ନାମ—ରକ୍ତୋଦର, ରକ୍ତମୁଖ, ରକ୍ତାକ୍ଷ, ରକ୍ତପକ୍ଷତି, କୃଷ୍ଣପକ୍ଷ, ରୋହିତ—ଦ୍ରବ୍ୟଗୁଣ)

ଝଷା—ସଂ. ବି. (ଝଷ ଧାତୁ+କର୍ମ. ଅ+ଆ)—
Jhashā ନାଗବଳା (ହି. ଶବ୍ଦସାଗର) (ଦେଖ)
Nāgabalā (See)

ଝଷୋଦରୀ—ସଂ. ବି. ସ୍ତ୍ରୀ. (ନାମ)—ମତ୍ସ୍ୟଗନ୍ଧା, ବ୍ୟାସଦେବଙ୍କ ମାତା—
Jhashodari An epithet or name of sage Byāsa's mother.

ଝସା(ସେ)ଇ ପଶିବା—ଦେ. କ୍ରି (ସଂ. ଧର୍ଷଣ+ପ୍ରବେଶ)—
Jhasā(se)i pasibā ୧ । କୌଣସି ସ୍ଥାନରେ ବଳପୂର୍ବକ ପ୍ରବେଶ କରିବା—1. To enter a place forcibly.
ଘୁସେ ଢୁକ୍‌ନା, ଧଁସନା, ମିଲ୍‌ନା
(ଝସି ପଶିବା—ଅନ୍ୟରୂପ) ସମୁଦ୍ର ବଳେ ଯାଇ ପ୍ରଶିଲେ ଝସାଇ ।
କୃଷ୍ଣସିଂହ, ମହାଭାରତ ବନ ।
୨ । ବହୁଲୋକଙ୍କୁ ଠେଲି ପେଲି କୌଣସି ସ୍ଥାନକୁ ଯିବା—
2. To force one's way to a place.
ଶାଲ୍ୱ ସୈନ୍ୟ ଭିତରେ ଝସାଇ ପଶିଲେ । କୃଷ୍ଣସିଂହ, ମହାଭାରତ ବନ ।
୩ । ଦ୍ରୁତଗତିରେ କୌଣସି ସ୍ଥାନକୁ ଯିବା—
3. To go to a place swiftly.
ସେ ଜଳ ଭିତରେ ପଶିଲ ଝସାଇ । କୃଷ୍ଣସିଂହ, ମହାଭାରତ ଅଦି ।
୪ । ଝସିବା (ଦେଖ)
4. Jhāsibā (See)

ଝସା(ସେ)ଇବା—ଦେ. କ୍ରି. (ସଂ. ଧର୍ଷଣ; ଧ୍ୱଂସ)—ବଳପ୍ରୟୋଗ କରିବା—
Jhasā(se)ibā To use force.
[ଦ୍ର—କେବଳ ଝସାଇ ପଶିବା ଓ ଝସାଇ ଆସିବା ଶବ୍ଦରେ ଏ କ୍ରିୟାର ଅସମାପିକାରୂପର ବ୍ୟବହାର ଦେଖାଯାଏ ।]

ଝାଆଁ ଝାଆଁ—ଦେ. ଅ—ଝାଇଁ ଝାଇଁ (ଦେଖ)
Jhā-añ jhā-añ Jhāiñ jhāiñ (See)

ଝାଆଁରୁ—ଦେ. ବି. (ସଂ. ଝାବୁକ)—ନଦୀଗର୍ଭସ୍ଥ ବାଲି ଓ ପଥରସନ୍ଧିରେ Jhā-añru ଉଠିବା ଏକପ୍ରକାର କ୍ଷୁପ ବା ବୁଦାଳିଆ ଗୁଳ୍ମ—
A kind of bushy plant growing in riverbeds and the crevices of stones.
[ଦ୍ର—ଏହା ଲମ୍ବରେ ୧।୨ ହାତ ବଢ଼େ ଓ ଏହାର ଡାଙ୍ଗକୁ ଚଷୀ ଲୋକେ ଲଇ କରନ୍ତି । କଟକ ନିକଟ ନଗ୍ରାଜ ପଥରବନ୍ଧ ତଳେ ଓ ମହାନଦୀର ପ୍ରସ୍ତରଶଯ୍ୟା ଓ ଝରଣମାନଙ୍କ ପଥର ସନ୍ଧିରେ ଏ ଗଛ ଅନେକ ଉଠେ ।]

ଝାଇ—ଦେ. ବି— ଗୁଡ଼ରେ ପାଗ କରିବା—
Jhāi To prepare syrup by over-heating molasses.

ଝାଇଁ—ଦେ. ବି. (ସଂ. ଧ୍ମା ଧାତୁ=ଅଗ୍ନି ସଂଯୋଗ କରିବା)—
Jhāiñ ୧ । ତୀବ୍ର ଗ୍ରୀଷ୍ମ; ଗରମି—1. Excessive heat.
୨ । ଗ୍ରୀଷ୍ମକାଳ—2. Summer.
ଦେ. ଅ—୧ । ଝାଇଁଝାଇଁ; ଝୋଲମାରିବା—
ଝାଁ 1. Fainting; faint; swoon.
ଝାଁୟଁ ୨ । ଉପର୍ଯ୍ୟୁପରି ଧାତୁ ଆଦିର ଆଘାତ ଜନିତ ଶବ୍ଦ (ଯଥା; ଦୁଇ ଧାତୁପାତ୍ର ବାଜିବା, ଘଣ୍ଟା ବାଜିବା, ହାତ୍ରିରେ ଶୃଙ୍ଖଳ ଭାଙ୍ଗିବା)—
2. Tinkling; clanking sound.
ଶୃଙ୍ଖଳ ଗଳିଲ ଝାଇଁ—ବେଳା ଗୀତ ।
୩ । ଉତ୍ତପ୍ତ—3. Heated; warm.
୪ । ଅତ୍ୟଧିକରୂପେ ଭଜା ହୋଇଥିବା—
4. Roasted over much.
୫ । ଉତ୍ତାପରେ ପୋଡ଼ି ଯାଇଥିବା—
5. Burnt; calcined.
୬ । ଗ୍ରୀଷ୍ମକାଳରେ ଉତ୍ପନ୍ନ (ଯଥା—ଝାଇଁ ମୁଗ)—
6. Produced or harvested in summer.
ପ୍ରାଦେ. (ସମ୍ବଲପୁର) କ୍ରି. ଭଣ—ଝାଏଁ (ଦେଖ)
Jhāeñ (See)
ପ୍ରାଦେ. (ଗଡ଼ଜାତ) ବି—ଝାଇଁମୀନ (ଦେଖ)
Jhāiñ-mina (See)

ଝାଇଁକରି—ଦେ. କ୍ରି. ବଣ. (ସଂ. ଝଟିତ; କମ୍ପା ଧ୍ୱନ୍ୟନୁକରଣ)—
Jhāiñ kari ଝଟ୍—Very soon; immediately; at once.
ଝାଁକରେ
ଝଟପଟ

୧	ଙ	ଞ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍ଁ	ଉଅ	ଢ଼
୨	ଈ	ଊ	ଋୁ	ଌୢ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଜ୍ଞ	ସ	ଗଁ୍ୟ	ଇଅ	ଙ୍	ନ୍ତ

ଝାଇଁକଳା
ଝାଇବ୍ଜନ
ଝାଇଭର } ଅନ୍ୟରୂପ
ଝାଇଁଦସ୍
ଝାଇଁଧନ୍

ଝାଇଁକ ଝାଇଁ—ଦେ. ଅ—ଘଣ୍ଟାକୁ ପିଟିବାର ତାଳ ବା ଉକ୍ତି—
Jhaiñki jhaiñ Part of the rhythmic formula pronounced while beating a gong.
[ଦ୍ର—ଝାଇଁକ ଝାଇଁ, ଝାଇଁକ କଝାଇଁ ଝାଇଁକ ଝାଇଁ; ଝାଇଁ-ଝାଇଁକର ଝାଇଁ ଭ ଝାଇଁ—ଏହା ଘଣ୍ଟ ପିଟିବାର ପୂର୍ଣ୍ଣ ଉକ୍ତି ଅଟେ ।]

ଝାଇଁଝାଇଁ—ଦେ. ଅ. (ଧ୍ୱନ୍ୟନୁକରଣ ବା ସଂ. ଝଙ୍କାର)—
Jhaiñ-jhaiñ ୧ । ଉପର୍ଯ୍ୟୁପରି ଝାଣ ପଦାର୍ଥଦ୍ୱୟର ଆଘାତଜନିତ
झाईंझाईं ଶବ୍ଦ—1 Sound of repeated tinkling or
झायँझायँ clanking; repeated clanging sound.
(ଯଥା—ଘଣ୍ଟ ବାଜିବାର, ଶୃଙ୍ଖଳ ଭାଙ୍ଗିବାର, ଝାଞ୍ଜ ବାଜିବାର ଶବ୍ଦ ।)
୨ । ଝିଙ୍କାରିମାନଙ୍କର ରାବିବା ଶବ୍ଦ—
2. The chirping of crickets.
ଝାଇଁ ଝାଇଁ ସ୍ୱନେ ଡାକେ ଝିଙ୍କାରି ।
ସୀମାନ୍ତରେ ଦାବାନଳ ସଞ୍ଚରି । ଗୋପୀକ. ଇନ୍ଦୁରେଖା ।
୩ । ନିଶା ଗର୍ଜିବାର ଶବ୍ଦ—3. The deep distant sound observed at dead of night.
ସୁଗଭୀର ନିଶିଥିନୀ ଝାଇଁ ଝାଇଁ ରବେ ।
ରାଧାନାଥ. ଶ୍ମଶାନ ଦୃଶ୍ୟ ।
୪ । ଝେମି ଝେମି; ଝୋଲା ମାରିବାର ଅନୁଭୂତି—
4. Tingling sensation; a sensation of fainting.
(ଯଥା—ମୋ ଦେହ ଝାଇଁ ଝାଇଁ ହେଉଛି ।)
୫ । ଭାଁ ଭାଁ; କାନରେ ଉପର୍ଯ୍ୟୁପରି ଗର୍ଜନାଦ ବାଜିବା ଅନୁଭୂତି—5. A feeling of tinkling inside the ear.
(ଯଥା—କାନ ଝାଇଁ ଝାଇଁ ହେଲା ।)

ଝାଇଁ ଝାଇଁ ହେବା—ଦେ. କ୍ରି.—(ଧ୍ୱନ୍ୟନୁକରଣ; ବା ଝଙ୍କାର)—
Jhaiñ jhaiñ heba ୧ । ଶରୀରର କୌଣସି ଅଙ୍ଗ ବହୁକାଳ
झाइँ झाइँ करना ଏକ ଅବସ୍ଥାରେ ରହି ଅବଶ ହୋଇ ଥିବା ଅବସ୍ଥାରେ ତାହାକୁ ସ୍ଥାନଭ୍ରଷ୍ଟ କରିବା ସମୟରେ ଝିମି-
झनझन होना ଝିମି ଅନୁରୂପ ଅନୁଭୂତି; ଝିମିଝିମି ହେବା—
1. Tingling sensation due to moving a limb already benumbed by being kept in one fixed position for a long time.
୨ । କାନମୂଳରେ ଜୋରରେ ଚାପୁଡ଼ା ବାଜିଲେ କିମ୍ବା ଦେହର କୌଣସି ଗଣ୍ଠିରେ ହଠାତ୍ ଚୋଟ ଲାଗିଲେ ମସ୍ତିଷ୍କରେ ଯେଉଁ ଝିମି ଝିମି ଅନୁଭୂତ ହୁଏ—
2. A tingling or twanging sensation felt in the brain when the root of the ear or any other limb-joint is suddenly struck with force.
୩ । କାନର ଛିଦ୍ରରେ ବହୁକାଳ ତେଲ ନ ପକାଇଲେ କାନ ମଧ୍ୟରେ ଯେଉଁ ଝିମି ଝିମି ଅନୁଭୂତି ହୁଏ—3. A sensation of reverberating felt inside the ear when oil is not put into the ear-hole for a long time.
୪ । ଘଣ୍ଟା ବା ଝାଞ୍ଜର ଘୋରତର ଶବ୍ଦ ବହୁକାଳ ପର୍ଯ୍ୟନ୍ତ ଶୁଣିଲେ କାନ ଭିତରେ ଜଣାଯିବା ଏକ ପ୍ରକାର ଅପ୍ରୀତିକର ଭାଁ ଭାଁ ଅନୁଭୂତି—4. Unpleasant sensation felt in the ear produced by hearing a continuous shrill sound for long time.
୫ । ହାଣ୍ଡିରେ ଚାଉଳ ବା ମୁଗ ଆଦି ଭାଜିବା ସମୟର ଭଜାଭଜି ଖଡ଼ିକାଦ୍ୱାରା ଉକ୍ତ ଚାଉଳ ଆଦିକୁ ଲେଉଟ ପାଲଟ କରିବା ବା ଖରଡ଼ିବା ସମୟରେ ହେବା ଶବ୍ଦ—
5. Metallic sound produced while stirring rice etc with the frying stick in a pot over the fire.
୬ । ଫଟା ଘଣ୍ଟ ବା ଝାଞ୍ଜ ବାଜିବାର ବହୁକାଳସ୍ଥାୟୀ ଶବ୍ଦ ବା ଧ୍ୱନି—6. A long lingering tingling sound produced with the cymbals or by striking a broken gong; long din of metallic instruments.
୭ । ଖରା ଦ୍ୱାରା ଶସ୍ୟ ଆଦି (ଯଥା—ମୁଗ) ଉତ୍ତମରୂପେ ଶୁଖିଯିବା—7. Grains completely drying through heat.
(ଯଥା—ଗମର ମୁଗ ଡାଲି ବୈଶାଖ ମାସ ଖରାରେ ଝାଇଁଝାଇଁ ହୋଇ ଶୁଖି ଗଲାଣି ।)
[ଦ୍ର—ଝମଝମ ଶବ୍ଦ—ଅଳ୍ପକାଳସ୍ଥାୟୀ,
ଝାଇଁଝାଇଁ ଶବ୍ଦ—ଅଧିକକାଳ ସ୍ଥାୟୀ ଓ ଉଚ୍ଚତର ।]

ଝାଇଁପଖାଳ—ଦେ. ବି.—(ସଂ. ଧ୍ମା ଧାତୁ; + ପ୍ରକ୍ଷାଳତାନ୍ନ)—ଗରମ
Jhaiñ pakhaḷa ପଖାଳ; ତତଲ ଭାତ ତାତି ଥିବା ଅବସ୍ଥାରେ ତହିଁରେ ପାଣି ଦେଲେ ଯେଉଁ ପଖାଳ ହୁଏ; ଶୁଇଁପଖାଳ; ଚଟକା ସଜ ପଖାଳ—Boiled rice soaked with water while still warm.

ଝାଇଁପାଣି—ଦେ. ବି.—(ସଂ. ଧ୍ମା ଧାତୁ + ପାନୀୟ)—ଯେଉଁ ପାଣିକୁ
Jhaiñ-paṇi ଅଗ୍ନି ଉପରେ ଗରମ ନ କରି ତହିଁ ମଧ୍ୟରେ ତାତିଲା ଲୁହା ଖଣ୍ଡିକା ଆଦି ମାଡ଼ି ଗରମ କରାଯାଏ—
Water made warm by immersing a red-hot iron in it.
[ଦ୍ର—ଏହା ରୋଗୀର ପାନୀୟ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ସ୍ଥଳରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ବୃଥା' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝାଇଁ ମାରିବା—ଦେ. ବି.—୧ । ବହୁକାଳ ଏକ ଅବସ୍ଥାରେ ଅବସ୍ଥାନ Jhāiñ māribā କରିବା ଯୋଗୁଁ ଅବଶ ହୋଇ ଥିବା ଶରୀରର କୌଣସି ଅଙ୍ଗକୁ ସ୍ଥାନାନ୍ତର କଲେ ବା ଘୁଞ୍ଚାଇଲେ ଯେଉଁ ଝିମି ଝିମି ଅନୁଭୂତ ହୁଏ—1. Tingling sensation felt while moving a benumbed limb.
୨ । ଝୋଲା ମାରିବା—2. Swooning; feeling of physical drooping; fainting.

ଝାଇଁ ମୀନ—ପ୍ରାଦେ. (ଗଡ଼ଜାତ) —ବି.—ଅତି କ୍ଷୁଦ୍ର ମାଛ— Jhāiñ mīna Very small fish; fry

ଝାଇଁ ମୁଗ—ଦେ. ବି.—ଗ୍ରୀଷ୍ମକାଳରେ ଅମଳ ହେବା ଏକ ପ୍ରକାର ମୁଗ; Jhāiñ muga ଧଳା ମୁଗ—A greenish white variety ହାଲିମুগ of moong (cereal) harvested in हरी मुग summer; Phaseolus Typica.
(ଯଥା—ଏହାର ବର୍ଣ୍ଣ ଈଷତ୍ ହରିତ୍ ବା ଧଳା ।)

ଝାଉ—ଦେ. ବି.—ଝାଉଁ (ଦେଖ) Jhāu Jhāuñ (See)

ଝାଉଁ—ଦେ. ବି [ସଂ. ଝାବକ (Kirtikar); ତୁଳ. ଝାବୁକ=ଅନ୍ୟ Jhāuñ ପ୍ରକାର ଗଛ]—୧ । ସରୁ ଡାଳ ଭଳି ପତ୍ରବିଶିଷ୍ଟ ଗଛ; ସଂ. ନାମ—ଝାବକ, ପିଚୁକ, ବିଲାତି ଝାଉଁ—1. Casuarina ଅଫଲ, ବହୁଗ୍ରନ୍ଥି Muricata; Casuarina বিলাতি ঝাম; ঝাম; ঝাউ Equisetifolia; tamarisk झाउ; जङ्गलि झाउँ (Kirtikar).
ତେ. ଇରୁସାରୁମାନୁ [ଦ୍ର—ଏହା ଅଷ୍ଟ୍ରେଲିଆରୁ ଆଣୀତ ଗଛ, ଉଚ୍ଚରେ ୪୦।୫୦ ହାତ ବଢ଼େ । ଏହାର ଡାଳଗୁଡ଼ିକ ଲମ୍ବ ଓ ସରୁ ତାରପରି; ଫଳ କ୍ଷୁଦ୍ର ଓ କଣ୍ଟାଳିଆ; ଏହା ସମୁଦ୍ରତୀରରେ ଓ ବାଲିରେ ବେଶି ଜନ୍ମେ; ପବନରେ ଏହାର ପତ୍ରଗୁଡ଼ିକ ଝାଇଁ-ଝାଇଁ ବା ସାଇଁ ସାଇଁ ଶବ୍ଦ କରେ । ୧୦ ବର୍ଷରେ ଏଥିର ଗଣ୍ଡିରୁ ଭଲ ଠାଣୁଆ କଡ଼ି ଓ ଖୁଣ୍ଟର ଉପଯୋଗୀ ଶକ୍ତ କାଠ ମିଳେ; ଏହାର ଫଳ ଗୋଖୁରି ଫଳପରି ଓ ଫୁଲ ଗୋଲାପୀ ରଙ୍ଗର; ଏହାର କାଠ ଗଣ୍ଠିଗଣ୍ଠିଆ; ଏହାର ଡାଳ ଖୁବ୍ ଚେମଡ଼ା ।
୨ । (ସଂ. ଝାବୁକ) ଧଳା ଘୋଡ଼ାଲାଙ୍ଗୁଟିଆ; ଏକଜାତୀୟ ବନ୍ୟ বনঝাউ ଝୁପ ବା ଗୁଳ୍ମ—Tamarix Gallica.
[ଦ୍ର—ଏହା ଉଚ୍ଚରେ ୪।୫ ହାତ ବଢ଼େ, ନଦୀକୂଳରେ ଓ ବାଲିଚରରେ ଏକତ୍ର ବହୁତ ଗଛ ଜନ୍ମେ; ଡାଳ ବା ଦଣ୍ଡଗୁଡ଼ିକ ବଡ଼ ଝାଉଁଗଛର ଡାଳପରି ଡାଳମାନ ପବନରେ ଝାଇଁ ଝାଇଁ ବା ସାଇଁ ସାଇଁ ଶବ୍ଦ କରେ । ଫଳ ତିନିକୋଣିଆ ଓ କ୍ଷୁଦ୍ର । ଏହାର ଗଣ୍ଡି ବା ଦଣ୍ଡ ଗାଢ଼ ରକ୍ତବର୍ଣ୍ଣ । ଏହା ଘୋଡ଼ାଲାଙ୍ଗୁଡ଼ପରି ସରୁ ଚେମଡ଼ା ହୋଇଥିବାରୁ ଏହାକୁ 'ଘୋଡ଼ାଲାଙ୍ଗୁଟିଆ' ମଧ୍ୟ କହନ୍ତି ।]
୩ । ନାଲି ଘୋଡ଼ାଲାଙ୍ଗୁଟିଆ; ନାଲିଝାଉଁ—
লালঝাউ 3. Tamaria Dioica.

[ଦ୍ର—ଏହାର ପତ୍ରର ଖୋଲ ଅଛି । ମାଇ ଓ ଅଣ୍ଡିରା ଗଛ ସ୍ୱତନ୍ତ୍ର ।]

ଝାଉଁ କରି—ଦେ. ଅ—ଝାଉଁକିନି (ଦେଖ)— Jhāuñ kari Jhāuñkini (See)
ଝାଉଁ କରି, ଝାଉଁକିନା, ଝାଉଁ କିନି, ଝାଉଁଦିନ୍—ଅନ୍ୟରୂପ)

ଝାଉଁ-ଝାଉଁ—ଦେ. ଅ (ଧ୍ୱନ୍ୟନୁକରଣ)—ଝାଞ୍ଜ ଓ ଘଣ୍ଟାଆଦିର ଝଣଝଣ Jhāuñ-jhāuñ ଶବ୍ଦ—High sound of repeated tinkঝাই ঝাই ling of cymbals and gongs.

ଝାଉଁ ନଡ଼ିଆ—ପ୍ରାଦେ. (ମେଦିନୀପୁର) ବି—ଖୁରୁଡ଼ି— Jhāuñ naṛiā Dry cocoanut.

ଝାଉଁଳା—ଦେ. ବି—(ସଂ. ଶ୍ୟାମଳ)—୧ । ନେତ୍ରରୋଗବିଶେଷ— Jhāuñḷā 1. A disease of the eye.
ঝান [ଦ୍ର—ଏଥିରେ ଆଖି ଉପରେ ଆଖିପତା ଘୋଡ଼ାଇ झाँवर ହୋଇ ପଡ଼େ ।]
୨ । ଝାଉଁଳିଯିବା; ମଉଳିଯିବା—2. Withering.
ଦେ. ବିଣ.—ମଉଳି ଯାଇଥିବା—Withered.

ଝାଉଁଳା(ଳେ)ଇବା—ଦେ. କ୍ରି—ଝାଉଁଳିବାର ଣିଜନ୍ତ ରୂପ— Jhāuñḷā(ḷe)ibā Causative of Jhāuñḷibā.
ঝান খাওআন ମଉଳାଇବା; ଶୁଖାଇବା—To cause to wither.
झवराना ଝାଉଁଳାଇ ତା ମୁଖସାରସ କ୍ଷଣେ—ଗୋଲୋକ. ଉଦ୍ଧରେଖା ।

ଝାଉଁଳିବା—ଦେ. କ୍ରି (ସଂ. ଶ୍ୟାମଳ, କମ୍ପା ସଂ. ଧ୍ମା ଧାତୁ=ଅଗ୍ନି-Jhāuñḷibā ସଂଯୋଜନ)—୧ । ବୃକ୍ଷଆଦି ଖରାରେ ବା ଶୁଖିକରି ঝান খাওআ ନିସ୍ତେଜ ହେବା ବା ମଉଳିବା—1. To droop; झवरना to wither (said of plants).
ଝାଉଁଳିବା ନବ ତମାଳରମା—କବିସୂର୍ଯ୍ୟ. କଳୋଗ୍ରାଚମ୍ପୂ ୫ ଗୀତ ।
୨ । ନିସ୍ତେଜ ହେବା—
2. To wane; to fade; to languish.
ବାସି ଫୁଲ ଯାଇଛି ମଉଳି,
ବିଷାଦେ କ ପଡ଼ିଛ ଝାଉଁଳି । କନକଲୋଚନ କହିଲେ ।
୩ । (ମୁହଁ) ଲଜ୍ଜା ବା ଭୟରେ ଶୁଖି ଯିବା—
3. (the face) To become pale or wan through fear or shame.
ମୃଦୁ ଶ୍ୟାମଳ ଗୋରୀ, ଝାଉଁଳି ଗଲେ ପରା, ହରପରଶରକ୍ତର ତୃଷାରେ ।
କବିସୂର୍ଯ୍ୟ ସଙ୍ଗୀତ ।
୪ । ଲଜ୍ଜାରେ (ମୁଣ୍ଡ) ତଳକୁ ପୋତି ହେବା—
4. To droop; to be crestfallen.
ଦେ. ବିଣ.—ମଉଳି ଥିବା; ନିସ୍ତେଜ ହୋଇଥିବା—
Turned pale; withered.
ଶର ଖର ଝାଉଁଳିବା ଗ୍ରୀଷ୍ମଙ୍କ ପାଇଲୁ ରୋ
କବିସୂର୍ଯ୍ୟ କଳୋଗ୍ରାଚମ୍ପୂ ୫ ଗୀତ ।

ଝାଏଁ—ପ୍ରାଦେ. (ସମ୍ବଲପୁର) ବି.—ଝୋଲା ମାରିବା— Jhāeñ Feeling of drooping; swooning.
ପ୍ରାଦେ (ସମ୍ବଲପୁର) କ୍ରି. ବିଣ (ସଂ. ଝଟିତି)—ଝଟିତି; ଝଟ୍—
Soon; very soon.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଛ
୨.	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଛ	ନ୍ଯ

ଝାଏଁ କରି—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ.—ଝଟିତ; ତତକ୍ଷଣେ—
Jhāeñ kari — Very soon; immediately; at once.
(ଝାଏଁ କରି—ଅନ୍ୟରୂପ)

ଝାଏଁଜ୍—ପ୍ରାଦେ. (ସମ୍ବଲପୁର) ବି.—(ସଂ. ଝର୍ଝରୀ)—୧ । ଝାଞ୍ଜ—
Jhāeñj — 1. Cymbals.
୨ । (ସଂ. ଧ୍ମା ଧାତୁ=ଅଗ୍ନି ସଂଯୋଜକ) ଝାଞ୍ଜି; ଖରା—
2. The blaze of sun's rays.
୩ । ତାତି—3. Warmth; heat.
୪ । ଅଂଶୁ; କିରଣ—4. Ray.
୫ । ଅଗ୍ନି ବା ସୂର୍ଯ୍ୟର ତେଜ—
5. Warmth or glare of sun's rays or fire.
[ଦ୍ର—ତୁଳନା କର ସମ୍ବଲପୁରୀ—ନଏଦ୍=ନଦୀ; ସ୍ୱଏତ=ସ୍ୱତ, ଖଏନ୍=ଖଣି, ପାଏନ୍=ପାଣି ।]

ଝାଏଁନେ—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ. (ସଂ. ଝଟିତ)—ଝଟ୍; ଶୀଘ୍ର;
Jhāeñ ne — ଅତି ଚଞ୍ଚଳ—Very soon; swiftly; at once.
(ଝାଏ ନେ—ଅନ୍ୟରୂପ)

ଝାଏଁ ମାରିବା—ପ୍ରାଦେ. (ସମ୍ବଲପୁର) କ୍ରି.—ଝୋଲ୍ମାରିବା—
Jhāeñ māribā — Swooning; physical drooping down.

ଝାଁ ଝାଁ—ଦେ. ଅ.—ଝାଇଁ ଝାଇଁ (ଦେଖ)
Jhāñ-jhāiñ — Jhāiñ jhāiñ (See)

ତାତ ପବନଟା ଦେହରେ ଝାଁ ଝାଁ ବାଜୁ ଅଛି ।
ଫକୀରମୋହନ. ଛମାଣଆଠଗୁଣ୍ଠ ।

ଝାଁଟି—ପ୍ରାଦେ. (ସମ୍ବଲପୁର) ବି.—ଛୋଟ ଛୋଟ ଡାଳ; ଗଛର ଶୁଖିଲା
Jhāñṭi — ଛୋଟ ଡାଳ ଆଦି; ଝାଟି—A collection of twigs and small branches.

ଝାଁକ—ଦେ. ବି.—(ସଂ. ଝଙ୍କାର)—୧ । ମତ୍ତତା; କଳି ବା
Jhāṅka — କ୍ରୋଧର ବେଗ—1. A fit of madness or rage
ঝোঁক — or quarrelling; paroxysm.
झोंक — (ଯଥା—ମୁଁ ତାଙ୍କ ସଙ୍ଗେ ଝାଙ୍କେ କଳି କଲି ।)
ঝাঁকা — ୨ । (ସଂ. ଜାଲକ) ଝୁଡ଼ି ବା ବଡ଼ ଟୋକେଇ—
झाँका — 2. A large basket.
ঝাঁক — ୩ । (ସଂ. ଯୂଥ) କ୍ଷୁଦ୍ର ଜୀବମାନଙ୍କର ପଞ୍ଝା ବା ଦଳ ବା
झुंड — ସମୂହ—3. A multitude or swarm of
ঝাকী — small animals; a crowd.
झाँका — ୪ । ଢାଲ—4. Shield.
୫ । ଘୂର୍ଣ୍ଣନ—5. Whirling.
୬ । ଝିଙ୍କା—6. Jerk; vigorous pull; tug.

ଝାଙ୍କ ଛଡ଼ା(ଡ଼େ)ଇବା—ଦେ କ୍ରି.—୧ । କୌଣସି ବ୍ୟକ୍ତିକୁ ଅତିରିକ୍ତ
Jhāṅka chhar̤ā(r̤e)ibā — ପରିଶ୍ରମ କରାଇ ଅଥୟ
[ଝାଙ୍କ ଛଡ଼ା (ଡ଼େଇବା)—ଅନ୍ୟରୂପ] କରାଇବା—1. To pester; to bother; to overpower a person with labour.
୨ । କଳି ଆଦିର ବେଗ ଉଠାଇବା—
2. To have a paroxysm (of quarrel etc.)

ଝାଙ୍କ ଛିଡ଼ିଯିବା—ଦେ. କ୍ରି.—ଦୁଇଜଣଙ୍କ ମଧ୍ୟରେ କଳି ବା ବାଗ୍-
Jhāṅka chhir̤i jibā — ଯୁଦ୍ଧର ବେଗ ଉଠି ନିବର୍ତ୍ତିବା ବା
ଝାଙ୍କ ଛିଡ଼ିବା, ଝାଙ୍କ ଛିଡ଼ି ଯିବା, ଝାଙ୍କ ଛିଡ଼ବା }—ଅନ୍ୟରୂପ — ଉଭୟେ କ୍ଳାନ୍ତ ହେବା—Being tired after a fit of quarreling.
(ଯଥା—ତାର ମୋର କଳିରେ ଝାଙ୍କ ଛିଡ଼ି ଗଲା ।)

ଝାଙ୍କଡ଼ା—ଦେ. ବିଣ (ସଂ. ଝାଟ)—ଛତରା; ଅଗ୍ରଭାଗ ବିସ୍ତୃତ; ଝାମ୍ପୁଡ଼ା—
Jhāṅkar̤ā — Bushy; shaggy; spreading.
ঝাঁকড়া
झंखाड़; झाँकर

ଝାଙ୍କ ବାନ୍ଧିବା—ଦେ. କ୍ରି—ଦଳଭୁକ୍ତ ହୋଇ ରହିବା, ପଞ୍ଝା ବାନ୍ଧିବା—
Jhāṅka bāndhibā — To swarm into a crowd; to flock together.
ঝাঁক বাঁধা
झुंडमें रहना

ଝାଙ୍କର—ପ୍ରାଦେ (ସମ୍ବଲପୁର) ବି—୧ । ଅନାର୍ଯ୍ୟ ଜାତିବିଶେଷ—
Jhāṅkar — 1. A non-Ariyan caste in Sambalpur.
[ଦ୍ର—ଏମାନେ ବଣଦେବତାଙ୍କ ପୂଜାହାରୀ କାମ କରନ୍ତି ଓ ଗ୍ରାମ ଚଉକିଦାର କାର୍ଯ୍ୟ କରନ୍ତି ।]
୨ । ଗ୍ରାମର ଚଉକିଦାର—2. Village-watchman.
[ଦ୍ର—ଏମାନଙ୍କୁ ଦିଆ ଯାଇଥିବା ଜାଗିରକୁ ଝାଙ୍କର ଜାଗିର ବୋଲାଯାଏ ।]

ଝାଙ୍କରା—ଦେ. ବିଣ—ଝାଙ୍କଡ଼ା (ଦେଖ)
Jhāṅkarā — Jhāṅkar̤ā (See).

ଝାଙ୍କିବା—ଦେ. କ୍ରି (ସଂ. ଅଧ୍ୟକ୍ଷ; ପ୍ରା. ଅଜ୍ଝକ୍ଖ=ଆଖିର ସମ୍ମୁଖରେ)—
Jhāṅkibā — ୧ । ଲୁଚିକରି ଚାହିଁବା ଓ
ঝাঁকা — ଚାହିଁକରି ଲୁଚିବା—1. To look from a
झाँकना — covert.

ଝାଙ୍କି ନୟନକୁ ଦେଇ ଅୟନକୁ ଗତିବନ୍ତି ପୁଣପୁଣି ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।

୨ । ଝାଙ୍କି ମାରିବା; ଉଙ୍କି କରି କୌଣସି ଉଚ୍ଚ ସ୍ଥାନର ଅନ୍ତରାଳରୁ ମୁଣ୍ଡ ଟେକି ଚାହିଁବା—
2. To peep across a high barrier.

ଠାବେ ଠାବେ ଅଭ୍ରଭେଦୀ ଶୃଙ୍ଗମାନ
-ଶିର ତୋଳି ଶୈଳଶିରୁଁ ଝାଙ୍କୁଥାନ୍ତି—ରାଧାନାଥ. ଚିଲିକା ।

୩ । (ସଂ. ଝମ୍ପ) ଇତସ୍ତତଃ ବା ତଳକୁ ଟାଣିବା; ଆକର୍ଷଣ କରିବା; ଜୋରରେ ଝିଙ୍କିବା; ବେଗରେ କମ୍ପିତ

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟାଣିବା—3. To pull down; to tug; to draw with force; to jerk.

ଝାଙ୍କିନେଇ ମନ-ମଣିକୁ ଯା ସ୍ତନ-ସମ୍ପୁଟରେ ରଖାଇଲୁ ।
କବିସୂର୍ଯ୍ୟ. ସଙ୍ଗୀତ ।

୪ । (ନିଦ୍ରା ଓ ନିଶା ଆଦି) ଆକ୍ରମଣ କରି ଅବଶ କରିବା; ଟଳାଇବା; ଅଚେତନ କରିବା— 4. To cause one to totter; to overpower one (said of sleep or intoxication).

୬ । ଘୁରାଇବା—6. To whirl.

୭ । ଝାମ୍ପିବା—7. To swoop (Howells).

୮ । ଦୋହୋଲାଇବା; ଜୋରରେ ହଲାଇବା— 8. To give a violent shaking.

ଝାଙ୍କି ମାରିବା—ଦେ. କ୍ରି—୧ । ଲୁଚିକରି ବାରଂବାର ଚାହିଁବା—
Jhāṅki māribā — 1. To peep stealthily.
ऊँकि मारा
୨ । ଉଚ୍ଚ ପଦାର୍ଥର ଅନ୍ତରାଳରୁ ଚାହିଁବା—
ঝাঁক মারনা — To peep over a high barrier.

ଝାଙ୍କି ହେବା—ଦେ. କ୍ରି—୧ । ଟାଣିହେବା; ତଳକୁ ଖସି ଆସିବା—
Jhāṅki hebā — 1. To be pulled or drawn downwards.

ତେଣୁ ଝାଙ୍କି ହୋଇ ସେ ଦରଶିଲା ଘନ—କୃଷ୍ଣସିଂହ ମହାଭାରତ. ବନ ।

୨ । ଘୂର୍ଣ୍ଣିତ ହେବା; (ମୁଣ୍ଡ) ବୁଲାଇ ହେବା— 2. To reel.
(ଯଥା—ମୋ ମୁଣ୍ଡଟା ଝାଙ୍କି ହେଉଛି ।)

ଝାଙ୍କୁଲା—ପ୍ରାଦେ (ଯାଜପୁର) ବିଣ—ଝାମ୍ପୁଲା—
Jhāṅkulā — Bushy; spreading.

ଝାଙ୍କେ—ଦେ. ଅ—ଏକ ଝାଙ୍କ; ଏକ ବର୍ଷା; ତୁହେ; ଝୁଙ୍କେ—
Jhāṅke — One shower or paroxysm (e.g. of rebuke, or thrashing); a fit.
(ଯଥା—ମୁଁ ତାଙ୍କ ସଙ୍ଗେ ଝାଙ୍କେ କଳି କଲି ।)

ଝାଙ୍କେ ଝାଙ୍କେ—ଦେ. ଅ—ଦଳଦଳ ହୋଇ—
Jhāṅke jhāṅke — In numbers; in crowds.
ঝাঙ্কঝাঙ্ক

ଗଜ ତୁରଗ ଶାଳା ପାଶେ,
ବସନ୍ତି ମୃଗ ଝାଙ୍କେ ଝାଙ୍କେ । ଜଗନ୍ନାଥ. ଭାଗବତ ।

ଝାଙ୍ଗଡ଼—ପ୍ରାଦେ. (ସମ୍ବଲପୁର) ବି. ପୁଂ (ସଂ. ଜାଙ୍ଗଳିକ)—ଧାଙ୍ଗଡ଼;
Jhāṅgaṛa — ଟୋକା—Young chap.
(ଝାଙ୍ଗଡ଼ା—ଅନ୍ୟରୂପ)
(ଝାଙ୍ଗଡ଼ୀ—ସ୍ତ୍ରୀ)

ଝାଞ୍ଜ—ଦେ. ବି (ସଂ. ଝର୍ଝର)—କଂସାମିଶା ପିତଳର ବୃହଦାକାର ଓ
Jhāñja — ପତଳା କରତାଳ—Thin and wide cymbals of brass mixed with bell-metal.
ঝাংঝর
झाँझ
[ଦ୍ର—ଏହା ଦେବାଳୟାଦିରେ ମୃଦଙ୍ଗ ବାଦ୍ୟ ସଙ୍ଗେ ଓ ସଙ୍କୀର୍ତ୍ତନରେ ବଜାଯାଏ ।]

ଝାଞ୍ଜ ପେଲିବା—ଦେ. କ୍ରି—ଝାଞ୍ଜ ବଜାଇବା—
Jhāñja pelibā — To strike or sound cymbals.
(ଝାଞ୍ଜ ପିଟିବା—ଅନ୍ୟରୂପ) ଅରୁଣ ପଣ୍ଡାଏ ଚକ୍ର ପେଲୁଅଛି ଝାଞ୍ଜ—
ଗ୍ରାତୀ. ବ୍ରହ୍ମନର୍ତ୍ତୁପଣଗୀତା ।

ଝାଞ୍ଜରି—ଦେ. ବି (ସଂ. ଝର୍ଝର)—ଲୁହାର ବା ପିତଳର ବହୁ ଛିଦ୍ର ବା
Jhāñjari — ଜାଲିବିଶିଷ୍ଟ ଚଲୁଣୀ—A metal strainer.
ঝাঁঝরি
झांझरी

ଝାଞ୍ଜରି ପକା(କେ)ଇବା—ଦେ. କ୍ରି—ଝାଞ୍ଜରିବା (ଦେଖ)
Jhāñjari pakā(ke)ibā — Jhāñjaribā (See)

ଝାଞ୍ଜରିବା—ଦେ. କ୍ରି (ସଂ. ଜର୍ଜର)—କୌଣସି ପଦାର୍ଥକୁ (ପୋକଆଦି
Jhāñjaribā — ଖାଇ) ବହୁ ଛିଦ୍ରଯୁକ୍ତ କରିବା—To bore innumberable holes into a thing (e. g. insects eating into a book or wood),

ଝାଞ୍ଜି—ଦେ. ବି [ସଂ. ଦ୍ରା ଧାତୁ (ଅଗ୍ନି ସଂଯୋଗ) ଜନ୍ମା ଜର୍ଜର]—
Jhāñji — ୧ । ଗରମ; ଉତ୍ତାପ; ତାତି; ସନ୍ତାପ—1. Heat; excessive heat.
ঝাঁঝ
झाँझ
ଝଷଧ୍ୱଜ ପୀଡ଼ା ଝାଞ୍ଜି ତାତରୁ—କବିସୂର୍ଯ୍ୟ, ଜଗୋଦ୍ଧବନ୍ତୁ. ଝ. ଗୀତ ।

୨ । (ସଂ. ଜର୍ଜର=ଶୈବାଳ) ବୋରଝାଞ୍ଜି ନାମକ ଭାସମାନ
ঝাঁজী
ଦଳବିଶେଷ—2. A kind of aquatic broad-and-thick-leaved plant floating on water.
[ଦ୍ର—ଏଥିର ପତ୍ର ଗୋଲ, ଗୋଲାପଫୁଲର ପାଖୁଡ଼ାପରି; ତେର ସରୁସରୁ, ଫୁଲ ନାହିଁ; ଏହା ପବନଦ୍ୱାରା ଜଳାଶୟର ଏପାଖ ସେପାଖକୁ ଉଡ଼ି ହୋଇ ଯାଇ ଭାସୁଥାଏ ।]

୩ । ଆତାପତାପିତ ବାୟୁ; ତପ୍ତ ବାୟୁ; ଲୁ; ତବଡ଼ି— 3. Hot waves of air; heat-waves.
(ଯଥା—ବୈଶାଖମାସ ଦୁଇପହରବେଳେ ଖୁବ୍ ଝାଞ୍ଜି ପିଟୁଛି ।)

ଦେ. ବିଣ—୧ । ଅସହ୍ୟ ତାପଯୁକ୍ତ—1. Unbearably hot.
୨ । ଉତ୍ତପ୍ତ—2. Heated.

ଝାଞ୍ଜି ତାତି—ଦେ. ବି—ଅସହ୍ୟ ଉତ୍ତାପ—
Jhāñji tāti — Intolerable heat.

ଝାଞ୍ଜି ପିଟିବା—ଦେ. କ୍ରି—ଉତ୍ତପ୍ତ ବାୟୁ ବେଗରେ ବହିବା—
Jhāñji piṭibā — Blowing of hot blasts of air.
ଝାଞ୍ଜି ବୋହିବା } ଅନ୍ୟରୂପ
ଝାଞ୍ଜି ମାରିବା }
[ଦ୍ର—ଗ୍ରୀଷ୍ମକାଳ ଦ୍ୱିପ୍ରହର ସମୟରେ ଝାଞ୍ଜି ପିଟେ ।]

ଝାଞ୍ଜି ମୁଗ—ଦେ. ବି—ଝାଇଁ ମୁଗ (ଦେଖ)
Jhāñji muga — Jhāiñ-muga (See)

ଝାଞ୍ଜିରି—ଦେ. ବି (ସଂ. ଝର୍ଝର)—ପାଣିନଳା ମୁହଁରେ ଦିଆଯିବା ଲୁହାର
Jhāñjiri — ଜାଲି—A latticed frame given at the mouth of water-pipes.
ঝাঁঝরী
री

୧	ଇ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇୟ	ଉଅ	ଢ
୨	ଈ	ଊ	ୠ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଢ଼	ନ୍

ଝାଞ୍ଜିର ମଙ୍ଗଳା—ଦେ. ବି. ସ୍ତ୍ରୀ—ଗ୍ରାମଦେବତା ବା ଯୋଗିନୀବିଶେଷ—
Jhañjiri maṅgaḻā Name of a village-Goddess.

ଝାଟ—ସଂ. ବି—(ସଂ. ଝଟଧାତୁ=ସଂହତ ହେବା+କର୍ତ୍ତୃ.ଅ) ୧ । ନିକୁଞ୍ଜ—
Jhāṭa 1. Grove.
୨ । ଗୁଳ୍ମ; କ୍ଷୁଦ୍ର ବୃକ୍ଷ—2. Small tree; plant.
୩ । ବୁଦା—3. Bush.
୪ । ମାର୍ଜନା; ଓଳାଇବା—4. Sweeping with a broom.
ଦେ. ବି—ପ୍ରହାରାର୍ଥ ବ୍ୟବହୃତ ପତ୍ର ଓ ଶାଖାବିହୀନ ଛୋଟ ଡାଳ; ଛାଟ; ଛାଟଅ—1. A small leafless and branchless twig used for thrashing.

ଝାଟପାଟ—ଦେ. ବି. (ସଂ. ଝାଟ+ନିରର୍ଥକ ସହଚର)—ଝାଟିରେ
Jhāṭa-pāṭa ଓଳାଇବା; ଝାଡ଼ିବା—Sweeping with a
ঝাঁট, ঝাঁটি mop or brush.
झाड़पोंछ

ଝାଟା—ସଂ.ବି. (ଝଟଧାତୁ=ଜଡ଼ା ହେବା, ଣିଜନ୍ତ ଝାଟଧାତୁ=ଜଡ଼ା କରିବା
Jhāṭā +କରଣ ଅ)—୧ । ସମ୍ମାର୍ଜ୍ଜନୀ (ଝାଟେନୃ)—
1. Broom; sweeping mop.
୨ । ଯୂଇ (ଦେଖ)
2. Jūi (See)
୩ । ଭୂଇଁ ଅଁଳା (ଦେଖ)
3. Bhūiṅ-a-aṅḻā (See)

ଝାଟି—ଦେ. ବି. (ସଂ.ଝାଟ)—୧ । ବୃକ୍ଷର ସରୁ ସରୁ ଶାଖାମାନଙ୍କ ଗୁଚ୍ଛ—
Jhāṭi 1. A custer of twigs of a tree or plant;
ফাকড়া, কঞ্চি wattle.
टहनी ୨ । ଅଡ଼ୁଆଜଡ଼ୁଆ ଲଟା ଓ ଗୁଳ୍ମ—
2. Tangled twigs and creepers.
୩ । ଝଟା—3. Twigs; brush-wood.
୪ । ବାଉଁଶ କଣି—4. The twigs of bamboo.
୫ । ହରଡ଼ ଆଦି ଗଛର ସରୁଦଣ୍ଡ—
5. Thin stems of plants.

ଝାଟିଆ—ଦେ. ବି.—ଝାଟି (ଦେଖ)
Jhāṭiā Jhāṭi (See)
ଦେ. ବିଣ—୧ । ଝାଟିପୂର୍ଣ୍ଣ—1. Full of twigs.
୨ । ଅଡ଼ୁଆ ଜଡ଼ୁଆ—2. Complicated; tangled.

ଝାଟିକା—ସଂ. ବି.—ଯୂଇ (ଦେଖ) (Apte)
Jhāṭikā Jūi (See)
ଝାଟୀ }
ଝଟୀକା } ଅନ୍ୟରୂପ

ଝାଟି ଚମ୍ପା—ପ୍ରାଦେ (ଗଡ଼ଜାତ) ବି—ଏକ ପ୍ରକାର ବଡ଼ ଗଛ—
Jhāṭi champā A kind of big wild tree.

[ଦ୍ର—ଏହା ଉଚ୍ଚତାରେ ୮୧୦ ହାତ ପର୍ଯ୍ୟନ୍ତ ବଢ଼େ; ପତ୍ର ଅମ୍ଳ ପତ୍ର ପରି । ପତ୍ରକୁ ୨୫ ମରିଚ ସଙ୍ଗେ ବାଟିଲେ ନାଳନାଳୁଅ ହୁଏ । ତାକୁ ଘାଅରେ ଲଗାଇଲେ ଘାଅ ଶୁଖିଯାଏ ।]

ଝାଟିମାଟି—ଦେ. ବି.—ଝାଟିଦ୍ୱାରା ବାଡ଼ ଦେଇ ତା ଉପରେ ମାଟି ଛାଟି
Jhāṭi-māṭi କାନ୍ଥ ତିଆରି କରିବା ପ୍ରଣାଳୀ—
ঝিটাবেড়া; ছিটাবেড়া Mud-and-wattie; clay besmeared over twigs twined together for raising a wall.

ଝାଟିମାଟି କାନ୍ଥ—ଦେ. ବି—ଝାଟିମାଟି ପ୍ରକ୍ରିୟାରେ କରାଯାଇଥିବା
Jhāṭi-māṭi kāntha ଘରର କାନ୍ଥ—Wall raised by
ঝিটাবেড়ারদেবাল putting clay over twigs, mud-and-wattle wall.

ଝାଟିମାଟି ସଡ଼କ—ଦେ. ବି—ବାଲି ବା କାଦୁଅ ଉପରେ ଗୁଡ଼ାଏ ଝାଟି
Jhāṭimāṭi saṛdaka ଦେଇ ତା ଉପରେ ମାଟି ବିଛାଇ କରାଯିବା
ঝিটাবেড়ারবাস্তা ସଡ଼କ—A fair-weather road made by spreading earth on twigs laid over sand or mud.

[ଦ୍ର—ଏ ସଡ଼କରେ ଘୋଡ଼ା ବଳଦଆଦିଙ୍କ ଗୋଡ଼ ବା ଗାଡ଼ିର ଚକ ବାଲିରେ ବା କାଦୁଅରେ ଭିତରକୁ ପଶିଯାଏ ନାହିଁ, ଏଥିପାଇଁ ଗମନାଗମନର ସୁବିଧା ହୁଏ ।]

ଝାଟୁଆ—ଦେ. ବି. (ସଂ. ଝାଟ=ମାର୍ଜନା)—
Jhāṭuā ୧ । ଝାଡ଼ୁଣୀ—1. Sweeping mop.
ঝাটা ୨ । ଝାଡ଼ୁଣୀ ଦ୍ୱାରା ଓଳଅ ହୋଇଥିବା ଅଳଅ ବା
झाड़न ଆବର୍ଜ୍ଜନା—2. Sweepings.
(ଝାଟେଇ—ସ୍ତ୍ରୀ) ଦେ. ବିଣ. ପୁଂ· (ସଂ. ଦୁଷ୍ଟ—
୧ । ଧଠ (ବ୍ୟକ୍ତି)—1. Pertinacious.
୨ । ଯେ ଅଡ଼ୁଆ ଲଗାଏ—
2. Creating complications.

ଝାଟୁଆ(ଏ)ଇବା—ଦେ. କ୍ରି. (ସଂ. ଝାଟ)—ଆବର୍ଜ୍ଜନା ସବୁ ଓଳାଇବା—
Jhāṭuā(e)ibā To sweep; to brush.
ঝাড়া ଘରଯାକ ସବୁ ସେ ଝାଟୁଆଇ ରହୁ ।
झाड़ना କୃଷ୍ଣସିଂହ, ମହାଭାରତ, ବନ ।

ଝାଟୁଆ ଗଦା—ଦେ. ବି—ଅଳଅ ଗଦା; ଯେଉଁ ଗଦାରେ ଅଳଅମାନ
Jhāṭuā gadā ଜମାକରା ଯାଏ—Refuse-heap; a heap of sweepings and refuse matter.

ଝାଟେଇବା—ଦେ. କ୍ରି. (ସଂ. ଝାଟ)—ଝାଟୁଆଇବା (ଦେଖ)
Jhāṭeibā Jhāṭuāibā (See)
(ଝାଟୋଇବା—ଅନ୍ୟରୂପ)

ଝାଡ଼ କୁନ୍ଦୁରି—ଦେ. ବି—ମଟକା (୧) (ଦେଖ)
Jhārḍa kunduri Maṭakā (1) (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃତତ ୧ ଚଢ଼ିତ ଅକ୍ଷର ଓ ମାତ୍ରା ଏବ ୨ ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତ ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୁଖ' ନ ମିଳିଲେ 'ଭୂଖ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳକତ' ନ ପାଇଲେ 'ଅଲ୍‌କତ' ଦେଖିବେ

ଝାଡ଼—ଦେ. ବି. (ସଂ. ଝାଟ=କ୍ଷୁଦ୍ର ବୃକ୍ଷ; ଝଟ ଧାତୁ=ସଂଘାତକରଣ)—
Jhārda ୧ । ଅରଣ୍ୟ; ବଣ; ଜଙ୍ଗଲ—1. Forest.
ঝাড়
झाड़

ଝାଡ଼ ଫସାରେ ମନ ଝସାଇ ପଶୁ ।
ମନବୋଧ. ଚଉତିଶା ।

୨ । ବୁଦା—2. Shrub; bush.
୩ । କାଣ୍ଡ; ଗୁଚ୍ଛ—3. Tuft; cluster; bunch.
୪ । (ଏହା ବୁଦାର ଅନୁକୃତବିଶିଷ୍ଟ ଦେଖାଯିବାରୁ) ବହୁସଂଖ୍ୟକ ପ୍ରଦୀପମଣ୍ଡିତ କାଚର ଆଲୋକାଧାର; ବହୁଶାଖାଯୁକ୍ତ କାଚର ଦୀପବୃକ୍ଷ—
4. A cluster of glass lamps; chandeliers candelebra.

ଝୁଲୁଛି ମାଣିକ୍ୟ ହାଣ୍ଡି, ମାଣିକ୍ୟର ଝାଡ଼
ଥୋପା ଥୋପା ଗଜମୁକ୍ତା ଗୁନ୍ଥିତ ଗୃହରେ । ଚନ୍ଦ୍ରାମଣି, ଚକ୍ରମାଧବ୍ୟ ।

ପ୍ରାଦେ. (ସମ୍ବଲପୁର) ବି— ସୁନା ତାର ବା ରୁପା ତାରରେ ନିର୍ମିତ ଶାଖାପତ୍ରଯୁକ୍ତ ବୃକ୍ଷାକୃତିବିଶିଷ୍ଟ ଅତରଦାନ୍—
Attardan of gold or silver filagree work in the shape of a tree.

ଝାଡ଼ଖଣ୍ଡ— ଦେ. ବି. (ସଂ. ଝାଟ + ଖଣ୍ଡ)—
Jhārda-khanda ୧ । ଜଙ୍ଗଲି ମୁଲକ; ବଣୁଆ ରାଜ୍ୟ ବା ଦେଶ; ଯେଉଁ ରାଜ୍ୟ ଜଙ୍ଗଲରେ ପୂର୍ଣ୍ଣ; ଆରଣ୍ୟ ଅଞ୍ଚଳ; ଗଡ଼ଜାତ—1. Wild tract of country; hill-state; a country full of forests.
ঝাড়খণ্ড
झाड़खण्ड

ଝାଡ଼ଖଣ୍ଡ ରସା ବାଦସା ଭଣେ । କୃଷ୍ଣସୂର୍ଯ୍ୟ ଜଗୋପ ଚମ୍ପୂ ଝ. ଗୀତ ।

୨ । ମଧ୍ୟପ୍ରଦେଶର ଛତିଶଗଡ଼ ଆଦି ଅରଣ୍ୟମୟ ଅଞ୍ଚଳ—
2. The wild tract of the Central Province.
୩ । ବୈଦ୍ୟନାଥ ଧାମ (ଜ୍ଞାନେନ୍ଦ୍ର) (ଦେଖ)
3. Baidyanātha dhāma (See)
[ଦ—ବୈଦ୍ୟନାଥ ଧାମଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଯେଉଁ ପାହାଡ଼ ଓ ଜଙ୍ଗଲ ଶ୍ରେଣୀ ଲାଗିଛି ତହିଁର ଭିନ୍ନ ଭିନ୍ନ ଅଂଶ ଝାଡ଼ଖଣ୍ଡ ନାମରେ ଅଭିହିତ ହେବାର ପ୍ରାଚୀନ ଓଡ଼ିଆ ଗ୍ରନ୍ଥମାନଙ୍କରେ ଦେଖାଯାଏ । ମୁସଲମାନମାନଙ୍କ ରଚିତ ଭାରତ ଇତିହାସମାନଙ୍କରେ ଛତିଶଗଡ଼ ଓ ଗଣ୍ଡବାନା ଅଞ୍ଚଳର ଭୂଭାଗ ଝାଡ଼ଖଣ୍ଡ ନାମରେ ଅଭିହିତ (ହି. ଶବ୍ଦସାଗର) । ବଙ୍ଗୀୟ ବୈଷ୍ଣବ ସାହିତ୍ୟରେ ବୈଦ୍ୟନାଥଧାମ ଓ ସ୍ଥଳବିଶେଷରେ ଓଡ଼ିଶାର ଗଡ଼ଜାତ ଓ ଛତିଶଗଡ଼ ଓ ମଧ୍ୟପ୍ରଦେଶର ଅରଣ୍ୟମୟ ଅଞ୍ଚଳକୁ ଝାଡ଼ଖଣ୍ଡ ନାମରେ ଅଭିହିତ କରାଯାଇଅଛି]

ଝାଡ଼ଖଣ୍ଡ ବାଦସା—ଦେ. ବି.—(ସଂ. ଝାଟ + ଖଣ୍ଡ + ଫା. ପାଦ୍‌ଶାହ୍)
Jhārda-khanda bādasā ଝାଡ଼ଖଣ୍ଡ ବା ଅରଣ୍ୟ ପ୍ରଦେଶର ରାଜା—The king of the wild tracts of Central India.
ঝাড়খণ্ড বাদসাহ
झाड़खंड बादसाहा
(ଝାଡ଼ଖଣ୍ଡ ପାଇଶା; ଝାଡ଼ଖଣ୍ଡ ପାତିସା—ଅନ୍ୟରୂପ)

ଝାଡ଼ଖଣ୍ଡି—ଦେ. ବି—ଝାଡ଼ଖଣ୍ଡ (ଦେଖ)
Jhārda-khandi Jhārda-khanda (See)

ଝାଡ଼ ଗିଲାସ—ଦେ. ବି (ସଂ. ଝାଟ + ଇଂ. ଗ୍ଲାସ୍)—ଝାଡ଼ ୪ (ଦେଖ)
Jhārda gilāsa Jhārda 4 (See)
ঝাড়গেলাস
झाड़गिलास

ଝାଡ଼ ଗୁରୁଡ଼—ଦେ. ବି—ଜଙ୍ଗଲରେ ମଳକୁ ଉଠିଥିବା ଆମ୍ବଗଛମାନଙ୍କରେ
Jhārda-gururdi ଯେଉଁ ଗୁରୁଡ଼ି ବା ଛୋଟଛୋଟ ଆମ୍ବ ଫଳେ; ବନ୍ୟ ଆମ୍ରବୃକ୍ଷଜାତ କ୍ଷୁଦ୍ର ଫଳ—Small mangoes from trees growing wild in forest.
ଝାଡ଼ଗୁରୁଡ଼ି, ଝାଡ଼ଗିରଡ଼ି, ଝାଡ଼ଗେରଡ଼ି } ଅନ୍ୟରୂପ

ଝାଡ଼ ଜୟପୁର—ଦେ. ବି. (ନାମ)—ଦକ୍ଷିଣାତ୍ୟର ବିଶାଖାପଟ୍ଟଣା
Jhārda jayapura ଜିଲ୍ଲା ଅନ୍ତର୍ଗତ ଜଙ୍ଗଲୀପୂର୍ଣ୍ଣ ଜମିଦାରୀ ରାଜ୍ୟ—The Jeypur estate in the disrict of Vizagapatam.
(ଝାଡ଼ ଜୟପୁର—ଅନ୍ୟରୂପ)
[ଦ୍ର—ରାଜପୁତନା ଅଞ୍ଚଳର ଗଡ଼ଜାତ 'ଜୟପୁର' ଠାରୁ ବିଶାଖାପଟ୍ଟଣା ଜିଲ୍ଲାର ଜୟପୁର ରାଜ୍ୟକୁ ଚିହ୍ନାଇବା ପାଇଁ ଲୋକେ ରାଜ୍ୟକୁ ଝାଡ଼ଜୟପୁର ନାମରେ ଡକାଯାଏ । ଏହା ମାନ୍ଦ୍ରାଜ ପ୍ରଦେଶର ଅଧୀନ ଥିଲେ ମଧ୍ୟ ଏଥିର ଅଧିକାଂଶ ଲୋକ ଓଡ଼ିଆ ଓ ଏଥିର ରାଜା ଓଡ଼ିଆ । ନୂତନ ଓଡ଼ିଶା ପ୍ରଦେଶର ସୀମା-ନିରୂପକ କମିସନ୍ ଏହାକୁ ଓଡ଼ିଆ ଅଞ୍ଚଳରୂପେ ଗଣ୍ୟ କରଅଛନ୍ତି ।]

ଝାଡ଼ଝୁଡ଼—ଦେ. ବି—୧ । କୌଣସି ପାତ୍ରରୁ କୌଣସି ପଦାର୍ଥ ସମ୍ପୂର୍ଣ୍ଣ
Jhārda jhurda ରୂପେ ନିଃଶେଷିତ ହୋଇଥିବା ଅବସ୍ଥା—
ঝাড়াঝুড়ি 1. The condition of a pot being
झाड़बुहार emptied of all the contents.
୨ । ଝାଡ଼ ଫୁଙ୍କ (ଦେଖ)
2. Jhārda phunka (See)
୩ । କୌଣସି ସ୍ଥାନ ଉତ୍ତମରୂପେ ସମ୍ମାର୍ଜନ ବା ପରିଷ୍କୃତ କରିବା; ଝାଡ଼ାଝଡ଼ା—
3. Sweeping a place clean.
ଦେ. ବଣ—ସମ୍ପୂର୍ଣ୍ଣରୂପେ ନିଃଶେଷିତ (ଦ୍ରବ୍ୟ ବା ଆଧାର)—
(a pot) Emptied completely.
ଦେ. କି. ବଣ—୧ । ସମ୍ପୂର୍ଣ୍ଣରୂପେ ନିଃଶେଷିତ କରି—
1. Emptying completely.
୨ । ସମ୍ପୂର୍ଣ୍ଣରୂପେ ଧୂଳି ଓ ଅଳିଆ ଆଦି ପରିଷ୍କାର କରି—
2. By cleansing and dusting thoroughly.

ଝାଡ଼ଣ—ଦେ. ବି. (ସଂ. ଝଟ ଧାତୁ=ଗଦା ହେବା)—
Jhārdana ୧ । ଯାହାଦ୍ୱାରା ଘର ବା ଘରର ଉପକରଣମାନଙ୍କରୁ ଧୂଳି ଝାଡ଼ନ୍ତି; ପୋଛା; ସମ୍ମାର୍ଜନୀ—1. A duster.
ঝাড়ন
झाड़न ୨ । ଝାଡ଼ିବା କର୍ମ; ଝଡ଼ା—
2. Act of shaking off; dusting or cleansing.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇୟ୍	ଉଅ	ଛ
୨	ଈ	ଊ	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଞ	ନ୍ତ

ଝାଲଝାଡ଼ା ୩ । ଗାଳି ବୃଷ୍ଟି; ଯୋଧନ—
3. A shower of rebukes or abuses.

ଝାଡ଼ଣି—ଦେ. ବ—ଝାଡ଼ଣ ୧ ଓ ୩ (ଦେଖ)
Jhārḍaṇi — Jhārḍaṇa 1 & 3 (See)
(ଝାଡ଼ଣୀ; ଝାଡ଼େଣି—ଅନ୍ୟରୂପ)

ଝାଡ଼ନ—ଦେ. ବ—ଝାଡ଼ଣ (ଦେଖ)
Jhārḍana — Jhārḍaṇa (See)

ଝାଡ଼ ପା(ଫା)ନ(ନୁ)ସ—ଦେ. ବ. (ଫ. ଝାଡ଼+ଫା. ଫାନୁସ୍)—
Jhārḍa pā(phā)na(nu)sa ୧ । ପ୍ରେସଙ୍ଗ ଓ ମଜଲିସରେ
ঝাড়ফানস ସଜା ଯିବା ତାଡ଼ର ଅନେକ ଗ୍ଲୁବମାନ—
झाड़फानूस 1. Chandeliars and chinese lanterns.
୨ । ଏକପ୍ରକାର ବାଣ ବା ଆତସବାଜି ଯାହା ଜଳା ଗଲେ ଝାଡ଼ ପରି ଦେଖାଯାଏ—
2 A kind of firework which exhibits chandeliar-figures when set on fire.

ଝାଡ଼ପୁଡ଼—ଗ୍ରା. ବ—ଝାଡ଼ଝୁଡ଼ (ଦେଖ)
Jhārḍa-purḍa — Jhārḍa-jhurḍa (See)

ଝାଡ଼ ଫୁଙ୍କ—ଦେ. ବ. (ସଦୃଶ; ଝାଡ଼=ସମ୍ମାର୍ଜନ+ଫୁତ୍କାର)—
Jhārḍa phuṅka ରୋଗ ବା ଭୂତାଦ ଅପସାରଣାର୍ଥ ମନ୍ତ୍ର ଉଚ୍ଚାରଣ
ঝাড়ফুঙ্ক କରି ରୋଗାକ୍ରାନ୍ତ ବା ଭୂତାକ୍ରାନ୍ତ ବ୍ୟକ୍ତିର ଅଙ୍ଗରେ
झाड़फुक्क ଆଙ୍ଗୁଠି ଚଳାଇବା (ଝାଡ଼ିବା) ଓ ଅଙ୍ଗମାନଙ୍କରେ ଫୁତ୍କାର ଦେବା (ଫୁଙ୍କିବା)—Moving the fingers and blowing whiffs on the body of a person attacked with fever or evil spirits; exorcising, making passes over the body of a person possessed of evil spirit or suffering from some disease.

ଝାଡ଼ବାଈ—ଦେ. ବ. ସ୍ତ୍ରୀ—ଗ୍ରାମଦେବତାବିଶେଷ—
Jhārḍa-bāi — Name of a village-Goddess.

ଝାଡ଼ବାସିନୀ—ଦେ. ବ. ସ୍ତ୍ରୀ—ଗ୍ରାମଦେବତାବିଶେଷ—
Jhārḍa-bāsini — Name of a village-Goddess.

ଝାଡ଼ ମାଲି—ପ୍ରାଦେ. (ଗଞ୍ଜାମ) ବ—ଡାଆଣୀ ଓ ଭୂତ ଆଦି ଛଡ଼ାଇବା
Jhārḍa-māli ପାଇଁ ବ୍ୟବହୃତ ମନ୍ତ୍ରଯନ୍ତ୍ରସମ୍ବଳିତ ଗୁଣିବିଦ୍ୟା—
Charms and esoteric formulae used by exorcists.

ଝାଡ଼ା—ଦେ. ବ. (ସ. ଝଟ ଧାତୁ=ସଙ୍ଗୀ କରଣ; ଏ ଶବ୍ଦ ହିନ୍ଦୀରେ
Jhārḍā — ବ୍ୟବହୃତ)—
বাহ্যে; বাহ্যি ୧ । ମଳ; ଗୁହ; ବିଷ୍ଠା—1. Ordure.
झाड़ा ୨ । ଅଧିକ ମଳ ନିଃସରଣ; ଅତିସାର ବା ଓଲାଉଠା ରୋଗ—2. Diarrhoea; dysentery; cholera.
୩ । ମଳତ୍ୟାଗ; ହଗଣା; ହଗିବା—3. Act of easing oneself; discharge from the bowels.
୪ । ସିତାରର ସବୁ ତାରମାନ ଏକସଙ୍ଗେ ବାଜିବା—
4. The simultaneous vibration of all the strings of a guitar.
୫ । ଝଡ଼ା (ଦେଖ)
5. Jharḍā (See)

ଝାଡ଼ାକଇ—ଦେ. ବି. (ସ. ଝଟ ଧାତୁ+ଅ. କୈ)—ଓଲାଉଠା ରୋଗ;
Jhārḍā-kai ବିସୂଚିକା—Cholera.
ওলাওঠা; ভেদবমি [ଦ୍ର—ଏହି ରୋଗରେ ବିଶେଷ ଝାଡ଼ା ଓ କଇ
हैजा (ବାନ୍ତି) ହୁଏ; ଶେଷରେ ଶୀଘ୍ରମଇ ଉଠେ ଓ ମନୁଷ୍ୟ ମରି ଯାଏ । ଏହା ଗୋଟିଏ ସଂକ୍ରାମକ ଓ ମାରାତ୍ମକ ରୋଗ । ଜୀବାଣୁମାନଙ୍କଦ୍ୱାରା (Bacilli) ଏହି ରୋଗ ଜାତ ହୁଏ ବୋଲି ଆଧୁନିକ ଯୁଗର ପାରଦର୍ଶୀ ଚିକିତ୍ସକମାନେ ନିର୍ଣ୍ଣୟ କରିଅଛନ୍ତି । ଭାରତରେ ପ୍ରାଚୀନକାଳରେ ଏ ରୋଗ ନ ଥିଲା । ଷୋଡ଼ଶ ଶତାବ୍ଦୀରେ ଏହା ପ୍ରଥମେ ପଞ୍ଜାବରେ ଇଂରାଜଙ୍କ ସୈନ୍ୟଙ୍କ ମଧ୍ୟରେ ଦେଖାଗଲା ।]

ଝାଡ଼ାକଇଆ—ଦେ. ବିଣ. ପୁଂ—୧ । ଓଲାଉଠା ରୋଗାକ୍ରାନ୍ତ—
Jhārḍā-kaiā 1. Attacked with cholera.
(ଯଥା—ଝାଡ଼ାକଇଆ ମଲୁ ।)
୨ । (ଗାଳି ବା ଅଭିଶାପରେ ବ୍ୟବହୃତ) ଯେ ଓଲାଉଠାରେ ମରିବ—2. (a curse) Beest thou attacked with cholera.

ଝାଡ଼ା କବଜ—ଦେ. ବ. (ହି. ଝାଡ଼ା+ଅ. କବ୍ଜିୟତ୍)—
Jhārḍā kabaja କୋଷ୍ଠବଦ୍ଧ ହେବା—
বাহ্যিকবজ Constipation; costiveness.
कबजियत
(ଝାଡ଼ା କବଜା; ଝାଡ଼ା କବଜିବା—ଅନ୍ୟରୂପ)

ଝାଡ଼ା କରା(ରେ)ଇବା—ଦେ. କ୍ରି—ଔଷଧାଦି ପ୍ରୟୋଗ ଦ୍ୱାରା କୋଷ୍ଠଶୁଦ୍ଧି
Jhārḍā karā(re)ibā କରାଇବା—To cause looseness
বাহ্যিকরান of bowels by a dose of purgative
झाड़ा करवाना medicine or appliance.

ଝାଡ଼ା ତଲବ—ଦେ. ବ. (ହି. ଝାଡ଼ା+ଅ. ତଲବ)—
Jhārḍā talaba ପୋଖରୀ ମାଡ଼ିବା; ମଳତ୍ୟାଗ କରିବା ନିମନ୍ତେ
বাহ্যেপাওয়া ବେଗ ଦେଖାଇବା; ମଳୋତ୍ସର୍ଗର ବେଗ; ଗୁରୁ-
झाड़ा तलब ଶଙ୍କା—A tendency of easing one's self.
[ଝାଡ଼ା ଦେଖା(ଖେ)ଇବା, ଝାଡ଼ା ମାଡ଼ିବା—ଅନ୍ୟରୂପ]

ଝାଡ଼ା ଦେବା—ଦେ. କ୍ରି (କଟକିଆ)—ଝଡ଼ା ଦେବା (ଦେଖ)
Jhārḍā debā — Jharḍā debā (See)
ঝাড়া দেওয়া
झाड़ा देना

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉକ୍ତର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝାଡ଼ା ପରିଷ୍କାର—ଦେ. ବି—କୋଷ୍ଠ ପରିଷ୍କାର; କୋଷ୍ଠଶୁଦ୍ଧି—
Jhārdā parishkāra — Easy evacuation of the bowels.
बाह्यिसाफ
झाड़ासाफ

ଝାଡ଼ା ଫେରିବା—ଦେ. କ୍ରି—ମଳତ୍ୟାଗ କରିବା; ମଳୋତ୍ସର୍ଗ କରିବା; ପୋଖରୀପାଣି ବସିବା—
Jhārdā pheribā
बाह्यि फेरा — To ease oneself; to defecate.
झाड़ा फिरना
[ଝାଡ଼ା ଫେରି(ରେ)ଇବା—ଣିଜନ୍ତ]

ଝାଡ଼ା ବନ୍ଦ—ଦେ. ବି. (ହି. ଝାଡ଼ା + ସଂ. ବନ୍ଧନ)—
Jhārdā banda — ୧ । ଝାଡ଼ା କବଜ (ଦେଖ)
बाह्यिबन्द — 1. Jhārdā kabaja (See)
झाड़ाबन्द — ୨ । ଅଦୌ ମଳୋତ୍ସର୍ଗ ନ ହେବା—
2. Stoppage of the action of bowels.

ଝାଡ଼ାବାଛ—ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ଧାନ—
Jhārdābāchha — A species of paddy.

ଝାଡ଼ାବାନ୍ତି—ଦେ. ବି—ଝାଡ଼ାକଇ (ଦେଖ)
Jhārdā-bānti — Jhārdā-kai (See)

ଝାଡ଼ାବାନ୍ତିଆ—ଦେ. ବିଣ. ପୁଂ—ଝାଡ଼ାକଇଆ (ଦେଖ)
Jhārdā-bāntiā — Jhārdā-kaiā (See)

ଝାଡ଼ା ମାଡ଼ିବା—ଦେ. ବି—ଝାଡ଼ା ତଲବ (ଦେଖ)
Jhārdā mārdibā — Jhārdā talaba (See)

ଝାଡ଼ା ସଫା—ଦେ. ବି. (ହି. ଝାଡ଼ା + ପା. ସାଫ୍)—
Jhārdā saphā — ଝାଡ଼ା ପରିଷ୍କାର (ଦେଖ)
Jhārdā parishkāra (See)
(ଝାଡ଼ାସାଫ୍—ଅନ୍ୟରୂପ)

ଝାଡ଼ା ହେବା—ଦେ. ବି—୧ । ମଳୋତ୍ସର୍ଗ—
Jhārdā hebā — 1. Motion of bowels.
बाह्ये हओआ — ୨ । ଅତିରିକ୍ତ ମଳନିଃସରଣ ଦ୍ୱାରା ଅକ୍ରାନ୍ତ ହେବା—
झाड़ा होना — 2. Excessive passing of stools; dysentery or diarrhoea; looseness of bowels.

ଝାଡ଼ି—ଦେ. ବି—କ୍ଷୁଦ୍ର, ବନ; ଛୋଟ ଜଙ୍ଗଲ; ଯେଉଁ ବନରେ ଛୋଟ ଛୋଟ ବୃକ୍ଷମାନ ଥାଏ—Bushy or small forest; the woods; a forest full of bushes and small trees.
Jhārdi
झाड़ी

ଝାଡ଼ିଗୁରୁଡ଼ି—ଦେ. ବି—ଝାଡ଼ଗୁରୁଡ଼ି (ଦେଖ)
Jhārdi-gururdi — Jhārda-gururdi (See)

ଝାଡ଼ିଚମ୍ପା—ଦେ. ବି—ଝାଟିଚମ୍ପା (ଦେଖ)
Jhārdi-champā — Jhāti-champā (See)

ଝାଡ଼ିଝୁଡ଼ି—ଦେ. କ୍ରି. ବିଣ. (ଝାଡ଼ିବା କ୍ରିୟାର ଅସମାପିକା ରୂପ ସଙ୍ଗେ ଧ୍ୱନ୍ୟନୁକାରୀ ଝୁଡ଼ିବା କ୍ରିୟାର ଅସମାପିକା ରୂପ ଯୁକ୍ତ ହୋଇ କ୍ରି, ବିଣ ରୂପେ ବ୍ୟବହୃତ)—
Jhārdijhurdi
झेड़ेझुड़े
झाड़झुड़कर — ୧ । ଉତ୍ତମରୂପେ ପରିଷ୍କାରପୂର୍ବକ; ଉତ୍ତମରୂପେ ଓଳିଅପୋଛିଆ କରି—
(ଝାଡ଼ିଝୁଡ଼ିକରି—ଅନ୍ୟରୂପ)
1. After cleansing thoroughly; after a thorough sweeping.
(ଯଥା—ଘରଟିକୁ ଝାଡ଼ିଝୁଡ଼ି ସଫା କରିଦିଅ ।).
୨ । ନିଃଶେଷ କରି; କିଛି ମାତ୍ର ବାକି ନ ରଖି—
2. Exhaustively; without leaving out any thing in it.
(ଯଥା—ବାକ୍ସକୁ ଝାଡ଼ିଝୁଡ଼ି ଦେଖିଲି ଯେ ସେଥିରେ ଗୋଟିଏ ଅଣା ପଇସା ପଡ଼ିଛି ।)
୩ । ଦେହରେ ବା ଗୃହାଦିରେ ଟିକିଏ ମାତ୍ର ମଳ ବା ଧୂଳି ନ ଥିବା—
3. Without leaving a speck of dust or dirt (in the body or house or place).
୪ । କୌଣସି ବ୍ୟକ୍ତି ନିକଟରେ କପର୍ଦ୍ଦକ ମାତ୍ର ବା ସମ୍ବଳ ମାତ୍ର ନ ଥିବା—4. Without leaving a single penny or article with a person.
(ଯଥା—ଡକାଇତମାନେ ତା ଘରୁ ସବୁ ଝାଡ଼ିଝୁଡ଼ି ଲୁଟି କରି ନେଲେ ।)
୫ । ଦେହରେ ରୋଗର ସାମାନ୍ୟ ଚିହ୍ନ ମାତ୍ର ନ ଥିବା—
5. Without leaving an atom of disease in the body of a person.
(ଯଥା—ବୈଦ୍ୟ ରୋଗୀ ଦେହରୁ ଜ୍ୱରକୁ ଝାଡ଼ିଝୁଡ଼ି ନେଇ ଗଲେ ।)

ଝାଡ଼ିଝୁଡ଼ି ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଦେହର ସବୁ ଅଙ୍ଗରୁ ଧୂଳି ଝାଡ଼ି ବା ମଇଳା ଆଦି ଗାମୁଛା ବା ଝାଡ଼ଣ ଦ୍ୱାରା ସଫା କରିବା—
Jhārdijhurdi debā
झेड़ेझुड़े देओआ
झाड़झुड़ करदेना — 1. To cleanse the body of a person of all dust and dirt with a cloth or duster.
୨ । କୌଣସି ଗୃହ ବା ସ୍ଥାନର ସବୁ ଅଂଶକୁ ଓଳାଇ କରି ସୁପରିଷ୍କୃତ କରିବା—2. To thoroughly sweep a place or house clean.
୩ । କୌଣସି ବ୍ୟକ୍ତିକୁ ନିଃସମ୍ବଳ କରିଦେବା; କୌଣସି ବ୍ୟକ୍ତିଠାରୁ ସମସ୍ତ ଧନ ନିଃଶେଷିତ କରିବା—
3. To make a person pennyless.
୪ । ଶୂନ୍ୟ କରିଦେବା; ଖାଲି କରିଦେବା—
4 To empty; to exhaust.
୫ । ରୋଗୀ ବା ଭୂତାବିଷ୍ଟ ବ୍ୟକ୍ତିର ସର୍ବାଙ୍ଗକୁ ମନ୍ତ୍ରପାଠ ପୂର୍ବକ ଏକାଧିକଥର ଝାଡ଼ିବା—10. To repeatedly make passes and blow air through the mouth on the body of a patient during exorcism.

୧	ଇ	ଉ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ଼	ଉଅ	ଙ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ	ନ୍

ଝାଡ଼ଝୁଡ଼ି ହେବା—ଦେ. କ୍ରି—୧ । ଆପଣା ଦେହ ଓ ଅଙ୍ଗପ୍ରତ୍ୟଙ୍ଗକୁ ହଲାଇ ଦେହରୁ ଧୂଳିଆଦି ଖସାଇଦେବା—
Jhārdijhurdi hebā
ঝাড়া
ঝাড়না
1. To shake off the dust from one's body.

୨ । ଆପଣା ପିନ୍ଧିବା ଲୁଗାପଟାକୁ ଜୋରରେ ହଲାଇ ତହିଁରେ ଲାଗିଥିବା ଅଳଅ ଓ ଧୂଳିଆଦି ଦୂର କରିବା—
2. To shake off the dust or dirt off one's cloth.

୩ । ଦେହରେ ଲାଗିଥିବା ଧୂଳି ଓ ମଇଳାକୁ ହାତ କିମ୍ବା ଗାମୁଛାଦ୍ୱାରା ଶରୀରରେ ଆଘାତ କରି ପୋଛିବା—
3. To shake off dust from one's body with the hand or a duster.

ଏ ଅନ୍ତରେ ସାତ୍ୟକି ହୋଇ ଝାଡ଼ଝୁଡ଼ି
ଉଠେ ଆଣ୍ଠୁ କରି ଧଇଲେ ଖଣ୍ଡା ଉଡ଼ି । କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଝାଡ଼ିଣୀ—ଦେ. ବି—ଝାଡ଼ଣ (ଦେଖ)
Jhārdini Jhārdana (See)

ଝାଡ଼ିବା—ଦେ. କ୍ରି. (ସଂ. ଝଟ୍ ଧାତୁ=ସଂଶୀକରଣ; ଝଡ଼ିବାର ଣିଜନ୍ତ-ରୂପ)—୧ । କୌଣସି ସ୍ଥାନ ବା ବସ୍ତୁକୁ ସମ୍ମାର୍ଜନୀ-ଦ୍ୱାରା ପରିଷ୍କାର କରିବା; ଓଳାଇବା—
Jhārdibā
ঝাড়া
ঝাড়না
1. To cleanse a place or thing of dirt; to sweep a place clean.

୨ । କୌଣସି ପଦାର୍ଥରୁ (ଯଥା—ଗଛଡ଼ାଳରୁ) ତହିଁର କୌଣସି ଅଂଶ (ଯଥା—ଫଳ)କୁ ପୃଥକ୍ କରିବା ଉଦ୍ଦେଶ୍ୟରେ ଉକ୍ତ ପଦାର୍ଥକୁ କମ୍ପାଇବା—
2. To lustily shake a thing (e. g. a branch) to separate a part (e. g. the fruits) from it.

୩ । କୁଲାରେ ଶସ୍ୟାଦି ପାଛୁଡ଼ିବା—
3. To winnow corn etc.

ତଣ୍ଡୁଳ ଅଶେଷ ତୁଷ କୃଷ୍ଟ
ଝାଡ଼ି ଯେସନେ ପ୍ରାଣୀ ଫୁଟ୍ଟ । ଜଗନ୍ନାଥ. ଭାଗବତ ।

୪ । କରତଳଦ୍ୱାରା, ଲୁଗାଦ୍ୱାରା ବା ଝାଡ଼ଣଦ୍ୱାରା କୌଣସି ବ୍ୟକ୍ତିର ଦେହରେ ବା କୌଣସି ପଦାର୍ଥରେ ଲାଗିଥିବା ଧୂଳିକୁ ଦୂର କରିବା—4. To free the body of a person or thing of dust by using a duster or cloth or the palm.

୫ । କୌଣସି ପଦାର୍ଥରେ ଲାଗିଥିବା ଧୂଳି ବା ମଇଳା ବା ଅନ୍ୟବସ୍ତୁ ଯେଉଁପରି ଝଡ଼ିପଡ଼ିବ ବା ଉଡ଼ିଯିବ ସେହିପରି ଉକ୍ତ ପଦାର୍ଥକୁ ଜୋରରେ ହଲାଇବା—5. To shake a thing lustily and with jerks so as the dirt or dust clinging to it will fall down or fly away.

ଏହା ଦେଖି କୃଷ୍ଣ ବାହୁକୁ ଦେଲେ ଝାଡ଼ି
ପଡ଼ିଲେ ସଂଶପ୍ତକମାନେ ତଳେ ଝଡ଼ି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

୬ । ଭୂତପ୍ରେତାଦି ବା ରୋଗ ବା ସର୍ପବିଷ ନିରାକରଣାର୍ଥ ମନ୍ତ୍ର ପଢ଼ି କୌଣସି ବ୍ୟକ୍ତିର ଅଙ୍ଗରେ ହାତ ବୁଲାଇବା—
6 To exorcise; to expel spirits or disease or venom from the body by moving the fingers or making passes on it while chanting charms.

ବଦେହ ପ୍ରେତ ଝାଡ଼ିବାକୁ ଅନ୍ତର-ଗରୁଁ ତୋ ବାଣୀ ମନ୍ତ୍ର ।
ଉପେ, ବୈଦେହୀଶବିଳାସ ।

୭ । ନଡ଼ିଆଗଛରୁ ବର୍ଷକେ ଥରେ ଶୁଖିଲା ବାହୁଙ୍ଗା, ଚଅଁର, ଖୋସାଆଦିକୁ ହାଣି ସଫା କରିବା—6. To cleanse cocoanut trees of dry branches and sheaths etc (once in a year).
[ଝାଡ଼ା(ଡ଼େ)ଇବା—ଣିଜନ୍ତରୂପ]

୮ । (ବାଘ, ବିରାଡ଼ି ଓ କୁକୁରଆଦି ହିଂସ୍ରଜନ୍ତୁ) ଶିକାରକୁ ମୁହଁରେ ଧରି ଜୋର ପୂର୍ବକ ଇତସ୍ତତଃ ଛାଟିଆଡ଼ିବା—
8. To give a rude shaking to a prey (said of tigers, cats and dogs).

ହରିଣ ଶିଶୁକୁ ପଥେ ହିଂସ୍ର ଯେପରି
ଝାବୋଡ଼ି, କାମୋଡ଼ି ଦନ୍ତେ କ୍ଷୀଣ ପ୍ରାଣ ତାର କରେ ଝାଡ଼ି ।
ରାଧାନାଥ. ମହାଯାତ୍ରା ।

୯ । କୁବାକ୍ୟଦ୍ୱାରା ଗାଳି ଦେବା—
9. To abuse or give vent to one's rage.
(ଯଥା—ତାକୁ ଭୂଜେ ଝାଡ଼ି ଦେଲି ।)

୧୦ । ବଳ ଝଡ଼ାଇବା; ଶରୀରର ବଳ ବା ମାଂସ ହରଣ କରିବା; ବଳହୀନ ବା ଶକ୍ତିହୀନ କରିବା—
10. To take away strength or flesh from the body; to emaciate.
(ଯଥା—୮ଦିନ ଜର ତାକୁ ଏକଦମ୍ ଝାଡ଼ିଦେଲା ।)

୧୧ । (ଗଛରୁ ଫଳପୁଷ୍ପାଦି) ଛିଣ୍ଡାଇ ପକାଇବା—
11. To pluck (flowers or fruits from a tree).
ବୃକ୍ଷ ଉପାଡ଼ ସେ ଫଳ ଝାଡ଼ିଲା ମୂଷରି । ଉପେ. ବୈଦେହୀଶବିଳାସ ।

୧୨ । ଜୋର କରି ଇତସ୍ତତଃ ସଞ୍ଚାଳିତ କରିବା—
12. To wave with force; to shake lustily to and fro.

ଅର୍ଜୁନଙ୍କୁ ହାଣିବା ବୋଲନ୍ତେ ପାଇକ
ଯାକ ଖଣ୍ଡା ଝାଡ଼ିଲେ ଭୂହୁଁ ଖଡ଼ ଦକ । କୃଷ୍ଣସିଂହ. ମହାଭାରତ ଦ୍ରୋଣ ।

୧୩ । ଘରକୁଆଣି ବେଳେ ଚାଳରୁ ନଡ଼ା ଉଠାଇ ଚାଳକୁ ପରିଷ୍କାର କରିବା—13. To clear away the old thatch of a thatched house when it is annually dismantled for rethaching.

୧୪ । (ଲୋତକ) ଗଡ଼ାଇବା; ବୁହାଇବା; ଝଡ଼ାଇବା—
14. To let fall; to let flow (e.g. tear).
ଏହା କହି ନୟନ ଯୁଗୁଁ ଅଶ୍ରୁ ଝାଡ଼ି,
ପଡ଼ିଲେ ଭୂମି ତଳେ ହୋଇଣ ଅଜାଡ଼ି । କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ସତର ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ତଳସ୍ଥିତ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ପଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଂକ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଳକ୍ତ' ନ ପାଇଲେ 'ଅଲକ୍ତକ' ଦେଖିବେ

୧୫ । ଖସାଇବା; ସ୍ଥାନ ଚ୍ୟୁତ କରିବା—
15. To dislodge; to dislocate.

ମୁଷ୍ଟି ପ୍ରହାର ବାମ କରେ,
ଦନ୍ତ ଝାଡ଼ିଲେ ରୋଷଭରେ । ଜଗନ୍ନାଥ. ଭାଗବତ ।

୧୬ । ନିଜର ସର୍ବାଙ୍ଗକୁ ଜୋରରେ କମ୍ପାଇବା; ନିଜର ଦେହକୁ ଇତସ୍ତତଃ ହଲାଇବା—16. To shake one's body lustily.

(ଯଥା—ଘୋଡ଼ା ଦୁଷ୍ଟାମୀ କରି ଦେହକୁ ଝାଡ଼ିଦେଲାରୁ ଅଶ୍ୱାରୋହୀ ତା ପିଠିରୁ ଖସି ପଡ଼ିଲେ ।) .

୧୭ । କମ୍ପାଇବା—17. To shake.

ଶ୍ରବଣ ଏହା ଶୁଣି ଝାଡ଼ି କର୍ଣ୍ଣମାଳୀ,
ବୋଇଲା ଭୋର ସମ ଅଟେ ବଳୀ । କୃଷ୍ଣସିଂହ. ମହାଭାରତ. ବନ ।

୧୮ । ନିଜର ଅଙ୍ଗବିଶେଷ (ଯଥା—ହାତ, ଗୋଡ଼, କାନ୍ଧ, ଡେଣା)କୁ ଜୋରରେ କମ୍ପାଇବା—18. To shake a particular limb of one's body.

କେବେ ଅବା ସ୍ୱପ୍ନେ ଝାଡ଼ୁଅଛି ଡେଣା କହଇ ସ୍ୱଗାଢ଼ଶାୟୀ—ରାଧାନାଥ. ପାର୍ବତୀ ।

୧୯ । ନଡ଼ାକେଣ୍ଡାରେ ଲାଗିଥିବା ଶସ୍ୟ ଖସି ପଡ଼ିବା ପାଇଁ ଶସ୍ୟର କେଣ୍ଡାକୁ ବା ହଳାକୁ ଖଳେ ବା ପଟାଉପରେ ବାଡ଼େଇବା ବା ଛାଟିବା—19. To thresh out corn from the blade or sheaf.

୨୦ । ନିର୍ଧନ ବା ଅର୍ଥଶୂନ୍ୟ କରିବା; ସମସ୍ତ ଧନ ନିଃଶେଷିତ କରିବା—20. To make a man pennyless; to exhaust a person of all his money.

(ଯଥା—ଏ କର୍ଜ ପୁଅ ବାଗ୍ଦର ମୋତେ ଝାଡ଼ିଦେଲା ।)

୨୧ । ଖାଲି କରିବା; ଖାଙ୍କା କରିବା—
21. To make empty; to exhaust.

(ଯଥା—ଲୋକଙ୍କୁ ଦାନ କରି କରି ସେ ତା ଭଣ୍ଡାର ଝାଡ଼ିଦେଲା ।)

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା, ପକାଇବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଝାଡ଼ୁ—ଦେ. ବି [ସଂ. ଝୃଟ ଧାତୁ=ଓଲାଇବା; ତୁଳ. ପା. ଜାରୁ=ଝାଡ଼ୁଣୀ (ଜ୍ଞାନେନ୍ଦ୍ର)]—ସମ୍ମାର୍ଜନୀ; ଝାଡ଼ୁଣୀ; ବଢ଼ଣା; ପର୍ବଗମୁଠା—Broom; sweeping mop; broomstick.
Jhārdu
ঝাড়ু, ঝাঁটা
झाड़ू

ଝାଡ଼ୁଆ—ଦେ. ବଣ—୧ । ବଣୁଆ, ଜଙ୍ଗଲବାସୀ—1. Living in the jungle; wild.
Jhārduā
ঝাড়ুয়া
झाड़दार

କେ ବୋଲେ ସେ ଅଦ୍ଭୁତକି, କଲେ ଝାଡ଼ୁଆଙ୍କ ବଧ— ବ୍ରଜନାଥ. ସମରତରଙ୍ଗ ।

୨ । ଅରଣ୍ୟକ—2. Belonging or relating to forests; jungly.

ଦେ. ବି—ଝାଡ଼ୁଆ ବ୍ରାହ୍ମଣ (ଦେଖ)—Jhārduā brāhmaṇa (See)

ଝାଡ଼ୁଆ ନାଆ(ହା)—ଦେ. ବି—ସରୁଆ ନୌକାବିଶେଷ—.
Jhārduā nā-ā(hā) A kind of narrow country-boat.

ଝାଡ଼ୁଆ ନାଆ ଆଗ ମଙ୍ଗ ଖଞ୍ଜା ହୋଇଅଛି—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଝାଡ଼ୁଆ ବ୍ରାହ୍ମଣ—ଦେ. ବି.—୧ । ସମ୍ବଲପୁରବାସୀ ଆରଣ୍ୟକ ବ୍ରାହ୍ମଣ—
Jhārduā brāhmaṇa 1. A class of Brāhmans of Sambalpur (orginal inhabitants of the place).

[ଦ୍ର—ଝାଡ଼ୁଆ ବ୍ରାହ୍ମଣମାନେ ସମ୍ବଲପୁରର ଆଦିମ ନିବାସୀ; ଓଡ଼ିଆ ବ୍ରାହ୍ମଣମାନେ ସମ୍ବଲପୁରକୁ ଆସିବା ପୂର୍ବରୁ ଏମାନେ ଆସି ସମ୍ବଲପୁରରେ ସ୍ଥାୟୀ ଅଧିବାସୀ ହୋଇଥିଲେ ; କେହି କେହି କହନ୍ତି ଯଯାତିକେଶରୀ କାନ୍ୟକୁବ୍ଜରୁ ଯେଉଁ ବ୍ରାହ୍ମଣଙ୍କୁ ଅଣାଇ ଥିଲେ ଏମାନେ ସେମାନଙ୍କ ବଂଶଧର । କଥିତ ଅଛି ଯେ ଏମାନେ ପ୍ରଥମେ ଓଡ଼ିଶାରୁ ଆସି ସମ୍ବଲପୁର ଅଞ୍ଚଳରେ ବସତି କରିଥିଲେ, ପରେ ଯେଉଁ ବ୍ରାହ୍ମଣମାନେ ଓଡ଼ିଶାରୁ ଆସିଲେ ସେମାନେ ଅପଣାକୁ ଓଡ଼ିଆ ଓ ପୂର୍ବାଗତ ବ୍ରାହ୍ମଣମାନଙ୍କୁ ଝାଡ଼ୁଆ ନାମ ଦେଲେ ।

ମତାନ୍ତରରେ ଝାଡ଼ୁଆ ବ୍ରାହ୍ମଣମାନେ ରାଜପୁତ ରାଜାମାନଙ୍କ ସଙ୍ଗେ ଉତ୍ତର-ଭାରତରୁ ସମ୍ବଲପୁରକୁ ଆସିଥିଲେ । ସମ୍ବଲପୁର ଅଞ୍ଚଳ ପୂର୍ବେ ଜଙ୍ଗଲ ଥିବାରୁ ଏହି ଜଙ୍ଗଲ ବା ଝାଡ଼ ଶବ୍ଦ ଅନୁସାରେ ଏ ବ୍ରାହ୍ମଣମାନଙ୍କୁ 'ଝାଡ଼ୁଆ' ବୋଲାଯାଏ । ଏମାନଙ୍କ ସଙ୍ଗେ ଦାକ୍ଷିଣ୍ଆ ବା ଓଡ଼ିଆ ବ୍ରାହ୍ମଣମାନେ ସାମାଜିକ ଭାବରେ ମିଶନ୍ତି ନାହିଁ ।]

୨ । ସମ୍ବଲପୁର ଅଧିବାସୀ ଗଉଡ଼ ଓ କରଣମାନଙ୍କ ଶ୍ରେଣୀ-ବିଶେଷ—2. Sub-castes of cowherds and Karaṇas of Sambalpur.

ଝାଡ଼ୁ କରିବା—ଦେ. କ୍ରି.—ସମ୍ମାର୍ଜନୀଦ୍ୱାରା ଗୃହାଦି ଓଲାଇବା—
Jhārdu kariba To sweep a place clean with a broomstick.
ঝাড়ু দেওয়া
झड़ु देना

ଝାଡ଼ୁକସ୍—ଦେ. ବି. (ହି. ଝାଡ଼ୁ+ପା. ପ୍ରତ୍ୟୟ କସ୍)—
Jhārdu-kas ଝାଡ଼ୁବରଦାର (ଦେଖ) .
Jhārdu bar-dār (See)

ଝାଡ଼ୁ ଖାଇବା—ଦେ. କ୍ରି.—ଝାଡ଼ୁଦ୍ୱାରା ପ୍ରହାରିତ ହେବା—
Jhārdu khāibā To get a thrashing with broom-stick.
ঝাড়ু খাওয়া
झाड़ु खाना

ଝାଡ଼ୁଖିଆ—ଦେ. ବଣ. ପୁଂ.—୧ । ଯେ ଝାଡ଼ୁରେ ମାଡ଼ ଖାଏ—
Jhārdu-khiā 1. Getting a thrashing with broom-stick.
ঝাটা খেগো
झाड़ु खोर

୨ । (ଗାଳି) ଯାହାକୁ ସ୍ତ୍ରୀଲୋକ ଝାଡ଼ୁ ମାରେ—2. (a term of abuse) One who is beaten with a broomstick by a woman.
(ଝାଡ଼ୁଖାଇ—ସ୍ତ୍ରୀ)
(ଝାଡ଼ୁଖୋର—ଅନ୍ୟରୂପ)

'	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଏ	ଉଅ	ଭ
୵	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ଙ୍

ଝାଡ଼ୁଝୁଡ଼ୁ—ଦେ. ବି. ବଣ ଓ କ୍ରି. ବଣ—ଝାଡ଼ଝୁଡ଼ (ଦେଖ)
Jhārdu-jhurdu Jhārda-jhurda (See)

ଝାଡ଼ୁ ଟୋକେଇ—ଦେ. ବି. (ସହରର ଶବ୍ଦ)—
Jhārdu tōkei ମେହେନ୍ତର ଓ ମେହେନ୍ତରାଣୀମାନଙ୍କର ରାସ୍ତାଘାଟ ଓ ପାଇଖାନା ସଫା କରିବାର ଦୁଇଟି ଅବଶ୍ୟକ ଉପକରଣ, ବଢ଼ଣା ଓ ଟୋକେଇ—Broom and basket used by sweepers (in cleansing roads and latrines).

ଝାଡ଼ୁଣୀ—ପ୍ରାଦେ. (ସମ୍ବଲପୁର) ବି.—ଝାଡ଼ୁ; ବଢ଼ଣା; ପଂହିରା—
Jhārduni Broom-stick.
(ଝାଡ଼ୁନି—ଅନ୍ୟରୂପ)

ଝାଡ଼ୁଦୁମା—ଦେ. ବଣ. (ହି. ଝାଡ଼ୁ+ଫା. ଦୁମ୍=ଲାଙ୍ଗୁଡ଼)—ଯେଉଁ
Jhārdu-dumā ହାତୀର ଲାଙ୍ଗୁଡ଼ ଝାଡ଼ୁ ପରି ଅଗ୍ରବହୁଳ (ଏପରି
ঝাড়ুদুমা ହାତୀ ଅବଶ୍ୟ ବୋଲି ବିବେଚିତ)—(elephant)
झाड़ु दुमा Having the end of the tail spreading out like a broom-stick.

ଝାଡ଼ୁ ଦେବା—ଦେ. କ୍ରି—୧ । କୌଣସି ସ୍ଥାନକୁ ଝାଡ଼ୁଦ୍ୱାରା ଓଳାଇବା-
Jhārdu debā 1. To sweep a place clean with a
ঝাঁটা দেওআ झाड़ु देना broom.
(ଝାଡ଼ୁ ମାରିବା—ଅନ୍ୟରୂପ)— ୨ । କୌଣସି ବ୍ୟକ୍ତିଙ୍କୁ ଝାଡ଼ୁଦ୍ୱାରା ପ୍ରହାର କରିବା—2. To beat with a broom-stick.

ଝାଡ଼ୁପୁଡ଼ୁ—ଦେ. ବଣ.—ଝାଡ଼ଝୁଡ଼ (ଦେଖ)
Jhārdu-purdu Jhārda-jhurda (See)

ଝାଡ଼ୁବରଦାର—ଦେ. ବି.—(ହି. ଝାଡ଼ୁ+ଫା. ପ୍ରତ୍ୟୟ ବରଦାର=
Jhārdu-bardār ବାହକ)—ରାସ୍ତା ଘାଟ ଆଦି ପରିଷ୍କାର କରିବା
ঝাড়ু বরদার ଯେଉଁ ଲୋକର ବୃତ୍ତି ଅଟେ; ମେହେନ୍ତର—
झाड़ु बरदार A sweeper by profession.
(ଝାଡ଼ୁଦାର—ଅନ୍ୟରୂପ)

ଝାଡ଼ୁ ମାରିବା—ଦେ. କ୍ରି.—୧ । ଝାଡ଼ୁ ଦେବା (ଦେଖ)
Jhārdu māribā Jhārdu debā (See)
ঝাড়ুমারা ୨ । ଅତି ଅପମାନ କରିବା—
झाड़ु मारना 2. To grossly insult a person.

ଝାଡ଼ୁମାଲି—ପ୍ରାଦେ. (ଗଡ଼ଜାତ) ବି.—ଝାଡ଼ୁ ବରଦାର (ଦେଖ)
Jhārdu-māli Jhārdu-bardār (See)

ଝାଡ଼ୁମୁଠା—ଦେ. ବି.—(ହି. ଝାଡ଼ୁ+ସଂ. ମୁଷ୍ଟି)—ସମ୍ମାର୍ଜ୍ଜନୀ ପାଇଁ
Jhārdu mutha ଏକତ୍ର ବନ୍ଧା ହୋଇଥିବା ଖଡ଼ିକା ବା ଖଜୁରୀ-
(ଝାଡ଼ୁମୁଟି—ଅନ୍ୟରୂପ) ପତ୍ରାଦିର ଗୁଚ୍ଛ; ଝାଡ଼ୁଣୀ ମୁଠା—
Broom-stick.

ଝାଡ଼େଶ୍ୱରୀ—ଦେ. ବି.—ଦେବୀବିଶେଷ—
Jhārdeswari Name of a village-Goddess.

ଝାଣ୍ଟା – ପ୍ରାଦେ. (ମେଦିନୀପୁର) ବି.—(ଭୁଲ. ବ. ଝାଁଟା)—ଝାଡ଼ୁ—
Jhāntā Broom-stick.

ଝାଣ୍ଟିବା—ଦେ. କ୍ରି.—ଘର ବା କୌଣସି ସ୍ଥାନକୁ ଝାଡ଼ୁଦ୍ୱାରା ପରିଷ୍କାର
Jhāntiba କରିବା—To sweep a place or house
ঝাঁটা clean.
झड़वाना

ଝାଣ୍ଟେଇବା—ପ୍ରାଦେ. (ମେଦିନୀପୁର) କ୍ରି.—୧ । ଝାଣ୍ଟିବା (ଦେଖ)
Jhānteibā 1. Jhāntibā (See)
ঝাঁটান ୨ । ଝାଣ୍ଟିବାର ଣିଜନ୍ତରୂପ—
झड़वाना 2. Causative of Jhāntibā.

ଝାଟି—ଦେ. କ୍ରି. ବଣ.—(ସଂ. ଝଟିତି)—ଝଟ୍ କରି; ଝଟିତି; ଅତିଶୀଘ୍ର-
Jhāti At once; sharp; very soon; quickly,
ঝাট speedily.
झट

ଭାଗ୍ୟ ଏତେକ ଜନ୍ମ ଲୋଡ଼ିବ ଭାବ ଯେତେକ ଚିନ୍ତ,
ବାସେ ପୋଛିବ ସେକ ମୁହିଁବ ଏକ ପୁଚ୍ଛିବ ଝାଟି ।
ଉକ୍ତ. ପ୍ରେମସୁଧାନିଧି ।

ଝାଟିକା—ଦେ. କ୍ରି. ବଣ. (ସଂ. ଝଟିତି)—ଝାଟି (ଦେଖ)
Jhātikā Jhāti (See)
(ଝାଟିକାର—ଅନ୍ୟରୂପ)

ଝାଟିକାରେ—ଦେ. କ୍ରି. ବଣ—ଝାଟିକା (ଦେଖ)
Jhātikāre Jhātikā (See)

ଝୁଣ୍ଟି କାମେ ଭ୍ରମ ହେଲେ ସେ, ଝାଟିକାରେ ଶତ୍ରୁ କଲେ ସେ—
ଅଭିମନ୍ୟୁ. ବଦଗଡ଼ଡ୍ରାମଣି ।

ଝାନ୍ସି—ଦେ. ବି. (ନାମ)—ରାଜପୁତାନା ଅନ୍ତର୍ଗତ ଗୋଟିଏ ବଡ଼
Jhān-si ସହର—Jhānsi; a town in Rājaputanā.
ঝাংসী [ଦ୍ର—ଅରଙ୍ଗ ଜେବ୍ୟର ରାଜା ବୀରସିଂହଙ୍କଦ୍ୱାରା ଏଠାରେ
झांसी ଏକ ପ୍ରସିଦ୍ଧ ଦୁର୍ଗ ନିର୍ମିତ ହୋଇଥିଲା । ଝାନ୍ସି ରାଣୀ ଲକ୍ଷ୍ମୀବାଈ ଉକ୍ତ ଦୁର୍ଗ ରକ୍ଷା ପାଇଁ ଇଂରେଜଙ୍କ ସହିତ ଘୋର ଯୁଦ୍ଧ କରିଥିବା ବିଷୟ ଇତିହାସ ପ୍ରସିଦ୍ଧ—ମଦନମୋହନ. ତୀର୍ଥଦର୍ଶକ. ୪ର୍ଥ ।]

ଝାପଟା—ଦେ. ବି.—୧ । (ସଂ. ଝମ୍ପ) ବେଗରେ କୌଣସି ତରଳ
Jhāptā ପଦାର୍ଥ (ଯଥା; ଜଳ) ଅନ୍ୟ କଠିନ ପଦାର୍ଥ ଉପରେ
ঝাপটা ଜୋରରେ କରିବା ଆଘାତ ବା ଛିଞ୍ଚଡ଼ା—
झपाटा 1. Forceful throwing of a liquid (e. g. a handful of water) over a solid thing (e. g. on the face of a fainting person).
(ଯଥା—ବର୍ଷାର ଝାପଟା ।)
୨ । (ସଂ. ଚପେଟ୍) ଝଡ଼ ବା ପବନର ଏକ ପ୍ରବଳ ଧକ୍କା—
2. A gush of blowing wind or tempest.
ঝাপটা ୩ । (ସଂ. ଯୁଟ; ପ୍ରା. ଜୁମ୍ପ) ମୁଣ୍ଡରେ ଲଗାଇବା ସୁନାର
झुमर ଝୁମ୍ପି ର ଓ ଝୁମ୍ପାଲଗା ଅଳଙ୍କାରବିଶେଷ—
3. A kind of pendant for the hair.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଁଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

[ଦ୍ର—ଏହା ସୁନା ବା ରୁପାର ଗୁଡ଼ିଏ ଝୁମ୍ପା ଲଗା ଜଞ୍ଜିର ଲଟକି ଥିବା ଚଟକା ଅଳଙ୍କାର । କପାଳର ଏକପାଖରେ ବାଳ ଉପରେ ଏହାକୁ ଆଙ୍କୁଡ଼ିଦ୍ୱାରା ଲଗା ଯାଏ ଓ ଝୁମ୍ପା ଲଗା ଜଞ୍ଜିରମାନ କପାଳଅଡ଼ୁ କାନ ଉପରକୁ ଝୁଲୁଥାଏ । ସଂଯୁକ୍ତ ପ୍ରଦେଶର ସ୍ତ୍ରୀମାନେ ମୁଣ୍ଡର ଡାହାଣ ପାଖରେ ଏହାକୁ ପିନ୍ଧନ୍ତି, ପଞ୍ଜାବର ସ୍ତ୍ରୀମାନେ ମୁଣ୍ଡର ଦୁଇ ପାଖରେ ଦୁଇଟି ଝାପ୍‌ଟା ପିନ୍ଧନ୍ତି ।]

ଝାପ୍‌ଟା ମାରିବା—ଦେ. କ୍ରି—୧ । (ବର୍ଷା ଜଳ ଅବା) ଜୋରରେ ଛିଟିଆଡ଼ା ମାରିବା; ଛାଟିବା—1. (rain water) To strike slantingly against something; to dash.
Jhāp-ṭā māribā
झापटा मारा
झपाटा मारना

୨ । (ଝଡ଼ ବା ପବନର ଦମ୍ଭା) ଥରେ ଆଘାତ କରିବା—2. (wind) To strike violently with a gush.

୩ । (ପାଣି) ଛାଟି ଦେବା—3. To dash (water) against a thing to splash.

ଝାପ୍‌ସା—ଦେ. ବିଣ. (ସଂ. ଅସ୍ପଷ୍ଟ; ଧୂମସାର)—
Jhāp-sā
१ । ଅସ୍ପଷ୍ଟଭାବରେ ଦେଖାଯିବା (ବସ୍ତୁ)—
झापसा 1. Seen indistinctly; dimly seen.
धुँधला ୨ । ଅସ୍ପଷ୍ଟଭାବରେ ଦେଖି ପାରିବା; ଝାଲ୍‌ଝାଲୁଆ (ଦୃଷ୍ଟି)—
2. Filmy; blurred (eye–sight).

ଦେ. ବି—୧ । ଚାଳିଶା; ୪୦ ବର୍ଷ ଟପିବା ବ୍ୟକ୍ତିଙ୍କର ଅକ୍ଷର ଆଦି ସଫା ପଢ଼ି ନ ପାରିବା ଅବସ୍ଥା—1. Dimness of eyesight after the age of 40 years.

୨ । ଚକ୍ଷୁର ରୋଗବିଶେଷ; ଯେଉଁ ରୋଗରେ ଆଖି ଉପରେ ପତଳା ଆବରଣ ମାଡ଼ି ଯିବାରୁ ରୋଗୀକୁ ପଦାର୍ଥ ସବୁ କୁହୁଡ଼ି ମାଡ଼ିଥିବା ଭଳି ଅସ୍ପଷ୍ଟ ଦେଖା ଯାଏ; ଛଳକା ଧରିବା ରୋଗ—2. Glaucoma; an eyedisease causing dimness of vision.

ଝାପ୍‌ସା ଝାପ୍‌ସା—ଦେ. କ୍ରି. ବିଣ—ଅସ୍ପଷ୍ଟଭାବରେ ଦେଖିବା ପ୍ରକାରେ-
Jhāp–sā jhāp-sā (to see) Dimly; indistinctly.
झापसा झापसा
धुँधला धुँधला

ଝାପଡ଼ା—ପ୍ରାଦେ. (ସମ୍ବଲପୁର) ବି—କୁଙ୍କୁମ ଗଛ—
Jhāparḍā Garcina Purpurea (tree).

[ଦ୍ର—ଏହା ୧୦।୧୨ ହାତ ଉଚ୍ଚର ଗଛ, ପତ୍ର ପାନ ପରି । ଏହି ଗଛର ଫଳକୁ ଛେଚି ପାଣିରେ ଗୋଳି ଲୁଗାକୁ ଗୋଲାପୀ (ହଳଦିଆ ମିଶା ନାଲି) ରଙ୍ଗ କରନ୍ତି; କୁଙ୍କୁମ '୨' ଦେଖ) ।]

ଝାପି—ପ୍ରାଦେ. (ସମ୍ବଲପୁର) ବି. (ତୁଳ. ଏହି ଅର୍ଥରେ ହି. झांपी)—
Jhāpi ପେଟରା (ଦେଖ)
· Peṭarā (See)

ଝାବକ—ସଂ. ବି—ଝାଉଁ (ଦେଖ)
Jhābaka Jhāuṅ (See)

ଝାବରା—ପ୍ରାଦେ. (ଗଡ଼ଜାତ) ବି—ଅଗାଡ଼ି—
Jhābarā Chaff or empty paddy.

ଝାବୁ—ସଂ. ବି. (ଝା=ଅନୁକାର ଧ୍ୱନି + ବା ଧାତୁ=ଗମନ କରିବା + କର୍ତ୍ତୃ. ଉ; ଯାହାର ଶାଖା ପବନରେ ଦୋହୋଲି ଝାଁ ଝାଁ ଶବ୍ଦ କରେ)—ଝାଉଁ (ଦେଖ)
Jhābu
(ଝାବୂ—ଅନ୍ୟରୂପ)
Jhāuṅ (See)

ଝାବୁକ—ସଂ. ବି. (ଝାବୁ + ସ୍ୱାର୍ଥେ କ)—ଝାଉଁ (ଦେଖ)
Jhābuka Jhāuṅ (See)

ଝାମ—ଦେ. ବି.(ସଂ. ଧ୍ମା ଧାତୁ=ଅଗ୍ନି ସଂଯୋଗ କରିବା)—୧ । ମଥାଭ୍ରମ—1. Feeling of giddiness.
Jhāma

୨ । ମୂର୍ଚ୍ଛା; ଝୋଲ୍ଲମାରିବା—2. Fainting; swoon.

ବଇକୁଣ୍ଠ୍ରୀ ବୋଧମେ ବଇତହକଭ୍ରମେ ଦେଖି ପଡ଼ିବେ ପର ଝାମେ ସେ ।
ଭଞ୍ଜ. ବୈଦେହୀଶବିଳାସ ।

୩ । ଅଗ୍ନିର ତାତ—3. Heat or blaze of fire.

୪ । ଅଗ୍ନିମାଣ୍ଡୁ; ଅପରାଧୀର ଜଳନ୍ତା ନିଆଁଉପରେ ଚାଲିବା ରୂପ ପରୀକ୍ଷା—4. The test through which accused persons were made to pass, in ancient times viz. of walking over burning charcoal to free themselves from false accusations.

ବକଲ୍ଲ ଥିଲେ ଦେବ ଅକଳେ ଛଂସ
ବହନ୍ତି ଜଳେ ଝାମ ଲାଗନ୍ତେ ଦୋଷ ସେ । ଭଞ୍ଜ. ବୈଦେହୀଶବିଳାସ ।

୫ । ଗାଡ଼ିର ଚକର ପରିଧିରେ ବେଢ଼ିଥିବା ଲୌହବଳୟ—5. The outer ring of iron round the rim of a wheel.

୬ । ପଣାସଂକ୍ରାନ୍ତିରେ ଯେଉଁ ଦହକ ନିଆଁରେ ପାଟୁଆମାନେ ଚାଲନ୍ତି; ପଣାସଂକ୍ରାନ୍ତିରେ ବ୍ରତଧାରୀମାନେ ଯେଉଁ ନିଆଁଗଦାରେ ଚାଲନ୍ତି—6. The blazing fire over which devotees walk bare-footed on the Chaitra saṁkrānti; heap of fire lit up on Paṇāsaṁkrānti for walking upon it.

୭ । (ସଂ. କ୍ଷାମ)—କ୍ଷୀଣ; ଦୁର୍ବଳ—7. Lean; weak.

ଭେଟନ୍ତି ସୁଦଶା ହୁଅ କଷ୍ଟି ହୁଏ ଝାମ । ଦିନକୃଷ୍ଣ. ଉଷାଭିଳାଷ ।

ଦେ. ବିଣ—ମୂର୍ଚ୍ଛିତ—Fainted; swooned.

ଝାମକ—ସଂ. ବି. (ଝମ୍ ଧାତୁ=ଭକ୍ଷଣ କରିବା + କର୍ତ୍ତୃ. ଅକ)—
Jhāmaka ଝାମା; ଅତିଦଗ୍ଧ ଇଷ୍ଟକ—
Overburnt brick; vitrified brick.

ଝାମ ଖେଳ—ଦେ. ବି—ଚୈତ୍ର ସଂକ୍ରାନ୍ତିରେ ପାଟୁଆମାନଙ୍କର ନିଆଁଉପରେ ଚାଲିବା ଉତ୍ସବ—The festival or feat of devotees walking over live coal on Chaitra saṁkrānti day.
Jhāma khela

ଜେ ବୋଇଲେ ଭଲ ଏହାର ନାମ ଗୁଣା
କାମ ଝାମଖେଳ ନିଆଁକୁ କରେ ଊଣା । କୃଷ୍ଣସିଂ. ମହାଭାରତ ବନ ।

୧	ଇ	ଜ୍	ର୍,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇଯ୍	ଉଅ	ଘ
୨	ଈ	ଊ	ଋ	ଌ	ଯ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ୍ଗ	ନ୍ତ

ଝାମ ମାରିବା—ଦେ. ଢ—୧ । ମଥାଭ୍ରମ—
Jhāma māribā 1. Giddiness of the brain.
୨ । ଝୋଲ୍ଲ ମାରିବା—2. Fainting; swooning; a fit of fainting.

ଝାମ ଯିବା—ଦେ. କ୍ରି—ମୂର୍ଚ୍ଛିତ ହେବା—
Jhāma jibā To have a fit; to swoon.

ମନୋରମ ଚରମ ଦେଶ ଭେଦନ୍ତ ଝାମ ଯିବେ ଦାମ୍ଭିକେ ଦେଖିକରି ।
ଭଞ୍ଜ. କୋଟି ବ୍ରହ୍ମାଣ୍ଡସୁନ୍ଦରୀ ।

ଝାମ ହେବା—ଦେ. କ୍ରି—ଝାମ ଯିବା (ଦେଖ)
Jhāma hebā Jhāma jibā (See)

ହନୁ ମୁଖୁଁ ଶୁଣି ବମ ଜ୍ଞାନ ହାର ହେଲେ ଝାମ
ଧନୁଶର ପକାଇ ଭୂମିର । ବିଶ୍ୱନାଥ. ବିଚିତ୍ରରାମାୟଣ ।

ଝାମା—ଦେ ବ. (ସଂ. ଝାମକ)—୧ । ଅତ୍ୟଧିକ ଦାହରେ ପିଣ୍ଡୀକୃତ ଇଷ୍ଟକ ଖଣ୍ଡ; ପୋଡ଼ିଯାଇ ଝିଙ୍କୁର ପଡ଼ିଥିବା ଇଟା—
Jhāmā
झामा 1. Vitrified brick; over-burnt brick.
ঝাঁঝা ୨ । ଝାମ (ଦେଖ)
2. Jhāma (See)

ଝାମି—ପ୍ରାଦେ. (ବାଲେଶ୍ୱର) ବ—ଗୁଆଳଆ; ପିଜୁଳି—
Jhāmi Guava.

ଝାମୁ—ଦେ. ବ—୧ । ଝାମ (ଦେଖ)
Jhāmu 1. Jhāma (See)
୨ । ଝାଉଁ (ଦେଖ)—2. Jhāuñ (See)
୩ । ଝାମୁଯାତ (ଦେଖ)—3. Jhāmujata (See)

ଝାମୁଆ(ଆଁ)—ଦେ. ବ—ଯେଉଁ ବ୍ରତଧାରୀ ବ୍ୟକ୍ତିମାନେ ଜଳନ୍ତାନିଆଁର ଗାତରେ ପଣାସଂକ୍ରାନ୍ତି ଦିନ ଚାଲନ୍ତି—The
Jhāmuā(āñ) devotees who walk over blazing charcoal on the Chaitra saṁkrānti day.

ଝାମୁ ଓଷା—ଦେ. ବ—ଝାମୁଯାତ ସମୟରେ କୌଣସି କୌଣସି ବ୍ୟକ୍ତି ମହାଦେବଙ୍କ ଉଦ୍ଦେଶ୍ୟରେ ପାଳନ କରିବା ବ୍ରତ—
Jhāmu oshā The religious vow observed on the Chaitria Saṁkrānt.

ଝାମୁ ଗୀତ—ଦେ. ବ—ଝାମୁ ଯାତ ସମୟରେ ପାଟୁଆମାନେ ନାଚନାଚ ଯେଉଁ ଗୀତ ବୋଲନ୍ତି—Songs sung by the
Jhāmu gita persons who observe the Jhāmu-oshā vow.

ଝାମୁ ନାଟ—ଦେ. ବ—ଝାମୁ ଯାତ ସମୟରେ ପାଟୁଆମାନେ ଗୀତ ବୋଲି ଯେଉଁ ନୃତ୍ୟ କରନ୍ତି—Dancing done by
Jhāmu nāṭa the persons who observe the Jhāmu-oshā vow.

ଝାମୁ ପରବ—ଗ୍ରା. ବ—ଝାମୁ ଯାତ (ଦେଖ)
Jhāmu paraba Jhāmu jata (See)
(ଝାମୁପର୍ବ—ଅନ୍ୟରୂପ)

ଝାମୁ ଯାତ—ଦେ. ବ—ପାଟୁଆଯାତ; ପଣାସଂକ୍ରାନ୍ତିରେ ବ୍ରତଧାରୀ ପାଟୁଆମାନଙ୍କର ନିଆଁରେ ଚାଲିବା ଓ ବାଦ୍ୟ ସହିତ ଗୀତ
Jhāmu jāta ବୋଲି ନାଚିବା ପର୍ବ—The festival of fire-walking, dancing accompanied with music performed by some devotees on Chaitra saṁkrānti.

[ବି—ପଣା ସଂକ୍ରାନ୍ତି ଦିନ ସାତଟି ଗାତ ଭୂଇଁରେ ଖୋଳା ହୋଇ ସେଥିରେ ନିଆଁ ଦହକୁ ଥାଏ । ଅନ୍ୟ ଗୋଟିଏ ଗାତରେ ଦୁଧ ଓ ପାଣି ପୂର୍ଣ୍ଣ ଥାଏ । ବ୍ରତଧାରୀ ବ୍ୟକ୍ତି ଦୁଧପାଣି ଥିବା ଗାତରେ ଗୋଡ଼ ବୁଡ଼ାଇ ସାରି ତାପରେ ନିଆଁ ଜଳୁଥିବା ୭ଟି ଗାତରେ ଏକାଦିକ୍ରମେ ଗୋଡ଼ ଦେଇ ଦେଇ ଚାଲି ଯାଏ ଓ ତାହା ଗୋଡ଼ରେ ଫୋଟକା ହୁଏ ନାହିଁ । କଟକଜିଲ୍ଲାର ବାଙ୍କି ଓ କେତେକ ଗଡ଼ଜାତରେ ଏ ଯାତ ହୁଏ । ସେ ଦିନ ଓ ତା ପରେ କେତେ ଦିନ ପର୍ଯ୍ୟନ୍ତ ବ୍ରତଧାରୀମାନେ ବେଶ ପିନ୍ଧି ଗ୍ରାମ ଗ୍ରାମ ବୁଲି ବାଦ୍ୟ ସଙ୍ଗେ ନାଚନ୍ତି ଓ ଗୀତ ଗାଆନ୍ତି ।]

ଝାମ୍ପ—ଦେ. ବ. (ସଂ. ଝମ୍ପ)—୧ । କୁଦା; ଲମ୍ଫ—
Jhāmpa 1. Spring; jump; leap.
झाँप ୨ । ପୋଲୁହ (ଦେଖ)
फलांग 2. Poluha (See)
झापटा ୩ । ପକ୍ଷୀମାନେ ଗୋଡ଼ର ନଖଦ୍ୱାରା ଶିକାର ଉପରେ
झपट କରିବା ଆକ୍ରମଣ; ଚଳ୍ପ—3. Pounce; swoop.
झँखाड़ ୪ । ଚଉଡ଼ା ଗଛ; ଝଙ୍କା ଗଛ; ଝାମ୍ପୁଡ଼ାଗଛ—
झाँकड़ा 4. A tree with spreading or bushy top.
टोका ୫ । (ସଂ. ସମ୍ପୁଟ) ମୁଣ୍ଡରେ ପିନ୍ଧିବା ତାଳପତ୍ରର ବେଣ୍ଟ ନ ଥିବା
टोप ଛତାବିଶେଷ; ଟୋପର—5. A wide-brimmed
झाँपी hat of palm-leaf for the head.
ঝাঁপি ୬ । ଘୋଡ଼ଣୀଯୁକ୍ତ ବଡ଼ ଟୋକେଇ—
6. A big baskets with a lid.

ପ୍ରାଦେ. (ଯାଜପୁର)—ବ—ଯେଉଁ ତାଟିର ପିଠିପାଖରେ ବଡ଼ି ପାଇଁ ବଟା ହୋଇଥିବା ବିରି ପିଣ୍ଡୀକୃତ ହୋଇ ସ୍ଥାପିତ ହୁଏ—
A wicker-work tray on the back of which balls of Phaseolus paste are put for being dred up into Barḍi.

ଝାମ୍ପଡ଼ା—ଦେ. ବଣ. (ସଂ. ପିଧାନ = ଆଚ୍ଛାଦନ)—୧ । ଛତର; ଛତ୍ରାକାର
Jhāmparḍā ଅଗ୍ରଭାଗଯୁକ୍ତ—1. Overspreading; with
झाँपुड़ा; झाँपुड़ा a spreading top; bushy.
झाँपाल, झोकड़ा, झाकड़ा ୨ । ଝାମ୍ପୁଡ଼ାମୁଣ୍ଡା (ଦେଖ)
ঝবরা, ঝবরীলা 2. Jhāmpurḍā-muṇḍā (See)
୩ । ଇତସ୍ତତଃ ମୁକୁଳା ହୋଇଥିବା (ଅଳ୍ପ ଲମ୍ବ ବାଳ)
3. Tangled; shaggy (short hair).
୪ । ଯେ (ହିଂସ୍ର ପଶୁ ପକ୍ଷୀ) ଶିକାରକୁ ଚଳ୍ପ ମାରେ; ଶିକାରୀ—
4. Preying, pouncing (bird or beast).
(ଝାମ୍ପୁଡ଼ା—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳଲେ 'ଗାଇ' ଖୋଜିବେ; 'କୂଅ' ନ ମିଳଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗା'ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍ବତ୍' ଦେଖିବେ

ଝାମ୍ପଡ଼ାମୁଣ୍ଡା—ଦେ. ବଣ. ପୁଂ.—ଝାମ୍ପୁଡ଼ାମୁଣ୍ଡା (ଦେଖ)
Jhāmpardā-mundā Jhāmpurdā-mundā (See)
(ଝାମ୍ପଡ଼ିମୁଣ୍ଡୀ—ସ୍ତ୍ରୀ)

ଝାମ୍ପଡ଼ୀ—ଦେ. ବଣ. ସ୍ତ୍ରୀ.—ଝାମ୍ପୁଡ଼ୀ ମୁଣ୍ଡୀ (ଦେଖ)
Jhāmpardi Jhāmpurdi mundi (See)
(ଝାମ୍ପୁଡ଼ୀ—ଅନ୍ୟରୂପ)

ଝାମ୍ପ ମାରିବା—ଦେ.କ୍ର.—୧ । (ହିଂସ୍ର ପଶୁପକ୍ଷୀମାନେ) ଲମ୍ଫଦ୍ୱାରା ଆକର୍ଷଣ
Jhāmpa māribā କରି କୌଣସି ପଦାର୍ଥକୁ ନେଇଯିବା—
ঝাপটা মারা 1. To snatch away a thing by pouncing
झपटना (said of birds and beasts of prey.)
୨ । ଶିକାର ଉପରେ ବଳପୂର୍ବକ ଆକ୍ରମଣ କରି ପଡ଼ିବା—
2. To swoop upon a prey.

ଝାମ୍ପରା(ଇତ୍ୟାଦି)—ଗ୍ରା. (ଉତ୍ତର) ବଣ.—ଝାମ୍ପଡ଼ା ଇତ୍ୟାଦି (ଦେଖ)
Jhāmparā (etc) Jhāmpardā etc (See)
(ଝାମ୍ପୁରା—ଅନ୍ୟରୂପ)
ପ୍ରାଦେ. (ଗଞ୍ଜାମ) ବି.—ଛୋଟ ଜଳାଶୟ—
A small tank.

ଝାମ୍ପରୀ—ଗ୍ରା. ବଣ. ସ୍ତ୍ରୀ—ଝାମ୍ପୁଡ଼ୀମୁଣ୍ଡୀ (ଦେଖ)
Jhāmpari Jhāmpurdi-mundi (See)
(ଝାମ୍ପୁରୀ—ଅନ୍ୟରୂପ)

ଝାମ୍ପଲ—ଦେ. ବିଣ. ପୁଂ—୧ । ଝାମ୍ପୁଲା (ଦେଖ)
Jhāmpala 1. Jhāmpulā (See)
୨ । ଝାମ୍ପୁଲାଶିଂଘା (ଦେଖ)
2. Jhāmpulā-śimghā (See)

ଝାମ୍ପଲଶିଂଘା—ଦେ. ବଣ—ଝାମ୍ପୁଲା ଶିଂଘା (ଦେଖ)
Jhāmpalā-śimghā Jhāmpulā-śimghā (See).

ଝାମ୍ପାନ୍—ଦେ. ବି (ସଂ. ଝମ୍ପ+ଯାନ)—ଝମ୍ପାନ୍ (ଦେଖ)
Jhāmpān Jhampan (See).
[ଦ୍ର—ଏହା ଖଟ ଚଳାଇବା ଢଙ୍ଗ ଆକାରରେ ବାଉଁଶ ଓ ରଜ୍ଜୁରେ ଗୁନ୍ଥା ହୋଇ ପ୍ରସ୍ତୁତ ହୋଇଥାଏ । ଏହାର ଲମ୍ବା ଓ ଚୌଡ଼ା ଅଢ଼େଇ ଫୁଟ ଏବଂ ଉଚ୍ଚତା ଅର୍ଦ୍ଧ ଫୁଟ; ହରିଦ୍ୱାର ହୃଷୀକେଶ ପ୍ରଭୃତି ଅଞ୍ଚଳରେ ଏହା ମନୁଷ୍ୟବାହ୍ୟ ଯାନରୂପେ ବ୍ୟବହୃତ ହୁଏ— ମଦନମୋହନ ତୀର୍ଥଦର୍ଶନ ୪୪ ।]

ଝାମ୍ପି—ଦେ. ବି (ସଂ. ସମ୍ପୁଟ)—୧ । ମୁଣ୍ଡରେ ପିନ୍ଧାଯିବା ତାଳପତ୍ରର
Jhāmpi ଟୋପି; ଝାମ୍ପ—1. A wide-brimmed-hat
টোকা made of palm-leaf.
टोप କେହି ଝାମ୍ପି ଧାଇଁ ମୁଣ୍ଡେ ହାତରେ ଦଣ୍ଡ ଖଣ୍ଡେ ଧରି × × ×
ବାବୁଙ୍କ ଠାବ କାଛରେ ପହଞ୍ଚ ଘାସ କାଟିବାକୁ ବାହାରନ୍ତ—
ଫକୀରମୋହନ. ଛମାଣଆଠଗୁଣ୍ଠ ।
[ଦ୍ର— ଏହା ସାହେବଙ୍କ ଟୋପି ବା ଫଲମ ପରି ଓ ଖୁବ୍ ଚଉଡ଼ା ବଡ଼ ଫନ୍ଦଯୁକ୍ତ ଓ ଏହାକୁ ମୁଣ୍ଡରେ ପିନ୍ଧିଲେ ମୁଣ୍ଡ ଖରା ଓ ବର୍ଷାରୁ ରକ୍ଷା ପାଏ;ଅଥଚ ଦୁଇ ହାତ ସ୍ୱାଧୀନ ରହିବାରୁ ହାତରେ ଆବଶ୍ୟକ କର୍ମ କରାଯାଇ ପାରେ ।]

ঝাঁপী ୨ । ଆବରଣଯୁକ୍ତ ବଡ଼ ଟୋକେଇ--
झाँपो 2. A big basket with a lid.
ପ୍ରାଦେ (ସମ୍ବଲପୁର) ବି—(ଭୁଲ ଏହି ଅର୍ଥରେ ହି.ଏହି ଶବ୍ଦ)—
୧ । ପେଡ଼ି—1. A covered basket; work-basket.
୨ । ପେଟରା—2. A cane-box with a lid.

ଝାମ୍ପି ପଡ଼ିବା—ଦେ. କ୍ରି—ଝାମ୍ପମାରିବା ୨ (ଦେଖ)
Jhāmpi pardibā Jhāmp māribā 2. (See).

ଝାମ୍ପିବା—ଦେ. କ୍ରି (ସଂ. ଝମ୍ପ)—୧ । ଝାମ୍ପ ମାରିବା (ଦେଖ)
Jhāmpibā Jhāmpa māribā (See)
ছো মারা; ঝাপটা মারা ଯକ୍ଷ ବନ୍ଧନକୁ ଝାମ୍ପଇ ତା ଗୋଡ଼ ଦୃଷ୍ଟ ଚପଳ ସଞ୍ଚାଣ ।
झपटना, पञ्झामारना କବିସୂର୍ଯ୍ୟ. ସଙ୍ଗୀତ ।

ଝାମ୍ପୁଡ଼ା—ଦେ. ବଣ—ଝାମ୍ପଡ଼ା (ଦେଖ)
Jhāmpurdā Jhāmpardā (See).

ଝାମ୍ପୁଡ଼ାଚିଲ—ଦେ. ବି (ସଂ. ଝମ୍ପ+ଚିଲ୍ଲ)—ଯେଉଁ ଚିଲ ଝାମ୍ପମାରି
Jhāmpurdā chila କୌଣସି ପଦାର୍ଥ (ଯଥା ମାଛ)କୁ ନେଇଯାଏ—
A pouncing kite.

ଝାମ୍ପୁଡ଼ାମୁଣ୍ଡା—ଦେ.ବଣ. ପୁଂ—୧ । ଯାହାର ମୁଣ୍ଡରେ ଛୋଟ ଛୋଟ କେଶ
Jhāmpurdā-mundā ଅଲୁଲାୟିତ ଓ ଅଡ଼ୁଆ ହୋଇଥାଏ—
(ଝାମ୍ପୁଡ଼ୀମୁଣ୍ଡୀ—ସ୍ତ୍ରୀ) 1. Having dishevelled
ঝাকড়াচুলো or tangled short hair.
୨ । ଯାହାର ମୁଣ୍ଡର ବାଳ ଝାମ୍ପୁଡ଼ା ହୋଇଥାଏ—
2. Having a bushy head of hair.

ଝାମ୍ପୁଡ଼ୀ—ଦେ. ବଣ, ସ୍ତ୍ରୀ— ଝାମ୍ପୁଡ଼ୀମୁଣ୍ଡୀ (ଦେଖ)
Jhāmpurdi Jhāmpurdi-mundi (See).

ଝାମ୍ପୁଡ଼ୀମୁଣ୍ଡୀ—ଦେ. ବଣ. ସ୍ତ୍ରୀ—ଝାମ୍ପୁଡ଼ାମୁଣ୍ଡାର ସ୍ତ୍ରୀଲିଙ୍ଗ—
Jhāmpurdi-mundi Feminne of Jhāmpurdā-mundā.

ଝାମ୍ପୁରା—ଗ୍ରା (ଉତ୍ତର) ବଣ ପୁଂ—ଝାମ୍ପଡ଼ା (ଦେଖ)
Jhāmpurā Jhāmpardā (See).
(ଝାମ୍ପୁରୀ—ସ୍ତ୍ରୀ)

ଝାମ୍ପୁରା ଚିଲ—ଗ୍ରା. (ଉତ୍ତର) ବି—ଝାମ୍ପୁଡ଼ା ଚିଲ (ଦେଖ) .
Jhāmpurā chila Jhāmpurdā chila (See).

ଝାମ୍ପୁରା ମୁଣ୍ଡା—ଗ୍ରା (ଉତ୍ତର) ବଣ. ପୁଂ—ଝାମ୍ପୁଡ଼ାମୁଣ୍ଡା (ଦେଖ)
Jhāmpurā-mundā Jhāmpurdā-mundā (See).
(ଝାମ୍ପୁରୀମୁଣ୍ଡୀ—ସ୍ତ୍ରୀ)

ଝାମ୍ପୁରୀ—ଦେ. ବଣ. ସ୍ତ୍ରୀ—ଝାମ୍ପୁଡ଼ୀମୁଣ୍ଡୀ (ଦେଖ)
Jhāmpuri Jhāmpurdimundi (See)

ଝାମ୍ପୁଲ (ଇତ୍ୟାଦି)—ଦେ. ବଣ—ଝାମ୍ପଡ଼ା ଇତ୍ୟାଦି (ଦେଖ)
Jhāmpulā (etc) Jhampardā etc (See)
ঝাঁকড়া କାଣ ନ ଜାଣ୍ ଝାମ୍ପୁଲ ଅଣ୍, ଖାଉଥିଶିଂଗା ସବୁଠୁ ଛାଣ୍—କୃଷିବଚନ ।

୧	ଲ	ଓ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଲ୍ପ	ତ୍ଥ	ଘ
୨	ଇ	ଉ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଲ୍ଥ	ଢ	ନ୍

ଝାମ୍ପୁଲିଶିଂଘା—ଦେ. ବଣ. ପୁଂ. ଓ ସ୍ତ୍ରୀ—ଯେଉଁ ଗାଈ ବା ବଳଦର ଶୃଙ୍ଗଦ୍ୱୟ ଦୁଇଆଡ଼େ ବିପରୀତ ଦିଗରେ ବାହାରକୁ ବାହାରିଥାଏ—(Cow or bullock) Having horns growing away from each other; with horns diverging away from each other.
Jhāmpulā-siṁghā

ଝାର—ପ୍ରାଦେ. (ସମ୍ବଲପୁର) ବି (ସ୍ୱ. ଝାଟ=କ୍ଷୁଦ୍ର ବୃକ୍ଷ; ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)—ଝାଡ଼; ଜଙ୍ଗଲ—Forest.
Jhār
[ଦ୍ର—ଏହି ଶବ୍ଦରୁ ଝାରସୁଗୁଡ଼ା, ଝାରଖଣ୍ଡ ଆଦି ସ୍ଥାନର ନାମ ହୋଇଅଛି ।]

ଝାରଖଣ୍ଡ—ପ୍ରାଦେ. (ସମ୍ବଲପୁର) ବି—ଝାଡ଼ଖଣ୍ଡ (ଦେଖ)
Jhār-khand Jhārdā-khanda (See)

ଝାରବିଲେଇ—ପ୍ରାଦେ (ସମ୍ବଲପୁର) ବି—ବଣବିଲୁଆ; ବନ୍ୟବିଡ଼ାଳ—
Jhār-bilei Wild cat.

ଝାର—ପ୍ରାଦେ (କଳାହାଣ୍ଡି) ବି—ଘାସ—
Jhāra Grass.

ଝାରା—ପ୍ରାଦେ (ବସ୍ତର) ବି—ଜାଲଚାଟୁ—
Jhārā A perforated ladle.

ଝାରି—ପ୍ରାଦେ (ମେଦିନୀପୁର) ବି (ଭୁଲ. ଏହି ଅର୍ଥରେ ବ. ଓ ହି. ଏହି ଶବ୍ଦ)—ଝରି; ଗଡ଼ୁ; ଝାଲ—Water-pot.
Jhāri

ଝାରିବା—ଦେ. କ୍ରି—(ଭୁଲ. ଏହି ଅର୍ଥରେ ହି. ଝାରନା)—
Jhāribā
୧ । ଝାଡ଼ିବା (ଦେଖ)—1. Jhārdibā (See)
୨ । ଝରାଇବା; ଗଡ଼ାଇବା—2. To let fall; to drop.
ମୁକ୍ତାନନ୍ଦୀ ଅଶ୍ରୁଛନ୍ଦ ଝାରି ନେତ୍ର ଅନ୍ତେ—ନନ୍ଦକିଶୋର. ସୀତାବନବାସ ।
ପ୍ରାଦେ. (ସମ୍ବଲପୁର) କ୍ରି—ବାଲିରେ ମିଶିଥିବା ସୁନାରେଣୁକୁ ପାଛୁଡ଼ି ବାହାର କରିବା—To cause the gold dusts to separate from sand by winnowing or seiving.
[ଦ୍ର—ସମ୍ବଲପୁର ଅଞ୍ଚଳରେ ଯେଉଁ ଜାତି ବାଲିରୁ ସୁନା ଝାରନ୍ତି ତାଙ୍କୁ ଝରା ବୋଲାଯାଏ ।]

ଝାଲ୍—ପ୍ରାଦେ (ମେଦିନୀପୁର) ବି—(ସ୍ୱ. ଜ୍ୱାଳା, ଭୁଲ. ଏହି ଅର୍ଥରେ ବ. ଏହି ଶବ୍ଦ) ରାଗ—Pungent taste.
Jhāl
ପ୍ରାଦେ. (ମେଦିନୀପୁର) ବିଣ—ରାଗୁଆ—Pungent.
ପ୍ରାଦେ (ସମ୍ବଲପୁର) ବି—ଝାଳ (ଦେଖ)—
Jhāla (See)

ଝାଳ—ଦେ. ବି (ସ୍ୱ. ଜଳ; ଝର;ଧାରା)—୧ । ସ୍ୱେଦ; ଘର୍ମ—
Jhāla 1. Sweat; perspiration.
ঘাম
पसीना
ଗାଡ଼ାଗାଡ଼ାଳେ ପୂର୍ଣ୍ଣ କଲେ ସେ ଦେହକୁ—
କୃଷ୍ଣସିଂହ. ମହାଭାରତ. ସଭା ।

[ଦ୍ର—ଝାଳ କେବଳ ସ୍ତନ୍ୟପାୟୀ ଜୀବଙ୍କଠାରୁ ବହେ । ରାସାୟନିକ ବିଶ୍ଳେଷଣ ଦ୍ୱାରା ଦେଖା ଯାଇଅଛି ଯେ ଝାଳର ଉପାଦାନ ପ୍ରାୟ ପ୍ରସ୍ରାବର ଉପାଦାନ ପରି । ଝାଳରେ କ୍ଷାର, ଚର୍ବି ଓ ପ୍ରୋଟୀନ (ଶରୀର ଧାତୁ) ଥାଏ । ଏହା ଲୋମକୂପରୁ ନିର୍ଗତ ହୁଏ । ଗ୍ରୀଷ୍ମାଧିକ୍ୟରେ, ଅଧିକ ପରିଶ୍ରମରେ ବା ବ୍ୟାୟାମରେ, ଲଜ୍ଜା, କ୍ରୋଧ ଓ ଭୟଆଦି ଶରୀର ଆବେଗରେ କିମ୍ବା ଅତ୍ୟଧିକ ଜଳପାନ କଲେ ଅଧିକ ଝାଳ ବୁହେ । ଏହା ଛଡ଼ା ରୋଗ ଯୋଗୁଁ ପ୍ରସ୍ରାବର ପରିମାଣ କମ ହୋଇଗଲେ ଝାଳର ପରିମାଣ କମ ହୁଏ । ସୁସ୍ଥ ବ୍ୟକ୍ତିର ଶରୀରରୁ ବହିବା ଝାଳରେ ଗନ୍ଧ ନ ଥାଏ, କିନ୍ତୁ ରୋଗୀର ଦେହର ଝାଳ ଦୁର୍ଗନ୍ଧ ହୁଏ । ହି. ଶବ୍ଦସାଗର ।]

ঝাল, ঝাইল, ঝালি ୨ । (ସ୍ୱ. ଉଜ୍ଜ୍ୱାର; ପ୍ରା. ଉଜ୍ଝାଲ) ଦୁଇଟି
झालना
ଭିନ୍ନ ଧାତୁଖଣ୍ଡକୁ ଗଳିତ ଧାତୁ ଦ୍ୱାରା ଯୋଡ଼ିବା; ଝାଳିବା—2. Soldering.
ପ୍ରାଦେ. (ମେଦିନୀପୁର) ବି (ଭୁଲ. ବ. ଝାଲ୍=ରାଗ; କଟୁ ସ୍ୱାଦ)—ଲଙ୍କାମରିଚ—Chillies.

ଝାଳ ଗମ୍‌ଗମ୍—ଦେ. ବଣ—ଝାଳରେ ବୁଡ଼ି ଯାଇଥିବା; ଘର୍ମାକ୍ତ—
Jhāla gam-gam Profusely perspiring.
ঘামদরদর; पसीनेसे तर
(ଝାଳ ସରସର; ଝାଳ ଜରଜର—ଅନ୍ୟରୂପ)

ଝାଳ ପାତିଆ—ଦେ. ବି—ଧାତୁଖଣ୍ଡମାନଙ୍କୁ ଅଗ୍ନି ଉତ୍ତାପରେ ତରଳ ଧାତୁଦ୍ୱାରା ସଂଯୋଗ କରିବା କ୍ରମରେ ବ୍ୟବହୃତ ଧାତୁର ପତ୍ର—Thin bits of metal used for soldering.
Jhāla patiā
ঝাল
टाँक

ଝାଳପୋଛା ଧନ—ଦେ. ବି—ଝାଳବୁହା କଉଡ଼ି (ଦେଖ)
Jhāla-pochhā dhana Jhāla-buhā kaurdi (See)

ଝାଳ ବ(ବୋ)ହିବା—ଦେ. ବି—ସ୍ୱେଦ ନିର୍ଗମନ—Perspiration.
Jhāla ba(bo)hibā
ঘাম দেওয়া पसीना आना
(ଝାଳଦେବା—ଅନ୍ୟରୂପ)

ଝାଳବୁହା—ଦେ. ବଣ—୧ । କଠୋର ପରିଶ୍ରମଦ୍ୱାରା ଉପାର୍ଜିତ—
Jhāla-buhā 1. Hard-earned; earned by the sweat of the brow.
पसीनासे कमाइहुइ
(ଯଥା—ଝାଳବୁହା କଉଡ଼ି ।)
୨ । ଯେଉଁ କାର୍ଯ୍ୟ ବା ପରିଶ୍ରମ କଲେ ଶରୀରରୁ ଶ୍ରମଜଳ ବହେ—2. (work or labour) Which causes one to perspire.
(ଯଥା—ଝାଳବୁହା ମିହନତ)

ଝାଳବୁହା କଉଡ଼ି—ଦେ. ବି—କଠୋର ପରିଶ୍ରମଦ୍ୱାରା ଉପାର୍ଜିତ ଧନ—
Jhāla-buhā kaurdi. Money earned by hard labour.
রক্তউঠা পয়সা
गाढे पसीनेकि कमाइ
(ଝାଳବୁହା ଧନ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ପଂକ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଂକ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଂକ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ପଂକ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଖୋ' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝାଲର—ଦେ. ବି. (ସଂ. ଜାଲ; ତୁଳ. ହିଂ. ଝଲ୍ଲା=ଝୋଳେଇ; ସଂ. ଜ୍ୱଲ ବା ଟୂଲ ଧାତୁ Beams; ସଂ. ଝଲ୍ଲରୀ : ହି. ଶବ୍ଦସାଗର)—୧ । ତରଙ୍ଗ ବା ଜାଲ ଆକାରର ଯେଉଁ କାରୁକାର୍ଯ୍ୟବିଶିଷ୍ଟ ବସ୍ତ୍ରଖଣ୍ଡ ବା ସୂତୁଲିମାନ ମଶାରି ଓ ଗୃହ ଆଦିର ଧଡ଼ିରୁ ଲମ୍ବି ଥାଏ—
Jhālara
ঝালর
झालर
1. Ornamental or network fringe of cloth; hanging fringe; frilled edging.

ଚନ୍ଦ୍ରାତପ ତଳେ ଝୁଲିଲ ମୁକ୍ତାଲ
ଝାଲର ପଲ୍ଲବ ତନ ସଙ୍ଗେ ଫଳି—ରାଧାନାଥ, ଚିଲିକା ।

୨ । ମୟୂର ଚନ୍ଦ୍ରିକା—
2. Tail-feather of a peacock.

ପ୍ରାଦେ. (ସିଂହଭୂମ) ବି—ଏକପ୍ରକାର ଧାନ—
A species of paddy.

ଝାଲରଦାର୍—ଦେ. ବି. (ସଂ. ଝଲ୍ଲରୀ+ଫା. ପ୍ରତ୍ୟୟ୍.ଦାର୍)—ଯେଉଁଥିରେ ଝାଲର ଓହୋଳ ଥାଏ—
Jhālara-dār
ঝালরদার
झालरदार
Having hanging fringes or frills.

ଝାଲରି—ଦେ. ବି—୧ । ଝାଲର (ଦେଖ)
Jhālari
1. Jhālara (See)

୨ । କବାଟ, ଝରକା ପ୍ରଭୃତିରେ ଏକତ୍ର ସଂଯୋଜିତ ଝରକା ପରି ପଟାଳିର ଅସଂଲଗ୍ନ କାଷ୍ଠଖଣ୍ଡମାନ; ଝିଲ୍‌ମିଲ୍—
2. Venetian blind.

ଝାଲରିଆ—ଦେ. ବିଣ. (ସଂ. ଜାଲ)—୧ । ଜାଲଜାଲିଆ—
Jhālariā
1. Reticulated; netty.

୨ । ଝାଲରଯୁକ୍ତ; ଝାଲରଦାର—
2. Having hanging fringes; frilled.

୩ । ମୟୂରଚନ୍ଦ୍ରିକାଯୁକ୍ତ—3. Decorated with the tail-feathers of the peacock.

କମନୀୟ କେଳୀ ଝାଲରିଆ ଯେ କ ନଗଚାମରଯୁକ୍ତ ଯେ—
କବିସୂର୍ଯ୍ୟ, ସଙ୍ଗୀତ ।

ଝାଲା—ଦେ. ବି—ଗୁଜରାଟ ଓ ମାଲବାର୍ ଅଞ୍ଚଳ ଅଧିବାସୀ ରାଜପୁତ
Jhālā
ଜାତିବିଶେଷ—A sect of Rājaputas inhabiting Gujerat and Mālwa

ଝାଲି—ଦେ. ବି. (ସଂ. ଜାଲ)—
Jhāli
୧ । ପୁଚ୍ଛ; ଲାଞ୍ଜ; ଲାଙ୍ଗୁଡ଼—
1. The tail of an animal.

୨ । ଆଚାର—2. Pickle; fruit-preserve.

୩ । ଝାଲର—3. Ornamental network or fringe of cloth or strings.

୪ । କାନ ଭିତରର ସୂକ୍ଷ୍ମ ଚର୍ମ—
4. Membrane inside the ear.

ଝାଳି—ସ. ବି—କଞ୍ଚା ଆମ୍ବ ଚକ୍ତି କରି ତେଲରେ ଭାଜି ସେଥିରେ
Jhāli
ବେସର, ଲୁଣ ଓ ହେଙ୍ଗୁ ମିଶା ଯାଇ କଥିରେ ସନ୍ତୁଳା ହୋଇ ପ୍ରସ୍ତୁତ କରାଯିବା ଆଚାର (ଭାବପ୍ରକାଶ)—A kind of raw-mango-pickle fried with mustard, salt and asafoetida.

ଝାଳିବା—ଦେ. କ୍ରି. (ସଂ. ଝଲ ବା ଜ୍ୱଲ ଧାତୁ; ସଂ. ଉର୍ଦ୍ଧ୍ୱାର)—
Jhālibā
ঝালা
झालना
୧ । ଧାତୁନିର୍ମିତ ପାତ୍ର ଓ ଅଲଙ୍କାରାଦିର ଅଂଶମାନଙ୍କୁ ଗଳିତ ଧାତୁଦ୍ୱାରା ସଂଯୋଜନ କରିବା ବା ଯୋଡ଼ିବା—
1. To solder the different parts of a metal-pot or ornament.

୨ । ସଂଲଗ୍ନ କରିବା—2. To attach.

ଝାଳ ଦେଲୁ କାହିଁ ଝଳ ଗୃହମଧ୍ୟ ଗଣ୍ଡକୁ ମୋ ଗଣ୍ଡେ ଅରେ—
କବିସୂର୍ଯ୍ୟ, ସଙ୍ଗୀତ ।

୩ । ଅଲଙ୍କାରାଦି ଧାତୁ ପଦାର୍ଥକୁ ଘଷି ମାଜି ଉଜ୍ଜ୍ୱଳ କରିବା—
3. To brighten or burnish ornaments or other metalic things.

୪ । ଉଝାଳିବା; କୂଅ ପୋଖରୀ ଆଦିର ପଙ୍କୋଦ୍ଧାର କରିବା—
4. To clear out silt from the bottom of an old well or tank.

୫ । ଭଙ୍ଗା ବାସନ ବା ଅଲଙ୍କାର ଉପରେ ଧାତୁର ପାତିଆ ଦେଇ ମରାମତ କରିବା—To mend a broken or damaged utensil or ornament.

ଝାଳୁଆ—ଦେ. ବିଣ—୧ । ସ୍ୱେଦଯୁକ୍ତ; ଘର୍ମାକ୍ତ—
Jhāluā
ঘামুয়া; ঘেমো
पसीनेदार
1. Perspiring.

୨ । ଯହିଁରୁ ସର୍ବଦା କ୍ଷୁଦ୍ର ଜଳକଣାମାନ ବହେ—
2. Giving out moisture.

ଝାଳେଇ } ସ୍ତ୍ରୀ—
ଝାଳୋଇ }
୩ । ପୁଂ—ଯେଉଁ ବ୍ୟକ୍ତି ଦେହରୁ ସର୍ବଦା ଝାଳ ବହୁଥାଏ—
3. (a person) Who perspires profusely.

ପ୍ରାଦେ (ମେଦିନୀପୁର) ବିଣ (ତୁଳ. ଏହି ଅର୍ଥରେ ବଂ. ଝାଲୁୟା)—ରାଗୁଆ; ଝାଗା—Pungent.

ଝାଳେଇବା—ଦେ.କ୍ରି—୧ । (ଅଙ୍ଗରୁ) ସ୍ୱେଦସ୍ରାବହେବା; ସ୍ୱେଦ ମୋଚନ କରିବା; (ଅଙ୍ଗ) ଘର୍ମାକ୍ତ ହେବା—
Jhāleibā
ঘামা
पसीजना
1. To perspire; to sweat.

(ଝାଳେଇବା—ଅନ୍ୟରୂପ)

୨ । (କୌଣସି ବସ୍ତୁର ଦେହଯାକ) କ୍ଷୁଦ୍ର କ୍ଷୁଦ୍ର ଜଳକଣାରେ ଆଚ୍ଛନ୍ନ ହେବା—2. To be covered over with minute particles of water; to give out moisture.

୩ । ବାଷ୍ପଅଣିଦ୍ୱାରା ବା ଔଷଧ ଉପାୟରେ ମନୁଷ୍ୟର ଦେହରୁ ସ୍ୱେଦୋଦ୍‌ଗମ କରାଇବା—3. To bring about perspiration by means of vapour-bath or medicine.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଙ୍ଗ	ଉଅ	ଧ
୬	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଔ	ନ୍

ଝାଲେ(ଲି)ରି—ଦେ. ବ—ଝାଲର (ଦେଖ)
Jhāle(li)rī Jhālara (See)
(ଝାଲେରଅ-ବଣ)

ଝାସ—ଦେ. ବ. (ସଂ. ଝଷ ଧାତୁ=ବଧ କରିବା, ସଂ. ଝମ୍ପ; ସଂ. ଝମ୍ପ)-
Jhāsa ୧ । କୌଣସି ସତ୍ୟର ପରୀକ୍ଷା ବା ପ୍ରାଣତ୍ୟାଗ ନିମନ୍ତେ
ঝাঁপ ଜଳ ବା ଅଗ୍ନିକୁ ଡେଇଁବା—
झँप 1. Jumping into fire or water for ordeal or suicide.

ବକଲ୍ପି ଅଲେ ଦେବ ଅନଳେ ଝାସ । ଭଞ୍ଜ. ବୈଦେହୀଶବିଳାସ ।

୨ । (ସଂ. ଧର୍ଷଣ) ଅଗ୍ନି ବା ସୂର୍ଯ୍ୟଙ୍କର ତେଜ; ତାତ; ତାପ; ଧାସ—2. Glare; blaze of the sun or fire.

ଲାପବନ ପବନ ନର୍ଦ୍ଦୁମଣି ଅନଳସ୍ୟ ଝାସରୁ କରେ କଣ୍ଟୁ କେଳ ।
କବିସୂର୍ଯ୍ୟ. ବଶୋଲା ଚମ୍ପୂ ନ ଗୀତ ।

ଝାସ ଦେବା—ଦେ. କ୍ରି. (ସଂ. ଝଷ ଧାତୁ)—ଝାସିବା (ଦେଖ)
Jhāsa debā Jhāsibā (See)
ঝাঁপ দেওয়া ଜାଣି ଜାଣି ଜଳନ୍ତା ଅନଳରେ ଝାସ
झँप देना ଦେବାକୁ କରିଅଛ ବିଷମ ସାହସ । କୃଷ୍ଣସିଂହ. ମହାଭାରତ, ଉଦ୍ଯୋଗ ।

ଝାସି ପଶିବା—ଦେ. କ୍ରି—ଝସାଇ ପଶିବା; ବଳାତ୍କାରରେ ପ୍ରବେଶ କରିବା-
Jhāsi paśibā To forcibly enter a place.
ঘুষে ঢুকা ବସ୍ତ ପାଲିଷ୍ଟ ହ୍ରଦ କୂଳେ
घँसना, झिलना ଝାସି ପଶିଲେ ଶୀଘ୍ର ଜଳେ । ଜଗନ୍ନାଥ, ଭାଗବତ ।

ଝାସିବା—ଦେ. କ୍ରି. (ସଂ. ଝଷ ଧାତୁ=ବଧ କରିବା; ସଂ. ଝମ୍ପ; ସଂ. ଘୃଷ ଧାତୁ=ପ୍ରତିଜ୍ଞା କରିବା)—
Jhāsibā
ঘুষা, ঢুক ୧ । ପ୍ରାଣତ୍ୟାଗ ବା ଆତ୍ମହତ୍ୟା ନିମନ୍ତେ ଅଗ୍ନିକୁ ବା
झिलना, घंसना ଜଳକୁ ଡେଇଁ ପଡ଼ିବା—1. To plunge into fire or water to commit suicide.

୨ । ପରଜନ୍ମରେ ଅଭୀପ୍ସିତ ଫଳଲାଭର ସଙ୍କଳ୍ପ କରି ଜୀବନ ଉତ୍ସର୍ଗ କରିବା ନିମିତ୍ତ କୌଣସି ମହାତୀର୍ଥରେ ଜଳକୁ ଡେଇଁ ପଡ଼ିବା—
2. To jump into the water of a sacred tank with the belief or resolve to attain one's aim in the next bitrh.

ବରତ କ କରି କାହିଁ ଝାସିଥିଲ ଅକଣାରେ ପୂର୍ବବରୁ ।
ଭଞ୍ଜ, ବୈଦେହୀଶବିଳାସ ।

୩ । କୌଣସି ଉଦ୍ଦିଷ୍ଟ ମହତ୍ ଫଳ ପ୍ରାପ୍ତ୍ୟର୍ଥ ନିଜର ପ୍ରାଣକୁ ଉତ୍ସର୍ଗ କରି ପ୍ରାଣତ୍ୟାଗ କରିବା—
3. To sacrifice one's life for same noble aim.

ରଣେ ଝାସନ୍ତି ଯେଉଁ ବୀର
ସମରେ ତ୍ୟଜନ୍ତି ଶରୀର । ଜଗନ୍ନାଥ, ଭାଗବତ ।

୪ । ହଠାତ୍ ଆକ୍ରମଣ କରିବା—
4. To attack suddenly.

୫ । ଡେଇଁ ପଡ଼ିବା; ଲମ୍ଫ ଦେବା—
5. To jump into.

ଜଳରେ ପଡ଼ିନ୍ତେ ଝାସି, ଧରିଲେ ଦାସୀ ଯେ । ପ୍ରତାପ, ଶଶିସେଣା ।

୬ । ଦ୍ରୁତଗତିରେ ପ୍ରବେଶ କରିବା—
6. To enter swiftly.

ସଙ୍କେତେ ଗିକ ଝାଡ଼େ ଝାସ୍ତ । ପ୍ରାଚୀ., ରହସ୍ୟମଞ୍ଜରୀ ।

୭ । କୌଣସି ଜୀବ ବା ଶିକାର ଉପରକୁ କୁଦିବା—
7. To swoop upon a prey.

ଝି—ଦେ. ବ. ସ୍ତ୍ରୀ. (ସଂ. ଦୁହିତା; ପ୍ରା.ଧୀଅ; ପା. ଧୀତା; ସଂ. ଜାମି=କନ୍ୟା; ଇଣ୍ଡୋୟୁରୋପୀୟ ଆର୍ଯ୍ୟଭାଷା ଦ୍ୱି, Zi)—
Jhi
ঝি କନ୍ୟା; ଝିଅ—Daughter.
झी ବେଲସୁଁ) କୁଟୁଭୁଣୀ ଘର ଝି ! ତିକ୍ଷିତାମାନ
ଦେଖିଲଣି (ବୋଲନ୍ତି) ଏଇ ଠାମାନଙ୍କ ?—ଡଗ ।

ପ୍ରାଦେ. ୧ । (ମେଦିନୀପୁର) ବ. (ତୁଳ. ଏହି ଅର୍ଥରେ ବ. ଏହି ଶବ୍ଦ)—ଦାସୀ—1. Maid servant.

୨ । (ସିଂହଭୂମ) ବ—ପିଉସୀ—
2. Father's sister.

୩ । (ଗଡ଼ଜାତ) ଅ. (ପୋଷଣୀ ଓ ନଈକୁ ମଇଁଷିମାନଙ୍କୁ ଗାଧୋଇବାକୁ ନେଇଥିବା ଜଗୁଆଳର ଡାକ) ପାଣିରେ ସମୁଦାୟ ଶରୀର ବୁଡ଼ନ୍ତା ଭଳି ଶୋଇ ପଡ଼୍—
3. A word used by the driver buffaloes requiring them to lie down in the water while having a bath.

ଝିଅ—ଦେ.ବ.ସ୍ତ୍ରୀ.(ସଂ.ଦୁହିତା; ପ୍ରା.ଧୀଅ; ଧୀଦା; ସଂ.ଜାମି; ପ୍ରାଚୀନ ବଙ୍ଗଳା ଝିୟୁ; ପାଲି ଧୀ, ଧୁ, ଧୀତା)—
Jhia
ঝী ୧ । କନ୍ୟା—1. Daughter.
धीया ଝିଅକୁ ମାରି ବୋହୂକୁ ଶିଖାଇବା ନ୍ୟାୟ. ଡଗ ।
(ପୁଅ—ବିପରୀତ) ୨ । ବାଳିକା—2. Girl.

ଶରଣ ବତ୍ସଳ ଦୁଃଖୀ ଝିଅକୁ ମା
ରଖ ଶ୍ରୀଚରଣ ତଳେ ରାଧାନାଥ, ପାର୍ବତୀ ।

୩ । କନ୍ୟାସ୍ଥାନୀୟା ବାଳିକା—3. A girl whom a person treats as his daughter.

[ଦ୍ର—ସାଧାରଣତଃ ଆପଣାଠାରୁ ବୟସରେ ଖୁବ୍ ସାନ ଅପରିଚିତା ସ୍ତ୍ରୀଲୋକ ବା ବାଳିକାକୁ ବାଟରେ ଭେଟିଲେ ତାକୁ କିଛି କଥା କହିବାର ଆବଶ୍ୟକ ହେଲେ ତାକୁ ଅଲୋ ଝିଅ ! ବୋଲି ସମ୍ବୋଧନ କରାଯାଏ; ଆପଣାର ସମାନବୟସ୍କା ସ୍ତ୍ରୀଲୋକକୁ ଭଉଣୀ ! ଓ ଆପଣାଠାରୁ ବୟସରେ ବଡ଼ ସ୍ତ୍ରୀଲୋକକୁ ମାଉସୀ ! ବୋଲି ସମ୍ବୋଧନ କରାଯାଏ । ଉକ୍ତ ସ୍ତ୍ରୀଲୋକ ସଙ୍ଗେ ଖୁବ୍ ଆଳାପ-ପରିଚୟ ଥିଲେ ଆପଣାଠାରୁ ବୟସରେ ସାନ ସ୍ତ୍ରୀ ଲୋକକୁ ମାଆ ବାଇ ! ସମ୍ବୋଧନ କରାଯାଏ ଓ ବୟସରେ ବଡ଼ ସ୍ତ୍ରୀଲୋକକୁ ମାଆ ବା ମାଉସୀ ! ବୋଲି ସମ୍ବୋଧନ କରାଯାଏ । ଏହିପରି ଆପଣାଠାରୁ ଅଳ୍ପବୟସ୍କ ଅପରିଚିତ ପୁରୁଷ ଲୋକକୁ ଆରେ ପୁଅ !, ସମ-ବୟସ୍କକୁ ଭାଇ ! ଓ ଊର୍ଦ୍ଧ୍ୱବୟସ୍କକୁ ମଉସା ! ବୋଲି ସମ୍ବୋଧନ କରାଯାଏ ଏବଂ ପରିଚିତ ଅଳ୍ପବୟସ୍କ ପୁରୁଷକୁ ବାପ ! ବାପା ! ବାବା

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୁ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଣ୍ଣା' ନ ପାଇଲେ 'ଅର୍ଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଓ କେଶି ବୟସର ପୁରୁଷଙ୍କୁ ବାବା ! ମଉଷା ! ବୋଲି ସମ୍ବୋଧନ କରାଯାଏ ।]

୩ । ଅମୁକ ବଂଶ ଜାତା ବା ଅମୁକ ଜାତୀୟା ସ୍ତ୍ରୀ—
3. A woman born of a particular caste or family.
(ଯଥା—ସେ ଗଉଡ଼ ଘର ଝିଅ ।)

ଝିଅ ଝିଅଣି—ଦେ. ବି (ବହୁବଚନ)—୧ । କୌଣସି ପରିବାରର କନ୍ୟା ଓ କନ୍ୟାସ୍ଥାନୀୟା ବାଳିକାଗଣ; ଝିଅ ଓ ଝିଅରୀ ଆଦି—
Jhia jhiāṇi
ঝিউড়ী, ঝিঅড়ী
धियानी
1. Daughters and girls of the status of a daughter in a family.
ଝିଅ ଝିଅଣିଆ, ଝିଅ ଝିଅଣିଆଁ, ଝିଅ ଝିଉଣିଆଁ, ଝିଅ ଝିଅଣି, ଝିଅ ଝିଅଣିଆ — ଅନ୍ୟରୂପ
୨ । ପିତୃଗୃହରେ ସ୍ଥିତା ବା ପିତୃଗୃହକୁ ଆଗତା ବିବାହିତା କନ୍ୟାଗଣ—
2. Daughters while staying in their fathers' houses.

ଝିଅ ପୁଅ—ଦେ. ବି (ବିପରୀତ ଲିଙ୍ଗ ସହଚର; ସଂ. ଦୁହିତା+ପୁତ୍ର)—
Jhia pua
ঝীপুত
बेटाबेटी
କନ୍ୟା ଓ ପୁତ୍ର; ସନ୍ତାନ ସନ୍ତତି—
Children (both female and male).

ଝିଅ ବିଆଣ—ଦେ. ବି—କନ୍ୟା ପ୍ରସବ କରିବା—
Jhia biāṇa
Giving birth to daughters.

ଝିଅ ବିଆଣୀ—ଦେ.ବିଣ. ସ୍ତ୍ରୀ (ସ୍ତ୍ରୀଲୋକମାନଙ୍କର ସ୍ତ୍ରୀଲୋକମାନଙ୍କ ପ୍ରତି ଗାଳି)—ଯେଉଁ ସ୍ତ୍ରୀଲୋକ କେବଳ କନ୍ୟା ପ୍ରସବ କରେ—
Jhia biāṇi
(ଝିଅବେଈ—ଅନ୍ୟରୂପ)
ঝীরমা
(a term of abuse) (A woman)—Bearing female children only.

ଝିଅ ବୋହୂ—ଦେ. ବି (ସହଚର; ସଂ. ଦୁହିତା+ବଧୂ)—
Jhia bohu
ঝীবউ
बेटीबौ
୧ । କନ୍ୟା ଓ ପୁତ୍ରବଧୂ—
1. Daughter and daughter-in-law.
୨ । ପରିବାରରେ ଜାତା ଓ ବିବାହ ଦ୍ୱାରା ପରିବାରକୁ ଆଗତା ଯୁବତୀ ସ୍ତ୍ରୀଗଣ—
Young female members in a family.
(ଯଥା—ଦୁର୍ବୃତ୍ତମାନଙ୍କ ଜୁଲମରେ ଏ ଗ୍ରାମରେ ଝିଅବୋହୂ ଘେନି ଚଳିବା କଷ୍ଟକର ହେଲାଣି ।)

ଝିଅ ମା—ପ୍ରାଦେ (ଗଞ୍ଜାମ) ବି (ସଂ. ଦୁହିତା+ମାତା)—ରାଣୀଙ୍କ ଝିଅକୁ ପାଳିଥିବା ଅନ୍ତଃପୁରସ୍ଥ ଧାଈ—
Jhia mā
The nurse of a female child of a Rāṇi.

ଝିଅର ମା—ଦେ. ବି. ସ୍ତ୍ରୀ—କେବଳ ଦୁହିତା ପ୍ରସବିନୀ ସ୍ତ୍ରୀ—
Jhiara mā A woman giving birth to daughters only.
(ଝିଅର ମାଅ—ଅନ୍ୟରୂପ)

ଝିଅଣିଆ(ଆଁ)—ଦେ. ବି—ପରିବାରସ୍ଥ କନ୍ୟାସ୍ଥାନୀୟା ସ୍ତ୍ରୀଗଣ
Jhiāṇiā (āñ)
ঝিউড়ী
धियानी
(ଯଥା—ଝିଅରୀ, ଭଣିଜୀ)—Women of the status or position of the daughter in the family.
ଦେ. ବିଣ—୧ । କନ୍ୟାସମ୍ବନ୍ଧୀୟ—
1. Relating to a daughter.
(ଝିଅଣୀ, ଝିଅଣୀଆ—ଅନ୍ୟରୂପ)
୨ । କନ୍ୟାର ବ୍ୟବହାର-ଯୋଗ୍ୟ—2. Fit to be used by the daughters; fit to be given to a daughter.
୩ । କନ୍ୟା ଘରକୁ ପଠାଯିବାର ଉପଯୁକ୍ତ ବା ଅଳ୍ପ ମୂଲ୍ୟର (ବେଭାର) ଆଦି—3. (present) Economical or appropriate to be sent to the married daughter's house.
(ଯଥା—ଝିଅଣିଆ ବେଭାର ପାଇଁ ଅଳ୍ପଦାମର ଲୁଗା କିଣାଯିବ ।)

ଝିଅରୀ—ଦେ. ବି. ସ୍ତ୍ରୀ (ସଂ. ଦୁହିତୃ)—ଭାତୃଷ୍ପୁତ୍ରୀ; ବଡ଼ ବା ସାନ ଭାଇର କନ୍ୟା—Niece; brother's daughter.
Jhiārī
ভাইঝী
भतीजी
[ଦ୍ର—ପ୍ରାଚୀନ ବଙ୍ଗଳାରେ ଝିଅରୀ ଶବ୍ଦ ଝିଅ ଅର୍ଥରେ ବ୍ୟବହୃତ ହୋଇଥିବାର ଦେଖାଯାଏ ।]

ଝିଅରୀ ଜୋଇଁ—ଦେ. ବି. ପୁଂ (ସଂ. ଭ୍ରାତୃ ଜାମାତା)—
Jhiārī joiñ
ভাইজামাই
ଝିଅରୀର ସ୍ୱାମୀ—Niece's husband; nephew-in-law

ଝିଇ—ପ୍ରାଦେ (ମେଦିନୀପୁର ଓ ବାଲେଶ୍ୱର; ସିଂହଭୂମ ଓ ଗଡ଼ଜାତ)—
Jhi i
ଝି (ଦେଖ) Jhi (See).

ଝିଇ ପକା(କେ)ଇବା—ପ୍ରାଦେ (ଗଞ୍ଜାମ ଓ ଗଡ଼ଜାତ) କ୍ରି—ପୋଢ଼ୁଆ ବା ଅଣ୍ଡିରା ମଇଁଷିଙ୍କ ଜଗୁଆଳ ପିଲାମାନେ ପୋଢ଼ୁଆର ଲାଙ୍ଗୁଡ଼ରେ ହାତ ମାରି "ଝି ! ଝି ! ତରିର ଝି !" ଡାକ ଡାକିବା ଦ୍ୱାରା ପୋଢ଼ୁଆମାନଙ୍କୁ ଗାଧୋଇବା ପାଇଁ ପାଣିରେ ଶୁଆଇବା—(the buffalo-herds) To get the buffaloes to lie down in water during a bath by uttering a call.
Jhi-i pakā(ke)ibā

ଝିଁ ଝିଁ—ଦେ. ଅ (ଧ୍ୱନ୍ୟନୁକରଣ)—ଝିଙ୍କାରି ରବ—
Jhiñ Jhiñ
ঝিঁ ঝিঁ
चिँचिँ झींझीं
The chirping of crickets.
କାହିଁ ଝରେ ଝର, ଝର୍ଝରେ ଝିଙ୍କାରି, କାହିଁ ରବେ ଝିଁ ଝିଁ ସ୍ୱରେ ।
ରାଧାନାଥ. ଚିଲିକା ।

ଝିକର—ପ୍ରାଦେ (ଗଞ୍ଜାମ) ବି—ଝିଙ୍କର (ଦେଖ)
Jhikara
Jhiṅkara (See).

ଝିକା—ପ୍ରାଦେ. (ଗଞ୍ଜାମ) ବି—ସବଳରେ ଆକର୍ଷଣ; ଝିଙ୍କା—
Jhikā
A tight pull; a jerk; tug.

ଝିକା ଝିକି—ପ୍ରାଦେ. (ଗଞ୍ଜାମ) ବି—ଝିଙ୍କା ଝିଙ୍କି (ଦେଖ)
Jhikā jhiki
Jhiṅkā jhiṅki (See)

୧	ଇ	ଉ	ଋ,ର	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍	ଉଥ	ଢ
୨	ଈ	ଊ	ଋ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ୍ୟ	ଇଥ	ଢ଼	ଙ୍

ଝିକିବା—ଗ୍ରାମ୍ୟ. (ଗଞ୍ଜାମ) କ୍ରି (ସଂ—ଈଷ ଧାତୁ—ଆକର୍ଷଣ, ହେଲ୍ଲନ)—
Jhikiba ଝିଙ୍କିବା; ସବଳରେ ଆକର୍ଷଣ କରିବା; ଝାଙ୍କିବା—
[ଝିଙ୍କା(କୋ)ଇବା—ଣିଜନ୍ତରୂପ] To draw tightly; to pull with a jerk; to tug.

ଝିଙ୍କ—ଦେ. ବି (ସାନ୍ତାଳୀ ଭାଷା)—୧ । ମୂଷାଜାତୀୟ କ୍ଷୁଦ୍ର ବନ୍ୟ
Jhinka ଚତୁଷ୍ପଦ ଜନ୍ତୁବିଶେଷ—
ସଂ. ଛେଦାର, ଶଲ୍ୟ, ଶଶଙ୍କ, ଶଲ୍ୟମୃଗ 1. Hedgehog; the Porcupine;
ଶଜାରୁ; ସେଜାରୁ Hystrix Cristata; Hystrix Bengalensis.
ସେ, ସାହୀ, ଖାର ପୁଶ୍ତ
ମ. ସାଲ, ସାଲଦର [ଦ୍ର—ଏମାନେ ବନରେ ଭୂଇଁରେ ଗାତ କରି ରହନ୍ତି ଓ ଗାତରେ ବାହାରନ୍ତି । ଏମାନଙ୍କ ଦେହରେ ୧ ଫୁଟ ଲମ୍ବ ଗୁଡ଼ାଏ ମୁନିଆଁ କାଠି ଥାଏ ଓ ଶତ୍ରୁ ଆକ୍ରମଣ କଲେ ଏମାନେ ଆତ୍ମରକ୍ଷା ନିମନ୍ତେ ଦେହ ଝାଡ଼ି ଦେଲେ ଏ ମୁନିଆଁ କାଠିଗୁଡ଼ିକ ଶତ୍ରୁଆଡ଼କୁ ଛୁଟି ଯାଇ ଯାଏ ଓ ଶତ୍ରୁଦେହରେ ବିଦ୍ଧ ହୁଏ । ଏମାନେ ଉଦ୍ଭିଦ ଓ ଫଳ ଖାଇ ବଞ୍ଚନ୍ତି । ବୈଦ୍ୟଶାସ୍ତ୍ର ମତରେ ଏହାର ମାଂସ ଗୁରୁ, ସ୍ନିଗ୍ଧ, ଉଷ୍ଣ ଓ ଅଗ୍ନିଦୀପକ । ଏହା ଆମରୋଗ, ଅଶ୍ମରୀ, ଶ୍ୱାସ, କାସ, ସନ୍ନିପାତ ହରଣ କରେ । ଏହାରି ଅଳ୍ପପୁଚ୍ଛି ଶୁଖାଇ ଚୂର୍ଣ୍ଣ କରି ପୁଡ଼ିକା ବାନ୍ଧରେ ଓ ଶୂଳରୋଗରେ ପ୍ରୟୋଗ କରାଯାଏ । ଏହାର ପିତ୍ତ ସେବନ, ଲେପନ ଓ ଅଞ୍ଜନରୂପରେ ବ୍ୟବହାର କଲେ ବୃଶ୍ଚିକ ବିଷ, ମୂଷିକ ବିଷ ଓ ସର୍ପ ବିଷ ଖଣ୍ଡିତ ହୁଏ—ବ୍ରଜବନ୍ଧୁ. ଦ୍ରବ୍ୟଗୁଣ କଳ୍ପଦ୍ରୁମ ।

ପ୍ରକୃତରେ ଝିଙ୍କ ଗୋଟିଏ ଚତୁଷ୍ପଦ ଜୀବ । କେହି କେହି ଭ୍ରମରେ ଝିଙ୍କ ପକ୍ଷୀ ବୋଲି କହନ୍ତି । କିନ୍ତୁ ଏହା ପକ୍ଷୀ ନୁହେଁ, କିମ୍ବା କୌଣସି ପକ୍ଷୀର ଝିଙ୍କ କାଠି ପରି କାଠି ଥିବାର ଦେଖାଯାଏ ନାହିଁ । ଯଥା—

ସେନା ଉପରେ କାଣ୍ଡମାନ ବସେ
ଝିଙ୍କ ପକ୍ଷୀ ପ୍ରାୟେ ଶରୀର ଦିଶେ—ବିଶ୍ୱନାଥ. ବିଚିତ୍ରରାମାୟଣ ।

ଦେହରେ ଝିଙ୍କ କାଠି ଭଳି ଗୁଡ଼ାଏ କାଠି ଥିବା ଓ ପକ୍ଷହୀନ ପକ୍ଷୀ (Apterrx) ନିଉଜିଲାଣ୍ଡରେ ଦେଖାଯାଏ । ଏ ପକ୍ଷୀ କୁକୁଡ଼ାଜାତୀୟ; କିନ୍ତୁ ଏମାନେ ଝିଙ୍କ ପରି କାଠିକୁ ବାହାରକୁ ଫିଙ୍ଗି ପାରନ୍ତି ନାହିଁ ।]

ଝିଙ୍କକାଠି—ଦେ. ବି—ଝିଙ୍କ ଜୀବଙ୍କ ଦେହର କାଠି—The erectile
Jhinka-kāṭhi spine or quill of a porcupine.

ଝିଙ୍କ କାଠି ଖଞ୍ଜି ବାନ୍ଧି କେଶପାଶ
କର୍ଣ୍ଣେ ଶୋଭନ୍ତି ଘୋରେ ଶରପାଶ—ଭାଗବତ, ରୁକ୍ମିଣୀହରଣ ।

[ଦ୍ର—ଏ କାଠିମାନ ଲମ୍ବରେ ଏକ ମୁଠୁଣି ପର୍ଯ୍ୟନ୍ତ ହୁଏ । ଏଥିରେ କଳା ଓ ଧଳା ପଟି ଥାଏ । ଏ କାଠିମାନ ଗୌଞ୍ଜର ଢୋରକୁ ଅଟକାଇବା ନିମନ୍ତେ ଓ ସ୍ତ୍ରୀମାନଙ୍କ ଜୁଡ଼ାରେ ଗୋଞ୍ଜ-କାଠିରୂପେ ବ୍ୟବହୃତ ହୁଏ ।]

ଝିଙ୍କର—ଦେ. ବି. (ସଂ. କର୍କର)—୧ । ଭଙ୍ଗା ହାଣ୍ଡିର ଖପରା—
Jhinkara 1. Bits of broken earthen pots; potsherd.

ଝିଁକୁର ୨ । ହାଣ୍ଡିର ଭଙ୍ଗା ଧାର—
ଠିକରା 2. Broken bits of the edge of earthen pots.

୩ । ଖପରଲି ବା ଘର ଛୁଆଣି କରିବାର ଖପରା—
3. Earthen tiles for thatching houses with.

୪ । ଝିଙ୍କ ଜନ୍ତୁ—4. Porcupine.

ଝିଙ୍କର ଖେଳ—ଦେ. ବି—ଖପରାଡିଆଁ (ଦେଖ)
Jhinkara kheḷa Khaparā-diāṅ (See)

ଝିଙ୍କର ଘର—ଦେ. ବି—ଖପରଲି ଘର—
Jhinkara ghara A house thatched with earthen tiles.
ଖପରଲି ଖପରୈଲ

ଝିଙ୍କର ଛୁ(ଛୁ)ଆଣି ଘର—ଦେ. ବି—ଝିଙ୍କର ଘର (ଦେଖ)
Jhinkara-chhi(chhu)āni ghara Jhinkara ghara (See)

ଝିଙ୍କର ଜାଲ—ଦେ. ବି—ମଝିରେ ମଝିରେ ଝିଙ୍କର ବନ୍ଧା ହୋଇଥିବା
Jhinkara jāla ଜାଲ ବା ଦଉଡ଼ି—A rope in
(ଝିଙ୍କ ଦଉଡ଼ା(ଡ଼ି)—ଅନ୍ୟରୂପ) which potsherds are tied at intervals and which is dragged along the bottom of shallow muddy pools to dislodge the fishes from the bottom.

[ଦ୍ର—ଏ ଜାଲକୁ ପଙ୍କପାଣିରେ ଦୁଇଜଣ ଲୋକ ଦୁଇ ମୁଣ୍ଡରୁ ଧରି ଟାଣନ୍ତି ଓ ସେ ଜାଲ ପଛେ ପଛେ ପୋଲୁହ ଧରିଥିବା ବ୍ୟକ୍ତିମାନେ ମାଛଙ୍କୁ ଅନୁସରଣ କରି କରି ଚାଲନ୍ତି ଓ ଝିଙ୍କରଦ୍ୱାରା ଚାଳିତ ହୋଇ ମାଛ ଜଳାଶୟର ତଳରୁ ଛାଡ଼ି ଉପରକୁ ଉଠିବାର ଦେଖା ଗଲେ ପୋଲୁହାମାନେ ମାଛଙ୍କୁ ପୋଲୁହରେ ମାଡ଼ି ବସନ୍ତି ।]

ଝିଙ୍କରଡିଆଁ—ଦେ. ବି—ଖପରାଡିଆଁ (ଦେଖ)
Jhinkara-diāṅ Khaparādiāṅ (See)

ଦେ. ବିଣ—୧ । (କାଳେ ଅଇଁଠା ହାଣ୍ଡିର ଖପରାକୁ ଗୋଡ଼ରେ ମାଡ଼ିଲେ ଅଶୁଚି ହେବ ଏହି ଭୟରେ ବାଟ ଚାଲିଲା ବେଳେ ବାଟରେ ପଡ଼ିଥିବା ଖପରାମାନଙ୍କୁ ଡେଇଁ ଡେଇଁ ଯିବା ଲୋକ) ଅତିରିକ୍ତ ନିଷ୍ଠାପର—
1. Over-rigid in observing rules of outward purity.

୨ । ଅତି ଚଡ଼ିଲ—2. Very peevish.

ଝିଙ୍କର ଦଉଡ଼ା(ଡ଼ି)—ଦେ. ବି—ଝିଙ୍କର ଜାଲ (ଦେଖ)
Jhinkara daurdā (rdi) Jhinkara jāla (See)

ଝିଙ୍କରିଆ—ଦେ. ବିଣ. (ସଂ. କର୍କରମୟ)—ଖପରାପୂର୍ଣ୍ଣ—
Jhinkariā Full of small potsherds.

ଝିଙ୍କା—ଦେ. ବି. (ସଂ. ଝଷ ଧାତୁ—ସନ୍ତାପନ କରିବା କିମ୍ବା ଧା ଧାତୁ)—
Jhinkā ୧ । ଚୁଲିର ଉପର ପରିଧିରେ ଥିବା ଗୋଲ ବା ଶଙ୍କୁ
ଝିଁକ ବା ମୁଦ୍‌ପିଣ୍ଡ; ଚୁଲିର ଶିଂଘ—
1. Knobs or clods of earth placed on the upper circumference of an oven.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳ ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗିଆ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

[ଦ୍ର—ଚୂଳରେ ସାଧାରଣତଃ ତିନି ଗୋଟି ଝିଙ୍କା ଥାଏ । ଏମାନଙ୍କ ମୁଣ୍ଡ ଉପରେ ଚୂଳରେ ହାଣ୍ଡି ବସେ; ଚୂଳରେ ଝିଙ୍କା ଉପରେ ହାଣ୍ଡି ବସିଥିବାବେଳେ ଚୂଲିର ଉପର ମୁହଁର ପରିଧି ଓ ହାଣ୍ଡିର ତଳ ମଧ୍ୟରେ ଯେଉଁ ବ୍ୟବଧାନ ରହେ ସେହି ବାଟେ ଚୂଲିରୁ ଧୂଆଁ ବାହାରି ଯାଏ ।]

୨ । ସ୍ତ୍ରୀମାନଙ୍କ ମୁଣ୍ଡର ଅଳଙ୍କାରବିଶେଷ; ଗୋଜିକାଠି—
2. A kind of hairpin.

झिंका; झिका ୩ । (ସଂ. ଝୃଷ ଧାତୁ=ଅକର୍ଷଣ କରିବା; ଦେଶ୍ୟ
झटका; झोंका ଦେବା) ଓଟରା ବା ସବଳେ ଆକର୍ଷଣ; ହଠାତ୍ ସବେଗରେ ଆକର୍ଷଣ—
3. Tug; pulling with jerks.

ଏମନ୍ତେ ହେଲେ ସଭା ମଧ୍ୟେ ବାଳ ଝିଙ୍କା—କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

ଦେ. ବିଣ—୧ । ଓଟରା ହେବା—
1. Pulled with a jerk.
୨ । ଊଣା—2. Lighter; less.

ଝିଙ୍କା(ଙ୍କେ)ଇବା—ଦେ. କ୍ରି—ଝିଙ୍କିବାର ଣିଜନ୍ତରୂପ—
Jhinka(nke)iba Causative of Jhinkibā.
झिंकान; **झोंकवाना**

ଝିଙ୍କା ଓଟରା—ଦେ. ବି. (ଏକାର୍ଥକ ସହଚର)—
Jainkā otarā ୧ । ଝିଙ୍କାଝିଙ୍କି (ଦେଖ)
टानाझिका 1. Jhinkā-jhinki (See)
झोंकाझटका; झकझोर ୨ । ବହୁବାର ଝିଙ୍କିବା କର୍ମ—
2. Act of pulling and drawing with jerks; tugging.

ଝିଙ୍କାଝିଙ୍କି—ଦେ. ବି—୧ । ଅନ୍ୟୋନ୍ୟରେ ଓଟାରିବା କର୍ମ—
Jhinkājhinki 1. Mutual pulling.
झिकाझिकि; **खींचाखींचि** ୨ । ଠେଲା ଓଟରା—
2. Pushing and tugging.

ସେ କଠିନ ଝିଙ୍କାଝିଙ୍କିରୁ ନିସ୍ତାର
ଲଭ ଲଗି ଅଶ୍ରୁ ନୁଅ ନୁସିଅର । ରାଧାନାଥ, ଦରବାର ।

ଦେ. ବିଣ—ଅନ୍ୟୋନ୍ୟରେ ଓଟରା ଓଟରି ହେଉଥିବା; ପରସ୍ପର ଦ୍ୱାରା ଆକର୍ଷିତ—Mutually pulled; pulled by each other.

ଝିଙ୍କା ମାରିବା—ଦେ. କ୍ରି—କୌଣସି ପଦାର୍ଥ (ଯଥା—ରଜ୍ଜୁ ବା ଭଙ୍ଗାର ଅଙ୍କୁଶ) କୁ ବଳପୂର୍ବକ ଅକର୍ଷଣ କରିବା—
Jhinkā māribā To pull with a jerk; to tug.
झिका मारा
झटका मारना

ଝିଙ୍କାରୀ—(ସଂ. ଝିଲ୍ଲୀ; ଝିଲ୍ଲୀ; ଝିଁ ଝିଁ ଧ୍ୱନ୍ୟନୁକରଣରୁ)—ଝିଲ୍ଲୀ—
Jhinkārī Grasshopper; the cricket.
झिझि [ଦ୍ର—ଏହା ଏକପ୍ରକାର ଝିଣ୍ଟିକା ବା ପତଙ୍ଗ ।
झिंगुर ଏମାନେ ବନରେ ଓ ନିର୍ଜନ ସ୍ଥାନରେ ରହିଲେ ଓ ଗ୍ରୀଷ୍ମକାଳ ଦ୍ୱିପ୍ରହରଣି ସମୟରେ ତୀବ୍ର ଝିଁ ଝିଁ ଶବ୍ଦ କରନ୍ତି; ଓ ଶତ ଶତ ଝିଙ୍କାରୀଙ୍କ ଶବ୍ଦ ମିଶି ଏକ ଗମ୍ଭୀର ଓ ତୀବ୍ର ଧ୍ୱନି ଜାତ କରେ ।]

ଝାଇଁ ଝାଇଁ ସ୍ୱନେ ଡାକେ ଝିଙ୍କାରୀ । ଗୋଲୋକ, ଉଦ୍‌ରେଖା ।

ଝିଙ୍କିବା—ଦେ. କ୍ରି. (ସଂ. ଝୃଷ ଧାତୁ=କ୍ଳେଶନ, ସଂସ୍ପର୍ଶନ)—
Jhinkibā ୧ । ବଳପୂର୍ବକ ଆକର୍ଷଣ କରିବା; ଓଟାରିବା;
झिका ଝାଙ୍କିବା—1. To drag; to pull with a
झकझोरना, झोंकना jerk; to haul.

ସଭା ମଧ୍ୟେ ଝିଙ୍କିଲା ମୋ ବସନ । କୃଷ୍ଣସିଂହ, ମହାଭାରତ, ସଭା ।

୨ । ରଜ୍ଜୁ ଆଦିକୁ ଟାଣିବା—
2. To pull a rope; to tug.
୩ । ବଳପୂର୍ବକ ଆକର୍ଷଣ କରିବା—
3. To attract with force.

କେଉଁ ଯୁବତୀର କେଉ ନାହିଁ ଝିଙ୍କିଲା ନୟନ ପାନ । କବିସୂର୍ଯ୍ୟ, ସଙ୍ଗୀତ ।

୪ । ଊଣା କରିବା—
4. To lessen; to diminish.
୫ । ପ୍ରହାର କରିବାପାଇଁ ଅସ୍ତ୍ରାଦିକୁ ବଳପୂର୍ବକ ଟାଣି ଆଣିବା-
5. To draw out a weapon.

ବାଣ ଝିଙ୍କି ଦେଲେ ଛତରେ ପ୍ରହାର । କବିସୂର୍ଯ୍ୟ, ସଙ୍ଗୀତ ।

୬ । (ଲକ୍ଷଣାର୍ଥ) ଏକତ୍ର ସଂଗ୍ରହ କରିବାପାଇଁ ବଳପୂର୍ବକ ଓଟାରିବା—6. (figurative) To pull down with force in order to gather.

ଝିଙ୍କି ଆଣି ଅଙ୍ଗେ କଲଣି କମା । କବିସୂର୍ଯ୍ୟ, ଯଶୋଧରଙ୍କ ଝ. ଗୀତ ।

ଝିଙ୍ଗା—ପ୍ରାଦେ. (ସିଂହଭୂମ) ବି· (ସଂ. ଝିଙ୍ଗାକ; ଭୁଲ. ବ. ଏହି ଅର୍ଥରେ ଏହି ଶବ୍ଦ ଓ ହି. ଝିଂଗ୍)—ଜହ୍ନି (ଦେଖ)
Jhingā Jahni (See)

ଝିଙ୍ଗାସ—ଦେ ବି. (ସଂ. ଧୃଷ ଧାତୁ ; ବା ଧିକ୍କାର)—
Jhingāsa କୌଣସି ବ୍ୟକ୍ତିର ମନକୁ ବାଧେଇ କରି କହିବା କଥା;
झिड़की ଭର୍ତ୍ସନା; କଟୁବଚନ; କୁବଚନ; ଧିକ୍କାର ବଚନ—
Admonition; reproof.

ଝିଙ୍ଗାସିବା—ଦେ. କ୍ରି—କଟୁବାକ୍ୟ କହିବା; ଭର୍ତ୍ସନା କରିବା—
Jhingāsibā To admonish; to call names.
झिड़कना, फिड़फिड़ाना

ଝିଙ୍ଗିଡ଼ି—ଦେ. ଅ. (ଧ୍ୱନ୍ୟନୁକରଣ)—
Jhingiṛdi ହୁଡୁକ ଆଦି ବାଦ୍ୟର ଧ୍ୱନ୍ୟନୁକରଣବିଶେଷ—
The sound of small drums.

ଝେଁକ୍ ଝେଁକ୍ ଥେଇ ଥେଇ ହୁଡୁକ ବାଜେ
ଝିଙ୍ଗିଡ଼ି ଡିଡ଼ି ଗିଡ଼ି ଥେଇ ଥେଇ ସାଜେ । ପ୍ରାଚୀ, ରହସ୍ୟମଞ୍ଜରୀ ।

ଝିଙ୍ଗିଣୀ—ସଂ. ବି—୧ । ଏକ ପ୍ରକାର କାକୁଡ଼ି—
Jhingini 1. A sort of cucumber (Apte).
୨ । ମଶାଲ—
2. A torch; a firebrand (Apte).
୩ । ଏକପ୍ରକାର ବନ୍ୟ ଗଛ—3. A wild tree.

୧	ଳ	ଡ଼	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଏ	ଓଅ	ଊ
'	ଈ	ଊ	ଋ	ଲୃ	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ	ଇଅ	ଞ	ନ୍

[ଦ୍ର—ଅନ୍ୟ ସ. ନାମ ଝିଙ୍ଗୀ, ପ୍ରମୋଦକା, ସୁବର୍ଣ୍ଣଯୁଥୀ; ଏ ଗଛ ଖୁବ୍ ବଡ଼ ହୁଏ; ଫୁଲ ଧଳା, ଫଳ ବରକୋଳ ପରି । ଏହାର ପତ୍ର ମହୁଲ ଗଛର ପତ୍ର ପରି ଶାଖାର ଦୁଇପାଖରେ ଲାଗିଥାଏ— ହି. ଶବ୍ଦସାଗର ।]

ଝିଜର୍—ପ୍ରାଦେ. (ମେଦନୀପୁର) ବ—
Jhijari — ସୁନା ବା ରୁପାରେ ତିଆରି ହୋଇଥିବା ଅଣ୍ଟା ଶିକୁଳି— (ଝିଜରି—ଅନ୍ୟରୂପ) A gold or silver chain worn on the waist.

ଝିଞ୍ଜ(ଞ୍ଝ)ଟ—ଦେ. ବ—୧ । ସଙ୍ଗୀତର ରାଗିଣୀବିଶେଷ—
Jhiñja(ñjha)ṭa — 1. Name of a musical air.
ঝিঁঝিট — [ଦ୍ର—ଏହା ସମ୍ପୂର୍ଣ୍ଣ ଜାତିର ରାଗିଣୀ । ଏଥିରେ ସବୁ
झिंझोटी — ଶୁଦ୍ଧ ସ୍ୱର ଲାଗେ, ଏହା ଦିନର ଚତୁର୍ଥ ପ୍ରହରରେ (ଝିଞ୍ଝଟ—ଅନ୍ୟରୂପ) ଗେୟ—ହି. ଶବ୍ଦସାଗର ।]
୨ । (ସ. ଝଞ୍ଝା ବାତ; ଜଞ୍ଜାଳ)—ଝଞ୍ଜଟ (ଦେଖ)
3. Jhañjaṭa (See)

ଝିଞ୍ଜଟ ଲଗା(ଗେ)ଇବା—ଦେ. କ୍ରି—୧ । ଅଡୁଆ ଲଗାଇବା; ନାନା
Jhiñjaṭa lagā(ge)ibā — ଗୋଲମାଳିଆ କାର୍ଯ୍ୟ କରିବା—
ঝংঝাট লাগান — 1. To complicate matters.
झंझट लगाना — ୨ । ଅତ୍ୟନ୍ତ ବିରକ୍ତ କରି ବାରଂବାର ପ୍ରାର୍ଥନା କରିବା—2. To importune; to solicit or press repeatedly and unreasonably.
୩ । ବିରକ୍ତ କରିବା—3. To tease; to vex.

ଝିଞ୍ଜ(ଞ୍ଜି)ଟିଆ—ଦେ. ବଣ. ପୁଂ ଓ ସ୍ତ୍ରୀ. (ସ. ଜଞ୍ଜାଳ)—
Jhiñja(ñji)ṭiā — ୧ । ଜଞ୍ଜାଳିଆ; ଗୋଲମାଳିଆ; ଅଡୁଆ ଚଡୁଆ—
ঝংঝাটে — 1. Complicated; entangled.
झंझटिया — ୨ । ଯେଉଁ ଲୋକ ଅନ୍ୟ ଲୋକ ସଙ୍ଗେ ଗୋଲମାଳ
ଝିଞ୍ଜଟେଇ, ଝିଞ୍ଜଟୀ } ସ୍ତ୍ରୀ — ବା ଅଡୁଆ ଲଗାଏ; ଯେଉଁ ଲୋକ ଉପର୍ଯ୍ୟୁପରି ପ୍ରାର୍ଥନା ଦ୍ୱାରା ପ୍ରାର୍ଥିତ ବ୍ୟକ୍ତି ମନରେ ବିରକ୍ତି ଜାତ କରାଏ—2. Teasing; importunate; vexatious; troublesome.
(ଝିଞ୍ଝଟିଆ—ଅନ୍ୟରୂପ)

ଝିଞ୍ଜ(ଞ୍ଜି)ର (ଇତ୍ୟାଦି)—ଦେ. ବ—ଜଞ୍ଜିର ଇତ୍ୟାଦି (ଦେଖ)
Jhiñja(ñji)ra (etc) — Jañjira etc. (See)

ଝିଞ୍ଜ(ଞ୍ଜି)ରା ପୋଲ—ଦେ. ବ—ଜଞ୍ଜିର ପୋଲ (ଦେଖ)
Jhiñja(ñji)rā pola — Jañjira pola (See)

ଝିଞ୍ଜା(ଞ୍ଜି)ଟ—ଦେ. ବ—ଝଞ୍ଜଟ (ଦେଖ)
Jhiñjā(ñji)ṭa — Jhañjaṭa (See)
(ଝିଞ୍ଝାଟ—ଅନ୍ୟରୂପ)

ଝିଞ୍ଜା(ଞ୍ଜି)ଟିଆ—ଦେ. ବଣ—ଝିଞ୍ଜଟିଆ (ଦେଖ)
Jhiñjā(ñji)ṭiā — Jhiñjaṭiā (See)
(ଝିଞ୍ଝାଟିଆ—ଅନ୍ୟରୂପ)

ଝିଞ୍ଜାରି—ଦେ. ବ—ବସ୍ତ୍ର ଓ ପୁସ୍ତକାଦିକୁ ଛିଦ୍ରିତ କରି କାଟିବା ପୋକ—
Jhiñjāri — Canker; the silver-moth.
ঘুণ — घुन

ଝିଞ୍ଜାରିବା—ଦେ. କ୍ରି. (ସ. ଜର୍ଜର; ଜୃ ଧାତୁ=ଜୀର୍ଣ୍ଣ କରିବା)—
Jhiñjāribā — ଚଦାଇବା; ବହୁ ଛିଦ୍ର କରିବା; ଜୀର୍ଣ୍ଣ ବା ସାରହୀନ
ঝাঁঝরান — କରିବା; ଘଟି ନଷ୍ଟ କରିବା—To canker;
झंझोड़ना, घुनना — to bore holes into a thing; to perforate.
[ଦ୍ର—ଜୀର୍ଣ୍ଣ କାଠ ବା ଲୁଗା ବା ପୁସ୍ତକକୁ ପୋକ ଝିଞ୍ଜାରି ପକାନ୍ତି ।]

ଝିଞ୍ଜିର(ରା) (ଇତ୍ୟାଦି)—ଦେ. ବ—ଜଞ୍ଜିର ଇତ୍ୟାଦି (ଦେଖ)
Jhiñjira(rā) (etc) — Jañjira etc (See)

ଝିଞ୍ଜିରି (ଇତ୍ୟାଦି)—ଦେ. ବ—ଜଞ୍ଜିର ଇତ୍ୟାଦି (ଦେଖ)
Jhiñjiri (etc) — Jañjira etc (See)

ଝିଞ୍ଜି(ଞ୍ଝି)ମ—ସ. ବ—ଦାବାନଳଦଗ୍ଧ ବନ—
Jhiñji(ñjhi)ma — A forest on fire (Apte).

ଝିଞ୍ଜୀ(ଞ୍ଝୀ)—ସ. ବ—ଝିଙ୍କାରି—
Jhiñjī(ñjhī) — A cricket (Apte).

ଝିଟ୍‌କା—ଦେ. ବ—ହଠାତ୍ କ୍ଷଣକାଳ ଝିଙ୍କିବା—
Jhiṭ-kā — Sudden jerk.
ঝাংকা — ପ୍ରାଦେ. (ଗଞ୍ଜାମ) ବ—ଆହାର ଦେଇ ପକ୍ଷୀମାନଙ୍କୁ
झटका — ମାରିବାରେ ବ୍ୟବହୃତ ସ୍ପ୍ରିଂ ବା କମାଣୀ ଯୁକ୍ତ କାଠର ଯନ୍ତ୍ରବିଶେଷ—A contrivance with a spring used as a trap to kill birds by decoying them with baits.

ଝିଟ୍‌କା ମାରିବା—ଦେ. କ୍ରି—କୌଣସି ବସ୍ତୁକୁ (ଯଥା—ଘୋଡ଼ାର
Jhiṭ-kā māribā — ବାଗ, ନାହାଟାଣିବା ଦଉଡ଼ି) ହଠାତ୍ କ୍ଷଣକାଳ
ঝাঁকিমারা — ପାଇଁ ବଳପୂର୍ବକ ଝିଙ୍କି ଦେଇ ପୁନର୍ବାର
झटकारना — ଶିଥିଳ କରିଦେବା—To jerk; to give a quickly and suddenly arrested push or pull.

ଝିଟ୍‌ପିଟ୍—ଦେ. ବ—ଝିଟିପିଟି (ଦେଖ)
Jhiṭ-piṭ — Jhiṭipiṭi (See)

ଝିଟ—ଦେ. ବଣ. ପୁଂ ଓ ସ୍ତ୍ରୀ. (ସ. ଧୃଷ୍ଟ)—୧ । ଚେମରଚଟ୍ଟ; ଧଟ;
Jhiṭa — ଧୃଷ୍ଟ; ଲଗରିଆ—1. Importunate; pertinacious.
ধীট — ୨ । ବେହିୟା; ନିର୍ଲଜ୍ଜ—
ढीठ — 2. Shameless; immodest.
ଝିଟେଇ, ଝିଟୋଇ } ସ୍ତ୍ରୀ — ମାଉକନିଅଙ୍କ ସାଙ୍ଗରେ ସବୁବେଳେ ରହସ୍ୟ ହେବାରୁ ସେ ଭାରି ଝିଟ ହୋଇ ଯାଉଛି । ଫକୀରମୋହନ. ଗଳ୍ପସ୍ୱଳ୍ପ ।
୩ । ଅଶ୍ଳୀଳ—3. Indecent.

ଝିଟପଣ—ଦେ. ବ. (ସ. ଧୃଷ୍ଟତା)—୧ । ନିର୍ଲଜ୍ଜତା—
Jhiṭa-paṇa — 1. Shameless-ness.
ধীটামী — ୨ । ଅଶ୍ଳୀଳତା—2. Indecency.
ढीठाई — ୩ । ଧୃଷ୍ଟତା—3. Impertinence.
୪ । ଚେମରଚଟ୍ଟ ପଣ—4. Pertinacity; importunity.
(ଝିଟପଣିଆ—ଅନ୍ୟରୂପ)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚକ୍ରରେ ଅକ୍ଷର ଓ ମାତ୍ରା ଏବ ୨ ଚକ୍ରରେ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତ ନାହିଁ । ଅତଏବ ୧ ବା ୨ ଚକ୍ରର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚକ୍ରର ଉପରର ୨ ବା ୧ ଚକ୍ରର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଛୁଅ' ନ ମିଳିଲେ 'ଛୁଆ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଝିଟ ହୋଇ ଲାଗିବା—ଦେ. କ୍ରି—କୌଣସି ବ୍ୟକ୍ତି ନିକଟରେ ବର୍ଜିତ-
Jhiṭa hoi lāgibā ଭାବରେ ଉପର୍ଯ୍ୟୁପରି ପ୍ରାର୍ଥନା କରିବା—
To solicit unreasonably; to importune; to tease; to worry with requests.

ଝିଟିକା—ଦେ.ବି. (ସଂ. ଉଚ୍ଚିଙ୍ଗଟ; ଉଚ୍ଚିଟ୍ଟିଙ୍ଗ; ସଂ. ଝିରିକା)—ଲମ୍ବପଦ
Jhiṭikā ବିଶିଷ୍ଟ ପତଙ୍ଗବିଶେଷ; ଫଳର; ଝିଣ୍ଟିକା—
ସ. ନାମ—ଝିଲ୍ଲୀ, ଝିରିକା, ଝିଲ୍ଲିକା, ଉଚ୍ଚିଙ୍ଗଟ, ଉଚ୍ଚିଟ୍ଟିଙ୍ଗ, ଝିରିକା; ଝିରି; ଉଇଚିଂଡ଼େ; ଟିଡ୍ଡା; ଟିଡ୍ଡୀ; ଝୀଂଗୁର
[ଦ୍ର—ଏହି ଉଚ୍ଚ ପଡ଼ୀ ଷଟ୍‌ପଦ ପତଙ୍ଗ ବୃକ୍ଷର ପତ୍ରାଦି ଖାଇ ବୃକ୍ଷକୁ ପତ୍ରହୀନ କରନ୍ତି । ଏମାନେ ସମୟେ ସମୟେ ବହୁସଂଖ୍ୟାରେ ଦଳବଦ୍ଧ ହୋଇ କୌଣସି କୌଣସି ଅଞ୍ଚଳର ସମସ୍ତ ଫସଲ ଓ ଗଛର ପତ୍ରକୁ ନଷ୍ଟ କରି ଦିଅନ୍ତି; ଏମାନଙ୍କୁ ଝିଙ୍କାରି ।]
ପ୍ରାଦେ. (ଗଞ୍ଜାମ) ବି—୧ । ଝିଟ୍‌କା (ଦେଖ)
1. Jhiṭ-kā (See)
୨ । ବର୍ଷା ପାଣିର ଛାଟ—
2. The splash of diogonal shower of rain.

ଝିଟିଙ୍ଗା—ପ୍ରାଦେ. (ସମ୍ବଲପୁର) ବି—ଝାଟି (ଦେଖ)
Jhiṭiṅgā Jhāṭi (See)

ଝିଟିପିଟି—ଦେ. ବି. (ସଂ. ଜ୍ୟେଷ୍ଠୀ; ଚଟକୀ)—୧ । ପଲ୍ଲୀ ବା
Jhiṭi-piṭi ଗୃହଗୋଧିକା; ଗୃହରେ ଥିବା ସରୀସୃପବିଶେଷ—1. The common house-lizard; the house gecko; Hemidactylus.
ସ. ନାମ—ଜ୍ୟେଷ୍ଠୀ, ମାଣିକ୍ୟା, ଚଟକୀ, ପଲ୍ଲୀ, ଭିତ୍ତିକା, ଗୃହଗୋଧା, ଗୃହଗୋଧିକା, ପଲ୍ଲିକା, ମୁଷଲୀ, ଗୃହୋଳିକା, ଗୃହକୋଳିକା, କୁଡ୍ୟମତ୍ସ୍ୟ, ବର୍ଣ୍ଣଂବସା; ଟିକଟିକୀ; ଛିପକଲୀ; ଟିକଟିକୀ
[ଦ୍ର—ଏମାନଙ୍କର ମସ୍ତକ ମଣ୍ଡଳାକାର, ଅଙ୍ଗୁଳି ନଖବିଶିଷ୍ଟ; ଏମାନେ ଟକ୍ ଟକ୍ ଶବ୍ଦ କରନ୍ତି । ଶରୀରର ଭିନ୍ନଭିନ୍ନ ଅଙ୍ଗରେ ଏମାନେ ପଡ଼ିଲେ ଭିନ୍ନ ଭିନ୍ନ ମଙ୍ଗଳକର ବା ଅମଙ୍ଗଳକର ଫଳ ଘଟେ ବୋଲି ଲୋକେ ବିଶ୍ୱାସ କରନ୍ତି । ଏମାନେ କାନ୍ଥ ଉପରେ ସହଜରେ ଗତି କରନ୍ତି ଓ କାନ୍ଥରେ ବସିବା ପୋକ ଆଦି ଖାଆନ୍ତି; ଏମାନେ କାନ୍ଥଦେହରେ ପେଟ ଲଗାଇ ୪ ଗୋଡ଼ଦ୍ୱାରା ଚାଲନ୍ତି; ବୈଦ୍ୟଶାସ୍ତ୍ରମତରେ ଏହାର ମାଂସ ଭକ୍ଷଣ କଲେ କୁଷ୍ଠ, ଉପଦଂଶ ଓ ଗଣ୍ଡମାଳା ବିନଷ୍ଟ ହୁଏ । ବୃହତ୍‌ଦ୍ରବ୍ୟଗୁଣକଳ୍ପଦ୍ରୁମ ।]
୨ । ଘର ଚାଳର ଓଳରେ ଥିବା ଭୁଣ୍ଡାଟ ପଟାକୁ ଓ ଇଶୋଇକୁ ସଂଯୋଗ କରିବା କ୍ଷୁଦ୍ର କ୍ଷୁଦ୍ର କାଷ୍ଠଖଣ୍ଡ—
2. A small piece of wood joining the eaves-plate with the end-piece of a thatched roof; a bracket-like piece of wood attached to the eaves-plate to support the end-plate of a thatch to prevent it from falling down.

ଝିଟିଆ (ଇତ୍ୟାଦି)—ଦେ. ବିଣ. ପୁଂ—ଝିଟ ଇତ୍ୟାଦି (ଦେଖ)
Jhiṭiā (etc) Jhiṭa etc (See)

ଝିଣ୍‌ଝିଣ୍—ଦେ. ବି—ଝିଣିଝିଣି (ଦେଖ)
Jhiṇ-jhiṇ Jhiṇi-jhiṇi (See)

ଝିଣ୍‌ଝିଣିଆ—ପ୍ରଦେ. (ମେଦନୀପୁର) ବି—କଙ୍କି (ଦେଖ)
Jhiṇ-jhiṇiā Kaṅki (See)

ଝିଣିଝିଣି—ଦେ. ବି.—(ଅନୁଭୂତିର କାଳ୍ପନିକ ଅନୁକରଣ ଶବ୍ଦ)—ଅଙ୍ଗ-
Jhiṇi-jhiṇi ସୁପ୍ତି; ବହୁକାଳ ଏକ ଅବସ୍ଥାରେ ରହି ଗଲେ ରକ୍ତ-
ଝିନଝିନି ସଞ୍ଚାଳନର ରୋଧ ହେବାରୁ ଅଙ୍ଗବିଶେଷର ଯେଉଁ ଅବଶ
ସୁନସୁନୀ ଅବସ୍ଥା ବୋଧ ହୁଏ; ଅଙ୍ଗାଦିର ଅବଶତା; ଝମି ଝେମି—
Numbness of limbs; sensation of the limb being asleep; 'limbs going to sleep'; 'pins and needles' (due to limbs temporarily losing sensation after being kept unmoved for a long period); tingling sensation.
ଦେ. ଅ.—(ଧ୍ୱନ୍ୟନୁକରଣ)—ଝୁଣୁ ଝୁଣୁ (ଦେଖ)
Jhuṇu jhuṇu (See)

ଝିଣିଝିଣିଆ(ଆଁ)—ପ୍ରାଦେ. (ଯାଜପୁର) ବି.—ଏକପ୍ରକାର ଅମ୍ବ, ଯାହାକୁ
Jhiṇi-jhiṇiā (āṃ) ଖାଇଲେ ତଣ୍ଟି ଓ ପାଟି ଝିମି ଝିମି ହୋଇଯାଏ;
ଭୂମିଝିମ ଅମ୍ବ—A kind of mango which causes irritation in the throat and mouth.

ଝିଣିବା—ପ୍ରାଦେ. (ଯାଜପୁର)—କ୍ରି.—ଝୁଣିବା (ଦେଖ)
Jhiṇibā Jhuṇibā (See)

ଝିଣ୍ଟିକା—ଦେ. ବି.—ଝିଟିକା (ଦେଖ)—Jhiṭikā (See)
Jhiṇṭikā 'ଝିଣ୍ଟିକା ମାରି ବଣି ପୋଷିବା କଥା'। ପ୍ରବଚନ ।
ସ. ବି.—ଝିଣ୍ଟୀ (ଦେଖ)
Jhiṇṭī (See)

ଝିଣ୍ଟିବା—ଦେ. କ୍ରି—୧ । ଝୁଣିବା (ଦେଖ)
Jhiṇṭibā 1. Jhuṇibā (See).
୨ । (ବ୍ୟଙ୍ଗାର୍ଥ)—ଖାଇଦେବା; ଚିଳିପକାଇବା—
2. (ironical) To devour; to eat up.

ଝିଣ୍ଟୀ—ସ. (ଝିଟ୍=ଅନୁକରଣ ଶବ୍ଦ + ଋଟ୍ ଧାତୁ=ଶବ୍ଦ କରିବା + କର୍ତ୍ତୃ
Jhiṇṭī ଅ + ସ୍ତ୍ରୀ. ଈ; ନିପାତନ)—ବାସକାଦି ବର୍ଗୀୟ ବନ୍ୟ ପୁଷ୍ପ-
ସ. ନାମ—ଝିଣ୍ଟି, ଝିଣ୍ଟିକା, କଟସାରିକା, ଝିଣ୍ଟୀ, କୁରଣ୍ଟକ, ବର୍ଣ୍ଣପୁଷ୍ପ, ସହାଚର, ଅମ୍ଳାନ, ଅମ୍ଳାନକ; ଝିଁଟୀ, ଝିଁଟୀ କାଁଟୀ; କଟସରୈଯା, පියාবাসা
କ୍ଷୁପବିଶେଷ—A kind of shrub growing wild; Barlaria.
[ଦ୍ର—ଏହା ଅନେକ ପ୍ରକାରର ।]
୧ । ହଳଦିଆ ଝିଣ୍ଟି ବା ବାସକରକ୍ଷା; ଏ ଗଛର କାଣ୍ଡରେ କଣ୍ଟା ଥାଏ; ଫୁଲ ହଳଦିଆ
ସ. କୁରୁଣ୍ଟକ, ପୀତଝିଣ୍ଟି—
1. Barlaria Prionites.

୧	ଲ	ଉ	ଋ,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ଥ	ଉଅ	ଘ
୨	ଲ	ଉ	ଋ	ଲ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଈ	ଦ୍ଧ

୨ । ସାଦାଝିଣ୍ଟି; ଗଛରେ କଣ୍ଟା ନାହିଁ, ଫଳ ସର୍ଶ ଓ ଫୁଲ ଧଳା; ସଂ. ସୈରେୟ୍ୟା, ସୈରେୟକ, କଟସାରକା ସହଚର, ସହାଚର, ଝିଣ୍ଟି—

୩ । ନେଳ ଝିଣ୍ଟି; ଫୁଲ ନେଳଆ ସଂ.ବାଣା ଦାସୀ; ଆର୍ତ୍ତଗଳ—

୪ । ନାଲ ଝିଣ୍ଟି ଅର୍ଥ ଲେଲ ଫୁଲ; ଫୁଲ ଆରକ୍ତ ସଂ. କୁରୁବକ—

2. 3 & 4. Barlaria Cristata of different varieties; Dichotoma.

[ବୈଦ୍ୟଶାସ୍ତ୍ର ଅନୁସାରେ ଝିଣ୍ଟି କୁଷ୍ଠ, ବାୟୁ, ରକ୍ତଦୋଷ, କଫ, କଣ୍ଡୁ ଓ ବିଷ ହରଣ କରେ; ଏହା ତିକ୍ତ ମଧୁର ରସ, ଉଷ୍ଣବୀର୍ଯ୍ୟ, ଈଷତ୍ ଅମ୍ଳ ଓ କେଶରଞ୍ଜକ; ଏହା ସେବନ କଲେ କୁଷ୍ଠ, ବାତ, ବ୍ରଣ, ଚର୍ମବିକାର, ଶ୍ୱାସ, କାସ, ଜ୍ୱର, ଶୋଥ, ଅଗ୍ନିମାନ୍ଦ୍ୟ, ବାତରକ୍ତ, ରକ୍ତଦୋଷ, କଫ, କଣ୍ଡୂ, ଶୂଳ ଓ ଦାରୁଣ ବିଷବିକାର ନଷ୍ଟ ହୁଏ, କାନ୍ତି ବୃଦ୍ଧି ହୁଏ, ବଳପଳିତ ନିବାରିତ ହୁଏ, ଦନ୍ତ ଓ କେଶର ଉପକାର ହୁଏ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ଝିନ୍‌ଝଟ୍—ଦେ. ବି.—ଝିଞ୍ଜଟ (ଦେଖ)
Jhin-jhat — Jhiñjata (See)
(ଝିନ୍‌ଝିଟ୍, ଝିନ୍‌ଝୁଟ୍, ଝିନ୍‌ଝୋଟ—ଅନ୍ୟରୂପ)

ଝିନ୍‌ଝଟିଆ—ଦେ. ବଣ. ପୁଂ—ଝିଞ୍ଜଟିଆ (ଦେଖ)
Jhin-jhatia — Jhiñjatia (See)
(ଝିନ୍‌ଝିଟିଆ, ଝିନ୍‌ଝିଟିଆ; ଝିନ୍‌ଝୁଟିଆ, ଝନ୍‌ଝୁଟିଆ, ଝିନ୍‌ଝୋଟିଆ } ଅନ୍ୟରୂପ

ଝିନ୍‌ଝିଟ୍—ଦେ. ବି—ଝିଞ୍ଜଟ୍ (ଦେଖ)
Jhin-jhit — Jhiñjat (See)

ଝିନ୍‌ଝିନ୍—ଦେ. ବି—ଝିଣିଝିଣି (ଦେଖ)
Jhin-jhin — Jhini-jhini (See)

ଝିନ—ଦେ. ବିଣ. (ସଂ. ଚୀନ=ଚୀନଦେଶ; ଏ ଦେଶରେ ପୂର୍ବେ ଖୁବ୍ ପତଳା ଲୁଗା ତିଆରି ହେଉଥିବାରୁ; ସଂ ଚୀନାଂଶୁକ ବମ୍ବା ସଂ. କ୍ଷୀଣ; ପ୍ରାକୃତ. ଝୀଣ)—ସୂକ୍ଷ୍ମ; ବାରିକ୍; ଅତ୍ୟନ୍ତ ପାତଳ—Very thin and delicate (cloth).
Jhina
ଝିନ
ଝୀନ, ଝୀନା

ବକଳ ପିନ୍ଧନ୍ତି ଯାହାର କଷ୍ଟଦେଶ
ଅଉ ଜନ୍ମେ ପିନ୍ଧେ ସେ ସରୁ ଝିନବାସ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।

ଦେ. ବି—ଅତି ସରୁ ଲୁଗା—Very thin cloth.

ଝିନପଟଣୀ—ଦେ. ବି. (ସଂ. ଚୀନ+ପଟ୍ଟ)—୧ । ଅତ୍ୟନ୍ତ ସୂକ୍ଷ୍ମ ବସ୍ତ୍ର—
Jhina-patani — 1. Very delicate fabric.
ଝିଲିମିଲି
୨ । ଅତ୍ୟନ୍ତ ପତଳା ପାଟ ଲୁଗା; ହାଲିଆ ଶାଢ଼ୀ—2. Thin silk cloth; a thin kind of silk gauze.
ଝିନବସନ } ଅନ୍ୟରୂପ
ଝିନବାସ

ଝିନପଟଣୀ ଅଙ୍ଗେ ଶୋଭା, ଝଟକ ବସ୍ତ୍ର ପ୍ରାପ୍ତ ଅଙ୍ଗ—
ବନମାଳୀ ଦାସ. କମଳଲୋଚନ ଚଉତିଶା ।

ଝିନଝଟ୍—(ଇତ୍ୟାଦି)—ଦେ. ବି—ଝଞ୍ଜଟ ଇତ୍ୟାଦି (ଦେଖ)
Jhinijhat (etc) — Jhañjata etc (See)

ଝିପ୍‌ଝିପ୍—ଦେ. ଅ: (ଧ୍ୱନ୍ୟନୁକରଣ)—ଝିପିଝିପି (ଦେଖ)
Jhip-jhip — Jhipi-jhipi (See)

ଝି-ପକା(କେ)ଇବା—ପ୍ରାଦେ. (ଗଞ୍ଜାମ) କ୍ରି—ଝିଇ ପକାଇବା (ଦେଖ)
Jhi-paka(ke)iba — Jhi-i pakaiba (See)

ଝିପା—ପ୍ରାଦେ. (ସମ୍ବଲପୁର) ବି—ଏକପ୍ରକାର ଦୁବାଘାସ—
Jhipa — A kind of creeping grass.

ଝିପିଝିପି—ଦେ. ଅ. (ଧ୍ୱନ୍ୟନୁକରଣ)—ଛୋଟ ଛୋଟ ଟୋପାରେ ବର୍ଷା ହେବା—Raining in small drops; drizzling; light shower of rain; gentle shower.
Jhipi jhipi
ଟିପିଟିପି
ଝିପଝିପ

(ଝିପିର ଝିପିର—ଅନ୍ୟରୂପ) ଝିପିଝିପି ମେଘ ବରଷି ଅଛିବ
ଦେଖୁ ଦେଖୁ ଦୁମୁଦୁମୁ—ଜଳଜଗୋର. ନନ୍ଦଘୋଷ ।

ଦେ. ବି—ସାମାନ୍ୟ ଓ କ୍ଷୁଦ୍ର ଟୋପାରେ ବର୍ଷା—
A drizzle; dribble; gentle shower.

[ଦ୍ର—ଦୁମ୍‌ଦୁମ୍, ଦୁମ୍‌କାଣି=ଖୁବ୍ ବଡ଼ବଡ଼ ଟୋପାରେ ପ୍ରବଳ ବର୍ଷା । ଝପଝପ, ଝପର ଝପର=ବଡ଼ ବଡ଼ ଟୋପାରେ ବରଷା । ଝପ୍‌ଝପ୍, ଝପଝପ, ଝପର ଝପର=ଏହାଠାରୁ ସାନ ଟୋପାରେ ବରଷା । ଝିପ୍‌ଝିପ୍, ଝିପିଝିପି, ଝିପିର ଝିପିର=ଏହା ଅପେକ୍ଷା ଛୋଟ ଟୋପାରେ ବର୍ଷା । ଝୁପ୍‌ଝୁପ୍, ଝୁପୁଝୁପୁ, ଝୁପୁରୁ ଝୁପୁରୁ=ଏହା ଅପେକ୍ଷା ଛୋଟ ଟୋପାରେ ବର୍ଷା । ଲିଫ୍‌ଲିଫ୍, ଲିଫିଲିଫି=ଏହା ଅପେକ୍ଷା କ୍ଷୁଦ୍ର ବିନ୍ଦୁରେ ବର୍ଷା । ଲୁଣ୍ଡାଝଡ଼ା (ଗ୍ରା)—ଅତି କ୍ଷୁଦ୍ର ବିନ୍ଦୁରେ ବର୍ଷା ।]

ଝିମ୍‌ଝିମ୍—ଦେ. ବି—ଝିମିଝିମି (ଦେଖ)
Jhim-jhim — Jhimi-jhimi (See)

ଝିମ୍ ଝିମ୍ ମାରିବା—ଦେ. ବି—ଝିମ୍ ଝିମ୍ ହେବା (ଦେଖ)
Jhim jhim mariba — Jhim jhim heba (See)

ଝିମ୍‌ଝିମ୍ ହେବା—ଦେ. ବି. (ଅନୁଭୂତର କାଳ୍ପନିକ ଅନୁକରଣ ଶବ୍ଦ)—
Jhim-jhim heba ୧ । ଝାଇଁ ଝାଇଁ (ଦେଖ)
ଝିମ୍‌ଝିମ୍ କରା — 1. Jhaiñ jhaiñ (See)
ଝୁନଝୁନାନା ୨ । ଅନଶନାଦିଜନିତ ଦୁର୍ବଳତା ବୋଧ—
2. A tingling or creeping sensation due to sheer weakness and fasting.

ଝିମା—ଦେ. ବି—୧ । ଏକପ୍ରକାର ବାତରୋଗ—
Jhima 1. A fit or disease accompanied with a tingling sensation and stupor.
ଝିମା ରୋଗ
ସୁନ୍ନ, ସନସନୀ

[ଦ୍ର—ଏଥିରେ ଦେହ ହାତ ଝିମ୍‌ଝିମ୍ ମାରେ ଅର୍ଥାତ୍ ଅଙ୍ଗ ଅତି ଅବଶ ଓ ସ୍ପନ୍ଦହୀନ ହୋଇଯାଏ ।]

୨ । ମୂର୍ଚ୍ଛାବାତ—2. Swoon.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୃଷ ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଗ୍ଘ ନ ପାଇଲେ 'ଅର୍ଘ୍ୟ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଦେ. ବଣ. (ସଂ. କ୍ଷୀଣ)—୧ । ଅବଶ; କାଲୁଆ—
1. Paralysed; benumbed.
୨ । ଯେଉଁ ଅମ୍ବ ଖାଇଲେ ପାଟି ଓ ତୋଣ୍ଟରେ ଝିମ୍ ଝିମ୍ ଅନୁଭୂତ ହୁଏ; ରସୁଣିଆ (ଅମ୍ବ)—
2. (mango) Producing irritation in the throat and mouth.
ଝୀମା ୩ । ଯେ ଧୀମେଇ ଧୀମେଇ କୌଣସି କାର୍ଯ୍ୟ କରେ; ଅଲସୁଆ—
ଝୀମା 3. Slothful; slow coach; laggard.
୪ । ସେମୁଠା (ଫଳ)—
4. Withered and shrunk (fruit).

ଝିମା(ମେ)ଇବା—ଦେ. କ୍ରି—୧ । (ଦେହ) ଝିମିଝିମି ବୋଧ କରିବା—
Jhimā(me)ibā 1. To feel a tingling sensation in the body.
ଝିମା
ସନସନାନା ୨ । ଅଙ୍ଗାଦି ଅବଶ ହୋଇ ଚଳନ୍ ଶକ୍ତିହୀନ ହେବା—
2. (limbs) To be benumbed or overpowered.
୩ । (ଅଙ୍ଗାଦି ଅବଶ ହେବା ପରି) ଧୀରେ ଧୀରେ କୌଣସି କାର୍ଯ୍ୟ କରିବା; ଧୀମେଇବା—
3. To do some work very slowly (as if the doer is suffering from numbness).
ଗ୍ରାଦେ (ଯାଜପୁର) କ୍ରି—ନିଦ୍ରାତୁର ହୋଇ ଢୁଳାଇବା ବା ଝିମ୍ ହେବା—To nod with drowsiness.

ଝିମାଣି—ଦେ. ବି—୧ । ଦୁଇ ଦଳ ବାଳକମାନଙ୍କ ମଧ୍ୟରେ ଏକ ପ୍ରକାର
Jhimāṇi ଖେଳ; ଡୁ ଡୁ ଖେଳ—1. A kind of out-door game amongst boys.
୨ । ଜୁଆ ଖେଳ—2. A game at hazards.
ଝିମାଣି ଖେଳରୁ ମହାଭାରତ ଉପୁଜିବା ନ୍ୟାୟ—ପ୍ରବଚନ ।
୩ । (ସଂ. ଧ୍ମା ଧାତୁ) ଅସ୍ତ୍ର ଶସ୍ତ୍ର ପ୍ରସ୍ତୁତ କରିବା କାରଖାନାର ଅଗ୍ନି—2. The fire of an arms-factory.

ଝିମା ବାତ—ଦେ. ବି—ଝିମା (ଦେଖ)
Jhimā bāta Jhimā (See)
(ଝିମା ରୋଗ—ଅନ୍ୟରୂପ)

ଝିମିଝିମା—ଦେ. ବଣ—ରସୁଣିଆ (ଅମ୍ବ);ଯାହାକୁ ଖାଇଲେ ପାଟି ଝିମିଝିମି
Jhimi-jhimā ହୋଇଯାଏ (ଯଥା— ଝିମିଝିମା ଅମ୍ବ, ଝିମିଝିମା ବାଉ ଅମ୍ବ)—(mango) Which produces iritation in the throat and mouth.
ଗ୍ରାଦେ (ସିଂହଭୂମ) ବି—ମାଇପେ ପିନ୍ଧିବା ଉପରକାନର ଫିରଫିରି—A kind of earring worn on the upper part of the ear.

ଝିମିଝିମି—ଦେ. ଅ. (ସଂ. ଝିଣ୍ଟମ)—୧ । ବହୁକାଳ ଏକ ଅବସ୍ଥାରେ
Jhimi-jhimi ଅବସ୍ଥିତ ଯୋଗୁଁ ରକ୍ତସଞ୍ଚାଳନରେ ବ୍ୟାଘାତ ହେବାରୁ ଅଙ୍ଗବିଶେଷରେ ଅବଶତା ଅନୁଭୂତ ବା ଯନ୍ତ୍ରଣାବୋଧ—1. Tingling sensation due to numbness of a limb if kept in one position for a long period.
୨ । ଘୁଙ୍ଗୁର ଆଦି ପିନ୍ଧି ପାଦକ୍ଷେପ ବା ନୃତ୍ୟାଦି କରିବା ଯୋଗୁଁ ଝମ୍‌ଝମ୍ ବା ଝୁମୁ ଝୁମୁ ଶବ୍ଦ; ଝୁମୁରୁ ଝୁମୁରୁ—
2. Tinkling sound caused by dancing while wearing small bells.

ଝିମିଟ(ଣ୍ଟ)—ଦେ. ବି—ମୁହୂର୍ତ୍ତ; ନିମିଷ ମାତ୍ର—
Jhimiṭa(ṇṭa) One moment only; instant; a very short time; 'no time'.
ଝିମିଟେ ମିଳାଇ ଗଲା ସେ ଦୃଢ଼ାର କୋଧ । ଚିନ୍ତାମଣି, କ୍ଷମାଧନ୍ୟ ।

ଝିମିଟକ—ଦେ. ବି—ଝିମିଟ (ଦେଖ)
Jhimiṭaka Jhimiṭa (See)
ଝିମିଟକ କଳ୍ପ ଶତରୁ ଅଳପ ହୋଇଲାଣି ଖୁରୁଝୁରୁ । କବିସୂର୍ଯ୍ୟ ସଙ୍ଗୀତ ।

ଝିମିଟକେ—ଦେ. କ୍ରି. ବଣ—ମୁହୂର୍ତ୍ତକେ—
Jhimiṭa-ke In no time; in a moment; in a trice.

ଝିମିଟି—ଦେ. ବି—ଝିମାଣି (୧) (ଦେଖ)
Jhimiṭi Jhimāṇi (1) (See)

ଝିମିଣି—ଦେ. ବି—ଝିମାଣି (୧) (ଦେଖ)
Jhimiṇi Jhimāṇi (1) (See)

ଝିମିଣ୍ଟେ—ବି—ନିମେଷ ମାତ୍ର—
Jhimiṇṭe A very short time; a moment.
ଝିମିଣ୍ଟେ ଗଲେ କାଳ ପୁଣ ଅପଣା ବାଳକଙ୍କୁ ଶୋଧନ୍ତ ।
ଅଭିମନ୍ୟୁ, ବଦଗ୍ଧଚିନ୍ତାମଣି ।

ଝିମିରି—ଦେ. ବି—ଯେଉଁମାନେ ଅସ୍ତ୍ରଶସ୍ତ୍ର ତିଆରି କରନ୍ତି; ହତିଆର-
Jhimiri କାରିଗର—Manufacturer of arms.

ଝିମିରି ଖେଳ—ଦେ. ବି—ଝିମାଣି (୧) (ଦେଖ)
Jhimiri kheḷa Jhimāṇi (1) (See)

ଝିମିଶାଳ—ଦେ. ବି—ଅସ୍ତ୍ରଶସ୍ତ୍ରାଦି ପ୍ରସ୍ତୁତ କରିବାର କାରଖାନା—
Jhimi-śāḷa Arms-factory.

ଝିମୁଟ—ଦେ. ବି—ମୁହୂର୍ତ୍ତ—
Jhimuṭa A moment.
ଝିମୁଟ ହେବାକୁ ସହସ୍ର ଯାମ । କବିସୂର୍ଯ୍ୟ, କଳୋପ ଚଉତିଶା ୫. ଗୀତ ।

ଝିମେଇ ଝିମେଇ—ଦେ. କ୍ରି. (ଅସମାପିକା କ୍ରିୟା; କ୍ରିୟାବିଶେଷଣ
Jhimei jhimei ରୂପେ ବ୍ୟବହୃତ)—
୧ । ଅତି କ୍ଷୀଣ ଭାବରେ—
1. Very slightly.
୨ । ଧୀରେ ଧୀରେ—2. Slowly.
(ଯଥା—ପାଣି ପୋଖରୀକୁ ଝିମେଇ ଝିମେଇ ବହି ଯାଉଛି ।)
୩ । ଅଲସୀ ସହକାରେ—Idly; slothfully.
୪ । ନିଦ୍ରାତୁର ହୋଇ ଇତସ୍ତତଃ ଢୁଳାଇବା ପ୍ରକାରେ—
4. Drowsily; nodding.
(ଯଥା—ସେ ଝିମେଇ ଝିମେଇ ଗଲୁଛି ।)

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ସ୍ୱରାକ୍ଷର	ଯ	ଜ	ଷ,ଶ	କ୍ଷ	ଉମ୍ଫ	ଉଂ	ଞ
୬	ଇ	ଉ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଘ	ଇଅ	ଡ଼	ନ

ଝିମ୍ପୁଡ଼ି—ଦେ. ବ—ଝୁମ୍ପୁଡ଼ି (ଦେଖ)—
Jhimpurdi Jhumpurdi (See)
ଝିମ୍ପୁଡ଼ି ବାଂଶ ସଂଖ ଅଂକୁଲ ନଦର—କୃଷ୍ଣସିଂହ ମହାଭାରତ, ବନ ।

ଝିରିକା—ସଂ. ବି—ଝିଙ୍କାରୀ—
Jhirikā A cricket (Apte).
(ଝିରୀ, ଝିରୀକା—ଅନ୍ୟରୂପ)

ଝିରିଝିରି—ଦେ. ଅ. (ଧ୍ୱନ୍ୟନୁକରଣ; ସଂ. ଧୀର)—
Jhiri-jhiri ପାଣି ଅଳ୍ପ ଅଳ୍ପ ଝରିବା ପ୍ରକାରରେ—Water oozing or flowing very thinly or slightly.
ଝିରି ଝିରି ହୋଇ ବହଇ ସଲିଳ । ରାଧାନାଥ, ମହେନ୍ଦ୍ରଗିରି ।

ଝିଲ୍‌ଝିଲ୍—ଦେ. ଅ—ଚକ୍‌ଚକ୍; ଜକ ଜକ—
Jhil-jhil In a twinkling manner; flashing.
ঝিলমিল ବଜ୍ରକ ଝିଲ୍ ଝିଲ୍ ମାରୁଛ । କୃତ୍ତିବାଳକୁମାର, ନଅରଙ୍ଗୀ ।

ଝିଲମିଲ୍—ଦେ. ବ— ୧ । ଖଡ଼ଖଡ଼ି; କବାଟ ବନ୍ଦ ହୋଇଥିବା
Jhilmil ଅବସ୍ଥାରେ ମଧ୍ୟ ଘର ଭିତରକୁ ବାୟୁ ଓ ଆଲୋକ
ঝিলিমিলি ପଶିବା ଭଳି ଅନେକ ଖଣ୍ଡ ପଟାରେ ତିଆରି ଏକ ପ୍ରକାର
ঝিলমিলী କବାଟ—1. Venetian blind (for doors
ଝିଲମିଲ, ଝିଲିମିଲ } ଅନ୍ୟରୂପ and windows); a shutter.
[ଦ୍ର—ଝିଲ୍‌ମିଲ୍ କବାଟ ଏପରି ଭାବରେ ପ୍ରସ୍ତୁତ ଯେ, ତାହାର ପଛ ଆଡ଼େ ଥିବା ଛଡ଼କୁ ଝିଙ୍କି ଟାଣି ଦେଲେ କବାଟ ବନ୍ଦଥିବା ଅବସ୍ଥାରେ କବାଟ ଭିତରେ ଥିବା ସରୁ ପଟାମାନଙ୍କ ମଧ୍ୟରେ ଫାଙ୍କମାନ ମେଲା ହୋଇଯାଏ । ଓ ଉକ୍ତ ଛଡ଼କୁ ଛାଡ଼ି ଦେଲେ ଉକ୍ତ ଫାଙ୍କମାନ ବନ୍ଦ ହୋଇଯାଏ । ସେ ଫାଙ୍କମାନ ମେଲା ହେଲେ ଉକ୍ତ ଫାଙ୍କ ବାଟେ ବାୟୁ ଓ ଆଲୋକ ଗୃହ ମଧ୍ୟକୁ ଯାଏ । ଗାଡ଼ି ଓ ପାଲିଙ୍କିର କବାଟମାନଙ୍କରେ ମଧ୍ୟ ଏ ପ୍ରକାର ସୃଜ ଥାଏ ।]
୨ । ଖୁବ୍ ପତଳା; ଜାଲଜାଲୁଆ—2. Gauze-like.
(ଝିଲମିଲ୍‌କାଣୀ—ସ୍ତ୍ରୀ) ଦେ. ଭଣ. ପୁଂ—୩ । ଯେଉଁ ବ୍ୟକ୍ତି ଆଖିର ପଲକକୁ ସବୁବେଳେ ଉଠାଉ ଥାଏ ଓ ପକାଉଥାଏ ଓ ଯାହାର ଦୃଷ୍ଟିଶକ୍ତି ଉତ୍ତମ ନୁହେଁ—3. A dim-sighted person; one who always quickly moves his eyelids up and down.
ଦେ. ବଣ.—ଅତି ଉଜ୍ଜ୍ୱଳ—
Very bright; dazzling.

ଝିଲ—ଦେ. ବ.—(ସଂ. ଜଲ; ସଂ. ବହ୍ଲ; ଜଲ=ଗର୍ତ୍ତ)—୧ । ଜଳପାଟ;
Jhila ହ୍ରଦ; ବର୍ଷାପାଣିରେ ଯେଉଁ ବହୁବିସ୍ତୃତ ନିମ୍ନଭୂମି ଜଳପୂର୍ଣ୍ଣ
ବିଲ ହୋଇଯାଏ—1. Marsh; swamp; morass;
ঝিল bog.
୨ । ଅଗଭୀର ଜଳାଶୟ—2. Shallow lake.

ଝିଲ(ଲି)କିବା—ଦେ. କି.—(ସଂ. ଧୀର)—(ପବନ) ଧୀରେ ବହିବା
Jhila(li)kibā (wind) To blow slowly.
ପଛପଟରୁ ପବନ ଝିଲିକ ଦେଲା ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଝିଲ(ଲି)କେଇବା—ଦେ. କି.—(ପବନ) ଧୀରେ ଧୀରେ ବହିବା—
Jhila(ke)ibā (wind) To blow slowly.
ଝିଲିମିଲି ପବନ ଝିଲକେଇଲା ।
ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଝିଲ(ଲି)ପି—ଦେ. ବ.—୧ । (ଫା. ଜୁଲ୍‌ଫ୍; ସଂ. ନାମ କାକପକ୍ଷ)—
Jhila(li)pi କର୍ଣ୍ଣମୂଳ ପାଖେ ଯେଉଁ କୁଞ୍ଚିତ ବକ୍ର କେଶ ଥାଏ—
জুলফি 1. Curling lock hanging down and
जुलफी dressed so as to descend and curve round the lobe of the ear.
କ ମଧୁର ବଦନେ ଗୌର ଗଣ୍ଡେ କଳା-କାନ ଝିଲିପି ।
ରାଧାନାଥ, ଉଷା ।
ঝিলাপী ୨ । ଜିଲବି (ଦେଖ)
जिलेबी 2. Jilibi (See)

ଝିଲ(ଲି)ପି କାଟିବା—ଦେ.କି.—ମସ୍ତକର କେଶଗୁଚ୍ଛ କାନ ପର୍ଯ୍ୟନ୍ତ ଲମ୍ବି
Jhila(li)pi kāṭibā ପ୍ରକାରେ କେଶକୁ କାଟି ବନ୍ୟାସ କରିବା—
জুলফি কাটা. To wear hair cut and curled round
जुलफ काटना the lobe of the ear.
(ଝିଲପି ଛାଡ଼ିବା, ଝିଲପି ରଖିବା—ଅନ୍ୟରୂପ)

ଝିଲି—ଦେ. ବ.—ଝିଲ୍ଲି (ଦେଖ)
Jhili Jhilli (See)

ଝିଲିକନା---ଦେ. ବ.—ମଝିରେ ଛିଦ୍ରଯୁକ୍ତ କନା,ଯାହା ମଧ୍ୟରେ ବଟ ବରିକୁ
Jhili-kanā ପୂରାଇ କଣ୍ଟି କରେଇରେ ଅଜାଡ଼ିଲେ ଝିଲି ଓ ଜିଲପି ତିଆରି ହୁଏ—A piece of rag with a hole in the centre through which liquid-paste is poured into the frying pan to prepare spiral jhili.

ଝିଲିପି (ଇତ୍ୟାଦି)—ଦେ.ବ—ଝିଲପି (ଇତ୍ୟାଦି) (ଦେଖ)
Jhilipi (etc) Jhilapi (etc) (See)

ଝିଲିପିର ପେଞ୍ଚ—ଦେ. ବ.—କୁଟବୁଦ୍ଧି (ଯାହା ଝିଲିପିରକୁଣ୍ଡଳ ପରି
Jhilipira peñcha ବକ୍ର)—Crooked policy
ঝিলপির পেচ (like the tortuous folds of jilapi).

ଝିଲିମିଲି—ଦେ. ବ. ଓ ବଣ—୧ । ଝିଲ୍‌ମିଲ୍ (ଦେଖ)
Jhili-mili 1. Jhil-mil (See)
(ଝିଲିମିଲିକାଣୀ—ସ୍ତ୍ରୀ)
୨ । ଝିଲିମିଲିକା (୧ ଓ ୩) (ଦେଖ)
2. Jhili-milikā (1 and 3) (See)

ଝିଲିମିଲିକରି ଚାହିଁବା—ଦେ. କି.—ଆଖି ମିଟିମିଟି କରିବା; ଅନବରତ
Jhili-mili kari chāhiṅbā ଆଖିର ପଲକକୁ ଉଠାଇବା—
To blink; to quickly move one's eye-lids; to repeatedly open and shut one's eye-lids while looking

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦଟାକୁ ଯଥାକ୍ରମେ ତହିଁର ଉପରସ୍ଥ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଝିଲିମିଲି କରିବା—ଦେ. କ୍ରି.—ଝିଲିମିଲି କରି ଚାହିଁବା (ଦେଖ)
Jhili-mili karibā Jhili-mili kari chāhiṅbā (See)

ଝିଲିମିଲିକା—ଦେ. ବି. (ସଂ. ଝୁଲ ବା ଝୂଲ ଧାତୁ)—୧ । ଜୁଳୁଜୁଳିଆ
Jhili-milikā ପୋକ—1. Fire-fly.
झिलमिल ୨ । ଯେଉଁ କବାଟ ବନ୍ଦ ଥାଇ ସୁଦ୍ଧା ତହିଁର ଫାଙ୍କ ଖୋଲି ହେବା ଓ ବନ୍ଦ କରିବା ପାଇଁ କଳ ଲାଗିଥାଏ—
2. Venetian door.
୩ । ସ୍ତ୍ରୀମାନଙ୍କ ସୀମନ୍ତରେ ପିନ୍ଧାଯିବା ଜାଲିଦାର ଭୂଷଣବିଶେଷ-
3. An ornament for the head.
ବହୁଁ ଚନ୍ଦ୍ର ଝୁମ୍ପ ଝିଲିମିଲିକା ।
ଭଞ୍ଜ, ବୈଦେହୀଶବିଳାସ ।

ଝିଲୁପି—ଗ୍ରା. ବି.—ଝିଲପି (ଦେଖ)
Jhilupi Jhilapi (See)

ଝିଲ୍ଲି—ସଂ. ବି.—୧ । ଝିଙ୍କାରି—
Jhilli 1. A cricket (Apte)
କେବେ ଭଲ୍ଲୁକ ଅବା ଝିଲ୍ଲି,
କର୍କଶ ରବ ଠାରୁ ବଳି । ଜଗନ୍ନାଥ, ଭଗବତ ।
୨ । ବାଦ୍ୟଯନ୍ତ୍ରବିଶେଷ—
2. A kind of musical instrument (Apte)
୩ । ଚମଡ଼ାର ତନ୍ତୁରେ ନିର୍ମିତ କାଗଜ—
3. Parchment (Apte).
ଦେ. ବି. (ସଂ. ଝିଲ୍ଲୀ)—୧ । (କାନ ଭିତରର) ସୂକ୍ଷ୍ମ ଚର୍ମ; (କାତର) ଜାଲି—1. Membrane; diaphram; thin skin inside the ear.
୨ । (ସଂ. ଜାଲ)—କୁଣ୍ଡଳାକାର ଚକ୍ର ଓ ଘୃତପକ୍ୱ ସରୁ ସରୁ ନାଡ଼ ଥିବା ମିଷ୍ଟାନ୍ନବିଶେଷ; ଜାଲି—
2. A kind of spiral cake.
ଚନ୍ଦ୍ରକାନ୍ତ ଝିଲ୍ଲି ନାଡ଼ିକା ସୁଶୋଭନ । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।
[ଦ୍ର—ବିରି ଓ ଚାଉଳ ବଟାକୁ ଗୋଟିଏ ଛିଦ୍ରଯୁକ୍ତ ଖପୁରି ବା କନାରେ ପୂରାଇ ତହିଁରୁ ବାହାରିବା ଖୀରର ନାଡ଼ୀ ଭଳି ତରଳ ପଦାର୍ଥକୁ ଫୁଟନ୍ତା ଘିଅରେ ପକାଇଲେ ଏହି ପିଠା ପ୍ରସ୍ତୁତ ହୁଏ ଓ ଏହା ଉପରେ କନ୍ଦଚିନି ଛିଞ୍ଚି ଏହାକୁ ମିଠା କରାଯାଏ । ଏହାକୁ ଶିରାରେ ବୁଡ଼ାଇଲେ ଏହା ଝିଲପି ହୁଏ; ଶିରାରେ ନ ବୁଡ଼ାଇଲେ ଝିଲ୍ଲି ହୁଏ ।]
୩ । (ସଂ. ଝିଲ୍ଲି)—ଝିଙ୍କାରିରବ—
Chirping of crickets.
ଝିଲ୍ଲି ସଙ୍ଗେ ଖର ଛଟିପିଟିଗଲା
ପ୍ରଦୋଷର ମହାଛାୟା । ରାଧାନାଥ, ଯଯାତି ।

ଝିଲ୍ଲିକା—ସଂ. ବି. (ଝିଲ୍ଲ=ଅନୁକରଣ ଶବ୍ଦ+ଇକ+ଆ)—
Jhillikā ଝିଲ୍ଲି (ଦେଖ)—Jhilli (See)

ଝିଲ୍ଲି ଶଙ୍ଖା—ଦେ. ବି.—ଯେଉଁ ଶଙ୍ଖା ଉପରେ ଛୋଟଛୋଟ ଦର୍ପଣଖଣ୍ଡମାନ
Jhilli śaṅkhā ବସାଯାଇ ଥାଏ—Lac-bracelets set with bits of mirror-glass.

ଝିଲ୍ଲୀ—ସଂ. ବି.—ଝିଲ୍ଲି (ଦେଖ)
Jhillī Jhilli (See)

ଝୀଝୀ—ପ୍ରାଦେ. (ଗଡ଼ଜାତ) ଅ—ଝି (ଦେଖ)
Jhī-jhī Jhi (See)

ଝୁଅ—ଗ୍ରା. (ବୃଦ୍ଧଭାଷା) ବି. (ସଂ. ଦୁହିତା)—ଝିଅ (ଦେଖ)
Jhua Jhia (See)
ମାଆ ଝୁଅଙ୍କର ଗୋଡ଼ରେ ଭିଡ଼ନ୍ତିର ଝୁଞ୍ଜିଆ । ନନ୍ଦକିଶୋର, ନିର୍ଝରିଣୀ ।

ଝୁଅ ଝୁଆଣି—ଗ୍ରା. ବି—ଝିଅ ଝିଆଣି (ଦେଖ)
Jhua jhuāṇi Jhia jhiāṇi (See)

ଝୁଅ ଝୁଆଣିଆ(ଆଁ)—ଦେ. ବି ଓ ବିଣ—ଝିଅ ଝିଆଣିଆ (ଦେଖ)
Jhua jhuāṇiā(āṅ) Jhia jhiāṇiā (See)

ଝୁଆଣିଆ(ଆଁ)—ଦେ. ବି ଓ ବିଣ—ଝିଆଣିଆ (ଦେଖ)
Jhuāṇiā(āṅ) Jhiāṇiā (See)

ଝୁକା—ପ୍ରାଦେ. (ସମ୍ବଲପୁର) ବି—୧ । ଫଳଆଦିର ପେନ୍ଥା ବା ଥୋପା—
Jhukā 1. Bunch of fruits.
ଅମ୍ବ ଫଳେ ଝୁକାଝୁକା
ତେନ୍ତୁଳି ଫଳେ ବଙ୍କା । ପ୍ରବଚନ ।
୨ । ଜନ୍ତୁ ଶିକାର କରିବା ପାଇଁ ଲୁଚି କରି ଜଗିବା—
2. Lying in ambush to shoot the prey.

ଝୁକା ବସିବା—ପ୍ରାଦେ. (ସମ୍ବଲପୁର) କ୍ରି—ଜନ୍ତୁ ଶିକାର କରିବାକୁ ଲୁଚି
Jhukā basibā କରି ଜଗିବା—To lie in ambush to shoot the prey.
(ଯଥା— ଆଜି ରାଜାସାହେବ ନଇଖଣ୍ଡିରେ ଝୁକା ବସିଛନ୍ତି ।)

ଝୁକିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଲକ୍ଷ୍ୟଭ୍ରଷ୍ଟ ହେବା—
Jhukibā 1. To miss the aim.
(ଯଥା—ମୋର କାଁଡ଼ ଝୁକିଗଲା ।)
୨ । (କ୍ଷେତରେ କୃଷିଆଦି କରିବା ପାଇଁ ପାଗ) ବିଳମ୍ବ ହେବା; ଅପାଗ ହେବା—2. (the proper season for ploughing) To pass away without the accomplishment of the requisite operations.

ଝୁଙ୍କ୍‌ତି—ଦେ. ବି—୧ । ନଇଁପଡ଼ିବା; ଅବନତି—
Jhuṅk-ti 1. Stooping; bending down; a
झुकति pitching forward.

ଝୁଙ୍କ—ଦେ. ବି. (ସଂ. ଧ୍ୱଂସ; ଧ୍ୱଂସ ଧାତୁ—ସନ୍ଦୀପନ; କ୍ଷେପଣ)—
Jhuṅka ୧ । ନତି; ନତହେବା—1. Stooping.
झुँक, झोंक ୨ । ନିଶାର ଆକ୍ରମଣ ଯୋଗୁ ଟଳିବା—
झोक 2. Tottering due to intoxication.
୩ । ମାଦକ ଦ୍ରବ୍ୟର ପ୍ରଭାବ; ନିଶା—
3. Intoxication.
୪ । କ୍ରୋଧାବେଗ; ରାଗର ହଣ୍ଡା—4. Fit of anger.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଘୃ	ଉଅ	ୱ
୨	ଈ	ଊ	ଋ	ଳୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଡ଼	ନ

झुकाव ୨ । କୌଣସି ପଦାର୍ଥର ଅପେକ୍ଷାକୃତ ଅଧିକ ଓଜନ ହେତୁ ତରାଜୁର ଏକପାଖ ତଳକୁ ଝୁଙ୍କିବା— 2. The coming down of one of the scale-pans of a balance due to the relative heaviness of an article put on it.
୩ । ବେଶି ଓଜନ—3. Comparative heaviness of a thing put on the scalepan

ଝୁଙ୍କା—ଦେ. ବି—୧ । ଝୁଙ୍କିବା; ନଇଁବା—
Jhuṅkā 1. Stooping.
ঝুঁকা झुका ୨ । ଝିଙ୍କା (ଦେଖ)—2. Jhiṅkā (See).

ଝୁଙ୍କା(କେ)ଇବା—ଦେ. କ୍ରି—ଝୁଙ୍କିବାର ଣିଜନ୍ତରୂପ—
Jhuṅka(ṅke)ibā Causative of Jhuṅkibā.
ঝোঁকান झुकाना

ଝୁଙ୍କାଝୁଙ୍କି—ଦେ. ବ—ନୁଆଁଇବା କର୍ମ—
Jhuṅkā-jhuṅki Act of bending; causing to stoop
ঝোঁকাঝুঁকি, झुकाझुकि

ଝୁଙ୍କି—ଦେ. ବ—୧ । ଦାୟିତ୍ୱ—1. Responsibility.
Jhuṅki ପିଲା ପ୍ରସବ ଝୁଙ୍କି ଯାକ ସବୁ ଅସୁର । ଉଙ୍କାର. ଗୌରବ ।
ঝক্কী ୨ । ଉତ୍ସାହ—2. Zeal.
झोकी ୩ । ଖିଆଲ—3. Whim.
(ଯଥା—ତାର ଗୋଟାଏ ଝୁଙ୍କି ଉଠିଛି ।)
୪ । କେଶଜନକ ଭାର—4. Hard task.
୫ । ଝୁଙ୍କ (ଦେଖ)—5. Jhuṅka (See)

ଝୁଙ୍କି ପଡ଼ିବା—ଦେ. କ୍ରି—ଆଗକୁ ନଇଁ ପଡ଼ିବା—
Jhuṅki paṛibā To bend forward.
ঝুঁকেপড়া झुकजाना

ଝୁଙ୍କିବା—ଦେ. କ୍ରି. (ସଂ. ଧୁକ୍ଷ; ଧୁକ୍ଷ ଧାତୁ=ସନ୍ଦୀପନ; କ୍ଲେଶନ)—
Jhuṅkibā ୧ । ନିଶାରେ ଟଳିବା—1. To reel with intoxication; to totter; to stagger.
ঝুঁকা
झुकना ୨ । ଟଳିବା—2 To reel.
୩ । ଆଗକୁ ନଇଁ ପଡ଼ିବା—3. To stoop forward.
୪ । ଦୋହୋଲିବା—4. To shake.
୫ । କଷ୍ଟ ସହକାରେ ଲାଗିବା ବା ଶ୍ରମ କରିବା— 5. To labour at a thing with effort.

ବଙ୍ଗଳା ଏଡିଡ଼େମିକ ଫିଭର ଓ ବୋମ୍ବେ ପ୍ଲେଗରେ
କେତେ କେତେ ଡାକ୍ତର ଝୁଙ୍କିଥିଲେ, କଣ କଲେ ?
ଫକୀରମୋହନ. ଛମାଣଆଠଗୁଣ୍ଠ

୬ । କୌଣସି ବ୍ୟକ୍ତି ଉପରେ ଗୁରୁ ଦାୟିତ୍ୱ ବା ଅଭିଯୋଗ ଲଦା ହେବା—6. (any grave responsibility or charge) To lie on the head of a person.

ଥରେ ଗୋଟାଏ ଖେର ମାମଲା ତାହା ଉପରେ ଝୁଙ୍କିଥିଲା—
ଫକୀରମୋହନ. ଛମାଣଆଠଗୁଣ୍ଠ ।

୭ । ନଇଁବା; ନତହେବା—7. To bend.
୮ । ଗୋଟାଏ ପାଖକୁ ଢଳିବା— 8. To lean to one side; to incline.

ଝୁଙ୍କୁଡି—ଗ୍ରା. ବ—ଝୁଙ୍କ୍‌ଡି (ଦେଖ)
Jhuṅkuṭi Jhuṅk-ṭi (See)

ଝୁଞ୍ଜଲ—ଦେ. ବ—ବାଦ୍ୟବିଶେଷ; ଝାଞ୍ଜ—
Jhuñjaḷa A musical instrument; cymbals.
ঝাঁজ

ଝୁଟ୍—ଦେ. ବଣ (ସଂ. ଅଯୁକ୍ତ, ପ୍ରା. ଅଜୁତ୍ତ)—୧ । ସତ୍ୟଲଂଘନକାରୀ—
Jhuṭ 1. Transgressing one's promise.
ঝুট ୨ । ମିଥ୍ୟାବାଦୀ—2. Lying.
झूट, झूठ ୩ । ମିଥ୍ୟା—3. False; untrue.
୪ । କୃତ୍ରିମ—4. Forged; not genuine.
ବ—ମିଥ୍ୟା କଥା—False-hood.

ଝୁଟ୍‌ମୁଟ୍—ଦେ. ବଣ. (ଜୁରର୍ଥକଦ୍ୱିତୀୟ ସହଚର)—ମିଥ୍ୟା—
Jhuṭ-muṭ False.
ঝুটমুট, झुठमुठ

ଝୁଟା—ଦେ. ବ (ସଂ. ଜୁଷ୍ଟ)—୧ । ଅଇଁଠା; ଉଚ୍ଛିଷ୍ଟ—
Jhuṭā 1. Leavings of one's meal; refuse; offal; orts.
এঁঠো
झुठा ୨ । ଝୁଟ୍ (ଦେଖ)—2. Jhuṭ (See)
ବଣ.—ଝୁଟ୍ (ଦେଖ)—
Jhuṭ (See)

ଝୁଟା ଉଠା(ଠେ)ଇବା—ଦେ. କ୍ରି—୧ । ପରର ଅଇଁଠାକୁ ପରିଷ୍କାର କରିବା—1. To cleanse the leavings or refuse of another's meal.
Jhuṭā uṭhā(ṭhe)ibā
এঁঠো তোলা
झुठा उठाना
୨ । ଅତି ହୀନ କର୍ମ କରିବା— 2. To do the most humiliating work.

ଝୁଟାଖିଆ—ଦେ. ବ—ପରର ଅଇଁଠା ଖାଇବା—
Jhuṭā-khiā Partaking of the leavings of another.
এঁঠোখেকো ଦେ. ବଣ. ପୁଂ—(ଗାଳି) ଅଇଁଠାଖିଆ—
झुठिहारा (a term of abuse) Partaking of the leavings of another.
(ଜୁଠାଖାଇ—ସ୍ତ୍ରୀ)

ଝୁଟି—ଦେ. ବ—କାନ୍ଥରେ ନାନାବର୍ଣ୍ଣରେ ଲେଖିବା ଚିତ୍ର; ଚିତା; ଚିତ୍ରବଳୀ; ଝୋଟି—Drawings or paintings on the wall.
Jhuṭi
আলপনা

ଝୁଟୁଆ—ପ୍ରାଦେ. (ସିଂହଭୂମ) ବି—ଶିମ୍—
Jhuṭuā Bean.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାଁର ବଦଳରେ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କ୍ଷୁଅ' ନ ମିଳିଲେ 'କ୍ଷଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ୍ୟ' ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଝୁଡ଼ଙ୍ଗା—ପ୍ରାଦେ (ସମ୍ବଲପୁର) ବି—ଝୁଡ଼ୁଙ୍ଗା (ଦେଖ)
Jhurdṅgā — Jhurduṅgā (See)
(ଝୁଡ଼ୁଙ୍ଗା, ଝୁନ୍‌ଗା—ଅନ୍ୟରୂପ)

ଝୁଡଙ୍ଗ—ଦେ. ବି—ଝୁଡୁଙ୍ଗ (ଦେଖ)—
Jhurdaṅga — Jhurduṅga (See)

ଝୁଡ଼ି—ଦେ. ବି—ଟୋକେଇ —
Jhurdi — Basket; scuttle.
ଝୁଡ଼ୀ, ଝୋବା

ଝୁଡ଼ୁଙ୍ଗ—ଦେ. ବି (ସଂ. ବର୍ବଟ)—୧ । ଏକପ୍ରକାର ଛୁଇଁ—
Jhurduṅga — 1. A kind of pod-bearing creeper; Vigna Typisa.
ବରବଟୀ
ବୋଡ଼ା
(ସଂ. ରାଜମାଷ, ମକୁଷ୍ଟକ, ବର୍ବଟ)
(ଝୁଡ଼ୁଙ୍ଗା—ଅନ୍ୟରୂପ)

ପୂର୍ବକାଳପରେ ଝୁଡ଼ୁଙ୍ଗ ଡାଳ ଦେଲେ
ସବୁ ଭକ୍ଷ୍ୟ ତାଙ୍କୁ ମିଳଇ ଜାଣ ଭଲେ ।
କୃଷ୍ଣସିଂହ, ମହାଭାରତ ଅନୁଶାସନ ।

[ଦ୍ର—ଏହାର ଲମ୍ବା ଶିମ୍ବ ପରି । ଛୁଇଁ ଧଳା, କଳା ଓ ନାଲି ଭେଦରେ ୩ ପ୍ରକାର । ଏହା ବରଗଡ଼ା ଛୁଇଁ ପରି ଭୋଜନରେ ବ୍ୟବହୃତ ହୁଏ । କିନ୍ତୁ ବରଗଡ଼ା ଛୁଇଁ ଅପେକ୍ଷା ଏହା ଆକାରରେ ସରୁ । ଝୁଡ଼ୁଙ୍ଗ ଆକାରଭେଦରେ ୩ ପ୍ରକାର;—୧ । ବଡ଼—ଲମ୍ବରେ ୧୩।୨ ଫୁଟ ବଢ଼େ । ୨ । ମାଙ୍କଡ଼ଦାନ୍ତିଆ—ଯେଉଁ ଖୁବ୍ ଟେମଡ଼ା; ଯେପରି ଖାଇ ହୁଏ ନାହିଁ । ୩ । କାଠିଝୁଡ଼ୁଙ୍ଗ—ସରୁଆ ଓ ଛୁଇଁ ସାନ ।]

୨ । ଏକପ୍ରକାର ସାମୁଦ୍ରିକ ମାଛ—
2. A kind of sea-fish.

ଝୁଡ଼ୁଙ୍ଗା—ପ୍ରାଦେ (ସମ୍ବଲପୁର) ବି—ଝୁଡ଼ୁଙ୍ଗ (ଦେଖ)
Jhurduṅgā — Jhurduṅga (See).

ଝୁନ୍ ଝୁନ୍—ଦେ. ଅ (ଧ୍ୱନ୍ୟନୁକରଣ)—ଝୁନୁ ଝୁନୁ (ଦେଖ)
Jhun-jhun — Jhunu jhunu (See)

ଝୁନ୍‌ଝୁଣିଆଁ—ଦେ. ବି—ଏକପ୍ରକାର ଔଷଧ ଗୁଳ୍ମ; ଝୁନ୍‌ଝୁନିକା—
Jhun-jhuniañ — A kind of herb.

ଝୁନ୍‌ଝୁନିଆ ଦେ. ବିଣ (ଧ୍ୱନ୍ୟନୁକରଣ)—୧ । ଜଳଶୂନ୍ୟ ହୋଇ ଖଣ୍ଡ ଖଣ୍ଡ ଖଣ୍ଡରେ ବିଭକ୍ତ ହୋଇଥିବା; (ବିପରୀତ ସୁରୁସୁରିଆ)
1. Reduced to separate bits after water is dried up from it.
(ଯଥା—ଶଜନା ଶାଗକୁ ଝୁନ୍‌ଝୁଣିଆଁ କରି ରାନ୍ଧିଅଛ ।)
୨ । ଯାହା ଝୁନୁ ଝୁନୁ ଶବ୍ଦ କରେ—
2. Producing a metallic clank.

ଝୁଣା—ଦେ. ବି. (ସଂ. ଧୂନକ)—୧ । ଶାଳବୃକ୍ଷର ସୁଗନ୍ଧ ନିର୍ଯ୍ୟାସ—
Jhunā — 1. Resin.
ଧୁନା
ଧୁନା, ରାଲ
ସଂ. ରାଳ, ଶାଳନିର୍ଯ୍ୟାସ, ଦୈବେଷ୍ଟ

ଝୁଣା ଲାଗି ହୃତ ହୋଇ ଯୁଗଳ ହାତରେ ।
ରାଧାନାଥ, ମହାଯାତ୍ରା ।

[ଦ୍ର—ଏହାର ଚୂର୍ଣ୍ଣକୁ ବଢ଼ ନିଆଁରେ ପକାଇଲେ ସୁଗନ୍ଧ ଧୂଆଁ ଉଠେ ।]

ଦେ. ସର୍ଜରସମ୍ ୨ । ଚନ୍ଦନରସ (ଦେଖ)
2. Chandarasa (See)

୩ । ଦନ୍ତ ଦ୍ୱାରା ଜୋରରେ ଆଘାତ କରି ଓଟାରିବା;
ଝୁଣିବା—3. Pulling a thing by pressing with the teeth.

୪ । ଜୋରପୂର୍ବକ ଦୋହିଁବା—
4. To milk with much pressure.

ଝୁନା ୪ । (ସଂ. ଝୁଣୀ)—ଶୁଖିଲା ନଡ଼ିଆ; ଖୁରୁଡ଼ି ନଡ଼ିଆ—
4. Dried cocoanut.

ଝୁଣା(ଣେ)ଇବା—ଦେ. କ୍ରି—ଝୁଣିବାର ଣିଜନ୍ତରୂପ—
Jhunā(ṅe)ibā — Causative of Jhunibā.

ଝୁଣା ଗୁଗୁଳ—ଦେ. ବି (ସହଚର) (ସଂ. ଧୂନକ ଓ ଗୁଗ୍ଗୁଲ)—
Jhunā gugula — ଧୂପ ପାଇଁ ବ୍ୟବହୃତ ଝୁଣା ଓ ଗୁଗ୍ଗୁଳ—
ଧ ନାଗୁଗୁଳ
ଧୂପଧୁନା
Resin and gum myrrh used as incense.
(ଝୁଣାଗୁଗ୍ଗୁଲ—ଅନ୍ୟରୂପ)

ଝୁଣା ଗୋକଳ—ଗ୍ରା. ବି.—(ସଂ. ଧୂନା + ଗୁଗ୍ଗୁଲ)—
Jhunā gokala — ଝୁଣା ଗୁଗୁଳ (ଦେଖ)
ଝୁଣାଗୋଖୁଲ,
ଝୁଣାଗୋଗଲ,
ଝୁଣା ଗୋଗୁଲ
—ଅନ୍ୟରୂପ — Jhunā gugula (See)

ଝୁଣି ପକା(କେ)ଇବା—ଦେ. କ୍ରି—୧ । ଝୁଣିବା (ଦେଖ)
Jhuni pakā(ke)ibā — 1 Jhunibā (See)
୨ । ଅଳି କରି କରି ବ୍ୟତିବ୍ୟସ୍ତ କରିବା—
2. To bother by repeated requests.

ଝୁଣିବା—ଦେ. କ୍ରି.—(ସଂ. ଧୂର୍ବ ଧାତୁ ହନନେ; ଏହି ଧାତୁରୁ ସଂ. ଧୂର୍ଣ୍ଣି Jhunibā ଧୂର୍ଣ୍ଣି; ଧୂର୍ଣ୍ଣିରୁ ସଂ. ଝୁଣୀ=ଖୁରୁଡ଼ି ହୋଇଅଛି; ଭୁଲ ସଂ. ଝୁନା ଟୁକୋଣ୍ଡ)—୧ । ଟିକି ଟିକି କରି ଛିଣ୍ଡାଇବା—
ମଲାନା — 1. To tear to pieces or shreds.

ଗର୍ଜି ନଳା ତାହାର ଧରି ଝୁଣି ଦେବ ।
କୃଷ୍ଣସିଂହ, ମହାଭାରତ, ଅବ ।

୨ । ହେଟକିବା; ଉପର୍ଯ୍ୟୁପରି ଦାନ୍ତରେ କାମୁଡ଼ିବା—
2. To bite repeatedly; to gnaw.
୩ । କ୍ଷତବିକ୍ଷତ କରିବା—3. To wound.

ଝୁମି କାମ ସଙ୍ଗେ ଝୁଣି ଦେବ ସିନା ।
କବିସୂର୍ଯ୍ୟ, ଚମ୍ପୂଗୀତ ।

୪ । ଦାନ୍ତରେ କାମୁଡ଼ି ଚୁଚୁମିବା ବା ଶୋଷିବା; ଦାନ୍ତରେ ଟାଣି ରସ ଶୁଷ୍କ କରିବା—4. To suck hard with pressed teeth.
(ଯଥା—ସବୁଦିନ ବରଷର ବୁଢ଼ୀ ଆଉଙ୍କ କ୍ଷୀର ନ ଥିବା ଥନକୁ ମାଅଛେଉଣ୍ଡ ଅରୂପ୍ୟା ଛଗଡ଼କୁ ସବୁବେଳେ ଝୁଣୁଛି ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

୫ । ଝିଙ୍କିବା—
5. To pull with sudden jerks.

୬ । କମ୍ପାଇବା—6. To shake.
(ଯଥା ଶିର ଝୁଣିବା)

୭ । ଅତି ବିରକ୍ତ କରିବା—7. To tease; to pester.

ଝୁଣୀ(ଣି)—ସଂ. ବି—୧ । ଶୁଖିଲା ନଡ଼ିଆ—
Jhuṇi(ṇi) 1. Dried cocoanuts from which water has a dried up.

୨ । ଶୁଖିଲା ଗୁଆ—2. Dry areca nut.

ଝୁଣୁଝୁଣିଆଁ—ଦେ. ବ ଓ ବଣ—ଝୁଣ୍‌ଝୁଣିଆଁ (ଦେଖ)
Jhunujhuṇiañ Jhun-jhuṇiañ (See)

ଝୁଣୁଝୁଣୁ—ଦେ. ଅ (ଧ୍ୱନ୍ୟନୁକରଣ)—ରୁଣୁଝୁଣୁ; ଘଙ୍ଗୁରର ଅବିର
Jhuṇujhuṇu ମଧୁର ଧ୍ୱନି—The sweet tinkling sound of ornaments.
ରୁନଝୁନ୍
ঝুনঝুনা [ଦ୍ର—ଝନ୍‌ଝନ୍ ଅପେକ୍ଷା ଝୁଣୁଝୁଣୁ ମଧୁରତର ଓ କ୍ଷୀଣତର ଧ୍ୱନି ।]

ଝୁଣୁଝୁଣୁକା—ଦେ. ବ—ବନ୍ୟ ଗୁଳ୍ମବିଶେଷ—A wild plant
Jhuṇujhuṇukā Crotolaria Striata (Haines)

ଝୁଣ୍ଟ—ସଂ. ବି—(ଝଟ୍ ଧାତୁ = ସଙ୍ଘାତହେବା ସ୍ଥାନରେ + କର୍ତ୍ତୃ. ଅ; ନ
Jhuṇṭa ଆଗମ ଅ = ଉ)—୧ । କ୍ଷୁଦ୍ର ଗୁଳ୍ମ ବା ବୁଦା—1. Bush; shrub.

୨ । ଅକାଣ୍ଡ ବୃକ୍ଷ—2. Plant.

୩ । ବୃକ୍ଷ; ଗଛ—3. A tree. (Apte).

ଝୁଣ୍ଟା—ଦେ. ବି—(ସଂ. ଝୁଣ୍ଟ)—୧ । ଅକାଣ୍ଡ ବୃକ୍ଷ; ବୁଦା—
Jhuṇṭā 1. Shrub; bush.
ଝୋପ
ঝাড়ী ୨ । ରାଜା ବା ଦେବତାଙ୍କ ନାମ ଧରି ବା ଶୁଣ ପକାଇ
झंडी କୌଣସି ବସ୍ତୁ (ଯଥା ଫସଲ)କୁ ଅଟକ କରିବା ନିମନ୍ତେ ଭୂମିରେ ପୋତାଯିବା ପତାକା ବା ଡାଙ୍ଗ—2. A flag or pole put on the ground in the name of the king or a Deity to restrain a thing being removed therefrom.

ठुचट्, हेँचोट, ऊँछोट ୩ । ଗୋଡ଼ ଗୋଡ଼ ଗୋଡ଼ର ଅଗ୍ରଭାଗ
ठोकर କୌଣସି କଠିନ ବସ୍ତୁଦ୍ୱାରା ଆଘାତ ପ୍ରାପ୍ତ ହେବା—3. Stumbling.

ଝୁଣ୍ଟାଇ ହେବା—ପ୍ରାଦେ (ସମ୍ବଲପୁର) କି—ଝୁଣ୍ଟିବା (ଦେଖ)
Jhuṇṭāi hebā Jhuṇṭibā (See)

ଝୁଣ୍ଟା ଦେବା—ଦେ. କି—ଝୁଣ୍ଟା ମାରିବା (ଦେଖ)
Jhuṇṭā debā Jhuṇṭā māribā (See)

ଝୁଣ୍ଟା ମାରିବା—ଦେ. କି—ରାଜା ବା ଦେବତାଙ୍କ ଶୁଣ ପକାଇ କୌଣସି
Jhuṇṭā māribā ପଦାର୍ଥ ବା ଫସଲକୁ ଅଟକ କରିବା ନିମନ୍ତେ ଭୂମିରେ ଗୋଟିଏ ପତାକା ପୋତିବା—To set up a flag on the ground in the name of the king or a Deity, restraining a thing thereon being removed by any person; formal injunction by way of fixing a pole on the ground.

ଝୁଣ୍ଟି—ଦେ. ବ—ଉତ୍ସବ ଓ ପର୍ବାଦି ଉପଲକ୍ଷେ ପିଣ୍ଡାଉପରେ ଘରେ
Jhuṇṭi ଓ ଘର ବାହାରେ କାନ୍ଥରେ କରାଯିବା ଚିତ୍ରମାନ; ଝୋଟି—
আলপনা Figures drawn on the walls and floors of the house on festive occasions.

ଧର୍ଣ୍ଣିକା କଳ୍ପଣା ଝୁଣ୍ଟି ଅଳ୍ପଣା ହୋଇଛି—ପ୍ରାଚୀ ଚନ୍ଦ୍ରନିରୂପଣଗୀତା ।

ପ୍ରାଦେ (ମେଦିନୀପୁର) ବ. (ସଂ. ଜୁଟ; ଭୂଲ. ଏହି ଅର୍ଥରେ ବ. ଏହି ଶବ୍ଦ)—୧ । ମସ୍ତକର ଚୂଡ଼ା; ଝୁଟି; ମୁଣ୍ଡର ଗଣ୍ଠି—
1. A knot of hair on the head; chignon.

୨ । ଷଣ୍ଢ, ଓଟ ଆଦିଙ୍କ ଚୂଳ ବା ଚୂଡ଼ା—
2. Tuft or protuberance on the shoulder of the bull or camel.

ପ୍ରାଦେ (ସମ୍ବଲପୁର) ବ—ସକାଳୁ ଦୁଆରେ ଗୋବର ପାଣି ଛିଞ୍ଚିବା—
Sprinkling of water mixed with cowdung in the courtyard every morning.

ଝୁଣ୍ଟିଆ—ଦେ. ବ—ସ୍ତ୍ରୀମାନେ ଗୋଡ଼ର ମଝି ଅଙ୍ଗୁଠିରେ ପିନ୍ଧିବା
Jhuṇṭiā ମୁଦ୍ ବାଯୁକ୍ତ ଝଣ ଝଣ ଶବ୍ଦକାରୀ ଅଳଙ୍କାରବିଶେଷ—
আঙ্গঠা Tinkling ring for the 2nd fingers of the
अंगुठो leg; a ring (making a sound) worn by females on the small fingers of the leg.

ଝୁମୁ ଝୁମୁ ବଜାଇ ଝୁଣ୍ଟିଆ ଧୀର—ଗୋଲୋକ. ଇନ୍ଦୁରେଖା ।

ପ୍ରାଦେ (ସମ୍ବଲପୁର) ବ—ଗୋଡ଼ର ବୁଢ଼ା ଅଙ୍ଗୁଠିରେ ପିନ୍ଧା-ଯିବା ମୁଦ; ଝୁଟୁକା—A ring worn by females on the thumb.

ଝୁଣ୍ଟିବା—ଦେ. କି—୧ । ଗୁଲୁ ଗୁଲୁ ଗୋଡ଼ର ଅଙ୍ଗୁଠି କୌଣସି
Jhuṇṭibā କଠିନ ପଦାର୍ଥରେ ଆଘାତ ପାଇବା—
পায়ে ঠোকর লাগা, হোচাট খাওয়া 1. To trip in walking.
ठोकर खाना to stumble; to tumble; to strike one's fingers of the leg against something rising out of the ground while walking.

ଝୁଣ୍ଟୁଛ କୁରଙ୍ଗୀ ଗମନ କାଳେ
ଝୁରୁଛ ତୁରଙ୍ଗ ପରି ବସେଲେ—ଗୋଲୋକ ଇନ୍ଦୁରେଖା ।

୨ । ପ୍ରତିବନ୍ଧକରେ ପାଦାଗ୍ର ବାଜିବା ଯୋଗୁଁ ଗତିରୁଦ୍ଧ ହେବା; ପ୍ରତିହତଗତି ହେବା—
2. To have one's motion retarded by tripping or striking one's foot against something rising from the ground.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଗିଆ' ନ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩ । କୌଣସି କଥା କହୁ କହୁ ବା ପଢୁ ପଢୁ ଅଟକିଯିବା— 3. To stutter or stumble while speaking or reading.

୪ । (ଲକ୍ଷଣାର୍ଥ) ନ ଜାଣି ଭ୍ରମରେ କାର୍ଯ୍ୟ କରିବା; ଭ୍ରମଯୁକ୍ତ କାର୍ଯ୍ୟ କରିବା; ଭ୍ରାନ୍ତିରେ ପଡ଼ିବା; ଭୁଲକରିବା— 4. (figurative) To commit mistake or wrong; to transgress any rule unintentionally.

୫ । (ଲକ୍ଷଣାର୍ଥ) ଅନାଦର କରିବା; ଖାତିର ନ କରିବା— 5. (figurative) To disregard; not to care.

ଝୁଲି ଝୁଲି ଚଲୁ ମୋଦେ ମଦେ, ଝୁମୁଝୁମୁ ତୋ ଝୁଣ୍ଟିଅ ନାଦେ
ଝଟିତ ନଗର-ପ୍ରଭୁ-ଶୀର-ଶିର-ଝମ୍ପରୁ ମୁଁ ଝୁଣ୍ଟିଯାଏଁ ପାଦେ ।
କବିସୂର୍ଯ୍ୟ, କବିତା ।

ପ୍ରାଦେ (ସମ୍ବଲପୁର) କ୍ରି—ସକାଳୁ ଅଗଣାରେ ଗୋବର ପାଣି ଛିଞ୍ଚିବା; ଛଡ଼ା ଦେବା—To sprinkle water mixed with cowdung in the courtyard on the morning.

ଝୁଣ୍ଟେଇବା— ପ୍ରାଦେ (ସମ୍ବଲପୁର ଓ ଆଠମଲ୍ଲିକ) କ୍ରି—ଝାଡ଼େଇବା;
Jhunṭeibā ଖରିକିବା—To sweep a place or house clean.

ଝୁନ୍‌ଗା—ପ୍ରାଦେ (ସମ୍ବଲପୁର) ବି—ଝୁଡ଼୍‌ଙ୍ଗା (ଦେଖ)
Jhun-gā Jhurḍunga (See).

ଝୁନା—ପ୍ରାଦେ (ବସ୍ତର) ବି—ଝୁଣା (ଦେଖ)
Jhunā Jhuṇā (See)

ଝୁପ୍—ଦେ. ଅ—(ଧ୍ୱନ୍ୟନୁକରଣ) (ବଙ୍ଗଳାରୁ ଅନୁକୃତ)—ଝପ (ଦେଖ)
Jhup Jhap (See)

ଝୁପ୍‌ଝାପ୍—ଦେ. ଅ—ଝପ୍‌ଝପ୍ (ଦେଖ)
Jhup-jhāp Jhap-jhap (See)

ନାଆ ଉପରୁ ମଙ୍ଗଧରା, କାହାଣିଆ, ବାଟକଡ଼ା,
ସବୁଗୁଡ଼ାକ ଝୁପ୍‌ଝାପ୍ କରି ନଈରେ ପଡ଼ିଗଲେ ।
ଫକୀରମୋହନ· ଗଳ୍ପସ୍ୱଳ୍ପ ।

ଝୁପ୍‌ଝୁପ୍—ଦେ. ଅ—ଝିପ୍‌ଝିପ୍ (ଦେଖ)
Jhup-jhup Jhip-jhip (See)
(ଝୁପୁରଝୁପୁର, ଝୁପୁରୁଝୁପୁରୁ—ଅନ୍ୟରୂପ)

ଝୁବା—ଦେ. ବି—ଝବା ୧ (ଦେଖ)
Jhubā Jhabā 1 (See)

ଝୁମ୍‌କା—ଦେ. ବି—ଝୁମୁକା (ଦେଖ)
Jhum-kā Jhumukā (See)

ଝୁମ୍‌ଝୁମ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଅଳଙ୍କାରାଦିର ମଧୁର କ୍ୱଣନ
Jhum-jhum ବା ଝଣିଝଣି ଧ୍ୱନି—Sweet rattling noise
(ଝୁମୁଝୁମୁ—ଅନ୍ୟରୂପ) of ornaments while moving.

ଝୁମ୍‌ଝୁମ୍‌କା—ଦେ. ବି—ଝୁମୁଝୁମୁକା (ଦେଖ)
Jhum-jhumkā Jhumu-jhumukā (See)
(ଝୁମୁଝୁମୁକା—ଅନ୍ୟରୂପ)

ଝୁମ୍‌ରା—ପ୍ରାଦେ. (ସମ୍ବଲପୁର) ବି. (ଭୁଲ. ହି)—୧ । ତନ୍ଦ୍ରା—
Jhum-rā 1. Nap.
(ଝୁମୁରା—ଅନ୍ୟରୂପ) ୨ । ଢୁଲାଇବା; ଘୁମାଇବା— 2. Dozing.

ଝୁମ୍‌ରା(ରେ)ଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଘୁମାଇବା; ଢୋଲାଇବା—To doze.
Jhumrā(re)ibā
(ଝୁମୁରିବା—ଅନ୍ୟରୂପ)

ଝୁମରି—ପ୍ରାଦେ. (ସିଂହଭୂମ) ବି—ରାଗିଣୀବିଶେଷ —
Jhumari A metre.

ଝୁମା—ଦେ. ବି. (ସଂ. ଘୂର୍ଣ୍ଣି; ସଂ. ଝମ୍ପ)—୧ । ମୂର୍ଚ୍ଛା; ଭ୍ରମ—
Jhumā 1. Fainting; swoon; stupor.
୨ । ନିଶା ଝୋଲରେ ଟଳିବା— 2. Reeling with intoxication.
୩ । ନିଦ ଝୋଲରେ ଟଳିବା— 3. Reeling with drowsiness.
ପ୍ରାଦେ. (ସମ୍ବଲପୁର) ବି—ଝୁମ୍‌ରା (ଦେଖ) Jhumrā (See).

ଝୁମିବା—ଦେ. କ୍ରି. (ସଂ. ଘୂର୍ଣ୍ଣି)—
Jhumibā ୧ । ମୂର୍ଚ୍ଛା ବା ଭ୍ରମରେ ମୁଣ୍ଡ ବୁଲାଇବା—
ঝিমা 1. To reel; to feel giddy.
झूमना
ଝୁମାଇବା } ଅନ୍ୟରୂପ
ଝୁମେଇବ }

ଅଶ୍ୱପୁଚ୍ଛ ଘାଏ ଦେଲୁ ଝାଲ ପଡ଼ି
ପଡ଼ନ୍ତେ ରଥେ ଝୁମି ରହିଲେ ବନମାଳୀ—
କୃଷ୍ଣସିଂହ, ମହାଭାରତ· ଦ୍ରୋଣ ।

୨ । ଢୁମାଇବା; ଢୁଲାଇବା—2. To doze.
ଝୁମି ଝୁମି ଲୁଠି ଭଲେ ରପାର—କବିସୂର୍ଯ୍ୟ· କଣୋଇବନ୍ଧ୍ ଚ. ଗୀତ ।

୩ । ଯୁଦ୍ଧ କରିବା—3. To fight.
ଝୁମି କାମବାଣେ ଝୁଣି ଦେବ ସିନା—କବିସୂର୍ଯ୍ୟ, ଚମ୍ପୂ ଗୀତ ।

ଝୁମୁକା—ଦେ. ବି. (ସଂ. ଘୂର୍ଣ୍ଣି)—
Jhumukā ୧ । ଶିଶୁମାନଙ୍କର ଖେଳନାବିଶେଷ —
ঝুমঝুমি 1. Children's rattle.
झुनझुना [ଦ୍ର—ଏହା କାଠ ବା ଟିଣରେ
(ଝୁମ୍‌କା—ଅନ୍ୟରୂପ) ପ୍ରସ୍ତୁତ । ଏହା ଫମ୍ପା ଓ ଏଥି ଭିତରେ ଗୋଡ଼ି ପୂରା ଯାଇଥାଏ । ଏହାର ବେଣ୍ଟ ଧରି ହଲାଇଲେ ଏହା ଝୁମୁଝୁମୁ ବାଜେ ।]

୨ । ଅନେକଗୁଡ଼ାଏ ହୁଗୁଲା ଲୁହା ମୁଦିଆ ଲାଗିଥିବା ଗୁଡ଼ିଆମାନଙ୍କର ବୃତ୍ତାକାର ବଳା—
2. A circular ring with smaller loose ones attached to it used by confectioners while going out te hawk sweetmeats.
[ଦ୍ର—ଗୁଡ଼ିଆମାନେ ମିଷ୍ଟାନ୍ନ ବୋଝ ଧରି ବିକ୍ରି କରିବା ଉଦ୍ଦେଶ୍ୟରେ ବୁଲିବା ସମୟରେ ସେମାନଙ୍କର ଆଗମନ ବିଷୟ ଜନସାଧାରଣଙ୍କୁ ଜଣାଇ ଦେବା ନିମନ୍ତେ ଏହି ଝୁମୁକାକୁ ହାତରେ ଧରି ହଲାଉ ଥାଆନ୍ତି ।]

୧	ଛ	ଉ	ଉ,ଛ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଙ,ଷ	ଛ	ଇସ୍ତ	ଛ୍ରଅ	ଛ
୨	ଈ	ଊ	ଈ	ଲୃ	ଯୈ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ୍ୟ	ଇଅ	ଜ୍ଞ	ନ୍ନ

୩ । କାନର ଅଲଙ୍କାରବିଶେଷ; ସୁନାର କାପ—
3. An earring with a round bob which revolves in the hole of the lobe of the ear.

ঝুমকা ୪ । ଏକଜାତୀୟ ଲତା ଓ ତାହାର ଫୁଲ—
झुमका 4. Passiflora; passion flower; Crotoleria Siricea (Haines).

[ଦ୍ର—ଏହି ଲତା ପ୍ରଥମେ ଅମେରିକାରୁ ଆନୀତ ହୋଇ ଆଜି-କାଲି ଏ ଦେଶରେ ବଗିଚାମାନଙ୍କରେ ଏହା କୃଷିଜାତ ହୋଇଅଛି । ଏଥିର ଫୁଲ ବାଇଗଣି ରଙ୍ଗର, ଚକ୍ରାକାର, ସୁଗନ୍ଧ ଓ ପଞ୍ଚଦଳ । ଫୁଲର ବାହାରେ ସୁନ୍ଦର କେଶରମାନ ଥାଏ । ଫୁଲ ବର୍ଷା ଋତୁରେ ଫୁଟେ । ଫୁଲର ଗନ୍ଧ ମୃଦୁମଧୁର । ଏ ଲତାର ପତ୍ର ତିନିକୋଣିଆ । ଏହାକୁ ବାଡ଼, କାଲି ବା ରଞ୍ଜାରେ ମଡ଼ାଇଲେ ଏହା ଭଲ ମାଡ଼େ । ଏହାର ମୂଳରୁ ୧୫।୨୦ ହାତ ସୀମା ମଧ୍ୟରେ ଯେଉଁ ଯେଉଁଠାରେ ଭୂଇଁତଳେ ଚେର ମାଡ଼ିଥାଏ ସେଠାରେ ଚେରରୁ ନୂଆ ଲତା ଗଜୁରେ ଏବଂ ଉକ୍ତ ଗଜୁରିଥିବା ଲତାକୁ ଚେର ଅଂଶ ସହିତ କାଟି ଅନ୍ୟତ୍ର ରୋପଣ କଲେ ଏହା ପୁଣି ନୂଆ ଲତା ପରି ମାଡ଼େ । ଏ ଦେଶରେ ଏହାର ମଞ୍ଜି ହୁଏ ନାହିଁ । ଲତାରୁ କଲମ କରିବାଦ୍ୱାରା ବା ଗଜୁରିଥିବା ଲତାରୁ ନୂଆ ଗଛ ହୋଇପାରେ । ଏହା ତ୍ରିବିଧ । ଯଥା— ୧. ଝୁମୁକା (ଲତା) -(ଉପରେ ଦେଖ) । ୨. ଶୁଦ୍ଧଝୁମୁକା— ଏହାର ଫୁଲ ଧଳା ଓ ମୃଦୁ ସୁଗନ୍ଧଯୁକ୍ତ—White passiflora. ୩. ବଣଝୁମୁକା—ଫୁଲ ଧଳା ଈଷତ୍ ଦୁର୍ଗନ୍ଧ—Passiflora Foetida.]

ଝୁମୁକି—ଦେ. ବି—ନାଚିବା ସମୟରେ ଗୋଡ଼ରେ ବନ୍ଧା ଯିବା ଘୁଙ୍ଗୁର
Jhumuki ବା ଘାଗୁଡ଼ି—Tinkling bells strung together and worn round the ankle of dancers.

ଝୁମୁକି କଠ(ଠା)ଉ—ଦେ. ବି—ଘୁଙ୍ଗୁର ଲାଗିଥିବା କାଷ୍ଠ ପାଦୁକା—
Jhumuki katha(thā)u Wooden sandals with tinkling bells attached to them.

ମୁଁ ହିଁ ମାଡ଼ିଥିବି ଝୁମୁକି କଠଉ ଶବଦ ଶୁଣାଇଥିବି—ଚଗ ।

ଝୁମୁକି ବାଡ଼ି—ଦେ. ବି—ଘୁଙ୍ଗୁର ଲାଗିଥିବା ଯଷ୍ଟି—
Jhumuki bardi A stick with tinkling bells.

ଝୁମୁଝୁମ୍କା—ଦେ. ବି—ବନ୍ୟ ଛଣପଟ ଗୁଳ୍ମ (ଛଣପଟ ଦେଖ)—
Jhumu-jhum-kā Wild flax hemp (See Chhana-pata).
(ଝୁମୁଝୁମୁକା—ଅନ୍ୟରୂପ)

ଝୁମୁଝୁମୁ—ଦେ. ଅ.—ଝୁମ୍ ଝୁମ୍ (ଦେଖ)
Jhumu-jhumu Jhum-jhum (See)

ଝୁମୁ ଝୁମୁ ତୋ ଝୁଣ୍ଟିଆ ନାଦେ—କବିସୂର୍ଯ୍ୟ, କବିତା ।

ଝୁମୁର ଝୁମୁର—ଦେ. ଅ—ଝୁମ୍ ଝୁମ୍ (ଦେଖ)
Jhumur jhumur Jhum-jhum (See)
(ଝୁମୁରୁଝୁମୁରୁ—ଅନ୍ୟରୂପ) [ଦ୍ର—ଏହା 'ଝୁମ୍ଝୁମ୍' ଅପେକ୍ଷା ମଧୁରତର ଶବ୍ଦର ଧ୍ୱନିବ୍ୟଞ୍ଜକ ।]

ଝୁମୁରିବା—ଦେ. କ୍ରି—ଝୁମୁରୁ ଝୁମୁରୁ ଶବ୍ଦ ଉତ୍ପାଦନ କରିବା—
Jhumuribā To produce a tinkling sound.
ঝুমু ঝুমু করা झमझमाना

ଝୁମ୍ପଇ—ଦେ. (ପଦ୍ୟ) ବି—ଝୁମ୍ପି (ଦେଖ)
Jhumpai Jhumpi (See)

ଝୁମ୍ପଇ ଚଢ଼ାଇ ମଦନେ ଲଢ଼ାଇ ବଢ଼ାଇ କି ବଜାଣିଲେ ।
ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଝୁମ୍ପା—ଦେ. ବି—୧ । ଫିତା ବା ପାଟଫୁଲ ଅଗରେ ଲାଗିଥିବା ଫୁଲ—
Jhumpā 1. Tassel; flower-like design attached to the ends of dressing tapes.
ঝাপা, থোপা
झब्बा ୨ । ଗୁଚ୍ଛ ବା ଥୋପା; ପେନ୍ଥା—2. Cluster.

ଶଙ୍ଖ ମୁକୁତା ଝୁମ୍ପା ଫଳ । ଭୂପତି- ପ୍ରେମପଞ୍ଚାମୃତ ।

୩ । ମୁଣ୍ଡର ଜୁଡ଼ାରେ ପିନ୍ଧାଯିବା ପାଟଫୁଲ ଅଗରେ ଲାଗିଥିବା ପେନ୍ଥା ବା ଗ୍ରନ୍ଥିଚୟ—3. Tassels or cluster of knots tied to the end of a tape for the chignon.

୪ । (ବଣିଆ ଶବ୍ଦ) ଝୁଲୁଥିବା ଅଳଙ୍କାରର ଗୁଚ୍ଛଯୁକ୍ତ ଅଂଶ ବିଶେଷ—4. Tassellated pendants.

ପ୍ରାଦେ. (ଗଡ଼ଜାତ) ବି—ଢୁମ୍ପା (ଦେଖ)
Dhumpā (See)

ଝୁମ୍ପା ଗୀତ—ଦେ. ବି—ଢୁମ୍ପା ବାଦ୍ୟ ବଜାଇ ବୋଲିବା ଗୀତ—
Jhumpā-gita Songs sung in accompaniment of Dhumpā drum.

ଝୁମ୍ପାଲଗା—ଦେ. ବି—(ଅଳଙ୍କାରାଦି) ଯହିଁରେ ଝୁମ୍ପା ବା ପେନ୍ଥା
Jhumpā-lagā ଲାଗିଥାଏ—(ornament etc) Having
झब्बेदार pendants; tassellated.

ଝୁମ୍ପି—ଦେ. ବି—୧ । ସ୍ତ୍ରୀ ଲୋକଙ୍କ କର୍ଣ୍ଣାଲଙ୍କାରବିଶେଷ; ଫିରିଫିରି—
Jhumpi 1 Earring with pendants hanging
ঝুপী from the bores in the upper helix
झब्बा of the ear.

୨ । କପାଳ ଉପରକୁ ଲମ୍ବିଥିବା ବାଳ; ଚୂର୍ଣ୍ଣକୁନ୍ତଳ—
2. Ringlets of hair hanging down the forehead.

୩ । ଝୁମ୍ପା (ଦେଖ)—3. Jhumpā (See)

ଝୁମ୍ପି ବରଡ଼ାଲୁ—ପ୍ରାଦେ. (ଗଞ୍ଜାମ) ବି—ଝୁଲୁଥିବା ମଲକଡ଼ି—
Jhumpi barārdālu A kind of hanging ornament worn on the upper part of the ear.

ଝୁମ୍ପୁଡ଼ି—ଦେ. ବି—୧ । ବନ୍ୟ ଗୁଳ୍ମବିଶେଷ—
Jhumpurdi 1. A kind of wild plant.
(ଝୁମ୍ପୁଡ଼ି—ଅନ୍ୟରୂପ) [ଦ୍ର—ଏହାର ଫୁଲ ଚତୁର୍ଦ୍ଦଳ ଏବଂ ପଦ୍ମ ପରି ସବୁଜ ବର୍ଣ୍ଣ । ଏହା ବର୍ଷା ଋତୁରେ ଫୁଟେ । ଫୁଲ ଭିତରେ କାଇଁଥ ଆକାରର ଗୋଟିଏ ମଞ୍ଜି ଥାଏ । ଏ ଗଛ ୩।୪ ହାତ ଉଚ୍ଚ

ସାଧାରଣ ଲୋକେ ଅପଭ୍ରଂଶ ସ୍ଥଳରେ ଯେଉଁ ୧ ଚକ୍ଷୁର ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷୁର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷୁର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ୨ୟ ବା ୧ମ ଚକ୍ଷୁର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ହୁଏ । ଏହା କଣ୍ଟକମୟ; ଏହାର ଦନ୍ତୁରଭଳ ଫୁଲକୁ ଲୋକେ ଶାଗ କରି ଖାଆନ୍ତି ।]

୨ । ଝାମ୍ପୁଡ଼ା ବା ବିସ୍ତୃତାଗ୍ର ଗୁଳ୍ମ— 2. Small bushy plant.

ଝୋପ ୩ । କ୍ଷୁଦ୍ର ବୃକ୍ଷ—3. Bush; shrub.

ঝুপরীঘর ୪ । ଋଷିମାନଙ୍କ ଆଶ୍ରୟ ନିମନ୍ତେ ତିଆରିବା ଛପ୍ପର; झोँपाड़, झुपरी ପର୍ଣ୍ଣଶାଳା—4. Shed made of leaves and branches.

୫ । କୁଡ଼ିଆ—5. Cottage; cabin; hut.

ଝୁମ୍ପୁଡ଼ ଘର—ଦେ. ବି.—ଛୋଟ ଓ ନୀଚ ଘର; ମେଣ୍ଢାକୁଡ଼ିଆ ପରି ଘର; Jhumpur̤di ghara କୁଡ଼ିଆ—A low hut; a cottage as high as a bush. ঝুপরীঘর झोपड़ी

ଝୁମ୍ପୁଡ଼ ବଣ—ଦେ. ବି.—ଯେଉଁ ବଣ ବୁଦା-ବୁଦିଆ ଗୁଳ୍ମରେ ପୂର୍ଣ୍ଣ— Jhumpur̤di bana A wood full of shrubs. ঝুপীবন

ଝୁମ୍ପୁଡ଼ମୁଣ୍ଡି—ଦେ. ବିଣ. ସ୍ତ୍ରୀ.—ଝାମ୍ପୁଡ଼ାମୁଣ୍ଡାର ସ୍ତ୍ରୀଲିଙ୍ଗ— Jhumpur̤di-mundi Feminine of jhāmpur̤dāmundā

ଝୁମ୍ପୁରି (ଇତ୍ୟାଦି)—ଗ୍ରା. ବି—ଝୁମ୍ପୁଡ଼ି ଇତ୍ୟାଦି (ଦେଖ) Jhumpuri (etc) Jhumpur̤di etc. (See)

ଝୁରଝୁର—ଦେ. ଅ. (ଧ୍ୱନ୍ୟନୁକରଣ)—କୌଣସି ଚୂନା ଶୁଷ୍କ ପଦାର୍ଥ Jhurjhur ଝଡ଼ି ପଡ଼ିବାର ଅନୁଚ୍ଚ ଶବ୍ଦ; ଝୁଡ଼ୁ ଝୁଡ଼ୁ— Low rumbling sound of crumbling particless of small bits or grains.

ପ୍ରାଦେ. (ସମ୍ବଲପୁର) ବିଣ(ସ୍ତ୍ରୀ.ଜରା)—୧ । ଅତି ବୃଦ୍ଧ (ବ୍ୟକ୍ତି)— 1. Very old (person).

(ଝୁରୁଝୁରୁ—ଅନ୍ୟରୂପ) ୨ । ମୁମୂର୍ଷୁ—2. Dying; about to die.

ଝୁରବା—ପ୍ରାଦେ. (ସମ୍ବଲପୁର) କ୍ରି—(ଅଗ୍ନିର ଉତ୍ତାପ)ଦେହକୁ ବାଧିବା— Jhur-bā To affect with heat (said of fire).

(ଯଥା—ନିଆଁ ବହୁତ ଝୁରଲା ।)

ଝୁରମାଇବା—ପ୍ରାଦେ. (ସମ୍ବଲପୁର ଭୁଲ.ହି. ଝୁମ୍ନା) କ୍ରି—ଢୁଲାଇବା— Jhur-māibā To doze.

ଝୁରଲା—ପ୍ରାଦେ. (ସମ୍ବଲପୁର) ବି—ପତଙ୍ଗବିଶେଷ; ଅସର୍ପା— Jhur-lā Cockroach.

ଝୁରା—ଦେ. ବି. (ସଂ. ଧୁର, ଯୁଗନ୍ଧର)— Jhurā ୧ । ଶଗଡ଼-ଯୁଆଳିର ମଧ୍ୟଭାଗ (ଯେଉଁଠାରେ ଶଗଡ଼-ଦଣ୍ଡାର ଅଗ୍ରଭାଗ ଯୁଆଳି ସଙ୍ଗେ ସଂଯୋଜିତ ହୁଏ)— 1. The middle of the yoke to which the shaft of a cart is attached; the front end of the beam of a cart which is attached to the middle of the yoke.

ଚୂର, ଝୁରୀ ୩ । (ସଂ. ଚୂର୍ ଧାତୁ=ଚୂର୍ଣ୍ଣ କରିବା)—ଚୂର୍ଣ୍ଣ, ଚୂନା- चूरचूरी 3. Powder.

୨ । କୌଣସି ବସ୍ତୁର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—2. Small particles of any thing; crumbs.

ঝুরা ୪ । ବିରହର ସନ୍ତାପ; ପ୍ରିୟ ବ୍ୟକ୍ତିର ବିଚ୍ଛେଦଜନିତ झुरना ଶୋକ; ଝୁରିବା—4. Pining after one's absent beloved.

ପ୍ରାଦେ. (ଗଞ୍ଜାମ ଓ କୋରାପୁଟ) ବି—ଶଗଡ଼ ଯୁଆଳିକୁ ଦଣ୍ଡାର ଅଗ ସଙ୍ଗେ ବାନ୍ଧିବାରେ ବ୍ୟବହୃତ ଚମ ଦଉଡ଼ି— The thong joining the shaft of a cart to the middle of the yoke.

[ଦ୍ର—ବଳଦଗାଡ଼ିକୁ ଗଡା କହନ୍ତି ।]

ଦେ. ବିଣ.—୧ । ଅଗ ପାଖରେ ବୋଝେଇ ବେଶୀ ହେବା ଯୋଗୁଁ ଅଗ ପାଖ ଭାରି ହୋଇଥିବା (ଶଗଡ଼)— 1. Front-heavy; (cart) which has become heavier in the front.

(ଭୁଇଁର, ବୋଲିଅ—ଉପଭାଷା).

୨ । ଚୂର୍ଣ୍ଣିତ—2. Powdered.

୩ । କ୍ଷୁଦ୍ର କ୍ଷୁଦ୍ର ସ୍ୱତନ୍ତ୍ର ଖଣ୍ଡବିଶିଷ୍ଟ— 3. Consisting of tiny bits.

(ଯଥା—ମାଛର ଝୁରା ଭଜା ।)

ପ୍ରାଦେ.—୧ । (ପୁରୀ) ବିଣ.—ଅତି ମାତ୍ରାରେ; ଅତ୍ୟଧିକ, ଅଧିକ (ଭୋଜନ)—1. (Eating) To one's fill.

୨ । (ସିଂହଭୂମ) ବିଣ.—ଛୋଟ ଛୋଟ; ଚୂନା ଚୂନା— 2. Small bits of; tiny grains of.

(ଯଥା—ଝୁରା ଧାନ ।)

ପ୍ରାଦେ. (ପୁରୀ)—ବି.—ଅତି ଭୋଜନ ଯୋଗୁଁ ଅନୁଭୂତ ଅସ୍ୱାଚ୍ଛନ୍ଦ୍ୟ—Uneasiness felt after over-eating.

ଝୁରା କାଠି—ପ୍ରାଦେ. (ଗଡ଼ଜାତ) ବି.—ଶଗଡ଼ର ଯୁଆଳି— Jhurā kāthi The yoke of a cart.

ଝୁରା ଡିହ—ଦେ. ବି.—ଶଗଡ଼ ଦଣ୍ଡାର ଅଗ ଓ ଯୁଆଳି ମଧ୍ୟସ୍ଥଳ ସଂଯୁକ୍ତ Jhurā diha ହେବା ସ୍ଥାନ—The centre of the yoke tied to the front end of the beam of a cart.

ଝୁରା ଭଜା—ଦେ. ବି.—ଭଜାଯାଇ ବାଡ଼ାର ଦିଆଯାଇ ଚୂନା ଚୂନା Jhurā bhajā ହୋଇ ଭଜା ହୋଇଥିବା ମାଛ— ঝুরিভাজা Fish fried to powder.

ଝୁରା ଭାରି—ଦେ. ବି.—୧ । ଶଗଡ଼ର ଅଗ ପାଖରେ ବେଶୀ ବୋଝେଇ Jhurā bhāri ହେବା ଅବସ୍ଥା—1. The state of being over-loaded at the front (said of a cart).

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ୟ	ଜ	ଶ,ଷ	ଙ୍କ	ଇୟୁ	ଡଅ	ଢ
୨	ଈଂ	ଊ	ରୁ	ଲୁ	ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଢ଼	ନ୍ତ

୨ । ଅତିଭୋଜନ ଯୋଗୁଁ ଅନୁଭୂତ ଅସ୍ୱାଚ୍ଛନ୍ଦ୍ୟ—
2. Uneasiness felt after overeating.

ଝୁରା ମାଟି—ଦେ. ବ.—କ୍ଷୁଦ୍ର କ୍ଷୁଦ୍ର ମୃତ୍ତିକାଖଣ୍ଡମାନ—
Jhurā māṭi — Loose bits of earth.

ଝୁରି—ଦେ. ବ.—ଛୋଟ ଛୋଟ ଜାଳ କାଠ—
Jhuri — Twigs for fuel.

ପ୍ରାଦେ. (ଗଡ଼ଜାତ) ବ.—୧ । କ୍ଷୁଦ୍ର ଗଛ—1. Plant.
୨ । ଚୂନା—2. Powder.
ପ୍ରାଦେ. (ସମ୍ବଲପୁର) ବ.—ଛୋଟ ମାଛ; ଚୂନାମାଛ—
Small fish (e. g. fry).
ତଗଡ଼ ଝୁରିର ଝୋଲ । ତଗ ।
ପ୍ରାଦେ.—(ଗଞ୍ଜାମ) ବୈଦେ. (ଡେ.) ବି.—ଠାକୁରାଣୀଙ୍କ ଆଗରେ କୁକୁଡ଼ା ଆଦି ବଳି ଦେବା ଉପଲକ୍ଷରେ ଠାକୁରାଣୀଙ୍କ ନାମରେ ତାଙ୍କ ଆଗେ ଟିକିଏ ମଦ ଢାଳି ଦେବା—An oblation of wine made to a village–Goddess on the occasion of killing a victim.

ଝୁରିବା—ଦେ. କ୍ରି.—(ସଂ. ଝୁ ଧାତୁ=ତଳକୁ ପଡ଼ିବା)—୧ । ପ୍ରିୟ
Jhuribā — ବ୍ୟକ୍ତିର ବିଚ୍ଛେଦରେ ଅଶ୍ରୁମୋଚନ କରିବା—
ଝୁରା — 1. To shed tears after an absent dear
ঝুরনা — person.
ଝୁରୁଥିବ ପ୍ରେୟସୀ ନିଜ ଜନେ । ରାଧାନାଥ. ମେଘଦୂତ ।
୨ । ଅନୁପସ୍ଥିତ ପ୍ରିୟ ବ୍ୟକ୍ତି ବା ବସ୍ତୁର ଗୁଣ ସ୍ମରଣ କରି ଅହରହଃ ଶୋଚନା କରିବା—2. To pine after or bemoan an absent dear person or thing.
ଝୁରିବାର ଏକା ହୋଇବ ସାର ।
କବିସୂର୍ଯ୍ୟ ବଳଦେବ ରଥ. ଝ. ଗୀତ ।
୩ । ପ୍ରତିବେଶୀ ବା ପ୍ରତିଦ୍ୱନ୍ଦ୍ୱୀର ସୁଖରେ ଈର୍ଷାନ୍ୱିତ ହୋଇ ଆପଣାର ଦୁର୍ଭାଗ୍ୟକୁ ନିନ୍ଦା କରିବା ବା ଶୋଚନା କରିବା; ପରଶ୍ରୀକାତର ହେବା—3. To bemoan one's lot by envying the good fate of one's neighbour or rival.
[ଯଥା—ତାର ସୁଖ ଦେଖି ସାଇପଡ଼ିଶା ଝୁରି ମରୁଛନ୍ତି ।]

ଝୁରି ଭଜା—ଦେ. ବ.—ଝୁରା ଭଜା (ଦେଖ)
Jhuri bhajā — Jhurā bhajā (See)

ଝୁରୁଲା—ପ୍ରାଦେ. (ଗଡ଼ଜାତ) ବ.—ଅସରପା
Jhurulā — Cockroach.

ଝୁର୍ମାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଢୁଲାଇବା—
Jhurmāibā — To doze.

ଝୁଲ୍‌ପି—ପ୍ରାଦେ. (ସମ୍ବଲପୁର) ବି.—ଜୁଲ୍‌ପି (ଦେଖ)
Jhul-pi — Jul-pi (See)
(ଝୁଲପ୍, ଝୁଲୁପ୍, ଝୁଲୁପି—ଅନ୍ୟରୂପ)

ଝୁଲ୍‌ପିଆ—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଯେଉଁ ବ୍ୟକ୍ତି ଜୁଲ୍‌ପି ବାଳି
Jhul-piā — ରଖେ—Having the hair cropped up to
(ଝୁଲୁପିଆ—ଅନ୍ୟରୂପ) — hang down to the neck.

ଝୁଲ୍‌ପୁଲ୍—ପ୍ରାଦେ. (ବାମଣ୍ଡା ଓ ସମ୍ବଲପୁର) ବି—ବଡ଼ିସକାଳ; ଉଷା;
Jhul-pul — ବଡ଼ଭୋର—Early morning.

ଝୁଲ—ଦେ. ବ. (ସଂ. ଝୁଲ ବା ଧୂଲ ଧାତୁ (Beams); ତମ୍ୱା ସଂ. ଝୁଲ;
Jhula — ସଂ. ଦୁଲ ଧାତୁ)—୧ । ଘରର ଅଳନ୍ଧୁ; ଧୂମ୍ରମାର; ଅଳନ୍ଧୁମ;
ঝুল — 1. Soot hanging from the roof.
झूल — ୨ । (ଭୁଲ. ସ. ଅଜ୍ୱଳ=ଜଳନ୍ତା ଅଙ୍ଗାର) ଅଗ୍ନିଝୁଲଙ୍ଗ; ଅଗ୍ନିକଣା—2. Sparks of fire.
ନଥିଁ ଝୁଲ ସବୁ ଲୁଗାପଟାସାକ ବୁଣି ପଡ଼ିଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୩ । ମୟୂରର ପୁଚ୍ଛ—3. Peacock-tail.
୪ । (ସଂ. ଦୁଲ ଧାତୁ) ହାତୀଉପରର ଚିତ୍ରିତ ଆସ୍ତରଣ—
4. The ornamental cover or cloth laid on the back of an elephant.
୫ । ଯାହା ଝୁଲୁଥାଏ ବା ଝୁଲି ପଡ଼ିଥାଏ; ଲମ୍ୱମାନ—
5. A hanging or dangling thing.
୬ । ଚାଲିବାରେ ଗୋଡ଼ ପଡ଼ିଥିବାରୁ ବାଜୁଥିବା ଏକପ୍ରକାର ଝୁଣ୍ଟିଆ—6. A kind of tinkling ring for the 2nd finger of the leg.
ପ୍ରାଦେ. (ବାଲେଶ୍ୱର) ବ. (ଝୋ ସ୍ଥାନରେ ଝୁ ଉଚ୍ଚାରଣ)—ତିଅଣର ଅଣ; ଝୋଳ—Soup of curry; broth.

ଝୁଲଙ୍ଗୋ—ପ୍ରାଦେ. (ସମ୍ବଲପୁର) ବିଣ(ସଂ. ଦୁଲ ଧାତୁ)—ଶ୍ଳଥ; ଢିଲା—
Jhulaṅgo — Loose; slack.
(ଯଥା—ଖଟର ଅଡନ୍ ଭଲ ଟାଣ ହୋଇ ନ ଥିବାରୁ ଖଟଟି ଝୁଲଙ୍ଗୋ ହୋଇଗଲା ।)

ଝୁଲଣ—ଦେ. ବ. (ସଂ. ଦୋଳନ)—୧ । ଦୋଳନ; ଦୋଳଖେଳିବା—
Jhulaṇa — 1. Swinging.
ঝুলন; দোলন — ୨ । ଶ୍ରାବଣ ଶୁକ୍ଳଦଶମୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ
झूलन — ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କର ଦୋଳରେ ଝୁଲିବା ଉତ୍ସବ—2. The ceremony or festival of swinging of the Deities Rādhā and Kṛushṇa in a swing from the 10th of the bright fort-night of Śrābaṇa upto the fullmoon day.
[ବ୍ରଜପୁରୀ ଓ ବୃନ୍ଦାବନରେ ଏହି ଯାତ୍ରା ଉପଲକ୍ଷରେ ବିଶେଷ ଉତ୍ସବ ହୁଏ ।]

ଝୁଲଣ ହାତୀ—ପ୍ରାଦେ. (ସମ୍ବଲପୁର) ବ—ଯେଉଁ ହାତୀ ଠିଆ ହୋଇ
Jhulaṇa hāti — ବେଳେ ଝୁଲୁଥାଏ—An elephant that rocks to and fro while standing.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସିବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗଣା' ନ ପାଇଲେ 'ଅଗଣା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ

ଝୁଲଣା—ଦେ. ବି. (ସଂ. ଦୋଳନ)—୧ । ଝୁମ୍ପା; ଫୁଲ—
Jhulaṇā 1. Tassel.
୨ । ଦୋଳି—2. Cradle; a swing.
ଝୁଲି ବଉଳା ଉଦ୍ଧ ଉଡେ
ଝୁଲଣା ପଥାକୃଷ୍ଣର ଯେ । ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝୁଲପି—ବୈଦେ. ବି. (ଫା)—ଝିଲପି (ଦେଖ)
Jhulapi Jhilapi (See)

ଝୁଲା—ଦେ. ବି. (ସଂ. ଦୁଲ ଧାତୁ)—୧ । ଝୁଲିବା—
Jhulā 1. Swinging; rocking.
ঝুলা; ঝোলা ପଦ ପଦକରେ ଯାଉ ଦେଉଥାଏ ଶବ୍ଦ ମଣି ନ ଅଟୁଳ ।
झूला; झोला କବିସୂର୍ଯ୍ୟ. ସଙ୍ଗୀତ ।
୨ । ଦେହର ଇତସ୍ତତଃ ଚାଳନ—
2. Bodily movement to and fro.
ଝୁଲି ମଣ୍ଡୁଳ ତୋ ଲସମ ଛବିକ ସରମ ସହସ୍ର ଥରରେ ।
କବିସୂର୍ଯ୍ୟ. ସଙ୍ଗୀତ ।
୩ । ଦଣ୍ଡି; ନାସିକାର ଅଳଙ୍କାରବିଶେଷ—
3. A nose-ring with a pendant.
ନାସା ତଳ ଫୁଲ ତଳେ ଝଲମଲ ଦୁଲାକ ଝୁଲା କ ମାନୁଅଛି ।
କବିସୂର୍ଯ୍ୟ. ସଙ୍ଗୀତ ।
୪ । ଦୋଳା; ଦୋଳି—
4. Cradle; swinging basket.
୫ । ସଙ୍ଗୀତର ଏକପ୍ରକାର ସହଜ ତାଳ—
5. Name of a light air in music.
୬ । ଝୋଲା (ଦେଖ)—6. Jholā (See)
୭ । ହାଣ୍ଡୋଲା; ଯାନବିଶେଷ—
7. A swinging sedan chair.
[ଦ୍ର—ଏହା ମୁଣି ପରି ବାଉଁଶ ମଝିରେ ଝୁଲୁଥାଏ । ଏଥିରେ ମନୁଷ୍ୟ ବସିଲେ ବାହକମାନେ ବାଉଁଶର ଦୁଇ ମୁଣ୍ଡକୁ କାନ୍ଧେଇ ଏକ-ସ୍ଥାନରୁ ଅନ୍ୟସ୍ଥାନକୁ ଯାଆନ୍ତି ।]
୮ । ଝୁଲାପୋଲ; ଯେଉଁ ପୋଲ ଉପରେ ଥିବା ଦଉଡ଼ିକୁ ହାତରେ ଧରି ତହିଁରେ ଝୁଲିଲା ପରି ହୋଇ ମନୁଷ୍ୟମାନେ ପାର ହୁଅନ୍ତି—8. A swinging bridge which men pass by swinging on a rope.
(ଯଥା—ହରଦ୍ୱାରର ଉତ୍ତରରେ ଲକ୍ଷ୍ମଣଝୁଲା ।)

ଝୁଲା(ଲେ)ଇବା—ଦେ. କ୍ରି—'ଝୁଲିବା'ର ଣିଜନ୍ତରୂପ—
Jhulā(le)ibā Causative form of Jhulibā.
ঝুলান ଝୁଲାଇ ନ ଦେଇ ରସବଲ୍ଲୀ ପଲ୍ଲବଟି ।
झुलाना କବିସୂର୍ଯ୍ୟ. ଉଦ୍ଧବଚରିତ ।

ଝୁଲାଝୁଲି—ଦେ. ବି—ପରସ୍ପରକୁ ଝୁଲାଇବା—
Jhulā-jhuli Rocking each other by turns.

ଝୁଲି—ଦେ. ବି. (ସଂ. ଦୁଲ ଧାତୁ; ବେକରେ ଏହା ଝୁଲୁଥିବା ହେତୁ)—
Jhuli ୧ । ବୈଷ୍ଣବମାନଙ୍କର ମାଳ ଜପିବାର ମୁଣି; ଝୋଥଲି—
ঝুলী 1. Satchel; a wallet containing rosary.
झोरा
[ଦ୍ର—ଏଥିରେ ଜପମାଳି ଓ ତିଳକଅଦ ଥାଏ ।]
୨ । ମୁଣା; ମୁଣି— 2. A pouch; a wallet.
୩ । ଭିକ୍ଷୁକର ମୁଣି—3. Beggar's wallet.
ପ୍ରାଦେ. (ସମ୍ବଲପୁର) ବି—୧ । ଚଉଲି ଅହ୍ୟା; ଦୁଇଧାଡ଼ି ହାଣ୍ଡି ବସିବା ଅହ୍ୟା ବା ଲମ୍ବଚୁଲି—1. A long oven on which 2 rows of pots can be set at a time.
[ଦ୍ର—ଖଦାରେ ଧାଡ଼ିଏ ମାତ୍ର ହାଣ୍ଡି ବସେ ।]
୨ । ଝିପା (ଦେଖ)—2. Jhipā (See)

ଝୁଲିପି—ବୈଦେ. ବି. (ଫା)—ଝିଲପି (ଦେଖ)
Jhulipi Jhilapi (See)

ଝୁଲିବା—ଦେ. କ୍ରି. (ସଂ. ଦୁଲ ଧାତୁ)—୧ । ତଳକୁ ଲମ୍ବି ହୋଇଲିବା-
Jhulibā 1. To swing down.
ঝুলা ୨ । ଲଟକିବା—
झूलना 2. To be suspended.
ତାଙ୍କର ଦାୟାଦ ହୋଇ କହେ ବାରେ
ଝୁଲୁଥିବ କାଲୁ ପଥର ଭାଳରେ । ରଘୁନାଥ. ହରିବାଳ ।
୩ । ଓହୋଳପଡ଼ିବା—3. To dangle loosely.
୪ । ଫାସି ଲଟକାଇ ହେବା; ଫାସି ଖେଳିବା—
4. To hang oneself.
୫ । ଚଳିବା; ଇତସ୍ତତଃ ଦୋଳାୟମାନ ହେବା—
5. To oscillate; to rock to and fro; to swing.
ଝୁଲି ଝୁଲି ଗଲୁ ମୋତେ ମତେ—କବିସୂର୍ଯ୍ୟ, କବିତା ।
[ଦ୍ର—ଏହି କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଝୁଲୁ—ପ୍ରାଦେ. (ସମ୍ବଲପୁର) ବି (ସଂ, ଚୁଲ୍ଲୀ)—ଅହ୍ୟା; ଦୁଇରୁ
Jhulu ବେଶୀ ହାଣ୍ଡି ବସିବା ଚୁଲି—An oven on which more then 2 pots can be set at a time.

ଝୂଣି(ଲି)—ସଂ. ବି—୧ । ଏକଜାତୀୟ ଗୁବାକ—
Jhūṇi(ḷi) 1. A kind of betel-nut (Apte).
୨ । ଅମଙ୍ଗଳସୂଚକ ଶୂନ୍ୟ ଶବ୍ଦ—2. A voice from heaven boding ill luck (Apte).
୩ । ଅଶୁଭ ଲକ୍ଷଣ—
3. An evil omen (Apte).
୪ । ଝାଡ଼ ଜଙ୍ଗଲ; ବୁଦାଳିଆ ବଣ—
4. Thicket (Apte).

ଝୃ (ଧାତୁ)—ଜୀର୍ଣ୍ଣ ହେବା; ପୁରୁଣା ହୋଇଯିବା—
Jhṛṛu (root) To grow old.

୧	ଇ	ଉ	ଋ,ୠ	ଌ	ଏଂ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଣ,ଷ	କ୍ଷ	ଇୟ୍	ଉଅ	ଈ
୨	ଈ	ଊ	ରୁ	ଲୁ	ଙ୍ଗ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଢ଼	ନୃ

ଝେଗୁଣା ତ୍ରିଣା ରଣା—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଞ୍ଜର ଉକ୍ତି ବିଶେଷ—A catch-word of striking cymbals.
Jheguṇā triṇā riṇā

ଝେ ଝଙ୍କ ଝଙ୍କ ଝଙ୍କ ଝଙ୍କାଳ ଝଙ୍କେ
ଝେଗୁଣା ତ୍ରିଣାରଣା ଗୁଣିତ ଗୁଣାଙ୍କେ—ପ୍ରାଚୀ, ରହସ୍ୟମଞ୍ଜରୀ ।

ଝେ ଝଙ୍କ ଝଙ୍କ ଝଙ୍କ—ଦେ. ଅ. (ଧ୍ୱନ୍ୟନୁକରଣ)—ଝାଞ୍ଜର ଉକ୍ତି ବିଶେଷ—A catch-word of striking cymbals.
Jhe jhaṅka jhaṅka jhaṅka

ଝେ ଝଙ୍କ ଝଙ୍କ ଝଙ୍କ ଝଙ୍କାଳ ଝଙ୍କେ—ପ୍ରାଚୀ. ରହସ୍ୟମଞ୍ଜରୀ ।

ଝେଞ୍ଜ(ଞ୍ଜେ)କା—ଦେ. ବି—ଝଞ୍ଜକା (ଦେଖ)
Jheñja(ñje)kā Jhañjakā (See)

ଝେବ—ଦେ. ବି—ଝବା ୧ (ଦେଖ)
Jheba Jhabā 1. (See)
(ଝେବା—ଅନ୍ୟରୂପ)

ଝୋଆ—ଦେ. ବି—ଝବା (୧) (ଦେଖ)
Jhoā Jhabā (1) (See).

ଝୋଟ—ଦେ. ବି (ସଂ. ଜୂଟ=କେଶ ଜଟା)—ନଳିତା ବା କାଙ୍ଗରିଆ ନାମକ ଗୁଳ୍ମର ଛାଲ ବା ବକଳାରୁ ଉତ୍ପନ୍ନ ଶୁକ୍ଳ ଓ ଦୀର୍ଘ ତନ୍ତୁବିଶେଷ—Jute; the coarse strong fibre of the East Indian Corchorus Olitorius; Corchorus Capsularis.
Jhoṭa
ପାଟ
জুট, পটুআ

ଝୋଟି—ଦେ. ବି—ଝୁଟି (ଦେଖ)
Jhoṭi Jhuṭi (See).

କଣ୍ଟକରେ ମାଳ ଶୋଭେ ବସ୍ତ୍ରଶ୍ରେଣୀ
ଶ୍ୟାମପାଦେ ଝୋଟି ଦେଇଛନ୍ତି ମଣି—ଚାରଣୀଚରିଣ. ଋଷିକୁଲ୍ୟା ।

ଝୋଟି ଉଠା(ଠେ)ଇବା—ଦେ. କ୍ରି—ଅକ୍ଳାନ୍ତ କରିବା—
Jhoṭi uṭhā(ṭhe)ibā To reduce to exhaustion.

ଝୋଟି ଉଠି(ଯିବା)ବା—ଦେ. ବି—ପରିଶ୍ରମରେ ଅତ୍ୟନ୍ତ ବିରକ୍ତ ବା ଅଧୁର ହୋଇଯିବା—Being utterly exhausted with labour or pestsred to death.
Jhoṭi uṭhi (jibā)bā

ଝୋଟି କୁଟା—ଦେ. ବି (ବୈଦ୍ୟକ)—ବନ୍ୟ ବୃକ୍ଷବିଶେଷ—
Jhoṭi kuṭā A kind of wild tree.

[ଗୁ—ଏହାର ସମୂଳ ପତ୍ରର କଳ୍କ ଉଦୁଲୀ ରସ ସହିତ ସେବନକଲେ ଜ୍ୱର ବିନଷ୍ଟ ହୁଏ । ଏ ଗଛର ରସ ଗର୍ଭୋତ୍ପାଦକ, ମେହନିବାରକ, ସଦ୍ୟୋବ୍ରଣନାଶକ—ଦ୍ରବ୍ୟଗୁଣ କଳ୍ପଦ୍ରୁମ ।]

ଝୋଟି ଦେବା—ଦେ. କ୍ରି—ଘର କାନ୍ଥରେ ପିଠଉଦ୍ୱାରା ଚିତ୍ରକରିବା—
Jhoṭi debā To paint the walls of a house with rice-paste or lime water.
(ଝୋଟି ପକାଇବା—ଅନ୍ୟରୂପ)
আলপনা দেওয়া

ଝୋଟି ମୁରୁଜ—ଦେ. ବି (ସମାହାର)—ଉତ୍ସବାଦି ଉପଲକ୍ଷେ ଘରର କାନ୍ଥ ଓ ପିଣ୍ଡାରେ ପିଠଉ ଓ ମୁରୁଜ ଦ୍ୱାରା ଅଙ୍କିତ ଚିତ୍ରମାଳ—Figures drawn on the walls and varanda with paste and powder.
Jhoṭi muruja
আলপনা

ଝୋଣ୍ଡ—ସଂ. ବି—ଗୁଆ ଗଛ—
Jhoṇḍa The betel-nut tree (Apte).

ଝୋପ—ଦେ. ବି (ସଂ. କ୍ଷୁପ)—୧ । ବୁଦା—
Jhopa 1. Bush; shrub.
(ଝୋଁପ—ଅନ୍ୟରୂପ)। ୨ । କ୍ଷୁଦ୍ର ଗଛ—2. Plant.
ঝোপ ୩ । ବହୁଶାଖ କ୍ଷୁଦ୍ର ବୃକ୍ଷ; ଝାମ୍ପୁଡ଼ା ଗଛ—
झाड़ी 3. Bushy plant.

ଝୋପଡ଼ି—ଦେ. ବିଣ (ସଂ. କ୍ଷୁପ)—୧ । ବୁଦିବୁଦିକିଆ; କ୍ଷୁପ ବହୁଳ
Jhopaṛdi (ବିଣ)—1. Bushy; shrubby; full of bushes.
(ଝୋଁପଡ଼ି—ଅନ୍ୟରୂପ)
ঝোঁপড়ী ୨ । ବୁଦା ପରି ଛୋଟ ଓ ଘୃଣ୍ୟଅଡ଼ନ୍ତା ଘରର ଚାଳ ଓଳ ଓହୋଳ
झोंपड़ी, झोंपड़ा ପଡ଼ିଥିବା (ଘର)—2. Low and bushy; mean (hut).

ଝୋବା—ଦେ. ବି—ଝବା ୧ (ଦେଖ)
Jhobā Jhabā 1 (See).
(ଝୋବ—ଅନ୍ୟରୂପ) ବରଷ ତେଲ ଝୋବା ପୁଞ୍ଜ ତନ କି ଗୁର ।
ঝোঁড় ଫକୀରମୋହନ. ଛମାଣଆଠଗୁଣ୍ଠ ।

ଝୋର୍‌କା—ପ୍ରାଦେ (ମେଦିନୀପୁର) ବି—ଝରକା
Jhor-kā Window.

ଝୋରିଆ—ପ୍ରାଦେ (ମାନ୍ଦ୍ରାଜ) ବି—୧ । ମାନ୍ଦ୍ରାଜ ପ୍ରଦେଶବାସୀ ମିଶ୍ର ଶୂଦ୍ର ଜାତିବିଶେଷ—
Jhoriā 1. A class of the Śūdras of Madras.
୨ । ମାନ୍ଦ୍ରାଜ ପ୍ରଦେଶର ଅଧିବାସୀ ଝୋରିଆ ଜାତିର କଥିତ ଭାଷା—2. The language spoken by the Jhoriās of Madras

ଝୋଲ—ଦେ. ବି (ସଂ. ଜଳ)—ଅଣ, ଡାଲି, ମାଛ, ଡାଲି, ଡାଲି, ଉଥଣ ଆଦିରେ ଥିବା ଜଳୀୟ ଅଂଶ; ଉଥଣର ପାଣି—
Jhoḷa Soup; broth; gravy.
ঝোল্
झोल, रस

ଝୋଲ—ପ୍ରାଦେ. (ଯାଜପୁର) ବି.—ନିଆଁ ଝୁଲ—
Jhola Sparks of fire.
ଦେ. ବି—ଝୁଲ (ଦେଖ)— Jhula (See)

ଝୋଲ ଝୋଲ—ଦେ. ବିଣ—ପାଣିପାଣିଆ (ବ୍ୟଞ୍ଜନାଦି); ଯେଉଁ ଉଥଣରେ ଜଳର ଭାଗ ଅଧିକ ଥାଏ—Soupy.
Jhoḷa jhoḷa
(ଝୋଲ ଝୋଲିଆ—ଅନ୍ୟରୂପ)
ঝোল ঝোল

ଝୋଲା—ଦେ. ବି (ସଂ. ଦୁଲ ଧାତୁ)—୧ । ଏକପ୍ରକାର ଯାନ; ଝୁଲା—
Jholā 1. A swinging sedan chair

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗିଆ ନ ପାଇଲେ 'ଅଙ୍ଗିଆ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ঝোলা ୨ । ବଡ଼ ଥଳିଆ—2. A big bag.
झोला ୩ । ପତଳା ଚଦର—3. A thin sheet.

କୁସୁମ ପାଖୁଡ଼ା ବସ୍ତ୍ର ଝୋଲା ପକାଇ—ଦୀନକୃଷ୍ଣ. ରସକଲ୍ଲୋଳ ।

୪ । ଲୁଗାର ମୁଣି ବା ଥଳି; ଝୁଲି—
4. Wallet; pouch; bag of cloth.

[ଦ୍ର ଏହା ଦେହରେ ଦଉଡ଼ି ଲଗାଇ ଏହାକୁ କାନ୍ଧରୁ କଡ଼ପଟେ ଝୁଲାଇବାକୁ ହୁଏ । ବୈଷ୍ଣବଗଣ ଓ ପଲ୍ଲୀଣମାନେ ଏହାକୁ ବ୍ୟବହାର କରନ୍ତି ।]

୫ । ଜପମାଳ ରହିବାର ମୁଣି—
5. A pouch containing rosaries.
୬ । ଭିକ୍ଷୁକର ମୁଣି; ଭିକ୍ଷାଝୁଲି—
6. Beggar's wallet.

ଝୋଲାମରା—ଦେ. ବି—ଅଚେତନ ଅବସ୍ଥା; ମୂର୍ଚ୍ଛା; ମଥା ଭ୍ରମ—
Jholā-marā Swooning; giddiness.
ঝোলামারা ଦେ. ବିଣ—ମୂର୍ଚ୍ଛାପ୍ରାପ୍ତ; ଅଚେତନ—
Swooning; fainted.

ଝୋଲାମରା ପ୍ରାପ୍ତ ହୋଇ କେତେକ୍ଷଣ ପରେ । ଚନ୍ଦ୍ରାସଣି, ଜେମାଦେଈ ।

ଝୋଲା ମାରିବା—ଦେ. କ୍ରି—ଅଚେତନ ହେବା; ମଥା ଭ୍ରମଜାତ ହେବା;
Jholā māribā ଦୁର୍ବଳତା, କ୍ଷୁଧା ବା ରୋଗଯୋଗୁଁ ମୂର୍ଚ୍ଛିତ ହେବା—
ঝোলা মারা Fainting; swooning.
झोला मारना [illegible] କେ ନାହିଁ କି

ଝୋଲା ମାରଇ [illegible] ନାହିଁ କି । କବିସୂର୍ଯ୍ୟ. ଚନ୍ଦ୍ରୋଦୟ, ୫ ଗୀତ ।

ଝୋଲି—ଦେ. ବି. (ସଂ. ଦୁଲ ଧାତୁ)—
Jholi ୧ । ଛୋଟ ମୁଣା; ମୁଣି; [illegible]—
ঝোলী, ঝুলী 1. Small bag or sack; pouch; satchel.
झोली ୨ । ଝୁଲି ମୁଣି; ଭକ୍ତମାନେ ଯେଉଁ ମୁଣିରେ ଜପମାଳାଦି ରଖି ତାକୁ ହାତରେ ଝୁଲାଇ ତହିଁ ମଧ୍ୟରେ ହାତ ପୂରାଇ ମାଳ ଜପନ୍ତି—2. A bead-teller's wallet.

ବଙ୍ଗାଳୀ ବରତ ଥାଳି ସେ ମୋର ତ ନାମ ଜଳାରତ ଦୁଃଖ-ଝୋଲି ।
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଝୋଲିଆ—ଦେ. ବିଣ—ଯେଉଁ ତିଅଣରେ ବେଶି ପରିମାଣରେ ଝୋଳ
Jholiā ଥାଏ—Soupy (curry).
ଦେ. ବି—ରସ ଯୁକ୍ତ ଖାଦ୍ୟ—
Juicy or savoury food (Grundy).

ଝ୍ୟୁ (ଧାତୁ)—ସଂ—ଯିବା; ଗତି କରିବା—
Jhyu (root) To move; to go (Apte).

ଞ

ଞ—ବ୍ୟଞ୍ଜନ ବର୍ଣ୍ଣମାଳାର ୧୦ମ ବର୍ଣ୍ଣ ଓ ଚ ବର୍ଗର ୫ମ ବର୍ଣ୍ଣ । ଏହା
Ña ଗୋଟିଏ ଅନୁନାସିକ ବର୍ଣ୍ଣ । ତାଲୁ ଓ ନାସିକା ଏହାର ଉଚ୍ଚାରଣସ୍ଥାନ । ଏ ଅକ୍ଷର ଭାଷାରେ 'ଇଁ' ବା 'ୟଁ' ରୂପେ ଉଚ୍ଚାରିତ ହୁଏ । କିନ୍ତୁ ଏହାର ପ୍ରକୃତ ଉଚ୍ଚାରଣ 'ଚ ଛ ଜ ଝ' ଉଚ୍ଚାରଣ ଜନିତ 'ନ୍ୟ'—
The 10th consonant with a nasal sound; the nasal of the palatine consonants pronounced as 'an'.

(ଦ୍ର—ସଂସ୍କୃତ ଓ ଓଡ଼ିଆରେ ଞ ଅକ୍ଷରାଦ୍ୟ ଶବ୍ଦ ନାହିଁ ।)

ଞ—ସଂ. ବି—୧ । ଷଣ୍ଢ—1. Bull.
Ña ୨ । ବଲୀବର୍ଦ୍ଦ; ବଳଦ—2. Bullock.
୩ । ଗାନ—3. Singing.
୪ । ଗାୟକ—4. Singer; songster.
୫ । ଘର୍ଘର ଧ୍ୱନି—5. Rattling sound.
୬ । ଯୋଗୀ—6. A sage.
୭ । ଶବ୍ଦ—7. A sound.
ବିଣ—୧ । କ୍ରୂର—1. Cruel; hard-hearted.
୨ । ସ୍ୱଧର୍ମଭ୍ରଷ୍ଟ—2. Renegade.

ଟ

ଟ—ବ୍ୟଞ୍ଜନ ବର୍ଣ୍ଣମାଳାର ୧୧ଶ ବର୍ଣ୍ଣ । ଏହା ଟ ବର୍ଗର ପ୍ରଥମ ବର୍ଣ୍ଣ ।
Ta ଏହାର ଉଚ୍ଚାରଣସ୍ଥାନ ମୂର୍ଦ୍ଧା—The 11th consonant sound produced from the head; pronounced as ṭ in the tea.

ଟ—ସଂ. ବି. (ଟଲ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ)—
Ta ୧ । ଶବ୍ଦ—1. Sound.
୨ । ପାଦ; ଚତୁର୍ଥ ଭାଗ—4. Fourth part.
୩ । ଶିବ—3. God Śiba.
୪ । ବାମନ—4. A dwarf.
୫ । ଟଙ୍କାର—5. The twang of a bow.

୧	ଈ	ଊ	ଋ,ୠ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଷ	ଙ୍କ	ଇଫ୍	ଉଅ	ଘ
୬	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	କ୍ତ	ନ୍

୬ । କରଙ୍କ; ଗୋଲ ଡବା—
6. A head-like pot; a round box.

୭ । ମୁଣ୍ଡର ଖପୁରି—7. Skull.

୮ । ନଡ଼ିଆର ଖପୁରି (ସ୍ତ୍ରୀ. ଶବ୍ଦସାର)—
8. Skull-shaped cocoanut-shell.

ବିଣ —ଜଗତ୍ ବିଖ୍ୟାତ; ତ୍ରିଭୁବନ ବିଖ୍ୟାତ—
World-famed.

[ଦ୍ର—ଟର ଦ୍ୱିତୀୟ ଆକାର ଟ ବା ଟ । ଟଙ୍କାର ସାଙ୍କେତିକ ଚିହ୍ନ ସ୍ୱରୂପ ଏହି ଚିହ୍ନ ସଂଖ୍ୟାର ପୂର୍ବରେ ଲେଖାଯାଏ । ଯଥା ଟ ୧୵ = ଏକ ଟଙ୍କା ଛଅ ଅଣା । ସମ୍ବଲପୁର ଅଞ୍ଚଳରେ 'ତ' ସ୍ଥାନରେ 'ଟ' ଉଚ୍ଚାରଣ କରନ୍ତି ।
ଯଥା—ଓଡ଼ିଆ ତାଟ=ସମ୍ବଲପୁର ଟାଟ, ତାଡ଼=ଟାଡ଼, ତଟ୍ଟୁ= ଟଟ୍ଟୁ, ତଣ୍ଟି=ଟଣ୍ଟି, ତେଣ୍ଡିବା=ଟେଣ୍ଡିବା ଇତ୍ୟାଦି ।]

ଟଉ—ଦେ. ବି—୧ । ଦସ୍ତା ଧାତୁ—
Tau 1. Zinc.
ଦସ୍ତା ୨ । ରାଙ୍ଗା ମିଶ୍ରିତ ଧାତୁ—2. Pewter.
ଜସଦ [ଦ୍ର—ଏଥିରେ ଗରିବ ଲୋକଙ୍କ ବ୍ୟବହାରୋପଯୋଗୀ ପାନପାତ୍ରାଦି ଓ ଅଳଙ୍କାର ନିର୍ମିତ ହୁଏ; ଏଥିରେ ୪ ଭାଗ ଟିଣ ବା ରାଙ୍ଗା ଓ ଏକ ଭାଗ ଶୀଶା ମିଶିଥାଏ; ସମୟସମୟରେ ଟିଣ ସଙ୍ଗେ ତମ୍ବା ଓ ଆଣ୍ଟିମନି ନାମକ ଧାତୁ ମିଶାଯାଏ ।]

ଟଂ—ଦେ. ଅ—(ଧ୍ୱନ୍ୟନୁକରଣ; ସଂ. ଟଙ୍କାର)—ଟଙ୍କାର ଶବ୍ଦ; ଘଣ୍ଟା
Tam ଆଦି ବାଜିବାର ଝଙ୍କୃତ ଶବ୍ଦ; ଧନୁର୍ଗୁଣ ଟାଣି ଛାଡ଼ିବାର
ଠନ୍, ଟଂ ଶବ୍ଦ—Twang; the sound of a gong or
ଠନ୍ bell; chiming sound.

ଟଂ ଟଂ—ଦେ. ଅ—ଏକାଧିକ ଥର ଟଂଶବ୍ଦ—ଟଂ (ଦେଖ)—
Tam-tam Repeatedsound of a gong;
ଠନ୍‌ଠନ୍, ଠନଠନ୍ Tam (See)

ଟଁ—ଦେ. କ୍ରି. ବିଣ ଓ ବିଣ—ଟଁ ଟଁ (ଦେଖ)
Tan Tan-tan (See)

ଟଁଟି—ପ୍ରାଦେ (ସମ୍ବଲପୁର) ବି—୧ । ତଣ୍ଟି; ତୋଟି; କଣ୍ଠ—
Tanti 1. Throat.
୨ । ବେକ—2. Neck.

ଟଁଟିଆ—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟିଆ—
Tantia A push on the throat.

ଟଁ ଟଁ—ଦେ. କ୍ରି. ବିଣ—୧ । (ବ୍ୟଙ୍ଗ) ପୂର୍ଣ୍ଣମାତ୍ରାରେ; ସମ୍ପୂର୍ଣ୍ଣରୂପେ—
Tan-tan 1. Fully; completly.
ଟଇଁଟମ୍ବୁର (ଯଥା—ସେ ଟଁ ଟଁ କରି ପାଠ ପଢ଼ି ପକାଇବ ।)
ଟୁଁଟୁ ୨ । ଟଁ ଟଁ ଶବ୍ଦକର (ଯଥା—ଅଧୋବାୟୁ ନିଃସରଣ ଶବ୍ଦ)—
2. Making a long 'tan' sound.
(ଯଥା—ଟଁ ଟଁ ଶବ୍ଦଠାରୁ ଟୁଁ ଟାଁ ଅନୁଚ୍ଚସ୍ୱର ।)

ବିଣ—(ବ୍ୟଙ୍ଗ)—୧ । ପୂର୍ଣ୍ଣ—1. Full.
୨ । ପର୍ଯ୍ୟାପ୍ତ—2. Abundant.
(ଯଥା—ମୋ ଠେଇଁ ଟଙ୍କା ଟଁ ଟଁ ହେଉଛି ।)
୩ । ଚରିତାର୍ଥ; କୃତାର୍ଥ; ସମ୍ପୂର୍ଣ୍ଣରୂପେ ସନ୍ତୁଷ୍ଟ—
3. Fully satisfied or satiated.
(ଯଥା—ମୁଁ ଖାଇକରି ଟଁ ଟଁ ହୋଇଗଲି ।)

ଟକ୍ କରି—ଦେ. କ୍ରି—(ସଂ. ଦ୍ରୁତ; ହଠାତ୍; ଏକାବେଳକେ; ଅତିଶୀଘ୍ର—
Tak kari At once; at one gulp.
टक् करे (ଯଥା—ବଗ ମାଛଟାକୁ ଟକ୍‌କରି ଗିଳିଦେଲା ।)
तड़ाक्, खटसे
(ଟକ୍‌କନା, ଟକ୍‌କନି, ଟକ୍‌କିରି, ଟକ୍‌ଦସ୍—ଅନ୍ୟରୂପ)

ଟକ୍‌ଟକ୍—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଭାତ ଫୁଟିବାର ଶବ୍ଦ—
Tak-tak 1. Bubbling sound; sound of boiling rice.
टक् टक्, टग् बग् ୨ । ଠକ ଠକ ଶବ୍ଦ—2. Rapping
खदबद sound; tapping sound.
ঠক্ ঠক্ ୩ । ହାତ ଗୋଡ଼ର ଅଙ୍ଗୁଠି ଫୁଟିବାର ଶବ୍ଦ—
खटखट 3. Cracking sound of the finger-
मटमट joints when twisted.
चटचट [ଦ୍ର—ହାତଗୋଡ଼ ମୋଡ଼ିବା ସମୟରେ ହାତ ଓ ଗୋଡ଼ର ଅଙ୍ଗୁଠିମାନଙ୍କୁ ମୋଡ଼ିଦେଲେ ଅଙ୍ଗୁଠିର ଗଣ୍ଠିମାନ ଟକ୍ ଟକ୍ ଫୁଟିବାର ଶବ୍ଦ ଶୁଣାଯାଏ । ଚାଲିବା ସମୟରେ କାହାର କାହାର ଗୋଡ଼ ଅଙ୍ଗୁଠିର ଗଣ୍ଠିମାନ ଟକ୍ ଟକ୍ ଶବ୍ଦ କରେ ।
टक टक् ୪ । କଳ ଘଡ଼ି ବା କାନ୍ଥ ଘଣ୍ଟାର ପେଣ୍ଡୁଲମ୍ ହଲିବା
चटचट ସମୟରେ ଶୁଣାଯିବା ଶବ୍ଦ—Ticking sound of a clock or time-piece.
टनटन ୫ । ଧକ ଧକ; ପୂଜପୂର୍ଣ୍ଣ ବଥ ଓ ଘାଆ ଆଦିର ବ୍ୟଥା—
टहक 5. Throbbing or smarting pain of a boil or wound when filled with pus.
ଦେ. କ୍ରି. ବିଣ.—ଚଞ୍ଚଳ ଚଞ୍ଚଳ ଉପର୍ଯ୍ୟୁପରି—
In quick succession.

ଟକ୍‌ଟକ୍ ନାଲ୍(ଲି)—ଦେ. ବିଣ. (ତୁଳ. ସଂ. ଟଙ୍କକ=ରକ୍ତବର୍ଣ୍ଣ)—
Tak-tak nal (li) ରଙ୍ଗ ଟହଟହ; ନାଲି ଟୁକୁ ଟୁକୁ—
टक टक लाल, टक टके लाल Bright red; carmine or
लालगुलाल; वाफा लाल crimson-coloured.
(ଯଥା—କଇଁଚକାକୁଡ଼ିଟି ପାଚି କରି ଟକ୍‌ଟକ୍ ନାଲ୍ ହୋଇଅଛି ।).
[ଦ୍ର—ଅପେକ୍ଷାକୃତ ବଡ଼ ବସ୍ତୁ (ମହାକାଳ ଫଳ ଇତ୍ୟାଦି) ନାଲ୍ ଟକ୍‌ଟକ୍ ଓ କ୍ଷୁଦ୍ର ବସ୍ତୁ (କାଇଞ୍ଚଫଳ) ନାଲ ଟୁକୁଟୁକୁ ବୋଲାଯାଏ; ସାଧାରଣତଃ ଏ ଶବ୍ଦ ନାଲ୍(ଲି)ଟକ୍‌ଟକ ଆକାରରେ ବ୍ୟବହୃତ ହୁଏ ।]

ସାଧାରଣ ଲୋକେ ଅପର୍ ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତିନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟକ୍ଟକ୍ ସଡ଼୍ ସଡ଼୍—ଦେ. ଅ.—ପୂଜପୂର୍ଣ୍ଣ ବ୍ରଣ ବା ଘାଅ ଯୋଗୁଁ ଅନୁଭୂତ
Tak-ṭak sard-sard ତୀବ୍ର ବେଦନା—Smarting pain
টনটন্ due to a boil or wound when filled up
टहक with undischarged pus; twitching pain.

ଟକ୍ଟକ୍ ହେବା—ଦେ. କ୍ରି.—୧ । (ବ୍ରଣ ଓ କାଛୁ ଆଦି) ପାଚି ଯାଇ
Tak-ṭak hebā ଫାଟିବା ପୂର୍ବରୁ ବେଦନାଯୁକ୍ତ ହେବା; (ଘାଅ)
টনটন করা ବ୍ୟଥାଯୁକ୍ତ ହେବା—(a tumour or boil) To
टहकना become very painful owing to accumulation of pus before bursting.

୨ । କୌଣସି ଗୁପ୍ତ କଥା ପ୍ରକାଶ କରିବା ନିମନ୍ତେ ଅଧୀର ବା ବ୍ୟଗ୍ର ହେବା—To be impatient to speak or babble out a secret.

୩ । କୌଣସି ଲୋଭନୀୟ ବସ୍ତୁ ଖାଇବା ନିମନ୍ତେ ଅତ୍ୟନ୍ତ ଲାଳାୟିତ ହେବା; ଲାଳତେଇବା—
3. To be eager or impatient to eat some particular articles;
to hanker after or have a vehement hankering for some dainty food.

୪ । ଖାଇବା ପାଇଁ ଅତ୍ୟନ୍ତ ବ୍ୟଗ୍ର ବା ଚଞ୍ଚଳହେବା—
4. To be impatient for eating.

টকটক হওয়া ୫ । ଘଡ଼ି ଆଦି ଠକ ଠକ ହୋଇ ବାଜିବା—
खटखट होना 5. To tick like a watch or clock.

ଟକ—ଦେ. ବି. (ସଂ. ତକ୍ର)—୧ । ଖଟା ପଦାର୍ଥ—
Taka 1. Sour or acid article.
টক ୨ । କୌଣସି ବିଶେଷ ଖାଦ୍ୟ ଖାଇବା ନିମନ୍ତେ ଅତ୍ୟାବଶ୍ୟକୀୟ
खट्टा ବା ଲାଳସା; ଟକର୍—2. Vehement or inordinate
টকর desire for a particular food.
टक्कर (ଯଥା—ତାର ମାଛରେ ଭାରି ଟକ ।)
টক ଦେ. ବିଣ.—ଖଟା—
खट्टा Acidish; sour.

ଟକଟକା—ଦେ. ବିଣ. ପୁଂ—୧ । ଖାଇବା ପାଇଁ ବ୍ୟଗ୍ର; ଲାଳାୟିତ;
Taka-ṭakā ନାଲତିଆ—1. Gourmandising; having
উতালা an inordinate hankering after food.
उतावला ୨ । ଲୋଭନୀୟ ବିଶିଷ୍ଟ ଖାଦ୍ୟ ପ୍ରତି ଲାଳସାଯୁକ୍ତ—
(ଟକଟକୀ; ଟକଟକେଇ—ସ୍ତ୍ରୀ) 2. Epicurean in diet; hankering after dainties.

୩ । ଭୁରୁଭୁରିଆ; ତରତରିଆ—3. Hasty; impatient

୪ । ଯେ କୌଣସି ଗୁପ୍ତ କଥା ଆପଣା ପେଟ ଭିତରେ ବହୁକାଳ ଲୁଚାଇ ନ ପାରି ପ୍ରକାଶ କରିବା ପାଇଁ ବ୍ୟଗ୍ର ହୁଏ—4. Impatient or eager to babble out or divulge a secret.

୫ । ବାବଦୁକ; ପ୍ରଗଲ୍‌ଭ; ବାଚାଳ—
5. Babbling; talkative.

ଟକଟକିଆ—ଦେ. ବିଣ. ପୁଂ—୧ । ଟକ ଟକା (ଦେଖ) .
Taka-ṭakiā Taka-ṭakā (See)
୨ । ଲୋଭନୀୟ; ପ୍ରଲୋଭନଜନକ (ଖାଦ୍ୟ ଦ୍ରବ୍ୟ)—
2. Dainty; appetising (food).
(ଯଥା—ଟକଟକିଆ ମାଲ ।)

ଟକଟାକ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Taka-ṭāk Tak-ṭak (See)

ଟକ ମକ—ଦେ. ଅ. (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Taka-maka Tak-ṭak (See)

ଟକର ଟକର—ଦେ. ଅ (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Takara-ṭakara Tak-ṭak (See)

ଟକର ମକର—ଦେ. ଅ (ଧ୍ୱନ୍ୟନୁକରଣ)—ଟକ୍ ଟକ୍ (ଦେଖ)
Takara-makara Tak-ṭak (See)

ଟକରା—ଦେ. ବିଣ. ପୁଂ—ଟକଳା (ଦେଖ)
Takarā Takaḻā (See)
(ଟକରୀ—ସ୍ତ୍ରୀ)

ଟକଳା—ଦେ. ବିଣ. ପୁଂ—୧ । ଯେଉଁ ଲୋକ ଖାଇବା ପାଇଁ ଅତ୍ୟନ୍ତ
Takaḻā ଲାଳାୟିତ ବା କୌଣସି ବିଶେଷ ଖାଦ୍ୟଦ୍ରବ୍ୟ ପ୍ରତି
(ଟକଳୀ—ସ୍ତ୍ରୀ) ଅତ୍ୟନ୍ତ ଲୋଭୀ—1. Having inordinate hankering after food; impatient for food.
୨ । ଯେଉଁ ଲୋକ ପେଟ ଭିତରେ କୌଣସି କଥା ବହୁକାଳ ଗୋପନ କରି ରଖିପାରେ ନାହିଁ—
2. One who can not keep secrets; babbler;
लुतरा tattler.

ଟକ ଲାଗିବା—ଦେ. କ୍ରି—ଥରେ ଚାଖିବା ପରେ କୌଣସି ବ୍ୟକ୍ତିର
Taka lāgibā କୌଣସି ଖାଦ୍ୟ ପଦାର୍ଥ ପ୍ରତି ବଳବତୀ ଲାଳସା ଜାତ ହେବା—Inordinate desire or hankering after a particular article of food after once tasting it.
(ଯଥା—ମୋର ଅମ୍ବରେ ଭାରି ଟକ ଲାଗିଛି ।)

ଟକଳିଆ—ଦେ. ବିଣ. ପୁଂ—ଟକଳା (ଦେଖ)
Takaḻiā Takaḻā
(ଟକଲେଇ-ସ୍ତ୍ରୀ)

ଟକସର—ଗ୍ରା. ବି. (ସଂ. ତସ୍କର)—ତସ୍କର; ଚୋର—
Takasara Thief; robber.

ଟକାଟକ୍—ଦେ. ବି—୧ । କୌଣସି ବିଷୟରେ ଦୁଇଜଣଙ୍କର ପରସ୍ପର
Takāṭak ପ୍ରତିଯୋଗିତା; ପ୍ରତିଦ୍ୱନ୍ଦ୍ୱିତା; ସ୍ପର୍ଦ୍ଧା—
টকর 1. Emulation; rivalry.
होड़ाहोड़ी ୨ । ଜିଦାଜିଦି; ଜିଦମଗମର—
1. Envious contention; staking for competition; betting.
(ଯଥା—ସେ ଦୁହିଙ୍କର ଖେଳରେ ଭାରି ଟକାଟକ୍ ଲାଗିଛି ।)
ଦେ. କ୍ରି. ବିଣ—ଟକ୍ ଟକ୍ (ଦେଖ)—Tak-ṭak (See).

୯	ଉ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଲ୍ୟ	ତ୍ଥ	ଛ
୨	ଉ	ଊ	ରୁ	ଲୁ	ଯ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଥ	ଈ	ନ୍ତ

ଟକାଟକି—ଦେ. ବି—ଟକାଟକ୍ (ଦେଖ)
Takāṭaki Takāṭak (See)

ଟକରାଟକରୀ ବିଣ—୧ । କୌଣସି କାର୍ଯ୍ୟ ନିମନ୍ତେ ପ୍ରତିଦ୍ୱନ୍ଦ୍ୱୀ
ହୋଡ଼ାହୋଡ଼ୀ (ଦୁଇ ଜଣ ବ୍ୟକ୍ତି); ସ୍ପର୍ଦ୍ଧାନ୍ୱିତ—
1. Emulating; rival.

ଦୁଇ ମଲ୍ଲଙ୍କୁ ଦୁହେଁ ଟକାଟକି
ଚାଳନ୍ତି ପ୍ରୀତି ତୁଷ୍ଟ ଥାଇ ନିକି । ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଜିଦାଜିଦି (ହେବା ବ୍ୟକ୍ତିଦ୍ୱୟ); ଜିଦ ବା ବାଜି ମଧ୍ୟରେ (ହେବା ବ୍ୟକ୍ତି)—2. Staking for competition; betting:

ଅନ୍ୟୋନ୍ୟରେ ଯେ ଧ୍ୱଜଦ୍ୱୟ ଯୁଟନ୍ତି
ବନ୍ଧାବନ୍ଧ ହେଲେ ହୋଇଣ ଟକାଟକି । କୃଷ୍ଣସିଂହ. ମହାଭାରତ. ଭୀଷ୍ମ ।

ଟକ୍କର—ଦେ. ବି. (ଧ୍ୱନ୍ୟନୁକରଣ)—
Takkar ୧ । ଦୁଇ ବସ୍ତୁର ପରସ୍ପରର ଧକ୍କା ଲାଗିବା ଦ୍ୱାରା
টক্কর ଆଘାତ; ଠୋକର—1. Sudden impact;
ठोकर, टक्कर clash; knock; rap; push.
(ଟକର—ଅନ୍ୟରୂପ) ୨ । ଟକାଟକ୍ ବା ଜିଦାଜିଦି—
2. Competition.
୩ । ପ୍ରତିଯୋଗିତା—3. Rivalry; emulation.

ଟକ୍କର ଖାଇବା—ଦେ. କ୍ରି—ଠୋକର ଖାଇବା; ଝୁଣ୍ଟିବା—
Takkar khāibā To stumble; to trip.
(ଟକ୍କର ନେବା, ଟକର ଖାଇବା—ଅନ୍ୟରୂପ)
টক্কর খাওয়া **टक्कर खाना**

ଟକ୍କର ଦେବା—ଦେ. କ୍ରି—ସମକକ୍ଷ ହେବା; କାର୍ଯ୍ୟକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀ
Takkar debā ରୂପେ ଠିଆ ହେବା—To compete;
টক্কর দেওয়া to rival; to stand in competi-
टक्कर देना tion with another.
(ଟକର ଦେବା—ଅନ୍ୟରୂପ)

ଟକ୍କର ପକା(କେ)ଇବା—ଦେ. କ୍ରି—ଟକ୍କର ଦେବା (ଦେଖ)
Takkar pakā(ke)ibā Takkar debā (See)
(ଟକର ପକାଇବା—ଅନ୍ୟରୂପ)

ଟକ୍କର ମାରିବା—ଦେ. କ୍ରି—୧ । ପ୍ରତିଯୋଗୀ ରୂପେ ପରୀକ୍ଷାକ୍ଷେତ୍ରରେ
Takkar māribā ଅବତୀର୍ଣ୍ଣ ହେବା —
টক্কর মারা 1. To compete.
टक्कर मारना ୨ । ବାଜି ମାରିବା—2. To stake.
(ଟକର ମାରିବା—ଅନ୍ୟରୂପ) ୩ । ଠୋକର ବା ଧକ୍କା ମାରିବା—
3. To give a rap or violent push.

ଟକ୍ରୁ—ସଂ. ବି—ତାକୁଡ଼ି—
Takru Spindle.

ଟଗର—ସଂ. ବି—୧ । ଟାଙ୍କଣା (ହି. ଶବ୍ଦସାଗର)—
Tagara 1. Borax.
୨ । ବିଳାସ; କ୍ରୀଡ଼ା (ହି.ଶବ୍ଦସାଗର)—
2. Sport.
ଦେ. ବି. (ସଂ. ତଗର)—ଟଗର ଫୁଲ; ତଗର—
Tabornamontana Coronoria; Tiçoma;
ଅନ୍ୟ ସଂସ୍କୃତ ପ୍ରତିଶବ୍ଦ— a plant with white flowers
ନନ୍ଦୀବୃକ୍ଷ [ଦ୍ର—ଏହା ଦ୍ୱିବିଧ —୧—Valeriana Hardwicki;
তগর ୨—Taborna Montana (କାର୍ତ୍ତିକାର) ।
टगर, टगर ଏ ଫୁଲର କ୍ଷୁପ ୩ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ପତ୍ର ମାଛର ଆକାର ପରି । ଗଛର ଡାଳ ଭାଙ୍ଗି ଦେଲେ କ୍ଷୀର ବହେ । ଫୁଲର ପାଖୁଡ଼ା ଧଳା । ଫୁଲର ଭେଣ୍ଟ ଈଷତ୍ ହଳଦିଆ । ଫୁଲ ଦୁଇ ପ୍ରକାର । ଗୋଟିଏ ଏକ ପ୍ରସ୍ଥ ପାଖୁଡ଼ାବିଶିଷ୍ଟ ଓ ଫୁଲ ଈଷତ୍ ସୁଗନ୍ଧବିଶିଷ୍ଟ, ଅନ୍ୟଟି ବହୁ ପାଖୁଡ଼ାଯୁକ୍ତ ଓ ଫୁଲ ଅତ୍ୟନ୍ତ ସୁଗନ୍ଧଯୁକ୍ତ ।]

ଟଗର ପାଦ—ଦେ. ବି. (ସଂ. ତଗର ପାଦ)—
Tagara pāda ଟଗର ଫୁଲ ପରି ଫୁଲବିଶିଷ୍ଟ ଜଳଜ ଲତା-
(ଟେଗରପାଦ—ଅନ୍ୟରୂପ) ବିଶେଷ—An aquatic plant whith white flowers.

ଟଙ୍କ୍ (ଧାତୁ)—ସଂ—୧ । ଟଂ ଟଂ ଶବ୍ଦ କରିବା—
Taṅk (root) 1. To make a twanging sound.
(ଟନକ—ଅନ୍ୟରୂପ) ୨ । ବାନ୍ଧିବା; ଆବଦ୍ଧ କରିବା—
2. To confine; to bind.

ଟଙ୍କ—ସଂ. ବି (ଟଙ୍କ୍ ଧାତୁ=ବାନ୍ଧିବା+କରଣ. ଅ)—
Taṅka ୧ । ପାହାଡ଼; କ୍ଷୁଦ୍ର ଶୈଳ—1. Hill.
୨ । ଗଣ୍ଡ ଶୈଳ; ପର୍ବତ ଦେହରୁ ବିଚ୍ୟୁତ ବଡ଼ ପଥରଖଣ୍ଡ—2. A block of stone separated from the main hill.
୩ । ଖଡ୍ଗ—3. Sword; scimitar.
୪ । ଟାଙ୍ଗର ଭୂମି—4. Hilly. ground; rocky ground.
୫ । (+ଅଧି.ଅ) ଖଡ୍ଗକୋଷ; ଖଣ୍ଡାର ଖାପ—. Scabbard; sheath.
୬ । ଏକ ପ୍ରକାର ସରୁ କୋଡ଼ି; ଖଣତା— A spud or digging iron; a narrow-bladed spade; hoe.
୭ । କ୍ରୋଧ; ରାଗ—7. Anger; wrath.
୮ । (+କର୍ମ. ଅ) ଦର୍ପ—8. Arrogance.
୯ । ପରିମାଣବିଶେଷ; ଚାରି ମଷା ପରିମାଣ; ଏକଟଙ୍କାର ଦ୍ୱିପଞ୍ଚମାଂଶ—9 A weight of 4 'masas' or 68 grains; ⅖ of a tola.

[ଦ୍ର—ସ୍ଥଳବିଶେଷରେ ଏହା ୩ ମଷା ବା ୨୪ ରତି ପରିମାଣ ବୋଲି ଧରା ଯାଏ ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ସ୍ଥଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗୀ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୧୦ । ଗୋଡ଼—10. The leg.
୧୧ । ମୁଦ୍ରା—11. Coin.
୧୨ । ପଥର କାଟିବାର ଅସ୍ତ୍ର; ଟାଙ୍ଗିଆ—12. Mattock; an axe used in chipping stone.
୧୩ । ରୌପ୍ୟ ମୁଦ୍ରା—13. A silver coin.
୧୪ । ଟଙ୍କା—14. A rupee.
୧୫ । ଜଙ୍ଘ—15. Thigh.
୧୬ । ଟାଙ୍ଗଣା; ସୁହାଗା—16. Borax.
୧୭ । କୁରାଢ଼ି; ପରଶୁ (ହି. ଶବ୍ଦସାଗର)— 17. Axe; hatchet
୧୮ । କୋଷ; ଧନାଗାର (ହି. ଶବ୍ଦସାଗର)— 18. Treasury.
୧୯ । ଶ୍ରୀ, ଭୈରବ ଓ କାନଡ଼ା ରାଗ ଯୋଗ ହୋଇ ରଚିତ ସମ୍ପୂର୍ଣ୍ଣ ଜାତିର ରାଗିଣୀ—19. A kind of mixed musical strain.

[ଦ୍ର—ଏହା ଗାଇବାର ସମୟ ରାତ୍ରି ୧୬ ଦଣ୍ଡ ଠାରୁ ୨୦ ଦଣ୍ଡ ପର୍ଯ୍ୟନ୍ତ । ଏଥିରେ କୋମଳ ଓ ଋଷଭ ସ୍ୱର ଲାଗେ । ହନୁମାନ୍‌ଙ୍କ ମତରେ ଏହାର ସ୍ୱରଗ୍ରାମ ସଗ ମପ ଧନ ସାସା' (ହି. ଶବ୍ଦସାଗର)]

୨୦ । ନୀଳ କପିତ୍ଥ (ହି. ଶବ୍ଦସାଗର)— 20. The blue wood-apple.
୨୧ । ଏକ ଜଙ୍ଗଲୀ ଗଛ ଯହିଁରେ ବେଲ ବା କଇଥ ପରି ଫଳ ଧରେ (ହି. ଶବ୍ଦସାଗର)—21. A kind of wild tree producing fruits like marmalus.

টক ଦେ. ବି. (ସଂ. ଟଙ୍କ=ଅମ୍ଳ)—ଅମ୍ଳସ୍ୱାଦ; ଅମ୍ଳରସ; ଅମ୍ଳତା—
খটাই, तुर्ष 1. Sour or acid taste; sourness.

ଟଙ୍କ ନ ଥାଇ ଝଙ୍କ, ଟାଙ୍ଗର ମୁଣ୍ଡରେ ଗଦା । ଚଗ ।

টক, টকো ଦେ. ବିଣ.—ଅତ୍ୟନ୍ତ ଖଟା ଲାଗୁଥିବା; ଅତି ଅମ୍ଳ—
तुर्ष, खट्टा Very sour.

ଟଙ୍କ ଅମ୍ବିଲା—ଦେ. ବିଣ.—ଅତ୍ୟନ୍ତ ଖଟା—
Tanka ambila Very sour.

ଟଙ୍କକ—ସଂ. ବି.—(ଟଙ୍କ+ସ୍ୱାର୍ଥେ. କ)—୧ । ଟଙ୍କା—
Tankaka 1. Rupee; silver coin,
୨ । ମୁଦ୍ରା—2. Coin.

ଟଙ୍କକଶାଳା—ସଂ. ବି. ସ୍ତ୍ରୀ.—ଟଙ୍କଶାଳା (ଦେଖ)
Tankaka-śālā Tanka-śālā (See)

ଟଙ୍କଟୀକ—ସଂ. ବି.—ଶିବ (ହି. ଶବ୍ଦସାଗର)—
Tankatika Śiba.

ଟଙ୍କଣ—ସଂ. ବି.—(ଟଙ୍କ ଧାତୁ+କର୍ତ୍ତୃ. ଅନ)—୧ । ପ୍ରାବତ୍ୟ ଅଶ୍ୱ—
Tankaṇa 1. A horse of a hilly country.
୨ । ଟାଙ୍ଗଣା; ସୋହାଗା—2. Borax.
୩ । ଧାତୁ ଦ୍ରବ୍ୟରେ ଜୋଡ଼ ବା ଝାଳ ପକାଇ ଝାଳିବା କର୍ମ (ହି. ଶବ୍ଦସାଗର)—3. Soldering.

୫ । (+ଭାବ. ଅନ) ବନ୍ଧନ—5. Binding.

ଟଙ୍କଧର—ସଂ. ବି (ଟଙ୍କ+ଧୃ ଧାତୁ=ଧରିବା+ଅ; ଟଙ୍କ ବା ପରଶୁ
Tanka-dhara ଏହାଙ୍କ ଧୃତ ଅସ୍ତ୍ର ଥିବାରୁ; ଏହା ସଂସ୍କୃତ ଶବ୍ଦ ମାତ୍ର ଏହାର ପ୍ରୟୋଗ କେବଳ ଭାଷାରେ ଦେଖାଯାଏ)—
ମହାଦେବ—Lord Śiba.

ଟଙ୍କଧର ପାଦେ କଙ୍କର ଯାଉ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

ଟଙ୍କନ—ସଂ. ବି (ଟଙ୍କ୍ ଧାତୁ+ଭାବ. ଅନ)—୧ । ଟାଙ୍ଗଣା—
Tankana 1. Borax.
୨ । ଉଲ୍ଲେଖ—2. Mention.
୩ । ଟଙ୍କା—3. Rupee.
୪ । ବନ୍ଧନ—4. Binding.

ଟଙ୍କପତି—ସଂ. ବି—ଟଙ୍କଶାଳାର ଅଧ୍ୟକ୍ଷ (ହି. ଶବ୍ଦସାଗର)—
Tanka-pati Master of a mint.

ଟଙ୍କ ପାଣି—ଦେ. ବି—ଖଟା ପାଣି; ଅମ୍ବିଳ ତୋରାଣୀ—
Tanka-pāṇi Rice-water turned sour; sour liquid; fermented liquid.

ଟଙ୍କ ବଥୁଆ—ଦେ: ବି (ସଂ. ଟଙ୍କ+ବାସ୍ତୁକ)—ଏକପ୍ରକାର ଖଟା ବଥୁଆ
Tanka bathuā ଶାଗ—A sour variety of Cheno-
টক বেথো podium Album (a kind of-pot-herb).

ଟଙ୍କ ମରିବା—ଦେ. କ୍ରି—୧ । କୌଣସି ଅମ୍ବିଳା ଖାଦ୍ୟରୁ ଉପଯୁକ୍ତ
Tanka maribā ଉପାୟ ପ୍ରୟୋଗଦ୍ୱାରା ଅମ୍ଳସ୍ୱାଦ କମିବା—
1. Disappearance or decrease of sour taste from a sour food.

(ଯଥା—ଉପଯୁକ୍ତ ପରିମାଣରେ ଲୁଣ ଦିଆ ନ ଯିବାରୁ କାଞ୍ଜି-ପାଣିରୁ ଟଙ୍କ ମରି ନାହିଁ ।)

टकोर याना ୨ । ଅତି ଅମ୍ବିଳା ପଦାର୍ଥ ଖାଇବା ଯୋଗୁଁ ମୁଖରେ
(ଟଙ୍କ ମରିଯିବା—ଅନ୍ୟରୂପ) ଜନ୍ମିଥିବା ବିକାର ଲୋପ ପାଇବା—
2. Disappearance of the disagreeable sensation from the mouth due to taking very sour food.

(ଯଥା—ବହୁତ ଦିନର ବସାଦହି ଖାଇଲେ ୪ ଘଣ୍ଟା ପରେ ସୁଦ୍ଧା ମୁହଁରୁ ଟଙ୍କ ମରେ ନାହିଁ ।)

ଟଙ୍କ ମାରିବା—ଦେ. କ୍ରି—୧ । କୌଣସି ଜଳୀୟ ପଦାର୍ଥ ବାସି ରହି
Tanka māribā ଅମ୍ବିଳା ହୋଇଯିବା (ଯଥା—ତୋରାଣୀ; କାଞ୍ଜି)—1. To turn sour (said of some liquids e, g. stale rice-water).

টকা ଦେ. ବି—୨ । ଅମ୍ଳରସ ଯୋଗୁଁ ଦାନ୍ତରେ ଦୁଃଖ ବା ବିକାର
टकोरना, टीस उठना ବୋଧ ହେବା (ଯଥା—ଦାନ୍ତ)—
2. A feeling of sourness (in the mouth) by tasting stale and sour food.

(ଯଥା—ବାସି ପଖାଳ ଖାଇ ମୋ ଦାନ୍ତ ଟଙ୍କ ମାରି ଗଲାଣି ।)

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ସ୍ୱରାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଉଅ	ଋ
୨	ଈ	ଊ	ରୁ	ଲୁ	ଯେ଼	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଜ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍ନ

ଟଙ୍କଶାଳା—ସ. ବ. ସ୍ତ୍ରୀ—ଟାଙ୍କଶାଳା; ଯେଉଁ କାର୍ଯ୍ୟାଳୟ ବା କାରଖାନାରେ ମୁଦ୍ରା ପ୍ରସ୍ତୁତ ହୁଏ—Mint.
Tanka-śālā

ଟଙ୍କା—ସ. ବ. ସ୍ତ୍ରୀ. (ଟଙ୍କ୍ ଧାତୁ + କର୍ତ୍ତି. ଅ + ସ୍ତ୍ରୀ. ଆ)—୧ । ଜଙ୍ଘ—1. Thigh.
Tanka

୨ । ଏକ ତୋଳା ଓଜନର ପ୍ରାଚୀନଭାରତର ରୌପ୍ୟମୁଦ୍ରା—2. A silver coin current in ancient India.

୩ । ପ୍ରାଚୀନକାଳର ତାମ୍ରମୁଦ୍ରାବିଶେଷ (ହି. ଶବ୍ଦସାଗର)—3. A copper coin current in ancient India.

ଦେ. ବ—୧ । ଷୋଳ ଅଣା ବା ପୂର୍ଣ୍ଣମାତ୍ରା ପରିମାଣ—1. Sixteen annas; full measure.

୨ । ଭାରତରେ ପ୍ରଚଳିତ ଏକ ତୋଳା ପରିମିତ ରୌପ୍ୟ ମୁଦ୍ରା—2. Rupee.

ଅଦୃଷ୍ଟ ଗଇଳରେ ବେରୁଣ୍ଟ ରଜା
ଟଙ୍କା ସେର ଭଜା, ଟଙ୍କା ସେର ଖଜା—ଢଗ ।

[ଦ୍ର—ପ୍ରାଚୀନକାଳରେ ଭାରତରେ ଟଙ୍କା ନାମରେ ଯେଉଁ ରୌପ୍ୟ ମୁଦ୍ରା ଚଳୁଥିଲା ତାହାର ଏକ ତୋଳା ଓଜନ ଥିଲା । ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଅମଳରେ ପ୍ରଚଳିତ ଟଙ୍କା ମଧ୍ୟ ଏକ ତୋଳା ବା ୧୮୦ ଗ୍ରେନ୍ ଓଜନ ଅଟେ । ଏଥିରେ ୧୧ ଭାଗ ରୁପା ଓ ୧ ଭାଗ ତମ୍ବା ଥାଏ; ବର୍ତ୍ତମାନ ପ୍ରଚଳିତ ୧ ଟଙ୍କା=୧୬ ଅଣା ବା ୧୬୪ ଅଣି=୮ ଦୋଅଣି=୪ ସୁକିଆ=୨ ଅଧୁଲି=୩୨ ଦୋପଇସା=୬୪ ପଇସା=୧୨୮ ଅଧଲା=୧୯୨ ପାହୁ ବା ପାହୁଲା; ଏଥିମଧ୍ୟରୁ ପାହୁଲା, ଅଧଲା, ପଇସା ଓ ଦୋପଇସା ତାମ୍ରନିର୍ମିତ । ଅଣି, ଦୋଅଣି, ସୁକିଆ ଓ ଅଧୁଲି ନିକେଲ୍ ଧାତୁ ନିର୍ମିତ । ଦୋଅଣି, ସୁକିଆ ଓ ଅଧୁଲି ମଧ୍ୟ ରୌପ୍ୟନିର୍ମିତ । କାଲେକ୍ଟରୀସେର=୮୦ ଟଙ୍କା; କଟକୀ ସେର=୧୦୫ ଟଙ୍କା ।]

ଟାକା ୩ । ଧନ; ଅର୍ଥ—1. Riches; money.
टका; रुपैया ୪ । ନଗଦ ମୁଦ୍ରା—4. Hard cash; cash.
টাঁকা ୫ । ଲୁଗାକୁ ସିଲାଇ କରିବା; ଟାଙ୍କା ମାରିବା—
टाँका 5. Stiching; stich.

ଟଙ୍କା(ଙ୍କେ)ଇବା—ଦେ. କ୍ରି—ଟାଙ୍କିବା କ୍ରିୟାର ଣିଜନ୍ତ ରୂପ—The causative form of 'tānkibā'.
Tanka ṅke)ibā
টাঁকান; टँकवाना

ଟଙ୍କାଏ କାନ୍ତର—ଦେ. ବ—ପ୍ରାୟ ଏକ ଟଙ୍କା; ଏକ ଟଙ୍କା ବା ତହିଁରୁ କିଛି କମି ବା ବେଶି ଧନ—About a rupee; a rupee or so.
Tankāe kāntara
টাকাখানিক

(ଯଥା—ବର୍ତ୍ତମାନ ଟଙ୍କାଏ କାନ୍ତର ହେଲେ ମୋ କାମ ଚଳିଯିବ ।)

(ଟଙ୍କାଏ ଖଣ୍ଡେ; ଟଙ୍କାଏ ମଣାଏ—ଅନ୍ୟରୂପ)

ଟଙ୍କା କଉଡ଼ି—ଦେ. ବ (ସହଚର ଶବ୍ଦ; ସ. ଟଙ୍କା + କପର୍ଦ୍ଦକ)—ଟଙ୍କା ଟୋକର (ଦେଖ)
Tankā kaurdi — Tankā tokara (See).

ଟଙ୍କାକିଆ—ଦେ. ବଣ—୧ । ଯହିଁର ମୂଲ୍ୟ ଏକ ଟଙ୍କା ମାତ୍ର—1. Of the value of one rupee.
Tankākiā
টাকাকিয়া ୨ । ଯହିଁର ପ୍ରତ୍ୟେକର ମୂଲ୍ୟ ଏକ ଟଙ୍କା—
(ଟଙ୍କିକିଆ—ଅନ୍ୟରୂପ) 2. Worth one rupee each.

ଟଙ୍କା ଗଛ—ଦେ. ବ (ଯେଉଁ ଗଛରେ ଟଙ୍କା ଫଳେ)—
Tankā gachha (ଲକ୍ଷଣାର୍ଥ) ୧ । ଧନୋପାର୍ଜକ ବ୍ୟକ୍ତି—
টাকার গাছ (figurative) 1. Earner; one who earns
रुपैयाका झाड़ money (of. Pagoda-tree).

(ଯଥା—ଅର୍ଜନକାରିଅ ପୁଅ ମୋର ଟଙ୍କା ଗଛ ।)

୨ । ଯେଉଁ ବ୍ୟକ୍ତିଠାରୁ କୌଣସି ବ୍ୟକ୍ତି ପ୍ରଚୁର ପରିମାଣରେ ଧନ ପାଏ—2. A person from whom another gets much money.

ଟଙ୍କା ଗଣିବା—ଦେ. କ୍ରି—୧ । ମୁଦ୍ରାକୁ ଗୁଣାର କରିବା—1. To count money.
Tankā ganibā
টাকা গুনা ୨ । (ଲକ୍ଷଣାର୍ଥ) ନଗଦ ଅର୍ଥ ବା ମୁଦ୍ରା ଦେବା—
रुपैया गीनना 2. (figurative) To pay cash.

(ଯଥା—ଆମ ଗ୍ରାମର ରାମ ସାହୁ ଦଶ ହଜାର ଟଙ୍କା ଗଣିଦବ ।)

୩ । ଧନ ବ୍ୟୟ କରିବା—3. To spend money.

(ଯଥା—ବୃଥା ପୁଣିଏ ଟଙ୍କା ଗଣି ମୁଁ ପୁଅକୁ ପଢ଼ାଇଲି ।)

ଟଙ୍କା ଟଙ୍କି—ଦେ. ବ (ଧ୍ୱନ୍ୟନୁକାରୀ ଦ୍ୱିରୀୟ ଶବ୍ଦ)—
Tankā tanki ଟଙ୍କା ଫଙ୍କା (ଦେଖ)
টাকাটুকি 1. Tankā phankā (See).

(ଯଥା—ମୁଁ ଅନେକ ଦିନ ହେଲା ଶୁକ୍ରସା ଖଣ୍ଡ ଘରେ ଅଛି, ମୋ ହାତକୁ ଟଙ୍କାଟଙ୍କି କାହୁଁ ଆସିବ ।)

(ଟଙ୍କାଟଙ୍କି—ଅନ୍ୟରୂପ)
টাঁকাটুঁকী ୨ । ବହୁବାର ଟାଙ୍କିବା କର୍ମ—
टँकाइ 2. Several acts of stitching.

ଟଙ୍କା ଟୋକର—ଦେ. ବ (ସହଚର ଶବ୍ଦ)—ଧନ; ଅର୍ଥ—
Tankā tokara Riches; money (generally.)
টাকাকড়ি × ଟଙ୍କାଟୋକର ଗଣିକେଇ × ଲଙ୍ଗର ଉଠେଇଦେଲୁ ।
रुपैआपैसा ଫକୀରମୋହନ, ଗଳ୍ପସ୍ୱଳ୍ପ ।

ଟଙ୍କା ପଇସା—ଦେ. ବ (ସହଚର ଶବ୍ଦ)—ଟଙ୍କା ଟୋକର (ଦେଖ)
Tankā paisā — Tankā tokara (See).

ଟଙ୍କା ଫଙ୍କା—ଦେ. ବ (ଟଙ୍କା ଶବ୍ଦ ଓ ତାହା ସଙ୍ଗେ ଧ୍ୱନ୍ୟନୁକାରୀ ନିରର୍ଥକ ଫଙ୍କା ଶବ୍ଦ)—
Tankā phankā
টাকা ফাকা, টাকা মাকা ୧ । ଅର୍ଥ ଇତ୍ୟାଦି; ଧନ—
रुपैया उपैया 1. Riches; money etc.

୨ । ମୁଦ୍ରା—2. Coins (generally).

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାଡ଼' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗ୍ୟା' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟଙ୍କା ବନ୍ଧା(ନ୍ଧେ)ଇବା—ଦେ. କ୍ରି—୧ । ଅପଣା ପାଖରେ ଥିବା ପଇସା ଓ ରେଜକିମାନଙ୍କୁ ବଦଳାଇ ସେହି ମୂଲ୍ୟର ଟଙ୍କା ଆଣିବା— 1. To get pice and other small coins changed into rupees.
Tanka bandhā(ndhe)ibā
টাকা বাঁধান
रुपैया बंधाना
୨ । ଅପଣା ପାଖରେ ଥିବା ଟଙ୍କାମାନଙ୍କୁ ବଦଳାଇ ତଦ୍‌ବଦଳରେ ମୋହର ବା କରେନ୍ସି ନୋଟ୍ ଆଣିବା—2. To get rupees changed into gold coins or currency notes.

ଟଙ୍କା ବାନ୍ଧିବା—ଦେ. କ୍ରି—ଆପଣାର ଦେୟ ଧନ (ଯଥା—ଜମିଦାରଙ୍କ ଦେୟ ଖଜଣା) ଦାଖଲ କରିବା ପାଇଁ ସଂଗ୍ରହ କରିବା—1. To collect sufficient money to pay one's dues.
Tanka bāndhibā
টাকা বাঁধা
रुपैया बांधना
୨ । ଆପଣାର ଦେୟ ଧନ ଅଭିପ୍ରେତ ବ୍ୟକ୍ତିଙ୍କ ନିକଟରେ ଦାଖଲ କରିବା—2. To pay or deposit one's dues at its destination.
୩ । ଆବଶ୍ୟକୀୟ ଧନ ସଙ୍ଗରେ ନେବା—3. To have with one's self money sufficient for the intended purpose.

ଟଙ୍କାବାଲା—ଦେ. ବିଣ. ପୁଂ—ଧନୀ; ଧନବାନ୍—Rich.
Tanka-bālā
টাকাবালা, **टकेवाला**
(ଟଙ୍କାବାଲୀ—ସ୍ତ୍ରୀ)

ଟଙ୍କା ଭଙ୍ଗା (ଙ୍ଗେ)ଇବା—ଦେ. କ୍ରି—ଅପଣା ପାଖରେ ଥିବା ଟଙ୍କାକୁ ବଦଳାଇ ତଦ୍‌ବଦଳରେ କ୍ଷୁଦ୍ରତର ମୁଦ୍ରା ଆଣିବା—To get the rupee changed into small coins.
Tanka bhangā(nge)ibā
টাকা ভাঁগান
रुपैया तुड़वाना

ଟଙ୍କା ଭଙ୍ଗେଇ—ଦେ. ବି—୧ । ଟଙ୍କାକୁ କ୍ଷୁଦ୍ରତର ମୁଦ୍ରାରେ ବଦଳ କରାଇବା କର୍ମ—1 Change of a rupee into small coins.
Tankā bhangei
টাকা ভাঙ্গাই
୨ । ଟଙ୍କା ପରିବର୍ତ୍ତେ କ୍ଷୁଦ୍ରତର ମୁଦ୍ରା ବଦଳାଇ ଦେବାବାଲା ବ୍ୟକ୍ତିକୁ ଯେଉଁ କମିସନ୍ ବା କଟ ଦିଆଯାଏ—2. Commission paid for getting a rupee exchanged into small coins.

ଟଙ୍କାର—ସଂ. ବି (ଟନ୍=ଅନୁକରଣ ଶବ୍ଦ + କୃ ଧାତୁ + ଭାବ. ଅ)—
Tankāra ୧ । ଧନୁ ଓଟାରି ଛାଡ଼ିବାର ଟଂ ଟଂ ଶବ୍ଦ; ଧନୁକର ଜ୍ୟା ଶବ୍ଦ—1. The twang of a bow-string.
୨ । ତାରରେ ଅଙ୍ଗୁଳି ମାରିବା ଶବ୍ଦ—2. The sound produced by striking a string.
୩ । ଟଂ ଟଂ ଶବ୍ଦ; ଠଣ ଠଣ ଶବ୍ଦ; ଧାତୁଖଣ୍ଡରେ ଆଘାତ କରିବାଦ୍ୱାରା ଉତ୍ପନ୍ନ ଶବ୍ଦ—3. Metallic clang.
୪ । ଯଶଃ; ଖ୍ୟାତି—4. Fame; reputation.
୫ । ବିସ୍ମୟ; ଆଶ୍ଚର୍ଯ୍ୟ—5. Surprise; wonder.
ବିଣ—ଟଙ୍କାରଯୁକ୍ତ; ଟଙ୍କାର ଶବ୍ଦଯୁକ୍ତ—Twanging.

ଟଙ୍କା ରକ୍ମି ଜମା—ଦେ. ବି—ଜମିଉପରେ ଧାର୍ଯ୍ୟହେବା କାଳ୍ପନିକ ଖଜଣା—An imagmary assessment of rent on holdings.
Tankā rakmi jamā
[ଦ୍ର—ମୋଗଲ୍‌ମାନଙ୍କ କାଗଜପତ୍ରରେ ତୋଡ଼ରମଲଙ୍କ ଓଡ଼ିଶାର ଭୂରାଜସ୍ୱ ବନ୍ଦୋବସ୍ତ ସମ୍ପର୍କରେ ଦୁଇପ୍ରକାର ଜମାର ଉଲ୍ଲେଖ ଅଛି । 'ଟଙ୍କାରକ୍ମୀ' ଟଙ୍କାରେ ଏବଂ ଦ୍ୱିତୀୟଟି 'ତକ୍‌ସିର୍' କଉଡ଼ିରେ ପ୍ରକାଶିତ ହେଉଥିଲା । ପ୍ରଥମଟି କାଳ୍ପନିକ ଏବଂ ଦ୍ୱିତୀୟଟି ସଂଶୋଧିତ ଜମା । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।]

ଟଙ୍କାରିତ—ସଂ. ବିଣ (ଟଙ୍କାର+ଯୁକ୍ତାର୍ଥେ. ଇତ)—
Tankārita ଟଙ୍କାର ଶବ୍ଦଯୁକ୍ତ (ଧନୁ)—Twanged (bow); emitting a twanging sound.

ଟଙ୍କାରିବା—ଦେ. (ପଦ୍ୟ) କ୍ରି (ସଂ. ଟଙ୍କାର)—ଟଂ ଟଂ ଶବ୍ଦ କରି ଧନୁକୁ ଓଟାରିବା—To draw the bow with a twang.
Tankāribā
টঙ্কারা, **टंकारना**

ଟଙ୍କାରୀ—ସଂ. ବି. ସ୍ତ୍ରୀ—୧ । ତାରିଦେବୀ; ତନ୍ତ୍ରୋକ୍ତ ଦଶମହାବିଦ୍ୟାଙ୍କ ମଧ୍ୟରୁ ଏକ—1. One of the 10 'Mahābidyās' or Goddesses mentioned in the 'Tantras'.
Tankāri
୨ । ଡଙ୍କାରି (ଦେଖ)—2. Dankāri (See).

ଟଙ୍କାଶାଳ—ଦେ. ବି. (ସଂ. ଟଙ୍କଶାଳା)—ଟଙ୍କଶାଳା (ଦେଖ)
Tankā-śāla Tanka-śālā (See)

ଟଙ୍କାଶାଳା—ଦେ. ବି. (ସଂ. ଟଙ୍କଶାଳା)—ଟଙ୍କଶାଳା (ଦେଖ)
Tankā-śālā Tanka-śālā (See)
টাকশালা **टकशाल**

ଟଙ୍କା ସୁନା—ଦେ. ବି. (ସହଚର ଶବ୍ଦ)—ଟଙ୍କା ଟୋକର (ଦେଖ)
Tankā sunā Tankā tokara (See)

ଟଙ୍କି—ଦେ. ବି. (ସଂ. ଟଙ୍କା)—୧ । ଲାଖରାଜ ଭୂମି ନିମନ୍ତେ ଲାଖରାଜଦାରମାନେ ସରକାରଙ୍କୁ ଦେବା ନିରୂପିତ ସାମାନ୍ୟ ରାଜକର—1. Nominal or quit-rent paid by holders of revenue-free grants.
Tanki
[ଦ୍ର—ଓଡ଼ିଶାର ରାଜାମାନେ ବ୍ରାହ୍ମଣଶାସନମାନ ବସାଇ ବ୍ରାହ୍ମଣମାନଙ୍କୁ ଯେଉଁ ଭୂ-ବୃତ୍ତି ଦାନ କରିଥିଲେ ତାହା ଉପରେ ନାମମାତ୍ର କର ଧାର୍ଯ୍ୟ କରିଥିଲେ (ଯଥା—ଏକ ବାଟିକୁ ଟଙ୍କାଏ ଲେଖାଏଁ) ଓ ଉକ୍ତ ଜମିମାନଙ୍କର ଟଙ୍କି ଖଜଣା ଚିରକାଳ ସକାଶେ ଅପରିବର୍ତ୍ତନୀୟ ହୋଇ ରହିବ ବୋଲି ଗ୍ରହୀତାମାନଙ୍କୁ ସନନ୍ଦ ମିଳିଥିଲା । ଇଂରାଜ ସରକାର ଓଡ଼ିଶା ରାଜସ୍ୱ ବନ୍ଦୋବସ୍ତବେଳେ ସନନ୍ଦମାନ ପରୀକ୍ଷା କରି ଉକ୍ତ ସନନ୍ଦମାନ ଅନୁମୋଦନ କରିଅଛନ୍ତି ।]

୧	ଇ	ଉ	ଋ,ଋ	ଋ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇମ୍ପ୍	ଉଅ	ଢ଼
୨	ଈ	ଊ	ୠ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ୟ	ଇଅ	ଢ଼	ନ

୨ । ଯେଉଁ ଲାଖରାଜ ବୃତ୍ତି ଉପରେ ଟଙ୍କି କର ଜର୍ଦ୍ଧାରିତ ଅଛି—2. Revenue-free holding held on quit-rent.

ବିଣ—୧ । ଯେଉଁ ଜମି ଜମନ୍ତେ ଟଙ୍କି ଖଜଣା ଦେୟ ଅଟେ 1. (land) Held on payment of a nominal rent.

୨ । ଯେଉଁ ରାଜସ୍ୱ ନାମମାତ୍ର ବା ଟଙ୍କିରୂପେ ଜର୍ଦ୍ଧାରିତ (ଯଥା—ଟଙ୍କି ଖଜଣା)—2. (sum) Paid in the shape of quit-rent; nominal (rent).

[ଦ୍ର—ଟଙ୍କି ଅନେକ ପ୍ରକାର ଅଛି; ଯଥା—ବାଟୀଟଙ୍କି, ବାହେଲ ଟଙ୍କି, ଟଙ୍କି ବାଯ୍ୟାପ୍ତି, ଦେବୋତ୍ତର ଟଙ୍କି, ବ୍ରହ୍ମୋତ୍ତର ଟଙ୍କି ଇତ୍ୟାଦି ।]

ଟଙ୍କିଆ—ଦେ. ବିଣ. (ସଂଖ୍ୟାବାଚକ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—
Ṭaṅkiā ଯାହାର ମୂଲ୍ୟ ବା ପରିମାଣ ଏତେ ଟଙ୍କା ଅଟେ—
টাকার Worth so many rupees.
রুপৈয়াকা (ଯଥା—ଦଶଟଙ୍କିଆ ନୋଟ, ପାଞ୍ଚଟଙ୍କିଆ ଜୋଡ଼, ଅଠ ଟଙ୍କିଆ ଗୁଡ଼ର ।)

ପ୍ରାଦେ. ବିଣ. (ଗନ୍ଧଜାତ)—ଖରାପ ଗନ୍ଧ ବା ବାସନାଯୁକ୍ତ (ବାସି ତୋରାଣି ବା ଭାତ)—
Stale and bad-smelling (food).
(ଯଥା—ଏ ଭାତ ଭାରି ଟଙ୍କିଆ ବାସୁଛି ।)

ଟଙ୍କିଆଣ—ଦେ. ବିଣ—ଯେଉଁ ଜମି ପାଇଁ ଟଙ୍କି ଖଜଣା ଦିଆଯାଏ—
Ṭaṅkiāṇa (land) Paying Ṭaṅki or quitrent.

ଟଙ୍କିକା—ସଂ. ବି. (ଟଙ୍କ+ସ୍ୱାର୍ଥେ. କ+ସ୍ତ୍ରୀ. ଆ)—ପଥର କାଟିବାର
Ṭaṅkikā ଟାଙ୍ଗିଆ—Hatchet for chipping stones.

ଟଙ୍କିକିଆ—ଦେ. ବିଣ—ଟଙ୍କାକିଆ (ଦେଖ)
Ṭaṅkikiā Ṭaṅkākiā (See)

ଟଙ୍କିଛାଡ଼ ପରୁଆନା—ଦେ. ବି—ଟଙ୍କି ବା ଖଜଣା ଛାଡ଼ ହେବାର
Ṭaṅki-chhāṛda paruānā ଆଦେଶପତ୍ର—An order
ଟଙ୍କି ଛାଡ଼ ପରୱାନା } ଅନ୍ୟରୂପ
ଟଙ୍କି ଛାଡ଼ ପରବାନା }
issued by a proper authority sanctioning the exemption of a land from payment of quit-rent.

ଟଙ୍କିଜମା—ଦେ. ବି—ଟଙ୍କି ବୃତ୍ତି ଉପରେ ଜର୍ଦ୍ଧାରିତ ଚିରସ୍ଥାୟୀ ନାମମାତ୍ର
Ṭaṅki-jamā ଖଜଣା—Quit-rent fixed in perpetuity on Ṭaṅki lands.

ଟଙ୍କିତ—ସଂ. ବିଣ. (ଟଙ୍କ୍ ଧାତୁ+କର୍ମ. ତ)—୧ । ଧ୍ୱନିତ—
Ṭaṅkita 1. Twanging; sounding; resounding.
୨ । ଉଲ୍ଲିଖିତ—2. Written; enunciated; defined; mentioned.
୩ । ବନ୍ଧା ହୋଇଥିବା; ବଦ୍ଧ—3. Bound.
୪ । ସିଲେଇ କରି ଯାଇଥିବା—4. Stitched.

ଟଙ୍କିଦାର(ର)—ଦେ. ବି—ଟଙ୍କି ଖଜଣା ଦିଆଯିବା ବୃତ୍ତିର ଅଧିକାରୀ—
Ṭaṅkidār(ra) Holder of a tenure paying quit-rent.
[ଦ୍ର—ଯେଉଁ ଲାଖରାଜଦାରମାନେ ପ୍ରଥମରୁ ଜର୍ଦ୍ଧାରିତ ନାମମାତ୍ର ରାଜସ୍ୱ (ଟଙ୍କି) **ଆଜି** ପର୍ଯ୍ୟନ୍ତ ଦେଇ ଆସୁଅଛନ୍ତି ସେମାନଙ୍କୁ ବାହେଲ ଟଙ୍କିଦାର Confirmed Ṭaṅkidārs ଓ ଯେଉଁମାନଙ୍କର ସନନ୍ଦ ଆଦି ସନ୍ଦେହଜନକ ଥିବାରୁ ସେମାନଙ୍କର ଟଙ୍କି ଜମା ପରେ ସରକାର ବୃଦ୍ଧି କରିଅଛନ୍ତି ସେମାନଙ୍କୁ ବାଯ୍ୟାପ୍ତି ଟଙ୍କିଦାର Resumed Ṭaṅkidārs ବୋଲାଯାଏ ।]

ଟଙ୍କି ବାଯ୍ୟାପ୍ତି—ଦେ. ବି—ଯେଉଁ ଟଙ୍କି ଜମିର ସନନ୍ଦ ଦେଖି ଇଂରାଜ
Ṭaṅki bājyāpti ସରକାର ସନ୍ତୁଷ୍ଟ ନ ହୋଇ ସେ ଜମି ଉପରେ
(ଟଙ୍କି ବାଜିଆପ୍ତି—ଅନ୍ୟରୂପ) ଅଧିକା ଖଜଣା ବସାଇ ଅଛନ୍ତି—
Resumed Ṭaṅki lands.

ଟଙ୍କି ବାହେଲ୍—ଦେ. ବି—ଯେଉଁ ଟଙ୍କି ଜମିମାନଙ୍କ ସନନ୍ଦ ପରୀକ୍ଷା
Ṭaṅki bāhel କରି ସରକାର ବାହାଦୁର ତାହା ଅନୁମୋଦନ
ଟଙ୍କି ବାହଲ୍(ଲ) } ଅନ୍ୟରୂପ
ଟଙ୍କି ବାହେଲ }
କରିଅଛନ୍ତି—Confirmed Ṭaṅki tenures.
(ଯଥା—ଏହା ଦୁଇ ଶ୍ରେଣୀର—ଦେବୋତ୍ତର ଟଙ୍କି ବାହେଲ ଓ ବ୍ରହ୍ମୋତ୍ତର ଟଙ୍କି ବାହେଲ ।)

ଟଙ୍କିବାହେଲ ଫଏସଲା—ଦେ. ବି—ଯେଉଁ ଆଦେଶଦ୍ୱାରା ଟଙ୍କି ବୃତ୍ତି ସବୁ
Ṭaṅki-bāhel phaesalā ଇଂରାଜ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ଅନୁମୋଦିତ ହୋଇଅଛି—Judgment confirming Ṭaṅki tenures.

ଟଙ୍କିଳ—ସଂ. ବିଣ.(ଟଙ୍କ୍ ଧାତୁ+ଇଳ)—ପାହାଡ଼ିଆ; ଟାଙ୍ଗର (ପ୍ରଦେଶ)—
Ṭaṅkiḷa Hilly; stony; rocky; mountainous (tract).
ଦେ. ବିଣ—ଖଟାଳିଆ—Sour.

ଟଙ୍କୀ—ସଂ. ବି—ଶ୍ରୀରାଗର ରାଗିଣୀବିଶେଷ (ହି. ଶବ୍ଦସାଗର)—
Ṭaṅkī Name of a secondary musical air.

ଟଙ୍କୁରିତ—ଦେ. ବି—୧ । ରୋମାଞ୍ଚିତ—
Ṭaṅkurita With hairs standing on end.
୨ । ଟାଙ୍କୁର ଥିବା (ଲୋମ)—2. Bristling (hairs).

ଟଙ୍କୁରିବା—ଦେ. କ୍ରି—ଟାଙ୍କୁରିବା (ଦେଖ)
Ṭaṅkuribā Ṭāṅkuribā (See)

ଟଙ୍କେ—ଗ୍ରା. ବି—ଟଙ୍କାଏ; ଏକଟଙ୍କା ମାତ୍ର—
Ṭaṅke One rupee only.

ଟଙ୍କେଇତ—ଦେ. ବିଣ. ପୁଂ—ଧନଶାଳୀ—
Ṭaṅkeita Rich; owning a large cash.
টাকাওয়ালা **टकैत**
(ଟଙ୍କେଇତୀ – ସ୍ତ୍ରୀ)

ଟଙ୍ଗ—ସଂ. ବି. (ଟଙ୍କ୍ ଧାତୁ+କରଣ. ଅ)—
Ṭaṅga ୧ । ଟାଙ୍ଗିଆ—1. Hatchet.
୨ । ସୋହାଗା—2. Borax.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, ଲୁଅ ନ ମିଳିଲେ 'ଲୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ଥିଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

୩ । ଖଣତି—3. Hoe; spud.

୪ । ଜଙ୍ଘ; ଫଡ଼ିଆ—4. Thigh; part of the leg between the knee and buttock.

୫ । ୪ ମଷା ପରିମାଣ—
5. A standard of weight; 68 grains troy.

୬ । ଗୋଡ଼ର ପେଣ୍ଡା (ହ୍ନ. ଶବ୍ଦସାଗର)—
6. The calf of the leg.

ଦେ. ବିଣ. (ସଂ. ତୁଙ୍ଗ ଓ ଫା. ତଙ୍ଗ୍ = ଟାଣୁଆ, ସିଧା)—
ଟଙ୍ଗ ୧ । ସର୍ବୋଚ୍ଚ—1. Heighest.
ଟଙ୍ଗ (ଯଥା—ଟଙ୍ଗ ଡାଳରେ ଅମ୍ବ ଅଛି ।)

୨ । ଦୁଇ ପାଖ ଭୂମିରେ ଠିକ୍ ମତରେ ନ ଲାଗି ମଝିଟା ଉଚ୍ଚ ଥିବାରୁ ହଲଚଲ ହେଉଥିବା (ପଥର ଆଦି)—
2. Not securely set; bobbing (as an uneven stone when set on the ground); touching the ground in the middle but not at both ends.

୩ । ଟଙ୍ଗ; କ୍ରୋଧ ଦ୍ୱାରା ଯାହାର ଦେହ ଉଚ୍ଚ ବା ସିଧା ହୋଇଅଛି—3. With the body stiffened with anger.

୪ । ଉତ୍ଥିତ (ଲିଙ୍ଗ)—
4. Stiffened and erect (male organ).

୫ । ଦୃଢ଼—5. Stiff.

ଟଙ୍ଗଟଙ୍ଗ—ଦେ. ଅ. (ସଂ. ତଙ୍ଗ ଧାତୁ = କମ୍ପନ ବା ପଦସ୍ଖଳନ; Tanga-tanga ଯୋଗେଷ୍ଟନ୍)—୧ । ସାଧାରଣ ଭାବରେ ଗୋଡ଼
ଟଙ୍ଗସ୍ ଟଙ୍ଗସ୍ ଉଠାଇ ଦେହକୁ ସିଧା କରି ପଦ କ୍ଷେପ କରି
डग ଚାଲିବା ପ୍ରକାରେ (ଅନାସ୍ଥା ବା ଗର୍ବ ପ୍ରକାଶ କରି (ଟଙ୍ଗରଟଙ୍ଗର—ଅନ୍ୟରୂପ) ବା ଖାତିର ନକରି ଚାଲିଯିବା ପ୍ରକାରେ ।
1. In a striding or stalking manner; (indicating pride or unconcern).
(ଯଥା—ସେ ମୋ କଥା ନ ଶୁଣି ସେଠାରୁ ଟଙ୍ଗଟଙ୍ଗ ଚାଲିଗଲା ।)

୨ । ଜମିକୁ ଗହିରିଆ ଚାଷ ନ କରି ଉପରଠାଉରିଆ କରି ହଳ ବୁଲାଇବା ପ୍ରକାରେ—2. Superficially; not deeply (as in ploughing).

ବାଲୁକ ଚାଷ ହଳ ଟଙ୍ଗଟଙ୍ଗ ଉପରେ ଚାଷ । ତଗ ।

୩ । ପଥର ଓ କାଠ ଗଡ଼ ଇତ୍ୟାଦିର ଦୁଇ ପାଖ ଓ ମଧ୍ୟଭାଗ ଭୂମିରେ ସମାନ ହୋଇ ନ ବସିବାରୁ ମଝିଟା ଭୂମିରେ ଲାଗିଥାଇ ଏ ପାଖ ସେ ପାଖ ନ ଲାଗିବା ପ୍ରକାରେ—
3. Unevenly (set) (said of a stone or log).

୪ । ଟଂ ଟଂ (ଦେଖ)—4. Tam tam (See)

ଟଙ୍ଗ୍‌ଟାଙ୍ଗ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଟଂ ଟଂ ଶବ୍ଦ କରିବା
Tang-tang ପ୍ରକାରେ (ଯଥା—ଘଣ୍ଟ ବାଜିବା; ବେହେଲା ତାର ବାଜିବା)—1. Making a twang or chiming sound.

୨ । ଟଙ୍ଗଟଙ୍ଗ (ଦେଖ)—2. Tanga-tanga (See)

ଟଙ୍ଗଣ—ସଂ. ବି. (ଟଙ୍କ ଧାତୁ + କର୍ତ୍ତୃ. ଅନ)—
Tangana ୧ । ଟାଙ୍ଗଣ; ସୋହାଗା—1. Borax.
୨ । ଜଡ଼ା ହେବା; ସଂଲଗ୍ନ କରାଯିବା (ହ୍ନ. ଶବ୍ଦସାଗର)—
2. To be stuck to.

ଟଙ୍ଗଣ ମଙ୍ଗଣ ହେବା—ଦେ. କ୍ରି—୧ । ଏପାଖ ସେପାଖ ଯିବା ଆସିବା
Tangana mangana heba କରିବା—1. To come and টোটো করে বেড়ান go; to walk about.
टकरोते फिरना, ୨ । କିଛି କାର୍ଯ୍ୟ ନ ଥାଇ ଏ ପାଖରୁ ସେପାଖ
टक्कर खाना, डग मारना ବୁଲିବା ବୁଲିବା; ବୁଲିଯିବା ଓ ବୁଲି ଆସିବା-2. To take a walk up and down without having any particular object or aim; to loaf about; to wander aimlessly.

ଟଙ୍ଗ ମଙ୍ଗ ହେବା—ଦେ. କ୍ରି—ଟଙ୍ଗଣ ମଙ୍ଗଣ ହେବା (ଦେଖ)
Tanga manga heba Tangana mangana heba(See)

ଟଙ୍ଗା—ଦେ. ବି. (ସଂ. ଟଙ୍କ୍ ଧାତୁ = ବାନ୍ଧିବା; ତୁଳ. ସଂ. ତୁଙ୍ଗ = ଉଚ୍ଚ;
Tanga ସଂ. ଟଙ୍କଣ; ଟଙ୍ଗଣ = ଜଡ଼ା ହେବା; (ହ୍ନ. ଶବ୍ଦସାଗର)—
টাঙ্গা ୧ । ବାନ୍ଧି କରି ଝୁଲାଇବା; ଲଟକାଇବା—
टाँगना 1. Hanging; suspending a thing.
୨ । ଲିଆରୁ ଧାନ ବାହାର କରିବା ସକାଶେ ବାଉଁଶ କାଟିରେ ତିଆରି ହୋଇଥିବା ଏକପ୍ରକାର ଚୋକେଇ; ଖଇଝଡ଼ା-
খইচালা 2. A kind of wicker-work seive for
झरना sifting chaff from fried paddy.

ବିଣ—ଝୁଲା ହୋଇଥିବା; ଝୁଲୁଥିବା—
Hung; suspended; hanging.

ଟଙ୍ଗା ରହି କେତେ ତନ ପ୍ରାକୃତର ଦ୍ରବ୍ୟ ସାମଗ୍ରିକ ରୂପି
ଚନ୍ଦ୍ରାମଣି • ଚନ୍ଦ୍ରମାଦତ୍ୟ ।

ପ୍ରାଦେ. (ସମ୍ବଲପୁର) ବି. (ତୁଳ. ଇର୍ଦ୍ଦୁ ଟାଙ୍ଗା)—ଦୁଇ ଚକିଆ ଅବରଣଯୁକ୍ତ ଘୋଡ଼ା ଗାଡ଼ି (ଏଥିରେ ଗୋଟିଏ ଘୋଡ଼ା ଲାଗେ)—Dog-cart; two-wheeled horse-cart with a hood.

ପ୍ରାଦେ. (କୁଜଙ୍ଗ) ବି—ଧରା ଯାଉଥିବା ମାଛ ରଖିବାର ଖାଲୋଇ-
A basket used by fisherman for keeping fish while fishing.

ଟଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଟାଙ୍ଗିବା କ୍ରିୟାର ଣିଜନ୍ତ ରୂପ—
Tanga(nge)iba The causative form of tangiba.
টাঙ্গান ୧ । ଲଟକାଇବା, ଟାଙ୍ଗିବା; ଝୁଲାଇବା—
टंगवाना 1. To hang or suspend a thing.

ଽ	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଲ୍ୟ	ଡ଼ଅ	ଢ
ʼ	ī,	ū	ri	li	e	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଖ୍ୟ	ଇଅ	ଡ଼	ଢ଼

୨ । ଦଉଡ଼ି ଦ୍ୱାରା ବାନ୍ଧି ଓହୋଳାଇବା—
2. To have a thing suspended by means of a string.
୩ । ଟଙ୍ଗାଇବା; (ଲିଙ୍ଗ) ଉଦ୍‌ବୁଦ୍ଧ ହେବା—
3. (the penis) To become stiff and erect.

ଟଙ୍ଗାଟଙ୍ଗି—ଦେ. ବି.—ନାନା ପଦାର୍ଥ ଟାଙ୍ଗିବା କର୍ମ—
Taṅgāṭaṅgi Act of hanging many articles.
टांगा टांगी **टाँगा टागी**

ଟଙ୍ଗା ମାରିବା—ପ୍ରାଦେ. (ଗଞ୍ଜାମ) କ୍ରି.—ଘଣ୍ଟା ମାରିବା; ଘଣ୍ଟା ବଜାଇବା—
Taṅgā māribā To ring the bell.

ଟଙ୍ଗା ଯିବା—ଦେ. କ୍ରି.—ଟାଙ୍ଗିବା କ୍ରିୟାର କର୍ମବାଚ୍ୟରୂପ—
Taṅgā jibā Passive voice of Ṭāṅgibā.
টাঁগাহওয়া **टँगना**
(ଟଙ୍ଗା ହେବା—ଅନ୍ୟରୂପ)

ଟଙ୍ଗାରି—ସ. ବି. (ଟଙ୍ଗ+ଅରି)—ସାନ କୁରାଢ଼ି; ଟାଙ୍ଗିଆ—
Taṅgāri Small axe.
ଦେ. ବି.—ଅନୁଗୁଳର ପର୍ବତବିଶେଷ—
Name of a mountain of Angul in Orissa.
[ଦ୍ର—ଏହାର ଉଚ୍ଚତା ୧୯୫୨ ଫୁଟ ।]

ଟଙ୍ଗିବା—ଦେ. କ୍ରି. (ସ. ଭୁଙ୍ଗ ବା ପା. ଭଙ୍ଗ; ସ. ଟଙ୍ଗଣ)—
Taṅgibā ୧ । ପଥରର ଦୁଇ ପ୍ରାନ୍ତ ଓ ମଧ୍ୟଭାଗ ଭୂମିରେ ସମତଳ
हिलना ଭାବରେ ନ ଲାଗିବାରୁ ତାହାର ମଝିଟା ଭୂଇଁରେ ଲାଗିଥିବା
ବେଳେ ଦୁଇପାଖ ଭୂମିରେ ଠିକ୍ ହୋଇ ନ ଜମିବା; ଛିପି-
ଛିପେଇବା; ଟଙ୍ଗଟଙ୍ଗ ହେବା—1. To bob; not to sit stiff or firm on the ground (said of a stone not properly set on the ground and becoming unsteady like a sea-saw when pressure is put on one end of it).
উঠা ୨ । (ଲିଙ୍ଗ) ଉଦ୍‌ବୁଦ୍ଧ ହେବା; ଟଙ୍ଗେଇବା—
खड़ाहोना 2. To become rigid and erect (said of a male organ when excited).

ଟଟ୍‌ଟଟ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଅବ୍ୟକ୍ତ 'ଟଟ୍' (ଜିଭ ଓ ତାଳୁଦ୍ୱାରା
Ṭat-ṭat ଉତ୍ପନ୍ନ) ଶବ୍ଦ; ପଶୁଆଦିଙ୍କୁ ଚାଳନା କରିବା ନିମନ୍ତେ ପାଟିରେ
টট্‌টট্ ଉଚ୍ଚାରିତ ହେବା ଠାକସ୍ୱ—The sound 'Ṭat' made
तत तत् by the tongue taken back to the palate while driving cattle.

ଟଟନୀ—ଦେ. ବି. (ଟଟ୍ ଟଟ୍ ଶବ୍ଦ କରୁଥିବାରୁ, ତୁଳ. ବ. ଟିକ୍‌ଟିକୀ)—ଝିଟିପିଟି—House-lizard.
Ṭattani

ଟଟ୍ଟରୀ—ସ. ବି.—୧ । ଢାଇଁ ଢାଇଁ; ଢୋଲର ଶବ୍ଦ (ହି. ଶବ୍ଦସାଗର)—
Ṭattari 1. The sound of drum-beating.
୨ । ବାଲିଙ୍ଗି; ବାଗାଡ଼ମ୍ବର (ହି. ଶବ୍ଦସାଗର)—
2. Boast; bombast.
୩ । ଥଟ୍ଟା (ହି. ଶବ୍ଦସାଗର)—3. Joke.

ଟଟ୍ଟି—ଦେ. ବି. (ସ. ତଟୀ=ନଦୀ ଆଦିର କୂଳ; ହି.ରୁ ଅନୁକୃତ)—
Ṭaṭṭi ମଳ ମୂତ୍ର ତ୍ୟାଗ କରିବା ନିମନ୍ତେ ତାଟି ବନ୍ଧା ବା ଘେରା
পায়খানা, টাট্টি ସ୍ଥାନ, ପାଇଖାନା—
टट्टी (ଟଟ୍ଟ—ଅନ୍ୟରୂପ) Latrine.

ଟଟ୍ଟି ଫେରିବା—ଦେ. କ୍ରି.—ଟଟ୍ଟି ଯିବା ୨ (ଦେଖ)
Ṭaṭṭi pheribā Ṭaṭṭi jibā 2 (See)
(ଟଟ୍ଟ ଫେରିବା—ଅନ୍ୟରୂପ)

ଟଟ୍ଟି ଯିବା—ଦେ. କ୍ରି.—୧ । ମଳ ତ୍ୟାଗ କରିବା ପାଇଁ ପାଇଖାନାକୁ
Ṭaṭṭi jibā ଯିବା—1. To go to the privy to ease
পাটে যাওয়া oneself.
टट्टी जाना ୨ । ଝାଡ଼ା ଫେରିବା—
(ଟଟ୍ଟ ଯିବା—ଅନ୍ୟରୂପ) 2. To ease one's self.

ଟଟ୍ଟୁ—ଦେ. ବି. (ହି.ରୁ ଅନୁକୃତ) ଦୃଢ଼କାୟ, ସହିଷ୍ଣୁ, ଏବଂ ଛୋଟ ଘୋଡ଼ା;
Ṭaṭṭu ଟଟ୍ଟୁ; ଅନାଦରପାଳିତ ଛୋଟ ଘୋଡ଼ା; ଦଳଶିଆ ଘୋଡ଼ା
টাট্টু A tat; a pony; a nag.
टट्टू (ଟଟ୍ଟୁ—ଅନ୍ୟରୂପ)

ଟଟ୍ଟର—ସ. ବି.—ଭେରୀର ଶବ୍ଦ—(ହି. ଶବ୍ଦସାଗର)—
Ṭaṭṭara The sound of a bugle.

ଟଣ୍‌କିନି—ଦେ. କ୍ରି. ବିଣ.—(ଧ୍ୱନ୍ୟନୁକରଣ)—୧ । ଟଣ୍ ଟଣ୍ ଶବ୍ଦ
Ṭaṇ-kini କରି—1. Making a tinkling sound.
টন্ করে (ଯଥା—ଘଣ୍ଟା ଟଣ୍‌କିନି ବାଜିଲା ।)
टनटन ୨ । ତୀବ୍ର ବେଦନା ବା ବଥା କରି—
2. Giving acute pain.
ଟଣ୍ କରି, ଟଣ୍‌କିନା, ଟଣ୍ କରି, ଟଣକିନ୍—ଅନ୍ୟରୂପ
୩ । ହଠାତ୍—3. Suddenly.
(ଯଥା—ସୂତା ଖଣ୍ଡ ଟଣ୍‌କିନି ଛିଣ୍ଡିଗଲା ।)

ଟଣ୍‌ଟଣ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଘଣ୍ଟି ବାଜିବାର ଶବ୍ଦ—
Ṭaṇ-ṭaṇ 1. Chiming sound of a bell or gong or
টন্‌টন্ clock.
टनटन [ଦ୍ର—ଟଣ୍ଣୁ ଟଣ୍ଣୁ ଠାରୁ ଟଣ୍ ଟଣ୍ ଉଚ୍ଚତର ଶବ୍ଦ ।]
୨ । ଶରୀରରେ ଧମ୍ ଧମ୍ ବା ଧକ୍ ଧକ୍ ବେଦନା ଅନୁଭୂତ—
2. Throbbing bodily pain.
୩ । ବଥ ପାଚି ଫାଟି ଯିବା ପୂର୍ବରୁ ପୂଜ ଜମାହେବା ହେତୁ
ଅନୁଭୂତ ତୀବ୍ର ବେଦନା; ଟକ ଟକ—3. Acute pain felt before a boil bursts; twitching or aching sensation; acute throbbing sensation.
୪ । କାନବିନ୍ଧିବାର ତୀବ୍ର ବେଦନା—
4. Acute pang of the ear-ache.
୫ । ଠି ଠି; ପୂର୍ଣ୍ଣ ମାତ୍ରାରେ—5. Fully; to the fill.

ସାଧାରଣ ଲୋକେ ଅପରୂ ପୃଷ୍ଠାରେ ହସନ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତର ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ହୋଇ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ବୃଥ' ନ ମିଳିଲେ 'ବୃଥା' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟଣକ—ଦେ. ବି. (ସଂ. ତନ ଧାତୁ; ସଂ. ଟଙ୍କ ଧାତୁ)—୧ । ବ୍ୟଥାପ୍ରଦ ବଥ; ବ୍ରଣ—1. Painful boil.
Ṭaṇaka
টন্‌ক — ଚଡ଼୍ ଉପରେ ଟଣକର ଘା । ପ୍ରବଚନ ।
टनक — ୨ । ହାତ ଅଙ୍ଗୁଠିର ଗଣ୍ଠିଦ୍ୱାରା ଶରୀରର ହାଡ଼ୁଆ ସ୍ଥାନରେ କରାଯିବା; ଆଘାତ; ଠଣା—2. A rap with the knuckles on a bony part of the body.

ଦେ. ବିଣ—ଟାଣ—Hard.

ଟଣକପଣ—ଦେ. ବି—ଟାଣପଣ; ମନର ଦମ୍; ସହିଷ୍ଣୁତା—
Ṭaṇaka-paṇa — Strength of mind; fortitude.

ଟଣକା—ଦେ. ବି. (ତନ୍ ଧାତୁର ଣିଜନ୍ତ ତାନ ଧାତୁ=ଆକର୍ଷଣ କରିବା; ବିସ୍ତାରିତ କରିବା)—୧ । ଯେଉଁ ଦଉଡ଼ି ଦୁଇ ଗୋଟି ପଦାର୍ଥକୁ ବା ଏକ ପଦାର୍ଥର (ଯଥା—ଶଗଡ଼ର ଚାଳିର) ଦୁଇ ବିପରୀତ ଅଂଶକୁ ପରସ୍ପର ଆଡ଼କୁ ଟାଣି ଧରି ରଖେ—1. A string which is tied to the two ends of a thing or to two things to bring them towards each other.
Ṭaṇakā
টনকা
डोरी
টনটানানি — ୨ । ଶରୀରରେ ଅନୁଭୂତ ବିନ୍ଧା—
टहक — 2. Aching pain.

(ଯଥା—କାନ ଟଣକା ।)

ଟଣକିବା—ଦେ. କ୍ରି. (ସଂ. ତନ ଧାତୁ)—(କାନ) ବିନ୍ଧିବା—
Ṭaṇakibā — To ache (said of the ear.)
টনটন করা — टनटन करना

ଟଣା—ଦେ. ବି. (ସଂ. ତନ ଧାତୁ)—୧ । ଟାଣିବା—
Ṭaṇā — 1. Drawing out; extending; pulling.
টানা — ୨ । ତନ୍ତରେ ଲୁଗା ବୁଣିବା ପାଇଁ ଲମ୍ବ ବାଗର ସୂତା
ताब — ଦେବା; ଟାଣି—2. Laying the warp in the loom.

[ଦ୍ର—ତନ୍ତରେ ଚଉଡ଼ାବାଗର ସୂତା ଦେବାକୁ ବୁଣା ବା ଭରଣି ବୋଲାଯାଏ ।]

୩ । (ଶରୀରର) ବେଦନା—3. Aching pain; throbbing pain; pang.

(ଯଥା—କାନଟଣା, ପେଟଟଣା ।)

ବିଣ—ବିସ୍ତାରିତ ହୋଇଥିବା—Drawn; extended; pulled.

ଟଣା(ଣେ)ଇବା—ଦେ. କ୍ରି. (ସଂ. ତନ ଧାତୁ ଣିଚ୍ ତାନ ଧାତୁ)—
Ṭaṇā(ṇe)ibā — ଟାଣିବାର ଣିଜନ୍ତ ରୂପ—
টানান — The causative form of 'ṭāṇibā'; to cause to draw.
तनाना; टनाना

ଟଣାଓଟରା—ଦେ. ବି—୧ । ପରସ୍ପର ଓଟରା ଓଟରି ବା ଝିଙ୍କାଝିଙ୍କି—
Ṭaṇā-oṭarā — 1. Mutual pulling or straining.
টানাটানি — ୨ । ବିଶେଷ ଭାବରେ ଟାଣିବା ବା ଝିଙ୍କିବା—
खींचतान — 2. Pushing or shoving; straining.

ଟଣାଝିଙ୍କା
ଟଣାଟଣି } ଅନ୍ୟରୂପ — ୩ । ଏକ ବସ୍ତୁକୁ ଏକ ସମୟରେ ବିପରୀତ ଦିଗରୁ ଝିଙ୍କିବା—
3. Pulling a thing simultaneously from opposite directions.

୪ । (ସମୟ ବା ଧନର) ଅଭାବ; ନଅଣ୍ଟ—
4. Want; deficiency; falling short.

ଟଣା ପଙ୍ଖା—ଦେ. ବି—ଯେଉଁ ପଙ୍ଖା ଛାତରୁ ଝୁଲା ହୋଇ ତହିଁରେ ଦଉଡ଼ି ଲାଗି ହାତଦ୍ୱାରା ଟଣା ଯାଇ ପବନ କରାଯାଏ—Ceiling-fan.
Ṭaṇā paṅkhā
টানাপাখা

ଟଣା ଯିବା—ଦେ. କ୍ରି—ଟାଣିବା କ୍ରିୟାର କର୍ମବାଚ୍ୟ ରୂପ—
Ṭaṇā jibā — The passive voice of Ṭāṇibā.
টানা যাওআ — ସୁରଭି ସୁଷମ ବଦଥ କୁସୁମମୟ ତନ୍ଦ୍ରାଭସ ଟଣାଯିବ ।
ताना जाना — କବିସୂର୍ଯ୍ୟ• ସଙ୍ଗୀତ ।

(ଟଣା ହେବା—ଅନ୍ୟରୂପ)

ଟଣ୍ଟା—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟା (ଦେଖ)
Ṭaṇṭā — Taṇṭā (See)

ଟଣ୍ଟି—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟି (ଦେଖ)
Ṭaṇṭi — Taṇṭi (See)

ଟଣ୍ଟିଆ—ପ୍ରାଦେ. (ସମ୍ବଲପୁର) ବି—ତଣ୍ଟିଆ (ଦେଖ)
Ṭaṇṭiā — Taṇṭiā (See)

ଟଣ୍ଡେଇ—ପ୍ରାଦେ. (ସମ୍ବଲପୁର) ବି—ଡାହାଣୀ—
Ṭaṇḍai — Witch.

ଟନ୍—ବୈଦେ. ବି. (ଇଂ. ଟନ୍)—ବାଲେଶ୍ୱରୀ ଓଜନରେ ୨୭½ ମହଣ; ୨୦ ହନ୍ଦର—Ton (weight); 20 hundred-weight; about 27½ standard maunds.
Ṭan
টন
टन

ଟନିକ୍—ବୈଦେ. ବି. (ଇଂ)—ଆରୋଗ୍ୟୋନ୍ମୁଖ ରୋଗୀ ବା ଦୁର୍ବଳ ବ୍ୟକ୍ତିର ବ୍ୟବହାର୍ଯ୍ୟ ବଳକାରକ ଔଷଧବିଶେଷ—
Ṭanik — Tonic (medicine).
টনিক
टनिक

ଟନେଲ୍—ବୈଦେ. ବି. (ଇଂ. ଟନେଲ୍)—ପର୍ବତାଦିର ଗର୍ଭରେ ବା ଭୂଗର୍ଭରେ ସୁଡ଼ଙ୍ଗ ଖୋଳାଯାଇ କରାଯିବା ବାଟ—Tunnel.
Ṭanel

ଟପ୍—ବୈଦେ. ବି. (ଇଂ)—୧ । ଗାଡ଼ି ଓ ତାମ୍‌ଯାନ୍ ଆଦି ଉପରେ ଥିବା ଛତାକାର ଆବରଣ—1. Hood of a carriage or sedan-chair.
Ṭap
টপ
टप — ୨ । (ଇଂ. ଟାପ୍) ଜଳ ନିଷ୍କାସନ ପାଇଁ ଦେହର ଅଂଶ
টাপ टेप — ବିଶେଷ (ଯଥା, କୋଷ, ପେଟ)କୁ ଫୋଡ଼ିବା—
टेप — 2. Tapping.

ଟପ୍ କରିବା—ଦେ. କ୍ରି—ଏକଶିରା ବା ଜଳକୋଷ ବା ଜଳୋଦରୀ ରୋଗୀର ପେଟରୁ ଜଳୀୟ ଅଂଶ ନିଃସାରଣ କରିବା ନିମନ୍ତେ ଉକ୍ତ ଅଂଶ ଫୋଡ଼ିବା—
Ṭap karibā
টাপ করা
टेप करना — To tap a hydrocele or a dropsy.

୧	ଇ	ଉ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଚଯ୍	ଚ୍ଛଅ	ଛ
୨	ଈ	ଊ	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ	ନ

ଟପ୍‌ଟପ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଟପଟପ (ଦେଖ)
Tap-tap Tapatapa (See)

ଟପ୍‌ଟାପ୍—ଦେ. ଅ ଓ କ୍ରି. ବଣ—ଟପଟପ (ଦେଖ)
Tap-tap Tapatapa (See)

ଟପକ ନବିସ୍—ଦେ. ବ—୧ । ଚୁଗୁଲିଆ; ଯେଉଁ ଲୋକ ଲୋକଙ୍କର ଗୁପ୍ତ କଥାକୁ ଅନ୍ୟବ୍ୟକ୍ତିର କାନରେ ଗୋପନରେ କହିଦିଏ ବା ପ୍ରକାଶ କରେ—
Tapaka nabis
ଟପକନବିସି } ବଣ
ଟପକନବିସିଆ }
(ଟପକନବସି—ଅନ୍ୟରୂପ)
টপক নবিস
1. One who reports secretly; a secret reporter; a backbiter; informer.

୨ । ଯେଉଁ ଲୋକ ସାମାନ୍ୟରେ କୌଣସି କାର୍ଯ୍ୟକୁ ସାରିଦିଏ ଓ ମଝିରେ ଅନେକ ବିଷୟ ବା ଅଙ୍ଗ ଛାଡ଼ିଯାଏ—
2. A person who does any work in a slipshod manner.

ଟପକ ନବିସି—ଦେ. ବ—ଟପକ ନବିସ୍ (ଦେଖ)
Tapaka nabisi Tapaka nabis (See)
টপকনবীসী ଦେ. ବ—ଟପକନବିସ୍‌ର କର୍ମ—
The act of a backbiter.
ଦେ. ବଣ—ଟପକନବିସିର କୃତ (କର୍ମ)—Slipshod (act).

ଟପକ ବିସିଣି—ଦେ. ବ—ବଦରସିକ ବ୍ୟକ୍ତି—
Tapaka bisini An ill-mannered gallant.

ଟପକା(କେ)ଇବା—ଦେ. କ୍ରି—୧ । ଟପକିବା କ୍ରିୟାର ଣିଜନ୍ତରୂପ—
Tapakā(ke)ibā 1. The causative of Tapakibā.
টপকান ୨ । ଟପାଇବା (ଦେଖ)
টপকানো 2. Tapaibā (See)

ଟପକିବା—ଦେ. କ୍ରି. (ସଂ. ତପ ଧାତୁ=କ୍ଷରଣ; ଅଥବା ଟପଟପ ଧ୍ୱନ୍ୟନୁକରଣ)—୧ । କୌଣସି ଜଳପୂର୍ଣ୍ଣ ପାତ୍ରରୁ ବା କୋଠାର ଛାତରୁ ଛିଦ୍ର ବାଟେ ଠୋପା ଠୋପା ହୋଇ ଜଳ ପଡ଼ିବା—To drip; to ooze or fall drop by drop (said of water from a leaking vessel or roof).
Tapakibā
টপকা
টপকানো

୨ । କୌଣସି ଉଚ୍ଚ ସ୍ଥାନକୁ ଡେଇଁ କରି ଯିବା—
2. To leap or jump over a high place.

ଟପଟପ—ଦେ. ଅ. (ଧ୍ୱନ୍ୟନୁକରଣ) (ସଂ. ତପ ଧାତୁ=କ୍ଷରଣ; ସଂ. ଅଟୋପ)—
Tapatapa
টপটপ ୧ । ବଡ଼ ବଡ଼ ଠୋପାରେ ବର୍ଷା ହେବା—
টপাটপ; টিপটিপ 1. Pattering of rain.
୨ । ଆଖିରୁ ବଡ଼ ବଡ଼ ଠୋପାରେ ବହୁତ ଲୁହ ବୋହିବା—
2. Weeping profusely; shedding profuse tears.

ଟପଟପ ଧାର ବରଷୁ ଅଛ ଯେ ଭୋ କରୁନ ଗଞ୍ଜସାଟ—
ବଇସର୍ଯ୍ୟ- ସଙ୍ଗୀତ ।

୩ । କୌଣସି ପଦାର୍ଥକୁ ମୁନିଆଁ ପଦାର୍ଥରେ ଫୁଟାଇବା—
3. Thursting a pointed thing into a soft thing.

ହୃଦ୍ରା ବେଦନା କୁଅ ନ ଜାଣେ
ଟପଟପ କରି ଠେଙ୍ଗାରେ ହାଣେ—ଚଳ ।

୪ । ପରର ମନକୁ ବାଧିଲା ପରି କଷ୍ଟର ବଚନ କହିବା—
4. Speaking out harshly or sharply; in a pain spoken manner.

ଟପଟପ କଥା କେତେ ସହିବ—ଅଭିମନ୍ୟୁ, ବଡଗ୍ରନ୍ଥାବଳୀ ।

(ଟପର ଟପର—ଅନ୍ୟରୂପ) କ୍ରି. ବଣ—ତୀକ୍ଷ୍ଣଭାବରେ (ମୁନିଆଁ ଜିନିଷର ମୁନ ନରମ ପଦାର୍ଥରେ ଭୁଷିବା)—Sharply.
(ଯଥା—ଭୁଷ୍ଟୁଟାକୁ ବହିରେ ଟପଟପ ଫୋଡ଼ି ଦେଉଛି ।)

ଟପନବିସ୍—ଦେ. ବଣ—ଟପକ ନବିସ୍ (ଦେଖ)
Tapanabis Tapaka nabis (See)
(ଟପନବସି—ଅନ୍ୟରୂପ)

ଟପ ଯନ୍ତ୍ର—ଦେ. ବ· (ଇଂ. ଟାପ୍ ଓ ସଂ. ଯନ୍ତ୍ର)—ଅଶ୍ରକୋଷ ଅନ୍ଦରୁ ଜଳ ବାହାର କରିବା ପାଇଁ ବ୍ୟବହୃତ ଡାକ୍ତରଙ୍କ ମୁନିଆଁ ଶଳାକାବିଶେଷ—Tapping instrument.
Tapa jantra
টপযন্ত্র
टपजन्तर

ଟପର ଟପର—ଦେ. ଅ. (ଧ୍ୱନ୍ୟନୁକରଣ)—
Tapara tapara ୧ । ବଡ଼ ବଡ଼ ଠୋପାରେ ମେଘ ବରଷିବା
টপটপ ଶବ୍ଦ—1. Pattering sound of rain.
टपाटप ମେଘ ବରଷିଲା ଟପର ଟପର ମୋ ଦୁଆରେ କିଏ ରେ ?—ନୈସର୍ଗିକ ।

[ଦ୍ର—ଏହାଠାରୁ ଶ୍ରେଷ୍ଠ ବର୍ଷାକୁ ଝୁପୁରୁ ଝୁପୁରୁ, ତାଠାରୁ କ୍ଷୀଣତର ବର୍ଷାକୁ ଟିପିଟିପି, ତହୁଁ କ୍ଷୀଣରେ ବର୍ଷାକୁ ଲିପିଲିପି ଓ ତହୁଁ କ୍ଷୀଣରେ ବର୍ଷାକୁ ଲୁଣ୍ଡାଝଡ଼ା କହନ୍ତି ।]

ଟପା—ଦେ. ବ. (ସଂ. ଲମ୍ଫ)—୧ । ସରଳ ତାଳଯୁକ୍ତ ଗୀତବିଶେଷ—
Tapā 1. A solo; a short light air in music; a short merry song.
টপ্পা
टप्पा (ଟପ୍ପା—ଅନ୍ୟରୂପ)
ডাক ୨ । (ଭୁଲ. ଦ୍ରାବିଡ଼—ଟପାଲ) ଚିଠି ନେବାର ଡାକ;
डाक ପୋଷ୍ଟ—2. Post.

ଟପା ଥିବା ଗ୍ରାମ ଅବନ ଗୋଟିଏ ସେଠେ ସମାଗ୍ରମ ଗୋପେ—
କବିସୂର୍ଯ୍ୟ, କଳୋଶ୍ୱରମ୍ଭ, ଟ-ଗୀତ ।

୩ । ଟପିବା; ଡେଇଁବା—3. Leaping; jumping.
୪ । ଯେଉଁ ଲୋକ ଡାକଥଳି ବହେ—
4. Post-man; postal runner.

ବାଟୋଇର ଭବ ଦେଖି ନାଇବ ମଧ ଛୋଟ ଅଭିଜ୍ଞ ଗୃହୁଁ କହିଲ
ଓହୋ ଟପାଟା ହାରୁଡର ସେ—ଫକୀରମୋହନ, ଛମାଣ ଆଠଗୁଣ୍ଠ ।

টাঙ্গা ୫ । ତାଗା ସିଲାଇ, ବସ୍ତ୍ରଦ୍ୱୟ ବ୍ୟବଧାନରେ ଗୋଟାଏ
टप्पा ଲେଖାଏ ଟାଙ୍କା ଦେଇ କରାଯିବା ସିଲେଇ; ତାଗା—
5. Long stitch.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କୋ' କୁ ପାଇଲେ 'ଅଙ୍କା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ପ୍ରାଦେ. ୧ । (ଗଞ୍ଜାମ) ବି—ଯାନାଦିର ଡାକ—1. Relay of horses for travelling a long distance.

୨ । (ଗଡ଼ଜାତ) ବି—ଗଡ଼ଜାତରେ ରାଜ୍ୟ ମଧ୍ୟ ଦେଇ ଏକ ଗ୍ରାମରୁ ଗ୍ରାମାନ୍ତର- ବାଟେ ଦୂର ଦେଶକୁ ପତ୍ରାଦି ବୁହା ଯିବାର ବନ୍ଦୋବସ୍ତ—2. An arrangement of taking letters from village to villege.

୩ । (ସମ୍ବଲପୁର) ବି—ବ୍ୟଙ୍ଗୋକ୍ତିଦ୍ୱାରା କୌଣସି ବ୍ୟକ୍ତିକୁ ଚିଡ଼ାଇବା—3. Teasing a person by innuendoes.

ଟପା(ପେ)ଇବା—ଦେ. କ୍ରି—୧ । ଟପିବା କ୍ରିୟାର ଣିଜନ୍ତରୂପ—
Ṭapā(pe)ibā 1. The causative form of Ṭapibā.
टपान ୨ । ଟପି ଯିବାର ଉପାୟ କରିବା; ଡିଆଁଇବା—
टपवाना; टपकाना 2. To cause to leap or jump over.
୩ । ଅତିକ୍ରମ କରାଇବା—
3. To cause to exceed or to outrun.
(ଯଥା—ପଛର ଅଶ୍ୱାରୋହୀ ଆଗରେ ଯାଉଥିବା ଘୋଡ଼ାକୁ ଟପାଇ ଆପଣା ଘୋଡ଼ାକୁ ଝପଟେଇ ନେଇ ଚାଲିଗଲା ।)

ଟପାଟପ୍—ଦେ. କ୍ରି. ବିଣ—୧ । ଅବିରାମ; ଗୋଟା ଗୋଟା କରି ଏକା-
Ṭapā-ṭap ଥରକେ—1. In quick succession; without stopping.
टपाठप
टपाटप

> ମୂନ ଭୁଷି ପାଇଲେ ଟପାଟପ ପାକୁରେ ଭୁଲାଇ ଦେଇ—
> ଗୋପବନ୍ଧୁ ଦାସ, ପିଲଙ୍କ ରାମାୟଣ ।

୨ । ଟପଟପ ଶବ୍ଦରେ—2. With a continuous pattering sound (as of rain).
(ଯଥା—ବର୍ଷା ଟପାଟପ୍ ଚାଲିଛି ।)

ଟପାନବିସ୍—ଦେ. ବିଣ—ଟପକ ନବିସ୍ (ଦେଖ)
Ṭapānabis Ṭapaka nabis (See)
(ଟପାନବିସି—ଅନ୍ୟରୂପ)

ଟପାନବିସିଆ—ଦେ. ବିଣ—ଟପକ ନବିସି (ଦେଖ)
Ṭapānabisiā Ṭapaka nabisi (See)

ଟପାବାଲା—ପ୍ରାଦେ. (ଗଞ୍ଜାମ) ବି—ଡାକବାଲା; ଡାକପିଅନ—
Ṭapā-bālā Postman.

ଟପାଳ—ଦେ. ବି—ଟପାଳିଆ (ଦେଖ)
Ṭapāḷa Ṭapāḷiā (See)

ଟପାଳିଆ—ଦେ. ବିଣ—ପଛଭରୁଆ (ଶଗଡ଼); ଭାରର—
Ṭapāḷiā (a cart) Which is lightly loaded on
(ଝୁଲା, ନଉଡ଼ି—ବ୍ୟବହାର) the front side and heavier on the back side.

ଟପିବା—ଦେ. କ୍ରି. (ସଂ. ପତ୍ ଧାତୁ—ଗତି କରିବା; ପତ୍ ଧାତୁ ବ୍ୟବହାରରେ ଟପ୍ ହୋଇଅଛି; କିମ୍ବା ସଂ. ଲମ୍ଫ ଧାତୁ)—
Ṭapibā ୧ । ଲମ୍ଫ ପ୍ରଦାନ କରି ଡେଇଁ ଯିବା—
टपकना
टपना 1. To jump or leap over.

୨ । ଅତିକ୍ରମ କରିବା—2. To exceed; to pass over.

> ଅସ୍ତବନ୍ଧୀ ଶୃଙ୍ଗ ଟପି ଉଚ୍ଚେଥିବ ଯାହିଁ ଯାହା ହିମଗିରି ଶିଖର ।
> ନନ୍ଦକିଶୋର, କୃଷ୍ଣକୁମାରୀ ।

୨ । ବଳି ପଡ଼ିବା—2. To excel.
(ଯଥା—ପାଠରେ ସେ ସମସ୍ତଙ୍କୁ ଟପି ଯାଏ ।)

ଟପୁଡ଼ିଆଁ—ଦେ. ବିଣ—୧ । କୌଣସି କାର୍ଯ୍ୟକୁ ଏଠୁଁ ସେଠୁଁ କରିବା;
Ṭapu-ḍiāñ ଉଅଠଅ କରି କରାଯିବା (କର୍ମ)—
1. Done in a slovenly manner.
(ଯଥା—ତାର ଯେତେକ କାମ ସବୁ ଟପୁଡ଼ିଆଁ ।)
୨ । ଅବଡ଼ା ଖାବଡ଼ା—2. Rough; uneven.
୩ । ଟପୁଡିଆଁ (ଦେଖ)—Ṭapu-ḍiāñ (See)

ଟବ୍—ବୈଦେ. ବି. (ଇଂ)—କାଠଅ; କୁଣ୍ଡ—
Ṭab Tub.
टब् ଦେ. ଅ. (ଧ୍ୱନ୍ୟନୁକରଣ)—
टब् କୌଣସି ଭାରି ବସ୍ତୁର ପାଣିରେ ପଡ଼ି ବୁଡ଼ିଯିବାର ଶବ୍ଦ-
टुब **छप** The thumping sound of a heavy thing falling and sinking in water.

> ଟବ୍ ପରି ରସେ ବୁଡ଼ିବ ସେନା । ଅଭିମନ୍ୟୁ, ବିଦଗ୍ଧଚିନ୍ତାମଣି ।

ଟବ୍ କରି—ଦେ. ଅ—(ପାଣିରେ କୌଣସି ପଦାର୍ଥ ଖସି ପଡ଼ି) ହଠାତ୍
Ṭab kari (ବୁଡ଼ିଯିବା ଶବ୍ଦ)—At once; with a splash
टुबबाल्टे (said of a heavy thing falling and
छपकर sinking in water.)
(ଟବ୍‌କିନା, ଟବ୍‌କିଲ, ଟବ୍‌କରି, ଟବ୍‌ଦିସ୍—ଅନ୍ୟରୂପ)

ଟବ୍‌ଟବ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଜଳ ଦ୍ୱାରା ଅର୍ଦ୍ଧାଧିକ ପୂର୍ଣ୍ଣ ପାତ୍ର
Ṭab-ṭab ତ ହଲିଲେ ଯେଉଁ ଶବ୍ଦ ହୁଏ—
टुब् टुब् Sound caused by shaking a vessel
छपछप more than half full of water.
(ଟବର ଟବର—ଅନ୍ୟରୂପ) (ଯଥା—ପଇଡ଼ଟାରେ ପାଣି ଟବ୍‌ଟବ୍ ହଉଛି ।)
[ଦ୍ର—ଟବ୍‌ଟବ୍ ଠାରୁ ଟୁବ୍ ଟୁବ୍ କ୍ଷୁଦ୍ରତର ଶବ୍ଦ ।]

ଟବ୍‌ଟାବ୍—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭabṭāb ଜଳରେ କଉ ଆଦି ମାଛ ଉପରକୁ କ୍ଷଣେ ଉଠି
टुब टाब् ପୁଣି ବୁଡ଼ିଯିବାର ଶବ୍ଦ—Sound of small fishes
छपछप (as anabas) while coming up to the surface of water and immediately dipping into it.

ଟଭର—ଦେ. ବି. (ଜାହାଜିଆ ଶବ୍ଦ; ଇଂ ଟପ୍‌ସେଲ୍)—
Ṭabhara ଜାହାଜର ମାସ୍ତୁଲର ଅଗ ପାଖରେ ବନ୍ଧାହେବା ପାଲ—
Top sail.

> ଡୋଲ ଉପରେ ସବର, ଗଭର, ଟଭର—ପଛକୁ କଲମି ଡୋଲି ଅବ ବରଗାମାନ ଟେକ ଦେଇ ଶେଜ ଗୁଡ଼ାଇ ଠିକ କରି ରଖି ଦେଇଛନ୍ତି ।
> ଫକୀରମୋହନ, ଗଳ୍ପସ୍ୱଳ୍ପ ।

୧	ଇ	ଉ	ର୍,ଋ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଙ
୨	ଈ	ଊ	ରୁ	ଲୁ	ଏ୍ୟ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍

ଟଭା—ଦେ. ବି. (ସଂ. ମାତୁଲଙ୍ଗ; ବୀଜପୂର)—
Ṭabhā ଈଷତ୍ ଅମ୍ଳ ଅତି ସୁଗନ୍ଧ ଏକ ଜାତୀୟ ବଡ଼ ଲେମ୍ବୁ—
टाबानेबु Citron.
बिजौरा

ଟଭାରି—ଦେ. ବି—ବନ୍ୟ ବୃକ୍ଷବିଶେଷ—
Ṭabhāri Mallotus Pettata; a wild tree.
[ଦ୍ର—ଏହି ବୃକ୍ଷ ସିଂହଭୂମ, ମୟୂରଭଞ୍ଜ, ପୁରୀ ଓ ଅନୁଗୁଳରେ ଜନ୍ମେ । Haines.]

ଟମ୍‌ଟମ୍—ବୈଦେ. ବି. (ଇଂ. ଟାନ୍‌ଡେମ୍=ଆଗ ପଛ ହୋଇ ଦୁଇଟା ଘୋଡ଼ା ଲାଗିଥିବା ଗାଡ଼ି)—
Ṭam-ṭam ଏକ ଘୋଡ଼ା ଯୋଚି ଚଳାଇବା ବଗି ଗାଡ଼ି; ଦୁଇ-
टमटम ଚକିଆ ବଗି ଗାଡ଼ି—A dog cart.
टमटम

ଟମକ—ଦେ. ବି. (ସଂ. ଟୁନ୍ୟନ୍ତୁକରଣ)—୧ । ନାଗରା; ଢେଣ୍ଡୁରା—
Ṭamaka 1. Drum; tom tom.
टमटमी ଟମକ ଯେ ବାଜେ ତୁଙ୍ଗ ବଜାରେ ।
टमकी ବଳଦସୁନ୍ଦ. ସଙ୍ଗୀତ ।
୨ । ନାଗରା ଦ୍ୱାରା ଘୋଷଣା—2. Proclamation; publication by beat of drum.

ଟମକ ନିଶାଣ—ଦେ ବି. (ସହଚର ଶବ୍ଦ)—ଟମକ ଓ ନିଶାଣ; ସାନ ଓ ବଡ଼ ନାଗରା—
Ṭamaka nisāṇa Drums big and small.
ବଜା ମାଡ଼େ ବାଜି ଯିବ ଟମକ ନିଶାଣ । ପ୍ରାଚୀ. ବୃନ୍ଦାବନଭୂଷଣ ଗୀତା ।

ଟମକ ବାଜିବା—ଦେ. ବି—କୌଣସି ବିଷୟ ସର୍ବତ୍ର ଉଦ୍‌ଘୋଷିତ ହେବା—
Ṭamaka bājibā Wide publication of a matter
ଟମକର ବାଜଇ ଜଗତ ଯାକେ ତୁ କି ନ ଜାଣୁ କପଟ ।
ବଳଦସୁନ୍ଦ, ସଙ୍ଗୀତ ।

ଟମକିଆ—ଦେ. ବି—ଢେଣ୍ଡୁରା ଦେବା ଲୋକ; ନାଗରଚୀ—
Ṭamakiā Drummer.
ସେ ଉଗସ୍ତ ନାୟକ ଶୁଣି ବାହାରଲେ
ଟମକିଆମାନଙ୍କ ଅଗରେ କହୁସ । କୃଷ୍ଣସିଂହ. ମହାଭାରତ. ବନ ।

ଟମଟମା—ଦେ. ବି. (ସଂ. ତୁଳ. ଇଂ. ଟମ୍‌ଟମ୍; ଟମଟମ୍ ଶବ୍ଦ କରୁଥିବାରୁ)—ଢେଣ୍ଡୁରା; ନାଗରା—
Ṭamaṭamā Tomtom; drum.
टमटम
टमकी

ଟମରସ—ପ୍ରାଦେ. (ବାମଣ୍ଡା) ବି—ପିଜୁଳି; ଜାମ୍ବୁଳିଆ—
Ṭamarasa Guava.

ଟମାଟମ୍—ଦେ. ବିଣ—ଟୁମାଟୁମ୍ (ଦେଖ)
Ṭamāṭam Ṭumāṭum (See)

ଟର ଆମ୍ବିଲ୍—ପ୍ରାଦେ. (ସମ୍ବଲପୁର) ବି—ଖୁବ୍ ଆମ୍ବିଲା; ଭାରି ଖଟା—
Ṭar āmbil Very sour.

ଟରଟର—ପ୍ରାଦେ. (ସମ୍ବଲପୁର) କ୍ରି. ବିଣ—
Ṭar ṭar ୧ । ବଲ୍ଲା ହୋଇ ଚାହିଁ ରହିବା ପ୍ରକାରେ; ବଲବଲ—
1. Staringly; looking on foolishly.
୨ । ସମ୍ପୂର୍ଣ୍ଣରୂପେ—2. Fully; deeply (black).
(ଯଥା—କଳିଯା ଟରଟର=ଚିପଟ୍ଟ କଳା; ଘୋରକୃଷ୍ଣ ।)
ହଶୁ ଆଇସି କଳିଯା ଟର୍‌ଟର୍
ପିଙ୍ଗି ଆଇସି ହଳ୍‌ଦିଆ ଟର୍‌ଟର୍ । ସମ୍ବଲପୁରୀ. ଗୀତ ।

ଟରର—ଦେ. ବିଣ. (ସଂ. ଟଲ୍ ଧାତୁ)—୧ । ନିଶାରେ ଅଜ୍ଞାନ ବା
Ṭar-r ଅସ୍ଥିର; ଟଳଟଳଯୁମାନ; ଚୂର—
टर 1. Reeling with intoxication.
टरा ୨ । ଅତ୍ୟନ୍ତ ରାଗାନ୍ଧ; କ୍ରୋଧାନ୍ଧ—
2. Maddened or blinded with rage.

ଟରକା(କେ)ଇବା—ଦେ. କ୍ରି—ଟରକିବା କ୍ରିୟାର ଣିଜନ୍ତରୂପ—
Ṭaraka(ke)ibā Causative of Ṭarakibā.
भागान ଆସନ୍ନ ବିପଦ ବିଷୟରେ କୌଣସି ବ୍ୟକ୍ତି ବା ଜୀବକୁ ପୂର୍ବରୁ
टरकाना ସାବଧାନ କରି ଦେଇ ତାକୁ ସେ ସ୍ଥାନ ତ୍ୟାଗ କରିବାର ସୁବିଧା କରିଦେବା—To scare away a person or animal from a place by giving a hint of impending danger.

ଟରକିବା—ଦେ. କ୍ରି. (ସଂ. ଟଲ ଧାତୁ; ସଂ. ସତର୍କ)—
Ṭarakibā ତରକିବା; ଆସନ୍ନ ବିପଦ ବିଷୟରେ ପୂର୍ବରୁ ସତର୍କ-
भागा ହୋଇ କୌଣସି ସ୍ଥାନରୁ ଖସି ପଳାଇଯିବା—
टरकना To steal or flee away from a place after scenting danger betimes.

ଟରଣୀ—ବୈଦେ. ବି. (ଇଂ. ଅଟର୍ଣ୍ଣୀ)—ଟର୍ଣ୍ଣୀ (ଦେଖ)
Ṭaraṇi Ṭarṇṇi (See)
(ଟରଣୀ—ଅନ୍ୟରୂପ)

ଟର୍କ—ବୈଦେ. ବି. (ଇଂ)—ତୁର୍କ ଦେଶୀୟ ଲୋକ—
Ṭark Turk.
तुर्क तुर्क

ଟର୍କି—ବୈଦେ. ବି. (ଇଂ)—୧ । ତୁର୍କ—
Ṭarki 1. Turkey (country).
तुर्की तुरकी ୨ । ମୟୂର ଜାତୀୟ ବିଦେଶୀ କୁକ୍କୁଟ—
2. Turkey (bird).

ଟର୍ଚ୍—ବୈଦେ. ବି. (ଇଂ. ଟର୍ଚ୍=ମଶାଲ)—ଟର୍ଚ୍‌ଲାଇଟ୍ (ଦେଖ)
Ṭarch Ṭarch lāiṭ (See)

ଟର୍ଚ୍‌ଲାଇଟ୍—ବୈଦେ: ବି. (ଇଂ)—ମଶାଲ ଆକାରର ବେଶ୍ୱାଲାଗିଥିବା ବିଜୁଳିବତି—
Ṭarch-lāiṭ Electric torch-light.
टॉर्चलाइट टर्चलाइट

ଟର୍ଣ୍ଣୀ—ବୈଦେ. ବି. (ଇଂ. ଆଟର୍ଣ୍ଣୀ=ମୁକ୍ତାର)—
Ṭarṇṇi ଅର୍ଥଲୋଭରେ ମୁକ୍ତାର ଓକିଲଙ୍କ ନିକଟରେ ମକ୍କେଲ୍
टाउटर ଜୁଟାଇବା ଲୋକ—A tout, a procurer of
मकदमाका दालाल legal business for legal practitioners.
(ଟର୍ନୀ; ଟରଣୀ—ଅନ୍ୟରୂପ)

> ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ରୂପାନ୍ତ ୨ ବା ୧ ଚକ୍ଷିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୂ' ଦେଖିବେ; 'ଅର୍ଗଳ' ନ ପାଇଲେ 'ଅର୍ଗଳ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ।

ଟର୍ମ୍ — ବୈଦେ. ବି. (ଇଂ)—୧ । କଲେଜ, ସ୍କୁଲ ଓ କଚେରିମାନଙ୍କ
Tarm ବଡ଼ବଡ଼ ଛୁଟିମାନଙ୍କ ମଧ୍ୟରେ ବ୍ୟବଧାନ ଥିବା ସମୟ
টহরম (ଯହିଁରେ କି ପିଲାମାନେ କଲେଜରେ ରହି ପାଠ ପଢ଼ନ୍ତି)—
টर्म 1. Term in a college, school or court.
[ଦ୍ର—ଭାରତବର୍ଷରେ ଗ୍ରୀଷ୍ମଛୁଟିଠାରୁ ପୂଜା ଛୁଟି ପର୍ଯ୍ୟନ୍ତ ଗୋଟିଏ ଟର୍ମ୍; ପୂଜାଛୁଟିଠାରୁ ଗ୍ରୀଷ୍ମମସ୍ ଛୁଟି ପର୍ଯ୍ୟନ୍ତ ଗୋଟିଏ ଟର୍ମ୍ ।]
୨ । ଚୁକ୍ତିର ଶର୍ତ୍ତ—2. Term of an agreement.

ଟର୍ମିନାଲ୍ ଟାକ୍ସ—ବୈଦେ. ବି. (ଇଂ)—କଲିକତା ପ୍ରଭୃତି ବଡ଼
Tarminal tāks ବଡ଼ ସହର ଓ ତୀର୍ଥକୁ ଯାଉଥିବା ଯାତ୍ରୀଙ୍କ
টর্মীনাল্ টেক্স ଠାରୁ ରେଲ ଟିକଟ୍ ଉପରେ ରେଲ ମାସୁଲ
टर्मिनेल टीक्स ଛଡ଼ା ଆଦାୟ କରାଯିବା ଅଧିକା ଟାକ୍ସ—
Terminal tax.
[ଦ୍ର—ଏହି ଟାକ୍ସ ପ୍ରତ୍ୟେକ ଟିକଟ୍ କିଣିବା ଲୋକଠାରୁ ଦୁଇପଇସା ବା ଚାରିପଇସା ଲେଖାଏଁ ଆଦାୟ ହୁଏ ଓ ତାହା ଟିକଟର ମାସୁଲ ସଙ୍ଗେ ସାମିଲ ହୋଇ ଆଦାୟ କରାଯାଏ । ରେଲ କୋମ୍ପାନୀ ତାହା ଏକାଠେଇଁ କରି ଗଭର୍ଣ୍ଣମେଣ୍ଟଙ୍କୁ ଦିଅନ୍ତି । ଏତଦ୍ୱାରା ଗଭର୍ଣ୍ଣମେଣ୍ଟ ଉକ୍ତ ସ୍ଥାନର ସ୍ୱାସ୍ଥ୍ୟୋନ୍ନତିଜନକ କାର୍ଯ୍ୟର ବ୍ୟୟ ନିର୍ବାହ କରନ୍ତି ।]

ଟଲ୍ (ଧାତୁ)—ସଂ—ଚଳଚଳ ବା ବିକଳ ହେବା—
Tal (root) To totter; to reel.

ଟଳଟଳ—ଦେ. ବିଣ.—(ସଂ. ଟଲ୍ ଧାତୁ-ଦ୍ୱିରୁକ୍ତି)—୧ । ଉଦ୍‌ବିଗ୍ନ;
Ṭaḷaṭaḷa ଅସ୍ଥିର—1. Anxious; restless.
টলটল ବୋଇଲି ସେ ନାଥ ଭୁଞ୍ଜେ କି ପ୍ରତଜ୍ଞା କଲ,
डगमग କୃପା କରି କହ ମୋତେ ମନ ଟଳଟଳ । ତୁଳସୀଦାସ ରାମାୟଣ ।
୨ । ଦୋହଲୁ ଥିବା—2. Waving.
୩ । ଟଳୁଥିବା; ଚଳଚଳ ହେଉଥିବା—
3. Tottering; staggering.
ସେ ଜଳେ ନ ପାରସ ରହି ଉପରେ ଟଳ ଟଳ ହୋଇ ।
ଯଶୋବନ୍ତ. ପ୍ରେମଭକ୍ତି ଗୀତା ।
୪ । ଯାହାର ମୂଳ ଭୂମିରେ ସ୍ଥିର ହୋଇ ବସି ନ ଥାଏ—
4. Unstable.
ଟଳଟଳ ହେବ ମେରୁ ଭୂଧର ।
ଅଭିମନ୍ୟୁ. ବିଦଗ୍ଧ ଚିନ୍ତାମଣି ।
କ୍ରି. ବିଣ.—୧ । ଦୋହଲୁ ଥିବା ପ୍ରକାରେ; ଚଳଚଳ ହେଉଥିବା ପ୍ରକାରେ—1. Staggeringty; totteringty; reeling.
୨ । ଅସ୍ଥିର ଭାବରେ—
2. Unsteadily; unstably.
୩ । ଆସନ୍ନ ପତନର ଭୟ ଜନାଉ ଥିବା ପ୍ରକାରେ—
3. Threatening to fall down.
ଟଳେଣି ହସ୍ତିନା-ହର୍ମ୍ମ୍ୟସବୁ ଟଳଟଳେ ।
ରାଧାନାଥ. ଦେଖିଦ୍ୱାର ।

ଟଳଟଳାୟମାନ—ସଂ. ବିଣ. ପୁଂ.—୧ । ଟଳୁଥିବା—
Ṭaḷaṭaḷāyamāna 1. Tottering; reeling.
(ଟଳଟଳାୟମାନା—ସ୍ତ୍ରୀ) ୨ । କମ୍ପମାନ—
2 Shaking; wavering.
୩ । ଅସ୍ଥିର—3. Restless.

ଟଳଟଳିଆ—ଦେ. ବିଣ. ଓ କ୍ରି. ବିଣ.—ଟଳଟଳ (ଦେଖ)
Ṭaḷaṭaḷiā Ṭaḷaṭaḷa (See)
টলটলিআ ଟଳଟଳିଆ ଏ ବନ୍ଧ ଅଟଇ । ଗ୍ରାମୀ, ପରବେ ଗୀତା ।

ଟଳମଟଳ—ଦେ. ବିଣ. ଓ କ୍ରି. ବିଣ.—ଟଳଟଳ (ଦେଖ)
Ṭaḷamaṭaḷa Ṭaḷaṭaḷa (See)
ଟଳମ୍‌ଟଳ
ଟଳମଟଳା } —ଅନ୍ୟରୂପ
ଟଳମ୍‌ଟଳା
ବାହାର ହେଲେ ବାନର ଦଳ,
କୁର୍ମ ହେଲା ଟଳମଟଳ
ରଘୁନାଥ. ରଘୁନାଥରାମାୟଣ ।

ଟଳମଳ—ଦେ. ବିଣ. ଓ କ୍ରି. ବିଣ.—ଟଳ ଟଳ (ଦେଖ)
Ṭaḷamaḷa Ṭaḷaṭaḷa (See)
ଅ.—୧ । ଟହ ଟହ (ଦେଖ)—1. Ṭaha ṭaha (See)
୨ । ଆଗ ପାଖ ଉପରକୁ ଉଠିଲା ବେଳେ ପଛ ପାଖ ତଳକୁ ଯାଉଥିବା ଓ ତଳ ପାଖ ଉପରକୁ ଉଠିଲା ବେଳେ ଆଗ ପାଖ ତଳକୁ ଯାଉଥିବା; ଡିଗିଡିଗିଆ—2. Bobbing.

ଟଳା(ଳେ)ଇବା—ଦେ. କ୍ରି. (ସଂ. ଟଲ ଧାତୁ)—୧ । (ଟଳିବା କ୍ରିୟାର
Ṭaḷā(ḷe)ibā ଣିଜନ୍ତ ରୂପ)—ଟାଳିବା (ଦେଖ)
টালান 1. The causative form of ṭaḷibā;
टलाना Ṭāḷibā (See)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।]

ଟଳାଟଳି କରିବା—ଦେ. କ୍ରି.—ଟାଳଟୁଳ ବା ଭଣ୍ଡାଭଣ୍ଡି କରିବା;
Ṭaḷāṭaḷi karibā ଦମ୍‌ଦିଲାସା ଦେଇ ସମୟକୁ ଅତିକ୍ରାନ୍ତ କରିବା
টালটুল করা, টালটোল করা To cause a fixed time-
टलाटलि करना limit to expire by various excuses.

ଟଳି ପଡ଼ିବା—ଦେ. କ୍ରି.—(ସଂ. ଟଲ ଧାତୁ)—୧ । ଟଳି ଟଳି ତଳେ
Ṭaḷi paṛibā ପଡ଼ିଯିବା—1. To fall to the ground
টলেপড়া reeling; to topple down.
टलजाना ୨ । (ଲକ୍ଷଣାର୍ଥ) ମରିବା—
(ଟଳିଯିବା—ଅନ୍ୟରୂପ) 2. (figurative) To die.
୩ । (ଲକ୍ଷଣାର୍ଥ)—ଲୁପ୍ତ ହେବା—
3. (figurative) To disappear.
ଟଳି ପଡ଼ୁଥାଏ ମୋର ବିବେଚନା—କବିସୂର୍ଯ୍ୟ. ସଙ୍ଗୀତ ।

ଟଳିବା—ଦେ. କ୍ରି. (ସଂ. ଟଲ ଧାତୁ)—୧ । (ମନ) ଚଞ୍ଚଳ ହେବା—
Ṭaḷibā 1. (the mind) To be moved; to be
টলা टलना agitated.
ନେତକାର ନମେଷ ମାତ୍ର ଅପାଙ୍ଗ ଦୃଷ୍ଟିରେ ତା ମନ ଟଳି ଗଲା ।
ଫକୀରମୋହନ. ଛମାଣଆଠଗୁଣ୍ଠ ।
୨ । ଖସିପଡ଼ିବା; ଗଡ଼ି ପଡ଼ିବା—
2. To fall down; to come down.
ମଥାରୁ କୁମୁଦ ବନ୍ଧୁ ଟଳିଗଲେ । କବିସୂର୍ଯ୍ୟ. ସଙ୍ଗୀତ ।

୧	ଈ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇଫ୍ଟ	ଞ୍ଚ	ଝ
୨	ଈ	ଊ	ରୁ	ଲୃ	ଘ୍ୟ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର **ବା ଚନ୍ଦ୍ରବିନ୍ଦୁଯୁକ୍ତ** ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଜ	ନ୍ଦ

୩ । (ପବନରେ) ଦୋହଲିବା—
3. To rock; to wave to and fro.

୪ । ଠିଆ ହୋଇ ନ ପାରି ଇତସ୍ତତଃ ଟଳିବା—
4. To stagger; to totter.

ପାଚିଲେ ଅମ୍ବ ପଣସ ଛାଡ଼ିଲେ ସଳଳ।
ଜଳଲ ଶରୀର ମୋ ଟଳିଲ କଳେବର । ପ୍ରାଚୀ, ରହସ୍ୟମଞ୍ଜରୀ ।

୫ । (ପ୍ରତିଜ୍ଞା; କଥା) ଅନ୍ୟଥା ହେବା—
5. To be nullified; to be rendered

୬ । (ଉପାୟ) ନିଷ୍ଫଳ ହେବା—
6. To be frustrated.

୭ । (ନିର୍ଦ୍ଦିଷ୍ଟ ବେଳା) ଅତିକ୍ରାନ୍ତ ହେବା—
7. To expire; to pass by.

୮ । (ବଳ) **କମିବା—8. To become less; to diminish.**

୯ । (ଧୈର୍ଯ୍ୟ) ନାଶ ହେବା—9. To decline or vanish.

୧୦ । (ମନୁଷ୍ୟ ନିଦ୍ରାରେ) ଘାରି ହେବା; ଢଳିବା—
10. To reel; to dose.

୧୧ । (ମନ) ସନ୍ଦେହରେ ଦୋଳାୟମାନ ହେବା—
11. (mind) To waver; to hesitate.

୧୨ । (ମନରୁ ବିବେକ; ଅନୁରାଗ) **ଲୁପ୍ତ ହେବା—**
12. To disappear.

ପ୍ରତାପ ଯେ ଜଳୁଥିବ, ବିବେକ ତ ଟଳୁଥିବ—କବିସୂର୍ଯ୍ୟ. ସଙ୍ଗୀତ ।

୧୩ । (ମନ) ତରଳି ଯିବା; (କୌଣସି ବିଷୟ ପ୍ରତି) ଆକୃଷ୍ଟ ହେବା—13. (mind) To be enamoured of.

୧୪ । (ଆଦେଶ) **ଉଲ୍ଲଙ୍ଘନ କରିବା**; ଅତିକ୍ରମ କରିବା—
14. To violate; to **transgress**; to go beyond.

ସ୍ୱାମୀ ଶ୍ୱଶୁରଙ୍କ କଥାରୁ ସେ ପଦେ ଟଳେ ନାହିଁ—
କୁନ୍ତଳାକୁମାରୀ. ଜୟନ୍ତୀ ।

୧୫ । ମୁଗ୍ଧ ହେବା—
15. To be captivated or charmed.

୧୬ । ବିଚଳିତ ହେବା; ମନର ସ୍ଥିରତା ହରାଇବା—
15. To lose one's balance of mind or mental equilibrium.

୧୭ । ସ୍ଥାନଚ୍ୟୁତ ହେବା; ସ୍ଖଳିତ ହେବା—
17. To be displaced; to budge.

୧୮ । (ଆଦେଶ) ଲଙ୍ଘିତ ହେବା; ଖଣ୍ଡିତ ହେବା; ଉଲ୍ଲଙ୍ଘିତ ହେବା—18. (order) To be violated or disobeyed.

ତୋ ଆଜ୍ଞା ଟଳିଲା କଦାଚ । ଭୂପତି. ପ୍ରେମପଞ୍ଚାମୃତ ।

୧୯ । (**ଲକ୍ଷଣାର୍ଥ**) ହାରିବା; ପରାଜିତ ହେବା—
19. (figurative) To be defeated.

୨୦ । (ଲକ୍ଷଣାର୍ଥ) ଅକୃତକାର୍ଯ୍ୟ ହେବା—
20. (figurative) To fail; not to succeed.

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଟଲେମି—ଦେ. ବି. (ନାମ)—ଆଲେକଜାଣ୍ଡ୍ରିୟାର ପ୍ରସିଦ୍ଧ ଗ୍ରୀକ୍
Ṭalemi — ଜ୍ୟୋତିଷୀ—Ptolemy.
ଟଲେମୀ [ଦ୍ର—ଏହାଙ୍କ ଗ୍ରନ୍ଥକୁ ମୂଳ କରି ସଂସ୍କୃତ ଜ୍ୟୋତିଷ
टलेमी ରୋମକସିଦ୍ଧାନ୍ତ ରଚିତ । ଅଶୋକଙ୍କ ଲିପିରେ ଏହାଙ୍କ ନାମ ତୁରମୟ ବୋଲି ଲେଖାଅଛି ।]

ଟସକର—ଗ୍ରା. (ପଦ୍ୟ) ବି. (ସଂ. ତସ୍କର)—ତସ୍କର ୧ (ଦେଖ)
Ṭasakara — Taskara 1 (See)

କଣ୍ଟୁଆଳ ତେ **ବଢ଼ିଗ, ଯେଉ** ଟସକର ବାଟେ ବୁଡ଼ା ପଡ଼ିଲ—
ପ୍ରାଚୀ ପ୍ରଭାପ, ଶକ୍ତିସେଣା ।

ଟସର (ଇତ୍ୟାଦି)—ତସର **ଇତ୍ୟାଦି (ଦେଖ)**
Ṭasara (etc) — **Tasara** etc (See)

ଟସର ମିଶାଇ ଦେଲେ **ନବ ଅବ ପସର ବସର ପାଃ**—
କବିସୂର୍ଯ୍ୟ. ସଙ୍ଗୀତ ।

ଟସ୍କର—ଦେ. **ବି. (ସଂ. ତସ୍କର)—ତସ୍କର ୧ (ଦେଖ)**
Ṭaskara — **Taskara 1 (See)**

ଟହକ—ଦେ. **ବିଣ.** (ସଂ. ଟଙ୍କ = ରକ୍ତବର୍ଣ୍ଣ)—
Ṭahaka ୧ । ସୁନ୍ଦର; ରମଣୀୟ; ମନୋହର—
1. Beautiful; graceful.

ଟହକହାସୀ **କଶୋରୀ** ମନ, ଟକ ଘଲ ରସେ ବୁଡ଼ିବ ଦେଲ—
ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୨ । ରକ୍ତବର୍ଣ୍ଣ—2. Red.

ଟହକ ଗଛର ମହକ ଫଳ, **ଉପରେ** କାହିଁକି ପଡ଼ିଲୁ ?—ଢଗ ।

(**ଆମ୍ବଗଛର ଫଳକୁ ଲକ୍ଷ୍ୟ କର ।**)

ଟହଟ—ଦେ. ଅ—ଟହଟହ (ଦେଖ)
Ṭahaṭa — Ṭahaṭaha (See)

ଟହଟହ—ଦେ. ଅ. (ସଂ. **ଅଟ୍ଟହାସ୍ୟ**)—ଉଚ୍ଚହାସ୍ୟ ଧ୍ୱନି—
Ṭahaṭaha — Loud laugh.

ହାସ ପ୍ରକାଶ କଲେ ଟହଟହ ହୋଇ—କୃଷ୍ଣସିଂହ. ମହାଭାରତ. ଆଦି ।

ଟୁକଟୁକ ଦେ. ବିଶେଷ ବିଣ—୧ । (ଏହି ଅର୍ଥରେ 'ରଙ୍ଗ ଟହଟହ'
टहटह ପ୍ରୟୋଗ ହୁଏ) ଅତ୍ୟନ୍ତ ଗାଢ଼ (ରକ୍ତ ବର୍ଣ୍ଣ)—
Deep (red).

୨ । ସମ୍ପୂର୍ଣ୍ଣରୂପେ (ପକ୍ୱ)—2. Fully (ripe).

ଟହବର—ଦେ. ବି—ଶିବିକା; ପାଲିଙ୍କି; ତାମଯାନ—
Ṭahabara — Palki; sedan chair.

ବଜେ ହେଲେ ଟହବରେ ମହାରଣ୍ଟ ଦେଶେ—ଚନ୍ଦ୍ରମଣି. ବଳମାଧବ ।

ଟହଲ—ଦେ. ବି. (ହିନ୍ଦିରୁ ଅନୁକୃତ; ସଂ. ଚଲ ଧାତୁ)—
Ṭahala ୧ । ପରିକ୍ରମା; ବୁଲାବୁଲି—
टहल 1. Wandering; walking up and down;
टहल roving; rambling, perambulation.

୨ । ସ୍ୱାସ୍ଥ୍ୟରକ୍ଷାର୍ଥେ ଭ୍ରମଣ—
2. Constitutional walk.

ସାଧାରଣ ଲୋକେ ଅପରିସ୍ପୃଷ୍ଟାରେ ଯୁକ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ ।

୩ । ଘୋଡ଼ାକୁ ସକାଳେ ସଇସର ଟହଲାଇବା—
3. The taking out of a horse for a morning walk or stroll.

୪ । ଚାକିରି—4. Service.

୫ । ଗୃହର ବା ଦେବ ମନ୍ଦିରର ବା ମଠର ନୀଚ କାର୍ଯ୍ୟ—
5. Menial household duties.

୬ । ସେବା; ଶୁଶ୍ରୂଷା—
6. Service of or attendance on a master.

ଟହଲ ଟାକର—ଦେ. ବି—୧ । ଗୃହର ଛୋଟ ବା ନୀଚ କର୍ମମାନ—
Ṭahala ṭākara 1. Petty or menial works of the household.
ଟହଲ ଟାକର, **टहलटकोर**
ଟହଲ ଠାକରି, ଟହଲ ଟୁକୁରି, ଟହଲ ଟୁକୁରି } ଅନ୍ୟରୂପ
୨ । ପ୍ରଭୁଙ୍କର ଡାକହାକ ଶୁଣିବା କର୍ମ—
2. Personal service and carrying out orders of the master; acts of an orderly.

୩ । ସେବା ଶୁଶ୍ରୂଷା—4. Acts of service of or attendance on a person.

ଟହଲଦାର—ଦେ. ବି—ଟହଲିଆ (ଦେଖ)
Ṭahaladār Ṭahaliā (See)

ଟହଲ ବଜା(ଜେ)ଇବା—ଦେ. କ୍ରି—ଆପଣା ଉପରେ ନ୍ୟସ୍ତ ଚାକିରିର କର୍ତ୍ତବ୍ୟ କର୍ମ ନିର୍ବାହ କରିବା—
Ṭahala baja(je)ibā
ଟହଲ ବାଜାନ To render one's fixed service.
टहल बजाना

ଟହଲ ମାରିବା—ଦେ. କ୍ରି (ବ୍ୟଙ୍ଗ)—ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତକୁ ବିନା କାର୍ଯ୍ୟରେ ବୁଲିବା—
Ṭahala māribā
To walk up and down aimlessly.

ଟହଲା(ଲେ)ଇବା—ଦେ. କ୍ରି—୧ । ଟହଲିବା କ୍ରିୟାର ଣିଜନ୍ତରୂପ—
Ṭahalā(le)ibā 1. The causative form of 'ṭahalibā'
ଟହଲାନ
टहलवाना
୨ । ଘୋଡ଼ା ଆଦିକୁ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ପ୍ରତିଦିନ ସକାଳୁ ବୁଲାଇନେବା; ଶ୍ରମ ଅପନୋଦନାର୍ଥ ଚଲାଇବା—
2. To take out for a walk; to walk up and down (a horse).

ଘୋଡ଼ା ଗୃହେଁ ଟହଲ ସେ ଫିଟାଇଣ ଦେଲେ
ଟହଲର ସାରଣ ଧରି ଛିଡ଼ା ହେଲେ—କୃଷ୍ଣସିଂ. ମହାଭାରତ. ବନ ।

୩ । ବୁଲାଇବା; ଚଲାଇବା—
3. To cause to move.

ଟହଲିଆ—ଦେ. ବି. ପୁଂ (ହିନ୍ଦୀ. ଟହଲୁଆ)—
Ṭahaliā ୧ । ସେବାକାରୀ; ଯେଉଁ ଚାକର ପ୍ରଭୁଙ୍କର ସେବା କରେ ବା ଆଦେଶ ବହନ କରେ—
ଟହଲିଆ
टहलुआ 1. Orderly servant; personal attendant.
(ଟହଲିଆଣୀ—ସ୍ତ୍ରୀ)

୨ । ପାଇକଥାଳ—2. Menial servant.

୩ । ଦେବାଳୟ ବା ମଠର ନୀଚଭୃତ୍ୟସେବାକାରୀ ବୈଷ୍ଣବ—
3. A mendicant who does the menial duties of a temple or math.

ଟହଲିବା—ଦେ. କ୍ରି (ସଂ. ଚଲ ଧାତୁ)—୧ । ପରିକ୍ରମା କରିବା; ଆଗକୁ ପଛକୁ ବୁଲାବୁଲି କରିବା; ଭ୍ରମଣ କରିବା—
Ṭahalibā
ଟହଲା 1. To walk up and down; to go backward and forward.
टहलना

୨ । ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ବୁଲିବା—
2. To take a constitutional walk.

୩ । ଧୀରେ ଧୀରେ ବୁଲିବା—
3. To move or walk slowly.

ଟହୁ—ଦେ. ବି—ଟଉ (ଦେଖ)
Ṭahu Ṭau (See).

ଟା—ଦେ (ଅବ୍ୟୟ)—୧ । (ଅନାଦରାର୍ଥ ପ୍ରତ୍ୟୟ; ଅନ୍ୟ ସଂଖ୍ୟାବାଚକ ଶବ୍ଦ ସଙ୍ଗେ ଯୋଗ ହେଲେ ସଂଖ୍ୟା ନିର୍ଦ୍ଦେଶ କରେ)—
Ṭā
टा (ଏଠେ) ଗୋଟା—
टा 1. (Particle affixed to a word to denote number) So many.
(ଟି—ଆଦରାର୍ଥକ)
(ଯଥା—ଦଶଟା ଲୋକ ଆସିଥିଲେ ।)

୨ । (ବସ୍ତୁ ନିର୍ଦ୍ଦେଶକ; ବକ୍ତାର ଦୃଢ଼ତାଦ୍ୟୋତକ ବ୍ୟବହାର)—ସେ; ତାହା; ଏହା—
2. (used in emphasis) That; this; it.
(ଯଥା—ଗୋରୁଟା ଫସଲ ଖାଇଗଲା ।)
[ଦ୍ର—ଏହିପରି ସ୍ଥଳରେ ଆଦରାର୍ଥରେ ଟି ପ୍ରତ୍ୟୟ ହୁଏ ।]

୩ । (ଏଠେ) ଘଣ୍ଟା ବାଜିବା ସମୟ—
3. O'clock.
(ଯଥା—୫ଟା ବେଳ ହେଲାଣି ।)

ଟାଆଁଶ—ଦେ. ବଣ (ଭୁଲ. ସଂ. କର୍କଶ)—
Ṭā-ānsa ଟାଆଁଶା (ଦେଖ)—
Ṭā-ānsā (See).

ଟାଆଁଶା—ଦେ. ବଣ (ଭୁଲ. ସଂ. କର୍କଶ)—
Ṭā-ānsā ୧ । କର୍କଶ; କରଡ଼ା (ଲୋମ ବା କେଶ)—
କଡ଼ା 1. Rough; tough; bristling; wiry (said of hair).
कड़ा

୨ । ଟାଣୁଆ; ନିଷ୍ଠୁର (କଥା)—
2. Rough; harsh or cruel (words).

୩ । ଦୃଢ଼—3. Firm

୪ । କଠିନ—4. Hard.

୫ । ଅବାଧତାପୂର୍ଣ୍ଣ (କଥା)—
5. Impudent (words); impertinent.

୬ । କରଡ଼ା; ଚେମଡ଼ା—6. Tenacious.

୧	ଋ	ଊ	ର,ର	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ସ୍ୱରାକ୍ଷର	ସ	ଜ	ଶ,ଷ	ଜ୍ଞ	ଇପ୍	ଓଅ	ଯ
୨	ଋ	ଊ	ରୁ	ଲ୍	ସ୍ୱେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍

ଟାଇ—ବୈଦେ. ବି. (ଇଂ. ଟାଇ=ବନ୍ଧନୀ)—
Ṭāi ୧ । ଦୁଇ ଜଣ ପରୀକ୍ଷାର୍ଥୀଙ୍କର ପରୀକ୍ଷାରେ ସମାନ ନମ୍ବର
टाई ରହିବା ଅବସ୍ଥା—
টাই 1. A tie between two examinees.
୨ । ଦୁଇ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କର ଖେଳରେ ସମାନ ଫଳ ପାଇବା ଅବସ୍ଥା—
2. A tie between two players in a game.
[ଦ୍ର—ଏ ଦୁଇଜଣଙ୍କୁ ଉଚ୍ଚତର ଓ ନିମ୍ନତର ନ କରି ଦୁଇଜଣଙ୍କ ନାମ ଲେଖି ଗୋଟିଏ ବ୍ରାକେଟ୍ ବା ବନ୍ଧନୀ ଦିଆଯାଏ ।]

ଟାଇଆ—ଦେ. ବି—ଟାହିଆ (ଦେଖ)
Ṭaiā Ṭāhiā (See)

ଟାଇଁ କରି—ଦେ. କ୍ରି. ବିଣ. (ସ. ଟଙ୍କାର)—
Ṭāiṅ kari ୧ । ଟାଇଁ ଟାଇଁ ଶବ୍ଦ କରି—
ठन् करे 1. With a hard sound like that of a metal striking a metal.
ঠনাক
ଟାଇଁ କିନା; ଟାଇଁକରି } ଅନ୍ୟରୂପ ୨ । ଶୀଘ୍ର କରି; ହଠାତ୍—
ଟାଇଁ ଦିଏ; ଟାଇଁ ଧିଏ 2. All on a sudden.

ଟାଇଁଟାଇଁ—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭāiṅ-ṭāiṅ ୧ । କଠିନ ବା ଧାତୁମୟ ପଦାର୍ଥରେ କୌଣସି
ठनठन କଠିନ ବସ୍ତୁ ବାଡ଼େଇବାର ଧ୍ୱନି—
ঠনঠন 1. Metallic hard sound; sound of striking a metal with another hard substance.
[ଦ୍ର—ଘଣ୍ଟା ବାଡ଼େଇବାର; କମାର ହାତୁଡ଼ିରେ ଲୁହା ବାଡ଼େଇବାର; ଶୁଖିଲା ଟେଳାଟାଏ ଫମ୍ପା ହାଣ୍ଡିରେ ଜୋରରେ ବାଜିବାର ଶବ୍ଦକୁ ଟାଇଁ ଟାଇଁ ଶବ୍ଦ କୁହାଯାଏ ।]
୨ । ତୀବ୍ର; ପ୍ରଚଣ୍ଡ; କଠୋରଭାବରେ—
2. Afflicting; giving pain; sharply.
(ଯଥା—ଖରାଟା ଟାଇଁ ଟାଇଁ ମାରୁଛି ।)
୩ । ଟାଇଁ ଟାଇଁ; କଚକଚିଆ; ଚଡ଼ଚଡ଼—3. Fretting.
ଏଇ ସବୁବେଳେ ଟାଇଁଟାଇଁ, ଗଳ୍ପା ପୁରୁଷ ଜନ ମାଇଁ—ଦଗ ।

ଟାଇଁଟାଇଁଆ—ଦେ. ବିଣ—୧ । ପ୍ରଚଣ୍ଡ ବା ତୀବ୍ର (ରୌଦ୍ର)—
Ṭāiṅ-ṭāiṅā 1. Blasting; very hot (rays of the sun).
(ଯଥା—ଆଜି ଭାରି ଟାଇଁଟାଇଁଆ ଖରା ହୋଇଛି ।)
୨ । ନିର୍ଜ୍ଜନ (ପଡ଼ିଆ)—
2. Lonely (field).
୩ । ବୃକ୍ଷଲତାଶୂନ୍ୟ ବା ଛାୟାଶୂନ୍ୟ (ସ୍ଥାନ)—
3. Open (tract of country); devoid of a shade to protect a wayfarer from the heat of the sun.
(ଯଥା—ଟାଇଁଟାଇଁଆ ଗହିର ବିଲ ।)

୪ । ଯାହା ଦୃଢ଼ ପଦାର୍ଥଦ୍ୱାରା ଆହତ ହେଲେ ଟାଇଁ ଟାଇଁ ଶବ୍ଦ କରେ—
4 Producing a metallic clang when struck with a hard substance.

ଟାଇଟ୍—ବୈଦେ. ବିଣ. (ଇଂ)—ଦୃଢ଼; କଷି ହୋଇଥିବା—
Ṭāiṭ Tight.

ଟାଇଟଲ୍—ବୈଦେ. ବି. (ଇଂ. ଟାଇଟଲ୍)—ଲୋକଙ୍କୁ ଦିଆ ଯିବା
Ṭāiṭal ଉପାଧି—Title given to a person.
टाईटल टाइटल
(ଟାଇଟ୍‌ଲ—ଅନ୍ୟରୂପ)

ଟାଇଟଲ୍ ପରୀକ୍ଷା—ଦେ. ବି—୧ । ଯେଉଁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା
Ṭāiṭal parikshā ପରେ କର୍ତ୍ତୃପକ୍ଷଙ୍କଠାରୁ ଉପାଧି ପାଏ—
टाईटल परीक्षा Title-examination.
টাইটল পরীক্ষা ୨ । ସଂସ୍କୃତ ଟୋଲରୁ ଉତ୍ତୀର୍ଣ୍ଣ ହୋଇ କାବ୍ୟତୀର୍ଥ, ସାଂଖ୍ୟତୀର୍ଥ, ବେଦାନ୍ତତୀର୍ଥ ଆଦି ଉପାଧି ଯେଉଁ ପରୀକ୍ଷାରେ ମିଳେ—
2. Title-examination of Sanscit schools.

ଟାଇଟଲ୍ ପେଜ୍—ବୈଦେ. ବି. (ଇଂ)—ପୁସ୍ତକର ନାମ ଲେଖା ଥିବା
Ṭāiṭal pej ପୃଷ୍ଠା; ଉପର ପୃଷ୍ଠା—
टाईटेल पेज Title-page of a book.
টাইটল পেজ

ଟାଇନ୍—ଗ୍ରା. ବୈଦେ. ବି. (ଇଂ. ଟାଇମ୍)—୧ । ଟାଇମ୍ (ଦେଖ)
Ṭāin 1. Ṭāim (See)
टाईन টাইন ୨ । ସମୟର ନିୟମ ରକ୍ଷା—
(ଟାଇନ—ଅନ୍ୟରୂପ) 2. Punctuality.
୩ । ସୁବ୍ୟବସ୍ଥା—3. Good arrangement; method.

ଟାଇଟେଲ୍ (ଇତ୍ୟାଦି)—ଗ୍ରା. ବୈଦେ. ବି. (ଇଂ)—
Ṭāiṭel (etc) ଟାଇଟଲ ଇତ୍ୟାଦି (ଦେଖ)—Ṭāiṭal etc (See)

ଟାଇପ୍—ବୈଦେ. ବି. (ଇଂ)—୧ । ଛାପିବାରେ ଛଳା ହୋଇ ଥିବା
Ṭāip ସୀସାରେ ତିଆରି ଛାପିବାର ଅକ୍ଷର—
टाईप 1. Type cast in mould for printing.
টাইপ
୨ । ଛାପା ଅକ୍ଷରର ପ୍ରକାର—
2. Type; kind or class of printed letter.
[ଦ୍ର—ଛାପା ଅକ୍ଷରର ଆକାରପ୍ରକାରଭେଦରେ ଟାଇପର ଭିନ୍ନ ଭିନ୍ନ ନାମ ଅଛି—
ଯଥା—ଗ୍ରେଟ୍ ପ୍ରାଇମର୍, ଇଙ୍ଗ୍ଲିଶ୍ ବର୍ଜୀ, ପାଇକା, ସ୍ମଲ୍ ପାଇକା, ଲଙ୍ଗ୍ ପ୍ରାଇମର୍ ।]

ଟାଇପ୍ କପି—ବୈଦେ. ବି. (ଇଂ. ଟାଇପ୍‌ଡ୍ କପୀ)—ହାତଲେଖାର
Ṭāip kapi ଟାଇପ୍ କରାଯାଇଥିବା ନକଲ—
टाईपकापी Typed copy.
টাইপকপি

ସାଧାରଣ ଲୋକେ ଅପଭ୍ରଂଶରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଷ' ନ ମିଳିଲେ 'କୃଷ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ'ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟାଇପ୍ କରିବା—ଦେ. କ୍ରି.—(ଇଂ ଟାଇପ୍)— ଟାଇପ୍‌ରାଇଟର୍ ଯନ୍ତ୍ରରେ ଅକ୍ଷର ଛାପିବା—To type by the type-writer.
Ṭāip kariba
টাইপ করা **टाईप करना**

ଟାଇପ୍ କଲ— ଦେ. ବ.—ଟାଇପ୍‌-ରାଇଟର୍ (ଦେଖ)
Ṭāip kala Ṭāip rāiṭar (See)
টাইপ কল

ଟାଇପ ଫାଉଣ୍ଡ୍ରୀ— ବୈଦେ. ବ. (ଇଂ)—ଛାପାଖାନାପାଇଁ ଶୀଶାର ଅକ୍ଷର ଢଳା ହେବା କାରଖାନା—Type-foundry.
Ṭāip phāunḍrī
টাইপফাউণ্ড্রী; **टाइप फाउण्ड्री**

ଟାଇପ୍‌ରାଇଟର—ବୈଦେ. ବ. (ଇଂ)—ଟାଇପ୍ କରିବାର କଳ—Type-writer.
Ṭāip-rāiṭar
টাইপরাইটর **टाईपराईटर**

ଟାଇ ପିନ୍—ବୈଦେ. ବ (ଇଂ)—ପୁରୁଷମାନଙ୍କର କାମିଜରେ ଲଗିଥିବା ଏକପ୍ରକାର କଣ୍ଟା—Tie-pin.
Ṭāi pin
টাইপীন **टाईपीन**

ଟାଇପିଷ୍ଟ—ବୈଦେ. ବ. (ଇଂ)—ଟାଇପ୍ କଳ ଜାଣିଥିବା ଲୋକ—Typist.
Ṭāipishṭ
টাইপিষ্ট **टाईपीष्ट**

ଟାଇଫଏଡ ଜର—ଦେ. ବ. (ଇଂ ଟାଇଫଏଡ୍ + ଜ୍ୱର)—ବାତକଫ ପ୍ରକୋପଜନିତ ଏକପ୍ରକାର ସାଂଘାତିକ ଜ୍ୱର—Typhoid or enteric fever.
Ṭāiphaeḍ jara
টাইফএড্
टाईफएड्

ଟାଇମ୍—ବୈଦେ. ବ. (ଇଂ)—୧ । ସମୟ—1. Time.
Ṭāim
টাইম ୨ । ଉପଯୁକ୍ତ ସମୟ—
टाईम 2. Proper time.
୩ । ନିର୍ଦ୍ଦିଷ୍ଟ ସମୟ—3. Fixed time.

ଟାଇମ୍‌ଟେବଲ୍—ବୈଦେ. ବ. (ଇଂ ଟାଇମ୍‌ଟେବଲ୍)—ରେଳ ଗାଡ଼ିର ଯିବା ଆସିବାର ନିର୍ଦ୍ଦିଷ୍ଟ ସମୟଜ୍ଞାପକ ପୁସ୍ତକ—Railway time-table.
Ṭāim ṭebal
টাইমটেবল
टाईमटेबल
(ଟାଇମ୍‌ଟେବୁଲ, ଟାଇମଟେବୁଲ୍—ଅନ୍ୟରୂପ)

ଟାଇମ୍‌ପିସ—ବୈଦେ. ବ. (ଇଂ)— ଟେବଲ ଉପରେ ବା କାନ୍ଥକୁଥରେ ରଖାଯିବା ଏକପ୍ରକାର ଘଣ୍ଟା—Time-piece.
Ṭāim-pis
টাইমপীস **टाइम पीस**
[ଦ୍ର—ଏହା ପକେଟ୍‌ଘଡ଼ି ବା ୱାଚ୍ ଠାରୁ ବଡ଼; ଏଥିରେ ସମୟଜ୍ଞାପକ ଘଣ୍ଟି ବାଜେ ନାହିଁ ।]

ଟାଇମସ୍—ବୈଦେ.ବ(ଇଂ)—ଲଣ୍ଡନର ପ୍ରଧାନ ରାଜନୀତିକ ସମ୍ବାଦପତ୍ର—The Times newspaper of London.
Ṭāimas
টাইমস **टाइमस**
(ଟାଇମ୍ସ—ଅନ୍ୟରୂପ)

ଟାଇଲ୍—ବୈଦେ.ବ.(ଇଂ)—କୋଠାର ଛାତ ବା ମେଜିଆରେ ଲଗାହେବା ଚତୁଷ୍କୋଣ ବା ବର୍ଗକ୍ଷେତ୍ରାକାର ପତଳା ଇଷ୍ଟକ—Tile.
Ṭāil
টালি; টাইল্ **खपड़ा**
(ଟାଇଲ-ଅନ୍ୟରୂପ)

ଟାଉଁ ଟାଉଁ—ଦେ. କ୍ରି .ଣ—କର୍କଶ ଭାବରେ (କଥା କହିବା)—Rudely (speaking).
Ṭāuṅ ṭāṅu
ଦେ.ଣ—ଟାଉଁଟାଉଁଆ (ଦେଖ)
Ṭāuṅ-ṭāuṅā (See)

ଟାଉଁ ଟାଉଁଆ—୧ । ବିରକ୍ତିସୂଚକ ବା ବିରକ୍ତି ପ୍ରକାଶକ ବା କର୍କଶ (କଥା)—1. Harsh (words)
Ṭāuṅ-ṭāuṅā
୨ । ରୁକ୍ଷପ୍ରକୃତିକ (ବ୍ୟକ୍ତି)—2. Harsh-natured (person); surly; rude.

ଟାଉଁ ଟାଉଁ କରିବା—ଦେ. କ୍ରି—କ୍ରୋଧ ବା ଘୃଣାରେ (ନାସିକା) କୁଞ୍ଚନ କରିବା; (ନାକ) ଛଞ୍ଚାଡ଼ିବା; ଚିଡ଼ ଚିଡ଼ ହେବା—To fret with anger or contempt.
Ṭāuṅ-ṭāuṅ kariba

ଟାଉଁ ଟାଉଁ ହେବା—ଦେ. କ୍ରି—କୌଣସି ବ୍ୟକ୍ତି ଉପରେ ବିରକ୍ତି ଭାବ ପ୍ରକାଶ କରିବା—To fret at a person.
Ṭāuṅṭāuṅ heba
खीजना

ଟାଉଁଶା—ଦେ. ଣ—ଟାଅଁଶା (ଦେଖ)
Ṭāuṅsā Ṭa-aṅsā (Seee)

ଟାଉକା—ଦେ. ବ—ଯେଉଁ ଚୋର ସାମାନ୍ୟ ପଦାର୍ଥ ଚୋରିକରେ—Pilferer; petty thief.
Ṭāukā
ছিচকাচোর **अंटीबाज**

ଟାଉକା ଚୋର—ଦେ. ବ—ଟାଉକା (ଦେଖ)
Ṭāukā chora Ṭāukā (See)

ଟାଉଟ୍—ବୈଦେ. ବ ଇଂ)—ଟର୍ଣ୍ଣୀ (ଦେଖ)
Ṭāuṭ Ṭarṇni (See)

ଟାଉଟର୍—ବୈଦେ. ବ (ଇଂ ଟାଉଟ୍)—ଟର୍ଣ୍ଣୀ (ଦେଖ)
Ṭāuṭar Ṭarṇni (See)

ଟାଉଟାଉ—ଦେ. କ୍ରି . ଣ—(ଫ. ତୁରନ୍ତ)-ଅତିଶୀଘ୍ର; ତୁରନ୍ତଭାବରେ—sharp; very quickly, hastily.
Ṭāu-ṭāu
চটপট **जल्द** (ଯଥା—ପିଲ୍ଲମାନେ ୧୦ଟା ବେଳେ ଗାଧୋଇ ଟାଉଟାଉ କରି ଭାତ ଗଣ୍ଡାଏ ଖାଇ ଦେଇ ସ୍କୁଲକୁ ଦଉଡ଼ନ୍ତି)
ଣ—୧ । ଚଞ୍ଚଳ; ଅସ୍ଥିର—1. Restless.
୨ । ଉଦ୍‌ବିଗ୍ନ—2. Anxious.
ରସିକ ଚଟାଉ ଫିଟାଉ ଫିଟାଉ
ଟାଉ ଟାଉ ହେଲ ମନ।—ଅଭିମନ୍ୟୁ .ବିଦଗ୍ଧ ଚିନ୍ତାମଣି ।
୩ । ଅସ୍ଥିରପ୍ରକୃତିକ; } 3. Of restless desposi-
ଅବ୍ୟବସ୍ଥିତ ଚିତ୍ତ } tion; fickle-minded.

ଟାଉଟାଉଆ—ଦେ. ଣ (ଫ. ତୁରନ୍ତ)—୧ । ଭୁରୁଭୁରିଆ—1. Hasty by nature.
Ṭāu-ṭāuā

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଅ	ଉଅ	ଲ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଓ	ନ

ବାସ୍ତବାଗୀଶ **उतावला** ୨ । ଅବ୍ୟବସ୍ଥିତଚିତ୍ତ—
2. Fickle-minded.

ଟାଉନ୍—ବୈଦେ. ବି (ଇଂ)—ସହର; ନଗର—Town.
Tāun
টাউন্ **टाउन्**

[ଦ୍ର—ଏହି ଇଂରାଜୀ ଶବ୍ଦ ସଙ୍ଗେ ଅନ୍ୟାନ୍ୟ ଅନେକ ଇଂରାଜୀ ଓ ବୈଦେଶିକ ଶବ୍ଦମାନ ଲାଗିଥିବା ଇଂରାଜୀ ଓ ବୈଦେଶିକ ଶବ୍ଦମାନ ଓଡ଼ିଆ ଭାଷାରେ ଚଳନ୍ତି । ଯଥା—ଟାଉନ୍ ଇନ୍‌ସପେକ୍ଟର୍, ଟାଉନ୍ ଜମାଦାର, ଟାଉନ୍ ସବ୍‌ଇନ୍‌ସପେକ୍ଟର, ଟାଉନ୍ ସୁପରିଣ୍ଟେଣ୍ଡେଣ୍ଟ।]

ଟାଉନ୍ କ୍ଲବ୍—ବୈଦେ. ବି. (ଇଂ)—ନଗରବାସୀମାନଙ୍କର ପ୍ରତ୍ୟହ ସନ୍ଧ୍ୟାବେଳେ ବସାଉଠା, ଖେଳ କୌତୁକ ଓ ଗପ କରିବାର ଘର—Town club.
Tāun klab
টাউনক্লব **टाउन क्लब**

ଟାଉନ୍ ଡିଉଟି—ବୈଦେ. ବି (ଇଂ) (ସମ୍ବଲପୁର ଅଞ୍ଚଳରେ ବ୍ୟବହୃତ)—ସହରକୁ ପଣ୍ୟ ନେଇଆସିବା ବ୍ୟକ୍ତିଦ୍ୱାରା ମ୍ୟୁନିସି-ପାଲିଟିକୁ ଦିଆଯିବା ମାସୁଲ—Town-duty levied on merchandise by a municipality; octroi.
Tāun diuti
টাউন ড্যুটী **टाउन ड्यूटी**

ଟାଉନ୍ ଥାନା—ବୈଦେ. ବି (ଇଂ)—ସହରମଧ୍ୟସ୍ଥ ପୁଲିସ୍ କର୍ମଚାରୀଙ୍କ କାର୍ଯ୍ୟାଳୟ ବା ଅଡ୍ଡା—Town police-station.
Tāun thānā
টাউনথানা
कुतवाली

ଟାଉନ୍ ପୁଲିସ୍—ବୈଦେ. ବି. (ଇଂ)—ନଗରର ଶାନ୍ତିରକ୍ଷକ ପଲ୍ଟନ—Town-police.
Tāun pulis
টাউন পুলিস; **टाउन पुलिस**

ଟାଉନ୍ ପ୍ଲାନିଙ୍ଗ—ବୈଦେ. ବି. (ଇଂ. ଟାଉନ୍ ପ୍ଲାନିଂ)—ନଗରବାସୀଙ୍କ ସ୍ୱାସ୍ଥ୍ୟରକ୍ଷା ପ୍ରତି ଦୃଷ୍ଟି ରଖାଯାଇ ଘରମାନ ନିର୍ମାଣ କରିବାର ପ୍ରଣାଳୀ—Town-planning.
Tāun plæning

ଟାଉନ୍ ଲାଇବ୍ରେରୀ—ବୈଦେ. ବି (ଇଂ)—କୌଣସି ସହରର ଲୋକମାନଙ୍କର ବ୍ୟବହାର୍ଥେ ସାଧାରଣ ପୁସ୍ତକାଗାର—Town-library.
Tāun lāibreri
টাউন লাইব্রেরী; **टाउन लाइब्रेरी**

[ଦ୍ର—ଟାଉନ୍ ଲାଇବ୍ରେରୀ ସଂଲଗ୍ନ ଯେଉଁ ବଡ଼ ଲମ୍ବ କାମରାରେ ସାଧାରଣ ସଭାମାନ ବସେ, ତାକୁ ଟାଉନ୍ ଲାଇବ୍ରେରୀ ହଲ ବୋଲାଯାଏ ।]

ଟାଉନ୍ ସ୍କୁଲ୍—ବୈଦେ. ବି. (ଇଂ. ଟାଉନ୍+ସ୍କୁଲ୍)—୧ । ସହରରେ ଥିବା ବିଦ୍ୟାଳୟ—A school in a town.
Tāun skul

୨ । (ନାମ) କଟକ ସହରରେ ସ୍ୱର୍ଗୀୟ ରାୟବାହାଦୁର ମଧୁସୂଦନ ରାଓଙ୍କ ସ୍ଥାପିତ 'ଟାଉନ ଭିକ୍ଟୋରିଆ ହାଇ ଇଙ୍ଗ୍ଲିସ୍ ସ୍କୁଲ'ର ଡାକନାମ—
2. The name by which the Town Victoria Rai High English school started by the late Bahadoor Madhusudan Rao at Cuttack is popularly known.
(ଟାଉନ୍ ଇସ୍କୁଲ—ଅନ୍ୟନାମ)

ଟାଉନ୍ ହଲ୍—ବୈଦେ. ବି. (ଇଂ)—ନଗର ବା ସହରର ଅଧିବାସୀମାନଙ୍କର ସାଧାରଣ ସଭା ସମିତି ବସିବାର ବଡ଼ ଓ ଲମ୍ବ କାମରା—Town hall.
Tāun hal
টাউন হল; **टाउनहाल**

ଟାଉଲି (ଇତ୍ୟାଦି)—ଦେ. ବି.—ଟାହୁଲି ଇତ୍ୟାଦି (ଦେଖ)
Tāuli (etc) Tahuli etc (See)

ଟାଉଲି ମାଉଲି—ଦେ. ବି— ଟାହୁଲି (ଦେଖ)
Tāuli māuli Tāhuli (See)

ତମ୍ଭା ଟାଉଲି ମାଉଲି କେତେ କଥା କହେ ।
ଫକୀରମୋହନ, ଛମାଣ. ଆଠଗୁଣ୍ଠ ।

ଟାଏଟ୍—ପ୍ରାଦେ (ସମ୍ବଲପୁର) ବି, (ଭୁଲ. ହି. ଟଟ୍ଟର୍)—ବାଉଁଶ ପାତିଆରେ ବୁଣା ହୋଇଥିବା ତଲେଇ; ଚାଟି—Mat made of bamboo-laths.
Tāet

ଟାଁସମାଲପା—ପ୍ରାଦେ (ଗଞ୍ଜାମ) ବି—ଏକପ୍ରକାର ବାଦ୍ୟ—A kind of musical instrument.
Tān̐samālapā

ଟାକ୍—ଦେ: ବି—(ସଂ. ଟଙ୍କନ) ଦଳରେ ସିଲାଇ କରାଯିବା ପୂର୍ବରୁ ହାତଦ୍ୱାରା ଛୁଞ୍ଚରେ କରାଯାଇଥିବା ଡାଙ୍ଗା ସିଲାଇ—Hand-stiching.
Tāk
টাঁক, **टाँका**

ପ୍ରାଦେ (ସମ୍ବଲପୁର) ଟିକେ ଓ କି ଟିକେ—ଟିକଏ—A little; a bit.

ଟାକର—ଦେ. ବି—(ଧ୍ୱନ୍ୟନୁକରଣ) ଠଣା; ଆଙ୍ଗୁଠିର ଗଣ୍ଠିଦ୍ୱାରା ମୁଣ୍ଡର ଉପରେ କରାଯିବା ଆଘାତ—A rap on the skull with the knuckles.
Tākara
ঠোকর, **ठोंग, खुदका**

ସୁରତରଙ୍ଗିଣୀ ଶ୍ୟାମେ ଅଛ ମୋ ଭରସା
ପର ପରିବାଦ ମୁଣ୍ଡେ ଟାକର ବରଷ । କବିସୂର୍ଯ୍ୟ. ସଙ୍ଗୀତ ।

ଟାକରଖାଇ—ଦେ. ବି.—ଚିଲିକାର ଏକପ୍ରକାର ମାଛ—A kind of fish of the Chilka lake.
Tākara-khāi

ଟାକର ଖାଇବା—ଦେ. କ୍ରି-୧ । (ଲକ୍ଷଣାର୍ଥ)ପରଦ୍ୱାରା ଅପମାନିତ ହେବା—1. (figurative) To be insulted by another.
Tākara khāibā

୨ । ଉପହସିତ ହେବା—To be jeered at.

ଏ ଖଣ୍ଡରସେ ଯେ ପୁଅ ଖାଏ,
ଲୋକେ ମର ଟାକର ଖାଏ । ଚଗ ।

ଟାକର ମାରିବା—ଦେ. କ୍ରି—୧ । ଠଣା ମାରିବା; ଆଘାତ କରିବା—1. To rap with the knuckle.
Tākara māribā
ঠোকর মারা
धौल मारना, ठोंगना

ଟାକର ମାର ମୋ ଶିରେ, ମୁଣ୍ଡେ ବଜ୍ରସହୋଦର—
କବିସୂର୍ଯ୍ୟ. ସଙ୍ଗୀତ ।

টিটকারি মারা
୨ । (ଲକ୍ଷଣାର୍ଥ) ଉପହାସ କରିବା—2. (figurative) To jeer at.
चटकारना

୩ । (ଲକ୍ଷଣାର୍ଥ) ବଳିଯିବା; ଉତ୍କୃଷ୍ଟ ହେବା—3. (figurative) To excel.

ନାଗରମଣିକୁ ଟାକର ମାରୁଛି ତୋ ବଇଠଣର ଦାସୀ—
କବିସୂର୍ଯ୍ୟ. ସଙ୍ଗୀତ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ, ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟାକରା—ଦେ. ବି. (ଠକ୍ ଠକ୍ ଶବ୍ଦାନୁକରଣ)—୧ । ତାଳୁ ଓ ଜିଭଦ୍ୱାରା କୃତ ଅବ୍ୟକ୍ତ ଠକ୍‌ଠକ୍ ଶବ୍ଦ—1. Clicking sound produced by the tongue taken back quickly to the palate.
Ṭākarā
टाकरा
चटकारा. टिटकारा
[ଦ୍ର—ଗୋରୁଙ୍କୁ ଅଡ଼ାଇବା ସମୟରେ ଏ ଶବ୍ଦ ଉଚ୍ଚାରିତ ହୁଏ ।]
୨ । ତାଳୁ—2. Palate.
ପ୍ରାଦେ (ବାଲେଶ୍ୱର) ବି (ତୁଳ. ବ. ଟାକ୍)—ମୁଣ୍ଡର ଟନ୍ଦା ବା କେଶହୀନ ସ୍ଥଳ—Baldness of the head.
ବିଣ—ଟାଙ୍ଗରା; ଟନ୍ଦା—Bald.

ଟାକରା ଆମ୍ବୁଲ—ଦେ. ବି—ଟାକୁଆ ଆମ୍ବୁଲ—Scraped mango pickled without its stone being removed.
Ṭākarā āmbula

ଟାକରା ଫୁଟା(ଟେ)ଇବା—ଦେ. କ୍ରି—ତାଳୁରେ ଜିଭ ଲଗାଇ ଶବ୍ଦ କରିବା—To utter a clicking sound with the tongue and the palate.
Ṭākarā phuṭā(ṭe)ibā
टाकरा मारा
टिटकारना
(ଟାକରା ମାରିବା—ଅନ୍ୟରୂପ) ପାଟିରେ ଟାକରା ଫୁଟାଉଥିଲା—
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

ଟାକି ବସିବା—ଦେ. କ୍ରି—ଟାକି ରହିବା (ଦେଖ)
Ṭāki basibā — Ṭāki rahibā (See)

ଟାକିବା—ଦେ. କ୍ରି—ଟାକି ରହିବା (ଦେଖ)
Ṭākibā — Ṭāki rahibā (See)
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ବସିବା ଓ ରହିବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଟାକି ରହିବା—ଦେ. କ୍ରି—(ସଂ. ତର୍କ ଧାତୁ)—୧ । କୌଣସି ପଦାର୍ଥ (ଯଥା—ନିର୍ଦ୍ଦିଷ୍ଟ ସମୟରେ ଭୋଜ୍ୟ ଦ୍ରବ୍ୟ) ମିଳିବ ବୋଲି ଚାହିଁ ବସିବା; ଉତ୍କଣ୍ଠାସହକାରେ ଅପେକ୍ଷା କରିବା—1. To eagerly look out for; to hankeringly wait for.
Ṭāki rahibā
टँाका
टकटकाना
ଅଯାଚିତ-ବୃତ୍ତି ଅଜଗର ତୃଣ-ଭୂମିରେ ଲୋଟି,
ଓଠାରିବା ଅଶେ ଶ୍ୱାସେ ମୃଗ ଯହିଁ ରହନ୍ତି ଟାକି ।
ରାଧାନାଥ. ଉଷା ।
୨ । ଆଶା କରିବା—2. To expect.
ଟାକିଛ ସ୍ୱୀୟାଙ୍ଗ କଳାକୁ ଅଙ୍କାଇଁ କରିବାକୁ ପାଣିଗତ—
କବିସୂର୍ଯ୍ୟ. କନ୍ଦୋଗବନ୍ଧୁ, ୫. ଗୀତ ।
୩ । ଅଧୈର୍ଯ୍ୟ ସହକାରେ ଜଗି ରହିବା—
3. To watch impatiently for.
ପ୍ରଣୟୀ-ଆଗମନେ କୋଟି କୋଟି ଯୁଗ ବସି ରହିଥାନ୍ତା ଟାକି—
ନନ୍ଦକିଶୋର. ଶର୍ମିଷ୍ଠା ।
୪ । ନିର୍ନିମେଷ ଦୃଷ୍ଟିରେ ଚାହିଁ ରହିବା—
4. To wait with winkless eyes; to be on the look out for.
ଯେମନ୍ତେ ବ୍ୟାଧ ଯେ ମୃଗର,
ଛିଦ୍ର ଟାକଇ ନିରନ୍ତର । ଜଗନ୍ନାଥ. ଭାଗବତ ।
୫ । ନାକେଇବା (ଦେଖ)— 5. Nākeibā (See)

ଟାକୁ—ଦେ. ବି—(ସଂ. ତର୍କୁ)—ଅରଟ ଲୌହ-ଶଳାକା, ତାକୁଡ଼ି—Spindle.
Ṭāku
टाकुया, **टाकुआ**

ଟାକୁଆ—ଦେ. ବି (ସଂ. ଠଙ୍କ ?)—୧ । ପକ୍ୱ ଅମ୍ବଫଳର ମଞ୍ଜି—1. Stone of the ripe mango fruit.
Ṭākuā
गुठली ଅମ୍ବ ଖାଇଲା ପରେ ଟାକୁଆ ଭଣ୍ଡୁଛି—ଢଗ ।
୨ । (ସଂ. ତର୍କୁ) ବାଉଁଶ ବା ଝୋଟର ସୂତୁଲି କାଟିବାର ତାକୁଡ଼ି—2. A spindle for spinning strings of jute or hemp.
टाकुया
टमखड़ा, टकुआ
୩ । ତାକୁଡ଼ି ମୂଳରେ ଥିବା ମାଟିର, ଖପରାର ବା ପଥରର ପାତଳା ଚକତି—3. A thin round piece attached to the base of a spindle.
ବିଣ—ଟାକୁଆ ପରି ଚେପଟା—Flat like a mango-stone.
ପ୍ରାଦେ. (ପୁରୀ) ବି—ଏକପ୍ରକାର ମିଷ୍ଟାନ୍ନ ଖଜା—
A kind of sweetmeat like the stone of mango.
[ଦ୍ର—ପୁରୀ ଜଗନ୍ନାଥଙ୍କଠାରେ ଏହି ପିଠା ଭୋଗ ହୁଏ । ଏହାର ଆକୃତି ଅମ୍ବ ଟାକୁଆ ପରି ହୋଇଥିବାରୁ ଏହାକୁ ଟାକୁଆ ବୋଲି କହନ୍ତି ।]
(ଗଡ଼ଜାତ) ବି—ଏକପ୍ରକାର ମୋଟା ବନ୍ୟ ଲତା—A kind of thick wild creeper.
[ଦ୍ର—ଏହା ଅମ୍ବ ପ୍ରଭୃତି ବଡ଼ ଗଛରେ ମାଡ଼େ । ଏହାକୁ ଲଇ କରନ୍ତି । ଏ ଲତାକୁ ଛେଚି ଚିପୁଡ଼ିଲେ ଏଥିରୁ ମହୁପରି ବହଳ ରସ ବାହାରେ । ତେଣୁ ଲୋକେ ଏହାକୁ ମହୁ ସଙ୍ଗେ ମିଶାଇ ବିକନ୍ତି ।]

ଟାକୁଆ ଆମ୍ବୁଲ—ଦେ. ବି—କଞ୍ଚା ଅମ୍ବ ଉପରୁ ଚୋପା ଚାଞ୍ଛି ତହିଁ ମଧ୍ୟରୁ ଟାକୁଆ ଓ କୋଇଲି ନ କାଢ଼ି ଶୁଖାଇ ପ୍ରସ୍ତୁତ କରିବା ଅମ୍ବୁଲ; ଟାକରା ଅମ୍ବୁଲ—Unripe mango scraped of its rind and seasoned for being used as pickle.
Ṭākuā āmbula
আমশী
अमहर

ଟାକୁଆ ଗାଲ—ଦେ. ବି—ଯେଉଁ ଗାଲ ଟାକୁଆ ପରି ସେମ୍ଭା ବା ଚେପଟା ହୋଇଥାଏ (ଏହା ଦନ୍ତହୀନତା, ବାର୍ଦ୍ଧକ୍ୟ ଓ ଦୁର୍ବଳତାର ଚିହ୍ନ)—Hollow cheek (due to old age and ill health).
Ṭākuā gāla

ଟାକୁଆ ଗାଲି—ଦେ. ବିଣ. ସ୍ତ୍ରୀ (ଗାଳି)—ଯେଉଁ ସ୍ତ୍ରୀର ଗାଲ ଅମ୍ବ-ଟାକୁଆ ପରି ଚେପ୍‌ଟା ହୋଇ ପାଟିର ଜହ୍ୱର ମଧ୍ୟକୁ ପଶି ଯାଇଥାଏ ଓ ଥୋଡ଼ ବାହାରିଥାଏ—(a term of abuse) Bony-cheeked; (a woman) with sunken cheeks and long snout.
Ṭākuā gāli
(ଟାକୁଆଗାଲେଇ—ଅନ୍ୟରୂପ)

୧	ଇ	ଊ	ର୍‌,ର୍ଦ୍ଧ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇପ୍ସ	ଉ଼ଅ	ଓ
୨	ଈ	ଉ	ରୁ	ଲୁ	ପ୍ଯେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗିଁ୍ୟ	ଇଅ	ଡ଼	ନ୍ତ

[ଦ୍ର—ଏପରି ସ୍ତ୍ରୀଙ୍କ ମୁଖ ବଡ଼ ଅପ୍ରୀତିକର ଦେଖାଯାଏ । ଏ ବିଶେଷଣ ସ୍ତ୍ରୀମାନଙ୍କୁ ଗାଳି ଦେବାରେ ବା ଚିଡ଼ାଇବାରେ ବ୍ୟବହୃତ ହୁଏ ।]

ଟାକୁଆ ମୁହାଁ—ଦେ. ବିଣ ପୁଂ. (ଗାଳି)—ଯାହାର ମୁହଁ ଆମ୍ବ ଟାକୁଆ
Ṭākuā-muhān̐ ଭଳିଆ ଲମ୍ବା ଓ ଚେପ୍ଟା—(a term of
(ଟାକୁଆମୁହାଁ—ସ୍ତ୍ରୀ) abuse) Having a long and narrow face; bony-faced.

ଟାକୁଆଲି—ଦେ. ବି—ବଡ଼ ବନ୍ୟବୃକ୍ଷବିଶେଷ—
Ṭākuāli A wild tree; Vitis Repanda (Haines).

ଟାକୁଟାକୁ କରିବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Ṭāku-ṭāku kariba ଟାକୁଟାକୁ ହେବା (ଦେଖ)
Ṭāku-ṭāku heba (See)

ଟାକୁଟାକୁ ହେବା—ଦେ. କ୍ରି. (ଧ୍ୱନ୍ୟନୁକରଣ)—
Ṭāku-ṭāku heba ୧ । ଭୋକରେ ପାକୁ ପାକୁ ହେବା ବା ବିକଳ ହେବା—
1 To feel the extreme pangs of hunger.
୨ । ଖାଇବା ପାଇଁ ଠାକ ରହିବା—
2. To wait impatiently for food.

ଟାକ୍ସ—ବୈଦେ. ବି. (ଇଂ)—କର; ଶୁଳ୍କ; ଟିକସ୍—
Ṭāks Tax; rate.
ট্যাক্স **टिकस**

ଟାକ୍ସ ଦାତା—ଦେ. ବି. (ଇଂ. ଟାକ୍ସ ଓ ସଂ. ଦାତା)—କରଦାତା—
Ṭāks dātā Rent-payer; tax-payer.
ট্যাক্সদাতা **टिकसदाता**

ଟାକ୍ସ ଦାରୋଗା—ବୈଦେ. ବି. (ଇଂ. ଟାକ୍ସ ଓ ଫା. ଦାରୋଗା)—
Ṭāks dārogā କର ସଂଗ୍ରହକାରୀ କର୍ମଚାରୀ—
ট্যাক্স দারোগা Tax-collector; tax-darogah.
टिकस दारोगा

ଟାକ୍ସ ବସା(ସେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିଉପରେ ବା ଘର-
Ṭāks basā(se)ibā ଉପରେ ଶୁଳ୍କ ଧାର୍ଯ୍ୟ କରିବା—
To assess tax on a person or holding.

ଟାକ୍ସ ବସିବା—ଦେ. ବି – କୌଣସି ବ୍ୟକ୍ତି ବା ସ୍ଥାନ ଉପରେ ଶୁଳ୍କ
Ṭāks basibā ଧାର୍ଯ୍ୟ କରାଯିବା—Assessment of tax on a person or holding.

ଟାକ୍ସି—ବୈଦେ. ବି. (ଇଂ)—ଭଡ଼ାରେ ଚାଲିବା ମଟର ଗାଡ଼ି—
Ṭāksi Taxi.
ট্যাক্সি **टैक्सी**

ଟାକ୍ସି ଡ୍ରାଇଭର୍—ବୈଦେ.ବି.(ଇଂ)—ଭଡ଼ାବୁହା ମଟର ଗାଡ଼ିର ଚାଳକ—
Ṭāksi drāibhar A taxi-driver.
ট্যাক্সি ড্রাইভার **टैक्सी ड्राइवर**

ଟାକ୍ସି ମିଟର—ବୈଦେ. ବି. (ଇଂ) –ଭଡ଼ାବୁହା ମଟର ଗାଡ଼ିରେ ଥିବା
Ṭāksi miṭar ଦୂରତ୍ୱ ଯନ୍ତ୍ର (ଯହିଁରୁ ଗାଡ଼ି କେତେ ବାଟ ଚାଲିଛି
ট্যাক্সি মিটর **टैक्सी मिटर** ଏହା ଜଣାଯାଏ)—Taxi-moter.

ଟାଙ୍କ୍—ବୈଦେ. ବି. (ଇଂ.)—୧ । ଜଳାଧାର; ଟାଙ୍କି—
Ṭāṅk 1. Cistern; water-reservoir.
୨ । ମୋଟା ଲୁହାପଟରେ ଆଚ୍ଛାଦିତ ଗାଡ଼ି; ଯହିଁରେ ସୈନିକ-
ট্যাঙ্ক ମାନେ ବସି ଶତ୍ରୁବେଷ୍ଟିତ ସ୍ଥାନକୁ ନିରାପଦରେ ଯାଇ
टैंकी ଶତ୍ରୁଙ୍କୁ ଆକ୍ରମଣ କରନ୍ତି—
2. Tank; armoured car.
ପ୍ରାଦେ. (ସମ୍ବଲପୁର) ବି—ଆମ୍ବ ଟାକୁଆ—
The stone inside the mango fruit.

ଟାଙ୍କ—ଦେ. ବି—୧ । (ସଂ. ଟଙ୍ଗ) ଜଙ୍ଘ—
Ṭāṅka 1. Thigh.
ঠেঙ্গ ୨ । (ସଂ. ଟଙ୍କ) ଗୋଡ଼—
टाँग 2. Leg.
টাঁকা ୩ । (ସଂ. ଟଙ୍କ ଧାତୁ) ଛୁଞ୍ଚଦ୍ୱାରା ସିଲାଇ ବା ଛାଗା—
टाँका 3. A stitch.
ঠুক ୪ । ପ୍ରହାରବର ଏକ ବର୍ଷା—
ठोंक 4. One shower of cudgelling or abuse.
(ଯଥା—ମୁଁ ତାକୁ ଆଚ୍ଛା କରି ଟାଙ୍କେ ଦେଇଛି ।)

ଟାଙ୍କା—ବୈଦେ. ବି. (ସଂ. ଟଙ୍କନ=ବନ୍ଧନ)—
Ṭāṅkā ୧ । ଲୁଗା ସିଲାଇ କରିବାର ଥର; ଛାଗା—
টাঁকা 1. A stitch.
टंका ୨ । ମୋଟା ସିଲାଇ କରିବା—2. Rough sewing

ଟାଙ୍କି—ବୈଦେ. ବି. (ଇଂ. ଟାଙ୍କ)—ବହୁ ପରିମିତ ଜଳ ବା ତୈଳ
Ṭāṅki ସଞ୍ଚୟ କରିବାର ବୃହତ୍ ଲୌହମୟ ଆଧାର—
টাঁকী Iron-tank for storing oil or water.
टंकी
टाँकी ଦେ. ବି. (ସଂ. ଟଙ୍କ)—ପଥର କାଟିବାର ଲୁହା ନିହଣ—
Iron chisel for cutting stone.

ଟାଙ୍କିଟୁଙ୍କି ଦେବା—ଦେ. କ୍ରି. (ବ୍ୟଙ୍ଗ) (ତୁଳ. ପେଟେ ଠୁଙ୍କି ଦେବା,
Ṭāṅki-ṭuṅki debā ପେଟେ ମାରି ଦେବା; ପେଟେ ଗେଞ୍ଜି
ঠুঁকে দেওয়া ଦେବା)—ପେଟେ ଭୋଜନ କରିବା; ପେଟ ଭର୍ତ୍ତି
ठुंक देना କରି ଖାଇବା—To eat one's belly-ful.
ଭୋଗ ଅନନ୍ତରେ କଂସାକ ପଖାଳ ଟାଙ୍କିଟୁଙ୍କି ଦେଇ ସଙ୍ଗାତ
ପାଗକୁ ଚାଲିଯାଏ—ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଟାଙ୍କି ତେଲ—ଦେ. ବି. (ଇଂ. ଟାଙ୍କ୍ + ସଂ. ତୈଳ)—ଯେଉଁ କେରି-
Ṭāṅki tela ସିନ ତେଲ ପ୍ରଥମେ ଆମଦାନି ହୋଇ ଟାଙ୍କି ବା ବଡ଼
ବଡ଼ ଲୌହାଧାରରେ ସଞ୍ଚିତ ହୋଇ ରଖାଯାଏ ଓ ପରେ
ବେପାରୀମାନଙ୍କୁ ଖୁଚୁରା ବିକ୍ରୟ କରାଯାଏ—
Keroisine oil at first stored in tanks at depots in bulk and afterwards sold in retail to dealers; bulk oil.

ଟାଙ୍କି ଧରିବା—ଦେ. କ୍ରି—୧ । ଖୁବ୍ କସି କରି ଟାଣି ଧରିବା—
Ṭāṅki dharibā 1. To hold down by pulling tightly.

ସାଧାରଣ ଲୋକେ ଅପର ପୃଷ୍ଠାରେ ସଂଗତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲକତ' ନ ପାଇଲେ 'ଅଳକ୍ତ' ଦେଖିବେ

୨ । ଓହଳାଇ ଧରିବା—
2. To hold a thing suspended.

ଟାଙ୍କିବା—ଦେ. କ୍ରି (ସଂ. ଟଙ୍କ ଧାତୁ=ବନ୍ଧନ; ତୁଳ. ଇଂ ଟାକ୍)—
Ṭāṅkibā ୧ । ଛୁଞ୍ଚଦ୍ୱାରା ସିଲାଇ କରିବା; ଚାଗା ଗଳାଇବା—
টাঁকনা 1. To stitch; to sew roughly.
टांका ୨ । ଦୁଇଖଣ୍ଡ କନାକୁ ଚାଗା ଗଳାଇ ସିଇଁବା—
2. To tack together two pieces of cloth.
୩ । (ସଂ. ତର୍କଣ) ହାତଦ୍ୱାରା କୌଣସି ପଦାର୍ଥକୁ ଟେକି ବା ଧରି ତହିଁର ଓଜନକୁ ଅଟକଳ କରିବା—
3. To estimate the approximate weight of an article by lifting or holding it on the palm.
୪ । (ସଂ. ଟଙ୍କ ଧାତୁ=ବନ୍ଧନ) (ଲୋମ) ଟାଙ୍କୁରିବା=
4. (the down of the body) To stand on end; to horripilate.
[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ଦେବା କ୍ରିୟାର ସମାପିକାରୂପ ଯୁକ୍ତ ହୁଏ ।]

ଟାଙ୍କି ହେବା—ଦେ. କ୍ରି—୧ । କସି ହେବା—
Ṭāṅki hebā 1. To sit tight (said of tight clothes).
(ଯଥା—ଏ କୁର୍ତ୍ତାଟା ମୋ ହାତକୁ ଟାଙ୍କି ହଉଛି ।)
୨ । ଟାଙ୍ଗି ହେବା; ଝୁଲିତ ହେବା—
2. To be suspended.

ଟାଙ୍କ—ଦେ. ବି (ସଂ. ଟଙ୍ଗ=ଜଙ୍ଘ; ଟଙ୍କ=ଗୋଡ଼)—୧ । କଟିତଳ ଓ
Ṭāṅku ପିଠି ଉପରର ଅସ୍ଥିମୟ ଅଂଶ; ଠେଙ୍ଗ—
ঠেঙ্গ 1. Buttock; rumpilium.
टाँक ୨ । ଜଙ୍ଘ—2. Thigh,
୩ । ଜଙ୍ଘ ତଳକୁ ଥିବା ଗୋଡ଼ର ଅଂଶ—
3. Part of the legs below the thigh.
୪ । ଟାଙ୍କୁଅ (ଦେଖ)—4. Ṭāṅkuā (See).
ପ୍ରାଦେ (ସିଂହଭୂମ ଓ ମେଦିନୀପୁର)—ଟାଙ୍କୁଅ (ଦେଖ)
Ṭāṅkuā (See).

ଟାଙ୍କୁଅ—ଦେ. ବି (ସଂ. ଟଙ୍କ=ପାହାଡ଼)—ଉଇ ହୁଙ୍କା ମଧ୍ୟରେ ଥିବା
Ṭāṅkuā ଉଇ ବସା (ଏଥିରୁ ଛତୁ ଜନ୍ମେ)—
बमेटा Matrix or mould or soft substance found inside the deep cavities of ant-hills from which mushrooms grow out.
ପ୍ରାଦେ (ସିଂହଭୂମ ଓ ମେଦିନୀପୁର) ବି—ଅମ୍ବ ଟାଙ୍କୁଅ—
The seed of a mango fruit.

ଟାଙ୍କୁ ମହୁ—ଦେ. ବି—ଅମ୍ବ ଟାଙ୍କୁଅ ଆକୃତିବିଶିଷ୍ଟ ଛୋଟ ଛୋଟ
Ṭāṅku mahu ମହୁଫେଣାରୁ ଜାତ ମହୁ—
Honey from small hives shaped like mango-stones

ଟାଙ୍କୁରା—ଦେ. ବି—ରୋମାଞ୍ଚ; ପୁଲକୋଦ୍ଗମ—
Ṭāṅkurā Horripilation; loose-flesh.
শিহরা **पुलकाई**

ଟାଙ୍କୁରି ଉଠିବା—ଦେ. କ୍ରି (ସଂ. ଟଙ୍କ ଧାତୁ)—
Ṭāṅkuri uṭhibā ରୋମାଞ୍ଚିତ ହେବା; ପୁଲକିତ ହେବା—
শিহরেউঠা To be suddenly horripilated.
पुलकना

ଟାଙ୍କୁରିବା—ଦେ. କ୍ରି (ସଂ. ଟଙ୍କ ଧାତୁ=ବନ୍ଧନ)—
Ṭāṅkuribā ୧ । (ଦେହର ଲୋମମାନ) ଭୟ, ଶୀତ,
শিহরা ଚମକ, ବା ପ୍ରେମାତିଶଯ୍ୟରେ ଠିଆ ହେବା; ପୁଲକିତ ହେବା—
रोंगटे खड़ा होना To stand on end; to bristle (the down of the body in an ecstasy of fear, love or intense cold).
ଟାଙ୍କୁରିଛି ଲୋମବଳି ତାହାର—ଗୋଲୋକ ଉଦ୍ଧରେଖା ।
୨ । (ଶରୀର) ରୋମାଞ୍ଚିତ ହେବା—
2. (the body) To be horripilated.

ଟାଙ୍କୁ ହାଣିବା—ଦେ. କ୍ରି—୧ । ଦୁଇ ଜଙ୍ଘ ନିକଟରୁ ଗୋଡ଼କୁ ହାଣି-
Ṭāṅku hāṇibā ଦେବା—1. To cut a person's the legs at the thighs.
୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ଅକର୍ମଣ୍ୟ କରିଦେବା—
2. (figurative). 2. To disable a person.
(ଯଥା—ମୁଁ ତୋ ଟାଙ୍କୁ ହାଣିଦେବି ।)

ଟାଙ୍କେ—ଦେ. ବି—ଏକ ଟାଙ୍କା ବା ଚାଗା ମାତ୍ର—
Ṭāṅke One stitch only.
ঠোঁকন ଦେ. ବି—ନିର୍ଦ୍ଦୟ ମାଡ଼; ବିଶେଷ ପ୍ରହାର—
ठोंक A severe beating; a shower of thrashings.

ଟାଙ୍କେଇବା—ଦେ. କ୍ରି—ଟାଙ୍କିବାର ଣିଜନ୍ତରୂପ—
Ṭāṅkeibā Causative form of Ṭāṅkibā.
টাঁকান **टँकाना**

ଟାଙ୍କେ ଛେଚିବା—ଦେ. କ୍ରି—ବିଶେଷ ଆଘାତ କରିବା; ଖୁବ୍ ପ୍ରହାର
Ṭāṅke chhechibā ଦେବା; ନିର୍ଦ୍ଦୟ ମାଡ଼ ଦେବା—
ঠোকন কসা To beat severely; to give a sound thrashing.
टाँकना
(ଟାଙ୍କେ କସିବା, ଟାଙ୍କେ ମାଡ଼ଦେବା—ଅନ୍ୟରୂପ)

ଟାଙ୍କେ ଦେବା—ଦେ. କ୍ରି—୧ । ଟାଙ୍କେ ଛେଚିବା—
Ṭāṅke debā 1. To give a sound beating.
୨ । ନିର୍ଦ୍ଦୟ ଗୋଧନ ଦେବା—
2. To administer a shower of rebuke.
(ଟାଙ୍କେ ଚଢ଼ା(ଢେ଼,ଇବା—ଅନ୍ୟରୂପ)

ଟାଙ୍କୋ—ପ୍ରାଦେ (ସମ୍ବଲପୁର) ବି—ଟାଙ୍କୁଅ (ଦେଖ)
Ṭāṅko Ṭākuā (See).

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ସ	ଙ୍କ	ଇଷ୍ଟ	ଉଅ	ଈ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ୍	ଗଂ୍ୟ	ଇଅ	ଈ	ନ୍

ଟାଙ୍କୋରବା—ଗ୍ରା. କ୍ରି—ଟାଙ୍କୁରବା (ଦେଖ)
Ṭāṅkoribā Ṭāṅkuribā (See).

ଟାଙ୍ଗନା—ପ୍ରାଦେ (ସମ୍ବଲପୁର) ବି—ଟାଙ୍ଗଣା (ଦେଖ)
Ṭāṅgnā Ṭāṅgaṇā (See).

ଟାଙ୍ଗଣ—ବୈଦେ. ବି (ଫା. ଟଙ୍ଗନ୍; ଭୁଲ. ସଂ. ତୁରଙ୍ଗମ)—
Ṭāṅgaṇa ୧। ଟଟ୍ଟୁ ଘୋଡ଼ା; କ୍ଷୁଦ୍ରାକୃତି ଘୋଟକବିଶେଷ—
টাঙ্গন 1. A pony; a hill-pony; a tat.

ଗଲ ଚଳଇ ଗଲୁଛ କେହି
କାହା ଟାଙ୍ଗଣ ଯାଉଛି ବହି—ବ୍ରଜନାଥ: ସମରତରଙ୍ଗ।

[ଦ୍ର—ଏମାନଙ୍କୁ ପାହାଡ଼ିଆ ଘୋଡ଼ା ମଧ୍ୟ କୁହାଯାଏ। ଏମାନେ ଦ୍ରୁତଗାମୀ ଓ କଷ୍ଟସହିଷ୍ଣୁ। ଏମାନଙ୍କର ଅଙ୍ଗପ୍ରତ୍ୟଙ୍ଗ ଖୁବ୍ ମଜବୁତ୍।]

୨। (ଲକ୍ଷଣାର୍ଥ) ଖୁବ୍ ଚଞ୍ଚଳ ଓ କର୍ମଠ ବ୍ୟକ୍ତି—
2. (figurative) A brisk and active person.

(ଯଥା—ସେ ପରା ଟାଙ୍ଗଣ ଖଣ୍ଡେ।)

ଦେ. ବି—୧। (ସଂ. ଟଙ୍କଣ)—ଟାଙ୍ଗଣା (ଦେଖ)
টাংগনা 1. Ṭāṅgaṇā (See).

২। (ସଂ. କଙ୍ଗୁ) କୃଷିଜାତ ବାର୍ଷିକ ଶସ୍ୟବିଶେଷ; କଙ୍ଗୁ—
টাংগনা 2. Italian millet; Setaria Italica.
কংগু
कंकुनी, कङ्गुनी [ଦ୍ର—ଏହାର କାଣ୍ଡ ସିଧା, ସରୁ ଓ ଟାଣୁଆ।] (Haines).

ଟାଙ୍ଗଣା—ଦେ. ବି (ସଂ.ଟଙ୍ଗଣ;ଟଙ୍କଣ)—ସୋହାଗା; ଉପଧାତୁ ବିଶେଷ—
Ṭāṅgaṇā Borax, Sodas Biboras.
ସଂ. ପର୍ଯ୍ୟାୟ—ଲୋହଦ୍ରାବୀ, କନକ, ଧାତୁବଲ୍ଲଭ, ଟଙ୍କଣ, ଗଙ୍ଗେଶ, ସୌଭାଗ୍ୟ; କ୍ଷାର;
ଧାତୁଦ୍ରାବକ,ଟଙ୍କଣ, ଟଙ୍ଗଣ, ଟଙ୍କ,ଟଙ୍ଗ
সোহাগা, টঙ্গণ
टङ्कण, सुहागा
ଫା. ଖାଗାର୍
ଆ. ବୁରଗ୍
ତେ. ବେଲଗାରମୁ,ଏଲଗାରମୁ
ମ. ଟଙ୍କଣଖାର, ସ୍ୱାଗୀଖାର, ସହାଗୀ
ଗୁ. ଟଙ୍ଗଣଖାଟଯୋ, ଟଙ୍କଣଫୁଲଯୋ

ଭଞ୍ଜି ହରିଦ୍ରା ଟାଙ୍ଗଣା ମିଶାଇ
ପୋଛି ଦେବାର ଶାଣ ଦେଇ ଭଞ୍ଜି—
ଭକ୍ତ. ପ୍ରେମସୁଧାନିଧି।

[ଦ୍ର—ସୁନା ରୁପାରେ ଟାଙ୍ଗଣା ମିଶାଇଲେ ତାହା ଶୀଘ୍ର ଅଭଙ୍ଗ ହୁଏ; ଏହାକୁ ନିଆଁରେ ପକାଇଲେ ଏହା ଫୁଟୁସି ଯାଇ ଖଇ ପରି ଫୁଲି ଉଠେ। ଏବଂ ଉକ୍ତ ଖଇ ଚୂନାକୁ ପାଣିରେ ବତୁରାଇ ସୁନା ରୁପାରେ ବୋଳି ତାହା ନିଆଁରେ ପୋଡ଼ିଲେ ତାହାର ବର୍ଣ୍ଣ ଖୁବ୍ ଉଜ୍ଜ୍ୱଳ ହୁଏ। ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଅଗ୍ନିବର୍ଦ୍ଧକ, ରୁକ୍ଷ, କଫଘ୍ନ, ରଜଃପ୍ରବର୍ତ୍ତକ, ବଳକାରକ, ମୂଢ଼ଗର୍ଭାକର୍ଷକ, ବାୟୁ ଓ ପିତ୍ତବର୍ଦ୍ଧକ। ଟାଙ୍ଗଣାଖଇର ଚୂନା ଘାଆ ଅଦରେ ପକାଇଲେ ପୂଯ ହୁଏ ନାହିଁ ଓ ରୋଗବୀଜ ଶରୀରାଭ୍ୟନ୍ତରକୁ ସଂକ୍ରମଣ କରେ ନାହିଁ ଓ ଏହା କ୍ଷତ ଅଦକୁ ନିରୋଗ କରେ, ଏଥିପାଇଁ ଡାକ୍ତରମାନେ ଘାଆ ଧୂଆ ପାଣି, ମଲମ, ପଟି, ଅଞ୍ଜନ ଅଦରେ ଏହାର ବହୁଧା ବ୍ୟବହାର କରନ୍ତି। ଲୁଗା ଅଦ ରଙ୍ଗାଇବାକୁ ହେଲେ ରଙ୍ଗରେ ଟାଙ୍ଗଣା ମିଶାଇଲେ ରଙ୍ଗ ବେଶି ସ୍ଥାୟୀ ହୁଏ। ଲୁହା, ପିତଳ, ସୁନା ରୁପା, ଓ କାଚକାହବ ଝାଳିବାରେ ମଧ୍ୟ ଟାଙ୍ଗଣା ଲାଗେ। ସାଧାରଣତଃ ଅସଲ ଧାତୁକୁ ଟାଙ୍ଗଣା ଓ ପୋଡ଼ାହେବା ଟାଙ୍ଗଣାକୁ ଟାଙ୍ଗଣାଖଇ ବା ସୋହାଗା କୁହାଯାଏ।]

ଟଙ୍ଗଣା ଖଇ—ଦେ. ବି. (ସଂ. ଟଙ୍ଗଣକ୍ଷାର)—ନିଆଁରେ ପକାଯିବାରୁ
Ṭāṅgaṇā khai ଫୁଲିଯିବା ଟାଙ୍ଗଣା—Fried borax.
টঙ্গনখার [ଦ୍ର—ଟାଙ୍ଗଣାକୁ ନିଆଁରେ ପକାଇଲେ ତାହା
टङ्कणाखार ଖୁବ୍ ବଡ଼ ହୋଇ ଫୁଲି ଯାଏ। ଉକ୍ତ ଖଇ ଫୁଲୁକା, ହାଲୁକା ଏବଂ ଏହା ସହଜରେ ଚୂନା ହୋଇଯାଏ।]

ଟାଙ୍ଗର—ଦେ. ବି—୧। (ସଂ. ଟଙ୍କ) ବୃକ୍ଷଲତାହୀନ ପାହାଡ଼ିଆ
Ṭāṅgara ଭୂମି; ଟାଙ୍ଗି—
ডাঙ্গা 1. Rocky land; a barren hilly tract.
डुङ्गर
টাক ୨। ମସ୍ତକର କେଶହୀନତା—
गंज, चंदलाइ 2. Baldness of the head.

ପ୍ରାଦେ. (ଗଡ଼ଜାତ) ବି—ଢେଲା—
A brickbat or clod of earth for throwing.

ଦେ. ବିଣ—ଟାଙ୍ଗରା (ଦେଖ)—Ṭāṅgarā (See).

ଟାଙ୍ଗରା—ଦେ. ବି—୧। (ସଂ. ଟଙ୍କ) ରୋଗବିଶେଷ; ଯେଉଁ ରୋଗ
Ṭāṅgarā ହେଲେ ମୁଣ୍ଡର ବାଳ ଉପୁଡ଼ି ଯାଏ; ଖଲ୍ୱାଟ; ମସ୍ତକର
টাক କେଶହୀନତା—1. Alopacia; baldness.
गंज; चंदलाइ
কোলংগা ୨। (ସଂ. ନ୍ୟଙ୍ଗଟ=ଶିକା) ଢେଙ୍ଗଡ଼ା; ରନ୍ଧନଶାଳାରେ
तगार, ताखा ହାଣ୍ଡି ଅଦ ରଖିବାର ମାଟିର ପିଣ୍ଡୀ ବା ଉଚ୍ଚ ସ୍ଥାନ—
2. A grooved niche in the kitchen for keeping cooking pots.

ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବିଣ—ପାହାଡ଼ିଆ ଓ ଉଦ୍ଭିଦ-ଶୂନ୍ୟ (ଭୂମି)—Barren and hilly (tract of land).

(ଟାଙ୍ଗରୀ—ସ୍ତ୍ରୀ) ଦେ. ବିଣ—୧। ଚନ୍ଦାମୁଣ୍ଡିଆ; ଯାହା ମୁଣ୍ଡର
টাকুয়া; টেকো ମଝିରୁ ବାଳଯାକ ଉପୁଡ଼ି ଯାଇଥାଏ—
चँदला, गंजा 1. Bald-headed.
টাকপড়া ୨। କେଶହୀନ (ମସ୍ତକ)—
चंदला 2. Bald (head).

ଟାଙ୍ଗରପୁଟ—ଦେ. ବି. (ବୈଦ୍ୟକ)—ବୃକ୍ଷବିଶେଷ—
Ṭāṅgarā-puṭa A kind of tree.

[ଦ୍ର—ଏହା ଇଟା ବାଡ଼ ଓ ପଥର ସନ୍ଧିରେ ଜନ୍ମେ। ଏହାର ପତ୍ର ଛୋଟ, ସରୁ କୃଷ୍ଣବର୍ଣ୍ଣ ଓ ଚିକ୍କଣ। ଏହାର ରସ ପିଚ୍ଛିଳ, ତିକ୍ତ ଏବଂ କଟୁ। ଏହାର ସମୂଳ ପତ୍ରର ପ୍ରଲେପ ଅଗ୍ନିଦଗ୍ଧ ବ୍ରଣ ଓ ଭଲ୍ଲାତକଜନିତ ବ୍ରଣ ଓ ଶୋଥ ପ୍ରଶମନ କରେ।]

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟାଙ୍ଗରାମୁଣ୍ଡା—ଦେ. ବିଣ. ପୁଂ— ଯାହା ମୁଣ୍ଡରୁ ବାଳ ଉପୁଡ଼ି ଯାଇଅଛି —
Ṭāṅgarā muṇḍā Bald-headed.
টেকো **गंजा**
(ଟାଙ୍ଗରାମୁଣ୍ଡୀ; ଟାଙ୍ଗରାମୁଣ୍ଡୀ—ସ୍ତ୍ରୀ)
(ଟାଙ୍ଗରା ମୁଣ୍ଡିଆ—ଅନ୍ୟରୂପ)

ଟାଙ୍ଗା—ପ୍ରାଦେ.—୧ । (ଗଞ୍ଜାମ) ବି—ଏକବଳଦିଆ ବା ଏକ-
Ṭāṅgā ଘୋଡ଼ାକିଆ ଦୁଇଚକିଆ ସ୍ପ୍ରିଂଲଗା ଗାଡ଼ି; ଝଟକା—
1. A springed cart drawn by a single bullock or horse.
[ଦ୍ର—ଏହା ମାନ୍ଦ୍ରାଜ ଅଞ୍ଚଳରେ ବ୍ୟବହୃତ ହୁଏ । ଏହାକୁ ଉତ୍ତର ପଶ୍ଚିମ ଅଞ୍ଚଳରେ ଏକ୍କା ବୋଲାଯାଏ ।]
୨ । (ସମ୍ବଲପୁର) ବି—ଏକପ୍ରକାର ଦୁଇଚକିଆ ଟପ୍‌ବାଲା ଘୋଡ଼ା ଗାଡ଼ି—2. A kind of hooded two-wheeled carriage drawn by a horse.
[ଦ୍ର—ଏ ଗାଡ଼ିର ପଛଆଡ଼େ ଆରୋହୀଙ୍କ ଅସନ ଥାଏ ଓ ଆରୋହୀମାନେ ପଛଆଡ଼କୁ ମୁହଁ କରି ବସନ୍ତି ଓ ଆଗପାଖେ ଗାଡ଼ିଆନ୍ ବସେ। ଏ ଗାଡ଼ିର ତଳ ଖୋଲ ଓ ଆରୋହୀଙ୍କ ଆସନ ମଧ୍ୟ ଭୂମିଠାରୁ ଅଳ୍ପ ଉଚ୍ଚାରେ ଥାଏ । ଗାଡ଼ି ଓଲଟି ପଡ଼ିଲେ ମଧ୍ୟ ଆରୋହୀଙ୍କର ଗୁରୁତର ଆଘାତ ହେବାର ଆଶଙ୍କା ନ ଥାଏ ।]

ଟାଙ୍ଗି—ଦେ. ବି—୧ । (ସଂ. ଟଙ୍କ; ତୁଙ୍ଗ) କ୍ଷୁଦ୍ର ପାହାଡ଼—
Ṭāṅgi 1. Hill; hillock.
ডাঙ্গা ୨ । ଟାଙ୍ଗର; ପାହାଡ଼ିଆ ସ୍ଥାନ—2. Hilly country.
डुङ्गर ୩ । ପ୍ରସ୍ତରମୟ ପ୍ରଦେଶ—3. Stony country.
টাংগী ୪ । (ସଂ. ଟଙ୍କ) ଛୋଟ କୁରାଢ଼ୀ—
टाङ्गी 4. Small axe; hatchet; tomahawk.
ପ୍ରାଦେ—୧ । (ସିଂହଭୂମ, ସମ୍ବଲପୁର) ବି—ଫାରସା—
Poleaxe.

ଟାଙ୍ଗିଆ—ଦେ. ବି—ଟାଙ୍ଗି (୪) (ଦେଖ)
Ṭāṅgiā Ṭāṅgi (4) (See)

ଟାଙ୍ଗିଆ ପଶା—ଦେ. ବି—୧ । ଟାଙ୍ଗିଆ ଦେହରେ ଲାଗିଥିବା ଲୌହଖଣ୍ଡ;
Ṭāṅgiā paśā ଟାଙ୍ଗିଆର ଫଳକ—
1. The blade of a hatchet.
୨ । ଟାଙ୍ଗିଆର ପଛଆଡ଼ ବା ବେଣ୍ଟ ଧରି ତାହାର ପଶା ବା ଲୌହାଂଶଦ୍ୱାରା ଦିଆଯିବା ପ୍ରହାର—2. A blow with the blunt side of a hatchet.
ହାରମଜାଦାକୁ ଟାଙ୍ଗିଆ ପଶା—ଚଗ ।

ଟାଙ୍ଗିବଥୁଆ—ଦେ. ବି—(ସଂ. ଟଙ୍କବାସ୍ତୁକ) ଟଙ୍କବଥୁଆ (ଦେଖ)
Ṭāṅgi-bathuā Ṭaṅka-bathuā (See)

ଟାଙ୍ଗିବା—ଦେ. କ୍ରି (ସଂ. ତୁଙ୍ଗ =ଉଚ୍ଚ ବା ଟଙ୍କ ଧାତୁ =ବାନ୍ଧିବା)—
Ṭāṅgibā ୧ । ଝୁଲାଇବା; ଲଟକାଇବା; କୌଣସି ବସ୍ତୁକୁ
টাঙ্গান ଦଉଡ଼ିରେ ବାନ୍ଧି ଓହଳାଇବା—1. To hang
टांगना or suspend a thing with a rope or string.
୨ । କୌଣସି ବସ୍ତୁକୁ (ଲୁଗା, ମଶାରି ଆଦିକୁ) ଦଉଡ଼ି ଉପରେ ଟାଙ୍ଗି ଦେବା—2. To suspend or put a thing (cloth etc.) on a string.

ଟାଙ୍ଗି ହେବା—ଦେ. କ୍ରି—କୌଣସି ବସ୍ତୁ ଦଉଡ଼ିଦ୍ୱାରା ଝୁଲା ହୋଇ
Ṭāṅgi hebā ରହିବା ବା କଷି ହୋଇଯିବା—To remain
টাঙ্গান হওয়া suspended.
टाङ्गा होना (ଯଥା—ଶଗଡ଼ର ଦଣ୍ଡାପାଖ ଉଚ୍ଚ ହୋଇଗଲେ ଯୁଆଳିରେ ବନ୍ଧା ହୋଇଥିବା ବଳଦଙ୍କ ବେକ ଟାଙ୍ଗି ହୋଇଯାଏ।]

ଟାଙ୍ଗେରା—ଗ୍ରା. ବି ଓ ବିଣ—ଟାଙ୍ଗରା (ଦେଖ)
Ṭāṅgerā Ṭāṅgarā (See)

ଟାଟ୍‌ଲୁ—ପ୍ରାଦେ. (ସମ୍ବଲପୁର) ବିଣ—ଚନ୍ଦାମୁଣ୍ଡିଆ—
Ṭāṭ-lu Bald headed.

ଟାଟାରିକ୍ ଏସିଡ୍—ବୈଦେ. ବି (ଇଂ. ଟାର୍ଟାରିକ୍ ଏସିଡ୍)—
Ṭāṭārik esid ତିନ୍ତୁଳିରୁ ପ୍ରସ୍ତୁତ ରାସାୟନିକ ଦ୍ରବ—
টাটারিক এসিড্ Tartaric acid.
टाटारिक एसिड्

ଟାଟି—ପ୍ରାଦେ (ସମ୍ବଲପୁର) ବି (ତୁଳ. ହି. ଟଟ୍ଟୀ)—ତାଟି; ବାଉଁଶ-
Ṭāṭi କତା ବା ପାତିଆରେ ବୁଣାହୋଇଥିବା ପରଦା; ତଲେଇ—
A partition made of split bamboo woven together.

ଟାଡ଼୍—ପ୍ରାଦେ. (ସମ୍ବଲପୁର; ତୁଳ. ହି. ଏହି ଅର୍ଥରେ ଏହି ଶବ୍ଦ) ବି—
Ṭāṛd ସ୍ତ୍ରୀମାନଙ୍କର ବାହୁରେ ପିନ୍ଧାଯିବା ଅଳଙ୍କାରବିଶେଷ; ତାଡ଼—
An ornament for the arm; armlet.

ଟାଣ—ଦେ. ବି (ସଂ. ତନ ଧାତୁ=ବୃଦ୍ଧି କରିବା; ତୁଳ. ସଂ. କଠିନ;
Ṭāṇa ପ୍ରା. କଠିଣ)—୧ । କର୍କଶତା—1. Harshness;
টান rudeness; roughness.
कठिन, कडा ୨ । କାଠିନ୍ୟ—Hardness; rigidity.
୩ । ହିମ୍ମତ୍; ଧୈର୍ଯ୍ୟ; ଦମ୍—
3. Patience; courage.
୪ । ଗର୍ବ; ଗୁମାନ—
4. Pride; arrogance; haughtiness.
୫ । ଅଣ୍ଟ; ଦାମ୍ଭିକତା; ଭୁରୁଡ଼ି—
5. Brazenness; impudence.
୬ । ଜୋର୍—6; Force.
୭ । କୌଣସି ବିଷୟ ପ୍ରତି ସ୍ପୃହା; ମମତା; ଆସକ୍ତି—
7. Tendency; eagerness; inclination.
(ଯଥା—ସଂସାର ପ୍ରତି ମନୁଷ୍ୟର ଗୋଟାଏ ଟାଣ ଥାଏ ।)
୮ । ସ୍ରୋତର ବେଗ—
8. Velocity of a current of water.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଷ,ଶ	ଙ୍କ	ଇୟ	ଉଅ	ଞ
୨	ଈ	ଊ	ରୁ	ଲୁ	ଯେ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଙ୍ଗ	ନ୍ନ

୯ । ଟିଙ୍କା; ଆକର୍ଷଣ—9. Attraction; pull.
୧୦ । ନିଷ୍ଠୁରତା—10. Cruelty.
ଚୋର ପରେ ଆସି ମୋର ପାଶେ ବସି ଘୋର ଅଚରଇ ଟାଣ ଗୋ—
କବିସୂର୍ଯ୍ୟ. ସଙ୍ଗୀତ ।
୧୧ । ଶକ୍ତି—11. Power.
ଦୁଃଖେ ପାପେ ସର୍ବ ସାଂସାରିକ ପ୍ରୀତି ଟାଣ ପଡ଼ିଯାଏ ଜଣା—
ନନ୍ଦକିଶୋର. କର୍ଣ୍ଣଭୂଷଣ ।
୧୨ । ଦୈହିକ ବଳ—12. Bodily strength.
୧୩ । ମାନସିକ ବଳ—13. Strength of mind.
୧୪ । (ବି. ଭି ଅନୁକୂଳ) ମାନସିକ ଆକର୍ଷଣ—
14. Attachment; partiality.
ଦେ. ବିଣ—୧ । କଠିନ; କରଡ଼ା—1. Hard; rigid; strong; callous; tough.
ମନେ କଲ ରାମ ବାଣର ବଡ଼ ଟାଣ—କୃଷ୍ଣସିଂହ. ମହାଭାରତ. ବନ ।
୨ । କର୍କଶ; ନିଷ୍ଠୁର—2. Harsh; cruel.
୩ । ତୀକ୍ଷ୍ଣ; ଅସହ୍ୟ—3. Unbearable.
୪ । ଦାମ୍ଭିକ—4. Brazen-faced.
୫ । ଉଚ୍ଚୈଃସ୍ୱରବିଶିଷ୍ଟ—5. Loud.
୬ । ସଚ୍ଛଳ ଅବସ୍ଥାପନ୍ନ; ସଙ୍ଗତିସମ୍ପନ୍ନ—
6. Well to do; better off.
୭ । ଶ୍ରମସହିଷ୍ଣୁ; କଷ୍ଟସହିଷ୍ଣୁ—
7. Able to bear strain; hardy.
୮ । ମହର୍ଗ; ଉଚ୍ଚ (ମୂଲ୍ୟ)—8. Dear; high (price).
୯ । ସବଳ—9. Strong.

ଟାଣ କରିବା—ଦେ. କ୍ରି—ଭିରୁଡ଼ାଇବା; ଆଖି ଦେଖାଇବା; ଦାମ୍ଭିକତା ପ୍ରକାଶ କରିବା—To speak impudently; to brazen.
Ṭāṇa karibā

ଟାଣ କାଢ଼ିବା—ଦେ. କ୍ରି—ଟାଣ କରିବା (ଦେଖ) Ṭāṇa karibā (See)
Ṭāṇa kārḍhibā

ଟାଣ ଖରା—ଦେ. ବି—ପ୍ରଚଣ୍ଡ ବା ଅସହ୍ୟ ସୂର୍ଯ୍ୟକିରଣ—Excessive or unbearable rays of the sun.
Ṭāṇa kharā
প্রচণ্ডরোদ **कड़ाधूप**

ଟାଣ ଖୁଣ୍ଟା—ଦେ. ପଦ୍ୟ. ବିଣ—୧ । ଅତ୍ୟନ୍ତ ପୀଡ଼ାଦାୟକ—1 Very painful.
Ṭāṇa khuṇṭā
୨ । ମର୍ମନ୍ତୁଦ—2. Cutting to the quick.
ଟାଣ ଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣ ସଖୀ ସହିବ—
କବିସୂର୍ଯ୍ୟ, ଯଶୋମତୀ, ୪ ଗୀତ ।

ଟାଣଟାଣ କଥା—ଦେ. ବି—କର୍କଶ ବା ଅସହ୍ୟ ବାକ୍ୟ—Harsh language.
Ṭāṇa-ṭāṇa kathā
শক্তকথা, **कड़ा कड़ा बात**

ଟାଣଟୁଣ—ଦେ. ବି (ଅନର୍ଥକ ଦ୍ୱିରୁକ୍ତ ସହଚର)—୧ । ଗର୍ବ; ଦାମ୍ଭିକତା—1. Pride; arrogance.
Ṭāṇa-ṭuṇa
୨ । ଟଣା; ଓଟରା—2. Pulling and pushing.
୩ । ଅତ୍ୟନ୍ତ ଅଭାବଗ୍ରସ୍ତ ଅବସ୍ଥା—
3. State of dire need or want.

ଟାଣପଣ—ଦେ. ବି—୧ । ଦମ୍ଭ; ଗର୍ବ—1. Arrogance.
Ṭāṇa-paṇa କରିଅଛ ଟାଣପଣ ଗୁଙ୍ଗାର କୁମର—ରାଧାନାଥ. ଚାଣକ୍ୟଚରିତ ।
कड़ाई ୨ । ଦାମ୍ଭିକତା—2. Brazenness; impudence.
(ଟାଣପଣିଆ-ଅନ୍ୟରୂପ) ୩ । ସମ୍ପତ୍ତିଶାଳିତା—
3. Affluence; well-to-do condition.

ଟାଣମୁହାଁ—ଦେ. ବିଣ. ପୁଂ—୧ । ଯେଉଁ ଲୋକର ମୁହଁ ଟାଣ, ଅର୍ଥାତ୍ ଯେଉଁ ଲୋକ ଆପଣାର ଦୋଷ ବା ଅପରାଧକୁ ମୁହଁରେ ସ୍ୱୀକାର କରେ ନାହିଁ; ଭିରୁଡ଼ା—
Ṭāṇa-muhāṅ
(ଟାଣମୁହୀ—ସ୍ତ୍ରୀ)
1. One (e. g. a thief) who does not easily confess his guilt.
[ଯଥା—ଚୋରମାନେ ଟାଣମୁହାଁ ।]
୨ । ଦାମ୍ଭିକ—2. Brazen-faced; impudent.
୩ । ନିର୍ଲଜ୍ଜ—Shameless.

ଟାଣହଟା—ଦେ. ବିଣ—୧ । ଯେଉଁ ଅଳସୁଆ ବଳଦ ବା ଛାତ୍ର ଗୁଡ଼ାଏ ମାଡ଼ ନ ଖାଇଲେ କାମ କରେ ନାହିଁ ବା ଭଲ କରି ପଢ଼ାପଢ଼ି କରେ ନାହିଁ—
Ṭāṇa-haṭā.
1. One (bullock or pupil) who does not work properly unless soundly cudgelled.
୨ । ଯେଉଁ ଲୋକ ଅଳସୁଆ ବଳଦ ବା ଅମନଯୋଗୀ ଛାତ୍ରଙ୍କୁ ଗୁଡ଼ାଏ ପ୍ରହାର କରି କାମରେ ଲାଗିବାକୁ ବାଧ୍ୟ କରାଏ; ଉଦ୍ଧତ; ନିଷ୍ଠୁର—2. High-handed; one who gives a sound cudgelling to unwilling bullocks or pupils and makes them work.
୩ । ଯେଉଁ ଲୋକ ଅନ୍ୟ ଲୋକମାନଙ୍କୁ ଅପେକ୍ଷା ନ କରି ଆପଣା ଉପରେ ପଡ଼ିଥିବା କାମକୁ ତୁଲାଇ ନିଏ—
3. A person who accomplishes a work without waiting for help from others.

ଟାଣହାତ—ଦେ. ବି—କଠୋର ଶାସନ—Iron rule.
Ṭāṇa hāta ଦେ. ବିଣ—ଟାଣହଟା (ଦେଖ)
(ଟାଣହାତିଆ—ଅନ୍ୟରୂପ) Ṭāṇahāṭā (See)

ଟାଣି—ଦେ. ବି (ସଂ. ତନ ଧାତୁ)—ଲୁଗା ବୁଣିବାବେଳେ ତନ୍ତରେ ଯେଉଁ ସୂତାକୁ ଟାଣି କରି ରଖାଯାଇ ଥାଏ; ବସ୍ତ୍ରର ଲମ୍ବ-ବାଗର ସୂତା—Warp.
Ṭāṇi
টানা
ताना; तानी
[ଦ୍ର—ତନ୍ତରେ ପ୍ରଥମେ ଲମ୍ବବାଗର ସୂତାମାନଙ୍କୁ ଟାଣି କରି ରଖାଯାଏ ଓ ପରେ ତହିଁ ମଧ୍ୟରେ ଚଉଡ଼ାବାଗର ସୂତାକୁ କାଣ୍ଡିଆ ଦ୍ୱାରା ଭରଣା କରାଯାଇ ଲୁଗା ବୁଣାଯାଏ ବୋଲି ଏ ସୂତାମାନଙ୍କର ନାମ ଯଥାକ୍ରମେ ଟାଣି ଓ ଭରଣି ହୋଇଅଛି ।]

ସାଧାରଣ ଲେଖେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଦେ. କ୍ରି. ବଣ (ଟାଣିବା କ୍ରିୟାର ଅସମାପିକା ରୂପ)— ଟେନେ କର୍କଶରୂପେ; କଷ୍ଟ ଭାବରେ—Harshly; cruelly. ତାନକର

ଟାଣି ପଢ଼େ ପଦେ ବୋଲନ୍ତି— କବିସୂର୍ଯ୍ୟ. ସଙ୍ଗୀତ ।

ଟାଣି ଓଟାରି—ଦେ. କ୍ରି. ବଣ ('ଟାଣିବା' ଓ 'ଓଟାରିବା' କ୍ରିୟାର ଅସମାପିକା ରୂପ କ୍ରି. ବଣ ରୂପେ ବ୍ୟବହୃତ)—
Ṭāṇi oṭāri
ଟାଣି ଟୁଣି (ଦେଖ)
Ṭāṇi-ṭuṇi (See)

ଟାଣିଟୁଣି—ଦେ. କ୍ରି. ବଣ (ଅସମାପିକା ରୂପ)—୧ । ନିଃଶେଷ କରି; ସମସ୍ତ ଟାଣି ନେଇ—1. Drawing out everything completely.
Ṭāṇi-ṭuṇi
ଟେନେଟুনে; तानखी चकर

କେ ବଳଦ ଟାଣି ଟୁଣି; ଅଛ ନାହିଁ ଦୋରଡ଼ାପାଣି । ଶିଶୁଗୀତ ।

୨ । ବହୁ ପରିଶ୍ରମ ସହ; ଖୁବ୍ ଜୋରରେ— 2. Laying much stress or strain; with much straining.

୩ । ବଡ଼ ପାଟି କରି—3. Loudly.

ଦ୍ରୋଣ ଗୁରୁ କର୍ଣ୍ଣ ଯେ ଶଲ୍ୟଙ୍କୁ ନ ଜଣି
ନ କହ ସଭା ମଧ୍ୟେ ହୋଇ ଟାଣି ଟୁଣି—କୃଷ୍ଣସିଂହ. ମହାଭାରତ ଉଦ୍ଯୋଗ ।

୪ । ଉଦ୍ଭଟାର୍ଥ; କ୍ଲିଷ୍ଟାର୍ଥ ବା କଳ୍ପିତାର୍ଥ ପ୍ରୟୋଗପୂର୍ବକ— 4. By much straining of language; by applying far-fetched meaning.

ଅପଣ ନ ବୁଝି ଟାଣି ଟୁଣି ଏକ ପ୍ରକାର ପାଠ ଲଗାଇଦିବେ ।
ଫକୀରମୋହନ. ଛମାଣ ଆଠଗୁଣ୍ଠ ।

[ଦ୍ର—କୌଣସି ବାକ୍ୟାର୍ଥ ବକ୍ତାଙ୍କ ଅଭିପ୍ରାୟର ଅନୁକୂଳ ନ ହେଲେ କ୍ଲିଷ୍ଟାର୍ଥ ବା କଳ୍ପିତାର୍ଥ ପ୍ରୟୋଗ କରି ତାଙ୍କ ଅଭିପ୍ରାୟର ଅନୁକୂଳ ଅର୍ଥ କରି ଗଲେ ଏହି ଶବ୍ଦ ପ୍ରୟୋଗ କରାଯାଏ ।]

୫ । ଗର୍ବ ପ୍ରକାଶ ବା ଆସ୍ଫାଳନପୂର୍ବକ— Boastfully; arrogantly.

ଟାଣିଟୁଣି ହେବା—ଦେ. କ୍ରି—୧ । କୌଣସି କାର୍ଯ୍ୟ କରିବାକୁ କୁଣ୍ଠିତ ହେବା ବା ଦ୍ୱିଧା କରିବା; କୁନ୍ଥ କୁନ୍ଥ ହେବା— 1. To hesitate to do a thing.
Ṭāṇi-ṭuṇi hebā

୨ । ଅଭାବ ବା ନଅଣ୍ଟ ଯୋଗୁଁ ବ୍ୟୟ କରିବାକୁ ସଙ୍କୁଚିତ ବା କୁଣ୍ଠିତ ହେବା; ବ୍ୟୟକୁଣ୍ଠ ହେବା— 2. To stint at spending money (due to want).

୩ । ଗର୍ବିତ ହେବା; ଆସ୍ଫାଳନ କରିବା— 3. To be arrogant; to brag.

ନ ପାର କର ତର ଭୂଲରେ ଅରଣ
କହୁଥାଅ ସଭାରେ ହୋଇ ଟାଣି ଟୁଣି—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଟାଣିବା—ଦେ. କ୍ରି. (ସଂ. ତନ୍ ଧାତୁ = ଅକର୍ଷଣ କରିବା; ସଂ. ଆକର୍ଷଣ)— ୧ । ଝିଙ୍କିବା; ଓଟାରିବା; ଆକର୍ଷଣ କରିବା— 1. To draw; to attract; to pull.
Ṭāṇibā
টানা; खींचना,टानना
[ଟଣା(ଣେ)ଇବା—ପ୍ରେରଣରୂପ] ୨ । (ଛତା) ଉପରେ ବିସ୍ତୃତ କରିବା— 2. To spread above (umbrella etc).

୩ । (ଗାର; ଚିତ୍ର) କାଟିବା; ଅଙ୍କିବା; ଲେଖିବା— 3. To draw (a figure or line).

୪ । (ସୂତା) ଲମ୍ବ ଭାବରେ ଟାଙ୍ଗିବା— 4. To lay (a line or rope).

୫ । (ରେଖା ଆଦି) ଲମ୍ବରେ ବଢ଼ାଇବା, ଲମ୍ବ କରିବା— 5. To lengthen (a straight line).

୬ । (ପାଣିକୁ) ନିଃଶେଷ କରିବା ବା ଶୁଖାଇବା— 6. To drain out (water)

୭ । (ଗଞ୍ଜେଇ ଧୂଆଁ ଆଦି) ଶୋଷିବା— 7. To suck or inhale.

୮ । (ପେଟ, କାନ) ବ୍ୟଥା କରିବା— 8. To ache (said of belly and ear.)

୯ । ଜୋର୍ କରିବା ବା ଚେଷ୍ଟା କରିବା— 9. To strain.

খাটান, টাঙ্গান ୧୦ । (ମଶାରି, ଚାନ୍ଦୁଆ ଆଦିର) ମୁଣ୍ଡରେ ଦଉଡ଼ି ବାନ୍ଧି ବିସ୍ତାର ପୂର୍ବକ ବାନ୍ଧିବା; ଟଙ୍ଗାଇବା— 10. To hang up a canopy or mosquito-net.
टांगना

୧୧ । ଏକ ବସ୍ତୁର ଗୋଟିଏ ମୁଣ୍ଡ ବା ମଝିକୁ ସ୍ଥିର ରଖି ଅନ୍ୟ ମୁଣ୍ଡକୁ ବା ଦୁଇ ମୁଣ୍ଡକୁ ବିପରୀତ ଦିଗକୁ ଓଟାରିବା— 11. To pull a thing on one side or in opposite directions.

(ଯଥା—ରବର ଖଣ୍ଡ ବା ସୂତାକୁ ଦୁଇ ମୁଣ୍ଡରୁ ଟାଣିଲେ ତାହା ବଢ଼ିଯାଏ ।)

[ଦ୍ର—ଟାଣିବା, ଝିଙ୍କିବା, ଓଟାରିବା ସମାର୍ଥବୋଧକ; ଝିଙ୍କିବାରେ ଏକକାଳୀନ ଜୋର୍ ପ୍ରୟୋଗ କରାଯାଇ ତତ୍‌କ୍ଷଣାତ୍ ତାହା ଶିଥିଳ ହେବାର ସୂଚିତ ହୁଏ । ଆପେ ଠିଆ ହୋଇ ଅନ୍ୟବସ୍ତୁ ବା ବ୍ୟକ୍ତିଙ୍କୁ ଆପଣା ଆଡ଼କୁ ଆଣିବା ପାଇଁ ବଳ ପ୍ରୟୋଗ କରିବାକୁ ଓଟାରିବା ଏବଂ ଆପେ ଗତି କରୁଥିବା ଅବସ୍ଥାରେ ଆକୃଷ୍ଟ ବସ୍ତୁକୁ ମଧ୍ୟ ଗତି କରାଇବାକୁ ଟାଣିବା ବୋଲାଯାଏ ।]

ଟାଣି ଭରଣି—ଦେ. ବି (ସବଦିତ)—ଲୁଗା ବୁଣିବାରେ ତନ୍ତ୍ରରେ ବ୍ୟବହୃତ ଲମ୍ବାଗର ଓ ଚଉଡ଼ାବାଗର ସୂତା— The warp and woof of a cloth.
Ṭāṇi bharaṇi
টানাবোনা, টানাপড়েন
तानाबाना

ଟାଣି ହେବା—ଦେ. କ୍ରି—୧ । କଷ୍ଟରେ କଥା କହିବା ବା ନିଃଶ୍ୱାସ ମାରିବା; ନିଃଶ୍ୱାସ ନେବା ବା କଥା କହିବା ନିମନ୍ତେ ସମଧିକ ଉଦ୍ୟମ କରିବା; ଓଠାଣିହେବା— 1. To strain while talking or breathing.
Ṭāṇi hebā

(ଯଥା—ଅତି ଦୁର୍ବଳ ବା ରୋଗୀ ବ୍ୟକ୍ତି କଥା କହିଲାବେଳେ ଏବଂ ଶ୍ୱାସରୋଗୀ ନିଃଶ୍ୱାସ ମାରିବାବେଳେ ଟାଣିହୁଏ ।)

୨ । ଉଚ୍ଚୈଃସ୍ୱରରେ କଥା କହିବା— 2. To speak loudly.

କହିଲେ ଭୀମସେନ କୋଧେ ହୋଇ ଟାଣି—କୃଷ୍ଣସିଂହ ମହାଭାରତ ସଭା ।

୧	ଇ	ଉ	ଋ,ଌ	ଈ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯ୍ଯ	ଉଅ	ଢ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଢ଼	ନ୍ନ

୩ । ଅସ୍ଫାଳନ କରିବା—3. To boast; to brag.

୪ । ଠାଣିବା କ୍ରିୟାର କର୍ମବାଚ୍ୟ—
4. Passive voice of Ṭāṇibā.

(ଅଟାଣୁଆଁ)—ଦେ. ବଣ. ପୁଂ (ସଂ. କଠିନ)—୧ । କଠିନ—
Ṭāṇuāṅ(ā) — 1. Hard; tough.
ଶକ୍ତ — ୨ । ଅତି ଅଧିକ—2. Excessive.
कड़ा — ୩ । ଦୃଢ; ସବଳ; ମଜବୁତ; ବଳୁଆ—
3. Strong.
ଠାଣେଇ, ଠାଣୋଇ }—ସ୍ତ୍ରୀ
୪ । ଧନବାନ୍—
4. Rich; wealthy.
୫ । କ୍ଷମତାଶାଳୀ—5. Influential; powerful.
୬ । କଡ଼ା; ଉଗ୍ର, ଅସହ୍ୟ—
6. Intolerable; unbearable.
୭ । ଗର୍ବିତ—7. Proud; arrogant.
୮ । ମହର୍ଗ—8. Dear (in price).
୯ । ଦାମ୍ଭିକ—9. Brazen-faced.

ଠାଣେ—ଦେ (ପଦ୍ୟ) କ୍ରି, ବଣ—୧ । ଜୋର୍ କରି; ଠାଣ କରି—
Ṭāṇe — 1. With force; forcibly.
टाने — ଠାଣେ ବନ୍ଧେ ଶମ୍ଭୁ ସଦୃଶ କଳମ୍ବ ତୂଣକୁ ଏକା ଅତନୁ—
जोरसे — କବିସୂର୍ଯ୍ୟ, ଚମ୍ପୋଦ୍‌ଗଣ୍ଡୁ, ଚ. ଗୀତ ।

୨ । ଉତ୍ତମରୂପେ—2. Excellently; well.

ବହେ ଜଗଦେବ ଚିନ୍ତା ହେଲେ ହେଲେ ଠାଣେ
କେ କାହା ସ୍ୱଭାବ ଛାଡ଼େ ପରାଣ ପ୍ରୟାଣେ—କବିସୂର୍ଯ୍ୟ, ସଙ୍ଗୀତ ।

ଠାଣେଇବା—ଦେ. କ୍ରି—୧ । ଅପେକ୍ଷାକୃତ ସବଳ ହେବା—
Ṭāṇeibā — 1. To become stronger.
(ଯଥା—ରୋଗୀ ଦୁଇ ମାସ ବିଶ୍ରାମ ପରେ ଠାଣେଇଲାଣି ।)
୨ । ଅପେକ୍ଷାକୃତ ଠାଣ ବା କଠିନ ହେବା—
2. To harden; to stiffen.
(ଠାଣୋଇବା—ଅନ୍ୟରୂପ) (ଯଥା—ଏ ମାଛ ଖରାରେ ଠାଣେଇଲାଣି ।)

ଠାନ୍—ପ୍ରାଦେ. (ସମ୍ବଲପୁର) ବି—ଠାଣ (ଦେଖ)
Ṭān — Ṭāṇa (See)

ଠାପ—ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) ବି—ସ୍ଥାୟୀ ଜଳସ୍ରୋତ ସଙ୍ଗେ
Ṭāpa — ଯେଉଁ ପ୍ରାକୃତିକ କ୍ଷୁଦ୍ର ଜଳାଶୟର ସମ୍ବନ୍ଧ ନ ଥାଏ; ଯେଉଁ କ୍ଷୁଦ୍ର ତଡ଼ାଗ କୌଣସି ନଦୀ ସଙ୍ଗେ ସମ୍ପୃକ୍ତ ନୁହେ—A small tank or expanse of water which has no connection with any permanent current.

ଠାପ (ଇତ୍ୟାଦି)—ଦେ. ବି—ଠାପୁ ଇତ୍ୟାଦି (ଦେଖ)
Ṭāpa (etc) — Ṭāpu etc (See)

ଠାପରା—ଦେ. ବି. (ସଂ. ଝର୍ଝରା)—୧ । ଥଟ୍ଟା; ତାମସା; ରଙ୍ଗ; ପରିହାସ; ଉପହାସ—
Ṭāparā
ठठ्ठा — 1. Jest; joke; mockery.
ठट्ठा — ଭୂତାଏ କି ଜାତି ଭୂଣର ପୀରତି ତାମସା ଠପରା ଠାକୁ—
କବିସୂର୍ଯ୍ୟ, ସଙ୍ଗୀତ ।

୨ । ସାମାଜିକ ପ୍ରଥା ଅନୁସାରେ ପରିହାସ ଯୋଗ୍ୟ ବ୍ୟକ୍ତି—
2. Relations with whom a person can cut jokes under the rules of one's society.
ठठ्ठोर — ଦେ. ବଣ—ପରିହାସଯୋଗ୍ୟ (ବ୍ୟକ୍ତି)—
(a person) Fit to be cut jokes with.

ଠାପରା କରିବା—ଦେ. କ୍ରି—ଥଟ୍ଟା ଖେଳିବା; ପରିହାସ କରିବା—
Ṭāparā karibā — To play or cut jokes; to jest.
ठठ्ठाकरा — [ଦ୍ର—ଆମ୍ଭମାନଙ୍କ ସମାଜରେ ଅଜା ନାତି, ଅଜା ନାତୁଣୀ,
ठट्ठा करना — ଦିଅର ଭାଉଜ, ଶଳା ଭଣୋଇ, ଭଣୋଇ ଶାଳୀ, ଆଈ ନାତି ଓ ଭଣୋଇ ଶଳାଭାଉଜ ପରସ୍ପର ସଙ୍ଗେ ଠାପରା କରି ପାରନ୍ତି ।]

ଠାପରା ଖେଳିବା—ଦେ. କ୍ରି—ଠାପରା କରିବା (ଦେଖ)
Ṭāparā khelibā — Ṭāparā karibā (See)

ଠାପରା ଠାପରି—ଦେ. ବି ଓ ବଣ—ଠାପରା ଠାପୁରି (ଦେଖ)
Ṭāparā ṭāpari — Ṭāparā ṭāpuri (See)

ଠାପରା ଠାପୁରି—ଦେ. ବି—୧ । ଦୁଇ ଜଣଙ୍କର ପରସ୍ପର ମଧ୍ୟରେ ଥଟ୍ଟା ତାମସା—
Ṭāparā ṭāpuri
ठठ्ठाठुट्टि — 1. Mutual joking.
ହସ କୌତୁକ କଥା ଠାପରା ଠାପୁରି କଥା ଢେର ହେଲା—
ଫକୀରମୋହନ, ଛମାଣ ଆଠଗୁଣ୍ଠ ।

খোঁচাখুঁচি — ୨ । ପରସ୍ପର ଖୁଞ୍ଚାଖୁଞ୍ଚି ହେବା—
2. Poking at each other.
୩ । ଶାଗ ବାଡ଼ି ବା ବଗିଚାର ମାଟିକୁ କାଠରେ ଏକାଧିକବାର ଖୁସୁରାଇବା—3. Slackening the soil of a garden by means of a poker.
ଦେ. ବଣ—ପରସ୍ପର ଥଟ୍ଟା ଖେଳୁଥିବା—Joking or jesting with each other.

ଠାପରା ଲଗା(ଗେ)ଇବା—ଦେ. କ୍ରି—ଠାପରା କରିବା (ଦେଖ)
Ṭāparā lagā(ge)ibā — Ṭāparā karibā (See)

ଠାପରେଇବା—ଦେ. କ୍ରି—୧ । ଠାପରା କରିବା; ଥଟ୍ଟା ଖେଳିବା—
Ṭāpareibā — 1. To play jokes.
टापरान — ୨ । ଖୁରସାଇବା (ଦେଖ)
ठट्ठा करना — 2. Khurasāibā (See)
୩ । ଖୁସୁରାଇବା; ଅନ୍ୟର ଦେହରେ ଆଙ୍ଗୁଠି ଅଡ଼ିଗେଞ୍ଜିବା—3. To poke at another with the fingers.
খোঁচা

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଅଭିଧାନରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତତ୍ପରିବର୍ତ୍ତେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗ' ନ ପାଇଲେ 'ଅଙ୍ଗ' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

୪ । ବଳଦଙ୍କ ଦେହରେ ହାତମାରି ଓ ମୁହଁରେ ଟାକରା ଫଟାଇ ଗାଡ଼ିକୁ ଚଞ୍ଚଳ ଗତିରେ ଚଳାଇବା—4. To drive (a cart) quickly by patting the bullocks.
তাপড়ান
थपकना

(ଯଥା—ମୁଁ ଟାପରେଇ କରି ନେଲେ ଏ ଗାଡ଼ିକୁ ୨ ଘଣ୍ଟାରେ ଆଠଗଡ଼ରୁ କଟକରେ ପହଞ୍ଚାଇ ଦେବି ।)

ଟାପୁ—ଦେ. ବି (ସଂ. ସ୍ଥା ଧାତୁ ଣିଜନ୍ତ ସ୍ଥାପି ଧାତୁ; ଯାହା ଭୂମିରେ ସ୍ଥାପନ କରାଯାଏ)—୧ । ଘୋଡ଼ାଙ୍କ ଖୁରା—1. The hoofs of a horse.
Ṭāpu
টাপ
टाप

୨ । ଜୀବର ପାଦଚିହ୍ନ—2. Foot-steps of animals.

୩ । ଘୋଡ଼ାଙ୍କ ଗୋଡ଼—3. The legs of a horse.

୪ । ଜୀବର ପାଦ—4. The foot of an animal.

টাপু ୫ । ଦ୍ୱୀପ—5. Island.

टापु ୬ । (ବ୍ୟଙ୍ଗ) ମନୁଷ୍ୟର ଦୁଇ ହାତ ଓ ଦୁଇ ଗୋଡ଼; ଖୁରା ହାତ—6. The 2 legs and 2 hands of a man

(ଯଥା—ଲୋକେ ମିଳି ଚୋର ଖୁରା ଟାପୁ ବାନ୍ଧି ଦେଲେ ।)

ଟାପୁ ମାରିବା—ଦେ. କ୍ରି—(ଘୋଡ଼ା) ଖୁରା ଦ୍ୱାରା ଭୂମିକୁ ଆଘାତ କରିବା; ଖୁରା ଖାଇବା—To paw; to strike a place with the hoofs (said of a horse).
Ṭāpu māribā
টাপ মারা
टापना

ଟାମ୍‌ଜାନ୍—ବୈଦେ. ବି (ଫା)—ତାମଜାନ (ଦେଖ) Tāmajāna (See)
Ṭām-jān
তামজান

ଟାମ୍‌ଟୁର୍‌କୁ—ପ୍ରାଦେ. (ସମ୍ବଲପୁର) ବି—ଧୂସର; ଧୂସର ବର୍ଣ୍ଣ କ୍ଷୁଦ୍ର କପୋତ—Small grey dove.
Ṭām-ṭur-ku

[ଦ୍ର—ଏହାର ଧ୍ୱନି କରୁଣରସୋଦ୍ଦୀପକ ।]

ଟାୟା—ପ୍ରାଦେ. (ଗଞ୍ଜାମ) ବି—ଟାହିଆ (ଦେଖ) Ṭāhiā (See)
Ṭāyā

ଟାୟାର୍—ବୈଦେ. ବି (ଇଂ)—ମଟର ବା ସାଇକଲ୍ ଅଦିର ଚକ ଗୁଡ଼ାପାଖେ ଘେରିଯିବା ରବର ନଳ—Tyre.
Ṭayār
টায়ার, टायर

ଟାର—ସଂ. ବି—୧ । ଘୋଡ଼ା—1. A horse (Apte).
Ṭāra

୨ । ଗାଣ୍ଡିଆ ଲୋକ; ଅସ୍ୱାଭାବିକ ପ୍ରକ୍ରିୟାରେ ପୁରୁଷର କାମପ୍ରବୃତ୍ତି ଚରିତାର୍ଥ କରାଇବା ବ୍ୟକ୍ତି—2. A catamite (Apte).

୩ । କୁଟୁଣୀ—3. A pander.

ଟାରିଫ୍‌ବୋର୍ଡ୍—ବୈଦେ. ବି (ଇଂ)—ଶୁଳ୍କ ବିଷୟକ ନିୟମମାନ ପ୍ରଣୟନ କରିବା ପାଇଁ ସରକାରଙ୍କ ଦ୍ୱାରା ଗଠିତ ସମିତି—Tariff board.
Ṭarif-borḍ
টারিফ বোর্ড
टैरिफबोर्ड

ଟାଲ—ଦେ. ବି (ସଂ. ଟଲ୍ ଧାତୁ)—୧ । ଛଳ—1. Pretext.
Ṭāla
টাল
टाल

୨ । ବିଳମ୍ବ; କାଳକ୍ଷେପଣ—2. Delay; whiling away of time.

୩ । ନିଜର ଦାୟିତ୍ୱକୁ ଅନ୍ୟ ଉପରେ ପକାଇବା—3. Laying one's own responsibility on the shoulder of another.

୪ । ବାହାନା; ଛଳନା—4. Excuse.

ଟାଲି—ଦେ. ବି (ସଂ. ତଲ) କୌଣସି ନଦୀ ବା ଜଳାଶୟର ଗଭୀର ଅଂଶ; ଖାଲ; ଗଣ୍ଡ—Deep part of a river or tank.
Ṭāla
টাল

ପ୍ରାଦେ (ସମ୍ବଲପୁର) ବି—ପୋଖରୀ ବନ୍ଧ ବା ବଡ଼ ହିଡ଼ର ଘାଇ—A breach made in a big ridge of a paddy field or the embankment of a tank.

ଟାଲଟୁଲ—ଦେ. ବି (ସଂ. ଟଲ୍ ଧାତୁ)—୧ । ଉଣ୍ଡାଉଣ୍ଡି; ଠକାଠକି; ଛଳନା—1 Deception.
Ṭāla-ṭula
টাল টোল टालटूल

୨ । ଛଳନା ଦ୍ୱାରା ବାରମ୍ବାର କାଳକ୍ଷେପଣ—3. Repeatedly putting off or letting the time-limit expire under some pretence or another; wasting time under some excuse; procrastination; temporizing.

୩ । ମୂଳୋତ୍ପାଟନ—3. Uprooting; eradication.

୪ । ଟଳିବା; ସ୍ଥାନଭ୍ରଷ୍ଟ କରିବା—4. Dislocating.

ଟାଲ ଦେବା—ଦେ. କ୍ରି—୧ । କୌଣସି କଥା ଅନ୍ୟ ବ୍ୟକ୍ତି ଉପରେ ନିର୍ଭର କରୁଛି ବୋଲି କହିବା—1. To evade; to refer to some matter as depending upon a 3rd person.
Ṭāla debā
টালদেওয়া
टालमारना

୨ । ନିଜର ଦାୟିତ୍ୱକୁ ଅନ୍ୟ ଉପରେ ପକାଇବା; ଆପଣାଠାରୁ ଛୁଟିଛଡ଼ାଇବା—2. To dodge; to shuffle; to shirk one's responsibility.

୩ । ନାନା ଛଳନାରେ କାଳକ୍ଷେପଣ କରିବା; ଦମଦିଲାସା ଦେବା—3. To put off from time to time on various pretexts; to temporize.

ଟାଲମଟାଲ—ଦେ. ବି—୧ । ଟାଲଟୁଲ—1. Procrastination; wasting time or putting off on various excuses.
Ṭālamaṭāla
টালমাটাল
टाल-मटाल

୨ । ଟଳିବା; ଦୋହଲିବା—2. Staggering; reeling.

ଟାଲମଟୁଳ, ଟାଲମ୍‌ଟୁଳ }—ଅନ୍ୟରୂପ

୩ । ପତନୋନ୍ମୁଖ ଅବସ୍ଥା—3. Tottering condition; tumbling condition.

୧	ଇ	ଊ	ର,ହ୍ର	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ଼	ଓଅ	ଙ୍କ
୨	ଈ	ଉ	ଋ	ଲୃ	ଚେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଁ	ଇଅ	ଞ	ନ୍

୪ । ବଞ୍ଚନା—4. Deception.

୫ । ଓଲଟାଇ ଦେବା; ବିପର୍ଯ୍ୟସ୍ତ କରିବା—
5. Turning a thing upside down.

୬ । ଛଳନାଦ୍ୱାରା ବିଳମ୍ବ କରିବା; ଦମ୍ଭଲ୍ଲାସା—
6. Delaying by excuses.

ଟାଲିମଟୁଲ—ଦେ. ବି—ଟାଲମଟାଲ (ଦେଖ)
Ṭālamatula Ṭālamaṭāla (See).
টালমাটাল **टालम-ट्रल**

ଟାଲ ମାରିବା—ଦେ. କି—ଟାଲ ଦେବା (ଦେଖ)
Ṭāla māribā Ṭāla debā (See).

ଟାଲି—ଦେ. ବି—ଟାଇଲ୍ ଦେଖ)
Ṭāli Ṭāil (See).

ଟାଳିବା—ଦେ. କି (ସ. ଟଲ୍ ଧାତୁ; ଣିଚ୍ ଟାଳ ଧାତୁ; ଟଳବାର
Ṭāḷibā ଚ୍ଛେନ୍ତରୂପ)—୧ । ଟଳାଇବା; ବିଚଳିତ
টালা କରିବା; ଶିଥିଳ କରିବା; ଢୁଗୁଲାଇବା—
ठालना 1. To dislocate; to loosen.

୨ । ମୂଳୋତ୍ପାଟନ କରିବା; ଉପାଡ଼ିବା—
2. To uproot (as a tree).

୩ । ବଞ୍ଚନା କରିବା; ଭଣ୍ଡିବା; ଭଣ୍ଡାଇବା—
3. To dodge; to deceive; to brick.

୪ । ଛଳନା କରିବା—
4. To pretend; to prevaricate.

୫ । ଛଳନା ଦ୍ୱାରା କାଳକ୍ଷେପଣ କରିବା—
5. To while time or put off under various pretexts; to evade; to dilly-dally.

ମିଥିଆ ଟାଳିଣ ପିଆଦା ପଠାଏ ମାର ଝିଙ୍କେ ଅସୁ ସାଇ ।
କବିସୂର୍ଯ୍ୟ ସଙ୍ଗୀତ ।

୬ । (ଗୁରୁଜନଙ୍କୁ) ଥଟ୍ଟା ବା ପରିହାସ କରିବା—
6. To jest ones elders.

୭ । (ଅଙ୍ଗୀକାର) ଅନ୍ୟଥା କରିବା—
7. To break (one's promise).

୮ । (ଆଜ୍ଞା) ଅବଜ୍ଞା କରିବା; ଲଂଘନ କରିବା—
8. To disobey (an order).

ଟେକିଥିର ପାଦେ ବଳର ସାର
ଟାଳିବ କେ ଆଜ୍ଞା ସସାରେ ତାର—ଅଭିମନ୍ୟୁ ବିଦଗ୍ଧଚିନ୍ତାମଣି ।

୯ । ନିଜର ଦାୟିତ୍ୱ ଅନ୍ୟ ଉପରେ ଲଦିଦେବା ବା ପକାଇଦେବା—9 To shirk one's responsibility to another.

୧୦ । (ଆଦେଶ) ରଦ୍ଦ କରିବା—
10. To set aside (an order)

୧୧ । ଆଘାତ ଆଦିକୁ ଅଟକିବା; ସମ୍ଭାଳିନେବା—
11. To ward off (a blow).

ସୁଯୋଧନ ରାଜା ଅଟନ୍ତି ବୁଦ୍ଧିଶାଳୀ
ସେ ଗଦା ପ୍ରହାରକୁ ଦେଲେ କରେ ଟାଳି—କୃଷ୍ଣସିଂହ. ମହାଭାରତ.ଶଲ୍ୟ.

୧୨ । (ଶୁଣ୍ଠି ପିପ୍ପଳୀ ଆଦି) ଔଷଧରୂପେ ବ୍ୟବହାର କରିବା ପାଇଁ ଈଷତ୍ ଭୃଷ୍ଟ କରିବା—12. To scorch bits of dry ginger and long pepper etc for using them as medicine.

ଟାହାଙ୍ଗିବା—ପ୍ରାଦେ. (ସମ୍ବଲପୁର) କି—ମୁଣ୍ଡ ଟେକି ଗୁହିଁବା—
Ṭāhāngibā To look with one's head raised or lifted up.

ଉଲ୍ ଧାନକେ ମଯୂର ବାଏ (ଭ)
ଗାଏ ବ ନ ଗାଏ ଟାହାଙ୍ଗି ଥାଏ—ଢଗ ।

ଟାହି—ଦେ. ବି (ସ. ଅଟ୍ଟହାସ; ଟଟ୍ଟୁସ୍ମ)—୧ । କୌତୁକ—1. Fun.
Ṭāhi ୨ । ଥଟ୍ଟା; ପରିହାସ; ଟାପରା—
ঠাট্টা; **ठट्ठा** 2. Jest; joke; mockery.

ଟାହିରେ ପଶୁର ବ ପ୍ରକାଶିତ
ଟଙ୍କେ ବଡ଼ାଭୁଛ ମଦନ ଶତ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

মেকানি ୩ । ନିନ୍ଦିତ ପରିହାସ—3. Flirtation.
[ବି—ଏହା ଟାପରା ପୂର୍ବେ ସହଚର ରୂପେ ବ୍ୟବହୃତ ହୁଏ]

ଟାହିଆ—ଦେ. ବି (ଭୁଲ. ଇଂ. Tiara; ଟାୟାରା)—ଠାକୁରଙ୍କ ପ୍ରସ୍ତ
Ṭāhiā ପଛ ଆଡ଼େ ବନ୍ଧାଯିବା ବା ମୁଣ୍ଡ ଜୁଡ଼ାରେ ଖୋସାଯିବା (ଟାହିଆ-ଅନ୍ୟରୂପ) ଫୁଲଦ୍ୱାରା ସଜ୍ଜିତ ମଯୂରପୁଚ୍ଛାକାର ଆଭରଣ-ବିଶେଷ—A fan-shaped nosegay or bouquet arranged for show in the back-
ঠাট্টাবাজ, **ठठोल** ground of an image or a chignon
ଦେ. ବିଣ.—ଥଟ୍ଟେଇ; ପରିହାସପ୍ରିୟ—Jestive; jocular.

ଟାହି କରିବା—ଦେ. କି—ଥଟ୍ଟା କରିବା—To jest.
Ṭāhi karibā ଟାହି କର ହସି ଉଠନ୍ତି ପୁଣି—ବ୍ରାଚୀ. ପରିବେଶୀତା ।
মেকা; **ठट्ठा उड़ाना**

ଟାହି ଖେଳିବା—ଦେ. କି—୧ । ମୁହଁରେ ଥଟ୍ଟା କରିବା—
Ṭāhi kheḷibā 1. To crack jokes; to banter.

୨ । କାର୍ଯ୍ୟତଃ ପରିହାସ କରିବା—
2. To cut practical jokes.

ଟାହି ଟାପରା—ଦେ. ବି (ଏକାର୍ଥ ସହଚର)—୧ । କୌତୁକ—
Ṭāhi ṭāparā 1. Fun.
ঠাট্টাবাটখারা; **हँसीठट्ठा** ୨ । ଥଟ୍ଟା ପରିହାସ—
2. Jest; joking.

ଟାହିବା—ଦେ. କି—ଟାହି କରିବା—To jest
Ṭāhibā

ଟାହିଲି (ଇତ୍ୟାଦି)—ଦେ. ବି—ଟାହି ଇତ୍ୟାଦି (ଦେଖ)
Ṭāhili (etc.) Ṭāhi etc (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଷ୍ଟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ', ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟାହିଲିଆ—ଦେ. ବିଣ. ପୁଂ—୧ । ଥଟ୍ଟାଳିଆ; ପରିହାସପ୍ରିୟ (ବ୍ୟକ୍ତି)—
Ṭāhiliā 1. Fond of fun; jocular; given to joking.
ठट्ठेबाज ठठोरा (ଟାହୁଲେଇ—ସ୍ତ୍ରୀ)

୨ । ପରିହାସଯୁକ୍ତ (କଥା)—
2. Humorous; funny (words).

ଟାହୁଳି (ଇତ୍ୟାଦି)—ଦେ. ବି—ଟାହି ଇତ୍ୟାଦି (ଦେଖ)
Ṭāhuḻi etc. Tāhi (etc) (See)

ନଇଗୁଅ ସବୁବେଳେ ମୋ କଥାକୁ ଟାହୁଳି କରନ୍ତି—
ଭକ୍ତଚରଣ, ଉତ୍କଳମାଳୀ ।

ଟାହୁଲି (ଇତ୍ୟାଦି)—ଦେ. ବି—ଟାହି ଇତ୍ୟାଦି (ଦେଖ)
Ṭāhuli etc. Ṭāhi etc (See)

ଶ୍ୟାମଦାସ ଗୁମାସ୍ତା ଜ୍ୟୋତିଷଙ୍କୁ ଟିକିଏ ଟାହୁଲି କରି କହିଲେ—
ଫକୀରମୋହନ. ଗଳ୍ପସ୍ୱଳ୍ପ ।

ଟାହୁଲିଆ—ଦେ. ବିଣ. ପୁଂ—ଟାହିଲିଆ (ଦେଖ)
Ṭāhuliā Ṭāhiliā (See)
(ଟାହୁଲେଇ—ସ୍ତ୍ରୀ)

ଟାହ୍ୟା—ଦେ. ବି—ଟାହିଆ (ଦେଖ)
Ṭāhyā Ṭāhiā (See)

ଟି—ଦେ. ଅ. (ସଂ. ହି; ଏହା ଶବ୍ଦପରେ ବ୍ୟବହୃତ ହୁଏ)—୧ । ବାକ୍ୟ ପୂରଣ ଓ ଶବ୍ଦ ଉପରେ ଜୋର ଦେବାପାଇଁ ବ୍ୟବହୃତ ପ୍ରତ୍ୟୟ ବିଶେଷ—1. A particle used to complete a sentence and give emphasis on a word, corresponding to the English "too".
Ṭi

ଅଖିଳ ଜନନୀ ନାସା ମୃଗମଦ ନଇଁଟି । କବିସୂର୍ଯ୍ୟ ବଳଦେବ ଚମ୍ପୂ ଣ ଗୀତ ।

୨ । ପ୍ରଶ୍ନାର୍ଥକ—2. Interrogative.
[ଯଥା—ତୁମ୍ଭେ କାଲି ଫେରି ଆସିବଟି ?]

୩ । ନିଶ୍ଚେ (ନିଶ୍ଚୟାର୍ଥକ)—3. (a particle used to denote certainty) Certainly.

ଅବଶ୍ୟ ତା ସମ୍ମୁଖରେ ନିବେଦନ କଲିଟି—କବିସୂର୍ଯ୍ୟ ବଳଦେବ ଚମ୍ପୂ ଣ ଗୀତ ।

୪ । ଅଭିପ୍ରାୟାର୍ଥ ପ୍ରକାଶକ—4. A particle used to indicate the speaker's intention.

ଆଶ୍ରୟ ନୋହିବ ଗୋବର୍ଦ୍ଧନ ଗିରିଟି—କବିସୂର୍ଯ୍ୟ. ବଳଦେବ ଚମ୍ପୂ ଣ ଗୀତ ।

୫ । (ଅବଧାରଣାର୍ଥକ) ଏକମାତ୍ର; ଗୋଟିଏ—
5. Sole; one only.

ଉଦ୍ଧବ ଏହିଟି ବୋଲି କୃପାକଲୁ ବଳିଟି—କବିସୂର୍ଯ୍ୟ ବଳଦେବ ଚମ୍ପୂ ଣ ଗୀତ ।

[ଦ୍ର—କବିସୂର୍ଯ୍ୟ ବଳଦେବଙ୍କ ଚମ୍ପୂର 'ଣ' ଗୀତରେ 'ଟି' ର ଭିନ୍ନ ଭିନ୍ନ ପ୍ରୟୋଗର ଉଦାହରଣ ସୁଲଭ ଅଟେ ।]

୬ । (ଅବଧାରଣାର୍ଥକ, ବହୁସଂଖ୍ୟାବାଚକ)—ସଂଖ୍ୟକ—
6. Numbering (so many).
[ଯଥା—ପାଞ୍ଚଟି ଟଙ୍କା ତାଙ୍କୁ ମିଳିଲା ।]

୭ । କ୍ଷୁଦ୍ରାର୍ଥକ—7. Tiny.

କ ବଚନ କଲେ କନକମୟ ଟିକ ପିଲାଟି—ପ୍ରାଚୀନ ଭଜନ

୮ । କାରୁଣ୍ୟବ୍ୟଞ୍ଜକ—8. A particle denoting compassion.
[ଯଥା— ବୁଢ଼ାଟି କେତେ ଦୁଃଖ ପାଉଛନ୍ତି ।]

ଟିଆ—ଦେ. ବି. (ସଂ. ଟିଟ୍ଟିଭ) ୧ । ଟିଟ୍ଟିଭ (ଦେଖ)
Ṭiā 1. Ṭiṭṭivā (See)
टियां, टेंया ୨ । ତୋତା ପକ୍ଷୀ; ଏକ ଜାତୀୟ ଶୁକ ପକ୍ଷୀ—
टुइआ 2. A kind of parrot; rose-ringed paraquat; Palaeornis Torquatus.

[ଦ୍ର—ଏହା ସାଧାରଣ ଶୁଆନାମକ ପ୍ରସିଦ୍ଧ ନୀଳପକ୍ଷ ଓ ରକ୍ତଚଞ୍ଚୁ ବିଶିଷ୍ଟ ପକ୍ଷୀ ଏବଂ ଲମ୍ବରେ ମୁଠାଏ ପର୍ଯ୍ୟନ୍ତ ବଢ଼େ । ଅଣ୍ଡିରି ପକ୍ଷୀର କଣ୍ଠ ଚାରିପାଖେ କଳା ଓ ନାଲି କଣ୍ଠି ପରି ଗାର ବୁଲିଥାଏ । ମାଈ ପକ୍ଷୀର କଣ୍ଠ ବୁଲି ନ ଥାଏ ।

୩ । ଟେହିବା; ଉତ୍ତେଜନା—3. Instigation.

ପ୍ରାଦେ. (ସମ୍ବଲପୁର) ବି—୧ । ଭରଦ୍ୱାଜ ପକ୍ଷୀ—
1. The lark.

୨ । କୌଣସି କାର୍ଯ୍ୟ ପାଇଁ ନିର୍ଦ୍ଧାରିତ ସମୟ ବା କରାର—
2. Fixed time.

ଟିଆଇବା—ଦେ. କ୍ରି. (ସଂ ତପ ଧାତୁ; ଣିଜନ୍ତ ତାପି ଧାତୁ, କିମ୍ବା ସଂ ତିଜ ଧାତୁ = ତୀକ୍ଷ୍ଣ କରିବା, ତାକ୍ କରିବା)—ଉତ୍ତେଜିତ କରାଇବା, ମଚ୍ଚାଇବା, ତେଜିବା—
Ṭiaibā
टुआन, टुयान
उसकाना To instigate; to goad.
(ଟିହାଇବା, ଟେହିବା, ଟିଏଇବା; ଟେହିବା, ଟ୍ୟାହିବା—ଅନ୍ୟରୂପ)

ଟିଆ କରିବା—ପ୍ରାଦେ. (ସମ୍ବଲପୁର) କ୍ରି—କରାର କରିବା—
Ṭiā karibā To make a bargain; to appoint a time.

ଟିଆମତା—ଦେ. ବି. (ସହଚର)—ଉତ୍ତେଜନା—
Ṭiā-matā Instigation.

ଟିଇକ—ଗ୍ରା. ବିଣ—ଟିକକ (ଦେଖ)
Ṭi-ika Tikaka (See)

ଟିଇକେ—ଗ୍ରା. କ୍ରି. ବିଣ—କ୍ଷଣକେ —
Ṭi-ike In an instant.

କ୍ଷଣକେ ଅଛି ଏ ଟିଇକେ ନାଶ—ପ୍ରାଚୀ ପଦ୍ୟ ଗୀତ ।

ଟିଉଟର—ବୈଦେ. ବି (ଇଂ)—ଶିକ୍ଷକ; ଗୁରୁ—
Ṭiuṭar Teacher.
टिउटर ट्यूटर

ଟିଉବ୍—ବୈଦେ. ବି (ଇଂ)—
Ṭiub ନଳି—Tube.
टिउब ट्यूब

ଟିଉବ୍ ଉଏଲ୍—ବୈଦେ. ବି (ଇଂ. ଟିଉବ୍‌ୱେଲ୍)—ନଳକୂଅ—
Ṭiub uel Tube well.
टिउबउएल ट्यूबवेल

[ଦ୍ର—କୂଅ ପାଇଁ ମାଟିରେ ଗହିରି ଗାତ ନ ଖୋଳି ଗୋଟିଏ ଲୁହା ନଳକୁ ମାଟିରେ ତଳ ଅଡ଼କୁ ଠେଲି ମାଡ଼ିବାକୁ ହୁଏ ଓ

୧	ଲ	ଓ	ର,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଡ଼ଅ	ଘ
୨	ଢ	ଊ	ଋ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍

ନଳଟି ମାଟି ଭିତରକୁ କ୍ରମଶଃ ପଶୁଥାଏ । ଏହିପରି ପଶୁ ପଶୁ ନଳ ଯେତେବେଳେ ଭୂଗର୍ଭସ୍ଥ ଜଳସ୍ରୋତକୁ ହାବୁଡ଼େ ସେତେବେଳେ ସେହି ନଳବାଟେ ଉକ୍ତ ଜଳ ପିଚକ କରି ଉପରକୁ ଉଠି ଆସେ ଓ ନଳ ମୁହଁରେ ପାଣି ବାହାରେ ।]

ଟିଉସନ୍—ବୈଦେ. ବି. (ଇଂ. ଟୁଇସନ୍)—୧ । ଶିକ୍ଷକତା—
Tiusan 1. Teachership.
ଟିଉସନ **୨** । ଘରେ ସ୍କୁଲଛାତ୍ରମାନଙ୍କୁ ପଢ଼ାଇବା—
ଟ୍ୟୁସନ 2. Private tuition.
(ଟୁଉସନ—ଅନ୍ୟରୂପ)

ଟିଏ—ଦେ. ପ୍ରତ୍ୟୟ. (ଆଦରାର୍ଥକ)—ଏକଗୋଟି ମାତ୍ର—
Tie One only.
একটি ତଣ୍ଡା ଫୁଲଟିଏ ପାଇଲି ବନ ଭ୍ରମନ୍ତ ପ୍ରାଏ—ନନ୍ଦକିଶୋର· ପକ୍ଷି ଛନ୍ଦ ।
एकठा [ଦ୍ର—ଏହା ବିଶେଷ୍ୟ ପଦରେ ଯୁକ୍ତ ହୋଇ ବ୍ୟବହୃତ (ଟାଏ—ଅନାଦରାର୍ଥକ) ହୁଏ; ଯଥା—ମନୁଷ୍ୟଟିଏ, ପିଲାଟିଏ ।]

ଟି. ଏ—ବୈଦେ. (ସାଙ୍କେତିକ) ବି. (ଇଂ. ଟ୍ରାଭ୍ଲିଙ୍ଗ୍ ଆଲାଉଆନ୍ସ୍‌ରେ
T. A. ଥିବା ଦୁଇଟି ଶବ୍ଦର ପ୍ରଥମ ଦୁଇ ଇଂରାଜୀ ଅକ୍ଷର)—
ଟି ଏ ଟ୍ରାଭଲିଙ୍ଗ୍ ଆଲାଉଆନ୍ସ; ରାସ୍ତାଖର୍ଚ୍ଚ—T. A; abbrevia-
टि ए tion of the word travelling allowance.

ଟି. ଏ. ବିଲ୍—ବୈଦେ. ବି. ଇଂ. (ଟ୍ରାଭଲିଙ୍ଗ୍ ଆଲାଉଆନ୍ସର ପ୍ରଥମ ଦୁଇ
T. A. bil ଇଂରାଜୀ ଅକ୍ଷର ଓ ଇଂ. ବିଲ୍)—କର୍ତ୍ତୃପକ୍ଷଙ୍କଠାକୁ
ଟି এ বিল ପଠାଯିବା ରାସ୍ତାଖର୍ଚ୍ଚର ବିବରଣ ଲେଖା ଥିବା ବିଲ୍—
T. A. bill; a bill for travelling allowance.

ଟିଏଇବା—ଦେ. କ୍ରି—ଟିଆଇବା (ଦେଖ)
Ti-eibā Tiā-ibā (See)

ଟିଁଟିଁଆଁ—ଦେ. ବି. (ସଂ. ଟିଟ୍ଟିଭ)—ଟିଟ୍ଟିଭ (ଦେଖ)
Tiñ-tiñ-āñ Tittibha (See)
ଦେ. ବିଣ—ଟିଁ ଟିଁ ଶବ୍ଦ କରୁଥିବା—
Making a trilling sound.

ଟିଁଟିଁଆଁ ବଣି—ଦେ. ବି—ଏକପ୍ରକାର ବଣିଚଢ଼େଇ—
Tiñ-tiñ-āñ bani A kind of myna bird.

ଟିକ୍‌ଟିକ୍—ଦେ. ବି—୧ । (ଟିକ୍‌ଟିକ୍ ଶବ୍ଦ କରିବା ଯୋଗୁଁ ; ସଂ. ଠେକ୍‌ନୀ)—
Tik-tik ଝିଟିପିଟି; ପଲ୍ଲି ; ଗୃହଗୋଧିକା—
টিকটিকি 1. The house-lizard; the house gecko;
छिपकलि Hemidactylus.
টুকরা.টুকরা **୨** । (ସଂ. ସ୍ତୋକ) ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡ—
टुकड़ा टुकड़ा 1. Particles; tiny bits.
টিকরা **୩** । ଶାଖାଶାୟୀ ପକ୍ଷିବିଶେଷ—
3. Reed warbler (a sweet singing bird);
Acrocephalus Calamoherpe.
ମୃଦୁ ନାଦେ କାହିଁ ରଟେ ଟିକ୍‌ଟିକ ବିହଙ୍ଗ ଜାଙ୍ଗଲବାସୀ—
ରାଧାନାଥ. ଉଷା ।

[ଦ୍ର—ଏହା ପ୍ରାୟ ୮ ଅଙ୍ଗୁଳ ଲମ୍ବ ହୁଏ । ଏହାର ଦେହ ଉପରେ ହଳଦିଆ । ଏହା କୀଟ ପତଙ୍ଗ ଆଦି ଖାଏ । ଏହାର ଗାନ ମଧୁର ।]

ଟିକଟିକୀ **୪** । (ଇଂ. ଟ୍ରାଇଙ୍ଗଲ୍; ସଂ. ତ୍ରିକାଷ୍ଠ) ତ୍ରିକାଷ୍ଠ ଦେଉଥିବା
टिकटिकी; टिकठी ଦଣ୍ଡୀକୁ ଭୂମିରେ ଠେସ ଲଗାଇ ଠିଆ କରାଯିବା ଯନ୍ତ୍ର, ଯହିଁରେ ଦଣ୍ଡିତ ବ୍ୟକ୍ତିର ହାତଗୋଡ଼କୁ ବାନ୍ଧି ତା ପିଠିରେ ବା ପିଚ୍ଛରେ ବେତ ମାଡ଼ ଦିଆ ଯାଏ—
4. Triangle; a triangular form to which offenders are tied and caned.
টিকটিকী ବୈଦେ. ବି. (ଇଂ. ଡିଟେକ୍ଟିଭ୍)—ଗୁପ୍ତ ପୁଲିସ; ଗୁପ୍ତ
खुफिया पुलिस ଚର—Detective; detective police.
ଦେ. ବିଣ—କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ—
টুকুরাটুকুরা, **टुकड़ाटुकड़ा** Divided into tiny bits.
(ଯଥା—ଟିକ୍‌ଟିକ୍ କାଗଜତକ ପବନରେ ଉଡ଼ିଗଲା ।]
টিকটিক ଦେ. ଅ. (ଧ୍ୱନ୍ୟନୁକରଣ)—ଢାଡ଼ି ଓ ଘଣ୍ଟାର ଠକଠକ
टिकटिक ବାଜିବା ଶବ୍ଦ—The ticking sound of a clock or watch.

ଟିକ୍‌ଟିକି—ଦେ. ବି ଓ ବିଣ—ଟିକ୍‌ଟିକ୍ (ଦେଖ)
Tik-tiki Tik-tik (See)

ଟିକ୍‌ଲି—ଦେ. ବି—ଟିକିଲି (ଦେଖ)
Tik-li Tikili (See)

ଟିକ—ଦେ. ଅ. (ସଂ. ସ୍ତୋକ)—ଅଳ୍ପ ପରିମାଣ; ସାମାନ୍ୟ, ଟିକଟେ,
Tika ଟି—Little in quantity; small; tiny.
টুকু [ଦ୍ର—ଏହା ବିଶେଷ୍ୟ ପରେ ଯୁକ୍ତ ହୋଇ ସଂଖ୍ୟା, ଆକାର
ठा ବା ପରିମାଣର କ୍ଷୁଦ୍ରତା ବା ଅଳ୍ପତା ବୁଝାଏ, ଯଥା—ପିଲାଟିକ= ଏକମାତ୍ର କ୍ଷୁଦ୍ର ପିଲା, ଦୁଧଟିକ=ଟିକଏ ଦୁଧ ବା ଅତି ଅଳ୍ପ ମାତ୍ର ଥିବା ଦୁଧ ।]
ଦେ. ବି ଓ ବିଣ—ଟିକକ (ଦେଖ)—Tikaka (See)

ଟିକକ—ଦେ. ବିଣ. (ସଂ. ସ୍ତୋକ)—୧ । ଅତି ସାମାନ୍ୟ—
Tikaka 1. Insignificant.
এতটুকু **୨** । ଅତି ଅଳ୍ପ—2. Very little.
थोड़ासा **୩** । ଅତି କ୍ଷୁଦ୍ର—3. Very small; tiny.
ଦେ. ବି—୧ । ଅତି ସାମାନ୍ୟ ବସ୍ତୁ—1. A little.
୨ । ଅତି କ୍ଷୁଦ୍ର ଖଣ୍ଡ—2. A bit.
ଦେ. ଅ—ଟିକ (ଦେଖ)—Tika (See)

ଟିକକ ଠାଇଁ—ଦେ. କ୍ରି. ବିଣ—ବିନ୍ଦୁମାତ୍ର ଅବଶିଷ୍ଟ ନ ରଖି—
Tikaka thaun Leaving no remnant.
अवलसे आखिरतक (ଯଥା—ମୁଁ ତାକୁ ସବୁ କଥା ଟିକକଠାଇଁ କହିଗଲି ।)

ଟିକକ ଠାଇଁ ନିଖାଜ ଯାଏ—ଦେ. କ୍ରି. ବିଣ—ଟିକକ ଠାଇଁ (ଦେଖ).
Tikaka thaun nikhaka jāe Tikaka thaun (See)

ସାଧାରଣ ଲେକେ ଅପର ପୃଷ୍ଠାରେ ଦ୍ୱିତ ୧ ଚକ୍ଷିତ ଅକ୍ଷର ଓ ମାତ୍ରା ଏବ ୨ ଚକ୍ଷିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ପାଠ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ମିଳଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍ଗା' ଦେଖିବେ; 'ଅଲବଟ' ନ ପାଇଲେ 'ଅଲ୍‌ବଟ୍ଟ' ଦେଖିବେ।

ଟିକଟ—ବୈଦେ. ବି. (ଇଂ. ଟିକେଟ୍)—
Ṭikaṭa — ୧ । ରେଲ ଆଦିରେ ଚଢ଼ି ଯିବା ନିମନ୍ତେ ଯାତ୍ରୀ ଭଡ଼ା
টিকিট — ଦେଇ ଥିବାର ଚିହ୍ନ ସ୍ୱରୂପ କର୍ତ୍ତୃପକ୍ଷଙ୍କଠାରୁ ପ୍ରାପ୍ତ କ୍ଷୁଦ୍ର
टिकट — କାଗଜ ଖଣ୍ଡମାନ—1. Railway tickets.
୨ । ଡାକ ଟିକଟ—
2. Postage tickets; postal stamps.
୩ । କୌଣସି ବସ୍ତୁ ଉପରେ ମରା ଯାଇଥିବା ଛୋଟ କାଗଜ—
3. Label.
୪ । ଥିଏଟର, ମେଳା, ପ୍ରଦର୍ଶନୀ ଆଦିକୁ ଯିବା ପାଇଁ ଦର୍ଶକଙ୍କୁ ଦିଆ ଯିବା ଅନୁମତିସୂଚକ କାଗଜ—
4. Ticket or pass for admission to a show, theatre etc.
୫ । ରେଜିଷ୍ଟ୍ରୀଖାନାରୁ ଦଲିଲର ସମ୍ପାଦନକାରୀଙ୍କୁ ମିଳିବା ନିଦର୍ଶନ କାଗଜଖଣ୍ଡ—5. A slip of paper granted to the presenter of a deed for registration which he has to deliver before the registerd document is returned to him after copying.
[ଦ୍ର—ଦଲିଲସମ୍ପାଦନକାରୀ ଯେଉଁ ବ୍ୟକ୍ତିଙ୍କ ନାମରେ ଉକ୍ତ ଟିକଟ ପଡ଼ରେ କାଗଜ ଲେଖିଦେଇ ସେହି ବ୍ୟକ୍ତି ନିର୍ଦ୍ଦିଷ୍ଟ ତାରିଖରେ ଉକ୍ତ ଟିକଟ ରେଜିଷ୍ଟ୍ରୀଖାନାରେ ଦାଖଲ କରି ଦଲିଲ ଫେରସ ପାଏ ।]
ପ୍ରାଦେ (ଗଞ୍ଜାମ) ବି—ଟିକସ; ଟାକ୍ସ—Tax.

ଟିକଟ କଟା(ଟେ)ଇବା—ଦେ. କ୍ରି—ମୂଲ୍ୟ ଦେଇ ରେଲକର୍ମଚାରୀଆଦିଙ୍କ-
Ṭikaṭa kaṭā(ṭe)ibā — ଠାରୁ ରେଲ ଗାଡ଼ିର ଟିକଟ ଆଣିବା; ଟିକଟ
টিকিট কাটান — କରିବା; ଟିକଟ କିଣିବା—
टिकट कटाना — To purchase a ticket on payment of the fare or fee.

ଟିକଟ କରିବା—ଦେ. କ୍ରି—ଟିକଟ କଟାଇବା (ଦେଖ)
Ṭikaṭa karibā — Ṭikaṭa kaṭāibā (See)
টিকিট করা **टिकट करना**

ଟିକଟ କାଟିବା—ଦେ. କ୍ରି—୧ । ମୂଲ୍ୟ ନେଇ ଯାତ୍ରୀମାନଙ୍କୁ ରେଲ-
Ṭikaṭa kāṭibā — ଗାଡ଼ିର ଟିକଟ ଦେବା—
টিকিট কাটা — 1. To issue tickets.
टिकट काटना — ୨ । ଟିକଟ କରିବା; ଟିକଟ କିଣିବା—
2. To purchase tickets on payment of the fare.

ଟିକନ୍—ବୈଦେ· ବି (ଇଂ. ଟିକଙ୍ଗ୍)—ଗଦି ଓ ଖୋଳ ଆଦିର ଖୋଳ
Ṭikan — ନିମନ୍ତେ ବ୍ୟବହୃତ ଏକପ୍ରକାର ଦୃଢ଼ଗାର ମୋଟା
টিকিং — ଡୋରିଆ ଲୁଗା—Ticking; a coarse
टीकन — striped cotton-stuff for cushions etc.

ଟିକମ୍—ଦେ. ବି (ସଂ. ସ୍ତୋକ)—ଅତି ଖର୍ବକାୟ ବ୍ୟକ୍ତି; ବାମନ;
Ṭikam — ବାଙ୍ଗର—Dwarf.
বেঁটে — ଦେ. ବିଣ—ଖର୍ବକାୟ; ବାଙ୍ଗୁରା—
ठुमका, बाना — Dwarfish.

ଟିକମା—ଦେ. ବି ଓ ବିଣ—ଟିକମ୍ (ଦେଖ)
Ṭikamā — Ṭikam (See).

ଟିକର—ଦେ. ବି (ସଂ. କଙ୍କର)—୧—ଗୋଡ଼ି—
Ṭikara — 1. Shingles; pebbles; gravel.
টিকর **टेकर**
୨ । ଟିପ; ଉଚ୍ଚ ଜମି—2. High land.
୩ । ବାଲିସ୍ତୂପ ବା ଚର—3. Sandbank.
ଦେ. ବିଣ—୧ । ଉଚ୍ଚ ବା ଢଗିଡ଼ା (ଭୂମି)—
1. High and dry (land); elevated.
୨ । ପଥୁରିଆ; ଗୋଡ଼ିଆ (ଭୂମି)—
2. Shingly; stony; gravelly,
ପ୍ରାଦେ (ଗଡ଼ଜାତ) ବି—ବ୍ୟଙ୍ଗୋକ୍ତି; ପରିହାସ—
Banter; joke.

ଟିକର କରିବା—ପ୍ରାଦେ (ଗଡ଼ଜାତ) କ୍ରି—ପରିହାସ କରିବା; ବ୍ୟଙ୍ଗ
Ṭikara karibā — କରିବା—To banter.

ଟିକର ମାରି ହେବା—ପ୍ରାଦେ (ଗଡ଼ଜାତ) କ୍ରି—ଟିକର କରିବା (ଦେଖ)
Ṭikara māri hebā — Ṭikara karibā (See).

ଟିକରା—ଦେ. ବି—ଟିକର (ଦେଖ)
Ṭikarā — Ṭikara (See).
ଦେ. ବିଣ—୧ । (ସଂ. ସ୍ତୋକ) ଅଳ୍ପପରିମିତ—
1. Of small dimensions; petty.
୨ । ଟିକର (ଦେଖ)—
2. Tikara (See).
ପ୍ରାଦେ (ବାଲେଶ୍ୱର) ବି—ହୁଙ୍କା—Ant hill.
(ଯଥା—ଉଇ ଟିକରା ।)

ଟିକରା ଚାଷ—ଦେ. ବି—ଛୋଟ ଛୋଟ ଜମିର ଚାଷ କରିବା—
Ṭikarā chāsha — Cultivation of tiny plots of land.
କେବେଁ ନ କରିବୁ ଟିକରା ଚାଷ
କର ଦେଇ ନାହିଁ ଘରରେ ଅଣ—କୃଷିବଚନ

ଟିକରିଆ—ପ୍ରାଦେ. (ଗଡ଼ଜାତ) ବିଣ. ପୁଂ—୧ । ବ୍ୟଙ୍ଗୋକ୍ତିକାରୀ—
Ṭikariā — 1. Bantering; scoffing.
(ଟିକରେଇ—ସ୍ତ୍ରୀ) ୨ । ଥଟ୍ଟାଳିଆ—2. Jestive; jocular.

ଟିକଲ—ଦେ. ବି—ପରିହାସ; ଠାପସ୍ସ—
Ṭikala — Jest; joke.

ଟିକସ—ବୈଦେ. ବି—୧ । (ଇଂ. ଟାକ୍ସ୍) କର; ଶୁଳ୍କ—
Ṭikasa — 1. Tax; toll; duty.
टैक्स, टाक्स; टिकस

୧	ଲ	ଊ	ର,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଷ,ଷ	ଜ୍ଞ	ଇଯ୍	ଉଅ	ଓ
୨	ଈ	ଉ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ୠ	ନ୍

୨। ଗ୍ରା. (ଇଂ.ଟିକେଟ୍) ଅନୁମତି ସୂଚକ କ୍ଷୁଦ୍ର କାଗଜଖଣ୍ଡ—
টিকিট; **टिकट** 2. Ticket.

ଟିକସ ଦାରୋଗା—ବୈଦେ. ବି (ଇଂ. ଟାକ୍ସ୍+ଫା. ଦାରୋଗା)—ଟାକ୍ସ
Ṭikasa dārogā ବା କର ସଂଗ୍ରାହକ କର୍ମଚାରୀ—
ট্যাক্স দারোগা Tax collector.
टिकस दारोगा

ଟିକସ ବସା(ସେ)ଇବା—ଦେ. କ୍ରି—କର ଧାର୍ଯ୍ୟ କରିବା—
Ṭikasa basā(se)ibā To assess tax.
টাক্স.বসান; **टिकस लगाना**

ଟିକା—ଦେ. ବି (ସଂ. ତିଲକ; ତୁଳ. ଫ. ବିନ୍ଦୁକା)—୧। କପାଳରେ
Ṭikā ଦେଇଯିବା ଗୋରୋଚନା ଓ ଚନ୍ଦନ ଆଦିର ଠୋପା—
টীকা; **टीका** 1. A circular-finger mark of different colours painted on the brow.
ଦେଲେ ଶ୍ରୀଚନ୍ଦନ ଟିକା ଘନ ଲଲାଟରେ—ମଧୁସୂଦନ. ବାଲରାମାୟଣ।

টীকা ୨। ସ୍ୱର୍ଣ୍ଣ ରୌପ୍ୟାଦି ନିର୍ମିତ ପଦକ; ମସ୍ତକର ଅଳଙ୍କାର ବିଶେଷ—2. A silver or gold medal worn as an ornament.

টীকা ୩। ବସନ୍ତ ରୋଗସଂକ୍ରମଣର ଆଶଙ୍କା ନିବାରଣାର୍ଥ ବସନ୍ତ-
टीका ରୋଗଗ୍ରସ୍ତ ମନୁଷ୍ୟ ବା ଗୋରୁଙ୍କଠାରୁ ପୂଜ (ରସ) ନିଆଯାଇ ମନୁଷ୍ୟର ହାତ ବା ବାହୁରେ ଛିଦ୍ର କରି ଉକ୍ତ ପୂଜକୁ ଭର୍ତ୍ତି କରିବା ପ୍ରଣାଳୀ—
3. Vaccination; inoculation.
[ଦ୍ର—ମନୁଷ୍ୟଠାରେ ଦିଆଯିବା ଟିକାକୁ ଦେଶୀଟିକା ଓ ଗୋରୁଙ୍କରେ ଦିଆଯିବା ଟିକାକୁ ବିଲାତି ଟିକା କୁହାଯାଏ।]

୪। ଅଭିଷେକ ଉପଲକ୍ଷରେ ରାଜା ଓ ଯୁବରାଜଙ୍କ କପାଳରେ ଦିଆଯିବା ଚିହ୍ନ; ରାଜଟୀକା—
4. A circular finger-mark given on the brow of a Raja and heir apparent on the occasion of installation; sign of royalty.

টেক্কা ୫। ତାସ୍ ଖେଳରେ ଏକ ସଂଖ୍ୟକ ତାସ—
इक्का 5. The ace at cards.

୬। ଅଙ୍ଗୁଠିର ଅଗ ଦ୍ୱାରା ଆଘାତ; ଥୋପି—
6. A tap with the tip of a finger.

୭। (ଲକ୍ଷଣାର୍ଥ)ବହୁ ଲୋକଙ୍କମଧ୍ୟରେ ଶ୍ରେଷ୍ଠତ୍ୱସୂଚକ ଚିହ୍ନ—
7. (fig) Sign of excellence amongst many.
ପାଉଛି ଟିକା ସୁନ୍ଦର ଯାକେ—ଉପେ. କୋଟିବ୍ରହ୍ମାଣ୍ଡସୁନ୍ଦରୀ।

ଦେ. ବିଣ—୧। ଶ୍ରେଷ୍ଠ; ପ୍ରଧାନ—1. Chief.
ଉରଜ ଭାରକାହାରମଧ୍ୟୀ ନାକନାରୀଙ୍କ ଟିକା। ରଘୁନାଥ. ଭଞ୍ଜ।
୨। ଉତ୍କୃଷ୍ଟ—2. Excellent.

ଗ୍ରାଦେ. (ଗଡ଼ଜାତ) ବି—୧। ପ୍ରଜାଙ୍କର ରାଜାଙ୍କୁ ପ୍ରଣାମ କରିବା ଉପଲକ୍ଷରେ ଦେବା ଭେଟି—1. Present given to a king by a subject after making obeisance.

୨। ରାଜା ଓ ଶୁଦ୍ଧିପୁମାନଙ୍କ ଘରେ ବୈବାହିକ ମହାପ୍ରସାଦ-ବନ୍ଧନର ଅଙ୍ଗବିଶେଷ; ଟିକାଲାଗି—
2. The ceremony of betrothal amongst the Kshatriyas.
[ଦ୍ର—ଏଥିରେ କନ୍ୟାପକ୍ଷର ଅଭିଭାବକ ବର ଘରକୁ ଯାଇ ତାଙ୍କୁ ନବବସ୍ତ୍ର ଓ ଅଳଙ୍କାରାଦି ଦେଇ କନ୍ୟାପ୍ରଦାନ କରିବାକୁ ସଙ୍କଳ୍ପ ପୂର୍ବକ ତାଙ୍କ ମୁଣ୍ଡରେ ଟିକା ବା ଠୋପାଟିଏ ମାରି ଦିଅନ୍ତି।]

୩। ଏକ ରାଜଧାନୀକୁ ଆଗତ ଅନ୍ୟଦେଶର ରାଜାଙ୍କୁ ପ୍ରଥମ ରାଜଧାନୀର ଅଧୀଶ୍ୱରଙ୍କ ଗୃହରେ ଭୋଜନ କରିବା ନିମନ୍ତେ କରାଯିବା ସବିଧ ନିମନ୍ତ୍ରଣ—
3. A formal invitation for dinner sent by a Raja to a brother-chief during his visit to the former's capital.
[ଦ୍ର—ଅର୍ଘ୍ୟ, ପୁଷ୍ପ, ଧୂପ, ଦୀପ ଓ ପଟ୍ଟବସ୍ତ୍ରାଦି ଦେଇ ଏ ନିମନ୍ତ୍ରଣ କରାଯାଏ।]

ଗ୍ରାଦେ. (ସମ୍ବଲପୁର) ବି—ଗୋରୁଆଦିଙ୍କ ମୁଣ୍ଡରେ ଥିବା ଧଳା—
Big white patch found on the head of coloured cattle.

ଗ୍ରାଦେ. (ସମ୍ବଲପୁର) ବିଣ—ଗୁହଳିଆ; ଯେଉଁ ଗୋରୁ ମୁଣ୍ଡରେ ଧଳା ଥାଏ—(cattle) Having a white patch on the head.

ଟିକା(କେ)ଇତ—ଦେ. ବି. (ଏହାଙ୍କ ମୁଣ୍ଡରେ ଟିକା ବା ସମ୍ମାନସୂଚକ
Ṭikā(ke)ita ଚିହ୍ନ ଦିଆ ଯିବାରୁ)—୧। ଯୁବରାଜ; ରାଜାଙ୍କର
टिकैत; टिकाइ ଜ୍ୟେଷ୍ଠପୁତ୍ର; ରାଜ୍ୟର ଭାବୀ ଉତ୍ତରାଧିକାରୀ—
1. The eldest prince; the heir-apparent to the throne.

୨। ରାଜଦ୍ୱାରରେ ବିଶିଷ୍ଟ ସମ୍ମାନର ଚିହ୍ନସ୍ୱରୂପ ଯେଉଁ ବ୍ୟକ୍ତିର କପାଳରେ ଟିକା ଦିଆଯାଇ ଥାଏ—2. A person specially honoured by the king by being given a mark of sandal on the brow.

୩। ଯୁବକ ରାଜା—3. A young king.
ଟିକାଇତ ଅଷ୍ଟବର୍ଗର କହନ୍ତି ଶ୍ୟାମ ଏକ ଅଟଇ।
କବିସୂର୍ଯ୍ୟ ବଳଦେବ ରଥ. ଚି. ଗୀତ।

୪। (ଲକ୍ଷଣାର୍ଥ) ଶ୍ରେଷ୍ଠବ୍ୟକ୍ତି—4. Chief.
ଟିକାଇତ ତୁ ରସିକାଙ୍କେ ସିନା। କବିସୂର୍ଯ୍ୟ. ସଙ୍ଗୀତ।

ଟିକାଏ—ଦେ. ଅ—ଟିକିଏ (ଦେଖ)
Ṭikāe Ṭikaka (See)
একটু ଟିକାଏ ହେଲେ ସେ ହୃଦୟ ସରୋଜେ ନୋହିବ ହାସ ବିକାଶ।
କବିସୂର୍ଯ୍ୟ ବଳଦେବ ରଥ. ଚି. ଗୀତ।

ଦେ. କ୍ରି. ବିଣ—ଅଳ୍ପକ୍ଷଣ ମାତ୍ର—For a short time.

ଟିକାଏତ—ଦେ. ବି—ଟିକାଇତ (ଦେଖ)
Ṭikāeta Ṭikāita (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ବିତୀୟ ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚନ୍ଦ୍ରବିନ୍ଦୁର ବଦଳରେ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ; 'ବୃଅ' ନ ମିଳିଲେ 'ବୃଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

ଟିକାକ—ଦେ. ଅ—ଟିକକ (ଦେଖ)
Ṭikāka — Ṭikaka (See)

ଟିକାକ ଦୋଷକୁ ଘମା କେଡ଼େ ଦୁଖ ଭୁଷିଗଲେ । କବିସୂର୍ଯ୍ୟ. ସଙ୍ଗୀତ !

ଟିକା ଘେ(ଘି)ନିବା—ଦେ. କ୍ରି—୧ । ବସନ୍ତବୀଜର ଟିକା ନିଜ ଅଙ୍ଗରେ
Ṭikā ghe(ghi)niba ଗ୍ରହଣ କରିବା—1. To be vaccinated or inoculated.
टीका लेना टीका लगाना
(ଟୀକା ନେବା—ଅନ୍ୟରୂପ) ୨ । କପାଳରେ ଚିତା ଧାରଣ କରିବା—2. To paint a circular mark on the forehead.

ଟିକାଦିଆ—ଦେ. ବି—୧ । ଯେଉଁ ବ୍ୟକ୍ତି ଅନ୍ୟମାନଙ୍କ ଠାରେ ବସନ୍ତ
Ṭikādiā ବୀଜର ଟିକା ଦିଏ—1. Vaccinator; inoculator.
टीकादार
टीकादार ୨ । ଟିକାଦେବା କର୍ମ—
টীকা দেওয়া 2. Vaccinating.
टीका चढ़ाना

ଟିକା ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ଦେହରେ ବସନ୍ତ
Ṭikā debā ରୋଗନିବାରକ ବୀଜ ପ୍ରବେଶ କରାଇବା—
টীকা দেওয়া 1. To vaccinate; to inoculate.
टीका चढ़ाना ୨ । କୌଣସି ବ୍ୟକ୍ତିର କପାଳରେ ଚିତା ବା ଠୋପା ଦେବା—2. To paint a circular mark on the forehead of a person.

ଟିକା ନେବା—ଦେ. କ୍ରି—ଟିକା ଘେନିବା (ଦେଖ).
Ṭikā nebā — Ṭikā ghenibā (See)

ଟିକାୟତ—ଦେ. ବି—ଟିକାଇତ (ଦେଖ)
Ṭikāyata — Tikāita (See)
(ଟିକାଏତ, ଟିକାଇତ—ଅନ୍ୟରୂପ)

ଟିକାଲାଗି—ପ୍ରାଦେ. (ଗଡ଼ଜାତ) ବି—ବିବାହ ପ୍ରସଙ୍ଗରେ ରାଜାଙ୍କ ଘରେ
Ṭikā-lāgi କନ୍ୟା ପକ୍ଷର ପୁରୋହିତ ବର ଘରକୁ ଯାଇ କରିବା ସ୍ୱୀକାର ବା ନିର୍ବନ୍ଧ ବିଧି—The ceremony of betrothal amongst the Kshatriyas.

ଟିକି—ଦେ. ଅ—୧ । ପ୍ରଶ୍ନାର୍ଥକ—
Ṭiki 1. Interrogative.
नाकि (ଯଥା—ତୁ ସେଠାକୁ ଯିବୁଟିକି ?)
टोक. ୨ । ନିଶ୍ଚୟାର୍ଥକ—2. A particle used to denote certainty.

ନକ୍ଷେତ୍ର ଛଳ ଏ ବଡ଼ ଶୀତଳ ନୂତନ୍ତାଟିକ ବିହାର—କବିସୂର୍ଯ୍ୟ କଣୋପରସମ୍ଭ ଟ ଶୀତ ।

ଦେ. ବଣ. ପୁଂ ଓ ସ୍ତ୍ରୀ—ଅତି କ୍ଷୁଦ୍ର—Very small; tiny.

ଟିକି ନୂଅ ବୋହୂ କଳ ଅଣ୍ଡ ଅଣ୍ଡ ପାଦ ଭାର ସହି ଖଣି—
ନନ୍ଦକିଶୋର. ନର୍ମଦୀ ।

ଦେ. ପ୍ରତ୍ୟୟ—୨ୟା ବିଭକ୍ତି ଏକବଚନ ଆଦର ବା ସ୍ନେହାର୍ଥ—
(ଟିକୁ—ଅନ୍ୟରୂପ) Objective singular case-suffix.

ପଢ଼ିଲେ ବେଶ୍ୟ ପୁଣ୍ୟ ଫଳଟିକ ପାଏ—କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

ଟିକିଆ—ଦେ. ବି—ଧୂମପାନବେଳେ ଗୁଡ଼ାଖୁରେ ବା ମଦକ ଗୋଲାରେ
Ṭikiā ନିଆଁ ଧରାଇବା ପାଇଁ ପେଡ଼ଗୋଲିଆ ଅଙ୍ଗାରଗୁଣ୍ଡାରେ
টিকিয়া, টিকে ପ୍ରସ୍ତୁତ ପିଣ୍ଡାକାର ଖଣ୍ଡ—Dried cakes of
टिकिया powdered charcoal used to ignite tobacco or opium preparations (bullets) for smoking.

ଟିକିଏ—ଦେ. ବଣ ଓ ବି—(ସ. ସ୍ତୋକ) ଅତି ସ୍ୱଳ୍ପ; ବିକଟେ; କଣ୍ଟିଏ—
Ṭiki-e Very small; a bit.
একটু ଦେ. ଅ—୧ । ସାମାନ୍ୟ ପରିମାଣରେ—
टुक, टुकसा 1. A little; in a small quantity.

ଟିକିଏ ହେଲେ ବିବେକ ନ କରୁ ସେବକ ବେକ କରତ ବୋଲି ଦର୍ପକ—
କବିସୂର୍ଯ୍ୟ. ସଙ୍ଗୀତ ।

୨ । ଅଳ୍ପ ସମୟ ପାଇଁ—
2 For a short time; for a moment.

ଟିକିଏ ରହ ନମସ୍କାରୁଥାଏ କରୁ—କୃଷ୍ଣସିଂହ. ମହାଭାରତ. ବନ ।

୩ । ଅନୁଗ୍ରହପୂର୍ବକ (ଅମୁକ କର୍ମ କର)—
3. Do please; please.

[ଦ୍ର—ଇଂରାଜୀରେ ଯେଉଁ ଅର୍ଥରେ 'please' ଅର୍ଥାତ୍ 'ଅନୁଗ୍ରହପୂର୍ବକ' ଶବ୍ଦ ବ୍ୟବହୃତ ହୁଏ ଓଡ଼ିଆରେ ଅନେକ ସ୍ଥଳରେ 'ଟିକିଏ' ସେହି ଅର୍ଥରେ ବ୍ୟବହୃତ ହୁଏ; ଯଥା—ନାହୁର ଭାଇ ! ମତେ ଟିକିଏ ଉଠିଲ ନଦ୍ୟାର କରି ଦେ ।]

ଟିକିଏକ—ଦେ. (ପଦ୍ୟ) ବି ଓ ବଣ—କ୍ଷଣକ; ମୁହୂର୍ତ୍ତକ; ଟିକକ—
Ṭikieka A while; a whit.

ଟିକିଏକ ଉପରେ ତେଡ଼ା ପା'ର ଭ୍ରମ
ଧରିଲେ କରେ ଗଦା କରୁ ମହାଭ୍ରମ—କୃଷ୍ଣସିଂହ. ମହାଭାରତ. ଦ୍ରୋଣ ।

ଟିକିଏ ନିଖିଏ—ଦେ. ବି—ଅତି ସାମାନ୍ୟ ପରିମାଣ; ବିକଟେ—
Ṭiki-e-nikhie Minute quantity.
অল্পস্বল্প ଦେ. ବଣ—ଅତି ସାମାନ୍ୟ ବା ଅଳ୍ପ—
Minute; small.
ଦେ. କ୍ରି. ବଣ—ଅତି ସାମାନ୍ୟ ପରିମାଣରେ—
In minute quantity

ଟିକିଏ ମାତ୍ର—ଦେ. ବି ଓ ବଣ—ଟିକିଏ ନିଖିଏ (ଦେଖ)
Ṭiki-e mātra Tikie nikhie (See)
अल्पमात्र

ଟିକିକ—ଦେ. ଅ ଓ ବଣ ଓ ବି—ଟିକକ (ଦେଖ)
Tikika Tikaka (See)

ଟିକି ତଡ଼େର ଟିକିକ ପାଣିରେ ବୁଡ଼ି ମରଇ—ପ୍ରହେଳିକା ।

ଟିକିକେ—ଦେ. କ୍ରି. ବଣ—୧ । ଅତି ଅଳ୍ପ ସମୟ ମଧ୍ୟରେ—
Ṭikike 1. In a very short time.
একটুতে ୨ । ସାମାନ୍ୟ କାରଣରେ—2. Slightly.

ଟିକି ଜୀବନ—ଦେ. ବି. (ସ. ସ୍ତୋକ+ଜୀବନ)—୧ । କ୍ଷୁଦ୍ର ଜୀବନ;
Ṭiki-jibana ଯାହାର ଜୀବନ ଅଳ୍ପରେ ବାହାରିଯାଏ; ସୁକୁମାରଙ୍ଗ—
स्वल्पप्राण 1. Very tender or delicate life; frail life.
୨ । ହେୟ ଜୀବନ—2. Despicable or mean-life.

୧	ଋ	ଢ଼	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇସ୍ମ	ଡଖ	ଘ
୨	ଋ	ଉ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଗ୍ୟ	ଇଅ	ଢ଼	ନ୍ତ

୩ । ଭୀରୁତା—3. Timidity; cowardice.

ଦେ. ବଣ—ଟିକିଜୀବନିଆ (ଦେଖ)
Ṭiki-jībaniā̃ (See)

ଟିକିଜୀବନିଆ—ଦେ. ବଣ. (ଭୁଲ. ସ. ଲଘୁଚେତନ୍)—
Ṭiki-jībaniā̃ ୧ । ଯେ ସାମାନ୍ୟ ଅଘାତ ବା ପୀଡ଼ାରେ
स्वल्पप्राण ମରଯାଏ; ସୁକୁମାରଅ—
1. Of very frail vitality.
୨ । ଲଘୁଚେତା; ନୀଚମନା—2. Mean-minded.
୩ । ଭୀରୁ—3 Coward; timid.

ଟିକିଟିକି—ଦେ· ବ ଓ ବଣ—ଟିକ୍‌ଟିକ୍ (ଦେଖ)
Ṭiki-ṭiki Ṭik-ṭik (See)

ଟିକିଦିନୁ—ଦେ. (ପଦ୍ୟ) ଅ—ପିଲା ଦିନରୁ—
Ṭiki-dinu From childhood
ছেলেবেলাথেকে ଟିକି ଦିନୁ ହେବେ ବଣ ଭୂଷଣ—
बचपनसे (ଟିକିଟିଦିନୁ—ଅନ୍ୟରୂପ) ଅଭିମନ୍ୟୁ· ଚଉରଧିରଙ୍କୁମାନିଣି ।

ଟିକିନ୍—ବୈଦେ. ବ. (ଇଂ)—ଟିକନ୍ (ଦେଖ)
Ṭikin Ṭikan (See)

ଟିକି ପିଲା—ଦେ. ବ—ଅତି ଛୋଟ ପିଲା; ଶିଶୁ—
Ṭiki pilā Child; infant.
কচি ছেলে ଚ ଦନେ ବଲେ ନନ୍ଦନନ୍ଦନ ଟିକିପିଲାଟି—ପ୍ରାଚୀନ· ଭଜନ ।
[ବ୍ର—ଏହିପରି ଟିକି ଚଢ଼େଇ, ଟିକି ବାଛୁରୀ, ଟିକି ଛୁଆ ଆଦି ମଧ୍ୟ ହୁଏ ।]

ଟିକିବା—ଦେ. କ୍ରି. (ସ. ସ୍ଥା ଧାତୁ)—୧ । ରହିବା; ସମ୍ଭାଳିବା—
Ṭikibā 1. To go on; to get on.
টিকা; টেকা ୨ । ସ୍ଥାୟୀ ହେବା—2. To last.
टिकना ୩ । ଉଧେଇବା—3. To thrive.
୪ । ଫଳବାନ୍ ହେବା—
4. To fructify; to be effective.

ଟିକିମା—ଦେ. ବ ଓ ବଣ—ଟିକମ୍ (ଦେଖ)
Ṭikimā Ṭikam (See)

ଟିକିରି—ଦେ. ବଣ—କ୍ଷୁଦ୍ର; ସାମାନ୍ୟ: ଅତି ଛୋଟ—
Ṭikiri Pretty; very small; tiny.

ଟିକିଲି—ଦେ. ବ. (ସ. ତିଲକରୁ ଟିକା; ଟିକାରୁ କ୍ଷୁଦ୍ରାର୍ଥେ କଶବ୍ଦ)—
Ṭikili ସ୍ତ୍ରୀଲୋକମାନଙ୍କର ଭ୍ରୂଲତା ମଧ୍ୟରେ ଯେଉଁବା ପତଳା ଓ
টীপ চକାକାର ଟୋପି—Wafer; small disks of thin
टिकलि; चाँद्ला coloured material worn by females in the middle of the eye-brows.
[ବ୍ର—ବିଭିନ୍ନ ବର୍ଣ୍ଣର କାଗଜ ବା ଧାତୁର ପତଳା ଓ ଚକାକାର କ୍ଷୁଦ୍ର କ୍ଷୁଦ୍ର ଖଣ୍ଡକୁ ଟିକିଲି ଏବଂ ସିନ୍ଦୁର, ଗୋରଚନା ଓ ଚନ୍ଦନକଲା ଆଦିରେ ରଞ୍ଜିତ କ୍ଷୁଦ୍ର ବିନ୍ଦୁମାନଙ୍କୁ ଟୋପି ଓ ବଡ଼ବିନ୍ଦୁମାନଙ୍କୁ ଟୋପା ବୋଲାଯାଏ ।]

ଟିକେ—ଦେ. ଅ—ଟିକିଏ (ଦେଖ)
Ṭike Ṭikie (See)

ଟିକେଇତ—ଗ୍ରା. ବ—ଟିକାଇତ (ଦେଖ)
Ṭikeita Ṭikāita (See)

ଟିକେ ନିଖେ—ଗ୍ରା. ଅ—ଟିକିଏ ନିଖିଏ (ଦେଖ)
Ṭike nikhe Ṭikie nikhie (See)

ଟିଖେ—ପ୍ରାଦେ. (ସମ୍ବଲପୁର) ଅ—ଟିକିଏ (ଦେଖ
Ṭikhe Ṭikie (see)

ଟିଙ୍କଚର୍—ବୈଦେ. ବ. (ଇଂ)—ସୁରାରେ ଦ୍ରବୀଭୂତ ଡାକ୍ତରୀ ଔଷଧ
Ṭiṅk-char ବିଶେଷ; ଅରିଷ୍ଟ; ଅରକ—Tincture.
টিঙ্কচর [ବ୍ର—ଯେଉଁ ଯେଉଁ ପଦାର୍ଥ ସୁରାରେ ମିଶିଥାଏ ସେହି
टिंचर ପଦାର୍ଥର ବୈଦେଶିକ ନାମ ଅନୁସାରେ ଟିଙ୍କ୍‌ଚର୍‌ର ନାମ ହୁଏ, ଯଥା ଟିଙ୍କ୍‌ଚର୍ ଓପିଅଇ=ଅଫିମ ଅରକ ।]

ଟିଙ୍କ—ଦେ. ବ. (ସ. ଅଷ୍ଟପଦୀ; ଭୁଲ. ଇଂ. ଟିକ୍)—ପଶୁଙ୍କ ଦେହରେ
Ṭiṅka ଲାଗି ରକ୍ତ ଶୋଷିବା ଅଷ୍ଟପଦୀ କୀଟବିଶେଷ—
এঁটেলী; আঁটালী Tick; a parasitic insect sucking
सर्राट; अँठइ blood from beasts; the Persian tick; Argas Persicus.
[ବ୍ର—ଏମାନେ ପଶୁଙ୍କ ଚମକୁ କାମୁଡ଼ି ଧର ଲାଗି ଥାଆନ୍ତି; ଏମାନଙ୍କ ମୁହଁରେ ଗୋଟିଏ ରକ୍ତଶୋଷକ ନଳ ଅଛି । ପଶୁଙ୍କ ଦେହରୁ ରକ୍ତ ଶୋଷି ଏମାନଙ୍କ ଦେହ ରକ୍ତରେ ଫୁଲି ଯାଏ ଏବଂ ଗୋଡ଼ଯାକ ଅତି ସାନ ଦେଖାଯାଏ । ଟିଙ୍କ ଅନେକ ପ୍ରକାର ଦେଖା ଯାଆନ୍ତି; ଯଥା—୧. ଘାଗୁଡ଼ିଆ=ବଡ଼ ଓ ଚେପଟା, ୨. ପଥୁରିଆ=ପଥର ପରି ଟାଣୁଆ, କ୍ଷୁଦ୍ର ପତଳା ଓ ଚେପଟା; ୩. ଜଳଟିଙ୍କ=କଳାକସ ପରି ସାନ, ମେଞ୍ଚା ମେଞ୍ଚା ହୋଇ ପଶୁଙ୍କ ଦେହରେ ଲାଗନ୍ତି, ୪. ମଣ୍ଡାଟିଙ୍କ=ବଡ଼ ଓ ନରମ, ୫. ଗୁଡ଼ାଟିଙ୍କ=ଏମାନେ ସବୁ ସରୁ ।]

ଟିଙ୍କ ଜର—ଦେ. ବ—ଗୋରୁଙ୍କର ହେବା ଏକପ୍ରକାର ଜ୍ୱର—
Ṭiṅka jara Tick fever.

ଟିଙ୍କି—ଗ୍ରା. ବ—ଟିଙ୍କ (ଦେଖ)
Ṭiṅki Ṭiṅka (See)

ଟିଙ୍ଗ୍‌ଟିଙ୍ଗା—ଦେ. ବଣ. ପୁଂ—ଚଡ଼ିଲ—Surly; of an irritable
Ṭiṅg-ṭiṅgā disposition; peevish.
(ଟିଙ୍ଗ୍‌ଟିଙ୍ଗେଇ—ସ୍ତ୍ରୀ)

ଟିଙ୍ଗ୍‌ଟିଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଚଡ଼ିବା—
Ṭiṅg-ṭiṅgā(ṅge)ibā To fret; to be irritated.

ଟିଙ୍ଗ୍‌ଶୂଳା—ଦେ. ବଣ—ଟିଙ୍ଗି ଶୂଳା (ଦେଖ)
Ṭiṅg-śūḷā Ṭiṅgi-śūḷā (See)

ଟିଙ୍ଗ୍‌ଶୂଳିଆ—ଦେ. ବଣ—ଟିଙ୍ଗି ଶୂଳା (ଦେଖ)
Ṭiṅg-śūḷiā Ṭiṅgi-śūḷā (See)

ଟିଙ୍ଗ୍‌ଶୂଳା(ଳେ)ଇବା—ଦେ. କ୍ରି—ଟିଙ୍ଗି ଶୂଳାଇବା (ଦେଖ)
Ṭiṅg-śūḷā(ḷe)ibā Ṭiṅgi-śūḷāibā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍‌କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ପଙ୍‌କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଅପର ୨ ବା ୧ ପଙ୍‌କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଗ୍ନୀ'କୁ ପାଇଲେ 'ଅଗ୍ନି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଟିଙ୍ଗା—ଦେ. ବି. (ସଂ. ଭୁଙ୍ଗ) —ଲିଙ୍ଗର ଉତ୍ଥାନ ବା ଉଦ୍ରେକ—
Tiṅgā — Erection of the male organ.
ଦେ. ବିଣ—ଟିଙ୍ଗ ଶୂଳା—Surly; currish.

ଟିଙ୍ଗା(ଙ୍ଗେ)ଇବା—ଦେ. କ୍ରି. (ସଂ. ଭୁଙ୍ଗ)—
Tiṅgā(ṅge)ibā — ୧ । (ଲିଙ୍ଗ) ଉଦ୍ଦିକ୍ତ ହେବା—
ठाँटान, टाटान, ठाड़ हओया — 1. To become turgid or erect
खड़ाहोना, ठाढ़ होना — (said of the male organ when irritated).
୨ । ଶଗଡ଼ର ଏକମୁଣ୍ଡକୁ ମାଡ଼ି ବସି ଅନ୍ୟ ପାଖ ଉପରକୁ ଉଠାଇବା—
2. To raise one end of a thing by holding the other end (as of a cart).
୩ । ଟିଙ୍ଗ ହେବା; ଡିଗିଡିଗିଯେଇବା—3. To bob.

ଟିଙ୍ଗାର(ସି)ହେବା—ପ୍ରାଦେ. (ଗଡ଼ଜାତ) କ୍ରି—
Tiṅgāri(si)hebā — ୧ । ଚଢିମର୍କଟି ହେବା (ଦେଖ)
1. Chadi-markaṭi hebā (See)
୨ । ଚଢିବା (ଦେଖ)—2. Chadibā (See)

ଟିଙ୍ଗି ଶୂଳା—ଦେ. ବିଣ—୧ । ଚିଡ଼ିଲ; ଯେ ସାମାନ୍ୟ କଥାରେ ରାଗି ଉଠେ—
Tiṅgi-sūḻā — 1. Surly; illnatured & rude; irascible by nature; peevish.
খীটখীটে
चीडचोड़ा
୨ । ଯେଉଁ କଥାରେ ଲୋକ ହଠାତ୍ ଚିଡ଼ି ଉଠେ—
2. Irritating.

ଟିଙ୍ଗି ଶୂଳିଆ—ଦେ. ବିଣ—ଟିଙ୍ଗି ଶୂଳା (ଦେଖ)
Tiṅgisūḻiā — Tiṅgi-sūḻā (See)

ଟିଙ୍ଗି ଶୂଳା(ଳେ)ଇବା—ଦେ. କ୍ରି—ଟିକିକ କଥାରେ ଚିଡ଼ିବା; ସହଜରେ ରାଗିଯିବା—
Tiṅgi-sūḻā(e)ibā — To be easily irritated or provoked.

ଟିଟ୍‌କାରି—ଦେ. ବି. (ସଂ. ଧିକ୍କାର) —ଧିକ୍କାର ବାକ୍ୟ—
Tiṭ-kāri — Hooting words.
টিট্‌কারী, টিটকিরী — फटकार
(ଟିଟକାର—ଅନ୍ୟରୂପ)

ଟିଟ୍‌କାରିବା—ଦେ. କ୍ରି—ଧିକ୍କାର କରିବା—
Tiṭ-kāribā — To hoot at.
টিটকিরী দেওয়া — फटकारना
(ଟିଟକାରିବା—ଅନ୍ୟରୂପ)

ଟିଟ୍‌କାରି ମାରିବା—ଦେ. କ୍ରି—ଧିକ୍କାର କରିବା; ଟିଟ୍‌କାରିବା—
Tiṭ-kāri māribā — To hoot at.
টিটকিরী মারা — फटकारना

ଟି-ଟି-ଆଇ—ବୈଦେ. ବି. (ଇଂ. ସାଙ୍କେତିକ ଅକ୍ଷରତ୍ରୟ)—
Ṭi-ṭi-āi — ରେଲ ଗାଡ଼ିର ଯାତ୍ରୀମାନଙ୍କ ଟିକଟ ଚେକ୍ କରିବାପାଇଁ ନିଯୁକ୍ତ କର୍ମଚାରୀ—Travelling ticket inspector; travelling ticket examiner.
টিটিআই
टिटिआइ
(ଟିଟିଇ—ଅନ୍ୟରୂପ)

ଟିଟିଭ—ଦେ. ବି—ଟିଟ୍ଟିଭ (ଦେଖ)
Titiva — Tiṭṭiva (See)

ଟିଟିର—ଦେ. ବି. (ସଂ. ତିତ୍ତିର)—ତିତିର (ପକ୍ଷୀ) (ଦେଖ)
Tiṭira — Tittira (bird) (See)

ଟିଟ୍ଟିଭ—ସଂ. ବି. (ଟିଟ୍ଟି=ଅନୁକରଣ ଶବ୍ଦ+ଭାସ୍ ଧାତୁ+କର୍ତ୍ତି. ଅ; ଭୁଲ. ଲାଟିନ୍ ଟୋଟାନସ୍, ଇଂ. ଟାଟ୍ଲର)—
Tiṭṭiva
টিটিভ — ଟେଣ୍ଟେଯ୍ପା; ଟେଁଟେଁଯ୍ପା ପକ୍ଷୀ; ଟେଣ୍ଟେଇ ଚଢେଇ—
टिटिह, टि हरो — The tattler bird; Totanus Flavipes
ଟିଟ୍ଟିଭୀ, ଟିଟ୍ଟିଭୀ } ସ୍ତ୍ରୀଲିଙ୍ଗ
[ଦ୍ର—ଏହା କୂଲେଚର ବର୍ଗର ପକ୍ଷିବିଶେଷ । ଏହାର ଦେହ ପାଉଁଶିଆ ଧଳା ଓ ଚକ୍ରିତ । ଏହାର ମୁଣ୍ଡରେ ପକ୍ଷୀଅ ପରି କଳା ପରର ଟୋପି ଅଛି; ଥଣ୍ଟ ସରୁ, କଳା ଓ ଲମ୍ବ; ଗୋଡ଼ ଲମ୍ବ ଲମ୍ବ ଓ ସରୁ; ଲାଞ୍ଜର ଅଗ କଳା । ଏହା ପ୍ରାୟ ୮ ଅଙ୍ଗୁଳ ଲମ୍ବ ହୁଏ; ଏ ରାତିରେ ଗୋଡ଼କୁ ଆକାଶ ଆଡ଼କୁ ଟେକି ଚିତ ହୋଇ ଶୁଏ; ପ୍ରବାଦ ଅଛି ଯେ, କାଳେ ସେ ଶୋଇଲାବେଳେ ଆକାଶ ତା ଉପରେ ଖସି ଅଜାଡ଼ି ହୋଇ ପଡ଼ିଯିବ ଓ ଯେବେ ଖସି ପଡ଼ିବ ତେବେ ସେ ତାହାର ଗୋଡ଼ ଦ୍ୱାରା ଆକାଶକୁ ଟେକି ଧରି ଆପଣାକୁ ବଞ୍ଚାଇବ, ଏହି ଧାରଣାରେ ଟିଟ୍ଟିଭ ପକ୍ଷୀ ଗୋଡ଼ ଟେକି ଚିତ ହୋଇ ଶୁଏ । ଏ ଉଡ଼ିଲା ବେଳେ ଏହାର ପ୍ରସାରିତ ପକ୍ଷରେ ଧଳା ଓ କଳା ପଟ୍ଟ ଦେଖାଯାଏ । ଗେଣ୍ଡା ଓ ପୋକଜୋକ ଏହାର ଖାଦ୍ୟ । ଏ ନଈ କୂଳରେ ଟେଁ ଟେଁ ଶବ୍ଦ କରି ଉଡ଼େ । ଏ ଚାଲିଲା ବେଳେ ଲାଞ୍ଜକୁ ସର୍ବଦା ନଚାଉ ଥାଏ ।]

ଟିଟ୍ଟିଭକ—ସଂ. ବି. (ଟିଟ୍ଟିଭ+ସ୍ୱାର୍ଥେ. କ)—ଟିଟ୍ଟିଭ (ଦେଖ)
Tiṭṭivaka — Tiṭṭiva (See)

ଟିଣ୍‌ଟିଣ୍—ଦେ. ଅ. (ଧ୍ୱନ୍ୟନୁକରଣ)—
Tiṇ-tiṇ — ଘଣ୍ଟି ଆଦି ବାଜିବାର ଶବ୍ଦ—
টুনটুন — Tinkle of bells etc.
टनटन
[ଦ୍ର—'ଟଣ୍‌ଟଣ୍' ଠାରୁ 'ଟିଣ୍‌ଟିଣ୍' ଏବଂ 'ଟିଣ୍‌ଟିଣ୍' ଠାରୁ 'ଟୁଣ୍‌ଟୁଣ୍' ମୃଦୁତର ।]

ଟିଣ—ବୈଦେ. ବି. (ଇଂ. ଟିନ୍; ସଂ. ନାମ ବଙ୍ଗ)—
Tiṇa — ୧ । ଟିନ୍ ବା ରଙ୍ଗ ନାମକ ଧାତୁ; ରଙ୍ଗା—
টীন — 1. Tin (metal).
टीन — ୨ । ରଙ୍ଗା ଚଢଲାଯାଇ ଲେପା ହୋଇଥିବା ଲୁହାର ଚଦର—
2. Tin plate.
୩ । ଦସ୍ତା ଲେପା ଲୁହାର କୁଞ୍ଚୁକୁଞ୍ଚିଆ ପଟା—
(ଟିନି—ଅନ୍ୟରୂପ) 3. Corrugated iron.
୪ । ଟିଣ ପତ୍ରର ଡିବା—4. Tin canister.

ଟିଣ କୋଳି—ଦେ. ବି—କ୍ଷୁଦ୍ର ବୃକ୍ଷବିଶେଷ ଓ ତହିଁର କୋଳି—
Tiṇa koḻi — A small tree; Ziziphus Rugosa.
ଟିଣିଅଁକୋଳି, ଟିଣିଅକୋଳି } ଅନ୍ୟରୂପ
[ଦ୍ର—ଏହାର ଫଳ ଧଳା ଓ ଶିର ଥାଏ; ଏ କୋଳି ବରକୋଳି ଜାତୀୟ ।]

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଈ	ଊ	ଐ
୨	ଇ	ଉ	ରୁ	ଲୁ	ଏ୍	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଡ଼	ନୃ

ଟିଣ ବାକ୍ସ—ବୈଦେ. ବି. (ଇଂ. ଟିନ୍‌ବକ୍ସ)—ଟିଣରେ ତିଆରି ପେଡ଼ି—
Ṭiṇa bāksa — Tin box; tin trunk.
টিনের্ ব্রাক্স **टीनका बकस**
(ଟିଣବାକସ—ଅନ୍ୟରୂପ)

ଟିଣା—ଦେ. ବିଣ—୧ । ରାଗୀ; ଯେ ଅଳ୍ପ କଥାରେ ଚିଡ଼ିଯାଏ; ଚିଡ଼ିଲ—
Ṭiṇā — 1. Surly; of an irritable temper; peevish.
বদরাগী
चोड़चोड़ा ୨ । ଯେଉଁ କଥା ଶୁଣିଲେ ଲୋକ ଚିଡ଼େ ଉଠେ—2. Irritatory (wards).

ଦେ. ବି—ଏକ ପ୍ରକାର ଘାସ—A kind of grass.
ଟିଣା ଠାଙ୍ଗଣା, ଲେମ୍ବୁ ରସ, ସ୍ୱାଳୁ ନେଇ ବେଗେ ଯାଉଁରେ ଘଷ—ଚଗ ।
[ଦ୍ର—ଏ ଘାସ ଶ୍ରାବଣ ମାସରୁ ମାର୍ଗଶିର ଯାଏ ବିଲ ଓ ହୁଡ଼ାରେ ଜନ୍ମେ ।]

ପ୍ରାଦେ. (ବାଲେଶ୍ୱର) ବି. (ଇଂ. ଟିନ୍; ଟିଣରେ ପ୍ରସ୍ତୁତ ହେବାରୁ)—ଟିଣର ଡିବିରି; କିରାସିନ ଦୀପ—
Kerosine lamp made of tin.

ଟିଣା ସିଝୁ—ଦେ. ବି—ସିଝୁ (ଦେଖ)
Ṭiṇā sijhu — Sijhu (See)

ଟିଣିଆ—ଦେ. ବି—୧ । ଏକ ପ୍ରକାର ଘାସ—
Ṭiṇiā — 1. A kind of meadow grass.
টুনা [ଦ୍ର—ଏହା ପଡ଼ିଆରେ ଉଠେ ଓ ପ୍ରାୟ ଏକ ଫୁଟ ଉଚ୍ଚରେ ବଢ଼େ । ଏହାର ପତ୍ର ବଳିତା ପରି ସରୁ । ପ୍ରତ୍ୟେକ ପତ୍ରର ଅଗରେ ପିଆଜପତ୍ର ଭଳି ଗୋଟିଏ ଲେଖାଏଁ ଇଷତ୍ ନାଲ୍ ଛତାକାର ଭେଣ୍ଡି ଥାଏ ।]
टाल्ही ୨ । ବନ୍ୟବୃକ୍ଷବିଶେଷ—2. A kind of wild tree; Albezzia Odoratissima; Acacia Speciosa (Haines).
[ଦ୍ର—ଏ ଗଛ ଖୁବ୍ ବଡ଼ ହୁଏ । ଏହାର ପତ୍ର ଛୋଟ; ଫଳ ଚେପ୍ଟା ଓ ଖଣ୍ଡେ ଖଣ୍ଡେ ଲମ୍ବର ଛୁରି ପରି; ଫୁଲ ହଳଦିଆ ଏବଂ ପେନ୍ଥା ପେନ୍ଥା ହୋଇ ଫୁଟେ । ଏହାର କାଠ ଖୁବ୍ ଶକ୍ତ ହୋଇ ଘର, ଶଗଡ଼ ଓ ହଳର ଉପକରଣ ହୁଏ ।]

ଟିଣିଟିଣି—ଦେ. ଅ.—ଟିଣ୍ ଟିଣ୍ (ଦେଖ)
Ṭiṇi-ṭiṇi — Ṭiṇ ṭiṇ (See)

ଟିଣ୍ଟିଣିକା—ସଂ. ବି.—୧ । ଜଳଶିରିଷ ଗଛ (ହି. ଶବ୍ଦସାଗର)—
Ṭiṇṭiṇikā — 1. A kind of tree growing near water.
୨ । ଜୋକ (ହି. ଶବ୍ଦସାଗର)—2. Leech.

ଟିଣ୍ଡିଶ—ସଂ. ବି.—ଭେଣ୍ଡି (ଫଳ) (ହି. ଶବ୍ଦସାଗର)—
Ṭiṇḍiśa — Lady's finger (fruit).

ଟିନ୍—ବୈଦେ. ବି. (ଇଂ.)—ଟିଣ (ଦେଖ)
Ṭin — Ṭiṇa (See)

ଟିନ୍ ଟିନ୍—ଦେ. ଅ.—ଟିଣ୍ ଟିଣ୍ (ଦେଖ)
Ṭin ṭin — Ṭiṇ ṭiṇ (See)

ଟିପ୍‌ଟିପ୍—ଦେ. ଅ. (ଧ୍ୱନ୍ୟନୁକରଣ)—(ବର୍ଷା) ଛୋଟ ଛୋଟ ଟୋପାରେ ପଡ଼ିବା—(rain) Dripping in small drops.
Ṭip-ṭip
টিপটিপ টিগটাপ [ଦ୍ର—ଝିଣ୍ଡାଝିଣ୍ଡି ବା ଫିସ୍ ଫିସ୍=ଅତି ସୂକ୍ଷ୍ମ ଟୋପାରେ ପଡ଼ିବା (ବର୍ଷା); ଝିପି ଝିପି ବା ଲିପି ଲିପି=ଝିଣ୍ଡାଝିଣ୍ଡି ଠାରୁ ବଡ଼ ବଡ଼ ଟୋପା ।
टिपटिप
(ଟିପି ଟିପି—ଅନ୍ୟରୂପ)
ଟିପ୍ ଟିପ୍ ବା ଟୁପୁରୁ ଟୁପୁରୁ=ଝିପି ଝିପି ଠାରୁ ବଡ଼ ବଡ଼ ଟୋପା । ଠପ ଠପ ବା ଠପର ଠପର=ଟିପ୍ ଟିପ୍ ଠାରୁ ବଡ଼ ବଡ଼ ଟୋପା । ଅସରା=ସାଧାରଣ ବର୍ଷା । ଦୁମୁକାଣି=ବଡ଼ ବଡ଼ ଟୋପାରେ କିଛି ସମୟ ଅବିରତ ବର୍ଷା ।]

ଟିପ୍ (ଧାତୁ)—ସଂ.—୧ । ଚାଳନ କରିବା—
Ṭip (root) — 1 To move.
୨ । ପ୍ରେରଣ କରିବା—2. To send.

ଟିପ—ଦେ. ବି.—(ସଂ. ଟିପ୍ ଧାତୁ=ଚାଳନ କରିବା, ତୁଳ. ଇଂ. ଟିପ୍=ଅଗ୍ରଭାଗ)—୧ । ଅଙ୍ଗୁଳିର ଅଗ୍ରଭାଗ—
Ṭipa — 1. Finger-tip.
টিপ
नोक ୨ । ଅଙ୍ଗୁଳିର ଅଗ ପବ—2. The top phalanx of a finger.
चुटकी ୩ । ଦୁଇ ଅଙ୍ଗୁଠିର ଅଗ ମଧ୍ୟରେ ଧରା ଯିବା (ନାସ ଆଦିର) ପରିମାଣ—3. A quantity of powdered thing held between the phalanges of 2 fingers; a pinch (e. g. of snuff.)
(ଯଥା—ମିତ୍ରେ ଆପଣେ ! ଟିପେ ନାସ ଶୁଙ୍ଘିବ କି ?)
टिका टिकी ୪ । ଅଙ୍ଗୁଠିର ଅଗ୍ରଭାଗ ଅନ୍ୟ ବସ୍ତୁ ଦେହରେ ଚାପି ହୋଇ ଯାଇଥିବାର ଚିହ୍ନ—4. Mark left by the phalanx of the finger; finger-impression.
टीप
୫ । କରଜପତ୍ର; ତମସୁକ—5. Bond.
୬ । ଟିପଚିହ୍ନ; ପକ୍ଷ, ଅସାମୀ ବା ମୁଦାଲମାନେ ରାଜକୀୟ ଆଦେଶ ବା ବିଧି ଅନୁସାରେ (ରେଜିଷ୍ଟ୍ରିଖାନା ବା ଥାନା ବା ଜେଲଖାନାରେ) ବାମହସ୍ତର ବୁଢ଼ାଅଙ୍ଗୁଠି ଅଗରେ କାଳି ବୋଳି କାଗଜରେ ଯେଉଁ ଚିହ୍ନ ଲଗାନ୍ତି—
6. Left hand thumb-impression left on a bit of paper.
[ଦ୍ର—ବହୁବର୍ଷବ୍ୟାପୀ ବୈଜ୍ଞାନିକ ଗବେଷଣାଦ୍ୱାରା ଦେଖାଯାଇ ଅଛି ଯେ ପ୍ରତ୍ୟେକ ଲୋକର ଟିପ ଉପରେ ଥିବା ରେଖାମାନ ଅନ୍ୟ ବ୍ୟକ୍ତିର ଟିପର ରେଖା ସଙ୍ଗେ ସମାନ ନୁହେଁ । ଏଥିପାଇଁ ଲକ୍ଷେ ଲୋକଙ୍କ ଟିପଚିହ୍ନ ମଧ୍ୟରେ କୌଣସି ବିଶିଷ୍ଟ ଲୋକର ଟିପଚିହ୍ନ ବାରି ହୋଇ ପାରିବ । ସାଧାରଣତଃ ଦଲିଲ ଆଦିରେ ବାମହସ୍ତ

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚକ୍ରିତ ଅକ୍ଷର ଓ ମାତ୍ରା ଏବଂ ୨ ଚକ୍ରିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ରିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚକ୍ରିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍କୋ' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବଡ' ନ ପାଇଲେ 'ଅଲ୍‌ବଡ଼' ଦେଖିବେ ।

ବୃଦ୍ଧାଙ୍ଗୁଷ୍ଠିର ଟିପଚିହ୍ନ ଦିଆଯାଏ । ପରୀକ୍ଷାଦ୍ୱାରା ଦେଖା ଯାଇଅଛି ଯେ ମନୁଷ୍ୟର ହାତର ଦଶଅଙ୍ଗୁଠିରେ ଯେଉଁ ସବୁ ଶଙ୍ଖ ଚକ୍ରାଦି ଅଙ୍କିତର ସରୁରେଖାମାନ ଅଛି ବୟୋବୃଦ୍ଧି ସଙ୍ଗେ ମନୁଷ୍ୟ ଆକାରରେ ବଢ଼ିଲେ ସୁଦ୍ଧା ତହିଁର ସ୍ୱରୂପ ବଦଳେ ନାହିଁ । ଏଥିପାଇଁ ଆଜି ଯାହା ହାତର ଟିପଚିହ୍ନ ନିଆଯାଇ ଥିବ ୧୦ ବର୍ଷ ପରେ ମଧ୍ୟ ତାହାର ଟିପଚିହ୍ନ ନେଲେ ପ୍ରତ୍ୟେକ ଅଙ୍ଗୁଠିର ଟିପଚିହ୍ନ ମଧ୍ୟରେ ସାମଞ୍ଜସ୍ୟ ଲକ୍ଷିତ ହେବ । ଏଥିପାଇଁ ଦାଗୀ ଓ ବନ୍ଦୀମାନଙ୍କର ୧୦ଟି ଯାକ ଅଙ୍ଗୁଠିର ଟିପଚିହ୍ନ ନିଆଯାଏ । କିନ୍ତୁ ସାଧାରଣତଃ ଦଲିଲମାନଙ୍କରେ କେବଳ ବାଆଁହାତ ବୁଢ଼ା ଅଙ୍ଗୁଠିର ଟିପଚିହ୍ନ ନିଆଯାଏ କାହିଁକି ? ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ହାତର ସବୁ ଅଙ୍ଗୁଠି ମଧ୍ୟରେ ଉକ୍ତ ଅଙ୍ଗୁଠି ଉପରେ ସର୍ବାପେକ୍ଷା କମ୍ କାମ ବା ଚାପଟ ପଡ଼େ; ଏଥିପାଇଁ ତାହା କ୍ଷତ ବା ନଷ୍ଟ ହେବାର ସମ୍ଭାବନା ଅନ୍ୟ ଅଙ୍ଗୁଠିମାନଙ୍କ ଅପେକ୍ଷା କମ୍; ଏଥିପାଇଁ ଉକ୍ତ ଅଙ୍ଗୁଠିର ଟିପଚିହ୍ନ ନେଲେ ଭବିଷ୍ୟତରେ ଟିପଚିହ୍ନ ଦେବା ମନୁଷ୍ୟର ଉକ୍ତ ଅଙ୍ଗୁଠିର ଟିପଚିହ୍ନ ପୁଣି ନିଆଯାଇ ଉଭୟ ଟିପଚିହ୍ନକୁ ତୁଳନା କରି ଉକ୍ତ ମନୁଷ୍ୟକୁ ଚିହ୍ନଟ କରି ହେବ, ଏହି ଆଶାରେ ଉକ୍ତ ଅଙ୍ଗୁଠିର ଟିପଚିହ୍ନ ନିଆଯାଏ । କିନ୍ତୁ ପରେ ସେ ଅଙ୍ଗୁଠି କ୍ଷତ ହେଲେ ବା କଟି ଗଲେ ପ୍ରଥମେ ନିଆଯିବା ଟିପଚିହ୍ନଦ୍ୱାରା ଉକ୍ତ ଲୋକକୁ ଚିହ୍ନଟ କରିବା ଅସମ୍ଭବ ।]

କୌଟା ୭ । ତାସ୍ ବା ଗଞ୍ଜପା ସାରରେ ୧ଠାରୁ ୧୦ ପର୍ଯ୍ୟନ୍ତ
ଟୀପ ସଂଖ୍ୟା ନିର୍ଦ୍ଦେଶକ ବିନ୍ଦୁ—7. Points (from 1 to 10) marked on a playing card.

ଟିପ ଚୁଳିବା—ଦେ. କ୍ରି—୧ । ଟିପ ଦେବା (ଦେଖ)
Ṭipa chāḷibā 1. Ṭipa debā (See)
୨ । ଲେଖିବା—2. To write.

ଟିପ ଚିହ୍ନ—ଦେ. ବି—୧ । ଅଙ୍ଗୁଠିର ଅଗ୍ରଭାଗରେ କାଳି ଲଗାଇ
Ṭipa chihna ତଦ୍ୱାରା କାଗଜରେ ବସାଯିବା ଚିହ୍ନ ବା ଛାପ—
ଟିପସହି 1. Finger-impression put on a
टिप्पो, टिक्को piece of paper.
୨ । ଦଲିଲଆଦିରେ ଦିଆଯିବା ବାମହସ୍ତ ବୃଦ୍ଧାଙ୍ଗୁଳିର ଅଗର ଛାପ—2. Impression of the thumb of the left hand put on a deed.
୩ । କୌଣସି ଚିହ୍ନଗ୍ରାହୀ ବସ୍ତୁରେ ବସିଯାଇଥିବା ଟିପର ଦାଗ—3. Impression of the finger-tips left on any impressionable thing.

ଟିପଚିହ୍ନ ଦେବା—ଦେ. କ୍ରି—କୌଣସି ଦଲିଲ ସମ୍ପାଦନ କରିବାର
Ṭipa-chihna debā ନିଦର୍ଶନ ସ୍ୱରୂପ (ଦଲିଲର ସମ୍ପାଦନକାରୀ
ଟିପସହି করা ବ୍ୟକ୍ତି) କାଳିବୋଳା ବାମ ହାତର ବୁଢ଼ା
टिप्पो देना ଅଙ୍ଗୁଠିର ଛାପ ଲଗାଇବା—
To imprint one's finger-impression on a document.

ଟିପ୍ ଛୁଆଁଇବା—ଦେ. କ୍ରି—୧ । କୌଣସି ଦଲିଲର ଲେଖକ ଅଶିକ୍ଷିତ
Ṭipa-chhuāñibā ଦଲିଲସମ୍ପାଦନକାରୀର ସନ୍ତକ ଲେଖିବାପୂର୍ବରୁ କଲମକୁ ଉକ୍ତ ବ୍ୟକ୍ତିର ଟିପଦ୍ୱାରା ସ୍ପର୍ଶ କରାଇବା—
1. (the scribe of a document) To get the pen touched by the fingers of an illiterate executant.
୨ । ଟିପ ଦେବା ୧-୪ (ଦେଖ)
2. Ṭipa debā 1-4 (See)

ଟିପ ଛୁଇଁବା—ଦେ. କ୍ରି—ଟିପ ଛୁଆଁଇବା (ଦେଖ)
Ṭipa chhuiñbā Ṭipa chhuāñibā (See)
(ଟିପଛୁଆଁଇଁବା, ଟିପଛୁଇଁବା—ଅନ୍ୟରୂପ)

ଟିପଟାଣ କରିବା—ଦେ. କ୍ରି—କୌଣସି ପଦାର୍ଥକୁ ଦୁଇ ଅଙ୍ଗୁଠିର ଟିପ
Ṭipa-ṭāṇa karibā ମଧ୍ୟରେ ଦୃଢ଼ଭାବରେ ଧରିବା—
To hold anything tightly between the phalanges of 2 fingers.

ଟିପଣା—ଦେ. ବି. (ସଂ. ଟିପ୍ ଧାତୁ; ସଂ. ଟିପ୍ପନ)—୧ । ସ୍ମାରକଲିପି—
Ṭipaṇā 1. Memorandum notes.
ଠିକୁଜୀ ୨ । ଜାତକ ବା ଜନ୍ମପତ୍ରିକାରୁ ଉଦ୍ଧୃତ ସଂକ୍ଷିପ୍ତ ଲିପି;
टिप्पन; टीप କୋଷ୍ଠୀ—2. Short jottings taken from a horoscope.

ମଧ୍ୟସ୍ଥ ସକଳ ଟିପଣା ରେଜଣ କାହିଁ କାହିଁ ଚଳନ୍ତିଲେ ।
ଉଦ୍ଧବାଗରଣ. ସାଅନ୍ତ୍ରଅ ବାହା ।

୩ । ଅଙ୍ଗୁଠିରେ ଥିବା ଭଳି ଭଳି ଗାର—
3. Finger mark; a notch (Beams).

ଟିପଣା ଦେଖିବା—ଦେ. କ୍ରି—ବିବାହ ପ୍ରସଙ୍ଗରେ ବରପାତ୍ର ଓ କନ୍ୟା
Ṭipaṇā dekhibā ପାତ୍ରଙ୍କ ଜାତକକୁ ତୁଳନା କରିବା—
ঠিকুজী দেখা To compare the horoscopes of
टिप्पन मिलाना the bride and the bridegroom elect to see if they tally.
ଟିପଣା ପକା(କେ)ଇବା
ଟିପଣା ଯୁଝିବା } ଅନ୍ୟରୂପ
ଟିପଣା ମିଳା(ଳେ)ଇବା

ଟିପଣା ମିଳିବା—ଦେ. କ୍ରି—ଜାତକ ଯୁଝିବା; ବିବାହମେଳକ ଘଟିବା;
Ṭipaṇā miḷibā ବରକନ୍ୟା ପ୍ରସଙ୍ଗରେ ପ୍ରସ୍ତାବିତ ବରପାତ୍ର ଓ
ঠিকুজী মিলা କନ୍ୟାପାତ୍ରଙ୍କର ଜାତକ ପରସ୍ପର ପ୍ରତି ଅନୁକୂଳ
टिप्पन मिलना ଥିବା—Favourable tallying of 2
(ଟିପଣାଯୁଝିବା—ଅନ୍ୟରୂପ) horoscopes (of the bride and the bridegroom elect) with each other.

ଟିପଣୀ—ଦେ. ବି. (ସଂ. ଟିପ୍ପନୀ)—୧ । ଟିପଣା (ଦେଖ)
Ṭipaṇi 1. Tipaṇā (See)
টিপনী ୨ । ସଂକ୍ଷିପ୍ତ ଟୀକା—2. Short gloss or concise
टिप्पणी commentary.

ବୃହଦର୍ଥ ବୋଇଲେ ପଣ୍ଡିତ ଯେବେ,
ଟୀକା ଟିପଣୀ ତାହା କରୁ ଶୁଣ ଏବେ ।
କୃଷ୍ଣସିଂହ. ମହାଭାରତ. ବନ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଅ	ଉଅ	ଈ
୨	ଈ	ଊ	ରୁ	ଲୃ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ୍ୟ	ଇଅ	ଌ	ନ୍

ଟିପ ଦେବା—ଦେ. କ୍ରି.—୧ । ଲେଖାଲେଖି ବା ଅନ୍ୟ କୌଣସି କାର୍ଯ୍ୟ କରିବାକୁ ଆରମ୍ଭ କରିବା—
Ṭipa debā
1. To begin any work or writing.
টিপ দেওয়া
टिपो देना (ଯଥା—ମୁଁ ତାଳପତ୍ର ପୋଥିରେ ୧୫ ଦିନ ହେଲା ଟିପ ଦେଇ ନାହିଁ ।

ଟିପ ଛୁଇଁବା }
ଟିପ ଛୋଇଁବା } —ଅନ୍ୟରୂପ
ଟିପ ଲଗା(ଗେ)ଇବା }

୨ । ଲେଖିବା—
2. To write.

ଥାଉ ଥାଉ ଗୁଣ କେଉଁ କବିକଣ ଟିପ ଦେବ ବଶୁ ନାହିଁ ।
ଅଭିମନ୍ୟୁ ବଦଗ୍ଧଚିନ୍ତାମଣି ।

୩ । କୌଣସି ବ୍ୟକ୍ତିର ଲେଖାକୁ ସଂଶୋଧନ କରିବା ବା କାଟିଦେବା—3. To correct the writings of of a person by scoring through something already written.

୪ । କୌଣସି ବ୍ୟକ୍ତି ବା ବସ୍ତୁକୁ ଅଙ୍ଗୁଳିର ଅଗ୍ରଭାଗଦ୍ୱାରା ସ୍ପର୍ଶ କରିବା—4. To touch a person or a thing slightly with the finger-tip.

୫ । ଟିପଚିହ୍ନ ଦେବା (ଦେଖ)
5. Ṭipa-chihna debā (See)

ଟିପ ବସା(ସେ)ଇବା—ଦେ. କ୍ରି.—୧ । ଦଲିଲରେ ନିଜର ଟିପଚିହ୍ନ ଦେବା—1. To imprint one's finger impression on a document.
Ṭipa basā(se)ibā

୨ । କୌଣସି ନରମ ପଦାର୍ଥ ଉପରେ ଟିପକୁ ମାଡ଼ି ଦେଇଁରେ ଆପଣାର ଅଙ୍ଗୁଠିର ଟିପଚିହ୍ନକୁ ଅଙ୍କିତ କରି ଦେବା—2. To impress the marks of one's finger-tips on the body of a soft thing.

ଟିପି ମାରିବା—ଦେ. କ୍ରି.—୧ । ଟିପ ଦେବା (୧—୪) (ଦେଖ)
Ṭipa māribā
1. Ṭipa debā (1--4) (See)
টিপমারা
टिपना
୨ । ତାସ୍ ବା ଗଞ୍ଜପା ଖେଳରେ ବଡ଼ ବା କୁଙ୍କୁମ ସାର ପକାଇ ଛୋଟ ସାରକୁ ଜିତ କରି ନେବା—2. To play with a card of higher value by throwing it against a card of lower value.

୩ । ଫଳ ଆଦି କୌଣସି ବସ୍ତୁକୁ ପରୀକ୍ଷା କରିବା ନିମନ୍ତେ ଟିପ ବା ଅଙ୍ଗୁଠିର ଅଗଦ୍ୱାରା ତାହାକୁ ଟିପି ଦେବା—3. To press with the tip of one's finger a thing to see if it is soft or ripe.

ଟିପ ଲଗା(ଗେ)ଇବା—ଦେ. କ୍ରି.—ଟିପ ଦେବା (୧—୪) (ଦେଖ)
Ṭipa lagā(ge)ibā
Ṭipa debā (1-4) (See)

ଟିପା—ଦେ. ବି.—(ସଂ. ଟିପ୍ପଣୀ)—୧ । ଲେଖି ରଖିଥିବା ସ୍ମାରକ ଚିଠା—1. Memo.
Ṭipā
টিপ
टिपा, टिप्पणी
୨ । ସଂକ୍ଷିପ୍ତ ନୋଟ—
2. Short notes; jottings.

୩ । ଚିତା; ଫୋଟା—3. A small circular mark on the brow made with the tip of the finger dipped in sandal-paste etc.

୪ । ମଇଁଷିଙ୍କ ବେକରେ ବନ୍ଧା ହୋଇଥିବା ଗୋଟିଏ ପୋଲା ବାଉଁଶ ନଳ ଓ ତାହାର ଦୁଇ ପାଖରେ ଝୁଲୁ ଥିବା ଦୁଇ ଖଣ୍ଡ କାଠି; ଟୁପେଇ—4. A hollow piece of bamboo tube suspended to the neck of a buffalo and having two small sticks suspended on both sides of it.

ମହିଷ-ଟିପାର ଗୁରୁ ଗୁରୁ ଧ୍ୱନି,
ଘୋଟେ ମୁଖରିତ ଅରଣ୍ୟ ସରଣୀ । ରାଧାନାଥ. ଚିଲିକା ।

[ଦ୍ର—ଦୁଷ୍ଟ ବା ଓଳିଆ ଗୋରୁ ମଇଁଷିଙ୍କ ବେକରେ ଏହା ବନ୍ଧା ହୋଇ ଥାଏ । ସେମାନେ ଚାଲିଲା ବେଳେ କାଠି ଦୁଇ ଖଣ୍ଡି ପୋଲା ନଳରେ ବାଜିବାରୁ ଟଣ ଟଣ ଶବ୍ଦ ହୁଏ ଏବଂ ଏଥିରୁ ସେମାନଙ୍କର ଗତିବିଧି ଜଣା ଯାଏ ।]

୫ । ପାଇକମାନେ ବାଆଁ ହାତରେ ଧରନ୍ତା ଚାରିକୋଣିଆ ଢାଲ—5. A four cornered shield used by the foot-soldiers.

টিপ
टिकाली
୬ । ମାଇପେ କପାଳରେ ଦେନବା ଗୁଣ୍ଡିର ପୋକର ଦୃଢ଼ ପକ୍ଷର ନାଲି ଓ ନେଳ ଚକଲ—6. Small circular slips of the hard green or red stiff wing of a kind of insect.

୭ । ଛୁଞ୍ଚିରେ ସିଲାଇ କର୍ମ—
7. Sewing with the needle.

୮ । ଡାଗ—8. Stitch.

ପ୍ରାଦେ. (ସମ୍ବଲପୁର) ବି—ବସନ୍ତ ରୋଗ ନିବାରଣ ପାଇଁ ଦେନବା ଟିକା—Vaccination; inoculation.

ଟିପାଇ—ଦେ ବି—ଟିପେଇ (ଦେଖ)
Ṭipāi
Ṭipei (See)

ଟିପା(ପେ)ଇବା—ଦେ. କ୍ରି. (ସଂ. ଟିପ ଧାତୁ = ପ୍ରେରଣ; ଚାଳନ)—
Ṭipā(pe)ibā
୧ । ଗୋଡ଼ର ଅଗ୍ରଭାଗକୁ ଭୂମିରେ ଲଗାଇ ଛୋଟେଇ ଛୋଟେଇ ଚାଲିବା—1. To walk with the fore part of the soles touching the ground.
টিপেটিপে যাওয়া
टिपवाना

୨ । ଛୋଟେଇ ଛୋଟେଇ ଚାଲିବା—
2. To limp; to walk lamely.

୩ । ଟିପିବାର ଣିଜନ୍ତରୂପ—
3. Causative form of Ṭipibā.

ଟିପା(ପେ)ଇ ହେବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ଟିକା ଦେନବା—
Ṭipā(pe)i hebā
1. To be vaccinated or inoculated.

୨ । କୌଣସି ବ୍ୟକ୍ତିଦ୍ୱାରା ନିଜର ଗୋଡ଼ହାତ ମୋଡ଼ାଇ ହେବା—2. To have one's limbs massaged by another.

ସାଧାରଣ ଲୋକେ ଅପର ପୃଷ୍ଠାରେ ମୁଦ୍ରିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୁଅ ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଆଁଖି ନ ପାଇଲେ 'ଆଖି' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍‌' ଦେଖିବେ ।

ଟିପାଏ—ଦେ. ବି, ବିଣ ଓ କ୍ରି. ବିଣ—ଟିପେ (ଦେଖ)
Ṭipāe — Ṭipe (See)

ଟିପା କାଗଜ—ଦେ. ବି—ଯେଉଁ କ୍ଷୁଦ୍ର କାଗଜ ଖଣ୍ଡରେ କୌଣସି ବିଷୟ ଅସ୍ଥାୟୀଭାବରେ ଟିପି ନିଆଯାଏ—
Ṭipā kāgaja
টেপাকাগজ
याद्दास्त टीपा
Memorandum slip; a slip of paper in which casual notes are jotted down; rough draft.

ଟିପା କାଠି—ଦେ. ବି—ହାଲୁକା କାଠରେ ନିର୍ମିତ ଦଣ୍ଡବିଶେଷ—
Ṭipā kāṭhi. A log of light wood used by the Noḷiā fishermen of Puri for floating on the billowy sea.

ଟିପା କାଠି ପୃଷ୍ଠେ ଚଳନ୍ତେ ନୋଳିଆ
ଗାଏ 'ଜୟ ଗଙ୍ଗେଶ୍ୱର' । ରାଧାନାଥ. ପାର୍ବତୀ ।

[ଦ୍ର—ଏହା ଚକ୍ଳିପର ଓ ୪।୫ ହାତ ଲମ୍ବା ଓ ଅତି ହାଲୁକା କାଠ । ପୁରୀର ନୋଳିଆମାନେ ଏହା ଉପରେ ବସି ତରଙ୍ଗମୟ ସମୁଦ୍ରରେ ମାଛ ଧରିବା ପାଇଁ ଅନାୟାସରେ ବିଚରଣ କରନ୍ତି । ଏହା ପାଣିରେ ଭାସି ଉଠେ ।]

ଟିପା ଖାତା—ଦେ. ବି—ଯେଉଁ ଖାତା ବା ବହିରେ କୌଣସି ବିଷୟ ଅସ୍ଥାୟୀଭାବରେ ଲେଖାଯାଏ; ଚିଠାଖାତା; ହାତଚିଠା—
Ṭipā khātā
টেপাখাতা
टीपाखाता
Note-book; pocket-book.

ଟିପାଟିପି—ଦେ. ବି. (ସଂ. ଟିପ ଧାତୁ = ପ୍ରେରଣ, କ୍ଷେପଣ)—
Ṭipā-ṭipi
টেপাটেপী
टीपाटीपि
୧ । ଅନ୍ୟୋନ୍ୟରେ ଠାରାଠାରି; ଠାରିବା, ଠାରଠାର—1. Mutual significant glances; mutual nods and winks.
୨ । ସଂକ୍ଷେପରେ ଲେଖିବା—2. Taking down of stray notes.
୩ । ସ୍ମାରକ ଲିପି—3. Memorandum.
୪ । ଗୋପନରେ କଥାଭାଷା—4. Whisperings.
୫ । ଚିପାଚିପି—5. Pinching; squeezing.
୬ । କାହାଣୀରେ ବର୍ଣ୍ଣିତ ଭାଇଭଉଣୀଙ୍କ ନାମ—6. Names of a brother and sister in the folktale.

ଟିପାଟିପି ହେବା—ଦେ. କ୍ରି—ଦୁଇଜଣ ପରସ୍ପରମଧ୍ୟରେ ଠାରାଠାରି ହେବା—
Ṭipāṭipi hebā
টেপাটেপি হওআ
To carry on or exchange thoughts by mutual nods and signs.

ଟିପାରା—ଦେ. ବି. (ନାମ) (ସଂ. ତ୍ରିପୁରା)—ବଙ୍ଗଦେଶସ୍ଥ ତ୍ରିପୁରା ରାଜ୍ୟ—
Ṭipāra — Tippara State in Bengal.
টিপারা

ଟିପାରି—ଦେ. ବି. (ଇଂ. ଷ୍ଟ୍ରବେରି)—
Ṭipāri
টিপারী, টেপারী
बिलायती मकी
୧ । ବିଦେଶୀ ଖାଦ୍ୟ ଫଳବିଶେଷ; ଟେପାରି—1. Cape goose berry; Brazil cherry; Physalis Peruvina.

[ଦ୍ର—ଏହା ବଙ୍ଗନାଦି ବର୍ଗର ବର୍ଷାୟୁ ଫଳ ଶାକ । ଫଳ ଶ୍ଳେଷ୍ଟ ଓ ବାଇଗଣ ପରି ବହୁବୀଜ, ଫଳ ଅଣ୍ଡାକାର ଫଳ ପରି ଫୁଲର ବହିକ୍ଷଦରେ ଆବୃତ ଥାଏ । ଏ ଗଛ ଆମେରିକାର ପେରୁ ଦେଶରୁ ଏ ଦେଶକୁ ଅଣାଯାଇ କୃଷି କରାଯାଉଅଛି (ଯୋଗେଶଚନ୍ଦ୍ର) । ପାଚିଲା ଫଳ ସୁଖାଦ୍ୟ ।]
୨ । ଡଙ୍କାରି (ଦେଖ)—2. Ḍaṅkāri (See)

ଟିପି—ପ୍ରାଦେ. (ସମ୍ବଲପୁର) ବି— ଅଗ; ଅଗ୍ରଭାଗ—
Ṭipi — Top.

ଟିପି ଚଢ଼େଇ—ଦେ. ବି—କ୍ଷୁଦ୍ର ପକ୍ଷୀବିଶେଷ—
Ṭipi chaṛhei — A kind of small bird.

ଟିପି ଚଢ଼େଇ ଟିକିକି ପାଣିରେ ବୁଡି ମରଇ । ପ୍ରହେଳିକା ।

[ଦ୍ର—ଏ ୩।୪ ଇଞ୍ଚ ଲମ୍ବ ହୁଏ । ଲୋକେ ଏହାକୁ ପୋଷନ୍ତି ।]

ଟିପିଟିପି—ଦେ. ଅ—ଟିପ୍‌ଟିପ୍‌ (ଦେଖ)
Ṭipi-ṭipi — Ṭip-ṭip (See)

ଇନ୍ଦ୍ର ଟିପିଟିପି କରିଣ ଜଳ ବୃଷ୍ଟି । କୃଷ୍ଣସିଂହ. ମହାଭାରତ. ବନ ।

ଟିପିଣ୍‌(ନ୍‌)—ବୈଦେ. ବି. (ଇଂ)—ଟିଫିନ୍‌ (ଦେଖ)
Ṭipiṇ(n) — Ṭiphiṇ (See)

ଟିପିବା—ଦେ. କ୍ରି. (ସଂ. ଟିପ୍‌ ଧାତୁ = କ୍ଷେପଣ, ପ୍ରେରଣ)—
Ṭipibā
টিপা, টেপা
टिपना
୧ । ନଖ ଆଦି ଦ୍ୱାରା ସାମାନ୍ୟ ଆଘାତ କରିବା; ଚିମୁଟିବା—1. To pinch softly; to titilate; to hurt softly; to tip.

ମୋତେ ଭୁଚ୍ଛା କର କର ଲୋକୁ ମୁଁ ନଜରଗର
ଟିପୁଁ ତେତ ଲାଜେ ଜରଜର । ଭକ୍ତ. ପ୍ରେମସୁଧାନିଧି ।

୨ । ଟିପ ଦ୍ୱାରା ଆଘାତ କରିବା ବା ଚିପିବା—2. To strike or press with the tip of the finger.

କେତେକ ଲୋକ ତହିଁ ମୃଦଙ୍ଗ ଟିପିଲେ । କୃଷ୍ଣସିଂହ. ମହାଭାରତ. ଆଦି ।

୩ । ଅଙ୍ଗମାନଙ୍କୁ ଆଙ୍ଗୁଠି ଦ୍ୱାରା ମୋଡ଼ିବା ବା ଘଷିବା; ମର୍ଦ୍ଦନ କରିବା—3. To perform massage on the body; to rub the body with the fingers; to press.
୪ । ସ୍ମରଣାର୍ଥେ କୌଣସି ବିଷୟ ସଂକ୍ଷେପରେ ଲେଖି ରଖିବା; କୌଣସି କଥା ସଂକ୍ଷେପରେ ଲେଖିବା; ନୋଟ୍‌ କରିବା—4. To note down; to jot down anything for future reference.
୫ । ଆଖି ମାରିବା; ଠାର ବା ସଙ୍କେତ ଦ୍ୱାରା କୌଣସି ଭାବ ପ୍ରକାଶ କରିବା—5. To convey one's idea by signs, winks or glances.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଏ	ଉଅ	ଙ୍ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାରଂ ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଊ	ଙ୍ଗ

୬ । ଗୋପନରେ କହିବା; କାନରେ ଭୁନ କର କହିବା—
6. To report a thing privately or in whispers; to hint.

ଟିପି ଦେଲେ କଂସ ଆଗେ କେ ନୃଶଂସ ନନ୍ଦବନ୍ଧୀ ହେବେ ଖୋପେ ।
କବିସୂର୍ଯ୍ୟ. ଭଗୋସରଚମ୍ପୂ. ୫ ଗୀତ ।

୭ । ଉତ୍ତେଜିତ କରିବା; ହସ୍ତୀ, ଅଶ୍ୱ ଆଦିଙ୍କୁ ଚାଳିତ କରିବା—
7. To goad to action; to drive a horse or elephant.

କିଛି ଦେଶ ରାଜା ଶୁଣିଣ କୋପିଲେ
ମାଇବାକୁ ତାହାଙ୍କୁ ହାତୀ ଟିପି ଦେଲେ । କୃଷ୍ଣସିଂହ. ମହାଭାରତ. ବନ ।

୮ । (ବନ୍ଧୁକର ଗୁଳି, ଶର, ଢେଲା ଆଦିଙ୍କୁ) ଲକ୍ଷ୍ୟ ବସ୍ତୁ ପ୍ରତି ଫିଙ୍ଗିବା—8. To despatch (a ball, stone etc) towards an aim; to throw at.

୯ । ସିଲେଇ କରିବା; ଟିପେ ହିଟିପ ସେଇଁ ଦେବା—
9. To sew a stitch or two.

(ଯଥା—ଏ ଚିରା ଲୁଗା ଖଣ୍ଡ ଠାଏ ଦୁଇଠାଏ ଟିପି ଦେଇ ସାର ତୁମ ସାଙ୍ଗେ ଯିବି ।)

[ଦ୍ର—'ଟିପିବା' କ୍ରିୟାର ଅସମାପିକାରୂପ ସଙ୍ଗେ ଆଣିବା, ଦେବା, ନେବା, ପକା(କେ)ଇବା କ୍ରିୟାର ସମାପିକାରୂପ ବ୍ୟବହୃତ ହୁଏ ।]

ଟିପୁଣା—ଦେ. ବି—ଚିତ୍ରକାରମାନେ କୌଣସି ରୂପକୁ ଚିତ୍ର କରିବା ପୂର୍ବରୁ ଯେଉଁ ପଟରେ ମୋଟାମୋଟି ଚିତ୍ର ଅଙ୍କନ କରନ୍ତି—The canvas on which a painter chalks or pencils the outlines of a picture before actually painting it.
Ṭipuṇā

ଟିପେ—ଦେ. ବି. ବିଣ—ଚିମୁଟାଏ; ଟିପରେ ଧରିବା ଭଳି—
Ṭipe A quantity of something contained between the phalanges of 2 fingers; a pinch of.

ଦେ. କ୍ରି. ବିଣ—ଲେଶମାତ୍ର; ସାମାନ୍ୟ ପରିମାଣରେ——
A little; in a small degree; slightly.

ଢେଳେବା ଖଣ ଟିପେ ଘୁଞ୍ଚାଇ ନ ପାରିଲେ—କୃଷ୍ଣସିଂହ. ମହାଭାରତ, ବନ ।

ଟିପେଇ—ଦେ. ବି. (ଫ. ତ୍ରିପଦୀ)—୧ । ତିନିଗୋଡ଼ିଆ ଷ୍ଟୁଲ୍—
Ṭipei Tripod.
ତିପାଈ

୨ । ଶଗଡ଼ର ଝଙ୍ଗମୁଣ୍ଡିକୁ ଟେକି ଧରିବାର ଠିଆ ବା ଠେଁସ—
तिरकाठ 2. A forked prop to support the front-point of a standing cart (so as to make the body of the cart parallel with the ground).
उटड़ा; उटड़पा

୩ । ଟିପା (୪) (ଦେଖ)
3. Ṭipā (4) (See)

୪ । ଟିପା କାଠି (ଦେଖ)
4. Ṭipā kāṭhi (See)

୫ । ଦୁଇ ମୁଣ୍ଡରେ ଶୋଲ ବନ୍ଧା ହୋଇଥିବା ଦଉଡ଼ି—
5. A contrivance having two bunches of pithy stems of cork attached to the both ends of a string and used as a buoy to keep a person a float in water; a float.

[ଦ୍ର—ଖଣ୍ଡେ ଦଉଡ଼ିର ଦୁଇ ମୁଣ୍ଡରେ ଶୋଲ ବିଡ଼ା ଦୁଇଟା ବନ୍ଧା ହୋଇଥାଏ । ଲୋକେ ଏହା ଉପରେ ବସିଲେ ଏହା ପାଣିରେ ବୁଡ଼ି ନ ଯାଇ ଭାସେ ଓ ମନୁଷ୍ୟ ପାଣିରେ ବୁଡ଼ିଯାଏ ନାହିଁ ।]

୬ । (ବଣିଆ ଶବ୍ଦ) ତିନି ଗୋଟି ଗୋଡ଼ ଥିବା ଏକପ୍ରକାର **ଛୋଟ ଚଉକି**—6. A three legged stool used by goldsmiths.

[ଦ୍ର—ଏହା ୧ ଫୁଟ ଉଚ୍ଚ; ବଣିଆମାନେ ଏହା ଉପରେ ଛୋଟ ଛୋଟ ସୁନା ରୁପାର ବସ୍ତୁ ରଖି ଏହାକୁ ବସିବା ସ୍ଥାନର ସାମନାରେ ଡ଼େସ୍କ ରୂପେ ବ୍ୟବହାର କରନ୍ତି ।]

ଟିଫିଣ(ନ୍)(ଣି)—ବୈଦେ. ବି (ଇଂ. ଟିଫିନ)—ଜଳଖିଆ—
Ṭiphiṇ(n)(ṇi) Light refreshments.
टिफिन **टिफन**

ଟିମ—ଦେ. ବି. ପୁଂ ଓ ସ୍ତ୍ରୀ (ଫ. ତମ୍ପ)—୧ । ଶିଶୁ—
Ṭima 1. Child; infant.
(ଟିମୀ—ସ୍ତ୍ରୀ) ୨ । ହୃଷ୍ଟପୁଷ୍ଟ ବାଙ୍ଗୁରା ବ୍ୟକ୍ତି—
2. A stout dwarf.

ଦେ. ବିଣ—୧ । ଯାହା ପେଟ ଟୁମାଟୁମ୍ ହୋଇ ଫୁଲିଥାଏ—
1. Having one's belly swollen.

୨ । ବାଙ୍ଗୁରା ଓ ସ୍ଥୂଳକାୟ (ବ୍ୟକ୍ତି)—
2. Stout and dwarfish (person).

୩ । ଛୋଟ ଏବଂ ମୋଟ(ବସ୍ତୁ)—
3. Stumpy; stout and thick (thing).

ବୈଦେ. ବି (ଇ. ଟୀମ୍)—କ୍ରିକେଟ୍ ଆଦି ଖେଳିବା ଦଳ; ଖେଳୁଆଡ଼ଙ୍କ ଗୋଟିଏ ପୂର୍ଣ୍ଣାଙ୍ଗ ଦଳ— Team (of players).
टीम
टीम

ଟିମକ୍—ଦେ. ବି ଓ ବିଣ —ଟିମ (ଦେଖ)
Ṭimak Ṭima (See).

ଟିମା—ଦେ. ବି. ଓ ବିଣ ପୁଂ ଓ ସ୍ତ୍ରୀ—ଟିମ (ଦେଖ)
Ṭimā Ṭima (See).

ଟିମା(ମେ)ଇବା—ଦେ. କ୍ରି (ତୁଳ. ଇଂ. ଟମ୍ପାନା=ପେଟ ଫୁଲାଇବା)—
Ṭimā(me)ibā ପୂର୍ଣ୍ଣ ପାନଭୋଜନ ବା ବାୟୁଦୋଷ ଯୋଗୁଁ (ପେଟ) ଢୋଲ ଭଳି ଫୁଲିବା—
टुईटुम्बुरहओया
फुलना To swell like a drum (said of the belly after a full meal or drink).

ଟିମି—ଦେ. ବି ଓ ବିଣ ପୁଂ ଓ ସ୍ତ୍ରୀ—ଟିମ (ଦେଖ)
Ṭimi Ṭima (See).

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଁଳା' ନ ପାଇଲେ 'ଅଁଳା' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ଟିମ୍ପଣି—ପ୍ରାଦେ (ସିଂହଭୂମ) ବି—ପାଚଣ (ଦେଖ)
Timpani — Pāchana (See).

ଟିମ୍ବିରି—ପ୍ରାଦେ (ଗଞ୍ଜାମ) ବି—ବିରୁଡ଼ି (ଦେଖ)
Timbiri — Birurdi (See).

ଟିର୍‌କା(କେ)ଇବା—ଦେ. କ୍ରି—୧ । ଆଗରୁ ସାବଧାନ କରାଇ ଭୁରୁଡ଼ାଇ ଦେବା; ଟିରକୋଇବା—
Tir-kā(ke)ibā ଭାଗାନ 1. To scare away by cautioning beforehand.
[ଟିରକା(କେ)ଇବା—ଅନ୍ୟରୂପ] ୨ । ଗୋପନରେ ଉତ୍ତେଜିତ କରିବା; ଟିଅଇବା; ମଭାଇବା—2. To instigate a person by giving secret advice; to secretly incite a person.

ଟିର୍‌କା ଟିର୍‌କି କରିବା—ଦେ. କ୍ରି—ଟିର୍‌କାଇବା (ଦେଖ)
Tir-kā tir-ki karibā — Tir-kāibā (See).

ଟିର୍‌କି (ଇତ୍ୟାଦି)—ଦେ. ବି—ଟିରିକି ଇତ୍ୟାଦି (ଦେଖ)
Tir-ki (etc) — Tiri-ki etc (See).

ଟିରିକା(କେ)ଇବା—ଦେ. କ୍ରି—ଟିର୍‌କାଇବା (ଦେଖ)
Tirikā(ke)ibā — Tir-kāibā (See).

ଟିରିକି—ଦେ. ବି (ତୁଳ. ଫ. ତାର; ତାର୍ଯ୍ୟକ୍)—
Tiriki ୧ । ମେରୁଦଣ୍ଡର ନିମ୍ନ ସ୍ଥାନ—1. The coccyx; fundament or lowest point of the lower end of the spine.
୨ । ଗୁହ୍ୟଦ୍ୱାର—2. Anus.

ଅଖି କଜଳ ଯୁହା ଯାଏ
ଟିରିକି କଜଳ ଯୁହା ନ ଯାଏ—ଢଗ ।

ଟିରିକି କଜଳ—ଦେ. ବି (ବ୍ୟଙ୍ଗୋକ୍ତି)—ଆଖିରେ କଜଳ ନ ଘେନି
Tiriki kajala ଅସ୍ଥାନ ବା ଗୁହ୍ୟଦ୍ୱାରରେ ଘେନିବା କଜ୍ଜଳ (ଯାହା ପ୍ରତିବେଶୀଙ୍କ ଦୃଷ୍ଟିକଟୁ ହୁଏ)—Black rouge painted at the wrong part of the body (which become an eyesore to the neighbours).

ଟିରିକି ନଚା(ଚେ)ଇବା—ଦେ. କ୍ରି—କର୍ମ ବା ଉଦ୍ଦେଶ୍ୟବିହୀନ
Tiriki nachā(che)ibā ହୋଇ ବୃଥାରେ ଏକ ସ୍ଥାନରୁ
ଟୋଟୋ କରିଆ ବେଡ଼ା ଅନ୍ୟ ସ୍ଥାନକୁ ଯାଇ, ବସିବସି, ବା ବୁଲାବୁଲି ସମୟ ନଷ୍ଟ କରିବା—To loaf; to lounge aimlessly.

ଟିରିକି ନାଚିବା—ଦେ. ବି—ଗୁହ୍ୟ ଦ୍ୱାରର ଯନ୍ତ୍ରଣା ଯୋଗୁଁ
Tiriki nāchibā ଛଟପଟ ହେବା—Becoming restless in agony on account of pain in the anus.
(ଟିରିକି ମାଢ଼ିବା—ଅନ୍ୟରୂପ)

ବୁଢ଼ା ମାକଡ଼ ରେ ବୁଢ଼ା ମାକଡ଼ ! ମୋ ବରକୋଳି ପାଚିଲା ।
ପୋଡ଼ଯାଉ ତୋ ବରକୋଳି ମୋ ଟିରିକି ନାଚିଲା ।
ବୁଢ଼ାମାକଡ଼ କାହାଣୀ

ଟିରିକିବା—ଦେ. କ୍ରି.—୧ । (ଓଦା ଭୂଇଁ ବା ଚିଲ) ଖରା ଯୋଗୁଁ
Tirikibā ଫାଟିଯିବା; ଚଡ଼ିକିବା—1. To crack (said of
ଫାଟା clayey soil hardened by drought.)
ତିଲକନା ୨ । (ଜମି) ଅତ୍ୟନ୍ତ ଶୁଷ୍କ ହୋଇ ହଳ ହେବାର ଅଯୋଗ୍ୟ ହେବା; ଘାଗଚଡ଼ା ହେବା—2. (Land) To become too dry to be ploughed.

ଟିଲ୍—ଦେ. ବି—କେହି କାହାକୁ ଗୁଣ ପକାଇବା ସମୟରେ ଗୁଣର
Til ଦୋଷ ବାଧିବ ନାହିଁ ବୋଲି ଅନ୍ୟ ବ୍ୟକ୍ତିର ତର୍ଜନୀ ଓ ମଧ୍ୟମ
ଟିକଟିକୀ ଅଙ୍ଗୁଳିକୁ ଛନ୍ଦି ରଖିବା—A pose made by the index and the middle finger to undo the evil effects of an oath uttered.

ଟିଲା—ପ୍ରାଦେ. (ମେଦିନୀପୁର) ବି. (ଫ. ଟ୍ଲୀ=ଯୋଗେଶଚନ୍ଦ୍ର; ଫ.
Tilā ଅଷ୍ଟୀଲା=ବାଲଗରଡ଼ା; ତୁଳ. ବଂ ଓ ହି. ଏହି ଅର୍ଥରେ ଏହି ଶବ୍ଦ)—ଖାଲଜମିକୁ ଘେରିଥିବା ଉଚ୍ଚ ଜମି—High land surrounding a low field.

ଟିଲି—ଦେ. ବି.—ଟିଲ୍ (ଦେଖ)
Tili — Til (See)

ଟିହା (ଇତ୍ୟାଦି)—ଦେ. ବି—ଟିଆ ଇତ୍ୟାଦି (ଦେଖ)
Tihā (etc) — Tiā etc (See)

ଟିହାଇବା—ଦେ. କ୍ରି—ଟିଅଇବା (ଦେଖ)
Tihāibā — Tiā-ibā (See)
(ଟିହେଇବା, ଟେହିବା—ଅନ୍ୟରୂପ)

ଟିହାଟେହି—ଦେ. ବି—କୌଣସି କୁକାର୍ଯ୍ୟ ନିମନ୍ତେ ଉତ୍ତେଜିତ
Tihā-tehi କରିବା—Instigation.
ଟୁଆଟୁଇ ଉସକାବ

ଟିହିକା—ପ୍ରାଦେ. (ସମ୍ବଲପୁର) ବି—ଟିଟ୍ଟିଭ ପକ୍ଷୀର ଟିଁ ଟିଁ ଡାକ—
Tihikā Tittering or the tit-tit sound of the lapwing.

ଟିହିକିବା—ପ୍ରାଦେ. (ସମ୍ବଲପୁର) କ୍ରି—(ଟିଟ୍ଟିଭ ବା ଛଞ୍ଚୁର ପକ୍ଷୀ)
Tihikibā ଟିଁ ଟିଁ ରାବିବା—To make a tit-tit sound; to titter (said of the lapwing).

ଟିହିଙ୍କିବା—ପ୍ରାଦେ. (ସମ୍ବଲପୁର; ଗଡ଼ଜାତ) କ୍ରି—ନିକ୍ଷିପ୍ତ ହେବା—
Tihinkibā — To be thrown.

ଟିହିଙ୍ଗାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଲୁଦ ଲୁଦ ପଳାଇବା—
Tihingāibā To run away frisking; to run with leaps and bounds.

ଟିହିଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଟିହିଙ୍ଗାଇବା (ଦେଖ)
Tihilāibā — Tihingāibā (See)

୧	ଇ	ଭ	ର୍‌,ଋ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଜ୍ଞ	ଇଯ଼ୁ	ଉଅ	ୱ
୬	ଈ	ଊ	ଋୁ	ଲୃ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ବାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ର୍ଯ୍ୟ	ଇଅ	ୠ	ନ

ଟିହ୍ଲାଇବା—ପ୍ରାଦେ. (ସମ୍ବଲପୁର) କ୍ରି—ଟିଆଇବା (ଦେଖ) .
Tihlā-ibā Tiā-ibā (See)

ଟୀକ୍ (ଧାତୁ)—ସଂ—ଗମନ କରିବା—
Ṭik (root) To go; to move.

ଟୀକା—ସଂ. ବି. ସ୍ତ୍ରୀ (ଟୀକ୍ ଧାତୁ=ଗମନ କରିବା+କରଣେ ଅ+ସ୍ତ୍ରୀ.
Ṭikā ଆ; ମୂଳ ଗ୍ରନ୍ଥର ଅର୍ଥ ଯାହାଦ୍ୱାରା ଗୃହୀତ ହୁଏ)—
ବ୍ୟାଖ୍ୟା; ଗ୍ରନ୍ଥର ଅର୍ଥର ବିଶଦୀକରଣ—Annotation; commentary; explanation.
टीका ଦେ. ବି—୧ । ରାଜଟୀକା; ରାଜାଙ୍କର ସିଂହାସନାରୋହଣ
टीका କାଳରେ ତାଙ୍କ କପାଳରେ ଦିଆଯିବା ଚନ୍ଦନାଦିର ଫୋଟା—
1. A mark with sandal paste etc. put on the forehead of a king on the occasion of his accession.
୨ । ଟୀକା (ଦେଖ)—2. Ṭikā (See)

ଟୀକାକାର—ସଂ. ବି. (ଟୀକା+କୃ ଧାତୁ+କର୍ତ୍ତୃ. ଅ)—ବ୍ୟାଖ୍ୟାର
Ṭikā-kāra ପ୍ରଣେତା—Commentator; annotator.

ଟୀକିରା—ପ୍ରାଦେ. (ସମ୍ବଲପୁର) ବି—ହୁଙ୍କା— .
Ṭikirā Ant hill.

ଟୁଆଁ—ଦେ. ବିଣ. ପୁଂ. (ସଂ. ସ୍ତୋକ)—କ୍ଷୁଦ୍ର; ଛୋଟ—
Ṭuān Tiny.

ଟୁଆଁ ଟୁଇଁ ହେବା—ଦେ. କ୍ରି—ଗୁନ ଗୁନ ହୋଇ କଥାଭାଷା ହେବା--
Ṭuān ṭuin hebā To talk in whispers.
टु शब्दकरा

ଟୁଆଲ—ପ୍ରାଦେ. (ଗଞ୍ଜାମ) ବୈଦେ (ଇଂ. ଟାଓ୍ୱେଲ୍) ବି—ମୋଟ
Ṭuāla ଓ ଶ୍ୱେତ ଗାମୁଛା—Towel.

ଟୁଇଁ—ଦେ. ବିଣ ପୁଂ ଓ ସ୍ତ୍ରୀ (ତୁଳ. ଇଂ. ଟାଇନି)—ଛୋଟ; କ୍ଷୁଦ୍ର—
Ṭuin Very small; tiny.
टुइयाँ

ଟୁଇଁ ଟାଇଁ ହେବା—ଦେ. କ୍ରି—ଟୁଆଁ ଟୁଇଁ ହେବା (ଦେଖ)
Ṭuin ṭāin hebā Ṭuān ṭuin hebā (See)

ଟୁଇଁବା—ଦେ. କ୍ରି (ସଂ. ତୁଦ ଧାତୁ)—ବଥ ବା ଫୋଟକାକୁ ଫୋଡ଼ିବା—
Ṭuinbā To lance a boil or blister.
ପ୍ରାଦେ. (ସମ୍ବଲପୁର) କ୍ରି—ଆଖିରେ ଅଙ୍ଗୁଠି ଗେଞ୍ଜିବା—
To poke a person's eye with the finger.

ଟୁଇଲ୍—ବୈଦେ. ବି (ଇଂ. ଟ୍ୱିଲ୍)—ଏକଜାତୀୟ ମୋଟା ଓ ଚକ୍କଣ
Ṭuil ସୂତା ଲୁଗା—Twill.
टुइल्; टेढ़ोबुना [ଦ୍ର—ଏ ଲୁଗାର ବୁଣା ଏପରି ଯେ ଏଥିରେ
टुइल ଟେରଚ୍ଛା ରେଖାମାନ ପଡ଼ିଥିବା ପରି ଦେଖାଯାଏ ।]

ଟୁଁ—ଦେ. ଅ. (ଧ୍ୱନ୍ୟନୁକରଣ)—ମୃଦୁ ମଧୁର ଧ୍ୱନି—
Ṭu A low sound.
टुँ

ଟୁଁକି—ପ୍ରାଦେ. (ସମ୍ବଲପୁର) ବି—ସାନ ସାନ ଛିଦ୍ର ବା କଣା—
Ṭunki Small hole

ଟୁଁଟାଁ—ଦେ. ଅ (ବହୁବଚନ)—ଟୁଁ (ଦେଖ)
Ṭuṅṭāṅ Ṭuṅ (See)
(ଟୁଇଁଟାଆଁ—ଅନ୍ୟରୂପ)

ଟୁକ୍‌ଟାକ୍—ଦେ. ଅ—ଟକ୍‌ଟକ୍ (ଦେଖ)
Ṭuk-ṭāk Ṭak-ṭak (See)
टुकटाक [ଦ୍ର—ଏହା ଟକ୍‌ଟକ୍ ଅପେକ୍ଷା କ୍ଷୀଣତର ।]
(ଟୁଲୁଟାକ୍—ଅନ୍ୟରୂପ)

ଟୁକ୍‌ଟୁକ୍—ଦେ. ଅ—ଟୁକ୍‌ଟାକ୍ (ଦେଖ) .
Ṭuk-ṭuk Ṭukṭāk (See)
ଦେ. ବିଣର ବିଣ—ଟହଟହ (ଦେଖ)
Ṭahaṭaha (See)
(ଟୁଲୁଟୁଲୁ—ଅନ୍ୟରୂପ)

ଟୁକ୍‌ନା—ପ୍ରାଦେ. (ସମ୍ବଲପୁର) ବି—ଗୋରୁଙ୍କୁ କୁଣ୍ଡା ଓ ତୋରାଣି
Ṭuk-nā ଖୁଆଇବା ପାଇଁ ବ୍ୟବହୃତ କୁଣ୍ଡବିଶେଷ—
A tub for feeding cattle; manger.

ଟୁକ୍‌ରା—ଦେ. ବି—ଟୁକୁରା (ଦେଖ)
Ṭuk-rā Ṭukurā (See)
ପ୍ରାଦେ. (ବସ୍ତର) ବି—ଟୋକେଇ—Basket.

ଟୁକ୍‌ଲା—ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର) ପୁଂ—ଟୋକା (ଦେଖ)
Ṭuk-lā Ṭokā (See)
(ଟୁକ୍‌ଲୀ—ସ୍ତ୍ରୀ)

ଟୁକ—ଦେ. ବ (ସଂ. ସ୍ତୋକ)—ଭୋଜନକ୍ରିୟା—
Ṭuka Eating.

ଟୁକ ଚଳିବା—ଦେ. ବି—ଭୋଜନକ୍ରିୟାର ସମାଧାନ—
Ṭuka chaḷibā The accomplishment of one's meal.
(ଯଥା—ମୁଁ ରୋଜଗାର ନ କଲେ ପରିବାରର ସମସ୍ତଙ୍କର ଟୁକ ଚଳିବ କାହୁଁ ।)

ଟୁକଣା—ପ୍ରାଦେ. (ବାଲେଶ୍ୱର) ବି—କ୍ଷୁଦ୍ର ଜଳପାତ୍ର—
Ṭukaṇā Small water-pot.
ଦେ. ବି—ଟୁକୁଣା (ଦେଖ)—Ṭukuṇā (See)

ଟୁକନା—ପ୍ରାଦେ. (ବସ୍ତର) ବି—ଟୋକେଇ—
Ṭukanā Basket.

ଟୁକା—ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର) ବି. ପୁଂ—ଟୋକା (ଦେଖ)
Ṭukā Ṭokā (See)
(ଟୁକୀ—ସ୍ତ୍ରୀ)

ଟୁକିନି—ପ୍ରାଦେ. (ବସ୍ତର) ବି—ଭୋଗେଇ—
Ṭukini A small wicker-work tray.

ଟୁକିବା—ଦେ. କ୍ରି (ସଂ. ସ୍ତୋକ)—୧ । ଛିସ୍ୱାଦ ଚକ୍ଷୁ ଗୋଟାଇ
Ṭukibā ବା ଖୁଣ୍ଟି ଖାଇବା; ଠୋକିବା—

[ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ରଷ୍ଟବ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହିଁର ଉପଯୋଗୀ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍ଗିଆ' ନ ପାଇଲେ 'ଅଙ୍କା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ]

ଖୁଁ ଟା — 1. To eat small particles by picking up from the ground.
खुटकना, चुगना

୨ । (ଲକ୍ଷଣାର୍ଥ) ଦୋଷ ଦେଖାଇବା—
टोकना 1. (fig) To find fault with.

ଟ କା — ୩ । ଟିପି ନେବା—
टांकना 3. To jot down notes.

ଟୁକୀ—ପ୍ରାଦେ. (ବାଲେଶ୍ୱର) ବ—୧ । ପଥର ବାଟି ବା ଗିନା—
Ṭukī — 1. Small saucer or cup of stone.

୨ । (ବାଲେଶ୍ୱର ଓ ସମ୍ବଲପୁର) ସ୍ତ୍ରୀ; ଟୁକାର ସ୍ତ୍ରୀଲିଙ୍ଗ—
2. Feminine of Ṭukā.

ଟୁକୁଜୀବନ—ଦେ. ବ ଓ ବିଣ—ଟିକିଜୀବନ (ଦେଖ)
Ṭuku-jībana — Ṭiki-jībana (See)

ଟୁକୁଜୀବନିଆଁ—ଦେ. ବଣ—ଟିକିଜୀବନିଆଁ (ଦେଖ)
Ṭuku-jībaniān̐ — Ṭiki-jībaniān̐ (See)

ଟୁକୁଟୁକୁ—ଦେ. ଅ ଓ ବଣର ବଣ—ଟୁକ୍‌ଟୁକ୍ (ଦେଖ)
Ṭuku-ṭuku — Ṭuk-ṭuk (See)

ଟୁକୁଣା—ଦେ. ବ. (ସ୍ତ୍ରୁ. ସ୍ତୋକ=କ୍ଷୁଦ୍ର)—
Ṭukuṇā — ୧ । ପିତଳର ଛୋଟ ଗଡ଼ୁ ବା ଘାଲି—
टुकनी — 1. Small brass jug.
टाकना — ୨ । କଂସା ବା ପିତଳର ପାକ ପାତ୍ର—
2. Brass cooking pot.

ଟୁକୁମଟାମ—ଦେ. ବ—ଭଲରି ସମତା ପରୀକ୍ଷା ନିମନ୍ତେ ରାଜମିସ୍ତ୍ରୀମାନଙ୍କର
Ṭuku-maṭāma — ତ୍ରିକୋଣାକାର ଫଳକଯୁକ୍ତ ସୂକ୍ଷ୍ମ ଯନ୍ତ୍ରବିଶେଷ;
ଓଳମ — ଭଙ୍ଗାମଟାମ—
साहुल — Mason's triangular plumb-level.

ଟୁକୁମୂଷା—ଦେ. ବ. (ଶିଶୁରଞ୍ଜନ) (ସ. ସ୍ତୋକ+ମୂଷିକ)—ଟୁଙ୍ଗେଇ
Ṭuku-mūshā — ମୂଷାର ସ୍ନେହ ସମ୍ବୋଧନ—(a nursery
(ଟୁକୁମୂଷୀ—ସ୍ତ୍ରୀ) — word) An endearing term applied
नेंगटी इन्दर — to the common house-mouse.
(ଟୁଉକୁମୂଷା—ଅନ୍ୟରୂପ)

ଟୁକୁମୂଷା ଲୋ ଟୁକୁମୂଷୀ । ଧାନ ଭରଣକ ଖାଉଥା ବସି,
ଭୁ ଥାଅ ମୁଁ ଯାଉଛି ଭୁଷି । ଶିଶୁ ଗୀତ ।

ଟୁକୁରା—ଦେ. ବ. (ସ. ସ୍ତୋକ)—
Ṭukurā — କ୍ଷୁଦ୍ର ଅଂଶ ବା ଖଣ୍ଡ; ଟିକି ଅଂଶ ବା ଭାଗ—
टकरा — Small piece; fragment; bit.
टुकड़ा

ଟୁକୁରା ଟୁକୁରା କରିବା—ଦେ. କି—ଖଣ୍ଡ ଖଣ୍ଡ କରି ବାଣ୍ଟିବା କରିବା;
Ṭukurā ṭukurā karibā — ଟିକଟିକ କରିବା—
टकरा टुकरा करा — To cut into pieces; to reduce into
टुकड़ा टुकड़ा करना — bits or fragments.

ଟୁକୁଲା—ପ୍ରାଦେ. (କଳାହାଣ୍ଡି, ବାଲେଶ୍ୱର ଓ ସମ୍ବଲପୁର) ବ. ପୁଂ—
Ṭukulā — ଟୋକା (ଦେଖ)
(ଟୁକୁଲୀ—ସ୍ତ୍ରୀ) — Ṭokā (See)

ଟୁକୁଲି—ପ୍ରାଦେ. (ସିଂହଭୂମ) ବ—ଭୋଗେଇ—
Ṭukuli — A small try.

ପ୍ରାଦେ. (କଳାହାଣ୍ଡ , ସମ୍ବଲପୁର, ବାଲେଶ୍ୱର) ବ.ସ୍ତ୍ରୀ—ବାଳିକା—
Girl

ଟୁକେଇ—ପ୍ରାଦେ. (ସିଂହଭୂମ) ବ—ଟୋକେଇ (ଦେଖ)
Ṭukei — Ṭokei (See)

ଟୁକେଇମୂଷା—ଗ୍ରା. ବ. (ଶିଶୁରଞ୍ଜନ)—ଟୁଙ୍ଗେଇମୂଷା (ଦେଖ)
Ṭukei-mūshā — Ṭuṅgeimūshā (See)

ଟୁକୁମୂଷା ଲୋ ଟୁକେଇମୂଷୀ
ଭୁ ଥାଅ ମୁଁ ଯାଉଛି ଭୁଷି । ଶିଶୁ ଗୀତ ।

(ଟୁକେଇମୂଷୀ—ସ୍ତ୍ରୀ)

ଟୁକେଲ—ପ୍ରାଦେ. (ସମ୍ବଲପୁର) ବ—ଟୋକୀ; ଅପ୍ରାପ୍ତବୟସ୍କା କନ୍ୟା—
Ṭukela — Girl; lass.

ଟୁଙ୍କିବା—ଦେ. କି—ଟୁକିବା (ଦେଖ)
Ṭuṅkibā — Ṭukibā (See)

ଟୁଙ୍ଗ୍ ଟାଙ୍ଗ୍—ଦେ. ଅ—୧ । ଟଙ୍ଗ୍‌ଟାଙ୍ଗ୍ (ଦେଖ)
Ṭuṅg-ṭāṅg — 1. Ṭaṅg-ṭāṅg (See).
टङ्ग टाङ्ग — ୨ । ଟୁଣ୍ ଟୁଣ୍ (ଦେଖ)—2. Ṭun-ṭun (See).

ଟୁଙ୍ଗ୍ ଟୁଙ୍ଗ୍—ଦେ. ଅ—ଟଙ୍ଗଟଙ୍ଗ; ଧୀର ଭାବରେ (ଗଢ଼ କରି);
Ṭuṅg-ṭuṅg — ଗୋଟିଏ ଗୋଟିଏ ଗୁଳି କରି—
टङ्ग टङ्ग — Slowly (moving).
(ଟୁଙ୍ଗୁଟୁଙ୍ଗୁ—ଅନ୍ୟରୂପ) — ବ୍ରାହ୍ମଣ ଗୃହ, ଡାଳ ଟୁଙ୍ଗ୍ ଟୁଙ୍ଗ୍ ବଳରେ ଯାଏ ।
ପ୍ରବଚନ ।

ଟୁଙ୍ଗ୍‌ରା—ଦେ. ବ—ଏକ ପ୍ରକାର ସରୁଆ ଗୋଲ ଗୋଲ ପଥର ବା କାଚ-
Ṭuṅg-rā — ଗରଡ଼ା A kind of small roundish pebbles strung into a necklace.

[ଦ୍ର—ଏହା ସୁନାମୁଗ ପରି ଛୋଟ ଛୋଟ; ପ୍ରସ୍ତୁତରେ ଏଥିରେ ମାଳ ଗୁନ୍ଥା ହୋଇ ବିକି ହୁଏ ।]

ଟୁଙ୍ଗ୍‌ରି—ପ୍ରାଦେ. (ସିଂହଭୂମ) ବ—ଛୋଟ ପାହାଡ଼—
Ṭuṅg-ri — Hillock.
(ଟୁଙ୍ଗୁରି—ଅନ୍ୟରୂପ)

ଟୁଙ୍ଗ—ଦେ. ବ. (ସ. ତୁଙ୍ଗ)—
Ṭuṅga — କ୍ଷତ୍ରିୟମାନଙ୍କର ବଂଶାନୁଗତ ଉପାଧିବିଶେଷ—
A family-title of the Kshatriyas.

ଟୁଙ୍ଗା—ପ୍ରାଦେ. (ଗଡ଼ଜାତ) ବ—କରବା; ବନ୍ୟ ଅଳୁବିଶେଷ—
Ṭuṅgā — A kind of wild yam; an edible jungle-root; Dioscora Wallichii (Haines).

[ଦ୍ର—ଏ ଆଳୁ ଶବର ଆଦି ଗରିବ ଲୋକେ ଖାଆନ୍ତି ।]

ଟୁଙ୍ଗାରିବା—ଦେ. କି—(ମୁଣ୍ଡକୁ) ଉପରୁ ତଳକୁ ଓ ତଳୁ ଉପରକୁ
Ṭuṅgāribā — ହଲାଇବା—To bring (the head) up and
नाड़ा — down; to nod.
मुकाना — [ଦ୍ର—ଏ କ୍ରିୟା କେବଳ 'ମୁଣ୍ଡ' କର୍ମ ସଙ୍ଗେ ଯୁକ୍ତ ହୁଏ । ଯଥା—ମୁଣ୍ଡ ଟୁଙ୍ଗାରିବା ।]

୧	ଂ	ଡ	ର,ର୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇୟ	ଢ଼ଅ	ଞ
୨	ଃ	ଢ଼	ଋ	ଌ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଁୟ	ଇଅ	ୱ	ନ

ଟୁଙ୍ଗି—ଦେ. ବ. (ସଂ. ତୁଙ୍ଗ; ତୁଲ. ଟଙ୍କ=ପକ୍ଷଶାଳା, ପାଗୁଣ୍ଡ)—
Tungi (ଭଜନ ଓ ବଦାରୁଦ ନମିତ୍ତ) କ୍ଷୁଦ୍ର ଗୃହ—
ଟଙ୍ଗୀ A block-house.
[ଦ୍ର—ଏହା ଅନ୍ୟ ଗୃହଠାରୁ ପୃଥକ୍ ଓ ଉଚ୍ଚ ଏବଂ ଚତୁଷ୍କୋଣ ।]
ପ୍ରାଦେ. (ଗଡ଼ଜାତ) ବ—ଡାବଲପୁଆ (ଖେଳ) (ଦେଖ)
Dābalapuā (game) (See)

ଟୁଙ୍ଗିଘାଟ—ଦେ. ବ. (ନାମ)—ପର୍ବତବିଶେଷ—
Tungi-ghāta A mountain in Singhbhum.
[ଦ୍ର—ଏହା ସିଂହଭୂମର ଏକ ପର୍ବତ । ପୂର୍ବେ କୌଣସି ବ୍ୟକ୍ତି ରାଜଦଣ୍ଡରେ ନିର୍ବାସିତ ହେଲେ ତାହାଙ୍କୁ ଏହି ପର୍ବତର ବାହାରେ ଛାଡ଼ ଦିଆ ଯାଉଥିଲା ।]

ଟୁଙ୍ଗିବାଡ଼ି—ପ୍ରାଦେ. (ଗଡ଼ଜାତ) ବ—ଡାବଲ (ଦେଖ)
Tungi-bardi Dābala (See)

ଟୁଙ୍ଗେଇ—ଦେ. ବ—୧ । ଏକଜାତୀୟ କ୍ଷୁଦ୍ର ମୂଷା; ଘରମୂଷା—
Tungei 1. A small species of mouse; the
নেংটিইন্দুর common house-mouse; Mus Musculus.
୨ । ବାଇଆ ଚଢ଼େଇ (ଦେଖ)
2. Baiā bird (See)

ଟୁଙ୍ଗେଇବା—ଦେ. କି—୧ । ମୁଣ୍ଡକୁ ଉପରୁ ତଳକୁ ଓ ତଳୁ ଉପରକୁ
Tungeibā ହଲାଇବା; ଟୁଙ୍ଗାଇବା—1. To bring the
নাড়া head up and down as a sign of assent.
झुकाना ୨ । ଟିକଟିକ କରି ହାଣିବା; କୋଚେଇବା—
2. To hack into pieces.

ଟୁଟା—ପ୍ରାଦେ. (ସମ୍ବଲପୁର ତୁଲ. ଏହି ଅର୍ଥରେ ହି. ଏହି ଶବ୍ଦ) ବଣ—
Tutā ଭଙ୍ଗା; ଭୁଟା—Broken.

ଟୁଟା ଫଟା—ପ୍ରାଦେ. (ସମ୍ବଲପୁର) ବଣ. (ସହରର ତୁଲ. ହି. ଟୁଟାଫଟା)—
Tutā phatā ଭଙ୍ଗା ଭୁଟା—Broken and torn.
(ଟୁଟାଫୁଟା—ଅନ୍ୟରୂପ)

ଟୁଟୁ—ପ୍ରାଦେ. (ସମ୍ବଲପୁର) ବ—ସାତଗାଡ଼ି ଖେଳ (ଦେଖ)
Tutu Sātagāti khela (See)
(ଟୁଟୋ—ଅନ୍ୟରୂପ)

ଟୁଣ୍ଟୁଣ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଘଣ୍ଟି ବାଜିବା ଶବ୍ଦ—
Tun-tun Tinkling of bells.
টুন্ টুন্ ଦେ. ବଣ—୧ । ପ୍ରସବୋନ୍ମୁଖୀ; ଆସନ୍ନପ୍ରସବା—
ठनठन 1. Ready to burst; fully pregnant;
(ଟୁଣ୍ଟୁଣୁ, ଟୁଣ୍ଟାଣ୍—ଅନ୍ୟରୂପ) about to give birth.
୨ । ଯେଉଁ ଧାନ ଗଛର କେଣ୍ଡା ପକାଇବା ଭଳି ଅବସ୍ଥା ହୋଇଥାଏ—2. (paddy plant) Having the corn in the ear about to burst.
ଏବେ ତୁ ପଡ଼ିଛୁ ଭୂଣ ଗର୍ଭଣୀକୁ ଟୁଣ୍ଟୁଣ୍ । ପ୍ରବଚନ ।

ଟୁଣା—ଦେ. ବ. (ସଂ. ତନ୍ତ୍ର)—ଗାରୁଡ଼; ଗୁଣିବିଦ୍ୟା; ମନ୍ତ୍ରତନ୍ତ୍ର—
Tuṇā Magic; enchantment; sorcery.
जादू टोना

ଟୁଣାଟୁଣି—ଦେ. ବ—ଟୁଣା (ଦେଖ)
Tuṇā-tuṇi Tuṇā (See)

ଟୁଣାବାଜ—ଦେ. ବଣ—ଗୁଣିଆ; ଗାରୁଡ଼ିଆ; ଗୁଣିବିଦ୍ୟାରେ ନିପୁଣ—
Tuṇā-bāj Skilled in sorcery or black-art.
टोनहाया

ଟୁଣି—ଦେ. ବ—ଟୁଣା (ଦେଖ)
Tuṇi Tuṇā (See)

ଟୁଣୀ—ଦେ. ବ. ପୁଂ ଓ ସ୍ତ୍ରୀ—ଟୁଣାବାଜ (ଦେଖ)
Tuṇi Tuṇābāj (See)
[ଟୁଣିଆ (ଆଁ)—ଅନ୍ୟରୂପ]
(ଟୁଣେଇ—ସ୍ତ୍ରୀ)

ଟୁଣୁକା—ଦେ. ବ—୧ । ଜଡ଼ିବୁଟି; ସାମାନ୍ୟ ଉପାଦାନବିଶିଷ୍ଟ ଔଷଧ—
Tuṇukā 1. Medicinal herbs; simple medicines.
টোটকা ୨ । ଟୁଣା (ଦେଖ)
टोटका 2. Tuṇā (See)
(ଟୁଣକା—ଅନ୍ୟରୂପ)

ଟୁଣୁକାଟୁଣୁକି—ଦେ. ବ—ଟୁଣୁକା (ଦେଖ)
Tuṇukā-tuṇuki Tuṇukā (See)
টোটকাটুটকি टोटका
(ଟୁଣକାଟୁଣକି—ଅନ୍ୟରୂପ)

ଟୁଣୁଟୁଣୁ—ଦେ. ଅ—ଟୁଣ୍ଟୁଣ୍ (ଦେଖ)
Tuṇu-tuṇu Tuṇ-tuṇ (See)
টুন্‌টুন্ ଧର୍ମ ଅର୍ଥ କାମ ସେ ହୋଇଲେ କ୍ଷିଣେ,
ठनठन ଓଷଧ ଘଣ୍ଟ ହୋଇ ବାଜ ଟୁଣ୍ଟୁଣ୍ ।
କୃଷ୍ଣସିଂହ. ମହାଭାରତ କର୍ଣ୍ଣ ।

ଟୁଣ୍ଡା—ପ୍ରାଦେ. (କୋରାପୁଟ) ବ—ତୁଣ୍ଡ (ଦେଖ)
Tuṇḍa Tuṇḍa (See)

ଟୁପ୍—ଦେ. ଅ—ଟୁପ୍ଟୁପ୍ (ଦେଖ)
Tup Tup-tup (See)

ଟୁପ୍ଟୁପ୍—ଦେ. ଅ. (ଧ୍ୱନ୍ୟନୁକରଣ)—୧ । ଧୀରେ ଧୀରେ ବର୍ଷା ହେବାର
Tup-tup ଶବ୍ଦ—1. Soft pattering sound of rain.
টুপটাপ [ଦ୍ର—'ଟୁପ୍ଟୁପ୍' 'ଟପ୍ଟପ' ଠାରୁ କ୍ଷୀଣତର ।]
पटपट ୨ । ଅନୁଚ୍ଚସ୍ୱରରେ ଦୁଇ ବା ତତୋଽଧିକ ବ୍ୟକ୍ତିଙ୍କର
ଟପ୍ଟାପ୍ } ଅନ୍ୟରୂପ କଥାବାର୍ତ୍ତା ହେବାର ଶବ୍ଦ; ଫୁସ୍ଫୁସ୍—
ଟୁପ୍ଟୁପୁ } 2. Talking in whispers or undertone.
ফুসফাস
फुसफुस ୩ । କ୍ଷୁଦ୍ର ମୁନିଆଁ ବସ୍ତୁ ନରମ ବସ୍ତୁରେ ଗଳିବା—
3. Pricking of of soft things by small pointed things.

> ସାଧାରଣ ଲୋକେ ଅନେକ ସ୍ଥଳରେ ବ୍ରତ ୧ ଚକ୍ଷୁର ଅକ୍ଷର ଓ ମାତ୍ରା ଏବଂ ୨ ଦନ୍ତ୍ୟ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚକ୍ଷୁର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳବ, ତେବେ ସେହି ଶବ୍ଦ ଆଉ ଯଥାକ୍ରମେ ଚକ୍ଷୁର ବଦଳରେ ୨ ବା ୧ ଚକ୍ଷୁର ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଢ' ନ ମିଳଲେ 'ଗାଢ଼' ଖୋଜନ୍ତୁ, 'କୃଅ' ନ ମିଳଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କା' କୁ ପାଇଲେ 'ଅଙ୍କ' ଦେଖିବେ, 'ଅଲକତ' ନ ପାଇଲେ 'ଅଲ୍‌କତ' ଦେଖିବେ ।

ଟୁପ୍‌ଟୁପିଆ—ପ୍ରାଦେ. (ସମ୍ବଲପୁର) ବିଣ—ଗୋଲା; ମୁନିଆଁ—
Ṭup-ṭupiā — Pointed.

ଟୁପ୍‌ଲି—ପ୍ରାଦେ. (ସମ୍ବଲପୁର ଭୁଲ. ହି. ଟୋପ୍‌ଲୀ) ବି—ଛୋଟ ଟୋକେଇ—
Ṭup-li — Small basket.
[ଦ୍ର—ବଡ଼ ଟୋକେଇକୁ 'ଟୁପା' କହନ୍ତି ।]

ଟୁପକ ନବିସ—ଦେ. ବିଣ. (ଭୁଲ. ହି. ଟୁପକ୍‌ନା = ଗୋପନରେ ଚୁକ୍ତି କରିବା)—ଟପକ ନବିସ (ଦେଖ)
Ṭupaka nabisa — Ṭapaka nabisa (See)
(ଟୁପୁକ୍‌ନବିସି—ଅନ୍ୟରୂପ)
(ଟୁପକନବିସି—ବି)

ଟୁପର—ପ୍ରାଦେ. (ସମ୍ବଲପୁର) ବି—ଅକ୍ଷିପୋଟଳ—
Ṭupar — A cover for the eye; mask drawn over the eyes.
ପ୍ରାଦେ. (ସମ୍ବଲପୁର) ବିଣ—ନାଲି; ରକ୍ତାଭ—Red.

ଟୁପା—ପ୍ରାଦେ. (ସମ୍ବଲପୁର ଭୁଲ. ହି. ଟୋପା) ବି—ବଡ଼ ଟୋକେଇ—
Ṭupā — Big basket.
ପ୍ରାଦେ. (ସିଂହଭୂମ) ବି—ବାଉଁଶିଆ; ବାଉଁଶପାତିଆରେ ବୁଣା ଛୋଟ ପାଚିଆ—A small basket made of thin lath of bamboo.
ପ୍ରାଦେ (ବାଲେଶ୍ୱର) ବି—ଟୋପା—Drop.

ଟୁପି—ପ୍ରାଦେ. (ବାଲେଶ୍ୱର ଓ ସମ୍ବଲପୁର ଭୁଲ. ବ. ଟୁପୀ) ବି—
Ṭupi — ଟୋପି—Cap.

ଟୁପୁକ୍ ବସିନି—ଦେ. ବିଣ—ଟପକ ବସିନି (ଦେଖ)
Ṭupuk bisini — Ṭapaka bisini (See)

ଟୁପୁର ଟୁପୁର—ଦେ. ଅ—ଟୁପ୍‌ଟୁପ୍ (ଦେଖ)
Ṭupur ṭupur — Ṭup-ṭup (See)
टुपुरटापुर
(ଟୁପୁରୁଟୁପୁରୁ—ଅନ୍ୟରୂପ)

ଟୁପୁରି ବାଇଗଣ—ଦେ. ବି.—ଟୋପର ବାଇଗଣ (ଦେଖ)
Ṭupuri bāigaṇa — Ṭopara bāigaṇa (See)

ଟୁପୁରୁ ପାଣି—ଦେ. ବି.—ଝିପିଝିପି ବର୍ଷା—
Ṭupuru pāṇi — Raining in small drops or driblets.
ବାଟ ନାଶ କରେ ଟୁପୁରୁ ପାଣି—ପ୍ରବଚନ ।

ଟୁବ (ଇତ୍ୟାଦି)—ଦେ. ଅ. (ଭୁଲ. ପ୍ରା. ବୁଡ୍ ଧାତୁର ବର୍ଣ୍ଣବିପର୍ଯ୍ୟୟରେ ଡୁବ)—ଟବ୍ ଇତ୍ୟାଦି (ଦେଖ)
Ṭub (etc.) — Ṭab etc. (See)
टुब
चमक
[ଦ୍ର—ଏହା ଟବ୍ ଅପେକ୍ଷା ମୃଦୁତର ।]

ଟୁବ୍‌ଟାବ୍—ଦେ. ଅ. (ଧ୍ୱନ୍ୟନୁକରଣ)—ଅନେକ ଗୁଡ଼ିଏ କ୍ଷୁଦ୍ର ଜୀବ (ଯଥା—ମାଛ) ବା କ୍ଷୁଦ୍ର ଫଳର (ଜାମୁ କୋଳିର)—ପାଣିରେ ବୁଡ଼ିବା ବା ଉଠିବା ବେଳେ ହେବା ଅନୁଚ୍ଚ ଶବ୍ଦ—Slight sound made by small fishes etc. rising to the surface of water and then sinking into it.
Ṭub-ṭāb
टुबटुब टुबटाब
ଟୁବ୍ ଟୁବ୍ } —ଅନ୍ୟରୂପ
ଟୁବୁ ଟୁବୁ }
[ଦ୍ର—ଏହା 'ଟବ୍ ଟବ୍' ଅପେକ୍ଷା ମୃଦୁତର ।]

ଟୁବ—ଦେ. ବି.—(ଭୁଲ. ପ୍ରା. ବୁଡ଼ ଧାତୁର ବର୍ଣ୍ଣବିପର୍ଯ୍ୟୟରେ ଡୁବ)—
Ṭuba — ୧ । ଛୋଟ ଜଳପୂର୍ଣ୍ଣ ଗର୍ତ୍ତ—
ডোবর — 1. Small pits full of water.
गढ़ा, खाती — ୨ । ଅତି କ୍ଷୁଦ୍ର ଜଳାଶୟ; ଖାତ—
2. Very small tank.
୩ । ଚୁଆ; ଗ୍ରୀଷ୍ମଦିନେ ଶୁଖିଲା ନଦୀବାଲିରେ ପାଣି ଝରି ଜମିବା ପାଇଁ ଖୋଳାଯିବା ଛୋଟ ଗାତ—
3. A small pit dug in the dry river-bed for the oozing water to be collected during summer.
[ଦ୍ର—ଏହି ଟୁବ ବା ଚୁଆରେ ପାଣି ଝରିଝରି ଏହା ପୂର୍ଣ୍ଣ ହୋଇ ଯାଏ, ଲୋକେ ଏଥିରୁ ପାଣି ନିଅନ୍ତି ।]

ଟୁବା—ଦେ. ବି.—୧ । ପାଣିରେ ବୁଡ଼ିବା; ଡୁବା—
Ṭubā — A dip in water
ডুবা **डुबी** — ୨ । ପାଣିରେ କରତଳ ବାଡ଼େଇବାର ଶବ୍ଦ—
2. The sound produced by striking the surface of water with the hollowed palms

ଟୁବା ମାରିବା—ଦେ. କ୍ରି.—ଅଳ୍ପ ସମୟ ପାଣିରେ ବୁଡ଼ିବା—
Ṭubā māribā 1. To dive in water for a short time; to take a dip in water.
ডুবমারা
୨ । ପାଣିରେ କରତଳ ବାଡ଼େଇ ଶବ୍ଦ ଉତ୍ପାଦନ କରିବା—
2. To produce a loud sound by striking the surface of water with the hollowed palms.

ଟୁବି—ଦେ. ବି.—ଟୁବ (ଦେଖ)
Ṭubi — Ṭuba (See).

ଟୁବୁକୁଲି—ଦେ. ବି.—ଚିଲିକାରେ ଦେଖାଯିବା ଏକଜାତୀୟ ପକ୍ଷୀ—
Ṭubukuḷi — A spec of birds (frequenting the Chilka lake).

ଟୁବୁରେଇବା—ଦେ. କ୍ରି.—ପୂଜପୂର୍ଣ୍ଣ କୌଣସି ବ୍ରଣ ବା ବିଥ ଫାଟି ନ ଯାଇ ଫୁଲି ଉଠିବା—To be inflated with accumulation of pus (said of a ripe boil which does not burst).
Ṭubureibā
আউরান্
सुजना
(ଟୁବୁରିବା—ଅନ୍ୟରୂପ)

ଟୁମା(ମେ)ଇବା—ଦେ. କ୍ରି.—୧ । ଟୁବୁରେଇବା (ଦେଖ)
Ṭumā(me)ibā — 1. Ṭubureibā (See).
টেটুম্বুর হওয়া — ୨ । (ଜଳାଶୟ) ମୁହଁ ପର୍ଯ୍ୟନ୍ତ ପୂର୍ଣ୍ଣ ହେବା; ଟୁମାଟୁମ୍ ହେବା; ଡୁମେଇବା—2. To be filled to the brim.
फुलना

୧	ଇ	ଙ	ର,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଗ,ଷ	କ୍ଷ	ଇସ୍ତ	ଉଅ	ଞ
୨	ଈ	ଊ	ରୁ	ଳୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ୍ୟ	ଇଅ	ଙ୍ଗ	ନ୍ତ

ଟମାଟୁମ୍—ଦେ. ବଣ.—୧ । ଅତିଭୋଜନରେ ପୂର୍ଣ୍ଣ ବା ଫୁଲିଥିବା
Ṭumāṭum (ପେଟ)—1. Distended or swollen as by
টেটম্বুর, টইটুম্বুর भरपूर over-eating (said of belly.)
(ଟମ୍ଟାମ୍—ଅନ୍ୟରୂପ)
୨ । ଜଳପୂର୍ଣ୍ଣ (ପୋଖରୀ)—
2. (a tank) Full to the brim.

ଟମୁରେଇବା—ଦେ. କ୍ରି.—ଟୁବୁରେଇବା (ଦେଖ)
Ṭumureibā Ṭubureibā (See)
(ଟମୁରେଇବା; ଟମୁରାଇବା—ଅନ୍ୟରୂପ)

ଟୁର—ବୈଦେ. ବି. (ଇଂ)—ଗସ୍ତ; ରାଜକାର୍ଯ୍ୟ ଉପଲକ୍ଷେ ଭ୍ରମଣ—
Ṭur Tour.
ট্যুর टूर गश्त

ଟୁର ଡାଏ(ଇ)ରି—ବୈଦେ. ବି. (ଇଂ)—ଗସ୍ତର ବିବରଣପତ୍ର—
Ṭur ḍāe(i)ri Tour diary.
ট্যুরডাএরি टूरडाईरि

ଟୁର ପ୍ରୋଗ୍ରାମ୍—ବୈଦେ. ବି.(ଇଂ)—ଗସ୍ତର ପୂର୍ବରୁ କର୍ଦ୍ଧାରିତ ଗସ୍ତର
Ṭur progrām କାର୍ଯ୍ୟକ୍ରମ—Tour programme.
ট্যুরপ্রোগ্রাম टूरप्रोग्राम

ଟୁର—ପ୍ରାଦେ. (ସମ୍ବଲପୁର) ବି.—ସ୍ତ୍ରୀଲୋକଙ୍କର ଗୋଡ଼ରେ ପିନ୍ଧିବା
Ṭura ବଳୟ ବା ଅଲଙ୍କାରବିଶେଷ—A kind of anklet worn by females.

ଟୁରା—ପ୍ରାଦେ. (ଗଡ଼ଜାତ ଓ ସମ୍ବଲପୁର) ବି. ପୁଂ—ପିତୃମାତୃହୀନ
Ṭurā ଶିଶୁ; ଛେଉଣ୍ଡ ପିଲା—
(ଟୁରୀ—ସ୍ତ୍ରୀ) Orphan.
ବଣ.—୧ । ଠୁଟା; ବାଙ୍ଗର—1. Short of stature; dwarfish.
୨ । ପିତୃମାତୃହୀନ—2. Orphaned; parentless.

ଟୁରିଙ୍ଗ୍—ବୈଦେ. ବି. (ଇଂ)—ଗସ୍ତ କରିବା—
Ṭuring Touring.
ট্যুরিঙ্গ टूरिङ्ग

ଟୁରିଙ୍ଗ୍ ଅଫିସର—ବୈଦେ. ବି. (ଇଂ)—ଗସ୍ତ କରିବା କର୍ମଚାରୀ—
Ṭuring aphisar Touring officer.
ট্যুরিঙ্গ অফিসর टूरिङ्गअपसर

ଟୁରିଙ୍ଗ କାର୍—ବୈଦେ. ବି. (ଇଂ)—ଏଣେ ତେଣେ ଯିବା ଆସିବା
Ṭuring kār କରିବା ଏକପ୍ରକାର ମଜଭୁତ ଓ ହାଲୁକା ମଟର ଗାଡ଼ି—
ট্যুরিঙ্গ কার Touring car.
टूरिंग कार

ଟୁର୍ନାମେଣ୍ଟ—ବୈଦେ. ବି. (ଇଂ)—ସୈନ୍ୟମାନଙ୍କ ମଧ୍ୟରେ ଖେଳ,
Ṭurnāment ଯହିଁରେ ଲଢ଼ିବା ଲୋକ ପରସ୍ପର ଘାଏ—
ট্যুরনামেন্ট Tournament.

ଟୁଲ—ବୈଦେ. ବି. (ଇ. ଷ୍ଟୁଲ୍)—ବାଡ଼ ନ ଥିବା ଚାରିଗୋଡ଼ିଆ
Ṭul କାଠର ଚୌକି—Stool.
টুল चौकी

ଟୁଲ୍ ଟୁଲ୍—ଦେ. ବଣ.—୧ । ଟଳଟଳ—
Ṭul ṭul 1 Tottering.
টুলু টুলু ୨ । ଅତି କ୍ଷୀଣ—
लड़खड़ 2. Very weak; emaciated.
(ଟୁଲୁ ଟୁଲୁ—ଅନ୍ୟରୂପ) ୩ । ଢୁଲାଉଥିବା—3. Drowsy.

ଟୁଲ—ପ୍ରାଦେ. (ଗଡ଼ଜାତ) ବି.—ମହୁଲ (ଦେଖ)
Ṭula Mahula (See)

ଟୁଲି—ପ୍ରାଦେ. (ସମ୍ବଲପୁର) ବି.—୧ । ଛିଦ୍ର; କଣା—
Ṭulā 1. Hole.
୨ (ତୁଳ. ବ. ଟୋଲା ଓ ହି. ଟୋଲା) ପଡ଼ାଗାଁ; କ୍ଷୁଦ୍ର ଗାଁ; ପଡ଼ା—2. A hamlet.
୩ । କୌଣସି ଗ୍ରାମର ସାହି; ମହଲ୍ଲା; ବସ୍ତି—
3. Part or quarter of a village.
ପ୍ରାଦେ. (ସମ୍ବଲପୁର ଓ ବାଲେଶ୍ୱର) ବଣ.—ଟୋଲକା (ଦେଖ)
Ṭolakā (See.

ଟୁଲି—ଦେ. ବି.—ଟୋଲା (ଦେଖ)
Ṭuli Ṭolā (See)

ଟୁସି କଲରା—ଦେ. ବି.—ଏକପ୍ରକାର କ୍ଷୁଦ୍ର କଲରା ଓ ତାହାର ଗଛ—
Ṭusi kalarā Memordica Diorca; (Haines).
বনউছে करेली

ଟୁହୁଟୁ—ଦେ. ବଣର ବଣ.—ଟହଟହ (ଦେଖ)
Ṭuhuṭu Ṭaha-ṭaha (See)
টুকটুক ପଣସ ପତର ରଙ୍ଗ ଟୁହୁ ଟୁ, ମାରିବ ଚାପୁଡ଼ା ଭାଙ୍ଗିବ ଚୁଡ଼ି ।
(ଟୁହୁ ଟୁହୁ—ଅନ୍ୟରୂପ) ଶିଶୁଖେଳ ଗୀତ ।

ଟେ—ପ୍ରାଦେ. (ପୁରୀ ଓ ସମ୍ବଲପୁର) ପ୍ରତ୍ୟୟ (ଅନାଦରାର୍ଥକ)—ଟାଏ;
Ṭe ଗୋଟାଏ; ଏକଗୋଟା—(a particle added to a
টে ठो noun) A; one.
ଉପାଡ଼ ବୃକ୍ଷଟେ ଧରଇ କରେ ସେ । କୃଷ୍ଣପ୍ରି..ମହାଭାରତ ଅର ।
ଭଙ୍ଗା ଦରପଣ ପଇଶାଟେ, ଦୁଃଖର ବୃଷ୍ଟର ପଇତାଟେ । ଚଗ ।
[ଦ୍ର—ଏହା ବିଶେଷଣ ପରେ ମଧ୍ୟ ବ୍ୟବହୃତ ହୁଏ ଯଥା ଦୁଷ୍ଟ ଟେ ।]

ଟେଇବା—ଦେ କ୍ରି.—(ସଂ. ଟିକ ଧାତୁ)—୧ । ଉତ୍ତେଜିତ କରିବା;
Ṭeibā ଟେହିବା; ଝଗଡ଼ାଇବା—1. To incite; to instigate.
টুষান ୨ । କୌଣସି ମନ୍ଦ କାର୍ଯ୍ୟରେ ପ୍ରବୃତ୍ତ କରାଇବା ପାଇଁ
उसकाना ତାହାରିଲୁ ଉତ୍ତେଜିତ କରିବା—2. To instigate a person to do an evil act.

ଟେଂରା—ପ୍ରାଦେ.—(ମେଦିନୀପୁର; ତୁଲ. ଏହି ଅର୍ଥରେ ବ. ଓ ହିନ୍ଦି
Ṭemrā ଏହି ଶବ୍ଦ) ବି.—କଣ୍ଟକିରା (ଦେଖ)
Kanṭakirā (See)

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ସ୍ଥାନରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କ୍ଷୀ' ନ ମିଳିଲେ 'କ୍ଷି' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଖୋଜିବେ; 'ଅଙ୍ଗୀ' ନ ପାଇଲେ 'ଅଙ୍ଗି' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କ୍ରେ' ଦେଖିବେ ।

ଟେଁ ଟେଁ—ଦେ. ଅ.—(ଧ୍ୱନ୍ୟନୁକରଣ)—ଟିଟ୍ଟିଭ ପକ୍ଷୀର ଧ୍ୱନ୍ୟନୁକରଣ—
Teñ teñ The sound of the lapwing bird.
टिँ टेँटे
(ଟେଏଁ ଟେଏଁ—ଅନ୍ୟରୂପ)

ଟେଁଟେଁୟାଁ (ଇତ୍ୟାଦି)—ଦେ. ବି. ଓ ବିଣ.—ଟିଁ ଟିଁ ଆଁ ଇତ୍ୟାଦି (ଦେଖ)
Teñ-teñ-yāñ (etc) Tiñ-tiñ-āñ etc. (See)
(ଟେଏଁ ଟେଇଁଆଁ, ଟେଏଁ ଟେଁୟାଁ—ଅନ୍ୟରୂପ)

ଟେଁଭା—ପ୍ରାଦେ. (ସମ୍ବଲପୁର) ବି.—ଟଭା (ଦେଖ)
Teñbhā Tabhā (See)

ଟେକ୍‌ଘଡ଼ି—ଦେ. ସ୍ତ୍ରୀ. (ବି. ରୁ ଅନୁକୃତ)—ଜେବ୍ ଘଡ଼ି; ଯେଉଁ ଘଡ଼ି
Tek-ghardi ପକେଟରେ ରଖା ଯାଇ ପାରେ; ଭ୍ରଅଚ୍—
टेँकघड़ि Watch; pocket-watch.
जेबघड़ि

ଟେକସହି—ଦେ. ବିଣ. (ସଂ. ସ୍ଥା ଧାତୁ; ବି. ରୁ ଅନୁକୃତ)—
Tek-sahi ସ୍ଥିତିଶୀଳ; ସ୍ଥାୟୀ—Lasting; durable; able to
टेकसई withstand wear and tear.
टिकाउ

ଟେକ—ଦେ. ବି. (ସଂ. ସ୍ଥା ଧାତୁ)—୧ । ମହତ୍ତ୍ୱ; ସମ୍ମାନ—
Teka 1. Glory; respect.
टेक
टेक; बड़ाइ

ଜମଣଙ୍କୁ ଦକ୍ଷିଣେ ଭୃଗୁ ଅଙ୍ଗ ଗଙ୍କ
ସଙ୍ଗେ ଗଲେ ଦର୍ପ ଦେଖାଇ ଘାରି ଟେକ ।
କୃଷ୍ଣସିଂହ, ମହାଭାରତ ବନ ।

୨ । ମର୍ଯ୍ୟାଦା—2. Honour; prestige.
୩ । ଆଧିକ୍ୟ—3. Excess.
୪ । ପ୍ରାଧାନ୍ୟ—4. Superiority.

ପ୍ରବୋଧୁଁ ପ୍ରବୋଧୁଁ ପ୍ରବୋଧ ହେଲେ ବସ୍ତ୍ରାହରା ନନ୍ଦ ଟେକ ।
ନନ୍ଦକିଶୋର, ଶମଣ୍ଡା ।

୫ । ପ୍ରଶଂସା—5. Praise.
୬ । ଗର୍ବ—6. Pride; arrogance.
୭ । ଗୁମାନ; ଅଭିମାନ—7. Sullenness.
୮ । ବାଦ୍ୟବିଶେଷ—8. A sort of drum.

ସକାଳ ବାଦ୍ୟ ସଙ୍ଗେ ଟେକ ଘୋଳ ଢଂକାଳ ସେ ବାଜେବ ।
ଯଶୋବନ୍ତ, ପ୍ରେମଭକ୍ତି ବ୍ରହ୍ମଗୀତା ।

୯ । ଠେକ (ଦେଖ)—9. Theka (See)
୧୦ । ସୁନାମ—10. Reputation; good name.
ଦେ. ବିଣ—୧ । ଶ୍ରେଷ୍ଠ—1. Superior.

ପେଟକିଏ ସାରଥାଲ ବନ୍ଧୁକ
ଗଭକାଳ ବାଣ ସର୍ବିଙ୍କ ଟେକ । ଦୁଲ୍ହନାଥ, ସମରତରଙ୍ଗ ।

୨ । ଉତ୍କୃଷ୍ଟ—2. Excellent.

ଟେକହା—ପ୍ରାଦେ. (ବିଷ୍ଣୁ) ବିଣ—ଅଖାଡ଼ୁଆ—
Tekahā Fool-hardy; inconsiderate.

ଟେକା—ଦେ. ବି. (ସଂ. ଲୋଷ୍ଟ୍ରକ; ଡକ)—ଢେଲା; ଟେଲା; ମାଟି,
Tekā ଇଟା ବା ପଥରର ଛୋଟ ଖଣ୍ଡ, ଯାହା ଦୂରସ୍ଥ ବସ୍ତୁକୁ
ढिल; ढेला ଲକ୍ଷ କରି ଫିଙ୍ଗାଯାଏ—Brickbat; clod of
ढेला; चक्का earth; a piece of stone used for pelting.

ଟେକା ସୁନା ଦୁହିଁକି ସମାନ ଆଚର
ଟେଲେ ସ୍ୱଜ ମୋହକୁ ଛାଡ଼ି ସେ ବର୍ଗର ।
କୃଷ୍ଣସିଂହ, ମହାଭାରତ ବନ ।

तोला ଦେ. ବିଣ (ସଂ. ଉତ୍ତୋଳକ)—୧ । ଟେକିବା ବ୍ୟକ୍ତି—
उचका 1. One who lifts up.
୨ । (ସଂ. ଉତ୍କ୍ଷିପ୍ତ) ଉତ୍ତୋଳିତ—2. Lifted.

ଟେକା(କେ)ଇବା—ଦେ. କ୍ରି—'ଟେକିବା' କ୍ରିୟାର ଣିଜନ୍ତରୂପ—
Tekā(ke)ibā Causative form of Tekibā
तोलाना **उठवाना, टेकाना**

ଟେକାଟେକି—ଦେ. ବି—୧ । ଧରାଧରି—
Tekā-teki 1. Holding a thing up.
तोलातूली ୨ । ଉପରକୁ ଉଠାଇବା—
उठाउठि 2. Lifting up; raising up.
୩ । ପରସ୍ପରର ପ୍ରଶଂସା—3. Mutual admiration or aggrandisement.
୪ । ଖୁଣ୍ଟ; ତୋଷାମୋଦ—4. Flattery.

ଟେକାଟେକି ମୋତେ କହ ନାନାମତେ । କବିସୂର୍ଯ୍ୟ ବଳଦେବ ରଥ, ଚମ୍ପୂ, ଟ ଗୀତ ।

୫ । ଆତ୍ମପ୍ରଶଂସା—
5. Self-adulation; self-aggrandisement.

ଆପଣାକୁ ଯେ ଟେକାଟେକି କରଇ
ଗୁରୁ ଲଘୁ ଆଗରେ ସେ ମିଛ କହଇ ।
କୃଷ୍ଣସିଂହ, ମହାଭାରତ ଉଦ୍ୟୋ

ଟେକା ପକା(କେ)ଇବା—ଦେ. କ୍ରି—ଟେକା ମାରିବା (ଦେଖ)
Tekā pakā(ke)ibā Tekā māribā (See)

ଟେକା ପାଣି—ଦେ. ବି—୧ । କୂଅରୁ ଉତ୍ତୋଳିତ ଜଳ, କୂଅପାଣି—
Tekā pāni 1. Water lifted from the well; well-water

(ଯଥା—ନଈରେ ଗାଧୋଇବା ମୋର ଅଭ୍ୟାସ ଥିଲା; ଏଥିଯୋଗୁଁ ଟେକାପାଣି ମୋ ଦେହରେ ଚଳୁ ନାହିଁ ।)

୨ । ଉଚ୍ଚଶ୍ରେଣୀସ୍ଥ ବ୍ୟକ୍ତି ଜଳପାତ୍ର ଟେକି ଧରି ଅସ୍ପୃଶ୍ୟ ଲୋକର ଅଞ୍ଜଳିକୁ ଯେଉଁ ପାଣି ଗଡ଼ାଇଦିଏ—
2. Water given to an untouchable person to drink with his folded hands, by a person holding the water-pot on high and causing the water to flow down and fall into the former's palm, without the former's hand touching the latter's.

୧	ଇ	ଉ	ର୍‌,ର୍ତ୍ତ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଙ୍କ	ଇସ୍ତ	ଉ୍ଥ	ଦ୍ଧ
୨	ଈ	ଊ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଅ	ଞ୍ଜ	ନ୍ଦ

୩ । ମାତୃସ୍ତନ୍ୟର ଅଭାବବଶତଃ ସ୍ତନ୍ୟପାୟୀ ଶିଶୁମାନଙ୍କ ନିମନ୍ତେ ବ୍ୟବହୃତ ଗାଈ ଦୁଧ—
3. Cow's milk procured for children owing to the want of mother's milk.
(ଯଥା—ଟେକା ପାଣିରେ ମାଅଛେଉଣ୍ଡ ଜଗବନ୍ଧୁର ଜୀବନ ରହିଛି ।)

ଟେକାପାଣି ଟେକାଭାତ—ଦେ. ବି—ସମାଜଚ୍ୟୁତ ବା ଅସ୍ପୃଶ୍ୟ ବ୍ୟକ୍ତିଙ୍କୁ ନ ଛୁଇଁ ତାହାଙ୍କୁ ଦେବା ପାଣି ଓ ଭାତ—
Ṭekā-pāṇi ṭekā-bhāta
Water and food given to an excommunicated or untouchable person without touching him or his plate.
[ଦ୍ର—ଶୂଦ୍ରମାନଙ୍କ ମଧ୍ୟରେ ଏପରି ପ୍ରଥା ଅଛି ଯେ ପରିବାରର କୌଣସି ବ୍ୟକ୍ତି ସମାଜଚ୍ୟୁତ ହେଲେ ସେ ଅପଣା ପରିବାରସ୍ଥ ଲୋକଙ୍କ ବ୍ୟବହୃତ ପାତ୍ରରେ ଭାତ ଖାଏ ନାହିଁ କି ପାଣି ପିଏ ନାହିଁ; ଅନ୍ୟ ଲୋକେ ତାକୁ ବା ତାର ବାସନକୁ ନ ଛୁଇଁ ଟେକି କରି ଖାଇବାକୁ ଭାତ ଓ ପିଇବାକୁ ପାଣି ଦଅନ୍ତି ।]

ଟେକା ଫାନ୍ଦ—ଦେ. ବି—୧ । ଏକପ୍ରକାର ଫାଶ, ଦଉଡ଼ିରେ ପକାଇବା ଏକ ପ୍ରକାର ଗଣ୍ଠି—A running knot of a rope; slip-knot.
Ṭekā phānda
सरकफंदा
୨ । ପଶୁ ପକ୍ଷୀ ଧରିବାର ଏକ ପ୍ରକାର ଫାନ୍ଦ—
2. A kind of snare or noose.

ଜାଲ ପ୍ରେପକ ନଳ କାଣ୍ଡ ଅବର ଧର ଟେକାଫାନ୍ଦ ।
ପ୍ରାଚୀ. ନର୍ମ୍ମଦା. ମାହାତ୍ମ୍ୟ ।

ଟେକା ବିଲ—ଦେ. ବି—ଯେଉଁ କର୍ଷିତ ଭୂମିର ମାଟି ଚୂନା ନ ହୋଇ ଲୋଷ୍ଟ୍ରଖଣ୍ଡମାନ ରହି ଥାଏ—
Ṭekā bila
A field which has been ploughed up but not harrowed.

ଟେକା ଭାତ—ଦେ. ବି—ଉଚ୍ଚ ଜାତୀୟ ବ୍ୟକ୍ତି ଅସ୍ପୃଶ୍ୟ ବା ସମାଜଚ୍ୟୁତ ବ୍ୟକ୍ତିର ଭୋଜନ ପାତ୍ରକୁ ନ ଛୁଇଁ ଯେଉଁ ଭାତ ପରିବେଷଣ କରେ—Rice served to an untouchable or excommunicated person without touching his plate.
Ṭekā bhāta

ଟେକା ମାରିବା—ଦେ. କ୍ରି—ଦୂରସ୍ଥିତ କୌଣସି ଜୀବ ବା ବସ୍ତୁକୁ ଲକ୍ଷ୍ୟ କରି ଟେକାକୁ ଜୋରରେ ଫିଙ୍ଗିବା—
Ṭekā māribā
ढिला मारा
ढेला मारना
To pelt at a thing or animal from some distance.
[ଟେକା ପକା(କେ)ଇବା, ଟେକା ଖଡ଼ିବା, ଟେକା ଫିଙ୍ଗିବା, ଟେକା ଫୋପଡ଼ା(ଡ଼େ)ଇବା, ଟେକା ଫୋପାଡ଼ିବା—ଅନ୍ୟରୂପ]

ଟେକି—ପ୍ରାଦେ. (ଗଞ୍ଜାମ) ବି—ଶାକତରୁ (ଦେଖ)
Ṭeki Śāka-taru (See)

ଟେକି କରି ପାଣି ଦେବା—ଦେ. କ୍ରି—ପିଇବା ବ୍ୟକ୍ତିର ଅଙ୍ଗକୁ ନ ଛୁଇଁ ଜଳପାତ୍ରକୁ ଟେକି ଧରି ତା ହାତକୁ ପାଣି ଅଜାଡ଼ି ଦେବା—To pour water into the folded palms of an untouchable drinker, without touching him.
Ṭeki kari pāṇi debā

ଟେକି କରି ଭାତ ପରଷିବା—ଦେ. କ୍ରି—ଅସ୍ପୃଶ୍ୟ ବ୍ୟକ୍ତିର ଭୋଜନ ପାତ୍ରକୁ ନ ଛୁଇଁ ଭାତକୁ ଟିକିଏ ଉଚ୍ଚରୁ ତାକୁ ପତ୍ରରେ ଅଜାଡ଼ି ଦେବା—
Ṭeki kari bhāta parashibā
To serve rice etc. without touching the plate of an untouchable eater.

ଟେକି ଟାକି ଦେବା—ଦେ. କ୍ରି—୧ । ବସ୍ତୁକୁ ସମ୍ପୂର୍ଣ୍ଣ ରୂପେ ଉଠାଇବା—
Ṭeki ṭāki debā 1. To lift up a thing completely.
ଉଠାଉଠି କରା
୨ । ବିଶେଷ ପ୍ରଶଂସା କରିବା—
उठाउठि करना 2. To praise very much

ଟେକି ଟାକି ହୋଇ ବସିବା—ଦେ. କ୍ରି. (ସଂ. ଉତ୍କଟୋରୁ+ବସ ଧାତୁ)-
Ṭeki ṭāki hoi basibā ୧ । ଭୂମିରେ ଶରୀରର ଅନ୍ୟ କୌଣସି ଅଙ୍ଗ ଓ ପିନ୍ଧିଥିବା ଲୁଗାର କୌଣସି ଅଂଶ ନ ଲଗାଇ କେବଳ ତଳପାରେ ଭର ଦେଇ ଭୂମିରେ ବସିବା; ଡେରି ହୋଇ ବସିବା; ଊର୍ଦ୍ଧ୍ୱଜାନୁ ହୋଇ ବସିବା—To sit upright on the ground by the soles of the feet; to sit up; to sit on the heels.
उबु हइया बसा
उकडुं बैठना
୨ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବା ପାଇଁ ଆଗ୍ରହାନ୍ୱିତ ବା ଉଦ୍‌ଗ୍ରୀବ ହୋଇ ବସିବା; ସଜବାଜ ହୋଇ ବସିବା—
2. (figurative) To sit ready in expectation of doing something.

(ଯଥା—ଆମ ସାଆନ୍ତାଣୀ ବାପଘରକୁ ଯିବାକୁ ଟେକିଟାକି ହୋଇ ବସିଛନ୍ତି ।]

ଟେକି ଦେବା—ଦେ. କ୍ରି—୧ । କୌଣସି ବସ୍ତୁ ବା ପୁତ୍ର ବା କନ୍ୟାକୁ ହାତରେ ଧରି ବା ଉଠେଇ ଅନ୍ୟ ବ୍ୟକ୍ତିର ହସ୍ତରେ ଅର୍ପଣ କରିବା—1. To give away a thing; to hand over a thing.
Ṭeki-debā
ତୁଲେଦେଓ୍ୱା
उठाकरदेना
[ଯଥା—(୧) ପିତାମାତା ଶିଶୁକୁ ପୋଷ୍ୟ ପିତାଙ୍କୁ ଟେକିଦେଲେ (୨) କନ୍ୟାପିତା କନ୍ୟାକୁ ଜୋଇଁଙ୍କ ଟେକିଦେଲେ ।]
୨ । ତଳୁ ଉପରକୁ ଉଠାଇବା; ଉତ୍ତୋଳନ କରିବା—
2. To lift up.
୩ । (ମୁଖ) ଊର୍ଦ୍ଧ୍ୱ ଅଭିମୁଖ କରିବା—
3. To turn (the head) upwards.

ଟେକିଦେଇ ମୁଖ ଏ ଶୀଘ୍ର ମୁଖ ହୋଇ ମଲ୍ଲ ତହିଁ ।
କବିସୂର୍ଯ୍ୟ, ଗୋପୀ ।

> ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍ଗାର' ନ ପାଇଲେ 'ଅଙ୍ଗାର' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

তুলে লওয়া 1. To lift up and carry away a person
खोच ले जाना or thing; to carry away a person on high.

(ଯଥା— ଡକାଇତମାନେ ଘରୁ ସମସ୍ତ ପଦାର୍ଥ ଟେକିନେଲେ ।)

୨ । କୌଣସି ବ୍ୟକ୍ତିଙ୍କ ପ୍ରଦତ୍ତ ବସ୍ତୁକୁ ତାଙ୍କ ହସ୍ତରୁ ଗ୍ରହଣ କରିବା— 2. To take a thing which is handed over by another.

× × ଚଣ୍ଡୀପାଠ ନିମନ୍ତେ ବାବୁଙ୍କ ହାତରୁ ସଙ୍କଳ୍ପଗୁଆ ଟେକିନେଇ ଓଙ୍କାର ଅସିଲେ ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୩ । କୌଣସି ବ୍ୟକ୍ତିକୁ ସମାଜରେ ଚଳାଇ ନେବା—
3. To accept a person as a member of a particular society.

× × ମୋ ମୁଲକରେ ପାଞ୍ଚ ଜଣ ଚୋରେ ଟେକିନେଲେ ସିନା, ନୋହିଲେ ତୁ ଏକାବେଳକେ ହରସ୍ତାନ ହୋଇ ଯାଉଥାନ୍ତୁ—ଫକୀରମୋହନ, ଛମାଣଆଠଗୁଣ୍ଠ ।

୪ । କୌଣସି ସ୍ତ୍ରୀଲୋକକୁ ଅସତ୍ ଅଭିପ୍ରାୟରେ ଅପହରଣ କରିବା—4 To abduct or kidnap a woman by force with criminal intention.

ଟେକିବା—ଦେ. କି) ସଂ. ଉତ୍ତୋଳନ; ସଂ. ଉଦ୍ଧରଣ)—
Ṭekibā — ୧ । ଉତ୍ତୋଳନ କରିବା; ଉଠାଇବା—
ওঠান, তুলা — 1. To lift up; to raise up.
उचकाना, उठाना ଟେକ ଏ ସୁନ୍ଦର ଶ୍ରୀମୁଖଟି ପର ସରସୂତା ପରମାସ ।
କବିସୂର୍ଯ୍ୟ ବଳୋଗଚନ୍ଦ୍ର ଟ ଗୀତ ।

[ଟେକା(କେ)ଇବା—ଣିଜନ୍ତରୂପ) ୨ । ପ୍ରଶଂସା କରିବା—
2. To praise.

୩ । ଖୋସାମତ କରିବା —3, To flatter.

୪ । (ସ୍ୱରକୁ) ଅପେକ୍ଷାକୃତ ଉଚ୍ଚ କରିବା; ବଢ଼ାଇବା; ଉଠାଇବା—4. To raise (the voice); to speak in a higher tone.

ଯେତେବେଳେ ଟେକି ଗାଅନ୍ତି ସେ ଗୀତ
ପରଭୃତ ଗରବ ହୋଇଯାଏ ଚୂର୍ଣ୍ଣ—କୃଷ୍ଣସିଂହ ମହାଭାରତ. ସଭା ।

୫ । (ରୋଗ) ବଢ଼ିବା; ବୃଦ୍ଧି ପାଇବା; ପ୍ରବଳ ହେବା—
5. (a disease) To increase; to predominate.

(ଯଥା—ତାର ଅଙ୍ଗ ଅପସ୍ମାର ଟେକିଛି ।)

୬ । ଭୂମିରୁ ଉତ୍ତୋଳନ କରିବା—
6. To lift up (a thing) from the ground.

(ଯଥା—ବହିଣା ଟେକିଦିଅ ।)

୭ । ଦେବତା ଓ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଅଞ୍ଜୁଳା ଦ୍ୱାରା ଜଳ ଉଠାଇ ତଳକୁ ଛାଡ଼ିଦେବା; ପାଣିଅଞ୍ଜୁଳା ଦେବା—
7. To offer handfuls of water to the Deities or the manes.

(ଯଥା—ସେ. ସୂର୍ଯ୍ୟଦେବତାଙ୍କୁ ଜଳ ପାଣି ଟେକନ୍ତି ।)

୮ । ଟେକି ଦେବା (୧) (ଦେଖ)
8. Ṭeki debā (1) (See).

୯ । ଛତା ଆଦିକୁ କୌଣସି ବ୍ୟକ୍ତିର ମୁଣ୍ଡ ଉପରେ ଉଠାଇ କରି ଧରିବା—9. To hold up (an umbrella) over the head of a person.

୧୦ । କୌଣସି ବ୍ୟକ୍ତିଙ୍କୁ ନମସ୍କାର ବା ଆଶୀର୍ବାଦ କରିବା ନିମନ୍ତେ ନିଜ ହାତକୁ ଉପରକୁ ଉଠାଇବା—
10. To raise up one's palms for making obeisance to or blessing a person.

୧୧ । (ମୁଣ୍ଡ) ସିଧା କରି ରଖିବା—
11. To keep (the head) erect,

୧୨ । (ଲକ୍ଷଣାର୍ଥ) ଅନ୍ୟର ମୁହଁକୁ ସାହସ ସହିତ ଚାହିଁବା—
12. (figurative) To look up to another's face with courage.

ଯେଉଁ ରଜା ହୃଦୟରେ ଭୟ ହୁଏ ଜାତ,
ମୁଣ୍ଡ ଟେକିବାକୁ ନ ଥାଏ ତା ଅଧିକାର । କୃଷ୍ଣସିଂହ. ମହାଭାରତ. ସଭା ।

୧୩ । ନେବା; ଚଳାଇବା—13. To cause to move.

ବନ୍ଧୁ ଯୁବ ଯେତେ ମନୋରଥ ରଥ ଟେକିଲା ଏମନ୍ତ କହି—
ଉପେ. ବୈଦେହୀଶବିଳାସ ।

୧୪ । ନିମ୍ନତର ବସ୍ତୁକୁ ଉଚ୍ଚତର କରିବା —
14. To heighten.

(ଯଥା—ଏ କୁଅଣିଆଁ ଗୁଳଟିକୁ ହାତେ ଟେକିଲେ ତ ଚଳିବ ନାହିଁ ।)

(ଟେକାହେବା, ଟେକିହେବା—କର୍ମବାଚ୍ୟରୂପ)

[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଆଣିବା, ଦେବା, ପକା(କେ)ଇବା, ନେବା, କ୍ରିୟାର ଅସମାପିକାରୂପ ଯୁକ୍ତ ହୁଏ ।]

ଟେକି ହେବା—ଦେ. କ୍ରି—୧ । ଆତ୍ମ ପ୍ରଶଂସା କରିବା—
Ṭeki hebā — 1, To praise one's self.

(ଯଥା—ଆପେ ଟେକି ହେଲେ ଲାଭ କଅଣ ? ସଂସାର ଲୋକେ ସିନା ତୁମକୁ ଟେକିଲେ ସୁନ୍ଦର ହେବ ।)

୨ । (ଟେକିବାର କର୍ମବାଚ୍ୟରୂପ) ଉପରକୁ ଉଠାଯିବା—
2. To be raised up.

ଟେକି ହୋଇ ଗଲା ହାଲେ ନ ରହିଲା ସୁନାମୂଲ ତେଲ ବାଡ଼ିରେ—
କବିସୂର୍ଯ୍ୟ. ସଙ୍ଗୀତ ।

ଟେକ୍ସ—ବୈଦେ. ବି (ଇ. ଟାକ୍ସ)—ଟାକ୍ସ (ଦେଖ)—
Ṭeksa — Ṭāks (See).
টেক্স, **टेक्स**

ଟେକ୍ସି—ବୈଦେ. ବି (ଇଂ. ଟାକ୍ସି)—ଟାକ୍ସି (ଦେଖ)
Ṭeksi — Ṭāksi (See).
টেক্সি **टेक्सी**

ଟେଙ୍କର—ପ୍ରାଦେ. (ସମ୍ବଲପୁର) ବି—ବିରୁଡ଼ି—
Ṭeṅkara — A wasp.

ଟେଙ୍ଗ୍‌ଟା—ପ୍ରାଦେ. (ସମ୍ବଲପୁର) ବି—ଏଣ୍ଡୁଅ—
Ṭeṅg-ṭā — Chameleon.
(ଟେଙ୍ଗ୍‌ଟେଙ୍ଗା ଅନ୍ୟରୂପ)

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଖ	ଜ	ଶ,ଷ	କ୍ଷ	ଇଏ	ଉଅ	ଲ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ଳ

ଟେଙ୍ଗ୍ନା—ପ୍ରାଦେ (ଗଡ଼ଜାତ ଓ ସମ୍ବଲପୁର ଭୁଲ. ଏହି ଶବ୍ଦ)—ବ.—
Teng-nā ଜଣ୍ଟିଆ ମାଛ—A kind of fish with two
ଟେଙ୍ଗ୍ଣା } —ଅନ୍ୟରୂପ sharp spikes on the sides
ଟେଙ୍ଗଣ } and one on the neck.

ମାଗୁରମାଛର ମୁଣ୍ଡ ଭେଟଣ୍ଠ, ଟେଙ୍ଗ୍ନା ମାଛର କଣ୍ଟା,
ଅମୃତରୁ କୁଳୀ ସମୁଦ୍ର ଅଣ୍ଡା ଯେଜ ଦେବ କୋଷା ମଠା । ଠଗ

ଟେଙ୍ଗ୍ରା—ପ୍ରାଦେ. (ମେଦନୀପୁର ଭୁଲ. ଏହି ଅର୍ଥରେ ବ. ଏହି ଶବ୍ଦ)—
Teng-rā ଟେଙ୍ଗ୍ନା (ଦେଖ)
Tengnā (See)

ଟେଙ୍ଗ୍ରି—ପ୍ରାଦେ. (ବାଲେଶ୍ୱର) ବ—ହାଡ଼ଗୋଡ଼—
Teng-ri The bones of the body.
(ଯଥା—ତୋର ଟେଙ୍ଗ୍ରି ଭାଙ୍ଗି ଦେବି ।)

ଟେଙ୍ଗରା(ଡ଼ା)—ଦେ. ବ—ଡେଙ୍ଗଡ଼ା (ଦେଖ)
Tengarā rdā) Tengardā (See)

ଟେଙ୍ଗା(ଙ୍ଗେ)ଇବା—ଦେ. କ୍ରି—ଟିଙ୍ଗାଇବା (ଦେଖ)
Tengā(nge)ibā Tingāibā (See)
(ଟେଙ୍ଗିବା—ଅନ୍ୟରୂପ)

ଟେଟେଙ୍ଗା—ପ୍ରାଦେ. (ସମ୍ବଲପୁର) ବ—ଏଣ୍ଡୁଅ—
Tetengā Chameleon.

ଟେଣ୍ଟୁଆ—ଦେ. ବ ଓ ବଣ—ଟିଁଟିଁଆ (ଦେଖ)
Tentuā Tiṅtiṅā (See)

ଟେଣ୍ଟୁ ମେଣ୍ଟୁ—ଗ୍ରା. ପ୍ରାଦେ. (ଗଞ୍ଜାମ) ବୈଦେ. (ଇଂ. ଷ୍ଟେଟ୍‌ମେଣ୍ଟ୍) ବ—
Tentu-mentu ଲିଖିତ ବର୍ଣ୍ଣନାପତ୍ର—Statement.

ଟେଣ୍ଟେଇ—ଦେ. ବ—ଟିଟ୍ଟିଭ (ଦେଖ)
Tentei Tittibha (See)
(ଟେଣ୍ଟୋଇ—ଅନ୍ୟରୂପ)

ଟେଣ୍ଟେଇ ଗୋଡ଼—ଦେ. ବ— ନଳୀଗୋଡ଼—
Tentei gorda Long and slender legs
like the tattler bird or lapwing.

ଟେଣ୍ଟେଇ ଗୋଡ଼ି—ଦେ. ବଣ. ସ୍ତ୍ରୀ. (ଗାଳ)—ଯେଉଁ ସ୍ତ୍ରୀର ଗୋଡ଼
Tentei gordi ଟେଣ୍ଟେଇ ଚଢ଼େଇର ଗୋଡ଼ ପରି ସରୁ ଓ ଲମ୍ବ;
ନଳୀଗୋଡ଼ି; ଡେଣ୍ଟେଇଗୋଡ଼ି—(a woman)
Having long and thin legs.

ଦେ. ବ—ମତ୍ସ୍ୟାଶୀ ପକ୍ଷିବିଶେଷ—
A species of fish-eating bird.

ଟେଣ୍ଟେୟା(ୟାଁ)—ଦେ. ବ ଓ ବଣ—ଟିଁଟିଁଆ (ଦେଖ)
Tenteyā(yāṅ) Tiṅtiṅā (See)

ଟେଣ୍ଡର—ବୈଦେ. ବ. (ଇଂ)—୧ । କୌଣସି କାର୍ଯ୍ୟ ନିର୍ଦ୍ଦିଷ୍ଟ ରେଟ୍‌ରେ
Tendar ଠିକାରେ କରିବା ପାଇଁ ଉମେଦ୍‌ୱାର ଲୋକମାନଙ୍କର
ଟେଣ୍ଡର ପ୍ରସ୍ତାବ—1. Tender for executing a work.
टेंडर ୨ । କଣ୍ଟ୍ରାକ୍ଟରମାନଙ୍କର ନିର୍ଦ୍ଦିଷ୍ଟ ରେଟରେ କୌଣସି
କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ପତ୍ର—2. The paper
containing tenders from contractors.

ଟେଣ୍ଡର୍ ଫାରମ୍—ବୈଦେ. ବ. (ଇଂ)—ଟେଣ୍ଡର୍ ଦେବା ବ୍ୟକ୍ତିମାନେ
Tendar phāram ଯହିଁ ଯହିଁ କାର୍ଯ୍ୟର ରେଟ ପୂରଣ କରିବାପାଇ
টেণ্ডরফর্ম ଛାପା ପତ୍ର ଦେଉଛନ୍ତି ଲେଖା ଥିବା ଫାରମ—
टेंडरफ़ारम Tender–form.
(ଟେଣ୍ଡରଫର୍ମ, ଟେଣ୍ଡରଫାର୍ମ—ଅନ୍ୟରୂପ)

ଟେଣ୍ଡିବା—ଦେ. କ୍ରି—ଡେଣ୍ଡିବା (ଦେଖ)
Tendibā Tendibā (See)

ଟେନି—ପ୍ରାଦେ. (ସମ୍ବଲପୁର) ବଣ. (ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ;
Teni ଭୁଲ ଇଂ. Tiny ଟାଇନୀ)—ଅତିଛୋଟ—Tiny.

ଟେନିବାଡ଼ି—ପ୍ରାଦେ. (ସମ୍ବଲପୁର) ବ—ପୋଷା ଗୋବର ଚଢ଼େଇଙ୍କୁ
Teni-bārdi ବସାଇବା ପାଇଁ ଭୂମିରେ ପୋତାଯିବା ଯୁକ୍ତଚିହ୍ନ ସଦୃଶ
ଯଷ୍ଟିବିଶେଷ—A crossed stick used as a
perch for domesticated Gobarā birds.

ଟେନିସ୍—ବୈଦେ. ବ. (ଇଂ. ଟେନିସ୍)—ହାଲୁକା ପେଣ୍ଡୁ ଓ ଜାଲି ଉନ୍ଦୁ
Tenis ଆକାରର ବେଷ୍ଟଥିବା ବାଟ୍ ଦ୍ୱାରା ମଝିରେ ଥିବା
টেনিস ଜାଲବାଡ଼ର ଦୁଇପାଖରେ ଦୁଇଦଳ ଦ୍ୱୟ ଖେଳାଳିଙ୍କ
टेनिस ମଧ୍ୟରେ ଖେଳାଯିବା ଏକପ୍ରକାର ଖେଳ—
The game of tennis.

[ଦ୍ର—ଟେନିସ୍ ଖେଳରେ ଯେଉଁ ଫମ୍ପା ପେଣ୍ଡୁରେ ଖେଳ
ଖେଳାଯାଏ ତାକୁ ଟେନିସ୍‌ବଲ୍ ଓ ଯେଉଁ ଜାଲିଚଟୁ ଆକାରର
ଜାଲବୁଣା କାଠିଦ୍ୱାରା ଉକ୍ତ ପେଣ୍ଡୁକୁ ଆଘାତ କରାଯାଏ ତାକୁ
ର‍୍ୟାକେଟ୍ କହନ୍ତି ।]

ଟେପ୍ରି—ପ୍ରାଦେ. (ସମ୍ବଲପୁର) ବଣ—ଅତିଛୋଟ; କ୍ଷୁଦ୍ର—
Tep-ri Very small.
(ଯଥା—ଟେପରି ଗୁନ୍ଦଅ=ଛୋଟ ଖେତ ।)

ଟେପାରି—ଦେ. ବ. (ଇଂ. ଷ୍ଟ୍ରବେରୁଷ୍)—ଟିପାରି (ଦେଖ)
Tepāri Tipāri (See)

ଟେପ୍ପାଘର—ପ୍ରାଦେ. (ଗଞ୍ଜାମ) ବ. (ଭୁଲ. ତେ. ତାପାଲା=ଡାକଘର)—
Teppāghara ଡାକଘର—Post office.

ଟେବ(ବୁ)ଲ୍—ବୈଦେ. ବ. (ଇଂ. ଟେବ୍‌ଲ୍)—ମେଜ; ପାଦବିଶିଷ୍ଟ କାଷ୍ଠ
Teba(bu)l ପ୍ରସ୍ତରାଦିର ପଟା—Table.
টেবিল टेबुल [ଦ୍ର—ଚଉକି ବା ବେଞ୍ଚରେ ବସିବା ଲୋକ ଟେବଲ
ଉପରେ ବହି ଓ କାଗଜ ରଖି ଲେଖା ପଢ଼ା କରେ ।]

ଟେମ୍—ପ୍ରାଦେ. (ସମ୍ବଲପୁର ଭୁଲ ହି. ଟେମ୍=ପାପଶିଖା; କୋଲାହଳ)ବ—
Tem ଆଡ଼ମ୍ବର—Ado.
টাইম ଗ୍ରା. ବୈଦେ ବ. (ଇଂ. ଟାଇମ୍)—୧ । ନିରୂପିତ ସମୟ—
टैम 1. Fixed time.
୨ । ଉପଯୁକ୍ତ ସମୟ—2. Proper time; time.

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ, କୂଅ ନ ମିଳିଲେ 'କୁଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅର୍ଘ୍ୟ ନ ପାଇଲେ 'ଅର୍ଘ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

ଟେମ୍ କରିବା— ପ୍ରାଦେ. (ସମ୍ବଲପୁର) କ୍ରି—ଆଡ଼ମ୍ବର ଦେଖାଇବା—
Ṭem karibā To exhibit outward show.

ଟେମୁରୁ— ପ୍ରାଦେ. (କଟକ) ବି—କେନ୍ଦୁ (ଦେଖ)
Ṭemuru Kendu (See)

ଟେମ୍ପ (ମ୍ପୋ)ରାରି—ବୈଦେ. ବିଣ. (ଇଂ. ଟେମ୍ପୋରାରି)—
Ṭempa(mpo)rāri ଅସ୍ଥାୟୀ; ଅଳ୍ପସମୟ ସ୍ଥାୟୀ—Temporary.
টেম্পরারী **टेमपरेरी**

ଟେମ୍ପରେଚର—ବୈଦେ. ବି. (ଇଂ)— ଉତ୍ତାପର ନ୍ୟୂନାଧିକ୍ୟ—
Ṭemparechar Temperature.
টেম্পরেচর **टेम्परेचर**

ଟେମ୍ପ(ମ୍ପୁ)ଲ୍—ବୈଦେ. ବି. (ଇଂ ଟେମ୍ପ୍‌ଲ୍)—ମନ୍ଦିର—
Ṭempa(mpu)l Temple.
টেম্পল **टेंपल**

ଟେର୍— ଦେ· ବି.(ସଂ· ତିର୍ଯ୍ୟକ୍; ତୁଳ. ଇଂ.ଟ୍ରେସ୍)—୧ । ତଥ୍ୟ; ସମ୍ବାଦ
Ṭer 1. News.
টের ୨ । ସୂଚନା—
पत्ता 2. Indication; inkling; hint.
୩ । କନାସ୍; ପତ୍ତା; ସନ୍ଧାନ—3. Clue.
୪ । ପ୍ରମାଣ—4. Proof.
(ଯଥା— ଚୋରର କିଛି ଟେର୍ ମିଳିଲା ନାହିଁ ।)
୫ । ଅନୁସନ୍ଧାନ—5 Investigation.
୬ । ଇସାରା; ଇଙ୍ଗିତ—6. Glance.
୭ । ଦର୍ଶନ—7. Sight.
(ଯଥା—ବନ ଯାକ ସନ୍ଧାନରେ ବସି ରହିଲୁ, ମାତ୍ର ଶମ୍ବରର ସାଥିମାନଙ୍କର ଟେର୍ ମିଳିଲା ନାହିଁ ।)
୮ । ସୀମା; ପାର; ଶେଷ—
8. End; extremity; verge.
୯ । ଚିହ୍ନ ମାତ୍ର; ସତ୍ତା—9. Trace; existence.

ଟେର୍ ଦେଖା(ଖେ)ଇବା—ଦେ. କ୍ରି.—ସନ୍ଧାନ ବା କନାସ୍ ଜଣାଇବା;
Ṭer dekhā(khe)ibā ପତ୍ତା ଦେବା—To give any clue.
টের দেখানা

ଟେର୍ ପାଇବା— ଦେ. କ୍ରି.—୧ । ସନ୍ଧାନ ପାଇବା—
Ṭer pāibā 1. To get any clue; to get a scent
টের পাওয়া of something.
पत्ता पाना ୨ । ଜାଣିବା; ଜ୍ଞାତ ହେବା—
2. To come to know.

ଟେର୍ ମିଳିବା—ଦେ. ବି.—ଥରେ ମାତ୍ର ଦର୍ଶନ ମିଳିବା— ।
Ṭer milibā 1. Having a single interview; getting
টের মিলা the sight of a thing,
पता मिलना

ଟେର—ସଂ. ବିଣ.—ବକ୍ର ଚକ୍ଷୁବିଶିଷ୍ଟ; ଟେରା—
Ṭera Squint-eyed; squinting; cross-eyed.

ଟେରକ—ସଂ. ବିଣ.— ଟେର (ଦେଖ)
Ṭeraka Ṭera (See)

ଟେରା—ଦେ. ବି.—୧ । ତମ୍ବୁ; ପଟ୍ଟଗୃହ—
Ṭerā 1. Tent.
ডেরা ଟେରା ଭିତରେ ଯେଉଁ ଅପୂର୍ବ ନାରୀ
डेरा ଶୋଭ ଚନ୍ଦ୍ର ଅଷ୍ଟ ସେ ଦେହେ ଘେରି । ମଦନବୋଧ. ଚଉତିଶା ।
୨ । ଲୁଗାର ପରଦା—
2. Hangings; screen of cloth.

(ଟେରା—ସ୍ତ୍ରୀ) ଦେ. ବିଣ. ପୁଂ (ସଂ. ଟେର; ଟେରାକ୍ଷ)—
টেরা ୧ । ବକ୍ର ଦୃଷ୍ଟିବିଶିଷ୍ଟ—1. Squint-eyed.
୨ । ବକ୍ରଚକ୍ଷୁ—2. Cross-eyed.

ଟେରା ଆଖି—ଦେ. ବି.— ବକ୍ରଦୃଷ୍ଟିଯୁକ୍ତ ଚକ୍ଷୁ—
Ṭerā ākhi Squint-eye.
টেরাচোখ **टेढ़ा आँख**

ଟେରାଇ—ଦେ. ବି. (ନାମ) (ସଂ. ତୀର; ତଳ)—ହିମାଳୟ, ପର୍ବତର
Ṭerāi ପାଦଦେଶସ୍ଥ ନୀଚ ଭୂମି—Terai; low land at the
তরাই foot of the Himalays.
तराई

ଟେରା(ରେ)ଇବା—ଦେ. କ୍ରି.—(ସଂ. ଟେର)—ବକ୍ରଦୃଷ୍ଟିରେ ଚାହିଁବା—
Ṭerā(re)ibā To squint; to look from the corner
টেরা চাওয়া of the eyes; to cast sidelong glances.
टेढ़ा नज़र करना

ଟେରାକୋଟା—ବୈଦେ. ବି. (ଇଂ)—ମୂର୍ତ୍ତି ଆଦି ତିଆରି କରିବା
Ṭerākoṭā ସକାଶେ ବ୍ୟବହୃତ ପୋଡ଼ା ମାଟି—
টেরাকোটা **टेराकोटा** Terracota.

ଟେରାକ୍ଷ—ସଂ. ବିଣ. ପୁଂ—(ବହୁବ୍ରୀହି ଟେର+ଅକ୍ଷି)—ଟେରା; ଯେ
Ṭerāksha ବଙ୍କେଇ କରି ଚାହେଁ—Squint-eyed.
(ଟେରାକ୍ଷୀ—ସ୍ତ୍ରୀ)

ଟେରା ଚାହାଣି—ଦେ. ବି.—ବକ୍ରଦୃଷ୍ଟି; ବଙ୍କେଇ କରି ଚାହିଁବା—
Ṭerā chahāṇi Sidelong glance.
টেরাচাউনা **तिरछी चितवन**

ଟେରା ଫିଟା—ଦେ. ବି.—୧ । ଦେବତାଙ୍କର ଦ୍ୱିପ୍ରହର ଧୂପ ପରେ
Ṭerā phiṭā ଯାତ୍ରୀମାନଙ୍କର ଦର୍ଶନ କରିବାର ଅବସର—
1. The time when the pilgrims are allowed to see a Deity after the noon-day offering is over.
୨ । ଦେବତାଙ୍କର ସକାଳ ଧୂପ ଆଦି ଭିନ୍ନ ଧୂପର ପୂଜାର ସମାପ୍ତି—2. The finish of the daily rituals of or offerings before a Deity.
[ଦ୍ର—ଦେବତାଙ୍କୁ ନୈବେଦ୍ୟ ଆଦି ଦିଆଯିବାବେଳେ ଯାତ୍ରୀମାନେ ଦର୍ଶନ କରି ପାରନ୍ତି ନାହିଁ; କାରଣ ଚିନ୍ଦନ ଅର୍ଗଳଠାରେ

୧	ଈ	ଊ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଁ	ଉଅ	ଞ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଊ	ନ୍ତ

ଗୋଟିଏ କନାଟବାଡ଼ (ଟେଗ୍) ପଡ଼ିଥାଏ । ଧୂପ ସରିବା ପରେ ଉକ୍ତ ଟେଗ୍‌ବାଡ଼ ଫିଟାଇ ଦିଆଯାଏ । ଏହାକୁ ଟେଗ୍‌ଫିଟା କହନ୍ତି । ଟେଗ୍‌ଫିଟା ହେଲେ ଯାତ୍ରୀମାନେ ଜଗନ୍ନାଥଙ୍କ ପାଖେ ଠିଆ ହୋଇ ଦେବତାଙ୍କୁ ଦର୍ଶନ କରନ୍ତି । ଦେବତାଙ୍କ ସମ୍ମୁଖରେ ବଢ଼ା ହୋଇଥିବା ନୈବେଦ୍ୟମାନ ଉଠାଇ ନିଆଯାଇ ମନ୍ଦିରର ଚଟାଣ ଧୋଉଖାଲ (ଧୁଆଧୋଇ) ହେଲା ପରେ ସର୍ବସାଧାରଣଙ୍କୁ ଦେବଦର୍ଶନର ପୂର୍ଣ୍ଣ ସୁବିଧା ମିଳେ । ଏହାକୁ ସାହାଣମେଲା ବୋଲାଯାଏ ।]

ଟେଗ୍ ବାଡ଼—ଦେ. ବି—କନାଟବାଡ଼; ବସ୍ତ୍ର ନିର୍ମିତ ଯବନିକା; ପରଦା—
Terā bārḍa Curtain; a screen made of cloth.
ପରଦା ଟେଗ୍‌ବାଡ଼ ପକାଇଲେ ବହନ ସେଠାରେ—
परदा ପ୍ରାଚୀ. ନଳଚରିତ ।

ଟେରି—ଦେ. ବି (ସଂ. ଶୀର୍ଷ୍ୟକ୍)—ମୁଣ୍ଡବାଳର ଶୀର୍ଷ୍ୟକ୍ ବିନ୍ୟାସ;
Teri ଚେରଛେ ସୁନ୍ଥା କାଟିବା; ଫିଟେଇ – A mode of
টেরী, টেড়ী, তেড়ী dressing the hair by parting it in
टेढ़ी the middle or one side of the head.

ଟେରି କାଟିବା—ଦେ. କ୍ରି—ମୁଣ୍ଡବାଳକୁ ପାନିଅରେ କୁଣ୍ଡାଇ ରେଖା
Teri kāṭibā ବାହାର କରିବା; ମୁଣ୍ଡବାଳ ଚେରଛେଇ କରି
ଟେରି ପକାଇବା } ଅନ୍ୟରୂପ ସୁନ୍ଥା କରିବା—To dress the
ଟେରି ଭାଙ୍ଗିବା } hair by parting it in
টেরী কাটা, **टेढ़ी काटना** the middle or on one side.

ଟେରୁ—ଦେ. ବିଣ (ସଂ. ଟେରକ) (ବ୍ୟଙ୍ଗ)—ଟେଗ୍—
Teru Squint eyed.

ଟେରେଇ ଟେରେଇ ଚାହିଁବା—ଦେ. କ୍ରି—ଟେରାଇବା (ଦେଖ)
Terei terei chāhiṅbā Terāibā (See)

ଟେଳା—ଦେ. ବି (ସଂ. ଦଳ; ଦଳକ)—୧ । ଢେଲୁଅ; ବଡ଼ ଟେଳା;
Teḷā ଢେଲୁଅ; ଢେଲା; ଢେଉଆ—1. Clod of earth
ঢিল ୨ । ମାଟିର ବଡ଼ ବଡ଼ ଖଣ୍ଡ—
ढेला 2. Large lumps of dry earth.
୩ । (ମାଛ, ମାଂସ, ଅଫିମ ଆଦିର) ବଡ଼ ବଡ଼ ଖଣ୍ଡ ବା ମୁଣ୍ଡା -
3. Big pieces or bits (of fish etc).
(ଯଥା— ସେ ନିତ୍ୟ ସକାଳୁ ଅଫିମ ଟେଳାଏ ଖାଏ ।)
[ଦ୍ର—'ଟେଳା' 'ଟେକା' ଠାରୁ ଆକାରରେ ବଡ଼ ।]

ଟେଳା(ଳେ)ଇବା—ଦେ. କ୍ରି—କୌଣସି ବସ୍ତୁକୁ (ଯଥା—ମାଂସ ବା
Teḷā(ḷe)ibā ବଡ଼ ବଡ଼ ମାଛକୁ) ଟେଳା ଟେଳା ବା ବଡ଼
ବଡ଼ ଖଣ୍ଡରେ ବିଭକ୍ତ କରିବା—
To divide a thing into big lumps

ଟେଳା ଛାଡ଼ିବା—ଦେ. କ୍ରି—କୌଣସି ବ୍ୟକ୍ତି ବା ବସ୍ତୁକୁ ଲକ୍ଷ କରି
Teḷā chhārḍibā ଢେଲା ପକାଇବା—
ଟେଳା ପକା(କେ)ଇବା } To pelt clods of earth
ଟେଳା ଫିଙ୍ଗିବା } ଅନ୍ୟରୂପ at a person or
ଟେଳା ମାରିବା } thing.
ঢিল ছুড়া **ढेला छोड़ना**

ଟେଳା ବୃଷ୍ଟି—ଦେ. ବି—ଉପର୍ଯ୍ୟୁପରି ଢେଲୁଅ ପକାଇବା —
Teḷā brushṭi Repeated throwing of missiles of
ঢিলবৃষ্টি clods of earth.

ଟେଳା ଭାଙ୍ଗିବା—ଦେ. କ୍ରି—କୌଣସି ଜମିରେ ଥିବା ଟେଳାଗୁଡ଼ିକୁ
Teḷā bhāṅgibā ହାତୁଡ଼ିଦ୍ୱାରା ପିଟି ବା ମଇ ଦେଇ ଗୁଣ୍ଡା କରିବା-
To disintegrate the clods of a ploughed field by hammering them into powder or by drawing a ladder over them.
[ଦ୍ର—ପ୍ରଥମେ ଶୁଖିଲା ଜମିରେ ହଳ ବୁଲାଇଲେ ମାଟି ଟେଳା-ଟେଳା ହୋଇଯାଏ । ପରେ ତାହା ଉପରେ ମଇ ଦେଲେ ସେ ଟେଳାଗୁଡ଼ିକ ଭାଙ୍ଗିଯାଇ ମାଟି ଚୂନା ହୋଇଯାଏ ଏବଂ ବଲ ବୁଣିବାର ଉପଯୋଗୀ ହୁଏ ।]

ଟେଳା ମୁଣ୍ଡେ—ଦେ. କ୍ରି. ବିଣ—ଶୁଷ୍କ ଜମିରେ ହଳ ବୁଲାହେବା ପୂର୍ବରୁ
Teḷā muṇḍe ଅର୍ଥାତ୍ ଫଗୁଣ ବା ଚୈତ୍ର ମାସରେ—
Before a field is ploughed; before the annual ploughing season.
(ଯଥା—ଖାତକ ଦଖଲବନ୍ଧକ ଦ୍ୱାରା କରଜ ନେଇଥିବା ଋଣ ଟଙ୍କା ଯେଉଁ ବର୍ଷ ଟେଳା ମୁଣ୍ଡେ ମୂଳେ ମୂଳେ ମହାଜନଙ୍କୁ ସୁଝିବ ମହାଜନ ସଙ୍ଗେ ସଙ୍ଗେ ବନ୍ଧକୀ ଜମିର ଦଖଲ ଖାତକଙ୍କୁ ଛାଡ଼ିଦେବ ବୋଲି ତମସୁକରେ ଶରେତ୍ ଲେଖା ଥାଏ ।)

ଟେଳାରେ ପୋତି ପକାଇବା—ଦେ. କ୍ରି. (ଅତ୍ୟୁକ୍ତି)—
Teḷāre poti pakāibā କୌଣସି ବ୍ୟକ୍ତିକୁ ଉପରକୁ ଉପର୍ଯ୍ୟୁପରି
(ଟେଳା ଲଦିବା—ଅନ୍ୟରୂପ) ଅପର୍ଯ୍ୟାପ୍ତ ଢେଲୁଅ ପକାଇବା—
To overpower a person by missiles of clods.

ଟେଲିଗ୍ରାଫ୍—ବୈଦେ. ବି. (ଇଂ; ଟେଲେଗ୍ରାଫ୍; ଗ୍ରୀକ୍. ଟେଲି=ଦୂର+
Teligrāph ଗ୍ରାଫୋ=ଲେଖିବା)—୧ । ବିଦ୍ୟୁତ୍ ସାହାଯ୍ୟରେ
টেলিগ্রাফ তାର ଦ୍ୱାରା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଲିଖିତ ସମ୍ବାଦ
टेलिग्राफ ପ୍ରେରଣ କରିବାର ପ୍ରକ୍ରିୟା—1. Telegraph
୨ । ତାର ଦ୍ୱାରା ପ୍ରେରିତ ଲିଖିତ ସମ୍ବାଦ; ତାର ଖବର—
2. Telegram; telegraphic message.
[ଦ୍ର—ଇଂରେଜୀରେ 'ଟେଲିଗ୍ରାଫ୍'ର ଅର୍ଥ ବୈଦ୍ୟୁତିକ ଉପାୟରେ ତାର ଦ୍ୱାରା ସମ୍ବାଦପ୍ରେରଣ କ୍ରିୟା ଓ 'ଟେଲିଗ୍ରାମ'ର ଅର୍ଥ ତାରଦ୍ୱାରା ପ୍ରେରିତ ସମ୍ବାଦର ଲିପି, ମାତ୍ର ଓଡ଼ିଆରେ ଏ ଦୁଇ ଶବ୍ଦର ବ୍ୟବହାରରେ ପ୍ରଭେଦ ରକ୍ଷା କରାଯାଏ ନାହିଁ ।]

ଟେଲିଗ୍ରାମ୍—ବୈଦେ. ବି. (ଇଂ. ଟେଲେଗ୍ରାମ୍)—ଟେଲିଗ୍ରାଫ୍ (ଦେଖ)
Teligrām Teligrāph (See)
টেলিগ্রাম **टेलिग्राम**

ଟେଲିଗ୍ରାଫିକ୍ ମନିଅର୍ଡର୍—ବୈଦେ. ବି.(ଇଂ)—ତାର ଖବର ଦ୍ୱାରା
Teligrāphik mani-arḍar ସ୍ଥାନାନ୍ତରକୁ ଟଙ୍କା ପଠାଯିବା ରୀତି-
Telegraphic money order.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦତ୍ତ ୧ ଚହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ଉପରେ ୨ ବା ୧ ଚହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ କରି ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଈ' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୂ' ଦେଖିବେ; 'ଅନ୍ଧ' ନ ପାଇଲେ 'ଅନ୍ଧ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍ତ' ଦେଖିବେ

ଟେଲିପାଥୀ—ବୈଦେ. (ଇଂ. ଟେଲେପାଥୀ)—ମାନସିକ ଶକ୍ତି ବଳରେ
Ṭelipāthī ଦୂରସ୍ଥ ବ୍ୟକ୍ତିର ମନକୁ ଅନୁଭବଇବା ବା ଜାଣିବା
টেলিপাথী ପ୍ରକ୍ରିୟା—Telepathy.
टेलिपाथी

ଟେଲିଫୋନ୍—ବୈଦେ. ବି. (ଇଂ. ଟେଲେଫୋନ୍)—ଦୂରସ୍ଥ ବ୍ୟକ୍ତିଙ୍କ
Ṭeliphon ସଙ୍ଗେ ବୈଦ୍ୟୁତିକ ତାର ସାହାଯ୍ୟରେ କଥାବାର୍ତ୍ତା
টেলিফোন ହେବାପାଇଁ ବ୍ୟବହୃତ ଯନ୍ତ୍ରବିଶେଷ—Telephone.
टेलिफोन
(ଟେଲିଫୋଁ—ଅନ୍ୟରୂପ)

ଟେଲିଭିଜନ୍—ବୈଦେ. ବି. (ଇଂ. ଟେଲେଭିଜନ୍)—ବୈଦ୍ୟୁତିକ ଶକ୍ତି
Ṭelibhijan ବା ଯୋଗସାଧନଲବ୍ଧ ମାନସିକ ଶକ୍ତି ବଳରେ
টেলিভিজন ଦୂରସ୍ଥ ପଦାର୍ଥକୁ ଦେଖିବା କ୍ରିୟା—
टेलिभिजन Television.

ଟେଲିସ୍କୋପ୍—ବୈଦେ. ବି. (ଇଂ. ଟେଲେସ୍କୋପ୍)—ଦୂରବୀକ୍ଷଣ ଯନ୍ତ୍ର—
Ṭeliskop Telescope.
টেলিস্কোপ टेलिस्कोप

ଟେହିବା—ଦେ. କ୍ରି—ଟେଇବା (ଦେଖ)
Ṭehibā Ṭeibā (See)
(ଟେହିଁବା, ଟ୍ୟାହିବା —ଅନ୍ୟରୂପ)

ଟୋକ ଚଳିବା—ଦେ. କ୍ରି. (ସଂ. ସ୍ତୋକ)—
Ṭoka chaḻibā ସାମାନ୍ୟ ପ୍ରକାରେ ଖାଇବା ପିଇବା ବା ଗ୍ରାସାଚ୍ଛା-
গুজরান চলা ଦନ କର୍ମ ଚଳିବା; ଠୁକ ବା ଥୋକ ଚଳିବା—
गुजरान चलना The eking out of one's bare main-
[ଟୋକ ଚଳା(ଲେ)ଇବା—ଣିଜନ୍ତରୂପ] tenance or livelihood.
(ଯଥା—ସେ ଚାକର ଖଣ୍ଡିଏ ପାଇବାରୁ ତାର ଟୋକ ଚଳୁଛି ।)

ଟୋକଣା—ଦେ. ବି—ବଡ଼ ପିତଳ ହଣ୍ଡା—
Ṭokaṇā Big brass cooking pot or jar.
টোকনা [ଦ୍ର—ଶ୍ୱେତ ପିତଳ ହାଣ୍ଡିକୁ ଟୁକୁଣା ବୋଲଯାଏ ।]
टुकना, टोकना ପ୍ରାଦେ. (ବାଲେଶ୍ୱର) ବି—ଗାଲ; ପିତଳନିର୍ମିତ ଜଳ ପାତ୍ର—Metal water-pot.

ଟୋକ ଦେବା—ଦେ. କ୍ରି—ଟୋକିବା (୨) (ଦେଖ)
Ṭoka debā Tokibā (2) (See)

ଟୋକର (ଇତ୍ୟାଦି)—ଦେ. ବି—ଠୋକର ଇତ୍ୟାଦି (ଦେଖ)
Ṭokara (etc) Ṭhokara etc. (See)

ଟୋକରା(ରେ)ଇବା—ଦେ. କ୍ରି—ଠୋକରାଇବା (ଦେଖ)
Ṭokarā(re)ibā Ṭhokarāibā (See)

ଟୋକଲ—ପ୍ରାଦେ. (ପୁରୀ ଓ ଗଡ଼ଜାତ) ବି—ଟିକିଲି (ଦେଖ)
Ṭokala Ṭikili (See)

ଟୋକଲି—ପ୍ରାଦେ. (ଯାଜପୁର) ବି—ଡେଙ୍ଗେଇ—
Ṭokali A small tray.

ଟୋକଳୀ—ଦେ. ବି. (ସଂ. ତୋକ=ଶିଶୁ)—
Ṭokaḻī ଟୋକୀ; ବାଳିକା; ଟୁକୁଳୀ;—
ছোকরী Girl; lass; a little girl.
छोकरी
(ଟୋକଳା—ପୁଂ)
(ଟୋକଲୀ—ଅନ୍ୟରୂପ)

ଟୋକା—ଦେ. ବି (ସଂ. ତୋକ)—୧ । ପିଲା ବା ବାଳକ—
Ṭokā 1. Boy; lad.
ছোকরা ୨ । ଯୁବକ—2. Youth; young man.
छोकरा ୩ । (ଅନାଦର ଅର୍ଥରେ) ଆଧୁନିକ ଯୁଗର ଯୁବକ—
(ଟୋକୀ—ସ୍ତ୍ରୀ) 3. The youngsters of to-day.
(ଯଥା—ଆଜିକାଲିର ଟୋକାଙ୍କୁ ବଳ ପାଉ ନାହିଁ ।)
୪ । ଅନୁଭବହୀନ ଯୁବକ—
4. Inexperienced youth.
ତୁ ପର ଟୋକା ଜାଡ଼କାମର ଟୋକା,
ଭଙ୍ଗିକୁ ଧନୁ ଶରେ ପୂରୁଣା ଯୋକା ରେ—ବିଶ୍ୱନାଥ.ବିଚିତ୍ରରାମାୟଣ ।
୫ । ଅପରିଣତବୟସ୍କ ଯୁବକ—
5. Raw youth.

ଟୋକାଇ (ଇତ୍ୟାଦି)—ଦେ. ବି—ଟୋକେଇ ଇତ୍ୟାଦି (ଦେଖ)
Ṭokāi (etc) Ṭokei etc (See)

ଟୋକା ଟାକରା—ଦେ. ବି (ସହଚର; ନିରର୍ଥକ ଯୁଗ୍ମ ଶବ୍ଦ; ବହୁବଚନ, ଅନାଦରାର୍ଥରେ)—୧ । ବାଳକମାନେ—
Ṭokā ṭakarā 1. Boys generally.
टोकरा
ଟୋକାଟକରା } ଅନ୍ୟରୂପ
ଟୋକାଟାକଲା }
୨ । ଅପରିଣତ ଓ ଅନୁଭବହୀନ ଯୁବକଗଣ—
ଟୋକୀଟାକରୀ } ସ୍ତ୍ରୀ
ଟୋକୀଟାକଳୀ }
2. Inexperienced and raw youths.

ଟୋକା ଟାକରିଆ—ଦେ. ବିଣ—୧ । ବାଳସୁଲଭ; ବାଳୋଚିତ—
Ṭokā ṭākariā 1. Boyish; puerile.
ଟୋକାଟାକଲିଆ } ଅନ୍ୟରୂପ
ଟୋକାଟାକରିଆ }
୨ । ଚପଳ—
2. Hasty.
(ଯଥା—ଏ ଟୋକାଟାକରିଆ ବୁଦ୍ଧିରେ ମାମଲତ ଚଳିବ ନାହିଁ ।)
ଦେ. ବି—ଟୋକା ଟାକରା (ଦେଖ)
Ṭokā ṭākarā (See).

ଟୋକା ଟୁକୁରି—ଦେ. ବି (ବିପରୀତାର୍ଥ ସହଚର; ବହୁବଚନ)—
Ṭokā ṭukurī ବାଳକବାଳିକାଗଣ—
Boys and girls; lads and lasses.
ଟୋକାଟୁକୁଲି }
ଟୋକାଟୋକୁରୀ } ଅନ୍ୟରୂପ
ଟୋକାଟୋକୁଲୀ }

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଲ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍	ଯ	ସ	ଙ୍ଖ	ଇଅ	ଓ	ନ୍

ଠୋକାବୁଦ୍ଧି—ଦେ. ବି (ଅନାଦର ଅର୍ଥରେ)—ବାଲସ୍ୱଭାବ; ଚିଲ୍ଲବୁଦ୍ଧି,
Ṭokā buddhi ଅପ୍ରାଞ୍ଜଳତା; ଅପକ୍ୱ ବୁଦ୍ଧି—
ছোলেমী Youthful rawness; anything prompted by youthful rawness; outcome of inexperience (as of youth).
(ଠୋକାବୁଦ୍ଧିଆ—ବିଣ)
(ଯଥା—୧। ଅଳସାବେ ତୋର ଟୋକା ବୁଦ୍ଧି ଗଲା ନାହିଁ।
୨। ରାଜ୍ୟ ଶାସନ ପରି ଗୁରୁତର କାର୍ଯ୍ୟ ଠୋକାବୁଦ୍ଧିରେ ଚଳିବ ନାହିଁ।)

ଠୋକାଳିଆ—ଦେ. ବିଣ (ଅନାଦରାର୍ଥକ)—
Ṭokā̱liā ବାଳସୁଲଭ; ବାଳୋଚିତ—
1. Puerile.
(ଯଥା—ଠୋକାଳିଆ ଢଙ୍ଗ।)
୨। ଯୁବକସୁଲଭ—
2. Becoming or befitting a youth.

ଠୋକିବା—ଦେ. କ୍ରି (ସଂ. ଷ୍ଟୀକ୍ ଧାତୁ=ଟୀକା ଲେଖିବା; ଭୁଲ. ତେ. ଖୁଣ୍ଟୁ, ତା. କୋଟ୍ଟୁ)—
Ṭokibā
ଟୁକା ୧। ଟିପିବା—1. To note down; to
टीपना jot down.
୨। ଦୋଷ ଦେଖାଇବା; ବାରିବା; ଖୁଣ୍ଟାଣି ଦେବା—
2. To point out faults; to reprove; to dissuade a person from doing a thing by pointing out defects.
ঠোকরান ୩। ବୁଣି ଯାଇଥିବା କୌଣସି କ୍ଷୁଦ୍ର ପଦାର୍ଥ (ଯଥା—
खुटकना ଶସ୍ୟାଦି) ଭୂମିରୁ ଖୁଣ୍ଟି କରି ଖାଇବା; ଖୁଣ୍ଟିବା—
3. To eat by picking up small particles (e.g. of grain) scattered over the ground; to pick up.
୪। କ୍ଷୁଦ୍ର କଠିନ ପଦାର୍ଥ (ଯଥା—ଚାଉଳ; ମୁଗ) ଗୋଟି ଗୋଟି କରି ଚୋବାଇ ଖାଇବା—4. To eat small particles of grains or hard things one by one by chewing.
୫। ପକ୍ଷୀଙ୍କ ଆହାର ପରି ଅଳ୍ପମାତ୍ରାରେ ଖାଇବା—
5. To eat scantily (like a bird).
୬। ଝୁଣ୍ଟିବା—6. To stumble; to trip in walking.

ଠୋକୁଲି—ଦେ ବି—ଠୋକଲି (ଦେଖ)—
Ṭokuli Ṭokali (See)
(ଠୋକୁଲି—ଅନ୍ୟରୂପ)

ଠୋକେଇ—ଦେ. ବି (ସଂ. ସ୍ତୋକ=ଅଳ୍ପ; ଅଳ୍ପ ପରିମାଣରେ ପଦାର୍ଥ
Ṭokei ରହିବା ଯୋଗୁଁ)—ବାଉଁଶ ବା ବେତ ପାତିଅରେ
(ଠୋକାଇ—ଅନ୍ୟରୂପ) ବୁଣା ଛୋଟ ବେତା—A small
টোকরী, টুকরী, ঝুড়ী basket.
टोकरा, टोकरी

ଠୋକେଇ କ(କୁ)ଣ୍ଢେଇ—ଦେ. ବି—ଗୃହର ପ୍ରୟୋଜନୀୟ କ୍ଷୁଦ୍ର କ୍ଷୁଦ୍ର
Ṭokei ka(ku)ṇḍhei ଉପକରଣମାନ—Household articles of every day use.
ঘটীবাটী
(ଠୋକାଇକଣ୍ଢାଇ, ଠୋକାଇକୁଣ୍ଢାଇ—ଅନ୍ୟରୂପ)

ଠୋକେଇ କ(କୁ)ଣ୍ଢେଇ ଫୁଲ—ଦେ.ବି (ସଂ. ସ୍ତୋକ ଓ କୁଣ୍ଡଜ)—ବନ୍ୟ
Ṭokei ka(ku)ṇḍhei phula ପୁଷ୍ପବିଶେଷ; କୁଣ୍ଡଜଫୁଲ—
A kind of wild flower.
[ଦ୍ର—ଏ ଫୁଲର ଗଛ ଲଟାଳିଆ; ପତ୍ର ତ୍ରିକୋଣାକାର; ଫୁଲ ସରୁ ଓ ଏକ ଇଞ୍ଚ ଲମ୍ବ ଏବଂ ପେଣ୍ଡା ପେଣ୍ଡା ହୋଇ ଫୁଟେ। ଲୋକେ ଏ ଫୁଲରେ ଲୁଣ ମସଲା ଓ ବେସର ଆଦି ଦେଇ ଏହାକୁ ପତ୍ରପୋଡ଼ା ଭଜା କରି ଖାଆନ୍ତି।

ଠୋକେଇ ଭୋଗେଇ ଫୁଲ—ପ୍ରାଦେ. (ଗଡ଼ଜାତ) ବି—ଠୋକେଇ
Ṭokei bhogei phula କଣ୍ଢେଇ ଫୁଲ (ଦେଖ)
Ṭokei kaṇḍhei phula (See)

ଠୋଟ(ଟା)ଲ୍—ବୈଦେ. ବି (ଇଂ. ଟୋଟାଲ୍)—୧। ଏକାଧିକ ସଂଖ୍ୟାର
Ṭoṭa(ṭā)l ସମଷ୍ଟି—1. Total; sum total of more than
টোটল, একুন one number
टोटल ୨। ଏକାଧିକ ସଂଖ୍ୟାକୁ ମିଶାଇବା; ମିଶାଣ—
2. Addition of more than one number.

ଠୋଟା—ଦେ. ବି (ଇଂ. କାର୍ଟ୍ରିଜ୍)—ବନ୍ଧୁକରେ ପୁରାଇ ଫାଇର୍
Ṭoṭā କରିବା ନିମନ୍ତେ ପ୍ରସ୍ତୁତ ବାରୁଦ ଓ ଗୁଳିପୂର୍ଣ୍ଣ ନଳୀ;
টোটা କାର୍ତୁସ୍—Cartridge.
टोटा

ଠୋଡ଼ରମଲ୍ଲ—ଦେ. ବି (ନାମ)—ମୋଗଲ ସମ୍ରାଟ ଅକବରଙ୍କର ଜଣେକ
Ṭorḍaramalla ପ୍ରଧାନ ହିନ୍ଦୁ ସେନାପତି—A great general of the Moghal emperor, Akbar.
[ଦ୍ର—ଏ ବଡ଼ ରାଜନୀତିକୁଶଳ ଥିଲେ; ଏ ଅକବରଙ୍କର ରାଜସ୍ୱ ସଚିବ ଥାଇ ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତ କରିଥିଲେ। ଏହାଙ୍କ ପ୍ରଚଳିତ ବଡ଼ ଜମିର ଆଦି ଆଜିକାଲି ସୁଦ୍ଧା ଓଡ଼ିଶାରେ ଚଳୁଅଛି।]

ଠୋଡ଼ରା—ପ୍ରାଦେ. (ଉତ୍ତର ଭାଗ) ବି—ବେକ—
Ṭorḍarā Neck.

ଟୋପ—ଦେ. ବି—୧। ପାଣି ଝରିକରି ଜମିବାପାଇଁ ନଦୀବାଲିରେ
Ṭopa ଖରାଦିନେ ଖୋଳା ହେବା ଛୋଟ ଗାତ—1. Small
গর্ত pits dug in the sands of a dried up river.
गढा ୨। ଭୂମିରେ ଖୋଳା ହେବା ଗର୍ତ୍ତ; ଗାଡ଼; ଗାତ—
2. Hole; pit.

ଭୃଙ୍ଗୋଦରସ ଜମ୍ବୁକାରୁ କାମକ୍ଷୋଦ-ଟୋପ—କବିସୂର୍ଯ୍ୟ, ସଙ୍ଗୀତ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ, 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅର୍ଘ୍ୟ' ନ ପାଇଲେ 'ଅର୍ଘ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍' ଦେଖିବେ ।

୩ । ଭୂଗର୍ଭରେ ଗର୍ତ୍ତ ଆକାରରେ ନିର୍ମିତ କାରାଗୃହ; ଅନ୍ଧକୂପ — 3. Dungeon; an underground prison.

ନନ୍ଦ ବନ୍ଦୀ ହେବେ ଟୋପେ—କବିସୂର୍ଯ୍ୟ. ଯଶୋମତୀମୃ. ଟି. ଗୀତ ।

୪ । ବଣୁଆ ହାତୀଙ୍କୁ ଧରିବା ସକାଶେ ଖୋଳା ହେବା ଗାତ—4. Deep holes dug in the ground to decoy wild elephants there, who fall into it and cannot get up.

ଟୋପ ସ୍ୱଧା ମୋ ମନ ମତ୍ତକରୀ—ଅଭିମନ୍ୟୁ. ବିଦଗ୍ଧଚିନ୍ତାମଣି ।

୫ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବିପଦ୍ରେ ପକାଇବା ପାଇଁ ଦୁଷ୍ଟ କୌଶଳ—5. (figurative) A snare; or plot to put a person to trouble.

ଟୁପୀ ୬ । ଟୋପି—6. Cap; hat.
ଟୋପ

ବଡ଼ପଣର ସୁନ୍ଦ ମଧ୍ୟପାଠ ଯଦ୍ଧ ହିଁ ହାଁରୁ ଭୂଷିତ ଟୋପ ରେ ।
ଭକ୍ତ. ବେଦେଶ୍ୱରଗୀତ ।

୭ । ଟୋପର (ଦେଖ)—7. Topara (See)

ଟୋପ ଚଉର—ଦେ. ବି—ବାହ୍ୟ ଆବରଣ—
Topa chaura   Outer covering.

ଟେପ ଉପରେ ଦେଖ ଅପୂର୍ବ ନାସ
ଟୋପଚଉର ଅଛୁ ତୋ ଦେହ ଯେଉଁ । ମନବୋଧ. ଚଉତିଶା ।

ଟୋପର—ଦେ. ବି. (ସଂ. ସ୍ତୂପ) —
Topara ୧ । ତାଳ ଶପାଜିଆ ବା ତାଳପତ୍ରରେ ପ୍ରସ୍ତୁତ ମୁଣ୍ଡର
ଟୋପର ଆବରଣ ବା ଟାଙ୍କୁଣୀ; ଝାମ୍ପି—1. A helmet
टोप made of palm-leaves or bamboo-laths.

୨ । ଟୋପି—2. Cap; hat.

୩ । ମୁକୁଟ—3. Coronet; crown.

ଏହା କହିଣ ସୁଲକ୍ଷଣ ସୁତକୁ
ବୋଇଲେ ଅଣ ସାଞ୍ଜ ଟୋପର ସକଳୁ । କୃଷ୍ଣସିଂହ. ମହାଭାରତ ଶଲ୍ୟ ।

୪ । ଟୋପ ବା ଭୂଗର୍ଭସ୍ଥ ଗର୍ତ୍ତ—
4. A hole or pit dug in the ground.

୫ । ପକ୍ଷିବିଶେଷ—5. A species of bird.

ବାସର-ଯୌବନ ସୋଷିଲେ ସସନେ ବକେ ଟୋପର । ସ୍ୱଧାନାଥ. ଉଷା ।

[ଦ୍ର—ଏ ଦିବସର ମଧ୍ୟଭାଗରେ ବା ଦୁଇପ୍ରହର ବେଳେ ବୋବାଏ ।]

ଟୋପର ବାଇଗଣ—ଦେ. ବି—ଛୋଟ ଓ କଣ୍ଟାଳିଆ ବାଇଗଣ—
Topara bāigaṇa   Small and thorny brinjal.

[ଦ୍ର—ଏହାକୁ ବାଇଗଣ ଟୋପର ମଧ୍ୟ କୁହାଯାଏ ।]

ଟୋପଲି—ପ୍ରାଦେ. (ମେଦିନୀପୁର) ବି. (ଭୁଲ. ବି. ଏହି ଶବ୍ଦ ଏହି
Topali ଅର୍ଥରେ)—କ୍ଷୁଦ୍ରବୋଝେଇ ବା ପୁଟୁଳା; ସାନ ପୋଟଳା—
A small package or parcel.

ଟୋପା—ଦେ. ବି. (ସଂ. ଷ୍ଟୁଟ ଧାତୁ ବର୍ଣ୍ଣ ବିପର୍ଯ୍ୟୟ; ଭୁଲ. অসামী;
Topā ଟୋପା=ବଡ଼ବିନ୍ଦୁ)—୧ । ତରଳ ତରଳପଦାର୍ଥର
ফোঁটা ବିନ୍ଦୁ ବା ବୁନ୍ଦା—1. A drop of liquid.
बूँद ୨ । ବର୍ଷାବିନ୍ଦୁ—2. Rain-drop.

୩ । ଲୋତକବିନ୍ଦୁ—3. Tear-drop.

୪ । କପାଳରେ ଲଗାଯିବା ସିନ୍ଦୂର, ଚନ୍ଦନାଦିର ବିନ୍ଦୁ; ଚକ୍ରାକାର ଚିହ୍ନ; ତିଳକ ବିନ୍ଦୁ—4. Circular mark made with the tip of the finger on the forehead with sandal paste etc.

ପ୍ରାଦେ. (ସମ୍ବଲପୁର ଓ ବାମଣ୍ଡା ଭୁଲ. ହି. ଟୋପୀ=ଟୋକେଇ) ବି—ଚାଉଳଧୁଆ ବାଉଁଶିଆ—
A small basket made of thin laths of bamboo for washing rice.

ଟୋପାଟୋପା—ଦେ ଅ.—ବିନ୍ଦୁ ବିନ୍ଦୁ ହୋଇ—
Topā-topā   Drop by drop; in drops.
ফোঁটাফোঁটা [ଦ୍ର—ବଡ଼ ବଡ଼ ଟୋପାରେ ବର୍ଷା ହେଲେ ଟୋପା-
बुँद्‌बुँद ଟୋପା ବା ଟପଟପ ଏବଂ ଛୋଟ ଛୋଟ ଟୋପାରେ ବର୍ଷା ହେଲେ ଟୋପି ଟୋପି ବା ଟୁପ୍‌ଟୁପ୍ ବୋଲାଯାଏ ।]

ଟୋପି—ଦେ. ବି. (ସଂ. ଷ୍ଟୁଟ ଧାତୁ ବର୍ଣ୍ଣ ବିପର୍ଯ୍ୟୟ)—
Topi ୧ । କପାଳରେ ଲେଖିବା ତିଳକାଦିର କ୍ଷୁଦ୍ର ବିନ୍ଦୁ—
টীপ 1. A small circular mark or spot painted
बुन्दकी on the forehead; with sandal paste etc; tip.

କପାଳେ ଦେଇ ଫଗୁଟୋପି
ନାଚେ ନଗ୍ନଭାବୁ ଗୋପୀ । ଭୂପତି. ପ୍ରେମପଞ୍ଚାମୃତ ।

୨ । ତରଳ ତରଳ ପଦାର୍ଥର କ୍ଷୁଦ୍ର ବିନ୍ଦୁ—
2. Small drop of liquid.

ଅର୍ଜୁନଙ୍କ ମୁଖରେ ଦେଖି ଝାଳ ଟୋପି । କୃଷ୍ଣସିଂହ. ମହାଭାରତ ବନ ।

[ଦ୍ର—'ଟୋପି' 'ଟୋପା' ଠାରୁ କ୍ଷୁଦ୍ରତର ।]

ଟୁପୀ ୩ । (ସଂ. ସ୍ତୂପ)—ମସ୍ତକାବରଣ—3. Cap.
টোপী ୪ । ବନ୍ଧୁକନଳୀର ମୂଳରେ ଥିବା ଛିଦ୍ରପାଖେ ଲଗାଯିବା ବାରୁଦଯୁକ୍ତ ଧାତୁମୟ ଖୋଳ (ଯାହା ଉପରେ ଘୋଡ଼ା ଚୁପିଲେ ଜଳି ତାହାର ନଳୀଭିତରର ବାରୁଦକୁ ଧରେ)—
4. Percussion cap.

୫ । ଟିକିଲି (ଦେଖ)—5. Tikili (See)

୬ । ଛୋଟ ଡାଲା; ଚଙ୍ଗୁଡ଼ି—
6. Small basket; tray.

ଟୋପିଆ—ଦେ. ବିଣ—ଯେ ଟୋପି ପିନ୍ଧିଥାଏ—
Topiā   Wearing a hat.
টুপীদার टोपीदार

ଟୋପିଚନ୍ଦନ—ଦେ. ବି—ଚନ୍ଦନର ଟୋପି ବା ଚିତା—A small
Topi-chandana   circular mark of sandal paste.

ଟୋପିଟୋପି—ଦେ. ଅ.—କ୍ଷୁଦ୍ର କ୍ଷୁଦ୍ର ଟୋପାରେ—
Topi-topi   In small drops.
(ଯଥା—ଦୁଇଦିନ ହେଲା ଟୋପି ଟୋପି ବର୍ଷୁଛି ।)

ଦେ. ବିଣ—କ୍ଷୁଦ୍ର କ୍ଷୁଦ୍ର ବିନ୍ଦୁ ଋଷିଷ୍ଟ—
Consisting of small drops.

୧	ଣ	ଡ	ର,ହ୍	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇସ୍ପ	ଉଥ	ଘ
୨	ଝ	ଭ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଂ୍ୟ	ଇଅ	ଊ	ନ୍ଦ

ଦେହରେ ଦେଖି ଲୋକେ ଟୋପି ଟୋପି ଝାଳ
ମଣନ୍ତି ଏ କି ଅବା ମୁକୁତାର ମାଳ । କୃଷ୍ଣସିଂହ, ମହାଭାରତ-ସଭା ।

ଟୋପିଦାର୍—ଦେ. ବିଣ—ଯେଉଁ ବନ୍ଧୁକର ନଳୀର ମୂଳରେ ଥିବା
Topidār. ଛିଦ୍ର ଉପରେ ଟୋପି ଲଗାଯାଇ ସେ ଟୋପି ଉପରେ
टुपीदार ଘୋଡ଼ାର ଆଘାତହେଲେ ନଳୀମଧ୍ୟସ୍ଥ ବାରୁଦରେ
टोपदारी ନିଆଁ ଲାଗି ବନ୍ଧୁକ ଫାଏର ହୁଏ—(a gun) Fired with percussion caps; flint-lock; hammer-gun.
[ଦ୍ର—ଯେଉଁ ବନ୍ଧୁକରେ ଚକ୍‌ମକିପଥର ଦ୍ୱାରା ନିଆଁ ଲଗାଇ ଫାଏର କରିବାକୁ ହୁଏ ତାକୁ ଚୋଡ଼ାଦାର୍ ବନ୍ଧୁକ ବୋଲାଯାଏ]

ଟୋପି ଦେବା—ଦେ. କ୍ରି.—କୌଣସି ବ୍ୟକ୍ତିର କପାଳରେ ଚନ୍ଦନାଦିର
Topi debā ଟୋପା ଚିତ୍ରଣ କରିବା—To put a tip of
टीप देओया sandal etc on the forehead of a person.
टीका देना

ଟୋପି ପିନ୍ଧିବା—ଦେ. କ୍ରି.—ନିଜର କପାଳରେ ଚନ୍ଦନାଦିର ଟୋପି
Topi pindhibā ଘେନିବା; ଚିତା ଲଗାଇବା ବା କାଟିବା—
टीप परा To put a tip of sandal etc. on the
टीका लगाना forehead.
[ଟୋପି ମାରିବା, ଟୋପି ଲଗା(ଗେ)ଇବା—ଅନ୍ୟରୂପ]

ଟୋରି—ବୈଦେ. ବି. (ଇଂ)—ଇଂଲଣ୍ଡର ଗୋଟିଏ ପ୍ରାଚୀନ ରାଜନୀତିକ
Tori ଦଳର ସଭ୍ୟ; ରକ୍ଷଣଶୀଳ ଦଳଭୁକ୍ତ ବ୍ୟକ୍ତି—A Tory; a
टोरी member of the conservative party in
टोरी English politics.
(ହ୍ୱିଗ୍—ବିପରୀତ)

ଟୋଲ୍—ଦେ. ବି.—(ସଂ. ତଲ)—ସଂସ୍କୃତ ବିଦ୍ୟାଳୟ; ଚଉପାଢ଼ୀ—
Tol Sanskrit school.
टोल [ଦ୍ର—ଯେଉଁ ବିଦ୍ୟାଳୟରେ କେବଳ ସଂସ୍କୃତ ଶିକ୍ଷା
टोल ଦିଆଯାଏ ତାକୁ ଟୋଲ୍ କହନ୍ତି ।]
ପ୍ରାଦେ. (ଗଡ଼ଜାତ; ସମ୍ବଲପୁର, ବି.—ମହୁଲଫଳର ମଞ୍ଜି—
The seed of the fruit of the Mahuā tree.
[ଦ୍ର—ଏଥିରୁ ତେଲ ବାହାରେ । ଏହା ଦେଖିବାକୁ ଘିଅ ପରି, ମାତ୍ର ଶୀତଦିନେ ଏହା ଘିଅପରି ବସି ଯାଏ ନାହିଁ । ଗଡ଼ଜାତ ଓ ସମ୍ବଲପୁରରେ ଲୋକେ ଏହାକୁ ରନ୍ଧନ ଆଦିରେ ପକାଇ ଓ ଏଥିରେ ପିଠା ଛାଣିକରି ଖାଆନ୍ତି । ବେପାରୀମାନେ ଏହାକୁ ଗୁଆଘିଅ ସଙ୍ଗେ ମିଶାନ୍ତି ।]
ବୈଦେ. ବି. (ଇଂ. ଟୋଲ୍)—ସାଧାରଣ ରାସ୍ତା ବା ପୋଲ ଉପରେ
टोल मନୁଷ୍ୟ ଓ ଯାନାଦିର ଗମନାଗମନ ଯୋଗୁଁ ଆଦାୟ ହେବା
टोल ଶୁଳ୍କ—Toll realised from passengers and vehicles for using a public road or bridge.

ଟୋଲ—ଦେ. ବି. (ସଂ. ତଲ)—ଗୁରୁ ଆଘାତ ଯୋଗୁଁ ପିତଳ ବାସନ
Tola ଆଦିରେ ଯେଉଁ ଅଂଶ ବସି ଯାଏ ବା ଦବି ଯାଏ—
टोल Indentation; a dent or depression in
दबाव, बिल metallic vessel produced by its striking against a harder substance.

ଟୋଲକ—ଦେ. ବି.—୧ । (ସଂ. ପିଣ୍ଡୀତକ)—ବୋଇତି କଖାରୁ—
Tolaka 1. The red pumpkin.
୨ । ପାନ ଖେତରେ ଅଁଧାରରୁ ପଡ଼ୁଥିବା ଦେବା ହେତୁ ପାନରେ ଧରିବା ଏକପ୍ରକାର ରୋଗ—2. A kind of disease infecting betel leaves.
୩ । ଗୋରୁ-ମଇଁଷି ଆଦିଙ୍କୁ ଧରିବା ରୋଗବିଶେଷ—
3. A kind of cattle-disease.
[ଦ୍ର—ଏ ରୋଗ ହେଲେ ଗୋରୁ ଆଦିଙ୍କ ଜିଭରେ ଘାଆ ହୁଏ, ଦାନ୍ତ ହଲେ ଓ ଦେହରେ ଉତ୍ତାପ ବଢ଼ି ଯାଏ; ସେମାନେ ନିଃଶ୍ୱାସ ମାରିଲା ବେଳେ ଫେଣ ବୁହନ୍ତି; ଆଗ ଗୋଡ଼ରେ ଛୋଟେଇ ଛୋଟେଇ ଚାଲନ୍ତି, ଏବଂ ୨୧ ଦିନ କାଳ କିଛି ଖାଇ ପାରନ୍ତି ନାହିଁ ।]

ଟୋଲକା—ଦେ. ବିଣ. (ସଂ. ତଲ)—
Tolakā ୧ । କଠିନ ପଦାର୍ଥର ଆଘାତ ଯୋଗୁଁ କୌଣସି ଅଂଶ
टोलपड़ा, डुमड़ा ନଇଁ ଯାଇଥିବା; ଆଘାତ ବାଜିବା ହେତୁ ଚେପା
चिपटा ହୋଇଥିବା (ଧାତୁପାତ୍ର)—
1. Dented or depressed (utensil).
୨ । ପାଚ ପୂଯ ପୂର୍ଣ୍ଣ ହୋଇ ଫୁଲିଥିବା (ବଥ)—
2. Swollen and suppurated (boil).

ଟୋଲକା(କେ)ଇବା—ଦେ. କ୍ରି—ଟୋଲ୍ଲଇବା (ଦେଖ)
Tolakā(ke)ibā Tolāibā (See)

ଟୋଲଙ୍କ—ଦେ. ବି—ଏକ ଜାତୀୟ ବନ୍ୟ ଲତା ଓ ତାହାର ଖାଦ୍ୟ ଫଳ—
Tolanka A kind of wild creeper and its edible fruit.
[ଦ୍ର—ଏ ଫଳକୁ ରନ୍ଧନ ଓ ଭଜା କରି ଖିଆଯାଏ ।]

ଟୋଲା—ପ୍ରାଦେ.—୧ । (ପୁରୀ) ପୁରୀ ଜିଲ୍ଲା ରାହାଙ୍ଗର ପ୍ରଥମ
Tolā ଅଧିବାସୀ ବୈଦିକ ବ୍ରାହ୍ମଣମାନଙ୍କ ବଂଶର ପୂର୍ବ ମର୍ଯ୍ୟାଦାସୂଚକ ଉପାଧିବିଶେଷ—A distinguishing title of some Brahman families of Puri district.
(ଯଥା—ଟୋଲା ମିଶ୍ର ।)
୨ । (ସମ୍ବଲପୁର) (ଭୁଲ. ବ. ଓ ହି. ଏହି ଅର୍ଥରେ ଏହି ଶବ୍ଦ)—ଟୂଲା (ଦେଖ)
2. Tulā (See)
ଦେ. ବିଣ—ଟୋଲକା (୧) (ଦେଖ)
Tolakā (1) (See)

ଟୋଲା(ଲେ)ଇବା—ଦେ. କ୍ରି—୧ ।(ସକର୍ମକ) କୌଣସି ପାତ୍ରକୁ ଟୋଲା
Tolā(le)ibā କରିବା—1. To dent a pot.
डुमड़ाना ୨ । (ଅକର୍ମକ) (କୌଣସି ପାତ୍ର) ଟୋଲା ହୋଇଯିବା;
चिपटाना ଟୋଲେଇ ଯିବା—2. (a pot) To become
टोलखाओया dented.

ସାଧାରଣ ଲୋକେ ଅପର ପୃଷ୍ଠାରେ ଦୃଶ୍ୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ଦଧି' ନ ମିଳିଲେ 'ଦହି' ଦେଖିବେ; 'ଅର୍ଦ୍ଧା' ନ ପାଇଲେ 'ଅଧା' ଦେଖିବେ; 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ।

ଚିପ୍‌ଟনা ୩। (କଥ) ପାଚି ପୂଯ଼ ପୂର୍ଣ୍ଣ ହୋଇ ଫୁଲିବା—
ফোলা 3. (a boil) To be ripe and
खुजना suppurated.

ଟୋଲି—ପ୍ରାଦେ. ବି. ୧। (ଗଞ୍ଜାମ) ବୈଦେ• (ତେ) ଅଧପାହି—
Ṭoli· 1. Half a pie; ⅛ of a pice.
୨। (ସମ୍ବଲପୁର)—ଧାନ ବିଲରେ ଜନ୍ମିବା ଏକ ପ୍ରକାର ଘାସ—2. A kind of grass growing in paddy-fields.
[ଦ୍ର—ଏହାର ଫଳ ସୋହଗ ଘର ।]
୩। (ସମ୍ବଲପୁର) ଟୁଲି (ଦେଖ)—3. Ṭuli (See)

ଟୋଲୁଆ—ଦେ. ବିଣ. ପୁଂ—ଟୋଲ୍; ପେଟ୍‌ଅ ସ୍ଥୂଳୋଦର—
Ṭoluā Pot-bellied.
(ଟୋଲେଇ—ସ୍ତ୍ରୀ)

ଟ୍ରଙ୍କ୍—ବୈଦେ. ବି. (ଇଂ)—ଲୁହା ବା ମୋଟ ଟିଣପାତିଅର ସାଜ ହିନ୍ଦୁକ ବା ବାକସ—
Ṭraṅk Iron or tin trunk.
ট্রঙ্ক
ट्रंक

ଟ୍ରଙ୍କ୍ ରୋଡ୍—ବୈଦେ. ବି. (ଇଂ)—କଲିକତାରୁ କଟକ ଓ ପୁରୀ ବାଟେ ମାନ୍ଦ୍ରାଜକୁ ପଡ଼ିଥିବା ରାଜପଥ—
Ṭraṅk roḍ The Grand Trunk road from Calcutta
ট্রঙ্ক রোড় to Madras via Cuttack and Puri.
ट्रङ्क रोड

ଟ୍ରଲି—ବୈଦେ. ବି. (ଇଂ. ଟ୍ରଲୀ)—
Ṭrali ରେଲ ଲାଇନ୍ ପରିଦର୍ଶକ ଇଞ୍ଜିନିଅରଙ୍କ ଦ୍ୱାରା ବ୍ୟବହୃତ
ট্রলি ଠେଲା ଗାଡ଼ି—Trolly.
ट्राली

ଟ୍ରଷ୍ଟ୍ ଫଣ୍ଡ୍—ବୈଦେ. ବି. (ଇଂ)—ଯେଉଁ ଧନ ନିର୍ଦ୍ଦିଷ୍ଟ କର୍ମ ପାଇଁ
Ṭrasht-phaṇḍ କୌଣସି ବ୍ୟକ୍ତିଙ୍କ ନିକଟରେ ଗଚ୍ଛିତ ଥାଏ—
ট্রষ্টফণ্ড Trust fund.
ट्रष्टफण्ड

ଟ୍ରଷ୍ଟି—ବୈଦେ. ବି (ଇଂ)—କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଯାହାଙ୍କ
Ṭrashṭi ମାରଫତରେ କୌଣସି ଧନ ବା ସମ୍ପତ୍ତି ନ୍ୟସ୍ତ ଥାଏ;
ট্রষ্টি ମାରଫତଦାର—Trustee.
ट्रष्टि

ଟ୍ରାଙ୍ଗୁଲର ସର୍ଭେ—ବୈଦେ. ବି (ଇଂ. ଟ୍ରାଏଙ୍ଗୁଲର୍ ସର୍ଭେ)—
Ṭrāṅgulār sarbhe ଚେନ୍ ଦ୍ୱାରା ଏକ ପ୍ରକାର ଜମି ମାପ—
ট্রাঙ্গুলার সর্ভে Triangular survey.
ट्रेङ्गुलार सरभे

ଟ୍ରାଇସାଇକ(କେ)ଲ୍—ବୈଦେ ବି (ଇଂ)—ଗୋଡ଼ରେ ଚଳା ଯିବା ତିନିଚକିଆ ଗାଡ଼ି—
Ṭraisāika (ke)l
ট্রাইসাইকেল Tricycle.
ट्राईसाइकल

ଟ୍ରାନ୍ସ୍‌ଫର୍—ବୈଦେ. ବି (ଇଂ)—ବଦଳ; ସ୍ଥାନପରିବର୍ତ୍ତନ; ଏକ ସ୍କୁଲ
Ṭrānsfar ବା କାର୍ଯ୍ୟକ୍ଷେତ୍ରରୁ ସ୍ଥାନାନ୍ତରକୁ ଗମନ—
ট্রানসফর Transfer.
ट्रांसफर

ଟ୍ରାନସ୍‌ଫର୍ ସାଟି(ର୍ଟି)ଫିକ(କେ)ଟ୍—ବୈଦେ. ବି (ଇଂ.) ଟ୍ରାନସ୍‌ଫର୍ ସାର୍ଟିଫିକେଟ୍)—
Ṭrānsfar sāṭi(rṭi)phika(ke)ṭ
ট্রান্সফর সাটিফিকেট ଛାତ୍ର ଏକ ସ୍କୁଲରୁ ନାମ କଟାଇଲେ
ट्रांसफर सार्टिफिकट ସମୟରେ ତାକୁ ସ୍କୁଲର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦତ୍ତ ଲେଖ—Transfer-certificate.

ଟ୍ରାନସ୍‌ଲେଟର୍—ବୈଦେ. ବି (ଇଂ)—ଅନୁବାଦକ—
Ṭrānsleṭar Translator.
ট্রানসলেটর ट्रानसलेटर

ଟ୍ରାଫିକ୍—ବୈଦେ. ବି (ଇଂ ଟ୍ରାଫ୍‌ଫିକ୍)—୧। ଲୋକସାଧାରଣ ବା
Ṭrāphik ପଣ୍ୟଦ୍ରବ୍ୟାଦିର ଯାନାଦିରେ ଗମନାଗମନ—
ট্রাফিক 1. Traffic.
ट्राफिक ୨। ରେଲର ଯେଉଁ ବିଭାଗରେ ଯାତ୍ରୀ ଓ ପଣ୍ୟଦ୍ରବ୍ୟାଦିର ଗମନାଗମନ ବନ୍ଦୋବସ୍ତ କରାଯାଏ—
2. Traffic department of a Railway.
[ଦ୍ର—ଏହି ଶବ୍ଦ ସଙ୍ଗେ ଅନେକଗୁଡ଼ିଏ ଇଂରାଜୀ ଶବ୍ଦ ଯୁକ୍ତ ହୋଇଥିବା ଶବ୍ଦ ଉତ୍କଳ ଭାଷାରେ ଚଳେ । ଯଥା—ଟ୍ରାଫିକ୍ ଇନ୍‌ସ୍‌ପେକ୍ଟର, ଟ୍ରାଫିକ୍ ସୁପରଇଣ୍ଟେଣ୍ଡେଣ୍ଟ ।]

ଟ୍ରାଭର୍ସ୍ ସର୍ଭେ—ବୈଦେ. ବି.—(ଇଂ) କୌଣସି ଅଞ୍ଚଳର ଏକ
Ṭrābhars sarbhe ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ଯନ୍ତ୍ର ସାହାଯ୍ୟରେ
ট্রাভর্স সর্ভে କରା ଯିବା ଜମି ମାପ—
Traverse survey.

ଟ୍ରାଭ୍‌ଲିଙ୍ଗ୍—ବୈଦେ. ବି. (ଇଂ ଟ୍ରାଭେଲିଙ୍ଗ୍)—ଭ୍ରମଣ; ସରକାରୀ କାମରେ
Ṭrābh-liṅg ପରିଭ୍ରମଣ—Travelling.
ট্রাভলিঙ্গ ट्रामलिङ्ग

ଟ୍ରାଭ୍‌ଲିଙ୍ଗ୍ ଆଲାଉଆନସ୍—ବୈଦେ. ବି. (ଇଂ)—ସରକାରୀ କର୍ମଚାରୀ
Ṭrābh-liṅg ālāuāns ଅଫିସରଙ୍କୁ ମିଳିବା ଖରଚ; ସଫରଖରଚ—
ট্রাভলিঙ্গ আলাউআন্স Travelling allowance.
ट्रेमलिङ्गआलोउआनस

ଟ୍ରାଭ୍‌ଲିଙ୍ଗ୍ ଆଲାଉଆନସ୍ ବିଲ୍—ବୈଦେ. ବି. (ଇଂ)—ଯାତ୍ରା ଭତ୍ତା
Ṭrābh-liṅg ālāuāns bil କର୍ମଚାରୀଙ୍କ ସଫର ଖରଚ ପାଇଁ
କର୍ତ୍ତୃପକ୍ଷଙ୍କଠାରୁ ପଠାଇବା ବିଲ୍—
Travelling allowance bill.

ଟ୍ରାଭ୍‌ଲିଙ୍ଗ୍ ଏଜେଣ୍ଟ—ବୈଦେ. ବି (ଇଂ)—କୌଣସି ବ୍ୟବସାୟୀର
Ṭrābh-liṅg ejenṭ ପଣ୍ୟଦ୍ରବ୍ୟର ପ୍ରସାର ବଢ଼ାଇବା ପାଇଁ
ট্রাভিলিঙ্গ এজেন্ট ନିଯୁକ୍ତ ଭିନ୍ନ ଭିନ୍ନ ଅଞ୍ଚଳ ଭ୍ରମଣକାରୀ କର୍ମଚାରୀ—
ट्रामलिङ्ग एजेण्ट Travelling agent.

୧	ଇ	ଉ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍	ଉଅ	ଓ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଣ୍ୟ	ଯ	ସ	ଗଁ୍ୟ	ଇଅ	ଔ	ନ୍ତ

ଟ୍ରାମ୍—ବୈଦେ. ବ (ଇଂ)—ଲୌହ ଲାଇନ୍ ଉପରେ ଚଳନ୍ତ
Tram — ଏକପ୍ରକାର ଘୋଡ଼ାଟଣା ଗାଡ଼ି—
ट्राम. — Tram-car.
ट्रैम

ଟ୍ରାମ୍‌ଓଏ—ବୈଦେ. ବି (ଇଂ)—ଟ୍ରାମ୍ ଗାଡ଼ି ଯେଉଁ ଲୁହା
Tram-ue — ଲାଇନ୍ ଉପରେ ଚଳେ—
ট্রামওয়ে — Tram way.
ट्रैमवे

ଟ୍ରିପ୍ଲିକେଟ୍—ବୈଦେ. ବ ଓ ବିଣ (ଇଂ)—
Tripliket — ତ୍ରିଗୁଣ ବା ତ୍ରିଗୁଣାତ୍ମକ—
ট্রিপিকেট — Triplicate.
ट्रिप्लिकेट

ଟ୍ରିବ୍ୟୁଟେରି ଚିଫ୍—ବୈଦେ. ବ (ଇଂ)—
Tributeri chif — ଯେଉଁ ରାଜା ସମ୍ରାଟଙ୍କୁ ପେଶ୍‌କସ ଦିଅନ୍ତି—
Tributary chief

ଟ୍ରିବ୍ୟୁଟେରି ମହାଲ—ବୈଦେ. ବ (ଇଂ. ଟ୍ରିବ୍ୟୁଟାରି=କରଦ+
Tributeri mahala — ଫା. ମହାଲ=ରାଜ୍ୟ)—
ট্রিবুটেরী মাহাল — ଯେଉଁ ରାଜ୍ୟର ରାଜା ସମ୍ରାଟଙ୍କୁ ଟ୍ରିବ୍ୟୁଟ୍ ବା ପେଶ୍‌କସ୍ ଦିଅନ୍ତି—Tributary Mahals.

[ଦ୍ର—ଇଂରାଜମାନେ ଭାରତକୁ ଅଧିକାର କରିବା ସମୟରେ ଯେଉଁ ଯେଉଁ ରାଜ୍ୟର ରାଜାମାନେ ସରକାରଙ୍କୁ ପେଶ୍‌କସ୍ ଦେବାର ଚୁକ୍ତି କରି ଇଂରାଜଙ୍କ ସଙ୍ଗେ ସନ୍ଧି କଲେ ସେମାନଙ୍କୁ ଟ୍ରିବ୍ୟୁଟେରି ବା କରଦ ଓ ଯେଉଁମାନେ ଯୁଦ୍ଧ ସମୟରେ ଇଂରାଜଙ୍କୁ ସୈନ୍ୟାଦିଦ୍ୱାରା ସାହାଯ୍ୟ କରିବା ପାଇଁ ସନ୍ଧି କଲେ ସେମାନଙ୍କୁ ଫିଉଡେଟରି ଚିଫ୍ ବୋଲାଗଲା । ଓଡ଼ିଶାର ଗଡ଼ଜାତମାନ ପୂର୍ବେ 'ଟ୍ରିବ୍ୟୁଟେରି ମହାଲ' ନାମରେ ଡକା ଯାଉଥିଲା, ପରେ ସେମାନେ ଫିଉଡେଟରି ଷ୍ଟେଟ୍ ନାମରେ ଅଭିହିତ ହେଲେ ଓ ଏବେ ସେମାନେ ଓଡ଼ିଶା ଷ୍ଟେଟ୍ ନାମରେ ଅଭିହିତ ।]

ଟ୍ରେଇନ୍—ପ୍ରାଦେ. (ଗଡ଼ଜାତ) ବୈଦେ. (ଇଂ. ଟ୍ରେନ)—
Trein — ଟ୍ରେନ୍; ରେଳ ଗାଡ଼ି—Railway train.

ଟ୍ରେଜର୍ ଟ୍ରୋଭ—ବୈଦେ. ବ. (ଇଂ)—
Trejar trobh — ଅଜ୍ଞାତ-ସ୍ୱାମିକ ପ୍ରୋଥିତ ଧନ—
Treasure trove.

ଟ୍ରେଜରର୍—ବୈଦେ. ବ. (ଇଂ)— ଧନାଗାରର ରକ୍ଷକ—
Trejarar — Treasurer.
ট্রেজরর ट्रैजरर

ଟ୍ରେଜରି—ବୈଦେ. ବ. (ଇଂ)—
Trejari — ୧ । ଖଜଣାଖାନା; ରାଜକୀୟ ଧନାଗାର—
ট্রেজরী — 1. Treasury.
ट्रैजरी — ୨ । ଲୁହା ସିନ୍ଦୁକ—2. Iron safe.

ଟ୍ରେଜରି ଅଫିସର—ବୈଦେ. ବ. (ଇଂ)—
Trejari aphisar — ଯେଉଁ ହାକିମ କଲ୍ଲେକ୍ଟର ବା ସବ୍‌ଡିଭିଜନର ସରକାରୀ
ট্রেজরী অফিসর — ଖଜଣାଖାନାର ତତ୍ତ୍ୱ ନିଅନ୍ତି—
ट्रैजरी अफसर — Treasury officer.

ଟ୍ରେଞ୍ଚ୍—ବୈଦେ. ବ. (ଇଂ)—
Trench — ଭୂପୃଷ୍ଠରେ ଖୋଳା ଯାଇଥିବା ଲମ୍ବ ଓ ଅପ୍ରଶସ୍ତ ପଘଣୀ
ট্রেঞ্চ — Trench.
ट्रैञ्च

ଟ୍ରେଞ୍ଚିଙ୍ଗ୍ ଗ୍ରାଉଣ୍ଡ—ବୈଦେ. ବ. (ଇଂ)—
Trenching graund — ମିଉନିସିପାଲିଟି ଓ ମେହେନ୍ତରମାନଙ୍କ
ট্রেঞ্চিঙ্গ্ গ্রাউণ্ড — ଦ୍ୱାରା ସହରର ପାଇଖାନାମାନଙ୍କରୁ ନିଆ-
ट्रैञ्चिङ्ग ग्राउण्ड — ଯାଉଥିବା ମଇଳା ପୋତାଯିବା ପାଇଁ ସହରଠାରୁ କିଛିଦୂରରେ ଥିବା ନିର୍ଦ୍ଦିଷ୍ଟ ଭୂମି—Trenching ground.

ଟ୍ରେଡ୍ ଉଇଣ୍ଡ—ବୈଦେ. ବ. (ଇଂ)—ଉତ୍ତର ମେରୁ ଆଡ଼ୁ ବିଷୁବ ରେଖା
Tred uind — ଆଡ଼କୁ ବହୁଥିବା ପବନ; ବାଣିଜ୍ୟ ବାୟୁ—
ট্রেড় উইণ্ড — Trade-wind.
ट्रैड विण्ड [ଦ୍ର—ଏହି ବାୟୁ ଦ୍ୱାରା ବାଣିଜ୍ୟ ପୋତମାନଙ୍କ ଗମନରେ ସୁବିଧା ହେବାରୁ ଏହି ନାମକରଣ ହୋଇଅଛି ।]

ଟ୍ରେଡ୍ କମିସନର୍—ବୈଦେ. ବ. (ଇଂ)—କୌଣସିଦେଶର ବାଣିଜ୍ୟ
Tred kamisanar — ବ୍ୟବହାର ତତ୍ତ୍ୱାବଧାନ କରିବା ନିମନ୍ତେ କ୍ଷମତାପ୍ରାପ୍ତ ରାଜକର୍ମଚାରୀ—Trade Commissioner.

ଟ୍ରେଡ୍ ମାର୍କ—ବୈଦେ. ବ. (ଇଂ)—ଭିନ୍ନ ଭିନ୍ନ ପଣ୍ୟ ଦ୍ରବ୍ୟ ଉପରେ
Tred mark — ଚିହ୍ନିତ ଉକ୍ତ ଦ୍ରବ୍ୟର ନିର୍ମାତାଙ୍କ ଉଦ୍ଭାବିତ ବିଶିଷ୍ଟ
ট্রেড় মার্ক, ट्रैडमार्क — ଚିହ୍ନ—Trade mark.
[ଦ୍ର—ଏ ଚିହ୍ନ ଅନ୍ୟ କୌଣସି ବ୍ୟକ୍ତି ଅନ୍ୟ କୌଣସି ପଣ୍ୟ ଦ୍ରବ୍ୟ ଉପରେ ମାରି ପାରିବେ ନାହିଁ ବୋଲି ଏହା ସରକାରଙ୍କଠାରେ ଆଇନ ଅନୁସାରେ ରେଜିଷ୍ଟ୍ରି କରାଯାଏ ।]

ଟ୍ରେଣ୍ଡ୍—ବୈଦେ. ବି. (ଇଂ. ଟ୍ରେନ୍‌ଡ୍)—
Trend — କୌଣସି ବିଶିଷ୍ଟ କାର୍ଯ୍ୟର ପରିଚାଳନା ନିମନ୍ତେ ଶିକ୍ଷା
(ଯଥା—ଟ୍ରେଣ୍ଡ ଗୁରୁ) — ପ୍ରାପ୍ତ—Trained.

ଟ୍ରେନ୍—ବୈଦେ. ବ. (ଇଂ)—ରେଲଗାଡ଼ି—
Tren — Train.

ଟ୍ରେନିଙ୍ଗ୍—ବୈଦେ. ବ. (ଇଂ)—କୌଣସି ବିଷୟରେ ଯୋଗ୍ୟ ହେବା
Trening — ନିମନ୍ତେ ପାଇବା ଶିକ୍ଷା— Training.
ট্রেনিঙ্গ [ଦ୍ର—ଏହି ଇଂରେଜି ଶବ୍ଦ ସଙ୍ଗେ କ୍ଲାସ୍, ସ୍କୁଲ୍,
ट्रैनिङ्ग — କଲେଜ ଆଦି ଶବ୍ଦ ଓ ପୂର୍ବରେ ଗୁରୁ, ପଣ୍ଡିତ, ଏଟ୍ରିକଲିଭି, ଫରେଷ୍ଟ, କନଷ୍ଟବଲ, ପୁଲିସ ଆଦି ଶବ୍ଦ ଲାଗେ ।]

ଟ୍ରେନିଙ୍ଗ୍ କଲେଜ—ବୈଦେ. ବ. (ଇଂ)—
Trening kalej — ଉଚ୍ଚ ଶ୍ରେଣୀର ଟ୍ରେନିଙ୍ଗ ସ୍କୁଲ—
ট্রেনিঙ্গ কলেজ — Training college.
ट्रैनिंग कालेज

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାନ୍ୟ ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କ୍ଷୁଅ' ନ ମିଳିଲେ 'ଖୁଅ' ଦେଖିବେ; 'ବଂଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ ।

ଟ୍ରେନିଙ୍ଗ୍ ସ୍କୁଲ୍—ବୈଦେ. ବି. (ଇଂ)—ଯେଉଁ ବିଦ୍ୟାଳୟରେ ଉଚ୍ଚ ଉଚ୍ଚ
Treniṅg skul — କର୍ମ ପାଇଁ ଯୋଗ୍ୟ ହେବା ନିମନ୍ତେ ଶିକ୍ଷାର୍ଥୀ-
ट्रेनिङ्ग स्कूल — ମାନଙ୍କୁ ତାଲିମ କରାଯାଏ—
ट्रेनिंग स्कूल — Training school.
(ଯଥା—ଯେଉଁ କର୍ମ ପାଇଁ ଟ୍ରେନିଙ୍ଗ୍ ଦିଆଯାଏ ସେହି ସେହି ନାମ ଏହି ଶବ୍ଦଦ୍ୱୟର ପୂର୍ବରେ ଲାଗେ । ଯଥା—ଗୁରୁ ଟ୍ରେନିଙ୍ଗ୍ ସ୍କୁଲ୍, ପୁଲିସ ଟ୍ରେନିଙ୍ଗ୍ ସ୍କୁଲ୍, ଡାକ୍ତର ଟ୍ରେନିଙ୍ଗ୍ ସ୍କୁଲ୍ ।)

ଟ୍ରେସ୍—ବୈଦେ. ବି. (ଇଂ)—ଅସଲ ନକ୍ସାରୁ ଟ୍ରେସିଙ୍ଗ୍ କାଗଜ ବା
Tres — ଟ୍ରେସିଙ୍ଗ୍ କ୍ଲଥ୍ ସାହାଯ୍ୟରେ ଅଙ୍କିତ ନକ୍ସା—
ट्रेस — A trace (map).
ट्रेस

ଟ୍ରେସ୍‌ପାସ୍—ବୈଦେ. ବି. (ଇଂ. ଟ୍ରେସ୍‌ପାସ୍) (ଇଂରେଜୀ ଶବ୍ଦ)—
Trespās — ପରର ସ୍ଥାନରେ ଅନଧିକାର ପ୍ରବେଶ—
ट्रेसपास — Tresspass.
ट्रेसपास

ଟ୍ରେସ୍‌ପାସର୍—ବୈଦେ. ବି. (ଇଂ. ଟ୍ରେସ୍‌ପାସର୍) (ଇଂରେଜୀ ଶବ୍ଦ)—
Trespasar — ପରର ସ୍ଥାନ ବା ଗୃହରେ ଅନଧିକାର ପ୍ରବେଶକାରୀ—
ट्रेसपासर — Tresspasser.
ट्रेसपासर

ଟ୍ରେସିଙ୍ଗ୍—ବୈଦେ. ବି. (ଇଂ)—ଅସଲ ନକସା ଉପରେ ଟ୍ରେସିଙ୍ଗ୍ କ୍ଲଥ୍
Tresiṅg — ବା ଟ୍ରେସିଙ୍ଗ୍ କାଗଜ ପକାଇ ତଦ୍ରୂପ ଅଙ୍କନ କରିବା—
ट्रेसिङ्ग — Tracing.
ट्रेसिङ्ग

ଟ୍ରେସିଙ୍ଗ୍ କ୍ଲଥ୍—ବୈଦେ. ବି. (ଇଂ)—ଯେଉଁ ମହମଲଗା ସ୍ୱଚ୍ଛ ଲୁଗାକୁ
Tresiṅg klath — ରଖିଥିବା ଅନ୍ୟ କାଗଜ ଉପରେ ରଖି ତହିଁ
ट्रेसिङ्ग क्लथ — ଅବିକଳ ଅକ୍ଷର ଅଙ୍କିତ କରାଯାଇ ପାରେ—
ट्रेसिङ्ग कलाथ — Tracing cloth.

ଟ୍ରେସିଙ୍ଗ୍ ପେପର୍—ବୈଦେ. ବି. (ଇଂ)—ଯେଉଁ ମହମଲଗା ସ୍ୱଚ୍ଛ କାଗଜ
Tresiṅg pepar — ଦ୍ୱାରା ଅନ୍ୟ କାଗଜରେ ଥିବା ଚିତ୍ର ଅବିକଳ
ट्रेसिङ्ग पेपर — ଅବିକଳ ଉତାରି ନିଆଯାଇ ପାରେ—
ट्रेसिङ्ग पेपर — Tracing paper.
(ଟ୍ରେସିଙ୍ଗ୍ କାଗଜ—ଅନ୍ୟରୂପ)
[ଦ୍ର—ଏହି ଟ୍ରେସିଙ୍ଗ୍ ପେପର୍ ବା ଟ୍ରେସିଙ୍ଗ୍ କ୍ଲଥ୍‌ରେ ମହମ ମଡ଼ା ହୋଇଥିବାରୁ ଏହା ସ୍ୱଚ୍ଛ ଅଟେ; ଏଥିପାଇଁ ଏହା ତଳେ କୌଣସି ଚିତ୍ରାଙ୍କିତ ବା ଲେଖା ହୋଇଥିବା କାଗଜ ରଖିଲେ ତଳ କାଗଜର ଚିତ୍ର ବା ଲେଖା ସ୍ପଷ୍ଟ ଉପରକୁ ଦେଖାଯାଏ ଓ ସେହି ରେଖାମାନଙ୍କୁ ନଜର କରି ପେନ୍‌ସିଲ ବା କଲମରେ ଟାଣି ଅବିକଳ ଟ୍ରେସିଙ୍ଗ୍ ପେପର୍ ବା ଟ୍ରେସିଙ୍ଗ୍ କ୍ଲଥ୍‌ରେ ଅବିକଳ ଉଠିଯାଏ ।] .

ଠ

ଠ—ବ୍ୟଞ୍ଜନ ବର୍ଣ୍ଣର ଦ୍ୱାଦଶ ବର୍ଣ୍ଣ; ଟ ବର୍ଗର ଦ୍ୱିତୀୟ ବର୍ଣ୍ଣ; ଏହାର ଉଚ୍ଚାରଣ
Ṭha — ସ୍ଥାନ ମୂର୍ଦ୍ଧା—The twelfth consonant. Its sound is produced from the head (cerebral). This letter is not represented by any single letter in the English alphabet, but resembles the sound of 'ṭ' followed immediately by the sound 'h' as in 'pent-house'. Generally the oria letter 'ଠ' is rendered into English by writing 'th' with some distinguishing mark or dot to differentiate it from the English pronunciation of th, as in 'path' and of th as in 'the'. Thus the word ଠାକୁର is transliterated in English as Ṭhākura.

ସଂ. ବି—୧ । ଶିବ—1. Siba.
୨ । ମହାଧ୍ୱନି—2. A great sound.
୩ । ଚନ୍ଦ୍ରମଣ୍ଡଳ—3. Moon's disc.
୪ । ଶୂନ୍ୟ—4. The void; the space.
ଠ ପରି ନଗର ବସେ, ଠିକେ କରନ୍ତି ଘୋଷେ ।
କବିସୂର୍ଯ୍ୟ. ରତ୍ନାକର ଚଉ. ଠ. ଗୀତ ।

ବିଶ—ଇନ୍ଦ୍ରିୟଗୋଚର—
Perceptible by the senses.

ଦେ. ବି—ଶୂନ; ଶୂନ୍ୟ ସଂଖ୍ୟା—Zero.
(ଯଥା—ସେ ପରୀକ୍ଷାରେ ଠ ଟିଏ ପାଇଅଛି ।)

ଠଅ—ଦେ. ବିଶ—ଶୂନ୍ୟାକାର; ପୂର୍ଣ୍ଣବୃତ୍ତାକୃତି—
Ṭhaa — Zero-like; circular.
ଠଅ ହୋଇଣ ମଣ୍ଡଳ ଗୋଟିଏ । ପ୍ରାଚୀ. ପରତେ ଗୀତା ।
ବି—ଶୂନ୍ୟସଂଖ୍ୟା—Zero.

ଠଉଁ—ଦେ. ଅ. (ପଞ୍ଚମୀ ବିଭକ୍ତିସୂଚକ ପ୍ରତ୍ୟୟବିଶେଷ; ଅନ୍ୟ ଶବ୍ଦ
Ṭhaun̐ — ସଙ୍ଗେ ବ୍ୟବହୃତ)—୧ । ରୁ; ଠାରୁ—
थेके — 1. From.
से — (ଯଥା—କଟକ ଠଉଁ ପୁରୀ ୫୬ ମାଇଲ ।)
୨ । ଅପେକ୍ଷା—2. Than.
(ଯଥା—ସେ ମୋ ଠଉଁ ୫ବର୍ଷ ବଡ଼ ।)

ଠଉର—ଦେ. ବି. (ସଂ. ସ୍ଥିର)—୧ । ସ୍ଥିରତା—
Ṭhaura — 1. Certainty.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଇଯୃ	ଉଥ	ଝ
୨	ଈ	ଊ	ଋ	ଌ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗଁ୍ୟ	ଇଥ	ଞ	ନୃ

ঠাউর; ঠাঁঅর; ঠাহর ୨ । ଠାବ; ଦୃଢ଼ ଅବସ୍ଥିତ—
ठौर, ठवर 2. Firm footing; stability.
(ଯଥା—ଶିଉଳରେ ଗୋଡ଼ର ଠଉର ହେଲା ନାହିଁ ।)
୩ । ଇନ୍ଦ୍ରିୟଗୋଚର; ଅନୁଭବ—
3. Perception; ken.
(ଯଥା—କୁହୁଡ଼ି ହେତୁ ବାଟର ଠଉର ହେଲା ନାହିଁ ।)
୪ । ନିଶ୍ଚୟାତ୍ମକ ଜ୍ଞାନ; ଠିକଣା—4. Knowing; ascertainment; certain knowledge; positive assurance.
୫ । ଅନୁମାନ—5. Guess.
(ଯଥା—ମୁଁ ତା କଥାରେ କିଛି ଠଉର ପାଇଲି ନାହିଁ ।)
ବିଣ—୧ । ସ୍ଥିର; ଦୃଢ଼ସ୍ଥାୟୀ—1. Stable, firm;
୨ । ସ୍ଥିରୀକୃତ—2. Ascertained.
୩ । ଇନ୍ଦ୍ରିୟଦ୍ୱାରା ଅନୁଭୂତ—
3. Perceived by the senses.
୪ । ଅନୁମିତ—4. Guessed.

ଠଉର କରିବା—ଦେ. କ୍ରି. (ସଂ. ସ୍ଥିର)—୧ । ଠିକଣା କରିବା—
Ṭhaura kariba 1. To ascertain.
ঠাওর করা ୨ । ଅନୁମାନ କରିବା—2. To guess.
ठौर करना

ଠଉର ଠିକଣା—ଦେ. ବି—୧ । ସୁବନ୍ଦୋବସ୍ତ—
Ṭhaura ṭhikaṇa 1. Good arrangement.
ঠাওর ঠিকানা ୨ । କୌଣସି ବ୍ୟକ୍ତି ବା ବସ୍ତୁର ପତ୍ତା—
ठौर ठिकाना 2. Address or whereabouts of a person or thing.

ଠଉର ପଡ଼ିବା—ଦେ. କ୍ରି—ଠଉରିବା (ଦେଖ)
Ṭhaura parḍiba Ṭhauriba (See)

ଠଉର ହେବା—ଦେ. କ୍ରି—ଠଉରିବା (ଦେଖ)
Ṭhaura heba Ṭhauriba (See)

ଠଉରା(ରେ)ଇବା—ଦେ. କ୍ରି. (ସଂ. ସ୍ଥିର)—୧ । ଅନୁସନ୍ଧାନ ପୂର୍ବକ
Ṭhaurā(re)iba ସ୍ଥିର କରିବା—1. To ascertain after
ঠাওরান enquiry or search.
ठौराना ଠଉରାଇ ଅବସର କଲେ ତୁ ପ୍ରସଙ୍ଗ ମୋର ।
କବିସୂର୍ଯ୍ୟ. କଳୋପଚନ୍ଦ୍ର ୦. ଗୀତ ।
୨ । ଅନୁମାନ କରିବା—
2. To guess; to infer; to conjecture.
ଠଣା କର ପ୍ରେମପଥ କଲବଣା ଠଉରାଇଲ ଯା ନାହିଁ ।
ଗୋପେଜ. ଉପେନ୍ଦ୍ରଭଞ୍ଜ ।
୩ । ଖୋଜିବା; ଖୋଜିବା; ଅନ୍ଧାରରେ ଖୋଜାଳିବା—
3. To seek; to search; to feel in the dark.
୪ । କଳ୍ପନାଦ୍ୱାରା ସ୍ଥିର କରିବା ବା ଭାବିବା—
4. To imagine.

ଠଉରଲିବ କେ ତୋ ବହୁମ ଘଣି । କବିସୂର୍ଯ୍ୟ. କବିତାକଲ୍ଲୋଳ ।
୫ । ଇନ୍ଦ୍ରିୟ ଗୋଚରକୁ ଆଣିବା; ଇନ୍ଦ୍ରିୟ ଦ୍ୱାରା ଅନୁଭବ କରିବା— 5. To perceive; to feel; to find.

ଠଉରିବା—ଦେ. କ୍ରି. (ସଂ. ସ୍ଥିର)—୧ । ସ୍ଥିର ହେବା; ସ୍ଥିର ବା ଦୃଢ଼-
Ṭhauriba ଭାବରେ ରହିବା—1. To remain fixed; to
ঠাউরা remain undisturbed; to become settled.
ठहरना ବ କାଳ ବ ବାଉଶୀଳ, ବ ଭୁଲବଇଡ ଫଳ
ଠଉର ପାଇଲା ମୋ ମନରେ । କବିସୂର୍ଯ୍ୟ. କଳୋପଚନ୍ଦ୍ର କ. ଗୀତ ।
୨ । ସ୍ଥିରୀକୃତ ହେବା; ସିଦ୍ଧାନ୍ତ ହେବା—
2. To be adjudged; to be determined.
୩ । ଠାକିବା; ବଞ୍ଚିବା—3. To live; to subsist.
ଠଉରବ ନାହିଁ ବୋଲି ଠଉର କରଗ ପାଇଣ ମଦନ ପଳାଏ ରଚେ ଛଇଳ ।
କବିସୂର୍ଯ୍ୟ ଚ଼ମ୍ପୁ ଗୀତ
୪ । ଅପେକ୍ଷା କରିବା—4. To wait.
ଠଉରବ ନାହିଁ ବୋଲି ଠଉର କରଗ ପାଇଣ ମଦନ ପଳାଏ ରଚେ ଛଇଳ ।
କବିସୂର୍ଯ୍ୟ. ଚମ୍ପୁ ଗୀତ ।
୫ । ଅନୁମିତ ହେବା—
5. To be guessed or inferred.
୬ । ସହ୍ୟ କରିବା; ସହିବା—
6. To bear up; to endure.
୭ । ଭାର ସମ୍ଭାଳିବା—7. To sustain.
୮ । ଠଉରାଇବା (ଦେଖ)—8. Ṭhauraiba (See)

ଠଂ—ଦେ. (ଧ୍ୱନ୍ୟନୁକରଣ)—ଅ.—ଧାତୁମୟ ଦ୍ରବ୍ୟ ସଙ୍ଗେ କୌଣସି
Ṭham କଠିନ ପଦାର୍ଥ ବାଜିଲେ ଯେଉଁ ଶବ୍ଦ ଜାତ ହୁଏ; ଠଂ—
ঠং Sound of a metallic vessel struck by a hard substance; clanking sound.
ପ୍ରାଦେ. (ସମ୍ବଲପୁର) ଅ.—ଠଙ୍ଗ୍ (ଦେଖ)
Ṭhang (See)

ଠଂ ଠଂ—ଦେ. (ଧ୍ୱନ୍ୟନୁକରଣ) ଅ. (ବହୁବଚନ)—ଠଂ (ଦେଖ)
Ṭham ṭham Ṭham (See)

ଠକ୍—ଦେ. (ଧ୍ୱନ୍ୟନୁକରଣ) ଅ.—(ସଂ. ସ୍ତୁକ୍; ଷ୍ଟକ୍ ଧାତୁ=ପ୍ରତିଘାତ)
Ṭhak କାଠ ଅବା କୌଣସି ଦୃଢ଼ ବସ୍ତୁରେ ଅନ୍ୟ ଦୃଢ଼ ବସ୍ତୁ ଥରେ
ঠক বାଜିବାର ଶବ୍ଦ; ଧାତବ ପଦାର୍ଥ ଛଡ଼ା ଅନ୍ୟ କଠିନ ବସ୍ତୁ-
ठक ଦ୍ୱୟର ଥରେ ପ୍ରତିଘାତଜନିତ ଶବ୍ଦ—Clattering sound of two hard things (except metal) striking against each other; click.
(ଯଥା—ଦୁଇଖଣ୍ଡ କାଠର ପରସ୍ପର ସହିତ ଥରେ ଅଘାତଜନିତ ଶବ୍ଦ ।)

ଠକ୍ କରି—ଦେ. ଅ.—୧ । ହଠାତ୍—
Ṭhak kari 1. Suddenly.
टक करे ପାପିଷ୍ଠାର ଧନ ପାଣି ପରି ବହି ଯାଇଛି,
झट ଏବେ ଜାଣ ଠକ୍ କରି ଛକ୍ରୁ ପଡ଼ିବ । ଫକୀରମୋହନ. ଗଳ୍ପସ୍ୱଳ୍ପ ।
(ଠକ୍‌କିନା, ଠକ୍‌କନ, ଠକ୍‌କର, ଠକ୍‌ଦିସ୍—ଅନ୍ୟରୂପ)

ଠକ୍ ଠକ୍—ଦେ. ଅ. ବହୁବଚନ (ସଂ.ସ୍ତୁକ୍, ସ୍ଥୁକ୍ ଧାତୁ=ପ୍ରତିଘାତ)—
Ṭhak ṭhak ୧ । କାଷ୍ଠାଦି ଦୃଢ଼ ବସ୍ତୁରେ ଅନ୍ୟ ଦୃଢ଼ ବସ୍ତୁର
ठक ठक ଏକାଧିକ ଥର ବାଜିବାର ଶବ୍ଦ; ଧାତବ ପଦାର୍ଥ ଛଡ଼ା
ठक ठक ଅନ୍ୟ କଠିନ ବସ୍ତୁଦ୍ୱୟର ଏକାଧିକ ଥର ଘାତପ୍ରତିଘାତ-
ଜନିତ ଶବ୍ଦ—1. Rattling sound; repeated tapping or rapping sound.
(ଯଥା—କାଠହଣା ଚଢ଼େଇ ଗଛରେ ଠକ୍ ଠକ କରୁଛି; ଦାନ୍ତ ଶୀତରେ ଠକ୍ ଠକ୍ ବାଜୁଛି ।)
୨ । ଖାଦ୍ୟାଭାବରୁ ଦୁର୍ବଳ ହୋଇ ଛଟ୍ ପଟ୍ ହେବା—
2. Starving.
(ଯଥା—ଦୁର୍ଭିକ୍ଷ ଯୋଗୁଁ ତା ପିଲାମାନେ ଠକ୍ ଠକ୍ ହୋଇ ମଲେ ।)
୩ । ବିଶେଷ ପରିମାଣରେ; ଟୋପା ଟୋପା ହୋଇ; ଥପ୍‌ଥପ୍—
3. Repeatedly; in copious drops.
(ଯଥା—ତା, ଅଶ୍ରୁରୁ ଠକ୍ ଠକ୍ ଲୁହ ଗଡ଼ି ପଡ଼ିଲା ।)
୪ । ପ୍ରତି ମୁହୂର୍ତ୍ତରେ; ବାରମ୍ବାର—
4. Repeatedly; in every moment.
(ଯଥା—ମୋ ବାଆଁ ଆଖି ଠକ୍ ଠକ୍ ନାଚୁଛି ।)
କ୍ରି. ବିଣ.—ଠକ ଠକ ଶବ୍ଦ କରି—
1. Making a clicking sound.
(ଯଥା—ସେ କଠୋଉ ମାଡ଼ି ଠକ୍ ଠକ୍ ଚାଲି ଯାଉଛି ।)
୨ । ଅତି ଦ୍ରୁତଗତିରେ ନୁହେଁ ବା ଅତି ଧୀର ଗତିରେ ନୁହେଁ ଏପରି ଚାଲିବା ପ୍ରକାରେ—
2. In a stalking manner (neither rapidly nor slowly).
(ଯଥା—ଦେଢ଼ ବରଷର ପିଲା ଆମ ଜଗବନ୍ଧୁ ଠକ୍ ଠକ୍ ଚାଲିଲାଣି ।)
ଦେ. ବିଣ.—୧ । ବିରକ୍ତ; କୌଣସି ବ୍ୟକ୍ତି ଉପରେ ବିରକ୍ତି ଭାବ ମୁଖରେ ପ୍ରକାଶ କରୁଥିବା—
1. Giving vent to annoyance by words
(ଯଥା—ବଡ଼ ଯାଆ ସବୁବେଳେ ସାନ ଯାଆ ଉପରେ ଠକ୍ ଠକ୍ ହେଉଛି ।)
୨ । ଶୁଷ୍କ; ନୀରସ (ସ୍ଥାନ)—2. Dried up.
(ଯଥା—ମଙ୍ଗୁଳିରେ ଧାନ ବିଲ ସାରା ଠକ୍ ଠକ୍ ହୋଇ ଗଲାଣି ।)
୩ । ଅଭୁକ୍ତ; ଉପବାସ ଜର୍ଜରିତ; ଛଟ ପଟ; ପାଟୁ ପାଟୁ—
3. Starving; fasting.
(ଯଥା—ଠକ୍ ଠକ୍ ମଦନ-ଗୋପାଳ ।)
୪ । ଚଞ୍ଚଳ ଚାଲୁଥିବା—4. Walking briskly.
(ଯଥା—ଆମ ସାଥିମାନଙ୍କର ଠକ୍ ଠକ୍ ଚାଲି ସଙ୍ଗେ ମୁଁ ଚାଲି ପାରିବି ନାହିଁ ।)

ଦେ. ବି.—୧ । ବାରଂବାର ଦୁଇ ଜଣଙ୍କର କଳି ଝଗଡ଼ା—
1. Constant quarrelling between two persons; bickerings.
୨ । ବାରଂବାର କୌଣସି ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ—
2. Giving vent to one's displeasure repeatedly.
(ଯଥା—ମୁଁ ସେ ଘରେ ଏତେ ଠକ୍ ଠକ୍ ସହି ରହି ପାରିବି ନାହିଁ ।)

ଠକ୍ ଠକ୍ ଠକସା—ଦେ. ବିଣ.—ଯେ ଠକ୍ ଠକ୍ ହୋଇ ଗତି କରେ—
Ṭhak ṭhak ṭhakasā Making a rattling sound during movement.
ଠକ ଠକ ଠକସା, ୩ ମୁଣ୍ଡ ୧୦ ଗୋଡ଼ କହିଦେଲୁଁ ମଜସା ।
ପ୍ରହେଳିକା ।
(ଏଥିର ଉତ୍ତର—ହଳ ବୁଲାଉ ଥିବା ଦୁଇଟି ବଳଦ ଓ ଗୋଟିଏ ମନୁଷ୍ୟ ।)

ଠକ୍ ଠକ୍ ମଦନଗୋପାଳ—ଦେ. ବି.—ଖାଇବାକୁ ପାଉ ନ ଥିବା
Ṭhak ṭhak madanagopāla ଗରିବ ଲୋକ—
A famishing poor person.

ଠକ୍ ଠକ୍ ହୋଇ ଚାଲିବା—ଦେ. କ୍ରି—ଚଞ୍ଚଳ ଚଞ୍ଚଳ ପଦକ୍ଷେପ
Ṭhak-ṭhak hoi chāliba କରି ଚାଲିବା—
To stalk; to walk briskly.
(ଯଥା—ଶିଶୁଟି ଏବେ ଠକ୍ ଠକ୍ ହୋଇ ଚାଲିଲାଣି ।)

ଠକ୍ଠକି—ଦେ. ବି—୧ । ବିପଦ; ଉତ୍ପାତ—
Ṭhakṭhaki 1. Calamity; hardship.
୨ । ସଙ୍କଟ; କଠିନ ବ୍ୟାପାର; ବିଷମ ସମସ୍ୟା—
2 Crisis; dilemma; difficulty.
୩ । ଠକ୍ଠକି ତନ୍ତ (ଦେଖ)—
3. Ṭhak-ṭhaki tanta (See).
ବିଣ—ଯାହା ଠକ୍ ଠକ୍ ଶବ୍ଦ କରେ—
Producing a clicking or clapping sound.

ଠକ୍ଠକିଆ—ଦେ. ବିଣ— ଯେଉଁ ମାଟି ଶୁଖି ଯାଇଥିବାରୁ ହଳ ବୁଲାହେବା
Ṭhak-ṭhakiā ସମୟରେ ତହିଁ ମଧ୍ୟକୁ ଲଙ୍ଗଳ ଲୁହା ପ୍ରବେଶ ନ କରି ଉପରେ ଉପରେ ଡେଇଁ ଡେଇଁ (ଠକଠକ ହୋଇ) ଚାଲିଯାଏ; ଅତ୍ୟନ୍ତ ଶୁଷ୍କ ଓ ଟାଣୁଆ ଭୂମି—
Dry (land).

ଠକ୍ଠକି ତନ୍ତ—ଦେ. ବି— ଯେଉଁ ତନ୍ତ ଚଳାଇବା ସମୟରେ
Ṭhak-ṭhaki tanta ଠକ୍ ଠକ୍ ଶବ୍ଦ ହୁଏ—
ठकठकी तान्त Fly-shuttle loom.
ठकठकि ताँत

ଠକ୍ଠାକ୍—ଦେ. ଅ—୧ । ତତ୍‌କ୍ଷଣାତ; ହଠାତ୍;—
Ṭhak-ṭhāk 1. At once; in no time.
(ଯଥା—ମୋତେ ମୋର ପ୍ରାପ୍ୟ ଦେବାର ହେଲେ ଠକ୍ଠାକ୍ ଦେଇଦିଅ ।) ୨ । ନଗଦ; ରୋକ୍ ସୋକ୍—2. In cash.

୧	ଈ	ଊ	ୠ,ୡ	ଌ	ଐ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଙ୍କ	ଉଃ	ଉଃ	ଋ
୨	ଈ	ଊ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଙ୍ଗ	ଇଅ	ଢ଼	ନ୍

ଠକ—ଦେ. ବିଣ (ସଂ. ସ୍ଥଗ=ଧୂର୍ତ୍ତ; ସ୍ଥଗ୍ ବା ଷ୍ଠଗ୍ ଧାତୁ=ଗୋପନ)—
Ṭhaka — ୧ । ଠଗ; ପ୍ରତାରକ; ପ୍ରବଞ୍ଚକ—
(ଠକୁଣୀ—ସ୍ତ୍ରୀ) — 1. Cheating; swindling; fraudulent; roguish; deceiving.
ठक, ठग
ठग

ଠକ ମୁଁ ବୋଲେ ମାନସେ—କବିସୂର୍ଯ୍ୟ ଉତ୍କଳର ଦଣ୍ଡ ଠ ଗୀତ।

୨ । ଛଳକାରକ; କପଟୀ—
2. Hypocritical;

୩ । ଛଳମୟ; ପ୍ରତାରଣାପୂର୍ଣ୍ଣ—
3. Full of deceit; deceitful.

୪ । ନିଷ୍ଠୁର—4. Cruel.

୫ । ଖଳ—5. Wicked.

୬ । ଚତୁର—6. Sly: clever;

ଅରେ ଠିକହାସୀ, ଠକପଣ ପୁଣ ବହୁ ଥାଏ ମିଶି ।
କବିସୂର୍ଯ୍ୟ. ସଙ୍ଗୀତ ।

ବି—୧ । ପ୍ରତାରକ ବ୍ୟକ୍ତି; ଧୂର୍ତ୍ତ ବ୍ୟକ୍ତି—
1. A sharper; a rogue; swindler; cheat.

୨ । ରାଜପଥର ଦସ୍ୟୁ—
2. Highway robber; thug.

[ଦ୍ର—ଏମାନେ ପୂର୍ବେ ଭାରତର ରାଜପଥ ମାନଙ୍କରେ ଅତ୍ୟଧିକ ଅତ୍ୟାଚାର କରୁଥିଲେ; ମନୁଷ୍ୟଙ୍କୁ ଓ ବିଶେଷତଃ ବାଟୋଇମାନଙ୍କୁ ବିଷ ଦେଇ ବା ତଣ୍ଟି ଚିପି ମାରି ଧନ ଅପହରଣ କରୁଥିଲେ । ଇଂରାଜମାନେ ସେମାନଙ୍କୁ ଦମନ କଲେ ।]

୩ । ନରହନ୍ତା—3. A cut-throat.

ଠକର (ଇତ୍ୟାଦି)—ଦେ. ବି—ଠୋକର ଇତ୍ୟାଦି (ଦେଖ)
Ṭhakara (etc) — Ṭhokara etc (See).

ଠକର ଖାଇବା—ଦେ. କ୍ରି—ଠୋକର ଖାଇବା (ଦେଖ)
Ṭhakara khāibā — Ṭhokara khāibā (See).

ଠକର ଠକର—ଦେ (ଧ୍ୱନ୍ୟନୁକରଣ) ଅ—ଠକ୍ ଠକ୍ (ଦେଖ)
Ṭhakara ṭhakara — Ṭhak ṭhak (See).

ଠକରା—ପ୍ରାଦେ (ଗଡ଼ଜାତ) ବି—(ଧ୍ୱନ୍ୟନୁକରଣ)—
Ṭhakarā — ବଣ ନିକଟସ୍ଥ ଭୂମିରେ ଫସଲ ଜଗିବା ଲୋକଙ୍କ ଦ୍ୱାରା ବନ୍ୟ ଜନ୍ତୁଙ୍କୁ ଘଉଡ଼ାଇବା ପାଇଁ ଭାଡ଼ି ଉପରେ ଠକ ଠକ ବଜାଯିବା ବାଉଁଶର ଏକପ୍ରକାର ବାଦ୍ୟ ଯନ୍ତ୍ର—
A contrivance of bamboo which is sounded with 2 sticks and produces clicking sounds to scare away wild animals from the fields in the night.

[ଦ୍ର—ଦୁଇଅଡ଼େ ଗଣ୍ଠି ଥିବା ଏକଖଣ୍ଡ ମୋଟ ବାଉଁଶରେ ଅଙ୍ଗୁଳି ଚଉଡ଼ାରେ ଗୋଟିଏ ଲମ୍ବା ଛିଦ୍ର କରି ତାହାର ଦାଢ଼ରେ ଦୁଇଖଣ୍ଡ କାଠି ବାଡ଼େଇଲେ ଉଚ୍ଚ ଶବ୍ଦ ହୁଏ ।]

ଠକା—ଦେ. ବି. (ସଂ. ସ୍ଥଗ୍ ଧାତୁ)—ଠକେଇ; ଠକିବା କର୍ମ—
Ṭhakā — Cheating; deception.
ठकान — ପ୍ରାଦେ. (ସମ୍ବଲପୁର) ବିଣ—୧ । ଠିକ୍—
ठगाइ — 1. Correct; right.

୨ । ଅସଲ; ଖାଣ୍ଟି—2. Genuine; original.

କ୍ରି. ବିଣ—ଠିକ୍‌ରୂପେ; ଅଚ୍ଛା—Well; correctly.
(ଯଥା—ତୁ ଠକା କହିଲୁ=ତୁ ଠିକ୍ କହିଲୁ ।)

ଠକା(କେ)ଇ—ଦେ. ବି. (ସଂ. ସ୍ଥକ୍ ଧାତୁ)—ପ୍ରବଞ୍ଚନା; ପ୍ରତାରଣା—
Ṭhakā(ke)i — Deception; cheating; fraud; roguery.
ठकामि
ठगाइ

ଠକା(କେ)ଇବା—ଦେ. କ୍ରି. (ସ୍ଥଗ୍ ଧାତୁ=ଗୋପନ)—
Ṭhakā(ke)ibā — ୧ । ପ୍ରତାରଣା କରିବା; ଭଣ୍ଡିବା—
ठकान — 1. To cheat; to swindle; to deceive; to
ठगाना — delude; to practise deception.

୨ । କୌଣସି କାର୍ଯ୍ୟକୁ ଉପରଠାଉରିଆ କରି ସମ୍ପନ୍ନ କରିବା—2. To finish a work any how.

୩ । (କୋଲପ ବା ତାଲାକୁ) ବନ୍ଦ ନ କରି ବନ୍ଦ ହେବାଭଳି ଅଟକାଇ ରଖିଦେବା—3. To leave a padlock unlocked but in a position appearing to an onlooker as if it were locked.

୪ । (କୌଣସି ବ୍ୟକ୍ତିକୁ) କୌଣସି ସ୍ଥାନରେ ବା ଚାକିରିରେ ଅସ୍ଥାୟୀଭାବରେ (ଅର୍ଥାତ୍ ଆପାତତଃ ଚଳିବାପାଇଁ) ରଖାଇବା—4. To place man temporarily in a post for the present.

ଠକାଠକ୍—ଦେ. ଅ—୧ । ସଂସାରରେ ଅଚଳ ଅବସ୍ଥା—
Ṭhakāṭhak — 1. Very poor and destitute condition.
(ଯଥା—ତା କଥା ଠକାଠକ୍ ।).

୩ । ଆସନ୍ନମୃତ୍ୟୁ ସମୟ—
3. Time of impending death.

ଠକାଠକି—ଦେ. ବି—୧ । ଭଣ୍ଡାଭଣ୍ଡି; ଭଣ୍ଡାଇବା—
Ṭhakāṭhaki — 1. Deception.
ठगाठगि — ୨ । ପରସ୍ପର ପ୍ରତାରଣା—
ठगाठगि — 2. Mutual deception or cheating.

ଠକାମି—ଦେ. ବି. (ସଂ. ସ୍ଥଗ)—ଠକାଇ (ଦେଖ)
Ṭhakāmi — Ṭhakāi (See)

ଠକାର—ଦେ. ବି—୧ । ଠାରଠୁର; ସଙ୍କେତ—
Ṭhakāra — 1. Dumb significant signs; gesture.
ठार — ୨ । ଠକପଣ; ଠକାମି—2. Roguery.
इशारा
ठकामी

ଠକାର ପର ଠକାର ପରହର ନପାରୁ ନଷ୍ଟେ ।
ଭକ୍ତ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।

ସାଧାରଣ ଲୋକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, କୃଥ ନ ମିଳିଲେ 'କୃଥ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; ଅଙ୍ଗା ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବଢ଼' ନ ପାଇଲେ 'ଅଲ୍‌ବଢ଼' ଦେଖିବେ ।

ଠଗାଇ ୩ । କପଟ; ଛଳ—3. Deceit; feigning.
୪ । ଗୋପନୀୟ ପରାମର୍ଶ—4. Secret consultation.
ଦେ. ବଣ. (ସ. ଠ+ଆକାର)—ଠଅର ଆକାର ସାକାର; ମୁଣ୍ଡି ଗୋଲ—Shaped like the letter ṭh; round; circular.

ଠକାର କରିବା—ଦେ. କ୍ରି—ଠାରିବା; ଅନ୍ୟ ବ୍ୟକ୍ତିର ଅଲକ୍ଷରେ ଦୁଇ
Ṭhakāra karibā ଜଣଙ୍କର ଭାବ ଆଦାନ ପ୍ରଦାନ କରିବା—
ठारा To make signs or nods.
इसारा करना

ଠକାର କଳି—ଦେ. ବି—ଲୋକେ ଦେଖିବାକୁ ବାହାରେ କଳି କରୁ
Ṭhakāra kaḷi ଭିତରେ ସୌହାର୍ଦ୍ଦ୍ୟ—Quarrel for outward show.
ଶାଶୁ ବୋହୂଙ୍କର ଠକାର କଳି
ଲୋକଙ୍କୁ ଶାଗୁ କରାଇ କଳି । ଠଗ ।

ଠକିବା—ଦେ. କ୍ରି (ସ. ସ୍ଥଗ; ସ୍ଥଗ ଧାତୁ=ଗୋପନେ)—
Ṭhakibā ୧ । ପ୍ରତାରିତ ହେବା—
ठका 1. To be deceived.
गोना ୨ । ପ୍ରତାରଣା କରିବା—2. To cheat; to deceive.
ठकान ୩ । ଭଣ୍ଡାଇବା; ଭଣ୍ଡିବା—To simulate.
ଠଣ୍ଟକର ମୁଖ ଦେଖାଇ,
ଠକି ଲୁଚଗଲ କାହିଁ ପାଇଁ । ଗୋଲେକ. ଇନ୍ଦୁରେଖା ।
୪ । ଛଳନା କରି କାଳକ୍ଷେପ କରିବା—
4. To put off on various excuses.

ଠକି ଯିବା—ଦେ. କ୍ରି.—ଠକିବା ୧ (ଦେଖ)
Ṭhaki jibā Ṭhakibā 1 (See)

ଠକ୍କର (ଇତ୍ୟାଦି)—ଦେ. ବି.—ଠୋକର ଇତ୍ୟାଦି (ଦେଖ)
Ṭhakkar (etc) Ṭhokara etc. (See)

ଠକ୍କୁର—ସ. ବି.—୧ । ଠାକୁର; ଦେବତା ପ୍ରତିମା—
Ṭhakkura 1. Image of a Deity.
୨ । ଗଣ୍ୟମାନ୍ୟ ବ୍ୟକ୍ତି—
2. A man of rank (M. W.)
୩ । ଦେବ—3. Deity. (M. W.)

ଠଗ—ଦେ. ବି. ଓ ବଣ.—ଠକ (ଦେଖ)
Ṭhaga Ṭhaka (See)

ଠଗାମି—ଦେ. ବି.—ଠକାଇ (ଦେଖ)
Ṭhagāmi Ṭhakāi (See)

ଠଗି—ଦେ. ବଣ.—୧ । ନରହନ୍ତା ଦସ୍ୟୁ ସମ୍ବନ୍ଧୀୟ ବା ଠଗ ସମ୍ବନ୍ଧୀୟ—
Ṭhagi 1. Pertaining to the 'Thugs'.
ठगी ୨ । ଠଗ ଦମନ ସମ୍ବନ୍ଧୀୟ—
ठगी 2. Pertaining to the prevention of the depredations formerly committed by the Ṭhugs of India.

ଠଗିବା—ପ୍ରାଦେ. (ସମ୍ବଲପୁର) କ୍ରି.—(ତୁଳ. ହି. ଠଗ୍‌ନା)—ଠକିବା;
Ṭhagibā ଭଣ୍ଡିବା—To cheat; to deceive.

ଠଙ୍ଗ—ପ୍ରାଦେ.—(ସମ୍ବଲପୁର) ବି.—ମୂଲ୍ୟ; ଦାମ—
Ṭhang Price.
ସଜନଥ ମାଲର ଠଙ୍ଗ୍ ନାହିଁ । ଠଗ ।
ଅ.—(ଧ୍ୱନ୍ୟନୁକରଣ)—ଖଣ୍ଡା ଆଦିରେ କୌଣସି ପଦାର୍ଥକୁ ଜୋରରେ ହଠାତ୍ କାଟି ଦେବା ପ୍ରକାରେ—
Swiftly or suddenly (to cut asunder the head with a sharp weapon); swiftly and with a thud.
(ଯଥା—ମୁଣ୍ଡଟା ଠଙ୍ଗ୍ କରି କାଟି ଦେଲରେ) ।

ଠ ଠା ଠି—ଦେ. ବି.—ଅତ୍ୟନ୍ତ ଧନ ବା ଦ୍ରବ୍ୟର ଅଭାବ; ଅଭାବ;
Ṭha ṭhā ṭhi ଅର୍ଥାଭାବ—Utter want; destitution; extreme poverty.

ଠଣ୍—ଦେ. ଅ.—(ଧ୍ୱନ୍ୟନୁକରଣ)—ଠଣ୍ ଠଣ୍ (ଦେଖ)
Ṭhaṇ Ṭhaṇ ṭhaṇ (See)

ଠଣ୍ ଠଣ୍—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଧାତୁମୟ ପଦାର୍ଥର ପରସ୍ପର
Ṭhaṇ ṭhaṇ ଅଘାତଜନିତ ଶବ୍ଦ; ଟଙ୍କା ଗଣିବାର ଶବ୍ଦ; ଘଣ୍ଟି ଶବ୍ଦ—
ठंटन 1. Clanging sound; ding; clang.
ठनाक्, ठनठन ୨ । ଫୋପଲ ପାତ୍ରର ଶବ୍ଦ—
2. Sound of a hollow vessel; hollow sound.
ବଣ—୧ । ଅପର୍ଯ୍ୟାପ୍ତ; ଗଚ୍ଛିତ (ଧନ)—
1. Plentiful (cash).
(ଯଥା—ତା ପାଖରେ ଟଙ୍କା ଠଣ୍‌ଠଣ୍ ହେଉଛି ।)
୨ । ଅତି ଅଭାବଗ୍ରସ୍ତ ବା ନିର୍ଧନ (ବ୍ୟକ୍ତି)—
2. Very needy; indigent (person).
(ଯଥା—ମୁଁ ଏବେ ଠଣ୍‌ଠଣ୍ ମଦନ ଗୋପାଳ ।)
ଦେ. କ୍ରି. ବଣ—ନଗଦ—In cash.
(ଯଥା—ସେ ୫୦୦୦ ଠଣ୍‌ଠଣ୍ କରି ଗଣି ଦେଲା ।)

ଠଣ୍‌ଠଣ୍ ମଦନଗୋପାଳ—ଦେ. ବି—କପର୍ଦ୍ଦକ ଶୂନ୍ୟ ବ୍ୟକ୍ତି—
Ṭhaṇ-ṭhaṇ madanagopāḷa A penniless person.

ଠଣ—ଦେ. ବି. (ସ୍ଥା ଧାତୁ)—୧ । ଅଙ୍ଗର ଶୋଭା—
Ṭhaṇa 1. Symmetry; bodily grace.
ढोल ଠଣ ସୁନ୍ଦର ଦିଶୁଛନ୍ତି, ଠିକେ କମଳା ଯାର ଗୁଣୀ ।
डौल କମଳଲୋଚନ. ଚଉପଦୀ ।
୨ । ଠାଣ—2. Pose of the body.
୩ । ସୌନ୍ଦର୍ଯ୍ୟ—3. Grace; beauty,
୪ । ଅଙ୍ଗର ଗଠନ—4. Cut of the body.
କୋଇଲ । ଠଣ ଯେ ସୁନ୍ଦର ଦେହ ଘୋର । ବଳରାମ ଦାସ. କୋଇଲି ।
ବଣ—ସୁନ୍ଦର—Graceful.
ଠଣ ଚନ୍ଦ୍ରମୁହଁରେ, ଠଉଦ ଦେହୁରେ ।
ବଦସୂର୍ଯ୍ୟ. ରତ୍ନାକରଚମ୍ପୂ, ଠ ଗୀତ ।

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଇଅ୍	ଉଅ	ଈ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନୁସ୍ବାରଂ ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଞ	ନ୍ତ

ଠଣରଣ—ଦେ. ଅ. (ଧ୍ୱନ୍ୟନୁକରଣ)—
Ṭhaṇaraṇa   କଙ୍କିଣି, ଘଣ୍ଟି ଆଦି ବାଜିବାର ଶବ୍ଦ—
Tinkling sound.
କଟ୍ଟ କିଙ୍କିଣୀ, ଘଣ୍ଟି ଠଣରଣ କଙ୍କଣ ଝଙ୍କ ବାଜେ । ପ୍ରାଚୀ. ରହସ୍ୟମଞ୍ଜରୀ ।

ଠଣା—ଦେ. ବି. (ସଂ. ସ୍ଥାନ; ତୁଳ. ପ୍ରା. ଠାଣ)—
Ṭhaṇā   ୧ । କାନ୍ଥକୁଣ୍ଡ—1. Niche.
कुलुङ्गी   ଠଣାରେ ମୂର୍ତ୍ତି ରଖି ଦେଇଥିଲା ।
ताका   ଫକୀରମୋହନ. ଛମାଣ ଆଠଗୁଣ୍ଠ ।
୨ । ନିର୍ଦ୍ଦିଷ୍ଟ ସ୍ଥାନ—
2. Seat; appropriate place.
ठोना   ୩ । ବକ୍ରାଙ୍ଗୁଳର ଗଣ୍ଠି ଦ୍ୱାରା ମସ୍ତକର ଖପୁରିରେ ଆଘାତ—
ठोंग, ठुगा 3. A blow on the skull with the knuckles.
ଠଣା ଠୁଙ୍କି ଛାପକାଂସ, ମୁଣ୍ଡେ ମନମଥ ପାଶ
ବନ୍ଧନ କର ତୁ ମୋତେ ମୋ ଚିତ୍ତରେ । କବିସୂର୍ଯ୍ୟ. କଣୋସଚମ୍ପୂ. ଠ ଗୀତ ।
ठाँ   ୩ । ଠାବ; ସ୍ଥାନ; ଅବସ୍ଥିତି; ବାସସ୍ଥଳ—
ठहर   3. Residence; habitat.
୬ । ଶିବିର; ଛାଉଣି—6. Encampment (Beams).
୭ । ପହରା; ଜଗିବା—7. Watching; guarding.
ରାମ ଆଜ୍ଞା ପାଇଣ କପି ରାଜନ, କପି ପେଟି ଠାବେ ଠାବେ ଠଣା ଦେଲେ ।
ବିଶ୍ୱନାଥ. ବିଚିତ୍ରରାମାୟଣ ।

ଠଣା ଠୁଙ୍କିବା—ଦେ. କ୍ରି—୧ । ଅଙ୍ଗୁଠିର ଗଣ୍ଠି ଦ୍ୱାରା ଅନ୍ୟର ମୁଣ୍ଡର
Ṭhaṇā ṭhuṅkibā   ଖପୁରିରେ ଆଘାତ କରିବା—
ठोनामारा   1. To strike on the skull with
घौलमारना   the kunckles.
ଠଣାଦେବା } ଅନ୍ୟରୂପ
ଠଣାମାରିବା }
ଠଣା ଠୁଙ୍କି ଛାପ କାଂସ ମୁଣ୍ଡେ ମନମଥ ପାଶ
ବନ୍ଧନ କର ତୁ ମୋତେ ମୋ ଚିତ୍ତରେ ।
କବିସୂର୍ଯ୍ୟ. କଣୋସଚମ୍ପୂ. ଠ ଗୀତ ।
୨ । (ଲକ୍ଷଣାର୍ଥ) ଆଘାତ କରିବା—
2. (figurative) To strike.
୩ । (ଲକ୍ଷଣାର୍ଥ) ବଳପୂର୍ବକ ଦୂର କରିବା—
3. (figurative) To remove with force.

ଠଣ୍ଠଣ—ଦେ. (ଧ୍ୱନ୍ୟନୁକରଣ) ଅ—
Ṭhaṇṭhaṇa   ୧ । ଶୂନ୍ୟ କାଂସ୍ୟ ପାତ୍ରାଦିରେ ଆଘାତଜନିତ ଶବ୍ଦ—
ठंठन   1. Clanging or ringing sound produced
ठनठन   by striking an empty metal vessel.
(ଠଣ୍ଠନ—ଅନ୍ୟରୂପ)   ୨ । ଠଣଠଣ (ଦେଖ)
2. Ṭhaṇaṭhaṇa (See)

ଠନ୍କି—ପ୍ରାଦେ (ସମ୍ବଲପୁର) ବି—ମୂତ୍ରାବରୋଧ ରୋଗ—
Ṭhan-ki   Painful urination.

ଠନୁ—ପ୍ରାଦେ (ସମ୍ବଲପୁର) ଅ—୧ । (ଅମୁକ) ସ୍ଥାନରୁ—
Ṭhanu   1. From a place.
୨ । ଠାରୁ—2. From.
(ଯଥା—ଅଳଠନୁ—ଅଳଠାରୁ ।)

ଠବର୍ତ୍ତୁଳ—ଦେ. ବିଣ—ଠ ପରି ଗୋଲାକାର; ସମ୍ପୂର୍ଣ୍ଣ ଗୋଲ—
Ṭhabarttuḷa   Completely circular; all round.
ଠିକ ଠବର୍ତ୍ତୁଳ ଚନ୍ଦ୍ରାନନା ତୋ ଚିତ୍ତରେ ।
କବିସୂର୍ଯ୍ୟ, କଣୋସଚମ୍ପୂ. ଠ ଗୀତ ।

ଠମକ—ଦେ. ବି (ସ୍ତମ୍ଭ ଧାତୁ; ସଂ: ଧାମ)—
Ṭhamaka   ୧ । ହାବଭାବ ସହିତ ଗତିଭଙ୍ଗି; ଛଳ—
ठमक   1. Coquetry.
ठमक   ୨ । ନୃତ୍ୟଭଙ୍ଗିରେ ଚାଲିବା—
2. Affected gait.
୩ । ଆଡ଼ମ୍ବର—3. Parade; pomp; show.

ଠର୍କା(କେ)ଇବା—ଦେ. କ୍ରି—ଠରକାଇବା (ଦେଖ)
Ṭhar-kā(ke)ibā   Ṭarakāibā (See).

ଠରକିବା—ଦେ. କ୍ରି—ଠିରିକିଯିବା (ଦେଖ)
Ṭharakibā   Ṭhirikijibā (See).
(ଠରକି ଯିବା—ଅନ୍ୟରୂପ)

ଠରା—ଦେ. ବି (ସ୍ଥ, ସ୍ଥ୍ ଧାତୁ—ଆଚ୍ଛାଦନେ)—
Ṭharā   ନେତ୍ରବକ୍ରହସ୍ତାଦି ସଙ୍କେତ ଦ୍ୱାରା ମନୋଭାବର
ठारा   ଅଭିବ୍ୟକ୍ତି; ଇଙ୍ଗିତ; ଇସାରା—
सैन   Ogling; making signals with the eyes, head and hands.

ଠରାଠରି—ଦେ. ବି—ପରସ୍ପର ସଙ୍କେତ ଦ୍ୱାରା ମନୋଗତ ଭାବର
Ṭharāṭhari   ଆଦାନପ୍ରଦାନ; ଠାରଠାର—
ठारठोर   Mutual exchange of significant glances and signs: reciprocal nodding and gestures.
ଆମ୍ଭଙ୍କୁ ନ କହୁଣ ଠରାଠରି ହୋଇଣ ଅଗମ୍ୟ ବନରେ ପଶିଲେ ଗୋ ।
ବିଶ୍ୱନାଥ. ବିଚିତ୍ର ରାମାୟଣ ।
(ଠରାଠୁରି—ଅନ୍ୟରୂପ)   ବିଣ—ପରସ୍ପର ମଧ୍ୟରେ ଠାର ଦ୍ୱାରା
ମନୋଗତଭାବ ପ୍ରକାଶ କରୁଥିବା (ବ୍ୟକ୍ତିଗଣ)—
Exchanging thoughts with each other by glances and signs.

ଠସ—ଦେ. ବି (ସଂ. ସ୍ଥାସକ—ଜଳବୁଦ୍‌ବୁଦ)—
Ṭhasa   ୧ । (ବଣିଆ ଶବ୍ଦ) ଲୁହା ତମ୍ବା କଂସାର ଏକପ୍ରକାର ଛାଞ୍ଚ—
ठासा   1. A die; a mould.
ठसा   [ଦ୍ର—ଏହା ଉପରେ ସୁନା ବା ରୁପାର ପାତିଆ ରଖି
ପିଟିଲେ ଛାଞ୍ଚର ଆକାର ଅନୁରୂପ ପାତିଆର ଆକାର
ହୋଇଯାଏ ।]
୨ । ଠସକ (ଦେଖ)—2. Ṭhasaka (See).

ଠସକ—ଦେ. ବି (ସଂ. ଷ୍ଟୈ ଧାତୁ=ଶବ୍ଦ)—୧ । ଥଟ୍ଟା; ଠାପରା—
Ṭhasaka   1. Jesting; joke.
ठाटा   ୨ । ପରିହାସ—2. Fun; sport;
ठसक   ୩ । ଉପହାସ—Taunting; gibe.

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦତ୍ତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ ବିଶିଷ୍ଟ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନିତ ଉପସ୍ଥିତ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ପାଇଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ବିଣ—୧ । ପରିହାସଯୁକ୍ତ (କଥା)—.
1. Uttered in jest; jocular.
୨ । ମିଥ୍ୟା—2. False,

ଠସକା—ଦେ. ବିଣ—୧ । ମସକା; ଭଙ୍ଗୁର—
Ṭhasakā — 1. Brittle; fragile; frangible.
ठेनको — ୨ । ଫୁଲୁକା ଏବଂ ମସକା—
खसता — 2. Swollen and fragile.

ଠସକାଇ—ଦେ. ବି—ଅଶକ୍ତତା; ଅସମର୍ଥତା—
Ṭhasakāi — Inability; unfitness.

ଠସଲି—ଦେ. ବି ଓ ବିଣ—ଠସକ (ଦେଖ)
Ṭhasali — Ṭhasaka (See).

ଠସା—ଦେ. ବି—ଠସ (ଦେଖ)
Ṭhasā — Ṭhasa (See).
ବି. ଓ ବିଣ—ଠସକ (ଦେଖ)
Ṭhasaka (See)

ଠହର—ପ୍ରାଦେ (ସମ୍ବଲପୁର) ବିଣ (ସ. ସ୍ଥିର; ଭୁଲ. ଏହି ଅର୍ଥରେ ହି. ଏହି ଶବ୍ଦ)—ସ୍ଥିର—
Ṭhahara — Settled.

ଠହରାଏବା—ପ୍ରାଦେ (ସମ୍ବଲପୁର) କ୍ରି—
Ṭhahurāebā — ଠଉରାଇବା (ଦେଖ)
Ṭhaurāibā (See)

ଠହରିବା—ପ୍ରାଦେ (ସମ୍ବଲପୁର) କ୍ରି (ହି ଠହର୍‌ନା)—
Ṭhaharibā — ଅପେକ୍ଷା କରିବା; ସମ୍ଭାଳିବା—
1. To wait.
୨ । ଠଉରିବା (ଦେଖ)—2. Ṭhauribā (See).

ଠା (ଇତ୍ୟାଦି)—ଦେ. ବି ଓ ଅ—ଠାଅ ଇତ୍ୟାଦି (ଦେଖ)
Ṭhā (etc) — Ṭhā-ā etc (See).

ଅଠଠା ବନ୍ଦ ହୋଇ ଜଳ ରୁ ବୋଇଲେ ।
କୃଷ୍ଣସିଂହ ମହାଭାରତ ବନ।

ଠାଅ—ଦେ. ବି (ସ. ସ୍ଥାନ ପ୍ରା. ଠା, ଠାଅଁ, ଠାଣ)—୧ । ସ୍ଥାନ—
Ṭhā-ā — 1. Place; locality.
ठा, ठाई — ୨ । ଜାଗା ; ବ୍ୟବଧାନ—2. Space.
ठा, ठाँव — ୩ । ଭୋଜନସ୍ଥଳ—
3. The place prepared for taking meals on it.
୪ । (ରାଜା ଆଦିଙ୍କ) ଭୋଜନ—
4. Meals; taking food (of Rājās).
୫ । ଭୋଜନ ସ୍ଥାନରେ ଭୋଜନ ପାତ୍ର ରଖାଯିବା ପୂର୍ବରୁ ଭୂମିରେ ମୁରୁଜ ଦ୍ୱାରା ଲେଖାଯିବା ଚିତ୍ର—
5. Figures drawn over the place where plates for a meal are kept.
୬ । ଭୋଜନ ନିମନ୍ତେ ସ୍ଥାନ ଓ ଆସନ ଆଦି ପ୍ରସ୍ତୁତ କରିବା—
6. Preparation for taking meal.

[ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗରେ (ଯଥା—ଏ, ଏହି, ସେ, ସେହି, ତା, ତାହା, ମୋ, ତୁମ୍ଭ) ବ୍ୟବହୃତ ହେଲେ ୧—ସ୍ଥାନ, ୨—ପାଶ, ୩—ସମ୍ପର୍କ ଅର୍ଥ ବୁଝାଏ ।]
ଦେ. ଅ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—(ଅମୁକ) ସ୍ଥାନରୁ—
Of such or such place.

ଠାଅଁ (ଇତ୍ୟାଦି)—ଦେ. ବି—ଠାଅ (ଇତ୍ୟାଦି) (ଦେଖ)
Ṭhā-añ (etc) — Ṭhā-ā etc. (See)

ଠାଅ କରିବା—ଦେ. କ୍ରି—(ସ. ସ୍ଥାନ, ପ୍ରା. ଠାଣ)—୧ । ଭୋଜନ ପାଇଁ ସ୍ଥାନ ପ୍ରସ୍ତୁତ କରିବା—1. To make a place ready for dining.
Ṭhā-ā-karibā
ठाँई करा
[ଦ୍ର—ଭୋଜନ ସ୍ଥାନକୁ ଓଳାଇ, ପାଣି ଛିଞ୍ଚି, ପୀଢ଼ା ବା ଆସନ ପକାଇ, ଭୋଜନ ପତ୍ର ବା ପାତ୍ର ପଡ଼ିବା ସ୍ଥାନରେ ମୁରୁଜ ଦ୍ୱାରା ଚିତ୍ର କାଢ଼ିବାକୁ ବୁଝାଏ; ପୀଢ଼ା ଉପରେ ଭୋଜନ କରିବା ବ୍ୟକ୍ତି ବସନ୍ତି ଓ ମୁରୁଜ ଦିଆଯାଇ ଥିବା ସ୍ଥାନରେ ପାତ୍ର ବା ପତ୍ର ରଖାଯାଇ ତହିଁରେ ଖାଦ୍ୟାଦ୍ୟ ବଢ଼ାଯାଇ ଥିଆଯାଏ ।]
୨ । (ରାଜା ଆଦି) ଭୋଜନରେ ବସିବା—
2. To dine; to take one's meal.

ଠାଅକୁ ଠାଅ—ଦେ. ଅ.—ସ୍ଥାନକୁ ସ୍ଥାନ; ଏକ ସ୍ଥାନ ପରେ ଅନ୍ୟ ସ୍ଥାନରେ; ବହୁ ସ୍ଥାନରେ—In places; place after place; in many places.
Ṭhā-āku ṭhā-ā
ठाँव ठाँव
जगह जगह
(ଠାଅକୁ ଠା—ଅନ୍ୟରୂପ)

ଠାଅ ଠାଅ—ଦେ. ଅ.—୧ । ଭିନ୍ନ ଭିନ୍ନ ସ୍ଥାନରେ—
Ṭhā-ā ṭhā-ā — 1. Separately.
ठाँई ठाँई — ୨ । ଅନେକ ସ୍ଥାନରେ—
जगह जगह — 2. At many places.

ଠାଅ ଠାଅକେ—ଦେ. ଅ.—ଠାଅକୁ ଠାଅ (ଦେଖ)
Ṭhā-ā ṭhā-āke — Ṭhā-āku ṭhā-ā (See)

ଠାଅ ଠିକଣା—ଦେ. ବି—୧ । ସୁବ୍ୟବସ୍ଥା—
Ṭhā-ā ṭhikaṇā — 1. Good arrangement.
ठिकठिकाना — ୨ । ସ୍ଥିରତା—2. Certainty.
ठिकाना

ଠାଅ ପୀଢ଼ା—ଦେ. ବି (ସ. ସ୍ଥାନ ଓ ପୀଠ)—୧ । ଭୋଜନ ସ୍ଥାନରେ ମୁରୁଜ ଦେଇ ଓ ପୀଢ଼ା ପକାଇ ଭୋଜନସ୍ଥାନ ପ୍ରସ୍ତୁତ କରିବା—1. Setting the place for meal in order; making a place ready for occupation of the diner.
Ṭhā-ā piṛhā

ଠାଅ ପୀଢ଼ା କରି କୃଷ୍ଣଙ୍କୁ ନେଇ ଗଲେ,
ଉତ୍ସବରେ ବହୁ ବଢ଼ାବଢ଼ି କଲେ ।
କୃଷ୍ଣସିଂ. ମହାଭାରତ. ଉଦ୍ୟୋଗ ।

୨ । ଭୋଜନକ୍ରିୟା—2. The act of eating.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ	ଶ,ଷ	ଜ୍ଞ	ଇଯ୍	ଉଅ	ଖ
୨	ଈ	ଊ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଓ	ନ୍ନ

ଠାଅବଢ଼ା—ଦେ. ବି (ସହତର ଶବ୍ଦ)—ଭୋଜନ ସ୍ଥାନରେ ଜଣକପାଇଁ
Ṭhā-ā-bar̤dhā ସଜ୍ଜିତ ଭୋଜନ ଦ୍ରବ୍ୟ—Meal set for one person.

ଏ ରୂପେ ଠାଅବଢ଼ା ହୋଇଛି ପାଶେ—କୃଷ୍ଣସିଂହ, ମହାଭାରତ, ଅଦି ।

ଠାଅ ବଢ଼ା(ଢ଼େ)ଇବା—ଦେ. କ୍ରି (ରାଜାମାନଙ୍କ ପ୍ରତି ପ୍ରଯୁଜ୍ୟ)—
Ṭhā-ā bar̤dhā(r̤dhe)ibā ଭୋଜନ କ୍ରିୟା ପରିସମାପ୍ତ କରିବା—To finish meal.

ଠାଅ ବଢ଼ିବା—ଦେ. କ୍ରି (ରାଜାମାନଙ୍କ ପ୍ରତି ପ୍ରଯୁଜ୍ୟ)—ଭୋଜନର
Ṭhā-ā bar̤dhibā ସମାପ୍ତି—Finish of one's meal.

(ଯଥା—ଦିନ ୧୧ଟା ବେଳେ ପ୍ରଭୁଙ୍କର ଠାଅ ବଢ଼େ ।)

ଠାଅ ସଜ—ଦେ. ବି—ଭୋଜନ ପାତ୍ରାଦି; ଏକ ସାଜ ଭୋଜନ ପାତ୍ର—
Ṭhā-ā saja Dinner-set; a full set of plates and cups etc. for dinner.

ଠାଇଁ—ଦେ. ବି (ସଂ. ସ୍ଥାନ)—୧ । ସ୍ଥାନ—1. Place.
Ṭhāin̄ ୨ । ଦିଗ—2. Direction.
ठाईं ଏବେ ଥାଇଁଅଛନ୍ତି କୋଉଠାରେ ମୋ ଠାଇଁ କି—
ठायँ କୃଷ୍ଣସିଂହ, ମହାଭାରତ, ବନ ।

୩ । ଶୂଦ୍ର ସମାଜରେ ବିଧବାର ଦ୍ୱିତୀୟ ବିବାହ; ଅଥଥୋଇ
सांगा ଦ୍ୱିତୀୟ ହେବା ପ୍ରଥା—3. The custom of
सगाई widow-marriage among the Śūdras.

୪ । ଆଶ୍ରୟ—4. Shelter.
ठाईं ପାଉ ଅଙ୍ଗନିଲା ଠାଇଁ ତୋ ବସେ—
ठायँ ଜଳକଶୋର, କୃଷ୍ଣବୁମାସ ।
ठाईं ଅ (ସଂ. ସ୍ଥାନେ) ଠାରେ—In, it.
से ତୁଷ୍ଟା କହୁଲେ ସେ ବସ୍ତୁକ ଠାଇଁ—ସ୍ରାଚୀ, ପରଦେଶୀଜା ।

ଠାଇଁଆଁ (ଇତ୍ୟାଦ)—ଦେ. ବି. ପୁଂ—ଠାୟାଁ ଇତ୍ୟାଦ (ଦେଖ)
Ṭhāiṅān̄ (etc) Ṭhāyān̄ etc (See)
(ଠାଇଁଅଣୀ—ସ୍ତ୍ରୀ)

ଠାଇ କରି—ଦେ. କ୍ରି. ବଣ—ଠୋ କରି; ସଶବ୍ଦ ଓ ଜୋର୍ କରି
Ṭhāi kari (ଚଟକଣା ମାରିବା ବା ଅଘାତ କରିବା)—
ठाईकरे Producing a clapping sound.
ठायँकर (ଯଥା—ସେ ମୋତେ ଠାଇ କରି ଗୋଟାଏ ଚଟକଣା
(ଠାଇକନା, ଠାଇକନ, ଠାଇଦସ୍—ଅନ୍ୟରୂପ) ମାଇଲା ।)

ଠାଇଠାଇ—ଦେ. କ୍ରି. ବଣ (ବହୁବାର)—୧ । ଗାଲରେ ଜୋରରେ
Ṭhāi-ṭhāi ଉପର୍ଯ୍ୟୁପରି ଚାପୁଡ଼ା ମାରିବା ପ୍ରକାରେ—
ठाईंठाईं 1. (to deal slaps) With repeated
ठायँठायँ clapping sounds.

(ଯଥା—ସେ ମତେ ଠାଇଠାଇ ପୁଣାଏ ଚାପୁଡ଼ା ମାଇଲା ।)

୨ । ଶୀତରେ ଦେହ ବଶେଷ କମ୍ପିବା ପ୍ରକାରେ—
2. With a shiver (through cold).

ଠାଉଆ—ଦେ. ବି—ଯେଉଁ ଚୋର ପୂର୍ବରୁ କୌଣସି ବସ୍ତୁ ଠାବ କରି
Ṭhāuā ବା ଭୁଣ୍ଡି ପରେ ଚୋରି କରେ—A thief who
(ଠାଉଆ ଚୋର—ଅନ୍ୟରୂପ) steals after reconnoitre or preliminary survey.

ଠାଉକା—ଦେ. ବି—୧ । ଗୁଇଁ; ଯେଉଁ ଚୋର ଘର ସବୁ ଛୋଟ ଛୋଟ
Ṭhāukā ବା ଅଳ୍ପ ମୂଲ୍ୟର ଜିନିଷ ଗୃହସ୍ୱାମୀର ଅସାବଧାନତା
(ଠାଉକିଆ—ଅନ୍ୟରୂପ) ସମୟରେ ଚୋରି କରି ନିଏ—
चाई 1. Petty thief; pilferer.
୨ । ଠାଉଆ (ଦେଖ)—Ṭhāua (See)

ଠାଉରିଆ—ଦେ. ବି—ଠାଉଆ (ଦେଖ) .
Ṭhāuriā Ṭhāuā (See)

ଠାଏ—ଦେ. ଅ—୧ । (ଅମୁକ) ସ୍ଥାନରେ —
Ṭhāe 1. At (a place); in.
ठांये ଏଣୁ ପରମ ଅସ୍ଥା ପ୍ରାପ୍ୟେ, ଉଦାସୀ ମନେ ସର୍ବଠାଏ—
में ଜଗନ୍ନାଥ, ଭାଗବତ ।

୨ । ଏକ ସ୍ଥାନରେ—
2. At one place, at a certain place.

ଏକଠା ହୋଇଣ ବସିଲେ ଠାଏ ଅସି—କୃଷ୍ଣସିଂହ, ମହାଭାରତ, ବନ ।

୩ । (ଅମୁକ) ସ୍ଥାନକୁ—3. To (a place).

କେଶିଦ୍ୱିଜବରଠାରୁ ଭୟେ, ପଳାଇ ଗଲା ଅନ୍ୟ ଠାଏ—
ଜଗନ୍ନାଥ, ଭାଗବତ ।

୪ । (୭ମୀ ବିଭକ୍ତି ପ୍ରତ୍ୟୟ) ଠାରେ—
4. (a suffix donoting) In; at.

ଠାଏଁ—ଦେ. ଅ—ଠାଏ (ଦେଖ) .
Ṭhāen̄ Ṭhāe (See)

ଠାଏଁ ଠାଏଁ—ଦେ. କ୍ରି. ବଣ—୧ । ସ୍ଥାନେ ସ୍ଥାନେ; ଭିନ୍ନ ଭିନ୍ନ
Ṭhāen̄ ṭhāen̄ ସ୍ଥାନରେ—At different places.

ଗୁହାର ଶୁଣନ୍ତି ସେ ଠାଏଁ, ପଚ୍ଛ ଚରଣ ଅଗ ନୋହେ—
ଭୂପତି, ପ୍ରେମପଞ୍ଚାମୃତ ।

୨ । କେତେକ ସ୍ଥାନରେ—2. At some places.
(ଠାଏଁ ଠାଏଁକେ—ଅନ୍ୟରୂପ) ୩ । ଅନେକ ସ୍ଥାନରେ—
3. At many places.

ଠାଏ ଠାଏ—ଦେ. କ୍ରି. ବଣ—ଠାଏଁ ଠାଏଁ (ଦେଖ)
Ṭhāe ṭhāe Ṭhāen̄ ṭhāen̄ (See)

ଠାଁ—ପ୍ରାଦେ. (ଗଡ଼ଜାତ) ବି (ସଂ. ସ୍ଥାନ)—ରାଜାଙ୍କ ଭୋଜନ ପାଇ
Ṭhān̄ ସଜ୍ଜିତ ସାମଗ୍ରୀସମୂହ—
Articles of food set for a Rājā.

ଠାଁ ଜ(ଜା)ଗା—ଦେ. ବି—ଖାଇବାର ସ୍ଥାନ—
Ṭhān̄ ja(jā)gā The place where one takes his meal.

ରାମହରି ବାବୁ ଖବର ପାଇ ଠାଁଜାଗାରୁ ଉଠି ଲଣ୍ଡଭଣ୍ଡ ହୋଇ
ଧାଇଁଛନ୍ତି—ଫକୀରମୋହନ, ଗଳ୍ପସ୍ୱଳ୍ପ ।

ସାଧାରଣ ଲୋକେ ଅନେକ ସ୍ଥଳରେ ସ୍ୱତନ୍ତ୍ର ୧ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଢ଼' ନ ମିଳିଲେ 'ଗାଢ' ଖୋଜିବେ, 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂଟି' ନ ପାଇଲେ 'ବଧୁଟି' ଦେଖିବେ; 'ଅଁଳା' ନ ପାଇଲେ 'ଅଳା' ଦେଖିବେ, 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ ।

ଠାଁସିବା—ଦେ. କ୍ରି—ଠାସିବା (ଦେଖ)
Thāṅsibā Ṭhāsibā (See)

ଠାକରା—ଦେ. ବି—୧ । ବାଣବିଶେଷ; ଭୂମିବାଣ (କାଠଗଣ୍ଡିରେ ଗର୍ତ୍ତ କରି ତହିଁରେ ବାରୁଦ ଗୁଳ ଖୁନ୍ଦା ହେବା ବାଣ)—
Ṭhākarā 1. A kind of fire-work made by ramming powder into a hole made in a trunk or log of wood.
ठिकरा
ठिकरा

୨ । ଦେଉଳ ବା କୋଠାର ଶିଖ ଉପରେ ସବୁ ଶେଷରେ ଯେଉଁ ପଥର ବା ଟାଇଲ୍‌ଖଣ୍ଡ ପକାଇ ଶିଖ ମୁଦା ଯାଏ— 2. The last stone or tile set at the apex of a spire, temple, dome or building.

୩ । ଢେଲୁଆ; ଢିମା; ଟେଲା— 3. Big clod of earth; shard.

୪ । ଟାକର; ଠଣା; ଅଙ୍ଗୁଠିର ଗଣ୍ଠି ଦ୍ୱାରା ମୁଣ୍ଡରେ ଆଘାତ— 4. A rap on the head with the knuckle.

୫ । ଖପର—5. Potsherd.

ଦେ. ବିଣ—୧ । (ସ. ଶୁଷ୍କ) ଶୁଷ୍କ— 1. Dried up; having no moisture.

ठिकरा ୨ । ନିର୍ଜଳ—2. Waterless.

ठोठरा, ठाँठ ୩ । ନୀରସ; ରସଶୂନ୍ୟ—2. Sapless; juiceless.

ଓଠଅ ଗଲେଣି ମୋ ଶାଢ଼
ଚକ୍ଷୁର ପଲ୍ଲବ ଠାକରା ହୋଇ—ଚଉ ।

୪ । ଫୋଲା; ଶୂନ୍ୟଗର୍ଭ—4. Empty,

ଠାକରା ବସା(ସେ)ଇବା—ଦେ. କ୍ରି—୧ । ଯେଉଁଠାରେ ଚୂଲି ନ ଥାଏ ସେହିଠାରେ ହାଣ୍ଡି ବସିବା ନିମନ୍ତେ ତିନିଖଣ୍ଡ ଢେଲା ରଖି ଦେଇ ତା ଉପରେ ହାଣ୍ଡି ବସାଇ ରୋଷେଇ କରିବା—1. To cook by provisionally setting up an oven on three clods of earth or stone.
Ṭhākarā basā(se)ibā

୨ । ଖାଦ୍ୟାଦି ରାନ୍ଧିବା—2. To cook one's food.

(ଠାକରା ବସିବା—ବି)

ଠାକିବା—ଦେ. କ୍ରି. (ସ୍ଥା ଧାତୁ; ତୁଳ. ଇଂ. ଷ୍ଟିକ୍, ଷ୍ଟେ)—
Ṭhākibā ୧ । ସ୍ଥିର ହେବା—1. To be satationary; to have a firm footing.
टिका; तिष्टा
टिकना (ଯଥା—ପିଚ୍ଛିଳରେ ମୋ ଗୋଡ଼ ଠାକୁ ନାହିଁ ।)

୨ । ବଞ୍ଚିବା; ଜୀବନରେ ରହିବା— 2. To live; to be alive,
(ଯଥା—ଏ ବର୍ଷ ଏପରି ଶୀତ ହେଲେ ବୁଢ଼ାର ଠାକିବା କଷ୍ଟ)

୩ । ଥାକିବା; ଅବସ୍ଥାନ କରିବା—3. To stay.

୪ । କୌଣସି ସ୍ଥାନରେ ସ୍ଥିରଭାବରେ ଲାଗିରହି ରହିବା— 4. To stick to a place.

ଠାକୁ—ଦେ. ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—
Ṭhāku ୧ । (ଅମୁକ ବ୍ୟକ୍ତି ବା ସ୍ଥାନର) ନିକଟକୁ— 1. Near; to (such a person or place).
ठाँइए, थाय
को

ଯାଅ ହେ ଏବେ ତୁମ୍ଭେ ଦମୟନ୍ତୀ ଠାକୁ ।
କୃଷ୍ଣସିଂହ: ମହାଭାରତ.°ବନ ।

୨ । (ଅମୁକ) ସ୍ଥାନକୁ—2. To (such a place).

କେଉଁଠାକୁ ଗଲେ ସେ କଣ୍ୱ ମହାଋଷି । କୃଷ୍ଣସିଂହ, ମହାଭାରତ, ଆଦି ।

ଠାକୁଠା—ଦେ. କ୍ରି. ବିଣ—ଠାଆକୁ ଠାଅ (ଦେଖ)
Ṭhāku-ṭhā Ṭhā-āku ṭhā-ā (See)

ଠାକୁ ଠାକୁ ହେବା—ଦେ. କ୍ରି—ଭୋକରେ ବା ମୁମୂର୍ଷୁ ଅବସ୍ଥାରେ ପାଟିକୁ ଠାକୁ ଠାକୁ କରିବା, ପାଟୁପାଟୁ ହେବା—To repeatedly open and shut the mouth in the throes of hunger or death.
Ṭhāku ṭhāku hebā

ଠାକୁ ଯିବା—ଦେ. କ୍ରି—ଭୋଜନ କରିବାକୁ ଯିବା—
Ṭhāku jibā To go to take one's meal.
(ଠାଆକୁ ଯିବା—ଅନ୍ୟରୂପ)

ସପ୍ତମୀ ଦିନ ଏକବାର ଭାତ ବେଳକୁ ହେ ଠାକୁ ଯାଉଥିଲେ ।
ଫକୀରମୋହନ ଛମାଣ ଆଠଗୁଣ୍ଠ ।

ଠାକୁର—ଦେ. ବି. (ସ. ଠକ୍କୁର)—
Ṭhākura ୧ । ଦେବ; ମହାପ୍ରଭୁ—
ठाकुर 1. Deity; God; the Lord.
ठाकुर

ଠାକୁର ଠାକୁରାଣୀଙ୍କ ପଦାମ୍ବୁଜ ଧ୍ୟାନରକ ।
(ଠାକୁରାଣୀ—ସ୍ତ୍ରୀ) କବିସୂର୍ଯ୍ୟ ବଳଦେବରଥ, ଠ ଗୀତ ।

୨ । ଦେବ ପ୍ରତିମା—2. Idol; image of a Deity.

୩ । ପ୍ରଭୁ; ସ୍ୱାମିବ—3. Lord; master,

୪ । ଶ୍ରେଷ୍ଠ ବା ମାନନୀୟ ବ୍ୟକ୍ତି— 4. Respected person; His Holiness.
(ଯଥା—ଠାକୁର ରାଜା ।)

୫ । ଗୁରୁ ବ୍ୟକ୍ତି—5. One's elder.

ସ୍ୱାମୀସେବ ଠାକୁରଙ୍କ ଅଟେ ଏ ଆଦେଶ । ଭ୍ରାତାହ୍ଥ. ବୈଶୀଷ୍ଟାର ।

୬ । ବ୍ରାହ୍ମଣଙ୍କୁ ସମ୍ବୋଧନ— 6. An address used to Brāhmaṇa

୭ । ବଙ୍ଗୀୟ ବ୍ରାହ୍ମଣମାନଙ୍କ ବଂଶୋପାଧିବିଶେଷ— 7 A family-title of Brāhmaṇas in Bengal.

୮ । କ୍ଷତ୍ରିୟମାନଙ୍କ ବଂଶୋପାଧିବିଶେଷ— 8, A family-title amongst Kshatriyas.

୯ । ଭାରତର ପଶ୍ଚିମାଞ୍ଚଳରେ ଭଣ୍ଡାରୀମାନଙ୍କ ବଂଶୋପାଧିବିଶେଷ—9. A family-title of barbers in N. W. India.

୧୦ । ଗୁରୁଦେବ—10. Spiritual preceptor.

ପ୍ରାଦେ. (ସିଂହଭୂମ) ବି—ରାଜାମାନଙ୍କ ବଂଶୋପାଧି— Family-title of Rajas in Singhbhum.

୧	ଢ	ଡ଼	ଋ,ଋ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ଷ	ଙ୍କ	ଉପ୍ଟ	ଉଥ	ଖ
୬	ଝ	ଡ	ରୁ	ଲୁ	ଯ୍ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଙ୍ଗ	ଇଥ	ଈ	ନ

ଠାକୁର କୋଠି—ଦେ. ବ—ଠାକୁର ଘର (ଦେଖ)
Ṭhākura koṭhi — Ṭhākura ghara (See)

ଠାକୁର ଘର—ଦେ. ବ—ଦେବାଳୟ; ଦେଉଳ ଘର; ଦେବମନ୍ଦିର—
Ṭhākura ghara — A temple; shrine; a house where images of Deities are kept and worshipped.
ঠাকুরবাড়ী, ঠাকুরঘর
ठाकुरबाड़ी, ठाकुरद्वारा

ଠାକୁର ଦେବତା—ଦେ. ବ. (ଏକାର୍ଥବୋଧକ ସହଚର ଶବ୍ଦ; ସଂ. ଠକ୍କୁର+ଦେବତା)—
Ṭhākura debatā — ଦେବଦେବୀ; ସବୁ ଦେବତା—
ঠাকুর দেবতা
Deities (in general).
(ଯଥା—ପିଲାଏ ଏବେ ଅଙ୍ଗ୍ରେଜୀ ପାଠ ପଢ଼ି ଆଉ ଆମ ଠାକୁର ଦେବତାଙ୍କୁ ମାନିଲେ ନାହିଁ ।)

ଠାକୁର ପୂଜା—ଦେ. ବ. (ସଂ. ଠକ୍କୁର+ପୂଜା)—
Ṭhākura pūjā — ୧ । ଦେବୋପାସନା—
ঠাকুর পূজা — 1. Prayer and devotional rites.
ठाकुरसेवा — ୨ । ପ୍ରତିମା ପୂଜା—2. Image-worship.

ଠାକୁର ବାଡ଼ି—ଦେ. ବ—ଠାକୁର ଘର (ଦେଖ)
Ṭhākura bāṛi — Ṭhākura ghara (See)

ଠାକୁର ବାପା—ଦେ. ବ. ପୁଂ—ପିତାମହ—
Ṭhākura bāpā — Paternal grandfather.
(ଠାକୁର ମା—ସ୍ତ୍ରୀ)
ঠাকুরদাদা दादा

ଠାକୁର ରଜା—ଦେ. ବ—ପୁରୀର ରଜା—
Ṭhākura rajā — The name by which the Raja of Puri is generally styled.
[ଦ୍ର—ପୁରୀର ରଜା ହିନ୍ଦୁ ଜାତିର ଉପାସ୍ୟ ଶ୍ରୀଶ୍ରୀ ଜଗନ୍ନାଥ ଦେବଙ୍କର ସେବାଏତ୍ ମାରଫତଦାର୍ ବୋଲି ହିନ୍ଦୁମାନେ ତାଙ୍କୁ ଠାକୁର ରଜା କହନ୍ତି ।]

ଠାକୁର ସେବା—ଦେ. ବ. (ସଂ. ଠକ୍କୁର+ସେବା)—
Ṭhākura sebā — ଠାକୁର ପୂଜା (ଦେଖ)
ঠাকুর সেবা — Ṭhākura pūjā (See)
ठाकुरसेवा

ଠାକୁରାଣୀ—ଦେ. ବ. ସ୍ତ୍ରୀ. (ଠାକୁରର ସ୍ତ୍ରୀଲିଙ୍ଗ)—
Ṭhākurāṇi — ୧ । ଦେବୀ—1. Goddess.
ঠাকুরাণী, ঠাকরন — ଠାକୁର ଠାକୁରାଣୀଙ୍କ ପଦାମ୍ବୁଜ ଧ୍ୟାନରେ ।
ठकुराइन,ठकुरानी — କବିସୂର୍ଯ୍ୟ, କଳୋଗବଜ୍ଞ ୦ ଗୀତ ।
୨ । ରାଣୀ—2. Queen.
କାନ୍ତର ବଚନ ଜାଣି, ପଚାରନ୍ତି ଠାକୁରାଣୀ, ଦଶରଥ ଗ୍ରାମ୍ୟ ଦରସ ।
ବିଶ୍ୱନାଥ, ବିଚିତ୍ରରାମାୟଣ ।
୩ । ସ୍ୱାମିନୀ; ପ୍ରଭୁ ପତ୍ନୀ; ପ୍ରଭୁଙ୍କ ସ୍ତ୍ରୀ—
3. Lady; mistress.
୪ । ଗୃହିଣୀ; ଗୃହକର୍ତ୍ତ୍ରୀ—4. Mistress of the house.
୫ । ଗୁରୁପତ୍ନୀ—5. Spiritual preceptor's wife.
୬ । ମହାଲକ୍ଷ୍ମୀ—6. The Goddess of fortune.
ବୋଲୁ ଠାକୁରାଣୀ ରକ୍ଷ ଚଳ ଭଣି ଅଯୋଧ୍ୟାବର ସେ ।
ଭଞ୍ଜ, ବୈଦେହୀଶବିଳାସ ।
୭ । ଦୁର୍ଗା; ପାର୍ବତୀ—7. Goddess Durgā.
୮ । ବସୁମାତା; ବସୁଧା ଦେବୀ—
8. The Goddess of earth; earth personified.
୯ । ଗ୍ରାମ ଦେବତା—9. Village Goddess.
୧୦ । ଶୀତଳାଦେବୀ; ବସନ୍ତ ରୋଗ—
10. Small pox; the Goddess of small pox.
୧୧ । ଗୋବସନ୍ତ—11. Cattle-pox.
୧୨ । କେନ୍ଦୁଝର ରାଜ୍ୟର ପର୍ବତବିଶେଷ—11. Name of a mountain in Keonjhar State.
[ଦ୍ର—ଏହାର ଉଚ୍ଚତା ୩୦୦୩ ଫୁଟ ।]

ଠାକୁରାଣୀ ଉଭାହେବା—ଦେ. କି—ଠାକୁରାଣୀ ଲାଗିବା (ଦେଖ)
Ṭhākurāṇi ubhāhebā — Ṭhākurāṇi lāgibā (See).

ଠାକୁରାଣୀ ଓହ୍ଲା(ହ୍ଲେ)ଇବା—ଦେ. କି—ଠାକୁରାଣୀ ଛାଡ଼ିବା (ଦେଖ)
Ṭhākurāṇi ohlā(hle)ibā — Ṭhākurāṇi chhāṛibā (See).

ଠାକୁରାଣୀ ଗାଧୁଆ—ଦେ. ବ—୧ । ଠାକୁରାଣୀ ମାଜଣା (ଦେଖ)
Ṭhākurāṇi gādhuā — 1. Ṭhākurāṇi mājaṇā (See).
୨ । ରଜ ସଂକ୍ରାନ୍ତିର ପରବର୍ତ୍ତୀ ୩ୟ ଦିବସ ପ୍ରଭାତରେ ଦେବୀ ବସୁମତୀଙ୍କୁ ସ୍ନାନ କରାଇ ପୂଜା କରିବାର ବିଧି—
2. The ceremonial bathing of the Earth-Goddess on the 3rd day of 'Raja samkrānti.
[ଦ୍ର—ରଜ ସଂକ୍ରାନ୍ତି ସମୟରେ ବସୁମତୀ ରଜସ୍ୱଳା ହୋଇଥିବାରୁ ତୃତୀୟ ଦିନ ଶୁଦ୍ଧସ୍ନାନ କରି ପବିତ୍ର ହୁଅନ୍ତି ।]

ଠାକୁରାଣୀ ଛାଡ଼ିବା—ଦେ. କି—ଠାକୁରାଣୀ ଲାଗିଥିବା ବ୍ୟକ୍ତିର ଦେହରୁ
Ṭhākurāṇi chhāṛibā — ଦେବତାଙ୍କର ଆବେଶ ଛାଡ଼ିଯିବା—
The disappearance of the spirit of the Goddess from a persou possessed by a Goddess.

ଠାକୁରାଣୀ ଯାତ୍ରା—ପ୍ରାଦେ (ଗଞ୍ଜାମ) ବ—ଫାଲ୍‌ଗୁନ ଶୁକ୍ଳ ଦ୍ୱିତୀୟାଠାରୁ
Ṭhākurāṇi jātrā — ଚୈତ୍ରମାସ ଶେଷପର୍ଯ୍ୟନ୍ତ କରାଯିବା ଉତ୍ସବ—
A festival begun on the 2nd day of the bright fortnight of Fāl-guna.
[ଦ୍ର—ଏହିଉପଲକ୍ଷରେ ଗୋଟିଏ ଶୁଭସ୍ତମ୍ଭ ପୋତାଯାଏ । ବିଶେଷତଃ ଚୈତ୍ର ମାସର ସବୁ ମଙ୍ଗଳବାରରେ ତାସ୍ତ ଡାଲୁଣୀ ଅବି ଦେବୀଙ୍କ ନିକଟରେ ପଠା ଓ ପଶୁ ପକ୍ଷୀ ଅବି ବଳି ଦିଆଯାଏ ।]

ଠାକୁରାଣୀ ମାଜଣା—ଦେ. ବ—ଗ୍ରାମ ଦେବତାଙ୍କୁ ବିଧିପୂର୍ବକ ସ୍ନାନ
Ṭhākurāṇi mājaṇā — କରାଇବା—The ceremonial bathing of the village-Deity.

> ସାଧାରଣ ଲେଖେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଶବ୍ଦକୋଷରେ ନ ମିଳିବ, ତେବେ ସେହି ସେ ପାଠ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'ଭୂଅ' ନ ମିଳିଲେ 'ଭୁଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ; 'ଅଳଙ୍କାର' ନ ପାଇଲେ 'ଅଲଙ୍କାର' ଦେଖିବେ।

ଠାକୁରାଣୀ ଲାଗିବା—ଦେ. କ୍ରି—ଡାକିନୀ ଲାଗିବା; ଦେବତା ଭର ହେବା; ନରଦେହରେ ଗ୍ରାମଦେବତାଙ୍କର ଆବେଶ ବା ଅବତରଣ—
Ṭhākurāṇi lāgibā
ঠাকুরের ভর হওয়া
A person being possessed with the spirit of a Goddess.

[ଦ୍ର—ଯେଉଁ ବ୍ୟକ୍ତିକୁ ଠାକୁରାଣୀ ଲାଗନ୍ତି ତାକୁ ଡାକିନୀ କହନ୍ତି । ଏ ବ୍ୟକ୍ତି ଠାକୁରାଣୀ ଲାଗିବା ସମୟରେ ଥରଥର ହେଉଥାଏ ଓ ମୁଣ୍ଡ ହଲାଉଥାଏ, ଠାକୁରାଣୀଙ୍କ ଆଦେଶ ସାଧାରଣଙ୍କଠାରେ ବ୍ୟକ୍ତ କରେ ଏବଂ ଅନେକ ଅଦ୍ଭୁତ କଥା କହିବାର ଓ କରିବାର ଶୁଣାଯାଏ ଓ ଦେଖାଯାଏ । କେତେକ ସମୟ ପରେ ତା ଦେହରୁ ଠାକୁରାଣୀ ଓହ୍ଲାଇ ଗଲାରୁ ଉକ୍ତ ବ୍ୟକ୍ତି ପୁନର୍ବାର ସାଧାରଣ ମନୁଷ୍ୟ ପରି ବ୍ୟବହାର କରେ । ଗ୍ରାମରେ କୌଣସି ବିପଦ (ବସନ୍ତ,ଓଲାଉଠା) ହେଲେ ଲୋକେ ଗ୍ରାମଦେବତାଙ୍କୁ ମାନସିକ କରି ବାଜା ଆଦି ବଜାଇଲେ ଗ୍ରାମଦେବତାଙ୍କ ସେବକଙ୍କୁ ବା ଅନ୍ୟ କର୍ତ୍ତିଷ୍ଟ ବ୍ୟକ୍ତିକୁ ଠାକୁରାଣୀ ଲାଗନ୍ତି ଓ ସେ ଗ୍ରାମବାସୀମାନଙ୍କୁ ଠାକୁରାଣୀଙ୍କ ଆଦେଶ (ହୁକୁମ) ଶୁଣାନ୍ତି, ଗ୍ରାମ ପ୍ରଦକ୍ଷିଣ କରନ୍ତି ଓ ଠାକୁରାଣୀଙ୍କୁ ଭୋଗ ଲଗାଯିବା ଖେଳାପଣା ପିଅନ୍ତି । ଡାକିନୀ ଠାକୁରାଣୀଙ୍କ ଆଦେଶକୁ ସାଧାରଣ ଲୋକଙ୍କ ଆଗରେ କହିବାକୁ 'ଅବତରବା' ବୋଲାଯାଏ ।]

ଠାକେରା (ଇତ୍ୟାଦି)—ଦେ. ବିଣ—ଖାଙ୍କରା—
Ṭhākerā (etc)
টেকো
Bald-headed.
ଦ୍ର—ଠାକରା ଇତ୍ୟାଦି (ଦେଖ)
Ṭhākarā etc. (See).

ଠାଟ—ଦେ. ବି (ପ୍ରା ଥାଟ୍ଟ; 'ସଂ. ସ୍ଥିତି, ସ୍ଥାନ)—
Ṭhāṭa
ঠান
୧ । ଅଙ୍ଗଭଙ୍ଗୀ; ଶରୀରର ଗଠନ; ସଡ଼ଣ—
1. Figure; the build or make of one's body.
୨ । ଦେହ; ଶରୀର—2. Body.

ଠା ଠା—ଦେ. ଅ—ଠାଆଁକୁ ଠାଅ (ଦେଖ)
Ṭhā ṭhā
Ṭhā-āku ṭhā-ā (See)

ଠା ଠାଏ—ଦେ. କ୍ରି. ବିଣ—ଠାଅ ଠାଅକେ (ଦେଖ)
Ṭhā ṭhāe
Ṭhā-ā ṭhā-āke (See).
(ଠାଏଠାଏ—ଅନ୍ୟରୂପ)

ଠାଠାକେ —ଦେ. କ୍ରି. ବିଣ—ଠାଅକୁ ଠାଅ (ଦେଖ)
Ṭhāṭhāke
Ṭhā-āku ṭhā-ā (See)
(ଠାଅଠାଅକେ—ଅନ୍ୟରୂପ)

ଠାଠିକ—ଦେ. ବିଣ—ଅତି ସୁନ୍ଦର ଅଙ୍ଗଭଙ୍ଗିଷ୍ଟ—
Ṭhā-ṭhika
Very graceful.
ଠାଠିକ ତଣେ ଅମୂଲ୍ୟ ନ ଗଲେ ଅବଶ୍ୟ ନ ବିହାରକାରେ ।
ଭକ୍ତ- ସର୍ବସ୍ୱ ।

ଠାଡ଼—ପ୍ରାଦେ. (ସମ୍ବଲପୁର) ବିଣ. (ସଂ. ସ୍ଥା ଧାତୁ; ଭୁଲ. ହି. ଠାଡ଼)—
Ṭhāḍ
ଦଣ୍ଡାୟମାନ—Standing; erect.

ଠାଡ଼ ହେବା—ପ୍ରାଦେ· (ସମ୍ବଲପୁର) କ୍ରି (ଭୁଲ. ହି. ଠାଡ଼ା ହୋନା—
Ṭhāḍ hebā
ଠିଆ ହେବା; ଦଣ୍ଡାୟମାନ ହେବା—
To stand up; to stand erect.

ଠାଣା—ଦେ. ବି. (ସଂ. ସ୍ଥାନ: ପ୍ରା. ଠାଣ)—ପ୍ରହରୀର ସ୍ଥାନ—
Ṭhāṇā
The post of a sentinal.

ଠାଣି—ଦେ. ବି. (ସଂ. ସ୍ଥାନ)—୧ । ଅଙ୍ଗଭଙ୍ଗୀ—
Ṭhāṇi
ঢঙ্; ঠমক
ठाट; ठमक
1. Pose of the body.
ଲେଖାରେ ହେଲେତ ଲେଖାମାନଙ୍କରେ ଲେଖାରେ ନୋହି ସେ ଠାଣି ।
କବିସୂର୍ଯ୍ୟ- ସଙ୍ଗୀତ ।
୨ । ଆକୃତି—2. Figure; form.
ମର୍ତ୍ତ୍ୟ ନ ସମ୍ଭବେ କେବେ ସେ ଅଦ୍ଭୁତ ଯୌବନ ଠାଣି ।
ରାଧାନାଥ- ଚନ୍ଦ୍ରଭାଗା ।
୩ । କଥାର ଭଙ୍ଗୀ—3. Mode of speech.
୪ । ସ୍ୱଭାବ; ଢଙ୍ଗ; ଭଙ୍ଗୀ—4. Mode; manner.
ଚତୁରୀ ଗୋ ବାଣୀ ମୃଦୁ ମୃଦୁ ଠାଣି ଶୁଣିଥିବ ପୁଣି ଯାହା କାନ ।
କବିସୂର୍ଯ୍ୟ- ସଙ୍ଗୀତ ।
୫ । ସ୍ଥିରତା; ଧୈର୍ଯ୍ୟ—5. Patience.
ମାର ଉଣିକି ଶର ଶାଣି, ଚାର ନ ଚରନ୍ତ ଅଳ୍ପ ପଦ ଜାଣି,
ସାରଙ୍ଗ ନେତ୍ରସିକ ଗ୍ରାଣି, କାର ସେ ରଖେ ଠାଣି ।
କବିସୂର୍ଯ୍ୟ- ସଙ୍ଗୀତ ।

ଠାଣି ମାଣି—ଦେ. ବି. (ଅନର୍ଥକ ଦ୍ୱିତୀୟ ସହଚର)—ଠାଣି (ଦେଖ)
Ṭhāṇi māṇi
ঢঙঢাঙ
ठमक ठुकम
Ṭhāṇi (See)

ଠାଣେଦାର—ଦେ. ବି. (ହି. ଥାନେଦାରର ଅନୁକୃତ)—
Ṭhāṇedāra
থানাদার
थानेदार
୧ । ଥାନାଦାର; ଥାନାର ଭାରପ୍ରାପ୍ତ ଅଫିସର—
1. The officer in charge of a police-station.
୨ । (ଲକ୍ଷଣାର୍ଥ) ପରାକ୍ରମଶାଳୀ ବ୍ୟକ୍ତି—
2. (figurative) A mighty or powerful person.
ଦେ. ବିଣ—ପରାକ୍ରମଶାଳୀ—Mighty; powerful.
ଠାଣେଦାର ରଣରଣ ତୋ କରୁ କେବ ପ୍ରାଣ । କବିସୂର୍ଯ୍ୟ- ସଙ୍ଗୀତ ।

ଠା ଦେବା—ଦେ. କ୍ରି—ଆଶ୍ରୟ ଦେବା; ସ୍ଥାନ ଦେବା—
Ṭhā debā
To give shelter.

ଠାନ—ପ୍ରାଦେ. (ସମ୍ବଲପୁର) ବି.(ସଂ.ସ୍ଥାନ; ପ୍ରା.ଠାଣ; ଭୁଲ. ହି. ଠାନ୍)-
Ṭhān
୧ । ଠା; ସ୍ଥାନ—1. Place.
୨ । ଆଧାର—2. Receptacle.

ଠାନ୍ ଠାନ୍— ପ୍ରାଦେ. (ସମ୍ବଲପୁର) କ୍ରି. ବିଣ —ସ୍ଥାନେ ସ୍ଥାନେ—
Ṭhān ṭhān
In some places.

ଠାନ୍‌ଲେ—ପ୍ରାଦେ. (ଉତ୍ତର ଭାଗ) (୫ମୀ ବିଭକ୍ତିର ପ୍ରତ୍ୟୟ)—ଠାରୁ—
Ṭhānle
From

ଠାନୁ—ପ୍ରାଦେ. (ସମ୍ବଲପୁର) (୫ମୀ ବିଭକ୍ତିର ପ୍ରତ୍ୟୟ)ଅ—ଠାରୁ—
Ṭhānu
From.

୧	ଋ	ଉ	ର୍,ର୍ବ	ଃ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇୟୁ	ଙ୍ଗ	ଢ଼
୨	ରି	ଭ୍ର	ରୁ	ଲୁ	ୟେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟଂ	ଇଅ	ଡ଼	ନ୍ନ

ଠାପରା—ଗ୍ରା. ବଣ. ପୁଂ—ଠାପୁଆ (ଦେଖ)
Ṭhāparā Ṭhāpuā (See)
(ଠାପିରୀ—ସ୍ତ୍ରୀ)

ଠାପୁଆ—ଦେ. ଭଣ. ପୁଂ. (ସ୍ଥା. ଧାତୁ, ଣିଚ; ସ୍ଥାପି ଧାତୁ)—
Ṭhāpuā ୧ । ମଠ ଆ—1. Dilatory; slow; sluggish.
ସୁସ୍ତ ୨ । କର୍ମକୋଢ଼ି; ଅଳସୁଆ; ଶ୍ରମବିମୁଖ—
(ଠାପେଇ; ଠାପୋଇ—ସ୍ତ୍ରୀ) 2. Idle; lazy.
କେହୁ ବା ଠାପୁଆ ପଣେ ଧର୍ମିଷ୍ଠ ଧର
ପରଠାରୁ ସଦା ଅର୍ଥଶୋଷଣ ପ୍ରୟାସୀ । ରାଧାନାଥ. ମହାଯାତ୍ରା ।
୩ । ଯେଉଁ ଲୋକ ବାହାନା କରି କାର୍ଯ୍ୟରୁ ବା ପରିଶ୍ରମରୁ ଅବ୍ୟାହତି ପାଇବାକୁ ଚେଷ୍ଟାକରେ; ଛଠାଗଲା—
3. One who puts off work on various lame excuses (e.g. feigning inability or disease).

ଠାପୁର ଠାପୁର—ଦେ. (ଧ୍ୱନ୍ୟନୁକରଣ) ଅ—ଘୋଡ଼ାଙ୍କ ଖୁରା ମାଟିରେ
Ṭhāpur ṭhāpur ବାଜିଲେ ଯେଉଁ ଶବ୍ଦ ହୁଏ—
Thudding sound caused by the horse's hoofs striking the earth.

ଠାପେ(ପୋ)ଇବା—ଦେ. କ୍ରି—୧ । ବାହାନା କରିବା; ଛଠା ଗାଳିବା—
Ṭhāpe(po)ibā 1. To feign; to plead excuses for being exempted from work.
୨ । ଖେଙ୍ଗେଇ ଖେଙ୍ଗେଇ ଚାଲିବା—2. To limp.

ଠାବ—ଦେ. ବି. (ସଂ. ସ୍ଥାନ; ପ୍ରା. ଠାଣ; ଠାଁ; ସଂ. ସ୍ଥାପନ)—
Ṭhāba ୧ । ସ୍ଥାନ; ଜାଗା—1. Place; space; room.
ଠାଈଁ; ଠିକାନା ଯୁକ୍ତେ ମୁଁ ମହାଇପ କଲି, ବସିବା ଠାବେ ଘା ଲଭିଲି ।
ଟାଁବ ଭୂପତି. ପ୍ରେମପଞ୍ଚାମୃତ ।
୨ । କୌଣସି ବ୍ୟକ୍ତିର ବାସସ୍ଥାନ; ଠିକଣା—
2. Dewelling place; address or whereabouts of a person.
(ଯଥା—୩ ବରଷ ଖୋଜି ଖୋଜି ନିରୁଦ୍ଦିଷ୍ଟ ବ୍ୟକ୍ତିର ଠାବ ମିଳିଲା ନାହିଁ ।)
୩ । ଠିକଣା; ନିଶ୍ଚିତ ସମ୍ବାଦ; ପତ୍ତା; ସନ୍ଧାନ—
3. Certain news; trace; clue.
(ଯଥା—ମୁଁ ତାଙ୍କର ତୀର୍ଥଭ୍ରମଣର କୌଣସି ଠାବ ପାଇଲି ନାହିଁ ।)
୪ । ଆଶ୍ରୟ—4. Shelter.
୫ । ପାତ୍ର; ଆଧାର—5. Pot; receptacle.
ଠାବ ଅଣ ବୋଲି ସଖେ ଥାଇଛି କହିଲେ
ସୁବର୍ଣ୍ଣ ଭାଜନ ମୁକୁଳି ଆଣି ଦେଲେ । ପ୍ରାଚୀ. ବଳରାମ ।

ଠାବ କରିବା—ଦେ. କ୍ରି—୧ । ଅନୁସନ୍ଧାନ ଦ୍ୱାରା କୌଣସି ଅଜ୍ଞାତ
Ṭhāba karibā ବିଷୟ ବା ସମ୍ବାଦ ସ୍ଥିର କରି ବୁଝିବା;
ଠିକାନା କରା ଠିକଣା କରିବା—
ଟାଁବ କରନା 1. To find out the clue to something after inquiry; to ascertain an unknown matter.
ଭୁଲି ରଷିମାନଙ୍କେ ଖୋଜ ନ ପାଇ
ଧବରକେ ସେ ଠାବ କଲେ ଏଥିଁ । ଉପ. ବୈଦେହୀଶବିଳାସ ।
୨ । କୌଣସି ବ୍ୟକ୍ତିର ପତ୍ତା ବା ଠିକଣା ଅନୁସନ୍ଧାନ ଦ୍ୱାରା ଜାଣିବା—2. To ascertain the address or whereabouts of a person.
(ଯଥା—ହନୁମାନ ସୀତାଙ୍କ ଠାବ କରିବାକୁ ଲଙ୍କାକୁ ଗଲେ ।)
୩ । ରହିବା; ଅବସ୍ଥାନ କରିବା—3. To stay.
ମନେ କଲି ଚନ୍ଦ୍ରଙ୍କୁ ସେନ ସୂର୍ଯ୍ୟଦେବ
ଏ ମେଦର ମଧ୍ୟେ କି କରୁଛନ୍ତି ଠାବ । କୃଷ୍ଣସିଂହ. ମହାଭାରତ. ଅନୁଶାସନ ।

ଠାବକୁ—ଦେ. (ପଦ୍ୟ) କ୍ରି. ବିଣ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ)—
Ṭhāba-ku ଠାକୁ; ନିକଟକୁ; ପାଖକୁ—To; near.
(ଯଥା—ନାରଦ ଗଲେ ବ୍ରହ୍ମାଙ୍କ ଠାବକୁ ।)

ଠାବ ଠାବକେ—ଦେ. (ପଦ୍ୟ) ଅ—ସ୍ଥାନେ ସ୍ଥାନେ; କେତେ ସ୍ଥାନରେ—
Ṭhāba ṭhāba-ke At some places.
ଠାବ ଠାବକେ ଦେଖ ଶ୍ୟାମ ଅଟବ
ସପ୍ତଚ୍ଛଦ ପ୍ରସୂନେ ଶବଳ ଛବି । ରାଧାନାଥ, ତୁଳସୀ ସ୍ତବକ ।

ଠାବ ଦେବା—ଦେ. କ୍ରି—ଆଶ୍ରୟ ବା ସ୍ଥାନ ଦେବା—
Ṭhāba debā To give shelter.
(ଯଥା—ମୋ କଥଟା ଏପରି ଦଣ୍ଡୁଛି ଯେ ମତେ ପୃଥିବୀ ଠାବ ଦେଉ ନାହିଁ ।)

ଠାବର—ଦେ. (ପଦ୍ୟ) ଅ—ଠାବରେ—
Ṭhāba-ra Ṭhābare (See)
ବର୍ତ୍ତମାନ ଭୂତ ଭବିଷ୍ୟରେ ଶୋଭା ସାର
ବୋଲିବାର ସମ୍ଭବଇ ଏହାଙ୍କ ଠାବର । ଉପ, ବୈଦେହୀଶବିଳାସ ।

ଠାବରୁ—ଦେ. (ପଦ୍ୟ) ଅ—ଠାରୁ—
Ṭhāba-ru From.
ବଧୂ ଅଧିକକି ଶାଶୁ ଠାବରୁ
ବୋଧ ତାକୁ ବାଣୀ ଏହି ନ୍ୟାୟରୁ । ଉପ, ବୈଦେହୀଶବିଳାସ ।

ଠାବରେ—ଦେ. (ପଦ୍ୟ) ଅ—୧ । ନିକଟରେ; ପାଖରେ—
Ṭhābare 1. Near.
୨ । ଠାରେ—2. At; in; with.
ଶ୍ରମ ଯାହା ଠାବରେ କରି ଆଏ କ୍ରୋଧ ।
କୃଷ୍ଣସିଂହ, ମହାଭାରତ, ଉଦ୍ୟୋଗ ।

ଠାବେ ଠାବେ—ଦେ. (ପଦ୍ୟ) ଅ—କୌଣସି କୌଣସି ସ୍ଥାନରେ—
Ṭhābe ṭhābe At some places.
ଠାଈଁ ଠାଈଁ ଠାବେ ଠାବେ ଭଟେ ଶ୍ୱେତ-ଶିଳାସ୍ତମ୍ଭ ପ୍ରାୟେ ଦ୍ରୁମ୍ବିର ।
ଜଗହ ଜଗହ ରାଧାନାଥ, ଉଷା ।

ଠାମ—ଦେ. ବି—ଗଢ଼ଣ; ଗଠନ—
Ṭhāma Formation; make; figure; build.
ଠାମ (ଯଥା—ସୁଠାମ ।)
ଢାମ

ସାଧାରଣ ଲୋକେ ଅପର ପୃଷ୍ଠାରେ ସୂଚିତ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୂ' ଦେଖିବେ; 'ଅଙ୍ଗା' ନ ପାଇଲେ 'ଅଙ୍କା' ଦେଖିବେ, 'ଅଲବଡ଼' ନ ପାଇଲେ 'ଅଲ୍‌ବିଡ଼' ଦେଖିବେ ।

ଠାୟାଁ—ଦେ. ବିଣ. ପୁଂ.—ଯେଉଁ ପୁରୁଷ ବିଧବା ସ୍ତ୍ରୀକୁ ଶୂଦ୍ରମାନଙ୍କ ସମାଜରେ ପ୍ରଚଳିତ 'ଦୁଇଅ' ପ୍ରଥା ଅନୁସାରେ ବିବାହ କରେ—The husband of a remarried Śūdra widow.
Ṭhāyā̃
(ଠାୟାଁଣୀ—ସ୍ତ୍ରୀ)

[ଦ୍ର—ଠାୟାଁ ଠାୟାଁଣୀଙ୍କ ଔରସ ପୁତ୍ରକୁ ଗଜମନ ଠାୟାଁ ଓ କନ୍ୟାକୁ ଗଜମନ ଠାୟାଁଣୀ ବୋଲଯାଏ ।]

ଠାୟାଁଣୀ—ଦେ. ବି. ସ୍ତ୍ରୀ.—୧ । ୧ । ଦ୍ୱିତୀୟ ବିବାହିତା ଶୂଦ୍ର ବିଧବା—1. A remarried Śūdra widow.
Ṭhāyā̃ṇī

୨ । ସ୍ୱାମୀଦ୍ୱାରା ପରିତ୍ୟକ୍ତା ବା ବିଧବା ଯେଉଁ ଶୂଦ୍ରାଣୀ ଦୁତିଅ ପ୍ରଥା ଅନୁସାରେ ଯଥାକ୍ରମେ ଏକାଧିକ ପତି ଗ୍ରହଣ କରେ—2. A Śūdra widow who takes successive husbands.

[ଦ୍ର—ଯେଉଁ ବିଧବା ଶୂଦ୍ରାଣୀ ଯଥାକ୍ରମେ ଏକାଧିକ ପତିଙ୍କୁ 'ଦୁତିଅ' କୁଏ ତାକୁ 'ଛଳ ଠାୟାଁଣୀ' ବୋଲଯାଏ ।]

ଠାୟେ—ଦେ. ଅ.—୧ । ଠାରେ; ନିକଟରେ—1. At; near.
Ṭhāye
ଠୈଁ
ସଂ

ଅମ୍ଭ ନୃତ୍ୟ ଗୀତ ଦେଖି ଦାନ ଦେବ, କଣାଅ ରଜାଙ୍କ ଠାୟେ ।
ପ୍ରାଚୀ. ରହସ୍ୟମଞ୍ଜରୀ ।

୨ । ଏକ ସ୍ଥାନରେ—2. In one place.

ଅସ୍ମାଧାନରେ ଅବ ଠାୟେ, କାହିଁକି ନ ରହିବ ପାସ୍ୱେ ।
ପ୍ରାଚୀ. ଚଣ୍ଡୀମାହାତ୍ମ୍ୟ ।

୩ । କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ—3. At a certain place.

ଠାର୍‌ଠୁର୍—ଦେ. ବି. (ସଂ. ସ୍ତୃ ଧାତୁ=ଆଚ୍ଛାଦନ)—ନେତ୍ର ଓ ହସ୍ତାଦିର ସଙ୍କେତଦ୍ୱାରା ଅନ୍ୟୋନ୍ୟରେ ମନୋଭାବର ଆଦାନ ପ୍ରଦାନ—Mutual exchange of view by dumb signs and glances.
Ṭhār ṭhur
ଠାରଠୋର
ସଂନ

ଠାରଠୁର କଥା ହୋଇଣ ସରସରେ । କୃଷ୍ଣସିଂହ. ମହାଭାରତ. ଅବ ।

ଠାର୍‌ଠୁର୍‌ ଊଣେଇଶ୍‌ ବିଶ୍‌—ଦେ.—ଉପସ୍ଥିତ ତୃତୀୟ ବ୍ୟକ୍ତିର ଅବୋଧ ସଙ୍କେତ ଆଦି ଦ୍ୱାରା ଦୁଇଜଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ—Exchange of thought betweeu two persons, which is not understood by a third person present there.
Ṭhār ṭhur ūṇeis bis
ଠାର୍‌ଠୋର ଊନୀଶ ବୀଶ

ଠାର—ଦେ. ବି.—(ସଂ. ସ୍ତୃ ଧାତୁ=ଆଚ୍ଛାଦନ କରିବା; ଆଖି ପତାଦ୍ୱାରା ଆଖିକୁ ଆଚ୍ଛାଦନ କରିବାର ଭଙ୍ଗୀ)—୧ । ଉପସ୍ଥିତ ତୃତୀୟ ବ୍ୟକ୍ତିର ଅବୋଧ ଦୁଇଜଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ନିମନ୍ତେ କରାଯିବା ଚକ୍ଷୁ ଓ ଅଙ୍ଗାଦିଦ୍ୱାରା ସଙ୍କେତ—1. Gesture; signal; dumb signs through which two persons exchange thought with each other without third persons knowing the meaning; dactylology; manual conversation.
Ṭhāra
ଠାର
ସଂନ

[ଦ୍ର—ମୁହଁରେ କଥା ନ କହି ମୁଣ୍ଡ ହଲାଇ ଓ ହାତଦ୍ୱାରା ଓ ଅଙ୍ଗୁଠିଦ୍ୱାରା ବଧିର ଓ ମୂକମାନଙ୍କ ନିକଟରେ କଥକ ନିଜ ମନର ଭାବ ବ୍ୟକ୍ତ କରନ୍ତି । ଏହାକୁ ଠାର ବୋଲଯାଏ । ଆଧୁନିକ ଯୁଗରେ ଏହି ଠାର ସାହାଯ୍ୟରେ ବଧିର ଓ ମୂକମାନଙ୍କୁ ଅଭିନବରୂପେ ଶିକ୍ଷା ଦିଆଯିବା ନିମନ୍ତେ ବିଦ୍ୟାଳୟମାନ ସ୍ଥାପିତ ହୋଇଅଛି । ହାତଦ୍ୱାରା କରାଯିବା ଠାର ଦୁଇ ପ୍ରକାର; ଯଥା—(୧) ଅଙ୍ଗୁଠିମାନଙ୍କର ଭିନ୍ନ ଭିନ୍ନ ଅବସ୍ଥାନ-ଭଙ୍ଗୀ ଓ ଚାଳନାଦ୍ୱାରା ଭିନ୍ନ ଭିନ୍ନ ଅକ୍ଷର ଓ ଅଙ୍କ ପ୍ରକାଶ କରାଯିବା (Dactylology or manual alphabet system) ଯଥା—ଏକ ଅଙ୍ଗୁଠି ଉଠାଇଲେ ୧ ସଂଖ୍ୟା, ଦୁଇ ଅଙ୍ଗୁଠି ଉଠାଇଲେ ୨ ସଂଖ୍ୟା ଇତ୍ୟାଦି । ଏହା ମଧ୍ୟ ଏକହାତିଆ ଠାର ଓ ଦୁଇହାତିଆ ଠାର ଏପରି ଦୁଇ ପ୍ରକାର । (୨) ଅଙ୍ଗୁଠି ଓ ହାତ ଆଦି ଚାଳନାଦ୍ୱାରା ଭିନ୍ନ ଭିନ୍ନ ବସ୍ତୁ ବା ଭାବ ପ୍ରକାଶ କରାଯିବା (Manual signs; motion; action or gesture by which the speaker conveys his meaning) । ଆମ୍ଭମାନଙ୍କ ସମାଜରେ ଶାଶୁଘରକୁ ଆସିଥିବା ନବବଧୂମାନେ ଶାଶୁଘରେ ସମ୍ମାନାସ୍ପଦ ବ୍ୟକ୍ତିମାନଙ୍କୁ (ଯଥା— ଶାଶୁ, ନଣନ୍ଦ, ବଡ଼ ଯାଆଙ୍କୁ) ପାଟି ଫିଟାଇ କଥା ନ କହି 'ହୁଁ ହୁଁ' ଓ 'ଠାର' ଦ୍ୱାରା ମନୋଗତ ଭାବ ପ୍ରକାଶ କରନ୍ତି । ଏବେ ମଧ୍ୟ ଏ ରୀତି କେତେକ ରକ୍ଷଣଶୀଳ ପରିବାରରେ ଚଳୁଛି । କନ୍ୟାମାନେ ଶାଶୁଘରକୁ ଯିବା ପୂର୍ବରୁ ପିତୃଗୃହରେ ଏହା ପ୍ରବୀଣା ମାନଙ୍କଠାରୁ ସ୍ୱଭାବତେ ଶିକ୍ଷାକରି ଥାଆନ୍ତି ।

ନାଟୁଆମାନେ ମୁହଁରେ ବୋଲିବା ସଙ୍ଗୀତର ମର୍ମକୁ ପାରିଲା ବା ହସ୍ତକ କରି ଅର୍ଥାତ୍ ହସ୍ତଚାଳନ ଓ ମୁଖଭଙ୍ଗୀ ଦ୍ୱାରା ପ୍ରକାଶ କରନ୍ତି, ଏହା ମଧ୍ୟ ଏକପ୍ରକାର ଠାର ।

ଆମ ଦେଶରେ ପିଲାମାନଙ୍କ ମଧ୍ୟରେ ପ୍ରଚଳିତ 'ଅଚ୍ଛଠାର' ଏହି ଶ୍ରେଣୀର । ତାହାର 'ସାଙ୍କେତିକ' ଏହି :—

"ଅଚ୍ଛ, କଳଶ, ଚକ୍ର, ଟଙ୍କାର, ତଳପ୍ର (ତାଳ), ପବନ; ଯବ, ଶଶି ପରମାଣ; ଅଙ୍ଗୁଠି ଟେକି ଅକ୍ଷର ଦେଖାଇବ ଜାଣ, ଫୁଙ୍କି ମାରିଣ ମାତ୍ରା କରିବ ବଖାଣ ।"

ଅ	ଆ	ଇ	ଈ	ଉ	ଊ	ଏ	ଐ	ଓ	ଔ=
୧	୨	୩	୪	୫	୬	୭	୮	୯	୧୦

ହାତକୁ (ଅଚ୍ଛ) ସର୍ପାକୃତି କରି ତା ପରେ ଯେତେଟାଏ ଅଙ୍ଗୁଠି ଦେଖାଇବ ସେହି ସଂଖ୍ୟକ ସ୍ୱର ବୁଝାଯିବ । ଯଥା—ଏକ ଅଙ୍ଗୁଠି ଦେଖାଇଲେ ଅ, ୨ ଅଙ୍ଗୁଠି ଦେଖାଇଲେ—ଆ, ଇତ୍ୟାଦି

କ ବର୍ଗ=କଳଶ, ଚ ବର୍ଗ=ଚକ୍ର, ଟ ବର୍ଗ=ଧନୁଷ୍ଟଙ୍କାର, ତ ବର୍ଗ=ତାଳ, ପ ବର୍ଗ=ପବନ (ହାତ ଦ୍ୱାରା ଉଷୁମା) ଯରଲବ=ଯବଧାନ, ଶଷସହ=ଚନ୍ଦ୍ର; ଅଙ୍ଗୁଠିର ସଂଖ୍ୟା ଦ୍ୱାରା

୧	ଲ୍ଲ	ଊ	ଋ,ୠ	ଝ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଣ,ଷ	କ୍ଷ୍ମ	ଇଯ୍	ଉଅ	ଢ଼
୨	ଈ	ଉ	ରୁ	ଲୁ	ପ୍ରେ	ଅକାରାନ୍ତବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ଁ୍ୟ	ଇଅ	ଙ୍ଗ	ନ୍

ବିନ୍ଦୁର ସେହି ସଂଖ୍ୟକ ବର୍ଣ୍ଣ ବୁଝାଯିବ । ଫୁଟୁକ ମାରଲେ ଅକ୍ଷରରେ ମାତ୍ରା ଦିଆଯିବାର ବୁଝାଯିବ ।]

୨ । ଗୁପ୍ତ ବ୍ୟକ୍ତିର ଅବୋଧ ଦୁଇ ଜଣଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ—
2. Cipher-language.

ଶୋଭ କାମିନୀର ନୀର ବଣେ ପୟୋଧରଧର ଜାଣେ ପ୍ରକାଶୁଁ ସେ ଠାର ଠାର ହେ ।
ଭଞ୍ଜ ପ୍ରେମସୁଧାନିଧି ।

[ଦ୍ର—ଅନ୍ୟ ବ୍ୟକ୍ତିର ଅବୋଧ କଥା ବା ଲେଖାଦ୍ୱାରା ୨ ଜଣ ବ୍ୟକ୍ତି ପରସ୍ପର ମଧ୍ୟରେ ଭାବ ଆଦାନ ପ୍ରଦାନ କରିବାକୁ cipher ଠାର ବୋଲାଯାଏ । ଦୂରଦେଶସ୍ଥ ରାଜକର୍ମଚାରୀମାନଙ୍କ ମଧ୍ୟରେ ଏହି ପ୍ରଣାଳୀ ଦ୍ୱାରା ଗୋପନୀୟ ଚିଠି ଓ ତାର ଖବର ପ୍ରେରିତ ହୁଏ । ଉକ୍ତ ଠାରର ସାଙ୍କ (key) ନ ଜାଣିଥିବା ବ୍ୟକ୍ତି ଏଥିରୁ କିଛି ମାତ୍ର ବୁଝି ପାରେ ନାହିଁ ।

ଆମ ଦେଶରେ ମଧ୍ୟ ଅନେକ ପ୍ରକାର 'ଠାର' ଅଛି ।

ଶଶିଠାର—ଏଥିର ସାଙ୍କ: ଅ=କ, ଖ=ଗ, ଘ=ଙ, ଚ=ଝ, ଛ=ଠ, ଜ=ଡ଼, ଝ=ଢ଼, ଞ=ଣ, ତ=ପ, ଥ=ଫ, ଦ=ବ, ଧ=ଭ, ନ=ମ, ର ଓ ଲ=ସ, ହ=କ୍ଷ ।

ଏଥିର ଉଦାହରଣ ଯଥା—'ମୁଁ ଆଜ ଘରକୁ ଯିବି' ଏହି ବାକ୍ୟ ଶଶିଠାରରେ='ନୁ କାଡ଼ ଙ ସଢ଼ ଉଦ' ହେବ ।

ଶେଲେଷା ବା ଶ୍ଳେଷ ଠାର—ଏଥିରେ ପ୍ରତ୍ୟେକ ମୂଳ ଅକ୍ଷରକୁ ଉଚ୍ଚାରିତ ହୋଇ ତହିଁରେ ଉକ୍ତ ଅକ୍ଷରର ମାତ୍ରାଯୁକ୍ତ 'ଶଲସ' ଶବ୍ଦ ଲାଗେ । ଯଥା—ମୁଁ=ମ ଶୁଲୁସ, ଆଜ=ଅ ଶାଲାସା ଜ ଶିଲସି, ଘରକୁ=ଘ ଶଲସ ର ଶଲସ କ ଶୁଲୁସ, ବେଗ ହୋଇ=ବ ଶେଲେସେ ଗ ଶଲସ ହ ଶୋଲୋସୋ ଅ ଶିଲସି, ଯିବ=ଯ ଶିଲସି ବ ଶିଲସି ।

ଫୁଲ ଠାର—ପ୍ରତ୍ୟେକ ଅକ୍ଷର ପରେ 'ଫୁଲ' ପଦ ଯୋଗ ହୁଏ । ମୁଁ ଯାଉଛି ଏହାକୁ କହିବାକୁ ହେଲେ ମୁଁ ଫୁଲ ଯା ଫୁଲ ଉ ଫୁଲ ଛି ଫୁଲ ।

ପ୍ନ ଠାର—ପ୍ରତ୍ୟେକ ଅକ୍ଷର ପରେ ପ୍ନ ଯୋଗ ହୁଏ, କିନ୍ତୁ ଶବ୍ଦର ଶେଷ ଅକ୍ଷରରେ ପ୍ନ ଲାଗେ ନାହିଁ । ଯଥା—'ମୁଁ ଖାଇବି' ଏହା କହିବାକୁ ହେଲେ ମୁଁ ପ୍ନ ଖା ପ୍ନା ଇ ପ୍ନି ବି ।

ଆଉ ଗୋଟିଏ ଠାରରେ ପ୍ରତ୍ୟେକ ଶବ୍ଦକୁ ଓଲଟା କରି କୁହାଯାଏ । ଯଥା—ପାନ ଖଣ୍ଡେ ଦିଅ=ନପା ଣ୍ଡେଖ ଅଦି ।

ଆଉ ଏକପ୍ରକାର ଠାର ଅଛି, ସେଥିରେ ଗୋଟିଏ ସୂତ୍ର ଏପରି ଥାଏ ଯେ ପ୍ରତ୍ୟେକ ପଦ ମଧ୍ୟରେ ପୂର୍ବରୁ ସ୍ୱୀକୃତ ୨।୩।୪ ବା ତତୋଽଧିକସଂଖ୍ୟକ 'ଶୂନ୍ୟ ଶବ୍ଦ' ନିହିତ କରାଯାଇ ଲେଖାଯାଏ । ଲେଖକର ମନୋଭାବ ଜାଣିବାକୁ ହେଲେ ପ୍ରଥମ ଶବ୍ଦକୁ ଗଣି ସେହିଠାରୁ ୩ଟି ଶବ୍ଦ ଛାଡ଼ିଦେଇ ୨ୟ ଶବ୍ଦ ଓ ସେଠାରୁ ପୁଣି ୩ଟି ଶବ୍ଦ ଛାଡ଼ିଦେଇ ୩ୟ ଶବ୍ଦ ପଢ଼ିବାକୁ ହୁଏ । ମୁଁ କାଲି ସକାଳରେ ପାଇକ ନେଇ ଗଡ଼ରେ ପହଞ୍ଚିବି । ଏହି ବାକ୍ୟଟି ଲେଖିବାକୁ ହେଲେ—

୧ ୨ ୩ ୧ ୨ ୩
ମୁଁ ଏଠାରେ ଭଲ ଅଛି । କାଲି ମତେ ଜର ହେଲା ।
୧ ୨ ୩ ୧ ୨ ୩
ପାଇକ ତିନି ଜଣ ପଞ୍ଚା ନେଇ ଜମି ଚାଷ କଲେ ।
୧ ୨ ୩
ଗଡ଼ରେ ବରଷକ ପରେ ମୁଁ ପହଞ୍ଚିବି ।

ଏହି ଶ୍ରେଣୀର ମଧ୍ୟ ଅନ୍ତଲିପି, ବହିର୍ଲିପି, ଆଦ୍ୟଲିପି, ମଧ୍ୟଲିପି ଯୁକ୍ତ ଠାର ଅଛି । ପ୍ରତ୍ୟେକ ଧାଡ଼ି ବା ପଦର ଆଦ୍ୟ, ମଧ୍ୟ ବା ଶେଷ ଅକ୍ଷରକୁ ସ୍ତମ୍ଭାକାର କରି ପଢ଼ିଲେ କଥକର ମନୋଭାବ ବୁଝାଯାଏ ।

ଅନ୍ତର ମଧ୍ୟ ପ୍ରତ୍ୟେକ ଧାଡ଼ିରେ ଥିବା ପ୍ରଶ୍ନର ଉତ୍ତରସ୍ୱରୂପ ପ୍ରଦତ୍ତ ଶବ୍ଦମାନଙ୍କର ଆଦ୍ୟ, ମଧ୍ୟ ବା ଶେଷ ଅକ୍ଷରକୁ ସ୍ତମ୍ଭାକାରରେ ପଢ଼ିଲେ ଅର୍ଥ ଜଣାଯାଏ ।

ଆଜି କାଲିର କ୍ଷୁଦ୍ର ଲେଖ (short hand) ମଧ୍ୟ ଏକପ୍ରକାର ଠାର]

୩ । ଆଖିଠାର; ଆଖିର ଭଙ୍ଗୀଦ୍ୱାରା କରାଯିବା ଇଙ୍ଗିତ ବା ମନୋଭାବର ଅଭିବ୍ୟକ୍ତି—3. Signals made by various movements and glances of the eye.

ଠାର ନେତ୍ରାନ୍ତ ମନ ମୋହନ ପାଶୀ । କବିସୂର୍ଯ୍ୟ. ସଙ୍ଗୀତ ।

ଦେ. (ପଦ୍ୟ) ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—୧ । (୭ମୀ ବିଭକ୍ତିର ଚିହ୍ନ) ଠାରେ—1. In; at.

କରନ୍ତୁ ସ୍ୱଧର୍ମ ଅଗ୍ରର
ସଙ୍ଗକୁ ଦେଖ ସର୍ବଠାର । ଜଗନ୍ନାଥ. ଭାଗବତ ।

୨ । (୫ମୀ ବିଭକ୍ତିର ଚିହ୍ନ) ଠାରୁ—2. From.

ଏ ଭାଗବତ ଗ୍ରନ୍ଥସାର
ମୋ ଶିକ୍ଷା ପୂର୍ବେ ତାଙ୍କଠାର । ଜଗନ୍ନାଥ. ଭାଗବତ ।

ଦେ. ଅ.—(୬ଷ୍ଠୀ ବିଭକ୍ତିର ଚିହ୍ନ)—(ଅମୁକ) ସ୍ଥାନର—Of such or such a place.
(ଯଥା—ଏ କେଉଁଠାର ଲୋକ ।)

ଠାରିବା—ଦେ. କି. (ସଂ. ସ୍ଥ ଧାତୁ=ଆଚ୍ଛାଦନ)—୧ । ନେତ୍ର, ହସ୍ତ ଓ Thāribā ହସ୍ତାଦିର ଭଙ୍ଗୀଦ୍ୱାରା ସଙ୍କେତ ବା ଇଙ୍ଗିତ କରିବା—
ठारना 1.To convey one's meaning to another
इसारा करना, सैनमारना by signs, winks or gestures; to signal.

ଠାର ଦେଲେ ନେତ୍ରାନ୍ତଲେ । କବିସୂର୍ଯ୍ୟ. କଳୋଲଚଉତିଶା ଠ. ଗୀତ ।

୨ । କୌଣସି ବିଷୟର ସଂକ୍ଷିପ୍ତ ସ୍ମାରକ-ଲେଖା କାଗଜ ଆଦିରେ ଟିପି ରଖିବା (ଏହା ଅନ୍ୟ ବ୍ୟକ୍ତିର ଦୁର୍ବୋଧ୍ୟ)—
2. To jot down short notes in shorthand.

ଠାରୁ—ଦେ. ଅ. (୫ମୀ ବିଭକ୍ତିର ଚିହ୍ନ)—୧ । ରୁ—
Țhāru 1. From.
থেকে, হইতে ୨ । (ଅମୁକ) ସ୍ଥାନରୁ—2. From (a place).

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦିଆଯାଇଥିବା ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ପ୍ରଭେଦ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୂଅ' ନ ମିଳିଲେ 'କୁଅ' ଦେଖିବେ; 'ବଧୁ' ନ ପାଇଲେ 'ବଧୂ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସେ ୩ । (ଅମୁକ) ବ୍ୟକ୍ତି ନିକଟରୁ—
3. From (some person).

୪ । (ଅମୁକ) ଅପେକ୍ଷା—4. Than

୫ । (ଅମୁକ) ସମୟରୁ ଆରମ୍ଭ କରି —
5. Since; beginning from (such a time).

ପ୍ରାଦେ. (ସମ୍ବଲପୁର) ବିଣ—ଟକା; ଟାଙ୍ଗରା—Bald.

ଠାରୁମୁଁଡ଼ା—ପ୍ରାଦେ. (ସମ୍ବଲପୁର) ବିଣ. ପୁଂ—ଟକାମୁଣ୍ଡିଆ; ଟାଙ୍ଗରା—
Ṭhāru-muṅrḍā Bald-headed.
(ଠାରୁମୁଁଡ଼ୀ—ସ୍ତ୍ରୀ.) ଠାରୁମୁଁଡ଼ା ଠେଙ୍କେ ଟେଲ୍ । ଶିଶୁ ପରିହାସ ।

ଠାରେ—ଦେ. ଅ. (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ)—୧ । (ଅଧିକରଣ ବା
Ṭhāre ୭ମୀ ବିଭକ୍ତି ଚିହ୍ନ) ରେ; ନିକଟରେ—
ତେ, ଠେଁ, ଠେଯେଁ 1. At; near.
ସେ ସେ କଥା କହି ଅସ୍ତଠାରେ । ପ୍ରାଚୀ. ନିର୍ଗୁଣମାହାତ୍ମ୍ୟ ।

୨ । ହେଁ; ସତ୍ତ୍ୱେ; (ଅମୁକକଥା) ଘଟିଥାଇ ସୁଦ୍ଧା—
2. In spite of.
ସାହା ହୋଇ କୃଷ୍ଣର କୁଳରେ ତୁମ୍ଭେ ମୋର
ସ୍ୱାଠାରେ ଦାସୀ ହୋଇଲି ମୁଁ ତାଙ୍କର । କୃଷ୍ଣସିଂହ. ମହାଭାରତ ବନ ।

୩ । (ଅମୁକ ବିଷୟ ଘଟିବା) ଅବସ୍ଥାରେ—3. Under the circumstances of.
ଏରୂପେ ହେଲଠାରେ ତୁମ୍ଭ ତାଙ୍କ ସେନା
ଯୁଦ୍ଧକଲେ ସଜ୍ଜନ ହୋଇ ଶେଷମନା । କୃଷ୍ଣସିଂହ, ମହାଭାରତ ଭୀଷ୍ମ ।

୪ । (ଅମୁକ) ସ୍ଥାନରେ—4. In a place; at a place.
ଏରୂପେ ଇନ୍ଦ୍ରଙ୍କ ଦେହରୁ ବ୍ରହ୍ମହତ୍ୟା,
ଗୃହଠାରେ ରଖିଲେ ବ୍ରହ୍ମାଲୋକ ପିତା । କୃଷ୍ଣସିଂହ. ମହାଭାରତ. ଶାନ୍ତି ।

୫ । (ଅମୁକ ସ୍ତ୍ରୀର) ଆଉଡ଼େ; ଗର୍ଭରେ (ଜାତ)—
5. In the womb of; (born) from such or such a woman.
ପଞ୍ଚକୁମର ତାର.ଠାରେ
ହୋଇଲେ ଅତି ମନୋହରେ । ଜଗନ୍ନାଥ. ଭାଗବତ ।

ଠାସକୁ ମାରିବା—ଦେ. କ୍ରି—୧ । ପର ଉପରେ ନିର୍ଭର କରିବା—
Ṭhāsaku māribā 1. To depend on another.

୨ । ଅନୁମାନ କରିବା; ଅନ୍ଦାଜ କରିବା; ଠଉରାଇବା—
2. To guess; to conjecture.
(ଯଥା—୧ । ବୁଢ଼ା ବାଡ଼ି ଧରି ଅନ୍ଧାର ବାଟରେ ଠାସକୁ ମାରି ଚାଲୁଛି—୨ । ଠାସକୁ ମାରି ମୁଁ ଏ ଛିଣ୍ଡା ଲେଖାକୁ ପଢ଼ିଗଲି ।)

୩ । ଉଣ୍ଡାଳିବା, ଅଣ୍ଡାଳିବା—3. To feel in the dark.

ଠାସିବା—ଦେ. କ୍ରି.—(ସଂ. ସ୍ଥାସ୍ନୁ=ଦୃଢ଼ ସନ୍ନିବେଶିତ;)—୧ । କୌଣସି
Ṭhāsibā ପଦାର୍ଥକୁ କୌଣସି ପାତ୍ର ବା ସଙ୍କୀର୍ଣ୍ଣ ସ୍ଥାନରେ ପୂରାଇ
ଠାସା, ଠାଁସା ଉପରୁ ଖୁନ୍ଦିବା; ଠେସିବା—1 To stuff in or
ଠାଁସନା ଠୁସନା press a thing into a narrow space;
ଠସା(ସେ)ଇବା }—ଣିଜନ୍ତରୂପ. to ram down something into a narrow
ଠାସେଇବା tube or space; to cram down with force.

(ଯଥା—ବାଣୁଆ ବନ୍ଧୁକ ନଳରେ ବାରୁଦକୁ ଠାସୁଛି ।)

୨ । ଠେଣା ବା ଛାଞ୍ଚରେ ସୁନା ରୁପାଆଦିର ପାତିଆ ରଖି ପାତିଆ ଉପରେ ମାଡ଼ ଦେବା—2. To beat a thin metal-plate over a mould or a die.

୩ । ଜୋରରେ ପେଲିବା—
3. To push with force.

୪ । (ଅଶ୍ଳୀଳ) ସ୍ତ୍ରୀକୁ ମୈଥୁନ କରିବା—
4. (indecent) To cohabit a woman.

ଠାସୁଆ—ଦେ. ବିଣ. ପୁଂ—କୌଣସି ବିଷୟ ନ ଜାଣି ଅନ୍ଦାଜରେ ସେ
Ṭhāsuā ବିଷୟ କହିବାରେ ଅଭ୍ୟସ୍ତ—Habituated to saying
ଠାସେଈ } ସ୍ତ୍ରୀ things by guess or without
ଠାସୋଈ } personal knowledge.

ଠି—ଦେ. ଅ (ଅନ୍ୟ ଶବ୍ଦ ସଙ୍ଗେ ଲାଗେ; ୭ମୀ ବିଭକ୍ତିର ଚିହ୍ନ)—
Ṭhi ଠାରେ; ଠାଇଁ; ଠେଇଁ;—In; at.
ଠାଇଁ, (ଯଥା—ସେଠି ବସିଲେ ଖାଇବାକୁ ମିଳିବ ନାହିଁ ।)
ମେ ପ୍ରାଦେ. (ମେଦିନୀପୁର) (କ୍ରିୟା ପ୍ରତ୍ୟୟ)—(ମୁଁ) ଛି; ଅଛି—
[ଯଥା—ଖାଉଠି=ମୁଁ ଖାଉଛି]
ପ୍ରାଦେ. (ଜାଗପୁର) ପ୍ରତ୍ୟୟ—କୁ—To.
(ଯଥା—ତାଠି=ତାକୁ ।)
(ଠି, ଠାଇଁ, ଠେଇଁ—ଅନ୍ୟରୂପ)

ଠିଅ—ଦେ. ବି. (ସଂ. ସ୍ଥିତ ବା ସ୍ଥିତି)—୧ । ମର୍ଯ୍ୟାଦା; ଠେକ—
Ṭhia 1. Prestige.
ଠେକନା ୨ । ଠିଆ; ଅବଲମ୍ବନ; ଆସ୍ଥା; କୌଣସି ବସ୍ତୁକୁ ଟେକି
ଟେକ, ଠେଘା ରଖିବା ନିମନ୍ତେ ତହିଁରେ ଲଗାଯିବା ଖୁଣ୍ଟି ଆଦି—
2. Prop; support.

୩ । ମନୁଷ୍ୟ ଚାଲିବା ସମୟରେ ଯେଉଁ ଯଷ୍ଟିକୁ ଅବଲମ୍ବନ କରିଥାଏ—3. Walking stick.

୪ । ଯଷ୍ଟି ଆଦିର ମୂଳଦ୍ୱାରା କରାଯିବା ଆଘାତ; ଡଙ୍ଗ; ଗୋଞ୍ଜ—
4. A push by the butt-end of a stick.

ଠିଅ ମାରିବା—ଦେ. କ୍ରି—ଅନ୍ଧାର ରାତିରେ ବା ଅଜ୍ଞାତଗଭୀରତା ଜଳରେ
Ṭhia māriba ବା ଖସଡ଼ା ବାଟରେ ଚାଲିବା ନିମନ୍ତେ ଯଷ୍ଟିକୁ
ଅବଲମ୍ବନ କରିବା—To feel one's way with the help of a stick while walking in the dark or wading in water of unknown depth or in a slippery place.

୨ । ଯଷ୍ଟି ଆଦିର ମୂଳଦ୍ୱାରା ଆଘାତ କରିବା; ଡଙ୍ଗ ମାରିବା—2. To give a push with the butt-end of a stick; to ram.

ଠିଆ—ଦେ. ବି (ପ୍ର. ଖଡ଼=ତୃଣାଦିର ନାଡ଼ ବା ସ୍ଥା ଧାତୁରୁ ସ୍ଥା,
Ṭhiā ସଂ. ସ୍ଥିତ; ପ୍ରା. ଠିଅ; ସଂ. ସ୍ଥାତା—
ଠାଢ଼, ଖାଡ଼ା ୧ । ଦଣ୍ଡାୟମାନ ହେବା; ଉଭା ହେବା—
ଠାଢ଼ 1. Standing up;

୧	ଇ	ଊ	ଋ,ଝ	ଛ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଜ	ଶ,ସ	ଙ୍କ	ଇଯ	ଉଅ	ଞ
୨	ଈ	ଉ	ରୁ	ଲୁ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଚ୍ୟ	ଇଅ	ଢ଼	ନ୍

୨ । ଉଚ୍ଚତା; ଦେହ—2. Height; stature.
(ଯଥା—ସେ ଠିଆରେ ୫ ହାତ ।)
୩ । ଭୂପୃଷ୍ଠରୁ ସମକୋଣଭାବରେ ଅବସ୍ଥିତ—
3. Upright position;perpendicular position.
ବିଣ—୧ । ଦଣ୍ଡାୟମାନ; ଛିଡ଼ା—1. Standing; erect.

କେହିଁ ଗୋପୀ ହୋଇ ଠିଆ ଯେ, ଚୁମ୍ବିଲା ସ୍ପର୍ଶିଲା
ବଢ଼ିଲୁ ବାଛୁ ହେଲୁ ଏଡ଼େ ଅପାଠିଆ । ଅଭିମନ୍ୟୁ, ବଦଗ୍ଧ ଚିନ୍ତାମଣି ।

ଠିଆ କରତ—ଦେ. ବି—ଯେଉଁ କରତକୁ ୨ଜଣ ମନୁଷ୍ୟ ଠିଆ ହୋଇ ଧରି ବଡ଼ କାଠ ଚିରନ୍ତି; ବଡ଼ କରତ; ଠେଲା କରତ—Cross-cut saw (as opposed to hand-saw).
Thiā karata
(ହାତକରତ—ବିପରୀତ)
ঠেলাকরত, বড় করাত
आरा

ଠିଆ କରା(ରେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତି ବା ପଦାର୍ଥକୁ ଦଣ୍ଡାୟମାନ କରାଇବା—1. To make a person or thing stand erect.
Thiā karā(re)ibā
ঠাড় করান
ठाढ़ा करना

୨ । ଠିଆ ହୋଇ ଅପେକ୍ଷା କରିବା ନିମନ୍ତେ ବାଧ୍ୟ କରାଇବା—2. To cause or oblige a person to wait standing or to dance attendance.

୩ । ଦଣ୍ଡ ଭୋଗ ନିମନ୍ତେ କୌଣସି ବ୍ୟକ୍ତିକୁ ଠିଆ ହେବାପାଇଁ ବିଧାନ କରିବା—3. To make a person stand up on his legs (as a punishment).

୪ । [ଲକ୍ଷଣାର୍ଥ) ଘରର ନିର୍ମାଣ ସମ୍ପୂର୍ଣ୍ଣ କରିବା—
4. (figurative) To erect (a house).

୫ । (ଲକ୍ଷଣାର୍ଥ) କୌଣସି ଅନୁଷ୍ଠାନକୁ ପ୍ରତିଷ୍ଠା କରିବା—5. (figurative) To start an institution.

ଠିଆ କୋରଣା—ଦେ. ବି—ଯେଉଁ କୋରଣାର ଲୁହା ଯନ୍ତ୍ରଟି ଗୋଟିଏ ପୀଢ଼ାରେ ଠିଆ ଭାଗରେ ମାରିଥାଏ; ଗଛ କୋରଣା—An erect-bladed scraper (as opposed to hand-scraper.
Thiā koraṇā
(ହାତ କୋରଣା—ବିପରୀତ)
ঠাড়াকুরনী
ठाढ़ाखुरचनी
(ଠିଆ କୋରଣୀ—ଅନ୍ୟରୂପ)

ଠିଆ ଗୋଇଠା—ଦେ. ବି—ଠିଆ ହୋଇଥିବା ଅବସ୍ଥାରେ ଏକ ଗୋଡ଼ରେ ଅନ୍ୟ ବ୍ୟକ୍ତିକୁ ମାରିବା ଗୋଇଠା—A standing kick; a kick administered by a person while standing.
Thiā goiṭhā
খাড়া লাথি
ठाड़ा लात

ଠିଆଗୋଡ଼ିଆ ଖେଳ—ଦେ. ବି—ଠିଆଲଙ୍ଗୁଳୀ ଖେଳ (ଦେଖ)
Thiā-gorḍiā kheta Thiā languḷi kheta (See).

ଠିଆଚିତା—କପାଳରେ ଲମ୍ବିକରି କାଟିଥିବା ତିଳକ; ଊର୍ଦ୍ଧ୍ୱପୁଣ୍ଡ୍ର; ଭ୍ରୂଯୁଗର ମଧ୍ୟସ୍ଥଳରୁ କିମ୍ବା ନାସାଗ୍ରରୁ କପାଳମଧ୍ୟସ୍ଥଳର କେଶ ମୂଳ ପର୍ଯ୍ୟନ୍ତ ଲମ୍ବାଭାବରେ ଯେଉଁ ଚିତା କଟାଯାଏ—A long perpendicular mark of sandal-paste made on the forehead.
Thiā chitā
লম্বাফোঁটা

ଗୋମୟେ ତେଲେ ଠିଆ ଚିତା
ଯେ ପ୍ରଭୁ ଗୋତ୍ରାହ୍ମଣହିତା—ଜଗନ୍ନାଥ ଭାଗବତ ।

[ଦ୍ର—ଚିତା ନାନାପ୍ରକାରରେ କଟାଯାଏ । ଯଥା—ହରିମନ୍ଦିର ଚିତା; ରାମାନନ୍ଦ ଚିତା, ଖଣ୍ଡଦଣ୍ଡା ଚିତା ବା ଠିଆ ଚିତା ଇତ୍ୟାଦି ।].

ଠିଆଚିର—ଦେ. ବି—ଠିଆହୋଇ ଡିଆଁ—Leap while standing; scamper.
Thiā chirā
ফলাগ

ଠିଆ ଠାକୁର—ଦେ. ବି—ଯେଉଁ ଠାକୁର ବା ଦେବତା ଦଣ୍ଡାୟମାନ ମୂର୍ତ୍ତିରେ ଗଢ଼ା ହୋଇଥାନ୍ତି—A standing image; an image built in a standing posture.
Thiā ṭhākura

ଠିଆଠାଣି—ଦେ. ବି—ଠିଆହେବାର ଭଙ୍ଗି ବା ଛଟା—
Thiā-ṭhāṇi Pose; standing posture; stature.
ବିଣ—ସୁଗଠିତ, ମନୋହର ଆକାର ବିଶିଷ୍ଟ—
Of graceful stature or build.

ଠିଆ ଠିଆ—ଦେ. ବିଣ—୧ । ବହୁକାଳ ପର୍ଯ୍ୟନ୍ତ ଦଣ୍ଡାୟମାନ—
Thiā ṭhiā 1. Standing for some time.
খাড়া খাড়া (ଯଥା—ମୁଁ ସେଠାରେ ଠିଆ ଠିଆ ହୋଇ ଘଣ୍ଟାକ
खड़े खड़े ପରେ ତାଙ୍କୁ ନ ଦେଖି ଫେରି ଆସିଲି ।)
୨ । ଠିଆ ହୋଇ ଅପେକ୍ଷା କରୁଥିବା—
2. Waiting in a standing posture.
କ୍ରି. ବିଣ—୧ । ଠିଆ ହୋଇ ହୋଇ ଅର୍ଥାତ୍ ନ ବସି—
1. In a standing posture
(ଯଥା—ମୋର କାଳ ସରିଯାଉ ଠିଆ ଠିଆ ପାହୁଗଲା ।)
খাড়াদম ୨ । ଗୋଡ଼େ ଗୋଡ଼େ; ଖଡ଼େଦମ୍; ତତ୍କାଳ ଅର୍ଥାତ୍ ବିଳମ୍ବ ନ କରି; କୌଣସି ସ୍ଥାନରେ ନ ବସି ବା ବିଶ୍ରାମ ନ କରି; ଅତି ଶୀଘ୍ର—2. Without delay i. e. without taking any rest or without sitting; for an instant.
खड़ेदम
ଠିଆରେ ଠିଆରେ } ଅନ୍ୟରୂପ
ଠିଆ ଠିଆରେ }
(ଯଥା—ତୁ ଡାକଘରୁ ପାର୍ସେଲ୍‌ଟି ଠିଆ ଠିଆ ନେଇ ଆସିବୁ)

ଠିଆ ଠିଆ ହେବା—ଦେ. କ୍ରି—୧ । ଅନିଚ୍ଛା ବା ଆଳସ୍ୟ ବଶତଃ କୌଣସି କାର୍ଯ୍ୟ ନ କରି ଠିଆ ହୋଇ ବିଳମ୍ବ କରିବା—1. To delay in doing a work (due to unwillingness or laziness) by halting and standing at intervals.
Thiā ṭhiā heb

ସାଧାରଣ ଲୋକେ ଅନେକ ସ୍ଥଳରେ ପ୍ରଥମ ୧ ପଙ୍କ୍ତିର ଅକ୍ଷର ଓ ମାତ୍ରା ଏବଂ ୨ ପଙ୍କ୍ତିର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ। ଅତଏବ ୧ ବା ୨ ପଙ୍କ୍ତିର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିପରୀତ ୨ ବା ୧ ପଙ୍କ୍ତିର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ। ଯଥା— 'ଗାଢ' ନ ମିଳିଲେ 'ଗାଢ଼' ଖୋଜିବେ; 'କୃଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂନି' ନ ପାଇଲେ 'ବଧୁନି' ଦେଖିବେ; 'ଅଙ୍ଗୋ' ନ ପାଇଲେ 'ଅଙ୍ଗ' ଦେଖିବେ, 'ଅଲବଢ' ନ ପାଇଲେ 'ଅଲ୍‌ବଢ଼' ଦେଖିବେ।

୨। ଚାଲିବା ବେଳେ କାହାକୁ ଅପେକ୍ଷା କରି ଚାଲିବା; ମଝିରେ ରହି ରହି ଗତି କରିବା— 2. To loiter during walk; to walk with frequent halts.

ଠିଆଡ଼୍—ପ୍ରାଦେ. (ସମ୍ବଲପୁର) ବି (ଭୁଲ. ହି. ଠାଢ଼)—ଠିଆ; Ṭhiārd̤ ଦଣ୍ଡାୟମାନ—Standing erect.

ଠିଆ ପହଁରା—ଦେ. ବି—୧। ପାଣିରେ ଠିଆ ହେବା ବାଗରେ ପହଁରିବା— Ṭhiā pahañrā 1. A dexterous mode of swimming ডাঁড় সাঁতার with the legs in a standing position.
୨। ଠିଆ ହୋଇ ଘର ଦ୍ୱାର ଝାଡ଼ୁଣିଦ୍ୱାରା ସମ୍ମାର୍ଜନ କରିବା ବା ଓଳାଇବା— 2. Sweeping a place while standing, i. e. without stooping low.
[ଦ୍ର—ନଇଁ କରି ନ ଓଳାଇଲେ ଝାଡ଼ୁଣି ଅଗ୍ର ପୂର୍ଣ୍ଣରୂପେ ଭୂମିରେ ଲାଗେ ନାହିଁ ।]

ଠିଆ ପହରା—ଦେ. ବି—ଖଡ଼ାପହରା; ବରାବର ଦଣ୍ଡାୟମାନ ଅବସ୍ଥାରେ Ṭhiā paharā (ଅର୍ଥାତ୍ ନ ବସି) ପହରା ଦେବା ବା ଜଗିବା— খাড়া পাহারা Keeping watch while standing (i. e. खड़ा पहरा without sitting).

ଠିଆ ପାଲା—ଦେ. ବି—ଯେଉଁ ସତ୍ୟନାରାୟଣ ବା ସତ୍ୟପୀର ପୂଜାରେ Ṭhiā pālā ପୂଜକମାନେ ଠିଆ ହୋଇ ବା ନାଚି ନାଚି ପାଲା (ଠିଆପୂଜା—ଅନ୍ୟରୂପ) ବୋଲନ୍ତି—The chanting of Pālā songs by a band of musicians while standing or dancing.
[ଦ୍ର—ସତ୍ୟନାରାୟଣ ପୂଜାର ପାଲା ବା ଗୀତକୁ ବସି କରି ପୋଥିଦ୍ୱାରା ବୋଲିବାକୁ 'ପୋଥିପୂଜା' ଓ ନାଚି କରି ବୋଲିବାକୁ 'ଠିଆପାଲା' ବା 'ଠିଆପୂଜା' ବୋଲାଯାଏ ।]

ଠିଆ ପୁଚି—ଦେ. ବି—ଯୁବତୀ ଓ ବାଳିକାମାନେ ଠିଆ ହେବା ଅବସ୍ଥାରେ Ṭhiā puchi ଅର୍ଥାତ୍ ଚାଲି ଚାଲି ଯେଉଁ ପୁଚି ଖେଳ ଖେଳନ୍ତି— A frisking dance danced by girls in a standing posture.

ଠିଆ ପୁଚି ନାରଙ୍ଗ, ଗୋଡ଼ ହଅଁଃ ସାରଙ୍ଗ—ପୁଚିଗୀତ ।

[ଦ୍ର—ବାଳିକାମାନେ ବସି ବସି ପୁଚି ଖେଳ ଖେଳନ୍ତି ଓ ଠିଆ ହୋଇ ବା ଚାଲି ଚାଲି ମଧ୍ୟ ପୁଚି ଖେଳନ୍ତି ।]

ଠିଆ ଫୁଲି ଜନକ୍ ରାଏତ୍—ପ୍ରାଦେ. (ସମ୍ବଲପୁର) ବି—ଯେଉଁ ନିର୍ମଳ Ṭhiā phuli janak rāet ରାତ୍ରିରେ ଅତି ଶୁଭ୍ର ଚନ୍ଦ୍ରକିରଣ ପଡ଼ୁଥାଏ—A very clear moonlit night.

ଠିଆ ବାଗରେ—ଦେ.କ୍ରି. ବିଣ—ଦଣ୍ଡାୟମାନ ଅବସ୍ଥାରେ; ଲମ୍ବ ବାଗରେ- Ṭhiā bāgare Perpendicularly.

ଠିଆ ବାହି ଦଣ୍ଡା—ଦେ. ବି—ମଲ୍ଲଭୂମିରେ ଲମ୍ବ ଭାବରେ ପୋତା Ṭhiā bāhi daṇḍā ହୋଇଥିବା କାଠ ଖୁଣ୍ଟ, ଯାହାକୁ ମଲ୍ଲ- मालखंभ ମାନେ ବାହୁ ଦ୍ୱାରା ଆଘାତ କରନ୍ତି; ମାଲସ୍ତମ୍ଭ—A perpendicular pillar in a gymnasium against which the athletes strike their arms.

ରହ ତେବେ ଜାଣିବି ଠିଆ-ବାହି-ଦଣ୍ଡା । ପ୍ରାଚୀ. ବ୍ରହ୍ମକରୂପଣ ଗୀତା ।

ଠିଆ ମରୁଡ଼ି—ଦେ. ବି—କେଣ୍ଡା ବାହାରି ଶୀଷ ନ ହୋଇଥିବା Ṭhiā marurd̤i ଅବସ୍ଥାରେ ଜଳାଭାବରୁ ଧାନ ଗଛ ମରିଯିବା, ଧାନ ଗଛ ଫୁଲ ଛାଡ଼ିବା ପୂର୍ବରୁ ଜଳାଭାବରୁ ଶୁଖି ମରିଯିବା—Withering of paddy plants for want of water while the ears of corn have not come out from the stalks.
[ଦ୍ର—ଧାନଗଛ ଫୁଲ ଛାଡ଼ିଲା ପରେ ଧାନ ମଧ୍ୟରେ ଚାଉଳ ଜନ୍ମେ । ଚାଉଳ ଜନ୍ମିବାରୁ ଧାନ କେଣ୍ଡାମାନ ଭାରି ହୋଇ ଯାଏ ଓ ଗଛରୁ ତଳକୁ ଝୁଙ୍କି ପଡ଼େ । ଧାନ କେଣ୍ଡାମାନ ଝୁଙ୍କିବା ପୂର୍ବରୁ ଧାନଗଛମାନ ଲମ୍ବ ଭାବରେ ଠିଆ ହୋଇ ଥାଏ । ସେହି ସମୟରେ ବର୍ଷା ନ ହେଲେ ଅର୍ଥାତ୍ ମରୁଡ଼ି ହେଲେ ତାକୁ ଠିଆ ମରୁଡ଼ି ବୋଲାଯାଏ ।]

ଠିଆ ମୁତୁରା—ଦେ. ବିଣ. ପୁଂ—ଯେଉଁ ବ୍ୟକ୍ତି ଠିଆ ଠିଆ ପ୍ରସ୍ରାବ କରେ- Ṭhiā muturā One who makes water standing. (ଠିଆ ମୁତୁରୀ—ସ୍ତ୍ରୀ)

ଠିଆ ମେଲା—ଦେ. ବିଣ—ସମ୍ପୂର୍ଣ୍ଣ ରୂପେ ଉନ୍ମୁକ୍ତ (ଦ୍ୱାର)— Ṭhiā melā Wide open (door). (ଅଡ଼ମେଲା; ଦରମେଲା; ଅଡ଼ମେଲା—ତପସୀଳ)

ଠିଆ ଯୋଗୀ—ଦେ. ବି—ଯେଉଁ ଯୋଗୀ ଦିବାନିଶି ଠିଆ ହୋଇ ରହନ୍ତି- Ṭhiā jogi An anchorite who passes his whole ठाडेश्वरी time (day and night) in a standing posture.
[ଦ୍ର—ଏମାନେ ଠିଆରେ ଠିଆରେ ଖିଆପିଆ, ମଳୋତ୍ସର୍ଗ, ମୂତ୍ରୋତ୍ସର୍ଗାଦି କରନ୍ତି ଓ ଗୋଟିଏ ଅଳଗୁଣୀ ବା ବୃକ୍ଷଶାଖା ବା ବାଡ଼କୁ ଅଉଜି ଠିଆରେ ଠିଆରେ ନିଦ୍ରା ଯାଆନ୍ତି ।]

ଠିଆରିଆ—ପ୍ରାଦେ. (କଟକ) ବିଣ. (ଗାଳି)— Ṭhiāriā ୧। ବିଚାରହୀନ; ଚିନ୍ତାହୀନ; ଅବିବେଚକ— 1. Thoughtless.
୨। ଅଭଦ୍ର— 2. Uncouth; rude (Howells).

ଠିଆରିଆ କଥା—ପ୍ରାଦେ. (କଟକ) ବି—୧। ଅବଜ୍ଞାସୂଚକ କଥା— Ṭhiāriā kathā 1. Disrespectful or impertinent language.
୨। ଉପରଠାଉରିଆ କଥା—2. Half-hearted utterance; superficial words.

ଠିଆରିଆ କାମ—ପ୍ରାଦେ. (କଟକ) ବି—ଉପରଠାଉରିଆ କାମ; ଯେଉଁ Ṭhiāriā kāma କାମକୁ ମନୁଷ୍ୟ ମନ ଲଗାଇ କରେ ନାହିଁ— Work done half-heartedly; superficial work.

୧	ଋ	ଊ	ଋ,ଋ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	କ୍ଷ	ଇଯ୍ଁ	ଉଅ	ଢ଼
୨	ଋ	ଊ	ରୁ	ଲୁ	ଐ	ଅକାରାନ୍ତବର୍ଣ୍ଣ	ଅନ୍ତସ୍ଥ ବା ଉନ୍ନତନୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଶ୍ୟ	ଇଅ	ଢ଼	ଢ଼

ଠିଅରେ ଠିଅରେ—ଦେ. କ୍ରି. ବଣ—ଠିଅ ଠିଅ (ଦେଖ)
Thiāre thiāre Thiā thiā (See)

ଠିଅ ଲଙ୍ଗୁଲି କ୍ଷେ(କ୍ଷେ)ତ—ଦେ. ବ—ଯେଉଁ ଜଳମଗ୍ନ କ୍ଷେତରେ
Thiā langūli khe(kshe)ta ସର୍ବଦା ଅଣ୍ଟୁଠାରୁ ବେଶି ଜଳ
(ଠିଅଲଙ୍ଗୁଲିଅ କ୍ଷେତ—ଅନ୍ୟରୂପ) ପୂର୍ଣ୍ଣ ଥାଏ । ଯେଉଁ କ୍ଷେତରେ କୃଷି-ପ୍ରକ୍ରିୟା ସବୁ (ଯଥା—ଧାନରୁଆ, ବଲବଣ୍ଟା, ଖେଳୁଆ ଆଦ) କୃଷକ ଠିଅ ହୋଇ କରିବାକୁ ବାଧ୍ୟ ହୁଏ—
Water-logged field where the agriculturist is obliged to perform agricultural operations in a standing posture (as there is more than knee-deep of water in it).

ଠିଅ ହଗୁରା—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ଠିଅ ହୋଇ ଝାଡ଼ା
Thiā hagurā ଫେରେ—A person who eases himself
(ଠିଅ ହଗୁରୀ—ସ୍ତ୍ରୀ) in a standing posture (e. g. without sitting.)

ଠିଅ ହଗୁରା ମାଛି—ଦେ. ବ—ଏକପ୍ରକାର ବଡ଼ ମାଛି—
Thiā hagurā māchhi A kind of big flea.
[ଦ୍ର—ଏ ମାଛିମାନେ ଖାଦ୍ୟ ଉପରେ ଷ୍ଟିଲ୍ ଷ୍ଟିଲ୍ ହଗି ବସନ୍ତି, ସେ ବସ୍ତୁ ସଙ୍ଗେସଙ୍ଗେ ଭୂମିରେ ପରିଣତ ହୋଇଯାଏ ।]

ଠିଅ ହେବା—ଦେ. କ୍ରି. (ସଂ. ସ୍ଥିର ଭୂଜ; ପ୍ରା. ଠିଅ ଭମ୍ମା ସ୍ଥା
Thiā hebā ଧାତୁ ସ୍ଥା=ଠିଅ)—
খাড়াহওয়া; দাঁড়ান ୧ । ଛିଡ଼ା ହେବା; ଗୋଡ଼ରେ ଦଣ୍ଡାୟମାନ
खड़ा होना; ठाड़ा होना ହେବା—1. To stand on the legs; to stand up.

୨ । ଲମ୍ବ ଭାବରେ ଅବସ୍ଥାନ କରିବା; ଭୂପୃଷ୍ଠ ସଙ୍ଗେ ସମକୋଣ ଉତ୍ପନ୍ନ କରି ଅବସ୍ଥାନ କରିବା—
2. To stand erect or perpendicularly; to stand on end.
(ଯଥା—ବାଘକୁ ଦେଖି ମୋ ଦେହର ଲୋମସବୁ ଠିଅ ହୋଇଗଲା ।)

୩ । ଉପସ୍ଥିତ ହେବା; ଅବସ୍ଥାନ କରିବା—
3. To be present.
(ଯଥା—ସେ ଗଛଟା ଛଅ ବର୍ଷ ହେଲା ମରି ସେହିପରି ଠିଅ ହୋଇ ରହିଅଛି ।)

୪ । ମସ୍ତକ ଉତ୍ତୋଳନ କରିବା—
5. To raise one's head.
(ଯଥା—ଲଜ୍ଜାରେ ମୁଁ ବାଟରେ ଠିଅ ହୋଇ ପାରୁ ନାହିଁ)

୫ । (ଲିଙ୍ଗ) ଉଦ୍ଧ୍ବ ହେବା—5. To become rigid and erect (said of the male organ).

୬ । ପ୍ରତିକୂଳ ଆଚରଣ କରିବା—
6. To stand against.
(ଯଥା—ସେ ସର୍ବଦା ମୋ ବିପକ୍ଷରେ ଠିଅ ହେଉଅଛନ୍ତି)

୭ । ସମକକ୍ଷ ହେବା; ପ୍ରତିଯୋଗୀ ହେବା—
7. To cope (with); to vie (with).
(ଯଥା—ବଳରେ ଭୀମ ଆଗରେ ଠିଅ ହେବାକୁ କୌରବମାନଙ୍କ ମଧ୍ୟରେ ଜଣେ କେହି ବୀର ନ ଥିଲେ ।)

୮ । ଅନୁସରଣ ବା ପ୍ରାର୍ଥନାର ପୂରଣାର୍ଥେ କୌଣସି ବ୍ୟକ୍ତିଙ୍କ ନିକଟରେ ବହୁ କାଳ ଠାକ ରହିବା—8. To dance attendance on a person for the grant of some prayer; to wait upon a person.
(ଯଥା—ସେତ ଏଥର କେବେ ତାହା ଦୁଆରେ ଠିଅ ହଉହଉ ତା ଦନ ସରିବ ନାହିଁ ।)

୯ । (ଲକ୍ଷଣାର୍ଥ) ଉପଯୁକ୍ତ ହେବା; ଯୋଗ୍ୟ ହେବା—
9. (figurative) To stand on one's own legs.
(ଯଥା—ତା ପିଲାଙ୍କମାନେ ଅଳ୍ପ ସରିକ ବାଗରେ ଠିଅ ହେଲେ ।)

୧୦ । (ଲକ୍ଷଣାର୍ଥ) ଗୃହ ଆଦ ସମ୍ପୂର୍ଣ୍ଣରୂପେ ନିର୍ମିତ ହେବା; ସମାପ୍ତ ହେବା—10. (figurative) (a house) To be erected or completed.

୧୧ । (ଲକ୍ଷଣାର୍ଥ) (କୌଣସି ଅନୁଷ୍ଠାନ) ଅନୁଷ୍ଠିତ ହେବା—
11. To be started.

୧୨ । (ଲକ୍ଷଣାର୍ଥ) ନିର୍ବାଚନ ପାଇଁ ପ୍ରାର୍ଥୀ ହେବା—
12. To stand as a candidate for an Election.

[ଦ୍ର—ଇଂରାଜୀରେ ଷ୍ଟାଣ୍ଡ୍ (stand) ପରି ଠିଅ ହେବାର ଅନେକ ଲକ୍ଷଣମୂଳକ (figurative) ବ୍ୟବହାର ଦେଖାଯାଏ]
[ଦ୍ର—ଏ କ୍ରିୟାର ଅସମାପିକା ରୂପ ସଙ୍ଗେ ଯିବା, ରହିବା କ୍ରିୟାର ସମାପିକା ରୂପ ଯୁକ୍ତ ହୁଏ ।

ଠିଏ ଠିଏ—ଦେ. କ୍ରି. ବଣ.—କେବଳ ମାତ୍ର ଠିଅ ବା ଚିଣ୍ଡୁଙ୍କ ଅଣ୍ଟା
Thie thie ଭରି—Depending upon props only (said of old delapidated houses and walls which are supported by props).
(ଯଥା—ଦରଦା କାନ୍ଥକୁ ମୁଁ ଠିଏ ଠିଏ କରି ରକ୍ଷା କରିବି ନେବ ।)

ଠିଁ—ଦେ. ଅ.—ଠି (ଦେଖ)
Thiṅ Thi (See)

ଠିକ୍—ଦେ. ବଣ. (ସଂ. ସ୍ଥିକ୍ ଧାତୁ=ହରଣ, ଗୋପନ; କମ୍ପା ସ୍ଥଗ୍,
Thik ଷ୍ଟିକ୍ ଧାତୁ=ପ୍ରତିଘାତ)—୧ । ପ୍ରକୃତ; ଯଥାର୍ଥ—
ঠিক 1. Actual; exact.
ठीक (ଯଥା—ମୁଁ ଆପଣଙ୍କ ଆଗେ ଘଟଣାର ଠିକ୍ ବିବରଣ କହୁଛି)
୨ । ଶୁଦ୍ଧ; ଅଭ୍ରାନ୍ତ—2. Correct; right,
(ଯଥା—ଏ ଛାତ୍ରର ଅଙ୍କ ସବୁ ଠିକ୍ ହୋଇଛି ।)

ସାଧାରଣ ଲେଖକେ ଅପର ପୃଷ୍ଠାରେ ଦ୍ୱିତୀୟ ୧ ଚିହ୍ନିତ ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରଖା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତାହାର ବଦଳରେ ୨ ବା ୧ ଚିହ୍ନିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ' ଖୋଜିବେ; 'କୁଅ' ନ ମିଳିଲେ 'କୂଅ' ଦେଖିବେ; 'ବଧୂ' ନ ମିଳିଲେ 'ବଧୁ' ଦେଖିବେ; 'ଅଙ୍କ' ନ ପାଇଲେ 'ଅଙ୍କ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ।

୩ । ଉପଯୁକ୍ତ—3. Fit; fitting; proper.
(ଯଥା—ଠିକ୍ ସମୟରେ ନ ଶୋଇଲେ ମୋ ଦେହ ବିଗିଡ଼େ)
୪ । ନିର୍ଦ୍ଦିଷ୍ଟ ବା ନିର୍ଦ୍ଧାରିତ ସମୟରୁ କ୍ଷଣମାତ୍ର ବେଶି ବା କମ୍ ନୁହେଁ—Precise; punctual.
(ଯଥା—ସେ ଠିକ୍ ୧୨ଟା ବେଳେ ଆସି ପହଞ୍ଚି ଗଲା ।)
୫ । ତତ୍ତ୍ୱରୂପ; ସ୍ୱାଭାବିକ—5. Natural.
(ଯଥା—ବିଲୁଆଟା ଠିକ୍ ବାଘଛୁଆ ପରି ଦିଶୁଛି ।)
୬ । ସତ୍ୟ—6. True.
(ଯଥା—ସାକ୍ଷୀ ହାକିମଙ୍କ ଆଗରେ ହଲପ ନେଇ ଠିକ୍ କଥା କହି ଗଲା ।)
୭ । ଅବିକଳ—7. Genuine; exact.
(ଯଥା—ଏ ପିତଳ ଖଣ୍ଡିକ ଠିକ୍ ସୁନା ପରି ଦେଖାଯାଉଛି)
୮ । ନିଶ୍ଚିତ—8. Certain; accurate.
(ଯଥା—ହଜି ଥିବା ବଳଦର ଠିକ୍ ଖବର ମୁଁ ପାଇଲି ନାହିଁ ।)
୯ । ସ୍ଥିର; ନିଶ୍ଚଳ—9 Sure; stable; fixed.
(ଯଥା—ଘୋଡ଼ା ପିଠିରେ ଠିକ୍ ଆସନ ଜମାଇ ବସି ନ ପାରିଲେ ତୁମେ ଖସି ପଡ଼ିବ ।)
୧୦ । ନ୍ୟାୟପର; ସତ୍—
10. Upright; just; honest; righteous.
(ଯଥା—ରାଜା ଠିକ୍ ବିଚାର କଲେ ।)
୧୧ । ସ୍ଥିରୀକୃତ; ନିଶ୍ଚିତ—11. Certain; ascertained.
(ଯଥା—ମକରମାସର ୮ ଦିନକୁ ବିବାହ ଠିକ୍ ହେଲା ।)
୧୨ । ଦୋଷଶୂନ୍ୟ—
12. Faultless; free from blemishes.
(ଯଥା— ଏ ପିଲାଟାର ଆଚରଣ ଠିକ୍ ଅଛି ।)
୧୩ । ଅପରିବର୍ତ୍ତନୀୟ; ଅଟଳ—
13. Firm; unchangeable.
(ଯଥା—ଆମ ସାଆନ୍ତଙ୍କ ଜବାବ୍ ଠିକ୍ ଅଛି ।)
୧୪ । ଅଚ୍ଛା; ସୁନ୍ଦର; ଉତ୍ତମ—14. Good.
(ଯଥା—ତୁମ୍ଭଙ୍କ ମିଜାଜ୍ ଠିକ୍ ଥିଲାବେଳେ ମୋ ଗୁହାରିଟା ତୁମ୍ଭରେ ପଡ଼ିଗଲା ।)
୧୫ । ସୁଶାସିତ—15. Brought under control.
(ଯଥା—ଚାବୁକସୁଆର ଦୁଷ୍ଟ ଘୋଡ଼ାକୁ ଠିକ୍ କରିଦେଲା ।)
୧୬ । ସୁଧାରିବାକୁ ଅଣାଇ; ସୁଧୁରିଥିବା—
16. Set right.
(ଯଥା—ଘଡ଼ିବାଲା ବିଗିଡ଼ିଥିବା ଘଣ୍ଟାକୁ ଠିକ୍ କରି ଦେଲା ।)
୧୭ । ସୁବ୍ୟବସ୍ଥିତ—
17. Nicely arranged; well organised.
କ୍ରି. ବିଣ.—୧ । ସତ୍ୟରେ; ସଂତେ ସତେ—1. Truly.
୨ । ସମ୍ପୂର୍ଣ୍ଣରୂପେ—2. Fully; completely.
୩ । ନିଶ୍ଚିତରୂପେ; ନିର୍ଦ୍ଦିଷ୍ଟରୂପେ—
3. Certainly; surely.
୪ । ନିୟମିତରୂପେ—4. Punctually.
୫ । ପ୍ରକୃତରେ—5. Actually.
୬ । ଅବିକଳ—6. Exactly.
୭ । ନ୍ୟାୟତଃ—7. Righteously; justly.
୮ । ଅବିକଳ—8. Exactly.
୯ । ଉପଯୁକ୍ତରୂପେ—9 Properly.
୧୦ । ଅଭ୍ରାନ୍ତରୂପେ—10. Correctly; unerringly.
୧୧ । କ୍ଷଣମାତ୍ର ଅଗପଛ ନ କରି—11. Punctually.
୧୨ । ସମାନଭାବରେ—12. Equally.
୧୩ । ସୁନ୍ଦରଭାବରେ—13. Nicely; well.

ଠିକ୍ କରିବା—ଦେ. କ୍ରି (ଧମକାଣରେ ବ୍ୟବହୃତ)—୧ । (ଲକ୍ଷଣାର୍ଥ)
Ṭhik karibā ସୁଶାସିତ କରିବା ବା ଜବତ କରିବା—
ठिक करा 1. (figurative) To bring under control; to teach a lesson.
ठाक बनाना
(ଯଥା—ମୁଁ ତତେ ଠିକ୍ କରି ଦେବି)
୨ । ନିଷ୍ପନ୍ନ ବା ସମ୍ପନ୍ନ କରିବା—2. To complete; to accomplish.
୩ । ନିଶ୍ଚୟ ବା ସ୍ଥିର କରିବା; ନିରୂପଣ କରିବା—
3. To ascertain; to settle; to make sure.
୪ । ବାଟକୁ ଆଣିବା; ସୁଧାରିବା—4. To set right.

ଠିକ୍ ଠାକ୍—ଦେ. ବିଣ ଓ କ୍ରି. ବିଣ—୧ । ସୁନିଶ୍ଚିତ; ସ୍ଥିରୀକୃତ—
Ṭhik-ṭhāk 1. Settled.
ठिक्ठाक्, ठिकठाक ୨ । ନିୟମାଧୀନ—2. Ordered; orderly
୩ । ନିରୂପିତ; ନିର୍ଦ୍ଦିଷ୍ଟ—3. Certain; ascertained.
୪ । ସୁସମାହିତ—4. Completed; well arranged.
୫ । କମ୍ ବା ବେଶି ନ ହୋଇ—5. Fitting, exact; precise.
୬ । ନିଷ୍ପତ୍ତି କରି ଯାଇଥିବା—
6. Decided; settled.

ଠିକ୍ ଠିକଣା—ଦେ. ବି.—୧ । ସ୍ଥିରତା—1. Certainty.
Ṭhik ṭhikaṇā ୨ । ବନ୍ଦୋବସ୍ତ; ଆୟୋଜନ—
ठिकठेकाना: ठिकटिकाना 2. Arrangement.
୩ । ସ୍ଥିରୀକରଣ—3. Ascertainment.
୪ । ଇୟତ୍ତା—Estimate.
୫ । ସୁବ୍ୟବସ୍ଥା—5. Good arrangement; nice order.

ଠିକ୍ଡି—ପ୍ରାଦେ. (ସମ୍ବଲପୁର) ବି—ଠିକ୍ରି; ତାସ୍ ଖେଳର ନାଲି
Ṭhik ṛdi ଚତୁଷ୍କୋଣାକୃତି ରଙ୍ଗ—
The diamond of cards.

୧	ଇ	ଉ	ଋ,ୠ	ଌ	ଏ	ହସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଯ	ଜ	ଶ,ଷ	ଜ୍ଞ	ଇଯ୍	ଓଅ	ଋ
୨	ଈ	ଊ	ଋ	ଌ	ଯୈ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗ୍ୟଁ	ଇଅ	ଜ୍ଞ	ନ୍ନ

ଠିକ୍ରି—ଦେ. ବି—ଠିକିରି (ଦେଖ)
Ṭhik-ri Ṭhikiri (See)

ଠିକ—ଦେ. ବି—୧ । ନିଶ୍ଚୟ—1. Surety; precision; accuracy.
Ṭhika
୨ । ସମଷ୍ଟି—2. Addition; summing up; total.
ଗଣଇ ହୋଇଥିବା ଗାଈଙ୍କ ମାନଙ୍କ
ନାମ ପକାଇଲେ କରଣେ କରି ଠିକ—କୃଷ୍ଣସିଂହ.ମହାଭାରତ. ବନ ।
୩ । ସ୍ଥିରତା—3. Fixity; stability.
୪ । ସଂକ୍ଷିପ୍ତ ବା ସାରକଥା—4. Summary.
ଯେତେ କହିଲ ବେଦ ଠିକ—ପ୍ରାଚୀ ନବୁଁଣ ମାହାତ୍ମ୍ୟ ।
ବିଣ—୧ । ସାର; ବହୁମୂଲ୍ୟବାନ୍ (କଥା)—
1. Very valuable.
(ଯଥା—ଠିକ କଥା ପଦେ ଏ ସମୟରେ ଶୁଣା ଯାଉ ନାହିଁ ।)
୨ । ସୁନ୍ଦର; ମନୋହର—
2. Charming; graceful; nice.
ଆରେ ଠିକହାସି ! ଠକପଣ ପୁଣି କହ ଥାଏ ଚିଣି—ବଳରାମ ଗୀତ ।
୩ । ସମ୍ପୂର୍ଣ୍ଣ; ଅଚ୍ଛିନ୍ନ—3. Complete; full.
ଠିକଠ କଣ୍ଠିକି ବନ୍ଧାଜନା ତୋ ଚରଣେ—କବିସୂର୍ଯ୍ୟ ବଳଦେବ ଚମ୍ପୂ ଗୀତ ।

ଠିକ କରିବା—ଦେ. କ୍ରି—୧ । ସମଷ୍ଟି କରିବା; ଯୋଗ କରିବା—
Ṭhika karibā 1. To sum up; to add together.
ठिक देओया ୨ । ଏକାଧିକ ସଂଖ୍ୟାର ଯୋଗଫଳ ବାହାର କରିବା—
जोड़ना 2. To cast up a sum, to work out the total of more than one number.

ଠିକ ଠିକ—ଦେ. ବିଣ (ବହୁବଚନ)—୧ । କୌଣସି ସମାଜର ବା
Ṭhika ṭhika ସ୍ଥାନର ବରିଷ୍ଠ ବା ଗଣ୍ୟମାନ୍ୟ (ବ୍ୟକ୍ତିଗଣ)—
1. Very respectable and leading (persons) of a locality or society, elite;
(ଯଥା—ଏ ଗାଁରୁ ଠିକ ଠିକ ୫ ଜଣ ଲୋକଙ୍କୁ ଡାକ ଏ ବିଷୟ କରାଇବା ।)
୨ । ସାର; ମୂଲ୍ୟବାନ୍—
2. Substantial; valuable.
ଶୁଣ ବାବୁ ନବକାର ଠିକଠିକ କଥା—ପ୍ରାଚୀ ବ୍ରହ୍ମବୈବର୍ତ୍ତଗୀତା ।
୩ । ବଛା ବଛା—3. Chosen; select.

ଠିକଣା—ଦେ. ବି [ସଂ ସ୍ଥା ଧାତୁ (Beams); ସଂ. ସ୍ଥାନ]—
Ṭhikaṇā ୧ । ସ୍ଥିରତା; ଥୟ; ନିଶ୍ଚୟତା—
ঠিকানা 1. Stability; certainty; precision; fixity.
ठिकाना ୨ । କୂଳ କିନାରା; ତତ୍ତ୍ୱ; ନିଦର୍ଶନ; ଚିହ୍ନ—
2. Trace or vestige of any thing.
୩ । ପତ୍ତା; ବାସସ୍ଥାନ, କୌଣସି ବ୍ୟକ୍ତିଙ୍କ ରହିବା ସ୍ଥାନ—
3. Residence; address; where-abouts of a person.
୪ । ସତ୍ୟ ବା ସୁନିଶ୍ଚିତ ସମ୍ବାଦ—4. Accurate or exact information.
୫ । ଯୋଗାଡ଼; ଆୟୋଜନ; ବନ୍ଦୋବସ୍ତ—
5. Arrangement; disposition.
୬ । ଶେଷ ସୀମା; ଶେଷ ଉଦ୍ଦେଶ୍ୟ—
6. The end; last aim; desired limit.
୭ । କୌଣସି ବିଷୟର ସ୍ଥିରୀକରଣ—
7. Ascertainment.

ଠିକଣା କରିବା—ଦେ. କ୍ରି.—୧ । ଅନୁସନ୍ଧାନଦ୍ୱାରା କୌଣସି ବିଷୟର
Ṭhikaṇā karibā ସୁନିଶ୍ଚିତ ସମ୍ବାଦ ସଂଗ୍ରହ କରିବା—
ঠাকানা করা 1. To gather exact information.
ठिकाना करना ୨ । ଠାବ କରିବା—.
2. To trace an affair; to seek.
୩ । ସୁଧାରିବା—3. To set right.
୪ । ଯୋଗାଡ଼ କରିବା; ଆୟୋଜନ କରିବା—
4 To arrange.
୫ । ସ୍ଥିର କରିବା—
5. To fit; to ascertain; to settle.
୬ । ଖୋଜି ବାହାର କରିବା—6. To find out; to seek out.

ଠିକଣା ଲଗା(ଗେ)ଇବା—ଦେ. କ୍ରି.—ଠିକଣା କରିବା (ଦେଖ)
Ṭhikaṇā lagā(ge)ibā Ṭhikaṇā karibā (See)
ঠিকানা লাগান ठिकाना लगाना

ଠିକଣା ଲଗିବା—ଦେ. କ୍ରି.—୧ । କୌଣସି ବିଷୟର ପତ୍ତା ମିଳିବା—
Ṭhikaṇā lāgibā 1. A matter being traced.
ঠিকানা লাগা ठिकाना लगना
୨ । ସ୍ଥିରୀକରଣ—2. Settlement; ascertainment.

ଠିକ ଦେବା—ଦେ. କ୍ରି.—ଠିକ କରିବା—
Ṭhika debā Ṭhika karibā (See)

ଠିକ ବନ୍ଧ—ଦେ. ବି.—ଅଟଳ ବା ଦୃଢ଼ ବନ୍ଧ—
Ṭhika bandha A firm embankment.
ମନେ ବନ୍ଧିଲ ମାନେ ସାଧୁ, ଜେଣ ହୋଏ ଠିକବନ୍ଧ ।
ପ୍ରାଚୀ. ନବୁଁଣମହାତ୍ମ୍ୟ ।

ଠିକ ମୁଣ୍ଡ—ଦେ. ବି.—୧ । ଶେଷକାଳ; ମୃତ୍ୟୁକାଳ—
Ṭhika muṇḍa 1. Death.
(ଠିକଣାମୁଣ୍ଡ—ଅନ୍ୟରୂପ)
୨ । ଅଭିପ୍ରେତ ଶେଷ ସ୍ଥାନ—
2. Intended limit; terminus.

ଠିକର—ଦେ. ବି.—ଠୋକର (ଦେଖ)
Ṭhikar Ṭhokara (See)

ଠିକର ଖାଇବା—ଦେ. କ୍ରି.—୧ । ଝୁଣ୍ଟି ପଡ଼ିବା—
Ṭhikar khāibā 1. To stumble; to trip.
ঠোকর খাওয়া ୨ । ତଳେ ବାଜି ପୁଣି ଉପରକୁ ଉଠିବା—
ठोकर खाना 2. To rebound.

ସାଧାରଣ ଲୋକେ ଅପର ପୃଷ୍ଠାରେ ବୃତ୍ତର ୧ ଚିହ୍ନର ଅକ୍ଷର ଓ ମାତ୍ରା ଏବଂ ୨ ଚିହ୍ନର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ । ଅତଏବ ୧ ବା ୨ ଚିହ୍ନର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳେ ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଚିହ୍ନର ବଦଳରେ ୨ ବା ୧ ଚିହ୍ନର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ' ଖୋଜିବେ; 'କ୍ଷ' ନ ମିଳିଲେ 'କ୍ଷ' ଦେଖିବେ; 'ବନ୍ଧୁ' ନ ପାଇଲେ 'ବନ୍ଧୁ' ଦେଖିବେ; 'ଅର୍ଦ୍ଧ' ନ ପାଇଲେ 'ଅର୍ଦ୍ଧ' ଦେଖିବେ, 'ଅଲବତ' ନ ପାଇଲେ 'ଅଲବତ୍ତ' ଦେଖିବେ ।

ଠିକରା(ରେ)ଇବା—ଦେ. କ୍ରି—୧ । ଠିକରିବାର ଣିଜନ୍ତରୂପ—
Ṭhikarā(re)ibā 1. The causative form of 'Ṭhikaribā'.
ঠিকরা, ठिठकाना

୨ । ଝଲସାଇବା—2. To dazzle.

କମ୍ପା ନୈଗେସିନ୍-ବାସ୍ପ ନାବିକଙ୍କୁ ଆଖି ଠିକରାଇ ।
ରାଧାନାଥ. ମହାଯାତ୍ରା ।

[ଠିକରା(ରେ)ଇବା—ଅନ୍ୟରୂପ]

ଠିକରିବା—ଦେ. କ୍ରି.—(ସଂ. ସ୍ତୁକ୍, ସ୍ଥକ୍=ପ୍ରତିଘାତ)—(ଆଖି) ଝଲସି
Ṭhikaribā ଯିବା ବା ରୁକ୍ଷ ହୋଇ ଯିବା; ବାଧା ପାଇବା—
ঠিকরান To be dazzled; to be dazed (said of the eyes.)
ठिठकना

ଠିକରି ପଡ଼ୁଛି ଠାବେ ଠାବେ କେତ ହେଉ ଏ ଚନ୍ଦ୍ରମା ହାଃ ।
ରାଧାନାଥ. ପାର୍ବତୀ ।

[ଦ୍ର—ଏ କ୍ରିୟାର ଅସମାପିକାରୂପ ସଙ୍ଗେ ପଡ଼ିବା, ଯିବା କ୍ରିୟାର ସମାପିକାରୂପ ଲାଗେ ।]

ଠିକା—ଦେ. ବି.—(ସଂ. ସ୍ଥିରୀକରଣ)—୧ । କୌଣସି କାମ ପାଇଁ
Ṭhikā ଅଗରୁ ସ୍ଥିରୀକୃତ ମୂଲ୍ୟ ବା ଦର—
ঠিকা 1. Contracted rate for a whole work;
ठीका consolidated fare for a work agreed to beforehand.

୨ । ପୂର୍ବରୁ ପାରିଶ୍ରମିକ ଚୁକ୍ତି କରି ବା ସ୍ଥିର କରି କରାଯିବା କାର୍ଯ୍ୟ; ଚୁକ୍ତିବଦ୍ଧ କାମ—2. Job-work; piece-work; work done by contract.

୩ । ଅସ୍ଥାୟୀ କାର୍ଯ୍ୟ ବା ବନ୍ଦୋବସ୍ତ—
3. Temporary service or arrangement.

୪ । ମଜୁରିରେ କରାଯିବା କାମ—
4. Hire; mercenary work.

୫ । ଠିକାରେ କାମ କରିବା ପ୍ରଣାଳୀ ବା ରୀତି—
5. Contract system.

୬ । ଇଜରା; ନିର୍ଦ୍ଦିଷ୍ଟ କରରେ କିଛି କାଳ ପାଇଁ ଦିଆଯିବା ଭୂସମ୍ପତ୍ତିର ପଟ୍ଟା—Ijara; farming; temporary lease.

ଟେକା ୭ । ତାସ୍ ଖେଳରେ ଏକ ସଂଖ୍ୟା ଚିହ୍ନିତ ତାସ୍—
ইক্কা 7. The ace in card play.

ଦେ. ବଣ—୧ । ଅସ୍ଥାୟୀ—1. Temporary.

୨ । ଅଗରୁ ପାରିଶ୍ରମିକ ସ୍ଥିର ହୋଇଥିବା (କାର୍ଯ୍ୟ)—
2. Contracted (work).

ଠିକା(କେ)ଇବା—ଦେ. କ୍ରି—୧ । କୌଣସି ବ୍ୟକ୍ତିର ସମ୍ମୁଖରେ ବାଧା
Ṭhikā(ke)ibā ହାବୁଡ଼େଇବା—1. To make a man
ঠেকান encounter obstacles; to put obstacles in one's way.
ठिकवाना

୨ । ମନୁଷ୍ୟଙ୍କୁ ଶିକ୍ଷା ଦେବା—
2. To teach a man a lesson.

୩ । ଠିକ୍ କରିବା; ଠିକଣା ବା ସ୍ଥିର କରି ମନୋନୀତ କରିବା—3. To settle or select a thing wanted

(ଯଥା—ଗୃହ ଓ ଶଗଡ଼ ଦୁଇକାମର ଉପଯୋଗୀ ଗୋଟିଏ ବଳଦ ମୁଁ ଠିକେଇଛି ।)

ଠିକା ଗାଡ଼ି—ଦେ. ବି—ଭଡ଼ାଟିଆ ଗାଡ଼ି; ଭଡ଼ା ବୃହା ବଗୀ—
Ṭhikā gāṛi Hackney carriage.
ঠীকাগাড়ী किरायागाड़ा

ଠିକାଠିକା—ଦେ.ବଣ(ବହୁ)—୧ । ଗୋଟିଏ ଗୋଟିଏ;ଗୋଟିଗୋଟିକିଆ-
Ṭhikā-ṭhikā 1. Solitary

୨ । ବିରଳ—2. Rare.

ଠିକାଦାର—ଦେ. ବଣ—୧ । ଚୁକ୍ତିବଦ୍ଧକାର; କାମଚୁକ୍ତି; କଣ୍ଟ୍ରାକ୍ଟର-
Ṭhikā-dār 1. Contractor; one who undertakes
ঠীকাদার to do any work on contract system.
ठिकेदार

ନାନାପ୍ରକାର ମିଷ୍ଟାନ୍ନ, ନାନାପ୍ରକାର ପେୟ, ଆସନ,
ଦାନ୍ତଖୁଣ୍ଟା ପର୍ଯ୍ୟନ୍ତ ଧରି ଠିକାଦାର ହାଜର ।
ଫକୀରମୋହନ. ଗଳ୍ପସ୍ୱଳ୍ପ ।

୨ । ଇଜାରାଦାର; ବାର୍ଷିକ ବା ସାମୟିକ ଜମାରେ ସାଟ ଖାବର ମାଲ୍ଗୁଜାରି ଆଦାୟର ସ୍ୱତ୍ୱ ପଟାନେଇ ଥିବା ବ୍ୟକ୍ତି—
2. Ijaradar; a peron who takes a farming lease.

ପ୍ରାଦେ. (ସମ୍ବଲପୁର) ବଣ—ଗ୍ରାମର ପ୍ରଜାଙ୍କଠାରୁ ଖଜଣା ଆଦାୟ କରି ନିର୍ଦ୍ଦିଷ୍ଟ ରାଜସ୍ୱ ଜମିଦାରଙ୍କ ନିକଟ ଦାଖଲ କରିବା ପାଇଁ ନିର୍ଦ୍ଦିଷ୍ଟ କାଳ ନିମନ୍ତେ ଇଜାରା ନେଇଥିବା ବ୍ୟକ୍ତି—Farmer of a village under a zamindar.

ଠିକାଦାରି—ଦେ. ବି—ଠିକାଦାରର କାର୍ଯ୍ୟ—The position or
Ṭhikādāri state of being a contractor.
ঠীকাদারি ठीकेदारी

ଠିକା ଦେବା—ଦେ. କ୍ରି—କୌଣସି କାର୍ଯ୍ୟକୁ ନିରୂପିତ ପାରିଶ୍ରମିକ ଓ
Ṭhikā debā ସମୟରେ ଶେଷ କରିବା ନିମନ୍ତେ ଚୁକ୍ତିବଦ୍ଧ ଉପରେ
ঠীকা দেওয়া ଅର୍ପଣ କରିବା—To let out a work on contract.
ठीका देना

ଠିକା ନେବା—ଦେ. କ୍ରି—କୌଣସି କାର୍ଯ୍ୟକୁ ଠିକା ପ୍ରଣାଳୀରେ ନିଷ୍ପନ୍ନ
Ṭhikā nebā କରିବା ନିମନ୍ତେ ଭାର ଗ୍ରହଣ କରିବା—
ঠিকা নওআ To undertake any work on contract.
ठीका लेना

ଠିକବା—ଦେ. କ୍ରି. (ସଂ. ସ୍ତୁକ୍, ସ୍ଥକ ଧାତୁ=ପ୍ରତିଘାତ)—
Ṭhikibā ୧ । ଗତିରୁଦ୍ଧ ହେବା; ବାଧା ପାଇବା; ହାବୁଡ଼ିବା—
ঠীকা; ঠেকা 1. To be obstructed; to be hindered; to encounter a hindrance.
ठिकना